ମୋ କାହାଣୀ

(MO KAHANI)

Autobiography

ଡକ୍ଟର କୁଞ୍ଜବହାରୀ ଦାଶ

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ମୋ କାହାଣୀ :

ଲୋକରତ୍ନ ଡକ୍ଟର କୁଞ୍ଜବିହାରୀ ଦାଶ, ଏମ୍. ଏ, ପିଏଚ୍, ଡି
ଉଦୟଶ୍ରୀ, ମହତାବ୍ ରୋଡ୍, କଟକ-୩

ପ୍ରକାଶକ :
ଗୋବିନ୍ଦଚନ୍ଦ୍ର ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦବିହାରୀ, କଟକ-୭୫୩୦୦୨

ପ୍ରଥମ ସଂସ୍କରଣ—୧୯୭୭
ଦ୍ୱିତୀୟ ସଂସ୍କରଣ—ଏକହଜାର
ଅଗଷ୍ଟ ୧୫, ୧୯୮୦

ମୁଦ୍ରଣ :
ସତ୍ୟବ୍ରତ ପ୍ରେସ୍,
ପିଠାପୁର, କଟକ-୭୫୩୦୦୧

ମୂଲ୍ୟ : [illegible] ଟଙ୍କା

MO KAHANI
(Autobiography)

LOKARATNA
Dr. K. B. DAS, M. A., Ph.D.
Udayasri, MAHATAB ROAD, Cuttack-3

Second Edition : 1980

Published by
G. C. Patra
ORISSA BOOK STORE
BINODBEHARI
Cuttack - 753002

Printed at Satyabrata Press,
Pithapur, Cuttack - 753001

Price : Rs. [illegible]

Digitized by srujanika@gmail.com

'ଚନ୍ଦ୍ରମଣିବିଦ୍ୟାପୀଠ'ର ପ୍ରତିଷ୍ଠାତା,

ଅଗ୍ନିଶିଳ୍ପସ୍ନୁ ବିଶେଷଜ୍ଞଙ୍କ,

ଆମେରିକାବାସୀ ଡକ୍ଟର ଉଦୟନାଥ ଦାଶଙ୍କୁ—

ଥିଲେ ବି ସପତ ସାଗର ସେପାରେ
ଦୂରତା ଟିକିଏ ନାହିଁ
ନୁହେ ମୁହିଁ ଭ୍ରମ,
ଉଦୟନାଥ ମୋ ଲକ୍ଷ୍ମଣ ପରି ଭାଇ,
ଅଶୀତର ଦ୍ୱାରେ ଦୁଃଖଜୀବନେ
ଆଖି ଛଳ ଛଳ ଦେଖି

'ମୋ କାହାଣୀ'

ଭାବେ, ଧନ୍ୟ ମୁଁ
ତାର ହାତେ ଦେଲି ବୋଲି ଟେକି ।

କଲ୍ୟାଣକାମୀ

ଭାଇନା

Digitized by srujanika@gmail.com

ମୋ କାହାଣୀର କାହାଣୀ (ଭୂମିକା, ୧ମ, ସଂ.)

ଜଣେ ବିଶିଷ୍ଟ ଲେଖକଙ୍କ ମତରେ—'No one without a king-size ego can write an autobiography'—ଅର୍ଥାତ୍ ରାଜ ଅହଙ୍କୃତ ଆକାରର ଅହଙ୍କାର ବିନା କେହି ଆତ୍ମଚରିତ ଲେଖି ନ ପାରେ ।

ମୁଁ ଅହଙ୍କାରଶୂନ୍ୟ ନୁହେଁ, 'ଅହଙ୍କାରଶୂନ୍ୟ ବୋଲି ମନେ ଅହଙ୍କାରୀ' ନୁହେଁ । ଅକଳନ୍ତି ଧନ, କ୍ଷମତା ବା ଉଚ୍ଚ ପଦପଦବୀ ଲାଭ କରିନାହିଁ ଓ ତଜ୍ଜନିତ ଅହଙ୍କାରର ଉଚ୍ଚ ସୋପାନରେ ଆରୋହଣ କରି କେବେ ସ୍ଫୀତ ଗର୍ବାନନ୍ଦ ଲାଭ କରିଥିବାର ଅନୁଭୂତ ହୋଇନାହିଁ, ଅହଙ୍କାରର ବିସ୍ତୃତ ବା ଗଭୀରତା କଳିବାର ଆତ୍ମଜ୍ଞାନ ମଧ୍ୟ ଜନ୍ମି ନାହିଁ ।

'ମୋ କାହାଣୀ' ଅହଙ୍କାରର ଆତ୍ମପ୍ରସାଦ ନୁହେଁ, ନିଜ କୃତି ବା କୀର୍ତ୍ତିର କୀର୍ତ୍ତନ ନୁହେଁ । ଗ୍ରାମୀଣ ଓ ନାଗରିକ ପରିପ୍ରେକ୍ଷୀରେ ମୋ କ୍ଷୁଦ୍ରତା, ଅଧଃପାତ, ବୈଫଲ୍ୟ ସଂଗ୍ରାମ ଓ ସଫଳତାର ଏକ ରୂପାୟନ ମାତ୍ର । ଏହା ମୋ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବହୁ କ୍ଷୁଦ୍ର ଓ ମହତ୍ ଜୀବନର କାହାଣୀ, ସମସାମୟିକ ସମାଜଜୀବନର କାହାଣୀ, କାରଣ ଅନେକଙ୍କ ଯେନ ଏକର ବିକାଶ—ଆଗରେ, ପଛରେ, ଚତୁର୍ଦ୍ଦିଗରେ ମୋର ଚିହ୍ନା ଅଚିହ୍ନା ବହୁ ଜୀବନ, ଅତୀତ ଓ ବର୍ତ୍ତମାନ ଉପରେ ଛାୟା ବିସ୍ତାର କରିଛନ୍ତି । ସେହି ସମସ୍ତଙ୍କ କାହାଣୀ ଯେନ 'ମୋ କାହାଣୀ' ।

'ମୋ ଜୀବନର ଗୋଟିଏ ଅଧ୍ୟାୟ' ଶୀର୍ଷକରେ ୧୯୬୦ରେ ଆତ୍ମଜୀବନ ଚରିତଲେଖା ଉଜେଇଁ ଦେଇଥିଲି । ଏହାର ଉପକ୍ରମରେ ଲେଖିଥିଲି—"ମୋ ଜୀବନ ନାସ୍ତିବାଚକ, ଏଥିରେ ବିପୁଳ ଜୀବନଅନୁଭୂତିର ସ୍ପର୍ଶ ନାହିଁ, ରାଜନୀତିକର ଘଟଣା-ବହୁଳତା ନାହିଁ । ସମାଜସେବୀର ତତ୍ପରତା ବା ବୈଜ୍ଞାନିକର ପରୀକ୍ଷାନିରୀକ୍ଷା ନାହିଁ । ଜ୍ଞାନର ଗରିମା ନାହିଁ ବା ତ୍ୟାଗର ମହିମା ନାହିଁ । ତେଣୁ ଆତ୍ମଚରିତ ନୁହେଁ, ଜୀବନସ୍ମୃତି ନୁହେଁ, ସଂଗ୍ରାମଜୀବନର ସାମାନ୍ୟ ସୂଚନା ମାତ୍ର ଦେଉଅଛୁ । ମୋ କବିତାର ମରମୀ ପାଠକଙ୍କ ଲାଗି ଏହା ଲୋଡ଼ା ।"

Digitized by srujanika@gmail.com

ପରୀକ୍ଷାମୂଳକ ଭାବରେ 'ଡଗର' ପତ୍ରିକାରେ ଗୋଟିଏ ଦୁଇଟି ଅଧ୍ୟାୟ ପ୍ରକାଶ କଲା ପରେ ବିଦଗ୍ଧ ପାଠକ ହୃଚ୍ଛ ଅଭିମତମାନ ବ୍ୟକ୍ତ କଲେ । ଏଢକ ପ୍ରରୋଚନା ମୋ କଲମକୁ ଦୌଡ଼େଇଲା । ନିଜ ବାଡ଼ ଡେଇଁ ବନ୍ଧୁ ଜୀବନସୀମାକୁ ଏହା ଅମଡ଼ା ମାଡ଼ିଗଲା, ଶ୍ରେଷ୍ଠ କାହାଣୀଟା ଗୋଟାଏ ଉପନ୍ୟାସ ଆଡ଼କୁ ଧାଡ଼ି ଦେଲା । ବୋଧ ହେଲା—ଗୋଟାଏ ଭ୍ରମଣକାହାଣୀ ଏ, ଅତୀତରୁ ବର୍ତ୍ତମାନକୁ ।

ଶର ବିଦେଶୀ ସ୍ଥାନ ଭଳି ଉଦୟନାଥ କାହାଣୀର କହୁଁଡ଼ି ଶୁଣି ଅଶ୍ରୁ ସମ୍ବରଣ କରି ନ ପାରି କହିଲି—ଭାଇନା, ଶୀଘ୍ର ପ୍ରେସ୍‌କୁ ଦିଅ ।

'ମୋ କାହାଣୀ'ର ଲେଖା ଓ ପ୍ରକାଶ ଲାଗି ପ୍ରରୋଚିତ କରିଥିବା ବନ୍ଧୁ ବିଦଗ୍ଧ ପାଠକ, 'ଡଗର'ର ଫତୁରାନନ୍ଦ ଓ 'ଅଧୁନା'ର ସମ୍ପାଦକ ଶ୍ରୀ ରଘୁନାଥ ମହାପାତ୍ର ମୋର ଧନ୍ୟବାଦାର୍ହ । କେତେକ ଅସୁବିଧାରୁ ପରିଶିଷ୍ଟରୁ ମୋ ଅଦ୍ୟ ପ୍ରକାଶିତ କବିତାପୁସ୍ତିକା 'ଛିନ୍ନମସ୍ତା', ଉପେକ୍ଷିତ ଉପନ୍ୟାସ 'କର୍ମଫଳ'ର ଏକ ଅଧ୍ୟାୟ ବାଦ୍ ଦେବାକୁ ବାଧ୍ୟ ହେଲି ।

ଲେଖକ

୧ । ୭ । ୭୬
କଟକ-୩

ଭୂମିକା (ଦ୍ୱିତୀୟ ସଂସ୍କରଣ)

ବର୍ଣ୍ଣିତ 'ମୋ କାହାଣୀ' ୧୯୮୦ ପର୍ଯ୍ୟନ୍ତ ବିସ୍ତୃତ ମୋ ଜୀବନ କଥା ।

କେନ୍ଦ୍ର ସାହିତ୍ୟଏକାଡେମୀ ପୁରସ୍କାରଲାଭ ମୋର ସାହିତ୍ୟିକ ଯଶପ୍ରତିଷ୍ଠା କେତେ ବଢ଼ାଇଲା, କଳନା କରିବା ମୋ କର୍ତ୍ତବ୍ୟର ବାହାରେ ।

ତେବେ ନିର୍ଦ୍ଦିଷ୍ଟ ଗୋଟିଏ ଉପକାର ଘଟାଇଲା—'ମୋ କାହାଣୀ'ର ଦ୍ୱିତୀୟ ସଂସ୍କରଣ ତ୍ୱରାନ୍ୱିତ ହେଲା, ତା ସହିତ ଅନ୍ୟ ପାଣ୍ଡୁଲିପିମାନଙ୍କର ପ୍ରକାଶ ମଧ୍ୟ ।

ସାହିତ୍ୟିକର କୁଟୁମ୍ବ ବଡ଼ କୁଟୁମ୍ବ, କେତେ କୁଟୁମ୍ବ କେହି କଳନା କରିପାରିବ ନାହିଁ । ଏଇ ସ୍ୱବର୍ଗୀୟ କୁଟୁମ୍ବର ସ୍ନେହସୋହାଗ ମୋ ସୃଷ୍ଟି ପୁସ୍ତକକୁ ଚିର ଶିଶିରସିକ୍ତ ଓ ସଜୀବ କରି ରଖିଆସିଛି । ଲିଖିତ ପତ୍ରମାନଙ୍କରୁ ତାହାର ଆଭାସ ମିଳେ । ଲିଖିତ ଅପେକ୍ଷା ଅଲିଖିତ ରୂପରେ ମୋ ପାଠକମାନଙ୍କ ପ୍ରୀତିଆନନ୍ଦ ଅକଳନୀ । ପ୍ରାଣର ସୂକ୍ଷ୍ମ ତାରରେ ସେଇ ଅଗଣିତ ଚିତ୍ତର କୁଳୁ କୁଳୁ ଧ୍ୱନି ବାଜେ ।

'ମୋ କାହାଣୀ'ରେ ମୁଁ ବସିଚି ମୋ ଖୁଣ ଓ ଗୁଣର ବିସ୍ତାରକ ହୋଇ । ଗୁଣକୁ ଗୁଣିଛି, ଖୁଣକୁ ଉଡ଼ାଇ ଦେବାକୁ ଚେଷ୍ଟା କରି ପାରିନାହିଁ । ନିଜକୁ କ୍ଷମା କରିପାରି ନାହିଁ । ବାହାରର ଅପରାଧୀକୁ କ୍ଷମା ଦେବା ସହଜତର ବରଂ ।

ମୂର୍ଦ୍ଧିଷ୍ଟା ନୁହେ, ସ୍ୱର୍ଣ୍ଣଚରିତ୍ର ନୁହେଁ; ପଛବୁଦ୍ଧିଆ, ବିପଦବେଳେ କାତର, ଭଲ-ପଣରେ ଅତି ବିଶ୍ୱାସୀ; କିନ୍ତୁ ନାସ୍ତି ଭିତରେ ମୋର ଏଇ ସତ୍ତା କିପରି ସଫଳ, ସାର୍ଥକ, କାହାଣୀ ସେଇ କଥା କହେ ।

ଦ୍ୱିତୀୟ ସଂସ୍କରଣ ଲାଗି ପ୍ରକାଶକ ଶ୍ରୀ ଗୋବିନ୍ଦଚରଣ ପାତ୍ର ସର୍ବତୋଭାବେ ସାଧୁବାଦର ପାତ୍ର ।

ତା ୧୫ । ୮ । ୮୦, କଟକ   ଲେଖକ

Digitized by srujanika@gmail.com

ଆମେ

Digitized by srujanika@gmail.com

ପିଲମାନେ

କୁନା



ଟିକି

ବୁନି

Digitized by srujanika@gmail.com

ଉଦ ପରିବାର

Digitized by srujanika@gmail.com

ବୋଉ

Digitized by srujanika@gmail.com

ଘନ ଭଞ୍ଜନା

Digitized by srujanika@gmail.com

ଏମ୍.ଏ. ଡିଗ୍ରୀ ଲଭ ପରେ



ଉତ୍ତର ତିରିଶ

ଚାଳିଶ ବର୍ଷ ପରେ

Digitized by srujanika@gmail.com

ବିଦାୟ ହେ ତପୋବନ

Digitized by srujanika@gmail.com

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ

Digitized by srujanika@gmail.com

ସୂଚୀପତ୍ର

୧—ଆଦ୍ୟ ଉଷାର ଆକାଶ—ପୃ ୧-୧୩୮ ଷ୍ଠା

ମାମୁଁଘର—୨; ନନା—୮; ବୋଉ—୨୩; ଖାଇ ଭଉଣୀ—୩୫, ସୁନ୍ଦରୀ ନାନୀ—୩୫, ହାରନାନୀ—୩୭, ଘନଶ୍ୟାମନା—୩୯; ଯାତ୍ରାରୁ ମହାଯାତ୍ରା—୪୧, ଖଣ୍ଡକ ନୂଆନ୍ତ କ ପେଣ୍ଡକ ନୂଆନ୍ତ—୪୩, ଛୁଟିପତ୍ର—୪୪, ହେମ ଶାହୁକ—୪୮, ପଢୁଆ—୪୯, ଉଢିଆ—୫୦; ଷଠୀଘରୁ ଧୂଳିଘର, ଗୁହାଳି ଘେର—୫୧, ସେକାଳ ପଢ଼ାଶାଳ—୫୭, ହରି ମାଷ୍ଟ୍ରେ—୬୧, ବଶମ୍ବର ମାଷ୍ଟ୍ରେ—୬୨, ବାଘ ଘରେ ମିରଗ ନାଟ—୬୫, ଆମର ଖେଳ ଅନ୍ୟର କାଳ—୬୫, ହଣଡାଳକା, ଶ୍ରୀପଞ୍ଚମୀ—୬୭, ଯାହାସବୁ ମନରୁ ଲିଭି ଲିଭି ନାହିଁ—୬୯, ଉପୁଟେଇ-ଟପୁଟେଇ—୭୬, ଆଗେ ଘର ଠାକୁର ପୂଜା—୭୭, ମୁଛ ଡା ହେଲେ ଏମିତ ହୁଏ—୭୮, ଖିଣ୍ଟି ମହାପୁରୁ—୮୦, ଏ କଣ ଶ୍ଳେଷ ?—୮୦, ଆମ ଗାଁ—ଛତ୍ରହାସ ଓ ଧୂଳି—୮୨, ମାଛଗୋଳି—୮୫, ଗବ ଖବ ହୁଏ—୮୫, ସେଉଁମାନେ ବଞ୍ଚିଛନ୍ତି—୮୯, ବୀର ମହାନ୍ତି—୯୦, ରାମ ମହାନ୍ତି—୯୩, ପୁଣ୍ୟ ଦୁର୍ଭିକ୍ଷ—୧୦୩, ବଡ଼ବଡ଼ିଆ—୧୦୬, ଆମ ଘର—୧୧୨, ଲୋକବାକ—୧୨୧, ଗାଈ ବଳଦ—୧୨୩, ଗଛବୁରୁଛ—୧୨୫, ମୋ ଜାତକ—୧୨୯, ବୁଢଘର—୧୩୧, ସେ ଦିନର ଜଣେ ଚାଷୀ—୧୩୪,

୨—ସଂଗ୍ରାମ ଓ ସାଧନା—ପୃ ୧୩୯-୨୬୮ ଷ୍ଠା

ଜୀବନ ଗୋଟିଏ ନାଟକ—୧୪୧, ମୋର ମାଇନର ପଢ଼ା—୧୪୦, ବଜସ୍ଥରୁ ପଶ୍ଚିମ ମନ୍ବନ୍ତର—୧୫୬; କବିତା ଯେଉଁଦିନ ଜନ୍ମ ହେଲା,—୧୫୭, ହଳିଆ ବଳଦ ଓ କଣ୍ଟ୍ରି ପିଶାଚୀ—୧୭୭, ବୈଦେହୀଶ ଗାଙ୍ଗ ଓ ମହାଦେବଙ୍କ ଚୂଆ—୧୭୯, ନଃ ପ୍ରା ମାଷ୍ଟ୍ରେ—୧୮୦, ସ୍ୱର୍ଗକୁ ନିଶୁଣି ନାହିଁ, ଜୀବନକୁ ଅଛି—୧୮୨, ସ୍ୱଲେର ଛକ, ସୋଲର ବାଙ୍କ—୮୯, କୃଷ୍ଣ ଚରିତ, ନୃସିଂହ ଭାଗବତ—୧୯୨, ଘରେ ଭାତ ନାହିଁ କୁଟୁମ୍ବ ବହୁତ—୧୯୩, ଅସ୍ଥିର ଚିତ୍ତ ବିକଶିତ ଭାବ—୧୯୪;

Digitized by srujanika@gmail.com

କଲିକତାରେ ଗୃହଶିକ୍ଷକ—୨୦୭; ପଣ୍ଡିତ ବିନାୟକ ମିଶ୍ର—୨୦୯; ଦିଗମ୍ବର ଦାସ—୨୧୩; ଭବତାରା ପତ୍ର—୨୧୩; ବେକେଲ୍ ରୋଡ଼୍ ହତ୍ୟା—୨୧୪; ବ୍ରଜବନ୍ଧୁ ମିଶ୍ର ବିଦ୍ୟାଳୟ—୨୧୪;

କଲିକତାରେ ସାହିତ୍ୟ ୨୧୭, ପ୍ରବାସୀ ଉତ୍କଳସମ୍ମିଳନୀ—୨୧୯; ଛିନ୍ନମସ୍ତା—୨୧୯; ପଣ୍ଡିତ ମୃତ୍ୟୁଞ୍ଜୟ ଓ ମେଦିନୀପୁର ଓଡ଼ିଆ—୨୨୦; ବଳରାମ ନନ୍ଦ—୨୨୦; ଓଡ଼ିଆ ବିଭାଗ—୨୨୨; ଉଦ୍ଭବ ପଥେ—୨୨୫; ଡକ୍ଟର ବଡ଼ୁଆ—୨୩୦; ରାସ୍ତାରେ ରୋଟିଏ ବର୍ଷ—୨୩୩; ଛାପି—୨୩୪; ବିଭାଗର—୨୪୦; ମୋ ସ୍ତ୍ରୀ—୨୪୪; ଶ୍ୱଶୁର ଓ ଶାଶୁ—୨୪୬; ୧୯୪୨—୨୪୬; ଉଚ୍ଚ ବିଦ୍ୟାଳୟ ଶିକ୍ଷକ—୨୫୨; ତାଳଚେରରେ ଦେଢ଼ବର୍ଷ—୨୫୮; ୧୯୪୩—୨୬୧; ପ୍ରମୋଦଚନ୍ଦ୍ର ଦେବ—୨୬୨; ହୃଦୟଚନ୍ଦ୍ର ଦେବ—୨୬୩; ରାଜା କିଶୋରଚନ୍ଦ୍ର ହରିଚନ୍ଦନ ଜଗଦେବ ୨୬୭;

୩—ଜୀବିକା ଓ ଜୀବନ—ପୃ ୨୬୯-୪୩୭ ପୃ।

ଅଧ୍ୟାପନାର ଆସ୍ୱାଦ—୨୬୯; ପ୍ରଥମ ଓଡ଼ିଆ ନାଟକ ଅଭିନୟ—୨୭୨; ସ୍ୱପ୍ନତରେ ଏମ୍.ଏ—୨୭୩; ଉତ୍କଳସମ୍ମିଳନୀ—୨୭୪; ସାହିତ୍ୟିକ ପ୍ରଚେଷ୍ଟା—୨୭୬; ମହେନ୍ଦ୍ରର ମାୟା—୨୭୯; କୃପାସିନ୍ଧୁ ନରେନ୍ଦ୍ରଦେବ—୨୭୯, ଶରତଚନ୍ଦ୍ର ମହାପାତ୍ର—୨୮୦; ଅନନ୍ତ ତ୍ରିପାଠୀ ଶର୍ମା—୨୮୦; କ୍ଷୁଦ୍ରଦ୍ୱୀପ ଯାପାନ—୨୮୨; ଗୋପାଳଚନ୍ଦ୍ର ପ୍ରହରାଜ—୨୮୦; ଶଶିଭୂଷଣ ରାୟ—୨୮୩; ସ୍ୱପ୍ନତବିଭାଗର ସୁପରିଣ୍ଟେଣ୍ଡେଣ୍ଟ—୨୮୪, ପଣ୍ଡିତସମ୍ମିଳନୀ—୨୯୨; ଜଗନ୍ନାଥଗବେଷଣାମନ୍ଦିର—୨୯୩; ଋଗ୍‌ବେଦର ଅନୁବାଦ—୨୯୩; ଜଗବନ୍ଧୁ ସିଂହ—୨୯୫; ପଦ୍ମଚରଣ ପଟ୍ଟନାୟକ—୨୯୬; ଫକୀରମୋହନ କଲେଜରେ ଅଢ଼େଇ ବର୍ଷ—୩୦୦, ଆଶୁତୋଷ ରାୟ—୩୦୦; ଅସଫଳ ଅଳ୍ପ ୩୦୨; ଜଗଦ୍‌ବଲ୍ଲଭ ଦାସ—୩୦୨; ଫରିଦ ଓ ସମ୍ମିଳନୀ—୩୦୪; ଅଧ୍ୟାପକ ଘନଶ୍ୟାମ ଦାସ—୩୦୬, ଲଙ୍କାସାହି—୩୦୬, ରାଇବଣିଆ ଦୁର୍ଗ—୩୦୭, ସୁବର୍ଣ୍ଣରେଖା ମୁହାଣ—୩୦୮, ଗୋରୁ ମହିଷାଣି ଓ ଧାମରା—୩୦୯, ରାଜା ବୈକୁଣ୍ଠନାଥ ଦେଙ୍କ ଜୀବନୀ—୩୧୪; ଲିଙ୍ଗରାଜେଶ୍ୱର ଓ ସିଂହାସନ ଜାତ୍ରା—୩୧୫; କଲେଜର ଉପେକ୍ଷିତ—୩୧୬, ସ୍ୱାଧୀନତା ଲାଭ—୩୨୦; ଶାନ୍ତିନିକେତନରେ ଏଗାର ବର୍ଷ—୩୨୪, କି ଥିଲି ଏ ରାଜ୍ୟ କି ହୋଇଛୁ ଆଜ ?—୩୩୬; ଜୀବନର ଜଣେ ବନ୍ଧୁଣି ୩୪୦; ଜଣେ ଯାଯାବର ଭିକ୍ଷୁ—୩୪୬; ସମାବର୍ତ୍ତନ ଉତ୍ସବ ୩୫୮; ମୋ ହୃଦୟର ଭାଣ୍ଡ—୩୫୫; ପଥ ଓ ପଥିକ—୩୫୫; ଅଖିଳ ଭାରତ ଲେଖକସଂଘ ସମ୍ମିଳନ—୩୫୮; ବିଶ୍ୱଭାରତୀ ଓଡ଼ିଆ ବିଭାଗ—୩୬୦; ପିଲା ଓ

Digitized by srujanika@gmail.com

ପାଲ—୩୬୫; ବିଶ୍ୱସାହିତ୍ୟ ପରିଷଦ୍—୩୬୬; ଓଡ଼ିଆ ସାହିତ୍ୟ ପରିଷଦ୍—୩୬୭; କ୍ଷିତିମୋହନ ସେନ୍—୩୬୯; ନନ୍ଦଲାଲ ବୋଷ—୩୭୦; ନିତାଇ ବିନୋଦ ଗୋସ୍ୱାମୀ—୩୭୨; ପ୍ରଭାତ କୁମାର ମୁଖୋପାଧ୍ୟାୟ—୩୭୫; ଅନ୍ନଦାଶଙ୍କର ରାୟ—୩୭୭, ପ୍ରଥମ ଉପାଚାର୍ଯ୍ୟ—୩୮୨, ତାନ୍ ୟୁନ୍ ସାନ—୩୮୮; ମୁଁ କାହିଁକି ଶାନ୍ତିନିକେତନ ଛାଡ଼ିଲି ?—୩୮୯, ବିଦାୟ ହେ ତପୋବନ—୩୯୪;

କଟକର ଫାଟକ ଡେଇଁଲା ପରେ—୩୯୮, ରବୀନ୍ଦ୍ରଶତବାର୍ଷିକୀ—୪୦୫; ନିଖିଳ ଉତ୍କଳ ଲେଖକସମ୍ମିଳନୀ—୪୦୫; ସ୍ରୋତରୁ ସ୍ରୋତସ୍ୱିନୀ ସମୁଦ୍ର—୪୦୬, ମୋ ଗ୍ରାମ—ବ୍ୟକ୍ତିକ, ସାମାଜିକ—୪୧୯, ଉଭୟତର—୪୨୯, ଇତିହାସ ନା—୪·୦, ଚନ୍ଦ୍ରାମଣିବିଦ୍ୟାପୀଠ—୪୨୪, ବୋର୍ଡର ସୁଢପକ୍ଷା—୪୩୦, ଆଇ. ଏ. ଉପନ୍ୟାସ ? ଏସ୍. ପ୍ରାପ୍ତି—୪୩୦, ସିନ୍ଧୀ, ରେଶ୍ମି ଓ କୁହୁକ ଖଣ୍ଡ—୪୩୩, ପଶୁ ଡାକ୍ତରଖାନା—୪୩୫, ଲିଙ୍ଗଲୋଷ୍ଟ୍ରଚ—୪୩୫, ଜାଲ ମାଷ୍ଟରାଣୀ—୪୩୬,

୪—ଅପରାହ୍ନରୁ ଗୋଧୂଳି—ପୃ ୪୩୯-୪୬୪ ଷ୍ଠା

ଜୀବନର ଲୀଳା, ତିକ୍ତ ଓ ମଧୁର—୪୩୯ ନୂତନ ଗୃହ ପ୍ରବେଶ—୪୪୪; ଅବସର ଗ୍ରହଣ—୪୪୬; ୧୯୬୦—୪୫୦; ସାହିତ୍ୟିକ ଓ ସାହିତ୍ୟାନୁଷ୍ଠାନ—୪୬୦; ଉତ୍କଳ ସାହିତ୍ୟସମାଜ—୪୬୧ ରସର ଆତ୍ମୀୟ ଯେତେ—୪୬୪,

ପରଦର୍ଶୀ ଅଧ୍ୟାପକ—୪୬୫; ଗୋଲବର୍ଗ ପରେ—୪୭୬; ପଞ୍ଚବଟୀ—୪୭୯; କଳକାକୁଟୀରରେ ୪୮୦; ଚନ୍ଦ୍ରମୋହନଙ୍କ ନଡ଼ିଆ—୪୮୦; ଉପାଚାର୍ଯ୍ୟ ସିଦ୍ଧା—୪୮୧; ପୁରୁଣା ମୁହଁଟିଏ—୪୮୨; ଠାକୁରରାଜାଙ୍କ ସନନ୍ଦ—୪୮୩; ଉତ୍ତରାୟଣ ଉଦ୍ୟାନ—୪୮୪; ପାଣିମିସ୍ତ୍ରୀ ନା ଜୀବନମିସ୍ତ୍ରୀ ?—୪୮୪; କାବ୍ୟଶାସ୍ତ୍ରବିନୋଦେନ—୪୮୫; ସୌମ୍ୟେନ୍ଦ୍ରଦା—୪୮୫; ପ୍ରବୋଧଚନ୍ଦ୍ର ସେନ୍; ୪୮୫; ଅମିୟ ଚକ୍ରବର୍ତ୍ତୀ—୪୮୬ ଡକ୍ଟର ଜିତେନ୍ଦ୍ର ମହାନ୍ତି—୪୮୬; ଡକ୍ଟର ଦିନେଶ ସରକାର—୪୮୭; ଶଙ୍ଖ ଚୌଧୁରୀ, ଶଙ୍ଖ ଘୋଷ—୪୮୭; ବୈଦ୍ୟନାଥ ସରସ୍ୱତୀ, ହୀରେନ୍ ଦତ୍ତ—୪୮୮; ବିମଳ ଦତ୍ତ, ସୁଖମୟ ଭଟ୍ଟାଚାର୍ଯ୍ୟ—୪୮୯; ପ୍ରଭାତ ବନ୍ଦ୍ୟୋପାଧ୍ୟାୟ—୪୯୦; ସୁନୀତି ପାଠକ, ବର୍ମାଜୀ, ଭେଙ୍କଟ ରମନ୍, ସୁଜିତ୍ କୁମାର ମୁଖୋପାଧ୍ୟାୟ—୪୯୧; ସୁଧାକର ଚାଟାର୍ଜୀ, ଅମିୟ କୁମାର ସେନ୍, ମୁକୁଲ ଦେ—୪୯୨; ଶ୍ରୀନିକେତନ ମେଳା—୪୯୩; କାଳିଦାସୀ—୪୯୩; ଗ୍ରାମୀଣ ସାହିତ୍ୟ ସମ୍ମେଳନ—୪୯୪; ପ୍ରାକୃଷ୍ଟ ପତ୍ରିକା—୪୯୫; କାଳିଚରଣ ପଟ୍ଟନାୟକ, ବାନମ୍ବର ଆଚାର୍ଯ୍ୟ—୪୯୬, ରଘୁନାଥ ପାଣିଗ୍ରାହୀ, ବୀରେନ୍

Digitized by srujanika@gmail.com

ମିଥ — ୪୯୭; ଘଷୁଆ ବେତାଳ — ୪୯୭; ଙ୍କୋଫ୍ରାଂଟୀବ ବାନରଃ — ୪୯୮; ଭାରତର ସୁଖପାଠ୍ୟ ଇତିହାସ, ନଟୀର ପୂଜା, ଧୃତରାଷ୍ଟ୍ର — ୪୯୮; ହଳଦ ବୁଲ୍‌ବୁଲ୍‌ରୁ ରାମ ରାହୁତ, ହ ହରେ ହ ସନ୍ଧରୁଣୀ ମୋ, ଓଡ଼ିଆ ପାଠକେ — ୪୯୯; ବଙ୍ଗଳାବିଭାଗରେ ବକ୍ତୃତା ୫୦୦, ଚୀନା ଭବନରେ ଭାଷଣ — ୫୦୧; ଲେଜରଟି ଉପାଧି ଲଭ — ୫୦୨; ସବୁ ଥାଇ କିଛି ନାହିଁ — ୫୦୪ କ ହାତେଘର ପାଖକୁ କୁଳ ଛାଉ ଛାଉ — ୫୦୪; ଝଡ଼, ଝଡ଼ି, ବଢ଼ି — ୫୦୫; ଆନ୍ତର୍ଜାତିକ କେନ୍ଦ୍ରସ୍ଥିତ ସେମିନାର — ୫୦୮; ଏ ଗୋଟିଏ ରଙ୍ଗୀନ୍ ଢେଉ — ୫୦୯; ପୃଥିବୀର ହେଉଛି ରଙ୍ଗମଞ୍ଚ — ୫୧୩; ଦୋଇତ ବନ୍ଧାଣ, ସିନେମା ଓ ଲେଖକ — ୫୧୪, କବିର ତୀର୍ଥଭୂମି — ୫୧୫, ଦେଶୀରେ ଦେବ — ୫୧୫; କବିତା ଖାଇବ ନା ପିନ୍ଧିବ ? — ୫୧୭; ଭିତରେ ଢେର୍ ଗରବ — ୫୧୭; ହସି ମୁହଁ ଲୁଗ୍ଲଇଲ ହାତେ — ୫୧୭, ମଣିଷର ଭାଗ୍ୟ — ୫୧୮; ଟାଇଲ୍ ଖବର, ଚଟାଣ ଭାଷେ — ୫୨୦ ତତ୍ତ୍ୱ ସୁଧନ୍ୱା — ୫୨୧; ମନରେ ନାହିଁ ତ ମାଳାରେ ନାହିଁ — ୫୨୨ ପୁରସ୍କାର କାହାଣୀ — ୫୨୮; ଅନାଗତେର ମୁହଁ — ୫୩୩; ନଈ ପାଣି ନଈରେ ଯାଉ — ୫୩୮; ସାହିତ୍ୟକର ଜଞ୍ଜାଳ — ୫୩୯ ।

ପରିଶିଷ୍ଟ

ଡାଇରୀର କିୟଦଂଶ (୧) ୫୪୩,

ଡାଇରୀର କିୟଦଂଶ (୨) — ୫୫୩

ସାହିତ୍ୟିକ କୃତି — ୫୭୦

ଜୀବନ ଓ ମୃତ୍ୟୁର ସେତୁ ଉପରେ — ୫୮୯

ସାହିତ୍ୟିକ ପତ୍ରାଳାପ — ୬୦୬

ପ୍ରଥମ ଉପନ୍ୟାସ 'କର୍ମଫଳ'ର କିୟଦଂଶ — ୬୧୩

ପତ୍ର ଲେଖକ —

ପଣ୍ଡିତ ନୀଳକଣ୍ଠ ଦାସ, ଅଧ୍ୟାପକ ଦେବେନ୍ଦ୍ରନାଥ ବସୁ, ଅଧ୍ୟାପକ ରତ୍ନାକର ପତି, ଗୋପୀନାଥ ମହାନ୍ତି, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଅନ୍ନଦାଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, ହରିହର ମହାପାତ୍ର, ଲକ୍ଷ୍ମୀନାରାୟଣ ସାହୁ, ବୃନ୍ଦାବନ ନାଥ ଶର୍ମା, ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଅଧ୍ୟାପକ ଶ୍ରୀଧର ଦାସ, ପୂର୍ଣ୍ଣଶଶାଙ୍କ ମିଶ୍ର, ଅନନ୍ତପ୍ରସାଦ ପଣ୍ଡା,

Digitized by srujanika@gmail.com

ନିତ୍ୟାନନ୍ଦ ମହାପାତ୍ର, ସୁରେନ୍ଦ୍ର ମହାନ୍ତି, ଜ୍ଞାନପ୍ରସନ୍ନ ଦେବ, ଅନନ୍ତ ପଟ୍ଟନାୟକ, ଲକ୍ଷ୍ମୀଧର ନାୟକ, ଚକ୍ରଧର ମହାପାତ୍ର, ଡକ୍ଟର ମାୟାଧର ମାନସିଂହ, ଗୋଦାବରୀଶ ମହାପାତ୍ର, ରାମକୃଷ୍ଣ ନନ୍ଦ, ବିନୋଦଚନ୍ଦ୍ର ନାୟକ, ଚିତ୍ତରଞ୍ଜନ ଦାସ, ସଚ୍ଚିଦାନନ୍ଦ ରାଉତରାୟ, ଫତୁରାନନ୍ଦ, ରାଧାମୋହନ ଗଡ଼ନାୟକ, ମହାପାତ୍ର ନୀଳମଣି ସାହୁ, ପଣ୍ଡିତ ବିନାୟକ ମିଶ୍ର, ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, କପିଳେଶ୍ୱର ଦାସ, ବଳଭଦ୍ର ବହିଦାର, ରାଧାଚରଣ ପଣ୍ଡା, ଉପେନ୍ଦ୍ର ତ୍ରିପାଠୀ, ଡକ୍ଟର ଜାନକୀ-ବଲ୍ଲଭ ମହାନ୍ତି, କେଦାରନାଥ ମହାପାତ୍ର, ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ, ଅଧ୍ୟାପକ ବେଣୁଧର ରାଉତ, ପଣ୍ଡିତ ରଘୁନାଥ ପାଣିଗ୍ରାହୀ, ଅଧ୍ୟାପକ ନରସିଂହ ସାହୁ, ନାଗ୍ଲକବ ମନମୋହିନୀ ଦେବୀ, ଡକ୍ଟର ଅନନ୍ତ ତ୍ରିପାଠୀ ଶର୍ମା, ଅଧ୍ୟାପକ ବ୍ରଜକିଶୋର ରାୟ, ଅଧ୍ୟାପକ ବିନୋଦ ରାଉତରାୟ, ଡକ୍ଟର ନରେନ୍ଦ୍ରନାଥ ମିଶ୍ର, ପଣ୍ଡିତ ବାଇକୋଳି ଜ୍ୟୋତିଷ ବିଶାରଦ, ରମାଦେବୀ, ଅଧ୍ୟାପକ ପଠାଣି ପଟ୍ଟନାୟକ, ଉପେନ୍ଦ୍ରପ୍ରସାଦ ମହାନ୍ତି, ଦାଶରଥି ପଟ୍ଟନାୟକ, ଅଧ୍ୟାପକ ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ, ଡକ୍ଟର କୃଷ୍ଣଚରଣ ବେହେରା, ଡକ୍ଟର ନିତ୍ୟାନନ୍ଦ ଶତପଥୀ, ସଚ୍ଚିଦାନନ୍ଦ ମିଶ୍ର, ଡକ୍ଟର ମନୀନ୍ଦ୍ର ମହାନ୍ତି ।

Sophia Wadia

Richard M. Dorson

Dr. Suniti Kumar Chatterji

Dr. Krushnadeba Upadhyaya

F. M. Asiri

Sudhiranjan Das

Dr. Kalidas Bhattacharya

Stith Thomson

Digitized by srujanika@gmail.com

ଆଦ୍ୟ ଉଷାର ଆକାଶ

Digitized by srujanika@gmail.com

"ଦୁଇଟି ସନ୍ତାନ ଯଥେଷ୍ଟ" ଯୁଗରେ ମୋର ଜନ୍ମ ହୋଇଥିଲା କି ନାହିଁ ସନ୍ଦେହ । ମୁଁ ପିତାମାତାଙ୍କର ଚତୁର୍ଥ ସନ୍ତାନ । ସେତେବେଳେ ଘରେ ଘରେ ଷଠୀବୁଢ଼ୀଙ୍କର ପୂଜା । ଷଠୀବୁଢ଼ୀ କହିଲେ ସ୍ଥୂଳବପୁରେ ହଳଦବଟା ଶିଳ; ତାକୁ ଧୋଇଧାଇ ଖଣ୍ଡିଏ ଛିଟ କନା ପିନ୍ଧାଇ ଦିଆହୁଏ । ବଟା ହଳଦରେ ମୁହଁ ଓ ଚନ୍ଦନରେ ଆଖିର ଚିହ୍ନ ହୁଏ, କପାଳରେ ଗୋଲା ସିନ୍ଦୂର, ଟିକିଲି । ଷଠୀଓଷା ସେତେବେଳେ ଘରେ ଘରେ; ବୋଉ ବଳମୂଳୀ, ବାଲୁଙ୍ଗା, ବଣପାରୁ, ଓଳ୍‌ଅଡ଼ାଳି, ବକୁଆଉ, ବାଉଁଶକଣି—ଛ' ଡାଳ ବାନ୍ଧି ଷଠୀବୁଢ଼ୀଙ୍କୁ ସ୍ମରଣ କରି ମୁଣ୍ଡରେ ଛ' ପାହାର ଲେଖାଏଁ ମାରେ --ପରମାୟୁ ବଢ଼ୁ, ଧନ ଓ ଯଶ ଲାଭ ହେଉ । ଅନ୍ୟ ମାଡ଼ରେ ପିଲାଏ କାନ୍ଦନ୍ତି, ଏ ମାଡ଼ରେ ହସନ୍ତି । କଥା ଅଛି—"ମାଆ ମାଡ଼ କୁଆ ପାଡ଼"; ମାଡ଼ ନାମରେ ସ୍ନେହ ଓ ଆଶୀର୍ବାଦ ଝଡ଼ା ହୁଏ, ଜୀବନରେ କେତେ ମାଡ଼ ଖାଇଛି, କୋଉ ମାଡ଼ ଏତେ ସୁଖକର ବୋଧ ହୁଏନାହିଁ ।

ଷଠୀପୂଜା ଛଡ଼ା ସତ୍ୟନାରାୟଣ ପୂଜା ତ ଗ୍ରାମେ ଗ୍ରାମେ । କଦଳୀ ପାଚିଲେ ପାଲ ହେଲା । ବଳ ପାଇଲେ ଠିଆ ପାଲ, ଲଟେଇପାଲ, ନଇଲେ ବୈଠକୀ ପୂଜା । ବାବା ସତ୍ୟପୀର ସିରିଣି ଖାଇ ବାଂଝୀ କରକଟୀଙ୍କୁ ବି ପିଲାଝିଲା ଦେଇଦେଉଥିଲେ । ପିଲା ବଞ୍ଚେ ଲାଗି ଆଗେ କେତେ ଧର୍ଣ୍ଣା ଦେବତା, କେତେ ଓଷା ବ୍ରତ, ମଡ଼ଛୀକୁଣ୍ଡେ ସ୍ନାନରୁ ମଠରେ ବାସ । 'ହଟକେଶ୍ୱର'ର ଢିପ ଜଳରେ ଗାଧୋଇ ପାଧୋଇ ଗେଣ୍ଡା କୋଚଆ କାମୁଡ଼ା ଯା ପାଇଲା ତା ମିଳ କେତେ ନଷ୍ଟହା, ବୃଦ୍ଧବିଶ୍ୱାସିମାନଙ୍କର ପ୍ରାଣ ଉଡ଼ିଯାଉଥିଲା । ବାଂଝୀ ମୁହଁ ଦେଖିଲେ ଅପଯଶ । ରଜା ହେଲେ ବି ସେଇ ଅପଯଶରୁ ଛାଡ଼ ମିଳୁ ନଥିଲା ।

ଗୋଟି ଗୋଟି ହୋଇ ଆମେ ଛ'ଜଣ ସଂସାରକୁ ଆସିଥିଲୁ; କିନ୍ତୁ ଆମକୁ ପାଇବା ପାଇଁ ବୋଉକୁ ଓଷା ବ୍ରତ, ମାନଣା, ଜନ୍ତାଲ କିଛି କରିବାକୁ ପଡ଼ିନାହିଁ ।

Digitized by srujanika@gmail.com

ମାମୁଁଘର

ମୋ ମାମୁଁଘର ପୁରୀ ଜିଲ୍ଲାର ବଂଶରଦା ଗ୍ରାମରେ । ଆମ ଗାଆଁ ରେଷ୍ଟଶାସନରୁ ଏହା ମାତ୍ର ଦୁଇମାଇଲ ଦୂର ।

ନଡ଼ିଆମାନ, ଏଠି ସେଠି ନଡ଼ିଆ ଫୁଲ, ଗୋଟମା ପଡ଼ିଥାଏ । ଘର ଅଗଣାମାନଙ୍କରେ ନଡ଼ିଆ ଛାଡ଼ ପଡ଼ିଥାଏ, ପିଣ୍ଡାମାନଙ୍କରେ ଶୁଖିଲା ନଡ଼ିଆ ଶଙ୍ଗା ମଣ୍ଡିଥାଏ । ଗାଆଁ ଦାଣ୍ଡରେ ପଥରବନ୍ଧାବନ୍ଧା କୂଅ, ଗ୍ରାମ୍ୟ ଦେବୀଙ୍କଙ୍କ ବାଡ଼ିରେ ଟୁବି ଗଛଆ । ସେଇ କାଦୁଅ, ଦଳୁଅ ଟୁବି ଗଛଅଟିମାନ ସେକାଳେ ବୋଉଙ୍କ ସୁଖଦୁଃଖର ସାକ୍ଷୀ ।

ଗାଆଁ ମଝିରେ ଜାନୁକେଲଇ ଠାକୁରାଣୀ—ଗୋଟିଏ ମୃତ୍ତିକାର ସ୍ତୂପ—ଶକ୍ତି ତ; ତାଙ୍କୁ ଭଣ୍ଡାରୀ ପୂଜା କରେ । ଜଙ୍ଗଲର ଦେବୀ ସେ । ସାପକାମୁଡ଼ାରୁ ରକ୍ଷା କରନ୍ତି । କିନ୍ତୁ ମୋ ଶୁଣିବାରେ ବୋକ୍ସର ଲେଖାପୋଖା ଢ଼ଇନା ଅଲେଖ ମହଦମକୁ ଗା ଦାଣ୍ଡରେ ନାଗସାପ ଗୋଡ଼ାଇ ଗୋଡ଼ାଇ ସ୍କେଟ ମାରିଥିଲା । ସେ ଦେଖି ସାପକୁ ଦଳେ କୁଆଡ଼େ ଦରମରା କରି ଛୁଇଁଥିଲେ । ସେ ଜଙ୍ଗି ଛୁଟି ପ୍ରତିଶୋଧ ନେଲା । ଜାନୁକେଲଇଙ୍କ ନାମରେ ଯେତେ ହେପାଜତ କରାଗଲା, ସବୁ ପାଣି ଫାଟିଲା ।

ମୋ ବୋଉ ଏଇ ଗାଆଁର ଝିଅ— ଗୌରବର୍ଣ୍ଣା, ସ୍ୱାସ୍ଥ୍ୟବତୀ; ମାତ୍ର ଏଗାର ବର୍ଷ ବୟସରେ ସେ ପଦ୍ମଲପାଲି ଯାଇଥିଲା ।

ପିଣ୍ଡିକ ମହାପାତ୍ର, ତାଙ୍କ ପୁଅ କୃତ୍ତିବାସ ମହାପାତ୍ର, ତାଙ୍କ ପୁଅ ଯୋଗୀ ମହାପାତ୍ର—ସେ ଆମ ଅଜା । ପିଲା ବଞ୍ଚୁ ନ ଥିବାରୁ କୃତ୍ତିବାସ ମହାପାତ୍ରେ ପୁଅକୁ ଯୋଗୀ କରିଦେଇଥିଲେ । ଯୋଗୀ ଭଗବାନଙ୍କ ଲୋକ, ଯୋଗୀ ଉପରି ଅଭିଶାପକୁ ଯମର ବି ଡ଼ର । ଅଜା ସେଇ ନାମ ଧରି ବଞ୍ଚି ଯାଇଥିଲେ । କିନ୍ତୁ ତାଙ୍କର ଅସଲ ନାମଟି ଲୋପ ପାଇଗଲା, ଯୋଗୀ ନାମଟି ସଂସାରରେ ପ୍ରକଟ ହେଲା ।

ମୋ ହେତୁ ପାଇଲାବେଳକୁ ଅଜା ପାଚିଲା ବୁଢ଼ା, ମୁଣ୍ଡରେ କେବଳ ଏ ଲମ୍ବା ଝୋଟ, ଗାଧୋଇବା ପରେ ପାଣି ଝଡ଼େଇବା ଲାଗି ଅଜା ପଛ ଆଡ଼କୁ ଝୁଙ୍କି ପଡ଼ି ତାକୁ ଗାମୁଛାରେ ଝାଡ଼ୁଥିଲେ । ପାଣିବିନ୍ଦୁର ବାମ୍ଫ ଉପରେ ପଡ଼ୁଥିଲା ଇନ୍ଦ୍ରଧନୁ । କୌତୁକରେ ଦେଖୁଥିଲି । ସେତେବେଳେ ସମସ୍ତେ ଥିଲେ ଚୁଟିଆ, ଆଜିକାଲି ଯେମିତି ସମସ୍ତେ ଲଣ୍ଡା ।

ଅଜା ପୁଅ ଝିଅ ଥିବା ସତ୍ତ୍ୱେ ପ୍ରୌଢ଼ ବୟସରେ ପୁଣି ବାହା ହେଲେ । ଏହା ହିଁ ହେଲା ଘରେ ଯାବତୀୟ ଅଶାନ୍ତିର କାରଣ । ପୁଅ ବାପଠାରୁ ଭିନେ ହେଲେ । ବଡ଼ ଆଈଙ୍କୁ ମୁଁ ଦେଖିନାହିଁ । ସାନ ଆଈ ସାବତ ଶାଶୁ । କଥା ଅଛି—

Digitized by srujanika@gmail.com

ଯାହାକୁ ସ୍ୱାହୁଲ ଭଜନ୍ତି ଶାଶୁ
ଖୀରର ଉପରେ ଖଣ୍ଡ ବରଷୁ ।

କିନ୍ତୁ ଏଠି ଓଲଟା, ଯାହା ପ୍ରାୟ ସବୁଠି ହୋଇଥାଏ । ଫକୀର ମାଇଁ ସଙ୍ଗେ ଯାନ ଆଉର ମୋଟେ ଖଡ଼୍ ନ ଥାଏ । ଗତ ଯାହୁଲମାନେ ଲାଗିଯ ଏ ଠିଆ-ଟାଲ । "ଆଗ ମାଇପକୁ ଚଅଡ଼ ସ୍ୱପଡ଼ ପଛ ମାଇପକୁ ସାବଧାନ" । ପାଣି ଫିଟେଇବାକୁ ଅଜାଙ୍କର ଜୁ କାହିଁ ? ଆଉ ଗଗି ବୁଝି ଅଲଗା ହେଷେଇ କରି ଖାଇଲ । ଅଗଣା ମଝିରେ ପାଚେଞ୍ଚ ପଡ଼ିଲା । ଏ ପଟେ ଶଶୁର, ସେ ପଟେ ଶଳା ! ନନା ମଧ୍ୟସ୍ଥି ହୋଇ ସଦା ସତର୍କ ରହି ଜିନପତ୍ର ବଣ୍ଟାକୁଣ୍ଟା କଲେ । କଥା ଅଛୁ—

ଅମିନ ଜାମିନ ମଧ୍ୟସ୍ଥି
ମନା କରିଛନ୍ତି ଅଗସ୍ତି ।

ଯେତେ ସାବଧାନ ହେଲେ ବ ବଣ୍ଟାକୁଣ୍ଟାରେ କେତେବେଳେ କୋଉପଟ ସରସ ବା ନୀରସ ହୋଇଗଲା । ଏଥିଲାଗି ଅଜା, ମାମୁଁ ଦୁହେଁ ନନାଙ୍କ ଉପରେ ମନ ଊଣା କଲେ । ପ୍ରାୟ ପନ୍ଦର ଦିନ ପରିଶ୍ରମ କରି ନନା ପାରିଶ୍ରମିକ ସ୍ୱରୂପ ମୁଣ୍ଡେଇ ଦେଇ ଆସିଥିଲେ କିଛି ଅପବାଦ । ମାମୁଁ ଭଲଲୋକୀ ବାବତକୁ କିଛି ଦେବେ ବୋଲି ଯାଚିଥିଲେ । ନନା ବଞ୍ଚିଥିବା ଭିତରେ ପାଇଲେ ନାହିଁ । ବୋଉ ହୁସେଇ ଉସେଇ ମାମୁଁଙ୍କ ଶେଷ ଜୀବନରେ ଅଦାୟ କରି ଆଣିଲା ଗୋଟିଏ ତେଲରେ ଯାଚିଥିବା ପଣସ କାଠର ସନ୍ଦୁକ, ଯାହା ମାମୁଁଘରର ସ୍ମୃତି ହୋଇଅଛି, ଜନଗହଳ ଯୁଗରେ ଚଉଖୁଣ୍ଟିଆ ଚଢ଼ୁଥିବା ଚକା ପକାଇଲାପରି ଏବେ ବାଟଘରିଏ ଘର ମାଡ଼ିବସିଛି ।

ଅଜାଙ୍କର ଦୁଇଟି ଝିଅ—ତରୁ, ଶୋଭା । ତରୁ ମୋ ବୋଉ । ମାଉସୀ 'ଶୋଭା' ବେଶୀ ଦିନ ସଂସାରସୁଖ ଭୋଗ କରି ପାରି ନଥିଲା । ସେତେବେଳେ ମାମୁଁଘରକୁ ମାଉସୀ ଆସିଥାଏ, ଗାଆଁରେ ବସନ୍ତ ଠାକୁରାଣୀ ପଶିଲେ, କେହିହେଲେ ଠାକୁରାଣୀ ମୁହଁ କରି ତାଙ୍କୁ ଅଟକେଇ ପାରିଲେ ନାହିଁ । ଗାଆଁରୁ କେତେ ମୁଣ୍ଡ ନେଲାପରେ ଠାକୁରାଣୀ ମାମୁଁ ଘରେ ପଶିଲେ, ମାମୁଁ ଦେହରେ ଖେଳ କଲେ । କେତେ ପଇଡ଼, କବାଟ ପଣା ଉଡ଼ିଗଲା, ଠାକୁରାଣୀ ମଲଣ ପଡ଼ିଲେ ନାହିଁ । ମାମୁଁ ବାଉଳା ବତୁଳା ହେଲେ, ଫକୀର ମାଇଁ ଉଦ୍ଭଲ ବିକଳ ହୋଇ ମାମୁଁଙ୍କୁ ରକ୍ଷା କରିବା ପାଇଁ ଶୋଇଥିବା ବେଳେ ମାଉସୀଙ୍କୁ ଠାକୁରାଣୀଙ୍କ ନାଆଁରେ ପାଣି ଛଡ଼େଇ ଦେଲେ । ତାପରେ ମାମୁଁ ଝାଡ଼ି ଝଡ଼ି ହୋଇ ବସିଲେ, ମାଉସୀଙ୍କୁ

Digitized by srujanika@gmail.com

ଠାକୁରାଣୀ ସଂସାରରୁ ଘେନି ଗଲେ। ଏମିତି 'ବ୍ରାହ୍ମଣ ଷଡ଼ଙ୍ଗୀ' ଗାଆଁର ମହାନ୍ତିଙ୍କ ସଂସାର ଭାଙ୍ଗିଗଲା। ମାମୁଁଙ୍କ ସଂସାର କିଛି ଦିନ ହସିଉଠିଲା।

ଅଜା ବେଳେ ବେଳେ ଚୁପୁଥିଲେ, ଘରେ ପିଠାପଣା ହେଲା ଦିନ ଆଈଙ୍କ ଟିକିଏ ବେଶୀ କାମ ପଡୁଥିଲା। ସେ ତାଙ୍କ ଉପରେ ଚଡ଼୍ ଚଡ଼୍ ହେଉଥିଲା। ଅଜା କବାଟ କିଳି ଚୁପ୍ କି ଶୋଉଥିଲେ। ଆଈ ଦ୍ୱିତୀୟ ଘରଯା, ତା' ରାଗ ଅଜାଙ୍କ ରାଗକୁ ବଳେ। ସେ ବି ଅଜାଙ୍କୁ ଶୁଣେଇ ଧଡ଼୍ କିନେ କବାଟ କିଳି ଶୋଇପଡ଼େ ବା ଚେଙ୍କଁ ଶୁଏ। ରାତି ଅଧିକ୍ ବେଳ ହେଲେ ଅଜାଙ୍କ ରାଗ ମରିଯାଏ। ସେ ଉଠି ଆଈଙ୍କୁ ଡାକନ୍ତି—ଅଲେ ହେ, ପିଲାଏ ଉପାସରେ ଶୋଇଲେଣି। ତାଙ୍କୁ ଉଠାଇ ଖୁଆ। ତା ମାନେ—ତାଙ୍କ ସାଙ୍ଗେ ମତେ ବି ଆଦର କରି ଖୁଆ।

ଆଈ ତ ଏ ଲୁମର ଜାଣେ। ସବୁ ଶୁଣି ନ ଶୁଣିଲା ପରି ରହେ। ପାହାନ୍ତିଆ ପହରକୁ ଉଠି ସମସ୍ତେ ଖା'ନ୍ତି। କୋପ ଶାନ୍ତ ହେଲାପରେ ଅଜା ଭୁଷିବାର ଅସଲ ଲୁମରଟି ଫିଟାନ୍ତି। ପିଠା ତ ହେଲା, ମତେ ଦି'ଖଣ୍ଡ ସନ୍ଧ୍ୟାବେଳେ ଦେଇଥାନ୍ତ, ମୁଁ ପାଟି ସୁଆଦ କରିଥାନ୍ତି, ପୁଣି ରାତିରେ ଯେମିତି ଖାଇବାର ଖାଇଥାଆନ୍ତି। ଏ କଥା ଶୁଣି ଆଈ ଯାହା ଶୁଣାଏ, ତାହା ଗୋଟାଏ ପୁରାଣ, ଅଷ୍ଟାଦଶ ପୁରାଣର ବହିର୍ଭୁତ। ରାତି ପାହେ, ପୁରାଣ ବୋଲା ସରେନି, ପୁରାଣ ଶୁଣାର ଫଳଶ୍ରୁତି ଯାହା ମିଳେ— ତାହା ଅଜାଙ୍କ ଲାଗି ଅକ୍ଷୟ ନରକର ବ୍ୟବସ୍ଥା। ସାନ ଆଈଙ୍କ ଆଉ ଅଜାଙ୍କର ଦୁଇଟି ପୁଅ ହୋଇଥିଲେ। ସେମାନଙ୍କ ମୁଣ୍ଡକୁ ହାତ ନ ପାଉଣୁ ଅଜା ବାଟ କାଟିଲେ, ତାଙ୍କ ପଛେ ପଛେ ଗଲେ ଆଈ, ତାଙ୍କ ପିଣ୍ଡୁ ଧରି ସଂସାର ଛୁଡ଼ିଲା ଜୁଆନ୍ ଭେଣ୍ଡା ନାଦ ମାମୁଁ, ତାଙ୍କ ପଛେ ପଛେ ଓଲା କାବଡ଼ା, ସାନ ବୀରମାମୁଁ, ମଝି କାନ୍ଥ ବାଡ଼ୁଆ ହେଲା, ଖଳାବାଡ଼ ମଝିରୁ କଣିବାଡ଼ ଉଠିଲା। ଦୁଇ ଧାନଗଦା ମିଶି ହେଲା ଗୋଟିଏ, ଦୁଇ କୁଟାଗଦା ମିଶି ହେଲା ଗୋଟିଏ, ସେ ବର୍ଷ ଗୋଟିଏ ନଡ଼ାଗଦା ମରା ହେଲା। ହବୃଚକ ବଳଦ ଗାଈ ଗୋଟିଏ ଗୁହାଳରେ ବନ୍ଧା ହେଲେ। ମାମୁଁ ହେଲେ ସମସ୍ତ ସମ୍ପତ୍ତିର ମାଲିକ। ହେଲେ ସେ ଅଇଶ୍ୱର୍ଯ୍ୟ ଭୋଗ କରିବା ଲାଗି ଫକୀର ମାମୁଁର ଆୟୁର୍ବଳ ନ ଥିଲା। ଯୋଡ଼ ବସନ୍ତ ମା' ଶୋଭା ମାଉସୀଙ୍କ ନେଇଥିଲେ, ସେ ତାଙ୍କୁ ବି ଘେନିଗଲେ; ମାମୁଁଙ୍କ ସଂସାର ଭାଙ୍ଗିଯାଇଥାନ୍ତା; କିନ୍ତୁ ପୁଅ ନୀଳମଣି ପାରିଯାଇଥିଲା, ଅଳ୍ପ ଦିନ ପରେ ବୋହୂ ଆସିଲା।

ମାମୁଁ ଧ୍ରୁବ ମହାପାତ୍ର, ସ୍ୱାସ୍ଥ୍ୟବାନ୍, ସୁପୁରୁଷ। ମୁଦଗର ପରି ତାଙ୍କର ବାହା, ମୁଣ୍ଡରେ ଗୋଛାଏ ଚୁଟି, ପଡ଼ପଡ଼ି ପରି ପାଟି। ପଣେ ହୁକାସ୍ୱାଦର

Digitized by srujanika@gmail.com

ମକଦ୍ଦମ ବୋଲି ତାଙ୍କର ଭାରି ଠାଣି ଥିଲା । ଘରେ ଧନ ଗୁଣ୍ଡା କୋଠିଆ; ଜମି ବାଡ଼ିକୁ ବେଶୀ ହେବ । ପଣସ ତୋଟା, ଆମ୍ବ ତୋଟା, ପୋଲଙ୍ଗ ତୋଟା, ବାଉଁଶ ବଣ, ନଡ଼ିଆ ଗୋରଡ଼ି ଆଉ ନଈକୂଳିଆ କଦଳୀବାଡ଼ିରୁ ଯଥେଷ୍ଟ ଆୟ ହେଉଥିଲେ ବି ସେ କୋଡ଼ମଇ ପେଟକୁ କିଛି ଅଣ୍ଟୁ ନ ଥିଲା । ଯୌବନ କାଳରେ ସେ ଗୋଟିଏ ଚୂଡ଼ାଘଷା, ଆଠିକାଏ ଗହମ ଖିରି, ଧନକଂସା କଦଳୀ ଚକଟା, ପଥୁରିଏ ଆମ୍ବୁଲ ରାଇ ଖାଇ ଅକ୍ଲେଶରେ ପାର କରିଦେଉଥିଲେ ।

ଓଡ଼ିଶୀ ଗାଆଣ ହିସାବରେ ତାଙ୍କ ନାଆଁ ଡାକ । ଭାଙ୍ଗ ଓ ଭୂରିଭୋଜନ ପରେ ସେ ସଙ୍ଗୀତରେ ବସିଯାଉଥିଲେ । ତାଙ୍କ ପରି ଗାୟକକୁ ମୋ ନନାଙ୍କ ପରି ବାଦ୍ୟକ । ବଡ଼ ସାହାଯାଉଥିଲା; କିନ୍ତୁ ସଙ୍ଗୀତ ସରୁ ନ ଥିଲା—

"ଆଜ କେ·· ଲି କଉତୁକୀ ଶ୍ରୀରୁମୁଁରେ
ମୋର ମା...ଳୁଣି ଏଡ଼କ······ ।"
"ନିତମ୍ବ ଧୀରେ ଧୀରେ
ଖେଳା ଅଡ଼ ମସ୍ତୁ ଲେ
ବାଜୁ ରତ୍ନ ନିର୍ମିତ କିଂକିଣି କିପଟାରେ······ ।"
"ଲଗି ରହିଲାରେ ··ଆଖି ସଖୀ ଶିଖୀ ଚୂଳରେ ।"
"ମଲ୍ଲୀମାଳ ଶ୍ୟା·· ମ · କୁ ଦେବ
ଚନ୍ଦ୍ର ତୋଳିବ······"
"ନନ୍ଦ ରାଜାର ଟିକି ପିଲାଟି
ଟର ପକାଇଲା ବକାର ପାଟି··· ···"

ଅବଶ୍ୟ ଏଇସବୁ ସଙ୍ଗୀତରେ ଲାଳିତ୍ୟ ବା ମାଧୁର୍ଯ୍ୟ ନ ଥିଲା । ସାରେଗାମା ପାଧାନିଶା, ତାଳ, ମାନ, ଲୟ, କରତାଳ, ମୁଣ୍ଡହଲା, ଟଙ୍କାର ଶ୍ରୋତାମାନଙ୍କୁ ଆବାକାବା କରିଦେଉଥିଲା । ଗାୟକଙ୍କ ଗୀତକୁ ବାଦ୍ୟକର ବାଜା ଗୋଡ଼ାଇ ଧରୁଥିଲା,—ଥଲାଙ୍ଗ ତାକ ଧିନା ତାକ ଦୋଧି ଧିନା ଧା, ତାକ ଦୋଧି ଧିନା ଧା । ଚତୁର ଗାୟକ ବାଦ୍ୟକକୁ ଘଣ୍ଟି ହକଡ଼ାର କରିଦେଉଥିଲା । ଗାଆଁର ଜାଗା ଘରସବୁ ଓଡ଼ିଶୀ ସଙ୍ଗୀତ ରଙ୍ଗରେ କମ୍ପୁଥିଲା ।

ମାମୁଁ କୁଣିଆଁ ଘର ଗଳାଦନ ଭଲ ବାଦ୍ୟକ ଖୋଜାହୋଇ ଆସୁଥିଲେ । ସଙ୍ଗୀତ ଖୁବ୍ ଜମୁଥିଲା । ସେଇ ସଙ୍ଗୀତ ହିଁ ଦିନେ ତାଙ୍କ ଜୀବନର ମୂଳେଇ ହେଲା । ଭୂରି ଭୋଜନ, ବଡ଼ ଅନିଦ୍ରାକୁ ଗର୍ଜନ ସ୍ୱରରେ ଗୀତ ବୋଲି । ଦିନେ ତାଙ୍କ ପେଟ

Digitized by srujanika@gmail.com

ଫୁଲେଇଲା; ଝାଡ଼ା ପରଶ୍ରା ବନ୍ଦ । ଆଖପାଖରେ କେହି ଡାକ୍ତର ନ ଥିଲେ । ବଇଦ ଡକାହୋଇ ଆସିଲାବେଳକୁ ମାମୁଁଙ୍କ ଆଖିଡୋଳା ଓଲଟି ପଡ଼ିଥିଲା ।

ମାମୁଁ ବଡ଼ ସ୍ନେହୀ ସରଳ ଓ ଅମାୟିକ ଲୋକ ଥିଲେ । ମେଳଣ ଯାତ୍ରାରେ ଦେଖିଲେ ସେ ମୋତେ ପଇସା ଦେଉଥିଲେ । ମୁଁ ସେଥିରେ ଲାଲ୍‌ଖଣ୍ଡିଘୋଡ଼ା କିଣି ଖାଉଥିଲି । ଦବା ମନ ତାଙ୍କର ଥିଲା । କିନ୍ତୁ ତାଙ୍କ ମନକୁ ବୁଦ୍ଧି ଧନ ନ ଥିଲା । ଭାର୍ଗବୀ ନଈର ଯାଇ ଭାଙ୍ଗି ତାଙ୍କ ଭଲ ଭଲ ଜମିରେ ବାଲି ଚରିଯାଇଥିଲା, କୃଷି କର୍ମ କିଛି ନ ଥିଲା । ଜମିବାଡ଼ି ବାରବାଗିଚାରୁ ଯାହା ଆୟ ହେଉଥିଲା ସେଥିରୁ ଅନେକାଂଶ ମାମୁଁ ଚନ୍ଦନ ଯାତ୍ରା, ଲୋକନାଥମେଳା, ସାଗରସ୍ନାନ, ମେଳଣ ଯାତ୍ରା ମଝିଛାରେ ଭାଙ୍ଗ-ଘୋଟା, ଚୁଡ଼ାଘସା, ପାଚିଲା ଗାମୁଛା ଓ ଧୋତି ଲୁଗା ଆଡ଼୍ଡାରେ ଉଡ଼ାଇ ଦେଉଥିଲେ ।

ମାମୁଁଘରର ଅମ୍ବ ତୋଟାଟି ପ୍ରସିଦ୍ଧ ଥିଲା । କଟକଆ ବେପାରୀମାନେ ତାଙ୍କ 'ଗୁଚନ-ବାଢ଼ିଆ,' 'ଗୁଡ଼ପାଣିଆ,' 'ପେସ୍ତୁଆ', 'କଦଳୀଆ' ଅମ୍ବ ଆଗେ କିଣି ନେଉଥିଲେ । ମାମୁଁ ଖୁବ୍ ଯତ୍ନରେ ସେସବୁ ଝୁଡ଼ିରେ ତୋଳି ଶାଳଗ୍ରାମ ପରି ଧୋଇଧାଇ ବାଲିରେ ବସାଉଥିଲେ । ସାବିତ୍ରୀ ଓଷଆଁକୁ ଆମ ଘରକୁ ଅମ୍ବ ପଣସ ଭାର ଆସୁଥିଲା ।

ମାମୁଁ ଘର ଗାଁର ଗଛପତ୍ର, ନଈନାଳ, ଚନ୍ଦ୍ରସୂର୍ଯ୍ୟ ସବୁ ସୁନ୍ଦର ଦିଶୁଥିଲା । ସେ ସବୁ ପ୍ରତି ଗୋଟାଏ ମାୟା ଥିଲା । ମୁଁ ମାମୁଁଘରକୁ ଯାଇ ମାସେ ମାସେ ରହୁଥିଲି —କୋଠ କୁଣିଆ । କେତେବେଳେ ଅଜାଘରେ, କେତେବେଳେ ମାମୁଁଘରେ ବଖତ ପକାଉଥିଲି ।

ଗାଡ଼ିରୁ ଚାଲି ଚାଲି ଗଲେ ଆକାଶେ ଆକାଶେ ସୂର୍ଯ୍ୟ ମୋ ସଙ୍ଗେ ଯାଉଥିଲେ, ଭାବୁଥିଲି – ଗାଁରେ କ'ଣ ସୂର୍ଯ୍ୟ ନ ଥିବେ ? ଅଳ୍ପ ପଡ଼ୁ ନ ଥିବ ? ମାମୁଁଘର ପାଖ ଭାର୍ଗବୀ ନଈ ଭିତରୁ ନଡ଼ିଆ ମାଳକୁ ଜହ୍ନ ଉଠିଆସିଲା ବେଳକୁ ମନ ମୋର ଅପୂର୍ବ ଉଲ୍ଲାସ ଆନନ୍ଦରେ ପୂରି ଉଠୁଥିଲା ।

ଗାଆଁର ପଦ୍ମଫୁଲଭରା 'ମଧୁବନ' ପୋଖରୀରେ ମୁଁ ଗାଧୋଉଥିଲି । କଥା ଅଛି —'ନିଜ ଗାଁ ମଶାଣି, ପର ଗାଁ ପାଣି' । ଏ ହୁସ୍ତାନ୍ତ ପୋଖରୀଟା ପ୍ରତି ମୋର ଗୋଟାଏ ଅଜଣା ଭୟ ଥିଲା । ପଦ୍ମବନରେ ନାଗ ଥିବେ, ପହରିଲେ ପାଦ ଛନ୍ଦି ହୋଇଯିବାର ଶଙ୍କା । ତଥାପି ଏ ପୋଖରୀ ପ୍ରତି ଏକ ଆକର୍ଷଣ ଥିଲା । ପଦ୍ମପାଖୁଡ଼ା ଝଡ଼ି କୂଳକୁ ଭାସି ଆସୁଥିଲା । ପଦ୍ମ ପଦ୍ମ ହଂସବାଳି, ଗେଣ୍ଡାଳିଆ ଚକଚକ ଦେଇ ଉଡ଼ିଲାବେଳେ ଗୀତ ପଦଟିଏ ମନରେ ଅଙ୍କୁରି ଉଠୁଥିଲା—

Digitized by srujanika@gmail.com

ଉଡ଼ିଗଲା ଗେଣ୍ଡାଳିଆ ପଡ଼ିଗଲା ଗୁଡ଼
ଆସୁଛନ୍ତି ଗଜାମୁଗ ଖଞ୍ଜଣି ବଜାଇ ।

ଦୁର୍ଗାଷ୍ଟମୀକୁ ବେହେରା ଠାକୁରାଣୀଙ୍କ ପାଖେ ବୋଦା ପଡ଼ୁଥିଲା, ଯନ୍ତ୍ରାଜ ହେଉଥିଲା । ସକାଳୁ ମାଉଁସ ଉଅଣ ଘେନି ମୁଁ ଘରକୁ ଆସୁଥିଲି । ଏଣିକି ତେଣିକି ଭୁହି ସେଥିରୁ କିଛି ପାଣିରେ ପକେଇ ଦେଉଥିଲି । କିଏ ସେବାଟେ ଗଲେ 'ଦେଖିଲକି', 'ନନାଙ୍କ ଆଗେ କହିଦେବ କି' ଭାବି ଭାବି ଛାତି ଭୟରେ ଥରି ଉଠୁଥିଲା ।

ମାମୁଁଙ୍କ ପଥର ପିଣ୍ଡା ଖୁବ୍ ଉଚ୍ଚ, ବଡ଼ଖାନ୍ଦାନର ପରିଚୟ ଦେଉଥିଲା । ତାଙ୍କ ବାଡ଼ିଆଡ଼େ ଗୋଟାଏ ପଙ୍କୁଆ ପୋଖରୀ, ବିଲତି ଦଳରେ ଭରି ଥିଲା । ସେଠି ବାସନ ମଜାମଜି ହେଉଥିଲା । ଗୋଟାଏ ତାଳଗଛ କୂଳରୁ ପୋଖରୀ ମଝିଯାଏ ଶୋଇଥିଲା । ତା' ଉପରେ ଚଢ଼ି ଆମେ ପୋଖରୀ ମଝିଯାଏ ଚାଲିଯାଉଥିଲୁ; ପାଦରେ ପାଣି ଲାଗୁ ନଥିଲା । ନୂଆ ବର୍ଷା ପାଣି ପୋଖରୀରେ ପଶିଲେ ମୁଣ୍ଡି ସେଉଳ, ରଢା, ମାଗୁର, କଉ, ସିଙ୍ଗି ଧାଡ଼ିବାନ୍ଧି ଉଠନ୍ତି; ମାମୁଁ ଟୋକେଇଏ ଟୋକେଇଏ ଉଠାମାଛ ଧରିଆଣି ହଣ୍ଡାହାଣ୍ଡିରେ ଜିଆଁଇ ରଖିବାର ମୁଁ ଦେଖିଛି ।

ବୋଉ ମାମୁଁଘରକୁ ଯାଇ ବେଳେ ବେଳେ ଖାଲି ହାତରେ ଫେରୁଥିଲା । ଦୂରରୁ ତା'ର ବୁଜୁଲା ଦେଖି କ'ଣ ଆଣିଛୁ ବୋଲି ଆମେ ଧାଇଁ ଯାଉଥିଲୁ । ହାସ୍ୟରେ କପାଳ, ଦେଖିଲ ବେଳକୁ ନଈବାଲି ! ଭଜା ଭଜି କରିବା ଲାଗି ବଡ଼ ନଈରୁ ବୋଉ ବାଲି ଆଣିଚ, ତାକୁ ବୋହି ନ ପାରି ଧକଉଚି ।

ଭାର୍ଗବୀ ଏଇ ଗାଆଁର ନଈ, ତାକୁ ବଡ଼ନଈ ବୋଲି ଆମେ କହୁଁ, 'ପିମ୍ପୁଡ଼ି କି ଗୋରୁମୂତ ପହଁରିଏ' ପରି ଆଉ କୋଉ ମୁଲକ ଦେଖି ନ ଥିବା ଲୋକକୁ ଏ ବଡ଼ —ଖରାଦିନେ ମରୁଭୂମି— ବର୍ଷାଦିନେ ପ୍ରଳୟରୂପୀ; ଡଙ୍ଗାରେ ବସି ପାରିହେଲା ବେଳେ ପଟ୍ଟାରମାନେ ହରିବୋଲ, ହୁଳହୁଳି ପକାନ୍ତି, ସେତେବେଳେ "ଏକା ନଈ ସହସ୍ର କୋଶ" । ବସ୍‌ରେ ଅସ୍ତ୍ରସରେ ବସି ଆଖି ପିଛୁଳାକେ ପୋଲ ପାରି ହେଉଥିବା ଲୋକ ଆଜି ସେ ଦୁଃଖ ବୁଝିପାରିବ ନାହିଁ ।

Digitized by srujanika@gmail.com

ନନା

"ଉଚ୍ଚଶିକ୍ଷା ତାଙ୍କର ନ ଥିଲା, କିନ୍ତୁ ବହୁତ ଉଚ୍ଚ ଥିଲେ ସେ, ଗଣି ଭିତରେ ପହିଲେ ଗଣ୍ୟ, ମାନ୍ୟଙ୍କ ଭିତରେ ଏକାନ୍ତ ମାନ୍ୟ ।"

"ଘରେ ପଢ଼ି ପଢ଼ି ସେ ପଣ୍ଡିତ ହୋଇଥିଲେ; କିନ୍ତୁ ଅହଙ୍କାର ତାଙ୍କ ଅନ୍ତରକୁ ଛୁଇଁ କରି ନ ଥିଲା ।"

"ତାଙ୍କ ଆତ୍ମ ପ୍ରଶଂସା ଶୁଣିଛୁ, "ଏଠି ବସିଛନ୍ତି କବିରାଜ" ବୋଲି ବହୁ ଜନମେଳାରେ ଜଣେ ପାଠୁଆ କହିଦେବାରେ ତାଙ୍କ ଗ୍ରୀବ ଫୁଲି କୁଣ୍ଢେମୋଟ ହୋଇଯାଇଥିଲା । ଆତ୍ମପ୍ରଶଂସା କବିର, ସାହିତ୍ୟିକର ଦୁର୍ବଳତା; ତାହା ତାଙ୍କର ଥିଲା ।" "ଦୈହିକ ଓ ମାନସିକ ଶକ୍ତି, କୃଷି ଓ କୃଷ୍ଟି ଉଭୟର ସମନ୍ୱୟ ଥିଲେ ସେ । ସେ ଥିଲେ ଏକାଧାରରେ ଲୋକଶିକ୍ଷକ ଓ କବି ।"

"ତାଙ୍କର ଅନ୍ୟମାନଙ୍କ ପରି ଥିଲା ବହୁ ଅଭାବ, ବହୁ ଦୁଃଖ । କିନ୍ତୁ ପଦାକୁ ଜାଣିବାର କିଛି ଉପାୟ ନ ଥିଲା, ସେ ଥିଲେ ଚିର ହସହସ ।"

ମୋ ନନା(ବାପା) ଙ୍କ ନାଆଁ ଚନ୍ଦ୍ରାମଣି ଦାଶ, ଓରଫ ମାଗୁଣି ଦାଶ । ସାଧାରଣରେ ତାଙ୍କର ପ୍ରିୟ ନାମ ଥିଲା ଢେଙ୍ଗା ମାଗୁଣି ଦାଶ । ସୁନା ମାଆ (ନନାଙ୍କ ବୋଉ)—ଯେ କହୁଥିଲା...ଆଗେ ଧାନଗଛରେ କୁଆଡେ ଖଇଲ ଫଳୁ ଥିଲା, କପା ଗଛରେ ଫୁଟୁଥିଲା ତୁଳା ନୁହେଁ, ଲୁଗା, ମଣିଷଙ୍କ ପାପରୁ କୁଆଡ଼େ ସେ ସବୁ ବନ୍ଦ ହୋଇଗଲା, ଯେ ମୋ ଦୁଷ୍ଟାମି ଦେଖିଲେ ଧମକାଇ କହୁଥିଲା - ସେ ନାହାକ (ମାଟିବଂଶ ଅବଧାନ) କୁଆଡ଼େ ଗଲା ? ନନାଙ୍କୁ ସେ 'ମାଗା' ବୋଲି ଡାକୁଥିଲା ।

ମୋ ନନା ଢେଙ୍ଗାରେ ସାତ ଫୁଟ ଉଚ୍ଚ ଥିଲେ । ମେଳଣ ଯାତ୍ରାରେ, ହାଟ ବଜାରରେ ତାଙ୍କ ମୁଣ୍ଡ ହାତେ ଉପରକୁ ଉଠି ଦିଶୁଥିଲା । ନହୁନହୁକା ବେତ ନୁହନ୍ତି, ଭାରି ପଣଢଆ ଚଉଖୁଣ୍ଟିଆ ମଣିଷ ଥିଲେ ସେ, ଶାଳଗଣ୍ଡି ପରି ଜଙ୍ଘା ଓ

Digitized by srujanika@gmail.com

ସିଧା । ହାତୀ ପରି ଦେହରେ ବଳ । ଜେଗା ଘର (ଅ.ଖେଡ଼ା ଘର, ପଞ୍ଚାୟତ ଘର) ଦୁଆର ବଉଳମାଳ ପଥର ପାହାଚ, ଯାହାକୁ ପାଞ୍ଚଜଣ ମରଦ ଝୁଙ୍କାଇ ପାରୁ ନ ଥିଲେ, ସେ ତାକୁ ଦୁଇ ହାତରେ ଟେକି ଛିଡ଼ା କରି ଦେଇଥିଲେ । ମହାବୀର ଠାକୁରଙ୍କ ଓଜନଦାର ଶିଶୁକାଠର ମୁଦ୍‌ଗର ଅନାୟାସରେ ବୁଲାଇବାରେ ତାଙ୍କ ଦୈହିକ ଶକ୍ତି ପ୍ରକାଶ ପାଉଥିଲା ।

ସେତେବେଳର ନୀତି—ଜୋର ଯା'ର ମୁଲକ ତା'ର । ବ୍ରିଟିଶକେଶରୀ ସିଂହାସନରେ ବସିଥିଲେ ବି ମଫସଲରେ ଶିଆଳମାନଙ୍କ ରାଜତ୍ୱ ଚାଲିଥିଲା । କଡ଼ା ଭାବରେ ସରକାରୀ ଆଇନ ଜାରି ହୋଇପାରୁ ନ ଥିଲା । ଗୋଟିଏ ଗ୍ରାମର ଲୋକେ ବଳୁଆ ବା ଝେଙ୍କୁଆଡ଼ ହେଲେ ଅନ୍ୟ ଦୁର୍ବଳ ଗ୍ରାମର ଜମିବାଡ଼ି ଜବରଦସ୍ତ ଦଖଲ କରି ଯାଉଥିଲେ । ନ୍ୟାୟ ଦୁର୍ଲଭ ଓ ବ୍ୟୟବହୁଳ ଥିଲା । ହାକମର ସମ୍ମୁଖୀନ ହେବାକୁ ଭୟ । କାନ କାଟିଲେ ଲୋକଙ୍କ ମୁହଁରୁ ବଚନ ବାହାରୁ ନ ଥିଲା । କୋର୍ଟ କଚେରୀ କି ଧାଁଧପଡ଼ ବିରଳ ଥିଲା । ଠେଙ୍ଗା ଥିଲା ସର୍ବାର୍ଥସାଧିକା ।

ଗଡ଼ପଦାନପୁରର ଖଣ୍ଡାଇତମାନେ କେବେ ଗଜପତି ମହାରାଜାଙ୍କର ଚତୁରଙ୍ଗ ବାହିନୀରେ ଥିଲେ । କିନ୍ତୁ ଏବେ 'ଓଲଟା ସିଂହ' 'ପାଲଟା ସିଂହ' ମାନେ ଖଣ୍ଡା ଗୁଞ୍ଜି ଧରିଥିଲେ ଲଙ୍ଗଳ, ଭୂମିବୃତ୍ତି ବିଶେଷ ନ ଥିଲା । ତେଣୁ କିଛି, ତରବାରି ଧରି ବେଳେବେଳେ ଅଭିଯାନରେ ବାହାରି ପଡ଼ୁଥିଲେ । ବ୍ରାହ୍ମଣ ଶାସନକୁ ସେମାନେ ହେଇଥିଲେ କଟାଶ ମହାବଳ, ପ୍ରାଣେ ପ୍ରାଣେ ଅତଙ୍କ । ଥରେ ସେମାନେ ଆମ ଗ୍ରାମର ଜମିସବୁ ଦଖଲ କରି ନେବାକୁ ବସିଲେ । ବ୍ରହ୍ମାଣ୍ଡ ଉଠି ଯାଉଛି, ସମ୍ଭାଳି ହୋଇ ରହିପାରିବ କିଏ ? ଆମ ଗାଁ ଲୋକେ ବୃନ୍ଦାବନ ନାଥ ଦାଶଙ୍କ ନେତୃତ୍ୱରେ ଏକଜୁଟ ହୋଇଗଲେ । ଦାଶେ ଆମ ଫଉଜକୁ ଦ୍ରୋଣାଚାର୍ଯ୍ୟଙ୍କ ପରି ଗୋଟିଏ ବ୍ୟୂହରେ ସଜାଇଦେଲେ—ଯେପରି ଆମ ସୈନ୍ୟ ବାହାରକୁ ବହୁତ ଦିଶିବ ।

ସଜାସଜି ପରେ ରେଙ୍ଗୁଆଙ୍କ ସଂଖ୍ୟା ବେଶି ବୋଲି ପଦାନପୁରିଆଙ୍କ ମନରେ ଧାରଣା ଜନ୍ମିଲା, ଭୟ ଉପୁଜିଲା । ନିଷ୍କାରଣ ପ୍ରାଣବଳି ଦାନ ଅପେକ୍ଷା 'ଯଃ ପଲାୟତି ସ ଜୀବତି' ନ୍ୟାୟରେ ସେମାନେ ଯେ ଯୁଆଡ଼େ ପଳାଇଗଲେ । ରେଙ୍ଗୁଆଙ୍କ ପଶ୍ଚାଦ୍‌ଧାବନ ଓ ପ୍ରହାର ଫଳରେ ବହୁ ବ୍ୟକ୍ତି କ୍ଷତବିକ୍ଷତ ହେଲେ । ନନା ଏ ଫଉଜଦାରୀରେ ଅଂଶ ଗ୍ରହଣ କରିଥିଲେ, ଶୁଣିଛି । କିନ୍ତୁ ଆମ ହେତୁ ହେଲା ପରୁଁ ତାଙ୍କୁ କେବେ ଗୁଣ୍ଡି

Digitized by srujanika@gmail.com

ହୁଙ୍କିବା କିମ୍ବା କାହା ଦେହରେ ହାତ ଲଗେଇବାର ଦେଖିନାହୁଁ । ଏକାନ୍ତ ଅହିଂସ୍ର । ବୋଧହୁଏ "ଗୋଠ ମାରିଲେ ଖଣ୍ଡିଆ ମାରେ" ନ୍ୟାୟରେ ଗ୍ରାମ୍ୟ ସଂଗ୍ରାମରେ ସେ ଯୋଗ ଦେଉଥିବେ ।

ସେତେବେଳେ ଗ୍ରାମରେ ତିନିଜଣ ବ୍ୟକ୍ତିଙ୍କର ବିଶେଷ ପ୍ରତିଷ୍ଠା ଥିଲା । ପୀର ମହାନ୍ତିଙ୍କ ନାମ ଯଶ ଓଡ଼ିଶା ଡେଇଁ ସୁଦୂର ବଙ୍ଗ ପ୍ରଦେଶରେ ପହଞ୍ଚିଥିଲା ଓ 'ବାଣୀ' ୧୩୩୩ ସାଲ ମାଘ ସଂଖ୍ୟାରେ ଗାନ୍ଧିଜୀଙ୍କ ସେକ୍ରେଟାରୀ ଡକ୍ଟର ନିର୍ମଳକୁମାର ବୋଷ ବୀରକିଶୋର ମହାନ୍ତିଙ୍କ ବିଷୟରେ ବଙ୍ଗଳାରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ । ସେ ସଂସାରରେ ଅଗ୍ରଗାମୀ, ନାମ ସଂକୀର୍ତ୍ତନର ଘୁଣ୍ଟୁ, କବି, ଶିକ୍ଷାବିତ୍, ଅମିର ପରି ମିଷ୍ଟଭାଷ ତାଙ୍କର, ଆକାଶ ପରି ଗୂଢ଼ । ରାମଚନ୍ଦ୍ର ମହାନ୍ତି ତାଙ୍କର ପୁତୁରା ଭକ୍ତିଭାବରେ ଭୋଳ, ଗ୍ରାମେ ଗ୍ରାମେ ବୁଲି ସେ ସୁଧା ବହାଉଥିଲେ । ଅନ୍ୟ ଗ୍ରାମରେ ବିପୁଳ ପୁଷ୍ପୋଦ୍ୟାନର ନିର୍ମାତା ଥିଲେ ସେ ।

ଏହି ଦୁଇଜଣଙ୍କର ମଝିରେ ଥିଲେ ମୋ ନନା, ନାନା ଶାସ୍ତ୍ରରେ ସୁପଣ୍ଡିତ, ସେ ଏହି ଦୁଇ ସଂସ୍କାରକଙ୍କ ପୃଷ୍ଠଭୂମିରେ ରହି ପ୍ରୟୋଜନବେଳେ ଜାତି, ଧର୍ମ, ଓ ସମାଜର ଉଚିତ, ଅନୁଚିତ କିମ୍ବା ସମ୍ପର୍କରେ ଶାସ୍ତ୍ରୋକ୍ତି ଉଦ୍ଧାର କରୁଥିଲେ । ଫଳରେ ନିତାନ୍ତ ମରହଟିଆ, ସଂସ୍କାରବିରୋଧୀଙ୍କ ମୁହଁ ବନ୍ଦ ହୋଇଯାଉଥିଲା । ଦ୍ୱିଗୁଣ ଉତ୍ସାହରେ ସେ ଦୁହେଁ ସଂସ୍କାର କାର୍ଯ୍ୟରେ ଲାଗି ଯାଉଥିଲେ ।

ନନା ଆନୁଷ୍ଠାନିକ ଭାବରେ ପରମାର୍ଥୀ ନ ଥିଲେ, ଅଗ୍ରଗାମୀ ସଂସ୍କାରକ ମଧ୍ୟ ନ ଥିଲେ । ସେ ଥିଲେ ସଂସାରୀ । କିନ୍ତୁ ସଂସାରଚିନ୍ତା କେବେ ତାଙ୍କୁ ଉତ୍ପୀଡ଼ିତ କରୁ ନ ଥିଲା । ଗୀତ ଲେଖିଲାବେଳେ ସେ ସଂସାର କ'ଣ, ନିତ୍ୟ ନୈମିତ୍ତିକ କାର୍ଯ୍ୟ ମଧ୍ୟ ଭୁଲି ଯାଉଥିଲେ । ସେତେବେଳେ ସେ ଭୋଳାନାଥ । ସଂସାରୀ ଭାବରେ ସେ ଲୋଭୀଚକ୍ର ବା ମାୟାବିଜଡ଼ିତ ନ ଥିଲେ । ସେ ଥିଲେ ସଂସ୍କାର କାର୍ଯ୍ୟରେ ଦୁଇ ମହାନ୍ତିଙ୍କର ସହଯୋଗୀ । ବ୍ରାହ୍ମଣଶାସନର ସହଯୋଗ ବିନା ରକ୍ଷଣଶୀଳ ଗ୍ରାମରେ ସଂସ୍କାର ଆଣିବା ଦୁରୂହ ଥିଲା । କିନ୍ତୁ ନନା କେବେ 'ବ୍ରାହ୍ମଣ୍ୟ କର୍ମନିଷ୍ଠାକାଣ୍ଡର ପ୍ରତ୍ୟକ୍ଷ ବିରୋଧ କରି ନ ଥିଲେ, ନା କହିଥିଲେ ତାଙ୍କୁ ହୁଏତ ସମାଜ ଏକଘରକିଆ କରିଥାନ୍ତା ।

ବ୍ରାହ୍ମଣ ସମାଜ ଅପେକ୍ଷା ବ୍ରାହ୍ମଣେତର ସମାଜ ସହିତ ତାଙ୍କର ସହଯୋଗ ନିବିଡ଼ତର ଥିଲା । ମୁଦୁଲି ସାହିରେ ସେ 'ପୁନିଅ ପାଳି' ପ୍ରବର୍ତ୍ତନ କରିଥିଲେ । ପ୍ରତି ପୂର୍ଣ୍ଣିମା ଦିନ ଠାକୁର ଘରେ ଭୋଜି । ନନା ରାନ୍ଧୁଥିଲେ, ବେଳେବେଳେ ମୋ

Digitized by srujanika@gmail.com

ଉପରେ ସେ ଭାର ପଡ଼ୁଥିଲା । ପୁରୀଜିଲ୍ଲାର ଖେଳଯାତ୍ରାମାନଙ୍କରେ ସେ ପାଠୁଆ ଯାତ ପ୍ରବର୍ତ୍ତନ କରିଥିଲେ । ଛୁଆଁ ଅଛୁଆଁ ଭେଦ ସେ ମାନୁ ନ ଥିଲେ । ବିଦ୍ୟା ଓ ଧର୍ମ ପ୍ରତି ଦୃଷ୍ଟି ଆକୃଷ୍ଟ ହେବାରେ ଖେଳଯାତ୍ରାର ମଦ୍ୟପ ସଂଖ୍ୟା ଊଣା ହୋଇଯାଇଥିଲା । ପଇସାଟିଏ ବା ଧାନ ଗଣ୍ଡିଏ ମୂଲ ପାଇଲେ ବାଉରିମାନେ ଆଗେ ଖଜୁରି ତାଡ଼ି ପିଇଦେଉଥିଲେ, ଆମ ଗାଆଁ ସଡ଼କ ଧାରେ ଧାରେ ବହୁ ଖଜୁରିଗଛ ଥିଲା, ପ୍ରତ୍ୟେକର ଅଗ୍ରଭାଗରେ ଝୁଲୁଥିଲା ଗୋଟାଏ ଲେଖାଏଁ ମାଠିଆ । ସିଅଳ ବଡ଼ି ଭୋରରୁ ସେ ସବୁ ମାଠିଆ ଖୋଲି କରି ପୁଣି ବସାଇ ଦେଉଥିଲା । ଫେଣ ନିଜ ଗଜ ତାଡ଼ି କୋତମାନ ଯେନ ସିଅଳ ଶାସନରୁ ଦୂରବର୍ତ୍ତୀ ଜାଗାରେ ବସୁଥିଲା ।

ସଙ୍ଗୀତ, ମୁଖ୍ୟତଃ ଓଡ଼ିଶୀ ସଙ୍ଗୀତର ସୁପ୍ରତିଷ୍ଠିତ ବାଦକ ଥିଲେ ନନା । ସେପରି ଗାୟକ ମୁଟିଲେ ଢେଙ୍କା ମାରୁଣି ଦାଦେଣ ବଜାନ୍ତି । ପଖଉଜରେ ଖଇ ଫୁଟେ, ସଙ୍ଗୀତ ଜମେ, ଲୋକେ ଜମନ୍ତି । ଯେତେ ସଙ୍ଗୀତଜ୍ଞ ହେଲେ ବି ତାଳରେ ତାଙ୍କୁ କେହି ହରାଇ ପାରୁ ନ ଥିଲା । କୃଷିକ୍ଷେତ୍ରରେ ସେ ଥିଲେ ପୂରା କୃଷକ । ପାଗଯୋଗ ତାଙ୍କୁ ଭଲ ଜଣା ଥିଲା । ମେଘ ଉଠାଇଲେ ବର୍ଷା ହେବ କି ନ ହେବ ସେ କହିପାରୁ ଥିଲେ । ଉତ୍କଳ ପ୍ରତି ଗଭୀର ପ୍ରୀତି; ପାଠୁଆ ଓ ଚଇତି ଘୋଡ଼ା ଗୀତରେ ତାହା ଫୁଟୁଥିଲା ।

କାଙ୍କ ଧଇଲେ ସେ ଏକାଦିକ୍ରମେ ଘୁଣ୍ଟେ ବିଲ ପାଣି ଦେଇ ଯାଉଥିଲେ । ସେହିପରି ଭେଣା ଧଇଲେ ସହଯୋଗୀ ପାଣିବୁହାଳୀକୁ ଦମ୍ଭେ ମଜାଲ ହେଉଥିଲା । କଟି, କୋଡ଼ମାଟିଆ କଲେ କ୍ଳାନ୍ତରେ କେବେ ସେ ଅଣ୍ଟା ସଳଖି ଛିଡ଼ା ହୋଇଯାଉ ନ ଥିଲେ । କିନ୍ତୁ କେବେ କୁଳଧର୍ମ ବିରୁଦ୍ଧରେ ଯାଇ ଅଣ୍ଟୁ ପକାଇ ବିଲ ବାନ୍ଧୁ ନ ଥିଲେ । ହଳ ଧରିବା ତ କୁଳର ଅବିଧି ।

ଗ୍ରାମରେ ସେ ଅଳୁଚାଷ ପ୍ରବର୍ତ୍ତନ କରିଥିଲେ । ଜହ୍ନି କାକୁଡ଼ିରେ ବାଡ଼ ହସୁଥିଲା, ପିଡ଼ାରେ ମାଡ଼ିଥିଲା କଖାରୁ । ବିଲରେ କଦଳୀ, ବାଇଗଣ; ବ୍ରାହ୍ମଣ ପରମ୍ପରାରେ ପଦାଘାତ କରି ସେ ସାରୁ କିଆରିମାନ କରୁଥିଲେ । ତାଙ୍କ ପରିଶ୍ରମ ଫଳରେ ଆମ ଜମି-ଗୁଡ଼ିକ ସମତଳ ଥିଲା, ଢାଳୁ, ଢିପ, ପିଢ଼ାଣିଆ ବା କଇଁଚପିଠିଆ ନ ଥିଲା । କିଆରିଯାକ ସବୁଆଡ଼େ ସମାନ ପାଣି ରହୁଥିଲା ।

ମୁଠିବୁହା ଦିନୁ କ୍ଷେତ ଚଢ଼ିବା ପର୍ଯ୍ୟନ୍ତ ଜମିବାଡ଼ିରେ ବୁଲି ଦେଖିବା ତାଙ୍କର ଏକ ନିତ୍ୟନୈମିତ୍ତିକ କର୍ମ ଥିଲା । ଗଜା ହେଲାଦିନୁଁ ବୁଆ ହେବା, ବେଉସଣ, ବଗ୍ର

Digitized by srujanika@gmail.com

ହେବା, ଧାନ କଲା ବୁଲି ଆସିବା, ଥୋଡ଼ ହେବା, ବାହାର ମଥାନ ହେବା ପର୍ଯ୍ୟନ୍ତ ଧାନ ବୁଦା ଢଳେ ଢଳେ ବଢ଼ିବାର ଶ୍ରୀ ସେ ସସ୍ନେହ ଓ ଆନନ୍ଦ ଦୃଷ୍ଟିରେ ଉପଭୋଗ କରନ୍ତି । ପାହୁପଡ଼ିଆ ହେଲେ, ଗଜା ମରୁଡ଼ି ହେଲେ, ବିଲରେ ଗନ୍ଧ ପଡ଼ିଲେ, ରେଗେଡ଼ା ଉଠିଲେ, ହଳଦିଆଳୁଣ୍ଡି ପୋକ ଲାଗିଲେ, ଗଣ୍ଡୁକ କାଟିଲେ, କାହାଲି ମାରିଲେ, ଖର ମାଡ଼ିଲେ, ଧାନ କ୍ଷୀର ଢୋକିଲାବେଳେ ଝିଣ୍ଟିକା ଚପିଲେ, ଧାନ ପରୁଷ ପଡ଼ିଲେ ସେ ଉପଯୁକ୍ତ ପ୍ରତିକାର କରନ୍ତି । ହିଡ଼ ମୁଣ୍ଡାରେ ଭୁସା ପଡ଼ି ପାଣି ବୋହିଯାଉଥିଲେ, ସେ ଗଳିଆ ବୁଜନ୍ତି । କଅଁଶମାନଅ ବିଲରେ ପଶୁବେଳେ ପାଣି ଦେଖନ୍ତି ।

'ଅନ୍ନ ବହୁଜନ ହଂଯ ହାନ' — ଏ ତତ୍ତ୍ୱ ସେ ମର୍ମେ ମର୍ମେ ବୁଝିଥିଲେ । ରାଜାଙ୍କର ଫୁଲପଟି ପଟ୍ଟ ପଡ଼ିଆ ହୁଏ, ନନାଙ୍କ ଚାଲିଚୁଲି ବନ୍ଦ ହୁଏନାହିଁ । ରାତି ଘଡ଼ିକରୁ ଉଠି ଗାମୁଛା ଖଣ୍ଡିଏ ପିନ୍ଧି କମ୍ବଳଖଣ୍ଡି କାନ୍ଧରେ ପକାଇ ହାତବାଡ଼ି ଖଣ୍ଡିକ ଧରି ଏ ଗହୀରରୁ ସେ ଗହୀର ବୁଲୁଥାନ୍ତି । ସବୁ ଫସଲ କ୍ଷେତ ଉପରେ ତାଙ୍କ ଥରେ ଆଖି ପଡ଼ିବାର କଥା । କୋଉଠି ହିଡ଼ ଭାଙ୍ଗିଛି, ଗୋଦା ମେଲ ହୋଇଛି, ଗୋରୁ ଖାଉଛନ୍ତି, କାହା ବିଲରେ ଗଉଣ, ଫୁଟି ଫୁଟିକିଆ ମାଡ଼ି ଯାଉଛି, ଏ ସମ୍ବାଦ ସବୁଲେ ତାଙ୍କଠାରୁ ମିଳେ ।

ଏବେ ପିଲ୍ଲିଆ ପଢ଼ି ଔଷଧ ଛୁଞ୍ଚି ଦେଇ ଫସଲ ଉଠୁଚି ସତ, କିନ୍ତୁ ସେତେବେଳେ ଦୈହିକ ଶ୍ରମରେ ଯଣ୍ଡୁଅଣି ବ୍ୟସ୍ତ ହେଉଥିଲ । ବିଲ ବୋଲ ମାନୁଥିଲ; ଯେତିକି ଡାକୁଥିଲେ ସେତିକି ଫଳୁଥିଲ । ଯାଏ ଜମିରେ କେତେଟା ହଳ ହେବ, କେତେ ନଡ଼ା ହେବ, ତାର ସୁମାର ଥିଲା, ଅଣେ ଅଧେ ଜମିରେ ଆମ ଖଳାବାଡ଼ିରେ ଯେତିକି ଦୁଇଟା ଗଦା (ଗୋଟିଏ ମୂଳବାଳିଆ, ଅନ୍ୟଟି ଅଗିଆ କଟା) ବସୁଥିଲା, ଏବେ ଦୋଗୁଣ ଜମିରେ ସେତିକି ଗଦା ବସୁଛି କି ନାହିଁ ସନ୍ଦେହ । ଖଳାଯାକ ଲକ୍ଷ୍ମୀପାଦ ଚିତା, ମେଢ଼ି ମୂଳରେ, ଧାନଗଦାମାନଙ୍କରେ ମାଆ ଲକ୍ଷ୍ମୀ ବସା ବାନ୍ଧି ରହୁଥିଲେ । ନନା ଶୀତଦିନ-ଯାକ ଦୋପହରେ ଯେଇ ଖଳାବାଡ଼ିରେ ଖରାରେ ମଶିଣା ଖଣ୍ଡିଏ ପକାଇ ଶୋଉଥିଲେ । ଲୁଣ୍ଡୁ ଚକଟା ନଡ଼ିଆ ଫଳ, ତାଙ୍କ ଉପରେ ଗୋଟିଏ ଗୋଟିଏ ଝୁଡ଼ୁଥିଲ । କାଠହଣା ଚଢ଼େଇ ଠକ୍ ଠକ୍ କାଠ କାଟୁଥାଏ । ଓଧ ଏ ଗଛରୁ ସେ ଗଛ ଡେଇଁଯାନ୍ତି । ଯୋଖିଆ ଗୋଧି, ନାଗସାପ କିରଣ ସାପ ଖଳା ଏ ପାଖରୁ ସେ ପାଖ ବଣକୁ ଚାଲିଯାନ୍ତି । ଚନ୍ଦ୍ର ରହିଯାଏ ।

ବଦ୍ୟା ବୋଇଲେ ଅବଧାନଙ୍କ ଚାଟଶାଳୀରେ ତାଙ୍କର ଅକ୍ଷର ପରିଚୟ ମାତ୍ର ହୋଇଥିଲା । ସେ ପାଠକ ଯାଏ ପଣିକିଆ ପଢ଼ିଥିଲେ । ସାଧାରଣ ହିସାବପତ୍ର ଜାଣିଥିଲେ ।

Digitized by srujanika@gmail.com

ଚଉଦ ପନ୍ଦର ବର୍ଷ ବୟସକୁ ତାଙ୍କର ଶାଶୁଘର ହୋଇ ଯାଉଥିଲା । ଏମିତି ଜଣେ କୃଷୀ ବା ସାଧାରଣ ସଂସାରୀ ଗୃହସ୍ଥ ପରି ଚଳୁ ଚଳୁ ବୁଢ଼ା ହୋଇ ଯାଇଥାନ୍ତେ । କିନ୍ତୁ ବିଧିର ବ୍ୟବସ୍ଥା ଭିନ୍ନ । ବୀର ମହାନ୍ତିଙ୍କ ଚୁମ୍ବକ ଦୃଷ୍ଟି ତାଙ୍କ ଗତାନୁଗତିକ ଜୀବନଧାରା ବଦଳାଇ ଦେଲା ।

ଅପି ଓ ପିଟେଇ (ଅପର୍ଣ୍ଣା, ପୀତାମ୍ବରୀ) ଦୁଇ ବିଧବା ଝିଅଙ୍କୁ ପାଠ ପଢ଼ାଇ ସ୍ୱାବଲମ୍ବୀ କରେଇବା ଫଳରେ ତାଙ୍କୁ ୧୮ ବର୍ଷ ଏକଘରକିଆ ହୋଇ ରହିବାକୁ ହୋଇଥିଲା । ନନା ଓ କୃଷ୍ଣ ଭଉଣୀ ସେତେବେଳେ ତାଙ୍କ ସପକ୍ଷ ଥିଲେ । ସେ ତୁଚ୍ଛ ଭୋଜିଭାତ ଦେଇ ସମାଜରେ ମିଶିଲେ, କିନ୍ତୁ ଭୁଲ୍ ସ୍ୱୀକାର କଲେନାହିଁ ।

ବୀର ମହାନ୍ତି ଶିକ୍ଷିତ ନ ହେଲେ କଣ ହେଲେ, ସ୍ୱଭାବତଃ ଜଣେ ଶିକ୍ଷାପ୍ରେମୀ ଓ ଜ୍ଞାନୀ ବ୍ୟକ୍ତି ଥିଲେ । ତାଙ୍କର ଦୁଇଟି କନ୍ୟା ବାଲ ବିଧବା ହୋଇଥିଲେ, ସେମାନଙ୍କୁ ଶିକ୍ଷିତା କରିବାକୁ ସେ ଚାହୁଁଥିଲେ, ବାହାରକୁ ପଠାଇବାକୁ ଘରେ ଧନ ନ ଥିଲା । ତେଣୁ ସେ ଗାଆଁରେ ବାଳିକା ସ୍କୁଲଟିଏ ବସାଇଲେ । କଥା ଇଟାରେ ଗଢ଼ା ହେଲା କାନ୍ଥ, ବସିଲା ଖଜୁରୀ ଖମ୍ବ । କିନ୍ତୁ ଏତେ ଦରମାରେ ଶିକ୍ଷକ ମିଳିବେ କାହୁଁ ? ନନାଙ୍କୁ ପ୍ରବର୍ତ୍ତେଇଲେ । ନନା କହିଲେ—ନିଜେ ତ ଜାଣି ପଢ଼ିନାହିଁ, ପଢ଼େଇବି କଣ ?

ବୀର ମହାନ୍ତି ତାଙ୍କୁ ସ୍କୁଲରେ ବସାଇଲେ । ନନା ଅପଦସ୍ଥ ହେବେ, ଏଇ ଭୟରେ ପାଠ ପଢ଼ିଲେ । ତାଙ୍କ ସ୍ମରଣଶକ୍ତି ପ୍ରଖର ଥିଲା । ଯାହା ପଢ଼ିଲେ ମନେ ରହିଲା । ପଚିଶିକ ପଣିକିଆ ହୋଇଗଲା । ତାପରେ କଡ଼ାଗଣ୍ଡା, ପାହୁଅଣା, ଗୁଣ୍ଠବଣ୍ଡା, ଅକ୍ଷର ଲେଖା, ବହିପଢ଼ା । ବର୍ଷକ ମଧ୍ୟରେ ସ୍କୁଲରେ ପଢ଼େଇବା ଭଳି ଢେର ପାଠ ତାଙ୍କର ହୋଇଗଲା । ଭାଗବତ, ରାମାୟଣ, ମହାଭାରତ, ହରିବଂଶ, ବ୍ରହ୍ମବୈବର୍ତ୍ତ ପୁରାଣ, ନାମରତ୍ନ ଗୀତା, ବେତାଳ ପଞ୍ଚବିଂଶତି ସେ ପଢ଼ିଲେ, ତାପରେ ଉପେନ୍ଦ୍ର, ଅଭିମନ୍ୟୁ, ଦୀନକୃଷ୍ଣ, ଭକ୍ତ-ଚରଣଙ୍କ କାବ୍ୟ ପଢ଼ି ସେ ଭଲଭାବେ ଆୟତ୍ତ କଲେ, ଗୀତାଭିଧାନ, ଅମରକୋଷ ମୁଖସ୍ଥ କଲେ । ବଡ଼ା ଗୁରୁରେ ମେଘଦୂତ, ହଂସଦୂତ, ମହାନାଟକ, ଭଗବଦ୍ ଗୀତା ପ୍ରଭୃତି ସଂସ୍କୃତ ଗ୍ରନ୍ଥ ଅଧ୍ୟୟନ କଲେ । ମୁଁ ଭୁବନେଶ୍ୱରରେ ପଢ଼ୁଥିବାବେଳେ ସେ ଶ୍ରୀହର୍ଷଙ୍କ 'ନୈଷଧୀୟ ଚରିତ' ବୁଝିବା ଲାଗି ଜଣେ ପଣ୍ଡିତଙ୍କ ନିକଟକୁ ଆସିଥିଲେ । ସଙ୍ଗରେ ଉପହାର ସ୍ୱରୂପ ଆଣିଥିଲେ ଦୁଇଗଣ୍ଡା ନଡ଼ିଆ । ଗାଆଁରେ ପାଟୁଆ ବା ପାଲା ମହଲରେ ଗୀତ ସଙ୍ଗେ ଗୀତ ଯୋଡ଼ି ଦେବାକୁ ହେଉଥିଲା । ପ୍ରକୃତରେ ଏହା ପାଲା ବା ପାଟୁଆ ଲଢ଼େଇ ନାମରେ କବି ଲଢ଼େଇ ହିଁ ଥିଲା । ଅନ୍ୟ କବିମାନଙ୍କ ସହିତ ମୁଣ୍ଡ ପକାଇବା ଲାଗି ନନାଙ୍କ ସଂସ୍କୃତ ପଢ଼ାର ପ୍ରୟୋଜନ ହେଉଥିଲା ।

Digitized by srujanika@gmail.com

ଦେଖୁ ଦେଖୁ ସେ ଝଣ୍ଡମଣ୍ଡଳରେ ହେଲେ ଜଣେ ଜଣାଶୁଣା କବି ଓ ପଣ୍ଡିତ, ବିବାହ, ବ୍ରତର ଫୁଲସଜ୍ଜ ବେଳେ କିମ୍ବା ସୁଧୀଜନମାନଙ୍କ ସହିତ ଆଳାପରେ ତାଙ୍କର ବିଦ୍ୟାର ଗମ୍ଭୀରତା ଫୁଟି ଉଠୁଥିଲା । ଅନ୍ୟବେଳେ ସେ ନୀରବ, ଗମ୍ଭୀର, ନିପଟ ଗୃହୀ ନଇଲେ ନିରୁତା ଶିକ୍ଷକ । ପେଟରେ ଏତେ ପାଠ ଅଛି ବୋଲି ଜଣା ପଡ଼ୁ ନ ଥିଲା ।

ପ୍ରକୃତ ପ୍ରତିଷ୍ଠା ତାଙ୍କର ହେଲା କବିତ୍ୱ ଯୋଗୁଁ । ସ୍ୱକବିତ୍ୱଶକ୍ତିଲାଭ ସମ୍ପର୍କରେ ସେ କେତେଜଣ ବିଶ୍ୱସ୍ତ ବନ୍ଧୁଙ୍କୁ କହିଯାଇଛନ୍ତି । ସେ ପ୍ରତି ଗୁରୁବାର ଦିନ ଉପାସ କରି ଦୁର୍ଗାମନ୍ତ୍ର ଜପ କରୁଥିଲେ । ଦିନେ କ୍ଲାନ୍ତ ହୋଇ ସ୍ୱପ୍ନରେ ଦୁର୍ଗା ତାଙ୍କୁ ଦେଖାଦେଲେ, ଇଙ୍ଗିତ ଦେଲେ—କି ବର ମାଗୁଛୁ ମାଗ୍ । କ'ଣ ମାଗିବେ ? ଧନରତ୍ନ, ଘରଦ୍ୱାର ? ସେ ସବୁ ତାଙ୍କ ସ୍ମରଣରେ ଆସିଲା ନାହିଁ । ସେ କେବଳ କହିପକାଇଲେ—'ଗୀତ' । ଗୀତ ଗାଇବେ, ପଢ଼ିବେ ନା ଲେଖିବେ ? ସବୁ ଅସ୍ପଷ୍ଟ ରହିଗଲା ।

ତା'ପରେ ନନାଙ୍କ ନିଦ ଭାଙ୍ଗିଲା, ବୁଦ୍ଧି ନିର୍ମଳତର ବୋଧ ହେଲା । ପୃଥିବୀ ସୁନ୍ଦରତର ଦିଶିଲା । ସୃଷ୍ଟିର ବେଦନାରେ ପ୍ରାଣ ଯେତେ କି ଉତ୍ପୀଡ଼ିତ ହେବାକୁ ଲାଗିଲା, କି ପ୍ରେରଣା, କି ଆବେଗ, କି ଉଚ୍ଛ୍ୱାସ ! କି ସୁନ୍ଦର ଉନ୍ମାଦନା, ତାନ ଓ ଭାବତରଙ୍ଗର ଉଦ୍ଦୀପନା । ଯେତେ ଯେପରି ପ୍ରାଣରେ ଗୋଟାଏ ପୂରନ୍ତା ନଈ ବୋହିଯିବା ଲାଗି ବାଟ ଖୋଜୁଛି । ସେ ଲୁହା ଲେଖନୀ ଧରିଲେ, ତାଳପତ୍ରରେ କୃତଜ୍ଞତାରେ ଦୁର୍ଗାଙ୍କ ନାମ ହିଁ ଲେଖିଗଲେ, ଲକ୍ଷେଥର ।

କବିତ୍ୱର ସ୍ଫୁରଣ ବଡ଼ ଅଦ୍ଭୁତ । ସେ କେତେବେଳେ ଆନନ୍ଦରେ ଅଭିଭୂତ, ଦୁଃଖରେ ଉଦ୍‌ବେଳିତ, ସୃଷ୍ଟିର ତାଡ଼ନାରେ ଅଧୀର ହୋଇ ଗୃହ ତ୍ୟାଗ କରି ପଳାଇ-ଯାଆନ୍ତି, ଆମ୍ରକୁଞ୍ଜ, ପୁଷ୍କରିଣୀତଟ ବା ମନ୍ଦିରର ପୃଷ୍ଠଦେଶକୁ । ଲେଖନୀ ଗୁଡ଼ ଧରନ୍ତି କଲମ—ପରକଲମ, ପିତ୍ତଳ କାଳିଘଣ୍ଟି । କଲମ ଚର ଚର ଚାଲେ; କାଳି ଶୁଖାଇବାରେ ଯାହା ବିଳମ୍ବ । ପଦ ବସାଇଲାବେଳେ ଭାବିବାକୁ ପଡ଼େନାହିଁ । ଘଣ୍ଟାକେ ପୂରାଏ ପଢ଼ାବନ୍ଧା ଗୀତ ।

ମଧ୍ୟଯୁଗୀୟ ସାହିତ୍ୟରେ ବ୍ୟୁତ୍ପତ୍ତି ଆସିବା ପରେ ସେ ଅର୍ଥବନ୍ଧା ଗୀତ ଲେଖିଲେ—ଏକବିଧି, ଦ୍ୱିବିଧି, ତ୍ରିବିଧିରୁ ଏକାଦଶ ବିଧି, ଅର୍ଥାତ୍ ଗୋଟିଏ ପଦରୁ ଏଗାରଟି ଅର୍ଥ ବାହାରିଲା ।

କିନ୍ତୁ କବିଙ୍କ କ'ଣ ହେବ ? ଗୀତ କାହାର ଲୋଡ଼ା ? ପନ୍ଦରଅଣା ଲୋକ ତ ମୂର୍ଖ; ଗୀତ ଗାଇବା ଅର୍ଥ କାଳି ଜାଣନ୍ତେ ମୂଳ ରସ୍ୱାଦାଇବା । କବିଙ୍କ ଥିଲେ ସାତ-

Digitized by srujanika@gmail.com

ପୁରୁଷୀ ବିଦ୍ୟା ଆସେ କୁଳ ଉଜ୍ଜ୍ୱଳ ହେବ, ନନା ଜାଣିଥାନ୍ତି । କିନ୍ତୁ ସମସ୍ତେ ତ 'ସକାଳୁ ଉଠିଲେ ଲଙ୍ଗଳେ ଯାଆନ୍ତି ଚୋରଣି ହମକାକର,' 'ଶ୍ରୀ ଅକ୍ଷର ବରୁଣେଇ ପର୍ବତ' ।

ସେତେବେଳେ ଆମ ବାଡ଼ି ବିଲରେ କଦଳୀ ଚଷାଣ ହୋଇଥାଏ । ସେଥିରେ ନନା ଖଣ୍ଡିଏ କୁଡ଼ିଆ କରିଥାନ୍ତି । ସେ ବାଉରି ପିଲଙ୍କୁ ଡାକିଲେ—ଆସ ପାଠ ପଢ଼ିବା 'ଆଳୁ ବିଜା ମହାଦେବଦେଖା' ଏକାବେଳକେ ହେଲାପରି କଦଳୀ ଚଷାଣ ଜଗା, ପାଠପଢ଼ା ଏକାବେଳକେ ହେବ – ଏଇ ବିଚାର । ଦଳେ ବାଉରି ପିଲା ଆସି ଜୁଟିଲେ— (ଗପୁଡ଼ା) ବାଞ୍ଛା, (ଅଗୁଆ) ଗୁରୁନ୍ଦା, (ଢେଙ୍ଗବେରା) ବକା, (ହେଣ୍ଡା) ଉଛଳା, କୁସୁନଥିଆ, ସଦେଇ; ଅକ୍ଷର ପରିଚୟ ହେଲାପରେ ନନା ଏମାନଙ୍କୁ ନେଇ ଗୋଟିଏ ପାଟୁଆଦଳ ଗଢ଼ିଲେ । ଗାଆଁର ମଙ୍ଗଳା ଠାକୁରାଣୀ ହେଲେ ପାଟୁଆଙ୍କ ଇଷ୍ଟଦେବୀ । ଗାଆଁ ବଉଡ଼ାଙ୍ଗ ପୋଖରୀରୁ ନଡ଼ପାଟୁଆ 'ପାଣି ତୋଳାଳି'—ବାନାବର କାଞ୍ଚଣୀ ବିଶ୍ୱାନା (ବାନାବର କାଶୀ ବିଶ୍ୱନାଥ) । ବ୍ରାହ୍ମଣ ସାଇରୁ ସାକେ ରୂପା ଅଳଂକାର ମାଗିନେଇ ଲଗାଇ କେଳା ବେଶେ ଗଉଡ଼ରାଣୀ ସାଜିଲା । ପାଟୁଆମାନଙ୍କର ଲାଗି କିଣା ହୋଇଆସିଲା ପେଟ, ଲାଲ୍ ନେଳୀ ଚାଦର । ମଙ୍ଗଳାଙ୍କ ପଟରେ ଘଟ ବସିଲା । ପ୍ରଥମେ ଢୋଲ, ପେକାଳି, ପରେ ମୃଦଙ୍ଗ, ରାମତାଳି ଚାଲୁ ହେଲା । ସାଲବାଲଙ୍କ ଅନୁକରଣରେ ନନା ପାଟୁଆଙ୍କୁ ନିପଟା, ମହ୍ଲାର, ଗୁନ୍ଦା, ଚଉପଦୀ, ଚଉତିଶା, ଚମ୍ପୂ, ଓଡ଼ିଶୀ ସଙ୍ଗୀତ ଓ ବିବିଧ ଅର୍ଥବନ୍ଧୀ ଗୀତ ଶିକ୍ଷା ଦେଲେ ।

ଗୋଟିଏ ଗୀତ ବୋଲି ଛନ୍ଦିରେ ଝଣ୍ଟା ନାନାବିଧ ଗୁନ୍ଦ, ଚଉପଦୀ ଅର୍ଥଅର୍ଥାନ୍ତର କଲାବେଳକୁ ଘଣ୍ଟା ଘଣ୍ଟା ସମୟ ବିତିଯାଏ । ଅମ ଗାଆଁର ନବଗଠନ ଦଳ ପ୍ରତିଯୋଗିତା ଲାଗି ଯୋଉ ଗାଆଁକୁ ଗଲା ଜୟନିଶାନ ଉଡ଼ାଇ ଫେରିଲା । ଅମ ଦଳ ସହିତ ନବ ଯାନ୍ତି, ଆତ୍ମପ୍ରକାଶ କରନ୍ତି ନାହିଁ । ବିପକ୍ଷ ଦଳ ଯାହା ପ୍ରଶ୍ନ ପଚାରନ୍ତି, ନବ ସଙ୍ଗେ ସଙ୍ଗେ ତାକୁ ଗୀତରେ ଲେଖି ଗାୟକଙ୍କୁ ଶିଖାଇ ଦିଅନ୍ତି । ଅଥଚ ଅମ ଗାୟକ ଯାହା ପ୍ରଶ୍ନ ପଚାରନ୍ତି, ବିପକ୍ଷ ତା'ର ଉତ୍ତର ଦେଇପାରନ୍ତି ନାହିଁ । ବିଜୟର ଏହା ହିଁ ଗୁପ୍ତ ରହସ୍ୟ ।

ଅମ ଗାଆଁ ଦେଖାଦେଖି ଆଖପାଖ ଅଞ୍ଚଳର ଭାଇମାନେ ପାଟୁଆଦଳ ଗଢ଼ିଲେ, ନୃତ୍ୟ ଗୀତ ବାଦ୍ୟରେ ବାଉରିମାନଙ୍କ ନିର୍ଜୀବ ସନ୍ଧ୍ୟା ଝଂକୃତ ହେବାକୁ ଲାଗିଲା । ଦେଖୁ ଦେଖୁ ପୁରା ପାଞ୍ଚୋଟି ନୈଶ ବିଦ୍ୟାଳୟ ଖୋଲିଗଲା । ସେ କାଳରେ ଏହା କଳ୍ପନାତୀତ । ସେତେବେଳେ ଭୂତପ୍ରେତର ପ୍ରଚଣ୍ଡ ଭୟ । କେତେଙ୍କୁ ଭେଟଣା ହୋଇ ଯାଉଥିଲା, ରକ୍ତ ବାନ୍ତି କରି ମରୁଥିଲେ ।

Digitized by srujanika@gmail.com

କିନ୍ତୁ ନନାଙ୍କୁ ଉପସ୍ଥ ଡଳାର୍ଙ୍କ ସ୍ପର୍ଶ କରି ନ ଥିଲା । ସେ ସନ୍ଧ୍ୟା ପହରୁ ଗଣ୍ଡିଏ ଖାଇଦେଇ ହାତକେ ନଆଁ ହୁଳା, ହାତକେ ଠେଙ୍ଗା ଧରି ପାଠ ପଢ଼େଇ ବା ଗୀତ ଶିଖେଇ ଯାନ୍ତି—ହରିସିପୁର, ଦଳଭଣ୍ଡପୁର ଭୋଇସାଇକୁ । ରାତି ଅଧକୁ ଫେରନ୍ତି । ମେ ବାବତକୁ ସେ ପଇସାଟିଏ ନଅନ୍ତିନାହିଁ । ଦେବାର ସାମର୍ଥ୍ୟ ମଧ୍ୟ ଭୋଇମାନଙ୍କର ନ ଥାଏ । ସେମାନେ ଶ୍ରମଦାନ କରନ୍ତି ମାନସିକ ଶ୍ରମ ବଦଳରେ ଶାରୀରିକ ଶ୍ରମଦାନ । ବିନା ପଇସାରେ ଆମର ବହୁତ କାମ ହୋଇଯାଏ । ଆମ ବିଲବାଡ଼ି, ଧାନକଟା ସମସ୍ତଙ୍କ ଆଗରୁ ସରେ । ଏହା ଦ୍ୱାରା ଗୁରୁଗୃହ ପ୍ରତି ଅଧିକ ମାନ୍ୟତା ଫୁଟିଉଠେ ।

ବେଠି ପରେ କେହି ଅଭୁକ୍ତ ଫେରୁ ନ ଥିଲେ । ହଣ୍ଡା ବସି ସେଦିନ ଆମ ଘରେ ଚୂଡ଼ାବଡ଼ା ଓ ପଙ୍କ୍ତିଭୋଜନ ହେଉଥିଲା । ଭୋଜନ ପରେ ଖଳାବାଡ଼ିରେ ବସି ଗୁରୁ ଶିଷ୍ୟଙ୍କ ମଧ୍ୟରେ ପାଟୁଆ ଗୀତ ଚର୍ଚ୍ଚା ହେଉଥିଲା । ନନା ଗୁଣୁଗୁଣୁ ସ୍ୱରରେ ବୋଲୁଥିଲେ—

ପାଞ୍ଚ ପନ୍ଦର ଦିବ ମିଶି ଲୋ ଘନକେଶୀ (ଘୋଷା)
ଖାଇଣ ମରିବ ବିଷ, ସ୍ତ୍ରୀଏଁ ନକ୍ଷତ୍ର ବାଇଶି
ସ୍ତ୍ରୀଏ ନକ୍ଷତ୍ର ବାଇଶି……
ପାଞ୍ଚ ପନ୍ଦର ଦିବ…… ।

ସ୍ୱର ଜାଣିଗଲା ପରେ ପୋଥି ଖେଦା ନେଇ ପାଟୁଆମାନେ ନିଜେ ନିଜେ ଧାନ-ଗଦା ପାଖେ ବସି ବୋଲୁଥିଲେ ।

'ମାଷ୍ଟ୍ର' କହିଲେ ସେତେବେଳେ ସର୍ବୋପରି; ଧନୀ ଜମିଦାର, ମକଦ୍ଦମ ତାଙ୍କ ପାଖଙ୍କରେ ପଡ଼ୁ ନଥିଲେ । ମାଷ୍ଟ୍ରଙ୍କ କଥା କେବେ ତଳେ ପଡ଼ୁ ନ ଥିଲା । ମାଷ୍ଟ୍ରଙ୍କ ଆପଦ ଏଇ ହଳଲଙ୍ଗଳଧାରୀ ମଲିଆ ଭୋଇମାନେ ନିଜର ବିପଦ ବୋଲି ମଣୁଥିଲେ । 'ନିଆଁକୁ ଡେଉଁ' କହିଲେ ଡେଉଁଥିଲେ । ମାଷ୍ଟ୍ରେ ବା କିଏ ମଧ୍ୟ ଲୋଭ ବା ଶୋଷଣରୁ ଦୂରରେ ଥିଲେ ।

ଗୁରୁଗୃହ ବୋଲି ଆମ ଗୃହର ବଡ଼ ମାନ୍ୟ ଥିଲା । ପଣାସଂକ୍ରାନ୍ତି ଦିନ ଆମ ଦୁଆରେ ପହିଲେ ପାଟୁଆ ଯାତ୍ରା ଅନୁକୂଳ ହେଲା ପରେ ଆଉ ଯୋଉଠି ହେଉଥିଲା । ଯାତ୍ରା ପୂର୍ବରୁ ଗୁରୁଙ୍କୁ ମାନ୍ୟ ସ୍ୱରୂପ ପାନ ଲୁଗା ଭେଟି ଦିଆଯାଉଥିଲା । ଗୁରୁ ମଧ୍ୟ ସଂକ୍ରାନ୍ତି ଦିନ ବସୁନ୍ଧରା ଘଡ଼ ତୁଳସୀଚଉରାରେ ଗୁମୁଣ୍ଡିଆ ତଳେ ବନ୍ଧାହେବା ପରେ ପେଟ ଭରାଇ ସମସ୍ତଙ୍କୁ ପଣା ଦେଉଥିଲେ, ନୂଆ ଲୁଗା, ଗାମୁଛା ବା ପାଟଅଧିଆ ଦେଇ ଆଶୀର୍ବାଦ ସହ ସେମାନଙ୍କୁ ଦେଉଥିଲେ ।

Digitized by srujanika@gmail.com

ଦଶହରାକୁ ଆମ ଘରକୁ ଆସୁଥିଲା କେତେ ବୋଝ, ଖିର—ସାରୁ, ବୋଇତ-କଖାରୁ, ପାଣିକଖାରୁ, ବୁଢ଼ାକାକୁଡ଼ି, କଦଳୀ । କେହି ନ ଥିଲାବାଲା ପୁଞ୍ଜାଏ ମାଛ, ଦ'ଟା ସଜନାଛୁଇଁ ବା କେରାଏ ଖଡ଼ା ଆଣି ଦୁଆରେ ଦେଇଯାଉଥିଲା । ଉଅଣ କଷ୍ଟ ମୋଟେ ନଥିଲା । ପାଚିଲା କଖାରୁସବୁ ଶିକାରେ ଝୁଲୁଥିଲା । ସେ ଗୋଟିଏ ଦୃଶ୍ୟ ।

ବହୁ ଦୂରବର୍ତ୍ତୀ ଗାଆଁରେ ନନା ପାଟୁଆ ଦଳ ଗଢ଼ିଲେ—ଦରଡ଼ା, ଦନାପଡ଼ା, ନର୍ଦ୍ଧା, ଆଲସୀ··· ·· । ଏଇସବୁ ଗାଆଁକୁ ଯାଇ ଭାଗବତ ଘରେ ରହନ୍ତି, ହାତରେ ରୋଷେଇ କରି ଖାନ୍ତି, ଗୀତ ଲେଖି ଶିଖାନ୍ତି । ଘରକୁ ଫେରିଲା ବେଳକୁ ଗାମୁଛାରେ ପୁଡ଼ାଟିଏ ବନ୍ଧା ହୋଇଥାଏ—ପଇସା । ଝଣ୍‌କନେ ନନା ତାକୁ ବାଡ଼ିଘରେ ଖସାଇ ପକାନ୍ତି । ବୋଉ ତାକୁ ଗୁଣି ଗୁଣି ପଇସା କରି ଥୋଇ ଘଣ୍ଟାକେ ଗଣି ଶେଷ କରେ— ପାଞ୍ଚଟଙ୍କା ନ'ଅଣା ପାଞ୍ଚ ପଇସା । ଧାନ ତ ଟଙ୍କାକୁ ଷୋଳ ଗୌଣି, କୋଳଥ ଟଙ୍କାକୁ ଚାରିଗୌଣି; ଏସବୁ ବିକି ଖଜଣା ଦେବା କଷ୍ଟକର । ଏଇ ଉପୁରି ପଇସାରେ ଆମର ଖଜଣା ଦିଆହୁଏ । ବୋଉ ପେଟରେ ସାଇତି ରଖେ—ଲଟବନ୍ଦୀ ବେଳକୁ ବାହାରିବ, ନଇଲେ ଜମି କଣା ହେବ । ସେତେବେଳେ ପାଞ୍ଚଟଙ୍କାରେ ଯୋଉ ଆନନ୍ଦ, ଏବେ ପାଞ୍ଚଶଟଙ୍କାରେ ହୁଏତ ତା ମିଳୁନାହିଁ ।

ଯଥାର୍ଥ ଲୋକଶିକ୍ଷକ ଓ ଲୋକକବି ଭାବରେ ନନା ସେତେବେଳେ ପ୍ରତିଷ୍ଠିତ ହୋଇଥିଲେ । ନନାଙ୍କ ହାତଲେଖା ପାଣ୍ଡୁଲିପି ସବୁ ଛିଣ୍ଡି ଗଲାଣି; କାଳ କ୍ରମେ ଘଷିହୋଇ ଅକ୍ଷର ଅପାଠ୍ୟ ହୋଇଗଲାଣି । ଗାୟକଙ୍କ ଭିତରୁ ଅଧିକାଂଶ ସଂସାର ଛାଡ଼ି-ଗଲେଣି । ସେ କାଳରେ ପ୍ରସିଦ୍ଧ ଜଣେ ଗାୟକ କେଳା ଭୋଇଠାରୁ ସଂଗୃହୀତ ନନାଙ୍କର ଗୋଟିଏ ଗୀତ ଉଦ୍ଧାର କଲି—

ବସନ୍ତରାସ

ଶୁଣ ସୁଜ୍ଞଜନେ ଏହୁ ବସନ୍ତ ରାସ
ଶୁଣିଲେ ପୂର୍ବ ପାତକାଦି ନଷ୍ଟ ପାଇବ ସର୍ବେ ବୈକୁଣ୍ଠରେ ବାସ (ଘୋଷା)

ବୃନ୍ଦାବନ କି ଶୋଭାବନ
ଦହୁଅଛୁ ବରଷି ମନ
କନ୍ଦର୍ପ ରାଜନ,
କନକ ଦଣ୍ଡ ଯେସ କେତକୀ ହୋଇଲା, ରଙ୍ଗ ଶାଢ଼ୀ ଯେ ପାଟଳା ବନ୍ଧୁକ ।୧।

Digitized by srujanika@gmail.com

ଶଙ୍ଖଭେଦୀ ମଧୁକରରି
ମନ୍ଦ ମନ୍ଦ ବହେ ସମୀର
କୋବିଦ ନର,
କୋକିଳ ଯେ, ମନ୍ତ୍ରୀ, କୁରଙ୍ଗ ନଗର, ନାଗେଶ୍ୱର ପୁଷ୍ପ ଅଟେ ସରସ ।୨।

ସୈନ୍ୟ କୋଳାହଳ ବୃକ୍ଷରି
ନବ ପଲ୍ଲବ ଯେ ବସ୍ତ୍ର
କି ମନୋହର,
ଶୁକଙ୍କର ଧ୍ୱନି ଯେ ତେଲଙ୍ଗି ବାଜା କମ୍ପି ଯାଉଅଛି ବିପିନ ଦେଶ ।୩।

ନୃପଧର ଆୟୁଧ ଧରି
ସୁନାଗ ଯେ ଦଳା ହୁଅଛି
ଶୁଣ କହେ ହିଁ;
ମଲ୍ଲିକଡ଼ି ଶୁକ୍ଳ ଅଗ୍ନି ସୂର୍ଯ୍ୟ ତେଜ, ବିରହୀ ପ୍ରାଣକୁ କରିବ ନାଶ ।୪।

କିଆ ବଡ଼ ସରସ ହେଲା
ରଜାଠାରୁ ପଟା ପାଇଲା
କି ସୁଖେ ମଜ୍ଜିଲ;
ରସିକ ହୃଦୟ ଜର୍ଜର ହୋଇଲା, କଣ୍ଟକ ଖଦ ଲଗାଇଲା ଘୃଷ ।୫।

ଅଶନ ଯେ କାମିଜ ବିପ
ଗନ୍ଧ ହେଲା ଫୁଲର ବାସ
ବୃଝ ଭବଷ୍ୟ;
ବୋଲେ ଚନ୍ଦ୍ରାମଣି, ମୁଁ ଅଟେ ଅଜ୍ଞାନ, ଦୟା କରିଥିବ ହେ ପଣ୍ଡିତଦାସ ।୬।

ନନା କାହାର ଶିକ୍ଷକ ଥିଲେ, କି ସ୍ୱରରେ ପାଠ ପଢ଼ାଉଥିଲେ, ଜାଣେ ନାହିଁ । କିନ୍ତୁ ଏବେ ବି ବୃଦ୍ଧା ଗ୍ରାମୀମାନେ ତାଙ୍କୁ ଶ୍ରଦ୍ଧାର ସହିତ ସ୍ମରଣ କରିଥାନ୍ତି । ସେତେବେଳେ ସ୍ୱତଃପ୍ରବୃତ୍ତ ହୋଇ ସ୍କୁଲକୁ ପିଲମାନେ ଆସୁ ନ ଥିଲେ । ସ୍କୁଲ ଓ ମାଷ୍ଟ୍ରଙ୍କ ନାମରେ ଘୋର ଆତଙ୍କ ଥିଲା । ଅବଧାନଙ୍କଠାରୁ ଆଉ କିଛି ନ ହେଉ, ଚୌକି ବସିବା ମଡ଼ିଆ ଶିକୁଳି ପଡ଼ିବା, ନାକବାଲ ଧରି ଏକଗୋଡ଼ିଆ ଛିଡ଼ା ହେବା ପ୍ରଭୃତି ଅମାନୁଷିକ ଦଣ୍ଡବିଦ୍ୟା ଇଂରେଜୀ ପଢ଼ୁଆ ମାଷ୍ଟ୍ରମାନେ ହାସଲ କରି ସ୍କୁଲରେ ଚଳାଇଥିଲେ । ପିଲଙ୍କ ମଧ୍ୟରେ ପୁଣି ବାଳିକାଙ୍କ କଥା ଅଲଗା । ସେମାନଙ୍କର ସ୍କୁଲ ଆସିବାର ଆବଶ୍ୟକତା ମୋଟେ ଅନୁଭୂତ ହେଉ ନ ଥିଲା । ପିଲ ଧରିବା, ମାଆମାନଙ୍କୁ ଘରର

Digitized by srujanika@gmail.com

ଆର୍ତ୍ତପକ୍ଷରେ ସାହାଯ୍ୟ କରିବା ସେମାନଙ୍କ କାର୍ଯ୍ୟ ଥିଲା । ଏଇ ଅବସ୍ଥାରେ ନନା ଗାଆଁକୁ ଗାଆଁ ଯାଇ ଅଭିଭାବକମାନଙ୍କୁ ବୁଝାଇଥିଲେ, ବାଉରି, ପଠାଣ, ବ୍ରାହ୍ମଣ ଓ ବ୍ରାହ୍ମଣେତର କନ୍ୟାମାନଙ୍କୁ କାଖେଇ କାନ୍ଧରେ ବସାଇ ସ୍କୁଲକୁ ନେଇ ଆସୁଥିଲେ । ତାଙ୍କ ହାତରେ ବେତ ନ ଥିଲା । ତୁଣ୍ଡରୁ କର୍କଶ ବଚନ କେବେ ବାହାରୁ ନ ଥିଲା । ଚିର ହସ ହସ ।

ଶିକ୍ଷାକ୍ଷେତ୍ରରେ ସେ ଜାତିଭେଦ ମାନୁ ନ ଥିଲେ । ଆମ ଗୃହରୁ ଅସ୍ପୃଶ୍ୟତା ଦୂର ହୋଇଯାଇଥିଲା । ହାଡ଼ି ବାଉରିଙ୍କ ଛୁଇଁ ପଡ଼ିଲେ ବୋଉ ଖାଇବାଠୁଁ ଉଠି ଯାଉ ନ ଥିଲା । ବାଉରି ଆମ ହାଣ୍ଡିଶାଳ ପର୍ଯ୍ୟନ୍ତ ଆସୁଥିଲେ, ଆମ ଘର ଛପର କରୁଥିଲେ । ହରିଜନ ଆନ୍ଦୋଳନର ବହୁପୂର୍ବ କଥା ଏ ।

ନନାଙ୍କର ପରମ ସଖା ବୀରମହାନ୍ତି (ମୃତ୍ୟୁ-୯. ୬. ୧୯୩୨) ଦିନେ କହିଲେ ମୁଁ ଆଜି ମରିବି । ସୁସ୍ଥମଣିଷ, ଆରାମ ଚୌକିରେ ବସିଥାନ୍ତି । ନାମ ସଂକୀର୍ତ୍ତନ ହେଲା, ହୁଳହୁଳି ହରିବୋଲ ମଧ୍ୟରେ ତାଙ୍କର ମହାପ୍ରସ୍ଥାନ ଘଟିଲା । ତାଙ୍କ ଘରର ନିକଟବର୍ତ୍ତୀ ମେଲଣ ପଡ଼ିଆରେ ତାଙ୍କୁ ସମାଧି ଦିଆହେଲା, ତୁଳସୀଗଛଟିଏ ଲଗା ହେଲା । ବର୍ଷକ ମଧ୍ୟରେ ଗଛଟି ଝଙ୍କା ହୋଇ ବଢ଼ିଲା । ବର୍ଷିକିଆ ଦିନ ସେଠି ପୂଜା ହେବା କଥା । କୌଣସି ବ୍ରାହ୍ମଣ ମିଳିଲେ ନାହିଁ । ଦେବତା ନୁହେଁ କି ବ୍ରାହ୍ମଣ ନୁହେଁ, ତାକୁ ପୂଜିବ କାହିଁକି ?

ନନା ସ୍ୱତଃପ୍ରବୃତ୍ତ ହୋଇ କହିଲେ— ମୁଁ ପୂଜା କରିବି । ବ୍ରାହ୍ମଣସମାଜ ତାଙ୍କୁ ଅକଟିଲେ, ଏକଘରିକିଆ କରିଦେବ ବୋଲି ଧମକାଇଲେ । ସେ କହିଲେ— ମୁଁ ବୀର-ମହାନ୍ତିଙ୍କ ହାଡ଼ମାଳକୁ ପୂଜିନାହିଁ । ପୂଜୁଛି ତାଙ୍କର ମହାନ୍ ଆତ୍ମାକୁ । ସବୁ ଆତ୍ମା ସମାନ । ତାଙ୍କ ଆତ୍ମା ଏଇ ଶ୍ମଶାନ ତୁଳସୀ ଗଛରେ ଅଛି । ତୁଳସୀ ଗଛରେ ସବୁ ଦେବଦେବୀ ଅଛନ୍ତି । ତାଙ୍କ ଯୁକ୍ତି ଗୃହୀତ ହୋଇଥିଲା ।

ନନା ଶିକ୍ଷକ ଭାବରେ ମାସକୁ 'ଛ' ଟଙ୍କାମାତ୍ର ବେତନ ପାଉଥିଲେ, ନିୟମିତ ଶିକ୍ଷା ଓ ଟ୍ରେନିଂ ପାସ୍ କରି ନ ଥିବାରୁ ପଦୋନ୍ନତି ବା ବାର୍ଷିକ ବେତନ ବୃଦ୍ଧିର କୌଣସି ସମ୍ଭାବନା ନ ଥିଲା, ଚାକିରିର ଆଦ୍ୟରେ 'ଛ', ଶେଷରେ ମଧ୍ୟ ସେଇ 'ଛ' ଟଙ୍କା । 'ଛ' ମାସକୁ ଏକାବେଳକେ ଛତିଶ ଟଙ୍କା ମିଳୁଥିଲା । ସେତେବେଳେ ଜମି ଗୁଣ୍ଠକୁ ଦୁଇ ଚାରି ଟଙ୍କା । ତେଣୁ ଏତିକି ଟଙ୍କାରେ ନ ଦଶ ଗୁଣ୍ଠ ଜମି କିଣାଯାଇପାରେ । କିନ୍ତୁ ବୁଦ୍ଧିବସିଲେ ଏଥିରୁ ଗୋଟିଏ ଟଙ୍କା ଆମ ଘରକୁ ଆସୁ ନ ଥିଲା । ଏ ଦରମା ଉପରେ କେଶବଚନ୍ଦ୍ର ମିତ୍ର, ନାଏବବାବୁ, ଭୂସ୍ୱାଜାତର ରଚଣ୍ଡିତା 'ବାବୁ'ଙ୍କର ଆଖି ଥିଲା । ସେ ଆମ ଗ୍ରାମରେ

Digitized by srujanika@gmail.com

ମାସେ ମାସେ ରହି ଅଖପାଖ ସ୍କୁଲସବୁ ପରିଦର୍ଶନ କରୁଥିଲେ । ତାଙ୍କ ଚର୍ଚ୍ଚାର ସମସ୍ତ ଦାୟିତ୍ୱ ଥିଲା ନନାଙ୍କ ଉପରେ । ଘରୁ ପ୍ରତିଦିନ ସରୁ ଚାଉଳ, ଡାଲି, କଦଳୀ, ବାଇଗଣ ସଞ୍ଚା ଯାଏ । ବେହେରା ଘରୁ ଘିଅ, ଦୁଧ, ଲବୁଆ ହୋଇ ଆସେ । ମାଛ ନହେଲେ ବାବୁଙ୍କର ଲୁଣ୍ଡା ଯାଏନା । ନନା ପ୍ରତିଦିନ ମଢ଼ା ଜାଲରେ ମାଛ ଧରି ଦେଇ ଆସନ୍ତି । ପିଲଙ୍କ ପାଟିରୁ ଛଡ଼ାଇ ବାବୁଙ୍କ ପେଟ ବଢ଼େଇବା କାର୍ଯ୍ୟ ବୋଉ ଆଖିରେ ଯାଏନାହିଁ । ସେ ନେଇ ଚଡ଼୍ ଚଡ଼୍ ହେଉଥାଏ, ଏଣେ ହାଞ୍ଚା ପକାଉଥାଏ । ଗୃହଖର୍ଚ୍ଚ ସ୍ୱତମତ ପାନ୍ତୁ, କିନ୍ତୁ ଆଶ୍ଚର୍ଯ୍ୟର କଥା, ବାବୁ ନିଜ ଖାଇବାପିଇବା କଥା କେବେ ବିଚାରନ୍ତି ନାହିଁ । ଗରିବ ମାଷ୍ଟ୍ରେ କୋଉଠୁ ଆଣି ଦେଉଛନ୍ତି, ଏବେ ତାଙ୍କ ମୁଣ୍ଡରେ ପଶେନାହିଁ । ଦେଉଳକୁ ମୁକୁଟିଆଳ ବାଡ଼ି ପଡ଼ିଲା ପରି ନନାଙ୍କ ଦରମାକୁ ଅତିଥି ଚର୍ଚ୍ଚା ଖର୍ଚ୍ଚ ବଳିପଡ଼େ । ବୃଥା ଚମ୍ପୁ କୁଟିଲ ପରି ତଥାପି ନନା ଧୃକସ୍ତି କରୁଥାନ୍ତି !

ନନା ଶେଷ ଜୀବନରେ ପୁରାଣର ଆଧାରରେ ରଚିତ ମୋ 'ବନବୀର' କାବ୍ୟଟି ଶୁଣି ମୁଁ ରାଧାନାଥଙ୍କ ପରି ଜଣେ ବଡ଼ କବି ହୋଇପାରିବି ବୋଲି ସନ୍ତୋଷ ପ୍ରକାଶ କରିଥିଲେ । ସେ କଥା ଏକ ଉତ୍ସର୍ଗ କବିତାରେ ମୁଁ ସ୍ମରଣ କରିଛି—

କହୁଥିଲ ଦିନେ ହେବି ମୁହିଁ ବଡ଼ କବି
ସତ କି ମିଛ ତା ବୁଝିଥିବେ ଅନୁଭବୀ ।

କ୍ଷେତ୍ର ଓ ସୁଯୋଗ ଅଭାବରୁ ତାଙ୍କ କବିତ୍ୱ ମଉଳିଗଲା ।

ମୁଁ ଲେଖିଛି—
'ତପତ ମରୁରେ ହଜିଗଲା ସୁଧାଝର
ପଲ୍ଲୀରେ ବନମଲ୍ଲୀ ମଉଳି ଗଲା ।

'କଙ୍କାଳର ଲୁହ'ରେ ମୁଁ ତାଙ୍କୁ ସ୍ମରଣ କରିଛି, ଯେତେବେଳେ ଲେଖିଛି—

'ଏଇ ଯେଉଁ ବଣ ଅରମା ଘେରାଇ ଥିଲେ ଏଠି କବି ଜଣେ
ଘର କଳମରେ ଚର ଚର କରି ଘଡ଼ିକରେ ଗୀତ ପଣେ
ଲେଖି ଯାଉଥିଲେ ଯୋଡ଼ିଥିଲା ପରି ସ୍ୱରେ ଗଦ୍ ଗଦ୍ ହୋଇ
ଭଜନ ଜଣାଣ ଯାହା ପାଟୁଆ ଚଉପଦୀ ଗୀତ ଶ୍ରେପାଇ
ଯଜମାନେ ଆଣି କେତେ ଦୂର ଲୋକ ଦେଉଥିଲେ କେତେ ଭେଟି
ଦୁଇ ମାଣ ଜମି ତଷି ଦେଉଥିଲେ ଭୋଇମାନେ ଦେଇ ବେଠି ।"

ଯେତେବେଳେ ଘରେ ଘରେ ରୋଗ; ଗାଁରେ ଚକଭ୍ରକ ବୋଇଲେ ପୁଟୁଳି ବେଦନା । କିଏ ରୋଗ ଶଯ୍ୟାରେ ଗଡ଼ି ନଡ଼ି ପରମାତ୍ମାବଳରୁ ଉଠୁଥିଲା, କିଏ ବା

Digitized by srujanika@gmail.com

ଜ୍ୱରଗ୍ରସ୍ତ ଭାବରେ ମୃତ୍ୟୁ ମୁଖରେ ପଡ଼ୁଥିଲା । ଦୀନ ଦୁଃଖୀ ଓ ଅସହାୟର ମୃତ୍ୟୁରେ ବିଚଳିତ ହୋଇ ନନା କବିରାଜୀ ଶିଖିଥିଲେ । ମନୁଷ୍ୟର ଶ୍ରେଷ୍ଠ ଉପକାରକ ଚିକିତ୍ସକ । ନନା ଚିକିତ୍ସା ଜରିଆରେ ଲୋକସାଧାରଣଙ୍କର ଅଶେଷ କଲ୍ୟାଣ ସାଧନ କରିଥିଲେ । ସେ ବଟିକାର୍ଣ୍ଣବ, ଚୂର୍ଣ୍ଣକାର୍ଣ୍ଣବ, କୃଷ୍ଣ ଦାସଙ୍କ ବୋଲି (ନାଡ଼ି ଦେଖି ଶିଖିବା ବହି), ମାଧବକର ନିଦାନ ପ୍ରଭୃତି କବିରାଜୀ ଗ୍ରନ୍ଥମାନ କିଣି ଯଥାମତେ ପଢ଼ାପଢ଼ି କରୁଥିଲେ । ବୋଉ ଶିଳରେ ଔଷଧ ବଟାକୁଟା, ଛେଚା ଓ ହେମଦସ୍ତାରେ ଚୂର୍ଣ୍ଣ କରୁଥିଲା । ନନା ହରିଡ଼ା, ବାହାଡ଼ା, ଅଁଳା, ଶୁଣ୍ଠି, ମୁଥା ମୂଳ, ହସ୍ତିଲ ଛେଲି, ବଉଳ ଛେଲି, ଭାଲିଆ ଆଦି ନିଜେ ସଂଗ୍ରହ କରି ଆଣୁଥିଲେ । ଭାଗମାପକେ ଔଷଧ ତିଆରି କରି ବଟିକାସବୁ କୂଳରେ ଟାଙ୍ଗୁଡ଼ିରେ ଚାଳରେ ଶୁଖାଉଥିଲେ । ସେ ରୋଗୀକୁ ବାରମ୍ବାର ଦେଖିବାକୁ ଯାଉଥିଲେ, ସେ ବାବଦକୁ ଗୋଟିଏ ପଇସା ନେଉ ନ ଥିଲେ — ହୁଏତ ବୈଦ୍ୟଗିରିରେ ଫି ନେବାକୁ ହୁଏ, ଜାଣି ନ ଥିଲେ । ଔଷଧର ଦାମ୍ ପ୍ରାପ୍ତ ମିଳୁ ନ ଥିଲା । ଆରୋଗ୍ୟ ହେବା ପରେ ରୋଗୀ ଫଳେ ପୁଷ୍ପେ ଯାହା ଦେଉଥିଲେ ସେ ସାଦରେ ଗ୍ରହଣ କରୁଥିଲେ, କିଛି ନ ପାଇଲେ ଦୁଃଖ କରୁ ନ ଥିଲେ । ଚିକିତ୍ସା ବାବଦକୁ ବେଳେ ବେଳେ କେରିଏ ଶାଗ କିମ୍ବା ସଜନା ଛୁଇଁ ଅମ ଘରକୁ ଆସୁଥିଲା ।

ନନାଙ୍କର ଯନ୍ତ୍ରସାମାନ୍ୟ ତାନ୍ତ୍ରିକ ଶିକ୍ଷା ଥିଲା । ସେ ମଙ୍ଗଳବାର ବା ଶନିବାର ଦିନ ଗଛ ଓପାଡ଼ି (କି ଗଛ ଜାଣେ ନାହିଁ) ପାଳିଜର ଭଲ କରି ଦେଉଥିଲେ । ସେତେବେଳେ କମ୍ପଜର ମେଲେରିଆର ଆନୁଷଙ୍ଗିକ ଥିଲା । କମ୍ପ ଆସିଲାବେଳେ ଶୀତ, ରେଜେଇ, ମୁନ୍ଦୁରି ଘୋଡ଼େଇ ଦେଇ ରୋଗୀକୁ ମାଡ଼ି ବସିବାକୁ ହେଉଥିଲା । ତେବେ ଯାଇ ଜର ସମ୍ଭାଳା ପଡ଼ୁଥିଲା । ନନା ବାମ୍ଫୁଆଣି (ମାଠିଆରେ ପାଣି ଫୁଟାଇ ସେଇ ବାମ୍ଫକୁ ରୋଗୀ ଦେହରେ ଚରିଇ ଝାଳ ବୁହାଇଦେବା) ଦେଇ କେତେ କମ୍ପଜର ରୋଗୀଙ୍କୁ ଭଲ କରିଦେଇଥିଲେ ।

ନନାଙ୍କୁ ଶେଷ ଜୀବନରେ ବାତଜର ହେଲା । ସେଥିରେ ସେ ଭୁଗିଲେ — କ୍ରମେ ଭାଙ୍ଗି ପଡ଼ିଲେ ।

ବାଉନ ବର୍ଷରେ ତାଙ୍କର ଘାଟି ଅଛି ବୋଲି ଜ୍ୟୋତିଷୀ ବୈଷ୍ଣବ ନାହାକେ ସୂଚାଇ ଥିଲେ । ଦିନେ ବାଟରେ ଯାଉଁ ଯାଉଁ ଗୋଟିଏ ଦୁର୍ଘଟଣା ଘଟିଲା । ଗୋଟାଏ— ବୁଢ଼ାମାଙ୍କଡ଼ ତାଙ୍କ କାନ୍ଧକୁ ଡେଇଁ ମୁହୂର୍ତ୍ତେ ମୁଣ୍ଡକୁ ଘିମୁଡ଼ି ପୁଣି ଗଛକୁ ଡେଇଁଗଲା । ନନାଙ୍କ ମନରେ ଏହା ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି କଲା । ସେ ଏହି ମର୍କଟକୁ ସାକ୍ଷାତ କାଳ ବା ମୃତ୍ୟୁଦୂତ ବୋଲି ମନେକଲେ । ରିଷ୍ଟି ଶାନ୍ତି ଲାଗି ସେ ହୋମ କରିଥିଲେ

Digitized by srujanika@gmail.com

ଓ ଭାଗବତ ସପ୍ତା ବସାଇ ଥିଲେ, ସାତଦିନ ପର୍ଯ୍ୟନ୍ତ ଘରେ ନାମ ସଙ୍କୀର୍ତ୍ତନ ହେଉଥିଲା । ବନ୍ଧୁ-ବାନ୍ଧବ, ଶିଷ୍ୟ, ଛାତ୍ର ଓ ଗ୍ରାମବାସୀଙ୍କୁ ଭୂରି ଭୋଜନ ଦିଆ ଯାଉଥିଲା । କିନ୍ତୁ ··

'ଭବିତବ୍ୟ ଯାହା ଅବଶ୍ୟ ଘଟିବ
କିଏ ତା କରିବ ଆନ ?'

୧୯୩୮ ମସିହା । ସେତେବେଳକୁ ମୋର ଦଶମ ଶ୍ରେଣୀ । ନନାଙ୍କୁ ଜର ହେଲା, କ୍ରମେ ଜମୂଦର୍ଶ୍କୁ ପାଇଲା । କବିରାଜ ଭାବରେ ସ୍ୱାସ୍ଥ୍ୟର ସାଧାରଣ ନିୟମ ଜାଣିଥିଲେ ବି ସେ ଅପଥ୍ୟ ଆଚରଣ କଲେ । ଅନୁରୋଧ ଉପରୋଧରେ ପଡ଼ି ସେ ଭୋଜି ଖାଇଗଲେ; ଅନୁରୋଧ ଥିଲା 'ଆପଣ ଖାଇଲେ ଟିକିଏ ବସି ଉଠି ଆସିବେ' । କିନ୍ତୁ ତାଙ୍କ ସଙ୍ଗୀନ ଅବସ୍ଥା ହୃଦୟଙ୍ଗମ ନ କରି ତାଙ୍କ ପଥରେ କଦଳୀଚକଟା ଢାଳିଲେ । ନନା ଲୁଖ୍ ଲୁଖ୍ ଲୋଭରେ ପଞ୍ଚ ଖଣ୍ଡ ଖାଇଲେ ଓ ସନ୍ଧ୍ୟା ଆଡ଼କୁ ଅଧ ଥର ଆସିଲେ । ତା'ପରେ ସେ ଶୋଇଲେ ଶୋଇଲେ । ଆଉ ଉଠିବାକୁ ହୋଇନାହିଁ । ଚିକିତ୍ସକ ପୁଣି ବୈଦ୍ୟ । ମୂର୍ଖ ବୈଦ୍ୟଃ ଯମୋପମଃ । ବାପା ପାଇଁ ନ ପାରି ଶେଷ ନିଃଶ୍ୱାସ ଛାଡ଼ିଗଲେ । (ଜନ୍ମ ୧୮୮୨, ମୃତ୍ୟୁ—୧୯୩୮) । ଭଗ୍ନକର୍ଣ୍ଣ ନୌକାପରି ଆମ ଗୃହଟି ଅଶ୍ରୁର ସ୍ରୋତରେ ସତେ ଯେପରି ଭାସିବାକୁ ଲାଗିଲା ।

ସ୍ତ୍ରୀ ଶିକ୍ଷାର ଜଣେ ପ୍ରବର୍ତ୍ତକ, ଲୋକଶିକ୍ଷକ, କବି, କବିରାଜ । ଜୀବନରେ କେବେ କାହାର ଅନିଷ୍ଟ ଚିନ୍ତା ସେ କରି ନ ଥିଲେ । ଦ୍ୱେଷ କଥା ତାଙ୍କ ମନରେ ପଶୁ ନ ଥିଲା । ପରକୁ ଆପଣାର କରିବା, ଶତ୍ରୁକୁ ମିତ୍ରରେ ପରିଣତ କରିବା ତାଙ୍କର ସ୍ୱଭାବଗତ ଧର୍ମ ଥିଲା । ସରଳ, ଅମାୟିକ, ଉନ୍ନତମନା—ସୁଯୋଗ ପାଇଥିଲେ ସେ ବିଦଗ୍ଧ ଜନମଣ୍ଡଳୀରେ, ମହତ ମନସ୍ୱୀନ୍ ମଣିଷମଣ୍ଡଳରେ ସ୍ଥାନ ପାଇଥାନ୍ତେ । ଗ୍ରାମ୍ୟ ଚତ୍ୱରରେ ସେ ତୁଳସୀ ବୃନ୍ଦାଟିଏ ହୋଇ ରହିଗଲେ ।

କଥା ଅଛି—'ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ' । ମୁଁ କେବେ ହେଲେ ସେବାରେ ପିତାଙ୍କର ପ୍ରୀତି ଉତ୍ପାଦନ କରିନାହିଁ । ଦେବତାମାନେ ସେଥିଲାଗି ବୋଧହୁଏ ମୋ ଉପରେ ବିରୂପ ଥିଲେ; ଘଟୁଥିଲା ନାନା ବାଧା, ବିଘ୍ନ, ବିପଦ ।

Digitized by srujanika@gmail.com

ବୋଉ

"ଅମ୍ବ ଝଡ଼ା ପଡ଼ା ଯେ ଯେତେ ଖାନ୍ତୁ, କେତେ ଖାଇଲେ ମୋ ଗଛ ଫଳବ ।"

"ଯୋଗୀ ଭିକାରି ସବୁ ଝାଅନ୍ତୁ, ନଅନ୍ତୁ, ମୋ ପିଲଙ୍କୁ କଲ୍ୟାଣ ହଇବେ ।"

"ଗାଈ ବଳଦଙ୍କୁ ଭଲ ଖାଇବାକୁ ନ ଦେଲେ ସେମାନେ ରାତରେ କଥାଭଷା ହୁଅନ୍ତି । ସେ କଥା ଯେ ଶୁଣେ ସେ ମରେ ।"

"ଘର ଢିଅଁ ନ ପୂଜ ବାହାର ଦେବତା ପୂଜିବା ଅସ୍ତବ ।"

ଏ ସବୁ ଥିଲା ବୋଉର କଥା । ନାକରେ ପିଲାଙ୍କ ଶଗଡ଼ ତଳ ପଲ ନୋଥ, କଣଥର କଡ଼ିପଣ ଲମ୍ବ ଗୁଣା, କାନରେ ନାହୁଲ, ବେକରେ ପୁରା ରୁପା ମିଣି ଝେଲଖ କଣ୍ଠି ଓ ମଦ୍ଦୁଳି, ହାତରେ ତାଡ଼, ଖଡ଼, ବଟଫଳ, ରସୁଣିଆ ମାଳ, ଅମୃତପାଣି ଲାଲ୍ କାଚ, ଅଣ୍ଟାରେ ତନ୍ଦଣିଆ ଅଣ୍ଟା ସୂତା, ଗୋଡ଼ରେ ଖଡ଼ୁ; ପିନ୍ଧା ପେଣ୍ଡି ଲୁଗା-ଖଣ୍ଡିଏ ଛୁଟ । ଦସୁରିଆ ମଣିଷ, ଗୋରା ତକ ତକ, ବୋଉର ପୂର୍ଣ୍ଣାଙ୍ଗ ଚେହେରା ମୋର ମନେପଡ଼ୁଛି ।

ଦିନସାରା ସେ କାମରେ ଲାଗିଥିଲା; ଅନ୍ଧାରଥାଉ ଉଠି ଦାଣ୍ଡ ଓଲାଏ; ଝୁଡୁଆର ହୋଇଥିଲେ ଦୁଆର ଲିପେ, ଗୋବର ପାଣି ଗୋଳି ଦାଣ୍ଡ ବାଡ଼ି ଅଗଣା ଦରୁଆଡ଼େ ମକାଏ, ଚଟା ଲେଖେ, ମୁରୁଜ ଦିଏ । ଗଡ଼ିଆ କୂଳରୁ ଯାଇ କୁଟା ଲୁଣ୍ଡାରେ ପାଉଁଶ ଛୁପି ଲେଖାଏ ଥାଳି, ଗିନା, ଗିଲାସ, କଂସା, ଗଡୁ, ଢାଳ, ପିତ୍ତଳ, କରେଇ ମାଜେ ।

ଗାଈ ବଳଦଙ୍କୁ ଦାଣ୍ଡରେ ବାନ୍ଧେ, କୁଟା ପକାଏ । ଗୋରୁ କୁଣ୍ଡରେ ପାଣି ଭର୍ତ୍ତି କରେ, ଗୋରୁ-ପାଣି ତତାଏ, କୋଳଥ ରଗଡ଼େ, କୁନ୍ଦ କୁଟେ, ଗୋରୁ ମୁହାଁଏ । କଅଁଳା ବାଛୁରି ଥିଲେ ପେଜରେ ଡାଣ୍ଡିଆ କୁଣ୍ଡା ଗୋଳାଇ ପିଆଏ । ଦୁହାଳ ପୋଛେ, ଘଷି ପାରେ । ଚୋଟାରୁ ପତରେ ଓଲାଇ ଗବାଏ, ତାକୁ ବଡ଼ା ବଡ଼ା ବାଘ ଚରୁମାପ୍ୟ ଲଗି ଭୁପାଡ଼ରେ ଭର୍ତ୍ତି କରେ ।

Digitized by srujanika@gmail.com

ଅବସ୍ଥା ଯେତେବେଳେ ଶ୍ରେଷ୍ଠ; ତା ଲାଗି ରୋଜ୍ ଘଡ଼ଘଡ଼ ରନ୍ଧା ହୁଏ, କାଖେଇ ଏଣେ ତେଣେ ବୁଲଇ ବୋଉ ତାକୁ ଖୁଆଏ । ନନା ତ ଗାଆଁ ବାଳିକା ସ୍କୁଲର ଶିକ୍ଷକ । ଯୋଉ ଦିନ ଚୂଲ୍ହାକୁ ନୁଣ୍ଡା ନ ଦିବାର ଦେଖନ୍ତି, ଦେହରେ ଚ’ହୁର ଚୁପୁଡ଼ା ତେଲ ମାରି ବାରି ଗଡ଼ିଆରେ ଟୁବ୍ କରି ବୁଡ଼ି ଆସନ୍ତି । ବୋଉର ଖପ ଡ଼ର, ତରବରରେ ଦି ପଖା ଚୁଲ୍ଲୀ ଲଗାଇ ଭାତ ଡାଲି ବସାଇ ଦିଏ । ନନା ଗଡ଼ିଆ କୂଳରୁ ଦଶାବତାର, ବିଷ୍ଣୁ ସହସ୍ର ନାମ ବୋଲି ବୋଲି ଆସନ୍ତି, ଚଉରାରୁ ତୁଳସୀ ନେଇ ଶାଳଗ୍ରାମକୁ ଗାଧୋଇ ରାଧାକୃଷ୍ଣଙ୍କ ମୁଣ୍ଡରୁ ଶୁଖିଲା ଚନ୍ଦନ ଛଡ଼ାଇ ସଜ ଚନ୍ଦନ ଟୋପା ଦିଅନ୍ତି, ସଜ ଫୁଲ, ତୁଳସୀ ଦିଅନ୍ତି । ନିଜେ ଚଟାଚଇତନ କରି ଲୁଗା ପିନ୍ଧି ଅଇଲାବେଳକୁ ବୋଉ ପିଢ଼ା ପକାଇ ପାଣି ଛିଞ୍ଚି ଦରଫୁଟା ଡ଼ାଲି ଭାତ ବାଢ଼ି ଦିଏ । ଗାଳି ଦେବାର କୌଣସି ସୁଯୋଗ ବା ଦୁର୍ଯୋଗ ନ ପାଇ ଅଖି କାନରେ ହେତକ ପୂରାଇ ଦେଇ ହେଉଡ଼ି ମାରି ନନା ଉଠନ୍ତି, କାନ୍ଧରେ ଦୋସଡ଼ା ଝଣ୍ଡିଏ ପକାଇ ଇସ୍କୁଲକୁ ଚାଲିଯାନ୍ତି ।

ବୋଉ ରାହାଳୀଙ୍କ ପୂଜା ନେଇ ନ ଥିଲା । ନିଜ ନାଆଁଟି ମଧ୍ୟ ସନ୍ତକ କରି ଜାଣି ନ ଥିଲା । ‘ମୂର୍ଖ ଦୋଷରୁ ପାର୍ ପାଇବୁ, ଶିଖ୍’ କହି ଅକ୍ଷର ଲେଖିଦେଲେ ସେ କହେ—ତମେସବୁ ତ ମୋର ପାଠରେ, ଆଉ ପାଠ କଣ ?

ଘରେ ସବୁ ଓଷାପୂଜା କରେ ସେ—ସେ ଦିନ ଘର ବଡ଼ ପବିତ୍ର, ସୁନ୍ଦର ଲାଗେ । ମଗୁଶୀର ମାସ ଗୁରୁବାରଟି ମୋର ସବୁଠୁଁ ବେଶୀ ମନେ ପଡ଼େ । କଣ ଭଙ୍ଗା ହୋଇ ନହେଲେ ଖିଲ୍ଲାଣ ଭୁଲ ହୋଇ ଘର ଲିପା, କେତେ ଭେଙ୍ଗୁରେ ଧାନ ଶିଷ ଚିତା ଛିଟା, କେତେ ସୁନ୍ଦର ଚିପ ଓ ଟୋପା, କାନ୍ଥେ କାନ୍ଥେ ପଦ୍ମ ଖେତ, ଅଗଣାରେ ପିଣ୍ଡାରେ ସବୁଠି ଲକ୍ଷ୍ମୀ ପାଦ ।

ଧଳା ଧାନ ମଳା ଉପରେ ଧାନମେଣ୍ଟା, ପାଟ ବେଢ଼ାଣ, ତା ଉପରେ ଛୋଟ ଉପୁରଣ, ଠାକୁରାଣୀ ପରି ଦିଶନ୍ତି ଏକା, ପାଖରେ ଚିତାଲଗା ଗଉଣୀ, ମାଣ; ଚର୍ଚ୍ଚିତ ମାଣପେଡ଼ିରୁ ସବୁ କଢ଼ା ହୁଏ, ପୂଜା ହୁଏ—ଗେଣ୍ଡୁ ଫୁଲ, ଯୋରଷ ଫୁଲ, ଝୁଲଣି ମନ୍ଦାର ଫୁଲରେ । ବୋଉ ହାତ ଯୋଡ଼ି ବୋଲେ—

‘ଲୁହାଳକୁ ଦେବ ଶ୍ରୀବତ୍ସା ଗାଈ
ଗର୍ଭିଣୀକି ଦେବ ଦୁହାଳ ଗାଈ
କଳା କଳା ମୋତେ ପୁତ୍ର ହିଁ ଦେବ
ଶୁଳାଶୁଳା ମୋତେ ଭାତ ହିଁ ଦେବ
ମଲେ ବୈକୁଣ୍ଠକୁ ନେବ ।’

Digitized by srujanika@gmail.com

କାନକ କାନ୍ଥରେ ଗୁଡ଼ାଇ ତଳେ ମୁଣ୍ଡ ଲଗାଇ ବୋଉ ମହାଲକ୍ଷ୍ମୀଙ୍କ ଓଳଗ ହୁଏ । ସେଇ ପବିତ୍ର ଅର୍ଘ୍ୟ ଚେହେରା ଏବେ ବେଳେବେଳେ ମୋ ଆଖିରେ ନାଚି-ଯାଏ । ଜଗନ୍ନାଥ ବଳରାମ ଦେହ ଦେହ ହୋଇ ବୁଲିବା, ସେମାନଙ୍କ ଲକ୍ଷ୍ମୀଛଡ଼ା ଦୃଷ୍ଟି ପାତରେ ଭକାରୀ ଥାଳରୁ ଅନ୍ନ ଉଭେଇ ଯିବା, ପଦ୍ମ ପୋଖରୀ ଶୁଖିଯିବା, ଶେଷରେ ଲକ୍ଷ୍ମୀ ଦୟା ପାଇ ସେମାନଙ୍କୁ ତାଙ୍କ ଘରେ ଖୁଆଇବା ଏବଂ ଭୋଜନ ଶେଷରେ ପୋଡ଼ପିଠା ଦେବା ଦୃଶ୍ୟ ସତପରି ମନେ ହେଉଥିଲା । ଖରମସ ଘିଅପକା ଯମୁନା ବାଲି ଚାଉଳର ଖେଚୁଡ଼ି ଥାଳି, ଖଣ୍ଡପକା ଖିରି, ଲେମ୍ବୁପତ୍ର ଦିଆ ଦହିପଖାଳ, ଘିଅପିଠା ଘରେ ଘରେ ବାସୁଥିଲା ।

ମନେ ପଡ଼େ ଦକ୍ଷିଣ ସଂକ୍ରାନ୍ତିରେ ବାଡ଼ି କବାଟରେ ସେଇ ଚିତାଲେଖା । କବାଟକୁ ଭଲଭାବେ ଧୋଇ ହାଣ୍ଡିକଳା ଲିପା ଯାଏ; ତା ଉପରେ ଲେଖା ହୁଏ— ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, କୋଠି, ବୋଇତ, ଧାନଗଦା, ସବାରି, ପାଲିଙ୍କି, ଛତି, ସାପ, ବାନା, ପୂର୍ଣ୍ଣକୁମ୍ଭ; ଝୁମ୍ପି, ଚଉଁରଭୁଣ୍ଡି, ନୋଥ, ଗୁଣା ପ୍ରଭୃତି ଅଳଙ୍କାର । ଜୀବନରେ କେତେ ମହାଶିଳ୍ପୀଙ୍କ ଛବି ଓ ବିଶ୍ୱଜଗତର କାରୁକୀର୍ତ୍ତି ଦେଖିଲି ପରେ ବି ଚିତା ମନରୁ ଲିଭିନାହିଁ ।

ବାଲି ତୃତୀୟାର ସେଇ ନିର୍ଜଳା ଉପାସ, ଦ୍ୱିତୀୟା ଓଷାର ଚାଲି ଶିଆଳି ପୂଜା, ଚିତାଉ ଉଆଁସରେ ଗେଣ୍ଡା ଶାମୁକା ଲାଗି ଉତ୍ସର୍ଗୀକୃତ ଚିତାଉ ପିଠା, ଗହ୍ମା ପୂର୍ଣ୍ଣିମା ଦିନ ବଳଭଦ୍ର ପୂଜା, ଇଣ୍ଡୁରି ପିଠା, କୃଷ୍ଣଜନ୍ମର ରାଶିଲଡୁ, ଦୋଳର ଗୁଚେଣା ଭୋଗ-ଖଜା ଶାକର, ଭୂଇଁ ଲଅଣ ବାସି ଠାକୁରାଣୀ ଗାଧୁଆ, କାର୍ତ୍ତିକ ମଙ୍ଗଳ ବାର ଦିନ ଦାଣ୍ଡରେ ମଙ୍ଗଳପୂଜା, ଦଶହରା ରଜପର୍ବ ଆନନ୍ଦରେ ମନ ଦୋଳି ଖେଳୁଥିଲା । ତାର ହାବୁକା ଏବେ ବି ମନକୁ ଚହଲାଇ ଦେଉଛି । ବଡ଼ଓଷା ରାତିରେ ରାତିଅଧରେ ଚୂନାକୁଟା ହୁଏ, ଦାଣ୍ଡ ଅଗଣାରେ ଗୋଟାଏ ଲମ୍ବ ଅଧୁଆ ଖୋଳା ହୁଏ, ସେଥିରେ ସାଇର ଦଶବାରୋଟି ହଣ୍ଡା ବସେ—ବଡ଼ଓଷା ଜାଉ ହୁଏ, ସେ ଜାଉରେ ଦୁଧ, ଛେନା, ଗୁଡ଼, ଆଖୁ, କଦଳୀ, ବହୁ ମସଲମସଲ ପଡ଼େ । ବଇଡ଼ାଙ୍ଗ ପୋଖରୀରେ ଚକା ଚାନ୍ଦ ବୁଡ଼ି ଯାଉଥାଏ, ଆମେ ଗାଧୋଇ ଶୀତରେ ଥର ଥର ଆଲଢ଼ କାଠିକଳା କଦଳୀ ପାଟୁକା ଡଙ୍ଗା ଗୁଡ଼ୁ—

ଅକା ମା ବୈ
ତୋ ପାନ ଗୁଆ ଖାଇ
ତୋ ପାନ ଗୁଆ ତୋର
ମାଗକ ଧରମ ମୋର ।

Digitized by srujanika@gmail.com

ବୋଧହୁଏ ସେଇ ଓଷା ବ୍ରତ ପର୍ବ ପର୍ବାଣିର ପବିତ୍ର ବାତାବରଣ ମଧ୍ୟରେ ଦେଖିଛୁ—ଠିକ୍ ଦେବୀ ପ୍ରତିମାପରି । ମୋ ଚରିତ୍ର ଓ ଚଳଣି ଉପରେ ତାର ପ୍ରଭାବ ଅପରିସୀମ ।

ସେତେବେଳେ ଆମ ଦଅଙ୍କ ଘରେ ଭିତ ପାଖରେ ଅଧ୍ୟାୟ ଭାଗବତ ବୋଲା ହେଉଥିଲା । ବୁଢ଼ୀ ନ ବୁଢ଼ୀ ବୋଉ ବସି ବସି ଶୁଣୁଥିଲା । ଯାଇରେ ପୁରାଣ ବୋଲାହେଲେ, ସଖୀନାଟ, ପାଲଟୁଆ, ପାଲା, ଚଇତି ଘୋଡ଼ାନାଟ ହେଲେ, ବାଉଁଶରାଣୀ ହେଲେ, କେଳା ଭୋଜବିଦ୍ୟା ଦେଖାଇଲେ କି ସାପ ଖେଳାଇଲେ କମ୍ବା ଯାତ୍ରା ବା ସୁଆଙ୍ଗ ହେଲେ ବୋଉ ଏକ ମନ ଏକ ଧ୍ୟାନରେ ଶୁଣୁଥିଲା, ଶ୍ରୁତିଧୁରଗର ଲୋକ ‘ସେ; ତାର ସ୍ମୃତିଶକ୍ତି ତୀକ୍ଷ୍ଣ ଥିଲା । ଯାହା ଥରେ ଶୁଣୁଥିଲା ମନେ ରହିଯାଉଥିଲା । ଘରେ ସେସବୁ ଆଉଡ଼ାଉ ଥିଲା--

"ମୁଁ ଏଇ ଗାଆଁ ଟୋକୀ
ଏ ମୁଣ୍ଡେ ତାକଇ ସେ ମୁଣ୍ଡେ ଡ଼ାକଇ
ମଝିରେ ହୁଅଇ ଠିଆ ।"
'ଦଅ ଗ୍ରହପତ ଖଣ୍ଡେ
ଲକ୍ଷ୍ମୀ ଦିଦେ ଦା···ଣ୍ଡେ ।'

ଏସବୁ ଯାତ୍ରାଗୀତ । ଆମ ଗାଆଁରେ ସେତେବେଳେ ଯାତ୍ରାବାଲା ପଞ୍ଚାଟିଏ ବାନ୍ଧାଣିଥାନ୍ତି । ନନା ଲକ୍ଷ୍ମୀ ପୁରାଣକୁ 'ଯାତ୍ରା' ରୂପ ଦେଇଥାନ୍ତି । ମୁଁ ପଖଉଜ ବଜାଉଥାଏ । ଯୋଉ ବୁଢ଼ିଆ ବୁଢ଼ା କଥାକେ କଥାକେ କହୁଛୁ—ଶାଣ୍ଡିଲ ବାତ । ଅଶିକ୍ଷ ଦରଶ ହେଉନାହିଁ, ସେ ସେତେବେଳେ ଛନନ୍ଦନଅ ଟୋକା, ଅଖେଡ଼ା ପିଲା ଡହାଳ ବାନ୍ଧାଣ ଗାଉଥିଲା--

'ଏ···କଜ୍ଜଳ ପୂରିତ ଲୋଚନ ଧାରେ
ସ୍ତନଯୁଗ ଶୋଭିତ ମୁକୁତା ହାରେ କି'

ଆଉ ସେକାଳେ ଯେଉଁମାନେ ବଳରାମ କୃଷ୍ଣ ହୋଇ ବାହାରୁଥିଲେ, ଯେଉଁ ଗୌର ମହାରଣା ଲକ୍ଷ୍ମୀ ଠାକୁରାଣୀ ହୋଇ ବାହାରୁଥିଲା, ଯେଉଁ ଆର୍ତ୍ତ ମହାପାତ୍ର ଚପ୍ରାଣୀ ହେଉଥିଲା, ସେମାନଙ୍କ ନାଆଁ ଲୁପ୍ତ ଗଲଣି । ଯାତ୍ରା ଭାଙ୍ଗିବା ପରେ ମହାପାତ୍ରେ କୁଆଡ଼େ ଗଲେ ଯେ ପତ୍ତା ମିଳିଲା ନାହିଁ । ବାରବର୍ଷ ପରେ ତାଙ୍କର ପଳାଶ ପତ୍ର ତାହା ଓ ଶୁଦ୍ଧ ଶ୍ରାଦ୍ଧ ହୋଇଗଲା ।

ସେତେବେଳେ ଗାଆଁରେ ଘୋର ଅନ୍ଧାର । ସେଇ କଟିକଟିଆ ଅନ୍ଧାର ଭିତରେ ଝକ୍ଝକିଆ ଗୋଟାଏ ଗୋଟାଏ ଚନ୍ଦ୍ରଉଦୟ। ପରି ଚମକେଇ ଦେଉଥିଲା । ଅନ୍ଧାରର

Digitized by srujanika@gmail.com

ଅନ୍ଧାର ପେଟକୁ ଦାଢ଼ୁଆ ତରବାରୀ ପରି ବିଜୁଳି ଚିର୍‌କିନା କାଟି ଦେଉଥିଲା । ଅମର ଗୋଟାଏ ପୋଲିଙ୍ଗବନ୍ଧା ଥିଲା, ପୋଲିଙ୍ଗ ଶରକୁ ସଜ ବାଟି ଚ୍ୟବନ ପ୍ରାପ ପଶୁ କରି ନିଜଭାରେ ବୋଲି ଜାଣିବାକୁ ହେଉଥିଲା । ଘରେ ଘରେ ପୋଲିଙ୍କ ତେଲ ଦୀପ ଜଳୁ-ଥିଲା । ତାପରେ ଦେଶୀ ହାରିକେନ୍, ଡିବି, ଲଣ୍ଠନ ଓ ଗ୍ୟାସବତୀ ଆସିଲା । ଏବେ ଆସିଲାଣି ବିଜୁଳି ବତୀ । ବେଳ ବୁଡ଼ୁ ବୁଡ଼ୁ ପ୍ରାୟ ବାଟଘାଟ ପଡ଼ି ଯାଉଥିଲା । ପୁଣି ଏ ପୁଣି ଏ ପଖାଳ ଖାଇ ଲୋକେ ଶୋଇ ପଡ଼ୁଥିଲେ । ଏତେ ଧନ୍ଦା ନ ଥିଲା । ହାତରେ ହୁଳା, ବାଡ଼ି । ନନା 'ପାଟୁଆ' ଶିଖେଇ ଯାଇ ରାତି ଅଧକୁ ଫେରୁଥିଲେ, ବେଳେ ବେଳେ ବର୍ଷାରେ ଓଦା ହୋଇ । ବୋଉର ନିଦ ପାହାନ୍ତିଆ ପହରକୁ ଭାଙ୍ଗୁଥିଲା··· ସେତେବେଳେ ହୁଏତ ମେଘ ଝିପୁରୁ ଝିପୁରୁ ବର୍ଷୁଥିଲା, ସ୍ଥଳରେ ମାଡ଼ିଥିବା କଖାରୁ ପତ୍ରରେ ଟପ ଟପ୍ ଶବ୍ଦ, ବେଙ୍ଗ କଣ୍ଠର ଅଜସ୍ର କଳରୋଳ ଓ ଜୋଟାର ମର୍ମରେ ମଧ୍ୟରେ ବୋଉ ଗାଉଥିଲା 'ମହାରାଜ ଚଉତିଶା'—

'ଚନ୍ଦ୍ର, ଆସିବୁ କୋଉଦିନ
ପୋଡ଼ା ନୟନରେ ତୋର ଦେଖିବି ବଦନରେ '
'କା ଆଗେ କହିବି ମୋ ମରମ ଦୁଃଖ
ଦୟା ନ କଲେ ଯାହା ଏ ପଦ୍ମମୁଖ ।'
କୋଇଲି ଲୋ ଖଣ୍ଡକ୍ଷୀର ଦେବି ମୁଁ କାହାକୁ ?
ଖାଇବାର ପୁଅ ଗଲା ମଥୁରା ପୁରକୁ ଲୋ—'

ଘରୁ ଯାଇ ଆମେ ବୋର୍ଡ଼ିଂରେ ରହି ପଢ଼ୁଥାଉ । ତେଣୁ 'ମହାରଜା ଚଉତିଶା' ଓ 'କୋଇଲି'ରୁ ନୂଆ ଅର୍ଥ ବାହାରେ । ଛୁଟିରେ ଶେଷ ହୁଏ ସେଦିନ ବୋଉର ଗୀତ । ବେଳେ ବେଳେ ଭଜନ, ଜଣାଣ, ଦୋହା, ଈଶ୍ୱର ନାମ ସ୍ମରଣର ପଦମାନ ମନେ-ପଡ଼ିଯାଏ । ଅଳସ ଭାଙ୍ଗୁ ଭାଙ୍ଗୁ ପାହାନ୍ତିଆ ପହରେ ଆବୃତ୍ତି କରେ —

'ରାମ ନାମ ଲଡ଼ୁଆ ଗୋବିନ୍ଦ ନାମ ଘି
ହରିନାମ ଖଣ୍ଡକ୍ଷୀର ଘୋର ଘୋର ପି'
'ଭଜୁ କରେ ମନ ଗୋବିନ୍ଦ ଗୋପାଳ
ଚିନ୍ତା କରେ ମନ ହରିଙ୍କ
ଧ୍ରୁବ ପ୍ରହଲ୍ଲାଦ ଅକ୍ରୂର ଉଦ୍ଧବ
ଭଜି ଭଜି ଗଲେ ତରିକି ।'

Digitized by srujanika@gmail.com

ହାତରେ ବୀଣାଦଣ୍ଡ ନ ଥିଲା, ଥିଲା ଖଡ଼ିକା ବା ଗୁଅଣ୍ଟି ମୁଠା । ତଥାପି ବୋଉ ଥିଲା ଚିର ସଙ୍ଗୀତମୟୀ ସରସ୍ୱତୀ । ଶ୍ରୀ ଅକ୍ଷର ବିବର୍ଜିତା, ତଥାପି ସେ ଥିଲା ଗାୟତ୍ରୀ ବା ପ୍ରଣବ । ତା'ର କାନ୍ଦଣାରୁ ମୋ ପ୍ରାଣରେ କବିତ୍ୱର ଆଦ୍ୟ ଓଁକାର ସ୍ଫୁରିଥିଲା । ମୁଁ ନୀଳ ସରସ୍ୱତୀ ବା ଶ୍ୱେତ ସରସ୍ୱତୀ, ପଙ୍କଜବାସିନୀ, ବୀଣା-ଦଣ୍ଡ ଧାରିଣୀ କୌଣସି ଦେବୀଙ୍କି କେବେ ଭଜିନାହିଁ । ପଲ୍ଲୀଗୀତରୁ, ପଲ୍ଲୀ ମା'ର କାନ୍ଦଣାରୁ ମୋ ପ୍ରାଣରେ ଅଜାଣତରେ ଗୀତ ଅଙ୍କୁରି ଥିଲା । ପଲ୍ଲୀ ମା ବୋଇଲେ ମୋ ବୋଉ ।

'ପଲ୍ଲୀପୁଷ୍ପ', 'ପଲ୍ଲୀ ଝରଣା' ଓ 'ପଲ୍ଲୀଗୀତ ସଞ୍ଚୟନ'ର ମୂଳ ପିଣ୍ଡ ସେ । ତା'ପରେ ଗୀତର କଣିକାସବୁ ଉତ୍କଳର ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ହୋଇ ଖଣ୍ଡେ ପରେ ଖଣ୍ଡେ ପ୍ରକାଶିତ ହୋଇଥିଲା । ଯେପରି ଗୀତ ସେହିପରି ଗାଉଁଲି ଗପର ମଧ୍ୟ ଭଣ୍ଡାର ଥିଲା ସେ । ଗପ ଶୁଣୁ ଶୁଣୁ ମୋତେ ନିଦ ଘୋଟି ଭଣ୍ଡାର ଆସୁଥିଲା ।

ବୋଉର ଗୋଟିଏ ଆଖିରେ ଲୁହ, ଆର ଆଖିରେ ହସ ଫୁଟୁଥିଲା । ମୋର ଦି'ଭାଇ, ଦି'ଭଉଣୀ ଓ ନନାଙ୍କ ଅକାଳ ମୃତ୍ୟୁଗୁଡ଼ିକ ପଥର କରି ସେ ସହିଥିଲା । ହାସ୍ୟରସ ସୃଷ୍ଟି—ତା ବ୍ୟକ୍ତିତ୍ୱର ଏକ ବଡ଼ ବୈଶିଷ୍ଟ୍ୟ ଥିଲା । କେତେ ଢଗଢମାଳି, ଗୀତ ବୋଲି ଗପ କହି ହସେଇ ଗଡ଼ଉଥିଲା ସେ ।

"କାଞ୍ଚି, ଖ ଦୁପିତା ଦି' ଢଅଣ
ଶଶୁର କହିଲା ଜୋଇଁକି ଆଣି ।
ଶାଶୂ—ଏଇଥି ପାଇଁକି ମରେ
ଦି ଢଅଣ ନ କରେ" !
"ଛୁଅଟି ଦାନାକୁ ନ'ଜଣ କୁଟିଆ
ପାଣି ବୋହୁଛନ୍ତି ଦି'ଜଣ ବେଠିଆ
ଗୋଟାଏ ଗଇଣ ଗଛକୁ
ଦି'ଜଣ ଧୋବା ଚରି ଚରି କଣ ଠିଆ ।"

ଆମ ତୁଣ୍ଡ ସଳଖ ହେଲାଣି କି ନାହିଁ ବୁଝିବାକୁ କହୁଥିଲା—
'ତେଲି ଶାଳେ ଛେଳି ଗୁଳ'

ତରବରରେ କହିଲାବେଳେ ଆମେ କହୁଥିଲୁ—
'ତେଲୀ ଶାଳେ ଛେଳି ଗୁଳ'

Digitized by srujanika@gmail.com

ଗୋଟିଏ ଅଭୁଲା ଦିନ ସେ, ଯୋଉଦିନ ବୋଉର କାଚ ଚୂର୍ଣ୍ଣ ହେଲା, ଖଡ଼ୁ କଢ଼ା ହେଲା, ନୋଥଲୁଣା ବଣୁଣି ଓହ୍ଲେଇ ଦିଆହେଲା । ସେ ବୋଉକୁ ଆଉ ଶୁଦ୍ଧି ସହ ହେଲାନାହିଁ —ଝଞ୍ଜା ବିକ୍ଷୋଭିତ ଝାଟିପଣ ଦିଶୁଥିଲା ଯେ; କାଳ ଅକାଳରେ ନନାଙ୍କୁ ନେଇଯାଇ ଆମ ସଂସାରକୁ ନାରଖାର କରିଦେଲା । ଆର୍ଥିକ ଦୁରବସ୍ଥା ଶୋଚନୀୟତର ଦିଗକୁ ଗଡ଼ିକଲା । ବୋଉର ଜୀବନଧାରାରେ ତା'ପରେ ଘୋର ପରିବର୍ତ୍ତନ ଦେଖାଗଲା । ସେ ଗାଧୋଇ ତୁଳସୀ ମୂଳରେ ପାଣି ଦେଲା, ତୁଳସୀ ମୂଳ ମୃତ୍ତିକା ମୁଣ୍ଡରେ ଲଗାଇଲା, ତୁଳସୀ ଜଳ ପାଇଲା; ଦଅଁ ଗାଧୋଇ ଭୋଗରାଗ କଲା । ଶ୍ରୀ କାପଡ଼ା ଗଳାରେ ଲମ୍ବାଇ ମାଳା ଜପିଲା; କିନ୍ତୁ ପ୍ରତିଦିନ ନୂତନ ଆର୍ଥିକ ସମସ୍ୟା ଆସି ପହଞ୍ଚିଲା । ଭାଇନା ପ୍ରାଥମିକ ଶିକ୍ଷକ ଭାବେ ଏକ ଦୂର ଗ୍ରାମରେ କାର୍ଯ୍ୟ କରୁଥାନ୍ତି; ମାସିକ ଦରମା ମାତ୍ର ବାରଟଙ୍କା । ସେଥିରୁ ତାଙ୍କର ଖର୍ଚ୍ଚ ବାଦ୍‌ଯାଇ ଘରେ ୫।୬ ଟଙ୍କା ମାତ୍ର ପହଞ୍ଚୁଥିଲା । ଏଥିରେ ସଂସାର ଚଳେନା । ବୋଉ ବୈରାଗ୍ୟ ତ୍ୟାଗ କରି ନିଜେ ଅଣ୍ଟା ଭିଡ଼ିଲା । ବିଲ ଭାଗ ଲଗାଇଲେ ଭାଗୀ ତା ଖଣ୍ଡିକ ଆଗ କରି ଭାଗ ବିଲର ବୁଣା ବଗ୍ରା, ବେଉଷଣି ପଛରେ ଦିଏ; ଖତମାଟି କରେନାହିଁ । ଫଳରେ ବିଲ ହୁଏ ଖପରା, ଘୁଆଁ ବା ବାଲୁଙ୍ଗା ବାଡ଼ି ।

'ତୁ ମାଇପୀ ଲୋକ, ଦଉଡ଼ ଧାପନ୍ତ କାମକୁ ପାରିବୁ ନାହିଁ' — ଯେତେ କହିଲେ ସେ ଶୁଣିଲା ନାହିଁ । ସକାଳୁ ଉଠି ସେ ଲୋକ ଡାକିଯାଏ । ହିଡ଼ ମୁଣ୍ଡରେ ଛତା ଧରି ବସି ବିଲ କରାଏ; ଖରା ବର୍ଷା ମାନେନାହିଁ । ମୂଲିଆ ଉଠାଣି ବେଳକୁ ଦ'ଘର ପଇସାର ଗୁଣ୍ଡି ପତ୍ର ନେଇ ବାଣ୍ଟି ଦିଏ, ଉଠିଥିବା ମୂଲିଆ ଆଉ ଘଡ଼ିଏ ପହରେ କାମ କରେ । ମୂଲିଆଣୀମାନଙ୍କୁ ବେଳେବେଳେ ସେ ଗୀତ ଶୁଣାଇଥିଲା । ବୋଉର କାମ ଆଦାୟ କରିବା ରୀତି ଏଇଆ ଥିଲା । ଫଳରେ ଆମର ଯାହା ଫସଲ ହେଉଥିଲା, କମିଲା ନାହିଁ । କ୍ରମେ ଆର୍ଥିକ ଅବସ୍ଥା ବଦଳିବାକୁ ଲାଗିଲା ।

ଆମ ପିଲାଦିନେ ତା' ପତରରେ ଡାଲି, ଚାଅଣ ବା ରାଇ ପଡ଼ିବାର କ୍ୱଚିତ୍ ଦେଖିଛୁ—ଲୁଣ, ଲଙ୍କା, ଅମ୍ବୁଲ, ପିତାଶାଗ, ଲମ୍ବୁକଡ଼ିର କରଚୂଲି ଖରଡ଼ା, କେବେ ବା ବାଇଗଣପୋଡ଼ା, ବଡ଼ିଫୁଲା; ଆମେସବୁ ଖାଇଦେଉ । ତା ଲାଗି ପ୍ରାୟ କିଛି ରହେନାହିଁ । ସେ ପିନା ଭଲ ଖାଏନାହିଁ ବା ଖାଇବାକୁ ପାଏନାହିଁ, ଭଲ ଖୁଆଏ । ରାନ୍ଧୁଣିପଣରେ ସ୍ୱାଦ୍; ଗାଆଁରେ ତାକୁ ବଳି କେହି ନାହିଁ । ପଡ଼ିକେ ନ ଚାଅଣ ଛ ଭଜା କରି ଥୋଇଦିଏ ସେ । ଯୋଉଦିନ ଠାଏ ଚାଅଣ ହୁଏ, ନନା କହନ୍ତି— 'ଆଣ୍ଟୁକୁଡ଼ା ଚାଅଣ' । ମାତ୍ର ଦ୍ୱିପଳା ତେଲରେ ବୋଉର ଡାଲିଛୁଙ୍କ, ଭଜା ସବୁ ହୋଇଯାଏ, ସେ ସ୍ୱାଦରଭରା ଯାହା ପାଟିରେ ବାଜୁଛି, ସେ ଝୁରି ହୋଇଛୁ ।

Digitized by srujanika@gmail.com

ହବିଷ୍ୟାଳୀମାନଙ୍କ ମଧ୍ୟରେ ବୋଉକୁ ଦେଖିଲେ ବଡ଼ କଷ୍ଟ ଲାଗେ । ପ୍ରିୟ ଖାଦ୍ୟ, ପ୍ରିୟ ବସ୍ତୁ, ତାକୁ ସବୁ ଛାଡ଼ିବାକୁ ପଡ଼ୁଥିଲା । କଠୋର ନିବୃତ୍ତି ମଧ୍ୟରେ ଜୀବନ ଜ୍ୱାଳାମୟ ହୋଇ ଉଠିଥିଲା । ପବିତ୍ର କାର୍ତ୍ତିକର ସେଇ ବ୍ରତ ସଙ୍କଳ୍ପ, ସାରାଦିନର ଖାଡ଼ା ଉପବାସ, ସନ୍ଧ୍ୟାବେଳକୁ କଞ୍ଚା ମୁଗଡାଲ୍‌ମା, କନ୍ଦା ସାରୁ, ଧାରୁ ନାଡ଼ ପଣସ ଓ ଓଉ । କେତେବେଳେ କେମିତି ଅଗସ୍ତି ପତର ଶାଗ ଟିକିଏ ଜୁଟୁଥିଲା । ଏଇ ତରକାରୀ ଓ ଅଦା ଲୁଣ ଯେପରି ଉଆଁଶିଆ ଗଳାଧଃକରଣ କରିବା ବଡ଼ କଷ୍ଟସାଧ୍ୟ ଥିଲା । ମାସସାରା ସେ ମଠା ଖଣ୍ଡିଏ ପିନ୍ଧି କାନ୍ଧରେ ଶିଆ କାପଡ଼ା ଓ ତୁଳସୀମାଳ ପକାଇ ଦେବଦେବୀଙ୍କ ଦର୍ଶନକୁ ଯାଉଥିଲା । ମୋ ଦେଠେଇ ଗୋଦାବରୀ ବୁଢ଼ୀ ସହିତ ଚଉରାପୂଜା କରୁଥିଲା । ଚଉରା ଚାରିପଟେ ଦୁହେଁ ସାତଘେରା ବୁଲି 'ରାଈ ଦାମୋଦର' ପୂଜା କରୁଥିଲେ । ଦେଠେଇ କରୁଣ ସ୍ୱରରେ ହୁଳହୁଳିଟିଏ ପକାଇ ଗାଉଥିଲା—

'ସିଝ ସୁବର୍ଣ୍ଣରେ ମଣ୍ଡପ ହୀରା ମାଣିକ୍ୟ କୋଠି
ରାଈ ଦାମୋଦର ଖେଳନ୍ତି ହାତେ କଉଡ଼ି ମୁଠି
ସାତମୁଠି ଯୁଗ ଖେଳିଲେ ରାମ ହୋଇଲେ ଧନ୍ଦା
ହସି ବାଇଦେଈ ବୋଲନ୍ତି ମୁଦ ଦଅ ହେ ବନ୍ଧା ।

ପ୍ରକୃତ ପକ୍ଷେ କଉଡ଼ି ଖେଳଟି ରାଈ ଦାମୋଦରଙ୍କ ମଧ୍ୟରେ ନୁହେଁ, ବୋଉ ଦେଠେଇଙ୍କ ମଧ୍ୟରେ ହିଁ ହେଉଥିଲା । ଚଉରା ମୂଳେ ଆଉ ଗୋଟିଏ ଗୀତ ବୋଲା ହେଉଥିଲା—

ଭୁଆ ତୁଲେ ଅଗ୍ନି ପଶନ୍ତି ନାରୀ
ସେଥିର ଚରିତ ଶୁଣ କୁମାରୀ ।

ସ୍ତ୍ରୀ ମୃତ ସ୍ୱାମୀ ସହିତ ସତୀ ହେବାର ସ୍ମାରକ ଗୀତ ଏ । ସେତେବେଳେ ହବିଷ୍ୟ ବ୍ରତର ପ୍ରଶ୍ନ ନ ଥିଲା । ମୃତ ପତିର ଚିତାଗ୍ନିକୁ ଶୋକବିହ୍ୱଳା ବିଧବା ଡେଇଁ ପଡୁଥିଲେ ।

ସନ୍ଧ୍ୟାରେ ଗୋପୀନାଥଙ୍କ ଦେଉଳରେ ଆଳତି ଘଣ୍ଟା ବାଜିଲା ବେଳେ ଆମ ଅଗଣାରେ ପ୍ରୋଥିତ ବାଉଁଶର ଅଗ୍ରଭାଗକୁ 'ଆକାଶ ଦୀପ' ଉଠୁଥିଲା । ଆଟିକାର ଛିଦ୍ରବାଟେ ଆଲୋକ କଣା ବିଛି ହୋଇ ପଡୁଥିଲା । ବୋଉ ଚଉରା ମୂଳେ ସଞ୍ଜ ଦେଉଥିଲା, ବୃନ୍ଦାବତୀଙ୍କ ଦ୍ୱାର ଗୁହାରି ଜଣାଉ ଥିଲା । ସବୁ ଦେବଦେବୀଙ୍କର ମର୍ତ୍ତ୍ୟ ପ୍ରତିନିଧି ଏଇ ତୁଳସୀ ବୁଦା-ବୃନ୍ଦାବତୀ ।

Digitized by srujanika@gmail.com

ପୁନିା ମାଆ (ନିନାଙ୍କ ବୋଉ) ସଙ୍ଗେ ତାର ବେଳେବେଳେ କଳି ଲାଗି ଯାଉଥିଲା । ବୋଉ ରୁଷି ଶୋଉଥିଲା, ମାଆ କଣ ମନେ ମନେ ସଂକଳ୍ପ କରି କାନରେ ଗଣ୍ଠି ପକାଉ ଥିଲା । କଳି କାହିଁକି ? ଧାନଟି ଭିତରେ ଚୁଉଲଟିଏ ! ଚୁବ ହଜାନ୍ତୁ, କାହା ଘରେ ନ ହଜେ ? ନନା ନ ଖାଇ ସ୍କୁଲକୁ ଚାଲିଯାନ୍ତି । ଚୁବ ହଜିବା କଥା କୁଆଡ଼େ ଯାଇ ତାଙ୍କ ପୁଅ ନ ଖାଇ ଯିବାଟା ବଡ଼ ହୋଇଉଠେ । ମାଆ ନନା ଫେରିବା ପର୍ଯ୍ୟନ୍ତ ବଡ଼୍ ବଡ଼୍ ହେଉଥାଏ ।

ବୋଉ ସେତେବେଳକୁ ପଦାକୁ ବାହାରି ନ ଥିଲା । ମାଆ ବାହାର କାମସବୁ କରୁଥିଲା—ତୋଟାରୁ ପତରଗୋଟିଆ, ବରଡ଼ା ଫୋପଡ଼ା ହଣା, ଗୁହାଳପୋଛା, ଗାଈକୁଣ୍ଡା, ଢେଙ୍କିମୁହାଁ, ଘିଅମରା, ଘଷିପରା, ଗୋରୁମୁହାଁ, ଧାନଉଷୁଆଁ ଆଦି ବାହାର କାମ । ସେତେବେଳେ ଘରେ ଖୋବା ଖୋବା ଘିଅ, ଲୁଆ ଘିଅ କଟକୀ ଛଟାଙ୍କିକୁ ଦଶ ପଇସା । ଦଶ ପଇସାକୁ ବଢ଼ିବା ଦେଖି ମାଆ କହେ—ଘିଅ କେତେ କଅଡ଼ିଆ ହେଲଣି । ସବୁ ଖାଇଦେଲେ ଘର ଚଳିବ କେମିତି ? ମୋର ଦୁଇ ନାତି ସେତେବେଳେ ମୁଣ୍ଡରେ ଲୁଆଘିଅ ଲଗାଉ ଥାନ୍ତି—ଜଣକୁ ଥରକେ ଅଧ ଛଟାଙ୍କିଏ । ଅବଶ୍ୟ ପର୍ମୁତି ବେଢ଼ନ୍ତି । ଶୁଣିବାରେ ଏଥିରେ ମିଛାସ କୁଆଡ଼େ ଥଣ୍ଡା ରହେ ।

ମାଆ ପ୍ରତିଦିନ ଟୋକେଇଏ ଅନାବନା ଶାଗ ତୋଳି ଆଣେ, ଚାଉଳ ଉଷୁନା ମୁଢ଼ି ଭଜେ, ଝୁଣ୍ଟା କରେ, ନଡ଼ିଆ ତେଲରେ କାକରା ଛାଣେ, ଟିକିଏ ଟିକିଏ କଥାରେ କଳିକୁ ଆଗ ହୋଇ ବାହାରି ପଡ଼େ । ମୁଣ୍ଡର ଖୋଟକେରାକରେ କୃତିତ୍ତ ପାନିଆଁ ବାଜେ । ଆମ ଲଗି କୋଉଠୁ ପାଚିଲା ଚାଉଳଆଟାଏ, କେମା କାକୁଡ଼ିଟାଏ ଆଣିଦିଏ । ସେ ଯୋଉଦିନ ଢୁଳେଇଗଲା, ସାଇଭାଇ ତାକୁ ଆଣି ଦାଣ୍ଡ ଅଗଣାରେ ଶୁଆଇ ଦେଲେ—ପଢ଼ାହେଲା ଅଧ୍ୟାଏ ଭାଗବତ । ମାଆ କାନରେ ହରିନାମ ପଶିଲା କି ନାହିଁ କିଏ ଜାଣେ ? ନନା ପାଟିରେ ଦେଲେ ଟୋପାଏ ମହାର୍ଦ୍ଧ ପାଣି । ଗୋଟାଏ ହେକ୍କା, ତାପରେ ସବୁ ଶେଷ ।

ମା ମଲାପରେ ବୋଉ ଉପରେ ଘର ବାହାର ସବୁ କାମ ପଡ଼ିଲା । ମାଆ ମରିବାର ବହୁବର୍ଷ ପରେ ବି ସେ ତା ଗୁଣ ସୁମରଣା କରି ଅସରାଏ ଅସରାଏ କାନ୍ଦୁଥିଲା ।

ତାପରେ ବୋଉର କଳି ଆଉ ଘରସୀମାରେ ଆବଦ୍ଧ ହୋଇ ରହିଲା ନାହିଁ । ସେ ବାହାରକୁ ବାହାରିବା ସଙ୍ଗେ ସଙ୍ଗେ କଳି ତା ପଛେ ପଛେ ଗଲା । ସେତେ-

Digitized by srujanika@gmail.com

ବେଳେ କଳି କରିବାକୁ ଢେର ବେଳ ଥିଲା, ଗାଁରେ ବହୁତ କଳିକାଣ୍ଡେଇ ସ୍ତ୍ରୀ ଲୋକ ଥିଲେ । କାହାର ବରଡ଼ ଆମ୍ବ ଦୁଧହାଣ୍ଡି ଗଜେଇଛନ୍ତି, କାହାର ଛୁଡ଼ା ଆମ୍ବ କୋଶଲା ପଟାଳି ଖାଇଲେ, କିଏ ନଡ଼ିଆ ଗଛରୁ ଡାବ ଡ଼ୁଙ୍ଗା ଭାଙ୍ଗିଲେ, କାହା ପିଲା ଆମ୍ବ ଦନ୍ତରେ ଟିପ ଗ୍ରେଞ୍ଚିଲେ ବୋଉ କଳି କରିବାକୁ ବାହାରିପଡ଼େ ।

ବିପକ୍ଷ ପକ୍ଷରୁ ପ୍ରଚଣ୍ଡ ଆକ୍ରମଣ ହେଲେ ବୋଉ ଚକ୍କାରକର ଜବାବ ଦିଏ

ଆଲୋ ହେ
ମୁଁ ଯୋଗୀ ମହାପାତ୍ର ଝିଅ ଗୁଧୀ
ଯୋଗ ପଢ଼ିଲେ ସାଧି
ମୁଁ ତତେ ଡରିବ ?
ମୁଁ ତୋ ଦରଜା ନେଳି ବୋଲି କହୁଚୁ ?
ତୋ ପାଟିରେ ଘା ହବ, ପୋକ ପଡ଼ିବ
ଆଲୋ, ପିଲାଦିନେ ମୁଁ ଯେତେ ନଡ଼ିଆ ଖାଇଚ
ଏଇଲେ ଦାନ୍ତମୂଳ ଖୋଳିଲେ ବାହାରିବ
ମୋ ପାଦତଳ ଧୂଳିରେ ଯାହା ଥିବ
ତୋ କପାଳରେ ତା ଲେଖା ନ ଥିବ
ତୁ ମତେ କହୁଚୁ ?

ନନାଙ୍କ ଅକାଳ ମୃତ୍ୟୁ ପରେ ବୋଉ ଦବି ଗଲା, ଭାଇନାଙ୍କ ମୃତ୍ୟୁ ପରେ ଭାଙ୍ଗି ପଡ଼ିଲା । ଶ୍ୱାସରୋଗ ହେଲା ପରେ କଳି ଆପେ ଆପେ ବନ୍ଦ ହୋଇଗଲା ।

ଭାଇନାଙ୍କ ଶୋକରେ ଶ୍ୱାସ ରୋଗ ବଢ଼ିଗଲା । ସଁ ସଁ ପେଲ ହେଉଥାଏ, ସେଥିରେ କୋଣ କୋଣ ବାଟ ବୁଲି ବିଲବାଡ଼ି ଦେଖେ । ମାଷ୍ଟ୍ରଙ୍କ ପରେ ସାଧାରଣ ଲୋକଙ୍କର ମାଷ୍ଟ୍ରାଣୀଙ୍କ ପ୍ରତି ଶ୍ରଦ୍ଧା ଥିଲା । କେଣୁ ଧାନ ଶିଏ କେହି ଚୁଣ୍ଡ୍ରାନ୍ତି ନାହିଁ, ଜମିବାଡ଼ିରେ କେହି ଗୋରୁ ପୂରାଇ ଉଜାଡ଼ି ଦିଏ ନାହିଁ ।

ପାନ କମ୍ଭା ଗୁହା କିଛି ହେଲେ ବଦଭ୍ୟାସ ତାର ନ ଥିଲା । 'ଶ୍ୱାସ ଭଲ ହୋଇଯିବ'—ଏଇ ବିଶ୍ୱାସରେ ଦୈନିକ ପଇସାକର ଅଫିମ ସେ ଖାଉଥିଲା । କାଳେ ମାତ୍ରା ବଢ଼ିଯିବ, ସମ୍ପତ୍ତି ଉଜୁଡ଼ି ଯିବ—ଏଇ ଭୟରେ ଶେଷକୁ ଅଫିମ ଛାଡ଼ିଦେଲା ।

ସାନହୁଅ ଉଦୟନାଥ ଯେତେବେଳେ ଆମେରିକା ଗଲା, ତାକୁ ତାର ଶେଷ କଥା ପଦକ ଶୁଣାଇଥିଲା କାହା ହାତରୁ ପାନ ଖାଇବୁନାହିଁ, ଅନ୍ୟ ସ୍ତ୍ରୀ ହାତରୁ ପାନ

Digitized by srujanika@gmail.com

ଖାଇବା ଅର୍ଥ ତା ପାଳରେ ପଡ଼ିବା; ଘରଦୁଆର, ସ୍ତ୍ରୀ ପିଲାଝିଲାଙ୍କୁ ଭୁଲିଯିବା, ଏହା ଉଜ୍ଜ୍ୱଳ ଜୀବନର ଏକ ଦୁଃଖାନ୍ତ ପରିଣତି, କିନ୍ତୁ ଆଶଙ୍କା କରି ବୋଉ ଶେଷ ପଦାଙ୍କରେ ତାର ସୂଚନା ହିଁ ଦେଇଥିଲ ।

ଭାଇନା ମଲା ପରେ ବୋଉର ଯୋଉ ଲୁହ ବୋହୁଥିଲ, ସେ ଆଉ ଶୁଖିଲ ନାହିଁ । ପ୍ରତିଦିନ ଅସରାଏ ଅସରାଏ କାନ୍ଦେ ସେ; ବଡ଼ ପୁଅର ସ୍ଥାନ ଆମେ କେହି ପୂରଣ କରିପାରିଲୁ ନାହିଁ, ବାହାରକୁ ଯେତେ ଯୋଗ୍ୟ ଦେଖାଗଲେ ବି । କାନ୍ଦିଲା ବେଳେ ବୁଝାଇ ବସିଲେ ଫଳ ହୁଏ ଓଲଟା । କ୍ଲାନ୍ତ, ଅବସନ୍ନ ହେବା ପର୍ଯ୍ୟନ୍ତ ସେ କାନ୍ଦୁଥାଏ ।

୧୯୫୬; ଦଲେଇ ଘାଇ ବର୍ଷ, ଦୁଇପୁଅ ପ୍ରବାସରେ ବା ବିଦେଶରେ । ରାତି ଅଧ; ଆକାଶରୁ ଗଲ୍ ଗଲ୍ ପାଣି ଗଳୁଛି, କଟିକଟିଆ ଅନ୍ଧାର । ବୋଉକୁ ଲାଗିଲା— ସତେ ଯେମିତି କିଏ ଡାକୁଛି, ଅଗଣାକୁ ଉଠି ଆସିଲା । କାହାରିକୁ ଦେଖିଲା ନାହିଁ । ମୁଣ୍ଡ ବୁଲେଇଗଲା । ଗଛ କାଟିଲା ପରି ଅଗଣାରେ କବୃଡ଼ି ହୋଇ ପଡ଼ିଲା । କାହାରିକୁ ଡାକିବା ଲାଗି ପାଟି ଫିଟିଲା ନାହିଁ, କୌଣସି ମତେ ଓଦା ସର ସର ହୋଇ ଘୁଷୁରି ଘୁଷୁରି ଆସି ଶେଯରେ ଶୋଇଲା, ଝାଡ଼ା ପରିସ୍ରା ବନ୍ଦ ହୋଇଗଲା । ଚାରିଆଡ଼େ ଅକାତ କାତ ପାଣି । ଡାକ୍ତରଙ୍କୁ ଡାକି ଦିବାର ଉପାୟ ନାହିଁ । ଶଯ୍ୟାକୁ ଚାହିଁ ଚାହିଁ ଆଖିରୁ ଶେଷ ଲୁହ ଗଡ଼ାଇ ବୋଉ ଆମକୁ ଛାଡ଼ିଗଲା, ତାର ପାଇଁ ମୁଁ ଘରେ ପହଞ୍ଚିଲା ବେଳକୁ ଚିତାଗ୍ନି ଲିଭିଗଲାଣି । ଅସ୍ଥି ଧରିବାର ଆୟୋଜନ ହେଉଛି । ସେତିକିବେଳେ କବିତାଟିଏ ଲେଖିଥିଲ—

ଉଆଁସ ଅଧରାତି ବରଷା ଘୋର
ବୋଉ ଡାକଟି ଆଜି ପଶିଲା ମୋର ।

× × ×

ପୁଅ ତୋ ଡାକତର ଡାକ ତା ନାମ,
ପୁଟୁଳି ବୈଦ୍ୟହାତେ ଗଲା ତୋ ପ୍ରାଣ ।

'ଭସ୍ମ ଯାହାଠି, ଜନ୍ମ ତାଠି', 'ରୁଅ ହେନ୍ତାଳ, ଗଣ୍ଡି ବେତାଳ, ଘରଣୀ ବେତାଳ, ତେବେ ଯେ ଘର ଥାଏ ଅପାର କାଳ' ପୁଅ ଓ ବୋହୂଙ୍କୁ ଏ ତାର ଉପଦେଶ ଥିଲ ।

Digitized by srujanika@gmail.com

ନେତ୍ରୀ ନୁହେଁ, କବ ନୁହେଁ, ସେବିକା ନୁହେଁ, ସେ ଥିଲା ଗୋଟିଏ ଘରଣୀ; ଯୋଗୀ ଭକାଶ୍ରୀ ଭ୍ରଷ୍ଟ, ସାଇପଡ଼ଶା ସମସ୍ତଙ୍କ କଥା ସେ ବୁଝୁ ଥିଲା, ନଜ ପ୍ରତ ଥିଲା ତାର ଚରମ ଅବହେଳା । ନଜକୁ ଢଳେ ଢଳେ ଭାଙ୍ଗି ଭାଙ୍ଗି ସେ ଆମକୁ ଗଢ଼ିଥିଲା, ଆମେ ତାକୁ କଛୁ ଦେଇନାହୁଁ, କାହାଠାରୁ କଛୁ ଆଦାୟ କର ଆତ୍ମସୁଖରେ ବ୍ୟସ୍ତ କରବା ଚନ୍ତା ତା ମନରେ ସ୍ଥାନ ପାଇ ନ ଥିଲା । ଆମେ ସୁଖରେ ଥିଲେ ତାର ସବୁ ସୁଖ ।

'ମା ନାମ ମହମା ମହୀମଣ୍ଡଳେ
ମା ନାମର ଶାନ୍ତ୍ୟ ଛପନ ତଳେ ।'

ଏ ପଦର ଅର୍ଥ ଆଜ ବୁଝି ହେଉଚ ।

Digitized by srujanika@gmail.com

ଭାଇ ଭଉଣୀ

ସୁରୁଯୀ ନାନୀ

ସ୍କୁଲରେ ଲେଖା ନାମ ସୂର୍ଯ୍ୟମଣି ଦେବୀ; ଡାକ ନାମ ସୁରୁଯୀ; ବୋଉକୁ ପଡ଼ୋଶୀ, ଗ୍ରାମବାସୀ 'ସୁରୁଯୀ ବୋଉ' ବୋଲି ଡାକନ୍ତି, ଆମେ ସମସ୍ତେ ଜନ୍ମ ହେଲ ପରେ ବି । ପହିଲି ସନ୍ତାନ, ଦଶ ଗୋଲବସରରେ ବଢ଼ିଥିଲି ସେ । ସୁନା ଚମ୍ପା ପରି ଗୋରୀ, ସୂର୍ଯ୍ୟମୁଖୀ ଫୁଲପରି ମୁହଁ, ଠିକ୍ ଠ-ବର୍ତ୍ତୁଳ । ବୋଉ ହାତରେ ଗ୍ରୁଣ୍ଟୁଣୀ ଧରେଇ ଦେଇ ନ ଥିଲା; ସାତ ତୋଟାର ଫୁଲ ଅଣି ତା ମୁଣ୍ଡ ବାନ୍ଧ ଦେଉଥିଲି । ପିଠିରେ କୋଉ ଦିନ ହାତ ଲଗି ନ ଥିଲ । ନନା କୋଉ ଦିନ ଆଖି ତରେଟି ଚାହିଁଦେଲେ ଅଖିରୁ ଗଳ୍ ଗଳ୍ ହୋଇ ଲୁହ ବୋହି ଯାଉଥିଲ, ପୃଥିବୀକୁ ସତେ କି ଭସାଇ ଦେବ !

ସାଇସାକ ସ୍ନେହର ସଂସାର ବାନ୍ଧି ବସିଥିଲି ସେ—କିଏ ବଉଲ, କିଏ ମକର, କିଏ ଗଜାମୁଗ, କିଏ କଣିକାକୁଣ୍ଡ । ଦେହକୁ ଶୁଖେଇଶାଖେଇ କେତେ ଓଷା ବ୍ରତ କରୁଥିଲି ସେ, କେତେ ଦିଅଁ ଦେବତା ପୂଜୁଥିଲି । କେତେ ସନମାନରେ ତାର ଦୋଳି ବନ୍ଧା ହେଉଥିଲ । ସେ ହେଉଥିଲ 'ଦୋଳରାଣୀ' । କଉଡ଼ି ଖେଳରେ ମୁଗ ବାଉଥିଲି; କୁଆଁର ପୁନେଇ ପୁଚରେ ତାକୁ ହଟେଇ ପାରୁଥିଲି କିଏ ?

ନନା ସନମାନରେ ଦୁଆରବନ୍ଧ କରେଇଥିଲେ, ସେ ପହିଲିପାଳି ଗଲା ବେଳକୁ ନୋଥ, ମ୍ଭଣା, ବଣୁଣ୍ଡି, ନ୍ଲେଟ୍ବକଣ୍ଠି ମିଶା ମନ୍ଦୁଡ଼ ମାଳ, ମଥାମଣି, ଝୁମ୍ପି, ଚଉସରି ଭ୍ରଣ୍ଡି, ନାହୁଲ, ବନ୍ଦ, କଟଫଳ, ଚୁଡ଼ି, ପାହୁଡ଼, ତାଡ଼, ବଳା ଆଦି ସକଳ ଅଳଙ୍କାର ଦେଇଥିଲେ; ଗଗ୍ରା, ଡ଼ାଲ, କଂସା, ବେଲା, ପିତ୍ତଳ ଅଦ ବାସନକୁସନ, ମନୋହର, ଗୁଡଖଇ, ଚୁଡ଼ାପୁଆ, ସାରୁ, କଦଳୀ, ଟମ୍ପ ଅନ୍ତୁ ଆଦି ଦଶୋଟି ଭାର, କୋରଣା, ପନକ, ଚକ, ଶିଳ, ନଣନ୍ଦ ପୁଟୁଳ, ଘରର ସମସ୍ତଙ୍କ ପାଇଁ ଲୁଗାପଟା ଓ ଦୁହାଁଳ ଗାଈ ଯଉତୁକ ଦେଇଥିଲେ; ଆମ ପରି ନିମ୍ନ ମଧ୍ୟବିତ୍ତର ଆର୍ଥିକ ବଳକୁ ଏସବୁ ଅବଶ୍ୟ ବଳି-ପଡ଼ୁଥିଲ । ନାନୀ ଘରେ ଶହେ ପ୍ରାଣୀ କୁଟୁମ୍ବ; ଭଲ ନ ଦେଲେ କାଳେ ପସନ୍ଦ ନ

Digitized by srujanika@gmail.com

ଦେବ, ଚୁଡ଼ି ଭଣଦେବେ, ନାକକୁ ବାଧିବ, ସବୁ ନନା ଯାହା ଦେଲେ ସୁନ୍ଦର ଦିଶିବ, ସବୁ ଯୋଗାଡ଼ କରି ଦେଉଥିଲେ ।

ନାନୀ ଘୁଅଣରେ ଯାଉଥିଲେ, ମୁଁ ତା ସଙ୍ଗରେ କୁଣିଆ ହୋଇ ଘୁଅଣରେ ବସି ଯାଉଥିଲି । ବାଟଯାକ ସେ କାନ୍ଦୁନା ପକାଇ କାନ୍ଦୁଥିଲେ; ଦି କୋଶ ବାଟଯାଏ ମୁଁ ମଧ୍ୟ ତା ସଙ୍ଗେ କାନ୍ଦିଥିଲି । ଅଉ କେବେ ଜୀବନରେ ଏତେ କାନ୍ଦିବା କଥା ମନେ ପଡ଼ୁନାହିଁ । କୁହଁ ପାରୁ ନ ଥାଏ—କାହିଁକି ନନା ନାନୀକୁ ଛାଡ଼ିଦେଲେ ?

ପୁଣି ଏ ବୋଝଟାର ଅନ୍ତମୂର କାହିଁକି ?

ମୋ ବଡ଼ ଭଣୋଇଙ୍କ ନାଆଁ ନାରାୟଣ ମହାପାତ୍ର, ଘର ଚନ୍ଦ୍ରଶେଖରପୁର, ଶ୍ରୀ ଅଙ୍ଗରେ ଶର୍ଚ୍ଚିତ, ମୁଣ୍ଡରେ ଗୋଛାଏ ଚୁଟି; ଗୋଟାଏ ଜଣ ରଜାର ପୁଅ ପେ; ଦଣ ହଳ ବଳଦ, ପଞ୍ଚ ପଞ୍ଚ ବାଡ଼ି, ଦାଣ୍ଡ ପଥର ଖଣ୍ଡା କେଉଁଠୁ କୋଉଯାଏ ଲମ୍ବିଥିଲା; ହଜାର ହଜାର ନଡ଼ିଆ ଗଛ, ଅମ୍ବତୋଟା, ପଦ୍ମ ପୋଖରୀ, ଦାଣ୍ଡ ଦୁଆରେ ହସ୍ତୀଟି ପୋଖରୀ, ଗୋଟାଏ ଘର ଜାଣ ଗୋଟାଏ ଗାଆଁ; ଘରେ ଦେବବୃତ୍ତି, ଗୁମାସ୍ତା, ଖମାରିଆ, ପିଲାଙ୍କୁ ପଢ଼ାଇବା ଲାଗି ମାଷ୍ଟର ଘରର ଅଭିଭାବକ ମାମଲତକାର ସୋମନାଥ ମହାପାତ୍ର ମାମଲାମକଦ୍ଦମାରେ ଧୁରନ୍ଧର, ଏତେ ବଡ଼ ଘରେ ଚଳିବାକୁ ପ୍ରଥମେ ମୋତେ ଅଡ଼ୁଆ ଅଡ଼ୁଆ ଲାଗୁଥିଲା, ପରେ ସବୁ ଅଭ୍ୟାସ ହେଲା । ନାନୀଘରକୁ ଯାଇ ମୁଁ ଅନେକ ଦିନ କଟାଇଥିଲି । ତାଙ୍କର ଗୋଟିଏ ଘୋଡ଼ା ଥିଲା, ଘରର ଭେଣ୍ଡିଆମାନେ ତା ପିଠିରେ ବସି ବନ୍ଧୁବାନ୍ଧବ ଘରକୁ ଯାଉଥିଲେ । ସେ ଯାହାର ମର୍ଯ୍ୟାଦା ଥିଲା । ଘୋଡ଼ାଚଢ଼ାରୁ ସମ୍ପର୍କି ନାହିଁ ।

ସୋମନାଥ ମହାପାତ୍ର ଅମର ହମାସ୍ତକ ଦଣ୍ଡ ନୃପଣ୍ଡ । ନାନୀର ସୁନ୍ଦରପଣ ଦେଖି ନାରଣଙ୍କୁ ସେ ବଶ୍ୟ ଦେଇଥିଲେ; ଯାବୁ ଭିତରେ ମାରୁ । ନାରଣର ପିଠିରେ ଗୋଟାଏ ଛଉ । ନନା ଶଙ୍କା କରୁଥିଲେ; ଘଟକ କହିଲେ—ବସ୍ତୁସ ଛଉ, ଭଜ ବଇଦ କହିଲେ —କିଛି ଶୋଚନା କରନା, ମୁଁ ସ୍ୱାକୁ ଔଷଧ ଦେଇ ଶୁଖାଇ ଦେବି । ନନା ବଡ଼ ଘର ଲୋଭ ଛାଡ଼ି ନ ପାରି ନାନୀକୁ ସେଠି ଦେଲେ । ଦଶବର୍ଷ ପରେ ସେ ଛଉ ଘୋଟିଗଲା, ଆଙ୍ଗୁଠି ବଙ୍କା ହେଲା, ମୁହଁ ଫୁଲି ବେବାଗିଆ ହୋଇଗଲା । ମୁଁ ସେତେବେଳେ କଲେଜରେ ପଢ଼ୁଥାଏ । ଜଣେ ଛେଉଁକା ଲୋକ ଭ୍ରମରମାଷ୍ଟ୍ର ବୋଲି ଫାଶି ଗଛର ଛେଲି ଖଣ୍ଡିଏ ଦେଇ ମୋତେ ଠକି ଦେଲା । କିଛି ଭଲ ନ ପାରି ଚଳାରେ କୁଢ଼େଇ ହୋଇ ପଡ଼ିଥିଲି । ଏହି ସମୟରେ ଭଣୋଇର ଅକାଳ ଶବସ୍ତୋଗ ଘଟିଲା । ସୁକୁମାରୀ ଉପସର୍ଗ ପରି ମୋ ନାନୀ; ତାର ବୈଧବ୍ୟ ଦୁଃସହ । ବୁଦ୍ଧିଦେଇ କେବେ ନ କାନ୍ଦିଥିବା

Digitized by srujanika@gmail.com

କଥା ମନେ ପଡ଼ୁନାହିଁ । ଏତେ ରୂପର ଐଶ୍ୱର୍ଯ୍ୟ ଗୋଟିଏ ସ୍ଥାନରେ ଅଜାଡ଼ି ଦେଇ ତାକୁ ଏପରି ଉଜାଡ଼ି ଦେବାରେ ବିଧାତାର କି ଉଦ୍ଦେଶ୍ୟ ସାଧିତ ହେବ ? ଫୁଲର ଭାର ଯେ ସହି ନ ଥିଲା ତା ଉପରେ ପଡ଼ିଲା ପର୍ବତର ଭାର । ଝିଅଭିଗାରିଆ ଘର, ଖଟି ଖଟି ଲୁହ ନ ଖାଇ ଖାଇ ରକ୍ତ ଖାଇଥିଲା ଯେ । ଗୋଟି ଗୋଟି ହୋଇ ଦୁଃଖର ପାହାଡ଼ ତା'ର ଉପରେ ଦେହଡ଼ିଲା । ଶିଶିରର କୁହୁଡ଼ିରେ ପଦ୍ମବନ ପରି ତାର ଚେହେରା ପୋଡ଼ି ଜଳି ଭସ୍ମ ହୋଇଗଲା । ଝାଉଁଇଲା ସେ । ଟଳ ଟଳ ବୁଲୁଥିଲା ଅଳକୁ ଯୌବନ ଯେଉଁ ।

ବିଧାତା କପରି ଭଳର ରଙ୍ଗୀନ୍ ଛବି ଉପରେ କାଳି ଢାଳିଦିଏ ? ସୁ ରଚିତ ଗୀତକବିତାକୁ କାଟିକୁଟି ଦୋରସ୍ତ କରିଦିଏ ? ଦୁଃଖର ସମୁଦ୍ର କେତେ ଗଭୀର, ଅଶ୍ରୁର ସ୍ରୋତ କେତେ ଉଦ୍ଦାମ, କାହାର ମନ କେତେ କୋମଳ, କେତେ ଜୀବନ୍ତ ତାଠାରୁ ମୁଁ ପହିଲେ ବୁଝିଥିଲି । ଯାହାକୁ ଦେଖିଲେ ମନ ଫୁଲ ଉଠୁଥିଲା, ସେ ହେଲା ଗୋଟିଏ ପୋକକଟା ଚାନ୍ଦଣିଭଳି ଛାଟି ପରି, ଶରତର ଝଡ଼ ଝଡ଼ାଇ ନେଇଥିଲା ତାର ସବୁ ସ୍ଫଟିକ, ସବୁ ପ୍ରବାଳ ।

ନାନୀ ଘରର ଦୁଆରରେ ଯେବେ ଟଳିପଡ଼ିଲା, ସେ ଦିନ ମୁଁ ଜାଣେନାହିଁ । କିଛି ମୂଲ୍ୟବାନ୍ ହରାଇବାର ବୋଧ ମୋର ଆସିନାହିଁ । ସେ ସେପରି ବଞ୍ଚିବାରେ କି ମୂଲ୍ୟ ଥିଲା ? ମରି ଗଲେ ବା କଣ ହେଲା ? ନିର୍ଭିକ ହୃଦୟ ବେଳେ ମୁଁ ଉଚ୍ଚ ସ୍ୱରରେ ହସି ଉଠିଥିଲି, ନନ୍ଦନର ଏକ ଭୟଙ୍କର ତାଡ଼ନାରେ । ମୁଁ ଯେବେ ତା ବୟସରେ ଲେଖିଥିଲି । ବୋଧେ ନା, କମାଟ ଦୁଃଖ ତରଳି ମନକୁ ବୋହି ଯାଇଥିଲା—

'ଚମ୍ପା ଚମ୍ପା ଦହୀ କଇଁଫୁଲ ପରି ମୁହଁ
ନାନୀ ଲୋ, ତୋ କଥା ଭାବିଲେ ବୁହାଇ ଲୁହ ।
×　　×　　×
ବିନା ଅପରାଧେ ତୋ ସଂସାର ହେଲା ଚିତା
ତୁ ଏଇ ଯୁଗର ଗାଆଁ ଗହଳର ସୀତା ।'

ହୀରା ନାନୀ

ସେ ମୋର ଦ୍ୱିତୀୟ ଭଉଣୀ ।

ନିଶୁଣୀ ପରି ଡେଙ୍ଗା, କଳା ନହୁନହୁକା ଦେହ; ସାବନା ରଙ୍ଗ; ସେ ବୁଦ୍ଧିମତୀ ଥିଲା । ଘରର ଅଡ଼ୁଆପଣ ଠିକଣାରୁବେ ଜାଣି ଶିଖିଥିଲା । ସେ ବାଳିକା ସ୍କୁଲରୁ

Digitized by srujanika@gmail.com

ନିମ୍ନ ପ୍ରାଥମିକ ବୃତ୍ତି ପାଇଥିଲା । ଉପରକୁ ପଢ଼େଇବାକୁ ନନାଙ୍କର ଧନ, ମନ କିମ୍ବା ସେ କାଳର ଚଳଣି ନ ଥିଲା । କୌଣସିମତେ ହାତକୁ ଦ'ହାତ କରିଦେଲେ ହେଲା— ଦେଲା ନାରୀ ହେଲା ପାର । ଓଃ ପୁଣି ପରବରେ ଝିଅ କଥା ଯାହା ମନେ ପଡ଼େ । ସାବିତ୍ରୀ ଉଆଁସକୁ ଆମ୍ବ ପଣସ ଭାର, କେତେବେଳେ ଫଳଥୁଆ ଭାର । ସଙ୍କୁଳା ମୁଆଁ ବୋହିଟାଏ, ଝିଅର ମାସ ଗଡ଼ିଲେ ଚୌଠିଛିଟିଆ ପଠାଇ ଦେଇ ବାପ ମାଆ ନିଷ୍କୃତି ପାଉଥାନ୍ତି ।

ହାରନାନୀଙ୍କ ଦୁଆରବନ୍ଧ କଲା ଭଳି ଆର୍ଥିକ ଅବସ୍ଥା ନନାଙ୍କର ନ ଥିଲା । ସେ 'ତୋଳାକନ୍ୟା' ସଙ୍ଗେ ତୁଳସୀ ପଟ୍ଟିଏ ଦେଇଥିଲେ । ହାରନାନୀର ଶାଶୁଘର ନୂଆରେଇ ଶାସନ, ଆମ ଘରଠାରୁ ପ୍ରାୟ କୋଶେ ବାଟ, ଭାର୍ଗବୀ ନଈ କୂଳିଆ ଗାଆଁ ।

ତା'ର ଶଶୁର କୃଷି ରଖେ କାଦା ବସ୍ତୁ, କିନ୍ତୁ ଶାଶୁ ଖଣ୍ଡାଖାଇ; ହାର ନାନୀ ବଡ଼ ନ ହେଉଣୁ ଯାଇ ଶାଶୁଘରେ ରହିଲା । ଯେତେବେଳେ ଘରର ଝିଅ ହୋଇ ନନା ବୋଉଙ୍କର ସ୍ନେହର ପିତୁଳା ହୋଇଥାନ୍ତା, ସେତେବେଳେ ତାକୁ ଶାଶୂର ନାକଚୁଟିକା, ମୁହଁଫୁଲା, ଖଣ୍ଡିଗଣିଆଁ କଥାସବୁ ସହିବାକୁ ହେଲା । ତୋଳାକନ୍ୟା ପ୍ରଥା ଅସମ୍ମାନଜନକ; ନିରୂପାୟ ଅବସ୍ଥାରେ ଏହା ଚାଲୁଥିଲା । ବଡ଼ ହେଲା ପରେ ଯଥାବିଧି ଭାରଯୋର ଦେଇ ନନା ହାରନାନୀଙ୍କ ପହିଲିପାଳି ପଠାଇଲେ ।

ମୋର ଦ୍ୱିତୀୟ ଭଉଣୀ ବାମନ ରଥ ଦେଖିବାକୁ ଅଧା ତାଳଗଛ, ନାନୀ ସାଙ୍ଗକୁ ଉଚ୍ଚତା, ବର୍ଣ୍ଣ ଓ ଚେହେରା ଠିକ୍ ମେଳ ହୋଇଥିଲା । ରଥେ ମାଇନର ପାସ୍ କରିଥିଲେ; କିନ୍ତୁ ମାଇନର ଜ୍ଞାନ ତାଙ୍କର ନ ଥିଲା, ଜ୍ଞାନର ଭଣ୍ଡାର ବଢ଼େଇବାକୁ ସେ କେବେ ଚେଷ୍ଟିତ ହୋଇ ନ ଥିଲେ । ଯେତେଥର ଟ୍ରେନିଂ ପରୀକ୍ଷା ଦେଲେ, ସେ ଫେଲ୍ ହେଲେ । ଶେଷକୁ ଆଉ ଦେଲେନାହିଁ । ନିମ୍ନ ପ୍ରାଥମିକ ଦ୍ୱିତୀୟ ଶିକ୍ଷକ ହୋଇ ତାଙ୍କ ଜୀବନ କଟିଗଲା । ତାଙ୍କ ଚଳାଚଳ ଅବସ୍ଥା ଆମଠାରୁ ଖରାପ ଥିଲା । ନଈକୂଳିଆ ଜମି ବର୍ଷକୁ ବର୍ଷ ଧୋଇ ଯାଉଥିଲା । ନାନୀର ବଡ଼ ଦିଅର ବଳୀ ରଥେ ବଙ୍ଗଳାବାଟ କରୁଥିଲେ, କିନ୍ତୁ ରୋଜଗାରତକ ନିଶାପାଣିରେ ଉଡ଼ାଇ ଦେଉଥିଲେ, ସାନ ଦିଅର ମଧୁ ରଥଙ୍କର ଯାତ୍ରୀ—ବ୍ୟବସାୟ । ଉତ୍ତର ପ୍ରଦେଶର ଯାତ୍ରୀମାନଙ୍କୁ ପୁରୀରେ ପଣ୍ଡାମାନଙ୍କ ଘରେ ରଖାଇ ଜଗନ୍ନାଥଦର୍ଶନ କରାଇ ବର୍ଷକୁ ସେ ଦୁଇ ତିନିଶ ଟଙ୍କା ରୋଜଗାର କରୁଥିଲେ । ଜମିବାଡ଼ିତକ ଭାଗ ଲାଗିଥିଲା ।

Digitized by srujanika@gmail.com

ନାନୀ ଘରକୁ ଜାଣେ ବାରମାସ ଅଭାବ ଲାଗି ରହିଥିଲା । ତାର ଅଳଙ୍କାର ଛିଣ୍ଡିଗଲେ ଆମ ଖର୍ଚ୍ଚରେ ଗଢ଼ା ହେଉଥିଲା । ଆମ ଘରୁ ଚାଉଳ, ଡାଲି, ହର, ମୁଗ ଚୁହାହୋଇ ଯାଉଥିଲା । ମୁଁ ଓଷାବାରରେ କାନ୍ଧରେ ବୋକଚା ପକେଇ ପିଠା, ଚୁଡ଼ାଭଜା, ଉଖୁଡ଼ା, ଖମ୍ବଆଳୁ, ସଜନା ଛୁଇଁ ଆଦି ଦେଇ ଆସୁଥିଲା । ଆମକୁ ଦେଖିଲେ ନାନୀ ଗୋଡ଼ ପାଞ୍ଚହାତରେ ପଡ଼ୁଥିଲା । ତାକୁ ଯାହା ମିଳୁଥିଲା ଆଦରରେ ଖୋଇପେଇ ଛାଡ଼ୁଥିଲା । ନାନୀ ବୋଉ ପରି ଘରର ସବୁ କାମ କରୁଥିଲା—ରୋଷେଇବାସରୁ ଲିପାପୋଛା, ଗୁହାଳଗୋବର ପର୍ଯ୍ୟନ୍ତ । ପଣିଆ, ହରିଆ ବୋଲି ତାର ଦୁଇଟି ପୁଅ ଥିଲେ । ସେତେବେଳକୁ ସେମାନଙ୍କ ହେତୁ ପାଇ ନ ଥିଲା । ସମରେଇଗାଁରେ ବାଡ଼ିଠାକୁରାଣୀ ପଶିଲେ, କେତେ ଗଜାବେଣ୍ଟା, ଝିଅବୋହୂ ଲେଟି ପଡ଼ିଲେ; ଶେଷକୁ ନାନୀକୁ ହଇଜା ଧରିଲା । ଦିନକ ମଧ୍ୟରେ ଶେଷ । ଛୁଆ ଦିଟାଙ୍କ କଥା କିଏ ବୁଝିବ ? ବୋଉ ସେ ଦିଟିକୁ ଘେନି ଆସି ଆମ ଘରେ କଟାଗଛ ପରି କୁଢ଼େଇ ହୋଇପଡ଼ିବା ଦୃଶ୍ୟ ଏବେ ବି ମୋର ମନେ ପଡ଼ୁଚି; ପଣିଆ ଜାତକରେ ପାଠ ନ ଥିଲା । ସେ ବଡ଼ ଭାଇନାଙ୍କର ପୁଅ ହୋଇ ରହି ଚାଷବାସ ବୁଝିଲା । ହରିଆ ମାଟ୍ରିକ୍ ପାସ୍ କରି ନିମ୍ନ ପ୍ରାଥମିକ ଶିକ୍ଷକ ଥିବା ଅବସ୍ଥାରେ ପ୍ରାଣତ୍ୟାଗ କଲା ।

ଘନ ଭାଇନା

ତାଙ୍କର ଡାକ ନାମ ଘନଶ୍ୟାମ; କିନ୍ତୁ ସ୍କୁଲରେ ନବକିଶୋର ନାମ ପ୍ରଚଳିତ ଥିଲା । ଦୀର୍ଘ, ସୁଗଠିତ ବପୁ, ଗୌରବର୍ଣ୍ଣ, ଚିତ୍ତାକର୍ଷକ ଚେହେରା । ଖୁବ୍ ମିଶାଣିଆ ପ୍ରକୃତିର ଥିଲେ ସେ । ଲୋକଙ୍କ ସଙ୍ଗରେ ମିଶିଲାବେଳେ କ୍ଷୀର ସାଙ୍ଗରେ ଯେପରିକି ନୀର ହୋଇଯାଉଥିଲେ—ଗୋଟାପଣେ ସେମାନଙ୍କର ଏକାନ୍ତ ଆପଣାର । ତାଙ୍କ ସଙ୍ଗେ ପଦେ କଥା ହେଲେ ଲୋକଙ୍କର ଉଚ୍ଚଧାରଣା ଜନ୍ମୁଥିଲା—ଡେଙ୍ଗା ଦାଶଙ୍କର ଏଇ ପୁଅଟି ମୁହଁଫିଟା, ବଡ଼ ଯୋଗ୍ୟର । କିନ୍ତୁ ମୋ ଭାଇନା ପିଲାଦିନେ ବଡ଼ ଚଗଲା ଥିଲେ, ନନାଙ୍କ ହାତରେ ବହୁତ ମାଡ଼ ଖାଉଥିଲେ । ଇସ୍କୁଲରେ ବି ମାଡ଼ ଅଳ୍ପ ହେଉ ନ ଥିଲା ।

ମାଇନର୍ ପାସ୍ ପରେ ଭାଇନାଙ୍କର ଅଧିକ ପଢ଼ିବା ପ୍ରଶ୍ନ ଉଠି ନ ଥିଲା । ତାଙ୍କୁ ମାଇନର୍ ପଢ଼ାଇ ନନାଙ୍କ ମନ ମାନି ଯାଇଥିଲା । ଭାଇନା ନିମ୍ନ ପ୍ରାଥମିକ ସ୍କୁଲର ଦ୍ୱିତୀୟ ଶିକ୍ଷକ ହୋଇ ମାସକୁ ସାତଟଙ୍କା ରୋଜଗାର କଲେ । ଜଣେ କବି ଭାବରେ ନାମ କରିବା ନିଶା ତାଙ୍କର ପ୍ରବଳ ଥିଲା । ସେ ପାଲାବାଲା, ପାଠୁଆ ଓ ଚଇତୀ ଘୋଡ଼ା ନାଟୁଆଙ୍କ ପାଇଁ ଅର୍ଥବନ୍ଧୀ ଗୀତ ଲେଖୁଥିଲେ । ନନାଙ୍କ ଗୀତ

Digitized by srujanika@gmail.com

ଅପେକ୍ଷା ତାଙ୍କ ଗୀତ ବେଶୀ କଡ଼ା ଥିଲା, ସଂସ୍କୃତ ଛନ୍ଦରେ ଭରା । ଗୀତ ଓ ତାର ଅର୍ଥ ପାଠୁଆ ଓ ଚଇତା ଘୋଡ଼ା ନାଟୁଆଙ୍କୁ ମୁଖସ୍ଥ କରିବାକୁ ହେଉଥିଲା ।

ଆମ ପଡ଼ୋଶୀ ଗ୍ରାମ ଖଣ୍ଡପୁରର ଯାତ୍ରାଗୁରୁ ବିଶ୍ୱନାଥ ମିଶ୍ର ଡେଙ୍ଗା, ଗୋରା; କାନରେ ସୁନାର ଲବଙ୍ଗ । ସେ ଭାଇନାଙ୍କୁ ମତାଇ ଦେଲେ । ଭାଇନା ବିଭାଘରର ସୁନାମୁଦି ବିକି 'ସୁଧନ୍ୱା' ଯାତ୍ରା ବହି ଛପାଇଲେ । ଏହାର ଦାମ୍ ଦୁଇଅଣା ଥିଲା । ତାପରେ ସେ 'ଦୁର୍ଗେଶନନ୍ଦିନୀ', 'କପାଳକୁଣ୍ଡଳା', 'ଦୁଷ୍ଟ ମନ୍ତ୍ରୀ', 'ଅଭିମନ୍ୟୁ ବଧ', 'ଖଣ୍ଡଗିରି' ପ୍ରଭୃତି ଯାତ୍ରାନାଟକ ରଚନା କରିଥିଲେ । କିନ୍ତୁ କୌଣସିଟି ଛପା ହୋଇପାରି ନ ଥିଲା । ସେ ସବୁ ପାଣ୍ଡୁଲିପି କେଉଁଆଡ଼େ ହଜିଯାଇଛି; ତାଙ୍କର ଗୋଟିଏ ମାତ୍ର ଗୀତ ମୋର ମନେଅଛି । ମୋ ହେମ ଭାଉଜଙ୍କୁ ଉଦ୍ଦେଶ୍ୟ କରି ଏହା ଲିଖିତ ।

"କେତକୀ ଗୋରୀ ସଖୀଙ୍କି ମୋ ଦୂତୁ ଜୁହାର
କହିଲେ ବରଷୁଥାନ୍ତି ଝଣ୍ଡ ଶାକର
ଦଣ୍ଡବତ ଦାଣ୍ଡ ଦ୍ୱାରେ
ଦରଶନେ ପେଟ ପୂରେ
ଅଣିଛୁ କି ଛେନାମଣ୍ଡା ? ରଖି କି ପୁର ?
ପ୍ରାଣପ୍ରିୟେ ମୋତେ କର
ଘୋଡ଼ାଇ ରଖ ଗୁଦର
ତୁମେ ମୋର ମୁଁ ତୁମର
ଏ ଦୁନିଆ ପର… … ।

ଭଣିତାଟି ମୋର ମନେ ନାହିଁ । ଅନ୍ୟ ଏକ ଗୀତର ଭଣିତା ଏହିପରି ।
'ଦଅ ପ୍ରାଣ ଗୋ
ଦ୍ୱିଜ ଘନଶ୍ୟାମ ନିବେଦନ ଗୋ ।'

ଭାଇନା ମୋତେ ବେଳେ ବେଳେ ଯାତ୍ରାମେଳକୁ ନେଉଥିଲେ, ମୋ ପ୍ରତିବାଦକୁ ଲଘୁତର କରିବା ପାଇଁ । କିନ୍ତୁ ମୁଁ ପଢ଼ାରେ ଅନେକ ଆଗେଇ ଯାଇଥିଲି । ମୋ ମନ ଆଉ ଏବେ ଯାତ୍ରାରେ ମଜୁ ନ ଥିଲା, ଯଦି ବା ପିଲାଦିନେ ଯାତ୍ରାଗୁରୁ ହେବାର ଆକାଙ୍କ୍ଷା ଥିଲା ।

ଭାଇନା ବାଲକାଟି ନିକଟବର୍ତ୍ତୀ ପ୍ରତାପଶାସନ ଗ୍ରାମରେ ବିଭା ହୋଇଥିଲେ, ତାଙ୍କ ଶ୍ୱଶୁରଘରେ ଗୋଟିଏ ଶୂନ୍ୟଗାଡ଼ି ଥିଲା । ସେତେବେଳେ ସେମିତି ଥିଲାବାଲା ଏ ଗାଡ଼ି

Digitized by srujanika@gmail.com

କରୁଥିଲେ । ଆମ ବାଡ଼ିପଛ ରାସ୍ତାରେ ଶୂନ୍ୟଗାଡ଼ି ଗଲେ ଆମେ ଦେଖିବାକୁ ଦୌଡ଼ୁ ଥିଲୁ । ତେଣୁ ବଡ଼ ଆଗ୍ରହ ଉତ୍କଣ୍ଠାରେ ମୁଁ ଶୂନ୍ୟଗାଡ଼ିଟି ଦେଖିଲି ଓ ଭାଇନାଙ୍କ ଶ୍ୱଶୁରଘର ବଡଲୋକ ଘର ବୋଲି ମନେ କଲି । କିନ୍ତୁ ପ୍ରକୃତରେ ସେ ସେପରି ଧନୀ ଲୋକ ନ ଥିଲେ । ଚଳିଚଳି ଗାଡରେ ବର ଶ୍ୱଶୁରଘରୁ କିଛି ଯୌତୁକ ଜଣବାର ଚଳଣି ଥିଲା । ଭାଇନା ଗୋଟିଏ ଶାଳଗ୍ରାମ ମୂର୍ତ୍ତି ଓ ଗୋଟିଏ ଟେବୁଲ ଲ୍ୟାମ୍ପ ଯୌତୁକ କରିଥିଲେ ।

ନନାଙ୍କ ଅକାଳ ମୃତ୍ୟୁ ପରେ ଘରର ସମସ୍ତ ଦାୟିତ୍ୱ ଭାଇନାଙ୍କ ଉପରେ ପଡ଼ିଲା । ଭାଇନା ସେତେବେଳକୁ ଟ୍ରେନିଂ ପାସ କରିଥାନ୍ତି । ସେ ଗାଆଁ ପାଖ ସ୍କୁଲକୁ ବଦଳି ହେଲେ, ଘର ସୁରୁଖୁରୁରେ ଚଳାଇଲେ ।

ଯାତ୍ରାରୁ ମହାଯାତ୍ରା

କି କୁକ୍ଷଣରେ କେଜାଣି, ଗାଆଁ ପାଖକୁ ବଦଳି ହୋଇଆସି ଭାଇନା ଗୋଟିଏ ଯାତ୍ରାଦଳ ଗଢ଼ିଲେ । ତାଙ୍କ ଲେଖା ନାଟକସବୁ ଯାତ୍ରାରେ ଖେଳିଲା । ଭାଇନା ଯାତ୍ରା ଶିଖାଇବା ସଙ୍ଗେ ସଙ୍ଗେ ନିଜେ ହାରମୋନିଅମ୍ ଓ ପଖଉଜ ବଜାଉଥାନ୍ତି; ଅଧିକନ୍ତୁ ଯାତ୍ରାଦଳଟି ରାତିକୁ ପନ୍ଦର କୋଡ଼ିଏ ଟଙ୍କା ରୋଜଗାର କରୁଥିଲା. ଗଡଜାତ ଅଞ୍ଚଳକୁ ଯାଇ ଖୁବ୍ ନାମ କରିଥିଲା; କିନ୍ତୁ ଯେତେ ଆୟ କଲେ ବି ଏଥିରେ ବେଶି ବ୍ୟୟ ହେଉଥାଏ । କେଉଁଠୁ ବାହୁନାଟିଏ ରଖିଥିବ, ଏଡ଼କାବେଳେ ଅସଲ ଯାତ୍ରା ପିଲାଟି ଆସିବ ନାହିଁ । ସେ ପିଲାଟି ନ ହେଲେ ଯାତ୍ରା ମାଟି । ଅଗତ୍ୟା ଶେଷ ମୁହୂର୍ତ୍ତରେ ତା ଘରେ ଯଥେଷ୍ଟ ଟଙ୍କାପଇସା ଦେଇ ତାକୁ ବୁଝେଇସୁଝେଇ ଆଣିବାକୁ ହୁଏ । ବୋହୂ ଚଡ଼ ଚଡ଼ ହୁଏ, ଯେତେବେଳେ ଯାତ୍ରାପିଲା ଦାଣ୍ଡରୁ ବାଡ଼ି ପର୍ଯ୍ୟନ୍ତ ଖାଇବାକୁ ବସିଯାନ୍ତି, ହାଣ୍ଡି ବଦଳରେ ଆମ ଘରର ହଣ୍ଡା ବସି ରନ୍ଧାବଢ଼ା ହୁଏ । ବୋଉକୁ ତୁଷ୍ଟ କରିବା ଲାଗି ଭାଇନା କିଛି ଟଙ୍କା ଧରେଇ ଦିଅନ୍ତି ଓ କିଛି ଅଙ୍ଗୀରେଖା ଦେଖାଇ ତା ପରଦିନ ତାକୁ ହାତରୁ ଝପେଇ ନିଅନ୍ତି । ଯାତ୍ରା କରି ଭାଇନାଙ୍କର ନାଆଁ ହେଉଥିବ; କିନ୍ତୁ ଘରର ମର୍ଯ୍ୟାଦା କିଛି ବଢ଼ୁ ନ ଥିଲା ।

ଏହି ଯାତ୍ରାହିଁ ଶେଷରେ ତାଙ୍କର କାଳ ହେଲା, ମିଛେ ମିଛେ ଭନେ ହେବ ବୋଲି ମୁଁ ଧନେ ଧମକେଇଲି; ସେ ଶୁଣିଲେ ନାହିଁ । ଶେଷକୁ ବେମାରିଆ ହୋଇ କ୍ରମେ ଅଚଳ ହୋଇ ପଡ଼ିଲେ; ସାନ ଭାଇ ଉଦୟନାଥ ଯାତ୍ରା ଜିନିଷଗୁଡ଼ିକ ଧନେ ରାତିରେ ଲୁଚାଇ କଟକ ନେଇଗଲା । ଭାଇନା ଅସନ୍ତୁଷ୍ଟ ହେଲେ ବି କିଛି କହିବା ବା କରିବା ଲାଗି ତାଙ୍କ ଦେହରେ ବଳ ନ ଥିଲା । ଭଜା ବୈଦ୍ୟ ଏକା ରାତିକେ ବେମାରଟା ଉଡ଼ାଇଦେବ ବୋଲି ଔଷଧ ଦେଲା; ଉଦୟନାଥର ଅର୍ଶୀର୍ବାଦ ପର

Digitized by srujanika@gmail.com

ଯବ ଭାଇନା ଔଷଧ ଖାଇଥାନ୍ତି, ମୁଁ ସେତେବେଳେ କଲିକତାରେ ପଢ଼ୁଥାଏ । ପ୍ରକୃତରେ ବୈଦ୍ୟ ରୋଗ ତ ଉଚ୍ଛେଦ ନେଇ ପାରିଲା ନାହିଁ, ଭାଇନାଙ୍କ ପ୍ରାଣବାୟୁ ଉଚ୍ଛେଦ ନେଲା, କୁଣିଆଁମାନେ ଆଶୀର୍ବାଦ ଉତ୍ସବରେ ଯୋଗ ଦେବାକୁ ଆସି ଏ ଅକାଳ ମୃତ୍ୟୁରେ ବହୁତ ଶୋକ ଯେ ଯାହାର ଘରକୁ ବାହୁଡ଼ିଲେ । କୁଣିଆଁଙ୍କ, ରୋଗଚିକିତ୍ସା ଏକାବେଳକେ ଚାଲିଥିଲା । ଏ ପୁଟୁଳି ବୈଦ୍ୟ 'ଭଜା' ନାମଠାରୁ ଭାଇନାଙ୍କ ପର୍ଯ୍ୟନ୍ତ ଆମର କାହିଁକି ଏତ କ୍ଷତି କରିଗଲା, ଭଗବାନଙ୍କୁ ଗୋଚର ।

ଉଦୟନାଥ ସକାଳୁ ହନି ଅବସ୍ଥାରେ ପଡ଼ିଲା; ଭାଇନାଙ୍କ ଶବକୁ ଗାଆଁବାଲା ନେଲେନାହିଁ । କାରଣ ଉଦୟନାଥକୁ ଆମେ ନିମ୍ନ ସ୍ତରର ବ୍ରାହ୍ମଣ ଘରେ ବଭା କରାଇ ଦେଇଥିଲୁ; କେହି କେହି ତାଙ୍କ ଘରେ ତେଲପେଡ଼ା ଘଣା ଦେଖି ଆସିଥିଲେ, କେହି କେହି କହିଲେ—ସେମାନେ ମାଳ ପିନ୍ଧନ୍ତି, ଚକ୍ର କରନ୍ତିନାହିଁ । ସେ ଯାହା ହେଉ, ଅକଳରେ ପକେଇ ଗାଆଁବାଲା ଯାହା ଅଡ଼ି ବସିଲେ, ଉଦୟନାଥ ସେଥିରେ ସନମତ ହୋଇଗଲା । ଗୋପୀନାଥଙ୍କ ପିଢ଼ଲା ପ୍ରଭା (ସିଂହାସନ), ରୂପାଛତ୍ର ଦଆଡ଼ିବାର ସ୍ଥିର ହେଲା । ଭାଇନାଙ୍କ ଶବ ଉଠିଲା ।

ଭାଇନା ସନ୍ତାନହୀନ ଥିଲେ । ଥରେ ଭାଉଜଙ୍କର ପେଟରୁ ମରି ଜାଆଁଳା ପିଲା ଜନ୍ମ ହୋଇଥିଲେ; ବଡ଼ ଭଣଜା ପ୍ରଭାକର ତାଙ୍କର ପୁଅ ହୋଇ ଆମ ଘରେ ରହିଲା, ଭାଇନାଙ୍କ ଅକାଳ ମୃତ୍ୟୁ ପରେ ବୋଉର ଲୁହ ପୋଛିବାକୁ ଆମେ କେହି ପାଖରେ ନ ଥିଲୁ ।

ଭାଇନା ଜଣେ ସାମାନ୍ୟ ନିମ୍ନ ପ୍ରାଥମିକ ଶିକ୍ଷକ ହୋଇଥିଲେ ମଧ୍ୟ ଲୋକ-ସମାଜରେ ତାଙ୍କର ଉଚ୍ଚ ସମ୍ମାନ ଥିଲା । ପାଲା, ପାଠୁଆ, ଚଇତି ଘୋଡ଼ା ଓ ଯାତ୍ରା କବି ହିସାବରେ ସେ ସମଗ୍ର ପୁରୀଜିଲ୍ଲାରେ ସୁପ୍ରତିଷ୍ଠିତ ହୋଇଥିଲେ । ନନାଙ୍କ ପଛକୁ କବି ଗୃହ ପ୍ରତିଷ୍ଠା ପରମ୍ପରାକୁ ସେ କେବଳ ଅକ୍ଷୁଣ୍ଣ ରଖି ନ ଥିଲେ, ତାର ଅଭିବୃଦ୍ଧି ସାଧନ କରିଥିଲେ ।

ସେ ଖୁବ୍ କୃଷ୍ଣାଳିଆ ଥିଲେ; ପଞ୍ଚାୟତ ବସିଲେ ନ୍ୟାୟ ଲାଗି ଲୋକେ ତାଙ୍କର ମୁହଁକୁ ଚାହିଁ ବସୁଥିଲେ । ଗ୍ରାମର ବିଭିନ୍ନ ଶ୍ରେଣୀର ବ୍ୟକ୍ତିମାନେ ତାଙ୍କର ତୀକ୍ଷ୍ଣ ବୁଦ୍ଧି, ଚାତୁର୍ଯ୍ୟ ଓ ସଂଗଠନଶକ୍ତି ନିକଟରେ ଶିର ଅବନତ ଥିଲେ; ତାଙ୍କର ଚିତ୍ତାକର୍ଷକ ବ୍ୟକ୍ତିତ୍ୱ ଲୋକସାଧାରଣଙ୍କ ହୃଦୟକୁ ଜୟ କରିବାକୁ ସମର୍ଥ ହୋଇଥିଲା । ଯାତ୍ରା, ମେଳଣ, ହାଟ, ସବୁଣ ଗୋଟିଏ ମଣିଷର ଘେର ତାଙ୍କ ସଙ୍ଗେସଙ୍ଗେ ଚାଲୁଥିଲା; ସେ ବୁଦ୍ଧି ଦେଉଥିଲେ, ଅତ୍ୟାଚାରିତଙ୍କୁ ରକ୍ଷା କରୁଥିଲେ, ଲୋକଙ୍କୁ ଖୁବ୍ ଖୁଆଉ ଥିଲେ । ତାଙ୍କ ମାମଲତିପଣ, ବ୍ୟକ୍ତିତ୍ୱ ଓ କବିତ୍ୱ ସମାଜରେ ତାଙ୍କ ପ୍ରତିପତ୍ତି ଖୁବ୍ ବଢ଼ାଇ ଥିଲା ।

Digitized by srujanika@gmail.com

ସେ ଯେପରି ଜ୍ଞାନୀ, ସେହିପରି ମାନୀ ଥିଲେ; ସେ ମାଲିମକଦ୍ଦମା ପାଖ ମାଡ଼ୁ ନ ଥିଲେ; ପରୋପକାର ତାଙ୍କ ଜୀବନର ବ୍ରତ ଥିଲା; କିନ୍ତୁ ଖାଦ୍ୟପେୟରେ ଅସଂଯମ ହିଁ ତାଙ୍କ ଜୀବନର ମୃତ୍ୟୁ ହେଲା । ତାଙ୍କର ତିରୋଧାନ ସଙ୍ଗେ ସଙ୍ଗେ ଆମ ଗାଁର ଗୌରବ ବହୁଳାଂଶେ ନଷ୍ଟ ହୋଇଗଲା । ଗାଁକୁ କୁଣିଆମଇତ୍ର ଓ ଜନସ୍ରୋତର ବାଟ ପଡ଼ିଲା । ଆମ ଘର ହୋଇଗଲା ଗୋଟିଏ ମାଇପୀ ଘର । ଦାଣ୍ଡ ପାହାଚ ତଳ ଘାସରେ ଅରମା ହୋଇଗଲା ।

ଭାଇନା ତାଙ୍କ ଯତ୍‌ସାମାନ୍ୟ ଆୟରେ ପ୍ରାୟ ୩ ମାଣର ଗୋଟିଏ ବଡ଼ କିଆରି କରିଥିଲେ । ଘରର ଚେହେରା ବଦଳେଇବାକୁ ଚେଷ୍ଟା କରିଥିଲେ, ଭୁମ୍ପଘରେ ଝରକାମାନ ବସିଥିଲା, ପେଡ଼ିପେଟରା ଜାଗାରେ ଟ୍ରଙ୍କ୍‌ ସୁଟ୍‌କେସ ଓ ଆଲମାରୀ ଆସି ରହିଥିଲା ।

ମୁଁ ଭାଇନାଙ୍କ ନାମରେ 'ନବମାଳିକା' ପୁସ୍ତକଟି ଉତ୍ସର୍ଗ କରିଥିଲି—

ଗାଆଁ ଗହଳର କବି ଥିଲ ନବ ଭାଇନା
ଯାହା ଦଳକୁ ଆସୁଥିଲ କେତେ ବନ୍ଦନା

× × ×

ଡାକୁଥିଲେ ଧନୀ ଜ୍ଞାନୀ ମାନୀ ତୁମ ଗୁଣକୁ
ଆସୁଥିଲେ ଏନ ପଦଟିଏ କଥା ପାଇଁକି ।

× × ×

ବସିଗଲେ ସଭା ବୁଲିଗଲେ ପଣ୍ଟ ଆଉ ଯେ
ଆଁ କଲେ ଶ୍ଳୋକ ଭାଗିଲେ ଅର୍ଗ୍ଘ ପଦକେ ।
ଲୋକ ଭୁଣେ ତୁମେ ହେଉଥିଲ ଭଷ ପୀୟୂଷ
ସବୁ ଆଣିଥିଲ ଆଣି ତ ନଥିଲ ଆୟୁଷ ।
କାହିଁ ଥିବ ତୁମେ କେଉଁ ରୂପେ ଅହେ ଭାଇନା
ଉଡ଼ିକ ପାରିବ ତହିଁ ମୋ କବିତା ମଇନା ?

ଖଡ଼ିକ ନୁହନ୍ତି କି ପେଡ଼ିକ ନୁହନ୍ତି

ଯାହାରୁ ମୁକୁଳିଲା ପରେ ଯାହା ପିଲା ଖଡ଼ିକ ହୁଅନ୍ତି ନାହିଁ, କି ପେଡ଼ିକ ହୁଅନ୍ତି ନାହିଁ । କୋଡ଼ିହଣା, ପାଣିବୁହା, ହଳକରା, ଶଗଡ଼ବୁହା ଆଉ ଆରଏ ନାହିଁ, ଗୁଇଠଳିଆ, ଉପରଖିଆ, ଉପଠୋଇକରିଆ ହୋଇ ବଢ଼ିଥାନ୍ତି; ଚଳିଣି ଚାନ୍ଦ କାହାର କାହାର ତଳକୁ ଖସି ଯାଇଥାଏ । ସେମାନେ ହୋଇଥାନ୍ତି ବହୁଲେ ଅନାଡ଼ି, ଅପଦାର୍ଥ ।

Digitized by srujanika@gmail.com

ଭାଇନାଙ୍କ ଯାତ୍ରା ଦଳର 'ଅଗାଧୁଆ'କୁ ମୁଧନ୍ୟା ପାର୍ଟ ଖୁବ୍ ମାନୁଥିଲା । ଢୋଲକିର ତାଳେ ତାଳେ ତାର ବୀରପାହୁଲ, ଠାଣିମାଣି ଏବେ ମୋର ମନେ ପଡ଼େ । ଯାତ୍ରା ଭାଙ୍ଗି ଗଲା ପରେ ତାର ଚେହେରା ଶୁଖି ଶୁଖି ଶୀର୍ଣ୍ଣ କଙ୍କାଳ ହୋଇ ଯାଇଥିଲା ।

'ଗିଣିଆ' ରାଣୀ ପାର୍ଟରେ ଦେଖଣାହାରଙ୍କ ଭିତରେ ଭାରି ଚହଳ ପକାଉ ଥିଲା । ତା ଆଖିର କଟାକ୍ଷ, କଣ୍ଠର ସୁଲଳିତ ଗୀତ ବିଶେଷ ହୃଦୟଗ୍ରାହୀ ହେଉଥିଲା । ଯାତ୍ରାରୁ ଗଲା ପରେ ତାକୁ ମୁଢ଼ି ପସରା ଘେନି ବୁଲିବାକୁ ହେଲା ।

ବେଶଭୂଷଣ ଶେଷ ହୋଇ ନଥିଲେ ସମୟର ପୂରକ ଭାବେ 'କାଳିଆଲୋକା' ଗୋଟାଏ କଲିକଣ୍ଠ ସଙ୍ଗୀତ ଛାଡ଼ି ଦେଉଥିଲା । ଜନତାର ଅସମ୍ବର୍ଦ୍ଧିତ ଗୁଞ୍ଜନକୁ ଏହା ଅନୁପାତ୍ କରିଦେଉଥିଲା । ନାନା ରୋଗରେ ଜର୍ଜ୍ଜର ହୋଇ ସେ ଏବେ ସଂସାର ଛାଡ଼ିଛି ।

'ନଟିଆ'ର ଅବସ୍ଥା ଶୋଚନୀୟତମ ହୋଇଥିଲା । ଘରେ ବସି ସେ ପୈତୃକ ଜମି ଖଣ୍ଡିକ ପରେ ଖଣ୍ଡିଏ ବିକିଥିଲା । ବାକି ରହିଥିଲା ଭିହ ମାତ୍ର । ତଥାପି ଭାଗ୍ୟବାନ ଥିଲା ସେ । ଭିକ୍ଷାବୃତ୍ତିର ଅଭ୍ୟସ୍ତ ନେବା ଆଗରୁ ଦିନେକ ବାଡ଼ିପୋଖରୀରେ ସ୍ୱାମୀ ସ୍ତ୍ରୀ ଦୁହେଁ ଉକାଉକି ହୋଇ ଚାଲିଗଲେ ।

ଏ ସବୁ ଦୃଶ୍ୟ ମୋ ପକ୍ଷେ ଦୁଃସହ ହୋଇଥିଲା । ଯାତ୍ରା ଏକ ବ୍ୟୟବହୁଳ ଅନୁଷ୍ଠାନ; ବ୍ୟବସାୟବୁଦ୍ଧି ଓ ସଂଗଠନଶକ୍ତି ଅଭାବରୁ କୌଣସି ଯାତ୍ରାଦଳ ଏ ପ୍ରଦେଶରେ ଦୀର୍ଘସ୍ଥାୟୀ ହୁଏନାହିଁ । ଯାତ୍ରାପିଲାଙ୍କର କଳାସାଧନା ଏକ ନୈରାଶ୍ୟଜନକ କାରୁଣ୍ୟରେ ପରିଣତ ହୁଏ, ଭାଇନାଙ୍କ ଜୀବନର କରୁଣାନ୍ତ ନାଟକ ମୁଁ ଦେଖିଥିଲି ଯାତ୍ରାପିଲଙ୍କ ହାହାମୟ ଦୃଷ୍ଟି ତଳେ । ରୂଢ଼ ସଂସାରର ଦମ୍ଭ ଖୀନ ହେବାକୁ ସତେ ଯେପରି ସେମାନେ ଅକ୍ଷମ, ଅସମର୍ଥ ଥିଲେ ।

ଛିନ୍ନ ପତ୍ର

ନନା ପାଟୁଆ ଗୀତରୁ କେତେ କେତେ ତାଳପତ୍ର ଖେଦାରେ ଲେଖି ଦେଇଥିଲେ । ଭାଇନା ପାଟୁଆ ଗୀତ ଓ ଯାତ୍ରା ନାଟକ ସବୁ କାଗଜରେ ଲେଖି ଦେଲେ । ନାଟକଟିରୁ ପାତ୍ରପାତ୍ରୀମାନଙ୍କ ପାର୍ଟ ଅନୁସାରେ ଲେଖି ଦିଆ ହେଉଥିଲା । ତେଣୁ ସମ୍ପୂର୍ଣ୍ଣାଙ୍ଗ ନାଟକ ଖୋଜି ଖୋଜି ମୁଁ ନିରସ୍ତ ହେଲି । ଯେଉଁମାନେ ରାଜା, ମନ୍ତ୍ରୀ, ରାଣୀ ପାର୍ଟ ନେଉଥିଲେ, ସେମାନେ ଜୀବନଭୂମିକାରେ ବିସ୍ମୃତ ପଛରେ ପଡ଼ିଗଲେ; ଦୁଃସହ ଦାରିଦ୍ର୍ୟ ଜୀବନ ମଧ୍ୟରେ ସରସ ଯାତ୍ରାଗୀତସବୁ ଲଳିକା ପରି ଶୁଣାଯାଉଥିଲା । ତଥାପି କେତେ କାଳ ଏହା ଥିଲା ଯାତ୍ରା 'ନକ୍ଷନ'ମାନଙ୍କର ସୁଖସ୍ୱପ୍ନ । ସେସବୁ ପୂରାପୂରି ଲିଭିଗଲା ବେଳକୁ ମୁଁ 'ମୋ କାହାଣୀ' ଲେଖିଲି । ଭାଇନାଙ୍କ କବାଟର ସ୍ମୃତି ଖୋଜିଲି । ମିଳିଲା

Digitized by srujanika@gmail.com

କେତେକ ପାଟ ଧାଡ଼ୀଙ୍କ ଛିନ୍ନପତ୍ର ମାତ୍ର, ପରସ୍ପର ସହିତ ଅସଂଲଗ୍ନ । ତଥାପି ଘର-ପୋଡ଼ିରୁ କୁଟାଖିଏ ଲଭ । ଟିକଏ ସଂଳାପ, ଗୋଟାଏ ବା ଫାଳେ ଗୀତ, ପରସ୍ପର ସହିତ ଅସଂପୃକ୍ତ ଏହି ଛିନ୍ନ ପୃଷ୍ଠାମାନ ମୁଁ ଦେଇଛି, ଘନଶ୍ୟାମୀ କଣ୍ଠସ୍ୱର କେତେ ବନ୍ଧୁ ପ୍ରାଣସ୍ପନ୍ଦନ ଅନୁଭବ କରିବା ପାଇଁ । ଏହା ତାଙ୍କର ସ୍ମୃତିସ୍ତମ୍ଭ ନୁହେଁ, ଗୋଟିଏ ପାଷାଣଫଳକ ମଧ୍ୟ ନୁହେଁ; କେତୋଟି କରୁଣ, କୋମଳ, ଶୋକୋଚ୍ଛ୍ୱସିତ ରେଖା ମାତ୍ର ।

ବନ୍ଧୁ ପାଲ, ପାଟୁଆ, ଦଣ୍ଡନାଟ ଓ ଯାତ୍ରାକବିଙ୍କ ନାମ ଓଡ଼ିଆ ସାହିତ୍ୟ ଇତିହାସରୁ ଏହିପରି ଲୋପ ପାଇ ଯାଇଛି । ଜୀବନକାଳ ମଧ୍ୟରେ ସେମାନେ ଯେତେ ଶ୍ରଦ୍ଧାସମ୍ମାନ ଲଭ କରିଥିଲେ, କୌଣସି ନଗରକବିଙ୍କ ଭାଗ୍ୟରେ ତାହା ହୁଏତ ଜୁଟିନାହିଁ । ଛିନ୍ନପତ୍ର ଏକ କ୍ଷୀଣ ଆଭାସ ମାତ୍ର, ଯହିଁରେ ଭାଇନାଙ୍କ ପ୍ରତିଭାର ଆଭା ନାହିଁ —ତଥାପି ତାଙ୍କ ଜଙ୍ଗି ଗାତର କେତୋଟି ଦୂବାଦଳ ପରି, ରମ୍ଭା ଉଠିଥିବା ବଣୁଆ ଗଛର ଫୁଲ ପରି ଏହା ଆକର୍ଷଣ କରେ ।

'ସ୍ୱଦେଶୀ ଭିକାରୀ', କବିତାଟିର କାରୁଣ୍ୟ, ମାଧୁର୍ଯ୍ୟ ଓ ବ୍ୟଞ୍ଜନା ଅପୂର୍ବ । ଏହା ରେକର୍ଡ଼ କରାଯାଇଥିଲା । ସ୍ମୃତିରୁ ଆଂଶିକ ଭାବେ ଉଦ୍ଧୃତ ହେଲା ।

ସ୍ୱଦେଶୀ ଭିକାରୀ

ସ୍ୱଦେଶୀ ଭିକାରୀ ମୋର ସ୍ୱଦେଶୀ ଭିକାରୀ
କେତେ ଆସୁ ମୋ ଦୁଆରେ କେତେ ଯାଆନ୍ତି ଫେରି
ମହୁଲ ବନେ ଥାଏ ସେ ଲୋ ମହୁଲ ବନେ ଥାଏ
କେତେ ଆସି ମୋ ଦୁଆରେ ଗୀତ ଗାଇଯାଏ
ଭିକ ଦେଲେ କହେ ସେଇ ନାହିଁ ମୋର ଥାଳ
ଫେରି ଫେରି ବୁହୁଁଥାଏ ମୋ ଗଳାର ମାଳ
ଛନକା ଲଗେ ମୋ କାଳେ ମାଳା ଦିବ ବୈରୀ
ରେ ସ୍ୱଦେଶୀ ଭିକାରୀ...... ।

ମୁକ୍ତ ଛନ୍ଦରେ ଯାତ୍ରାନାଟକର ଗୋଟିଏ ସଂକ୍ଷିପ୍ତ ରୂପ; ଉଦ୍ଦୀପନାମୂଳକ ।

"ଉଠ ବୀର ପରିହରି ଅବସାଦ ମନ୍ତ୍ରୁଁ
ବଜାଅରେ ରଣ ଶିଙ୍ଗା।
କମ୍ପି ଉଠୁ କଳିଙ୍ଗର ଶିଖର କନ୍ଦର
ଗର୍ଜିଉଠୁ ମହୋଦଧି ନୀଳ ଉର୍ମି ତୋଳି

Digitized by srujanika@gmail.com

ଗଙ୍ଗା ଗୋଦାବରୀ କୃଷ୍ଣା ହିଲ୍ଲୋଳେ କଲ୍ଲୋଳେ
ଗାଅରେ ଗୀତିକା ତୋର
ନାଚ ଉଠୁ ପ୍ରତି ବୀର ହିଆ
ବାନ୍ଧ ଶିରେ ଶିରସ୍ତ୍ରାଣ
କଟିତଟେ ଖର କରବାଳ
ପ୍ରାଣ ଦିଅ ହସି ହସି ମାତୃଭୂମି ଲାଗି ।"

ସଖୀର ଗୀତ—

"ଗୋଲାପ ବଧୂ ସଖୀ ଆଜ ଚୁପି ବସିଛି
ତା ନାଗର ପ୍ରୀତି ଢେର ଦଗା ଦେଇଛି
ସଖୀ ମୋର ଚୁପି ବସିଛି ।
ଫୁଲରାଣୀ କଅଁଳ ମୁହଁ
ଶୁଖିଲାଣି ବହୁତ ଲୁହ
ଲାଜରେ ପଣତ ଢେର ନଇଁ ପଡ଼ିଛି
ସଖୀ ମୋର ଚୁପି ବସିଛି ।"

ଯାତ୍ରାରେ ଜନଶ୍ରୁତି—

୧—ଏ ଜୀବନେ କେତେବେଳେ କି ଘଟି ପାରେ
ବିଧି ଯାହା ଲେଖିଥାଏ ନିଜ କପାଳେ
ଆଜି ରାଜଗାଦି ସୁଖ
କାଲି ମିଳେ ମହା ଦୁଃଖ
ବୁଲି ବୁଲି ଭିକ୍ଷା ମାଗେ ଏହି ସଂସାରେ ।

୨—କୁକର୍ମ କରୁ ଦୁର୍ମତିରେ ଧର୍ମପଥ
ବୃଦ୍ଧ ମସ୍ତକରେ ପଦ,
ଦେଲେ ଭୋଗିବୁ ପ୍ରମାଦ
କି ହେବ ଆରୁ ତୋର ଗତି ?—
ତୋପରି କେତେ ନରେଶ
ଶେଷେ ସ୍ୱର୍ଗେ କଲେ ବାସ
ଅନ୍ତେ ପାଇବୁ ଅପଖ୍ୟାତିରେ—

Digitized by srujanika@gmail.com

୩—କାନ୍ଦ ପଣତେ ଅଖି ପାଣି ପୋଛୁଛୁ ଲୋ
ପରେ ମାର ଘରେ ଏବେ ନାଚୁଛୁ ଲୋ
ପରକୁ କନ୍ଦାଇଥିଲୁ
ନିଜେ ଏବେ କାନ୍ଦ ମଲୁ
ଅନ୍ଧ ହେଲୁ ଆଉ କଣ ପାଉଛୁ ଲୋ ।
ଅଣ୍ଡାଳ ନୁହ ଭୁଇଁକି
ଛମା ମାଗ ଲୋ ଯାଇ କି
ବସି ଦୁଃଖାନଳ ଅଙ୍ଗେ ବାନ୍ଧୁଛୁ ଲୋ ।

୪—ଅଡ଼େଇ ଦିନଟି ମନ
ପାଣି ପର ଯିବ ବନ୍ଧୁ
ରହିବ ନାହିଁ ରେ ବୃଥା ଗର୍ବ
ରହିବ ନାହିଁ
ଜଗତରେ ବୃଦ୍ଧି ଯାକ ନଶ୍ୱରର ଆଯୁଷ
ଭ୍ରମରେ ପଡ଼ିଣ ନର ହୋନ୍ତି ଆତଯାତ
ବୁଢ଼ିଆଣୀ ସୂତା ପର ଲଗାଇଛୁ ଫାନ୍ଦର
ଛୁଡ଼ିଯିବ ନ ପଡ଼ିବ କେହୁ ଏହୁ ଫାନ୍ଦର
ସୁଖର ସଂସାର ସ୍ୱର୍ଗ ବ ନକର
ରଖିବୁ କାହିଁ ରେ ?

ଦଅଣ୍ଡା ପଛମା ରହିଲା

ଅଜ ତ ମାସର ପହିଲ
ଅଜ ତ ମାସର ପହିଲ
ଝିଅ ମାଗେ ଟଙ୍କା ନୂଆ ବନ୍ଧୁ ପାଇଁ
ପୁରୁଣା ଗଲଣି ଚିର ହେ
ପୁଅ ମାଗେ ଦାଅ କଲେଜ ଦରମା
ନାଆଁ କଟିଯିବ କାଲି ହେ
ସେଠଙ୍କ ବେଲକୁ ବରାଦ୍ ଫରଦ
ଧରଣ ଘରଣୀ ଅଛିଲା ।

Digitized by srujanika@gmail.com

ସେତିକ ବେଳକୁ ଲହୁଆ ଗଉଡ଼
ଦୁଧ ଦାମ୍ ଆସି ମାଗେ ହେ
ଜଳଖିଆବାଲା ବାକୀ ଖାତା ଧରି
ହିସାବ କରଇ ଆଗେ ହେ
ସେତିକ ବେଳକୁ ସାଇ ପିଲାମାନେ
ଥଟ୍ଟର କରିବେ ବୋଲି
ଚାନ୍ଦା ମାଗି ଗଲେ ଭରି ମୋ ଭାଗରେ
ମୁହଁ ପଡ଼ିଗଲା ନାଲି
ଦେଇ ଦେଇ ସବୁ ବାକ୍ସରେ ଜମା ଦିଅଣା ପଇସା ରହିଲା ।

ହେମ ଭାଉଜ

ମୋ ଭାଉଜଙ୍କ ନାଆଁ ହେମଲତା; ତାଙ୍କ ନାମ ସହିତ ମିଳାଇ ମୋ ସ୍ତ୍ରୀଙ୍କ ନାମ ବେଦୀରେ ହେମଲତା ଦେଇଥିଲା । ଭାଉଜଙ୍କ ଚାଲି ଯେପରି ଧୀର, କଥା ସେହିପରି ଧୀର, ଚେହେରା ଯେପରି ସୁନ୍ଦର, ଆଚରଣ ସେହିପରି ମଧୁର । ରନ୍ଧାବଢ଼ା, କୁଣିଆଁ ମଇତ୍ର ଚର୍ଚ୍ଚା, ଶାଶୂ ଶ୍ୱଶୁରଙ୍କ ସେବା କାହିଁରେ କିଛି ଖୁଣ୍ଟିବାର ନ ଥିଲା । ସେ ଦିଅରମାନଙ୍କ ମନ ଯେନି ଚଳୁଥିଲେ, ସାଇପଡ଼ିଶାଙ୍କୁ ଆପଣାର କରି ପାରିଥିଲେ । ତାଙ୍କ କାନରେ ଡାକ ବାଜିଲେ ଯୋଗୀ ଭିକାରି କାହାକୁ ସେ ନିରାଶ କରି ଫେରାଇ ଦେଉ ନ ଥିଲେ । ଓଷାବ୍ରତ, ପୁଣ୍ୟପର୍ବ ଯଥାବିଧି ପାଳୁଥିଲେ, ଗୃହର ମାନମର୍ଯ୍ୟାଦା ସର୍ବତୋଭାବେ ରକ୍ଷା କରୁଥିଲେ ।

କିନ୍ତୁ ଭାଗ୍ୟହୀନା; ଅଳ୍ପ ବୟସରେ ତାଙ୍କୁ ବୈଧବ୍ୟଦୁଃଖ ସହିବାକୁ ହୋଇଥିଲା । ମନ ମାରି ସାରାଜୀବନ ସେ ଖଣ୍ଡାଧାରରେ ହିଁ ଚାଲିଥିଲେ । ବୋଉର ମୃତ୍ୟୁ 'ପରେ ସେ ଆମ ସମସ୍ତଙ୍କର ଅଭିଭାବିକା ହୋଇଥିଲେ । ସନ୍ତାନହୀନା; ଶିଶୁପାଳନର ସୁଖ ସେ ଜୀବନରେ ଅନୁଭବ କରି ନ ଥିଲେ । ତାଙ୍କର ଜାଆଁଳା ଶିଶୁ ଜନ୍ମ ହେବା ମାତ୍ରେ ମୃତ୍ୟୁମୁଖରେ ପଡ଼ିଥିଲେ । ସେ ସ୍ୱଭାବତଃ ହୋଇ ପଡ଼ିଥିଲେ ପିଲାରଙ୍କୁଣୀ ।

କିନ୍ତୁ ଆମ୍ବ ବଦଳରେ ଜୁଟିଲା ଆମ୍ବଡ଼ା । ହାରନାଣି ମଲା ପରେ ଆମ ଗୃହରେ ଆଶ୍ରିତ, ଲାଳିତପାଳିତ ପ୍ରଭାକର ତାଙ୍କର ପୋଷିଆଁ ପୁଅ ହୋଇ ରହିଲା । ବିବାହ ପରେ ତା'ର ପ୍ରତିବର୍ଷ ଗୋଟିଏ ଗୋଟିଏ ସନ୍ତାନ ହେବାକୁ ଲାଗିଲା । ଭାଉଜ ସେମାନଙ୍କୁ ପାଳିବାରେ ନିଜର ଖିଅପିଆ, ବିଶ୍ରାମ; ଧର୍ମକର୍ମ ଭୁଲିଲେ ।

Digitized by srujanika@gmail.com

ହଠାତ୍ ବୃଦ୍ଧର ସମ୍ପତ୍ତି ଲଭ କୃଷ୍ଣନନ୍ଦନ ଭଣଜାଙ୍କୁ କରିଥିଲା ଉନ୍ମାର୍ଗଗାମୀ - ତାଆସ, ପଶା ତା'ପରେ ଜୁଆ ଖେଳରେ ସେ ମାତି ଉଠିଥିଲା । ସାଉଜ ତାଆସ ଚକ୍ରାରେ ହିଁ ସର୍ବ ପଡ଼ନ୍ତି, ଯାହାକୁ ଯେବେ ସେ ଭଙ୍ଗା ଘରକୁ ଉଠାଇବେ ବୋଲି ବସିଥିଲେ ।

ପଦ୍ଆ

ମୋ ତଳେ ଗୋଟିଏ ସାନ ଭାଇ ଥିଲା—ତା ନାଆଁ ପଦ୍ଆ (ପଦ୍ମନାଭ); ସୁସ୍ଥ, ସବଳ; ସେ ଭଲ ପଢ଼ୁ ନ ଥିଲା; ନନା ତାକୁ ଚାଷକାମରେ ଭର୍ତ୍ତି କରିବେ ବୋଲି ମୂଳରୁ ତାଲିମ୍ ଦେଉଥିଲେ । 'ତୁଳସୀ ଚଉରା' ଗ୍ରାମର ଜଣେ ବ୍ରାହ୍ମଣ ଦିନେ ଆସି ନନାଙ୍କୁ କହିଲା—ତୁମର ତ ଦୁଇ ଝିଅ ପୁଅ ହେଲେଣି; ମତେ ଏଥିରୁ ଗୋଟିଏ ପୁଅ କରି ଦିଅ । ଲୋକେ ଜାଣନ୍ତି—'ପୋଷା ପୁଅ ମୁଣ୍ଡା ଗୁଅ, ଡାକିଲା ବେଳେ ନ କରନ୍ତି ହୁଁଅ'; ତଥାପି ମଲା ପରେ ସମ୍ପତ୍ତି ଭୂତ ଖାଇବେ, ତାହାରେ ବଳୁଆ ତେଲିବେ, ବଡ଼ବଡ଼ଆଙ୍କୁ ପାଣି ଟୋପିଏ ଦେବାକୁ କେହି ରହିବେ ନାହିଁ ଏ ବେଦନା ଅସହ୍ୟ; ମଲାବେଳକୁ ପାଟିରେ ଶେଷ ଢୋକ ମାହାର୍ଦ୍ଧ ପାଣି ଟୋପେ ଦେବ, ଭାଗବତ ଅଧ୍ୟାୟେ ପଢ଼ିବ, ବଂଶର ବୃକ୍ଷ ପୋଷିଆଁ ପୁଅଟିଏ କରିବା ଲାଗି ବଡ଼ ଆଶାରେ ଆସିଥିଲେ । ନନା ତାଙ୍କ ଆଶା ଭାଙ୍ଗିଲେ ନାହିଁ; ଏତିକି ଭୂସମ୍ପତ୍ତିରେ, ଏଇ ସାମାନ୍ୟ ରୋଜଗାରରେ ଏତେ ପିଲାଙ୍କୁ ଚଳାଇବେ କେମିତି ? ପୁଅମାନେ ଭିନେ ହେଲେ ଭାଗକେ କେତେ ସମ୍ପତ୍ତି ପଡ଼ିବ ?

କିନ୍ତୁ ବୋଉ ଏକଦମ୍ ଗରଜିଲା । 'କେତେବେଳେ ବୃକ୍ଷକୁ ଫଳ କି ହୁଏ ଭାର ?'

ପଦ୍ଆ ହୁଏତ ଆମ ଭିତରେ ସବୁଠୁ ନିକମା ଥିଲା; ତାର ବୁଦ୍ଧି ଫିଟି ନଥିଲା । ଚାଷବାସ ବୁଝିବା ଲାଗି ତାର ବୟସ ହୋଇ ନ ଥିଲା । ବୋଉର କାନ୍ଦକୋବାଲି ସତ୍ତ୍ୱେ ପଦ୍ଆ ପୋଷିଆଁ ପୁଅ ହୋଇ 'ତୁଳସୀ ଚଉରା' ଗାଁକୁ ଗଲା । ତାର ନୂଆ ବାପମାଆଙ୍କ ଘରେ ଦଶ ପନ୍ଦର ଦିନ ରହିଲା । କିନ୍ତୁ ଏଣେ ଘରେ ଅବସ୍ଥା ଅସମ୍ଭାଳ ହୋଇ ପଡ଼ିଲା । ବୋଉ ଦାନା ଛାଡ଼ିଲା; ପଦ୍ଆ ପିଠିରେ ମୁଁ ହାତସୁଖ କରୁଥିଲି, ତା ସଙ୍ଗେ ଖେଳ, ତା ସଙ୍ଗେ ମାଡ଼ଗୋଳ । ମତେ କିଛି ଭଲ ଲାଗୁ ନ ଥିଲା । ତେଣେ ପଦ୍ଆ ବି ତାର ନୂଆ ବାପମାଆଙ୍କୁ ମାନୁ ନ ଥିଲା—ତାକୁ ଭୁଲାଇ ରଖିବା ଲାଗି ବ୍ରାହ୍ମଣର ସେପରି ସମ୍ପତ୍ତିବାଡ଼ି ନ ଥିଲା; ଦୁଇ ଭରଣମାଣ ଜମି ମାତ୍ର, ପରୁଥିବା ଭାଗ ଲାଗିଥିଲା; ଘରେ ଓଳିଆ, ପୁଡ଼ା ହୋଇ ପୁଞ୍ଜାଏ ବି ପୁଞ୍ଜା ନଥିଲା; ଧାନ ରଖିବା ଲାଗି କୋଠି ବା ମରେଇ ନ ଥିଲା । ଗାଈ ବଳଦ ତ ନଥିଲେ, ଓଳିଏ ଡାଲିଭାତ, ଓଳିଏ ପଖାଳ, ଶାଗ । ପଦ୍ଆ

Digitized by srujanika@gmail.com

ଚନ୍ଦ୍ରମା କେଉଁ ଅଦର୍ଶନରେ ? ନନାଙ୍କ ହାତରେ ମୁଁ ଯଦି ତାକୁ ଆଣିବାକୁ ଚାହେଁ। ତାକୁ ଗୁହ୍ୟଭଣ୍ଡାରଙ୍କ ଗ୍ରନ୍ଥ ଦେଇଦିଅ ବୋଲି କହି ଘରକୁ ଆଣିଲି। କିନ୍ତୁ ପଦଆ ଫେରି ଦିବାକୁ ମୋତେ ମନ କଲା ନାହିଁ।

କିନ୍ତୁ ସେହି ବୃଦ୍ଧ ବ୍ରାହ୍ମଣର ଆଶୀର୍ବାଦ ଫଳିଲାନି। ଅଳ୍ପ କେତେଦିନ ପରେ ପଦଆକୁ ବାଳଜ୍ୱର ଖାଡ଼ା ହେଲା। ପ୍ରାୟ ଛ'ମାସ କାଳ ସେଇ ରୋଗରେ ସେ ଘାଣ୍ଟି ହେଲା। ପେଟଦ୍ୱାର ଦୁର୍ବଳ ହୋଇଗଲା। ଗରମ ପାଣି କନାରେ ତାକୁ କେହି ପୋଛି-ଦେଉ ନଥିଲେ; ଦେହରେ ଲାଗିଥିଲା ଆଞ୍ଜୁଳେ ମଳ। ନନାଙ୍କ କବିରାଜୀ ଫେଲ୍ ମାରିଲେ, ଅପଣା ହାତ ତିଆରି ଔଷଧ ଘର ରୋଗୀକି ଧରେନାହିଁ। ବିବଶ ହୋଇ ନନା ମକୁନା ବଣିଆକୁ ଡକାଇଲେ। ମକୁନା ସେତେବେଳେ ବଡ଼ ବୈଦ୍ୟ। ସେ ଦଶ ଗୌଣି ଧାନ ନେଲା। କେତେ ଚେର କୁଟିକାଟି ବଟିକା ତିଆରି କଲା। କିନ୍ତୁ ସେତେବେଳକୁ ପଦଆର ମଳଦ୍ୱାର ବାହାରି ପଡ଼ିଥାଏ; କୁହାଟରେ ଯାଇ କମି ଆସେ। ଶୂଳାଡ଼ଗାର ଶୂଳା ବନ୍ଦ କରିବା ଲାଗି ବଣର ଖିଅ ଧୂଆଁ ଦେବା ଦରକାର ହୋଇଥିଲା। ସେତେବେଳେ ଦୁର୍ଭାଗ୍ୟକୁ ନନା ବିଶକ୍ତ ବେମାରରେ ପଡ଼ିଲେ। ପଦଆର ଚିକିତ୍ସା ବନ୍ଦ ହୋଇଗଲା; ସେ ମୃତ୍ୟୁ ସହିତ ଅହୋରାତ୍ର ଯୁଦ୍ଧ କରୁଥିଲା। ଉପଯୁକ୍ତ ଚିକିତ୍ସା ଅଭାବରୁ କଡ଼ରାଲଗା ହୋଇ ଯଦି ପଦଆର ପ୍ରାଣବାୟୁ ଉଡ଼ିଗଲା। ନନା ପ୍ରାୟ ମରଣ ମୁହଁରୁ ଫେରିଲେ। ବୋଉ ବିଳାପ କରୁ କରୁ କହୁଥିଲା—ମୁଁ ଚଣ୍ଡାଳୀ କାହିଁକି ମନାକଲି ? ପୋଷିଆଁ ପଛେ ହେଉ, ମୋ ପୁଅ ତ ଜୀଇଁଥାନ୍ତା।

ପୁଣି କହୁଥିଲା—ଏ (ନନା) ଏତେବେଳେ ଛୁଡ଼ି ଯାଇଥିଲେ ଘର ଭାଙ୍ଗି ଯାଇଥାନ୍ତା। ପଦଆ ମୁଣ୍ଡରେ ବିପଦଟା କଟିଗଲା ଯଥା।

ଉଦଆ

ନନାଙ୍କ ଅର୍ଥବାହୀ ଗୀତ ଉପରେ ଉପେନ୍ଦ୍ର ଭଞ୍ଜଙ୍କର ବିଶେଷ ପ୍ରଭାବ ଥିଲା। ପ୍ରିୟ କବିଙ୍କୁ ସ୍ମରଣୀୟ ରଖିବା ଲାଗି ନନା ସଦ୍ୟ ଜାତ ପୁଅଟିର ନାମ ଉପେନ୍ଦ୍ର ରଖିଥିଲେ। ଏହି ନାମ ଗୋପ୍ୟ ହୋଇଗଲା। କିଶୋର ଜୀବନରେ କବିତା ଲେଖୁଥିଲେ ବି ବିପରୀତମୁଖୀ ଡାକ୍ତରୀ ପଢ଼ାର ଚାପରେ ଉଦୟ କବିତା ଲେଖା ଛାଡ଼ିଦେଲା।

ସୂର୍ଯ୍ୟୋଦୟ କାଳରେ (୧୯୨୩, ଜାନୁୟାରୀ ପହିଲା) ତାର ଜନ୍ମ। ତେଣୁ ନାମ ହୋଇଥିଲା 'ଉଦଆ' ଲେଖା ନାମ ଉଦୟନାଥ। ବଞ୍ଚିଥିବା ଯାକେ ବୋଉ ଉଦଆର ଜନ୍ମଦିନ ଧର୍ମଦେବତାଙ୍କୁ ଉଦୟ କାକରା ଓ ଖିରି ଭୋଗ କରୁଥିଲା, ପୂର୍ବଦିଗରେ ସିନ୍ଦୂର ଫାଟିବା ବେଳେ।

Digitized by srujanika@gmail.com

ବୋଡ଼ପୋଖରୀ ପୁଅ, ବଡ ଗେଲବସରରେ ବଢ଼ିଥିଲା ସେ । ତଳରେ ହୋଇଥିଲା କଚ୍ଛିଆ ଜଡଖୋର୍ । ବାପି ଅଡ଼ଚଳୁ ପଡ଼ିକୁ ପକାଇ ବୋଉ ତା ପାଇଁ 'ପଙ୍କଭାତ' ବସାଇ ଦେଉଥିଲା । ସେବାରେ ଟିକଏ ଖିଲାପ ଘଟିଲେ ବାବୁ ସାରା ଧର ଭାଙ୍ଗ କମ୍ପାଉଥିଲେ—'ବଡ଼ ଶୁଖୁଆ ପୋଡ଼ ଦଡ଼ ଆଳୁଅରେ ଭାତ ଦେ' ବୋଲି ମୁଁ କହୁଛି । ଏଇ କୁହାଟି ଘଣ୍ଟା ଘଣ୍ଟା ଚାଲେ । ବାବୁଙ୍କ ଜିଦ୍ ରହେ । ବଡ଼ ଆଳୁଅରେ ଶୁଖୁଆ-ପୋଡ଼ା, ଭାତ ବଢ଼ା ହୁଏ । ଲୁହ ରକ୍ତ ବନ୍ଦ ହୁଏ ।

ଗାଁ ପିଲାମାନେ ତାକୁ ଚିଡ଼ାଉଥିଲେ—ହଦଅ, କୁଦୁକୁଦଆ, ଦତରେ କୁଦାମାର ସେ ବହୁତ ଉଚକୁ ଡେଇଁ ଚାଲିଗଲା—ଏବେ ଅଖି ପାଏନାହିଁ । ହଦସ୍ବନାଥ ଆମ ପରିବାରର ସର୍ବଶ୍ରେଷ୍ଠ ସନ୍ତାନ । ତାର ଶ୍ରେଷ୍ଠତ୍ବ ପ୍ରତିପାଦିତ ହୋଇଛି ଛାତ୍ର ଜୀବନର କୃତିତ୍ବରେ, ବହୁ ଉପାର୍ଜନ, ଅର୍ଥର ସଦୁପଯୋଗ ଓ ବିପୁଳ ଯଶ ପ୍ରତିଷ୍ଠାରେ । ତାର ଜୀବନଯାତ୍ରାର ମାନ ଆମ ପରିବାରରେ ଉଚ୍ଚତମ । ଆମ ପରିବାରର ମାନବୃଦ୍ଧି ଲାଗି ତାର ଯତ୍ନର ଅନ୍ତ ନାହିଁ ।

ତାର ସ୍ମୃତି ତୀକ୍ଷ୍ଣ, ବୁଦ୍ଧି ପ୍ରଖର ଥିଲା । ପିଠିରେ ବେତ ବାଜି ନ ଥିଲା । ସେ ନିମ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଇନର, ମାଟ୍ରିକ. ଆଇ. ଏସ୍‌ସି. ଦବଣ ବୃତ୍ତି ପାଇଥିଲା । ନିଜର ପଢ଼ାଖର୍ଚ୍ଚ ତୁଳାଇବାକୁ ବହୁଳାଂଶେ ସମର୍ଥ ହୋଇଥିଲା । ସେ ଆଇ ଏସ୍‌ସି ପଢ଼ିବା ପର୍ଯ୍ୟନ୍ତ ମୋ ଟିଉସନ ଲବ୍ଧ ଅର୍ଥରୁ ମୁଁ ତାକୁ ସାମାନ୍ୟ ସାହାଯ୍ୟ କରିଥିଲି । ଆଇ. ଏସ୍ ସି ପରେ ସେ ନୂତନ ମେଡ଼ିକାଲ କଲେଜରେ (ଶ୍ରୀ ରାମଚନ୍ଦ୍ର ଭଞ୍ଜ) ଏମ୍ ବି ବି ଏସ୍ ପଢ଼ିଲା । ଏଇ କଲେଜର ପ୍ରଥମ ଛାତ୍ରଦଳର ଅନ୍ତର୍ଭୁକ୍ତ ଥିଲା । ମେଡ଼ିକାଲ ପରୀକ୍ଷାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଏକବର୍ଷ ହାଉସ୍ ସର୍ଜନ ହେଲାପରେ ସେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତିଲାଭ କରିଥିଲା । ଉପାର୍ଜନ ଓ ସାମାଜିକ ପ୍ରତିଷ୍ଠା ବଢ଼ି ଆସୁଥିବା ବେଳେ ସେ ଏଫ୍. ଆର୍. ସି. ଏସ୍ ପଢ଼ିବା ଲାଗି ଆମେରିକା ଯାତ୍ରା କଲା । କାନେଡ଼ାରେ ଉକ୍ତ ପରୀକ୍ଷା ଦେଇ ସେ ଶୀର୍ଷ ସ୍ଥାନ ଅଧିକାର କରିଥିଲା; କିନ୍ତୁ ଭାରତକୁ ଫେରି ଆସିଲାନାହିଁ । ସେ ସେଠି ସ୍ଥାୟୀ ବାସିନ୍ଦା ହୋଇ ରହିଲା ଓ ସେଠା ପରୀକ୍ଷାପତ୍ର ଦେଇ ଘରୋଇ ଚିକିତ୍ସକ ଭାବରେ ଉପାର୍ଜନ କରିବାକୁ ଲାଗିଲା । ସେ ଆମେରିକାର ସେଣ୍ଟ୍ ଲୁଇସ୍ ସହରରେ ଡଃ ବସ୍ତ୍ର, ମେକ୍‌ସିକୋର ଡଃ ହର୍‌ନାଣ୍ଡେଜ୍‌ଙ୍କ ସଙ୍ଗେ ମିଶି ଗୋଟିଏ ହାଡ଼ସର୍ଜନଗୋଷ୍ଠୀ ଗଢ଼ିଥିଲା । ଅର୍ଜିତ ଅର୍ଥ ତିନିଜଣଯାକ ସମଭାବରେ ବାଣ୍ଟି ନେଉଥିଲେ । ଏବେ ସେ ଏହି ଗୋଷ୍ଠୀରୁ ଛାଡ଼ି ସ୍ବାଧୀନ ବ୍ୟବସାୟ କରୁଛି ।

Digitized by srujanika@gmail.com

ସେ ଏଫ୍. ଆର୍. ସି. ଏସ୍. ପଢ଼ିବାକୁ ଯାଇଥିବା ବେଳେ ଶ୍ରୀକର ରାଓଙ୍କ କନ୍ୟା ଡାକ୍ତରାଣୀ ଶ୍ରୀମତୀ ଶରଦ୍‌ଦେବୀଙ୍କୁ ବିଭା କରିଥିଲେ। ଇରା ଦାର୍ଜିଲିଂ ପବ୍ଲିକ୍ ସ୍କୁଲର ଛାତ୍ରୀ ଥିଲା, ତାପରେ ମାଡ୍ରାଜ ମେଡ଼ିକାଲ କଲେଜରେ ପଢ଼ିଥିଲା। ତା ବାପା ଶ୍ରୀକର ରାଓଙ୍କର ନିମ୍ନମିଡ଼ ସ୍କୁଲ, କଲେଜ ଶିକ୍ଷା ନ ଥିଲା। ସେ ସାଧୁତା ଓ ଅଧ୍ୟବସାୟ ବଳରେ କିରାନୀସ୍ତରରୁ ବିଦେଶୀ ତେଲ କମ୍ପାନୀର ବଡ଼ ଅଫିସର ହୋଇ ମାସକୁ ପ୍ରାୟ ଅଠ ହଜାର ଟଙ୍କା ବେତନ ପାଉଥିଲେ। ସେ ସରଳ ଓ ଚିର ଆତ୍ମନିର୍ଭରଶୀଳ। ତାଙ୍କ ଘର ମାଙ୍ଗାଲୋରରେ ଥିଲା, ଏବେ ପୁନାରେ ସେ କଙ୍କଣ ଭାଷାଭାଷୀ।

ଇରା ଶିଶୁ ଆନାସ୍ଥେସିଆ ବିଶେଷଜ୍ଞା। ଘରଜଞ୍ଜାଳ ବୁଝି ସେ ସପ୍ତାହରେ ଦୁଇ ତିନି ଥର ଡାକ୍ତରଖାନାରେ କାମ କରେ। ତାର ଗୀତା, ମୀରା ନାମରେ ଦୁଇଟି ଝିଅ, ନିଖିଲ ନାମରେ ଗୋଟିଏ ପୁଅ। ଆମ ପରିବାରର ସମସ୍ତଙ୍କୁ ସେ ନିଜର କରିପାରିଛି।

ଅନ୍ୟ ଭାଷାଭାଷିଣୀ ବୋଲି ଭାବିବାକୁ କାହାକୁ ଅବସର ଦେଇନାହିଁ। ସମଗ୍ର ପରିବାର, ଉଦୟପୁର ଜନ୍ମସ୍ଥାନ ଓ ଅଞ୍ଚଳର ଏକାନ୍ତ କଲ୍ୟାଣତତ୍ପରା – ଯଥାର୍ଥ ଦୁହିତା – ଦୁଇକୂଳକୁ ହିତା।

ଷଠୀ ଘରୁ ଧୂଳିଘର, ଗୃହାଳୀ ଗେହ୍ଲର

ଷଠୀ ଘର ସର୍ବପ୍ରଥମ ସ୍ମୃତି ଚିହ୍ନ; ବଡ଼ବଡ଼ଆଙ୍କ ଷଠୀଘର ଥିଲେ କେତେ ପଖା କାନ୍ଥ ପୂର୍ଣ୍ଣ ହୋଇ ଯାଇଥାନ୍ତା। ନାମ ଓ ମସିହା ଲେଖା ନ ଥିଲେ କୋଉଟା କାହାର, କାହା ପରେ କିଏ, ଜଣାଯାନ୍ତା ନାହିଁ। କିନ୍ତୁ ସେ ସବୁର ରକ୍ଷଣାବେକ୍ଷଣର ମୂଲ୍ୟ କେହି ହୃଦୟଙ୍ଗମ କରେନାହିଁ। ମାଟିଘର ଭାଙ୍ଗିବା ସଙ୍ଗେ ସଙ୍ଗେ ଷଠୀଘର ସବୁ ଭାଙ୍ଗିଯାଏ। ଲିପାଲେପାରେ ପୁରୁଣି କିଆ କାଦୁଅଛପା ଘରସବୁ ଲୁଆଡ଼େ ଲୁଚିଯାଏ, ଘର ଓ ପରିବାରର ଇତିହାସ ହଜିଯାଏ ମାଟିତଳେ।

ବ୍ୟକ୍ତିର ମୃତ୍ୟୁ ସଙ୍ଗେ ସଙ୍ଗେ ଜାତକ ବି ଫିଙ୍ଗି ଦିଆଯାଏ, ଏହା ସାଇତି ରଖିବା ଅଶୁଭ। ବ୍ୟକ୍ତି, ପରିବାର ବା ସମାଜର ସମସ୍ତଙ୍କ ଇତିହାସ ଉଡ଼ିଯାଏ ଚିତାଭସ୍ମ ସଙ୍ଗେ। ଛୁଡ଼ା ହୋଇ ରହେ କାଳର ମୁହୂର୍ମୁହୂ ପରିବର୍ତ୍ତନ ମଧ୍ୟରେ କେତୋଟି କୀର୍ତ୍ତି ମାତ୍ର।

ଏବେ ମୋ ଷଠୀ ଘରଟି ମୁଁ ଖୋଜି ପାଉନାହିଁ। ପିଲାଦିନେ ମନେ ହେଉଥିଲା —ଏହାବୁ ଚିରକାଳ ରହିବି—ଯେମିତି ରହେ ସମାଧିମନ୍ଦିର ସବୁ। କିନ୍ତୁ ସମାଧିମନ୍ଦିର ବି ଅଯତ୍ନରୁ ଭାଙ୍ଗେ, ମାଟିରେ ମିଶେ, ଯେମିତି ବହି ଆଉ ଆଉ ମୋ ଷଠୀଘର ଲୁଚି ଯାଇଛି, ଅତଳସ୍ପର୍ଶମାନଙ୍କ ଗହ୍ୱରରେ।

Digitized by srujanika@gmail.com

ଏ ବୟସରେ ନୂଆ ହୋଇ ପୃଥିବୀକୁ ଆସିଥିବା ଦିନ କଥା ମନେ ପକାଇଲେ ବଡ଼ କଉତୁକିଆ ଲାଗେ । ମୋର ପଞ୍ଚୁଆତି, ଷଠୀ, ଏଠିଆର, ବାରଯାଚା, ନରତା ବା ଏକୋଇଶା ଆଜି ଦୂରବର୍ତ୍ତୀ; ଯାହା କହନ୍ତି କୃତାନ୍ତନଗରୀର ଦ୍ରୁମ ଦିଶିଲଣି ।

ତୁଳସୀ ଦୁଇ ପତ୍ରରୁ ବାସେ, ଛୋଟାରୁ ଦିବସର ଇଙ୍ଗିତ ମିଳେ । ବାଲ୍ୟ ଜୀବନରୁ ମୋ ଭବିଷ୍ୟତର କୌଣସି ସୂଚନା ମିଳି ନ ଥିଲା । ମୁଁ ଥିଲି ଗାଁର ବହୁ ପିଲାରେ ଜଣେ । ନ ଥିଲା ରୂପର ଚମକ, ଫୁଟୁ ନ ଥିଲା ବୁଦ୍ଧିର ପ୍ରଖରତା । ନ ଥିଲି ସେପରି କ୍ରୀଡ଼ାପ୍ରିୟ, ଚପଳ କିଶୋରଦଳର ନେତା; ନଥିଲା ସେଭଳି ସାହସିକତା, ଯଦ୍ଦ୍ୱାରେ ସେ ବର୍ଷିଲା ନଈରେ ପହଁରେ, ସାତ କଣ୍ଟାବାଡ଼ ଡେଇଁଯାଏ, ପୋଖରୀର ଦୀପଦଣ୍ଡି-ଦେଉଳର ଦଧିନଉତି ଉପରୁ ଓଲଟାଶୂନ୍ୟ ମାରେ, ଢଖ ଗଛର ଅଗ ଡାଳରେ ଚଢ଼ି ପାଚିଲା ଆମ୍ବ ପାରେ, ବାଘୁଆ ମହୁମାଛିଙ୍କ କାମୁଡ଼ାକୁ ନ ଡରି ମହୁ ମାରେ, ବିରୁଡ଼ିଭରା ହରଡ଼ଗୁଳ କରି ଆଣି ତାର କଅଁଳ ପୋକ ବନଶି କଣ୍ଟାରେ ଲୁଚି ମାଛ ମାରେ । ବିଛୁମନ୍ତ୍ର ନ ଜାଣି ସାପଗାତରେ ହାତ ପୂରାଏ ।

ସେ ଯୁଗର ଖେଳଣାଟିଏ କିଣିବା ଲାଗି ଘରେ ଧନ ନ ଥିଲା । ଚମାର ଚିତଉ ଅମାବାସ୍ୟା, ଗହ୍ମା ପୂନେଇଁ ଦିନ କୁଲା, ବାଉଁଶିଆ, ଖେଗେଇ, ବଞ୍ଚଣା ପ୍ରଭୃତି ବେଙ୍ଗ-ବାଇଦ ବିକି ଆଣେ । ଆମେ ତାକୁ ପିଠା ଦେଇ ତା ବଦଳରେ 'ବେଙ୍ଗ ବାଇଦ' କିଣୁ; ବେଙ୍ଗଚମରେ ତିଆରି ହୋଇଥାଏ ସେ ରଙ୍ଗୀନ୍ ବାଦ୍ୟଟି, ଡମ୍ବରୁ ପରି ବାଜେ, ଘଣ୍ଟାଏ ଦିଘଣ୍ଟା ପରେ ଭାଜେ ।

ଚୋଗ୍ରାଏ କନାରେ ଧଡ଼ି ଗୁଡ଼ା ହୋଇ 'ଅଦଆବୃଟା' ତିଆରି ହେଉଥିଲା; ବରଡ଼ା ପତ୍ର ଗୁଡ଼ାଇ ଗୁଡ଼ାଇ ମୁଁ ପେଁକାଳି ତିଆରି କରୁଥିଲି କିମ୍ବା ଆମ୍ବକୋଇଲିର ଗୋଟିଏ ପାଖ ଘଷି ବାଜା କରି ବଜାଉଥିଲି; ବାଜୁ ନ ଥିଲେ କହୁଥିଲି—

'ହାତୀ ଦେବି; ଘୋଡ଼ା ଦେବି
ମୋ ପେଁକାଳି ବଜାଇ ଦେ ।'

ପେଙ୍କାଳି ବାଜିଲା ପରେ ସତେ ଯଦି କିଏ ହାତୀ, ଘୋଡ଼ା ଲାଗି ଅଡ଼ି ବସିଥାନ୍ତା, ଦେଇଥାନ୍ତି କେଉଁଠୁ ? ହାତୀ ତ ମୋଟେ ଦେଖି ନ ଥିଲି, ଘୋଡ଼ା କ୍ୱଚିତ ଆଖିରେ ପଡ଼ୁଥିଲା । ଉପୁଲେଇଙ୍କ ଗାଦି ପାଖେ ଦେଖିଥିଲି ମାଟିର ଘୋଡ଼ା; ଠାକୁରାଣୀ ସେଥିରୁ ଗୋଟିକୁ ଜୀବନ୍ୟାସ ଦେଇ ରାତିରେ ତା ପିଠିରେ ବସି ବୁଲିବା କଥା ଲୋକେ କହନ୍ତି ।

Digitized by srujanika@gmail.com

ମେଳଣ ଯାତ୍ରାରୁ କିଣି ଖାଉଥିଲି 'ଖଣ୍ଡଘୋଡ଼ା', କୁମ୍ଭାରସାହିରୁ ଆଣୁଥିଲି ପୋଡ଼ା ମାଟିଘୋଡ଼ା ଓ ଆଉ କେତେ ପ୍ରକାର କଣ୍ଢେଇ, କୁମ୍ଭାରସବୁ କଉତୁକରେ ଗଢ଼ୁଥିଲେ ଓ ଆମେ ପିଲାଏ ମାଗଣା ଘେନି ଆସୁଥିଲୁ । ସେଇ କଣ୍ଢେଇଖେଳରୁ ଧନେ ହେଲି କଣ୍ଢେଇମେଳଣ, ଶେଷକୁ ଆମ ଗାଁ ର ପୋଥି ବଇଦଳ ମେଳଣ । ଲୋକଙ୍କ ମନରେ ଉତ୍ସବ ସେତେବେଳେ ଥିଲା । ଲୋକେ ଯାତ୍ରା, ମେଳଣ ଓ ପୂଆଙ୍ଗରେ ବେଶ୍ ମାତି ଯାଉଥିଲେ ।

ମନେ ପଡ଼େ—ମୁଁ ସେତେବେଳେ କପର ଜଣେ ସ୍ରଷ୍ଟା ଥିଲି । ଗଡ଼ିଆ କୂଳରୁ ଚକଟା ମାଟି ପୁଳାଏ ଆଣି କେତେ ପ୍ରକାର କଣ୍ଢେଇ ଗଢ଼ିଥିଲି - ଦଶମୁଣ୍ଡିଆ ରାବଣ, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ, ପୁଣି ରାମ ଲକ୍ଷ୍ମଣ । ସେମାନଙ୍କ ମଧ୍ୟରେ ଲଗାଇ ଦେଉଥିଲି ଯୁଦ୍ଧ । ଯୁଦ୍ଧକ୍ଷେତ୍ରରେ ରାମଚନ୍ଦ୍ର ଓ ରାବଣ ମୁହାଁମୁହିଁ ହେଲାକ୍ଷଣି କ'ଣ କୁହାକୋହି ହେଉଥିଲେ, ମୁଁ ସବୁ କହୁଥିଲି, ଯାତ୍ରାନାଟର ସୂତ୍ରଧର ସବୁ ସଂଳାପ କଲାପରି । କେତେବେଳେ କୃଷ୍ଣ କଂସାସୁର, ବାଳୀ ସୁଗ୍ରୀବ, କେତେବେଳେ କର୍ଣ୍ଣ ଅର୍ଜ୍ଜୁନ, କେତେବେଳେ ଭୀମ ଦୁଃଶାସନଙ୍କ ଯୁଦ୍ଧ ଲଗାଇ ଦେଉଥିଲି । ସେମାନଙ୍କ ସଂଳାପ ବୋଲି ଅନ୍ତଃନାଟ୍ୟରେ ଯାହା ବାହାରୁଥିଲା, ତାକୁ କ୍ଷୁଦ୍ର ବାଳକର ପ୍ରଳାପ କୁହାଯାଇପାରେ । ମନ ଖୁସି ଥିଲେ, କେହି ହସି ଉଡ଼େଇ ଦେବା ପାଇଁ ନ ଥିଲେ, ଏମିତି ପ୍ରଳାପଗୀତ ଅନର୍ଗଳ ଭାବରେ ବାହାରୁଥିଲା । ହୁଏତ ଅନ୍ୟମାନଙ୍କ ପାଖରେ ମୂଲ୍ୟହୀନ । କିନ୍ତୁ ଏହା ଉଚ୍ଛୁଳାଉଥିଲା ଜନନୀର ସ୍ନେହ । ଏସବୁ ଗୀତ ଏକାନ୍ତ ସ୍ୱତଃସ୍ଫୂର୍ତ୍ତି, ସ୍ୱାଭାବିକ । ପଦଯୋଜନା ଲଳିତ, ମଧୁର ହେଲା କି ନାହିଁ, ନ ଥିଲା ତିଳାର୍ଦ୍ଧ ଚିନ୍ତା । ଭୁଲ୍ ଭ୍ରାନ୍ତି ଲାଗି ନ ଥିଲା ଶଙ୍କା, ସଙ୍କୋଚ । ସମାଲୋଚକର କଟାକ୍ଷ ପ୍ରତି ନ ଥିଲା ଟିକେ ହେଲେ ଭ୍ରୂକ୍ଷେପ । କବିତା, ସଙ୍ଗୀତ, ନାଟକ, ନୃତ୍ୟ ବାଲ୍ୟଜୀବନର ବିକଟ ଦାରିଦ୍ର୍ୟକୁ ଭୁଲାଇ ଦେଉଥିଲା । ପୃଥିବୀ ବଡ଼ ସରସ, ସୁନ୍ଦର, ସ୍ୱପ୍ନମୟ ଦିଶୁଥିଲା ।

ଷଢ଼େଇରେ ବାଲି ଭର୍ତ୍ତି କରି ଚୁଲି ପାରି ଆମେ ମିଛେ ମିଛେ ଭାତ ଡାଲି ରାନ୍ଧି ସାରୁମଝିରେ ବାଢ଼ି ଖାଉଥିଲୁ । ଆଶ୍ଚର୍ଯ୍ୟ, ଖାଇବା ଚିନ୍ତା ଖେଳରେ ବି ଭୁଲି ପାରି ନ ଥିଲୁ । ମୁଠିଏ ଭଲ ଖାଇବା ଗୋଟିଏ ସଉକ ଥିଲା, ଏଡ଼େ ଶସ୍ତା କାଳରେ ବି । ଦୁଃଖର ବିଷୟ—କଥା ପଡ଼ୁଥିଲା—ଅମୁକ ଲୋକ ବୁଢ଼ା ହେଲାଣି, କେବେ ମରିବ ? ଚୂଡ଼ାଘସା ହେବ !

ସ୍ୱର୍ଗ କେତେ ଉଚ୍ଚରେ ? ଭଗବାନ୍ କୁଆଡ଼େ ସ୍ୱର୍ଗରେ ଥାଇ କୋଇଲଖା ସୂତା ଯେତେ ଅଛି ସବୁ ଗଣ୍ଠେଇ ପକେଇଲେ ସେ ପୃଥିବୀକୁ ପାଇଲା ନାହିଁ । ଥରେ

Digitized by srujanika@gmail.com

ଭଗବାନ୍ ପୃଥିବୀରେ ଛୁଡ଼ା ହୋଇ ନିଜକୁ ବହୁତ ବଢାଇଲେ, ପୃଥିବୀଯାକ ପୂରି ଗଲେ; ଆକାଶଟା ତାଙ୍କ ଭିତରେ ଲୁଚିଗଲା । ଏତେ ବଡ଼ ହୋଇ ହାତ ବଢ଼େଇଲେ ବି ତାଙ୍କ ହାତ ସ୍ୱର୍ଗକୁ ପାଇଲା ନାହିଁ, କାଣି ଅଙ୍ଗୁଠି ପୋଢ଼ିଗଲା ।

ଲୁଚକାଳି ଯେପରି ସହଜ, ସେହିପରି ଚଗୁ ପିଲାଙ୍କର ଅତି ପ୍ରିୟ ଖେଳଥିଲା । 'ଚୋର' ହେବାକୁ କେହି ରାଜି ନ ହେଲେ । 'ଇଟିକାଲି' 'ମିଟିକାଲି' ବୋଲି 'କୋଡ଼' ପକାଉଥିଲୁ । ଯାହା ମୁଣ୍ଡରେ କୋଡ଼ ପଡ଼ୁଥିଲା ସେ ହେଉଥିଲା 'ଚୋର' । ଜଣେ ତା ଆଖି ବୁଜୁଥିଲା । ଅନ୍ୟମାନେ ଲୁଚୁଥିଲେ । ଚୋର ଦୁର୍ବଳ ଓ କ୍ଷିପ୍ରଗତିରେ ଦୌଡ଼ିବାକୁ ଅସମର୍ଥ ହେଲେ ତାକୁ ସାଙ୍ଗ ଖେଳାଳି ଚଗାଇ ରଗେଇ ଦେଉଥିଲେ—

'କାପେଗି ଲୋ କାପେଗି
ମାଠିଆ ମୁହରେ ଘା'
ଯେବେ ହୋଇଥିବୁ କାପେଗି ଝିଅ
ଗୋଡ଼େଇ ଗୋଡ଼େଇ ଖା ।'

'ଚୋର' କ୍ରୋଧରେ ଅସ୍ତବ୍ୟସ୍ତ ହୁଏ, ଦୁର୍ବଳତର ହୁଏ । ସମସ୍ତେ 'ବୁଢ଼ିଆଣୀ' ଛୁଇଁ ଦିଅନ୍ତି । ଏହିପରି ଏକାଦିକ୍ରମେ ସାତ ଚୋଟ ହେଲେ 'ଚୋର' କୁଣ୍ଡାପାଣି ଖାଏ । ବାଲିଗଦା ଉପରେ ଝିଙ୍ଗିଏ କୁଟା, ଚୋରକୁ ଦାନ୍ତରେ ସେଖଣ୍ଡ ଉଠାଇବାକୁ ହୁଏ, ଯୁଦ୍ଧରେ ହାରିଥିବା ସୈନିକ ପ୍ରତି ବିଜୟୀବାହିନୀର ନିର୍ଦ୍ଦେଶ ଏ, ବେଶ୍ ଅପମାନଜନକ ।

ଡାଳିମାକୁଡ଼ି ଖେଳରେ ବୃକ୍ଷାରୋହଣ କୌଶଳର ପରିଚୟ ମିଳେ । 'ଚୋର୍' ଡାଳକୁ ଡ଼ାଳ ଚଢ଼ି ସହଯୋଗୀମାନଙ୍କ ମଧ୍ୟରୁ ଜଣକୁ ଛୁଏଁ । ତା ଆଗରୁ ଗଛରୁ ଖପ୍‌ଖାପ୍ ଡେଇଁ ପିଲମାନେ ଯାଇ ବୁଢ଼ିଆଣୀ ଛୁଅନ୍ତି । ଡୁଡୁ ବା ବୋହୂଚୋରି ଖେଳ, ବାଘବଜାରି ଖେଳ, ପାଞ୍ଚଣରେ ଡାବଲାପୁଆ ଖେଳ, ଛଡ଼ାଛଡ଼ାରେ ଡନ ଗୋଟି ଗାତ ଖୋଳି ପାଉଁଳିଆ ପୋଲଙ୍ଗରେ ବାଟିଖେଳ, ପାଣିରେ ଠିଆପହଁରା, ଗଡ଼ିଆ କୂଳରେ ହେନ୍ତାଳ ଗଛରେ ଚଢ଼ି ଓଲଟା ଶୂନ୍ୟମରା, ପ୍ରାୟ ନିତି ନିତି ଚାଲିଥିଲା । ହାଣ୍ଡିଭେଳା ବା କଦଳୀଗଛ ଗଣ୍ଡିଭେଳା କରି କାତ ମାରି ମାରି ଯାଇ ଦଳୁଆ ପୋଖରୀରୁ କଇଁଫୁଲ ତୋଳୁଥିଲୁ । ମୁଁ କଆଁନାଡ଼ ଖୁଞ୍ଚି ବନଶୀ ପକାଉଥିଲି, କମ୍ବା ଚୁଆ ନସୁନଯୋଡ଼ ବୋହି ମାଛ ଧରୁଥିଲି । ଗଡ଼ାରେ ଦାନ୍ତିଆ, ବିଲରେ ଅନ୍ଧୁଣି, ସୁଅ ମୁହଁରେ 'ବଜା' ବସାଇ, ଶୀତଦିନେ ଗୁଣି ଜାଲରେ କଅ ଟେକି କମ୍ବା ଖରାଦିନେ ଅଳ୍ପ ପାଣିରେ ଜାଲ ମଡ଼ାଇ ମାଛ ଧରିବା କୌଶଳ ମୋତେ

Digitized by srujanika@gmail.com

ଭଲଭାବେ ଜାଣିଥିଲି । ପହିଲି ଆଷାଢ଼ୁଆ ବର୍ଷାରାତିରେ ଉଠା ମାଛ ଧରିବା ବେଳେ ମୁଁ ଭୂତପ୍ରେତ ବା ବାଘସାପଙ୍କୁ ଡରୁ ନ ଥିଲି କି, ମତେ ନିଦ ଲାଗୁ ନ ଥିଲି ।

ଷଣ୍ଢଲଢ଼େଇ, ବୋଦାଲଢ଼େଇ, ଗହ୍ମାପୁନେଇଁ ଦିନ ନଡ଼ିଆଲଢ଼େଇ ଦେଖିବା ଅନ୍ୟମାନଙ୍କ ପରି ମୋର ପ୍ରଧାନ ବିନୋଦନ ଥିଲା । ଯାତ୍ରା ବା ପାଲା ଦେଖିବା ଲାଗି ଚାରି ପାଞ୍ଚ କୋଶ ବାଟ ଅନ୍ଧାର, କଣ୍ଟାଝଣ୍ଟା ନ ମାନି ଚାଲିଯିବା ଏକ ସାଧାରଣ ଘଟ ଥିଲା । ମୁଁ ଗ୍ରାମର ଅନ୍ୟମାନଙ୍କ ସହିତ ଟୋକା ଗହଳରେ ଅନ୍ଧାରରାତିରେ ବ୍ରାହ୍ମଣପଣ କରି ଯାଉଥିଲି, ଦହି କଞ୍ଚାଚୂଡ଼ା, ଉଖୁଡ଼ା ଓ ହୁଡ଼ୁମ୍ବ ଖାଇ ପଇସେ ଦି ପଇସା ଦକ୍ଷିଣା ଆଣୁଥିଲି, ସେ ଜଳଖିଆରୁ ଅନ୍ୟମାନଙ୍କ ସହିତ ମୁଁ ମଧ୍ୟ କିଛି ବାନ୍ଧି ଆଣୁଥିଲି, ଗାମୁଛାଖଣ୍ଡିଏ ସେଇ ଉଦ୍ଦେଶ୍ୟରେ ହିଁ ନିଆହେଉଥିଲି, ସେକାଳେ ଏହା କିଛି ଲଜ୍ଜା ବା ନିନ୍ଦାର ନ ଥିଲା । ଭୋଜନ ପର୍ବ ଶେଷ ହେଲା ପରେ ମୃତ ବ୍ୟକ୍ତିର ଉତ୍ତରାଧିକାରୀ ମହାଜନସଭା ମଝିରେ ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ, ବୃଦ୍ଧ ବ୍ରାହ୍ମଣମାନଙ୍କ ମଧ୍ୟରୁ ଜଣେ କଲ୍ୟାଣ କରୁଥିଲେ, ପାଳି ଧରିଲା ପରି ଅନ୍ୟମାନେ 'ତଥା' 'ତଥା' କହୁଥିଲେ ।

ପିତାଙ୍କ ସ୍ନେହଦୃଷ୍ଟି ଆକର୍ଷଣ କଲାଭଳି ମୋର କିଛି ଗୁଣ ନ ଥିଲା । ମୁଁ ଥିଲି ଭାଇଭଉଣୀଙ୍କ ମଧ୍ୟରେ ଅସୁନ୍ଦର, ଅପରିଚ୍ଛନ୍ନ । ଉପର ତିନି ଭାଇଭଉଣୀଙ୍କ ଛିଟା ବା ଘରକାଣ୍ଡାଳ ମଧ୍ୟରେ ମୋ ପ୍ରତି ଅବଶ୍ୟ କିଛି 'ଅବହେଳା ହେଉଥିଲା । ମୁଁ ଅନାବନା ଚଢ଼ୁଥିଲି । କ୍ୱଚିତ୍ କିଦ୍ ଧରି ବସୁଥିଲି, କାରଣ ସନ୍ତାନଗହଳ ପରିବାରରେ ରୁଷିବା ବା କିଦ୍ ଧରି ବସିବା ଆଦୌ ଲାଭଜନକ ନ ଥିଲା । ଓଲଟି ତାହାର ଫଳ ଦେହ ବା ମୁଣ୍ଡରେ ମିଳୁଥିଲା ଗୁରୁଣ୍ଡି ଗୁରୁଣ୍ଡି ପାଦରେ ବସିଥିଲା ବଣ୍ଡି; ଏବେ ବି ସେ କାଳିମା ଲିଭିନାହିଁ । ବୋଉ ତ ଗେଲବସରିଆ ଭାଷାରେ ମୁଁ ଥିଲି 'ଧୂଳି ଧୂସରିଆ କଲା ହାଣ୍ଡି' । ଚେହେରାରେ ହୃଷ୍ଟ ହେଲେ ବି ପ୍ରକୃତିରେ ଥିଲି ଶାନ୍ତ । ଗହଳିଆ ମୁଣ୍ଡବାଳ ଆଖି ଉପରକୁ ଲମ୍ବି ଆସିବା ଦେଖି ଦେଠେଇ ଡାକୁଥିଲେ—'ଝାଲୁ' ।

ଏ ଝାଲୁଟାକୁ ନେବାକୁ ଯମର ଅଳ୍ପ ଲୋଭ ନ ଥିଲା । ଈଶ୍ୱର ମୋତେ ରକ୍ଷା କରିଥିଲେ, ବୋଧହୁଏ ତାଙ୍କର କିଛି ଉଦ୍ଦେଶ୍ୟ ସାଧନଲାଗି ।

ଆମ କୂଅରେ ଗୋଟାଏ କଇଁଛ ଥିଲା । ଗୋଡ଼ ଲମ୍ବାଇ ମୁହଁ କାଢ଼ି ସେ ପହଁରୁଥିଲା । ମାଟି କୂଅ ନନ୍ଦ ଉପରେ ଲେପଟି ପଡ଼ି ତାକୁ ନିତି ଦେଖିବା ଏକ ସଉକ ହୋଇଥିଲା ମୋର । ବୋଉ ଦିନେ ପାଣି କାଢୁଥିଲା ବେଳେ ମୁଁ ପୂର୍ବବତ ଆଉଜି ପଡ଼ିଲି । ଫଟା ନନ୍ଦଟା କୂଅ ଭିତରକୁ ଅଜାଡ଼ି ହୋଇ ପଡ଼ିଲା ଓ ତା ସହିତ

Digitized by srujanika@gmail.com

ମୁଁ; ମୁଣ୍ଡ ତଳକୁ, ଗୋଡ଼ଦଣ୍ଟା ଉପରକୁ । ଭାଗ୍ୟକୁ କୂଅରେ ବେଶୀ ପାଣି ନ ଥିଲା ଓ ମୋ ମୁଣ୍ଡ ନନ୍ଦରେ ବାଡ଼େଇ ହୋଇ ନ ଥିଲା । ବୋଉର ବକଳ ଚକ୍ରାରରେ କେହି ଜଣେ ମୋତେ ଉପରକୁ ଉଠାଇ ଆଣିଥିଲା । ତଥାପି ଅଚେତା ହୋଇ ପେଟେ ପାଣି ପିଇ ଦେଇଥିଲି । ନନା ଗୋଡ଼ ଦଣ୍ଟା ଧରି ଦଶ ପନ୍ଦର ଫେର ବୁଲାଇ ଦେଲେ, ପାଟିବାଟେ ଗଲ୍ ଗଲ୍ ବାନ୍ତି ହୋଇ ଗୁଚ୍ଛା ପାଣି ବାହାରି ଯାଇଥିଲି ।

ଆଉଥରେ ବ୍ରାହ୍ମଣଷଡ଼ଙ୍ଗୀ ଗ୍ରାମର ମଉସଙ୍କ ପୋଖରୀରେ ଗାଧୋଉ ଗାଧୋଉ ବୁଡ଼ି ଯାଇଥିଲି । କେହିଜଣେ ଝିଙ୍କି ଆଣିଥିଲି । ମାଷ୍ଟ୍ରମ ହେଲାପରେ ମଉସା ମୋ ହାତରେ ଟେଳାଏ ମିଶ୍ରି ଧରାଇ ଦେଇଥିଲେ, ମନଭୁଲେଇବା ଲାଗି ଆଜକାଲି ଏହା ହାସ୍ୟକର ହୁଅନ୍ତା ।

ପୁଣି ଥରେ ନାଗସାପ ମୁହଁରୁ ବର୍ତ୍ତିଥିଲି । ବଲଙ୍ଗାମେଳଣକୁ ସନ୍ଧ୍ୟା ପଡ଼ି ଆସିଥିଲି । ଅନ୍ଧାରଆରୁ ଉଠି ଘରବାଟକୁ, ଯାଉଁ ଯାଉଁ ସାପ ହାବୁଡ଼ରେ ପଡ଼ିଲି ଗଧୋଇ । ସାପଟା ଫଣା ଟେକ ଠିଆ ହୋଇଗଲା ମାତ୍ର; ବୋଧେ ତା ଗୃହଣିକାର ଫେରନ୍ତା ପଥରେ ମୁଁ ବାଧା ଦେବାରୁ; ମୁଁ ବଙ୍କାଇ ବଙ୍କାଇ ଦୌଡ଼ି ପଳାଇ ଝଣ୍ଡେ ଦୂର ରହିଲି ଯେ ସାପ ଆଉ ଗୋଡ଼ାଉ ନାହିଁ । ଗୁଡ ଦାଉଁ ଦାଉଁ ପଡ଼ୁଥାଏ । କୃଷ୍ଣ ଭାଇନାଙ୍କୁ ଏ କଥା କହିବାରୁ ସେ କହିଲେ - ଭାଗବତ ପଦ ଗୋଳାଉଛୁ କରେ ? ନହେଲେ ସାପ ଦେଖାଦେଲା କାହିଁକି ?

ସେ କାଳ ପଢ଼ା ରୀତି

"ସୁବର୍ଣ୍ଣ ଥାଳୀରେ ଅକ୍ଷତ ଦୂବ
ସରୁ ତଣ୍ଡୁଳ ଗୁଡ଼ ନଇବେଦ୍ୟ
ସଞ୍ଜା ଦେଇ ମା ଏ ସମର୍ପି ଗଲେ ।"

ମୁଁ କଲୁ ଗୋଟିଏ ଖୁଙ୍ଗୁଡ଼ିରେ ସେରେ ଉଆ ଗୁଉଳ, ପଇସାଟିଏ ଗୁହାଳୀକ 'ପୂଜା' ନେଇଥିଲି, ଭୟରେ ଦେହରୁ ରକତ ଶୁଖି ଯାଇଥିଲି ।

"ଖେଳୁଅଡ଼ ବୁଦ୍ଧି ଗୁଡ଼ରେ ବାଉ
ଖଡ଼ି ଛୁଇଁଲେ ତୁ ବଦ୍ୟା ପଢ଼ିବୁ ।
ଗୁରୁଙ୍କୁ ଆଗେ ଓଳଗବୁ ଯାଇଁ
ଗୋବନ୍ଦ ସୁମରି ଲେଖିବୁ ଭୂଇଁ
ଘେନ ଖଡ଼ି ହସ୍ତେ ଶ୍ରୀସ୍ତା ଲେଖିବୁ
ଘଟଣେ ନେଇ କପାଳେ ବୋଳିବୁ ।"

Digitized by srujanika@gmail.com

'ଶ୍ରୀ' ଶୁଭ ସିଦ୍ଧିର ଆଦ୍ୟ ସୂଚନା । ମାଷ୍ଟ୍ରେ 'ଶ୍ରୀ' ଲେଖି ଦେଇଥିଲେ, ପାଠର ଅନୁକୂଳ ସେଇଠୁ । ତାକୁ ଲମ୍ବଭ ବିଧି ଅନୁସାରେ କପାଳରେ ବୋଳିଥିଲି । ଖଡ଼ିଧୂଳି କପାଳରେ ବୋଳିଲେ ପାଠ ଆସେ । ତାପରେ ଖଡ଼ିଧୂଳି ଏକା କପାଳର କାହିଁକି, ସାରାଶରୀରର ଭୂଷଣ ହୋଇଥିଲା । ମାଷ୍ଟ୍ରେ ଦୁଧ ବା କୋଚିଲାଖଡ଼ିରେ ପ୍ରତି ବ୍ୟକ୍ତିଙ୍କ ଲାଗି ଗୋଟିଏ ଗୋଟିଏ କୋଠରୀ ଆଙ୍କି ଦେଇଥିଲେ; ସେଥିରେ ବସି ଆମେ ଅ, ଆ ଘୋଷୁଥିଲୁ—

"ଡାକ ହାକ କରି ପଢ଼ିବୁ ପାଠ
ତଟର ଭୁଲା ନ କରିବୁ ବାଟ
ଛାଳେ ହେଁ ବାବୁରେ ମୂରୁଖ କୋଢ଼
ତମପଣ କଲେ ବିଦ୍ୟା ନ ପାଇ ।

× × ×

ଧନ ଯୈଲେକ୍ୟ ଥୋଇ ଭିକ୍ଷା ଥାଇ
ଭିକ୍ଷେ ସୁମଦଲେ ବିଦ୍ୟା ଅଟଇ ।"

ଡାକ ହାକ ପଢ଼ିବା ସେ କାଳର ପଢ଼ାକ୍ରମ ଥିଲା । ଯାହା ଇସ୍କୁଲରେ ପଢ଼ା ହେଉଥିଲା, ତାକୁ ସନ୍ଧ୍ୟାବେଳେ ଅଜା ବା ବୁଢ଼ା ବାପାଙ୍କ ଆଗେ ପୁଣି ବୋଲିବାକୁ ହେଉଥିଲା । ପଣିକିଆ, କଡ଼ାଗଣ୍ଡା, ପାହୁଅଣା, ଲୁଣ୍ଣବଣ୍ଣା ପାଟି କରି ଶିଖିବାକୁ ହେଉଥିଲା । ସମସ୍ତେ ଏକାବେଳକେ ପାଟି କରୁଥିଲେ । ଗୋଟାଏ 'ଘୋ' ଉଠୁଥିଲା । କବି ହରି ଦାସଙ୍କ 'ଶ୍ରୀକୃଷ୍ଣଙ୍କ ମାତାଙ୍କ ଉକ୍ତି'ରେ ସେ କାଳରେ ବିଦ୍ୟାର ମହିମା କୀର୍ତ୍ତନ କରାଯାଇଛି ଯେପରିକି "ବିଦ୍ୟା ନାମ ନରସ୍ୟ ରୂପମଧିକଂ...ବିଦ୍ୟା ବିହୀନଃ ପଶୁଃ", ବିଦ୍ୟାବନ୍ତ ତ୍ରିଲୋଚନ; ମାତ୍ର ସାଧାରଣ ବ୍ୟକ୍ତିର ଦୁଇଟି ଚକ୍ଷୁ । ବିଦ୍ୟା ଚୋରଙ୍କ ଘର ନୁହେଁ, ଚୋରର ଖଣ୍ଡ ତାକୁ ହରଣ କରିପାରନ୍ତି ନାହିଁ; ଭାଇଭଗାରି ବାଣ୍ଟି ନିଅନ୍ତି ନାହିଁ । ଦେଶେ ବିଦେଶେ ସର୍ବତ୍ର ବିଦ୍ୟାର ଆଦର, ବିଦ୍ୱାନ୍ ରାଜାଙ୍କର ସମ୍ମାନିତ ।" ଖଡ଼ିହାଲିକି ପୂଜା ନେଲାପରେ କେତେ କାଳ 'ଠ' ଉପରେ ଓ 'ଅ' ଉପରେ ଖଡ଼ି ବୁଲେଇ ଥିଲି, ମନେ ନାହିଁ । ମାଷ୍ଟ୍ରେ ପଢ଼ାଉ ଥିଲେ—

ଅ ଗଲେ ପଡ଼େ ଆ
କୁଆ କରେ କା କା ।
ଆ ଗଲେ ପଡ଼େ ଇ
ଛେଳି ନାଚେ ଧେଇ ଧେଇ ।

Digitized by srujanika@gmail.com

ଇ ଗଲେ ପଡେ ଉ
ଯାପ ହୁଏ ଯୁଉ ଯୁଉ ।
ଏ ଗଲେ ପଡ଼େ ଐ
ଘୋଡ଼ା ହୁଏ ହ୍ୱି-ହ୍ୱି ।

ସେହ୍ୱପରି ବ୍ୟଞ୍ଜନ ବର୍ଣ୍ଣ ଶିକ୍ଷା ବେଳେ ମାଷ୍ଟ୍ରେ ତଳ ଚଉତିଶାଟି ବୋଲୁଥିଲେ—

କ କ କାଳନ୍ଦୀ ତୀରେ
ଖ ଖ ଖେଳନ୍ତି ଧୀରେ ।

× × ×

ଡ ଡ ଡମ୍ବିଆ ମେରୁ
ଢ ଢ଼ ଢ଼ାଙ୍କଇ ଭୂରୁ
ବ ବ ବାଙ୍କ ଗୃହ୍ଣାଣୀ
ଭ ଭ ଭୃଙ୍ଗଇ ଠାଣି
ହ ହ ହଣଦାପିଆ
କ୍ଷ କ୍ଷ କ୍ଷମାକାରିଆ ।

'ଅଦଡ଼ ଅଦଡ଼', 'ଓରେଷ୍ଟ' ବର୍ଣ୍ଣ ଲେଖା ସ୍କୁଲ୍‌ଥିଲା । ସେ ଅକ୍ଷର ମୁଁ ଏବେ ଭୁଲି-ଯାଇଛି । ଲୋକେ ଥଟ୍ଟାରେ କହୁଥିଲେ—ଅଦଡ଼ ଅଦଡ଼, ଘରେ ଭାତ ନାହିଁ ବୁଢ଼ୀକି ତଡ଼ । ମୋ ପଢ଼ାଠା ଏକୋଇଶ ସାଲ ଦୁର୍ଭିକ୍ଷ ବେଳେ । ଘରେ ଭାତ ନ ଥିଲେ ବୁଢ଼ାବୁଢ଼ୀ ହିଁ ଓପାସେ ରହୁଥିଲେ । ଏ ପଦରେ ସେଇ ଇଙ୍ଗିତ ରହିଛି । 'ବର୍ଣ୍ଣବୋଧ'ରେ ପଢ଼ିଥିଲି —

ଘୁରୁଣ୍ଡି ଘୁରୁଣ୍ଡି ଏକୁଣ୍ଡି ଉପରେ
ମାଧବ ବସିଛି ଯାଇ
ଏଣିକି ତେଣିକି ଅନାଇ ଅନାଇ
ମାଟି ଦେଉଅଛି ଖାଇ ।

ଏବେ କୋଠାଘରର ମାଧବମାନେ ମାଟି ଖାଇ ଜାଣନ୍ତିନାହିଁ, ଯେଉଁମାନେ ମାଟିକୁଡ଼ିଆରେ ଜନ୍ମ ହୋଇଛନ୍ତି, ସେମାନେ ବି ମୃଗସ୍ଥିତ ମାନିଲି ପରି ଆଉ ମାଟି ଖାଉନାହାନ୍ତି । କିନ୍ତୁ ମୁଁ ଓ ମୋ ସାନ ଭାଇ କାନ୍ଥ ଖୋଲପା ଛଡ଼ାଇ ମାଟି ଖାଇଲେ ବୋଉ ଛୁ ଛୁ କହି ପାଟିରୁ କାଢ଼ିଦିଏ । ଗୋଟାଏ ଗୋଟାଏ ଶ୍ରେଣୀରେ ମୋତେ ବହୁତ କଷ୍ଟ ଘୁଞ୍ଚୁରିବାକୁ ହୋଇଥିଲା । ମନପୂର କିଛି ମୂଲ୍ୟ ନ ଥିଲା ।

Digitized by srujanika@gmail.com

ଶୀଘ୍ର କ୍ଲାସ ଛୁଟିବାର କିଛି ପ୍ରୟୋଜନ ବି ନ ଥିଲା । ପଢ଼ା ସରିଲେ ତ ଘରେ ରହି ଗୃହବାସ କରିବ, ତରବର କାହିଁକି ?

ଗୁହାଳୀ ଚୋର

ମୋ ପିଠି ଥିଲା ଚଉକସ, ମାଷ୍ଟ୍ରେ ହାତମୁଖ କରୁଥିଲେ, କାରଣ ଅକାରଣେ ପଡ଼ୁଥିଲା ତାଳ । ଫଳରେ ମୁଁ ହେଲି ଗୁହାଳୀଚୋର । ପ୍ରବଳ ପ୍ରତାପ ମାଷ୍ଟ୍ରଙ୍କ କଣ୍ଟୁଅଲବାହିନୀ ବଡ଼ଚଟ୍ଟଙ୍କ ସେନାପତିତ୍ୱରେ ମୋତେ ହାଣ୍ଡିଶାଳ କଣ, କୁମ୍ଭାର ଖାତ, କଅଁଳଗୋହିରି, ବଡ଼ ହିଡ଼ ତଳ, ଅମ୍ବଗଛ ଡାଳ, କୋଠି ବା କୋଡ଼ମଇ ବା ରୋଷର ଭିତର ଇତ୍ୟାଦି ସମ୍ଭବ ଅସମ୍ଭବ ସ୍ଥାନମାନଙ୍କରୁ ଗିରଫ କରି ବାହା ଧରି ଶୂନ୍ୟେ ଶୂନ୍ୟେ ଟେକି ନେଇ ମାଷ୍ଟ୍ରଙ୍କ ଆଗରେ କରି ଦେଉଥିଲେ । ମୋ ତ୍ରାହି ତାଳେ ହେଲେ ଦୟା ନ ଥିଲା । ପିଠିରେ ବେଲୁନ ଆଁ ଗୁଣ୍ଠ ଉଡ଼ି ଯାଉ ଥିଲା । ବେତ ବାଡ଼ି ମାଡ଼ରେ ମୁଣ୍ଡରେ ଅଳୁ ଫଳି ଯାଉଥିଲା । କାଳେ ବେଶୀ ମାଡ଼ ହେବ, ଏଇ ଭୟରେ ଘରେ ବୋଉ ବା ନନାଙ୍କୁ କହୁ ନ ଥିଲି, ମାଡ଼ ଖାଇ ଲୁଚି ଯିବା କିମ୍ବା ଝାଉଁଳି ପଡ଼ିବା ଭଳି ଲେସମା ଚେହେରା ମୋର ନ ଥିଲା । ମାଷ୍ଟ୍ରେ ମୋତେ ମାରିବା ବେଳେ ତେଜ ଥିଲେ ନିଃଶଙ୍କ । ଯୁବକ ମାଷ୍ଟ୍ରଙ୍କ ଗୁପୁଡ଼ା (ଯାହାକୁ ବ୍ରହ୍ମ ଗୁପୁଡ଼ା କୁହା ଯାଇପାରେ: ଶିବ ସେଥିରୁ ଗୋଟିଏ ମାରିଥିବାରୁ ବ୍ରହ୍ମାଙ୍କର ଗୋଟିଏ ମୁଣ୍ଡ ଛିଡ଼ି ଯାଇଥିଲା) ପୂରା ଦମ୍‌ରେ ମୋ ପୁଟୁକା ଗାଲରେ ବାଜୁଥିଲା, ବର୍ତ୍ତି ଯାବନା ଥିବାରୁ ଛକ ଫୁଟି ଦିଶୁ ନ ଥିଲା । ମାଷ୍ଟ୍ରେ ଯୋଉ ବିଧା ମାରୁଥିଲେ ଖାମ ଦୁଶାକୁ ମଲ୍ଲ ଯୁଦ୍ଧରେ ଏମିତି ବିଧା ମାରିଥିବ । ତାଳେମାତ ଉପ୍ରୋଧ ତାଙ୍କର ନ ଥିଲା— କାଳେ ପିଲାଟା ମରିଯିବ ! ବିଧା ଖାଇ ମୋ ନିଃଶ୍ୱାସ ବନ୍ଦ ହୋଇଗଲା ପରି ଲାଗୁଥିଲା । ମୁଁ କାନ୍ଦି ପାରୁ ନ ଥିଲି । ମାଷ୍ଟ୍ରେ ପୁରୁଣା ଅବଧାନୀ ଓଡ଼ାଙ୍କ, ଶୋଧି, ନଳ, କୁଟା, ଗୁଟଣାଳୀ ପାଠ ଗୁଳୁଥିଲେ ବି 'ମଡ଼ୁଆ ଶିକୁଳି', 'ନାକବାଳ ଧରେଇ' 'ଏକ ଗୋଡ଼ିକିଆ ଛିଡ଼ା' କରାଇବା, ଚଉକି ବସାଇବା ଆଦି ଦଣ୍ଡନୀତି ପରମ୍ପରାକ୍ରମେ ପ୍ରୟୋଗ କରୁଥିଲେ; ଶୂନ-ଏକ-ଦିଆ ତ ଚାଲୁଥିଲା । ହେଲେ ଗୋଟିଏ ଦିନର ମାଡ଼ଖିଆ ମୁଁ ଆଜଯାଏ ଭୁଲିନାହିଁ । କିଶୋର ବୟସର ମାଡ଼ର ଚିହ୍ନ ଯୌବନର ମାଂସଳ ଦେହରେ ମିଳେଇ ଯାଇଥିଲେ ବି ମନରେ ବସି ଯାଇଛି ରକ୍ତ ନୋଳାସବୁ ।

ସେ ଦିନ ଗୁହାଳୀଚୋର ନୁହେଁ, ମୁଁ ହୋଇଥିଲି ଅସଲ ଚୋର । ପାଚିଲା କଇଁଚ କାକୁଡ଼ି ଖୋଜି ଖୋଜି ଦେବିବାବୁଙ୍କ ବାଡ଼ରେ ଗୋଟିଏ ଦୁଧିଆଳୀ କାକୁଡ଼ି ମୋ ଆଖିରେ ପଡ଼ିଗଲା; ମାଷ୍ଟ୍ରଙ୍କ ଦୃଷ୍ଟି ତା ଉପରେ କେବେ ପଡ଼ିଥିଲା, ଜାଣେ ନାହିଁ ।

Digitized by srujanika@gmail.com

'ପ୍ରାପ୍ତି ମାତ୍ରେଣ ଭୋକ୍ତବ୍ୟଂ', ଲୁଗା କାନିରେ ମୁହଁ ପୋଛି ଦେଲି, ସ୍କୁଲକୁ ଆସିବା ମାତ୍ରେ ମାଷ୍ଟ୍ରେ ପିଲାଙ୍କୁ ନ ଖୋଜି କାକୁଡ଼ି ଖୋଜି ଲାଗିଲେ । ମୁଁ ନିରଡ଼ାପତ୍ର ପରି ଥରୁଥାଏ । ସାକ୍ଷୀ ପ୍ରମାଣ ଲୋଡ଼ା ହେଲାନାହିଁ । ସେଦିନ 'ଶୂନ' ହୋଇ ନିଜକୁ ଭାଗ୍ୟବାନ୍ ମନେ କରିଥିଲି ।

ଭାଗ୍ୟଫଳ ମିଳିଗଲା । ହେଲା ନମ୍ବୁର ମାଡ଼; ଅନ୍ତରଛିରେ ଲୁଗାରେ ମୂତି ପକାଇଲି । ତଥାପି ରକ୍ଷା ନାହିଁ । କ୍ରୋଧରେ ମାଷ୍ଟ୍ରେ ହତଜ୍ଞାନ; ମାଡ଼ ଉପରେ ମାଡ଼ ବସୁଥିଲା । ମୁଁ ଅଚେତା ହୋଇ ପଡ଼ିଲି ।

ପଇସାକୁ ସେତେବେଳେ ପୁଞ୍ଜାଏ ପାଞ୍ଚଟା କାକୁଡ଼ି ମିଳୁଥିଲା । କିନ୍ତୁ ଗୋଟାଏ କାକୁଡ଼ି ଲାଗି ମୋ ପ୍ରାଣ ନ ଯାଇ ଟିକେକେ ଅଟକି ଗଲା ।

ଆଉ ଦିନେ ମୋ ପୁରୁଣା ସଙ୍ଗୀ ଓ ମୁଁ ହେଉଁଶ ଡିଆଁ ଡେଇଁ କରି ଗଡ଼ିଆ ପାଣିକୁ ଦ ଭାଗ କରୁଥିଲୁ । ଗାଧୋଉଥିବା କେଉଁ ମାନ୍ୟ ବ୍ୟକ୍ତିଙ୍କ ଉପରେ ହୁଏତ ଛିଟିକା ପାଣି ପଡ଼ିଥିବ । ସେ ଯାଇ ସିଧା ମାଷ୍ଟ୍ରଙ୍କୁ ଡ଼ାକି ଦେଲା । ତାଙ୍କୁ ଏ ଅସ୍ଥାନରେ ଦେଖିବା ମାତ୍ରେ ଛନକାରେ ଆମ ତାଳୁକା ଶୁଖିଗଲା । ମାଷ୍ଟ୍ରେ ଅଙ୍ଗୁଳି ନିର୍ଦ୍ଦେଶ ଦେଲେ—ସ୍କୁଲକୁ ଆସ । କେତେ ମଉସା ପିଉସା ଗୁହିଁଥାନ୍ତି, ହୁଏତ ଭାବୁଥାନ୍ତି, ଭଲ ହେଇଚ, ଏ ଅଳପେଇସେ ଯୋଉ ଉଛୁଳୁଛନ୍ତି !

ଓଦା ସୁଡ଼ବୁଡ଼ ହୋଇ ଆମେ ଇସ୍କୁଲରେ ପହଞ୍ଚିଥିଲୁ; ଆଦେଶ—ନାକବାଲି ଧରି ଏକ ଗୋଡ଼କିଆ; ପାଦ ତଳେ ପଡ଼ିଲେ ପାହାର । ଘଣ୍ଟାଏ ଏପରି ଛିଡ଼ା ହେଲା ପରେ ପୁଣି ଆଦେଶ ହେଲା—ଚୌକି ବସ । କାନ୍ଥରେ ଅଣ୍ଟା ଲଗାଇ ବସିଲୁ, କେତେଥର ଖସି ପଡ଼ିଲୁ । ଫଳ ପ୍ରହାର । ସେତେବେଳକୁ ଲୁଗାପଟା ଦେହରେ ଶୁଖି ଯାଇଥିଲା । ଆଖିରୁ କେବଳ ବୋହୁଥିଲା ପାଣି, କାହା ମୁହଁ ଗୁହିଁ ସେ ଆଜ୍ଞା ଢ଼ୁଠିଥିଲୁ !

ହରି ମାଷ୍ଟ୍ରେ

ଏଇ ନିଷ୍ଠୁର ମାଷ୍ଟ୍ରେ ଆମର ପଡ଼ୋଶୀ ଥିଲେ; କିଛିଦିନ ପରେ ତାଙ୍କର ଅଧଃପତନ ହେଲା, ବୋଧେ ପିଲାଙ୍କ ନିଃଶ୍ବାସ ପଡ଼ିଗଲା । ସେ କୃତନ୍ତ୍ର ପଢ଼ାଉଥିଲେ; ମାଡ଼ ଚଢ଼ାଇଲେ ପିଲା ଡର ଭୟରେ ମନକୁ ପଢ଼ିସିବେ । ଯେତେ ମାଡ଼ ସେତେ ପାଠ, ମାଷ୍ଟ୍ରଙ୍କର ସୁନାମ; ତା ବେତ ଯାହା ଦେହରେ ବାଜିଛି ସେ କେବେ ପାଠରେ ହାରିବ ନାହିଁ । ମାରଣା ମାଷ୍ଟ୍ରଙ୍କୁ ଖଗା ଅଭିଭାବକ । ପିଲାଙ୍କ ଲୁହରେ ଆହା କହିବାକୁ ମାଆ

Digitized by srujanika@gmail.com

ବ୍ୟତୀତ ଅନ୍ୟ କେହି ନ ଥିଲା । 'ମାଷ୍ଟରଙ୍କୁ କହିଦେବି' ବୋଲି ଅଭିଭାବକ ଧମକ ଦେଲେ ପିଲାଏ ଗୁନ୍‌ଗୁନିଆଁ ହୋଇ ଯାଉଥିଲେ । ସୁଧାର ହୋଇ ନ ଚାଲିବାକୁ ଉପାୟ ନ ଥିଲା । କେହି କେହି ଘରଦ୍ୱାର ଗୁଡ଼ି ବଣ ବୁଦାରେ ପଶୁଥିଲେ । ମାଷ୍ଟରଙ୍କ ଆଗେ ଅଭିଭାବକ ନାଲିସ୍ କଲେ ତାଙ୍କୁ ଲାଇସେନ୍‌ସ ମିଳିଯାଉଥିଲା ଓ ମାଡ଼ ଭରଣେ ପାହୁଲେ ହେଉଥିଲା ।

ହରି ମାଷ୍ଟ୍ରେ ଅଫିମ ଖାଉଥିଲେ, ତାର ମାତ୍ରା ବଢ଼ି ଚାଲିଥିଲା; ଏଇସବୁ ମାଦକ ଦ୍ରବ୍ୟ କିଣିବା ଲାଗି ଜଣେ କୋମଳମତି ଛାତ୍ରକୁ ପଠାଇବାରେ ତାଙ୍କର ସଂକୋଚ ନ ଥିଲା । ଅଫିମ ଛଡ଼ା ତାଙ୍କ ଲାଗୁଆ ଦୁଧ ଏକ ପାଆ (ସେତେବେଳକୁ ଦୁଧ କଣ୍ଟିକା ସେର ଛ' ପଇସା) ମୁଁ ବେହେରା ଘରୁ ଆଣିଦେଉଥିଲି । କିନ୍ତୁ ଏ ବୋଲହାକ ବାବଦକୁ ମାଡ଼ରୁ କଡ଼ାଏ ମଜୁରା ହେଉ ନ ଥିଲା ।

ଅଫିମ ଖାଇବାକୁ ପଇସା ନିଅଣ୍ଟ ହେବାରୁ ମାଷ୍ଟ୍ରେ ଘରୁ ଧାନ ଚାଉଳ ମୁଗ କୋଳଥ ଚୋରି କଲେ; ଧରା ପଡ଼ିବାରୁ ବୁଢ଼ା ବାପକୁ ମାଡ଼ ଚଢ଼ାଇଲେ । ବାପ ମଧୁ-ଦାଣ୍ଡେ କାନ୍ଦିବୋବାଇ ସବୁ କଥା 'ବାବୁ' (ସବ୍ ଇନସପେକ୍ଟର)ଙ୍କ ଆଗରେ କହିବାରୁ ବାବୁ ମାଷ୍ଟରଙ୍କୁ ବରଖାସ୍ତ କଲେ । ଦିନେ ଅଫିମ ନ ମିଳିଲେ ଶରୀର ଅଚଳ । ମାଷ୍ଟ୍ରେ ଜୀବନ ବଞ୍ଚାଇବା ଲାଗି ଗାଆଁରେ କିଛି ଉପାୟ ନ ପାଇ କଲିକତା ପଳାଇ ଗଲେ । କଲିକତାରେ ଏପରି ଅର୍ଦ୍ଧ ଶିକ୍ଷିତ ବ୍ୟକ୍ତିଙ୍କୁ କି କାର୍ଯ୍ୟ ମିଳିବ ? ବହୁତ ଖୋଜି ଖୋଜି ମାଳୀ କାମଟିଏ ମିଳିଲା । ଦିନକୁ ମଜୁରୀ ବାରଅଣା; ଦିନସାରା କୋଡ଼ି କାଙ୍କି ହଣା, ଡେଣ୍ଡାରେ ପାଣିବୁହା । ଅନଭ୍ୟସ୍ତ ଦେହ କଠୋର ଶ୍ରମ ସହିବାକୁ ଅସମର୍ଥ ହେଲା । ଦେହମୁଣ୍ଡ ଦରଜ ହୋଇ ହେଲା ଜର; କିଏ ତାଙ୍କୁ ଦେଖାଚାହିଁ କରିବ ? ହାସପାତାଳରେ କେତେଦିନ ପଡ଼ି ତାଙ୍କ ପ୍ରାଣ ବାହାରିଗଲା । ବହୁଦିନ ପରେ ଗୋଟାଏ ଉଡ଼ା ଖବର ଗାଆଁରେ ପହଞ୍ଚିଲା ।

ବିଶ୍ୱମ୍ବର ମାଷ୍ଟ୍ରେ

ଏ ମାଷ୍ଟ୍ରେ ସଦ୍ୟ ଟ୍ରେନିଂ ପାଇ ଆସିଥିଲେ; କିଣ ତାଙ୍କୁ ବଡ଼ ସାର୍‌ମାନେ ଶିଖାଇଥିଲେ କେଜାଣି, ସେ ବୁଝିଥିଲେ ପାଠ ପଢ଼ାଇବା ଅର୍ଥ ମାଡ଼ ଦେବା । ତାଙ୍କ ଅମଳରେ ମାଡ଼ ବଢ଼ି ଚାଲିଲା । କିନ୍ତୁ କେବଳ ହାତସୁଖ ଲାଗି ସେ ମାରୁ ନ ଥିଲେ । ବଡ଼ ଶ୍ରମକୁଣ୍ଠ ଥିଲେ ସେ । ଗାଆଁ ଲୋକଙ୍କ ସଙ୍ଗେ ଗପ କରୁଥିଲେ; ଏଣେ ଚିତ୍କାର ଗର୍ଜନ କରି ପିଲା ପଢ଼ି ଚାଲିଥିଲେ— 'ଦୁଇକେ ଦୁଇ ଧ-ଅ-ଣ'; 'ତୁ ତୁ କରି ଡାକିଲି ମୁହିଁ', 'ପ୍ରଜାପତିଟି ହରଷରେ, ବସିଚି ଫୁଲର ଉପରେ', 'ଆ ଧାଇଁଛି ଅଶ୍ୱ', 'ଆକାଶ

Digitized by srujanika@gmail.com

ଦିଶେ କି ସୁନ୍ଦର, ତାହାକୁ ରଚିଲେ ଈଶ୍ୱର', 'ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ'। ଏପରି ନିମ୍ନତମ ଶ୍ରେଣୀରୁ ଉଚ୍ଚତମ ଶ୍ରେଣୀ ପର୍ଯ୍ୟନ୍ତ ବେତ ବୁଲିଗଲେ ଗାଡ଼ି ଚାଲିଥାଏ। ମଝିରେ ମଝିରେ ବେତ ଏଠି ସେଠି ଝଡ଼ ସୃଷ୍ଟି କରେ। 'ବଣିମାଡ଼ ଦେଖି କୋଳଥ ଛେପା'। ଜଣେ ମାଡ଼ ଖାଇଲେ ଅନ୍ୟମାନେ କଲ୍‌ପରି ବୋବେଇ ଚାଲିଥାନ୍ତି; ରାସ୍ତାରେ ଚାଲିଗଲା ଲୋକେ ବଗୁରନ୍ତି—ଏ ମାଷ୍ଟ୍ରେ ଖୁବ କଡ଼ା, ଏ ଇସ୍କୁଲରେ ଖୁବ ପଢ଼ା। କିନ୍ତୁ ପାଠ ଯୋଉଠି ସେଇଠି; ଇଞ୍ଚେ ଆଗେଇବାକୁ ବହୁତ ଡେରି ଲାଗେ। ପିଲାଏ ଗୋଟିଏ ଗୋଟିଏ ଶ୍ରେଣୀରେ ଦୁଇ ବର୍ଷ ଘୂରୁଥାନ୍ତି, କେହି କିଛି କହନ୍ତି ନାହିଁ ବା ସେ ବିଷୟ ବୁଝନ୍ତି ନାହିଁ।

ପାଠ ପଢ଼ୁ ପଢ଼ୁ ଟିକିଏ ଫୁସ୍ ଫାସ୍ ହେଲେ ମାଷ୍ଟ୍ରେ ଓଠ କାମୁଡ଼ି ଲାଲ୍ ଆଖି ଦେଖାଇଦିଅନ୍ତି କିମ୍ବା ମେଜରେ କଷିକରି ବେତରେ ଦି ଚାରି ପାହାର ପିଟି ଦିଅନ୍ତି। ସୁଭ ଚାଉଁ କିନା ଚମକି ପଡ଼େ, ଦେହ ଭୟରେ ଶୀତେଇ ଉଠେ। ମୁଣ୍ଡରୁ ସବୁ ବୁଦ୍ଧି କୁଆଡ଼େ ଉଭେଇ ଯାଏ। ହୋଇଯାଏ ସତେକି ଗୋଟାଏ କାଠ କଣ୍ଢେଇ, ନିଶ୍ୱାସ ଯା ଆସ କରେ ଯାହା।

ବେତଗ୍ରେଷ୍ଠ ଗୋଟିଏ ସାଧାରଣ ଘଟଣା ଥିଲା। ଭାଗ୍ୟକୁ ଯଦିଚ ଅମଳ ଦିଆ ନ ଥିଲା। ତଥାପି ବାଡ଼ ମେଲା ହେବା ଭୟ ଥିଲେ ବି ମାଷ୍ଟ୍ରେ ବଡ଼ଗୁଣ୍ଠ ହାତରେ ବେଗୁନିଆ ଗୁଣ୍ଠମାନ ଭଙ୍ଗାଇ ଆଣୁଥିଲେ। ଭାଗ୍ୟକୁ ଦି'ତିନି ପାହାର ପରେ ଗୁଣ୍ଠ ଖଣ୍ଡା ହୋଇ ଯାଉଥିଲା। ତା'ପରେ ହାତ ବୋଲି କରୁଥିଲା। ତାଙ୍କ ହାତରୁ ଗୋଟିଏ ଖୁନ୍ଦା ଖାଇଲେ ଦାନ୍ତ ଦି'ଧାଡ଼ି ଝଡ଼ିଗଲା ପରି ଜଣାଯାଏ। ବେଲବାଡ଼ି ମାଡ଼ ଦରଜ ସ୍କୁଲ ଗୁଡ଼ି ଦିବାଯାଏ ମୋର ଥିଲା। ମେରୁହାଡ଼ ବୋଧହୁଏ ଚଡ଼କି ଯାଇଥିଲା। କଅଁଳ କାନ ଉପରେ ମୁହୁର୍ମୁହୁ ବିପତ୍ତି ପଡ଼ୁଥିଲା। ହେଲେ ଯେପରି ଶୁଣିବା ଲାଗି ନୁହେଁ, ମାଷ୍ଟ୍ରଙ୍କ ହାତମୁଖ ଲାଗି ସେ ଦି'ଟାର ସୃଷ୍ଟି ହୋଇଥିଲା।

ଏ ମାଷ୍ଟ୍ରଙ୍କର ଦିନକର ଚରିତ ମୋର ମନେ ପଡ଼ୁଛି। ସେ ପଚାର ଆଜ୍ଞା ହୋଇଥିଲେ—ମରୁଭୂମିରେ ଶୋଷ ହେଲେ କ'ଣ ପିଇବୁ?

ମୁଁ କହିଲି—ପାଣି କାହୁଁ ପାଇବି ଯେ ପିଇବି? ମରିବି।

'ମରିବୁ, ମରିବୁ' ପଚାରି ମାଷ୍ଟ୍ରେ ଦି'ଥର ନହକା ବେତକୁ ଘିଁ ଘିଁ କରି-ଦେଲେ। ଭୟରେ ଥରୁ ଥରୁ କାନ୍ଦଣାସ୍ୱରରେ କହିଲି— ନାଇଁ ମାଷ୍ଟ୍ରେ, ମରିବି ନାହିଁ।

Digitized by srujanika@gmail.com

"ଆଉ କ'ଣ କରିବୁ ?"

'ଗାତ ଖୋଳି ପାଣି କାଢ଼ି ପିଇବି ।'

'ଶାବଳ କୋଉଠୁ ପାଇବୁ ? ଦଉଡ଼ି, ଡାଲି କୋଉଠୁ ପାଇବୁ ? କେମିତି ଏତେ ଖୋଳିବୁ, କହ, କହ ।'

ଭାବି କହିବା ଯାଏ ମାଷ୍ଟ୍ରଙ୍କ ତର ସହୁଚି କୋଉଠି ? ବସିପିବ ପାହାର, କେତେ ପାହାର କିଏ ଜାଣେ ? କୋଉ ପାପକୁ କେତେ ଶାସ୍ତି, ତା'ର ଉ'ଣା ମାପଖାପ ଏଠି ଅଛି ? ମାଷ୍ଟ୍ରଙ୍କ ଆଖିକି ରକ୍ତ ପିଚକି ଉଠିଥାଏ । 'ମତେ ଯାହାହେଲେ ଶୀଘ୍ର—ଅତି ଶୀଘ୍ର ଉତ୍ତର ଦେବାକୁ ହେବ, ନଚେଲେ ଝାଡ଼ ନାହିଁ ନାହିଁ । ମୁଣ୍ଡକୁ ଯାହା ଛୁଟିଲା, ମୁଁ ଉତ୍ତର ଦେଲି—ମାଷ୍ଟ୍ରେ, ଆଉ କ'ଣ କରିବି ? ମୂତି ପିଇବି ।

ଏ ଉତ୍ତର ଶୁଣି 'ମୋ ଭାଗ୍ୟ ଆଜି କେଉଁ ମନ୍ଦ ଦଶାକୁ ଗତି କରିବ' ଶଙ୍କାରେ ଯେଉଁ ପିଲାଏ ଆଁ କରି ଚାହିଁଥିଲେ, ସେମାନେ ଖେଁ କରି ହସି ପକାଇଲେ । ଏଇ ହାସ୍ୟରୋଳରେ କଟମଟ ଚାହାଣୀରେ ପିଲାଙ୍କ ରକ୍ତ ଶୁଖାଇ ଦେଇ ମାଷ୍ଟ୍ରେ ମତେ ଦି ଚଟକଣା ପକାଇ ଏମିତି ଏକ ଧକ୍କା ଦେଲେ ଯେ ମୁଁ କାନ୍ଥରେ ପିଟି ହୋଇଗଲି; ବିକଳ ହୋଇ କାନ୍ଥକୁ ଚାହିଁ ଗୋପଣରେ କହୁଥିଲି—ହେ କାନ୍ଥ, ତୁ ଫାଟି ଯା, ମୁଁ ପଶିଯାଏଁ ।

ସେତେବେଳେ ମାଷ୍ଟ୍ରେ ବ୍ରାହ୍ମଣପିଲାମାନଙ୍କ ଘରେ ପାଳି କରି ଖାଉଥିଲେ । ଆମ ଘରେ ମାସକୁ ପାଞ୍ଚଦିନ ପାଳି ପଡ଼ୁଥିଲା । ଦଶଟା ବାଜିଲାକ୍ଷଣି ମୁଁ ଘରକୁ ଯାଇ କାଞ୍ଚୁଲିଟରେ ତେଲ ଆଣି ଦେଉଥିଲି । ମାଷ୍ଟ୍ରେ ଗାଧୋଇପାଧୋଇ ଆସିଲା ପରେ ଆସନ ପକାଇ ପାଣି ଥୋଉଥିଲି । ମାଷ୍ଟ୍ରେ ଖାଇସାରି ନିଜ ବାସନ ଧୋଉଥିଲେ । ଖାଇବା ଜାଗାଟି ଗୋବର ପାଣିରେ ଲିପୁଥିଲେ । ତା'ପରେ ପାନ ଖିଲେକେ ଗାଲରେ ଆବୁ କାଟି ଆଉ ଖିଲେ ହାତରେ ଧରି ଆସି ସ୍କୁଲରେ ବେଞ୍ଚ ଯୋଡ଼ି ଶୋଉଥିଲେ; ଚରଣସେବାର ଭାରଟି ଅବ୍ରାହ୍ମଣ ପିଲାଙ୍କ ଉପରେ ପଡ଼ୁଥିଲା ।

ଯେଉଁ ଗାଁରେ ମାଷ୍ଟ୍ରଙ୍କ ଜାତିଆ ଲୋକ ନାହାନ୍ତି, ସେଠି ସ୍କୁଲରେ ପିଲାଏ ରୋଷେଇ କରି ଦେଉଥିଲେ; ମାଷ୍ଟ୍ରେ କେବଳ ଭାତ ଗଳାଗଳି ବା ତିଅଣ ବଘର ବଘର କରୁଥିଲେ; ବାସନମଜା, ଘର ଓଲାଓଲି କାମ ପିଲାଙ୍କ ଉପରେ ପଡ଼ୁଥିଲା ।

Digitized by srujanika@gmail.com

ବାଘ ଘରେ ମିଶଗ ନାଚ

ମାଷ୍ଟ୍ରେ ସ୍କୁଲରେ ନ ଥିବା ବେଳେ 'ବାଘ ଘରେ ମିଶଗ ନାଚ ।' ସ୍କୁଲ ହତାରେ ବଉଳଗଛରେ ଚଢି ଆମେ ପାଚିଲା ଫିକା ଲାଲ୍ ବଉଳକୋଳି ତୋଳି ଖାଉ । ସାପକୁ ନ ଡରି ବେତବଣରେ ପଶି କେଣ୍ଡା କେଣ୍ଡା ବେତକୋଳି ତୋଳୁ; ଏ ଦେଶର ରସହୀନ, ମଞ୍ଜି ସର୍ବସ୍ୱ କଣ୍ଟେଇକୋଳି, ଝଜଙ୍ଗ କୋଳି ବା ବେତ କୋଳି; କି ସ୍ୱାଦ ସେଥିରେ ଥାଏ ? ତଥାପି ଗୋଟିଏ ମିଳିଗଲେ କୋଟିନିଧି । କୋଳିର ଯୁଗ ସେ—ଆଖୁ କୋଳି, ଭଇଁଷି କୋଳି, ଷୀର କୋଳି, ଶଗଡବାଟିଆ କୋଳି, ଖଟୁଆ ଜାମୁଁ, ଚାଉଳଧୂଆ କୋଳି, ନରକୋଳି ବା ଭୂଇଁବରକୋଳି—ହୁଡ଼ାରୁ ଗୋହିରି, ଡୋଠାରୁ ବଣ ବୁଲି ବୁଲି ତୋଳୁଥିଲି । 'ହେଇ ମାଷ୍ଟ୍ରେ ଆସିଲେଣି' ବୋଲି କେହି କହିବା ମାତ୍ରେ ଗଛରୁ ଖସ୍ ଖାସ୍ ଖସି ପଡ଼ି ଦେ ଦୌଡ଼ । ସେ ଯୁଗରେ ଏତେ ଘରଦୁଆର ନ ଥିଲା, ଚାରିଆଡ଼େ ଲଟାବଣ । ଏବେ ତ ସେ ଗ୍ରାମେ ଛେଳି, ଭଇଁଷି ବା କଣ୍ଟେଇ କୋଳି ଗଛର ମୂଳ ମାରି ଦେଇଛନ୍ତି ।

ଆମର ଖେଳ ଅନ୍ୟର କାଳ

ସ୍କୁଲର ଗୋଟିଏ ବଖରା ଯେମିତି, ଅଧା କାନ୍ଥି । ବଙ୍କା କାମୁ ଓସ୍ରମାନଙ୍କରେ କଳା ଭଅଁରମାନେ ଗାତ କରିଥାନ୍ତି—ଚାରିଆଡ଼ୁ ମହୁ ପିଇ ଆସି ପିଲକୁଟିମୁ ଯେବେ ସେଇ ଗାତମାନଙ୍କରେ ସେମାନେ ରହନ୍ତି । ଆମେ କାଠି ଭୁଞ୍ଜି ଗାତ ମୁହଁ ବନ୍ଦ କରୁ । ଭଅଁରମାନେ କୁଁ କାଁ ହୁଅନ୍ତି । ପଦାକୁ ବାହାରି ପାରନ୍ତି ନାହିଁ । ଏ ଆମର ଏକ ନିତ୍ୟ ନିଷ୍ଠୁର ଖେଳ । କୌତୁକରେ କେତେ ନିଷ୍ଠୁର କାର୍ଯ୍ୟ କରିପକାଉ, ଜାଣିପାରୁ ନାହିଁ ।

କଳା କଳା ଭଅଁରମାନେ ଭଁ ଭଁ ହୋଇ ଉଡ଼ନ୍ତି ଧଳା କଞ୍ଚନ ଫୁଲରେ, ଝୁଲଣି ମନ୍ଦାରରେ, କାଠରଙ୍ଗଣି ବା ଲାଲ୍ କନିଅର ଫୁଲରେ ବସୁଥିଲାବେଳେ ଆମେ ଉଡ଼ାଉଁ, ସେମାନଙ୍କ ପିଚ୍ଛୁ ଧରି ଗୋଡ଼ାଉଁ, ବେଳେବେଳେ କାମୁଡ଼ା ଖାଉଁ । ପୁଣି ମାଆର ବାରଣସତ୍ତ୍ୱ ପଳା ହୋଇଥିଲେ ସୁଦ୍ଧା ଲୁଚି ଛପି ପଡ଼ିଆଡ଼କୁ ଯାଇ ନାନା ବର୍ଣ୍ଣର କଣି ଧରୁ, ତା ଲାଞ୍ଜ ଉପରେ ସୂତା ବାନ୍ଧି ଦେଉଁ । ସେ କଷ୍ଟେମଷ୍ଟେ ଉଡ଼େ, ଧୂଳାଟି ତା ଲାଞ୍ଜ ଉପରେ ଝୁଲୁଥାଏ । ଏଣ୍ଡୁଅର ମୁଣ୍ଡ ଟୁଙ୍ଗାରିବା ଆମର ମୃତ୍ୟୁ କାମନା ବୋଲି ବିଶ୍ୱାସ କରୁଥିଲୁ । ତେବେ ତା ମୃତ୍ୟୁକାମନାକୁ ପାପ ବୋଲି ମନେ କରୁ ନ ଥିଲୁ । ପାଚିଲା ଏଣ୍ଡୁଅକୁ ମାରି ଗୋବରରେ ଚଢ଼ାଇଲେ ତା ମୁଣ୍ଡରୁ

Digitized by srujanika@gmail.com

କହୁଡ଼ି ବାହାରିବ, ବିଶ୍ୱାସ ଥିଲି । ଆମ ଅନ୍ଧ ବିଶ୍ୱାସ ଯୋଗୁଁ ବହୁତ ନିରୀହ ଏଣ୍ଡୁଅଙ୍କୁ ପ୍ରାଣବଳି ଦେବାକୁ ହେଉଥିଲି ।

ଗଛରେ ଚଢ଼ି ବସାରୁ ବଣିଚୁଆ ଧରିଆଣି ପଞ୍ଜୁରୀରେ ରଖୁ, ଝିଣ୍ଟିକା ମାରିଆଣି ତାକୁ ଖାଇବାକୁ ଦେଉଁ । ଇସ୍କୁଲକୁ ଯାଉଥିଲାବେଳେ ଶଙ୍ଖିବିଲେଇ ଦେଖି ମାରି ତାକୁ ମାରିପକାଏ । ସେହିପରି ନେଉଳ ଧରି ପୋଷିବା ସଉକ୍ ମଧ୍ୟ ଥିଲି ।

ଆମେ ସେକାଳେ କଥାପଦର ଚକଚବଣା ଉଡ଼ାଉଥିଲୁ; ବାଛୁରୀ ପିଠିରେ ବସି ଘୋଡ଼ାଚଢ଼ା ସୁଖ ଅନୁଭବ କରୁଥିଲୁ । ସେ ଚୂଲ ଓ ପିଠି ଅଗ୍ରାଇ ଯୋଡ଼ ପକାଇଲେ ଆମେ ତଳେ କଳ୍କତି ହୋଇ ପଡ଼ୁଥିଲୁ—ଅଦ୍ଭୁତ ସୈନିକ ! ବେଙ୍ଗ ପିଠିରେ ଗୋବର ଥୋଇ ବଳିତା ଜାଳୁଥିଲୁ, ବେଙ୍ଗ ବେଙ୍ଗୁଲି ବାହାଘର କରୁଥିଲୁ । ସେ କାଳେ ଗୋହିରିମାନଙ୍କରେ ବଡ଼ ବଡ଼ କଣ୍ଟାବାଡ଼ ଥିଲା. ସେଥିରେ ଶୀତଦିନେ ନିଆଁ ଲଗାଇବା ଗୋଟାଏ ମଜ୍ଜା ଥିଲା । ଡୁଡୁ, ବୋହୂଚୋରି ପ୍ରଧାନ ଖେଳ ଥିଲା । ଦୁଇଜଣ ଖୁଣ୍ଟ ଖେଳାଳୀ ବାଛୁ ହେଉଥିଲେ । ତା'ପରେ କଏ ନେବ 'ରାମ ଲକ୍ଷ୍ମଣ', 'ବାଳି ସୁଗ୍ରୀବ', କଏ ନେବ 'ରାବଣ କୁମ୍ଭକର୍ଣ୍ଣ', 'ଭୀମ ଅର୍ଜୁନ' ଇତ୍ୟାଦି ଘରୋଇ ହେଉଥିଲା । ଅରେ ଏ ଖୁଣ୍ଟ, ଆଉ ଥରକେ ଅନ୍ୟ ଖୁଣ୍ଟ ସେମାନଙ୍କ ମଧ୍ୟରୁ ନିଜର ସାଙ୍ଗ ଖେଳାଳୀ ବାଛି ନେଉଥିଲେ ।

ପିଲାଦିନେ ମୁଁ ଦୁଷ୍ଟାମି କରୁନାହିଁ ନୁହେଁ, କିନ୍ତୁ ନାମଜାଦା ଦୁଷ୍ଟଙ୍କ ଭିତରେ ଗଣା ହେଉ ନ ଥିଲି । ପଢ଼ିଲାବେଳେ ଗଜପତି ବୋଲି ଗୋଟିଏ ପିଲାର ପିଠି ସିଲଟ ଖଡ଼ରେ ରମ୍ପୁଡ଼ି ଦେଇଥିଲି । ରକ୍ତ ବୋହିଥିଲା । ଆମ ଗାଆଁର ଗଜେନ୍ଦ୍ରନାଥ ଦାସୁର ସେକଥା ଏବେ ମନେ ନାହିଁ । କିନ୍ତୁ ରମ୍ପୁଡ଼ି ଦେଇ ରକ୍ତ ଦେଖି ମୁଁ ଏତେ ଘାବରା ହୋଇ ଯାଇଥିଲି ଯେ ସେ କଥା ଏ ଯାକେ ଭୁଲିପାରି ନାହିଁ ।

ହରିତାଳିକା, ଶ୍ରୀପଞ୍ଚମୀ

କଦଳୀ ପଟୁଆରେ ଅମୃତପାଣି କମ୍ବା ନଡ଼ିଆକୋଳି ପଡ ତେମ୍ପ ବାନ୍ଧି ଇସ୍କୁଲର ସ୍ଥଳ ଓଳି ସଜାଉଥିଲୁ । ପ୍ରବେଶଦ୍ୱାରରେ ଦୁଇଟା କଦଳୀ ଗଛ ପୋତା ହେଉଥିଲା । ହାଣ୍ଡିରେ ହାଣ୍ଡି ଯୋଡ଼ି ଭେଳା କରି ଆମେ ଦଳ ଗଡ଼ଆରୁ ବେଙ୍କା ବେଙ୍କା ନଳ, ଧଳା କଇଁଫୁଲ ତୋଳି ଆଣୁଥିଲୁ । ସେମାନଙ୍କ ନାଡ଼ କାଟି ବେଣୀ ଗୁନ୍ଥାଇ ମେଣ୍ଟା ତିଆରି କରୁଥିଲୁ । ସେସବୁ ଓଳିରୁ, ଶେଣୀରୁ ତଳକୁ ଝୁଲାଇ ଦିଆ ହେଉଥିଲା । ବନମାଟି ଓ ଗାଈଗୋବରରେ ବଢ଼ିଆ କରି ଚଟାଣଟି ଲିପାପୋଛା ହେଉଥିଲା, ତା ଉପରେ ମୁରୁଜ ଦିଆ ହେଉଥିଲା, କେତେ ଭେର୍ଣ୍ଣୁରେ ଚିତା ଲେଖା ହେଉଥିଲା । ଚର୍ଚ୍ଚିତ

Digitized by srujanika@gmail.com

ନାରକେଲ ହିଁ ଗଣେଶଙ୍କର ପ୍ରତୀକ ଥିଲା । ପୂଜା ମଧ୍ୟରେ ନଡ଼ିଆ ବାଡ଼େଇବା ସବୁଠାରୁ ଚିତ୍ତାକର୍ଷକ ବିଷୟ ଥିଲା ।

ନମୋ ଗଣେଶ ବିଘ୍ନେଶ ଗିରିଜା ନନ୍ଦନ ପ୍ରଭୋ
ନମୋ ବିଘ୍ନ ବିନାଶାୟ ଗଣାଧିପତୟେ ନମଃ ।

ଗୁଣୁଗୁଣୁ ସ୍ୱରରେ ଏହି ଶ୍ଳୋକଟି ଆବୃତ୍ତି କରି ପିଲାଏ ଶିଳପୁଆରେ ନଡ଼ିଆ ପିଟୁଥିଲେ—ଠୋଓ । କାହାର ନଡ଼ିଆ ହାତରୁ ଖସି ବେଳେ ବେଳେ ପୂଜାଶ୍ରୀ ବା ସ୍ୱୟଂ ଗଣନାଥଙ୍କ ଉପରେ ପଡ଼ୁଥିଲା । ଯାହା ନଡ଼ିଆ ଏକା ପାହାରକେ ଫାଟୁ ନ ଥିଲା, ସେ ଓପାସ ନ ରହି କିଛି ଖାଇ ଦେଇଛି ବୋଲି ଉପହସିତ ହେଉଥିଲା । ପୁଷ୍ପାଞ୍ଜଳି ଦେବା ଆଗରୁ ଆମେ ତଳ ଗୀତଟି ଗାଉଥିଲୁଁ । * ଶତ ଶତ ବର୍ଷ ଚାଲୁ ହେଲା ପରେ ଏ ଗୀତଟି ଏବେ ଅଚଳ ହୋଇଯାଇଅଛି ।

---

* କଣ୍ଠ ମସ୍ତକେ କପୋଳେ ଶୋହେ ଚିତା, ଖଡ଼୍ଗ, ଡମ୍ବରୁ ଶୋହେ ବ୍ରହ୍ମବେତ୍ତା
ଜ୍ଞାନବୁଦ୍ଧି ବୋଲି ଦେବେ ଦେଲେ ବର, ନମୋନମ ଗଣନାଥ ବିଦ୍ୟାବର ।
ଘଣ୍ଟି ଘର୍ଘରି ଶବଦେ ରୁଣଝୁଣ, ଙଟ ତ୍ରିଭଙ୍ଗୀ ଶୋଭିତ ଦେବଗଣ
ଚତୁରପଣେ ଅମୃତ ଲଡ଼ୁ କରି, ନମୋନମ ଗଣନାଥ ବିଦ୍ୟାବର ।
ଛନ୍ଦୀ ଷାରପଣେ ବାମେ ଉଡ଼େ ନେତ, ଜଟା କଉପୀନ ବାସ ଚଣ୍ଡୀସୁତ ।
ଝଟକନ୍ତ ଯେ କୁଣ୍ଡଳ ହୀରହାର, ନମୋନମ ଗଣନାଥ ବିଦ୍ୟାବର ।
ନୃତ୍ୟ ଦେଖିଣ ଦେବତା ଭୋଳ ଗଲେ, ଟଙ୍କଧର ତୋଷେ କରେ ଶୂଳ ଦେଲେ ।
ଠଣି ସୁନ୍ଦର ଆକୃତି ରୂପ ତୋର, ନମୋନମ ଗଣନାଥ ବିଦ୍ୟାବର ।
ଡାକ ଡମ୍ବରୁ ବଜାନ୍ତି ଗଣେଶ୍ୱର, ଢଳି ଢଳି ନୃତ୍ୟ କରେ ଦେବବର
ଅଣ ଅନୂପ ସ୍ୱରୂପ ଅଟେ ତୋର, ନମୋନମ ଗଣନାଥ ବିଦ୍ୟାବର ।
ତିନି ଭୁବନେ ଗଣେଶ ଅଗ୍ରେ ପୂଜା, ଥୋର ହସ୍ତରେ ଭକ୍ଷିଲେ ଦେବରାଜା ।
ଦନ୍ତୀ ଦନ୍ତ ଭଗ୍ନ ଖଣ୍ଡକରେ ତୋର, ନମୋନମ ଗଣନାଥ ବିଦ୍ୟାବର ।
ଧନ୍ୟ ଲିଖନ ପଠନ କେହି କହେ, ନୃତ୍ୟ ଗୀତରେ ନାରଦ ସମ ନୋହେ,
ପାଶ ଅଙ୍କୁଶ ତ୍ରିଶୂଳ ଶୋହେ କର, ନମୋନମ ଗଣନାଥ ବିଦ୍ୟାବର ।
ପାଶ ଅଙ୍କୁଶ ତ୍ରିଶୂଳ ଶୋହେ କର, ବାହେ ବାହୁଟି କଙ୍କଣ ହୀରସାର
ଭଲ ନାମ ଦେଲେ ମାଏ ଗଣେଶ୍ୱର, ନମୋନମ ଗଣନାଥ ବିଦ୍ୟାବର ।
ପନ୍ନଗ କୁଣ୍ଡଳମାଳ ଚୂଳଧାରୀ, ଜପ ତ୍ରିଭଙ୍ଗ ଏ ଠାଙ୍କେ ଠୁଳ କରି
ରଙ୍ଗେ ଇନ୍ଦୁରର ପୃଷ୍ଠେ ବିଜେ କରି, ନମୋନମ ଗଣନାଥ ବିଦ୍ୟାବର ।
ଲଢ଼ି କାଠିଏଁ ପଢ଼ିଲ ଗଣେଶ୍ୱର, ବେଦବିଦ୍ୟାରେ ଜିଣିଲ ତିନିପୁର ।
ଷଷ୍ଠି ପତନ ଝଣ୍ଟିଲି ଅନ୍ତକର, ନମୋନମ ଗଣନାଥ ବିଦ୍ୟାବର ।
ଛାଲ କଉପୀନ ବାସ ବେଶ ହୋଇ, ଛପ ତ୍ରିଦଶ ମୋହିଲ୍ ଦେବ ତୁହି
ଛୁରମତି ଦବାକର ଦୁଃଖ ହର, ନମୋନମ ଗଣନାଥ ବିଦ୍ୟାବର ।

Digitized by srujanika@gmail.com

ଗଣେଶଙ୍କ ବିଷୟରେ ବୋଉ ଗୋଟିଏ କିମ୍ବଦନ୍ତୀ ଗପ କହୁଥିଲା । ପାର୍ବତୀ ଥରେ ହଳଦୀ ଲଗାଇ ଦେହରୁ ଛଡ଼ା ମଳକୁଟିଙ୍କ ଏକାଠି କରି ଗୋଟିଏ ମୂର୍ତ୍ତି ଗଢ଼ିଲେ, ତାକୁ ଜୀବନ୍ୟାସ ଦେଇ ନିଜ ଦେହଳିର ଦ୍ୱାରପାଳ କଲେ । ଶିବ କୁଆଡ଼େ ଯାଇଥିଲେ, ବହୁଦିନ ପରେ ଆସି ଦେହଳିଦ୍ୱାରରେ ଦ୍ୱାରପାଳକୁ କହିଲେ ବାଟ ଛାଡ଼ । ଦ୍ୱାରପାଳ ବାଟ ନ ଛାଡ଼ିବାରୁ ଶିବ ରାଗରେ ତ୍ରିଶୂଳରେ ତା ମୁଣ୍ଡ କାଟିଦେଲେ । ପୁଅର ଏ ଦୁର୍ଦ୍ଦଶା ଦେଖି ପାର୍ବତୀ କାନ୍ଦିବାକୁ ଲାଗିଲେ । ଶିବ ତାଙ୍କ ରୋଷଶୋଧ କରିବା ଲାଗି କଟା ମୁଣ୍ଡଟି ନ ଲଗାଇ ଗୋଟିଏ ହାତୀ ଛୁଆର ମୁଣ୍ଡ କାଟିଆଣି ଲଗାଇ ଦେଲେ । ଶିବ-ପାର୍ବତୀ ପୁଅକୁ ବହୁତ ବୁଦ୍ଧି ଜ୍ଞାନ ଦେଲେ । ସେ ହେଲେ ମହାଜ୍ଞାନୀ ଗଣେଶ ।

ପୂଜା ପରେ ପଞ୍ଚାମୃତ, ପୋଡ଼ା ହୋମ ମହୁଆ, ମୁଷ୍ଟିଏ ମୁଷ୍ଟିଏ ଖେଚ ପିଲଙ୍କ ହାତରେ ଦିଆ ହେଉଥିଲା । କେନ୍ଦା କେତା ନଡ଼ିଆ ଭଙ୍ଗା ହେଲେ ମଧ୍ୟ ସେଥିରୁ ଖଣ୍ଡେ ପିଲାଙ୍କୁ ଦିଆ ହେଉ ନ ଥିଲା । ତାକୁ ଖାଇଲେ କୁଆଡ଼େ ପାଠ ଆସେନାହିଁ । ସେତକ ସବୁ ଖେଚ ସହିତ ମାଷ୍ଟରମାନେ ବାଣ୍ଟି ଘରକୁ ନେଉଥିଲେ । ଲବ୍ଧଭକ୍ତି କିମ୍ବା ଭୟ ପ୍ରବଳ ଥିବାରୁ କେହି ହଁ ନା ଚୁଁ କରୁ ନ ଥିଲେ । ପ୍ରତ୍ୟେକ ଶିକ୍ଷକଙ୍କ ଲାଗି ଦୁଇଟା ଟଙ୍କାରେ ମୂର୍ତ୍ତିଏ ନୂଆ ଓ ଦୁଇପର କଣି ଦିଆ ହେଉଥିଲା ।

ସେହିପରି ଶ୍ରୀପଞ୍ଚମୀ ଦିନଟି ବଡ଼ ଆନନ୍ଦର ଦିନ ଥିଲା । ଶ୍ରୀପଞ୍ଚମୀ ପଡ଼ିବାର ବହୁ ଆଗରୁ ଆମେ ଦିନ ଗଣୁଥିଲୁ, ପାହାନ୍ତା ରାତିରୁ ଫୁଲ ତୋଳି ଯାଉଥିଲୁ; ମଣ୍ଡା, ମାଣିକ-ବୃନ୍ଦ ଟଗର ସେ ଋତୁର ପ୍ରଧାନ ଫୁଲ । ହରେତାଳିକା ଅପେକ୍ଷା ଶ୍ରୀପଞ୍ଚମୀ ଅଧିକ ଆଡ଼ମ୍ବରରେ ପାଳିତ ହେଉଥିଲା, ମାଘର ଶୀତ ଜଡ଼ିତ ଥିବାରୁ ଏହାର ବାତାବରଣ ଦୀର୍ଘ-କାଳ ଲାଗି ରହୁଥିଲା ।

ଚୂଳଲଗା ନଡ଼ିଆକୁ ଖିଅର କଲାପରି କଟା ହଟା କରି ତହିଁରେ ଦୁଇଖଣ୍ଡି ଘୋଷ ବୋଲି ଦିଆହେଉଥିଲା । ତା' ଉପରେ ସରସ୍ୱତୀଙ୍କ ଛବି ଅଙ୍କନ କରାହେଉଥିଲା । ମେଜ ଉପରେ ଚୌକି ଓ ତା' ଉପରେ ଗୋଟିଏ ତାଳପତ୍ର ଖୋପରେ ଏଇ ଅଙ୍କିତ ନାଡ଼ିକେଳଟି ରଖାହେଉଥିଲା । ପୂଜା ପରେ ପ୍ରାୟ ପନ୍ଦର ଦିନ ମାଗଣ ଲାଗି ରହୁଥିଲା । ପିଲାମାନେ ଚର୍ଚ୍ଚିତ ନାଡ଼ିକେଳଟି ଧରି ଗ୍ରାମର ଦ୍ୱାରେ ଦ୍ୱାରେ ଗୀତଟିଏ ବୋଲି ମାଗଣ କରୁଥିଲେ, ଯାହା ପାଉଥିଲେ, ମାଷ୍ଟରଙ୍କୁ ଆଣି ଦେଉଥିଲେ । ସେ ଗୀତଟି ସରସ୍ୱତୀଙ୍କ ବନ୍ଦନା ନୁହେଁ, ହରି ବା ମୁରାରିଙ୍କ ସ୍ତୁତି; ସରସ୍ୱତୀଙ୍କ ବନ୍ଦନା ନ ଗାଇ କାହିଁକି ଆମେ ବିଷ୍ଣୁଙ୍କ ସ୍ତୁତି ଗାଉଥିଲୁ, ଏହା କହିବା କଷ୍ଟକର । ଶତ ଶତ ବର୍ଷ ଧରି ଓଡ଼ିଶାର ଅବଧାନ ଚାଟଶାଳୀ ଓ ତା' ପରେ ପ୍ରତିଷ୍ଠିତ ନୂତନ ସ୍କୁଲମାନଙ୍କରେ ଏଇ ଗୀତଟି ବୋଲା-

Digitized by srujanika@gmail.com

ହେଉଥିଲା । ସେ କାଳ ସମାଜର ସ୍ୱରୂପ ଦର୍ଶାଇବା ଲାଗି ଗୀତଟି ଅବକଳ ଉଦ୍ଧାର କଲି । ※

ଏଥିରେ ଆଶ୍ରମ ଗୁରୁକୁଳ ଶିକ୍ଷାର ଇଙ୍ଗିତ ଅଛି । ଶିଷ୍ୟମାନେ ଭିକ୍ଷା କରି ଗୁରୁଙ୍କୁ ଆଣି ଦେଉଥିଲେ ।

ଯାହାସବୁ ମନରୁ ଲିଭି ଲିଭିନାହିଁ

ଗଡ଼ ପଦ୍ମନପୁର ଲିଟା ଆମ ଗାଆଁରୁ ମାଇଲଏ **ମ ଫ** ବାଟ; ବାଘ ପ୍ରତିଦିନ ଆମ ଗାଆଁକୁ ଆସୁଥିଲା, ମୋ ବାଲ୍ୟକାଳକୁ ଭୟସଙ୍କୁଳ କରିଥିଲା । ଶୁଣିଛୁ, ବାଘ

※ ବନ୍ଦଇ ହରି ଦେବ ମୁରାରି ଲକ୍ଷ୍ମୀ ଦେବୀଙ୍କର କାନ୍ତ
ଅଭୟବର ଦାନ୍ତ କମଳର ଯେ ବିଭୁ ଦେବ ଅନନ୍ତ
ବାରମାସ ମଧ୍ୟେ ଅଟଇ ସାର, ମାଘ ସ୍ନାହାନକୁ ହେଲ୍ ବାହାର
ମାଘ ସ୍ନାହାନକୁ ବାହାର ହୋଇ, ବସନ୍ତ ପଞ୍ଚମୀ ନାମ ବୋଲଇ
ଏହି ପଞ୍ଚମୀ ଯେ ଅଟଇ ଭଲ, ଆନ ପଞ୍ଚମୀ ନୁହେଁ ଏହା ତୁଲ୍ୟ ।
ଫିରୁଲା ଲେଖାଇ ବୁଲି ସେ ଯାନ୍ତି, ଶ୍ରୀଫଳ, ପୁସ୍ତକ ହସ୍ତେ ଘେନନ୍ତି ।
ମୋଡ଼ିମୋଡ଼ିଆ କର୍ପୂରି ଫୁଲବଲା, ଓଝା ଗୁଟଙ୍କର ଉତ୍ସବ ଲୀଳା ।
ଯହାକୁ ଆସଇ ଷୋଳକ ଯୋଡ଼ା, ପଢ଼ ହେ ଝଟେ ହୋଇ ଯୋଡ଼ା ଯୋଡ଼ା ।
ପିତାଏ ଗାଇ ବୋଇଲେ ଆମ୍ଭର, ଗୁରୁଙ୍କୁ ନିଅ ଇଷ୍ଟବନ୍ଧୁ ଘର ।
ଇଷ୍ଟ ବନ୍ଧୁ ଘର ମାଗିଣ ଯାଉଁ, ଯାହା ପାଉ ତାହା ଗୁରୁଙ୍କୁ ଦେଉଁ ।
ଗୁରୁଙ୍କ ନିମନ୍ତେ ଅଇଲୁ ଅମ୍ଭେ, ଲେଖ୍ୟକୋଟି ହୋଇ ନ ଭାଲ ତୁମ୍ଭେ,
ତୁମ୍ଭେ ଯେ ଆମ୍ଭର ବନ୍ଧୁ ସୋଦର, ତେଣୁ ଯେ ଅଇଲୁ ତୁମ୍ଭର ଘର ।
ଅଦଆ ଘରର ପାଶେ ନ ଯାଉଁ, ଘରକୁ ଗଲେ ପରଚୁଆ ପାଉଁ ।
ଘର ଲୋକଙ୍କୁ ସବୁ କହିପୋଛୁ, ମନରେ ଆନ ନ ଧରିବ କିଛୁ ।
ଟଙ୍କା ସୁନା ଲୁଗା ଧାନ କଉଡ଼ି ଯାହା ଦେବ ତାହା ଆଜ
ଆଜ ନ ଦେଲେ ବାହୁଡ଼ି ଗଲେ ପାଇବ ପଛେ ଲାଜ ।
ଯାହୁ ନୋହୁ ଅମ୍ଭେ ନୋହୁ ଖାତକ, ଯାହା ଦେବ ତାହା ଦେଖିବେ ଲୋକ ।
ଦରଷକେ ଥରେ ଆମ୍ଭ ମାଗୁଣି, ଭଲା ଭିଆଇଲେ ସାରଙ୍ଗପାଣି ।
ଶ୍ରୀ ନୀଳଗିରି ଶିଖରେ ହରି ତୁମ୍ଭଙ୍କୁ ଦିଅନ୍ତୁ ବର
ତୁମ୍ଭେ ଯେ ଆମ୍ଭଙ୍କୁ ପ୍ରସନ୍ନ ହୋଇଲେ ଓଝା ଗୁଟେ ଫିରୁ ଘର ।
ପଢ଼ି ପଢ଼ି କରି ଲାଗିଲା ଶୋକ, ତୁମ୍ଭେ କି ଜାଣିବ ପଢ଼ିବା ଦୁଃଖ ?
ଅସ୍ତି ନାସ୍ତି ଦେଇ ବଚନ କହି, ବେଗେ ଗୁରୁଫିରୁ ମେଲାଣି ଦିଅ ।
ମେଲାଣି ଦେଲେ ଫିରୁ ନିଜ ବାସ, ଗୀତେ ଭଣିଲେ ବଳରାମ ଦାସ ।

Digitized by srujanika@gmail.com

ପହିଲେ କୁଆଡ଼େ ଠାକୁରାଣୀଙ୍କ ସମ୍ମୁଖ ପକାଉଥିଲା—ତାପରେ ଠାକୁରାଣୀ ବାଟ ଦେଖାଇ ଦିଅନ୍ତି, କୁଆଡ଼େ ଶିକାର ମିଳିବ ! ଅଣ୍ଡିରା ବିଲୁଆର ବିକଟାଳ ରଡ଼ିରେ ଆମ ନିଦ ଭାଙ୍ଗେ, ବୋଉ କହେ—ତିନି ଥର ମୁଣ୍ଡ ଟେକ, ଏ ରଡ଼ି ବଡ଼ ଅଶୁଭ; ଆମଙ୍କ ବୁଢ଼ା ବା ବୁଢ଼ୀ ଧରିଛନ୍ତି—ନଷ୍ଟେ ଯିବ । ବିଲୁଆର ସେଇ ବିକଟ ଚିତ୍କାର ଭ୍ରୂକୁଟିରେ କାଳର ଡାକ, ଥରେ କେମିତି ହାବୁଡ଼ରେ ପଡ଼ିଲା କେଜାଣି, ବାଘ ତାକୁ ଦଫାଲ କରି ଚିରଦେଲା ।

ସେତେବେଳେ ଆମ ଗାଁର ତୋଟାବାଡ଼ି ଗୋଟାଏ ବଡ଼ ମାଙ୍କଡ଼ଦଳଙ୍କ ଭୋଗଦଖଲରେ ଥାଏ, ଅମ୍ବ ବଉଳରୁ ପଣସ ତେନ୍ଠା, ନଡ଼ିଆ କୁମ୍ଭା, ଡାଳିମ୍ବ କରଡ଼ି, କଞ୍ଚିଆ ଫଳ, କଞ୍ଚା ଅମ୍ବ ଟାକୁଆ, ମୂଗ, କୋଳଥ ଛୁଇଁ, ସଜନାଫୁଲ ପର୍ଯ୍ୟନ୍ତ ସବୁ ସେମାନେ ଖାଇଯାନ୍ତି, ସେମାନଙ୍କ ଉପଦ୍ରବରେ ବାଡ଼ିରେ ଲାଉଗଛ, ଜହ୍ନି କାକୁଡ଼ି ବା କଖାରୁ କେଉଁଟାଏ ରହୁ ନ ଥାଏ । ସେତେବେଳେ ବିଲାତି ଅଙ୍କୁର ଦେଖା ଦର୍ଶନ ନାହିଁ । ବାଡ଼ିରେ କେବଳ ସାରୁ । ଗଛରୁ ଅଡ଼ାଇଲେ ମାଙ୍କଡ଼ସବୁ ଡେଙ୍ଗା ନଡ଼ିଆ ଗଛର ବାହୁଙ୍ଗାରେ ବସନ୍ତି । ଟିଣ ପିଟି, ନଡ଼ିଆ ଫୋପଡ଼ା ବାଡ଼େଇ ଆମେ ତଡ଼ୁ—ବେଳେ ବେଳେ କୁକୁର ଲଗାଇ ମାରୁ ।

ନନା ବାଟୁଳିଦଣ୍ଡାରେ ବାଟୁଳି ମାରନ୍ତି, ଅଥାନରେ ବାଜିଲେ ମାଙ୍କଡ଼ ଗଛରୁ ଖସିପଡ଼ି ମରିଯାନ୍ତି । 'ସାତ ଭାଇ' ଓ ଅଣ୍ଡିରା ମାଙ୍କଡ଼ଦଳପତି ଗୋଧମାଙ୍କଡ଼ର ମୁଖ୍ୟ ସେ କାଳର ଗୋଟିଏ ଦୃଶ୍ୟ । ଗୋଧ ଆକାରରେ ଖୁବ୍ ବୃହତ୍, ବଳବନ୍ତ ଓ ଚତୁର; ଗୋଟି ଗୋଟି କରି ସାତୋଟି ଗୋଧଙ୍କୁ ସେ ଖଣ୍ଡିଆ ଖାବରା କରି ଛାଡ଼େ, କୋଡ଼ିଏ ପଚିଶଟି ମାଈ ମାଙ୍କଡ଼ଙ୍କ ଦଳପତି ହୋଇ ଆମ ଗ୍ରାମରେ ରାଜତ୍ୱ କରେ ।

ଥରେ ମୋ ପୂରୁବ ସଦୁକୁ ସେ କାମୁଡ଼ି ଦେଇଥିଲା, ଅନେକ ଦିନ ଯାଏ ତା ଦେହରେ ମାଙ୍କଡ଼ ବିଷ ଟେକିଲା । ସେ ଅଜ୍ଞାନ ହୋଇ ପଡ଼ିଯାଉଥିଲା, ଗାଁର ସବୁଠାରୁ ଡେଙ୍ଗା ନଡ଼ିଆଗଛ ତାର ଆସ୍ଥାନ ବା ସିଂହାସନ, ମଣିଷ ହାତର ବାଟୁଳିର ଅପହଞ୍ଚ; କଂସାରି ଘର ପାଖ ସେ; ଟିଣ ବାଡ଼ିଆରେ ହୁଟୁଳେ ନାହିଁ । ଥରେ କେନ୍ଦୁଆ ବାଘ ତାକୁ କେମିତି ଠାବ କଲା । ସନ୍ଧ୍ୟାରେ ନଡ଼ିଆଗଛର ଚଉକଥରେ ଚୁଲି ଚୁଲି ଚଢ଼ିବାର ଭାନ କଲା; ଗୋଧ ତା ଉପରେ ଅତର୍କିତରେ ଗଛରୁ ଖସିପଡ଼ି ଜାବୁଡ଼ିଣ ଉଠିଲା । ବାଘ ରାଗରେ ତାକୁ ଚିରି ପକାଇଥିଲା । ସକାଳୁ ଉଠି ଆମେ ବାଘର ଖୋଜ ଓ ଏ ଭୟଙ୍କର ଦୃଶ୍ୟ ଦେଖିଲୁ ।

Digitized by srujanika@gmail.com

ମୁଁ ଏଇ ବାତାବରଣରେ ଗାଆଁରେ ବଢ଼ୁଥିଲି, ସେଷେଇବାପରେ ଧୁରନ୍ଧର ଥିଲି; ପୁନର୍ଥ ପାଳରେ କୁମ୍ଭାରମାଇଁରେ ଓ ସଂକ୍ରାନ୍ତିରେ ମହାଦେବଙ୍କଠି ସେଷେଇ କରି ଦେଉଥିଲି । କାହାର ମୃତକଅ ବା ଜୁତକଅ ହେଲେ ଦହଁକୁ ପାଣି ଦେଉଥିଲି ।

କୁମ୍ଭାରପାଙ୍ଗରେ ଚକବୁଲା, ହାଣ୍ଡିଗଢ଼ା ଦୃଶ୍ୟଟି ବଡ଼ ଭଲ ଲାଗୁଥିଲା । କୁମ୍ଭାର ଘର ବୋହୂ ମାଟି ବୋହି ନ ଗଲେ ଝାଙ୍କି କାଟି ମୁଣ୍ଡେଇ ଆସୁଥିଲେ; ହଣ୍ଡା ଭିତରୁ କାପଣ ଧାନହୁଣ୍ଡୁଆଁ ହାଣ୍ଡି, ଫଟା ଭଜାଭଜା ହାଣ୍ଡି, ଚାଡ଼ିଆ, ଅଟିକା, ମାଠିଆ, ଘଡ଼ି, ସର, କୁଅ ନନ୍ଦ; ନଳା, ମାଟିଘୋଡ଼ା ପୋଡ଼ା ହୋଇ ବାହାରୁଥିଲା, ମୁଁ ଘଡ଼ି ଘଡ଼ି ଠିଆ ହୋଇ ଦେଖୁଥିଲି । ବୃଷ୍ଟି ବା ପୋଷଣ ପେଡ଼େଇବାକୁ ମୁଁ ତେଲି ସାହିକୁ ଯାଉଥିଲି; ଘଣାରେ ବସିଲେ ମୋତେ ଗାଡ଼ିଧେ ବସିଲା ପରି ଲାଗୁଥିଲା । କେଁ କଟ କଟ ଶବ୍ଦ କରି ଘଣା ଉପରକୁ ଉଠୁଥିଲା, ପୁଣି ତଳକୁ ଖସୁଥିଲା —

କେଁ କେଁ କେଁ କଟାଟ
ପୋଟଗ ହୁଡ଼ାରେ କରୁଛ ନାଟ
ଚନ୍ଦୁଆ ବଳଦ ଧରଛ ଟାଣି
ଶୁଖିଲା କାଠରୁ ବୋହୁଛ ପାଣି ।

ସେମିତ ତନ୍ତରେ ତନ୍ତୀସାହିରେ ଲୁଗାବୁଣା, କମାରଶାଳରେ ଗ୍ରାଲଦ ସୁହୁ ସୁହୁ ପବନରେ ନିଆଁ ତାହ ଉଠିବା, ହାତୁଡ଼ି ମାଡ଼ରେ ଦାଆ, କଟୁରି ଓ ଲୁହା ପକା ହେବା ଦୃଶ୍ୟ ମୋତେ ଭଲ ଲାଗୁଥିଲା । 'ଘେଁ ଘର୍ ର୍' 'ଘେଁ ଘର୍ ର୍' ଶବ୍ଦରେ ଦହି ମୁହାଁ ହେବା, ଲହୁଣୀ କଡ଼ା ହେବା, ଘିଅ ମହ ହେବା, ଚନ୍ଦୁଆ ଉପରେ ସର ଘୋଡ଼ା ହୋଇ ଚତହପିଠା ବାହାରିବା ଦୃଶ୍ୟ ଏବେ ଅଲୋଡ଼ା ରହିଯାଇଛି ।

ପ୍ରାୟ ପ୍ରତିବର୍ଷ ମେଳଣ ଦେଖି ଯାଉଥିଲି—ରାଧାକୃଷ୍ଣ ମେଳଣ ଓ ପୋଥି ମେଳଣ; ରାଧାକୃଷ୍ଣମେଳଣରେ ଆଡ଼ମ୍ବର ସମଧିକ, ପୋଥିମେଳଣ ଅଧିକ ସାତ୍ତ୍ୱିକ ଓ ସାଧାରଣ । ମେଳଣର ପୂର୍ବଦିନ ରାତିଟି ବିଶେଷ ଆକର୍ଷଣୀୟ ଥିଲା । "ବଳଙ୍ଗା ମେଳଣ"ର ଆନପଡ଼ ବକ୍ରେଶ୍ୱର ଯେତେବେଳେ ପଟୁଆରରେ ବାହାରୁଥିଲେ, ସେ ଗୋଟିଏ ଅତି ଚିତ୍ତାକର୍ଷକ ଦୃଶ୍ୟ; ଶହେ ପଟ ଘଣ୍ଟ ସଙ୍ଗେ ମାଦଳ ତାଳଦେଇ ବାଜୁଥିଲା—'ସଙ୍ଗାତ ଭାହିଥିଲ କି, ଯମୁନା ଗାଧୋଇ ଯାଇଥିଲ କି ?' ଦଅଁ ଗଲେ ତେଁ ତେଁକ ଟିଁ; ତେଁକ ଟିଁ;

ତେନ୍ତେଇଁ ହିଁ, ତାକ ତେଇଁ ତେଇଁ ହିଁ,—ଘଣ୍ଟମାଦଳର ସମୁଦ୍ର ଗର୍ଜନ ସ୍ୱର ସଙ୍ଗେ ମୋ ଛାତି ନାଚ ଉଠୁଥିଲା ।

ଘଣ୍ଟ ମାଦଳ ପଛକୁ ଲଗି ବାହାରୁଥିଲେ ଦୁଇତିନି ହଳ କଳଘୋଡ଼ା, ଘୋଡ଼ା-ନାଚ ସାଙ୍ଗକୁ ଗଣେଶ, କାର୍ତ୍ତିକେୟ, ଶିବ, ବୃଷଭ ପ୍ରଭୃତି ସୁଆଙ୍ଗଙ୍କ ନାଚ; ସଂକୀର୍ତ୍ତନିଆଙ୍କ ମୃଦଙ୍ଗ ଓ ଝାଞ୍ଜର 'ଜାଗୁଡ଼୍ ମାଗୁଡ଼୍ ଝାଇଁ ଝାଇଁ', ଗଛ ବାଣ, କମ୍ବାଜି ଫୁଟିବା, ଚେଙ୍ଗା, ସାପ ବାଣ ସଙ୍ଗେ ଆକାଶମଣ୍ଡଳୀ ଆକାଶରୁ ହୀରା ମୋତି ମାଣିକ ବୃଷ୍ଟି କରିବା ବିଶେଷ ହୃଦୟଗ୍ରାହୀ ହେଉଥିଲା । ରୂପଦେଇପୁର ନାଗାସାହିରେ ଯୋଡ଼ିନାଗରା, ତେମ୍ପ ନାଗରାର 'ଧେକ ଧେଡ଼ାକ୍ ଦାଧାଡ଼ା, ତେକ୍ ତେଡ଼ାକ୍ ତାତାଡ଼ା', ନାଗାର ଚାହୁଲ, ଠାଣି, ନଣମୋଡ଼ା, ଚଣ୍ଡି ଅଙ୍କୁଷ୍ଠା ମନ ଉପରେ ଅଦ୍‌ଭୁତ ପ୍ରଭାବ ବିସ୍ତାର କରୁଥିଲା । ମୁଣ୍ଡମୋଡ଼ା କେଳା କପଟ ମାଟି ତଳେ ଘଣ୍ଟା ଘଣ୍ଟା ମୁଣ୍ଡପୋତି ରହୁଥିଲା, ସବାଖିଆ କେଳା କପଟ ପହୁଲ ପହୁଲ ଗୋଧି ଧରି ପାଟିକୁ ଲଙ୍ଗୁଡ଼ରେ ଛନ୍ଦ ବାଡ଼ିରେ ଝୁଲେଇ ନେଉଥିଲା, କଳା କଳା ଜିଭମାନ ଲମ୍ବ ଲମ୍ବ ଝୁଲୁଥିଲା, ଗୋଟିଏ ଅଙ୍ଗାରେ ଗ୍ରୁହ ପିଲ, ଆଉ ଅଙ୍ଗାରେ ହାଣ୍ଡି କୁଟେଇ, କନା କତରା ଓ ସଂସାରକୁ କପଟ କେଳା ଘରରେ ବୋହି ନେଉଥିଲା, ସାପୁଆ 'କାଳୀ ଯେ ବନମାଳୀ ପଦ୍ମରେ ନ ଲାଗଇ ଧୂଳି'— ଗୋବିନ୍ଦ ମହା କାହାର ବୋହୂ ଝି ପୋଷା, ବୋଲି କପଟ ସାପ ଓ ମୂଷା ଖେଳାଉଥିଲା, ମୁଁ ଅଭିଭୂତ ହୋଇ ଦେଖୁଥିଲି । ପାଟୁଆ ଯାତ୍ରା, ଚଢ଼ିଆଘୋଡ଼ା ନାଟ, ଯାତ୍ରା, ପାଲା, ପକ୍ଷୀନାଟ, ସଂକୀର୍ତ୍ତନ, ମଉଛବ, ବ୍ରତ, ବିବାହ, ପୂର୍ଣ୍ଣୀପର୍ବ ବର୍ଷସାରା ଗ୍ରାମ୍ୟ ଜୀବନକୁ ଉତ୍ସବମୟ କରି ରଖିଥିଲା । ତାର କାଣିଚାଏ ଏବେ ଦେଖିବାକୁ ମିଳୁନାହିଁ । ମୁଁ ବହୁମୂର୍ତ୍ତି ଭାଗବତବୋଲି ଓ ଅଷ୍ଟପ୍ରହରୀରେ ଅନେକ ଥର ଯୋଗ ଦେଇଛି ।

ନଅ ଥରେ କଳଙ୍ଗାମେଳଙ୍କୁ ସପ୍ତାବୋଲିର ବନ୍ଦ୍ରା ହୋଇ ଯାଉଥିଲା; ପାହାନ୍ତିଆରୁ ଉଠି ଭାର୍ଗବୀ ନଈରେ ଗାଧୋଇପାଧୋଇ ଠାକୁରଙ୍କ ଆଗରେ ସପ୍ତା ବୋଲି ବସେ; ସାତ ଦିନ କାଳ ଅରୁଆ ଅନ୍ନ ଖିରି ଶ୍ରୋତା, ଭଗତ ଓ ଝାଞ୍ଜିଆଙ୍କ ଖିଆଏ । ଗୋଟିଏ ବଡ଼ ଘୁମୁଣ୍ଡିଆ; ତାର ଗୋଟାଏ କଣରେ ଭାଗବତଗାଦି ରହିଥିଲେ, ଅହୋରାତ୍ର ଅଖଣ୍ଡ ଦୀପ ଓ ଧୂପ ଜଳୁଥିଲା । ସାତଦିନ ପରେ ଯେଉଁ ଦିନ କୋଡ଼ିଏ ଟଣେଯ ମଣ୍ଡଳ ଏକାଠି ବସି ସଂକୀର୍ତ୍ତନ ହେଲା, ମଉଛବ ହେଲା; ପାହାଡ଼ ପ୍ରମାଣେ ଅନ୍ନ ଗଦା ହୋଇଯାଏ; ହଜାର ହଜାର ଲୋକ ଜାତିଗୋତି ନ ବାରି ବସି ଖାଇ ଯାଉଥାନ୍ତି । ଏତେ ବଡ଼ ପଂକ୍ତି ଭୋଜନ ଆଉ କେବେ କ୍ୱଚିତ୍ ଦେଖିଛି ।

ଗାଆଁ ଦାଣ୍ଡକୁ ଦେଲେ ଢେଲେ ଘରରେ ବୃନ୍ଦାବୋଇ ଅସୁଥିଲେ ମାଈ ମହଲା । ଗୋଟିଏ ଅଙ୍ଗାରେ କୁକୁଡ଼ାଖୋଜେଇ, ସେଥିରେ ମଗା ଯନ୍ତ୍ର ବୁଲୁଥିଲ ରହେ, ପକ୍ଷିଆଟିଏ

ଘୋଡ଼ା ହୋଇଥାଏ । ଆଉ ଅଙ୍ଗାରେ ମଣ୍ଡଣି, କଳସ ଓ ଲାଲ ଘେର ଦିଆ ଗ୍ରେଟ ଚଉତଳରେ ମଙ୍ଗଳା । ମାଳୀ ପାଣି ମୁନ୍ଦଏ ଛତ୍ର ଦାଣ୍ଡରେ ମଙ୍ଗଳାଙ୍କୁ ବସାଏ, ତାପରେ ଘଣ୍ଟ ବଜାଇ ମଙ୍ଗଳାଙ୍କ ସ୍ତୁତି ବୋଲି ବୋଲି ବୁଲେ; ଲୋକେ ଝୁଙ୍କୁ ଝୁଙ୍କୁ, ଖୋଳଗଇରେ ପୁଞ୍ଜିଏ ଦୁଞ୍ଜିଏ ଚାଉଳ ଦିଅନ୍ତି, ଧାଦୁକ ନେଇଯାନ୍ତି ।

ବେଳେ ବେଳେ ପିତ୍ତଳଥାଳୀରେ ମୁଣ୍ଡେଇ ଆଣୁଥିଲ ଆଖଣ୍ଡଳମଣି କମ୍ପା ଲଡ଼ୁ-ବାବାଙ୍କର ଫଣାଟେକା ତମ୍ବା ନାଗ । କେତେବେଳେ ମୁଣ୍ଡରେ ଘଟ ମୁଣ୍ଡେଇ, ଘଟ ଚାରିପାଖେ ଫୁଲର ଝାହୁଆ ମାରି ନାଚୁଥିଲ ଘଟପାଟୁଆ, ଅଣ୍ଟାରେ ଘଣ୍ଟ ବାନ୍ଧି ଜାନୁଘଣ୍ଟ ପରଶୁରାମ । ଯାହାର ହନୁମନ୍ତ ଦାଣ୍ଡ ନଡ଼ିଆ ଗଛରେ ଚଢ଼ି ଦାନ୍ତରେ ନଡ଼ିଆ ଛଡ଼େଇ ଖାଉଥିଲ । ବେଳେ ବେଳେ ହେଉଥିଲ କେଳାକେଳୁଣୀ ନାଟ; ବାଉଁଶରାଣୀ । ଏଇ ଦେଶୀ ସାର୍କସରେ ରାଣୀ ବାଉଁଶରେ ଉଠି ନାନା ଗୀତ ବୋଲି ଖେଳ ଦେଖାଇ ଦର୍ଶକମାନଙ୍କୁ ମୁଗ୍ଧ କରୁଥିଲେ । ତଳେ କେଳା ଗୀତର ତାଳେ ତାଳେ ମାଦଳ ବଜାଉଥିଲା । ଜଣେ ସ୍ତ୍ରୀଲୋକ ବାଉଁଶରେ ଚଢ଼ି ଦୁଃସାଧ୍ୟ ଖେଳ ଦେଖାଇବା ସେତେବେଳେ ଅବଶ୍ୟ ବିସ୍ମୟକର ଥିଲା ।

ଅମାବାସ୍ୟା, ସଂକ୍ରାନ୍ତି, ଏକାଦଶୀ ତିଥିରେ ଏଇ ଗାଆଁ ଦାଣ୍ଡରେ ବୁଲୁଥିଲା ଟକୁଳିଆ ପଣ୍ଡା—'ଦେବ ଦିଆଇବ । ଦେଇଥିଲେ ପାଇବ' ପଦ ବୋଲି । ଏଠି ବାଜିକର ଦେଖାଉଥିଲ ନାନା ପ୍ରକାରର ଭେଳିକିବିଦ୍ୟା, ପିଲାମାନେ ତୋଳୁଥିଲେ ଟାଳି କୁଡ଼ିଆ, ଦୋକାନ ଘର; ଏଠି ଯାଉଥିଲା କେତେବେଳେ ଘଣ୍ଟି ପକା ଶଗଡ଼ଗାଡ଼ି, ପଟୁଆରରେ ପାଲିଙ୍କିଚଢ଼ା ବର, ବାଜଣା ପକାଇ ପୁଆଣିରେ କନ୍ୟା । ଗାଁ ଦାଣ୍ଡ ଲୀଳାଖେଳା, ଆନନ୍ଦଉତ୍ସବର ଗୋଟିଏ ରଙ୍ଗମଞ୍ଚ ଥିଲା ।

ଦଶ ଏଗାର ବର୍ଷ ବୟସ; ମୁଁ ଭାଇନାଙ୍କ ସଙ୍ଗେ ତୋଟାବାଡ଼ିରେ ଲଙ୍ଗଳା ହୋଇ ବୁଲୁଥିଲି; ଆମ ସାଙ୍ଗପିଲା ସମସ୍ତେ ପ୍ରାୟ ଲଙ୍ଗଳା, ଝିଅମାନେ କଉପୁନି ଖଣ୍ଡିଏ ଖଣ୍ଡିଏ ମାରେ ଥାନ୍ତି । ଗାଆଁରେ ଧନୀରୁ ଗରିବ ସମସ୍ତେ ପ୍ରାୟ ଗାମୁଛା ପିନ୍ଧନ୍ତି, କୁଣିଆଁ ମହାଜନଙ୍କ ଘର କମ୍ପା ହାଟ ମେଳଣକୁ ଗଲେ ପେଡ଼ିଲୁଗା କାଢ଼ି ପିନ୍ଧନ୍ତି । ଗାଁ ପଣ୍ଡମଲ ଧୋବାଭୁଠାରୁ ଜଣାଯାଏ । ସେତେବେଳେ ଗାଆଁରେ ସୋଡ଼ା ଚାଲ୍ ହୋଇ ନ ଥାଏ । କଦଳୀ ବାସୁଙ୍ଗା ପୋଡ଼ା ଖାରରେ ଲୁଗା କଚାହୁଏ । କେବଳ ଦାହନାଟା ବଦଳେ, ବର୍ଣ୍ଣ ବିଶେଷ ବଦଳେ ନାହିଁ; ତଥାପି ଧୋବାଘର ନାଆଁ 'ଉଜଳା ଘର'; ଧୋବାର ଅନ୍ୟ କାର୍ଯ୍ୟ—ମହାଷ୍ଟମୀ ଦିନ ଠାକୁରାଣୀଙ୍କ ଆସ୍ଥାନରେ ବୋଦା ପକାଇବା ଓ ମୁଣ୍ଡଟି ପାରିଶ୍ରମିକ ସ୍ୱରୂପ ନେବା । କିଏ ଗାଆଁରେ ମଲେ ଧୋବା ବାଉ ଅଧରେ ଗଛରେ ଚଢ଼ି ଜୁଇ ଗାଡ଼ ଲାଗି କାଠ ହାଣେ, କୋକେଇରେ ବନ୍ଧା ମୁର୍ଦ୍ଦାରର ବିଛଣା,

Digitized by srujanika@gmail.com

ଚକଆ, ଓ ଲୁଗାପଟା ନଏ । ବେଳ ଅବେଳରେ ମୂର୍ଦ୍ଦାର ଲାଗି କାଠ ହାଣୁଥିବାରୁ ଧୋବା ନାମରେ ଆତଙ୍କ ରହୁଥାଏ ।

ସ୍କୁଲରୁ ଫେରିଲା ପରେ ମୁଁ ଗୋଟିଏ ଗୁଞ୍ଜ ଧରି ଦାଣ୍ଡରୁ ବାଡ଼ ପର୍ଯ୍ୟନ୍ତ ଗଛଙ୍କୁ ପିଟି ଦେଇ ଯାଉଥିଲି । ଏହାର ହେତୁ ମନୋବୈଜ୍ଞାନିକମାନେ ସ୍ଥିର କରିବେ । ବୃକ୍ଷମାନେ କଅଁଳ ପତ୍ର ଓ ଡାଳ ହରାନ୍ତି । ମାଷ୍ଟ୍ରଙ୍କ ମାଡର ପୁନରାଭିନୟ ଏ । ମାଷ୍ଟ୍ର ହେବା ଗୋଟିଏ ଭାରି ବଡ଼ ସାହୁଆ ବୋଲି ମନେ କରୁଥିଲି । ଏବେ ବୁଝୁଛି—କେଡ଼େ ଦୟନୀୟ ତାର ସ୍ଥିତି । ହାତରୁ ତାର ବେତ ଖସି ପଡ଼ିଛି । ବେତନ ବହୁତ ବଢ଼ିଛି, କିନ୍ତୁ ସାମାଜିକ ସମ୍ମାନ ଅନେକ ଊଣା ହୋଇ ଯାଇଛି । 'ଆହା ବିଚରାଟିଏ' ହୋଇ ମାଷ୍ଟ୍ର ଗଢ଼ୁଛି ଯେ, ତା ଆଗରେ ଦଅଁ ଗଢ଼ିବାର ଆଦର୍ଶ ଥୁଆ ହୋଇଥିଲେ ବି ।

ସାହିତ୍ୟରେ ପ୍ରବେଶ ଲାଭ କଲି ପ୍ରଥମେ ଯାତ୍ରାରୁ । ମୋ କଣ୍ଠ ପିଲାଦିନେ ମଧୁର ଥିଲା, ବୟସ ଲାଗିଲାରୁ ଫାଟିଲା । 'ସୁନା ପଦିଆ' ଗାଆଁ ଯାତ୍ରାବାଲା ଆମ ଗାଆଁରେ କଂସାମାରୁଣି ବା ରଙ୍ଗସଭା ସୁଆଙ୍ଗ କରିଥିଲେ, ମୁଁ ସେଇ ଗୀତକୁ ଶୋଷି ପିଇ ଦେଇଥିଲି, ମନେ ପଡ଼ୁଛି; ଭଉଣୀ ଓ ମୁଁ କଂସ ମାରୁଣି ବହି ଧରି ଏ ସାଇରୁ ସେ ସାଇ ଗୀତ ବୋଲି ବୋଲି ବୁଲୁଥିଲୁ । ବୁଢ଼ାବୁଢ଼ିମାନେ ଆମକୁ ତାଙ୍କ ପାଖରେ ବସେଇ ଗୀତ ଶୁଣୁଥିଲେ ।

ଆରେ କଂସାସୁର ଗଲା କି ପାସୋର
ବସିଛ ନିଶଙ୍କାରେ
ତୋତେ ମାରିବାକୁ ଗୋପେ ଜନମିଛି
ମୁରଲୀଫୁଙ୍କାରେ ।

କୌଣସି ସାଙ୍ଗକୁ ଚାହିଁ ଚାହିଁ ହସି ହସି -

କହରେ ଅକ୍ରୁର ମୋତେ ମଥୁରା ଖବର ରେ
କୁଶଳରେ ଛନ୍ତି କି ମୋ ମାମୁଁ କଂସାସୁରରେ ?

ଅନ୍ୟାନ୍ୟ ଗୀତ ମଧ୍ୟରୁ ପଦେ ପଦେ ମନେ ଅଛି—

'ଦୁଃଖୀ ଧନ ନୀଳମଣିରେ
ମାଆ ବୋଲି କିଏ ଡାକିବ ମୋତେ'?
'ସେ ପ୍ରଚଣ୍ଡ କଂସ ଅଣ୍ଡାଳିଆ ନିଶ
ତାଙ୍କେ ରେ ଡଗର ଗଲା କେଣେ ?'

Digitized by srujanika@gmail.com

'ହାଣିଗଲି ବର କୋବାରେ ହାଣି ଗଲି ବରକୋବା
ଉଠା ଘରୁଆଣି ବସା ଜାଉପାଣି ଅଇଲେ ବେଠିଆ ଧୋବା'
'ଯମୁନାକୂଳିଆ କଦମ୍ବମୂଳିଆ ଫେରିଯାଅ ଆଜି ଫେରିଯାଉ'
'ଗୁଡ଼ରେ ଡଗର ଆଡ଼ ହୁଅ ମୋତେ
କାଟିବ ଦେବକୀ ମୁଣ୍ଡରେ
ମୋତେ ଗୁଡ଼ରେ...।'

ତାପରେ 'ବସନ୍ତ ପୁରିଆ' ଯାତ୍ରାବାଲା ଆସିଲେ; ସେ ଦଳଙ୍କ ଯାତ୍ରା ଦେଖି କେତେ ଗୀତ ଶିଖିଥିଲି; ପଦିଏ ମନେ ପଡ଼ୁଛି —

'ଟୋକା ମନ ଘୋଡ଼ା ଚଢ଼ିବାକୁ
ଅଉ ଇଚ୍ଛା ନାହିଁ ତାର ପାଠ ପଢ଼ିବାକୁ
ଟୋକା ମନ...

ଜାମୁତୋଟା ମେଳଣରୁ ଆଣ୍ଟୁଣିପୁରିଆ ଦଳଙ୍କ ଯାତ୍ରା ଦେଖି ଶିଖିଥିଲି—

'କାନ୍ଦିଲେ କି ହେବ ଗଜେନ୍ଦ୍ରଗମନା
ଇନ୍ଦ୍ର କି ସହଜେ ଛାଡ଼ିବ ?

ସେତେବେଳେ ଯାତ୍ରା ମନ ଉପରେ ଅସମ୍ଭବ ପ୍ରଭାବ ବିସ୍ତାର କରିଥିଲା । ବାସୁଙ୍ଗା-ରେ ଫୁଲ ଗୁନ୍ଥି ରଜାର ମୁକୁଟ ପିନ୍ଧି ନଡ଼ିଆ ଫୋପଡ଼ା ଖଣ୍ଡା କରି ମନେ ପଡ଼େ, ଆମେ ତୋଟାରେ ଯାତ୍ରା କରୁଥିଲୁ ।

ପିଲାଦିନେ ପାଲା ଯାତ୍ରା ପରି ଚିତ୍ତାକର୍ଷକ ବୋଧ ହେଉ ନ ଥିଲା । ତାର ଦୃଶ୍ୟ ବଦଳୁ ନ ଥିଲା, ଗାୟକ ଅର୍ଥ ବୁଝେଇବାରେ ବହୁତ ସମୟ ନେଉଥିଲେ; ଗୀତର ଅଗ ମୂଳ କିଛି ବୁଝୁ ନ ଥିଲି । କେବଳ ଚଅଁର ଢଳା ମରାମରି, ଛମୁଲଛଲୁ ଓ ବଚନିକା ଗୀତରେ କେବେ କେବେ ମୋର ନିଦ ଭାଙ୍ଗି ଯାଉଥିଲା ।

ପାଲାଗୀତ ଅନୁକରଣରେ ରଚିତ ପାଟୁଆ ଓ ଚଇତିଘୋଡ଼ା ନାଟଗୀତକୁ ମୁଁ ପସନ୍ଦ କରୁ ନ ଥିଲି । ଯାତ୍ରା ଭଳି ସେଥିରେ କିଛି ଆକର୍ଷଣୀୟ ନ ଥିଲା । ତଥାପି ମୋ ଉପରେ ସେ ସବୁର ଯଥେଷ୍ଟ ପ୍ରଭାବ ପଡ଼ିଥିଲା ।

କଣ୍ଢେଇନାଟର କଥନିକା, ବାଉଁଶରାଣୀର ଗୀତ ଆଦି ଲୋକନାଟ୍ୟର ଆସ୍ଵାଦରୁ ମୋ ଆଦ୍ୟ ଜୀବନରେ ସାହିତ୍ୟିକ ଭିତ୍ତି ଅଜାଣତରେ ଗଢ଼ୁଥିଲା, ସ୍କୁଲ ଜୀବନରେ ସାହିତ୍ୟଶିକ୍ଷା ହେବାର ବହୁ ଆଗରୁ ।

Digitized by srujanika@gmail.com

ଉପୁଲେଇ ଝୁପୁଲେଇ

ଉପୁଲେଇ ଠାକୁରାଣୀ ଗାଆଁରେ ନେଲେ ତାହାର ବଡ଼ତ ବେଶିଛନ୍ତି; ବୁଢ଼ୀଅଛୁ ବୋଠା, ମାଟେଖୁ କାଟି ହେଇଛି ସୋଲଛି; କିନ୍ତୁ ଏବେ ଅମ ପଡ଼ୋଶୀ ଗ୍ରାମର 'ଗମ ମା ଘାତ ଭଉଣୀ' ଓ 'କେନ୍ଦେଇ'ଙ୍କ ପରି ବଡ଼ଦ୍ଦ କୁଟୀରରେ ରହୁଛନ୍ତି । ବଡ଼ୁ ଘରକୁ ହାତରେ ଅସ୍ତ୍ର ନେଇଲେ ଓ ନୂଆ ଧର ବେଶଟିରେ ଦୁଃମାନେ ଓ ଶ୍ୱଶୁରଘରକୁ ଦଉଁ ମଣ୍ଡଳକାକୁ ଡାଁ ମାଇପେ ଠାକୁରାଣୀଙ୍କ ପାଖକୁ ଗନ୍ତି । ଭଜ ବାଣି ଭାଜନମାନରେ କଣ୍ଟ ଚନ୍ଦନରେ ଠାକୁରାଣୀ ପୂଜା ହୁଏ । ଦୁର୍ଗାଷ୍ଟମୀ ଦିନ ମେଣ୍ଢା ବୋଦାର ରକ୍ତ ଗନ୍ଧରେ ତାଙ୍କୁ ଅର୍ପିତ ହୁଏ ।

ବଳି ମାଂସକୁ ମଣ୍ଡଳୀ ବ୍ରାହ୍ମଣମାନଙ୍କ ଅନୁସାରେ ମଣ୍ଡଳମାନଙ୍କୁ ବଣ୍ଟାଯାଏ । ଅମ ଘରକୁ ପାଞ୍ଚଭଣ୍ଡା ବ୍ରାହ୍ମଣ ବାବାଙ୍କୁ ଫୁଟ ମାଂସ ଖାଇ ପରରେ ବନ୍ଦୀ ହୋଇ ଅଛେ ।

ଉପୁଲେଇ ଝୁପୁଲେଇ ଦୁଇ ଭଉଣୀ ଅମ ଗ୍ରାମ ପ୍ରତି ସଦା ପ୍ରସନ୍ନା; ଜୁଆଳା, ବସନ୍ତ ଠାକୁରାଣୀଙ୍କ ଗାଆଁରେ ପୂରାଇ ପାଅନ୍ତି ନାହିଁ । ଜମୁଦାନ୍ତି ଅଛୁ, ଦୁଧିଅଲି କାଳୀ ଗାଈ ଆସି ଛୁଡ଼ା ହେବା ମାତ୍ର ତା ପହ୍ନାରୁ ଝର ଝର ହୋଇ କ୍ଷୀର ବୋହି ଯାଉଥିଲା, ଠାକୁରାଣୀ ତାକୁ ପାଉଥିଲେ । ଘଟଣା ପ୍ରକଟ ହେଲା । ମାଲିଙ୍କୁ ସ୍ୱପ୍ନ ହେଲା, ତା ପରେ କୁଣ୍ଡିଆ ତୋଳା ହୋଇ ପୂଜାର ବ୍ୟବସ୍ଥା ହେଲା । ଠାକୁରାଣୀ ପାଖାଳଖିଆ । ମନ କାମନା ପୂରିବାର ଥିଲେ ସାତ ଯୋଡ଼ା ପାଣିରେ ବେଢ଼ା ପୂରି ହୁଏଠି । ନହେଲେ ଉନପାଞ୍ଚ ପାଣି ଅଜାଡ଼ି ଥିଲେ ବି କିଛି ଫଳ ହୁଏନାହିଁ । ବୋଉ ଧୂପ ଲଗାଉଥିଲେ, ଠାକୁରାଣୀଙ୍କ ବେଢ଼ାରେ ଭେଟଙ୍ଗବଣ, ବସନ୍ତ କାଳରେ ଫୁଲରେ ମହକ ଉଠେ ।

'ମଙ୍ଗଳା' ଶୁଦ୍ର, ବ୍ରାହ୍ମଣ ସମସ୍ତଙ୍କ ଦେବୀ । ଗାଆଁ ପାଟୁଆ ସାହାର ଇଷ୍ଟଦେବୀ ସେ । ସେ ଚାଳସୀରେ ଝୁଣ୍ଡ ହୋଇ ଅଗଣିତ ଭବିଷ୍ୟ କହନ୍ତି ।

ଗୋପୀନାଥ ଦୁକୂଳରେ ରାଧାନାଥ । ତାଙ୍କୁ ରାଧାକୃଷ୍ଣ ନ କହି ତାହାଁକୁ ଗୋପୀନାଥ କହନ୍ତି ? ସେ ଚନ୍ଦନଦଳରେ ଦର୍ଶନ ଯାତକୁ ଯାନ୍ତି । କାଛିଅଲି, କୁଣ୍ଡିକୁ-ସଧବାଲି ଠାକୁରଙ୍କ ଜମି ଭୋଗ କରନ୍ତି । ହେତା ବାଦନକୁ ବାଉଁଶ ମଶାଲ ଧରେ । 'ନାଲିଆ' ରେ ପୋଲଙ୍ଗ ତେଲ ପକାଇ କନା ଦଉଡ଼ି ଜଳନ୍ତା ମଶାଲରେ ଜାଳେ । ଗୋପୀନାଥେ ଦୋଳକୁ ବୁଲେଇ ଭୋଗ ଖାଇବା ଲାଗି ବିମାନରେ ଦ୍ୱାରେ ଦ୍ୱାରେ ବୁଲନ୍ତି, ଜଳନ୍ତା 'ମେଣ୍ଢାକୁଣ୍ଡିଆ' ଚାରପଟେ ହାତଘେରି ବୁଲି ଦୋଳବେଦୀ ଉପରେ ଝୁଲଣରେ ଦୋଳି ଖେଳନ୍ତି । ସେଠି ନାହାକ ବର୍ତ୍ତିକଆ ରହଫଳ ଓ ଅଗଣିତ ଫଳର

Digitized by srujanika@gmail.com

ଓନୋଦନ ପାର୍ଶ୍ୱ ପଟେ । 'ଗୋପେଶ୍ୱର' ମହାଦେବ ଅର୍ବାଚୀନ । ତାଙ୍କ ପ୍ରତିଷ୍ଠା ୧୯୨୧ ମସିହାରେ ହୋଇଥିଲା । ମୁଁ ସାଁ ଦେବଦେବୀଙ୍କ ବନ୍ଦନାରେ ପଦେ ଲେଖା ଲେଖିଥିଲି……

ସ୍ୱପ୍ନେ କହି ଦେବୀ ଚରଣେ ଶରଣ
                    ଟେକଡ଼ି କଣ୍ଠରେ ହାର
ଗୋପୀନାଥ ଦେବ ଗୋପେଶ୍ୱର ହେ
                    ମଙ୍ଗଳା ମା ଅସ୍ତ
ବସ ମୋ କଳ୍ପନେ କେଶବ
                    ରହିଲ ଦ୍ୱାରେ ମୁଁ ଅନୁଭବ
କହିଙ୍କୁଲ ମେଳେ ଦୃଶ୍ୟ ସ୍ୱ କଣ୍ଠେ
                    ମୁଁ ଜଣେ ସାଙ୍ଗିନୀ ତବ ।

ଆଗେ ଘର ଠାକୁର ପୂଜ୍

ବୋଉର ଉପଦେଶ—ଘରଦେବ ଇଷ୍ଟଦେବ—ତାଙ୍କୁ ଆଗେ ପୂଜ୍ । ମୁଁ ତା କଥା କେବେ ମାନନାହିଁ । ଘରଦେବଙ୍କୁ ମୋର ଡ଼ର ନାହିଁ, ବହୁବେଳେ ଅବହେଳା । ଯେତେ ଅବହେଳା କଲେ ବୋଉର ସ୍ନେହ ଯେମିତ ଊଣା ହୁଏନାହିଁ, ସେମିତ ଦେବଦେବୀଙ୍କ ସ୍ନେହ ଊଣା ହେବନାହିଁ, ସେମାନେ ଅମୃତଦୃଷ୍ଟିରେ ଚାହିଁବେ; ମୁଁ ଆଜି ଯାହାଥିବ ସେମାନଙ୍କ ଦୃଷ୍ଟି ମୋ ପଛେ ପଛେ ଧାଇଁଥିବ—ଏ ବିଶ୍ୱାସ ।

କିନ୍ତୁ ଏକା ମୋର ଭାବିନା, ସମସ୍ତଙ୍କର ନ—ଗାଁ । କହନ୍ତି ସିଦ୍ଧାଣିମାଆ । ଘର ଦେବ 'ଥିଲେ' 'ନ ଥିଲେ' ବୁଝନ୍ତି । ଫୁଲ ନ ହେଲେ ଚଳେ । ଭକ୍ତି ବଦଳରେ ଭିକ୍ଷା ଦେଇ ହୁଏ । ବେଳେ ବେଳେ ମନେ ନ ପଡ଼ିଲେ ଉପାସେ ରହିହୁଏ । ଲୋକନାଥେ ଏ ପାପକୁ କେବେ କ୍ଷମା ଦେଇନ୍ତି ନାହିଁ, ବଡ଼ ବଡ ଠାକୁରଙ୍କ ଜଳନ୍ତା ଦୃଷ୍ଟି ପଡ଼ିଯାଏ ଆମର ଉପରେ । କିନ୍ତୁ ଘରଠାକୁର 'ମୁହାଁ ସୁହାଁ ସ୍ୱଗୃହ ଚଳତି' (ଆମ ଘର ତ ତାଙ୍କ ଘର) କାହୁଁ ଭୁଲିବେ ମୁରବି ।' ଯେତେ ଦୁଃଖ କଷ୍ଟ ପାଇଲେ ବି ସେମାନେ କେବଳ ହସନ୍ତି ବର, ତାଙ୍କୁ ଅଭିଶାପ ଦେଇ ଆସେନାହିଁ । ଦେଲେ ବି ମା' ମାଡ଼…… ।

ମେଲଣ ସୁନ୍ଦର ଠାକୁରଙ୍କ ନବ ଜନ୍ମ । 'ଆଜି ଜମିବେ ବୋଉ ମେଳଣ'—ଏହିପରି କୁହାଯାଏ । ମେଲଣର କେତେଦିନ ଆଗରୁ ଫୁଲ ଭୁଲସୀଦଳରେ ଆମ ଠାକୁରଙ୍କୁ ନିମନ୍ତ୍ରଣ ଆସୁଥିଲା । ଠାକୁର ବୋଇଲେ ଜଗନ୍ନାଥ ଦାସଙ୍କ ଭାଗବତ ପୋଷ

Digitized by srujanika@gmail.com

ମାଳ, ଚନ୍ଦନରେ ଚର୍ଚ୍ଚିତ । ଏକ ପରସ୍ତ କଅଁଳ ଚଉଦଳର ଖଟୁଲିରେ ଲାଲ୍ କରିଆ ଉପରେ ବସୁଥିଲେ ସେ । ନ ଥିଲା ତାଙ୍କର ମନ୍ଦିର, କଳସ, ଚାମର, ଛତ୍ର, ବାଦ୍ୟ, ବାନା, ଘଣ୍ଟ; ନ ଥିଲା ତାଙ୍କର ଅଲଗା ଦାନ, ଶଙ୍ଖ, ଘଣ୍ଟି, ଭୋଗରାଗ ଲାଗି ଭଲ ବାସନକୁସନ ।

ସାମାନ୍ୟ ମେଳଣ ପଡ଼ିଲେ ଗାଁ ଲୋକେ ତାଙ୍କୁ କାନ୍ଧେଇ ମେଳଣକୁ ନେଇ ପଥର ଖଣ୍ଡି ଉପରେ ବସାଇ ଦେଉଥିଲେ, ଯେଉଁ ଆଠିକାଏ ଭୋଗ ସନ୍ଧ୍ୟା ବେଳକୁ ମିଳୁଥିଲା ତାକୁ ବାଣ୍ଟି ନେଉଥିଲେ, ନାଲି କରିଆ ମର୍ଯ୍ୟାଦାଖଣ୍ଡିକ ଠାକୁରଙ୍କୁ ଦେଉଥିଲେ । ତା'ପରେ ଦର୍ଶନ ମେଳଣ ହେଉଥିଲା (ଅର୍ଥାତ୍ ଠାକୁରେ ପରସ୍ପରଠାରୁ ବିଦାୟ ନେଉଥିଲେ), ଯାହା ଜମି ଉଠୁଥିଲା. ବାଣ ଗର୍ଜୁଥିଲା । ଅନ୍ୟ ବହୁ ସୁବେଶିତ ଠାକୁର ମେଳରେ ଆମ ଠାକୁରଙ୍କ ଦାରିଦ୍ର୍ୟ ମୋତେ ବଡ଼ ବାଧୁଥିଲା । ଭାବୁଥିଲା ଏ ଦାରିଦ୍ର୍ୟ କିପରି ଦୂର କରିପାରନ୍ତି । ଅସଲ କଥା, ଠାକୁର ଆମ ଦାରିଦ୍ର୍ୟ ଦୂର କରିଥିଲେ ତା ସମ୍ଭବ ହୋଇଥାନ୍ତା । କିନ୍ତୁ ସେ ତା କରିପାରିଲେ ନାହିଁ । ତେଣୁ ବନିଗଲେ କାଳିଗି ରଡ଼ା – କାଳିଗି ରଡ଼ାକୁ ଗୁହାଳଭଜା ।

ଆମ ଠାକୁର ଅନେକ ମେଳଣକୁ ଯାଉଥିଲେ । କ୍ରମେ କାନ୍ଧଆଳୀମାନେ ପଇସା ଦାବି କଲେ । ତାହା ଦେବାର ସଙ୍ଗତି ଆମର ନ ଥିଲା । ପରେ ପଡ଼ି ପଡ଼ି ଚଉଦଳଟି ବେମରାମତି ଅବସ୍ଥାରେ ଭାଙ୍ଗିଗଲା । ଗୁଳ ଓ ଖମ୍ବ ଖସି କେବଳ ଖଟୁଲିଟି ଅଗଣାରେ ପଡ଼ି ରହିଲା । ଆମ ଦୁର୍ଗତି ସଙ୍ଗେ ସଙ୍ଗେ ଠାକୁରେ ଚଉଦଳରୁ ଖସି ପିଢ଼ାରେ ବସିଲେ । ଚଉଦଳ ଖଟୁଲିରେ କୁକୁରଟି ଶୋଉଥିଲା । ଶିଶୁକାଠର ଠାକୁର ସିଂହାସନ; ତା'ର ଏ ଅପବ୍ୟବହାର ଦେଖି ଧୋଇ ଧାଇ ପଞ୍ଚାମୃତ ଛିଞ୍ଚି ମୁଁ ଗାଆଁର ଗୋପୀନାଥ ଦେବଙ୍କୁ ଦେଇଦେଲି ।

ଯୁଦ୍ଧ ତା ହେଲେ ଏମିତି ହୁଏ !

ଚାହାଳୀରେ ଦିନେ ଗୋପବନ୍ଧୁ ପଚାରିଥିଲେ—ଆପଣେ, ଯୁଦ୍ଧ କେମିତି ହୁଏ ? ଅବଧାନେ ଆପଣେ ଉତ୍ତର ଦେଲେ—ଆରେ, ଯୁଦ୍ଧ କେମିତି ହୁଏ ଜାଣିନୁ ? ଏଣୁ ଶବର କାଣ୍ଡ ମାରେ, ତେଣୁ ଶବର କାଣ୍ଡ ମାରେ । ଏମିତି ଯୁଦ୍ଧ ହୁଏ ।

ମୁଁ ଯାହା ଦେଖିଥିଲି ଯାହାରେ ଯୁଦ୍ଧ—ସେ କେବଳ ଠେଲାପେଲା, ପିଲାମାନଙ୍କ ମଝିରେ ଯେମିତି ହୁଏ ।

ଗାଆଁରେ ସେତେବେଳକୁ 'ଗେଜେଟ'(ସମ୍ବାଦପତ୍ର)ର ପ୍ରଚାର ବଢ଼ିନ । ପ୍ରଥମ ମହାଯୁଦ୍ଧ କାଳ । ମୁଁ ଶୁଣୁଥିଲି—ଜର୍ମାନୀ ବୋଲି କୌଣସି ଲୋକ ଇଂଲଣ୍ଡକୁ ଯାଇ ମାଡ଼ ବସୁଛି. ଯେମିତି ଯାହାରେ ରାମ ଦଶାକୁ, ବାଲୀ ସୁଗ୍ରୀବକୁ ମାଡ଼ିବସେ ।

Digitized by srujanika@gmail.com

ମାମୁଘର ଗାଆଁ ମୁଣ୍ଡରେ ଥରେ ଭାରି ଗୋଟିଏ ଗୋଳମାଳ ହେବାରୁ ପଚ୍ଚାରିଲି— ଅଜା, ଏ କ'ଣ ?

ଅଜା ଉତ୍ତର ଦେଲେ - ଫଉଦାଗ୍ନି ହଉଚି, ଯା ନା ।

ସେତେବେଳେ ଯୁଦ୍ଧ ଲାଗି ସୈନ୍ୟ ବାଗ୍ରବାଚ୍ଛ ଜୋର୍‌ସୋର୍‌ରେ ଚାଲିଥାଏ । ଆମ ଗାଆଁରୁ କିଏ ଯିବ ? ପିଲାମାନେ ବସି ବିଚାର କଲୁ—ଗୋପିଆ ବାବାଜି ଯିବ । ସେ ଗାଆଁରେ ସବୁଠାରୁ ମୋଟା । ଯେ ମୋଟା ତାର ବଳ ବେଶୀ । ମଣି ଦାଶେ ଯିବେ, କିନ୍ତୁ ତାଙ୍କର ଦାଢ଼ି, ଯଦି ଜଆଁଁଣ୍ଟିଲ ପଡ଼େ !

ସେଦିନ କିମିତି ଖେଳରୁ ମହାଭାରତ ପରି ପିଲାଙ୍କ ଖେଳରୁ ଆମ ଦୁଆରେ ଗୋଟାଏ ଯୁଦ୍ଧ ଲାଗିଗଲା ।

ନାଥ ଦାଶେ (ଯେ ମଣିଷମାରୁ ଅଭିଯୋଗରେ ଦଶବର୍ଷ ଜେଲ ଖଟିଥିଲେ) ଆଉ ଆମ କୃଷ୍ଣ ଭାଇନା (ପଣ୍ଡିତେ, ନମ୍ର, ଦୁର୍ବଳ) ଦହେଁ ଗଣ୍ଡେଇଖିଆ ସାଙ୍ଗ । ଦହଙ୍କ ଭିତରେ ପାଣି ଗଳୁ ନ ଥିଲା । ଦାଶଙ୍କ କୁଳନନ୍ଦନ ନୀଳମଣି ବାଲୁଙ୍ଗାଙ୍କ ଶିରୋମଣି, ମୋ ପୁତୁରା ଯଦୁମଣିଙ୍କ ସହିତ ତାଙ୍କର ଅଭେଦ ପ୍ରୀତି । କୋକଳିଖିଅରୁ, ମାଛଧରା, ମାଙ୍କଡ଼ମରା, ସହଁରା ସବୁଥିରେ ଦହଙ୍କ ଯଥ ମିଳେ । ଧନେ କଅଣ ହେଲା କେଜାଣି, ଦହଙ୍କ ମଧ୍ୟରେ ଲାଗିଗଲା ଧରାପରା । ପଥର ପାହାଚ ଉପରେ ପଡ଼ି ନୀଳ ମୁଣ୍ଡରୁ ରକ୍ତ ବୋହିଲା । ତା ମାଆ କି ସ୍ୱା ସମ୍ଭାଳେ ? ମୋ ଭାଉଜ (କୃଷ୍ଣ ଭାଇନାଙ୍କ ସ୍ତ୍ରୀ—ଯାହାଙ୍କ ତୁଣ୍ଡ ଫିଟିଲେ ବନ୍ଦ କରିବା କେହି କାହାରି ନ ଥିଲା) ଓ ତାଙ୍କ ମଧ୍ୟରେ ଲାଗିଗଲା ଝଟାପଟା କଳି, ଟେକା ଫୋପଡ଼ାଫୋପଡ଼ି ।

ଏଇ ସମୟରେ ନାଥ ଦାଶେ କାହିଁଥିଲେ ଚମକ ଆସିଲେ ଭାଉଜଙ୍କୁ ମାରିବାକୁ । ଭାଇନା କି ସ୍ୱା ସମ୍ଭାଳନ୍ତି ? 'କେମିତ୍‌ ? ଏଡ଼େ ସାହସ ! ମୋ ଦୁଆରେ ମୋ ଭାରିଯାକୁ ମାରିବୁ ?'

ସେ ପିଣ୍ଡାରୁ ଡେଇଁ ପଡ଼ି ଦାଶଙ୍କୁ ଗୋଡ଼ାଇଲେ । କିନ୍ତୁ ଦାଶେ ତ ପେଲା ଷଣ୍ଢ, ଭାଇନାଙ୍କ ପରି ଛଅଟା ମର୍ଦ୍ଦଙ୍କୁ ଏକାବେଳକେ ମୋଡ଼ିମାଡ଼ି ଫିଙ୍ଗିଦେଇ ପାରିବେ । ପୁଣି ସେ ଶ୍ୱାସରୋଗୀ, ଟିକିଏ ଜୋରରେ ଚାଲିଗଲେ ଧଇଁସଇଁ ହୋଇଯାନ୍ତି । ଦାଶେ ଭାଇନାଙ୍କ ତୋଟିରେ କଠା ପକାଇ ଦେଲେ । ପାଟି ଅଉ ଫିଟିଲା ନାହିଁ । ଆଖି ଡ଼ୋଳା ଦଣ୍ଟା ଆଗକୁ ବାହାରି ପଡ଼ିଲା ପରି ଦିଶିଲା । ଭାଉଜ ଗୋଟାଏ ଠେଙ୍ଗା ଆଣି ତାଙ୍କ ହାତରେ ଧରେଇବାକୁ ଚେଷ୍ଟା କରୁଥିଲେ । କିନ୍ତୁ ଭାଇନାଙ୍କୁ ତ୍ରିଭୁବନ ଅନ୍ଧାର

Digitized by srujanika@gmail.com

ଉଣୁଥିଲା । ପ୍ରାଣ କୋଉ ମୁହୂର୍ତ୍ତରେ ଯିବ । ଏତିକିବେଳେ ନନା ଆସି ପହଞ୍ଚି ଛଡ଼ାଛଡ଼ି କରିଦେଲେ । ଦାଣେ ଆଖି ଲାଲ୍ କରି 'ରହ ତତେ ଦେଉଚି' କହି ଘରକୁ ଆଗେଇଲେ । ଭାଉନାଙ୍କ ଛୁଆବୁଝା ଚାଲିଲା । ଗୋଟାଏ ଗୋଟାଏ ଦୀର୍ଘଶ୍ୱାସ ପକେଇ ଆମେ ଭାବିଲୁ —ମୁକ୍ତ ତାହେଲେ ଏମିତ ହୁଏ ।

ଖିରୀ ମହାପୁରୁ

ଲୋକେ ଯାତ୍ରର ବାହାଘର ଦେଖି ଯାଉଥିଲେ । ଜମିଦାରେ ଭାଇବରାଦରମାନେ ଯୋଡ଼ିଏ ଧାଡ଼ିରେ ଦାଣ୍ଡ ଦୁଆରେ ବସିଗଲେ । ଯାତ୍ରୁଙ୍କ ମୁଖିଆ ହାତମଝିରେ ଛୁଡ଼ା ହୋଇ ପଚାରିଲେ ଆପଣମାନଙ୍କ ହୁକୁମ ହେଲେ ଖିରିମହାପୁରୁ ବିଜେ କରିବେ । ସଭିରୁ ସ୍ୱର ଉଠିଲ—ଯାଉ, ଲଗିଯାଉ । ଆଗେ କଦଳୀପତ୍ରରେ ଖିରି ଲଗିଗଲା । ତାପରେ ପିଠା ମହାପୁରୁ, ଅନ୍ନ ମହାପୁରୁ, ଡ଼ାଲି ମହାପୁରୁ, ମହୁର ଓ ବେଶର ମହାପୁରୁ, ଅମ୍ବିଲ ମହାପୁରୁମାନେ ବିଜେ କଲେ । ଅନ୍ନ ବ୍ରହ୍ମ; ଖିରି, ପିଠା ସମସ୍ତେ ମହାପ୍ରଭୁ ନ ହେବେ କାହିଁକି ? କିନ୍ତୁ ଆମକୁ ବଡ଼ କହଟୁକିଆ ଲାଗୁଥାଏ - ଲୁଚିଲୁଚି ଶୁଣି ହସୁଥାଉ, ଓଡ଼ିଶା ଦେବତାର ଦେଶ ବୋଲି ସେତେବେଳେ ତ ଜ୍ଞାନ ନ ଥିଲା । ହେଲେ ଝଟିଲ୍ଲରେ ପିନା ହଅ ବଯନ୍ତି । ଖିରି, ମହୁର ସବୁଥିରେ ··

ଏ କ'ଣ ଚୋରୀ ?

ଛାହା ବାଡ଼ିରୁ କଦଳୀକାନ୍ଧ କାଟି ପୋଖରୀରୁ ମାଛ ଧରି ରାତି ଅଧରେ ରୋଷେଇ କରି ଖାଇ ମୁହଁ ପୋଛୁ ଟୋକାଟାକଳିଆମାନେ ସକାଳକୁ ନିର୍ମଳ ହୋଇ ବାହାରନ୍ତି । ମୁନ୍ଦ୍ର ବାଡ଼ନ୍ତି; ତା ପେଟରେ ପଡ଼ୁଥାନ୍ତା, ନଇଲେ ଆମ ପେଟରେ ପଡ଼ିଲା । ଏଥିରେ ଦୋଷ କଣ ? ପାପ କେଉଁଠି ?

ଠାକୁରାଣୀଙ୍କ ମାନସିକ ବୋଦା ହାଣି ରାତି ଠାକୁରାଣୀଙ୍କ ନାଆଁରେ ପାଣି ଛଟେଇ ଖାଇଯାନ୍ତି । ଜାଣ୍ଡି ହୋଇଗଲେ ପାପ ଯାଏ । କିଏ ପଚାରିଲେ କହନ୍ତି— ଆଜିକାଲି ବାଘ ଆସୁଛି । ଗଧିଆ ବି ଟାଣି ନେଇଥିବ ।

ଲୋକନାଥଙ୍କ କଦଳୀପେଣ୍ଡା କଟା ହୋଇ ଆସେ । 'ସେ ଭୋଗ କଲେ ଲୋକନାଥ ଖାଇବେ, ମୁଁ ଭୋଗ କଲେ ପାଇବେ । ଲୋକନାଥଙ୍କ ଭାଗ ତ ବୁଡ଼ିବ ନାହିଁ, ସେ କାହିଁକି ରାଗିବେ ?''

ଏ ଗ୍ରାମ୍ୟ ତରୁଣର ଦର୍ଶନ । ମୁଁ ସ୍ୱଭାବତଃ ଭୟାଳୁ । ଏଥିରେ ମୋର ଭାଗ ନ ଥିଲା । ଉଦେନ କିନ୍ତୁ ଯାଉଥିଲ ସେମାନଙ୍କ ସଙ୍ଗରେ, ଝଣ୍ଡେ ଦୂର । ଆମର ଡେର ଆମ୍ବ

Digitized by srujanika@gmail.com

ଥିଲା । ହାଣ୍ଡି ହାଣ୍ଡି ଆମ୍ବୁଲ ଆଚାର କରି ହେଉଥିଲା । ମିଠା ଗଛରୁ କଞ୍ଚା ଆମ୍ବ ତୋଳିବାକୁ ହାତ ଯାଉ ନ ଥିଲା । ପବନବାଡ଼ିଆ, ମାଙ୍କଡ଼ଝଡ଼ା, ଫଟା, ଛେଞ୍ଚଡ଼ା ଆମ୍ବ ଆମ୍ବୁଲ ହେଉଥିଲା । ଏହା ସାଙ୍ଗକୁ ଚୋପା ଆମ୍ବ କଚୁ କଚୁ ମିଶୁଥିଲା । ସେତେବେଳେ ତରକାରି ବରଳ, ଅମ୍ବୁଲପାଣି ଅଶ୍ରା ।

ଆମ ଗାଁରୁ ଖଣ୍ଡେ ଦୂରରେ ପୁରଜନ ତୋଟା, ବଣିଆ ବଗିଚା, ମଠବାଡ଼ି ତୋଟାସବୁ । ଶରତ୍ ଆକାଶର ନକ୍ଷତ୍ରପରି ଆମ୍ବ ଗୁଡ଼ିକ ହୋଇଥାଏ; ପବନରେ ନାଚି ନାଚି ସତେ ଯେପରି ଆମକୁ ଡାକୁଥାଏ । ଓସ୍ତାଦ୍‌ମାନେ ଡାଳ ହଲାଇ ଆମ୍ବ ଝଡ଼ାଇ ଦେଲେ । ଗୋଟିଏଗୋଟିଏ ଗାଉଁଲିଏ ଲେଖାଏଁ ବାନ୍ଧିଲେ । ଏଇ ସମୟରେ କିଏ ଡାକ ପକେଇଲା—ହେ ···· ହେ । ଖପ୍ ଖପ୍ କେଉଁ ଦେ ଦଉଡ଼ । ଜଣେ ଅଟଧ କଣ୍ଟକ ହୋଇ ପଡ଼ି ଖଣ୍ଡି ଆଖାବରି ହେଲେ—ସେଥିପ୍ରତି ନଘା ନାହିଁ । ଦୌଡ଼ିଥାନ୍ତି । କାହିଁକି ସେମାନେ ଦୌଡ଼ୁଛନ୍ତି ନ ଜାଣି ମୁଁ ଦୌଡ଼ିଲି । ଗୁଡ଼ି ମୋର ଦାଉଁ ଦାଉଁ ପଡ଼ୁଥାଏ ।

Digitized by srujanika@gmail.com

ଆମ ଗାଆଁ—ଇତିହାସ ଓ ଧୂଳି

ଆମ ଗାଆଁ ନାଆଁ 'ରେଞ୍ଚ'; ରେଞ୍ଚ ଓ ଏରେଞ୍ଚ ନାମରେ ପୁରୀ ଜିଲାରେ ଦୁଇଟି ଗ୍ରାମ ରହିଛି । ଏ ନାମଟିର ଅର୍ଥ କଣ ? ଏ ଶବ୍ଦଟିର ଉତ୍ପତ୍ତି କିପରି ହେଲା ? ମନେ ହୁଏ—ଏହା ଗୋଟିଏ ବୈଦେଶିକ ଶବ୍ଦ—ଯେପରି ତେଲଙ୍ଗ୍, ଚାପଙ୍ଗ୍, ରେତଙ୍ଗ୍ । ବୈଦେଶିକ 'ରାଞ୍ଚ' ଶବ୍ଦରୁ ଏହାର ଉତ୍ପତ୍ତି ହୋଇପାରେ—ଅର୍ଥ କୃଷିକ୍ଷେତ୍ର, ଫଳୋଦ୍ୟାନ ବା ଗୋରକ୍ଷଣୀ ।

ଏ ଗ୍ରାମଟି କେବେ ବସିଲା ? ଯୋଜନାବଦ୍ଧ ଭାବରେ ରାଜା ଏହାକୁ ବସାଇ ନାହାନ୍ତି । ଶାସନବାଡ଼ରୁ ବୋଧହୁଏ କୌଣସି ଦାସପରିବାର ଏଠାକୁ ଛୁଟି ଆସିଥିଲେ । ପରିବାର ବଢ଼ି ବଢ଼ି ହେଲା ଗ୍ରାମ । ଶାସନ ଗଢ଼ି ଉଠିଲା ପରେ ସାଇମାନ ବସିଲା ।

ଆମ ଗ୍ରାମର ପୂର୍ବ ପଟେ ଧନୁଆଁ ନଈ, ପଶ୍ଚିମ ପଟେ ଭାର୍ଗବୀ । କିଛିପଦ ଦୂରତାରେ ଉଭୟ ନଦୀ ଅବସ୍ଥିତ । କେବେ ଫସଲ ଧୋଇ ଯାଏନାହିଁ । ମରୁଡ଼ିରୁ ଗାଆଁକୁ ରକ୍ଷା କରିବା ଲାଗି ପିତୃପୁରୁଷ କୂଳ ଦଗରେ କୂଏଟି ବଡ଼ ବଡ଼ ପୋଖରୀ ଖୋଳାଇ ଯାଇଛନ୍ତି—ବଇଡାଙ୍ଗ, ଜଗିନ, ସିଙ୍ଗଡ଼ା, ଘୋଡ଼ାବନ୍ଧା ।

ଶାସନରେ ଦଶଘର ପଧାନ, ଦଶଘର ମୁଦୁଲି, ଦଶଘର ତେଲି, ପାଞ୍ଚଘର ଗଉଡ଼, ପାଞ୍ଚଘର ବୁଣା, ପାଞ୍ଚଘର କଣ୍ଡରା, ତନ୍ତି ସାଇ ଭେଇ ଅଛନ୍ତି । ସେଇମାନେ ମକଦ୍ଦମମାନଙ୍କ ଘରେ ଲୋକ ଲାଗନ୍ତି ଜମା ଦାଣ୍ଡ ମୂଲିଆଭାବେ ଆସି ଜମିବାଡ଼ିରେ କାମ କରନ୍ତି ।

ଗାଆଁର ମୋଟ କୃଷିଜମି ପ୍ରାୟ ଦୁଇଶ ଏକର; ଅଧିକାଂଶ ଜମିର ମାଲିକ କେତେ ଜଣ ମକଦ୍ଦମ । ଗାଆଁର ବାରପଣ ଲୋକ ମୂଲିଆ ମଜୁରିଆ; ମକଦ୍ଦମମାନଙ୍କ ମକଦ୍ଦମୀ ଖଜଣା କୋଠରେ ଦଖଲ ହେଉଥିଲା, ବ୍ରାହ୍ମଣଶାସନ ସେତେବେଳେ ଧୂ ଧୂ କମ୍ପୁଥିଲା । କୌଣସି ଇତର ଜାତିର ଲୋକ ଗାଆଁ ଦାଣ୍ଡରେ ଛତା ଟାଣି ବା କୋତା ମାଡ଼ି ଚିବାକୁ ସାହସ କରୁ ନ ଥିଲେ । ଉଚ୍ଚ ପିଣ୍ଡାରେ ବସିଥିବା

Digitized by srujanika@gmail.com

ମକଦ୍ଦମମାନଙ୍କୁ ଓଳିକି ବା ଦଣ୍ଡବତ ପକାଇ ପକାଇ ଦିବାକୁ ହେଉଥିଲା । 'ସର୍ବାରିଷ୍ଟ ଶାନ୍ତିର୍ଭବତୁ' କିମ୍ବା 'ଶ୍ରୀକୃଷ୍ଣ ଚରଣାରବିନ୍ଦେ ଭକ୍ତିରସ୍ତୁ'—ଆଶୀର୍ବାଦ ମିଳୁଥିଲା । ମାଛୁଆ ପାତକ ହେଲେ, ବେକରେ ପଘା ଲାଗି ଖୁଣ୍ଟରେ ଗୋରୁ ମଲେ, ଚାଳରେ ଶାଗୁଣା ବସିଲେ ପାଆନ୍ତମାନଙ୍କ ବ୍ୟବସ୍ଥା ଅନୁଯାୟୀ ପ୍ରାୟଶ୍ଚିତ୍ତ କରି ହେଉଥିଲା ।

ଗୋପୀନାଥେ ଦୋଳକୁ ଚଉଦୋଳରେ ବସି ଗୃହେ ଗୃହେ ଭୋଗ ଖାଇ ବାହାରିଲା ବେଳେ ମକଦ୍ଦମମାନଙ୍କ ଆଡ଼ମ୍ବରା, ଅଡ଼ମ୍ବର ବାହାରୁଥିଲା । ୨୦ ପଟ ଘଣ୍ଟ ସଙ୍ଗେ ମାଦଳ ବାଜୁଥିଲା; ନାମଜାଦା ଘଣ୍ଟବଜାଳୀ ସେତେବେଳେ ଥିଲେ । ଛତ, ଝାସ, ବାନା, ବାଣନଶାଣ, ନାଗା, ନାମସଂକୀର୍ତ୍ତନ, ଖେଳୁଆଡ଼, କଳଘୋଡ଼ା ନାଟ; ଯାହାସୁଆଙ୍ଗ, ରାଜ ଦେଉଳରେ ଠାକୁରେ ମେଳଣକୁ ବିଜେ ହେଉଥିଲେ; ଲୋକେ ପଚାରୁଥିଲେ—ଏ କୋଉଠା ଠାକୁର ? ଚନ୍ଦ୍ରଦଳ, ମଣ୍ଡଣି, କଳସ, ପଟୁଆର ଆଡ଼ମ୍ବରରୁ ଗ୍ରାମର ସମୃଦ୍ଧି ଓ ମର୍ଯ୍ୟାଦା ଫୁଟି ଉଠୁଥିଲା । ରାଜ ଆଡ଼ମ୍ବର କେବଳ ଠାକୁରଙ୍କଠି ସନ୍ନିହିତ ହୋଇଥିଲା । ଏବେ ସେ ସବୁ ନାହିଁ । ଏବେ ରଥଯାତ୍ରା କମୁଚି, ଟ୍ରକଟା ଶଗଡ଼ଚକ ଉପରେ ପୁରୁଣା ଚଉଦୋଳଟି ଥଆହୋଇ ହୋଉଛି; ରଥ କଣ ନା ଯାହାକୁ ଲକ୍ଷ୍ୟ କରି ଦିନେ ନକଲିଆ କବି ଯଦୁମଣି ଗାଇଥିଲେ—

କୁମ୍ଭୀବନେ ଜଗନ୍ନାଥ ନ ହେବ ଗୋସାଇଁ
ରଥ ବୋଲି ଭଣ୍ଡି ନେବେ ଶଗଡ଼େ ବସାଇ
ଭୋଗ ବୋଲି ଖଣ୍ଡି ଦେବେ କଣ୍ଡାଳିଆ ମୂଆଁ
ଧୂପ ବୋଲି ଖଣ୍ଡି ଦେବେ ନିଆଁ ଖୁଣ୍ଟା ଧୂଆଁ ।

ମକଦ୍ଦମମାନେ ଅତ୍ୟାଚାରୀ ନ ଥିଲେ କହିହେବ ନାହିଁ; ସାମାନ୍ୟ ସୁବିଧାର ବେଶ୍ ଅପବ୍ୟବହାର ହେଉଥିଲା; ଜଣେ ଅଧେ ମକଦ୍ଦମଙ୍କର ଅତ୍ୟାଚାରର ଅନ୍ୟମାନେ ଥିଲେ ନୀରବ ଦ୍ରଷ୍ଟା । ବୁଧବାର ଅଳଙ୍କାର ବନ୍ଧା ପଡ଼ି ଆଡ଼ମ୍ବରରେ ବ୍ରାହ୍ମଣପଣ ହେଉଥିଲା । ଠାକୁରଙ୍କୁ ଏତିକି ଟଙ୍କା ପଣ ନ ଦେଲେ ବା ଗାଁ ମହାଜନୀ ନ ଦେଲେ କିମ୍ବା ଅମୁକ ଅମୁକ ଜିନିଷ ଗାଆଁ ମହାଜନଙ୍କୁ ଖାଇବାକୁ ଦେବାକୁ ଜବାବ୍ ନଦେଲେ ମହାଜନମାନେ ବ୍ରାହ୍ମଣପଣରେ ପୂରୁ ନ ଥିଲେ । ବ୍ରାହ୍ମଣଭୋଜନ ନ କଲେ ଆତ୍ମା ଅମୋକ୍ଷ ରହିବ, ଏହି ଉପରେ ଲୋକେ ମହାଜନଙ୍କୁ ଡାକି ଖୁଆଉଥିଲେ ଓ ଏବେ ଖୁଆଉଛନ୍ତି ।

ପିଣ୍ଡାରେ କଖାରୁ ଦେଖିଲେ ମୂଲିଆ କାମକୁ ଯିବେ ନାହିଁ, ସେଥିଲାଗି ସାଆନ୍ତେ ସୁବୁଧା ହଣ୍ଡି ତା କଖାରୁଟିଏ ଉପାଡ଼ି ଦେଉଥିଲେ । ଲୋକଙ୍କ ବାଡ଼ିରେ

Digitized by srujanika@gmail.com

ପୁଣି ଜବରଦସ୍ତି କାକୁଡ଼ି, ଜହ୍ନି, ସଜନାଛୁଇଁ ତୋଳି ନେଉଥିଲେ । ବିଚରା ଗରିବର ଉଁ ଚୁଁ କରିବାର କିଛି ନ ଥିଲା । ନିଜ ବାଡ଼ିର ପରିବା ହେଉଛି ଯେ ଖୁଣ୍ଟୁଥିଲା ପୋଖରୀକୂଳର ପିତାଶାଗ ବା ମଦରଙ୍ଗା ।

ସାମାନ୍ୟ ନିମନ୍ତ୍ରଣ ବା ଶୁଣାଶୁଣିରେ ହଜାର ହଜାର ବ୍ରାହ୍ମଣ ବା ଉପବୀତଧାରୀ ବ୍ରାହ୍ମଣନାମା ବ୍ୟକ୍ତି ଉପସ୍ଥିତ ହେଉଥିଲେ । ସାମାନ୍ୟ ମୁଠାଏ ଖାଇବାପାଇଁ ମାନସମ୍ମାନକୁ ବଳି ଦିଆଯାଉଥିଲା କିପରି ? ଏବେ ମନୁଷ୍ୟ ବିଶେଷ ମର୍ଯ୍ୟାଦାସଚେତନ ହୋଇଛି । ମୋର ବିଶ୍ୱାସ, ସେତେବେଳେ ଏତେଟା ନଥିଲା । ମୁଁ ଥରେ ଏହିପରି ଗୋଟାଏ ବ୍ରାହ୍ମଣଭୋଜିକୁ ଯାଇଥିଲି । କେତେକେତେ ଗାଁର ଗୋଟାଏ ମେଳରେ ଲୋକ ଉପସ୍ଥିତ ଥିଲେ; ସେମାନଙ୍କୁ ନିୟନ୍ତ୍ରଣ କରିବାଲାଗି 'ଅଙ୍କି' ବ୍ୟବସ୍ଥା (ବୃତ୍ତପଟେ ବାଡ଼ ବନ୍ଧା ହୁଏ; ତାଟି ପାଖେ ଲୋକ ଜଗି ରହି ଜଣ ଜଣ କରି ଛାଡ଼େ) ହୋଇଥିଲା । ସେ ଗୋଟାଏ ବିରାଟ 'ହୋ'; କିଏ ଖାଇଲା, କିଏ ବା ନ ଖାଇଲା, କିଏ ଦକ୍ଷିଣା ପାଇଲା, କିଏ ବା ନ ପାଇଲା; କିଏ ବା ତାଟି ପାଖରୁ ପ୍ରବେଶର ସୁବିଧା ନ ପାଇ ଫେରିଲା । ସମୟର ବୋଧେ କିଛି ମୂଲ୍ୟ ନ ଥିଲା । ନଇଲେ ମୁଠେ ମୋଟା ଜଳଖିଆ, ପଇସେ ଅଧଲେ ଦକ୍ଷିଣା ପାଇଁ ଲୋକେ କୋଶ କୋଶ ବାଟ ଦୌଡ଼ୁଥାନ୍ତେ ।

ଶ୍ରାଦ୍ଧ, ସତ୍ୟନାରାୟଣ ପୂଜା, କୃଷ୍ଣଜନ୍ମ, ଦୋଳ, ଦଶହରା, ରଜ, ପର୍ବପର୍ବାଣି ଓ ବିଭିନ୍ନ ବ୍ରତ ଉତ୍ସବରେ ଗାଁ ଉଚ୍ଛୁଳୁଥିଲା, ଦିଆନିଆ, ଖିଆପିଆ ଧୂମ୍ ଚାଲିଥିଲା । ସେତେବେଳେ ଲୋକଙ୍କର ଅଖଣ୍ଡ ଅବସର; ଅଧିକାଂଶ ଲୋକଙ୍କର ଖାଦ୍ୟପେୟର ଅଭାବ ନଥିଲା ।

ମଣିଷମାନଙ୍କ ଆର୍ଥିକ ଅବସ୍ଥା ଉପରେ ତାଙ୍କ ସାମାଜିକ ସ୍ଥିତି ନିର୍ଭର କରୁଥିଲା । ଅବସ୍ଥାପନ୍ନ ମଣିଷମାନେ ପିଣ୍ଡାରୁ ଓହ୍ଲାଉ ନଥିଲେ । ମୋଡ଼ାମର୍ଦ୍ଦନ, ଚଉଡ଼ାପଶା, ଝଗା, ପାଟଲିଗାମୁଛା ବ୍ୟବହାର ସୁସ୍ଥ ସାଅନ୍ତର ଲକ୍ଷଣ ଥିଲା । କିନ୍ତୁ ଠିକ୍ ସେତିକିବେଳେ ଆମ ଗାଁର ଭୂମିହୀନ ବ୍ରାହ୍ମଣ ଚେମା ଦାଶେ ମୂଲ ଲାଗୁଥିଲେ; କେବଳ ହଳ ଛାଡ଼ି ସେ ସବୁ କରୁଥିଲେ । ଭୋଇମାନଙ୍କ ସହିତ ସେ ଆଣ୍ଠୁ ଯାକାଇ ବିଲ ବାଛୁଥିଲେ; ମୁଁ ତାଙ୍କୁ କକେଇ ବୋଲି ଡାକୁଥିଲି ଅଥଚ ଆମ ବିଲରେ ମୂଲିଆଭାବେ ଲଗାଉଥିଲି; ମଜୁରି ଦେଉଥିଲି ଦୈନିକ ଛ' ପଇସା ।

ସେତେବେଳେ ଆମ ଧାନକୁଟୁଣୀ ଥିଲେ ବ୍ରାହ୍ମଣ ନାଥ ଦାଶଙ୍କର ବିଧବା ସ୍ତ୍ରୀ ଓ ବିଧବା କନ୍ୟା ଜେମା; ଜେମା ଆମ ଧାନ ସୁଖାଉଥିଲାବେଳେ ତା ହାତରେ

Digitized by srujanika@gmail.com

ଟିଙ୍କି ପଡୁଥିଲା; ତା ଅଙ୍ଗୁଠି ଛୁଇଁ କେନାକେତର ହୋଇ ଯାଉଥିଲା। ନାଥ ଦାଶଙ୍କ ସ୍ତ୍ରୀ ସେତେବେଳେ ରୋଗରେ ଶଯ୍ୟାଗତା; ବୋଉ ଦୁଇମାସ ପର୍ଯ୍ୟନ୍ତ ସେମାନଙ୍କ ଲାଗି ଭାତ ରାନ୍ଧି ନେଇ ଦୁଆରେ ଦେଇ ଆସୁଥିଲା। ସେମାନେ ଭଲ ହେବା ପର୍ଯ୍ୟନ୍ତ ବୋଉ ଉଭୟଙ୍କର ସେବା କରିଥିଲା।

ମାଛଗୋଳ

ବଡ଼ ବଡ଼ ପୋଖରୀରୁ ମାଛ ମରି ହୋଇ କୂଳରେ ଗଦା ହେଉଥିଲା। ବଡ଼ ମାଛମାନଙ୍କର ମଣ୍ଡି ନୋଳାନୋଳା ହୋଇ କଟା ହେଉଥିଲା। ତା'ପରେ ମକଦ୍ଦମୀ ହିସ୍ସା ଅନୁଯାୟୀ ଭାଗ ବଣ୍ଟା ହେଉଥିଲା। କେଉଟ ବଡ଼ ବଡ଼ ମାଛ ମାରି-ସାରିଲା ପରେ ଗୋଳ ଲାଗି ପୋଖରୀଟି ଜନସାଧାରଣଙ୍କୁ ଛାଡ଼ି ଦିଆ ହେଉଥିଲା। 'ଗୋଳ ହେବ' ଏହି କଥା ଗାଁରେ ଖେଳିଗଲା ମାତ୍ରେ କିଏ ମଡ଼ାଜାଲ, କିଏ ପୋଲୁଅ କିଏ ତୂନା ମାଛ କଢ଼େଇବା ଖଇଞ୍ଚି ନେଇ ଲୋକେ ପୋଖରୀରେ ପଶୁଥିଲେ। କେହି କେହି କରଣ୍ଡ ଗାମୁଛାରେ ଛାଣିକି ଦେଉଥିଲେ ବା ହାତରେ ଦରାଣ୍ଡି ମାଛ ଧରୁଥିଲେ। ପାଣି ଘଣ୍ଟାଘଣ୍ଟିରେ ଗୋଳିଆ ହେବା ମାତ୍ରେ ମାଛ ପାହି ପାକୁ ପାକୁ କରି ଉପରକୁ ଉଠନ୍ତି; କିନ୍ତୁ କୋଉଠି ଖାଉ ନାହିଁ। ଦଶଆଡ଼େ ମୁଣ୍ଡ। ଜାଲକୁ ଖସିଲେ ପୋଲୁଅରେ, ସେଠୁ ଖସିଲେ ଛାଣିକିରେ ପଡ଼ନ୍ତି। ଆକାଶରେ ଚିଲ, ବଦ୍ଧୁର୍, ବଗ, ଛଞ୍ଚାଣ, ଗଙ୍ଗେଇ ଚକ୍‌କର ଦେଇ ଉଡ଼ୁଥାନ୍ତି। ସୁବିଧା ସୁଯୋଗ ଦେଖି ଝାମ୍ପୁଥା'ନ୍ତି। ପକ୍ଷୀ ମାଛଙ୍କ ବଂଶ ନିପାତ ହୁଏ। ଖାଲି ସଉଳ, ମାଗୁର, ରଡା, ଚୋଡ଼ି, କଉ, ଚେଙ୍ଗ, ଗଡ଼ିଶା ଆଦି ଜଳ ମାଛ ଯାହା ପୋତା ମାରି ପଙ୍କରେ ରହିଯାନ୍ତି। ପୋଖରୀ ଶୁଖିଲେ ସେମାନେ ଧରାପଡ଼ନ୍ତି।

କାଦୁଅ ପଙ୍କ ପାଣି ଛିଟାର ଭୂତ ଚେହେରାରେ ଲୋକେ ମଡ଼ାଜାଲମାନ କାନ୍ଧରେ ପକାଇ ଅଣ୍ଟିଏ ଲେଖାଏଁ ମାଛ ନେଇ ଘରକୁ ଫେରନ୍ତି। ସେହି ମାଛ-ଗୋଳର ଆନନ୍ଦ ଓ କରୁଣ ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ।

ଗର୍ବ ଖର୍ବ ହୁଏ

ଏହି ମକଦ୍ଦମମାନଙ୍କର ଗର୍ବ ଦିନେ ଭାଙ୍ଗିଲା, ଗାଁର ମକଦ୍ଦମୀ ନିଲାମ ଉଠିଲା, ମାତ୍ର ପାଞ୍ଚହଜାର ଟଙ୍କାରେ। ଆଗରୁ ମକଦ୍ଦମୀ ଖଜଣା କୋଠରେ ଦାଖଲ ହେଉଥିଲା। ଏହି ଦୁର୍ବଳତାର ସୁଯୋଗ ନେଇ କେତେଜଣ ମୋଟେ ଦେଲେ ନାହିଁ, ଦିନ ଗଡ଼େଇଲେ, ଫେଲ୍ ଫାନ୍ଦିଲେ; ସେମାନଙ୍କର କେତେବର୍ଷର କିସ୍ତି ଗ୍ରାମବାସୀ ମିଶି ଦେଲେ; କିନ୍ତୁ

Digitized by srujanika@gmail.com

କ୍ରମେ ଏଇ ଫାଙ୍କି ବାଲଙ୍କର ସଂଖ୍ୟା ବଢ଼ିବାକୁ ଲଗିଲ; 'ସେ ଯଦି ନ ଦେଲ ମୁଁ ଦେବି କାହିଁକି ? ମକଦ୍ଦମୀ ଉଠେଁ ଯିବ ତ ଉଠିଯାଉ ।' ଠାକୁରଙ୍କ ପିଣ୍ଡାରେ କେତେ ନ୍ୟାସ୍ତ-ବିଶାପ ହେଲ, କିନ୍ତୁ କିଛି ଛୁଟିଲ ନାହିଁ । ଗ୍ରାମର ଧନୀ ବ୍ୟକ୍ତି ଚକ୍ରାନ୍ତ କଲେ— ଅନ୍ୟମାନଙ୍କୁ ବଞ୍ଚିତ କରି ନିଜେ କପର ଏକୁଟିଆ ମକଦ୍ଦମ ହେବେ ।

ଧନୀ ଭଗବାନ୍ ଦାଶଙ୍କ ପାଠଘର ଶୂନ; ବଙ୍କାଚଙ୍କା କରି କୌଣସିମତେ ଦସ୍ତକତଟିଏ କରୁଥିଲେ । କିନ୍ତୁ ଭାଗ୍ୟ ତାଙ୍କର ଦାଉ ଦାଉ ହୋଇ ଜଳୁଥିଲ । ସେ ବଲୀ ଦାଶଙ୍କର ପୋଷ୍ୟପୁଅ ହୋଇ ଆସିଥିଲେ; ଯେତେବେଳକୁ ତାଙ୍କର ଗୋଟିଏ ଦରମଳ ହଳ ଥିଲ । ବୁଢ଼ା ଖଞ୍ଜ ଥିଲେ; ବୁଢ଼ାଙ୍କ ଉପଦ୍ରବରୁ ହଳକୁ ବିଶ୍ରାଇବା ଲଗି ବଲୀ ଦାଶେ ହଳା ମିଶିରେ କାଉଁରି ଅଗିଲିଟିଏ ବାନ୍ଧିଥିଲେ । ସେ ବଡ଼ ଲୋକ ହେଲେ କେମିତି ? କେହି କେହି କହନ୍ତି—ପୋତା ଧନ ପାଇଲେ— ମାଟି ଖୋଳୁ ଖୋଳୁ ଗଗ୍ରାଏ ଟଙ୍କା । କାହା କାହା ମତରେ ସୁନାର ଘଣ୍ଟି ଜୀବନ୍ୟାସ ପାଇ ବୁଲୁଥିବା ବେଳେ ତାଙ୍କ ଧାନଉପ୍ତୁଆଁ ବୁଲିର ରଡ଼ ନାଁରେ ପଡ଼ି ମରିଗଲ, ଦାଶେ ବହୁ ସୁନାର ମାଲିକ ହେଲେ; ମୁଁ ଜାଣିବାରେ ଦାଶେ ଟିକିଏ ଠେଙ୍ଗା, ଗୋଦା ଜଗି ବସିଥାନ୍ତି । ଶିକାର ପଡ଼ିଲେ ଛାଡ଼ନ୍ତି । ପାଞ୍ଚ ପଇସା ଆୟ୍ବ କଲେ ପଇସାଟିଏ ବ୍ୟୟ କରନ୍ତି । ତାଙ୍କର ପ୍ରକୃତି । ସତେଇଶ ସାଲ ଦୁର୍ଭିକ୍ଷରେ ତାଙ୍କୁ ସୁଯୋଗ ମିଳିଗଲ । ଧାନ ଦେଇ ସେ ଜମି ବନ୍ଧା ରଖିଲେ । ବନ୍ଧା ମୁକୁଳିଲ ନାହିଁ । ଜମି ବଢ଼ି ଚାଲିଲ—ମାଣରୁ ବାଟି, ଗୋଟିଏ ଧାନ-ଗଦା ଜାଗାରେ ପାଞ୍ଚଟି ବସିଲ, ଗୋଟିଏ ହଳ ସ୍ଥାନରେ ହେଲେ ସାତ ହଳ ବଳଦ ପନ୍ଦର ଗାଈ । ବିବାହ ବ୍ରତରେ, ମୃତାହ କ୍ରିୟା, ଗୃହ ନିର୍ମାଣ, ଦୁରବସ୍ଥା, ପ୍ରାୟଶ୍ଚିତ୍ତର ଲୋକେ ଧାର୍ କଲେ; ଦାଶେ ବଢ଼ି ଚାଲିଲେ, କ୍ରମେ ଗ୍ରାମର ଅଧିକାଂଶ ଜମିର ମାଲିକ ହେଲେ; ହେଲେ ଜଣେ ରାମଚନ୍ଦ୍ର ମଙ୍ଗରାଜ ବା ମାମଲବାଜ ।

ତିନି ବର୍ଷର ଖଜଣା ବାକି ପଡ଼ିବାରୁ ଆମ ଗାଁ ନିଲାମ ଡକାହେଲା, ପଡ଼ୋଶୀ ଗୁନ୍ ଗରଡ଼ ଗ୍ରାମର ମକଦ୍ଦମ ଉପେନ୍ଦ୍ର ନାୟକ ନିଲାମ ଧରିଲେ କିମ୍ବା ଭଗବାନ୍ ଗୋପନରେ ନିଜେ ଟଙ୍କା ଦାଖଲ କରି ତାଙ୍କ ନାମରେ ନିଲାମ ଧରାଇଲେ । ମକଦ୍ଦମୀର ଅଧିକାରୀ ହୋଇ ଉପେନ୍ଦ୍ର ନାୟକ କିଛି ଦିନ ଚଳାମାତ୍ର ବସିଗଲେ, ଦାଶଙ୍କ ନାମରେ ମକଦ୍ଦମୀ କରିଦେଲେ ନାହିଁ । ଉଚ୍ଛନ୍ନ ଦଶା । ସେତେବେଳେ ପାଞ୍ଚହଜାର ଟଙ୍କା ଏବର ପାଞ୍ଚ ଲକ୍ଷ ସଙ୍ଗେ ସମାନ । ଦାଶେ ପ୍ରମାଦ ଗଣିଲେ । ବହୁ ବର୍ଷ କାଳ ପାଟି ବୁଜି ପେଟରୁ କାଟି ବନ୍ଧୁବାନ୍ଧବଙ୍କ ମୁହଁକୁ ନ ଚାହିଁ ଦାଶେ ଏତିକି ପାଣ୍ଠି ଜମେଇ ଥିଲେ । ନଗୁ ବୁଡ଼ିଲା । ବାରମ୍ବାର ନାୟକଙ୍କ ଦୁଆରକୁ ଦୌଡ଼ି ଦୌଡ଼ି ନିରୁପାୟ ହୋଇ ଶେଷକୁ ଦିନେ ତାଙ୍କ ବୁଲରେ ଗାମୁଛା ବାନ୍ଧି ଝୁଲିବାକୁ ବସିଲେ; ସତରେ ଝୁଲୁଥାନ୍ତେ କି ନାହିଁ କିଏ କହିବ ? ମାଇପି ମହଲରେ ଆତଙ୍କ ପଡ଼ିଗଲା— ବ୍ରହ୍ମହତ୍ୟା ମହା-

Digitized by srujanika@gmail.com

ପାତକ, ଦେବତା ପାର୍ କରି ପାରି ନାହାନ୍ତି, ମଣିଷ ବା ପାରିବେ କାହୁଁ ? ଅପନିନ୍ଦା, ଅପଖ୍ୟାତି ହେବ, ମୁଣ୍ଡ ଟେକି ଚାଲି ହେବନାହିଁ । ଧିକ୍ ସେ ସମ୍ପତ୍ତିକୁ । ଉପେନ୍ଦ୍ର କିଛି ସଲାମୀ ନେଇ ଦାଶଙ୍କ ନାମରେ ମକଦ୍ଦମୀତକ ଦଖଲ କରିଦେଲେ ।

ଭଗବାନ୍ ହେଲେ ଆମ ଗ୍ରାମର ବଡ଼ ମକଦ୍ଦମ, ଅଧିକାଂଶ ଜମି, ଗଡ଼ିଆ ପୋଖରୀ, ତୋଟାବଗିଚାର ମାଲିକ । ନନାଙ୍କ ପୂର୍ବ ହକସ୍ୱତ୍ୱ ପାଞ୍ଚଗଣ୍ଡା ଉଆପସ୍ ଦେବେ ବୋଲି ଦାଶେ ଅଗ୍ରୀମ ଟଙ୍କା ନେଇଥିଲେ, ସେ ହେତୁରୁ ନନା ତାଙ୍କର ହଙ୍ଗାତ, ଘରଦିଆ ବାରିକ । ଭଗବାନ୍ ଦାଶେ ଆମର ମଉସା । କିନ୍ତୁ ବଡ଼ ମକଦ୍ଦମ ପ୍ରତିଶ୍ରୁତି ଭୁଲିଗଲେ; ଅଗ୍ରୀମ ଟଙ୍କା ବୁଡ଼ିଲା, ବୁଡ଼ିଲା ଜଣେ ଶ୍ରେଷ୍ଠ ମକଦ୍ଦମ ମର୍ଯ୍ୟାଦା ଘେନ ରହିବା ଲାଗି ନନାଙ୍କର ଆଶା ।

ମକଦ୍ଦମମାନଙ୍କ ମଧ୍ୟରୁ କାହାର ସର୍ବସ୍ୱ ଗଲା, କାହାର ଭିଟାବାଡ଼ି ମଧ୍ୟ ଉଠିଲେ । ଦାଶଙ୍କ ସମ୍ବନ୍ଧୀଙ୍କ ନାମ ନରହରି ଦାଶ, ବାଟିଏ ଜମି ଓ ପଣେ ହକସ୍ୱତ୍ୱର ମାଲିକ । ଦାଦେ ତାଙ୍କୁ କଡ଼ାଏ ମକଦ୍ଦମୀ ଦେଲେନାହିଁ, କେବଳ 'ଦେବା ଦେବା କହୁଥିବା ଯାବଚ୍ଚନ୍ଦ୍ର ଦିବାକରେ' । ଦେଖୁ ଦେଖୁ ସମ୍ବନ୍ଧୀଙ୍କ ନଡ଼ିଆଗଛରେ କଣ୍ଟା ବନ୍ଧାହେଲା, କ୍ୱାଇଙ୍କ ଦାମ୍ନାରେ ତାଙ୍କ ଗଛରୁ ନଡ଼ିଆ ତୋଳା ହେଲା । ମାଛ ମର ହେଲା ଦାନ ଝିଅ ଜୋଇଁ, ନାତିମାନେ ଜଲ୍ ଜଲ୍ ଚାହିଁଥାନ୍ତି । ହେଲେ ଗୋଟାଏ ଠେଙ୍ଗା କି ଚୁଙ୍ଗୁଡ଼ି ଆସେନାହିଁ । ବାଟିକର ମାଲିକ ହୋଇ ଦୂରଦୃଷ୍ଟି ଅଭାବରୁ ସରଳପ୍ରାଣ ସୁଗାୟକ ନରହରି ଦାଶ ଉଚ୍ଛନ୍ନ ହୋଇଗଲେ ।

ଭିକାରି ଦାଶ କଲମ ଅଗରୁ ଥିଲେ ଗାଆଁର ବଡ଼ ମକଦ୍ଦମ । ସେ ଦାଣ୍ଡରୁ ବାଡ଼ି, ବାଡ଼ିରୁ ଦାଣ୍ଡ, ଯାଉଥାନ୍ତି, ଆସୁଥାନ୍ତି, ବକ୍ ବକ୍ ବର୍ ବର୍ ହେଉଥାନ୍ତି । ତାଙ୍କର ସବୁ ସମ୍ପତ୍ତି ଉଠିଯାଇଥାଏ, ଏବେ ପ୍ରକୃତରେ ଦାଣ୍ଡର ଭିକାରି; ତାଙ୍କ ନନା କହୁଥିବେ ଦାଶ 'ଏତେ ଧାନ କଣ ହେବ' ବୋଲି କୋଠିକି ଗୋଇଠା ମାରୁଥିଲେ; ଲକ୍ଷ୍ମୀ ଠାକୁରାଣୀ ସବୁ ସହନ୍ତି, ଗର୍ବ ସହନ୍ତି ନାହିଁ । ଭିକାରି ଦାଶଙ୍କର ସର୍ବସ୍ୱ ଗଲା, ସେ ତାଟକା ହୋଇ ପାଗଳା ହେବା ଅବସ୍ଥାକୁ ଆସି ଯାଇଥାନ୍ତି । ହଠାତ୍ ଦିନେ ତାଙ୍କର ମୂର୍ଚ୍ଛନା ଫାଟିଗଲା, ତାଙ୍କ ପୁଅ କୃଷ୍ଣନଆଁ ଲଗି ବାଡ଼ ଗୋବରରେ ଗୋଟେ ଜମି ନ ଥିଲା । କେବଳ ଭିଟା ଘରବାଡ଼ି; ଏଥିରେ ଭୂକ ରୁଣ ମେଣ୍ଟିବ କପରି ? କୃଷ୍ଣନଆ ବାଧ୍ୟ ହୋଇ ବାଟକୁ ଗଲା, କଲିକତାରେ 'ଠାକୁର' ହେଲା, ଜଗନ୍ନାଥ ମେଲାରେ ଚଲମ ଧରିଲା, ଶେଷକୁ ଭିଟାଖଣ୍ଡି ଦାଶଙ୍କୁ କବଲା କରି ଦେଲା— ଯାଉଛୁ ତ ସବୁ ଯାଉ । ସେ ଭିଟାରେ ଦାଶଙ୍କର ବାଇଗଣ ଲଗିଲା, କଳା ମଚ ମଚ ବାଇଗଣ ଭିତରେ ଭିକାରି ଦାଶଙ୍କ ଆତ୍ମା କାନ୍ଦୁଥିବ ।

Digitized by srujanika@gmail.com

ଦାଶଙ୍କ ଦ୍ୱିତୀୟ ସମ୍ବନ୍ଧ ବଳରାମ ହୋତା ନିଲାମ ପରେ ପଣେ ହକ୍‌ସ୍ୱତ୍ୱର ମାଲିକ ହୋଇଥିଲେ; ତାଙ୍କର ଧନ ଅଳ୍ପ, ଜନ ବଳ ବେଶୀ, କ୍ଷମତା ଅଳ୍ପ, ଆଡ଼ମ୍ବର ବେଶୀ; ଭଲଲୋକପଣରେ, ମାମଲତବୁଦ୍ଧିରେ ମଧ୍ୟ ଭେଟିରେ ହୋତାଏ ପୁଲିସ ଓ ସରକାରୀ କର୍ମଚାରୀମାନଙ୍କୁ ବଶୀଭୂତ କରି ପାରୁଥିଲେ ଓ ଯଥାସମୟରେ ସେମାନଙ୍କଠାରୁ କାମ ଆଦାୟ କରୁଥିଲେ । ସେଇ ବଳରେ ସେ କାନତରାଟି ବ୍ୟବସାୟ କରୁଥିଲେ, ହାଟ ନିଲାମ ଧରୁଥିଲେ; ମକଦ୍ଦମୀ କ୍ଷମତା ତାଙ୍କ ଆଡ଼୍‌ତାକୁ ବହୁତ ବଢ଼ାଇ ଦେଇଥିଲା ।

ପୋଟରାରୁ ମାଛମରା କମ୍ପା ଠାକୁରାଣୀଙ୍କଠି ଜନ୍ମାଳ ହେଲେ, କେଉଁଠି ବ୍ରାହ୍ମଣପଣ ହେଲେ ସେ ଯେ ଜଣେ ସର୍ବମୟ କର୍ତ୍ତା ତାଙ୍କ ବିନା ଯେ କୌଣସି କର୍ମ ହୋଇ ପାରିବ ନାହିଁ, ଏହା ସେ ଜନେଜନେନରେ ଜଣାଇ ଦେଉଥିଲେ; ଭଗବାନ୍ ଧନଶାଳୀ ହେଲେ ମଧ୍ୟ କ୍ଷମତା ଜାହିର କରିବା ପଥ ତାଙ୍କୁ ଜଣା ନ ଥିଲା । 'କୀଚକ ବାହୁ ବଳେ ବିରାଟ ରାଜା' ହେଲ ପରି ସମୁଦ୍ରଙ୍କ ସମ୍ପଦବଳରୁ ହୋତାଙ୍କ ଆଡ଼୍‌ଡ଼ା ରୌଦ୍ର ତୀବ୍ରତୀକ୍ଷ୍ଣ ରୂପ ଧାରଣ କରିଥିଲା । କିଏ ଖାଉଥିଲା ଛେଲ୍ଲ, କିଏ ବା କେଣ୍ଡା । ତୁଣ୍ଡ ହୁଡ଼ିବା ତ ଧନ ଓ କ୍ଷମତାର ଏକ ସ୍ୱାଭାବିକ ଅଧିକାର ।

ମକଦ୍ଦମୀ ବୁଲିଯିବା ପରେ ବ୍ରାହ୍ମଣ ଶାସନରୁ ଶ୍ରୀ ତୁଟିଗଲା । ମଙ୍ଗ ସମ୍ଭାଳି ନ ପାରି କେହି ଗୋଲଦେଶ ଗଲେ, କେହି ଲଜ୍ଜାସଙ୍କୋଚ ଛାଡ଼ି ଭିକ୍ଷାବୃତ୍ତି ଧରିଲେ । କେହି କଲିକତା ଯାଇ ବଙ୍ଗାଳୀ ବାଡ଼ିରେ 'ଠାକୁର' ହେଲେ । କେହି ସଂସାର ସହିତ ସାଲିସ୍ କରି ନ ପାରି ଆଖି ବୁଜିଲେ । ଗାଁ ଆଗେ ଥିଲା ଏକରେକା, ନିରୁଜ, ଲୋକେ ଏ ମୁଣ୍ଡରେ ଯାଇ ସେ ମୁଣ୍ଡ ବାଟେ ମୁଆଡ଼େ ଯାଉଥିଲେ । ଏବେ ଢିଲା ଠାଆକୁ ଠାଆ ମେଲା ହୋଇ । ସେହିବାଟେ ଗାଆଁ ମଝିକୁ ଅଣ୍ଡିରା ଶାଳୁଆ ପଶି ଆସି ବୋବାଳି ଛାଡ଼ିଲା । 'ରାମ୍ ନାମ୍ ସତ୍ୟ ହେ'—ବୁଲିଲା ନାଥ ଦାଶଙ୍କ ଶବ, ଭାରି ବଡ଼ପାଟିଆ ଥିଲେ ସେ, ଗାଁ ଲିଭି ଆଗେ ନିଆଁକୁ ଡେଇଁ ପଡ଼ୁଥିଲେ । 'ରାମ ନାମ ସତ୍ୟ ହେ' ବୁଲିଲେ ବଡ଼ ରଥୀ ଦାଶେ, ନିଲାମର ଯୋଉ ଅସ୍ୱଳ ଜମି ଥିଲା ତାକୁ ବିକି ସମ୍ପୂର୍ଣ୍ଣ ନିଃସ୍ୱ ହେଲା ପରେ ବୁଲିଲେ ରଘୁ ଦାଶେ । କୌଣସିମତେ ପିଲାପିଲିଙ୍କୁ ବଞ୍ଚେଇବା ଲାଗି ସେ ଭିକ୍ଷୁଝୁଲି ଧରିଲେ, ଆଖପାଖରେ ମାଗିଲେ ଲାଜ ମାଡ଼ିବ ବୋଲି ସେ ଦୂର ଗାଁକୁ ଯାଇ ମାଗୁଥିଲେ । 'ରାମ ନାମ ସତ୍ୟ ହେ'—ବୁଲିଲେ ଦାଢ଼ିଆ, ଲୁଣିଆଁ ମଣି ଦାଶେ, ଅଫିମିଆଁ ମୋହନ ଦାଶେ, ଗପୁଡ଼ି ସମନାଥ ଦାଶେ (ସପ୍ତମ ଏଡ଼ୱାର୍ଡ଼ଙ୍କ ପରି ତାଙ୍କ ଚେହେରା), ନକଲିଆ ବାଜ ଦାଶେ, ପୌରାଣିକ, ଲୁମାଳି ଗୌରାଙ୍ଗ ଦାଶେ, ଯୋଗୀବାଗ କୋଟରେ ଗୋଟିଏ ଜୁଇ ଗାଡ଼ରେ ସମସ୍ତଙ୍କ ପାଉଁଶ ମିଶିଲେ ।

Digitized by srujanika@gmail.com

ଦର୍ପିଷ୍ଟ ମକଦ୍ଦମ, ଗର୍ବିଣୀ ମକଦ୍ଦମାଣୀ, ଧମକରେ ଚମକଉଥିବା, ବାହାକୁ ନଚଉଥିବା, ପାଟଲି ଗାମୁଛା ଉଡ଼ାଉଥିବା, କପାଳରେ ଝଙ୍କା ପରି ଚନ୍ଦନ ଟୋପା ମାରିଥିବା ସାଆନ୍ତେ, ଧନ ବୋଲି ଭୂଇଁ କାମୁଡ଼ି ପକାଉଥିବା, କାଚ ଝମର ଝମର କରୁଥିବା ବଡ଼ ଘର ଘରଣୀ, ସାଆନ୍ତାଣୀ; ଖୋଦ୍ ବଡ଼ ମକଦ୍ଦମ, ଯେ ଦିନେ ପିଲାଙ୍କ ପାଠ ପଢ଼ିଲେ ଆଖି ଦେଖାଇବେ, ଅର୍ଜନ ଉପରେ ଆଞ୍ଚ ଆସିପିବ ବୋଲି ବିଶ୍ୱାସ କରୁଥିଲେ, ଯେ ଏକାଧାରରେ ଥିଲେ ମକଦ୍ଦମ ଏବଂ ମହାଜନ, ଯେ ଅକାଳ ଦି ନଅଁକକୁ ଡାକୁଥିଲେ - ସମ୍ପତ୍ତି ବଢ଼ାଇବେ ବୋଲି, ଯେ ଦିନେ ଗର୍ଜୁଥିଲେ-- ଭଗବାନଙ୍କୁ କାହିଁକି ଡାକୁଚ, ମତେ ଡାକ, ମୂଳିଆକୁ ମୂଲ ଓ ଖାତକକୁ ଧାନ ଦେଲାବେଳେ ଯାହାଙ୍କ ହାତ ଥରି ଉଠୁଥିଲା, ସଞ୍ଚୟବେଳେ ଭବିଷ୍ୟତ ଉପରେ ଯାହାଙ୍କର ଅଖଣ୍ଡ ବିଶ୍ୱାସ ଥିଲା, ଯେ ଆମ ଗ୍ରାମର ଗତାନୁଗତିକ ଇତିହାସକୁ ଉପନ୍ୟାସରେ ପରିଣତ କରିଥିଲେ, ସେ ମୃତ୍ୟୁ ପୂର୍ବରୁ ଆହା, ଦିହରୁ ଫାଲେ ମୂଷା, ଅସରପା ଖାଇଲେ ବି ଜାଣି ପାରିଲେ ନାହିଁ, କଡ଼ାଟିଏ କଉଡ଼ି ସାଙ୍ଗରେ ନେଲେ ନାହିଁ। ଦିନେ କୋକେଇ ଭିତରେ ଇତର ଲୋକ ପରି ମୁହଁ ଲୁଚେଇ ଯାହାଙ୍କର ମାନଇଜ୍ଜତ ହରଣ କରିଥିଲେ, ତାଙ୍କର ପିଲାଙ୍କ କାନ୍ଧରେ ବୁଢ଼ା ହୋଇ ସେଇ ଏକା କୁଇ ଗାଡ଼ରେ ପଶିଲେ। ମିଶିଗଲା ମକଦ୍ଦମ ମକଦ୍ଦମୀ, ଦାରିଦ୍ର୍ୟ ସମୃଦ୍ଧି, ଇତିହାସ ଓ ଧୂଳି।

ଯେଉଁମାନେ ବଞ୍ଚିଛନ୍ତି

ନାଁ ହଜିଯାଏ, ଗାଁ ରହେ। କିଏ କୁଆଡ଼େ ଗଲେ, ଗାଁ ପଡ଼ିଛି।

କେତେକଙ୍କ ସ୍ମୃତି ଅଦ୍ୟାପି ମୋ ମନରେ ଦିକ୍ ଦିକ୍ ହୋଇ ଜଳୁଛି। କେହି କେହି ଗୁଣର ଥିଲେ, ଜାହା କାହାଠାରେ କିଛି କିଛି ଗୁଣ ଥିଲା। କେତେକଙ୍କଠାରେ ବୈଜ୍ଞାନିକ ବୁଦ୍ଧି, ବିଷୟ ଜ୍ଞାନ, କବିତ୍ୱ, ଚରିତ୍ରର ମହନୀୟତା, କର୍ମକଠୋରତା, ସତ୍ୟ-ନିଷ୍ଠା ଥିଲା। କେହି କେହି ଥିଲେ ବ୍ରହ୍ମଜ୍ଞାନୀ—"କୀଟରୁ ବ୍ରହ୍ମଯାଏ ସବୁରି ଦେହେ ହରି" କଳ୍ପନା କରୁଥିଲେ। କେହି କେହି ଥିଲେ ମୁକ୍ତପାଗଳ; ଭକ୍ତିଭାବରେ ଭୋଳ ହୋଇ ସଂସାର, ଘରକରଣା ସବୁ ଭୁଲି ଯାଉଥିଲେ। କେତେକ ଗ୍ରାମକୁ ରୁଚିର, ରୁଚିକର କରି ଓ ସଜ୍ଜନର ବାସଯୋଗ୍ୟ କରିଥିଲେ। କେହି କେହି ଯାନିଯାତ୍ରା, ମେଳା ମଉଚ୍ଛବ, ଓଷାବ୍ରତ, ପର୍ବପର୍ବାଣୀରେ ଏହାକୁ ସଦା ସରସ ଓ ଜୀବନ୍ତ ରଖିଥିଲେ। କାହାରି କାହାରି ହୃଦୟ ଥିଲା ହାସ୍ୟରସର ଅସରନ୍ତି ଉତ୍ସ। ଗ୍ରାମରେ ଦୁଃଖ ଥିଲା, ସେ ଦୁଃଖ ଅଧିକାଂଶଙ୍କର। କିନ୍ତୁ ସୌନ୍ଦର୍ଯ୍ୟ ଓ ସୁଖର ଉପାଦାନ ଅଳ୍ପ ନ ଥିଲା। ମୋର ଅଶିକ୍ଷିତ ମନ ଉପରେ ଯେଉଁମାନେ ଉଲାର୍କ ପ୍ରଭାବ ପକାଇଥିଲେ, ପ୍ରାଣରେ ଜଗାଇଥିଲେ ପ୍ରାଣୀମାନଙ୍କ ପ୍ରତି ବେଦନାବୋଧ, ଗୁରୁଜନଙ୍କ ପ୍ରତି ଅକଳନ୍ତ ଶ୍ରଦ୍ଧା,

Digitized by srujanika@gmail.com

କୌତୂହଳ ଓ ଆନନ୍ଦ, ସେମାନଙ୍କର ରେଖାରଙ୍ଗମୂକ୍ତ ଛବି ଏ ନୁହେଁ, କାହାଣୀ ବା କବିତା ନୁହେଁ; କିଛୁ ସଂକେତ ମାତ୍ର । ଲେଖୁଛୁ । କାରଣ ସେମାନଙ୍କୁ ଛାଡ଼ି ଗଲେ ମୋ ବିଷୟରେ ବହୁତ କିଛୁ ଅବୋଧ ରହିବ । କର୍ଅଳ ବସ୍ତୁରେ ଗୋଟିଏ ଚରିତ ଉପରେ କେତେ ରୂପ ପଡ଼ିଥାଏ ଓ କେଉଁଟି କପରି କାର୍ଯ୍ୟକାରୀ ହୁଏ, କହିବା ଦୁଷ୍କର । ତେଣୁ ଯଥାର୍ଥରେ ଏହା ସେମାନଙ୍କ ଅଧ୍ୟୟନ ନୁହେଁ, ଅଳ୍ପ ଅଧ୍ୟୟନ ମାତ୍ର ।

ବୀର ମହାନ୍ତି

ବୀର ମହାନ୍ତି ଜଣେ ବୀର, ତ୍ରକୃତ ପକ୍ଷେ ଧର୍ମବୀର । ସେ କାଳରେ ପୁରୀ ଜିଲ୍ଲାର ସ୍ମରଣୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । କାଳକାଟି ମକଦ୍ଦମଙ୍କର ଜଣେ ତହସିଲଦାର ମାତ୍ର ଥାଇ ମହଣ୍ଣିବଳରେ ବହୁ ଗ୍ରାମରେ ସେ କ୍ଷମତାର ଅଖଣ୍ଡ ଅଧିକାରୀ ହୋଇପାରିଥିଲେ । ତାଙ୍କୁ ପ୍ରୋଧିବାର ସାହସ କୌଣସି ଧନୀ ବ୍ୟକ୍ତିଙ୍କର ନ ଥିଲା । ସେ ଥିଲେ ଲୋକସେବୀ, ଭକ୍ତପ୍ରାଣ, ଯୋଗୀ କବି, ଦେଶପ୍ରେମୀ । ପୁରୀ ଜିଲ୍ଲାର ଗ୍ରାମାଞ୍ଚଳରେ ପ୍ରଥମ ସ୍ତ୍ରୀ ଶିକ୍ଷା ପ୍ରବର୍ତ୍ତକ ସେ ।

ରେଞ୍ଚ ଖୋଲାର ଉଚ୍ଚ ପ୍ରାଥମିକ ବାଳିକା ସ୍କୁଲ, ସ୍କୁଲ ହତାର ବଗିଚ୍ଚ, ବୀର ମହାନ୍ତି, ଗ୍ରାମ ମହାନ୍ତିଙ୍କ ବିଷୟରେ ୧୯୨୨ରୁ ୧୯୨୭ ମଧ୍ୟରେ ଜେ. ଏ. ହବାକ୍ (ଯେ ୧୯୩୬ରେ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ହୋଇଥିଲେ), କବି ଓ ପରିଦର୍ଶକ ନନ୍ଦକିଶୋର ବଳ, ମହେଶ ଚନ୍ଦ୍ର ପ୍ରଧାନ (ଯେ ପରେ ଡ଼ି. ପି. ଆଇ ହୋଇଥିଲେ), ପୁରୀ ଜିଲ୍ଲା ବୋର୍ଡ଼ ଚେୟାରମ୍ୟାନ ବନମାଳୀ ଦାଶ, ରାୟ ବାହାଦୁର୍ ସାମୁଏଲ୍ ଦାସ (ପରେ ରେଭେନ୍ୟୁ କମିସନର) ଏହି ମତ (ସଂକ୍ଷିପ୍ତ) ଦେଇଥିଲେ—

1. I was very glad to have another chance of meeting Babu Bira Mahanty. His boys' chorus song—a very good song,

D. L. R. & S
12-1-1925.

2. 'Pandit Bira Mahanty has taken keen interest in the spread of female education in this locality and so to speak is a pioneer in this Movement.'

S. Das.
A. S. O. 13-1-25

Digitized by srujanika@gmail.com

ଯୋଗ୍ୟତା ସାମାନ୍ୟ ଅବଧାନୀ ଶିକ୍ଷାମାନ । ସେ ହାକିମହୁକୁମା, ସାହେବ ସୁବାଙ୍କ ଡରୁ ନ ଥିଲେ । କୋଣାର୍କ ରାଜପଥ, ପଥଧାରରେ ସୁସଜ୍ଜିତ ଟେବୁଲ,

---

3. "The Songs have been well com-osed and well sung in some places i.e., when Gauranga left home are very pathetic. I hope the poet will make the language pure. ?"

Nanda Kishore Bal
D. I. of Schools, 1922.

4. 'Panditji is very keen in the spread of female education and has established a Girls' School. His poetical parts are admirable,

M. C. Pradhan
S. I. of Schools, Nimapara
Circle, Puri, 23-1-24

5. 'He discussed with me at some length about the education of girls and widows and I was simply struck with his ideas.,

Banamali Das
Chairman, D. B. Puri
23-2-27

6. 'I was at Rench Shasan for about 2 months in connection with settlement and often noticed the smiling flower buds all around the Rench Khilar Upper Primary School. Rama Chandra is a devotee to the Cause of education of females and seems to spend himself up in the work of adorning the School Surroundings.

7. 'I was glad to meet Pandit Bira Mahanty, a poet of no mean order and educationist. The School which he has established by his own unaided efforts and is placed in the midst of a trim little well kept garden was a pleasing surprise to me in a mufsil like this. He sold some of his own lands to erect the School building and has educated his two widowed daughters one of whom is a teacher in this School.,

N. C. C., A. S. O. 4-4-24
Camp—**Rench Shasan**

Digitized by srujanika@gmail.com

ଫଳହାର ଧରି ଝିଅମାନେ ଛୁଡ଼ା । ସାହେବ ହାକିମଙ୍କ ଗାଡ଼ି ଅଟକାଇ କରନ୍ତି ସମ୍ବର୍ଦ୍ଧନା । ବିନା ବାକ୍ୟରେ କେବଳ ଠାରେଠୁରରେ ହାକିମ ସ୍କୁଲ ଦେଖନ୍ତି, ମଞ୍ଜୁର କରନ୍ତି । ରେଞ୍ଚ ଶାସନ ଉ. ପ୍ରା. ବାଳିକା ସ୍କୁଲ ଶ୍ରୀ ମହାନ୍ତିଙ୍କ କୀର୍ତ୍ତି । ଏଥିଲାଗି ସେ ଜମିବାଡ଼ି ବିକିଛନ୍ତି ଓ ସବୁକିଛି ତ୍ୟାଗ କରିଛନ୍ତି ।

ନାମ ସଙ୍କୀର୍ତ୍ତନର ସେ ଜଣେ ପ୍ରବର୍ତ୍ତକ । ତାଙ୍କ ସଙ୍କୀର୍ତ୍ତନରେ ସେତେବେଳେ ଗ୍ରାମସବୁ ଉଚ୍ଛୁଳୁ ଥିଲା । ତାଙ୍କ ମାନବିକତା ଓ ତେଜସ୍ୱିତାର ପ୍ରଭାବ ଗ୍ରାମରୁ ଗ୍ରାମାନ୍ତର ବିସ୍ତୃତ ହୋଇ ଚାଲିଥିଲା । ଏଥିରେ ଆକୃଷ୍ଟ ହୋଇ କଲିକତା ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିତ୍, ଶିଳ୍ପକଳା ଡକ୍ଟର ନିର୍ମଳ କୁମାର ବୋଷ ଆମ ଗାଁକୁ ଆସି ଶ୍ରୀ ମହାନ୍ତିଙ୍କୁ ଭେଟି ବଙ୍ଗଳା 'ବାଣୀ' ପତ୍ରିକାରେ ତାଙ୍କ ବିଷୟରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ । ଦୁଇଟି ଉକ୍ତିର ଓଡ଼ିଆ ଅନୁବାଦ ଦେଲି—

"ସେ ପ୍ରକୃତରେ କବି, ଯେ ବହୁବିଧ ଦୁଃଖନିପୀଡ଼ନା ମଧ୍ୟରେ ସୁନ୍ଦରକୁ ନାନା ଭାବେ ପ୍ରତିଷ୍ଠିତ କରିପାରନ୍ତି । ସୁନ୍ଦରକୁ ପୂଜା କରିବାର ଯଥାର୍ଥ ଅଧିକାର ତାଙ୍କର ହିଁ ଜନ୍ମିଅଛି ।"

"ସ୍ତ୍ରୀ ଶିକ୍ଷା ପ୍ରସାରରେ ରକ୍ଷଣଶୀଳ ବ୍ୟକ୍ତିମାନେ ତାଙ୍କୁ ୧୮ ବର୍ଷ ଏକଘରିକିଆ କରି ରଖିବା ସଂପର୍କରେ ପଚାରିବାରୁ ସେ କହିଲେ—"ଲୋକେ ଯେ ଭୁଲ୍ କରିଛନ୍ତି ଏଇ ବୋଧ ମୋର ଏକାନ୍ତ ଦୃଢ଼ ଥିଲା । ଦିନେ ନା ଦିନେ ଅବଶ୍ୟ ସେମାନେ ନିଜ ଭୁଲ୍ ବୁଝି ପାରିବେ; ମୁଁ ସେଇ ଶୁଭ ଦିନକୁ ଅପେକ୍ଷା କରି ରହିପାରିଥିଲି ।"

ଏ ଶିକ୍ଷା ଚେଷ୍ଟା ଯେ ସେତେବେଳେ ଏକ ମହାନ୍ ବିପ୍ଳବ ସ୍ୱୀକାର କରିବାକୁ ହେବ ।

୧୯୦୯ରେ (ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ବର୍ଷ)ରେଞ୍ଚ ଉଚ୍ଚ ପ୍ରାଥମିକ ବାଳିକା ସ୍କୁଲ ସ୍ଥାପିତ ହୋଇଥିଲା । ଅପର୍ଣ୍ଣା ଓ ପୀତାମ୍ବରୀ ନାମ୍ନୀ ଦୁଇଟି ବାଲ ବିଧବା କନ୍ୟାଙ୍କୁ ଶିକ୍ଷିତ କରିବା ଚେଷ୍ଟାରେ ଘୋର ପ୍ରତିରୋଧ ମଧ୍ୟରେ ମହାନ୍ତି ଏଇ ସ୍କୁଲ ସ୍ଥାପନ କରିଥିଲେ । ପରେ ଏଇ ସ୍କୁଲକୁ ବାଳକ ସ୍କୁଲ ସହିତ ମିଶାଇ ଦିଆ ହୋଇଥିଲା ।

ଡକ୍ଟର ବୋଷ ସାରଙ୍କୁ ଟିକି-ଚୈତନ୍ୟ ଆଖ୍ୟା ଦେଇଥିଲେ । ମହାତ୍ମାଙ୍କ ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନ ପୂର୍ବକଥା ଏ । ମହାନ୍ତି ଜାତିଭେଦ ମାନୁ ନ ଥିଲେ, ପଂକ୍ତିଭୋଜନ ପ୍ରବର୍ତ୍ତନ କରିଥିଲେ । କାଳିସୀ ହାତରୁ ବେତ ଛଡ଼ାଇନେଇ ତାକୁ ପିଟିଥିଲେ । ଗ୍ରାମର ଯାବତୀୟ କୁସଂସ୍କାର ଦୂର କରିବାକୁ ଚେଷ୍ଟା କରିଥିଲେ ।

Digitized by srujanika@gmail.com

ପରମାର୍ଥୀ, ଜ୍ଞାନୀ, ଉଚ୍ଚକର୍ମୀମାନଙ୍କ ଲାଗି ତାଙ୍କ ଗୃହଦ୍ୱାର ଖୋଲାଥିଲା । ଅତିଥି ସେବାର୍ଥେ ସେ କେତେକ ନାରିକେଳ ବୃକ୍ଷ ଉତ୍ସର୍ଗ କରିଥିଲେ । ଗ୍ରୀଷ୍ମକାଳରେ ତୃଷାର୍ତ୍ତର ତୃଷ୍ଣା ନିବାରଣ ଲାଗି ତାଙ୍କ ଦୁଆରେ ମହାର୍ଦ୍ଦ ତୋରାଣି ବ୍ୟବସ୍ଥା ହେଉଥିଲା ।

ସେ ମଣିଷ ମନର ଯାଦୁକର, ଶିକ୍ଷିତ ଅଶିକ୍ଷିତ ସମସ୍ତଙ୍କର ସମ୍ମାନଭାଜନ ଥିଲେ । ଶତ ସହସ୍ର ଲୋକ ମନର ଅର୍ଘ୍ୟ ଢାଳି ଦେଇଥିଲେ ତାଙ୍କ ପାଦ ତଳେ ।

ରାମ ମହାନ୍ତ—ମୃତ୍ୟୁ ୧୯-୭-୪୮

ବୀର ମହାନ୍ତଙ୍କ ପୁତ୍ରର ରାମ ମହାନ୍ତ ମଧ୍ୟ ପରପ୍ରାଣ । ରେଞ୍ଜ ଶାସନକୁ ସେ ଏକ ଉଦ୍ୟାନଗ୍ରାମରେ ପରିଣତ କରିଥିଲେ । ଲଗାଇଥିଲେ ବାକସ, କରବୀର, କଞ୍ଚନ, ଗୋଲାପ, ମନ୍ଦାର, ରଙ୍ଗଣି, କୃଷ୍ଣଚୂଡ଼ା, କନିଅର, ଲାଲ ଓ ହଳଦିଆ ଗୋଡ଼ିବାଣ, ରାଧାତମାଳ, ଯୁଈ, ଜାଇ, ମଲ୍ଲୀ, ସେବତୀ । ଗଛବୃଛ ପ୍ରତି ତାଙ୍କର ଅସାଧାରଣ ପ୍ରେମ ଥିଲା । 'ପାତୁଂ ନ ପ୍ରଥମଂ ବ୍ୟବସ୍ୟତି ଜଳଂ ଯୁଷ୍ମାସ୍ୱପୀତେଷୁ ଯା' । ପ୍ରକୃତରେ ଶକୁନ୍ତଳାଙ୍କ ପରି ସେ ବୃକ୍ଷ ଓ ମୂଳସବୁ ସିକ୍ତ ହେବା ପୂର୍ବରୁ କେବେ ଭୁଣ୍ଡକୁ ଆହାର ନେଉ ନ ଥିଲେ, କିଏ ପତ୍ରଟିଏ ଛିଣ୍ଡାଇଦେଲେ ତାଙ୍କ ଦେହରୁ ସତେ କି ପଲେ ରକ୍ତ ଖସି ପଡ଼ୁଥିଲା । ବୃକ୍ଷର ଯନ୍ତ୍ରଣା ତାଙ୍କ ମୁହଁରେ ଫୁଟି ଉଠୁଥିଲା । ସମଗ୍ର ଓଡ଼ିଶାରେ ଏ ଦିଗରେ ସେ ଏକାନ୍ତ ଅସାଧାରଣ ଥିଲେ କହିଲେ କିଛି ଅତ୍ୟୁକ୍ତି ହେବନାହିଁ ।

ମୁଖରେ ସର୍ବଦା 'ହରିବୋଲ' । ବଡ଼ପାହିରେ ହରିବୋଲ ଦେଇ ପାହାନ୍ତିଆରୁ ଉଠି କୂଅରୁ ମାଠିଆରେ କାଢ଼ି ସେ ପ୍ରାୟ ଶହେ ଯୋଡ଼ା ପାଣି ଫୁଲ ଗଛରେ ଢାଳୁ ଥିଲେ । ଦୁଇ ହାତରେ ଦୁଇଟି ଖଡ଼ିକାମୁଠା ଧରି ବଗିଚା, ରାସ୍ତା ଓ ଦେଉଳ ଦ୍ୱାର ସଫା କରୁଥିଲେ । ଭାଗବତ ବିଶେଷତଃ ଏକାଦଶ ସ୍କନ୍ଧ' ବୋଲି ବୋଲି ତାଙ୍କର ମୁଖସ୍ଥ ହୋଇଯାଇଥିଲା । ବରଗଛରେ, ପୋଖରୀ ମଝିରେ ମଞ୍ଚାବାନ୍ଧି ସେ ସଭା ବସାଉଥିଲେ । ସେଠି ସାତଦିନ ଭାଗବତ ବୋଲା ସଙ୍ଗେ ସଙ୍ଗେ ନାମ ସଂକୀର୍ତ୍ତନ ହେଉଥିଲା । ଏ ସବୁ ସେ ଯୁଗରେ ଅଭିନବ । ତୀର୍ଥସ୍ଥାନ ମାନଙ୍କରେ ଅଷ୍ଟପ୍ରହରୀ କରାଇବା ଯେପରି କି ତାଙ୍କର ଏକ ବ୍ରତ ଥିଲା ।

ଉଦ୍ୟାନ ସଂପର୍କରେ ଡକ୍ଟର ବୋସ ରାମ ମହାନ୍ତଙ୍କ ଉକ୍ତି ଉଦ୍ଧାର କରିଛନ୍ତି, "ଫଳବୃକ୍ଷ ତ ସମସ୍ତେ କରନ୍ତି । ଦୁଇ ଚାରି ଜଣ ଯଦି ଫୁଲର ଚାଷ ନ କରନ୍ତି, ତା ହେଲେ ପୃଥିବୀ ନୀରସ, ନୀରାନନ୍ଦ ହୋଇଯିବ ।"

Digitized by srujanika@gmail.com

ରାମଚନ୍ଦ୍ର ନିଜ ଧୁଷ ଜମିର କେତେକାଂଶରେ ସ୍ୱାଭମତ ଗେଣ୍ଡୁଫୁଲ ଚାଷ କରୁଥିଲେ । ଜଗନ୍ନାଥଙ୍କ ନିକଟକୁ ଧଣ୍ଡାମାଳ ପଠାଉଥିଲେ । ପାଞ୍ଚ ଦଶ କୋଶରୁ ଲୋକ ଆସି ଆମ ଗାଁରୁ ଫୁଲ ନେବାର ଦେଖାଯାଉଥିଲା ।

ସେତେବେଳେ ଯେପରି କେତେକ ଟାଉଟର, ମାମଲତକାର, ଜଣେ ଅଧେ ଇଦୁସଙ୍ଗ, ସେହିପରି ଗୋଟିଏ ଧର୍ମଗୋଷ୍ଠୀ ବି ଥିଲା । ମେଳଣ ଯାତ୍ରା, ସପ୍ତା ପାଠ, ସଂକୀର୍ତ୍ତନ ନାମ ଶୁଣିଲେ ସେମାନେ ବାହାରି ପଡ଼ୁଥିଲେ—ମୋର ଲେଖାଯୋଖା ମାମୁଁ ଭାଗବତ ମିଶ୍ରେ, ମୋ ନନା ମାଗୁଣି ଦାଶ, ଭାଇନା ହରେକୃଷ୍ଣ ଦାଶ, ସୋମନାଥ ଦାଶ, ଯୋଗୀ ପ୍ରଧାନ, ଅଲେଖ ଚଉଦ୍ରି ପ୍ରଭୃତି । ଶୋଷକ, ମକଦ୍ଦମାଖୋରମାନେ ପରୋକ୍ଷରେ ଏମାନଙ୍କୁ ହସି ଉଡ଼ାଇ ଦେଉଥିଲେ, କିନ୍ତୁ ବୀର ମହାନ୍ତିଙ୍କୁ ଠେଁସି ପଦେ କହିବାର ସାହସ କାହାରି ନ ଥିଲା । ବରଂ ମହାନ୍ତିଏ ଇସ୍କୁଲିଆ ଦଣ୍ଡ (ଏକଗୋଡ଼ିକିଆ, ନାକ ବାଲ ଧରା) ଏଇ ତଥାକଥିତ ଧନୀଙ୍କ ପ୍ରତି ପ୍ରୟୋଗ କରିଥିବାର ଶୁଣାଅଛି ।

ମହାନ୍ତି ଦୁଇ ଭାଇ ରାସ୍ତାଘାଟ ପରିଚ୍ଛନ୍ନ ରଖାଉଥିଲେ—ରାସ୍ତା ଧାର ଦୁର୍ଗନ୍ଧମୁକ୍ତ ଥିଲା । ସେମାନେ ମଝିଛକରେ ପଂକ୍ତିଭୋଜନ ପ୍ରବର୍ତ୍ତନ କରିଥିଲେ, ସେତେବେଳେ ଗ୍ରାମରେ ଏହା ଅକଳ୍ପନୀୟ । ଏହିମାନଙ୍କ ପୁଣ୍ୟ ପ୍ରଭାବରୁ ମୁଁ ଉନ୍ନତ ପଥରେ ଅଗ୍ରସର ହେବାର ପ୍ରେରଣା ଲାଭ କରିଥିଲି । କିନ୍ତୁ ଅଧିକାଂଶ ଲୋକ ଥିଲେ ଭାଗ୍ୟବାଦୀ, ସେ ପ୍ରଭାବ ମଧ୍ୟ ମୁଁ ଏଡ଼ି ପାରିନାହିଁ । ଅଧିକାଂଶ ଦୁଃଖ ଭାଗ୍ୟର ଦାନ, ପୂର୍ବଜନ୍ମର କର୍ମଫଳ ବୋଲି ବିଶ୍ୱାସ ଥିଲା; ସେ ବିଶ୍ୱାସ ହିଁ ଦୁଃଖକୁ ସହଜସହ୍ୟ କରିଥିଲା । ଦୁଃଖ ଉପରେ ମାଡ଼ି ମଞ୍ଚ ଗୁଲି ସେଥିରୁ ବଞ୍ଚିବାର ଆନନ୍ଦ ନିଗାଡ଼ି ବାହାର କରିବାକୁ ସେମାନେ ଚେଷ୍ଟା କରୁଥିଲେ ।

କଟକକୁ ଲୋକ ଯାଇ ଗୋଟିଏ ଚୈକ୍ୱା ମଣ୍ଡେଇ ଅଣିଥିଲା । ବୋଧହୁଏ ଏହା ୧୯୧୦ର କଥା । କୁରୁଚ ବା ଚୌକିଟି ଅଣାଇଥିଲେ ବୀର ମହାନ୍ତି । ତା ଆଗରୁ କେହି ଚୌକି ବା ବେଞ୍ଚରେ ଆମ ଗାଁରେ ବସି ନ ଥିଲା ବା ଟେବୁଲ ଉପରେ କାଗଜ ପକାଇ ଲେଖି ନ ଥିଲା । ପୋଥିଲେଖା ଚାଲିଥିଲା । ଗ୍ରାମ୍ୟମାନେ ତାଳପତ୍ରଖେଦା ଧରି 'ଚୋଇଲି' ବା ଗୋପୀ ଭାଷା' ବୋଲୁଥିଲେ । ଓଳିଆମାନଙ୍କରେ ଧାନ ବା ବନ୍ଧନର ନାମ ତାଳପତ୍ରରେ ଲେଖାହୋଇ ଓଳିଆରେ ମରା ହେଉଥିଲା । ସେଥିଲାଗି ଲୋକଗୀତରେ ଅଛି—

'ସିଆଁଡ଼ ପତର ଲେଖା ଲୋ ମାଆ
ଗିଆଁଡ଼ ପତର ଲେଖା
ଯୋଉ ଘରେ ଅଛି ଧନ ଦରବ
ସେଇ ଘରେ ନେଇ ରଖ ।'

Digitized by srujanika@gmail.com

ରାମ ମହାନ୍ତିଙ୍କ ବଗିଚାରୁ ମୁଁ ପହିଲେ ପ୍ରକୃତିକୁ ଭଲ ପାଉଥିଲି । ଫୁଲଗଛସବୁ ସଡ଼କ ଧାରେ ଧାରେ ଲମ୍ବି ଥିଲା । ଭରା କୃଷ୍ଣଚୂଡ଼ା ଦେଖି ମୋର ମନ ଆନନ୍ଦରେ ପୂରି ଯାଉଥିଲା । ପ୍ରଥମେ ଏଠି ଗୋଲାପ ଦେଖିଲି, ଦେଖିଲି ଧେଣ୍ଡା ପେଣ୍ଡା କରବୀର, ଠିକ୍ ଗୋଲାପ ପରି, ସ୍ନିଗ୍ଧ ତାର ସୁରଭି, 'ପ୍ରଜାପତିଟି ହରଷରେ, ବସିଛି ଫୁଲର ଉପରେ'; ମଧୁବାବୁଙ୍କ ବର୍ଣ୍ଣବୋଧର ଭାବ ମନରେ ଯେଉଁ ରୂପଶ୍ରୀ ସୃଷ୍ଟି କରିଥିଲା, ତାକୁ ଅନୁଭବ କଲି ଧଳା କଞ୍ଚନ ଉପରେ କଳା ପ୍ରଜାପତିକୁ ଦେଖି । କଅଁରି କଅଁରି ମାଣିକଗୁଚ୍ଛ ଗେଣ୍ଡୁ ଓ ମଣ୍ଡା ବଗିଚା, ପୋଖରୀ ପୋଖରୀ ଧଳା, ନେଳି ଓ ଲାଲ୍ କଇଁଫୁଲ, ବାଲି ଓ ପୋଖରୀ ହୁଙ୍କାରେ କାଶ, କଆବାଡ଼ିର ପାଞ୍ଚଆଙ୍ଗୁଳିଆ ଫୁଲ, ଅପରାଜିତା ଓ ନାଗ-ଫେଣି ଫୁଲ, ଗହ୍ମାରର ଗଛରି, ହୁଡ଼ାର କୋଇଲଖିଆ ମନରେ ମୋର ଗ୍ରାମ୍ୟ ଜୀବନର ପୂର୍ଣ୍ଣ ପ୍ରଫୁଲ୍ଲତା ଭରି ଦେଉଥିଲା । ଅର୍ଦ୍ଧ ଶତାବ୍ଦୀରୁ ଅଧିକ ହେଲେ ବି ସେ ସବୁ ମୋ ଆଖି ଆଗରେ ଜୀବନ୍ତ ଭାବରେ ନାଚୁଛି । ବାହାରେ ସମସ୍ତଙ୍କୁ ଓଲୁ ପରି ଜଣାଗଲେ ବି ମୁଁ ଭିତରେ ମୋ ଅଜାଣତରେ ହୋଇ ଉଠୁଥିଲି କବି ।

ବଇରାଗୀ ଦାଶ ପହିଲେ ଆମ ଗାଁ ଲୋକଙ୍କୁ କଲିକତା ରନ୍ଧା ଚଖେଇଥିଲା, କଲିକତା ସନ୍ଦେଶ, କଲିକତା ଖିଅର ଓ କଲିକତା କାଟଗୁଣ୍ଡ ଉପରେ ଭାରି ତାରିଫ୍ କରି କହୁଥିଲା । କଲିକତାକୁ ବାଟ ଫିଟାଇଥିଲା ସେ । ତା ପରେ ଶହ ଶହ ଲୋକ ମୋହିଥିଲେ ।

ଥରକ ହଇଜାରେ ତା ବଂଶ ବୁଡ଼ିଗଲା । ଭଉଣୀଟି କୁଟୁଣୀ ଶିଖାଣରେ କୁଆଡ଼େ ଗଲା । ବଂଶର କୁଳାଙ୍ଗର ସେ, ଶେଷ ଜୀବନରେ ଆଖିଯୋଡ଼ିକ ହରାଇଥିଲା । ବଡ଼ ମକଦ୍ଦମ ତା ଖିଆପିଆ ହାନିଲାଭ ବୁଝିବେ ବୋଲି ଜମିବାଡ଼ିତକ ଲେଖାଇ ନେଲେ । ଖାଦ୍ୟ ଓ ଚିକିତ୍ସା ଅଭାବରେ ପଡ଼ି ପଡ଼ି ବୈରାଗୀ ଆଖି ବୁଜିଲା ।

ହଇଜା ବେଳ କଥା ମନେପଡ଼େ— ଗେଲୀ ନାନୀ ଅଁଳା ନାନୀ (ବୈରାଗୀର ଭଉଣୀ) ମୁଣ୍ଡରେ ତେଲ ଘଷୁଥାଏ, ଏଣେ ବାଡ଼ି ଦୁଆର ପାହାଚରୁ ପାହାଚ ହଇଜା ବୋହି ଯାଉଥାଏ ।

ଅଁଳା ନାନୀ ମୋର ଯୋଉ ବେଳୁଆ ମଶିଣାରେ ଶୋଇଥିଲା, କୋକେଇ ବନ୍ଧା ବେଳେ ସେଥିରୁ ତାକୁ ଗୋଟିଏ ଛିଣ୍ଡା କନ୍ତରାକୁ ଗଡ଼େଇ ଦିଆହେଲା, ସେଥିଁଏ ଛିଣ୍ଡା କୋତରା କନାରେ ମୁର୍ଦ୍ଦାରକୁ ଘୁଡ଼ାଇ ନିଆ ହେଲା । କୁଇ ଗାଡ଼ରେ ଶୁଆଇଲା ପରେ ଶେଯ ବୋଲିଥିବା ସେ ଅଳିଆମେଞ୍ଚାକ ବି ଧୋବା ଘେନିଗଲା; ଭଲ ଖଣ୍ଡିଏ ପିନ୍ଧିଥିଲେ ତାର ଖଣ୍ଡିକ ପିନ୍ଧାଇ ମୁର୍ଦ୍ଦାରକୁ ମଶାଣିକୁ ନେବା କଥା ମନେପଡ଼ିଲେ ଏବେ ବି ମୋ ଦେହ ଶୀତେଇ ଉଠେ ।

Digitized by srujanika@gmail.com

ନଟ ସାହୁ ବୀର ମହାନ୍ତଙ୍କ ପଞ୍ଚ ଶିଷ୍ୟ, ଗ୍ରାମେ ଗ୍ରାମେ ଫକୀର୍ତ୍ତନ ଶିଖାଉଥିଲା ସେ, ଫକୀର୍ତ୍ତନ ଗୀତ ବୋଲୁ ବୋଲୁ ଅଜ୍ଞାନ ହୋଇ ଯାଉଥିଲା ।

ଚଇତନ ସାହୁ । ଭଲକଣ୍ଠ । ତାର ଫକୀର୍ତ୍ତିନ ସ୍ୱର ଗୋଟାଏ ଜୁଆରିଆ ନଈ ପରି ମେନାଣ ଯାହାକୁ ଉଛୁଳାଉଥିଲା ।

ଫକୀର ସାହୁ । ତାର ଚଲଣି ଦେଖି ଲୋକେ ତାଙ୍କୁ ରଜା ବୋଲି ଡାକୁଥିଲେ, ଯେ ଧନଟା ବଳଦରେ ଦୁଇଟା ହଳ ବୁଲାଇ ସ୍ୱଳ୍ପବ୍ୟୟର ଏକ ଚମତ୍କାର ଦୃଷ୍ଟାନ୍ତ ଦେଖାଇଥିଲା ।

ବାଜ ବାଣକ ମୃଦଙ୍ଗ ବଜାଇବାରେ ଧୁରନ୍ଧର, ପାଲା ଗାୟକ ସାଧୁ ପଣ୍ଡାଙ୍କ ବାୟକ ହୋଇ ଦିବାକୁ ବସୁରୁ ଥିଲା, ଦିନେ ପୋଡ଼ା ପୋଖରୀହୁଡ଼ା ବାଟେ ଆସୁ ଆସୁ ଡରି କାଲ କବଳରେ ପଡ଼ିଲା ।

ବଙ୍କି ମହାପାତ୍ର ବଡ଼ ରସିକ ଥିଲେ; ଦ କାନ୍ଧରେ ଦ ଖଣ୍ଡ ପାଟଳା ଗାମୁଛା, କାନରେ ଚମ୍ପାଫୁଲ, କପାଳରେ ସିନ୍ଦୁର କଳା । ତାଙ୍କୁ ଚୂଡ଼ାଘଷା, ଚୁଡ଼ା ପଖାଳ, ଅମ୍ଳ ରାଇ ପାରି ଭଲଭାବେ ଜଣାଥିଲା ।

ସୁକଣ୍ଠ ଗୌରାଙ୍ଗ ଦାଣେ ପୁରାଣ, ରାସ ବୋଲିରେ ଖଣ୍ଡମଣ୍ଡଳରେ ଖ୍ୟାତ ଅର୍ଜିଥିଲେ । ନାଥ ହୋତା ନକଲିଆ, ନବଜିଆ ବଟା କନ୍ଧ ହସେଇ ହସେଇ ଗଡ଼େଇ ଦେଉଥିଲେ ।

'ବଜା' ଭଳି ଲଙ୍ଗଳ ଦଉଡ଼ି ଖାଉଁ ଥିଲା । ବର୍ଷସାରା ବ୍ୟବହୃତ ହେଲେ ବି ସେ ଦୋଉଡ଼ି ଛୁଉଁ ନ ଥିଲା, ବଳଦ ଖୁରାରେ ଲୁହା ଫଣିଗଲେ ସେ ମନ୍ତ୍ରର ଭଲ କରି ଦେଉଥିଲା । ହେଣ୍ଡା ଉଛୁଡା ଘର ଛପର କଲେ ବର୍ଷାରୁ ଟୋପିଏ ପାଣି ଗଳୁ ନ ଥିଲା । ବୃନ୍ଦା ଖେଇ କଣ୍ଟି ଧରି ହଳ କଲେ କାଖବାଟେ ପବନ ପଶି ପାରୁ ନ ଥିଲା । ଓଳିଆ ବାନ୍ଧିଲେ ବରି ବା ମୁଗରେ ପୋକ ଲାଗୁ ନ ଥିଲେ । ନିଧି ମହାରଣା ଗଙ୍ଗା ମୃତ୍ତିକାରେ ଚତାଚଇତନ ମାରି ଭାବ ଘଟାଟୋପରେ ବାନ୍ଧାରୁଥିଲା, ମାଟିଘର ଗ୍ରାମ ଉଆରରେ ସେ ପ୍ରବୀଣ ଥିଲା । 'ମଲ୍ଲୀ' ଧାନ ରୋଇବାରେ, ·ଖେଳୁଆ ପକେଇବାରେ ଓସ୍ତାଦ ଥିଲା । ଶ୍ରାଦ୍ଧ ମଉଳାରେ ଡାକ ଦେଲେ ଜଗାବୋଉ ଆସି ରାନ୍ଧୁଥିଲା, ଇଂରାଜୀ ଶବ୍ଦର ଉଚ୍ଚାରଣକୁ ସେ ନିଜସ୍ୱ ମୌଳିକ ରୀତରେ ପକାଇ ଦେଇଥିଲା ଇଞ୍ଜେକ୍‌ସନ୍, ଇନ୍ଦ୍ରଫଣି, ସ୍କୁଲ ଇସକଲ, ମାଷ୍ଟର—ମାଟର; ଇନ୍‌ସ୍‌ପେକ୍‌ଟର-ଇଣିସିପେକଟର; ବାଇଧର ସାହୁ; ଯାହାର ଦୁଆଖି ପରି ତାର ଚେହେରା, ପଶୁପକ୍ଷୀଙ୍କ ଶବ୍ଦକୁ ଅବିକଳ ନକଲ କରି ସେ ବୋବାଇ ପାରୁଥିଲା ।

Digitized by srujanika@gmail.com

ଗୋରୁଗାଈ ଜାଳିଆ ସୋମ୍ବର ଇଷ୍ଟ । ଗାଈଗୋରୁଙ୍କୁ ପେଟପୂରି ନ ଖୋଇଲେ ତା ପାଟିକୁ ସୁ ଣ୍ଡା ଯାଉ ନ ଥିଲା । ମହନା ମାଅର ପସନ୍ଦ ଉଚ୍ଚସ୍ତରର ଥିଲା । ତାଙ୍କୁ ଡାକ ପଡ଼ୋଶୀ ଗ୍ରାମବାସୀ କୁଣିଆଁ ଘରକୁ ସଜଡ଼ା ସଙ୍ଗୁଲାବୋଟ, ସାବଜୀଗର, ଫଳଥିଆ ବୋଟ, ପୁଆଣି ସଜ ଦେଖାଉ ଥିଲେ । ଜମିତପଙ୍କରେ ସେବେଇତ, ବନ୍ଧୁ-ବାନ୍ଧବଙ୍କୁ ଯୋଉ ବଗିଦରେ ଯାହାକୁ ପରଶିବାରେ ତାଙ୍କୁ ବଳି ଆଉ କେହି ନଥିଲେ । ଯଦୁଆ ମାଆଙ୍କୁ ମୁଆଁ, ଉଖୁଡ଼ା, ମନୋହର, ଗୁଡ଼ ଖଇ, ଚୁଡ଼ାପୁଆ ପାଗ ଭଲ ଭାବେ ଜଣାଥିଲା । ସଙ୍ଗୁଲାକୁ ଟୋକେଇ ପର ଗୋଟାଏ ଗୋଟାଏ ନଡ଼ିଆପାଢଦଆ ମୁଆଁ ସେ ବୋଳୁଥିଲା । ବାଇଧର ହୋତା ଅମାଲ୍, ପୁରୁକାକସ ଗୁଣିବାରେ ଓସ୍ତାଦ୍ ଥିଲେ ।

ବାଞ୍ଛା ମହାରଣା ପହିଲେ ଚମଡ଼ା ବଦଳରେ ଚକ ଚଲାଇ କମାର ଶାଲକୁ ମୁଗୋପଯୋଗୀ କରିଥିଲା । ନାଲ୍ ମିଶ୍ରଙ୍କ 'ଆପଣା ପର' ଜ୍ଞାନ ନ ଥିଲା । କାହା ବୋଲି ତାହା ବଳ ସେ ବାଛୁଥିଲେ । 'ପରପୁଅ ଲାଗି ଯୋଗିଆ କାନ୍ଦେ' ବୋଲି ଯୋଉ ଢଗ ଚଳୁଛି, ସେଠି 'ଯୋଗିଆ' ଜାଗାରେ 'ନାଲିଆ' ହେବା କଥା । ତାଙ୍କ ପାଗଳାମି ପରର ଫସଲ କମେଇବାରେ କଟିଗଲା ।

ତାଙ୍କ ମାଆ 'ବାଇଆଣୀ ବୁଢ଼ୀ', ଗୋଡ଼ରେ ହାତରେ ତାର ଲକ୍ଷଖଡ଼ୁ । ଯୁବତୀ ବୟସର ଅପୂର୍ଣ୍ଣ ଅଲଙ୍କାର ଲିପ୍ସାକୁ ହୁଏତ ଏହିପରି ଚରିତାର୍ଥ କରୁଥିଲା ।

ଖିଲ୍ ମିଶ୍ରେ, ସମ୍ପତ୍ତିବାଡ଼ ଥିଲେ ବି ଭିକ୍ଷା ତାଙ୍କର ବିନୋଦନ ଥିଲା । ଗୋଲଦେଶ (ମେଦିନୀପୁର), ପାବନା (ବାଂଲା ଦେଶର ସହର) ତାଙ୍କର ବ୍ରିଷ୍ଟ୍ରିଲୀ ଥିଲା । ସେ ବଙ୍ଗଲାମିଶା ଓଡ଼ିଆ ଗୀତ ବୋଲୁଥିଲେ

'ତୁମି କାଦେର କୁଲେର ବଉ
ଯମୁନା ସିତେ ଜଲ ଆନତେ ଲାଗିବେ ପ୍ରେମେର ଢେଉ ଗୋ
ତୁମି କାଦେର କୁଲେର ବଉ ।

ବିଧବା ଶରଧିନାନି ମାଣ୍ଡିଆ ଜାଉ, କୋଳଥ ଜାଉ ଖାଇ ଜୀବନ ବଞ୍ଚେଇ ଥିଲା । ଦାନ୍ତ ଦଣ୍ଟେ ନ ଥିଲା । ପଚାରିଲେ କହୁଥିଲା—ହାତୀ କଣ ଦାନ୍ତ ଘଷେ ? ସେ ତ ମଲେ ଲକ୍ଷେ, ଜିଇଁଲେ ଲକ୍ଷେ । ଆଉ ମୁଁ ? ମତେ କିଏ ପଚାରେ ?

ନବକୁଞ୍ଜିଆ ବୋଲି ଅକୁରକୁ ଲୋକେ ବ୍ୟଙ୍ଗରେ ମନ୍ତ୍ରୀ ବୋଲି ଡ଼ାକୁଥିଲେ । ହାଟକୁ ଜିନିଷପତ୍ର ବିକି ନେଲେ ଗରାହାକ ସ୍ତରଣାରେ ନେବାକୁ ସ୍ତୁହୁଁ ଧଲେ ସେ ଆଣ୍ଠି କହୁଥିଲା—ବୋଉ କହିଛି - ଚଉଦ ପଇସାରେ ବିକିବାକୁ । ସେଥିରୁ ଗୋଟିଏ ପଇସା ଊଣା ହେଲେ ମୁଁ ଦେବି ନାହିଁ !

Digitized by srujanika@gmail.com

କୃଷ୍ଣ ମୁଦୁଲି କହୁଥିଲା—"ସତ ଥିଲେ ଭାତ ମିଳେ ।" କାହାଠୁ ପଇସାଟାଏ ଧାରିଥିଲେ ତା ଭୋଟିରେ ସତେ କି ଲକ୍ଷ୍ମୀ ରହୁଥିଲା ।

ବନ୍ଧୁ ମୁଦୁଲି ମଣିଷ ସ୍ୱଭାବରେ ମୋଟେ କଡ଼କା ନ ଥିଲା । ଗୋଟିଏ ଚରୁଣ୍ଡ, ପିଦ୍ଧାଣୀର ହାତ ଧରିଥିଲା ସେ । ବନ୍ଧୁ ଲଙ୍ଗଳକଣ୍ଠି ଧରିଥିଲା ବେଳେ ତା ସ୍ତ୍ରୀ ପଟେ ବଳଦ ଭଳି ଜୁଆଳି ଭିଡ଼ୁଥିଲା । ସେ ପାଠ ନ ପଢ଼ି ପେଟେଣ୍ଟ ମେଡ଼ିସିନ୍‌ର ସୂକ୍ଷ୍ମସବୁ ଅନୁଭବ କରିଥିଲା । ତେବେ ଏତକ ତାରତମ୍ୟ ଯେ ସମାର୍ଜନୀ ହସ୍ତରେ ସେ ବାରମ୍ବାର ସ୍ୱାମୀଦେବତାଙ୍କୁ ସତାଡ଼ନ କରୁଥିଲା ।

ଦାଣ୍ଡିଆ ଆନନ୍ଦ ଦାଶ ମନ୍ତ୍ର କରି ଅନ୍ୟ ଗାଈପଲ୍ଲାରୁ ଓଖର ଉଡ଼ାଇ ଆଣି ନିଜ ଗାଈପଲ୍ଲାରେ ରଖୁଥିଲେ, ଲୋକବିଶ୍ୱାସ । ମାଛ ଧରିବା ଲାଗି ସେ କାଦୁଅ ପଙ୍କରେ ପଶୁ ନ ଥିଲେ । ମାଛଧରାଳୀଙ୍କୁ କହୁଥିଲେ—ରାଜସ୍ୱ ? ରାଜା ନୁହନ୍ତି, ରାଜସ୍ୱ କଣ ? ଏ ପ୍ରଶ୍ନ କେହି ପଚାରୁ ନ ଥିଲେ । ଦାଣେ ମାଛ ନେଇ ଘରକୁ ଯାଉଥିଲେ ।

ଜମିଦାରୀ, ମକଦ୍ଦମା, ମହାଜନୀ ଓ ମାଲିମକଦ୍ଦମାର ଘୋଳିଆ ପାଣିରେ କଙ୍କଡ଼ା ପରି ଯେଉଁ ଟାଉଟରମାନେ ଖେଳୁଥିଲେ, ଗାଆଁକୁ ଦରବାର କରି ଉଠାଉଥିଲେ, ପକାଉଥିଲେ, ତଳିତଲାନ୍ତ କରିଥିଲେ, ସେମାନେ ଗୋଟି ଗୋଟି ହୋଇ କାଏ କୁଆଡ଼େ ମରିହଜିଗଲେ । ସେମାନଙ୍କ ମଧ୍ୟରେ ବଳରାମ ହୋତା ଉଭୟ ସୁଗୁଣ ଓ ଦୁର୍ଗୁଣର ଆଧାର ହୋଇଥିଲେ, ଯାହା ସାଧାରଣତଃ ମଣିଷ ହୋଇଥାଏ । ଜମି ଜମା ବଢ଼େଇବା ଲାଗି ସେ ଯାହା ପାପ କରିଥିଲେ, ଭାଗବତ ସପ୍ତାହରେ ତାର ପ୍ରାୟଶ୍ଚିତ୍ତ କରୁଥିଲେ । ସଂସାର ଚଳାଇବାରେ ଯେପରି ହିସାବୀ, ଗ୍ରାମବାସୀଙ୍କୁ ଖୋଇବାପେଇବାରେ ସେପରି ଦେହହାରୀ ମଧ୍ୟ ଥିଲେ । ସୋଲିମ୍‌କୁ ହାତ କରିବାରେ, ଧନୀ ଅତ୍ୟାଚାରୀଙ୍କୁ ସମର୍ଥନ କରିବାରେ ସେ ଜନତାରୁ ଦୂରେଇ ଗଲେ । ଜମିଦାରୀ ଉଠିଯିବା ପରେ ସେ ଧର୍ମଚର୍ଚ୍ଚା କରୁଥିଲେ । ନିଜ ପୋଖରୀରେ ଦିନେ ଗାଧୋଇ ଗାଧୋଇ ତାଙ୍କ କାଳ ଆସି ପହଞ୍ଚିଗଲା, ଯେପରି ଅନ୍ୟମାନଙ୍କ ପାଖରେ 'ହାବୋଡ଼ି ଯାଏ ସେ ଅଜନ୍ମିତେ ଅସି ।'

ଶତ ସହସ୍ର ଜନ୍ମିଥିଲେ, ହଜିଗଲେ । କାହା କଥା ମନେ ରଖିଚି ଗ୍ରାମ ? କେତେ ଜଣଙ୍କୁ ବା ଆତ୍ମବିକାଶର ସୁଯୋଗ ମିଳିଥିଲା, ଏଇ ସଂକୀର୍ଣ୍ଣ ପରିବେଶରେ ? ଆସିଥିଲେ, ଗଲେ; ଜୀବନଧାରଣ ମାତ୍ର ସାର । ଦମନାଥ ଦାଶ, ଗୋବିନ୍ଦ ହୋତା, ଜହ୍ନୀ ମହାପାତ୍ର, ଅଗାଧୁ ପ୍ରଧାନ, ଆନନ୍ଦ ମୁଦୁଲି, ଚଇତନ ସାହୁ, ବାଞ୍ଛା ସୋଇଁ, ବାଳ ଜେନା, ଅର୍ଜୁନ ପଣ୍ଡା—ସେମାନଙ୍କ ଏବେ କେବଳ ନାମ, ଆଜିକାଲିର ପିଲାଙ୍କୁ ଅଜଣା, ଅଚିହ୍ନା । ଚିତା ପାଉଁଶ ଓ ଧୂଳି ହେଉଛି ଏକାକାର, ସନ୍ଧ୍ୟାରେ ଅଜାଣର ଶିଶୁ ଖେଳେ ।

Digitized by srujanika@gmail.com

ଇତିହାସର ଗତି ବଦଳାଇବାର ଶକ୍ତି କାହାର ନ ଥିଲା । ସମୟକ୍ରମେ ଅନ୍ୟ ଦେଶର ପ୍ରଭାବରେ ଇତିହାସର ମୋଡ଼ ବୁଲିଲା, ସମାଜର ମେଢ଼ ଦୋହଲିଲା । ସାଧାରଣ ବ୍ୟକ୍ତି ସେଇ ଦୋହଲ ମଧ୍ୟରେ ନିଜର ଅସ୍ତିତ୍ୱ ଅନୁଭବ କଲା । ଇତିହାସରେ ଲଗାମ୍ ଧରି ବସିଲା ବିପ୍ଳବୀ ।

ଆମ ଗାଁ । ବିଷୟରେ ନନାଙ୍କ ନାମରେ ନାମିତ 'ଚନ୍ଦ୍ରମଣି ବିଦ୍ୟାପୀଠ'ର 'ଉଦୟଶ୍ରୀ' ପାଣ୍ଡୁଲିପି ପତ୍ରିକାରେ ଗୋଟିଏ କବିତା ଲେଖିଥିଲି; ତଳେ ତାର କିଛି ଅଂଶ ଉଦ୍ଧାର କଲି –

'ରଙ୍ଗବତୀ ମୁଁ ଉଡ଼ାଇ ଅଛୁରେ
ଧରିଛୁ ପରଜାପତି
କେସୁର ଖୋଳିଛୁ ଛତୁ ମୁଁ ତୋଳିଛୁ
ସାଧବବୋହୂରେ ମତି ।
ବାଟି ଖେଳି ଅବା ବନଶୀ ପକାଇ
ଜଗି ଜଗି ମାଛ ଗଡ଼ା
ମାକଡ଼ ଉଡ଼ାଇ ଆଖଡ଼ା କରି ମୋ
ଶଇଶବ ବିତିଗଲା ।
ନାଚ ଢଙ୍ଗେ ଅଙ୍ଗେ ସୋଳଷ କଳା
ଖିଖିର କୁଆଁଖି ଛବି
ସୁନା ଧାନ ଖେତ ଭକତ ମୁଁ ଜଣେ
ରେଷ୍ଟ ଗାଆଁର ଭବ ।
ଅଧା ଲାଗିଲା ଭୁଇଁ ଶେଯ ଯା'ର
ପଖାଳକୁ ନାହିଁ ଲୁଣ
ପାଟୁଆ ଯାତ୍ରା କବି ହୋଇଥିଲେ
ନନା, ଭାଇ ବାରେ ଶୁଣ ।
ସ୍ୱପନା ମୋ ଥିଲେ ଯାତ୍ରାର କବି
'ଢେଙ୍କି ଘୋଡ଼ା'ର କବି
ଫୁଟିଥିଲି ବୋଉ ଗାଉଁଲି ଗୀତରେ
ଗାଆଁ ଗୋଟାକର ଛବି
ଉଦୟନାଥ ଯେ ସାନ ଭାଇ ମୋର
ବିଦେଶରେ କଲା ବାସ
ନୁଖୁରା ଭୂଇଁରେ କଲମ ଚପେ ମୁଁ
କୃଷ୍ଣ ବିହାରୀ ଦାଶ ।

ଏକା ଜୁଇ ଗଛେ ଶେଇ ପଡ଼ିଲେ ରେ
　　　　　　　ଗା ଗୋଟାକର ଲୋକ
ଯାହୁ ଜମିଦାର ଜଣବନ୍ଧୁରୁବା
　　　　　　　ନ ପାଉଥିଲ ଯେ ଭୋକ
ତାହା ପାଇଁ କାହିଁ ଶୋକ କରିବ ରେ
　　　　　　　କାଳ ହୁଏଁ ନୂଆ ରଙ୍ଗ
କାଲିମେ ଟେକୁଚ କେଡ଼େବଡ଼ିଆ ମୁଁ
　　　　　　　ରେଙ୍ଗ ଗାଆଁର କଙ୍ଗ ।"

ମୋ ନନା ଓ ଅମ ଗାଁର ମଧୁସୂଦନ ଦାଶେ ଯାଯାବକ ଦୃଷ୍ଟିରୁ ସୁଚତୁର ଥିଲେ । 'ମକଦ୍ଦମା ବ୍ଲକଷ୍ଟିକ' ବୋଲ ଘୋଷିଲ ମାତ୍ରେ ନନା ଓ ସେ ଅଧିକାଂଶ ଜମି ପାଟ୍ଟାପଟା କରି ପକାଇଥିଲେ । ତଥାପି ପୈତୃକ ଅଠ ଏକର ଜମି ମଧ୍ୟରୁ ଆମର ଦ ଯା ଛିପ ଜମି ଓ ଦ ଯା ପୋଲିଙ୍କ ଭୋଗ୍ଟା ଚାଲିଗଲା । ଆଦେଶ ଜାରି ହେବା ଆଗରୁ ନନା ଶହ ଶହ ଫଳନ୍ତ ପୋଲାଙ୍ଗଗଛ ଓ ଗୋଟିଏ ବଡ଼ ଜାମୁଗଛ କାଟି ଆଣିଥିଲେ 'ଘରପୋଡ଼ିରୁ କୁଟାଖିଏ ପାଇଲେ ଯିଲ' । ଜାମୁଗଛଟି ମହଙ୍ଗରୁ ଚଉ ହୋଇ ଆମ ବାଡ଼ିଘରେ ଓଉ ହୋଇଛି । ତାକୁ ଏବେ ଦେଖିଲେ ମୋର ଗାଆଁ ଜଳମ୍ କଥା ମନେ ପଡ଼ିଯାଏ । ମନେ ପଡ଼େ, ଆମର ସାମାନ୍ୟ ମକଦ୍ଦମା ଥିଲେ ବି କେମିତି ମକଦ୍ଦମଦମାକ୍ ଚଅଣ ହୋଇଥିଲା, ମକଦ୍ଦମା, ସାଅନ୍ତ ପୁରୁପୁରୁ ଯାଉଥିଲେ ବି ମତେ କେହି ମକଦ୍ଦମ କ ସାଥିନ୍ତ, ନ ଡାକଲେ କେମିତି ମନ ଚଢ଼ ଉଠିଥିଲା । ଯେତେ ଅଳ୍ପ ବୟସ ହେଲେ ବି ଅମେ ବୟସ୍କ 'ପଧାନ', 'ଚେଲ୍ଲା', 'ମୁଦୁଲି', 'କଣ୍ଡରା', 'ପାଣ୍ଡେ', 'ଦାଉଣ୍ଡି'ଙ୍କୁ ରୁ-ତା କରୁଥିଲୁ, ସେମାନେ 'ତମେ. ଆପଣେ' କହୁଥିଲେ । ଏବେ ବି ଗାଆଁରୁ ସେ ପରମ୍ପରା ଲୋପ ପାଇନାହିଁ, ଶିକ୍ଷିତମହଲରେ, ସହରରେ ବି ଆମେ ମଳମୁଣ୍ଡିଆଙ୍କୁ 'ରୁ-ତା' କରଥାଉଁ ।

ବ୍ରାହ୍ମଣୋପନରୁ ଲକ୍ଷ୍ମୀ ଛାଡ଼ିଲା, 'ଲକ୍ଷ ଘର ଭାଙ୍ଗି ମା ଗୋ ଏକ ଘର କରୁ'— ଆଖି ଆଗରେ ଆମେ ଏ କରୁଣ ଦୃଶ୍ୟ ଦେଖିଲୁ । ଗମ୍ଭୀରଟାଯାକର କଲେଇ ଗୋଟାଏ ଚଲାବାଡ଼ିରେ ଗଦା ମଲା, କୁଟାଗଦା ସ୍ଥାନରେ ଶହେଭରଣ ଧାନର ପାଲଗଦା ବସିଲା । ସେହିପରି ମୁଗ, କୋଳଥ, ବରି ମଧ୍ୟ ମାଟି ଗୋଡ଼ି ପରି ଅମଲ ହେବାକୁ ଲାଗିଲା; ଅଥଚ ଏଣେ ଜାଲୁ ଦାଶେ ପାଗଳ ହେଲେ, ଖଲୁ ଦାଶେ ଉକଟ୍ଟଳ ଧଇଲେ, ନଡା ଅଭାବରୁ କୋଉ ମକଦମଙ୍କର ପାଞ୍ଚଶେଣିଆ ଘର ଭୁସୁଡ଼ି ପଡ଼ିଲା, କିଏ ବା ଦୁଃଖ ସହି ନ ପାରି ପାଚକ ପାଣି ଟିକିଏ କରୁ କରୁ ଛଡ଼ିବାଡ଼ି ଉଡେଇ ବସିଲା । ବ୍ରାହ୍ମଣମାନେ ଛନ୍ନଛତର ହୋଇ କଲିକତାକୁ ଦେଶାନ୍ତରିଆ ହୋଇଯିବାର ବଳକଟ

Digitized by srujanika@gmail.com

ଦୃଶ୍ୟ କେବଳ ଆମ ଗାଁରେ ନୁହେଁ, ଅନ୍ୟ ଅନେକ ଗ୍ରାମରେ ମଧ୍ୟ ଦେଖିବାକୁ ମିଳଥିଲା । 'ବେଧାଗାସ୍ତୀସ୍ଥାନ', ପରୀକ୍ଷାବୃକ୍ଷ ଏବଂ ପୁସ୍ତି ମଧ୍ୟମଶ୍ରେଣୀଟି ନାମକୁ ମାତ୍ର ଛାତ୍ରପାଠକ ଉପରେ ରଜା ହୋଇ ବସିଥିଲା, କିନ୍ତୁ ତା'ର ପ୍ରକୃତ ପ୍ରଭୁତ୍ୱ ଲୋପ ପାଇଥିଲା ।

ବାଳିକା ସ୍କୁଲ ପ୍ରସ୍ତାବରୁ ଆମ ଗାଁର ଝିଅମାନେ ଅନ୍ୟ ଗ୍ରାମକୁ ଶିକ୍ଷିତା ବୋହୂ ହୋଇ ଯାଉଥିଲେ, କିନ୍ତୁ ଆମ ଗାଁକୁ ଯେଉଁମାନେ ବୋହୂ ହୋଇ ଆସୁଥିଲେ ସେମାନେ ଶ୍ରୀଅକ୍ଷରବର୍ଜିତା । ବିଧବାମାନେ ଉଚ୍ଚ ପ୍ରାଥମିକ ସ୍କୁଲରୁ ପାସ୍ କରି କଟକ ହିନ୍ଦୁ ମହିଳା ସ୍କୁଲରୁ ଟ୍ରେନିଂ ପାଇ ଅନ୍ୟ ଗ୍ରାମମାନଙ୍କରେ ଶିକ୍ଷୟିତ୍ରୀ ହେଉଥିଲେ ।

ସେଇପାଇଁ ଗ୍ରାମରେ ଦରିଦ୍ରତମ ଥିଲା । ବାପା ମାଆ ଉଭୟେ କାମକୁ ଯାଉଥିଲେ; ଅଚଳ ବୁଢ଼ୀମାନେ ଛୁଆଙ୍କ ଉପରେ ଆଖି ରଖୁଥିଲେ; ମାଣ୍ଡିଆ ଜାଉ, କୋଳଥ ଜାଉ, ଯୁଆଁ ଜାଉ, ଅଜାବନା ଶାଗ ସାଧାରଣ ଖାଦ୍ୟ ଥିଲା । ବର୍ଷସାରା ଗାଁର ଅଳ୍ପ କେତୋଟି ପରିବାର ପେଟପୁରା ଭାତ ଖାଇବାକୁ ପାଉଥିଲେ । ସେଇଦିନ ଗାଉଜଗା ଟୋକାରୁ ପାଆନ୍ତସରେ ଲୋକ ଲାଗିବାକୁ ସମର୍ଥ ହେଉଥିଲେ —

'ଛୋଟ ଛୋଟ ହେଲେ ବାଛୁରୀ ଚରାଇ
ବଡ଼ ବଡ଼ ହେଲେ ହଳ ଧରି ଯାଇ ।'

ଗରିବ ମୂଲିଆ କଥା ରଖିପାରେ ନାହିଁ । ଜଣକୁ ଜବାବ୍ ଦେଇ ଆଉ ଜଣଙ୍କର ମୂଲଯାଏ । ଯେ ଆଗରୁ ମୂଲ ଦେଇଛି, ତା'ର ନ ଯାଇ ଯେ ନଗଦ ଦିଏ ତା'ର କାମକୁ ଯାଏ । ପେଟ ପୋଡ଼ୁଥିବା ଲୋକଠାରୁ ସତ୍ୟଧର୍ମ ଆଶା ବୃଥା ।

ଗୋଟାଏ ଗୋଟାଏ ଦାଆ ଧରି ବିଲବାଡ଼ିମାନଙ୍କରୁ ଗେଣ୍ଡା ଶାମୁକା ବାଛି ଆଣି ସେଇମାନେ ଉଷୁନା କରି ଖାଉଥିଲେ; କେହି କଙ୍କଡ଼ା ପୋଡ଼ି ଲଙ୍କା ଲୁଣ ସହିତ ଶିଳରେ ବାଟି ଚଟଣି କରୁଥିଲେ । ବାହାରପାଇକ ଗଲେ ଗୋଟାଏ ଗୋଟାଏ ଗେଣ୍ଡା, ଶାମୁକା ଖୋଳପା ଗଦା ଏଠିସେଠି ଦିଶୁଥିଲା । କେହି କେହି ସେସବୁ ଆଣି ଅଧିକ ଫଳ ଆଶାରେ ପଣସଗଛମୂଳେ ଦେଉଥିଲେ । ଯୁଆଁ ବା ବଜରାରୁ ଖୁଦଳ ଝାଡ଼ି ସେଇଆଣୀମାନେ ଜାଉ ବା ଭାତ କରୁଥିଲେ ।

ପୋଖରୀରୁ କାହ୍ନୁର, କଳମ୍ବଲଟି, ପୋଖରୀକୂଳରୁ ସୁନୁସୁନିଆ, ପିଜା ଶାଗ, ଗହୀରରୁ ପୁରୁଣି, ମଦରଙ୍ଗା, ହିଡ଼ମିଚ୍ଛ, କୋଳଥ ବିଲରୁ ରଜାଶ ଶାଗ ଆଦି

Digitized by srujanika@gmail.com

ତୋଳିଆଣି ଖେଇଆଣୀମାନେ ଖରଡ଼୍‌ ଥିଲେ । ମୂଲ୍‌ ଲଗିବା ସଙ୍ଗେ ସଙ୍ଗେ ଜାଳ ଗୋଟେଇବା ଓ ଶାଗ ତୋଳିବା ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ଥିଲା । ତୋଟାରୁ ପତର ଗୋଟେଇ ଡାଙ୍ଗିଭୁଙ୍ଗା ଖୁଙ୍ଗି, ବିଲରୁ ଘଷି ଗୋଟେଇ ଏମିତି କି କଆଘୋଡ଼ କାଟିଆଣି ସେମାନେ ଜାଳୁଥିଲେ । ପଇସେଅଧଲେ ପାଇଲେ ଖେଇମାନେ ଖଜୁରି ତାଡ଼ି ପିଇ ଦେଉଥିଲେ । ବିଭାଘରେ ବନ୍ଧୁବାନ୍ଧବ ଖାଇବସିଦରମାନେ ତାଡ଼ି ପିଇ ଘୁମୁରିମାଡ଼ କରୁଥିଲେ । ଜାଳ ଅଭାବରୁ ନିଃସ୍ବ, ସେମାନଙ୍କ ମୂର୍ଦ୍ଦାର ପୋଡ଼ା ନ ହୋଇ ପୋତା ହେଉଥିଲା । ସେ ସମାଜରେ ନାରୀ ଉପରେ ପୁରୁଷର ଜୁଲମ୍‌ ବିରଳ ଥିଲା । କାରଣ ଆହାର, ପରିଧେୟ ଲାଗି କେହି କାହା ଉପରେ ନିର୍ଭର କରୁ ନଥିଲେ । ସ୍ତ୍ରୀମାନେ ହାତରେ ପିତ୍ତଳବାଙ୍ଗି, ପାଦରେ ରସମୁଦ ଓ ନାକ କାନରେ ପିତ୍ତଳ ଅଳଙ୍କାର ପିନ୍ଧୁଥିଲେ ।

ହାଡ଼ିମାନେ ପେଟରା, ଟୋକେଇ, ବେତା, ଗୌଣୀ, ମାଣ ବୁଣି ଏବଂ ବ୍ରତଘରେ ବାଜା ବଜେଇ ଦୁଃଖେକଷ୍ଟେ ଚଳୁଥିଲେ । ସେମାନେ ମଲାଗୋରୁର ଚମ ଛଡ଼େଇ ନେଇ ବନ ମଧ୍ୟ କିଛି କିଛି ଅର୍ଜୁଥିଲେ । ଶାଗୁଣା ଶିଆଳଙ୍କ ମୁହଁରୁ ମଲା ଗୋରୁର ମାଂସ କାଟିନେଇ ସିଝେଇ ଖାଇବା ଏକ ବିକଟ ଦୃଶ୍ୟ ଥିଲା ।

ମୁଢ଼ି ଉଖୁଡ଼ା ପସରା ଘେନି ଗୁଡ଼ିଆଣୀ ଦ୍ୱାରେ ଦ୍ୱାରେ ବୁଲୁଥିଲା । ଧାନ ବା କୋଳଥ ଦେଇ ଆମେ ମୁଢ଼ି, ମୁଆଁ ବା ଉଖୁଡ଼ା କିଣୁଥିଲୁ । ଦହିପସରା ମଧ୍ୟ ଗାଆଁରେ ବୁଲୁଥିଲା । ଗିନାଏ ଧାନ ଦେଇ ଆମେ ଗିନାଏ ଦହି କିଣୁଥିଲୁ ।

ସେହିପରି ଦୋକାନପସରା ମଧ୍ୟ ବୁଲୁଥିଲା; ସେ ପସରାରେ ଥିଲା ଗୁଆ, ଗୁଣ୍ଡି, ଲଙ୍କା, ହାଣ୍ଡିଫୁଟା, ଲୁଣ, ତେଲ । ଗରିବ ସାଇମାନଙ୍କରେ ଲୋକେ ଜିନିଷ ବଦଳରେ ଜିନିଷ କିଣୁଥିଲେ । ଟଙ୍କା ପଇସା କାରବାର ଖୁବ୍‌ କମ୍‌ ହେଉଥିଲା ।

ମୋ ଦେଖନ୍ତରେ ଖୀର ମହାନ୍ତିଙ୍କ ସଂକୀର୍ତ୍ତନଦଳ ଗାଆଁରୁ ଲୋପପାଇଲା । ରାମ ମହାନ୍ତିଙ୍କ ବଗିଚାଟି ମଧ୍ୟ ନାରଖାର ହୋଇଗଲା । ଲୋପ ପାଇଗଲା ଆମ ଗାଆଁର ଭାଗବତ ଘର ।

ମୋ ଦେଖନ୍ତରେ ତନ୍ତୀର ତନ୍ତ ଭାଙ୍ଗିଲା, ଗାଆଁରୁ ଗାମୁଛା ପିନ୍ଧା ଲୋପ ପାଇଲା । ବାରୀ ମଲିଆ ପାଲଟିଲେ; ତେଲୀର ଘଣା ବନ୍ଦ ହେଲା, କୁମ୍ଭାରଙ୍କ ହାଣ୍ଡିଗଢ଼ା ଚକ ଆଉ ବୁଲିଲା ନାହିଁ, ମହାରଣାଙ୍କ ଲଙ୍ଗଳଗଢ଼ା ଟ୍ରାକ୍‌ଟର ସୁଲଭ ହେବାରୁ ବନ୍ଦ ହୋଇଆସୁଛି, କମାରଶାଳ କିନ୍ତୁ ପୂର୍ବବତ୍‌ ଚାଲିଛି ।

Digitized by srujanika@gmail.com

ମେଳଣଯାତ୍ରାବେଳେ ପରମ୍ପରାପ୍ରଥା ଏକାବେଳକେ ଉଠି ଯାଉଥିଲା । ରଙ୍ଗୀନ୍ ପାଟଛିଟ ପିନ୍ଧ ମାଇପୀଙ୍କ ସୁଅ ଚ୍ଛଗ୍ଅାଡ଼୍ ମାଡ଼ି ଆସୁଥିଲା । ମେଳଣକୁ ଗ୍ଲୁହିଁଲେ ବୋଧହୁଏ ସତେ ଯେପରି ଏଇଟା ମାଇପୀଙ୍କ ମେଳଣ—ଲାଲ ଲାଲ, ଯେମିତି ରକ୍ତପଦ୍ମର ମଞ୍ଜି, ସେହିପରି ମାଇପୀଙ୍କ ଶାଢ଼ୀ ।

ମୋ ଦେଖନ୍ତରେ ଗାଆଁର ଜଳବାୟୁ ମଧ୍ୟ ବଦଳିଗଲା । ଖରାଦିନରେ ଗମ୍ଭୀରବିଲରେ ପାଣିସୁଅ ଚ୍ଛଲିଲା, ଧାନ ଲହଡ଼ା ମାରିଲା (Green Revolution), କିନ୍ତୁ ଯେତିକି ଧାନ ତା'ଠାରୁ ଜନସଂଖ୍ୟା ଢେର ବଢ଼ିଗ୍ଲଲିଲା । ଦିନେ ଗ୍ରୀଷ୍ମଅଗ୍ନିରୁ ଆମ ଗାଆଁ ସ୍କୁଲ ଉଠି ଯାଉଥିଲା । କିନ୍ତୁ ଏବେ ତା'ର ଦୁଇକୁଣା ଘର, ଗ୍ରୀଷ୍ମ ଜାଗା ହେଉନାହାନ୍ତି ।

୧୯୧୯ ପୁରୀ ଦୁର୍ଭିକ୍ଷ

ସେତେବେଳକୁ ମୋର ପାଞ୍ଚବର୍ଷ ବୟସ । କ୍ଷୀଣ ସ୍ମୃତି ଅଦ୍ୟାପି ମୋ ମନରୁ ଲିଭିନାହିଁ । ବ୍ରାହ୍ମଣଶାସନ ପ୍ରାୟ ଗ୍ଲରଖାର ହୋଇ ଯାଇଥିଲା । ତାହାର ଦୁର୍ଦ୍ଦଶା ବୁଝିବା ଭଳି ବୁଦ୍ଧି ମୋର ହୋଇ ନ ଥିଲା ।

ଆମ ବିଲରୁ ମଲା ଧାନ କଟା ହୋଇ ଆସିଥିଲା । ଅଗାଡ଼ି ଗଣ୍ଡା ବେଙ୍ଗଲା ପଡ଼ୁଥିଲା । କୁଲା ହିଡ଼ାରେ ଅଗାଡ଼ି ସବୁ ଉଡ଼ି ଯାଉଥିଲା । ଗୌଣିଏ ଅଗାଡ଼ିରୁ ମାଣେ ଧାନ ବାହାରିବା କଷ୍ଟ । ସେଥିରୁ ବୁଢ଼ୀ ମାଆ କୁଲରେ ଛେଦ ଛେଦ ବନ୍ଧନ ରଖୁଥିଲା । ପୁରୁଣା ଧାନ କୋଠି ଓଲା ହୋଇ ବାହାରିଲା । କିନ୍ତୁ ନୂଆ ଧାନ ପଶିଲା ନାହିଁ । ଯାହା ମିଳିଲା ପେଟକୁ ନଅଣ୍ଟ । ବୋଉ ଗୋଟା ଭଜା ମୁଗ ସିଝାଇ ଗୁଡ଼ ପକାଇ ଆମକୁ ଖୋଉଥିଲା । ସବୁଦିନ ଦ ଓଲା ପ୍ରାୟ କୋଳଥ ଜାଉ ହେଉଥିଲା । ମାଆ ପ୍ରତିଦିନ ଟୋକେଇଏ ଅନାବନା ଶାଗ ଯାଉଁଚି ଆଣୁଥିଲା ।

ତତ୍ପର ଅଞ୍ଚଳରେ ସେହି ଦୁର୍ଭିକ୍ଷ ଉତ୍କଟ ହୋଇଥିଲା । ଅନାହାରରେ ବହୁ ଲୋକ ମରୁଥିଲେ । କମିସନର ସାହେବ ମାଇପୀଙ୍କ ହାତର ପିଉଳିବାଲିକୁ ସୁନା ବୋଲି କହୁଥିଲେ ।

ସ୍କୁଲ ଯେରେ ରନ୍ଧା ହୋଇ ତୋରାଣି ଭଙ୍ଗା ହେଉଥିଲା, ମାଆ, ବୋଉ ଆଳିଏ ଲେଖାଏଁ ଅନାବନା ଶାଗ ଖାଇ ତୋରାଣି ପିଉଥିଲେ, ଲମ୍ବା ଚନ୍ଦ ଭଲଆ ଭାତ ଛାଞ୍ଚି କୋଳଥ ଜାଉ, ମାଣ୍ଡିଆ ଜାଉ ଖାଉଥିଲେ, କାଞ୍ଜି ଖଦିପିତା, ଖିରଧାପାଣି ଖୁବ୍ ହେଉଥିଲା । ବେଳେ ବେଳେ କାଣ୍ଡିଆଳୁଣ୍ଡା ପିଠା ହେଉଥିଲା; କଟକୀ ସେର ଦଶ

Digitized by srujanika@gmail.com

ପଚିଶାରେ ଜଣା ହୋଇ ଗହମ ଜାଉ ଜର ହେଉଥିଲା । ଏହି ଦୁଃସମୟରେ ଭଗବାନ୍ ଦାଶଙ୍କ ଘରୁ ଆମର କୋଡ଼ିଏ ଗୌଣୀ ଧାନ କରଜ କରା ହୋଇଥିଲା । ଗୋଟିଏ ବଡ଼ ବେତା ଘେନ ଆମ ଲୋକ ଯାଇଥିଲା; ତା ସଙ୍ଗରେ ବାଆଁକୁ ବତା ଭଳି ମୁଁ ଯାଇଥିଲି । ନିଜେ ଯାଇ ପରଦୁଆରେ ଗୋଡ଼ ଭିଡ଼ି ଠିଆ ହୋଇ କରଜ ଆଣିବାକୁ ନନାଙ୍କୁ ଲାଜ ମାଡ଼ୁଥିଲା; ସେ କରଜ ଲଗାଇଥିଲେ ସିନା, କେବେ କାହାଠୁ ଆଣି ତ ନ ଥିଲେ ।

ସେଇଥିପାଇଁ ଖାଲି ହୋଇଯାଇଥିଲା । ଆପଣା ପେଟପାଟଣା ଘେନି କିଏ କୁଆଡ଼େ ପଳାଇଥିଲେ; ଗାଆଁରେ କିଛି କାମ ନ ଥିଲା; ଭିକାରି ପାଳ୍ଲ, ପଳ୍ଲ, ଭିକ ଦେବାକୁ କେହି ନାହିଁ । କେତେ ଶୁଦ୍ଧଶ୍ରାଦ୍ଧ ନାମକୁ ମାତ୍ର ହେଉଥିଲା । ବସ୍ତ୍ରପୂଆଣି ବନ୍ଦ ହୋଇଯାଇଥିଲା । ମୁଢ଼ି, ଚୂଡ଼ା ଅଭାବରୁ କେତେଦିନକାଳ ଆମ ପାଟି ଚୁଲ୍ ନ ଥିଲା । ସେଇ କରଜ ଧାନରୁ ଗଣ୍ଡିଏ ଘେନି ମୁଁ ବୁଢ଼ିଆ ଘରକୁ ମୁଢ଼ି ଆଣିବାକୁ ଯାଇଥିଲି । ଶ୍ରେଷ୍ଠୀ ବୁଢ଼ିଆଣୀ ଅଢ଼େଇ ହାତ ଲମ୍ବା ବୁଢ଼ୀଟିଏ, ଫୁଙ୍କି ଦେଲେ ପଡ଼ିଯିବ—ଏମିତି ଚେହେରା । ଶ୍ରେଷ୍ଠୀର ହାତଟି ପିଲାଙ୍କ ହାତପରି ଛୋଟ । ମୁଁ ନେଇଥିବା ଧାନଗଣ୍ଡିକ ତା ହାତଂର ଯୋଖେ ହେଲା (ସେ ଦୃଶ୍ୟ ନାଚିଯାଉଛି, ଆଖି ଛଳ ଛଳ ହୋଇଯାଉଛି) ।

ଦ'ଦିନରେ ସେତକ କୁଆଡ଼େ ମିଳାଇଗଲା । ଶ୍ରେଷ୍ଠୀର ଗୁଡ଼ଳିଆ ମୁଢ଼ି ସୁଆଦ । ଆଜିର ରସଗୋଲା, ସନ୍ଦେଶ, ଶିଷ୍ଟକାକରା ମଧ୍ୟରେ ମୁଁ ତାକୁ ଭୁଲିପାରି ନାହିଁ । ଆଜି ଶ୍ରେଷ୍ଠୀ ନାହିଁ, ତା ସ୍ୱାମୀ ମାଇଚ୍ଛଳିଆ ହଟିଆ ନାହିଁ, ତା ଶାଶୁ କଳାହୁଡ଼ୀ ବୁଲୀ ନାହିଁ, ତା'ର ସେ ମାରଣା ହଡ଼ାଣ୍ଟା ନାହିଁ । ତା'ର ସେହି ଚାଳୀ ଖଣ୍ଡିକ ବି ମାଟିରେ ମିଶିଯାଇଛି । କିନ୍ତୁ ସେ ବାଟରେ ଗଲାବେଳେ ସେ କାଳମହାରଗ ବେଳର ଚାଉଳିଆ ମୁଢ଼ିଗଣ୍ଡାକ କଥା ମୋର ମନେ ପଡ଼ିଯାଏ, ପାଟି ପାଣେଇ ଉଠେ । ଜଣ ଜଣକ ହାତରେ ଗୋଟିଏ ଗୋଟିଏ ଜିନିଷର ପାଗ ଭଲ ଉତ୍ରୁରେ; ଯୋଗଜନ୍ମା ସେ । ତା ହାତଯଶ ପୃଥିବୀରେ ପ୍ରତିଷ୍ଠା ପାଏ—କଳା କବିତାରେ ହେଉ, ବା କୋରଖାଇରେ ହେଉ । ଆଜି ବଢ଼ିଆ ବୁଢ଼ିଆର ବୋରା ଖଇ, ଶ୍ରେଷ୍ଠୀ ବୁଢ଼ିଆଣୀର ମୁଢ଼ି, କୁରୁପା ସାହୁର ଦୋପାଗ ଉଖୁଡ଼ା ଆଉ ଦେବ କିଏ ?

ଆମ ଗାଆଁର ନାରଣ ହୋତାଙ୍କ କଥା ମନେପଡ଼େ । ପିଲାଦିନେ ତାଙ୍କ ସାମ୍ନାରେ ଖଡ଼ ଓ ଲଉଡ଼ି ଥୁଆ ହେଲା । ହୋତାଏ ଲଉଡ଼ିଖଣ୍ଡିକ ଉଠାଇଲେ, ଜୀବନର ଅଧାଅଧି ତାଙ୍କର ଗାଈଗୋଠରେ କଟିଲା । ପ୍ରୌଢ଼ ବୟସରେ ମାମଲତକାର ବନିଲେ; ସଲାର ପୁଅ ଗୋପିଆ ଅଜାଡ଼ିଆ ସ୍ତ୍ରୀଲୋକ ସହିତ

Digitized by srujanika@gmail.com

କୁସମ୍ବନ୍ଧ ରଖିବାକୁ ଲୋକଲଜ୍ଜା ହେଲା । ଚକ୍ରାନ୍ତ କରି ରାତି ଅଧରେ ବେଢରେ ଶାବଳ ପକାଇ ତାକୁ ମରାଇଲେ, ବେକରେ ଦୌଡ଼ି ଲଗାଇ ଗୁଳରେ ଟାଙ୍ଗିଦେଲେ— ଆତ୍ମହତ୍ୟା କରିଛି ! କିଛି ପେଟରେ ପକାଇ ପୁଲିସ୍ ସେଇ ରିପୋର୍ଟ୍ ହିଁ ଦେଲା । କଚେରି ଦାଣ୍ଡରୁ ନାରଣ ରକ୍ଷା ପାଇଲା, କିନ୍ତୁ ଦୈବୀ ଦଣ୍ଡରୁ ରକ୍ଷା ପାଇପାରିଲା ନାହିଁ । ଦୁରାରୋଗ୍ୟ ରୋଗରେ ବର୍ଷକ ମଧ୍ୟରେ ସେ ମରଣମୁଖରେ ପଡ଼ିଲା । ଗୋପିଆର ପ୍ରେତ ଏବେ ଗାଆଁସାରା ବୁଲୁଛି । ମରି ସେ ମରିନାହିଁ ଯେପରିକି ।

ପିଲାଦିନେ ମୋତେ ଗାଈ ଚରେଇବାକୁ ହୋଇଥିଲା । ଗୋଠ ସହିତ ଗହୀର ଗୋହିରୀ, ବିଲବଣ ବୁଲିବାକୁ ମୋତେ ସୁଖ ଲାଗୁଥିଲା । ଗହୀରମାଳରେ ବୁଲି ବୁଲି ଖରାଦିନେ ଗାଈଗୋଠ ତୋଟାରେ ବିଶ୍ରାମ କରୁଥିଲେ । ଗାଈଜଗା ଟୋକାମେଳରେ ଡାଳଲପୂଆ ବା ଡାଳମାକୁଡ଼ି ଖେଳିବାକୁ ମୋତେ ଭଲ ଲାଗୁଥିଲା । ପହିଲି ଆଷାଢ଼ରେ ଆମେ କେସୁର ଖୋଳି ଖାଉଥିଲୁ, କଆଁକନ୍ଦା, ତୁଣ୍ଡପୋଡ଼ା ପତର ବା ଭଇଁଷକୋଳି ଖାଉଥିଲୁ । ମୋର ଦିନକ ଗାଈଚରା ମନେ ପଡ଼େ ଆମର ଗୋଟିଏ ଛୁଡ଼ା ଷଣ୍ଢ ଓଳେଇ ଥିଲା, କଆଁବାଡ଼ ଡେଇଁ ଫସଲ ଉଜାଡ଼ୁ ଥିଲା । ତାକୁ ଥରେ ଗୋଠକୁ ଆଣିବା ଲାଗି ତା ପଛେ ପଛେ ମୁଁ ଦିନ ଗହୀର ଦୌଡ଼ିଥିଲି । ପାଦରେ ପାଦେ କଣ୍ଟା ମାଡ଼ିଥିଲା । ତା ପରଦିନ ଛୁଡ଼ାବେଙ୍କରେ କାଠଘଣ୍ଟି ପଡ଼ିଲା—

ଅସଙ୍ଗରେ ସଙ୍ଗ ତା
ଅସଙ୍ଗରେ ସଙ୍ଗୀ ହେଲେ କାଲଘଣ୍ଟି ଲମ୍ବି ତା ।

ଥରେ ଗାଈଙ୍କ ଲାଗି ହିଡ଼ରେ ଘାସ କାଟୁ କାଟୁ ଦାଆରେ ଦିନୋଟି ଆଙ୍ଗୁଠି ଘୋରି ପକାଇଥିଲି । ଏବେ ସେ ଚିହ୍ନ ଅଛି ।

ଥରେ ଗଡ଼ିଶା ମାଛ ବୋଲି ଧାନଗଛ ମୂଳ ଦରାଣ୍ଡୁ ଦରାଣ୍ଡୁ ଗୋଟିଏ ଧଣ୍ଡସାପ ଧରି ପକାଇଥିଲି । ମୁଠା ଜାବୁଡ଼ରେ ପଡ଼ି ସେ ମୋତେ କାମୁଡ଼ି ପାରି ନ ଥିଲା । କିନ୍ତୁ ଦୁ' ଆଙ୍ଗୁଠି ଫାନ୍ଦରୁ ଗଳାଇଥିବା ମୁହଁରେ ତା କଟମଟ ଆଖି ଦଣ୍ଟାକୁ ବୁଝି ଦେଇ ମୁଁ ଭୁନଆଁ ହୋଇ ଦୂରକୁ ଫିଙ୍ଗି ଦେଇଥିଲି ।

ବେଳେ ବେଳେ ବୋଝେଇ ଶଗଡ଼ରେ ମୁଁ ଯାଉଥିଲି । କେଉଁ ବରଗଛ ମୂଳେ ରାତିରେ ରହଣି । ବାଟରେ ଶଗଡ଼ିଆ ରୋଷେଇ ମୋତେ ଭଲ ଲାଗୁଥିଲା । ବରଗଛ ମୂଳେ ଗାମୁଛା ପକାଇ ଶୋଇ ପଡ଼ୁଥିଲୁ । କୋଇଲି କୁମ୍ଭାଟୁଆ ଗୀତରେ ନିଦ ଭାଙ୍ଗୁଥିଲା ।

କେବେ କେବେ ନଡ଼ିଆ ଦପୁନ୍ତା କାନ୍ଧରେ ପକାଇ ସଙ୍ଗମେଳରେ ହାଟକୁ ବିକିବାକୁ ଯାଉଥିଲି । ଉପରୁ ଖୁବ୍ ପତଳା କରି କତା ଛଡ଼ାଇ ଖରାରେ ଶୁଖାଇ

Digitized by srujanika@gmail.com

ଥିଲି— ଅଧା ନଡ଼ିଆ ଶୁଖିଲା ପରେ ଉଣିଶ, ଚାଳିଶ, କୋଳା ବଡ଼ କି ଶ୍ରେଷ୍ଠ ବାହାରକୁ ଜଣାପଡ଼ିବ ନାହିଁ। କିନ୍ତୁ ଖେପାଧଡ଼ା ବ୍ୟବସାୟୀ ଆମ କାରସାଦ ସହଜରେ ଠଉରେଇ ନେଇ ପାରୁଥିଲା। ସେତେବେଳେ ଗୋଟାଏ ବଡ଼ ଶୁଖିଲା ନଡ଼ିଆର ଦାମ୍ ଦୁଇ ପଇସାରୁ ବେଶୀ ନ ଥିଲା। ନଡ଼ିଆ ବିକି ସେଇ ପଇସାରେ ମୁଁ ସଉଦା କିଣି ଆଣୁଥିଲି।

ଥରେ ମୁଣ୍ଡରେ ବୋଝେ ମାଟିଆ ଅମ୍ବ ପିପିଲି ହାଟକୁ ବିକି ନେଇଥିଲି। ସେ ଅମ୍ବର ବାସନା ସରସ, କିନ୍ତୁ ମଞ୍ଜ ଖଟା। ଜଣେ ମୁସଲମାନ ପଇସାକୁ ପୁଞ୍ଜାଏ ଅମ୍ବ ମୋଠାରୁ କିଣି ଛୁରିରେ କାଟି ଟିକ୍ରୁଡ଼ାଏ ଚାଖି କହିଲା – ଗୋସେଇଁ, ଏଇ ଆମ୍ବିଲା ଅମ୍ବଗୁଡ଼ାକ ବିକି ଆସିଛୁ? ଲଜ୍ଜାରେ ମୋ ମୁଣ୍ଡ ତଳକୁ ହୋଇଗଲା। ରାଗରେ ସେଗୁଡ଼ାକ ବାଟରେ ଫୋପାଡ଼ି ଦେଇ ଖାଲି ଟୋକେଇଟା ନେଇ ଘରକୁ ଫେରିଲି।

ଆଉ ଥରେ ବୋଝେ କଞ୍ଚାଦିନିଆଁ ଖଡ଼ା ଜାମଟୋଟ ମେଳଣକୁ ନେଇଥିଲି। ଅବଶ୍ୟ ଲୋକ ମୁଣ୍ଡେଇ ନେଇଥିଲା। ମୋଟେ ପଇସା ମିଳିଲା ଆଠଅଣା। ସେଥିରୁ ଲୋକର ମଜୁରି କେତେ ଗଲା, ଶ୍ରମର ମୂଲ କେତେ ଗଲା, ଲାଭ କେତେ ମିଳିଥିବ, ପାଠକେ ବିଚାର କରିବେ। ଯହାନ୍ତ ଲୋକ ନ ହେଲେ ବ୍ୟଗରୁ କିଛି ଲାଭ ଉଠାଇ ପାରିବନାହିଁ। ଆମର ସାଆନ୍ତିଆ ବୃଷ—ଘୋଡ଼ା ଛ'ଟଙ୍କାକୁ ବାଟର ନ' ଟଙ୍କା। ଅମଳ ହେଉଥିବା କୋଠିକଯାକ ଧାନ ମୂଲମପାରେ ହିଁ ଯାଏ। ତଥାପି ସେଥିରୁ ପୂଜା ପାର୍ବଣର ଖେଚଡ଼ି ପିଠା, ବର୍ଷକ ଖିଆ ଭଲଭାବେ ଚଳେ। କରଜ ଲଗାଉ। ଅକାଳ ନ ପଡ଼ିଲେ କାହାଠୁଁ ଧାରୁନାହିଁ।

ବଡ଼ବଡ଼ିଆ

ବଂଶଲତାଟିଏ ଦେବାକୁ ମୁଁ ଅସମର୍ଥ, ତିନି ପୁରୁଷରୁ ଅଧିକ ନାଆଁ ମୁଁ ଜାଣେ-ନାହିଁ, ଲଜ୍ଜାକର ହେଲେ ବି ଏହା ସତ୍ୟ। ମୋ ନନାଙ୍କ ନାଆଁ ଚନ୍ଦ୍ରାମଣି ଦାଶ, ବଡ଼ ବାପାଙ୍କ ନାଆଁ ପରଶୁ ଦାଶ, ତାଙ୍କ ବାପାଙ୍କ ନାଆଁ ଗୋବିନ୍ଦ ଦାଶ, ତାଙ୍କ ବାପାଙ୍କ ନାଆଁ କିଏ? ଯାହା ହେଉ, ଶ୍ରାଦ୍ଧମଣ୍ଡଳା ଲାଗି ପୁରୋହିତଙ୍କ ପ୍ରକ୍‌ସି ପକାଇ କାମ ଚଳାଇବାକୁ ହୁଏ।

ପରଶୁ ଦାଶଙ୍କର ଆଉ ତିନି ଭାଇ ଥିଲେ—ବିଦ୍ୟାଧର ଦାଶ, ଗଙ୍ଗାଧର ଦାଶ, ଦୀନବନ୍ଧୁ ଦାଶ। ତିନି ଭାଇ ନିପୁତ୍ର; ସେମାନଙ୍କ ଠେଙ୍ଗାକୁ ଗାଆଁରେ ସମସ୍ତଙ୍କର ଡର। ସାନଭାଇ ଦୀନବନ୍ଧୁ ଦାଶ ବିକଳାଙ୍ଗ (ଲେଙ୍ଗଡ଼ା), କିନ୍ତୁ ସବୁଠାରୁ ବୁଦ୍ଧିମନ୍ତ। ପରଶୁ ଦାଶଙ୍କୁ ମୁଁ ଦେଖିନାହିଁ। ଶୁଣିଛି, ବାଦୁଡ଼ିଙ୍କ କବଳରୁ ପାଚିଲା କଷା ରକ୍ଷା କରିବା

Digitized by srujanika@gmail.com

ଲାଗି ସେ କୁଆଡ଼େ ଗୋଡ଼ରେ ଦଉଡ଼ି ବାନ୍ଧି ଶୋଉଥିଲେ । କଣ୍ଟା ଗଛରେ ଘିଣ୍ଟି ବନ୍ଧାଥିଲା, ଗୋଡ଼ ଦୌଡ଼ିକି ଝିଙ୍କିଲେ ଘିଣ୍ଟି ବାଜୁଥିଲା, ବାଦୁଡ଼ି ହୁରୁଡ଼ି ପଳାଇ ଯାଉଥିଲେ ।

'ଖୁଣ୍ଟି ଯାହାଠି, ଘୁଣ ତାହାଠି'; ଦୀନବନ୍ଧୁ ଦାଶ ଗ୍ରେଜୁଆ, ହେଲେ ତାଙ୍କ ମଗଜରେ ମଇଳା ଥିଲା, କାହାର କେଉଁଠାରେ ହାଡ଼ ଅଛି, ଠେଁସି ପଦେ କହିଦେବ! କାହା ନେଡ଼ିରେ ବାଳ ଉଠିଛି, କଥା ଏତିକିରେ ଗୁଳିଯିବ ! ସେ ଗାଆଁର ମାମଲତକାର ଥିଲେ । ତାଙ୍କ ପ୍ରତି ଭିତରେ ଭିତରେ ସମସ୍ତଙ୍କର ଡରଭୟ ଥିଲା । ଜଣେ ମୋହରିର ମାତ୍ର । କିନ୍ତୁ ସେତେବେଳେ ମୋହରିର ବୋଇଲେ ବଡ଼ ନାମ; ଖଣ୍ଡମଣ୍ଡଳରେ ଖୁବ୍ ଖାତିର — ସରକାରୀ ଲୋକ, ସରକାରଙ୍କ କାନରେ କାଳେ କଣ ଫୁଙ୍କି ଦେବେ । ମାଲିମକଦ୍ଦମା ଲଗାଇ ଦେବେ । ପୁଲିସ୍ ହାତରେ ବନ୍ଧେଇ ଦେବେ; ଲୋକ୍ ପରଜାଙ୍କୁ ପ୍ରାଣେ ଭୟ ।

ଦୁଆରେ ବସିଗଲେ ସେ ପାଉଥିଲେ ପାଦପୂଜା — ଓଳିକି, ଦଣ୍ଡବତ, ନମସ୍କାର ଅଜାଡ଼ି ହୋଇ ପଡ଼ୁଥିଲା । ଘୋଡ଼ା ଚଢ଼ି ସେ ପ୍ରତିଦିନ ପିପିଲି ସବ୍‌ରେଜିଷ୍ଟ୍ରି ଅଫିସକୁ ଯାଉଥିଲେ । ଏବେ ବି ଆମ ଦାଣ୍ଡପଟ ଗୁହାଳକୁ ଘୋଡ଼ାଗୁହାଳ କୁହାଯାଏ । 'ଘୋଡ଼ାଚଢ଼ାଠାରୁ ସମ୍ପତ୍ତି ନାହିଁ'; ଆମର ଭୂସମ୍ପତ୍ତି ବୋଇଲେ ସେତେବେଳେ ଚବିଶ ଦସ୍ତିରେ ୩୦ ମାଣ ଜମିଥିଲା । ବଡ଼ ପରିବାର । ଏତିକିରେ କୌଣସିମତେ ଚଳି ଯାଉଥିଲା । କରଜ କରିବାକୁ ପଡ଼ୁ ନଥିଲା ।

ବର୍ଷାଦିନେ ପିପିଲି ଯିବାକୁ ଦାଶଙ୍କୁ ଭାରି ଅସୁବିଧା ହୁଏ । କେଉଁଠି ଅଣ୍ଟାଏ, କେଉଁଠି ଗୁଣ୍ଡଏ, କେଉଁଠି ବେକେ, କେଉଁଠି ଚୁଣ୍ଟିଲାଏ ପାଣି । ଘୋଡ଼ା ପହଁରି ପହଁରି ବଡ଼ କଷ୍ଟରେ ଯାଏ । ଲମ୍ବାପଥ ଓଦା । ପିପିଲି କୋଣାର୍କ ରାସ୍ତାକୁ ସେତେବେଳେ ବୁଲାଇ ଅନ୍ୟ ବାଟେ ନେବାର ବ୍ୟବସ୍ଥା ହେଉଥିଲା । ଦାଶେ ବହୁ ଚେଷ୍ଟା କରି ଆମ ଗାଆଁ ବାଟେ ଅଣାଇଲେ; ଗାଆଁ ଭିତରେ ମଧ୍ୟ ରାସ୍ତାଟିଏ କରାଇଲେ । ମୁଆଡ଼େ ଗଲେ ସଡ଼କ ରାସ୍ତା, ହେଉ ପଛେ କଚ୍ଚା । ରାସ୍ତା ପାଖ ଗାଆଁ ହୋଇଥିବାରୁ ପରେ ଆମର ଅନେକ ସୁବିଧା ହେଲା; ଗ୍ରାମପଞ୍ଚାୟତ କେନ୍ଦ୍ର, ବଜାର, ହାଟ, ହାଇସ୍କୁଲ, ପଶୁ ଡାକ୍ତରଖାନା ବସିଲା । ଦାଶେ ଦୀର୍ଘକାଳ ବଞ୍ଚି ନ ଥିଲେ; ମାତ୍ର ୪୨ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହେଲା । ସତ୍କୀର୍ତ୍ତି କରି ଯାଇଥିବା ହେତୁରୁ ଏବେ ବି ଆମ ଗ୍ରାମବାସୀ ତାଙ୍କୁ କୃତଜ୍ଞତା ସହିତ ସ୍ମରଣ କରିଥାନ୍ତି ।

ଦୀନବନ୍ଧୁ ଦାଶ, ଗଙ୍ଗାଧର ଦାଶ ନିଃସନ୍ତାନ ଥିଲେ । ବିଦ୍ୟାଧର ଦାଶଙ୍କର ଗୋଟିଏ ବୋଲି ପୁଅ—ହରେକୃଷ୍ଣ ଦାଶ । ମୋ ଜେଜା ମାଗୁଣି ଦାଶ କହେଇ,

Digitized by srujanika@gmail.com

ହରେକୃଷ୍ଣ ଦାସ ପୁରୁଷ । ଏତେ ବୁଦ୍ଧିଙ୍କର କେବେ କଳି ଲଗିବାର ଦେଖିନାହୁଁ । ହରେକୃଷ୍ଣ ଆମର ଭଉଣୀ; ତାଙ୍କର ସ୍ୱାସ୍ଥ୍ୟ ଦୁର୍ବଳ । 'ପଣ୍ଡିତେ' ବୋଲି ନାମ ଖ୍ୟାତ । ବାଳିକା ସ୍କୁଲରେ ନନାଙ୍କଠାରୁ ବଡ଼ ପାହ୍ୟାରେ ଥିଲେ ସେ । ମାସକୁ ଦରମା ନ' ଟଙ୍କା । ସାହୁତାହୁ ଖାଇ ପିନ୍ଧି ଚଳିବାରେ ସନ୍ତୁଷ୍ଟ ନ ଥିଲେ ସେ । ଖୁବ୍ ଜାମାଜୋଡ଼ ହୋଇଘଣ୍ଟାଟୋପରେ ଯିବାଆସିବା କରନ୍ତି । ସହଜ ସୁଖାଣୀ, ଅଳସ, ବିଳାସପ୍ରିୟ, କାମ କରିବା ତ ଦୂରର କଥା, ବାଲିବାଡ଼ି ଦେଖିବାକୁ ମଧ୍ୟ ଯାନ୍ତିନାହିଁ । ତେଲି ବଲ, କାହୁଅ ଚକଟା, କଣ୍ଠାଇଁଟା, କଦଳି ପଟାପାହାଡ ଭିତରେ ପଶନ୍ତି ନାହିଁ ସେ । ପ୍ରତିଦିନ ଦ'ଟା ମାଛ ନ ହେଲେ ଲୁଣ୍ଡା ଉଠିବ ନାହିଁ । ଭୋଜନ ଅନ୍ତେ ଜନଦେ ଲାଗିଥାନ୍ତି ସେ । ଚାଳିସ ଉପରେ ଆଖି, ଦୃଷ୍ଟି ଶ୍ୱାସବେଗକୁ ଲୁଚିବା ଲାଗି ଅଫିମ ଟିକିଏ ଟିକିଏ ନ ହେଲେ ଅଚଳ । ସେଥିଲାଗି ଘରର ଖର୍ଚ୍ଚ ବଢ଼ିଲା, ଋଣ ବଢ଼ିଲା । ବୁଢ଼ା ବୁଢ଼ୀମାନେ ମରିବାରେ ମୃତାହାନ ହିସ୍ୱାରେ ଲୁଡ଼ିଏ ଖର୍ଚ୍ଚ ହୋଇଗଲା । ଫଳରେ ଆମର କିଛି କରଜଦାରକ ହୋଇଗଲା । ଜମି ଖଜଣା କରଜ ଶୁଝିବା ଛଡ଼ା ଉପାୟ ନାହିଁ । ଆମର ଜୋଡ଼ ଜମିସବୁ ଲୁଣ୍ଠ ଦୁଇ ତିନି ଟଙ୍କାରେ ହାତଛଡ଼ା ହୋଇଗଲା । ଏଣେ ଘରେ ବଢ଼ିଚାଲିଲା ନୂଆ ନୂଆ ପେଟ ଆଉ ପାଟି । ସମସ୍ତଙ୍କୁ ଦାନା ଯୋଗାଇବା କମେ ଭାଡିଙ୍କର ପାଠ ହୋଇଉଠିଲା । କୃଷ୍ଣ ଭଉଣୀ ତ କିଛି ବୁଝନ୍ତି ନ ଥାନ୍ତି । ବନ୍ଧୁ ମହଲରେ ଚୁଡ଼ାଘସା କରି ଖାଇବା, କୁଣିଆଁ ମଇତଙ୍କ ଘରକୁ ଯିବା, ଯାତ୍ରାମେଲଣ ବୁଲି ଦେଖିବାରେ ତାଙ୍କର ବେଳଯାଏ । ନନା ଦେଖିଲେ - ପଟେଁତ ଅସି ପଥରରେ ରହିଲାଣି— ଆଉ କିଛି ସମ୍ପତ୍ତି ରହିବ ନାହିଁ । କଳିତକରାଳ କିଛି ନାହିଁ । ଦିନେ ସେ କୃଷ୍ଣଭଉଣୀଙ୍କୁ ଡାକି କହିଲେ—ମୁଁ ଆଉ ଏକୁଟିଆ ଘର ଚଳାଇ ପାରିବିନାହିଁ, ତୁମ କଥା ଏଥର ତୁମେ ବୁଝ ।

ଗୋଟିଏ ଘର କେମିତି ଦି ଘର ହେଲା, ଅଗଣା ମଝିରେ କେମିତି କାନ୍ଥ ପଡ଼ିଲା, ମୋର ଝାପ୍ସାଭାବେ ମନେ ଅଛି, ଏ ବୋଧେ ୧୯୧୦-୧୧ ବେଳର ଘଟଣା ହେବ, ମୋତେ ସେତେବେଳକୁ ପାଞ୍ଚ ଛ ବର୍ଷ ।

ଦୁଇ ଭଟେ କରିବାର ବଣ୍ଟା ଅବା ଲାଗି ଭଲଲୋକ ଆସି ବସିଲେ, ସାମ୍ନାରେ ବାସନକୁସନ, ଚକଶିଲ ପୁଞ୍ଜା ଅସି ଥୁଆ ହେଲା । ତାଙ୍କ ଭାଗରେ ପଡ଼ିଲା ଶିଶୁକାଠର ଗୋଟିଏ ପଲଙ୍କ, ଆମ ଭାଗରେ ଗୋଟିଏ ବେତବୁଣା ଖଟ ଓ ଶଗଡ଼ । ତାଙ୍କ ଘରକୁ ଗଲା ଲାଙ୍ଗଳ ସଜ, ଆମ ଘରକୁ ଆସିଲା ବଦା । ତାଙ୍କ ଭାଗରେ ପଡ଼ିଲା ପନଙ୍କ, ଆମ ଭାଗରେ କୋରଣା; ତାଙ୍କ ଭାଗରେ ପଡ଼ିଲା ବଳଦ, ଆମ ଭାଗରେ ଗାଈ । ତାଙ୍କର କୋଠି, ଆମର କୋଡମଇ, ତାଙ୍କର ପିତ୍ତଳ, ପିତ୍ତଳକଟେରେଇ, ଡେକଚି, ଆମର ଷ୍ଟ୍ରେଟ ପିତ୍ତଳହଣ୍ଡା । ସେ ଦଅନ୍ତି ନେଲେ ନାହିଁ, ନନା

Digitized by srujanika@gmail.com

ଆଦର ଅଣିଲେ, ରାଧାକୃଷ୍ଣ, ଶାଳଗ୍ରାମ, ଏକ ପରସ୍ତିକିଆ ତଳ୍ପଦଳରେ ଥିବା ଭାଗବତଗାଦି । ବଡ଼ ଭାଇର ଅଂଶ ବୋଲି କୃଷ୍ଣ ଭାଇନା ଘରର ପୂର୍ବପଟ ନେଲେ, ମାଣେ ଏକଚକିଆ ଧାରଜମି ଅଧିକା ନେଲେ । ଛୋଟାବାଡ଼ି, ନଡ଼ିଆ ବାଗ, ତାଳ ଗଛ, ଘରଡ଼ିହ, ଜମିବାଡ଼ିସବୁ ଅଧା ଅଧା ହୋଇଗଲା । ତଥାପି କେତୋଟି ଅମ୍ବଗଛ, ନଡ଼ିଆଗଛ କୋଠ ରହିଗଲା, ଏବେ ବି ଅଛି । ଆମ୍ବ ଝଡ଼ା ପଡ଼ା ଯେ ପାରେ ସେ ନିଏ । କିନ୍ତୁ ତୋଳା ହେଲେ ଅଧା ଅଧା ବଣ୍ଟାହୁଏ । ପୋଖରୀରୁ ମାଛ ଧରା ହେଲେ ଅଧା ଅଧା ହୁଏ, ତାଙ୍କ ଅଧିକ ପୁଣି ତିନିଭାଗ ହୁଏ, କାରଣ ସେ ତିନିଭାଇ ଭିନେ ହୋଇଗଲେଣି । କୋଠଗଛରୁ ନଡ଼ିଆ ଝଡ଼ିଲେ ଫାଳେ ଫାଳେ ବଣ୍ଟା ହୁଏ । ବରଡ଼ା ପଡ଼ିଲେ ଦିଘର ଲୋକ ପହଞ୍ଚିଯାନ୍ତି । ଏଇ ସାମାନ୍ୟ କଥାରୁ କଳି ଲାଗିଯାଏ ।

ବୋଉ କବାଟ କଲେ । ବାଡ଼ି ଦୁଆରେ ଗର୍ଜି ଗର୍ଜି ଭାଉଜର ତୋଟି ପଡ଼େ । ବାରମ୍ବାର ମୃଦୁ ଆହ୍ୱାନ ଓ ଉତ୍ତେଜନା ମଧ୍ୟରେ ବୋଉ ତୁଣ୍ଡ ଚପି ଚପି ଭାତ ଢାଳୁଥାଏ, ଏଣେ ମୁହଁ ମୋଡ଼ୁଥାଏ, ଭାଉଜକୁ ନ ଶୁଭିଲା ଭଳି ଛକୁଲାଉଥାଏ, କିଏ ଘରକୁ ଆସିଥିଲେ ତା ଆଗରେ ବାରମ୍ବାର ନିଜର ନିର୍ଦ୍ଦୋଷତା ପ୍ରମାଣ କରୁଥାଏ । ମନର ଅପମାନ ଏଥିରେ ହୁଏତ ତା'ର ମେଣ୍ଟେ । ଭାଉଜ ଶବ୍ଦ ସାଧି ନ ପାରି ଆପଣା ରାଗ ଆପଣା ଉପରେ ହିଁ ଶୁଝେ, ଗୋଟାଏ ଗରା କି ଡାଲ ପଥର ପାହାଚ ଉପରେ କଚ ଦେଇ ।

କୃଷ୍ଣ ଭାଇନାଙ୍କର ଚାରିପୁଅ—ଜଗବନ୍ଧୁ, ଯଦୁ, ମଧୁ, ଅଗାଧୁ; ଅଳ୍ପ ବୟସରେ ଭାଉଜର ମୃତ୍ୟୁ ହେଲା । ତାଙ୍କ ଘରର ଅବସ୍ଥା କ୍ରମେ ତଳକୁ ତଳକୁ ଗଲା । ତଥାପି ଭାଇନାଙ୍କର ପାନରୁ ଚୂନ ଖସିଲା ନାହିଁ, ଚିଲମର ଧୂଆଁ ଲିଭିଲା ନାହିଁ; 'କୃଷ୍ଣ'ଙ୍କ ମାଡ଼ା ବି କମିଲା ନାହିଁ । ବହୁ ହୀନଅବସ୍ଥା ମଧ୍ୟରେ ଜଗବନ୍ଧୁ କଲିକତା ଗଲା 'ଠାକୁର' ହୋଇ । ଅନ୍ୟ ଦି ଭାଇ ଗାଆଁର ଅନେକ ବ୍ରାହ୍ମଣପିଲାଙ୍କ ପରି ତା ପଥ ଅନୁସରଣ କଲେ । ଅଗାଧୁ ଅଳ୍ପ ବୟସରେ ସଂସାରରୁ ବିଦାୟ ନେଲା । ବୁଦ୍ଧିଶୁଦ୍ଧି ଥିଲେ ବି ଭାଇନାଙ୍କ ପିଲାଏ କେହି ପଢ଼ିବାର ସୁଯୋଗ ପାଇଲେ ନାହିଁ, କିମ୍ବା ଦୁର୍ଯୋଗ ବରଣ କରି ଅସାଧ ସାଧିବାକୁ ଚେଷ୍ଟିତ ହେଲେନାହିଁ । କଲିକତା ରୋଜଗାର ଫଳରେ ତାଙ୍କ ଘର ଭଲ ଚଳିଲା ।

କଲିକତାରୁ ଜଗବନ୍ଧୁ ଫେରିଲେ, ପାଦରେ ଜୋତା; ଦେହରେ କାମିଜ, କୋଟ, ହାତରେ ଟର୍ଚ୍ଚ ଲାଇଟ୍, ପକେଟରେ ଝର୍ଣ୍ଣା କଲମ । ପୁରାପୂରି 'ବାବୁ'ର ଚେହେରା । ପଛରେ ତାର ବୋହିଆ, ମୁଣ୍ଡରେ ତାର ଅଧବଖରାଏ ଘର ମାଡ଼ି ବସିଲା ଭଳି

Digitized by srujanika@gmail.com

ଗୋଟାଏ ଟ୍ରଙ୍କ୍, ତା ଉପରେ ଗୋଟିଏ ସୁଟ୍‌କେସ । ଜଗବନ୍ଧୁ ଘରେ ପାଦ ଦେବା ମାତ୍ରେ ମୋ ଦେଢ଼ଶୁଣ (କୃଷ୍ଣ ଭାଇନାଙ୍କ ବୋଉ) ବାହୁନା (ଏହା ସେ କାଳର ରୀତ ଥିଲା) ପକେଇଲା । ଜଗବନ୍ଧୁ ଛୋଟ ଛୋଟ ପିଲାମାନଙ୍କୁ କୋରା ମିଠେଇ ବା କେଜୁର-କୋଳ ବାଣ୍ଟିଦେଲା, ବଡ଼ଙ୍କ ହାତକୁ ରୁପାଭୁଣ୍ଡି ଲଗା ପ୍ରକାଣ୍ଡ ପିପିଲି ବଟୁଆଟା ବଢ଼ାଇ ଦେଲା ।

ଘରର ସମସ୍ତଙ୍କ ଲୁଗାପଟା, ଶୀତ ଚାଦର, ଡାଲି, ମଶଲାପଣଲାସବୁ ଦେଖି ବୋଉ ଖୁସି ହାଇଁପାଇଁ ହେଲେ । ତଳପାରେ କେତେ ମାଲପା ଘଣ୍ଟିଥିଲା । ମୋ ପିଲାରୁ ଗୋଟିଏ କେହି ହେଲେ ବଙ୍ଗଳାବାଟ କରିଥାନ୍ତା ! ନନା ବୋଉଙ୍କ ନିର୍ବୁଦ୍ଧି ଆପଣ ଦେଖି ଯାହା କହିଲେ, ତାର ମର୍ମ-ତୁମ ବଂଶରେ କେହି ପାଠ ପଢ଼ି ନାହାନ୍ତି । ତୁମେ ଏଥିର ମର୍ଯ୍ୟାଦା ବୁଝିବ କାହୁଁ ?

ଜଉରା (ଜଗବନ୍ଧୁ) ଯୋଗୁଁ କୃଷ୍ଣ ଭାଇନାଙ୍କ ସଂସାର ସମ୍ଭାଳା ପଡ଼ିଲେ, ଜମି-ଆଡ଼ରେ ହାତ ବାଜିଲାନାହିଁ । ଭାଇନା ପ୍ରାୟ ୬୦ ବର୍ଷ ବୟସରେ ଆଖି ବୁଜିଲେ । ତାପରେ ନଅ ଘର ଭାଙ୍ଗିଗଲା । ତିନି ଭାଇ ଭିନେ ହେଲେ । ଭାଗକେ ଦୁଇ ମାଣରୁ ଊଣା ଜମି ପଡ଼ିଲା । ମଧୁ କଲିକତା ନ ଯାଇ ଦୁଆରେ ଖଣ୍ଡିଏ ଦୋକାନ କଲା, ଜଉରା ମଧ ତା ପନ୍ଥା ଅନୁସରଣ କଲା । ଦୋକାନ କରିବାର ଦୁଇବର୍ଷ ପରେ ମୋ ଠାରୁ ଧାରିଥିବା ଷୁରଣ ଟଙ୍କା ଶୁଝିଦେଲା । ତା ସ୍ତ୍ରୀର ମୃତ୍ୟୁ ହେଲା । ଗଞ୍ଜାମରୁ ଅଢ଼େଇଶ ଟଙ୍କାରେ ଗୋଟିଏ ଝିଅ କିଣା ହୋଇ ଆସିଲା । ଜଉରା ଏଇ କନ୍ୟାଟିକୁ ଯେଉଁ ରାତରେ ମୋ ବ୍ରହ୍ମପୁର ବସାରେ ରହିଲା, ସେଇ ରାତରେ ମୋ ସ୍ତ୍ରୀର ସମସ୍ତ ଅଳଙ୍କାରପତ୍ର ଚୋରି ଗଲା ।

ସତୁରି ବର୍ଷ ବୟସ; ତାର ନୂଆ ସଂସାରରେ ଚାରିଗୋଟି ପିଲା; କେହି ପାଠ ନାହାନ୍ତି । ହଠାତ୍ ଜଉରାକୁ ସେ ପୁରରୁ ଡକରା ଆସିଗଲା ।

ମୃତ୍ୟୁର ମାସକ ଆଗରୁ ମୋ ସହିତ ତାର ମନୋମାଳିନ୍ୟ ହୋଇଥିଲା ଗୋଟାଏ ରଜା ଆମ୍ବଗଛ ଲାଗି । ସେ ଗଛଟି ତାର ଓ ମୋର ବାଡ଼ ସୀମାରେ ବଢ଼ି ଉଠିଥିଲା; ଆମ ଚାଳ ଉପରକୁ ଶୋଇଥିଲା । ସିନ୍ଦୁରିଆ ଆମ୍ବ, ପାଚିଲେ ଗୋଟି ଗୋଟି ଆମ ଅଗଣାକୁ ଝଡ଼େ । ଝଗଡ଼ା ଯେତେବେଳେ ମାଇପିସ୍ତରରୁ ଆସି ପୁରୁଷମହଲରେ ଶୀତଳ ଯୁଦ୍ଧରେ ପହଞ୍ଚିଲା, ମାମଲତ ଓ ନ୍ୟାସ୍ତ ହେବାଯାଏ ଗଲା, ମୁଁ ଜଉରାକୁ କହିଲି—ସାମାନ୍ୟ ଆମ୍ବଗଛଟାଏ ପାଇଁ ଏତେ କଳି ଭଲ ନୁହେଁ । ତୁ ଏ ଗଛଟିକୁ ନେ, କନୁ ହାଣି ଦେ । ନହେଲେ ଆମ୍ବ ଧାଇଁ ଆମ ଚାଳରେ ଚଢ଼ିଲେ ପୁଣି ଝଗଡ଼ା ଲାଗିବ । ଜଉରା ଆମ୍ବଗଛଟି ହାଣିନେବା ଆଗରୁ ବେମାରରେ ପଡ଼ିଲା – ହାର୍ନିଆଁକୁ ହଳଦିଆ କାମଳ ।

Digitized by srujanika@gmail.com

ଚିକିତ୍ସା ଲାଗି କଟକ ନେବାକୁ ମୋତେ କହୁ ଯାଉଥିଲା ନାହିଁ । ଭଲହୁ ପରେ ତାର ସାହସ ଆଉ ନ ଥିଲା । ଛଟ୍‌ପଟ୍‌ କରୁ କରୁ ତା ପ୍ରାଣବାୟୁ ଉଡ଼ିଗଲା । ଦୋକାନଟି ଭାଙ୍ଗିଗଲା । ଜମି ଦେଉଳମାଣ । ଏବେ ଏତେ ପିଲାଙ୍କୁ ସମ୍ଭାଳିବ କିଏ ?

ମୃତ୍ୟୁର ବର୍ଷେ ଦୁଇବର୍ଷ ପୂର୍ବରୁ ସ୍ତ୍ରୀ ସହିତ ପ୍ରାୟ ସବୁବେଳେ ତାର ଝଗଡ଼ା ଲାଗୁଥିଲା । ସ୍ତ୍ରୀ ବୈଧବ୍ୟ ବରଣ ଲାଗି ବ୍ରତ ମୁହୂର୍ତ୍ତରେ ପ୍ରସ୍ତୁତ ହେଉଥିଲା । 'ମତେ ଅଥାଡ଼ା କରି ବଡ଼ଦାଣ୍ଡରେ ବସାଇ ଦେଇ ଗଲ' ବୋଲି ଏବେ କନ୍ଦାକଟା କରୁଛି ।

ଦ୍ୱିତୀୟ ପୁତ୍ରର ଯଦୁମଣି ଦାଶ; ମାଷ୍ଟ୍ରେ ସିଲଟରେ ନାଆଁ ଲେଖି ଆଣ୍ କହିବାରୁ ସେ ଲେଖିଥିଲା—'ଯଦାମଣା ଦାସ' । ତା ଜାତକରେ ପାଠ ନ ଥିଲା, ବୁଢ଼ା ହେବାଯାଏ ସିଧାସଳଖ ଚିଠି ଖଣ୍ଡିଏ ଲେଖିପାରୁ ନ ଥିଲା । ମୋ ଠାରୁ ମାତ୍ର ବର୍ଷେ ବଡ଼, କାନ୍ଧରେ ହାତପକା ସାଙ୍ଗ । ଯଦୁକୁ ସାଙ୍ଗରେ ନ ଧରିଲେ ମୁଁ ଭୋଳଭୋଳ ବା ମାଛ ମାରି କାହିଁ ନ ଯାଏ । ତାର ଗୋଟିଏ ମୁଦ୍ରାଦୋଷ, 'କହିଲେ ମିଛ ହେବ' । ''କହିଲେ ମିଛ ହେବ କଜେଇ, ମୁଁ ଯେମିତି ତୋଟାରେ ପଶିଚି, ଭୂତଟା ତ ଡେଇଁଲା ...କହିଲେ ମିଛ ହେବ କଜେଇ...।'' ମତେ ବିଶ୍ୱାସରେ ତାକୁ ଯଦେ କହିଲା କହିଲେ ମିଛ ହେବ କଜେଇ, ଆମ ଗାଁକୁ ରାମ ଲକ୍ଷ୍ମଣ ଆସିଛନ୍ତି ।

କଣ ବୋଲି ତା ସାଥିରେ ଯାଇ ଦେଖିଲାବେଳକୁ ଗୋଟାଏ ଛୁଇଲା କୁକୁର ! କଉରେ କାହାନ୍ତି ? ହେଇପଛ ତା ଦେହରେ କଳା ରାମ, ଧଳା ଲକ୍ଷଣ !

ଆମ ଘର ଭିତରେ ସେ ସବୁଠାରୁ ବଳୁଆ, ହୁଣ୍ଡା, ସାହସୀ, ସାପଟାଏ ବାହାରିଲେ ଯଦୁଆକୁ ଡାକ, ମାଙ୍କଡ଼ ମାଡ଼ିଲେ, ଦୁଆରେ କିଏ ଗାଳିଗୁଲଜ କଲେ ଯଦୁଆକୁ ଡାକ । ମୋଡ଼ିମାଡ଼ି ଗାଳିଦେଲାବାଲାକୁ ତଳେ ଶୁଆଇ ଛାତିରେ ବସିଯିବ । 'ଆଗେ ମାଡ଼, ପଛେ ବିଚାର', ତାର ନୀତି ।

ତାର ବଳ ଓ ସାହସ ଦେଖି ନନା ତାକୁ ଖୁବ ଭଲ ପାଉଥିଲେ । ଚାଲି ଚାଲି ଆମ ଗୋଡ଼ ଫୋଲା ହେଲେ ଯଦୁକୁ ହିଁ କାନ୍ଧରେ ବସାଇ କୋଶ କୋଶ ବାଟ ବୁଲି ଯାଉଥିଲେ ।

ଯଦୁର ସାବାଳକତ୍ୱ ପ୍ରାପ୍ତ କଲିକତାରେ ଘଟିଥିଲା—ଠାକୁରଘରରେ ନାମ ଡାକ ହେବାରେ ସେ ଠିକା ରୋଷେଇ କଲା—ବିବାହାଦି ନିମିତ୍ୟରେ । କିନ୍ତୁ ଯେତେ ଅରଜିଲେ ପେଟକୁ ନ ଅଣ୍ଟ, ଧନକୁ ଚାହିଁ ଜନସଂଖ୍ୟା ବହୁତ ବେଶୀ । ଧାରଉଧାର ଓ କରଜରେ ବୁଡ଼ିଥିଲା, ନାନା ରୋଗବ୍ୟାଧି ପରେ ଧରିଲା ରାଜଯକ୍ଷ୍ମା । ମାତ୍ର ୬୨ ବର୍ଷରେ ସେ ବିଦାୟ ନେଲା ।

Digitized by srujanika@gmail.com

ଆମ ଘର

ରେଣ୍ଟ ଶାସନ ଗାଁର ପଶ୍ଚିମ ମୁଣ୍ଡରେ ଆମ ଘର, ସୂର୍ଯ୍ୟାସ୍ତ ସଙ୍ଗେ ପିଲାଦିନରୁ ସମ୍ପର୍କ ନିବିଡ଼ତର । କଥା ଅଛି—

'ଗା ମୁଣ୍ଡ ଘର ଚୋରକୁ' ।

ପିଲାଦିନେ ଆମ ଘରୁ କେବେ କିଛି ଚୋରି ଯାଇଥିବା କଥା ମାତେ ଜଣାନାହିଁ । କିନ୍ତୁ କେତୋଟି ଅସୁବିଧା ଥିଲା । ବ୍ରାହ୍ମଣମାନେ ମୁର୍ଦ୍ଦାର ପୋଡ଼ୁଥିଲେ ଆମ ଘରର ଦଶ ପଦମ ଦୂରରେ । ଦୁଆରମୁହଁରେ ବସିଲେ ଜଳୁଥିବା ଗାଡ଼ର ହୁତ୍ ହୁତ୍ ଜଳୁଥିବା ନିଆଁ ଦିଶୁଥିଲା । ମୃତକଥା, କ୍ଷୁଦ୍ରକଥାରେ ମାଦହାଣ୍ଡି ଆମ ପଦାଡ଼ରେ ଲୋକେ ଗଡ଼େଇ ଦେଇ ଯାଉଥିଲେ । ବେଲକିଆ ହାଣ୍ଡି, ବସନ୍ତ ଠାକୁରାଣୀଙ୍କ ପଣାହାଣ୍ଡି ଆମ ଘରର ହାତେ ଦି ହାତ ଦୂରରେ ଗଡ଼ୁଥିଲା । ଜଳଜଳା ହାଣ୍ଡି ଖପରା ମାଡ଼ି ଆମକୁ ଯିବାକୁ ହେଉଥିଲା ।

ହୁଡ଼ାରେ ଧୂପ ପଡ଼ିଲେ ଧୂପୁରିଆ ଦରପୋଡ଼ା କାଠକାଠ ଜାଳି ଜଳଜଳା ହାଣ୍ଡିରେ ସେପେଇ କରୁଥିଲା । ସେ କମିଆଁ ଜାଣେ, ଚଣ୍ଡୀ ଗ୍ରମନ୍ତ୍ରୀ ତା ପାଖ ମାଡ଼ନ୍ତି ନାହିଁ ବୋଲି ଲୋକବିଶ୍ୱାସ ଜନ୍ମିଥିଲା ।

ଆମ ଘରକୁ ଲାଗି ଗୋଟିଏ ଗଡ଼ିଆ, ଡଙ୍ଗା ଆକାରର, ନାଆଁ ହାଡ଼ଗଡ଼ିଆ । ଗୋରୁ ହାଡ଼, ମଣିଷ ମୁଣ୍ଡ ଖପୁରି, ଜଳଜଳା ହାଣ୍ଡି ଖପରା ଯୋଗୁଁ ସେ ପୋଖରୀ ସାଧାରଣ ସ୍ନାନ ଲାଗି ଅପବିତ୍ର ବିବେଚିତ ହେଉଥିଲା । କେବଳ ମୁର୍ଦ୍ଦାର ପୋଡ଼ି ଆସିଲା ପରେ ମାଲିକିଆ ସେଥିରେ ଗାଧୋଉଥିଲେ, ଅଣ୍ଟୁଠରେ ପ୍ରେତକର୍ମ ଅନୁଷ୍ଠିତ ହେଉଥିଲା ।

ଗାଁବାଲାଙ୍କ ବିରୁଦ୍ଧରେ ମକଦ୍ଦମା ହୋଇ ଆମ ଦୁଆରୁ ମଶାଣି ଉଠିଲା, କିନ୍ତୁ ଭୂତ ଡାଆଣୀ ଭୟ ଭାଜିଲାନାହିଁ । ଘନ ଅନ୍ଧାରରେ ଝିଙ୍କାରୀ ଝିଙ୍କିଲେ ଆମ ଗ୍ରୁଡ ଦାଉଁ ଦାଉଁ ପଡ଼ୁଥିଲା । ଭିକ୍ଷାଖାଇ ଡାହାଣୀ, ଅପଜା ଚଣ୍ଡୀ ବାହାରିଲା କି ଆଉ ? ସିଡ଼ାପାଣି ବର୍ଷା ପରେ ଆଲୁଅ ଦେଖାଗଲେ ଚରୁଗୁଣୀ ଆଲୁଅ ଜାଳୁଛି ବୋଲି ଡରୁଥିଲୁ ।

ଯୋଉ ବର୍ଷ ବେଶୀ ଧାନ ହୁଏ କୋଠିରେ ଧରେନାହିଁ । ଅଗଣାରେ ଗୋଟିଏ ଦୁଇଟି ଖଣି ଖୋଳା ହୁଏ । ବନ୍ଧୁଲି କୁଟା ଦିଆ ହୋଇ ଧାନ ରଖାଯାଏ । ସେ ବର୍ଷ ଖଣି ଖୋଳା ହେଲା ବେଳେ ବହୁତ ହାଡ଼ ବାହାରିଲା ସେବେଠୁ ବିଶ୍ୱାସ ଉପୁଜିଲା ଯେ ଆମେ ମଶାଣି ଉପରେ ଘର କରିଛୁ । ଶାସନ କାଳକ୍ରମେ ଶ୍ମଶାନ ଆଡ଼କୁ ମାଡ଼ି ଆସିଛି ।

Digitized by srujanika@gmail.com

ନନାଙ୍କ ଅମଳରେ ଆମର କୌଣସି ଘରେ ଜଳାକବାଟି ନ ଥିଲା । ଆଉ ଘରଟି ମୂଷାଗାତରେ ଭରି, ବିଲେଇ ମଇଳାରେ ଦୁର୍ଗନ୍ଧମୟ । ପଣ ପଣ ଅସରପା ପେଡ଼ିରେ, ପେଟରିରେ, କାନ୍ଥରେ, କାନ୍ଥକୁଣ୍ଡରେ । ଶତ ସହସ୍ର ସଂଖ୍ୟାରେ ସେମାନେ ଆମ ଗୃହରେ ଥିବାର ପ୍ରମାଣ ଡାଲି, ତରକାରୀରୁ ମିଳିଯାଉଥିଲା, ମସଲାମସଲିରେ ସେମାନଙ୍କ ଅବାଧ ପ୍ରବେଶ ଯୋଗୁଁ । ଗ୍ରୀଷ୍ମର ଝୁଲୁଝୁଲିଆ ଡାଳରେ ଏହି ପତଙ୍ଗଟି ଘରେ ପକ୍ଷୀର ଦାମ୍ଭିକତା ସେନି ଧାନପୋକ ସଙ୍ଗେ ପ୍ରତିଯୋଗିତାରେ ମାତି ଉଠୁଥିଲା । ଆଉ ଘରେ ଥିଲା କୋଠି, ବିହନଓଳିଆ, ଗୋଟାଏ ମସ୍ତବଡ଼ ଘୁମା । ବୋଉ ଚତୁର୍ମାସ୍ୟା ଲାଗି ସେଥିରେ ଘିଅଲ ଛଞ୍ଚି ରଖୁଥିଲା ।

ଶୋଇଲା ବେଳେ ଆମ ପାଦରେ ବାଜୁଥିଲା ଖଡ଼ି, ମୁଗ, କୋଳଥ, ବିରି ଓ ସରୁ ଧାନ ଓଳିଆ ଭରି । ଆମକୁ ସମାନ୍ତର କରି ଶୋଇଥିଲା ଧାନ ଦୁରୁଷର ଠିଙ୍କି, ମୁଣ୍ଡ ଉପରେ କୋଳଥଚୂନାଚୁରି ଚଙ୍କ, ତା ଉପରେ ଝୁଲୁଥିଲା ଗୋଟିଏ ଅଳିଗୁଣି, ଅଖାପଟ ପରି ଲୁଗା, ଗାମୁଛା, କନ୍ଥା, ଦରବାରେ ଭରପୂର । କବାଟ କଣରେ ଡେରି ହୋଇ-ଥିଲା ଗୋଟାଏ ଦୁଇଟା ମନ୍ଦୁରି, ମସିଣା ।

ଦାଣ୍ଡଦୁଆର ପିଣ୍ଡା ତଳେ ଥିଲା କେତେଗୁଡ଼ିଏ ଗାତ । ଦିନେ ସକାଳୁ ଉଠି ଦେଖିଲି—ସାପ କାମୁଡ଼ି ଧରିଛି ଗୋଟାଏ ବାହ୍ମଣିଆ ବେଙ୍ଗକୁ । ଗାତଟା ସରୁ, ସାପ ଭିତରକୁ ବେଙ୍ଗକୁ ଟାଣି ନେଇପାରୁ ନାହିଁ । ରକ୍ତ ଝୁଅ ଖସୁଛି । ଅତି କରୁଣ ସ୍ୱରରେ ବେଙ୍ଗଟି ରଡ଼ି ଛାଡ଼ୁଛି । ବର୍ଷାକାଳରେ ପଲ୍ଲୀର ଏହା ଏକ ପରିଚିତ ଦୃଶ୍ୟ, ମୁଁ ଭୁଲିପାରି ନାହିଁ ।

ନେତ ଖଟରେ ପଲଙ୍କ ପରି ଦାଡ଼ି ନ ଥିଲା । ଶୋଇଥିଲା ବେଳେ ନିଦ ବାଉଳା-ରେ ମୁଁ ସେଥିରୁ ଗଡ଼ି ପଡ଼ୁଥିଲି । ଏବେ ବି ଆଖି ତଳେ ଘା ଚିହ୍ନଟି ଅଛି । ଅନ୍ୟ ଯେଉଁ ଦୁଇ ତିନଟା ଚିହ୍ନ ଅଛି, ନିଜକୁ ଚିହ୍ନୋଟ କରିବା ଲାଗି ସେ ସବୁ ଲୋଡ଼ା ପଡ଼େ । କିନ୍ତୁ ସେ ସବୁର କରୁଣ ଇତିହାସ ଦାଗୀ ସ୍ୱୟଂ ଭୁଲିଯାଇଛି । ହୁଏତ ଦୁଷ୍ଟାମିର ଅଲକ୍ଷ୍ୟ ମୋହର କାମ୍ପା ବାଲ୍ୟୋଚ୍ଛ୍ୱାସର ଦୁର୍ଦ୍ଦମ କ୍ରୀଡ଼ା ସଂକେତ ହୋଇଥିବ ।

ଶୀତଦିନେ ନିଆଁ ପୋହିବା ଏକ ଦୈନନ୍ଦିନ ଅଭ୍ୟାସ ଥିଲା । ଉଅଳ କୁଟା, ପତରପାଉଁଶ ଗୋଟାଇ ଆଣି ଆମେ ନିଆଁ ଜାଳୁଥିଲୁ, ଚାରିପଟେ ଚେକା ହୋଇ ବସି ନିଆଁ ପୋହୁଥିଲୁ । ନନା ଗପର ପେଡ଼ି ଖୋଲି ଦେଉଥିଲେ । ଡେଙ୍ଗା ଡେଙ୍ଗା ନଡ଼ିଆ ଗଛରୁ ଟୋପା ଟୋପା ମୋଟା କାକର ଆମ ଉପରେ କବୁଡ଼ି ହୋଇ ପଡ଼ୁଥିଲା ।

Digitized by srujanika@gmail.com

ତୋଟାରୁ ବାଦୁଡ଼ିଖିଆ ପୋଲାଙ୍ଗ, ବୋଇଁ ବୋଇଁ ପାଚିଲା ଟୋପି ଟୋପି କାକରଲଗା ପୋଲାଙ୍ଗ ପତର ଘେନି ମାଇପେ ଫେରୁଥିଲେ । କୁହୁଡ଼ି ଅନ୍ଧାର ଭିତରୁ ରଡ଼ି ପକାଉଥିଲା କୋକିଶିଆଳି । ଶୀତ ପାହାନ୍ତିଛଡ଼ା ଅନ୍ୟ ବେଳେ ତାର ବୋବାଳି କେବେ ଶୁଣିନାହିଁ, ବାଡ଼ି ପୋଖରୀରୁ ମାଛ ଶିକାର ପରେ ଡେଇଁ ଯାଉଥିଲେ ଓଧ କଣ୍ଟାଗଛରୁ ବାଉଁଶବଣକୁ । ବଣଭୁଆ ପୋଷା ବିଲେଇକୁ ଝାମ୍ପି ନେଲା ବେଳେ ବିକଳ ମ୍ୟାଉଁ ମ୍ୟାଉଁ ଶବ୍ଦ କାନରେ ବାଜୁଥିଲା । କିଆ ଗୋହିରୀରୁ ହଠାତ ଖସ୍ କରେ ବାହାରି ଆମ ପଛପଟେ ପଳାଉଥିଲା ବିଲୁଆ ବା ଶାଳିଆପତନୀ । । 'ଧ' 'ଧ' କହି କୁକୁର ଲଗାଉ ଦେଉଥିଲୁ ଆମେ । କଣ୍ଟାବାଟେ ଗୋଡ଼ାଇ ବିଲୁଆର ଏକ ଚେଁକାରେ କୁକୁର ପଛେଇ ଆସୁଥିଲା ।

ପକ୍ଷୀମାନେ ଥିଲେ ମୋ ପିଲାଦିନର ସାଥୀ । କୁଆ ମୋତେ ସକାଳୁ ଉଠାଇ ମାଷ୍ଟ୍ରଙ୍କ ମାଡ଼ରୁ ରକ୍ଷା କରୁଥିଲା । ବଣି ମୋ ସଙ୍ଗେ ଡେଇଁ ଡେଇଁ ଖେଳୁଥିଲା । ଖଞ୍ଜ-ଚଲ ମୁହଁ ଦେଖିଲେ ଶୁଭ । ତା ମୁହଁ ଦେଖିଗଲେ ମାଛ ଖାଇବାକୁ ମିଳେ, ବିଶ୍ୱାସ ପ୍ରଚଳିତ ଥିଲା । ଆମେ ଗାଉଥିଲୁ—

'ଖଞ୍ଜଚଲ୍ ମହାବଲ୍ ଧୋବଧବଳିଆ ପକ୍ଷୀ'

ଗଙ୍ଗେଇ ମୋ କଥା ମାନୁଥିଲା । କହୁଥିଲି—

'ଗଙ୍ଗେଇ' ମୋ ପାଇଁ ମୁଢ଼ିଏ ବୁଣ୍ଡ୍'

ସେ ବୁଡ଼ୁଥିଲା, ତା' ନେଳିଆ ପକ୍ଷୀରେ ଟିକିଏ ହେଲେ ପାଣି ଲାଗୁ ନ ଥିଲା ।

କୋଇଲିର ସାଥୀ ମନୋହର (ଆମେ ଖତେଇ ହୋଇ ଦୋହରେଇଲେ ସେ ବଳି ଜୋରରେ ବୋବାଏ), ମାଟି ବର୍ଣ୍ଣର କୁଣ୍ଡାଖିଆଙ୍କ କିଚିରିମିଚିରି, ଫୁଟନ୍ତା ଶିମିଳି ଗଛରେ 'ଘୁଙ୍କାଳିକା'ଙ୍କ ମେଳା, ସକାଳିଆ କଅଁଳ ଖରାରେ କାକରଭିଜା ଘାସ ଉପରେ ସାରସମାନଙ୍କ ଚରା, ଦଳ ଦଳ ଗେଣ୍ଡାଳିଆଙ୍କ ବରଯାତ୍ରିଆ ଢଙ୍ଗ, ପାରାମାନଙ୍କ ଚନ୍ଦନୃତ୍ୟ ଓ ବକମ୍ ବକମ୍ ଗୀତ, ପୋଖରୀ କୂଳରେ କାଣ୍ଡିଆ ବଗମାନଙ୍କ ସାବଧାନ ଗତି, ଆମକୁ ଖୁସି କରିବା ମନୋବୃତ୍ତିରେ ଭଦଭଦଳିଆମାନଙ୍କ ଖଣ୍ଡି ଉଡ଼ା ଆମ ପିଲାଦିନକୁ ଆନନ୍ଦର ଖୋରାକ ଯୋଗାଇ ଆସିଥିଲା । କିନ୍ତୁ ପେଚା ତ ପକ୍ଷୀଟିଏ, ପକ୍କା ଦାର୍ଶନିକ ପରି ଦିଶେ । ବୋଉ ତା ବୋବାଳି ଶୁଣିଲେ ଏତେ ଚିଡ଼ିଚିଡ଼ି ହୁଏ କାହିଁକି ? ବୋଉକୁ ଚିଡ଼େଇବା ଲାଗି ବୋଧେ ସେଠା ଆମ ପାଚେରୀ

Digitized by srujanika@gmail.com

ଲଗାଏତ୍ ଗଛରେ ବସି ଖଚେଇ ହେଲପର ବୋବାଏ । ବୋଉ ତା ଚହ୍କାର ଶୁଣିବା ମାତ୍ରେ ଗାଳଦଏ—

ଲୁହା ଗ୍ରେରଣୀ !
ଦେଢ଼ଶୁର ଅଁଠାଖାଇ !

ହଳଦ ବ୍ବଲ୍ ବୁଲ୍ ହଳଦବସନ୍ତ ମିଠା ସ୍ୱରରେ ବୋବାଏ—"ସୀତା କୁକ୍ଲ" । ମୋ ପୂର୍ବ ଜନେ ତାକୁ ଧର ଡେଣାପାକ ଅଠା ଲଗାଇ ଦେଲ । ଏତେ ସୁଧାର ପକ୍ଷୀଟି ପ୍ରତ କ ନିଷ୍ଠୁର ଆଚରଣ । ପକ୍ଷୀଟି ଉଡ଼ିପାରଲ ନାହିଁ, ନଖାଇ ନପିଇ ମରିଗଲ । ମତେ ବଡ ବାଧିଥିଲ; ଏଯାକେ ସେକଥା ଭୁଲ ପାରନାହିଁ ।

ବଡ଼ କରୁଣ ଲାଗୁଥିଲ, ଯେତେବେଳେ ଡାହୁକ ତା'ର ଅଂଶବଂଶଙ୍କୁ ଦରଦଭସ୍ୱ କଣ୍ଠରେ ଡାକଆଣି ଅଠାକାଠିରେ ପକାଇ ଦେଉଥିଲ, କେଲା ନଳୀକୁ ନଳ ଯୋଖି ଯେତେବେଳେ ଗଛଡ଼ାଳରେ ଆରାମରେ ବସିଥିବା ବଗକୁ ପଛଆଡୁ ବିନ୍ଧ ଦେଉଥିଲ; ଗୋଟାକୁ ଗୋଟା ନଳ କାଢ଼ି ତାକୁ ପିଟି ପିଟି ମାର ପକାଉଥିଲ ଓ ସେ ପ୍ରାଣଭୟରେ ଚହ୍କାର କରୁଥିଲ; ଦୁଃଖର ବିଷୟ, ସେହ ଶୋକ ଆଦୌ ଶ୍ଳୋକରେ ପରଣତ ହୋଇପାର ନ ଥିଲ । ସେଥିଲାଗି ବୋଧେ ମର୍ମରେ ଆଜି ପର୍ଯ୍ୟନ୍ତ ଲାଗିରହିଛ ସେଇ କାରୁଣ୍ୟ ।

ଅ ମର ବାଡ଼ଘର, ହାଣ୍ଡିଶାଳ, ଆଟୁଘର, ମହିଷଘର ଏହପର କେତୋଟି ଗୁଳଘର ଥିଲା । ଏ ମଧ୍ୟରୁ ମହିଷଘରେ (ଏବେ ଭଙ୍ଗା ହୋଇଯାଇଛି) ମୋ ଜନ୍ମକାଳର ଇନ୍ତୁକି ଜଳିଥିଲା; ଡ଼ାହାଣୀ ଦୃଷ୍ଟି ଏଡ଼ିବା ଲାଗି ମୁଣ୍ଡ ଉପରେ ଗୋଟିଏ କଜଳପାତ ଥୁଆ ହୋଇଥିଲା । ଟିକଏ ବଡ଼ହେଲା କ୍ଷଣି ବୋଉ ମୋ ଅଣ୍ଟାରେ ବେଙ୍ଗୀ କଉଡ଼ି ବାନ୍ଧିଥିଲା, କଣ୍ଠରେ ବାନ୍ଧିଥିଲା ଘୋଡ଼ା ଲାଞ୍ଜବାଳ ଭୂତ ଛନକା ପଶିଲେ ବ ଦେହର କିଛି କ୍ଷତ କରବନାହିଁ ।

ବୋଉ ସଞ୍ଜ ସଞ୍ଜ କର ମୁଣ୍ଡରେ ଗୁଣି ମାଳପା ଘଷୁଥିଲ, ହଳଦ ଲଗାଇବା ଲାଗି କେତେ ଲକ୍ଷ ନ ଯାଚୁଥିଲ, ଲଗ ମଣ୍ଡା, ଗଉପମର୍ଷିଣୀ ସବୁଥିରେ ହଳଦ ଗନ୍ଧ । ସେଇ ହଳଦବଟା ଶିଳ, ହଳଦିକାଠୁଆ, ଦହରୁ ଛନ୍ତା ହୋଇଥିବା ପୁଳା ପୁଳା ହଳଦ ନଳକୁଟି ଏବେ ଦଶିଯାଉଛି, ନାକରେ ଗନ୍ଧ ବାଜିଯାଉଛି । ଶେଯ କତରାର ଫୁଟୁକୁଟିଆ ଗନ୍ଧ ଯାନଖାଇ ବଡ଼ ହେବା ପର୍ଯ୍ୟନ୍ତ ଥିଲ । ଶେଯମୂତା ରୋଗ ଆରୋଗ୍ୟ କରବା ଲାଗି ଆମକୁ କୁଞ୍ଜମୁହଁ ଗଣିଆ ମାଛ ଖାଇବାକୁ ଦଆ-ହୋଇଥିଲ, ଯେମିତ ଅନ୍ଧାରକଣା ରୋଗ ଭଲ କରବା ଲାଗି ଦଆ ହୋଇଥିଲ ପାଚିଲ କଦଳୀ ଭିତରେ ଜୁଳୁଜୁଳିଆ ପୋକ ।

Digitized by srujanika@gmail.com

ମଶାରର ପ୍ରଚଳନ ନ ଥିଲା । ଜବାଟ କଳା ଘରେ ଅଡ଼ତାଏ ଘଷି ଧୂଆଁ ଦେଇ ଶୋଉଥିଲୁ । ଆଖି ନାକ ରୁନ୍ଧ ହୋଇ ଯାଉଥିଲା, ଆଡ଼ୁଘରେ ନନା ଯୋଉ କୋଠି କରିଥିଲେ ସେଥିରେ କୋଡ଼ିଏ ଭରଣ ଧାନ ଧରୁଥିଲା । ସେଥିରୁ ଖାଇବା ଖରଚ, ଲୋକବାକ ମୂଲିଆ ମଜୁରି ଦିଆହୋଇ କିଛି ବିକା ହେଉଥିଲା, କରଜ ବି ଲାଗୁଥିଲା, ଯେତେବେଳେ ପାଞ୍ଚ ଗୌଣୀ ଧାନ କରଜ ନେଲେ ଲୋକେ ଅମଳ ବେଳେ ପାଞ୍ଚପାଆ ସୁଧ ଦେଉଥିଲେ । ଅଯତିଆ ମୂଗ ଆସିଲା, ଆମର ଭରକୁ ଭରଣ କରଜ ଧାନ ବୁଡ଼ିଗଲା ।

ନାଳାରୁ ଦ୍ରୁତବେଗରେ ସୁଅ, ସଡ଼ଲ ଲଙ୍ଗୁଡ଼ା ପୋକ ଆସି ଖାଇବା ଜାଗାରେ ପହଞ୍ଚି ଯାଉଥିଲେ । ଗୋବର ଖତଗଦା ଦାଣ୍ଡ ଦୁଆରେ ଥିଲା । ଗଡ଼ିଆ ପୋଖରୀ ଦଳରେ ପୂର୍ଣ୍ଣ ଥିଲା, ଜଙ୍ଗଲ ଦାଣ୍ଡରେ ବୋରଝାଙ୍କି ଭଳି ଅନେକ ଜିଆ, ଗଡ଼ିଶା ଧରୁଥିଲୁ । କେତେବେଳେ ଘୁଷୁରି ପଶି ବୋରଝାଙ୍କି ଖାଇ ଯାଉଥିଲେ । ମଇଁଷି ମଧ୍ୟ ପୋଖରୀରେ ଆକଣ୍ଠ ବୁଡ଼ି ରହୁଥିଲେ ।

ଗଙ୍ଗା ପୂର୍ଣ୍ଣିମା କଳଭଦ୍ର ପୂଜା ଦିନ କଳଡ, ଗାଈ ସେଥିରେ ଗାଧୋଉଥିଲେ, ମଣିଷ ବି କାନରେ ଆଙ୍ଗୁଠି ଦେଇ 'ଗଙ୍ଗା ନାରାୟଣ' କହି ସେଥିରେ ଡ଼ୁବ ମାରୁଥିଲେ ।

ବୋଉ କହୁଥିଲା—ଏଣିକେ ରଜ ଆସିବ, । ବେଗି ବେଗି ହଳଦି କଜ୍ଜଳ ଲଗାଇ ବାହାର ପଡ଼ ।

ମୁଁ ପଚାରେ—ବୋଉ, ରଜ କାହିଁ ? ବୋଉ ବାଡ଼ ଗଡ଼ିଆକୁ ଆଙ୍ଗୁଠି ଦେଖାଇଦିଏ ।

ମୁଁ ଦେଖେ—ପାଣିରେ କେରୁଟା ନଡ଼ିଆ ଗଛର ଛାଇ ହଲଚଲ ହେଉଛନ୍ତି । ପଚାରେ—ବୋଉ, ଏଇ କ'ଣ ରଜ ?

ସୁରୁଯୀନାନୀ ବଡ଼ ଫୁଲେଇ, ସଖୀ-ସଙ୍ଗାତୁଣୀ ସହିତ ଖେଳ ମେଳରେ ମାତିଥିଲା । ହାରନାନୀ କଳୁ ବଡ଼ ସୁନ୍ଦର, ବୋଉ ସଙ୍ଗେ ମିଶି ସବୁ ଆଉଟପଟର କରୁଥିଲା । କଳୁ ଟିକିଏ ଓଲେଇ ଥିଲା । ଖଡ଼ିକାରେ ଦୁଧହାଣ୍ଡିରୁ ସର କାଢ଼ି ଖାଇ ଦେଉଥିଲା । ମୁଁ ଦିନେ ବୋଉକୁ ଦେଖାଇଦେଲି । ବୋଉ ଗର୍ଜି ଉଠି କହିଲା —ମୋ ଘରେ ଦଶଁ ଦେବତା ଅଛନ୍ତି, ଓଷାପୂଜାଅ ଲାଗି ରହିଛି । ତୁ ଡାହାଣୀ କଣ କରୁଚୁନା, ଅଇଁଠା କରି ସର ଖାଉଚୁ । ମରୁନୁ, କୋଉ ଶାଶୂ ତତେ ଧମକାଇବ ?

Digitized by srujanika@gmail.com

କିନ୍ତୁ ହୀରାନାଣୀ ପଦ୍ମଲପାଲି ଗଲାବେଳେ ବୋଉ କାନ୍ଦିଥିଲା ଅନେକ ଦିନଯାଏ । ଟିକିଏ କଳାକାଣ୍ଡୋଇ ଥିଲା ସେ । ଟିକିଏ କ'ଣ ହେଲେ ନାକ ଫୁଲେଇ ଟାଉଁ ଟାଉଁ କରି କେତେ ବକି ଯାଉଥିଲା । ଝିଟା ପଟା କଲି, କିନ୍ତୁ ଏର ଘ[illegible] ଧରୁ ଭୁଲି ଡାକୁଥିଲା — ବୋଉ । ସାମାନ୍ୟ ଟିକିଏ ସର ଖାଇଦେଲି ବୋଲି ମୁଁ ତା ନାଁରେ ଲୁହା ଲୁଜୁରଥିଲି । ଧିକ୍ ମତେ, ଏବେ ଦୁଧଛେନା ଖାଇଲା ବେଳେ ତା କଥା ମୋର ମନେପଡ଼େ । ଆଖିରୁ ଲୁହ ଝରେ । ଭଲ ଚିଜ ଖାଇବାକୁ ଦେଲାବେଳେ ବୋଉର ପୁଅମାନଙ୍କ ପ୍ରତି ଟିକିଏ ପକ୍ଷପାତ ଥିଲା । ପୁଅ ପୋଷିବେ । ଝିଅ କ'ଣ ପିଣ୍ଡାକୁ ମାଟି ବୋହିବେ ? ଯେତେ ଦେଲେ କହୁଥିବେ— ଦିଅ, ଆଉରି ଦିଅ ।

କିନ୍ତୁ ବୋଉର ସ୍ନେହ ଡାକଟା ଆମ ସମସ୍ତଙ୍କ ପ୍ରତି ସମାନ ଥିଲା—ଘନୁର ଲୋ, କୁଞ୍ଜର ଲୋ, ହୀର ଲୋ, ସୁରୁଯୀ ଲୋ । ତାକରେ ଝିଅ ପୁଅ ଭେଦ ନ ଥିଲା । ସମସ୍ତଙ୍କ ପାଖେ 'ଲୋ; 'ରେ' ନ ଥିଲା ।

ଭାଇନା ଆମ ଭିତରେ ଟିକିଏ ଚଲାକି ଓ ଛେଉକା ଥିଲେ । ବଡ଼ ପୁଅ ବୋଲି ନନା ବୋଉଙ୍କର ସ୍ନେହ ତା ଉପରେ ଅଜାଡ଼ି ହୋଇ ପଡ଼ୁଥିଲା । ଏଇ ସ୍ନେହ ତା ମୁହଁ ବଢ଼ାଇ ଦେଇଥିଲା । ସେ ମୋ ପିଠିରେ ନିଃଶଙ୍କଭାବେ ହାତସୁଖ କରୁଥିଲା । ସତେ ଯେପରି ମୁଁ ଗୋଟାଏ ପଖାଉଜ, ପିଠିଟା ଧେଇଆ, ଗାଲଟା ଚାଣ୍ଟିଆ ।

ମୋର ବି ଆଖିରେ ଲୁହ, ତୁଣ୍ଡରେ ନାଲିସ୍, ଏଣେ ଗାଳି--ମଢ଼, ମୁଖୁର । ନାଲିସ୍‌ଗୁଡ଼ାକ ପ୍ରାୟ ବାଏ ବାଁଏ ଉଡ଼ି ଯାଉଥିଲା । ଏକତରଫା ଡିକ୍ରିରେ ଭାଇନାଙ୍କ ଉପଦ୍ରବ ବଢ଼ି ଯାଉଥିଲା, ବୋଲହାକ ଲୋଡ଼ା ପଡ଼ିଲେ ବେଳେ ବେଳେ ଗେଲେଇ କଅଁଲେଇ କଥା କହୁଥିଲେ ।

ଭାଇନାଙ୍କ ଦିନକର ଛେଉକାପଣ ମନେ ପଡ଼େ । ଦିନେ ଦିହେଁ ସୁରୁଯୀ ନାଣୀ ଘରକୁ ଯାଇଥିଲୁ । ନାଣୀ କଂସାଏ ପାଚିଲା ପଣସଫୁଟ ଆଣି ଦିହିଙ୍କି ଦେଲା । ପବନରେ ପୋଲିଙ୍ଗ ତେଲ ଦୀପଟା ହଠାତ୍ ଲିଭିଗଲା । ଭାରି ମିଠା ପଣସ । ମୁଁ ଥରେ ଖାଇ ଦରଣ୍ଡିଲାବେଳକୁ କଂସା ଖାଲି । ଭାଇନା ସବୁତକ ଖତମ୍ କରି ଦେଇଛନ୍ତି ।

ଆମ ଭାଇଭଉଣୀଙ୍କ ଭିତରେ କଳି ବେଶ୍ ଜମୁଥିଲା । କିନ୍ତୁ କେହି ନିରନ୍ତରରେ କଥା ଧରି ବସୁ ନଥିଲ । ଆଉ ଘଡ଼ିକ ସବୁ ଚୁପ୍ ।

ବୋଉ ଭଲ ପିଠା କରେ, ଚିତୋଉ ଅମାବାସ୍ୟାଦିନ ଚିତଉପିଠା କରିକି ଗେଣ୍ଡେଇଶୁଣୀଙ୍କୁ ପାଣି ଛୁଡ଼ାଇ ଦେଇ ବୋଉ ପାଣିକି ଫିଙ୍ଗି ଦେଉଥିଲା; ଗେଣ୍ଡାଶାମୁକା

Digitized by srujanika@gmail.com

ଖାଇବେ, ଗୋଡ଼ କାଟିବେ ନାହିଁ । ବଉଳଅମାବାସ୍ୟାକୁ ମଣ୍ଡା, ଗଇଁଠା ହେଉଥିଲା । ନନା କହୁଥିଲେ ବ୍ରାହ୍ମଣଘୋଡ଼ାକରେ ପଣ୍ଡା ଭଲନ୍ତି, ପିଠାଘାକରେ ମଣ୍ଡା ଭଲନ୍ତି । ଖାଇଲେ ପେଟରେ ଚଢ଼ୁଥାଏ; ସହଜରେ ଜୀର୍ଣ୍ଣ ହୁଏନାହିଁ । ଗହ୍ମା ପୂନିଅକୁ ବଳଭଦ୍ର ପୂଜା, ଥାଳୀ ପ୍ରମାଣେ ଇଣ୍ଡୁରି ପିଠା ବଳଦଙ୍କୁ ଖୋଉଥିଲୁ । ଦଶହରା ସୋମନାଥବ୍ରତକୁ ଘି ପିଠା (ନାନମାନ, କାକରା, ଲଡ଼ୁ) ହେଉଥିଲା । ଘିମରା ଗଛର ଶୁଖିଲା ନଡ଼ିଆ ସରୁ ସରୁ ହୋଇ କୋରାହୁଏ, ଗରମ ପାଣିରେ ରସ ବାହାର କରି ଘିଅ ମରାହୁଏ । ଘିଅ କପଡ଼ାଛଣା ଓ ଚପୁଡ଼ା ହୋଇ ବାହାର କଲା ପରେ ଆମେ ସମସ୍ତେ ବାଣ୍ଟିକୁଣ୍ଟି ଷଢ଼େଇରେ କୋରୁଅ ଖାଉ । ନଡ଼ିଆ ଫାମ୍ପି ଅରୁଆଚାଉଳରେ ବଟାହୋଇ ଚକୁଳି ହେଉଥିଲା, ଝିଙ୍କସାପାଣି ସଙ୍ଗେ ବୋଳାଇ ଆମେ ଖାଉଥିଲୁ । ଘି ପିଠା କଲେଇ କଡ଼ା ପାଖରେ ବୋଉ ଝଳରେ ଗଢ଼ି ଗୋଟିଏ କଣ୍ଟରା ବସାଇ ଦେଉଥିଲା—ସେ ଜଗିବ —ପିଠା ଯେମିତି ବହୁତ ଘିଅ ପିଇ ନ ଯାଏ !

ଶ୍ରାବଣମାସରେ ପାଚିଲା ତାଳରୁ ରସ କାଢ଼ି ବୋଉ ତାଳ ପୋଡ଼ପିଠା କରୁଥିଲା । ତାଳର ଆଇଙ୍ଗିଣିଆ ଅଂଶ କାଢ଼ି ସେଥିରେ ଗୁଣ୍ଡଚାଉଳ ଚୁନା, ଗୁଡ଼ ଓ ଖଣ୍ଡି ନଡ଼ିଆ ପକେଇ ଫେଣ୍ଟି କରି ଦେଉଥିଲା—ତାକୁ କଅଁଳ କଦଳୀପତ୍ରରେ ଗୋଲାକାରରେ ଗୁଡ଼ି ତଳେ ରଡ଼ନିଆଁ ଓ ଉପରେ ରଡ଼ନିଆଁ ରଖି ଦିଆହେଉଥିଲା—'ତଳେ ନିଆଁ, ଉପରେ ନିଆଁ, ମଝିରେ ବସିଛି ବୁଢ଼ା ମିଆଁ' । ସକାଳୁ ପାଉଁଶ ଝାଡ଼ିଝୁଡ଼ି ତା ଭିତରୁ ପୋଡ଼ପିଠା ବାହାର କରୁଥିଲା । ଖଣ୍ଡ ଖଣ୍ଡ କରି କାଟି ଆମ ଭିତରେ ଓ ଘାଇପଡ଼ିଶାରେ ବାଣ୍ଟି ଦିଆ-ହେଉଥିଲା । ପିଠା ନ ହୋଇଥିଲେ ପାଚିଲାତାଳକୁ ରଡ଼ନିଆଁରେ ପୋଡ଼ି ତାର ଗୋଟାଏ ଗୋଟାଏ ମଞ୍ଜି ଚୁଟୁଣି ବସୁଥିଲୁ, ସେ ଗୋଟାଏ ଦୃଶ୍ୟ । ବୋଉ ଆମକୁ ଦେଖି ଚିଡ଼ାଉଥିଲା—'ତାଳ ବଣିଆଁ ଅସୁର ।'

ପୂର୍ଣ୍ଣିପରବକୁ ଆମ ଦୁଆରକୁ ଧାଡ଼ି ଲାଗେ । କୁମ୍ଭାରସାଇରୁ ଅଧିକାଂଶ ଆସନ୍ତି, ସେମାନଙ୍କ ମଧ୍ୟରୁ କେତେକ ଆମର ଖାତକ—ତଥାପି ସ୍ନେହସମ୍ବନ୍ଧ । ଆମ ବର୍ଣ୍ଣର ନ ହେଲେ ବି ମୋତେ କକେଇ ଡାକନ୍ତି; ବୋଉକୁ ଅଈ ଡାକନ୍ତି ।

ତାପରେ ସେ ସାଇର ହେଉଆଣୀମାନେ ଆସନ୍ତି । ରଜକୁ ମୁଠି ଉଖୁଡ଼ା, ଚିତାଉ ଅମାସ୍ୟା, ଗହ୍ମା ପୂନିଅଁ, ଦଶହରାକୁ ଚିତଉ, ଇଣ୍ଡୁରି କି ନାନମାନ, ଘରକୁ ଫେରିଲା ବେଳକୁ ସେମାନଙ୍କ ଅଣ୍ଟି ପୂରି ଫାଟି ପଡ଼ୁଥାଏ । ସେ ପହରୁ ରାତି ଘଡ଼ିଏ ପର୍ଯ୍ୟନ୍ତ ଧାଡ଼ି ଲାଗିଥାଏ, କେହି ନିରାଶ ହୋଇ ଫେରି ଯାଏନାହିଁ । କଥା ଅଛି—'ଦେ ଦେଉଣିକି କୋଲଥ ମଣ୍ଡା'; କୋଲଥରେ ମଣ୍ଡାପିଠା ହୁଏ କି ନାହିଁ ମୁଁ ଜାଣେନାହିଁ । ଦେଦେଉଣିଙ୍କ ଲାଗି ହଉଥିବା ଟୋକେଇକ ଯେ ପିଠା ବୋଉ ଗୁଣେନାହିଁ । କରେଇରେ

Digitized by srujanika@gmail.com

ପଳାଏ ପଳାଏ ନଡ଼ିଆ ଘିଅ ପକାଇ ଖଜା ଦିଏ । ତଥାପି 'ଲୋକେ କହନ୍ତି ଆମଘର ପିଠା କୁଅଁଟେ ଘିଅ ଧୁଚୁ ଧୁଚୁ, ଖାଇ ସୁଆଦିଆ । ସେହିପରି ବୋଧହୁଏ ଅନ୍ୟମାନଙ୍କୁ ଲାଗୁଥିବ । ପଇରଷ କରି ନ କହିଲେ ଦେବ କିଏ ?

ଏମାନଙ୍କ ବ୍ୟତୀତ ଟୋକେଇ, ବାଉଁଶିଆ, କଂସା ପେଣ ଆସନ୍ତି ଯେବେଇତ । ବଢ଼େଇ—ଯେ ଲଙ୍ଗଳ ଗଢ଼େ, ହଳଦକାଠୁଆ, ଲୁଣକାଠୁଆ, ଚଟୁ, ଅଣକ ଭେଟିଦିଏ । କମାର—ଯେ ଲୁହା ପଳାଏ, ଲଙ୍ଗଳ ଗାର କରେ, ଦାଆର ଦାନ୍ତ କୁଟେ, ଦଶହରାକୁ ଦାଆ, କଟୁରି ଭେଟିଦିଏ । ଧୋବା ଯେ ଗାଆଁର ମଇଳା କାଚେ, ଭଣ୍ଡାରି—ଯେ ଖିଅର କରେ, ବନ୍ଧୁ-ବାନ୍ଧବ ଘରକୁ ବୋଝ ନିଏ । ଅନ୍ତତଃ ଥାଳିଏ ଖେଚାଡ଼ି, କଂସାଏ ଡାଲମା, ଗିନାଏଁ ଖିରି, ପୁଳାଏ ପିଠା ନ ହେଲେ ଆଖିକି ଦିଶେ ନାହିଁ । ଅଳ୍ପ ଦେଲେ ସେବେଇତ ଦାଣ୍ଡରେ ଦେଖେଇ ଦେଖେଇ ନିଏ ।—ଦେଖ, ଅମୁକ ଘର କେତେ ନକୋଚୁଆ ।

'ନୂଆଖିଆ' ପର୍ବଦିନ ମୋ ଗୋଡ଼ ତଳେ ଲାଗୁ ନ ଥିଲା; ଭଦେଇ ମାସ, କେତେବେଳେ ଖରା, କେତେବେଳେ ବର୍ଷା । ଝିଅଆଣୀମାନେ କଳେଇ ଗୋଡ଼ୁ ମୁଣ୍ଡରେ ଘେନ ବିଲରୁ ଫେରନ୍ତି ଖଣ୍ଡି ଦିଅଡ଼ରେ । ଧାନ ଶିଷାମାନଙ୍କ ଝୁମୁରୁ ଝୁମୁରୁ ଶବ୍ଦ, ମେଘ ଡ଼ରରେ ତରତର ବେଙ୍ଗଲା ପକା, ମନରେ ଆନନ୍ଦର ଚହଳ ଉଠାଉଥିଲା । ନୂଆଳ ଧାନର ଚୂଡ଼ାଘସା, ଗନ୍ଧମଖିର, କଦଳୀଚକଟା ହୋଇ ଗାଆଁର ଠାକୁରଠାକୁରାଣୀଙ୍କୁ ଓ ଘରଦିଅଁଙ୍କୁ ଭୋଗ ହେଉଥିଲା, ସାଇପଡ଼ିଶାଙ୍କ ଘରେ ବଣ୍ଟା ହେଉଥିଲା, ଲୋକବାକ ଖାଉଥିଲେ, ସେବେଇତମାନେ ନେଉଥିଲେ । ଯେ କୌଣସି ଶୁକ୍ରବାର ଦିନ ଗାଆଁରେ ସୁବିଧା ଅନୁସାରେ ନୂଆଖିଆ ଅନୁକୂଳ କରୁଥିଲେ । ବହୁ ସ୍ୱାଦୁତା ମଧ୍ୟରେ ସେଇ ନୂଆ ମୁଢ଼ି ଓ ନୂଆ ଅନ୍ନର ସ୍ୱାଦ ଏ ଯାକେ ଭୁଲିନାହିଁ । ଶୀତଦିନ ସଞ୍ଜରେ ବିଲରୁ ଫେରି ନନା ଚୁଲିମୁଣ୍ଡରେ ବସନ୍ତି । ପ୍ରାୟ ଅଧିକାଂଶ ଦିନ ଆମର ଖେଚୁଡ଼ି ହୁଏ ।

ସେକାଳେ ଜାଳ ପ୍ରଚୁର, କିନ୍ତୁ ପରିବାକଷ୍ଟ; ଜହ୍ନି, କଖାରୁ, ଭେଣ୍ଡିରୁ ମାଙ୍କଡ଼ ରାଜଭାଗ ଉଠାଇ ନେଉଥିଲେ । ଏଣ୍ଡୁଅ, କୁଆଙ୍କ କବଳରୁ କ୍ୱଚିତ୍ ରକ୍ଷା ପାଉଥିଲା କାକୁଡ଼ି, ବାଇଗଣ ଲଗାଇଲେ କାଙ୍କଣା ପୋକ ଖାଇ ଯାଉଥିଲେ । ଆମେ ପାଉଁଶ ପକାଉଥିଲୁ ପୋକମରା ଔଷଧ ଭାବେ । କିନ୍ତୁ ଏ ସବୁ କାଙ୍କଣାଙ୍କ ଦେହସହା ହୋଇ ଯାଇଥିଲା ।

ଆମେ ଭଜା ମୁଗ ଡ଼ାଲିରେ ଟିକିଏ ସୋରିଷ ତେଲ ପକାଇ ହାପୁର ପଖାଳ ଖାଇ ଦେଉଥିଲୁ । ଫୁଟେ କଇଁଆ, ଫଡ଼ାଏ ଆମ୍ବୁଲରେ ବି ବକତ ଉଠିଯାଉଥିଲା,

Digitized by srujanika@gmail.com

ଏବେ ଦେହରେ ନ ଗଲେ ବି ସେ ଅମୃତକଷି ଭଙ୍ଗା ତୋରାଣୀ, ବାସନା ଆମୃତ୍ଥେରୁ ମନେ ପଡ଼ିଯାଏ ।

କୁଣିଆଁ ମଇନା ଆସି ଦିନେ ଓଳାଏ ରହି ଚାଲିଗଲେ ପାଦପୂଜା—ଛ ଟଙ୍କା ନ ଭଜା । ବେଶୀ ରହିଲେ ଟଙ୍କା ଠାଆ କମି ଆସେ, ଘାଟରେ ଘିଅ ପଡ଼େନାହିଁ, ତଥାପି ଛତାବାଡ଼ି ଧରି ବାହାରିଲା ବେଳେ ପାରକୁ ଦିଆ ବନ୍ଧୁଙ୍କ ପରି ଆମେ ଖୁବ୍ ଆଦର କରୁ—ରହ ଦିନେ, ନଇଲେ ଓଳିଟିଏ ବନ୍ଧୁ । ବନ୍ଧୁ କଜ ମାନ ରଖି କହନ୍ତି—ପିଲାଝିଲ କ'ଣ କରୁଥିବେ । ଗୋରୁଗାଈଙ୍କ ଖବର କିଏ ବୁଝୁଥିବ ।

ଦିଅଙ୍କ ଘରେ କାର୍ତ୍ତିକ ତିଥି, ଲଶୁନ ପଶୁ ନ ଥିଲା । କେତେ ଭେଙ୍ଗିଘରେ କମଳୁଟକରି ଗୋଟିଏ ଉଚ ଠୁଖା; ତା ଉପରେ ପୋଲାଙ୍ଗତେଲ ଦୀପ ଜଳୁଥିଲା । ସଞ୍ଜ ଦିଆ ହେଲା ପରେ ଦିଅଙ୍କ ଘରେ ଅଧ୍ୟାଏ ଭାଗବତ ପଢ଼ିବା ବିଧି ଥିଲା । ଚଗଲ ମନ; ଧ୍ୟାନସ୍ଥ ହୋଇ ବସି ପଢ଼ିବାର ଧୈର୍ଯ୍ୟ ନ ଥିଲା । ବୋଲି ବୋଲି ପଦମାନ ମୁଖସ୍ଥ ବି ହୋଇ ଯାଇଥିଲା । ମୁଁ ସିଆଡ଼ୁ ବୋଲି ବୋଲି ଆସି ଦିଅଙ୍କ ଘରେ ପଶୁଥିଲି—

'ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ
ପଦ୍ମୁଁ ଗଳୁଛି ମକରନ୍ଦ ।

ସେ ମକରନ୍ଦ କରି ପାନ
ହେଲେ ତରଲେ ସାଧୁଜନ ।

ସେ ସାଧୁଜନଙ୍କ ପଦ୍ମରେ
ମନ ମୋ ରହୁ ନିରନ୍ତରେ ।

ମନ ମୋ ନିରନ୍ତରେ ଥାଉ
ହା କୃଷ୍ଣ ବୋଲି ପ୍ରାଣ ଯାଉ ।'

ଭାଉନାଙ୍କର ସ୍ୱାସ୍ଥ୍ୟ କିଛି ମନ୍ଦ ନ ଥିଲା । ତଥାପି ବୋଉ ତାଙ୍କୁ କହୁଥିଲା ତାଳପତ୍ରି ସିପେଡ଼ି । ଯେତେ ଖୋଇଲେ ପେଇଲେ ତା ଦିହରେ ଲାଗୁନାହିଁ ।

ଗାଆଁର ବଗୁଲି ସ୍ୱାନ ମାଉସୀ ଡାହାଣୀ ଭାବରେ ଅପଖ୍ୟାତ ଅର୍ଜିଥିଲା । ଉଦିଆଙ୍କୁ ଦୁଧ ଦେଉଥିଲା ବେଳେ ଘରକୁ ପଶିଆସିଲେ ବୋଉ ଦୁଧକୁ ଘୋଡ଼େଇ ପକଉଥିଲା— ଅଇଲାଣି, ମୋ ପୁଅ ପେଟରେ ଗଲାଣିବ !

Digitized by srujanika@gmail.com

ଲୋକବାକ

ଆମ ଘରେ ସେତେବେଳେ ଲୋକ ଲାଗିଥିଲେ ଦି'ଜଣ ଖେଳ—କେଳା, ଜଛୁବା; ଦି ଜଣଯାକ ଛ' ମାସିଆ । ସେଥିଲାଗି ସେମାନେ ୯ଗୁଣ୍ଠ ଜମି ହେତା, ମାସିକିଆ ପଣ୍ଡ ମୂଲ ୬ ଗୌଣୀ ଲେଖାଏଁ ନେଉଥିଲେ, ତା ଛଡ଼ା ଧାନକଟା ବେଳେ ଛ'ଟି ଲେଖାଏଁ କୋଡ଼ିକିଆ (ଗୋଟିକ ୧୦।୧୨ ଗୌଣୀ ଧାନ ହେବ) ନେଉଥିଲେ । ରଜ, ଦୋଳ ପୁନେଇଁ, ଦଶହରା, ଗହ୍ମା ପୁନିଅଁ, ଚିତଉ ଉଆଁସ, ନୂଆଖିଆ, ପୋଡ଼ୁଆଁ ଅଷ୍ଟମୀ, ଶ୍ରାଦ୍ଧ ମହଲାମାନଙ୍କରେ ସେମାନେ ଆମ ଘରେ ଖାଉଥିଲେ, ପୁଣି ବାଉଁଶିଆରେ ସଜାଡ଼ି ସ୍ତ୍ରୀ ଓ ପିଲାମାନଙ୍କ ଲାଗି ଘରକୁ ନେଉଥିଲେ । ତା ଛଡ଼ା ଦୋଳକୁ ଖର୍ଚ୍ଚ ଓ ଭୁଜା, ରଜକୁ ମୁଢ଼ି, ନଡ଼ିଆ, ବର୍ଷକୁ ଥରେ ଶୀତ ଚାଦର ଓ ଗାମୁଛା ନେଉଥିଲେ । ସ୍ତ୍ରୀ ପିଲା ସମସ୍ତେ କାମ କରୁଥିଲେ; ତଥାପି ସେମାନଙ୍କ ପେଟକୁ ନଅଣ୍ଟ ହେଉଥିଲା, ସେମାନଙ୍କୁ ସାତସିଆଁ ଗାମୁଛା ପିନ୍ଧିବାକୁ ହେଉଥିଲା ।

ଏଇ ଲୋକମାନେ ସାରାଦିନ ପରିଶ୍ରମ କରନ୍ତି, ସକାଳୁ ଉଠି ନିଜର ବାଡ଼ି ବଗିଚା ଓ ହଳକାମ କଲାପରେ ଆମ କାମକୁ ଆସନ୍ତି ।

ଫେରିଲାବେଳେ ନିଜ ବଳଦ ପାଇଁ ଗୋଟାଏ ଗୋଟାଏ ଘାସ କାଟି ଆଣନ୍ତି । ଅବସର ବେଳେ ସେମାନେ ବାଣି କାଟନ୍ତି, ମୁନ୍ଦ୍ରା ବୁଣନ୍ତି । ଦଳେ ଏକାଠି ହେଲେ କୁକୁର ସଙ୍ଗରେ ଘେନି ଠେକୁଆ ଶିକାର କରିଯାନ୍ତି । କଆବାଡ଼ି ଦରିଣ୍ଡୁ, ଦରିଣ୍ଡୁ କଇଞ୍ଚ ବା ବ୍ରାହ୍ମଣିଆଁ ବେଙ୍ଗଧର ଆଣି ଖାନ୍ତି ।

ପୁରୁଷଙ୍କ ଅପେକ୍ଷା ସ୍ତ୍ରୀମାନଙ୍କୁ ଅଧିକ କାମ କରିବାକୁ ହୋଇଥାଏ, ସେମାନେ ମାଟି ବୁହନ୍ତି, ବିଲ ବାଛନ୍ତି, ଧାନ କାଟନ୍ତି, ମୁଗ, ବିରି, କୋଳଥ ଓପାଡ଼ନ୍ତି । କାମରୁ ଫେରିଲେ ଦଣ୍ଡେ ବିଶ୍ରାମ ନାହିଁ । ଧାନ ଉସେଇଁବା, ଶୁଖେଇବା ବା ଉଷୁଜିବା, ଧାନ କୁଟିବା, ଚାଉଳ ପାଛୁଡ଼ିବା, ଭାତ ରାନ୍ଧିବା, ପିଲାଝିଲାଙ୍କ ଛଟା ବୁଝିଥିବା ବେଳେ ପୁଣି ଉପରବେଳା ଲାଗି କାମକୁ ଉକରା ପଡ଼େ । ଛୁଆ ଜନମ କଲେ ବି ମାସେ ଦି'ମାସ ବିଶ୍ରାମ ମିଳେନାହିଁ, ପେଟ ପୂରେଇବାକୁ ସାରାଦିନ ହାଡ଼ଭଙ୍ଗା ଖଟଣି ଖଟିବାକୁ ହୁଏ ତଥାପି ପେଟପୂରା ଖାଇବାକୁ ମିଳେ ବର୍ଷରେ ଅଳ୍ପ କେତେ ଦିନ, ବଡ଼ ଦୁଃଖକଷ୍ଟର ଜୀବନ, କଥା ଅଛି—

ନିତି ମୂଲିଆ ମୂଲେ ଯାଏ
ଦିନେ ନ ଗଲେ ଉପାସେ ଶୁଏ ।

ଆମ ଗାଆଁର ଓ ସବୁ ଗାଆଁର ମୂଲିଆମାନଙ୍କ ପ୍ରତି ଏ ଉକ୍ତି ପ୍ରଯୁଜ୍ୟ । ହେଁସ ହେଁସ ପିଲ ଜନମ ହୁଅନ୍ତି—ଲଙ୍ଗଳା, ଲେଉଟିକୋଉଟି ଅସଣାଅକୁଣୀ ହୋଇ ବଢ଼ନ୍ତି, ଧୂଳିରେ, ପଙ୍କ କାଦୁଅରେ ଲଟପଟ, ଭେକଓପାହରେ କଳାକାଲି । ଦେହରେ ପଡ଼ି କଡ଼ିଲଗା ଲୋକ ବନା ଓହଦ, ପଥରର ଝାଡ଼ିଝୁଡ଼ି ହୋଇ ଛିଠ ବସନ୍ତି । ବାହୁର ହାଡ଼ ଘର ଝାଣ ।

କେଳା ଭୋଇ ସେଇ କୁଳର । ତାର ଅଗ୍ରଜ ବା ଅଗ୍ରଜା ମରିଯିବାରୁ ବାପା ମାଆ ଏଇ ନାମଟି ଦେଇଥିଲେ; ଭୋଇ ଅଛୁଆଁ, କିନ୍ତୁ ଯମ ଏ ଛୁଆଁଛୁଇଁ ମାନେ ନାହିଁ । କେଳା ଭୋଇଠାରୁ ବେଶୀ ଅଛୁଆଁ; ଦେବତା ଯମ କେଳାକୁ ଛୁଇଁଲେ ତା କାୟା ମାର ହେବ—କେଳା ବଞ୍ଚିବ, ଏଇ ବିଶ୍ୱାସରେ ସେକାଳେ ତାର ନାମକରଣ କରା-ହୋଇଥିଲା । ଠାକୁରାଣୀଅଣ୍ଟା ସେ, ମୁହଁ ପାକ ବସନ୍ତ ଚିହ୍ନ ।

ମଙ୍ଗଳାଙ୍କ କାଳସୀ ସେ । ପୂଜାଧୂଜାରେ ବାଧା ପଡ଼ିଲେ ତା ଦେହରେ ମଙ୍ଗଳା ଭଜା ହୁଅନ୍ତି । ସେ ଥରି ଥରି ଠାକୁରାଣୀଙ୍କ ଯାଉଳି ବେତ ବୁଲଉଥାଏ, ତୁଣ୍ଡରେ ଧମକ—ଅମକର ବଡ଼ ପୁଅକୁ ଖାଇବି, ସେ ମୋ ଆଜ୍ଞାକୁ ଅବଜ୍ଞା କରିଛି, ଗାଆଁରେ ହଇଜା, ବସନ୍ତ ପୁରେଇବି—ଅମକ ଅମକ ଅନ୍ୟାୟ ଅମାପ ପଶିଛି; ଲୋକେ ଆସି ସାଷ୍ଟାଙ୍ଗ ପ୍ରଣାମ କରି ପଣା ପଇଡ଼ ଦେଇ ମଙ୍ଗଳାଙ୍କ କୋପ ଶାନ୍ତ କରନ୍ତି । କେହି କେହି ହାତରେ ମୁଦା ମୁଠେଇ ଧରି ଠାକୁରାଣୀଙ୍କ ମହିମା ପରଖନ୍ତି, ଏଥିରେ ଠାକୁରାଣୀ ଭାରି ଖପ୍ପା ହୁଅନ୍ତି । ପୂଜାଏ ଜଳନ୍ତା ଘିଅବଳିତା ଗିଳି କାଳସୀ ଅଜ୍ଞାନ ହୁଏ, ତା' ପରେ ତାକୁ ମଙ୍ଗଳା ଛାଡ଼ନ୍ତି ।

କାଳସୀ ବୋଲି ତା ପ୍ରତି ଲୋକମାନଙ୍କର ଆତଙ୍କ ଥାଏ, କେହି କିଛି ହୁଡ଼ି କହନ୍ତି ନାହିଁ । ତାର ଚଳଣି ମଧ୍ୟ ଉନ୍ନତ ଧରଣର । ସେ ମିଛ କହେ ନାହିଁ, ଠକେ ନାହିଁ, ଚୋରି କରେନାହିଁ; ସେ ଅନେକ ଜଡ଼ିବୁଟି ଜାଣେ; ଝାଡ଼ଫୁଙ୍କି ଗଦ ଖୁଆଇ ସେ ରୋଗୀଙ୍କି ଭଲ କରିଦିଏ । ପାଈଆ ଯାତରେ ସେ ରାଜଭାଣ୍ଡୀ ହେଉଥିଲା । ଆମ ଘରେ ସେ ପନ୍ଦର ବର୍ଷ କାଳ ଲୋକ ଲାଗିଥିଲା ।

ଆମ ଗାଆଁରେ ଦି'ଜଣ ଉଚ୍ଛବା ଥିଲେ—ହେଣ୍ଡା ଉଚ୍ଛବା, ଚରଣ ଉଚ୍ଛବା, ଯେମିତି ଚାରିଜଣ ବାଞ୍ଛା ଥିଲେ—ବଳି ବାଞ୍ଛା, ପୋଡେଇ ବାଞ୍ଛା, ଗପୁଡ଼ି ବାଞ୍ଛା, ବାଞ୍ଛାନିଧି, ଜଣ ଜଣକୁ ସ୍ୱତନ୍ତ୍ର ଭାବେ ଚିହ୍ନିତ କରିବା ଲାଗି ଏ ନାଆଁ ଦିଆ । ଚରଣ ଉଚ୍ଛବା ଆମ ଘରେ ଲୋକ ଲାଗିଥିଲା ନିରଳସ, ଧନଗ୍ରତ ଖଟେ, ତଥାପି ଦିଓଳି ପେଟପୂରା ପଖାଳ ମିଳେନାହିଁ, ମିଳେନାହିଁ ପଖାଳ ସାଙ୍ଗକୁ ଟିକିଏ ଲୁଣ । ପିନ୍ଧାର ଉନ ଥାନରେ ଚିରା, ପଚଡ଼ିଟି ଛିଦ୍ରମୟ । ବିଲରେ କାମ କରୁ କରୁ ଦିନେ ତାକୁ ବାଇଆ ବିଲୁଆ କାମୁଡ଼ି ଦେଲା । ଡାକ୍ତରଖାନାକୁ କିଏ ନେଉଛି ? ଉପରୁ ଘାଆ ଭଲ ହୋଇଗଲା, କିନ୍ତୁ ଛ'ମାସ

Digitized by srujanika@gmail.com

ପରେ ଭିତର ବିଷ ଚହଟିଲା । ଦିନେ ଗୁଲ୍ ଗୁଲ୍ ସେ କସ୍ତୁଡ଼ି ହୋଇ ପଡ଼ିଲା; କତରରେ କେତେକାଳ ପଡ଼ି ବାଲ୍ଆ ପରି ବୋବେଇ ବୋବେଇ ଆକାଶକୁ ଚାହିଁ ଚାହିଁ ଦିନେ ତାର ପ୍ରାଣବାୟୁ ଉଡ଼ିଗଲା ।

ସେ ମଲା ପରେ ଆମ ଘରେ ରହିଲା ବୁରୁନ୍ଦା (ବୃନ୍ଦାବନ); ତାର ଡାକ ନାମ ହାଡ଼ିଆ । ସେ ଆମ ଘରେ ତିରିଶ ବର୍ଷ କାଳ ଲୋକ ଲାଗିଥିଲା । ଦାରିଦ୍ର୍ୟ ତାର ଦେହସହା, ତାକୁ ସେ କେବେ ଭ୍ରୂକ୍ଷେପ କରିନାହିଁ । ପେଟର ଭୋକଦାହରେ ସେ କାମରେ ଦିନେ ଅବହେଳା କରିନାହିଁ । ତୋରାଣି ପିଇ ପିଇ ତା ଜୀବନ ଗଲା । ଶେଷକୁ ପାଗଳ ହୋଇ ବଣ ବୁଦାରେ ବସୁଥିଲା ସେ; ଦେଖିଲେ ମତେ ଚିହ୍ନୁଥିଲା, ଭେଁ ଭେଁ କାନ୍ଦୁଥିଲା ।

ତା ସ୍ତ୍ରୀ ନାଆଁ କହ୍ନା; ସେମାନଙ୍କ ପରି ଏଡ଼େ ଦରିଦ୍ର, ଏତେ ସଚ୍ଚୋଟ ଆଉ କିଏ ଥିବା ଶୁଣିନାହିଁ । ଅଭାବ ସେମାନଙ୍କ ରକ୍ତ ଶୋଷିଥିଲା, କିନ୍ତୁ ସ୍ୱଭାବ ନଷ୍ଟ କରି ପାରି ନ ଥିଲା । ଭୋକଓପାସରେ ବୁରୁନ୍ଦା ମଲା । ବିନା ଔଷଧ, ବିନା ପଥ୍ୟରେ କହ୍ନାର ପ୍ରାଣ ମଧ୍ୟ ଗଲା; ଓଳିଆରେ କହ୍ନା ଦଶଣାଟି ଟଙ୍କା ଲୁଚେଇ ରଖିଥିଲା, ଦରିଦ୍ରର ସାରା ଜୀବନର ସଞ୍ଚୟ, ସେ ଟଙ୍କା ଶୁଦ୍ଧଘରେ ଲାଗିଥିଲା । ତା'ପରେ ଆମ ଘରେ-ବହୁ ଲୋକ ରହିଛନ୍ତି, ରହୁଛନ୍ତି କିନ୍ତୁ ଏ ଚାଲାକ ଚତୁର ଯୁଗରେ ବିକଟ କ୍ଷୁଧା ମଧ୍ୟରେ ଏତେ ସଚ୍ଚୋଟପଣ ଅଦୃଶ୍ୟ । ଘୋର ଦାରିଦ୍ର୍ୟ ବରଣ କରି ଆମ ସମ୍ପତ୍ତି ସେମାନେ ରକ୍ଷା କରିଥିଲେ ।

ଗାଈ, ବଳଦ

ଆମର ହଳେ ବଳଦ ଥିଲେ—ଧଳା, ଭଗରା; ଧଳାଟି ମଠୁଆ, କଳରାଟି ରାଗୁଆ । କଳରା ସାଆନ୍ତ ଘର ଦୁଃଖ ବୁଝେ, କଣ୍ଡା ପାଣିରେ କୋଳଥ ପୁଞ୍ଜିଏ ପକାଇଦେଲେ ଢକ ଢକ କରି ପିଇଦିଏ । ଶଗଡ଼ କାଦୁଅରେ ଗଳି ପଡ଼ିଲେ ଆଣ୍ଠୁ ପକାଇ ଭିଡ଼େ — ଜାନ୍ ପଛକେ ଯାଉ, ସାଆନ୍ତର ଶଗଡ଼ ଉଠୁ, ଖୁଆଇ ପିଆଇ ବଞ୍ଚାଇଛୁ ସେ, ନମକ୍‌ହାରାମ ହେବ ନାହିଁ - ଏଇ ମନୋଭାବ । ସେ ଦଶଟଙ୍କାରେ କିଣା ହୋଇଥିଲା, ଆମ ଘରେ ଚଉଦ ବର୍ଷ ବୋହିଥିଲା । 'ଗୋ କନ୍ୟା ଭାଗ୍ୟ ଥିଲେ ମିଳେ; ଆମ ଭାଗ୍ୟକୁ ଲକ୍ଷଣବନ୍ତ ଗୋରୁଟିଏ ମିଳିଥିଲା, ହାଡ଼ରେ ପଲେ ବଳ ଥିବା ପର୍ଯ୍ୟନ୍ତ ଆମ ଲଙ୍ଗଳ ଶଗଡ଼ ଭିଡ଼ିଥିଲା ସତେ ଯେପରି ପୂର୍ବ ଜନ୍ମରେ ଋଣୀଟିଏ ଥିଲା ସେ ଋଣ ଶୁଝିବା ପାଇଁ ଗୋରୁ ରୂପରେ ଆମର ସେବା କରୁଥିଲା । ହଡ଼ା ହେଲା ସେ, କିନ୍ତୁ ଆମେ ତାକୁ ତଡ଼ିଦେଲୁ ନାହିଁ । ଯେତେବେଳେ ମଲା, ତାକୁ କୁଆ, ଶାଗୁଣା ମୁହଁରେ ଦେଲୁ ନାହିଁ । ଗହୀର ଗାତ ଖୋଳି ଲୁଣ ଦେଇ ତାକୁ ସମାଧି ଦେଲୁ, ତା ଲାଗି ଆମେ ମୁଣ୍ଡ ଧୋଇ ଗାଧୋଇଲୁ ।

Digitized by srujanika@gmail.com

ଆମ ଭାଗ୍ୟକୁ ଆଉ ଗୋଟିଏ ବଳଦ ଚଉଦ ଟଙ୍କା ରେ ମିଳିଥିଲା; ତା ନାଆଁ 'ଭୁଲା', ଠିକ୍ କଣଭ କାଟର; ଝଳିଆ ନୁହେଁ, ପାଟଉ ନୁହେଁ, ମାରଣା ନୁହେଁ, ନାଉଆ ନୁହେଁ, ମୂତପିଆ ନୁହେଁ, ପୋତାମୁହଁ ନୁହେଁ, ଠାହୁଆ ନୁହେଁ, ଗାଳୁଆ ନୁହେଁ, ହୁରୁଡ଼ା ନୁହେଁ; ଯେମିତି ଜଙ୍ଗଲରେ ସେମିତି ଶଗଡ଼ରେ, ଖୁଣିବାକୁ କିଛି ନାହିଁ । ଗଲାଲୋକ ପଡ଼ିଏ ତା ଭୁଲକୁ ଚାହିଁରହିବ । ସାଧାରଣ ବଳଦ ଯେତିକି ବର୍ଷ ବଞ୍ଚନ୍ତି, ତା'ଠାରୁ ସେ ଢେର ବର୍ଷ ବୋହିଥିଲା—ସା'ଆନ୍ତ ଘରର ସର୍ବାଙ୍ଗୀନ ଉନ୍ନତି ହେଉ; ସେ ଯେପରି କି ମର୍ମେ ମର୍ମେ ଚାହୁଁଥିଲା । ଏବେ ବଳଦ ହଳେ କିଣା ହେଉଛି, ଏଗାରଶ ପନ୍ଦରଶ ଟଙ୍କାରେ । ଚାରି ପାଞ୍ଚ ବର୍ଷ ଚାଷ କରି ହଳକୁ ହଳ ବଦଳୁଛନ୍ତି । କେହି ମନେ ରଖୁନାହିଁ ସେମାନଙ୍କର ସୁଗୁଣ ।

ଯେପରି କେହି ମନେ ରଖିନାହାନ୍ତି ସେ କାଳର ଧାନର କାବ୍ୟିକ ନାମ—ଡାକପୋହଳା, ରତନଚୂଡ଼ି, ଚୁଙ୍ଗୁଡ଼ିବାଳି, ଯମୁନାବାଲି, ଅତସୀ, ସୁନାଖିଲି, କଦଳିଆ ଚମ୍ପା, କୁସୁମକୁଣ୍ଡା, କର୍ପୂରକଣ୍ଡି, ଝିଙ୍କୁଡ଼ୁସହଳ, ଉଦ୍‌ଯୋଗ ଇତ୍ୟାଦି । ଏବେ ଅଧିକ ଉତ୍ପାଦନ ପ୍ରତି ଦୃଷ୍ଟି; ପ୍ରାଚୀନ ସ୍ୱାଦନସବୁ ବୁଡ଼ି ଯାଉଛି; ଯେମିତି ସହର ଗଳିର ନମ୍ବର, ଘରର ନମ୍ବର, ସେହିପରି ୧୨୪୨, ୧୩୬୭ ପ୍ରଭୃତି ଧାନର ନମ୍ବର; ବୈଚିତ୍ର ଉପରେ ଦୃଷ୍ଟି ନାହିଁ, ପ୍ରାଚୁର୍ଯ୍ୟ କାମ୍ୟ, ବହୁଗୁଣିତ ଜନତାର ମୁଖରେ ଆହାର ଦେବା ଲାଗି, ଶିଙ୍ଘରେ କଉଡ଼ି ବନ୍ଧା ଘଣ୍ଟି ପକା ଦାମୁଡ଼ିଗୋରୁର ଗାଡ଼ି ଆଉ ରାସ୍ତାରେ ଦୌଡ଼ୁନାହିଁ, ଖାନ୍‌ଦାନୀ ଘରର ଲକ୍ଷଣ ରୂପେ । ଟ୍ରାକ୍ଟର ଯୁଗରେ ବଳଦଙ୍କ ଉପରୁ ବଡ଼ ଲୋକଙ୍କ ଦୃଷ୍ଟି ଖସିଯାଇଛି, ଯେପରି ଘୋଡ଼ାଙ୍କ ଉପରୁ ଖସିଯାଇଛି ପାଶ୍ଚାତ୍ୟ ଗୃହୀର ଦୃଷ୍ଟି ।

'କଣଭ', 'ଭୁଲ' ପରି ଗୋଟିଏ ଗାଈ ଆମର ଥିଲା, ତା ନାଆଁ ଧୂମ୍ରୀ; ଖଣ୍ଟାଏ, ବୋବେଇ ଆସେନାହିଁ । ହାଡ଼ ଚୁଙ୍ଖଣ୍ଡ ଥିବା ପର୍ଯ୍ୟନ୍ତ ଧୂମ୍ରୀ ପାଏ ପାଏ ଦହ୍ୟାନ ଦେଉଥିଲା, ବରଅଠା ପରି ବହଳ, ମହୁ ପରି ମିଠା; ଧୂମ୍ରୀର ଚର ଆମ ଜୀବନଦାତ୍ରୀ ଥିଲା । ଶୁଖିଲା ବିଲରେ ସାରାଦିନ ମାଡ଼ି ଚରି ଚରି ଗୋଳିଆ ପାଣି ମନ୍ଦଏ ପିଇ ସେ ଆସି ଖୁଣ୍ଟ ପାଖରେ ଛିଡ଼ା ହେଉଥିଲା । ସେ ଜାଣେ ଖାଉଁଦର ଅବସ୍ଥା, ତୋରାଣି ମୁହାଁକୁ ବା କୁଣ୍ଡାଖିଅକୁ ତାର ଆଶା ନ ଥିଲା । ସେ ସବୁ କାମକଲା ବଳଦଙ୍କ ନିଅଣ୍ଟ; ଯେମିତି ଘରର ମାଇପେ, ସେମିତି ଗୁହାଳରେ ଗାଈ; ଅଣ୍ଟନଅଣ୍ଟର ଦାଉଘାତ ସେଇମାନଙ୍କୁ ହିଁ ସହିବାକୁ ହୁଏ । ଗୋଟିଏ ଭୟଙ୍କର ସ୍ମୃତି ଧୂମ୍ରୀ ସହିତ ଜଡ଼ିତ ।

ଗାଆଁରେ ଅନେକଙ୍କ ପରି ସେତେବେଳେ ଆମ ଦାଣ୍ଡଘରକି ଗୁହାଳ ଥିଲା । ଗୁହାଳ ଲଙ୍ଘନ କରି ଘରେ ପଶିବାକୁ ହୁଏ । ଗୁହାଳରେ ଉଘାଡ଼ ଲମ୍ବା ଲମ୍ବା

Digitized by srujanika@gmail.com

ଧାଡ଼ି ଧାଡ଼ି ବାଉଁଶ ଏ କାନ୍ଥରୁ ସେ କାନ୍ଥ ଲମ୍ବିଛି; ସେଥିରେ କାଠ, ଫୋପାଡ଼ା, କତା, ପତରପାତୁର ଜାଲ ରହେ । ବଳଦ ଗାଈଙ୍କ ଛନ୍ଦା ଆଗ ଘରେ ପ୍ରାୟ ଶତେ ମେଣ୍ଢା ଥାନ୍ତି । ଗୁହାଳର ଗୋଟିଏ ଅନ୍ଟେଇରେ ସେମାନେ ରହନ୍ତି । ପ୍ରତି ରାତିରେ ଗଣା ହୁଏ – କାଲେ ବାଟବଣା ହୋଇ ହଜିଥିବେ, ବାଲୁଆ ଗଧିଆ ଝିଙ୍କି ନେଇଥିବେ । ମେଣ୍ଢା ଛୁଆଙ୍କୁ ବାଲୁଆ, କୁକୁର ମାଡ଼ିଦେବା ସେତେବେଳର ଗୋଟିଏ କରୁଣ ଦୃଶ୍ୟ ଥିଲା ।

ଦିନେ ନଡ଼ିଆ ଗଛରେ ଚଢ଼ି ବାଘ ଗୁହାଳକୁ ଡେଇଁଲା, ଗୁହାଳ କଣା କରି ଅସ ଗୁହାଳରେ ପଶିଲା; ଅଣ୍ଡିରା ବାଲୁଆ ରଡ଼ି ଦେଉଥାଏ ବାଘ ! ସାବଧାନ ! ଘମି ଗାଈ ଘୁମୁରିଲା । ତା ଘୁମୁରି ଶୁଣି ଆମେ ସମସ୍ତେ ଉଠିଲୁ । କଟିକଟିଆ ଅନ୍ଧାର, ଗୁହାଳ ଫିଟାଇବ କିଏ ? ଆମେ ହୋ-ହୋ-ହେଲୁ, କବାଟରେ ଧକ୍କା ମାରିଲୁ । ବାଘର ଫାଶକୁ ଡର; ସେ କେମିତି ଖସି ପଳାଇବ, ଚେଷ୍ଟା କଲା, ସେ ଉପାଡ଼କୁ ଉଠୁଥାଏ, ଉଠି ନ ପାରି ଖସି ପଡ଼ୁଥାଏ । ଏମିତି ଘଡ଼ିଏ ଚେଷ୍ଟା କରି ଶେଷକୁ ଯୋଉ ବାଟେ କଣା କରି ପଶିଥିଲା ସେଇବାଟେ ପଳାଇଗଲା, ଗୁହାଳ ବତାରେ ପୁଳାଏ ଲୋମ ଲାଗିଥିଲା, ବାଘ ପାଞ୍ଚଟା ମେଣ୍ଢା ମାରିଦେଇଥିଲା । ସକାଳୁ ଦେଖିଲା ବେଳକୁ ଅନ୍ୟ ମେଣ୍ଢାଙ୍କ ଦେହରେ ଯେପରି କି ପ୍ରାଣ ନ ଥିଲା । ସମସ୍ତେ ଗୁହଆଁ, ମଣିଷଙ୍କୁ ଦେଖିଲାକ୍ଷଣି ଯେପରି କି ପିଣ୍ଡରେ ପ୍ରାଣ ପଶିଲା; ସମସ୍ତେ ଆଲୁଳା ହୋଇ ପଡ଼ିଥିଲେ, କେତେବେଳେ ସେମାନଙ୍କ ପାଳି ପଡ଼ିବ, ସେଇ ପ୍ରଶ୍ନ ଗୁହାଳରେ ଫୁଟୁଥିଲା ।

ଗଛବୁରୁଛ

ମାତ୍ର ସାତୋଟି ଟଙ୍କାରେ ଆମ ବାଡ଼ିଆଡ଼ର ହସ୍ତାନ୍ତ ବରଗଛଟି ବିକ୍ରୀ ହୋଇଯାଇଥିଲା, ଗୋଟିଏ ଅଣ୍ଡିରା ତାଳଗଛକୁ ନିବିଡ଼ ଭାବେ ଆଲିଙ୍ଗନ କରି ସେ ରହିଥିଲା; ଖଣ୍ଡମଣ୍ଡଳର ବାଦୁଡ଼ି ସେଥିରେ ଓହଳୁ ଥିଲେ, ବନ୍ଧୁ ବଗ ଓ ଚଢ଼େଇଙ୍କର ଆଶ୍ରୟସ୍ଥଳୀ ଥିଲା ସେ; ସାତ ପୁରୁଷର ଇତିହାସ ଫୁଟି ଦିଶୁଥିଲା ପୃଥୁଳ, କ୍ଷୀଣ, ଜୀର୍ଣ୍ଣ ନବୀନ ପରସ୍ତ ପରସ୍ତଲମ୍ବୀ ଶିଅରେ । ଯୋଉଦିନ ତା ଉପରେ କୁରାଢ଼ି ବ୍ଲେଟ ପଡ଼ିଥିଲା, ମୁଁ କାନ୍ଦିଥିଲି, କାହିଁକି, କହିବା ପାଇଁ ହେତୁ ହୋଇ ନ ଥିଲା ମୋର ।

ଆମ ଘର ପାଖକୁ ଲାଗିଥିବା ଆମ୍ବିଲା (ଅମ୍ବ) ଗଛରୁ ମାଆ ମଲାବେଳେ ଖଣ୍ଡିଏ ଡାଳ କଟା ହୋଇଥିଲା । ନନା ମଲାବେଳେ ଆଉ ଖଣ୍ଡିଏ ଡାଳ କଟା ହେଲା । ବୋଉ ବଞ୍ଚିଥିଲା ବେଳେ ଦେଖାଇ କହୁଥିଲା — ଏ ଡାଳଖଣ୍ଡ ମୁଁ ନେବି । ସେଇଆ ହେଲା । ତାର ଆଉ ଖଣ୍ଡିଏ ଡାଳ ଅଛି । ତାକୁ ଚାହିଁଲେ ମନ କିପରି କାରୁଣ୍ୟଭରା ହୋଇଉଠେ ।

Digitized by srujanika@gmail.com

ଝୁଣ୍ଟା ଗଛଟି ବସନ୍ତର ସ୍ପର୍ଶ ମାତ୍ରେ ବଉଳେ; ଅମ୍ବ ଭରି ହୁଏ, ଖରା ଅମ୍ବିଳା । ଯୋଉ ବର୍ଷ ଅମ୍ବ ନଥାଏ ତାର ଆଦର, ନ ହେଲେ ଗୋରୁ ଚରନ୍ତି । ପୁରୁଷ ପୁରୁଷ ଧରି ଫଳ ଦେଇ ସେ ନିନ୍ଦା ଅପମାନ ଶୁଣି ଆସୁଛି । ମମତା ଅଭାବରୁ ତା'ରି ଉପରେ ହୋଇଛି କୁଠାରଘାତ; ତଥାପି ଶେଷ ସାଥୀ ସେ ପିତୃ ପିତାମହଙ୍କର ।

ଘିଅସରି ନଡ଼ିଆ, ବଡ଼ଗଛ ନଡ଼ିଆ, ମଞ୍ଜିଗଛ ନଡ଼ିଆ, ରଙ୍ଗୀଗଛ ନଡ଼ିଆ । ଆମର ଏବେ ଗଣ୍ଡା ନଡ଼ିଆ, ନଡ଼ିଆ ଫଳରେ, ଗୋଟମାରେ ମୋର ଆଦର । ତଥାପି କୌଣସି ଗଛ ପ୍ରତି ମୋର ସ୍ୱତନ୍ତ୍ର ମମତା ନ ଥିଲା ।

ବାଂଝ ନଡ଼ିଆ ଗଛଟି ପ୍ରତି ମୋର ସମବେଦନା ଥିଲା । ବୋଧେ ଏକ ଡାଙ୍ଗି, ସେ ଡେଙ୍ଗାରେ ବଢ଼ି ବଢ଼ି ଯାଉଥିଲା, ବର୍ଷକୁ ଦୁଇ ଖଣ୍ଡେ ଶୁଖିଲା ବରଡ଼ା ଉପହାର ଦେଇ । ନ ଫଳିବାରୁ ତା ଉପରେ କ୍ରୋଧଦୃଷ୍ଟି ପଡ଼ିଲା । ପ୍ରତି କମ୍ପା ବଖରା ହେଲେ ଲାଞ୍ଛନା କରି ସେଇ ଗଛଟିକୁ ବରଡ଼ା ହଣା ହେଉଥିଲା, ତାର ଶାରୀରିକ କଷ୍ଟ ପ୍ରତି କେହି ଉକେମାନି ଭ୍ରୂକ୍ଷେପ କରୁ ନ ଥିଲା । ଅଢ୍ୱାବ୍ରୀର ମୂର୍ଦ୍ଦାର ଗଲାବେଳେ ଯେତେବେଳେ ଢୋଲ ଘଣ୍ଟ ବାଜୁଥିଲା, ଖଇକଉଡ଼ି ବଣ୍ଟା ହେଉଥିଲା, ସେତିକି-ବେଳେ ମୁଁ-ଏଇ ବାଂଝ ଗଛରେ ଲମ୍ବା କଣ୍ଟାଟିଏ ବାଡ଼େଇ ଦେଇଥିଲି, ଫଳିବ ବୋଲି ଲୋକବିଶ୍ୱାସରେ । ବିଶ୍ୱାସ ସତ ଫଳିଲା; ବାଂଝ ଦୁଇଟି ନଡ଼ିଆ ଧରିଲା, ଆହାରେ ! ଢୋଲ ଛଡ଼ାଇଲା ବେଳକୁ ଗୋଟିଏ ଓରଖିଆ, ଆରଟି ପଣ୍ଡା ।

ଯାହାହେଉ, ବାଂଝ ଦୋଷ କଟିଗଲା । ତା ମୁହଁ ଚାହିଁଲେ ଆଉ ଅପଯଶ ନାହିଁ । ଗଛଟି ହାଣ ମୁହଁରୁ ରକ୍ଷା ପାଇଗଲା ।

କୃଷି ବିଜ୍ଞାନସମ୍ମତ ଅନୁସରଣ କରିଥିଲେ ହୁଏତ ସୁଫଳ ଫଳିଥାନ୍ତା । କିନ୍ତୁ ନଡ଼ିଆ ଗଛ ପ୍ରତି ଆମ ଗ୍ରାମରେ କୌଣସି ଯତ୍ନ ନିଆ ହୁଏନାହିଁ । ସେ ଫଳୁ ଫଳୁ ବୁଢ଼ା ହୁଏ, ମରେ । କେହି କେହି ବେଳେ ବେଳେ ମୂଳରେ ଟିକିଏ ଟିକିଏ ପଙ୍କମାଟି ଦେଇଥାନ୍ତି - 'ଝତ ନରପେ, ପଙ୍କ ପୁରୁଷେ' ଏଇ ବିଶ୍ୱାସରେ । ମଞ୍ଜୁଆ ବର୍ଷକେ ଥରେ ଝାଡ଼ ଦେଇଯାଏ—ଗୁଣ୍ଡି, ଖୋସା, ଚଅଁର, ଚଢ଼େଇଙ୍କ ବସା; ମୂଷାକଣ୍ଟାରୁ ନଡ଼ିଆକୁ ରକ୍ଷା କରିବା ପାଇଁ, ଗଛ ନ ଫଳିଲେ ଜଗନ୍ନାଥ, ଲୋକନାଥଙ୍କ ନାଆଁରେ ଛାଡ଼ ଦିଆହୁଏ—ଲୋକନାଥମେଳାକୁ ଚୂଡ଼ାଘଷାରେ ଲାଗେ ସେ କମ୍ପା ଜଗନ୍ନାଥଙ୍କ ନାମରେ ପାଣି ଛଡ଼େଇ ଦିଆହୁଏ ।

ଆମ ଘରକୁ ଲାଗି କିଛି ଦୂରରେ ରାସ୍ତାରେ ଯୋଡ଼ିବର; ସେଇ ବରଓପ୍ରକୁ ସେ ସେବା କରିଥିଲି ତା ସ୍ମୃତି କୁଆଡ଼େ ଲୋପ ପାଇଗଲାଣି । ଏହାର ଡାଳରେ ବସି ବିହ

Digitized by srujanika@gmail.com

ବିଧାତା ବରପଣ ସଙ୍ଗେ ଓଁପ୍ରପଣ ଯୋଡ଼ି ପଠାନ୍ତି—ପ୍ରଜାପତି, ବଡ଼ ଘଟକ ସେ । ଭୋଜି ବରକୁ କୋଉ କନ୍ୟା, ପ୍ରାପତ ହେବ ସେ ଗଣପାଗ୍ର ବସି ବୁଝାଉ ଖବୁଆନ୍ତି, ଲେକ-ବଣ୍ଡାଧି; ଅଦୂର ଗଙ୍ଗଡ଼ୁ ଝିମିଲ ଚଳୁଛି ଫାଲ୍ଗୁଣରେ ପଢ଼ିଲ ପଣ୍ଡ ଧିନ୍ଥିଲି । ସେ ଏବେ କଷ୍ଟ ହୋଇଯାଉଛି । ଯୋଉ ପାଳଧିଆ ଫୁଲ ଗଛକୁ ଅନୁଗ୍ରହରେ ଲଲ୍ କରି ଦେଇଥିଲ, ପାଣିବୃନ୍ଦା ପୋଡ଼ିଥି ଲେଖରେ ସେ କଷ୍ଟ ହୋଇଯାଇଛି । ଗଛବୃତ୍ତ ଭାଙ୍ଗିଲ ମନ ମୋର ବାଳପି ଉଠିଛି ।

ଆମ ବାଡ଼ି ପୋଖରୀ କୂଳରେ ଗୋଟିଏ ବୁଦ୍ଧିଳ ଗଛ—ଝେଣ୍ଡା ଝେଣ୍ଡା ଲାଲ୍ ଫୁଲ ଲମ୍ବି ଆଏ, ଝଙ୍କା ମଥା ମଥା ହୋଇ ପୋଖରୀରେ ଅପୂର୍ବ ଶ୍ରୀ ସୃଷ୍ଟି କରେ ।

ଉମିଠ ବା ବାଇଗବା ଫଳରେ ଖଡ଼ିକା ଜୋଡ଼ି ପିଲାଦିନେ ଆମେ ରଥ ଗଢ଼ୁଥିଲୁ । ସ୍ୱର୍ଗତ କବି ସେଥିଲାଗି 'ବର୍ଣ୍ଣବୋଧ'ରେ 'ରଥଗଢ଼ା' କଥାଟି ଲେଖିଛନ୍ତି, 'ଓଟ ଚଢ଼' କଥାଟି ଅବଶ୍ୟ କାଳ୍ପନିକ । କଲିକତା ଚିଡ଼ିଆଖାନା ନ ଦେଖିବା ପର୍ଯ୍ୟନ୍ତ ମୁଁ ଓଟ ଦେଖି ନ ଥିଲି, ଚଢ଼ିବା ତ ଦୂରର କଥା । ଏବେ ପିଲାମାନେ ଆଉ ରଥ ଗଢ଼ନ୍ତି ନାହିଁ; ଉମିଠ ବାଇଗବା କମ୍ବା ନଡ଼ିଆ ଗୋଟମା ପ୍ରତି କାହିଁକି ଆଦର ରହିବ ?

ଆମ ବାଡ଼ିକୁ ଲଗି 'ହାଡ଼ି ଗଡ଼ିଆ' କୂଳରେ ଗୋଟିଏ ଗଜା ଆମ୍ବତୋଟା ଅଛି । ସେଇ ପୋଖରୀ ପାଣିରେ ଅନେକ ଅମ୍ବଡାଳ ବୁଡ଼ିଆଏ, ପୂଲା ପୂଲା ଫେଣରେ ବେଙ୍ଗ ଡିମ୍ବ ଛାଡ଼େ, ଅଭିଜ୍ଞବକ ବେଙ୍ଗମାନେ ନବ ବର୍ଷାରମ୍ଭରେ ସ୍ୱର ଗୋଟାଏ ମଉଚ୍ଛ ଜମାନ୍ତି, ତା କୂଳ କଆବାଡ଼ରେ କଇଁଅ ଡିମ୍ବ ଦିଏ, ବଳିଆ ବୁଆ କରେ । ପାଣିକି ଫୋପଡ଼ାରେ ପିଟିଲେ 'ରାଜ୍ୟରେ କ ବିପ୍ଳବ ହେଲା' ଭାବି ଚଢ଼ଧାଉଳିଆ କଇଁଅ ଉପରକୁ ଉଠେ, ଧରାପଡ଼େ, ଏଥର କୂଳେ କୂଳେ ଚୋରିଆ ଗାଡ, ସୂତାରେ ବନଶି କଣ୍ଟା ଯୋଖି କଆନାଡ଼ ମୁଣ୍ଡି ପକାଇଲେ ଚୋରିଆ ଧରେ, ଟଣା ହୋଇ ପଦାକୁ ଆସେ ।

ଏଇ ତୋଟାରେ ବସି ମୁଁ ଲେଖାଲେଖି କରୁଥିଲି । ବହୁଳ ଅମାବାସ୍ୟା ଦିନ ଲକ୍ଷ୍ମୀପୂଜା କରି ମୁଁ ଏଇ ତୋଟାକୁ ପୁରୁଣା ମଣ୍ଡାପିଠା ଫିଙ୍ଗୁଥିଲି, ସେହିପରି ସୁମିଷ୍ଟ ଆମ୍ବମାନ ଫଳେଇବା ପାଇଁ ଅନୁ କରି ।

ଏଇ ତୋଟାର ଡାଳମାନଙ୍କରେ ବାଘୁଆ ମହୁମାଛି ଫେଣା କବାଟ ପରି ଲମ୍ବି ଆସୁଥିଲା । ଡାଳରେ ବହୁତ କାଇ (ଲାଲ କନ୍ଧା)ଙ୍କର ଭରି ଥିଲା । ତା'ର ଧଳା ଡିମ୍ବ ଗୁଣ୍ଡି ବନଶିଆ ପୋଖରୀକୁ ଟପ୍ ଟାପ୍ କରି, ମାଛର ଘୁରୁଥିଲେ, କୋଉ କୋଉ

Digitized by srujanika@gmail.com

ଗଛମୂଳେ ଥିଲା ଛୋଟ ଛୋଟ ଉଇହୁଙ୍କା, ଗୋଟାଏ ଗୋଟାଏ ଅମୃତ୍ଭାଁ ଦେଉଳ ବା ଦୁର୍ଗ ପରି ଦିଶୁଥିଲା । ଗୋଖୁର ବା ଚମ୍ପୀଙ୍କର ଅସ୍ଥାନ ଥିଲା ସେଇଠୁ । ଭୟରେ ଆମେ ତା ପାଖ ମାଡ଼ୁ ନ ଥିଲୁ ।

ସେ ବନର ଦୁଇଟି ଗଛ ଶିବପାର୍ବତୀଙ୍କ ପରି ମିଶି ଆଜି ଗୋଟିଏ ହୋଇଛି । ତା'ର ଦୁଇଟି ଶାଖା—ଗୋଟିକରେ ସିନ୍ଦୁରା ଫଳେ, ଅନ୍ୟଟିରେ ବଡ଼ ଭାଳ ଚଦଳିଆ ଅମ୍ବ । ଦେଖାସୁନ୍ଦର ଗଛଟି ବଡ଼ ଗଛଙ୍କ ବାଡ଼ରେ ଉଠେଇ ପାରିଲା ନାହିଁ । ସେଇଟି କେବେ ବଢ଼ିଲବାର ଦେଖିନାହିଁ ।

ଅମ୍ବଗଛରେ ମୁଣ୍ଡି ବହଳ ହେବା ସଙ୍ଗେ ସଙ୍ଗେ ଆମ ମନ ଅପୂର୍ବ ଆନନ୍ଦରେ ବହଳ ହଉଥିଲା । ମଳୟର ଝାଇଁ ଝାଇଁ ସାଇଁ ସାଇଁ ମଧ୍ୟରେ କୋଇଲିର ସ୍ୱର ତୋଳୁଥିଲା ଅପୂର୍ବ ହିଲ୍ଲୋଳ ।

ସୁଚନବାଡିଆ, କୁଡ଼ପାଣିଆ, ରମ୍ବଦାଲିଆ, କାଳିକଦଳିଆ, ନାକୋଇ, କଚେଇ, ସିନ୍ଦୁରା, ଗିରୁଡ଼ି, କଷାସୁଆ ଇତ୍ୟାଦି ନାନା ଜାତିର ଅମ୍ବଗଛ ଏଇ ତୋଟାରେ ଅଛି । ଏଠି ଗୁଣ୍ଡୁଚି ସଙ୍ଗେ କୁଆର ଝଗଡ଼ା ଲଗେ, ବେଳେ ବେଳେ ମୁହଁ ଦେଖାନ୍ତି ସୋଣପିଆ ଗୋଧି, ନେଉଳ । ଗଛ ସନ୍ଧିରେ ବସି ବୋବାଏ କୁମ୍ଭାଟୁଆ, ଏ ଗଛରୁ ସେ ଗଛ ଡେଇଁଯାଏ ହଳଦିବସନ୍ତ । ଝଡ଼ିଦିନେ ଡାମରା କୁଆ ଗଛପାଚିଲା ଅମ୍ବରେ ଅଣ୍ଟ ମାରି ଝଡ଼ାଇ ତଳେ ଖସିଲା ବେଳେ ପିଲାଏ ଛଡ଼ାଇ ନେଇଯାନ୍ତି ।

ରଜାଙ୍କ ରାଜୁତ, ଜମିଦାରଙ୍କ ଜମିଦାରୀ ଯିବା ସଙ୍ଗେ ସଙ୍ଗେ ବଣିଆ ବଗିଚା, ବଡ଼ତୋଟା, ପୁରଜନା ତୋଟା, ଗୋପିଆ ମାଆ ତୋଟା କୁରାଢ଼ି ଧାରରେ ଶୋଇ ପଡ଼ିଲେ । ଏସବୁ ତୋଟା ଏତେ ଗହଳ, ନିର୍ଜନ ଯେ ଦିନ ଦିପହରରେ ଏକୁଟିଆ ଯିବାକୁ ଡର ମାଡ଼ୁଥିଲା, ଦୁଃଖୀରଙ୍କୀଙ୍କର ଭରସା ଥିଲା, ଅଥବା ବାଟୋଇର ବିଶ୍ରାମ ସ୍ଥାନ ଥିଲା । ଭାଗ୍ୟକୁ ଆମ ତୋଟାଟି ଉପରେ ଆଞ୍ଚ ଆସି ନ ଥିଲା, ଆମ ପରିବାରର ସ୍ଥାବର ସଭ୍ୟ ସେମାନେ, ପୋଷକ; ପିଲାଦିନେ ଡାଳିମାଙ୍କଡ଼ି ଖେଳର ଅବଲମ୍ବନ, ନାନା ସ୍ମୃତିର ଆଧାର, ପାରିବାରିକ ଇତିହାସର ମୂକସାକ୍ଷୀ, ଗ୍ରୀଷ୍ମକାଳ ଦ୍ୱିପ୍ରହରରେ ଗୋଧନର ଅଶ୍ରୟସ୍ଥଳୀ ଏଇ ତୋଟା, ଏହାର ମୂଲ୍ୟ କିଏ କଳନା କରିବ ? ଷଡ଼ଋତୁର ସ୍ପର୍ଶ ଏଇ ତୋଟା ମାଧ୍ୟମରେ ମୁଁ ଲାଭ କରିଛି, ପ୍ରକୃତି ଅମର ମନ୍ତ୍ରଗ୍ରାମୂର୍ଚ୍ଛନାରେ, କୋମଳ କଣ୍ଠସ୍ୱରେ, ପିକର ପଞ୍ଚମରେ ଯେପରି ମଧୁରଭାବରେ ମୋ ହୃଦୟରେ ଧ୍ୱନିଦେଇଛି, ଯେପରି ଆଉ କେବେ କେଉଁଠି ଧ୍ୱନି ଦେଇନାହିଁ ।

Digitized by srujanika@gmail.com

ମୋ ଜାତକ

ମୋ ଜାତକର ଫଳ, ବହୁତ ଜୀବନକାହାଣୀ ପଢ଼ି ପାଠକମାନେ ହୁଏତ ତୁଳନାତ୍ମକ ଧାରଣା କରିପାରିବେ । ମୋ ଜୀବନର ରାଜଯୋଗପ୍ରାପ୍ତି ଉପରେ ଟିପ୍ପଣୀ ଲେଖୁନାହିଁ, ଜୀବନକାହାଣୀ ଉପରେ ମଧ୍ୟ ମୁଁ ଟୀକା, ବ୍ୟାଖ୍ୟା ଲେଖିନାହିଁ । ଜୀବନନାଟ୍ୟକାରଙ୍କର କେଉଁଠି କହନ୍ତି, ନାଟକୀୟ ଛଟା ଫୁଟାଇବାରେ ତ୍ରୁଟି ରହିଗଲା, ପରୀକ୍ଷା କରିନାହିଁ, ଯାହା ମନେ ପଡ଼ିଲା, ଲେଖି ଯାଉଛି । କ୍ରମଟା ବି ଠିକ୍ ରଖି ପାରିନାହିଁ । ମୋ ଜାତକରେ ଗ୍ରହାବସ୍ଥିତିର ଏହା ଏକ ସିଂହାବଲୋକନ ମାତ୍ର । ଏଥିରେ ସୂକ୍ଷ୍ମ ଗଣନା ନାହିଁ । ତେଣୁ ବ୍ୟତିକ୍ରମ ସମ୍ଭବ ।



'ଲଗ୍ନ ଓ ପଞ୍ଚମାଧୀଶ ମଙ୍ଗଳ, ଭାଗ୍ୟାଧିପତି ଚନ୍ଦ୍ର ସହିତ ତୁର୍ଯ୍ୟ ସ୍ଥାନରେ ଅବସ୍ଥାନ କରୁଥିବାରୁ ଜାତକର ପ୍ରବଳ ରାଜଯୋଗ ଏବଂ ନେତୃସ୍ଥାନରେ ଉଚ୍ଚ ପଦନ ଦେଇ ସମ୍ମାନିତ କରାଇବ ।

ମୋ ଜାତକ ସମ୍ପର୍କରେ ରାଜଜ୍ୟୋତିଷୀ ପଣ୍ଡିତ ମନମୋହନ ଜ୍ୟୋତିଷ ବିଶାରଦଙ୍କର ଏକ ସ୍ଥୂଳ ଗଣନା ।

Digitized by srujanika@gmail.com

ଜନ୍ମ ତାରିଖ ୭-୩-୧୯୧୪କୁ ଶକାବ୍ଦ ୧୮୩୫ କୁମ୍ଭ ୨୪ ଦିନ ଫାଲ୍‌ଗୁନ ଶୁକ୍ଳ ଦଶମୀ ଶନିବାର ଦିବା ଗତ ୧୩।୧୨କୁ ଲଗ୍ନ ସ୍ଫୁଟ ୭।୨୫।୩୨।୧୯କୁ ପ୍ରଶସ୍ତ ବୃଶ୍ଚିକ ଲଗ୍ନେ, ସ୍ୱରାଶି ପୁନର୍ବସୁ ନକ୍ଷତ୍ରେ ମିଥୁନ ରାଶି ବିଂଶୋତ୍ତରୀୟ ଦଶାନୁସାରେ ଜନ୍ମ ସମୟକୁ ବୃହସ୍ପତି ମହାଦଶାର ଭୋଗ୍ୟ ବର୍ଷାଦି ବ୧୧।୮।୧।

ପରନ୍ତୁ ଦ୍ୱିତୀୟସ୍ଥ ବାଧକାଧିପ ଓ ବିଦ୍ୟାଧିପତି ବୃହସ୍ପତି ସପ୍ତମ ସ୍ଥାନରେ ରହି ତୃତୀୟାଧିପ ଶନିଙ୍କୁ ପୂର୍ଣ୍ଣଭାବେ ସ୍ୱେଦଦୃଷ୍ଟିରେ ଦେଖୁଥିବାରୁ ଜାତକ ସଦଭାଗ୍ୟ-ଶାଳୀ, ଧନଧାନ୍ୟ ଓ ଦୀର୍ଘାୟୁଯୁକ୍ତ; 'ଜୀବ ସୁଶୀଲ ପ୍ରିୟଦର୍ଶନଃ ଶୁଚିର୍ଦାତାଚ ଭୋକ୍ତା ନୃପ ପୂଜିତ ସୁଖୀ'; ତୃତୀୟସ୍ଥ ଓ ସୁଖାଧିପତି ଶନି ସପ୍ତମ କେନ୍ଦ୍ରରେ ଥିବାରୁ ମହା-ଶୟ ଦୀର୍ଘାୟୁ, ବହୁଳ ବିଦ୍ୟାବାନ, ବିଶିଷ୍ଟଜ୍ଞାନୀ, କବିତ ରଚନାକାର, ସଦ୍‌ଗୁରୁ, ଦୟାଳୁ, ନିଷ୍ଠାବାନ, ନୃତ୍ୟଗୀତନାଟକାଦିରେ ଉଚ୍ଚ ଅଭିଜ୍ଞ, ଧର୍ମଯାଜକ ଓ ଧାର୍ମିକମାନଙ୍କ ସହିତ ସମ୍ପର୍କିତ ସନ୍ତ କୀର୍ତ୍ତିଯୁକ୍ତ ହେବେ।

କର୍ମାଧିପ ଓ ଲାଭାଧିପ ରବି, ବୁଧ ଚତୁର୍ଥ କେନ୍ଦ୍ରରେ ବୁଧାଦିତ୍ୟ ଯୋଗହେତୁ ସାହିତ୍ୟକ୍ଷେତ୍ରରେ ଅଧ୍ୟକ୍ଷ ହେବେ।

'ନାନାଽଗମ ଗ୍ରନ୍ଥ ବିଚାର ବୋଧଃ
ପ୍ରଖ୍ୟାତନାମା ନୃପପୂଜିତଶ୍ଚ
ସାଧୁ ସୁଧର୍ମୋ ଭବତୀହ ବାଗ୍ମୀ
କେନ୍ଦ୍ରସ୍ଥିତେ ଚନ୍ଦ୍ରସୁତେ ଶରୀରୀଃ।'

ଏହା ବେଦବେଦାନ୍ତ ଦର୍ଶନଶାସ୍ତ୍ରରେ ଅପାର ବୁଦ୍ଧି, ବାଗ୍ମୀ, ଜନପୂଜ୍ୟ, ଧର୍ମପରାୟଣ, ଭୋଗବିଳାସ କୋଠାବାଡ଼ି ଯାନବାହନାଦି ବୁଧାଦିତ୍ୟ ଯୋଗରେ ପ୍ରତିଫଳିତ କରାଇ ସୁଖୀ କରାଇବ।

ଏହା ଛଡ଼ା ଦଶମାଧିପତି ରବି ଚତୁର୍ଥ କେନ୍ଦ୍ରରେ ଥିବାରୁ ଜାତକର ବିଶ୍ୱ ବିଖ୍ୟାତ ଯୋଗ ପ୍ରବଳ ଭାବେ କରାଇବ।

ଦଶମ ଭବନ ନାଥ କେନ୍ଦ୍ର କୋଣେ ଧନସ୍ଥେ
ବଳବତି ଯଦି ଯାନେ ଯୋଗ ସିଂହାସନସ୍ଥେ
ସ ଭବତି ନରନାଥୋ ବିଶ୍ୱ ବିଖ୍ୟାତ କୀର୍ତ୍ତି
ମଦ ଗଳିତ କପୋଲୈ ର୍ଦନ୍ତିଭିଃସେବ୍ୟମାନଃ।

ବିଦ୍ୟା ସ୍ଥାନରେ ସପ୍ତମ କେନ୍ଦ୍ରାଧିପତି ଓ ବ୍ୟୟାଧିପତି ଶୁକ୍ର ତୁଙ୍ଗୀ ହୋଇଥିବାରୁ ଜାତକକୁ ସର୍ବଗୁଣ ସମ୍ପନ୍ନ ଓ ଗୁରୁ ଗୌରବ ଯୁକ୍ତ ଓ ବିଶ୍ୱ ଦରବାରରେ ପୂଜ୍ୟ କରାଇବ।

Digitized by srujanika@gmail.com

ଏ ମହାଶୟ ଶାନ୍ତ, ଧୈର୍ଯ୍ୟଶୀଳ, ଓଜସ୍ୱୀ, ଅଗ୍ରଗାମୀ, ପ୍ରତ୍ୟୁତ୍ପନ୍ନମତି, ସର୍ବଜନପୂଜ୍ୟ, ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ, ସ୍ୱଳ୍ପକ୍ରୁଟୀ, ସଦା ସମ୍ମାନଶୀଳ, ସଦାହସ୍ତ, ମୁକ୍ତହସ୍ତୀ, ବାଗ୍ମୀ, ଅଧ୍ୟବସାୟ ସାହସ ସହିତ କର୍ମଯୋଗୀ ଇତ୍ୟାଦି ବହୁଗୁଣଯୁକ୍ତ । ସ୍କୁଲ, କଲେଜ, ଚିକିତ୍ସାଳୟ ଆଦି ଦେଶ କଲ୍ୟାଣ କର୍ମମାନ ଆନୁଷ୍ଠାନିକ ଭାବେ ପ୍ରତିଷ୍ଠା କରାଇବେ । ଜାତକର ୨୧।୮୧ ଠାରୁ ଅର୍ଥାତ୍ (।୧୨।୧୯୬୫ ଠାରୁ ଜାତକର କ୍ରମଶଃ ବିଦ୍ୟାର୍ଜନ ସହ ଉଦ୍‌ବେଗର ସୁଖ୍ୟାତି, ରାଜପ୍ରଶଂସା, ସର୍ବ କ୍ଷେତ୍ରରେ ପ୍ରଶଂସନୀୟ ଓ ବିଶ୍ୱସମ୍ମାନ ଲାଭ ଶେଷ ଜୀବନ ପର୍ଯ୍ୟନ୍ତ (୮।୪।୧୯୯୭)' । ମୋ ଜନ୍ମ ତାରିଖ ୭-୩-୧୯୧୪, କିନ୍ତୁ ସରକାରୀ କାଗଜ-ପତ୍ରରେ ଚଳେ ୨୧-୧୧-୧୪, ନିଶ୍ଚିତଭାବେ କେତେ ମାସ ବୟସ କମା ଯାଇଥିଲା ।

ବ୍ରତଘର

ଆମ ଗାଆଁରେ ଗୋପେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ବର୍ଷ ୧୯୨୧ ଭାଇନାଙ୍କର ଓ ମୋର ବ୍ରତଘର ହୋଇଥିଲା । ଦଶ ବାର ବର୍ଷ ବୟସ ହେଲେ ବି ସେତେବେଳେ ଲଙ୍ଗଳା ହୋଇ ଡେଙ୍ଗଡ଼ାରେ ହାଣ୍ଡି କୁଣ୍ଡେ ପଖାଳ ବାଢ଼ି ଅଣି ଖାଉଥିଲୁ ! ବ୍ରତଘର ପୂର୍ବରୁ ମାସେକାଳ ବନ୍ଧୁବାନ୍ଧବଙ୍କ ଘରେ ଦ'ଭାତ ଶୁଖୁଆ ଖାଇ ବୁଲିଥିଲୁ । ସେ କାଳେ କୁଣିଆଁ ମଇଁସିଙ୍କ ଘରକୁ ଯାଇ ସାତ ଆଠ ଦିନ ରହିବା ଗୋଟିଏ ସାଧାରଣ ଘଟଣା ଥିଲା । ବଡ଼ ହେବା ପରେ ଶୁଖୁଆଖିଆ ମନା । ଆଗେ ଜୀବନସାରା ଶୁଖୁଆ ଗୁଣ୍ଡିବାକୁ ହେଉଥିଲା । ଏବେ ସୃଷ୍ଟିଲୀରୁ ତାମ୍ପଡ଼ା, ଚୋକଲକୁ ଇଲିସି ଶାସନୀଏ ନିର୍ବିକାର ଚିତ୍ତରେ ଖାଉଛନ୍ତି ।

ମଙ୍ଗଳ ଦିନ ରାତିରେ ପାନ୍ତାଳ ପଖାଳ, ବେସର, ମହୁରା ଆମକୁ ଗିଳେଇ ଦିଆ-ହୋଇଥିଲା । ବ୍ରତଘର ଦିନ ଓପାସେ ରହିଲେ ବି ଆମ୍ଭିଳ ହାକୁଟି ଉଠୁଥିଲା । କାନଫୋଡ଼ା, ପୁଂସବନ, ଜାତକର୍ମ, ନାମକରଣ, ଅନ୍ନପ୍ରାଶନ, ଚୂଡ଼ାକର୍ମ, ଉପନୟନ, ବେଦାରମ୍ଭ, ସମାବର୍ତ୍ତନ ଆଦି ଦଶକର୍ମ ଆମର ଏକା ଦିନକେ ହୋଇଥିଲା । ଛେନା, ସୁନା ଖାଉଁ ଖାଉଁ ରୁପା କୁଣ୍ଡିରେ କାନ ଫୋଡ଼ି ସୂତା ଗଳେଇ କ୍ଷତ ସ୍ଥାନରେ ଚନ୍ଦନ ସିନ୍ଦୂର ଲଗାଇ ଦିଆ ହୋଇଥିଲା । ଆମ ବେଦୀକୁ ଗଣେଶ, ଇନ୍ଦ୍ର. ବ୍ରହ୍ମା, ବାୟୁ, ଅଗ୍ନି, ଆଦିତ୍ୟ, ବରୁଣ, ଦଶଦିଗ ପାଳ, ଧ୍ରୁବ, ପୃଥ୍ୱୀ, କ୍ଷମା; ସ୍ୱାହା, ସ୍ୱଧା, ସାବିତ୍ରୀ, ଲକ୍ଷ୍ମୀ, ସରସ୍ୱତୀ ଆଦି ସ୍ୱର୍ଗର ଦେବତାମାନେ ଓହ୍ଲାଇ ଆସିଥିଲେ । ପୂର୍ଣ୍ଣକୁମ୍ଭ ମୁଖରେ ରୁଦ୍ର, କଣ୍ଠରେ ବିଷ୍ଣୁ, ତଳେ ବ୍ରହ୍ମା, ମଧ୍ୟ ଭାଗରେ ମାତୃଗଣ, ଗର୍ଭରେ ସପ୍ତ ସମୁଦ୍ର, ସପ୍ତଦ୍ୱୀପା ମେଦିନୀ ଆସି ବସେ କରିଥିଲେ । ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ, କାବେରୀ କୁରୁକ୍ଷେତ୍ର, ପ୍ରୟାଗ, ଗୟା ଆଦି ପୁଣ୍ୟ ତୀର୍ଥମାନ

ଆସି ବାସ କରିଥିଲେ, ଆସିଥିଲେ ସ୍ୱୟଂ ଶୁକ୍ଳାମ୍ବରଧର, ପ୍ରସନ୍ନବଦନ ବିଷ୍ଣୁ, ଅତସୀ କୁସୁମ ଶ୍ୟାମ, ପୀତବାସ କୃଷ୍ଣ। ଓହ୍ଲାଇ ଆସିଥିଲା ଗୁରୁକୁଳ ସଂସ୍କୃତି, ଗୁରୁଗୃହ ବାସ, ବେଦାଧ୍ୟୟନ, ଦୀକ୍ଷାଦାନ—ଏସବୁ ବୁଝିବା ଲାଗି ସେତେବେଳେ ମୋର ଶକ୍ତି ନ ଥିଲା। ଚୁଣପଟ୍ଟ ଜାଲ ପିନ୍ଧି କାନ୍ଧରେ ଉଦୁମ୍ବର ଝେଡ଼ା ପକାଇ ଦୀର୍ଘ ସଂସ୍କୃତମନ୍ତ୍ର ଶୁଣି ହୋମଧୂଆଁରେ ମୋତେ କାନ୍ଦିବାକୁ ହୋଇଥିଲା । ପଞ୍ଚଗ୍ରାସ (ପାଞ୍ଚୋଟି ଗୁଣ୍ଡା) ନାମରେ ମୋତେ ଫାଲ୍ତୁଆ ଗୁଣ୍ଡା ଗିଳିବାକୁ ହୋଇଥିଲା ।

ଗୋବର, ଭୂମି, ସୁନା, ଧାନ ପୁସ୍ତକ, ଏଥି ମଧ୍ୟରୁ କଣ ଗ୍ରହଣ କରିବି ବୋଲି ମୋତେ ପଚରା ଯାଇଥିଲା । ଭୂମି, ଗୋବର, ଧାନ କୃଷି ସହିତ, ସୁନା ହୁଏତ ଶିଳ୍ପ ସହିତ, ପୁସ୍ତକ ବିଦ୍ୟା ସହିତ ସଂପୃକ୍ତ। ମୁଁ ପୁସ୍ତକଟି ଗ୍ରହଣ କରିଥିଲି, ମନେ ପଡୁଛି ।

ଗୁରୁସେବା, ଅରଣ୍ୟରୁ ସମିଧ ଆହରଣ, ସ୍ୱହସ୍ତ ଯମ ନିୟମାଦି ପାଳନ, ସତ୍ୟଭାଷଣ କର୍ତ୍ତବ୍ୟ ବୋଲି ପୁରୋହିତ ବା ଗୁରୁ ଉପଦେଶ ଦେଇଥିଲେ। ମୁଁ କେବଳ ଶେଷ ଉପଦେଶଟି ଯଥାସମ୍ଭବ ପାଳନ କରି ଆସିଛି, ମଦ୍ୟ ମାଂସ ବର୍ଜନ, ବୃକ୍ଷାରୋହଣ, ନଦୀ ପୁଷ୍କରିଣୀରେ ସନ୍ତରଣ ଅକର୍ତ୍ତବ୍ୟ ବୋଲି ଉପଦିଷ୍ଟ ହୋଇଥିଲି । ଏଥିମଧ୍ୟରୁ ମଦ୍ୟପାନ କରିନାହିଁ। ଆମ୍ବ, ଜାମୁ ଓ ଜମ୍ବୁ ଫଳ ତୋଳିବା ଲାଗି ବୃକ୍ଷାରୋହଣ କରିଛି । ସନ୍ତରଣ କାହିଁକି ବାରଣ କରାଯାଇଥିଲା ଏ ପର୍ଯ୍ୟନ୍ତ ବୁଝି ପାରୁନାହିଁ ।

ଧୂବ ମାମୁଁ ଓ ନାଦ ମାମୁଁ ଥାଳୀ ଧରିଥିଲେ। ଟଙ୍କା, ଅଧୂଲି, ସୁକି, ସୁନା ମୁଦି, କଣ୍ଠି ଓ କୋଳରେ ଅଞ୍ଜୁଳା ପୂର୍ଣ୍ଣ ହୋଇଯାଇଥିଲା। ତେଲଙ୍ଗୀ ବାଜା ବାଜୁଥିଲା । ଯୋଡ଼ିନାଗରା ସଙ୍ଗେ ଯୋଡିମହୁରୀ ଭ୍ରୁନ୍ଦ ସ୍ୱର ଧରି ବାଜୁଥିଲା । ସ୍ତ୍ରୀ ଲୋକମାନେ ନାନା ରଙ୍ଗର ପାଟ, ଛିଟ ପିନ୍ଧି ଓଢ଼ଣା ପକାଇ ଆସି ଘିଅ ପକ୍ୱ ଚରୁଅନ୍ନ ମାମୁଁ ଧରିଥିବା ଥାଳୀରେ ଦେଇ ହାତ ଧୋଇ କିଏ କାନକୋଳି, କିଏ ଅନନ୍ତବ୍ରତ, ଖଡ଼ୁ, କଣ୍ଠି, ପଇତାମୁଦି, ରୁପା ଟଙ୍କା ଦେଇ ଥିଲେ, ପୁରୋହିତେ ପ୍ରତ୍ୟେକ ଥର ବୋଲିଥିଲେ— ଭବନ୍ ଭିକ୍ଷାଂ ଦେହି। ପୁରୁଷମାନେ ହୋମାଗ୍ନିରେ ଘୃତାହୁତି ଦେଇ ବନ୍ଦେଇ ଥିଲେ। ସେତେବେଳେ ବ୍ରତ ବନ୍ଧାଣ ଗୀତ ଲୋକରେ ପ୍ରଚଳିତ ଥିଲା—

‘ମାଆ ଦେବେ ବଡ଼ ଭିକ ହୀରା ଲଗା ଖଡ଼ୁ
ବାପା ଦେବେ ବଡ଼ ଭିକ ହୀରା ବାଟି ଗଡ଼ୁ ।
ଆଈ ଦେବେ ବଡ଼ ଭିକ ହୀରା ଲଗା କୋଳି
ଅଜା ଦେବେ ବଡ଼ ଭିକ ହୀରା ଲଗା ମାଳି ।

Digitized by srujanika@gmail.com

ପିଉସୀ ଦେବେ ବଡ଼ ଭକ ସୁବର୍ଣ୍ଣ ମୁକୁଟ
ପିଉସା ଦେବେ ବଡ଼ ଭକ ସୁବର୍ଣ୍ଣ ପଇତା ।

× × ×

ବରତ କଲ ବସ୍ତ୍ର ନ କଲ ଏ ଘରେ କାର୍ଯ୍ୟ ନାହିଁ
କାନ୍ଧରେ ବାଡ଼ି ବୁଲଇ ବୁଲବୁ ଦେହି, ଦେହି ।

ବ୍ରତ ପରେ ପ୍ରାୟ ବେଳବୁଡ଼କୁ ପଣ୍ଟୁଆରରେ ବେଷଣୀ ହେଲ—ଯୋଡ଼ିନାଗରା, ତେଲଙ୍ଗୀ ବାଇଦ, ଢୋଲ, ଶୃଙ୍ଗ, ପେଙ୍କାଳ ଏକାବେଳକେ ବାଜୁଥିଲ; ଦେଖଣାହାରୀ ଖୁବ୍ ବୁଲୁଥିଲେ । ବେଷଣୀ ବେଳେ ମୋତେ ଯାହା ଶିଖାଇ ଦିଆ-ହୋଇଥିଲ, ମୁଁ କହିଲ -

"କୁଆଡ଼େ ଯାଉଛ ?"
"କୁଷି ଯାଉଛି ।"
"କାହିଁକି ?"
"ମାମୁଁ ବ୍ରତ କଲେ, ନନା ବସ୍ତ୍ର ଦେଲେ ନାହିଁ ।"
"କେତୋଟି ବସ୍ତ୍ର ହେବ ?"
"ସାତୋଟି !"

ଗୋଟିଏ କହିଥିଲେ ଠିକ୍ ହୋଇଥାନ୍ତା । କିନ୍ତୁ ହାସ୍ୟୋଦ୍ରେକ କରେଇବା ଲଗି ସାତୋଟି ବୋଲି ଶିଖାଇ ଦିଆ ହୋଇଥାଏ । ଉପୁଲେଇ ଠାକୁରାଣୀଙ୍କଠି ଅଞ୍ଜୁଳି ଗୁଡ଼ଲ, ଗୁଆ ଛାଲି ଦର୍ଶନ କରି ଆସିବା ପରେ ବେଷଣୀ ବଢିଲ, ଘରେ ଘୂମନ୍ତ ଅବସ୍ଥାରେ ମୁକୁଟ ପିନ୍ଧାଇ ଫୁଲପତ୍ରରେ ପନ୍ତୁତ ମଣିଣା ଉପରେ ବସେଇ ଦିଆ-ହେଲ ।

ବନେ ମୟୂରାଃ ଗଗନେ ସୁମେଘାଃ
ଲକ୍ଷାନ୍ତରେ ଭାନୁଃ ଜଳେ ଚ ପଦ୍ମା
ଇନ୍ଦୁ ଦ୍ୱିଲକ୍ଷ ଯୋଜନସ୍ୟ ଦୂରମ୍
ଯୋ ଯସ୍ୟ ପ୍ରୀତ ନହି ତସ୍ୟ ଦୂରମ୍ ।

ମୁଁ ଘୁମଉ ଘୁମଉ ଏହି ଶ୍ଳୋକଟି ଅବୃତ୍ତି କରିଥିଲି, ଯେତେଦୂର ମନେ ପଡେ ।

ବ୍ରତ ପରେ "ଓଁ ବ୍ରହ୍ମଣେ ନମଃ, ଧର୍ମରାଜାୟ ନମଃ, ଚନ୍ଦ୍ରଗୁପ୍ତାୟ ନମଃ, ଓଁ ବ୍ରହ୍ମଣେ ସ୍ୱାହା, ଧର୍ମରାଜାୟ ସ୍ୱାହା, ଚନ୍ଦ୍ରଗୁପ୍ତାୟ ସ୍ୱାହା, ଓଁ ପ୍ରାଣାୟ ସ୍ୱାହା, ଅପନାୟ ସ୍ୱାହା, ବ୍ୟାନାୟ ସ୍ୱାହା, ଉଦାନାୟ ସ୍ୱାହା, ସମାନାୟ ସ୍ୱାହା ପ୍ରଭୃତି ପଢ଼ି ମହାଜନ-

Digitized by srujanika@gmail.com

ସଙ୍ଗରେ ଘିଅରେ ଚରୁ ଓ ଭୋଜନ ପରେ ଜଳରେ ଆଚମନ କରିବାକୁ ହୋଇଥିଲା । ତା ପରେ ପ୍ରତିଦିନ ଚଉଁରାରେ ଜଳ ଢାଳି ତୁଳସୀ ତୋଳା ଓ ବିଭିନ୍ନ ମନ୍ତ୍ର ବୋଲି ଠାକୁର ପୂଜା କରିବାକୁ ହୋଇଥିଲା । ପଇତା ମନ୍ତ୍ର, ସନ୍ଧ୍ୟା, ଗାୟତ୍ରୀ ଆଦି ଶିଖିବାକୁ ହୋଇଥିଲା ।

'ଜନ୍ମନା ଜାୟତେ ଶୂଦ୍ରଃ, ସଂସ୍କାରାତ୍ ଦ୍ୱିଜମୁଚ୍ୟତେ'; ବଡ଼ୁ ହେବା ପରେ ଘରେ ଦିଅଁ ଗାଧୋଇବା; ଅଶୌଚରେ ଅନ୍ୟମାନଙ୍କ ଘରେ ଦିଅଙ୍କୁ ପାଣି ଦେବା, ସଭାରେ ବକ୍ତା ହେବାର ଅଧିକାର ଜନ୍ମିଲା । ବ୍ରହ୍ମପଇତା ଥିଲେ ପାଖରେ ଭୂତ ପ୍ରେତ ପଶି ପାରିବେ ନାହିଁ ବୋଲି ମନରେ ବିଶ୍ୱାସ ଜନ୍ମେଇ ଦିଆହେଲା ।

ସେତେବେଳେ ବନ୍ଧୁବାନ୍ଧବଙ୍କ ଘରୁ ଆସୁଥିବା କଂସକଟିଆ ଭାରରେ ନିମିତ୍ୟ ଚାଲିଯାଉଥିଲା । କିଏ ଦେଉଥିଲା ସାରୁ ଭାରେ, କଦଳୀ ଭାରେ, ଖମ୍ବ ଆଳୁ ଭାରେ; କିଏ ବା ପଠାଉଥିଲା ଦୁଧ ଭାରେ, ମାଛ ଭାରେ; ମଙ୍ଗନ, ବ୍ରତଘର ଦିନ ଭୋଜି ବାଦ୍ ବହୁତ ପନିପରିବା ବଳିଥିଲା; ବନ୍ଧୁ ବାନ୍ଧବ ବିଦାୟ ନେଲାବେଳେ ଦେଇଥିରୁ କିଛି କିଛି ଗଣ୍ଠିଲିରେ ବନ୍ଧା ହୋଇଥିଲା ।

ପାଲିଙ୍କିରେ ଚଢି ରୋଷଣିରେ ଯିବା ବଡ଼ ସମ୍ମାନଜନକ ଥିଲା, କିନ୍ତୁ ମୋ ଭାଗ୍ୟରେ ତାହା ଘଟି ନ ଥିଲା । ମୁଁ ଭାଇନାଙ୍କ ସଙ୍ଗେ ଚାଲି ଚାଲି ରୋଷଣିରେ ଯାଇଥିଲି ।

ଦାଣ୍ଡଦୁଆରେ ଓଳାପୋଲା ହୋଇ ପାଣିଛିଞ୍ଚା ହୋଇଥିଲା; ନଡ଼ିଆ ଫୋପଡ଼ା ପିଢ଼ାରେ ବ୍ରାହ୍ମଣ ମହାଜନମାନେ ବସିଥିଲେ; କଦଳୀ ପତ୍ରରେ ଲୁଣ ଦିଆହେଲା ପରେ ଅନ୍ନ, ଘୃତ, ଡାଲି, ଅମ୍ବିଳ, ନବମିଶ୍ର ତରକାରୀ ପରିବେଷଣ କରାହେଲା । ଚୁଳୁ କରିବା ଲାଗି ହାତରେ ପାଣି ଦିଆ ହୋଇଥିଲା । ହାତ ଚୁଳିଲା ପରେ ସାରୁ, କଦଳୀ, ଖମ୍ବଆଳୁ ମାଛର ମହୁର ଓ ବେସରର ପରେ ଖିରି ଲାଗିଥିଲା ଓ ତା ଉପରେ ଖଣ୍ଡ ଛିଞ୍ଚା ହୋଇଥିଲା । ଶେଷକୁ କାକରା ପିଠା ଲାଗିଥିଲା; ପିଲାମାନେ ନ ଖାଇ ବି ହାତରେ ପିଠାଟିମାନ ଧରିଥିଲେ । ସେତେବେଳକୁ କାନେକା, ମାଛ ଝୋଳ ଓ ଛେଞ୍ଚଡ଼ା ଚାଲୁ ହୋଇ ନ ଥିଲା । କୁକୁର ଉପଦ୍ରବରୁ ମହାଜନମାନଙ୍କୁ ରକ୍ଷା କରିବା ପାଇଁ ସଙ୍ଗରେ ଦିପଟେ ବାରିକ ଜଗି ରହିଥିଲେ । ବାରିକ ଅଇଁଠା ପତର ଉଠାଇ ଫୋପାଡ଼ିଲା ପରେ କୁକୁରଙ୍କ ମଧ୍ୟରେ ଘୋର ଯୁଦ୍ଧ ଲାଗିଯାଉଥିଲା ।

ସେ ଦିନର ଜଣେ ଋଷି

ଏମିତି ମୋ ଦିନ ଗଡ଼ିଚାଲିଲା । ମୋ ଜାତକରେ ପାଠ ଅଛି ବୋଲି ମୋ ଜାତକ ଗଢ଼ିଥିବା ଓ ମଝିରେ ମଝିରେ ଦେଖୁଥିବା ଜଗନ୍ନାଥ ବୈଷ୍ଣବ ନାହାକ କହୁ ନ

Digitized by srujanika@gmail.com

ଥିଲେ ! ମୋ ଭଉଣୀର ବାହାଘରେ ଥରେ ଜଣେ ବନ୍ଧୁ ଜଣଙ୍କୁ ଆମ ଦୁଇ ଭାଇଙ୍କ ପରିଚିତ କରେଇବା ବେଳେ କହିଥିଲେ—ବଡ଼ଟି (ମୋ ଭାଇନା) ଚାଲାକ ଚତୁର, ସାନଟି ଓଲୁ, ନିଶ୍ଚିତ ଭାବେ ପଛୁଆ ।

ଭାଇନା ତ ପାଠ ପଢ଼ିବାକୁ ଗଲେ, ଘରେ ରହି କୃଷିବାସ ସମ୍ଭାଳିବା ଭାର ମୋ ଉପରେ ପଡ଼ିଲା । ମୁଁ ହେଲି ଗାଁରେ ଜଣେ ଚାଷୀ, ମାଣ ମାଣ ଜମି ମୁଁ ଧାନ ବୁଣେ—ଗୋଲଭଣ୍ଡି, ମୋଟରା, କଖାରୁଆ, ଗୋଟିକା, ବଳେଇସିଆଳି, କଳାକ୍ଷୀର, ହଳଦିଆମାଙ୍କୁରା, ମହିପାଳ । ପ୍ରଥମେ ପ୍ରଥମେ ପାହିପଡ଼ିଆ ହେଉଥିଲି । ପରେ ଅଭ୍ୟାସରେ ସବୁ ଦୋରସ୍ତ ହୋଇଗଲା । ମୁଗ, ବିରି, ରାଶି, ସୋରିଷ ବୁଣି ଜାଣିଲି, ଖଦଡ଼ ଖୋଳି ଖମ୍ବଆଳୁ ପକାଇଲି । ବାରିରେ ପିଢ଼ିଆ ଦେଇ ହୁଡ଼ା ଉଠାଇଲି । କୋଳଥ ଝୁଣ୍ଟି ଦେଇ ଜାଣିଲି । ବିଲରୁ ଜଳ ଓପାଡ଼ି ଶିଖିଲି । କାଠ, କୋଡ଼ମାଟିଆ କଲି । ଶୁକର ନ ଆସିଲା ଦିନ ଗାଈ ଚରାଇଲି । ଗୁହାଳ ପୋଛିଲି । କୋଳଥ ରଗଡ଼ିଲି, କୁଲୁଚ କୁଟିଲି । ଗୋରୁପାଣି ତଳେଇ ଗୋରୁ ମୋହିଲି, କାଠ ଚିରିଲି, ମାଛ ମାରିଲି । ଗଛରେ ଚଢ଼ି ଆମ୍ବ ପାରିଲି । ସାର ସାଙ୍ଗରେ କୁଣିଆଁ ହୋଇ ବନ୍ଧୁ ଘରକୁ ଗଲି । କାନ୍ଧରେ ଚୂଡ଼ାଭଜା ଉଖୁଡ଼ା ସାଉଁଲି ପକାଇ ନାମିକ ଦେଖିବାପାଇଁ ଗଲି । ଜନ୍ମ ମଧ୍ୟବିତ୍ତ ପରିବାରରେ ସାଆନ୍ତ ହୋଇ ବସିଲେ ଚଳେ-ନାହିଁ । ଲୋକଙ୍କ ସାଙ୍ଗରେ ମିଶି ବାଡ଼ବୁଜାରୁ ଘରଛପର, ଦଉଡ଼ିବୋଳାରୁ ଓଳିଆବନ୍ଧା, ମାଟିବୁହାରୁ ବେଙ୍ଗଲାପଜା ପର୍ଯ୍ୟନ୍ତ ସବୁ କାମ କରିବାକୁ ହୁଏ । କମାର ଶାଳରେ ଲୁହା ପଜେଇବାଠାରୁ ବଢ଼େଇ ଘରେ ଲଙ୍ଗଳ ଗଢ଼େଇବା ଓ ଲୋକ ଡାକି ବିଲରେ ପକାଇ ନିଜେ ଜଗି ବସିବାକୁ ହୁଏ । କୃଷୀର ଜୀବନ କଠୋର ପରିଶ୍ରମୀର ଜୀବନ ।

ବିଲରେ ଧାନ କଟଡ଼ା ପଡ଼ିଥିଲେ ଲୋକଙ୍କୁ ବିଲକୁ ପଠାଇ ଦେଇ ମୁଁ ନିଜେ ଶଗଡ଼ ଯୋଚି ନେଉଥିଲି । ବିଲରେ କଳେଇ ବାହୁଆ କରୁଥିଲି । ଶଗଡ଼ରେ ହଲା ନଦା ହେଲି ବେଳେ ବାଉଁଶ ଭିଡ଼ା ହେଲାବେଳେ ସାହାଯ୍ୟ କରୁଥିଲି । ଶୀତ ଦିନର ସେ ଡ଼ାହାଣିଆ ଖରା, ବାଉରିଣୀମାନେ ନଡ଼ା ଖେଳେଇ ଧାନ ଗୋଟେଇବା, ଲୋକମାନେ ଅଗ ଖୁଣ୍ଟିଦିବା, ଧାନଖିଆ ଚଢ଼େଇ ଏ ବିଲରୁ ସେ ବିଲକୁ ଉଡ଼ୁଥିବା, କଜଳପାତିଆ ଚକ୍‌କର ଦେଉଥିବା, ଏଠିକିବେଳେ ଚୂଡ଼ିଆ ମୁଢ଼ି ଉଖୁଡ଼ା ପସରା ମୁଣ୍ଡେଇ ପହଞ୍ଚୁଥିବା, ଖେତବଢ଼ା ହେଉଥିବା ଦୃଶ୍ୟ ମୋର ମନେ ପଡ଼ି ଯାଉଛି ।

ଖେତବଢ଼ା ବିଲ ବୋଲି ଆମର ଖଣ୍ଡିଏ ସ୍ୱତନ୍ତ୍ର ବିଲ ଥିଲା । ସେଥିରେ ଆମର ଧାନକଟା ମୁଣ୍ଡି ମରୁଥିଲା । ନଈ ପାରି କରୁଥିବା କେଉଟ, ଖିଅର କରିବା ବାରିକ, ଲୁଗା କାଚୁଥିବା ଧୋବା, ଲଙ୍ଗଳଗଢ଼ାଳୀ ବଢ଼େଇ, ଲୁହାପଜାଳୀ

Digitized by srujanika@gmail.com

କମାର ଏଇ ଖଳରୁ ବରତନ ବାବତକୁ ଗୋଟିଏ ଗୋଟିଏ କଳେଇ ପାଉଥିଲେ । ଆମ ଘରେ ଲଗିଥିବା ଲୋକମାନେ ଶେଷମୁଥିଆ ବଡ ବଡ଼ କୋଡ଼ିକିଆ କାଟୁଥିଲେ; ଧାନକଟା ପରେ ଖଳର ଗୋଟାଏ କଣରେ ଦୁଇ ଗୁଚ୍ଛ ଧାନ ଗଛ ଗୁଚ୍ଛ ଦିଆ ହେଉଥିଲା—ମହାଲକ୍ଷ୍ମୀଙ୍କର ପ୍ରତୀକ, ମୁଁ ଘରୁ ଛେନାଗୁଡ଼ ଆଣି ଭୋଗ କରୁଥିଲି, ଘରୁ ଆଣିଥିବା ଟୋକେଇକ ମୁଢ଼ି ଉଖୁଡ଼ା କାମ କରୁଥିବା ଲୋକଙ୍କୁ ବାଣ୍ଟି ଦେଉଥିଲି ।

ମନେ ପଡ଼େ ପାଳଭୂତ କଥା—ମଶାଣି ଭୂତ, ଝଣ୍ଟିଆ ଭୂତ ଓ ପାଳଭୂତ; ଏଇ ତିନି ଭୂତଙ୍କ ସଙ୍ଗେ ଆମର ସମ୍ପର୍କ ଥିଲା; ମଶାଣି ଭୂତ ନାଆଁରେ ଗୁପ୍ତ ଥର ଛୁଟୁଥିଲା; ଝଣ୍ଟିଆ ଭୂତ ସଙ୍ଗେ ଖେଳୁଥିଲି, ପାଳଭୂତ କଳାର କଳ୍ପନାରେ ଅଦ୍ଭୁତ ଏକ କୌତୁକ ବସ୍ତୁ ଥିଲା । ମଣିଷଙ୍କୁ ଡରାଉଥିଲେ ମଶାଣି ଭୂତ; ଜୀବଜନ୍ତୁଙ୍କୁ ଭୟ ଦେଖାଉଥିଲେ କାଠଭୂତ, ପାଳଭୂତ । କାଳେ ଭଲ ଫସଲରେ ଡାହାଣୀ, ଡାହାଣୀଙ୍କ ଦୃଷ୍ଟି ପଡ଼ିଯିବ, ସେଥିଲାଗି ଖେତ ମଝିରେ ଗୋରୁ ମୁଣ୍ଡ ବା ଟାଙ୍ଗି ଦିଆ ହେଉଥିଲା ।

ବେଳେ ବେଳେ ଖଳାରେ ବଡ ତରବରରେ ମୁଁ ଗଦାଉଥିଲି ବୃଷିକରଡ଼ା, ପହିଲି ଆଷାଢ଼ୁଆ ମେଘ ମାଡ଼ି ଆସିବାର ଦେଖି । ବୃଷିକରଡ଼ା ଓଦା ହେଲେ ଡାହାଣୀ ପୋକ ଖାଇଯିବାର ଶଙ୍କା ଥିଲା ।

ବେଳେ ବେଳେ ପବନ ମୁହଁରେ ଉଡ଼ାଉଥିଲି ମୁଗ ବୋଢ଼ । ବଡ ଆଗ୍ରହରେ ଗାଈ, ବଳଦ ତାକୁ ଗିଳିଯାଉଥିଲେ; ବେଳେ ବେଳେ ଗୋରୁ କୁଣ୍ଡରେ କୁଣ୍ଡା ବଦଳରେ ମୁଗ ବୋଢ଼ ପଡ଼ୁଥିଲା ।

ଡାହାଣିଆ ଖରାରେ କୋଳଥ କେଶ, ମୁଗ ଅମଳର ସେଇ ଦୃଶ୍ୟ ଆଖି ଆଗରେ ନାଚି ଯାଉଛି; ବ୍ୟସ ବଳ ମତେ ମନ୍ଦ ମନ୍ଦ ବାସୁଥିଲା, ଧାନ କେଣ୍ଡା ସଙ୍ଗେ ମୋର ମନର ମମତା ଗୁନ୍ଥି ହୋଇ ଯାଇଥିଲା । ଦୁଃଖର କଥା, ଖେତ ନୁହେଁ, କାଗଜ ମୁଁ ଚଷିଲି ।

ଗୋରୁ ଆଉ ମଣିଷ ଏମାନଙ୍କ କବଳରୁ ରକ୍ଷା କରିବା ଲଗି ମୁଗ ବିଲ ଜଗି ଯାଉଥିଲି । ପ୍ରଚଣ୍ଡ ଦିପହର ଖରାବେଳେ ଏକୁଟିଆ ଗୋଟାଏ ବାଉଁଶ ଗୋରଡ଼ିରେ ବସୁଥିଲି । କେହି କୁଆଡ଼େ ନାହିଁ, ଡର ମାଡ଼େ; କାଳେ ଭୂତ ପ୍ରେତ କି ବ୍ରହ୍ମରାକ୍ଷସ ବାହାରିବ । ଡର ମାଡ଼ିଲେ ବ୍ରହ୍ମ ପଇତାକୁ ହାତରେ ଗୁନ୍ଥାଏ — ବାଉଁଶ କଟିକଟି ଡାକୁଥାଏ—ସୁ-ସୁ-ସାଇଁ-ସାଇଁ; ଗମ୍ଭୀରରେ ମଗ୍ଗିଚକାର ଝାଳିଉ । ଚକ୍କର ଦେଉଥାନ୍ତି ଖରା ଝାଁଇଁ ଝାଁଇଁ ଆକାଶରେ କେଉଟା ଶାଳୁଣା ।

ଧାନ ପାଚଥିଲା ବେଳେ ଦୂର ଦୂରାନ୍ତର ବାଲକୁ ଜଗିବାକୁ ଯାଏ—ଲୋକେ ମେଣ୍ଢା କରିବା ନାଆଁରେ ଗୋଛା ଗୋଛା ଧାନ ଛିଣ୍ଡାଇ ନିଅନ୍ତି। ଘରେ ଦୁଆରେ ଧାନର ମେଣ୍ଢା ଝୁଲାଇବା ସେକାଳର ଗୋଟାଏ ବଡ଼ ସଉକ ଥିଲା।

କେହି କେହି ଧାନ କିଆରି ମଝିରେ ଲୁଚି ବସି ଗେଣ୍ଡା ମୁହିଁ ଦାଢ଼ରେ କେଣ୍ଡାସବୁ ଛିଣ୍ଡେଇ ଟୋକେଇରେ ଭର୍ତ୍ତି କରି ଜାଲ ଘୋଡ଼େଇ ଘରକୁ ଫେରନ୍ତି। ସତେ ଯେପରି ଘଷି ଗୋବର ଗୋଟେଇ ବା ଜାଲ କରି ଯାଉଥିଲେ।

ମୋ ସଙ୍ଗେ ଭଗବାନ୍ ଦାଙ୍କ ପୁଅ ରାମଦାଶ ଧାନ ଜଗି ଯାଉଥିଲେ। ଭଲ ବାସନା ଧାନ ଛିଣ୍ଡାଇ କାନରେ ଥୋଇ ବାଡ଼ରେ କୁଟୁଥିଲୁ, ହିଡ଼ର କି ସରୁ ସରୁ ପତ୍ର ସେଥିରେ ପକାଉଥିଲୁ। କୁଣ୍ଡା ଉଡ଼େଇ ଦେଉଥିଲୁ; ଏହାକୁ "ଚେଙ୍ଗେଇଚାଉଳ" କୁଟା କହନ୍ତି। ସେ ବାସନା ଚେଙ୍ଗେଇଚାଉଳକୁ ଆମେ ଖାଉଥିଲୁ। ସେତେବେଳେ ଚାଉଳ ଚୋବେଇବା ଖେଳଧାଇରେ ଗୋଟାଏ ରୀତି ଥିଲା—ସେଇ ପ୍ରଭାବରେ ହୁଏତ ଆମେ ସ୍ପୃହା କରୁଥିଲୁ। ସେତେବେଳେ ସେ ଭଲ ଲାଗୁଥିଲା, ଯେମିତି ଭଲ ଲାଗୁଥିଲା କୋଇଲାପାଚୁଡ଼ା ଆମ୍ବ, କଷି କଇଆଁ, କରମଙ୍ଗା କଷି, ଜାମୁ ରୁଚ୍ଛାଡାଳରୁ କଣ୍ଟେଇ କୋଳି, ଶଗଡ଼ ବାଟୁଆ କୋଳି।

ଏମିତି ଘର କାମରେ ମୋର ହାଡ଼ ଶକ୍ତ ହେଲା। ନନା 'ହଂସ ଦୂତ'ରୁ ଶ୍ଳୋକ ଶିଖାଇଲେ—

ଦୁକୂଳଂ ବିଭ୍ରାଣଂ
ଦଳିତ ହରିତାଳ ଦ୍ୟୁତିହରମ୍

ବ୍ରାହ୍ମଣ ଘର; ଫୁଲସଭାରେ ଅବଶ୍ୟ ବସିବ; ସେଠି ମୂକ ହୋଇ ବସିଲେ ଲୋକେ କହିବେ—ଡ଼େଙ୍ଗା ମାଗୁଣି ଦାଶ ଏତେବଡ଼ ପଣ୍ଡିତ, ତାଙ୍କ ପୁଅଟା ଗଣ୍ଡ ମୂର୍ଖ। ଏଇ ଲୋକଲଜ୍ଜାରୁ କୁଳକୁ ରକ୍ଷା କରିବା ଲାଗି ମୁଁ 'ମହାନାଟକ'ରୁ—

'ରାମାଭିଷେକେ ମଦବିହ୍ୱଳାୟାଂ
କକ୍ଷଚ୍ୟୁତା ହେମଘଟ ପ୍ରରୁଣ୍ୟାଃ
ସୋପାନମାରୁହ୍ୟ କରୋତି ଶବ୍ଦମ୍
ଠଂଠଂ ଠଠଠଂ ଠଠଠଂ ଠଠଠଂ।
ରାମଲକ୍ଷ୍ମଣ ପୂର୍ବଜଂ ରଘୁବରଂ ସୀତାପତି ସୁନ୍ଦରମ୍
କାକୁସ୍ଥଂ କରୁଣାକରଂ ଗୁଣନିଧିଂ ବିପ୍ରପ୍ରିୟଂ ଧାର୍ମିକମ୍

ଶ୍ଳୋକ ଶିଖିଲି। ପାଞ୍ଚ ଧାଡ଼ି ଶ୍ଳୋକ ଶିଖି ବୋଲିଲି ପରେ ନନାଙ୍କର ବିଶ୍ୱାସ ହେଲା—ମୋର ମୂର୍ଖ ଦୋଷ କଟିଛି।

Digitized by srujanika@gmail.com

ପ୍ରାଥମିକ ସ୍କୁଲ୍ କାନ୍ଥରେ ଲେଖା ହୋଇଥିଲା—

ପିଲାମାନେ ପାନ ଖାଆନ୍ତି ନାହିଁ
ଖାଇଲେ ତ ପାଠ ଆସଇ ନାହିଁ ।

ଏବେ ଘରେ ଅସୁବିଧା । ନନା କମ୍ପା ବୋଉ କେହି ପାନ ଖାନ୍ତିନାହିଁ । କୁଣିଆଁମଇତ ଆଇଲେ କାହା ଘରୁ ମାଗି ଆଣିବାକୁ ପଡ଼େ—ଅସୁନ୍ଦର, ମାନମର୍ଯ୍ୟାଦା ଦେଖାଇବାର ସେ କାଳର ଗୋଟିଏ ପଥ ହେଉଛି—କୁଣିଆଁ ଆସିବା ମାତ୍ରେ ଗୋଡ଼ ଧୋଇବାକୁ ପାଣି ଦେବା, ବସିବା ଲାଗି ମଶିଣା ପକାଇ ଦେବା ଓ ବଟୁଆ ଆଣି ଥୋଇବା; ଜଳଖିଆ ଅବଶ୍ୟ ଅଧିକା କଥା । ବେଳ କାଳ ଦେଖି ସେ ବ୍ୟବସ୍ଥା ହୁଏ ।

ନନା ମୋତେ ପାନଖିଆ ଶିଖାଇଥିଲେ, ପରଦ୍ୱାରସ୍ଥ ହେବାକୁ ହେବନାହିଁ ବୋଲି । କଣ୍ଢେଇର ପାନଡବା, ବାଲକାଠିର ପିକଦାନୀ, ଚୂନଦାନୀ, ଅଚ୍ୟୁତ-ପୁର ଗୁଆକାତ, ପିତିଳର ବଟୁଆ ସବୁ ଆମର ଥିଲା । ପଇସାକର କଞ୍ଚା ଗୁଆ, ଅଧଲାକର ପାନ, ଚୂନ ଖଇର କଣା ହୋଇ ଆସିଲା । ପ୍ରଥମ ପାନଖଣ୍ଡି ଖାଇଲା ପରେ ମୁଁ ବାନ୍ତି କଲି; ଚୂନ ଜଳ ଖାଇଗଲି; ସେ ଲୀଳା ସେଇଠି ସରିଲା । ପାନ ପଚିଗଲା, ଚୂନ ଶୁଖିଗଲା । ମୋ ମନ ବି କେମିତି ଉଦାସିଆ ହୋଇଗଲା ।

ବୋଉ କନ୍ୟାପାଟ ଖୋଜାଇଲା, ମଝିଆଁ ବୋହୂର ହାତରନ୍ଧା ଚାଖିବ ବୋଲି । କନ୍ୟାଟି ଆମ ଗାଆଁ ବାଳିକା ସ୍କୁଲର ଛାତ୍ରୀ—ତାକୁ ଦେଖି ମୋ ମନ ଅମ୍ଳିଲା ହୋଇଗଲା । ବିଭାଘରେ ଅବଶ୍ୟ ମୋ ମନ ସମ୍ବାଦ କେହି ଖୋଜି ନ ଥାନ୍ତି; କିନ୍ତୁ ଅନ୍ୟ ଘଟଣା ଚକ୍ରାନ୍ତରେ ସେ ପ୍ରସ୍ତାବ ସେଇଠି ରହିଗଲା ।

ଘରେ ଭାଇଜ; ଭାଇନା ତ ଚାକିରି କରୁଥାନ୍ତି । ନନା ଆଶ୍ୱସ୍ତ ହେଉଥିଲେ—ମୁଁ ଗୃହ ସମ୍ଭାଳି ନେଲି ବୋଲି । ଦିନେ ବୋଉ କହିଲା—ଗୃହ ତ ଚାଲୁଥିଲା, ଚାଲିବ; ସେ ନ କଲେ କ'ଣ ହବ ନାହିଁ ?

ଏଇ ସମୟରେ ଆମ ଗାଆଁରୁ ଜଣେ ଦୁ'ଜଣ ରୋଷେଇ କରିଦେଇ ପାଠ ପଢ଼ି ମାଇନର୍ ପାସ୍ କରିଥାନ୍ତି । ନନା ମୋତେ ଦମାପଡ଼ା ପଠାଇଲେ—ମୁଁ କୋଉ ବାବୁ ପାଖେ ରହି ରୋଷେଇ କରି ପାଠ ପଢ଼ିବି ବୋଲି; ଜଣକ ଘରେ ଓଳିଟିଏ ରୋଷେଇ କରିଛି; ମତେ ଘର କାନ୍ଦ ମାଡ଼ିଲା; ବୋଉ, ନାନୀ ମାଘସପ୍ତମୀକି ଚନ୍ଦ୍ରଭାଗା ଯାଇଥିଲେ । ମୁଁ ସେମାନଙ୍କ ବାଟ ଜଗି ବସିଥିଲି; ପଳାଇ ଆସିଲି ।

Digitized by srujanika@gmail.com

ସଂଗ୍ରାମ ଓ ସାଧନା

Digitized by srujanika@gmail.com

ଜୀବନ ଗୋଟିଏ ନାଟକ

ଜୀବନ ଗୋଟିଏ ନାଟକ; କେତେବେଳେ ତାର ମୋଡ଼ କୁଆଡ଼କୁ ବୁଲି-ଯାଏ କିଏ କହିବ ? ମୁଁ ଚକାଭଉଁରି ଖେଳୁଥିଲି ଗୋଟିଏ ବୃତ୍ତରେ—ସେଇ ବୃତ୍ତରେ ବୋଉ, ନନା, କଣିଆ ବଳଦ, ବୁଣା, ବସ୍ତା, କଣ୍ଟା, ଅମଳ, ସଂକୀର୍ତ୍ତନ, ମଉଛବ, ମେଳା, ପର୍ବପର୍ବାଣି—ଦେଖିରେ ବୁଲିବୁଲି ଶେଷରେ ମୁଁ ଡୁବିଥାନ୍ତି, ମରିଥାନ୍ତି । ଜୀବନର ଗତାନୁଗତିକ ଧାରାରେ ବିଧାତା ହସ୍ତକ୍ଷେପ କଲା ।

ନନା ଝିଣ୍ଟି ଗାଆଁର ମହାଦେବ କପିଳନାଥଙ୍କୁ ସ୍ୱପ୍ନରେ ଦେଖିଲେ; ଦେବ ଦେବ ଦିନେ ଆମ ଘରକୁ ହାଲ୍ଲୋଳ କରି ଛିଡ଼ା ହୋଇ ନନାଙ୍କୁ କହିଲେ ପୁଅକୁ ଘରେ ବସାଇଛୁ କାହିଁକି ? ପାଠ ପଢ଼ା, ଭଲ ହେବ ।

ମୋ ସୌଭାଗ୍ୟକୁ ନନା ସେ ସ୍ୱପ୍ନ ଉପରେ ବିଶ୍ୱାସ କଲେ; ସ୍ୱପ୍ନ ମିଛ ବୋଲି ଭାବି ଉଡ଼ାଇ ଦେଇଥିଲେ ମୋ ଭାଗ୍ୟ କୋଉ ଅଚଳ, ଅଟଳ ପଥର ତଳେ ଯାଇ ପଡ଼ିଥାନ୍ତା ।

ତା ଆରଦିନ ନନାଙ୍କୁ ଆଉ ତର ସହୁ ନାହିଁ । ପାହାନ୍ତିଆ ପହରର ସ୍ୱପ୍ନ—ପରେ ପରେ ସେ ଚେଇଁ ଉଠିଛନ୍ତି, କିଛି ଭୁଲି ନାହାନ୍ତି । ଏ କେବେ ମିଛ ନୁହେଁ—ନିଶ୍ଚୟ ଦେବତାଙ୍କ ନିର୍ଦ୍ଦେଶ । ସେ ଦେବଦେବ ମହାଦେବ, ସଦାଶିବ, ସର୍ବେଶ୍ୱର, ମଣିଷ ଜୀବନ ଉପରେ ତାଙ୍କର ହସ୍ତକ୍ଷେପ ଅପ୍ରାକୃତିକ ନୁହେଁ । ନନା ଦୁର୍ଗାଙ୍କ କୃପାରୁ କବିତ୍ୱଶକ୍ତି ଲାଭ କରିଥିଲେ । ମୋ ଉପରେ ଶିବଙ୍କ କୃପାକୁ ସେ ଅସମ୍ଭବ ମନେ କରିବେ କାହିଁକି ? ଦେବଦେବୀ ପ୍ରତ୍ୟକ୍ଷରେ ଦେଖାଦେଲେ ମଣିଷ ହୁଏତ ତେଜ ସହି-ପାରିବ ନାହିଁ; ତେଣୁ ସ୍ୱପ୍ନରେ ହିଁ ସେମାନେ ଦେଖାଦର୍ଶନ ଦିଅନ୍ତି । ତା ଫଳରେ କେତେ ମନ୍ଦିର ତୋଳା ହୁଏ, ଭୋଗରାଗର ବ୍ୟବସ୍ଥା ହୁଏ । ଝିଣ୍ଟି ଗ୍ରାମ ସହିତ ଆମର କିଛି ସମ୍ପର୍କ ନ ଥିଲା, ନନା ମହାଦେବ କପିଳନାଥଙ୍କୁ କେବେ ଦର୍ଶନ କରିଯାଇ ନ ଥିଲେ । ତେଣୁ ଏ ସ୍ୱପ୍ନ ଅଯାଚିତ, ମୋର ଭାଗ୍ୟ ନିର୍ମାଣରେ ଇସାରା ଦେଇଥିଲେ କପିଳନାଥ, କପିଳନାଥ ଯେ ବର୍ଷସାରା ଗମ୍ଭୀରା ପାଣିରେ ବୁଡ଼ିଥାନ୍ତି, ବର୍ଷକେ ଥରେ ପଙ୍କୋଦ୍ଧାର ବେଳେ ଦେଖାଦିଅନ୍ତି ।

Digitized by srujanika@gmail.com

ମୋର ମାଇନର ପଢ଼ା

ଜମାପଡ଼ା ପାଖ ହେଲେ ବି ଆମ ଗାଆଁ ପିଲାଏ ଭୁବନେଶ୍ୱର ଯାଉଥିଲେ । ଭୁବନେଶ୍ୱର ମାଇନର ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ଅନାଥବନ୍ଧୁ ମହାନ୍ତି ଆମ ପଡ଼ୋଶୀ ଗାଆଁ ସମରେଇ ଶାସନର ଲୋକ । ଜଣେ ମୁଆଡ଼େ ଆଗେଇଲା, ଅନ୍ୟମାନେ ସିଆଡ଼େ ବାଟେଇଲେ । ଭାଇନା ଓ ଅନ୍ୟମାନେ ଭୁବନେଶ୍ୱରରେ ପଢ଼ୁଥାନ୍ତି । ମତେ ନନା ସେଠିକି ନେଇଦେବା କଥା ସ୍ଥିର କଲେ ।

ଟଙ୍କି, କଣ୍ଠି ପିନ୍ଧି ଇସ୍କୁଲକୁ ଗଲେ ପିଲାଏ ହସିବେ । ମୋ ହାତରୁ ରୂପାଖଡ଼ୁ, ଅନନ୍ତବ୍ରତ କଢ଼ା ହେଲା, ବେକରୁ କଣ୍ଠି କଟାଗଲା, କାନ ସଙ୍ଗେ ନୋଳି ବସି ଯାଇଥିଲା; କାଢ଼ିବା ମାତ୍ରେ ରକ୍ତ ବୋହିଲା । ନନା ମତେ ସଙ୍ଗରେ ନେଇ ଭାର୍ଗବୀ ନଈ ବନ୍ଧେ ବନ୍ଧେ ଚାଲିଲେ; ଅଦଲବାଦ ଗାଆଁ ବାଟେ ଯାଇ 'ଝିଣ୍ଟି'ରେ ଥାକ ମାଇଲେ; କପିଳନାଥଙ୍କୁ ଚାରି ପଇସାର ଗଞ୍ଜେଇ ଭୋଗ ଦେଲେ । ବାଲକାଟିରେ ଦୟା ଓ ଭାର୍ଗବୀ ନଦୀ ସଙ୍ଗମ ଅତିକ୍ରମ କଲେ, ଧଉଳି ପାହାଡ଼ କଡ଼େ କଡ଼େ ଗଙ୍ଗୁଆ ନଈ ଡେଇଁ ଭୁଆସୁଣୀ ଠାକୁରାଣୀଙ୍କ ଡାହାଣ ପାଖେ ରଖି ଯାଇ ଭୁବନେଶ୍ୱରରେ ପହଞ୍ଚିଲେ । ଦେଉଳସହର ଏ; ବଣବୁଦା ଭିତରେ ଦେଉଳଟିମାନ ଫାଟିଛି ତା'ଉପରେ ଜଙ୍ଗଲ ମାଡ଼ିଛି, କେଉଁଠି ବା ଦେଉଳକୁ ମାଡ଼ିବସିଛି । ସେଠି ମହାବଳ ବାଘ କହୁଛି ମୁଁ, ଗୋଖର ସାପ କହୁଛି ମୁଁ । ୧୯୨୭ ଖ୍ରୀଷ୍ଟାବ୍ଦର ଭୁବନେଶ୍ୱର - ମୁଆଡ଼େ ଦେଖିବ କୋଟିଏ ବଣ; ମାଉସୀମାଆ ଦେଉଳ, ଶଙ୍କରେଶ୍ୱର ଦେଉଳରୁ ଷ୍ଟେସନ ପର୍ଯ୍ୟନ୍ତ ନିବିଡ଼ ଜଙ୍ଗଲ । ଯାତ୍ରୀ ଆଣିବା ଲାଗି ଧାଡ଼ିବାନ୍ଧି ଶଗଡ଼ଗାଡ଼ି ଯାଉଥାନ୍ତି — ଷ୍ଟେସନରୁ ସହରକୁ ଭଡ଼ା ଛଅଅଣା, ଚାରିଅଣା । ସାଆନ୍ତବସ୍ତୁରରୁ ଗୋଟାଏ ଧଡ଼ଧଡ଼ିଆ ବସ୍ ଚାଲେ, ଅଧେ ଦିନ ବନ୍ଦ ହୁଏ ।

ଲିଙ୍ଗରାଜଙ୍କଠି ଘିଅ ଦୀପଟିଏ ବସାଇଲି । ତା'ପରେ ହେ.ମା. ଅନାଥବନ୍ଧୁଙ୍କ ସହିତ ସାକ୍ଷାତ କଲି । ନାମଟି ତାଙ୍କର ସାର୍ଥକ । ଆଜନ୍ମ ଦୁଃଖୀ ସେ, ତେଣୁ ଦୁଃଖୀର ଦୁଃଖ ବୁଝି ପାରନ୍ତି । ନନାଙ୍କର ଅତି ଦୀର୍ଘ ଆକୃତି, ସ୍ୱଚ୍ଛ ଉପବୀତ, ଚନ୍ଦନ ଟୋପା ଦେଖି ସେ ନମସ୍କାର ହେଲେ । ତାଙ୍କଠାରୁ ସ୍ୱପ୍ନ କାହାଣୀ ସବିଶେଷ ଶୁଣିଲେ, ଘଡ଼ିଏ ମୂକ ରହି ଏକ ଆଖିରେ ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ମୋତେ ଅନେଇଲେ, — ହୁଣ୍ଡା, ଅବଞ୍ଝା, ଅନାଗିଆ ଚେହେରା ପାଠପଢ଼ୁଆର କୌଣସି ଲକ୍ଷଣ ନ ଦିଶିବାର କଥା; କିନ୍ତୁ ତା ଭିତରେ ସେ କୋଉଠି କିଛି ଦେଖିଲେ, କିମ୍ବା ଦେବତାଙ୍କ କୃପାରୁ ତାଙ୍କୁ ଦେଖାଗଲା । ସମସ୍ତଙ୍କୁ ପାଠ ପଚାରନ୍ତି, ଭାଗ୍ୟକୁ ମତେ କିଛି ପଚାରିଲେ ନାହିଁ ।

Digitized by srujanika@gmail.com

ପଚାରିଥିଲେ କିଛି ଉତ୍ତର ନ ପାଇ ହସିଦେଇ କହିଥାନ୍ତେ—ଦାଶେ, ଏ ମାଟି ପିଣ୍ଡୁଳାଟାକୁ କାହିଁକି ମିଛରେ ଆଣିଛ ? ଯା ଦେହି ପାଠ ହେବନାହିଁ । ମୁଁ ବି ମନେ ମନେ ଭାବୁଥାଏ ମହାପ୍ରଭୁ, ସେଇଆ କରନ୍ତୁ କି !

ଗାଆଁର ଗଛଚଢ଼ା, ମାଛବୁହା ବେଶ୍ ଆରେଇ ଯାଇଥିଲି, ଭୁବନେଶ୍ୱରରେ ସେ ସୁଖ ଲାଗିବ କୁଆଡ଼ୁ ?

ଦେବତାଙ୍କ କୃପା କି କ'ଣ କେଜାଣି ସରସ୍ୱତୀ ଆସି ସାର୍‌ଙ୍କ କଣ୍ଠରେ ବିଜେହେଲେ । ସେ କହିଲେ-ଟଙ୍କା ପଇସା କଥା ମୁଁ ବୁଝିବି, ସେ ଏଇଠି ପଢୁ । ନନା ଘରକୁ ଯାଇ ମାସକୁ ୧୫ ସେର ଲେଖାଏଁ ଚାଉଳ ପଠାଇଥିଲେ । ଅଭାବରୁ ସେତିକି ବି ବନ୍ଦ ହୋଇଗଲା ।

ସ୍କୁଲରେ ସିନା ନାମ ଲେଖା ହେଲା, ପାଠଘର ଶୂନ । ମତେ କିଛି ଆସିଲା ନାହିଁ । ଚତୁର୍ଥ ଶ୍ରେଣୀର ଷାଣ୍ମାସିକ ପରୀକ୍ଷା ନମ୍ବର ଅଦ୍ୟାପି ମୋର ମନେଅଛି । କି ଗଭୀର ଯନ୍ତ୍ରଣା ମର୍ମେ ମର୍ମେ ମୁଁ ଅନୁଭବ କରୁଥିଲି ! ଅଙ୍କରେ ଥିଲା ଶୂନ୍, ସାହିତ୍ୟରେ ୩୭; ଡ୍ରଇଁରେ ୭; ସେଇ ଅନୁକ୍ରମରେ ଭୂଗୋଳ, ଇତିହାସ ଓ ସ୍ୱାସ୍ଥ୍ୟରକ୍ଷାରେ ନମ୍ବର ରହିଥିଲା । ଅକ୍ଷର ଖରାପ; ପିଲାଦିନେ ହସ୍ତାକ୍ଷର ଲେଖିବାର ସୁଯୋଗ ପାଇ ନ ଥିଲି । କେସରଦା ପତ୍ର, ହାଣ୍ଡି କଳା କାଳିକ ବାଉଁଶ କାଠି କଲମ; କେତେବେଳେ କେମିତି ଫର୍ଦ୍ଦେ ଫର୍ଦ୍ଦେ ବାଲି କାଗଜ ହସ୍ତାକ୍ଷର ଲେଖିବାକୁ ମିଳିଥିଲା ।

ମୋର ଧୂସରଧୂମା ଚେହେରାକୁ କଦର୍ଯ୍ୟ ନମ୍ବର ଦେଖି ମାଷ୍ଟ୍ରମାନେ ଭାବି ନେଲେ ଏଇଟା ହାତରେ କିଛି ହେବନାହିଁ । ସାଙ୍ଗ ପିଲାମାନେ ଅବଜ୍ଞା କରିବାକୁ ଲାଗିଲେ । ଏଥିରେ ପେଡ଼ିପୋଟଳା ବାନ୍ଧି ଘରକୁ ଫେରିବା କଥା । କିନ୍ତୁ ଅନାଥବନ୍ଧୁ ଭଗବତ୍‌ବିଶ୍ୱାସୀ, ମୋ ପ୍ରତି ଟିକେ ସହାନୁଭୂତିଶୀଳ । ମୋ ବିଫଳତା ତାଙ୍କ ବିଶ୍ୱାସକୁ ଟଳାଇ ପାରିଲାନାହିଁ । ସେ ମୋ ପଢାପଢ଼ି ଲାଗି ଉତ୍ତମ ବ୍ୟବସ୍ଥା କରିଦେଲେ । ଉପର ଶ୍ରେଣୀର ପିଲାମାନେ ଜଣକ ପରେ ଜଣେ ମତେ ପଢ଼ାଇଲେ; ଘନଭଞ୍ଜନାଙ୍କ ଇଙ୍ଗିତରେ ପିଠିରେ ହାତସୁଖ ବି କଲେ । ମୋ କୋଷ୍ଠିରେ ତ ପିଲାଦିନୁ ମାଡ଼; ମାଡ଼ ଖୋଉଥିବା ଗ୍ରହ ଏବେ ବି ସ୍ଥାନ ପରିବର୍ତ୍ତନ କରି ନ ଥିଲା । ତେବେ ତା'ର ଉଦ୍ଦେଶ୍ୟ ଭଲ ଥିଲା, ସୁଫଳ ଫଳିଲା । ବାର୍ଷିକ ପରୀକ୍ଷାରେ ମୁଁ ଅଙ୍କରେ ଶହେ ରଖିଲି, ଇଂରାଜୀ, ସାହିତ୍ୟ ଭୂଗୋଳ, ଇତିହାସ, ସବୁଥିରେ ଭଲ ନମ୍ବର ରହିଲା; ଯେଉଁଦିନ କ୍ଲାସ୍ ଫଳ ଜଣା ହେଲା, ସେଦିନ କି ଆନନ୍ଦ, ଚତୁର୍ଥରୁ ପଞ୍ଚମ ଶ୍ରେଣୀରେ ଡେଇଁ ଯାଇ ବସିବାର ଉତ୍‌ଫୁଲ୍ଲତା ଆଜି ବି ମନେ ପଡ଼େ । କ୍ରମେ ଶିକ୍ଷକ ଓ ସହପାଠୀମାନଙ୍କର ଶ୍ରଦ୍ଧା ଆକର୍ଷଣ କରିବାକୁ ମୁଁ ସମର୍ଥ ହେଲି ।

Digitized by srujanika@gmail.com

ସେତେବେଳେ ଭୁବନେଶ୍ୱରରେ ଏଠି ସେଠି କାଙ୍କଣ ଗଛ ମାଡ଼ିଥିଲା, କାଙ୍କଣ ଫଳୁଥିଲା । ବଣରେ ବୁଲି ବୁଲି କୋଳି ଖାଉଁ ଖାଉଁ ଆମେ ଯାଇ ଝଣ୍ଟିଗଛରେ ପଶୁଥିଲୁ । ଚନ୍ଦନଚର୍ଚ୍ଚିତ 'ମଳିଆ' ଆମ ହଷ୍ଟେଲ୍‌କୁ ଆସି ଆମକୁ ପ୍ରତିଦିନ କପିଳେଶ୍ୱରଙ୍କ ଶ୍ରୀଅଙ୍ଗଛୁଟା ଚନ୍ଦନ ଦେଉଥିଲା । ହଷ୍ଟେଲରେ ମୁଠିଏ ଖାଉଥିଲା, କାହାଠୁଁ କେତେବେଳେ ପଇସାଏ ଅଧଲାଏ ନେଉଥିଲା । ସେତେବେଳେ ଖରଖିଆ ବୈଦ୍ୟନାଥଙ୍କଠି ପଢ଼ୁଥିଲୁ । ମରିବଙ୍କ ପରେ ତାଙ୍କର ଇଚ୍ଛାକାଂକ୍ଷା ଥିଲା । ସେ ଶ୍ରେଷ୍ଠ ଦେଉଳରେ ରହିବାକୁ ପସନ୍ଦ କରୁ ନ ଥାନ୍ତି; କହୁଥିଲେ (ଅବଶ୍ୟ କିମ୍ବଦନ୍ତୀ), ରହିଲେ ତ ହେବଦା (ଲିଙ୍ଗରାଜ) ପରି ରହିବି, ନଇଲେ ଯୋଉ ଖରଖିଆ ବୈଦ୍ୟନାଥକୁ ସେଇ ଖରଖିଆ ବୈଦ୍ୟନାଥ । ସେତେବେଳେ ବକ୍ଷେଶ୍ୱର, ମେଘେଶ୍ୱର, ପର୍ଶୁରାମେଶ୍ୱର ବା ରାଜାରାଣୀ ଦେଉଳରେ ଯାଇ ବସୁଥିଲୁ ; ବିନ୍ଦୁସରୋବରରେ ଗାଧୋଇ ଅନନ୍ତବାସୁଦେବ ମନ୍ଦିରରେ ମହାପ୍ରସାଦ ଖାଉଥିଲୁ ।

ସେତେବେଳେ ଲିଙ୍ଗରାଜ ମନ୍ଦିର ଦକ୍ଷିଣ ପାଚେରୀକୁ ଲାଗି ମାଇନର ସ୍କୁଲ୍‌ଟା ଥିଲା; ସ୍କୁଲଘର; ଶ୍ରୀହୃଷ୍ଟିରେ ସ୍କୁଲରେ କିଏ ନିଆଁ ଲଗାଇଦେଲା । କେତେ କାଳର ବଗଟ ପାଠାଗାରଟି ପୋଡ଼ି ପାଉଁଶ ହୋଇଗଲା । ଚୌକି, ବେଞ୍ଚ, ଡେସ୍କ, ଆଲମାରି କିଛି ଗୋଟିଏ ହେଲେ କେହି ଉଦ୍ଧାର କରାଯାଇ ପାରିଲା ନାହିଁ । ରଢ ଅଧ, ଗୋଟିଏ ବୋଲି କୂଅ, ୬୦ ହାତ ଗଭୀରରେ ପାଣି; ଶଗଡ଼ରେ ଛାଲେ ପାଣି କାଢ଼ିଲେ ଉପରକୁ ଆସିଲାବେଳକୁ ଚଳେ ଥାଏ । ପଥର କୂଅ ନନ୍ଦ ଉପରେ ଅମ ଡ଼ାଲ ଥୋଇବାର ଚିହ୍ନ ଏବେ ବି ଗାତ ଗାତ ହୋଇ ଦିଶେ ।

ସେତେବେଳେ ଭୁବନେଶ୍ୱରରେ ହଇଜା ଲାଗିବା, ଘରପୋଡ଼ି ହେବା ଏକ ସାଧାରଣ ଘଟଣା ଥିଲା । ମେଞ୍ଜେଙ୍କ ଭୂତ ଘଣ୍ଟି ନ ବଣରେ ବସା ବାନ୍ଧି ରହୁଥିଲେ; ଆମ ଆଖି ଆଗରେ ସେଦିନ ଗୋଟାଏ ପିଲା ଭୂତକୁ ଡରି ରକ୍ତ ବାନ୍ତି କରି ମରି ଶୋଇଲା; ତା' ଯାକ ତା ଶବକୁ ଜଗି ଆମେ ବସିଥାଉ । ତାକୁ ଟେକିନେବା ଲାଗି ରଥିଆ, ବନ୍ଧୁଆ ଆସୁଥାନ୍ତି ।

ଘର ପୋଡ଼ିଗଲା ପରେ ସ୍କୁଲ ଆଉ ଗୋଟିଏ କୋଠାରେ ବସିଲା । ବେଞ୍ଚ ଅଭାବରୁ ଆମକୁ ତଳେ ବସିବାକୁ ହେଲା । ସେତେବେଳେ ଜାମପୋଲା ପିଲା କ୍ୱଚିତ୍ ଥିଲେ । ଏକ କାନକଅ ହୋଇ କମ୍ବା କାନ୍ଧରେ ଦୋହଡ଼ା ପକାଇ ଅଧିକାଂଶ ଛାତ୍ର ସ୍କୁଲକୁ ଆସୁଥିଲେ । ଆମେ ସ୍କୁଲରୁ ମାଇଲିଏ ଦୂର କେଦାରଗୌରୀଙ୍କ କାଳି ଅନ୍ଧାରରୁ ଗାଧୋଇ ଯାଉଥିଲୁ କେଦାରଗୌରୀ (ଯେଉଁଠି ଅମୁର ପାହିରୁ ପାଣି ଗଳୁଥିଲା, ଅମୃତରୁଣୀ ପିଉଥିଲେ), ଏତେ ଥଣ୍ଡା ଯେ ସାତତାଳ ପାଣିରୁ ଭୁଇଁ ଫୁଟି ଦିଶୁଥିଲା, ଗାଧୋଇବା ବେଳେ ଛାତିପୋଡ଼ିଲା, କଳାବଇଁଶି ମାଛ କାମୁଡ଼ି ପକାଉଥିଲେ; କୋଟିତୀର୍ଥ, ସ୍ୱର୍ଣ୍ଣଜାଲେଶ୍ୱର,

Digitized by srujanika@gmail.com

ପର୍ଶୁରାମେଶ୍ୱର ଦେଉଳ ପାର ହୋଇ ଆମେ କେଦାରଗୌରୀକୁ ଯାଉ । ଶିକ୍ଷାନାଥଙ୍କ କବିତା ଉପରେ ବିଶ୍ୱାସ ଆସୁ ନଥାଏ – କେଦାର କେମିତି ମହାଦେବ ହେଲା ? ଗୌରୀ କେମିତି ଠାକୁରାଣୀ ହେଲ ? ଏଇ ମଣିଷ କ'ଣ ଏମିତି ଠାକୁର ଠାକୁରାଣୀ ହୋଇଯାନ୍ତି ?

ମାଇନର ପରୀକ୍ଷାବେଳେ ଆମେ ଗାଧୋଇପାଧୋଇ ଗୌରୀ ମନ୍ଦିରକୁ ଯାଇ ପିଲାଙ୍କ ମଙ୍ଗଳ କାମନାରେ ପରୀକ୍ଷାଦିନଟକ ପିଅଯାଏ ବଜାଉ । ସକାଳୁ ଯାଇ ସନ୍ଧ୍ୟାରେ ଫେରୁ । ଯାତ୍ରୀର ପଛରେ ଅଧଲେ ପଇସେ ପାଇଁ ପଣ୍ଡା ଯେପରି ଗୋଡ଼େଇଥାନ୍ତି, ଦେଖିଲେ ବଡ଼ ଖରାପ ଲାଗେ । କେଦାରଗୌରୀ ପାଣି ପେଟେ ପେଟେ ପିଉ ।

ବୋଡ଼ିଂ

ହଷ୍ଟେଲ ବା ଛାତ୍ରାବାସ ନାମ ପ୍ରଚଳିତ ନ ଥିଲା । ପ୍ରବେଶବେଳେ ନୂଆ ଛାତ୍ରଙ୍କୁ ସାର୍ ପଚାରୁଥିଲେ –ବୋଡ଼ିଂରେ ରହିବ ନା ବାହାରେ ? ଛୁଟି ହେଲେ ମୁକୁଟା ମୁହଁ, ତାଳପତ୍ର ସିପେହିପରି ଚେହେରା ଯେଉଁ ଘରେ ପହଞ୍ଚିଲ ବୋଉ ହସି ହସି କହେ—"ବୋଡ଼ିଂରେ ଗୋଡ଼ ବେଶିରପାଣି ହୁଏ ?" ଭୁବନେଶ୍ୱରରେ ସେତେବେଳେ ସେହିପରି ପକ୍କା ଗୋଡ଼ ଗଦାମାନ ଥିଲା ଏକା, ଯାହାକୁ ଦେଖିଲେ ଘେରାଇବାକୁ ଲୋଭ ହେବ । କୋଠାଘର ପାଇଁ ସେସବୁ କେହି କ୍ୱଚିତ୍ ଗାଡ଼ିରେ ନେଉଥିଲେ ।

ବୋଡ଼ିଂ ନାମରେ ସେତେବେଳେ କେତୋଟି ଖୁଲଘର ଥିଲା ଡିମା ପଥର ଗୋଡ଼ ମାଟି ମିଶା କାନ୍ଥ, ଯାହା ଉପରେ ଖୁଲ ନଥିଲେ ବି ପାଞ୍ଚବର୍ଷର ବର୍ଷା ଅସରା ସମ୍ଭାଳି ନେଉଥିଲା, ଭାଙ୍ଗୁ ନ ଥିଲା । ଭୁବନେଶ୍ୱରରେ ବାଉଁଶ ବିରଳ; କାନ୍ଥ ଉପରେ ପଡ଼ିଥିଲା କେତୋଟି ଗଛ ଡାଳର ରୁଅ । ଘରପୋଡ଼ି ଭୟରେ କେହି ସେପରି ବହଳ ନଡ଼ା ଛପର, ଛେଣିବନ୍ଧା ପାଞ୍ଚଶେଣିଆ ଘର କରୁ ନ ଥିଲେ ।

ମାଟି ଚଟାଣ । ଗୋଟିଏ ଗୋଟିଏ କୋଠରୀରେ ଦଶବାର ଜଣ ଜଣ ପିଲା ରହୁଥିଲେ । ଝିଙ୍କା ଖୋଲିଦେଲେ ଦିଶୁଥିଲା ଅଗଣାଗୁଡ଼ା ବନସ୍ତ, ବୋଡ଼ିଂ ଘରକୁ ଲାଗି ହଳଦିଆ ଫୁଲଭରା କୁଜ ଗୁଲୁଣ୍ଡା ବଣ–ଯାହାର ପତ୍ରକୁ ଲୋକେ ଶାଗ କରୁଥିଲେ । ସେଇ ବଣରେ ଛପି ଛପି ବୁଲି ଯାଉଥିଲା ଗୋଖୁର ସାପ; ମଝି ମଝେ ଦେଖାଦେଉଥିଲେ ଗୋଟାଏ ଗୋଟାଏ ଋଣା ବା ଚନ୍ଦନବୋଡ଼ା ।

Digitized by srujanika@gmail.com

ବୋଡ଼ିଂ ଘରେ ଧାଡ଼ି ଧାଡ଼ି ଦେଉଥିଲା ବେତବୁଣା ପେଟରା । ସେଥିରେ ଖଣ୍ଡେ ଅଧେ ଲୁଗା, ବହିପତ୍ର, ଚୂଡ଼ାମୂଣି, ତେଲଶିଶି ଥିଲା । ବାହାରେ ରଖିଲେ ଚୂଡ଼ା ଦଣ୍ଡକେ ଶେଷ ହୋଇଯାଉଥିଲା । ପିଲାଙ୍କଠାରୁ ପୂଜାହାରୀ, ଗୁରୁଙ୍କ ପର୍ଯ୍ୟନ୍ତ କେହି ଏହାକୁ ପରଦ୍ରବ୍ୟ ବୋଲି ଅସ୍ପର୍ଶ୍ୟ ବିଚାରୁ ନ ଥିଲେ । ବେଳେବେଳେ ଜଳଖିଆତକ ଘରୁ ଆସି ପେଟରା ପାଖେ ପହଞ୍ଚୁ ନଥିଲା । ତେଲ ଅବସ୍ଥା ମଧ୍ୟ ସେଇଆ ହେଉଥିଲା । ମାଲିକ ଭ୍ରୂକୁଟୀରେ ସ୍ୱାର୍ଥବୁଦ୍ଧି ଜାଗ୍ରତ ନ କରିବା ପର୍ଯ୍ୟନ୍ତ କେହି କିଛି ବୁଝିବାକୁ ଚେଷ୍ଟା କରୁ ନ ଥିଲେ । ହସି ହସି ଲଗାଇପଗାଇ ଚାଲି ଯାଉଥିଲେ ।

ବୋଡ଼ିଂରେ ଜଳଖିଆର ବ୍ୟବସ୍ଥା ନ ଥିଲା । 'ମଙ୍ଗୁ' ଗୁଡ଼ିଆ ଆସିଲେ ଆମେ ପଇସା ପଇସାକର ମୁଢ଼ି କିଣି ଖାଉଥିଲୁ । ମଙ୍ଗୁ ପିଲାଙ୍କ ମନ ନେବା ପାଇଁ ମୁଠିଏ ଉଖଡ଼ା ଲଭ ପକାଇ ଦେଉଥିଲା । ପଇସା ନଥିଲା ଦିନ ଚୂଡ଼ା ଉପରେ ଆଖି । କଞ୍ଚା ଚୂଡ଼ା ଚୋବା ହେଉଥିଲା । ତା ସାଙ୍ଗକୁ ଖଣ୍ଡ ନଡ଼ିଆ, ଲୁଣ ଟିକିଏ ମିଳିଲେ ଭଲ ।

ଯାହା ପାଖରେ ଜଳଖିଆ ନାହିଁ ବା ଘରୁ ପଇସା ଆସିନାହିଁ; ସେ ମୁହଁ ଶୁଖାଇ ପାଟି ଚପି ରହୁଥିଲା । କେହି କେହି ଲଜ୍ଜା ସଙ୍କୋଚ ଛାଡ଼ି ଚୋଠାମାନଙ୍କ ପାଖେ ଅଣ୍ଟି ପତାଉ ଦେଉଥିଲେ—ମୁଠାଟିଏ ଦେଲେ 'ହଇରେ ଏତିକି ଦେଲୁ ! ଆଉ ଟିକିଏ ଦେ । ମୋର ଆସିଲେ ଦେବି ଯେ' !

ମୁଁ ଭୁବନେଶ୍ୱର ହାଟର ନଡ଼ିଆ ବ୍ୟବସାୟୀ ମଳିଆ ବୁଢ଼ାକୁ ବାନ୍ଧି ବସୁଥିଲି— ଟିକିଏ ଚୂଡ଼ା କି ମୁଢ଼ି ଆଣିବ । ଶେଷରେ ପେଟରୁ ଦଶିପୋକ ମରି ଯାଉଥିଲେ ।

ବୋଡ଼ିଂରେ ଖାଇବାକୁ ମିଳୁଥିଲା ଉକୁଣିଆ ପୋକ ଓ ଗୋଡ଼ମିଶା ଚାଉଳର ଭାତ, ଡାଲି ନାମରେ ହଳଦିଆ ପାଣି, ପୂଜାହାରୀ ସେଜତକ ନଷ୍ଟ ନ କରି ମିଶାଇ ଦେଉଥିଲା, ଡାଲିଟା ଟିକେ ଅଧିକ ବହଳ ଧରୁଥିଲା—ଅଭାବ ହେଉ ନ ଥିଲା । ବେଳେ ବେଳେ ମିଳି ଯାଉଥିଲା ସେଜ ସରଟା, ଦୁଧସର ଭ୍ରମରେ ମୁଁ ତାକୁ ଗିଳି ଦେଉଥିଲି । ତରକାରୀଟା ଦିଶୁଥିଲା ତ୍ର୍ୟବକ ପ୍ରାସ ପରି, କରେଇ ଯୋଗୁଁ କଳା କଟ କଟ—ଅଳୁ ବରଳ, ସାରୁ, ଖଡ଼ା, କଖାରୁ, ମଞ୍ଜିଆ ପାଳୁଅ ବାଇଗଣ ପ୍ରଧାନ ପରିବା । ମାଂସ ସ୍ୱପ୍ନ । ମାଛ ମାସେ ପନ୍ଦର ଦିନରେ ଥରେ ମିଳି ଯାଉଥିଲା । ମିଲ୍ ଗୋଟାକୁ ଖର୍ଚ୍ଚ ଦେଢ଼ ପଇସା, ଦି ପଇସା । ପନ୍ଦର ସେର ଚାଉଳ ବାଦ୍ ଦୁଇ ତିନି ଟଙ୍କା ବୋଡ଼ିଂ ଖର୍ଚ୍ଚ ପଡ଼ୁଥିଲା ।

Digitized by srujanika@gmail.com

ଏ ଦୁଃଖ କଷ୍ଟ ମଧ୍ୟରେ ଯେଉଁଦିନ ଫଷ୍ଟ୍ ହେଉଥିଲା, ସେ ଦିନ ଖୋସଣିଫିଟା ଖିଆ । ଖିସ୍ସାରୁ ଡେଙ୍ଗପଙ୍ଗଟାଏ, ମହୁରରୁ ଚୁଙ୍କୁଡ଼ି ମୁଣ୍ଡଟାଏ, ବେଣରରୁ ବଡ ମାଛ କଣ୍ଟାଟାଏ ମିଳିଗଲେ କି ଆନନ୍ଦ ।

ପିଲଙ୍କ ମଧ୍ୟରେ ଜୋତା କାହାର ନ ଥିଲା । ହେଡ଼ମାଷ୍ଟରଙ୍କର ଯୋଉ ଯୋତା-ହଳକ ଥିଲା ତାକୁ କୁକୁର କାମୁଡ଼ିବ ନାହିଁ । ତଥାପି ଏହା ସେତେବେଳେ ମାନ୍ୟାସ୍ପଦ ଜୋତା । ତା ଶବ୍ଦରୁ ଆମେ ଦୂରରୁ ଜାଣିଯାଉଥିଲୁ—ହେ.ମା. ଅସି ଗଲେ, ଚୁପ୍ ଚୁପ୍ ।

ସେକେଣ୍ଡ ମାଷ୍ଟ୍ରେ ମାଡ଼ୁଥିଲେ ହଳେ ଚଟି । ସ୍କୁଲକୁ ବେଳେ ଚଟି ପଚ୍ଛଟା ଗୋଇଠିରେ ପଟ୍ ପଟ୍ ବାଜୁଥିଲା ।

ଏଇ ବୋର୍ଡିଂରେ ସତରଞ୍ଜି, ଚକଟା ବା ବିଛଣା ଚାଦର ନ ଥିଲା । ପିଲାମାନେ ସଉପ, ଜଣ ମଶିଣା ବା ସନ୍ତ୍ରର ମଶିଣାରେ ଶୋଉଥିଲେ ଗୋଟିଏ ଧାଡ଼ିରେ, ଦକ୍ଷିଣ ଦିଗକୁ ମୁଣ୍ଡ କରି । ତଳ କ୍ଲାସ ପିଲା ଉପର କ୍ଲାସ୍ ପିଲଙ୍କୁ ଡାକୁଥିଲେ 'ବାବୁ', କେହି ତୁଚ୍ଛ ବା ତେଣ୍ଟି କହୁ କହିବା ଅସମ୍ଭବ । 'ମନିଟର'ଙ୍କୁ ଦେଖିଲେ ମୋ ଗୁଣ୍ଡ ଦାଉଁ ଦାଉଁ ପଡ଼ୁଥିଲା । କାଳେ ସୁପରିଣ୍ଟେଣ୍ଡେଣ୍ଟଙ୍କ କାନରେ କହୁ ଫୁଙ୍କିଦେବେ ।

କ୍ଷମତା ଯୋଗୁଁ ତାଙ୍କ ପିଲାଳିଆ ଚେହେରାଟା ଅପ୍ରାକୃତିକ ଭାବେ ଗୁରୁଗମ୍ଭୀର ହୋଇଯାଉଥିଲା । ମନେ ମନେ ସେ ଜଣେ ମାମଲତକାର ବା ହାକିମ ବନି ଯାଇଥିଲେ । ପାଠପଢ଼ା ଛଡ଼ା ସେ ସବୁ କରୁଥିଲେ । କେନ୍ଦ୍ର ପରୀକ୍ଷାରେ ଫେଲ୍ ହେଲାରୁ ଯାଇଁ ଚେତା ପଶିଲା । କିନ୍ତୁ ତଳ ଶ୍ରେଣୀର ପିଲଙ୍କ ସଙ୍ଗରେ ବସିବାକୁ ଲାଜ ମାଡ଼ିଲା । ସେ ପେଡ଼ପୋଟଳା ବାନ୍ଧି ପିତୃଦେବଙ୍କୁ ଗୃହ କାର୍ଯ୍ୟରେ ସାହାଯ୍ୟ କରିବା ଲାଗି ଘରକୁ ବାହୁଡ଼ି ଗଲେ, 'ଗଲାପୁଅ ବାହୁଡ଼ି ନଇଲା ଲୋ ଜୋଇଲି' । ଶିକ୍ଷାରେ ଡୋରି ବନ୍ଧା ହେଲା । ସାନ ବା କୁନି ମନିଟରଙ୍କ ଅବସ୍ଥା ବି ସେଇଆ ହେଲା ।

ସେତେବେଳେ ଭୂତକୁ ଡର । କେତେବେଳେ କେଉଁ ରୂପରେ ସେ ଛୁଡ଼ା ହେଉଥିଲା ଇୟତ୍ତା ନାହିଁ । ପଣ୍ଡିତ ଆର୍ତ୍ତବନ୍ଧୁ ବହୁତ ଭୂତ ଗଳ୍ପ କହୁଥିଲେ—କେମିତି ରାତି ଅଧରେ ଘରର ଝରକାଗୁଡ଼ାକ ଧଡ଼ାଧଡ଼ ଫିଟିଗଲା, ଝରକାବାଟେ କେମିତି ଗୋଟାଏ ହାତ ପଶିଲା, ଆଲୁଅଟା ବିନା ପବନରେ କେମିତି ପଟ୍ କିନେ ଲିଭିଗଲା, ପାହାନ୍ତିଆକୁ ଦରଗଛଟା କେମିତି ଶୋଇ ପଡ଼ିଲା, ଭୂତ କେମିତି ଚଢ଼ିଗଲା

Digitized by srujanika@gmail.com

ଏ ସବୁ କଥା ଆମେ ଏକ ନିଃଶ୍ୱାସରେ ଶୁଣିଥିଲୁ, ରାତିରେ ସ୍ୱପ୍ନ ଦେଖୁଥିଲୁ—ଭୂତ ମାଡ଼ି ବସୁଥିଲା; ଦଉଡ଼ି ପଳାଇବାକୁ ପାଦ ଚଳୁନାହିଁ । ବିଲିବିଲା ରଡ଼ିରେ ସାଙ୍ଗ ଉଠୁଥିଲେ—କିଏରେ କିଏ, କିଏ ? "ମୁଁ ? ମୁଁ ନୁହେଁ ।"

ସାଙ୍ଗ ମଧ୍ୟରୁ କିଏ କୁଆଡ଼େ ଗଲେ, ଭାବିଲେ ଚକିତ ହୋଇଯାଏ, କି ମଧୁମୟ ସଂପର୍କ, କିଏ ବାଉଳ, କିଏ ସଙ୍ଗାତ, କିଏ ମକର । ବାବୁ ସିଦ୍ଧେଶ୍ୱର କଥା ମନେ ପଡ଼େ । ଧନ୍ୟ ତା ଧୈର୍ଯ୍ୟ, ମାନ ଅପମାନ ପ୍ରତି ଆଖି ବୁଜି ସେ ପାଞ୍ଚ ବର୍ଷ କାଳ ମାଇନର ଚତୁର୍ଥ ଶ୍ରେଣୀରେ ଘୁଞ୍ଚୁରି ଥିଲା । ଲିଙ୍ଗିପୁରରୁ ଭୁବନେଶ୍ୱର ପ୍ରତିଦିନ ଚାଲି ଚାଲି ଆସୁଥିଲା, ଚେପା ଟାଏ । ସବୁଥିରେ ପ୍ରାପ୍ତ ଶୂନ୍, କାହିଁରେ କାହିଁରେ ଦୈବାତ୍ ପାଞ୍ଚ ସାତ ନମ୍ବର ରହିଯାଉଥିଲା । ବେଶ୍ ଚେଙ୍ଗା ମର୍ଦ୍ଦ । ତାକୁ ଦେଖି ହେଡ୍ମା. ଅନାଥବନ୍ଧୁ କହୁଥିଲେ ।—

ବୁଢ଼ା କାଳ ପାଠ
ଛତୁ ଫୁଟା କାଠ ।

ମୋ ସଙ୍ଗାତ ସନାତନ କଥା ବି ମନେପଡ଼େ । ଭୁଲିଲେ ଗୋଳମାଳ ହେବ ବୋଲି ସେ ଗଛରେ ଚଢ଼ି ପଢ଼େ, ରାତି ଅଧରୁ ଉଠି ପଢ଼େ । କିନ୍ତୁ 'ପାଠ୍ ପଢ଼େ ପଢ଼େ ଧୋତ୍ ହୁଡ଼େ ଯାଯ୍ ମରନ୍ ନ ଜାନେ ଭୋଗ', ସାନ ପଣ୍ଡିତେ ତାକୁ ଉପଲକ୍ଷ୍ୟ କରି କହୁଥିଲେ । ମୋ ସଙ୍ଗାତ 'ଯୋଗୀ' ଯେ ସଂସ୍କୃତ ପ୍ରାର୍ଥନା ବୋଲିଲେ ଲୋମ ଟାଙ୍କୁରି ଉଠୁଥିଲା, ସେ କୁଆଡ଼େ ଗଲା ? ଦେଖୁଛି କେବଳ ଆମ ଗାଁର ଦାମବାବୁଙ୍କୁ; ସେ ଚନ୍ଦ୍ରାମଣି ବିଦ୍ୟାପୀଠର ହେ : ମା । ଅତି ସତ୍ୟବନ୍ତ, ନିଷ୍ଠାପର ଲୋକ । ସେଇ ମୁହଁଟିକି ଚାହିଁଦେଲେ ଲିଙ୍ଗରାଜଙ୍କ 'ମହାଦୀପ' ସାମ୍ନାରେ ଜଳି ଉଠେ—ସେଇ ଆଲୁଅରେ ଦୂର ଅତୀତ ଉଜ୍ଜ୍ୱଳ ଓ ରୋମାଞ୍ଚକର ମୂର୍ତ୍ତିରେ ମୋ ଆଗରେ ନାଚି ଉଠେ ।

ସେତେବେଳର ମକରମେଳା, ଜାଗରଯାତ୍ରା, ଅଶୋକାଷ୍ଟମୀ କଥା ମନେ ପଡ଼େ । ପଣ୍ଡା ବାଇହାଣ୍ଡିରେ ମକର ଚାଉଳ ଗୋଳି ଯାତ୍ରୀଙ୍କୁ ଟିକିଏ ଟିକିଏ ଚଖାଇ ଦେଉଳ ବେଢ଼ାରେ ବିକ୍ରୟ କରୁଥିଲେ । ଜାଗର ଜାଳି ସାରା ରାତି କେତେବେଳେ ଲିଙ୍ଗରାଜ, କୋଟି ବର୍ଷ ବା କପିଳେଶ୍ୱରଙ୍କ ଦେଉଳରେ ରାତି କଟାଇଥିଲି । ବଡ଼ ଦାଣ୍ଡରୁ ଗମ୍ଭାର ବାଟେ ରୁକୁଣାରଥ ମାଉସୀ ମା ଦେଉଳ ଯାଏ ଯାଉଥିଲା, ବେଳେ ବେଳେ ରଥ ଉପରେ ଗମ୍ଭାର କଳରୁ ପାଣି ବାହାରି ପଡ଼ୁଥିଲା, କି ଦୁଅରେ ଚକ ଗଳି ପଡ଼ୁଥିଲା, ବହୁ କଷ୍ଟରେ ଉଠୁଥିଲା । 'ରୁକୁଣା ରଥ ଅଣ ବାହୁଡ଼ା' । ବାହୁଡ଼ା ଯାତ୍ରା ଦିନ ମୁହଁ ନ ବୁଲାଇ ରୁକୁଣା ରଥ ଫେରୁଥିଲା ।

Digitized by srujanika@gmail.com

ହରିତାଳିକା ଓ ଶ୍ରୀପଞ୍ଚମୀକୁ ଦେଉଳରେ ମହାପ୍ରସାଦ ବିଗିଦ୍ ହେଉଥିଲା । ବିଶୁଦ୍ଧ ଘିଅର କାନିକା, ମହ ମହ ବାସୁଥିବା ହରଡ଼ଡାଲି, ବେସର, ମହୁର ଆମେ ଦେଉଳରୁ ସ୍କୁଲକୁ ବୋହି ଆଣୁଥିଲୁ । କୁଡ଼ୁଆର ଭୋଗ ଯାଇ କୁଆଡ଼େ ତଳେ ପଡ଼ୁଥିଲା । ଆମେ ବାଣ୍ଟମାରି କରି ଦେଉଥିଲୁ । ଭୋଜିରେ ନାମକୁ ମାତ୍ର ବସି ଖିରି, କଦଳୀଚକଟା ଟିକିଏ ଟିକିଏ ହାପୁରି ଉଠୁଥିଲୁ ।

ଶିକ୍ଷକମାନଙ୍କ ମଧ୍ୟରେ ଅନାଥବନ୍ଧୁ ଆଜନ୍ମଦୁଃଖୀ । କିନ୍ତୁ ନିଜକଥା ସେ କେବେ ଭାବନ୍ତିନାହିଁ । ଅତ୍ୟନ୍ତ ଛାତ୍ରବତ୍ସଳ । ଛାତ୍ରମାନଙ୍କ ଭଲମନ୍ଦ ବୁଝି ବୁଝି ତାଙ୍କର ଦିନ ଗଡ଼ିଯାଏ । ଶିକ୍ଷକଙ୍କ ମଧ୍ୟରେ ଗୁରୁ ସେ, ଦ୍ୱିପଦଙ୍କ ମଧ୍ୟରେ ଜଣେ ପ୍ରାଣସ୍ପର୍ଶୀ ମଣିଷ । ତାଙ୍କ କଣ୍ଠସ୍ୱର ଗମ୍ଭୀର, ନିର୍ମଳ, ପଢ଼େଇବା ରୀତି ଚମତ୍କାର । ଏବେ ବି ମୋ ପରି ବହୁ ଛାତ୍ରଙ୍କର ଗର୍ବ ସେ । ଛାତ୍ରଙ୍କର ମୂଳଦୁଆ ଗଢ଼ିବାରେ ତାଙ୍କର ଅଦ୍ଭୁତ ଦକ୍ଷତା ଥିଲା । କେବେ କାହାକୁ ପାହାରେ ବାଡ଼େଇବାକୁ ତାଙ୍କ ହାତ ଯାଉ ନ ଥିଲା । ରାଗିଲେ ଖୁବ୍ ଜୋର୍‌ରେ ହାତ ଉଠାଇ ଛୁଇଁ ଦେଉଥିଲେ ମାତ୍ର । ବାପାମାଆଙ୍କୁ ଛାଡ଼ି ମୋ ଆଶ୍ରା ନେଇଛନ୍ତି, ମାରିବାକୁ କେମିତି ହାତ ଯିବ ?

ଘରକୁ ପିଲାଙ୍କୁ ଡାକି ଖୋଇବାରେ ତାଙ୍କର ପରମ ଆନନ୍ଦ, ଖୋଇବା ଲାଗି ବିଶେଷ କିଛି ନ ଥିଲା । ତାଙ୍କ ଘର ପଖାଳ ଶାଗରେ ସ୍ନେହ ମିଶି ଏକ ଅପୂର୍ବ ଆସ୍ୱାଦ ଦେଉଥିଲା, ଯାହା କେବେ କେଉଁଠି ମିଳୁ ନ ଥିଲା । ସହରରେ ତାଙ୍କର ଘର ନ ଥିଲା; ମଫସଲ କୁଡ଼ିଆ ଖଣ୍ଡି ଛପର ଅଭାବରୁ ମାଟିରେ ମିଶିଯାଉଥିଲା । ଜୀବନ କାଳ ମଧ୍ୟରେ ସେ ନିଜର କିଛି ହେଲେ ଉନ୍ନତି କରି ପାରି ନ ଥିଲେ ।

କ୍ଷୁଦ୍ର ପୁର ଓ ସ୍ଥିତିରେ ମଣିଷ କେତେ ବଡ଼ ହୋଇପାରେ, ଏବି ପରିସ୍ଥିତିରେ ମୁଁ ତାହା ଧାରଣା କରିପାରୁନାହିଁ । ଆମର ସୌଭାଗ୍ୟ—ଆମେ ସେପରି ଜଣେ ଗୁରୁ ପାଇଥିଲୁ – ସେ ଦୃଷ୍ଟି ଖୋଲି ଦେଇ ପାରୁଥିଲେ, ଦୃଷ୍ଟି, ଆଦିମ ଅନ୍ଧକାରରେ, ଘନ ଜଡ଼ତାରେ ଯାହା ଅଥର୍ବ ହୋଇ ଯାଇଥିଲା ।

ସାର୍ ସିନା କେତେ ମାଟି ପିଣ୍ଡୁଳାକୁ ସୁନା କରି ଗଢ଼ିଲେ, ତାଙ୍କ ସୁନା ପିଲାଟି କିନ୍ତୁ ମାଟି ପାଲଟି ଗଲା । ତାଙ୍କର ଏକମାତ୍ର କୁଳାଙ୍କୁର 'ଲିଙ୍ଗରାଜ', ଯେ ଖାକି ପ୍ୟାଣ୍ଟ ପିନ୍ଧୁଥିଲା, ଟପ୍ ଟାପ୍ ଇଂରେଜି କହୁଥିଲା, ଫୁର୍ତ୍ତିରେ, ଚଲାକି ଚତୁର-ତାରେ ସହସ୍ର ପିଲାଙ୍କର ପ୍ରତୀକ ଥିଲା, ଆଶ୍ଚର୍ଯ୍ୟ, ବହୁ କଷ୍ଟରେ ସେ ମାଟ୍ରିକ୍ ଯାଏ ଗଲା ।

ଭଗବାନଙ୍କ ବିଚାର, ମନେହୁଏ, ବେଳେ ବେଳେ ଏକ ବିଭ୍ରାଟ । 'ଅକାଳ କାଣ୍ଡ କପାଳେ ବାଜିଲା' ପରି ଆମେ ପାସ୍ କରି ଆସିବାର କେତେ ବର୍ଷ ପରେ

Digitized by srujanika@gmail.com

ବସନ୍ତ ରୋଗରେ ଅନାଥବନ୍ଧୁଙ୍କର ହଠାତ୍ ମୃତ୍ୟୁ ହେଲା । ଲିଙ୍ଗରାଜ ପ୍ରାୟ ହୋଇଗଲା ଅନାଥ । ମୋର ମାତୃସମା ଖୁଡୁପତ୍ନୀ ସେପରି ଶିକ୍ଷିତା ନ ଥିଲେ । କିନ୍ତୁ ପେଟଦାୟରେ ତାଙ୍କୁ ଚାକିରି କରିବାକୁ ହେଲା, ସେ ହେଲେ ସ୍ଥାନୀୟ ଉଚ୍ଚ ପ୍ରାଥମିକ ସ୍କୁଲର ମାଷ୍ଟରାଣୀ । ଏ ସମ୍ବାଦରେ ଛାତି ଫାଟିଗଲା ପରି ଲାଗୁଥିଲା । ଭାଗ୍ୟର ଏ କି ବିଡ଼ମ୍ବନା । ଭଲଲୋକ ହେଲେ ଯେ ବିପଦ ନ ପଡ଼ିବ ଏହା କେହି କହି ନ ପାରେ, ଭଲ ମନ୍ଦ ଉଭୟ ବିପନ୍ନ ହୁଅନ୍ତି, କେହି ଏ ଜନ୍ମ କେହି ଗତ ଜନ୍ମ କର୍ମଫଳରୁ ।

ଆମର ସେକେଣ୍ଡ ମାଷ୍ଟ୍ର ଥିଲେ ଲକ୍ଷ୍ମୀକାନ୍ତ ରାଓ, ଅତି ଦୁର୍ବଳ ଶରୀର । ଫୁଙ୍କି- ଦେଲେ ଯେତେ କି ପଡ଼ିଯିବେ । ମହାରାଷ୍ଟ୍ରୀ, କିନ୍ତୁ ପୁରାପୁରି ଓଡ଼ିଆ ହୋଇ ଯାଇଥିଲେ ସେ । ଓଡ଼ିଆରେ କବିତା ଲେଖୁଥିଲେ । ମାତ୍ରାବୃତ୍ତରେ ରଚିତ ତାଙ୍କର ଦେଶପ୍ରେମମୂଳକ କବିତାର ପଦେ ଦିପଦ ଏବେ ବି ମନେଅଛି —

'କାହିଁ କିରିଟିନୀ ଜନନୀ ମୋହର
କାହିଁକି ତୋର ଏ ବେଶ ?
ଶ୍ରୀମୁଖମଣ୍ଡଳ ମଳିନ ମା ତୋର
କାହିଁକି ରୁକ୍ଷ କେଶ ?
ଅତୀତ ତୋହର ତୁଚ୍ଛ ବୋଲି ଗୋ
ନ କର ନ କର ଶଙ୍କା
ଲିଙ୍ଗରାଜର ତୁଙ୍ଗ ଦେଉଳେ
ରହିଛି ତୋ ନାମ ଅଙ୍କା ।
ଗାଏ ଖଣ୍ଡଗିରି ନୀରବ ବାକ୍ୟ
ଧଉଳି ଦେଉଛି ନୀରବ ସାକ୍ଷ୍ୟ
କେଦାରଗୌରୀ ଝର ନୀର ଗାଏ
ଓଡ଼ିଶା ଦେବତା ଦେଶ ।'

ଓଡ଼ିଆ ଅକ୍ଷରଗୁଡ଼ିକ ତାଙ୍କର ମାଛିମଞ୍ଜି ପରି ଗୋଲ; ଡ୍ରଇଁ କଲା ବେଳେ ସେ ରଙ୍ଗର ଲୋଡ଼ୁ ନ ଥିଲେ । ଗୋଟିଏ ଗାରକେ ଚମତ୍କାର ଫୁଲ, ମଣ୍ଡଳ ଡ୍ରଇଁ ଓ ମାନଚିତ୍ରମାନ ଅଙ୍କନ କରି ଦେଉଥିଲେ । ବି ଏ. ଫେଲ୍, ଉଚ୍ଚ ସ୍ୱରରେ ପାଠ ପଢ଼େଇବା ଲାଗି ତାଙ୍କ ଦେହରେ ବଳ ନ ଥିଲା । ଡିକ୍ଟେସନରେ ଗୋଟିଏ ଭୁଲ୍‌କୁ ପାହାରଟିଏ ବସେ । ବେଳେ ବେଳେ ପେନ୍‌ସିଲ୍‌ରେ ପିଲାମାନଙ୍କ ଆଙ୍ଗୁଠିରେ ବିଳ ପକାଉଥିଲେ ସେ । ନିଶ୍ହେଲିକ କୋପରେ ଦୋହଲି ଉଠିଲେ ଆମ ଛାତି ଭୟରେ ଥରି ଉଠୁଥିଲା ।

Digitized by srujanika@gmail.com

ଲକ୍ଷ୍ମୀକାନ୍ତ ଭୁବନେଶ୍ୱର ଗ୍ରୁପ୍ ଅଠମଲ୍ଲିକ ମାଇନର ସ୍କୁଲରେ ହେ: ମା: ଓ ପରେ ଦେହ ରାଜ୍ୟର ଶିକ୍ଷାବିଭାଗର ପରିଦର୍ଶକ ଭାବେ ଅବସର ଗ୍ରହଣ କରିଥିଲେ ଓ ଏବେ (୧୯୬୫ରେ) ୮୨ ବର୍ଷ ବୟସରେ ପୁରୀରେ ତାଙ୍କର ମୃତ୍ୟୁ ହୋଇଛି । ଦୃଷ୍ଟିଶକ୍ତି ହରାଇବା ପର୍ଯ୍ୟନ୍ତ ସେ ସାହିତ୍ୟରଚନାରେ ବ୍ୟାପୃତ ଥିଲେ । ତାଙ୍କର ଅଧିକାଂଶ ଲେଖା ପାଣ୍ଡୁଲିପି ଆକାରରେ ରହିଛି । ପ୍ରକାଶିତ ପୁସ୍ତକ 'ରତ୍ନାବଳୀ'ରେ ସେ 'ହେମନ୍ତ', 'ଶିଶିର', 'ବସନ୍ତ' ଓ 'ନିଦାଘ' ପ୍ରଭୃତି ତୁଳସୀଦାସଙ୍କର ପ୍ରବନ୍ଧଗୁଡ଼ିକ ଅନୁବାଦ କରିଛନ୍ତି । କବିବର ରାଧାନାଥ 'ଶରତ' ଓ 'ବର୍ଷା'ର ଅନୁବାଦ କରିଥିଲେ । ତାଙ୍କ ପ୍ରକାଶିତ ପୁସ୍ତକ 'ରତ୍ନାବଳୀ'ରେ ଟେନିସନ୍ଙ୍କ 'ଡୋରା' କବିତାର ଅନୁବାଦ ସ୍ଥାନ ପାଇଛି—

'ବୃଦ୍ଧ ଆଲନ ଶୁଦ୍ଧମତି
ଗୃହାଶ୍ରମର ଶ୍ରେଷ୍ଠ ଯତି
ଛନ୍ଦେ ଲକ୍ଷ୍ମୀ ପଦ୍ମ ପାଦ ସଦା ଭରି ରଙ୍ଗେ
କଲ୍ୟାଣବା ସ୍ୱଲ୍ପଭାଷୀ
ପଲ୍ଲୀର ସେ ବଡ଼ ଯେ ଚାଷୀ
ନେଇ ସୀମା ଛିର୍ଣ୍ଣ କରି,
ଛେଇ ଚାର ରଙ୍ଗେ ।'

ଭଗିରଥୀ ଗଡ଼ର ଅର୍ତ୍ତିବନ୍ଧୁ ପଟ୍ଟନାୟକ ଅମର ହେଡ଼ ପଣ୍ଡିତ ଥିଲେ । କବିତା-ରଚନାରେ ଛାତ୍ରମହଲରେ ତାଙ୍କ କୃତିତ୍ୱ ମଧ୍ୟ ଫୁଟି ଉଠିଥିଲା । ମୋର ପଦଟିଏ ମନେ ଅଛି—

'କଣ୍ଠବାସିନୀ ବାଣୀ କଣ୍ଠ ଚରଣେ
ପୂଜେ ଅହ୍ଲାଦମନେ ମଧୁ ନିକୁଞ୍ଜବନେ
ମିଳିତ ମାଲାସ୍ୱିତ ସୁନୀଳକେଶା
ଶର୍ମିମୟୂଖଜିତ ଧବଳ ସୁବେଶା
ଆସ ମା ଦୀନ ସଦନେ ।'

ପଣ୍ଡିତ ମହାଶୟ ବୋଡିଂର ସୁପରିଣ୍ଟେଣ୍ଡେଣ୍ଟ, ଆଇନଶୃଙ୍ଖଳା ରକ୍ଷାରେ ଭାରି କଡ଼ା । ମାଡ଼ ଦେଲାବେଳେ ହସ୍ତପ୍ରୋଧ ନ ଥାଏ । ବେତ ପାହାରଟା ପୂରା ଦମ୍‌ରେ ପଡ଼େ, ଚହଟା ବହାକେତେ ରହେ ।

ସାହିତ୍ୟରେ ଶ୍ରେଷ୍ଠ । ଇତାଙ୍ଗ ସାହିତ୍ୟରେ ପ୍ରବେଶ ଯଥେଷ୍ଟ । ରାଧାନାଥ ରଚ୍ଛାବଳୀ ମୁଖସ୍ଥ ।

Digitized by srujanika@gmail.com

‘ଇତିହାସ ରଙ୍ଗ ସ୍ଥଳୀ ରୂ ଚିଲିକା
ତୋର ତୀରେ ପରା ଶ୍ରୀମତୀ ମାଣିକା
ହସ୍ତେ ଭୁଞ୍ଜି ଥିଲେ ସାଦରେ ଲବଣୀ
ଶ୍ରୀବତ୍ସାଙ୍କ ପ୍ରଭୁ ଭକ୍ତ ଚିନ୍ତାମଣି ।’

ଆମର ମର୍ମେ ମର୍ମେ ରହି ପରି ସତେ ଅବା ଏହି କବିତାର ଭାବ ଖେଳି ଯାଇଥିଲା । ଭାବରେ ଭୋଳ, ଉପରେ ଟଳମଳ ହୋଇ ସେ ବୁଝନ୍ତି—ଚିଲିକା କିପରି ଇତିହାସର ଏକ ରଙ୍ଗମଞ୍ଚ, ‘ଶ୍ରୀମତୀ’, ‘ଚିନ୍ତାମଣି’ ଓ ‘ଶ୍ରୀବତ୍ସାଙ୍କ’ ଶବ୍ଦର କିପରି ଚମତ୍କାର ପ୍ରୟୋଗ ହୋଇଅଛି ।

ସାହିତ୍ୟ ପଢ଼ାଇଲେ ବେଳେ ସେ ସଂସାର ଭୁଲିଯାନ୍ତି ସେପରିକି, ପ୍ରେମରେ ପଢ଼ନ୍ତି, ପ୍ରେମରେ ପଢ଼ାନ୍ତି । ସାହିତ୍ୟ ସେହିପରି ଅପାର୍ଥିବ ରସପ୍ରବଣ ଏକା । ସେପରି ଭାବ ମନରେ ନ ଉପୁଜିଲେ ଲେଖିବା ବୃଥା, ପଢ଼ିବା ପଢ଼େଇବା ବୃଥା ।

ପଣ୍ଡିତ ମହାଶୟଙ୍କର ଗୋଟିଏ ପୁଅ ହେଲା । ମନେ ପଡ଼େ, ସେ ବୋଡ଼ିଂ ପିଲାଙ୍କୁ ଟଙ୍କାଟିଏ ମିଠେଇ ଖାଇବାକୁ ଦେଇଥିଲେ । ସେଥିରୁ ଛ’ ଅଣାରେ କଟକୀ ସେରେ ସୁଜି, ଚାରଣାରେ ସେରେ ଚିନି, ଛ’ ଅଣାରେ ପାଏ ନୂଆ ଘିଅ କିଣି ଆମେ ପିଲାମାନେ ମୋହନଭୋଗ କରି ଖାଇଥିଲୁ । ପିଲାଟି ଏକୋଇଶା ଡେଇଁବା ଆଗରୁ ସଂସାର ଛାଡ଼ିଗଲା । ଆମ ହାଲୁଅଖିଆ ମଜା ଛାଡ଼ିଗଲା ।

ସଂସାରଅନୁଭୂତିରୁ ବୁଝାଯାଏ—ଯାହା ଉପରକୁ ବିପଦ ଆସେ, ତା ପଛକୁ ତା ପଛ ଲାଗିଥାଏ । ସଂପର୍କୀୟମାନେ ବନ୍ଦୀ ହେଲାପରେ ଏଥର ସିଧାସଳଖ ଧାଡ଼ି ନିଜ ଉପରେ ହିଁ ଆକ୍ରମଣ ହେଲା । ତାଙ୍କ ବଳାଟଣ୍ଟିରେ ଗୋଟାଏ ଛୁଉ ଥିଲା । କ୍ରମେ ବଢ଼ି ବଢ଼ି ଏହା ବିଷମ ଆକାର ଧାରଣ କଲା । ପଣ୍ଡିତ ମହାଶୟ ସଂସାର ବା ବୋଡ଼ିଂ ଚିନ୍ତା ଛାଡ଼ି ଦେବନ ପୂଜା ଆରାଧନାରେ ଘଣ୍ଟା ଘଣ୍ଟା କଟାଇବାକୁ ଲାଗିଲେ । ତାଙ୍କ ବ୍ୟାକୁଳ ସ୍ତୁତି ଏବେ ବି କାନରେ ମୋର ବାଜି ଯାଉଛି –

‘ହେ ଚନ୍ଦ୍ରଚୂଡ଼ ମଦନାନ୍ତକ ଶୂଳପାଣେ
ସ୍ଥାଣେ । ଗିରୀଶ ଗିରିଜେଶ ମହେଶ ଶମ୍ଭୋ
ଭୂତେଶ ଭୀତ ଭୟସୂଦନ ମାମନାଥମ୍
ସଂସାର ଦୁଃଖ ଦହନାତ୍ ଜଗଦୀଶ ରକ୍ଷ’ ।

Digitized by srujanika@gmail.com

ଲିଙ୍ଗରାଜମହାପ୍ରଭୁଙ୍କ ମୁଣ୍ଡରେ ଲକ୍ଷେ ଗଇଣ ଫୁଲ ଚଢ଼ାଇଲେ ସାର୍ ରୋଗମୁକ୍ତ ହେବେ ବୋଲି ଜଣେ ପଣ୍ଡିତ ବ୍ୟବସ୍ଥା ଦେଲେ । ସେତେବେଳେ ଭୁବନେଶ୍ୱରରେ ଯୁଆଡ଼େ ବିସ୍ତୃତ ପଡ଼ିଆ, ଅନାବନା କୋଟି କୋଟି ଗଇଣ ଗଛ, ଯୁଆଡ଼େ ଦୃଷ୍ଟି ପକାଇବ ତେଣେ, ସତେ ଯେପରି ଶିବଙ୍କର ଅପାଣିଆ ଉଦ୍ୟାନସବୁ ତାଙ୍କର ମହିମାରେ ବଢ଼ି ଉଠିଛି । ଆମେ ଗୋଟିଏ ଗୋଟିଏ ବୁଙ୍ଗୁଡ଼ି ଧରି ଗଣି ଗଣି ଗଇଣ ଫୁଲସବୁ ତୋଳୁଥିଲୁ । ଲିଙ୍ଗରାଜଙ୍କର କେତେ ଅଭିଷେକ କରାହେଲା, କେତେ ପାଦୁକ ପାଣି ପିଆହେଲା, କପିଳେଶ୍ୱରଙ୍କଠି କେତେ ଦୀପ ଜଳାଗଲା, କେଦାର-ନାଥଙ୍କ ମୁଣ୍ଡରେ କେତେ କଦଳୀ, ନବାତ ଘଷାଗଲା, ସୋମନାଥଙ୍କ ନାମରେ କେତେ ଓପାସ କରାଗଲା । ସବୁ ସଂକଳ୍ପ, ପୂଜାଧୂଜା କୁଆଡ଼େ ପାଣି ଫାଟିଗଲା । ଦୁର୍ଭାଗ୍ୟ କବଳରୁ ଏଇ ଧ୍ୱଂସମୁଖୀ ପରିବାରଟିକୁ କୌଣସି ଦେବଦେବୀ ରକ୍ଷା କରିପାରିଲେ ନାହିଁ । ମୁହଁ, କାନ ଫୁଲି ଲାଲ ହୋଇଗଲା । ଲୋକଲଜ୍ଜାକୁ ଡରି ସାର୍ ସ୍କୁଲ ଛାଡ଼ି ଚାଲିଗଲେ ସନ୍ନ୍ୟାସୀ ! ବହୁ ଖୋଜାଖୋଜି ପରେ ତାଙ୍କର ସନ୍ଧାନ ମିଳିଲା ମଥୁରାରେ । ସଦାବର୍ତ୍ତି ଅନ୍ନରେ 'ସେ ଜୀବନଧାରଣ କରୁଥାନ୍ତି – ଧ୍ୟାନ-ଧାରଣାରେ, ଧର୍ମଚର୍ଚ୍ଚାରେ ଜୀବନ କଟୁଥାଏ । ତାଙ୍କ ଘର କାହ୍ନୁ-ଚରଣପୃକ ତାଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରି ବ୍ୟର୍ଥ ହେଲେ । ସେ କହିଲେ—"କୁବେରପୁରୀ ଜୟ ହେଲେ ମଧ୍ୟ ଆଉ ବ୍ରଜଧାମ ତ୍ୟାଗ କରିବି ନାହିଁ" । ତା'ପରେ ତାଙ୍କ ପରିବାରର ଏକ କରୁଣ ଘଟଣା ହୋଇଥିଲା । ସ୍ତ୍ରୀ ଜୀବନ ପ୍ରତି ନିରାଶ ହୋଇ ଆତ୍ମହତ୍ୟା କଲେ ।

ମଧୁସୂଦନ ମିଶ୍ର ସ୍କୁଲର ସାନ ପଣ୍ଡିତ; ଧୋବ ଫର ଫର ଲୁଗା, ଜାମା ପିନ୍ଧି ସ୍କୁଲକୁ ଆସନ୍ତି । ସେ ଜଣେ ଉତ୍କୃଷ୍ଟ ପୋଥିଶିଳ୍ପୀ । ଜଗନ୍ନାଥ ତ୍ରିମୂର୍ତ୍ତି, ରାଧାକୃଷ୍ଣ, ଉମାମହେଶ୍ୱର, ପଦ୍ମ, ନାନା ଫୁଲକୁଞ୍ଜ ତାଳପତ୍ରରେ ବଡ଼ ସୁନ୍ଦର ଭାବେ ସେ ଅଙ୍କନ କରନ୍ତି, ରଙ୍ଗ ଦିଅନ୍ତି; ଅକ୍ଷର ମଧ୍ୟରୁ ଅଧା କରଣି । କର୍ମକାଣ୍ଡି, ପୂଜାଧୂଜା ଆଦି ବ୍ରାହ୍ମଣିଆ ପାଠରେ ସେ ପ୍ରବୀଣ । ଭୁବନେଶ୍ୱରର ବିଭିନ୍ନ ଦେଉଳ ବିଷୟରେ ସେ ଜଣେ ବିଶେଷଜ୍ଞ, ଯାବତୀୟ କାହାଣୀ, କିମ୍ବଦନ୍ତୀ ତାଙ୍କୁ ଜଣା । 'ଉତ୍କଳର ପ୍ରାଚୀନକୀର୍ତ୍ତି' ପଢ଼ା ହେଲା ଦିନ ସେ ଆମକୁ ଭୁବନେଶ୍ୱରର ଦେଉଳସବୁ ବୁଲାଇ ଦେଖାନ୍ତି ।

କିନ୍ତୁ ବିଜ୍ଞାନ ବିଷୟରେ ସେ ଅଜ୍ଞାନ । 'ପ୍ରଜାପତି' ଅର୍ଥ ସେ କହୁଥିଲେ ପ୍ରଜାପତିଆ ଚଢ଼େଇ । ଯାହାର ପକ୍ଷ ଅଛି ତାଙ୍କ ଦୃଷ୍ଟିରେ ସେ ପକ୍ଷୀ, କଙ୍କି, ଝିଣ୍ଟିପୋକ, ଭଅଁର, ମଶା, ମାଛି ସବୁ ପକ୍ଷୀ । ପକ୍ଷୀ ଓ ପତଙ୍ଗ ମଧ୍ୟରେ ଥିବା ତାରତମ୍ୟ ସେ ବୁଝି ନ ଥିଲେ ।

Digitized by srujanika@gmail.com

ଢନର ଶେଷ ପିରିଅଡ୍ - ଧର୍ମଶିକ୍ଷା, ପେଟରେ ଖୋକ, ସେତେବେଳେ ଧର୍ମତତ୍ତ୍ୱ ବା ଉପଦେଶ ଶୁଣିବ କିଏ ? ମନ ଚଞ୍ଚଳ—ସ୍କୁଲ ପଳାଇବା । ଯାନ ପଣ୍ଡିତେ ଅଭିଜ୍ଞତାରୁ ବୋଧହୁଏ, ପିଲାମାନଙ୍କର ଏ ମନସ୍ତତ୍ତ୍ୱ ହୃଦୟଙ୍ଗମ କରିଥିଲେ । ସେ ପୌରାଣିକ ଗଳ୍ପଟିଏ ଆରମ୍ଭ କରି ଦେଉଥିଲେ, ଅତି ନାଟକୀୟ ଭଙ୍ଗୀରେ ।

ଭୀମର ବାହୁବଳ ଫଣି ଯାଉଥିଲା ତାଙ୍କ ବାହାରେ, ଦୁଃଶାସନକୁ ମାଡ଼ ବସିଥିବା ବେଳେ ଭୀମର ଭ୍ରୂକୁଟି ଫୁଟି ଉଠୁଥିଲା ତାଙ୍କ ମୁଖରେ । ସେ ବଦାରୁ ଥିଲେ ତା'ର ଘାତ, ଓପାଡ଼ି ଦୋଁ।କାଶକୁ ଫିଙ୍ଗି ଦେଉଥିଲେ ତା'ର ବାହୁ—

ଭଲକରି ଦେଖ ଏବେ ଭ୍ରାତାଙ୍କ ବଦନ
ଉପକାରୀ ବନ୍ଧୁ ଯେ ଅଟନ୍ତି ଏହୁ ଜନ ।

ଯୁଦ୍ଧବେଳେ ସେ ପୂରାପୂରି ହୋଇ ଯାଉଥିଲେ ପୁରାଣ କାଳର । କେବଳ ଗଦା ଯୁଦ୍ଧରେ ଛୁଡ଼ା ହେଲବେଳେ ସେ ଅଚେତନ ହୋଇ ଯାଉଥିଲେ –ଗୋଟିଏ ପାଦ ଯେ ଖଞ୍ଜ, ପ୍ରାୟ ଅଚଳ ।

ମନେ ପଡ଼େ କ୍ଷେତ୍ରମୋହନ ପଟ୍ଟନାୟକଙ୍କ କଥା । ସେ ଅଚଳ, ଅକର୍ମଣ୍ୟ, ତାଙ୍କ ପରିବାର ବିପନ୍ନ । ଦୟା ପାଇ ଅନାଥବନ୍ଧୁ ତାଙ୍କୁ ହଷ୍ଟେଲରେ ଗୋଟିଏ କୋଠରୀରେ ଆଣି ରଖିଥିଲେ । ସେ ଛାତ୍ରମାନଙ୍କୁ ପଢ଼ାଉଥିଲେ, ଅନ୍ନ ମେସ୍‌ରେ ଖାଉଥିଲେ । ପାହାନ୍ତିଆରେ ତାଙ୍କ ସ୍ତୁତିଗୀତ ଶୁଣା ଯାଉଥିଲା—

କେଶବ କୁରୁ କରୁଣା
ଦୀନେ କୁଞ୍ଜକାନନଚାରୀ
ମାଧବ ମନ ମୋହନ
ଦୀନେ ମୋହନ ମୁରଲୀଧାରୀ ।

ସୁସ୍ଥ, ସବଳ ହେଲା ପରେ କ୍ଷେତ୍ରମୋହନ ପୁରୀ ଜଗନ୍ନାଥବଲ୍ଲଭ ମଠର ମ୍ୟାନେଜର ହେଲେ ।

ମନେ ପଡ଼େ ରାଧାଚରଣ ପଣ୍ଡା (ସ୍ୱନାମଧନ୍ୟ ଡାକ୍ତର ଓ ଐତିହାସିକ)ଙ୍କ କଥା । ଆମେ ପିଲାମାନେ ସ୍କାଉଟିଂରେ ପିରାମିଡ଼ ଗଢ଼ୁଥିବା ବେଳେ ସେ ପଡ଼ଆକୁ ସାଇକେଲରେ ଆସି ହଠାତ୍ ପଡ଼ିଯାଇଥିଲେ—ଆହା ଗୋଡ଼ ଭାଙ୍ଗିଗଲା ! ଉଠିବାକୁ ଅକ୍ଷମ, ଅଜ୍ଞାନ । ଚିକିତ୍ସା କରି ତାଙ୍କ ଚେତା ଫେରାଇ ଅଣାହୋଇଥିଲା । ହଷ୍ଟେଲକୁ ବୋହିନେଇ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା । କିଛିକାଳ ପରେ ସେ ହଠାତ୍

Digitized by srujanika@gmail.com

ହସିଉଠିଲେ ଓ ଠିଆହୋଇ ପଡ଼ିଲେ । 'ମିଛରେ' ବୋଲି ହସି ହସି ଆମେ କଏ କୁଆଡ଼େ ପଳାଇ ଯାଇଥିଲୁ । ସ୍କାଉଟିଂରେ ଆମେ ଆହତର କପରି ସେବା କରି ଶିଖିଛୁ, ପରଖିବା ତାଙ୍କର ଉଦ୍ଦେଶ୍ୟ ଥିଲା ।

ମନେପଡ଼େ—ଖୋର୍ଦ୍ଧା ହାଇସ୍କୁଲକୁ ମୁଁ ମାଇନର ପରୀକ୍ଷା ଦେବାକୁ ଯାଇଥିଲି । ବାଙ୍କନିଧି ପଟ୍ଟନାୟକ ('ଧୂମ୍ର ଗ୍ରନ୍ଥୀ' ଗଳ୍ପ ପୁସ୍ତକର ଲେଖକ) ସେତେବେଳେ ସେଠି ହେଃ ମାଃ ଥିଲେ । ତାଙ୍କର ବିଶାଳ, ଗୁରୁଗମ୍ଭୀର ମୂର୍ତ୍ତି ଦେଖି ଖୁବ୍ ଡର ମାଡ଼ୁଥିଲା । ଘଣ୍ଟାର ଢାଉଁ ଢାଉଁ ସଙ୍ଗେ ଛାତି ମୋର ଧାଉଁ ଧାଉଁ ପଡ଼ୁଥିଲା । କୋହଲା ପାଗ, ଝିପି ଝିପି ବର୍ଷା । ବରୁଣେଇ ପାହାଡ଼ ବଣରେ ଧୂଆଁଳିଆ ମେଘସବୁ ଚରିବୁଲି ପୁଣି ଆକାଶକୁ ଉଡ଼ି ଯାଉଥିଲେ ।

୧୯୩୦ରେ ମୁଁ ମାଇନର୍ ପାସ୍ କଲି । ଖଣ୍ଡଗିରି ଆମର ଲୀଳାଶୈଳ ଥିଲା; ଏକା ଦୌଡ଼କେ ଯାଇ ପହଞ୍ଚିଥିଲୁ ଜୈନ ମନ୍ଦିର ପାଖରେ; ମାଘସପ୍ତମୀକି ତେଣେ ଚନ୍ଦ୍ରଭାଗା ଭିଡ଼, ଏଣେ ଖଣ୍ଡଗିରି ମେଳା । ବାବାଜୀମାନଙ୍କ ଭଜନ ଓ ଖଞ୍ଜଣି ଶବ୍ଦରେ ଗିରିଗୁମ୍ଫା କମ୍ପି ଉଠୁଥିଲା; ଉଦୟଗିରି ଗୁମ୍ଫା ସାମ୍ନାରେ ଆମେ ଚୋଷାଇ କରି ଖାଉଥିଲୁ, ଜାଣି ନ ଥିଲୁ ପାହାଡ଼ ଉପରେ ଲେଖା ହୋଇଛି ଜଣେ ଦିଗ୍‌ବିଜୟୀ ମହାରାଜାଙ୍କ କୀର୍ତ୍ତି ଗାଥା ବୋଲି—ସମ୍ରାଟ ଖାରବେଳ ! ଦୁର୍ଦ୍ଧର୍ଷତା ଓ ଧର୍ମପ୍ରାଣତାରେ ସେ ଅଶୋକଙ୍କର ପ୍ରାୟ ସମାସ୍କନ୍ଧ ଥିଲେ ।

ଗଙ୍ଗୁଆ ନଦୀର ଧାରେ ଧାରେ ଯାଇ ପହଞ୍ଚୁଥିଲୁ ଶିଶୁପାଳ ଗଡ଼ରେ—ଏଠି ଖାରବେଳଙ୍କର ନଅର ଥିଲା. ଥିଲା ମହାବିଜୟପ୍ରାସାଦ—ଏ ନଈଟି ଥିଲା ତା'ର ଗଡ଼ଖାଇ । ଏପଟେ ଉଦୟଗିରିର ଖାରବେଳ ଲେଖକୁ, ସେପଟେ ଦୟା କୂଳର ଧଉଳିର ଅଶୋକଙ୍କ ଶିଳାଲେଖ ।

ଭାସ୍କର୍ଯ୍ୟ ନ ବୁଝିଲେ ବି ବାରମ୍ବାର ମନ୍ଦିର ବୁଲି ଦେଖିବାକୁ ଭଲ ଲାଗୁଥିଲା । ବାସୁଆ ବଳଦ, ଯେ ତିନିପାଦ ଉଠିଛି, ଆଉ ପାଦେ ଉଠିଲେ ପୃଥିବୀରେ ପ୍ରଳୟ ହେବ, ଗଣପତି, ଯାହାଙ୍କୁ ପୁରୁଷୋତ୍ତମ ଦେବ କାଞ୍ଚୀ ଜୟକରି ଆଣିଥିଲେ ବୋଲି ବିଶ୍ୱାସ ପ୍ରଚଳିତ, କଳାମୃଗ ଭେଣ୍ଡା, ଯେ ମେ କାଳି ଭେଣ୍ଡିଆ ଚେଡ଼େଶ୍ୱର ଉତ୍କୃଷ୍ଟ ନମୁନା, ମୁକ୍ତିଶିଅଳା, ଯାହାର ଧାରେ ଧାରେ ଉତ୍କଳୀୟ ମୁଗ୍ଧ ପଟୁଆରର ଚିତ୍ର ଖୋଦିତ, ପାର୍ବତୀ ଦେଉଳ, ବୋଇତିଆଳି ଦେଉଳ, ଗୌରୀମନ୍ଦିର, ପର୍ଶୁରାମେଶ୍ୱର, ମେଘେଶ୍ୱର, ମୁକ୍ତେଶ୍ୱର, କେଦାରଗୌରୀ, ପାପନାଶିନୀ, ମରୀଚିକୁଣ୍ଡ, ବିନ୍ଦୁସାଗର, କୋଟିତୀର୍ଥ ସବୁ ଥରେ ମନବୋଧ କରି ଦେଖିଲି । ଘରକୁ ଫେରିଗଲା ବେଳେ ଲିଙ୍ଗରାଜଙ୍କ ବଡ଼ ଦେଉଳକୁ ପଛକୁ ଲେଉଟି ଦେଖୁଥିଲି—ବଡ଼

Digitized by srujanika@gmail.com

ଦେଉଳ—ଯାହା ଉପରକୁ ପ୍ରତି ପୂର୍ଣ୍ଣିମାରେ ବଡ଼ଦଣ୍ଡା 'ଲିଙ୍ଗରାଜ ହେ' ବୋଲି ବଡ଼ ପାଟି କରି ମହାଦୀପ ଧରି ଉଠି ଯାଉଥିଲି, ବାଟରେ ବାଜିଉଠୁଥିଲା ଟେଲିଙ୍ଗି ବାଜା ।

ବିଜୟରୁ ପରାଜୟ ମହତ୍ତର

ମାଇନର ପାସ୍ ପରେ ଉପରକୁ ପଢ଼ିବାର ସାହସ ମୋର ନ ଥିଲା । ପରିସ୍ଥିତି ପ୍ରତିକୂଳ । ବନ୍ଧୁବାନ୍ଧବ କି ହିତାକାଂକ୍ଷୀ କାହାଠାରୁ କିଛି ଉତ୍ସାହ ମିଳିଲା ନାହିଁ । ସ୍ଥିର କଲି ଚାକିରି କରିବି ।

ସ୍ୱରନା ନମ୍ର ପ୍ରାଥମିକ ସ୍କୁଲରେ ନୂଆ ହୋଇ ଦେବେନ୍ଦ୍ର ପଣ୍ଡିତ ହୋଇଥାନ୍ତି । ମାସକୁ ଦରମା ସାତ ଟଙ୍କା, ବର୍ଷେ ଶିକ୍ଷକତା କଲା ପରେ ସେ ଟ୍ରେନିଂକୁ ଯାଉଥାନ୍ତି । ତାଙ୍କ ଜାଗାଟି ମିଳିଯିବ ଭାବି କିଛି ଆଶାରେ ବାମନାଳ ଗ୍ରାମକୁ ଧାଇଁଲି । କିନ୍ତୁ ଦୁର୍ଭାଗ୍ୟର ଚକ୍ରାନ୍ତରେ ସେ ହେଲାନାହିଁ । ତା'ପରେ ଯୋଉ ଡାଳ ଧରିଲି ସେ ଡାଳ ଛିଡ଼ିଲା । ଶେଷକୁ ଆମ୍ବ ମିଳିଲା ନାହିଁ, ଆମ୍ବଟା ! ଟିଉସନଟିଏ ! ବେତନ କେବଳ ଭୋଜନ । ଯାହାହେଉ, ମୋ ଦାନାମୁଠାକ ପାଇଁ ମୁଁ କାହା ଉପରେ ନିର୍ଭର କରୁନାହିଁ - ଆତ୍ମସନ୍ତୋଷ ।

କିନ୍ତୁ ମୋ ଦୃଷ୍ଟି ଥିଲା ଗ ସ୍କୁଲ ଉପରେ, ଏଠା ଶିକ୍ଷକ ମଧ୍ୟ ଟ୍ରେନିଂକୁ ଯାଉଥାନ୍ତି । ମୋର ଦାନାଦାତା ଝମାପଡ଼ା ମାଇନର ସ୍କୁଲର ହେଡ଼ମାଷ୍ଟ୍ରେ ଶ୍ରୀ ଜଗନ୍ନାଥ ରଥେ ଟିକିଏ ସୁପାରିସ କରି ଦେଇଥାନ୍ତି । କିନ୍ତୁ ମୁଁ ସ୍କୁଲବେଳକୁ ସୁନାମୁଣ୍ଡା ପଥର ହୋଇ ଯାଉଥାଏ । ହଠାତ୍ ମାଷ୍ଟ୍ରଙ୍କ ଦରମା ସାତରୁ ଖସି ହୋଇଗଲା ଚାରି; ଧରୁ ନ ଧରୁ ସେ ବି ଖସିଗଲା—ଦୁର୍ଭାଗ୍ୟର ବିଡ଼ମ୍ବନା ।

ଯେ ସେ ଚାକିରିଟି ପାଇଲେ, ସେ ସ୍ଥାନୀୟ; ପ୍ରଭାବଶାଳୀ ମାମଲତକାରଙ୍କ ସୁପାରିସ୍ ତାଙ୍କ ପକ୍ଷରେ ଥିଲା । କିନ୍ତୁ ପରାଜୟହିଁ ବିଜୟଠାରୁ ମୋ ପକ୍ଷରେ ଅଧିକ ଅନୁକୂଳ ହେଲା । ମଣିଷର ମନ ଚେଷ୍ଟା, ସେ ଯାହା ଚାହେଁ, ଭଗବାନ୍ ଭାଗ୍ୟତା ତାହା ଦିଅନ୍ତି ନାହିଁ । ଦେଲେ ତା ଅବସ୍ଥା ଶୋଚନୀୟ ହୋଇଥାନ୍ତା । ମୁଁ ବୁଝି ଜାଣି ନ ଥିଲି; ଏହି ପରି ଅଣ୍ଡାଳି ଅଣ୍ଡାଳି ବୁଲୁଥିବା ବେଳେ ପ୍ରଭୁ ଅନେକ ଅଡ଼କୁ ମୋ ଜୀବନର ମଙ୍ଗ ବୁଲାଇ ଦେଲେ ।

ସେ ବର୍ଷ ଝମାପଡ଼ା ମାଇନର ସ୍କୁଲରେ ଅଷ୍ଟମ ଶ୍ରେଣୀ ଖୋଲା ହେଉଥାଏ । କିନ୍ତୁ ନୂଆ ହାଇସ୍କୁଲକୁ ଛାତ୍ର ମିଳୁ ନ ଥାନ୍ତି । ମୋର ପରମ ହିତାକାଂକ୍ଷୀ ରଥେ ମୋତେ ନ ପଚାରି ବା ପଚାରିବାର ପ୍ରୟୋଜନ ଅନୁଭବ ନ କରି ମୋ ନାମଟି ସ୍କୁଲରେ ଲେଖାଇଦେଲେ

Digitized by srujanika@gmail.com

ନାମଲେଖା ଫି ବା ଦରମା ମୋତେ କିଛି ଦେବାକୁ ପଡ଼ିଲା ନାହିଁ । କାଲି ଆଉ ଆଜି ମଧ୍ୟରେ କେତେ ତଫାତ । ଆଜି ମୁଁ ହାଇସ୍କୁଲର ଛାତ୍ର । ଯେତେବେଳେ ତା'ର ସ୍ୱଚ୍ଛନ୍ଦ ବା ଗୌରବ ଥିଲା, ଭାଗ୍ୟ ଦେଲେ ବେଳେ ସ୍ୱେଚ୍ଛାବିଦ୍ୟା ପରି କାର୍ଯ୍ୟ କରେ ।

କ୍ଲାସ୍‌ରେ ଯେତେବେଳେ ଯାଇବସିଲି, ଛାତି ମୋର କୁଣ୍ଢେ ମୋଟ ହୋଇଗଲା । ବେଶୀ ଆନନ୍ଦିତ ହେଲି ଯେତେବେଳେ ଦେଖିଲି—ମୋ ସମାସ୍କନ୍ଧ ଜଣେ ହେଲେ ଛାତ୍ର ଶ୍ରେଣୀରେ ନାହିଁ । ଅନାଥବନ୍ଧୁଙ୍କ କମିଆଁ ଯୋଗୁଁ ଆମେ ଜଣେ ଜଣେ ସ୍ୱତନ୍ତ୍ର ମାର୍କାମରା ହୋଇଥିଲୁ । ପ୍ରଶ୍ନଟି ବୁଲି ବୁଲି ସବା ଶେଷରେ ମୋ ଉପରେ ପଡ଼େ । ମୁଁ ଯଥାର୍ଥ ଉତ୍ତର ଦେଇ ଶିକ୍ଷକଙ୍କ ସନ୍ତୋଷ ବିଧାନ କରେ । ଏହି ପ୍ରକାରେ ମୋ ଆସନ ସ୍କୁଲରେ ଦୃଢ଼ତର ହେଲା—ମୁଁ ହେଲି ଅପରିହାର୍ଯ୍ୟ—ମୋ ଉପରେ ନୂତନ ସ୍କୁଲର ଭବିଷ୍ୟତ କେତେକାଂଶରେ ନିର୍ଭରଶୀଳ ହୋଇ-ପଡ଼ିଲା ।

କବିତା ଯେଉଁ ଦିନ ଜନ୍ମ ହେଲା

ସେହି ବର୍ଷ ମୋ ଜୀବନରେ ଗୋଟିଏ ନୂତନ ଦିଗ୍‌ବଳୟ ଖୋଲିଲା—ଉଦ୍ୟାନ ପରି ବିଚିତ୍ର ସେ, ବହୁ ବର୍ଣ୍ଣଯୁକ୍ତ । ମୁଁ କବିତା ଲେଖିଲି— ସେ ୧୯୩୧ ମସିହା କଥା । ନିଜକୁ ନୂଆଭାବେ ଆବିଷ୍କାର କଲା ପରି ଲାଗିଲା—ନିଜ ପାଖେ ନିଜର ମୂଲ୍ୟ ବଢ଼ିଲା—ଆନନ୍ଦର ଏକ ମଧୁଫେଣା ଯେପରି ଫୁଟିବାକୁ ଲାଗିଲା ମୋର ମନରେ ।

କେଉଁଠୁ କେଜାଣି 'ରାଧାନାଥ ଗ୍ରନ୍ଥାବଳୀ' ଖଣ୍ଡିଏ ମୋ ହାତରେ ପଡ଼ିଥାଏ । ବିନା ବୁଝିରେ କାବ୍ୟଗୁଡ଼ିକ ଖଣ୍ଡିକ ପରେ ଖଣ୍ଡିଏ ପଢ଼ି ଯାଉଥାଏ । ରାଧାନାଥଙ୍କଠାରୁ ମୁଁ ପ୍ରଥମେ ପ୍ରକୃତିକୁ ଭଲ ପାଇ ଶିଖିଲି ।

ଗୁରୁଗମ୍ଭୀର ହୋଇ ବୁଲିଲି କୁଶଭଦ୍ରା ନଦୀ ତଟରେ, କପିଳ ମନ୍ଦିର ଦେହଳୀରେ, ଶ୍ମଶାନରେ ବା ନିର୍ଜନ ତୋଟାମାଳରେ । ନାନା ଦୁଃଖ ମଧ୍ୟରେ କବିତା ଲେଖା ହିଁ ବଡ଼ ଉପଭୋଗ ଥିଲା । ଏବେ ଦିନେ ଘରେ ପୁରୁଣା ପେଟରା ଅଣ୍ଡାଳୁ ଅଣ୍ଡାଳୁ ନବମ ଶ୍ରେଣୀରେ ଲିଖିତ ଖଣ୍ଡିଏ କାବ୍ୟ ପାଇଲି । ଅପୂର୍ଣ୍ଣ । ନାମ 'ଲାବଣ୍ୟ କୁସୁମ' । ପ୍ରଥମରୁ ଖଣ୍ଡ କବିତା ପରିବର୍ତ୍ତେ କାବ୍ୟ ଲେଖୁଥିଲି ଏହା ହିଁ ତା'ର ପ୍ରମାଣ । ତେଣୁ ସେ କାଳର ପଦ୍ୟ ଓ ଗଦ୍ୟ ଲେଖାର ନମୁନା ପାଠକମାନଙ୍କୁ ଦେବାପାଇଁ ମୋତେ ସୁବର୍ଣ୍ଣ ସୁଯୋଗ

Digitized by srujanika@gmail.com

ମିଳିଗଲା । କାବ୍ୟଖଣ୍ଡି ଆମ ସ୍କୁଲର ସଂସ୍କୃତ ପଣ୍ଡିତ ହଳଧର ମିଶ୍ରଙ୍କୁ ଅର୍ପଣ କରିଥିଲି । ଅର୍ପଣପତ୍ରରେ ଲେଖିଥିଲି—

"ଆଜି ମୋର ଗୋଟିଏ ଆନନ୍ଦର ଦିବସ । ଆଜି ମୋର ହୃଦୟରେ ଗୋଟିଏ ଆନନ୍ଦ ସାଗର ନିର୍ମିତ । କାରଣ ମୁଁ କପୋଳକଳ୍ପିତ, ସୁନୀଳ ନିର୍ମଳ ଗଗନରେ ଅର୍ଦ୍ଧ ନିମୀଳିତ ତାରକା ସଦୃଶ, ସାହିତ୍ୟ ସୁଗନ୍ଧ ବୃକ୍ଷବିଶିଷ୍ଟ ବିପିନରେ କ୍ଷୁଦ୍ର, ଅସୁବାସିତ କୁସୁମ ସଦୃଶ, ସିକତାମୟ ପ୍ରକାଣ୍ଡ ସାହିତ୍ୟ ମରୁସ୍ଥଳରେ ଅଦୃଷ୍ଟ ରେଣୁ ସଦୃଶ, ପ୍ରକାଣ୍ଡ ଓ ଅନନ୍ତ ସାହିତ୍ୟ ନୀରନିଧିରେ କ୍ଷୁଦ୍ର ମୀନ ସଦୃଶ ଏହି 'ଲାବଣ୍ୟ କୁସୁମ' କାବ୍ୟ ଖଣ୍ଡିକ ସାହିତ୍ୟ-ଅନୁରାଗୀ, ବିଦ୍ୟୋତ୍ସାହୀ ଶ୍ରୀ ହଳଧର ମିଶ୍ରଙ୍କ ଚରଣକମଳରେ ସଂଶୋଧନ ନିମିତ୍ତ ଅର୍ପଣ କରୁଅଛି ।"

ତା ୧୦-୧୦-୧୯୩୧

ମୋର ପାଠକ ଓରଫ ପଢ଼ା ସଙ୍ଗୀମାନଙ୍କ ଲାଗି ଖଣ୍ଡିଏ ଆବେଦନପତ୍ର ଏଥିରେ ସନ୍ନିବିଷ୍ଟ ହୋଇଥିଲା ମଧ୍ୟ—

"ପ୍ରାବୃଟ କାଳରେ ଅମାଅନ୍ଧାରିତ ବନ୍ଧବର୍ଷାରେ ସସାଗରା ଧରାରେ ଜ୍ୟୋତିରିଙ୍ଗଣ ସଦୃଶ ଏହି କପୋଳକଳ୍ପିତ, ଚିର ଆଶାପୋଷିତ, 'ଲାବଣ୍ୟକୁସୁମ' କାବ୍ୟଖଣ୍ଡିକ ସମାପ୍ତ କରିଥିବାରୁ ଆଜି ମୋର ହୃଦୟରେ ଆନନ୍ଦକଲ୍ଲୋଳ ଖେଳି ଉଠୁଛି । ମାତ୍ର ସମସ୍ତ ହୃଦୟରେ ଖେଳିବ ନାହିଁ । ସୁଲଳିତ ଲେଖା ପାଠ କଲେ ସାଧାରଣତଃ ବାଳକମାନେ ବିଷ୍ଣୁପଦରେ ଉପବିଷ୍ଟ ହୋଇ ସ୍ୱର୍ଗସୁଧା ପାନ କଲାପରି ବୋଧ କରନ୍ତି । ମାତ୍ର ଏହା ତାର ବିପରୀତ । ଏହା ମୋର ପ୍ରଥମ କାର୍ଯ୍ୟ ହୋଇଥିବାରୁ, ଲେଖାରେ ବିଶେଷ ଅଭିଜ୍ଞତାପ୍ରାପ୍ତ ନ ହୋଇଥିବାରୁ ସୁଶ୍ରାବ୍ୟ ହେଲାପରି ବୋଧ ହେଉନାହିଁ । ମୁଁ ସାହିତ୍ୟ-ନୀରନିଧିରେ ପ୍ରବେଶ କରି ନାହିଁ । ସାହିତ୍ୟାର୍ଣ୍ଣବ ମୂଲ୍ୟବାନ ରତ୍ନ ସମୂହ ସଂଗ୍ରହ କରିବାକୁ ସମର୍ଥ ହୋଇନାହିଁ । ମୁଁ ଏହା ଲେଖିବା ସମୟରେ କୌଣସି ନିର୍ଜ୍ଜନ ସ୍ଥାନରେ ବସି ଲେଖି ନାହିଁ । ତେଣୁ ରଚନାସ୍ରୋତରେ ଅନେକ ବାଧା ନିକ୍ଷିପ୍ତ ହୋଇଅଛି । ମୁଁ ଅଳ୍ପ ପୁସ୍ତକ ପାଠ କରିଥିବାରୁ ବହୁତ ଭାବ ସଂଗ୍ରହ କରିପାରି ନାହିଁ । ତେଣୁ ଏହା ଭାବାଲଙ୍କାରରେ ଅଳଙ୍କୃତ ହୋଇନାହିଁ । ଏହି କବିତାରେ କିଛି ବିଶେଷତ୍ୱ ନ ଥିବାରୁ କବିତାର କର୍ତ୍ତା କିଏ, କେହି ଜାଣିବେ ନାହିଁ । ଏଣୁ ପାଠକମାନଙ୍କୁ ଅନୁରୋଧ କରେ, ସେମାନେ ଏହା ପାଠ କରି ହସିବେ ନାହିଁ ।"

ପ୍ରାପ୍ତ ଖାତା ଖଣ୍ଡିକରେ ଦୁଇଟି ମାତ୍ର ସର୍ଗ ଲିଖିତ ହୋଇଅଛି, ବଙ୍ଗଳାଶ୍ରୀ ବୃତ୍ତରେ । ପ୍ରସଙ୍ଗ—ରାଜା ବୀରସେନଙ୍କ କନ୍ୟା ସହିତ ରାଜା ସୁଦର୍ଶନଙ୍କ ପୁତ୍ର ବିଦ୍ୟାଧରର

Digitized by srujanika@gmail.com

ବିବାହ, ବିଦ୍ୟାଧରର ଅଭିମନ୍ୟୁ; ତାର ବହୁତ ଘାଣ୍ଟି ଅଛି, ପ୍ରାଣ ଯିବାର ଶଙ୍କା ପଦେ ପଦେ । ଅସୁରମାନଙ୍କର ନୈଶ ସଭାପରୁ ସମସ୍ତ ରହସ୍ୟ ବୁଝି ଜେମାମଣି ପଥକୁ ସମସ୍ତ ସଙ୍କଟରୁ ରକ୍ଷା କରିଅଛି । ସେ ଦଂଶନ କରିବାକୁ ଆସୁଥିବା ସର୍ପକୁ ବିନାଶ କରିଅଛି, ପିତାଙ୍କ କହି ମେଘନାଦ ପାଦେଶ ଭଗାଇଛି । ଦୈବଶକ୍ତି ଏଥିରେ ତାର ସହାୟକ ହୋଇଅଛି ।

ଏକ ଦିଗରେ ରାଧାନାଥଙ୍କ କାବ୍ୟ, ଅନ୍ୟ ଦିଗରେ ଲୋକକାହାଣୀର ପ୍ରଭାବ ଏହି କାବ୍ୟ ଉପରେ ପ୍ରତିଫଳିତ ହୋଇଅଛି । ପ୍ରକୃତି ବର୍ଣ୍ଣନାରେ ନିଜସ୍ୱ ଅନୁଭୂତି ସ୍ୱାଭାବିକ ଭାବେ ପ୍ରକାଶିତ । ଏହି କେତୋଟି ଉଦ୍ଧୃତିରୁ ମୋର କାବ୍ୟରଚନାର ଆଦ୍ୟ ସ୍ୱରୂପ ଜଣାପଡ଼େ ।

ପ୍ରକୃତି ବର୍ଣ୍ଣନା (ଉଷା)

ମୃଦୁ ମନ୍ଦ ବହେ ଦକ୍ଷିଣା ପବନ
ପଡ଼େ ବାଳାରୁଣ କର
ବଡ଼ ବୃକ୍ଷ ଦେଖି କନକ ଛୁଆଁଣି
କରୁଛି ସେ ଦିବାକର ।
'ଉଠରେ' 'ଉଠରେ' ବୋଲି ଏକ ପକ୍ଷୀ
ଡାକଇ ସର୍ବ ଦୁଆରେ
ମନ୍ଦିରର ସ୍ରୋତ ଭସିଗଲେ ଏକ
ଶଙ୍ଖ ବଜାଇ ସୁସ୍ୱରେ ।
ଏହି ଶଙ୍ଖ ଶୁଣି ମନ ସୁଖ ପାଇଲ
ସତେ କି ଭ୍ରମରଗଣ
ବାଦ୍ୟ ଶବଦେ କମ୍ପାଇ ମେଦିନୀ
ବାହାରିଲେ କରି ରଣ ?
ସେ ପୁଷ୍ପ ଲମ୍ପଟ ଏହିକ୍ଷଣି ଯାଇ
ଆରମ୍ଭି ଘୋର ସମର
ମଧୁ ଧନ ଯେତେ ଆଣିବେ ଲୁହାଇ
ଖାଲି କରିଣ ଅମାର ।
ପ୍ରଭାତରୁ ଉଠିଣ · ଡାକୁଛି କୁକ୍କୁଟ
'ରକ୍ଷ ରକ୍ଷ ନାରାୟଣ'
କୁମ୍ଭାଟୁଆ ଭାଟ ଗମ୍ଭୀର ସ୍ୱରରେ
କରଇ ସ୍ତବ ପଠନ ।

Digitized by srujanika@gmail.com

ବନସ୍ପତି ଡାଳେ   ଗାବେ କଳକଣ୍ଠ
କୁହୁ କୁହୁ କୁହୁ କୁହୁ
ମୋ ଗୀତ ଶୁଣୁନା,   ମୋ ଗୀତ ଶୁଣୁନା
ଉଁ ଉଁ ଉଁ ଉଁ ।

ସନ୍ଧ୍ୟା

ସେ କାଳେ ବାରୁଣୀ
କାନ୍ତ ଦିନମଣି
କୋଳ କରି ନେଉଥିଲେ
କଳା ବାଦୋବାଦେ
ଦିଗବଳୟରୁ
ବପୁ ପୋତ ଗୁଡ଼ୁଥିଲେ ।

ଦୁଃଖିନୀ ସାମ୍ରାଜ୍ଞୀ
ସ୍ୱର୍ଣ୍ଣ ସନ ଧନ
ପାଇ ଘାସେ ଏହା ସିନା
ଚୁହାଇ ଚୁହାଇ
ପୁଟ ଦେଉଥିଲେ
ଲୁହା କି ହୋଇବ ସୁନା ?

ପ୍ରଦୋଷେ ଅରୁଣ
କରହେମମୁଣ୍ଡ
ଚଢ଼ୁଥିଲା ମସ୍ତୁକେ
ସ୍ୱରୁ ଚନ୍ଦ୍ରାତପ
ଟାଣିଥିଲା କିବା
ଶାଖୀ ଶ୍ୟାମଳିତ ଦେହେ ?

ବୃକ୍ଷ ଭେଦ କରି
ଆଦିତ୍ୟ କିରଣ
ପଡ଼ିଥିଲା ଭୂମି ପରେ
ତରଳିତ ହେମ
ଢାଳୁଁ ଘନୁ କିବା
ଗଳି ପଡ଼ୁଛି ମସ୍ତକରେ ?

Digitized by srujanika@gmail.com

ସନ୍ଧ୍ୟାବଧୂଙ୍କର
ଆଗମନ ବାର୍ତ୍ତା
ଘରେ ଘରେ ଦେବା ପାଇଁ
କାକଳି ନାଗରା
ବଜାଇ ବିହଙ୍ଗେ
ମେଦିନୀ ଦେଲେ କମ୍ପାଇ ।

ପୁଷ୍ପ ବିଦାୟ

ନେଉଛନ୍ତି ଶେଷ ବିଦାୟ ପାଦପୁଁ
ନିଅନ୍ତି ଯଥା ଦୁଃଖିତେ
କରାଳ ପାଶରେ ପାଇବାକୁ ଫାଶି
ପିତାମାତାଠାରୁ ପୁଛେ ।

ବୃକ୍ଷର ପୁଷ୍ପକ୍ଷେପ

ପୁରୁଣା ମଳିନ ସୁଗନ୍ଧବିହୀନ
ପ୍ରସୂନାଲଙ୍କାରମାନ
କାଢ଼ି ଫିଙ୍ଗିଦେଲା ଫିଙ୍ଗି ଦିଅନ୍ତି ଯଥା
ନିର୍ଦ୍ଧନ ପାଇଲେ ଧନ ।

ପୁଷ୍ପ ସହିତ ପବନର ସ୍ୱାର୍ଥ ବିନିମୟ

ସମୀରକୁ କାଲି ଦେବ ବୋଲି କହେ
ସୁମନ ପୁଷ୍ପ ବିଭବ
ସେ ପ୍ରକୃତିଦର୍ଶୀ, ଗନ୍ଧବହ ଯଦି
କଲ୍ଲୋଳରେ ଦୋଳାଇବ ।

ଚନ୍ଦ୍ରର ଗର୍ବର ଖର୍ବତା

ଶର୍ବରୀଶ ଅବ୍ଧି ମୁକୁରରେ
ନିଜ ପ୍ରତିବିମ୍ବ ଦେଖୁଛନ୍ତି
ତାଙ୍କ ପଟାନ୍ତର କିଏ ଅଛି ବୋଲି
ଚତୁର୍ଦ୍ଦିଗକୁ ପୁଛାନ୍ତି ।
ନିଜ ସୌମ୍ୟ ପ୍ରତିବିମ୍ବ ଦେଖି ଶଶୀ
ଗର୍ବ ମଦମତ୍ତ ହେଲେ
ଗରବଗଞ୍ଜନ ଜଳଦ ଖଣ୍ଡିଏ
ଆସି ଚନ୍ଦ୍ରେ ଆଚ୍ଛାଦିଲେ ।

Digitized by srujanika@gmail.com

(୭)

ବିବାହ ବେଷ୍ଟନୀରେ ଭ୍ରମରର ଭ୍ରମ ଓ ନୈରାଶ୍ୟ

ଅଳେକର ମାଳା ଦେଖିଣ ମଧୁପେ
　　　　ଭାବନ୍ତି ରବି ହୃଦଳେ
ପ୍ରଭାତ କୁସୁମ ମଧୁପାନ ଆଶେ
　　　　କମ୍ପା ସେମାନେ ନ ଗଲେ ?
ଏତେ ଭାବି ଅଳିକୁଳଟି ପଡ଼ନ୍ତି
　　　　କାଗଜ ରଚିତ ପୁଷ୍ପେ
ଏ ପୁଷ୍ପ ସେ ପୁଷ୍ପ ଉଡ଼ିଯାନ୍ତି
　　　　ମଧୁ ନ ପାଇ କାନ୍ଦି ମଧୁପେ ।

କନ୍ୟାର ଭାବୀ ବିପଦ ଭାବି ରାଜନୀତୀଙ୍କ ଦୁଃଖ

ଜାଣୁ ଜାଣୁ ତୋତେ ସଂସାର ସ୍ରୋତେ
　　　　ଦେବ ମୁଁ କେମନ୍ତେ ଭସାଇ ?
ଜାଣୁ ଜାଣୁ ତୋତେ ମୃତ୍ୟୁ ବୈଶ୍ୱାନରେ
　　　　ଦେବ ଅବା କେମନ୍ତେ ଫେଇ ?
କୋମଳ ବକ୍ଷକୁ ଉଦ୍ଘାଟନ କରି
　　　　କେମନ୍ତେ ରଶ୍ମେଁ ସୌର କରେ ?
ଜାଣୁ ଜାଣୁ କେମନ୍ତେ ଝଡ଼ ଦରିଆରେ
　　　　ନାବ ମୁଁ ମେଳିବ କରେ ?
ଜାଣୁ ଜାଣୁ ତୋତେ ରକ୍ତାକ୍ତ କେଶରୀ
　　　　ମୁଖେ ଦେବ କେମନ୍ତେ ପେଲି ?
ବୋଲିବେଣି ପ୍ରଜା ଏ ଅଧମ ରାଜା
　　　　ଜାଣୁ ଜସ ଦଏ କରି ।

ନାୟିକାର ଦର୍ଶନ ପୂର୍ବରୁ ନାୟକ ମନରେ ଅକଳ୍ପନୀୟ ଆନନ୍ଦ

ଅଜ କମ୍ପା ମୋତେ ପ୍ରାକୃତିକ ଦୃଶ୍ୟ
　　　　ଦିଶୁଛି ଏତେ ଲାବଣ୍ୟ ?
ବୃକ୍ଷମାନେ ସର୍ବେ ବିକଶିତ ହୋଇ
　　　　ବସନ୍ତ ବୃଦ୍ଧି ଅନନ ।

Digitized by srujanika@gmail.com

ଲାବଣ୍ୟଲହରୀ ଖେଳୁଅଛି କିମ୍ପା
ଆଜି ତବ ଉପବନେ ?
କୁରଙ୍ଗସମୂହ କନକ ସଦୃଶ
ଦିଶେ କିମ୍ପା ମୋ ନୟନେ ?

ଆଜି କିମ୍ପା ମୋର ହୃଦୟ ସାଗରେ
ଖେଳେ ଅପୂର୍ବ ଲହରୀ ?
ଆଜି କିମ୍ପା ମୋର ହୃଦୟ ଗଗନେ
ହିମାଂଶୁ ଖେଳେ ଭଉଁଶ୍ରୀ ?

ଏମିତି ଆଉ ଗୋଟିଏ ପୌରାଣିକ କାବ୍ୟ ଲେଖିଥିଲି—'ବନବୀର', 'ବିବାସିନୀ' ଅନୁକରଣରେ ଗୋଟିଏ ଉପନ୍ୟାସ ମଧ୍ୟ ଲେଖିଥିଲି; କେତେ ଶ୍ରେଷ୍ଠ ଶ୍ରେଷ୍ଠ କବିତା ଯେ ଲେଖିଥିଲି ସୀମା ନାହିଁ—ବିଷୟ -ଭଙ୍ଗା ଦେଉଳ, ଶ୍ମଶାନ, ନଦୀ, ପୁଷ୍କରଣୀ, ଶରତ୍, ବର୍ଷା, ବସନ୍ତ, ଉଦ୍ୟାନ, କୋକିଳ, ଉଷା, ସନ୍ଧ୍ୟା, କାହାର ମୃତ୍ୟୁରେ ବା ନବ ଜନ୍ମରେ । 'କୃଷ୍ଣବିହାରୀ ଗ୍ରନ୍ଥାବଳୀ'ର ପରିକଳ୍ପନା ମଧ୍ୟ ସେଇ କାଳର । ଗୋଟିଏ ବଡ଼ ଖାତା ବାନ୍ଧି ତା ଉପରେ ଏହି ନାମଟି ଲେଖିଥିଲି । ଆଉ ଜଣେ କିଶୋର କବି ମୋତେ 'ରାଧାନାଥ' ଓ ନିଜକୁ 'ମଧୁସୂଦନ' ସ୍ଥାନରେ ବସାଇଥାଏ । ସେଇଥି ଭାବି ମୁଁ ମନେ ମନେ ବେଶୀ ଟେକି ହୋଇ ଯାଉଥାଏ, ଭାରି ଗୋଟାଏ ଭାବୁକ ପରି ବସି ରହୁଥାଏ । କୃଶଭଦ୍ରା କୂଳର କାଶବନ ମୋର ବିହାରଭୂମି ଥିଲା । ତା'ର ସବୁଜ ଗୀତର ତାରେ ବୁଲି ବୁଲି ଶତ ଶତ ସନ୍ଧ୍ୟା ଅନ୍ଧକାର ମଧ୍ୟରେ ହଜି ଯାଇଥିଲି । ଏଠି ସମୟର ଜୀବନ ମୋର ଘୋର ସଂଗ୍ରାମମୟ । କିନ୍ତୁ କବିତାରେ କିଛି ଫୁଟିନାହିଁ । କବିତା ଥିଲା ମୋର ସ୍ୱପ୍ନ ସରୋବରର ଫୁଲ; କିନ୍ତୁ ତଳଟା ଘୋର ପଙ୍କମୟ । ପଢ଼ା ଲାଗି ବହୁତ କଷ୍ଟ ସହୁଥିଲି, କିନ୍ତୁ ପଢ଼ିପାରୁ ନ ଥିଲି ।

ମୋର ତିନିଗୋଟି ଟିଉସନ ଗୁରୁ କୃଷ୍ଣ ଶାନ୍ତଶିଷ୍ଟ । ସେ ପରି ଜୀବନରେ କୃଷି ବିଭାଗର ଉଚ୍ଚ ପଦରେ ଅଧିଷ୍ଠିତ ହୋଇଥିଲା । ଦୁଃଖିଆ (ଦୁଃଖିଶ୍ୟାମ) ଚତୁର, କିନ୍ତୁ ଦୁଷ୍ଟ । ପାହାରେ ପାହାରେ ବସିବା ମାତ୍ରେ ଚିତ୍କାର କରି କହେ—ତୋ ମାଇପ ମରୁ, ତୋ ପୁଅ ମରୁ, ତୋ ଝିଅ ମରୁ । ଭାଗ୍ୟକୁ ମୁଁ ବିଭା ହୋଇ ନ ଥାଏ । ଦୁଃଖିଆ କୌଣସିମତେ ମାଟ୍ରିକ୍ ପାସ୍ କରି କିରାନୀ ହୋଇଥିଲା । ସଞ୍ଜୟର ପକ୍ଷପାତୀ, ବେଳେ ବେଳେ ଅତି ପକ୍ଷପାତୀ ହୋଇ ସ୍ନେହ, ପ୍ରୀତି, ମାୟା, ମମତା ପ୍ରତି ତିଳାର୍ଦ୍ଧ ଭ୍ରୂକ୍ଷେପ କରୁ ନ ଥିଲା । ତା'ର ଅକାଳ ମୃତ୍ୟୁ ହେଲା । 'ଧୋବା'—ତା ଉପରର ବହୁତ ସନ୍ତାନଙ୍କୁ ଯମ ଅକାଳେ ହରଣ କରିବାରୁ କୌଶଳକ୍ରମେ ଏହି ନାମଟି ଦିଆ

Digitized by srujanika@gmail.com

ହୋଇଥିଲା । ତା'ର କିଛି ମନେ ରହେ ନାହିଁ । କୌଣସିମତେ ମାଇନର ପାସ୍ କରି ସେ ପିଅନଟିଏ ହେଲା ।

ରଥେ ସିନା ମୋ ନାଆଁ ହମାପଡ଼ା ସ୍କୁଲରେ ଲେଖାଇଦେଲେ, ନିଜର ଓ ସାନଭାଇର ପିଲାମାନଙ୍କୁ ସେଠି ପଢ଼ାଇଲେ ନାହିଁ । ଅବସ୍ଥାଚକ୍ରରେ ତାଙ୍କୁ ବି ସ୍କୁଲ ଛାଡ଼ିବାକୁ ହୋଇଥିଲା । ସେ ମାଇନର ସ୍କୁଲର ହେ: ମା ଥିଲେ, ବି. ଏ. ଫେଲ୍ । ହାଇ ସ୍କୁଲରେ ତାଙ୍କୁ ହେ: ମା କରି ରଖାଯାଇ ପାରନ୍ତା କିପରି ? ସେ ବେଶ୍ ପୁରୁଖା ହୋଇଥିବାରୁ ଓ ସ୍କୁଲର ଆରମ୍ଭରୁ ଜଣେ କର୍ତ୍ତା ହୋଇଥିବାରୁ ଆଉ କାହା କର୍ତ୍ତୃତ୍ୱରେ ପରିଚାଳିତ ହେବାକୁ ମର୍ଯ୍ୟାଦାଜନକ ମନେ କଲେ ନାହିଁ । ଉଚ୍ଚାସନରେ ପ୍ରତିଷ୍ଠିତ ଛାତ୍ରମାନେ ତାଙ୍କୁ ଆର୍ଥିକ ସାହାଯ୍ୟ କଲେ । ସେ ପାଟପୁର ଗ୍ରାମରେ ଧର୍ମ ଓ କାବ୍ୟ ଚର୍ଚ୍ଚାରେ ମନ ଦେଲେ । ବଙ୍ଗଳାଶ୍ରୀ ରାଗରେ କେତେ କବିତା ରଚନା କରି ସେ ମୋତେ ଶୁଣାଉଥିଲେ, କିନ୍ତୁ ମୁଁ ତାଙ୍କୁ ଗୋଟିଏ ହେଲେ କବିତା ଶୁଣାଇବାକୁ ସାହସ କରି ନ ଥିଲି । ଏକାନ୍ତ ସୁସ୍ଥୀ, ଦୁଃଖଧନ୍ଦାରୁ ଦୂରେଇ ରହନ୍ତି । ବିପୁଳ ବପୁ, ଶୁଭ୍ରଚୁଳ, ଦେବାର୍ଚ୍ଚନରେ ତାଙ୍କର ଗୋଟିଏ ବେଳା କଟୁଥିଲା । ମଧୁର ସ୍ୱରରେ ସେ ସଂସ୍କୃତ ପ୍ରାର୍ଥନା ଶ୍ଲୋକମାନ ଆବୃତ୍ତି କରୁଥାନ୍ତି, ଏବେ ବି ଭାବ ଗଦ୍‌ଗଦ ସେହି କଣ୍ଠସ୍ୱର କାନରେ ବାଜି ଯାଉଛି ।

ପାଟପୁରରେ ମୁଁ ଥିବାବେଳେ ତାଙ୍କ ପିତା ଅନନ୍ତ ରଥଙ୍କର ମୃତ୍ୟୁ ହେଲା । ବାପ ଥିଲେ ପୁଅ ଶବ ନ କାନ୍ଧେଇବାର ଚଳଣି ଥିଲେ ବି ମୁଁ ଗାଁ ଅଧରେ ଅନ୍ୟ ମାଲଭାଇ-ମାନଙ୍କ ସହିତ ତାଙ୍କୁ କାନ୍ଧେଇ ନେଇଥିଲି । ବାସି ମଡ଼ା ହୋଇଯିବ ବୋଲି ରାତିରେ ତାଙ୍କୁ ଦାହ କରାଯାଇଥିଲା । ଚିତାଗ୍ନି ତାଙ୍କୁ ଭସ୍ମୀକରି ଲିଭିଆସିଲା ବେଳକୁ କୁଆଁ ତାରା ଉଠିଲା । କୁଶଭଦ୍ରା କୂଳରେ ବସି ସେଇଆକୁ ଚାହୁଁ ଚାହୁଁ ସିନ୍ଦୂର ଫାଟିଲା ।

ସହରକୁ ଗଲେ ଦୃଷ୍ଟି ଫିଟିବ, ସାଧାରଣ ଜ୍ଞାନ ବଢ଼ିବ, ଏଥିଲାଗି ଜଗନ୍ନାଥ ରଥଙ୍କ ଭାଇ ପି. ଡବ୍ଲ୍ୟୁ ଡି. ଏସ୍. ଡ଼ି. ଓ ବାପୁ ରଥେ ପିଲାମାନଙ୍କୁ କଟକ ନେଇ ଗଲେ । ଦୁଃଖମନରେ ବିଦାୟ ଦେଲାବେଳେ ମୋର ମନେ ପଡୁଥିଲା– ସେମାନଙ୍କ ପ୍ରତି ସନ୍ଧ୍ୟାରେ ବୋଲା ସ୍ତୁତିଗୀତ—

"ଜଗନ୍ନାଥ ସ୍ୱାମୀ
ନୟନ ପଥଗାମୀ ଭବତୁ ମେ ।"

ସେଇ ପ୍ରଭୁଙ୍କ ନାମ ଧରି ବୁଲି ବୁଲି ମୋତେ ପୁଣି ଟିଉସନଟିଏ ମିଳିଗଲା, ବିଷ୍ଣୁପୁରରେ ।

Digitized by srujanika@gmail.com

ଏହି ଗ୍ରାମ କୁଶଭଦ୍ରା ନଦୀ କୂଳରେ ଅବସ୍ଥିତ, ନିମାପଡ଼ାରୁ ତିନିମାଇଲ ଦୂର । ମୁଁ ପ୍ରସିଦ୍ଧ କଂଗ୍ରେସ କର୍ମୀ, ନିମାପଡ଼ାର ଗାନ୍ଧୀ ମୋହନ ଦାସଙ୍କ ପୁତ୍ର ପଦ୍ମନାଭ ଓ ଜୟକୃଷ୍ଣ ପ୍ରଭୃତିଙ୍କୁ ପଢ଼ାଇଲି । ଦାସେ ସେତେବେଳେ ପୁରୀ ଲୋକାଲ ବୋର୍ଡ଼ ଚେୟାର-ମ୍ୟାନ୍ ହୋଇଥିଲେ, ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ କେତେଥର ଜେଲ୍ ବରଣ କରିଥିଲେ । ଏକାନ୍ତ ଭାବେ ସଚ୍ଚୋଟ, ନିଜର ଆର୍ଥିକ ଉନ୍ନତି ଲାଗି ଦିନେ ହେଲେ ଚେଷ୍ଟା କରିନାହାନ୍ତି । କିଛି ଚାଷ ଜମି ଥିଲା । ମୁଠେ ମୋଟା ଭାତ ଖାଇ ଖଣ୍ଡେ ମୋଟା ଖଦଡ଼ ପିନ୍ଧି ସେ ଜନସେବାରେ ଲାଗିଥିଲେ ।

ସେତେବେଳେ ବାହାର ଘରେ ଖାଇ ମୋହନବାବୁ ବ୍ରାହ୍ମଣମଣ୍ଡଳରେ ଚହଳ ପକାଇଥିଲେ । ମୁଁ ତାଙ୍କ ପ୍ରଭାବରେ ଖଦଡ଼ ପିନ୍ଧୁଥିଲି; ତକଲିରେ ସୂତା କାଟୁଥିଲି । ବେଳେ ବେଳେ ହୋ ଉଠୁଥିଲା—ଯୁଦ୍ଧ ଲାଗିଗଲା, ସରକାର ଓ ଗାନ୍ଧୀ ମହାତ୍ମାଙ୍କ ଭିତରେ ।

କର୍ମୀମାନଙ୍କର ଟେଟଅର ଚାଲିଥାଏ, ଜାତୀୟ ସଙ୍ଗୀତ ବୋଲା ହେଉଥାଏ । ମଫସଲର କେତେ କର୍ମୀଙ୍କ ସହିତ ଏଇ ତାଲିମ୍‌ରେ ଯୋଗ ଦେଇଥାନ୍ତି ମୋ ଗାଁ ଭାଇନା । କର୍ମୀମାନଙ୍କ ମନରୁ ଭୟ ଛଡ଼ାଇବା ଚେଷ୍ଟାରେ ଭାଇନାଙ୍କୁ କୁହାଗଲା ଅଣ୍ଡିଆ ମଶାଣିର ହଡ଼ିକା ମୁର୍ଦ୍ଦାର ମୁଣ୍ଡତଳେ ଗୋଟିଏ କାଠି ଅଛି । ରାତି ଅଧରେ ଯାଇ ତୁମେ ଆଣିବ । ଭାଇନା ଗଲେ, ଅମାବାସ୍ୟା ରାତି, ଘୋର ଅନ୍ଧାର ଟିପି ଟିପି ବର୍ଷା ପଡ଼ୁଛି । ମଡ଼ା ମୁଣ୍ଡ ତଳୁ କାଠି କାଢ଼ିବା ବେଳେ ଚାଉଁକିନେ ବିଜୁଳି ମାରିଦେଲା, ମଡ଼ାର ବିକୃତ ମୁହଁକୁ ଚାହିଁ ଦେଇ ତାଙ୍କ ଛାତିରେ ଛନକା ପଶିଗଲା । ତଥାପି ଚିତ୍ତ ଦମ୍ଭ କରି କୁଶଭଦ୍ରା ବନ୍ଧେ ବନ୍ଧେ ପାଦ ଚପି ଚପି ଅସୁ ଅସୁ ଗୋଟାଏ କଏ ବରଗଛରୁ ଡେଇଁଲା । ସେତିକିରେ ଭାଇନା ବେହୋସ୍ । ଛ'ମାସ ଚିକିତ୍ସା ପରେ ଭଲ ହେଲେ ସେ ।

ସ୍ୱାଧୀନତା ପରେ ଯେଉଁ ଭୋଜି ଦକ୍ଷିଣା ମିଳିଲା, ସେଥିରେ ମୋହନ ଦାସେ ଭାଗିଦାର ନ ଥିଲେ । କିଛି ଦିନ ପରେ ସେ ହୋଇଗଲେ ଅମ ଅଞ୍ଚଳର କମ୍ୟୁନିଷ୍ଟ ନେତା ।

ଦାସଙ୍କ ବଡ଼ଭାଇ କେଶବ ଦାସ ସଂସାର ଚଳାଉଥିଲେ । ସେ ଜଣେ ଭଲ ଚାଷୀ । କୁଶଭଦ୍ରା କୂଳ ଉର୍ବର କାଣ୍ଡିଆ ଜମିରେ ସେ ଧନିଆଁ, ମୂଳା, ସୋରିଷ, ଆଖୁ, ଧୂଆଁପତ୍ର ପ୍ରଭୃତି ଫସଲମାନ କରୁଥିଲେ, ସେ ସବୁ ନିମାପଡ଼ା ହାଟରେ ବିକି ଲାଭବାନ୍ ହେଉଥିଲେ । ତାଙ୍କ ସ୍ତ୍ରୀ ବହୁ ସନ୍ତାନବତୀ ଓ ରୁଗଣା ଥିଲେ । ରନ୍ଧାବଢ଼ା ଆଦି ଯାବତୀୟ ଗୃହକର୍ମ ମୋହନ ଦାସଙ୍କ ସ୍ତ୍ରୀ କରୁଥିଲେ । କଥା ଅଛି—Charity

Digitized by srujanika@gmail.com

begins at home । ନାରୀ ଶିକ୍ଷା ବିସ୍ତାର ପ୍ରୟାସରେ ବାପେ ପଢ଼ିଲେ ନିଜ ସ୍ତ୍ରୀକୁ ପଢ଼ାଇବାକୁ ଚେଷ୍ଟା କଲେ, କିନ୍ତୁ ସବୁ ପାଣି ଫାଟିଗଲା । କୌଣସିମତେ ସ୍ତ୍ରୀଙ୍କର ଅକ୍ଷରପରିଚୟ ହୋଇ ନ ପାରିଲା । ମନ ନ ଥିଲେ କେହି ପାଠ ବାଟି ପିଆଇ ଦେଇପାରେ ?

ସେତେବେଳେ ବନ୍ତପୁରରେ ଅତି ଅଳ୍ପ ଲୋକ ଶିକ୍ଷିତ ଥିଲେ । ତାଳପତ୍ର ପୋଥିଲେଖା ଏକ ବୃତ୍ତି ଥିଲା । ପଲ୍ଲୀଗାଁରେ ସେତେବେଳେ କାଗଜ ବହି ସେତେ ସୁଲଭ ହୋଇ ନ ଥିଲା । ଖବରକାଗଜ ଖଣ୍ଡିଏ ଦେଖିବାକୁ ମିଳୁ ନ ଥିଲା ।

ପ୍ରତିଦିନ ସ୍କୁଲ୍‌ରୁ ଦୁଇ ମାଇଲ ଦୂର ଟିବା ଆସିବାରେ ଓ ପିଲାଙ୍କୁ ପଢ଼ାଇବା ପରେ ଯୋଉ ସାମାନ୍ୟ ସମୟ ମିଳୁଥିଲା, ସେଥିରେ ପଢ଼ାପଢ଼ି ନ କରି ବସି କବିତା ଲେଖୁଥିଲି । ଦରିଦ୍ର ଜୀବନରେ ଏହି ପ୍ରଚେଷ୍ଟା ହାସ୍ୟକର ହେଲେହେଁ ସତ୍ୟ ଥିଲା । ଗୋଧୂଳିଟି ପ୍ରାୟ କୁଶଭଦ୍ରା କୂଳରେ କଟୁଥିଲା—ସୁଦୂରପ୍ରସାରୀ ଶସ୍ୟକ୍ଷେତ୍ର, ଜଳସ୍ରୋତ ଓ ସ୍ୱଚ୍ଛ ବାଲୁକା । ଅସ୍ତାଚଳ ଲାଲିମା ପରେ ମୁଁ ଫେରୁଥିଲି ।

ସେତେବେଳେ କେତେଖଣ୍ଡି 'ଉତ୍କଳସାହିତ୍ୟ' ପତ୍ରିକା ପଢ଼ିବାକୁ ପାଇଥିଲି । ନିପଟ ମଫସଲରେ ଓଡ଼ିଆ ସାହିତ୍ୟ ମନ୍ଦିର ଏହି ପତ୍ରିକା ଜରିଆରେ ମୋର ପ୍ରଥମ ପରିଚୟ ହୋଇଥିଲା, ଏହା ମୋର ଦୃଷ୍ଟି ଫିଟାଇ ଦେଇଥିଲା । କୁଶଭଦ୍ରା କୂଳରେ ନିଃସଙ୍ଗ ସନ୍ଧ୍ୟାରେ ଯେଉଁ ଭାବନାସବୁ ମନରେ ଉଦିତ ହୋଇଥିଲା, ରୂପ ଦେବାକୁ ମୋର କ୍ଷମତା ନ ଥିଲା । 'କଙ୍କାଳର ଲୁହ'ରେ ପରବର୍ତ୍ତୀ ଜୀବନରେ ସେ ସବୁ ରୂପାୟିତ ହେଲା । ଭାବଜୀବନ ଯେଉଁମାନେ ଯାପନ କରନ୍ତି, ସେମାନେ ଯେ ଅନୁଭୂତିକୁ କିଛି ହରାନ୍ତି ନାହିଁ, ଏହାହିଁ ତାର ପ୍ରମାଣ ।

ବନ୍ତପୁରରେ ଏକ ବର୍ଷ-କଟାଇଲା ପରେ କାହ୍ନୁଦିନ ଯାଇ ଅଗ୍ନିଆ ଶାସନରେ ରହିଲି, ମୋର ଶୁଭାକାଂକ୍ଷୀ ଶିକ୍ଷକ ଶ୍ରୀ ଘନଶ୍ୟାମ ମିଶ୍ରଙ୍କ ପାଖରେ; ତାଙ୍କୁ ସେ ସେବା କରି ଦେଉଥିଲି । ବଜାରରୁ ଚାଉଳ, ଡାଲି, ଲୁଣ, ପନିପରିବା କିଣି ଆଣିବାଠାରୁ ବାସନ ମଜା ପର୍ଯ୍ୟନ୍ତ ସବୁ କାମ କରିବାକୁ ପଡ଼ୁଥିଲା । ପୁଣି ରାତିରେ ଟିଉସନ୍ କରିବାକୁ ଦେଉଥିଲି । ସାରା ଶୋଇବା ପରେ ଲେଖୁଥିଲି ବା ପଢ଼ୁଥିଲି । ସେହି ସମୟରେ ମୋର ଦୁଃଖକୁ ଘନତର କରିବା ଲାଗି ପିତୃବିୟୋଗ ଘଟିଲା । ମୁଁ କାନ୍ଦି ପାରି ନ ଥିଲି । ସେ ଦୁଃଖ କାନ୍ଦିବାର ଅତୀତ ଥିଲା । ବାପ ଓଳିଟିରେ ପୁଅ ମୁଁ ଥିଲି, ନନାଙ୍କର ବଳ୍ପିଓ ଆକାର ମୁଁ ନେଇଥିଲି; ତାଙ୍କ କବିତ୍ୱର କିଞ୍ଚିତ୍ ଉତ୍ତରାଧିକାରୀ ହୋଇଥିଲି । ଘରେ ପହଞ୍ଚିବାର ଗୋଟାଏ ଦିନ ପରେ ହଠାତ୍ ନନାଙ୍କ ମୃତ୍ୟୁ, ବୋଉର ଅହ୍ୟରୁ ବୈଧବ୍ୟ ରୂପ ମନରେ ଗଭୀର ରେଖାପାତ କରିଥିଲା । ନିଜ ନିରାଶ୍ରୟ ଅନୁଭବ କରୁଥିଲି । ଘୋର

Digitized by srujanika@gmail.com

ବୈରାଗ୍ୟ ଆସିଲା । ବେଳେ ବେଳେ ଯାଇ ଶ୍ମଶାନରେ ବସୁଥିଲି, ନଦୀଙ୍କ କୂଳ ଗାଡ଼କୁ ଚାହିଁ ରହୁଥିଲି । ଏହି ସମୟରେ 'ମହାଯାତ୍ରା' ଓ 'ଦରବାର' ପାଠ ବୈରାଗ୍ୟକୁ ଇନ୍ଧନ ଯୋଗାଇଥିଲା ।

ସଂସାର ଛାଡ଼ି ସନ୍ନ୍ୟାସୀ ହୋଇଯିବା ଚିନ୍ତା ମନରେ ଉଦିତ ହେଲା । ନମାପଡ଼ା ଛାଡ଼ି ପୁରୀ ପଳାଇଗଲି । ସେଠି କିଛିଦିନ ଶ୍ରୀ ନିଗମାନନ୍ଦ ପରମହଂସଙ୍କ ଶିଷ୍ୟ ହୋଇ ରହିଲି ।

ଶ୍ରୀ ନିଗମାନନ୍ଦଙ୍କ ସଂସାରୀ ନାମ ନଳିନୀକାନ୍ତ; ସେ ପ୍ରସିଦ୍ଧ ଔପନ୍ୟାସିକ ବଙ୍କିମଚନ୍ଦ୍ରଙ୍କର ଦୂର ସଂପର୍କୀୟ ଥିଲେ, କଟକ କାର୍ଯ୍ୟ କରୁଥିଲେ, ହଠାତ୍ ସ୍ତ୍ରୀର ଛାୟାମୂର୍ତ୍ତି ଆସି ସାମ୍ନାରେ ଛିଡ଼ା ହୋଇଗଲା । କାହିଁକି ଏପରି ହେଲା ବୁଝି ନ ପାରି ନଳିନୀକାନ୍ତ ଘରକୁ ଗଲେ ଓ ବୁଝିଲେ ଯେ ସ୍ତ୍ରୀଙ୍କର ମୃତ୍ୟୁ ହୋଇ ଯାଇଅଛି । ମନୋବ୍ୟଥାରେ ସେ ସଂସାର ଛାଡ଼ି ଚାଲିଗଲେ, ବହୁ ସାଧନା ପରେ ସିଦ୍ଧିଲାଭ କଲେ ।

ସେ କେବେ କାହାକୁ ବିଭୂତି ଦେଖାଉ ନ ଥିଲେ, ସଂଯମ, ପ୍ରାଣାୟାମ ଓ ଯୋଗ ଶିକ୍ଷାଦେବା ତାଙ୍କର ପ୍ରଧାନ କାର୍ଯ୍ୟ ଥିଲା । ସେ 'ଯୋଗୀଗୁରୁ, 'ଜ୍ଞାନଗୁରୁ' ଓ 'କର୍ମଗୁରୁ' ପ୍ରଭୃତି ବହୁ ଉପାଦେୟ ଧର୍ମପୁସ୍ତକ ରଚନା କରିଥିଲେ । ତାଙ୍କ ଜୀବନର ପ୍ରତ୍ୟକ୍ଷ ଅନୁଭୂତି ସେସବୁ ପୁସ୍ତକରେ ପ୍ରକାଶ ପାଇଥିଲା ।

ଶ୍ରୀ ନିଗମାନନ୍ଦ ଗ୍ରୀଷ୍ମକାଳରେ ପୁରୀର ନୀଳାଚଳ ଆଶ୍ରମରେ ରହୁଥାନ୍ତି—ଦିବ୍ୟସୁନ୍ଦର ଯୋଗୋଜ୍ଜ୍ୱଳ ସନ୍ନ୍ୟାସୀ ମୂର୍ତ୍ତି । ଗୋଟିଏ ଲାଲ୍ ମଖମଲି କନାର ଚେକ୍‌ସାରେ ବସାଇ ତାଙ୍କୁ ଆମେ ସମୁଦ୍ର କୂଳକୁ ନେଉ । ତାଙ୍କ ଦେହରୁ ଏକ ଦିବ୍ୟ ସୁରଭି ବାହାରୁଥାଏ । ସେ ଗୋଟିଏ ସ୍ଥାନରେ ନୀରବ ନିଶ୍ଚଳ ଭାବେ ସାନ୍ଧ୍ୟ ସମୁଦ୍ରକୁ ଚାହିଁ ଦୁଇ ତିନି ଘଣ୍ଟା ବସନ୍ତି ।

ମୋ ଶ୍ରେଣୀ ପଢ଼ୁଆ ସାଙ୍ଗ 'ଏକାଦଶୀ' ଦୀକ୍ଷା ନେଲା; ପାହାନ୍ତିଆରୁ ଉଠି ସେ ନାକରେ ଗ୍ଲାସେ ବାସି ପାଣି ପିଏ, ଆସନ କରେ, 'ଗୁରୁଦେବ ଦୟାକର ଦୀନ ଜନେ' ପ୍ରାର୍ଥନା ବୋଲେ । କାହା ଉପରେ ରାଗେ ନାହିଁ । ଖୁବ୍ ପଢେ; କିନ୍ତୁ ମନରେ କିଛି ରହେନାହିଁ । ପରୀକ୍ଷାରେ ଫେଲ୍ ହୋଇ ଏକାଦଶୀ ପୁଣି ଫେରିଆସିଲା, ପାଣିକଲ ଦୋକାନଟିଏ ଖୋଲି ରହିଲା । ଗୁରୁଦେବଙ୍କଠାରୁ ଦୀକ୍ଷାନେବା ଲାଗି ଏକାଦଶୀ ମୋ ସଙ୍ଗେ ଲଗେଇଥିଲା, କିନ୍ତୁ ମୋ ମନ ମାନିଲା ନାହିଁ, ବାବାଜୀ ହେଲେ କି ଲାଭ ? କେତେ ତ ହୋଇଛନ୍ତି; କେବଳ ଭିକ୍ଷାବୃତ୍ତିହିଁ ଜୀବିକା ହୋଇଛି; କେତେ କୁହୁକ ଦେଖାଉଛନ୍ତି, କେତେ ଦ୍ୱେଷ କରୁଛନ୍ତି; କେତେକ ବାବାଜୀ ହେବାକୁ ଫସାଦ

Digitized by srujanika@gmail.com

ହେବାଠାରୁ ସହଜତର ଉପାୟ ରୂପେ ଧରିଛନ୍ତି; ଭାରତୀୟ ଧର୍ମବିଶ୍ୱାସର ସୁଯୋଗ ନେଇ ଲକ୍ଷ ଲକ୍ଷ ସୁସ୍ଥ, ସବଳ ଲୋକ ଅଳସ ଜୀବନଯାପନ କରୁଛନ୍ତି, ଏଥିରେ ଭଗବତ୍ ପ୍ରାପ୍ତି ହୁଏନାହିଁ, ଆତ୍ମୋନ୍ନତି ଘଟେନାହିଁ । ଧର୍ମ ଲାଗି ସଂସାରହିଁ ପ୍ରଶସ୍ତ କ୍ଷେତ୍ର; ସଂସାର ତ୍ୟାଗ କରି ସନ୍ନ୍ୟାସ ଅବଲମ୍ବନ କରିବା ଦରକାର ନାହିଁ । ଶ୍ରୀ ନିଗମାନନ୍ଦହିଁ ସେଇଆ କହିଛନ୍ତି । ମୁଁ ଗ୍ରୀଷ୍ମ ଛୁଟି ପରେ ନିମାପଡ଼ା ଫେରିଆସିଲି, ସେହି ସହଜବିଶ୍ୱାସୀ କିଶୋରଟି ପରି, ଯେ ଆଦ୍ୟ ସନ୍ନ୍ୟାସର କଠୋର ଜୀବନ ଉପରେ ବିରକ୍ତ ହୋଇ କହିଥିଲା—

'ଖାଇ ଗୋଟି ଗୋଟି ଧାନ ଗୋଟି ଗୋଟି
ବାଛୁ ବାଛୁ ଦିନ ସଇଲା
ବାପାଙ୍କୁ କହିବ ବଳଦ ନ ବିକିବ
ବାବାଜୀ ହୋଇବା ନୋହିଲା' ।

ନିମାପଡ଼ାରେ କୋଉଠି ରହିବି, କେମିତି ପଢ଼ିବି ବୁଝିପାରୁ ନ ଥାଏ ।. ଶିକ୍ଷକମାନେ ମୋତେ ମନେ ମନେ ଖୋଜୁଥାନ୍ତି । ପୂର୍ବୋକ୍ତ ପୁସ୍ତି, ରାହୁତରାପୁରର ଘନଶ୍ୟାମ ମିଶ୍ରଙ୍କ ସଙ୍ଗେ ଦିନେ ସାକ୍ଷାତ୍ ହେଲା, ସେ ମୋତେ ନେଇ ପାଖରେ ରଖିଲେ, ଦୁହେଁ ମେସ୍‌ରେ ଖାଉଲୁ । ସେ ମୋର ବ୍ୟୟ ବହନ କଲେ । ଟ୍ରେନିଂପ୍ରାପ୍ତ ଗ୍ରାଜୁଏଟ୍ ସେ; ହାଇସ୍କୁଲର ସହକାରୀ ପ୍ରଧାନଶିକ୍ଷକ, ମାସିକ ଦରମା ୫୫ଟଙ୍କା ମାତ୍ର; ଗୃହରେ ବୃଦ୍ଧ ଅଜା, ଅଈ, ମିଶ୍ରଙ୍କ ଅର୍ଥ ସାହାଯ୍ୟ ଉପରେ ନିର୍ଭରଶୀଳ ଗୁଡ଼ିଏ ପୁଅଝିଅ; ଈଶ୍ୱରବିଶ୍ୱାସୀ; ଦାର୍ଶନିକ ମନୋଭାବାପନ୍ନ ଲୋକ; ସ୍ୱଳ୍ପ ଆୟରୁ ମୋତେ ସାହାଯ୍ୟ କରିବା ମିଶ୍ରଙ୍କ ଅଶେଷ ଉଦାରତା । ପ୍ରଭୁଙ୍କ କୃପାରୁ ମୋର ଶେଷ ବର୍ଷଟି ସୁରୁଖୁରୁରେ କଟିଲା । କିନ୍ତୁ ସେ ବର୍ଷ ଟେଷ୍ଟ ପରୀକ୍ଷାରେ ମୁଁ କଷ୍ଟରୁ କପି କରି ଘନଶ୍ୟାମବାବୁଙ୍କ ବିଶ୍ୱାସରେ ବିଷ ଦେଇଥିଲି । ସେ ଅନୁତାପ ଅଦ୍ୟାପି ମୋତେ ଆହତ କରେ ।

ଦିନେ କେତୋଟି ସଂସ୍କୃତ ପରୀକ୍ଷାଖାତା ଘନଶ୍ୟାମବାବୁ ବସାକୁ ଆଣିଥିଲେ । ତା' ଭିତରେ ମୋ ଖାତାଟି ଥିଲା; ମୁଁ କେତେକ ଧାତୁରୂପ ଭୁଲ୍ କରିଥିଲି । ପାହାନ୍ତିଆରେ ଉଠି ବହି କାଢ଼ି ତାକୁ ନିର୍ଭୁଲଭାବେ ମୋ ଖାତାରେ ଟିପିଥିଲି, ବୁଦ୍ଧିହୀନ ମୁଁ, ଜାଲ ଭାଳରେ ।

ଘନଶ୍ୟାମବାବୁ ନିଘୋଡ଼ ନିଦରେ; ସେ ସକାଳୁ ଉଠିଲେ; ତାଙ୍କୁ ଦେଖି ମୋ ଚୁରି ବୁଝିକିନେ ମାରିଦେଲେ; କାଲି ମୁଁ ଯାହା ଥିଲି ଆଜି ତାହା ନାହିଁ—ଛିଃ, ତାଙ୍କ ଆଖିରେ କେତେ ଛୋଟ ହୋଇଗଲି ମୁଁ, ମୋର କେତେ ଉଜ୍ଜ୍ୱଳ ଭବିଷ୍ୟତ ଦେଖୁଥିଲେ ସେ । ମୋ ଚରିତ୍ର ଉପରେ ତାଙ୍କର କେତେ ଆସ୍ଥା ଥିଲା । ମୁହୂର୍ତ୍ତକେ ସବୁ ଚୂରମାର

Digitized by srujanika@gmail.com

ହୋଇଯିବ । ଯୋଉ ବିଷୟରେ ମୁଁ ଭଲ କରୁଥିଲି ସେଥିରେ ହିଁ କପି କରିଛି । ଧିକ୍ ମୋ ତଥାକଥିତ ଭଲପଣକୁ । ତୁଣ୍ଡରେ ବଡ଼ ବଡ଼ କଥା କହିଲେ କ'ଣ ହେବ ? ଏଇ ତ ମୋ ଭିତରର ସ୍ୱରୂପ । 'ଜାଠ ମହାକାଳ ଫଳ, ଭିତରେ ପୋଡ଼ା ଅଙ୍ଗାର' ।

ଘନଶ୍ୟାମବାବୁ ଖାତା ସଜାଡ଼ୁ ସଜାଡ଼ୁ ହିଁ ଜାଣିଲେ—ଗମ୍ଭୀର ପ୍ରକୃତିର ଲୋକ; 'ରାମ କି ବିଷ୍ଟୁ' ମୋତେ କିଛି କହିଲେ ନାହିଁ । 'ମାରନା ମୁଁ ମଲିଣି' ଅବସ୍ଥା ଦେଖି ହୁଏତ ତାଙ୍କ ମନରେ କରୁଣା ଆସିଥିବ । କେବଳ ସେତକ କାଟି ଦେଇ ଖାତା ନେଇ ସେ ସଂସ୍କୃତ ପଣ୍ଡିତଙ୍କୁ ଦେଇଦେଲେ । 'ପଦାରେ ଏପରି ଖାତା ରଖିବା ଭୁଲ, ସୁଯୋଗ ପାଇଲେ ପିଲେ କପି ନ କରିବେ କାହିଁକି'—ଏଇ ଦୃଷ୍ଟିରେ ସେ ଘଟଣାଟାକୁ ଦେଖି ଚାପି ଦେଲେ; ବାହାରେ କଥାଟା ପ୍ରଘଟ ହେଲାନାହିଁ; ମୁଁ ସମସ୍ତଙ୍କ ଆଖିରେ ପୂର୍ବପରି ଭଲ ପିଲା ହୋଇରହିଲି, ଯଦି ବା ମୋ ନିଜ ଦୃଷ୍ଟିରେ ନୁହେଁ ।

ଘନଶ୍ୟାମବାବୁ ବାରମ୍ବାର ଆବୃତ୍ତି କରିଥାନ୍ତି—

ନିନ୍ଦନ୍ତୁ ନୀତିନିପୁଣାଃ ଯଦି ବା ସ୍ତୁବନ୍ତୁ
ଲକ୍ଷ୍ମୀ ସମାବିଶତୁ ଗଚ୍ଛତୁ ବା ଯଥେଷ୍ଟମ୍
ଅଦ୍ୟୈବ ବା ମରଣମସ୍ତୁ ଯୁଗାନ୍ତରେ ବା
ନ୍ୟାଯ୍ୟାତ୍ ପଥଃ ପ୍ରବିଚଲନ୍ତି ପଦଂ ନ ଧୀରାଃ ।

ଘନଶ୍ୟାମବାବୁ ନୀତିବାଦୀ, ତାଙ୍କ ଅଜାଙ୍କ ଆଦର୍ଶରେ ମଣ୍ଡିତ ହୋଇଥିଲେ; ତାଙ୍କ ଅଜା ଜଣେ ଖ୍ୟାତନାମା ପଣ୍ଡିତ ଥିଲେ, ପାଣ୍ଡିତ୍ୟ ଲାଗି କବିବର ରାଧାନାଥଙ୍କର ପ୍ରଶଂସାପତ୍ର ଲାଭ କରିପାରିଥିଲେ । ଘନବାବୁ ଟିକିଏ ମନ୍ଥର, ଅଳସ; କିନ୍ତୁ ସାଧାରଣ ସଂକୀର୍ଣ୍ଣତାର ବହୁ ଊର୍ଦ୍ଧ୍ୱରେ ଥିଲେ ସେ; ସ୍ୱଳ୍ପ ସନ୍ତୁଷ୍ଟ, ମହାପ୍ରାଣ, କର୍ତ୍ତବ୍ୟନିଷ୍ଠ ଶିକ୍ଷକ; ଭିତର ଚିନ୍ତା ବାହାର କର୍ମ ତାଙ୍କର ସମାନ ଥିଲା ।

ଦିନାକେତେ ସେ ଏକାଦଶ ଶ୍ରେଣୀରେ 'ଊଷା' କାବ୍ୟ ପଢ଼ାଉଥିଲେ; ସାହିତ୍ୟରେ ମୋର ଉତ୍ତମ ଜ୍ଞାନ ଥିବା କଥା ତାଙ୍କୁ ଅଗୋଚର ନ ଥିଲା; ସେ ମୋଠାରୁ ଅନେକ ପଦ ବୁଝି କ୍ଲାସରେ ବୁଝାଉଥିଲେ; ଜଣେ ବି. ଏ. ଡ଼ି. ଇ. ଡ଼ି. ମୋଠାରୁ ସାହିତ୍ୟ ବୁଝୁଛନ୍ତି ଭାବି ମୋର କ୍ଷୁଦ୍ର ମନ ବେଳେ ବେଳେ ଫୁଲି ଉଠିଥିଲା ।

ମୁଁ ସେତେବେଳେ ହଷ୍ଟେଲରେ ବଡ଼ ନୀତିବାଦୀ; କାହା ହାତରେ ବିଡ଼ି କିମ୍ବା ଗୁଡ଼ାଖୁ ଦେଖିଲେ ମୁଁ ଛଡ଼ାଇ ଆଣୁଥିଲି । ଦିନେ କେତୋଟି କୁକୁଡ଼ା କାଟି

ପିଲାଏ ହଷ୍ଟେଲରେ ଭୋଜି କଲେ; ମୁଁ ଏହାର ଘୋର ପ୍ରତିବାଦ କରିଥିଲି । ସାଙ୍ଗ ଭିତରୁ ଜଣେ ବାହାରିପଡ଼ି କହିଲା—ତୁ କେମିତି ମାଛ ଖାଉଛୁ ? ମାଛଙ୍କର ଜୀବନ ନାହିଁ, ନା ?

'ଏ କ'ଣ ସମାନ କଥା ?'

'ହଁ ଏକା କଥା; ଯଦି ପାପ ହୁଏ, ମାଛ ମାରିବା, କୁକୁଡ଼ା ମାରିବା ସବୁଯାକ ପାପ ହେବ' ।

ସୁନ୍ଦର ଯୁକ୍ତି ବୁଝିଲି, ସେହିଦିନ ମାଛ ଛାଡ଼ିଦେବି ବୋଲି ସଂକଳ୍ପ କଲି; ବାରବର୍ଷ ପର୍ଯ୍ୟନ୍ତ ସେ ସଂକଳ୍ପ ମୁଁ ରକ୍ଷା କରିଥିଲି । କଲିକତାରେ ଓଡ଼ିଆରେ ଏମ୍. ଏ. ପଢ଼ୁଥିବା ବେଳେ ଶ୍ରୀଗୋପାଳ ମଲ୍ଲିକ ଲେନ ମେସରେ ଯେତେବେଳେ ବନ୍ଧୁମାନେ 'ଝାଲ୍, ଝୋଲ୍' ହାପୁଡୁଥିଲେ, ସେତେବେଳେ ମୋ ଭାଗ୍ୟକୁ ମିଳୁଥିଲା ଅଲୁ ଭରତା । ଅମିଷ ପ୍ରତି ତ ମୋର ଘୃଣା ନ ଥିଲା । ଦିନେ ରୁଚ୍ଛା ଖାଇ ଝରନ୍ତରେ ସଂକଳ୍ପଚ୍ୟୁତ ହେଲି ।

ନିମାପଡ଼ା ହାଇସ୍କୁଲ ହଷ୍ଟେଲରେ ଥିଲାବେଳେ 'ପଥେ ପ୍ରବାସେ'ର ଲେଖକ ଅନ୍ନଦାଶଙ୍କର ରାୟ ନିମାପଡ଼ା ବାଟେ କୋଣାର୍କ ଯାତ୍ରା କରିଥିଲେ; ନିମାପଡ଼ାରେ ସେ ଦୁଇଘଣ୍ଟା ଅଟକି ଥିଲେ, ତାଙ୍କ ଗୁରୁ ମନମୋହନ ଘୋଷଙ୍କୁ ଦର୍ଶନ କରିଦେବା ପାଇଁ; ଶ୍ରୀଯୁକ୍ତ ଘୋଷଙ୍କ ପାଦ ତଳେ ଲୋଟୁ ନ ଥାଏ—ସତେ ନୂତନ ରାଜ୍ୟ ଲାଭ କରିଛନ୍ତି ! ନୂଆ ଦେଶ ଆବିଷ୍କାର କରିଛନ୍ତି ! 'ମୋ ଛାତ୍ର ଅନ୍ନଦା', ଆଃ, କି ଗର୍ବୋତ୍ଫୁଲ୍ଲ ଆନନ୍ଦ ସେ । ଗୁରୁ ଶିଷ୍ୟଙ୍କ ମଧ୍ୟରେ କି ପବିତ୍ର ସଂପର୍କ । ସେ ଛାତ୍ର ଧନ୍ୟ, ଯେ ଗୁରୁଙ୍କର ଏପରି ବାତ୍ସଲ୍ୟାନନ୍ଦ ଲାଭ କରିପାରେ; ସେ ଗୁରୁ ଧନ୍ୟ, ଯେ ଆଇ. ସି. ଏସ୍. ଛାତ୍ର, ସୁବିଖ୍ୟାତ କବିଛାତ୍ରର ହର୍ଷ ଅଶ୍ରୁରେ ନିଜର ପାଦଧୌତ ହେବାର ସୌଭାଗ୍ୟ ଲାଭ କରିପାରେ ।

କୋଣାର୍କ ପଥରେ ଗୋଟିଏ ବଡ଼ ଔପନ୍ୟାସିକ କାହ୍ନୁଚରଣ ଆମ ସାଙ୍ଗରେ କଟାଇଥିଲେ । କାହ୍ନୁଚରଣ ଓଡ଼ିଶାପ୍ରେମୀ, ଓଡ଼ିଆ ଭାଷାପ୍ରେମୀ; ଓଡ଼ିଶାର ସ୍ୱତ୍ୱାର୍ଥ ଓଡ଼ିଆଙ୍କ ହାତରୁ ଯେଉଁମାନେ କାଢ଼ିନେଇ ଥିଲେ, ସେମାନଙ୍କ ପ୍ରତି ତାଙ୍କ ଅନ୍ତରର ତୀବ୍ର ବିଦ୍ୱେଷ କ୍ରୋଧ ରୂପରେ ଚକ୍ଷୁରେ ମୁଖରେ ଜଳି ଉଠୁଥିଲା । କିନ୍ତୁ ମୁଁ ମୋଟେ ବୁଝିପାରୁ ନ ଥାଏ—ଓଡ଼ିଆ ଜମିଦାର, ବଙ୍ଗାଳୀ ଜମିଦାରଙ୍କ ମଧ୍ୟରେ ତାରତମ୍ୟ କଣ; ଆମ ଗାଁର ଜଣେ ଓଡ଼ିଆ ମକଦ୍ଦମ ଗାଁଆଁକୁ ଉଠଉଚ, ପକଉଚ, ସବୁ ଜମି କେମିତି ତାର ହେବ, ସବୁ ଲୋକେ କେମିତି ପାଞ୍ଚଗୌଣୀ, ପାଞ୍ଚଟଙ୍କା ପାଇଁ ତା

Digitized by srujanika@gmail.com

ଦୁଆରେ ଗୋଡ଼ ଝୁଙ୍କି ଠିଆହେବେ, ଅହୋରାତ୍ର ଏଇ ଚିନ୍ତା । ଅକାର୍ଯ୍ୟ ବୋଲି ତାର କିଛି ନାହିଁ; ସୁଖାଦ୍ୟ ସେ ବିକ୍ରୀ କରେ, ଅଖାଦ୍ୟ ଖାଏ । ଧନୀ ହୋଇ ମହା ଦରିଦ୍ର ପରି ଚଳେ । ମକଦ୍ଦମା ତାର ପ୍ରକୃତି ବଦଳାଇ ଦେଇଛି; ସେ ମଣିଷପଣିଆରୁ ଖସି ହୋଇଛି ଅମଣିଷ । ଅମର ମକଦ୍ଦମା ଯାଇଛି, ଆହତ, ବିକ୍ଷତ ମୁଁ; ଓଡ଼ିଆ ମକଦ୍ଦମ, ଜମିଦାରଙ୍କ ବିଷୟରେ ଏପରି ଭାବୁଥିଲେ ବି କାହ୍ନୁବାବୁଙ୍କ ପରି ବଡ଼ ଲେଖକଙ୍କୁ ଭରସି କିଛି କହିମାରି ନ ଥିଲି ।

୧୯୩୫ରେ ମାୟାଧର ମାନସିଂହ ଆମ ସ୍କୁଲକୁ ଶିକ୍ଷକ ହୋଇ ଆସିଥିଲେ; ତାଙ୍କଠାରୁ ମୁଁ ପ୍ରଥମେ ଆଧୁନିକ ବଙ୍ଗଳା କବିତାର ଆସ୍ୱାଦ ପାଇଲି; ମୋତେ ଖଣ୍ଡିଏ 'ରବୀନ୍ଦ୍ରନାଥ ଗ୍ରନ୍ଥାବଳୀ' କିଣିଦେବା ଲାଗି ହେ:ମା: ମନମୋହନ ଘୋଷଙ୍କୁ ଜଣାଇଥିଲି' ସେ ଏପରି ଏକ ତାଚ୍ଛଲ୍ୟ ହସ ହସିଲେ ଯେ ମୁଁ ପଚ୍ଛେଇ ପଚ୍ଛେଇ ଖସି ଗଲି— ପାଗଳ ! ପାଞ୍ଚ ଟଙ୍କାରେ ରବୀନ୍ଦ୍ରଗ୍ରନ୍ଥାବଳୀ ! ପାଠ ପଢ଼, ପାସ୍ କର, ସେ ସବୁ ପରେ । ଗରିବ ଛାତ୍ର ପକ୍ଷରେ କବି ହେବା ଗୋଟାଏ ଯୋଗ୍ୟତା ନୁହେଁ, ସମୟର ଘୋର ଅପଚୟ । ଜୀବନ ପଦ୍ଧତିରେ, ଅନେକ ଆଗରୁ ଲମ୍ବିତ । ସେତେବେଳେ କିଛି କରିବୁ ତ କରିବୁ । ବର୍ତ୍ତମାନ ଏହା ଅଢଶକ୍ତ, ଅବାଞ୍ଛିତ ।

ସ୍କୁଲର ଅନ୍ୟତମ ଶିକ୍ଷକ ଥିଲେ ପଦ୍ମନାଭ ମହାପାତ୍ର, ଇଂରେଜୀରେ ଏମ୍ ଏ; କିନ୍ତୁ ଆମ ଆଖିରେ ସେତେବେଳେ ସେ ସର୍ବ ବିଦ୍ୟା ବିଶାରଦ । କିନ୍ତୁ ଏତେ ପାଠକୁ ବେଶ ମୋଟେ ଖାପ ଖାଉ ନ ଥିଲା । ଖଣ୍ଡେ ଅଧା କାମିଜ, ହଳେ ଚଟି; ପୁଣି ସେ ଏ ଅଞ୍ଚଳରେ ସେତେବେଳେ ଏକମାତ୍ର ଏମ୍ ଏ, ସେଥିଲାଗି ଟିକେ ହେଲେ ଅହଂକାର ନ ଥିଲା; ବହୁତ ପାଠର ଗୋଟିଏ ଲକ୍ଷଣ ଏ, ମନେ ମନେ ବୁଝିଲି; ଫମ୍ପା ମାଠିଆର ଶବ୍ଦ ବେଶୀ ।

ପଦ୍ମନାଭବାବୁ ଅଙ୍କ, ଭୂଗୋଳ, ସାହିତ୍ୟ, ସଂସ୍କୃତ ସବୁ ସରଳ ପ୍ରାଞ୍ଜଳ ଭାବେ ବୁଝାଇ ଦେଇ ପାରୁଥିଲେ । ଅଙ୍କନ, ନିର୍ମାଣ, ସଙ୍ଗୀତ ଗାନ ଓ ଅଭିନୟ କଳାରେ ମଧ୍ୟ ସେ ସୁନିପୁଣ ଥିଲେ । ସେ ଅଜାତକ୍ରୋଧ; ଖୁବ୍ ରାଗିଲେ କ୍ଲାସରେ କହନ୍ତି ଷ୍ଟୁପିଡ୍ । ବହୁ ବିଦ୍ୟାରେ କୁଶଳ ଥିବାରୁ ଗୋଟିକରେ ପ୍ରବୀଣ ହେବା ବୋଧ ହୁଏ ତାଙ୍କ ଜୀବନରେ ସମ୍ଭବ ହୋଇ ପାରି ନ ଥିଲା—'Jack of many trades' master of none' ହୋଇ ସେ ରହିଗଲେ, ବହୁ ଅଧ୍ୟୟନ କରି ମଧ୍ୟ ଉଚ୍ଚୁଙ୍ଗ ବିଦଗ୍‌ଧ ମହଲକୁ ଉଠି ପାରିଲେ ନାହିଁ । ବିଦ୍ୟା ସଙ୍ଗେ କର୍ମତତ୍ପରତାର ସେପରି ସଂଯୋଗ ନ ଥିଲା ।

ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ ପଣ୍ଡିତ ବାସୁଦେବ ମହାପାତ୍ରଙ୍କୁ ମଧ୍ୟ ଆମ୍ଭେମାନେ କିଛିକାଳ ଶିକ୍ଷକ ଭାବେ ପାଇଥିଲୁ, ସେତେବେଳକୁ ତାଙ୍କର 'ଶାନ୍ତ

Digitized by srujanika@gmail.com

ଧାର୍’ ପ୍ରବନ୍ଧ ଓ ‘ବୀର ଭାରତ’ ପ୍ରକାଶିତ ହୋଇ ପାରିଥିଲା, ଆଲୋଚନାପ୍ରସଙ୍ଗରେ ତାଙ୍କର କଥନଶୈଳୀ ବିଶେଷ ଚିତ୍ତଗ୍ରାହୀ ହେଉଥିଲା । ସୁନୀତି ଓ ସଦ୍‌ଜ୍ଞାନର ଭଣ୍ଡାର ଥିଲେ ସେ; କିନ୍ତୁ ସେ ସବୁର ବୀଜ ବୋଧହୁଏ ଅସ୍ଥାନରେ ଅକାଳରେ ବପ୍ତ ହେଉଥିଲା । ସତ୍ୟବାଦୀ ଆଦର୍ଶରୁ ବହୁତ ଦୂରରେ ଥିଲୁ ଆମେ; ‘ପାଠ ପଢ଼ିବୁ, ଚାକିରି କରିବୁ’, ‘ମଣିଷ ହେବୁ, ଦେଶସେବା କରିବୁ, ଶ୍ରମଦାନ କରିବୁ, ରୋଗୀ ସେବା କରିବୁ’—ଏଭଳି ଭାବ କାହାରି ମନରେ କ୍ୱଚିତ୍ ଦେଖା ଦେଉଥିଲା । ଆମ ଶିକ୍ଷା ପଛରେ ଗୋପବନ୍ଧୁ ବା ହରିହର ନ ଥିଲେ । ତ୍ୟାଗନିଷ୍ଠ ଭାବ କିଛି ହେଲେ ନଥିଲା; ତେଣୁ ତାଙ୍କ ବାଗ୍ମିତା କେବଳ ଲଳକାର ସାମଗ୍ରୀ ହୋଇଥିଲା ।

ଦାମବାବୁ ଇତିହାସ ଶିକ୍ଷକ; ସ୍ମରଣଶକ୍ତି ତାଙ୍କର ଏକାନ୍ତ କ୍ଷୀଣ ଥିଲା । କିନ୍ତୁ କିନ୍ତୁ ହଠାତ୍ କଥାର ସୂତ୍ର ହରାଇ ବସୁଥିଲେ; ଆମଠାରୁ ଖିଅଟି ପାଇ ପୁଣି କିଛି ଦୂର ମାଡ଼ି ଯାଉଥିଲେ; କିଛି ସମୟ ପରେ ପୁଣି ସେଇଟି ହଜି ଯାଉଥିଲା । ନିଜ ସାଙ୍ଗରେ ତାଙ୍କର ଏଇ ଲୁଚକାଳି ଖେଳ ସବୁ ଦିନ ଲାଗିଥିଲା । ଯେଉଁ ଆଦର୍ଶ ଓ ନୀତିଶିକ୍ଷା ସେ ପ୍ରଚାର କରୁଥିଲେ, ନିଜେ ଥିଲେ ତାର ଠିକ ବିପରୀତ । ଛାତ୍ରମାନଙ୍କ ଚରିତ୍ର ଉପରେ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା, ଅଥଚ ନିଜ ଚରିତ୍ର ଅମଡ଼ା ମାଡ଼ି ଚାଲିଥିଲା । ଅର୍ଥ ଆତ୍ମସାତ୍ କରିଛନ୍ତି, ଚରିତ୍ରସ୍ଖଳନ ଘଟିଛି, ଏଇ ଅଭିଯୋଗରେ ତାଙ୍କୁ ସ୍କୁଲରୁ ନିକାଳି ଦିଆଯାଇଥିଲା ।

ଯୋଗୀବାବୁ ଥିଲେ ଅଷ୍ଟମ ନବମ ଶ୍ରେଣୀର ଶିକ୍ଷକ, ଏକାନ୍ତ ସରଳ, ଅମାୟିକ । ସବୁ ପିଲଙ୍କ ସଙ୍ଗେ ସେ ସହଜରେ ମିଶି ପାରୁଥିଲେ, ପିଲା ବୁଝିବାଯାଏ ବୁଝେଇବା ଧୈର୍ଯ୍ୟ ଥିଲା ତାଙ୍କର । ଇଂରେଜୀ ଓ ଓଡ଼ିଆ ଅକ୍ଷର ତାଙ୍କର ଛପା ହରଫ ପରି ଥିଲା । ଶିକ୍ଷାଦାନ ଛଡ଼ା ଯାବତୀୟ ଅଫିସ କାମର ଦାୟିତ୍ୱ ତାଙ୍କ ଉପରେ ଥିଲା । ଶିକ୍ଷକ ଜୀବନର ଦୁର୍ଦ୍ଦଶାର ମୂର୍ତ୍ତି ପ୍ରତୀକ ଥିଲେ ସେ । କାହା ବିରୁଦ୍ଧରେ ତାଙ୍କ କିଛି ଅଭିଯୋଗ ନ ଥିଲା । ଯେତେ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ହେଉ ପଛେ କର୍ତ୍ତବ୍ୟ କର୍ମ ସେ କରି ଯାଉଥିଲେ ।

ଅନ୍ୟ ଶିକ୍ଷକମାନଙ୍କ ମଧ୍ୟରୁ ପଣ୍ଡିତ ହରିହର ମିଶ୍ରଙ୍କ କଥା ମୋର ଅଧିକ ମନେ ପଡ଼େ । ସେ ମାସ ୩୦ ଟଙ୍କା ବେତନ ପାଉଥିଲେ । ସେଥିରୁ ଘରଭଡ଼ା ଦେଉଥିଲେ, ଚାଉଳ, ଡାଲି ପ୍ରଭୃତି ସବୁ ତାଙ୍କୁ କିଣିବାକୁ ହେଉଥିଲା । ସେଥିରୁ କଟକ ପଢ଼ିବାକୁ ଆସିବାବେଳେ ସେ ମୋତେ ସ୍ୱତଃପ୍ରବୃତ୍ତ ହୋଇ ଗୋଟିଏ ଟଙ୍କା ସାହାଯ୍ୟ ଦେଇ-ଥିଲେ । ଏହା ହିଁ ମୋ ଭବିଷ୍ୟତ ଜୀବନର ମୂଳଧନ । ସେ ମୋର ସାହିତ୍ୟ ପ୍ରବନ୍ଧକୁ ଶ୍ରେଣୀର ନମୁନା ସ୍ୱରୂପ ପଢ଼ୁଥିଲେ, ଅକୁଣ୍ଠ ଭାବେ ଉଚ୍ଚପ୍ରଶଂସା କରୁଥିଲେ । ବିକଟ

Digitized by srujanika@gmail.com

ଦାରିଦ୍ର୍ୟ ଓ ଜୀବନସଂଗ୍ରାମ ମଧ୍ୟରେ ମୋ ଗୁରୁଙ୍କ ସେ ଫୁଲଗଛ ରଖିଥିଲେ । ତାଙ୍କ ଯୋଗୁଁ ସଂସ୍କୃତ ସାହିତ୍ୟ ପ୍ରତି ମୋ ଅନ୍ତରରେ ଗଭୀର ଶ୍ରଦ୍ଧା ଆସିଥିଲା । ତାଙ୍କ କଣ୍ଠ ମୁଲଳିତ । ଉଚ୍ଚାରଣ ସୁସ୍ପଷ୍ଟ । ଖାଣ୍ଟି ପୁରୁଷୋତ୍ତମପୁରର ବ୍ରାହ୍ମଣ ସେ, ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ଛାତ୍ର । ତାଙ୍କ କଣ୍ଠରୁ ଶ୍ଳୋକ ଶୁଣିଲେ ଆନନ୍ଦରେ ମୋ ଆଖିରୁ ଲୁହ ବୋହି ଯାଉଥିଲା । ଝମାପଡ଼ାର ସେତେବେଳର ବାବୁ (ସବ୍‌ଇନ୍‌ସପେକ୍ଟର) ଜଗନ୍ନାଥ ମହାପାତ୍ରଙ୍କ ସହିତ ତାଙ୍କର ଶ୍ଳୋକ ପ୍ରତିଯୋଗିତା ହେଉଥିଲା, କେତେବେଳେ

ମଦେକ ପୁତ୍ରୀ ଜନନୀ ଜରାତୁର
ନବପ୍ରସୂତା ବରଟା ତପସ୍ୱିନୀ
×　　　×　　　×
ଧିଗିନ୍ଧ୍ରଣଂତେ ତରଳଂ ଭବନ୍ତୁନଃ
ସମୀକ୍ଷ୍ୟ ପକ୍ଷାନ ମମ ହେମ ଜନ୍ମନଃ ।

କେତେବେଳେ ମେଘ, କେତେବେଳେ ମାଘ, କେତେବେଳେ ଖରଖାଁ, କେତେବେଳେ ରଘୁ, ତରୁଣ ବୟସ, ଆବେଗଭରା କୋମଳ କଣ୍ଠ—ଦୁହେଁ ପ୍ରୀତିପୂର୍ଣ୍ଣ ଭାବେ ଗାଇ ଯାଉଥିଲେ – ସମୟର ସୀମା ନାହିଁ — ଜଞ୍ଜାଳର ଆହ୍ୱାନ ନାହିଁ । ମୁଁ କିଛି ବୁଝୁ ନ ଥିଲି, କିନ୍ତୁ ମୋର କଣ୍ଠ ବାଷ୍ପରୁଦ୍ଧ ହେଉଥିଲା କାହିଁକି ? ଅବାରିତ ଭାବେ ଅଶ୍ରୁ ଝରି ଯାଉଥିଲା କାହିଁକି ? ବୋଧହୁଏ, ସେତେବେଳେ ମୋ ଗୁରୁରେ କବିତାର ପୁନାଦି ପଡ଼ୁଥିଲା, କାଳିଦାସ କବିତାର ପାଖୁଡ଼ା ଅନୁକୂଳ ଝୁଣ୍ଟରେ ସେଇ ପୁନାଦି ଉପରେ ପଡ଼ୁଥିଲା ।

କାହିଁକି କେଜାଣି ପଣ୍ଡିତ ମହାଶୟ ଝମାପଡ଼ା ସ୍କୁଲ୍ ଛାଡ଼ିଗଲେ, କଟକରେ ବସାଟିଏ ନେଇ ରହିଲେ, ଜ୍ୟୋତିଷ ଚର୍ଚ୍ଚା କଲେ; ଗଡ଼ଜାତ ରାଜାମାନଙ୍କ ଜାତକ ଦେଖି କିଛି କିଛି ଆୟ କରି ଚଳିଲେ । ସେମାନଙ୍କ ସାହାଯ୍ୟରେ କେତେଖଣ୍ଡି କବିତା ବହି ମଧ୍ୟ ଛପେଇଲେ, ନୟାଗଡ଼ ରାଜାଙ୍କ ସଙ୍ଗେ ତାଙ୍କର ଖୁବ୍ ବନିଲା, ତାଙ୍କୁ ପ୍ରବର୍ତ୍ତାଇ ବହୁ ଯଜ୍ଞ କରାଇଲେ, ମଦ ଛଡ଼ାଇଲେ । ଗଡ଼ଜାତ ଗଲା ପରେ ଦେବୋତ୍ତର ଅଫିସର୍ ହୋଇ ରହିଲେ । ମୋର ବିଶ୍ୱାସ, ତାଙ୍କର ତତ୍କାଳୀନ ଆୟ ସଙ୍ଗେ ଦେବତାଙ୍କର ଅଭିଶାପ କିଛି ଆସି ମିଶିଥିଲା, ଯାହା ତାଙ୍କୁ କରିଦେଲା ପଙ୍ଗୁ, ଅଚଳ ।

ସେ କାଳର ଆଉ ଜଣେ ବଡ଼ ଲୋକଙ୍କ ସଙ୍ଗେ ମୋର ସଂସ୍ରବ ଥିଲା – ସେ ବିଦ୍ୟାବିନୋଦ ମଧୁସୂଦନ ଦାଶ; ତାଙ୍କ ନାମରେ ଏ ପର୍ଯ୍ୟନ୍ତ ନାମିତ ହୋଇନାହିଁ ।

Digitized by srujanika@gmail.com

କିନ୍ତୁ ସେ ପ୍ରକୃତରେ ନିମାପଡ଼ା ହାଇସ୍କୁଲର ପ୍ରତିଷ୍ଠାତା ଥିଲେ; ସେ ଯୁଗର ଜଣେ ଶ୍ରେଷ୍ଠ ଶିକ୍ଷାବିତ୍, ସାହିତ୍ୟିକ ଓ ପଣ୍ଡିତ ହିସାବରେ ସମଗ୍ର ଓଡ଼ିଶାରେ ତାଙ୍କର ନାମ ଥିଲା । ସାତ ଫୁଟ ଲମ୍ବ ଉଚ୍ଚ ମଧୁବାବୁ ଚାଲିଗଲା ବେଳେ ରାସ୍ତା ପୂରି ଉଠୁଥିଲା । ଯେପରି ବିପୁଳ ଦେହ, ସେପରି ଉଚ୍ଚ ତାଙ୍କର ମନ । ଜଣେ ଧନୀ, ମାନୀ, ଜ୍ଞାନୀ ଓ ମହୋଦାର ବ୍ୟକ୍ତି ଭାବରେ ତାଙ୍କର ପ୍ରଚୁର ପ୍ରତିଷ୍ଠା ଥିଲା । ନୀଳମାଧବ, ଇନ୍ଦ୍ରଦ୍ୟୁମ୍ନ, ବିଶ୍ୱାବସୁ କିମ୍ବଦନ୍ତୀ ଆଧାରରେ ରଚିତ ତାଙ୍କର 'ନୀଳାଚଳ' କାବ୍ୟ ସେତେବେଳେ ବିଦଗ୍ଧ ମହଲରେ ଆଦୃତ ହୋଇଥିଲା; 'ଉତ୍କଳସାହିତ୍ୟ'ରେ ଗବେଷଣାମୂଳକ ପ୍ରବନ୍ଧମାନ ଲେଖି ସେ ପ୍ରତିଷ୍ଠା ଅର୍ଜନ କରିଥିଲେ । ସାଂସ୍କୃତିକ ପ୍ରତିଷ୍ଠା ଯୋଗୁଁ 'ମଧୁସୂଦନ ଗ୍ରନ୍ଥାବଳୀ'ର ମୁଖବନ୍ଧ ଲେଖିବା ଲାଗି ତାଙ୍କୁ ଯୋଗ୍ୟ ବିବେଚନା କରାଯାଇଥିଲା । ତାଙ୍କୁ ମୋର ଗୁଚ୍ଛାଗୁଚ୍ଛ କାବ୍ୟକବିତା ଶୁଣାଇବା ଏକ ଅବିବେକୀ ଦୁଃସାହସ; ପ୍ରଶଂସା ତ ଦୂରର କଥା, ମୋ କବିତା ତାଙ୍କ ନିନ୍ଦାର ମଧ୍ୟ ଅଯୋଗ୍ୟ ଥିଲା; ତଥାପି ସେ ମୋତେ ଆଶୀର୍ବାଦ କରିଥିଲେ; ମୁଁ ତାର ଅପାତ୍ର ନ ହେବା ଲାଗି ସାରାଜୀବନ ପ୍ରୟାସ କରି ଆସିଛି, ସେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଥିଲେ । ଶ୍ରୀରାମଚନ୍ଦ୍ର ଭବନରେ ମୋ ସଭାପତିତ୍ୱରେ ତାଙ୍କ ପ୍ରତିକୃତି ଉନ୍ମୋଚିତ ହୋଇଅଛି ।

ନିମାପଡ଼ା ସ୍କୁଲର ଛାତ୍ର ଥିବା ବେଳେ ଲୋକସେବାର ଗୋଟିଏ ଅପୂର୍ବ ସୁଯୋଗ ମୋତେ ମିଳିଥିଲା । ଅବଶ୍ୟ ଏହା ଗୋପବନ୍ଧୁ, ସି. ଏଫ୍. ଆଣ୍ଡ୍ରୁଜଙ୍କ ପ୍ରଭାବ; ସେମାନଙ୍କ ତ୍ୟାଗପୂତ ସେବାଭାବ ହୃଦୟରେ ଖେଳିବୁଲୁଥିଲା; ତାହାହିଁ ଆମକୁ ବନ୍ୟାଞ୍ଚଳକୁ ନେଇ ଯାଉଥିଲା, ସେହି ସମୟର କରୁଣ ଅନୁଭୂତିକୁ ମୁଁ ପରବର୍ତ୍ତୀ ଜୀବନରେ 'କଙ୍କାଳର ଲୁହ'ରେ ରୂପାୟିତ କରିଥିଲି, ମୁଖବନ୍ଧରେ ମୁଁ ଲେଖିଥିଲି—

"ଘରଦ୍ୱାର ପଡ଼ି ମାଟିରେ ମିଶି ଯାଉଛି । ମଣିଷ, ଗାଈଗୋରୁ ଭାସିଯାଉଛନ୍ତି; ଯାହା ସଙ୍ଗରେ ଚାଉଳ ଆଣିଥିଲୁ, ସମୁଦ୍ରକୁ ଗଲେ; 'ଚାଉଳବସ୍ତା' ଓ 'ତଢ଼ଣା' ଗ୍ରାମରେ ବାଣ୍ଟୁ ବାଣ୍ଟୁ ଶେଷ । 'ସାଇଲୋ ଯୋଡ଼' ପାରିହେଲା ପରେ 'ନଢ଼ଣା,' 'ବେଗଣାନଦୀ' 'ଟୁଅଁ ହାଟ', 'ପୋଦନା' ପ୍ରଭୃତି ଗ୍ରାମରୁ କିଛି କିଛି ଚାଉଳ ସଂଗ୍ରହ କରି 'ବାଲିମୂଳୀ', 'କନ୍ଦୁଆ', 'ଯାଜଲପୁର', 'ପାଳସାହି' ଓ 'ଟମ୍ପାଲେ' ପ୍ରଭୃତି ଗ୍ରାମରେ ବାଣ୍ଟିଲୁ । ଚାଉଳବସ୍ତା ମୁଣ୍ଡେଇ ଆସିଲାବେଳେ ମୁଁ ଗୋଟିଏ ଘାଇରେ ବୁଡ଼ି ଯାଇଥିଲି, ଶେଷ ନିଃଶ୍ୱାସ ଦିବା ପୂର୍ବରୁ ମୋର ସହପାଠୀ ଗୋପାଳ ମୋତେ ରକ୍ଷା କରିଥିଲା ।"

Digitized by srujanika@gmail.com

ମୃତ୍ୟୁ କାଳର ସେହି ଭୟଙ୍କର ମୁହୂର୍ତ୍ତକୁ ଉପଲକ୍ଷ୍ୟ କରି ଯାହା ଲେଖିଥିଲି ତାହା ସେ ସମସ୍ତଙ୍କୁ ଗୃହିଁ ଦେଶାତ୍ମବୋଧକ—

"ନଡ଼ ନଡ଼ ଶତ ଜୀବନ ଯାଉଛି
ଏ ଜୀବନ ଯିବ ଯାଉ
ଶତ ଶତ ହୀନ କଙ୍କାଳ ସମ
ଜଳର ସମାଧି ପାଉ ।
ଦୀନର ସ୍ୱର୍ଗେ ସ୍ୱର୍ଗୀ ହୁଏଁ ଯବେ
ନିଜରେ ଦେଇ ମୁଁ ବଳି
ସନ୍ଧ୍ୟା ବଳିତା ସମ ନିଭିଯାଏଁ
ନିଭିଯାଏଁ କ୍ଷଣେ ଜଳି ।
ବିକଳ ନ ହେବ ପିତାମାତା ମୋତେ
ଦେଖିବ ଭାଇନା ମୁହେଁ
ଜନମି ଥିଲି ମୁଁ ଲୁହ ଲହୁ ଧାରେ
ମିଶିଗଲି ଆଜି ଲୁହେ ।
ଲୋଡ଼ା ନାହିଁ ଯଦି ଏ ଜୀବନ ମୋର
ଜୟ, ଜୟ ମହାବାହୁ
ପ୍ରାର୍ଥନା ମୋର ଜୀବନଅର୍ଘ୍ୟେ
ଜାତି ଦୁର୍ଦ୍ଦଶା ଯାଉ
ଚେତା ଗଲି ହଜି ତହିଁ
ଚେତା ହେଲି ପରେ ଦେଖିଲି ନଉକା
ଧରିଛି କାତୁଆ ନଈ ।"

ବନ୍ୟା କାଳରେ ପକ୍ଷୀର ଦୁର୍ଦ୍ଦଶା ମୁଁ ଜମାପଡ଼ା ରହଣି କାଳରେ ଭଲ ଭାବରେ ହୃଦୟଙ୍ଗମ କରି ପାରିଥିଲି । ପ୍ରାଚୀ ନଦୀ ତୀରବର୍ତ୍ତୀ ତ୍ରିବେଣୀ ଯାହା ଦେଖି ଯାଇଥିଲି । ଜମାପଡ଼ା ନିକଟବର୍ତ୍ତୀ ଭଗ୍ନ ସୋମନାଥ ମନ୍ଦିର, କାକଟପୁର ମଙ୍ଗଳା, ରାମଚଣ୍ଡୀ ମନ୍ଦିର ଓ କୋଣାର୍କ ମନ୍ଦିର ମଧ୍ୟ ଦେଖି ଯାଇଥିଲି । କିନ୍ତୁ କୁଶଭଦ୍ରା ନଦୀ ମୋର କିଶୋର ମନ ଉପରେ ମୋହାଚ୍ଛନ୍ନ ପ୍ରଭାବ ବିସ୍ତାର କରିଥିଲା ।

ଜମାପଡ଼ା ହାଇସ୍କୁଲର ପ୍ରଥମ ବର୍ଷର ଫଳ ଶୂନ୍ ହେଲା । ଦ୍ୱିତୀୟ ବର୍ଷ ସାତ ଜଣ ପାସ୍ ପିଲଙ୍କ ମଧ୍ୟରୁ ମୁଁ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଥିଲି ।

Digitized by srujanika@gmail.com

'ଗୋଲମରୀ ଗୁଡ଼', 'ଛୁଅଁଛୁତ ବାରନାହିଁ', ଚହଳ ପଡ଼ିଥାଏ, ବିଦେଶୀ ଲୁଗା ପୋଡ଼ା ହେଉଥାଏ । 'ଝଣ୍ଡା ଉଚା ରହେ ହମାରା' ଗୀତ ଶୁଣାଯାଉଥାଏ । ମହାତ୍ମା ଗାନ୍ଧୀ ତେଲଙ୍ଗ ନିକଟବର୍ତ୍ତୀ ବେରବୋଇ ଆସୁଥାନ୍ତି । ମୁଁ ଖଦଡ଼ ପିନ୍ଧି କେତେକ ଝଦଣ୍ଡିଆ ସାଙ୍ଗ ପିଲାଙ୍କୁ ଘେନି ଚାଲି ଚାଲି ବେରବୋଇ ଗଲି, ପ୍ରାୟ ୨୦ ମାଇଲ ବାଟ । ଲୋକସୁଅ ଗୃହଆଡ଼େ ଛୁଟିଥାଏ, ପାଦରେ ହଲେ ଚଟି, ଖାଲି ଦେହ, ଘଣ୍ଟାଟିଏ ଅଣ୍ଟାରେ ଝୁଲୁଥାଏ । ଦୁଇପଟେ ଦୁଇଜଣଙ୍କ କାନ୍ଧରେ ହାତ ପକାଇ ମହାତ୍ମାଜୀ ଓ ତାଙ୍କ ପଛରେ ଶତ ଶତ ଗାନ୍ଧୀ ଟୋପି ପିନ୍ଧା କର୍ମୀ ଚାଲିଥାନ୍ତି । ଦୂରରୁ ନମସ୍କାରଟିଏ କରି ପଛ ଜନସ୍ରୋତ ଠେଲାଡ଼ରେ ଆଗେଇ ଚାଲିଲି । ବେରବୋଇ କ୍ୟାମ୍ପରେ ତମ୍ବୁ ପଡ଼ିଥାଏ । ଦୂରରୁ ଦେଖିଲି ଜବାହାରଲାଲ୍ ନେହେରୁ, ବଲ୍ଲଭଭାଇ ପଟେଲ, ରାଜେନ୍ଦ୍ର ପ୍ରସାଦ, ରାଜଗୋପାଳାଚାରୀଙ୍କୁ । ଏତେ ବଡ଼ ବଡ଼ ଲୋକଙ୍କୁ ଏକାଠି ଦେଖି ନେତ୍ର ପବିତ୍ର ହୋଇଗଲା ।

ମହାତ୍ମାଙ୍କ ଛେଳିଦୁଧ ଓ ଫଳାହାର କରୁଥାନ୍ତି । ନିଜ ହାତରେ ପାଇଖାନା ସଫା କରୁଥାନ୍ତି । କଥାବାର୍ତ୍ତା ବେଳେ ବି ସୂତା କାଟୁଥାନ୍ତି । ପୁରୀ ଜଗନ୍ନାଥ ମନ୍ଦିରକୁ ଯିବା ଲାଗି ତାଙ୍କୁ କେହି କେହି ସ୍ଥାନୀୟ କର୍ମୀ ଅନୁରୋଧ କରୁଥାନ୍ତି । ଯୋଉ ମନ୍ଦିରରେ ହରିଜନଙ୍କୁ ପଶିବାକୁ ଦିଆ ହୁଏନାହିଁ, ସେ ମନ୍ଦିରକୁ ସେ ଯିବେ ନାହିଁ ବୋଲି କହୁଥାନ୍ତି । କସ୍ତୁରବା ଲୁଚି ଗାନ୍ଧିଜୀଙ୍କ ବିନାଅନୁମତିରେ ମନ୍ଦିରକୁ ଚାଲି ଯାଇଥିଲେ । ସେ ଘଟଣା ଜାଣିପାରି ଗାନ୍ଧିଜୀ ଖୁବ୍ ରାଗିଗଲେ, ମୋର ମନେହୁଏ, ଅନଶନ କରିଥିଲେ । 'ଜୟ ମହାତ୍ମା ଗାନ୍ଧିଜୀ ଜୟ' ମଧ୍ୟରେ ଆମେ ଗାମୁଛା କାନିରେ ବାନ୍ଧି ନେଇଥିବା ଚୁଡ଼ା ଗଣ୍ଡିକ ପାଟିରେ ପକାଉ ପକାଉ ଫେରିଲୁ ।

ସେ ସମୟର ଅନ୍ୟ ଦୁଇଜଣ ବ୍ୟକ୍ତି

ବିପ୍ଳବର ଯୁଗ ସେ ନହେଁ, ତଥାପି ଅତି ଅହିଂସ ହେଲେ ସତ୍ୟାଗ୍ରହୀଙ୍କୁ ଜଣେ ଜଣେ ବିପ୍ଳବୀ ନିକାଶ କରି ଦେଉଥିଲେ, ନିଜ ଜୀବନକୁ ପାଣି ଛଡ଼ାଇ । ସେହିପରି ଖମାରରେ ଜଣେ ହସାଦ କରୁ କରୁ ଗୁଡ଼ିସ ମଠର ମହନ୍ତ ଚାଲି ପଡ଼ିଲେ, ଧନ ଦପଦ୍ରରେ ସମସ୍ତଙ୍କ ଆଖି ଆଗରେ ଗାଁ ଦାଣ୍ଡରେ ନିହତ ହେଲେ ବଲାଙ୍ଗିର ବନମାଳି ପତି, ନାଏବ୍ ବାବୁ । ପିଟି ପିଟି ଲୋକେ ତାଙ୍କୁ ମାରି-ପକାଇଲେ, ପେଟ ଚିରି ଅନ୍ତ୍ରବୁଜୁଳା ବାହାର କରିଦେଲେ; ଦେହରେ ତାଙ୍କ ରକ୍ତ ବୋଳି ହେଲେ, ଶଗଡ଼ରେ ପକାଇ ହାଟ ଚାଲିଥିଲା ବେଳେ ପଟୁଆରରେ ନେଇ କିରାସିନ ଢାଳି ସର୍ଗବୀ କୂଳେ ପୋଡ଼ିଲେ । ପରେ ସ୍ନାନ କରି ଖମାରରୁ ଘରକୁ

Digitized by srujanika@gmail.com

ଯିବା ବାଟରେ ଏ ଦୁର୍ଘଟଣା ଘଟିଲା । ଲୋକେ ପ୍ରାଣଭୟରେ କେହି ହନୁମାନଙ୍କ ପାଖ ମାଡ଼ି ନ ଥିଲେ; ଦଇବେ ନାଏବଙ୍କ ପ୍ରତି ଶ୍ରଦ୍ଧା ନ ଥିଲା, ସେ ଉତ୍କଳର ଜଣେ ମାନ୍ୟ ବ୍ୟକ୍ତି ହେଲେ ବି ।

ସେ ବୃହତ୍ ବଳଙ୍ଗାମେଳଣର ପ୍ରତିଷ୍ଠାତା, ଯାତ୍ରା ଓ ଆଖଡ଼ାଦଳର ପୋଷକ, ଓଡ଼ିଶାର "ରାଧାକୃଷ୍ଣ ଥିଏଟର" ଦଳର ଆଦ୍ୟ ମନ୍ତ୍ରଦାତା । ଅଶ୍ୱିନୀକୁମାର ଘୋଷ ବଳଙ୍ଗାର ଥିଏଟର୍ ଲାଗି ହିଁ ପ୍ରଥମେ ନାଟକ ଲେଖୁଥିଲେ । ତା'ପରେ ଶ୍ରୀପତିଙ୍କଠାରୁ ପାଞ୍ଚ ହଜାର ଟଙ୍କାରେ କିଣିନେଇ ତା'ର ନାମ "ବଳଙ୍ଗା ଆର୍ଟ ଥିଏଟର" ରଖିଥିଲେ ଓ ସେଥିଲାଗି ପ୍ରାୟ ସର୍ବସ୍ୱାନ୍ତ ହୋଇଥିଲେ ।

ପୋଲିସ୍ ବିଭାଗରୁ ଅବସର ନେବା ପରେ ଦାମୋଦର ରଥ ନିଜ ଗ୍ରାମ ନିମାପଡ଼ା, ପାଟପୁରରେ ନିଜ ଘରେ ଆସି ରହୁଥିଲେ । ସାହେବ ପରି ଗୋରା ତକ୍ ତକ୍ ଚେହେରା, ସାହେବଙ୍କ ପରି ଠାଣିମାଣି । ଗ୍ରାମରେ ଗୋଟିଏ ବିରାଟ ଅସାମଞ୍ଜସ୍ୟ ପରି ଦିଶୁଥିଲେ; ସେ ତ ଅତି ବଡ଼ ଅଫିସର, କାହା ସଙ୍ଗେ ମିଶିବେ, କ'ଣ ବା କଥା ହେବେ ? ଆପଣ ଗର୍ବେ ଗର୍ବେ ଏକୁଟିଆବାଆସ ହୋଇ ସେ ରହୁଥାନ୍ତି । ସ୍ୱାଧୀନତାସଂଗ୍ରାମୀଙ୍କ ଦମନକାରୀ - ସେ, ଭାରତ ସରକାରଙ୍କ 'ରାୟବାହାଦୁର' ପଦବୀ ଲାଭ କରିଥିଲେ । କିନ୍ତୁ ତାଙ୍କୁ ପାଟି ଫିଟାଇ ପଦେ କହିବାକୁ ଗାଁରେ କାହାର ସାହସ ନ ଥିଲା । କେବଳ ପଡ଼ିଆକୁ ବାହାରିଲା ବେଳେ ଦେଢ଼ୁଥିଲେ ଦଳେ କୁକୁର । ଯେତେ 'ଛୁ' 'ଛୁ' କଲେ, ଠେଙ୍ଗା ଦେଖାଇଲେ ବି ସେମାନେ ନିବୃତ୍ତ ହେଉ ନ ଥିଲେ । ପ୍ରକୃତିର ଅଶ୍ଚର୍ଯ୍ୟ ପ୍ରତିଶୋଧ । ମଣିଷଙ୍କ ପ୍ରତି ଏତେ ପ୍ରବଳ ହେଲେ ବି କୁକୁରଙ୍କ ସାମ୍ନାରେ ରଥେ ନିଜକୁ ବଡ଼ ଅସହାୟ ମନେ କରୁଥିଲେ ।

ହଜିଲା ବଳଦ ଓ କର୍ଣ୍ଣପିଶାଚୀ

ମାଟ୍ରିକ୍ ପଢ଼ୁଥିବା ବେଳ କଥା; ରାତିରେ ଆମ ଗୁହାଳରେ ପଶି ଗୋଟିଏ ବଳଦ କିଏ ଫିଟାଇ ନେଇଗଲା । ହଳ ବନ୍ଦ; ଯେତେ ଖୋଜାଖୋଜି ହେଲେ ମଧ୍ୟ ନିଜର ଧାନବୁଣା ପାଗ ଗୁଡ଼ା କିଏ ଦେବ ? ଭଉଣୀ ସାହାଦଳ ଯେଣେ କୁଆଡ଼େ ଯାଇଥାନ୍ତି । ଖବର ପାଇ ମୁଁ ନିମାପଡ଼ାରୁ ଆସି ପହଞ୍ଚିଲି । ବଳଦ ଖୋଜି ଆଣିବା ଲାଗି ବୃନ୍ଦାବନକୁ ଲୋକ ପଠାଗଲା । ମୁଁ ଭଉଣୀଙ୍କର ଜଣେ ମଉସାଙ୍କୁ ସଙ୍ଗରେ ନେଇ ଚାଲି ଚାଲି ଗଲି 'ଘୋଡ଼ାଡ଼ିଆ' ଗାଁକୁ । ଆମ ଗ୍ରାମରୁ ପ୍ରାୟ ତାଳଭଙ୍ଗା ଅଠକୋଶ ବାଟ । ସେଠି ଜଣେ ସର୍ବଜାଣ ପଣ୍ଡିତ ଥାନ୍ତି । ତାଙ୍କର

Digitized by srujanika@gmail.com

କର୍ଣ୍ଣପିଶାଚୀ ସାଧନା । ସେ ପ୍ରଶ୍ନ ପରେ ପ୍ରଶ୍ନ ପଚାରନ୍ତି । ଠାକୁରାଣୀ ତାଙ୍କ କାନରେ ଉତ୍ତର କହିଦଅନ୍ତି ।

କୁଣ୍ଡଳମଣ୍ଡିତ ବୃଦ୍ଧ ପଣ୍ଡିତପ୍ରବର । ସେ ମୋତେ ଦେଖି ଦେଖି କହି ଉଠିଲେ—

"ଆପଣଙ୍କର ଶଗଡ଼
ନା, ନା, ସିନ୍ଦୁକ, ବାକ୍ସ
ନା, ନା, ଟଙ୍କା,
ନା, ନା, କଂସାବାସନ
ନା, ନା, ସୁନାରୁପା ଆଦି ଧାତୁ ଦ୍ରବ୍ୟ
ନା, ନା, ଘରଗୋରୁଆ ଜନ୍ତୁ
ଚୋରି ଯାଇଛି
ନା, ନା, ହଜିଛି ।

ଗାଆଁରେ ଶାଗଖିଆକୁ ପେଜଖିଆ ଦେଖିପାରେ ନାହିଁ । କିଏ ଦ୍ୱିବାଦିଆ ଲୋକ ଫିଟାଇ ନେଇଛି, ନା ନା ଦୂରରେ ଘଉଡ଼ି ଦେଇଛି । ଯାଅ, ଯାଅ, ଅବିଳମ୍ବେ ତୁମ ବଳଦ ମିଳିଯିବ ।"

ଘୋରଡ଼ିଆ ଡେଲାଙ୍ଗ ଷ୍ଟେସନ ନିକଟବର୍ତ୍ତୀ ଗୋଟାଏ ପୁରୁଣା ଗାଆଁ, ବଡ଼ ଗାଆଁ । କିନ୍ତୁ ମୁଁ ନ ଅଟକି ଚୂଡ଼ା ପୋଷେ ପାଟିରେ ପକାଇ ପୁଣି ଗାଆଁକୁ ବାଟ ସଲଖିଲି ।

ଅଦୂର ପାହାଡ଼ ଶିଖରେ ମେଘପତ୍ର ଲଟେଇପଟେଇ ହେଉଥାନ୍ତି । ତଳକୁ ଓହ୍ଲାଇ ନାହାନ୍ତି କାହିଁକି ? ମହୁଫେଣା ପରି ଖଣ୍ଡିକୁ ଖଣ୍ଡି; ଧରନ୍ତୁ ! ଏଭଳି ଦୃଶ୍ୟ ସହିତ ଏଇ ମୋର ପ୍ରଥମ ପରିଚୟ । ତାକୁ ଚାହିଁ ଯାଉଁ ଯାଉଁ ମୋର କେତେ ବାଟ କଟିଗଲା ।

'ମାଧପୁର' ଗାଆଁରୁ ବଳଦ ମିଳିଲା । ଜାକଜମକରେ ଗୋଟିଏ ହରିନାଥମେଳା ହେଲା—

'ତୋ ଧର୍ମ ତୁହି ରକ୍ଷା କର
ଅପତ୍ୟ ନୁହ ସୌଦାଗର ।'

Digitized by srujanika@gmail.com

ବୋଉ ଗୋପେଶ୍ୱରଙ୍କୁ ଗୋଟିଏ 'ସୁଡ଼ା' (ସିଧା) ଦେଲା, ବୃନ୍ଦାବତୀଙ୍କ ପାଖେ ସଞ୍ଜ ଦେଲାବେଳେ ଖୁଣ୍ ଖୁଣୁ ସ୍ୱରରେ କହୁଥିଲା—ହେ ଧର୍ମଦେବତା, ହେ ଜଗନ୍ନାଥେ, ହେ ବଡ଼ ଠାକୁରେ, ମୋ ବଳଦ ଯେ ନେଇଥିଲା, ତା ହାତଗୋଡ଼ ରହିଯାଉ, ଚଉରଙ୍ଗୀ (କୋଷ୍ଠ) ଘୋଟିଯାଉ ।

ଚୂଆ, ହଳଦୀରେ ଉପୁଲେଇ ଟୁପୁଲେଇଙ୍କୁ ଗାଧୋଇ ଛେଳନାଲୁଡ଼ ଖେଳ କରା-ଗଲା । ଲୋକନାଥଙ୍କୁ କାନ୍ଧଏ କଦଳୀ ଯଜ୍ଞ ହୋଇଥିଲା । କେହି ନେଇଯାଇ ପାରିଲେ ନାହିଁ । ବାଟଲୋକନାଥଙ୍କୁ ଖଇନା ପାଣି ଛୁଡ଼େଇ ଦେଲେ । ଲୋକନାଥେ ଶୂନ୍ୟଗଡ଼, ସହଜରେ ଏଠାକୁ ଆସି ବାସନା ପାଇଥିବେ । ଚଣ୍ଡ କଡ଼ା ହେଲା ନାହିଁ । ଅମର ପୂଜା ଲଭ । ଭାଗକେ ପୁଞ୍ଜାଏ ପାଞ୍ଚଟା କରି ଗୋଲମରିଚଦିଆ ପାଟକପୁର କଦଳୀ ପଡ଼ିଥିଲା ।

ବୈଦେହୀ ଗାଙ୍ଗ ଓ ମହାଦେବଙ୍କ ଚୂଆ

ଗଙ୍ଗା ନାମ କଉତ, ଟେଙ୍କୁ ପବଣ; ବୈଦେହୀଙ୍କ ଜୀବନ ଯେପରି, ଗଙ୍ଗାର ଜୀବନ ସେହିପରି । ଗୋଟିଏରେ ମନର, ଅନ୍ୟଟିରେ ଦେହର ଅଭୁକ୍ତେଳ ହୁଏ; ଏଇ ଦୁହିଁର ସଂଯୋଗରେ ବୈଦେହୀ ଗାଙ୍ଗ ଏବେ ଅପଭ୍ରଷ୍ଟ ହୋଇ ବଇଡାଙ୍ଗ ହୋଇଅଛି । ପ୍ରାୟ ପାଞ୍ଚ ଶହ ଏକର ଭୂ-ବ୍ୟାପୀ ପୋଖରୀ, ଭାଦ୍ରବରେ କଇଁଫୁଲରେ ନକ୍ଷତ୍ରମଣ୍ଡିତ ହୁଏ, ପିଲାଦିନରୁ ଏହାକୁ ଦେଖି ହିଁ ମୁଁ ସମୁଦ୍ର କଳ୍ପନା କରିଥିଲି, କାର୍ତ୍ତିକ ପୂର୍ଣ୍ଣିମାରେ 'ଅକାମାବୋଇ' ବୋଲି କଦଳୀ ପାଟୁକା ଡଙ୍ଗା ଛାଡ଼ୁଥିଲି, ଚନ୍ଦ୍ର ମାଣି ଭିତରକୁ ପଶି ଯାଉଥିବାବେଳେ । ଏହାର କୂଳରେ ପୁରୋହିତ କରୁଥିଲେ ମୃତ ଗ୍ରାମବାସୀଙ୍କ ପ୍ରେତ-କ୍ରିୟା, ଦଶାହରେ ଶିଅରବାଆର ହୋଇ ଗାଧୋଇସାରି ନୂଆ ଲୁଗା ପିନ୍ଧି ଦଳ ଦଳ ହୋଇ କୁଟୁମ୍ବ ବନ୍ଧୁ ବାନ୍ଧବ ଯାଉଥିଲେ, ଏହାର ତୀରରେ ଶ୍ମଶାନ, ଯୋଗୀବାଗ ତୋଟା, ଯେଉଁଠି ଯୋଗୀରଷିଙ୍କ ଆଶ୍ରମ ଥିଲା, ବହୁତ ଯାଗଯଜ୍ଞ ହେଉଥିଲା; (ଏବେ ଯଜ୍ଞ ସ୍ତମ୍ଭସବୁ ଅଛି) ଏହାର ଗୋଟିଏ ହୁଡ଼ାରେ ଗୋପେଶ୍ୱର ମହାଦେବ; ଅନ୍ୟ ହୁଡ଼ାରେ ସାହେବ-ମାନେ ଛୁଆହୋଇ ହଂସବାଳି ମାରୁଥିଲେ; ଜଳସ୍ରୋତ ମୁଖରେ ବାଉଁଶବାଡ଼ ଦିଆହୋଇ ଗଡ଼ାରେ ଦାନ୍ଦିଆ ବସାଇ ମାଛ ମରା ହେଉଥିଲା ।

କୋଉ ରଜା ମହାରାଜା ଏହାକୁ ଖୋଳାଇଥିଲେ; କେତେ ବ୍ରିଟିଶ ସରକାର ଆସିଲେ; ଗଲେ; କେବେ ପଙ୍କୋଦ୍ଧାର ହେବା ଶୁଣି ନାହୁଁ । ଏବେ ଜମିଦାର ତ ଛଣ୍ଡ ଜାଣନ୍ତି । ବହି ଜାଣନ୍ତି ନାହିଁ । ଗୋଟାକ ଗାଆଁକୁ ଗୋଟାଏ ଆରେ ଉର୍ତ୍ତିକଲେ ବ ବୃଷ୍ଟି ନାହିଁ । କଙ୍କାଳମୟ ସେଇ ଗ୍ରାମର ଶକ୍ତିକୁ ସହିତ କରି ମୁଁ ବଇଡାଙ୍ଗର ପଙ୍କୋଦ୍ଧାର ଲାଗି

Digitized by srujanika@gmail.com

ଚେଷ୍ଟା କରିଥିଲି, ହାତରେ କଡ଼ାଏ କଉଡ଼ି ନାହିଁ, ମନରେ ଲୋକକଲ୍ୟାଣକାମନା ଓ ସାହସ ।

ଗ୍ରୀଷ୍ମ ଛୁଟିଟି ଗାଁରେ କଟାଏ, ସନ୍ଧ୍ୟା ହେଲେ କେତେ କୋଦାଳିଟି କାନ୍ଧେଇ ଲଣ୍ଠନଟି ଧରି ପୋଖରୀକୁ ଯାଏ—ପଙ୍କ ଚହଟାଣିଆ ଫାଟି ଆଁ କରିଥାଏ । ଟେଳାଟାମାନ ଅତି ସହଜରେ ଉଠାଇ ହୁଏ, ତାକୁ କାନ୍ଧେଇ ମୁଣ୍ଡେଇ ବା ଝୋଙ୍କେଇରେ ନେଇ ବନ୍ଧରେ ଫିଙ୍ଗି ଦେବାକୁ ହୁଏ । ତୋଟି ଫିଟାଇ ଡାକି ଡାକି ଦଶ ପନ୍ଦର ଜଣ ମାତ୍ର ଲୋକ ଆସୁଥିଲେ । କାମ ବାଧାରେ ପୁଣି କାମ କରିବା (ବିନା ମଜୁରିରେ) କଷ୍ଟକର । ଲୋକ ସାଧାରଣଙ୍କୁ କଲ୍ୟାଣମାର୍ଗରେ ପ୍ରବର୍ତ୍ତାଇବା ମୋ ପକ୍ଷରେ ସହଜ ନ ଥିଲା, ଅଧିକାଂଶ ଜମିଦାରଙ୍କ ଲୋକ, ଏ କର୍ମ ଜମିଦାରଙ୍କ ଇଚ୍ଛା ବିରୁଦ୍ଧ ଥିଲା । ଶ୍ରମଦାନରେ ଖଣ୍ଡିଏ ନୂଆ ମାତ୍ର ଖୋଳା ହେଲା । ଏବେ ସବୁଆଡ଼ ଶୁଖି ସେଠି ଠୋପିଏ ପାଣି ରହେ ମହାଦେବଙ୍କ ଚୂଆ ।

ନି. ପ୍ରା. ମାଷ୍ଟ୍ର

ଭାଇନା ବେଳେ ବେଳେ ଯାତ୍ରାଦଳ ଘେନି ଦୂର ଜାଗାକୁ ଚାଲି ଯାଉଥିଲେ; ସ୍କୁଲ ବନ୍ଦ ହୋଇଥିବାରେ ପିଲାଏ ଗାଆଁରେ ଉତ୍ପାତ କରୁଥିଲେ । ଗାଆଁରେ କଥା ଉଠୁଥିଲା କୋଡ଼ମାଡ଼ ପଡ଼ୁଥିଲା ସେକ୍ରେଟାରୀଙ୍କ ଉପରେ । ଲୋକେଇଗୋରଡ଼ା ନି ପ୍ରା. ସ୍କୁଲର ସେକ୍ରେଟାରୀ ଉଦୟନାଥ ମହାନ୍ତି ଜଣେ ଥିଲାବାଲା, କିନ୍ତୁ ପାଠଘର ପ୍ରାପ୍ତ ଶନ୍, ସେ ଭାଇନାଙ୍କଠାରୁ ମାମଲତବୁଦ୍ଧି ଶିଖିଥିଲେ । ତା' ପରେ ନ୍ୟାୟ-ନଶାପରେ 'ଭଲଲୋକ' ହୋଇ ବସିବାର ସୁଯୋଗ ତାଙ୍କୁ ମିଳିଥିଲା, ଗାଆଁ ମହଲାରେ ପ୍ରତିଷ୍ଠା ବଢିଥିଲା । ଜଣେ ଶିଷ୍ୟ, ପୁଣି ମହାପ୍ରସାଦ ବନ୍ଧୁ ହୋଇଥିବାରୁ ସେ ଭାଇନାଙ୍କୁ ଟେଡ଼ି କିଛି କହିପାରୁ ନ ଥିଲେ, କିନ୍ତୁ ଅସନ୍ତୋଷକୁ କେତେକାଳ ଚପେଇ ରଖାଯାଇ ପାରିବ ? ଭାଇନା ଏ ଗାଆଁକୁ ସଭ୍ୟ କରିବା ଚେଷ୍ଟାରେ ଯେଉଁମାନଙ୍କର ଆଖି ଫିଟାଇଥିଲେ, ସେମାନଙ୍କ ଭିତରୁ ଜଣେ ଖୁଣ୍ଟାଣିଆ ବାହାର 'ବାବୁ'ଙ୍କ ପାଖକୁ ଖଣ୍ଡେ ଦରଖାସ୍ତ ପେସ୍ କରିଦେଲେ । ସରକମିନ୍ ତଦନ୍ତରେ ସେକ୍ରେଟାରୀ 'ବାବୁ'ଙ୍କୁ ଭଲ ଖିଆଇପିଆଇ ମେଜାଜକୁ ବହୁ ପରିମାଣରେ ଥଣ୍ଡା ରଖିଥିଲେ । ଅବସ୍ଥା ସମ୍ଭାଳି ପଡ଼ିଗଲା । କିନ୍ତୁ ଭାଇନା ସତର୍କ ହେଲେ । ସେ ଯାତ୍ରା କରି ଗଲେ ମୁଁ ହାଃ ସ୍କୁଲରୁ ଛୁଟି ନେଇ ଆସି ସ୍କୁଲ ଦାୟିତ୍ୱରେ ରହୁଥିଲି ।

ମାଷ୍ଟ୍ରଙ୍କ ଲାଗି ଖଣ୍ଡେ ଗାଆଁ ବଢେଇ ତିଆରି ରଙ୍ଗହୀନ ମେଜ ଓ ଖଣ୍ଡେ ଟୁଲ୍ ଥିଲା । ପିଲାମାନେ ନଡ଼ିଆ ଦଉଡ଼ା ବୁଣା ଧୁଞ୍ଚରେ ବସୁଥିଲେ, ସିଲଟରେ ଲେଖୁଥିଲେ । ଧୂଳିଆ 'ଖଡ଼ିପାଠ' ସେତେବେଳକୁ ଉଠିଯାଇଥିଲା । ମାଡ଼ ଦେବାରେ ମାଷ୍ଟ୍ରଙ୍କର

Digitized by srujanika@gmail.com

ଅନ୍ତେ ସ୍ୱାଧୀନତା ଥିଲେ ବି ମୁଁ ଭୋଟ ଚଳେଇବା ଦୂରେ ଥାଉ, ତାହାକୁ ବୁଝିବା ଭଳି ମୁଣ୍ଡଟାଏ ମୋର ନ ଥିଲା । କେଉଁଟା ଦିନ ପଢ଼ାଇବ ଯେ ମାରିବ ? ମିଛକୁ ନାଆଁ ଯାଉଛି କାହିଁକି ?

ଗାଆଁଟି ଗମ୍ଭୀର ମଝିରେ, ରାସ୍ତା ବୋଇଲେ ହୁଡ଼ । ବର୍ଷାଦିନେ ପ୍ରାୟ ବିଚ୍ଛିନ୍ନ ହୋଇପଡ଼େ । ଘୋର ବାଉଁଶ ବଣ, ଦିନ ଥାଉଁ ଥାଉଁ ଅନ୍ଧାର ଘୋଟି-ଆସେ । ଗୋଟିଏ ବୋଲି ଗଡ଼ିଆ, ବାଉଁଶପତ୍ର ପଡ଼ି ସଢ଼ିଯାଏ; ସେଥିରେ ଗାଧୁଆ-ପାଧୁଆ, ସେଥିରୁହିଁ ରୋଷେଇ ଓ ପାନୀୟ ଜଳ ସଂଗ୍ରହ । ଅସୁବିଧା ଅଭ୍ୟାସରେ ସୁବିଧା ପରି ଲାଗୁଥିଲା । ତେଣୁ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲେ ବି କେହି କୂଅଟିଏ ଖୋଳାଉ ନ ଥିଲେ । ସ୍କୁଲର ସମସ୍ତ ପିଲା ବ୍ରାହ୍ମଣେତର ବର୍ଣ୍ଣର । ତେଣୁ ମୋତେ ହାତରେ ରୋଷେଇ କରି ଖାଇବାକୁ ହେଉଥିଲା ପରିବାର ସଞ୍ଚା ନାହିଁ, କେବଳ ଭାତ, ଡାଲି । ଚୂନାମାଛ ମିଳିଲେ ରାନ୍ଧିବାକୁ ମୋର ଧୈର୍ଯ୍ୟ ନ ଥିଲା । କୌଣସି-ମତେ କ୍ଷୁଧା ଦୂର ହେଲେ ନଟ ଗଲା । ପ୍ରକାରକୁ ପଚାରୁଛି କିଏ ? ସେକ୍ରେଟାରୀ ହିଁ ସମସ୍ତ ବ୍ୟୟ ବହନ କରୁଥିଲେ । ହାଡ଼ବାଡ ବାଟ, ତମିଭସ୍ମ । ମୁହଁ ସଞ୍ଜ ନ ହେଉଣୁ ମୁଁ ସ୍କୁଲ ଛୁଟି କରି ଘରକୁ ଫେରି ଆସୁଥିଲି ।

୧୯୬୫ରେ ମୁଁ ମାଟ୍ରିକ୍ ପାସ୍ କଲି । ଭାଇନା କହିଲେ—ଆମ ଘରକୁ ଏ ପାଠ ଢେର୍ ହେଲାଣି—ଏଥର ରୋଜଗାର କର । ଏକଥା କହିବା ତାଙ୍କ ପକ୍ଷରେ ସ୍ୱାଭାବିକ । ତାଙ୍କ ଉପରେ ସଂସାରର ଭାରି ଚାପ; ବଡ଼ କଷ୍ଟରେ ମଙ୍ଗ ସମ୍ଭାଳି ସେ ନାବ ଚଳାଉଥାନ୍ତି ।

ଗାଁର ଧନୀ ଲୋକଙ୍କ ମନ ଈର୍ଷାରେ ଜଳୁଥାଏ । ଏତେ ପଇସା ଖର୍ଚ୍ଚ କରି ସେମାନଙ୍କ ଗେଲବସରିଆ, ବୁଦ୍ଧିଆ ପିଲେ କିଛୁ ହେଲେ ନାହିଁ; ଏଇଟା କେମିତି ଶୂନ୍ୟେ ଶୂନେ ଉପରକୁ ଉଠିଯାଉଚି ?

କିଏ ପେନ୍ସିଲ, କଲମ ଚୋରି ଘରକୁ ପଠାଉଥାଏ । ଅବଶ୍ୟ ଚୋରି ନୁହେଁ; (ବଡ଼ଲୋକ ପିଲାଏ କ'ଣ ଚୋରି କରନ୍ତି ? ବଡ଼ ବଡ଼ ଲୋକେ ଚୋରି କରନ୍ତି, ରକ୍ଷଣୀ ଦେଖିଲେ ମାରି ଗୋଡ଼ାନ୍ତି—ଏଟା ଭୁଲ ମିଛକଥା । ସାଙ୍ଗସାଥୀମାନଙ୍କୁ ସାବଧାନତା ବା ସତର୍କତା ଶିକ୍ଷା ଦେବା ତା'ର ଉଦ୍ଦେଶ୍ୟ ଥିଲା ।

ମତେ ଦେଖିଲେ ବଡ଼ ମକଦ୍ଦମ ଯୋଉ ଭାବ ଦେଖାନ୍ତି, ସେଥିରୁ ବୁଝେ—ପାଠପଢ଼ିବା ଗୋଟାଏ ବଡ଼ କଥା ନୁହେଁ । ଆମେ ତ ଦୁଆରେ ବସି ଶହ-ହଜାର କମଉଚୁ ।

Digitized by srujanika@gmail.com

ମୁଁ ବିଦାୟ ନେଲି ବନ୍ଧୁ ସ୍ମୃତିର ତୀର୍ଥକ୍ଷେତ୍ର ନିମାପଡ଼ାରୁ—ନିମାପଡ଼ା ନିମାଇଁ ସନ୍ନ୍ୟାସୀଙ୍କ ସ୍ମୃତିରକ୍ଷାର ଏକ ପରିଣାମ, କିମ୍ବଦନ୍ତୀ କହେ । ଏହାର ଅଦୂରରେ ଭାରତଗୌରବ କୋଣାର୍କ, 'ଭକ୍ତକ ବିକଟ କାକଟପୁର ମହାମଙ୍ଗଳା', ବହୁ କୀର୍ତ୍ତିସମନ୍ୱିତା ପ୍ରାଚୀନଦୀ, କିଅଁାଳୀ ଓ ମାଧବ ମନ୍ଦିର, ସୋମନାଥ ମନ୍ଦିର ।

ନିମାପଡ଼ା ନୁହେଁ ସହର, ନୁହେଁ ଗ୍ରାମ । ରାଉସିଂହଙ୍କ ଯୋଗୁଁ ଏହାର ନାମ ଡାକ । କୋଠଦେଶ ପ୍ରଗଣାର ମାଲିକ ଥିଲେ ସେ, ଯେପରି ଧନୀ, ସେହିପରି ମାନୀ । ଘରରୁ ଗୋଟାଏ ଘୋଡ଼ାଦାନା (କୋଳଥ) ହଜିଗଲା ବୋଲି ସେ ଷାଠିଏ ମହଣ ଘିଅ ହୋମ କରିଥିଲେ, କୌଣସି ଅପରାଧରେ ସରକାରକୁ ପାହୁଲାଟିଏ ଜୋରିମାନା ନ ଦେଇ ସର୍ବସ୍ୱ ହରାଇଥିଲେ । ସେ ଦମାକ ଭାଙ୍ଗିଥିଲା ପଛେ ନଇଁ ନ ଥିଲା । ଏବେ ନିମାପଡ଼ା ଲଗାଏତୁ ଗଡ଼ଅଣ୍ଡିଆରେ ତାଙ୍କ ଭଙ୍ଗା କାନ୍ଥସବୁ ଛିଡ଼ା ହୋଇଛି, ଗୋଖୁରମାନଙ୍କ ଆଶ୍ରୟସ୍ଥଳୀ ସ୍ୱରୂପ । ଏ ସଂସାରରେ କାହାର ଦର୍ପ ଚିରସ୍ଥାୟୀ ରହିଛି ?

ସ୍ୱର୍ଗକୁ ନିଶୁଣି ନାହିଁ, ଜୀବନକୁ ଅଛି

ରାବଣେଶ୍ୱର ସ୍ୱର୍ଗକୁ ସିଡ଼ି ପକାଇବ ବୋଲି ବସିଥିଲା, ପାରିଲା ନାହିଁ । କିନ୍ତୁ ମଣିଷ ମୂଅଡ଼କୁ ଚଢ଼ିବ, ସିଆଡ଼କୁ ନିଶୁଣି ଡେରି ଦେଇପାରେ । ମନରେ ସାହସ ଚାହିଁ ?

ପେଡ଼ି ପୋଟଳା ବାନ୍ଧି ନିମାପଡ଼ାରୁ ବିଦାୟ ନେଇ ଆସିଲାବେଳେ ମନର ମୂର୍ତ୍ତିମାନ ଆଦର୍ଶ, ତୁଙ୍ଗ ଶିଖରୀ ଚୂଳର ମଣିଷ ମଧୁସୂଦନ ଦାସ କହିଲେ—ଏଠିକରେ କ'ଣ ହେବ ?

'କେମିତି ପଢ଼ିବ ?'

'ଯେମିତି ପଢ଼ିଥିଲେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର । ପଢ଼ିବାକୁ ମନ ଥିଲେ ମନରେ ଦୃଢ଼ ସଙ୍କଳ୍ପ ଥିଲେ, ଉପାୟ ବଳେ ବଳେ ମିଳିଯିବ; ଯେଉଁମାନଙ୍କର ଉଦ୍ଦେଶ୍ୟ ସତ୍, ସଦୁଦ୍ୟମରେ ଲାଗିଥାନ୍ତି, ଭଗବାନ୍ ସେମାନଙ୍କ ପଛରେ ଥାନ୍ତି, ସହାୟ ହୁଅନ୍ତି । ଯା, ଯେମିତି ଏତେ ବାଟ ପଢ଼ିଲୁ, ସେମିତି ପଢ଼ିବୁ ।

ମଧୁବାବୁ ବେଶୀ କଥା କହନ୍ତି ନାହିଁ । ସେ ଖଣ୍ଡିଏ ପତ୍ର ଲେଖିଦେଲେ ତାଙ୍କ କୋଠି କଟକର ଭବଗ୍ରାହୀ ମିଶ୍ର (ଡେପୋଟୀ ସାହେବ)ଙ୍କ ନିକଟକୁ । ସେ ସେତେବେଳେ

Digitized by srujanika@gmail.com

ଟେଲେଗ୍ରାଫଖାନାର ପୁଷ୍ପଧାଟ ବସାରେ ରହୁଥାନ୍ତି । ତାଙ୍କର ସାତ ଆଠ ବର୍ଷର ଗୋଟିଏ ପୁଅ—ମାଧବ ମିଶ୍ର, ଡାକନାମ 'ବୁଢ଼ା', ମୁଁ ଶ୍ରୀ ମିଶ୍ରଙ୍କ ଘରେ ରହି ବୁଢ଼ାକୁ ପଢ଼ାଇଲି, ରେଭେନ୍‌ସା କଲେଜରେ ଆଇ. ଏ. ଶ୍ରେଣୀରେ ନାମ ଲେଖାଇଲି ।

ବନ୍ଧୁପଣ ନ ଥିଲା । ତେଣୁ ପଢ଼ିବା ପ୍ରଶ୍ନ ଉଠେ ନାହିଁ । ଟିଉସନ୍ ସନ୍ଧରେ ଟିକିଏ ସମୟ ମିଳିଲେ କବିତା ଲେଖିବସେ । କେହି କେହି କହନ୍ତି, କବିତାଲେଖା ଗୋଟାଏ ନିଶା; ମୋ ପକ୍ଷରେ ଏହା ହୋଇଥିଲା ଏକ ବ୍ୟାଧି, ଦୁରାରୋଗ୍ୟ; ପ୍ରତିଭାକୁ ବନ୍ଧିବାର କମ୍ପା ଅଧ୍ୟବସାୟରେ ଲଗାଇବାର ସାମର୍ଥ୍ୟ ମୋର ନ ଥିଲା । କବିତା ଲେଖା ପଢ଼ା-ପଢ଼ିର ହେଲା ଏକ ପ୍ରଧାନ ଅନ୍ତରାୟ । କ୍ଲାସରେ କ'ଣ ପଢ଼ା ହେଉଥିଲା ମୁଁ ଜାଣେ ନାହିଁ । ଅଧ୍ୟାପକମାନଙ୍କ ବକ୍ତୃତା ଶୁଣିବାର ଭାନ କରି ଶୁଏ, ନଇଲେ କବିତା ଲେଖେ—ସମ୍ପଦ ଖଣ୍ଡିଏ ରଫ୍‌ଖାତା ମାତ୍ର ।

ଏଇ ମାନହାନି ଓ ଗ୍ଲାନି ଅନୁଭବ ବେଳେ ଦିନେ ହଠାତ୍ ମାନ ମିଳିଗଲା, କ୍ଷତିପୂରଣ ଭଳି । ଦରିଦ୍ରଜୀବନରେ ଯଶପ୍ରତିଷ୍ଠା ଲଭ ହାସ୍ୟକର । ଯାହାହେଉ, ସେ ଦିନ ମୁଁ କ୍ଲାସରେ ବେଶ୍ ପରିଚିତ ହୋଇଗଲି । ମୋର ରୂପ, ଭେକ ଓ ଜୀବନସଂଗ୍ରାମ ଦେଖି କେହି କ୍ୱଚିତ୍ ବନ୍ଧୁତା ଜମେଇବାକୁ ଆଗେଇ ଆସିଥିଲେ । ମୋର ସୁହୃଦ ଥିଲେ ମୋ ପରି କେତେଜଣ ସଂଗ୍ରାମୀ, ହତଭାଗା । ସେଦିନ ମୋ ମନର ହାଓ୍ୱା ଟିକିଏ ବଦଳିଗଲା । 'ସହକାର'ରେ 'ଭ୍ରମଣସଙ୍ଗୀ' ବୋଲି ମୋର ଗୋଟିଏ ଲେଖା ବାହାରିଥାଏ (ଗାର୍ଡ଼ିନରଙ୍କ Fellow Travellerର ଅନୁବାଦ) । ଅଧ୍ୟାପକ ଜନାର୍ଦ୍ଦନ ମହାନ୍ତି 'ସହକାର' ଅଫିସରୁ ପରିଚୟ ନେଇ ମୋତେ କ୍ଲାସରେ ଖୋଜିଲେ, ସବା ପଛ ବେଞ୍ଚର ଘୂମନ୍ତ ଦଳରୁ ପାଇଗଲେ । ମୁଁ ଲାଜରେ ମୁଣ୍ଡ ନୁଆଁଇ ଠିଆ ହେଲି —"ଛି ଛି, ସାର୍ କାହିଁକି ଏ ବାଜେ ଲେଖାଟା ପଢ଼ିଲେ ? ତାଙ୍କ ପଢ଼ିଲା ଭଳି ଏଥିରେ କ'ଣ ଅଛି ? "

ସବୁ ପିଲାଏ ଏକ ଦୃଷ୍ଟିରେ ମତେ ଚାହିଁଥାନ୍ତି । 'ସହକାର'ରେ ଏଇଟାର ଲେଖା ବାହାରିଛି ! ଏ ପୁଣି ଗୋଟାଏ ଲେଖକ । ଦିନେ ହେଲେ କେଉଁ ପ୍ରଶ୍ନ ମୋ ଉପରେ ପଡ଼ିନାହିଁ; କପରି ନ ପଡ଼ୁ ସେଇ ଚେଷ୍ଟା ମୁଁ କରିଥାଏ । ସାର୍‌ଙ୍କ ଦେଖା ନ ଗଲା ଭଳି ଲମ୍ବା ପିଲାଙ୍କ ପଛେ ଶୋଇପଡ଼େ । ତାଙ୍କ ଉଚ୍ଚ ହାସ୍ୟରେ ଦା ଘଣ୍ଟା ବାଜିଲେ ମୋ ନିଦ ଭାଙ୍ଗେ । କିନ୍ତୁ ସେ ଦିନଠୁଁ ମୋତେ ଆଉ ନିଦ ଲାଗିଲା ନାହିଁ, ଭୟରେ । କାରଣ ସାର୍ ପଢ଼ଉଁ ପଢ଼ଉଁ ବେଳେ ବେଳେ କହୁଥିଲେ— 'My friend in that corner'; ସେ ମନେ ମନେ ମୋତେ ଖୋଜନ୍ତି । ତାଙ୍କ ଦୃଷ୍ଟିପଥରୁ ଖସି ଲୁଚି ଶୋଇପଡ଼ିବା ଆଉ ସମ୍ଭବ ହେଲା ନାହିଁ ।

Digitized by srujanika@gmail.com

ସାର୍ ସେ ସ୍ମୃତିସବୁ ଭୁଲିଗଲେ । ଦିନେ ସ୍ୱଲିଖିତ ଖଣ୍ଡିଏ 'ନୈବେଦ୍ୟ' ବହିରେ 'Presented with author's best complements' ଲେଖି ମୋ ନିକଟକୁ ଉପହାର ପଠାଇଲେ; ମୁଁ ତାଙ୍କୁ ହାତଯୋଡ଼ି କହିଲି—ମୁଁ ଆପଣଙ୍କ ପ୍ରେରଣାର ଫଳ; ଯେତେ ସାହିତ୍ୟିକ ହେଲେ ବି ଆପଣଙ୍କର ଜଣେ ନଗଣ୍ୟ ଛାତ୍ର ମାତ୍ର ।

ସୁଯୋଗ ନ ପାଇ କୂପମଣ୍ଡୁକ ହେବା ଗୋଟାଏ କଥା, ସାଗର ଭିତରେ ନାସିକାର ଚର୍ତ୍ତିରେ ପଶିବା ଅନ୍ୟ କଥା । ଓଡ଼ିଶାର ଲଣ୍ଡନ କଟକନଗରରେ ମୋର ଏଇ ଦୁର୍ଦ୍ଦଶା ହୋଇଥିଲା । ବାସ୍ତବିକ, ମାନସିକଭାବରେ ମୁଁ ଥିଲି ଗୋଟିଏ ପଙ୍ଗୁ । ଆଧୁନିକ ସାହିତ୍ୟ ସହିତ ମୋର କୌଣସି ସମ୍ପର୍କ ନ ଥିଲା ।

କେତେଜଣ ହତଭାଗାଙ୍କ ସହିତ ପ୍ରତିଦିନ ଦରଫୁଟା ଭାତ, ଡାଲିପାଣି ଖାଇ ତିନି ମାଇଲ୍ ଦୌଡ଼ିବାକୁ ହୁଏ, ତଳେତେଲେଙ୍ଗା ବଜାରରୁ ରେଭେନ୍ସା କଲେଜ । ଅଧ୍ୟାପକ ଅଧା ପଦରେ ଅଧା ଭାଗବତ ଗାଇ ବୁଲୁଥାଆନ୍ତି । ମୋ କାନରେ କିଛି ପଶେ ନାହିଁ । କେବଳ କଲେଜକୁ ଯାଏ, ଆସେ । କିଛି ବୁଝେନାହିଁ । କାହାଠାରୁ ବହି ମାଗି ଆଣି ପଢ଼ିବାକୁ ସଂକୋଚ ଲାଗେ; କାଳେ ନାହିଁ କରିଦେବ । ଚରମ ଦୁର୍ଦ୍ଦଶାରେ ସେହି ଦିନଠାରୁ ଉପାସେ ପଡ଼ିଛି ରହେ, କାହାକୁ ଧାର୍ ମାଗେ ନାହିଁ; ସେ ଅଭ୍ୟାସ ମୋର ନାହିଁ । ନିଜର ସାଇକଲ ନ ହେବା ପର୍ଯ୍ୟନ୍ତ କାହାଠାରୁ ସାଇକଲ ମାଗି ଚଢ଼ି ଶିଖି ନ ଥିଲି ।

'ଦୁଃଖେ ଯାଦେର ଜୀବନ ଗଢ଼ା
ତାଦେର ଆବାର ଦୁଃଖ କାରେ ?'

ବ୍ୟକ୍ତିଗତ ଜୀବନରେ ଅଭାବ ମୋର ହୋଇନାହିଁ, ନୁହେଁ । କିନ୍ତୁ ମୋ ଦୁଃଖ-କଷ୍ଟ ମୋ ଦେହରେ ମୁଁ ଚପେଇ ନିଏ । ସେ କଥା ଅନ୍ୟ କେହି ଜାଣନ୍ତି ନାହିଁ । ଭାବ ଯେମିତି ମୋର, ଅଭାବ ସେହିପରି ମୋର; ସମ୍ପଦ ଯେମିତି ମୋର ବିପଦ ସେହିପରି ମୋ ନିଜର; ଦୁଃଖକୁ ଥରେ ନିଜର କରିପାରିଲେ ସେ ଆଉ ଆଖି ଦେଖାଇବ ନାହିଁ; ଯନ୍ତ୍ରଣା ଦେବନାହିଁ । ବିପଦ, ବାଧା, ବିଘ୍ନ-ମଧ୍ୟରେ ଚାଲି ଚାଲି କ୍ରମେ ସେ ସବୁ ମୋର ନିଜର ହୋଇ ଯାଇଛନ୍ତି । ଆଉ ସହଜରେ ବିଚଳିତ କରିପାରୁ ନାହାନ୍ତି । ଲକ୍ଷ୍ୟପଥରୁ ଚ୍ୟୁତ କରିଛନ୍ତି କ୍ୱଚିତ୍, କିନ୍ତୁ ବିଚ୍ୟୁତ, ବିଚ୍ଛିନ୍ନ କରି ପାରିନାହାନ୍ତି ଚିରକାଳ ଲାଗି ।

ମୋ ଛାତ୍ର 'ବୁଢ଼ା'କୁ ବର୍ଣ୍ଣବୋଧ ପଢ଼େଇବାକୁ ହେଉଥାଏ; ପିଲାଟିର ସ୍ମୃତି ତୀକ୍ଷ୍ଣ; ବଡ଼ ବିଚକ୍ଷଣ ସେ । ମାତ୍ର କେଇମାସ ମଧ୍ୟରେ ବହୁତ ପଢ଼ିଯାଇଥିଲା । ଶିବବ୍ରାହ୍ମଣବାବୁଙ୍କର ହଠାତ କଟକରୁ ହଜାରିବାଗକୁ ବଦଳି ହେଲା । ସେଠି ସରକାରୀ କ୍ୱାର୍ଟର ମିଳିଲା । ସେ ପିଲାପିଲାଙ୍କୁ ନେଇ ଗଲେ । କିନ୍ତୁ ବୁଢ଼ାର କଣ ରୋଗ ହେଲା, ଡାକ୍ତରଙ୍କ ଔଷଧ ଓ

Digitized by srujanika@gmail.com

ପିତାମାତାଙ୍କ ସ୍ନେହ ଏଡ଼ିଦେଇ ସେ ଚାଲିଗଲେ, ଜୀବନର ଚରମ ଦୁର୍ଦ୍ଦଶାରେ ପଡ଼ିଥିଲା ବେଳେ ମୁଁ ଏ ଦୁଃସମ୍ବାଦ ଶୁଣିଲି ।

ଶିବସ୍ୱାମୀବାବୁ ହଜାରୀବାଗ ଗଲେ ପରେ ମୋର ଅବସ୍ଥା—'ସମୁଦ୍ରେ ଶୟନଂ ତଥା' ।

ଭୁବନେଶ୍ୱରକୁ ନେଇଥିଲି ଗୋଟିଏ ପେଟରା—ସେତେବେଳକୁ ଟ୍ରଙ୍କ, ସୁଟ୍‌କେସ ସେତେ ଚାଲୁ ହୋଇ ନ ଥିଲା; କଟକରେ ପେଟରା ଅଚଳ, ଆଣିଥିଲି ଗୋଟିଏ କାଠ-ବାକ୍‌ସ, କେତେ ବର୍ଷ ତଳେ ଟଙ୍କାଟିଏ ଦିଆହୋଇ ମେଳଣରୁ ଏହା କିଣା ହୋଇଥିଲା। ସେଇ ଚାରି କବ୍‌ଜାଥିବା କାଠବାକସଟି କାନ୍ଧେଇ ମୁଁ ରାସ୍ତା ଧାରରେ ଆସି ଛିଡ଼ାହେଲି, ଉପରକୁ ଚାହିଁ ମନେ ମନେ ପଚାରିଲି—ପ୍ରଭୁ, ଏବେ କୁଆଡ଼େ ଯିବି ?

ବାଟ ତ ସବୁଆଡ଼େ ପଡ଼ିଛି; ଲୋକେ ଯାଉଛନ୍ତି, ଆସୁଛନ୍ତି, ସମସ୍ତଙ୍କ ପଥ ସ୍ଥିର, ଲକ୍ଷ୍ୟ ନିର୍ଦ୍ଦିଷ୍ଟ ଯେପରିକି ।

ହାତରେ ପଇସାଟିଏ ନାହିଁ, ଭିତରେ କାନ୍ଦ ଥାଏ,—ଲୋକଲଜ୍ଜାରୁ ଆଖିରୁ ଲୁହ ଗଡ଼ାଉ ନ ଥାଏ ଯାହା । ଆରେ, ଏ ଲୁହ ମଣିଷଙ୍କୁ ସିନା ଦିଶେନାହିଁ, ଭଗବାନଙ୍କ ଆଖିକୁ କିଏ ବତେଇ ଦିବ ? ସେ ଜଣଙ୍କୁ ପଠାଇଲେ ବନ୍ଧୁ ! ଆଃ, ଏଇ ସମୟରେ ଜଣେ ଆସି ପାଖରେ ଛିଡ଼ା ହୋଇଗଲେ କେମିତି ଲାଗେ । ଦେହରେ କେତେ ବଳ ଆସେ । ମୁଁ ଏକୁଟିଆ ନୁହେଁ, ମୋ ସାଙ୍ଗେ ମିଶି ଦୁର୍ଦ୍ଦିନ ସଙ୍ଗେ ଯୁଝିବାକୁ ଆଉ ଜଣେ ଅଛି । କିଛି ନ କଲେ ପଛରୁ ତ ଟିକିଏ ଆଣ୍ଟି ଦେବ ।

'କିରେ, ଏଠି କାହିଁକି ଏମିତି ଛିଡ଼ା ହୋଇଛୁ ?'

'ଗଛ ତଳକୁ ଯିବି, ନଇଲେ ଗାଁକୁ; ଯୋଥିରେ ଆଜିଠାରୁ ମୋର ଡୋରି ବନ୍ଧା ହେଲା, ପାଠପଢ଼ା ଆମ ଲାଗି ନୁହେଁ ଲୋ ଭାଇ, ପୂର୍ବଜନ୍ମରେ ଯାହାର ଯେପରି ତପସ୍ୟା ଥିବ...'

'କଣ ଗୁଡ଼ାଏ ବକୁଛୁ ? ଚାଲ ମେସ୍‌କୁ; ଏ ଦିଣ୍ଡଟାରେ ଏମିତି ଅଷ୍ଟପ୍ରହର ଛିଡ଼ା ହୋଇଥିଲେ କିଏ ଟିକିଏ ମୁହଁକୁ ଚାହିଁବ ନା ପଚାରିବ ? ଚାଲ୍‌, ଚାଲ୍‌ ।'

ମେସ୍‌ଟି ଚୌଧୁରୀ ବଜାର, ଝୋଲସାହି ମଝାମଝି । ଚୂନ୍‌ଛୁଣା କୋଠା; ମଝି ଘରଟିରେ ଝରକା ନାହିଁ । ଦିନରେ କଟିକଟିଆ ଅନ୍ଧାର, ଦଉଡ଼ିଆ ଖଟଟି ଉପରେ ମୁଁ ଆସ୍ଥାନ ଜମାଇଲି; ଲଣ୍ଠନଟି ସବୁବେଳେ ଜଳାଇ ରଖିଥାଏ । କାରଣ ଏଘରେ ମୋତେ ରାତି ପାହେ ନାହିଁ । ତଥାପି ଏ ଢେର ଭଲ, ଗଛମୂଳ, ରାସ୍ତାକଡ଼ ଅପେକ୍ଷା ।

Digitized by srujanika@gmail.com

ମୁଣ୍ଡି ପାଣିରେ ଦୁ'ଦିନ ଚଳିଲି; ତେଣିକି ପାଦ ଅଚଳ । ଏ ଅବସ୍ଥା ବୁଝିପାରି ସେଇ ବନ୍ଧୁ ଜଣକେ ମେସ୍‌ରେ ମୋର ଖାଇବାର ବ୍ୟବସ୍ଥା କରିଦେଲେ, ଖାଇବସିଲା ବେଳେ ଭାବୁଥାଏ – ମେସ୍ ଖର୍ଚ୍ଚ କିପରି ଦେବି ? କଲେଜ ଦରମା ? ଭାବି ଭାବି ଭାତ ତୁଣ୍ଡକୁ ନ ଯାଏ, ତଣ୍ଟିରେ ଜଳ ବି ଲାଗୁ ନ ଥାଏ ।

ଏ ଯୁଗ ଭଳି ସେତେବେଳେ ଟିଉସନ ପଥ ଏତେ ସୁଲଭ ନ ଥିଲା; ତଥାପି କଲେଜରୁ ଫେରିଲା ପରେ ମୋର ନିତ୍ୟନୈମିତ୍ତିକ କାର୍ଯ୍ୟ ହୁଏ ଟିଉସନ ଖୋଜା । ଏ ବଜାରରୁ ସେ ବଜାର, ସେ ବଜାରରୁ ଆର ବଜାର; ଟିଉସନର ଓସ୍ତାଦମାନଙ୍କ ନିକଟକୁ ଧାଉଁଥାଏ – କିଏ ତିନିମାସ ପାଞ୍ଚମାସରେ ଥରେ ପଇସା ଦିଏ, କିଏ ଦୁ' ଚାରି ମାସ ଟିଉସନ କରିବା ବିନା ଦରମାରେ ମାଷ୍ଟରଙ୍କୁ କିଛି ଅପବାଦ ଦେଇ ବିଦାୟ କରିଦିଏ—ଟିଉସନ ବିଷୟରେ କେତେ କାହାଣୀ ଶୁଣୁଥାଏ । କଟକ ସହରକୁ ଦୁ'-ପାହୁଣ୍ଡ କରିଥାଏ; ଗଳି ଗଳି ପଦରେ ବୁଦ୍ଧ ଫୁଟିଲା ସିନା, ଟିଉସନଟିଏ କେଉଁଠି ମିଳିଲାନାହିଁ । ଏଥିରୁ ବୁଝିଲି—ଅଧିକ ପଢ଼ାପଢ଼ି ଭଗବାନଙ୍କର ଇଚ୍ଛା ନୁହେଁ, ଭାଇନା ଠିକ୍ କହୁଥିଲେ, ଆମ ଘରକୁ ମାଟ୍ରିକ୍ ପାଠ ଢେର; ନନା ନିମ୍ନ ପ୍ରାଥମିକ ଭାଇନା ମାଇନର—ମୁଁ ମାଟ୍ରିକ୍; ଏ କ୍ରମ ତ ଠିକ । ସେ କାଳେ ମାଟ୍ରିକ ପାସ୍ କରିବା କିଛି ଗୋଟାଏ ଛୋଟ କଥା ନ ଥିଲା । ସବ୍ ରେଜିଷ୍ଟ୍ରାର ଅଫିସରେ କିରାଣି ହୋଇ ଆମ ଗାଆଁର ଅନନ୍ତ ମହାନ୍ତି ବେଶ ମାନ୍ୟଗଣ୍ୟ ହୋଇଥିଲେ; ଢେର ଜମିବାଡ଼ି କିଣିଥିଲେ, ପିଲାଙ୍କୁ ପାଠ ପଢ଼େଇ ମଣିଷ କରିଥିଲେ, ମାଟ୍ରିକ୍ ପାସ୍‌ବାଲା କଣ ନ ପାରେ କଣ ? ବେଶୀ ପଢ଼ିବି ବୋଲି ମୁଁ ମିଛରେ ହନ୍ତ ହନ୍ତ ହେଉଛି କାହିଁକି ? ଯାହାର ପଇସା ଅଛି, ସେ ପଢ଼ିବ – ଜମିଦାରଙ୍କ ପୁଅ, ଅଫିସରଙ୍କ ପୁଅ; ମୁହଁରେ ସୁନା ଚାମୁଚ ଧରି ଜନମ ହୋଇଛନ୍ତି ସେମାନେ – ଷଠୀ ବି ପାଠ ଲେଖିଦେଇଛି ସେମାନଙ୍କ କପାଳରେ । ମୋ ପରି ନିଘୁଞ୍ଚ ବଳିତା ଧରି ବାଟ ଚାଲୁଛି କିଏ ? ଶୁଖିଲା ନଈରେ ନାଆ ମେଲୁଛି କିଏ ? ଲକ୍ଷ୍ମୀଛଡ଼ାକୁ କିଏ ପୋଛି ଖାଉଛି ? ଏ ସମାଜରେ ଧନ ନ ଥିଲେ ପାଠ ପଢ଼ିବାକୁ ଯିବା ବାତୁଳତା; କିନ୍ତୁ ଏଥିରେ ମୋ ଜୀବନର କାଣ୍ଡାରୀ ହସି ଉଠିଥିବେ – ଦୁର୍ବଳ ତୁ, ଭୀରୁ; ଏତିକିରେ ଭାଙ୍ଗି ପଡ଼ୁଛୁ ? କେତେ ବୋଝ, ବୋଝ ଉପରେ ବୋଝ, ତା ଉପରେ ନଳିତା ବସ୍ତା ବୋହିବାକୁ ପଡ଼ିବ; ବେଢ଼ା; ତା ଉପରେ କୋରଡ଼ା, ତା ଉପରେ ବେଙ୍ଗ ପାହାର ସହିବାକୁ ହେବ; ସଂସାରରେ ଜୀବନ ଏତେ ସହଜ ନୁହେଁ; ହାଡ଼ ଗୋଡ଼ ଭାଙ୍ଗିବାକୁ ପଡ଼େ, ଲକ୍ଷେ କୋଡ଼ମାଡ଼ ସହିବାକୁ ହୁଏ – ତେବେ ଯାଇ କିଏ ମଣିଷ ହୁଏ । ତେମେ ଭାବୁଛ – ସିଧା ନଈର ଏପାଖରୁ ସେପଖକୁ ପହଁରି ଯିବ – ନଈରେ ସୁଅ, ଭଉଁରୀ ନ ଥିବ, ସାପ, କୁମ୍ଭୀର ନ ଥିବେ; ଚାଲି ବାଟଟା ରାଜପଥ ହୋଇଥିବ, ଅଗ ଗୋଡ଼ରେ କଣ୍ଟା ବାଜିବ ନାହିଁ । ଆରେ ଜୀବନଯାତ୍ରୀ, ଏ ଆଶା ଦୁରାଶା ।

Digitized by srujanika@gmail.com

ସେଇ ଇଚ୍ଛା ହିଁ ବଳୀୟସୀ; ତା ସାମ୍ନାରେ ମୋ ମନ ହାର ମାନିଛି । ଯାହା ଭଲ ବୋଲି ଜୀବନରେ ବାଛିଛି, ତାହା ଭୁଲ ପ୍ରମାଣିତ ହୋଇଛି । ସେଇ ଅଦୃଶ୍ୟ ହସ୍ତଟି କେବଳ କପାଳରେ କେତୋଟି ଗାର ଟାଣି ଦେଇ ନୀରବ ହୋଇ ଯାଇନାହିଁ, ସେ ମୋ ପିଛା ଲାଗିଛି । ବୁଡ଼ିଗଲା ବେଳେ ମୋତେ ଶୁଖିଲାକୁ ଟାଣୁଛି । ଝୁଣ୍ଟି ପଡ଼ିଲା ବେଳେ ମୋତେ ଉଠାଇ ଦେଉଛି । ଖସି ପଡ଼ିଲା ବେଳେ ଧରି ସମ୍ଭାଳି ନେଉଛି, ମୋତେ ଆଗକୁ ଠେଲୁଛି, ଥକ୍କା ହୋଇ ଠିଆ ହୋଇ ଗଲାବେଳେ ଟାଣୁଛି, ଅଳସପଣରେ ମୋ କଲଙ୍କି ଲାଗି ଚକ ଅଚଳ ହେଲା ବେଳେ । ଦଣାଣ୍ଡି ସେ, ମୋ ଦଦରା ଡଙ୍ଗାର ନାଉରିଆ ।

ପଢ଼ା ଗୁଡ଼ିଏ ଘରକୁ ଫେରିବାର କେତୋଟି ମୁହୂର୍ତ୍ତ ଆଗରୁ ମୋତେ ଗୋଟିଏ ଟିଉସନ୍ ମିଳିଗଲା; ପ୍ରଭୁଙ୍କୁ ନମସ୍କାର କଲି, ନମସ୍କାର କଲି ବାରମ୍ବାର । ମେସ୍ ଖର୍ଚ୍ଚ ନ ଦେଇ ଘରକୁ ଯାଉଥାନ୍ତି କିପରି ? ନୋଇ ଭରସାରେ କିଏ ମତେ ଗୁଡ଼ାଏ ଦେଇଥାନ୍ତା ? 'ଟିଉସନ ପାଇଛି'— ଏ ସମ୍ବାଦରେ ମୋତେ ମ୍ୟାନେଜର ମେସ୍ ଖର୍ଚ୍ଚ ମାଗିଲନାହିଁ; 'ହଁ, ଟଙ୍କା ପାଇଲେ ଦବ'; 'ଜାଲିଆ ବା ଫିସାଦିଆ ନୁହେଁ ।' ମୋ ଚଳଣିରୁ ତାଙ୍କର ଧାରଣା ଜନ୍ମିଥିଲା ।

ସେ କାଳର ଗୋଟିଏ ଅପ୍ରୀତିକର ଘଟଣା ବା ଦୁର୍ଘଟଣା ମୋର ମନେ ପଡ଼େ । ଦୁଃସ୍ଥ ଅବସ୍ଥାର ଚରମ ସ୍ତରରେ ପହଞ୍ଚିଥିଲି ମୁଁ । ତାହା ଲୁଚିବା ଲାଗି ଘରେ ବା ବାହାରେ ମୁଁ କାହାକୁ ସୁଯୋଗ ଦେଇନାହିଁ । ସାମାନ୍ୟ କମିଜ ଖଣ୍ଡିଏ କିଣିବା ଲାଗି ମୋର ସମ୍ବଳ ନ ଥିଲା । କାନ୍ଧରେ ଚଦର ପକାଇ ମୁଁ ଡ୍ରିଲ୍‌କୁ ଯାଉଥିଲି ବୋଲି ଡ୍ରିଲ୍ ସାର୍ ମୋତେ ଧାଡ଼ିରୁ ବାହାର କରି ଦେଉଥିଲେ । ଚଦର ପକାଇ ଡ୍ରିଲ୍ କରିବା ଅସୁବିଧାଜନକ ହୋଇପାରେ, କିନ୍ତୁ ବେଆଇନ୍ ନୁହେଁ । ପ୍ରତିବାଦ ଲାଗି ସାହସ କୁଳେଇଲାନାହିଁ । ଅପମାନଜନିତ ଯନ୍ତ୍ରଣା ବହୁଦିନ ପର୍ଯ୍ୟନ୍ତ ମୋତେ ଦଗ୍ଧ କରିଥିଲା ।

ଡ୍ରିଲ୍ ବୋଲି ସେତେବେଳେ କଲେଜରେ ଯାହା ହେଉଥିଲା, ତାହା ଗୋଟାଏ ପ୍ରହସନ । ବେଳେ ବେଳେ ଗୋଟାଏ ସିଧା ଧାଡ଼ି କରାଇ 'ଲେଫ୍‌ଟ ରାଇଟ୍' କରାଯାଉଥିଲା; ଯେମିତି ଆରମ୍ଭ, ସେମିତି ଶେଷ— ପ୍ରାଥମିକ ଶ୍ରେଣୀରେ ଯାହା, କଲେଜରେ ସେଇଆ । ଡ୍ରିଲ୍‌ରେ ସାର୍ ବା ଛାତ୍ର କାହାରି ଆଗ୍ରହ କଥା ନ ଥିଲା । 'ଅଳ ଥାଉ ସାର୍' ବୋଲି ପିଲାଏ କହିବା ମାତ୍ରେ ସାର୍ ଧାଡ଼ି ଭାଙ୍ଗି ଦେଇ ବାଇସିକଲ୍ ମାରି ଘରକୁ ଛୁଟୁଥିଲେ । ଡ୍ରିଲ କରାଇବା ଗୋଟିଏ ସାମୟିକ କାର୍ଯ୍ୟ ଥିଲା, କିନ୍ତୁ ପୂରା ବେତନ ସେ ପାଉଥିଲେ ।

ମୁଁ ଆଇ. ଏ. ପଢ଼ୁଥିବା ସମୟରେ ୧୯୩୬ ଖ୍ରୀଷ୍ଟାବ୍ଦରେ ନୂତନ ଓଡ଼ିଶା ପ୍ରଦେଶ ସଂଗଠିତ ହେଲା । ସିଂହଭୂମ୍, ମେଦିନୀପୁର, ଟିକାଲି, ତରଲା, ବଡ଼ୁର, ଜଳନ୍ତର, ବୁଡାରସିଂ, ଇଚ୍ଛାପୁର, ମଞ୍ଜୁଷା, ଉଦ୍ୟାନଖଣ୍ଡ, ଫୁଲଝର ଏହି ନବ ପ୍ରଦେଶର ଅଙ୍ଗୀଭୂତ ନ ହେବାରୁ ବହୁତ କ୍ଷୋଭ ପ୍ରକାଶ ପାଉଥିଲା । ଓଡ଼ିଶାର ରାଜଧାନୀ କଟକ, ଚୌଦ୍ୱାର, ଭୁବନେଶ୍ୱର, ବ୍ରହ୍ମପୁର କିମ୍ବା ରଙ୍ଗେଇଲୁଣ୍ଡା କେଉଁଠାରେ ହେବ, ଏ ନେଇ ଆନ୍ଦୋଳନ ମଧ୍ୟ ହୋଇଥିଲା । ବିଚ୍ଛିନ୍ନାଞ୍ଚଳର ପୁନର୍ମିଶ୍ରଣ ଲାଗି ଓ ବିଚ୍ଛିନ୍ନାଞ୍ଚଳରେ ଉତ୍କଳୀୟ ସଂସ୍କୃତିର ସୁରକ୍ଷା ଲାଗି ଉତ୍କଳ ସମ୍ମିଳନୀ ନେତୃତ୍ୱ ନେଇଥିଲା । ତଥାପି କଟକର ତରୁଣମହଲରେ ଏଥିଲାଗି 'ଅବକାଶ ବାହିନୀ' ନାମରେ ଗୋଟିଏ ସ୍ୱତନ୍ତ୍ର ଅନୁଷ୍ଠାନ ଗଠିତ ହୋଇଥିଲା ଓ 'ବାହିନୀ' ସାପ୍ତାହିକ ପତ୍ରିକା ପ୍ରକାଶ ପାଉଥିଲା । ମୁଁ ଏହି ଅନୁଷ୍ଠାନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲି । ଉତ୍କଳୀୟ ଦେଶାତ୍ମବୋଧ ଯୋଗ ସେତେବେଳେ ବହୁ କିଶୋରକବିତା ରଚନା କରିଥିଲି — ଯେପରିକି —

'ଓଡ଼ିଶା ବୀର ଦେଶରେ ଆମେ ଓଡ଼ିଆ ବୀର ପିଲା
ଗଜପତିର ରକତ ତେଜ ନସ୍ନେ ଆମ ଶିରା ।
ଆକାଶେ ଯେତେ ତାରକା ଦିଶେ
ଆମରି ଆଖି କିରଣ କି ସେ !
ଛୁଟି ସେ ଦୂର ସରଗେ ମିଶେ ଝଟକେ ଯଥା ହୀରା' ।

'ଉତ୍କଳ ସମ୍ମିଳନୀ', 'ଭାରତୀୟ ଜାତୀୟ କଂଗ୍ରେସ' ଏହି ଦୁଇ ଅନୁଷ୍ଠାନ ଜରିଆରେ ଦେଶାତ୍ମବୋଧ ପ୍ରକାଶ ପାଉଥିଲା; ଗୋପବନ୍ଧୁ, ନୀଳକଣ୍ଠ ପ୍ରଭୃତି ଉଭୟ ଭାବଧାରାକୁ ପରିପୁଷ୍ଟ କରୁଥିଲେ, ଉଭୟଙ୍କୁ ପରସ୍ପରର ପରିପୂରକ ମନେ କରୁଥିଲେ; କିନ୍ତୁ କିଛି ବର୍ଷ ପରେ ଉତ୍କଳ ସମ୍ମିଳନୀ ଉତ୍କଳୀୟ ଆଶା ଆକାଂକ୍ଷାର ପ୍ରତୀକ ହୋଇ ଆଉ ରହିଲାନାହିଁ, ଉତ୍କଳୀୟ ନେତାମାନେ ସାମ୍ରାଜ୍ୟବାଦ ବିରୁଦ୍ଧରେ ଜାତୀୟ ସଂଗ୍ରାମରେ ଝାସ ଦେଲେ ।

ପ୍ରଥମ ଓଡ଼ିଶା ବ୍ୟବସ୍ଥା ସଭା ରେଭେନସା କଲେଜ ହଲରେ ବସିବାର ଆମେ ଦେଖିଛୁ । ମଧୁବାବୁ ଓ ଗୋପବନ୍ଧୁବାବୁଙ୍କୁ ମୁଁ ଦେଖିନାହିଁ । ବ୍ରଜସୁନ୍ଦର ଦାସଙ୍କ ବକ୍ତୃତା ମାତ୍ର ଥରେ ପାଇଁ ରେଭେନ୍ସା କଲେଜ ହତାରେ ଶୁଣିବାକୁ ପାଇଥିଲି । ବିଶ୍ୱନାଥ ଦାଶଙ୍କ ମନ୍ତ୍ରୀମଣ୍ଡଳ ଚାଲୁଥିବା ବେଳେ ବିଶ୍ୱକବି ରବୀନ୍ଦ୍ରନାଥ ଓଡ଼ିଶାକୁ ଆସିଥିଲେ ଓ କଟକ ଷ୍ଟେସନରେ ମୁଁ ତାଙ୍କୁ ପ୍ରଥମ ଓ ଶେଷଥର ପାଇଁ ଦର୍ଶନ କରିଥିଲି ଓ ନୀରବ ଆଶୀର୍ବାଦଟିଏ ଲାଭ କରିଥିଲି । ପରବର୍ତ୍ତୀ ଜୀବନରେ ମୋର ଦୀର୍ଘ ଶାନ୍ତି-ନିକେତନ ବାସ ସେହି ପୁଣ୍ୟର ହିଁ ଫଳ ।

Digitized by srujanika@gmail.com

ଆଇ. ଏ. ରେ ଇତିହାସ, ତର୍କଶାସ୍ତ୍ର ଓ ସଂସ୍କୃତ ସେ କାଳର ଅଧମ ଉଦ୍ଧାରଣ ବିଷୟ; ଅଧ୍ୟାପକ ବିପିନ ବିହାରୀ ରାୟ ଯୁବୁଟନ୍ତୀର ସ୍ୱରରେ ଲଜିକ୍ ନୋଟ୍ ଡାକନ୍ତି; ଅନ୍ୟ ଅଧ୍ୟାପକଙ୍କ ପରି ଗଡ଼ ଗଡ଼ କରି ଗାଇଯାନ୍ତି ନାହିଁ, ଶ୍ରୀଯୁକ୍ତ ରାୟଙ୍କ ନୋଟ୍ ସଂକ୍ଷିପ୍ତ, ସରଳ, ସୁନ୍ଦର । ତାକୁ ଦୁଇ ଚାରି ଥର ପଢ଼ିଥିଲେ କେହି ଫେଲ ହେବନାହିଁ, ପ୍ରଥମ ଶ୍ରେଣୀରେ ପାସ କରିପାରେ, ନ ପାରେ । ଇତିହାସ ତ ମାଟ୍ରିକରେ ଭଲଭାବେ ପଢ଼ିଥିଲି, ମୋର ୭୫/୮୦ ନମ୍ବର ରହୁଥିଲା । କଲେଜରେ ତାର ବୃହତ୍ତର ସଂସ୍କରଣ ପଢ଼ିନାହିଁ । ଏଲ୍. ମୁଖାର୍ଜି ସେତେବେଳେ ପଠିତପାଠନ । ତାକୁ ମୁଖସ୍ଥ କରିଥିଲି । ଇଂରାଜୀ ବହିପତ୍ର ପଢ଼ିନାହିଁ । ଏଠି ସେଠି ଆଖି ପକାଇଥିଲି । କିନ୍ତୁ ମୋର ଇଂରାଜୀ ଲେଖା ପ୍ରାୟ ଶୁଦ୍ଧ ଥିଲା. ମାଇନର ହେଡ଼ମା ଅନାଥବନ୍ଧୁଙ୍କ କୃପାରୁ । କୌଣସିମତେ ଆଇ. ଏ. ପରୀକ୍ଷାର୍ଣ୍ଣବ ଉତ୍ତୀର୍ଣ୍ଣ ହେଲି ଖଣ୍ଡିଏ ଭଙ୍ଗା ଡଙ୍ଗାରେ, ଅବଶ୍ୟ ଯାହା ତଳକୁ ଯାଇ ନାହିଁ, ସେହି ଶ୍ରେଣୀରେ । କିନ୍ତୁ ଏଥିରେ ତିଳାର୍ଦ୍ଧ ଅସନ୍ତୋଷ ମୋର ନ ଥିଲା । ପରିଶ୍ରମ ତ କରି ନ ଥିଲି ବା କରିବାର ସୁବିଧା ନ ଥିଲା । ଏହି ପାସ୍‌କୁ ଭାଗ୍ୟ ଜୋର ବୋଲି ମନେକଲି ।

ଝଲେଇର ଛକ, ସୋଲର ବାଙ୍କ

କଥା ଅଛି —

ଝଲେଇର ଛକ, ସୋଲର ବାଙ୍କ
ସାଲିଆ ନଈ, ବାଣପୁରିଆ ଭାଇ
ଏମାନଙ୍କୁ ବିଶ୍ୱାସ ନାହିଁ ।

ଝଲେଇର ଛକକୁ ଓ ସୋଲର ବାଙ୍କକୁ ବାଘ ଝିଙ୍କି ନେଉଥିବେ, ପାହାଡ଼ୀ ସାଲିଆ ନଈ ଖରସ୍ରୋତରେ ମଣିଷଙ୍କୁ ଭସାଇ ନେଉଥିବ; କିନ୍ତୁ ବାଣପୁରିଆ ଭାଇ କି ଦୋଷ କଲେ ? ସେ କାହିଁକି ବିଶ୍ୱାସଭାଜନ ନୋହିବେ ? କଥା କ'ଣ ନା, ମାରି ମାରି ଭଣ୍ଡାରିଆକୁ ମାରି । ସବୁ ଜାଗାରେ ମିଛୁଆ ସଠିଆ, ବିଶ୍ୱାସିଆ ବିଶ୍ୱାସଘାତିଆ ଲୋକ ଅଛନ୍ତି; କାହାର ଗୋଟାଏ କୋଉଦିନ କଣ ହେଲା ବୋଲି ସେ ବାଣପୁରିଆଙ୍କ ମୁଣ୍ଡରେ ଅଠା ବୋଳି ଦେଇଛୁ । ଅଲଣ୍ଡାରେ ଜଣେ ଚୋର; ତା ବୋଲି ସ୍ୱେର ଗା କହିବାର ଯଥାର୍ଥତା କେଉଁଠି ? ଚୋର ନାହାନ୍ତି କୋଉ ଗାଁରେ ?

ବାଣପୁର ବାସ ଯୋଗ ମୋର ଘଟିଥିଲା ଠିକ୍ ଆଇ. ଏ. ପରୀକ୍ଷା ଦେଲା ପରେ । ନୂଆ ହାଇସ୍କୁଲ ହେଉଥାଏ; ଶିକ୍ଷକ ମିଳୁ ନଥାନ୍ତି । ପଣ୍ଡିତ ଗୋଦାବରୀଶ ବୈବାହ୍ନ ସାକ୍ଷାତ ହେବାମାତ୍ରେ ମୋତେ ନିଯୁକ୍ତ କଲେ ସେହି ସ୍କୁଲର ଶିକ୍ଷକ ଭାବେ—ମାସିକ ଦରମା ପଚିଶ ଟଙ୍କା । ଗାଡ଼ିଭଡ଼ା ମାତ୍ର ସଂଗ୍ରହ କରି ମୁଁ ।ବାଣପୁର ଚାଲିଗଲି, ଚଳାଚଳ

Digitized by srujanika@gmail.com

ହେବା ଲାଗି ହାତରେ ଗୋଟିଏ ହେଲେ ପଇସା ନ ଥିଲା । ସେ କଥା ଗୋଦାବରୀଶଙ୍କୁ ସଙ୍କୋଚରେ କହି ପାରିଲିନାହିଁ । କଥା ଅଛି ମୁଖ ଫିଟିଲେ ଦୁଃଖଯାଏ । ଅର୍ଥାଭାବରେ ମୋତେ ଗୋଟିଏ ଦିନ ନିର୍ଜଳା ଏକାଦଶୀ କରିବାକୁ ହୋଇଥିଲା ।

ସେଦିନ ପଲଟଣ ପଡ଼ିଆ ମେଳଣ ଦେଖି ଯାଇଥିଲି—ପାଞ୍ଚ ଛ'ମାଇଲ ଦୂର; ବାଟଚଲି ବାଧାକୁ ଖାଡ଼ା ଉପବାସ— ସୁଆଙ୍ଗ ନାଚୁଥାନ୍ତି, ପଲଟଣ ଚାଲିଥାଏ । ଯାତ୍ରା ଜମୁଥାଏ; ଚଢ଼ିଦଳ ପରେ ଚଢ଼ିଦଳ ଆସୁଥାନ୍ତି—ନାମସଂକୀର୍ତ୍ତନକୁ ଘଣ୍ଟମାଦଳ ! କିନ୍ତୁ ତାଡ଼ିଲା ପେଟରୁ ମୋ ଆଖିବାଟେ ଉଡ଼ି ଯାଉଥାନ୍ତି ଜୁଳୁଜୁଳିଆ ପୋକ ।

ସେ ଦିନର କାଣପୁର ଗୋଟିଏ ସୁଖସ୍ୱପ୍ନ ପରି ଦିଶେ—ଟଙ୍କାର ରଙ୍ଗୀନ କୁହୁଡ଼ି ଭିତରୁ ସୂର୍ଯ୍ୟ ଉଠେ, ଭୁବନେଶ ଶିଖରରେ ଝଟକ ଉଠେ ଉଦ୍ୟୋତାଭା; ପାଲିଆ ଗଡ଼ରେ ଶାଳି ଶାଳି ନାଗେଶ୍ୱର ବୃକ୍ଷ, ଫାଲ୍ଗୁନରେ ପୁଷ୍ପିତ; ଅଳି ଗୁଞ୍ଜନରେ ମୁଖରିତ; ଅଦ୍ଭୁତ ଏକ ଗୀତିକବିତାର ଛନ୍ଦରେ ବସନ୍ତଋତୁଙ୍କୁ ମୋହାଚ୍ଛନ୍ନ କରନ୍ତି ।

କାଣପୁର କୁଆଡ଼େ ବାଣାପୁରର ରାଜ୍ୟ ଥିଲା । ଘଣ୍ଟଶିଳାରେ ବାଜୁଥିଲା ତାର ଘଣ୍ଟ । କଳ୍ପୁଥିଲି ସେଇ ଅସୁରର ରୂପ, ଯେତେବେଳେ ପାହାଡ଼ର ଘନଗୁମ୍ଫା ମାଡ଼ି ମାଡ଼ି ଆସୁଥିଲା ଅନ୍ଧକାର ଭିତରରୁ— ତାର ଅଗ୍ରଦୂତ ପରି ଦିଶୁଥିଲେ ଭଲ୍ଲୁକଦଳ ।

ମୁଁ ପାଲିଆ ନଦୀରେ ପ୍ରତିଦିନ ଗାଧୋଉଥିଲି, ବୁଲି ଯାଉଥିଲି ଘଣ୍ଟଶିଳା ପାହାଡ ଉପରକୁ । ବହୁ ଦୁଃଖକଷ୍ଟ ମଧ୍ୟରେ ଘନସବୁଜ ଅରଣ୍ୟ, ସର୍ପିଳ, ପାଲିଆ, ଲବଣ୍ୟମୟୀ ଚିଲିକା ମନକୁ କାବ୍ୟଭାବରେ ତରଙ୍ଗିତ କରି ରଖିଥିଲା । ପାଖକୁ ମାଡି ଆସେ ଝରକା ପାଖେ ବସି ଯାଉଥିଲି ଯେପରିକି ଭଲେରି, ତା ଉପରେ ଘୁସୁରୁ ଥିଲା ରଙ୍ଗୀନ୍ କୁହୁଡ଼ି, ବିଜୁଳିଚମକା ମେଘ । ଜଳୁ ଜଳୁ ମିଞ୍ଜି ମିଞ୍ଜି ହୋଇ ଲିଭିଯାନ୍ତି ତାରାସବୁ—ସୋର ସୋର ହୋଇ ଫୁଟି ଉଠେ ସକାଳର କିରଣ ।

ହାନ୍ଦ୍ରା ବାଟେ ମୁଁ ପାରିକୁଦ ଦେଖି ଯାଇଥିଲି । ଚଢ଼େଇଲୁହା, ଚଢ଼େଇହଗା ସୁଦୂରର ରମ୍ଭାନାସୀ, ବୁଲୁମଧୁ ଜଟିଆ, ଚଢ଼େଇଦଳର ମୁଦ୍ରକ୍ରୈ ଟଣା ଗୁନ୍ଦୁଆ, ଢେଉ ଦୋଳାର ପକ୍ଷୀ, ନୌକାରୁ କେଉଟର ଧେଉରଜାଲ, ଦ୍ୱୀପର ପାହାଡ଼, ଆକାଶର ମେଘଗୁମ୍ଫା, ମର୍ତ୍ତ୍ୟର ଉଦ୍ଭିନ୍ନ ପ୍ରାଣକୁ ନାନା ଭାବେ ଅଲୋଡ଼ିତ କରିଥିଲା । ସବୁଠାରୁ ପୀଡ଼ାଦାୟକ ହୋଇଥିଲା କାଳିଜାଇ ପାହାଡର ମୁମୂର୍ଷୁ କୁକ୍‌କୁଟ, ମେଷ, ଛାଗଳ-ମାନଙ୍କର କରୁଣ ଚିତ୍କାର । ଚତୁର୍ଦ୍ଦିଗରେ ଜଳାର୍ଣ୍ଣବ ଅଥଚ ଜଳାଭାବରେ ଏମାନେ ମରୁଥିଲେ; ଏଥିରେ କଅଣ ଧର୍ମଲାଭ ହୁଏ ଆତ୍ମସୁଖୀ ମହନ୍ତମାନେ ବୁଝୁଥିବେ । ସେମାନଙ୍କ ବିକଳ ବିକଟ ମୁଖର ଶେଷ ମିନତି ଅଦ୍ୟାପି ମନରେ ଗ୍ରଥିତ ହୋଇ ରହିଛି ।

Digitized by srujanika@gmail.com

ବାଣପୁର ରହୁଣି କାଳରେ ଥରେ ଖଲ୍ଲେଇ ପାହାଡ଼ ପାହାଡ଼େ ନାରାୟଣୀ ଠାକୁରାଣୀଙ୍କୁ ଦର୍ଶନ କରି ଯାଇଥିଲୁ; ବାଘ ହାବୁଡ଼ରେ ପଡ଼ିଥିଲୁ, ଅଦୂରରୁ ହେଣ୍ଟାଳ ଶୁଣା ଯାଉଥିଲା; ପାହାଡ଼ ଉପରେ ଝରଣା କୂଳେ, ଆମ୍ର ପନସକୁଞ୍ଜରେ ବନଭୋଜି କରି ଆମେ ନିରାପଦରେ ଫେରିଥିଲୁ ।

ସେତେବେଳେ ମୋର ସହକର୍ମୀ ଥିଲେ ଶ୍ରୀଧର ଦାସ—ଓଡ଼ିଆରେ ଏମ୍. ଏ. ପାସ୍ କରି ପରେ ସେ ଖ୍ରୀଷ୍ଟ କଲେଜର ଅଧ୍ୟାପକ ହୋଇଥିଲେ । ସଂସାରୀଙ୍କ ମଧ୍ୟରେ ସାବଧାନୀ, ଭାବୁକଙ୍କ ମଧ୍ୟରେ କର୍ମୀ । ସାହିତ୍ୟିକମହଲରୁ ଯେ ଉପି ଆସିଥିଲେ ପାଠ୍ୟଚର୍ଚ୍ଚା ତାଙ୍କ ସ୍ତରକୁ । ଅର୍ଥ ପ୍ରଚୁର ମିଳିଲା, ମିଳିପାରିଲାନାହିଁ ପ୍ରତିଷ୍ଠା । ପଣ୍ଡିତ ନାରାୟଣଙ୍କ ସହିତ ମିଶି ସେ ହୋଇଗଲେ ବୈୟାକରଣ ।

ମୋର ଅନ୍ୟତମ ସହକର୍ମୀ ଥିଲେ ବିଜୟଚନ୍ଦ୍ର ଦାସ—ଚେହେରାରେ ତରୁଣ; ଜ୍ଞାନବୃଦ୍ଧ; ସ୍ୱଳ୍ପ ଆୟକୁ ସେ ପୁସ୍ତକ, ପତ୍ରିକା ଓ ସିଗାରେଟ୍ କ୍ରୟରେ ବ୍ୟୟ କରି ଦେଉଥିଲେ । ଏକାନ୍ତ ଭାବପ୍ରବଣ—କ୍ଷୁତାରେ ନିଜକୁ ପ୍ରପାତ ପରି ଢାଳି ଦିଅନ୍ତି । ସାମୟିକ ଶିକ୍ଷକତା ଛାଡ଼ି ସେ ହେଲେ ଅଗ୍ରଗାମୀ ନେତା ପହିଲେ କମ୍ୟୁନିଷ୍ଟ, ପରେ କଂଗ୍ରେସ ।

'ଗୋଦାବରୀଶ ମିଶ୍ର'ଙ୍କୁ ବାଣପୁରରେ ବାବୁ କହନ୍ତି—ଗୁରୁ ଗାମ୍ଭୀର୍ଯ୍ୟ ମଧ୍ୟରୁ ବେଳେ ବେଳେ ହାସ୍ୟର ଛିଟା ଛିଟିକି ପଡ଼େ । ଅତି ମାନ୍ୟ; ତାଙ୍କୁ କିଛି କହିବାକୁ ସତେ ଡରମାଡ଼େ । ଗୋଦାବରୀଶ ମହାପାତ୍ରଙ୍କ ସହିତ ଖୁବ ଜମେଇ ତାଙ୍କୁ ଆଗେଇ ଯାଇଥିଲି—ତାଙ୍କ କବିତା ପଢ଼ି ମୁଁ ଅଭିଭୂତ ହୋଇଥିଲି, ତାଙ୍କ ଗ୍ରାମର ଶିଶୁ କଲରୋଳ ଓ କାକଳି ମୋତେ ମୁଗ୍ଧ କରିଥିଲା—ବୋଧ ହେଉଥିଲା—ସେ ଗାଆଁର ଫୁଲମାନେ ମହାପାତ୍ରଙ୍କ କବିତା ଶୁଣି ଫୁଟୁଛନ୍ତି; ସ୍ୱପ୍ନଭଙ୍ଗ ହେଲା, ଯେତେବେଳେ ବୁଝିଲି—ସେ ମୋତେ ଖାତିରରେ ଆଣୁ ନାହାନ୍ତି—କାରଣ ମୁଁ ନୂତନ ଲେଖକ ବା ଅଲେଖକ ।

ତାଙ୍କ ଗ୍ରାମ ନାମଟି ମୁଁ ସ୍ମରଣୀୟ ରଖିଥିଲି ସେ କାଳେ ରଚିତ ମୋର ଗୋଟିଏ ଗୀତରେ; ଆଇ. ଏ. ପାସ୍ ପରେ ରଚିତ ଏଇ ଗୀତଟି ମୋର କିଛି ପରିବର୍ତ୍ତିତ ଆକାରରେ ପରେ ପ୍ରକାଶିତ ହେଲା ।

'ଘଣ୍ଟଶିଳା' ପାହାଡ଼ରେ ଭାଲୁଟିଏ ମରି ହୋଇଥିଲା । ମୃତ୍ୟୁ ପୂର୍ବରୁ ମନୁଷ୍ୟ ସହିତ ତାର ସଂଗ୍ରାମକୁ ଅବଲମ୍ବନ କରି ରଚନା କରିଥିଲି— 'ଭାଲୁ'—ମୁଖସ୍ଥ କରିଥିଲେ ସ୍କୁଲର ଛାତ୍ରମାନେ ।

Digitized by srujanika@gmail.com

'ଗାଲୁ ଗାଲୁ ଧାଇଁ ଆସ ହୋ
ପଞ୍ଚାଳ ବୀର
କୁମାରଙ୍କର ଲୋକେ କହିଲେ ହୋ
ଆସିରେ ଠେଙ୍ଗା ଦା କଟୁରି
ଆଣରେ ଡେଣ୍ଡା ଛୁରି
ଧରରେ ମାର ମାର ରେ ଧର
କହି ଅଇଲେ ଘେରି ।'

ବାଣପୁରରେ ରହଣି ମାତ୍ର ଦୁଇମାସ । କିନ୍ତୁ ସମୟସମୁଦ୍ରରେ ତାର ସ୍ମୃତି ହଜି ଯାଇନାହିଁ । ସବୁ ଦିଶି ଯାଉଛି କେତୋଟି ଉଜ୍ଜ୍ୱଳ ଆଲେଖ୍ୟ ଭଳି — ନାରେଗଣ୍ଡର ଫୁଲବନ, ପର୍ବତ, ନିର୍ଝର, ହ୍ରଦ, ସ୍କୁଲର ଗ୍ରୁପ, ବିଲର ବୃଷ୍ଟି ।

ବାଣପୁରରୁ ଅର୍ଜିତ ଅର୍ଥରେ ରେଭେନସା କଲେଜରେ ଆଇ. ଏ ଶ୍ରେଣୀରେ ନାମ ଲେଖାଇଲି । ଟିଉସନ ବଜାରରେ ପ୍ରତିଷ୍ଠା ଥିଲା; ଟିଉସନ୍ ଟିଏ ମିଳିଗଲା । ବଣିଆ ସାଇ କୃଷ୍ଣବାବୁଙ୍କ ଘରେ ବଖରାଏ ଘର ରହିବାକୁ ମିଳିଲା — ମାସକୁ ଟଙ୍କାଟିଏ ଭଡ଼ା, ସେଇ ସାଇର ଗୋଟିଏ ମେସ୍‌ରେ ଖାଇଲି ।

କୃଷ୍ଣ ଚରିତ — ନୁହେଁ ଭାଗବତ

କୃଷ୍ଣବାବୁ ନିରୀହ, ନରମ ପ୍ରକୃତିର ଲୋକ, ମାଛିକି ମର୍ କହନ୍ତିନାହିଁ । ଚିଲିକା କୂଳରେ ତାଙ୍କର ବାର ଏକର ଜମି ଥିଲା — ଅଳ୍ପ କିସ୍‌ମତର ଜମିଦାର ଥିଲେ ସେ । ସେହି ଜମିର ଖରଧାନ, ମୁଗ, ବିରି ସେ ପାଆନ୍ତି । ଅନ୍ନାଭାବ ଘଟେ ନାହିଁ । କିନ୍ତୁ ବହୁ ପ୍ରକାରର ବାଜେ ଖର୍ଚ୍ଚ ତ ଅଛି । କୋଠାଘରୁ ପାଣି ଗଳୁଛି, ମରାମତି କରିବାକୁ ପଇସା ନାହିଁ । ଲୁଗାପଟା, ପାନଗୁଆ, ମସଲାମଜଲ ବନ୍ଧୁ ବେଭାର ଆଦି ନାନା ଖର୍ଚ୍ଚ ତ ଅଛି । ଆସିବ କେଉଁଠୁ ?

ସେ କରଣ; କିନ୍ତୁ କରଣର ତାକତର୍କ ତାଙ୍କୁ ଜଣାନାହିଁ । ଶିଖିଥାନ୍ତି ବଣିଆ ବିଦ୍ୟା, "ଯେ ଦେଶେ ଯାଇ ସେ ଫଳ ଖାଇ" । ବଣିଆ ସାଇରେ ରହି ସେ ଅଳଙ୍କାର ଗଢ଼ାରେ ପାଟବ ହାସଲ କରିଥାନ୍ତି । ତାଙ୍କ ହାତକାମର କାଟତି ଭଲ । କିନ୍ତୁ ଏକ ପଟା ଅଳସୁଆ ସେ । କୌଣସି ଅର୍ଥକରୀ କର୍ମ କରିବାଲାଗି ତାଙ୍କର ପ୍ରବୃତ୍ତି ହୁଏ ନାହିଁ — ଖାଇବା-ଶୋଇବା-ଗଳ୍ପ କରିବା । ସକାଳୁ ଉଠିଲେ ଗିଲାସଟିଏ ଧରି ଚା ଲାଗି ଦୁଧଟିକିଏ ଯୋଗାଡ଼ କରିଯାନ୍ତି — ଫେରିଲା ବେଳକୁ ଦିନ ଦଶ । ସେହିପରି ସବୁ କାର୍ଯ୍ୟ ମୁଆଡ଼େ ଯାନ୍ତି ସିଆଡ଼େ ଲାଖନ୍ତି । ଅଳସପଣରେ ଦିନକୁ ଦିନ ଘରଟା ତଳକୁ ଯାଉଥାଏ — ସେ ଯେତେ କହିଲେ ନିଷ୍ଫଳ, 'ହଁ-ହଁ', କାର୍ଯ୍ୟରେ କିଛି ନାହିଁ । ଶକ୍ତି, ବୁଦ୍ଧି, କୌଶଳ ସବୁ

Digitized by srujanika@gmail.com

ଥାଇ ପରିବାରଟି ଧ୍ୱଂସମୁଖୀ ହୋଇଥାଏ—ଶିଶୁମାନଙ୍କ କରୁଣ କ୍ରନ୍ଦନ; ସ୍ତ୍ରୀର ହିଙ୍ଗାସ ବଚନ କାଲ କାନରେ ବି ପଡ଼େ ।

ସେହି ଘରେ ମୁଁ ବର୍ଷଟିଏ ରହିଥିଲି; ଟିଉସନ୍‌ରୁ ମାସକୁ ପନ୍ଦର ଟଙ୍କା ପାଉଥାଏ, ସେଥିରୁ ମୋର ଖିଆପିଆ, କଲେଜଦରମା ଉଠେ, ସୋସିଆଲ୍ ସର୍ଭିସ୍ ଗିଲ୍ଡରୁ ମାସିକ ଛଅଟଙ୍କା ସାହାଯ୍ୟ ପାଉଥାଏ ।

ସେତେବେଳେ ସାନଭାଇ ହରସ୍ତନାଥ ଗୋପ ମାଇନର ସ୍କୁଲର ଛାତ୍ର । ସେ ବୃତ୍ତି ପାଉଥାଏ, ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥାଏ । ତା ନିକଟକୁ କିଛି କିଛି ସାହାଯ୍ୟ ନ ପଠାଇଲେ ସେ ପଢ଼ିପାରିବ ନାହିଁ । ନିଜେ ରୋଜଗାର କରି ପଢ଼ିବା, ପୁଣି ସେଥିରୁ ଭାଇକୁ ପଢ଼ାଇବା ଦୁଃସାଧ୍ୟ କାର୍ଯ୍ୟ; ସେଥିଲାଗି ମୋତେ ବେଳେ ବେଳେ ଅନ୍ନକଷ୍ଟରେ ରହିବାକୁ ପଡ଼ୁଥିଲା ।

ଗୋଟିଏ ମାସ ଅତି କଷ୍ଟରେ ଯାଇଥିଲା । ମହେଶ୍ୱର ବୋଲି ମୋର ଗୋଟିଏ ମାଇନର ପଢ଼ା ସାଥୀ, ସେ ଆସି ମୋ ଅନ୍ନରେ ଭାଗିଦାର ହେଲା । ଦଶପନ୍ଦର ଦିନ ମୋ ପାଖେ ରହିଲା, ଦିନେ ଛଅଟି ଟଙ୍କା ସାନ ଭାଇ ପାଖକୁ ମନିଅର୍ଡ଼ର କରିବାକୁ ନେଉଛି, ମହେଶ୍ୱର କହିଲା, ଦଉନ୍ତୁ, ମୁଁ ପୋଷ୍ଟ ଅଫିସକୁ ଯାଉଛି, ମନିଅର୍ଡ଼ର କରି ଦେବି ।

ଦେଲି । କିନ୍ତୁ ଭାଇ ପାଖେ ଟଙ୍କା ପହଞ୍ଚିଲା ନାହିଁ । ମୋତେ ଆଉ ଥରେ ମନିଅର୍ଡ଼ର କରିବାକୁ ହେଲା, ସହଜ ବିଶ୍ୱାସର ବିଷମୟ ଫଳ ସ୍ୱରୂପ ସାରାମାସଟି କେତେବେଳେ ବେଳାଏ, କେତେବେଳେ ନ ଖାଇ ମୋତେ ଚଳିବାକୁ ହୋଇଥିଲା । ମହେଶ୍ୱର ଆଉ ଦେଖା ଦେଲା ନାହିଁ । ଟିକିଏ ଆଡ଼ପାଗଲା, କିନ୍ତୁ ଭଲ ପଢ଼ୁଥିଲା, ପଢ଼ିବାର ସୁଯୋଗ ଖୋଜି ଖୋଜି ସେ ବୁଲୁଥିଲା । ମୋ ବସାରୁ ଖସିଯିବାର କେତେ ଦିନ ପରେ ଅତି ନିରାଶ୍ରୟାବସ୍ଥାରେ ପର ପିଣ୍ଡାରେ ପଡ଼ି ସେ ପ୍ରାଣତ୍ୟାଗ କଲା ।

ଘରେ ଭାତ ନାହିଁ କୁଟୁମ୍ବ ବହୁତ

କୃଷ୍ଣବାବୁଙ୍କ ଘର ସାମ୍ନାରେ ଗୋଟିଏ ଦରିଦ୍ର ପରିବାର, ବଖରିଏ ଘର — ସାତୋଟି ପିଲା, ଫୁଙ୍ଗୁଳା, ଲଙ୍ଗଳା, ଓପାସିଆ । ସେ ଘରଟି ଉପରେ ଆଖି ପଡ଼ିଲେ ମନେ ପଡ଼େ—

'ହଳଦି ଲୁରୁଲୁରୁ ରାମ ରାଉତ,
ଘରେ ଭାତ ନାହିଁ କୁଟୁମ୍ବ ବହୁତ ।

Digitized by srujanika@gmail.com

ଘରର ମାଲିକ ଯାହା ଦି ପଇସା ରୋଜଗାର କରେ, ନିଶାପାଣିରେ ଉଡ଼ାଇ ଦିଏ, ରାତି ଅଧରେ ଲାଲ୍ ଲାଲ୍ ଆଖି କରି ସ୍ତ୍ରୀ ଉପରେ ଝଡ଼େଇ ହୁଏ, ପିଲାଗୁଡ଼ାକ ଭୋକରେ 'କେଁ-କାଁ' ହେଉଥାନ୍ତି ।

ଦିନେ ହତଭାଗିନୀ ସେଇ ସ୍ତ୍ରୀ ଲୋକଠାରୁ ପଦାରେ ହଠାତ୍ ପିଲାଟାଏ ଜନମ ହୋଇ ପଡ଼ିଲା । ତାକୁ ଥୋଇବା ପାଇଁ ଘରେ ବିକଟେ କନା କମ୍ଥା କତରୀ ନ ଥିଲା । ଏ ଦୃଶ୍ୟ ଆଉ ମୋ ଆଖି ସହି ପାରିଲା ନାହିଁ । ମୋ ସର୍ବସ୍ୱ ଛିଣ୍ଡା ସଢ଼ପ ମଶିଣା ଓ ଚାଦର ଖଣ୍ଡିକ ତା ପାଖକୁ ଫିଙ୍ଗି ଦେଲି ।

ଅଭାବ ତଳୁ ବିକଶି ଉଠେ ଭାବ

ସଚ୍ଚି ରାଉତରାୟ ଓ ବିନୋଦ ନାୟକ ମୋର ପଢ଼ା ସାଥୀ । ସଚ୍ଚି ସେତେବେଳକୁ ବଡ଼ କବି, କବିତାରେ ନୂଆଯୁଗର ପୁନାଦି ପକଉଥାଏ । ଖଦଡ଼ ଧୋତି, ପଞ୍ଜାବୀ, ଖଦଡ଼ ଟୋପି ପିନ୍ଧୁଥାଏ, ଲମ୍ବା ଲମ୍ବା ବକ୍ତୃତା ଝାଡ଼ୁଥାଏ, ବିବୃତି ଦେଉଥାଏ, ତାର 'ବାଜି ରାଉତ' କାବ୍ୟ ପ୍ରକାଶ ପାଇଥାଏ, ଲମ୍ବା ଲମ୍ବା କବିତାମାନ 'ସହକାର'ର ପୃଷ୍ଠା ମଣ୍ଡନ କରୁଥାଏ; 'ସହକାର'ର ସହକାରୀ ସମ୍ପାଦକ, ବିନୋଦ ମଧ୍ୟ ପ୍ରତି ମାସରେ ନୂଆ ପ୍ରତିଷ୍ଠା ଅର୍ଜନ କରୁଥାଏ । ସେମାନଙ୍କ ସଙ୍ଗେ ସାଥୀ ହେବାର ଯୋଗ୍ୟତା ମୋର ନ ଥିଲା । ମୁଁ ରାଧାନାଥୀ ପ୍ରଭାବରୁ ପୂରାପୂରି ମୁକ୍ତ ହୋଇ ନ ଥାଏ । ବିଶ୍ୱସାହିତ୍ୟ ଅଧ୍ୟୟନ ତ ଦୂରର କଥା, ରବୀନ୍ଦ୍ରନାଥଙ୍କର କୌଣସି କବିତା ପୁସ୍ତକ ମୋ ହାତରେ ପଡ଼ି ନ ଥାଏ । ରବୀନ୍ଦ୍ର କବିତା ନ ପଢ଼ି ସେତେବେଳେ କବି ହେବା ଦୁରାଶା ମାତ୍ର । ନୂଆ ହୋଇ ମାତ୍ରାବୃତ୍ତ ଛନ୍ଦ, ଧାବମାନ ଛନ୍ଦ, ମୁକ୍ତଛନ୍ଦ ଓ ଶେଷକୁ ଗଦ୍ୟକବିତା ଓଡ଼ିଆ ସାରସ୍ୱତ ମନ୍ଦିରରେ ପ୍ରବେଶ କରୁଥାଏ । ପ୍ରାଚୀନପନ୍ଥୀମାନେ ନାକ ଟେକୁଥାନ୍ତି— ଦେଶ ରସାତଳକୁ ଗଲା, ସାହିତ୍ୟ ଚୁଲିରେ ପଶିଲା । ଆଧୁନିକମାନେ ସ୍ୱାଗତ କରୁଥାନ୍ତି ଏଇ ନୂଆ ଧାରାକୁ ।

ସବୁଜ ଯୁଗ ଅପସରି ଯାଉଥାଏ, ସବୁଜପନ୍ଥୀମାନଙ୍କ ମଧ୍ୟରୁ କେତେକ ପୂରାପୂରି ଲେଖନୀ ଛାଡ଼ି ଦେଇଥାନ୍ତି, କେତେକ ଧାରା ପରିବର୍ତ୍ତନ କରିଥାନ୍ତି । ଓଡ଼ିଶାରେ କମ୍ୟୁନିଷ୍ଟ ଧାରାର ପ୍ରଥମ ପଦକ୍ଷେପ କାଳ । ବିପ୍ଳବକବିତା ନ ଲେଖିଲେ ପତ୍ରିକାରେ ସ୍ଥାନ ପାଇବା କଷ୍ଟକର । ପ୍ରକୃତ ବିପ୍ଳବୀ ନୋହିଲେ ବି ବିପ୍ଳବୀ ହେବାକୁ ହେଲା । ଛଦ୍ମ ବିପ୍ଳବୀର 'କଏଦୀ' କବିତାଟି ଜ୍ୟେଷ୍ଠ ୧୩୪୫ 'ସହକାର' ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ ହେଲା । ଏଥିରେ ଉପଧାମିଳନ ଲାଗି ପ୍ରୟାସ କରି ମୁଁ ପ୍ରାୟ ସଫଳ ହୋଇଛି । ମାତ୍ର ମାତ୍ରାବୃତ୍ତ ଭୁଲ ବହୁତ । ମୋର

Digitized by srujanika@gmail.com

ଏପରି ଏକ କବିତା ପ୍ରକାଶ ପାଇଛି, ସମ୍ପାଦକଙ୍କର ଉଦାରତା ଓ ନୂତନ ଲେଖକଙ୍କୁ ଉତ୍ସାହ ଦେବାର ତତ୍ପରତା ଯୋଗୁଁ । ଏ ମୋର ପ୍ରଥମ ପ୍ରକାଶିତ କବିତା, ବ୍ରିଟିଶ କାରାଗାରରେ ବନ୍ଦୀ ଦେଶପ୍ରେମୀଙ୍କ ଉଦ୍ଦେଶ୍ୟରେ ଲିଖିତ । ଯୁଗୋପଯୋଗୀ ବିଷୟକୁ ବାଦ୍ ଦେଲେ ଶିଳ୍ପଦୃଷ୍ଟିରୁ ଏହା ଉନ୍ନତ ବୋଧ ହେଉନାହିଁ । ତଳେ କେତୋଟି ପଦ ଉଦ୍ଧୃତ ହେଲା—

ଭାରତ ଭାଗ୍ୟତାରା

ତୁମ ଯେଣୁଁ ଆଜି ବହେ ଭାରତରେ ନବ ଜୀବନର ଧାରା
କୋଟି ପ୍ରାଣେ ଆଜି ଛୁଟେ ଅହର୍ନିଶ ଦେଶପ୍ରେମିକର ଝରା
ମଣିଲ କଏଦୀ ଦେଶ ସେବା ଆଗେ ନିଜ ପ୍ରାଣ ଆଜି ତୁଚ୍ଛ
ତୁମରି ଦୀପ୍ତ ଦିହୁଡ଼ି ଜଳିଲା ହୃଦ ମନ୍ଦିର ଚୂଳେ
ସ୍ୱାଧୀନର ଶତ ଜାଗ୍ରତ ତେଜ ଜାଗିଲା ମନର ମୂଳେ ।

X X X

ଅନ୍ଧାର ନିଗଡ଼େ ପୁଷ୍ପମାଳା ସମ ନେଲ ନିଜ କରେ ବରି
ଅୟସୀ ବଜ୍ର ଶୃଙ୍ଖଳା ଶତ ହସି ହସି ବୀର ପରି ।
କୋମଳ ଶିଳ୍ପ ତଳ୍ପ ଅମ୍ବର ଚୁମ୍ବିତ ଚନ୍ଦ୍ରଶାଳା
ତେଜିଲ ଆମୋଦ ରମ୍ୟ ସମ୍ପଦ ସ୍ୱାଧୀନ ଉଦ୍ୟାନମାଳା
ନବ ପ୍ରଣୟିନୀ ଅଧରବିମ୍ବେ ଚୁମ୍ବନ ନାହିଁ ଢାଳି
ଦେଇନାହିଁ ଗଳେ ନବ ପ୍ରଣୟର ବନ୍ଦନା ଫୁଲମାଳୀ
ଦେଇନାହିଁ ମାତା ପିତା ସ୍ନେହର ସେ ଆଶିଷ କୁସୁମ ବୃଷ୍ଟି
ଛିନ୍ନ କରିଲ ମମତାର ଡୋରି ତ୍ୟାଗଯାଗେ ତବ ତୁଷ୍ଟି ।

X X X

ମୁକ୍ତ ତମେରେ ବନ୍ଧନ ସାଥେ ସ୍ୱାଧୀନ ଆକାଶ ପରି
ଜାତି ଜଡ଼ ପିଣ୍ଡେ ବୁହାଇଲ ପ୍ରାଣ ମୁକ୍ତ ଜଳଧାର ପରି ।
ଜାତିର ମୁକୁଟ ଶିର ହୀର ତୁମେ ଜାତୀୟ ପ୍ରେରଣା ଧାର
ଭୁଲିବନି ଜାତି ଦେଶ ପାଇଁ ତୁମେ ବରି ନେଇଥିଲ କାର ।

ସେଇ ମାସର 'ଜହ୍ନମାମୁଁ'ରେ ମୋର ଆଉ ଗୋଟିଏ କବିତା ବାହାରିଥିଲା— 'ବେଙ୍ଗୁଲି ବାହାଘର' ।

ଘୁମୁରି ଉଠେ ଉଠାଣ ମେଘ ଡାକ୍ ଡମା ଡମ ଡମ୍
ଗଛ ପତରେ ବରଷା ପାଣି ଚମକ୍ ଚୁମ୍ ଚମ୍

Digitized by srujanika@gmail.com

ବାଉଁଶ ନଳେ ବଜାଏ ବାଆ ବଇଁଶୀ ବାରବାର
ବେଙ୍ଗୁଲି ବାହାଘରରେ ଆଜ ବେଙ୍ଗୁଲି ବାହାଘର
କୁର୍ର୍ କାର୍ର୍ ଖୁର୍ର୍ ଟାର୍ର୍ ଘୁର୍ର୍ ଘାର୍ର୍ ଜଳେ
ବେଙ୍ଗ ମାଇପେ ହୁଲହୁଳି ଯେ ଶୁଭଇ ଏକା ବେଳେ

× × ×

ହୁଙ୍କା ତଳେ ଭଦ୍ରଲୋକ ବଲୁଆ ହୁକ୍କା ହୋ
ପାଖ ପିଳନ୍ତି କୁତାକ କହେ ଧାଆଁରେ ଧୋ ଧୋ
ଝିଣ୍ଡିପୋକରେ କରନ୍ତି ଭୋଜି କୁଆ ବେଙ୍ଗ ବଣି
ବେଙ୍ଗୁଲି ବାହାଘର ସଙ୍ଗୀତ ଧ୍ୱନି ତା ଧ୍ୱନି ଧ୍ୱନି

ଇତ୍ୟାଦି ।

ବିଦଗ୍ଧ କବିତା ଛଡ଼ା ଶିଶୁକବିତା ରଚନା ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ମୋର ଗୋଟିଏ ପ୍ରିୟ ବିନୋଦନ ଥିଲା, ଜହ୍ନମାମୁଁର ପ୍ରାୟ ପ୍ରତ୍ୟେକ ସଂଖ୍ୟାରେ ମୋର ଗୋଟିଏ କବିତା କିମ୍ବା ଗଳ୍ପ ପ୍ରକାଶ ପାଇଛି; କେଉଁ କେଉଁ ସଂଖ୍ୟାରେ ମୋର ଦୁଇ ତିନୋଟି ରଚନା ମଧ୍ୟ ସ୍ଥାନ ପାଇଛି । ସାନମାମୁ ବାଳକୃଷ୍ଣ କର ମୋର ସେତେବେଳର ସାହିତ୍ୟଗୁରୁ । ସେ ମୋତେ ବଡ଼ ସ୍ନେହଦୃଷ୍ଟିରେ ଦେଖୁଥାନ୍ତି ଓ ସାହିତ୍ୟ ରଚନା ଦିଗରେ ଉତ୍ସାହିତ କରୁଥାନ୍ତି । ସାହିତ୍ୟିକ ଜୀବନନୌକାର ମଙ୍ଗ ଧରିବା ଦାୟିତ୍ୱ ସତେ ବା ଭଗବାନ ତାଙ୍କର ଉପରେ ନ୍ୟସ୍ତ କରିଥିଲେ, କେବଳ ମୋର କ୍ଷେତ୍ରେ, ଜୀବନସଂଗ୍ରାମରେ ଟଳମଳ ଅନେକ ଦିଦିଗ୍ଧ ଉଙ୍ଗାର । ଅଜର ବହୁ ଯଶସ୍ୱୀ ଲେଖକ ଅକାଳରେ ଲେଖନୀ ଗ୍ରହଣ ନ କରିଥିଲେ କେବଳ ତାଙ୍କର ଯୋଗୁଁ । 'ସହକାର', 'ଜହ୍ନମାମୁଁ', 'ଅନନ୍ତ ଲହରୀ' ଉପନ୍ୟାସମାଳା ପ୍ରକାଶ ଆର୍ଥିକ ଭିତ୍ତି ଓ ସଂସ୍କୃତିକ ଦୃଷ୍ଟିରେ ମହତ୍‌କୀର୍ତ୍ତି ପରି ଅଭିହିତ ହୋଇପାରେ, କିନ୍ତୁ ଅକାଳ ମୃତ୍ୟୁ ଯୁଗରେ ଏହା ଅଭୁତ ଅମୃତ ସଞ୍ଜୀବନୀ ପରି କାର୍ଯ୍ୟ କରିଥିଲା । ବାଳକୃଷ୍ଣ ବୃହତ୍ ସାହିତ୍ୟନିର୍ମାତା ନୋହି ପାରନ୍ତି, କିନ୍ତୁ ସୁନିଶ୍ଚିତଭାବେ ସେ ସାହିତ୍ୟିକନିର୍ମାତା ।

ଯେତେଦୂର ମନେ ପଡ଼େ—'ସହକାର'ରେ ମୋର ଦ୍ୱିତୀୟ କବିତା 'ସାତ କୋଶିଆରେ ସନ୍ଧ୍ୟା' ୧୯୩୯ରେ ପ୍ରକାଶିତ ହୋଇଥିଲା । ମୁଁ ବି. ଏ. ପରୀକ୍ଷା ଦେଲା ପରେ ମୋର ବନ୍ଧୁ ଲଳିତକୁମାର ପତି (ଅଧ୍ୟାପକ ପ୍ରଫୁଲ୍ଲ ପତିଙ୍କ ବଡ଼ ଭାଇ)ଙ୍କ ସଙ୍ଗେ ସାତକୋଶିଆ ଗଣ୍ଡ ଦେଖି ଯାଇଥିଲି । 'ମହାଯାତ୍ରା'ରେ ରାଧାନାଥଙ୍କ ସାତକୋଶିଆ ଗଣ୍ଡ ବର୍ଣ୍ଣନା ପଢ଼ି ମୁଗ୍ଧ ହୋଇ ସେହି ସ୍ଥାନ ଦେଖିବା ଲାଗି ମନ କରିଥିଲି । କିନ୍ତୁ ଦଶପଲ୍ଲା ରାଜାଙ୍କ ବିନା ସାହାଯ୍ୟରେ ସେତେବେଳେ ସାତକୋଶିଆ ବା

Digitized by srujanika@gmail.com

ବଡ଼ମୂଲଘାଟି ଦେଖିଯିବା ଆମ୍ଭମାନଙ୍କ ପକ୍ଷେ ଅସମ୍ଭବ । କିନ୍ତୁ କି ଉପାୟ ଅବଲମ୍ବନ କରାଯିବ ?

ଆମ୍ଭେମାନେ ଯାଇ ଦଶପଲ୍ଲା ମାଇନର ସ୍କୁଲ ହଷ୍ଟେଲରେ ରହିଲୁ । ମହାରାଜା ଆମ୍ଭମାନଙ୍କର ଆଗମନସମ୍ବାଦ ପାଇ ଖାଦ୍ୟପେୟର ସୁବନ୍ଦୋବସ୍ତ କରି ଦେଇଥିଲେ । ଜହ୍ନମାମୁଁର ଲେଖକ ଭାବରେ ଛାତ୍ରମାନଙ୍କର ଶ୍ରଦ୍ଧା ଓ ସମ୍ମାନ ମିଳିଲା । ଗୋଟିଏ କବିତା ଲେଖି ମହାରାଜାଙ୍କୁ ଭେଟି ଦେଲୁ । ସେ ଗୋଟିଏ ହାତୀ ଦେଲେ; ଆଗରେ ମାହୁନ୍ତ, ପଛରେ ଡାକୁଆ, ମଝିରେ ଆମେ । ରାଜଶ୍ରଦ୍ଧା ଓ ହସ୍ତୀ ଆରୋହଣ ପୃଷ୍ଠରେ ଆମ୍ଭେମାନେ ଆତ୍ମହରା ହୋଇଥିଲୁ । ସେତେବେଳେ ଘୋର ଗ୍ରୀଷ୍ମକାଳ, ବଣ ଝିଙ୍କାରି ରଡ଼ୁଥାଏ, ବଡ଼ ବଡ଼ ବଣ ବୁଢ଼ୀଆଣୀଙ୍କ ଗୋଛା ଗୋଛା ଜାଲ ଆମ ବେକରେ ବାନ୍ଧି ହେଉଥାଏ । ହାତୀ ଗରମରେ କଲବଲ ହୋଇ ପ୍ରତି ଦଶ ମିନିଟରେ ପିଠି ଉପରକୁ ଅସରାଏ ଲେଖାଏଁ ଛେପ ଛିଞ୍ଚାଡ଼ୁଥାଏ, ଆମେ ଓଦା ହୋଇ ଯାଉଥାଉ ।

ଡାକୁଆ ଆମକୁ ବାଘକାହାଣୀ କହୁଥାଏ; ବାଟଯାକ କୋଉଠୁ କପରି ମଣିଷକୁ ବାଘ ଝିଙ୍କି ନେଇଛି; ହୁଲା ଜାଳି ଢୋଲ ବଜାଇ ବଣ ମଝିରେ ଶତ ଶତ ଲୋକ ଗଲାବେଳେ ମଧ୍ୟ ବାଘ ଝାମ୍ପି ନିଏ; ଯଥା ସ୍ଥାନରେ ପହଞ୍ଚିଲା ବେଳକୁ ଜଣେ ଦି'ଜଣ ଲୋକ ଉଣା ପଡ଼ିଯାନ୍ତି—କିଏ ? କାହାକୁ ନେଇଛି ? ରତନା କାହିଁ ? ହରିଆ ?

ବାହାରକୁ ଗଲେ ଲୋକେ ବୃଦ୍ଧପଟେ ଛକି ରହନ୍ତି—କାଳେ ଅତିଥିଙ୍କୁ ବାଘ ଓଟାରି ନେବ ! ବଡ଼ ଆତଙ୍କଗ୍ରସ୍ତ ହୋଇଥିଲୁ ଆମେ । ହାତୀରୁ ନୌକାରେ ମହାନଦୀରେ ଚାଲିଲୁ । ସେତେବେଳକୁ ରାତି ପହରେ—ଶରତ୍ ପୁଷ୍କରିଣୀର ସଫେଦ କଇଁଫୁଲ ପରି ସ୍ବଚ୍ଛ ଓ ଅତି ସ୍ବଚ୍ଛନ୍ଦ ତାରା—ସତେ ଯେପରି ପାଖେଇ ଆସିଛନ୍ତି, ସ୍ନେହରେ ସତରେଇ । ରାତି ଅଧରେ ! ବଡ଼ମୂଲଘାଟିରେ ପହଞ୍ଚିଲୁ । ମଶାଲ ଜାଳି ନାଉରି ଦେଖାଇ ଦେଲା । ଆମେ ଭୂଇଁରେ ପାଦ ଦେଇଛୁ କି ନାହିଁ—ଶୁଣାଗଲା ବାଘର ହେଣ୍ଟାଳ—ତା'ପରେ ଗୋଡ଼ାଗୋଡ଼ି ଶବ୍ଦ ନାଉରି କହିଲା ଶମ୍ବରକୁ ମହାବଳ ଗୋଡ଼ାଇଛି, ଚାଲି ଆସ । ଛାନିଆଁ ହୋଇ ଆମେ ନୌକା ଘରେ ପଶିଗଲୁ । ନାଉରି ନୌକାକୁ କୂଳରୁ ଛଡ଼ାଇ ଆଣିଲା । ସକାଳୁ ଫେରନ୍ତା ନାଆ ଘାଟରେ ଲାଗିଲା । ସାତକୋଶିଆକୁ କେନ୍ଦ୍ର କରି ମୋର ଦ୍ବିତୀୟ କବିତା—

Digitized by srujanika@gmail.com

ଧୂମାସ୍ତୃତ ଦୂର ଅସ୍ତାଚଳେ
ଧବଳ ଲୋହିତ ଚିତା ଦପ ଦପ ଅସ୍ତାତପେ ଜଳେ !
ମରମରେ ମହାନଳେ ଘନ ଘନ ତପନ ବହ୍ନିନେ
ଶିର ଖୋଲେ କଳଚ୍ଛଳେ ଝରଣା ସେ ଝରଣା ବାହୁନେ
କାନ୍ଦେ ବନ ଅନ୍ଧାରେ କୁରଙ୍ଗୀ
ଦୁଳପଛ ଛଳ ଛଳ ଜଳେ ଜଳେ ସଶଙ୍କପୁଚ୍ଛଙ୍ଗୀ ।
ନୀଳଶୈଳ କୁହେଳୀ ଧୂସର
ଶିରେ ହସେ ରସଚିତା ଗୋଧୂଳିର ବଧୂଳି ଅଧର
ଅକାଶେ ତୋଳିଛି କିଏ ବାଦଲର ସୁବର୍ଣ୍ଣ ଅଟ୍ଟାଳୀ
ଇନ୍ଦ୍ରଧନୁମୟ ତନୁ ବିଜୁଳିର ରତ୍ନଖଚ୍ଚ ଜାଳି
ପଞ୍ଚ ପୁଷ୍ପ ହସେ ଅସ୍ତରାଗ
ସ୍ୱର୍ଣ୍ଣ ସାଗରେ ଭାସେ ଶୈଳମାଳା ଜିଣି ପଦ୍ମରାଗ !

ସେତେବେଳେ ବ୍ରହ୍ମପୁରରୁ ପ୍ରକାଶିତ 'ନବୀନ' ନବୀନ ସାହିତ୍ୟିକମାନଙ୍କ ଭରସା ଥିଲା । ମୁଁ ସେଠାକୁ ବୁକ୍‌ପୋଷ୍ଟ କରି ଏକାବେଳେକେ ଏକ ଡଜନ କବିତା ପଠାଉଥିଲି; ସେଥିରୁ ଗୋଟିକ ପରେ ଗୋଟିଏ ପ୍ରକାଶିତ ହେଉଥିଲା । ଛପା ହରଫରେ ସ୍ୱନାମ ବାରମ୍ବାର ଦେଖି ବିଶ୍ୱାସ ଜନ୍ମିଥିଲା—ମୋ କବିତା ପ୍ରକାଶଯୋଗ୍ୟ ହେଉଛି । କିନ୍ତୁ ପ୍ରକୃତପକ୍ଷେ ସେଠି ଯାଚେଇ ଥିଲା, ବାଛେଇ ମୋଟେ ନ ଥିଲା ।

ଅଧ୍ୟାପକମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଜୀବନ ଗୋଟିଏ ଖେଳା ମାତ୍ର ଥିଲା—'ହସି ଖେଳି ଦେହୁ ଗଲନ୍ତି ସମସ୍ତ, ମନେନ୍ତି ଜୀବନ ମନୋ ସ୍ୱପ୍ନମୟ' । ଯେଉଁମାନେ ବ୍ୟକ୍ତିତ୍ୱ ଓ ବୈଦଗ୍ଧ୍ୟରେ ମୋ ମନରେ ଗାର ଟାଣିପାରିଥିଲେ ସେହିମାନଙ୍କ ବିଷୟରେ କେତୁତ ସୂଚନା ଦେଉଛି ମାତ୍ର ।

ପ୍ରାଣକୃଷ୍ଣ ପାଢ଼ୀ—କି ଅଧ୍ୟାପକ, କି ଛାତ୍ର ସମସ୍ତଙ୍କ ଭିତରେ ସେ ଥିଲେ ଲୋକପ୍ରିୟ ପଣ୍ଡିତ । ଛାତ୍ରଙ୍କ ସହିତ ଭାବ ତାଙ୍କର ମନୋଭାବମାତ୍ର ନ ଥିଲା; ଏହା ଥିଲା ତାଙ୍କ ଜୀବନଯୋଜନାର ଏକ ଅଂଶ, ପ୍ରାଣର ଏକ ସ୍ୱତଃ ପ୍ରବାହ ।

ଅଧ୍ୟୟନ ବା ଅଧ୍ୟାପନାରେ ସେ ଗୁରୁଗମ୍ଭୀର; କିନ୍ତୁ ତାଙ୍କ ସଂକ୍ଷିପ୍ତ, ସାରବାନ୍ ବକ୍ତୃତାରୁ ହାସ୍ୟରସର ଯଥେଷ୍ଟ ଖୋରାକ ମିଳୁଥିଲା । ବିଜ୍ଞାନବିଷୟକ ଭାଷଣରେ ସେ ସଂସ୍କୃତ ଶ୍ଲୋକ, ଏପରିକି ଭଗବତ୍‌ଗୀତାର ଉଦ୍ଧାର କରୁଥାନ୍ତି ।

Digitized by srujanika@gmail.com

ଥରକ ସାକ୍ଷାତ୍‌ରେ ବି ସେ କାହାକୁ ଭୁଲନ୍ତିନାହିଁ, ନାମ ଧରି ଡାକନ୍ତି, ଆପଣାର ପରି ବ୍ୟବହାର କରନ୍ତି ।

ଉତ୍‌ଥାନ—କେବଳ ଉତ୍‌ଥାନ—ଏଇ ତାଙ୍କର ଜୀବନ—ଅଧ୍ୟାପକରୁ ଅଧ୍ୟକ୍ଷ—କୁଳପତି, ପୃଥିବୀରେ ତାଙ୍କ ପରିଚିତି ଓଡ଼ିଶାକୁ ଦେଇଥିଲା ଏକ ସ୍ୱତନ୍ତ୍ର ମାନ୍ୟ । ଶେଷ ଜୀବନରେ ସେ ସକ୍ରେଟିସ୍‌ଙ୍କ ପରି ଦିଶୁଥିଲେ— ବୋଧ ହେଉଥିଲା ଏକ ଚଳନ୍ତି ଗୌରବମୟ ଇତିହାସ ।

ନରେନ୍ଦ୍ରନ ନିୟୋଗୀ — ଇଂରାଜୀ ଅଧ୍ୟାପକ, ଇଂରାଜୀ ଓ ବଙ୍ଗଳାରେ ତାଙ୍କ ବକ୍ତୃତା କବିତା ପରି ଶୁଣାଯାଉଥିଲା ।

ମୋହିନୀମୋହନ ସେନାପତି – ଫକୀରମୋହନଙ୍କ ପୁତ୍ର ବୋଲି ତାଙ୍କ ପ୍ରତି ଆମର ସ୍ୱତନ୍ତ୍ର ମାନ୍ୟ ଓ କୌତୂହଳ ନିଶ୍ଚୟ ଥିଲା । କିନ୍ତୁ ସେ ଥିଲେ ବ୍ୟାସକବିଙ୍କର ଠିକ୍ ଓଲଟା – ନାସ୍ତିକ; ବହୁଳ ଗ୍ରନ୍ଥପ୍ରବଣତା ତାଙ୍କର ନ ଥିଲା, ଥିଲା ତୀକ୍ଷ୍ଣ ଯୁକ୍ତିପଟୁତା । ତାଙ୍କୁ ଯୁକ୍ତିରେ ହଟାଇବାକୁ କଲେଜରେ ବା ଓଡ଼ିଶାରେ କେହି ନ ଥିଲେ । ଯେଉଁମାନେ ସ୍ୱାଧୀନଚେତା, ଆଧୁନିକଭାବାପନ୍ନ ସେହିମାନଙ୍କ ଲାଗି ତାଙ୍କ ମୁଖରୁ ଫିଟୁଥିଲା ଉତ୍ସ । କୁମାରୀମାନଙ୍କ ସମକ୍ଷରେ ସେ ଅବତାରଣା କରୁଥିଲେ – ବିଶ୍ୱର ବିବାହସମସ୍ୟା । ଅଧ୍ୟାପନା ନାମରେ ଏଇ ଆଲୋଚନା ହିଁ ଚାଲେ ।

ସମସାମୟିକ ବିଦଗ୍ଧ ଆଲୋଚକମଣ୍ଡଳରେ ସେ ଥିଲେ ଏକାନ୍ତ ମୌଳିକପନ୍ଥୀ । ତାଙ୍କ ରଚିତ କେତୋଟି ପ୍ରବନ୍ଧରୁ ଏକ ନୂତନ ଆସ୍ୱାଦ ମିଳେ ।

ବିପିନବିହାରୀ ରାୟ – କଥା ଧୀର – କାନରେ ବାଜେ ନ ବାଜେ । ସେଥିରେ ଉଲାର୍ଦ୍ଧ ତରଙ୍ଗ ନ ଥାଏ, ଜୁଆର ତ ଦୂରର କଥା । ବକ୍ତୃତାବିରୋଧୀ, ସଳାପପ୍ରବଣ; ଗୁଣ୍ଡରୁ ଅଳ୍ପ କଥା ବାହାରେ – ସାରବାନ୍; ଓଡ଼ିଆ ସାହିତ୍ୟର ପ୍ରାବନ୍ଧିକ ଭୂମିକାରେ ତାଙ୍କର ସ୍ଥାନ ଅପ୍ରତିଦ୍ୱନ୍ଦ୍ୱୀ ।

ରତ୍ନାକର ପତି—ବିପିନବାବୁ ଯେତିକି ଗୀରବନିଶ୍ଚଳ, ରତ୍ନାକରବାବୁ ସେତିକି କ୍ଷିପ୍ର, ଅନର୍ଗଳ । ମସ୍ତିଷ୍କର ସଞ୍ଚିତ ଜ୍ଞାନ ଅଧରରେ ଶାଣିତ ହୋଇ ବାହାରେ, କୃପାଣ ପରି ଛୁଟେ ସତେ ବା ଅଜ୍ଞାନତା ନାଶ ଲାଗି । ତାଙ୍କୁ ଦେଖିଲେ ଅଶ୍ରଦ୍ଧର ମନରେ ଆଶ୍ୱାସନା ଆସେ, ଭଲ ମଣିଷ ହେବାର ପ୍ରବୃତ୍ତି ମନରେ ଜାଗ୍ରତ ହୁଏ ।

Digitized by srujanika@gmail.com

କୃତ୍ତିବାସ ସାମନ୍ତରାୟ ଜ୍ଞାନଗମ୍ଭୀର, ବେଳେ ବେଳେ ହାସ୍ୟମୁଖର ହୋଇଉଠନ୍ତି । ଜନାଥନ ମହାନ୍ତି କହନ୍ତି—A boy of fourteen is nothing but a girl of fourteen-ହ-ହ-ହମ୍ ! ! ଏଥିରେ ସମଗ୍ର କ୍ଲାସ୍ ହସି ଉଠୁଥିଲା । ଚତୁର୍ଦ୍ଦଶବର୍ଷୀୟ ଶ୍ରେଣୀରେ ଏବେ ଏ ଧରଣର ହାସ୍ୟରସ ଅଚଳ । ଗିରିଜାଶଙ୍କର 'ଓଡ଼ିଆ ନାଟ୍ୟକଳା' ପୁସ୍ତକର ରଚୟିତା, ଭାଷାତତ୍ତ୍ୱବିତ୍, ଉଚ୍ଚକୋଟୀର ପ୍ରାବନ୍ଧିକ । ସୁପଣ୍ଡିତ, ପଢ଼ାନ୍ତି ଭଲ, ଖାତାରେ ନମ୍ବର ଦେବାରେ କୃପଣ ।

ନାରାୟଣମୋହନ ଦେ କବିରୂପରେ ସେକାଳେ ସୁପ୍ରସିଦ୍ଧ । ସେ ଇଂରାଜୀ ଅଧ୍ୟାପକ; ସେ କାହିଁକି ଏପରି ସଂସ୍କୃତଶବ୍ଦବହୁଳ ଦାନ୍ତଭଙ୍ଗା କବିତା ରଚନା କରୁଥିଲେ ? ତାଙ୍କ 'ହରିହର ଛତ୍ର ମେଳା' ଏକ କ୍ଲିଷ୍ଟ କବିତା; ତାଙ୍କ ସଂକଳିତ 'ଜୟନ୍ତୀ', 'ବୈଜୟନ୍ତୀ'ରେ କେତୋଟି ଉଚ୍ଚଶ୍ରେଣୀର କବିତା ରହିଛି ।

କାଶୀନାଥ ଦାଶ ପ୍ରଥମ ଓଡ଼ିଆ ଅଧ୍ୟାପକ;—ସେ କୁଆଡ଼େ ଖାତା ଦେଖନ୍ତି ନାହିଁ, ଓଜନ କରି ନମ୍ବର ଦିଅନ୍ତି, କହନ୍ତି—ପଢ଼ିଛୁ ବୋଲି ବେତନ ପାଉଛୁ, ପଢାଉଛୁ ବୋଲି ନୁହେଁ ।

ଶଶିକାନ୍ତ ସାନ୍ୟାଲ ବୈଷ୍ଣବ, ସମସ୍ତ ଦରମା ଗୌଡ଼ୀୟ ମଠକୁ ଦେଇ ଦିଅନ୍ତି, ମଠରୁ ଯତ୍‌ସାମାନ୍ୟ ମାସିକ ଖର୍ଚ୍ଚ ଆଣି ଚଳନ୍ତି । ତାଙ୍କ କଣ୍ଠସ୍ୱର କ୍ଷୀଣ, ଅଧ୍ୟାପନାରୀତି ନିତାନ୍ତ ନୀରସ ।

ଘନଶ୍ୟାମ ଦାସ କର୍ମନିଷ୍ଠ, ମନରେ ଦିଲ୍‌ଦାର୍ । ଯଥାମତ ପ୍ରସ୍ତୁତ ହୋଇ କ୍ଲାସ୍‌କୁ ଆସନ୍ତି । ଗୋଟିଏ ମିନିଟ ସମୟ ନଷ୍ଟ କରନ୍ତି ନାହିଁ । ଲେକ୍‌ଚରର୍ ହୋଇ ଦୀର୍ଘକାଳ ରହିବା ପରେ ସେ ନିରାଶ ଓ ଭଗ୍ନହୃଦୟ ହୋଇ ଯାଇଥିଲେ; ଶେଷରେ ସେ ପାନର ଆଗ୍ରସ୍ତ ନେଇଥିଲେ ଓ ତାଙ୍କର ମତିଭ୍ରମ ଘଟିଥିଲା ।

ଅର୍ତ୍ତତ୍ରାଣ ମହାନ୍ତି; ପାସ୍ ତୃତୀୟ ଶ୍ରେଣୀରେ; ତା'ର କ୍ଷତିପୂରଣ ଲାଗି ପଢ଼ାପଢ଼ି ଓ ଗବେଷଣାରେ ମନପ୍ରାଣ ଢାଳି ଦେଇଥିଲେ । ଶେଷ ପର୍ଯ୍ୟନ୍ତ ତୃତୀୟ ଶ୍ରେଣୀ ଗନ୍ଧ ତାଙ୍କ ନାମରୁ ଗୁଞ୍ଚି ନ ଥିଲା । ନାମଧାତୁ ପ୍ରୟୋଗ କରି ସେ ଛାତ୍ରମାନଙ୍କୁ ବ୍ୟଙ୍ଗ କରୁଥିଲେ—'ଅସୌ ମର୍କଟାୟତେ, ଅସୌ ବ୍ୟାଘ୍ରାୟତେ, ଅସୌ ଗର୍ଦ୍ଦଭାୟତେ ।'

ମାତୃଭୂମି ଓ ମାତୃଭାଷା ପ୍ରତି ତାଙ୍କର ଅନ୍ତରରେ ଅସୀମ ମମତା ଥିଲା । ଉଦରପୀଡ଼ାରେ ଅନେକ କଷ୍ଟ ଭୋଗ କଲେ ବି ଶେଷ ନିଃଶ୍ୱାସ ଥିଲାଥିବା ପର୍ଯ୍ୟନ୍ତ ସେ ସାଂସ୍କୃତିକ କାର୍ଯ୍ୟରେ ଲୀନ ରହିଥିଲେ । ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ସଂକଳନରେ

Digitized by srujanika@gmail.com

ସେ ନୂତନ ଦିଗ୍‌ଦର୍ଶକ । ସାରଳାମହାଭାରତ ସଂକଳନ ତାଙ୍କର ଶେଷ ଓ ଶ୍ରେଷ୍ଠ କାର୍ଯ୍ୟ ।

ଲକ୍ଷ୍ମୀକାନ୍ତ ଚୌଧୁରୀ ଉତ୍କଳ ସଙ୍ଗୀତ ବିଦ୍ୟାଳୟର ପ୍ରତିଷ୍ଠାତା, ଭୂପତି ପଣ୍ଡିତଙ୍କ 'ପ୍ରେମପଞ୍ଚାମୃତ'ର ସଂକଳକ, ନିରଳସ ଓ ଛାତ୍ରବତ୍ସଳ ଥିଲେ । ସଂସ୍କୃତ ଅଧ୍ୟାପକମାନଙ୍କୁ ଉପଲକ୍ଷ୍ୟ କରି ସେକାଳେ ଗୋଟିଏ ଲଳିକା ରଚିତ ହୋଇଥିଲା—

'ଜଗନ୍ନାଥସ୍ୟ ପାଣ୍ଡିତ୍ୟମ୍
ଆର୍ତ୍ତସ୍ୟ ମୁଖ ବକ୍ରତଃ
ଲକ୍ଷ୍ମୀକାନ୍ତସ୍ୟ ରୂପଲାମ୍
କାଶ୍ୟାଂ ସନ୍ତି ତ୍ରୟୋ ଗୁଣାଃ ।'

ଏହି ଲଳିକାର ରଚୟିତା କିଏ ଜାଣେ ନାହିଁ; ତାହା ଏବେ ଚାଲୁଛି, ଯେପରି ଚାଲୁଛି—

'ବାଇଧରି କବିତାକୁ ହାଇଦରି ବିଡ଼ି
ଗୁଜୁରାଟୀ ଗାଣ୍ଡି ଅଳୁ... ... ...।

ନିର୍ମଳ ବାନାର୍ଜୀ ଅତ୍ୟନ୍ତ ଶୃଙ୍ଖଳାସଚେତନ; ଟିକିଏ ଜୋତା ଖଡ଼ ଖଡ଼ ହେଲେ ସେ ଗାଳି ବୃଷ୍ଟି କରନ୍ତି, ନୈତିକତା ଓ ସଚ୍ଚରିତ୍ର ବିଷୟରେ ବକ୍ତୃତା ଝାଡ଼ନ୍ତି । ଛାତ୍ର-ମାନେ ତାଙ୍କର ଏ ଦୁର୍ବଳତା ଜାଣନ୍ତି, ପାଠ୍ୟାରମ୍ଭ ଆଗରୁ ଜୋତା ଖଡ଼ ଖଡ଼ ହିଁ କରନ୍ତି । ବର୍ଷସାରା ଏଇ ପାଳି ଚାଲେ, ଇତିହାସ ପଢ଼ା ହୋଇପାରେ ନାହିଁ ।

ଓଡ଼ିଶାର ଇତିହାସ ଓ ପତ୍ନତତ୍ତ୍ୱ ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା, ସେ ଓଡ଼ିଶା ମ୍ୟୁଜିଅମ୍‌ର ମୂଳଦୁଆ ପକାଇଥିଲେ; ପହିଲେ ରେଭେନ୍‌ସା କଲେଜର ମୁସଲମାନ ଛାତ୍ରାବାସ ବୋଲିଥିବା କେତୋଟି କୋଠରୀରେ ତାଙ୍କ ସଂଗୃହୀତ ମୂର୍ତ୍ତିଚିତ୍ର ଅବସ୍ଥାପିତ ହୋଇଥିଲା; ତାଙ୍କର ଅକାଳ ମୃତ୍ୟୁ ପରେ ଅଧ୍ୟାପକ ଘନଶ୍ୟାମ ଦାସ ଏହି ଅନୁଷ୍ଠାନର ଅଭିବୃଦ୍ଧି ଘଟାଇଥିଲେ । ପରବର୍ତ୍ତୀ କାଳରେ ମୁଁ ରାଞ୍ଚୀରୁ ଗୋଟିଏ ବିରାଟ ପିତ୍ତଳ ଗଡ଼ୁ କିଣି ଆଣି ଏହି ଯାଦୁଘରକୁ ଉପହାର ଦେଇଥିଲି । ଏହା ଉପରେ ଶିବାଜୀଙ୍କ ଯୁଦ୍ଧ ଘଟଣାର ଚର୍ଚ୍ଚିତ ହୋଇଥିଲା ।

ରେଭେନ୍‌ସା କଲେଜରେ କିପରି ଜ୍ଞାନୀ ଅଧ୍ୟାପକସବୁ ଥିଲେ ତାର ଉଦାହରଣ ଦେବାକୁ ଯାଇ ଘନଶ୍ୟାମବାବୁ ଯଦୁନାଥ ସରକାରଙ୍କ କଥା କହନ୍ତି । ତାଙ୍କର ସରକାର କିପରି ଲୋକପ୍ରିୟତାକୁ ଭ୍ରୂକ୍ଷେପ କରୁ ନ ଥିଲେ, ଏକାନ୍ତ ସମୟସଚେତନ

Digitized by srujanika@gmail.com

ଓ ଗବେଷଣାନିଷ୍ଠ ଥିଲେ, ଏହି ଘଟଣାରୁ ତାର ପ୍ରମାଣ ମିଳେ । ଏକା ଶ୍ରେଣୀର ଅଧ୍ୟାପକ ହେଲେ ବି ଯଦୁନାଥଙ୍କ ସହିତ ସାକ୍ଷାତ୍‌କାର ଲାଗି ଘନଶ୍ୟାମବାବୁଙ୍କୁ ଅନୁମତି ନେବାକୁ ଓ ସମୟ ନିର୍ଦ୍ଦିଷ୍ଟ କରିବାକୁ ପଡ଼ିଥିଲା । ଯଦୁନାଥବାବୁ ପାଞ୍ଚ ମିନିଟ୍‌ ସମୟ ଦେଇଥିଲେ । ଅବତରଣିକା କହୁ କହୁ ପାଞ୍ଚ ମିନିଟ୍‌ ଗଡ଼ିଗଲା । ଯଦୁନାଥ ଘନଶ୍ୟାମଙ୍କୁ କହିଲେ—ତୁମ ସମୟ ଅତୀତ ହୋଇଛି; ଏବେ ବିଦାୟ ନେଇପାର । ଘନଶ୍ୟାମବାବୁଙ୍କ କଥା ଅଧୁରା ରହିଲେ ।

ମୁଁ ବି. ଏ.ରେ ସଂସ୍କୃତରେ ଅନର୍ସ ନେଇଥିଲି; ସେ ବର୍ଷ ସେଥିରେ ମୁଁ ଏକମାତ୍ର ଛାତ୍ର ଥିଲି । ଅଧ୍ୟାପକ ଗୋଟାଏ ପିଲା ଲାଗି କ୍ଲାସ କରିବାକୁ ବିତୃଷ୍ଣ, ମୋର ବି ପଢ଼ିବା ପ୍ରତି ବିତୃଷ୍ଣା ଥିଲା । ଅର୍ଥ ନ ବୁଝି ପାଣିନିବ୍ୟାକରଣ ସୂତ୍ର ଗଳାଧଃକରଣ ଅତି ଓ ଭୟଙ୍କର ବୋଧ ହେଉଥିଲା । 'ବିନା ଅନର୍ସରେ ଅବଶ୍ୟତର ଉନ୍ନତିପଥ ରୁଦ୍ଧ' ଜାଣି ସୁଦ୍ଧା ଅନର୍ସ ଛାଡ଼ିଲି ବା ପରୀକ୍ଷା ଛାଡ଼ିବାକୁ ବାଧ୍ୟ କଲି । ମୋର ଦୀର୍ଘ ଅସୁସ୍ଥତା ଏଥିର ଅନ୍ୟ କାରଣ । ଦ୍ୱିତୀୟ କାରଣ—ମୋର କଠୋର ଜୀବନସଂଗ୍ରାମ । ଟିଉସନରେ ଅଧିକାଂଶ ସମୟ ଯାଉଥିଲା, ଭାବିଲି—ଅନର୍ସ ତ ଯାହା ମିଳିବ ମିଳିବ, ନୋଟିକୁ ମୂଳ ଛାଡ଼ିବ । ଫେଲ୍‌ ହେବା ମୋ ପକ୍ଷେ ଏକ ଦୁର୍ଘଟଣା ନୁହେଁ, ଦାରୁଣ ଲଜ୍ଜାସ୍ପଦ । ଆଉ ଥରେ ପରୀକ୍ଷା ଦେବା ମଧ୍ୟ ସମ୍ଭବ ନୋହିପାରେ ।

ଗୌରବ ମିଳୁ ନ ମିଳୁ, କୌଣସିମତେ କଳଙ୍କରୁ ରକ୍ଷା ମିଳୁ—ଏହି ଭାବନା ହିଁ ମୋର ଗତି ନିୟନ୍ତ୍ରଣ କଲା । ଜୀବନରେ କେବେ ଫେଲ୍‌ ହୋଇନାହିଁ, ଏହା ଗୌରବ ନୋହିପାରେ, କିନ୍ତୁ ସାଧାରଣ ସ୍ତରର ତ ଏକ ଦୃଢ଼ ସ୍ୱୀକାର ।

ରେଭେନ୍‌ସା କଲେଜ ଓଡ଼ିଶାର ପ୍ରାଚୀନତମ ଶିକ୍ଷାନୁଷ୍ଠାନ - ଉତ୍କଳୀୟ ପ୍ରତିଭାର ଏକ ଉତ୍ସମୁଖ—ଏହି ଥିଲା ସହର ଭିତରେ ଏକ ସହର ଭଳି, ସରସ୍ୱତୀଙ୍କର ଏକ ସମୁଜ୍ଜ୍ୱଳ ମନ୍ଦିର ପରି; ତାର ଉପଯୋଗ ଛାତ୍ରଜୀବନରେ ମୁଁ କିଛି କରିପାରି ନ ଥିଲି । ନେଇ ନ ଥିଲି ବିତର୍କପ୍ରତିଯୋଗିତା ବା ଆଲୋଚନା ସଭାରେ ଅଂଶ, ଭାଗ ନେଇ ନଥିଲି ଏହାର ଭ୍ରମଣ କାର୍ଯ୍ୟକ୍ରମରେ, ବଣଭୋଜିରେ, ନାଟ୍ୟାଭିନୟରେ, ପଢ଼ୁ ନ ଥିଲି ଏହାର 'ଜନତା ପାଠାଗାର'ରେ; ଛାତ୍ରଜୀବନର ସାଧାରଣ ସ୍ୱଚ୍ଛନ୍ଦ ବା ଉଦ୍ଦାମତା ପ୍ରକାଶର କୌଣସି ଅବକାଶ ନ ଥିଲା; ଏହି ସମାଜରୁ ଦୂରେଇ ରଖିଥିଲା ଦାରିଦ୍ର୍ୟ—'ଅଲୋ ସଖୀ, ଆପଣା ମନ୍ଦ ତ ଆପେ ରଖି'। ସାମୟିକ ବିନୋଦନ ଥିଲା ସମ ପ୍ରକାର ସଙ୍ଗୀମାନଙ୍କ ସଙ୍ଗ ଆଳାପ, ସାନ୍ଧ୍ୟ ଭ୍ରମଣ, କବିତାରଚନା । ନାମକୁ ମାତ୍ର ଛାତ୍ର ଥିଲି, ଏହି ମହତ୍ତ୍ୱ ଅନୁଷ୍ଠାନର ସୁଫଳ କିଛି ହେଲେ ଲାଭ କରିପାରି ନ ଥିଲି; ଦିନ ପରେ ଦିନ ଗଡ଼ି ଯାଉଥିଲା, ସାମ୍ନାରେ ଥିଲା ଗୋଟିଏ ଘାଟି—ପରୀକ୍ଷା; ସଙ୍କଟ ସାଧାରଣ ଚଳନ, ଏଇଠି ମାତ୍ର ଉଲ୍ଲଙ୍ଘନ । ତାକୁ ଠେଲି କରି ସେ ଚେଷ୍ଟା ହେଉଥିଲା !

Digitized by srujanika@gmail.com

ମୋର କେତେକ ବନ୍ଧୁ ଥିଲେ; ମାତ୍ର ଜୀବନଦୋସର ଜଣେ ଅଧେ । ଦୂରବସ୍ଥା ଯୋଗୁଁ ହିଁ ମୁଁ କରନ୍ତୁଡ଼ା ଦେଇ ରହୁଥିଲି । ବନ୍ଧୁମାନଙ୍କ ମଧ୍ୟରୁ ମୋ ଦୁଃଖ ଶୁଣିବ, ବୁଝିବ କିଏ ? କଥା ଅଛି—

'ଦରିଦ୍ର ଆଗରେ ଦରିଦ୍ର କହିଲେ
 ଅଧେ ଦରିଦ୍ର ଯାଏ
ଇନ୍ଦ୍ରରାଜା ଆଗେ ଦରିଦ୍ର କହିଲେ
 ଅଢ଼ୁର ଦରିଦ୍ର ହୁଏ ।'

ଏକା ହରେକୃଷ୍ଣ ଥାଏ ମୋର ଦୁଃଖ ଦୁର୍ଦ୍ଦିନର ବନ୍ଧୁ; ଯେ ମୋତେ ବୁଝୁଥିଲା ଜଣେ ଦରଦୀ ବୁଝିଲା ଭଳି । ସେ ନିଜେ ଦୁଃଖୀ, ସଂଗ୍ରାମକଠୋର ଥିଲା ତାର ଜୀବନ । ଦୁହେଁ ଏକାଠି ବସି ଆଲୋଚନା କରୁଥିଲୁ । ପାଠ୍ୟ ବହି ତ ପଢ଼ି ନ ଥିଲୁ; ପରୀକ୍ଷାରେ କଣ କଣ ପଡ଼ିବାର ସମ୍ଭାବନା, ବାଛି ବାଛି ଏକାଠି ବସି ପଢ଼ୁଥିଲୁ । ସୌଭାଗ୍ୟକୁ ସେଥିରୁ କିଛି କିଛି ପରୀକ୍ଷାରେ ପଡ଼ୁଥିଲା, ପାସ୍ କରିବା ଆମ ପକ୍ଷେ ସହଜ ହୋଇଥିଲା ।

ହରେକୃଷ୍ଣ କବି; ଦୁର୍ଦ୍ଦିନ ମଧ୍ୟରେ ମୋ ପରି ପାଠ ନ ପଢ଼ି ସମସ୍ତ ନଷ୍ଟ କରି ସେ କବିତା ଲେଖୁଥିଲା । କିନ୍ତୁ ପତ୍ରପତ୍ରିକାରେ ପ୍ରକାଶ କରିବାକୁ ତାର ସାହସ ନ ଥିଲା । ସେସବୁ ଅବଶ୍ୟ ପ୍ରକାଶର ଅଯୋଗ୍ୟ ନଥିଲା । ହରି ଲାଜକୁଳା ଓ ପଛୁଆ ଥିଲା । ଫଳରେ ସେ ଯୋଉଠି ସେଠି ରହିଗଲା । ପୁଣି ଅର୍ଥାଭାବରୁ ଆଇ.ଏ ରୁ ତା ପୋଥିରେ ଡୋରି ବନ୍ଧାଗଲା । ଏଥିରେ ତା ମନ ଭାଙ୍ଗି ପଡ଼ିଲା । କିରାଣି ବୃତ୍ତିରେ ତାର ରସର ସାଗର ଶୁଖିଗଲା । ନିଜ ଚେଷ୍ଟାରେ ଏବେ ସେ ବି ଏ ପାସ୍ କରିଛି, ନିମ୍ନ କିରାଣି ବୃତ୍ତିରୁ ଉଠି ଉଠି 'ବଡ଼ବାବୁ' (ମୁଖ୍ୟ କିରାଣି) ହୋଇଛି, ଗୋଟିଏ ଗୋଦାମ ଘରେ ପିଲକୁଆ ପେଚା କଟକରେ ରହିଛି । କିନ୍ତୁ କବିତାଲେଖା ଛାଡ଼ିନାହିଁ । ଏବେ ସେ କବିତାରେ ମୋ ପାଖକୁ ଚିଠି ଲେଖିଛି; ଯେଉଁଥି ଉଦ୍ଧାର କରିବାର ଲୋଭ ସମ୍ବରଣ କରିପାରିଲି ନାହିଁ -

ବୋର୍ଡ଼ ଅଫ୍ ରେଭିନ୍ୟୁ
କଟକ-୨
ତା ୨୯-୮-୧୯୬୯

କୃଷ୍ଣଭାବନା,

ବହୁ ଦିନୁଁ ଦେଖା ନାହିଁ—ତା କଥା ମୁଁ ତମକୁ କହିବି
 ଆମ ବନ୍ଧୁ 'ଯଦୁଆ ଚଇନି'
ଗତ କାଲି ଦେଖା ଦେଲା— ଗ୍ରାମ ମନ୍ତ୍ରୀ ମସ୍ତବଡ଼ ମୁଣ୍ଡ
କାଳିଆ ବଣୁଆ ହାତୀ । ନାହିଁ ମାଡ଼ା ଶୁଣ୍ଢ ।

Digitized by srujanika@gmail.com

ଖାକି ଡ୍ରେସ୍, ସୋଲ ହ୍ୟାଟ୍, କପାଳରେ ଚିନ୍ତା
କାନ୍ଧ ପାଖେ ଉଁକିମାରେ ଚକଟା ପଇତା ।
କାଖରେ ବ୍ୟାଟନ୍ ଜାକି ସେମନ୍ତେ 'ଖଇନି'
'ଯଦୁଆ ଚଇନି' ।

× × ×

ଦେଖୁ ଦେଖୁ ଆରମ୍ଭିଲ, 'କୃଷ୍ଣବାବୁ ବଡ଼ ଭାଗ୍ୟବନ୍ତ
ତୋଳିଛି ପ୍ରକାଣ୍ଡ ଘର, ଜାଣିନାହୁଁ ? ଲେଖି ବହୁ ଗ୍ରନ୍ଥ
ଅରଜିଛି ବହୁଧନ ।'
"ମୁଁ ବି ଜୀବନରେ
ଉଣା ନୋହେଁ କେଉଁଥିରେ ଧନ ସମ୍ମାନରେ ।
ତୋଳି ଦେଇଅଛି ଘର; ଦେଇଅଛି ଶିକ୍ଷା ଉପଯୁକ୍ତ
'ଯନ୍ତ୍ରୀ' ଏକ ପୁଅ ଆନ ମନ୍ତ୍ରୀ ପାଇଁ ହେଉଛି ପ୍ରସ୍ତୁତ ।
ବି. କମ୍, ବି ଏଲ୍ ପାସ୍ । ଦୁହିଁ କରି ଦେଇଅଛି ଭର୍ତ୍ତି,
କି ଲୋଡ଼ା ଜୀବନେ ଆଉ ? ଦେଶର ଯା ହେଉ ପରିସ୍ଥିତି ।"
ଏମନ୍ତ ସେ ବଖାଣିଲ ଅସରନ୍ତ ତା କୀର୍ତ୍ତି-କଳାପ
ଗୋଟିଏ ମୁଖର ବକ୍ତା-ଅନ୍ୟ ମୂକ ।
କି ବନ୍ଧୁ ସଂଲାପ !

× × ×

ଯଦୁ ଗଲା ବସ୍ ଚଢ଼ି ଅନୁଗୋଳେ ।
ଫେରିଲି ମୁଁ ଘରେ
ରୋଗିଣୀ ଭାରଯା, ପୁଣି ଝିଅ ଏକ କମ୍ପୁଅଛି ଜରେ ।
ଅସ୍ଥି ସାର 'ପୁତ୍ର' ମୋର ଜନମିଛି ପାଞ୍ଚକନ୍ୟା ତଳେ,
ପଞ୍ଚମ ସୋପାନେ ଧଡ଼େ ଏଡ଼େ ବୀର ଫୁଙ୍କି ଦେଲେ ଟଳେ !
ଝୁଣ୍ଟିଲି ସକଳେ ପୁଣି ଆକାଶକୁ ଦେଲି ଊର୍ଦ୍ଧ୍ୱ ଦୃଷ୍ଟି,
ପ୍ରେମମୟ ହେ ଈଶ୍ୱର ମଧୁମୟ କି ସୁନ୍ଦର ସୃଷ୍ଟି !

× × ×

ଅତୀତ ଧୂସର ଦର୍ପଣେ । ଆରେ ଖୋଜ ପାଉନାହିଁ ସନ୍ଧା,
ଭଙ୍ଗା ତଙ୍ଗା ଠେଲି ଠେଲି ଅଙ୍କ ପଡ଼େ ଅଧର ଏ ବାହା ।
କାହିଁଗଲେ ସାଙ୍ଗସାଥୀ ? ସ୍ମରଣରେ ବୁଲିଉଛି ଅଖି
ଥରେ ଅସି ଆଖି ଆଗେ ଲୁଚିଯାଅ, କାହିଁକି ଏ ଫାଙ୍କି ?
ଦ୍ୱାରକାର ସିଂହଦ୍ୱାରେ ସୁଦାମାର ନାହିଁକି ପ୍ରବେଶ ?
ଜୀବନର ଭାଗ ଭର୍ମେ ଏନ୍ତୁ କିବା ଶୂନ୍ୟ ସ୍ୱରଶେଷ ?

Digitized by srujanika@gmail.com

ଶୀତପ୍ରାଣ ଜଡ଼ଜାତ କାନ୍ଦିବାରେ ରଚେ ଛନ୍ଦ ତାଳି,
ତେଣୁ ଗୀତେ ପ୍ରକାଶିଲି ଦୁଃଖପଦ ଯାହା କହିବାର ।
ଲୋଡ଼ାନାହିଁ ଶବ୍ଦାରମ୍ଭେ — ସ୍ପୃହା ନାହିଁ ସଭ୍ୟ-ସମାଜରେ,
ରହିଲେ ମୁଁ ଯିବ ଏକା ଦେଖିବାକୁ ନୂଆ ଘରେ ଥରେ ।
ଭୂଇଁ ଛୁଇଁ ଦୁହିଁଙ୍କ ପ୍ରଣାମ,
ପିଲଙ୍କୁ ଶୁଭେଚ୍ଛା, । ଇତି । ହରେକୃଷ୍ଣ-ନାମ ।

ମୁଁ ବି. ଏ. ଶେଷବର୍ଷ ପଶ୍ଚିମ ଛାତ୍ରାବାସ ପାର୍ଶ୍ୱବର୍ତ୍ତୀ ଗୋଟିଏ କୋଠରୀରେ ରହୁଥିଲି । ଡକ୍ଟର ବଳଭଦ୍ର ପ୍ରସାଦ (ସେତେବେଳର ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ)ଙ୍କ ଦୟାରୁ ମାସିକ ମାତ୍ର ଟଙ୍କାଏ ଭଡ଼ାରେ କୋଠରୀଟି ପାଇଥିଲି । ମୋ ଟିଉସନ ଆୟ ହଷ୍ଟେଲ ବ୍ୟୟ ଲାଗି ଅକୁଳାଣ ହେଉଥିଲା ବୋଲି ହୋଟେଲରେ ଖାଉଥିଲି । ମାତ୍ର ଛ'ଟି ଟଙ୍କାରେ ଦୁ ଓଳା ହୋଟେଲଖିଆ ଚଳୁଥିଲା; ସେତେବେଳକୁ 'କଟକ ସହର ବଡ଼ ମହରଗ' ହୋଇ ନ ଥିଲା । ପରିବେଶ ବିଶେଷ ଗ୍ରାମ୍ୟ ଥିଲା, ରାସ୍ତା ଉପରେ ଶହ ଶହ ଶଗଡ଼ ଧୂଳି ଉଡ଼ାଇ କେଁ କଟକଟ ଶବ୍ଦ କରି ଚାଲିଥିଲେ, ଦରମଳି ଯୋଡ଼ି ଘୋଡ଼ା ଗାଡ଼ି ଟାଣୁଥିଲେ; ହାତଟଣା ରିକ୍ସା ମଧ୍ୟ ଚାଲିଥିଲା । ଗ୍ରାମ୍ୟ କଟକ (ଯାହାକୁ ଦେଖି ମଧୁରାଓ 'କଟକ ନଗର, ଧବଳ ଟଗର' ଲେଖିଥିଲେ) ମୋର ଆଗରେ ନଗରପଦବୀକୁ ଉନ୍ନୀତ ହେଲା । ଆଗରୁ ଆଖିରେ ପଡ଼ିଲା ଭଳି କୋଠାଘର ଅଳ୍ପ ଥିଲା — ରେଭେନ୍ସା କଲେଜ, ମେଡ଼ିକାଲ ସ୍କୁଲ, ତାପରେ ଦର୍ପଣୀ ରାଜାଙ୍କ କୋଠି । ଖଳିଲୁଣ୍ଡିକ ଗାଁ ପରି ଚାଳଘରଭରା ଥିଲା । ଦ୍ୱିତୀୟ ମହାଯୁଦ୍ଧ ପରେ କଟକ ସହରର ଚେହେରା ବଦଳିଲା । ଓଡ଼ିଆଙ୍କ ମଧ୍ୟରେ ବଡ଼ ବଡ଼ ଅଫିସର, କଣ୍ଟ୍ରାକ୍ଟର, ଖଣି ଓ କଳକାରଖାନା ମାଲିକ ବ୍ୟବସାୟୀ ଦେଖା ଦେଲେ । ବଡ଼ ବଡ଼ ଆଧୁନିକ ଢଙ୍ଗର କୋଠାଘରମାନ ମୁଣ୍ଡ ଟେକିଲା । ଓଡ଼ିଆମାନେ ନିମ୍ନ ମଧ୍ୟବିତ୍ତ ବା ମଧ୍ୟବିତ୍ତ ଥିଲେ, ଏବେ ବହୁ ସଂଖ୍ୟାରେ ଧନୀ ବା ବଡ଼ଲୋକ ଦେଖାଦେଲେ ।

ମୋ ଦେଖନ୍ତରେ କଟକକୁ ମୂକ ଛାୟାଚିତ୍ର, ତା ପରେ ଟକି ଆସିଲା; ଆର୍ଟ ଥିଏଟରରୁ କାଳୀ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟର୍ସ, ତା'ପରେ ଅନ୍ନପୂର୍ଣ୍ଣା ଓ ଜନତା ରଙ୍ଗମଞ୍ଚରେ ନୂଆ ନୂଆ ଅଭିନୟ ଦେଖାଦେଲା ଓ ଓଡ଼ିଆ ନାଟ୍ୟ ସାହିତ୍ୟର ବିଶେଷ ଉନ୍ନତି ଦେଖାଗଲା । ବୈଷ୍ଣବ ପାଣି ଓ ବାଳକୃଷ୍ଣ ମହାନ୍ତିଙ୍କ ଯାତ୍ରାରୁ କୃଷ୍ଣପ୍ରସାଦ ବସୁଙ୍କ ଯାତ୍ରା ଦେଖିବାକୁ ମିଳିଲା । ଜଗବନ୍ଧୁ ସିଂହଙ୍କ 'ପୂର୍ବାମାଳୀସାହି ଯାତ୍ରାବାଲା' ବିଶେଷ ପ୍ରସିଦ୍ଧି ଲାଭ କଲେ ।

ରେଭେନସା କଲେଜ ଓ ମେଡ଼ିକାଲ ସ୍କୁଲ ମଧ୍ୟରେ (ସେତେବେଳକୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହୋଇ ନ ଥିଲା) ଫୁଟବଲ୍ ଖେଳ ହେଉଥିଲା । ବେଳେ

Digitized by srujanika@gmail.com

ବେଳେ ହିମିତି ଖେଳରୁ ମହାଭାରତ ଯୁଦ୍ଧ ଉପୁଜୁଥିଲା । କିଏ କାହାକୁ କେତେବେଳେ ହଟାଉଥିଲା; କିନ୍ତୁ ଖେଳର ପରିଣତି ଭୟଙ୍କର ହେଉଥିଲା । କରଅସ୍ଥିଧାରୀ ମେଡ଼ିକାଲ୍ ପିଲାମାନେ ନଚସ୍ଥ ରେଭେନସା କଲେଜର ପିଲାଙ୍କୁ କ୍ରୀଡ଼ାପ୍ରାଙ୍ଗଣରୁ କ୍ଷତବିକ୍ଷତ କରି ବିତାଡ଼ନ କରୁଥିଲେ ।

ଅଧିକାଂଶ ଲୋକ ଖାଲି ପାଦ ଓ ଖାଲି ଦେହରେ ବୁଲୁଥିଲେ । ଦ୍ୱିତୀୟ ମହାଯୁଦ୍ଧ ମଧ୍ୟରେ ବା ପରେ ଯୋତାମଜାଲି ଓ କାମିଜପିନ୍ଧାଳିଙ୍କ ସଂଖ୍ୟା ବହୁତ ବଢ଼ି ଯାଇ-ଥିଲା । ପାଠପଢ଼ୁଆଙ୍କ ସଂଖ୍ୟା ଊଣା ଥିବାରୁ ସହଜରେ ଚାକିରି ମିଳି ଯାଉଥିଲା ।

ଶ୍ୟାମଚନ୍ଦ୍ର ତ୍ରିପାଠୀ ଡି. ପି. ଆଇ ହୋଇ ରେଭେନ୍ସା କଲେଜରୁ ଅଣଓଡ଼ିଆ ଅଧ୍ୟାପକମାନଙ୍କୁ ତଡ଼ିଲେ ଓ ଏହି କଲେଜକୁ ଓଡ଼ିଆ ସଂସ୍କୃତିଦ୍ୱାପନ୍ନ କଲେ । ନୂଆ ହୋଇ କମ୍ୟୁନିଷ୍ଟ ବାହାରିଲେ ଓ ସେମାନେ ପ୍ରଗତିବାଦ ପ୍ରବର୍ତ୍ତନରେ ଅଗ୍ରଣୀ ହେଲେ; ଛାତ୍ରମାନଙ୍କ ମଧ୍ୟରେ ରାଜନୈତିକ ଚେତନା ଓ ଐକ୍ୟଶକ୍ତି ବୃଦ୍ଧି ଲାଭ କଲା । ଶେଷକୁ ଏପରି ହେଲା ଯେ ଛାତ୍ରମାନଙ୍କୁ ନ ଧରିଲେ ନେତାମାନଙ୍କ ରାଜନୀତି ଚଳିଲା ନାହିଁ ।

ପୁଞ୍ଜିବାଦ ବିରୁଦ୍ଧରେ ବିପ୍ଳବର ପୁନାଦ ପଡ଼ିଲା — ଗଣତନ୍ତ୍ର, ସାମ୍ୟବାଦ, ସମାଜ-ବାଦ ଆଦିକୁ ଓଡ଼ିଆ ଲେଖକ ପାଠକଙ୍କୁ ଟାଣିନେଲା । ନୂଆ ଧରଣର କାବ୍ୟ କବିତା, ଗଳ୍ପ ଉପନ୍ୟାସ ରଚିତ ହେବାକୁ ଲାଗିଲା, ପ୍ରବନ୍ଧ ଓ ସମାଲୋଚନା ଆଦିକୁ ଲେଖକର ଦୃଷ୍ଟି ଆକୃଷ୍ଟ ହେଲା ।

ପୁରୀ, ବାଲେଶ୍ୱର ଓ ସମ୍ବଲପୁରରେ କଲେଜ ହେଲା । ତା'ପରେ ସ୍କୁଲ କଲେଜ ସଂଖ୍ୟା ଅସମ୍ଭବ ଭାବେ ବଢ଼ିବାକୁ ଲାଗିଲା । ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ଲେଖକ ଓ ପାଠକଙ୍କ ସଂଖ୍ୟା ବଢ଼ିଲା, ପୁସ୍ତକର କାଟତି ମଧ୍ୟ ବଢ଼ିଲା । ଅନେ ସାହିତ୍ୟିକମାନଙ୍କ ଅର୍ଥଘର ଶୂନ ଥିଲା, ଏବେ ଓଡ଼ିଆ ସାହିତ୍ୟିକ ସାହିତ୍ୟ ନେଇ ଉପାର୍ଜନର ଆଶା ପୋଷଣ କଲା, 'ଓଡ଼ିଆରେ କାହିଁକି ଲେଖିବି' ପ୍ରଶ୍ନ ତା ମନରେ ଉଙ୍କି ମାରୁଥିଲେ ବି ।

ବି. ଏ ପଢ଼ିଲାବେଳେ ମୁଁ ଥରେ ଗୋଟିଏ ସବ୍ ରେଜିଷ୍ଟ୍ରାର୍ ଚାକିରି ଲାଗି ଦରଖାସ୍ତ ଦେଇଥିଲି । 'ପଞ୍ଚାଲଗର୍' ଲୁଗା ପିନ୍ଧି କାନ୍ଧରେ ଚାଦର ପକାଇ ମୁଁ ପି ଏସ୍.ସି ଦ୍ୱାରା ସାକ୍ଷାତ କରିଥିଲି । ଟାଇ ଓ ପୁରା ସାହେବୀ ପୋଷାକ ବିନା ସାକ୍ଷାତକାର ହାସ୍ୟାସ୍ପଦ ଓ ଦୁଃସାହସିକ ବ୍ୟାପାର ଥିଲା । ତଥାପି ମୁଁ ସାକ୍ଷାତ କରିଥିଲି, ବନ୍ଧୁମାନଙ୍କ ଆମୋଦ ଲାଗି ପ୍ରଚୁର ଖୋରାକ ଯୋଗାଇ । ବନ୍ଧୁ ରମେଶ ଚନ୍ଦ୍ର ଶତପଥୀ ଏଇ ଚାକିରିଟା ପାଇଥିଲେ, ତାଙ୍କ ପିତା ପ୍ରଥମ ମହାଯୁଦ୍ଧ କାଳରେ ଜାହାଜ ଡୁବିରେ ମରିଥିବାରୁ ।

Digitized by srujanika@gmail.com

୧୯୫୮ରେ ପାଟଣା ବିଶ୍ୱବିଦ୍ୟାଳୟରୁ ମୁଁ ବି.ଏ. ପାସ୍ କଲି । ଅନ୍ତରର ବିଶାଳତା ଦେଖି ବିଲସ୍ ହେବାଲଗି କେତେକ ଅଧ୍ୟାପକ ମୋତେ ପରାମର୍ଶ ଦେଇଥିଲେ । ମନସ୍ତତ୍ତ୍ୱବିତ୍ ନୁହନ୍ତି ସେମାନେ । ମନର ସମ୍ବାଦ ନ ଜାଣି ଏପରି ଉପରଠାଉରିଆ ଉପଦେଶ ଦେବାରେ କୌଣସି ସାର୍ଥକତା ନ ଥିଲା । ବୃତ୍ତି ଲାଗି ମନୋବୃତ୍ତିକି ବଳି ଦେବାର ପାତ୍ର ନ ଥିଲି ମୁଁ । ଦୁଃଖ ସହିବାର ଅଭ୍ୟାସ ଥିଲା, ବାଧାବିଘ୍ନର ସମ୍ମୁଖୀନ ହେବାର ସାହସ ଥିଲା । ଅନ୍ତରରେ ଥିଲା ଦୃଢ଼ ଜିଦ୍—କିଛି ହେବି, କିଛି କରିବି । ତେଣୁ ମନୋବୃତ୍ତିର ପ୍ରତିକୂଳ ଗୋଟାଏ ଧଦ୍ୱଜ ସାଲସ୍ ମାନ ନେବାଲଗି କେବେ ପ୍ରଲୋଭିତ ହୋଇନାହିଁ ।

ଅଭିଷ୍ଟାଣ୍ଟ ଟ୍ରାନ୍ସଲେଟର ଚାକିରିଟିଏ ପାଇଁ ପ୍ରତିଯୋଗିତାରେ ଯୋଗ ଦେଇ ଫେଲ୍ ମାରିଲି; ଅଧମ ଉଦ୍ଧାରଣପନ୍ଥା ଶିକ୍ଷକତା; ଟ୍ରେନିଂ କଲେଜରେ ଯୋଗ ଦେବା ଲାଗି ବସ୍ତୁନିଷ୍ଠ ପରୀକ୍ଷା ଦେଇଥିଲି, ସେଥିରେ ମଧ୍ୟ କୃତକାର୍ଯ୍ୟ ହୋଇ ପାରିଲିନାହିଁ— ଏଥିରୁ ବୁଝିଲି ଭଗବାନ୍‌ଙ୍କର ଆଉ କିଛି ଉଦ୍ଦେଶ୍ୟ ଅଛି; ଡକ୍ଟର ପ୍ରାଣକୃଷ୍ଣ ପରିଜା ଏଇ ଅବସ୍ଥାରେ ମୋତେ ଦିନେ କହିଲେ—ତୁମର ତ ସାହିତ୍ୟ ଦିଗଟି ଭଲ ଅଛି, ତୁମେ ଓଡ଼ିଆରେ ଏମ୍.ଏ. ପଢ଼ । ଓଡ଼ିଆରେ ଅନର୍ସ କ୍ଲାସ ଖୋଲିବାର ଅଛି । ଚାକିରି ମିଳିଯିବ ।

ସେତେବେଳକୁ ଉତ୍କଳବିଶ୍ୱବିଦ୍ୟାଳୟ ହୋଇନାହିଁ, ରେଭେନସା କଲେଜରେ ଓଡ଼ିଆରେ ଏମ୍. ଏ. ଶ୍ରେଣୀ ଖୋଲି ନାହିଁ । ଏମ. ଏ. ପଢ଼ିବାକୁ ହେଲେ କଲିକତା ଯିବାକୁ ହେବ । ହାତରେ ଫଟା ପାହୁଲଟିଏ ନାହିଁ । ଶୂନ୍ୟକୁ ଚାହିଁଲି— ଭଗବାନ୍ ?

କଲିକତାରେ ଛାତ୍ରଜୀବନ

ବାଟ ଯେତେବେଳେ ଖୋଲିବାର ଥାଏ, ଦରଜାରେ ହାତ ମାରୁ ନ ମାରୁ ଖୋଲିଯାଏ । ମୋତେ ବନ୍ଦ ବନ୍ଦ ଦୁଆରେ ଧକ୍କା ମାରିବାକୁ ପଡ଼ିନାହିଁ । ମୋ ଜୀବନ ଗଠନରେ ଜଣେ ଉଦ୍ୟୋକ୍ତା ପ୍ରସିଦ୍ଧ ସାହିତ୍ୟିକ, ବିଦ୍ୟାବିନୋଦ ହୃଦୟବାନ୍ ମଧୁସୂଦନ ଦାଶ । ସେ ମୋଠାରେ କ'ଣ ଦେଖିଥିଲେ କେଜାଣି, ମୋ ପ୍ରତି ବିଶେଷ ଆଶାନ୍ୱିତ ହୋଇଥିଲେ । କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ୍. ଏ. ପଢ଼ିବା ଲାଗି ସେ ମୋତେ ବିଶେଷ ଉତ୍ସାହିତ କଲେ ଓ ମୋ ଲାଗି ଏମାର ମଠ ମହନ୍ତ ମହାରାଜ ଶ୍ରୀ ଗଦାଧର ରାମାନୁଜ ଦାସଙ୍କ ଦ୍ୱାରସ୍ଥ ହେଲେ । ମହନ୍ତ ମହାରାଜ ଦାନବୀର, କିନ୍ତୁ ମୋ କପାଳକୁ ମାସ ଏକୋଇଶିଟି ଟଙ୍କା ମିଳିଲା । ସେତିକି ମାତ୍ର ମୂଳଧନ କରି ମୁଁ କଲିକତା ଯାତ୍ରା କଲି । ହୃଦୟରେ ଅଜଣା ଆଶଙ୍କା — କୁଆଡ଼େ

Digitized by srujanika@gmail.com

ଯିବ ? କିପରି ଚାଲିବ ? ହାୱଡ଼ା ଷ୍ଟେସନ ଦେଖି ଅକ୍କା ହୋଇ ଛିଡ଼ା ହୋଇଗଲି -- କଟକ ଅପେକ୍ଷା ସବୁକିଛି ଢେର୍ ବଡ଼--ଆଲୋକ ଯେପରି ଉଜ୍ଜ୍ୱଳତର, ଗାଡ଼ି ଓ ମଣିଷ ଭିଡ଼ ସେହିପରି ଭୟଙ୍କର । ମହାନଦୀ ଅପେକ୍ଷା ଗଙ୍ଗାରେ ଢେର୍ ବେଶି ପାଣି । ଲୋକେ ଚାଲିଛନ୍ତି—ଚାଲିଛନ୍ତି—କିଏ କୁଆଡ଼େ । ସେ କାଳର ଚିନ୍ତା ମୁଁ ପରେ କଲିକତାରୁ ପ୍ରକାଶିତ 'ଆସନ୍ତାକାଲି' ପତ୍ରିକାରେ 'ନଣ୍ଡାର ଚିଠି' ନାମରେ ବ୍ୟକ୍ତ କରିଅଛି —

"ଗାଡ଼ିରେ ଯନ୍ତ୍ରାଯନ୍ତ୍ର ଆସିଲି ଛିଡ଼ା ହୋଇ
ହାବଡ଼ା ଇଷ୍ଟେସନ ଚଉକଠକୁ ଛୁହିଁ
ଯିବାଲି ଜୀବନ ଧନ୍ୟ ହେଲା ମୋର
ଧନ୍ୟ କମ୍ପାନୀ ଗଢ଼ିଛ ଏ ହାବଡ଼ା ପୋଲ ।
ଗାଡ଼ି ଘୋଡ଼ା ଶବଦେ ଚମକୁଅଛି ପୃଥ୍ୱୀ
ଅଳପେକେ ମଉସା ଲୋ ଦେବେ ଲକଟି ମଣ୍ଡି ।
କୋଠା ଉପରେ କୋଠା ହୋଇଛି ନଦାନଦ
ମେଳଣ ଯାତ୍ରା ପରି ମଣିଷ ଖନ୍ଦା ଖୁନ୍ଦ ।
କାହାର ମୁହଁକୁ କେହି ତ ଚାହୁଁ ନାହିଁ
ଭଲ ପରି ସବୁ ଚାଲିଛି ଏଠାଇଁ ।

ଦୋମହଲା ବସ୍, କାର୍, ଟ୍ରାମ୍, ଟ୍ରକ୍ ସୁଦୀର୍ଘ ହାବଡ଼ା ପୋଲ ଉପରେ ଛୁଟିଥାଏ, ଗଙ୍ଗାରେ ବଂଶୀ ବଜାଇ ଜାହାଜ ଧାଉଁଥାଏ । ଫୁଟପାଥ୍ ଉପରେ ବାରେମିଶା ଜନତାର ସ୍ରୋତ, ସବୁଲୁଗିକ ମୁହଁ ଅଚିହ୍ନା । ଯିଯି ଡର ମାଡ଼ିଲା କୁଆଡ଼େ ଯିବି ? କେଉଁ ଯାନରେ ? ସ୍ଥିର କଲି--ପଦେଚତ ଯାନରେ ଯିବି, ହେଉ ପଛେ ଗତି ମନ୍ଥର—ରିକ୍ସା । କିନ୍ତୁ ରିକ୍ସାବାଲା ଇଂରାଜୀ ବୁଝେ ନ ଥାଏ । ମୁଁ ହିନ୍ଦୀ ବା ବଙ୍ଗଳା କହିପାରୁ ନ ଥାଏ । ମୋ ଚଳଚଳଣ ଦେଖି ରିକ୍ସାବାଲା ଠଉରେଇ ନେଲା ଯେ ମୁଁ ଜଣେ ଓଡ଼ିଆ । ଓଡ଼ିଆର ଗୌରବ ଗରିମା ବିଷୟରେ ସେତେବେଳେ କଲିକତାର ସାଧାରଣ ମହଲରେ ଉଚ୍ଚ ଧାରଣା ନ ଥିଲା । ଫଳରେ ରିକ୍ସାର ଦର ବଢ଼ିଲା——ବାରଅଣା । ସେକାଳ ଦରଦାମ୍‌କୁ ଦେଖିଲେ ଖୁବ୍ ହେଲେ ଚାରିଅଣା ପଡ଼ିଥାନ୍ତା । ହାବଡ଼ାରୁ ଅମହର୍ଷ୍ଟ ଷ୍ଟ୍ରିଟ୍ । ରିକ୍ସାବାଲା ରିକ୍ସାରେ ବସିବା ଆଗରୁ ପଇସାତକ ମୋଠାରୁ ଅଦାୟ କରିନେଲା । ଗାଡ଼ି ଓ ଜନଗହଳି ମଧ୍ୟରେ ହାତଟଣା ରିକ୍ସା ଦୌଡ଼ି ଦୌଡ଼ି ଚାଲିଲା ।

ଅମହର୍ଷ୍ଟ ଷ୍ଟ୍ରିଟ୍‌ରେ ବେଙ୍ଗଲ ବୋର୍ଡିଂ — ତାର ଗୋଟିଏ କୋଠରୀରେ ଅଧ୍ୟାପକ ପଣ୍ଡିତ ବିନାୟକ ମିଶ୍ରଙ୍କ ବସା । ସେଠି ହେଲେ ଓହ୍ଲାଇବା ଲାଗି ପତ୍ର

Digitized by srujanika@gmail.com

ବାରଅଣା । ସେ କାଳ ଦରଦାମ୍‌କୁ ଦେଖିଲେ ଖୁବ୍ ହେଲେ ଗ୍ଭରଅଣା ପଡ଼ୁଥାନ୍ତା — ହାବଡ଼ାରୁ ଆମହର୍ଷ୍ଟ ଷ୍ଟ୍ରିଟ୍ । ଶଗଡ଼ୀବାଲା ଶଗଡ଼ୀରେ ବସିବା ଆଗରୁ ପଇସାତକ ମୋଠରୁ ଆଦାୟ କରନେଲା । ଗାଡ଼ି ଓ ଜନଗହଳ ମଧ୍ୟରେ ହାତଟଣା ଶଗଡ଼ୀ ଦୌଡ଼ି ଦୌଡ଼ି ଗ୍ଭଲିଲା ।

ଆମହର୍ଷ୍ଟ ଷ୍ଟ୍ରିଟରେ ବେଙ୍ଗଲ ବୋର୍ଡ଼ିଂ—ତାର ଗୋଟିଏ କୋଠରୀରେ ଅଧ୍ୟାପକ ପଣ୍ଡିତ ବିନାୟକ ମିଶ୍ରଙ୍କ ବସା । ସେଠି ପହଞ୍ଚିଲେ ଓହ୍ଲାଇବା ଲାଗି ପଥ ନେଉଥାଏ । କିନ୍ତୁ ବସାଟି ଖୋଜି ପାଇଲାନାହିଁ । ମୋତେ ଇତସ୍ତତଃ ହେବାର ଦେଖି ବହାଘାଁ ଟେକ୍ସୀବାଲା ମୋ ଜିନଷପତ୍ର ଫୁଟ୍‌ପାଥ୍‌ରେ ଫିଙ୍ଗିଦେଇ ଗ୍ଭଲିଗଲା । ଅସହାୟ ଅବସ୍ଥାରେ ମୁଁ ପୁଲିସ୍‌ର ଆଶ୍ରୟ ନେଲି । କନଷ୍ଟେବଲ୍ ଶଗଡ଼ୀବାଲାକୁ ଧରି ଦୁଇ ଚଇଟକ ଲଗାଇ ମୋ ଜିନଷପତ୍ର ନଦେଇଲା ଓ ମୋତେ ବସାଟି ଦେଖାଇଦେଲା ।

ପଣ୍ଡିତ ବିନାୟକ ମିଶ୍ର

ବେଙ୍ଗଲ୍ ବୋର୍ଡ଼ିଂ ଗୋଟିଏ ହୋଟେଲ; ବିନାୟକବାବୁ ଏହାର ତୃତୀୟ ମହଲରେ ରହୁଥିଲେ । ହୋଟେଲ ମ୍ୟାନେଜର ପଣ୍ଡିତ ମହାଶୟଙ୍କୁ ଖୁବ୍ ଶ୍ରଦ୍ଧା, ସମ୍ମାନ ଦେଖାଉଥିଲେ । ତାଙ୍କ କୋଠରୀଟି ଛୋଟ, ଶୋଇବା ଖଟଟି ଅଧିକାଂଶ ଜାଗା ମାଡ଼ି ବସିଥିଲା, ଟେବୁଲ୍, ଚୌକି ପଡ଼ନ୍ତା ବା କେଉଁଠି ? ଏଠି ସେଠି ଗୋଟା ଗୋଟା ବହି, ଛାଞ୍ଚୁଣି ବୁଲିବାକୁ ଜାଗା ନ ଥିଲା । ବିନାୟକ ଖଟରେ ଅଡ଼େଇ ହୋଇ ବସି ପଢ଼ୁଥିଲେ । ପଢ଼ା ତାଙ୍କର ଏକମାତ୍ର ଆମୋଦ ଥିଲା । ଥିଏଟର୍ ସିନେମା ନାହିଁ, ଜନସଂସ୍ରବ ନାହିଁ; କେବଳ ପଢ଼ନ୍ତି ବା ଲେଖନ୍ତି । ଅନ୍ୟ ବିନୋଦନ ମଧ୍ୟରେ ଜ୍ୟୋତିଷ ଚର୍ଚ୍ଚା, ଜାତକ-ଦେଖା ବା ହୋମିଓପାଥିକ ଔଷଧ ବିତରଣ ।

ତାଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ', 'ଓଡ଼ିଆ ଭାଷାର ଇତିହାସ' ସେତେ-ବେଳକୁ ଛପା ସରିଥାଏ । ଶିଳାଲେଖ ଓ ତମ୍ବାପଟା ପଢ଼ି ସେ ଓଡ଼ିଶା ଇତିହାସର ମୌଳିକ ତଥ୍ୟମାନ ବାହାର କରୁଥାନ୍ତି । ତାଙ୍କ ଇଂରାଜୀ ପ୍ରବନ୍ଧସବୁ ପ୍ରତିଷ୍ଠିତ ପତ୍ରିକାମାନଙ୍କରେ ପ୍ରକାଶ ପାଉଥାଏ । ଗବେଷକଭାବରେ ସେ ବିପୁଳ ପ୍ରତିଷ୍ଠା ଅର୍ଜନ କରିଥାନ୍ତି । କଲିକତା ସହର, ବିପୁଳ ପାଠାଗାର ଓ ଅଖଣ୍ଡ ଅବସରର ସେ ଉପଯୁକ୍ତ ସଦୁପଯୋଗ କରିଥାନ୍ତି । ସାମାନ୍ୟ ଭର୍ନାକୁଲର୍ ହୋଇ ଏମ୍. ଏ. ଛାତ୍ରଙ୍କୁ ପଢ଼ାଇବା ବିସ୍ମୟକର ବୋଧ ହୋଇପାରେ, କିନ୍ତୁ ତାଙ୍କ ପରି ବିଦ୍ୱାନ୍ ପକ୍ଷେ ଏହା ଲଘୁ କ୍ରୀଡ଼ା ମାତ୍ର ଥିଲା ।

Digitized by srujanika@gmail.com

ସେ ଅଧ୍ୟାପକ ପରି ଦିଶୁ ନ ଥିଲେ— ଲୁଗା, ପଞ୍ଜାବୀ, ତା ଉପରେ ସ୍ୱଦର— ଠିକ୍ ଯେମିତି ଜଣେ ହାଇ ସ୍କୁଲ ପଣ୍ଡିତ। ତାଙ୍କ ବ୍ୟବହାର ସରଳ, ସ୍ନେହଶୀଳ ଥିଲା, ଯଦିବା ସର୍ବଜ୍ଞାନତା ଭାବ ବେଳେ ବେଳେ ଉଠିଥିଲା ଔଦ୍ଧତ୍ୟ ସ୍ତରକୁ। ତାଙ୍କ ସମାଲୋଚନାର ଶରବ୍ୟ ନୋହୁଥିବା ଜଣେ ହେଲେ ପଣ୍ଡିତ ଓଡ଼ିଶାରେ ନ ଥିଲେ। ଶୌଣ୍ଡିବୋଧ ଓ ନୈରାଶ୍ୟ ତାଙ୍କୁ ଏହି ସ୍ତରକୁ ଆଣିଥିଲା। 'ଓଡ଼ିଶାରେ କିଛି ହେବନାହିଁ, ଏଠି ଉଠୁଥିବା ଲୋକର ଗୋଡ଼କୁ ଅସହିଷ୍ଣୁ ଲୋକ ପଛରୁ ଟାଣନ୍ତି'। ଏହା ଭିତରେ କହିଲେ ବି ଓଡ଼ିଶାର ସଂସ୍କୃତିକୁ ମହତ୍ ସ୍ତରକୁ ଆଣିବା ଲାଗି ସେ ଚେଷ୍ଟିତ ହେଉଥାନ୍ତି।

ମୁଁ ବେଙ୍ଗଲ୍ ବୋର୍ଡ଼ିଂରେ ସପ୍ତାହଟିଏ ରହିଲି। ସକାଳୁ 'ବ୍ରଜବନ୍ଧୁ ନୈଶ ବିଦ୍ୟାଳୟ' (୭, ଗାଲଷ୍ଟନ୍ ପ୍ଲେସ୍, କଲିକତା-୧)ର ସ୍ଥାପକ ଶ୍ରୀମାନ୍ ଦିଗମ୍ବର ଦାସ ମୋତେ ନେବାକୁ ଆସିଲେ। ସେହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହୋଇ ମୁଁ ରହିବା କଥା ଆଗରୁ ସ୍ଥିର ହୋଇଥାଏ। ମାସକୁ ଦରମା ଦଶ ଟଙ୍କା। ସେତିକି ପଇସାରେ ସେତେବେଳେ କଲିକତାରେ ଚଳିବା କଷ୍ଟକର ନ ଥିଲା। ପଞ୍ଜାବୀ ହୋଟେଲ୍‌ରେ ମୁଁ ଖାଉଥିଲି—ଏକ ପ୍ଲେଟ ଭାତ, ଗୋଟା ମୁଗଡାଲି; ସବ୍‌ଜି ମିଲ୍ ପ୍ରତି ପଡ଼ୁଥିଲା ଚାରି ପଇସା, ମାଛ ଖାଇଲେ ଆଉ ଦୁଇ ପଇସା ଅଧିକ ଲାଗୁଥିଲା। ଦୁଇ ଅଣାରେ ଦୁଇବେଳା ଦୁଇମୁଠା ଅନ୍ନ, ଦୁଇପଇସାର ଜଳଖିଆ (ଚୁଡ଼ାଭଜା, ଉଖୁଡ଼ା, ବୁଟଭଜା ବା ଘୁଗୁନି); ମୋଟରେ ଦୈନିକ ଦଶପଇସା ବା ତିନିଅଣାରେ ମୁଁ ଭଲରେ ଚଳୁଥିଲି। କ୍ଲାଇବ୍ ଷ୍ଟ୍ରିଟ୍‌ରୁ (ବର୍ତ୍ତମାନ ତାର ନାମ ନେତାଜୀ ସୁଭାଷ ରୋଡ୍) ଇଉନିଭରସିଟି କଲେଜ ପ୍ରାୟ ତିନି ମାଇଲ୍ ବାଟ; ମୁଁ ଚାଲି ଚାଲି ଯାଉଥିଲି।

ଦିଗମ୍ବର ପହିଲେ ମୋତେ ନେଇ ଗୋକୁଳଚନ୍ଦ୍ର ଦାସଙ୍କ ବସାରେ ପହଞ୍ଚିଲା। ଗୋକୁଳବାବୁ ଯାଦବମାନଙ୍କର ନେତା। ଚୌତାଲି କୋଠା ଉପରେ ବଖରାଟିଏ ମାତ୍ର ଘର; ସେ ଘରେ ଟ୍ରଙ୍କ୍ ଉପରେ ସୁଟ୍‌କେସ୍, ତା ଉପରେ ଲୁଗା ରଖା ଅଲଗୁଣି, ଗୋଟିଏ କଣରେ ରୋଷେଇବାସ ହୁଏ। ବାବୁ ନିଜେ ସେ ଘରେ ରହନ୍ତି। ଆଉ ଜଣେ ରହିବା ଅସମ୍ଭବ। ବାକ୍‌ସଟି ସେ ଘରେ ରଖିଲି। ମୁଁ ଶୋଇଲି ଅଫିସ୍‌ର ବେହେରାମାନଙ୍କ ସହିତ ପାହାଚ ଉପରେ। ପାହାଚକୁ ପାହାଚ ଲମ୍ବ ହୋଇ ଲୋକ ଶୋଇଯାନ୍ତି। ପାହାଚଗୁଡ଼ିକ ପ୍ରଶସ୍ତ ଓ ପରିଚ୍ଛନ୍ନ। କ୍ଲାଇବ୍ ଷ୍ଟ୍ରିଟ୍ ସେତେବେଳେ କଲିକତାର ସମୃଦ୍ଧତମ ଅଞ୍ଚଳ, ପରିଚ୍ଛନ୍ନତାରେ ଆଦର୍ଶ ସ୍ଥାନୀୟ; ରାସ୍ତା ପ୍ରତିଦିନ ଧୁଆ ହୁଏ, ଘର ଓ ପାହାଚ କିରସିନ ଜଳ ବା କିରସିନ ଭିଜା ଝୋଟବେଗରେ ପୋଛା ହୁଏ। କିନ୍ତୁ ମାଝୀ ଦିଗମ୍ବରଙ୍କୁ ଏ ଦୃଶ୍ୟ ଅସହ୍ୟ ହେଲା। 'ତାର ସାର୍ ଏଇ ବେହେରାମଣ୍ଡଳରେ ହୀନମାନିଆ ହୋଇ ଶୋଇବେ'। ସେ ତା' ପରଦିନ ମୋତେ ଜନ୍ ଡିକିନ୍‌ସନ୍

Digitized by srujanika@gmail.com

କମ୍ପାନୀକୁ ନେଇଗଲା । ଏ ଗୋଟିଏ କାଗଜକମ୍ପାନୀ, ଏଥିରେ ଓଡ଼ିଆ ବେହେରା ବହୁ ସଂଖ୍ୟାରେ ଥାନ୍ତି । ଅଧିକାଂଶ ଯାଦବ, ଗୌରବର୍ଣ୍ଣ, ଉପବୀତଧାରୀ; ବ୍ରାହ୍ମଣ ବୋଲି ଭ୍ରମ ହେବ । ସେମାନଙ୍କ ଚଳଣି ମଧ୍ୟ ଉଚ୍ଚକୋଟୀର. ସେମାନଙ୍କ ମଧ୍ୟରେ ଏମ୍. ଏ. ଖାଲି ମୁଁ । ବହୁ ଶ୍ରଦ୍ଧା ଓ ସମ୍ମାନ ପାଇ ମୁଁ ସେଠି ରହିଲି ଓ ତରୁଣ ବେହେରାମାନଙ୍କୁ ପାଠ ପଢ଼ାଇଲି, ଅଫିସ୍‌ରେ ବସି ସକାଳେ ପଢ଼ାପଢ଼ି ଚଳି ।

୧୯୩୯, ଦ୍ୱିତୀୟ ମହାଯୁଦ୍ଧ କାଳ; ଭଲ ଭଲ ସାହେବମାନେ ବିଲାତ ସରକାରଙ୍କ ଡାକରାରେ ଯୁଦ୍ଧରେ ଯୋଗ ଦେବା ଲାଗି ଏଣ୍ଡିଆ ଛାଡ଼ି ଇଂଲଣ୍ଡକୁ ଚାଲି ଯାଉଥାନ୍ତି—ଆପଦ କାଳରେ ମାତୃଭୂମିର ଗୌରବ ରକ୍ଷା ଲାଗି ପ୍ରାଣ ଦେବା ସେମାନଙ୍କର ଲକ୍ଷ୍ୟ ଥିଲା । ଜଣେ ଅସଂସ୍କୃତ ଇଂରେଜ ସେତେବେଳେ ସେହି ବିଶାଳ କାଗଜକମ୍ପାନୀର ବଡସାହେବ ହୋଇଥାଏ ।

ଦିନେ ବଡ଼ସାହେବଙ୍କ ଖାସ କାମେରାରୁ ଗୋଟିଏ ଫାଉଣ୍ଟେନ୍ ପେନ୍ ହଜିଲା । କମ୍ପାନୀର କିରାଣୀ, ବେହେରା, କୁଲି ସମସ୍ତଙ୍କୁ ସାହେବ ଡକାଇଲେ । ଜଣେ ବୁଣିଆଁ ମଧ୍ୟ ଡ଼କା ହୋଇ ଆସିଲା । ସମସ୍ତଙ୍କ ହାତରେ ମୁଠାଏ ମୁଠାଏ ଚାଉଳ ଦିଆଗଲା । ଚାଉଳ ଚୋବାଇ କାଢ଼ିଲା ପରେ ଯାହା ପାଟିରୁ ଲାଳ ନ ବାହାରିବ, ସେ ଚୋର ବୋଲି ଧରାପଡ଼ିବ । ମୋର ପରମ ବନ୍ଧୁ ମୁରଲୀବାବୁଙ୍କ ପାଟିରୁ ଚାଉଳ ଚୋବାଇଲା ପରେ ଲାଳ ବାହାରିଲା ନାହିଁ । ସେ ସୁଜନ, ଯାହାକୁ କହନ୍ତି ଭଦ୍ରଲୋକ । ଅକାରଣେ ଦୋଷୀ ବିବେଚିତ ହେବାରୁ ସେ ମନଦୁଃଖରେ ଚାକିରି ଛାଡ଼ି ଦେଲେ, ତାର ଅଳ୍ପଦିନ ପରେ ଅନ୍ୟ ଏକ କମ୍ପାନୀରେ ଚାକିରି ପାଇଲେ । ସାହେବଙ୍କ ମଧ୍ୟରେ ଏତେ କୁସଂସ୍କାରପୂର୍ଣ୍ଣ ଲୋକ ଅଛନ୍ତି, ମୋର ଧାରଣା ନ ଥିଲା । ସେଇ ସାହେବଟା ଇଂଲଣ୍ଡରେ କୁଲିକାମ କରୁଥିଲା । ଯୁଦ୍ଧବେଳେ କେହି ନ ମିଳିବାରୁ ତାକୁ ବଡ଼ସାହେବ କରି ପଠା ହୋଇଥିଲା । ସେ ଅଫିସ୍‌ରେ ପ୍ରତିଦିନ କିଛି ନା କିଛି ଉପଦ୍ରବ କରୁଥିଲା—

ନୀଚ ପାଇଲେ ଅଧିକାର
ଋଷିଙ୍କି ବୁହାଇଲେ ଖର ।

କିଛି ନ କଲେ ତା ମନ ଶାନ୍ତି ହେଉଥିଲା । 'ବଡ଼ ଲୋକଙ୍କୁ ଉତ୍ତର ନାହିଁ' ନ୍ୟାୟରେ କିରାଣିଆମାନେ ତା ଜୁଲମ୍ ସହିଯାଉଥିଲେ ।

ଏ ଘଟଣା ପରେ ଦିଗମ୍ବର ତା ନିଜ ବସାକୁ ମୋତେ ନେଇଗଲା—ନର୍ଥ ବ୍ରିଟିଶ୍ ଇନ୍‌ସୁରେନ୍‌ସ ଆଣ୍ଡ୍ କୋ । ଦ୍ୱିତାଲା ଉପର ଛାତରେ କେତୋଟି ଫ୍ଲାଟ

Digitized by srujanika@gmail.com

ଷ୍ଟ୍ରେଟ ଘର; ସେଥିରେ ବିହାରୀ ଓ ଓଡ଼ିଆ ବେହେରାମାନେ ରହୁଥାନ୍ତି । ବିହାରୀମାନେ ପାହାନ୍ତିଆରୁ ଉଠି ସ୍ନାନ କରି "ରାମ ଚରିତ ମାନସ" ପାଠ କରିଥାନ୍ତି—

ଯହାଁ କାମ ତହାଁ ରାମ ନହିଁ
ଯହାଁ ରାମ ତହାଁ ନହି କାମ
ଦୋନେ ଏକ ନହି ମିଲେ
ରବି ରଜନୀ ଏକ ଠାମ ।

ଯେଉଁଠାରେ କାମ ବା କାମନା, ସେଠି ରାମ ନାହାନ୍ତି । ଯେଉଁଠି ରାମ ଅଛନ୍ତି, ସେଠି କାମନା ନାହିଁ— ଯେପରି ଦିବା ରାତ୍ରି ଏକାଠି ରହି ନ ପାରନ୍ତି ।

ଦିନ ନ' ଟା ବେଳକୁ ବାମ୍ଫ ବାହାରୁଥିବା ତବାତ ଭାତ ଓ ହରଡ଼ ଡାଲି ଖାଇ ମୁଣ୍ଡରେ ପଗଡ଼ି ଭିଡ଼ି ବିହାରୀମାନେ ଅଫିସକୁ ଚାଲିଯାନ୍ତି ।

ବଡ଼ ଭୋରରୁ ଉଠି ସର୍ଦ୍ଦାରଙ୍କୁ ଛାଡ଼ି ସବୁ ବେହେରା ଟେବୁଲ, ଚୌକି, ଆଲ୍‌ମିରା ଆଦି ଆସବାବ୍ ପୋଛନ୍ତି, ବଡ଼ସାହେବ, ବଡ଼ବାବୁ ଓ କିରାଣୀମାନଙ୍କ କଲମ ଧୋଇ ପୋଛି ସଫା କରି ରଖନ୍ତି । ପିତ୍ତଳଲିଖିତ ନାମସବୁ ଘଷାମଜା କରନ୍ତି । ଝାଡ଼ପୋଛ ପରେ ମେହେନ୍ତରମାନେ ଝୋଟଗୋଛରେ କିରାସିନି ବୋଳି ଅଫିସ୍ ଚଟାଣରେ ବୁଲାଇ ଆଣନ୍ତି, ପାଇଖାନା ଘର, ଗାଧୁଆ ଘର ଧୋଇ ପୋଛି ଚକ ଚକ୍ କରିଦିଅନ୍ତି । ରାତିରେ ବେହେରାମାନେ ଫ୍ୟାନ୍ ଛାଡ଼ି ଲମ୍ବା ଲମ୍ବା ଟେବୁଲରେ ଶୋଇଯାନ୍ତି ।

ମୋତେ ଗୃର ମହଲା ଛାତ ଉପରେ ଲିଫ୍ଟ ପାଖରେ ଷ୍ଟ୍ରେଟ ବଖରାଟିଏ ମିଳିଥାଏ । ଓଡ଼ିଆ ବେହେରାମାନଙ୍କ ତ୍ୟାଗ ଫଳରେ ମୋର ଏ ଭୋଗ । ଦିନସାରା ଲିଫ୍ଟ କମ୍ପନରେ ଘର କମ୍ପେ, ଗର୍ଜନରେ କାନ ଫାଟେ, ମନ ଚିଡ଼ି ଚିଡ଼୍ ହୁଏ, କବିତାର ଭାବ ବାଉଳାଗୁଡ଼ିଲା ହୋଇଯାଏ । କିନ୍ତୁ ମୋ ପରିସ୍ଥିତି ଓ ଓଡ଼ିଆଙ୍କ ରହଣି ଅବସ୍ଥା କଥା ଯେତେବେଳେ ଚିନ୍ତା କରେ, ମନ ଶାନ୍ତ ହୋଇଯାଏ । ଏଇ ଓଡ଼ିଆଙ୍କ ଦୁରବସ୍ଥା ଦେଖି ସେତେବେଳେ ଲେଖିଥିଲି—

'ଖେଶରିକ ଘରେ ରହୁ ବୁଲାଣି ବେହେରା
କଅଁଳିଆ ପିଲା ମୁହଁ କଙ୍କାଳ ଚେହେରା ।'

ମୋ ପରିବେଶଟି କିନ୍ତୁ ଚମତ୍କାର ଥିଲା—ଉପରେ ମେଘମେଦୁର ତାରକିତ, ଜ୍ୟୋତ୍ସ୍ନାଧୌତ ବା ରଙ୍ଗିଲ ଆକାଶ (କଲିକତାରେ ଯାହା ଅଦୃଶ୍ୟ, ଦୁଷ୍ପ୍ରାପ୍ୟ), ଗଙ୍ଗାରେ ଚଳମାନ ପୋତ ରାସ୍ତାରେ ଯାନ ବା ଜନସ୍ରୋତ ।

Digitized by srujanika@gmail.com

ଦିଗମ୍ବର ଦାସ

ଦିଗମ୍ବରର ଗୁରୁଭକ୍ତି କଲିକତାର ଦୁଃଖକଷ୍ଟକୁ ସହଜସହ୍ୟ କରିଥିଲା । ଅନାହାରରୁ ରକ୍ଷା କରିବା ଲାଗି ବେଳେବେଳେ ନିଜ ଆହାରରୁ ସେ ମୋତେ ଅର୍ଦ୍ଧେକ ଦେଇଛି, କଲିକତାରେ କୁଆଡ଼େ ଏକୁଟିଆ ଯିବାକୁ ଛାଡ଼ିନାହିଁ । ସେ ଜାଣେ—ମୁଁ ଭଲ ଟ୍ରାମ୍ ଚଢ଼ି ଜାଣେନାହିଁ, ମୋତେ ରାସ୍ତାଘାଟ ଜଣାନାହିଁ । କୋଉଠି ଓହ୍ଲାଇବି ବୋଇଲେ କୋଉଠି ଓହ୍ଲାଏ । ଦିଗମ୍ବରର ଅଭିଭାବକତ୍ୱରେ ରହି ମଧ୍ୟ ମୁଁ କେବେ ରାସ୍ତାଘାଟ ଚିହ୍ନିବାକୁ ଚେଷ୍ଟା କରେନାହିଁ । ଯେ ସ୍ୱତନ୍ତ୍ର ଭାବେ ରାନ୍ଧି ମୋତେ ଖୁଆଏ । କୋଉ ଶିକ୍ଷିତ ବନ୍ଧୁ ଜୀବନରେ ମୋତେ ଏପରି ସାହାଯ୍ୟ କରିଛି ? ସାମାନ୍ୟ ଆୟରୁ ମୋ ଲାଗି ଖର୍ଚ୍ଚ କରିବାକୁ ତାର ଚଳାଙ୍କ କୁଣ୍ଠା ନ ଥିଲା । ସାର୍ କେମିତି ଖାଇବେ, ଭଲରେ ରହିବେ, ଆଶ୍ଚର୍ଯ୍ୟ, ଏଇ ତାର ଚିନ୍ତା । ସାହାଯ୍ୟ ଦେବା ପାଇଁ ଯେପରି ଅକାତର, ମୁଁ ନେବାପାଇଁ ସେହିପରି କୁଣ୍ଠିତ । ଦିଗମ୍ବରକୁ ମୁଁ ମଧ୍ୟ ସାହିତ୍ୟମନ୍ତ୍ରରେ ଦୀକ୍ଷିତ କରିଥିଲି, ତାର କୌଣସି ଉପକାର କରିବା ଲାଗି ସଦା ଜାଗ୍ରତ ଥିଲି । କେତେକ ଉପନ୍ୟାସ ଛପାଇଲା ପରେ ସେ 'ଶୁଭଶଙ୍ଖ' ମାସିକ ପତ୍ରିକାର ସମ୍ପାଦକ ହୋଇଥିଲା । ସେଥିରେ ମୁଁ ଲେଖୁଥିଲି ।

ଭାବଗ୍ରାହୀ ପଣ୍ଡା

ମୋର ଅର୍ଦ୍ଧାହାରରେ ଭାଗିଦାର ହେଉଥିଲେ ବେଳେ ବେଳେ ଭାବଗ୍ରାହୀ ପଣ୍ଡା । ସେହି କଂଗ୍ରେସକର୍ମୀ ଓ ସୁଲେଖକ ସ୍ୱାଧୀନତାଆନ୍ଦୋଳନ ବେଳେ ଓଡ଼ିଶା ଛାଡ଼ି କିପରି କଲିକତାରେ ପହଞ୍ଚିଥିଲେ, ଜାଣେ ନାହିଁ । ଦିଗମ୍ବର ମନେ ମନେ ଚିଡ଼ି ଚିଡ଼ି ହେଉଥିଲା—ତା ସାର୍‌ଙ୍କ ଆହାରରୁ ଭାଗ ନେଉଛି, ସାର୍‌ଙ୍କ ପାଖେ ଖୁନ୍ଦାଖାନ୍ଦି ହୋଇ ଶୋଉଛି । କିନ୍ତୁ ଶ୍ରୀ ପଣ୍ଡାଙ୍କ କର୍ମଶକ୍ତି ପ୍ରବଳ ଥିଲା, କଠାଟିଏ ବଡ଼ି ଦେଇ ସାହିତ୍ୟ ଅନୁଷ୍ଠାନର ବିବରଣୀ ଓ ସମ୍ବାଦପତ୍ର ଲାଗି ସମ୍ବାଦ ଲେଖି ଦେଉଥିଲେ, ତାଙ୍କ କଣ୍ଠସ୍ୱର ଉଚ୍ଚ ଓ ଭାଷଣ ଜ୍ୱାଳାମୟ ଥିଲା । ସେ ନ୍ୟସ୍ତସ୍ୱାର୍ଥୀର ସମାଲୋଚକ, ସ୍ୱାଧୀନତା-ମନୋ-ବୃତ୍ତିସଂପନ୍ନ ଓ ଉତ୍କଳଭକ୍ତ । ଟିକିଏ ଚାଟୁସ୍ୱଭାବ ଥିଲେ ସେ ନେତାମାନଙ୍କ ସ୍ନେହଦୃଷ୍ଟିରେ ପଡ଼ିଥାନ୍ତେ ଓ ତାଙ୍କ ଦାରିଦ୍ର୍ୟ ଘୁଞ୍ଚି ଯାଇଥାନ୍ତା । ତା' ହେଲା ନାହିଁ । ସେ ସଂସାର କରିପାରିଲେ ନାହିଁ । ଶେଷ ଜୀବନରେ ସେ ସ୍ୱ ଗ୍ରାମ ଶଙ୍ଖବାସରେ ଆଶ୍ରା ନେଇଥିଲେ, ରାଜନୀତିକ ପେନ୍‌ସନ୍ ଓ ତାମ୍ରପତ୍ର ସନନ୍ଦ ପାଇଥିଲେ, ପୋଡ଼ିଆଁ ପୁଅଟିଏ କରିଥିଲେ । ଲେଖାଲେଖିରେ ଜୀବନ ବିତାଉଥିଲେ । ମୃତ୍ୟୁ ପୂର୍ବରୁ (ମୃତ୍ୟୁ-୧୯୬୪) ଅଧିକାଂଶ ଲେଖା ପାଣ୍ଡୁଲିପି ଅବସ୍ଥାରେ ରହିଗଲା ।

Digitized by srujanika@gmail.com

ବେକେଲ୍‌ ଗେଟ୍‌ ହତ୍ୟା

୧୯୩୧, ସେପ୍‌ଟେମ୍ବର ୨୩ ତାରିଖ । ରଣପୁର ଗଡ଼ଜାତରେ ସେଦିନ ପଲିଟିକାଲ ଏଜେଣ୍ଟ ବେକେଲ୍‌ ଗେଟ୍‌ଙ୍କ ହତ୍ୟା କରାଗଲା । ଏ ଘଟଣା କଲିକତା'ରେ ଖୁବ୍‌ ଚହଲ ପକାଇଥିଲା । ଓଡ଼ିଆମାନେ ଧାରଣରେ ନୁହେଁ, ବନ୍ଧୁକରେ ନୁହେଁ କୋଳଅବାଡ଼ିଆ ଢେଙ୍ଗାରେ ପିଟି ପିଟି ଏତେବଡ଼ ଗୋଟାଏ ପଦସ୍ଥ ସାହେବଙ୍କୁ ମାରି ପକାଇଲେ ; ସେମାନେ ନିସ୍ତେଜ ନୁହନ୍ତି, ଭୀରୁ, କାପୁରୁଷ ନୁହନ୍ତି, ଲୋଡ଼ା ହେଲେ ଘୋର ବିପ୍ଳବ କରିପାରନ୍ତି, ଏହିପରି ଏକ ଧାରଣା ଜନ୍ମିଲା । ଓଡ଼ିଆମାନେ ବଙ୍ଗାଳୀଙ୍କ ଆଗରେ ଗୁଡ଼ ଫଳାଇ ଖୁଆଇଲେ, ଯେମିତ ଖୁଆନ୍ତି ଓଡ଼ିଶାର ଫୁଟ୍‌ବଲ୍‌ ଟିମ୍‌ କଲିକତାରେ ବିଜୟ ଲାଭ କଲେ । ଗୋଟାଏ ସାହେବଙ୍କୁ ମାରିବା ବଙ୍ଗ ପକ୍ଷରେ ନୂତନ ଗୌରବ ନ ଥିଲା, ବଙ୍ଗଭଙ୍ଗ ଆନ୍ଦୋଳନ ବେଳେ ବୋମା ଫୁଟାଇ କେତେ ସାହେବ ସେମାନେ ମାରିଥିଲେ, ହସି ହସି ସାମ୍ରାଜ୍ୟବାଦୀର ଫାଶି କାଠରେ ଝୁଲିଥିଲେ । ତଥାପି ବେକେଲ୍‌ ଗେଟ୍‌ ହତ୍ୟା ବଙ୍ଗାଳୀ ମହଲରେ ଖୁବ୍‌ ଗୋଟାଏ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା । ବିପ୍ଳବୀଙ୍କ ଗହଳି ଭିତରେ ପଶି ଜଣେ ଦି'ଜଣଙ୍କୁ ଚୁନିକରି ମାରିବା ପରେ ଉତ୍ୟକ୍ତ ଜନତା ମୁଣ୍ଡରେ ପଥର ଛେଚି ବେକେଲ୍‌ଗେଟ୍‌ଙ୍କୁ ଗୋଟିଏ ମାଉଁସ ମେଞ୍ଚାରେ ପରିଣତ କରିଥିଲେ । ପ୍ରକୃତ ଅପରାଧୀ କିଏ ଜଣାପଡ଼ିଲା ନାହିଁ । କିନ୍ତୁ ରଘୁ, ଦିବାକର ଦୁହେଁ ଭାଗଲପୁର ଜେଲରେ ଫାଶି ପାଇଲେ । ଲୋକଦେଖାଣିଆକୁ ଗୋଟାଏ ବିଚାର ମାତ୍ର ହୋଇଥିଲା ।

ବ୍ରଜବନ୍ଧୁ ନୈଶ ବିଦ୍ୟାଳୟ

ବରେଣ୍ୟ ନେତା ମଧୁସୂଦନ ଦାସ କଲିକତା ସବାଲନ୍ତ କମ୍ପାନୀର ଇଂରେଜ କର୍ତ୍ତୃପକ୍ଷଙ୍କ ସହିତ କମ୍ପାନୀର ଓଡ଼ିଆ କର୍ମଚାରୀଙ୍କ ସୁବିଧାସୁଯୋଗ ଲାଭ ସଂପର୍କରେ ଆଲୋଚନା କରିଥିଲେ । ତାଙ୍କ ପରାମର୍ଶରେ କମ୍ପାନୀ ନୈଶ ବିଦ୍ୟାଳୟଟିଏ ଖୋଲିବା ଲାଗି କୋଠରୀଟିଏ ଛାଡ଼ି ଦେଇଥିଲେ । ୧୯୨୧ ଖ୍ରୀଷ୍ଟାବ୍ଦରେ ବ୍ରଜବନ୍ଧୁ ନୈଶ ବିଦ୍ୟାଳୟର ଶୁଭାରମ୍ଭ ହେଲା । ବୋଧହୁଏ ଏହା କଲିକତାରେ ଓଡ଼ିଆମାନଙ୍କ ନିରକ୍ଷରତା ଦୂରୀକରଣର ଆଦ୍ୟ ଚେଷ୍ଟା । ଏହାର ଅନୁକରଣରେ ହାବଡ଼ା, ମାଟିଆ ବୁରୁଜ ଟିଟାଗଡ଼, କମାରହାଟି, ଜଗଦଳ, ବାଲିଗଞ୍ଜ, ଟାଲିଗଞ୍ଜ ପ୍ରଭୃତି ବିଭିନ୍ନ ସ୍ଥାନରେ, ଓଡ଼ିଆଙ୍କ ଶିକ୍ଷାନୁଷ୍ଠାନ ଓ ପାଠାଗାର ସବୁ ସ୍ଥାପିତ ହୋଇଥିଲା । ଡେଲ୍‌ହାଉସି ସ୍କୋୟାରର ଏହି ଅନୁଷ୍ଠାନଟି ଓଡ଼ିଆଙ୍କ ଓଡ଼ିଆତ୍ୱ ବଜାୟ ରଖିବା ଲାଗି ଗତ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ହେଲା ଚେଷ୍ଟା କରିଆସୁଅଛି ।

Digitized by srujanika@gmail.com

ସାଧାରଣ ଚାନ୍ଦା ଓ ଶିକ୍ଷାର୍ଥୀମାନଙ୍କ ଦେୟରୁ ଶିକ୍ଷକମାନଙ୍କ ବେତନ ଓ ଯାବତୀୟ ବ୍ୟୟ ନିର୍ବାହ ହେଉଥିଲା । ସମଗ୍ର କଲିକତାରେ ଓ ଓଡ଼ିଶାରେ ଏହା ଏକ ଶୃଙ୍ଖଳାବଦ୍ଧ ଓ ସୁପରିଚାଳିତ ଅନୁଷ୍ଠାନ ରୂପେ ପ୍ରସିଦ୍ଧି ଲାଭ କରିଥିଲା ।

ସେତେବେଳେ ବ୍ରଜବନ୍ଧୁରେ ମୋଟରେ ତିନିଜଣ ଶିକ୍ଷକ ଓ ଶତାଧିକ ଛାତ୍ର ଥିଲେ । ଛାତ୍ରମାନଙ୍କ ଅଭିଭାବକଙ୍କ ମଧ୍ୟରୁ ଅଧିକାଂଶ ବାଣିଜ୍ୟ, ବନ୍ଦର, ବ୍ୟାଙ୍କ ଇନସ୍ୟୁରେନ୍ସ ଅଫିସର ବେହେରା, ମେହେନ୍ତର, ଝାଡ଼ୁଦାର, ମୋଟିଆ ମଜୁରିଆ, ପାଣିକଳ ଓ ବିଜୁଳି ମିସ୍ତ୍ରୀ, ବରା ଗୁଲ୍‌ଗୁଲ, ଗୁଡ଼ାଖୁ ଓ ପାନ ଦୋକାନୀ, ବସ୍ ଟ୍ରାମ କଣ୍ଡକ୍ଟର ବା 'ଠାକୁର' । ଖିଦିରପୁରର ଭୂୟାଁ ସାହୁର ମହାପାତ୍ରଙ୍କୁ ଛାଡ଼ିଦେଲେ ସେତେବେଳେ କଲିକତାରେ ସେ ଭଳି ବଡ଼ ଓଡ଼ିଆ ବ୍ୟବସାୟୀ, ଇଞ୍ଜିନିୟର; ଡାକ୍ତର ବା ବଡ଼ ଅଫିସର ନ ଥିଲେ । କାହିଁ କେଉଁଠି ବା ଜଣେ ଅଧେ ଓଡ଼ିଆ କର୍ମଚାରୀ ଥିଲେ, ସେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ସଂକୋଚ ବୋଧ କରୁଥିଲେ ।

ଏହି ମେହନତି ଜନତା ସହିତ ନିଜର ଭାଗ୍ୟକୁ ସାମିଲ୍ କରିବାରେ ମୋର ବିଶେଷ ଅସୁବିଧା ହୋଇ ନ ଥିଲା । କାରଣ ମୁଁ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥିଲି, ଜନସାଧାରଣଙ୍କ ଦୁଃଖଦୁର୍ଦ୍ଦଶା ନିଜ ଜୀବନରେ କିଛି ଅନୁଭବ କରିଥିଲି । ଏମ. ଏ. ପଢ଼ିଛି ବୋଲି ଭାରି ଗୋଟାଏ ଅହଙ୍କାର ବି ନ ଥିଲା । ଯେପରି କଷ୍ଟରେ ପଢ଼ିଥିଲି ମୋ ମନ ଜାଣିଥିଲା । ଆଡ଼ଡା ଦେଖାଇବାର ସଙ୍ଗତି ବା ମନୋବୃତ୍ତି ଆଦୌ ନ ଥିଲା ।

ପୂରାପୂରି ଗୋଟିଏ ବର୍ଷ ସାଧାରଣଙ୍କ ମେଳରେ ମୋର କଟିଛି । ମୁଁ ସେମାନଙ୍କ ସଙ୍ଗେ ଜଣେ ହୋଇ ବସିଛି, ଉଠିଛି, ଖାଇଛି, ଶୋଇଛି, ଜଗନ୍ନାଥ ମେଳାରେ, ପଞ୍ଚାନନ ମେଳାରେ, ଯାତ୍ରା ଥିଏଟରରେ ଏକମନ, ଏକପ୍ରାଣ ହୋଇ ଯୋଗ ଦେଇଛି; ଗଣେଶ ପୂଜା, ସରସ୍ୱତୀପୂଜାରେ ପଂକ୍ତି ଭୋଜନରେ ବସିଛି । ସେମାନଙ୍କୁ ବୁଝିଛି ଓ ନାନା ସଭାସମିତିରେ ବୁଝାଇବାକୁ ଚେଷ୍ଟା କରିଛି । ଯେତିକି ଶ୍ରଦ୍ଧା କରିଛି ତାର ବହୁଗୁଣ ପାଇଛି । ଉଚ୍ଚ ସମ୍ମାନିତ ସ୍ତରକୁ ସେମାନେ ମୋତେ ଟେକି ଧରିଛନ୍ତି । ଜଣେ ଏମ୍ ଏ. ପଢ଼ୁଆ ଯେ ସେମାନଙ୍କ ଭିତରେ ଅଛନ୍ତି, ଏ ଘେନ ଗର୍ବ କରିଛନ୍ତି ସେମାନେ, ବିଶେଷତଃ ବଙ୍ଗାଳୀଙ୍କ ଆଗରେ···କେବଳ ଏଇଆ ପ୍ରମାଣିତ କରିବା ପାଇଁ ଯେ 'ଓଡ଼ିଶା କୁଲି ମୂଲିଆର ଦେଶ' ନୁହେଁ । ସେଠି ବି ଏ, ଏମ୍ ଏ. ଅଛନ୍ତି, ନେତା, କବି ଅଛନ୍ତି । ବଙ୍ଗାଳୀଙ୍କ ମତ ବଦଳେଇବା ବା ଟେକ ଭାଙ୍ଗିବା ଏହି ଦେଶପ୍ରେମୀ ଓଡ଼ିଆମାନଙ୍କର ଉଦ୍ଦେଶ୍ୟ ଥିଲା । ଓଡ଼ିଆମାନଙ୍କ ସ୍ନେହ ଶ୍ରଦ୍ଧାର ପ୍ରାଚୁର୍ଯ୍ୟ ମଧ୍ୟରେ ହଜି ଯାଇଥିଲା ମୋର କ୍ଷୁଦ୍ର 'ଅହଂ' ।

Digitized by srujanika@gmail.com

ବ୍ରଜବନ୍ଧୁ ନୈଶ ବିଦ୍ୟାଳୟର କୋଠରୀଟି ଦୋତାଲାରେ ଅବସ୍ଥିତ ଥିଲା । ସେଇ ଅଫିସ୍, ସେଇ ପାଠାଗାର, ସେଇ ସ୍କୁଲ । ସେଠି ବସନ୍ତି ଗ୍ରନ୍ଥାଗାରିକ, ସମ୍ପାଦକ, ଶିକ୍ଷକ, ଅଭ୍ୟାଗତ ଭଦ୍ରଲୋକ ବା ପରିଦର୍ଶକ । ପାଠାଗାରରେ ପ୍ରାୟ ସମସ୍ତ ଓଡ଼ିଆ ପୁସ୍ତକ ସଂରକ୍ଷିତ, ତାହା ହୋଇ ସମସ୍ତ ସାହିତ୍ୟପତ୍ରିକା ସୁସଜ୍ଜିତ । ଶୃଙ୍ଖଳାରେ ପରିଚାଳିତ ଏ ଭଳି ଗୋଟିଏ ପାଠାଗାର ସମଗ୍ର ଓଡ଼ିଶାରେ ଦୁର୍ଲଭ ।

ଅନୁଷ୍ଠାନର ସଭାପତି ଯୋଗୀନ୍ଦ୍ର ଦାସ ଶ୍ରୀ ଅକ୍ଷରବିବର୍ଜିତ କିନ୍ତୁ ସୁସଂସ୍କୃତ । ବଡ଼ନେହେଲେ ତାଙ୍କ ବ୍ୟବହାରରେ ଅଶିକ୍ଷିତର ରୁଢ଼ କର୍କଶତା ଦେଖିବାକୁ ପାଉନାହିଁ । କମ୍ପାନୀର ସର୍ଦ୍ଦାର ସେ, ସେଇ ପାହିଆ ବଳରେ ସଭାପତି, ସୁଶିକ୍ଷିତ ବାକ୍ୟ ମାନ କିମ୍ବା ନିଜର ସୀମା ବିଷୟରେ ସଚେତନ ରହି ସଭାରେ ସେ କେବେ ମୁହଁ ଖୋଲୁ ନ ଥିଲେ । ସେ ଅଫିସ୍ ଓ ସ୍କୁଲର ତାରନମୟୀ ଭଲପାଇବ ବୁଝୁଥିଲେ ଓ ସ୍କୁଲରେ ନିଜକୁ କେବେ ଜାହିର୍ କରୁ ନ ଥିଲେ । ନିଜର ଦୃଷ୍ଟାନ୍ତ ରକ୍ଷାକରି ସୁଜ୍ଞ ଓ ସୁଜନ ରହି ସେ ଛାତ୍ର, କର୍ମୀମାନଙ୍କର ଶ୍ରଦ୍ଧା ଓ ସମ୍ମାନଭାଜନ ହୋଇଥିଲେ ।

ଅନୁଷ୍ଠାନର ସମ୍ପାଦକ କ୍ଷେତ୍ରମୋହନ ଦାସ । ଶିକ୍ଷା ଅକ୍ଷରପରିଚୟ ମାତ୍ର । କିନ୍ତୁ ଦୀକ୍ଷା ମହନୀୟ । କ୍ଷେତ୍ରମୋହନବାବୁ ଜଣେ ଶିକ୍ଷାପ୍ରେମୀ ଲୋକ ଥିଲେ । ସ୍କୁଲରେ ବସି ସେ ଶିକ୍ଷକ ଓ ଛାତ୍ରମାନଙ୍କର ହାନଲାଭ ବୁଝୁଥିଲେ । ସମ୍ବାଦପତ୍ର ଓ ପୁସ୍ତକପାଠରେ ସେ ସନ୍ଧ୍ୟା ଛ'ଟା ଠାରୁ ଦଶଟା ପର୍ଯ୍ୟନ୍ତ ସମସ୍ତଙ୍କ କଟାଉଥିଲେ । କ୍ଷେତ୍ରମୋହନଙ୍କ ବ୍ୟକ୍ତିତ୍ୱରେ ଦୁଇଟି ବିଭାବ ସମଭାବେ ରହିଥିଲା ଗୋଟିଏ ଶାସକର ଗାମ୍ଭୀର୍ଯ୍ୟ, ଶିକ୍ଷକ ଓ ଅନ୍ୟଟି ହାସ୍ୟରସ ।

ଛାତ୍ରମାନଙ୍କ ତର୍କସଭାରେ କେବେଁ କେବେଁ ସେ ବକ୍ତୃତାର ବାଗଯୋଗ ପାଇ ଯାଉଥିଲେ ଓ ମଜ୍ଜା ଜାଣି ଯାଉଥିଲେ । ଛାତ୍ରମାନଙ୍କ ସାହିତ୍ୟ ରଚନା ଉପରେ ଭଲ ମନ୍ଦ ଗ୍ରେଡ୍ ମାରିବାର ବୁଦ୍ଧି କହିଦେଇ ହାସଲ କରୁଥିଲେ ।

ସ୍କୁଲ ଆରମ୍ଭ ହେବା ଆଗରୁ ସମ୍ପାଦକ ଓ ଶିକ୍ଷକମାନଙ୍କର ଏକତ୍ର ଜଳଯୋଗ ବ୍ୟବସ୍ଥା ଥିଲା । ଘରଅଡ଼ାର ଚୁଡ଼ାଭଜା, ଚଣା, ଡାଲି ବୁଟ ଛଡ଼ା ଚିନାବାଦାମ୍ ଭଜା, ବୁନ୍ଦିଆ ଅଣାଯାଉଥିଲା; ଖବରକାଗଜ ଉପରେ ପ୍ରତ୍ୟେକ ଗୋଲାପପାଲା ହେଉଥିଲା । ସେଥିରୁ ମୁଠିଏ ମୁଠିଏ ଖାଇ ଢ଼' ମୁନ୍ଦାଏ ମୁନ୍ଦାଏ ପିଇ ପ୍ରାର୍ଥନା ପରେ ଶିକ୍ଷକମାନେ ଶିକ୍ଷାରମ୍ଭ କରୁଥିଲେ ।

ସପ୍ତାହରେ ଥରେ ଆଲୋଚନାସଭା କିମ୍ବା ସାହିତ୍ୟସଭା ବସୁଥିଲା । ହାତଲେଖା ପତ୍ରିକାଟିଏ ଚାଲୁଥିଲା । ସମ୍ପାଦକ ଓ ଶିକ୍ଷକମାନଙ୍କ ନିଷ୍ଠାଯୋଗୁଁ ସ୍କୁଲଟି କ୍ରମୋନ୍ନତ

Digitized by srujanika@gmail.com

ପଥରେ ଆଗେଇ ଚାଲିଥିଲା । 'ବ୍ରଜବନ୍ଧୁ'କୁ ଏକ ମାଇନର ସ୍କୁଲରେ ପରିଣତ କରିବା ଚିନ୍ତା ପଡ଼ିଥିଲା । କିନ୍ତୁ ସେଥିଲାଗି ପ୍ରଶସ୍ତ ଜାଗା ନ ଥିଲା । ଗୋଟିଏ କୋଠରୀରେ ତିନିଜଣ ଶିକ୍ଷକଙ୍କ ଶିକ୍ଷାଦାନ ବେଶ୍ କୋଳାହଳ ସୃଷ୍ଟି କରୁଥିଲା ।

ଏହି ଅନୁଷ୍ଠାନରେ ନେତା, କବି ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଜନ୍ମଦିବସ ପାଳିତ ହେଉଥିଲା । ସମ୍ବର୍ଦ୍ଧନା, ଭାଷଣ ଶ୍ରବଣ ଓ ମନ୍ତବ୍ୟ ଗ୍ରହଣ ବ୍ରଜବନ୍ଧୁର କର୍ମ ପରିସରର ଅନ୍ତର୍ଗତ ଥିଲା ।

ଯେଉଁମାନଙ୍କ ଲାଗି ମାଆ ସରସ୍ୱତୀଙ୍କର ଫାଟକ ବନ୍ଦ ହୋଇଯାଇଥିଲା, ସେମାନଙ୍କୁ ବ୍ରଜବନ୍ଧୁ ଦେଖାଇଥିଲା ଆଲୋକ, ସଂଗ୍ରାମ ଓ ସାଧନାର ପଥ । କେହି କେହି ବ୍ରଜବନ୍ଧୁରୁ ବିଦାୟ ନେବା ପରେ ମାଟ୍ରିକ ପରୀକ୍ଷା ଦେଇଥିଲେ, କେହି କେହି ପିଅନରୁ କିରାଣି ପଦବୀକୁ ଉନ୍ନୀତ ହୋଇଥିଲେ । କେହି କେହି ହୋଇଥିଲେ ସ୍ୱାଧୀନ ବ୍ୟବସାୟୀ, ପେଶାଦାର ସାହିତ୍ୟିକ ।

ଏବେ ବ୍ରଜବନ୍ଧୁ ଗୋଟିଏ ହା. ସ୍କୁଲ । ୧୯୭୩ରେ ତା'ର ସୁବର୍ଣ୍ଣଜୟନ୍ତୀ ପାଳନ ହେଉଛି । କିନ୍ତୁ ସେତେବେଳେ ସେ ଥିଲା କାଣୀ ଅଖିର କଜଳ ଗାର ପରି, ଓଡ଼ିଆଙ୍କର ଗଡମୁକ୍ତିଦାତା ।

କଲିକତୀ ସାହିତ୍ୟ

ଏହି ଅନୁଷ୍ଠାନରେ ହିଁ ଆଧୁନିକ କଲିକତୀ ସାହିତ୍ୟର ପ୍ରଥମ ମୂଳଦୁଆ ପଡ଼ିଥିଲା; ତା' ପୂର୍ବରୁ କଲିକତାରେ 'ବୋହୂ ମୋର କଟକଆଣୀ', 'ନଷ୍ଟ ଝିଅ', 'ଦୋଳ ମିଳନ', 'ରଜ ମିଳନ' ପ୍ରଭୃତି ଯୌନଭିତ୍ତିକ ଉତ୍ତେଜକ କ୍ଷୁଦ୍ର ପୁସ୍ତକମାନ ପ୍ରଚଳିତ ଥିଲା । ସ୍ୱଳ୍ପଶିକ୍ଷିତ ପ୍ରବାସୀମାନେ ଏ ଜାତୀୟ ପୁସ୍ତକ ପାଠକରି ସେମାନଙ୍କ ସାହିତ୍ୟ-ପିପାସା ଚରିତାର୍ଥ କରୁଥିଲେ । ଏହି ଅନୁଷ୍ଠାନରୁ ସେ' ସମୟରେ ବାହାରିଲେ ଦିଗମ୍ବର ଦାସ, କୃଷ୍ଣ ଚରଣ ଦାସ, ଶଙ୍କର ଦାସ, ଗୋପୀନାଥ ବେହେରା ପ୍ରଭୃତି । ଉକ୍ତ ଲେଖକମାନଙ୍କ ଦ୍ୱାରା କଲିକତୀ ପାଠକଙ୍କ ସଂଖ୍ୟା ଯେ ବହୁ ପରିମାଣରେ ବୃଦ୍ଧି ଲାଭ କରିଥିଲା, ସନ୍ଦେହ ନାହିଁ । ଯୌନଭାବପୂର୍ଣ୍ଣ, ରଙ୍ଗିନ୍ ଚିତ୍ରସମ୍ବଳିତ, ଷ୍ଟକଚକ୍ୟଭରା ଉପନ୍ୟାସ ରଜ, ଦଶହରା, ଦୋଳରେ ଘରକୁ ଫେରିଲାବେଳେ ଓଡ଼ିଆମାନେ କିଣି ନିଅନ୍ତି; କଲିକତାର ବହି ବିକ୍ରୟ କଟକଠାରୁ ଯଥେଷ୍ଟ ଊଣା ଥିଲା, କୁହାଯାଇ ନ ପାରେ । ଏହାକୁ ସାହିତ୍ୟର ଗୁଣାତ୍ମକ ଉନ୍ନତି କୁହା ନ ଗଲେ ମଧ୍ୟ ପଠନଲିପ୍ସା ବୃଦ୍ଧି ଯୋଗୁଁ କଲିକତାରେ ଓଡ଼ିଆ ପାଠାଗାର ସଂଖ୍ୟା ବଢ଼ି ବଢ଼ି ଦୁଇଶହ ହୋଇଥିଲା । ହାବଡ଼ା, ବାଲିଗଞ୍ଜ, ଟାଲିଗଞ୍ଜ, ଖିଦିରପୁର, ଜଗଦଲ, ଟିଟାଗଡ଼, ମାଟିଆବୁରୁଜ ପ୍ରଭୃତି ଅଞ୍ଚଳର

Digitized by srujanika@gmail.com

ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଗୋଟିଏ ଗୋଟିଏ ପାଠାଗାର ସଂଯୁକ୍ତ ହୋଇଥିଲା । ଅର୍ଦ୍ଧ ସାମାଜିକ ଓ ସାଂସ୍କୃତିକ ବାତାବରଣ ସୃଷ୍ଟି ଲାଗି ଲୋକେ ଯତପରୋନାସ୍ତି ଚେଷ୍ଟା କରୁଥିଲେ । ସେମାନଙ୍କ ତରଫରୁ ଗଣେଶ ପୂଜା, ସରସ୍ୱତୀ ପୂଜା, ଦୁର୍ଗାପୂଜା, ରଥଯାତ୍ରା ଆଡ଼ମ୍ବରରେ ଅନୁଷ୍ଠିତ ହେଉଥିଲା । ପାଲା, ଦାସକାଠିଆ, ସଖୀନାଟ ଦଳ ଓ ଯାତ୍ରାଦଳ ସମନ୍ୱିତ ହୋଇ ଓଡ଼ିଆ ସଂସ୍କୃତିର ଗୌରବ ଗରିମା ଦେଖାଉଥିଲେ, ପଡ଼ୋଶୀ ଆଗରେ ଓଡ଼ିଆ ଛାତି ଫୁଲାଇ ଚାଲିବାକୁ ସୁଯୋଗ ପାଉଥିଲା ।

ନୂତନ କଲିକତା ସାହିତ୍ୟ ନୈତିକ ମାନବୃଦ୍ଧି ନ କଲେ ବି ଓଡ଼ିଆଙ୍କ ମଧ୍ୟରେ ବଳବତୀ ପିପଠିଷା ଜାଗ୍ରତ କରିଥିଲା । ଡିଟେକ୍‌ଟିଭ୍‌ରୁ ଭଲ ଭଲ ଉପନ୍ୟାସ, କାବ୍ୟ-କବିତା, ନାଟକ କ୍ଷୁଦ୍ରଗଳ୍ପ ଓ ସମାଲୋଚନା ରାଜ୍ୟରେ ଲୋକେ ପ୍ରବେଶ କରିଥିଲେ ଓ କଲିକତାରୁ 'ଆସନ୍ତାକାଲି' 'ନବରବି' ପ୍ରଭୃତି ଉଚ୍ଚସ୍ତରର ପତ୍ରିକା ପ୍ରକାଶ ପାଉଥିଲା; ଏହି ପତ୍ରିକା ସବୁର ଅଧିକାଂଶ ଗ୍ରାହକ ଥିଲେ କଲିକତା ଓଡ଼ିଆ । ରାଧାନାଥ ଗ୍ରନ୍ଥାବଳୀ, ମଧୁସୂଦନ ଗ୍ରନ୍ଥାବଳୀ ପ୍ରଭୃତିର ବିକ୍ରୀ ସଂଖ୍ୟା କ୍ରମଶଃ ବୃଦ୍ଧି ଲାଭ କରିଥିଲା ଓ ସେମାନଙ୍କ ପାଠକ ସଂଖ୍ୟା ନିତାନ୍ତ ନଗଣ୍ୟ ନ ଥିଲା ।

କଲିକତାର ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନମାନଙ୍କ ଜରିଆରେ ଉଚ୍ଚକୋଟୀର ନାଟକ ଅଭିନୟ ଚାଲିଥିଲା ଓ ସଙ୍ଗୀତ ଆସରମାନ ବସୁଥିଲା । ଓଡ଼ିଆ ପୁସ୍ତକ ଦୋକାନ-ମାନ କ୍ରମେ ନନ୍ଦା ଗିରିଜା, ଶଶିଭୂଷଣ ଦେ ଷ୍ଟ୍ରିଟ୍‌ରୁ ଶିଳ୍ପାଞ୍ଚଳମାନଙ୍କରେ ବ୍ୟାପିଲା ଓ ଅଧ୍ୟୟନ ଏକ ବିନୋଦନରେ ପରିଣତ ହେଲା । କିନ୍ତୁ କି ଅବସ୍ଥାଚକ୍ରରେ ପଡ଼ି ସେ କାଳର ଅଧିକାଂଶ ଲେଖକ ଲେଖାଲେଖି ଛାଡ଼ିଦେଲେ—ଲେଖୁଥିଲେ କ୍ରମାଗତ ଭାବେ କେବଳ କଣ୍ଡ୍ରୁଗ୍ରୀ ଚରଣ ଦାସ—ସେ ଛଡ଼ା ହୋଇପାରିଲେ ଜଣେ ସମୃଦ୍ଧ, ସମ୍ଭ୍ରାନ୍ତ ଓଡ଼ିଆ ଭାବେ; ସାହିତ୍ୟବ୍ୟବସାୟୀ ଭାବେ ସେ ହେଲେ ସୁପ୍ରତିଷ୍ଠିତ, ବ୍ୟବସାୟ ଉପରେ ହିଁ ତାଙ୍କର ନଜର ରହିଲା, ସାହିତ୍ୟର କିଛି ହେଲେ ମାନୋନ୍ନତି ଘଟିପାରିଲା ନାହିଁ ।

ବଙ୍ଗବନ୍ଧୁ ନୈଶବିଦ୍ୟାଳୟରେ ମୁଁ ଏକବର୍ଷରୁ କିଛି ଅଧିକ କାଳ କାର୍ଯ୍ୟ କରିଥିଲି । ଏହି କର୍ମକେନ୍ଦ୍ରରୁ ମୁଁ ଘୂରି ବୁଲିଥିଲି ସମଗ୍ର କଲିକତାରେ । କଟକରେ ସଭାରେ ଛିଡ଼ା ହେଲେ ମୋ ଗୋଡ଼ ଥରୁଥିଲା । ଭୟରେ ପାଟି ଶୁଖି ଯାଉଥିଲା । କିନ୍ତୁ କଲିକତାରେ ମୁଁ ଦେଲି ଲମ୍ବା ଲମ୍ବା ବକ୍ତୃତା । ସେଠି ମୋ ଦୋଷ ବାଛିବାକୁ କେହି ନ ଥିଲେ, ଗୁଣ ଗୁଣି ତାଳି ଦେବାକୁ ବହୁ ଲୋକ ଥିଲେ । ଅଳ୍ପଦିନ ମଧ୍ୟରେ ବନିଗଲି ଜଣେ ନେତା; କେତେବେଳେ ନୈଶବିଦ୍ୟାଳୟ ଉନ୍ମୋଚନ, ପାଠାଗାର ଉଦ୍‌ଘାଟନ, ବାର୍ଷିକ ଉତ୍ସବ ପାଳନାଦିରେ ମୁଁ ହେଲି ମୁଖ୍ୟବକ୍ତା ବା ସଭାପତି । ଗଣ୍ଡା ଗଣ୍ଡା ଗୋଲାପ ବା ପଦ୍ମଫୁଲମାଳ ଏ ଦରିଦ୍ର ଗଳାରେ ଲମ୍ବିବାକୁ ଲାଗିଲା । ଘୋର ଦାରିଦ୍ର୍ୟ ମଧ୍ୟରେ ଏ ଆଦରଅଭ୍ୟର୍ଥନା ଯେପରି ଆତ୍ମପ୍ରତ୍ୟୟ ଜନ୍ମାଉଥିଲା, ସେହିପରି ସୃଷ୍ଟିଦିଗରେ

Digitized by srujanika@gmail.com

ମୋତେ ପ୍ରରୋଚିତ କରୁଥିଲା । କଲିକତାରେ ମୁଁ କି କି କାର୍ଯ୍ୟ କରିଥିଲି, ସେ କାଳର ଲିଖିତ ଏକ ଡାଇରିରୁ ଜଣାଯାଏ । ପରିଶିଷ୍ଟ ଦ୍ରଷ୍ଟବ୍ୟ ।

ପ୍ରବାସୀ ଉତ୍କଳ ସାହିତ୍ୟ ସମ୍ମିଳନୀ

ଓଡ଼ିଆଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ କରିବା, ଆମ ସଂସ୍କୃତି ଯେ ବିଶିଷ୍ଟ ଏହା ବଙ୍ଗବାସୀଙ୍କୁ ଦେଖାଇବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ଥିଲା । ପଣ୍ଡିତ ବିନାୟକ ହୋଇଥିଲେ ଅଭ୍ୟର୍ଥନା ସମିତିର ସଭାପତି, ମୁଁ, ଆକୁଳ ମିଶ୍ର ସଂପାଦକ । ସଙ୍ଗୀତଜ୍ଞ ମନମୋହନ ସାବୁଙ୍କ ସଙ୍ଗୀତ ଗାଇ ବଙ୍ଗବାସୀଙ୍କ ବାହବା ପାଇବା ଫଳରେ ଆମ ଗ୍ରୁପ ଫୁଲି ଉଠିଥିଲା । ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଉତ୍କଳୀୟ ସଂସ୍କୃତିକୁ ବଙ୍ଗର ଦାନ ଉପରେ ଅଧିକା ଜୋର୍ ଦେଇଥିଲେ, ବଙ୍ଗ ସଂସ୍କୃତିକୁ ଉତ୍କଳର ଦାନ ସମ୍ପର୍କରେ କିଛି କହିଥିଲେ ଆମେ ଅବଶ୍ୟ ଉଦ୍‌ବୁଦ୍ଧ ହୋଇଥାନ୍ତୁ । ସେ ଯତ୍‌ସାମାନ୍ୟ ସୂଚନା ଦେଇଥିଲେ, ବଙ୍ଗଳାର ସମ୍ବାଦପତ୍ର ତାହା ଉଡ଼ାଇଦେଲେ । ସମ୍ବାଦଟି ଏକପାଖିଆ ହୋଇ ବାହାରିଲା । ଏଥିରେ ଆମେ କ୍ଷୁବ୍ଧ ହେଲୁ । କବି ମାୟାଧର ମାନସିଂହ ସଦ୍ୟ ଡକ୍ଟର ହୋଇ ଇଂଲଣ୍ଡରୁ ଫେରିଥାନ୍ତି । ସେ 'ଡକ୍ଟର' ସ୍ଥାନରେ 'ଆଚାର୍ଯ୍ୟ' ବୋଲି ନିଜକୁ ପରିଚିତ କରାଉଥାନ୍ତି । ତାଙ୍କ ଭାଷଣଟି ଯଥା ସମୟରେ ଛପା ହୋଇ ନ ଆସିବାରୁ ସେ ଖପ୍‌ପା ହୋଇଥାନ୍ତି । ପଣ୍ଡିତ ନୀଳକଣ୍ଠଙ୍କ ଭାଷଣ ବିଦଗ୍‌ଧମଣ୍ଡଳରେ ଖୁବ୍ ଆଦୃତ ହୋଇଥାଏ । ୧୯୪୧ରେ ଦୁଇଦିନ ଧରି ଅନୁଷ୍ଠିତ ଏହି ସମ୍ମିଳନୀ ସଫଳ ହୋଇଥିଲା ।

ପନ୍ଦରଦିନ ଧରି ଦୌଡ଼ି ଦୌଡ଼ି ଗୋଡ଼ରୁ ପାଣି ମରିଥିଲା, ତଥାପି ସାମାନ୍ୟ ତ୍ରୁଟି ଦେଖିଲେ ଲୋକେ ବାଛୁଥିଲେ ବା ଅପବାଦ ଦେଉଥିଲେ; ସଂଗଠକର ଏଇ ପ୍ରଥମ ଅନୁଭୂତି, କଲିକତାରେ ସର୍ବତ୍ର ମୁଁ ସୁପରିଚିତ ହୋଇଗଲି, ଏଇ ବଡ଼ ଲାଭ ।

ଛିନ୍ନମସ୍ତା

କଲିକତାରେ 'ବାହିନୀ' ଅନୁଷ୍ଠାନ ସହିତ ସଂଯୁକ୍ତ ହୋଇ ମୁଁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲି । ପ୍ରବାସୀ ଓଡ଼ିଆଙ୍କଠାରୁ ଚାନ୍ଦା ଆଦାୟ ଲାଗି ଲେଖା ହେଲା ଖଣ୍ଡିଏ ଗୀତ ବହି । ମୁଁ ଲେଖିଲି 'ଛିନ୍ନମସ୍ତା', ବିଭିନ୍ନ ସ୍ୱରରେ ରଚିତ । ଖୋଲ, ଗିନି ବଜାଇ ଗୀତ ବୋଲି ଆମେ କଲିକତାର ଗଳି ଓ ଶିଳ୍ପାଞ୍ଚଳମାନଙ୍କରେ ବୁଲିଥିଲୁ । ଯାହା ଚାନ୍ଦା ଆଦାୟ ହୋଇଥିଲା, ସେଥିରୁ ସିଂହଭୂମ୍, ମେଦିନୀପୁରର କର୍ମୀମାନଙ୍କୁ ସାହାଯ୍ୟ ଦିଆହୋଇଥିଲା । ଏହା ମୋର ପ୍ରଥମ ପ୍ରକାଶିତ ପୁସ୍ତକ; ପ୍ରକାଶକାଳ ୧୯୪୦, ଦାମ୍ ଛ' ପଇସା । ଏହାର ବିକ୍ରିରୁ ଲବ୍‌ଧ ଅର୍ଥ ଦେଶମିଶ୍ରଣ କାର୍ଯ୍ୟରେ ବ୍ୟୟିତ ହୋଇଥିଲା । ପରିଶିଷ୍ଟ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ପଣ୍ଡିତ ମୃତ୍ୟୁଞ୍ଜୟ ଓ ମେଦିନୀପୁର ଓଡ଼ିଆ

ପଣ୍ଡିତ ମୃତ୍ୟୁଞ୍ଜୟ କାବ୍ୟତୀର୍ଥଙ୍କ ଘର ଝାଡ଼ଗ୍ରାମ ମହକୁମାର 'ଚନ୍ଦ୍ରୀ' ଗ୍ରାମରେ, ତାଙ୍କ 'ପଲ୍ଲୀମଙ୍ଗଳ ପାଠାଗାର' ବିଚ୍ଛିନ୍ନାଞ୍ଚଳମିଶ୍ରଣ ଆନ୍ଦୋଳନର ଗୋଟିଏ ମୁଖ୍ୟ କେନ୍ଦ୍ର ଥିଲା । ପାଠାଗାରରେ ଅଧିକାଂଶ ଓଡ଼ିଆ ପୁସ୍ତକ ରକ୍ଷିତ ଥିଲା, ପତ୍ରପତ୍ରିକା ଆସୁଥିଲା । କିନ୍ତୁ ଏ ସବୁର ପାଠକ ସଂଖ୍ୟା ନଗଣ୍ୟ ଥିଲା । ଓଡ଼ିଆ କାହିଁକି ପଢ଼ିବେ ? ଚାକିରି ମିଳିବ ? ଓଡ଼ିଶାପ୍ରୀତି ଓ ଓଡ଼ିଆଭାଷାପ୍ରୀତି ହ୍ରାସ ଲୋପ ପାଇଥିଲା । ମେଦିନୀପୁରିଆ ଯେ କେବେ ଓଡ଼ିଆ ଥିଲେ ଏ ସତ୍ୟ ଭୁଲିଯିବାକୁ ବସିଥିଲେ—'ଜେନା' ଲେଖୁଥିଲେ 'ଜାନା, ମହାନ୍ତି'—ମାଇତି । କଣ୍ଟାଇ ନୀହାର ପ୍ରେସ୍‌ରୁ ବଙ୍ଗଳା ହରଫରେ ଓଡ଼ିଆ ବହି ବାହାରୁଥିଲା, ଏହାର ପାଠକସଂଖ୍ୟା ବି ଊଣା ହୋଇଯାଇଥିଲେ । ଜଗନ୍ନାଥ ଦାସଙ୍କ ଭାଗବତ ବା ସାରଳା ମହାଭାରତ ଆଉ କିଣିବାକୁ ମିଳୁ ନ ଥିଲା, ଏଭଳି ପୁସ୍ତକପ୍ରକାଶ ଏକଦମ୍ ବନ୍ଦ କରିଦେବେ ବୋଲି ପ୍ରେସ ମ୍ୟାନେଜର ମତେ କହିଥିଲେ । ବଙ୍ଗଳାର ବିପୁଳ ସାହିତ୍ୟବିଭବ ସୁବର୍ଣ୍ଣ ହରିଣ ପରି ମେଦିନୀପୁରିଆଙ୍କ ମନ ଭୁଲାଇ ନେଇଥିଲା । ବୃଦ୍ଧ ମୃତ୍ୟୁଞ୍ଜୟ ଓଡ଼ିଆ ସଂସ୍କୃତିର ପୁନରୁତ୍‌ଥାନ ଲାଗି ବ୍ୟାକୁଳ ପ୍ରାଣରେ ଲାଗିଥିଲେ । କିନ୍ତୁ ମେଦିନୀପୁରିଆଙ୍କ ମନୋବୃତ୍ତି ଥିଲା – 'ଲଚ୍ଛମନ୍ ନେହି ଭୁଲେଗା' । ମୃତ୍ୟୁଞ୍ଜୟଙ୍କ ନିମନ୍ତ୍ରଣରେ ମୁଁ ଝାଡ଼ଗ୍ରାମ ଓ ଚନ୍ଦ୍ରୀ ଯାଇ ଲୋକମାନଙ୍କୁ ଓ ହା: ସ୍କୁଲମାନଙ୍କରେ ଓଡ଼ିଆରେ ବକ୍ତୃତା ଦେଇ ଛାତ୍ରମାନଙ୍କୁ ବୁଝାଇଥିଲି । କିନ୍ତୁ ଓଡ଼ିଶାର କୌଣସି ନେତା ବା କବିଙ୍କ ନାମ, ଓଡ଼ିଶାର ଭୂଗୋଳ ବା ଇତିହାସ ପିଲାମାନେ ଜାଣି ନ ଥିଲେ । କେତେ ବର୍ଷ ଆଗେ ଗୋଦାବରୀଶ ମାଡ଼ ଖାଇ ଫେରିଥିଲେ, ମେଦିନୀପୁରରେ ବୁଲି ବୁଲି ଯାହା ଦେଖିଲି ସେଥିରେ ମୋ ମନରେ ନୈରାଶ୍ୟ ଆସିଥିଲା, ମେଦିନୀପୁରକୁ ବଙ୍ଗଳାରେ ରଖି ବୀରେନ୍ ଶାସମଲ ଦେଶପ୍ରାଣ ହୋଇଥିଲେ । ମେଦିନୀପୁର ଯେ କେବେ ଓଡ଼ିଶାରେ ମିଶି ପାରିବ ନାହିଁ, ଏ ଧାରଣା ଜନ୍ମିଥିଲା । ପରବର୍ତ୍ତୀ କାଳରେ ମୃତ୍ୟୁଞ୍ଜୟଙ୍କୁ ମେଦିନୀପୁର ଓଡ଼ିଆ ପଲ୍ଲୀଗୀତି-ସଂଗ୍ରହ କାର୍ଯ୍ୟରେ ଲଗାଇଥିଲି ।

ବଳରାମ ନନ୍ଦ

ବଳରାମର ଗାଁଅ କୋଉଠି ମନେ ନାହିଁ । କିନ୍ତୁ ସବୁଠି ଯେ ତାର ଘର ଅଛି, ଏହି ପ୍ରମାଣ କରିବାକୁ ସେ ଚେଷ୍ଟା କରିଥିଲା । 'ଅବକାଶ ବାହିନୀ'ର ମୁଖ୍ୟ ନେତା ସେ, କଲିକତାରେ ସେ କାଳର ନିଷ୍ଠାପର କର୍ମୀ । କୋଉଠି ଝଣ୍ଟିଏ ଚାକିରି କରିଥିଲା ସେ । ଯାହା ରୋଜଗାର କରୁଥିଲା ସବୁ ଦେଶମିଶ୍ରଣ କାର୍ଯ୍ୟରେ ଖର୍ଚ୍ଚ କରିଦେଉଥିଲା । ଜଣେ

Digitized by srujanika@gmail.com

ଅଗ୍ରେରେ ପତ୍ର ପରକୁ ଚଳାଇବା ତାର କାର୍ଯ୍ୟ ଥିଲା । ଚିନ୍ତାମଣି ପାଣିଗ୍ରାହୀଙ୍କୁ ସେ ପାଠ ପଢ଼ିବେଳେ ଅଳ୍ପ ସାହାଯ୍ୟ କରିନାହିଁ । 'ବାହିନୀ' ପତ୍ରିକାର ଅଧିକାଂଶ ଲେଖା ଲେଖୁଥିଲା, 'ବାହିନୀ' ପତ୍ରିକା ଚଳାଉଥିଲା ସେ । କଲିକତାରେ ବିଚ୍ଛିନ୍ନାଞ୍ଚଳମିଶ୍ରଣ ଆନ୍ଦୋଳନ ମୁଖ୍ୟତଃ ତା'ର ନେତୃତ୍ୱରେ ଚାଲିଥିଲା । କିନ୍ତୁ ଦିନେ ଏହା ବନ୍ଦ ହୋଇଗଲା । ଓପାସେଭ୍ରେକରେ, ଅସ୍ୱାସ୍ଥ୍ୟକର ସ୍ଥାନରେ ରହି ବଳାରାମକୁ ଟି. ବି. ଧରିଲା । ମୁଁ ସେତେବେଳେ ଫସ୍ଟ ଇୟରର ସୁପରିଣ୍ଟେଣ୍ଡେଣ୍ଟ । ସେ ସୁଯୋଗରେ ମୋ ସହିତ ସାକ୍ଷାତ୍ କଲା, କଣ୍ଠ ପଡ଼ିଯାଇଥାଏ, ଏକ କଙ୍କାଳ । ସୁସ୍ଥ ମୁଁ, ତାକୁ ଡରିଲି, ବନ୍ଧୁ ମୁଁ ସେ କପର ହୃଦକୁ ଯାଉ, ମନେ ମନେ ବୁଝିଁଲି । ସେ ମୋତେ ସାହାଯ୍ୟ ମାଗିଲା; ମାତ୍ର ସାତୋଟି ଟଙ୍କା ଦେଲି । ମୋ ଦରମା ଥିଲା ମାସିକ ୧୬୮ ଟଙ୍କା । କିନ୍ତୁ ହାତରେ ସୁନାମୁଦି ଥିଲା, ଅଖିରେ ସୁନା ଚେମା । ସ୍ୱଭାବତଃ କୃପଣ, ମନଭରି ତାକୁ ସାହାଯ୍ୟ କରିପାରିଲି ନାହିଁ, ଆଜି ତହିଁର ଅନୁଶୋଚନା । ବଳରାମ ଅଳ୍ପଦିନ ପରେ ସଂସାର ଛାଡ଼ି ଚାଲିଗଲା । ଏଡ଼େ ସ୍ତରରେ ଏତେ ଜାତ୍ୟଭିମାନ ଆଉ କାହାର ଅଛି ?

ଷଷ୍ଠ ବାର୍ଷିକ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲାପରେ ସେଇ ଟୁଙ୍ଗୀ ଛାଡ଼ି ମୁଁ ଶ୍ରୀ ଗୋପାଳ ମଲିକ୍ ଲେନ୍‌ର ପୋଷ୍ଟ ଗ୍ରାଜୁଏଟ୍ ମେସ୍‌ରେ ରହିଲି, ଅଧ୍ୟାପକ ମହେଶ୍ୱର ଦାଶ ଏହାର ସୁପରିଣ୍ଟେଣ୍ଡେଣ୍ଟ । ଭଲ ଅନ୍ଧାରିଆ ରୁମ୍‌ଟିରେ କୌଣସି ଛାତ୍ର ରହିବାକୁ ରାଜି ହେଉ ନ ଥିଲେ । ମୁଁ ନାମକୁ ମାତ୍ର ସିଟ୍‌ରେଣ୍ଟ ଦେଇ ସେ କୋଠରୀରେ ରହିଲି । ଅନ୍ୟ ରୁମ୍‌ମାନଙ୍କରେ ଏକାଧିକ ଛାତ୍ର ରହିଲେ ମଧ୍ୟ ଏ ରୁମ୍‌ରେ ମୁଁ ଏକା; ଏଇ ସୁବିଧା । ଦିନରେ ଆଲୁଅ ଜାଳି ପଢ଼ିବାକୁ ହୁଏ, କଲିକତାର ବଡ଼ ବଡ଼ ଅଫିସ-ମାନଙ୍କରେ ତ ଦିନରେ ଆଲୁଅ ଜଳେ, ତେଣୁ ଅସ୍ୱାଭାବିକ ଲାଗୁ ନ ଥାଏ ।

ମହେଶ୍ୱରବାବୁଙ୍କ ସାହାଯ୍ୟରେ ଦରମାରୁ ଅବ୍ୟାହତି ପାଇବାଲାଗି ଚେଷ୍ଟା କଲି । ବିଶ୍ୱବିଦ୍ୟାଳୟର ସେକ୍ରେଟେରୀଙ୍କୁ ଦେଖା କରିବାକୁ ସେ କହିଲେ – 'ତୋମାଦେର ସରକାର ନେଇ ? ଏଖାନେ କେନ ଏଲେନ୍ ? ଆମି ତୋମାର କେସ୍ କନ୍‌ସିଡର କରତେ ପାର୍‌ବୋନା ।'

ମହେଶ୍ୱରବାବୁ ମୋତେ ଉପାଚାର୍ଯ୍ୟ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନିକଟକୁ ନେଇଗଲେ ଓ ମୁଁ ସହଜରେ ଦରମାରୁ ଅବ୍ୟାହତି ପାଇଗଲି । ସେ ଦିନର ଗୋଟିଏ ଛୋଟ ଘଟଣା ମନେ ପଡ଼େ । ଡକ୍ଟର ଶ୍ୟାମାପ୍ରସାଦଙ୍କ ବସାକୁ ଯିବା ଲାଗି ଟ୍ରାମ୍‌ରେ ଉଠୁଥିଲି । ପ୍ରଥମ ଥର ପିନ୍ଧିଥିବା ରବର ଜୋତା (ସେତେବେଳେ ହେଲା ଆଠ ଅଣା) ରୁ ପଟେ ଖସିଗଲା, ଟ୍ରାମ୍ ଚାଲିଗଲା । ସେ ପଟକ ଖୋଜି ଆଣିବା ଲାଗି ମୁଁ ବାକି ପଟକ ଫିଙ୍ଗି ଦେଲି । ଦରିଦ୍ର ଜୀବନର ସେ ଘଟଣା କରୁଣ, କିନ୍ତୁ ଏବେ ମଧୁର ଲାଗୁଛି ।

Digitized by srujanika@gmail.com

ଏମ୍. ଏ. ଶେଷବର୍ଷ ମୁଁ ଓଡ଼ିଶା ସରକାରଙ୍କଠାରୁ ମାସିକ ଦଶ ଟଙ୍କା ପୋଷ୍ଟ ଗ୍ରାଜୁଏଟ୍ ବୃତ୍ତି ଲାଭ କରିଥିଲି । ଅଧ୍ୟାପକ ବିପିନବିହାରୀ ରାୟ ମୋ ନିକଟକୁ ସ୍ୱତଃପ୍ରବୃତ୍ତ ହୋଇ ମାସିକ ସାତ ଟଙ୍କା ଲେଖାଏଁ ସାହାଯ୍ୟ ପଠାଇଥିଲେ (ତାଙ୍କ ଋଣ ଶୁଝିବା ଅସମ୍ଭବ) ।

ସେତେବେଳେ ହଷ୍ଟେଲରେ ଖିଆପିଆ ଉଚ୍ଚ ସ୍ତରର ଥିଲା । ସେହିବା ଖାକୁଡ଼ ମାଛର ଗୋଟିଏ ଖୋଳ. ଗଙ୍ଗା ଇଲିସିର ଝୋଲ୍, ତା ସହିତ ସାଦା ତରକାରୀ ବା ସୁକ୍ତ, ଡାଲି, ଭଜା, ଖଟା, ସରୁ ଅନ୍ନ ଓ ଲେମ୍ବୁ । ନିରାମିଷାଶୀ ମୁଁ, ମୋ ଲାଗି ପ୍ରତିଦିନ ସ୍ୱତନ୍ତ୍ର ଆଳୁଭରତା ହେଉଥିଲା – ଖାଇ ଖାଇ ଚଟା ଲାଗିଲା, ସଙ୍ଗଦୋଷ ବା ଗୁଣରେ ଦୀର୍ଘକାଳ ତ୍ୟକ୍ତ ଥିବା ମାଛ ପୁଣି ଖାଇଲି ।

ଓଡ଼ିଆ ବିଭାଗ

ବିଜୟଚନ୍ଦ୍ର ମଜୁମଦାର 'ସୋନପୁର' ଗଡ଼ଜାତର ଦେୱାନ୍ ଥିଲେ, ସୋନପୁର ମହାରାଜାଙ୍କ ଜୀବନଚରିତ ବଙ୍ଗଳାରେ ଲେଖିଥିଲେ । ବୋଧହୁଏ ତାଙ୍କର ପ୍ରଭାବରେ ମହାରାଜା ବୀର ମିତ୍ରୋଦୟ ସିଂହଦେଓ ଓଡ଼ିଆରେ ସ୍ନାତକୋତ୍ତର ବିଭାଗ ଖୋଲିବା ଓ ଗବେଷଣା କରିବା ଲାଗି କଲିକତା ବିଶ୍ୱବିଦ୍ୟାଳୟକୁ ପଚିଶ ହଜାର ଟଙ୍କା ଦାନ କରିଥିଲେ । ଏହାକୁ ମହାରାଜାଙ୍କ ଅପୂର୍ବ ଜାତୀୟ ଚେତନା ଓ ଓଡ଼ିଆ ସାହିତ୍ୟ ପ୍ରୀତି ବୋଲିବାକୁ ହେବ । ସେ ସମୟରେ ଏହା ଏକ ଦୁଃସାହସ । ଓଡ଼ିଆ ଭାଷା ଓ ସାହିତ୍ୟର ସ୍ଥିତି, ଗତି ଯାହା, ସେଥିରେ ଭାରତୀୟ ସ୍ନାତକୋତ୍ତର ବିଭାଗରେ ଏହା ପ୍ରକୃତ-ପକ୍ଷେ ଏକ ଉଚ୍ଚାସନ ଲାଭ । ତେବେ ଓଡ଼ିଆର ଅସ୍ତିତ୍ୱ ଦୋଳାୟମାନ ଅବସ୍ଥାରେ ଥିଲା । ବଙ୍ଗାଳୀ ଶିକ୍ଷିତ ସମାଜରେ ବଙ୍ଗଳା ସହିତ ସମାସନ ଲାଭ ତା ପକ୍ଷରେ ନିଶ୍ଚୟ ଏକ ଗୌରବର ସୂଚନା ।

ବୋଧହୁଏ ଏହି ଟଙ୍କାର ସୁଧରେ ବିଜୟ ଚନ୍ଦ୍ର 'Selections from Oriya Literature' ସଙ୍କଳନ ଉଦ୍ୟମ କଲେ ଓ ଏହି କାର୍ଯ୍ୟରେ ସାହାଯ୍ୟ କରିବା ଲାଗି ଜଣେ ଓଡ଼ିଆ ପଣ୍ଡିତ ପଠାଇବାକୁ 'ଉତ୍କଳ ସାହିତ୍ୟ' ପତ୍ରିକାର ସମ୍ପାଦକ ଶ୍ରୀ ବିଶ୍ୱନାଥ କରଙ୍କ ନିକଟକୁ ପତ୍ର ଲେଖିଲେ । ବିଶ୍ୱନାଥ ବିନାୟକ ମିଶ୍ରଙ୍କୁ କଲିକତା ପଠାଇଲେ । ଏହା ୧୯୨୦ ମସିହା କଥା । ପଣ୍ଡିତ ନୀଳକଣ୍ଠ ଦାସ ନୂଆ ଭାବେ ଓଡ଼ିଆ ଅଧ୍ୟାପକ ହୋଇ ଆସିଥାନ୍ତି । ୧୯୨୧ରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର ଆହ୍ୱାନ ଆସିବାରୁ ଓଡ଼ିଆ ଅଧ୍ୟାପନା ଓ ଗବେଷଣାରେ ଜଳାଞ୍ଜଳି ଦେଇ ସେ ଚାଲିଗଲେ । ସେତେବେଳେ ଗୁଣଗ୍ରାହୀ ଉପାଚାର୍ଯ୍ୟ ସାର୍ ଆଶୁତୋଷ ସାହିତ୍ୟିକ, ବିଜ୍ଞ ଓ ଯୋଗ୍ୟ ଲୋକମାନଙ୍କୁ ଏମ୍. ଏ. ଡିଗ୍ରୀ ହାସଲ କରି ନଥିଲେ ମଧ୍ୟ ଅଧ୍ୟାପକ ଭାବେ ନିଯୁକ୍ତି ଦେଉଥିଲେ,

Digitized by srujanika@gmail.com

ଏଇ ପିଢ଼ି ବା ଧାରା ଶ୍ରୀ ମିଶ୍ରଙ୍କ ସମୟରେ ପରିବର୍ତ୍ତନ ଘଟାଇଲା । ବିଜୟଚନ୍ଦ୍ର ନୀଳକଣ୍ଠଙ୍କ ପରେ ଓଡ଼ିଆ ଅଧ୍ୟାପକ ହୋଇଥିଲେ । ତାଙ୍କ ଚେଷ୍ଟାରେ ବିନାୟକ ମାସିକ ୫୦ ଟଙ୍କା ବେତନରେ ସହକାରୀ ଓଡ଼ିଆ ଅଧ୍ୟାପକ ଭାବେ ନିଯୁକ୍ତ ହେଲେ । ୧୯୩୨ରେ ସେ ଅଧ୍ୟାପକ ପଦକୁ ଉନ୍ନୀତ ହେଲେ ଓ ମାସକୁ ପଞ୍ଚସ୍ତରି ଟଙ୍କା ବେତନ ପାଇଲେ । ଏହି ପ୍ରକାରେ ଓଡ଼ିଆ ସାହିତ୍ୟଇତିହାସରେ ନୂତନ ଅଧ୍ୟାୟ ଖୋଲିଲା । ପ୍ରାୟ ତେର ଜଣ ଛାତ୍ର କଲିକତାରୁ ଓଡ଼ିଆରେ ଏମ. ଏ. ଡିଗ୍ରୀ ଲାଭ କରିଥିଲେ । କିନ୍ତୁ ଓଡ଼ିଶାରେ ଦୀର୍ଘକାଳ ଓଡ଼ିଆ ଏମ୍ ଏ. ଡିଗ୍ରୀକୁ କୌଣସି ଗୁରୁତ୍ୱ ଦିଆଯାଇ ନ ଥିଲା । କଲିକତା ବିଶ୍ୱବିଦ୍ୟାଳୟରୁ ପ୍ରଥମ ଓଡ଼ିଆ ଏମ୍. ଏ. ଡିଗ୍ରୀ ପ୍ରାପ୍ତ ଶ୍ରୀ ଲୋକନାଥ ମହାପାତ୍ର ପ୍ରାୟ ସାରାଜୀବନ ଶିକ୍ଷକ ଭାବେ କଟାଇଥିଲେ । ଦର୍ଶନ, ଇତିହାସ, ସଂସ୍କୃତ ଡିଗ୍ରୀ ପ୍ରାପ୍ତ ବ୍ୟକ୍ତିମାନଙ୍କୁ ଓଡ଼ିଆ ଅଧ୍ୟାପନାର ସୁଯୋଗ ଦିଆଯାଇଥିଲା । ଆଦ୍ୟ ଅବସ୍ଥାରେ ଓଡ଼ିଆ ଏମ୍. ଏ.ମାନେ ବିଶେଷ ଅବହେଳିତ ହୋଇଥିଲେ । ଏହା କର୍ତ୍ତାମାନଙ୍କର ଅପରିଣାମଦର୍ଶିତା ନିଶ୍ଚିତଭାବେ ।

ଓଡ଼ିଆରେ ଏମ୍. ଏ. ପଢ଼ିବାକୁ କ୍ୱଚିତ୍ କେହି କଲିକତା ଯାଉଥିଲେ । ତେଣୁ ପଣ୍ଡିତ ବିନାୟକ ପୁସ୍ତକରଚନା ଓ ଗବେଷଣାରେ ହିଁ ଲାଗିଥିଲେ । ଶ୍ରୀ ମହେଶ୍ୱର ଦାଶଙ୍କ ଘର ମେଦିନୀପୁରରେ; ଓଡ଼ିଆ ହେଲେ ବି ସେ ଖାଣ୍ଟି ଓଡ଼ିଆ କହିପାରୁ ନ ଥିଲେ. ସଂସ୍କୃତ ଓ ବଙ୍ଗଳା ଉଭୟରେ ଏମ୍. ଏ., ଏକାନ୍ତଭାବେ କୃତୀ । କିନ୍ତୁ ଓଡ଼ିଆରେ ଏମ୍. ଏ. ପାସ୍ କରି ନ ଥିଲେ ।

ଏକ ସାଧାରଣ ଶ୍ରେଣୀରେ ସେ ବଙ୍ଗଳା, ହିନ୍ଦୀ, ଓଡ଼ିଆ, ତେଲୁଗୁ, ତାମିଲ, ଗୁଜରାଟୀ. ମରହଟ୍ଟୀ ଛାତ୍ରମାନଙ୍କୁ ଭେଟୁଥିଲେ – ପଢ଼ାଉଥିଲେ ରାଜଶେଖରଙ୍କ ପ୍ରାକୃତ ନାଟକ କର୍ପୂରମଞ୍ଜରୀ । ସେହିପରି ଏକ ସାଧାରଣ ଶ୍ରେଣୀରେ ଡକ୍ଟର ବେଣୀ ମାଧବ ବଡ଼ୁଆ ପାଲି, ଡକ୍ଟର ସୁନୀତିକୁମାର ଚାଟାର୍ଜୀ ଭାଷାତତ୍ତ୍ୱ ପଢ଼ାଉ ଥିଲେ । ଅଧ୍ୟାପକ ପ୍ରିୟରଞ୍ଜନ ସେନ୍ ମୋର ଅନ୍ୟତମ ଅଧ୍ୟାପକ ଥିଲେ । ସେ ଇଂରେଜୀରେ ଏମ୍. ଏ., ସଂସ୍କୃତରେ କାବ୍ୟତୀର୍ଥ, ପ୍ରେମଚାନ୍ଦ—ରାୟଚାନ୍ଦ ଡିଗ୍ରୀଧାରୀ, ବଙ୍ଗଳାସାହିତ୍ୟରେ ଜଣେ ପ୍ରବୀଣ ବ୍ୟକ୍ତି ଥିଲେ । ସେ ପ୍ରେମଚାନ୍ଦଙ୍କ 'ଗୋଦାନ' ପ୍ରଭୃତି ଉପନ୍ୟାସ ବଙ୍ଗଳାରେ ଅନୁବାଦ କରିଥିଲେ । ସେ କଟକ କଲେଜିଏଟ ସ୍କୁଲର ଛାତ୍ର ଥିଲେ, କିଛିକିଛି ଓଡ଼ିଆ ଜାଣିଥିଲେ, Calcutta-Reviewରେ ରାଧାନାଥ, ମଧୁସୂଦନ, ଫକୀରମୋହନ ପ୍ରଭୃତିଙ୍କୁ ଅବଲମ୍ବନ କରି ଇଂରାଜୀରେ ପ୍ରବନ୍ଧମାନ ଲେଖିଥିଲେ ଓ ସେ ସମସ୍ତ History of Modern Oriya Literature ନାମରେ ସଂକଳନ କରିଥିଲେ । କିନ୍ତୁ ଏହି ସୁଲିଖିତ ପୁସ୍ତକଟି ବିକ୍ରି ହେଲା ନାହିଁ ବୋଲି ଶ୍ରୀ ସେନ୍ ମୋ

Digitized by srujanika@gmail.com

ରାଗରେ କ୍ଷୋଭ ପ୍ରକାଶ କରିଥିଲେ । ଫର୍ମା ସବୁ ଅବନ୍ଧା ଅବସ୍ଥାରେ ତାଙ୍କ ଘରେ ପଡ଼ି ପଡ଼ି ନଷ୍ଟ ହୋଇଗଲା ।

ଅଧ୍ୟାପକ ସେନ୍ ମୋତେ 'ସମରତରଙ୍ଗ' ପଢ଼ାଉଥିଲେ, ଗାଉଁଲି ଓଡ଼ିଆ ଶବ୍ଦଗୁଡ଼ିକର ଅର୍ଥ ମୁଁ ତାଙ୍କୁ କହି ଦେଉଥିଲି । କିନ୍ତୁ ଅତି ଚମତ୍କାରଭାବରେ ସେ ସମାଲୋଚନାର ଧାରା ବତାଇ ଦେଉଥିଲେ । 'ମହାଯାତ୍ରା' ସହିତ ତାଙ୍କର 'ମେଘନାଦ ବଧ', 'ପାରାଡ଼ାଇଜ୍ ଲଷ୍ଟ'ର ତୁଳନାତ୍ମକ ଆଲୋଚନା ଅପୂର୍ବ ହେଉଥିଲା । ପଣ୍ଡିତ ବିନାୟକ ମନମୋହନ ଚକ୍ରବର୍ତ୍ତୀଙ୍କ ଇଂରାଜୀରେ ଲିଖିତ ଓଡ଼ିଆ ସାହିତ୍ୟର ଇତିହାସରୁ ବୃତ୍ତି ଓ ଯୁଗ ମଧ୍ୟରେ ଥିବା ତାରତମ୍ୟ ଦର୍ଶାଉଥିଲେ । ମୁଁ ତାଙ୍କର ଓଡ଼ିଆ ଭାଷାର ଇତିହାସ ଓ ଓଡ଼ିଆ ସାହିତ୍ୟର ଇତିହାସ ପଢ଼ିଥିଲି । ସେତେବେଳକୁ ଖଣ୍ଡିଏ ହେଲେ ଓଡ଼ିଆ ସମାଲୋଚନା ବହି ପ୍ରକାଶ ପାଇ ନ ଥିଲା । ମୁଁ 'ଉତ୍କଳସାହିତ୍ୟ', 'ସହକାର', 'ନବଭାରତ'ର ପ୍ରବନ୍ଧରୁ ଯତ୍‌ସାମାନ୍ୟ ନୋଟ କରୁଥିଲି ।

ସେତେବେଳେ ଡକ୍ଟର ନୀହାରରଞ୍ଜନ ରାୟ କଲିକତା ବିଶ୍ୱବିଦ୍ୟାଳୟ ପାଠାଗାରର ଗ୍ରନ୍ଥାଗାରିକ । ତାଙ୍କଠାରୁ ଅନୁମତି ନେଇ ମୁଁ ଓଡ଼ିଆ ବହିସବୁ ସଜାଡ଼ିଲି । ପୋଷ ପୋଷ କଳା ଚୁଣ, ଧୂଳି ଅଳନ୍ତୁ ଜମି ରହିଥିଲା । ଝାଡ଼ାଝୁଡ଼ି କରି ଚେପା, ଲେତରା, ଚିରା, ଫର୍ମ ମରା ବହିଗୁଡ଼ିକ ସଜାଡ଼ି ରଖିଲି । ସାରାଦିନ ସକାଳୁ ସନ୍ଧ୍ୟା ଲାଇବ୍ରେରୀରେ ବସି ପଢ଼ାପଢ଼ି କରେ । ମଝିରେ ଆସି ଖାଇ ଦେଇ ଯାଏ । କିନ୍ତୁ ପଢ଼ାରେ ନିବିଷ୍ଟ ହୋଇ ପାରିଲିନାହିଁ, ମୁଁ ସିନା ଓଡ଼ିଆ ଆନ୍ଦୋଳନକୁ ଖୋଜିଲି, ଓଡ଼ିଆ ଆନ୍ଦୋଳନ ମୋତେ ଖୋଜୁଛି କେଉଁଠି ? ସେ କାଳେ ଏତ ଭଲ ଏତେ ନେତା ନ ଥିଲେ । ମୁଁ ମଝିରେ ମଝିରେ ଯାଇ ସଭାରେ ଯୋଗ ଦେଲି । ଓଡ଼ିଆ ବସ୍ତିସବୁ ବୁଲି ଦେଖିଲି । ଓଡ଼ିଆମାନଙ୍କ ଦୁରବସ୍ଥା ଉଲ୍ଲେଖ କରିଛି । ପରିଶିଷ୍ଟ ଡାଇରି ଦ୍ରଷ୍ଟବ୍ୟ ।

ଶ୍ରୀ ଗୋପାଳ ମଲ୍ଲିକ ଲେନର ମେସକୁ ଗଳିପଟରେ ମୋର ଅଭାବ ଚଢ଼ିଥିଲା ଓ ମୁଁ ଗୋଟିଏ ଟିଉସନ ଧରିଥିଲି—ପାଞ୍ଚୋଟି ପିଲା । ପଞ୍ଚଷ୍ଠ ରମ୍ଭର ଦୁଇମାସ ପୂର୍ବରୁ ପଢ଼ାଇଥିଲି । ପାଞ୍ଚୋଟିରୁ ଦୁଇଟି ପାସ୍ କଲେ, ତିନୋଟି ଫେଲ୍ ହେଲେ । ସାରା ଜୀବନ ମୁଁ ଶିକ୍ଷକତା କରି ଆସିଛି । ଟିଉସନବଜାରରେ ନମାପଡ଼ା ଓ କଟକରେ ମୋର ପ୍ରତିଷ୍ଠା ଥିଲା— କିଛି ଅହଙ୍କାର ବି ଥିଲା । ମନେମନେ ଆହତ ହେଲି । ପୁଣି ବିଚାରିଲି ମୂଳଦୁଆ ଖରାପ; ଫଟା କାନ୍ଥରେ ମାଟି ଲେପି ଯେତେ ଲିପାପୋଛା କଲେ କଣ ହେବ ? ସମସ୍ତ ଦରକାର । ଦୁଇ ମାସରେ କି କୁହୁକ ବିଦ୍ୟା ମୁଁ ଦେଖାଇ ପାରିଥାନ୍ତି ?

Digitized by srujanika@gmail.com

'ପୂଜାଛୁଟିରେ ଉତ୍ତର ଭାରତ ଭ୍ରମଣରେ ଯିବା ପ୍ରସ୍ତାବ ହେଲା । ସ୍ନାତକୋତ୍ତର ବନ୍ଧୁ ବଙ୍ଗାଳୀ ପିଲା ବାହାରିଲେ, ଦରଖାସ୍ତ କରିଥିଲେ ବି ମୋ ନାଆଁଟି ତାଲିକାରେ ଉଠିଲାନାହିଁ । ପ୍ରତ୍ୟେକ କଥାରେ କଣ କର୍ତ୍ତାଙ୍କ ସଙ୍ଗେ ଲଢ଼େଇ କରିବାକୁ ହେବ ? ପୁଣି ଅଧ୍ୟାପକ ମହେଶ୍ୱର ଦାଶଙ୍କ ସଙ୍ଗରେ ଯେଣୁ ଡକ୍ଟର ଶ୍ୟାମାପ୍ରସାଦ ମୁଖୋପାଧ୍ୟାୟଙ୍କ ସଙ୍ଗେ ସାକ୍ଷାତ କଲି । ତାଙ୍କ ଇଙ୍ଗିତ ମାତ୍ରେ ମୋ ନାମଟି ତାଲିକାର ଅନ୍ତର୍ଭୁକ୍ତ ହୋଇଗଲା । ୧୯୪୦ରେ ମୁଁ ଡାଇରିରେ ସେଇ ଭ୍ରମଣର ଯତ୍ସାମାନ୍ୟ ଟିପି ରଖିଥିଲି । ୧୯୫୦ରେ ମୋର ପ୍ରଥମ ଭ୍ରମଣକାହାଣୀ 'ଲଙ୍କାଯାତ୍ରୀ' ପ୍ରକାଶିତ ହେଲା । ତାର ଦଶ ବର୍ଷ ପୂର୍ବରୁ ପରବର୍ତ୍ତୀ କାଳରେ ଏହି ଭଳି ବିପୁଳ ସାହିତ୍ୟ ଲେଖିବାର ସଂକଳ୍ପ ମୋର ଟିପା ଖାତାରେ ହିଁ ନିହିତ ଥିଲା । ଏହାକୁ ମୋର ପ୍ରଥମ ଭ୍ରମଣକାହାଣୀ ବା ଟିପାଖାତା ଯାହା କହୁ କୁହା ଯାଇପାରେ । ମୋ ସାହିତ୍ୟିକ ବିକାଶ ଜାଣିବା ଲାଗି କ୍ୱଚିତ୍ ଯାହାଙ୍କୁ ଆଗ୍ରହୀ କରିବ, ଏଇ ବିଶ୍ୱାସରେ ଯତ୍ସାମାନ୍ୟ ଉଦ୍ଧାର କଲି—

ଉତ୍ତର ପଥେ

ଯତୀନ୍ ବାବୁ (ବଙ୍ଗଳା ଅଧ୍ୟାପକ)ଙ୍କ ନେତୃତ୍ୱରେ ସେଇ ରାତି ନ'ଟା ଗାଡ଼ିରେ ଯାତ୍ରା କଲୁ । ପ୍ରଫେସରବାବୁଙ୍କ ଘରେ ଜଣେ ଓଡ଼ିଆ 'ଠାକୁର'ଙ୍କ ସହିତ ପରିଚୟ ହେଲା । ନିଜ ପାଠରେ ଜଳାଞ୍ଜଳି ଦେଇ ବ୍ରାହ୍ମଣ ପିଲାଟି କିପରି ଚୁଲି ମୁଣ୍ଡରେ ସିଝୁଛି ଏବଂ ନାନା ଗାଳି ସହ୍ୟ କରୁଛି ସବୁ ଜଣାଇ ଅଶ୍ରୁମୋଚନ କରିଥିଲା ଏବଂ ମୋ ଭାଗ୍ୟ ସହିତ ନିଜ ଭାଗ୍ୟକୁ ତୁଳନା କରି କପାଳରେ କରାଘାତ କରିଥିଲା ।

ଗାଡ଼ି ଭିତରେ ହୋଲ୍ଡଲ ପକାଇବାକୁ ସ୍ଥାନ ନାହିଁ । କୌଣସିମତେ କନ୍ଧୁଣୀ ମାରି ଭିତରେ ପଶିଲୁ । ଷ୍ଟେସନ ଗଲେ । ଅନେକ ଯାତ୍ରୀ ଛିଡ଼ା ହୋଇଥାନ୍ତି । ଗାଡ଼ି ଗର୍ଜନ କରି ଚାଲିଲା । ବଡ଼ି ସକାଳୁ ଗୟାରେ ପହଞ୍ଚିଲା ।

ସେଦିନ ରାତିଟି ବଡ଼ ମନୋହର । ଆକାଶରେ ଦ୍ୱିତୀୟା ଚନ୍ଦ୍ର, ତାରକାମଣ୍ଡଳର ଜ୍ୟୋତି ପୂର୍ଣ୍ଣ ବିକାଶ ଲାଭ କରିଥାଏ । କୁହୁଡ଼ିମିଶା ଶୀତଳ ପବନ ପ୍ରାଣ ପୁଲକିତ କରୁଥାଏ ।

ଗୟା ଷ୍ଟେସନରେ ପଣ୍ଡାମାନେ ଚଉଆଡ଼େ ଗଣଗଣିଆ ମାଛି ପରି ବେଢ଼ିଗଲେ । ସମସ୍ତଙ୍କୁ ଫାଙ୍କି ଦେଇ ଆମ୍ଭେମାନେ ଢକଖଣ୍ଡ ଟଙ୍ଗା କରି 'ଭାରତ ସେବାଶ୍ରମରେ ପହଞ୍ଚିଲୁ । ସେଠାରେ ଅନେକ ବାଙ୍ଗ ଛାତ୍ର । ସେମାନେ ଆମର ଖାଇବାପିଇବାର ସମସ୍ତ ବନ୍ଦୋବସ୍ତ କରିଥିଲେ ।

Digitized by srujanika@gmail.com

ଫଲ୍‌ଗୁବଗିଚାଗୁଡ଼ିକ ସୁନ୍ଦର । ନାନା ଫଳରେ ବଗିଚାଟିଏ ପରିପୂର୍ଣ୍ଣ । ଆଶ୍ରମ ଚତୁର୍ଦ୍ଦିଗରେ ଶସ୍ୟକ୍ଷେତ । ଟାଉନର ଲୋକସଂଖ୍ୟା ୯୭୦୦୦ । ଫଲ୍‌ଗୁ ନଦୀ କଳ କଳ ନାଦରେ ବହମାନା, ଅପରବେଳା 'ବୁଦ୍ଧଗୟା' ଦର୍ଶନ କରିବାକୁ ବାହାରିଲୁ, ପ୍ରାୟ ଗୟାଠାରୁ ଛ' ମାଇଲ ଦୂରରେ ଅବସ୍ଥିତ, ଅସଂଖ୍ୟ ବୌଦ୍ଧ ମୂର୍ତ୍ତି ଓ କାରୁକାର୍ଯ୍ୟ ଦେଖି ମୁଗ୍ଧ ହୋଇଥିଲି । ବୌଦ୍ଧ ମୂର୍ତ୍ତି ଖୁବ୍ ବଡ଼ । ମନ୍ଦିର ବେଶୀ ଉଚ୍ଚ ନୁହେଁ । ମନ୍ଦିରର ଉତ୍ତରକୋଣରେ ଗୋଟିଏ ମୁକୁଟର ବିଭିନ୍ନ ଶାଖା ପରି ୪ଟି ମନ୍ଦିର ଅବସ୍ଥିତ । ମନ୍ଦିରର ବେଢାରେ ଅସଂଖ୍ୟ ଖୋପ । ପ୍ରତି ଖୋପରେ ବୌଦ୍ଧ ମୂର୍ତ୍ତି ଥିବାର ପ୍ରବାଦ ଅଛି । କିନ୍ତୁ ବର୍ତ୍ତମାନ ଖୋପଗୁଡ଼ିକ ଶୂନ୍ୟ । ମନ୍ଦିରର ଶୀର୍ଷ ଦେଶରେ ଗୋଟିଏ ପ୍ରସ୍ତର ପଦ୍ମ, ମୂର୍ତ୍ତିସବୁ କାରୁକୌଶଳ ଚମତ୍କାର । ଚତୁର୍ଦ୍ଦିଗରେ ଅନେକ ଭଗ୍ନସ୍ତୂପ ବିଦ୍ୟମାନ । ବିଭିନ୍ନ ମୂର୍ତ୍ତିର କଙ୍କାଳ, ଭଗ୍ନଦସ୍ତ ପଥରେ ଚତୁର୍ଦ୍ଦିଗ ପୂର୍ଣ୍ଣ ହୋଇ ଶ୍ମଶାନ ବତ୍‌ପ୍ରତୀୟମାନ ହେଉଛି । ନିକଟରେ ପୁଷ୍କରିଣୀ, ମନ୍ଦିର ଉତ୍ତରଦିଗରେ ଉତ୍ତରଦ୍ୱାର; ବୋଧିବୃକ୍ଷ ମନ୍ଦିରର ଗୋଟିଏ କଡ଼କୁ ବିଦ୍ୟମାନ ; ତାହା ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର ପତାକାରେ ପରିଶୋଭିତ ହୋଇଅଛି । ଏହି ବୃକ୍ଷତଳରେ ବୁଦ୍ଧ ବୁଦ୍ଧତ୍ୱ ଲାଭ କରିଥିଲେ, କିଂବଦନ୍ତୀ ।

ନିକଟରେ ରାମ ଲକ୍ଷ୍ମଣ ସୀତା, ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଏବଂ ଶିବମୂର୍ତ୍ତି ବିଦ୍ୟମାନ । ଶଙ୍କରାଚାର୍ଯ୍ୟ ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ଯୁକ୍ତିରେ ପରାସ୍ତ କରି ବ୍ରାହ୍ମଣ୍ୟ ଧର୍ମର ପୁନଃପ୍ରତିଷ୍ଠା କରିଥିଲେ । ତାର ସ୍ମୃତିଚିହ୍ନ ସ୍ୱରୂପ ଅସଂଖ୍ୟ ଶିବମୂର୍ତ୍ତି ବୁଦ୍ଧ ଗୟା ଉପରକଣ୍ଠବର୍ତ୍ତୀ ମନ୍ଦିରମାନଙ୍କରେ ପ୍ରତିଷ୍ଠିତ ହୋଇଥିଲା । ଅଦୂରରେ ଶଙ୍କରାଚାର୍ଯ୍ୟଙ୍କର ବିରାଟ ମଠ; ବେଦପାଠ, ଶିବପୂଜା, କାଳଭୈରବ ମୂର୍ତ୍ତି, ଲାଇବ୍ରେରୀ—ପାଣ୍ଡୁଲିପି ଦର୍ଶନ କରି କରି ଫଲ୍‌ଗୁ ନଦୀର ତୀରେ ତୀରେ ବସାକୁ ବାହୁଡ଼ି ଆସିଲୁ । ଦନମଣି ଅପ୍ରାପ୍ୟ । ଗୋଟିଏ ବଙ୍ଗାଳୀ ହୋଟେଲରେ ଖାଇବା ବ୍ୟବସ୍ଥା । ରାତି ଗାଡ଼ିରେ ମୋଗଲସରାଇରୁ ବନାରସ ଗଲୁ ।

ବନାରସରେ ପ୍ରାୟ ୩୦୦ ଘାଟ—ମଣିକର୍ଣ୍ଣିକା, ଦଶାଶ୍ୱମେଧ ଘାଟ, ପଞ୍ଚଗଙ୍ଗା ଘାଟ, ବ୍ରହ୍ମଘାଟ, ଇତ୍ୟାଦି—ପ୍ରତି ଘାଟରେ ଗୋଟିଏ ଗୋଟିଏ ବଡ଼ ଛତା ତଳେ ଜଣେ ପଣ୍ଡା ଫୁଲ ଚନ୍ଦନ, ପାନିଆ ଦର୍ପଣ ନେଇ ବସିଥାନ୍ତି । ତେଲପସରା ସ୍ଥାନେ ସ୍ଥାନେ ବସିଥାଏ । ସ୍ନାନର ବେଶ୍ ସୁବିଧା କରାଯାଇଛି । ମଣିକର୍ଣ୍ଣିକାର ସୁପ୍ରସିଦ୍ଧ ମଣିକର୍ଣ୍ଣିକେଶ୍ୱର ଶ୍ମଶାନ ଧୁଣୀ—ଅର୍ଘ—ସଂକଳ୍ପ—ମନ୍ତ୍ରମାନଙ୍କ ସନ୍ତରଣ—ପଣ୍ଡାମାନଙ୍କ କୋଳାହଳ—ଗଙ୍ଗା ମଧ୍ୟସ୍ଥ ମନ୍ଦିର ବେଣୀମାଧବର ଧ୍ୱଜା—

ଗଙ୍ଗାର ଅନନ୍ତ ବକ୍ଷଗତ—ଅମ୍ବରର ରଙ୍ଗୀନ ସ୍ୱପ୍ନ—ଚତୁର୍ଥୀ ଚନ୍ଦ୍ରର ଆପାଣ୍ଡୁର କୋମଳ ଜ୍ୟୋତ୍ସ୍ନା, ବାମଦିଗେ ଅନ୍ଧକାରମୟ ଚକ୍ରବାଳରେ ନୀଳ ବନରେଖା,

Digitized by srujanika@gmail.com

ଅନେକେତ ଲହରୀମାଳାରେ ଅଗଣିତ ଶୁଭ୍ର ତାରକା ସହ ନଭ-ବିତାନର ପ୍ରତିବିମ୍ବ ସ୍ୱଚ୍ଛ ଜଳରେ ପ୍ରତିଫଳିତ ତୀରସ୍ଥ ବିଜୁଳି ଆଲୋକମାଳା—ଜଳବକ୍ଷରେ ସୁବର୍ଣ୍ଣ ଲତିକା ପରି କ୍ରୀଡ଼ାଲୋକ ଦୃଶ୍ୟମାନ ହେଉଥାଏ । ଏ ମଧ୍ୟରେ 'ବିଚଳିକୁ ଆଲିଙ୍ଗନ' ସଙ୍ଗୀତଗାନ ସମୟୋପଯୋଗୀ ହୋଇଥିଲା ।

ବିଶ୍ୱେଶ୍ୱର ମନ୍ଦିର ଦର୍ଶନ—ମନ୍ଦିରର ସ୍ୱର୍ଣ୍ଣଚୂଡ଼ା—ରୌପ୍ୟଦ୍ୱାର, ଆଳତି ଦର୍ଶନ, ସାତ ଜଣ ପଣ୍ଡା ଆଳତି କରନ୍ତି । ଜଣେ ସ୍ତବର ସ୍ତୁଲେ । ଡମ୍ବରୁ, ଦୁନ୍ଦୁଭି ଓ ଘଣ୍ଟା ବଜାଯାଏ, ସପ୍ତଶିଖ ଆଳତି, ବଂ ବଂ ଶିବନାଦ, ସପ୍ତଫେଣୀ ନାଗବେଶ, ପୁଷ୍ପ ମାଳାବିଭୂଷିତ ଲକ୍ଷ୍ମୀନାରାୟଣ, ପଞ୍ଚପାଣ୍ଡବ, ଶିବପାର୍ବତୀ, ରାଧାକୃଷ୍ଣ ମୂର୍ତ୍ତି ବଡ଼ ଚମତ୍କାର—ହିନ୍ଦୁ ବିଶ୍ୱବିଦ୍ୟାଳୟ—ଲାଇବ୍ରେରୀ ।

ସାରନାଥ ଗମନ

୧୯୧୬ ବର୍ଷ ତଳର କୀର୍ତ୍ତି—ସାରନାଥ ଗୋଟିଏ ବିରାଟ ନଗର ପରି ପ୍ରତୀୟମାନ ହୁଏ । ଚତୁର୍ଦ୍ଦିଗରେ ପ୍ରାଚୀରର ଚିହ୍ନ ଅଦ୍ୟାପି ପରିଦୃଷ୍ଟ । ଅସଂଖ୍ୟ ବୌଦ୍ଧ ବିହାର—ପ୍ରତ୍ୟେକ ବୌଦ୍ଧର ସ୍ୱତନ୍ତ୍ର କୋଠରୀ—ସୁଦୀର୍ଘ ସୁଡ଼ଙ୍ଗ—ତା ମଧ୍ୟରେ କୁମାରୀ ଦେବୀ ଦେବ ଦର୍ଶନ କରି ଯାଉଥିଲେ । ବୁଦ୍ଧଦେବଙ୍କ ସମାଧିମନ୍ଦିରର ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥା, ଇଷ୍ଟକମୂର୍ତ୍ତିକରେ ଲତା, ପୁଷ୍ପ ଫଳ ପତ୍ର ଚିତ୍ର ମନୋହର—ବୁଦ୍ଧଙ୍କ ଧର୍ମପ୍ରଚାର ସ୍ଥାନ—ଅଶୋକସ୍ତମ୍ଭ—ଶିଳାଲେଖ—ଜୀର୍ଣ୍ଣସ୍ତୂପ ପ୍ରତି ପୂର୍ବଶ୍ରୀ କରଣର ଅଚ୍ଛାଯ ।

ଗଙ୍ଗା ଯମୁନା ସଙ୍ଗମ (ପ୍ରୟାଗ)

ଗଙ୍ଗା ଯମୁନା ସଙ୍ଗମର ଅପୂର୍ବ ଦୃଶ୍ୟ—କବିର ପ୍ରଭିଲେପି···ଭିନ୍ନ ପ୍ରବାହ ଯମୁନା ତରଙ୍ଗୈଃ—ମସ୍ତକୋପରି ଅନନ୍ତ ଉଦାର ଆକାଶ—ଚତୁର୍ଦ୍ଦିଗରେ ଶସ୍ୟ-ଶ୍ୟାମଳା ଧରଣୀ—କ୍ଷୁଦ୍ର ମେଘମାଳାରେ ଦିଗନ୍ତର ଭ୍ରୂକୁଟ ଅନନ୍ତ · ମଧ୍ୟାହ୍ନର ଉଦାମ ଆଶ୍ଳେଷ—ତା ମଧ୍ୟରେ ଗଂଗା ଯମୁନାର ମଧୁର ମିଳନ; ଗଙ୍ଗା ଉନ୍ମତ୍ତା, ମୁଖର—ଯମୁନା ଧୀର, ଶୀତଳା, ଉତ୍କ୍ଷିପ୍ତ ତରଙ୍ଗମାଳ ଉତ୍ଫଣ ସର୍ପ ପ୍ରାୟ ଶୂନ୍ୟ ଦଂଶନ କଲାପରି ପ୍ରତୀୟମାନ—କବି ହୃଦୟରେ ଭାବାବେଶ ପରି ଯଥେଚ୍ଛ ଚଞ୍ଚଳ, ଲହରୀମାଳା ଯମୁନାର ବକ୍ଷଦେଶରେ ବିରାଜମାନ—ଧରଣୀ ଗଳାରେ ଯେପରି ଦୁଇଟି ମାଳା—ଗୋଟିଏ ଇନ୍ଦ୍ରନୀଳମଣି, ଅନ୍ୟଟି ମୁକ୍ତା ଫଳର—କିବା ଦୁଇଟି ପଦ୍ମମାଳା ଗୋଟିଏ ଶ୍ୱେତ, ଅନ୍ୟଟି ନୀଳ···ଯେପରି କି ଆଲୋକ ଛାୟାର ମିଶାମିଶି ଲୀଳା, କିନ୍ତୁ ଅନ୍ତରର ଭାବକୁ ଏଡ଼ି ମିଶି ପାରୁ ନାହାନ୍ତି । ନୀଳ ଯମୁନାର ଗୋଟିଏ ଢେଉ ଗୋଟିଏ ଜଳବୁଡ଼ା କାକ ପରି କ୍ରୀଡ଼ା କରୁଛି । ଗଙ୍ଗାର ଗୋଟିଏ ଢେଉ ଯମୁନାରେ ଗୋଟିଏ ଶ୍ୱେତ

Digitized by srujanika@gmail.com

ରାଧାକୃଷ୍ଣଙ୍କର ଆଲିଙ୍ଗନ ପରି ନେତ୍ର ପ୍ରୀତିପ୍ରଦ ବୋଧ ହେଉଛି । ବୁଦ୍‌ବୁଦ୍‌ ଗୁଡ଼ିକ ହଂସପରି ସନ୍ତରଣ କରୁଛି । ମିଳନ ସ୍ଥାନରେ ଦୁଇଟି ଢେଉ ଏକାଠି ମିଶି ଚାଲିବେଳେ କେଉଁ ଜଳଦେବୀର ଛିନ୍ନ ମୁକ୍ତାଫଳ ପରି ଭାସି ଉଠୁଛି — ଫେନପୁଞ୍ଜ ବରୁଣରାଜାଙ୍କର ମୁକୁଟ ଜରି ପରି ସ୍ରୋତ ପ୍ରବାହରେ ଭାସି ଯାଉଛି — ଆବର୍ତ୍ତ ପୂର୍ଣ୍ଣତା ସତ୍ତ୍ୱେ ଯେପରିକି ବିରାଟ ଶୂନ୍ୟତାର ସୂଚନା ଦେଉଛି ।

ଦିଲ୍ଲୀ

ହସ୍ତିନାପୁର ଭଗ୍ନସ୍ତୂପ, ଖଣ୍ଡହର, ଜୀର୍ଣ୍ଣ ଉଚ୍ଚ ପ୍ରାଚୀର । ପ୍ରତ୍ୟେକ ରେଣୁଟି ବିଜଡ଼ିତ — ମନରାଜ୍ୟର କୌଣସି ଜାଗାରେ ଯେପରିକି ହଜିଛି — ଆମେ ତାକୁ ଖୋଜୁଛୁ — ସେ ଯୁଗର କେତେ ଅଜ୍ଞାତ ମୃତ୍ତିକାରେ ମିଶିଗଲେଣି — କେତେ ନବ ସୃଷ୍ଟି — ଉତ୍‌ଥାନ ପତନ, ଦୁଃଖ ଆନନ୍ଦ, ମାୟା ମମତା ମନପ୍ରଦେଶରେ ଖେଳି ବୁଲେ ।

ସାହାଜାହାନ ନିର୍ମିତ ଜୁମା ମସଜିଦ୍ — ୫ ହଜାର ଶିଳ୍ପୀ ୬ ବର୍ଷ କାଳ ଏଥିରେ କାମ କରିଥିଲେ । ସାହାଜାହାନ ଗୋଟିଏ ସ୍ୱର୍ଗୀୟ ସ୍ୱପ୍ନ ଦେଖି ଏହା ନିର୍ମାଣ କରିଥିଲେ, କୁତୁବମିନାର, ସମ୍ରାଟଙ୍କ ନାମ ଓ ଶେଷ ହେବାର ତାରିଖ (୧୬୫୦ ଖ୍ରୀଷ୍ଟାବ୍ଦ) ଏଥିରେ ଲେଖା ଅଛି । ମିନାର ଉପରେ ମର୍ମରପଥରର ଗୋଟିଏ ଚନ୍ଦ୍ରାତପ ଅଛି ।

ଲାଲ୍‌କିଲା, ୧୬୩୯ରେ ସାହାଜାହାନଙ୍କ ଦ୍ୱାରା ନିର୍ମିତ । ଏଥିରେ ମୟୂର ସିଂହାସନ ଥିଲା । କୋହିନୂରର ହୀରା ଓ ବହୁ ନୀଳା, ମଣିମୁକ୍ତା ଥିଲା । ମରହଟ୍ଟାମାନେ ସବୁ ଲୁଣ୍ଠନ କରି ନେଇଥିଲେ । ୧୮୫୭ରେ ଏହା ଘୋଡ଼ାଶାଳ (ବ୍ରିଟିଶ୍ ସୈନ୍ୟଙ୍କର)ରେ ପରିଣତ ହୋଇଥିଲା । ବିଦ୍ରୋହ ପରେ ସେନାନିବାସରେ ପରିଣତ ହେଲା । ଏହା ମଧ୍ୟରେ ଅନେକ ସୁନ୍ଦର ସୁନ୍ଦର ପ୍ରାସାଦ ଅଛି । ଲାହୋର ଗେଟ୍ ୪୧ ଫୁଟ ଉଚ୍ଚ, ୨୪ ଫୁଟ ପ୍ରସ୍ଥ, ତିନି ମହଲା । ଆଉରଙ୍ଗଜେବ୍ ସାହାଜାହାନଙ୍କ ନିର୍ମିତ କାନ୍ଥର ଚତୁର୍ଦ୍ଦିଗରେ ଆଉ ଗୋଟିଏ ବଡ଼ ପାଚେରି ବୁଲାଇ ଦେଇଥିଲେ । 'ନକ୍‌କର ଖାନା'ରେ ପ୍ରତିଦିନ ଡ୍ରମ୍‌ ଓ ତୁରୀ ବଜୁଥିଲା । ବର୍ତ୍ତମାନ ଏହା ଯାଦୁଘରରେ ପରିଣତ ହୋଇଛି । ଘୋର ପରିବର୍ତ୍ତନ ଦେଖି ଉର୍ଦ୍ଦୁ କବିଙ୍କ ଉକ୍ତି ମନେ ପଡ଼େ —

"ଯେଉଁଠି ଆନନ୍ଦର ଜୁଆର ଛୁଟିଛି, ସେଠି ଦିନେ ଅବଶ୍ୟ ଦୁଃଖର ଭଟ୍ଟା ପଡ଼ିବ । ଆନନ୍ଦର କଳଧ୍ୱନି ସ୍ଥାନରେ ବିଳାପ ଓ ବେଦନା ଧ୍ୱନି ଶୁଣାଯିବ ।"

ଲାଲ୍‌ଦୁର୍ଗର 'ଦେବାନ୍‌ଆମ'ରେ ସମ୍ରାଟ ଲୋକମାନଙ୍କୁ ବ୍ୟକ୍ତିଗତ ସାକ୍ଷାତ୍ ଦେଉଥିଲେ । ସାଧାରଣଙ୍କୁ ପ୍ରବେଶ ଅଧିକାର ଥିଲା । ତେଣୁ ଏହାର ନାମ 'ଦେବାନ୍‌ଆମ' । ପର୍ବ ସମୟରେ ଏହା ସଜ୍ଜିତ ହେଉଥିଲା । ୧୮୫୭ ବିଦ୍ରୋହ କାଳରେ ଏହା ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା ।

Digitized by srujanika@gmail.com

ଦେୱାନଖାସ୍ ଭିତରେ ସ୍ତମ୍ଭକରେ ଶ୍ୱେତ ମାର୍ବଲ ସ୍ତମ୍ଭୁଆ, ଅନେକ ଖମ୍ବ, ଛାତରେ ସୁନାପାଣି ଦିଆଯାଇଥିଲା । ସ୍ତମ୍ଭସବୁ ହୀରା ନୀଳା ରତ୍ନାଦିରେ ଭୂଷିତ ହୋଇଥିଲା । ପ୍ରାସାଦ ମଧ୍ୟଭାଗରେ ୧୨ଫୁଟ ଓସାରର ଗୋଟିଏ ମାର୍ବଲ ନାଳ ଅଛି । ବର୍ତ୍ତମାନ ଶୁଷ୍କ । ଯମୁନା ସହିତ ସଂଯୁକ୍ତ ହୋଇ କପଣ ଏହା ମଧ୍ୟକୁ ଜଳ ଆସୁଥିଲା ବୁଝା ଯାଉନାହିଁ । ଏହା ମଧ୍ୟରେ ଗୋଟିଏ ମାର୍ବଲ ପୀଠ ଉପରେ ମୟୂରସିଂହାସନ ଥିଲା । ୧୭୩୯ ଖ୍ରୀଷ୍ଟାବ୍ଦରେ ନାଦିର ସାହା ଏହା ନେଲେ । ଗୋଟିଏ କାନ୍ଥରେ ଲେଖା ଅଛି—'ଯଦି କେଉଁଠି ସ୍ୱର୍ଗ ଥାଏ, ତା ଏଇଠି-ଏଇଠି ଏଇଠି' ।

ଏହାକୁ ବର୍ତ୍ତମାନ ଦେଖିଲେ ମନରେ ଦୁଃଖ ଅପେ, ହର୍ଦ୍ଦିଭବଙ୍କ ଉକ୍ତି ମନେ ପଡ଼େ—'ସଂସାର କେବଳ ସୁଖର ନୀଡ଼ ନୁହେଁ, ସୌନ୍ଦର୍ଯ୍ୟ ଓ ପ୍ରୀତିର ସ୍ଥଳ ନୁହେଁ, ଏହା ଏକ ଶିକ୍ଷାକ୍ଷେତ୍ର—ଏଠା ଆନନ୍ଦ ଅଳ୍ପକ୍ଷଣସ୍ଥାୟୀ' ।

ଦେୱାନଖାସ୍ ନିକଟରେ ମୋଗଲ ବାଦଶାହଙ୍କ ସ୍ନାନଘାଟ, ସ୍ନାନଘାଟରେ ୩ଟି ମାର୍ବଲ କୋଠା, ଖୁବ୍ ପ୍ରଶସ୍ତ; ତଳେ ଉଷ୍ମ ଜଳପ୍ରବାହ ଥିଲା, ତାର ବାଷ୍ପ ଉଠି କକ୍ଷଟିକୁ ଗରମ ରଖୁଥିଲା ।

ନଦୀ ଅଡ଼କୁ ୩ଟି ମାର୍ବଲ ପୁଷ୍କରିଣୀ ଅଛି, ହୀରାନୀଳା ଖଚିତ । ପ୍ରଥମରେ ସୁବାସିତ ଗୋଲାପଜଳରେ ଲଳନାଗଣ ସ୍ନାନ କରୁଥିଲେ, ବେଶଭୂଷଣ ପରିଧାନ କରୁଥିଲେ । ଦ୍ୱିତୀୟଟି ଜଳଘାଟ । ସ୍ତୁତିପାଠ କରିବା ପାଇଁ ମାର୍ବଲପଥରର ଗୋଟିଏ ପଲଙ୍କ ପଡ଼ିଛି । ତୃତୀୟରେ ଉଷ୍ମ ଜଳଭରା ପୁଷ୍କରିଣୀ । ଏହା ତଳେ ଗୋଟିଏ ବଡ଼ ଲୌହପିଣ୍ଡ ଥିଲା, ଏହା ଗରମ ହେବା ମାତ୍ରେ ପୁଷ୍କରିଣୀ ଜଳକୁ ଉଷ୍ମ ରଖୁଥିଲା ।

'ମୋତି ମସ୍‌ଜିଦ୍' ଆଉରଙ୍ଗଜେବ୍‌ଙ୍କ ନିର୍ମିତ, ମାର୍ବଲପଥରରେ; ୧୮୫୭ ତୋପ ମାଡ଼ରେ ବିକଳାଙ୍ଗ, ସ୍ୱର୍ଣ୍ଣରଞ୍ଜିତ ଅଙ୍ଗ ଭଗ୍ନ । ମଧ୍ୟ ଭାଗରେ ଗୋଟିଏ ଗୃହ । ଏଥିରେ ପ୍ରାର୍ଥନା କରାଯାଉଥିଲା ।

'ତସ୍‌ବିହ୍ ଖାନା' ବାଦଶାହାଙ୍କ ଶୟନାଗାର, ଗୁପ୍ତ ମନ୍ତ୍ରଣାଗାର ରୂପେ ଏହା ବ୍ୟବହୃତ ହେଉଥିଲା ।

ଶେଷ ପର୍ବ

କଲିକତାରେ ରହି ଥିଲାବେଳେ ଦୁଇଟି ମୁଖ୍ୟ ଘଟଣା ମୋ ଉପରେ ପ୍ରଭାବ ବିସ୍ତାର କରିଥିଲା—ଗୋଟିଏ ଦ୍ୱିତୀୟ ମହାଯୁଦ୍ଧ, ଅନ୍ୟଟି ଭାରତର ସ୍ୱାଧୀନତା ସଂଗ୍ରାମ । ଉଭୟ ଆଜି ଇତିହାସର ଗୌରବ ଲାଭ କରିଅଛି । ଯୁଦ୍ଧର ପ୍ରତ୍ୟକ୍ଷ ଫଳ ରୂପେ

Digitized by srujanika@gmail.com

ଦେଖାଦେଲା ଦରବୃଦ୍ଧି; କଳାବଜାର ବୋଲି ନୂଆ କଥାଟିଏ ଶୁଣାଗଲା, ଯାହା ଯୁଦ୍ଧ ଶେଷ ପରେ ବି ଲାଗି ରହିଲା, କ୍ରମେ ରୁଦ୍ର ରୂପ ଧାରଣା କରି ମନୁଷ୍ୟଚରିତ୍ରର ଘୋର ଅବନତି ଘଟାଇଲା । ଜୀବନର ସାଧାରଣ ମାନ ବଜାୟ ରଖିବା ଲାଗି ମନୁଷ୍ୟଙ୍କୁ ରକ୍ତାକ୍ତ ସଂଗ୍ରାମରେ ଜମକ୍କି ରହିବାକୁ ହେଲା । ଯୁଦ୍ଧର କାହାଣୀ ସମ୍ବାଦପତ୍ରରେ ପଢ଼ୁଥିଲି, ଦରଦାମ୍ ବୃଦ୍ଧି, ପ୍ରୟୋଜନୀୟ ଦ୍ରବ୍ୟର ଦୁର୍ଲଭତା ବ୍ୟତୀତ ଯୁଦ୍ଧର ଅନ୍ୟ ବିଭୀଷିକା ହୃଦୟଙ୍ଗମ କରିବା ମୋ ପକ୍ଷେ ସମ୍ଭବ ନଥିଲା । ଯୁଦ୍ଧର ଘୋର ହିଂସା ମଝିରେ ଅହିଂସ୍ର ସ୍ୱାଧୀନତା ସଂଗ୍ରାମ ଓ ବ୍ରିଟିଶ୍ ସରକାରଙ୍କ ଦମନଲୀଳା ଲାଗି ରହିଥିଲା ।

ଭାରତର ଏଇ ଘୋର ଦୁର୍ଯୋଗ ମଧ୍ୟରେ ରବୀନ୍ଦ୍ରନାଥ ଇହଧାମ ତ୍ୟାଗ କଲେ । କଲିକତାରେ ଦୁଇ ବର୍ଷ ମଧ୍ୟରେ ତାଙ୍କୁ ଥରେ ଶାନ୍ତିନିକେତନରେ କିମ୍ବା ଜୋରା-ଶଙ୍କରେ ତାଙ୍କ ବାସଗୃହରେ ଦେଖି ଆସିପାରିଲି ନାହିଁ, ମନରେ ପ୍ରବଳ ଅନୁଶୋଚନା ଜାତ ହେଲା । କେତେ ଶତାବ୍ଦୀ ମଧ୍ୟରେ ଏପରି ଜଣେ କବି ସଂସାରରେ ଆବିର୍ଭୂତ ହୁଅନ୍ତି, ନବ ନବ ଆନନ୍ଦଲୋକର ଲୀଳାବିଳାସରେ ମଜ୍ଜାଇ ଦିଅନ୍ତି । ମହାତ୍ମାଙ୍କ ମହନୀୟ ବ୍ୟକ୍ତିତ୍ୱର ସଂସ୍ପର୍ଶ ମୋତେ ଅବଶ୍ୟ ସଂଜୀବିତ କରିଥାନ୍ତା- ଯାହା ତାଙ୍କ ପୁସ୍ତକପାଠରେ ସମ୍ଭବ ନୁହେଁ । ପଛକୁଣ୍ଡିଆ ମୁଁ, ପଛେଇହେବା ହିଁ ସାର ହେଲା ।

ଧମାଧମ୍ ପଢ଼ାପଢ଼ିରେ ଲାଗିଗଲି । ବିଶ୍ୱବିଦ୍ୟାଳୟରେ ଗ୍ରୀଷ୍ମଛୁଟି ହେଲା ; ଦୁଇବର୍ଷବ୍ୟାପୀ ଏମ୍.ଏ କ୍ଲାସ୍‌ର ଆଜି ଶେଷ ଦିନ । ଡାଇରୀରେ ଲେଖିଛି– "ଆଉ ବୋଧେ ଜୀବନରେ ଛାତ୍ର ହୋଇ ପଢ଼ିବାକୁ ହେବନାହିଁ । ମନୁଷ୍ୟ ପୁସ୍ତକ ସହିତ ସମ୍ପର୍କ ରଖି ଚିରଦିନ ଛାତ୍ର ହୋଇପାରେ; କିନ୍ତୁ ଛାତ୍ରଜୀବନର ଏଇ ଶେଷ ଦିନ ବିଦାୟ ନେଲାବେଳେ ଚକ୍ଷୁ ଲୋତକାର୍ଦ୍ର ହୁଏ ।

ହୁଏତ ସ୍ୱକୀୟ ଜୀବନ ଏହିଠାରୁ ଆରମ୍ଭ ହୋଇପାରେ; ପାଲିରେ ଏମ୍.ଏ ପଢ଼ିବାଲାଗି ଯତ୍ନ କରୁଛି ।"

ଡକ୍ଟର ବଡ଼ୁଆ

ଡକ୍ଟର ବେଣୀମାଧବ ବଡ଼ୁଆ (ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ପାଠକ) ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟର ପାଲି ଅଧ୍ୟାପକ, ସେ ମୋତେ ପାଲି ପଢ଼ାଇ ଦେଉଥିଲେ, ମୁଁ ତାଙ୍କୁ ଓଡ଼ିଆ ଭାଷା ଶିଖାଉଥିଲି । ପାଲିରେ ଏମ୍ ଏ ପଢ଼ିବାଲାଗି ସେ ମୋତେ ପ୍ରବର୍ତ୍ତାଇ ଥିଲେ, କିନ୍ତୁ ତାର ଉପଯୋଗିତା ହୃଦୟଙ୍ଗମ କରି ନପାରି ମନ ହେଲାନାହିଁ ।

Digitized by srujanika@gmail.com

ମୋର ବିପୁଳ ଚେହେରା ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ମୋ ପରି ଚେହେରାବାନ୍ (ଲମ୍ବା, ଚୌଡ଼ା, ସୁସ୍ଥସବଳ ମଣିଷ)ଙ୍କ ଉପରେ ଭିତ୍ତି କରି ସେ ଭବିଷ୍ୟତ ଜୀବଜନ୍ତୁ ଗଢ଼ୁଥିଲେ । ତାଙ୍କର ଇଚ୍ଛା – ମୁଁ ଗୋଟିଏ ସୁନ୍ଦରୀ କାଶ୍ମୀରୀ ତରୁଣୀଙ୍କୁ ବିଭା ହୁଏଁ । ତାହେଲେ ପ୍ରକୃତ ଶ୍ରୀମନ୍ତ ସ୍ୱାସ୍ଥ୍ୟବନ୍ତ ମନୁଷ୍ୟ (Super man)ର ସୃଷ୍ଟି ହୋଇପାରିବ । କନ୍ୟା ଠିକଣା କରିବା ଦାୟିତ୍ୱ ସେ ଗ୍ରହଣ କରିଥିଲେ । ସେତେବେଳକୁ କୌଣସି କାଶ୍ମୀରୀ ଝିଅ ମୋ ଆଖିରେ ପଡ଼ି ନଥିଲା । ତଥାପି କହିଲି—ଏପରି ଏକ ସୁନ୍ଦରୀ (ଧଳା ହାତୀ ଘୀ) ପୋଷିବାକୁ ସମ୍ଭବ ମୋର କାହିଁ ? ସୁନ୍ଦରୀ କଣ ,କଠିଣ ପରିଶ୍ରମ କରିପାରିବେ ? ଦରିଦ୍ର ଗୃହରେ କଣ ସୌନ୍ଦର୍ଯ୍ୟର ଲାଳନା ହୋଇପାରିବ ? କଠୋର ପରିଶ୍ରମ ନ କଲେ କଣ ନିମ୍ନ ମଧ୍ୟବିତ୍ତର ସଂସାର ଚଳିପାରିବ ।

ଆଉ ଗୋଟିଏ କଥା ସେ ମୋଠାରୁ ସ୍ୱୀକାର କରାଇ ନେଇଥିଲେ---ମଟରଗାଡ଼ି କିଣିବନାହିଁ । ନିଜର ସ୍ୱତନ୍ତ୍ର ଗାଡ଼ି ଏ ଯୁଗର ଏକ ପ୍ରୟୋଜନ; କିନ୍ତୁ ତାଙ୍କର ଧାରଣା, ଏଥିରେ ବହୁ ଜଞ୍ଜାଳ, ବହୁ ବ୍ୟୟ, ଅନୁପାତ ମଧ୍ୟ କମ ଆସେନାହିଁ । ତାଙ୍କର ଏ ବାଗରେ କଣ ତିକ୍ତ ଅନୁଭୂତି ଥିଲା ଜାଣେନାହିଁ, ସେ ପ୍ରତିଦିନ ଟ୍ରାମରେ ଯିବା ଆସିବା କରୁଥିଲେ । କିନ୍ତୁ ମୋତେ ଶପଥ କରାଇଲେ –ବହୁତ ରୋଜଗାର କଲେ ବି ଗାଡ଼ି କିଣିବନାହିଁ । ଗାଡ଼ି ଉପରେ ଧ୍ୟାନ ରହିଲେ ବହି ଉପରୁ ଖସିଯିବ । ବହୁତ ପଢ଼ାପଢ଼ି ଓ ଗବେଷଣା ନ କଲେ ଜଣେ ଅଧ୍ୟାପକ ଭାବେ ସୁଖ୍ୟାତି ଅର୍ଜନ କରିପାରିବ ନାହିଁ । ଗାଡ଼ି ଥିଲେ କାମ ନଥାଇ ବହୁ ସ୍ଥାନକୁ ଯିବାକୁ ଇଚ୍ଛା ହେବ, ସେଥିରେ ଦେଖାଇ ହେବାର ପ୍ରବୃତ୍ତି ଅଳ୍ପ ନ ଥିବ ।

ମୁଁ ଏମ୍ ଏରେ ସ୍ୱତନ୍ତ୍ର ବିଷୟଭାବେ 'ମୈଥିଳୀ' ସାହିତ୍ୟ ନେଇଥିଲି । ମୋର ଅଧ୍ୟାପକ ଥିଲେ ମିଥିଳାର ବାବୁ ମିଶ୍ର; ସେ ପଢ଼ାଉଥିଲେ 'ସ୍ୱପ୍ନ ବାସବଦତ୍ତା'ର ମୈଥିଳୀ ଅନୁବାଦ, ବିଦ୍ୟାପତିଙ୍କ କବିତା; ବଙ୍ଗାଳୀ ପିଲାମାନେ ଏଇ ପେପରଟିର ଉତ୍ତର ବଙ୍ଗଳା ଅକ୍ଷରରେ, ହିନ୍ଦୀ ପିଲାମାନେ ଦେବନାଗରୀ ଅକ୍ଷରରେ ଲେଖି ପାରୁଥିଲେ; କିନ୍ତୁ ଓଡ଼ିଆ ପିଲାଙ୍କୁ ଓଡ଼ିଆ ଅକ୍ଷରରେ ଲେଖିବାକୁ ଅନୁମତି ମିଳୁ ନ ଥିଲା । ମୁଁ ପୂର୍ବବତ ଉଦାରମନା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ସାକ୍ଷାତ କଲି । ସେ ମୈଥିଳୀ ପ୍ରଶ୍ନର ଉତ୍ତର ଓଡ଼ିଆ ଅକ୍ଷରରେ ଲେଖିବାଲାଗି ମୋତେ ଅନୁମତି ଦେଲେ ।

୧୯୪୧ରେ ମୁଁ ପରୀକ୍ଷା ଦେଇଥିଲି । ଖୁବ୍ ଭଲ ଫଳ ହୋଇଥିଲା, କିନ୍ତୁ ସମାବର୍ତ୍ତନ ଉତ୍ସବ ୬।୩।୪୨ରେ ହେଲା, ମୁଁ ଡିଗ୍ରୀ ନେବାଲାଗି ରାଞ୍ଚୀରୁ କଲିକତା ଆସିଥିଲି । ଆଜିଜୁଲ୍ ହକ ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଥିଲେ; ଜକ୍‌ଟର ରାଧାକିଷନ୍‌ଙ୍କୁ ଏହି ସମାବର୍ତ୍ତନ ଉତ୍ସବରେ ଡ଼. ଲିଟ୍ ଉପାଧି ଦିଆଯାଇଥିଲା ।

Digitized by srujanika@gmail.com

ଓଡ଼ିଆ ଏମ୍ ଏ ରେ ମୁଁ ଏକମାତ୍ର ଛାତ୍ର ଥିଲି । ଏଥିରେ ପ୍ରଥମ ଶ୍ରେଣୀରେ ପ୍ରଥମ ହେବା ଯାହା, ଶେଷ ହେବା ସେଇଆ । ମୋର ଅଧିକାଂଶ ଖାତା କଲିକତା ବାହାରକୁ ଯାଇଥିଲା । ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ପ୍ରଭୃତି ମୋର ପରୀକ୍ଷକ ଥିଲେ । ଗୋଦାବରୀଶ ଖୁବ୍ କମ୍ ନମ୍ବର ଦେଇଥିଲେ; ସେ କଥା ଶୁଣି ମୁଁ ଶ୍ରୀ ଗୋଦାବରୀଶ ମହାପାତ୍ରଙ୍କ ଆଗେ କ୍ଷୋଭ ପ୍ରକାଶ କରିଥିଲି । ମହାପାତ୍ରେ ମିଶ୍ରଙ୍କୁ କହିଦେବାରୁ ସେ କଲିକତା ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟଙ୍କ ନିକଟକୁ ମୋ ବିରୁଦ୍ଧରେ ପତ୍ର ଲେଖିଥିଲେ; କିନ୍ତୁ ସେତେବେଳକୁ ଫଳ ବାହାରି ସାରିଥିଲା, ମୋର କିଛି କ୍ଷତି ହୋଇନାହିଁ । ପଣ୍ଡିତ ନୀଳକଣ୍ଠ ମୋତେ ଶହେରୁ ୭୫ ନମ୍ବର ଦେଇଥିଲେ ଓ ଆମ ଅଞ୍ଚଳର ଜଣେ ପଣ୍ଡିତଙ୍କୁ କହିଥିଲେ—ଗୋବରଗଡ଼ିଆରେ ପଦ୍ମଟାଏ କେମିତି ଫୁଟିଲା ?

ପରୀକ୍ଷାଫଳ ଆଶାତୀତ ଭାବେ ଭଲ ହୋଇଥିଲା । ମୁଁ ବଙ୍ଗଳା, ହିନ୍ଦୀ, ତେଲୁଗୁ, ତାମିଲ ପ୍ରଭୃତି ସମସ୍ତ ଭାରତୀୟ ଭାଷାବିଭାଗରେ ସର୍ବୋଚ୍ଚ ନମ୍ବର ରଖି ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲି । ତା ଫଳରେ ମୋତେ ତିନିଗୋଟି ସୁବର୍ଣ୍ଣମେଡ଼ାଲ୍ ମିଳିଲା—ଇଉନିଭରସିଟି ଗୋଲ୍ଡମେଡ଼ାଲ୍ (ତିନିଭିତରେ ଉତ୍କୃଷ୍ଟ ସୁବର୍ଣ୍ଣ ମେଡ଼ାଲ), ଚନ୍ଦ୍ରନାଥ କୁଣ୍ଡୁ, ଶ୍ରୀନାଥ କୁଣ୍ଡୁ ଗୋଲ୍ଡମେଡ଼ାଲ, ଦୁର୍ଗାମଣି ଦେବୀ ଗୋଲ୍ଡ-ମେଡାଲ୍ । ତା ଛଡ଼ା ମୁଁ ନଗଦ ଦୁଇଶତ ଟଙ୍କା ପୁରସ୍କାର ଲାଭ କରିଥିଲି; ସେଥିରେ ରବୀନ୍ଦ୍ର ଗ୍ରନ୍ଥାବଳୀ ଏକ ସେଟ୍, କୀଥ୍ଙ୍କ History of Sanskrit Literature ଖଣ୍ଡିଏ କିଣିଥିଲି । ଏତେ କାଳକେ ରବୀନ୍ଦ୍ର ଗ୍ରନ୍ଥାବଳୀ ପଢ଼ିବା ପିପାସା ଚରିତାର୍ଥ ହେଲା ।

ପତ୍ରପତ୍ରିକାରେ ବିଶେଷତଃ 'ସହକାର'ରେ ସମାବର୍ତ୍ତନ ଡ୍ରେସ୍‌ରେ ଡିଗ୍ରୀ ଆଣୁଥିବା ଫଟୋଟି ପ୍ରକାଶ ପାଇଥିଲା । ଏହାହିଁ ମୋର ପ୍ରଥମ ଉଚ୍ଚସ୍ତରର ଗୌରବଲାଭ । ଏଥିଲାଗି ମୁଁ ଅଧ୍ୟାପକ ମହେଶ୍ୱର ଦାସଙ୍କ ନିକଟରେ ବିଶେଷ ଋଣୀ; ସେ ମୋତେ ପଦେ ପଦେ ସାହାଯ୍ୟ କରିଥିଲେ ।

କଲିକତା ବିଶ୍ୱବିଦ୍ୟାଳୟ ମୋତେ ଲାଗୁଥିଲା ବିଦ୍ୟାର ଏକ ମହାନ୍ ତୀର୍ଥକ୍ଷେତ୍ର ପରି—ସେତେବେଳେ ଏଠି ଥିଲେ ଡକ୍ଟର ରାଧାକୃଷ୍ଣନ୍, ହୁମାୟୁନ୍ କବୀର, ଡଃ ବିନୟ ସରକାର, ଡକ୍ଟର ସୁନୀତି କୁମାର ଚାଟାର୍ଜୀ, ଡଃ ସୁକୁମାର ସେନ ପଣ୍ଡିତ ବିଧୁଶେଖର ଶାସ୍ତ୍ରୀ, ଡକ୍ଟର ନୀହାରରଞ୍ଜନ ରାୟ, ଡକ୍ଟର ଶଶିଭୂଷଣ ଦାସଗୁପ୍ତ, ଡକ୍ଟର ବେଣୀମାଧବ ବଡ଼ୁଆ ଓ ଆଉ କେତେ ବିଶିଷ୍ଟ ବ୍ୟକ୍ତିତ୍ୱ । ତାହାଠାରୁ କିଛି ବିଦ୍ୟା ଅହରଣ କରିବାର କ୍ଷମତା ମୋର ନଥିଲା । କେବଳ ବୋଧ ହେଉଥିଲା—ମହାତ୍ମା ସହବାସରେ କିଛି ମହାନ୍ ମନ୍ତ୍ରରେ ଦୀକ୍ଷିତ ମୁଁ । କଣ ସେ ମନ୍ତ୍ର ? ବୁଦ୍ଧି ଭିତରେ ସବୁ ଯେପରି ଅଚ୍ଛନ୍ନ ଲାଗୁଥିଲା ।

Digitized by srujanika@gmail.com

ରାଞ୍ଚୀରେ ଗୋଟିଏ ବର୍ଷ

ପରୀକ୍ଷା ଫଳ ବାହାରିବା ଯାଏ ମୁଁ କଲିକତାରେ ଅପେକ୍ଷା କରି ବସି ନ ଥିଲି । ଗାଆଁକୁ ଫେରି ବେକାର ଜୀବନ ଯାପନ କରିବାର ଇଚ୍ଛା ମୋର ନ ଥିଲା । ପଣ୍ଡିତ ବିନାୟକ ମୋ ଲାଗି ଗୋଟିଏ ଟିଉସନ ଯୋଗାଡ଼ କରିଦେଲେ – ରାଞ୍ଚୀରେ ନୟାଗଡ଼ ରାଜକୁମାରଙ୍କର ଗୃହଶିକ୍ଷକ । ଯେମିତି ଥିଲେ ପଣ୍ଡିତ ବିଷ୍ଣୁ ଶର୍ମା, ମିଥିଲାର ରାଜ କନ୍ତୁ କନ୍ତୁ ଦୁଷ୍ଟ ଦୁରନ୍ତ ରାଜକୁମାରମାନଙ୍କ ମନକୁ ପାଠରେ ଭର୍ତ୍ତି କରି ଦେଇପାରିଥିଲେ । ଯେପରି ମହାଜ୍ଞାନୀ, ରସିକ ସାହିତ୍ୟିକ, ସେହିପରି ମନୋବିଜ୍ଞାନୀ, ନୀତିବାଦୀ ଶିକ୍ଷକ । ମୋ ଭାଗ୍ୟକୁ ସେହିପରି ଏକ ପରୀକ୍ଷା ଜୁଟିଲା । ପାରିବି କି ନାହିଁ ? 'ରାଜକୁମାର' ଶବ୍ଦରେ ମନ ମୋର କୌତୂହଳୀ ହୋଇଉଠିଲା । ଦେଖିଥିଲି ଯାହା ଯାତ୍ରାରେ ରାଜା, ରାଜପୁତ୍ର । ଏ କୁମାର କିପରି ହୋଇଥିବେ ? ଅଭିଜାତ ସମ୍ପ୍ରଦାୟରୁ ବେଶ୍ ଦୂରବର୍ତ୍ତୀ, ତାଙ୍କ ସଙ୍ଗେ ଚଳି ପାରିବି କି ନାହିଁ ?

ଗୌଣତାବୋଧ ମୋର ଅଳ୍ପ ନ ଥିଲା, ତାକୁ ବଢ଼ାଇ ଦେଇଥିଲା ଆଧୁନିକ ପୋଷାକର ଅଭାବ । ମୁଁ ପିନ୍ଧୁଥିଲି ଲୁଗା, କାମିଜ, ରାଜକୁମାର ସାହେବପିଲାଙ୍କ ସଙ୍ଗେ ଚଳୁଛନ୍ତି, ବି. ଏନ୍ ଆର୍ ହୋଟେଲରେ । ଶିକ୍ଷକ ଆଧୁନିକ ନ ହେଲେ ତାଙ୍କୁ ଲାଜ ମାଡ଼ିବ । ମୁଁ କିଣିଲି ଗୋଟିଏ ଫୁଲ୍ ପ୍ୟାଣ୍ଟ୍, କିଣିଲି ତିନିଟଙ୍କା ପନ୍ଦର ଅଣା ଦ' ପଇସାରେ ହଳେ ପୁରା ବାଟା ଜୋତା ।

ନୟାଗଡ଼ ଗଡ଼ଜାତର ରାଣୀ (ନେପାଳୀ) ହେମ ରାଜଲକ୍ଷ୍ମୀ ସେତେବେଳେ ରାଜାଙ୍କଠାରୁ ବିଚ୍ଛିନ୍ନା । ହେଲେ ସେ ନୟାଗଡ଼ ରାଜ୍ୟର ଗୃହ ଓ ଦେବୋତ୍ତର ବିଭାଗର ଦାୟିତ୍ୱରେ ଥିଲେ । ସୁଶାସିକା ଭାବରେ ତାଙ୍କର ନାମ ଥିଲା । ତାଙ୍କ ରୁଚି ଯେପରି ମାର୍ଜିତ, ଅନ୍ତର ସେହିପରି କରୁଣାରେ ପୂର୍ଣ୍ଣ ଥିଲା । ତାଙ୍କ ରାଜ୍ୟରେ ଭିକାରୁଣୀ ରହିବେନାହିଁ, ଏଇ ବ୍ୟବସ୍ଥା ସେ କରିଥିଲେ, ରୁଗ୍ଣା, ପତିତା, ବୃଦ୍ଧାମାନଙ୍କ ଲାଗି ଖାଦ୍ୟପେୟ, ବାସ ଓ ଚିକିତ୍ସାର ବ୍ୟବସ୍ଥା ହୋଇଥିଲା, ଯାହା ସ୍ୱାଧୀନତାର ପଚିଶ ବର୍ଷ ପରେ ବି ଓଡ଼ିଶାରେ ବା ଭାରତରେ କଳ୍ପନା କରାଯାଇ ପାରେନାହିଁ ।

କୌଣସି କାରଣରୁ ରାଜାରାଣୀଙ୍କ ମଧ୍ୟରେ ମନୋମାଳିନ୍ୟ ହେଲା; ବ୍ୟବଧାନ ବଢ଼ି ଚାଲିଲା । ରାଣୀ ରାଜକୁମାର ବ୍ରଜେନ୍ଦ୍ରଙ୍କୁ ସଙ୍ଗରେ ନେଇ ରହିଲେ ରାଞ୍ଚୀଷ୍ଟେସନ ନିକଟବର୍ତ୍ତୀ ବି. ଏନ୍. ଆର୍. ହୋଟେଲରେ । ସଙ୍ଗରେ ସେକ୍ରେଟାରୀ ଶ୍ରୀ ନିୟୋଗୀ, କେତୋଟି ମୁଦୁସୁଲି, ଆୟା, ଜଣେ ବଙ୍ଗାଳୀ ଡାକ୍ତର । ମୁଁ ବ୍ରଜେନ୍ଦ୍ରର 'ସାର୍' ଭାବେ ନିଯୁକ୍ତି ପାଇଲି । ମାସିକ ଦରମା ୪୦ ଟଙ୍କା ।

Digitized by srujanika@gmail.com

ସେତେବେଳେ ଏ ଟଙ୍କା ମୋତେ ଯଥେଷ୍ଟ ଜଣା ଯାଉଥିଲା । ମାସକୁ ଶହେ ଟଙ୍କା ଦରମାରେ ପରିବାର ଘେନ ଲୋକେ ମହାସୁଖରେ ଚଳୁଥିଲେ ।

୧୫।୯।୫୧ରେ ମୁଁ ରାଞ୍ଚୀ ଯାତ୍ରା କଲି । କଲିକତାରେ ଏତେଦିନ ଚଳିଲା ପରେ ବି ମଫସଲ ନୌକରୀ ମୋତେ ରୁଚୁ ନ ଥିଲା । ଅତଙ୍କ ହିଁ ମୁଖ୍ୟ ଆପତ୍ତି । ତା ଫଳରେ ବେଳେବେଳେ ଜନ୍ମ ଭୂଲ୍ ପରେ ଭୂଲ୍ କରି ବସୁଥିଲି । ଏବେ ଆଶ୍ଚର୍ଯ୍ୟ, ରାଞ୍ଚୀରେ ନ ପହଞ୍ଚି ପହଞ୍ଚିଲି ହଜାରିବାଗରେ । ଦୀତାଳିକୁ ନିଜକୁ ଲୁଚାଇବାକୁ ଚେଷ୍ଟା କରି ମନେ ମନେ କହିଲି—ଗୋଟାଏ ନୂଆ ଜାଗା ଦେଖା ହୋଇଗଲା । ସେମିତି ମାଲ କୁଲି ଦେଖାଇଦେଲା ଗୋଟିଏ ଡଉଡ଼ାଏ ପକାଇଦେଲା କହି— ଏହା ଗୋଟାଏ କୁଟି । ଯାହା ହେଉ, ହଜାରିବାଗରୁ ବସ୍‌ରେ ଟଙ୍କାଟିଏ ଭଡ଼ା ଦା ଓଲ୍ ଟିକସ ଦେଇ ରାଞ୍ଚୀ ପହଁଚିଲି । ଅର୍ଥନାଶ ହେଲେ ମନସ୍ତାପ ।

ରାଞ୍ଚୀ ସହରରେ କେତେ ହୋଟେଲ ଖୋଜି ଖୋଜି ମୁଁ ରହିଲି ଗ୍ରାଣ୍ଡ ହୋଟେଲରେ । ନାମତଃ ଗ୍ରାଣ୍ଡ— ମୋଟା ଚୋଳଥିଆ ଚାଉଳ, ଚଣା ଡ଼ାଲି, ନଖା ଫରୁଆ ବେଳେ ବେଳେ ଛତୁ ପିଆଜ ମିଳୁଥାଏ । କଳନା ସହିତ ବାସ୍ତବତା ଖାପ ନ ଖାଇବାରୁ ଲାଗୁଥାଏ— ରାଜକୁମାରଙ୍କୁ ଏ ରାଜଖାନା ହେଲନାହିଁ ।

ଜଳଖିଆରେ ପାଟି ସ୍ୱାଦକୁ କିଏ ପଚାରେ ? କୌଣସିମତେ ପେଟ ପୂରିଲେ ହେଲା । ସେତେବେଳେ ମଇଁଷିଘିଅ ସେରକର ଦାମ୍ ପାଞ୍ଚ ଟଙ୍କା, ପାଉଁରୁଟି ଗୋଟାକୁ ଦୁଇ ପଇସା । ମୁଁ କଞ୍ଚା ଘିଅ ମଖାଇ ପାଉଁରୁଟି ଖାଉଥିଲି ।

ବାପି

୧୭।୧।୫୬ରେ ରାଜକୁମାର ବ୍ରଜେନ୍ଦ୍ରଙ୍କୁ ପଢ଼ାଇବାକୁ ଗଲି । ବ୍ରଜେନ୍ଦ୍ରର ଡାକନାମ 'ବାପି', ସ୍ୱଭାବତଃ ଗଳ୍ପପ୍ରିୟ, ଗଳ୍ପ କହିଲେ ମନ ଦେଇ ଶୁଣେ; ପାଠ କଥା ପଡ଼ିଲେ ମନ ଚଞ୍ଚଳ, ସବୁ ଦୁଷ୍ଟାମି ବାହାରେ, ରଜା ପିଲା, ଗାଳି ତ ଏଠି ଚଳିବ ନାହିଁ, ମାଡ଼ ଦେଇ ଶାସନ କରିବା ପ୍ରଶ୍ନ ଉଠୁଛି କେଉଁଠି ? 'ପଞ୍ଚତନ୍ତ୍ର' କଥା ମନେ ପଡ଼ିଲା; ମନେ ମନେ କଳ୍ପିତ ବୃଦ୍ଧ ବିଷ୍ଣୁ ଶର୍ମାଙ୍କଠାରୁ ଦୀକ୍ଷା ନେଇ ଆରମ୍ଭ କଲି ରାମାୟଣ, ତା' ପରେ ମହାଭାରତ ଗଳ୍ପ; ବାପି ମନ ଦେଇ ଶୁଣିଲା, ମୋ ଆଗମନକୁ ଉତ୍କଣ୍ଠା ସହିତ ଅପେକ୍ଷା କରି ବସିଲା । ତାର ଶିଶୁଚିତ୍ତ ବିନୋଦନରେ ମୋର ଭୂମିକା ଆଉ ଗୌଣ ହେଲନାହିଁ । କ୍ରୀଡ଼ାର ଦରବାର ମେଲାଇ ସେ ବସିଥାଏ । ମୁଁ ହୁଏ ତା ଦରବାରର ଗଳ୍ପସାଗର ।

Digitized by srujanika@gmail.com

ବର୍ଷର ସ୍ୱାଗତ ପଢ଼ିକ, ମୁଁ ଜନ୍ମପତ୍ରିଆ ଆଶୀର୍ବାଦ କରୁଥାଏ କେମିତି ତାଙ୍କୁ ଉପହାର ଦେଇଥିଲି---

ଦୁଲ୍ ଦୁଲ୍ ଦୁଲ୍, ଢମ୍ ଢମ୍ ଢମ୍ ଝଡ଼
ଘମ୍ଭୀର ଜଳଦ ଘଡ଼ ଘଡ଼ ଘଡ଼ ଘଡ଼
ରକ୍ଷା କର ସେ ବିପଦେ ଚଣ୍ଡ କରେ
ଜୟ ଜଗଦୀଶ ଜୟ ଜଗଦୀଶ ହରେ ।

ଡ଼ିବ ଡ଼ିବ ଡ଼ିବ ଡ଼ମ୍ବରୁ ଡାକ ବାଜ
ସ୍ୱରେ ସ୍ୱରେ ବାପି ହୃଦ ଦର୍ପଣ ମାଜ
ଭୂମଣ୍ଡଳ ସେ ଜାଗୁ ହେ ଆଦ୍ୟାନନ୍ଦେ
ଜୟ ଜଗଦୀଶ ଜୟ ଜଗଦୀଶ ହରେ ।

ସୁସ୍ଥ ତା ଦେହ, ଶାନ୍ତ କର ତା ମନ
ଅନୁକୂଳ ତା କର ଦୁଃଖ ବର୍ଜନ
ମହାତ୍ମା ପଥ ଯାଣ ଦେଖୁ ମହାଜନେ
ଜୟ ଜଗଦୀଶ ଜୟ ଜଗଦୀଶ ହରେ ।

ବାପି ବଡ଼ କଳ୍ପନାବିଳାସୀ; ନୀଳ ଆକାଶର କେଉଁ କୁହୁକପକ୍ଷୀ ଆସି ତାଙ୍କରେ କୁହୁକକାଠି ଲଗାଇ ଦେଇଯାଏ ସେଥିରେ ସୋଲୁଏ ଡେଣା ଓ ଇଞ୍ଜିନ୍ ଲାଗିଯାଏ । ସେ ଉଡ଼ି ଉଡ଼ି କଳା ମେଘ ମଧ୍ୟରେ ଲୁଚିଯାଏ । ମେଘ ଭିତରେ ଝରକା ଫିଟାଇ ମୁଁ କ'ଣ କରୁଛି, ସେ ଦେଖିନିଏ । ଶେଷକୁ ମୋ ଉପରେ ଦୁଃଖୀ କୁଆପଥର ବର୍ଷି ଦିଏ । ମୁଁ ସେଇ କଳ୍ପନାରେ ମିଛେ ମିଛେ ମହ୍‌ବୁଲ ହୋଇ ଜାଡ଼ରେ ଥରିଯାଏ ।

କେତେବେଳେ ସେ ତା'ର ପ୍ରିୟ କୁକୁରମାନଙ୍କ ସଙ୍ଗେ ଫୋନ୍‌ରେ କଥାବାର୍ତ୍ତା ହୁଏ । ଚଢ଼େଇଙ୍କ ସଙ୍ଗେ କଥାବାର୍ତ୍ତା ହେବାକୁ ସେ ଅସ୍ୱାଭାବିକ ମନେ କରେନାହିଁ । ଏଇ ଶିଶୁକବିର କବିତ୍ୱ ବଡ଼ ମଧୁର ଲାଗେ ।

ବେଳେ ବେଳେ ଜଙ୍ଗଲକୁ ବାଘ ଶିକାର କରିବାକୁ ଯାଏଁ । ଗୋଟିଏ ବଣ ଆଉ କରିଯାଏ । ବଣ ମଧ୍ୟରେ ନଈ, ନଈ ଉପରେ ପୋଲ, ପୋଲରୁ ଅନାଇଲେ କେତେ ପାହାଡ଼ ଦିଶେ ।

ଆମେ ଦୁହେଁ ନାନା ରଙ୍ଗ ବାଟରେ ମଟର ବୁଲାଇ ନିଜ ପାଟିରେ ମଟର ଶବ୍ଦ କରାଇ ଓ ଘୁ ଘୁ ଶବ୍ଦ କରି ହାତରେ ବନ୍ଧୁକ ଧରି ପାହାଡ଼ ଉପରେ ଚଢ଼ୁ । ଗୋଟିଏ

Digitized by srujanika@gmail.com

ଗଛରେ ମଞ୍ଚା ବାନ୍ଧି ବସୁ । ପାଣି ପିଇବାକୁ ବାଘ ନଈକୁ ଆସେ । ବାପି ତା ମୁହଁରେ ଖୁବ୍ ଚାର୍ଜେବଲ ଟର୍ଚ୍ଚ ପକାଇ ଦିଏ । ଦୁହେଁ ବାଘକୁ ଗୁଳିରେ ମାରି ପକାଉ । ତା ପରେ ଦୁହେଁ ମଲା ବାଘର ଦୁଇପଟେ ଠିଆ ହେଉ । ଫଟୋଗ୍ରାଫର ଫଟୋ ନିଏ ।

ବାପିର ୩୦।୪୦ ଖଣ୍ଡ କ୍ଷୁଦ୍ରେଇ ମଟର, ଗୋଟିଏ ରେଲ୍‌ଗାଡ଼ି, ଜଣେ ବସିଲା ଭଳି ଗୋଟିଏ ମଟରଗାଡ଼ି, ଗୋଟିଏ ତିନିଚକିଆ ସାଇକେଲ ଥିଲା । ରେଳଗାଡ଼ି ଚଳାଇବା ପାଇଁ ଗୋଟିଏ ବଡ଼ ରେଲ୍‌ଲାଇନ୍ ବଖରାକ ଘରେ ମଲା ସାପ ପରି ବଙ୍କା ଟଙ୍କା ହୋଇ ପଡ଼ିଥାଏ । ରେଲ୍‌ବାଇ ଷ୍ଟେସନ, ଲେଭେଲ୍‌କ୍ରସିଂ, ସିଗ୍‌ନାଲ, ରେଲ୍-ପୋଲ, ଟନେଲ୍ ସବୁ ସୁନ୍ଦରଭାବରେ ସଜା ହୋଇଥାଏ । ଗାଡ଼ିର ଇଞ୍ଜିନ ଚାଲେ ନାହିଁ, ହାତରେ ଧରି ଲାଇନ୍ ଉପରେ ବାପି ଚଳାଏ । ବେଳେବେଳେ ବଡ଼ ବଡ଼ ଆକ୍‌ସିଡେଣ୍ଟ ହେବାର କଳ୍ପନା କରାଯାଏ । ବାପିର ଉଦାର ହୃଦୟ ଆହତ ଯାତ୍ରୀଙ୍କ ଚିକିତ୍ସା ଲାଗି ବ୍ୟାକୁଳ ହୋଇଉଠେ । ତା'ର ୪୦ ଖଣ୍ଡଯାକ ଖେଳଣା ମଟର ଆହତ ଓ ଅର୍ଦ୍ଧମୃତ ନରନାରୀଙ୍କୁ କାଳ୍ପନିକ ଡାକ୍ତରଖାନାକୁ ବହି ଘେନିଯାଏ ।

ବାପିର ଗୋଟିଏ କୁନି ଟେବୁଲ୍, ଗୋଟିଏ ଛୋଟ ଚୌକି । ଟେବୁଲ ଉପରେ ତା'ର ଠିକ ଅଫିସ୍‌ଟି । ଉପର ଫାଳକ ଚୁପା କାଗଜ (Blotting) ଲଗା ରାଇଟିଙ୍ଗ୍ ପ୍ୟାଡ୍, ଗୋଟିଏ ଖେଳଣା ଟେଲିଫୋନ୍, ଗୋଟିଏ ଟେବୁଲ୍ ଟର୍ଚ୍ଚ, କେତେକ ଦରକାରୀ ଅଦରକାରୀ ବହି ।

ବାପି ଜୀବନ୍ତ ଅଜୀବନ୍ତ ସମସ୍ତଙ୍କ ସଙ୍ଗେ ଏହି ଫୋନ୍‌ରେ କଥାଭାଷା ହୁଏ । ତା'ର ଟିକି କୁକୁରଟିର ନାମ 'ରବନ୍' । ପ୍ରିୟତମ କୁକୁରଟିର ନାମ 'ଗୁଡ୍' । ବାପି ଡାକଦେଲା କ୍ଷଣି ଗଳାର ଘାଗୁଡ଼ି ଝୁମ୍‌ଝୁମ୍ କରି ଦୌଡ଼ି ଆସି ତା ଚୌକି ଉପରେ ଚଢ଼ିଯାଏ । ବାପି ଏଇ 'ଗୁଡ୍'କୁ ଅନେକ ଗପ କୁହେ । ଗୁଡ୍ ସବୁ ଶୁଣି ବୁଝିଗଲା ପରି ଆଖି ମିଟିମିଟି କରୁଥାଏ । ବାପି ତା ଜେଜଙ୍କୁ ଅନେକ ସମୟରେ ଫୋନ୍‌ରେ ଆମ ପଢ଼ାଘରର ସମ୍ବାଦ ଦିଏ ।

ବାପି ମୋଠାରୁ ପାଠ ବୁଝିବାକୁ ଥିଲେ ମିଛରେ ମିଛରେ ମୋ ଜେଜଙ୍କୁ ଫୋନ କରେ । ଗୋଟିଏ ପେନ୍ ଡବାକୁ ମୁହଁରେ ଓ ତା ଠିପିକୁ କାନରେ ଦେଇ ମୁଁ ଫୋନ୍‌ରେ ତା ସଙ୍ଗରେ କଥାଭାଷା ହେବାର ଛଳନା କରେ ।

ବାପି ସଙ୍ଗେ ମୋର ଅନେକ ଯୁଦ୍ଧ ହୁଏ । ସେ ହୁଏ ଜର୍ମାନୀ, ମୁଁ ହୁଏ ଇଂଲଣ୍ଡ । ମୁଁ ଜର୍ମାନୀ ହେବାକୁ କହିଲେ ସେ ଜିଦ୍ ଧରି ବସେ—ନା, ମୁଁ ଜର୍ମାନୀ ହେବି । କାରଣ ଜର୍ମାନୀ ସେତେବେଳେ ଯୁଦ୍ଧରେ ଖୁବ୍ ଜିତୁଥାଏ—ଭାରତୀୟମାନେ ଘୋର ଇଂରାଜୀ ବିରୋଧୀ ଥାଆନ୍ତି ।

Digitized by srujanika@gmail.com

ବାପିର ସବୁ ମୂଖ ସରଞ୍ଜାମ ଅଛି — କାଠ୍ ନିର୍ମିତ ତାର ଅଶ୍ୱାରୋହୀ ବାହିନୀ, କାଗଜ ପଟା ନିର୍ମିତ ତା'ର ପଦାତିକବାହିନୀ — କର୍ଣ୍ଣେଲ୍, କମାଣ୍ଡର, ଲେଫ୍ଟେନାଣ୍ଟ, ଖାଇ — ଲ୍ୟାଣ୍ଡ ମାଇନ୍, ଟର୍ପେଡ଼ୋ ବୋଟ୍ସ, କ୍ରୁଇଜରସ୍, ଟ୍ୟାଙ୍କ, ଆର୍ମଡ଼ କାର୍ ।

ସୈନ୍ୟଦଳକୁ ଦୁଇଭାଗରେ ବିଭକ୍ତ କରି ଯୁଦ୍ଧ ଆରମ୍ଭ କରାଯାଏ । ତୁଣ୍ଡରେ ବୋମାରୁର ଶବ୍ଦ କରି ବାପି ମୋ ରାଜ୍ୟର ନଗରମାନଙ୍କ ଉପରେ ବୋମା ବୃଷ୍ଟି କରିଯାଏ; ସହର ଜଳିଉଠେ । ଏ. ଆର. ପି କର୍ମୀ ଜଳୁଥିବା କୋଠାର ନିଆଁ ନିଭାଇ କେତେ ହାତଭଙ୍ଗା, ଫଟାମୁଣ୍ଡିଆ, ଅଧିକଣା ଲୋକଙ୍କୁ ଉଦ୍ଧାର କରନ୍ତି ।

ତା'ପରେ ଜଳଯୁଦ୍ଧ ଚାଲେ । ଯୁଦ୍ଧଜାହାଜ ପରସ୍ପରର କମାଣ ମାଡ଼ରେ ବୁଡ଼ିଯାଏ । ଲକ୍ଷ ଲକ୍ଷ ଅବଳା ସ୍ତ୍ରୀ ଓ ଶିଶୁମାନଙ୍କର କ୍ରନ୍ଦନରୋଳରେ ଲହରୀ ଯେପରିକି ବ୍ୟାକୁଳ ହୋଇଉଠେ । ତା'ପରେ ଟ୍ୟାଙ୍କ୍ ସହିତ ଟ୍ୟାଙ୍କର ଯୁଦ୍ଧ, ଉଡ଼ାଜାହାଜ ଯୁଦ୍ଧ, ପଦାତିକ-ମାନଙ୍କର ଗୁଳି ମରାମରି ବା ସଙ୍ଗୀନ୍ କେଞ୍ଚାକେଞ୍ଚି ଯୁଦ୍ଧ — ଦୁର୍ବଳ ରାଜ୍ୟ ଅଧିକାର— ପ୍ରବଳର ବିଜୟଘୋଷଣା ।

ଅଧ୍ୟାପକ ମାନେ ଏକ ଅଭିନୟ ଏଠି; ବିଷ୍ଣୁଶର୍ମାଙ୍କର ଏ ଅନୁଭବ ନ ଥିବ । ବାପି ମୋ ଶିଶୁକଳ୍ପନାର ନାୟକ । ତା ଲାଗି ମୋ କଳ୍ପନାର ଅଶ୍ୱ ଲଗାମ୍ ନ ମାନି ଝପଟି ଥିଲା । ମୋ ବ୍ୟର୍ଥ ଶିଶୁଜୀବନ ବାପିରେ ପୂର୍ଣ୍ଣ ଚରିତାର୍ଥତା ଲାଭ କରିଥିଲା ଯେପରି କି ।

ରାଞ୍ଚୀ ସେତେବେଳେ ଏକ ଜନବହୁଳ ସହର ନ ଥିଲା । ସହରର ଉପକଣ୍ଠରେ ଆଦିବାସୀ ଗ୍ରାମ—ଚନ୍ଦ୍ରିକାରେ ଆଦିବାସୀମାନଙ୍କ ସରଳଜୀବନ ଭାସିଆସେ । ଯୁବତୀମାନେ ମୁଣ୍ଡରେ ଫୁଲ ଲଗାଇ ଦଳ ଦଳ ହୋଇ କାର୍ଯ୍ୟକ୍ଷେତ୍ରକୁ ଚାଲିଯାନ୍ତି । ଏହାର ପ୍ରାକୃତିକ ଦୃଶ୍ୟ ମନୋହର । ମୁରହାବାଦୀ ପାହାଡ଼ର ଶୀର୍ଷଦେଶରେ କବୀନ୍ଦ୍ର ରବୀନ୍ଦ୍ରଙ୍କ ବାସଭବନ; ଶୃଙ୍ଗାରୋହଣ ଲାଗି ସୋପାନ ନିର୍ମାଣ କରାଯାଇଛି । ଉନ୍ମୁକ୍ତ ବାୟୁସେବନ ଲାଗି ବିଶ୍ୱକବି ମଝେ ମଝେ ଏଠାକୁ ଆସୁଥିଲେ । ସୌନ୍ଦର୍ଯ୍ୟଦ୍ରଷ୍ଟା ଓ ମହାନ୍ ସ୍ରଷ୍ଟାଙ୍କ ପ୍ରାଣ ଏଠି ପ୍ରକୃତିର ଅପୂର୍ବ ଶ୍ରୀ ଦର୍ଶନରେ ଆନ୍ଦୋଳିତ ହେଉଥିଲା । ଅଦୂରରେ ଗୋଟିଏ କନ୍ଦର, କବି ସେହି କନ୍ଦରରେ ବସି ନିବିଷ୍ଟ ମନରେ ନାନା ତତ୍ତ୍ୱ ଚିନ୍ତା କରୁଥିଲେ ବୋଲି ଜନଶ୍ରୁତି ଅଛି ।

ଏହି ପାହାଡ଼ର ଅଦୂରରେ ରାଞ୍ଚୀ ଲେକ୍ — ଲେକ ମଝିରେ ଦ୍ୱୀପ; କେତେକ ବନ୍ଧ ମଧ୍ୟ ହ୍ରଦ ମଧ୍ୟକୁ ଲମ୍ବିଛି । ଆକାଶରେ ମେଘର ସୁନାପାହାଡ଼, ପବନ ତାକୁ

Digitized by srujanika@gmail.com

ବିଦୀର୍ଣ୍ଣ କରୁଥାଏ । ଛିନ୍ନବିଚ୍ଛିନ୍ନ ମେଘ ପୁଣି ଯୋଡ଼ିହୋଇ ଯାଉଥାଏ—ତା'ର ଛାୟା ଅଗଣିତ ରଙ୍ଗରେ ହ୍ରଦରେ ପ୍ରତିଫଳିତ ହେଉଥାଏ ।

ଫର୍କିନ ପଥ; ୩୦-୧୧-୪୧ରେ ଦୁଇଜଣ ଜାପାନୀ ବନ୍ଧୁଙ୍କ ସହିତ ଦେବ୍ରଜକରେ କାଟେଜ ବୁଲି ଯାଇଥିଲି । ଆର. ଏଲ. ଷ୍ଟିଭେନସନଙ୍କ ପରି ମୃନ୍ମଧନଚନ୍ଦ୍ରାଶୂନ୍ୟ ଓ ଲକ୍ଷ୍ୟହୀନ ଭାବେ ଭ୍ରମଣ କରିବା ଆମର ଉଦ୍ଦେଶ୍ୟ ଥିଲା । ପକେଟରେ ଦୁଇ ତିନଖଣ୍ଡ ପାଉଁରୁଟି ପାଥେୟ । ସ୍ୱଚ୍ଛ, ନିର୍ମଳ, ନିସ୍ତବ୍ଧ ପ୍ରକୃତି—ସୁରଭି ଓ ରଙ୍ଗୀନ୍ ରଶ୍ମି ଭରା । ହିମାବୃତ ଅସରନ୍ତି ଦୂର ପ୍ରାନ୍ତରେ ଅନେକ ଓ ଅନଘ ଭଣ୍ଡେଲା । ଗୋଟିଏ ସ୍ୱଳ୍ପ ନିର୍ଝର କଳନାଦର ବାଲିରେ ବସି ପ୍ରାତଃଭୋଜନ ଶେଷ କଲୁ ।

କାଟେଜରେ ଦୁଇଟି ପାଗଳା ଗାରଦ—ଗୋଟିକରେ ଇଉରୋପୀୟ, ଅନ୍ୟଟିରେ ଜାପାନୀମାନେ ରହନ୍ତି । କିଏ କେବଳ ମୁଣ୍ଡରେ ହାତ ଦେଇ ବସିଛି, କିଏ ଭଦ୍ଦଙ୍କର ଗ୍ରହାଣୀ ବାନ୍ଧିଛି; କିଏ ବା ନିଜକୁ ନିଜେ ଚିତ୍କାର କରୁଛି । କିଏ ନୀରବ, ଗମ୍ଭୀର । କେତେକ ରୋଗୀଙ୍କୁ ମାଟିକୁଣ୍ଡରେ ବସାଇ ଦିଆଯାଇଛି । କିଏ ଭାତଥାଳୀ ଉଠାଇ ନେଇ ବୁଲି ବୁଲି ଖାଉଛି । ଏଠି ଗୋଟିଏ ସୁନ୍ଦର ଉଦ୍ୟାନ ଅଛି । ଟିକିଏ ସୁସ୍ଥ ହେଲେ ରୋଗୀମାନେ ଏଠି କାମ କରନ୍ତି । ସେମାନଙ୍କୁ ପ୍ରତି ରବିବାର ଦିନ ସିନେମା ଦେଖାଇବାର ବ୍ୟବସ୍ଥା ଅଛି ।

ରକପୁନ୍ତି ଭାଙ୍କେ ସହରରେ କିଛୁଦିନ ରହିଥିଲେ । ତାଙ୍କ ବ୍ୟକ୍ତିଗତ ଡାକ୍ତରଙ୍କ ନିହାଟେ ମୋର ରହିବାର ଓ ଖାଇବାର ବ୍ୟବସ୍ଥା ହୋଇଥିଲା । ମୁଁ ପାହାଡ଼ୀ ନଈ ମଝିରେ ଥିବା ପାହାଡ଼ ଉପରେ ବସି କବିତା ଲେଖୁଥିଲି । 'କଳକଲ୍ଲୋଳ'ର ଅନେକ କବିତା ସେଇଠି ଲେଖା—

ଲୀଳାଶଇଳ ବେଦୀରେ ଝୁରୁ ସବୁଜ ଲତା ଶେଯ
ବସିଲି ଧୀରେ ଅନାଇ ଦୂରେ ଅସ୍ତରବି ତେଜ
ଗଣ୍ଡେ ତୁମ ଚନ୍ଦ୍ରଚୁମ୍ବ ଦେଖି ମୁଁ ହେଲି ଭୋଳା
ବୁଦ୍‌ବୁଦାର ଗ୍ରହାଣୀ ରେଖ ତୋଳା
ବଙ୍କ ମୋର ମୁଖେ
କର୍ଣ୍ଣେ ଡୀ, ଚୁଞ୍ଚିଲି ମୁହଁ ଧରଗ ପ୍ରେମ ପୁଷ୍ପେ । (ରାଞ୍ଚୀ, '୪୧)

ଉକ୍ତ ସଂରଚନାକୁ ଏହି କବିତାରେ ଲକ୍ଷ୍ୟ କରାଯାଇଛି । 'ବାଳିକା', 'କନ୍ଧରମଣୀ, 'ଶାରଦୀ', 'ଶରଦ ଗୋଧୂଳି', 'ବର୍ଷାଶେଷେ', 'ଗୋଧୂଳି ଅମ୍ବା', 'ଶ୍ୟାମଳା ଜନନୀ' 'ନିବେଦନ', 'ପାରିଜାତ' ପ୍ରଭୃତି କବିତା ରାଞ୍ଚୀରେ ରଚିତ ହୋଇଥିଲା ।

Digitized by srujanika@gmail.com

ରାଞ୍ଚୀରୁ 'କୋଣ୍ଡା' ବା 'ଗୌତମଧାରା' ପ୍ରପାତ ଦେଖି ଯାଇଥିଲି, ସେତେବେଳେ ରାଜପଥରେ ଟ୍ୟାଙ୍କ୍, ମଟରମୁହାଁ। ସଶସ୍ତ୍ର ଗାଡ଼ିସବୁ ଚାଲୁଥିଲେ, ଆକାଶରେ ଉଡ଼ି ଯାଉଥିଲା ବୋମାରୁ ବୋଧେ ପ୍ଲେନ ରଣାଙ୍ଗନକୁ। ଗୋରା ଫଉଜ ସଙ୍ଗେ ଲଢ଼େଇ କରୁଥିବା ନେତାଜୀଙ୍କ ମୁକ୍ତିବାହିନୀ। ମୁକ୍ତିଆନ୍ଦୋଳନର ପଦଘାତରେ ରାଞ୍ଚୀ ବେଶ ଉଦ୍ଗ୍ର ହୋଇ ଉଠିଥିଲା। ନେତାଜୀ ସୁଭାଷଙ୍କ ନାଟକୀୟ ଅନ୍ତର୍ଦ୍ଧାନ, ମୁକ୍ତିଫଉଜ ସଗଠନ, ମହାତ୍ମାଙ୍କଙ୍କ ଅହିଂସ ମୁକ୍ତି ଆନ୍ଦୋଳନ ଅପାତ ବିରୋଧୀ ବୋଧ ହେଲେ ବି ଇଂରେଜବିତାଡ଼ନରେ ପରସ୍ପରର ସମ୍ପୂରକ ହୋଇଥିଲା।

ଶରତକାଳ; ଆକାଶର ହିଲ୍ଲୋଳ ମଧ୍ୟରେ ବିକଟାଳ ସଂଗ୍ରାମୀ ଗର୍ଜନାଦ ଆଦୌ ସୁସଙ୍ଗତ ବୋଧ ହେଉ ନ ଥିଲା। ଜ୍ୟୋତ୍ସ୍ନାପୂର୍ଣ୍ଣିମାର ଚନ୍ଦ୍ରାସ୍ତ ଓ ସୂର୍ଯ୍ୟୋଦୟ ଏକାବେଳକେ କୋଣ୍ଡା ପ୍ରପାତର ନଦୀ ଭିତରେ ହିଁ ଦେଖିଥିଲି। ଏହା ମୋର ପ୍ରଥମ ପ୍ରପାତ ଦେଖା, 'କୋଣ୍ଡା' ବା 'ଗୌତମ ଧାରା' ହିଁ ମୋର ଆଦ୍ୟ ପ୍ରପାତକବିତା। ତାପରେ ମୁଁ 'ଉତ୍ପୁମା', 'ବାଗା', 'ପ୍ରଧାନ ପାଟ' ଦେଖି କବିତା ଲେଖିଲି। ଏଇ ପ୍ରଥମ ପ୍ରପାତ କବିତାଟି ଚୈନ୍‌ପଦସ୍ତ ଛନ୍ଦରେ ଲିଖିତ।

'ପ୍ରଭାତୀ'ର ଚତୁର୍ଦ୍ଦଶପଦୀ କବିତାସବୁ ରାଞ୍ଚୀ ରହଣିକାଳରେ ୧୯୪୧-୪୨ରେ ରଚିତ ହୋଇଥିଲା। ମୋର ଜଣେ ସମାଲୋଚକ ଏସବୁ ରାଜପ୍ରାସାଦରେ ରଚିତ ବୋଲି ଉପଚୋରଣିଆ ମତ ପ୍ରକାଶ କରିଥିଲେ। କେତେଜଣ ସମାଲୋଚକ ଲେଖକର କଳିରାଜ୍ୟରେ ପ୍ରବେଶ କରନ୍ତି ବା ତା'ର ପ୍ରାଧେର୍ମ ସମଜନ୍ତି ? ସମାଲୋଚନା ନାମରେ ନିଜ ଖିଆଲ ହିଁ ପିଟାଯାଏ। ପ୍ରକୃତପକ୍ଷେ ଏଥିରୁ ଅଧିକାଂଶ ମୁଁ ଲେଖିଥିଲି ରାଞ୍ଚୀ ଷ୍ଟେସନ ନିକଟବର୍ତ୍ତୀ ଏକ ବ୍ରହ୍ମଚର୍ଯ୍ୟାଶ୍ରମରେ। 'ମୋତେ କର ଶଙ୍କିତ' କିମ୍ବା 'ତରୁ ମଧ୍ୟେ ଯାରା ବନ୍ଧୁ ଦେଖିଲି ରକେଟେ' ପ୍ରଭୃତି କବିତା ଉପରେ ଏହା ଆଶ୍ରମଦର୍ଶନ, ଧୂପଧୂନା ବା ପୂଜା ଅରାଧନାର ପ୍ରଭାବ ଥିଲା। କେତେକ ଲେଖିଥିଲି ଅଳସ ମଧ୍ୟାହ୍ନମାନଙ୍କରେ ଶ୍ମଶାନସ୍ଥ ଏକ ବଟବୃକ୍ଷ ଶାଖାରେ ବସି। ମୁଁ ହେଉଥିଲି ଧ୍ୟାନସ୍ଥ, ଗ୍ରୀଷ୍ମ ଝିଙ୍କାରିର ସ୍ୱଚ୍ଛମୂର୍ଚ୍ଛନା ମଧ୍ୟରେ। ସମସ୍ତ ମଧ୍ୟାହ୍ନ କବିତା ଲେଖି କାଟୁଥିଲି। ଠିକଣା ବାକିଲିଷ୍ଟିଗି ରାଜକୁମାରଙ୍କୁ ପଢ଼ାଇବାକୁ ଯାଉଥିଲି। ଧନେ ଧନେ ଦୁଇଟି ବା ତିନୋଟି ସନେଟ ଲେଖା ହେଉଥିଲା, କୌଣସି ଦିନ ବା କିଛୁ ପଙ୍କଟ୍ ନ ଥିଲା। କେତେବେଳେ ଜୁଆର ଉପରେ ଜୁଆର, କେତେବେଳେ ବା ଭଟ୍ଟା—ଚରମ ସ୍ଥିତିହୀନ।

ରାଞ୍ଚୀରେ ପଢ଼ିବା ଲାଗି ମୋତେ ବହୁ ଅବସର ମିଳୁଥିଲା। ମୁଁ ଇଉନିଅନ କ୍ଲବ ଲାଇବ୍ରେରୀରୁ ଆଣି 'Pebbles on the Seashore', Far from the Madding Crowd,' 'Outcaste,' 'Mother', 'ମେଘନାଦ ବଧ'

Digitized by srujanika@gmail.com

ମହାକାବ୍ୟ, ନେହେରୁଙ୍କ ଆତ୍ମଚରିତ, ରବୀନ୍ଦ୍ରନାଥଙ୍କ 'ଗୋରା' ଉପନ୍ୟାସ ପାଠ କରିଥିଲି । 'ହିନୁ' ରେ ସେତେବେଳେ ଓଡ଼ିଶାର ଆକାଉଣ୍ଟାଣ୍ଟ୍ ଜେନେରାଲଙ୍କ ଅଫିସ ଥିବାରୁ ବହୁ ଶିକ୍ଷିତ ଓଡ଼ିଆ ଚାକିରି କରି ରହିଥିଲେ । ତାସ, ପଶା ଖେଳ ସେମାନଙ୍କ ଦିନ କଟୁଥିଲା । ସେମାନଙ୍କୁ ମିଶାଇ ରାଞ୍ଚୀ 'ଓଡ଼ିଆ ସାହିତ୍ୟ ପରିଷଦ' ଗଢ଼ିଲି, ପନ୍ଦର ଦିନକେ ଥରେ ଏହି ପରିଷଦ ବୈଠକ ବସୁଥିଲା । କବିତା, ପ୍ରବନ୍ଧ, କ୍ଷୁଦ୍ର ଗଳ୍ପାଦି ପଠିତ ଓ ଆଲୋଚିତ ହେଉଥିଲା । ମୋର ପରମ ବନ୍ଧୁ ନୀଳକଣ୍ଠ ରଥଙ୍କ ସହଯୋଗରେ ଏହି ଅନୁଷ୍ଠାନ ଭଲଭାବେ ଚାଲୁଥିଲା ଓ ମୁଁ ଓଡ଼ିଶାକୁ ଫେରିଆସିବା ପରେ ମଧ୍ୟ କେତେ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା, ରଥେ ନାମଜାଦା ଲେଖକ ହୋଇ ଉଠିଥିଲେ; କିନ୍ତୁ କି କାରଣରୁ ସେ ଲେଖନୀ ଛାଡ଼ିଲେ ? ଅର୍ଥାଭାବରୁ ନିଶ୍ଚୟ ନୁହେଁ, ଉତ୍ସାହର ଉତ୍ସ ତାଙ୍କର ଶୁଷ୍କ ହୋଇଗଲା, 'ସଂହତି' ବା ଗୋଷ୍ଠୀରୁ ଛିନ୍ନ ହୋଇ ।

ଶ୍ରୀଯୁକ୍ତ ଉପେନ୍ଦ୍ର ଦାଶ ଓଡ଼ିଆ ସାହିତ୍ୟପରିଷଦ ଆଲୋଚନାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ; ରଚନାର ଦୋଷଗୁଣମାନ ବାଛି ମାନ ନିର୍ଦ୍ଧାରଣ କରିବାର ଦକ୍ଷତା ତାଙ୍କର ଥିଲା । ମୁଁ ତାଙ୍କ 'ହିନୁ' ବସାରେ କିଛିଦିନ ରହିଥିଲି; ପି. ଏସ୍ ସି.ର ସେକ୍ରେଟାରୀ; ତାଙ୍କର କର୍ମଦକ୍ଷତା ଯୋଗୁଁ ପରେ ସେ ଏହି ଚାକିରି ବଛାବଛି ଅନୁଷ୍ଠାନର ସଭ୍ୟପଦକୁ ଉନ୍ନୀତ ହୋଇଥିଲେ । ତାଙ୍କ ସ୍ୱାସ୍ଥ୍ୟ ଦୁର୍ବଳ, ତେଣୁ ସେ ଖାଦ୍ୟ ଓ ସ୍ୱାସ୍ଥ୍ୟସମ୍ବନ୍ଧୀୟ ଗବେଷଣାରେ ଲାଗିଥିଲେ । ଦୈନିକ ଚକୁଳି ପିଠା, ଦୁଧ ସଙ୍ଗେ ଗୋଟି ଗୋଟି ଶାଗ ରସରେ ଭିଜା ପରିବା ତରକାରି ଖାଇବାକୁ ମିଳୁଥିଲା । ନିତି ଖାଦ୍ୟର ନୂଆ ନୂଆ ଏକ୍ସପେରିମେଣ୍ଟ କରୁଥିଲେ ସେ ।

ରାଞ୍ଚିରେ ଥିଲାବେଳେ 'କର୍ମଫଳ' ଉପନ୍ୟାସଟି ଲେଖି ଶେଷ କରିଥିଲି । ସାହିତ୍ୟ ଲେଖି କିଛି ସାମୟିକ ଅର୍ଥାଭାବ ଦୂର କରିବା ମୋର ଲକ୍ଷ୍ୟ ଥିଲା । ସେତେବେଳେ କଲିକତାର ବଡ଼ ଓଡ଼ିଆ ପୁସ୍ତକପ୍ରକାଶକ ମୋହନଚରଣ ଦାସ; ସେ ଖଣ୍ଡିଏ ଉପନ୍ୟାସ ଲେଖି ଦେବାଲାଗି ମୋତେ ବରାଦ୍ ଦେଲେ । ଏମିତି ଉପନ୍ୟାସ ଲେଖି ତାଙ୍କୁ ଦେଇ ତାଙ୍କଠାରୁ ନୂତନ ଲେଖକମାନେ ପୁସ୍ତକ ପିଛା ପଚିଶ, ତିରିଶ ଟଙ୍କା ନେଉଥିଲେ । ଏସବୁ କଲିକତୀ ଉପନ୍ୟାସ ନାମରେ ପରିଚିତ ଥିଲା । ଏମାନଙ୍କର ଗ୍ରାହକ ବହୁ । ସେ ଧରଣର ଉପନ୍ୟାସ ଲେଖିବାର ଯୋଗ୍ୟତା ମୋର ନ ଥିଲା । ବିକଟ ଯୌନଚର୍ଯ୍ୟା, ଜନାକାଣି, ଚୌର୍ଯ୍ୟ, ମଣିଷମାରୁ, ହରଣଚାଲ୍ ମୋର ଦୂରବର୍ତ୍ତୀ ବିଷୟ, ରୁଚିଗର୍ହିତ । ମୁଁ ଏଠା ଲୋକଙ୍କ ମନଲାଖି ଉପନ୍ୟାସ କିପରି ଲେଖିପାରିବି ? ତା ଲେଖି ନ ପାରିଲେ ବ୍ୟବସାୟୀ ଗ୍ରହଣ କରିବେ କାହିଁକି ? ଉଚ୍ଚାଙ୍ଗ କଳା, ସାହିତ୍ୟର ବିବେଚନା ଉଚ୍ଚସ୍ତରରେ; ଏଠି ପେଟପାଟଣା କଥା ପଡ଼ିଲେ ବିବେଚ୍ୟ;

Digitized by srujanika@gmail.com

ବ୍ୟବସାୟୀର ଜୀବନରେ 'କର୍ମଫଳ'ର କୌଣସି ଓଜନ ଉଠିଲାନାହିଁ । ତାଙ୍କ ଭାବ ଭାବ ଯାହା ଅବଗତ ହୋଇ ପାରିଥିଲେ, ମୋତେ ଜଣାଇଦେଲେ—'ମାଟିର ମଣିଷ'ର ପ୍ରଭାବ ପଡ଼ିଛି । ଛପାଇଲେ ମୋତେ ଲୋକେ କଣ କହିବେ ?

ଏବେ ୩୦ ବର୍ଷ ତଳେ ଲିଖିତ ମୋ ଉପନ୍ୟାସଟି ପଢ଼ି ଦେଖୁଛି – ତା ଭିତରେ 'ମାଟିର ମଣିଷ, କୋଉଠି ନାହିଁ ; 'କର୍ମଫଳ'ର ବିଷୟବସ୍ତୁ ଭିନ୍ନ । ଏଥିରେ ଫକୀର ମୋହନ ଅଛନ୍ତି, ରାମଶଙ୍କର ରାୟ ଓ ଚନ୍ଦ୍ରମଣି ମହାନ୍ତି ଅଛନ୍ତି । ଗୋଲ୍ଡସ୍ମିଥ୍ ଅଛନ୍ତି, କାଳନ୍ଦୀବାବୁଙ୍କ 'ମୁକ୍ତାଗଡ଼ର କ୍ଷୁଧା' ହୁଏତ ଅଛି । କିନ୍ତୁ 'ମାଟିର ମଣିଷ' କୋଉଠି ନାହିଁ । ଏଥିରେ ଅଛନ୍ତି, ଆମ ଗାଆଁର ଜମିଦାର, ଆମ ଗାଆଁର ଦୁଃଖୀ ଗରିବ ପ୍ରଜା, ଠାକୁର ଗୋପୀନାଥ, ହୃଦୟ ଧରି ବସିଥିବା 'ଭଲଲୋକ', ଆମ ଗାଆଁ ସ୍କୁଲ ଓ ମାଷ୍ଟ୍ରେ, ସାହୁକାର ଓ ଖାତକ, ୧୯୧୯ର ଦୁର୍ଭିକ୍ଷ, ଉତ୍କଳମଣିଙ୍କ ସେବା, ମୋର କଲିକତା ଜୀବନର ଚିତ୍ର, ଅମ ସମାଜରେ ପ୍ରଚଳିତ ଭାବଧାରଣାକୁ ମୁଁ ଏଥିରେ ରୂପ ଦେଇଛି । ଧନୀକର ଅଙ୍ଗୁଳି ଇଙ୍ଗିତରେ ଚାଳିତ ସମାଜକୁ ବଦଳାଇବାକୁ ଚାହିଁଛି । ଅତ୍ୟାଚାରୀର ଶାସ୍ତିବିଧାନ ମୁଁ କରିଛି, ସତ୍ୟ ଓ ନ୍ୟାୟଧର୍ମର ପ୍ରତିଷ୍ଠା ଲାଗି ।

ଏବେ ଚିନ୍ତା ପାଣ୍ଡୁଲିପିଟି ପଢ଼ି କେହି, ଏହା ପ୍ରକାଶ କରିବାଲାଗି ମୋତେ ପରାମର୍ଶ ଦେଇଛନ୍ତି, କିନ୍ତୁ ମୋର ମନ ମାନୁନାହିଁ । ଏମିତରେ ଏ ଅଚଳ । ପରାମର୍ଶଦାତାମାନଙ୍କ ଯୁକ୍ତି---ପଢ଼ିବାକୁ ଭଲ ଲାଗୁଛି; ବିଷୟବସ୍ତୁରେ ନୂତନତା ନ ଥାଇପାରେ, କିନ୍ତୁ ଅନୁଭୂତି ଅଭିନବ, ପ୍ରକାଶଶୈଳୀ ମନୋରମ ।

ଉପନ୍ୟାସଟି ପ୍ରକାଶିତ ହୋଇଥିଲେ ହୁଏତ ମୁଁ ସେ ଦିଗରେ ଲେଖନୀ ଚାଳନା କରିଥାନ୍ତି, ଏ ମଧ୍ୟରେ ଜଣେ ଔପନ୍ୟାସିକ ଭାବେ ପ୍ରତିଷ୍ଠାଲାଭ କରିଥାନ୍ତି । କିନ୍ତୁ ତା ହେଲାନାହିଁ ।

ବିଭାଘର

ଭବିଷ୍ୟତ ଚିନ୍ତାରେ ବ୍ୟତିବ୍ୟସ୍ତ ଥିଲାବେଳେ ବିବାହ ଆସି ମୁଣ୍ଡିଲା, ବୋଧେ ବିବାହନାଡ଼ ଫିଟିଥିଲା, ଅଉ ରୋକ ହେଲାନାହିଁ । ତା ଆଗରୁ କନ୍ୟା ଦେଖି ଯାଇଥିଲି । ସାବନଙ୍ଗୀ । କିନ୍ତୁ ବାଳିକାଟିଏ, ଅପ୍ରାପ୍ତବୟସ୍କା; ନବମ ଶ୍ରେଣୀରେ ପଢ଼ୁଥିଲା । ମୋତେ ଭଲ ଲାଗିଲା କି ନାହିଁ ? ବାଛୁନାହିଁ କି ଭାବି ବସିନାହିଁ । ଏଇ ମୋର ପ୍ରଥମ ଓ ଶେଷ କନ୍ୟାଦେଖା, ବି.ଏ ପଢ଼ୁଥିବା ବେଳର ବିବାହ ବିଷୟକ ଏକ ଘଟଣା ମୋତେ ବ୍ୟାକୁଳିତ କରୁଥିଲା, ମୋର ସମ୍ବନ୍ଧ ହୋଇଯାଇଥିଲା, ବାଟ ଖର୍ଚ୍ଚ ବାବଦକୁ ମୋର

Digitized by srujanika@gmail.com

ଭାବୀ ଶ୍ୱଶୁର ଷାଠିଏ ଟଙ୍କା ଦେଇଥିଲେ । ସେ ଟଙ୍କା ନେଇ ମୁଁ ପାସବୁକ୍‌ରେ ଜମା ରଖିଥିଲି । କିନ୍ତୁ ଏଇ ସମୟରେ ବେନାମୀ ଚିଠି ଆସିଲା—ଉଆଁସୀ କନ୍ୟା— ଉଆଁସୀ ଜନ୍ମଆଁକୁ ଅଳପେଇସ ବର—ବଞ୍ଚିବାଲାଗି ମୋ ଲୋଭ ଏଇ ବିବାହଭଙ୍ଗର ହେତୁ ହେଲା—ନଚେତ୍ ବେନାମୀ ଚିଠିରେ କନ୍ୟାର ଯେଉଁ ରୂପବର୍ଣ୍ଣନା ହୋଇଥିଲା, ତା ମୋ ମନରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରିଥିଲା । କନ୍ୟାଟି କଣ୍ଟୁଣୀ ପରି ଲମ୍ବ, ମୋ ଉଚ୍ଚତା ୫' ଫୁଟ ଏକ ଇଞ୍ଚ, ତାର କପାଳ ଉଚ୍ଚ, କାହାକୁ ଏହା ହୁଏତ ଦୁର୍ଲକ୍ଷଣ, କିନ୍ତୁ ମୋ କପାଳ ନୀଚ; ଉଚ୍ଚକପାଳୀ ସ୍ତ୍ରୀଟିଏ ଜୁଟିଥିଲେ ହୁଏତ ମୋ ଭାଗ୍ୟର ବହୁ ବିଡମ୍ବନା କଟିଯାଇଥାନ୍ତା । କିନ୍ତୁ ମନରେ ନାନା ପ୍ରତିକୂଳ ଭାବ ଜାଗ୍ରତ ହେଲା । ଶତ୍ରୁର ଉଦ୍ଦେଶ୍ୟ ସିଦ୍ଧ ହେଲା । ବିବାହ ଭାଙ୍ଗିଗଲା, ମୁଁ ଟଙ୍କାତକ ଫେରାଇ ଦେଲି । ସେ କନ୍ୟା ଯଥା ସମୟରେ ବିଭା ହୋଇ ସୁଖରେ ସଂସାର ପାତିଛନ୍ତି, ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଅବିଧବା ହୋଇ ରହିଛନ୍ତି । 'ଉଆଁସ ଜନ୍ମଆଁକୁ ଅଳପେଇସ ବର' ଅନ୍ଧବିଶ୍ୱାସ, ମିଥ୍ୟା ବୋଲି ପ୍ରମାଣିତ ହୋଇଅଛି ।

ବିବାହପ୍ରସଙ୍ଗରେ ପଣ୍ଡିତ ନୀଳକଣ୍ଠ ମୋତେ ଥରେ ପୁଚ୍ଛା କରାଇଥିଲେ—ଗଭର୍ଣ୍ଣରଙ୍କ ପ୍ରାସାଦ; ଗୋଦାବରୀଶ ମନ୍ତ୍ରୀମଣ୍ଡଳ ଯୁଗ ସେ, ନୀଳକଣ୍ଠଙ୍କର ଅଖଣ୍ଡ ପ୍ରଭାବ; ମହାପ୍ରସାଦ ଭୋଜନ ପରେ ସେ ଗୋଟିଏ ବିବାହପ୍ରସ୍ତାବ ଉଠାଇଥିଲେ; ମୁଁ ହଁ ନାହିଁ କିଛି ନ କହି ସମୟ ନେଲି; ତାଙ୍କ କଥା ଏଡ଼ାଇଦେବା କଷ୍ଟକର । ବିବାହ ପ୍ରସଙ୍ଗରେ ମୁଁ ବଡ଼ଲୋକଙ୍କ ଜାଲରେ ପଡ଼ିବିନାହିଁ, ପଣ ଗ୍ରହଣ କରିବି ନାହିଁ, ସ୍ଥିର କରିଥିଲି, ତେଣୁ ଉକ୍ତ ସାବନୀ କନ୍ୟାକୁ ବିଭାହେବା ଲାଗି ରାଜି ହୋଇଗଲି । ବିଭା ହେବାକୁ ଯାଉଥିବା ବେଳେ ମୋ ଯାଜପୁର ଭ୍ରାତ 'ବାପି' କହିଲା—ଏ ହୃଦୟସ୍ପର୍ଶୀ

Needles and pins
Needles and pins
When a man marries
His trouble begins.

କବିତା ପଦଟି ଘରେ ନ ପଶୁଣୁ ମୁଣ୍ଡରେ ଗୁଳି ବାଜିଲା ପରି ମନକୁ ଧକ୍କା ଦେଇଥିଲା, ଭାବିଲି— ଅବିବାହିତ ଜୀବନରେ ମଣିଷ ବହୁ ଦୁଃଖକଷ୍ଟ ଭୋଗ କରେ, କିନ୍ତୁ ବିବାହ ପରେ ତାର ଜଞ୍ଜାଳ ବଢେ, ଦୁଃଖ ନିବିଡତର ହୁଏ, ଏ ସତକଥା । ତଥାପି ସେ ଦିଲ୍ଲୀକା ଲଡ୍ଡୁ । ଖାଇଲେ ପସ୍ତେଇବ, ନ ଖାଇଲେ ବି; ନ ଖାଇଲେ ବୋଧହୁଏ ବେଶି ।

ଆମ ଗାଆଁ ରେଳଷ୍ଟେସନରୁ ଅଗରୁ ସ୍ୱତନ୍ତ୍ର ବସ୍‌ରେ ଯାଇ ମୁଁ ପୁରୀର ଗୋଏଟି ଧର୍ମଶାଳାରେ ଥିଲି । ସେଠାରୁ ପୁଷ୍ପମାଳାମଣ୍ଡିତ ଗୋଟିଏ କାର୍‌ରେ ବସିଲି; ଶଗଡ଼ ଗଡରେ ବୁଲିଲି, ତେଲିଙ୍ଗି ବାଜା ବାଜିଲା, ପୁରୀ ବଡ଼ଦାଣ୍ଡରେ ପଞ୍ଚୁଆର ହେଲା । ପଥୁଆ ପାହ ଗଜମୁଣ୍ଡକୁ ମୋ ଶ୍ୱଶୁର ବରବରଣି କରି ଆସିଲେ ।

Digitized by srujanika@gmail.com

ଗାଆଁରୁ ଯେଉଁ ସବୁ ଆଉ ବି ଅଳପଣ୍ଡା ଯୋଗ ଆସିଥିଲେ, ଗାଆଁର ବ୍ରାହ୍ମଣବର୍ଗ ବନ୍ଧୁ-ବାନ୍ଧବ, ବିଶେଷତଃ ମୋ ଧର୍ମବାପ ମାମୁଁ ବରଯାତ୍ରୀ ହୋଇ ଆସିଥିଲେ, ମୋ ମୁଣ୍ଡରେ ମୁକୁଟ ବନ୍ଧା ହେଲାବେଳେ, ହାତଗଣ୍ଠି ପଡ଼ିଲାବେଳେ ତେଲିଙ୍ଗି ବାଜା, ଘୋଡ଼ନାଗରା ଓ ମହୁରୀ ଶବ୍ଦ ମଧ୍ୟରେ ଶରୀରରେ ଅପୂର୍ବ ଶିହରଣ ଆସିଥିଲା । ଫୁଲସଜ୍ଜରେ ନିମ୍ନ ଉଦ୍ଭଟ ଶ୍ଳୋକଟି ବୋଲିଥିଲି—

‘ହେ ହେରମ୍ବ, କିମମ୍ବ ? ରୋଦିଷି କଥଂ ?
କର୍ଣ୍ଣୌ ଲୁଠତ୍ୟଗ୍ନିଭୂଃ
କିଂ ତେ ସ୍କନ୍ଦ ବିଚେଷ୍ଟିତଂ ମମ ପୁରା
ସଂଖ୍ୟା କୃତା ଚକ୍ଷୁଷାମ୍
ନୈତତ୍ ତେପ୍ୟୁଚିତଂ ଗଜାସ୍ୟ ଚରିତଂ
ନାସାଂ ମିମୀତେ ସମେ
ତାବେବଂ ସହସା ବିଲୋକ୍ୟ ହସିତ-
ବ୍ୟଗ୍ରା ଶିବା ପାତୁ ବଃ”

ଅର୍ଥାତ୍ ପାର୍ବତୀ ଗଣେଶଙ୍କୁ ଡାକିଲେ, ଗଣେଶ—କଣ ମା ?

‘କାନ୍ଦୁଚୁ କାହିଁକି ?’
‘କାର୍ତ୍ତିକ ମୋ କାନ ମୋଡ଼ି ଦେଲା ।’
କାର୍ତ୍ତିକଙ୍କୁ ଧମକ ଦେଇ ପାର୍ବତୀ କହିଲେ--ତୋର ଏ କି ଆଚରଣ ।
କାର୍ତ୍ତିକ କହିଲେ—ମା, ଏ ମୋ ଆଖି ଗଣୁଛି ।

ପାର୍ବତୀ ଆକଟ କରି କହିଲେ - ଗଜାସ୍ୟ, ଏଟା ତୋ ପକ୍ଷେ ଉଚିତ ହୋଇ ନାହିଁ
ଗଣେଶ କହିଲେ—ମା, ଏ ମୋ ନାକ ମାପୁଛି ।

ପିଲାମାନଙ୍କର ଏ ଚଗଲ ଚଢ଼ି ହସଖୁସିରେ ସ୍ମିତମୁଖୀ ପାର୍ବତୀ ଆପଣମାନଙ୍କର ମଙ୍ଗଳ କରନ୍ତୁ ।

ଫୁଲସଜ୍ଜରେ ଆମ ଗାଁ ଲୋକେ କେତୋଟି ଶ୍ଳୋକ ବୋଲିଥିଲେ, ବ୍ରାହ୍ମଣ ଶାସନର ମାନରକ୍ଷା ହୋଇଥିଲା, କିନ୍ତୁ ପୁରୀ ବିଦ୍ୟାନଗରୀ: ସେତେବେଳେ ପଣ୍ଡିତମାନଙ୍କ ମୁହଁ ଖୋଲିଲା, ଆମ ଗାଆଁର ସ୍ୱର କୁଆଡ଼େ ହଜି ଯାଇଥିଲା । କେତେ ରାତି ପର୍ଯ୍ୟନ୍ତ ବେଶ୍ ଶ୍ଳୋକ ଆବୃତ୍ତି ଚାଲିଥିଲା; ଜଣେ ସାଧାରଣଜ୍ଞାନସଂପନ୍ନ ଅପଣ୍ଡିତ ବ୍ରାହ୍ମଣ ହସ୍ତକ୍ଷେପ କରିବାରୁ ପଣ୍ଡିତମାନେ ନିବୃତ୍ତ ହେଲେ । ପୁରୋହିତେ ଆଶୀର୍ବାଦ ଶ୍ଳୋକ ପାଠ କରି ବରକନ୍ୟାଙ୍କ ମୁଣ୍ଡରେ ଆଶୀର୍ବାଦ ଚାଉଳ ପକାଇ ଫୁଲସଜ୍ଜ ଶେଷ କଲେ ।

Digitized by srujanika@gmail.com

ସାତମଙ୍ଗଳା ଶେଷ ପର୍ଯ୍ୟନ୍ତ ଶ୍ୱଶୁର ଘରେ ଥିଲି । ପ୍ରତିଦିନ ମୁକୁଟପିନ୍ଧା, ଦୂର୍ବାକ୍ଷତ, ଚଉକୋଳି ପତ୍ର ଓ ଘୃତ ଦୀପରେ ବନ୍ଦାପନା, ବନ୍ଧୁ ଆଦର ଅଭ୍ୟର୍ଥନା, ଦିବ୍ୟଭୋଜନ ମଧ୍ୟରେ ସାତୋଟିଦିନ ଘୋଡ଼ାରେ (ସୁଖର ଦିନ ଘୋଡ଼ାରେ ଛୁଟେ) ଛୁଟି ଚାଲି ଯାଇଥିଲା । ସ୍ତ୍ରୀର ନାମ ନିଶାମଣି । ବେଦରେ ସ୍ୱାମୀ ସ୍ତ୍ରୀର ନୂତନ ନାମ ଦେବାର ବିଧି ଅଛି । ମୁଁ ନାମ ଦେଇଥିଲି ପ୍ରେମଲତା; ତାଙ୍କ ଘରେ ନିଶା ଓ ଆମ ଘରେ ଓ ସାଧାରଣରେ ଲତା ନାମରେ ସେ ପରିଚିତା ହେଲେ । ବିବାହରେ ଆମ ପକ୍ଷରୁ କିଛି ଦାବି କରିବାକୁ ଶ୍ୱଶୁରଙ୍କୁ ମନା କରି ଦେଇଥିଲି । ମୋତେ ମିଳିଥିଲା ଖଣ୍ଡିଏ ବି.ଏସ୍.ଏ. ସାଇକେଲ ଓ ଗୋଟିଏ ସ୍ମିଥ୍ ହେକେଣ୍ଡ୍ ୱାଚ୍, ଶଢ଼ନା ବରଯାତ୍ରୀ ନେବା ଆଣିବା ଲାଗି ବାଟ ଖର୍ଚ୍ଚ ବାବଦକୁ ନେଇଥିଲେ ଦୁଇଶତ ଟଙ୍କା ।

ମୋ ସ୍ତ୍ରୀ

ସ୍ତ୍ରୀ ସହିତ ମୋର ପ୍ରଥମ ରାତିରେ ସାକ୍ଷାତ ହୋଇଥିଲା, ଘୋରଅନ୍ଧକାର ମଧ୍ୟରେ । ଦଣ୍ଡଦେ ପତ୍ନୀର ପଦେ ଉତ୍ତର ପାଇ ନ ଥିଲି; ସେ ବାଳିକା, ଭୟାତୁରା; ରାତି ଅନିଦ୍ରା ହୋଇ ଛନ ଛନ ମନରେ ଘରର କେଉଁ କଣରେ ସେ ଲୁଚିଥିଲା ଦେଖିବାର ଉପାୟ ନ ଥିଲା । ରାତି ନ ପାହୁଣୁ ବିନା ଶବ୍ଦରେ ସେ କବାଟ ଖୋଲି ଚାଲି ଯାଇଥିଲା । ଆମ ମଧ୍ୟରେ ବୟସଗତ ତାରତମ୍ୟ ଦଶବର୍ଷରୁ ଅଧିକ ଥିଲା । ବିବାହ ପରେ ମୁଁ ତାଙ୍କଠାରୁ ଆଶା କରୁଥିଲି ପ୍ରେମପତ୍ର, ସେ ସେଥିଲାଗି ଅସମର୍ଥ ଥିଲେ; ମୋ ମନ ବୁଝୁ ନ ଥିଲା, ଯାହା ପକ୍ଷରେ ଯାହା ସମ୍ଭବ ନୁହେଁ, ମୁଁ ଆଶା କରି ବସୁଥିଲି; ଫଳରେ ମୋ ମନ ମନେଇବାଲାଗି ବାନ୍ଧବୀଙ୍କ ହାତରେ ପ୍ରେମପତ୍ର ଲେଖି ନିଜ ହସ୍ତାକ୍ଷରରେ ମୋ ନିକଟକୁ ପଠାଉଥିଲେ । ଏଥିରେ ପ୍ରେମେର ତରୁଣଚିତ୍ତ କାଙ୍କ୍ଷିତ ପରିମାଣରେ ଶାନ୍ତ ହୋଇଥିଲା । ବିଭା ହେବାର ତୃତୀୟବର୍ଷ ପରେ ମୋର ଆଶୀର୍ବାଦ ଘର ହୋଇଥିଲା ।

ମୋ ସ୍ତ୍ରୀଙ୍କର ପାଠର ଦୌଡ଼ ବେଶୀ ଦୂର ନ ଥିଲେ ବି ସାହିତ୍ୟଜ୍ଞାନ ଭଲ ଥିଲା; ୧୭। ୧୮ ବର୍ଷ ବୟସରେ ତାଙ୍କ କ୍ଷୁଦ୍ରଗଳ୍ପସବୁ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାମାନଙ୍କରେ ପ୍ରକାଶ ପାଉଥିଲା; କିନ୍ତୁ ସେ ପ୍ରତିଭା ବିକଶିତ ହେବା ଆଗରୁ ମଉଳି ଗଲା ।

ସମସ୍ୟାଭିଡ଼ ବା ସଂସାରଜଞ୍ଜାଳ ଲେଖନୀ ଛାଡ଼ିବାର ହେତୁ ନୁହେଁ । ସ୍ୱଳ୍ପ ଲେଖି ସେ ସାହିତ୍ୟିକମାନଙ୍କ ଉଚ୍ଚ ପ୍ରଶଂସା ଲାଭ କରିଥିଲେ । ଆଳସ୍ୟ, ଦୀର୍ଘସୂତ୍ରିତା, ସଂଶୟ ନ ଲେଖିବାର କାରଣ ହୋଇପାରେ । ତାଙ୍କ ଗଳ୍ପଗୁଡ଼ିକ ବହି ଆକାରରେ ଛପାଯାଇ ପାରି ନ ଥିଲା, ଏବେ ଉପଯୋଗିତା ହୁଏତ ନାହିଁ । କାରଣ ସେସବୁ ପ୍ରାଥମିକ ସ୍ତରର ଥିଲା, ଯଦିଓ ଶୈଳୀଗତ ମୂଲ୍ୟ ଯଥେଷ୍ଟ । 'ମୋ କଥାଟି ସରିଲା' ନାମରେ ତାଙ୍କର

Digitized by srujanika@gmail.com

ବୌଦ୍ଧଜାତକରୁ ଅନୁବାଦିତ ଗଳ୍ପସବୁ ପ୍ରକାଶ ପାଇଥିଲା, ସ୍ୱଭାବଗତ ସୌନ୍ଦର୍ଯ୍ୟ ଯୋଗୁଁ ଲୋକପ୍ରିୟ ହୋଇଥିଲା।

ମୋ ସ୍ତ୍ରୀ ରନ୍ଧାବଢ଼ା ଓ ଗୃହକର୍ମରେ ସୁନିପୁଣା। ଅର୍ଥଚର୍ଚ୍ଚାରେ ତାଙ୍କର ତିଳାର୍ଦ୍ଧ ବ୍ୟୟକୁଣ୍ଠା ନାହିଁ। ହାତରେ ଗୋଟିଏ ପଇସା ରହେନାହିଁ। ସବୁତକ ଖର୍ଚ୍ଚ କରି ସାରିଲେ ହିଁ ସେ ନିଶ୍ୱାସ ମାରନ୍ତି। ତେଣୁ ରୋଜଗାର ସଙ୍ଗେ ବ୍ୟୟସମୀକ୍ଷା ଓ ସଞ୍ଚୟସ୍ୱଭାର ମୋତେ ହିଁ ବହନ କରିବାକୁ ପଡ଼େ।

ଭିକମୁଠିକ ଲାଗି ସେ ସଦା ମୁକ୍ତହସ୍ତା। ପରୋପକାର ଲାଗି ଚିରତତ୍ପରା। ଯଦି ବା ଉପକୃତର କୃତଘ୍ନତା ଦେଖିଲେ ବେଳେ ବେଳେ ଭୟଙ୍କର ହୋଇଉଠନ୍ତି।

ଆଖିପତାରେ ଲୁହ, ଟିକେକେ ଗଡ଼ିପଡ଼େ। ଅଧରରୁ ଅଗ୍ନି, ଆଖିରୁ ଜଳସ୍ରୋତ ଏକାବେଳକେ ଛୁଟେ। ଆହା, ସେ ସ୍ରୋତ ଏ ଅଗ୍ନିକୁ ଯଦି ଲିଭାଇ ପାରନ୍ତା।

ମୁଖ ସ୍ୱଭାବତଃ ତୀକ୍ଷ୍ଣ, ବଚନ ଶାଣିତ। ସମାଲୋଚନବ୍ୟ ବଚନର କଷାଘାତରେ ରକ୍ତାକ୍ତ ହୁଏ। କିନ୍ତୁ ତାଙ୍କ ହୃଦୟ ନିର୍ମଳ। କାହାର ଅନିଷ୍ଟଚିନ୍ତା ସେ ମନରେ ସ୍ଥାନ ପାଏନାହିଁ। କୌଣସି ଗୋପନୀୟ କଥା ଦୀର୍ଘକାଳ ରହେନାହିଁ। ଯାହା କହନ୍ତି ତୁଣ୍ଡରେ ଲୁଣ ମିଳାଏ ନାହିଁ। ଗୁପ୍ତ କଥାଟା ନ କହିବା ଯାଏ ତୁଣ୍ଡ ଖାଲି ଖାଲି ହେଉଥାଏ, ଯଦିବା ଆମର ସେଭଳି କିଛି ଗୋପନୀୟ କଥା ନ ଥାଏ। ବୋଧହୁଏ, ଅଧିକାଂଶ ନାରୀଙ୍କର ପ୍ରକୃତି ଏଇଆ।

ମନ ଖୁବ୍ ପରିଚ୍ଛନ୍ନ ରଖନ୍ତି ସେ, ଯେପରି ନିଜର ଗୃହ। ଚାକର ନ ଥିଲେ ନିଜେ ଓଳାଇ ଓଦାକନାରେ ପୋଛନ୍ତି, ଛ' ତିଅଣ ନ' ଭଜା କରି ଖୁଆନ୍ତି, ଖୋଇବାରେ ପରମ ଆନନ୍ଦ। ପିଠାପଣା, ସହଜ ଅମୋଦ ଆନନ୍ଦର ଅଭାବ ଆମ ଘରେ ନ ଥାଏ, ଯଦି ବା ବାମୋସରେ ତେତ୍ରେତ ଗ୍ରାମ୍ୟଙ୍ଗିତରେ ପାଳିତ ହୁଏନାହିଁ।

ସେ ଛଅଗୋଟି ସନ୍ତାନର ଜନନୀ—ପ୍ରିୟଦର୍ଶୀ, ଦେବପ୍ରିୟ, ପୁଣ୍ୟଶ୍ଳୋକ। 'ତାମୀ' ନାମରେ ତାଙ୍କର ଗୋଟିଏ କନ୍ୟା ଥିଲା। ମାତ୍ର ଦୁଇବର୍ଷ ବୟସରେ ଦିନକର ରୋଗରେ ସେ ପ୍ରାଣତ୍ୟାଗ କଲା। ଆମ ଉଦ୍ଭଟ କନ୍ୟାପକ୍ଷେ ମାରକ।

ଗୃହିଣୀଙ୍କ ଘରକରଣାର ତାଲତାନ 'ଯେତକ ରମ୍ୟ, ପିଲାମାନେ ସେତକ ବେତାଳିଆ। ସେ ଯେତକ ସଜାସଜି କରନ୍ତି, ପିଲାମାନେ ସେତକ ଫିଙ୍ଗାଫୋପଡ଼ା କରନ୍ତି, ବୋଧେ ବୋଉକୁ ଚିଡ଼େଇବା ଲାଗି। ଲୁଗାପଟା ଖୁବ୍ ମଇଳା କରନ୍ତି—ବୋଉ ସଫା କରିବ। ଗୃହିଣୀ ଧୋବଣୀ ସାଜେ। ଆମ ଲୁଗା ଉଜଳାଘର ଦେଖେ ନାହିଁ।

Digitized by srujanika@gmail.com

ଗୃହିଣୀ ଯେତିକି ସଂସାରର ତଳକୁ ନଇଁରହି ଦେଖନ୍ତି, ପିଲାବୁଢ଼ାଙ୍କ ହୋଇ ଉଠନ୍ତି ସେତିକି ଉପରମୁହାଁ । କୋଉ କଥାକୁ ହିସାବରୁ ·କରି ଦେଖନ୍ତି ନାହିଁ, କିଛି ବିହିକୁ ଲାଗେନାହିଁ । ତାଙ୍କର ଯେତିକି ସଂସାରଚିନ୍ତା. ପିଲାବୁଢ଼ାଙ୍କ ସେତିକି ନିଶ୍ଚିନ୍ତ ।

ପିଲାଙ୍କ ସାଥିରେ ମୁଁ ମଧ୍ୟ ହୋଇଉଠିଛି ଅନାଡ଼ି, ଅପଦାର୍ଥ, ବେଖେୟାଲ ଭୁଲି-ଯାଇଛି, ଭୁଲିଯାଇଛି ଯାବତୀୟ ନିଜନିର୍ଭର ଚଳଣି । ସଂସାରକୁ ଗୃହିଣୀ ମୁଣ୍ଡରେ ଲଦିଦେଇ ହୋଇଯାଇଛି ପୋଲଫାର୍ଣ୍ଣିଆ । କଳ୍ପନା ଦୌଡ଼ ମାରିବାକୁ ସୁଯୋଗ ପାଇଛି । କିତାବ ପରେ କିତାବ ଲେଖିବା ସମ୍ଭବ ହୋଇଛି ।

ସେ ହୋଇଛନ୍ତି ଗୋଟାଏ ଉହ୍ମା, ମୁଁ ହୋଇଛି ନିଆଁ । ମୋ ଉତ୍ତାପ ଜଳାଇଛି ତାଙ୍କ ଗୁଡ଼ିକ । ସେ ହୋଇଛନ୍ତି ବେଲା, ମୁଁ ହୋଇଛି ଚେରି । ମୋର ନାଚକୁଦ, ଧକକା ଧସ୍ତାଧସ୍ତି ବରଦାସ୍ତ କରିଛନ୍ତି ସେ । ମୋର ଦାଉଦାଉ, ବିଷ ଜୀର୍ଣ୍ଣି କରିଛନ୍ତି ସେ, ମନ ଓ ଦେହକୁ ଅକାଟ କରି ସଂସାରରେ ମଣିଷର ଫସଲ ଉଠାଇବାର ଭାର ତ ମୁଖ୍ୟତଃ ମମତାମୟୀ ସଂସାରିଣୀ ଉପରେ । ବାହ୍ନିକା ସେଇ, ତାରକା ସେଇ । ମୋ ଗୃହିଣୀ ମୋତେ, ପିଲାମାନଙ୍କୁ ସୁରୁଖୁରୁରେ ତାରିଛନ୍ତି, ଉଠାଇଛନ୍ତି ଯାବତୀୟ ସାହିତ୍ୟଫସଲ ।

ଶ୍ୱଶୁର ଓ ଶାଶୁ

ମୋ ସ୍ତ୍ରୀ ପଥୁରିଆ ସାହିର ଶ୍ରୀ କ୍ଷେତ୍ରମୋହନ ଶତପଥୀଙ୍କର ଜ୍ୟେଷ୍ଠା କନ୍ୟା । କ୍ଷେତ୍ରମୋହନବାବୁ କିରାଣୀରୁ ଉଠି ଅଦାଲତର ନାଜର ଓ ସିରସ୍ତାଦାର ହୋଇଥିଲେ । ସେ ଏଣ୍ଟ୍ରେନ୍ସ ପାସ୍ କରିଥିଲେ । କିନ୍ତୁ ଏବ ଗ୍ରାଜୁଏଟଙ୍କ ଅପେକ୍ଷା ତାଙ୍କ ଇଂରାଜୀ ଜ୍ଞାନ ଅଧିକ ଥିଲା, ଜଣେ କାର୍ଯ୍ୟଦକ୍ଷ କର୍ମଚାରୀ ଭାବରେ ତାଙ୍କର ସୁଖ୍ୟାତି ଥିଲା । କୌଣସି ତ୍ରୁଟି ଦେଖିଲେ ସେ ହାକିମଙ୍କୁ ମୁହେଁ ମୁହେଁ ବତାଇ ଦେଉଥିଲେ, କର୍ମଦକ୍ଷତା ଯୋଗୁଁ କ୍ଷମା ପାଉଥିଲେ । ଖୋସାମତିର ଧାର୍ ଧାରୁ ନ ଥିଲେ । ସେ ନିଜ ଗୋଡ଼ରେ ଛିଡ଼ା ହୋଇ ମଣିଷ ହୋଇଥିଲେ । ମିସ୍ତ୍ରୀ ସଙ୍ଗେ ନିଜେ କୋଠାଘର ତୋଳିଥିଲେ, ନିଜେ କୋଦାଳ ଧରି ବାଡ଼ିରେ ନାନା ଫସଲ ଉତ୍ପାଦନ କରୁଥିଲେ—ସନ୍ତାନମାନଙ୍କ ଲାଗି ବ୍ୟୟରେ ଯେପରି ମୁକ୍ତହସ୍ତ, ନିଜ ଲାଗି ସେହିପରି ବ୍ୟୟକୁଣ୍ଠ ଥିଲେ । ଖଣ୍ଡିଏ ମାତ୍ର କମିଜ ତାଙ୍କର ଥିଲା. କେବେ ଜୋତା ପିନ୍ଧି ନ ଥିଲେ । ଲାଞ୍ଚ ନେବା ତାଙ୍କର ସ୍ୱଭାବ ନ ହେଲେ ବି କଚେରୀର ସାଧାରଣ ପାଉଣା ନେଇ ଖର୍ଚ୍ଚରେ ସଂଯତ ରହି ବିପୁଳ ସମ୍ପତ୍ତିର ମାଲିକ ଓ ଛ' କନ୍ୟାଙ୍କୁ ସତ୍ପାତ୍ରରେ ଦେବାକୁ ସମର୍ଥ ହୋଇଥିଲେ । ମୃତ୍ୟୁ ପୂର୍ବରୁ ସେ ପୁରୀ 'ସଦାଶିବ ସଂସ୍କୃତ କଲେଜ' ଓ 'ଚନ୍ଦ୍ରାମଣିବିଦ୍ୟାପୀଠ'ରେ

Digitized by srujanika@gmail.com

ମେଧାବୀ ଛାତ୍ରଙ୍କ ଲାଗି ଦୁଇଗୋଟି ଛାତ୍ରବୃତ୍ତି ଖଞ୍ଜି ଦେଇଥିଲେ ଓ ଗୋଟିଏ ଦେବମନ୍ଦିର ମରାମତି ବ୍ୟୟ ବହନ କରିଥିଲେ । ସଂସାରି ଦୃଷ୍ଟିରେ ତାଙ୍କ ଜୀବନ ଏକାନ୍ତ ସାର୍ଥକ ବିବେଚିତ ହୋଇଥିଲା । ବାମନ ଜନ୍ମ ବଡ଼ ଏକାଦଶୀ ଦିନ ତାଙ୍କର ଦେହାନ୍ତ ହେବାରୁ ଏହା ଆଜୀବନ ଧର୍ମପ୍ରାଣତାର ସୂଚକ ବୋଲି ଲୋକେ କହିଲେ ।

ବର୍ଷକୁ ପ୍ରାୟ ଗୋଟିଏ ଗୋଟିଏ ସନ୍ତାନ ଜନ୍ମ କରି ରୁଗ୍ଣ ହୋଇ ଅତି ଅଳ୍ପ ବୟସରେ ମୋ ଶାଶୂ ହୀରାମଣି ଦେବୀ ଦେହତ୍ୟାଗ କରିଥିଲେ । ସେ ସ୍ନେହମୟୀ ଓ ଉଦାରହୃଦୟା ଥିଲେ ।

ବିବାହ ପରେ ମୁଁ ଧାଇଁ ଫେରି ଯାଇଥିଲି । ନୟାଗଡ଼ ରାଜାପୁଅ ମୋ ସିଲ୍‌କ ଜାମା, ସୁନାମୁଦି, ସୁନାଚେନ୍ ଦିଆବୋତାମ, ସୁନାଫ୍ରେମର ଚଷମା, ଘଡ଼ି ନିରେଖି ଦେଖିଥିଲା ଓ ତା ମାମୀ ହେମରାଜଲକ୍ଷ୍ମୀଙ୍କ ଆଗେ ସବିଶେଷ ବର୍ଣ୍ଣନା କରିଥିଲା ।

ମୋ ଅନୁପସ୍ଥିତିରେ ଗ୍ରାଣ୍ଡ ହୋଟେଲରେ ଗୋଟିଏ ଦୁର୍ଘଟଣା ଘଟିଥିଲା । ମୋର ସମସ୍ତ ପାଣ୍ଡୁଲିପି କିଏ ଚୋରାଇ ନେଇଯାଇଥିଲା । ମୋ ଗ୍ରିବ୍‌ସାନ ଭଙ୍ଗା ଟ୍ରଙ୍କରେ ସେସବୁ ଥିଲା । ପରେ ଶୁଣିଲି ହୋଟେଲ ବୟକର ତାକୁ ଦୋକାନରେ ଦେଇ ଗୁଆ ମସଲା କିଣି-ଥିଲା ।

ମନଦୁଃଖରେ ସେତେବେଳେ ଅପହୃତ ପାଣ୍ଡୁଲିପିକି ଉପଲକ୍ଷ୍ୟ କରି ଗୋଟିଏ କବିତା ଲେଖିଥିଲି—ଅନ୍ତର୍ହିତା (ଡ୍ରସ୍ପଟରେ ପ୍ରକାଶିତ)

ଏଇ ଅକଲ୍ୟାଣର ଗୋଟିଏ ଭଲ ଫଳ ହେଲା—ମନରେ ଦୃଢ଼ ସଂକଳ୍ପ ଜାତ ହେଲା— ଏଥର ଯାହା ଲେଖିଛି ଛାପିବି ।

୧୯୪୨

ଦ୍ୱିତୀୟ ମହାଯୁଦ୍ଧ ଘନେଇ ଆସୁଥିଲା; ଏତିକିବେଳେ ଅଗଷ୍ଟ ନ' ତାରିଖରେ ଗାନ୍ଧିଜୀଙ୍କ 'ଭାରତଛାଡ଼' ଆହ୍ୱାନ ହିମାଳୟରୁ କୁମାରିକା ପର୍ଯ୍ୟନ୍ତ ଦେଶାତ୍ମବୋଧର ଏକ ଜୁଆର ଖେଳାଇ ଦେଇଥିଲା, କିନ୍ତୁ ହିଂସାମାର୍ଗରେ ଲୋକେ ମାତି ଉଠିଥିଲେ । ବ୍ରିଟିଶ ଶାସକଙ୍କ ଦମନନୀତି ଉଗ୍ରତର ରୂପ ଧାରଣ କରିଥିଲା । ଗାନ୍ଧିଜୀ, ନେହେରୁ, ପଟେଲ ପ୍ରଭୃତି ନେତୃବର୍ଗ ଜେଲ୍ ବରଣ କରିଥିଲେ । ମର୍ମେ ମର୍ମେ ଦାରୁଣ ଯନ୍ତ୍ରଣା ଅନୁଭବ କଲେ ବି ପ୍ରତ୍ୟକ୍ଷ ସଂଗ୍ରାମରେ ଯୋଗ ଦେବା ମୋ ପକ୍ଷେ ସମ୍ଭବ ହୋଇ ନ ଥିଲା ।

Digitized by srujanika@gmail.com

ତତ୍କାଳୀନ ଅପ୍ରକାଶିତ ବା ଉପେକ୍ଷିତ କବିତା ଉପରେ ମହାଯୁଦ୍ଧ ତଥା ସ୍ୱାଧୀନତା ଆନ୍ଦୋଳନର ପ୍ରଭାବ ପ୍ରତିଫଳିତ ହୋଇଅଛି, ସେଥି ମଧ୍ୟରୁ କେତୋଟି ପଦ ତଳେ ଉଦ୍ଧାର କଲି —

"ଅଜ୍ଞାନର ତଳେ ପୋତି ହୋଇ ମରେ
ଭାରତବର୍ଷ ସନ୍ଧି
ଲାଠି ମାଡ ଚୋଟେ ନର ମଥା ଫାଟେ
ନ ଗଣିଲେ ନଇଁ ନଇଁ
ଦେଶପ୍ରେମ ଏଥି ବିପ୍ଳବ ନାମେ
ସଢ଼େ ଯମ କାରାଗାରେ
ସେହି ଦେଶପ୍ରେମ ପୂଜିତ ହୁଅଇ
ନିଜ ଦେଶ ଦରବାରେ
ଏଇ ଦେଶ ଲୋକ ପୁଣି
ଏଇ ଦେଶ ଗଡ଼ା ଝଣ୍ଡାରେ କରେ
ଏଇ ଦେଶ ଲୋକ ଖୁଣି ।"

"ଜନନୀ ଅଧରେ ଶିଶୁର ରକ୍ତ ଛିଟା
ସାଗର ଶୁଣଇ ମରଣ କରୁଣ ଗୀତା
ଲୋତକ ଲବଣେ ଧରଣୀ ଚହନା ପିତା
ଶବପର୍ବତ ପରେ
ଧୂମକେତୁ ପୁଚ୍ଛରେ ଧ୍ୱଂସର ଧୂମ ଚଳେ ।"

"ନର ଲହୁ ଲହ୍ୱେ ଭାସଇ ଭୂତଳ
ସମର ଖେଳ ଯେ ଲଗିଛି ସମର
ରକତ କେତନ ଉଡ଼ଇ ପାପର
ବେଢ଼ି ସ୍ୱାଧୀନତା ଚରଣେ ।"
"ଭାରତର ନେତା ସଢ଼ନ୍ତି କାରାଗାରେ
ମରେ ଭାରତସ୍ଥ ପାପ ଶୃଙ୍ଖଳମାତେ ।"

"ନିର୍ମଳ ଯାହା କରେ ପଙ୍କିଳ
ସୁନ୍ଦର ଯାହାକରେ ଅରୁଚିର
ବିଶ୍ୱେ ନିଜକୁ ବୋଲେ ମହାବୀର
କର ତମେ ମସ୍ତ ଧରଣୀ

Digitized by srujanika@gmail.com

ଦେଶେ ଦେଶେ ଖୋଲେ ଶୋକପାରାବାର
ଏକ ହୁଙ୍କାରେ କୋଟି ହାହାକାର
ଏକ ହାସେ ଝରେ ଲୋତକ ଅପାର
ପିଚ୍ଛିଳ କରେ ଧରଣୀ ।"

ସେହି ସମୟରେ ମୋ ଭାବଧାରାର ଗତିମୁଖ ବଦଳୁଥିଲା, ଦେଶାତ୍ମବୋଧ ରୂପାନ୍ତରିତ ହେଉଥିଲା ସାମ୍ୟବାଦୀ ବିପ୍ଳବ ଆଡ଼କୁ । ପୁଞ୍ଜିପତି ହିଁ ଜନସାଧାରଣଙ୍କର ଯାବତୀୟ ଦୁଃଖଲାଗି ଦାୟୀ, ତାକୁ ବିନାଶ ନ କରିବା ପର୍ଯ୍ୟନ୍ତ ରକ୍ଷା ନାହିଁ ବୋଲି ଧାରଣା ଜନ୍ମି ଥିଲା । ଯାହା ଉପେକ୍ଷିତ, ଅଥଚ ଯାହାର କେତୋଟି ପଦ ହୃଦୟକୁ ସ୍ପର୍ଶ କରୁଛି, ତାହା ଉଦ୍ଧୃତ ହେଲା—

ପୁଞ୍ଜିପତିର ତରବାରୀ ଅରେ ପୁଞ୍ଜିପତିର ତରବାରୀ
କେତେଦିନ ଆଉ ଶୋଷିଥିବୁ କହ ଗରିବ ବୁକୁର ଲହୁ କାଢ଼ି ?
ଶୂନ୍ୟଆପଦାରେ କେତେଦିନ ଆଉ ଲାଗିବରେ ତୋର ଫମ୍ପୁଟଖେଳ
କେତେଦିନ ଧରା ଲୁହେ ଗାଧୋଇବ ମରଣ ହାଥିରେ ଏକା ଖେଳ
ପଞ୍ଜରାକାଠି ମୂଳଦୁଆ ପରେ କେତେକାଳ ହେବ କୋଠା ଗଢ଼ା ?
ଖଜଣା ପାଇଁକି କେତେଦିନ ହେବ ଦରମରା ଚାଷୀ ଚାଟି ଭଡ଼ା ?"

"ଜୀବନ ତାହାର ଦୁର୍ବହ ଭାର କିଏ କରିଦିଏ ସହ୍ୟ ?
ବିଳାସ ଅନଳେ ଆହାରମୁଠିକ କିଏ ଦିଏ ତାର ଦହି ?
କିଏ ଦିଏ ତାରେ କଉପୁନୀ ସାଜ ସିଦ୍ଧ ଯେ ରାଜଭୂଷା
କିଏ ପିଏ ମଦ ବଞ୍ଚିତ କରି ଆନର ତୋରାଣି ତୃଷା ?"

ସେ ସମୟରେ ପ୍ରେମଭାବରେ ମୋ ମନ ଭରପୂର ଥିଲା । ପ୍ରେମକବିତା ରଚନାରେ କ୍ୱଚିତ୍ ସଫଳ ହୋଇଛି, କିନ୍ତୁ ପ୍ରୟାସ କରିଛି, ସନ୍ତୁଷ୍ଟ ନ ହୋଇ ଉପେକ୍ଷା କରିଛି । ଉପେକ୍ଷିତ କବିତାର କେତୋଟି ପଦ ତଳେ ଉଦ୍ଧାର କଲି—

"ପ୍ରକୃତି ରାଣୀ, ପାଶେ ତୋର ଏଇ ମିନତି
ରହିବ ବନ୍ଧୁ ଦୂରେ ପ୍ରାଣପ୍ରିୟା ପତିବରତୀ
ବୋଲିବୁ ବାଦଲେ ଗରଜିବ ନାହିଁ ପାଶେ ତା
ବିଜୁଳି ପ୍ରେୟସୀ ହାରିଗଲା ବୋଲି ରୁଷେ ତା
ଝଡ଼େ ଡ଼ରେ ବଡ଼ ଭୀରୁ ସେ ସ୍ୱଭାବେ ଅବଳା
ବୋଲି ନ ବନ୍ଧୁ ସେ ଯହିଁ ମୋର ଶୋଭା କମଳା

Digitized by srujanika@gmail.com

ନ କରେ ମୋ ଲେ ନ ଦେଖାଉ ତାର ବାଡ଼ଧା
ସେଉଁ ଭୁଲେ ସେ ମୋ ପ୍ରିୟାଠାରୁ ବୋଲ ବଡ଼ ଦା ।"

"ପରକାଶିଲ ମୋର ସହସ୍ରଶତଦଳ
ପରକାଶିଲ ସବୁ ମୋହର
ତୁମ ଭିତରେ ମୁହିଁ ମୋର ଭିତରେ ସଖି
ରଜଇ ପ୍ରେମଆତ୍ମା ତୁମର
ନିଜକୁ ଦେଖେ ତୁମ ହୃଦସ୍ୱଦରପଣେ
ଶଶୀ ଯେସନେ ସିନ୍ଧୁ ଲହରେ ସ୍ୱପନେ
ଜୀବନ ଲତା ଦେଖେ ଅଫୁଟା ପ୍ରାଣ ମନେ
ଥିଲି ମୁଁ କାହିଁ ଯଥା ପଥର ।"

"ନିଜକୁ ନିଜ ମଧ୍ୟେ ବାନ୍ଧିବା କେଡ଼େ ଦୁଃଖ
ପରଟେ ଅର୍ପିବା ପରାଣ କେଡ଼େ ସୁଖ
ହୃଦୟ ସୁଧା ଦେବା ହୃଦୟ ପାଖେ ଢାଳି
ଯାପିବା ଜନ୍ମବଧି ଆନର କଥା ଭାଳି
କି ସୁଖ ସହେ ପ୍ରାଣ ସଜନୀ
ତୁଚ୍ଛା ରକତ ନୃତ୍ୟେ ପ୍ରେମ ତଡ଼ିତ ସୁଏ
ନାଚଇ ଯେବେ ହୃଦ ଧମନୀ ।"

"କନକ ପାଦୁକ ଧରି   ବେଳା ତଟେ ହିବ ଚାଲି
ବାଲି ଅଙ୍କୁଥିବ ପଦ କମଳ ଛବି
ନୂପୁରର ରୁଣୁଝୁଣୁ   ମଧୁବାଣୀ ଶୁଣୁ ଶୁଣୁ
ହେଉଥିବ ଝୁଣୁ ଝୁଣୁ କି ଅନୁଭବ
ମନପୁରେ ସପନ ସମ
ଟଳମଳ ପ୍ରେମର ସ୍ମୃତି ଜାଗିବ ମମ ।

ସୁଣୀ ଫୁଲ ପରି ଜହ୍ନ   କରୁଥିବ ଖୁସି ମନ
ହରଗୋଷ୍ଠି ଦିଶୁଥିବ ଶ୍ୟାମ ଧରଣୀ
ମେଘ ଆସି ମେଘ ପରେ   ବୃନ୍ଦ ଆସି ବୃକ୍ଷ ଖରେ
ପଳାଇବ ଲମ୍ଫୁଥିବ ଗ୍ରୀଷ୍ମ ଯବନୀ
କ୍ଷଣେ କ୍ଷଣେ ସ୍ୱର୍ଗ ମରତେ
ପ୍ରିୟା ସଙ୍ଗ ସୁଖ କେତେ ସେବେଳେ ସତେ ।"

"ରୂପ ଅନଳ ଅଛ କୀଟ ମୁଁ ନୁହେଁ
ଝରେନା ମଧୁ ବୃନ୍ତୁ ମଳୟ ଛୁଏ
ହୃଦୟ ଅଛୁ ଫେଡ଼ି
ନେଇ ଗୋ ଯାଅ ଦେଇ
ଅଉ ନ ବୋଲ ଆମେ ତ'ଜଡ଼, ଦୁହେଁ ।
ଦେହର ମୋହ ସହୁ ତ' ଦହନ ଶେଷ
ଜରାର ଖରା ତଳେ ନ ରହେ ଲେଶ ।"

ସେହି ସମୟରେ ରଚିତ 'ଜବାର' କବିତାଟି ମୋ ସଙ୍ଗ୍ରହରୁ ବାଦ୍ ପଡ଼ିଛି, କାବ୍ୟଶରୀର ନିର୍ମାଣରେ ଅପଟୁ କଲମର, କୁଣ୍ଠିତ ଭାବପ୍ରକାଶର ମୁଦ୍ରା ପଦେ ପଦେ । ସାଫଲ୍ୟଲାଭ ପୂର୍ବରୁ କେତେ ଅସାଫଲ୍ୟ, କେତେ ଅକୃତକାର୍ଯ୍ୟତା, କେତେ ଦୌର୍ବଲ୍ୟ, ଅସାମର୍ଥ୍ୟ, ଦ୍ୱନ୍ଦ୍ୱିକ ଶର ସଂଗ୍ରାମ । ଭାବର ଉତ୍ସମୁଖ ଫିଟିଯାଏ, ଭାଷାର ଆଧାର ଦୁର୍ବଳ; ସେ ଧର ରଖିପାରେ ନାହିଁ; ଅନ୍ତର୍ଲୋକର ସେଇ ତୋଫାନ, ସେ ସଂଘର୍ଷ; ତାର ସମ୍ବାଦ କେଉଁ ପାଠକ ରଖେ ? ଭଲ ଲେଖା ପୂର୍ବରୁ ବହୁ ମନ୍ଦ, ଅପସୃଷ୍ଟି, ଅସୃଷ୍ଟି—ଅଳିଅଳ-ଗଦାରେ ସେ ସବୁ ପଡ଼ନ୍ତି ବା କୀଟର ଆହାର ହୁଅନ୍ତି । 'ଜବା'ର କଳାବିବେଚନାରେ ଉପେକ୍ଷିତ ହୋଇଗଲା, କିନ୍ତୁ ମୋ ଉପରେ ତାର ରହିଗଲା ଏକ ଯୁଗାନ୍ତକାରୀ ପ୍ରଭାବ । କାଙ୍କେରେ ଯେଉଁ ରାତିରେ ଏ କବିତାଟି ଲେଖିଥିଲି, ସେହି ରାତିରେ ଜଗନ୍ନାଥଙ୍କୁ ସ୍ୱପ୍ନରେ ଦେଖିଲି ।

ମନେ ହେଲା, ମୁଁ ବଡ଼ଦେଉଳରେ ରତ୍ନସିଂହାସନ ସାମ୍ନାରେ ବସିଛି । ହାତରେ ଖାତାଟିଏ । ଭାବୁଛି—ଏ ଦାରୁମୂର୍ତ୍ତି—ଅଚଳ, ଅକର୍ମଣ୍ୟ । ହଠାତ୍ ଜଗନ୍ନାଥ, ବଳଭଦ୍ରଙ୍କ ମସ୍ତକ ଉପରକୁ ଉଠି ଉଠି ଗଲ କାହାକୁ ଦାରୁ କହୁଚ ? ବିଶ୍ୱମୂର୍ତ୍ତି ଆଗରେ ଅର୍ଜ୍ଜୁନ ପରି ବୋକା ହୋଇ ଚାହିଁଥାଏ ମୁଁ; ଜଗନ୍ନାଥ ପଚାରିଲେ—କଣ ସେ ?

'ଗୋଟିଏ କବିତା ଲେଖିଚି ।'

'ପଢ଼'

ପଢ଼ିଲି । ତାପରେ ଜଗନ୍ନାଥଙ୍କ ଅଭୟ ହସ୍ତ ଉତ୍ତୋଳିତ ହେଲା । ଅସୀମ ତୃପ୍ତି—ଜଗନ୍ନାଥ ହେଲେ ମୋ କବିତାର ଶ୍ରୋତା, ହେଉପଛେ ଜୀବନରେ ଥରେ ମାତ୍ର, ସ୍ୱପ୍ନରେ । ମୁଁ ଫେରିଲି । ଭୋଗମଣ୍ଡପରେ ଭେଟିଲି ରବୀନ୍ଦ୍ରନାଥଙ୍କୁ । ତାଙ୍କୁ ସବୁ କଥା କହିଲି । ଗମ୍ଭୀରଭାବେ ମୁଣ୍ଡ ଟୁଙ୍ଗାଇ କବି ମନ୍ଦିର ଭିତରେ ପଶିଲେ । ଜଗନ୍ନାଥ,

Digitized by srujanika@gmail.com

ନୀଳଭଦ୍ରଙ୍କର ସେ ମୂର୍ତ୍ତି କେବେ ଭୁଲିନାହିଁ । ସେଇ ଦିନ୍ଠୁ ମୋର ଧର୍ମବିଶ୍ୱାସ ଓ ଅନ୍ଧବିଶ୍ୱାସ । ତଳେ 'ଭଙ୍ଗାର' କବିତାର କୋଟିଏ ପଦ ଉଦ୍ଧାର କଲି –

"ଭିକ୍ଷା ଦିଅ ହେ ଭିକ୍ଷା ଦିଅ ହେ ନଗରବାସୀ
ଅକଳଙ୍କି ପାଦ ଦୁଇ ମୁଁ ବହୁ ଦୂରରୁ ଆସି
ଅନେକ ପୁଣ୍ୟ ଗଲେ ନ ଲଭିବ କାଳର ଫାଶି
ବସିବ ସ୍ୱର୍ଣ୍ଣ ଭୁବନେ
କହିଁ ଯାହାର ଅମର ସେ ନର କର୍ଣ୍ଣ, ବଳୀ
ଦେବ ଦଧୀଚି ଦେଲେ ଯେ ଯାଚିକ ଦାନହିଁ ବଳି
ଧନ ଜାଣି ଯାଏ ମରଣେ
ଅଥଚ ଜୀବନ ଲକ୍ଷ୍ୟ ସମାନ ପଡ଼ିଛି ଜଳି"

ରେଭେନ୍ସା କଲେଜରେ ଅସ୍ଥାୟୀ ଓଡ଼ିଆ ଅଧ୍ୟାପକ ଚାକିରିଟିଏ ଖାଲି ହେଲା । ମୁଁ ପ୍ରଥମ ଶ୍ରେଣୀରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଡି. ପି. ଆଇଙ୍କ ସୁନଜରରେ ଆସିନଥିଲି । ମାନନୀୟ କବି ବୈକୁଣ୍ଠନାଥ ନିଯୁକ୍ତି ପାଇଲେ । ଅଭିଜ୍ଞ ଶିକ୍ଷକ, ତାଙ୍କ ପଦୋନ୍ନତିରେ ଆନନ୍ଦିତ ହେଲେ ବି ମନ ମୋର ଅସ୍ଥିର, ଚଞ୍ଚଳ ହେବାକୁ ଲାଗିଲା । ରାଞ୍ଚିରେ ଥିବାଯୋଗୁଁ ମୁଁ କର୍ତ୍ତାଙ୍କ ଦୃଷ୍ଟିରେ ପଡୁନାହିଁ, ଏଇ ଧାରଣା ଜନ୍ମିଲା । କିନ୍ତୁ ଏହା ଯେ ଭୁଲ୍, ପରେ ପ୍ରମାଣିତ ହୋଇଗଲା । ଓଡ଼ିଶାରେ ଓଡ଼ିଆରେ ଏମ୍. ଏ. ବା ଅନର୍ସ କ୍ଲାସ୍ ଖୋଲି ନ ଥିଲା । ଆଇ. ଏ., ବି. ଏ.ରେ ବାଧ୍ୟତାମୂଳକ ଓଡ଼ିଆ ପଢ଼ାଇବା ଲାଗି ଓଡ଼ିଆ ଏମ୍. ଏ. ଡିଗ୍ରୀର ପ୍ରୟୋଜନ ହେଉ ନ ଥିଲା । ସଂସ୍କୃତ ଏମ୍. ଏ. ବାଲା ସେ କାର୍ଯ୍ୟ ଚଳାଇ ନେଉଥିଲେ । ଫଳରେ ମୋତେ ପାଞ୍ଚବର୍ଷକାଳ କେତେବେଳେ ଟିଉସନ୍, କେତେବେଳେ ଶିକ୍ଷକତା, କେତେବେଳେ ବା ଘରୋଇ କଲେଜରେ ଅଧ୍ୟାପନା କାର୍ଯ୍ୟ କରିବାକୁ ହୋଇଥିଲା । ସରକାରୀ ଚାକିରି କ୍ଷେତ୍ରରେ ଅଗ୍ରଗତି ବାଧାପାଉଥିଲା, ଆର୍ଥିକ କ୍ଷତି ହେଉଥିଲା ନିଶ୍ଚୟ । କିନ୍ତୁ ଅନୁଭୂତିରେ ମୁଁ ସମୃଦ୍ଧ ହେଉଥିଲି, ସାଂସ୍କୃତିକ ଦିଗରୁ ଏହା ମୂଲ୍ୟବାନ୍ ।

ରାଞ୍ଚିର ରଙ୍ଗା ମାଟି, ଗ୍ରାମପୂଜାର ରଙ୍ଗୀନ୍ ମନ, ଛୋଟନାଗପୁର ଆଦିବାସୀଙ୍କ ସ୍ୱଚ୍ଛନ୍ଦ ଜୀବନ ପରିବେଶ ମୁଁ ଛାଡ଼ିଲି, ମନରେ ଝଣଝଣି ଉଠୁଥିଲା ଏକ କରୁଣ ଝଙ୍କାର ।

ଉଚ୍ଚ ବିଦ୍ୟାଳୟର ଶିକ୍ଷକ

ରାଞ୍ଚୀ ଛାଡ଼ି ଚାଲିଆସିଲି । କଟକରେ ସାତ ଆଠ ଦିନ ରହି ଏତେବେଳେ ସ୍କୁଲର ଅନୁଷ୍ଠାନରେ ବୁଲିଲି । ନାସ୍ତି ନାସ୍ତି – ନାସ୍ତି ।। ମନରୁ ସମସ୍ତ ଉତ୍ସାହ

Digitized by srujanika@gmail.com

ମନେପଡ଼େ; ବୁଲି ବୁଲି ଶ୍ରାନ୍ତ କ୍ଳାନ୍ତ, ଅବସନ୍ନ ହୁଏ । କ'ଣ କରିବ ? କେମିତି ଚଳିବ ? ପାଖରେ ଦି' ପଇସା ହାତରେ ଥିଲା ସରି ସରି ଆସିଲା । ଜୋତା ଛିଡ଼ିଲା, ଜାମା ଚିରିଲା, କାହିଁକି ଅକାରଣ ସ୍ୱେଚ୍ଛାଚାରିତାରେ ଗ୍ଲାନି ଗ୍ରହଣ ଆସିବ ? 'ଯୋ ଧ୍ରୁବାଣି ପରିତ୍ୟଜ୍ୟ..., ସେ ଧ୍ରୁବତା ଅବଶ୍ୟ ହି ହରେ । ଟିଉସନମାଷ୍ଟରୀ କ'ଣ ଗୋଟାଏ ବୃତ୍ତି ? ଛୋଟର ମୋହ ବଡ଼କୁ ଲାଭ କରିବାରେ ବାଧକ ହୁଏ । ଛୋଟକୁ ନ ଛାଡ଼ିଲେ ବଡ଼ ମିଳେନାହିଁ ।

ଘୋର ଅନିଶ୍ଚିତତାର ବେଗବାନ୍ ମଧ୍ୟରେ ପାଦ ଠୁଳ କରିବାକୁ ଚେଷ୍ଟା କରୁ କରୁ ମିଳିଗଲା, ବାରିପଦା ସ୍କୁଲରେ ଶିକ୍ଷକତା, ମୋର କଲ୍ୟାଣକାମୀ ପଣ୍ଡିତ ହରିହର ମିଶ୍ରଙ୍କ ଚେଷ୍ଟାରେ । ବାରିପଦାରେ ମାତ୍ର କେତୋଟି ମାସ ମୁଁ ଥିଲି, ଶ୍ରୀ ଅନନ୍ତ ଶତପଥୀଙ୍କ ଘରେ । ଅନନ୍ତବାବୁ ଉକିଲ; କିନ୍ତୁ ସତ୍ ସାହିତ୍ୟପ୍ରେମୀ; ମୋର ବିଶେଷ ଯତ୍ନ ସେ ନେଉଥିଲେ । ମାସିକ ମାତ୍ର କୋଡ଼ିଏଟି ଟଙ୍କା ଦେଇ ମୁଁ ପରିବାରର ଯତ୍ନ ଓ ଉତ୍ତମ ଖାଦ୍ୟ ଲାଭ କରୁଥିଲି ।

ସେତେବେଳେ ଶ୍ରୀ ବିଶ୍ୱମ୍ଭର ମିଶ୍ର ସ୍କୁଲର ପ୍ରଧାନଶିକ୍ଷକ ଥିଲେ । ମୁଁ ସ୍କୁଲରେ ସଂସ୍କୃତ ପଢ଼ାଉଥିଲି । ସ୍କୁଲ ଆରମ୍ଭରେ ରାଜାଙ୍କ ପ୍ରତି ଆନୁଗତ୍ୟସୂଚକ ଏକ ଗୀତଟି (କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ) ବୋଲା ହେଉଥିଲା—

"ଏଇ ମୋର ଜନ୍ମଭୂମି ଏଇ ମୋର ରାଜା
ଯୁଗେ ଯୁଗେ ମୁଁ କରୁଥିବିରେ ଏ ଭୂମିର ପୂଜା ।
ଦେଖରେ ଦେଖରେ ପୂର୍ବ ଗଗନେ ଉଇଁ ଆସୁଛି ସୂର୍ଯ୍ୟ
ଦମାମ୍ ଦମାମ୍ ମାଦଳ ବାଜେ ଗର୍ଜୁଛି ତୂର୍ଯ୍ୟ ।'

ଭଗବାନଙ୍କ ପ୍ରାର୍ଥନା ବୋଲା ନ ହୋଇ ଏ ରାଜସ୍ତୁତି ବୋଲା ହେଉଥିଲା କାହିଁକି ? ଏ ଗୀତର ଛନ୍ଦ ଓ ଶବ୍ଦଯୋଜନା ମନୋହର ହେଲେହେଁ ମୁଁ ଯେ ଗୋଟାଏ ଗଡ଼ଜାତରେ ଅଛି, ଏଇ ଭାବନା ମନରେ ଜାଗ୍ରତ କରୁଥିଲା; ପିଲାଙ୍କ ସଙ୍ଗେ ଗୁଣ୍ଡି ମିଳେଇ ଗାଇବାକୁ ଅଡ଼ୁଆ ଅଡ଼ୁଆ ଲାଗୁଥିଲା । ଉତ୍କଳଠୁ ସ୍ୱତନ୍ତ୍ରଭାବେ ମୟୂରଭଞ୍ଜକୁ ଦେଖିବା କଳ୍ପନା କିପରି ବିକୃତ ବୋଧ ହେଉଥିଲା । ମୟୂରଭଞ୍ଜର ରାଜପରମ୍ପରା ଏ ଚିନ୍ତାପରିସରରୁ ଦୂରରେ ଥିଲା । ଉତ୍କଳକୁ ଓ ଉତ୍କଳୀୟ ସଂସ୍କୃତିକୁ ରାଜାମାନେ ଏକାନ୍ତ ଭାବେ ନଜର କରି ଦେଖୁଥିଲେ । ରାଖାଲଦାସ ବାନାର୍ଜୀଙ୍କ ଓଡ଼ିଶାର ଇତିହାସ, ପଣ୍ଡିତ ବିନାୟକ ମିଶ୍ରଙ୍କ ଓଡ଼ିଆ ଭାଷାର ଇତିହାସ, ଓଡ଼ିଆ ସାହିତ୍ୟର ଇତିହାସ ସେମାନେ ଛପାଇଥିଲେ, 'ଉତ୍କଳ ପ୍ରଭା', 'ଭଞ୍ଜପ୍ରଦୀପ' ସେଇମାନଙ୍କର ଅମର କୀର୍ତ୍ତି । ରେଭେନ୍ସା କଲେଜର ଉନ୍ନତି, ଉତ୍କଳବିଶ୍ୱବିଦ୍ୟାଳୟର ପ୍ରକାଶ, ପୂର୍ଣ୍ଣଚନ୍ଦ୍ର

Digitized by srujanika@gmail.com

ଭାଷାକୋଷର ପ୍ରକାଶ, ଶ୍ରୀ ରମେଶଚନ୍ଦ୍ର ଭବନ ନିର୍ମାଣ ନିମନ୍ତେ ବିପୁଳ ଅର୍ଥ ଦାନ କରିଥିଲେ । ମୟୂରଭଞ୍ଜର ମହାରାଜାମାନେ ଉତ୍କଳ ହୃଦୟରେ ଗୌରବମୟ ସ୍ଥାନ ଅଧିକାର କରିଥିଲେ; ସେମାନେ କାହିଁକି ସ୍କୁଲଗୃହ ଓ ଶିକ୍ଷକଙ୍କ ଉପରେ ରାଜା ଓ କ୍ଷୁଦ୍ର ଭୂଖଣ୍ଡର ସ୍ତୁତିସୂଚକ ଏଭଳି ଏକ ସଂଗୀତ ନବା ଦେବେ ? ଏହି ଭୂଖଣ୍ଡର ପ୍ରକୃତ ଅଧିକାରୀ ଥିଲେ ବ୍ରିଟିଶ୍ ରାଜ । ତାଙ୍କ ଅଙ୍ଗୁଳି ଇଙ୍ଗିତରେ ଚାଳିତ ହେଉଥିଲେ ଏହି ଗଡ଼ଜାତର ରାଜାମାନେ । ଏହି ଗୀତର ଅବତାରଣା କରିଥିଲେ ଜଣେ ପ୍ରଧାନଶିକ୍ଷକ, ମହାରାଜାଙ୍କ ପ୍ରୀତ୍ୟର୍ଥେ । ସେ ଶଚୀନ୍ଦ୍ର ନାଥ ଦାସ ।

କେତେ ବର୍ଷ କାଳ ଶଚୀନ୍ଦ୍ର ନାଥ ମୟୂରଭଞ୍ଜ ଶିକ୍ଷାବିଭାଗର ସୁପରିଣ୍ଟେଣ୍ଡେଣ୍ଟ୍ ହୋଇଥିଲେ, ଶ୍ରୀ ଗୋକୁଳଚନ୍ଦ୍ର ଶରପଥୀ ବିଲାତରୁ ଫେରିବା ପରେ ତାଙ୍କୁ ସୁପରିଣ୍ଟେଣ୍ଡେଣ୍ଟ୍ ଭାବେ ନିଯୁକ୍ତ କରି ଶଚୀନ୍ଦ୍ରବାବୁଙ୍କୁ ହେଡ଼ମାଷ୍ଟର ପଦବୀକୁ ଖସାଇ ଦିଆହେଲା । ତାଙ୍କ ପରି ସୁଯୋଗ୍ୟ ବ୍ୟକ୍ତିଙ୍କ ପ୍ରତି ଏହା ଘୋର ଅବିଚାର ଓ ଅପମାନ । ସେ ଏହାର କୌଣସି ପ୍ରତିକାର କରିପାରି ନ ଥିଲେ । ତାଙ୍କ ବିଷାଦ ଓ ବିକ୍ଷୋଭ ପ୍ରତି କେହି ଦୃକ୍-ପାତ କରି ନ ଥିଲା । ଫଳରେ ସେହି ବିଷୟ ଭାବି ଭାବି ଶଚୀନ୍ଦ୍ରଙ୍କ ମସ୍ତିଷ୍କବିକୃତି ଘଟିଲା । ସେ ଜ୍ଞାନୀ, ପ୍ରତିଭାଶାଳୀ ବ୍ୟକ୍ତି ଥିଲେ । ପାଗଳ ହେବା ପରେ ତାଙ୍କ ତୁଣ୍ଡରୁ ସେକ୍ସପିଅରଙ୍କ ନାଟକ, କାଳିଦାସଙ୍କ ଶ୍ଳୋକ ଓ ଓଡ଼ିଆ କାବ୍ୟ ପଦମାନ ଅନବରତ ଛୁଟୁଥିଲା—

‘ଏହି କି ସେ ଆର୍ଯ୍ୟ ଭୂମି ? ଏ ଭୂମିର ସୁତେ
ତୁମ୍ଭେ କି ଆର୍ଯ୍ୟନାମ ଦାୟାଦ ଜଗତେ ?’
‘ତୁହି କରେ ସୂର୍ଯ୍ୟବଂଶ ଅଦ୍ଵିତୀୟ ରବି
ଧରାଧାମେ ରତ୍ନ ବୋଲି ଜଗତେ ବୋଲାଉ ?
କ୍ଷତ୍ରିୟ-କୁଳ-ଉଜ୍ଜ୍ୱଳ କରିବାକୁ ପୁଣି
ହୋଇଛୁ କୃତସଂକଳ୍ପ, ରେ ରେ ଅହଂକାରୀ···’
‘ବୈଦେହି, ପଶ୍ୟାମଲୟାତ୍ ବିଭକ୍ତମ୍ · ···।’
‘କାହା ଭାବେ ମଳି ଆଜ ହସୁଚୁ ଗୋ ଏତେ
ହୃଦ କୁମୁଦ ବନ୍ଧୁକୁ ଦେଖିଲୁ କି ପଥେ ····· ?’

ପାହାନ୍ତାରୁ ବାଡ଼ି ଖଣ୍ଡିଏ ଧରି ସେ ଭ୍ରମଣରେ ବାହାରି ପଡୁଥିଲେ । ତାଙ୍କ ଅନର୍ଗଳ କବିତାଆବୃତ୍ତିରେ ହିଁ ବାରିପଦାବାସୀଙ୍କ ନିଦ୍ରାଭଙ୍ଗ ହେଉଥିଲା । ପରିଚିତ ବ୍ୟକ୍ତି ଭେଟିବାମାତ୍ରେ ତାଙ୍କ ଅସମ୍ବଦ୍ଧ ପ୍ରଳାପ ପ୍ରବଳ କଲୋଚ୍ଛ୍ୱାସ ପରି ଛୁଟୁଥିଲା । ସାହିତ୍ୟ ଓ ସାହିତ୍ୟିକଙ୍କ କବଳରୁ ସେହି ବ୍ୟକ୍ତି ମୁକ୍ତି ପାଇବା ସହଜ ନ ଥିଲା । ଏହି ସମ୍ମାନିତ ଶଚୀବାବୁଙ୍କୁ କିଛି କହିବାକୁ କାହାର ତୁଣ୍ଡ ଲେଉଟୁ ନଥିଲା । ଏ ଦୁର୍ବିପାକରେ ଶିକ୍ଷିତ

Digitized by srujanika@gmail.com

ବୈଦଗ୍ଧ୍ୟମାନ ବୟଃସନ୍ଧିକାଳ ହିଁ ହେଉଥିଲେ । ସୁପରିଚିତ ଓ ଭକ୍ତିଭାଜନ ଶଚୀବାବୁଙ୍କ ବହୁ କବିତା 'ଉତ୍କଳସାହିତ୍ୟ'ରେ ପ୍ରକାଶ ପାଉଥିଲା, ସାହିତ୍ୟିକ ଭାବେ ସେ ପ୍ରତିଷ୍ଠିତ ହୋଇଥିଲେ ।

'ଏକଲବ୍ୟ' (ରାଧାଦେବୀ ପୁରସ୍କାର ପ୍ରାପ୍ତ), ଟେନିସନ୍‌ଙ୍କ Beggar Maid (ଭିକ୍ଷୁବାଳା), ଇଟାଲୀରେ ସୂର୍ଯ୍ୟାସ୍ତ (ଶେଲିଙ୍କ Julian & Meddaloର ଅନୁବାଦ) ବିଦଗ୍ଧ ସମାଜର ଦୃଷ୍ଟି ଆକର୍ଷଣ କରିଥିଲା ।

"ଏକଲବ୍ୟ ! ଆଜି କିପାଇଁ ବିରସ ?
ଶୁଖାଇଛି କିମ୍ପା ମୁଖ ହସ ହସ ?
ମାରଗରେ ତବ କିପାଇଁ ମନ୍ଥର ?
ଅବନତ ମୁଣ୍ଡ କି ଚିନ୍ତା କାତର ?"

"ବକ୍ଷସ୍ଥଳେ ନିହିତ ଆହା ଛିନ୍ନ ବସ୍ତ୍ର ପାଶ
କିଏ ସେ ରୂପସୀ ବାଳା ସ୍ୱରଗମୋହିନୀ
ବରାଙ୍ଗେ ଜଡ଼ିତ ଶତଛିଦ୍ର ମ୍ଳାନ ବାସ
ରାଜଦ୍ୱାରେ ଉପସ୍ଥିତା ବାଳା ଏକାକିନୀ ?"

'ବାରୁଣୀ ଗଗନୁଁ ଧୀରେ ଅବତରି
ଅସ୍ତଗାମୀ ହେଲୁ କିରଣମଞ୍ଜରୀ
ସନ୍ଧ୍ୟାଗମେ ଯେବେ ଧୀରେ ଯାଏ ଚୁମି
ତୋତେ ଲୋ ଇଟାଲୀ, ଦେବ ଲୀଳାଭୂମି

× × ×

ଇଟାଲୀ, ତୋହର ସୁନୀଳ ଭୂଧର
ନୀଳ ସିନ୍ଧୁ ତୁଙ୍ଗ ମନ୍ଦିର ଶିଖର
ଘନ ଦ୍ରାକ୍ଷାକୁଞ୍ଜଶୋଭିନୀ ନଗରୀ
ସନ୍ଧ୍ୟାରାଗେ ଧରେ ଅପରୂପ ଶିରୀ ।"

କବିତାର ଲାଳିତ୍ୟ ଓ ସୌକୁମାର୍ଯ୍ୟ ହୃଦୟକୁ ମୋର ସ୍ପନ୍ଦିତ କରିଥିଲା । ତାଙ୍କ ସହିତ କିଶୋର ବୟସରୁ ମୋର ପରିଚୟ ଥିଲା । ଦିନେ ପୁରୀ ସମୁଦ୍ର ବେଳାରେ ବସି ଟିପା ଖାତାରେ କିଛି ଲେଖୁଥିଲି । ଶଚୀବାବୁ ପଛଆଡ଼ୁ ଖାତାଟି ଉଠେଇନେଲେ—ରାଗି ପଛ ଆଡ଼କୁ ବୁଲିବାବେଳକୁ ଦୃଷ୍ଟି ମୋର ସେଇ ତେଜସ୍ୱୀନ୍ ବିଦଗ୍ଧ ମୁଖର ସମ୍ମୁଖୀନ ହୋଇ ନ ପାରି ଆପେ ଆପେ ଅବନତ ହୋଇ ଆସିଲା । ମୁଁ ଯେତେବେଳେ

Digitized by srujanika@gmail.com

ମାଟ୍ରିକ ତଳ ଶ୍ରେଣୀର ଗ୍ରୁପ । ମୋ ଟିପାଖାତା ପଢ଼ି କ'ଣ ଭାବିଲେ କେଜାଣି ସେ ଇଂରାଜୀରେ ଖଣ୍ଡିଏ ସୁପାରିସ୍ ପତ୍ର ଲେଖିଦେଲେ—ଦରକାର ବେଳେ କର୍ମରେ ଆସିବ—He is persevering, hardworking and very well-behaved. He is a poet of nature—ଅଉ କ'ଣ ମନେ ନାହିଁ—ସବୁ କଲମରେ ଅତି ସୁନ୍ଦର ଅକ୍ଷରରେ ଲେଖା ।

ସେହି ଶଚୀବାବୁଙ୍କୁ ଅନ୍ତ ଏ ଅବସ୍ଥାରେ ଦେଖି ମର୍ମେ ମର୍ମେ ଯାତନା ଅନୁଭବ କଲି । ସେତେବେଳେ ସେ ଘୋର ଅଭାବଅନାଟନ ମଧ୍ୟରେ ଥିଲେ । ପରିବାରର ଅବସ୍ଥା କ୍ରମେ ଶୋଚନୀୟତର ହେଉଥିଲା । ତାହା ବୁଝିବାର ଶକ୍ତି ଶଚୀବାବୁଙ୍କର ନ ଥିଲା । ସେ ମୁଠିଏ ଖାଇବାକୁ ଘରକୁ ଫେରୁଥିଲେ ମାତ୍ର । ତାଙ୍କ ଚିକିତ୍ସାର କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । ପୁତ୍ରପୌତ୍ର ମଧ୍ୟରେ ଦିନେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ଶଚୀବାବୁ ଗଲେ, ସେହିପରି ଗଲେ ପଦ୍ମଚରଣ ପଟ୍ଟନାୟକ, ପ୍ରାଣକୃଷ୍ଣ ସାମଲ, ଶିଳ୍ପୀଗୁରୁ ବିମ୍ବାଧର ବର୍ମା । ଓଡ଼ିଆ ସାହିତ୍ୟିକମାନଙ୍କର ଏହି ଦୁରବସ୍ଥା ଦେଖି ଲୋକେ ଲକ୍ଷ୍ମୀ ସରସ୍ୱତୀଙ୍କ ବୈର ସଂପର୍କ ଦେଖାଇଥାନ୍ତି ପରା ।

ବାରିପଦାରେ ମୋର ଅନ୍ୟତମ ଆକର୍ଷଣ ଥିଲେ ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ; ସରଳ ସୁଜନ, ବିପୁଳ ତାଙ୍କର ପାଠାଗାର, ପତ୍ରିକା ଓ ପତ୍ରଲୁଚ୍ଛିସଂଗ୍ରହ । ବିଦ୍ୟାର ନାନା ବିଭାଗ ଆଲୋଚନାରେ ସେ ଥିଲେ ବକ୍ତା, ମୁଁ ଶ୍ରୋତା । ତାଙ୍କ ସହିତ ଆଲୋଚନା କଲାଭଳି ବିଦ୍ୟା ମୋର ନ ଥିଲା, କିନ୍ତୁ ବିଦ୍ୟା ଓ ବିଦ୍ୱାନ୍ ପ୍ରୀତି ଥିଲା ପ୍ରବଳ ।

ସେତେବେଳକୁ ସେ ଖିଚିଂରେ କୀଚକେଶ୍ୱରୀ ମନ୍ଦିର ନିର୍ମାଣ କରିଥିଲେ, ବାରିପଦା ମ୍ୟୁଜିଅମ୍ ଓ ଜୁବିଲି ଲାଇବ୍ରେରୀ ସଂଗଠନ କରିଥିଲେ । ଗୋବର୍ଦ୍ଧନଚନ୍ଦ୍ର ମହାପାତ୍ରଙ୍କ ମହାଭାରତ ଗଦ୍ୟାନୁବାଦକୁ ଧ୍ୱଂସ ମୁଖରୁ ରକ୍ଷା କରିଥିଲେ; ବିଦ୍ୟା ସମ୍ବନ୍ଧରେ ମହାରାଜାଙ୍କର ପ୍ରଧାନ ଉପଦେଷ୍ଟା ସେ ଥିଲେ ।

ମୁଁ ବାରିପଦାର ତରୁଣ ବନ୍ଧୁମାନଙ୍କୁ ମିଳାଇ ମୃତପ୍ରାୟ ସାହିତ୍ୟପରିଷଦକୁ ଜୀବନ୍ୟାସ ଦେଇଥିଲି । ପରମାନନ୍ଦବାବୁ କଠୋରଭାବେ ସମୟାନୁବର୍ତ୍ତୀ ଥିଲେ, ଯଥା ସମୟରେ ସଭା ଆରମ୍ଭ ନ ହେଲେ ଫେରି ଯାଉଥିଲେ । ପରିଷଦର ସଭ୍ୟମାନେ ମୋ ଉହଣି କାଳରେ ଥରେ ହେଲେ କେହି ଯଥା ସମୟରେ ଉପସ୍ଥିତ ହୋଇ ନ ଥିଲେ, ପରମାନନ୍ଦ ପ୍ରତ୍ୟେକ ଥର ହିଁ ଆସି ଫେରିଥିଲେ ।

ପ୍ରଧାନଶିକ୍ଷକ ଶ୍ରୀ ବିଶ୍ୱମ୍ଭର ମିଶ୍ର (ମୃତ୍ୟୁ ୭-୬-୭୯) ଯେପରି ନୀତିନିଷ୍ଠ, ସେହିପରି ନିରଳସ ଓ ସରଳ ଥିଲେ । ଏଡ଼୍‌କେସନ କୋଡ଼୍ ତାଙ୍କର ବେଦ ଥିଲା, ସେ ତାକୁ

Digitized by srujanika@gmail.com

ପଦେ ପଦେ ଅନୁସରଣ କରୁଥିଲେ । ଶତଶତ ଛାତ୍ରଙ୍କ ଜୀବନ ଗଢ଼ିବାର ଗୌରବ ବେନି ସେ ମୟୂରଭଞ୍ଜ ଆସିଥିଲେ, ଶରୀଫାଙ୍କ ଅମଳରେ ନଷ୍ଟଭ୍ରଷ୍ଟ ସ୍କୁଲକୁ ସଂଗଠନ କରିବାଲାଗି; ଶିକ୍ଷାବିଭାଗର ଡିରେକ୍ଟର ଶ୍ରୀ ଶ୍ୟାମଚନ୍ଦ୍ର ତ୍ରିପାଠୀ (ମୟୂରଭଞ୍ଜୀୟ) ମହାରାଜାଙ୍କ ଅନୁରୋଧରେ ତାଙ୍କୁ ଏହି ସ୍କୁଲକୁ ପଠାଇଥିଲେ । ଶିକ୍ଷକ, ଛାତ୍ର ଓ ସ୍ଥାନୀୟ ଅଧିବାସୀମାନଙ୍କର ତାଙ୍କ ପ୍ରତି ଗଭୀର ସମ୍ମାନ ଓ ଶ୍ରଦ୍ଧା ଥିଲା । ଅଧ୍ୟାପନା ଓ ଶୃଙ୍ଖଳା ପ୍ରତି ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ସେ ବାରମ୍ବାର ବୁଲି କ୍ଲାସ ଦେଖୁଥିଲେ; ଶିକ୍ଷକମାନଙ୍କ ପ୍ରତି ତାଙ୍କ ଗାମ୍ଭୀର୍ଯ୍ୟ ସୀତପଦ ଥିଲା । ଛାତ୍ରମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରିବାଲାଗି ସେ ଚେଷ୍ଟା କରୁଥିଲେ । କିନ୍ତୁ ଦିନକର ଘଟଣା ତାଙ୍କ ଆନ୍ତରିକତା ପ୍ରତି ମୋର ସଂଶୟ ଜାତ କରିଥିଲା ।

ଥରେ ତ୍ରିପାଠୀ ସାହେବ ସ୍କୁଲ ପରିଦର୍ଶନ କରିବାକୁ ଆସିଲେ । ଶ୍ରୀ ମିଶ୍ର ନୂତନ ମାଟି ଉପରେ ଗାର୍ଡେନ୍ କଖାରୁ, କଲରା, କଦଳୀ ଫେଣା, ଅମୃତଭଣ୍ଡା, ସପୁରି, ଭେଣ୍ଡି ଅନ୍ୟ ଗୋଟିଏ ଅନୁଷ୍ଠାନରୁ ସଂଗ୍ରହ କରିଆଣି ଲାଇବ୍ରେରୀରେ ସଜେଇ ରଖିଥାନ୍ତି— ହା. ସ୍କୁଲର କୃଷିଶିଳ୍ପ ! ହେଃ ମାଙ୍କ ତତ୍ପରତାର ପ୍ରତୀକ ।

ଗୃହଶିଳ୍ପର ଦାୟିତ୍ୱ ମୋତେ ସ୍ପର୍ଶ କରି ନ ଥାଏ, ଏ ବାକ୍ସ ସ୍ୱନସ୍ତ, ଯାହା ପ୍ରତି ମୋର ଲୋଭ ରହିବ ।

କହିଲି—ସାର୍, ଆପଣ ଗୃହଶିଳ୍ପରୁ ଅବସର ନେଇଛନ୍ତି, ଅଉ କି ପ୍ରମୋସନ ଆଶା କରନ୍ତି ? ଯାହା ନିଜର ନୁହେଁ, ତାକୁ ନିଜର ବୋଲି ଦେଖାଉଛନ୍ତି କପରି ?

ଶ୍ରୀ ମିଶ୍ର ଟିକିଏ ଅପ୍ରସ୍ତୁତ ଓ ବିସ୍ମିତ ହେଲେ, ଜଣେ ସହକାରୀ ଶିକ୍ଷକର ଏ ଆସ୍ପର୍ଦ୍ଧା, ଏ ପ୍ରଗଲ୍‌ଭତା ଦେଖି । ବହୁ ସରକାରୀ ସ୍କୁଲରେ କାର୍ଯ୍ୟ କରି ସେ ପ୍ରଶଂସାର ପାତ୍ର ହୋଇଛନ୍ତି, ଡିରେକ୍ଟରଙ୍କ ଡାହାଣ ହାତ ହୋଇ ମଧ୍ୟ କେତେ କାଳ କାର୍ଯ୍ୟ କରିଛନ୍ତି, ଶିକ୍ଷକମାନଙ୍କର ଆଦର୍ଶ, ପାଶ୍ଚାତ୍ୟ ଶିକ୍ଷାର ପରିପକ୍ୱ ଫଳ ।

ସେ ମୋ ପ୍ରତି ଗମ୍ଭୀରତର ହେଲେ; ମୁଁ ତାଙ୍କ ଗାମ୍ଭୀର୍ଯ୍ୟ ଭାଙ୍ଗିବାକୁ ଚେଷ୍ଟା କରି ବିଫଳ ହୋଇଥିଲି । ଦିନେ ରୂପସା ଷ୍ଟେସନରେ ମେଲ୍‌ରେ ଚଢ଼ି ପାରୁ ନ ଥାନ୍ତି । ଗାଡ଼ିର ରହଣି ଦୁଇ ମିନିଟ୍ ମାତ୍ର । କୁଲି, କୁଲି ଡାକି ସେ ଥକିଲେ; ବ୍ୟାଗ, ବେଡ଼ିଂ ଓ ଟ୍ରଙ୍କ୍ ଉଠାଇବାର ଶକ୍ତି ତାଙ୍କର ନାହିଁ । ହଠାତ୍ ମୁଁ ଦୌଡ଼ି ଯାଇ ତାଙ୍କ ଜିନିଷପତ୍ର ଉଠାଇ ଦେଲି । ଏଇ ଶ୍ରେଷ୍ଠ କାମଟି କରି ତାଙ୍କ ଆଖିରେ ମୁଁ ବଡ଼ ଲୋକ ହୋଇଗଲି, ତାଙ୍କ କମାଟବନ୍ଧା ଗାମ୍ଭୀର୍ଯ୍ୟ ଭାଙ୍ଗିଗଲା । ସେ ହସି ହସି ମୋତେ ଆଶୀର୍ବାଦ କଲେ ।

Digitized by srujanika@gmail.com

ବାରିପଦାରେ ଥିବା ସମୟରେ ଖିଚିଂ, ମେଘାସନ ବା ଶିମିଳିପାଳ ଦେଖିବାର ସ୍ୱପ୍ନ ମୁଁ ତ୍ୟାଗ କରିଥିଲି। ମୁଁ ଭଲ ବା ଲେଖକ ହିସାବରେ ଯେତେ ପ୍ରତିଷ୍ଠିତ ହୁଏ ନା କାହିଁକି, ଜଣେ ସାମାନ୍ୟ ଶିକ୍ଷକ। ଶିକ୍ଷକର ସାମାଜିକ ସ୍ଥିତି ଗୌଣ, ନଗଣ୍ୟ। ଏହା ମୋତେ ଶିକ୍ଷା ସୁପରିଣ୍ଟେଣ୍ଡେଣ୍ଟ, ବଲ୍ଲଭପେଟର ଗୋକୁଳଚନ୍ଦ୍ର ଶତପଥୀ କଥାରେ କହିଲେ ନାହିଁ, ତାଙ୍କ ଔଦାସୀନ୍ୟରେ ଦେଖାଇଦେଲେ। ମୋ ସହିତ ତାଙ୍କର ଆଲୋଚନା କରିବା ଲାଗି ରୁଚି ନାହିଁ. ମୁଁ ତାଙ୍କର ସମସ୍କନ୍ଧ ନୁହେଁ, କଣ୍ଟ କଥା ହେଲେ ତାଙ୍କର ସମୟ ନଷ୍ଟ ହିଁ ହେବ। ତାଙ୍କର 'ଉତ୍କଳପ୍ରଭା' ସଂପର୍କୀୟ ଆଲୋଚନା ପ୍ରତି ଆକୃଷ୍ଟ ହୋଇ ପାରିଥିଲି; ଲେଖକଭାବରେ ମୋର ଅଭିମାନ ମଧ୍ୟ ଅଳ୍ପ ନ ଥିଲା। ସବୁ ଚୂର୍‌ମାର୍ ହୋଇଗଲା। ଉନ୍ନତ ସାମାଜିକ ସ୍ଥିତି ନ ଥିଲେ ଖାଲି ଲେଖକଭାବରେ ଏତ ଧନତାନ୍ତ୍ରିକ ସମାଜରେ କେହି ସମ୍ମାନଲାଭ କରିବା କଷ୍ଟକର। ମନ ମୋର ବିପ୍ଳବ କରି ଉଠିଲା—ନା, ଆଉ ନୁହେଁ; ବାରିପଦା, ତୋତେ ନମସ୍କାର।

ପରବର୍ତ୍ତୀ ଜୀବନରେ ମୁଁ ଶ୍ରୀ ଶତପଥୀଙ୍କ ନିକଟରେ ଘନିଷ୍ଠ ଭାବରେ ଋଣୀ ହେଲେ ବି ସେ ଦିନ ସେହି ଘଟଣା ହିଁ ମୋର ବାରିପଦାତ୍ୟାଗର ମୁଖ୍ୟ କାରଣ ହୋଇଥିଲା।

ସ୍କୁଲରୁ ବିଦାୟ ନେଲାବେଳେ ଆଖି ଆଗରେ ମୋର ନାଚୁଥିଲେ—ସ୍କୁଲ ହତାରେ ଥିବା ବୃଦ୍ଧ ଅନନ୍ତନାଗେଶ୍ୱର ବୃକ୍ଷ ଓ ମୂର୍ତ୍ତିତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟ—ବସନ୍ତ ଆସିଲେ ମୂଳରୁ ଚୂଳ ପର୍ଯ୍ୟନ୍ତ ଯେ ଫୁଲ ଧରେ, ଆଜୀବନ ଯେ ସଂସ୍କୃତ ଚର୍ଚ୍ଚା କରୁଥିଲେ, ଧନ ବା ମାନ ପ୍ରତି ଦୃଷ୍ଟି ନ ଦେଇ। ଏ ଦୁହିଁଙ୍କ ଶିକ୍ଷାକୁ ମୁଁ ଜୀବନରେ ଦୀକ୍ଷା ସ୍ୱରୂପ ଗ୍ରହଣ କଲି।

ତାଳଚେରରେ ଦେଢ଼ ବର୍ଷ

ଗଡ଼ଜାତ ନାମରେ ଯେତିକି ଆତଙ୍କ, ସେତିକି ଆନନ୍ଦ ଥିଲା; ଆତଙ୍କର କାରଣ ରାଜ ଅତ୍ୟାଚାର; ଆନନ୍ଦ, ଏହାର ଚିତ୍ତାକର୍ଷକ ଦୃଶ୍ୟ ଯୋଗୁଁ। ଢେଙ୍କାନାଳ ରାଜା ଅତ୍ୟାଚାରର ଏକ ଚୂଡ଼ାନ୍ତ ପ୍ରତୀକ ଥିଲେ; ପ୍ରଜାମଣ୍ଡଳ ବିପ୍ଳବୀ ଓ ବାଜି ରାଉତ ଏହି ବିପ୍ଳବ ସ୍ଫୂର୍ତ୍ତିମନ୍ତ ହୋଇଥିଲା। ତାଳଚେର ପ୍ରଜାବିପ୍ଳବ ସେତେବେଳେ ଦମିତ। କଟକ ରେଭେନ୍ସା କଲେଜର ଅଧ୍ୟକ୍ଷ ମହେଶଚନ୍ଦ୍ର ପ୍ରଧାନ ତାଳଚେର ରାଜବାଟିରେ ମୋ ଲାଗି ଗୋଟିଏ ଟିଉସନ୍ ଠିକ୍ କରିଦେଲେ। ତାଳଚେର ପଟ୍ଟାୟତସାହେବ ଶ୍ରୀ ପ୍ରମୋଦଚନ୍ଦ୍ର ଦେବଙ୍କ ଗାଡ଼ି ମୋତେ ନେବା ଲାଗି ଷ୍ଟେସନକୁ ଆସିଥିଲା। ବାଁ ପଟେ ଯୁବରାଜଙ୍କ ରାଜବାଟି, ଡାହାଣ ପଟେ ସୁନ୍ଦର ବ୍ରାହ୍ମଣୀ ନଦୀ, ଗାଡ଼ି ଚାଲିଲା ବୁଦୁବୁଦକିଆ ପାହାଡ଼ ଓ ପାତଳ ଜଙ୍ଗଲ ଲଙ୍ଘି ଛ' ମାଇଲ ଦୂରବର୍ତ୍ତୀ ପଟ୍ଟାୟତ ନଅରକୁ; ଅନୁଚ୍ଚ ପାହାଡ଼ ଉପରେ

ଅମଡ଼ ଗୋଟିଏ ଦୁର୍ଗ ସେ—ନାମ ସ୍କଟ୍‌ଲ୍ୟାଣ୍ଡ୍ ପୁର—ତାଳଚେର ନାଁକୁ ଅନୁଯାୟୀ ଇଂଲଣ୍ଡପୁର ମନେ କରାଯାଉଥିବ । ଏହି ନାମଟି କାହାର ଆପତ୍ତି ଜନ୍ମାଇବ, ଏହା ତଳେ ଥିଲ ଖୋସାମତ ବା ଆନୁଗତ୍ୟ; ହଜାର ଦାରିଦ୍ର୍ୟ ଓ ଅଜ୍ଞାନତା ମଧ୍ୟରେ ଏହା ହୋଇଥିଲ ନାମର ଏକ ନକଲ । ଗ୍ରାମଟି ନବ ନିର୍ମିତ; ପଞ୍ଚାଶୁକଧାରୀଙ୍କ ଘୋଷ ନକ୍ଷତ୍ର ଚୁମ୍ବନ କରିବା ମାତ୍ରେ ତାଙ୍କ ପ୍ରୟୋଜନାନୁଯାୟୀ ଗ୍ରାମଟି ବସିଲା, ଜନ୍ମ ନେଇ ପାରିଲନାହିଁ ।

ସ୍କଟ୍‌ଲ୍ୟାଣ୍ଡ୍‌ର ପାହାଡ଼ ଏଠି ଅଛି, ଗୋଟିଏ ପରେ ଗୋଟିଏ, ତାପରେ ଅନ୍ଧାର ଅନେକ, ବୁଦାବୁଦିଆ ଜଙ୍ଗଲଭରା । ତେବେ ସ୍କଟିସ୍ ଲେକ୍ ନାହିଁ । ପଞ୍ଚାଶୁକଧାରୀମାନେ ତାହା ପୂରଣ କରିଛନ୍ତି କେତୋଟି ବଡ଼ ବଡ଼ ପୋଖରୀ ଖୋଳେଇ । ପୋଖରୀରୁ ପାଣି ଉଠାଯାଏ ବଗିଚା ମଝିର ସିମେଣ୍ଟ ଚହବଚ୍ଚାକୁ; ଚହବଚ୍ଚାରୁ ପାଣି ମଡ଼ାଯାଏ ସମସ୍ତ ବଗିଚାରେ । ପ୍ରାୟ ପାଞ୍ଚ ଏକର ଜମିର ବଗିଚା, ଫଳଭରା । ଏଥିରୁ କେବଳ ପ୍ରାସାଦର ବ୍ୟବହାର ଲାଗି ଉଦ୍ଦିଷ୍ଟ ନୁହେଁ । ବଳକା ପନପରିବା ବଜାରରେ ବିକ୍ରି ହୁଏ, ସେଥିରୁ ଉତ୍ପାଦନର ଖର୍ଚ୍ଚ ଉଠେ ।

ତାଳଚେର ଗୋଟିଏ ମହଙ୍ଗା ଜାଗା । ଏଠି ତିନିଗୋଟି କୋଇଲାଖଣି; ବହୁ ଶ୍ରମଜୀବୀ ଓ ମଜୁରିଆ ବସବାସ କରିଥାନ୍ତି । ଅନୁର୍ବର ସ୍ଥାନ, ଉତ୍ପାଦନ ସ୍ୱଳ୍ପ । ତେଣୁ ପନପରିବା କଟକରେ ଶସ୍ତା ହେଲେ ବି ଏଠି ମହଙ୍ଗା । ଆଳୁ ବାଇଗଣ ତ ଦୂରର କଥା, ପଞ୍ଚାଶୁକଙ୍କ ବାଡ଼ିର ମିଠା ଖଡ଼ାଗଛ ଗୋଟିକୁ ହାଟରେ ଦୁଇଅଣାରୁ ଅଠଅଣା ଦରରେ ବିକ୍ରି ହୁଏ ।

ବଗିଚାରେ ଜଣେ ମାଳୀ; ସେ ଜଣେ ଖଟେ ଓ ମୂଲିଆ ଲଗାଏ । ସକାଳୁ ଘରୁ ଗଣ୍ଡିଏ ଖାଇ ଆସି କାମ କରେ, ସନ୍ଧ୍ୟାରେ ଫେରେ । ଗରିବ ତ ଏ ରାଜ୍ୟଜାତର ପ୍ରାୟ ସମସ୍ତେ; କିନ୍ତୁ ଗରିବ ମଧ୍ୟରେ ମହା ଗରିବ ସେ । ଦ'ଓଳି ତା' ପରିବାରକୁ ମୁଠିଏ ରୁଚା ଭାତ ମିଳେନାହିଁ, ତଥାପି, ଭଲ କଥା ପସନ୍ଦ କରେ ? ସେଇ କାଳିଆ ବୁଢ଼ା ମାଳୀର ଗୋଟିଏ ଢଗ ମାତ୍ର ମୋର ମନେ ଅଛି—

ଦୁଧର ବାଛୁରୀ ପାଣିର ଧାନ
ଭାତଖିଆ ପୁଅ ଦରଇ ଆନ ।

ଏଇ 'ଭାତଖିଆ' ଉପରେ ସେ ଜୋର୍ ଦେଇ କହେ, ସେଥିରୁ ତା ଅବସ୍ଥା ମୁଁ ଠଉରାଏ ।

Digitized by srujanika@gmail.com

ବଗିଚାକୁ ଲାଗିଥିବା ଗୋଟିଏ ଲମ୍ବା ହଲ୍ ମୋତେ ଦିଆ ହୋଇଥିଲି । ହଲ୍‌ରେ ବାଥ୍‌ରୁମ୍, ଥଣ୍ଡା, ଗରମପାଣି କଳ । ମୋ କୋଠରୀର ଟିକିଏ ଦୂରରେ ପଞ୍ଚାୟତ ପୁତ୍ରମାନଙ୍କ କୋଠରୀ, ପଞ୍ଚାୟତଙ୍କର ତିନିଗୋଟି ସନ୍ତାନ – ବଡ଼ପୁଅ ପ୍ରବୋଧ, ସାନପୁଅ ପ୍ରଦ୍ୟୋତ, ଜେମାମଣିଙ୍କର ନାଆଁ ମୋର ମନେ ନାହିଁ ।

ପ୍ରବୋଧ ମାଟ୍ରିକ୍ ପଢୁଥିଲା, ପ୍ରଦ୍ୟୋତ ମାଇନର୍, ଜେମା ଘରେ ଘରେ ଯାହା କିଛି ପଢୁଥିଲେ । ମୁଁ ତାଙ୍କୁ ଲେଖିବାକୁ ଦେଉଥିଲି, ସେ ଲେଖି ଖାତା ପଠାଇ ଦେଉଥିଲେ । ମୁଁ ସଂଶୋଧନ କରି ପୁଣି ନୂଆ କିଛି ଲେଖିବାକୁ ଦେଉଥିଲି । ଏହି ପ୍ରକାରରେ ସେ ସମସ୍ତ 'ପ୍ରଭାତୀ' ପୁସ୍ତକର ସାରାଂଶ ଲେଖିଥିଲେ । ମୁଁ ସ୍କଟ୍‌ଲାଣ୍ଡ୍ ପୁରରେ ଥିବା ସମୟରେ ତାଙ୍କର ବିବାହ ହୋଇଥିଲା । ପାଙ୍ଗଣାପୁର ଜମିଦାରଙ୍କ ସହିତ । ଆହା ହତଭାଗିନୀ, ସେ ଅଳ୍ପଦିନ ପରେ ବିଧବା ହୋଇଥିଲେ । ଜୀବନରେ ଜେମାଙ୍କୁ ଥରେ ଦେଖି ନ ଥିଲେ ବି ହୃଦୟ ମୋର ଦୁଃଖରେ ଦଗ୍ଧ ହୋଇଥିଲା ।

ପ୍ରବୋଧ ସେତେବେଳେ ବଳରାମପୁରର (ଜେନାପୁର ନିକଟବର୍ତ୍ତୀ ଚଉଦକୋଶବ୍ୟାପୀ ବଳରାମପୁର ଜମିଦାରୀ) ରାଜା । ଏହି ରାଜ୍ୟ ଲାଗି ଢେଙ୍କାନାଳ ଓ ତାଳଚେର ରାଜାଙ୍କ ମଧ୍ୟରେ ବିବାଦ ଓ ମାଲିମକଦ୍ଦମା ହୋଇଥିଲା । ଉଭୟ ରାଜ୍ୟ ଲକ୍ଷେରୁ ଅଧିକ ଟଙ୍କା ଏଥିରେ ଜଳାଞ୍ଜଳି ଦେଇଥିଲେ । ଶେଷରେ ତାଳଚେର ରାଜାଙ୍କର ଜିତାପଟ ହୋଇଥିଲା । ପ୍ରବୋଧ ହେଲେ ଦାୟାଦହୀନା ରାଣୀଙ୍କର ପୋଷ୍ୟ ପୁତ୍ର । କିନ୍ତୁ ପାହାଡ଼ ଘେରା ରାଜବାଟିର ଅବସ୍ଥା ଶୋଚନୀୟ ହୋଇଥିଲା, ପ୍ରବୋଧ ସେଠି ରହୁ ନ ଥିଲା କିମ୍ବା ନୂତନ ମାଆର ଖବର ବୁଝୁ ନ ଥିଲା ।

ପ୍ରବୋଧ ଉତ୍ତମ ଶିକାରୀ, ମୁଁ ଥିବା ଭିତରେ ସେ ଅନେକ ବାଘ ମାରିଥିଲା । ଦିନେ ସେ ଜଙ୍ଗଲରୁ ବୋଡ଼ା ସାପଟିଏ ମାରି ଆଣିଥିଲା । ସାପଟି ଗୋଟିଏ ହରିଣକୁ ଗିଳୁଥିଲା, କିନ୍ତୁ ଶାଖାମନ୍ତ ତାର ଶିଙ୍ଗକୁ ଗିଳି ନପାରି ଅଟକି ଯାଇଥିଲା । ଏଇ ଅବସ୍ଥାରେ ପ୍ରବୋଧ ତାକୁ ମାରିଲା । ସାପର ଚମଡ଼ାରେ ଛ' ହଳ ଜୋତା ତିଆରି ହୋଇଥିଲା ।

ମୁଁ ତା ସହିତ ଥରେ ଶିକାରକୁ ଯାଇଥିଲି । ବଣ ଭିତରେ ଗୋଟିଏ ଖାଲ ପାଖ ଗଛରେ ଦିନରୁ ମଞ୍ଚା ବନ୍ଧା ହୋଇଥିଲା । ଝପ୍‌ରେ ଯାଇ ଶିକାରୀଦଳ ସହିତ ମଞ୍ଚାରେ ଚଢ଼ିଲି । ପ୍ରଥମେ ମୟୂରଟିଏ ପାଣି ପିଇବାକୁ ଆସିଲା । ଶଙ୍କାଶୀଳ, ଟୋପାଟିଏ ପିଉଥାଏ, ଚାରିଆଡ଼କୁ ଚାହୁଁଥାଏ, ସତେ ବା ବିପଦ ପ୍ରତି ସଚେତନ । ତାପରେ ଆସିଲା ଗୋଟିଏ ହରିଣ, ତାପରେ ଗୋଟାଏ ବଡ଼ ସାପ, ଅଜଗର, ଅହିରାଜ ନା ଶଙ୍ଖଚୂଡ଼ ? ସନ୍ଧ୍ୟାର କ୍ଷୀଣାଲୋକରେ ମୁଁ ଏ ଅଭିନବ ଦୃଶ୍ୟ ଦେଖୁଥାଏ ।

Digitized by srujanika@gmail.com

ରାତି ହେଲା; ବଣ୍ଟିଙ୍ଗ୍‌କୋଟରେ ଗାଡ଼ିରେ ଚୌଦ୍ଦଗ ଜମେଇଲା । ମଶା ବେଢ଼ିଲେ; ଧିରେ ଉଡ଼ାଇ ଦେଲି । ଆସ୍ତେ ନିଃଶ୍ୱାସ ମାରୁଥାଏ, ନେତ୍ରପ ଢୋକୁଥାଏ । କାଶ ମାଡ଼ିଲେ କଷ୍ଟେମଷ୍ଟେ ଖସେଇ ନେଉଥାଏ—କାଳେ ଶିକାର ହରୁଡ଼ି ପଳାଇଯିବ ! ରାତ ପହରେ ହେଲା । ବଡ଼ ବୋଉ (ପ୍ରବୋଧର ଡାକନାମ) ଝିଙ୍କ ପକାଇଲା । ସମସ୍ତେ ତଳକୁ ଓହ୍ଲାଇ ଜିପ୍‌ରେ ବସିଲୁ । ମନେ ମନେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲି—ମୋ ଆଗରେ ରକ୍ତପାତ ନ ହେଉ । ବିଚରା କୁଟୁରା ହାଁ-ଶୋଷରେ ଆସି ପ୍ରାଣ ନ ହରାଉ । ବୋଧହୁଏ ବୁଝିଥିବ—ତା ପାଇଁ ଅମଙ୍ଗଳ ଆଁ, ନଇଲେ ଶାଳ ହାତରେ କେବେ ତ ଫେରିବାକୁ ହୁଏନାହିଁ ।

୧୯୪୩

ବଢ଼ି, ମରୁଡ଼ି, ନିଅଁ ଓଡ଼ିଆ ଜୀବନର ଯାହା କିଛି ସାରବତ୍ତା ଓ ସରସତା ଶୋଷଣ କରି ନେଇଛି । ଏସବୁ ଦୈବ ଦାନ । କିନ୍ତୁ ୧୯୪୩ର ଦୁର୍ଭିକ୍ଷଟି ପୂରାପୂରି ଯୁଦ୍ଧର ପ୍ରତିଫଳ ଓ ମନୁଷ୍ୟକୃତ । ବିଦେଶୀ ଶାସକ ବ୍ରିଟିଶ୍ ବିପ୍ଳବୀ ବଙ୍ଗଳା ଓ ଓଡ଼ିଶାକୁ ହାତରେ ମାରିବାକୁ ସମର୍ଥ ନ ହୋଇ ଭାତରେ ମାରିବାକୁ ଚେଷ୍ଟା କରିଥିଲା । ଏହାହିଁ ବ୍ରିଟିଶ୍‌ଶାସନର ଶେଷ କଳଙ୍କମୟ ଅଧ୍ୟାୟ । ସେଠି ସାହୁକାରଙ୍କ ଅମାର ସାମ୍ନାରେ କଲିକତାର ଫୁଟପାଥରେ ପୋକ ମାଛି ପରି ଲକ୍ଷ ଲକ୍ଷ ଲୋକ ମରି ପଡ଼ିଥିଲେ, ଓଡ଼ିଶାରେ ମଫସଲରୁ ସହରକୁ କଙ୍କାଳର ସୁଅ ଛୁଟିଥିଲା, ଦେହି ଦେହି ରବ ଚତୁର୍ଦ୍ଦିଗରେ ଶୁଣା ଯାଉଥିଲା । ଶ୍ମଶାନମାନ ନର ଅସ୍ଥିରେ ଧବଳବର୍ଣ୍ଣ ଧାରଣ କରିଥିଲା । ଟ୍ରକ୍‌ରେ ମଡ଼ାସବୁ ବୋହି ନେଇ ସରକାରୀ ଲୋକେ ବାଲୁଆ ଶାଗୁଣାଙ୍କ ମୁହଁରେ ମଶାଣିପଦାରେ ଫିଙ୍ଗି ଦେଇ ଆସୁଥିଲେ । ଠାଏ ଠାଏ ପଂକ୍ତିଭୋଜନ କେନ୍ଦ୍ର ଖୋଲା ହୋଇଥିଲା । ଅଖାଦ୍ୟ ଖାଇ ଓ ପଚା ପାଣି ପିଇ ବହୁ ଲୋକ ହଇଜାରେ ମରିଥିଲେ । ପଣ୍ଡିତ ଗୋଦାବରୀଶ ମିଶ୍ର ଏ କରୁଣ ଦୃଶ୍ୟରେ ହାସ୍ୟ ସୃଷ୍ଟି କରିଥିଲେ, ଗୋଟିଏ ଗଳ୍ପରେ । ଟ୍ରକରେ କେତେ ମୁର୍ଦ୍ଦାର ମଡ଼ା । ତା ଭିତରୁ ଜଣେ ଜୀବିତ । ସେ ମେହେନ୍ତରକୁ କହିଲା - ମୁଁ ବଞ୍ଚିଛି । ମେହେନ୍ତର ଉତ୍ତରଦେଲା—ତୁ କଣ ବେଶୀ ପଢ଼ିଚୁ ? ଡାକ୍ତର ତ କହିଲା—ତୁ ମରିଚୁ ବୋଲି; ଏଇ ଦୃଶ୍ୟର ଅନ୍ତରାଳରେ ମୁଁ ରହି ଯାଇଥିଲି । ତାଳଚେରରେ କେଉଁଠିହେଲେ ଦୁର୍ଭିକ୍ଷର ପଦଧ୍ୱନି ଶୁଣାଯାଉ ନ ଥିଲା । ସମ୍ବାଦପତ୍ରରୁ ବିବରଣୀ ପଢ଼ି ମୁଁ ମନ ଭିତରେ ଛଟପଟ ହେଉଥିଲି ।

ତାଳଚେରର ପ୍ରଜାବିପ୍ଳବ ସେତେବେଳକୁ ଶାନ୍ତ । ରାଜଅତ୍ୟାଚାର ବା ପ୍ରଜାନିପୀଡ଼ନ ଜାଣିବାର ଉପାୟ ମୋର ନ ଥିଲା । ବିପ୍ଳବୀ ପବିତ୍ରମୋହନ ପ୍ରଧାନ କୌଣସି ନେହୁଆ ପାଗର ସୁଯୋଗ ନେଇ ଜେଲ୍ କାନ୍ଥ ଡେଇଁ ପଳାଇ ଯାଇଥିଲେ ।

Digitized by srujanika@gmail.com

ଘୃଣଥାନ୍ତେ ଖୋଜାଓଗଳା ଲାଗିଥିଲା । ପ୍ରବୋଧ ଚନ୍ଦ୍ରଙ୍କ ଠାଏ ଯେଉଁ ଭୁଲ୍‌ଥିଲା--ପ୍ରଧାନଙ୍କୁ ପାଇଲେ ନାଚୁଦେବ । କିନ୍ତୁ ପ୍ରଧାନ କାହିଁକି ତା ବନ୍ଧୁଙ୍କ ପରିସର ଭିତରକୁ ଆସିବେ ?

ପ୍ରମୋଦଚନ୍ଦ୍ର ଦେବ

ପଣ୍ଡିତ ପ୍ରମୋଦଚନ୍ଦ୍ର ସେତେବେଳେ ତାଳଚେରର ମୁଖ୍ୟ କର୍ମଚାରୀ, ରାଜାଙ୍କ ଚନ୍ଦ୍ରାଧାରିଙ୍କ ସେ କାର୍ଯ୍ୟକାରୀ କରୁଥାନ୍ତି । ସଦା ସତର୍କ, ବିଳାସବ୍ୟସନ ତାଙ୍କ ମନକୁ ମଜାଇ ପାରି ନ ଥିଲା । ସେ **ଜାଣନ୍ତି,** ରାଜଗାଦିର ଉତ୍ତରାଧିକାରୀ ସେ ନୁହନ୍ତି, ଅର୍ଥ ସଞ୍ଚୟ ନ କଲେ ଜୀବନର ମାନ ରକ୍ଷା କରି ପାରିବେନାହିଁ ; ତାଙ୍କ ବଂଶଧର ସାଧାରଣ ସ୍ତରକୁ ଖସି ଆସିବେ; ସେଥିଲାଗି ସେ ବ୍ୟବସାୟ କରୁଥିଲେ ଓ ସ୍ୱଳ୍ପ କର୍ମଚାରୀ ରଖି ତାହା ଚଳାଉଥିଲେ । ତାଙ୍କ ଦିଆସିଲିକାରଖାନା ଉତ୍କଳ ପ୍ରସିଦ୍ଧି ଲାଭ କରିଥିଲା, ଦିଆସିଲିରେ ଷାଠିଏଟି କାଠି ଥିଲା, ଦାମ୍ ପଇସାଟିଏ । ପଣ୍ଡିତ ସ୍କଟ୍‌ଲ୍ୟାଣ୍ଡ୍‌ପୁରରେ ଗୋଟିଏ ମନୋହରୀ ଦୋକାନ ମଧ୍ୟ ଖୋଲି ଥିଲେ, କିନ୍ତୁ ସେ ଭଲ ଚାଲି ନ ଥିଲା । କାରଣ ଜନବସ୍ତିରୁ ଦୂରରେ ଏହା ଥିଲା । ପୁଣି ଖାଇବାକୁ ନ ମିଳିଲାବେଳେ ମନୋହରୀ ଜିନିଷ କିଣିବ କିଏ ?

ପଣ୍ଡିତଙ୍କ ପଇସାର ସୁଅ ବାହାରକୁ ବୋହିଯାଉ ନ ଥିଲା । ବରଂ ବାହାର ପଇସା ତାଙ୍କ ଘରେ ପଶୁଥିଲା । ସେ ପନିପରିବା, ମାଛମାଂସ କିଛି କିଣୁ ନ ଥିଲେ । ତାଙ୍କର ପଚେହ୍ଲ ଗାଈ, ପଚେହ୍ଲ ମଇଁଷି, ବହୁତ ମେଣ୍ଢା । ପଣ୍ଡିତ ନିଜେ ସେମାନଙ୍କ ଖବର ବୁଝୁଥିଲେ । ପ୍ରଚୁର ଘିଅ, ଦୁଧ ବାହାରେ ବିକ୍ରୀ ହେଉଥିଲା । ପାଳିତ ମେଣ୍ଢା ବୋଦାରୁ ଗୋଟିଏ ଗୋଟିଏ ମରା ହେଉଥିଲା । ରେଫ୍ରିଜିରେଟର୍‌ରେ ରଖି ଆବଶ୍ୟକମତେ ପ୍ରତିଦିନ ରନ୍ଧା ଯାଉଥିଲା, ଉଆସର ଉପର ମହଲରେ ବିଧବାମାନେ ଖନ୍ଦା କରିଥିଲେ । ସେଠି ମାଛମାଂସ ପଶୁ ନଥିଲା । ତଳେ ମାଛମାଂସ ରନ୍ଧା ହୋଇ ପଣ୍ଡିତଙ୍କ ମୁଣୋହିଁ ଟେବୁଲ୍‌କୁ ପଠାଯାଉଥିଲା ।

ମୋ ଭାଗରେ ମାଛ କିମ୍ବା ମାଂସ କେବେ ପଡ଼ୁ ନ ଥିଲା । କିନ୍ତୁ ସାଦା ତରକାରୀ-ପତ୍ର, ସରୁଅନ୍ନ, ବାଉଁଶ କରଡ଼ି ଖଟା, ଛତୁତିଅଣରେ ମୋର ଆନନ୍ଦରେ ଚଳି ଯାଉଥିଲା । ବ୍ରାହ୍ମଣ ମାଛମାଂସ ଖାଉ ନ ଥିବେ, ହୁଏତ ଏହିପରି ଏକ ଧାରଣା ପଣ୍ଡିତଙ୍କର ଥିଲା, ତାହା ବଦଳାଇବାକୁ ମୋ ମନରେ ସଙ୍କୋଚ ଆସିଥିଲା ।

ପଣ୍ଡିତ ଉତ୍ତମସଞ୍ଚୟୀ, ଭଲ ସଂସାରୀ; କିନ୍ତୁ ସଂସାର ତାଙ୍କ ଦୃଷ୍ଟିକି ଆବଦ୍ଧ କରିପାରି ନ ଥିଲା । ସେ ସାହିତ୍ୟିକ ଓ ସାହିତ୍ୟପ୍ରେମୀ । 'କମଳକାମିନୀ' ଓ 'ମଧୁପମଲ୍ଲୀ' ନାମରେ ତାଙ୍କର ଦୁଇଖଣ୍ଡି କାବ୍ୟ ପ୍ରକାଶିତ ହୋଇଥିଲା । ପଣ୍ଡିତମାନଙ୍କ

Digitized by srujanika@gmail.com

ମାଧ୍ୟମରେ ସେ ବିଶାଳ 'ପ୍ରମୋଦଅଭିଧାନ' ସଂକଳନ କରି ପ୍ରକାଶ କରିଥିଲେ, କିନ୍ତୁ ସମସ୍ତର ବ୍ୟବସ୍ଥା କରି ନ ପାରି ସେ ଗୋଟିଏ ଘରେ ସମସ୍ତ ଗଦାଇ ରଖିଥିଲେ। ଯୋଉମାନେ ଦେଖିଲୁ ଝଣ୍ଡିଏ ଉପହାର ଦେଉଥିଲେ।

ପଣ୍ଡିତ ସୁପାଠକ, ବିଜ୍ଞ। ତାଙ୍କ ବ୍ୟକ୍ତିଗତ ପାଠାଗାର ସୁନିର୍ବାଚିତ ପୁସ୍ତକରେ ବିପୁଳ ଆକାର ଧାରଣ କରିଥିଲା, ଋକ୍‌ବେଦର ଇଂରାଜୀ ଅନୁବାଦ ମଗାଇ ସେ ପଢ଼ିଥିଲେ, କହୁଥିଲେ—ବେଦରେ ଧର୍ମ କାହିଁ? ଯେଉଁମାନେ ଇନ୍ଦ୍ରଙ୍କୁ, ବାୟୁ ଓ ବରୁଣଙ୍କୁ ଗୋ ଅଶ୍ୱ, କ୍ଷୀରପୂର ମାଗୁଛନ୍ତି; ସେମାନେ କି ଋଷି?

ହୃଦୟଚନ୍ଦ୍ର ଦେବ

ଯୁବରାଜଙ୍କ ଆକୃତି ଓ ଚଳଣି ରାଜକୀୟ; କିନ୍ତୁ ଶିକାର ଓ ବିଳାସିତା ତାଙ୍କ ମାନବତାକୁ ଡୁବାଇ ଦେଇଥିଲା। ତାଙ୍କ ରୁଟିନ୍ ସୃଷ୍ଟିଛଡ଼ା। ସେ ଦିନରେ କୁମ୍ଭକର୍ଣ୍ଣ, ରାତିରେ ନିଶାଚର। ଗଡ଼ଜାତ ବଣରେ ବୁଲି ବୁଲି ସେ ଶିକାର କରନ୍ତି, ନାନା ମଉଜ-ମଜଲିସରେ ମାତି ରହନ୍ତି। ରାତି ବାରଟାରେ ଓ ଦିନ ବାରଟାରେ ଖିଆପିଆ, ଦିନ ଦୁଇଟା ତିନିଟାରେ ତାଙ୍କର ସକାଳ ହୁଏ। ଜନସାଧାରଣଙ୍କ ହାନିଲାଭ ବୁଝିବାକୁ ତାଙ୍କର ଅବସର ବା ମନୋବୃତ୍ତି ନ ଥାଏ।

ଶିକାରୀରୂପରେ ଓଡ଼ିଶାରେ ହୃଦୟଚନ୍ଦ୍ରଙ୍କର ସୁନାମ ଥିଲା। ସେ ଦୁଇଶ ମହାବଳ ବାଘ ଶିକାର କରିଥିଲେ। ତାଙ୍କ କୋଠରୀର କାନ୍ଥ ବ୍ୟାଘ୍ରଚର୍ମାବୃତ ହୋଇଥିଲା, ବ୍ୟାଘ୍ର ମୁଣ୍ଡ, ଗମ୍ଭୁଳ ଶିଙ୍ଗ ଓ ବୃହତ୍ ହାତୀ ଦାନ୍ତମାନ ସୁସଜ୍ଜିତ ହୋଇଥିଲା। ବୋଧ ହେଉଥିଲା, ସତେ ବା ଇଏ ଗୋଟିଏ ଆଦିମ ଅଧିବାସୀର ଘର।

ଦାନଧର୍ମ ଦିଗକୁ ତାଙ୍କର ଦୃଷ୍ଟି ନ ଥିଲା, ନୂଆ ଫେସନର ମଟରଗାଡ଼ି କିଣିବାରେ ତାଙ୍କ ସଉକ ଥିଲା; ଅନ୍ୟ ଦିଗରେ ବ୍ୟୟକୁଣ୍ଠ ଥିଲେ ହି ବିଳାସବ୍ୟସନ ବେଳେ ସେ ଲଗାମ୍ ଛାଡ଼ି ଦେଉଥିଲେ।

କିଶୋରଚନ୍ଦ୍ର ହରିଚନ୍ଦନ ଜଗଦ୍ଦେବ

କିଶୋରଚନ୍ଦ୍ର ସେତେବେଳେ ତାଳଚେରର ରାଜା; ବୋଧହୁଏ, ଏହାଙ୍କ ବିଷୟରେ ରାଧାନାଥ 'ଦରବାର'ରେ ଲେଖିଥିଲେ—

ଥାଉଁ କି କିଶୋର ଚନ୍ଦ୍ର ନରମଣି
ବୟସେ କିଶୋର ଜ୍ଞାନେ ବର୍ଷୀୟାନ
ତୁମ୍ଭପର (ପଠାଣିସାମନ୍ତ) ଜ୍ଞାନତରୁ ମଞ୍ଜରୀ
ଏହା କରିବାକୁ ବଳ ଲେଖିଥିଲା।

Digitized by srujanika@gmail.com

ରାଜାସାହେବ ତାଳଚେର ଗଡ଼ରୁ ପ୍ରତି ସନ୍ଧ୍ୟାରେ ପୁଅବୋହୂଙ୍କୁ ଦେଖିବାକୁ ସ୍କଟ୍‌ଲ୍ୟାଣ୍ଡ୍‌ପୁର ଆସନ୍ତି । ମୁଁ ପ୍ରବୋଧର ସ୍ୱନକ୍ଷପଦନ ଗୋଟିଏ ଆଶୀର୍ବାଦକବିତା ଲେଖିଥିଲି । ତାହା ପଞ୍ଚାମୃତ, ପଞ୍ଚାରୁଣୀ, ରାଣୀ ଓ ସର୍ବଶେଷରେ ମହାରାଜାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ମହାରାଜା ଦିନେ ମୋ କୋଠରୀକୁ ଅଚାନକ ପଶି ଆସିଲେ, ମୋ ସାମ୍ନାରେ ବସି ଗୋଟି ଗୋଟି କରି 'ପ୍ରଭାତୀ'ର ସମସ୍ତ କବିତା ଶୁଣିଲେ, ସେଥିମଧ୍ୟରୁ କେତୋଟି ଲେଖାଇ ବଣାଇ ରାଜାଙ୍କ ନିକଟକୁ ପଠାଇଲେ । ରାଧାନାଥପ୍ରଶଂସିତ ସାହିତ୍ୟରସିକ ରାଜା କିଶୋରଚନ୍ଦ୍ର ନିଜେ ମୋ ସାମ୍ନାରେ ବସି ମୋ କବିତାର ପ୍ରଶଂସା କରୁଛନ୍ତି । ଛାତି ମୋର କୁଣ୍ଢେ ମୋଟ ହୋଇଗଲା । ଜୀବନରେ ଏପରି ଜଣେ ଶ୍ରୋତା ଆଉ କେବେ ପାଇନାହିଁ । ତାଙ୍କ ଉଦାର ଗ୍ରାହକତାରେ ନବନବ ସୃଷ୍ଟିର ଉନ୍ମାଦନାରେ ମାତିଗଲି । ରାଜା 'ପ୍ରଭାତୀ'ର ପ୍ରକାଶ ଭାର ସ୍ୱତଃ ବହନ କଲେ, ସେ ମୋତେ ଦୁଇଶହ ଟଙ୍କା ଓ ରାଣୀସାହେବା ଏକଶହ ଟଙ୍କା ଦେଲେ । ମୁଁ 'ପ୍ରଭାତୀ'ର ୫୦୦ ଖଣ୍ଡ ମାତ୍ର ଛପାଇଥିଲି, ବିକ୍ରୀ ହେବ ନାହିଁ, ଏଇ ଭୟରେ । ରାଧାନାଥଙ୍କ ଅନୁକରଣରେ ମୁଁ ଗୋଟିଏ ଉତ୍ସର୍ଗପତ୍ର ଲେଖିଥିଲି—ଗୁଣୀଗଣାଗ୍ରଗଣ୍ୟ, ସାହିତ୍ୟସଙ୍ଗୀତ-କଳାରସିକ, ଦାନବୀର, ପ୍ରଜାବତ୍ସଳ ଶ୍ରୀ ଶ୍ରୀ ଶ୍ରୀ ରାଜାବାହାଦୁର କିଶୋରଚନ୍ଦ୍ର ବୀରବର ହରିଚନ୍ଦନ ମହୋଦୟ—

ଶ୍ରୀମାନ୍ ମହାରାଜ,

ସ୍ୱାମୀ ବୋଲି ବ୍ରାହ୍ମୀ ଧ୍ୟାଇ
ତବ ପଦକମଳ
ଘୋଷି କଳକଳେ କ୍ଷୀରଧି
ମେଳି କଲ୍ଲୋଳ କର ।
ସଞ୍ଚାଳି ଶ୍ୟାମଳ ରସନା
ଚଉପାଶେ କାନନ
ଗୁଣରାଶି ପୁଣ ପୁଣ ଯେ
ତବ କରେ ଗାୟନ ।
ଧର୍ମ ମନ୍ତ୍ରର ଅନ୍ତରୁ ଯେଣୁ
'ବାରୁଆଁ' ଠିଆ
ପ୍ରତାପ ଅନଳେ ମଳିନ
ବନେ ଜଳେ ଯେ ନିଆଁ ।

× × ×

Digitized by srujanika@gmail.com

ଦୀନ ଜନ କ୍ଷୀଣ ନୟନୁଁ
ଝରେ ନ ଝରୁ ଜଳ
ଗମ୍ଭୀର ସ୍ୱଭାବେ ଗମ୍ଭୀର
ତବ ମୁଖ କମଳ ।
ନ ଜାଣେ ଦାନ ଯେ ଦକ୍ଷିଣା
ଦାନ ଦକ୍ଷିଣ କରେ
ଅଜାଡ଼ି ଦଅ ହେଁ ଉଜାଡ଼ି ଧନ
କ ଅଜାତରେ ।
× × ×
ଚଳ ହେ ଖଳଙ୍କ ଗରଳ
ସ୍ୱଚ୍ଛ ମିଠା ବଚନେ
ଭଲ ହେ ଖେଳରେ ପଣ୍ଡିତ
ତବ କାବ୍ୟ ଶ୍ରବଣେ ।
× × ×
'ପ୍ରଶସ୍ତି' ଆଳତି ବନ୍ଦି
ଅଛୁ ସମୀପେ ଆସି ।
ଲଭିଲେ ଉରଷୀ ଦ୍ରବିଲେ
ପ୍ରାଣ ଛୁଟୁ ପ୍ରଶସ୍ତି
ଜଗାଇବ କେ୍ୟାଠ ଉର୍ମିତେ
ବୀର ଓଡ଼ିଆ ଜାତି ।

ବିନୀତ
ଲେଖକ

ରାଜାସାହେବ ବିଶେଷ ପୌରୁଷସମ୍ପନ୍ନ ଥିଲେ, ଦୁଇଟି ମହାବଳ ବାଘ ଓ ଗୋଟିଏ କୁକୁରକୁ ମହଲରେ ପୋଷି ସେ ଗୁଲି ଯାଉଥିଲେ । ଯାହା କହନ୍ତି, ବାଘ ବକରୀକୁ ଏକା ଘାଟରେ ସେ ପାଣି ପିଆଉଥିଲେ । ବ୍ୟାଘ୍ର ଦୁଇଟି ଅବଶ୍ୟ କିଶୋର ଥିଲେ, ଜଣେ ସାହେବ ଥରେ ସେଥିରୁ ଗୋଟିଏ ନେବାକୁ ବସିଲା; ପଲିଟିକାଲ ଏଜେଣ୍ଟଙ୍କ ଲୋକ, ରାଜା ନାହିଁ କରି ପାରିଲେନାହିଁ । ବାଘ ସାହେବଙ୍କୁ ଦେଖି ଦୁଇ ଗୋଡ଼ରେ ଠିଆ ହୋଇ କପାଳରେ ପଂଝା ପକାଇଲା, ଏକ ଭୟଙ୍କର ଆଲିଙ୍ଗନ, ନଖ ବାଜି ସାହେବଙ୍କ କପାଳରୁ ରକ୍ତଧାର ବୋହିଲା; ବାଘ ତାକୁ ଛାଡ଼ିଦେଲା, ଅବଶ୍ୟ ସୁଆଦ ଲାଗିଥିବ, 'ଆଉ ମିଳିବନି' ଏଇ ଭାବ ଯେପରି ବାଘର ଆଖିରେ ଫୁଟି ଉଠିଲା । କାଳେ ମଣିଷ ରକ୍ତକୁ ଲୋଭାଇବ, ଏଇ ଶଙ୍କାରେ ରାଜା ସେହିଦିନଠୁ ଉଭୟଙ୍କୁ ପଞ୍ଜୁରିରେ ଆବଦ୍ଧ କଲେ, ସାହେବଙ୍କ ବାଘ ପୋଷିବା ସଉକ ତୁଟିଗଲା । ଦୁଇ ବାଘ

ରାଜାଙ୍କ ବ୍ୟକ୍ତିଗତ ଚିଡ଼ିଆଖାନାରେ କଳାହାଣ୍ଡିର ଗୋଟିଏ କୃଷ୍ଣବର୍ଣ୍ଣର ଭୟଙ୍କର ହିଂସ୍ର ବ୍ୟାଘ୍ର ସଂରକ୍ଷିତ ରହିଥିଲେ ।

ରାଜାଙ୍କର କେତେ ମାଇଲ୍ ବ୍ୟାପୀ ଗୋଟିଏ ପାର୍କ ଥିଲା—ନାଆଁ 'ରାଣୀ ପାର୍କ' । ଘୋର ଅରଣ୍ୟକୁ ହିଁ ପାଚେରୀରେ ଘେରେଇ ଦିଆ ହୋଇଥିଲା, ଜାତୀୟ ଉଦ୍ୟାନ ଅନୁକରଣରେ ସଂଗଠିତ ସେହି ଅରଣ୍ୟରେ ପ୍ରାୟ ଦଶ ହଜାର ମୃଗ ଥିଲେ । ବେଳେ ବେଳେ ମୃଗଲୋଭୀ ବ୍ୟାଘ୍ର ପ୍ରାଚୀର ଉପରେ ଲମ୍ଫ ପ୍ରଦାନ କରି ପାର୍କରେ ପ୍ରବେଶ କରୁଥିଲା । ସେଥିଲାଗି ମହାରାଜା ପାଚେରୀ ଉପରେ ବିଦ୍ୟୁତ୍ ତାର ଘେରାଇ ଦେଇଥିଲେ ।

ରାଜାଙ୍କ ମାଇଁଦାଗାଡ଼ିରେ ବସି ମୁଁ ଏହି ବିସ୍ତୃତ ପାର୍କରେ ଭ୍ରମଣ କରିଥିଲି । ଖଜୁରୀ ବୁଦା ଦେଖିଲେ ହାତୀ ଅଟକୁଥିଲା; କିନ୍ତୁ ସେଠି ଖେଜୁରି ନେଲେ ବି ଚଟ୍‌କିନେ ଖାଇ ଦେଉ ନ ଥିଲା । କଥା ଅଛି—ବାଘର ଫାଶକୁ ଭୟ । ହାତୀର ଭୟ କ୍ଷୁଦ୍ରାତିକ୍ଷୁଦ୍ର ଏଣ୍ଡୁଅକୁ । କାଳେ ତାର ଦୀର୍ଘ ନାସା ମଧ୍ୟରେ ପଶିଯିବ ! ଖଜୁରୀ ବରଡ଼ାକୁ ଝଟିକି ଝାଡ଼ି ହାତୀ ସନ୍ତର୍ପଣରେ ଖାଇବା ଗୋଟିଏ ଦୃଶ୍ୟ ।

ପାର୍କରେ ବୈଶିଷ୍ଟ୍ୟ ବ୍ୟକ୍ତିମାନଙ୍କର ମୂର୍ତ୍ତି ବହୁତ ଖର୍ଚ୍ଚରେ ନିର୍ମିତ ହୋଇଥିଲା, ପ୍ରସିଦ୍ଧ ଶିଳ୍ପୀ ଶ୍ରୀ ବିମ୍ବାଧର ବର୍ମା ଏ ସବୁ ଗଢ଼ିଥିଲେ । ରାଜାଙ୍କ ଗ୍ରାହକତା ଓ କଳା ପୋଷକତାର ସଙ୍କେତ ଏ ସବୁ । ଓଡ଼ିଶାର ଯାଦୁଘରେ କିମ୍ବା ନନ୍ଦନକାନନରେ ସେସବୁ ସଜାଇ ରଖିଲେ ବହୁ ଦର୍ଶକଙ୍କର ଦୃଷ୍ଟି ଆକର୍ଷଣ କରନ୍ତା ।

ପାର୍କରେ ଗୋଟିଏ ପୁଷ୍କରିଣୀ, ଜୀବଜନ୍ତୁମାନେ ଏଠି ଜଳପାନ କରୁଥିଲେ । ପୁଷ୍କରିଣୀ ତୀରବର୍ତ୍ତୀ, କଦମ୍ବବୃକ୍ଷରେ କୃଷ୍ଣ, ପୁଷ୍କରିଣୀରେ ଜଳମଗ୍ନା ସଲଜ୍ଜା ଗୋପୀ । ପଥରରେ ଏହି ଦୃଶ୍ୟକୁ ମୂର୍ତ୍ତି କରିବାରେ ରାଜାଙ୍କ ଜୀବନ କେଉଁ ଧାରାରେ ଗତି ହୋଇଥିଲା କେଉଁ ମାର୍ଗରେ ଗତି କରୁଥିଲା ତାର ପରିଚୟ ମିଳେ । ଦେଶର ଅଧିକାଂଶ ଲୋକ ଦାରିଦ୍ର୍ୟ ଓ ଅଶିକ୍ଷାରେ ସଢ଼ୁଥିଲାବେଳେ କେତେକ ସୁଖୀ ସାମନ୍ତ ମୃଗୟା ଧରି ସୌନ୍ଦର୍ଯ୍ୟରେ ହିଁ ମାତିଥିଲେ ।

ପାର୍କରେ ବହୁବିଧ ପ୍ରାଣୀ ଥିଲେ, ଘୋଡ଼ାଙ୍ଗ, ଗୟଳ, କୁଟରା, ସମ୍ବର, କୃଷ୍ଣସାର ଓ ଚିତ୍ରିତ ଜାତୀୟ ହରିଣ ସେମାନଙ୍କ ମଧ୍ୟରେ ପ୍ରଧାନ ।

କିଶୋରଚନ୍ଦ୍ର ନୀଳଗିରି ଛକ ଅନୁକରଣରେ ତାଳଚେରରେ ଗୋଟିଏ ଛକ ମାଡେଲ ଗଢ଼ିଥିଲେ; କିନ୍ତୁ ଏହା ବେଶୀଦିନ ତିଷ୍ଠି ପାରିଲା ନାହିଁ ।

ହାତୀ ବୃଦ୍ଧ ଓ ବୃଦ୍ଧାମାନଙ୍କୁ ଗଡ଼କୁ ଆଣି ନିଜ ବ୍ୟୟରେ ବାସ କରେଇବା ତାଙ୍କର ଗୋଟିଏ ବିନୋଦନ ଥିଲା । ଏକୁଟିଆ ଜୀବନ ଦୁଃଖମୟ; ବୃଦ୍ଧ ପକ୍ଷରେ ଏହା ଏକାନ୍ତ

Digitized by srujanika@gmail.com

ଦୁଃସହ । ରାଜ୍ୟରୁ ଖୋଜିଲେବି ଆଣି ସଂସାରରେ ସେମାନଙ୍କୁ ଥାଇତ କରିବା ତାଙ୍କର ଏକ ମହତ୍ ଖିଆଲ ଥିଲା ।

ନଡ଼ ଅପେକ୍ଷା ଶ୍ରେଷ୍ଠ ବଳଦକୁ ସେ ବେଶୀ ପସନ୍ଦ କରୁଥିଲେ—ଖାଇବେ କମ, କାମ କରିବେ ବେଶୀ । ରାଜା ଘୋଡ଼ାରେ ବସି ବୁଲି ବୁଲି ନିଜର କୃଷି ବ୍ୟବସ୍ଥା ଦେଖୁଥିଲେ ।

ସେ ଗୋଟେ କୁକୁର ପାଳିଥିଲେ, ଏଥିରେ ତାଙ୍କର ବହୁ ଅର୍ଥ ବ୍ୟୟିତ ହେଉଥିଲା । ପ୍ରାଚୀନପନ୍ଥୀ ରାଜାଙ୍କର ଏ ଗୋଟିଏ ଆଧୁନିକ ଧକ୍ ।

ଦଶ କୋଡ଼ିଏ ଟଙ୍କାର ରେଜା ପକେଟରେ ଘେନି ସେ ପ୍ରତି ସକାଳେ ଘୋଡ଼ାରେ ବସି ଭ୍ରମଣରେ ଯାଉଥିଲେ ଓ ପଥରେ ଦୁଃଖୀଗରିବଙ୍କୁ ତାହା ବିତରଣ କରୁଥିଲେ । ବହୁ ରୋଗୀ, ରଙ୍କୀ ରାଜପଥରେ ଠୁଳ ହେଉଥିଲେ ।

ରାଜା ମୋତେ 'ବୁଲାଝର' ଦେଖିବିବା ଲାଗି ହାତୀ ଦେଇଥିଲେ । ପଥରେ ବହୁ ପାହାଡ଼ ଓ ନିବିଡ଼ ଜଙ୍ଗଲ ଅତିକ୍ରମ କରି ଯାତ୍ରା କରିଥିଲି । ବଣ ବୁଢ଼ିଆଣୀର ମୋଟା ମୋଟା ଜାଲ ଗଛରେ ଲୁଚି ହୋଇ ଯାଉଥିଲା । ପାହାଡ଼ର ଝମ୍‌ଝମ୍ ପରି ପାହାଡ଼ୀ ଝିଙ୍କାରିଦଳ ଶବ୍ଦ କରୁଥିଲେ । ବାଟରେ ଗୋଟିଏ ଗୁମ୍ଫା ଦେଖିଲି । ସେଥିରେ ଦୁଇଟି ବାଘଛୁଆ । ଜାଲେ ବାଘୁଣୀ କେଉଁଠି ଲୁଚିଥିବ । ଛୁଆଙ୍କ ଦେହରେ ଟିପ ଛୁଇଁଲେ ଚମକ ଆସିବ ! ଭୟରେ ହାତୀରୁ ଓହ୍ଲାଇଲି ନାହିଁ ।

'ବୁଲାଝର' ପାହାଡ଼ବେଷ୍ଟିତ; ଏଠି ଗୋଟିଏ ମହାଦେବ ମନ୍ଦିର—ପୂଜାହାରା ଅଥର୍ବ, ଅଚଳ । ଦେହର ରକ୍ତ ଶୁଖିଯାଇଛି । ପ୍ରଭୁ ଦେବାଦେବ, ଏ ରୂପର ପୂଜା କରିବ କେମିତି ? ଟିକିଏ କରୁଣାଆଖିରେ ଚାହିଁଦେଲେ ତ ଏ କଙ୍କାଳଟା ମଣିଷ ହୋଇଯାନ୍ତା । 'ବୃତ୍ତି ଏ ମୋ ପୋଷେ କୁଟୁମ୍ବ' ନ୍ୟାୟରେ ସେ ବାଟରେ ପାଞ୍ଚ ସାତ ଥର ବସିଛନ୍ତି ଅସୂତ । ସତେ କି ପ୍ରାଣ ଛାଡ଼ିଯିବ ଏବେକ୍ଷଣି । ଶୁଖିଲା ଓଠରେ ଡାକ ମାରୁଚ - ବଂ ବଂ ଭୋଳାନାଥ ଶମ୍ଭୋ । ତୁମକୁ ଶୁଭୁଛି ପ୍ରଭୋ ?

ସେଇ ଘୋର ଜଙ୍ଗଲ ମଧ୍ୟରେ ରାଜାଙ୍କର ଗୋଟିଏ ଦୋତାଲା କୋଠା ଥିଲା । କୋଠାରେ ବସି ଝରକାବାଟେ ବାଘଭାଲୁଙ୍କର ଗତିବିଧି ଲକ୍ଷ୍ୟ କରନ୍ତିଏ । ସହରଜଞ୍ଜାଳ ଛାଡ଼ି ମଧ୍ୟେ ମଧ୍ୟେ ଏଠି ରହିବା ବିଶେଷ ସୁଖପ୍ରଦ ।

ତାଳଚେରରେ ମୁଁ ପ୍ରାୟ ଦେଡ଼ବର୍ଷ ରହିଥିଲି, ରସିକରାଜା କିଶୋରଚନ୍ଦ୍ରଙ୍କ ଅଭିଜାତ ଆଦରଅଭିନନ୍ଦନ ମଧ୍ୟରେ ଦିନଗୁଡ଼ିକ ଘୋଡ଼ାରେ ଛୁଟି ଚାଲିଗଲା ।

ଝିଟ୍‌କଣ୍ଡ ପୂର୍ବରେ 'ଚୂଡ଼ାମଣିକା' ଓ 'ପାଷାଣ ଚରଣେ ରକ୍ତ'କୁ ପୂର୍ଣ୍ଣାଙ୍ଗ ରୂପ ଦାନ କରିଥିଲି । ଦିନେ ରାତ୍ରି ପରି ଏଠି ଗୋଟିଏ ଦୁର୍ଘଟଣା ଘଟିଲା । କୌଣସି ପାର୍ବଣ

Digitized by srujanika@gmail.com

ଉପଲକ୍ଷେ ରାଣୀସାହେବା ମୋତେ ଗୋଟିଏ ପିସ୍ତଲ ଉପହାର ଦେଇଥିଲେ । ଗୋଟିଏ ମହିଷ ମୋ କୋଠରୀରେ ପଶି ପିସ୍ତଲ ସହିତ ମୋ ପୁସ୍ତକ ଓ ପାଣ୍ଡୁଲିପି ନେଇଯାଇଥିଲା । ଭାବିଲି—ବୋଧେ ଭଗବାନ୍‌ଙ୍କ ଇଚ୍ଛା—ଏସବୁ ଯାଉ, ଧ୍ୱଂସ ପାଉ । ତାପରେ ଯୁଗୋପଯୋଗୀ ନୂତନ ସୃଷ୍ଟି ସମ୍ଭବ ହେବ ।

ତାଳଚେରରେ ଥିବାବେଳେ କୋଇଲାଖଣି ଦେଖିବାର ସୁଯୋଗ ମିଳିଥିଲା । ଅନ୍ଧକାରମୟ ପାତାଳପୁର ସେ, ଭୟଙ୍କର; ସେଠାରେ କି ଦୁଃଖରେ ମଜୁରିଆମାନେ ଆମ ଚୁଲିମୁଣ୍ଡକୁ ନିଆଁ ଯୋଗାଉଛନ୍ତି ତାହା ହୃଦୟଙ୍ଗମ କଲି । ଯେଉଁଠି କୋଇଲା ଖୋଳା ସରି ହେଉଥିଲା, ସେଠି ବ୍ରାହ୍ମଣୀ ନଦୀର ପାଣି ପୂରାଇ ଦିଆଯାଉଥିଲା । ତାହାଲେ ଉପର ମାଟି ଭୁଷୁଡ଼ି ପଡ଼ିବ ପରେ ଅଧ ଗଭୀର ପୁଷ୍କରିଣୀମାନ ସୃଷ୍ଟି ହୋଇଥାନ୍ତି, ଖଣିଅଞ୍ଚଳ ଗ୍ରାମଗୁଡ଼ିକରେ ଖାଲଖମାରେ ସୃଷ୍ଟି ହୋଇଥାନ୍ତି । ଖଣି ଦେଖିଲାପରେ ମୁଁ 'କୋଇଲାଖଣିର କୂଳି' କବିତାଟି ଲେଖିଥିଲି । ଅଗ୍ନିଗିରିରେ କି ଉତ୍ତାପ ହେଉଥିବ, ତାହା କଳ୍ପନାରେ ଅନୁଭବ କରିଥିଲି ।

ମୋ ପୁରୁଣା ବନ୍ଧୁ କଳିକୋବାବୁ ଆସି ସେଠି କାମ କରୁଥିଲେ । ଶେଷରେ ତା ଦେହ ଛିଡ଼ି ଫୋଟକା ହୋଇ ଗୋଟାଗୋଟା ଘାଆ ବାହାରି ପଡ଼ିଥିଲା । କହିଲି—ବନ୍ଧୁ, ତୋ ଜନ୍ମ ଭିନ୍ନ ପରିବେଶରେ, ଅପେକ୍ଷାକୃତ ସୌଖୀନ କାର୍ଯ୍ୟ କରି ଜୀବନ ବଞ୍ଚିଛୁ । ଏ କାର୍ଯ୍ୟ ଛାଡ଼ି ପଳାଇ ଯା, ଏତେ ବଡ଼ ପୃଥିବୀରେ କଉଠି କୋଉଠି ହେଲେ ଖାଇବାକୁ ମିଳିବ । ସମସ୍ତେ ସବୁ କାମ କରିପାରିବେ ନାହିଁ ।

ବଡ଼ ଦେବ ଅନ୍ନପୂର୍ଣ୍ଣାଙ୍କୁ ମାଟ୍ରିକ୍ ପରୀକ୍ଷା ଦେବାକୁ ଗଲେ । ତାଙ୍କ ସଙ୍ଗେ ଯାଇ ମୁଁ ମହେଶ ପ୍ରଧାନଙ୍କ ଘରେ ରହିଲି । ମୋ ଆସିଥିବା ସମ୍ବାଦ ପାଇ ଆସିଥିଲେ ଜଣେ ଅପରିଚିତ ଯୁବକ, ମୁରୁକୁଟିଆ ମଣିଷଟିଏ—ମୁଣ୍ଡରେ ଗୋଛାଏ ବାଳ, ଚକ୍ଷୁଦ୍ୱୟ ଅତି ଉଜ୍ଜ୍ୱଳ—ଏ ରାଧାମୋହନ ଗଡ଼ନାୟକ । ରୁକ୍ଷ, କର୍କଶ ଶିଳାମୟ ପାହାଡ଼ । ଏହା ଭିତରେ ରସ କେଉଁଠି, କେଉଁଠି ସେହି ଦୁର୍ଦ୍ଦମ, ଦୁର୍ଦ୍ଧର୍ଷ ରସ ?

ଅନ୍ନପୂର୍ଣ୍ଣା ଆସି ମୋର ବଡ଼ ଲାଭ ହୋଇଥିଲା ତାଙ୍କ ସହିତ ପରିଚୟ, ଏ ପରିଚୟ ପରମ ବନ୍ଧୁତାରେ ପରିଣତ ହୋଇଥିଲା ।

ତାପରେ ସେ କେତେ ଲେଖା ମୋତେ ଶୁଣାଇଛନ୍ତି, ମୁଁ ତାଙ୍କୁ ଶୁଣାଇଛି; ଏହିପରି ପରସ୍ପର ସମ୍ପର୍କରେ ଉଭୟଙ୍କର ସାହିତ୍ୟ ଗଢ଼ି ଉଠିଛି ।

ତାଳଚେରରେ ଥିବାବେଳେ ଏକାବେଳକେ ମୋତେ ଦୁଇଟି ଇଂରେଜି କଲେଜରେ ଅଧ୍ୟାପକ ଚାକିରି ମିଳିଲା—ଗୋଟିଏ ପାରଳାଖେମୁଣ୍ଡି କୃଷ୍ଣଚନ୍ଦ୍ର ଗଜପତି କଲେଜରେ, ଅନ୍ୟଟି ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ । ପାଖ ପଡ଼ିବ ବୋଲି ମୁଁ ବ୍ରହ୍ମପୁର ଗଲି । ସେତେବେଳେ ଓଡ଼ିଶାରେ ଦ୍ୱିତୀୟ ବୃହତ୍ତମ ସହର, ଓଡ଼ିଆ ଆନ୍ଦୋଳନର କେନ୍ଦ୍ରସ୍ଥଳ ରୂପେ ଏହାର ଆକର୍ଷଣ ମଧ୍ୟ ଅଳ୍ପ ନ ଥିଲା ।

Digitized by srujanika@gmail.com

ଜୀବିକା ଓ ଜୀବନ

Digitized by srujanika@gmail.com

ଅଧ୍ୟାପନାର ଆସ୍ୱାଦ

ଗୁରୁ ହେବାରେ ସେତେବେଳେ ଗୌରବ ଥିଲା; ଛାତ୍ରମାନେ ଥିଲେ ବିନମ୍ର ଭାବାପନ୍ନ, ଗୁରୁ ଭକ୍ତିଭାଜନ । ଗୋଟିଏ ପକେଟରେ କପି, ଅନ୍ୟ ପକେଟରେ ଲୁଚା ପେନ ଛାତ୍ର ପରୀକ୍ଷା ହଲକୁ ଯାଉ ନ ଥିଲା; ଶିକ୍ଷାଲାଭର ବୃହତ୍ତର ଉଦ୍ଦେଶ୍ୟଟି ପ୍ରାୟ ଚରିତାର୍ଥ ହେଉଥିଲା । ଅଧ୍ୟାପକଜୀବନର ଆଦ୍ୟରୁ ପ୍ରାନ୍ତ ମୁଁ ଅଧ୍ୟାପନାର ଆସ୍ୱାଦ ଉପଭୋଗ କରିଛି । ଛାତ୍ରମାନେ ପୁତ୍ରବତ୍ ପ୍ରିୟ, ସେମାନଙ୍କ ମେଳରେ ବସିଲେ ସଂସାରର ସବୁ ଦୁଃଖ ଭୁଲି ହୋଇ ଯାଉଥିଲା ।

୧୯୫୪ ଜୁଲାଇ ମାସରେ ଓଡ଼ିଆ ଅଧ୍ୟାପକ ଭାବେ ମୁଁ ଖଲ୍ଲିକୋଟ କଲେଜରେ ଯୋଗ ଦେଲି । ଖଲ୍ଲିକୋଟ ରାଜାଙ୍କ ଏକ ଲକ୍ଷ ଟଙ୍କା ଦାନରେ ଏହାର ଶୁଭାରମ୍ଭ ହୋଇଥିଲା, ତେଣୁ ବ୍ରହ୍ମପୁରରେ ଥିଲେ ବି ଏହାର ନାମ ଦିଆଯାଇଥିଲା 'ଖଲ୍ଲିକୋଟ କଲେଜ' । ମୁଁ ପହଞ୍ଚିଲାବେଳକୁ ଏହି କଲେଜରେ ସଦ୍ୟ ବି.ଏ. ଶ୍ରେଣୀ ଖୋଲିଥିଲା । ତା ପୂର୍ବରୁ ପଚିଶବର୍ଷରୁ ଅଧିକ କାଳ ଏଥିରେ ଆଇ.ଏ, ଆଇ. ଏସ୍. ସି ଶ୍ରେଣୀ ମାତ୍ର ଥିଲା । ଓଡ଼ିଆ ବିଭାଗରେ ଏ ପର୍ଯ୍ୟନ୍ତ କୌଣସି ଏମ୍. ଏ. ପାସ୍ ଅଧ୍ୟାପକ ନିଯୁକ୍ତ ହୋଇ ନ ଥିଲେ । ପଢ଼ା ହା. ସ୍କୁଲର ଓଡ଼ିଆ ପଢ଼ାଠୁ ଭିନ୍ନତର ନ ଥିଲା; ପଢ଼ାଉଥିଲେ ସଂସ୍କୃତ ପଣ୍ଡିତ—'ବଡ଼ ଆଜ୍ଞା'; ତାଙ୍କ ତଳେ ଆଉ ଜଣେ 'ଶ୍ରେଷ୍ଠ ଆଜ୍ଞା' ଥିଲେ । ଓଡ଼ିଆ ଅଧ୍ୟାପନା ନିତାନ୍ତ ନୀରସ ଥିଲା, ମାତୃଭାଷା ପ୍ରତି ଚରମ ଅବହେଳା । ସେତେବେଳେ ମୁଁ ସଦ୍ୟ ଏମ୍. ଏ ପାସ୍‌କରା ତରୁଣ, ଅନ୍ତରରେ ମୋର ଗଭୀର ଉଚ୍ଛ୍ୱାସ ଓ ଆବେଗ ଥିଲା, କଲିକତାରେ ବକ୍ତୃତା ଦେଇ ରସନା ମୋର ଶାଣିତ ହୋଇ ଉଠିଥିଲା, ଅଧରରୁ ଜୁଆର ପରି ବଚନର ସ୍ରୋତ ଛୁଟୁଥିଲା । ମୋ ବକ୍ତୃତା ଶୁଣିବା ପାଇଁ ଅନ୍ୟ ଶ୍ରେଣୀର ପିଲାମାନେ କ୍ଲାସରେ ଆସି ବସୁଥିଲେ, ଜାଗା ନ ହେବାରୁ ବାହାରେ ଛିଡ଼ା ହୋଇ ଶୁଣୁଥିଲେ । ଅଳ୍ପଦିନ ମଧ୍ୟରେ ଛାତ୍ର ଓ ଜନସାଧାରଣଙ୍କ ଭିତରେ ମୁଁ ଲୋକପ୍ରିୟ ହୋଇ ଉଠିଲି, ସାହିତ୍ୟସଂଗଠନ ଓ ହାଇସ୍କୁଲମାନଙ୍କରେ ବକ୍ତୃତା ଦେବା ଲାଗି ନିମନ୍ତ୍ରଣ ଆସିଲା ।

ମୁଁ କଲେଜରେ ରହିଲା ପରେ ଓଡ଼ିଆ ଅଧ୍ୟାପନା ଏକ ପ୍ରଣାଳୀ ବଦ୍ଧ ରୂପ ପାଇଲା । ଦୀର୍ଘ ତେଲୁଗୁ ପ୍ରଭାବ ଫଳରେ ଗଞ୍ଜାମର ଛାତ୍ରମାନେ ଓଡ଼ିଆ ଭାଷାରେ ଦୁର୍ବଳ ହୋଇ

Digitized by srujanika@gmail.com

ଯାଉଥିଲେ, ବାଧ୍ୟତାମୂଳକ ଓଡ଼ିଆରେ ବହୁ ସଂଖ୍ୟାରେ ଫେଲ ହେଉଥିଲେ, ଯଦିବା ଓଡ଼ିଆ ଆନ୍ଦୋଳନରେ ନେତୃତ୍ୱ ନେଇଥିଲା ଗଞ୍ଜାମ, ଭଞ୍ଜ, କବିସୂର୍ଯ୍ୟ, ଗୋପାଳକୃଷ୍ଣଙ୍କର ଦାୟାଦମାନେ ଓଡ଼ିଆରେ ପାସ୍ କରି ନ ପାରିବା ନିତାନ୍ତ ଅଗୌର-ବର ବିଷୟ ଥିଲା । ଶଶିଭୂଷଣ ରଥ, ନିରଞ୍ଜନ ପଟ୍ଟନାୟକ ପ୍ରଭୃତି ଦକ୍ଷିଣ ଓଡ଼ିଶାର ଧମନୀରେ ଉଷ୍ଣ ଜାତୀୟତାବାଦର ପ୍ରସ୍ରବଣ ଛୁଟାଇ ଦେଇ ପାରିଥିଲେ; କିନ୍ତୁ ଓଡ଼ିଆ ଶିକ୍ଷା ସଂଗଠିତ ହୋଇପାରି ନ ଥିଲା ।

ମୁଁ ଲକ୍ଷ କଲି ଯେ ଓଡ଼ିଆ ପାଠାଗାରଟି ନାମକୁମାତ୍ର ଅଛି । ସେଥିରେ ଓଡ଼ିଆ ବହି ନାହିଁ । ଓଡ଼ିଆ ଛାତ୍ର ପାଠ୍ୟପୁସ୍ତକ ଛଡ଼ା ଅନ୍ୟ ଓଡ଼ିଆ ବହି ପଢ଼େ ନାହିଁ । ମୁଁ ଏ ବିଷୟ ଖଲ୍ଲିକୋଟ କଲେଜର ଉପସଭାପତି, ଓଡ଼ିଆ ଆନ୍ଦୋଳନର ନେତା ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀଙ୍କୁ ଜଣାଇଲି । ହାଇସ୍କୁଲ ସ୍ତରରୁ ଏହା ସଂଗଠିତ ନ କଲେ କଲେଜରେ ଶିକ୍ଷାସଂସ୍କାର ବିଶେଷ ଫଳପ୍ରଦ ହେବନାହିଁ । ଶ୍ରୀ ପାଣିଗ୍ରାହୀ ମୋତେ ହାଇସ୍କୁଲର ପରି-ଦର୍ଶକ ଭାବେ ନିଯୁକ୍ତ କଲେ; ମୁଁ ହା. ସ୍କୁଲ ଓ କଲେଜକୁ ଉପାଦେୟ ପୁସ୍ତକମାନ ମଗାଇଲି, ସେମାନେ ଯେପରି ସେସବୁ ପାଠ କରିବେ, ବ୍ୟବସ୍ଥା କଲି । ପିଲାମାନଙ୍କ ଖାତା ସଂଶୋଧନ କରି ସେମାନଙ୍କ ଲିଖନପ୍ରଣାଳୀ ଯେପରି ଉନ୍ନତତର ହୋଇ ପାରିବ, ଚେଷ୍ଟା କଲି । ପଦେ ଓଡ଼ିଆ କହିଲେ ପିଲାମାନେ ଦଶ ପନ୍ଦରଟା ଇଂରାଜୀ ଶବ୍ଦ ମିଶାଉ-ଥିଲେ । ଅମିଶ୍ରିତ, ଶୁଦ୍ଧ ଓଡ଼ିଆ କହିବା ଲାଗି ଆଲୋଚନାସଭା ଓ ବକ୍ତୃତା-ପ୍ରତିଯୋଗିତା କରାଇଲି । ମୁଁ ଯିବା ପୂର୍ବରୁ କୌଣସି ଓଡ଼ିଆ ଛାତ୍ର କଲେଜ ୟୁନିଅନର ପ୍ରେସିଡେଣ୍ଟ୍ ହୋଇପାରି ନ ଥିଲେ; ଓଡ଼ିଆ ଛାତ୍ରମାନଙ୍କୁ ସଂଗଠିତ କରିବାରୁ ଏହା ସେ ବର୍ଷ ସମ୍ଭବ ହେଲା । ପ୍ରଥମ ଓଡ଼ିଆ ଛାତ୍ର ପ୍ରେସିଡେଣ୍ଟ ହେଲେ କ୍ଷିତିଭୂଷଣ ପଟ୍ଟନାୟକ ।

ପ୍ରଥମ ଓଡ଼ିଆ ନାଟକ ଅଭିନୟ

ଖଲ୍ଲିକୋଟ୍ କଲେଜରେ ଓଡ଼ିଆ ନାଟକ ଅଭିନୟ ଏବେ ଗୋଟିଏ ସାଧାରଣ ଘଟଣା ହୋଇପାରେ, କିନ୍ତୁ ସେ କାଳରେ ଏହା ଗୋଟିଏ କୃତିତ୍ୱ, ତେଲୁଗୁ ସଂସ୍କୃତି ଉପରେ ଏକ ବିଜୟୀଜନର ସ୍ୱରୂପ ଥିଲା । ନାଟ୍ୟକାର ବ୍ରହ୍ମାନନ୍ଦ ପଣ୍ଡା (ସୁଗାଲ୍ଡିକ) ପଦେ ପଦେ ଆମ୍ଭମାନଙ୍କ ସଙ୍ଗେ ସହଯୋଗ କରିଥିଲେ । ତାଙ୍କର ନାଟକ ହିଁ ଅଭିନୀତ ହୋଇଥିଲା । ଝିଅ ପାର୍ଟ କରିବା ପାଇଁ କଲେଜରୁ କେହି ବାହାରିଲେ ନାହିଁ । ବ୍ରହ୍ମାନନ୍ଦ-ବାବୁ ଆମ୍ଭଙ୍କୁ ନ ଜଣାଇ ଅନ୍ୟସ୍ଥାନରୁ ଗୋଟିଏ କନ୍ୟା ନେଇ ଆସିଲେ; ଅଭିନୟ ସଫଳ ହେଲା, କିନ୍ତୁ ଭାନ୍ଥବାଡ଼ରେ ଆମ୍ଭମାନଙ୍କ ଚରିତ୍ରସଂହାର ଲାଗି ପ୍ରସ୍ତାବ ହୋଇଗଲା । ଶ୍ରୀ ପାଣିଗ୍ରାହୀ ସେତେବେଳେ ବୃଦ୍ଧ; ସେ ଏଭଳି ଭାନ୍ଥ ଲେଖାକୁ ଫୁତ୍ଭାବରେ ଉଡ଼ାଇ-ଦେଲେ—'ମୁଁ ଅଛି, ତୁମର କେହି କିଛି କରି ପାରିବ ନାହିଁ' ।

Digitized by srujanika@gmail.com

ସଂସ୍କୃତରେ ଏମ୍ ଏ.

ସେଇ ବର୍ଷ ଗାଆଁରେ ମୋର ଆଶୀର୍ବାଦଘର ହୋଇଥିଲା । ସ୍ତ୍ରୀ ବନ୍ଧୁ ଜନପଦ ଓ ସ୍ୱରସମ୍ଭାର ନେଇ ପଦ୍ମଲପାଳି ଆସିଥିଲେ । କିନ୍ତୁ ସୌଖୀନତ୍ୱରେ ଜୀବନ ଅତିବାହିତ କରିବାର ସୁଯୋଗ ମୋତେ ମିଳି ନ ଥିଲା । ଓଡ଼ିଶାରେ ନୂଆ କଲେଜ ସବୁ ଖୋଲି ନ ଥିଲା, ଓଡ଼ିଆ ଅଧ୍ୟାପକ ଚାକିରିଟିଏ ପାଇବା ଦୁସ୍କର ଥିଲା । ଓଡ଼ିଆରେ ନ ପାଇ ସଂସ୍କୃତରେ ଏମ୍. ଏ ପାସ୍ ଲାଗି ଯତ୍ନ କଲି । ଫଳରେ ସେତେବେଳେ କାମଶାସ୍ତ୍ର, ଲବଣ୍ୟବତୀ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ନ ପଢ଼ି ଋକ୍‌ବେଦର ସୂକ୍ତ, ଯାସ୍କଙ୍କ ନିରୁକ୍ତ, ପତଞ୍ଜଳିଙ୍କ ମହାଭାଷ୍ୟ, ସିଦ୍ଧାନ୍ତକୌମୁଦୀ, ସାହିତ୍ୟଦର୍ପଣ, ରସଗଙ୍ଗାଧର, ଧ୍ୱନ୍ୟାଲୋକ, ଔଚିତ୍ୟବିଚାର ପ୍ରଭୃତି ମୋତେ ପଢ଼ିବାକୁ ହେଉଥିଲା । ଭାଗ୍ୟର ବିଡ଼ମ୍ବନା ଏ । ପ୍ରୀତିରେ ନୁହେଁ, ବୃତ୍ତି ଦାୟରେ ଏହି ପଢ଼ା ବଡ଼ ଅସ୍ୱାଦ୍ୟ ବୋଧ ହେଉଥିଲା । ଏବେ କେତେ ସହଜରେ ଲୋକେ ଓଡ଼ିଆ ଅଧ୍ୟାପକ ହୋଇ ଯାଉଛନ୍ତି । କିନ୍ତୁ ମୋତେ ସେଥିଲାଗି ପାଞ୍ଚବର୍ଷ ଅପେକ୍ଷା କରିବାକୁ ହୋଇଥିଲା, ଘୋରତର ସଂଗ୍ରାମ କରିବାକୁ ପଡ଼ିଥିଲା । ତଥାପି ସିଧାସଳଖ ଓଡ଼ିଆ ଅଧ୍ୟାପକ ହୋଇପାରିଲି ନାହିଁ, ସଂସ୍କୃତବାଟେ ମୋତେ ଓଡ଼ିଆ ବିଭାଗରେ ପଶିବାକୁ ହେଲା ।

ଅଳଙ୍କାର ଚୋରୀ

ଆଶୀର୍ବାଦଘର ପରେ ମୋର ସଂସାରଅନଭିଜ୍ଞା ସ୍ତ୍ରୀକୁ ନେଇ ବଜ୍ରପୁର ପୋଖରୀ ବନ୍ଧ ଉପରେ ଥିବା ଗୋଟିଏ ଭଡ଼ାଘରେ ଆସି ରହିଲି । ଘଟଣାଦିନ ସ୍ତ୍ରୀ ତଳଘରେ ରୋଷେଇ କରୁଥିଲେ, ବଡ଼ ପୁରୁଷ ଜଗବନ୍ଧୁର ସ୍ତ୍ରୀ ମରି ଯାଇଥିବାରୁ ସେ ଗଞ୍ଜାମରୁ ଗୋଟିଏ ମୁଦଣ୍ଡି କଣିଆଣି ଆମ ଘରେ ରଖିଥିଲା । ସେ ସକାଳୁ ତାକୁ ନେଇ ଘରକୁ ଯିବାର କଥା । ସେମାନେ ଆସିବା ଫଳରେ ରୋଷେଇ ଜଞ୍ଜାଳ ବଢ଼ିଥିଲା । ସ୍ତ୍ରୀ ଉପରଘର ଦୁଆର ପ୍ରତି ମନଯୋଗିନୀ ହୋଇପାରି ନଥିଲେ । ଆମର ହାଡ଼ି ବୋଲି ଗୋଟିଏ ଚାକରାଣୀ ଥିଲା । ଆମେ ତଳଘରେ ଖିଆପିଆ କରୁଥିବାବେଳେ ସେ ସ୍ତ୍ରୀର ଅଳଙ୍କାର ବାକ୍ସଟି ନେଇ ଖସିଗଲା; ଘରେ ତାକୁ ରଖିଦେଇ ଆମ ଘରେ ପୁଣି ଆସି ପହଞ୍ଚିଲା । ତାକୁ ସନ୍ଦେହ କରିବା ତ ଦୂରର କଥା, ଆମେ ସକାଳ ହେବା ପର୍ଯ୍ୟନ୍ତ ଜାଣି ନ ଥିଲୁ ।

ସକାଳୁ ଯେତେବେଳେ ବାକ୍ସ ଖୋଜାହେଲା, ବେଶୀ ଖୋଜିଲା ହାଡ଼ି । 'ମୋ ମାଆର ଅଳଙ୍କାର କିଏ ନେଲା ଲୋ' ବୋଲି କାନ୍ଦବୋବାଳି ପକାଇ ସେ ପୋଖରୀରେ (ଯେଉଁଠି ନେଇ ହୁଏତ ପକାଇ ଦେଇଥିବ) ବଣବୁଦାରେ, ପଡ଼ିଆରେ ଖୋଜିବାକୁ ଲାଗିଲା । ତା ଆନ୍ତରିକତା ଦେଖି ତାକୁ ଆମେ ସନ୍ଦେହ କଲୁନାହିଁ ।

Digitized by srujanika@gmail.com

ଘଣ୍ଟାଏ ଦୁଇ ଘଣ୍ଟା ଖୋଜିଲା ପରେ ହାଣ୍ଡି ଭଙ୍ଗା ସୁଟ୍‌କେସ୍‌ଟି ପଡ଼ିଆରୁ ଆଣି 'ମୋ ମାଆଲୋ, ସବୁ ତ ନେଇ ଯାଇଛୁ ଲୋ, ମାକୁ ଯେ ଦୁଃଖ ଦେଇଛୁ ତାକୁ ବାଡ଼ିଠାକୁରାଣୀ ଖାଉ ଲୋ' ବୋଲି ସକେଇ କାନ୍ଦିବାକୁ ଲଗିଲା; ଭଙ୍ଗା ବାକ୍ସଟି ଖୋଲିଲାବେଳକୁ ସେଥିରେ ଗୋଟିଏମାତ୍ର କାନଫୁଲ ଅଛି—ତରବରରେ ନେଉଁ ନେଉଁ ଚୋର ଦେଖିପାରି ନାହିଁ ।'

ଯାହା ସ୍ତ୍ରୀ ଦେହରେ ପିନ୍ଧିଥିଲେ ତାକୁ ଛାଡ଼ି ସବୁତକ ଗଲା; ଦୁଇ ହଜାର ଟଙ୍କାର ଅଳଙ୍କାର; ସୁନା ଭରି ସେତେବେଳେ ପ୍ରାୟ ପଚିଶ ଟଙ୍କା ହୋଇଥିଲା । ମୋ ସ୍ତ୍ରୀ ଚମ୍ପାଫୁଲ ପରି ଦଶୁଥିବା ଶୁଦ୍ଧ ସୁନାର ଅଳଙ୍କାରମାନ ବନ୍ଧୁବାନ୍ଧବଙ୍କୁ ଦେଖାଉଥିଲା, ବରଂପୁରିଆଣୀ ହାଣ୍ଡି ପାଟିରୁ ପାଣି ବୋହୁଥିଲା, ସୁଯୋଗ ଉଣ୍ଡୁଥିଲା, ତାହା ପାଇବା ଆଦୌ କଷ୍ଟକର ନ ଥିଲା ।

ପୁଲିସକୁ ଜଣାଇ ଦେଲୁ; ହାଣ୍ଡିର ଖାଇ ବନ୍ଧୁବାସକୁ ଯାଇ ଗାଡ଼ରେ ସୁନାତକ ତରଲାଇ ଦେଲା, ସେଥିରୁ କିଛି ପୁଲିସ୍‌ବାବୁମାନଙ୍କ ଦୁଆରେ ଆଣି ଥୋଇଲା କି ନାହିଁ ଜାଣେ ନା । କିନ୍ତୁ ଆମ ଆଗରେ ବହୁତ ତମ୍ବିତୋଫାନ ଦେଖାଇଲେ ବି ସେ କିଛି କଲେନାହିଁ । କିଛିଦିନ ପରେ ନଗରଗଡ଼ଙ୍କ ପୁଲିସ୍ ରିପୋର୍ଟ ପାଇଲୁ ଜିନିଷପତ୍ରର କୌଣସି ସନ୍ଧାନ ମିଳିଲା ନାହିଁ ।

ଜୀବନରେ ପ୍ରଥମେ ପ୍ରାପ୍ତ ଏହି ସୁନାତକ ମୋତେ ଭୋଗ ହେଲାନାହିଁ । 'ଗହଣା ନାଇଲେ ଘୋଟେଇ ଭୁଲ' ଏଇ ତତ୍ତ୍ୱ ବୁଝିବାଭଳି ବୟସ ବା ବୁଦ୍ଧି ମୋ ସ୍ତ୍ରୀର ହୋଇ ନ ଥିଲା । ମୁଁ ପରେ ଏମ୍. ଏ. ମେଡ଼ାଲରୁ ଦୁଇଟି ସ୍ୱର୍ଣ୍ଣ ଯଡ଼ ସାମାନ୍ୟ ଅଳଙ୍କାର କଲି ।

ଉତ୍କଳସମ୍ମିଳନୀ

୧୯୪୪ରେ ବ୍ରହ୍ମପୁରରେ ଉତ୍କଳସମ୍ମିଳନୀ ହୋଇଥିଲା । ମେଦିନୀପୁରର ଓଡ଼ିଆ ନେତା ଭାଗବତପ୍ରସାଦ ଦାସ ଏଥିରେ ସଭାପତି ହୋଇଥିଲେ । ତାଙ୍କୁ ହାତୀରେ ବସାଇ ବ୍ରହ୍ମପୁର ସହରରେ ପଟୁଆର କରାହୋଇଥିଲା । ମୁଁ ତାଙ୍କ ପୃଷ୍ଠପଟରେ ହାତୀରେ ବସି ଛତା ଧରିଥିଲି । ସେତେବେଳେ ଡୁଡୁମା ନୂତନ ଆବିଷ୍କୃତ ହୋଇଥାଏ; ଆନ୍ଧ୍ରକୁ ଯିବ କି ଓଡ଼ିଶାରେ ରହିବ, ଏହି ପ୍ରଶ୍ନ ସେତେବେଳେ ଗୁରୁତର, ଓଡ଼ିଶାର ଦାବୀ ପଛରେ ଓଡ଼ିଆ ଜାତିର ଦୃଢ଼ ସମର୍ଥନ ରହିଛି, ଏହା କର୍ତ୍ତାଙ୍କୁ ଜଣାଇବା ଲାଗି ସମ୍ମିଳନୀ ଆହ୍ୱାନ କରା ହୋଇଥାଏ ।

ଡୁଡୁମାକୁ ନେଇ ଆତ୍ମୋତ୍ସର୍ଗ କରିବା ପ୍ରଶ୍ନ କେହି କେହି ନଆଁଗିଳା ନେତା ଉଠାଉଥାନ୍ତି । ମୁଁ କହୁଥାଏ—ଆତ୍ମବଳି ଦେବାର ସାହସ ଥିଲେ ଏ ପ୍ରଦେଶ ବଞ୍ଚି

Digitized by srujanika@gmail.com

ଉନ୍ନତ ସ୍ତରକୁ ଉଠି ଯାଆନ୍ତାଣି । ପୋକ ମାଛି ପରି ବନ୍ୟାରେ, ବାତ୍ୟାରେ, ମହାମାରୀ ଦୁର୍ଭିକ୍ଷରେ ଲୋକେ ମରିବେ; କିନ୍ତୁ ସତ୍କାର୍ଯ୍ୟରେ ଶହୀଦ ହେବେନାହିଁ । ଅବଶ୍ୟ ଡଡ଼ୁମାପ୍ରପାତରେ ଏପରି ଲମ୍ଫ ଦେବାରେ କୌଣସି ପୌରୁଷ ନାହିଁ । ଏହା ସ୍ୱାର୍ଥତ୍ୟାଗ ନୁହେଁ, ଏକ ଆତ୍ମହତ୍ୟା ବା ଅପମୃତ୍ୟୁ ରୂପେ ପରିଗଣିତ ହେବ ।

ସ୍ୱାର୍ଥତ୍ୟାଗର ତକରାର ଅପିଲକ୍ଷଣି ସଭାମଞ୍ଚରୁ କିଛି କିଛି ଅର୍ଥଦାନର ପ୍ରତିଶ୍ରୁତି ମିଳିଲା କିନ୍ତୁ ଆତ୍ମଦାନର କୌଣସି ଘୋଷଣା ଶୁଣାଗଲା ନାହିଁ । ନେତାମାନେ ସୁରୁଖୁରୁରେ ନେତାଗିରି ଚଳାଇବେ—ନେତାଗିରି ଅର୍ଥ ବକ୍ତୃତାରେ ବହୁତ ବଡ଼ ବଡ଼ କଥା କହିବା, ସେଥିରୁ ବିନ୍ଦୁଏ କାର୍ଯ୍ୟରେ ପରିଣତ ନ କରିବା; ସେ ଆତ୍ମତ୍ୟାଗ କଲେ ଦେଶକୁ ନେତୃତ୍ୱ ଦେବ କିଏ ? ସେହିପରି ପ୍ରଶ୍ନ ପ୍ରତ୍ୟେକଙ୍କ ମନରେ ଉଠୁଥିଲା । ମୁଁ ମଲେ କୁଟୁମ୍ବ ପୋଷିବ କିଏ ? ବୃଦ୍ଧ ପିତାମାତାଙ୍କର ସେବାଶୁଶ୍ରୂଷା କରିବ କିଏ ? ନବପରିଣୀତା ସ୍ତ୍ରୀର ସ୍ୱାମୀ ହେବ କିଏ ? ଟିଙ୍କୁଡ଼ିବାଛୁରୀଦଳଙ୍କର ପିତା ହେବ କିଏ ? ଏହିପରି ବହୁ ପ୍ରଶ୍ନ । ପୂଜ୍ୟ ଲକ୍ଷ୍ମୀନାରାୟଣ ସାହୁ ମୋ ପାଖରେ ବସି ମୋତେ କହୁଥାନ୍ତି —‘କହ, ଡଡ଼ୁମା ଓଡ଼ିଶାକୁ ନ ଆସିବା ପର୍ଯ୍ୟନ୍ତ ମୁଁ ଚଷମା ପିନ୍ଧିବି ନାହିଁ । ଚଷମାଟି (ସୁନା ଫ୍ରେମ୍ ହୁଆ) ମୁଁ ଦେଶମିଶ୍ରଣପାଣ୍ଠିକି ଦାନ କଲି’’ ।

କିନ୍ତୁ ଏ ମୁକ୍ତିକୁ ମୋ ମନ ମାନୁ ନ ଥିଲା, ଅଧ୍ୟାପକ ଜୀବନ ମୋର । ବହୁତ ନ ପଢ଼ିଲେ ପଢ଼େଇବି କେମିତି ? ଡଡ଼ୁମା ଓଡ଼ିଶାକୁ ଆସିବ କି ନାହିଁ, ସ୍ଥିର ନାହିଁ । ମୋ ଆଖିଯୋଡ଼ିକ ଖରାପ ହେଲେ ଦେଶମାତୃକାର କି ଉପକାର ହୋଇ ପାରିବ ?

ମାସକୁ ମାତ୍ର ଶହେ ଟଙ୍କା ଦରମା ପାଇ ସେଥିରୁ ୧୫ ଟଙ୍କା ଘରଭଡ଼ା ଦେଇ ବଡ଼ କଷ୍ଟରେ ସଂସାର ଚଳାଉଥିଲି । ଅନ୍ତରରେ ଦାନର ଲିପ୍ସା ମୋର ଆଦୌ ନ ଥିଲା । ନୂଆ ହୋଇ ଜୀବନରେ ସୁନା କିଛିଏ ପାଇଥିଲି । ସେଥିରୁ ଅଧିକାଂଶ ବିକ୍ରି ଯାଇଥିଲା । ମୋ ନିକଟରେ ସୁନା ବୋତାମ, ସୁନା ମୁଦି ଓ ଚଷମା ଫ୍ରେମଟିଏ ଥିଲା । ସେତକ ଦେଇ ଦରିଦ୍ରତର ହେବାର ଇଚ୍ଛା ନଥିଲା । ସେ ସବୁ ଯଥାସ୍ଥାନରେ ପହଞ୍ଚି କାର୍ଯ୍ୟରେ ଲଗିବ— ଏ ବିଶ୍ୱାସ ମଧ୍ୟ ନ ଥିଲା ।

ନେତାମାନଙ୍କ ନୈତିକ ଅଧୋଗତି ନିମ୍ନ ସ୍ତରରେ ପହଞ୍ଚିଥିଲା, ରାଜନୀତି ହୋଇଥିଲା ଏକ ଲାଭଜନକ ବ୍ୟବସାୟ । ସ୍ୱାଧୀନତା ଯେଉଁମାନଙ୍କୁ ଉଚ୍ଚ ଆସନରେ ବସାଇଲା, ସେମାନଙ୍କ ମଧ୍ୟରୁ ଅଧିକାଂଶ ଆସନର ମର୍ଯ୍ୟାଦା ରକ୍ଷା କରିପାରିଲେ ନାହିଁ । ସ୍ୱାଧୀନତା ପୂର୍ବରୁ ଏହି ଅଧୋଗତି ସ୍ପଷ୍ଟ ନ ହେଲେହେଁ ସଂଶୟର ସୂଚନାମାନ ମିଳିଥିଲା ।

ବ୍ରହ୍ମପୁରରେ ଥିଲାବେଳେ ମୁଁ ଜୟପୁର ଉତ୍କଳସମ୍ମିଳନୀରେ ଯୋଗ ଦେଇଥିଲି । ଯେତେବେଳେ ‘ସମାଜ’ ସମ୍ପାଦକ ରାଧାନାଥ ରଥଙ୍କ ସଙ୍ଗେ ଯାଇ ମାଛକୁଣ୍ଡ ନଦୀ

Digitized by srujanika@gmail.com

ଡୁଡୁମା ପ୍ରପାତ ଦେଖିବାର ସୌଭାଗ୍ୟ ମୋତେ ମିଳିଥିଲା । ଓଡ଼ିଶାର ଗଭର୍ଣ୍ଣର ଦେଖିବେ ବୋଲି ଡୁଡୁମାପ୍ରପାତ ନିକଟରେ ଗୋଟିଏ ଉଚ୍ଚ କାଷ୍ଠ ମଞ୍ଚ ନିର୍ମାଣ କରାଯାଇଥିଲା । ତା ଉପରେ ବସି ଡୁଡୁମାର ଦୃଶ୍ୟ ଉପଭୋଗ କରିଥିଲି, ମୁଁ 'ଡୁଡୁମା କାବ୍ୟ ଏହି ପ୍ରକାରେ ଆରମ୍ଭ କରିଥିଲି—

ମଞ୍ଚା ପରେ ବସିଅଛି
ଉଦ୍ଧତ ଗୌରବ ନିଶ୍ଚଳି

ଉତ୍କଳଲକ୍ଷ୍ମୀ ଲମ୍ପା ପକ୍ଷରୁ ମୋର ଡୁଡୁମାକାବ୍ୟ ୧୯୨୭ରେ ପ୍ରକାଶ ପାଇଥିଲା । ଶ୍ରୀ ରଥ ଏହି କାବ୍ୟର ମୁଖବନ୍ଧ ଲେଖିଥିଲେ । କିନ୍ତୁ ଦୀର୍ଘ ମୁଖବନ୍ଧରେ ସେ ଡୁଡୁମାର ଇତିହାସ, କିମ୍ବଦନ୍ତୀ ପ୍ରକୃତି ବର୍ଣ୍ଣନା କରିଥିଲେ ଓ ଆଦିବାସୀ ରମଣୀମାନଙ୍କ ବିଷୟରେ ଗୋଟିଏ କବିତା ଲେଖିଥିଲେ । ମୋ ସମ୍ପର୍କରେ ସେଥିରେ ଏତିକି ମାତ୍ର ଥିଲା —"ଯେ ସ୍ଥାନକାର ଦୃଶ୍ୟ ଯେ ନ ଦେଖିଛି, ସେ କଳ୍ପନା ମଧ୍ୟ କରିପାରିବ ନାହିଁ । ମାତ୍ର କବି କୁଞ୍ଜବିହାରୀ ବୋଧହୁଏ କଥିତ ପରିମାଣରେ କୁଞ୍ଜବିହାରୀଙ୍କ ଶକ୍ତିସମ୍ପନ୍ନ ହୋଇଥିବାରୁ ସେ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ତାଙ୍କ କବିତୂଳିକା ଚଳାଇବାକୁ ସାହସ କରିଛନ୍ତି" ।

ଡୁଡୁମା ଆନ୍ଦୋଳନ ସମ୍ପର୍କରେ ଗୋଟିଏ ଉଦ୍‌ବୋଧକ କବିତା ଛପାରୁ ବାଦ୍ ପଡ଼ିଯାଇଥିଲା । ପାଣ୍ଡୁଲିପିରେ ସେଇଟି ଖୋଜି ପାଉନାହିଁ । ତାର ପଦଟିଏ ମାତ୍ର ମୋର ମନେ ଥିଲା ।

ସିଂହନାଦକୁ ବନ୍ଦ କରିବ କିଏ ?
ଖଦ୍ୟୋତ କାହିଁ ସୂର୍ଯ୍ୟ ନିଭାଇ ଦିଏ ?
ନାହିଁ ନାହିଁ ଆଉ ଡେରି
ପିନ୍ଧି ଇନ୍ଦ୍ରଧନୁର ମୁକୁଟ ଡୁଡୁମା ଆସିବ ଫେରି ।

ସାହିତ୍ୟିକ ପ୍ରଚେଷ୍ଟା

ବ୍ରହ୍ମପୁର ରହଣୀ କାଳରେ ମୋର ଦ୍ୱିତୀୟ ପୁସ୍ତକ 'ପାଷାଣ ଚରଣେ ରକ୍ତ' (୧୯୫୫) ବଡ଼ଖେମିଡ଼ିର ରାଜା ଶ୍ରୀ ରାମଚନ୍ଦ୍ର ଅନଙ୍ଗଭୀମଦେବ କେଶରୀ ଗଜପତି ପ୍ରକାଶ କରିଥିଲେ । 'କୃତଜ୍ଞତା'ରେ ମୁଁ ଲେଖିଥିଲି —

"ରାଜାସାହେବଙ୍କ ସାହିତ୍ୟାନୁରାଗ ଅସାଧାରଣ । ସେ ଗୁଣଜ୍ଞ, ଗ୍ରାହକ ଏବଂ ରସିକ; ବର୍ତ୍ତମାନ କାଗଜ ଦୁର୍ଭିକ୍ଷ, ଛପା ଖର୍ଚ୍ଚ ଅତ୍ୟଧିକ; କିନ୍ତୁ ପ୍ରକୃତ ଗ୍ରାହକତା କୌଣସି ଅସୁବିଧା ମାନେନାହିଁ" ।

Digitized by srujanika@gmail.com

ପଦ୍ୟଟିଏ କବିତା ମଧ୍ୟ ଉତ୍ସର୍ଗ ପୃଷ୍ଠାରେ ଲେଖିଥିଲି—

ଭକ୍ତ କବିର ସିକ୍ତ ହୃଦୟ—
ହର ଯା କରୁଣା ବଳେ
'ପାଷାଣ ଚରଣେ ଭକ୍ତ' କମଳ
ଅର୍ପେ କୋମଳ କରେ'।

ମୋର ପ୍ରେରଣାଦାତା ସାହିତ୍ୟିକ ଅନନ୍ତପ୍ରସାଦ ପଣ୍ଡାଙ୍କ ଆଶୀର୍ବାଦ କବିତାଟି ମଧ୍ୟ ଏହି କାବ୍ୟର ଭୂମିକା ରୂପେ ସଂଯୋଜିତ ହୋଇଥିଲା —

"ଉତ୍କଳର କାବ୍ୟକୁଞ୍ଜବିହାରୀ ରସିକ
ପାଷାଣ ଚରଣେ ଦେଖି ଭକତ କଣିକା
ମୁଗ୍ଧ ଶିଳ୍ପୀ କରେ ଦେଲ ଅମର ତୂଳିକା
ଆଙ୍କିଲ ଅମର ଛବି ଭୂତ ଭବିଷ୍ୟତ
ଜନ୍ମଭୂମି ଜନନୀର ଶୌର୍ଯ୍ୟ ଗରିମା;
ହୃଦୟର ଭାବ ତବ ହୋଇ ଘନୀଭୂତ
ଧରିଛି ଯେ କାବ୍ୟ ରୂପ ସେ ରୂପ ନିହାରି
ଅନ୍ତରେ ଉଠଇ ମୋର ଯେଉଁ ଭାବରାଜି
ସେଇ ଭାବ ଦେଇ ଆଜି କରେ ଶୁଭାଶିଷ
ଯୁଗେ ଯୁଗେ ହେଉ ତବ ଲେଖନୀ ଅମର"।

ବ୍ରହ୍ମପୁର — ଶୁଭାକାଂକ୍ଷୀ
୭।୧୧।୪୫ — ଅନନ୍ତପ୍ରସାଦ ପଣ୍ଡା

ତାର ଦୁଇବର୍ଷ ପରେ 'କଳକଲ୍ଲୋଳ' (୧୯୪୭) ପୁସ୍ତକଖଣ୍ଡି ପ୍ରକାଶିତ ହୋଇଥିଲା। ଏହା ବ୍ରହ୍ମପୁର ତରୁଣୀ ଜାଲର ପ୍ରଚେଷ୍ଟାର ଫଳ । ଖଣ୍ଡ କବିତାର ଏହି ସଙ୍କଳନ ପ୍ରକାଶ କରିଥିଲେ ଧରାକୋଟର ରାଜାସାହେବ ଶ୍ରୀ ପଦ୍ମନାଭ ସିଂହଦେଓ। ମୁଖବନ୍ଧରେ ମୁଁ ଲେଖିଥିଲି "ରାଜାସାହେବଙ୍କ ଅକୁଣ୍ଠିତ ସାହାଯ୍ୟ ଓ ପ୍ରେରଣା ନ ପାଇଥିଲେ କଲ୍ଲୋଳ ଅନ୍ଧକାରରେ ନାଚି ନାଚି କେଉଁ ଅଦୃଶ୍ୟ ବେଳାଭୂମିରେ ଭାଙ୍ଗି ଯାଇଥାନ୍ତା, କିଏ ଜାଣେ"? ୧୯୩୯ରୁ ୧୯୪୭ ମଧ୍ୟରେ କଳକଲ୍ଲୋଳ ବିଭିନ୍ନ ସ୍ଥାନରେ ମନର ବିଭିନ୍ନ ଅବସ୍ଥାରେ ରଚିତ ହୋଇଥିଲା ଓ 'ନବୀନ', 'ସହକାର', 'ନବଭାରତ', 'ଶଙ୍ଖ' ପ୍ରଭୃତି ପତ୍ରିକାରେ ଏହାର କେତେକ କବିତା ପ୍ରକାଶ ପାଇଥିଲା।

Digitized by srujanika@gmail.com

ପ୍ରକୃତି ସମ୍ପର୍କରେ ସେତେବେଳେ ମୁଁ ଯେଉଁ ଭାବଧାରଣା 'କଲକଲ୍ଲୋଳ'ରେ ବ୍ୟକ୍ତ କରିଥିଲି, ତଳେ ଉଦ୍ଧାର କଲି ।

"ମୋ ଗ୍ରାମ ନିକଟରେ ପର୍ବତ ନାହିଁ; କିନ୍ତୁ ପର୍ବତ ଦେଖିବାର ମୋହ କାହିଁକି ମୋ ଏତେ ବେଶୀ ମୁଁ ବୁଝିପାରେ ନାହିଁ । ପର୍ବତଆରୋହଣ ଅତି ସୁଖପ୍ରଦ ବୋଧହୁଏ । ସେଥିଲାଗି ମହେନ୍ଦ୍ରର ଗଗନସ୍ପର୍ଶୀ ଶୃଙ୍ଗମାନଙ୍କରେ, ଜୀବନକୁ ବିପନ୍ନ କରି ସାତକୋଶିଆର ନିବିଡ଼ ଅରଣ୍ୟାନୀ ମଧ୍ୟରେ, ଡୁଡୁମା ଓ ବାଗ୍ରାର ବ୍ୟାଘ୍ରସଂକୁଳ ଘାଟିମାନଙ୍କରେ, ଭଲେଶ ପର୍ବତର ଶିଖରଦେଶରେ, ତାଳଚେରର ବାଘଚଲ, ଘୁମୁସରର ବୁଦ୍ଧଖୋଲ, ଓ ବ୍ୟାଘ୍ରୀ ପର୍ବତର ନିବିଡ଼ ବନରେ, ସାନଖେମିଣ୍ଡିସ୍ଥ ପର୍ବତମାଳାବେଷ୍ଟିତ ତପ୍ତପାଣିରେ, ଜଉଗଡ଼ ନିକଟସ୍ଥ କ୍ଷୁଦ୍ର କ୍ଷୁଦ୍ର ପର୍ବତମାନଙ୍କରେ ଭ୍ରମଣ କରିଛି । ଖାଣ୍ଡେଶ୍ୱର, ନିର୍ମଳନିର୍ଝର, ନାରା-ୟଣୀ ଓ ଚଳକାର ଦୃଶ୍ୟ ଚିତ୍ର କେତେକ୍ଷଣି ହଠାତ୍ କି ଆଖି ଆଗରେ ନାଚିଯାଏ । ମୟୂର ନୃତ୍ୟର ଛନ୍ଦେ ଛନ୍ଦେ ହୃଦୟ ମୋର ତାଳ ଦେଇଛି । ଶ୍ରାବଣରେ ବର୍ଷା ଧାରରେ ଅଶ୍ରୁ ଢାଳିଛି, କୁମାର ପୂର୍ଣ୍ଣିମାର ଜୋସ୍ନା ଜୁଆର ସଙ୍ଗେ ସମତାଳରେ ହସି ଉଠିଛି । ପ୍ରକୃତି ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ମୁଁ ।"

"ପ୍ରକୃତିକୁ ମୁଁ ଭଲ ପାଇଛି ହୃଦୟର ନିହୁ ଦେଇ । ଜୀବନର ସକଳ ଜଞ୍ଜାଳ ମଧ୍ୟରେ ତାହାର କୁହୁକ କାଉଁରୀ ସ୍ପର୍ଶ ମୋତେ ବାଉଳା କରିଛି । କେତେବେଳେ ସ୍ନେହମୟୀ ଜନନୀ ରୂପେ, କେତେବେଳେ କୌତୁକମୟୀ କିଶୋରୀ ସଖୀ ରୂପେ, କେତେବେଳେ ପ୍ରାଣବିମୋହିନୀ ପ୍ରିୟା ରୂପେ, କେତେବେଳେ ଦୁଃଖନାଶିନୀ ଭଗିନୀରୂପେ ପ୍ରକୃତି ମୋର ଚିତ୍ତ ବିନୋଦନ କରିଛି । ଅଜାଡ଼ି ଦେଇଛି ଦୁଃଖ, ଅବସାଦ, ନୈରାଶ୍ୟ ସବୁଜସୁନ୍ଦରୀର ଚରଣ ତଳେ, ପାଇଛି ତା'ଠାରୁ ପ୍ରେରଣା, ଆଶା, ଆନନ୍ଦ" ।

"ଝଞ୍ଜା ରୂପରେ ଶୁଣିଛି ତାର ଭର୍ତ୍ସନା, ବଜ୍ର ରୂପରେ ତାର ରୁଦ୍ର ସୁନ୍ଦର ମୂର୍ତ୍ତି, ଭୂକମ୍ପ ରୂପେ ତା'ର ଭୀଷଣ ତାଣ୍ଡବ, ଅଗ୍ନି ଉତ୍ପାତ ରୂପେ ତାର ଗରଳ ଉଦ୍‌ଗୀରଣ ଦେଖିଛି; ପ୍ରକୃତିର ପ୍ରଳୟଙ୍କାରିଣୀ ଶକ୍ତି ଦେଖି ଡରି ଯାଇନାହିଁ । ଭଲ ପାଇବାରେ ବାଧା ଦେଇନାହିଁ ତାର ଭୀଷଣ କ୍ରୋଧମୂର୍ତ୍ତି ।"

'ମୃଦାରର ସୌନ୍ଦର୍ଯ୍ୟରେ ମୁଗ୍ଧ ନୁହେଁ ମୁଁ । ପ୍ରକୃତିରେ ସଚେତନ, ସଜୀବ ଶକ୍ତି ଚିତ୍ତ ମୋର ଆକର୍ଷଣ କରେ, ସତ୍ୟରୂପିଣୀ, ଶିବରୂପିଣୀ, ସୌନ୍ଦର୍ଯ୍ୟରୂପିଣୀ ପ୍ରକୃତି ସେ, କ୍ଷଣକୁ କ୍ଷଣ ବିଶ୍ୱରଙ୍ଗାଳୟରେ ଦେଖେ ତାର ଯବନିକାର ପରିବର୍ତ୍ତନ, ତା ମଧ୍ୟରେ ଯୁଗଯୁଗବ୍ୟାପୀ ମନୀଷାର ଅଭିନୟ ।"

Digitized by srujanika@gmail.com

ମହେନ୍ଦ୍ରର ମାୟା

ରାଧାନାଥଙ୍କ 'ଜଗଜ୍ଜନ ମନମୋହିନୀ ମଞ୍ଜୁଷା' ଏବେ ଅନ୍ଧ୍ର ପ୍ରଦେଶରେ—ନାମ ମଞ୍ଜୁଷା; ଓଡ଼ିଆ ରାଜା ରୁକ୍ମିଣୀଙ୍କ ନଅରରେ ରାତିଟିଏ କଟାଇ ଉତ୍କଳସମ୍ମିଳନୀର ସଭ୍ୟବୃନ୍ଦ ଆମେ ଚାଲିଲୁ ମହେନ୍ଦ୍ର ଅଭିମୁଖେ; ପ୍ରାୟ ବିଶ୍ରାମବିହୀନ ସାରାଦିନର ଯାତ୍ରା, ମହେନ୍ଦ୍ର ପର୍ବତର ଶିରୋଭାଗରେ ପହଞ୍ଚିଲାବେଳକୁ ଗୋଧୂଳିର ରକ୍ତଚନ୍ଦନ ଲାଗିଛି ଶୃଙ୍ଗେ ଶୃଙ୍ଗେ, ପୂର୍ବଘାଟ ପର୍ବତର ଉଚ୍ଚ ଅନୁଚ୍ଚ ଅଗଣିତ ଶୃଙ୍ଗ ଅଦୂରରେ ସମୁଦ୍ର, ମହେନ୍ଦ୍ରତନୟା ନଦୀ, ଅରଣ୍ୟାନୀ ଉପରେ ସ୍ୱର୍ଣ୍ଣାଭ ଗୋଧୂଳିପ୍ରବାହ, ବନ୍ୟ ଭାକଲରେ ଦିଗ୍‌ଦିଗନ୍ତ ମୁଖରିତ। ସେଇ ଅଖଣ୍ଡ ସୁବର୍ଣ୍ଣ ବ୍ରହ୍ମାଣ୍ଡ ମଳିନତର ହେଲା ପରେ ମାଡ଼ି ଆସିଲା ଅନ୍ଧକାର ସଙ୍ଗେ ଶୈତ୍ୟର ଏକ ପ୍ରବାହ, ବୃକ୍ଷଲତାକୁ ମର୍ମରିତ କରି। ରାଧାନାଥଙ୍କ ପକ୍ଷରେ ଏହା ଥିଲା 'Yarrow unvisited' ତଥାପି ଏହା ବିଷୟରେ ରାଧାନାଥ ଲେଖିଥିଲେ କାବ୍ୟ। କିନ୍ତୁ ମୁଁ ଦେଖି କିଛି ଲେଖିପାରିଲି ନାହିଁ। ତେଣୁ ବିଶ୍ୱର ବହୁ ଦୃଶ୍ୟ ଦର୍ଶନ ପରେ ବି ମହେନ୍ଦ୍ର ମନ ଉପରେ ମାୟା ବିସ୍ତାର କରି ରହିଛି—ସେହି ହଠାତ୍ ସୁଦୂର ପ୍ରସାରିତ, କାବ୍ୟକଳାନ୍ୱିତ ଗୋଧୂଳି, ଯାହାର ସୁବର୍ଣ୍ଣ ଦୀପଶିରୁ ବେଳେ ବେଳେ ଜଳିଉଠେ ମନର ଗାଢ଼ତମ ତମସାରେ।

ପାହାଡ଼ର ଗଡ଼ାଣିରେ ସମ୍ମିଳନୀର ସ୍ମରଣୀୟ ବୈଠକଟିଏ ବସିଥିଲା। ମଧ୍ୟାହ୍ନରେ ଆମେ ତଳକୁ ଓହ୍ଲାଇଥିଲୁ।

ବ୍ରହ୍ମପୁରରେ ଥିଲାବେଳେ ମୁଁ ମଞ୍ଜୁଷା, ଇଚ୍ଛାପୁର ଓ ଉଦ୍ୟାନଖଣ୍ଡ ଯାଇ ଓଡ଼ିଆ ସଂସ୍କୃତି ପ୍ରଚାର କରିଥିଲି, ମାନ୍ଦ୍ରାଜ ଓଡ଼ିଆ ସମ୍ମିଳନୀର ସଭାପତି ହୋଇଥିଲି। 'ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆମାନଙ୍କୁ ଓଡ଼ିଶାରେ ଯୁକ୍ତକରି ମିଳୁ' ଏହି ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା ଓ ନୀତିଗତ ଭାବେ ଓଡ଼ିଶା ସରକାର ଏହା ଗ୍ରହଣ କରିଥିଲେ।

କୃପାସିନ୍ଧୁ ନରେନ୍ଦ୍ର ଦେବ

ଐତିହାସିକ ମଞ୍ଜୁଷା ରାଜ୍ୟର ନାମକୁ ମାତ୍ର ଉତ୍ତରାଧିକାରୀ ରାଜା, କିନ୍ତୁ ରାଜ୍ୟହୀନ। ତଥାପି ବ୍ରହ୍ମପୁରବାସୀଙ୍କଠାରୁ ରାଜସମ୍ମାନ ସେ ପାଉଥିଲେ; ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ରାଜାଙ୍କ ଇଙ୍ଗିତରେ ପରିଚାଳିତ ହେଉଥିଲା।

ରାଜବାଟି ବୋଲି ଯାହା ଥିଲା କେତୋଟି କୋଠରୀ ମାତ୍ର। ଗଡ଼ଜାତ ରାଜାମାନଙ୍କ ସ୍ନେହସହାନୁଭୂତିରେ ରାଜବାଟିରେ ଦୀପ ଜଳୁଥିଲା। 'ନବୀନ' ପତ୍ରିକା ସେମାନଙ୍କ ସ୍ତୁତି ଗୀତରେ ଭରି ଥିଲା। ଲେଖା ପ୍ରକାଶରେ ବିଶେଷ ବାଛବିଚାର ନ ଥିଲା; ରାଜସ୍ତୁତି ଓ

Digitized by srujanika@gmail.com

ଚିଙ୍ଗପନର ସାହିତ୍ୟଲେଖା ଥିଲି ଅନୁସର୍ଗିକ । ନବ ସାହିତ୍ୟିକମାନଙ୍କ ପ୍ରତିଷ୍ଠାର ପଦ୍ଧତି ଯାହାଚ ରୂପେ ଏହାର ଭୂମିକାର ସ୍ୱାତନ୍ତ୍ର୍ୟ ଥିଲେ ବି ଜଣେ ସମାଲୋଚକ କହିଥିଲେ— ମାଗଣା ମିଳୁଥିବା 'ନବୀନ'କୁ ମୁଁ ନ ଖୋଲି ଚା ଗରମ କରିବା କାର୍ଯ୍ୟରେ ଲଗାଏ ।

କୃପାସିନ୍ଧୁ ନରେନ୍ଦ୍ର ନିଜେ ସାହିତ୍ୟିକ ନ ଥିଲେ ବି ଥିଲେ ଏକାନ୍ତ ସାହିତ୍ୟ ପ୍ରେମୀ । ବ୍ରହ୍ମପୁରର ସାହିତ୍ୟିକମାନଙ୍କୁ ଏକାଠି କରି ସେ ରୀତିମତ 'ନବୀନ ସାହିତ୍ୟ ପରିଷଦ୍' ଟି ଚଳାଉଥିଲେ । ଗଳ୍ପ, କବିତା ଓ ପ୍ରବନ୍ଧାଦି ଏହି ପରିଷଦରେ ପଠିତ ଓ ଆଲୋଚିତ ହେଉଥିଲା । ଆଲୋଚନା ଶେଷରେ ରାଜବାଟିରେ ସାହିତ୍ୟିକମାନଙ୍କୁ ଭୂରି ଭୋଜନ ଦିଆ ହେଉଥିଲା ।

ଶରତ୍‌ଚନ୍ଦ୍ର ମହାପାତ୍ର

ଯେତେବେଳେ ସେ ନିଜ ଘରେ କୋଟିଏ ପ୍ରେସ୍ କରି ସାପ୍ତାହିକ 'ଆଶା' ପ୍ରକାଶ କରୁଥିଲେ । ସେ ଦେଶମିତ୍ରଣଆନ୍ଦୋଳନର ଜଣେ ମୁଖ୍ୟ ନେତା, ସୁଲେଖକ, ସୁବକ୍ତା । କିନ୍ତୁ ଦୁରଭ୍ୟାସରେ ଅପବ୍ୟୟୀ । 'ଆଶା' ଅଳ୍ପକାଳ ପରେ ବନ୍ଦ ହୋଇଗଲା, ପ୍ରେସ୍ ଟି ଭାଙ୍ଗିଗଲା, ଘୋର ଦାରିଦ୍ର୍ୟ ଓ ଅନାଟନରେ ତାଙ୍କର ଶେଷ ଜୀବନ ଶୋଚନୀୟ ହୋଇ-ଥିଲା ।

ପଣ୍ଡିତ ଅନନ୍ତ ତ୍ରିପାଠୀଶର୍ମା

ପାରଳାଖେମୁଣ୍ଡିର ମହାରାଜାଙ୍କ ସଙ୍ଗେ ଅପଡ଼ ହେବାରୁ ସେ କୋଡ଼ିଏ ଟଙ୍କାର ହେଡ୍ ପଣ୍ଡିତ ଚାକିରି ଛାଡ଼ି ଚାଲି ଆସିଲେ, ଘରୋଇ ଭାବରେ ପରୀକ୍ଷା ଦେଇ ନାଗପୁର ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ସଂସ୍କୃତରେ ଏମ୍ ଏ ପାସ୍ କଲେ । ସ୍ୱାଧୀନ ଭାବରେ କବିରାଜୀ ବ୍ୟବସାୟ କରି ବିସ୍ତର ସମ୍ପତ୍ତିର ମାଲିକ ହୋଇଥିଲେ । ସେ ସଂସ୍କୃତରେ 'ଶିରୋମଣି' ପ୍ରେସ୍‌ରୁ 'ମନୋରମା' ନାମକ ସଂସ୍କୃତ ପତ୍ରିକା ପ୍ରକାଶ କରିଥିଲେ । ଓଡ଼ିଆ କାବ୍ୟ 'ଲାବଣ୍ୟବତୀ' ଓ ସେକ୍‌ସପିଅରଙ୍କ ନାଟକସବୁ ସଂସ୍କୃତରେ ଅନୁବାଦ କରି ସୁଖ୍ୟାତି ଅର୍ଜନ କରିଥିଲେ । ଆତ୍ମନିର୍ଭରଶୀଳତା ଓ କଠୋର ଅଧ୍ୟବସାୟର ଏକ ପ୍ରତୀକ ଥିଲେ ସେ ।

ସରକାରୀ ଚାକିରି ପ୍ରତି ଅନେକଙ୍କ ପରି ମୋହ ଥିଲା, ମୁଁ ଅଧ୍ୟାପନା ଅବସରରେ ସଂସ୍କୃତରେ ଏମ୍ ଏ ପରୀକ୍ଷା ଦେବା ଲାଗି ପ୍ରସ୍ତୁତ ହେଉଥିଲି । ୧୯୪୫ରେ ଖଲ୍ଲିକୋଟ କଲେଜରୁ ଛ'ମାସ ଛୁଟି ନେଇ ମୁଁ କଲିକତା ଯାତ୍ରା କଲି । ଯାଇ ଶ୍ରୀ ଗୋପାଳ ମଲ୍ଲିକ୍ ଲେନ୍‌ର ପୋଷ୍ଟ ଗ୍ରାଜୁଏଟ୍ ମେସ୍‌ରେ ରହିଲି । ସୁପରିଣ୍ଟେଣ୍ଡେଣ୍ଟ ପ୍ରୋଫେସର ମହେଶ୍ୱର ଦାଶ ମୋର ସମସ୍ତ ସୁବ୍ୟବସ୍ଥା କରିଥିଲେ ।

Digitized by srujanika@gmail.com

ମୋ ଆଗମନସମ୍ବାଦ ପାଇ କଲିକତା ନେତାମାନେ ଜୁଟିଲେ, ବିଭିନ୍ନ ଯନ୍ତ୍ରସମିତିରୁ ମୋତେ ଟଣାଓଟରା କଲେ । ସେ ପର୍ବ ଶେଷ ହେବା ପରେ ମୁଁ ଧ୍ୟାନସ୍ଥ ହେଲି । ସଂସ୍କୃତ କାବ୍ୟ , ନାଟକ ଓ ସାହିତ୍ୟର ଇତିହାସ ଭଲଭାବେ ପଢ଼ିଥିଲି । କିନ୍ତୁ ବିନା ଗୁରୁରେ 'କାବ୍ୟପ୍ରକାଶ', 'ସାହିତ୍ୟଦର୍ପଣ', 'ରସଗଙ୍ଗାଧର', 'ଧ୍ୱନ୍ୟାଲୋକ' ପ୍ରଭୃତି ଅଳଙ୍କାରଗ୍ରନ୍ଥ, ଋକ୍‌ବେଦର ବିଭିନ୍ନ ସୂକ୍ତ, ଯାସ୍କଙ୍କ ନିରୁକ୍ତ, ପାଣିନୀଙ୍କ ସିଦ୍ଧାନ୍ତକୌମୁଦୀ ଆୟତ୍ତ କରିବା ମୋ ପକ୍ଷେ ସମ୍ଭବ ହେଲାନାହିଁ' ।

"ଯାହା ହୋଇନାହିଁ ବାଳ କାଳେ
ତାହା ହେବ ନାହିଁ ପାଚିଲି ବାଳେ" ।

ବାଲ୍ୟକାଳରୁ ବ୍ୟାକରଣ ପ୍ରତି ମୋର ଶ୍ରଦ୍ଧା ନ ଥିଲା । ସଂସ୍କୃତ ଭାଷାରେ ମୁଁ ନିର୍ଭୁଲ ଭାବରେ ଲେଖିପାରୁ ନ ଥିଲି । ଦେବନାଗରୀ ଅକ୍ଷରରେ ଲେଖିବାର ଅଭ୍ୟାସ ବି ମୋର ନ ଥିଲା । ମୁଁ ଓଡ଼ିଆ ଅକ୍ଷରରେ ସଂସ୍କୃତ ଲେଖିଥିଲି ଓ ତାକୁ ପଢ଼ି ନମ୍ବର ଦେବା ଲାଗି ପରୀକ୍ଷକ ଜଣେ ଓଡ଼ିଆ ଅଧ୍ୟାପକଙ୍କ ସାହାଯ୍ୟ ନେଇଥିଲେ । ଏଥିଲାଗି କଲିକତା ବିଶ୍ୱବିଦ୍ୟାଳୟକୁ କିଛି ଅଧିକ ବ୍ୟୟ କରିବାକୁ ପଡ଼ିଥିଲା ।

ପରୀକ୍ଷାର କିଛିଦିନ ଆଗରୁ ଘନଶ୍ରୀଛାନାଙ୍କର ହଠାତ୍ ମୃତ୍ୟୁ ହେଲା । ଅତ୍ୟନ୍ତ ବିଚଳିତ ହେଲେ ବି ମୁଁ ମୁହ୍ୟମାନ ପଡ଼ିରହିଲି । ଆତ୍ମୋନ୍ନତି ଚିନ୍ତା ଓ ପାରିବାରିକ ଦୁଃଖ ମଧ୍ୟରେ ମନରେ ସଂଘର୍ଷ ଲାଗି ରହିଥିଲା । ଆଖିର ଲୁହ ଲେଖ ଖାତାରେ କାଳି ମିଶାଇ ଚାଲିଲି । ପାଇଲି ଦ୍ୱିତୀୟ ଶ୍ରେଣୀଟିଏ । ବ୍ୟାକରଣ ଓ ଅଳଙ୍କାରରେ ମୋର ପାସ୍ ମାର୍କ ମାତ୍ର ରହିଥିଲା ।

ଏହି ସମୟରେ ଗୋଟିଏ ମର୍ମାନ୍ତିକ ଘଟଣା ଘଟିଥିଲା—ଜାପାନର ହିରୋସିମା ଉପରେ ଆଟମ୍ ବୋମା ମାଡ଼ । ଏହି ନରହତ୍ୟା ଓ ବର୍ବରତା , ଅତୀତର ସମସ୍ତ ନୃଶଂସତାକୁ ବଳି ଯାଇଥିଲା । କେତେ ନିରୀହ, ହଠାତ୍ ମୃତ୍ୟୁମୁଖରେ ପଡ଼ିଥିଲେ । ଯେଉଁମାନେ ବଞ୍ଚିଥିଲେ ସେମାନେ ବଞ୍ଚିଥିଲେ କେବଳ ସହିବାକୁ ଅସହ୍ୟ ମୃତ୍ୟୁଯନ୍ତ୍ରଣା । ଖଣ୍ଡ ଖଣ୍ଡ ହୋଇ ଦେହ ଛିଡ଼ି ପଡ଼ୁଥିଲା, ବର୍ଷ ବର୍ଷ ଧରି ତିଳ ତିଳ ହୋଇ ମରିଥିଲେ ସେମାନେ । ସେ କ୍ଷତ ଲାଗି ଔଷଧ ନ ଥିଲା କିମ୍ବା ଚିକିତ୍ସକ ନ ଥିଲେ । ମୃତ ଜୀବନ୍ମୃତ ଅପେକ୍ଷା ଅଧିକ ଭାଗ୍ୟବାନ୍ ବିବେଚିତ ହେଲେ । ବିଧ୍ୱସ୍ତ ନଗରର ବିକଟ ଦୃଶ୍ୟ ବର୍ଣ୍ଣନା ପଢ଼ି ବିଚଳିତ ହୋଇଥିଲି, ଯେପରି ବିକ୍ଷୋଭିତ ହୋଇଥିଲି ହିଟ୍‌ଲରଙ୍କ ଉପସଂହାର ଲୀଳାରେ । ଏହା ହିଁ ଶେଷ ବିକଟତମ ଦୃଶ୍ୟ, ଯୁଦ୍ଧର ମହା ସଂହାରର ଉପସଂହାର ।

Digitized by srujanika@gmail.com

କ୍ଷୁଦ୍ର ଦ୍ୱୀପ ଜାପାନ

କଠୋର ଅଧ୍ୟବସାୟ ବଳରେ ଜାପାନମାନେ ନିଜ ଦେଶର ଐଶ୍ୱର୍ଯ୍ୟ ଓ ସମୃଦ୍ଧି ଦେଶମାନଙ୍କ ସମାନ୍ତର କରିଥିଲେ, ଦେଇଥିଲେ ସ୍ୱପ୍ନ ନିଦ୍ରା ଓ ଅହଙ୍କାର ଅଫ୍ରିକାକୁ ନେପୋଲିଅନଙ୍କ ସଂଗେ ତୁଳନା । କିନ୍ତୁ ବନ୍ଧୁ ଜଳରେ ନଦୀ ର ଗୋଟିଏ ଧାରା ଭଳି, ହେତୁପରେ ଧନସମ୍ପଦ ଓ ଆଭିଜାତ୍ୟରେ ଜାପାନ ନିଜକୁ ଘଡ଼ି ନାଁ ଜାପାନ କଥିବା ଚୀନ୍ ଓ ଅନ୍ୟାନ୍ୟ ଦେଶକୁ । ସେମାନଙ୍କୁ ବାନ୍ଧିଥିଲା ଡ୍ରାଗନିଆ ର ଏକ ବିରାଟ ଭୂଖଣ୍ଡର ଜମିଦାର, ବହୁ ଦେଶର ସର୍ତ୍ତ୍ରୀ, ମନ୍ତ୍ରୀ, ଶାସନକର୍ତ୍ତା । ସେହି ମହାକାଂକ୍ଷା ହିଁ ତାର କାଳ ହେଲା । ଜାପାନ କଚ୍ଛପ ପରି ନିଜର ପ୍ରସାରିତ ପଦ ସଙ୍କୁଚିତ କରି ଆଣିଲା, ବହୁ ବିରାଟ ଧ୍ୱଂସଲୀଳା ପରେ ।

ସେହି ମାର୍କିନ୍ ଜାପାନ ଦ୍ୱୀପର ଆଣବିକ ବୋମା ପକାଇ ଥିଲା ସେ ପାଗଳ ହୋଇଗଲା । ମୃତ୍ୟୁର ଶେଷ ମୁହୂର୍ତ୍ତରେ ଅନ୍ଧନସ୍ତ କାଳରେ ଲେଖିଥିଲା ଗୋଟିଏ ଛୋଟ କବିତା, ସେଇଟି ବୁଝକର ବୋଧ ନ ହେବାରୁ ପରବର୍ତ୍ତୀ କାଳରେ ଲେଖିଲା – 'ଗୋଟାଏ ବୃକ୍ଷ, ହଜାର୍ ହଜାର୍ ସମାଧ୍ୟାର'; ଏତେ ବଡ ଭୟଙ୍କର ସ୍ମୃତିକୁ ଜୀବନ୍ତ କରି ନ ରଖିବା ଦ୍ୱାରା ପକ୍ଷରେ ଏକ ମାନବୀୟ ଅପରାଧ ହୋଇଲା ଉତ୍ତର ।

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ

ଏଇ ସମୟର ଗୋଟିଏ ବଡ଼ ମର୍ମନ୍ତୁଦ ଘଟଣା ଗୋପାଳଚନ୍ଦ୍ର ପ୍ରହରାଜଙ୍କ ମୃତ୍ୟୁ ('୭।୫।୧୯୪୫) । ସେ ଚାକିରିକ ସ୍ୱଭାବ ମତ ନ ଥିଲେ, ତାଙ୍କୁ ବହୁ ପ୍ରସ୍ତୁତ କରି ମାରିଦିଆ ହୋଇଥିଲା ।

ସତେଇଶ ବର୍ଷ କାଳ ଶ୍ରମ କରି ଓଡ଼ିଆ ଭାଷାର କୋଷାଗାର ସେ ଗଢ଼ିଥିଲେ, ତାଙ୍କ ସ୍ୱତ୍ୱ ରକ୍ଷା ଲାଗି ଏ ଜାତି କିଛି କରି ନ ଥିଲା । ଅଭିଯୁକ୍ତ ନାମରେ ନାମକୁ ମାତ୍ର ସହଯୋଗିତା କରୁଥିଲେ, ବରଂ ଅଧିକାଂଶ ଉଦ୍ଦାମୀକୁ ଫଲାଫଲ୍ କରିବାର ବ୍ୟବସ୍ଥା ହୋଇଥିଲା । କିନ୍ତୁ ଘୋର ଦାରିଦ୍ର୍ୟ ଓ ଅବହେଳାରେ ତାଙ୍କୁ ଦେହ ବେଦଣ୍ଡ ଭୋଗ କରିବାକୁ ହୋଇଥିଲା । ମୃତ୍ୟୁ ପରେ ପ୍ରହରାଜଙ୍କ ଭାଷାକୋଷ ଠଙ୍ଗା ମୂଲ୍ୟରେ ବିକ୍ରୀ ହୋଇଗଲା । ଅଧୁନାତନ ଯୁଗରେ ଜ୍ଞାନକୀର୍ତ୍ତି ଅଧ୍ୟବସାୟର ଶ୍ରେଷ୍ଠ ନମୁନା, ସାତ ଖଣ୍ଡରେ ଦୁଇଲକ୍ଷ ଟଙ୍କା ବ୍ୟୟରେ ଛପା 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ଏକ ଅତୁଳନୀୟ କୀର୍ତ୍ତି । ଅସାଧ୍ୟ ସାଧକ ଗୋପାଳଚନ୍ଦ୍ରଙ୍କ ଓଡ଼ିଶା ବର୍ଷକେ ମୂର୍ତ୍ତି ହେଲେ କୃତଜ୍ଞତା ଦହିତ ସ୍ମରଣ କରେ ନାହିଁ । ତାଙ୍କ ବାସଗୃହ ସୁଧାର ଏବଂ ଗବେଷଣା ମନ୍ଦିରରେ ଏ ପର୍ଯ୍ୟନ୍ତ ପରିଣତ ହୋଇପାରିନାହିଁ ।

Digitized by srujanika@gmail.com

ମୁଁ ବର୍ଷୀରେ ଥିଲାବେଳେ ଆତ୍ମଜୀବନ ଚରିତ ରଚନା ଲାଗି ଶ୍ରୀ ପ୍ରହରାଜଙ୍କୁ ଅନୁରୋଧ କରିଥିଲି । ମୋ ଅନୁରୋଧର ସେପରି କିଛି ଓଜନ ନ ଥିଲା । ଯାହାହେଉ, ଶ୍ରୀ ପ୍ରହରାଜ ଅପୂର୍ଣ୍ଣ ଆତ୍ମଜୀବନଚରିତଟିଏ ଛାଡ଼ି ଯାଇଛନ୍ତି, 'ପୂଜ୍ୟପୂଜା ସଂସଦ' ୧୯୭୦ ରେ ଏହାକୁ ପ୍ରକାଶ କରିଅଛୁ ।

ଶ୍ରୀ ଶଶିଭୂଷଣ ରାୟ

ଝଙ୍କି ଚୋଟ କଲେଜର ସାଂସ୍କୃତିକ ଉତ୍ସବକୁ ତାଙ୍କୁ ନିମନ୍ତ୍ରଣ କରିଥିଲି; ଷ୍ଟେସନରୁ ପାଲଗ୍ରୁଡ଼ି ଆଣିବାରେ ବିଳମ୍ବ ହୋଇଗଲା । ପ୍ଲାଟଫର୍ମରେ ପଦ ଚାରଣା କରୁ କରୁ ମୋତେ ଦେଖି କ୍ରୋଧରେ ଥରୁ ଥରୁ ସେ ଏତିକି ମାତ୍ର କହିଲେ —'ଏମିତି ବରଡ଼ା ପତ୍ର ଜଗିଁ ଢେର୍ ଦେଖିଛୁ' । ଅର୍ଥାତ୍ ମୋ ଉତ୍ସାହଟା ଏଭାଳି କ୍ଷଣିକ, ଫାଉଁଶଳେ ଜଳାଇଦେ, ଫୁତ୍ କଲେ ଲିଭିଯିବ ।

'ନାରଜା ମୁଁ ନକ୍ଷାଶି' ଅବସ୍ଥା ମୋର ହୋଇଥିଲା, -ହନ୍ ସାହିତ୍ୟିକଙ୍କ ଗାଳିକୁ ଠାକୁରଙ୍କ ପାଦୁକା ପରି ମୁଁ ଗ୍ରହଣ କଲି । ଯୁଧୀର ଭର୍ତ୍ସନା ମୁଖର ତୁଚ୍ଛଠାରୁ ମହତ୍ତର । ଶଶୀବାବୁ ମୋର ଚିରନମସ୍ୟ ଥିଲେ । ତାଙ୍କ ଲେଖା ଅପେକ୍ଷା ଖିଆଲକୁ ମୁଁ ଅଧିକ ମୂଲ୍ୟ ଦେଉଥିଲି । ମହାନଦୀର କଲ୍ଲୋଳଘେରା ଧବଳେଶ୍ୱର ପାହାଡ଼ର ପ୍ରଶାନ୍ତ-ନିଳୟରେ ତାଙ୍କର ବାସ, ଉଦଗ୍ର ଓ ଶାନ୍ତିପୂର୍ଣ୍ଣ ପ୍ରକୃତିର ଆରାଧନା, 'ନରାଜ' ପାହାଡ଼କୁ ତପ୍ତ ବାଲିକାରେ ନଗ୍ନ ପାଦରେ କାଲେଣି ଯେଉଁ ଆସୁଥିବା ଶ୍ରମିକମାନଙ୍କୁ ପାଦୁକା ବାଣ୍ଟିବା ପ୍ରଭୃତି ବହୁ ଖିଆଲ ତାଙ୍କର ଥିଲା, ପ୍ରକୃତିର ଅନନ୍ୟ ଦୁଲାଲ ଥିଲେ ସେ । ଊଷା, ସନ୍ଧ୍ୟା ଓ ଚନ୍ଦ୍ରିକାରେ ଉତ୍କଳପ୍ରକୃତିର ରୂପଶ୍ରୀ ଧ୍ୟାନସ୍ତିମିତ ଲୋଚନରେ ଅନ୍ତ-ରାତ୍ମାରେ ସେ ଉପଭୋଗ କରୁଥିଲେ । ତାଙ୍କ ପରି ଭକ୍ତକବି ରାଧାନାଥ 'କଟିଆ' ପାହାଡ଼ର ପାଦଦେଶରେ କୁଟୀର ନିର୍ମାଣର ସ୍ୱପ୍ନ ମାତ୍ର ଦେଖିଥିଲେ । ଭାଗ୍ୟ ରୁଚିର ଅନୁକୂଳ ହୋଇପାରିଲା ନାହିଁ । କିନ୍ତୁ କବିବରଙ୍କ ପ୍ରାଣର ଆଦର୍ଶକୁ କାର୍ଯ୍ୟରେ ପରିଣତ କଲେ ଯୋଗ୍ୟ ପୁତ୍ର ଶଶିଭୂଷଣ, ଧବଳେଶ୍ୱରରେ 'ପ୍ରଶାନ୍ତନିଳୟ' ରଚନା କରି: ତାଙ୍କ ମୃତ୍ୟୁପରେ ଏ ଗ୍ରାହକହୀନ ଦେଶରେ ଏବେ ଏହା ସର୍ପବନରେ ପରିଣତ ହୋଇଅଛି ।

ଜଣେ ଦରିଦ୍ର ଓଡ଼ିଆର ଏ ରାଜସୂୟ ଓ କାବ୍ୟିକ ଖିଆଲ ଗର୍ବର ବସ୍ତୁ । ଉନ-ବିଂଶ ଶତାବ୍ଦୀରେ ରଚିତ ତାଙ୍କ 'ଦାକ୍ଷିଣାତ୍ୟଭ୍ରମଣ' ମୋତେ ବିଶ୍ୱପ୍ରକୃତିର ବିସ୍ମିତ କୋଳରେ ଯାଯାବର ହେବା ଲାଗି ଉତ୍ସ ଯୋଗାଇଥିଲା ।

ଏହାର କିଛିଦିନ ପରେ ଶଶୀବାବୁ ବାର୍ଦ୍ଧକ୍ୟ ଓ ବ୍ୟାଧି ଯୋଗୁଁ ଅଚଳ ହୋଇ ପଡ଼ିଥିଲେ । ତାଙ୍କ ଲେଖନୀ କିନ୍ତୁ ଅବିଶ୍ରାନ୍ତ, ଅକ୍ଳାନ୍ତ, ତାଙ୍କର ସେହି ଅବସ୍ଥାରେ ମୁଁ ଲେଖିଥିଲି—

Digitized by srujanika@gmail.com

'ଗୋଟିଏ ଆଖି ଗଲାଣି ଲିଭି
ଆଉ ଗୋଟିଏ ଅସ୍ତ ପ୍ରାୟ
ତଥାପି ତୁମ କଲମ ଚାଲେ
ସ୍ୱଗତ ଶଶିଭୂଷଣ ରାୟ ।'

ଏ କବିତାଟି 'ଝଙ୍କାର'ରୁ ପଢ଼ି ଥରା ହାତରେ ଶଶୀବାବୁ ମୋ ନିକଟକୁ ଖଣ୍ଡିଏ ପତ୍ର ଲେଖିଥିଲେ । ଜୀବନର ବହୁ ଉପାଦେୟ ଉପାଦାନ ପରି ସେ ପତ୍ରଖଣ୍ଡି ହଜିଯାଇଛି ।

ତାଙ୍କର ରାଶି ରାଶି ପାଣ୍ଡୁଲିପି ଅଛି ମାଣ୍ଡୁ ତଳେ । ମନେ ହୁଏ—ପୂର୍ବପୂର୍ବାରେ ବହୁ ବ୍ୟତିକ୍ରମ ହୋଇ ଯାଉଛି । ସାମଗ୍ରିକ ଭାବେ ପର୍ଯ୍ୟାୟକ୍ରମେ ଉତ୍ସାହୀ ତରୁଣ-ତରୁଣୀଙ୍କୁ ଆଗରେ ଦେଖାଇ ତାଙ୍କ ଅତୃପ୍ତ ଆତ୍ମା ସ୍ୱର୍ଗରୁ କହୁଥିବ ଏସବୁ ବରଦାସ୍ତ ନାହିଁ ।

ସଂସ୍କୃତ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ

ସଂସ୍କୃତରେ ଏମ୍. ଏ ପାସ୍ କଲାପରେ ୧୯୪୬ ଜାନୁୟାରୀ ମାସରେ ମୁଁ ହଠାତ୍ ନିଯୁକ୍ତି ପାଇଲି; ପହିଲେ ସଂସ୍କୃତବିଭାଗର ଇନସ୍ପେକ୍ଟର ଓ ଛଅମାସ ପରେ ସୁପରିଣ୍ଟେଣ୍ଡେଣ୍ଟ ହେଲି । ପଣ୍ଡିତ ନୀଳକଣ୍ଠ ଏ ସମ୍ବାଦ ଶୁଣି କହିଲେ ତୁମ ଭଳି ସର୍ଜନଶୀଳ ବ୍ୟକ୍ତିଙ୍କୁ ଏ ନ ଯୋଗାଏ । ଖୁବ୍ ହେଲେ ଗୋଟିଏ 'କଣୋଷ୍ଟମୋହନ ଦ୍ୱିବେଦୀ' ହୋଇପାରିବ ।

କଣୋଷ୍ଟବାବୁ ସଂସ୍କୃତରେ ସୁବକ୍ତା, ସୁପଣ୍ଡିତ, ସଚ୍ଚରିତ୍ର ଓ ଜଣେ ଆଦର୍ଶ ବ୍ୟକ୍ତି । ପଣ୍ଡିତମହଲରେ ଲୋକପ୍ରିୟ ଓ ସଜ୍ଜନଭାବେ ସର୍ବତ୍ର ସମ୍ମାନିତ । ଦୀର୍ଘକାଳ ସଂସ୍କୃତବିଭାଗରେ ରହି ସେ ସଂସ୍କୃତଶିକ୍ଷା ଓ ଶିକ୍ଷକର ପ୍ରଭାବ ହୋଇଥିଲେ । କିନ୍ତୁ ତାଙ୍କର କିଛି ସାହିତ୍ୟିକ କୃତି ନ ଥିଲା । ତେଣୁ ପଣ୍ଡିତଜୀଙ୍କର ଏ ଶ୍ଳେଷ । ସଂସ୍କୃତର ଜଡ଼ ଭୂମିରେ ଯେପରି ଆମ୍ରବୃକ୍ଷ ନ ହୁଏ, ବନ୍ଧ୍ୟା ଯେପରି ପୁଷ୍ପଫଳପ୍ରସୂ ହୁଏ, ମୋ ପ୍ରତି ତାଙ୍କର ସତର୍କ ନିର୍ଦ୍ଦେଶ ଥିଲା ।

ଉତ୍ତରପ୍ରଦେଶର ବାରାଣସୀ ପରି ପୁରୀ ଓଡ଼ିଶାରେ ସଂସ୍କୃତଚର୍ଚ୍ଚାର କେନ୍ଦ୍ର ଥିଲା । ସଂସ୍କୃତବିଭାଗର ଇନସ୍ପେକ୍ଟରଙ୍କ ଅଫିସ ପୁରୀ ଜିଲ୍ଲା ସ୍କୁଲ ସୁନାବାହାର ତିନିଗୋଟି କୋଠରୀରେ ଅବସ୍ଥାପିତ ହୋଇଥିଲା । ଅଫିସରେ ତିନି ଜଣ କିରାଣୀ ଥିଲେ, ସେମାନଙ୍କ ମଧ୍ୟରୁ ଦୁଇ ଜଣ ପଣ୍ଡିତ; ସେମାନେ ସାହିତ୍ୟାଚାର୍ଯ୍ୟ ଉପାଧି ଲାଭ କରିଥିଲେ; ଅଫିସ୍ କାର୍ଯ୍ୟ ଚଳାଇବା ଭଳି ଇଂରାଜୀଜ୍ଞାନ ମଧ୍ୟ ସେମାନଙ୍କର ଥିଲା ।

Digitized by srujanika@gmail.com

ଅଫିସରେ ଦୁଇଜଣ ପିଅନ ଥିଲେ; ସେମାନଙ୍କ ମଧ୍ୟରେ ବୟସ୍କତର ବ୍ୟକ୍ତିର ନାମ କୃଷ୍ଣ; ସେ ଯୌବନବୟସରେ କବି ନନ୍ଦକିଶୋର ବଳଙ୍କ ପିଅନ ଥିଲା ।

ହାକିମଙ୍କ ଲାଗି ସ୍ୱତନ୍ତ୍ର କୋଠରୀରେ ଗୋଟିଏ ଗଦିପକା ଚୌକି ଥିଲା । ସେଠି ବସି ମୁଁ ଦୈନିକ ଦୁଇତିନି ଘଣ୍ଟା ଅଫିସ୍ କାମ କରୁଥିଲି, କିନ୍ତୁ ସଂସ୍କୃତ ଟୋଲ୍ ପରିଦର୍ଶନ ମୋର ମୁଖ୍ୟ କାର୍ଯ୍ୟ ଥିଲା ।

ସଂସ୍କୃତ ଅନୁଷ୍ଠାନ ତିନି ଭାଗରେ ବିଭକ୍ତ ଥିଲା—କଲେଜ, ମଧ୍ୟମା ପର୍ଯ୍ୟନ୍ତ ଥିବା ଟୋଲ୍ ଓ ସଂସ୍କୃତ ପାଠଶାଳା । ଟୋଲ୍ ଓ ପାଠଶାଳାର ମାନ ଗ୍ରାମ୍ୟ ପ୍ରାଥମିକ ସ୍କୁଲ ମାନଠାରୁ ଉନ୍ନତତର ନ ଥିଲା । ଛାତ୍ରସଂଖ୍ୟା ସ୍ୱଳ୍ପ: ପ୍ରୀତି ବା ଶ୍ରଦ୍ଧାରେ କେହି ସଂସ୍କୃତ ପଢ଼ିବାକୁ ଆସୁ ନ ଥିଲେ, ଯେଉଁମାନଙ୍କର ଇଂରାଜୀ ସ୍କୁଲରେ ପଢ଼ିବା ଭଳି ଆର୍ଥିକ ଅବସ୍ଥା ନ ଥିଲା, ସେମାନେ ସଂସ୍କୃତ ପଢ଼ୁଥିଲେ । ଜୀବିକା ସେହି ଶିକ୍ଷାର ଉଦ୍ଦେଶ୍ୟ ଥିଲା । ମନ୍ଦିର, ମଠ, ଟ୍ରଷ୍ଟ ଫଣ୍ଡ ବା ସାଧାରଣ ଚାନ୍ଦାରୁ ଛାତ୍ରମାନଙ୍କର ଖାଦ୍ୟପେୟ ଖର୍ଚ୍ଚ ଯାଉଥିଲା, ଘରଭଡ଼ା ବା ଦରମା ଦେବାକୁ ପଡ଼ୁ ନ ଥିଲା—ଅର୍ଥାତ୍ ସଂସ୍କୃତଶିକ୍ଷା ମାଗଣାରୁ ମହରଗ ଥିଲା । ଅଧିକାଂଶ ଛାତ୍ର ଦରିଦ୍ର ବ୍ରାହ୍ମଣ ପରିବାରରୁ ଆସୁଥିଲେ । ସଂସ୍କୃତ ଶିକ୍ଷା ଲାଭ ସେମାନଙ୍କର ଏକ ପ୍ରତିଷ୍ଠିତ ପରମ୍ପରା ହୋଇ ଯାଇଥିଲା । ଶ୍ରାଦ୍ଧ, ତର୍ପଣ, ସନ୍ଧ୍ୟା, ଗାୟତ୍ରୀ, ପୂଜାମନ୍ତ୍ର, ଉପନୟନ, ବିବାହ, ଯଜ୍ଞ ହୋମ, ଦେବପ୍ରତିଷ୍ଠା, ଗ୍ରହଶାନ୍ତି, ବିଭିନ୍ନ ସଂସ୍କାର ଓ ମୃତାହ କ୍ରିୟା ଲାଗି ସଂସ୍କୃତଶିକ୍ଷା କେତେକଙ୍କ ପକ୍ଷେ ଅପରିହାର୍ଯ୍ୟ ଥିଲା ।

ପୁରୀ ସଂସ୍କୃତ କଲେଜର ଅଧ୍ୟକ୍ଷ ପଦ ଜଣେ ବ୍ରାହ୍ମଣରେ ଅବଶ୍ୟ ପ୍ରାପ୍ୟ ଥିଲା । କାବ୍ୟ, ନ୍ୟାୟ, ଜ୍ୟୋତିଷ, ଦର୍ଶନ ପ୍ରଭୃତି ଯାବତୀୟ ବିଭାଗର ଅଧ୍ୟାପକମାନେ ବ୍ରାହ୍ମଣ ଥିଲେ । ବ୍ରାହ୍ମଣ ପଣ୍ଡିତ ଅବ୍ରାହ୍ମଣ ଅଧ୍ୟକ୍ଷଙ୍କୁ ନମସ୍କାର କରିବା (ଅନ୍ୟସବୁ ବିଭାଗରେ ଚାକିରି କଲେ ମଧ୍ୟ) ଅବିଧେୟ ବିବେଚିତ ହେଉଥିଲା । ସରକାର ଏହି ପ୍ରଥା ମାନି ନେଇ ଯେପରି କି ଜଣକ ପରେ ଜଣେ ବ୍ରାହ୍ମଣ ଅଧ୍ୟକ୍ଷ ନିଯୁକ୍ତ କରି ଆସୁଥିଲେ । ଶ୍ରୀମତୀ କେତକୀ ନାୟକ ଅଧ୍ୟକ୍ଷା ହେବାପରେ ସେ ପ୍ରଥା ଭାଙ୍ଗିଛି । ଅବଶ୍ୟ ସେ କାହାରି ନମସ୍କାରକୁ ଅପେକ୍ଷା ନ କରି ଆଗେ ନମସ୍କାର କରି ଦିଅନ୍ତି । ତେଣୁ ବ୍ରାହ୍ମଣ ପଣ୍ଡିତ ହିନ୍ଦୁଙ୍କ ଅଭିମାନ ଉପରେ ଆଞ୍ଚ ଆସେ ନାହିଁ ।

ପୁରୀ କଲେଜ ଛଡ଼ା ସେତେବେଳେ ବାରିପଦା ସଂସ୍କୃତକଲେଜଟି ଉଚ୍ଚ ସ୍ତରର ଥିଲା । ବଲାଙ୍ଗିର ସଂସ୍କୃତକଲେଜ ମୋ ସମୟରେ ମଞ୍ଜୁର ହୋଇଥିଲା । ପ୍ରଖ୍ୟାତ ପଣ୍ଡିତ ମଧୁସୂଦନ ମହାପାତ୍ର ଅଧ୍ୟକ୍ଷ ପଦରୁ ଯିବା ପରେ ପାରଳାଖେମୁଣ୍ଡି ସଂସ୍କୃତ

Digitized by srujanika@gmail.com

କଲେଜର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିଲା । ଉତ୍ସାହୀ ପଣ୍ଡିତ ବେଣୀମାଧବ ପାଢ଼ୀ ଅଧ୍ୟକ୍ଷଭାବେ ନିଯୁକ୍ତ ହେଲା ପରେ ଅନୁଷ୍ଠାନଟି ମୃତ୍ୟୁମୁଖରୁ ରକ୍ଷା ପାଇଲା ।

ସଂସ୍କୃତ ଛାତ୍ର ପ୍ରାଚୀନ ଗୁରୁକୁଳ ଶିକ୍ଷାକୁ ଅନୁକରଣ କରୁଥିଲେ । ସେମାନେ ଶାନ୍ତଶିଷ୍ଟ, ଭଦ୍ର ଓ ତପସ୍ୱୀ ଥିଲେ; ସେମାନଙ୍କ ସେବା ଯୋଗୁଁ ଦରିଦ୍ର ପଣ୍ଡିତଙ୍କ ସାମାଜିକ ସ୍ଥିତି ସମ୍ଭବପର ହୋଉଥିଲା । କିନ୍ତୁ ସେମାନଙ୍କ ସାଧାରଣଜ୍ଞାନ ନିତାନ୍ତ ଦୟନୀୟ ଥିଲା; ସେମାନେ ଭୂଗୋଳ, ଇତିହାସ, ବିଜ୍ଞାନ ପଢ଼ି ନ ଥିଲେ । ସମ୍ବାଦ ପତ୍ର ପାଠକରୁନଥିଲେ । 'ଜ୍ୟୋତ୍ସ୍ନା' ଶବ୍ଦ ଶୁଣିବାରୁ ଜଣେ ଛାତ୍ର କହିଲା—ଗୋଟିଏ ଜୀବଜନ୍ତୁ । ଛାତ୍ରମାନଙ୍କ ମଧ୍ୟରେ ଯୋଗ୍ୟତମ୍ ହିଁ ବଳବନ୍ତ ଥିଲେ । 'ଅମରକୋଷ'କୁ 'ସିଦ୍ଧାନ୍ତକୌମୁଦୀ' ଓ କାବ୍ୟ ନାଟକର ଶ୍ଳୋକଗୁଡ଼ିକୁ ଘୋଷି ଘୋଷି ସେମାନେ ପାଣି କରି ଦେଉଥିଲେ । କାବ୍ୟର ରସ, ଧ୍ୱନି, ଅଳଙ୍କାର ପ୍ରୟୋଗ, ଗୁଣ, ଦୋଷ ସେମାନେ ଜାଣିଥିଲେ; କିନ୍ତୁ ସମାଲୋଚନାତ୍ମକ ଐତିହାସିକ ଓ ତୁଳନାତ୍ମକ ସ୍ଥିତି ସେମାନଙ୍କୁ ଜଣା ନ ଥିଲା, କାଳିଦାସ ଶ୍ରୀହର୍ଷ ବା ମାଘଙ୍କଠାରୁ କବିଭାବରେ ଶ୍ରେଷ୍ଠତର ସେମାନେ କହିପାରୁ ନ ଥିଲେ କିମ୍ବା ପଣ୍ଡିତମାନେ ସେହି ସ୍ତରରେ ପଢ଼ାଇ ଶିଖି ନ ଥିଲେ । ଭବଭୂତି କିଏ ପଚାରିଲେ ତାଙ୍କର କେତେକ ଶ୍ଳୋକମାତ୍ର ଆବୃତ୍ତି କରିପାରୁ ଥିଲେ, ବିଶ୍ୱକବିମଣ୍ଡଳୀରେ କାହିଁକି ସେ ସମ୍ମାନର ଅଧିକାରୀ ହୋଇପାରିଛନ୍ତି, ତାହା କହିବା ଛାତ୍ରଙ୍କ ଶକ୍ତିର ବହିର୍ଭୂତ ଥିଲା । ଟୋଲରୁ ଜଣେ ଜଣେ ସର୍ବଜ୍ଞ ବା ଏକବିଦ୍ୟାନିପୁଣ ସାଧାରଣଜ୍ଞାନଶୂନ୍ୟ ପଣ୍ଡିତ ବାହାରୁଥିଲେ । 'ବିଦ୍ୟା ଦଦାତି ବିନୟମ୍' ଛାତ୍ରଙ୍କୁ ଛାଡ଼ିଲେ ମଧ୍ୟ ସେ ନିଜେ ହୋଇଥିଲେ ଅହଙ୍କାରର ଏକ ଅବତାର ।

ଟୋଲରେ ବେଞ୍ଚ, ଚେୟାରର ବ୍ୟବହାର ନ ଥିଲା । ଗୁରୁଙ୍କ ତକିଆରେ ଭରଦେଇ ଗଦି ଉପରେ ଓ ଛାତ୍ର ତାଳପତ୍ର ପଟିରେ ବସୁଥିଲେ । କେହି ବିଡ଼ି ବା ସିଗାରେଟ ଖାଉ ନ ଥିଲେ, କିନ୍ତୁ ନସ୍ୟ ଓ ଗଞ୍ଜେଇର ବ୍ୟବହାର ଯଥେଷ୍ଟ ଥିଲା ।

ଚନ୍ଦ୍ରମା ଜିଲ୍ଲା ଛଡ଼ା ଅନ୍ୟତ୍ର ଉତ୍ତମ ସଂସ୍କୃତ ପାଠ ନ ଥିଲା, ବସ ଯତାୟତ କରୁ ନ ଥିଲା । ନେଇ ଚାଲି ଚାଲି ଟୋଲ୍ ସବୁ ଦେଖିବାକୁ ଯାଇଥିଲି । ପଣ୍ଡିତ ତା ବର୍ତ୍ତନା ମୁଣ୍ଡେଇ ପତ୍ରରେ ଲିପି ଦେଇଥିଲା । ଘୋର ଦୁରବସ୍ଥାରେ ଥାଇ ମଧ୍ୟ ମୁସଲମାନଙ୍କ ସମୟରେ ପଣ୍ଡିତମାନେ ଉତ୍ତମ ଅଧ୍ୟୟନଚର୍ଚ୍ଚା କରୁଥିଲେ ।

ପରେ ବାଲକରେ ଯାଇ ମୁଁ ବନ୍ଧୁ ପ୍ରିୟ ନନ୍ଦ ଓ ଯତୀନ୍ଦ୍ରଙ୍କର କବି ନନ୍ଦକିଶୋରଙ୍କ ଗ୍ରାମ କୃଷ୍ଣପୁରର ଦୃଶ୍ୟ ପ୍ରାଣଭରି ପାନ କରିଥିଲି, କବିତା ମାଧ୍ୟମରେ ତାହା ଆଗରୁ ମୋର ମର୍ମଗତ ହୋଇଥିଲା; ଏବେ ସ୍ୱଚକ୍ଷୁରେ ସ୍ଥୂଳ ରୂପରେ ଦେଖିଲି ମାତ୍ର ।

Digitized by srujanika@gmail.com

ଶୋବଣ୍ଣ ନଈ ବଢ଼ିଥିଲା, ରତ୍ନଗିରି ଦେଖିବା ଲାଗି ମୋତେ ପ୍ରାୟ ଛାତିଏ ପାଣିରେ ପଶି ଯିବାକୁ ହୋଇଥିଲା, ଅଳତଗିରିରେ ଗୋଟିଏ ଗଜା ଚନ୍ଦନ ଗଛ ଦେଖିଥିଲି। ନଳତଗିରିରେ ଖୁଣ୍ଡିଏ ମାଟିହାଣ୍ଡି ଦେଖି ପଚାରିବାରୁ ଜଣେ ସ୍ଥାନୀୟ ବ୍ୟକ୍ତି କହିଲେ ଏସବୁ ଏ' ବପ ! ! ‘ଲାଙ୍ଗୁଡ଼ି' ପର୍ବତରେ ଅବସ୍ଥିତ ବାହାଙ୍କ ଗାଦି ଓ ବାବାଜୀ ଲଛମନଜୀଙ୍କୁ ଦେଖିଥିଲି — କୌଣସି ଶୁଖିଲା ମସ୍ତ ପରି ଲୋକ । ଯାହା ଭୋଗରାଗ ଆସୁଥିଲା ସେଥିରୁ ଅତିଥିଅଭ୍ୟାଗତଙ୍କୁ ବିତରଣ କରି ଦେଉଥିଲେ — ଜମେଇ ରଖିଲେ ଲୋଭ ଓ ତା ସହିତ ପାପ ଜନ୍ମେ; ଦେଲେ ଭଗବାନ ଦିଅନ୍ତି, ତାଙ୍କର ବିଶ୍ୱାସ ଥିଲା।

ଅଶକ୍ତ ଥିବା ପାହାଡ଼ରେ କିଛି ଦର୍ଶନୀୟ ନାହିଁ; କ୍ଳାନ୍ତ ଅବସ୍ଥାରେ ଉଦୟଗିରି ଉପରକୁ ଉଠିପାରିଲି ନାହିଁ। ରତ୍ନଗିରି ଉପରେ ବସି ଗୋଟିଏ କବିତା ଲେଖିଥିଲି — (କଳକଲ୍ଲୋଳରେ ପ୍ରକାଶିତ)

‘କେଉଁ ପୂର୍ବେବଳେ ଚନ୍ଦ୍ର ମୁକୁଟ ଶିରିରେ
ଭ୍ରମଇ ଚରଣ ବେନି ରତ୍ନଗିରି ଶିରେ ?

× × ×

ମୂକ ମୂର୍ତ୍ତି କଳା ତା'ର ନରତ ବାହୁଳ
ପୋଥି ପୋଥି କଥା ଲୁଚିଛି ଗତ ସଭ୍ୟତାର ।’

ରତ୍ନଗିରି ଦିନେ ବୌଦ୍ଧବିହାର ଓ ଶିକ୍ଷାନୁଷ୍ଠାନ ଭାବେ ବିଶ୍ୱବିଦିତ ହୋଇଥିଲା — ଆଜି ଗୁଳ୍ମଅରଣ୍ୟମୟ।

ଗଡ଼ଜାତ ମୋ ଗଳିବନ୍ଦୀଠାରୁ ଅଲଗା ଥିଲେ ମଧ୍ୟ ସୁପରିଣ୍ଟେଣ୍ଡେଣ୍ଟ ଗଡ଼ଜାତ ପଞ୍ଚୁତ ଶୋଳ ଦେଖିବାର ଅଧିକାର ପାଇବ୍ୟସ୍ତ ହୋଇଥିଲି, ରାଜା ତାଙ୍କର ଗସ୍ତ ଫର୍ଚ୍ଚ ବହନ କରୁଥିଲେ। ଥରେ ସୋନପୁର ଗଡ଼ଜାତ ଶୋଳ ଦେଖିଯାଇ ମୁଁ ବିଶେଷ ଅଭ୍ୟର୍ଥିତ ହୋଇଥିଲି। ‘ତେଲ’ ମହାନଦୀ ସଙ୍ଗମ ସ୍ଥଳରେ ସୋନପୁର ଅବସ୍ଥିତ । ଏହି ସଙ୍ଗମ ସ୍ଥଳ ଗମ୍ଭୀର । ନୌକାରେ ଗୋଟିଏ ଗଦପକା ଚୌକିରେ ମୁଁ ବସିଥିଲି। ଜଳସ୍ରୋତରେ ନୌକା ଟଳମଳ ହେବା ମାତ୍ରେ ଚୌକିଟି ଓଲଟି ପଡ଼ିବା ଅବସ୍ଥାରେ ପହଞ୍ଚିଥିଲା; ବାବୁ ହେବାର ମଜ୍ଜା ନିକଳି ଯାଇଥାନ୍ତା। ଅଳ୍ପକେ ରକ୍ଷା ପାଇଗଲି। ଆଉ ଚୌକିରେ ନ ବସି ଅନ୍ୟମାନଙ୍କ ସହିତ ତଳେ ବସିଲି । ତା'ପରେ ‘ତେଲ' ମହାନଦୀ ସଙ୍ଗମ ପର୍ବତରେ ବସି ଗୋଟିଏ କବିତା ରଚନା କରିଥିଲି —

Digitized by srujanika@gmail.com

"ମହୁଲେ ପାହାନ୍ତ୍ରୀ ସ୍ୱଚ୍ଛ
  ତାର ଦୀପ ନଭ ନଭ ଆସେ
ସୋହଲା ଲତା କି ସତେ
  ଲଗାଇଛି ସିନ୍ଦୁର ଆକାଶେ ?
ସଙ୍ଗମ ଶଇଳ ଶିରେ ବସିଅଛି
  ଶାନ୍ତ ଶିଶୁ ସମ
ପ୍ରସ୍ଫୁଟ ମାଧୁର୍ଯ୍ୟ ପାନେ
  ଛଡ଼ାଇ ମୋ କୌତୂହଳୀ ମନ" ।

ଷ୍ଟୋଲ୍‌ପଶଦର୍ଶନର ସୁଯୋଗରେ ମୁଁ ଗଞ୍ଜାମର ପ୍ରାକୃତିକ ଦୃଶ୍ୟ ଓ ଇତିହାସପ୍ରସିଦ୍ଧ ସ୍ଥାନମାନ ବୁଲି ଦେଖିଥିଲି । ଜଉଗଡ଼ରେ ଅଶୋକଙ୍କ ଶିଳାଲେଖ, ଋଷିକୁଲ୍ୟା ତୀରବର୍ତ୍ତୀ ପର୍ବତଶିଖରରେ ତାରିଣୀ ଦେବୀଙ୍କ ଦର୍ଶନ କରିଥିଲି, ବୁଗୁଡ଼ା ନିକଟବର୍ତ୍ତୀ ବୁଢ଼ାଖୋଲ ପର୍ବତରେ ଗୋଟିଏ ରାତି ଯାପନ କରିଥିଲି । ଷଡ଼୍‌ସୁବରପୁର ଓ ଆଖପାଖ ଗ୍ରାମବାସୀ ସେ ରାତ୍ରରେ ଗୋଟିଏ ବନଭୋଜି କରିଥିଲେ । ରାତିସାରା ନିର୍ଜନ ଅରଣ୍ୟରେ ସଙ୍ଗୀତ ଚାଲିଥିଲା, ସଙ୍ଗୀତ ବନ୍ଦ ହେବା ମାତ୍ରେ ତରୁମାନଙ୍କର ଘନ ମର୍ମର ଓ '[illegible]' ପ୍ରପାତର ଶବ୍ଦ ଚିତ୍ତକୁ ବିଭୋର କରିଥିଲା । 'କବିତା ଘର' (କଲିକତ୍ତୋଲ) ନାମରେ ମୁଁ ସେଠି ଗୋଟିଏ କବିତା ରଚନା କରିଥିଲି ।

"ଘର ଘର ଘରେ ଝରଣାର ପଡ଼ଇ ଧାର
ଝୁଣ୍ଟିତ ପଥର ଫାଙ୍କରେ ମୋତେ ଗୋଟିଏ ତାର
ସେନେହ ବୋଲା କି ଜନନୀ ତୋଳା ଆକାଶେ ଭାସେ
ଅଛି ବୋଲି ମୁଁ ପ୍ରବାସେ ତା'ର ଶ୍ୟାମଳ ବାସେ ।

× × ×

ଶୋଇନାହିଁ ସେଇ ମୋହିନୀ ନେଇଛି ନିଦ ମୋ ନାହିଁ
ହସେ ସେ ଆକାଶେ ହସେ ମୁଁ ଶ୍ୟାମ ଶଯ୍ୟାରେ ଥାଇ ।

× × ×

ଶୋଭନ୍ତି ବନ୍ଧୁ ଝଙ୍କାର କଲା ବନାନ୍ତ ତଳେ
ସ୍ୱପ୍ନିତ ନଖିଳ ସୀମନ୍ତେ ସେଇ ତାରକା ଜଳେ" ।

Digitized by srujanika@gmail.com

ସୁପରିଣ୍ଟେଣ୍ଡେଣ୍ଟ ଥିବା ମଧ୍ୟରେ ଏହି ଜିଲ୍ଲାର ଜଣେ ପଣ୍ଡିତଙ୍କ ସ୍କୁଲଟିଏ ଯାଇଥିଲି । ନାମକୁ ମାତ୍ର ସ୍କୁଲ୍‌ଟିଏ ଥିଲା । ପଣ୍ଡିତମହାଶୟ ପୁରୋହିତ ବ୍ୟବସାୟରେ ମାତିଥିଲେ । ଦିନେ ସ୍କୁଲ୍‌ଟି ପରିଦର୍ଶନ କରି ଅନ୍ୟତ୍ର ଚାଲିଗଲି, ପଣ୍ଡିତମହାଶୟଙ୍କୁ କହିଗଲି କାଲି ସକାଳ ଆଠଟା ମଧ୍ୟରେ ଆସିବି; ସ୍କୁଲ ଖୋଲି ରଖିଥିବେ । ସକାଳେ ଆସି ଦେଖିଲି—ସ୍କୁଲ୍ ଘର ବନ୍ଦ; ପ୍ରାୟ ଦଶଟା ବେଳେ ପଣ୍ଡିତେ ପହଞ୍ଚି ନ ଆସିବାର ବାଜେ କାରଣସବୁ ଦର୍ଶାଇଲେ । କିଛି ନଶୁଣି ମୁଁ ତାଙ୍କୁ ବରଖାସ୍ତ କରିଥିଲି । ସ୍କୁଲ୍‌ରେ ଛାତ୍ର ନ ଥିଲେ । ପରିଦର୍ଶନ ଦିନ ପଣ୍ଡିତେ ଭଡ଼ାଟିଆ ଛାତ୍ର ଯୋଗାଡ଼ କରି ଆଣିଥିଲେ ।

ଆଉ ଜଣେ ମାମଲତକାର ପଣ୍ଡିତ ସରକାରୀ ଗ୍ରାଣ୍ଟ୍‌କୁ ଆତ୍ମସାତ୍ କରୁଥିଲେ; ସେ ସ୍କୁଲ୍‌ରେ ପଢ଼ାଉ ନ ଥିଲେ; ପରିଦର୍ଶନ ଦିନ ଅନ୍ୟ ଏକ ସ୍କୁଲ୍‌ର ଭଡ଼ାଟିଆ ଛାତ୍ରଙ୍କୁ ଘେନି ଆସି ପହଞ୍ଚୁଥିଲେ; ସ୍ଥାନୀୟ ଲୋକେ ତାଙ୍କର ଏ କାରସାଦି ଧରି ପକାଇ ଦେଇଥିଲେ, ମୁଁ ଗ୍ରାଣ୍ଟ୍‌ଟି କାଟିଦେଲି । ପଣ୍ଡିତମାନେ ଅନ୍ୟମାନଙ୍କ ପରି ଶଠ ଓ ମିଥ୍ୟାଭାଷୀ ହୋଇପାରନ୍ତି, ଏ ଧାରଣା ମୋର ଜନ୍ମିଲା ।

ଜୟପୁର ସଂସ୍କୃତ ସ୍କୁଲ ଦେଖିବାକୁ ଯାଇ ସାହିତ୍ୟସମ୍ରାଟ, କଳାପ୍ରପୂର୍ଣ୍ଣ, ଜୟପୁର ମହାରାଜା ବିକ୍ରମଦେବ ବର୍ମାଙ୍କ ସହିତ ପରିଚିତ ହୋଇଥିଲି । କବି, ନାଟ୍ୟକାର, ବିଦ୍ୟୋତ୍ସାହୀ; ରାଜଆଡ଼ମ୍ବର କିଛି ମାତ୍ର ନ ଥିଲା । ୧୮୬୯ରେ ତାଙ୍କର ଜନ୍ମ, ବାଲ୍ୟ ଓ ଯୌବନ ମାଡ଼୍‌ଗୁଲ୍ ଓ ବିଶାଖାପାଟଣା ସହରରେ ତେଲୁଗୁ ସଂସ୍କୃତି ମଧ୍ୟରେ କଟିଥିଲା । ୧୯୩୧ରେ ରାଜଗାଦି ଲାଭ ପରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଆୟତ୍ତ କରିଥିଲେ, ଓଡ଼ିଆରେ ବହୁ ଗଦ୍ୟ ପଦ୍ୟ (ବିକ୍ରମ ରଚନାବଳି ୨ଟି ଭାଗରେ ପ୍ରକାଶିତ) ରଚନା କରି ସାହିତ୍ୟିକ ଭାବେ ଖ୍ୟାତି ଅର୍ଜିଥିଲେ । ଅନ୍ଧ୍ରବିଶ୍ୱବିଦ୍ୟାଳୟକୁ ବର୍ଷକୁ ଲକ୍ଷେ, ପୂର୍ଣ୍ଣଚନ୍ଦ୍ର ଭାଷାକୋଷକୁ ଦଶହଜାର, କଟକ ମେଡ଼ିକାଲ୍ କଲେଜକୁ ଲକ୍ଷେ, ତିରିଶି ହଜାର ଟଙ୍କା ଦାନ କରି ସେ ଦାନବୀର ପ୍ରତିଷ୍ଠା ଅର୍ଜନ କରିଥିଲେ । ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ନବଭାରତ' ମାସିକ ପତ୍ରିକା ପ୍ରକାଶ, ଚିନ୍ତାମଣି ଗ୍ରନ୍ଥାବଳୀ, ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'କାବ୍ୟ ସଞ୍ଚୟନ' ପ୍ରକାଶ ମୂଳରେ ତାଙ୍କର ଆର୍ଥିକ ସାହାଯ୍ୟ ଥିଲା । ତାଙ୍କର ମହାନୁଭବତା ମୋତେ ଆକୃଷ୍ଟ କରିଥିଲା । ସେ ବାଗ୍ରା ପ୍ରପାତ ଦେଖିଯିବା ଲାଗି ମୋତେ ଗୋଟିଏ ହାତୀ ଦେଇଥିଲେ, ଯାହାର ସମସ୍ତ ସୁବ୍ୟବସ୍ଥା କରି ଦେଇଥିଲେ । ସେତେବେଳେ ରଚିତ 'ବାଗ୍ରା' କାବ୍ୟର ମୁଖବନ୍ଧରେ ମୁଁ ସେହି ଯାତ୍ରାର ବିବରଣୀ ଦେଇଥିଲି—

'ବାଗ୍ରା ଜୟପୁରଠାରୁ ତିନି ମାଇଲ୍ ଦୂରରେ; ପ୍ରକୃତି ଲମ୍ବାଇ ଦେଇଛି ପର୍ବତର କୁଞ୍ଚିତ କବରୀ । ଶୃଙ୍ଗ ଶୃଙ୍ଗ ବଉଦର ବକ୍ରକ୍ରୀଡ଼ା, ପାହାଡ଼ୀ ନଦୀର କଳନାଦରେ

Digitized by srujanika@gmail.com

ଅରଣ୍ୟାନୀ ମୁଖରତା । 'ପରଜା' ଆଉ 'ଗଦ୍‌ବା' ଯୁବକଯୁବତୀ ମୁହଳ ବର୍ଷାଧାରାରେ ବି ଲାଗିଛନ୍ତି କଠୋର କର୍ମରେ (ପିଠିରେ ପିଲାବାନ୍ଧି ମୁଣ୍ଡରେ ଟୋକେଇ ଦେଇ ବାଳ ବାନ୍ଧୁଛନ୍ତି ମୂଲିଆଣୀ), କେହି କେହି ପାହାଡ଼ରେ କନ୍ଦାକନ୍ଦରା ଖୋଜି ବୁଲୁଛନ୍ତି; ନିବିଡ଼ ଅରଣ୍ୟ ଓ ଉତ୍ତୁଙ୍ଗ ପର୍ବତମାଳା ମଧ୍ୟରେ ପରଜା ଜାତିର ଜୀବନ ବହି ଚାଲିଛି ଏକ ସ୍ୱାଧୀନ ପାହାଡ଼ୀ ସ୍ୱର ପରି । ପାହାଡ଼ ଉପରେ ହୋଇଛି 'ପୋଡ଼ୁ' ଚାଷ, ପାହାଡ଼ କଟା ହୋଇ ହୋଇଛି ବିଲ' ।

'ଏ ପରଜାର ଗାଆଁ ଖୁବ୍ ଛୋଟ ଛୋଟ କୁଡ଼ିଆ, ନ ନଇଁଲେ ଘରେ ପଶିପାରିବ ନାହିଁ । ଘର ମାନେ ଗୋଟାଏ କାନ୍ଥଘେରା ଚାଳ । ପିଣ୍ଡା ନାହିଁ । ଘର ଭିତରେ କଳସି, ମାଣ୍ଡିଆ, ହାଣ୍ଡିଆ, କନାକତରା ଛଡ଼ା ଆଉ କିଛି ଦିଶୁନାହିଁ । ବାଡ଼ରେ ମକକା ଚଅଁର ଉଡ଼ୁଛି—କନ୍ଦୀ, କାକୁଡ଼ିଫୁଲ ଫୁଟିଛି । ଡାଗ୍ରା ଝରଣାରୁ ବର୍ଷାରେ ଧନ୍ୟ ପାଣି ମୁଣ୍ଡେଇ ଆସୁଛନ୍ତି କେତେକ ପରଜା ରୂପସୀ । ପରଜାଯାକ ବରଗଛ ତଳେ ଆଜି ଏକ ଭୋଜି କରୁଛନ୍ତି । ଦୁଇଦିନ ତଳେ ଡାଗ୍ରା ଡଙ୍ଗର ଉପରେ କନ୍ଦା ଖୋଳୁ ଖୋଳୁ ଜଣକୁ ଟାଣି ନେଇଗଲା ବାଘ । ବାଘର ଡୁମ୍ବା (ଭୂତ)କୁ ଲୋକଙ୍କର ଭାରି ଭୟ । ଯେଉଁ ମଣିଷକୁ ବାଘ ଖାଇଛି ତାର ଭୂତ ପରଜାକୁ ଡରାଏ । ଅଳ୍ପ ଦୂରରେ ଦେଖିଲି ଦିଶାରୀ ମନ୍ତ୍ର ବୋଲି କଳା ପୋତୁଛି । ତାକୁ ଡେଇଁ ବାଘ ଡୁମ୍ବା ଆସିପାରିବ ନାହିଁ । ଯାହାକୁ ବାଘ ଖାଇଛି ତାର ସ୍ତ୍ରୀକୁ ଛଡ଼ାବାକୁ ଡିହାଇଛି ଭୋଜି' ।

'ପରଜାମାନେ ଅତି ଦରିଦ୍ର, ଅଶିକ୍ଷିତ । କୁମୁଟି ମହାଜନମାନେ ଏଇ ପରଜା ଆଦିବାସୀମାନଙ୍କୁ ନିର୍ମମଭାବେ ଶୋଷଣ କରୁଛନ୍ତି; ସୁଧ ଖଟି ଖଟି ସର୍ବନାଶ ହେଉଛି ତଥାପି କରଜ ଛୁଟୁନାହିଁ ।'

'ପରଜା ପଲ୍ଲୀଠାରୁ ଡାଗ୍ରା ଡାକେ ବାଟ, ଗାଆଁର ନାୟକ, ଦିଶାରୀ ଓ ଆଉ କେତେକ ପରଜା ବାଗ ଦେଖାଇବା ଲାଗି ଆମ ସାଙ୍ଗରେ ଆସିଥିଲେ, ଏଇ ସମୟରେ ଭାସି ଆସିଲା ଗୋଟିଏ ଗୀତ—

"ଡୋଗର ଝରୁଛି ଝାରୁ ଝାର ପାଣି
ଟୁବ୍‌ଗା ମାଗ ଢେଙ୍କୁଲି ମାଛୁଡ଼ି ମୁରଣି
କାଙ୍କଡ଼ା ଡମ୍ବୁରଣି ।"

ଏ ପରଜାଯୁବତୀର ସଙ୍ଗୀତ । ସ୍ୱର ଲହରୀରେ ଡାଗ୍ରା ଉପତ୍ୟକା ଉଚ୍ଛୁଳି ପଡ଼ିଲା ।

"ଝିପି ଝିପି ବରଷୁଥାଏ ମେଘ; ଫଲ୍ଗୁଣିକୁ ଡାଗ୍ରାରେ, ବର୍ଷାଧୌତ ତରୁଲତାର ଶ୍ୟାମଳ ଶ୍ରୀରେ ମନ ଲାଖିଗଲା । ଦୃଶ୍ୟପଟେ ଅରଣ୍ୟସଙ୍କୁଳ ପର୍ବତ, କେଉଁଠି ଉନ୍ନତ,

Digitized by srujanika@gmail.com

କେଉଁଠି ଆନତ —ଢେଉ ଢେଉଆ ଶୃଙ୍ଗ ନୀଳମେଘ ସହିତ ମିଶି ଯାଉଛି । ନୃତ୍ୟରେ ଦ୍ରୁମରାଜିର ହିଲ୍ଲୋଳମୟ ମର୍ମରଭରା ଉପତ୍ୟକାରେ କୋଲାବ ନଦୀ ସୃଷ୍ଟି କରିଛି ବାଗ୍ରା ପ୍ରପାତ । ତିନୋଟି ପ୍ରବଳ ସ୍ରୋତ ପ୍ରବଳତର ହୋଇଛି ଶ୍ରାବଣର ପ୍ରେମାଶ୍ରୁରେ; ଏକତ୍ର ହୋଇ ପାହାଡ଼ୀ ସମତଳରେ କୋରଡ଼ ଧାର କାଟି ବହିଯାଉଛି ଶ୍ୟାମଳ ଦିଗ୍‌ବଳୟକୁ । କେତେ ତୋଫାନ କ୍ରୀଡ଼ା କରୁଛି ସେ ପ୍ଲାବନରେ । କେତେ ବିପ୍ଳବର ଭୈରବ ଭେରୀ ବାଜି ଉଠୁଛି ତାର ହୁଙ୍କାର ନାଦରେ । ପ୍ରକୃତିର ସେ ଅପରୂପ ଲୀଳା ଦେଖି ସ୍ତବ୍ଧ ବିସ୍ମୟରେ କ୍ଷଣେକାଳ ଅଭିଭୂତ ହୋଇଗଲି । ହୃଦୟ ହଜିଗଲା ଅନନ୍ତ ଶ୍ୟାମଳତାରେ । କିଛି ସମୟ ପରେ ନିଜକୁ ଖୋଜି ପାଇଲି ଖଣ୍ଡେ ମସୃଣ ଶିଳା ଉପରେ । ବାଗ୍ରା ଦୃଶ୍ୟର ମାଦକତା କଟିଯାଇ ଆଖି ଆଗରେ ଭାସିଗଲା ଅସଂଖ୍ୟ ଚିତ୍ର ବନ୍ୟା ଜଳରେ ଭାସମାନ ପଲ୍ଲୀ, ପରଜା ଜାତିର ରକ୍ତଶୋଷକ ସାହୁକାରଦଳ, ଉତ୍କଳର ଉଜ୍ଜ୍ୱଳ ଅତୀତ, ହାହାମୟ ବର୍ତ୍ତମାନ, ଗଡ଼ଜାତର ଅନ୍ଧାସ୍ତ୍ରୀ ଶାସନ, ନୂଆଖାଲି, ମାଟିଆ ବୁରୁଜ ପ୍ରଭୃତିର ରକ୍ତନଦୀ ମନ୍ତ୍ରଣ, ଆଟମ୍ ଆଗ୍ନେୟ ଗିରି ଉପରେ ପ୍ରତିଷ୍ଠିତ ଶାନ୍ତିରାଜ୍ୟ ।"

"ଯାଇଥିଲି ବାଗ୍ରାର ମନୋମୁଗ୍ଧକର ଦୃଶ୍ୟ ଦେଖି ଆନନ୍ଦ ଲଭ କରିବାକୁ, ଘେନି ଆସିଲି ହୃଦୟରେ ଦୁଃସହ ବେଦନା, ନୟନରେ ଶତ ଅଶ୍ରୁର ବାଗ୍ରା ।"

(୧୬.୧.୪୮)

ବାଗ୍ରା କାବ୍ୟର ସମସ୍ତ ମୁଦ୍ରଣବ୍ୟୟ ବହନ କରିଥିଲେ ସାହିତ୍ୟସମ୍ରାଟ । ଏ କାବ୍ୟଟି ଅପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ମୁଁ ବଲାଙ୍ଗିର ସଂସ୍କୃତ କଲେଜ ଦେଖିବାକୁ ଯାଇ କେଉଁଠି ଗୁଞ୍ଜି ଦେଇ ଆସିଥିଲି । କବିତା ହରାଇବା ସନ୍ତାନ ବିଚ୍ଛେଦ ପରି ଦୁଃଖପ୍ରଦ । କେତେ ଦିନ ରାତିରେ ନିଦ ହେଲା ନାହିଁ । ଯାହା ଲେଖା ହୋଇଥିଲା ଆଉଥରେ ଚାହିଁଲେ କେହି ତାକୁ ଲେଖି ପାରେନାହିଁ । କାବ୍ୟର ସେଇ ପ୍ରେରଣା ପୁଣି ଆସେନାହିଁ । ସେ ଦିଗରେ ପ୍ରଚେଷ୍ଟା ହାସ୍ୟକର ବୈଫଲ୍ୟରେ ପରିଣତ ହୁଏ । କାବ୍ୟର ପୁନର୍ଲାଭ ଆଶା ହରାଇବାବେଳେ ହଠାତ୍ ସମ୍ବାଦ ମିଳିଲା—ମିଳିଛି । ପୁସ୍ତକଟି ପରିଦର୍ଶକ ମନ୍ତବ୍ୟ-ଖାତାରେ ରହି ଯାଇଥିଲା ।

'ବାଗ୍ରା' କାବ୍ୟଟି ବାଲେଶ୍ୱରରେ ଶେଷ କଲି ଓ ତାର ଉତ୍ସର୍ଗ ପତ୍ରରେ ଏଇ କବିତା ପଦକ ରହିଥିଲା—

ଭେଦର ପାହାଡ଼ ଗର୍ଜି କରେ ଯେ ଧୂଳି
ଦେଶଲାଗି ଥରେ କରଇ ବଇରି ଗୁଳି
ମଣିଷଜାତିକ ହୃଦ ଭରି ଭଲ ପାଏ
ଲୁହଭରା ଆଖି 'ବାଗ୍ରା' ଆଗେ ମୋ ତାର ବନ୍ଦନା ଗାଏ ।

ଯାତ୍ରା ରଚନାକାଳରେ ହିନ୍ଦୁମୁସଲମାନ ବିବାଦ ଉତ୍କଟ ରୂପ ଧାରଣ କରିଥିଲା; ଦେଶ ଭାରତ ଓ ପାକିସ୍ଥାନରେ ବିଭକ୍ତ ହୋଇଥିଲା । ମୁଁ ଲେଖିଥିଲି—

ହାୟ ଦୂର ଦିଗ ତଳେ ଦପ ଦପ ଜଳେ ମାଟିଅ ବୁରୁଜ କିଆଁ
କାହିଁ ଭୋଗିବ ଶାନ୍ତି ଦେଖି ଏ କାନ୍ତି ଉତ୍ପାତ ଲୁହା ଟାଳି
କରି ହୃଦୟ, ସୃଜିତ ନରକ ନିର୍ମମ ନିହେ ଖେଳ ନୂଆଖାଲି ।
ତେଣେ ଲାହୋରରେ ପଞ୍ଜାବରେ କାଶ୍ମୀର ଉପରେ ରକତ ନେଉଛି ଭାସି
ଆଜି ଦୁଃଖିନୀ ଦେଶଜନନୀ, ଜାଗଇ ବିଦେଶୀ ହାସ୍ୟରାଶି ।
ହାୟ ହିନ୍ଦୁ ମୁସଲମାନ ନେବ ହିଛି ଜନନୀର ଦେହ ହାତ
ହାୟ ଦେହ ହାତ କାଟେ କେମନ ସ୍ୱାଧୀନ ଭାରତ ଜନନୀ ମାଥ ?
ହାୟ ମଥା କଟିଗଲେ କେମନ୍ତ କାହିଁ ମୁଦାର ହୋଇବ ଦେହ
ସେଇ ମୁଦାର ଉପରେ ଚିତାନଳ ହୋଇ ଜଳିବ ବିଦେଶୀ ସ୍ନେହ ।

× × × ×

ଆମେ ହିନ୍ଦୁସ୍ଥାନ ଓ ପାକିସ୍ଥାନକୁ ମିଶାଇ ଦେବୁରେ ଶେଷେ ।

ଏହିପରି କେତେକ ପଦ ସାମୟିକ ଘଟଣା ସହିତ ସମ୍ପୃକ୍ତ ହୋଇପଡ଼ିବାରୁ ପରବର୍ତ୍ତୀ ସଂସ୍କରଣରେ ବାଦ୍ ପଡ଼ିଥିଲା ।

ପଣ୍ଡିତ ସମ୍ମିଳନୀ

ଏ ଯୁଗ ସଂଗଠନର ଯୁଗ; ଏକାଠି ହୋଇ ଦାବୀ ଉପସ୍ଥାପିତ ନ କଲେ ପଣ୍ଡିତମାନେ ଯେ ତିମିରେ ସେ ତିମିରେ ପଡ଼ିଥିବେ । ସହଜେ ତ ମୃତ ଭାଷା ବୋଲି ସଂସ୍କୃତ ନିନ୍ଦିତ, ତାକୁ ଯେ ପଢ଼େ ବା ପଢ଼ାଏ ମୁମୂର୍ଷୁର ସ୍ୱର ପରି ତାର ସ୍ୱର କ୍ଷୀଣ । ଦୃଷ୍ଟି ତାର ପଶ୍ଚାଦ୍ବର୍ତ୍ତୀ; ସୃଷ୍ଟିଶୂନ୍ୟ ପଣ୍ଡିତ ଅବାସ୍ତବ, କରୁଣାର ଜୀବ । ସେମାନଙ୍କୁ ସଂଘବଦ୍ଧ କରିବା ଲାଗି ନିଖିଳ ଉତ୍କଳ ପଣ୍ଡିତ ସମ୍ମିଳନୀ ସଂସ୍ଥା ଗଠନ କରାଗଲା; ଏହାର ଦୁଇଟି ଅଭିମୁଖ୍ୟ ରହିଲା—ସାଂସ୍କୃତିକ ଅଭ୍ୟୁତ୍ଥାନ, ଅର୍ଥନୈତିକ ଉନ୍ନତି । ସମ୍ମିଳନୀ ବସିଲା—ସଂସ୍କୃତ ସ୍ଫୋଟବାଦ, ଦ୍ୱୈତ ଓ ଅଦ୍ୱୈତବାଦ, ରସ, ଧ୍ୱନି ପ୍ରଭୃତି ବିଷୟରେ ସଂସ୍କୃତରେ ଆଲୋଚନା ଚାଲିଲା । ସଂସ୍କୃତର ଅଧୋଗତି, ପଣ୍ଡିତମାନଙ୍କ ଦୁରବସ୍ଥା ଓ ପ୍ରତିକାର ପ୍ରଭୃତି ବିଷୟରେ ଓଡ଼ିଆରେ ପ୍ରସ୍ତାବମାନ ଧାର୍ଯ୍ୟ ହୋଇଥିଲା । ସମ୍ମିଳନୀର ଆଞ୍ଚଳିକ ଶାଖାମାନ ବିଭିନ୍ନ ଜିଲ୍ଲାରେ ସଂଗଠିତ ହେଲା । ଉତ୍କଳରେ ସଂସ୍କୃତର ପୁନରଭ୍ୟୁଦୟ ଲାଗି ପ୍ରୟାସ ଚାଲିଲା । ସଂସ୍କୃତ ଗ୍ରନ୍ଥସବୁ ପଣ୍ଡିତମାନଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦ କରାଇବା ମୋର ଇଚ୍ଛା ଥିଲା । କିନ୍ତୁ ତାକୁ କାର୍ଯ୍ୟରେ ପରିଣତ କରିବା ପୂର୍ବରୁ ମୋର ବଦଳି ହୋଇଗଲା ।

Digitized by srujanika@gmail.com

ଜଗନ୍ନାଥଗବେଷଣା ମନ୍ଦିର

ପଣ୍ଡିତସମ୍ମିଳନୀ ତରଫରୁ 'ଜଗନ୍ନାଥଗବେଷଣାମନ୍ଦିର' ପ୍ରତିଷ୍ଠିତ ହେଲା, ଏମାର ମଠର ପୂଜ୍ୟ ମହାନ୍ତ ଶ୍ରୀ ଗଦାଧର ରାମାନୁଜ ଦାସ ଏହାର ସଭାପତି ହେଲେ, ସଂସ୍କୃତର ପୁନଃ ଅଭ୍ୟୁଦୟ ଲାଗି ସମସ୍ତ ଆନ୍ଦୋଳନରେ ଅକୁଣ୍ଠ ଚିତ୍ତରେ ସେ ସାହାଯ୍ୟ କରୁଥାନ୍ତି ।

ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସଂସ୍କୃତ ଓ ଓଡ଼ିଆ ପୋଥିସଂଗ୍ରହ ହେଲା । ବିନା ଭଡ଼ାରେ ମହାନ୍ତମହାରାଜ ଗବେଷଣାମନ୍ଦିର ଲାଗି ଗୋଟିଏ ଦୋତାଲା କୋଠା ଛାଡ଼ି ଦେଲେ । ପୋଥି ଉଦ୍ଧାରିବା ଲାଗି ଜଣେ ପଣ୍ଡିତ ଓ ପୋଥି ସଂଗ୍ରହ ଲାଗି ଶ୍ରୀ ସଦାଶିବ ରଥ ଶର୍ମା ମାସିକ ପଚାଶ ଟଙ୍କାରେ ନିଯୁକ୍ତ ହେଲେ ।

ରଥେ ବୋଧହୁଏ ମାଟ୍ରିକ୍ ପାସ୍ କରି ନ ଥିଲେ; ସାଧାରଣ ପଣ୍ଡା ପରିଅଙ୍କ ଜୀବନ ପରି ତାଙ୍କ ଜୀବନ କଟୁଥିଲା, କଟିଯାଇଥାନ୍ତା । କିନ୍ତୁ ଗବେଷଣାମନ୍ଦିର ହିଁ ତାଙ୍କ ଗତି ପରିବର୍ତ୍ତିତ କରିଦେଲା; ସେ ଜଣେ ମହାନ୍ ସଂଗ୍ରାହକ ଓ ଗବେଷକରୂପେ ସୁନାମ ଅର୍ଜନ କରି 'ପଦ୍ମଶ୍ରୀ' ଉପାଧିରେ ଭୂଷିତ ହୋଇଛନ୍ତି ।

ଶ୍ରୀ ରଥ ପହିଲେ 'ଶିଳ୍ପଚନ୍ଦ୍ରିକା' ପୋଥି ଉଦ୍ଧାର ପ୍ରକାଶ ଲାଗି ଉପସ୍ଥାପନ କଲେ । ଏହା ଜଗନ୍ନାଥମନ୍ଦିରର ନିର୍ମାଣଇତିହାସ । ଅନଙ୍ଗଭୀମ ଜଗନ୍ନାଥ ମନ୍ଦିରର ନିର୍ମାତା ବୋଲି ଏଥିରୁ ପ୍ରମାଣ ମିଳେ । କିନ୍ତୁ ସେହି ପୋଥି ମୁଁ ପ୍ରତ୍ୟକ୍ଷରେ ଦେଖି ନାହିଁ । ଗବେଷଣାରେ ନିତାନ୍ତ ଅନଭିଜ୍ଞ, ତଥାପି 'ଶିଳ୍ପଚନ୍ଦ୍ରିକା' ଅଧ୍ୟୟନ କରି ଦୀର୍ଘ ମୁଖବନ୍ଧ ଲେଖିବାଲାଗି ମୁଁ ସାହସ କରିଥିଲି । ପରେ ଜାଣୁଛି, ଏହି ପୁସ୍ତକର ଭାଷା ଦ୍ୱାଦଶ ଶତାବ୍ଦୀର ନୁହେଁ; ଏହା ଏକ ଅର୍ବାଚୀନ ରଚନା । ଐତିହାସିକ ଘଟଣା ସହିତ ଏହାର ସାମଞ୍ଜସ୍ୟ ଅଳ୍ପ ।

ଋକ୍ ବେଦର ଅନୁବାଦ

ଏହି ସମୟରେ ଆଉ ଗୋଟିଏ ମହାନ୍ କାର୍ଯ୍ୟ କରିବାକୁ ଚେଷ୍ଟା କରିଥିଲି— ଋକ୍ ବେଦର ପଦ୍ୟାନୁବାଦ । ଜଣେ ବିଶିଷ୍ଟ ପଣ୍ଡିତଙ୍କ ଉପରେ ଅନୁବାଦର ଭାର ନ୍ୟସ୍ତ ହେଲା । କିନ୍ତୁ ପଣ୍ଡିତମହାଶୟ କବି ନ ଥିଲେ, ସଂସ୍କୃତ ପରି ଓଡ଼ିଆରେ ତାଙ୍କର ଅଭିନିବେଶ ନ ଥିଲା । ତାଙ୍କ ଅନୁବାଦ ଆଦୌ ପ୍ରାଞ୍ଜଳ ହେଲା ନାହିଁ । ଏହି ଅଭିଜ୍ଞତାରୁ ବୁଝିଲି ବୈଦିକ ସଂସ୍କୃତ, ଓଡ଼ିଆରେ ଜ୍ଞାନ ଓ କବିତ୍ୱ, ଜଣେ ବ୍ୟକ୍ତିଠାରେ ଏହି ତିନିଗୋଟି ବିଭବ ଥିଲେ ଅନୁବାଦ ସମ୍ଭବ ହେବ । ନିଜେ ସେ ଦାୟିତ୍ୱ ନେଲି । କିନ୍ତୁ ବେଦରେ ମୋର ପ୍ରବେଶ ସ୍ୱଳ୍ପ । ବିଶ୍ୱଭାରତୀକୁ ଗଲା ପରେ ଋକ୍‌ବେଦର ୧୯ଗୋଟି

Digitized by srujanika@gmail.com

ସୂକ୍ତ ଅନୁବାଦ କରିଥିଲି, ବୈଦିକ ସାହିତ୍ୟ ସମ୍ବନ୍ଧରେ ଏକ ଦୀର୍ଘ ମୁଖବନ୍ଧ ଲେଖିଥିଲି । ତାହା ସୁପରିଣ୍ଟେଣ୍ଡେଣ୍ଟ ପଦରୁ ବିଦାୟ ନେବାର ବହୁବର୍ଷ ପରେ 'ବୈଦିକ ଗୀତମାଳା' ନାମରେ ପ୍ରକାଶ ପାଇଲା ।

ମୁଁ ଅନୁବାଦରେ ପ୍ରାଚୀନ ଭାଗବତବୃତ୍ତରୁ ମାତ୍ରାବୃତ୍ତ ପର୍ଯ୍ୟନ୍ତ ବିଭିନ୍ନ ବୃତ୍ତ ବ୍ୟବହାର କରିଥିଲି । ସ୍ଥାନେ ସ୍ଥାନେ ମୋ ଅନୁବାଦ ବିଶ୍ଳେଷଣ ପରି ହୋଇଯାଇଅଛି, ଅଧିକ କଥନ ଏକ ଦୋଷ, ଭାବାନୁବାଦ ଯଦି ବା ଅକାମ୍ୟ ନୁହେଁ । ମୋ ଅନୁବାଦ ଯେ ଯଥାର୍ଥ ହୋଇନାହିଁ, ତାହା ପ୍ରଥମ ପଂକ୍ତିରୁହିଁ ବୁଝାଯାଏ ।

ଓଁ ଅଗ୍ନିମ୍ ଈଳେ ପୁରୋହିତମ୍ ଯଜ୍ଞସ୍ୟ ଦେବମ୍
ଋତ୍ୱିଜମ୍ ହୋତାରମ୍ ରତ୍ନଧାତମମ୍ ।
'ହେ ଅଗ୍ନି, ତେଜସ୍ୱୀ ଅପାର
ଘେନ ପ୍ରଥମ ନମସ୍କାର ।
ଯଜ୍ଞର ବିଧାନ ନିମିତ୍ତ
ପ୍ରାର୍ଥନା ତୋତେ କରୁ ନିତ୍ୟ ।
ହେ ଦେବ ଯଜ୍ଞ ପୁରୋହିତ
ଋତ୍ୱିକ ହୋତା ଯେ ସମସ୍ତ
ଧନ ରତନ କର ଦାନ
ଦେବଙ୍କ ଲାଗି ଅର୍ଘ୍ୟ ଘେନ ।'

'ବୈଦିକଗୀତମାଳା' ମୁଖବନ୍ଧରେ ମୁଁ ଲେଖିଥିଲି—"ଏ ଅନୁବାଦ ଲାଗି ମୁଁ ରମାନାଥ ସରସ୍ୱତୀଙ୍କ ଋକ୍‌ବେଦ ସଂହିତା, କେ ଶମ୍ଭୁଶିଙ୍କ ଋକ୍ ସଂହିତା, ସାୟନ ଭାଷ୍ୟ, ସ୍କନ୍ଦସ୍ୱାମୀସ୍ୱ ଭାଷ୍ୟ ଓ ଭେଙ୍କଟମାଧବୀୟ ଭାଷ୍ୟର ସାହାଯ୍ୟ ନେଇଅଛି, ମୁଖବନ୍ଧ ଲେଖିବା ଲାଗି ନିଦଣ୍ଡୀ ସ୍ୱାମୀ ଶ୍ରୀମତ୍ ଭଗବତ ବନଙ୍କ ବେଦର ପରିଚୟ, ରମାନାଥ ସରସ୍ୱତୀଙ୍କ ଋକ୍‌ବେଦସଂହିତାର ମୁଖବନ୍ଧ, ମାକ୍‌ଡୋନେଲଙ୍କ "A History of Sanskrit Literature" ପାଠ କରିଅଛି ।'

ସେହି ସମୟରେ 'ପକ୍ଷୀଭାରତ' ନାମରେ ଖଣ୍ଡିଏ ପୁସ୍ତକ ଆରମ୍ଭ କରିଥିଲି । ଶିଶୁସାହିତ୍ୟ ରଚନା ଲାଗି ଏ ଏକ ଚେଷ୍ଟା । ଜାତୀୟତା ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା, ଉତ୍କଳୀୟ ପ୍ରାଚୀନ ଗୌରବର ଚିତ୍ର ଦେଇ ଲୋକଙ୍କୁ ଜାତୀୟ ଭାବରେ ଉଦ୍‌ବୁଦ୍ଧ କରିବା ଏହାର ଲକ୍ଷ୍ୟ ଥିଲା । ଜଗନ୍ନାଥ ସିଂହ ସେତେବେଳେ 'ଭାରତଦର୍ପଣ' ଲେଖି ମୋତେ ମଧ୍ୟେ ମଧ୍ୟେ ଶୁଣାଉଥିଲେ । ତାଙ୍କ ପ୍ରଭାବରେ ହୁଏତ ମୁଁ ଏହା ଲେଖିଥିଲି ।

Digitized by srujanika@gmail.com

ଜଗବନ୍ଧୁ ସିଂହ

ଗୋପବନ୍ଧୁ ବାବୁ ସହକର୍ମୀ ଜଗବନ୍ଧୁ ସିଂହ ଓକିଲ, ରାଜନୀତିଜ୍ଞ ଓ ସାହିତ୍ୟିକ: ସେତେବେଳେ ପୁରୀର ସେ ସର୍ବଶ୍ରେଷ୍ଠ ସାମ୍ପ୍ରତିକ ବ୍ୟକ୍ତିତ୍ୱ ଥିଲେ। ଜଗନ୍ନାଥବଲ୍ଲଭ ମଠର ଟ୍ରଷ୍ଟି ଭାବରେ ସେ ସୁଚାରୁରୂପେ କାର୍ଯ୍ୟ ପରିଚାଳନା କରୁଥିଲେ। କଥା ଧୀର, ଏ କାନରୁ ସେ କାନକୁ ଶୁଭିବ ନାହିଁ। ଓକିଲ ଭାବରେ ସେ ବହୁତ କଥା କହନ୍ତି ନାହିଁ, କେତେକ ନିତାନ୍ତ ପ୍ରୟୋଜନୀୟ ସୂଚନା ମାତ୍ର ଦେଇଥାନ୍ତି। ସଭାସମିତିରେ ଛିଡ଼ା ହୋଇ ଉଚ୍ଚ ଭାଷଣ ଦେବା ତାଙ୍କ ପ୍ରକୃତିବିରୁଦ୍ଧ ଓ ଶକ୍ତିବହିର୍ଭୂତ ବ୍ୟାପାର ଥିଲା।

ମୁଁ ପହଞ୍ଚିଲେ ତାଙ୍କ ଓକିଲାତି ବନ୍ଦ ହୋଇ ଯାଇଥିଲା। ସେ ମହକିଲକୁ ଅନ୍ୟ ସମସ୍ତ ଦେଇ ସାହିତ୍ୟଚର୍ଚ୍ଚା ଆରମ୍ଭ କରିଥିଲେ; କେତେବେଳେ ପାଲା, ଯାତ୍ରା, କେତେବେଳେ ଭଞ୍ଜ, କବିସୂର୍ଯ୍ୟ ଓ ଗୋପାଳକୃଷ୍ଣଙ୍କ ବିଷୟରେ ଆଲୋଚନା ହୋଇଥାଏ।

ପଣ୍ଡିତ କୁଳମଣି ଦାଶ କବିସୂର୍ଯ୍ୟ ଗ୍ରନ୍ଥାବଳୀରେ 'ମର୍କଟି ଦିବ କ ଢଗ ରଡରେ' ଲେଖିଛନ୍ତି। ସେ ସଂଶୋଧନ କରି କହିଥିଲେ—'ମର୍କଟି ଦିବ କ ଦଃ ସ୍ୱଗ.ତୀରେ', ସେହିପରି ଭଞ୍ଜଙ୍କ ବୈଦେହୀଶବିଳାସରେ 'ବିଲେପି ଅଳ୍ପ ତଇଳେ ସାମଳ' ପଢ଼ି କହିଥିଲେ— ଅନୁକୂଳ ବେଳେ ତୈଳମର୍ଦ୍ଦନ ଅଶୁଭ, ତେଣୁ ଏହା ହେବ — ବିଲେପି ଅଳ୍ପ ତ ଇଳେ (ଘୃତ) ସାମଳ'।

ସେତେବେଳକୁ ସେ ନବାକ୍ଷରୀ ବୃତ୍ତରେ ଭଗବତ୍‌ଗୀତା ଅନୁବାଦ କରି ଛପାଇ ବିତରଣ କରୁଥିଲେ, ତାଙ୍କ ଓକିଲାତି ବନ୍ଦ ହୋଇଯାଇଥିଲା। ଦିନେ ସେ ପ୍ରସ୍ତାବ କଲେ—"ଚାଲ, ଜୟପୁର ମହାରାଜା ବିକ୍ରମଦେବ ବର୍ମାଙ୍କ ନିକଟକୁ ଯାଇ 'ଭାରତ ଦର୍ପଣ' ପ୍ରକାଶ ଲାଗି ସାହାଯ୍ୟ ପ୍ରାର୍ଥନା କରିବା।" ମୁଁ କହିଲି—ଆପଣଙ୍କର ତ ବହୁତ ଜମିବାଡ଼ି ଅଛି। ସେଥିରୁ ଦୁଇ ଚାରିମାଣ ବିକ୍ରୀ କରିଦେଲେ ଏ ବିଶାଳ ଗ୍ରନ୍ଥ ପ୍ରକାଶ କରାଯାଇ ପାରିବ। ଏ ମଧ୍ୟରୁ କୌଣସି ପ୍ରସ୍ତାବ କାର୍ଯ୍ୟକାରୀ ହେବା ପୂର୍ବରୁ ଶ୍ରୀ ସିଂହ ସଂସାର ତ୍ୟାଗ କଲେ, ସରାଇକଲା, ଖରସୁଆଁ ଓଡ଼ିଶାରୁ ବିହାରକୁ ଚାଲିଯିବାର ଅବ୍ୟବହିତ ମୁହୂର୍ତ୍ତ ପରେ। ସେତେବେଳେ ପଣ୍ଡିତ ନୀଳକଣ୍ଠ କହିଥିଲେ—ଆମେ ଆମ ଲୋକଙ୍କୁ ବଡ଼ କରିବାର କୌଶଳ ଜାଣିନାହୁଁ। ସରାଇକଲା ଖରସୁଆଁ ଚାଲିଯିବା ଦୁଃସମ୍ବାଦରେ 'ପ୍ରାଚୀନଉତ୍କଳ'ର ଲେଖକ, ଉତ୍କଳପ୍ରେମୀ ଜଗବନ୍ଧୁଙ୍କ ଅନ୍ତରାତ୍ମା ଜାଣ ବିଦୀର୍ଣ୍ଣ ହୋଇଥିଲା—ସେ ଇହଧାମ ତ୍ୟାଗ କଲେ। ଏ ଘଟଣାଟି କାକତାଳୀୟ, ଯଦି ବା ଜଗବନ୍ଧୁଙ୍କ ଅନ୍ତରାତ୍ମା ଏ ଦୁର୍ଘଟଣାରେ ଘୋର ଯନ୍ତ୍ରଣା ଅନୁଭବ କରିଥିବ, ସନ୍ଦେହ ନାହିଁ।

Digitized by srujanika@gmail.com

ପଦ୍ମଚରଣ ପଟ୍ଟନାୟକ

ଅନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ କବି ପଦ୍ମଚରଣଙ୍କ ସହିତ ମୋର ସଂପର୍କ ନିବିଡ଼ ଥିଲା । ସେ, ଆଇ. ଏ. ଓଡ଼ିଆ ଖାତାର ମୁଖ୍ୟ ପରୀକ୍ଷକ ଓ ମୁଁ ତାଙ୍କର ସହକାରୀ ହୋଇଥିବି । ମୁଁ ପୁରୀ ତ୍ୟାଗ କଲାପରେ ତାଙ୍କର ଏକମାତ୍ର ପୁତ୍ରର ମୃତ୍ୟୁ ହେଲା, ସେତେବେଳେ ତାଙ୍କ ଆର୍ଥିକ ଅବସ୍ଥା ଶୋଚନୀୟତମ ସ୍ତରରେ ପହଞ୍ଚିଥିଲା, ଘୋର ପୁତ୍ରଶୋକ ମଧ୍ୟରେ ରୋଗଶଯ୍ୟାରେ ଅତି ଅସହାୟ ଭାବରେ ପଡ଼ି ପଡ଼ି ସେ ପ୍ରାଣତ୍ୟାଗ କଲେ । ଶ୍ମଶାନରେ ତାଙ୍କ ଶବକୁ ଗୋଟିଏ ବୃଦ୍ଧ କୁକୁର ମାତ୍ର ଅନୁସରଣ କରୁଥିଲା ।

ତରୁଣ ସାହିତ୍ୟ ମନ୍ଦିର

ମୋର ଗଳ୍ପସାମାନ୍ୟ ସାହିତ୍ୟିକ ଦାନକୁ ପୁରୀର ତରୁଣସମାଜ ସେତେବେଳେ ଅଭିନନ୍ଦନ ଜଣାଇଥିଲା, ମୋତେ ଶ୍ରଦ୍ଧା ଓ ସମ୍ମାନଦୃଷ୍ଟିରେ ଦେଖୁଥିଲା । କେତେକ ତରୁଣ ସେତେବେଳେ ମୋ ଅଫିସ୍‌କୁ ଘନଘନ ଆସୁଥିଲେ । ସେମାନଙ୍କ ମଧ୍ୟରେ ପଠାଣି ପଟ୍ଟନାୟକ (ଏବେ ଅଧ୍ୟାପକ ଓ ସାହିତ୍ୟିକ), ବଳରାମ ପଟ୍ଟନାୟକ (ଏବେ ଔପନ୍ୟାସିକ) ପ୍ରଧାନ । ଆମ୍ଭମାନଙ୍କ ମଧ୍ୟରେ ଆଲୋଚନାର ଫଳ 'ତରୁଣସାହିତ୍ୟମନ୍ଦିର' । ଏହି ମନ୍ଦିରରେ ପ୍ରତି ସପ୍ତାହରେ ତରୁଣମାନଙ୍କ ଲେଖା ପାଠ ଓ ଆଲୋଚନା ହେଉଥିଲା, 'ପ୍ରଭାତୀ' ନାମକ ଗୋଟିଏ ହାତଲେଖା ପତ୍ରିକା ବାହାର କରା ହେଉଥିଲା, ଆଡ଼ମ୍ବରରେ ବାର୍ଷିକୋତ୍ସବ ପାଳିତ ହେଉଥିଲା । ପ୍ରଥମ ବାର୍ଷିକ ଉତ୍ସବରେ ସଭାପତି ଥିଲେ ପୁରୀ କଲେଜର ଅଧ୍ୟକ୍ଷ ଗୋକୁଳ ଶଙ୍କର ରାୟ, ବକ୍ତା ଶ୍ରୀ ରାମଚନ୍ଦ୍ର ଦାଶ (ପରେ ଡକ୍ଟର), ଉଦ୍‌ଘାଟକ ମୁଁ ଥିଲି । ୧୯୩୮ ଖ୍ରୀଷ୍ଟାବ୍ଦରେ ଏହି ମନ୍ଦିରର ଆନୁକୂଲ୍ୟରେ ଗଳ୍ପସଙ୍କଳନ 'ତରଙ୍ଗ' ପ୍ରକାଶ ପାଇଥିଲା । ଏହି ଗଳ୍ପସଙ୍କଳନରେ ଯେଉଁମାନେ ଲେଖିଥିଲେ ସେମାନେ ଅଚିରେ ସାହିତ୍ୟଜଗତକୁ ବଢ଼ାଇ ନେଲେ । ସାହିତ୍ୟକୁ ଆଜୀବନ ସାଧନାର ବିଷୟ ରୂପେ ବାଛିନେଲେ ଅଖିଳମୋହନ ପଟ୍ଟନାୟକ, ପଠାଣି ପଟ୍ଟନାୟକ, ବଳରାମ ପଟ୍ଟନାୟକ । ଆଦ୍ୟ କଥନୀରେ 'ତରଙ୍ଗ'ରେ ମୋର ଏଇ ଉତ୍ସାହବ୍ୟଞ୍ଜକ କବିତାଟି ପ୍ରକାଶ ପାଇଥିଲା -

> ମଣିଷ ହୃଦୟେ ଜାଗେ ଯେତେ ସେତେ ଭେଦ
> ଅନ୍ଧାରଭରା କୋଣଛନାମସ୍ତ ବା କେନ୍ଦ୍ର ।
> ବଜାଇ ହୃଦୟବଂଶୀ କରୁଣ ରାଗେ
> ଲୁହ ଧାରେ ଧାରେ କିଏ ସେ ବୁଝାଏ ମାଗେ ?
> ଫୁଟାଇ କମଳମୁଖ ଯାଏ କିଏ ଚାଲି
> ଭିତରର ଭାଜମଣ୍ଡଳ ପଡ଼ଇ ଖାଲି ।

ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ପଟ୍ଟନାୟକ ମୋତେ ଉପାଦାନ ଯୋଗାଇ ଦେଇଛନ୍ତି ।

Digitized by srujanika@gmail.com

ଜନ୍ମିଲ କୂଳେ ସ୍ୱର୍ଗ ହୁଅଇ ରଚନା
ଲେଖନୀର ମୁନ କରେ ନାହିଁ
ନିଜ ପ୍ରକାଶେ କମାଟ ସୂଚନା ।
ଆଜି ଏ କି ଢେଉ ତରୁଣ ହୃଦୟେ ଖେଳେ
ଦେଶମାତା ପାଦ ଶିକୁଳି ଫିଟିବା ବେଳେ
ସୁନାର ପଦୁଅଁ ଫୁଟି ଫୁଟି ଆସେ ଉଠି
ବାସେ ତାର ବନେ ମହକାଇ ଦେବ ମଞ୍ଚ ।
ରାସେ ରାସେ ତାର ନାଚିବ ନିଖିଳ ରାଣୀ
ହାସେ ଦେବ ବୀଣା ଝଙ୍କାର ବୀଣାପାଣି
ଉତ୍କଳ ମନେ କେତେ ଆଶା ଆଜି ଜାଗେ
ଫୁଟିବ ନିଖିଳ ଏ ଜାତି ତରୁଣ
ଅରୁଣ କିରଣ ରାଗେ ।

ସୁପରିଣ୍ଟେଣ୍ଡେଣ୍ଟ ଥିଲାବେଳେ ମୁଁ ଲୋକଗୀତସଂଗ୍ରହ ଲାଗି ଗୋଟିଏ ବିସ୍ତୃତ ଯୋଜନା କରିଥିଲି । ସଂସ୍କୃତ ଟୋଲ୍ ପରିଦର୍ଶନ ସହିତ ମୋର ଦୁଇଟି କାର୍ଯ୍ୟ ଆନୁଷଙ୍ଗିକ ଥିଲା (କ) ପ୍ରାକୃତିକ ଦୃଶ୍ୟଦର୍ଶନ (ଖ) ଲୋକଗୀତସଂଗ୍ରହ । ପଣ୍ଡିତମାନଙ୍କୁ ମୂର୍ଖ ସାହିତ୍ୟସଂଗ୍ରହରେ ଲଗାଇବା ଏକ ଅବ୍ୟାପାର; ଏହି ସାହିତ୍ୟର ଗୁରୁତ୍ୱ ସେମାନଙ୍କୁ ହୃଦୟଙ୍ଗମ କରାଇବା ବିଶେଷ କଷ୍ଟସାଧ୍ୟ; କିନ୍ତୁ ମୋର ଉପାୟାନ୍ତର ନ ଥିଲା । ପଣ୍ଡିତମାନଙ୍କ ସାହାଯ୍ୟରେ ମୁଁ ପ୍ରାୟ ଦଶହଜାର ଗୀତ ସଂଗ୍ରହ କରିଥିଲି—ଏହାହିଁ ଗବେଷଣାର ମୂଳପୁଞ୍ଜି, ଯାହା ବଢ଼ାଇବା ଲାଗି ମୁଁ ବାଲେଶ୍ୱରରେ ଓ ବିଶ୍ୱଭାରତୀରେ ଥିବାବେଳେ ଚେଷ୍ଟା କରିଥିଲି । ସଂଗୃହୀତ ଗୀତଗୁଡ଼ିକ ମୁଁ ନିମ୍ନ ଭାବରେ ବିଭକ୍ତ କରିଥିଲି—ପ୍ରେମଗୀତିକା, କରୁଣଗୀତିକା, ଚଉତିଶା, ଚଉପଦୀ, ଡ଼ୁହା, ହଳିଆ ଗୀତ, ସ୍ତୁତିଗୀତିକା, ଟେନ୍ନିସର ରାଗିଣୀ ଓ ବିବିଧ ।

୧୯୦। ରେ 'ପଲ୍ଲୀପୁଷ୍ପ' ନାମରେ ଯେଉଁସବୁ ପ୍ରକାଶିତ ହୋଇଥିଲା; ପ୍ରକାଶ କରିଥିଲେ ଦାନବୀର ମହାନ୍ତମହାରାଜ ଶ୍ରୀ ଗଦାଧର ରାମାନୁଜ ଦାସ । ଏହା ଧର୍ମପୁସ୍ତକ ନୁହେଁ, ମହାନ୍ତମହାରାଜ ଲୋକସାହିତ୍ୟର ମହତ୍ତ୍ୱ ବୁଝି ଏହା ପ୍ରକାଶ କରିଥିଲେ, ତା ମଧ୍ୟ ନୁହେଁ । ବରଂ ଏହି ପୁସ୍ତକ ସହିତ ତାଙ୍କର ନାମ ସଂଯୋଗ ବିସ୍ମୟକର । କେବଳ ମୋ ପ୍ରତି ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାସ ଥିବାରୁ ମୋ କଥା ସେ ଏଡ଼ିପାରି ନ ଥିଲେ । କୃତଜ୍ଞତା ସହିତ ମୁଁ ତାଙ୍କ ନାମ ସ୍ମରଣ କରୁଛି, ବହୁ ବ୍ୟକ୍ତି ଓ ଅନୁଷ୍ଠାନ କରୁଥିବେ ।

'ପଲ୍ଲୀପୁଷ୍ପ'ର ମୁଖବନ୍ଧ ପଢ଼ି କାନ୍ତକବି ଲକ୍ଷ୍ମୀକାନ୍ତ ଆନନ୍ଦୋଚ୍ଛ୍ୱାସ ମଧ୍ୟରେ ମୋତେ ଆଶୀର୍ବାଦ କରିଥିଲେ—ସେଇ ମୁଖବନ୍ଧର କିଛି ଅଂଶ ଉଦ୍ଧାର କଲି—

Digitized by srujanika@gmail.com

"ଗାଆଁ ଗହଳର ସରଳ ସୁନ୍ଦର ଜୀବନଗଙ୍ଗା ବହୁଛି ଯୁଗ ଯୁଗ ଧରି, ଠିକ୍ ଯେପରି ଗୋଟିଏ ସ୍ୱଚ୍ଛ ନିର୍ଝରିଣୀ । କେତେ ସୁଖଦୁଃଖ, ଅଭାବଅସୁବିଧା, ଅବିଚାର ଓ ଅତ୍ୟାଚାରର ଅନୁଭୂତି ଜମାଟ ବାନ୍ଧେ ବୁକୁ ଭିତରେ । ସାହୁକାର ଶୋଷୁଛି, ମହାଜନ ପେଷୁଛି, ଜମିଦାର ଘର କୋରଣା କରୁଛି ଏବଂ ଟିକିଏ ଅବାଟରେ ଗଲେ ସମାଜ ଅଟକାଉଛି । ଘର ଭିତରେ ବି ଶାନ୍ତି କାହିଁ ? ଶାଶୂ ନଣନ୍ଦ ବୋହୂକୁ ଗଞ୍ଜଣା ଦେଉଛନ୍ତି, ଭାଇ ଭିନ୍ନ ହେଉଛନ୍ତି । ଘରର ଇତିହାସ ଅନେକ ସମୟରେ କଳହକଜିଆ, ଦୁଃଖହାହାକାରର ଇତିହାସ ହୋଇଛି । କୁଆଁରପୁନେଇଁ ଦିନ ଝିଅଙ୍କ ପୁଚିଖେଳ, ଦାଣ୍ଡଓଳିଆ, ଧାନକଟା, ପାଣିବୁହା, ଶଗଡ଼ଚଳା ପ୍ରଭୃତି କର୍ମ ଭିତରେ କ୍ଲାନ୍ତିଅପନୋଦନ ଲାଗି ସଙ୍ଗୀତର ଜୁଆର ଛୁଟିଛି । ସ୍ନେହ, ପ୍ରେମ, ସୁଖ ଦୁଃଖର ଚିର ମଧୁର ଭାବ ଅନୁଭବ କରେ ପଲ୍ଲୀର ହୃଦୟ । ବେଳଅବେଳେ ମନକୁ ମନ କବିତା ଝରେ, ଯେପରି କାକର ପଡ଼େ, ଜୋଛ୍ନା ଝରେ, ଫୁଲ ଫୁଟେ, ବାସନା ଛୁଟେ, ପର୍ବତ ବୁକୁ ବିଦାରି ଝରଣା ଫିଟେ ।"

ସେତେବେଳେ ଶ୍ରୀ ଗଦାଧର ରାମାନୁଜ ଦାସ 'ଉତ୍କଳସଂସ୍କୃତପରିଷଦ୍'ର ସଭାପତି, ମୁଁ ସମ୍ପାଦକ । ତାଙ୍କ ପ୍ରରୋଚନାରେ ମୁଁ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ସଂସ୍କୃତ ସମାବର୍ତ୍ତନ ଉତ୍ସବରେ ଭାଷଣ ଦେବାଲାଗି ନିମନ୍ତ୍ରଣ କରିଥିଲି । ପଣ୍ଡିତଜୀ ଭାଷଣଟି ଲେଖିଆଣିଲେ ଓ ମହାନ୍ତମହାରାଜ ତାହା ପ୍ରକାଶ କରିବାର କଥା ହୋଇଥିଲା, କିନ୍ତୁ କୃଷ୍ଣଙ୍କୁ ଅସୁର ବୋଲି ପଣ୍ଡିତଜୀ ଲେଖିଥିବାରୁ ମହାନ୍ତମହାରାଜ ମର୍ମେ ମର୍ମେ ଆହତ ହେଲେ ଓ ସେହି ଗ୍ରନ୍ଥ ପ୍ରକାଶ କରିବାକୁ ଅନିଚ୍ଛୁକ ହେଲେ । ପଣ୍ଡିତ ନୀଳକଣ୍ଠ ପରେ ଏହି ଗ୍ରନ୍ଥକୁ 'ସଂସ୍କୃତ ଓ ସଂସ୍କୃତି' ନାମରେ ପ୍ରକାଶ କରିଥିଲେ । ପରିଷଦ ନାମ ଦିଆ ହୋଇଥିଲେ ବି ଏହା ଗୋଟିଏ ବିଶ୍ୱବିଦ୍ୟାଳୟ, ସେହି ଦୃଷ୍ଟିରୁ ବିଚାର କରି ପଣ୍ଡିତମହାଶୟ ମୋତେ 'କୁଳପତି' ବୋଲି ସମ୍ବୋଧନ କରିଥିଲେ ।

ସୁପରିଣ୍ଟେଣ୍ଡେଣ୍ଟ ଥିଲାବେଳେ ମୁଁ ପଣ୍ଡିତମାନଙ୍କ ବେତନ ବଢ଼ାଇବା ଲାଗି ନିଷ୍ଠାପର ଭାବେ ଚେଷ୍ଟା କରିଥିଲି । ଜଣେ ସାହିତ୍ୟାଚାର୍ଯ୍ୟ, ଜଣେ ନ୍ୟାୟାଚାର୍ଯ୍ୟ ବା ବ୍ୟାକରଣାଚାର୍ଯ୍ୟ—ଦରମା କିନ୍ତୁ ୩୦ ଦଶ ଟଙ୍କା ମାତ୍ର । ବିଦ୍ୟା ଓ ବିଦ୍ୟାବନ୍ତର ଚରମ ଅବମାନନା ଏ । ତାରତମ୍ୟର ତପସ୍ୟା ଚଣ୍ଡକୁଟା ପରି ହେଉଥିଲା ଏକ ବ୍ୟର୍ଥ ଚେଷ୍ଟା । ପ୍ରାଥମିକ ଶିକ୍ଷକ ବା ପିଅନଙ୍କଠାରୁ ଦରମାରେ କିମ୍ବା ସମ୍ମାନର ସ୍ତରରେ ଥିଲେ ପଣ୍ଡିତ; ଯାହାକୁ ପଢ଼ିଲେ ଲୋକ ମୁମୂର୍ଷୁ ଅବସ୍ଥାରେ ସାରାଜୀବନ ବିତାଏ, ତାହା ମୃତ ଭାଷା ଭାବେ ବିବେଚିତ ନୋହିବ ତ ଆଉ କ'ଣ ହେବ ? ପ୍ରାୟ ଦୁଇଶହ ଟୋଲ୍ ଓ ପାଠଶାଳା ଲାଗି ମାତ୍ର ଅସୁଥିଲା ଦଶହଜାର ଟଙ୍କା ଦରମା—ଗ୍ଲାନିକର ।

ସରକାରୀ ଲୋକ ସରକାରଙ୍କୁ ଅଳ୍ପ ଖର୍ଚ୍ଚ କରାଇବାର କଥା । ମୋ ପ୍ରସ୍ତାବ ଗଲା ଜଣେ ଉପସଚିବ ପାଖରେ । ମୋ ପ୍ରସ୍ତାବ ପରେ ଅବଶ୍ୟ ଗୃହୀତ ହେଲା, କିନ୍ତୁ ମୁଁ ବିସ୍ମିତ

Digitized by srujanika@gmail.com

ହୋଇ ପାରିଲିନାହିଁ । ମୋର ବଦଳି ହେଲା ନବ ପ୍ରତିଷ୍ଠିତ 'ଫକୀରମୋହନ' କଲେଜକୁ, ଓଡ଼ିଆ ଅଧ୍ୟାପକ ଭାବେ ।

ପୁରୀରେ ଦେଢ଼ବର୍ଷ ରହଣି ବଡ଼ ସମ୍ମାନାସ୍ପଦ ଓ ସୁଖକର ହୋଇଥିଲା । ବିଦଗ୍ଧ ସହବାସ, ସଜ୍ଜନମେଳ ପ୍ରାପ୍ତ ଦୈନନ୍ଦିନ ସୁଯୋଗ ଥିଲା । ସଂସ୍କୃତରେ ଅନର୍ଗଳ ବକ୍ତା ଅଧ୍ୟାପକ ପଣ୍ଡିତ ବାସୁଦେବ ମିଶ୍ର, ଜ୍ଞାନର ଭଣ୍ଡାର ଓ ମହୋଦଧିର ପଣ୍ଡିତ ଆନନ୍ଦ ମିଶ୍ର, ବେଦବିଦ୍ୟା ବିଶାରଦ ପଣ୍ଡିତ ରାମଚନ୍ଦ୍ର ରଥ, ନୈୟାୟିକ ରାମକୃଷ୍ଣ ମିଶ୍ର, ବୈୟାକରଣ ଚିନ୍ତାମଣି ମିଶ୍ର ଓ ପଦ୍ମନାଭ ମିଶ୍ର, ମହାମହୋପାଧ୍ୟାୟ ଦାମୋଦର ଶାସ୍ତ୍ରୀ ପୁରୀର ପାରମ୍ପରିକ ଜ୍ଞାନମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିଥିଲେ । ବଡ଼ ଦେଉଳଠୁ ବେଳାଭୂମି ପ୍ରାପ୍ତ ନିତ୍ୟ ଗତାଗମ ଥିଲା—ଝାଉଁ ମର୍ମରରୁ ତରଙ୍ଗ ଝଙ୍କାର ଥିଲା ନିତ୍ୟ ଶ୍ରୁତ ସଙ୍ଗୀତ । ସଙ୍କୀର୍ତ୍ତନଦଳର ବଡ଼ଦେଉଳ ପରିକ୍ରମା, କାଙ୍ଗାଳି ଭୋଜନ, ଚର୍ଚ୍ଚିତା ମାତା, ସ୍ଥୂଳୋଦର ମହାନ୍ତ, ବଡ଼ଦାଣ୍ଡରେ ସାମ୍ନାରେ କନା ପକାଇ ବସିଥିବା ଦଳ ଦଳ ମାଗନ୍ତା, ଝୁଲଣ, ଚନ୍ଦନ, ରଥଯାତ୍ରା, ପଣ୍ଡାମାନଙ୍କର ବାକ୍‌ଭଙ୍ଗୀ, ଆଖଡ଼ାର ଓଡ଼ିଶୀ ସଙ୍ଗୀତ ଝଙ୍କାର ପ୍ରଭୃତି ପୁରୀର କେତେକ ବୈଶିଷ୍ଟ୍ୟ ସହ ନିବିଡ଼ ପରିଚୟ ହୋଇ ଯାଇଥିଲା । ପୁରୀ ଆତ୍ମସନ୍ତୁଷ୍ଟ; ସମୁଦ୍ର ହାଓ୍ୱାରେ ନିଦ୍ରା ହେଉଥିଲା ଘନତର । ଅଭାବ ଦେଖା ଯାଉଥିଲା କଠୋର କର୍ମ ତପସ୍ୟାର, ନିତ୍ୟନବ ଆତ୍ମୋନ୍ନତି ପ୍ରୟାସର । ମଠ, ମେଳା, ମଉଚ୍ଛବ, ଭାଙ୍ଗ ବା ସାଇପାତ—ଜୀବନ ଗତି କରୁଥିଲା ସହଜ ମାର୍ଗରେ; ତଥାପି ନବ ଭାବରେ ଉଦ୍‌ବେଳ କରୁଥିଲା ପ୍ରାଣକୁ ବଡ଼ଦେଉଳ, ଜଗନ୍ନାଥ ବା ମହୋଦଧି ।

ଇଂରେଜମାନେ ଭାରତ ଛାଡ଼ି ଯାଉଥିବାବେଳେ ମୁଁ ପୁରୀ ଛାଡ଼ିଲି, ସେତିକିବେଳେ ମୋର ବିପ୍ଳବାତ୍ମକ କବିତା 'ବକ୍ସି ଜଗବନ୍ଧୁ ବିଦ୍ୟାଧର' 'ସହକାର'ରେ ପ୍ରକାଶିତ ହୋଇଥିଲା । ପୁରୀରୁ ବିଦାୟ ନେଲାବେଳେ ମୁଁ 'ସାଗର ବିଦାୟ' କବିତାଟି ଲେଖିଥିଲି—

“ହାସ୍ୟ ଦାସ ଜୀବନର ଫାଶତ୍ରାସ କିଏ ବୁଝେ ?
ଆଜି ମନ ସାଥେ ମୋର ଜୀବନ ବେଉସା ଯୁଝେ
ଆଜି ଚୁଟକି ପ୍ରହାର ସୂଚୀମୁନା ଶର ଶତ
ଆହା କି ଗଭୀର ବ୍ୟଥା ହୃଦୟେ ଖୋଳଇ କ୍ଷତ
ଶୋକ ଦଂଶଇ ମନ ଭସ୍ମ ମରମେ ଆଜି
ଏଇ ଚିହ୍ନ ସମ କେତେ ଆଶା ମୋ ପଡ଼ିଲା ଭାଜି
ଆଜି ବିଦାୟ ସଜଳ ବିଦାୟ ବିଜନ ବେଳା
ମଥା ବିକିବା ଜନର ବୃଥାରେ ଜୀବନ ଗଲା ।”

Digitized by srujanika@gmail.com

ଫକୀରମୋହନ କଲେଜରେ ଅଢ଼େଇବର୍ଷ

ଏହି ଐତିହାସିକ ଓ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରବର୍ତ୍ତକମାନଙ୍କର ଜନ୍ମସ୍ଥାନ ଭାବରେ ବାଲେଶ୍ୱର ପ୍ରତି ମୋର ସ୍ୱତନ୍ତ୍ର ଆକର୍ଷଣ ଥିଲା - ଫକୀରମୋହନ, ରାଧାନାଥ, ଚନ୍ଦ୍ରମଣି, ଲକ୍ଷ୍ମୀକାନ୍ତ ସାହିତ୍ୟର ଚତୁର୍ଦ୍ଧାମୂର୍ତ୍ତି—ବାଲେଶ୍ୱରକୁ ସେମାନେ ପ୍ରତିଷ୍ଠିତ କରିଥିଲେ ସାହିତ୍ୟରେ; 'କାଂଶବାଂଶ ଘୋର ମୁକ୍ତାହାର', 'ଉତ୍କଳ କାଳିନ୍ଦୀରୂପିଣୀ ପାଳନ୍ଦୀ' 'ଉତ୍ତରରେ ବଳାଙ୍ଗୀ — ଜଳ ବେଣୀ ବର୍ଣ୍ଣେ କୁରଙ୍ଗୀ ନୟନ ଜଳମା ଜଣେ' ପ୍ରାଣରେ ମୂର୍ଚ୍ଛନା ସୃଷ୍ଟି କରିଥିଲା । 'ଯେ ଦେଶେ ଯାଇ ସେ ଫଳ ଖାଇ'— ଅଳ୍ପକାଳ ମଧ୍ୟରେ ବାଲେଶ୍ୱର ଆରେଇ ଗଲା । 'ଏହା ଏକ ମେଲେରିଆ ପ୍ରପୀଡ଼ିତ ଓ ଅସ୍ୱାସ୍ଥ୍ୟକର ସ୍ଥାନ'—କେତେ ଲୋକ ଭୟ ଦେଖାଇ ଥିଲେ । ମୋ ପକ୍ଷେ ଏହା ମିଥ୍ୟା ପ୍ରମାଣିତ ହେଲା; ତେବେ ଶ୍ମଶାନରେ ନରକଙ୍କାଳ ସ୍ତୁପ ଦେଖି ଚମକି ପଡ଼ିଥିଲି—୧୯୪୩ ଦୁର୍ଭିକ୍ଷର କୀର୍ତ୍ତି ! ତ୍ରିଶ ବର୍ଷପରେ ବି ମାଟିରେ ମିଶିପାରିନାହିଁ ।

ଆଶୁତୋଷ ରାୟ

କଲେଜ ହଷ୍ଟେଲରେ ଦିନେ ଦୁଇଦିନ ରହିଲା ପରେ 'ମାମୁଁ' ଉପନ୍ୟାସର ପ୍ରଥମ ସମାଲୋଚକ ସାହିତ୍ୟିକ ଅଧ୍ୟାପକ ଅଲୀଙ୍କ ବସାରେ ଲୋକାଲ୍ ବୋର୍ଡ଼ ଚେୟାରମ୍ୟାନ୍ ଆଶୁତୋଷ ରାୟଙ୍କ ସହିତ ରହିଲି । ରାୟଙ୍କ ଘର କେନ୍ଦାରପୁର, ସେ କବିବର ରାଧାନାଥଙ୍କ ନିକଟ ସମ୍ପର୍କୀୟ । ସେ ଜଣେ ସ୍ଥାନୀୟ କଂଗ୍ରେସ ନେତା, ଦିନେ ଦେଶୋ-ଦ୍ଧାର ଲାଗି ଭବିଷ୍ୟତ ଉଚ୍ଚାକାଂକ୍ଷାରେ ଜଳାଞ୍ଜଳି ଦେଇଥିଲେ—ସରଳବିଶ୍ୱାସୀ ସଜ୍ଜନ, ଅକପଟ ବ୍ୟବହାର ଯୋଗୁଁ ସେ ପ୍ରାଥମିକ ଶିକ୍ଷକମଣ୍ଡଳରେ ଲୋକପ୍ରିୟ ହୋଇଥିଲେ । ଶିକ୍ଷକମାନଙ୍କ ସାହାଯ୍ୟରେ ବହୁ ଗାଉଁଲି ଗୀତ ସଂଗ୍ରହ କରି ମୋତେ ଦେଇଥିଲେ ।

ସେ ଥରେ ବାଲେଶ୍ୱରର ସମୁଦ୍ରତୀରବର୍ତ୍ତୀ ଅଞ୍ଚଳକୁ ମୋତେ ବୁଲାଇ ନେଇ-ଥିଲେ—ଡେଙ୍ଗା ଡେଙ୍ଗା କିଆ ବୁଦା, ବାଲିବନ୍ତ; ମଧ୍ୟେ ମଧ୍ୟେ ଝାଉଁବଣ, ଶୁଣିଲି ସମୁଦ୍ର ଜୁଆରରେ ଭରି ଉଠୁଥିଲା । କୂଳରେ ଦଳ ଦଳ ଲାଲ୍ କଙ୍କଡ଼ା ବିଦ୍ୟୁତ୍ ଗତିରେ

Digitized by srujanika@gmail.com

ଇତସ୍ତତଃ ଦୌଡ଼ି ମନକୁ କୌତୁକପୂର୍ଣ୍ଣ କରୁଥିଲେ । ଜୁଆର ଅଗରୁ ଶୁଖିଲାରେ ଜାଲ ଘେରାଇ ଭଟ୍ଟା ପଡ଼ିଲେ ଏ ସମୁଦ୍ରରୁ ମାଛ ଧରାଯାଏ ।

ଏତେ ଶୁଣି ବସିଲେ ମଧ୍ୟ ନିଦ୍ରାରେ ତରଙ୍ଗବିକ୍ଷୋଭରେ ଏ ବେଳା ଭୟଙ୍କର ହୁଏ । ସମୁଦ୍ରସ୍ରୋତରେ ଗାଆଁ ବଣ୍ଡା ନିଶ୍ଚିହ୍ନ ହୁଏ । ଉର୍ବର ଗମ୍ଭୀରବାଲିରେ ବାଲି ଚଢ଼ିଯାଏ । ଅକାଲ ମୃତ୍ୟୁରୂପୀ ସେହି ବନ୍ୟା, ନିଦ୍ରା ଅକ୍ଷି ଅଗରେ ମୋର ମୁହୂର୍ତ୍ତିକ ଲାଗି ନାଚି ଉଠିଲା, ଶରୀର ଶିହରିତ ହୋଇ ଉଠିଲା । ଆଖି ଖୋଲି ଦେଖେ ତ ବାଲି ଉପରେ ତରଙ୍ଗ ନୁହେଁ, ମଛଚଳା ହିଁ ନୃତ୍ୟ କରୁଛି ।

କୂଳେ କୂଳେ କେତେ ବାଟ ଗଲା ପରେ ଆମେ ରୂଢ଼ାବଳଙ୍କ ନଦୀ ମୁହାଣ ପାରହେଲୁ । ଦିନେ ଏହି ପଥରେ ସାଧବପତ୍ନୀବୃନ୍ଦ ଲକ୍ଷ୍ମୀ ବନ୍ଦରରେ ପ୍ରବେଶ କରୁଥିଲେ । ଏବେ ନଦୀ ସୋତ ହୋଇଯାଇଛି, ଜାହାଜ ନଦୀ ଭିତରକୁ ଯାଉ ନାହିଁ । ଖୋଲାହେଲା ପରେ ହୁଏତ ସେହି ଗୌରବମୟ ଇତିହାସର ପୁନରାବୃତ୍ତି ଘଟିବ ।

ମୁହାଁଣ ପାରହେଲା ପରେ ଦେଖିଲି ଲମ୍ବ ଲମ୍ବ ଅଗଣିତ ତାଳବୃକ୍ଷ, ବେଳା-ଧାରରେ ବୁଦୁବୁଦିକିଆ ଜଙ୍ଗଲ । ଲୁଣି ଜୁଆରରୁ ଉର୍ବର କ୍ଷେତକୁ ରକ୍ଷା କରିବା ଲାଗି ଗୋଟିଏ ବନ୍ଧ ବନ୍ଧାଯାଇଛି । ମେଦନୀପୁରର ଦୁଃସାହସୀ କୃଷକମାନେ ଏହି ଅପନ୍ତରା ଭୂଇଁକୁ ଜମିଦାରମାନଙ୍କଠାରୁ ପଟା ନେଇ ଏଥିରେ ସୁନା ଫଳାଉଛନ୍ତି । ଗଞ୍ଜାମ କୂଳଅଞ୍ଚଳକୁ ପୁରୀ ବାଟେ ମାଡ଼ି ଆସୁଛନ୍ତି ତେଲେଙ୍ଗା ନୋଳିଆ, ଏଣୁ ମାଡ଼ି ଯାଉଛନ୍ତି ମେଦନୀପୁରୀ ବଙ୍ଗାଳୀ; ଉଭୟଙ୍କର ଭେଟ ହେବ କେଉଁଠି ?

ମେଦନୀପୁରିଆମାନେ ଦୋଫସଲି; ଧାନ ଅମଳ କରି ନୌକାରେ ରୂପନାରାୟଣ ନଦୀ ବାଟେ ମେଦନୀପୁର ବୋହି ନିଅନ୍ତି, କିଏ ବା ଏଠି ବିକ୍ରି କରି ଦିଅନ୍ତି ।

ଆଶୁତୋଷଙ୍କ ସହିତ ବାଲେଶ୍ୱର ପଲ୍ଲୀଭ୍ରମଣ ବଡ଼ ସୁଖପ୍ରଦ ହୋଇଥିଲା । ସେ ଭଲ ମଣିଷ; କିନ୍ତୁ ଉଚ୍ଚାକାଂକ୍ଷାର ଅପରିପୂର୍ତ୍ତି ତାଙ୍କ ମନକୁ ବିଭ୍ରାନ୍ତ କରିଥିଲା; ତାଙ୍କ ପରି ବହୁ କର୍ମୀ ନୈରାଶ୍ୟଦୁଃଖରେ କାଳ ହରଣ କରୁଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ କେନ୍ଦ୍ର ବ୍ୟବସ୍ଥାପକସଭାର ସଭ୍ୟ, କେନ୍ଦ୍ର ମନ୍ତ୍ରୀ, ଉପମନ୍ତ୍ରୀ, କେନ୍ଦ୍ର ରାଜ୍ୟପାଳ, ରାଷ୍ଟ୍ରଦୂତ ହୋଇଥିଲେ; ଶ୍ରୀ ରାୟଙ୍କୁ ଲୋକାଲ୍ ବୋର୍ଡ଼ ଚେୟାରମାନ୍ ଆସନଟି ମିଳିଥିଲା, ସେ ତହିଁରୁ ଉଚ୍ଚତର ଆସନକୁ ଉଠିବାକୁ ଚାହୁଁଥିଲେ । କିନ୍ତୁ ଗଣ୍ଠିରେ ଧନ ନ ଥିଲା ; ଯତ୍‌ସାମାନ୍ୟ ରାସ୍ତାଖର୍ଚ୍ଚାରେ ସେ ମିତବ୍ୟୟୀ ବୋଲି କୌଣସି ପ୍ରକାରେ ଚଳିଯାଉଥିଲେ; ଏମ୍. ଏଲ୍. ଏ., ମନ୍ତ୍ରୀ ବା ଉପମନ୍ତ୍ରୀ ଆସନରେ ତାଙ୍କଠାରୁ ଅଯୋଗ୍ୟତର ବ୍ୟକ୍ତି ବସିଛନ୍ତି, ସେ ଅନୁଭବ କରୁଥିଲେ । ନିଜ

Digitized by srujanika@gmail.com

ଉଚ୍ଚାକାଂକ୍ଷାର ପରିପୂର୍ତ୍ତି ଲାଗି ସେ ସମ୍ବାଦପତ୍ରଟିଏ କାଢ଼ିଲେ; ବିନା ମୂଳଧନରେ ବେଉସା କରିବା କଥା ଏ । କିନ୍ତୁ ବୋର୍ଡ଼ରେ ତ ବହୁତ ଟଙ୍କା; ଆଜି ନେଲେ କାଲି ପୂରଣ କରିଦେଇ ହେବ । ଟଙ୍କା ନଆହେଲା, କ୍ରମେ ବୃଦ୍ଧା ହେଲା, ଅନେକ ମୁହଁରେ, ଅନେକ ପ୍ରକାରେ ଏହାର ସୁଯୋଗ ନେଲେ କିରାଣୀ; ପୋଖରୀ ଗୋଳି ହେଲେ ମାଛ ମାରିବାର ବାଗ ଜାଣନ୍ତି ସେମାନେ । ଖାଇ ବଗ ପରି ମୁହଁ ପୋଛି ସଫାସୁତୁରା ହୋଇ ବସିଲେ; ଆଶୁତୋଷ ପଡ଼ିଲେ ହଲପଟାରେ, ଅଠାକାଠିରେ । କିଛିଦିନ ପରେ ଜଣାଗଲା, ପଚିଶ ହଜାର ଟଙ୍କା ତହବିଲରୁ ଊଣା ପଡ଼ୁଛି । ଅର୍ଥ ଆତ୍ମସାତ୍ କରିଥିବା ଅପରାଧରେ ଆଶୁବାବୁଙ୍କୁ ଜେଲ୍ ଯିବାକୁ ହେଲା; ଉଚ୍ଚାକାଂଖାରେ ଚିରଦିନ ଲାଗି ପୂର୍ଣ୍ଣଚ୍ଛେଦ ପଡ଼ିଗଲା ।

ଅସରଫ୍ ଅଲି

'ମାମୁଁ'ର ସମାଲୋଚକ ଅସରଫ୍ ଅଲି ମଧ୍ୟେ ମଧ୍ୟେ ଆସି ମୋ ସହିତ ସାହିତ୍ୟଚର୍ଚ୍ଚା କରୁଥିଲେ; ପଶ୍ଚିମ ବିଦଗ୍ଧଗୋଷ୍ଠୀରୁ ସେ ରଚନାର ପ୍ରେରଣା ପାଉଥିଲେ; ଶେଷ ଜୀବନରେ ସେ ଲେଖା ଲେଖି ଛାଡ଼ିଥିଲେ । ଫକୀରମୋହନ ଇଂରାଜୀରେ ନିଜ ନାମ Fa ବଦଳରେ Fha ଲେଖୁଥିଲେ; ସେଇ ବନାନଟି ଫକୀରମୋହନ କଲେଜ ନାମରେ ସ୍ଥିର ଭାବେ ରଖିବା ଲାଗି ସେ ମୋତେ ଅନୁରୋଧ କରିଥିଲେ, ମୁଁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ମନେ କରୁ ନ ଥିବାରୁ ଏ ଦିଗରେ ଚେଷ୍ଟିତ ହେଲି ନାହିଁ ।

ଆଲୀ ଫକୀରମୋହନଙ୍କର କେତେକ ଚିଠିପତ୍ର ଓ ସେ କାଳର ବହୁ ସାସ୍କୃତିକ ଉପାଦାନ ସାଇତି ରଖିଥିଲେ; ତାଙ୍କ ମୃତ୍ୟୁ ପରେ ସେ ସମସ୍ତ କି ଅବସ୍ଥାରେ ଅଛି କିଏ ଜାଣେ ?

ଜଗତ୍‌ବଲ୍ଲଭ ଦତ୍ତ

ମୁଁ କସ୍‌ବା ଷ୍ଟ୍ରିଟ୍‌ରେ ଜଗତବଲ୍ଲଭ ଦତ୍ତଙ୍କ ଘର ଭଡ଼ା ନେଲି । ଜଗତ୍‌ବାବୁ ଦିନେ ପୁଲିସ୍ ଇନ୍‌ସପେକ୍ଟର ଥିଲେ । କଥା ଅଛି—

ମାଛ ଖାଇବ ଇଲିସି
ଚାକିରି କରିବ ପୁଲିସି ।

କିନ୍ତୁ ଦତ୍ତଙ୍କ ଚରିତ୍ର ଓ ଚଳଣି ଏହି ବୃତ୍ତିର ପ୍ରତିକୂଳ ଥିଲା । ଶାନ୍ତ, ଶିଷ୍ଟ ସୁଜନ, ପରୋପକାର ହିଁ ତାଙ୍କର ବ୍ରତ ଥିଲା । ଅସମ୍ଭବ ଭାବେ ସଚ୍ଚୋଟ, ଉପୁରି ପଇସା ହାତପୈଠ କରିବାର ଯୋଗ୍ୟତା ତାଙ୍କର ନ ଥିଲା, ଶେଷ ଜୀବନ ତାଙ୍କୁ ଦାରିଦ୍ର୍ୟରେ କଟାଇବାକୁ ହୋଇଥିଲା । କିନ୍ତୁ ମନରେ ଅସନ୍ତୋଷ ନ ଥିଲା ।

Digitized by srujanika@gmail.com

ନିଜ ବାଟୀଘରର କିଛି ଅଂଶ ଆମକୁ ମାତ୍ର ପନ୍ଦର ଟଙ୍କା ଭଡ଼ାରେ ସେ ଦେଇ-ଥିଲେ । ଖୁଲଘର, ପ୍ରଶସ୍ତ ପକ୍କା ଅଗଣା, କୂଅ । ଦାଣ୍ଡରେ ସିମେଣ୍ଟ ପାହାଚରେ ପୋଖରୀ, ବାଡ଼ିବାଆ ପ୍ରଶସ୍ତ ରାସ୍ତା । ଜଗତବାବୁ ଆମକୁ ନିଜ ପରିବାରର ଲୋକ ପରି ମନେ କରୁଥିଲେ । ତାଙ୍କ ଘରର ତରକାରି, ଝୋଲ୍, ଝୋଲ୍ ଆମ ପାତରରେ ପଡ଼େ, ଆମ ଘରର ଖଇ, ମହୁର, ବେଶରେ ତାଙ୍କ ପାଟି ସୁଆଦ ହୁଏ । ଜଗତ୍‌ବାବୁ ପ୍ରତିଦିନ ବଜାରକୁ ଦୁଇଟି ବ୍ୟାଗ୍ ନେଇଯାନ୍ତି, ଗୋଟିକରେ ତାଙ୍କର, ଅନ୍ୟଟିରେ ଆମର ପରିବା ଆଣନ୍ତି । ଦର କଷାକଷି କରି ସାଧାରଣ ବଜାର ଦରରୁ ଦି ପଇସା ଶସ୍ତାରେ ସେ ଜିନିଷପତ୍ର ଆଣିଥାନ୍ତି । ସେ ମୋ ଯୁବତୀ ସ୍ତ୍ରୀକୁ 'ଶାନ୍ତ' ବୋଲି ଡାକୁଥିଲେ, କିନ୍ତୁ ବୋହୂ ପରି ଆଦର କରୁଥିଲେ । ସେ ସମୟରେ ମୋ ସ୍ତ୍ରୀକୁ ଏକୁଟିଆ ରଖିଯିବା କଷ୍ଟକର ହୋଇଥାନ୍ତା । ଏଇ ଘରୋଇ ବାତାବରଣରେ ମୋ ଦିନଗୁଡ଼ିକ ସୁଖରେ କଟି ଯାଉଥିଲା । ସଂସାର ଅଛି, ଅଥଚ ଜଞ୍ଜାଳ ନାହିଁ । ଜଗତ୍‌ବଲ୍ଲଭ ଆମର ଅଭିଭାବକ ଥିଲେ ।

ଜଗତ୍‌ବାବୁ ଗୋଟିଏ ହତଭାଗିନୀ ସ୍ତ୍ରୀକୁ ନିଜ ଘରେ ଆଶ୍ରୟ ଦେଇଥିଲେ । ନାଆଁ ଅବଧ 'ଅବଧି' କି ନଷ୍ଟ, ଅବଧି ମଧ୍ୟ ଶାଳୀନ ନୁହେଁ । କେଉଁ ଶବ୍ଦରୁ ଏହି ନାମଟିର ଉତ୍ପତ୍ତି ହେଲା ?

ଅକାଳର ଯୁବତୀ ବୟସରେ ବିଦେଶରେ ତା ସ୍ୱାମୀକୁ କିଏ ହତ୍ୟା କଲା, ହତଭାଗା ସ୍ୱାମୀର ମୃତ୍ୟୁ ପରେ ତାର ସୁଖର ସଂସାର ସରିଗଲା । ପିଲାଛୁଆ ଜନ୍ମ ହୋଇ ନ ଥିଲେ; କିଛି ଜମିବାଡ଼ି ବି ନ ଥିଲା । ସେ ପର ଘରେ ଗୋବର ଗୋଟେଇ ଗୋଟାଏ ପେଟ କୌଣସି ପ୍ରକାରେ ପାଳି ଆସୁଥିଲା । ଜଗତବାବୁଙ୍କ ଘରେ ଓ ଆମ ଘରେ ସେ ବାସନ ମଜାମଜି କରୁଥିଲା ।

ରାତି ପହରକରୁ ଉଠି ସେ ପାମଡ଼ ବେଲେ ଓ ଶୁଖାଏ; ତାକୁ ବିକି ସେ ସେଥିରୁ ଦି ପଇସା ପାଏ । ସେ କେବେ ବଡ଼ ପାଟିକରି କଥା କହିବାର ଶୁଣି ନାହିଁ । ଦାରିଦ୍ର୍ୟ ଓ ନାନା ଦୁଃଖଦୁର୍ଦ୍ଦଶା ତାର ମୁଖ ବନ୍ଦ କରି ଦେଇଥିଲା । ଦେଖାଇବାକୁ ବା ବଢ଼େଇ କରି କହିବାକୁ ତାର କିଛି ନ ଥିଲା । ଜଗତର ବହୁ ବାତ୍ୟା, ବହୁ ବିକ୍ଷୋଭ ସହିବା ପାଇଁ ସତେ ଯେପରି ତାର ଜନ୍ମ ହୋଇଥିଲା ।

କପ୍‌ବାଷ୍ଟିଟରୁ ବୃନ୍ଦାବନଙ୍କ ନଈକୂଳ ପାଖ, ପ୍ରାୟ ପ୍ରତି ସନ୍ଧ୍ୟାରେ ମୁଁ ବୁଲି ଯାଉଥିଲି । ସଙ୍କୁଚିତ ଧାର ଅଗଭୀର, କୂଳରେ ତାର ପରିତ୍ୟକ୍ତ ଭଗ୍ନ ବାଣିଜ୍ୟକୋଠି; ଧ୍ୱସ୍ତ ସୌଧ, କଲୁଷିତ; ଭଗ୍ନାବଶେଷ ଇଷ୍ଟକ, ଭଗ୍ନ ଖର୍ପର ଓ ଚିନା ମାଟିର ବାସନ,

Digitized by srujanika@gmail.com

ବ୍ୟକ୍ତ ନଗରସବୁ ଉଜ୍ଜ୍ୱଳ ଅତୀତର ସ୍ମୃତି ଜାଗ୍ରତ କରେ, ଦିନେ ଏ ଅଞ୍ଚଳ ସମୃଦ୍ଧ ଥିଲା, ଏବେ ପଙ୍କିଳ, ବନ୍ୟ, ଦରିଦ୍ର, ଅପରିଚ୍ଛନ୍ନ।

ଦିନେ ଦିନେ ଚୁଲ୍ ଚୁଲ୍ ନଈ କୂଳେ କୂଳେ ଫରାସୀ ଡଙ୍ଗା ପର୍ଯ୍ୟନ୍ତ ବୁଲୁଥାଏ— ବ୍ରିଟିଶ୍ ସାମ୍ରାଜ୍ୟରେ ଫରାସୀ ସାମ୍ରାଜ୍ୟର ଏ ଏକ ବିନ୍ଦୁ ଥିଲା, ଡାକୁ, ମଦୁଆ, ମଣିଷମାରୁଙ୍କ ନିରାପଦ ଆଶ୍ରୟସ୍ଥଳୀ।

ପରିଷଦ୍ ଓ ସମ୍ମିଳନୀ

ମୁଁ ଫକୀରମୋହନ କଲେଜରେ ଯୋଗ ଦେଲା ପରେ 'ଫକୀରମୋହନ ସାହିତ୍ୟପରିଷଦ୍' ପ୍ରତିଷ୍ଠିତ ହେଲା। କଲେଜ ହଲ୍ ହେଲା ତାର ଆସ୍ଥାନଭୂମି। ନିର୍ଜନ, ଭଗ୍ନୋଦ୍ୟାନ, ଆରମ୍ଭକାଳ ପୁଣି ପୋଷିତ, ବିବର୍ଦ୍ଧିତ ସାହିତ୍ୟିକଙ୍କର ଏହା ହେଲା ପ୍ରେରଣାର ଉତ୍ସ। କବିବର ରାଧାମୋହନ ଗଡ଼ନାୟକ ହୋଇଥିଲେ ଏହାର ଉଦ୍‌ଘାଟକ। ମୁଁ ହେଲି ସ୍ଥାୟୀ ସଭାପତି, ଅଚ୍ୟୁତାନନ୍ଦ ଦାସ ସମ୍ପାଦକ. ୧୯୪୮ରେ ପରିଷଦ୍ ତରଫରୁ ଫକୀରମୋହନଙ୍କ ଜନ୍ମୋତ୍ସବ ପାଳିତ ହୋଇଥିଲା। 'ଶାନ୍ତିକାନନ'ରେ ଫକୀରମୋହନଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ସିମେଣ୍ଟ ମୂର୍ତ୍ତିଟି ସ୍ୱଜୀବନ କାଳରେ ଫକୀରମୋହନ ନିର୍ମାଣ କରାଇଥିଲେ, ସେ ଜାଣି ନ ଥିଲେ— ଦିନେ ଅପାତ୍ରରେ ପଡ଼ି ଏହା ଅବହେଳିତ ହେବ ବୋଲି। ଶାନ୍ତିକାନନନାମଧାରୀ ଉଦ୍ୟାନଟି ତାଙ୍କ ପରେ ସତରେ ଗୋଟିଏ ସର୍ପସଙ୍କୁଳ ଗୁଲ୍ମାରଣ୍ୟରେ ପରିଣତ ହୋଇଗଲା; ହୁଏତ ସେଠି ଶାନ୍ତି ଥିଲା, କିନ୍ତୁ ସେ ଶାନ୍ତି ମୃତ ଅତୀତର, ନିର୍ଜନତାର। ତା' ଭିତରକୁ ଗାଈଅଳ ଘାସ କାଟି ଆସୁଥିଲେ, ପିଲାମାନେ ଛତୁ ତୋଳିବାକୁ ଯାଉ-ଥିଲେ, କେହି କେହି କାନନର ପୋଖରୀମାନଙ୍କରୁ କଇଁଫୁଲ ତୋଳୁଥିଲେ କିମ୍ବା ବନଶୀରେ ମାଛ ମାରୁଥିଲେ; ହୁଏତ ଏହା ହୋଇଥିଲା ଅଭିସାରର ଏକ ଲୀଳାକ୍ଷେତ୍ର, ଡାକୁମାନଙ୍କର ଲୁଚି ରହିବାର ସ୍ଥାନ। ଫକୀରମୋହନଙ୍କ ସମନ୍ୱୟତନ୍ତ୍ରର ମହତ୍ତମ ବାଣୀ —'ଜୀବେ ଦୟା, ନାମେ ଭକ୍ତି,' 'ଅହିଂସା ପରମୋ ଧର୍ମଃ', 'ସକଳ ଘଟେ ନାରାୟଣ, ବସନ୍ତି ଅନାଦି କାରଣ', ହୁଏତ ଜଡ଼ ଚକ୍ଷୁରେ ପଡ଼ୁଥିଲା, ଅର୍ଥ ଓ କ୍ଷମତାରେ ବାଇ ଶିକ୍ଷିତସମାଜ ଏ ବାଣୀ ଏଡ଼ି ଯାଉଥିଲା ବର୍ଷ ବର୍ଷ ଧରି।

ଫକୀରମୋହନ, ଏ ଅଦୃଶ୍ୟ ଦେଖି ତୁମ ଆତ୍ମା କାନ୍ଦିଥିବ ସ୍ୱର୍ଗରେ; ଯାହା ପାଇଁ ତୁମେ 'ପାଲ ଶଙ୍କ ଲିଡ଼ର୍' ବୋଲି ଗାଳି ଖାଇଥିଲ, ପୁସ୍ତକ ଛପାଇବାର ଉନ୍ମାଦନାରେ ମାତି ନିଜର ସର୍ବସ୍ୱ ସାରିଥିଲ, ଜୀବନସାରା ଲୁହ ନ କାଢ଼ି ରକ୍ତ କାଢ଼ିଥିଲ, ସେ ତୁମକୁ ଭୁଲିଯାଇଛି, ସେ ନିଜକୁ, ନିଜର ସଂସ୍କୃତିକୁ ପାସୋରି ପକାଇଛି; ଅଣାଏ ପଇସା

Digitized by srujanika@gmail.com

ଦରମା ଦେଇ ନ ପାରି ତୁମ ନାଆଁ କଟି ଯାଇଥିଲା, ମାତ୍ର ଦେଢ଼ୋଟି ଟଙ୍କାରେ ତୁମେ ଚାକିରି ଆରମ୍ଭ କରିଥିଲ, ପେଟପାଟଣା ଲାଗି ଦେବାନଗିରିରୁ କାଠବ୍ୟବସାୟ ପର୍ଯ୍ୟନ୍ତ କରିଥିଲ, ଜାତିକୁ ବଞ୍ଚାଇବା ଲାଗି ନିଜକୁ ତୁମେ ତିଳେ ତିଳେ ମାରି ଚାଲିଥିଲ, ସେ ଜାତି ତୁମକୁ ଭୁଲିଯାଉଛି କିବା । ଯେଉଁଠି ଲେଖିଥିଲ 'ମାମୁଁ', 'ଉପହାର', ସେ ହୋଇଛି ଖଣ୍ଡିଏ ପତିତ ଜମି, ଯେଉଁଠି ରୋଗଶଯ୍ୟାରେ ଶୋଇ ତୁମେ ବୃହଦାରଣ୍ୟକ ଉପନିଷଦର ଓଡ଼ିଆ ଅନୁବାଦ ଡାକୁଥିଲ, ନାନା ଯନ୍ତ୍ରଣାରେ ଛଟପଟ ହୋଇ ନିର୍ବିଷ୍ଟ ମନରେ ସରସ୍ୱତୀଙ୍କର ଆରାଧନା କରିଥିଲ, ସେ ଗୃହ ଭଗ୍ନ, ତୁମ ଯୋଗ୍ୟ ସ୍ମୃତିମନ୍ଦିର ଆମେ ତୋଳି ପାରିନାହୁଁ, ନିଅ ଏ ପୁଞ୍ଜିକ ଅନାବନା ଫୁଲ ଆଜି ଏଇ ଜନ୍ମ-ବାସରରେ— କ୍ଷୀଣ ଏଇ ବଳିତା ଦେଇ ଆମେ ଡାକୁଚୁ, ଅବତରି ଆସ ଆମ ଭିତରକୁ, ଏଇ ମହାବିପ୍ଳବୀ ପରି ।

ବାଲେଶ୍ୱରରେ ୧୯୪୮ରେ ଅନୁଷ୍ଠିତ ଅମ ସାହିତ୍ୟସମ୍ମିଳନୀ ଯେ କୌଣସି ପ୍ରବାସୀ ବଙ୍ଗସାହିତ୍ୟସମ୍ମିଳନୀ ସଙ୍ଗେ ତାଳଦେବାକୁ ସମର୍ଥ ହୋଇଥିଲା । ଓଡ଼ିଶାର ବିଶିଷ୍ଟ ସାହିତ୍ୟିକମାନେ ଏଥିରେ ଯୋଗ ଦେଇଥିଲେ । ସାହିତ୍ୟ ସହିତ ନିଖିଳ ଭାରତୀୟ ସଙ୍ଗୀତସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସଂସ୍କୃତି ଲାଗି ଏ ଉନ୍ମାଦନା ଅପୂର୍ବ ।

ବାଲେଶ୍ୱରରେ ମୋ ଉପସ୍ଥିତି କାଳରେ ସେହିପରି ବିପୁଳ ଆକାରରେ ୧୯୪୯ରେ ଅନ୍ୟ ଏକ ସାହିତ୍ୟ ଓ ସଙ୍ଗୀତସମ୍ମିଳନୀ ହୋଇଥିଲା । ମନେ ହେଉଥିଲା —ଏ ଉନ୍ମାଦନା ଉତ୍କଳରେ ସାଂସ୍କୃତିକ ପୁନର୍ଜାଗରଣ ଘଟାଇବ, ଗ୍ରାମେ ଗ୍ରାମେ ପାଠାଗାର ଗଢ଼ିଉଠିବ, ସାହିତ୍ୟିକ ଓ ସାହିତ୍ୟପ୍ରେମୀଙ୍କ ସଂଖ୍ୟା ବଢ଼ିଯିବ । ଆମ ଆଶା ଆଂଶିକଭାବେ ସଫଳ ହୋଇଥିବ । କିନ୍ତୁ ଅର୍ଥନୈତିକ ଜାଗରଣ ସହିତ ସାଂସ୍କୃତିକ ଜାଗରଣ ଅଙ୍ଗାଙ୍ଗୀଭାବେ ଜଡ଼ିତ । ଆର୍ଥିକ ଉନ୍ନତି ନହେବା ପର୍ଯ୍ୟନ୍ତ ସାଂସ୍କୃତିକ ମାନବୃଦ୍ଧି ହୋଇପାରିବ ନାହିଁ, ଏହା ସୁନିଶ୍ଚିତ ।

ଶ୍ୟାମସୁନ୍ଦର ମହାପାତ୍ର, ଦୈତାରି ଦାସ ପ୍ରଭୃତି ସମ୍ପାଦକଦ୍ୱୟ, ଅପୂର୍ବ ସଂଗଠନ-ଶକ୍ତିର ପରିଚୟ ଦେଇଥିଲେ; କିନ୍ତୁ ସେମାନେ କଲେଜ ଛାଡ଼ି ଗଲେ, ମୁଁ ମଧ୍ୟ ବିଶ୍ୱଭାରତୀ ଚାଲିଗଲି । ସମ୍ମିଳନୀ ଆନ୍ଦୋଳନ ଝିମେଇଗଲା ।

ତେବେ ପରିଷଦର ଉତ୍ତରବର୍ତ୍ତୀ ବଡ଼ କୃତିତ୍ୱ 'ଫକୀରମୋହନପରିକ୍ରମା' ପ୍ରକାଶ । ଅଧ୍ୟାପକ ଜାନକୀ ମହାନ୍ତି, ଯଦୁନାଥ ଦାସମହାପାତ୍ର ଦୁଇ ଦଶନ୍ଧି ଫକୀରମୋହନ ସାହିତ୍ୟିକ ଆନ୍ଦୋଳନର ଉଜ୍ଜ୍ୱଳ ମଶାଲ ଧରି ଚାଲିଥିଲେ । ଏବେ ସମ୍ମିଳନୀ ହେଉ-ନାହିଁ, ପରିଷଦର ଆନୁକୂଲ୍ୟରେ ପ୍ରତିବର୍ଷ ଫକୀରମୋହନ ଜୟନ୍ତୀ ପାଳିତ ହେଉଅଛି, 'ଶାନ୍ତିକାନନ'ର ଭାଗ୍ୟ ବଦଳିଛି ।

Digitized by srujanika@gmail.com

ଅଧ୍ୟାପକ ଘନଶ୍ୟାମ ଦାଶ

ଐତିହାସିକ ଘନଶ୍ୟାମବାବୁ ଯେତେବେଳେ ଫକୀରମୋହନ କଲେଜର ଅଧ୍ୟକ୍ଷ; ତାଙ୍କ ମନ ଦେଶାତ୍ମବୋଧ ଓ ଓଡ଼ିଆ ଅଭିମାନରେ ଭର୍ତ୍ତି ଥିଲା । ଭଗ୍ନସ୍ୱାସ୍ଥ୍ୟ, ଭଗ୍ନମନ, ତଥାପି ସେ ଆମ ସହିତ ଗୁରୁ ଆଡାଯ୍ଯ କରି ଯାଉଥିଲେ । ଅଧ୍ୟାପକ ଭାବରେ କେବେ ସେ କର୍ତ୍ତବ୍ୟରେ ଅବହେଳା କରି ନଥିଲେ । ଏକାନ୍ତ ସ୍ୱାଧୀନ ଭାବାପନ୍ନ, ଗୁଣଗ୍ରାହୀ ଉନ୍ନତି ଲାଗି ଯେଉଁ କଳା ଆବଶ୍ୟକ, ତାହା ତାଙ୍କୁ ଜଣା ନଥିଲା । ତାଙ୍କର ଆଶାନୁରୂପ ଉନ୍ନତି ହେଲା ନାହିଁ; ସେଇ କଥା ଭାବି ଭାବି ତାଙ୍କ ମନ ଭାଙ୍ଗିଲା, ଦେହ ମଧ୍ୟ ଭାଙ୍ଗିଲା ।

ନିଶା ଖାଇ ସେ ଦୁରବସ୍ଥା ଭୁଲିଯିବାକୁ ଚେଷ୍ଟା କଲେ; ଉନ୍ମତ୍ତ ହୋଇ ସେ ସ୍ଥାନାସ୍ଥାନ, କାଳାକାଳ ଓ ପାତ୍ରାପାତ୍ର ବିଚାର, ବିବେକବୋଧକୁ ହରାଇ ବସିଥିଲେ । ନିଜେ ପିଇ ଅନ୍ୟକୁ ପ୍ରବର୍ତ୍ତାଉ ଥିଲେ ସେ । ଖୋଲା ସଭାମଞ୍ଚରେ ମଦ୍ୟପାନର ପ୍ରଚାର କରିବାକୁ ଟିକିଏ ସଙ୍କୋଚ ନଥିଲା ତାଙ୍କର । ଚକ୍ଷୁ ରକ୍ତାକ୍ତ, କୋଟ୍‌ରେ ଦେଶୀ ଲାଲ ଗୋଲାପ ଖୋସା, ଓମରଖାୟାମ୍‌ର କବିତା ଆବୃତ୍ତି ତାଙ୍କୁ ଭଲ ପାଉଥିଲା. କିନ୍ତୁ ଅଧ୍ୟକ୍ଷର ପଦମର୍ଯ୍ୟାଦାକୁ ତଳେ ଦଳି ଚୂନ୍ ଚୂନ୍ କରିଦେଉଥିଲା । ଉନ୍ମତ୍ତତା ସହିତ ରସିକତା, ମହାତ୍ମାର ଉଦାରତା ସହିତ ନୀଚ ସଙ୍କୀର୍ଣ୍ଣତା ଫୁଟି ଉଠୁଥିଲା ତାଙ୍କ ଚରିତ୍ରରେ । କେତେବେଳେ କଳାବନ୍ତ ପରି ଝିଅନ୍ତି, କେତେବେଳେ ନିର୍ବୋଧ ପରି ମୂକ, କେତେବେଳେ ବାଗ୍ମୀ ପରି ବାତୁଳ । ଜାତୀୟ କ୍ଲାବରେ ବାତୁଳତାର ପ୍ରଦର୍ଶନୀ ଶୋଚନୀୟତମ ସ୍ତରରେ ପହଞ୍ଚୁଥିଲା । ଓଡ଼ିଶା ଯାଦୁଘରର ଜଣେ ଆଦ୍ୟ ଉଦ୍ୟୋକ୍ତା, ସାହିତ୍ୟସମ୍ମିଳନୀର କର୍ମୀମାନଙ୍କ ମଧ୍ୟରେ ଅଗ୍ରଯାତ୍ରୀ, ଛାତ୍ରମାନଙ୍କୁ ସିଂହଳ ପଠାଇବାରେ ପ୍ରେରଣାଦାତା ମୋର ଗୁରୁଦେବ ଅଧ୍ୟାପକ ଘନଶ୍ୟାମ ଦାଶଙ୍କର ଏ ଦୁର୍ଦ୍ଦଶା ମୋତେ ବିଶେଷ ମ୍ରିୟମାଣ କରିଥିଲା ।

ଫକୀରମୋହନ କଲେଜରେ ଗୋଟିଏ ଯାଦୁଘର ଖୋଲିବା ଶ୍ରୀ ଦାଶଙ୍କର ଉଦ୍ଦେଶ୍ୟ ଥିଲା, ତାଙ୍କ ନେତୃତ୍ୱରେ ଆମେ ନୀଳଗିରିର ଅଯୋଧ୍ୟା ଗ୍ରାମରେ ବହୁ ଭଗ୍ନମନ୍ଦିର, ପ୍ରାଚୀନ ମୂର୍ତ୍ତି ଅବହେଳିତ ଅବସ୍ଥାରେ ଥିବାର ଦେଖି ବିଶେଷ କ୍ଷୁଣ୍ଣ ହୋଇଥିଲୁ । ଶ୍ରୀ ଦାଶ ବିଭିନ୍ନ ସ୍ଥାନରୁ ପ୍ରାଚୀନ ମୂର୍ତ୍ତି ଆଣି ଯାଦୁଘରଟିଏ ଗଢ଼ିଥିଲେ । ବୁଢ଼ାବଳଙ୍ଗ ନଦୀ କୂଳରୁ ଛାତ୍ରମାନଙ୍କ ସାହାଯ୍ୟରେ ମୁଁ ଗୋଟିଏ ବୃହତ୍ ମୁଦ୍ରା ଲିଙ୍ଗର ଖୋଳିଆଣି ତାଙ୍କୁ ଉପହାର ଦେଇଥିଲି ।

ଲଙ୍କା ଯାତ୍ରା

ମୋର ଲଙ୍କାଯାତ୍ରା ବାଲେଶ୍ୱର ରହଣି କାଳର ଏକ ମୁଖ୍ୟ ଘଟଣା । ଓଡ଼ିଶାର କୌଣସି ଅଭିଯାତ୍ରୀ ଛାତ୍ରଦଳ ଭାରତ ବାହାରକୁ ଯିବାକୁ ତା ଆଗରୁ ଚେଷ୍ଟା କରି ନ

Digitized by srujanika@gmail.com

ଥିଲେ । ଏ ପ୍ରସ୍ତାବ ଐତିହାସିକ, ଏ ସଂଗ୍ରାମ ବୀରଯୋଗ୍ୟ, ଏ ଅନୁଭୂତି ରୋମାଞ୍ଚକର ଓ କାବ୍ୟିକ । ବାଲେଶ୍ୱରରୁ ବାହାରି ଦକ୍ଷିଣ ଭାରତର ଗୋଦାବରୀ, କୃଷ୍ଣା ନଦୀ ଅତିକ୍ରମ କରି ବାଟରେ ବିଶାଖାପାଟଣା, ସିଂହାଚଳ, ମାନ୍ଦ୍ରାଜ, ମଦୁରା, ରାମେଶ୍ୱର, ମାଣ୍ଡାପମ୍, ପ୍ରଭୃତି ଦେଖିଥିଲି । ଜାହାଜରେ ଧନୁଷ୍କୋଟୀର ସମୁଦ୍ର ଅତିକ୍ରମ କରି ସିଂହଳର ତଲାଇମାନାର ବେଳାରେ ରାତିରେ ପହଞ୍ଚିଲି; ତା'ପରେ 'କଲମ୍ବୋ' ।

କଲମ୍ବୋରେ ତିନେ ଦୁଇଦିନ ରହି Adam's peak ବା ଆଦମ ଶୃଙ୍ଗ ଦେଖି ଯାଇଥିଲି । ସେଦିନ ଜାଗର ଅମାବସ୍ୟା; ଘୋର ଅନ୍ଧକାର ମଧ୍ୟରେ ରାତିସାରା ପାହାଡ଼-ଉଠା କିପରି ଶାନ୍ତିପ୍ରଦ ଓ ପ୍ରାତଃକାଳରେ ଶୃଙ୍ଗରୁ ଶୃଙ୍ଗ ଜମ ବିସ୍ତୃତ ଆଡ଼ମ୍ବରପୂର୍ଣ୍ଣ ସୂର୍ଯ୍ୟୋଦୟ କିପରି ପ୍ରୀତିପଦ ହୋଇଥିବ, ତାହା ଅନୁମାନେୟ । କାଣ୍ଡି, ଅନୁରାଧାପୁର, ତ୍ରିଙ୍କୋମାଲି, ଜାଫନା, ନୁଆରାଏଲିଆ, ମିହିନ୍ତାଲେ ମୁଁ ଦେଖିନାହିଁ । ସିଗିରିୟା ପର୍ବତର ଭିତ୍ତିଚିତ୍ର ଦେଖିବାର ସୁଯୋଗ ମଧ୍ୟ ମୋତେ ମିଳିନାହିଁ । ମୋ ଦେଶର ଇତିହାସ ସହିତ ସିଂହଳର ସମ୍ପର୍କ, ବିଜୟସିଂହଙ୍କ ଜୟଯାତ୍ରା ଓ ସିଂହଳରେ ରାଜତ୍ୱ ମୋତେ ଅଭିଭୂତ କରିଥିଲା । ବଡ଼ ପ୍ରୀତିପୂର୍ଣ୍ଣ ଦୃଷ୍ଟିରେ ମୋ ପିତୃପିତାମହଙ୍କର ଭୂମି ସିଂହଳକୁ ଦେଖିଥିଲି ଓ ସିଂହଳବନ୍ଦନା କବିତାରେ ଲେଖିଥିଲି

"ଶୁଣ ଏ ତୋର ବକ୍ଷ ଉଜାଡ଼ି ନେଉଁଲେ ମୁକୁତା ହେମ
ଆଣିଛି ମୁଁ ତୋତେ ଦେବାଲାଗି ମୋର ଅନ୍ତରଭରା ପ୍ରେମ
ଦୃଶ୍ୟେ ତୋହର ବାନ୍ଧ
ଆସିଛି ମୁଁ ତୋର ହୃଦବସ୍ତୁ ମୋ ହୃଦ ଜୁଆର ଢାଳିବା ପାଇଁ ।

× × × ×

ସ୍ମୃତିରେ ଚହଲେ ପଶିଲ ସନ୍ଧ୍ୟା ବୁକୁରେ ବିରହ ରାଗ
ଦେହ ଚାଲିଯାଏ ଗିରି ନଦୀ ବନେ ବୁଲେ ମନ ଅନୁରାଗ
ଦୃଶ୍ୟେ ଦୃଶ୍ୟେ ମିଶି ରହିଲା ସେ ମିଶି ରହିଥିବ ଚିର" ।

ମୋର ଭ୍ରମଣକାହାଣୀ 'ଲଙ୍କାଯାତ୍ରୀ' ୧୯୫୦ରେ ପ୍ରକାଶିତ ହୋଇଥିଲା । ଏହି ପୁସ୍ତକଟି ମୁଁ ଅଧ୍ୟକ୍ଷ ଘନଶ୍ୟାମ ଦାଶଙ୍କ ନାମରେ ଉତ୍ସର୍ଗ କରିଥିଲି ।

ରାଇବଣିଆଁ ଦୁର୍ଗ

ଲିଛମା ପଢ଼ି ଇତିହାସପ୍ରସିଦ୍ଧ ରାଇବଣିଆଁ ଦୁର୍ଗ ଦେଖିବା ଲିପ୍ସା ମନରେ ଜାଗ୍ରତ ହୋଇଥିଲା । ବାଲେଶ୍ୱରରୁ ସା' ଜେଲରେ ଦଶ ମାଇଲ ଦୂରବର୍ତ୍ତୀ ହାତୀଗଡ଼ରେ

Digitized by srujanika@gmail.com

ପଢ଼ୁଥି ମାଇନରସ୍କୁଲର କେତେକ ଶିକ୍ଷକଙ୍କ ସଙ୍ଗରେ ଯେତେ ମୁଁ ରାଇବଣିଆଁ ଦୁର୍ଗ ଦେଖି ଯାଇଥିଲି । ଇତିହାସର ସେଇ ଗୌରବମୟ ଦୁର୍ଗ ଏବେ ଭଗ୍ନସ୍ତୂପ, ଘନାରଣ୍ୟରେ ଅଚ୍ଛନ୍ନ, ବ୍ୟାଘ୍ର ଭଲ୍ଲୁକର ଆଶ୍ରୟସ୍ଥଳୀ । ପ୍ରାଚୀରର ଗଡ଼ଖାଇ ବର୍ତ୍ତମାନ, ବଂଶବନାବୃତ, ସର୍ପସଙ୍କୁଳ; ଏଇ ଦୁର୍ଗ ଦେଖିଲା ପରେ ଅତୀତ ଗୌରବ ଉଦ୍‌ବୋଧକ କବିତାଟିଏ ଲେଖିଥିଲି

"ଆସିନାହିଁ ବର୍ଗୀ ଜୟଦୃପ୍ତ ବୀର ସେନାପତି ରୂପେ
କୃପାଣ ଝଙ୍କାରି କରି ଜନ୍ମଭୂମି ପ୍ରେମ ଅଭିଷେକେ,
ସ୍ପର୍ଦ୍ଧା ଉଚ୍ଚ ଶିର ଟେକି ସିଂହନାଦେ ବଜ୍ରର ରୂପେ,
ଧର୍ମଯାତ୍ରୀ ପଣ୍ଡିତ ମୁଁ ଦିଗ୍‌ବିଜୟୀ ଯୁଦ୍ଧ ନାହିଁ ମାଗେ
ଆସିନାହିଁ ଧୀରକବି ରୂପେ ଯେନ କାବ୍ୟ ମନୋହର
ଆସିଛି ମୁଁ କର୍ମପୁତ୍ର
ଅତୀତର ସ୍ମୃତିହୀନ ଦୀନ ବଂଶଧର ।

× × ×

ରେ ଦୁର୍ଗ, କୃତାନ୍ତ ଦନ୍ତ ବିକ୍ଷତ, ରେ ମୁମୂର୍ଷୁ ଜରଠ
ଆଣିଛି ମୁଁ ଜନ୍ମଭୂମି ମୁକ୍ତିମନ୍ତ୍ର, ଜାଗ ଜାଗ ଜାଗରେ ସପ୍ରତ" ।

ସୁବର୍ଣ୍ଣରେଖା ମୁହାଁଣ

ନଈମୁଣ୍ଡ, ନଈମୁହାଁଣ ଦେଖିବାଲାଗି ମୋର ଚିର ଆଗ୍ରହ । କେଉଁ ଦୂରରୁ କେଉଁ ଦୂରରେ ନଦୀ ବହି ପହଞ୍ଚୁଛି—ମହାପୁରୁଷଙ୍କ ଜୀବନର ଏକ ଗ୍ରାଫ୍ ମାନଚିତ୍ର ପରି ଲାଗେ, ନଦୀଶଯ୍ୟାର ଏଇ ସାମଗ୍ରିକ ଦୃଶ୍ୟ । ବାଲେଶ୍ୱର ରହଣି କାଳରେ ସୁବର୍ଣ୍ଣରେଖା ମୁହାଁଣ ଦେଖି ଯାଇଥିଲି । ବାଲିଆପାଳ ହା. ସ୍କୁଲରେ ରାତିଟିଏ କଟାଇ ସକାଳୁ ଯାତ୍ରା କଲି, ସଙ୍ଗରେ ଦଳେ ଛାତ୍ର । ନଈ ମଝିରେ ନାଆ ବୁଲୁଥିଲା—ଏଠି ସେଠି କେତେ ନୌକା, କେଉଟମାନେ ମାଛ ଧରୁଛନ୍ତି । ପିଲାମାନେ କହିଲେ—ସାର୍, ମାଛ ଖାଇବା; 'କେମିତି ?' 'ସାର୍ ଆପଣ ଟୋପିଟି ଚଢ଼ାଇ ଧୀର ହୋଇ ବସିବେ, ଦେଖିବେ କେମିତି ମାଛ ଆସି ପହଞ୍ଚିବ ।'

ପିଲାମାନେ ଦୂରରୁ ଜଣେ ମାଛଧରାଳିକି ଡାକିଲେ । ହାକିମ ଶବ୍ଦ ସେ ନୌକା ଯେନ ଆମ ପାଖକୁ ଆସିଲା । ସେମାନଙ୍କ ମଧ୍ୟରୁ ଜଣେ ତା କାନରେ ଚୁପ୍ ଚୁପ୍ କହିଲା—ମାଜିଷ୍ଟ୍ରେଟ୍‌ସାହେବ ଆସିଛନ୍ତି । ମାଛ ଦେ । ଏମିତି କେତେ କେଉଟଙ୍କୁ ଡକା

Digitized by srujanika@gmail.com

ଯାଇ ମାଛ ଅବାସ୍ତ ହେଲା—ତ୍ରାସ୍ତ ଦେହ ମନ୍ଦ ନାଁଛ । ଏଇ ମାନ୍ଦ ହିଁ ଶେଷରେ ଆମର ବିପଦର କାରଣ ହେଲା । 'କଣ କରିବା ?' 'ଫେରିଯିବା ହେବ', ପିଲାମାନେ କହିଲେ । ଘଣ୍ଟାଏ ନୌକା ବାହି ବାହି ଗୋଟିଏ ଗାଆଁରେ ପହଞ୍ଚିଲୁ— ଜଣେ ଧନୀ ଲୋକ ଘରୁ ଚୁଡ଼ା, ଡାଲି ମଗାଗଲା— ମାଛକୁ ଉତ୍ତର ଗାଆଁରେ ବାଣ୍ଟି ଦିଆଗଲା । ଖିଆପିଆ ସରୁସରୁ ଚାରି ବାଜିଲା; ମେଘ ଉଠେଇ ଆସୁଥାଏ, ମୁହାଣରେ ନୌକା ବାହିବା ବିପଦ; ମୁହାଣ ଆଡ଼କୁ ଗୋଟାଏ ଦୃଷ୍ଟି ପକାଇ ଆମେ ଫେରିଲୁ— ନଈରେ ଭଟ୍ଟା ପଡ଼ିଗଲା; ନୌକା ଆଉ ଚାଲୁନାହିଁ । ତାକୁ କାଦୁଅପଙ୍କରେ ଟାଣି ଟାଣି କୂଳେ କୂଳେ ଚାଲିଲୁ । ରାତି ବାରଟା, ଟାଣିବାକୁ ଦେହରେ ଆଉ ବଳ ନାହିଁ । ଜହ୍ନ ବୁଡ଼ି ବୁଡ଼ି ଆସୁଥାଏ— ତମ୍ବା ରଙ୍ଗ ଭାଟି ପରି ଯେମିତି କିଏ ଆକାଶରେ ମାରିଛି । ରାତିଟି ସୁବର୍ଣ୍ଣରେଖାଗର୍ଭବର୍ତ୍ତୀ ଗୋଟିଏ ଧାନଖଳାର କୁଡ଼ିଆରେ କଟାଇଲୁ— ମୋ ପାଖରେ ଗୋଟିଏ ମାତ୍ର ନଡ଼ିଆ ଥିଲା; ତାକୁ ଭାଙ୍ଗି ବାଣ୍ଟି ସମସ୍ତେ ଖାଇଲୁ, ମାଠିଆରେ ଟୋପିଏ ପାଣି ଥିଲା—ତୋଟି ଏପରି ଶୁଖି ଯାଇଥିଲା ଯେ ପୋଖରୀର କିଛି ନ ବିଚାରି ପିଇ ଶୋଇ ପଡ଼ିଲୁ ।

ସକାଳୁ ଚାଲି ଚାଲି ଯାଇ ଉତ୍ତର ବାଲେଶ୍ୱରଆ ଜଣେ ଛାତ୍ର ଘରେ ଅତିଥି ହେଲୁ - ଜାଲର ଏକା ଖେପାକେ ଯେତେ ମାଛ ପଡ଼ିଲେ ଆମକୁ ଯଥେଷ୍ଟ ହୋଇଥିଲା— ଉତ୍ତର ବାଲେଶ୍ୱରରେ ଖାଲଖମା, ପୋଖରୀରେ ମାଛ ଭର୍ତ୍ତି ।

ଗୋରୁମହିଷାଣୀ ଓ ଧାମରା

କେତେକ ଛାତ୍ରଙ୍କ ସଙ୍ଗରେ ଯେଉଁ ହରିକୁଦ, ମୟୂରଭଞ୍ଜର ଗୋରୁମହିଷାଣୀ ଓ ଟାଟା ଦେଖି ଯାଇଥିଲି । ଗୋରୁମହିଷାଣୀରୁ ପୂଜ୍ୟ ଅଧ୍ୟକ୍ଷ ଘନଶ୍ୟାମବାବୁଙ୍କ ନିକଟକୁ ଚିଠିଏ ପତ୍ର କବିତାରେ ଲେଖିଥିଲି —

'ଗୋରୁମହିଷାଣୀ ଦରଶନ ହେଲା ପୂର୍ଣ୍ଣ
ଗୁରୁଦେବ ଆଜି ପତ୍ର ଲେଖୁଛୁ ତୂର୍ଣ୍ଣ ।
× × ×
ସମ୍ବଲପୁରେ ଶୀତ କାଳ ବଡ଼ ଶସ୍ତା
କମ୍ବଳ ତଳେ ହୋଇଅଛୁ ଆମେ
ଜ୍ୱାଳାପ୍ରସାଦ (ବାଲେଶ୍ୱରର ବ୍ୟବସାୟୀ)ର ବସ୍ତା' ।

କବିତାର ଅନ୍ୟ ପଦସବୁ ଭୁଲିଯାଇଛି, ପାଣ୍ଡୁଲିପି ମଧ୍ୟ ରଖିନାହିଁ । ରସିକ ଅଧ୍ୟକ୍ଷ କଲେଜର ଅଧ୍ୟାପକ ଓ ଛାତ୍ରମାନଙ୍କୁ ଡକାଇ କବିତାଟି ଆବୃତ୍ତି କରି ଶୁଣାଇ-

Digitized by srujanika@gmail.com

ଥିଲେ । ଫେରିଲା ପରେ ସେମାନଙ୍କ ପ୍ରଶଂସାପୂର୍ଣ୍ଣ ଉତ୍ଫୁଲ୍ଲ ଦୃଷ୍ଟିରୁ ମୁଁ ମୋର ପଢ଼ାଲେଖା ଶ୍ରମ ପ୍ରାପ୍ୟ ଚତୁର୍ଗୁଣ ପାଇଗଲି । ଏଇ ଆନନ୍ଦଠାରୁ ମଧୁରତର ମୁଁ ଜୀବନରେ ଆଉ କିଛି ପାଇନାହିଁ ।

ସେ କାଳର ଧାମରାଦର୍ଶନସ୍ମୃତି ମଧ୍ୟ ଏପର୍ଯ୍ୟନ୍ତ ମନରୁ ମୋର ଲିଭି ନାହିଁ । କନିକାର ଉଦାରପ୍ରାଣ ରାଜା ଶୈଳେନ୍ଦ୍ରନାରାୟଣ ଭଞ୍ଜଦେଓ ନୌକା ଓ ଖାଦ୍ୟପେୟର ସୁବ୍ୟବସ୍ଥା କରି ଦେଇଥିଲେ; ନୌକାଟି ଆମର 'ପ୍ରଳୟମଣ୍ଡଳରେ' ବଟପତ୍ର ଭଳି ଭାସି ଚାଲିଲା—ବ୍ରାହ୍ମଣୀ, ବୈତରଣୀ, ସାଳନ୍ଦୀ, ଗେଙ୍ଗୁଟିଇ ମତେଇ, ଧାମରା ପ୍ରଭୃତି ସପ୍ତ ନଦୀର ମହା ସଙ୍ଗମ ଏ—ମହାସାଗର—କିମ୍ବା ଏଠି ମିଶି ପଡ଼ିଛନ୍ତି, ହବୁବେଳେ ଚନ୍ୟା, ଘୋର ବନ୍ୟା ମଧ୍ୟରେ କାଳଭଞ୍ଜିଆ ଦ୍ୱୀପ, ଶଙ୍ଖଚୂଡ଼, ଅହ୍ବରଜ ପ୍ରଭୃତିଙ୍କ ବାସସ୍ଥଳୀ, ତା ମଧ୍ୟରେ ଆମ କର୍ଣ୍ଣଧାର ହସ୍ତରୁ କାତ ଖସିଗଲା—ଆମ ଆଖି ବୁଜି ହୋଇଗଲା; ତା ପରେ ଆକୁଳବିକଳ ହୋଇ ଡାକ ପକାଉଥିଲାବେଳେ ଆମ କର୍ଣ୍ଣଧାର ହେଲେ ସ୍ୱୟଂ ଭଗବାନ—ସେତେବେଳକୁ ଜୋର୍‌ରେ ପବନ ବହୁଥାଏ କିପରି କୂଳରେ ଲାଗିଲୁ ଜାଣୁନାହିଁ—ତା ପରେ ଆଉ ଡଙ୍ଗାରେ ନ ବସି କୂଳେ କୂଳେ ଚାଲିଲୁ ଧାମ୍‌ରା ସମୁଦ୍ର ଆଡ଼େ; ଚଲେ ହାଣ୍ଡି ପଡ଼ିଲେ କାଢ଼ ଦଶିବ ନାହିଁ—ଏତେ ପଙ୍କ-ଖଣ୍ଡିଏ ମାତ୍ର ଝଜର ଗଡ଼ ଉପରେ ପାଦ ଠେଲି କରି କିପରି ନାଳଟିରୁ ପାରି ହୋଇଗଲୁ, ଜାଣି ନାହିଁ । ଘୋର ବିପଦ ମଧ୍ୟରେ ମନେ ପଡ଼ୁଥିଲା ଫକୀରମୋହନଙ୍କ ଆତ୍ମଚରିତର ବର୍ଣ୍ଣନା; ମୃତ୍ୟୁ ନିଶ୍ଚିତ ଜାଣି ରାଧାନାଥ କିପରି ଧାମରାରେ ଆସୁରିବାଟ ଖୋଜିଥିଲେ ତାହା ଫକୀରମୋହନ କୌତୁକପ୍ରଦ ଭାବେ ବର୍ଣ୍ଣନା କରିଛନ୍ତି; ରାଧାନାଥ ମଧ୍ୟ 'ଉଷା'ରେ ଧାମରାର ଭୟାବହତା ବର୍ଣ୍ଣନା କରିଛନ୍ତି—

ଧାମରା ମୁହାଣେ ପାଣ୍ଡୁ ଜଳାରଣ୍ୟେ ବାହୁଁ ନୌତର
ପୂର୍ବ ମୁଖେ ତରୀ ଦେଖଇ ସମ୍ମୁଖେ ମହାସାଗର ।
ନୀଳସେତୁ କାନ୍ତ ଧରଣୀର ଶ୍ୟାମ ସୀମାବଳୟ
ଅଲଙ୍ଘ୍ୟ, ଅଜେୟ ଚରାଚରଗ୍ରାସ ବରୁଣାଳୟ ।
ଉପରେ ଉପରେ ଆସିଣ ଘାତରୁଁ ଘାତଶତର
ଫେନିଲ ଲହରୀ ଦୋହଲଉଥାଏ ପୋତପଞ୍ଜର ।

× × ×

ତେଜୋଧାମା ହେଇ ଧାମରାଦେବୀଙ୍କ କଞ୍ଜ ପଦ୍ମରେ ।

ଧାମରାଦେବୀଙ୍କ ଦର୍ଶନ କରି ତାଙ୍କ ଦୟାରୁ ଆମେ ନିରାପଦରେ ଫେରି ଆସିଲୁ ।

Digitized by srujanika@gmail.com

ବାଲେଶ୍ୱରର ଜୀବନ ନବ ନବ ଦର୍ଶନରେ ପ୍ରୀତିପ୍ରଦ ହୋଇଥିଲା । ଏହି ସମୟରେ ପ୍ରକାଶ ପାଇଥିଲା ଗାଥାକବିତାଗୁଚ୍ଛ 'ବୀରଶ୍ରୀ'—ଏହାର ମୁଖବନ୍ଧରେ ଲେଖିଥିଲି --"ଯେଉଁମାନେ ସ୍ୱାର୍ଥ ଅପେକ୍ଷା ପରାର୍ଥକୁ ବଡ଼ କରି ଦେଖନ୍ତି, ଜାତି ଓ ଦେଶର କଲ୍ୟାଣ ଲାଗି ଆତ୍ମୋତ୍ସର୍ଗ କରନ୍ତି, ସେମାନେ ଯଥାର୍ଥରେ ଜାତୀୟ ବୀର । ଯେଉଁ ଦେଶରେ ଏ ଭଳି ଜାତୀୟ ବୀର ଯେତେ ବେଶୀ ଅଛନ୍ତି, ସେ ଦେଶ ସେତିକି ବଡ଼ । କେବଳ ଏହିମାନଙ୍କ ଚରିତଚିତ୍ରଣରେ କବିଲେଖନୀ ମୁଖର ହୋଇ ଉଠେ ।

ଜାତୀୟ ବୀରମାନଙ୍କ କର୍ମମୟ ଚରିତ ପାଠ କଣ୍ଟକମୟ ଆତ୍ମୋନ୍ନତି ପଥର ଉଜ୍ଜ୍ୱଳ ଦୀପଶିଖା । ଏହା ଦ୍ୱାରା ଆତ୍ମବିସ୍ମୃତ ଜାତି ଉଦ୍‌ବୁଦ୍ଧ ହୋଇଉଠେ, ଲୁପ୍ତ ଗୌରବ ନବ କଳେବର ଧରି ଫେରିଆସେ ।

ଅସଂଖ୍ୟ ଜାତୀୟ ବୀର ଆମର ଏଇ ଉତ୍କଳରେ ଜନ୍ମ ହୋଇ ସତ୍ କର୍ମ ଦ୍ୱାରା ଦେଶ ଓ ଜାତିର ମୁଖ ଉଜ୍ଜ୍ୱଳ କରି ଯାଇଛନ୍ତି । କେହି କୃପାଣ ବଳରେ, କେହି ଭାସ୍କର୍ଯ୍ୟରେ, କେହି ଚିତ୍ରକଳାରେ, କେହି ଧର୍ମରେ, କେହି ସାହିତ୍ୟରେ ନିଜର ପ୍ରତିଭା-କୀର୍ତ୍ତି ବିକୀରଣ କରି ଯାଇଛନ୍ତି । ଏଇ ବୀରମାନଙ୍କ ଯୋଗୁଁ ଓଡ଼ିଆଜାତି ସକଳ କ୍ଷେତ୍ରରେ ବିଶ୍ୱ ଜାତିର ନମସ୍ୟ ହୋଇ ରହିଥିଲା ।

ଓଡ଼ିଆଜାତିର ଗୌରବମୟ ପୁନରୁତ୍‌ଥାନ ପ୍ରତି ଲକ୍ଷ୍ୟ ରଖି ପ୍ରଚଳିତ କିମ୍ବଦନ୍ତୀ ଓ ଇତିହାସରୁ କେତୋଟି ଉପାଦେୟ ବିଷୟବସ୍ତୁ ସଂଗ୍ରହ କରି 'ବୀରଶ୍ରୀ'ରେ ଦେଇଅଛୁ ।"

ଏ ପ୍ରୟାସ ସତ୍ୟବାଦୀଯୁଗୀୟ ପରମ୍ପରାର ଏକ ପ୍ରସାର—ଇତିହାସ ପୃଷ୍ଠାରେ ଅବହେଳିତ ବୀରମାନଙ୍କୁ ଲୋକଲୋଚନକୁ ଆଣି ସେମାନଙ୍କ ମହାନ୍ ଭାବରେ ଦେଶକୁ ଉଦ୍‌ବୁଦ୍ଧ କରିବା ସେ କାଳର ଏକ ସାହିତ୍ୟିକ କର୍ତ୍ତବ୍ୟ ହୋଇଥିଲା ।

ଗ୍ରୀଷ୍ମ ଛୁଟିରେ ଲିଖିତ, ପରିବର୍ତ୍ତିତ ଓ ପରିବର୍ଦ୍ଧିତ କୋଣାର୍କ ସମ୍ପର୍କୀୟ କାବ୍ୟ-ନାଟିକା 'ସ୍ମରଣିକା' ମଧ୍ୟ ଏହି ସମୟରେ ପ୍ରକାଶିତ ହୋଇଥିଲା । ଏହାର ମୁଖବନ୍ଧ ଲେଖିଥିଲେ ରାଧାମୋହନ ଗଡ଼ନାୟକ ।

'କଙ୍କାଳର ଲକ୍ଷ' ସେ ସମୟର ଅନ୍ୟତମ ରଚନା । ଅନୁଭୂତିରୁ ବନ୍ୟା ପ୍ରପୀଡ଼ିତ ଉତ୍କଳର ଚିତ୍ରଣ ଦେବାଲାଗି ପହିଲେ ରାଧାମୋହନ ଗଡ଼ନାୟକ ସୂଚନା ଦେଇଥିଲେ । ସେଥିଲାଗି ତାଙ୍କ ନାମରେ ମୁଁ ପୁସ୍ତିକାଖଣ୍ଡ ଉତ୍ସର୍ଗ କରିଥିଲି—

Digitized by srujanika@gmail.com

"କଙ୍କାଳ ସମାଧି ପରେ
ଜଳଧରେ ଜଳଦ ଆଲୁଅ
ଢେଉ ନୁହେ ଧୂଳ ନୁହେ
ଜାଗର ତା କଙ୍କାଳର ଲୁହ
ହେ ଗଡ଼ନାୟକ କବି,
ଜାଣି ତୁମେ ଦେଇଛ ବଳିତା
ତୁମ ହାତେ ଦେଲି ଟେକି
ଲୁହଲେଖା କରୁଣ କବିତା ।"

ମୁଖବନ୍ଧରେ ଲେଖିଥିଲି —

"ନାହିଁ ଏଥିରେ ଆଭିଜାତ୍ୟ, କୃତ୍ରିମକଳ୍ପନା, ଅମରାବତୀର ଅତିରଞ୍ଜିତ ସ୍ୱପ୍ନବିଳାସ; କେବଳ ମାଟିରୁ, ପାଣିରୁ, ଗଛରୁ, ଫାଟିଲା ଆଖିରୁ ନୈରାଶ୍ୟ ହାହାକାରରେ ଯେଉଁ ଶେଷ ଲହୁଟୋପାକ ପାଣି ଫାଟି ଲୁହ ହୋଇ ବୋହି ଯାଇଥିଲା, ସେଇ ପାଇଛି ଏଥିରେ ରୂପ ।"

କୃଷ୍ଣଭଦ୍ରା ବନ୍ୟାରେ ପ୍ରପୀଡ଼ିତ ଗ୍ରାମମାନଙ୍କର ପ୍ରତ୍ୟକ୍ଷ ଦୃଶ୍ୟ 'କଙ୍କାଳର ଲୁହ'ରେ ରୂପାୟିତ । ମୋ ଗ୍ରାମବାସୀମାନଙ୍କର କେତେକ ନାମ ଏଥିରେ ବ୍ୟବହୃତ ହୋଇଅଛି —ବୀର ମହାନ୍ତି, ସାଧୁ ସୋଇଁ, ଅଗାଧୁ ପଧାନ, ସନିଆ, କେଳା (କାଳସୀ), ମଣି ଦାସ, ଦନା (ବେହେରା), ଭଗି ମକଦମ, ସୁଲୁଆ ମାଆ, ଶ୍ରେଷ୍ଠୀ ଲୁକ୍ତଆଣୀ ଇତ୍ୟାଦି; ସେମାନଙ୍କୁ ଭଲଭାବେ ଜାଣିଥିବାରୁ ସେମାନଙ୍କ ଚରିତ୍ରର ଅଭାବ ବନ୍ୟାପରିବେଶ ମଧ୍ୟରେ ଫୁଟାଇ ଅଛି । ଅବଶ୍ୟ ମୋ ଗାଆଁ ଓ ନିକଟବର୍ତ୍ତୀ ଉକ୍ତ ଗାଆଁମାନଙ୍କ ମଧ୍ୟରେ ସାମାଜିକ ଚଳଣି ଦୃଷ୍ଟିରୁ କୌଣସି ତାରତମ୍ୟ ନାହିଁ ।

ଏହି ସମୟରେ ସଙ୍କଳିତ ହୋଇ 'ପଲ୍ଲୀସ୍ମରଣୀ' ମଧ୍ୟ ପ୍ରେସକୁ ଯାଇଥିଲା; ମୁଁ ବାଲେଶ୍ୱର ଛାଡ଼ିବାର ଛ' ସାତ ମାସ ପରେ ଏହା ପ୍ରକାଶିତ ହେଲା । ପଣ୍ଡିତ ନୀଳକଣ୍ଠ ଏହି କବିତାସଙ୍କଳନର ମୁଖବନ୍ଧରେ ଲେଖିଥିଲେ, "ପଲ୍ଲୀସ୍ମରଣୀ ଗୋଟିଏ ନୂଆ ପୁସ୍ତକ । ଏ ପୁସ୍ତକଟି ଓଡ଼ିଆରେ ଏକାବେଳକେ ନୂଆ" ।

"ଗୋଟିଏ ପୂରାପୂରି ଓଡ଼ିଆ ପୁରାଣର ଅନୁକରଣର କଥା ହେଉଛି, ଝିନାଏ ମେଳା । ଆଜି ଦକ୍ଷିଣ ଗଞ୍ଜାମର ପଲ୍ଲୀଠାରୁ ଆସାମର କୁଳବାସ୍ତବ୍ୟ ବାଗ୍ ପର୍ଯ୍ୟନ୍ତ ସର୍ବତ୍ର ଚଳମର କ୍ଷୀଣ ଧୂମ ସଙ୍ଗେ ଏଥିରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର "ତାର୍ଥିକା ଭକ୍ତ' ଓ ପାଲି କଥା ଅନୁକରଣ କରାଯାଉଛି । ଏହାର ମୂଳ ଅବଶ୍ୟ ଅଜଣା ନୁହେଁ ।

Digitized by srujanika@gmail.com

୧୯୦୨—୩ ଖ୍ରୀଷ୍ଟାବ୍ଦରେ କଟକର ପୁସ୍ତକବୋଭାଙ୍ଗ ବାଡ଼ଜରୁଆ ଚଳମା ପଢନ ସାଙ୍ଗୁ, ଚଳମଖିଆଙ୍କୁ ଧର୍ମମୂଳକ କରି ପ୍ରଚ୍ଚାର କରିବାକୁ ଏ କଥାଟି ରଚନା କରି ପଇସିକିଆ ପୁସ୍ତକରେ ପ୍ରଥମେ ପ୍ରଚ୍ଚାର କରିଥିଲେ, ପ୍ରାୟ ବାରବର୍ଷ ପରେ ଏହାକୁ ଚମ୍ପାମର ବଡ଼ଖେମିଡ଼ି ଜମିଦାର କୃପାମୟ ଦେବ ନିଜ ସମ୍ପର୍କିତ ପୁରୀ ପାଖ ବଳଭଦ୍ରପୁରର ସୁଦର୍ଶନ ମିଶ୍ରଙ୍କ ହାତେ ସଂସ୍କୃତ କରାଇ ସେଇ ସଂସ୍କୃତପୁରାଣକୁ ଦୁଇ ପଇସାର ପୁସ୍ତକ ରୂପେ ଛପାଇ ପ୍ରଚ୍ଚାର କରିବାର ଅନେକଙ୍କର ମନେ ଥିବ। ଏହା ଏବେ ଜାତୀୟ ସାହିତ୍ୟରେ ପଶି ପିଲାଙ୍କୁ 'ହିନାଥ' ନାଁ ଦେବାଠାରୁ 'ହିନାଥ' ବୋଲି ସ୍ଥାନେ ସ୍ଥାନେ ଦେବତା ବସାଇ ଦେବୋତ୍ତର ଓ ପୁରୋହିତ ଖର୍ଚ୍ଚ ବାହାଏ ଗଲାଣି।

ଏ ସବୁ ଅନେକାଂଶରେ ସାହିତ୍ୟ ନାମରେ ପ୍ରତାରଣା ବତ୍ପାଡ। ଏଭଳି ବତ୍ପାତରେ ମନୁଷ୍ୟ ସହଜରେ ମାତିଯାଏ। ଏହାକୁ ଭ ପକ୍ଷୀପ୍ରାଣର ପ୍ରକାଶ ବୋଲି ଅଯଥା ଆଦର କରିବାରେ କେଲେ ବେଳେ ଲୋକେ ନାଁ କରି ବସନ୍ତି। କିନ୍ତୁ ଏସବୁ ଭିତରେ ଅର୍ଥଲୁ ଏସବୁ ବିଚ୍ଛିତ୍ତି ଓ ବିଘଟନ ଭିତରେ ସମାଜର ନିର୍ମଳ ଦର୍ପଣପ୍ରାୟ ଦେଖି ଦେଖାଇବା ବଡ଼ କଷ୍ଟ କାମ। କୁଞ୍ଜବିହାରୀଙ୍କର ଏଇ 'ପକ୍ଷୀସଂହରଣ'ଟି ସଙ୍କଳନ କରି ପ୍ରକାଶ କରିବାରେ ଯେ ସାହିତ୍ୟଚେତନା ପ୍ରକାଶ ପାଉଛି ତା କଳ୍ପନା କଲେ ଅଭିଭୂତ ହେବାକୁ ହୁଏ। ଏଥିରେ ପୁରୁଣ ଓ କମ୍ୟୁନିଷ୍ଟ ଖୁବ ଅଛି। ବଙ୍ଗଳାର ତଥାକଥିତ ସିଦ୍ଧ ହାଡ଼ିପାଙ୍କ ଶିଷ୍ୟ ରାଜା ଗୋବିନ୍ଦଚନ୍ଦ୍ରଙ୍କ କଥାକୁ ପର୍ଯ୍ୟନ୍ତ ଲକ୍ଷ୍ୟ ଅଛି। କିନ୍ତୁ ଭକ୍ତତା ଓ ଭ୍ରଷ୍ଟାଚାରର ସୂଚନା, ଭକ୍ତ ଓ ଉପାସ୍ୟଙ୍କ ଦାନ ଓ ପ୍ରତିଦାନ ତଥା ନୀଚ କାମନାର ତୀବ୍ର କଷାଘାତ ଏଥିରେ କଳ୍ପନାର ପରିସର ଭିତରେ ନଷ୍ଟ ନାହିଁ। ଜାତୀୟ ସାହିତ୍ୟର କ୍ରମବିକାଶ ତଥା ମୂଳଦୁଆ ଅନୁସନ୍ଧାନ କରିବାରେ ଏଭଳି ସଙ୍କଳନର ମୂଲ୍ୟ ଅତୁଳନୀୟ।"

"କୁଞ୍ଜବିହାରୀ 'ପକ୍ଷୀସଂହରଣ'ରେ ଯେ ଦୃଷ୍ଟି ଦେଖାଇଛନ୍ତି ତାହା ସବୁଠାରୁ ଭିନ୍ନ ଓ ଉନ୍ନତ। 'ପକ୍ଷୀସଂହରଣ'ର ସଙ୍କଳନମୂଳକ ମୌଳିକ ଓ ନିଖୁଣ। ଯେଉଁଥିରେ 'ହନୁମାନ ଅଗଣି' ଓ 'ଆତ୍ମହତ୍ୟା' ପରି ସାଙ୍କେତିକ ମାନବର ଅନ୍ତରଙ୍ଗ ଅନୁଭୂତ ପର୍ଯ୍ୟନ୍ତ ପ୍ରକାଶ ପାଇଛି। 'ଆତ୍ମହତ୍ୟା' କବିତାଟି ଯେତେ ଗାଉଁଲି ହେଲେ ମଧ୍ୟ ସ୍ୱଭାବ ନାଟକୀୟତାରେ କି ଚମତ୍କାର, କି ହୃଦ୍ୟ।

'ଚଢ଼େଇକୁଟା' ଗୀତଟି ପଢ଼ିଲେ ଛବିଟି ଆଖିଆଗରେ ନାଚିଯାଏ, କେମିତି ସଞ୍ଜବେଳ ପାଖାରୁ ହଳ କୁଲେଇବା, ବିଲରୁ ଆସିବା, ଖାଇବା ଓ ଶୋଇବା ସବୁ ପକ୍ଷୀସ୍ୱଭାବ ଓ ବ୍ୟବହାରେ ଆଚରନ୍ତି। ଚାମଚିକା ଓ ଅନ୍ୟାନ୍ୟ ଯୌନଉଦ୍ଦୀପକ ଠାରୁ ଗ୍ରାମଦେବତା ତଥା ସମ୍ବଲଙ୍କ ଭକ୍ତି ପର୍ଯ୍ୟନ୍ତ, ନାଗଙ୍କ ଅଣ୍ଡାଠାରୁ ଭରଦ୍ୱାଜ ପର୍ଯ୍ୟନ୍ତ, ସବୁ

ସୁନ୍ଦର, ରସବନ୍ତ ଓ ସେହିପରି ଜୀବନ୍ତ, ଜୀବନ ସଙ୍ଗେ ସାହିତ୍ୟ ଗଠ କରେ, ସାହିତ୍ୟର ଏ ଗଠ ସଙ୍କଳନର ଛତ୍ରେ ଛତ୍ରେ ଉଦ୍‌ଭିନ୍ନ, ଏହେତୁ ସଙ୍କଳନ ଅତୀବ ସ୍ପୃହଣୀୟ । ଏଥିରେ ଜୀବନର ଭିତ୍ତି ଓ ସାହିତ୍ୟପୀଠ ପ୍ରାଣପ୍ରତିଷ୍ଠାରେ ସ୍ପଷ୍ଟ ହେବ, କବି ଓ ସମାଲୋଚକ ଦୁହେଁ ଏଥିରୁ ସ୍ପଷ୍ଟ ସାମଗ୍ରୀ ପାଇବେ । କୃତ୍ତିବାସ ଏହିପରି ସଙ୍କଳନମାନ ବେଶୀ ପ୍ରକାଶ କରନ୍ତୁ ।”

ରାଜାବୈକୁଣ୍ଠନାଥ ଦେଙ୍କ ଜୀବନୀ

ମୁଁ ବାଲେଶ୍ୱରରେ ଥିଲାବେଳେ ରାଜା ମନ୍ମଥନାଥ ଦେ ବୈକୁଣ୍ଠନାଥ ଦେଙ୍କ ଜୀବନଚରିତର ଗୋଟିଏ ମୁଖବନ୍ଧ ଲେଖିଦେବା ଲାଗି ଅନୁରୋଧ କରିଥିଲେ । ମୁଁ ଲେଖିଥିଲି

“ବାଲେଶ୍ୱର ରାଜୋଦ୍ୟାନରେ ପ୍ରାଚୀନ ମୂର୍ତ୍ତି, ଶିଳାଲେଖ, ବାଉଁଶପଟରେ ଲିଖିତ ରାମାୟଣ ଦେଖିବା ଉଦ୍ଦେଶ୍ୟରେ ରାଜବାଟିକୁ ଯାଇଥିଲି । କଥାପ୍ରସଙ୍ଗରେ ରାଜା-ସାହେବଙ୍କଠାରୁ ବୈକୁଣ୍ଠନାଥ ଦେଙ୍କ ଜୀବନଚରିତ ରଚିତ ହେବାର ଶୁଣିଲି । ବୈକୁଣ୍ଠନାଥଙ୍କ ଜୀବନୀ ଯେ ରଚନା କରିବେ ରାଜାସାହେବ ତାଙ୍କୁ ଉପଯୁକ୍ତ ପୁରସ୍କାର ଦେବେ ବୋଲି ପ୍ରାୟ ଦଶବର୍ଷ ତଳେ ଘୋଷଣା କରିଥିଲେ । ଯାଜପୁରର ସୁଲେଖକ ଶ୍ରୀ ଚନ୍ଦ୍ରଶେଖର ମିଶ୍ର ଏହି ଜୀବନୀ ରଚନା କରି ପୁରସ୍କୃତ ହୋଇଥିଲେ । କିନ୍ତୁ ହସ୍ତାକ୍ଷରବଦ୍ଧ ପାଣ୍ଡୁଲିପିଟି ଛ’ ବର୍ଷ ହେଲା ରାଜବାଟିରେ ପଡ଼ି ରହିଥିଲା । ଜୀବନୀଟି ଆମୂଳଚୂଳ ପାଠକରି ଦେଖିଲି ଯେ ଏହା ଉପାଦେୟ । ତେଣୁ ଏହାକୁ ଶୀଘ୍ର ପ୍ରକାଶ କରିବାଲାଗି ରାଜାସାହେବଙ୍କୁ ଅନୁରୋଧ କଲି ।

ଜାତୀୟ ଚରିତ୍ର ଗଠନଲାଗି ମହାପୁରୁଷମାନଙ୍କ ଜୀବନଚରିତ ଆଲୋଚନା ଆବଶ୍ୟକ—

‘Lives of great men all remind us,
We can ınake our lives sublime’.

ଯେଉଁ ଜାତିରେ ଯେତେ ସ୍ୱାର୍ଥତ୍ୟାଗୀ ବ୍ୟକ୍ତି ଅଛନ୍ତି, ସେ ଜାତି ସେତିକି ମହାନ୍ । ଯେତେବେଳେ ବ୍ୟକ୍ତିର ପ୍ରାଣ ଶତ ସହସ୍ର କ୍ଷୁଦ୍ର ସ୍ୱାର୍ଥ ଦ୍ୱାରା ସଙ୍କୁଚିତ ହୁଏ, ସ୍ୱାର୍ଥ ସ୍ୱାର୍ଥ ମଧ୍ୟରେ ସଂଘର୍ଷ ଲାଗେ, ସେତେବେଳେ ଜାତିର ଏକ ସମ୍ମୁଖ ସାମ୍ମୁଖ୍ୟ ଆଉ ରହେନାହିଁ, ଦେଶ ପରାଧୀନ ହୁଏ । ଓଡ଼ିଶା ଏହିପରି ଦୁର୍ବଳ ମୁହୂର୍ତ୍ତରେ ତା’ର ସ୍ୱାଧୀନତା ହରାଇଥିଲା, ଅଫଗାନ୍, ମୋଗଲ ଓ ବର୍ଗୀ ଅତ୍ୟାଚାର ସହି ସହି ତାର

Digitized by srujanika@gmail.com

ମେରୁଦଣ୍ଡ ଭାଙ୍ଗି ଗଲା । ୧୮୦୩ରୁ ୧୮୬୦ ମଧ୍ୟରେ ଜାତୀୟ ଅଧୋଗତି ଚୂଡ଼ାନ୍ତ ସୀମା ସ୍ପର୍ଶ କରିଥିଲା । ଓଡ଼ିଶାର ଅଧିକାଂଶ ଜମିଦାରୀ ପଡ଼ୋଶୀମାନଙ୍କ ହସ୍ତଗତ, ଓଡ଼ିଆ ଭାଷା ଲାଞ୍ଛିତ ଓ ନଅଙ୍କ ଦୁର୍ଭିକ୍ଷ ଫଳରେ ଦେଶ ଧ୍ୱସ୍ତ ହୋଇଥିଲା । ବିଚିତ୍ରାନନ୍ଦ, ନନ୍ଦକିଶୋର, ବିଚ୍ଛନ୍ଦ, ଗୌରୀଶଙ୍କର, ପ୍ୟାରୀମୋହନ, ଫକୀରମୋହନ, ରାଧାନାଥ, ରାମଶଙ୍କର, ଗୋବିନ୍ଦ, ଚତୁର୍ଭୁଜ, ମୃତ୍ୟୁଞ୍ଜୟ, ମଧୁସୂଦନ, ଜଗନ୍ମୋହନ, ନୀଳମଣି ବିଦ୍ୟାରତ୍ନ, କପିଳେଶ୍ୱର ବିଦ୍ୟାଭୂଷଣ, ବୈକୁଣ୍ଠନାଥ ଦେ, ରେଭେନ୍‌ସାସାହେବ, ବୀମ୍‌ସସାହେବ, ମାର୍ଟିନ୍ ସାହେବ ପ୍ରଭୃତି ମହାତ୍ମାଗଣ ଓଡ଼ିଆଭାଷା ଓ ସାହିତ୍ୟକୁ ମୃତ୍ୟୁମୁଖରୁ ରକ୍ଷାକରି ଜାତିର ନମସ୍ୟ ହୋଇଥିଲେ । ଓଡ଼ିଶାର ଘୋର ଦୁର୍ଦ୍ଦିନରେ ସମସ୍ତ ବିଳାସବ୍ୟସନ ପରିତ୍ୟାଗ କରି ବୈକୁଣ୍ଠନାଥ ଜାତୀୟ ଦୁର୍ଦ୍ଦଶାମୋଚନରେ ତତ୍ପର ହୋଇ ଉଠିଥିଲେ । ସେଥିଲାଗି ବନ୍ଧୁ, ଶତ୍ରୁ ସମସ୍ତଙ୍କଠାରୁ ସେ ପ୍ରଶଂସାଲାଭ କରି-ଅଛନ୍ତି । ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର, ବାମଣ୍ଡାରାଜା ବାସୁଦେବ, ସୁଜଳ ଦେବ, ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ପରି ବୈକୁଣ୍ଠନାଥ ସ୍ୱ ଜମିଦାରୀର ଅଧିକାଂଶ ଆୟ ସତ୍‌କାର୍ଯ୍ୟରେ ବ୍ୟୟ କରୁଥିଲେ । ସେହି ସମୟରେ ଓଡ଼ିଶାରେ ଏପରି ଅନୁଷ୍ଠାନ ନ ଥିଲା ଯେଉଁଥିରେ କି ବୈକୁଣ୍ଠନାଥଙ୍କ ହାତ ନଥିଲା, ଏପରି ସତ୍‌କାର୍ଯ୍ୟ ନ ଥିଲା, ଯେଉଁଥିରେ ବୈକୁଣ୍ଠନାଥଙ୍କ ପ୍ରେରଣା ନ ଥିଲା । ଏହା ଅତିକଥନ ନୁହେ । ବୈକୁଣ୍ଠନାଥ ଯେପରି ଉଦାର, ଦାନଶୀଳ, ସେହିପରି ବିନୟୀ, ସେବକ ଓ କର୍ମୀ ଥିଲେ । ତାଙ୍କର ଆଦର୍ଶ, କର୍ମମୟ ଜୀବନ ବହୁ ନବୀନଙ୍କୁ ପ୍ରେରଣା ଦେବ ।

ଉକ୍ତ ଜୀବନୀ କେବଳ ଗୋଟିଏ ଜୀବନର କେତେକ ଘଟଣାସମାବେଶ ନୁହେ, ଏହା ଊନବିଂଶ ଶତାବ୍ଦୀର ଏକ ଇତିହାସ । ଏଥିରେ ନଅଙ୍କ ଦୁର୍ଭିକ୍ଷ, ପାଠ୍ୟପୁସ୍ତକ-ଆନ୍ଦୋଳନ, ଭାଷାଆନ୍ଦୋଳନ, ଓଡ଼ିଶାର ବାଣିଜ୍ୟବ୍ୟବସାୟ ବିଷୟରେ ଉପାଦେୟ ସୂଚନାମାନ ରହିଅଛି । ସମ୍ବାଦବାହିକା, ସଂସ୍କାରକ, ଉତ୍କଳଦର୍ପଣ, ଉତ୍କଳଦୀପିକା, ଓଡ଼ିଆ ନବସମ୍ବାଦ, ଉତ୍କଳସାହିତ୍ୟ ପ୍ରଭୃତି ପତ୍ରିକାମାନଙ୍କରେ ବୈକୁଣ୍ଠନାଥଙ୍କ ସତ୍‌କାର୍ଯ୍ୟ ସମ୍ପର୍କରେ ପ୍ରକାଶିତ ଅଂଶମାନ ଦିଆଯାଇଅଛି ।"

କିନ୍ତୁ ରାଜା ମନ୍ମଥ ପୁସ୍ତକଟି ପ୍ରକାଶ କଲେନାହିଁ: ଏ ମଧ୍ୟରେ ସେ ସଂସାରରୁ ବିଦାୟ ନେଇଛନ୍ତି । ମୋ ମୁଖବନ୍ଧ ସହିତ ଜୀବନୀଟି ପ୍ରକାଶିତ ନ ହେବାରୁ ସଙ୍କଳ୍ପ କଲି—ଆଉ କୌଣସି ପାଣ୍ଡୁଲିପିର ମୁଖବନ୍ଧ ଲେଖିବି ନାହିଁ । ସେହି ସଙ୍କଳ୍ପ ଯଥାସମ୍ଭବ ରକ୍ଷାକରି ଆସିଛି ।

ଲଙ୍କଲେଶ୍ୱର ଓ ଶିବାୟନ କାବ୍ୟ

ଏହି ସମୟରେ 'ଲଙ୍କଲେଶ୍ୱର' କାବ୍ୟର ମୁଖବନ୍ଧ ମୁଁ ଲେଖିଥିଲି—"କବି ରାଧାମାଧବ ଗିରି ଲଙ୍କଲେଶ୍ୱର କାବ୍ୟରେ ଏକ ପ୍ରଚଳିତ କିମ୍ବଦନ୍ତୀକୁ ରୂପ ଦେଇ-

Digitized by srujanika@gmail.com

ଅଛନ୍ତି । ଶିବଙ୍କର ହଳଧର ମୂର୍ତ୍ତି କଳ୍ପନା ବଙ୍ଗବାସୀଙ୍କର ମୌଳିକ ଚିନ୍ତା (ଶିବାୟନ-କାବ୍ୟ) ବୋଲି କେହି କେହି ବଙ୍ଗୀୟ ପଣ୍ଡିତ ଉଲ୍ଲେଖ କରିବାର ଶୁଣିଛୁ । କିନ୍ତୁ ଉତ୍କଳରେ ଏହା କିମ୍ବଦନ୍ତୀ ନୁହେଁ, ଜୀବନ୍ତ ଉଦାହରଣ ରୂପେ ବର୍ତ୍ତମାନ । ବାଲିଆପାଳ ଅନ୍ତର୍ବର୍ତ୍ତୀ ଲଙ୍ଗଳେଶ୍ୱର ଶିବଙ୍କ ହସ୍ତରେ ତ୍ରିଶୂଳ, ଡମ୍ବରୁ ନାହିଁ, ଅଛି ଲଙ୍ଗଳ, ପାଞ୍ଚଣ, ତାପୁଆ ଓ ପବନା ନାମକ ଦୁଇ ବୃଷଭ ତାଙ୍କ ଲଙ୍ଗଳକୁ ଭିଡୁଛନ୍ତି ।

ଏହି କାବ୍ୟଟି 'ମୁକୁର' ପତ୍ରିକାରେ ପ୍ରକାଶିତ ହୋଇଥିଲା । ରାଧାନାଥ ଓ ଚିନ୍ତାମଣିଙ୍କ ଆଦର୍ଶରେ କବି 'ଲଙ୍ଗଳେଶ୍ୱର' ଲେଖିଥିଲେହେଁ ଭାବପ୍ରକାଶରେ ନୂତନ ଦୃଷ୍ଟିକୋଣ ଅବଲମ୍ବନ କରିଛନ୍ତି ।

ଶିବ କେବଳ ସଂହାରଦେବତା ନୁହନ୍ତି, ସେ ସର୍ଜନର ମଧ୍ୟ ଦେବତା, ସେ ସନ୍ନ୍ୟାସୀ ନୁହନ୍ତି, ସଂସାରୀ, ଦେବତା ନୁହନ୍ତି, ଆଦର୍ଶ ମନୁଷ୍ୟ, ସେ ବୈରାଗୀ ଯୋଗୀ ନୁହନ୍ତି, କର୍ମୀ, କୃଷକ । ଶସ୍ୟ ପ୍ରାଣୀର ପ୍ରାଣ, । କୃଷକ ଦେଶର ଧମନୀ, ଏହି ଆଦର୍ଶ ଶିବ ହଳଧର ରୂପରେ ଦେଖାଇଛନ୍ତି ।

୧୯୦୯ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ 'ବାଲେଶ୍ୱର' ପୁସ୍ତକରେ ଲଙ୍ଗଳେଶ୍ୱରଙ୍କ ବିଷୟ ଉଲ୍ଲିଖିତ ହୋଇଅଛି—

'କେବେ ଧାନବୃକ୍ଷ ଶିକ୍ଷା ଦେବାର କାରଣ
ଶିବ କରିଥିଲେ ଏଥି ପ୍ରାନ୍ତର କର୍ଷଣ
କୁବେର ବହନ ଦେଲେ ହଳଧର ହଳ
ଧର୍ମରାଜ ଲଙ୍ଗଳର ମହିଷଯୁଗଳ
ତ୍ରିଶୂଳ ହେଲକ ଫାଳ କାର୍ତ୍ତିକେୟ କୃଷୀ
କାଟିଲେ ସେ ଧାନ ଯମ ହୁଡ଼ମୁକଳାସୀ ।'

ବଙ୍ଗୀୟ ଶିବାୟନ କାବ୍ୟର ମୂଳଉତ୍ସ ଏହିଠାରେ—ମୋର ଦୃଢ଼ ବିଶ୍ୱାସ ।

କଳାର ଉପେକ୍ଷିତ

ବାଲେଶ୍ୱରରେ ଲିଖିତ କେତେକ କବିତା ଉପେକ୍ଷିତ, ପାଣ୍ଡୁଲିପିର ଜୀର୍ଣ୍ଣ ପୃଷ୍ଠାରେ ବିଲୁପ୍ତ ହେବାକୁ ଯାଉଛି । କୌଣସି କବିତାସଂକଳନରେ ସେ ସମସ୍ତ ପ୍ରକାଶ କରିବାଲାଗି ମୋ ଶିଳ୍ପଦୃଷ୍ଟି ମୋତେ ତାଡ଼ନା କରୁଛି; ସତେ ଯେପରି ସେସବୁ ଅପସୃଷ୍ଟି —ସୃଷ୍ଟି ଅପୂର୍ଣ୍ଣ, ଅସୁନ୍ଦର ହେଲେ ବି ସ୍ରଷ୍ଟା ବା ଜନକର ଅବହେଳିତ ବା ଅସ୍ପୃଶ୍ୟ ହେବାର ନୁହେଁ । ଅଯୋଗ୍ୟ, ଅପଦାର୍ଥ ସନ୍ତାନ କଥା ଜନକଜନନୀ ଭୁଲିଲ ପରି ବେଳେ

Digitized by srujanika@gmail.com

ଟେକେ ସେମାନଙ୍କ କଥା ଶୁଣି ମୁଁ ମର୍ମେ ମର୍ମେ ନିପୀଡ଼ିତ ହୁଏ । ଧ୍ୱଂସମୁଖରେ ଧାବମାନ ଏଇ କେତୋଟିକୁ ପାଠକମାନଙ୍କ ସାମ୍ନାରେ ବସାଉଛି, ସ୍ରଷ୍ଟାର ଅଯୋଗ୍ୟତା ହୃଦୟଙ୍ଗମ କରାଇବାଲାଗି । ନିଜକୁ ଫିଟଫାଟ୍ କରି ବହୁସ୍ଥାନରେ ଛିଡ଼ା କରାଉଛି; ଏ ମୋର ଅନାଡ଼ି ରୂପ; ସର୍ଜନ ଚେଷ୍ଟାରେ ମୁଁ କିପରି ବାରମ୍ବାର ବ୍ୟର୍ଥ ହୋଉଛି, ଏହା ପାଠକ ହୃଦୟଙ୍ଗମ କରିବେ ।

ବାରବୁଲା

ନାମ ନାହିଁ ଗୋତ୍ର ନାହିଁ ନାହିଁ ଘରଦ୍ୱାର
ଜନ୍ମ ତୋର ଦେଖିଅଛି ଅଳଣ୍ଡ ଅନ୍ଧାର
ଦେଖିନାହିଁ ପିତା ତୋତେ ଚିହ୍ନିନାହିଁ ମାତା
ଟେକିଛି ଘୃଣାରେ ତୋତେ ଦାଇବ ବିଧାତା ।
ରମ୍ଭା ଭଳି ଅନାବନା ବଢ଼ିଅଛୁ କାହିଁ
ଧୂଳି ଜର ଜର ବେଶ ଚିହ୍ନି ହୁଏ ନାହିଁ
କାହିଁ ରୁ ପକେଟମାରୁ କାହିଁ ମାଗୁ ଭିକ
ସ୍ୱ ଜୀବନ ରକ୍ଷାଲାଗି ହୋଇଛୁ ସୈନିକ ।

ତାକୁ କାଟି ପରପୃଷ୍ଠାରେ ପୁଣି ଆରମ୍ଭ କରିଛି—

ନାମ ନାହିଁ ଗୋତ୍ର ନାହିଁ ନାହିଁ ତୋର ଜାତି
ନାହିଁ ତୋର ଘରଦ୍ୱାର ନାହିଁ ପିତାମାତା
ଧୂସର କରିଛି ତେର ଜୀବନ ଅଖ୍ୟାତି ।
ଉର୍ଆସ ଅନ୍ଧାରେ ଯେବେ ଝଙ୍କାର ଲଭନେ
ନର୍ଦ୍ଦମାର ପାଶେ ତୋତେ ଫିଙ୍ଗିଥିଲ କେହି
କଥିଲ କି ଅଶ୍ରୁକଣା ସେ ନୟନ କଣେ ?

ବୋଧେ ଏ ଛନ୍ଦରେ ପ୍ରବାହ ବ୍ୟାହତ ହୋଇଛି । ବିଶ୍ବାସ ଟଳମଳ ହୋଇଛି; ଆଉ ଅଗେଇ ନାହିଁ । ତାପରେ 'ହବହବର ଦରଦ୍ରତା' ବୋଲି ଶୀର୍ଷକଟିଏ ଦେଇଛି; ଗୋଟିଏ ଧାଡ଼ି ଲେଖିନାହିଁ । ଜୀବନ ପରି କବିତାର ମଧ୍ୟ ଗୋଟିଏ ଲଗ୍ନ ଅଛି; ଲଗ୍ନ ଭଲ ନ ଥିଲେ କବିତା ଭଲ ଉଠୁରେ ନାହିଁ ।

ତାପରେ 'ବାଲଶ୍ରୀ ବଧୂ' ବୋଲି ନାମଟିଏ ଦେଇ କାଟିଛି । ତାପରେ 'ଧୋବା ମାଆ' ଶୀର୍ଷକ –ତା ତଳେ 'ବଲ ବାଛୁ ବାଛୁ' ଏତିକି ମାତ୍ର ଅଛି । ଧୋବା ମାଆ ଆମ ଗାଆଁର ଗୋଟିଏ ବୁଢ଼ୀ; ମଜଲିସେ ସେଦିନ ବଲବଲ୍ଲୁରେ ଏକଓଳକଥା କରେଇଥିଲେ,

Digitized by srujanika@gmail.com

ଓପାଯ୍ୱୋବରରେ ଓଦାସରସର ହୋଇ ପ୍ରାୟ ସନ୍ଧ୍ୟାବେଳେ ଧୋବାମାଆ ଘରକୁ ଫେରୁଥିଲା, ବାଟରେ ପଡ଼ି ମରିଗଲା । ତା ସଂଗ୍ରାମପିଷ୍ଟ ମୁଖ ଓ ଦାରିଦ୍ର୍ୟକପୀଡ଼ିତ ଚେହେରା ଆଖିଆଗରେ ନାଚି ଯାଉଛି । କବିତାଟିରେ ତାର ସ୍ମୃତି ରଖିପାରିଥିଲେ ସୁଖୀ ହୋଇଥାନ୍ତି । କିନ୍ତୁ ହୋଇପାରିଲି ନାହିଁ ।

ତା ପରେ ଅନ୍ୟ ଏକ ଶୀର୍ଷକରେ ଆରମ୍ଭ କରିଛି —

ମୁଁ କୋଣାର୍କ ଦେଶର ଲୋକ ନୁହେଁ

ମୁଁ ସେହି ଦେଶର ଲୋକ
ଯେଉଁଠି ଜୀବନର ମୂଲ୍ୟ ମୁଠାଏ ପାଉଁଶରୁ ବି ଊଣା
କେତୋଟା ବଣାଭାଠି ଉଦ୍ଧିଲ୍ଲୁ ମଣିଷର ମାଉଁସକୁ
ମୁଁ କୋଣାର୍କ ଦେଶର ଲୋକ ନୁହେଁ
ପଥର ଜୀଉଛି, ମଣିଷ ମରୁଛି
ଏ ଆଉ ଗୋଟାଏ କାଠ
ଅନ୍ନ ପାଇଁ ତାର ସଂଗ୍ରାମ
ମୃତ୍ୟୁ ତାର ବିଶ୍ରାମ ।

ଶାନ୍ତିନିକେତନରେ କେନାଲ୍ ଖୋଳାବେଳେ ଅସଂଖ୍ୟ ଓଡ଼ିଆ ମୂଲିଆଙ୍କୁ ଦେଖି ଏଇ ଭାବ ଜାତ ହୋଇଥିଲା । କେତେକ ଅସଫଳ ପ୍ରୟାସରେ କବିତାଟି 'ଏମାନେ କୋଣାର୍କ ଦେଶର ଲୋକ ନୁହଁନ୍ତି' ଭବଧାରେ ରୂପ ନେଲା ।

କଲିକତାର କେଶୋରାମ୍ କଟନ୍ ମିଲ୍‌ରେ ଗୋଟିଏ ଅର୍ଦ୍ଧ ଉଲଗ୍ନ ଲୋକକୁ ଲୁଗାର ପାହାଡ଼ ଉପରେ ଶୋଇଥିବାର ଦେଖି 'ଶୋଇଛୁ ଲଙ୍ଗଳା ହୋଇ ଲୁଗାର ପାହାଡ଼େ' ଲେଖିଥିଲି । ମନ ନ ମାନିବାରୁ ତାକୁ କୌଣସି ସଙ୍କଳନରେ ସ୍ଥାନ ଦେଇନାହିଁ । ତାର କିଛି ଅଂଶ ଉଦ୍ଧାର କଲି, ଅସାର୍ଥକ ହେଲେ ବି ପାଠକ ମନରେ ଛବୋଛୁ୍ୟପ ଜାଗ୍ରତ କରିବାର ଶକ୍ତି ତାର ରହିଛି — ଦୀର୍ଘକାଳ ପରେ ସେଇ ଅବାଞ୍ଛିତ ରୂପରେ ଆଖି ପଡ଼ାଉ ପଡ଼ାଉ ଉଦବୃଦ୍ଧ ହେବାରୁ ଉଦ୍ଧୃତ ଦେଉଛି ।

'ଫସଲେ ଫସଲେ ଫଳେ ପ୍ରାଣ ତୋର
ଫୁଟେ ଫୁଲେ ଫୁଲେ
ପଦେ ପଦେ ପ୍ରାଣ ତୋର
ମୁଦ୍ରା ହୋଇ ଝୁଲେ ।

Digitized by srujanika@gmail.com

ଝରଣାର ଚିର ଝଙ୍କାର
ଗାଉ ରୁଦ୍ର କଳକଣ୍ଠ ଗାନେ
ତୋ ଅନ୍ତର ଅନନ୍ତ ସବୁଜ
ସବୁଜ କରଇ ପ୍ରାଣେ ପ୍ରାଣେ ।

ଭଗବାନ୍ ସମ ରୁଦ୍ର ବ୍ୟାପ୍ତ ଚରାଚରେ
କାହିଁ ବୃକ୍ଷ ପୁରାଣ ଜଙ୍ଗଲ
କାହିଁ ଯନ୍ତ୍ର କାରଖାନା
ଯୋଗାଉ ବିଦ୍ୟୁତ୍ ଆଉ ଜଳ
କାହିଁ ଖଣି ଅନ୍ଧକାରେ
ଗର୍ଭ ପୃଥ୍ୱୀ ଗ୍ରନ୍ଥର ସ୍ପନ୍ଦନ
ମେଘର ମହଲେ ତେଜ ବିଦ୍ୟୁତ ମହଲ
ପଲ୍ଲ ତଳେ ମୃତ୍ୟୁ ସମ ହେଉଛି ଅଚେତନ ।

ଏ ଗଗନ ତୋହର ଉଲ୍ଲାସ
ଏ ପୃଥିବୀ ତୋହର ବିଶ୍ୱାସ
ଏ ଜୀବନ ତୋହର ସାଧନା
ସକଳ ମନରେ ଭର ସ୍ୱବର ସମ୍ଭାର
    ତୁ କିମ୍ପା ହୋଇଛୁ ଶୂନ୍ୟମନା ?
ତେଜର ସମୁଦ୍ର ସେଇ
    କିମ୍ପା ତୁହି ଧୂଳିରେ ଧୂସର ?
କେବେ କାହା ଅନ୍ଧକାରେ
    ଦ୍ୱାରେ ଦ୍ୱାରେ କାନ୍ଦୁଛୁ କାତର ?
କାହିଁକି ତୁ ଉର୍ଦ୍ଧ୍ୱଶ୍ୱାସେ
    ପଥ ପାଶେ ଡାକୁଛୁ ମରଣେ ?
ଲଜ୍ଜା ନାହିଁ ପଶିବୁ ଶରଣ ଧୂଳିର ଚରଣେ ।
ଶୋଇଛୁ ସବୁଜ ତଳେ ରେ ଅନ୍ୱେଷଣର
    ହୋଇ ମୂକ ମୌନ
ସୁନାର ଫସଲେ ତୋର ନାଚେ ସ୍ୱପ୍ନ ଗୁମ୍ଫା
ଝଡ଼ ଗଲା ଡାକ ଦ୍ୱାରେ ଦ୍ୱାରେ
ଶୋଇଛୁ ନିର୍ଲଜ୍ଜ ପୁଣି ଉଲଙ୍ଗ ହୋଇ ତୁ
                ଲୁଗାର ପାହାଡ଼େ ।

Digitized by srujanika@gmail.com

ସ୍ୱାଧୀନତା ଲାଭ

୧୯୪୭, ଅଗଷ୍ଟ ପନ୍ଦର ତାରିଖରେ ରାତ୍ରିଅଧରେ ବଡ଼ଲାଟଭବନର ମନ୍ତ୍ରଣାଗୃହରେ ବଡ଼ଲାଟ୍ ମାଉଣ୍ଟବ୍ୟାଟେନ୍ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ହାତକୁ କ୍ଷମତା ହସ୍ତାନ୍ତରିତ କଲେ । ଇଉନିଅନ୍ ଜାକ୍ ଅବନମିତ ହେଲା, ଅସ୍ତ ହେଲା । ଭାରତର ତ୍ରିରଙ୍ଗା ସ୍ୱାଧୀନ ପତାକା ଫର୍‌ଫର୍ ହୋଇ ଉଡ଼ିବାକୁ ଲାଗିଲା । 'କାଲି ଦାସ ଥିଲୁ, ଆଜି ମୁକ୍ତ, ସ୍ୱାଧୀନ', ସେ ଆନନ୍ଦଉନ୍ମାଦନା ଜୀବନରେ ଭୁଲି ହେବନାହିଁ । ଯେଉଁମାନେ ସ୍ୱାଧୀନ ଭାରତରେ ଜନ୍ମ ହୋଇଛନ୍ତି, ସେମାନେ ଦାସତ୍ୱ ଓ ମୁକ୍ତିର ସେଇ ଗଭୀର ତାରତମ୍ୟ ବୁଝି ପାରିବେ ନାହିଁ । ଇଂଲଣ୍ଡ ପରି ଗୋଟିଏ ଶ୍ରେଷ୍ଠ ଦେଶ ବିରାଟ ସମୃଦ୍ଧି-ସମ୍ପନ୍ନ ଭାରତବର୍ଷକୁ ଲୌହପାଦ ତଳେ ଚାପି ରଖିବା କି ଲଜ୍ଜାର ବିଷୟ ଥିଲା ! ଅହରହ ଶୋଷଣ ଓ ପୀଡ଼ନ କରି ଦର୍ପିଷ୍ଠ ଶ୍ୱେତାଙ୍ଗମାନେ ସୁନାର ଭାରତକୁ ଚୂନା କରି ଦେଇଥିଲେ । ବିଶ୍ୱ ଦରବାରରେ ଆଜି ଆମେ ସଗର୍ବେ ମୁଣ୍ଡ ଟେକିଲୁ, କିନ୍ତୁ ଆମ ଆନନ୍ଦଉଲ୍ଲାସ ଦୀର୍ଘସ୍ଥାୟୀ ହେଲନାହିଁ । ପରିବର୍ତ୍ତନ ଥିଲା ମୁଖ୍ୟତଃ ଭାବଗତ କିମ୍ବା ଏକାନ୍ତ ମନ୍ଥର ।

ବର୍ଷ ପରେ ବର୍ଷ ଅତୀତ ହେଲା । ସ୍ୱାଧୀନ ପ୍ରଭାତର ରୋମାଞ୍ଚକର ଗୋଲାପୀ କିରଣ ଅପସରି ଗଲା; ବାସ୍ତବ ଦୃଷ୍ଟିରେ ଦିଶିଲା ଯେ ଗୋରା ଜାଗାରେ କଳା ସାହେବ-ମାନେ ବସିଛନ୍ତି; ନିଶା ନିବାରଣ ଲାଗି ଯେଉଁମାନେ ପିକେଟିଂ କରୁଥିଲେ ସେଇମାନେ ନୂଆ ହୋଇ ମଦ ଧରିଛନ୍ତି, ଅକୁଣ୍ଠ ଭାବେ ବିଦେଶୀ ଜିନିଷ ବ୍ୟବହାର କରୁଛନ୍ତି । ଆହୁରି ଗୋଟାଏ ନିଶା ବି ଲାଗିଗଲା; ଏହା କ୍ଷମତାର । ଦେଶ ବିଦେଶରୁ ଉଧାର କରି ଚାର୍ବାକ ପରି ଘିଅ ପିଇ ବସିଲା । ଜନସାଧାରଣ ସ୍ୱାଧୀନତାର କୌଣସି ସ୍ୱାଦ ଅନୁଭବ କରିପାରିଲେ ନାହିଁ ।

ଅବଶ୍ୟ ନଦୀରେ ବନ୍ଧ ଉଠିଲା, ଗ୍ରାମଗୋଷ୍ଠୀ ଯୋଜନାମାନ ହେଲା । ନୂଆ ନୂଆ କଳକାରଖାନାମାନ ବସିଲା । ନୂତନ ନୂତନ ନଗର ଓ ବନ୍ଦର ଜନ୍ମ ନେଲା; ଘୋର ଅନ୍ଧକାରରେ ବିଦ୍ୟୁତ ଚମକିଲା । ଗଢ଼ା ହେଲା ନୂତନ ପଥ, ସେତୁ, ଅଟ୍ଟାଳିକା ଓ ସୌନ୍ଦର୍ଯ୍ୟପୁଞ୍ଜ । କିନ୍ତୁ ଜନଜୀବନର ଆଖିଦୃଶିଆ ଉନ୍ନତି ହେଲାନାହିଁ, ଜୀବନର ମାନ ବଢ଼ିଲା ନାହିଁ । ଉଚ୍ଚତମରୁ ନିମ୍ନତମ ସ୍ତର ପର୍ଯ୍ୟନ୍ତ ଦୁର୍ନୀତି ବ୍ୟାପିଗଲା । ସ୍ୱାଧୀନତାର ମଜ୍ଜା ମାରିନେଲେ କେତେଜଣ ଅପରିଣାମଦର୍ଶୀ ନେତା, ଅସାଧୁ ବ୍ୟବସାୟୀ, ସୁବିଧାବାଦୀ ଅଫିସର୍ ଓ ଲାଭଖୋର କଣ୍ଟ୍ରାକ୍ଟର, ସାଧାରଣ ଜୀବନ ଦୈନନ୍ଦିନ ଦରବୃଦ୍ଧି ଫଳରେ ହେଲା ଏକ ସ୍ୱେଦାକ୍ତ ସଂଗ୍ରାମ, ଏକ ଜ୍ୱଳନ୍ତ ଜ୍ୱାଳା ।

Digitized by srujanika@gmail.com

ସ୍ୱାଧୀନତା ଲାଭ ଲାଗି ବହୁ ବ୍ୟକ୍ତି ଜୀବନକୁ ପାଣି ଛଡ଼ାଇ ଦେଇଥିଲେ, ନାନା ଅଭାବଅନାଟନ ରୋଗବ୍ୟାଧିରେ ସଢ଼ିଲେ ବି ପିଲାକୁଟୁମ୍ବଙ୍କ ମୁହଁକୁ ଚାହିଁ ନଥିଲେ; କାହାର ଘର ପୋଡ଼ି ଦିଆ ହୋଇଥିଲା, କାହା ଘରୁ ଜିନିଷପତ୍ର ବୋହି ନିଆ ହୋଇଥିଲା । ବେତ ବାଡ଼ିରେ କାହା କାହାର ପିଠି ଫଟାଇ ଦିଆ ହୋଇଥିଲା । କିଏ ସ୍କୁଲ କଲେଜ ଛାଡ଼ି ଦରପାଠୁଆ ହୋଇ ରହିଗଲା । ସ୍ୱାଧୀନତା ପରେ ଯେଉଁମାନଙ୍କ ହାତରେ ପଇସା ଥିଲା, ଯେଉଁମାନଙ୍କୁ ମାମଲତକାରି ଜଣାଥିଲା, ସେମାନେ କଳେବଳେ କୌଶଳେ ଆସନ, ବା ସିଂହାସନର ଅଧିକାରୀ ହୋଇ ମହାଭାଗ୍ୟବନ୍ତ ରୂପେ ପ୍ରାସାଦରେ ଓ ଇତିହାସରେ ସ୍ଥାନ ପାଇଥିଲେ । ତ୍ୟାଗ ପରେ ଭୋଗର ରାଜତ୍ୱ ଆସିଥିଲା । ସ୍ୱାଧୀନତା-ସଂଗ୍ରାମୀମାନଙ୍କ କାହାଣୀ କାଲି କାନରେ ହିଁ ପଡ଼ିଥିଲା । ତମ୍ବାପଟା, ପେନସନ୍ ମିଳିବାର ବହୁ ଆଗରୁ ଅନେକ ସଂସାର ତ୍ୟାଗ କଲେ ।

ସ୍ୱାଧୀନତାସଂଗ୍ରାମରେ ମୋର ଯତ୍‌ସାମାନ୍ୟ ଭାଗ ଥିଲା, ତାହା ଭାବଗତ । ସ୍ୱାଧୀନତାର ସୁରକ୍ଷା ଲାଗି ଯୁଗୋପଯୋଗୀ ନୌ, ଆକାଶ, ଯାନ୍ତ୍ରିକ ବାହିନୀ ସଂଗଠନ ଏକାନ୍ତ ଆବଶ୍ୟକ, ମୁଁ ଦୃଢ଼ଭାବେ ବିଶ୍ୱାସ କରୁଥିଲି ଓ କବିତା ଲେଖିଥିଲି—'ହାତେ ଝଲମଲ ବନ୍ଧୁକ ଥିଉ', 'ସତ୍ୟବାଦୀ'ରେ ପ୍ରକାଶିତ 'ନୂଆଭାରତର ସ୍ୱାଧୀନ ପିଲା' କବିତାଟି ପଢ଼ି ଜଣେ ନେତା କହିଲେ ଭାରତ ଅହିଂସାବଳରେ ସ୍ୱାଧୀନତା ହାସଲ କରିଛି, ସେଇ ମହାନ୍ ନୈତିକ ବଳରେ ହିଁ ସେ ତାହା ରକ୍ଷା କରିବ । ଏ ଉକ୍ତି କେତେ ଅସାର ଚୀନ ସହିତ ଭାରତର ଯୁଦ୍ଧରେ ପ୍ରମାଣିତ ହୋଇଗଲା । ଭାରତ ବହୁ ଭୂମି ଓ ମର୍ଯ୍ୟାଦା ହରାଇଲା ।

ସ୍ୱାଧୀନତା ଲାଭ ଯେତିକି ସୁଖର, ଭାରତ ଭାଗ ଭାଗ ହେବା ସେତିକି ଦୁଃଖର ବିଷୟ ଥିଲା । ଜାତିର ପିତା ମହାତ୍ମା ଗାନ୍ଧୀ ଖଣ୍ଡିତ ଭାରତ ଚାହୁଁ ନ ଥିଲେ । ଅଖଣ୍ଡ ଭାରତର ମୁକ୍ତି ତାଙ୍କର ସ୍ୱପ୍ନ ଥିଲା । ତାଙ୍କ ଇଚ୍ଛା ବିରୁଦ୍ଧରେ ପାକିସ୍ଥାନ ସୃଷ୍ଟି ହୋଇଥିଲା, ଭାରତୀୟ ନେତାମାନେ ସୁଫଳ ମଧ୍ୟରେ ଏକ କୁଫଳ ପରି ତାହା ଗ୍ରହଣ କରିଯାଇଥିଲେ । ବହୁ ରକ୍ତପାତ ଓ ଗ୍ଲାନି ମହାତ୍ମାଜୀଙ୍କ ମର୍ମ ଦଗ୍ଧ କରିଥିଲା । କିନ୍ତୁ ସେ ବାଟରେ ସେ ଏକାନ୍ତ ଏକାକୀ ଥିଲେ । ସେଥିଲାଗି ତାଙ୍କର କୌଣସି ଚିନ୍ତା ନ ଥିଲା । ଗୁରୁଦେବଙ୍କ ଗୀତ ଥିଲା ତାଙ୍କର ପ୍ରେରଣା—'ଯଦି ତୋର ଡାକ୍ ଶୁନେ କେଉ ନା ଆସେ ତବେ ଏକ୍‌ଲା ଚଲୋରେ ।'

୧୯୪୮, ଜାନୁଆରୀ ୩୦ ତାରିଖରେ ନାଥୁରାମ ଗଡ୍‌ସେ ମହାତ୍ମାଜୀଙ୍କୁ ପ୍ରାର୍ଥନା ସଭାରେ ହତ୍ୟା କରିଥିଲା । ସମଗ୍ର ଭାରତ ଓ ଜଗତ୍ କାନ୍ଦିବା ଭଳି ଏପରି ଏକ ଭୟଙ୍କର ଓ ଶୋଚନୀୟ ଘଟଣା ମୋ ଜୀବନକାଳ ମଧ୍ୟରେ ଆଉ କେବେ ଘଟିନାହିଁ ।

Digitized by srujanika@gmail.com

ମହାତ୍ମାଙ୍କ ଭଗବାନ୍ଙ୍କ ଲୋକ, ଅହୋରାତ୍ର ଈଶ୍ୱରଚିନ୍ତା, ସତ୍କର୍ମରେ ସାରାଜୀବନ ଯେ ଆତ୍ମନିୟୋଗ କରିଥିଲେ, ସାମାନ୍ୟ ଏକ ଯୁବକରେ ଏ ମହାପୁରୁଷଙ୍କ ଜୀବନ ବିୟୋଗ ଘଟିବ, ଏ ବିଶ୍ୱାସ ନ ଥିଲା; ଏ ଘଟଣା ଅଦ୍ଭୁତଭାବେ ଆକସ୍ମିକ ଓ ନାଟକୀୟ ବୋଧ ହେଉଥିଲା । ଏକାନ୍ତ ଆତ୍ମୀୟ ବିଚ୍ଛେଦରେ ଲୁହ ଢାଳିବାର ଅନୁଭୂତ ଥିଲା; କିନ୍ତୁ ବିଶ୍ୱ-ପରିବାରର ଏକ ମହାନ୍ ଅଭିଭାବକ, ଜଗତର ବିବେକ, ନିପୀଡ଼ିତ, ଶୋଷିତର ଆତ୍ମୀୟଙ୍କ ବିଚ୍ଛେଦ ନିଖିଳ ପ୍ରାଣରେ ଅଦ୍ଭୁତ ଆଲୋଡ଼ନ ସୃଷ୍ଟି କରିଥିଲା ।

ଗାନ୍ଧିଜୀ ଭାରତକୁ ସ୍ୱାଧୀନତା ଦେଇଥିଲେ; ମୋ ବିଚାରରେ ଏ ଦିଗରେ ନେତାଜୀଙ୍କ ଭୂମିକା ଗୌଣ ନ ଥିଲା — ବସ୍ତୁତଃ ହିଂସା ଓ ଅହିଂସା ଉଭୟ ଉପାୟରେ ଭାରତ ସ୍ୱାଧୀନତା ଲାଭ କଲା । ସାମ୍ରାଜ୍ୟବାଦୀ ବ୍ରିଟିସ୍ ପ୍ରତି ପରିସ୍ଥିତି ମଧ୍ୟ ପ୍ରତିକୂଳ ଥିଲା । ସ୍ୱାଧୀନତା ଲାଭ ଦିଗରେ ଜନସାଧାରଣଙ୍କ ତ୍ୟାଗ ଥିଲେ ମଧ୍ୟ ତାହା ବିପୁଳ ନୁହେଁ । ତେଣୁ ସ୍ୱାଧୀନତାର ଗୁରୁତ୍ୱ ବା ଗୌରବ ସମସ୍ତ ଭାରତବାସୀ ଦୃଢ଼ଭାବେ ଅନୁଭବ କରିପାରି ନ ଥିଲେ ।

ଦେଶୀୟ ରାଜ୍ୟ ବା ଗଡ଼ଜାତମିଶ୍ରଣ ଏହି ସମୟରେ ଅନ୍ୟ ଏକ ଯୁଗାନ୍ତକାରୀ ଘଟଣା ଥିଲା । ଏଥିମଧ୍ୟରୁ ଅଧିକାଂଶ ରାଜ୍ୟ ଥିଲା ଭାରତ ଦେହର କର୍କଟବ୍ୟାଧି ପରି । ରାଜତନ୍ତ୍ର ଥିଲା ଏକ ଖିଆଲି ତନ୍ତ୍ର । ଜନସାଧାରଣ ଜଣଙ୍କ ଜ୍ୱଳନ୍ତ ଖିଆଲକଟାହରେ ଦଗ୍ଧୀଭୂତ ହେଉଥିଲେ; କୋଉ ମୁହୂର୍ତ୍ତରେ କାହା ଉପରେ ଚଟକ ପଡ଼ିବ, କିଛି ଠିକ୍ ଠିକଣା ନ ଥିଲା । ପ୍ରଜାର ଧନ ବା ମାନମହତ ରାଜାଙ୍କ ହାତ ମୁଠାରେ ଥିଲା । ଅଧିକାଂଶ ରାଜବାଟି ଉଚ୍ଛୃଙ୍ଖଳ ଯୌନଚର୍ଚ୍ଚାର ଏକ ଏକ ପୀଠସ୍ଥଳୀ ଥିଲା । କାମସାହିତ୍ୟ ବା ଦରବାରୀ ସାହିତ୍ୟର ଉତ୍ପତ୍ତିସ୍ଥଳୀ ଥିଲା ଗଡ଼ଜାତ । ରାଜପୁତ୍ର ଓ ରାଜକନ୍ୟାଙ୍କ ଜୀବନ ସଂବଳିତ ସାହିତ୍ୟ ଲୋକସାଧାରଣଙ୍କ ମନରେ ରେଖାପାତ କରିପାରୁ ନ ଥିଲା—ତଥାପି ଧନ, ଉଲଙ୍କା, ରାଜସମ୍ବର୍ଦ୍ଧନା ଲୋଭରେ କବିମାନେ ରାଜ ମନଲଖୀ ସାହିତ୍ୟ ରଚନା କରୁଥିଲେ । ଓଡ଼ିଶାର ଗଡ଼ଜାତ ମଧ୍ୟରେ ମୟୂରଭଞ୍ଜ, ବାମଣ୍ଡା, ତାଳଚେର, ଢେଙ୍କାନାଳ ଅଧିକ ସାହିତ୍ୟର ପୋଷକ ଥିଲେ । ରାଧାନାଥ, ଚନ୍ଦ୍ରମଣି ପ୍ରଭୃତି କବି ରାଜାମାନଙ୍କ ନାମରେ ପୁସ୍ତକ ଉତ୍ସର୍ଗ କରୁଥିଲେ । ଗୋପାଳଚନ୍ଦ୍ର ପ୍ରହରାଜ ରାଜାମାନଙ୍କ ସାହାଯ୍ୟରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଛପାଇବାକୁ ସମର୍ଥ ହୋଇଥିଲେ ।

ରାଜପୋଷକତା ଲାଭ ଅଳ୍ପ କେତେକ ସାହିତ୍ୟିକଙ୍କ ପକ୍ଷରେ ସମ୍ଭବ ହୋଇଥିଲା, ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜ, ବାସୁଦେବ ସୁଢ଼ଳଦେବ, ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ବଜମଦେବ ବର୍ମା ପ୍ରଭୃତି ଅଳ୍ପ କେତେକ ରାଜା ମୁକ୍ତହସ୍ତରେ କବି ସାହିତ୍ୟିକମାନଙ୍କୁ ଦାନ କରୁଥିଲେ । ତେଣୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ

Digitized by srujanika@gmail.com

ରାଜାମାନଙ୍କୁ ରାଜ୍ୟହୀନ କରିବାର ପ୍ରୟାସକୁ ସମଗ୍ର ଓଡ଼ିଶା ସ୍ୱାଗତ କରିଥିଲା । ଏହାଫଳରେ ବୃହତ୍ତର ଓଡ଼ିଶା ସଂଗଠିତ ହୋଇଥିଲା; ଗଡ଼ଜାତର ବିପୁଳ ଖଣିଜ ସମ୍ପଦ ଓଡ଼ିଶାର ଭାଗ୍ୟ ବଦଳାଇବାକୁ ସମର୍ଥ ହୋଇଥିଲା, ଗଣତାନ୍ତ୍ରିକ ଶାସନ ଶୃଙ୍ଖଳା ଓ ସ୍ୱାଧୀନତାର ସ୍ୱାଦ ଗଡ଼ଜାତବାସୀମାନେ ଉପଭୋଗ କରିଥିଲେ । ଗଡ଼ଜାତ ଲୋକସମାଜର ଦ୍ରୁତ ଓ ବୈପ୍ଳବିକ ପରିବର୍ତ୍ତନ ଘଟିଥିଲା ।

ଏହାର କିଛି କାଳ ପରେ ସରକାର ଜମିଦାରୀ ଉଚ୍ଛେଦ କରି ସମାଜର ଆଉ ଏକ କଳଙ୍କ ଲିଭାଇବାକୁ ସମର୍ଥ ହେଲେ । ଶୋଷଣ ଓ ନିପୀଡ଼ନର ଦୁର୍ଗ ଗୋଟିକ ପରେ ଗୋଟିଏ ଏହିପରି ଭାଙ୍ଗି ପଡ଼ିଥିଲା । ଗଡ଼ଜାତ ଓ ଜମିଦାରୀର ପ୍ରଜା ଶୃଙ୍ଖଳମୁକ୍ତ ହୋଇ ମୁକ୍ତିର ସ୍ୱାଦ ଉପଭୋଗ କରିଥିଲେ ।

ବିଶ୍ୱଭାରତୀରେ 'Professor of Indology and Post Graduate Research' ପଦଟି ଖାଲି ହୋଇଥିଲା । ମୁଁ ଦରଖାସ୍ତ ଦେଇଥିଲି, ପାଇଗଲି । ବାରିପଦାରେ ଥିଲି ବେଳେ ଥରେ ଶ୍ରୀ ପ୍ରହ୍ଲାଦ ପ୍ରଧାନଙ୍କ ସଙ୍ଗେ ଶାନ୍ତିନିକେତନ ଯାଇଥିଲି, ସେଠା ଚଳଣି, ପ୍ରାକୃତିକ ଦୃଶ୍ୟ ଓ ପୁସ୍ତକଭଣ୍ଡାର ମୋତେ ଆକର୍ଷଣ କରିଥିଲା । ଏବେ ସେଠି ଦୀର୍ଘକାଳ ରହିବାର ସୁଯୋଗ ମିଳିବାରୁ ମନର ଆନନ୍ଦ ସୀମା ମାନିଲାନାହିଁ । ମୁଁ ୧୯୫୦, ଜାନୁୟାରୀ ବିଶ ତାରିଖରେ ଶାନ୍ତିନିକେତନରେ ଯୋଗ ଦେଲି । ମନେ ହେଲା କାବ୍ୟ, ନାଟକ, ସ୍ୱପ୍ନ ଓ ସୌନ୍ଦର୍ଯ୍ୟପୁରୀରେ ମୁଁ ପ୍ରବେଶ କରିଛି, ଚତୁର୍ଦ୍ଦିଗ ଉଜ୍ଜ୍ୱଳ, ସୁବାସିତ, ଶାନ୍ତ ଓ ପ୍ରୀତିମୟ ।

Digitized by srujanika@gmail.com

ଶାନ୍ତିନିକେତନରେ ଏଗାର ବର୍ଷ

'ସହର ଯେପରି ପାଖେଇ ନ ଆସେ' ଭବିଷ୍ୟତ କର୍ମକର୍ତ୍ତାମାନଙ୍କ ପ୍ରତି ରବୀନ୍ଦ୍ରନାଥଙ୍କର ଚେତାବନୀ ଥିଲା । ଏବେ ପୁଣି ପଶ୍ଚିମସ୍ଥ ଶାନ୍ତିନିକେତନକୁ ଶୁଷ୍କ ସହର ମାଡ଼ି ବସିଛି । ବୋଲପୁର, ଶାନ୍ତିନିକେତନ ମଧ୍ୟରେ ଥିବା ତିନି ମାଇଲ ବ୍ୟବଧାନ ଆଉ ନାହିଁ । ସରଳ ପଲ୍ଲୀକୁଟୀରସବୁ ଲୋପପାଇ ଯାଇଛି । ତା ସ୍ଥଳେ ସମସ୍ତ ଅଧିବାସୀ ସହରୀ । ଶାନ୍ତିନିକେତନଠାରୁ ପଲ୍ଲୀ ସଙ୍କୋଚରେ ବହୁ ଦୂରେଇ ଯାଇଛି । ଉପାଚାର୍ଯ୍ୟଙ୍କର କୋଠିଏ ରାଜବାଟି; ଅନ୍ୟାନ୍ୟ ଅଧ୍ୟାପକମାନେ ପ୍ରଶସ୍ତ ସୌଧବାସୀ, ଏବେ ସୌଧମୟ ଶାନ୍ତିନିକେତନ । ପଲ୍ଲୀର ସେଇ ସରଳ କୁଟୀର ଓ ପାରିବାରିକତା ଆଉ ନାହିଁ; ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ସେଇ ନିବିଡ଼ ସୌହାର୍ଦ୍ଦ୍ୟ ମଧ୍ୟ ନାହିଁ । ଏ ଘର ଦୁଃଖ ସେ ଘର ବୁଝେନାହିଁ । ଏ ଘରେ ବ୍ୟାଧିର କାରୁଣ୍ୟ ମଧ୍ୟରେ ସେ ଘରେ ରେଡ଼ିଓ ବାଜେ । ବ୍ୟକ୍ତି ବ୍ୟକ୍ତିଠାରୁ ଏବେ ବିଚ୍ଛିନ୍ନ । କାଶ ହାସ୍ୟମୟୀ ଶରତସୁନ୍ଦରୀ ଆଉ ଶାନ୍ତିନିକେତନରେ ଶାନ୍ତ ସରଳ ମାଧୁର୍ଯ୍ୟ ଓ ଗାମ୍ଭୀର୍ଯ୍ୟ ନେଇ ଅବତୀର୍ଣ୍ଣ ହେଉ ନାହାନ୍ତି । ଲୋପିତ ହୋଇଛି ଅଭୟାରଣ୍ୟ, ପକ୍ଷୀତୀର୍ଥ; ଶାଲ୍ମଳୀ କିଂଶୁକ, କୃଷ୍ଣଚୂଡ଼ାର ସେଇ ଆଦିମ ବନ୍ୟ ମାଧୁର୍ଯ୍ୟ ହୁଏତ କିଞ୍ଚିତ୍ ରହିଛି । କିନ୍ତୁ ସେସବୁ ଉପଭୋଗ କରିବାଲାଗି ପ୍ରାଣ ନାହିଁ ।

ଝଲମଲ ରବୀନ୍ଦ୍ର ମ୍ୟୁଜିଅମରେ ରବୀନ୍ଦ୍ର ହାତର ଚିତ୍ରକଳା, ରବୀନ୍ଦ୍ର ଲିଖିତ ପାଣ୍ଡୁଲିପି, ରବୀନ୍ଦ୍ର କରସ୍ପର୍ଶରେ ହେମାଙ୍କିତ ପୁସ୍ତକାବଳୀ, ରବୀନ୍ଦ୍ର ବ୍ୟବହୃତ ଯାବତୀୟ ଦ୍ରବ୍ୟ ସଂଗୃହୀତ ହୋଇ ରହିଛି । ଶାନ୍ତିନିକେତନ ହୋଇଛି ବିଶ୍ୱଭାରତୀ—ଏକ ବହୁମୁଖୀ ବିଶ୍ୱବିଦ୍ୟାଳୟ, ବିପୁଳ ତାର ପୁସ୍ତକାଳୟ, ଅଫିସ୍ । କିନ୍ତୁ ସବୁ ବିପୁଳତା ମଧ୍ୟରେ ହୃଦୟ କ୍ଷୁଦ୍ରତର ହୋଇଯାଇଛି । ଆମ୍ରକୁଞ୍ଜ, ଶାଳବୀଥିର ସ୍ନିଗ୍ଧ ଆଧୁନିକ ଯୁଗର ବିପୁଳ ଆୟୋଜନର ସମ୍ଭାର ମଧ୍ୟରେ ନିତାନ୍ତ ଖାପ୍‌ଛଡ଼ା ଓ ନିରର୍ଥକ ବୋଧହୁଏ ।

କିଛିଦିନ ତଳେ ଏଠି ପ୍ରବେଶ କରିଥିଲା ଧର୍ମଘଟ, ଲକ୍‌ଆଉଟ୍ । ଅଧ୍ୟାପକର ହାତରେ ବାଜିଥିଲା ଛୁରି । ଚାରିଆଡ଼େ ପୁଲିସ୍ ଜଗୁଥିଲା । ବାଟ ପଡ଼ିଯାଇଥିଲା । ବନ୍ଦ ହୋଇ ଯାଇଥିଲା ଘଣ୍ଟି । ସେଇ ସ୍ୱଚ୍ଛନ୍ଦ ଶାନ୍ତ ସରଳ ମାଧୁରୀ, ଯାହା ରବୀନ୍ଦ୍ର ପ୍ରାଣରେ ମୂର୍ଚ୍ଛନା ସୃଷ୍ଟି କରିଥିଲା, ନବ ନବ ପ୍ରବାହରେ ଭାବୋଦ୍ରେକ କରିଥିଲା, ତାହା ଏବେ ହଜିଯାଇଛି ଭଡ଼ନବଢ଼ ଆଧୁନିକ ଜଞ୍ଜାଳଯନ୍ତ୍ରଣା ଓ ଆୟୋଜନର କୋଳାହଳ ମଧ୍ୟରେ ।

Digitized by srujanika@gmail.com

ଶାନ୍ତିନିକେତନରେ ପହିଲା ଦିନ କଥା ମନେ ପଡ଼େ; ଗବେଷକ ଓ ସାହିତ୍ୟିକ ଚିତ୍ତରଞ୍ଜନ ଦାସ ମୋତେ ପାଛୋଟି ନେବାଲାଗି ବୋଲପୁର ଷ୍ଟେସନକୁ ଆସିଥିଲେ—ଲାଲ୍ ମାଟି, ଖାଲଢିମା, ଗୋଡ଼ିଗଦା ଓ କାଶଫୁଲରେ ଶାନ୍ତିନିକେତନର ପ୍ରଥମ ସ୍ପର୍ଶ ପାଇଲି । ପାଇଜାମା ଓ ପଞ୍ଜାବୀଧାରୀ ଶାନ୍ତିନିକେତନର ଅଧ୍ୟାପକ, ଦୀର୍ଘକେଶ ଛାତ୍ର, ହାସ୍ୟ ଅଳଙ୍କାରହୀନା, ଲମ୍ବିତକେଶା ଛାତ୍ରୀ, ପିଙ୍ଗଳବସ୍ତ୍ର ବୌଦ୍ଧ ଭିକ୍ଷୁ, କୃଷ୍ଣଚୂଡ଼ା ଓ ଆମଳକୀ ପତ୍ରରେ ଝଲମଲ ଆଲୋକଶିଖା ଲକ୍ଷ୍ୟ କରୁ କରୁ ଯଥା ସ୍ଥାନରେ ପହଞ୍ଚିଗଲି, ମହର୍ଷି ଦେବେନ୍ଦ୍ରନାଥ ଯେଉଁ ଘରେ ରହୁଥିଲେ ତାହା ହୋଇଛି ଅତିଥିଶାଳା । ମୁଁ ସେଇ ଘରେ ପ୍ରଥମେ ରହିଲି । ଅଧ୍ୟାପକ, ଛାତ୍ରଛାତ୍ରୀଙ୍କ ସାଧାରଣ ଭୋଜନଶାଳାକୁ ଖାଇବାକୁ ଗଲି । ଛାତ୍ରଛାତ୍ରୀମାନେ ପରିବେଷଣ କଲେ ହାସ୍ୟ ଓ ଆନନ୍ଦ କୋଳାହଳ ମଧ୍ୟରେ । ଖାଦ୍ୟ ବଡ଼ ସ୍ୱାଦୁ, ତୃପ୍ତିକର ବୋଧ ହେଲା । ସାହେବ ପିଲାମାନେ ଆମ ମେଳରେ ପାଇଜାମା ପଞ୍ଜାବୀ ପିନ୍ଧି ବସି ଭାତ ଡାଲିରେ ହାତ ବାଲି ବାଲି କରି ଖାଉଥା'ନ୍ତି । ଖିଆପିଆ ପରେ ଚିତ୍ତରଞ୍ଜନ ମୋତେ ଘେରାଏ ବୁଲାଇ ଆଣିଲେ । ଧାଡ଼ି ଧାଡ଼ି ହୋଇ ଶାଳ, ଶାଲ୍ଆନ, ଅଁଳା, ଦେବଦାରୁ, ୟୁକାଲିପଟସ, ମହାଲିମ୍ବ, ସପ୍ତପର୍ଣ୍ଣୀ, ବକୁଳ, ପଳାଶ, କେଉଁଠି ଗୁଳ୍ମନିବିଡ଼ ଆମ୍ରକୁଞ୍ଜ ମଝିରେ ମଝିରେ ମଧୁମାଳତୀ ଓ ମାଳତୀଲତାର ଦୋଳି, କେଉଁଠି ବୁଢ଼ା ବାବାଜୀର ଜଟା ପରି ଲମ୍ବି ଆସିଛି ବର ଓହଳ । ପିଲାଏ ଏଥିରେ ଖେଳୁଛନ୍ତି ଦୋଳି ବା ଡାଳିମାଙ୍କୁଡ଼ି, ତୋଟାର ଛାଇ ଆଲୁଅରେ ଦେଉଛନ୍ତି ଢେଉ ପରି ଉଚ୍ଛୁଳା ହସ; କଳକଳ ଗୀତ । ସବୁଜ ପ୍ରକୃତି ମଧ୍ୟରେ ମନ ଶୀତଳ ସତେଜ ହୋଇ ଗଢ଼ିଉଠେ । ଶାନ୍ତିନିକେତନର ପ୍ରତ୍ୟେକ ପିଲା ଗୋଟିଏ ଗୋଟିଏ ଫୁଲଖସ୍ । କାଉରପଖଲା, କରଣବୋଲା କଅଁଳ ଫୁଲପରି କେଡ଼େ ସୁନ୍ଦର । ସୂର୍ଯ୍ୟୋଦୟ ଦେଶରୁ ସତେ ବା ସିଧା ସିଧା ଖସି ଆସିଛନ୍ତି । ଦପ୍ ଦପ୍ ଜଳି ଉଠୁଛନ୍ତି ସେମାନେ ସାହସରେ, ତେଜରେ, ଜୀବନକୁ ଫୁଲପରି ଫୁଟଉଛନ୍ତି, ଆଲୁଅ ପରି ଜଳଉଛନ୍ତି, ଝରଣା ପରି ଝରଉଛନ୍ତି, ପକ୍ଷୀପରି ଉଡ଼ୁଛନ୍ତି ସତେ ଯେପରି ସେମାନେ ।

ଓଡ଼ିଆ, ବଙ୍ଗାଳୀ, ଅସମିୟା, ଗୁଜୁରାଟୀ, ତେଲେଙ୍ଗା, ତାମିଲ୍, କନ୍ନଡ଼, କାଶ୍ମୀରୀ, ପଞ୍ଜାବୀ, ମହାରାଷ୍ଟ୍ରୀ, ରାଜପୁତ, ବିହାରୀ, ନେପାଳୀ, ଭୁଟାନୀ, ତିବ୍ବତୀ ପିଲା, ଲଙ୍କାର ପିଲା, ଇଂରେଜ, ଜାପାନୀ ଓ ଚୀନ୍ ପିଲା । ସବୁ ହୋଇଛନ୍ତି ଶାନ୍ତିନିକେତନ ଗଳାର ନାନାଜାତି ଫୁଲର ଏକ ମାଳା ପରି ।

ଶୃଙ୍ଖଳା ରକ୍ଷାଲାଗି ଶିକ୍ଷକଙ୍କୁ ଚେଷ୍ଟା କରିବାକୁ ହେଉନାହିଁ । ସବୁ ଅଭ୍ୟାସରେ ପଡ଼ିଯାଇଛି । ଖାଇବାକୁ ଗଲାବେଳେ ମେଞ୍ଚା ମେଞ୍ଚା ପିଲା ହଲ୍ଲା ଉଠାଇ ଯାଉ ନାହାଁନ୍ତି । ନିଜେ ନିଜେ ଧାଡ଼ି ତିଆରି କରି ଯାଉଛନ୍ତି, ଶାନ୍ତ, ସୁଶୀଳ । ବଡ଼ ମନମୁଗ୍ଧକର ଏ ଦୃଶ୍ୟ ।

Digitized by srujanika@gmail.com

ସକାଳ ସାତଟାରୁ ଏଗାରଟା ପର୍ଯ୍ୟନ୍ତ ପାଠପଢ଼ା, ଖୋଲା ଆକାଶ ତଳେ। ହାତରେ ତାଳପତ୍ର ଚଟେଇ, ବହି। ଶିକ୍ଷକ ସିମେଣ୍ଟଚୌକିରେ ବସିଥାନ୍ତି। ମାଷ୍ଟ୍ରଙ୍କୁ ଏଠି କେହି ଯମର କିଙ୍କର ସଦୃଶ ମନେ କରନ୍ତିନାହିଁ। 'ସାର୍' ପରିବର୍ତ୍ତେ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କୁ 'ଦାଦା' ବୋଲି ଡାକନ୍ତି। ପରସ୍ପର ମଧ୍ୟରେ ଆତ୍ମୀୟତା ଓ ସ୍ନେହର ସମ୍ବନ୍ଧ ଥାଏ। ଶିକ୍ଷା ଯେପରିକି ଏକ ବ୍ୟବସାୟଗତ ବିଷୟ ନୁହେଁ। ଦାଦାଙ୍କ ହାତରେ ବେତ ନାହିଁ, ତୁଣ୍ଡରେ ଗାଳି ନାହିଁ, ଅଥଚ ଶ୍ରେଣୀରେ କି ଶୃଙ୍ଖଳା।

ଘରେ ଏ ପିଲାମାନେ ପଢ଼ନ୍ତିନାହିଁ। ସଙ୍ଗୀତ, ନୃତ୍ୟ, ଗୀତ ଓ ସଭାସମିତିରେ ଯୋଗ ଦିଅନ୍ତି। ପିଲାଦିନରୁ ବଡ଼ଲୋକଙ୍କ ସଙ୍ଗେ ମିଶିବାର ସୁଯୋଗ ପାଉଥିବାରୁ ପିଲାମାନଙ୍କ ମନରେ ବଡ଼ ହେବାର ଉଚ୍ଚାକାଂକ୍ଷା ଜାଗିଉଠେ। ମାଘୋତ୍ସବ, ବସନ୍ତୋତ୍ସବ ଓ ବଡ଼ ବଡ଼ ଲୋକଙ୍କ ଜନ୍ମଦିବସପାଳନରେ ଏଇ ଟିକିମାନେ ଆଗୁଆ ହୋଇ ବାହାରନ୍ତି, ଚିତ୍ତରଞ୍ଜନ କହିଲେ।

"ଏମାନଙ୍କ ଭିତରେ ବାଳୁଙ୍ଗା ନାହାନ୍ତି ?"

ବହୁଆଡ଼, ଦାଉଡ଼ଙ୍କ ଅଛନ୍ତି। ଏଠା ଶିକ୍ଷକ ଓ ଛାତ୍ରମାନେ ସତେ ବା କୁହୁକବଳରେ ସେମାନଙ୍କୁ ତୁଳସୀ କରିଦିଅନ୍ତି। କିଏ ଦୁଷ୍ଟାମି କଲା ତ 'ଦାଦା'ଙ୍କ ଆଗରେ ସାଙ୍ଗେ ସାଙ୍ଗେ ନାଲିସ ହୁଏ ନାହିଁ। ପିଲାଏ ନିଜ ନିଜ ଭିତରେ ବିଚାର କରି ଗୋଟିଏ କଚେରି ବସାନ୍ତି। ଜଣେ ଶିକ୍ଷକ ହୁଅନ୍ତି ପ୍ରଧାନ ବିଚାରପତି, ଦୁଇ ଜଣ ପିଲା ସାଧାରଣ ବିଚାରପତି। ଯେଉଁ ପିଲା ଇଚ୍ଛାକରେ, ତାକୁ ଓକିଲାତି କରିବାର ସୁଯୋଗ ଦିଆଯାଏ। ପ୍ରଥମ ଅପରାଧରେ ଦୋଷୀଙ୍କୁ ସାବଧାନ କରି ଦିଆଯାଏ। ଦ୍ୱିତୀୟ ଅପରାଧରେ ନିନ୍ଦାବାଦ, ତୃତୀୟ ଥରକୁ ଅସହଯୋଗ, ମାନେ—

ଏକୁଟିଆ ବାହାର
ମୁଣ୍ଡି ମୁଣ୍ଡି ସାହାଡ଼ା।

ଏଭଳି ଅନେକ ବିଚାରରେ ଦୁଷ୍ଟ ସାବାଡ଼୍ ହୁଏ।

'ଛୁଟିଦିନଟି ଏମାନେ କେମିତି କଟାନ୍ତି ?'

'ସପ୍ତାହକ ମଧ୍ୟରେ ବୁଧବାର ଦିନ ବିଶ୍ୱଭାରତୀର ଛୁଟି। ସେଦିନ ମନ୍ଦିର ଉପାସ ହୁଏ। ମନ୍ଦିରରେ କୌଣସି ଦେବତା ନାହାନ୍ତି, କାଚ ଓ ଲୁହାର ଏକ ଶୂନ୍ୟମନ୍ଦିର; ତାର ଚଟାଣଟି ବିଭିନ୍ନ ରଙ୍ଗର ଝଲମଲ ପଥରରେ ତିଆରି। ତା ଉପରେ ଚଟା ଲେଟାହୁଏ, ଧୂପ ଜଳା ଯାଏ। ଆଚାର୍ଯ୍ୟ ଆସନରେ ବସନ୍ତି। ବାକି ସମସ୍ତେ ତଳେ ବସନ୍ତି। ବାଦ୍ୟଯନ୍ତ୍ର ସାହାଯ୍ୟରେ ଗୀତ ବୋଲାଯାଏ। ତାଭିତର ମଧ୍ୟେ ମଧ୍ୟେ ନୀତ

Digitized by srujanika@gmail.com

ଉପଦେଶ ଦିଅଯାଏ । ବିଶିଷ୍ଟ ବ୍ୟକ୍ତିଙ୍କ ମୁଖରେ ଅନ୍ୟ ଯେ କୌଣସି ଦିନ ସ୍ୱତନ୍ତ୍ର 'ମନ୍ଦିର' ହୋଇପାରେ । ସ୍ୱୟଂ ରବୀନ୍ଦ୍ରନାଥ ମନ୍ଦିର ଓ ଆଶ୍ରମର ଆଚାର୍ଯ୍ୟଭାବେ ଏଠି ବହୁ ସାରବାନ୍ ଭାଷଣ ଦେଇଛନ୍ତି । ସେସବୁ ଲିପିବଦ୍ଧ ହୋଇଅଛି ।

ଛୁଟିଦିନ ପିଲାମାନେ କୌଣସି ଦୂରବର୍ତ୍ତୀ ସ୍ଥାନକୁ ଭ୍ରମଣ କରିଯାନ୍ତି, ପଥପ୍ରାନ୍ତର ସଙ୍ଗୀତରେ କଳଧ୍ୱନିରେ ମୁଖରିତ ହୁଏ । ବର୍ଷାହେଲେ ମୁକ୍ତାକାଶ ତଳେ ପାଠ ପଢ଼ିବା ସମ୍ଭବ ହୁଏ ନାହିଁ । ସେଦିନ ପିଲାମାନେ ବୁଲି ବୁଲି ଯାଇ ପ୍ରକୃତି ଦର୍ଶନ କରନ୍ତି ।

'୪୦ ଫେଣଗଲବେଲକୁ ପିଲାଏ କିଛି କିଛି କବି ହୋଇ ଯାଉଥିବେ ।'

'ପ୍ରକୃତି ସହିତ ମୁହାଁମୁହିଁ ହେବାରେ କିଛି କବିଭାବାପନ୍ନ ହୁଅନ୍ତି ନିଶ୍ଚୟ, କିନ୍ତୁ ଏଇ ବୟସରୁ ସେମାନଙ୍କୁ ସଂସ୍କୃତିସମ୍ପନ୍ନ କରି ଗଢ଼ିବାର ଚେଷ୍ଟା ହୁଏ । ପ୍ରତି ମଙ୍ଗଳବାର ଦିନ କିଶୋରକିଶୋରୀମାନଙ୍କର ସାହିତ୍ୟସଭା ହୁଏ । ଜଣେ ସାହିତ୍ୟିକ ବା ସାହିତ୍ୟ-ପ୍ରେମୀ ଶିକ୍ଷକ ସଭାପତି ହୋଇଥାନ୍ତି । ଏଠି କିଏ ସ୍ୱରଚିତ କବିତା, ପ୍ରବନ୍ଧ, କିଏ ବା କ୍ଷୁଦ୍ରଗଳ୍ପ, ଭ୍ରମଣକାହାଣୀ ପଢ଼େ । କିଏ ନାଚେ, କିଏ ବା ଗାଏ । ନାଚଗୀତଯୋଗୁଁ 'ସାହିତ୍ୟିକା' ସରସ, ସୁନ୍ଦର ହୋଇଥାଏ । ପିଲାମାନଙ୍କର ଅନୁଷ୍ଠାନ ବୋଲି କେହି ତାକୁ ଅବହେଳାଦୃଷ୍ଟିରେ ଦେଖନ୍ତି ନାହିଁ । ଅଧ୍ୟାପକ ଅଧ୍ୟାପିକା, ବେଳେ ବେଳେ ସ୍ୱୟଂ ଉପାଚାର୍ଯ୍ୟ ଏଠି ଉପସ୍ଥିତ ହୋଇ ଉତ୍ସାହ ଦେଇଥାନ୍ତି । ଅତି କୋମଳ ବୟସରୁ ଲେଖକ, ଗାୟକ ବା ନର୍ତ୍ତକ ହେବାର ଆକାଂକ୍ଷା ମନରେ ଜାଗ୍ରତ ହୁଏ । ଶିକ୍ଷାଭବନ (କଲେଜ), ବିନୟଭବନ (ଟ୍ରେନିଂ କଲେଜ), ବିଦ୍ୟାଭବନ (ସ୍ନାତକୋତ୍ତର ବିଭାଗ)ରେ ମଧ୍ୟ 'ସାହିତ୍ୟିକା' ଅଛି । କିନ୍ତୁ ଶିଶୁଭବନ ବା ପାଠଭବନ (ସ୍କୁଲ)ର 'ସାହିତ୍ୟିକା' ପରି ସେସବୁ ଏତେ ନିୟମିତ ଭାବେ ବସି ହୁଏ ନାହିଁ ବା ଏତେ ସରସ ହୁଏନାହିଁ ।

ପିଲାମାନଙ୍କର ସ୍ୱତନ୍ତ୍ର 'ଶିଶୁଲେଖା' ପତ୍ରିକାରେ ବହୁ ଫଟୋ, ପିଲାଙ୍କ ଅଙ୍କିତ ଛବି ଓ ଲେଖା ପ୍ରକାଶ ପାଏ । ବର୍ଷରେ ଥରେ ପିଲାମାନଙ୍କର ବସେ 'ଆନନ୍ଦମେଳା' । ଆନନ୍ଦବଜାରରେ ପିଲାମାନେ ନାନା ଖାଦ୍ୟଦ୍ରବ୍ୟ ସ୍ୱହସ୍ତେ ପ୍ରସ୍ତୁତ କରି ବିକ୍ରୀ କରନ୍ତି । ଦରଟା ଟିକିଏ ଚଢ଼ା । ଲଭ୍ୟାଂଶ ଦୁଃସ୍ଥସହାୟକ ପାଣ୍ଠିକୁ ଯାଏ ।

ଶାଳବୀଥି, ଆମ୍ରକୁଞ୍ଜ, ଛାତିମ୍‌ତଳ ବୁଲାଇ ଚିତ୍ତରଞ୍ଜନ ମୋତେ ନେଲେ 'ନନ୍ଦନ'କୁ ।

'ନନ୍ଦନ' କଣ ?

'କଳାଭବନ' ।

Digitized by srujanika@gmail.com

ତାର କାନ୍ଥରେ ଅଜନ୍ତାର ସଜୀବ ଚିତ୍ର ମୋତେ ବିସ୍ମୟରେ ଅଭିଭୂତ କରି ଥିଲା । ଶିଳ୍ପୀଗୁରୁ ଅବନୀନ୍ଦ୍ରନାଥ ଠାକୁରଙ୍କ 'ଆଉରଙ୍ଗଜେବ୍' ଛବିକୁ ଏକ ଦୃଷ୍ଟିରେ ଚାହିଁ ରହିଲି । ସମ୍ରାଟ ଆଲମଗିର୍, ହାତରେ ତାଙ୍କର କୋରାନ୍, ତା ଭିତରେ ତରବାରି, ନିରାନନ୍ଦ ମୁଖରେ ତାଙ୍କର କୁଟିଳ ହାସ୍ୟ, ଯାହା ଦିନେ ଆକବରଙ୍କ ସଂଗଠିତ ଧର୍ମନିରପେକ୍ଷତା ଓ ଜାତୀୟ ଐକ୍ୟକୁ ନଷ୍ଟଭ୍ରଷ୍ଟ କରି ଦେଇଥିଲା—ଇସଲାମ୍ ଧର୍ମ ଗ୍ରହଣ କର କିମ୍ବା ମର । 'ପରଧର୍ମୋ ଭୟାବହଃ' ମନେକରି ଅଗଣିତ ବ୍ୟକ୍ତି ତରବାରିର ଶିକାର ହୋଇଥିଲେ । କିଏ ବା ଆତ୍ମମର୍ଯ୍ୟାଦା ବିନିମୟରେ ନିର୍ଲଜ ପ୍ରାଣକୁ ବଞ୍ଚାଇ ରଖିଥିଲେ ।

ଏଇ ଛବିଟି ଆଙ୍କିବା ଲାଗି ଅବନୀନ୍ଦ୍ରନାଥଙ୍କୁ ପ୍ରାୟ ତପସ୍ୟା କରିବାକୁ ହୋଇଥିଲା । ସେ ବହୁ ଗ୍ରନ୍ଥ ଅଧ୍ୟୟନ କରିଥିଲେ, ନିର୍ଜନ ମୁହୂର୍ତ୍ତରେ ଜଗତର ଅଗୋଚରରେ ଆଉରଙ୍ଗଜେବ୍ ଭୂମିକାରେ ରୀତିମତ ଅଭିନୟ କରିଥିଲେ । ଛ' ମାସ କାଳ ସେ ପ୍ରାୟ ଉନ୍ମତ୍ତ ଅବସ୍ଥାରେ ଥିଲେ । ମୁଖରେ ଈର୍ଷା, କପଟତାର ଭଙ୍ଗୀ ଅଙ୍କନ କରିବାଲାଗି ତାଙ୍କୁ ପ୍ରାଣପାତ ଅଭ୍ୟାସ କରିବାକୁ ହୋଇଥିଲା—ଅଧ୍ୟବସାୟ । ଏହା ହିଁ ପ୍ରତିଭାର କନିଷ୍ଠା ଭଗିନୀ; ଉଭୟର ସମନ୍ୱୟରେ ହିଁ ଯେ କୌଣସି ସାର୍ଥକ ସୃଷ୍ଟି ସମ୍ଭବ ହୁଏ ।

କୃତୀ ଶିଳ୍ପୀ ନନ୍ଦଲାଲ୍ ବୋଷ୍‌ଙ୍କ 'ଉମାର ତପସ୍ୟା' ସେହିପରି ଚିରଦିନ ମନେ ରହିଲା ଭଳି ଏକ ଛବି; ଚତୁର୍ଦ୍ଦିଗରେ ଜ୍ୱଳନ୍ତ ଅଗ୍ନିଶିଖା, ପୁଣି 'ଲଲାଟାନ୍ତ. ପଦପ୍ରସର୍ପି; ଦୁର୍ଦ୍ଧର୍ଷ, ଦୁର୍ଗମ ଲଙ୍ଘନ ଲାଗି ଅଧରରେ ଦୃଢ଼ ସଂକଳ୍ପ । ଅଳ୍ପାଲଙ୍କାରେ ବର୍ଣ୍ଣିତା ପାର୍ବତୀ ଆଜି ଅପର୍ଣ୍ଣା, ନାରୀ ସାଧନାର, ମହାନ୍ ତ୍ୟାଗର ପୂର୍ଣ୍ଣ ପ୍ରତୀକ ।

କଳାଭବନର ପ୍ରାଚୀନ କୁଟୀରଗୁଡ଼ିକ ଧଳା ମାଟିରେ ଲିପା, କୁଟାରେ ଛପର; କାନ୍ଥରେ ନାନା ଜୀବଜନ୍ତୁ ଓ ମନୁଷ୍ୟାକୃତି ଅଙ୍କିତ । ଆଶ୍ରମ କୁଟୀ ଅନୁକରଣରେ ନିର୍ମିତ, ବନସ୍ପତିଚର୍ଚ୍ଚିତ ଏଇସବୁ ମାଟିକୁଟୀରରେ ଅଧ୍ୟାପକମାନେ ଆଗେ ରହୁଥିଲେ । କେବଳ ସରଳ ଜୀବନ ନୁହେଁ ଉଚ୍ଚ ଚିନ୍ତାର ନିଦର୍ଶନ, ସୁନ୍ଦର ଜୀବନ ସହିତ ସରସ ଚିନ୍ତାର ସମନ୍ୱୟ ସାଧିତ ହୋଇଥିଲା । ଶିଷ୍ୟ ଶିକ୍ଷକର ଥିଲା ଏକାନ୍ତ ଆତ୍ମୀୟ, ଗୁରୁ ପୁତ୍ରବତ୍ ସ୍ନେହର ଅଧିକାରୀ । ଜଣେ ଜନ୍ତାଳର ଦାୟିତ୍ୱ ଆଉ ଜଣେ ମୁଣ୍ଡକୁ ନେଉଥିଲା । ଜଣକ ରୋଗଶଯ୍ୟା ପାଖରେ ଜାଗି ବସୁଥିଲା ପ୍ରାୟ ସମସ୍ତ ଆଶ୍ରମ । ଜଣକ ହାଟ ସଉଦା ଆଉ ଜଣେ ନେଇ ଆସୁଥିଲା । ପାରିବାରିକ, କୌଟୁମ୍ବିକ ଖବର ଆଦାନପ୍ରଦାନ ସର୍ବଦା । ପାରସ୍ପରିକ ସ୍ନେହଶ୍ରଦ୍ଧାରେ ଶାନ୍ତିନିକେତନ ବୈକୁଣ୍ଠପୁର ପାଲଟିଥିଲା । ବାଧା ନ ଥିଲା ଜ୍ୟେଷ୍ଠର ପ୍ରଚଣ୍ଡ ଖରା ଅବା ଦାରିଦ୍ର୍ୟ, ଅନାଟନ । ଗୁରୁମାନେ ଥିଲେ ଆତ୍ମନିର୍ଭରଶୀଳ, ତପସ୍ୱୀ । ଶାନ୍ତିନିକେତନ ହୋଇଥିଲା କବିର ଆଦର୍ଶ ଆଶ୍ରମ, ଶାନ୍ତି ଆଉ ଆନନ୍ଦର ଧାର, ପ୍ରକୃତିର ପ୍ରସନ୍ନଭାବରେ, ମୈତ୍ରୀର ପ୍ରେମ, ତ୍ୟାଗନିଷ୍ଠା ଓ ସରସତାରେ ।

Digitized by srujanika@gmail.com

'ସଙ୍ଗୀତଭବନ'ରେ ରବୀନ୍ଦ୍ରସଂଗୀତ ଶୁଣିଲି; ମଣିପୁରୀ, ଭରତନାଟ୍ୟମ୍ ପ୍ରଭୃତି ନୃତ୍ୟ ଦେଖିଲି । ଘୂରିଆଡ଼ି ବୁଲି ବୁଲି ଆସି ଚୈତ୍ୟ ପାଖରେ ଟିକିଏ ଛିଡ଼ା ହେଲି । 'ଚୈତ୍ୟ' ପ୍ରାଚୀନ ଶୈଳୀରେ ନିର୍ମିତ ଏକ ମନ୍ଦିର, ପ୍ରତି ସପ୍ତାହରେ ଏଠି ନୂତନ ସଖୀକୁଣ୍ଢେଇ, ମୂର୍ତ୍ତି ବା ଚିତ୍ର ପ୍ରଦର୍ଶିତ ହୋଇଥାଏ ।

ଲକ୍ଷାଧିକ ପୁସ୍ତକର ବିଶ୍ୱଭାରତୀ କେନ୍ଦ୍ରପାଠାଗାର—ଗ୍ରନ୍ଥଗ୍ରାହୀମାନେ ମନ ଖୁସିରେ ଯଥ ତଥ ବସି ପଢୁଥାନ୍ତି, ସ୍ୱାଧୀନଭାବରେ ବହି ବାଛି ଆଣୁଥାନ୍ତି; କେହି ବହି ହରଣଚାଲ କରିବା କିମ୍ବା ପୁସ୍ତକର ଛବି ବା ପୃଷ୍ଠା ଚିରିଦେବା କଥା ଶୁଣା ନାହିଁ । ଗବେଷକମାନେ ପଢ଼ି ନୋଟ୍ କରୁଥାନ୍ତି, ଟିକିଏ ଟୁପ୍ ଟାପ୍ ଶବ୍ଦ ନାହିଁ । ସବୁ ଯେପରିକି କଳ ପରି ଚାଲିଛି ।

ପାଠାଗାରର ଉପର ମହଲାରେ ପଠନାଳୟ—ପୃଥିବୀର ବହୁ ସମ୍ବାଦପତ୍ର ଓ ପତ୍ରପତ୍ରିକା ଏଠାକୁ ଆସେ ସାହିତ୍ୟ, ଇତିହାସ, ଦର୍ଶନର ପତ୍ରିକା, ବିଭିନ୍ନ ବିଷୟୋପଯୋଗୀ ପତ୍ରିକା ଫରାସୀ, ଜର୍ମାନ୍, ଇଂରାଜୀ, ଓଡ଼ିଆ, ବଙ୍ଗଳା ହିନ୍ଦୀ ଗୁଜରାଟୀ, ମରହଟ୍ଟୀ ପତ୍ରିକା—କେବଳ ଛବିପତ୍ରିକା—ଏ ସବୁ ଗଡ଼ାଉ ଗଡ଼ାଉ ସମୟ ଚାଲିଯାଏ । ଏହା ଛଡ଼ା ଚନ୍ଦନକାଠ ଖୋଳରେ ଚୀନ୍ ଭାଷାର ପୁସ୍ତକମାନ ଚୀନା ଭବନରେ ସଜ୍ଜିତ ହୋଇ ରହିଥିଲା; କଳା ଓ ସଙ୍ଗୀତଭବନର ସ୍ୱତନ୍ତ୍ର ପାଠାଗାର ଥିଲା । ହିନ୍ଦୀଭବନ ସ୍ୱତନ୍ତ୍ରଭାବରେ ଚାଲୁଥିଲା । ହିନ୍ଦୀ, ବଙ୍ଗଳା ପାଠାଗାର ପରି ଓଡ଼ିଆ-ପାଠାଗାର ବୃଦ୍ଧିଲାଭ କରି ପାରୁ ନ ଥିଲା । ପ୍ରତିବର୍ଷ ଓଡ଼ିଆ ପାଠାଗାର ଲାଗି ଯେତେ ଟଙ୍କା ମିଳୁଥିଲା ତାକୁ ଖର୍ଚ୍ଚ କରିବା ଆମ ପକ୍ଷରେ କାଠିକର ପାଠ ହେଉଥିଲା । ପ୍ରତିବର୍ଷ ତିନି ଚାରି ହଜାର ଟଙ୍କା ନେଲେ ବି ବଙ୍ଗଳା ବିଭାଗୀୟ ମୁଖ୍ୟ କହନ୍ତି—ଆହୁରି ଦିଅ । ଆମେ ନୀରବ ରହୁ । ଜାତୀୟ ସାହିତ୍ୟର ଦାରିଦ୍ର୍ୟ ବାହାରେ ଦେଖାଇବାକୁ ଲଜ୍ଜା ଲାଗେ ।

ପୁରାତନ କେନ୍ଦ୍ରପାଠାଗାରର ଉପର ମହଲରେ ସେତେବେଳେ 'ବିଦ୍ୟାଭବନ' ଥାଏ । ସଂସ୍କୃତ ଓ ହିନ୍ଦୀବିଭାଗ ଥାଏ ହିନ୍ଦୀଭବନରେ । 'ହଲ୍ ଓ୍ୱାସିଆ ଟ୍ରଷ୍ଟ'ର ସହାୟତାରେ ୧୯୩୬ରେ ଏହି ଭବନ ନିର୍ମିତ ହୋଇଥିଲା । ପ୍ରଖ୍ୟାତ ହିନ୍ଦୀ ଲେଖକ ଡକ୍ଟର ହାଜାରୀପ୍ରସାଦ ଦ୍ୱିବେଦୀ ଏହି ବିଭାଗରେ ପ୍ରାୟ କୋଡ଼ିଏ ବର୍ଷ କାର୍ଯ୍ୟ କରିଥିଲେ । ମୋ ପାଖ କୋଠରିରେ ବସୁଥିଲେ ଆଚାର୍ଯ୍ୟ କ୍ଷିତିମୋହନ ସେନ; ଭାରତୀୟ ସନ୍ଥସାହିତ୍ୟ ସମ୍ପର୍କରେ ବୃଦ୍ଧ ସୁଧୀଙ୍କର ଆଳାପ ବେଶ ପ୍ରୀତିପ୍ରଦ ବୋଧ ହେଉଥିଲା । ବିଦ୍ୟାଭବନର ଅଧ୍ୟକ୍ଷ ଡକ୍ଟର ପ୍ରବୋଧଚନ୍ଦ୍ର ବାଗଚୀ ଚୀନାଭବନରେ ବସୁଥିଲେ, ମଧ୍ୟେ ମଧ୍ୟେ ଆସି ବିଦ୍ୟାଭବନର କାର୍ଯ୍ୟ ତଦାରଖି କରୁଥିଲେ । ବଙ୍ଗଳାବିଭାଗ ବିପୁଳ ଆକାର ଧାରଣ କରୁଥିଲା । ବିଦ୍ୟାଭବନର ଗୋଟିଏ କୋଠରିରେ ବସିଥିଲେ ପଞ୍ଚାନନ

Digitized by srujanika@gmail.com

ମଣ୍ଡଳ, ଭୂର୍ଜ ପତ୍ରରେ ଲେଖା ପ୍ରାଚୀନ ବଙ୍ଗଳା ପାଣ୍ଡୁଲିପି ମେଲୁଛି । ଅନ୍ୟ ଏକ କୋଠରୀରେ ଗବେଷଣା କରୁଥିଲେ ଏଫ୍. ଏମ୍. ଆସିଦ, ଗାଲିବ୍‌ଙ୍କ କବିତା ଉପରେ । ଗବେଷଣା ହିଁ ବିଦ୍ୟାଭବନରେ ମୁଖ୍ୟ କାର୍ଯ୍ୟ ଥିଲା । ସ୍ନାତକୋତ୍ତର ବିଭାଗ ଖୋଲି ନ ଥିଲା । ସେତେବେଳେ ଓଡ଼ିଆ ବିଭାଗ ଖୋଲିଲେ ଚିତ୍ତରଞ୍ଜନ ଆଉ ମୁଁ, ଜଣେ ଗବେଷକ, ଆଉ ଜଣେ ଅଧ୍ୟାପକ; ସଂସ୍କୃତରେ ବି. ଏ. ଶ୍ରେଣୀରେ ସପ୍ତାହକୁ ଦୁଇଟି କ୍ଲାସ ନେଉଥିଲି । ସମସ୍ତ ଛାତ୍ରଛାତ୍ରୀ ବଙ୍ଗାଳୀ । ଭୁଆଁଭୁଆଁ ବଙ୍ଗଳାରେ ପ୍ରସ୍ତୁତ ଭାବେ ମୁଁ କହି ପାରୁଥିଲି । ପ୍ରହ୍ଲାଦ ପ୍ରଧାନ ଚିତ୍ତରଞ୍ଜନଙ୍କ ସହିତ ମିଶି ଓଡ଼ିଆ ପାଠାଗାରଟି ସଂଗଠିତ କଲା ପରେ ଚାଲି ଆସିଗଲେ । ଚିତ୍ତ 'ଅଚ୍ୟୁତାନନ୍ଦ ଓ ପଞ୍ଚସଖା' ଲେଖୁଥିଲେ । ମୁଁ ଲେଖିବସିଲି 'ଲଙ୍କାପାଣି' ।

ଶାନ୍ତିନିକେତନର ସେଇ ପ୍ରଥମ ରାତି ଆସିଲା ବୋଧହୁଏ ପୂର୍ଣ୍ଣିମା । ସେ ଦିନର ଜୋତ୍ସ୍ନା ଫୁଟାଇ ଥିଲା ଧୂଳିରେ ଫୁଲ, ଶୂନ୍ୟରେ ଫୁଟି ଉଠି ଯାଉଥିଲା ରୂପାର ତାରକଶି ଫୁଲହେଁ । ଏତିକିବେଳେ ଏଇ ଜୋତ୍ସ୍ନାକୁ ମୁଖରିତ କରି ଛାତ୍ରଛାତ୍ରୀମାନେ ଶାନ୍ତିନିକେତନ ପରିକ୍ରମା କରି ଚାଲିଲେ । ପୂର୍ଣ୍ଣିମାର ପ୍ଳାବନ ଦେହରେ ପୂର୍ଣ୍ଣ ଯୌବନର ଆନନ୍ଦକୁ ଆଣି ମିଶିଗଲା । ତରୁଣତରୁଣୀମାନେ କ୍ଳାନ୍ତ ହେବା ପର୍ଯ୍ୟନ୍ତ ରବୀନ୍ଦ୍ରସଙ୍ଗୀତ ଗାଉଥିଲେ—ଏ ଜୀବନ ପୂର୍ଣ୍ଣ କର ଏ ଜୀବନ ପୂର୍ଣ୍ଣ କର—ସକାଳୁ 'ବୈତାଳିକ'ରେ ଯୋଗ ଦେଲି । ଏହା ଏକ ସମୂହପ୍ରାର୍ଥନା ।

ସକାଳେ ଘଣ୍ଟା ବାଜିବା ମାତ୍ରେ ଶାଳବୀଥି ଓ ପୂର୍ବତନ କେନ୍ଦ୍ରପାଠାଗାର ସମ୍ମୁଖରେ ଅଧ୍ୟାପକଅଧ୍ୟାପିକା, ଶିକ୍ଷକଶିକ୍ଷିକା, ଛାତ୍ରଛାତ୍ରୀମାନେ ସମସ୍ତେ ନୀରବରେ ଠିଆ ହୋଇଗଲେ; କେତେଜଣ ଛାତ୍ରଛାତ୍ରୀ ମଞ୍ଚ ଉପରକୁ ଯାଇ ନିମ୍ନ ବୈଦିକ ସୂକ୍ତ ଆବୃତ୍ତି କଲେ—

ଓଁ ପିତା ନୋଽସି
ପିତା ନୋ ବୋଧି
ନମସ୍ତେଽସ୍ତୁ
ମା ମା ହିଂସୀଃ
ବିଶ୍ୱାନି ଦେବ ସବିତର
ଦୁରିତାନି ପରାସୁବ ।

ଯଦ୍ ଭଦ୍ରଂ ତନ୍ନ ଆସୁବ
ନମଃ ଶମ୍ଭବାୟ ଚ ମୟୋଭବାୟ ଚ
ନମଃ ଶଙ୍କରାୟ ଚ ମୟସ୍କରାୟ ଚ

Digitized by srujanika@gmail.com

ନମଃ ଶିବାୟ ଚ ଶିବତରାୟ ଚ
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ । ହରିଃ ଓଁ

ଅର୍ଥ—ତୁମେ ଆମମାନଙ୍କର ପିତା; ପିତାଙ୍କ ପରି ଆମମାନଙ୍କୁ ଜ୍ଞାନ ଶିକ୍ଷା ଦିଅ, ତୁମକୁ ନମସ୍କାର ।

ମୋତେ ମୋହ, ପାପରୁ ରକ୍ଷା କର; ମୋତେ ପରିତ୍ୟାଗ କର ନାହିଁ, ମୋତେ ବିନାଶ କରନାହିଁ । ହେ ଦେବ, ହେ ପିତା, ମୋ ପାପପୁରୁ ମାର୍ଜନା କର । ଯାହା କଲ୍ୟାଣମୟ, ତାହା ଆମମାନଙ୍କ ନିକଟକୁ ପ୍ରେରଣ କର । ତୁମେ ସୁଖକର, କଲ୍ୟାଣକର, ସୁଖ କଲ୍ୟାଣର ଆକର, କଲ୍ୟାଣ ଓ କଲ୍ୟାଣତର, ତୁମକୁ ନମସ୍କାର ।

ଓଁ ଯୋ ଦେବୋ ଅଗ୍ନୌ ଯୋ ଅପ୍ସୁ
ଯୋ ବିଶ୍ୱଂ ଭୁବନମାବିବେଶ
ଯେ ଓଷଧୀଷୁ ଯୋ ବନସ୍ପତିଷୁ
ତସ୍ମୈ ଦେବାୟ ନମଃ
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ । ହରିଃ ଓଁ

ଯେଉଁ ଦେବତା ଅଗ୍ନିରେ, ଯେ ଜଳରେ, ଯେ ବିଶ୍ୱସଂସାରରେ ପ୍ରବିଷ୍ଟ ହୋଇ ଅଛନ୍ତି, ଯେ ଓଷଧିରେ, ଯେ ବନସ୍ପତିରେ, ସେହି ଦେବତାଙ୍କୁ ବାରମ୍ବାର ନମସ୍କାର କରୁଅଛୁ ।

ତା ପରେ ତରୁଣତରୁଣୀ, କିଶୋରକିଶୋରୀମାନେ ସୁଲଳିତ କଣ୍ଠରେ ରବୀନ୍ଦ୍ର ସଙ୍ଗୀତଟିଏ ଗାଇଲେ । 'ସଙ୍ଗୀତଭବନ' ଅଗରୁ ଏକ ସ୍ୱରରେ ତାଳ ଲୟରେ ଗାଇବା ଲାଗି ସେମାନଙ୍କୁ ଶିକ୍ଷା ଦେଇଥାଏ । ଗୀତଟି ଶୁଣିଲା ପରେ ମନରୁ ସତେ କି ସକଳ କଳୁଷ ପୋଛି ହୋଇଗଲା । ଏଥିରୁ ଝରିପଡ଼ୁଥିଲା ବିନମ୍ର, ଆନନ୍ଦ, ସଂଯମ ଓ ଶାନ୍ତିର ଭାବ; ମିଳୁଥିଲା କର୍ମର ପ୍ରେରଣା; ଅନନ୍ତଲୋକର ଆଶୀର୍ବାଦ; ଏ ଭଳି କବିହୃଦ୍‌ପୂର୍ତ୍ତି ସ୍ତୁତିଗୀତ ପ୍ରାଦେଶିକ ଭାଷାମାନଙ୍କରେ ଅଳ୍ପ ସଂଖ୍ୟାରେ ଅଛି । ଏ ସ୍ତୁତି ଭଗବାନଙ୍କ ନିକଟରେ ନିଶ୍ଚୟ ପହଞ୍ଚୁଥିବ । ଭଗବାନ ସଜଫୁଲ ପରି ଏହାକୁ ନିଶ୍ଚୟ ଗ୍ରହଣ କରିଥିବେ । ସଭା ଶେଷରେ ନିମ୍ନ ଲୋକପ୍ରିୟ ରବୀନ୍ଦ୍ରଗୀତଟି ବୋଲା ହେଲା—

ଆମାଦେର ଶାନ୍ତିନିକେତନ
ଆମାଦେର ସବ ହତେ ଆପନ ।
ତା'ର ଆକାଶଭରା କୋଳେ,
ମୋଦେର ଦୋଲେ ହୃଦୟ ଦୋଲେ,
ମୋରା ବାରେ ବାରେ ଦେଖି ତାରେ ନିତ୍ୟଇ ନୂତନ ।

Digitized by srujanika@gmail.com

ମୋଦେର ତରୁ ମୂଳେର ମେଳା,
ମୋଦେର ଖୋଲା ମାଠେର ଖେଲା,
ମୋଦେର ନୀଲ ଗଗନେର ସୋହାଗମାଖା ସକାଲ ସନ୍ଧ୍ୟାବେଳା
ମୋଦେର ଶାଲେର ଛାୟାବୀଥି
ବାଜାୟ ବନେର କଲଗୀତି,
ସଦାଇ ପାତାୟ ନାଚେ ମେତେ ଆଛେ ଅମଲକୀ କାନନ,
ଆମାର ଯେଥାୟ ମରି ଘୁରେ
ସେ ଯେ ଯାୟନା କଭୁ ଦୂରେ
ମୋଦେର ମନେର ମାଝେ ପ୍ରେମେର ସେତାର ବାଁଧା ଯେ ତାର ସୁରେ
ମୋଦେର ପ୍ରାଣେର ସଙ୍ଗେ ପ୍ରାଣେ,
ସେ ଯେ ମିଲିୟେଛେ ଏକ ତାନେ,
ମୋଦେର ଭାଇୟେର ସଙ୍ଗେ ଭାଇକେ ସେ ଯେ କରେଛେ ଏକମନ ।

ସେତେବେଳେ ଶାନ୍ତିନିକେତନ ଯେପରି ନିର୍ଜନ, ସେହିପରି ସୁରଭିତ ଓ ଗୀତମୁଖରିତ । ପୁଷ୍ପିତ ଅଶୋକକୁଞ୍ଜରୁ ଦୁଇଟି ତରୁଣୀ ଆସୁଥିଲେ ଏଇ ସଙ୍ଗୀତଟି ଗାଇ ଗାଇ ।

ଏଇ କରେଛ ଭାଲୋ, ନିଠୁର
ଏଇ କରେଛ ଭାଲୋ
ଆମାର ଏ ଧୂପ ନା ପୋଡ଼ାଲେ
ଗନ୍ଧ କିଛୁଇ ନାହିଁ ଢାଲେ
ଆମାର ଏ ଦୀପ ନା ଜାଲାଲେ
ଦେୟ ନା କିଛୁଇ ଆଲୋ ?

'ମରିତେ ଚାହିନା ଆମି ସୁନ୍ଦର ଭୁବନେ, ମାନବେର ମାଝେ ଆମି ବାଁଚିବାରେ ଚାହି ।' ହୃଦୟ ମୋର ଉଛୁଳି ଉଠୁଥିଲା କି ଆନନ୍ଦରେ, ଖୋଜି ବୁଲୁଥିଲି ସେହି ସ୍ୱପ୍ନଦେବ ଝଙ୍କୃତ ହୃଦୟର ସ୍ୱରଲିପି । କବି ରବୀନ୍ଦ୍ରଙ୍କ ବାସଭବନ 'ଉତ୍ତରାୟଣ'ରେ ମୁଁ କବି ମନକୁ ଢୁଣ୍ଢି ଖୋଜୁଥିଲି; ଲତାସ୍ତିତ ଗବାକ୍ଷ, ଅଗ୍ନିଶିଖା, ବନପୁଲକ, ନୀଳମଣିଲତା, ଗୋଲାପ, ଡାଲିଆ, ଚମ୍ପା, ସେବତୀ—ଥୋପା ଥୋପା, କେଣ୍ଡା କେଣ୍ଡା କେତେ ଫୁଲ, କବିଙ୍କ ଗୀତକବିତା ସତେ ବା ଅପୂର୍ବ ପ୍ରଫୁଲ୍ଲତା ଘେନି ଫୁଲ ହୋଇ ଫୁଟିଥିଲା । ଗ୍ରେଟ ଚିଡ଼ିଆଖାନାଟି ଭିତରେ ବୁଲୁଥିଲା ବଢ଼ିଆ କାଙ୍କ, ପୁଚ୍ଛରେ ଇନ୍ଦ୍ରଧନୁର ମେଞ୍ଚେରଙ୍ଗୀ ଟେକି ଛିଡ଼ା ହୋଇଥିଲା ମୟୂର— କୃତ୍ରିମ ହ୍ରଦର ଦ୍ୱୀପରେ ଛିଡ଼ା ହୋଇ ଲକ୍ଷ୍ୟ କରୁଥିଲା ଏ ପାଖେ ପଦ୍ମ, ସେ ପାଖେ କଇଁଫୁଲକୁ ।

Digitized by srujanika@gmail.com

ଗୋଟିଏ ବୃକ୍ଷ ହେଲ ବେଳେ ଅ.ଟେଟି ଫୁଟିଥିବ । ସୌନ୍ଦର୍ଯ୍ୟଜଗତ ରବୀନ୍ଦ୍ରଙ୍କୁ ଯେଉଁ ଦିଗ ଦେଉଁଥିଲ—କୃତ୍ରିମ ପାହାଡ଼ମାନଙ୍କରେ ଫୁଟୁଥିଲ ସପ୍ତଫେଣୀ—ଅସୀମକୁ ଅଗଣିତ ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲା ଫେଣନ୍ୟ କାଠଚମ୍ପା ।

ଉତ୍ତରାୟଣ ଉଦ୍ୟାନ ରଚନାରେ ରବୀନ୍ଦ୍ର ଶିଳ୍ପୀ, କିନ୍ତୁ ସେଠି ସେ ଅଙ୍କି ନାହାନ୍ତି, ବୋପିନ୍ନନ୍ତି । ଅଙ୍କନ ହେଉ ବା ବୋପଣ ହେଉ, ସବୁଠି ତାଙ୍କର କବିର ଭାବ । ଆଶ୍ରମର ସବୁଆଞ୍ଚଳ ପୁଷ୍ପ ଜଣାଏ ଶରତ୍ ବସନ୍ତାଦି ଋତୁର ସମ କୋମଳ ସ୍ପର୍ଶ ପାଏ । ବସନ୍ତ ଶାଳ୍ମଳୀ କିଂଶୁକରେ, ଗ୍ରୀଷ୍ମ କୃଷ୍ଣଚୂଡ଼ାରେ ଉଦ୍ଭ୍ରାନ୍ତ, ଶରତ କାଶ ଶେଫାଳୀରେ ଶ୍ରୀମନ୍ତ । ଉଦ୍ୟାନର କେଉଁ କଣରୁ କେଉଁ ଅଜଣାଜଣା ପୁଷ୍ପର ଅଦ୍ଭୁତ ସୁଗନ୍ଧ ଭାସି ଆସେ । ଶାନ୍ତିନିକେତନ ପ୍ରାଚ୍ୟ ପାଶ୍ଚାତ୍ୟ ବୃକ୍ଷର ମିଳନ ଭୂମି; ପୁଷ୍ପରେ କି କବିତାର ଭାବ ଲାଗିଛି, ପତ୍ରଟିଏ ଛୁଇଁ ଦେଲେ ଯେପରିକି ଅଦ୍ଭୁତ ସ୍ୱରଝଙ୍କାର ବାଜି ଉଠିବ, ଛିଣ୍ଡାଇବାକୁ ମନ ହୁଏନାହିଁ, କାଳେ ରବୀନ୍ଦ୍ରଙ୍କ ତାନପୁରାର ତାନ ଭ୍ରଷ୍ଟ ହେବ ।

ରବୀନ୍ଦ୍ରସଙ୍ଗୀତରେ ଝଙ୍କୃତ ଆଶ୍ରମ ଓ ଉଦ୍ୟାନରୁ ମୁଁ ପ୍ରବେଶ କଲି ଉତ୍ତରାୟଣ ଗୃହରେ । କାଷ୍ଠର ନାନା ବିଚିତ୍ର କାରୁକାର୍ଯ୍ୟ, ରବୀନ୍ଦ୍ର ହସ୍ତଲିଖିତ ପାଣ୍ଡୁଲିପି । କବି ରୂପପ୍ରାଣ । କୁତ୍ସିତ ତାଙ୍କ ମନକୁ ଉତ୍ପୀଡ଼ିତ କରେ । କବିତା ଲେଖିଲା ବେଳେ ସେ ସାଧାରଣ କବିଙ୍କ ପରି ବହୁତ କଟାକଟି କରନ୍ତି । ଏ କଟାକଟିର କୁତ୍ସିତତା ତାଙ୍କୁ ବହୁତ ବାଧେ । କଲମ ବୁଲେଇ ବୁଲେଇ ଏ କଟାକଟିକୁ ସେ ଗୋଟିଏ ଅଦ୍ଭୁତ ରୂପ ଦିଅନ୍ତି । ଭଗବାନଙ୍କ ସୃଷ୍ଟି ରାଜ୍ୟରେ ଏ ରୂପର ସାମଞ୍ଜସ୍ୟ ନାହିଁ । ଏହା ଏକ ସୃଷ୍ଟିଛଡ଼ା ସୃଷ୍ଟି—ଈଶ୍ୱରଙ୍କ ସର୍ଜନାରେ କିଛି ନୂତନ ଆକୃତିଯୋଗ । ସ୍ରଷ୍ଟାଙ୍କ ପାଖରେ ସ୍ରଷ୍ଟା ହୋଇ ବସିବାର ଯୋଗ୍ୟତା ସାଧନା ବଳରେ ଅର୍ଜନ କରିଥିଲେ ସେ ।

ଉତ୍ତରାୟଣ ଗୃହରେ ପ୍ରଦର୍ଶିତ ରବୀନ୍ଦ୍ର ଅଙ୍କିତ ଛବିସବୁ, ଖିଆଲୀ ଭାବର ବହୁ ବିଚିତ୍ର ରୂପ । ବଜ୍ରକୀଟ ଯୋଉ ପଥର କାଟି ଶାଳଗ୍ରାମ କଲା ପରି ସେ ଅଙ୍କି, ଯାଇଛନ୍ତି କେବଳ ସୌନ୍ଦର୍ଯ୍ୟାନନ୍ଦର ବଶବର୍ତ୍ତୀ ହୋଇ । କଳାର ଗତାନୁଗତିକ ଗତି ପଦ୍ଧତି ସେ ମାନି ନାହାନ୍ତି । 'ଯୁଗଳ', 'ସେ', 'ଅଙ୍ଗୁରଲବ୍ଧ ହରିଣ' 'ଦୂର ରହସ୍ୟ ଦେଖା,' 'କଳ୍ପିତ ଜାନୁଆର'; 'ମୁଖା', 'ଅଦ୍ଭୁତ' ପ୍ରଭୃତି ଛବିଗୁଡ଼ିକ ହୁଏତ ଗତାନୁଗତିକ ଅର୍ଥରେ ସୁନ୍ଦର ନୁହେଁ । ତଥାପି ମୋ ପରି ଛବିର ମର୍ମ ବୁଝି ପାରୁ ନ ଥିବା ଲୋକ ମନରେ କିଛି ନା କିଛି ଭାବୋଦ୍ରେକ କରେ—କରୁଣସୁନ୍ଦର, ତିକ୍ତମଧୁର, ବିକୃତବିଚିତ୍ର ଏବଂ ମଣିଷଙ୍କ ଅନୁଭୂତି ମଧ୍ୟରେ ତାର ସ୍ଥିତି ନାହିଁ, ତେଣୁ ଭାବ ସ୍ପଷ୍ଟ ହେଉନାହିଁ । ଆନ୍ଦ୍ରେଜିଦ୍‌ଙ୍କ ଭାଷାରେ 'ରବୀନ୍ଦ୍ରଙ୍କ ଛବି ଭବିଷ୍ୟତ ମଣିଷଙ୍କ ଲାଗି ଉଦ୍ଦିଷ୍ଟ' ।

Digitized by srujanika@gmail.com

ରବୀନ୍ଦ୍ରଙ୍କ କାବ୍ୟାଦର୍ଶର ପୀଠିକାରେ କାଳିଦାସ ବା ସେଲି; ଉପନିଷଦକାର ତାଙ୍କ ଦାର୍ଶନିକ ଗୁରୁ । କିନ୍ତୁ ଛବିଅଙ୍କା ସେ ବିନା ଗୁରୁରେ ଶିଖିଥିଲେ :— 'ମନ ମୋହର ନିଜ ଗୁରୁ ।'

ସତୁରି ବର୍ଷ ବୟସ, ଯେତେବେଳେ ହାତ ଥରେ, କଳ୍ପନାରାଜ୍ୟରେ ନୂଆ ଡେଣା ମେଲିଇ ଉଡ଼ିବାକୁ ମନ ଡରେ, ରବୀନ୍ଦ୍ର ସେତେବେଳେ ଆଙ୍କି ବସିଲେ, ଅକ୍ଷରେ ବୃତ୍ତି ଲେଖା ଭୁଲିଗଲେ । ହବୁ ଶିଳ୍ପୀ ଅଙ୍କନ୍ତି ତୂଳୀରେ, ସେ ଅଙ୍କିଲେ କଲମରେ, ଯେ କୌଣସି କାଗଜ ଉପରେ । ଫୁଲରୁ ରସ କାଢ଼ି ସେ ରଙ୍ଗ ଦେଲେ । ସେ ଆଗରୁ କିଛି ଭାବି ଛବି ଆଙ୍କି ବସୁ ନଥିଲେ । ଅଙ୍କୁ ଅଙ୍କୁ ବାନର, ବ୍ୟାଘ୍ର, ମଣିଷ, ପକ୍ଷୀ ଯାହା ହୋଇଗଲା ସେଇଆ । ସେଥିରେ ଲକ୍ଷ୍ୟ କରିବାର କଥା, ତାଙ୍କର ଅନ୍ତର୍ଦୃଷ୍ଟି, ତନ୍ମୟତା, ନବ ନବ ଉନ୍ମେଷମତା, ଓ ଅମୂର୍ତ୍ତବୃତ୍ତି । କିନ୍ତୁ ଏତେ ଆଙ୍କି ସେ ତୁଷ୍ଟ ନଥିଲେ । ନିଜକୁ ବ୍ୟକ୍ତ କରି ସେ ଯେପରି କଳାକୁ ପୂର୍ଣ୍ଣ କରିପାରୁ ନ ଥିଲେ, କିଛି ଯେପରିକି ରହିଯାଉଥିଲା ବାକି ।

ରବୀନ୍ଦ୍ର ଐଶ୍ୱର୍ଯ୍ୟସମ୍ପନ୍ନ ହେଲେ କୌଣସି ଏ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ଲେଖାଲେଖି କରୁ ନ ଥିଲେ । ମନର ବାତାବରଣ ବଦଳେଇବା ଲାଗି ସେ ବଦଳାଉଥିଲେ ସ୍ଥାନ । ତାଙ୍କ ଛୋଟ ଅନୁପ ସ୍ମୃତି କେଉଁଠି ଝାଟିମାଟିର ମହୁଡ଼ମର କୁଡ଼ିଆ, ମାଟି ତଳେ ଗିରି ଗହ୍ୱର ପରି ଗମ୍ଭୀର, ଦେଉଳଅଳିନ୍ଦର ଗଠନକୁ ଆଦୋଳିଥିବା ଘର ତୋଳା ହୋଇଥିଲା । କେତେବେଳେ 'ମାଳଞ୍ଚ'ରେ, କେତେବେଳେ 'କୋଣାର୍କ' ବା 'ଶ୍ୟାମଳୀ'ରେ ବା ଅଶୋକ ନାଗେଶ୍ୱରକୁଞ୍ଜରେ ଦେଶୀ ବିଦେଶୀ ଫୁଲ ଗନ୍ଧରେ ବସି ଲେଖୁଥିଲେ; ପ୍ରକୃତି କମନୀୟ ଶ୍ରୀରେ ତାଙ୍କ କଳ୍ପଲୋକରେ ଧରା ଦେଉଥିଲା, ସତେ ଯେପରି କବି ଖିଆଲରେ ନୂତନ ରୂପ ଲଭି ଲିପ୍ସାରେ !

କେତେବେଳେ ତାଙ୍କ ସହିତ ବସୁଥିଲେ ମହାତ୍ମାଗାନ୍ଧୀ, ପଣ୍ଡିତ ନେହେରୁ, ସି. ଏଫ୍. ଆଣ୍ଡ୍ରୁଜ୍, ଫରାସୀ ପଣ୍ଡିତ ସିଲ୍‌ଭାଁ ଲେଭି, ଦେଶୀ ବିଦେଶୀ ବନ୍ଧୁ ପର୍ଯ୍ୟଟକ । ଶାନ୍ତିନିକେତନ ହୋଇ ଉଠିଥିଲା ଏକ ଆନ୍ତର୍ଜାତିକ ସ୍ୱପ୍ନର, କବିତାର । ମହାତ୍ମାଜୀ ଦିନେ ଗୁରୁଦେବଙ୍କୁ କହିଲେ, ସ୍ୱପ୍ନ ଖାଇ ଜୀବନ ବଞ୍ଚିବାରେ ନାହିଁ । କୋଇଲିର ସ୍ୱର କବି କର୍ଣ୍ଣକୁ ମଧୁର ଲାଗେ, କିନ୍ତୁ ତା ମଧ୍ୟରେ ମୁଁ ଶୁଣେ କ୍ଷୁଧାର ଆର୍ତ୍ତନାଦ ।

ଗାନ୍ଧିଜୀଙ୍କ ବାସ୍ତବ ଦୃଷ୍ଟିକୋଣ କବି ଗ୍ରହଣ କରିଥିଲେ ଓ ଶିଳ୍ପତୀର୍ଥ 'ଶ୍ରୀନିକେତନ'ର ସୃଷ୍ଟି ହୋଇଥିଲା । ପ୍ରତିବର୍ଷ ସେଠି ହଳ କର୍ଷଣ ଉତ୍ସବ, କୃଷି, ଶିଳ୍ପ ପ୍ରଦର୍ଶନୀ ଓ ମେଳା ଅନୁଷ୍ଠିତ ହୁଏ ।

Digitized by srujanika@gmail.com

ବାଣୀସେବାରେ କଠୋର ଅଧ୍ୟବସାୟ ଦେଖି ଗାନ୍ଧିଜୀ କବିଙ୍କୁ ଦିନରେ ୧ଧ ଘଣ୍ଟା ଏ ଅବସର ନେବା ଲାଗି ଅନୁରୋଧ କରିଥିଲେ । ଏହି ବିଷୟକୁ ଅବଲମ୍ବନ କରି ମୁଁ ଗୋଟିଏ କବିତା ଲେଖିଥିଲି । ପ୍ରତିଭା ଯେତେ ଉଜ୍ଜ୍ୱଳ ହେଲେ ବି ଉତ୍ତମ ସାହିତ୍ୟ ସୃଷ୍ଟି ଲାଗି ଅଧ୍ୟବସାୟ ଏକାନ୍ତ ଆବଶ୍ୟକ । ଏହା ମୁଁ ହୃଦୟଙ୍ଗମ କଲି ।

ଉତ୍ତରାୟଣର ଦ୍ୱାରଦେହଳୀରେ 'ବାଲ୍ମୀକି ପ୍ରତିଭା', 'ଫାଲ୍‌ଗୁନୀ' 'ତାସେର ଦେଶ' ଓ ବିଭିନ୍ନ ରବୀନ୍ଦ୍ରଙ୍କର ନାଟକସବୁ ଅଭିନୀତ ହେଉଥିଲା । ଯବନିକା ନ ଥିଲା । ଖୋଲା ରଙ୍ଗମଞ୍ଚ । ମଞ୍ଚ ସଜାଉଥିଲା କଳାଭବନ, ପାତ୍ରପାତ୍ରୀମାନଙ୍କୁ ସଜାଇବାର ଦାୟିତ୍ୱ ମଧ୍ୟ କଳାକାରମାନଙ୍କର ଥିଲା; 'ସଙ୍ଗୀତଭବନ'ର ସହଯୋଗ ଯୋଗୁଁ ନୃତ୍ୟ, ସଙ୍ଗୀତଗାନ ଓ ବାଦ୍ୟବାଦନ କାହିଁରେ କିଛି ବାକିବାକୁ ନ ଥିଲା ।

କିନ୍ତୁ ଅଧିକାଂଶ ନାଟକ ପ୍ରତୀକାତ୍ମକ । ପୌରାଣିକ ଓ ସାମାଜିକ ନାଟକ ଦେଖିବାରେ ଅଭ୍ୟସ୍ତ ମୋର ରୁଚି ବହୁ ଦିନ ଯାଏ ଏ ଅଭିନୟ ପସନ୍ଦ କରି ନ ଥିଲା । ମନେ ହେଉଥିଲା ପୃଥିବୀରୁ ଖସି ପଡ଼ୁଛି, ବାସ୍ତବତାରୁ ଦୂରବର୍ତ୍ତୀ ।

ବସନ୍ତ ଅଭିନନ୍ଦନ ବଡ଼ ପ୍ରୀତିପ୍ରଦ ବୋଧ ହେଉଥିଲା, ଯେତେବେଳେ ତରୁଣ ତରୁଣୀମାନେ ଏକ ସ୍ୱରରେ ଗାଉଥିଲେ "ଦକ୍ଷିଣ ଦୁଆର ଖୋଲ ·····;" ବୋଧ ହେଉଥିଲା ଏ ମଧୁର ଗୀତ ଶୁଣିବା ଲାଗି ବସନ୍ତ ମଳୟକୁ ସଙ୍ଗରେ ଘେନି ଆସିବ । କିନ୍ତୁ କହୁ ପୁଷ୍ପିତ, ଶ୍ୟାମଳ ବସନ୍ତ ସୁଖସ୍ୱପ୍ନ ପରି ମୁହୂର୍ତ୍ତକେ ଅନ୍ତର୍ହିତ ହେଉଥିଲା, ମଳୟର ଉନ୍ମୁକ୍ତ ପଥ ରୁଦ୍ଧ ହୋଇଯାଉଥିଲା ଉଦଣ୍ଡ ତାଣ୍ଡବରତ ମହାଶକ୍ତିରେ । ଦେଖା ଦେଉଥିଲା ଝଞ୍ଜାପବନ ଜର୍ଜରିତ ଘୂର୍ଣ୍ଣୀ; ଧୂସର ଧୂମାଚ୍ଛିତ କାଳବୈଶାଖୀ । ଶରତହିଁ ଥିଲା ଶାନ୍ତିନିକେତନର ଶ୍ରେଷ୍ଠ ଋତୁ । ମନକୁ କୁଣ୍ଠିତ, କୃପଣ କର ନାହିଁ । ଋତୁଚକ୍ରର ଛନ୍ଦସ୍ପନ୍ଦ ପୂର୍ଣ୍ଣପ୍ରାଣରେ ଉପଭୋଗ କର—ଏ ଥିଲା ରବୀନ୍ଦ୍ରଙ୍କ ବାଣୀ ।

ମଧ୍ୟେ ମଧ୍ୟେ ହେଉଥିଲା ବିଶ୍ୱନୃତ୍ୟ— ଭରତନାଟ୍ୟମ୍, କଥକ, ମଣିପୁରୀ ନୃତ୍ୟରୁ ଆଦିବାସୀ ନୃତ୍ୟ ଓ ଇଉରୋପୀୟ ବଲ୍ ନୃତ୍ୟ ।

ବର୍ଷେ ବର୍ଷେ ହେଉଥିଲା ବହୁ ଭାଷାରେ ରଚିତ ବସନ୍ତ କବିତାର ଆବୃତ୍ତି । ମୋର 'ସୁରଭିତ କରି ପଥ ଆସ ହେ ବସନ୍ତ' କବିତାଟି ଅଭିନନ୍ଦିତ ହୋଇଥିଲା ଓ ମୁଁ କବି ଭାବେ ଶାନ୍ତିନିକେତନରେ ଖ୍ୟାତ ହୋଇଥିଲି ।

ହ୍ରଦର ଗୋଟିଏ ଦ୍ୱୀପରେ ଯୁବତୀ ତରୁଣୀ ମୁଖରେ ସନ୍ଧ୍ୟାର ଅମ୍ବର ଦେଖି ମୁଁ ଲେଖିଥିଲି—

'ହୃଦ ତଟରେ ତଟରେ କିଏ ବୁଲ ଆଗୋ ଅନୁରାଗିଣୀ
ତୁମ କଣ୍ଠେ ଶୁଣେ ମୁଁ ଅନ୍ତରର ରାଗିଣୀ
କାଶେ କାଶେ କିଂଶୁକ କରି ନଏଁ ଯତ୍ନେଁ ଗୋଧୂଳି
ଆଗୋ ହେ ଦମୟନ୍ତୀ, ଭରି ଅଛ ତନ୍ଵେଁ ମାଧୁରୀ ।

× × ×

ସତେ ସନ୍ଧ୍ୟା ଓ ତୁମେ କିସ କଥା ତୁଅ ଦ ଜଣେ
ତୁମେ ଝକେ ତ କବିତା କ କବିତା ଖୋଜ ବଜନେ ?'

ଶାନ୍ତିନିକେତନରେ ସେତେବେଳେ ପ୍ରମିଳାରାଜ୍ୟ ପରି ନାରୀପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଥିଲା । ଫଳରେ ପୁରୁଷମାନେ ମାଇଚିଆ ହୋଇ ଯାଉଛନ୍ତି ବୋଲି ମତ ପ୍ରକାଶ ପାଇଥିଲା । ଏହାକୁ କେନ୍ଦ୍ର କରି ଏକ ବ୍ୟଙ୍ଗ ରଚନା ହୋଇଥିଲା ।

ଗୋଟିଏ ଷଣ୍ଢ ବାଟରେ ଶୋଇଥିଲା । ତାକୁ ଅଡ଼େଇବା ବା ଏଡ଼େଇବାକୁ ପୌରୁଷ ବା ସାହସ ନ କୁଳେଇବାରୁ ଛାତ୍ରଟି କହିଲା—ହେ ଷଣ୍ଢ, ଯିବୋ, ତା ନା ହଲେ ଫୁଲ୍ ଛୁଡ଼େ ମାର୍‌ବୋ କିନ୍ତୁ ।

ବଙ୍ଗାଳୀଚରିତ୍ର କିନ୍ତୁ କେତୋଟି ଦିଗରୁ ଅନୁକରଣୀୟ । ଅଧିକାଂଶ ଅଧ୍ୟାପକ ବହୁପାଠୀ, ବିଦ୍ୟୋତ୍ସାହୀ । ଗବେଷଣା, ରଚନା ଓ ସତ୍‌କର୍ମରେ ଉତ୍ସାହ ଦେବା ସେମାନଙ୍କ ପ୍ରକୃତିଗତ, ନୃତ୍ୟ, ଗୀତ, ବକ୍ତୃତା ଯାହାହେଉ, କାହାକୁ ହସି ଉଡ଼ାଇ ଦେବା ଶାନ୍ତିନିକେତନୀ ରୀତି ନୁହେଁ—'ସାଧୁ, 'ସାଧୁ' 'ସାଧୁ' । 'କେମନ୍ ଲାଗ୍‌ଲ୍' ପଚାରିଲେ କହନ୍ତି—'ଖୁବ୍ ଭାଲୋ' । ବଙ୍ଗଳାରୁ ବହୁ ସଂଖ୍ୟାରେ ବଡ଼ ଲୋକ ବାହାରିବାର ଏହାହିଁ ଗୋଟିଏ ମୁଖ୍ୟ କାରଣ । ସେମାନେ ପାଦ ଝିଙ୍କନ୍ତି ନାହିଁ, ଟେକି ଧରନ୍ତି । ମୀନାକ୍ଷି ନନ୍ଦଙ୍କ ଓଡ଼ିଶୀନୃତ୍ୟ ଦେଖି ସେମାନେ ତାକୁ ଟେକି ଧରି ବୁଲଇ ଥିଲେ—ଅଦଭୁତ ପ୍ରତିଭା ।

କି ଥିଲା ଏ ରାଜ୍ୟ
କି ହୋଇଛି ଆଜ !

କିଛି ଦିନ ମଧ୍ୟରେ ଶାନ୍ତିନିକେତନ ମୋ ମନ ଉପରେ ଯାଦୁକରୀ ମାୟା ବିସ୍ତାର କରି ବସିଲା । ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ସହିତ ମିଶିଗଲି; ଅଧ୍ୟକ୍ଷଙ୍କର ବିଶ୍ୱାସର ପାତ୍ର ହେଲି । ଶାନ୍ତିନିକେତନବାସକୁ ଏକ ତୀର୍ଥବାସ ମନେ କଲି, ଅବଶ୍ୟ ସେ ତୀର୍ଥ ସାଂସ୍କୃତିକ, ସାହିତ୍ୟିକ, କଳାର । ଏହାକୁ ଆତ୍ମବିକାଶର ଏକ ଅନୁକୂଳ କ୍ଷେତ୍ର ମନେ କରୁଥିଲି । ବୃତ୍ତି ଅତୀତ ପ୍ରୀତିର ବିଶେଷ ଅନ୍ତୋନ୍ମୁଖର ଏକ ଅନୁରାଗ ; ମୋ କ୍ଷେତ୍ରରେ ଉଭୟର ସମନ୍ୱୟ ଏକ ସୌଭାଗ୍ୟର ବିଷୟ ହୋଇଥିଲା ।

Digitized by srujanika@gmail.com

ବ୍ୟକ୍ତିର ଭାଗ୍ୟ ପରି ସ୍ଥାନର ଭାଗ୍ୟ । ଫଳରେ କେଉଁ ସ୍ଥାନ ଉଦ୍ୟାନ, କେଉଁ ସ୍ଥାନ ଶ୍ମଶାନ ହୁଏ । ପୁଣି ଚକ୍ର ଘୂରେ, ସବୁ ଓଲଟପାଲଟ ହୋଇଯାଏ ।

ପ୍ରାୟ ଏକ ଶତାବ୍ଦୀ ପୂର୍ବେ ଏହି ଅଞ୍ଚଳ ଗୋଟିଏ ନାମଖ୍ୟାତହୀନ ଅପକୃଷ୍ଟ ଥିଲା । ଗୋଟିଏ ଛାତିମ୍ ବୃକ୍ଷ ମାତ୍ର ଡକାୟତମାନଙ୍କର କ୍ରୂର କର୍ମର ମୂକସାକ୍ଷୀ ରୂପେ ଛିଡ଼ା ହୋଇଥିଲା । ଡକାୟତମାନେ ପଥିକମାନଙ୍କୁ ବିନାଶ କରି ମୁଣ୍ଡସବୁ ବୃକ୍ଷ ମୂଳରେ ପୋତି ଦେଉଥିଲେ । ଅଦୂରବର୍ତ୍ତୀ 'କଙ୍କାଳିତଳା', 'କାଳିକାପୁର' ଓ 'ବକ୍ରେଶ୍ୱର' ପରି ଏଠି ହୁଏତ ଗୋଟିଏ ତାନ୍ତ୍ରିକ ପୀଠ ଥିଲା । ବୋଲପୁର 'ବଳିପୁର'ରୁ ହୋଇଛି ବୋଲି କେହି କେହି ପଣ୍ଡିତ କହିଥାନ୍ତି ।

ଦିନେ ମହର୍ଷି ଦେବେନ୍ଦ୍ରନାଥ ପାଲିଙ୍କିରେ ଯାଉଁ ଯାଉଁ ଶ୍ରାନ୍ତକ୍ଲାନ୍ତ ଅବସ୍ଥାରେ ଏହି 'ଛାତିମ୍' ବୃକ୍ଷ ତଳେ ବିଶ୍ରାମ କରି ଶାନ୍ତିଲାଭ କରିଥିଲେ, ସେହି ଛାତିମ ଗଛକୁ ଲଗାଇ ରାୟପୁର ଜମିଦାରଙ୍କଠାରୁ କୋଡ଼ିଏ ବିଘା ଜମି ପଟା ନେଇ ଶାନ୍ତିନିକେତନ ଗଢ଼ିଲେ; ୧୮୬୧ରେ ଏହି ଆଶ୍ରମର ଶୁଭାରମ୍ଭ ହେଲା, ମହର୍ଷି ଆଜୀବନ 'ଛାତିମ' ବୃକ୍ଷକୁ ଭଲ ପାଉଥିଲେ ଓ ମୃତ୍ୟୁ ପୂର୍ବରୁ ଛାତିମ ବୃକ୍ଷର ଗୋଟିଏ ଡାଳ ମଗାଇ ପାଖରେ ରଖିଥିଲେ । ଏବେ ସେହି ପ୍ରାଚୀନ ଛାତିମ୍ ମୃତ; ତା ସ୍ଥାନରେ ଅନ୍ୟ ଏକ ଛାତିମ ରୋପିତ, ମୂଳ ବେଦୀ ଫଳକରେ ଲିଖିତ ହୋଇଛି—'ଶାନ୍ତଂ ଶିବଂ ଅଦ୍ୱୈତମ୍ ।'

୧୯୦୧ ଖ୍ରୀଷ୍ଟାବ୍ଦରେ ପିତାଙ୍କ ଅନୁମତିକ୍ରମେ ରବୀନ୍ଦ୍ରନାଥ ଶାନ୍ତିନିକେତନ ଆଶ୍ରମରେ ଗୋଟିଏ ସ୍କୁଲ୍ ପ୍ରତିଷ୍ଠା କଲେ । ତାର ୨୦ ବର୍ଷ ପରେ ବିଶ୍ୱଭାରତୀର ପ୍ରତିଷ୍ଠା ହେଲା; ୧୯୫୧ରୁ ଏହା ଏକ କେନ୍ଦ୍ର ବିଶ୍ୱବିଦ୍ୟାଳୟ ରୂପେ ପ୍ରତିଷ୍ଠିତ ହୋଇଅଛି ।

ରବୀନ୍ଦ୍ର ସେକାଳ ପ୍ରଚଳିତ ଶିକ୍ଷାଦାନରୀତିର ଘୋର ବିରୋଧୀ ଥିଲେ । ତାଙ୍କ କଳ୍ପନାରେ ସ୍କୁଲ ଗୋଟାଏ ଯନ୍ତ୍ର ନୁହେଁ, ଛାତ୍ରଛାତ୍ରୀ ଶୁଆପକ୍ଷୀ ନୁହନ୍ତି; କିମ୍ବା ଶିକ୍ଷକ ପ୍ରଭୁ, ଛାତ୍ର ତାଙ୍କର ଦାସାନୁଦାସ ନୁହନ୍ତି । ଶିକ୍ଷକ ପ୍ରକୃତରେ ଗୁରୁ; ସେ କାହାର ବେତନଭୋଗୀ ଭୃତ୍ୟ ନୁହନ୍ତି । ସେ ଗୋଟାଏ ବୃହତ ଯନ୍ତ୍ରର ଅଂଶବିଶେଷ ନୁହନ୍ତି, ମନୁଷ୍ୟତ୍ୱାଭିସାଧନାରେ ତପସ୍ୟାଧାରାରେ ସେ ଶିଷ୍ୟମାନଙ୍କୁ ଗଢ଼ିତୋଳନ୍ତି କରନ୍ତି । ସେ ହିସ୍ତାହର ଉତ୍ସ, ସଂଯମ ଓ ଶୁଦ୍ଧାନନ୍ଦର ପ୍ରତୀକ । ତାଙ୍କ ଶିକ୍ଷାଦାନ ଓ ଜୀବନଯାପନରୀତି ମଧ୍ୟରେ କୌଣସି ତାରତମ୍ୟ ନାହିଁ । ଶିକ୍ଷାରେ ଶିଷ୍ୟମାନେ ପାନ୍ତି ଗୁରୁଙ୍କ ପ୍ରାଣଗତ ସ୍ପର୍ଶ । ଗୁରୁ ସ୍ୱଭାବତଃ ସ୍ନେହୀ ଓ ଧୈର୍ଯ୍ୟଶୀଳ; ପଣ୍ଡିତ୍ୟା ନୁହେଁ, ବିତରିବା ତାଙ୍କର ପ୍ରଧାନ ଧର୍ମ; ସେ ବିତରଣ ଶ୍ରାବଣ ବାରିବର୍ଷଣ ପରି ଅକୁଣ୍ଠ ।

ରବୀନ୍ଦ୍ରନାଥ ତ୍ୟାଗନିଷ୍ଠ, ମୁକ୍ତପ୍ରାଣ ଶିକ୍ଷକମାନଙ୍କୁ ଶାନ୍ତିନିକେତନରେ ନିଯୁକ୍ତ କରିଥିଲେ, ଦୀନବନ୍ଧୁ ଆଣ୍ଡ୍ରୁଜ ଇଂରାଜୀ, ମହାସ୍ଥବିର ଧର୍ମାଧାର ରାଜଗୁରୁ ବୌଦ୍ଧଦର୍ଶନ

ବିଧୁଶେଖର ଶାସ୍ତ୍ରୀ ପାଲି, ସଂସ୍କୃତ, କ୍ଷିତିମୋହନ ସେନ୍ ମଧ୍ୟଯୁଗୀୟ ସାହିତ୍ୟ, ରଥୀନ୍ଦ୍ରନାଥ ଜୀବତତ୍ତ୍ୱ, ଅବନୀନ୍ଦ୍ରନାଥ ଓ ତାଙ୍କ ପରେ ନନ୍ଦଲାଲ ବୋଷ କଳା ଶିକ୍ଷା ଦେଉଥିଲେ; ମଣିପୁରରୁ ନୃତ୍ୟଶିକ୍ଷକମାନେ ଆସି ଛାତ୍ରଛାତ୍ରୀମାନଙ୍କୁ ମଣିପୁରୀ ନୃତ୍ୟ ଶିକ୍ଷା ଦେଉଥିଲେ । ରବୀନ୍ଦ୍ର ସ୍ୱ ଅନୁଷ୍ଠାନର ଆଦର୍ଶ ଶିକ୍ଷକ ଥିଲେ; ଜାପାନୀ ଯୁଯୁତ୍ସୁ ବୀର 'ତାକାଗାକି' ଶାନ୍ତିନିକେତନରେ ଆଖଡ଼ା ଘର ଖୋଲିଥିଲେ; ଫରାସୀ ପଣ୍ଡିତ ସିଲ୍ଭାନ୍ ଲେଭି, ଜର୍ମାନ୍ ଅଧ୍ୟାପକ ଉଇଣ୍ଟରନିଜ ପ୍ରଭୃତି ପ୍ରସିଦ୍ଧ ଅଧ୍ୟାପକମାନେ ଶାନ୍ତିନିକେତନରେ ଅଧ୍ୟାପନାକୁ ଗୌରବଜନକ ମନେ କରୁଥିଲେ ।

ରବୀନ୍ଦ୍ରନାଥ ଶାନ୍ତିନିକେତନକୁ ଗୋଟିଏ ବିଶ୍ୱଜାତୀୟ ମନୁଷ୍ୟତ୍ୱଚର୍ଚ୍ଚାର କେନ୍ଦ୍ର ରୂପେ ଗଢ଼ିଥିଲେ; ପଣ୍ଡିତ ବିଧୁଶେଖର ଶାସ୍ତ୍ରୀ ଆଦର୍ଶର ସେହି ଅନୁଷ୍ଠାନକୁ ଗୋଟିଏ ସଂସ୍କୃତ ଶ୍ଲୋକରେ ଲିପିବଦ୍ଧ କରିଥିଲେ

ଯେସ୍ତମୁପାସନସ୍ୱା ନୋ ବିଶ୍ୱଭାରତୀ
ବିବିଧ ଦେଶ ଗ୍ରଥିତାଭି ରଚିତ ବିଦ୍ୟା କୁସୁମ ମାଳିକାଭିଃ
ପ୍ରାଚ୍ୟାଶ୍ଚ ପ୍ରତୀଚ୍ୟାଶ୍ଚୈବ ସାଦର ମାହ୍ରିୟନ୍ତେ ।

'ସମଗ୍ର ବିଶ୍ୱ ଆସନ ପାତିବ'—ଏଇ ବିଶ୍ୱାସରେ ଧ୍ୟାନ କରୁ କରୁ ବିଶ୍ୱଭାରତୀର ଉଜ୍ଜ୍ୱଳ ରୂପ ରବୀନ୍ଦ୍ରଙ୍କ ଜ୍ଞାନଚକ୍ଷୁରେ ଉଦ୍ଭାସିତ ହୋଇ ଉଠିଲା, ସେ କହିଥିଲେ—ଶିବ ଯେପରି ଦରିଦ୍ର ବେଶ ଧରି ଅଛନ୍ତି, କିନ୍ତୁ ଦିନେ ତାଙ୍କର ସମସ୍ତ ଐଶ୍ୱର୍ଯ୍ୟ ପ୍ରକାଶିତ ହୋଇପଡ଼େ, ସେହିପରି ବିଶ୍ୱଭାରତୀ ଛଦ୍ମବେଶରେ ଏହି ଆଶ୍ରମକୁ ଆସିଛନ୍ତି, ଗୋଟିଏ ଶ୍ରେଷ୍ଠ ବିଦ୍ୟାଳୟ ରୂପରେ । 'ଯତ୍ର ବିଶ୍ୱଂ ଭବତ୍ୟେକନୀଡ଼ମ୍' ସଂକ୍ଷିପ୍ତ ସୂତ୍ରରେ ଏଇ ହେଲା ବିଶ୍ୱଭାରତୀର ଆଦର୍ଶ ସଂଜ୍ଞା ।

ଶାନ୍ତିନିକେତନ କବିଙ୍କ ଜୀବନଆଦର୍ଶର ପ୍ରେକ୍ଷାଗାର; ବିଶ୍ୱପ୍ରକୃତି ସହିତ ମାନବର ଯୋଗ ଏଠି ଅନ୍ୱିତ । ଜ୍ଞାନ ଦ୍ୱାରା ଶାନ୍ତକୁ, କର୍ମଦ୍ୱାରା ମଙ୍ଗଳକୁ, ପ୍ରେମ ଦ୍ୱାରା ଅଦ୍ୱୈତକୁ ଉପଲବ୍ଧି କରିବା ଏହି ଆଦର୍ଶର ବିଭବ । କବିଦୃଷ୍ଟିରେ ପୃଥିବୀ ଗୋଟିଏ ମାତ୍ର ଦେଶ, ତାର ନାମ ବସୁନ୍ଧରା; ତାର ଗୋଟିଏ ମାତ୍ର ଜାତି, ତା ନାମ ମନୁଷ୍ୟ । ଶାନ୍ତିନିକେତନ ବିଶ୍ୱଜନନୀ ପରି ସମସ୍ତଙ୍କୁ କୋଳରେ ସ୍ଥାନ ଦେଇ ।

"ଯେ କୌଣସି ଲୋକ ଜାତିଧର୍ମ ନିର୍ବିଶେଷରେ ଏଠି ଈଶ୍ୱରୋପାସନା ଓ ଜ୍ଞାନ ଚର୍ଚ୍ଚା କରିପାରିବେ । ଧର୍ମଭାବ ଉଦ୍ଦୀପନ ଲାଗି ଟ୍ରଷ୍ଟିବୋର୍ଡ଼ ବର୍ଷକୁଥରେ ଗୋଟାଏ ମେଳା ବସାଇବେ । ଏହି ମେଳାକୁ ସବୁ ଧର୍ମସମ୍ପ୍ରଦାୟର ସାଧୁପୁରୁଷମାନେ ଆସି ଧର୍ମବିଚାର ଓ ଧର୍ମପାଳନ କରି ପାରିବେ । ଏହି ମେଳା ଉତ୍ସବରେ କୌଣସି ପ୍ରକାର

Digitized by srujanika@gmail.com

ପୌତ୍ତଳିକ ଆରାଧନା ହେବନାହିଁ ।'କୁତ୍ସିତ ଆମୋଦଉଲ୍ଲାସ ହେବନାହିଁ । ମଦ୍ୟମାଂସ ବ୍ୟତୀତ ଏହି ମେଳାରେ ସବୁ ଜିନିଷ କିଣା-ଖର୍ଦ୍ଦି ହୋଇ ପାରିବ ।"

୧୮୪୩ ଡ଼ିସେମ୍ବର ୨୧ ତାରିଖରେ ଦେବେନ୍ଦ୍ରନାଥ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ଏହାର ସ୍ମାରକ ରୂପେ ପ୍ରତିବର୍ଷ ଶାନ୍ତିନିକେତନମେଳା ହେଉଅଛି । ରବୀନ୍ଦ୍ରନାଥ ଲେଖିଛନ୍ତି—ଏହି ଦୀକ୍ଷାଗ୍ରହଣବୀଜରୁହିଁ ଆଶ୍ରମବନସ୍ପତିର ଜନ୍ମଲାଭ ।

ଏବେ ମେଳାକୁ ଧର୍ମଚର୍ଚ୍ଚା କରିବାକୁ ସାଧୁପୁରୁଷମାନେ ଆସୁନାହାନ୍ତି । ସବୁଠି ଯେପରି ଏଠି ଯେହିପରି ବ୍ୟବସାୟହିଁ ମୁଖ୍ୟ ଭୂମିକା ଗ୍ରହଣ କରିଛି । 'କବିର ଗାନ' ପ୍ରତିଯୋଗିତା ଓଡ଼ିଆ ଦାସୀପାଲା ପରି ଚିତ୍ତାକର୍ଷକ ହୁଏ । ଅବନୀନ୍ଦ୍ରନାଥ ଠାକୁରଙ୍କ ଯାତ୍ରା ଏହି ମେଳାରେ ଦିନେ ଏକ ବିଶେଷ ଆକର୍ଷଣ ଥିଲା । ଏଥିରେ ଶାନ୍ତିନିକେତନର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରୁଥିଲେ । ବାଉଲ୍ ନୃତ୍ୟ ଓ ଗୀତ ମେଳାର ଅନ୍ୟ ଏକ ଚିତ୍ତବିନୋଦନ ଥିଲା । ବାଉଲ୍ ଯୁଗାସ୍ତିକ, ସୁଦାସ୍ତିକ, ତାର ଗୀତ ଦାର୍ଶନିକ ଭାବସମ୍ବଳିତ । ଏହା ଦିନେ ରବୀନ୍ଦ୍ର କବିତା ଓ ସଙ୍ଗୀତକୁ ପ୍ରଭାବିତ କରିଥିଲା ।

ମେଳାପୂର୍ବ ସାହାନ୍ତିଆରେ ଆଶ୍ରମର ତରୁଣତରୁଣୀମାନେ ବୈତାଳିକ ଗାଇ ଆଶ୍ରମ ପରିକ୍ରମା କରନ୍ତି ଆନନ୍ଦ ଓ ପବିତ୍ରତାର ଏକ ବାତାବରଣ ସୃଷ୍ଟି କରନ୍ତି । ସାନାଇ ବାଜେ । କୁଳବୃକ୍ଷ 'ସପ୍ତପର୍ଣ୍ଣୀ' (ଛାତିମ) ମୂଳରେ ପ୍ରାର୍ଥନା ହୁଏ । ବେଦ ଓ ଉପନିଷଦ୍ ଆବୃତ୍ତିର ମଧ୍ୟେ ମଧ୍ୟେ ମହର୍ଷିଙ୍କ ଆଦର୍ଶ ଜୀବନଚରିତ ଆଚାର୍ଯ୍ୟ ମହାଶୟ ଶୁଣାନ୍ତି । ମେଳା ମଧ୍ୟରେ ବିଶ୍ୱଭାରତୀର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେଉଥିଲା । ସ୍ନାତକମାନଙ୍କୁ ଡିଗ୍ରୀ ସହିତ ସପ୍ତପର୍ଣ୍ଣୀ ପତ୍ର ଦିଆଯାଉଥିଲା ।

୧୯୨୧ ଖ୍ରୀଷ୍ଟାବ୍ଦରେ ମହାତ୍ମାଜୀ ଶାନ୍ତିନିକେତନ ଆସିଥିଲେ, ଆଶ୍ରମିକମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଉପଦେଶ ଦେଇଥିଲେ ।

ତାହା ସମ୍ଭବ ହୋଇ ପାରିଲାନାହିଁ । ବରଂ ଘଟ୍ୟଚାରୀ ବନବିଦ୍ୟାଳୟ ଅଧିକ ସ୍ୱାବଲମ୍ବୀ ଓ ସେବାପରାୟଣ ହୋଇ ପାରିଥିଲା । ଶାନ୍ତିନିକେତନ ହେଲା ଅଧିକ ସ୍ୱପ୍ନବାଦୀ ଓ ସଙ୍ଗୀତପ୍ରବଣ । ତେବେ ମହାତ୍ମାଜୀଙ୍କ ସ୍ମାରକ ସ୍ୱରୂପ 'ଗାନ୍ଧୀ ପୁଣ୍ୟାହ'ରେ ସମଗ୍ର ଶାନ୍ତିନିକେତନ ମଖମଲି ମିନାରରୁ ଭୂତଳକୁ ଖସିଆସେ । ପୂଜାହାଣ୍ଡିକରମାନେ ଛୁଟି ନେଇ ବୁଲିଯାନ୍ତି । ରନ୍ଧାବଢ଼ା, ବାସନମଜା, ଝରିବାଙ୍କଣା, ମଇଳାବଣ୍ଟା, ରନ୍ଧା ଘର ଓ ଆଶ୍ରମ ସଫେଇଆଦି କାମ ଆଶ୍ରମିକମାନେ କରନ୍ତି । ଆଶ୍ରମ ଆନନ୍ଦରେ ଚଞ୍ଚଳ ହୋଇଉଠେ । ବୁଢ଼ା ଅଧ୍ୟାପକମାନେ ଝାଡ଼ୁମୂଠା ଧରି ଆଶ୍ରମ ଓଳାଉଥିବା ଓ

Digitized by srujanika@gmail.com

ପାଇଖାନା ସଫା କରୁଥିବା ଗୋଟିଏ ଦୃଶ୍ୟ । କର୍ମର ଯେ ଗୋଟିଏ ନୂଆଶିଆ ପ୍ରବାହ ଓ ରୋମାଞ୍ଚକର ସ୍ପନ୍ଦନ ଅଛି, ସେଦିନ ବୁଝାଯାଏ ।

ମୋ ରହଣିର ଏଗାର ବର୍ଷ ମଧ୍ୟରେ ମୋତେ ସୁପକାର ଦାୟିତ୍ୱ ଦିଆଯାଇଥିଲା; ମୋ ପୂର୍ବବର୍ତ୍ତୀମାନଙ୍କର ସ୍ଥାନ ମୁଁ ପୂରଣ କରିଥିଲି ମାତ୍ର । ପ୍ରକୃତପକ୍ଷେ ରାନ୍ଧୁଥିଲେ ଶ୍ରୀସଦନ (ଝିଅ ହଷ୍ଟେଲ)ର ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟାନ୍ୟ ଶିକ୍ଷକ ଓ ଅଧ୍ୟାପିକାମାନେ । ହସ୍ତୋତ୍ତୋଳନ କାର୍ଯ୍ୟରେ ମୁଁ ଅଣ୍ଟି ଦେଉଥିଲି କିମ୍ବା ଗୁଙ୍ଗୁଣିଆ ହୋଇ ପାଗୁଡ଼ା ବାନ୍ଧୁଥିଲି । ସେଦିନ ସାତ୍ତ୍ୱିକ ଆହାର ପ୍ରସ୍ତୁତ ହେଉଥିଲା ।

ରବୀନ୍ଦ୍ରନାଥଙ୍କର ଆଉ ଗୋଟିଏ କୀର୍ତ୍ତି - ଚୀନ ଭବନ । ଚୀନର କଲ୍ୟାଣରୁ ଅଧିକାଂଶ ଅଧ୍ୟାପକ ତନାନ୍‌ଙ୍କରେ 'ତନାନ୍ତିକା'ରେ (ଭିତ୍ତିଚିତ୍ରମଣ୍ଡିତ ଗୋଟିଏ ଗୋଲ କୋଠାଘର) ଏକାଠି ହେଉଥିଲେ । ଚୀନର ପରିଚାଳନାବ୍ୟବସ୍ଥା ତାଙ୍କ ଉପରେ ନ୍ୟସ୍ତ ହେଉଥିଲା । ରବୀନ୍ଦ୍ରଯୁଗରେ ଛାତ୍ରୀମାନେ ଚୀନା, ଜାପାନୀ ବା ବର୍ମୀ ବେଶ ପିନ୍ଧି ଗୁରୁଜନମାନଙ୍କୁ ଖାଦ୍ୟ ପରିବେଷଣ କରୁଥିଲେ ।

ମୁଁ ଚୀନରେ ଯୋଗଦେଲାବେଳକୁ ସେ ରୀତି ଆଉ ଚାଲୁ ନ ଥିଲା । ତେବେ ଦୂର ମନେ ପଡ଼େ, ଏଇ ଚୀନରୁ ହସଖୁସି ଗପ ଶୁଣି ଶୁଣି ମୁଁ ବି ଖିଆ ଶିଖିଲି ।

ଧୂପ ଦୀପ ଗନ୍ଧାମୋଦିତ, ଗୀତନୃତ୍ୟମୁଖର ବାତାବରଣରେ ବନ୍ଧୁ ମାଳାଭୂଷିତ ଶିଶୁତରୁର ରୋପଣଉତ୍ସବ ଅନୁଷ୍ଠିତ ହୁଏ ।

ବନ୍ୟ ସମ୍ପଦବିନଷ୍ଟି ବନ୍ୟା, ବାତ୍ୟା ଓ ଅନାବୃଷ୍ଟି ଆଦି ଦେଶର ବହୁ ଦୁଃଖର କାରଣ—ରବୀନ୍ଦ୍ର ଜାଣିଥିଲେ । ଅରଣ୍ୟ, ତରୁଲତା, ଫୁଲ ନିକଟରେ ମନୁଷ୍ୟ ଚିର ଋଣୀ । ବାଲ୍ୟବୟସରୁ ଛାତ୍ରଛାତ୍ରୀମାନଙ୍କ ମନରେ ତରୁଲତା ପ୍ରତି ଶ୍ରଦ୍ଧା, ପ୍ରୀତି ଓ ମମତା ଜାଗ୍ରତ କରିବା ପ୍ରକୃତିପ୍ରେମୀ କବିଙ୍କର ଉଦ୍ଦେଶ୍ୟ ଥିଲା । ଗୋଟିଏ ଟାଙ୍ଗରା ପଡ଼ିଆକୁ ତରୁସମ୍ପଦରେ ଭୂଷିତ କରିବାର ଗୌରବ ସେ ଅର୍ଜନ କରିଥିଲେ । ଶାନ୍ତିନିକେତନର ବୃକ୍ଷରୋପଣ ଉତ୍ସବଟି ସମଗ୍ର ଭାରତରେ ଏକ ଅଭିନବ ଆଦର୍ଶ ଥିଲା ଓ ମୋ ପ୍ରାଣକୁ ଆନନ୍ଦଉଚ୍ଛ୍ୱାସରେ ଉଚ୍ଛୁଳାଇ ଦେଉଥିଲା ।

ସାଧାରଣ ଦୃଷ୍ଟିକୁ ବୃକ୍ଷୋତ୍ସବ ହୁଏତ ଉପଯୁକ୍ତି ଲାଗେ । କିନ୍ତୁ ରବୀନ୍ଦ୍ର ମନକୁ ଏହା ଛୁଉଁଥିଲା ନାନା ଭାବଭେଦରେ । ସେ ବୃକ୍ଷୋତ୍ସବ ଉପଯୋଗୀ ବହୁ କବିତା, ସଙ୍ଗୀତ ଓ ନାଟକ ରଚନା କରିଥିଲେ । ବିଶ୍ୱର ଆନନ୍ଦ ପ୍ରତି ମନୁଷ୍ୟର ମନକୁ ଉନ୍ମୁକ୍ତ ରଖିବା ତାଙ୍କର ଲକ୍ଷ୍ୟ ଥିଲା ।

Digitized by srujanika@gmail.com

ମନୁଷ୍ୟରେ ଯେଉଁ ଦୈବବାଣୀ ଛନ୍ଦୋଲୋକରୁ ଧରଣୀଧୂଳିକୁ ଓହ୍ଲାଇ ଆସେ, ତାକୁ ଅନନ୍ତ ମଧ୍ୟରେ ପ୍ରତିଧ୍ୱନିତ କରିଦେବା ଲାଗି 'ବସନ୍ତୋତ୍ସବ'ର ଆୟୋଜନ ହୁଏ । 'ନିଜକୁ ରିକ୍ତ କରି ଦୁନିଆକୁ ଆନନ୍ଦରେ ପରିପୂର୍ଣ୍ଣ କରିଦିଅ'—ଏହା ରବୀନ୍ଦ୍ରଙ୍କ ଦର୍ଶନ ଥିଲା ।

ଆମ୍ର କୁଞ୍ଜ, ଅଶୋକମଞ୍ଜରୀ, କିଂଶୁକ ଓ ଶାଳ୍ମଳୀ ଅଦ୍ଭୁତ ଦୃଶ୍ୟରେ ହର୍ଷିତ ହୁଏ । ବନାନୀର ପୁଷ୍ପ କିଶଳୟ, କୋକିଳର କୁହୁ, ମଳୟର ମର୍ମର ମାଝିରେ ବସନ୍ତବସନା କିଶୋରୀ ତରୁଣୀମାନେ ନୃତ୍ୟ କରନ୍ତି । ବସନ୍ତବିଷୟକ ସଙ୍ଗୀତ ଗୀତ ହୁଏ । ମଳୟ ଓ ବସନ୍ତକୁ ଯେଉଁମାନେ ନିମନ୍ତ୍ରଣ କରନ୍ତି, ସେମାନେ ସ୍ୱୟଂ ବସନ୍ତର ଜ୍ୱଳନ୍ତ ପ୍ରତୀକ । ସେମାନଙ୍କ ନିମନ୍ତ୍ରଣ କବିତା ଓ ଗୀତ ସହିତ କୋକିଳ ସ୍ୱର ମିଳାଏ । ବସନ୍ତର ଉପସ୍ଥାନ ଥିଲେ ଏ ନିମନ୍ତ୍ରଣକୁ ସେ କଦାପି ପ୍ରତ୍ୟାଖ୍ୟାନ କରି ନ ଥିବ । ମୋର ମନେ ହୁଏ, ବସନ୍ତ ରାଜପୋଷାକରେ ଯୌବନର ଦେହ ହିଲ୍ଲୋଳ ମଧ୍ୟରେ ଆସି ଛିଡ଼ା ହୋଇଯାଏ । ମଳୟ ଝଙ୍କାରରେ ଚିତ୍ତ ଚହଲି ଉଠେ । ତରୁଣତରୁଣୀମାନେ ପହିଲେ ଗୁରୁଜନଙ୍କ ପାଦରେ ଫଗୁ ଦେଇ ପ୍ରଣାମ କରନ୍ତି, ତାପରେ ଫଗୁର ଲାଲ୍ କୁହୁଡ଼ି ଘୋଟିଯାଏ; ତା ମଧ୍ୟରେ ଝାସ ଦିଅନ୍ତି ଯୁବକଯୁବତୀମାନେ, ହାସକୌତୁକ, ଆନନ୍ଦ କୋଳାହଳ ମଧ୍ୟରେ । ରାତିରେ ବସନ୍ତବିଷୟକ ନୃତ୍ୟନାଟିକା ବିଶେଷତଃ 'ଚିତ୍ରାଙ୍ଗଦା' ଅଭିନୀତ ହୁଏ ।

'ବିଶ୍ୱବିଧାତା ମଣିଷକୁ ସହଜ ଜୀବନ ଦେଇ ନାହାନ୍ତି । ତରୁଲତା କେବଳ ତରୁଲତା, ପଶୁପକ୍ଷୀ କେବଳ ପଶୁପକ୍ଷୀ, କିନ୍ତୁ ପ୍ରାଣପଣେ ଚେଷ୍ଟା କରି ଦ୍ୱିପଦ ଜନ୍ତୁକୁ ମଣିଷ ହେବାକୁ ହୁଏ । ଶାନ୍ତିନିକେତନ ଏକ ମଣିଷଗଢ଼ା ଅନୁଷ୍ଠାନ । ଛାତ୍ରମାନଙ୍କ ଆଭ୍ୟନ୍ତରୀଣ ଜୀବନ ଗଠନ ଲାଗି ରବୀନ୍ଦ୍ରଙ୍କ ମନରେ କି ଆଦର୍ଶ ଥିଲା ସେ ତାଙ୍କର ଏକ ବକ୍ତୃତାରେ ସୂଚାଇଛନ୍ତି, "ମାଣବକଗଣ, ଜୋତା ପିନ୍ଧି କେହି କେବେ ବଡ଼ ହୁଏ ନାହିଁ । ବଶିଷ୍ଠାଦି ବ୍ରାହ୍ମଣମାନଙ୍କ ବିନା ଜୋତାରେ ଛିଡ଼ା କରି ଦେଲେ ବି ପୃଥିବୀର ରାଜଚକ୍ରବର୍ତ୍ତୀ ସେମାନଙ୍କ ପାଦ ତଳେ ମୁଣ୍ଡ ନୁଆଁଇବ ।'

ଶାନ୍ତିନିକେତନ ପ୍ରାଚୀନ ଭାରତୀୟ ଆଦର୍ଶର ମୂର୍ତ୍ତିମନ୍ତ ବିଗ୍ରହ । ରବୀନ୍ଦ୍ର ଶାନ୍ତି-ନିକେତନ ଜରିଆରେ ଭାରତୀୟ ଗୌରବର ପୁନରୁଦ୍ଧାର ଚାହୁଁଥିଲେ, ଅନୁକରଣରେ କେହି କେବେ ବଡ଼ ହୁଏ ନାହିଁ । କଳା, ସଙ୍ଗୀତ, ସାହିତ୍ୟ ଓ ଜୀବନର ପ୍ରତ୍ୟେକ ବିଭାଗରେ ନିଜସ୍ୱ ମୌଳିକତା ଦେଖାଇବାକୁ ହେବ । ବିଶ୍ୱଭାରତୀ ଜରିଆରେ ମୁଁ ଏଇଆ କହିବାକୁ ଚାହେଁ ଯେ ଭାରତର ସତ୍ୟସମ୍ପଦ ନଷ୍ଟ ହୋଇନାହିଁ । ଏ କଥା ଯଦି ଠିକ୍, ତେବେ ସତ୍ୟର ଦାୟିତ୍ୱ ମାନି ନେବାକୁ ହେବ । ଧନବନ୍ତର ଧନ ଧନୀର ଏକମାତ୍ର

Digitized by srujanika@gmail.com

ନିଜସ୍ୱ ହୋଇପାରେ, କିନ୍ତୁ ସତ୍ୟ ବିନ୍ଦୁର ସତ୍ୟ ସମଗ୍ର ବିଶ୍ୱର । ସତ୍ୟଲାଭ ମଧ୍ୟରେ ହିଁ ତାର ନିମନ୍ତ୍ରଣପତ୍ର ନିହିତ । ଯେତେବେଳେ ଋଷିମାନେ ବୁଝିଲେ, 'ବେଦାହମେତଂ' 'ମୁଁ ତାଙ୍କୁ ଜାଣେ, ସେତେବେଳେ ସେମାନେ ଆହ୍ୱାନ କଲେ—ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ—ତୁମେ ସମସ୍ତେ ଅମୃତର ସନ୍ତାନ, ତୁମେମାନେ ଶୁଣ । ବିଶ୍ୱଲାଗି ଭାରତର ଯେଉଁ ବାଣୀ ମୁଁ ତାକୁ କହେ ବିଶ୍ୱଭାରତୀ, ସେଇ ବାଣୀର ମର୍ମ କର୍ମରେ ହୃଦୟଙ୍ଗମ କରିବା ଲାଗି ବିଶ୍ୱଜଗତକୁ ବିଶ୍ୱଭାରତୀର ନିମନ୍ତ୍ରଣ । ମନୁଷ୍ୟର ଇତିହାସରେ ଯାହା କିଛି ଭଲ ତାହା ସଙ୍ଗେ ଆନନ୍ଦମୟ ପରିଚୟ ସାଧନ କରାଇବା ଶାନ୍ତିନିକେତନୀୟ ଶିକ୍ଷାର ମହତ୍ତ୍ୱ ।'

'ବୈରାଗ୍ୟ ସାଧନେ ମୁକ୍ତି ସେ ଆମାର ନହେ' ଜଗତକୁ କେବଳ ଏହି ବାଣୀ ଶୁଣାଇ ରବୀନ୍ଦ୍ର ସନ୍ତୁଷ୍ଟ ହୋଇ ନ ଥିଲେ; ସେ ତାକୁ କରଣିରେ ଫୁଟାଇ ଥିଲେ । ଆଶ୍ରମଜୀବନକୁ ସରସ ସୁନ୍ଦର କରିବା ଲାଗି ସେ ନବ ନବ ଉତ୍ସବ ପ୍ରବର୍ତ୍ତନ କରିଥିଲେ; ସୌନ୍ଦର୍ଯ୍ୟ ପ୍ରତି ରୁଚି ଓ ଚର୍ଯ୍ୟାରେ ଶୁଚିତା ଏହି ପର୍ବମାନଙ୍କରେ ଲକ୍ଷଣୀୟ । ବୃକ୍ଷରୋପଣକୁ ଉଦାହରଣ ସ୍ୱରୂପ ନିଆଯାଇ ପାରେ ।

କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ ମିଳି ପୃଥିବୀରେ ବୃକ୍ଷର ଅସ୍ତିତ୍ୱ । ରୋପଣ ଉତ୍ସବରେ ଏହି ପଞ୍ଚଭୂତଙ୍କୁ ଆହ୍ୱାନ କରି ସେମାନଙ୍କ ସ୍ନେହଧାରାରେ ବୃକ୍ଷକୁ ପ୍ରାଣବନ୍ତ କରାଯାଏ । ତାଳପତ୍ର ଲତା ପୁଷ୍ପମାଳ୍ୟରେ ବିଭୂଷିତ—ବୃକ୍ଷରାଜ ପର୍ଯ୍ୟଙ୍କରେ ସଭାମଣ୍ଡପକୁ ବିଜେ କରନ୍ତି । ବାଜା ବାଜେ; ପୁଷ୍ପମଯ୍ୟୀ କିଶୋରୀ ତରୁଣୀମାନେ ନୃତ୍ୟ କରନ୍ତି । ବିଚିତ୍ର ବେଶବିନ୍ୟାସରେ ପଞ୍ଚଭୂତ ମଞ୍ଚ ଉପରେ ଉପବେଶନ କରନ୍ତି—

କ୍ଷିତି ପ୍ରତି—ବକ୍ଷେର ଧନ, ହେ ଧରଣୀ, ଧରୋ
ଫିରେ ନିୟେ ତବ ବକ୍ଷେ
ଶୁଭ ଦିନେ ଏରେ ଦୀକ୍ଷିତ କରୋ
ଆମାଦେର ଚିର ସଖ୍ୟେ ।

ଅପ୍ ପ୍ରତି ହେ ମେଘ, ଇନ୍ଦ୍ରେର ଭେରୀ
ବାଜାଓ ଗମ୍ଭୀର ମନ୍ଦ୍ର ସ୍ୱନେ
ମେଦୁର ଅମ୍ବର ତଳେ
ଆନନ୍ଦିତ ପ୍ରାଣେର ସ୍ପନ୍ଦନେ
ଜାଗୁକ୍ ଏ ଶିଶୁ ବୃକ୍ଷ ।

Digitized by srujanika@gmail.com

ତେଜ ପ୍ରତି—ସୃଷ୍ଟିର ପ୍ରଥମବାଣୀ
ତୁମି ହେ ଆଲୋକ
ଏ ନବ ତରୁରେ ତବ
ଶୁଭ ଦୃଷ୍ଟି ହୋକ୍ ।

ମରୁତ ପ୍ରତି—ହେ ପବନ, କରନାଇ ଗୌଣ
ଆଷାଢ଼େ ବେଜେଛେ ତବ ବଂଶୀ
ତାପିତ କୁଞ୍ଜେର ମୌନ
ନିଃଶ୍ୱାସେ ଦଲେ ତୁମି ଧ୍ୱଂସି
ଏ ତରୁ ଖେଲିବେ ତବ ସଙ୍ଗେ
ସଙ୍ଗୀତ ଦିଓ ଏରେ ଭିକ୍ଷା
ଦିଓ ତବ ଛନ୍ଦେର ରଙ୍ଗେ
ପଲ୍ଲବ ହିଲ୍ଲୋଳ ଶିକ୍ଷା ।

× × ×

ଆକାଶ ପ୍ରତି—ଆକାଶ, ତୋମାର ସହାସ ଉଦାର ଦୃଷ୍ଟି
ମାଟିର ଗଭୀରେ ଜାଗାୟେ ରୂପେର ସୃଷ୍ଟି
ନବ ତରୁଣେର କରୁଣାୟ କର ଧନ୍ୟ
ଦେବତାର ସ୍ନେହ ପାୟ ଯେନ ଏଇ ବନ୍ୟ ।

ବସନ୍ତଉତ୍ସବ ପରି 'ବର୍ଷାମଙ୍ଗଳ' ମଧ୍ୟ ଚିତ୍ତହ୍ଲାଦୀପକ । ପ୍ରଚଣ୍ଡ ଘୂର୍ଣ୍ଣୀ ବା ଗ୍ରୀଷ୍ମ ଆଉ ନାହିଁ । ତୋରଣେ ତୋରଣେ ମାଳତୀ, ଇତସ୍ତତଃ କଦମ୍ବ ପ୍ରସ୍ଫୁଟିତ; ଚତୁର୍ଦ୍ଦିଗରେ ଶ୍ୟାମଳ ଶାନ୍ତ । ମେଘର ଡମ୍ବରୁ ନାଦ ଓ ତଡ଼ିତ୍‌ଛଟା ମଧ୍ୟରେ 'ଗୌରପ୍ରାଙ୍ଗଣ'ରେ 'ବର୍ଷାମଙ୍ଗଳ' ଉତ୍ସବର ଅନୁଷ୍ଠାନ ହେଲା—

ଏଇ ଆସେ ଏଇ ଅତି ଭୈରବ ହରଷେ
ଜଲ ସିଞ୍ଚିତ କ୍ଷିତି ସୌରଭ ରଭସେ
ଘନ ଗୌରବେ ନବ ଯୌବନା ବରଷା···

'ବର୍ଷା' ଭାରତର ଜୀବନଛନ୍ଦ—ଏହା ପ୍ରାଣକୁ ଚଞ୍ଚଳ କରେ, କବିତାରେ ସ୍ପନ୍ଦିତ କରେ । ଭାରତୀୟ କବି ବର୍ଷା ବର୍ଣ୍ଣନାରେ ଶରକାଳ ତାର ଲଗାମ୍ ଗ୍ରହଣ କରିଛନ୍ତି । ରବୀନ୍ଦ୍ର ସେହି ପରମ୍ପରାର ସୁଦୃଢ଼ ପୋଷକ । ବର୍ଷାକୁ ପ୍ରାଣେ ପ୍ରାଣେ ଅନୁଭବ କରେଇବା ଲାଗି ତାଙ୍କର ବର୍ଷାମଙ୍ଗଳ ଉତ୍ସବର ଆୟୋଜନ । ବସନ୍ତ ପରି ବର୍ଷା ମଧ୍ୟ ଉତ୍କଣ୍ଠ-

Digitized by srujanika@gmail.com

ତରୁଣୀଙ୍କ ଆଦରଣୀୟ ଅତିଥି । ବର୍ଷା ପରି କିଏ ଆଉ ଅକୁଣ୍ଠ ଭାବରେ ନିଜକୁ ଅଜାଡ଼ି ଦେଇ ପାରିବ ? ଝରଣା ପରି କିଏ ଆଉ ଆବେଗ ଉଚ୍ଛ୍ୱାସରେ ପ୍ରାଣ ଝରାଇ ଦେଇ ପାରିବ ? ବନ୍ୟା ପରି ସମସ୍ତ ଗତାନୁଗତିକତାର ବନ୍ଧନ ଛିଣ୍ଡାଇ କିଏ ଅବା ମାଡ଼ିବ ? ତରୁଣତରୁଣୀଙ୍କ ଆନନ୍ଦୋଚ୍ଛ୍ୱାସ ହିଁ ଏହି ଉତ୍ସବକୁ ପ୍ରାଣରେ ସଜୀବ ଓ ଲୀଳାମୟ କରେ । ସୃଷ୍ଟିର ନୂତନ ଦୃଷ୍ଟି ଫିଟାଇବାରେ ବର୍ଷାମଙ୍ଗଳ ଅଳ୍ପ ମଙ୍ଗଳ କରେନାହିଁ ।

'ହଳକର୍ଷଣ' ଶ୍ରୀନିକେତନର ଗୋଟିଏ ଉତ୍ସବ—ମୁଁ ଏଥିରେ ଯୋଗ ଦିଏ । ଏହାର ପୂର୍ବବର୍ତ୍ତୀ ନାମ ଥିଲା 'ସୀତା ଯଜ୍ଞ' । ଶିଳ୍ପ ସହିତ କୃଷି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ନ ହେଲେ କୌଣସି ଦେଶର କଲ୍ୟାଣ ନ ହୋଇପାରେ । ଶିଳ୍ପର କ୍ଷେତ୍ର ଶ୍ରୀନିକେତନ । କୃଷି ଗୋପାଳନ ତାର ଅନ୍ୟ ଏକ ଆଭିମୁଖ୍ୟ । କୃଷକ, କୃଷି ଓ ଶିଳ୍ପ ଏକ ସନ୍ଧି ସ୍ତରେ କବି ସ୍ୱାଧୀନ ଭାରତର ଭବିଷ୍ୟତ ଚିନ୍ତା କରୁଥିଲେ ।

ସୁସଜ୍ଜିତ, ମାଲ୍ୟଭୂଷିତ ସୁସ୍ଥ ବଳଦ ଦୁଇଟିକୁ କଦଳୀ ପତ୍ରରେ ପ୍ରଚୁର ପରିମାଣରେ ବରୁଗ ବୃଷ ଓ ଗୁଡ଼ ଖାଇବାକୁ ଦିଆ ହେଉଥିଲା । ତା ପରେ ରବୀନ୍ଦ୍ରଙ୍କ ବାଣୀପାଠ, ପ୍ରାର୍ଥନା ଓ କୃଷିବିଷୟକ ସଙ୍ଗୀତ ମଧ୍ୟରେ କୌଣସି ବିଶିଷ୍ଟ ବ୍ୟକ୍ତି ହଳକର୍ଷଣ କରନ୍ତି ।

ମେଳା ଶାନ୍ତିନିକେତନରେ ସବୁଠାରୁ ବଡ଼ ପର୍ବ । ସବୁ ମେଳଣ ପରି ଏଥିରେ ଭିଡ଼, ଧୂଳି, ଯାତ୍ରା, ବାଣ । ତେବେ ଏହା ଅଧିକ ଶୃଙ୍ଖଳିତ । ମହର୍ଷି ଦେବେନ୍ଦ୍ରନାଥ ଟ୍ରଷ୍ଟ ବୋର୍ଡ଼ ଗଠନ କରି ମେଳା ସମ୍ପର୍କରେ ନିର୍ଦ୍ଦେଶ ଦେଇ ଯାଇଛନ୍ତି –

ଶାନ୍ତିନିକେତନ ସ୍ୱପ୍ନ ଓ ବାସ୍ତବର ମିଳନଭୂମି; ତପସ୍ୟା ତାର ଆଦର୍ଶ, ବିଜ୍ଞାନଧାରା ଓ ଆଧୁନିକତା ତାର ଦୀକ୍ଷା । ଉଭୟର ମଣିକାଞ୍ଚନ ସଂଯୋଗରେ ଗଢ଼ା ଶାନ୍ତିନିକେତନର ଜୀବନ । ଶାନ୍ତି ତାର ମନ୍ତ୍ର, ବିଶ୍ୱମୈତ୍ରୀ ତାର ଧ୍ୟାନ । ରବୀନ୍ଦ୍ରନାଥ ମହାକାବ୍ୟ ଲେଖି ନାହାନ୍ତି । ଶାନ୍ତିନିକେତନ ହିଁ ମହାକବିର ମହତ କର୍ମ ମହାକାବ୍ୟ । ସେଇ କାବ୍ୟ ଭାବରେ ସ୍ୱପ୍ନାଚ୍ଛନ୍ନ ହୋଇଗଲା ମୋର ଜୀବନ ।

ଜୀବନର କଟଣ ବାଛାଣି

ମୋତେ ଶାନ୍ତିନିକେତନରେ ଏକୁଟିଆ ରଖି ଚିତ୍ତରଞ୍ଜନ ଡେନମାର୍କ ଯାତ୍ରା କଲେ । ତା ପୂର୍ବରୁ ଷୋଡ଼ଶ ଶତାବ୍ଦୀରେ ପଦ୍ୟରେ ରଚିତ ବଳରାମ ଦାସଙ୍କ 'ଭଗବତ୍-ଗୀତା' ସଙ୍କଳନ କରିଥିଲେ । 'ଓଡ଼ିଶାର ମହିମାଧର୍ମ', 'ଅଚ୍ୟୁତାନନ୍ଦ ଓ ପଞ୍ଚସଖା' ଏଭଳି ଦୁଇଖଣ୍ଡି ଗବେଷଣାମୂଳକ ପୁସ୍ତକ ଲେଖି ପାଣ୍ଡୁଲିପି ବିଦ୍ୟାଭବନର ଅଧ୍ୟକ୍ଷ ଡକ୍ଟର ପ୍ରବୋଧଚନ୍ଦ୍ର ବାଗଚିଙ୍କୁ ଦେଇ ଯାଇଥିଲେ । ଡ଼ : ବାଗଚି ଜଣେ ସତ୍ୟପ୍ରେମୀ ବ୍ୟକ୍ତି,

Digitized by srujanika@gmail.com

ବିଶ୍ୱସ୍ତରରେ ଓଡ଼ିଆ ସାହିତ୍ୟଗବେଷଣାର ପୁନାଦି ପକାଇଲେ ସେ । ସାଂସ୍କୃତିକ କ୍ଷେତ୍ରରେ ଜଣେ ବିଶ୍ୱବିଖ୍ୟାତ ବ୍ୟକ୍ତି, କିନ୍ତୁ ତାଙ୍କର ବିଦ୍ୟାର ବଡ଼ିମା ନଥିଲା । ମର୍ମେ ମର୍ମେ ମୋର ଓ ଓଡ଼ିଆ ସାହିତ୍ୟର ଉନ୍ନତି କାମନା କରୁଥିଲେ ସେ ।

ପହିଲେ ସେ ଇଂରାଜୀରେ ଗୋଟିଏ ପ୍ରବନ୍ଧ ଲେଖି ଆଣିବା ଲାଗି ମୋତେ ବରାଦ୍ ଦେଲେ । ମୁଁ ଯାହା ଲେଖି ଆଣିଲି ତାକୁ ପଢ଼ି ବିସ୍ମୟରେ ମୋ ମୁହଁକୁ ଚାହିଁଲେ—ଏ କଣ କବିତା ? ଗୋଟିଏ ଗଦ୍ୟପ୍ରବନ୍ଧରେ ଏତେ ଅଳଙ୍କରଣ କାହିଁକି ? ଆବେଗ, ଉଚ୍ଛ୍ୱାସ ଗବେଷଣାରେ ଏକ ଦୁର୍ବଳତା । ଗବେଷକ କବି ହେଲେ ଚଳେନାହିଁ; ବହୁପାଠୀ ଓ ଜ୍ଞାନୀ ହେବା ଆବଶ୍ୟକ । ସତ୍ୟାନୁସନ୍ଧାନ ଗବେଷକର ଧର୍ମ, ତାର ଉକ୍ତି ଯୁକ୍ତି ଓ ପ୍ରମାଣ ଦ୍ୱାରା ସମର୍ଥିତ ହେବା ଆବଶ୍ୟକ । ତୁମେ ଗଦ୍ୟରେ କବିତା ହିଁ ଲେଖିଛ । ଯାଅ, ଓଡ଼ିଆ ଲୋକସାହିତ୍ୟ ସମ୍ବନ୍ଧରେ ଗୋଟିଏ ବହି ଲେଖି ଆଣ ।

ଦୁଇ ଗୃହଦହନ ଘାରି ବସିଲା—କାହିଁକି ଶାନ୍ତିନିକେତନ ଆସିଲି ? ଯାହି ତାହି କବିତା ମନ ଆନନ୍ଦରେ ଲେଖିଲେ ତ ଚଳି ଯାଉଥିଲା । ଏବେ ଅଜ୍ଞାନତମିସ୍ରରେ ଅନ୍ଧ ଝଣ୍ଟାଳି ହେଲି ପରି ଲାଗୁଛି । କି ଗବେଷଣା କରିବି ? ଇଂରାଜୀରେ ପ୍ରବନ୍ଧଟିଏ ତ ଲେଖି ଆସୁ ନାହିଁ, ବହି ଲେଖିବି କିପରି ? ଯାହାକୁ ଖେଳଣାଟିଏ ତିଆରି କରି ଆସୁନାହିଁ, ତାକୁ କୋଣାର୍କ ଗଢ଼ିବାର ଦାୟିତ୍ୱ ଦେଲା ପରି ହେଲା ଏ ।

ସେ ଯାହାହେଉ, ଏକମନରେ ଈଶ୍ୱରଙ୍କୁ ଡାକିଲି, ପିଲାଦିନୁ ଅମ ଗାଉଁଲି ଜୀବନ, ଗୀତ, କଥା, କିମ୍ବଦନ୍ତୀ ବିଷୟରେ ଯାହା ଜାଣିଥିଲି, ଲେଖିଗଲି । ସେଇ ହେଲା—A Study of Orissan Folklore (ପ୍ରକାଶକାଳ—୧୯୫୩) । ଏ ପୁସ୍ତକ ସମ୍ପର୍କରେ ଯେଉଁ ଉଚ୍ଚାଙ୍ଗ ଅଭିମତ ଆମେରିକା ଓ ଇଉରୋପର ଗବେଷଣାମୂଳକ ପତ୍ରିକାମାନଙ୍କରେ ପ୍ରକାଶ ପାଇଥିଲା, ତାହା ପରିଶିଷ୍ଟରେ ଉଦ୍ଧୃତ ହୋଇଅଛି ।

ଡକ୍ଟର ବାଗ୍‌ଚି କହୁଥିଲେ ଓଡ଼ିଆରେ ତ ବହୁତ ବହି ଲେଖିଛ, କିନ୍ତୁ ଇଂରାଜୀ ବହି କେବଳ ତୁମକୁ ଜଗତରେ ଓ ଭାରତ ବାହାରେ ପରିଚିତ କରାଇବ । ତାଙ୍କ ଉକ୍ତିର ସତ୍ୟତା ଅନୁଭବ କଲି ଆମେରିକାର ହାନିବାଲ୍ ସହରରେ, ଯେତେବେଳେ ଗ୍ରନ୍ଥାଗାରିକ ଗ୍ରନ୍ଥାଗାର ବୁଲାଇ ବୁଲାଇ ମୋ ପୁସ୍ତକଟି ମୋତେ ଦେଖାଇ ଦେଲେ । ପୁଣି ଏହି ପୁସ୍ତକ ଯୋଗୁଁ ନିଖିଳ ଭାରତୀୟ ଲୋକସଂସ୍କୃତିସମ୍ମେଳନରେ ଦୁଇଥର ସଭାପତି ହେବାର ସୁଯୋଗ ପାଇଥିଲି । ଡକ୍ଟର ବାଗ୍‌ଚି ଓଡ଼ିଆ ଲୋକ-ସାହିତ୍ୟସଂଗ୍ରହର ଜଣେ ଉତ୍ସାହଦାତା; ଗବେଷଣା ଜଗତକୁ ମୋ ଜୀବନର ମୋଡ଼ ବୁଲାଇବାରେ ଜଣେ ବନ୍ଧାଣି ।

Digitized by srujanika@gmail.com

ଜଣେ ଯାଯାବର ଭିକ୍ଷୁ

ଗାନ୍ଧିଜୀଙ୍କ ଦାଣ୍ଡି ଯାତ୍ରା ନୁହେଁ, ବିନୋବାଜୀଙ୍କ ଭୂଦାନ ସଂଗ୍ରହ ଯାତ୍ରା ନୁହେଁ, ରାଜାର ଦିଗ୍‌ବିଜୟ ଯାତ୍ରା ନୁହେଁ, ତଥାପି ଏହା ଏକ ଅଭିନବ ଯାତ୍ରା, ଜଣେ ସାହିତ୍ୟ-ପ୍ରେମୀର । କାନରେ ତାର ଝୁଲମୁଣି, ମର୍ମରେ ତାର ଶିରଜନ ସ୍ପନ୍ଦନର ସଂଗୀତ, ନବ ଧର୍ମପ୍ରଚାରକର ଉନ୍ମାଦନା, ଚେତନାର ଏକ ଉଚ୍ଛଳିତ ପ୍ରବାହ, ପ୍ରେମିକର ସଂସାରଭୁଲା ଭାବ ଓ ତୋଫାନୀ ହୃଦୟ ଘେନି ମୁଁ ବାହାରି ପଡ଼ିଲି ଜନ୍ମଭୂମି ଅଜଣା ଦ୍ୱାରରେ । ଗ୍ରାମରୁ ଗ୍ରାମାନ୍ତର ମୋର ପଦଯାତ୍ରା, ମୋ ଜାତିର ସଂସ୍କୃତିର ଗବେଷଣା ଆବିଷ୍କାର ଲାଗି; ମୋ ଜାତିର ଜୀବନ କେତେ ବିସ୍ତୃତ, ତାର ଅନ୍ତର ଧାରା କେତେ ଗଭୀର, ତାର ପ୍ରାଣପ୍ରାଚୁର୍ଯ୍ୟ କେତେ ଦିଗଦିଗନ୍ତବ୍ୟାପୀ, ତାର ଅନୁଭବ କେତେ ସୂକ୍ଷ୍ମ, ତାର ମାନବିକତା କେତେ ସ୍ୱଚ୍ଛନ୍ଦ, ତାର ଅନ୍ତର୍ଲୋକ କେତେ ଉଜ୍ଜ୍ୱଳ, ହୃଦୟଙ୍ଗମ କଲି । ମୁଁ ବୁଲିଥିଲି ମୟୂରଭଞ୍ଜର ଖିଚିଙ୍ଗ, ମେଘାସନ, ବାରିପଦା, ସମ୍ବଲପୁରର ବରଗଡ଼, ବରପାଲି, ଭଟଲି, ଲଇଡ଼ା, କେନ୍ଦୁଝରର ଭୂୟାଁପୀଢ଼, ଖଣ୍ଡାଧାର, ଘୋଡ଼ା, ତାରଣୀ, ରାବଣଛାୟା, ଚିତ୍ରିତ ପର୍ବତ ଓ ଅରଣ୍ୟଗ୍ରାମ, ଗୋନାସିକା, ବୈତରଣୀର ଆଦ୍ୟାଧାର ସନ୍ନିକଟ ପ୍ରବାହିତ, ଗନ୍ଧମାର୍ଦନ ପର୍ବତପଲ୍ଲୀ, ବଲାଙ୍ଗୀରର ହରିଶଙ୍କର ପ୍ରପାତ, ପୁରୁଣାପାଟଣା, କଳାହାଣ୍ଡିର 'ରାବଣ ଦର' ପ୍ରପାତ ଓ ଭବାନୀ ପାଟଣା ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ, ସୁନ୍ଦରଗଡ଼, 'ଇବ' 'କୋଏଲ' ନଦୀର ତୀରେ ତୀରେ, ଢେଙ୍କାନାଳର 'ଦେଓଗାଁ', କପିଳାସ ଓ ଜୋରନ୍ଦା, ନୟାଗଡ଼, ଖଣ୍ଡପଡ଼ା, ବାମଣ୍ଡାର କଇଦନ୍ତା ପାହାଡ଼, ପ୍ରଧାନପାଟ ପ୍ରପାତ ଓ କୁଚିଣ୍ଡାର ଅରଣ୍ୟେ ଅରଣ୍ୟେ, ବଡ଼ମ୍ବାର ସିଂହନାଥ, ବାଙ୍କୀର ଅଂଶୁପା କୂଳେକୂଳେ, କୋରାପୁଟର ଡୁଡୁମା, ବାଗ୍ରା, ନାଟାଲେଲୀ, ମାଛକୁଣ୍ଡ ନଦୀର ଧାରେ ଧାରେ, ମଞ୍ଜୁଷାର ମହେନ୍ଦ୍ରଗିରି, ସିଂହଭୂମ୍‌ର ପୋଡ଼ାହାଟ, ଖରସୁଆଁ-ଗଡ଼, ଷଡ଼େଇକଲାର ଖଡ଼କେଇ ନଦୀ କୂଳେ କୂଳେ, ବାଲେଶ୍ୱରର ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଚାନ୍ଦିପୁର ସମୁଦ୍ର, ସପ୍ତନଦୀ ସମନ୍ୱିତ ଧାମରା, ଯାଜପୁର ଓ କାଲିଞ୍ଜି ଡିହା, କଟକ ଓ ଅଳର ଗ୍ରାମେ ଗ୍ରାମେ ।

ଗଞ୍ଜାମର ଜଉଗଡ଼, ବୁଢ଼ାଖୋଲ, ଲକ୍ଷ୍ମୀନଗର ଓ ଘୋଡ଼ାହାଡ଼ାର କୁର୍ମିମନ୍ଦିର, ବଂଶଧାରା ଓ ଋଷିକୁଲ୍ୟାର ଧାରେ ଧାରେ, ମେଦିନୀପୁରର ଦୀଘା, ଦାନ୍ତନ୍, ଝାଡ଼ଗ୍ରାମ, ପୁରୀର ସାକ୍ଷୀଗୋପାଳ, ଖୋର୍ଦ୍ଧା, ବାଣପୁର, ଧଉଳକୁଦ, ଚିଲିକାର ପାରବର୍ତ୍ତୀ ପଲ୍ଲୀ, କୋଣାର୍କ ଓ ଜଗତସିଂହପୁର ଅଞ୍ଚଳରେ ଘୂରିଥିଲି ଏକ ଯୁଗ ଧରି । ହଜି ଯାଉଥିବା ଜାତିର ଅମୂଲ୍ୟନିଧିକୁ ସାଉଁଟି ଆଣି ଉଦ୍ଧାର କରିବାକୁ ହେବ—ଏହି କର୍ତ୍ତବ୍ୟବୋଧ ଓ ମନରେ ଏକ ଐଶ୍ୱରିକ ପ୍ରେରଣା ।

Digitized by srujanika@gmail.com

ଜାତୀୟ ସଂସ୍କୃତିର ମୂଳଦୁଆ, ଓଡ଼ିଆ କବିର ଆଦ୍ୟ ଓଙ୍କାର, ନିର୍ଝରର ରସପ୍ରେରଣା, ଜୀବନଝଡ଼ର ବଜ୍ର ଝଙ୍କାର, ଧର୍ମର ହାହାକାର ଓ ଚଦ୍‌କାର ସ୍ପନ୍ଦନ, ଯୁଗଯୁଗବ୍ୟାପୀ ଲୋକସଂଗ୍ରାମର ଇତିହାସ, ଉତ୍ଥାନ ପତନ,—ଓଡ଼ିଆର ଶ୍ରୁତିସାହିତ୍ୟ—ଯାଯାବର ସାହିତ୍ୟ—ଜୀବନସାହିତ୍ୟ ସେ । ନିର୍ଦ୍ଦିଷ୍ଟ ବାସ୍ତବତାରେ ପହଞ୍ଚିବାକୁ ବିଦଗ୍ଧସାହିତ୍ୟକୁ କେତେ ଶତାବ୍ଦୀ ଲାଗି ଯାଇଥିଲା; କିନ୍ତୁ ଲୋକସାହିତ୍ୟର ଜନ୍ମ ସଙ୍ଗେ ସଙ୍ଗେ ପ୍ରକୃତ ବାସ୍ତବତାହିଁ ଜନ୍ମଲାଭ କରିଥିଲା, ତା ଦେହର ଆତ୍ମା ପରି । ପ୍ରଥମ ସୃଷ୍ଟିରେ ହିଁ ଜୀବନ ଓ ସାହିତ୍ୟ ଏକ ବିନ୍ଦୁରେ ମିଳିଯାଇଥିଲା ।

ଏହି ଯାଯାବର ସମ୍ଭାରରେ ମୋର ଝୁଲାମୁଣି ପୂର୍ଣ୍ଣ ହୋଇଥିଲା । ଲୋକନାଟ୍ୟରେ—ନାଟ୍ୟ, ଯହିଁରେ ପୂର୍ଣ୍ଣାଙ୍ଗ ନାଟକ ନାହିଁ, ସଂଳାପ ବିରଳ, ଗୀତ ପ୍ରଚୁର, ନୃତ୍ୟ ବହୁଳ, ଅଙ୍କ ବା ଦୃଶ୍ୟର ବିଭାଜନ ନାହିଁ, ନାଟକୀୟ ଉତ୍କଣ୍ଠା ନାହିଁ, ଉତ୍କର୍ଷ ନାହିଁ; ତଥାପି ଏମାନେ ନାଟ୍ୟର ବିବିଧ ଚେଷ୍ଟା —ପାଲା, ପାଠୁଆ, ଦାସକାଠିଆ, ଚଇତିଘୋଡ଼ା, ମୋଗଲ ତାମସା, ଛଉନାଚ କରମା ନାଚ, ଦଣ୍ଡ ନାଟ, ଯୋଗୀ ନାଟ, ଘୁମୁରା ନାଟ, ବୃଙ୍ଗ ନାଟ, ଧୋବା ନାଟ, ଲୀଳା, ଯାତ୍ରା ।

ସୁବର୍ଣ୍ଣରେଖାର ସୁବର୍ଣ୍ଣରେଣୁ ପରି ଗୋଟାଇ ଆଣିଥିଲି ଢଗଢମାଳି, ନାଁ ଢିଆ, ଛଟା, ଲୋକଗଳ୍ପ କିଂବଦନ୍ତୀ । ସଂସ୍କୃତିସମ୍ପୃକ୍ତ ଏ ଜାତି; ସରସ୍ୱତୀଙ୍କର ପଣତ ଲମ୍ବି ପଡ଼ିଥିଲା ପଲ୍ଲୀଗ୍ରାମରୁ ପାହାଡ଼ କନ୍ଦରାରେ, ନଦୀ ଧାରେ ଧାରେ, ଅରଣ୍ୟ କାନ୍ତାରରେ ଲୋକସାହିତ୍ୟର ଆସର ଜମିଥିଲା ସର୍ବତ୍ର ।

ଲୋକସାହିତ୍ୟସଂଗ୍ରହ ସୁଯୋଗରେ ଓଡ଼ିଆ ଗାଆଁର ପ୍ରକୃତ ଜୀବନ ସଙ୍ଗେ ମୋର ନିବିଡ଼ ପରିଚୟ ହୋଇଥିଲା । ମୋର ଧାରଣା, ଲେଖକ କଲମ ଧରିବା ଆଗରୁ ଓଡ଼ିଶାର ପଲ୍ଲୀ ଗାଆଁ ସହିତ ନିବିଡ଼ଭାବେ ପରିଚିତ ହେବା ଆବଶ୍ୟକ, ଜୀବନକୁ ଭଲଭାବେ ନ ଜାଣି ସାହିତ୍ୟସୃଷ୍ଟି ଏକ ଅପଚେଷ୍ଟା, ଅସାର କଳ୍ପନାବିଳାସରେ ଅଧିକାଂଶ ଲେଖକ ଜୀବନ ଓ ସମୟ ନଷ୍ଟ କରିଥାନ୍ତି; ଜନସାଧାରଣଙ୍କୁ ସେମାନେ ଭାବନାର ପରିସର ଭିତରକୁ ଆଣନ୍ତି ନାହିଁ, ଜନସାଧାରଣ ମଧ୍ୟ ସେମାନଙ୍କୁ ଅନାୟାସରେ ଏଡ଼ି ଦେଇଯାନ୍ତି । ଲୋକସାହିତ୍ୟ ହିଁ ବିଦଗ୍ଧସାହିତ୍ୟକର ପହିଲି ପାଠ୍ୟ—ଜନଜୀବନ ଓ ଜନତାର ଭାଷାକୁ ଆୟତ୍ତକୁ ନ ଆଣିଲେ ଲେଖକର ଲେଖା ଲୋକପ୍ରିୟତା ଅର୍ଜନ କରିପାରେ ନାହିଁ ।

ଲୋକସାହିତ୍ୟର ମୂଲ୍ୟ ବୁଝିନ୍ତୁ ବା ନ ବୁଝିନ୍ତୁ ଓଡ଼ିଶାସରକାର ସଂଗ୍ରହକାର୍ଯ୍ୟରେ ମୋତେ ଆର୍ଥିକ ସାହାଯ୍ୟ ଦେଇଥିଲେ; ବିଶ୍ୱଭାରତୀ ଆବଶ୍ୟକ ଛୁଟି ପ୍ରଦାନ କରିଥିଲେ; କିନ୍ତୁ ଏହାର ଉପଯୋଗିତା ଯେତେବେଳର ବିଦଗ୍ଧସ୍ତରରେ ପ୍ରାପ୍ୟ ସ୍ୱୀକୃତି ଲାଭ କରି

Digitized by srujanika@gmail.com

ନ ଥିଲା । ଶତାବ୍ଦୀର ଏକ ଚତୁର୍ଥାଂଶରୁ ଅଧିକ ଏଥିରେ ମୁଁ ବ୍ୟୟ କରିଛି, କେହି କେହି କହନ୍ତି—ଏହା ସମୟବିନଷ୍ଟି । କିନ୍ତୁ ସେହି ସମୟରେ ସୃଷ୍ଟି କରିଥିଲେ ମୁଁ ଅଧିକ ଉପାଦେୟ ରଚନା ସୃଷ୍ଟି କରିପାରି ନ ଥାନ୍ତି । ଲୋକସାହିତ୍ୟ ଓଡ଼ିଆଜାତିକୁ ବିଶ୍ୱ-ଦରବାରରେ ପରିଚିତ କରାଇଦେଇ ପାରିବ, ଜଗତର କୌଣସି ଲୋକସାହିତ୍ୟ ଓଡ଼ିଆ ଲୋକସାହିତ୍ୟଠାରୁ ଉତ୍କୃଷ୍ଟତର ନୁହେଁ, ମୋର ଦୃଢ଼ ବିଶ୍ୱାସ; ଓଡ଼ିଆ ଯେତେବେଳେ କାନ୍ଦୁଥିଲା, ତା ଆଖିରୁ ହୁଏତ ଅଶ୍ରୁ ଝରୁଥିଲା, କିନ୍ତୁ କଣ୍ଠରୁ ଝରୁଥିଲା ଗୀତ—ସେ ସବୁ ଲୋକଗୀତ ।

ସମାବର୍ତ୍ତନ ଉତ୍ସବ ଓ ମୋର ପିଏଚ୍. ଡ଼ି. ଡିଗ୍ରୀ ଲାଭ

ଓଡ଼ିଆ ଲୋକସାହିତ୍ୟ ଆଜି ବିଶ୍ୱଭାରତୀ, ଉତ୍କଳ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀର ସ୍ୱତନ୍ତ୍ର ବିଷୟ ଭାବେ ଅଧୀତ, ଓଡ଼ିଆ ସାହିତ୍ୟ ଇତିହାସରେ ଅନ୍ତର୍ଭୁକ୍ତ ଗୀତିକବିତା, ଗାଥାଗୀତିକା ଓ କାହାଣୀ ସାହିତ୍ୟର ଆଦ୍ୟ ଅଧ୍ୟାୟ ଭାବେ ସ୍ୱୀକୃତ । କିନ୍ତୁ ସାରସ୍ୱତ ଦରବାରରେ ଦିନେ ଲୋକସାହିତ୍ୟର ସିଂହାସନ ତ ଦୂରର କଥା, କୌଣସି ଆସନ ହିଁ ନ ଥିଲା । ଏହା ବନଫୁଲ ପରି ବନରେ ଫୁଟି ଝଡ଼ି ଯାଉଥିଲା । ଲୋକସାହିତ୍ୟକୁ ନେଇ ପିଏଚ୍. ଡ଼ି. ଡିଗ୍ରୀ ଲାଭ ଏକ କଳ୍ପନାତୀତ ବିଷୟ ଥିଲା । ଓଡ଼ିଶାର ଅଳ୍ପ କିଛି ସଂଗ୍ରହ ମୋ ଆଗରେ ଥିଲା — ମୁଖ୍ୟତଃ ସେସବୁ ଢଗଢ଼ମାଳି । ଲୋକସାହିତ୍ୟ ସମ୍ପର୍କରେ ସେଭଳି ଉଲ୍ଲେଖଯୋଗ୍ୟ ଆଲୋଚନାଗ୍ରନ୍ଥ ନ ଥିଲା । ଏଇ ଅବସ୍ଥାରେ ଏକ ବିପୁଳ ସନ୍ଦର୍ଭ ଲେଖିବା ଅବଶ୍ୟ ଏକ ଦୁଃସାହସ । ମହାନ୍ ବିଦଗ୍ଧ ସ୍ତରକୁ ସନ୍ଦର୍ଭ ଉନ୍ନୀତ ହୋଇ ପାରିବ କି ନାହିଁ, ଲେଖିବାବେଳେ ମଝେ ମଝେ ସଂଶୟ ଉପସ୍ଥିତ ହୋଇଛି— ମହିଷଗଣ୍ଡରେ ପହଞ୍ଚିଲାପରେ ଗୋଡ଼ ହାତ ଫୋଳା ହେଉଥିବା ନୂଆ ପହଁରାଳୀକୁ ଯେମିତି ଲାଗେ—ଆଗକୁ ଯିବ ନା ପଛକୁ ? ସଂଶୟକୁ ଦବାଇ ନୈରାଶ୍ୟକୁ ଚପାଇ କୌଣସିମତେ ଆଗେଇଲି ।

ସାହାଯ୍ୟକାରୀ ବିଶେଷ ଗ୍ରନ୍ଥ ନ ଥିବା ସ୍ଥଳେ 'ଓଡ଼ିଆ ଲୋକଗୀତ ଓ କାହାଣୀ, ମୋ ପକ୍ଷରେ ଲେଖିବା ସମ୍ଭବ ହେଲା କିପରି ? ଅନୁଭୂତି ହିଁ ମୋତେ ବାଟ ଦେଖାଇ-ଥିଲା । ଗାଉଁଲି ବାତାବରଣ ମଧ୍ୟରେ ମୁଁ ଜୀବନ ବିତାଇଥିଲି । ପିଲାଦିନର ମେଳାମଉଚ୍ଛବ, ଯାନିଯାତ୍ରା, ପୂଜାପର୍ବ ମୁଁ କିଛି ଭୁଲି ନ ଥିଲି । ସେହିସବୁ ଲୋକାଚାରରେ ଶୈଶବାବସ୍ଥ ଅନୁଭୂତ ହୋଇଥିଲା ମୋର ମୂଲ୍ୟ ପୁଞ୍ଜି । ସନ୍ଦର୍ଭଟି ଲେଖିବା ଲାଗି ମୋତେ ପ୍ରାୟ ଦେଢ଼ବର୍ଷ ସମୟ ଲାଗିଥିଲା । ମୋର ପରୀକ୍ଷକ ହୋଇଥିଲେ ପଣ୍ଡିତ ନୀଳକଣ୍ଠ ଦାସ, ଅଧ୍ୟାପକ ପ୍ରିୟରଞ୍ଜନ ସେନ୍, ପି. ଆର୍. ଏସ୍., ଡକ୍ଟର କରୁଣାକର କର । ସେମାନେ ଥେସିସଟି ଅତି ଉଚ୍ଚ ସ୍ତରର ବୋଲି ମତ ବ୍ୟକ୍ତ କରିଥିଲେ । ଫଳରେ ବିଶ୍ୱଭାରତୀର କର୍ମସମିତି (Syndicate) ମୋତେ ମୌଖିକ ପରୀକ୍ଷାରୁ ଅବ୍ୟାହତି ଦେଇଥିଲେ ଓ ଏହାର

Digitized by srujanika@gmail.com

ଅଣୁ ପ୍ରକାଶ ଲାଗି ବିଶ୍ୱବିଦ୍ୟାଳୟମଞ୍ଜୁରୀକମିଶନ୍ ଆର୍ଥିକ ସାହାଯ୍ୟ ଦେଇଥିଲେ । ୧୯୫୪ରେ ଏହା ହୋଇଥିଲା ଓଡ଼ିଶାର ଓ ଓଡ଼ିଆଭାଷାର ପ୍ରଥମ ପ୍ରକାଶିତ ଥେସିସ୍ ।

ପିଏଚ୍. ଡି. ଡିଗ୍ରୀଲାଭ ଆନନ୍ଦରେ ଚନ୍ଦ୍ରକୁ ମୋର ଛୁଲା ପରି ଲାଗୁ କରି ଦେଉଥିଲା । ନୀଳାକାଶକୁ କାଳବତି ପରି ହୃଦୟ ମୋର ନୃତ୍ୟ କରୁଥିଲା । ହଠାତ୍ ଲାଟ୍ଟରେ ଅନେକ ଉପରକୁ ଉଠିଗଲି ଯେପରି । ପାଇଥିଲି ଯାହା ଅନେକଙ୍କ ପକ୍ଷରେ ଦୁଷ୍ପ୍ରାପ୍ୟ, ଦୁର୍ଲଭ । ସେତେବେଳେ କେହି କ୍ୱଚିତ୍ ଡକ୍ଟରେଟ୍ ପାଉଥିଲେ ।

ଗଣଭାରତର ଅଗ୍ରଣୀ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କଠାରୁ ମୁଁ ସପ୍ତପର୍ଣ୍ଣୀ ପତ୍ର ଓ ଡିଗ୍ରୀ ଗ୍ରହଣ କରିଥିଲି । ମୋ ଆନନ୍ଦବହ୍ନିଲତା ମଧ୍ୟରେ ଯେପରି ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା ତାର ବିବରଣୀ ସଂକ୍ଷେପରେ ଦେଲି ।

ସୁପ୍ରସିଦ୍ଧ ଆମ୍ରକୁଞ୍ଜରେ ଉତ୍ସବମଣ୍ଡପ ନିର୍ମିତ ହୋଇଥିଲା । ପାଇଜାମା, ପଞ୍ଜାବୀ ଓ ଉତ୍ସବର ପ୍ରତୀକ ହଳଦିଆ ରଙ୍ଗର ଖଣ୍ଡିଏ ଲେଖାଁଏ ସମସ୍ତଙ୍କ କାନ୍ଧରେ । ଉପାଚାର୍ଯ୍ୟ, ଅର୍ଥସଚିବ, ସଂସଦ (ସିନେଟ୍) କର୍ମସମିତି (ସିଣ୍ଡିକେଟ୍) ଓ ଶିକ୍ଷାସମିତି (ଏକାଡେମିକ୍ କାଉନସିଲ)ର ସଭ୍ୟମାନେ ଧାଡ଼ି ବାନ୍ଧି ସଭାମୁଖ୍ୟ, ଆଚାର୍ଯ୍ୟ ଓ ପ୍ରଧାନଙ୍କୁ ଆମ୍ରକୁଞ୍ଜ ଉତ୍ସବକୁ ପାଛୋଟି ନେଇ ଆସିଥିଲେ । ଯେ ଯାହାର ଆସନ ଗ୍ରହଣ କରିଥିଲେ । ତାପରେ ଗୋଟିଏ ବୈଦିକ ସୂକ୍ତ ବୋଲାଯାଇଥିଲା ।

'ତମୀଶ୍ୱରାଣାଂ ପରମଂ ମହେଶ୍ୱରମ୍
ତଂ ଦେବତାନାଂ ପରମଞ୍ଚ ଦୈବତମ୍
ପତିଂ ପତୀନାଂ ପରମଂ ପରସ୍ତାଦ୍
ବିଦାମ ଦେବଂ ଭୁବନେଶମୀଡ୍ୟମ୍

× × × ×

ଏଷ ଦେବ ବିଶ୍ୱକର୍ମା ମହାତ୍ମା
ସଦା ଜନାନାଂ ହୃଦୟେ ସନ୍ନିବିଷ୍ଟଃ
ହୃଦା ମନୀଷା ମନସାଭିକ୍ଲୃପ୍ତୋ
ଯ ଏତଦ୍ ବିଦୁରମୃତାସ୍ତେ ଭବନ୍ତି ।'

ଅର୍ଥାତ୍—ଯେ ଦେବତାଙ୍କର ଦେବତା, ସର୍ବଶ୍ରେଷ୍ଠ ଦେବତା,
ଯେ ଶାସକଙ୍କର ଶାସକ, ସର୍ବଶ୍ରେଷ୍ଠ ଶାସକ,
ଯେ ଜଗତର ନାଥ, ପୃଥିବୀର ପୂଜ୍ୟତମ ଦେବ,

Digitized by srujanika@gmail.com

ଯାହାଙ୍କର ସମାସ୍ତନ୍ତ କେହି ନାହିଁ,
ଯାହାଙ୍କଠାରୁ ବଡ଼ କେହି ନାହିଁ,
ଯେ ଅନାଦି, ଯେ ବିଶ୍ୱକର୍ମା ମହାତ୍ମା,
ଯେ ସକଳ ଅନ୍ତରରେ ଆସନ ପାତି ବସିଛନ୍ତି,
ଯାହାଙ୍କୁ ଚିନ୍ତାରେ, ମନ ବା ହୃଦୟରେ ନିର୍ମାଣ କରାଯାଏ,
ସେହି ସର୍ବେଶ୍ୱର ଭଗବାନଙ୍କୁ ଯେ ଜାଣେ
ସେ ଅମରତ୍ୱ ଲାଭ କରେ ।

ଉକ୍ତ ଗାନ ପରେ ସଂସ୍କୃତରେ ଏକ ସଂଳାପିକା ଅଭିନୀତ ହୋଇଥିଲା, ଏଥିରୁ ବିଶ୍ୱ-ଭାରତୀର ଆଦର୍ଶ, ଗୃହଜୀବନର ମହତ୍ତ୍ୱ ଓ ବିଶ୍ୱ ପ୍ରତି କଲ୍ୟାଣକାମନା ସୂଚିତ ହେଉଥିଲା ।

ଅଧ୍ୟେତା—ତୁମର ବାକ୍ ଶାନ୍ତି ଓ କଲ୍ୟାଣ ବ୍ୟକ୍ତ କରୁ ।
ପ୍ରତିବଚନ- ତଥାସ୍ତୁ । ବିଶ୍ୱ ଜଗତର କଲ୍ୟାଣ ହେଉ ।
ଅଧ୍ୟେତା- ତୁମର ବାକ୍ ବିଶ୍ୱର ଶ୍ରୀ, ସମୃଦ୍ଧି ଓ ସମଗ୍ରତା ବ୍ୟକ୍ତ କରୁ ।
ପ୍ରତିବଚନ ତଥାସ୍ତୁ । ସମସ୍ତେ ସମୃଦ୍ଧ ହୁଅନ୍ତୁ ।
ଅଧ୍ୟେତା—ବିଶ୍ୱଭାରତୀ – ଏଠି ବିଶ୍ୱ ଗୋଟିଏ ନୀଡରେ ପ୍ରତିଷ୍ଠିତ । ତାର ଆଦର୍ଶ ଓ ଲକ୍ଷ୍ୟ ଆମେ ବ୍ୟକ୍ତ କରୁଅଛୁ ।

ସତ୍ୟ, ଯାହା ବିଶ୍ୱବ୍ୟାପୀ, ବିଶ୍ୱକୁ ଧାରଣ କରେ, ପ୍ରାଚ୍ୟ ଓ ପାଶ୍ଚାତ୍ୟ ଏଇ ଦୁଇ ଧାରାର ସଙ୍ଗମରେ ପ୍ରତିଷ୍ଠିତ, ତାହା ଏକ ଓ ଅଭିନ୍ନ, ନଦୀ ବା ବହୁ ବିଭିନ୍ନ ପଥ ଦେଇ ଦଗକୁ ଧାବିତ । ପୃଥିବୀର ଯାତ୍ରୀ ଏଇସବୁ ପଥରେ ସେହି ସତ୍ୟମନ୍ଦିରରେ ଉପନୀତ ହୁଅନ୍ତି ।

ଏଇ ସତ୍ୟ ଗୋଟିଏ ବୋଲି ଗ୍ରହଣ କରିବାରେ ବିଶ୍ୱର ଚିର ଶାନ୍ତି ଓ କଲ୍ୟାଣ ନିର୍ଭରଶୀଳ । ଏହି ବିଶ୍ୱଭାରତୀ ସମକ୍ଷରେ ନମ୍ରନତ, ଏହାର ଗଳାରେ ବହୁ ଦେଶର ବିଦ୍ୟାକୁସୁମରେ ଗ୍ରଥିତ ମାଳା ଆମେ ପିନ୍ଧାଇ ଦେଉଅଛୁ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶମାନଙ୍କର ସତ୍ୟର ଏକନିଷ୍ଠ ପୂଜାହାରୀମାନଙ୍କ ଅଭିନନ୍ଦନ ଲାଗି ଆମର ହସ୍ତ ଚିର ପ୍ରସାରିତ ।

ଚିରକାଳ ବିଶ୍ୱଭାରତୀ ଏହି ଆଦର୍ଶ ଅବଲମ୍ବନ କରୁ ।

ତାପରେ ଧୂପଧୂନା, ପୁଷ୍ପସୁରଭି ମଧ୍ୟରେ ସମାବର୍ତ୍ତନଉତ୍ସବ ଉଦ୍ଦେଶ୍ୟରେ ରଚିତ ରବୀନ୍ଦ୍ରନାଥଙ୍କ ଜନ୍ମଗୀତଟି ବୋଲା ହେଲାବେଳେ ପ୍ରାଣ ରୋମାଞ୍ଚିତ ହୋଇଥିଲା—

Digitized by srujanika@gmail.com

"ବିଶ୍ୱବିଦ୍ୟାତୀର୍ଥ ପ୍ରାଙ୍ଗଣ କର ମହୋଜ୍ଜ୍ୱଳ ଆଜ ହେ
ବରପୁତ୍ର ସଂଘ ବିରାଜ ହେ
ଶୁଭ ଶଙ୍ଖ ବାଜନ୍ତୁ ବାଜ ହେ
ଘନ ତିମିର ରାତ୍ରିର ଚିର ପ୍ରତୀକ୍ଷା
ପୂର୍ଣ୍ଣ କର, ଲକ୍ଷ୍ୟ ଜ୍ୟୋତି ଦୀକ୍ଷା
ଯାତ୍ରୀଦଳ ସବ ସାଜ ହେ
ଦିବ୍ୟ ବୀଣା ବାଜ ହେ ।
ଜୟ ଜୟ ନରୋତ୍ତମ, ପୁରୁଷ ସତ୍ତମ
ଜୟ ତପସ୍ୱୀ ରାଜ ହେ ।
ଜୟ ହେ ଜୟ ହେ ଜୟ ହେ ।
ଏସ କର୍ମୀ ଏସ ଜ୍ଞାନୀ
ଏସ ଜନ କଲ୍ୟାଣଧ୍ୟାନୀ
ଏସ ହେ ଧୀଶକ୍ତି ସମ୍ପଦ ମୁକ୍ତବନ୍ଧ ସମାଜ ହେ
ବୀର ଧର୍ମେ ପୁଣ୍ୟ କର୍ମେ ବିଶ୍ୱହୃଦୟେ ରାଜ ହେ ।
ଶୁଭ ଶଙ୍ଖ ବାଜନ୍ତୁ ବାଜ ହେ ।
ଜୟ ଜୟ ନରୋତ୍ତମ, ପୁରୁଷସତ୍ତମ
ଜୟ ତପସ୍ୱୀରାଜ ହେ ।

ତାପରେ ବିଦ୍ୟାଭବନ (ସ୍ନାତକୋତ୍ତର ବିଭାଗ), ଶିକ୍ଷାଭବନ (କଲେଜ), ବିନୟଭବନ (ଟ୍ରେନିଂ କଲେଜ), କଳାଭବନ, ସଙ୍ଗୀତଭବନ ଓ ପଲ୍ଲୀସଂଗଠନ ବିଭାଗର ଅଧ୍ୟକ୍ଷମାନେ ଏହିଭାବେ ସ୍ନାତକମାନଙ୍କୁ ମଞ୍ଚରେ ଉପସ୍ଥାପନ କଲେ—

ମାନନୀୟ ଆଚାର୍ଯ୍ୟଦେବ,

ବିଶ୍ୱଭାରତୀ—ଭବନର ନିମ୍ନୋକ୍ତ ଛାତ୍ରଛାତ୍ରୀମାନେ ଯଥାନିର୍ଦ୍ଦିଷ୍ଟ ଅଧ୍ୟୟନ ସମାପ୍ତ କରି ବିଶ୍ୱଭାରତୀର—ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଉପାଧି / ଅଭିଜ୍ଞାନ ପତ୍ର / ନିଦର୍ଶନ-ପତ୍ରଲାଭର ଅଧିକାରୀ ହୋଇଅଛନ୍ତି । ଏହି ସ୍ନାତକମାନଙ୍କୁ ଆପଣଙ୍କ ସାମ୍ନାରେ ଉପସ୍ଥାପନା କରୁଅଛୁ । ଆପଣ ବିଶ୍ୱଭାରତୀର ବିଧାନ ଅନୁସାରେ ଉପାଧି / ଅଭିଜ୍ଞାନ ପତ୍ର / ନିଦର୍ଶନ ପତ୍ରଦାନ ଓ ଆଶୀର୍ବାଦ କରି ଏମାନଙ୍କୁ ସମାବୃତ୍ତ ହେବାର ଆଦେଶ ଦିଅନ୍ତୁ ।

ତାପରେ ସ୍ନାତକମାନେ ଆଚାର୍ଯ୍ୟଙ୍କଠାରୁ ସପ୍ତପର୍ଣ୍ଣୀପତ୍ର ଓ ଡିଗ୍ରୀ ଗ୍ରହଣ କରି ଯେ ଯାହାର ସ୍ଥାନ ଗ୍ରହଣକଲେ, ଉପାଚାର୍ଯ୍ୟ ଆନୁଷ୍ଠାନିକଭାବେ ସେମାନଙ୍କୁ ଉପଦେଶ ଦେଲେ—

Digitized by srujanika@gmail.com

"ସତ୍ୟ କହ; ଧର୍ମାଚରଣ କର, ସ୍ୱାଧ୍ୟାୟରୁ ବିରତ ହୁଅନାହିଁ ।"

"ସତ୍ୟରୁ ବିଚ୍ୟୁତ ହୁଅନାହିଁ, ଧର୍ମରୁ ବିରତ ହୁଅନାହିଁ, ଶୁଭକର୍ମରୁ ନିବୃତ୍ତ ହୁଅନାହିଁ ।"

"ମାତୃଭକ୍ତ ହୁଅ, ପିତୃଭକ୍ତ ହୁଅ, ଆଚାର୍ଯ୍ୟଭକ୍ତ ହୁଅ ।"

"ଅନବଦ୍ୟ କର୍ମାନୁଷ୍ଠାନ କର, ଅନ୍ୟ କର୍ମ ନୁହେ ।"

ଆମର ସଦାଚାରର ଅନୁବର୍ତ୍ତନ କର, ଅନ୍ୟ ଆଚାରର ନୁହେ ।'

'ପାଷାଣ ପରି ଦୃଢ଼ ହୁଅ । ପରଶୁ ପରି ତୀକ୍ଷ୍ଣ ହୁଅ । ସୁବର୍ଣ୍ଣଖଣ୍ଡ ପରି ମୂଲ୍ୟବାନ୍ ହୁଅ ।'

'କଲ୍ୟାଣମୟ ହୁଅ, ସର୍ବ ମାନବର ବନ୍ଧୁ ଓ ବୀର୍ଯ୍ୟବାନ୍ ରକ୍ଷକ ହୁଅ ।'

'ହେ ସୌମ୍ୟ, ଶତବର୍ଷ ପରମାୟୁ ଲାଭ କର ।'

ଶେଷରେ ଆଶ୍ରମର ଆଚାର୍ଯ୍ୟ ଶାନ୍ତିବଚନ ପ୍ରକାଶ କଲେ—'ଆକାଶ ଓ ପୃଥିବୀରେ ଶାନ୍ତି ବିରାଜିତ କରୁ । ସମୁଦ୍ର ଓ ଅରଣ୍ୟରେ ଏହା ବିରାଜମାନ ହେଉ । ପରମେଶ୍ୱର ଆମ୍ଭମାନଙ୍କୁ ଚିର ଶାନ୍ତି ପ୍ରଦାନ କରନ୍ତୁ ।

ଯାହା ରୁଦ୍ର, ଭୟଙ୍କର, ନିଷ୍ଠୁର, ପାପମୟ ତାକୁ ବିଶ୍ୱଶାନ୍ତି ଦ୍ୱାରା ଆମେ ଶୁଭ୍ର, ସୁନ୍ଦର ଓ କଲ୍ୟାଣରେ ପରିଣତ କରୁଁ । ଏହି ମାଧ୍ୟମରେ ଶାନ୍ତି ଆମ ନିକଟରେ ଆସି ପହଞ୍ଚୁ ।

ପ୍ରତିବଚନ—ଓଁ ଶାନ୍ତି-ଶାନ୍ତି-ଶାନ୍ତି ।

ଅନ୍ୟ ଶାନ୍ତିନିକେତନୀ ଉତ୍ସବରେ ଯେପରି, ଏଠି ସେହିପରି ସର୍ବ ବିଶେଷରେ ସମ୍ମିଳିତ କଣ୍ଠସ୍ୱରରେ 'ଏଇ ଅମାଦେର ଶାନ୍ତିନିକେତନ' ଗୀତ ବୋଲା ହେଲା ।

ମୋ ସ୍ୱପ୍ନର କାଶ୍ମୀର

୧୯୫୫ ଏପ୍ରେଲ ମାସରେ ମୁଁ କାଶ୍ମୀର ଯାଇଥିଲି । ପହଲଗାଓଁର ଦଶ-ହଜାର ଫୁଟ ପର୍ବତ ଉପରେ ଟଟ୍ଟୁ ଘୋଡ଼ାରୁ ପଡ଼ି ମୋର ହାତ ଭାଙ୍ଗିଗଲା । ସେଇଠି ଭ୍ରମଣରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ମୋ ଭଙ୍ଗାହାତ ଦେଖି ବୋଉ ଚକିତ ହୋଇ ଯାଇଥିଲେ; ଭଙ୍ଗାହାତର ଯନ୍ତ୍ରଣା ଅପେକ୍ଷା ତାହା ଅଧିକ ବେଦନାଦାୟକ ହୋଇଥିଲା । ମୁଁ ଭଲ ହେବା ଆଗରୁ ସେ ହଠାତ ଛାଡ଼ି ଚାଲିଗଲେ । ହାତରୁ ଯେଉଁଦିନ ପଟି ଖୋଲା ହେଲା ସେହି ଦିନ ମାତୃବିୟୋଗର କରୁଣ ଉଚ୍ଛ୍ୱାସ ମଧ୍ୟରେ ଭଲଭାବେ ସଚଳ ହୋଇ ନଥିବା ହାତରେ ମୁଁ ଭ୍ରମଣକାହାଣୀ ଆରମ୍ଭ କଲି । ଉତ୍ସର୍ଗପତ୍ରରେ ଲେଖିଥିଲି—

"ବୋଉ,

Digitized by srujanika@gmail.com

"କଶ୍ମୀରର ଗୋଲାପ ନୁହେଁ, ଅଙ୍ଗୁର ବା ଜାଫ୍ରାନ ନୁହେଁ, ତୋତେ ଗୋଟିଏ ଭଙ୍ଗା ହାଡ ଉପହାର ଦେଇଥିଲି । ଏଥିରେ ମୋ ଅପେକ୍ଷା ତୋର ବେଦନା ବେଶୀ — ଯାହା ମରଣାନ୍ତ ଥିଲା, ସ୍ୱର୍ଗପୁରେ ଥିବ, ଭଙ୍ଗା ମନର ସେଇ ସ୍ୱପ୍ନଟିକ ଭଲ ହାତରେ ବଡ଼ବଡ଼ିଆ ଟେକ ଦେଇ ମୁଁ ଖୁସି—ଏ ଖୁସିର ସମସ୍ତ ଖୁସ୍ବ ତୋର" ।

ଏହି କାହାଣୀର ଭୂମିକାଟି ପଦେ କବିତାରେ ଲେଖିଥିଲି—

ଯେହେତୁ ମୋର ଅନ୍ତରାତ୍ମା ପ୍ରିୟ-ପ୍ରିୟତର
ତା କଥା ଲେଖିବା ଲାଗି ଲେଖନୀ କାତର
କାଳେ ସତ୍ୟ ରୂପ ତାର ନ ପାରେ ଫୁଟାଇ
ପୂର୍ଣ୍ଣାଙ୍ଗ ସେ ବାଣୀ ମୂର୍ତ୍ତି ଖଣ୍ଡନ କରେ ନାହିଁ ।
ଅନ୍ତରେ ଜଳାଇ ଚିର ଅନିର୍ବାଣ ଶିଖା
ସ୍ୱପ୍ନର କାଶ୍ମୀର ମୋର ଅସମାପ୍ତ ତାହାର ଭୂମିକା ।

ଶାନ୍ତିନିକେତନରୁ କଲିକତା, କଲିକତାରୁ କାଲକାମେଲରେ ଦିଲ୍ଲୀ, ଦିଲ୍ଲୀରୁ ମେଲ୍‌ରେ ଆମ୍ବାଲା, ଲୁଧିଆନା, ଜଳନ୍ଧର, ମୁକେରିଆ-ସହର ପାରିହୋଇ ପଠାଣକୋଟରେ ପହଞ୍ଚିଥିଲି । ତାପରେ ବସ୍‌ରେ 'ଜାମୁ' ବାଟେ ଯାଇ ବନିହାଲ୍‌ରେ ରାତ୍ରି ଯାପନ କରିଥିଲି । ପାହାଡ଼ର ଶୃଙ୍ଗ ପରେ ଶୃଙ୍ଗ ଲଙ୍ଘନ କରି ଶ୍ରୀନଗରରେ ଡାକ୍ତର ଶମ୍ଭୁନାଥ ଭଟ୍ଟଙ୍କର ଅତିଥି ହୋଇଥିଲି । ଡାଲ୍‌ଲେକ୍‌ରେ ଜମିସ୍ୱେସ୍ତି, ପାହାଡ଼ୀ ଲୋକଙ୍କ ଯାଯଯୋତାପରିଧାନ, କାଉଁରିଆ କାଠି ପରି ଜମାଟ ବର୍ଷାଧାରାର ବରଫଲାଠି, ଦରିଦ୍ର ମୁହଁର ଚକ୍‌ମାଟିମିଶା ଗ୍ଲୁଚ—ଏ ବୈଚିତ୍ରଟି ଆଶ୍ଚର୍ଯ୍ୟ ମୋତେ ଅଭିଭୂତ କରିଥିଲା ।

ଖବରଦାର; ଶ୍ରୀନଗରରେ ତୁଲ୍ ତୁଲ୍ ସନ୍ଧ୍ୟାରେ ବର୍ଷାରୁ ବରଫପାତ ହେଲା; ସେତେବେଳେ ଏହା ଏକ ବିପଦ୍‌ଜନକ, କିନ୍ତୁ ରୋମାଞ୍ଚକର ମୁହୂର୍ତ୍ତ ପରି ବୋଧହେଲା । ଅନ୍ତ ଜମାଟ ବାନ୍ଧ ଦେହ ଫାଟିଗଲା ପରି ଲାଗୁଥିଲା । ଭୟ, ବିସ୍ମୟ ଓ ଆନନ୍ଦରେ ଅଭିଭୂତ ହୋଇ ଅନ୍ଧକାରରେ ବିପନ୍ନ ଅବସ୍ଥାରେ ଭଟ୍ଟଙ୍କର ଗୃହରେ ଆସି ପହଞ୍ଚିଥିଲି । କମ୍ବଳ ତଳେ ପଶି କୋଳରେ କାଙ୍ଗଡ଼ି ଜାକି କୌଣସିମତେ ସୁସ୍ଥ ହୋଇଥିଲି ।

ଘୋର ବର୍ଷା, ଶୈତ୍ୟ; ଗୋଟିଏ ପାଖରେ ନୀଳ ନୀଳ ଡାଲ୍ ଲେକ, ଅନ୍ୟ ପାଖରେ ଆନୀଳଚୂଳ ତୁଷାରମଣ୍ଡିତ ଉଚ୍ଚ ହିମାଦ୍ରି; ଆମେ ପ୍ରସିଦ୍ଧ ମୋଗଲ ଉଦ୍ୟାନ ନିଶାତ୍ ଓ ଶାଲିମାର୍ ଦେଖିଗଲୁ । ମେଘର ସାମାନ୍ୟ ହୁଙ୍କାରରେ ହିମାଦ୍ରିର କନ୍ଦର ଥରି ଉଠୁଥିଲା, ମେଘଫାଙ୍କର ସୂର୍ଯ୍ୟରଶ୍ମି ବରଫ ଉପରେ ପଡ଼ି ଆଖି ଝଲସାଇ ଦେଉଥିଲା ।

Digitized by srujanika@gmail.com

ଝେଲମ୍ ନଦୀରେ 'ଶିକାରା'ରେ ଗୋଟିଏ ସନ୍ଧ୍ୟା, ଡାଲ୍ ଲେକ୍‌ରେ ହାଉସ୍‌ବୋଟ୍‌ରେ ଗୋଟିଏ ରୋମାଞ୍ଚକର ରାତି କଟାଇଥିଲି । 'ଶଙ୍କର' ପର୍ବତ ଉପରେ ଉଠି ପର୍ବତଦେହରୁ, ଜଳମଗ୍ନ ଶ୍ରୀନଗରଉପତ୍ୟକା ଓ ବହୁ ନୌକାଗୃହବାସୀଙ୍କ ବିସ୍ମୟକର ଜୀବନଯାତ୍ରା ଲକ୍ଷ୍ୟ କରିଥିଲି, ସେତେବେଳେ ଗୋଟିଏ ଶୃଙ୍ଗ ଧୂମ ବମନ କରୁଥିଲା, ଅନ୍ୟଟି ମେଘଫାଙ୍କରୁ ବିଗଳିତ ଅସ୍ତାତପରେ ଅଭିଷିକ୍ତ ହୋଇଥିଲା ।

ତାପରେ ଶ୍ରୀନଗରରୁ ୩୪ ମାଇଲ ଦୂରବର୍ତ୍ତୀ ବାରମୁଲା ଯାତ୍ରା କରିଥିଲି । ଦିନେ ଏହି ସହର ହୋଇଥିଲା ଭାରତ ଓ ପାକିସ୍ଥାନର ରଣକ୍ଷେତ୍ର; ମିର୍ ମାକ୍‌ବୁଲ୍‌ଙ୍କ ତତ୍ପରତାରେ ପାକିସ୍ଥାନୀ ଓ ପାହାଡ଼ୀ ସୈନ୍ୟମାନେ ଲୁଣ୍ଠନରେ ମାତି ବିଶୃଙ୍ଖଳିତ ହୋଇପଡ଼ିଲେ; ଭାରତ ଅନାୟାସରେ ବିଜୟଶ୍ରୀମଣ୍ଡିତ ହେଲା । ପାକିସ୍ଥାନୀମାନେ ମୀର୍‌ଙ୍କୁ ଧରି ନିର୍ଯାତନ କରିଥିଲେ ଓ ତାଙ୍କ ଉପରକୁ ଲକ୍ଷ୍ୟ କରି ଚଉଦଟି ଗୁଳି ମାରିଥିଲେ । 'କାଶ୍ମୀର ଜୟ', 'ଭାରତର ଜୟ', 'ସତ୍ୟର ଜୟ', କହି ସେରଓ୍ୱାନୀ ପ୍ରାଣ ଦେଲେ । ସେଠି ବସି ସେରଓ୍ୱାନୀଙ୍କ ଉପରେ ଗୋଟିଏ କବିତା ଲେଖିଥିଲି

ପଠାଣ ସଇନ ସାଗର ଘେରଇ ସୁନା କାଶ୍ମୀର ରାଜଧାନୀ
ଏ କଥା ଶୁଣିଲା କମ୍ପିତ ବୁକେ ମିର୍ ମାକ୍‌ବୁଲ୍ ସେରଓ୍ୱାନୀ" ।

ଇତ୍ୟାଦି, ଇତ୍ୟାଦି ।

ତାପରେ ସୋପୁର ସହରକୁ ଟାଙ୍ଗାରେ ଯାଇ ମଧ୍ୟାହ୍ନରେ ଉଲାର ହ୍ରଦରେ ଜଳଯାତ୍ରା କରିଥିଲି—ସାମ୍ନାରେ ଉଜ୍ଜ୍ୱଳତମ ସୂର୍ଯ୍ୟ, ଜଳରେ, ଦୂର କୂଳରେ ଦୃଷ୍ଟିରୋଧୀ ବରଫପାହାଡ଼ ଉପରେ ଧାଡ଼ି ଧାଡ଼ି ମେଘ, ଏଣେ ଇନ୍ ପକ୍ଷୀମାନେ ଉପରକୁ ମୁହଁ ଟେକି ଛିଡ଼ା ହୋଇଛନ୍ତି । ହ୍ରଦକୂଳରେ ଉଇଲୋ ବଣ, ହ୍ରଦଜଳରେ ନାଚୁଛି ତାର ଛାଇ ।

ଝେଲମ ନଦୀ ଏହି ମଧୁରଜଳ ହ୍ରଦରେ ପଶି ବାହାରି ଯାଉଛି । ଉତ୍ପଳବଂଶର ରାଜା ଅବନ୍ତୀ ବର୍ମନ୍ ଏହି ନଦୀର ଗତିପଥ ବଦଳାଇ ତାକୁ ଉଲାରହ୍ରଦରେ ପ୍ରବାହିତ କରାଇଥିଲେ ।

କାଶ୍ମୀରର ପ୍ରାକୃତିକ ଦୃଶ୍ୟ ଏତେ ରମଣୀୟ, କିନ୍ତୁ ଏଠାର ଅଧିବାସୀ ଅତ୍ୟନ୍ତ ଦରିଦ୍ର । ଗୋଟିଏ ସୁନ୍ଦରୀ ଭିକାରୁଣୀକି ଦେଖି ମୁଁ ଗୋଟିଏ କବିତା ଲେଖିଥିଲି—

Digitized by srujanika@gmail.com

କାଶ୍ମୀର ସ୍ୱପ୍ନର ନୁହେ, ମାଟିର—

'କେଶରେ ତାର ପାଇନ୍‌ବନର ଢେଉ
ମୁଖରେ ସଦ୍ୟଫୁଟା ଉଲରହ୍ରଦର ପଦ୍ମ
× × ×
ଏଇ କଣୋଷ୍ଣ ଦେହରେ କାଶ୍ମୀରର ଆଶ୍ଚର୍ଯ୍ୟଶ୍ରୀ
ରୂପ ପାଇଛୁ ଯେମିତ ।'

ପହଲଗାଁଓରେ ହାତ ଭାଙ୍ଗିବାପରେ ମୁଁ ଶ୍ରୀନଗରରେ ମହାରାଜା ହରି ସିଂ ହସ୍‌ପିଟାଲ୍‌ରେ ରହିଥିଲି । ସେଠି ଭଲ ହେବାର ଆଶା ନ ଦେଖି କାଶ୍ମୀର ଭ୍ରମଣକୁ ଅପୂର୍ଣ୍ଣ ରଖି ଡାକୋଟାରେ ଶ୍ରୀନଗରରୁ ପଠାଣକୋଟ ଯାତ୍ରା କଲି । ଏଇ ମୋର ପ୍ରଥମ ଉଡ଼ାଜାହାଜ ଯାତ୍ରା । ଉଡ଼ାଜାହାଜରେ ବସି ହିମାଦ୍ରିର ଅଗଣିତ ତୁଷାରଶୃଙ୍ଗ ଛୁଇଁ ଛୁଇଁ ଆସିବାର ଆନନ୍ଦ ଅପୂର୍ବ, ମୁଁ ଯେ ଭଗ୍ନହସ୍ତ ଗୋଟିଏ ଘଣ୍ଟା ଭୁଲି ଯାଇଥିଲି — ସେ ସମୟର ସ୍ୱପ୍ନକୁ ଗୋଟିଏ କବିତାରେ ରୂପ ଦେଇଥିଲି ।

ମେଘର ମହଲରେ ଉଡ଼ନ୍ତା ମୋର ଡାକୋଟା
ରୂପାର ତରବାରି ପରି ଝଟକୁଛି ଝେଲମ୍
ଏହା ସହିତ ମୋର ପ୍ରାଣର ସ୍ରୋତ ମିଶିଥିଲା…
× × × ×
କାଶ୍ମୀର ?
କଳ୍ପଲୋକର ସ୍ୱପ୍ନ
ଲିଭିଗଲା, ଆହା ଲିଭିଗଲା ।

ପଥ ଓ ପଥିକ

ବିଭିନ୍ନ ସମୟରେ ରଚିତ ଆଠଗୋଟି କ୍ଷୁଦ୍ର ଭ୍ରମଣକାହାଣୀର ଏହା ଏକ ସଂକଳନ, ୧୯୫୮ରେ ପ୍ରକାଶିତ । ଅଜନ୍ତା-ଏଲୋରା-ଧୂଆଁଧାର, ରାଜଗିର ଓ ନାଳନ୍ଦା, କୁଲ୍‌ଟିରେ ଦୁଇ ଦିନ—ଏଇ ତିନିଗୋଟି ବାଦ୍ ଦେଲେ ଆଉସବୁ ଓଡ଼ିଶାର ବିଭିନ୍ନ ସ୍ଥାନବିଷୟକ ।

'ମୋର କାଶ୍ମୀର ଯାତ୍ରା' ପ୍ରକୃତପକ୍ଷେ ସିଂହନାଥ, ଭଟ୍ଟାରିକା ଯାତ୍ରା; କାଶ୍ମୀର ଯାତ୍ରାର ପ୍ରସ୍ତାବ ଓ ବୈଫଲ୍ୟରେ ଏହି ସ୍ଥାନମାନଙ୍କର ସାର୍ଥକ ରୂପ ଫୁଟି ଉଠିଛି । "କାଶ୍ମୀର କଳ୍ପନାହିଁ ସତ୍ୟ, କିନ୍ତୁ କାଶ୍ମୀର ମୋ ନିକଟକୁ ଆସିଲା । ଆମ ଗାଆଁର ଫୁଲପଥ, ଝରଣାପୁଷ୍କରିଣୀ, ଝିଙ୍କାସନ୍ଧ୍ୟା, ରଜନୀଅନ୍ଧକାର, ସମସ୍ତେ ଯେପରି କି କହିଲେ

Digitized by srujanika@gmail.com

– ସୁନାର କାଶ୍ମୀର ରୂପ ମନରେ । ମା'ଆଙ୍କୁ ଆଉ ଜନ୍ନତର କାଶ୍ମୀରକୁ ପାଇଲି ଏଇ ଆମ ଗାଆଁରେ ।"

ଶାନ୍ତିନିକେତନର ଛାତ୍ରଛାତ୍ରୀମାନଙ୍କ ତତ୍ତ୍ୱାବଧାରକ ଭାବେ ଅଜନ୍ତା, ଏଲୋରା ଓ ନର୍ମଦାର ଧୂଆଁଧାର ପ୍ରପାତ ଦେଖି ଯାଇଥିଲି । ଅଜନ୍ତାର ଚିତ୍ରକଳା ଜଗତ୍ପ୍ରସିଦ୍ଧ । ଏଠାରେ ଊଣତିରିଶଗୋଟି ଶୈଳଗୃହ ଅଛି । ପ୍ରତ୍ୟେକ ଗୃହର ସ୍ତମ୍ଭ, କାନ୍ଥ ଓ ଛାତ ଚିତ୍ରିତ । ସେ କାଳର ଧର୍ମଚର୍ଚ୍ଚା, ବେଶବିନ୍ୟାସ, ବାଦ୍ୟଯନ୍ତ୍ର, ଶିକାର, ଯୁଦ୍ଧ, ଦୈନନ୍ଦିନ ସୁଖଦୁଃଖର ଜୀବନ ଜୀବନ୍ତଭାବେ ଚିତ୍ରିତ ହୋଇଅଛି ।

ବୌଦ୍ଧଧର୍ମର ପତନ ପରେ ଏହି ସ୍ଥାନ ବ୍ୟାଘ୍ରଭଲ୍ଲୁକଙ୍କ ନିବାସସ୍ଥଳୀରେ ପରିଣତ ହୋଇଥିଲା । ଯେଉଁଠି 'ବୁଦ୍ଧଂ ଶରଣଂ ଗଚ୍ଛାମି' ଧ୍ୱନି ଝଙ୍କୃତ ହେଉଥିଲା, ସେଠି ଅତ୍ୟାଚାରିତ ମୂକପଶୁର ଆର୍ତ୍ତନାଦ ଶୁଣାଗଲା । ସପ୍ତମରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଦୀର୍ଘ ବାର ଶତ ବର୍ଷ ଏହା ଲୋକଲୋଚନ ଅଗୋଚରରେ ରହିଥିଲା । ଇଷ୍ଟଇଣ୍ଡିଆ କମ୍ପାନୀର ସୈନିକମାନେ ପାର୍ବତ୍ୟ ପଥରେ ଯାତ୍ରା କରୁ କରୁ ଦୈବାତ୍ ଏହା ଆବିଷ୍କାର କଲେ । ତତ୍ପରେ ଭିତ୍ତିଚିତ୍ରର ପ୍ରତିଲିପି ଅଙ୍କନ କରା ଯାଇଥିଲା ।

ଅଜନ୍ତାରେ ନାରୀର ହିଁ ପୂଜା । କଟାକ୍ଷର ଇଙ୍ଗିତ, ଚରଣନ୍ୟାସ, ହସ୍ତମୁଦ୍ରା, ଅଧରର ମାଧୁରୀ ଓ ମୁଣ୍ଡବନ୍ଧାର ବିଚିତ୍ର ସାଜ ମନ ମୁଗ୍ଧ କରେ ।

ଏଲୋରା ପାହାଡ଼ର ନାମ ସହ୍ୟାଦ୍ରି; ଖ୍ରୀଷ୍ଟପୂର୍ବ ୫୫୦ରୁ ୭୫୦ ମଧ୍ୟରେ ଚାଲୁକ୍ୟ ଓ ରାଷ୍ଟ୍ରକୂଟ ରାଜବଂଶର ପୋଷକତାରେ ଏଲୋରାର ଜୈନ ମନ୍ଦିରଗୁଡ଼ିକ ନିର୍ମିତ ହୋଇଥିଲା । ସହ୍ୟାଦ୍ରିର ଦୀର୍ଘ ଏକ ମାଇଲ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଗୁମ୍ଫାସବୁ ଖୋଦିତ । ବୌଦ୍ଧରୁ ଆରମ୍ଭ, ଜୈନରେ ଶେଷ, ମଧ୍ୟରେ ହିନ୍ଦୁ । ମାଳାର ମଧ୍ୟ ଫୁଲଟି ହିନ୍ଦୁର କୈଳାସମନ୍ଦିର, ପୃଥିବୀର ଶୈଳଖୋଦିତ ମନ୍ଦିର ମଧ୍ୟରେ ସର୍ବଶ୍ରେଷ୍ଠ । ମନ୍ଦିରର ସ୍ଥାବର ଓ ମର୍ତ୍ତ୍ୟର ଜଙ୍ଗମ ମନୁଷ୍ୟ ଏହି ତୀର୍ଥରେ ଏକାତ୍ମ ହୋଇଛନ୍ତି ।

'ଧୂଆଁଧାର' ଜଳତାର କଳ୍ପନା 'ଉମାମହେଶ୍ୱର' ମୂର୍ତ୍ତି ଓ ନର୍ମଦାର ଏହି ବିପୁଳ ପ୍ରପାତର ଦର୍ଶନ ପରେ; ନୌକାର ବିଧୁସ୍ପର୍ଶରେ ସୁନ୍ଦରଗ୍ରାମ—ଉଚ୍ଚ ଉର, ଦନ୍ତୁର, ସ୍ତର ସ୍ତରରେ ବିସ୍ତୃତ ଶ୍ୱେତ ମର୍ମର ଶିଳାଶ୍ରେଣୀକୁ, ସଂଗ୍ରାମରେ କ୍ଷତବିକ୍ଷତ । ନର୍ମଦା ନୀଳୋର୍ମିର ନର୍ତ୍ତନ କେବେ କ୍ଷତବିକ୍ଷତ କରିନାହିଁ; ସୃଷ୍ଟିକାଳରୁ ସେ କେବଳ ସଂଘର୍ଷର ସମ୍ମୁଖୀନ ହୋଇଛନ୍ତି ।

'ଧୂଆଁଧାର' ପ୍ରପାତ ନର୍ମଦାର ଐତିହାସିକ କୀର୍ତ୍ତି । ଅନୁଭବ କଲି ଶ୍ୱେତମର୍ମର ପ୍ରାସାଦର ରାଜକନ୍ୟା, ତାର ନୀଳ ବାହୁର ଶୀତଳ ସ୍ପର୍ଶ; ସତେ ଅଜଣା ଫୁଲର ମାଳା

Digitized by srujanika@gmail.com

ଗଲାରେ ଲମ୍ବାଇ ଦେଇ ଚୁମ୍ବନ କରୁଛି । ସେ ଦାଗ ଏବେ ଲିଭିନାହିଁ; କେବେ ଲିଭିବନାହିଁ । ସତେ ଅବା ତା ବୁକୁର ସ୍ପନ୍ଦନ ମୋ ବୁକୁରେ ରହି ଦେଉଛି ବଞ୍ଚିବାର ଅତ୍ୟନ୍ତ ଭିନ ଆସ୍ୱାଦ ।

ଶାନ୍ତିନିକେତନରେ ଥିଲାବେଳେ ସ୍ତ୍ରୀ ଓ ଶିଶୁପୁତ୍ରକୁ ସଙ୍ଗେ ନେଇ ରାଜଗିର ଯାଇ ବୈଭର, ଗୃଧ୍ରକୁଟ ଓ ବିପୁଲାଚଳ ଦେଖିଥିଲି ଓ ଉଷ୍ଣପ୍ରସ୍ରବଣରେ ସ୍ନାନ କରିଥିଲି ।

ଖ୍ରୀଷ୍ଟପର ପଞ୍ଚମ ଶତାବ୍ଦୀରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ଶୁଭାରମ୍ଭ ହୋଇଥିଲା । ଗୁପ୍ତରାଜାମାନେ ଏହାର ଶ୍ରୀବୃଦ୍ଧି ସାଧନ କରିଥିଲେ, ଏହି ବିହାରର ବ୍ୟୟ ନିର୍ବାହ ଲାଗି ହର୍ଷବର୍ଦ୍ଧନ ଶତାଧିକ ଗ୍ରାମ ଦାନ କରିଥିଲେ । ଦ୍ୱାଦଶ ଶତାବ୍ଦୀରେ ବକ୍ତିଆର ଖିଲିଜି ନାଳନ୍ଦାକୁ ଏକ ଶତ୍ରୁ ଦୁର୍ଗ ମନେ କରି ଧ୍ୱଂସ କରିଥିଲେ, ବହୁ ଶତାବ୍ଦୀର ସାଧନାରେ ନିର୍ମିତ ପାଠାଗାର ପ୍ରଜ୍ୱଳିତ ହୋଇଥିଲା, ସମସ୍ତ ଅଧ୍ୟାପକ ଓ ଛାତ୍ରଙ୍କୁ ସେ ସଂହାର କରିଥିଲେ । ଅର୍ଦ୍ଧଦଗ୍ଧ ଗ୍ରନ୍ଥରେ କଣ ଅଛି ଯେତେବେଳେ ଜାଣିବାକୁ ଇଚ୍ଛା ହେଲା, ସେତେବେଳେ ଦୁଃଖର କଥା, ତାହା ପଢିବା ଲାଗି କେହି ବଞ୍ଚି ରହି ନ ଥିଲେ ।

ଶାନ୍ତିନିକେତନରେ ଥିଲାବେଳେ ମୁଁ ମୟୂରଭଞ୍ଜର ମେଘାସନ, ବାଦାମ ପାହାଡ଼ ଓ କେଉଁଝରର 'ଖଣ୍ଡାଧାର' ପ୍ରପାତ ଦେଖି ଯାଇଥିଲି ।

ଟାଟା କମ୍ପାନୀ ଗାଡ଼ିରେ ବାଦାମ୍ ପାହାଡ଼କୁ ଉଠିବାର କଥା, ଜଣଙ୍କ ହାତ କଟିଗଲା, ଜଣକୁ ସାପ କାମୁଡ଼ିଲା । ଗାଡ଼ି ସେମାନଙ୍କୁ ଡାକ୍ତରଖାନାକୁ ଆଣିବା ଲାଗି ଗଲା, ଆମେ ନିରାଶ ହୋଇ ପାହାଡ଼ ମୂଳରୁ ଫେରିଲୁ ।

' ବାଦାମ୍ ପାହାଡ଼ ଅଦେଖା ରହିଲା, କିନ୍ତୁ ବୋଧ ହେଲା,
ଜୀବନର ବହୁ ଗଳ୍ପକଳ୍ପ ଭିତରେ ଆମେ ପଶିଯାଇଛୁ ।"

'ଖଣ୍ଡାଧାର' ପଥରେ ଗତି କରୁ କରୁ ମୁଁ କେଉଁଝରର ଚର୍ଚ୍ଚିତ 'ରାବଣଛାୟା' (ଲୋକଙ୍କ ଅନୁରୋଧରେ ସୀତା ରାବଣ ଓ ତାର ସୈନ୍ୟସାମନ୍ତଙ୍କ ପଟ୍ଟଚିତ୍ର ଅଙ୍କନ କରିଥିଲେ ବୋଲି କିଂବଦନ୍ତୀ), ଲବକୁଶ ପାହାଡ଼, ବୈତରଣୀର ଜଳପ୍ରପାତ, 'ଭୀମକୁଣ୍ଡ', ଗନ୍ଧମାର୍ଦ୍ଦନ ପର୍ବତ, ଜୁଆଙ୍ଗଗ୍ରାମ, ବୈତରଣୀର ଉତ୍ପତ୍ତିସ୍ଥଳ ଓ ଗୋନାସିକା ପର୍ବତ ଦେଖିଥିଲି । କ୍ଷୁଧାର ତାଡ଼ନାରେ ବରଫଳ ଖାଇ ଖାଇ ଆହତ ବ୍ୟକ୍ତି ମୋତେ ଓଡ଼ିଶାର ଦୁରବସ୍ଥା ପ୍ରତି ସଚେତନ କରିଦେଇଥିଲା, ମୁଁ ଲେଖିଥିଲି—

Digitized by srujanika@gmail.com

"ଏ ଭାରତବର୍ଷ; ଏଠି କାହିଁ ଶହ ଶହ ଭରଣ ଧାନ ଭମା ଖାଇ ଯାଉଛନ୍ତି; କୋଉଠି ଦାନା ଅଭାବରେ ଲୋକେ ବରଫଳ, ଢନ୍ତୁଳ ପତର, କନ୍ଦମୂଳ ଖାଉଛନ୍ତି ।"

ଭୁଷୁଁାପୀଠ ଓ ମୁକ୍ତାପୁର ଆଶ୍ରମ ବିଦ୍ୟାଳୟରୁ ମୁଁ ଲୋକଗୀତ ସଂଗ୍ରହ କରିଥିଲି ।

ଏଡ୍ମଣ୍ଡ ହିଲରି, ତେନଜିଂ ନରକେ ୧୯୫୩ରେ ହିମାଦ୍ରିର ଉଚ୍ଚତମ ଶୃଙ୍ଗ ଜୟ କରିଥିବାବେଳେ ମୁଁ ମେଘାସନରେ ଉଠିଥିଲି ।

ମୁଁ ଲେଖିଥିଲି "ମେଘାସନର ବିଜୟ । କ୍ଷୁଧା, ତୃଷା, ଗ୍ରୀଷ୍ମ, ବାଧାବିଘ୍ନ ବିପଦ ଆମକୁ ପରାସ୍ତ କରିପାରିନାହିଁ ବାସ୍ତବରେ ଏ ଦୁର୍ଗମ ପର୍ବତ, ଅରଣ୍ୟ ଆମେ ଜୟ କରିଛୁ ।"

"ମେଘାସନ ପୃଥିବୀର ଉଚ୍ଚତମ ପର୍ବତର ଏକଷଷ୍ଠାଂଶ; ହିମାଦ୍ରିର ବିଜୟ ତୁଳନାରେ ଆମର ଜୟ ଅକିଞ୍ଚିତ୍କର ବୋଧ ହୋଇପାରେ, କିନ୍ତୁ ଆମର ଶକ୍ତି, ସାହସ ଓ ଅଭ୍ୟାସକୁ ବିଚାରିଲେ ଏଥିପର ଗର୍ବ କରିବାର ଯଥେଷ୍ଟ ହେତୁ ଅଛି । ଯେଉଁମାନେ ଗୌରୀଶଙ୍କର ଶୃଙ୍ଗ ଆରୋହଣ କରନ୍ତି, ସେମାନେ ପୃଥିବୀର ବହୁ ଦକ୍ଷ ସୈନିକ, ବହୁ ଆରୋହଣସାଧନାରେ ସିଦ୍ଧିଲାଭ କରିଅଛନ୍ତି । ହୃଷ୍ଟପୁଷ୍ଟ, ବଳିଷ୍ଠ ବପୁ, ଦୃଢ଼ମନ, ଜୀବନକୁ ସାଧନାପୀଠରେ ବଳି ଦେବାଲାଗି ସଦା ତତ୍ପର । ଆମେ ଦଳେ କଅଁଳା ସୈନ୍ୟ, ଅସ୍ଥିରପାଦ; ଅସ୍ଥିର ମନ ; ଅପ୍ରସ୍ତୁତ, ଏକା ଦିନକେ ବାଏଷ୍ଟ ପ୍ରଚେଷ୍ଟା ।"

ବାରିପଦାରୁ ଉଦଳା, ଉଦଳାରୁ ପୋଡ଼ାଡ଼ିହା, କପ୍ତିପଦାର ଶମୀବୃକ୍ଷ ଦେଇ ଆମେ ୪୫୦୦ ଫୁଟ୍ ମେଘାସନ ଶୃଙ୍ଗ ଜୟ କରିଥିଲୁ ।

ରାଜା ଯିବା ପରେ ରାଜପ୍ରାସାଦ ଓ ଉଦ୍ୟାନର ଦୁରବସ୍ଥା ଦେଖି ଲେଖିଥିଲି—
"ରାଜବାଟି ଶୂନ୍ୟ, ଜଣେ ଗାର୍ଡ଼ ବନ୍ଧ କବାଟରେ ଘନୀଭୂତ ଶୂନ୍ୟତାକୁ ଜଗି ରହିଛି । ହେନା ଉପୁଡ଼ି ଗଡ଼ିଛି, କାମିନୀ ଶ୍ରୀହୀନ—"

ଅଖିଳ ଭାରତଲୋକସଂସ୍କୃତିସମ୍ମେଳନ

ସମଗ୍ର ଭାରତର ଲୋକସଂସ୍କୃତି ସଂକଳକ ଓ ଗବେଷକମାନଙ୍କୁ ଏକାଠି କରିବାର ଏହି ପ୍ରଥମ ଚେଷ୍ଟା । ତା ପୂର୍ବରୁ ଯେ ଯାହାର ପ୍ରଦେଶରେ ଲୋକଗୀତ, କଥା ଓ କିମ୍ବଦନ୍ତୀ ସଂଗ୍ରହ କରୁଥିଲେ, ସେଇ ବିଷୟରେ ସନ୍ଦର୍ଭ ଲେଖି ପିଏଚ. ଡି. ଡିଗ୍ରୀ ଲାଭ କରିଥିଲେ । ଲୋକସଂସ୍କୃତିକୁ କୌଣସି କୌଣସି ବିଶ୍ୱବିଦ୍ୟାଳୟର ଏମ୍.ଏ. ପାଠ

Digitized by srujanika@gmail.com

ସଂସ୍କୃତିର ଅନ୍ତର୍ଭୁକ୍ତ କରି ଦେଉଥିଲି । ଲୋକସଂସ୍କୃତି ବିଦଗ୍ଧସଂସ୍କୃତିର ମୂଳଦୁଆ; ଲୋକଜୀବନ, ଚରିତ, ଚଳଣି ଓ ପରମ୍ପରା ଏଥିରେ ପ୍ରତିଫଳିତ । ନିଜ ଦେଶର ବାସ୍ତବ ରୂପ ନ ଜାଣି ବିଦଗ୍ଧ ସାହିତ୍ୟକ ଅଗ୍ରଗତି କରି ନ ପାରେ । ଭାରତୀୟ ଲୋକସଂସ୍କୃତିର ସ୍ୱରୂପ ଓ ବ୍ୟାପକତା ଜାଣିବାରେ ଏହାର ସୁରକ୍ଷା ଓ ଗବେଷଣା ଲାଗି ଦେଶର ଦୃଷ୍ଟି ଆକର୍ଷଣ କରିବାରେ ୧୯୫୮ରେ ଏଲାହାବାଦରେ ଅନୁଷ୍ଠିତ ଲୋକସଂସ୍କୃତି ସମ୍ମେଳନ ବିଶେଷ ସହାୟକ ହୋଇଥିଲା । ଜ୍ଞାନପୁର କଲେଜର ହିନ୍ଦୀବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର କୃଷ୍ଣଦେବ ଉପାଧ୍ୟାୟ ଏହାର ମୁଖ୍ୟ ଉଦ୍ୟୋକ୍ତା ଥିଲେ । ତାଙ୍କ ପୁତ୍ର ହରିଶଙ୍କର ଉପାଧ୍ୟାୟଙ୍କ ଯୁବକୀୟ କର୍ମଠତା ସମ୍ମିଳନୀର ସଫଳତା ମୂଳରେ ନିହିତ ଥିଲା । ଏହି ସମ୍ମିଳନୀର ସାହିତ୍ୟଶାଖାରେ ମୁଁ ସଭାପତି ହୋଇଥିଲି ଓ ଭାରତୀୟ ଲୋକସଂସ୍କୃତିର ଏକ ସ୍ଥୂଳ ରୂପ ଅଙ୍କନ କରିବାକୁ ଚେଷ୍ଟା କରିଥିଲି । ଇଂରାଜୀରେ କହିବାକୁ ଡର ମାଡୁଥିଲା । କିନ୍ତୁ ପ୍ରାୟ ମୋଠାରୁ ସ୍ତରର ଅଧିକାଂଶ ଭାଷାଅଧ୍ୟାପକ ଥିଲେ । ଭୟ କଲେ ଇଂଲଣ୍ଡମହିତ ସଙ୍ଗୀତ, ଓଡ଼ିଶାର ମାନ ତଳେ ପଡ଼ିବ । ସ୍ଥିର ଦମ୍ଭ କରି ସାହା କହିଲି, ତାହା ଅଟକିନାହିଁ । ସଭାପତିଙ୍କ ଗୌରବଆସନ ଉନ୍ନତ, ସୁଖକର, ଯଦି ବାକ୍‌ରେ ମାଧୁରୀ ବା ମହିମା ଫୁଟେ । ନ ହେଲେ ସଭାମୁଖ୍ୟ ଜ୍ୟୋତ୍ସ୍ନାହୀନ ଚନ୍ଦ୍ରପରି ହୋଇଯାନ୍ତି କଳାହୀନ, କଳଙ୍କିତ ।

ସର୍ବଭାରତୀୟ ସ୍ତରରେ ଡକ୍ଟର ଉପାଧ୍ୟାୟ ମୋତେ ଯେଉଁ ମର୍ଯ୍ୟାଦା ଓ ସମ୍ମାନ ଦେଇଥିଲେ, ତାହା ମୋର ଲୋକସାହିତ୍ୟ ବିଷୟରେ ଇଂରାଜୀ ପୁସ୍ତକରଚନାର ପ୍ରତ୍ୟକ୍ଷ ଫଳ । ଗହ୍ୱର ମଧ୍ୟରୁ ଗୋଟିଏ ଆଲୋକିତ ପ୍ରଶସ୍ତ ପ୍ରାଙ୍ଗଣକୁ ଆସିଲାପରି ଲାଗିଥିଲା, ଖୋଲିଥିଲା ଗୋଟିଏ ନୂତନ ଦିଗ୍‌ବଳୟ—ମନେ ହେଲା, ବହୁ ବର୍ଷର ଚେଷ୍ଟା ଫଳବତୀ ହୋଇଛି, ମିଳିଛି ନୂତନ ଏକ ସ୍ୱୀକୃତି ।

ପ୍ରୟାଗରେ 'ହୃଦୟସଙ୍ଗମ' ଶୀର୍ଷକ ଗୋଟିଏ କବିତା ରଚନା କରିଥିଲି— ପ୍ରୟାଗ କେବଳ ଗଙ୍ଗା ଯମୁନାର ସଙ୍ଗମ ନୁହେଁ, ଅଗଣିତ ଅତୀତ ଓ ବର୍ତ୍ତମାନ ହୃଦୟର ସଙ୍ଗମ, ବହୁ ସଂସ୍କୃତି ଓ ପ୍ରେମପ୍ରୀତିର ସଙ୍ଗମ— ଏହାହିଁ ମୋ କବିତାର ମର୍ମ ଥିଲା ।

୧୯୫୯ରେ ଡକ୍ଟର ଉପାଧ୍ୟାୟ ବମ୍ବେରେ ଦ୍ୱିତୀୟ ଲୋକସଂସ୍କୃତି ସମ୍ମେଳନ ଆୟୋଜନ କରିଥିଲେ । କିନ୍ତୁ ବମ୍ବେ ଷ୍ଟେସନରେ ଓହ୍ଲାଉଁ ଓହ୍ଲାଉଁ ମୋତେ ଶ୍ୱାସବେଗ ତୀବ୍ରଭାବରେ ଆକ୍ରମଣ କଲା । ପାଦେ ଆଗେଇବାର ଉପାୟ ନାହିଁ । କୌଣସିମତେ ଟାକ୍‌ସିରେ ବସି ଶେଠ୍‌ଜୀଙ୍କ ଅତିଥିଭବନରେ ପହଞ୍ଚିଲି । ମୋ ଦୁରବସ୍ଥା ଦେଖି ଶେଠଜୀ କବିରାଜ ଡକାଇଲେ; କିନ୍ତୁ ରୋଗ ଆଦୌ ଉପଶମ ହେଲା ନାହିଁ ।

Digitized by srujanika@gmail.com

ତା ପରେ ଡାକ୍ତରୀ ଚିକିତ୍ସା, ସେବା, ତତ୍‌କ୍ଷଣାତ୍ କାମ ଦେଲା ଓ ମୁଁ ସମ୍ମିଳନୀରେ ଯୋଗ ଦେଇ 'ଲୋକ ଗଳ୍ପରେ ପ୍ରବୃତ୍ତି' (Motifs in Oriya Folklore) ପ୍ରବନ୍ଧଟି ପାଠ କରିଥିଲି ।

ତାପରେ ଗୋଟିଏ ଜାହାଜରେ ଏଲିଫାଣ୍ଟା ଦ୍ୱୀପ ଦେଖି ଯାଇ ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ ଓ ପ୍ରାକୃତିକ ଦୃଶ୍ୟ ଦେଖି ଗୋଟିଏ କବିତା ଲେଖିଥିଲି । ସମୁଦ୍ରରେ ଝିଲିମିଲି ସୂର୍ଯ୍ୟାଲୋକ; ଦୃଷ୍ଟି ହଜାଣି ବୋଧ ହଉଥିଲା ଭଢଢ଼ାପକୁ— ବ୍ୟୂହରେ ସଜ୍ଜିତ ରଣାଙ୍ଗନର ସୈନ୍ୟ ପରି ମାଡ଼ି ଆସୁଥିଲା ତରଙ୍ଗମାଳା ।

ବମ୍ବାଇର ଲେକ୍, ମାଲବାର୍ ହିଲ୍ସ୍ ଓ ସିନେମା ଷ୍ଟୁଡିଓ ବୁଲି ଦେଖିଥିଲି, ବମ୍ବେ ଭାରତୀୟ ବିଦ୍ୟାଭବନରେ ଶ୍ରୀମତୀ ଲୀଳାବତୀ ଓ ଶ୍ରୀଯୁକ୍ତ କେ. ଏମ୍ ମୁନସିଙ୍କ ସହିତ ସାକ୍ଷାତ କରିଥିଲି । ଅଧ୍ୟୟନ, ପଠନ ଓ ସର୍ଜନ ମଧ୍ୟରେ ଉଭୟ ଲେଖାଲେଖି କରୁଥିଲେ ଓ ସରଳ, ଉନ୍ନତ ଓ ମହତ୍ ଜୀବନ ଯାପନ କରୁଥିଲେ । ସଂସ୍କୃତି ଲାଗି ଆତ୍ମୋତ୍ସର୍ଗ କରୁଥିଲେ କହିଲେ ଚଳେ ।

୧୯୬୭ରେ ଉଜ୍ଜୟିନୀର ମାଧବ କଲେଜରେ ତୃତୀୟ ଲୋକସଂସ୍କୃତି ସମ୍ମେଳନ ଅନୁଷ୍ଠିତ ହୋଇଥିଲା । ମୁଁ ଲୋକକଳା ଓ ସଙ୍ଗୀତ ବିଭାଗର ସଭାପତି ହୋଇଥିଲି । ଗୁଜରାଟର ଗର୍‌ବା ନୃତ୍ୟ, ଡଙ୍ଗର ନୃତ୍ୟ (ବ୍ୟାଘ୍ର ଭୟ ନିବାରଣ ଲାଗି ଡଙ୍ଗର ଦେବତାଙ୍କ ନିକଟରେ ନରବଳି ଦୃଶ୍ୟର ରୂପାୟନ), ରାଜସ୍ଥାନର ଚାରଣଗୀତ, ମମ୍ବିଳିତ ନର୍ତ୍ତ । ଓ କୃଷି ନୃତ୍ୟ, ଭୋଜପୁରୀ ଝୁମର୍, ମାଳଦ୍ୱୀପୀ ନୌକା ଚାଳନ ଗୀତ, ମାଳବୀ ଢାକ୍ ଗୀତ, କମାର୍ଜୀ ଲୋକନୃତ୍ୟ 'ଦୁଲ୍‌ଶ' (ମୃତ ସ୍ୱାମୀ ସଙ୍ଗେ ସ୍ତ୍ରୀ ସତୀ ହିବା ନୃତ୍ୟ), ଭିଲ ନୃତ୍ୟ, ପଲ୍ଲୀଗୀତ ଓ ନୃତ୍ୟକୁ ଏକ ଭାରତୀୟ ରୂପ ଓ ରଙ୍ଗ ଦେଇଥିଲା ।

ଏହି ସୁଯୋଗରେ ମୁଁ କାଳିଦାସ କାବ୍ୟପ୍ରସିଦ୍ଧ ସିପ୍ରାନଦୀ, ମହାକାଳ ମହାଦେବ, ବେଦବତୀ, ବିଦିଶା, ଉଜ୍ଜୟିନୀର ଭଗ୍ନାବଶେଷ ଦେଖି 'ଉଜ୍ଜୟିନୀ' କବିତା ରଚନା କରିଥିଲି ।

ବିଶ୍ୱଭାରତୀ ଓଡ଼ିଆ ବିଭାଗ

୧୯୪୭ରେ ଶାନ୍ତିନିକେତନରେ ଓଡ଼ିଆ ବିଭାଗର ଶୁଭାରମ୍ଭ ହୋଇଥିଲା । ସେତେବେଳେ ବିଦ୍ୟାଭବନ ପାଠାଗାରର ଗୋଟିଏ କୋଠରୀରେ ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ ଓ ଗବେଷକ ଚିତ୍ତରଞ୍ଜନ ଦାସ ଗବେଷଣା କରୁଥିଲେ । ୧୯୫ ରେ ବିଶ୍ୱଭାରତୀ କେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପରିଣତ ହେବାପରେ ଓଡ଼ିଆରେ ଏମ୍.ଏ. ଶ୍ରେଣୀ ଖୋଲିଲା, ଗବେଷଣା ସଙ୍ଗେ ଅଧ୍ୟାପନା ମୋ କର୍ମ ପରିସରର ଅନ୍ତର୍ଭୁକ୍ତ ହେଲା । ଓଡ଼ିଆ ଏମ୍.ଏ.ରେ

Digitized by srujanika@gmail.com

ପ୍ରଥମେ ତିନିଜଣ ଛାତ୍ର ପ୍ରବେଶ ଲାଭ କଲେ ନରେନ୍ଦ୍ରନାଥ ମିଶ୍ର, ନରେନ୍ଦ୍ରମୋହନ ବେହେରା, ଦୁର୍ଗାଚରଣ ପଣ୍ଡା । ଏଥି ମଧ୍ୟରୁ ପ୍ରଥମ ଜଣଙ୍କ ମାସିକ ୭୫ ଟଙ୍କାରେ ନିଯୁକ୍ତ ଗବେଷକ, ଅନ୍ୟ ଦୁଇଜଣ ଛାତ୍ରଙ୍କୁ ମଧ୍ୟ ମାସିକ ୫୦ ଟଙ୍କା ଲେଖାଏ ବୃତ୍ତି ଦିଆଯାଉଥିଲା । ନୂଆ ଓଡ଼ିଆବିଭାଗକୁ ଓଡ଼ିଶାରୁ ଛାତ୍ର ଆକର୍ଷଣ କରିଆଣିବା ଏହି ବୃତ୍ତିଦାନର ଉଦ୍ଦେଶ୍ୟ ଥିଲା । ପ୍ରଥମେ ମୁଁ ଓଡ଼ିଆ ଏମ୍. ଏ. ଶ୍ରେଣୀର ସମସ୍ତ କ୍ଲାସ ନେଉଥିଲି, ପରେ ଏହି ବିଭାଗରେ ଚିନ୍ତାମଣି ବେହେରା, ଦେବୀପ୍ରସନ୍ନ ପଟ୍ଟନାୟକ, ବୃନ୍ଦାବନ ଆଚାର୍ଯ୍ୟ ମୋ ସହିତ ସାମୟିକ ଭାବରେ କାର୍ଯ୍ୟ କରିଥିଲେ ।

ଓଡ଼ିଶାସରକାର ବିଶ୍ୱଭାରତୀରେ ଓଡ଼ିଆବିଭାଗର ଆରମ୍ଭକାଳରୁ ଅଧ୍ୟାପକ, ଗବେଷକଙ୍କ ଦରମା ଓ ଓଡ଼ିଆ ପାଠାଗାର ଲାଗି ମୋଟରେ ବାର୍ଷିକ ୫୭୦୮ଟଙ୍କା ଦେଇ ଆସୁଥିଲେ । ୧୯୪୯ ପରେ ଏହି ବିଭାଗ ନାନା ଭାବେ ବର୍ଦ୍ଧିତ ହେଲେହେଁ ସରକାରଙ୍କ ସାହାଯ୍ୟ ପରିମାଣ ବଢ଼ିନାହିଁ, ବିଶ୍ୱଭାରତୀ ଏବେ ଏହାର ଅଧିକାଂଶ ବ୍ୟୟଭାର ବହନ କରୁଛନ୍ତି । ଅଧ୍ୟାପକମାନେ ଏମ୍.ଏ. ଶ୍ରେଣୀରେ ଅଧ୍ୟାପନା ଓ ଅବସରରେ ଗବେଷଣା କରିଥାନ୍ତି, ମୁଁ ଥିବା ଭିତରେ ପ୍ରାୟ ଦଶଖଣ୍ଡ ଗବେଷଣାମୂଳକ ପୁସ୍ତକ ପ୍ରକାଶିତ ହୋଇଥିଲା । ସେସବୁ ସମ୍ପାଦନ, ସଙ୍କଳନ ଓ ଗବେଷଣା ଦିଗରୁ ସେ କାଳେ ଓଡ଼ିଶାରେ ଆଦର୍ଶସ୍ଥାନୀୟ ଥିଲା କହିଲେ ଚଳେ, 'ପଲ୍ଲୀଗୀତି ସଞ୍ଚୟନ' ୧ମ ଭାଗ, 'ଓଡ଼ିଆ ଲୋକଗୀତ ଓ କାହାଣୀ', 'କବିଲିପି', 'ଆଧୁନିକ କାବ୍ୟଧାରା', 'ସମାଲୋଚନ', 'ଅଚ୍ୟୁତାନନ୍ଦ ଓ ପଞ୍ଚସଖା' ପ୍ରଭୃତି ବିଶେଷଭାବେ ଲୋକଦୃଷ୍ଟି ଆକର୍ଷଣ କରିଥିଲା । ବିଦ୍ୟାଭବନର ସ୍ୱତନ୍ତ୍ର ଗୃହ ନିର୍ମିତ ହେବାପରେ ଓଡ଼ିଆବିଭାଗକୁ ଗୃହରେ କ୍ଲାସ୍ ନେଉଥିବାରୁ ଗବେଷଣାକର୍ମୀ ମୋତେ ମୋଟେ ସମୟ ମିଳୁ ନ ଥିଲା । ସକାଳ ବେଳାଟି କ୍ଲାସ୍ ଲାଗି ପ୍ରସ୍ତୁତିରେ କଟୁଥିଲା । ଉପରବେଳା କ୍ଲାସ୍ ନେଉଥିଲି । ସନ୍ଧ୍ୟାରେ ଗୁରୁଗୃହ ସମସ୍ତେ ମିଶି ବୁଲି ଯାଉଥିଲୁ—ନଦୀ କୂଳ, ନାଳ କୂଳ, ଖୁଆଇ, ଅସନ୍ତରି ଗପସପ, ନାନା ଆଲୋଚନାରେ ସନ୍ଧ୍ୟାଟି ଆନନ୍ଦମୁଖର ହୋଇ ଉଠୁଥିଲା ।

ଚିତ୍ତରଞ୍ଜନ ଦାସ ଗୋଧୂଳିଭ୍ରମଣର ଜଣେ ନିତ୍ୟସଖା ଥିଲେ । ଶାନ୍ତିନିକେତନର ଭାବରେ ମଗ୍ନ ହୋଇଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସେ ଜଣେ । କିନ୍ତୁ ତା ଫଳରେ ଓଡ଼ିଆତ୍ୱ ବା ନିଜତ୍ୱ ସେ କେବେ ହରାଇ ନ ଥିଲେ । ଚିର ଅଧ୍ୟୟନଶୀଳ, ଅଧ୍ୟବସାୟୀ, ଦାର୍ଶନିକଭାବାପନ୍ନ । 'ନେପାଳ ପଥେ' ଭ୍ରମଣକାହାଣୀ ପ୍ରକାଶ ପାଇଥିଲା ତାଙ୍କର । ଜଣେ ବଡ଼ ଲେଖକ ହେବାର ଉଚ୍ଚାକାଂକ୍ଷା ବେଳେ ବେଳେ କଥାବାର୍ତ୍ତାରୁ ଫୁଟି ପଡୁଥିଲା । ସେ ବିଶ୍ୱଭାରତୀ ବି.ଏ. ଥିଲେ । ସେତେବେଳେ ବିଶ୍ୱଭାରତୀ ଓ ତାର ଡିଗ୍ରୀ ସ୍ୱୀକୃତି ଲାଭ କରି ନ ଥିଲା । ତାଙ୍କୁ ଦେଖାଇ କେହି ଚାକିରି ଦେଇ ନ ଥିଲେ । କିନ୍ତୁ ଏଇ ଯୋଗ୍ୟତାରେ କେତେକ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ହୋଇ ସାରିଥିଲେ—

Digitized by srujanika@gmail.com

ଯେପରିକି ନବକୃଷ୍ଣ ଚୌଧୁରୀ । ସେ ବୋଧହୁଏ ବିଶ୍ୱଭାରତୀର ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍ । ମାଳତୀ ଚୌଧୁରୀ ଶାନ୍ତିନିକେତନରେ ସୁଗାୟିକା ହିସାବରେ ପ୍ରସିଦ୍ଧି ଲାଭ କରିଥିଲେ । ଶ୍ରୀ ଚୌଧୁରୀ ଛାତ୍ରଜୀବନ ଶେଷ ହେବା ପରେ ଶ୍ରୀମତୀ ମାଳତୀ ଦେବୀଙ୍କୁ ବିବାହ କରିଥିଲେ ।

ଶିଳ୍ପୀ ଜଗନ୍ନାଥ ଦାସ ମୋର ଅନ୍ୟତମ ଭ୍ରମଣସଙ୍ଗୀ ଥିଲେ । ଯୋଗେଶ ମିଶାଣିଆ ପ୍ରକୃତିର, ସେହିପରି ଖେଳାପଣିଆ । ଦେଶାତ୍ମବୋଧ, ସାମାଜିକତା ଓ ବିନୟ ଯୋଗୁଁ ସେ ମାଷ୍ଟରମହାଶୟ (ନନ୍ଦଲାଲ ବୋଷ)ଙ୍କ ସମଧିକ ଶ୍ରଦ୍ଧା ଆକର୍ଷଣ କରି ପାରିଥିଲେ ।

ଶିଳ୍ପୀ ବିନୋଦ ବିହାରୀଙ୍କ ଶାନ୍ତିନିକେତନ ରହଣିକାଳରେ ଗୋଟିଏ ଚୋଖରେ ଖୋରେ ଦୃଷ୍ଟି ଥିଲା — ଅଦେଖା ଭାବେ ନଷ୍ଟ ହୋଇଯିବାକୁ ଦେଇନାହାନ୍ତି । ସେ ଯେପରି କି ଅନ୍ତରେ ଅନ୍ତରେ ତାର ଅହ୍ୱାନ ଶୁଣୁଥିଲେ । ଗୋଧୂଳି ସମାବେଶର ପ୍ରକୃତ ପକ୍ଷେ ସେ ଜଣେ ଶିଳ୍ପୀ ଥିଲେ । ଏକାନ୍ତ ଜୟମିତ ଭ୍ରମଣରେ, ଚିରଅତୃପ୍ତ, ଅକ୍ଲାନ୍ତ, ପ୍ରକୃତିର ବାଉଳ୍‌-ଦଳର ଜଣେ ରସରଙ୍ଗୀ, ଶିର ହାସ୍ୟପ୍ରବଣ । ସୌନ୍ଦର୍ଯ୍ୟର ଡାକରେ ଆତ୍ମହରା ହୋଇପଡ଼ନ୍ତି ସେ; ଓଡ଼ିଆ ଲୋକକଳା, ଲୋକସାହିତ୍ୟର ଜଣେ ଗ୍ରାହକ, ପ୍ରାବନ୍ଧିକ ।

ଦେବୀପ୍ରସନ୍ନ ପଟ୍ଟନାୟକ ଭ୍ରମଣର ଜଣେ ସାମୟିକ ସଙ୍ଗୀ । 'କବିକଣ୍ଠ'ର ସଂକଳକ, ଜଣେ ଉତ୍ତମ ସଂଗଠକ ସେ ଥିଲେ । ତାଙ୍କ ସ୍ତ୍ରୀ ସୁଲକ୍ଷଣା ସୁଗାୟିକା; ଓଡ଼ିଆ ବଙ୍ଗଭୋଜ, ସାଂସ୍କୃତିକ ଅନୁଷ୍ଠାନମାନଙ୍କରେ ସେ ଗାଉଥିଲେ ।

ମୋର ସାମୟିକ ଭ୍ରମଣସଙ୍ଗୀ ଥିଲେ କବି ଓ ସମାଲୋଚକ, ସୁଶିକ୍ଷକ ଚିନ୍ତାମଣି ବେହେରା, ସହକର୍ମୀ ବୃନ୍ଦାବନ ଆଚାର୍ଯ୍ୟ, ଐତିହାସିକ ହରିଦାସପଦ- ସଜ୍ଜନ, ତାଙ୍କ ଶ୍ଳୀଳତା ଓ ଶାଳୀନତା ବ୍ୟଙ୍ଗସ୍ତରକୁ ଅଣି ପାରୁଥିଲା, ଯେତେବେଳେ 'ଶାଳୀର ପୁଅ' ନ କହି ସେ କହୁଥିଲେ—ଖୋକାର ମାସୀର ଛେଲେ । କବାଟ ଭାଙ୍ଗି ଚୋର ପଶି ତାଙ୍କୁ ପ୍ରହାର କଲାବେଳେ ସେ ପଚାରୁଥିଲେ 'ଆପନାରା କି ଭଦ୍ରଲୋକ ନନ୍ ?'

ଆଉ ଜଣେ ଭ୍ରମଣସଙ୍ଗୀ ଥିଲେ ସାଧୁଜୀ, ପାଲି ବିଦ୍ୱାନ୍, ବୌଦ୍ଧ, ଗେରୁଆ ବସ୍ତ୍ରଧାରୀ । ଦୀର୍ଘ ସନ୍ନ୍ୟାସ ପରେ ସେ ସଂସାର କଲେ, ବିଭା ହେଲେ ଜଣେ ବୌଦ୍ଧ ଭିକ୍ଷୁଣୀକୁ—ଏଇ ପୁରୁଷବେଶିନୀକୁ ନାରୀ ବୋଲି ବିଭା ହେବା ପର୍ଯ୍ୟନ୍ତ ଆମେ ଜାଣି ପାରି ନ ଥିଲୁ ।

Digitized by srujanika@gmail.com

ଅନ୍ୟ ଗୋଧୂଳିଯାତ୍ରୀମାନଙ୍କ ମଧ୍ୟରେ ଥିଲେ ଶିଳ୍ପୀ ଅନନ୍ତ, ଟିକିଏ ଖାମଖିଆଲି, ଅବଶ୍ୟ ତାଙ୍କ ଖିଆଲ ଶିଳ୍ପରେ ଏକ ସ୍ୱତନ୍ତ୍ର ଭୂମିକା ନେଇ ଫୁଟିଥିଲା, ଗତାନୁଗତିକତାର ଅନୁସରଣ ନ କରି। ଶିଳ୍ପୀ ଦାଶରଥି, ଶିଳ୍ପ ବ୍ୟତୀତ କ୍ଷୁଦ୍ରଗଳ୍ପ ରଚନାରେ ସେ କୃତିତ୍ୱ ଦର୍ଶାଇ ଥିଲେ। ସେ ଦିନର ଗ୍ରୁପ; ପରେ ଗବେଷକ, ଅଧ୍ୟାପକ ଓ ମୋର ସହକର୍ମୀ ନରେନ୍ଦ୍ର ମିଶ୍ର ଥିଲେ ଚନ୍ଦ୍ରାପ୍ରବଣ। ତାଙ୍କ ଲାଜକୁଳା ଭାବ ଏକ ପ୍ରବାଦରେ ପରିଣତ ହୋଇଥିଲା। ଜଣେ ଗବେଷିକା ଓ ସେ ଗୋଟିଏ କୋଠରୀରେ ଏକାଠି ବସି ଛ' ମାସ କାର୍ଯ୍ୟ କରିଥିଲେ। ଦିନେ ପଦେ ହେଲେ କଥା ସେ ସେଇ ବଙ୍ଗାଳୀ ଝିଅ ସଂଯୁକ୍ତାକୁ କହି ନ ଥିଲେ। ସେ ଦିନେ ମୋ ଆଗରେ ନାଲିସ୍ କରିଥିଲା। ଭ୍ରମଣସଙ୍ଗୀ ମହଲରେ ଏ କଥା ହାସ୍ୟର ହିଲ୍ଲୋଳ ଉଠାଇଥିଲା।

ନରେନ୍ଦ୍ରମୋହନ ବେହେରାଙ୍କର ସନ୍ନ୍ୟାସୀ ଢଙ୍ଗ; ସେ ଭଜନାନନ୍ଦୀ। ଭଜନ—ସାହିତ୍ୟ ତାଙ୍କ ଗବେଷଣାର ବିଷୟ ଥିଲା। ତାଙ୍କ ବିଭାଘରକୁ ଶିଳ୍ପୀ ବିନୋଦ ଗୋଟିଏ ମାଳୀ ଓ କୋଥଳି ବିବାହଉପହାର ପଠାଇ ଦେଇଥିଲେ।

ଦୁର୍ଗାଚରଣ ପରିଡ଼ା ପ୍ରେମଭାବାପନ୍ନ, ଦରଦୀ କବି। କାବ୍ୟଲୋକରୁ ସେ ତଳକୁ ଓହ୍ଲାଉଥିଲେ କ୍ୱଚିତ। ଏକାନ୍ତ ରୋମାଣ୍ଟିକ୍, ଆଦ୍ୟ ତାରୁଣ୍ୟର ପ୍ରେମ, କାବ୍ୟ ଓ ସୁଦୂରପ୍ରସାରୀ କଳ୍ପନା ତାଙ୍କ ଜୀବନକୁ ସମାଚ୍ଛନ୍ନ କରିଥିଲା।

ଜୀବନର ଦୁଃସ୍ଥିତି ସହିତ ସଂଗ୍ରାମ କଲା ଭଳି ବାସ୍ତବ ଚେତନା ବା ସଂକଳ୍ପ ତାଙ୍କର ନ ଥିଲା। ଗୀତିକବିତା ଥିଲା ଏମ୍. ଏ. ରେ ତାଙ୍କର ସନ୍ଦର୍ଭର ବିଷୟ।

କୃଷ୍ଣଚରଣ ବେହେରା ଟିକିଏ ଗମ୍ଭୀରପ୍ରକୃତିର, ହସନ୍ତି କ୍ୱଚିତ୍; ହସାନ୍ତି ବେଶୀ; ଲେଖାରେ କିଛି କିଛି ହାସ୍ୟରସ ପ୍ରକାଶ ପାଏ। ଦୁର୍ଗା ଓ କୃଷ୍ଣ ଦୁହେଁ ମିଶି ଓଡ଼ିଶାର ପ୍ରଥମ କବିତାପତ୍ରିକା 'କବିତା' ପ୍ରକାଶ କରିଥିଲେ। ଦୃଷ୍ଟିକୋଣରେ ବେଶ୍ ନୂତନତା ଥିଲା। ସେମାନେ ମୋଟେ ଲେଖା ମାଗୁ ନ ଥିଲେ, ନୂତନ କବି ସନ୍ଧାନରେ ଥିଲେ। ବୋଧ ହେଉଥିଲା, ଏହାକୁ କେନ୍ଦ୍ର କରି ଓଡ଼ିଆ ସାହିତ୍ୟରେ ଗୋଟିଏ ନୂଆ ଯୁଗ ଆରମ୍ଭ ହୋଇଯିବ। ହେଲା ନାହିଁ। ତିନୋଟି ସଂଖ୍ୟାର ପ୍ରକାଶ ପରେ 'କବିତା' ବନ୍ଦ ହୋଇଗଲା, ଯେପରି ବନ୍ଦ ହୋଇଥିଲା କବି ରାଧାମୋହନ ଗଡ଼ନାୟକଙ୍କ 'ଏକତାନ, ବନ୍ଦ ହେବାର ମୁଖ୍ୟ କାରଣ ଅର୍ଥାଭାବ, ଅଧ୍ୟୟନ ଓ ପତ୍ରିକାପ୍ରକାଶନ ଏଇ ଦୁଇଟି ଦାୟିତ୍ୱ ତୁଲାଇବାରେ ଅସାମର୍ଥ୍ୟ।

ଅନ୍ୟ ଗ୍ରୁପଗ୍ରୁପୀମାନଙ୍କ ମଧ୍ୟରେ ଥିଲେ କବି ପ୍ରସନ୍ନ ମିଶ୍ର, ଶଙ୍କରଙ୍କୁ ଗ୍ରୁପ୍ ଯେ ଜଳାକୁ ଆଣିଥିଲେ, କୃତିତ୍ୱ ଅର୍ଜନ କରିଥିଲେ, ହସର କିଛି କାରଣ ନ ଥିଲେ ବି

Digitized by srujanika@gmail.com

ହସୁଥିଲେ, ବେଳେବେଳେ ଦୁଃଖରେ ବି ହସି ପକାଉଥିଲେ, ପିଲାର ଆବଦାର ଭଳି ଅନୁକରଣରେ ପାଟବ ଦେଖାଇ ସେ ହାସ୍ୟୋଦ୍ରେକ କରୁଥିଲେ ।

ସାଗରବେଲା ପରି ହାସ୍ୟୋଚ୍ଛ୍ୱାସମୟୀ ବେଲାରାଣୀ ରାୟ; ଦକ୍ଷିଣରେ ପଣ୍ଡିତେ କିପରି ପଢ଼ାନ୍ତି, ଯାହାରେ ବିଭିନ୍ନ ସୁଅଙ୍ଗ କିପରି ଅଭିନୟ କରନ୍ତି, ସେ କଳିକା ଭଳି ହସାଇ ହସାଇ ବେଦନ କରୁଥିଲେ; ତାଙ୍କର ନିକଟସ୍ଥ କୋଠରୀରେ ଥିଲେ ରାଧାରାଣୀ, ସ୍ଥିର ଗମ୍ଭୀର ଏକ ହ୍ରଦ ପରି । ଜଗବନ୍ଧୁ ସାହୁ ନୃତ୍ୟଶାଳାରେ ପଢ଼ୁଥିଲେ; ସାହିତ୍ୟର ଧାର୍ ଧାରୁ ନ ଥିଲେ ସେ ।

ଆମ ସଙ୍ଗେ ବେଳେବେଳେ ଆସୁଥିଲେ ଗମ୍ଭୀର କବି କମଳାକାନ୍ତ, ପ୍ରାଣବନ୍ତ ରାଘବାନନ୍ଦ, ସୌଜନ୍ୟମୟୀ, ସ୍ନେହମୟୀ ରାଧା କମଳା, ଯେ ସ୍ୱରଚିତ ଡାଏରି ଲେଖିବା ଲାଗି ମୋତେ କେତୋଟି ଖାତା ଉପହାର ଦେଇଥିଲେ; ଗଳ୍ପଲେଖକ ଭକ୍ତପ୍ରସନ୍ନ ଅଭିନ୍ନ, ଯାହାଙ୍କ ଶେଷ କ୍ଲାସଟି ନେଇ ମୁଁ ଶାନ୍ତିନିକେତନରୁ ବିଦାୟ ନେଇଥିଲି ।

ସାନ୍ଧ୍ୟ ଭ୍ରମଣରେ ସାହିତ୍ୟ, ରାଜନୀତି, କଳା, ଖେଳକୁଦ କେଉଁ ବିଷୟରେ ବା ଆମର ଚର୍ଚ୍ଚା ହେଉ ନ ଥିଲା ? ଓଡ଼ିଆ ସାହିତ୍ୟକୁ କିପରି ଭାରତୀୟ ଯେ କୌଣସି ସାହିତ୍ୟର ସମକକ୍ଷ କରି ଗଢ଼ିବାକୁ ହେବ, ବିଶ୍ୱଦରବାରରେ କିପରି ଓଡ଼ିଆ ସାହିତ୍ୟକୁ ପରିଚିତ, ପ୍ରତିଷ୍ଠିତ କରିବାକୁ ହେବ, କିପରି ବୈଜ୍ଞାନିକ ପ୍ରଣାଳୀରେ ପ୍ରାଚୀନ ଗ୍ରନ୍ଥ ସଙ୍କଳନ କରିବାକୁ ହେବ, ଓଡ଼ିଆ ସାହିତ୍ୟର ସର୍ବାଙ୍ଗୀନ ଗବେଷଣା ଲାଗି ଗବେଷଣାମନ୍ଦିର ପ୍ରତିଷ୍ଠା କରିବାକୁ ହେବ, ସମାଲୋଚନା ଲାଗି ସ୍ୱତନ୍ତ୍ର ପତ୍ରିକା ପ୍ରକାଶ କରିବାକୁ ହେବ, ଓଡ଼ିଆ ସାହିତ୍ୟର କ୍ଷିପ୍ର ଉନ୍ନତି ଲାଗି ସ୍ୱତନ୍ତ୍ର ଡିରେକ୍ଟରେଟ ପ୍ରତିଷ୍ଠା କରିବାକୁ ହେବ, ବିଶ୍ୱସାହିତ୍ୟର ଅନୁବାଦ, ପଲ୍ଲୀସଙ୍ଗୀତ ସଂଗ୍ରହ ଲାଗି ସ୍ୱତନ୍ତ୍ର ଅନୁଷ୍ଠାନ ସ୍ଥାପନ କରିବାକୁ ହେବ ଇତ୍ୟାଦି ନାନା ବିଷୟରେ ଆଲୋଚନା ହେଉଥିଲା । ତାଳମାଳ; ଦିଗ୍‌ଦିଗନ୍ତ ପ୍ରସାରିତ ରଙ୍ଗୀନ୍ ମାଟି ପ୍ରାନ୍ତରର ଶୁଷ୍କ କାଶହାସ୍ୟ, ବର୍ଷାକାଳର ଅସ୍ଥାୟୀ ନଦୀଧାର ଓ ଉପଳ, କଆକ୍ରୁଞ୍ଜ — ମୁଆଡ଼େ ମନ ସିଆଡ଼େ ହିଁ ପଥ ପ୍ରସାରିତ ହେଉଥିଲା । ଭ୍ରମଣରେ ଉଦ୍ଦେଶ୍ୟ ଭ୍ରମଣ ହିଁ ଥିଲା, ଅବଶ୍ୟ ଶାରୀରିକ, ମାନସିକ ଉଭୟ । ଶାନ୍ତି-ନିକେତନର ନିଃସଙ୍ଗ ଜୀବନକୁ ଏହିପରି ଭାବେ ଆମେ ସୁନ୍ଦର, ସରସ କରୁଥିଲୁ ।

ମଝେ ମଝେ ହେଉଥିଲା ଆମର ବନଭୋଜି, ପିଅରସନ୍ ପଲ୍ଲୀ ବା ପରିତ୍ୟକ୍ତ ନୀଳକୋଠି, ବିନୟଭବନ ନିକଟବର୍ତ୍ତୀ ଆମ୍ରକୁଞ୍ଜରେ ଅଥବା କୋପାଇ ନଦୀଧାରରେ । ସମସ୍ତ ଓଡ଼ିଆ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମୀ ଏଥିରେ ଯୋଗ ଦେଉଥିଲେ, ଏକାଠି ବସି ଗୀତ ଗାଉଥିଲେ ବା ଖେଳୁଥିଲେ, ନିଜେ ନିଜେ ରନ୍ଧାବଢ଼ା କରୁଥିଲେ । ଭୋଜନ-

Digitized by srujanika@gmail.com

ବେଳେ ଧୂମ ପବନ ଆସୁଥିଲା, ହେଉଥିଲା ପ୍ରବଳ ବର୍ଷା । ଦିଗ୍‌ଭ୍ରାନ୍ତ ହୋଇ ବସାକୁ ଫେରିବା ଏକ ସମସ୍ୟା ହେଉଥିଲା । ସେ ଦୁଃସ୍ମୃତି ଏବେ କଳ୍ପନା କରି ହେଉନାହିଁ ।

ପିଲା ଓ ପାଲା

ସେ ଗୋଟିଏ ଚୌପଞ୍ଚାଶିଆ, ଦୁଇଗାର ଟିକିଏ ଢିଲା, ଶୁଦ୍ଧ ହିନ୍ଦୁ । ପୁତ୍ରପ୍ରେମ ବଡ଼ଲୋକଙ୍କ ପିଲା, ବିନା ପଇସାରେ ଟିଉସନ୍ କରୁଥିଲା ଗୋଟିଏ ଯୁବତୀ ଝିଅକୁ । ଆକଟ କରିବାକୁ ମାଆ ନ ଥିଲା । ବାପ ଆଖି ବୁଜିଥିଲା—ବଡ଼ଲୋକଙ୍କର ପିଲା, ସବୁବେଳେ ତ ଘରକୁ ଯା ଆସ କରେ—ସାହାଯ୍ୟ କରିବ ତ କରୁ ।

ପୁଅ ପଢ଼ାଏ, ସେତେ ପଢ଼ାଇଲେ ବି ସରେନାହିଁ; ଝିଅଟା ନାନା ବିଷୟରେ ଦୁର୍ବଳା ଅଛି, ମୂଳଦୁଆ ସବଳ କରିବା କଣ ସହଜ କଥା ?

କାଶ୍ମୀର ନେଇ ମଝି ନଈରେ କଲାବେଳକୁ ଗୋଲବସନ୍ତ ଝିଅ ସଙ୍କେଇଲା; ଆଉ କଣ ଅଛି ? ନେଡ଼ା ବୁଢ଼ା ତ କାହାଣୀକି ବୋଲି ଯାଇଛି । ବାପର ଚେତା ପଶିଲା; କିନ୍ତୁ 'ଚୌରେ ଗତେ ବା କିମୁ ସାବଧାନମ୍ ?' ସେତେବେଳକୁ ଖେପା ମାରି ପୁଅ ଯାଇ ଶାନ୍ତିନିକେତନରେ ଏମ୍. ଏ ପଢ଼ୁଛି ।

ସକଳ ଡାକରେ ଦେଖାଦେଲା—କହିଲି—ବୁଝିଲ, ଏ କଥା ଫୁଟିଆସୁ ନ ହେଉ—ଶାନ୍ତିନିକେତନରେ ଚୁପ୍ ଚାପ୍ ବାହାଘର ହୋଇଯିବ—ମାଳା ବଦଳ ।

ଅତିଥିଭବନରୁ ସନ୍ଧ୍ୟାରେ ଝିଅର ପ୍ରେମପତ୍ର ବାକ୍‌ସଟି କେତେବେଳେ ହରଣଚାଳ୍ କରି ଖସିଗଲା । କୁଆଡ଼େ ଯେ ଗଲା ଆଉ ପତ୍ତା ମିଳିଲା ନାହିଁ—ବାପ କର୍ତ୍ତୃପକ୍ଷଙ୍କ ନିକଟରେ ନାଲିସଟିଏ କରି କାନ୍ଦି କାନ୍ଦି ଘରକୁ ବାହୁଡ଼ିଲା । କର୍ତ୍ତା ଘଟଣାର ଅନୁସନ୍ଧାନଦାୟିତ୍ୱ ମୋ ଉପରେ ଦେଲେ । ମୁଁ ଝିଅକୁ କହିଲି—ଖଣ୍ଡେ ଯଦି ପ୍ରେମପତ୍ର ଦିଅ, ତା ନକ୍ସା ନକଲ ଦେବ । 'ପଥ ସୁମର ପିତାଘର ଯିବ, ଆଉ ଅଯୋଧ୍ୟାକୁ ମନ ନ କରିବ ।' ଝିଅ କିଛି ହେଲେ ପ୍ରମାଣ ଦେଖାଇ ପାରିଲାନାହିଁ ।

ପୁଅ ଶାନ୍ତିନିକେତନ ଛାଡ଼ି ଯାଇ ଅନ୍ୟତ୍ର ପଢ଼ିଲା, ସୁଯୋଗ୍ୟ ହୋଇ ଚାକିରି କଲା, ଚାକିରି କରିଥିବା ପାର୍ଟିଟିଏ ବାହା ହେଲା ।

ଏ ଝିଅଟି ସମାଜ ଦୃଷ୍ଟିରେ ହେଲା ପତିତା, ମୁଣ୍ଡ ଟେକି ସେ ବୁଲି ପାରିଲା ନାହିଁ । ତାର ଝିଅଟିଏ ଜନ୍ମ ହେଲା । ସେ ସମୟରେ ମୋ ସହିତ ତାର ବହୁ ଚିଠିପତ୍ର କାରବାର ହୋଇଥିଲା, ମୁଁ ତାକୁ ପରାମର୍ଶ ଦେଲି—ତୁ ପଢ଼ାପଢ଼ି କର, ଏ ଝିଅଟିକୁ

Digitized by srujanika@gmail.com

ମଣିଷ କର । ସେ ପଢ଼ାପଢ଼ି କରି ଗୋଟିଏ ଶିକ୍ଷୟିତ୍ରୀ ହେଲା; ଏଇ ସମୟରେ ପୁଅ ପାଗଳ ହେଲା, ସୁସ୍ଥ ହେଲା ପରେ ବୁଝିଲି—ଏ ଦୈବ ଦଣ୍ଡ । କିନ୍ତୁ ଶଙ୍କାଶୀଳ, ଅସ୍ଥିର । ଏଇ ପାଳି ଏବେ ବି ସାଙ୍ଗ ହୋଇନାହିଁ । କେବେ ହୋଇ ପାରିବ କି ?

ମୁଁ ପହିଲେ ଶାନ୍ତିନିକେତନରେ ବିଶ୍ୱଭାରତୀର ସ୍ପର୍ଶ ପାଇଲି, ଅନୁଭବ କଲି ହୃଦୟର ସଂପ୍ରସାରଣ । ବାଲେଶ୍ୱର ଫକୀରମୋହନସାହିତ୍ୟପରିଷଦ୍‌ରୁ ବିଚ୍ଛିନ୍ନ ହୋଇ ଭଲ ଲାଗୁ ନ ଥାଏ, ଇଚ୍ଛା ହେଲା ବିଶ୍ୱଭାରତୀରେ ଗୋଟିଏ ସାହିତ୍ୟପରିଷଦ୍ ଗଢ଼ିବାକୁ—ବିଶ୍ୱସାହିତ୍ୟପରିଷଦ୍ । ଅବଶ୍ୟ ଏକ ଅତି କଳ୍ପନା—ତଥାପି ଆଂଶିକ ଭାବେ କାର୍ଯ୍ୟରେ ପରିଣତ ହୋଇଥିଲା । ବଙ୍ଗଳା, ହିନ୍ଦୀ, ତେଲୁଗୁ, ତାମିଲ୍, ଗୁଜରାଟୀ କି ଘେନି 'ଭାରତୀୟ ସାହିତ୍ୟପରିଷଦ' ଗଢ଼ିଥିଲେ ଚଳିଥାନ୍ତା—କିନ୍ତୁ କଳ୍ପନା ଉଚ୍ଚ ସ୍ତରରେ ଗତି କରୁଥିଲା । ଇଉରୋପୀୟ, ଏସୀୟଙ୍କ ଯୋଗଦାନ ଲାଗି ପରିଷଦ୍‌ର ଦ୍ୱାର ଉନ୍ମୁକ୍ତ ରହିଲା । ପ୍ରଥମ ବୈଠକରେ ମୋତେ କରାଗଲା ସଭାପତି, ଅମିୟ ସେନ୍‌ଙ୍କୁ ସମ୍ପାଦକ ।

ବିଶ୍ୱସାହିତ୍ୟପରିଷଦ୍

ଏହି ପରିଷଦ୍‌ର ମାତ୍ର ଦୁଇଟି ବୈଠକ ହୋଇଥିଲା । ପ୍ରଥମ ବୈଠକରେ କହିଥିଲେ ଡକ୍ଟର ହଜାରୀ ପ୍ରସାଦ ଦ୍ୱିବେଦୀ, 'ହିନ୍ଦୀ ସାହିତ୍ୟର ବିକାଶଧାରା' ସମ୍ପର୍କରେ; ଦ୍ୱିତୀୟ ବୈଠକରେ ମୁଁ ଆଧୁନିକ ଓଡ଼ିଆସାହିତ୍ୟ ସମ୍ପର୍କରେ ଭାଷଣ ଦେଇଥିଲି । ଏଥିରେ ସାହିତ୍ୟିକ ଓ ସାହିତ୍ୟପ୍ରେମୀମାନଙ୍କର ଖୁବ୍ ଗୋଟାଏ ଆଗ୍ରହ ପ୍ରକାଶ ପାଇଲାନାହିଁ । ମୋର ବି ମନେ ହେଲା ଏଇଟା ଖୁବ୍ ବଡ଼ ହୋଇଯାଇଛି—ନାମ ବଡ଼ା, ଦର୍ଶନ୍ ଥୋଡ଼ା । 'ବିଶ୍ୱ' ନାମ ଦେଇ ଦଶ କୋଡ଼ିଏ ଜଣ ବସି ଚର୍ଚ୍ଚା କଲେ ଗୋଟାଏ ହାସ୍ୟକର ବିଷୟ ହୋଇପଡ଼େ, ସେ କୋଡ଼ିଏ ଜଣଙ୍କ ମଧ୍ୟରୁ ଦଶ ବାର ଜଣ ବଙ୍ଗାଳୀ ହୋଇଥାନ୍ତି । ଶାନ୍ତିନିକେତନରେ ସେତେବେଳେ କେତେଗୋଟି ଭାଷାର ଅଧ୍ୟାପକ, ଛାତ୍ର ବା ଗବେଷକ ଥିଲେ, କିନ୍ତୁ ପାଞ୍ଚୋଟି ଭାଷାଭାଷୀ ଲୋକ ମାତ୍ର ସଭାରେ ଉପସ୍ଥିତ ହେଉଥିଲେ । ଅଧିକାଂଶଙ୍କୁ ଟାଣିଓଟାରି ସାହିତ୍ୟସଭାକୁ ଆଣିବା ଲାଗି ମୋର କିମ୍ବା ସମ୍ପାଦକଙ୍କର ବୋଧହୁଏ ଚୁମ୍ବକୀୟ ବ୍ୟକ୍ତିତ୍ୱ ନ ଥିଲା ।

'ବିଶ୍ୱସାହିତ୍ୟପରିଷଦ୍' ଭାଙ୍ଗିଲା, କିନ୍ତୁ ପରିମାଣରେ ହଙ୍କ ହଙ୍କ ହୋଇ ଆଗେଇ ଚାଲିବାର ଅଭ୍ୟାସ ମଧ୍ୟ । ଦୁ' ମାସ ପରେ ୧୯୫୨ ବେଳକୁ ଆଉ ଗୋଟିଏ ପରିଷଦ ମୁଣ୍ଡ ଟେକିଲା ପୁଣି ମୋ'ରି ଚେଷ୍ଟାରେ—ନାମ 'ସପ୍ତର୍ଷି', ଛଦ୍ମନାମ; ମାତ୍ର ସାତ ଜଣ ସଭ୍ୟଙ୍କୁ ଘେନି ଏହା ଗଠିତ ହେଲା—ସମବୟସ ବୃତ୍ତି ବା ନହାତ ପଦବାଚ୍ୟ ନୋହିଲେ ବି । ଘରୋଇ ଭାବ ହିଁ ଏହାର ମୁଖ୍ୟ ବୈଶିଷ୍ଟ୍ୟ । ଏଥିରେ ନ ଥିଲା କିଛି

Digitized by srujanika@gmail.com

ମାସିକ ଚାନ୍ଦା, କିମ୍ବା କିଛି ସମ୍ବିଧାନ ବା ନିୟମ । ଏହାର କେହି ସଭାପତି ବା ସମ୍ପାଦକ ନଥିଲେ — ସମସ୍ତେ ସଭ୍ୟ, ପରିଷଦ୍‌ର ସମାନ ପଦଅଧିକାରୀ । ପରିଷଦ୍‌ର ବୈଠକ ଲାଗି ନିର୍ଦ୍ଦିଷ୍ଟ ସ୍ଥାନ ନଥିଲା । ସଭ୍ୟ ନିଜ ଘରେ ଏହି ବୈଠକ ଡକାଉଥିଲେ, ସଭ୍ୟମାନଙ୍କୁ ଚା ପାନ କରାଉଥିଲେ, ତା ମଧ୍ୟରେ କୌଣସି ସଭ୍ୟ ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା କରୁଥିଲେ । ଏହି ପରିଷଦ୍‌ଟି ବେଶୀଧିକ କାଳ ସଫଳ ଭାବେ ଚାଲି ରହିଲା. ଜଣେ ସଭ୍ୟ ଏହା ମୋଟେ ନ ଡକାଇବାରୁ ଓ ଶାଳୀନତା ଦୃଷ୍ଟିରୁ କେହି ତାଙ୍କୁ କିଛି ନ କହିବାରୁ 'ସଭା' ଭାଙ୍ଗିଗଲା ।

ବିଦ୍ୟା ଭବନର ଅଧ୍ୟକ୍ଷ ଡକ୍ଟର ପ୍ରବୋଧଚନ୍ଦ୍ର ବାଗ୍‌ଚି ମଧ୍ୟ ନିଜ ବାସଭବନରେ ଏହିପରି ଏକ ବୈଠକ ଡକାଉଥିଲେ; ସେଠି ୩୦।୪୦ ଜଣ ସଭ୍ୟ ଉପସ୍ଥିତ ହେଉଥିଲେ । କିନ୍ତୁ ତାହା ମଧ୍ୟ ବେଶୀ ଦିନ ଚାଲୁ ରହି ପାରିଲନାହିଁ ।

ସରକାରଙ୍କ ସଙ୍ଗେ ମତ ଅମେଳ ହେବାରୁ ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟ ସ୍ୱକର୍ମ-ମୋହ ତ୍ୟାଗ କରି ଆସି ଶାନ୍ତିନିକେତନରେ ବାସ କରୁଥିଲେ । ରବୀନ୍ଦ୍ରନାଥଙ୍କ ପରେ ଶାନ୍ତିନିକେତନରେ ଏତେ ବଡ଼ ସାହିତ୍ୟିକ ବ୍ୟକ୍ତିତ୍ୱ ଆଉ ନଥିଲା । ତାଙ୍କ ଗୃହ ପ୍ରକୃତରେ ଏକ ସାରସ୍ୱତ ତୀର୍ଥ ହୋଇଯାଇଥିଲା । ସେ ମଝେ ମଝେ କେତେକ ବିଶିଷ୍ଟ ସାହିତ୍ୟିକଙ୍କୁ ଡାକି ନିଜ ଗୃହରେ ସାହିତ୍ୟସଭା କରାଉଥିଲେ । କବିତାଆବୃତ୍ତି ମଧ୍ୟରେ ସାହିତ୍ୟଆଲୋଚନା ହେଉଥିଲା । ଅନ୍ନଦାଶଙ୍କର ସାହିତ୍ୟିକମାନଙ୍କୁ ଜଳଯୋଗରେ ଆପ୍ୟାୟିତ କରୁଥିଲେ ।

ମୁଖ୍ୟତଃ ତାଙ୍କର ନେତୃତ୍ୱରେ ଶାନ୍ତିନିକେତନରେ ପୂର୍ବବଙ୍ଗ ଓ ପଶ୍ଚିମବଙ୍ଗ ସାହିତ୍ୟସମ୍ମେଳନ ଅନୁଷ୍ଠିତ ହୋଇଥିଲା, ବୋଧହୁଏ ୧୯୫୧ରେ; ମୁଁ ଏହି ସମ୍ମିଳନୀରେ 'ବଙ୍ଗଳା ଓ ଓଡ଼ିଆ ଲୋକସାହିତ୍ୟ' ସଂପର୍କରେ ଏକ ତୁଳନାତ୍ମକ ଆଲୋଚନା ପାଠ କରିଥିଲି । ଭାରତଭଙ୍ଗ ପରେ ସାଂସ୍କୃତିକ ସମ୍ମେଳନ ଲାଗି ଏହା ପ୍ରଥମ ଚେଷ୍ଟା ।

ଓଡ଼ିଆ ସାହିତ୍ୟ ପରିଷଦ୍

୧୯୫୩ରେ ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ ସଂଗଠିତ ହେଲା । ମୁଁ ହେଲି ସ୍ଥାୟୀ ସଭାପତି; ସମ୍ପାଦକ କୌଣସି ଛାତ୍ର । ଛାତ୍ରଛାତ୍ରୀ, ଅଧ୍ୟାପକମାନେ କବିତା, ଗଳ୍ପ, ଭ୍ରମଣକାହାଣୀ, ପ୍ରବନ୍ଧ ସବୁ ଲେଖି ଆଣୁଥିଲେ; ସେସବୁ ପରିଷଦ୍‌ରେ ପଠିତ ଓ ଆଲୋଚିତ ହେଉଥିଲା । ସଂଖ୍ୟା ଊଣା ଥିବାରୁ ପ୍ରାୟ ପ୍ରତ୍ୟେକ ସଭ୍ୟଙ୍କୁ କିଛି କିଛି ଲେଖିବାକୁ ହେଉଥିଲା । ପରିଷଦ୍‌ର ପ୍ରେରଣାରେ ନିତାନ୍ତ ଅନାଡ଼ି ମଧ୍ୟ ଅଳ୍ପକାଳ ମଧ୍ୟରେ ଜଣେ ଲେଖକ ହୋଇ ବାହାରୁଥିଲା । ଲେଖାପାଠର ମଝେ ମଝେ ଗୋଟିଏ

Digitized by srujanika@gmail.com

ଗୋଟିଏ ସଙ୍ଗୀତ ବୋଲା ଯାଉଥିଲା । ବେଳେ ବେଳେ ସଙ୍ଗୀତର ପୂର୍ବ ଆସର ମଧ୍ୟ ବସୁଥିଲା । ପରିଷଦର ସଭ୍ୟମାନେ ଗ୍ରୀଷ୍ମ ବା ପୂଜାଛୁଟି ଆଗରୁ ବଣଭୋଜି କରି ଯାଉଥିଲେ । ବିଶ୍ୱଭାରତୀରେ ଶିଶୁଭବନର 'ସାହିତ୍ୟିକା'କୁ ଛାଡ଼ିଦେଲେ ଓଡ଼ିଆ-ସାହିତ୍ୟପରିଷଦ୍ ଏକମାତ୍ର ସ୍ୱୀକୃତ ଓ ନିୟମିତ ପରିଷଦ୍ ଥିଲା । ବଙ୍ଗଳା ବା ହିନ୍ଦୀସାହିତ୍ୟପରିଷଦ୍ ବର୍ଷକେ ଥରେ ଦୁଇଥର ବସେ । କିନ୍ତୁ ଓଡ଼ିଆସାହିତ୍ୟପରିଷଦର ବୈଠକ ବର୍ଷକେ ପ୍ରାୟ ୫୦ଟି ହେଉଥିଲା । ଓଡ଼ିଶାରୁ ବିଶିଷ୍ଟ ସାହିତ୍ୟିକ ଗଲେ ସେ ଏହି ପରିଷଦ୍ ଦ୍ୱାରା ଶାନ୍ତିନିକେତନ ଷ୍ଟେସନରେ ସମ୍ବର୍ଦ୍ଧିତ ହେଉଥିଲେ । ମଝିରେ ମଝିରେ ଏହି ପରିଷଦ୍‌ରେ ନିମନ୍ତ୍ରିତ ହୋଇ ହିନ୍ଦୀ, ବଙ୍ଗଳା, ମରହଟ୍ଟୀ ବିଶିଷ୍ଟ ସାହିତ୍ୟିକମାନେ ଭାଷଣ ଦେଉଥିଲେ । ପରିଷଦର ଆନୁକୂଲ୍ୟରେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ କଳାପ୍ରଦର୍ଶନୀ ହେଉଥିଲା; ଓଡ଼ିଆ ନାଟକର ଅଭିନୟ ହେଉଥିଲା । ପରିଷଦ ତରଫରୁ ସମ୍ମେଳନ ଡକାଯାଇ ଓଡ଼ିଆସାହିତ୍ୟ, ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ସୁପରିଚୟ ପ୍ରଦାନ କରା-ଯାଉଥିଲା ।

ସେଥିଲାଗି ଓଡ଼ିଶାରୁ କେତେକ ନର୍ତ୍ତକନର୍ତ୍ତକୀଙ୍କ, ବାଦକ ଓ ଗାୟକଙ୍କୁ ନିମନ୍ତ୍ରଣ କରା ଯାଉଥିଲା । ବିଶ୍ୱଭାରତୀର ବିଶେଷତଃ ବିଦ୍ୟାଭବନର ଏମ୍. ଏ. ଓ ଅନର୍ସର ଛାତ୍ରଛାତ୍ରୀମାନେ ବିଶ୍ୱଭାରତୀରୁ ଜଣେ ଜଣେ ସୁପରିଚିତ ସାହିତ୍ୟିକ ବା ସାହିତ୍ୟିକା ହୋଇ ଫେରୁଥିଲେ ।

କିନ୍ତୁ ଆଜି ସଂଖ୍ୟା ଶୋଚନୀୟ ଭାବେ କମିଗଲା । ଓଡ଼ିଶା ସରକାର ଖଣ୍ଡି କୋଟରେ କଳାବିଦ୍ୟାଳୟ ଖୋଲିବା ଫଳରେ କଳା ପଢ଼ିବା ଲାଗି ଆଉ ବେଶୀ ଛାତ୍ର ଶାନ୍ତି-ନିକେତନ ଆସିଲେ ନାହିଁ । ବିଦ୍ୟାଭବନରେ ଦୁଇତିନି ଜଣ ଛାତ୍ର ମାତ୍ର ।

ଶାନ୍ତିନିକେତନରେ ଯେଉଁମାନେ ଅଛନ୍ତି, ଯେଉଁମାନେ ଅଧ୍ୟୟନ ବା ଅଧ୍ୟାପନା ପରେ ଚାଲି ଯାଇଛନ୍ତି, ସେମାନଙ୍କ ଏକତାବଦ୍ଧ ହେବାର ଉପାୟ କଣ ? ସମ୍ମେଳନ ବହୁ ବ୍ୟୟସାପେକ୍ଷ; ଗୋଷ୍ଠୀ ଫଟୋଟିଏ ନେବା ମଧ୍ୟ ସମ୍ଭବ ନୁହେଁ । ଆମେ ଥିଲୁ ଗୋଟିଏ ପରିବାର, ସମଦୁଃଖୀ । ସମ୍ପ୍ରତି ଏତେ ନିବିଡ଼ ଯେ କଣକ ସଙ୍ଗେ କଣକର ସାକ୍ଷାତ୍ ନ ହେଲେ ଅଚଳ । ଏଭଳି ଭ୍ରାତୃବନ୍ଧନ ଅନ୍ୟତ୍ର ସୃଷ୍ଟି ହେବା ସହଜ ନୁହେଁ । ଏକ ଏକ ମୁକ୍ତାରୁ ସ୍ତବକ ସାହିତ୍ୟର ସୃଷ୍ଟି ହୁଏ । ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କର ସହଯୋଗ ଓ ସମପ୍ରାଣତାର ପ୍ରତୀକରୂପେ 'ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମି-କା'ର ପରିକଳ୍ପନା ଓ ବହୁ ପରିଶ୍ରମ ପରେ ଏହା ସାର୍ଥକ ରୂପ ଗ୍ରହଣ କଲା । ଓଡ଼ିଶା-ସାହିତ୍ୟ ଏକାଡେମୀ' ୧୯୬୬ରେ ଏହା ପ୍ରକାଶ କରିଥିଲେ । ଏହି ପୁସ୍ତକର ବିତ୍ତମୂଳବଦ୍ଧ ଅର୍ଥ ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦର ମୂଳପୁଞ୍ଜି ହୋଇଥିଲା । ଏଥିରେ କବିତା,

Digitized by srujanika@gmail.com

ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଏକାଙ୍କିକା, ନାଟକ, ଭ୍ରମଣକାହାଣୀ ସମ୍ପର୍କରେ ସମାଲୋଚନା-ମାନ ପ୍ରକାଶିତ ହୋଇଥିଲା ।

ଅନ୍ୟାନ୍ୟ ଶୁଭଙ୍କର କାର୍ଯ୍ୟ ମଧ୍ୟରେ ଅନ୍ନଦାଶଙ୍କର ରାୟଙ୍କର ଓଡ଼ିଆ ଲେଖାସବୁ ପରିଷଦ୍‌ର ସଭ୍ୟମାନେ ସଂକଳନ କରିଥିଲେ । ତାହା 'ସବୁଜ ଅକ୍ଷର' ନାମରେ ପ୍ରକାଶିତ ହୋଇଥିଲା ।

ଶାନ୍ତିନିକେତନର ରହଣିକାଳ ମଧ୍ୟରେ ଅଧ୍ୟାପକ ନରେନ୍ଦ୍ରନାଥ ମିଶ୍ରଙ୍କ ପ୍ରଚେଷ୍ଟାରେ 'କୃଷ୍ଣବିହାରୀପଞ୍ଚସ୍ତବ'ର ଦୁଇଟି ଭାଗ ପ୍ରକାଶିତ ହୋଇଥିଲା । ପ୍ରଥମଭାଗ ୧୯୫୭, ଦ୍ୱିତୀୟ ଭାଗ ୧୯୬୦ରେ ଓ ତୃତୀୟ ଭାଗ ଶାନ୍ତିନିକେତନ ଛାଡ଼ିବା ପରେ ୧୯୬୩ରେ ପ୍ରକାଶ ପାଇଥିଲା ।

ଶାନ୍ତିନିକେତନରେ ମୁଁ ପ୍ରାୟ ୧୧ ବର୍ଷ (୧୯୬୦ରୁ ୧୯୬୧) ରହିଥିଲି । ଏ ଏଗାରବର୍ଷ ମୋ ଜୀବନର ସୁବର୍ଣ୍ଣ ଯୁଗ । ବହୁ ଅଧ୍ୟୟନ, ଭ୍ରମଣ ଓ ବିପୁଳ ବ୍ୟକ୍ତିତ୍ୱ ସଂସ୍ପର୍ଶରେ ଚିନ୍ତା ପ୍ରଶସ୍ତତର ହୋଇଥିଲା, ସୃଷ୍ଟିଶକ୍ତି ବିବିଧ ଧାରାରେ ପ୍ରବାହିତ ହୋଇଥିଲା —କାବ୍ୟକବିତାରେ, ଲୋକକଥା ବା ଭ୍ରମଣକାହାଣୀରେ, ସମାଲୋଚନା ବା ଗବେଷଣା-ମୂଳକ ପ୍ରବନ୍ଧରେ । ମୋ ତତ୍ତ୍ୱାବଧାନରେ 'ଆଧୁନିକ-କାବ୍ୟଧାରା' ସମ୍ବନ୍ଧରେ ପ୍ରବନ୍ଧ ଲେଖି ନରେନ୍ଦ୍ର ପିଏଚ୍‌ଡି ଡିଗ୍ରୀ ଲାଭ କରିଥିଲେ । ଚିନ୍ତାଶୀଳ ପ୍ରବନ୍ଧରଚନାରେ ନରେନ୍ଦ୍ର ସୁନିପୁଣ ଥିଲେ – ଶାନ୍ତଶିଷ୍ଟ, ତପସ୍ୱୀ, ଚିର ସାଧନାନିବିଷ୍ଟ । ଅଷ୍ଟମ ଶ୍ରେଣୀରୁ ଅଦ୍ୟାବଧି ମୋ ସହିତ ତାଙ୍କର ସମ୍ପର୍କ ସ୍ନେହଶୀଳ ଓ ନିବିଡ଼ । ଡକ୍ଟର ଶ୍ରୀନିବାସ ମିଶ୍ର (ଯୋ ତତ୍ତ୍ୱାବଧାନରେ ଡକ୍ଟର ଡିଗ୍ରୀ ଲାଭ କରିଥିଲେ)ଙ୍କ ପରେ ସେ ଓଡ଼ିଆ ସ୍ନାତକୋତ୍ତର ବିଭାଗର ମୁଖ୍ୟ ଅଧ୍ୟାପକ ହୋଇଥିଲେ ।

ଶାନ୍ତିନିକେତନ ରହଣିକାଳରେ ଯେଉଁମାନଙ୍କ ବ୍ୟକ୍ତିତ୍ୱ ବା ସଂସ୍ପର୍ଶ ମନ ଉପରେ ପ୍ରଭାବ ପକାଇଥିଲା ତଳେ ସେମାନଙ୍କ ସ୍ମୃତି ସ୍ମରଣ କରୁଅଛି ।

କ୍ଷିତିମୋହନ ସେନ

ଶାନ୍ତିନିକେତନର ଆଚାର୍ଯ୍ୟ ମାନନୀୟ ସେନ ବିଦ୍ୟାଭବନରେ ମୋର ନିକଟ ପଡ଼ୋଶୀ ଥିଲେ । ଜୋତା ମାଡ଼ିବାର ବା ଝଡ଼ରେ ଛତା ଧରି ଚାଲିବାର ତାଙ୍କୁ କେବେ ଦେଖିନାହିଁ । ଶାନ୍ତିନିକେତନ ବଜାରକୁ ଗଲେ ସେ ବିଛଣାପଟି କାଖରେ ଯାକି ଡାହାଣ ହାତରେ ବ୍ୟାଗଟିଏ ଧରି ବୋଲପୁର ଷ୍ଟେସନକୁ ତିନି ମାଇଲ୍ ବାଟ ଚାଲି ଚାଲି ଯାଉଥିଲେ, ୭୫ ବର୍ଷ ବୟସରେ । ମୋତେ ସାଇକେଲ୍‌ରେ ଯିବାର ଦେଖିଲେ ସେ ମୃଦୁ ସମାଲୋଚନା କରୁଥିଲେ, କିନ୍ତୁ ତାଙ୍କୁ ଅନୁକରଣ କରିବାକୁ ମୁଁ ସାହସ କରି ନ ଥିଲି ।

ପଞ୍ଜାବୀ ଉପରେ ଚାଦର, ପକେଟରେ ଗୋଟିଏ ଘଡ଼ି, କ୍ଷିତିମୋହନ ସଫଳତାର ମୂର୍ତ୍ତି ପ୍ରତୀକ ଥିଲେ। ସେ କାଶୀରେ ପ୍ରାଚୀନ ଧାରାରେ ସଂସ୍କୃତ ଅଧ୍ୟୟନ କରିଥିଲେ, ବେଦବିଦ୍ୟାରେ ବିଶେଷ ପାରଙ୍ଗମ ଥିଲେ। ପଦବ୍ରଜରେ ସେ ପ୍ରାୟ ସମଗ୍ର ଭାରତ ଭ୍ରମଣ କରିଥିଲେ, ବିପୁଳ ଶିକ୍ଷା ଓ ବିସ୍ତୃତ ଅନୁଭୂତି ଏହି ଭ୍ରମଣରୁ ସେ ଲାଭ କରିଥିଲେ। ତାଙ୍କ ସଂସ୍କୃତ ଉଚ୍ଚାରଣ ଚମତ୍କାର, କଣ୍ଠସ୍ୱର ମଧୁର ଓ ସ୍ପଷ୍ଟ ଥିଲା। ଉପନିଷଦର ବହୁଳାଂଶ ତାଙ୍କ ରସନାଗ୍ରରେ ଥିଲା। ଭାରତର ମଧ୍ୟଯୁଗୀୟ ସନ୍ଥସାହିତ୍ୟରେ ଓ ବାଉଲ୍-ସଙ୍ଗୀତ ଚର୍ଚ୍ଚାରେ ସେ ବିଶେଷଜ୍ଞ ଓ ପ୍ରାଚ୍ୟ ବିଦ୍ୟାର 'ବିଶ୍ୱକୋଷ' ଥିଲେ; ପୁସ୍ତକର ପାହାଡ଼ ମଧ୍ୟରେ ଏହି ଜ୍ଞାନତପସ୍ୱୀଙ୍କୁ ଦେଖି ମୁଁ ବାରମ୍ବାର ନମସ୍କାର କରିଛି।

ପରକୁ ଆପଣାର କରିବାର ବ୍ୟକ୍ତିତ୍ୱ ତାଙ୍କର ଥିଲା, ଅଜଣା ଅଚିହ୍ନାକୁ ସେ ଅନ୍ତରଙ୍ଗ କରିପାରୁଥିଲେ। ବାଳକବାଳିକା, ଯୁବକଯୁବତୀ, ବୃଦ୍ଧବୃଦ୍ଧା ସମସ୍ତଙ୍କ ନିକଟରେ ସେ ସହଜ ଓ ସରସ ଥିଲେ।

ପ୍ରତି ବୁଧବାର ଦିନ ମନ୍ଦିରରେ ପ୍ରାର୍ଥନାରେ ପୌରୋହିତ୍ୟ କରୁଥିଲେ ସେ। ପ୍ରତ୍ୟେକ ଉତ୍ସବ ପରିଚାଳନାଭାର ତାଙ୍କ ଉପରେ ନ୍ୟସ୍ତ ଥିଲା। ନିତାନ୍ତ କଠିନ, ଶୁଷ୍କ ବିଷୟକୁ ସରଳ ଓ ସରସ କରିବାର ଦକ୍ଷତା ସେ ଅର୍ଜନ କରିଥିଲେ। ସେ ବାଗ୍ମୀ, ବକ୍ତୃତାବେଳେ ତାଙ୍କ ମୁଖ ମଧୁବର୍ଷଣ କରୁଥିଲା। ତାଙ୍କ ହାସ୍ୟରସ ନିର୍ଦ୍ଦୋଷ ଥିଲା, ବ୍ୟଙ୍ଗ ଉପହାସ ଦ୍ୱାରକୁ ଆସି କାହାକୁ କେବେ ଆଘାତ କରିବାର ଦେଖିନାହିଁ।

ତାଙ୍କ ମୁଖ କେବେ ଦୁଃଖରେ ଶୁଷ୍କ ବା ମଳିନ ହେବାର ଦେଖିନାହିଁ, ଯଦିବା ମନକୁ ମୋଡ଼ି ଭାଙ୍ଗି ଦେଲାଭଳି ବିପଦ ତାଙ୍କର ଘଟିଛି। ସେ ରବୀନ୍ଦ୍ରିକ ଆନନ୍ଦ ଓ ଆଲୋକର ମୁଖ୍ୟ ପ୍ରଚାରକ ଥିଲେ। ଶାନ୍ତିନିକେତନର ଅନ୍ତର୍ଲୋକ ନିତ୍ୟ ନବ ନବ ଆନନ୍ଦରେ ସରସ ଓ ସଜୀବ ରଖିଥିଲେ। ବିଦ୍ୟାର ଏପରି ନିରଳସ ସାଧନା ଅନ୍ୟତ୍ର କ୍ୱଚିତ୍ ଦେଖିଛି।

କ୍ଷମତା, କାମିନୀ ଓ କାଞ୍ଚନ — ଏ ତିନୋଟି ମଣିଷକୁ ଅଧୋଗତ କରେ, ମନର ମାନଦଣ୍ଡକୁ ଦୃଢ଼ ରଖି ନ ପାରିଲେ ତପସ୍ୱୀ ଋଷିର ଧ୍ୟାନ ଭାଙ୍ଗେ, ବାରବର୍ଷର ତପସ୍ୟା ଶୁଖୁଆପୋଡ଼ାରେ ଯାଏ। ଦୁର୍ବାସା କ୍ରୋଧକୁ ବଶୀଭୂତ କରି ପାରି ନ ଥିଲେ; ସେହିପରି କ୍ଷିତିମୋହନବାବୁ ଲୋଭକୁ। କି ଦୁର୍ଯୋଗରେ ସେ ବିଶ୍ୱଭାରତୀର ଉପାଚାର୍ଯ୍ୟ ହୋଇଥିଲେ, କେଜାଣି, ଏହା ତାଙ୍କ ମହତପଣକୁ ସାରି ଦେଇଥିଲା, ପଦାକୁ ଦିଶୁଥିଲା ପଦୋନ୍ନତି ଭଳି, କିନ୍ତୁ ପରୋକ୍ଷରେ ଏହା ଘଟାଇଥିଲା ଅଧୋଗତି। ଅଫିସ୍‌କାମ ହୋଇଗଲେ କେବଳ ଘଣ୍ଟାକଟିଏ ସେ ମାଗୁଥିଲେ, ବିଷୟ ଭିତରେ ପଶିବା ଭଳି ଶକ୍ତି, ସାମର୍ଥ୍ୟ ବା ଅଫିସ୍ ଅଭିଜ୍ଞତା ତାଙ୍କର ନ ଥିଲା। ତଥାପି ଏଣେ ଅପୂର୍ଣ୍ଣ ଲାଳସା,

Digitized by srujanika@gmail.com

ଅଚରିତାର୍ଥ ଆକାଂକ୍ଷା ମୁଖ ବ୍ୟାଦାନ କରୁଥିଲା । ସେ ଆଶ୍ରମର ଆଚାର୍ଯ୍ୟଭାବେ ମାନ୍ ସ୍ୱରୂପ ୫୦ ଟଙ୍କା ମାତ୍ର ଦରମା ପାଉଥିଲେ, ଏବେ ହାତକୁ ଆସିଲା ଦୁଇ ହଜାର ଟଙ୍କା, ଅଖଣ୍ଡ କ୍ଷମତା ; ସେ ଶିଥିଳ ହସ୍ତରେ ସାବୁଡ଼ି ଧରିବା ଲାଗି ଚେଷ୍ଟା କଲେ, କିନ୍ତୁ ସେ ସବୁ ଖସିଗଲା, କମ୍ପା କୋର୍ କରି ତାଙ୍କଠାରୁ ଖସେଇ ନିଆଗଲା । ସେହି ଦିନରୁ ତାଙ୍କର ମନ ଭାଙ୍ଗିଲା, ଧ୍ୟାନ ଭାଙ୍ଗିଲା, ସ୍ୱାସ୍ଥ୍ୟ ଭାଙ୍ଗିଲା । ମହତ୍ ବ୍ୟକ୍ତିର ଏଭଳି ଗ୍ଲାନିକର ପତନ ଭାରତର ସର୍ବାଞ୍ଚଳରେ ଚାଲିଛି । ନିଜ ଚରିତ୍ରର ସଂହାରକ ବ୍ୟକ୍ତି ନିଜେ, ପରକୁ ଦାୟୀ ବା ଦୋଷୀ କରିବାର କାରଣ ବେଳେ ବେଳେ ଦେଖାଦେଇଲେ ବି । କ୍ଷିତିବାବୁ ମନୋବ୍ୟଥାରେ ବହୁକାଳ ଶଯ୍ୟାଗତ ହେବାପରେ ମୃତ୍ୟୁର କବଳରେ ପଡ଼ିଲେ । ଜୀବନର ସମସ୍ତ ସାଧନା ମୁହୂର୍ତ୍ତିକେ ପାଣି ଫାଟିଗଲା । ଏ ଶିକ୍ଷା କାହାରି ଭୁଲିବାର ନୁହେଁ ।

ନନ୍ଦଲାଲ ବୋଷ (ଜନ୍ମ ୧୮୮୩, ମୃତ୍ୟୁ ୧୬।୪।୬୬)

'ମାଷ୍ଟରମଶାୟ' ଲୋକପ୍ରିୟ ନାମରେ ସେ ଛାତ୍ର ଓ ସାଧାରଣ ମହଲରେ ପରିଚିତ ଥିଲେ । ମୁଁ ଥିବା ଭିତରେ ଦେଖିଲି ସଚଳ ଓ କ୍ରିୟାଶୀଳ ଅବସ୍ଥାରୁ ସେ କିପରି ଅଚଳ ହୋଇଗଲେ, ଗୋଟିଏ ସ୍ଥାନରେ ବସି ରହିଲେ; କୃଷ୍ଣକାୟ, କିନ୍ତୁ ମୁଖରେ ତାଙ୍କର ବିଦଗ୍ଧ ଲାବଣ୍ୟ ପୂରି ରହିଥିଲା । ତାଙ୍କ ମୃଦୁହାସ୍ୟଟିକ ବହୁ ସୃଷ୍ଟିର, ବହୁ ଚରିତ୍ରନିର୍ମାଣର ଅସ୍ତ୍ର ଥିଲା ।

ଶାନ୍ତିନିକେତନର ଅତି ବଡ଼ ଭିତରେ ସେ ଜଣେ; ବିପୁଳ ପ୍ରତିଷ୍ଠାର ପରିମଣ୍ଡଳ ତାଙ୍କୁ ଘେରି ରହିଥିଲା; – ଶାନ୍ତିନିକେତନର ସିଦ୍ଧି ଓ ସାଫଲ୍ୟ ଯେନ ସେ ସ୍ୱମହିମାରେ ଫୁଟି ଉଠୁଥିଲେ । ଶାନ୍ତିନିକେତନର ଶ୍ରୀ ଓ ସୌନ୍ଦର୍ଯ୍ୟ ଚର୍ଚ୍ଚା ତାଙ୍କ ଯୋଗୁଁ ଏକ ସ୍ୱତନ୍ତ୍ର ଅର୍ଥ ଯେନ ରୂପାୟିତ ହେଉଥିଲା ।

ତାଙ୍କ ଦକ୍ଷିଣମୁଖା ଷ୍ଟୁଡିଓରେ ବସି ତାଙ୍କୁ ସ୍ୱରଚିତ କବିତାସବୁ ଶୁଣାଇଛି; ଏପରି ଜଣେ ବିରାଟ ବଙ୍ଗାଳୀ ଶ୍ରୋତା ମୋ ଜୀବନରେ ଆଉ କେବେ ପାଇ ନାହିଁ ।

ମୋ 'କଥାଟିଏ କହୁ' କାହାଣୀ ପୁସ୍ତକର ପ୍ରଚ୍ଛଦପଟ ସେ ଆଙ୍କିଥିଲେ । କୋଣାର୍କ ଦର୍ଶନରେ ଜାପାନୀ ଶିଳ୍ପୀ ଓକାକୁରାଙ୍କ ଭାବୋଚ୍ଛ୍ୱାସ କଥା ତାଙ୍କରି ତୁଣ୍ଡରୁ ଶୁଣି ମୁଁ କବିତା ଲେଖିଥିଲି ।

ନନ୍ଦଲାଲ୍ ଓଡ଼ିଶାର ପ୍ରକୃତି, କଳା, ଭାସ୍କର୍ଯ୍ୟର ଜଣେ ପରମ ଭକ୍ତ ଥିଲେ । କୋଣାର୍କଦେଶର ଶିଳ୍ପୀ ଗୁରୁମାନଙ୍କୁ ସେ ସ୍ନେହାଦରରେ 'ନନ୍ଦନ'ରେ ଗ୍ରହଣ କରୁଥିଲେ । ଓଡ଼ିଆମାନେ ସ୍ୱାଭାବିକ ଭାବରେ କଳାରେ ଯୋଗ୍ୟ, ସେ ବିଷୟରେ ପ୍ରଶ୍ନ ଅନ୍ତର,

Digitized by srujanika@gmail.com

ସମସ୍ତ ଅନ୍ୟାୟ ବୋଲି ସେ ମନେ କରୁଥିଲେ । ଓଡ଼ିଶାର ମୂର୍ତ୍ତିଶିଳ୍ପୀ ଗିରିଧାରୀ ମହାପାତ୍ର ଓ ଭୁବନେଶ୍ୱର ମହାପାତ୍ରଙ୍କୁ ଓଡ଼ିଶାରୁ ଡକାଇ ନେଇ ସେ ବହୁ ମୂର୍ତ୍ତି ନିର୍ମାଣ କରାଇଥିଲେ । ସମୃଦ୍ଧ ଓଡ଼ିଶୀ ଶୈଳୀକୁ ଭିତ୍ତିକରି ସେ ଶାନ୍ତିନିକେତନରେ ବଙ୍ଗଳା 'ଆଲ୍‌ପନା'ର ବିକାଶ ଘଟାଇଥିଲେ ।

କୋଣାର୍କ ନନ୍ଦଲାଲ୍‌ଙ୍କ କଳାବିତ୍ ଜୀବନର ଶ୍ରେଷ୍ଠ ପ୍ରେରଣା ଥିଲା । କୋଣାର୍କର ଅଶ୍ଳୀଳ ମୂର୍ତ୍ତି ସେକାଳେ ବହୁ ଜାତୀୟତାବାଦୀଙ୍କର ଚକ୍ଷୁପୀଡ଼ିତ ଥିଲା । ଜାତୀୟ କଳଙ୍କ ବୋଲି ମନେ କରି ଏହାକୁ ପ୍ଲାଷ୍ଟର ମଧ୍ୟରେ ଲୁଚାଇ ଦେବାର ଚେଷ୍ଟା ହୋଇଥିଲା । ମହାତ୍ମାଜୀ ଏହାର ଜଣେ ପୋଷକ ଥିଲେ । ଟଙ୍କା ମୁଣି ଖୋଲିଥିଲେ ସେଠ ଯମୁନାଲାଲ ବେଜାଜ୍ । ନନ୍ଦଲାଲ୍ ଏ ଅପଚେଷ୍ଟାର ତୀବ୍ର ପ୍ରତିରୋଧ କରିଥିଲେ—ଅତୀତକୁ କଦର୍ଯ୍ୟ କରିବାର ମନୋବୃତ୍ତି ଅଶ୍ଳୀଳତା ଅପେକ୍ଷା ଢେର୍ ଭୟଙ୍କର । କଳା ନୀତିର ଏଇ ନିର୍ମମତାକୁ ଅସ୍ୱୀକାର କରେ ।

ଜୀବନର ସକଳ ବିଭବ କଳାର ବିଭବ । ସମଗ୍ରତାର ଐଶ୍ୱର୍ଯ୍ୟରେ ଏହା ପରିପୂର୍ଣ୍ଣ । ନୀତିବାଗୀଶଙ୍କ ସଙ୍କୀର୍ଣ୍ଣତାକୁ ଏହା ଦୂରରୁ ଜୁହାର କରେ ।

ବିହାରର ମୁଙ୍ଗେର ଜିଲ୍ଲାରେ ନନ୍ଦଲାଲ୍‌ଙ୍କ ଜନ୍ମ, କଳାପ୍ରୀତିରେ ସେ ଉଚ୍ଚଶିକ୍ଷାର ଉଚ୍ଚାକାଂକ୍ଷାକୁ ତ୍ୟାଗ କରିଥିଲେ । ଓ୍ୱାର୍ଡ଼ସ୍‌ଓ୍ୱାର୍ଥଙ୍କ କବିତା ପଢ଼ା ହେଲାବେଳେ ସେ 'ଚୁଡ଼ାକର୍ଣ୍ଣ ଓ ମୂଷିକ' ଛବି ଅଙ୍କନ କରୁଥିଲେ । ସାଧାରଣ ଶିକ୍ଷା ପ୍ରତି ଅମନୋଯୋଗିତା ଯୋଗୁଁ ସେ ଆଇ.ଏ. ରେ ଦୁଇଥର ଫେଲ୍ ହୋଇଥିଲେ; କିନ୍ତୁ ସେହି ସମୟରେ କଳାପ୍ରଦର୍ଶନୀରେ ଛବି ଲାଗି ପାଞ୍ଚଶହ ଟଙ୍କା ପୁରସ୍କାର ପାଇଥିଲେ ଓ ଏହି ଟଙ୍କାକୁ ସେ ଉତ୍ତର ଭାରତର କଳାକେନ୍ଦ୍ର ଓ ଯାଦୁଘର ପରିଦର୍ଶନରେ ଖର୍ଚ୍ଚ କରିଥିଲେ ।

'ଅହଲ୍ୟାଙ୍କ ଶାପମୁକ୍ତି', 'ସାବିତ୍ରୀ ଓ ଯମ', 'ଅନ୍ନପୂର୍ଣ୍ଣା ଓ ଶିବ', 'ବର୍ଷା ମୂର୍ଚ୍ଛିତ କୋଣାର୍କ', 'ବୁଦ୍ଧ ଓ ସୁଜାତା'; 'ଉମାଙ୍କ ବ୍ୟଥା', 'ଶିବତାଣ୍ଡବ', 'ଦମୟନ୍ତୀଙ୍କ ସ୍ୱୟମ୍ବର', 'ଶୀତକାଳରେ ପଦ୍ମାର ବାଲୁକା', 'ସତୀଙ୍କ ଦେହତ୍ୟାଗ', 'ଗାନ୍ଧିଜୀଙ୍କ ଡାଣ୍ଡି ଯାତ୍ରା' ପ୍ରଭୃତି ଛବି ଲାଗି ନନ୍ଦଲାଲ ପ୍ରତିଷ୍ଠା ଅର୍ଜନ କରିଥିଲେ । ଜାପାନର ଶିଳ୍ପୀ ଟାଇକୋଆନ ତାଙ୍କୁ କହୁଥିଲେ— ଭାରତବର୍ଷର ପକ୍ୱତମ ଫଳ ।

ପଶୁପକ୍ଷୀଙ୍କ ପ୍ରତି ଚିରଦୟାର୍ଦ୍ର, ଶିଶୁମାନଙ୍କ ପ୍ରତି ଚିରଦରଦୀ, ମାନବବାନ୍ଧବ ନନ୍ଦଲାଲ । ତାଙ୍କ ଲାଗି ଶାନ୍ତିନିକେତନବାସ ମୋର ଗୌରବମୟ ହୋଇଥିଲା ।

ନିତାଇବିନୋଦ ଗୋସ୍ୱାମୀ

ଅନ୍ୟାନ୍ୟ ଆକର୍ଷଣୀୟ ବ୍ୟକ୍ତିତ୍ୱ ମଧ୍ୟରେ ମନେ ପଡ଼ନ୍ତି ଗୋସାଇଁଜୀ - ନିତାଇବିନୋଦ ଗୋସ୍ୱାମୀ; ସଂସ୍କୃତ, ପାଲି ଓ ବଙ୍ଗଳାରେ ସୁପଣ୍ଡିତ । ବେଦ,

Digitized by srujanika@gmail.com

ଉପନିଷଦ୍‌, ତନ୍ତ୍ର, ଲୋକସାହିତ୍ୟ, ପୁରାଣ ପ୍ରଭୃତି ଯେ କୌଣସି ବିଷୟରେ ପ୍ରଶ୍ନ କଲେ ତାଙ୍କଠାରୁ ସନ୍ତୋଷଜନକ ଉତ୍ତର ମିଳୁଥିଲା । ପଢ଼ିବା ଓ ପଢ଼ାଇବା ତାଙ୍କର ଏକମାତ୍ର ବିନୋଦନ ଥିଲା । ବିସ୍ମୟର କଥା, ସେ ଶିଶୁଶ୍ରେଣୀରେ ଅଧ୍ୟାପନା କରିବାକୁ ସୁଖପ୍ରଦ ମନେ କରୁଥିଲେ । ତାଙ୍କ ଗେରୁଆ ବେଶ ଓ ଦାଢ଼ି, ସରଳ ଓ ଉଦାର ବ୍ୟବହାର ତପୋବନ ଓ ଋଷି ଶିକ୍ଷକଙ୍କ ଆଦର୍ଶ ମନେପକାଇ ଦେଉଥିଲା । ଶାନ୍ତିନିକେତନୀ ଆଦର୍ଶର ମୁଖ୍ୟ ପ୍ରତିନିଧି ଓ ପ୍ରସାରକ ଥିଲେ ସେ । ସେ ଅଜାତଶତ୍ରୁ; ଅକୁଣ୍ଠଭାବେ ବିତରଣ କରୁଥିଲେ ନିର୍ମଳ ସ୍ନେହ, ପାଉଥିଲେ ସମସ୍ତ ଆଶ୍ରମର ଭକ୍ତି । ଲାଗୁଥିଲା— ଦୁଃଖ ଯେପରି ତାଙ୍କ ପାଖରୁ ପଳାଉଛି— ସଦା ପ୍ରସନ୍ନ ବଦନ । କିନ୍ତୁ କଥା ପ୍ରସଙ୍ଗରେ ଦିନେ ତାଙ୍କ ପ୍ରାଣ ଫୁଟିପଡ଼ିଲା । ଗୋସାଇଁଜୀ ଋଷି ନୁହନ୍ତି, ଆମପରି ରକ୍ତମାଂସର ଦୁର୍ବଳ ମଣିଷ; "ଏକୁଟିଆ ଜୀବନ ବଡ଼ କଷ୍ଟଦାୟକ, ଅଳ୍ପ ବୟସରେ ସ୍ତ୍ରୀ ମରିଗଲା, ପିଲାମାନଙ୍କର ମାଆ ହେବାକୁ ପଡ଼ିଲା ମତେ । ପିଲାଙ୍କ ଲାଗି ବିଭା ହେଲିନାହିଁ । ଏବେ ଫଳ ଭୋଗୁଛି, ବୁଢ଼ାଦିନେ ମୋ ଭଲ ମନ୍ଦ ବୁଝିବାକୁ କେହିନାହିଁ ।"

ନାନା ଚିନ୍ତା ତାଙ୍କ ହୃଦୟକୁ କୋରିପକାଉଥିଲା । ଅନ୍ତରରେ ଗୋଟାଏ ବିସ୍ମୟମାନ ଆଗ୍ନେୟଗିରିକୁ ସମ୍ଭାଳି ରଖି ସେ ବାହାରେ ନିଶ୍ଚିନ୍ତ ଋଷିର ଚେହେରାଟିଏ ବହୁଥିଲେ, ଭକ୍ତିପ୍ରୀତିର ଦ୍ୟୋତକ । ସେଇ ବୁଲେଟ ହିଁ ଦିନେ ତାଙ୍କୁ ଭେଦ କଲା, ନିଜେ ନିଜର ଶିକାର ହେଲେ । କ୍ଲାସ୍‌ରେ ପଢ଼ାଉ ପଢ଼ାଉ ଶିଶୁବତ୍ସଳ, ବିଦ୍ୟାବିନୋଦ ନିତାଇବିନୋଦ ଗୋସ୍ୱାମୀ ଟଳି ପଡ଼ିଲେ । ପକ୍ଷାଘାତ । ତାପରେ ସେ ଆଉ ଉଠି ଚାଲି ପାରିଲେନାହିଁ । ଶାନ୍ତିନିକେତନ ହିଁ ତାଙ୍କ ସେବାଶୁଶ୍ରୂଷା ଓ ଖାଦ୍ୟପେୟର ଦାୟିତ୍ୱ ନେଲା, ଗୁଣଗ୍ରାହକ ରବୀନ୍ଦ୍ରନାଥଙ୍କ ବ୍ୟକ୍ତିତ୍ୱହିଁ ତ୍ୟାଗବ୍ରତୀ ଗୋସାଇଁଜୀଙ୍କୁ ଶାନ୍ତିନିକେତନ ଟାଣି ଆଣିଥିଲା— ବାଳଗୋପାଳଙ୍କ ସେବାରେ ସେ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ ।

ଦଶବର୍ଷ କାଳ ସେ ଡାକ୍ତରଖାନାରେ ଶୋଇଛନ୍ତି— ମୋତେ ଦେଖି ଚନ୍ଦ୍ରି କାଢ଼ି ପକାଇ ଦିନେ ସେ କହିଲେ ଖାଦ୍ୟ ଜୀର୍ଣ୍ଣ ହେଉନାହିଁ, ରାତିରେ ନିଦ ହେଉନାହିଁ, ଭୟଙ୍କର ଶ୍ୱାସକଷ୍ଟ । ଆଉ କେଉଁ ଦୁଃଖ ପାଇବାକୁ ବାକୀ ଅଛି ? କାହାର କି ଉଦ୍ଦେଶ୍ୟ ସାଧନ କରିବା ଲାଗି ମୋର ଆଉ ବଞ୍ଚିବା ଦରକାର ? ଟିକିଏ ପ୍ରାର୍ଥନା କର, ଭଗବାନ ଯେପରି ମୋତେ ଶୀଘ୍ର ନେଇଯାନ୍ତି ।

ତାଙ୍କ ପାଦ ପାଖେ ଛିଡ଼ା ହୋଇ ମୁଁ ପ୍ରାର୍ଥନା କଲି— ହେ ପ୍ରଭୁ, ବହୁ ସ୍ୱାର୍ଥସଂଶ୍ଳିଷ୍ଟ ଆବେଦନନିବେଦନ ଭିତରେ ଏଇ ଶୁଦ୍ଧ ମୁକ୍ତିକାମନାକୁ ଗ୍ରହଣ କର, ଏଇ ନିପୀଡ଼ିତ ପ୍ରାଣଟିକୁ ଗୋଟିଏ ଅଲୋଡ଼ା ଫୁଲପରି ତୁମ ପାଦରେ ସ୍ଥାନ ଦିଅ ।

ନମସ୍କାର କରି ଫେରିଗଲାବେଳେ ଭାବିଲି—ଏ ଜନ୍ମର ବା ପୂର୍ବ ଜନ୍ମର କେଉଁ ପାପର ଫଳ ଗୋସାଇଁଜୀ ଭୋଗ କରୁଛନ୍ତି ? ଯୌବନମଦରେ ଉନ୍ମତ୍ତ, ପାପ ଧନ-ସଞ୍ଚୟନରେ ପ୍ରବୃତ୍ତ ଶତ ଶତ ବ୍ୟକ୍ତି ତ ନିତିନିତି ଦେଖୁଛୁ, ଉଦନେ କେହି ଏ ସବୁର ପରିଣାମ କଥା ଚିନ୍ତା କରୁ ନାହାନ୍ତି; ଭାବୁଛନ୍ତି ଭଗବାନଙ୍କ ଦୃଷ୍ଟି ଏଡ଼ାଇ ଯାଇଛନ୍ତି; ଯେମିତି ବନ୍ଧୁଙ୍କୁ ଠକିଛନ୍ତି ସେମିତି ଭଗବାନଙ୍କୁ ଠକି ଦେବେ—ବଳବୟସ ଥିବା ବେଳର ଭାବନା ଏ ।

ମୋର ଆଉ ଜଣେ ଶିକ୍ଷକଙ୍କ କଥା ମନେ ପଡ଼େ—ତେଜେଶ୍‌ଚନ୍ଦ୍ର ସେନ, ସବୁବେଳେ ତାଙ୍କ ହାତରେ ଖଣ୍ଡିଏ ପୁସ୍ତକ ବା ପତ୍ରିକା, 'ତାଲ ଘରେ' ସେ ରହୁଥିଲେ—ମାନେ ତାଙ୍କ ଘର ଛାତ ଫୁଟାଇ ଗୋଟିଏ ତାଳଗଛ ଉଠିଥିଲା । ତାଙ୍କ କୁଟୀରଟି ନିର୍ମାଣଶୈଳୀର ଅଭିନବତ୍ୱ ହେତୁ ଲୋକଦୃଷ୍ଟି ଆକର୍ଷଣ କରୁଥିଲା ତାଙ୍କ ଗୃହଟି ଶାନ୍ତିନିକେତନୀ ସ୍ୱଦେଶୀ ରୁଚି ଓ ସୌନ୍ଦର୍ଯ୍ୟବୋଧର ନମୁନା ଥିଲା । ଅବ ଗାହ୍ରା ନିଜର ନିକଟ ସଂପର୍କୀୟ କେହି ତାଙ୍କର ନ ଥିଲା । ଛାତ୍ରମାନଙ୍କୁ ପୁତ୍ରବତ୍ ସ୍ନେହ କରୁଥିଲେ । ତାଙ୍କ ଭଲମନ୍ଦ ଦେଖିବାକୁ କେହି ନ ଥିବାରୁ ସେ ଖୁବ୍ ସତର୍କ ହୋଇ ଚଳୁଥିଲେ । କିନ୍ତୁ କେଉଁ ଅସତର୍କ ମୁହୂର୍ତ୍ତରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା ।

ମନେପଡ଼େ, ଜଣେ ଅନ୍ଧ ମୁସଲମାନ ଗାୟକର କଥା । ଗୀତରେ ମୁଗଧ ହୋଇ ରବୀନ୍ଦ୍ରନାଥ ତାଙ୍କୁ ଆଣି ଆଶ୍ରମରେ ରଖିଥିଲେ । ତାଙ୍କ ମନରେ କିଏ ଧାରଣା ଜନ୍ମାଇଥିଲା, ମୁଁ ଭଲ ହାତ ଦେଖିପାରେ ବୋଲି । ଯେତେ ମନାକଲି ବି ସେ ମୋତେ ହାତ ଦେଖାଇଲେ, ପ୍ରଶ୍ନ କଲେ ମୋର ବିବାହର ହେବ କି ନାହିଁ ?

ମୁଁ ଉତ୍ତରଦେଲି—ବିବାହ ବିଧିବିଧାତାଙ୍କର କାର୍ଯ୍ୟ, ସେ ଯେତେବେଳେ ଜନ୍ମ ଦେଇଛନ୍ତି କନ୍ୟାପାତ୍ରୀଟିଏ ନ ଖଞ୍ଜି ଥିବେ କିପରି ?

ପୁଣି ପ୍ରଶ୍ନ—କେବେ ହେବ ?

ଦୁଇବର୍ଷ ଭିତରେ' କନ୍ୟା ଦକ୍ଷିଣଦେଶରେ; ଗୀତରେ ମୁଗ୍ଧ ହୋଇ ସେ ଆପେ ଆପେ ଆପଣଙ୍କୁ ବରଣ କରିବ, ଖୋଜିଯିବାକୁ ହେବନାହିଁ । ସେ ଆଜୀବନ ଚରଣଦାସୀ ହୋଇ ରହିବ । ସଙ୍ଗୀତଜ୍ଞ ହସୁଥାନ୍ତି, ମୋ ଭବିଷ୍ୟତବାଣୀ ତାଙ୍କର ମନର ଅନୁକୂଳ ହେଉଥାଏ ବୋଲି । କିନ୍ତୁ ଏଡ଼େ ଦୁଃଖୀ ନିରାଶ କରିବାର ମନୋବୃତ୍ତି ମୋର ନ ଥିଲା; ଦୁଇବର୍ଷ । 'ଚକେ ଗଲେ ବାରହାତ'; ଯେତେଦିନ ବଞ୍ଚିବେ ସେ ଭାବ ଭିତରେ ବଞ୍ଚିରହନ୍ତୁ । କିନ୍ତୁ ଭାବଗ୍ରାହୀ ଅତିଶୀଘ୍ର ତାଙ୍କୁ ନେଇଗଲେ, ସ୍ୱର୍ଗରେ ଭାବ ଜମାଇବା-

Digitized by srujanika@gmail.com

ଲାଗି । କାରଣ ମର୍ତ୍ତ୍ୟରେ ତାହା ସମ୍ଭବ ହୋଇ ନଥାନ୍ତା । ମର୍ତ୍ତ୍ୟର ନାରୀ ଏବେବି ରୂପରଙ୍କୁଣୀ, ଧନଲୋଭନୀ ।

ଡାକ୍ତର ହରିନ୍‌ବାବୁ ମୋର ପ୍ରିୟ କହିଲେ କିଛି ନାହିଁ, ସମସ୍ତଙ୍କର ପ୍ରିୟ ସେ ଥିଲେ, ଦୀର୍ଘକାୟ, ସୁଗଠିତଶରୀର: ତାଙ୍କୁ କେବେ ପୀଡ଼ିତ ହେବାର ଦେଖିନାହିଁ । ଯେତେ କର୍ମବ୍ୟସ୍ତତା ଓ ଦୁଃଖଜଞ୍ଜାଳ ମଧ୍ୟରେ ଥାନ୍ତୁ ପଛକେ, ତାଙ୍କ ମୁଖରେ ଥାଏ ଝିକଏ ସରଳ ହସ —ସେ ଲେଭର ଫାନ୍ଦ ନୁହେଁ, ସଫଳ ମାନବତାର ଫୁଟନ୍ତା ଫୁଲ—ଟର ବିଶ୍ୱାସୋଦ୍ଦୀପକ ।

ସେ ଭଗବତ୍‌ବିଶ୍ୱାସୀ, ନିଷ୍ଠାପର ବୈଷ୍ଣବ, ଗଳାରେ ତୁଳସୀମାଳୀ, ତା ସଙ୍ଗେ ଷ୍ଟେଥୋସ୍କୋପଟି ଲମ୍ବିଲେ ମନରେ ବଡ଼ ସନ୍ଦେହ ଆସେ । ସେ ଘଣ୍ଟା ଘଣ୍ଟା ଧରି ନାମସଂକୀର୍ତ୍ତନ ଶୁଣନ୍ତି, ଏଣେ ରାତି ଗୋଟାଏ ପର୍ଯ୍ୟନ୍ତ ଡାକ୍ତରୀ ବହି ଓ ମାଗାଜିନ୍ ପଢ଼ୁଥାନ୍ତି । ସେ ଯେପରି ଗୁରୁଗମ୍ଭୀର, ସେହିପରି ହାସ୍ୟରସିକ; ଯେମିତି ଭଲ ମଣିଷ ସେମିତି ଭଲ ଡାକ୍ତର । ହରିନ୍‌ବାବୁ ଛୁଇଁଲେ ରୋଗ ଭଲ ହୋଇଯିବ, ଏ ବିଶ୍ୱାସ ଲୋକଙ୍କର ଦୃଢ଼ ହୋଇଥିଲା । ବେଳଅବେଳ ନାହିଁ, ଖରା ବର୍ଷା ନାହିଁ, ସାଇକେଲରେ ବସି ହରିନ୍‌ବାବୁ ଘରେ ଘରେ ବୁଲୁଥାନ୍ତି ।

ତାଙ୍କ ସ୍ୱାସ୍ଥ୍ୟ ଭାଙ୍ଗିବାର ଦେଖିଲି, ଯେତେବେଳେ ତାଙ୍କ ସ୍ତ୍ରୀ ପକ୍ଷାଘାତରେ ନିପୀଡ଼ିତା ହେଲେ । ବିପଦ କେବଳ ମନ୍ଦ ଲୋକଙ୍କ ଲାଗି ନୁହେଁ, ଭଲ ଲୋକଙ୍କୁ ମଧ୍ୟ ତଳିତଳାନ୍ତ କରିଦିଏ । ତଥାପି ଏ ବ୍ୟାଧିକୁ ଭାଗ୍ୟର ଦାନ ବୋଲି ସହଜ ଭାବରେ ସେ ଗ୍ରହଣ କରିଗଲେ; ଅହୋରାତ୍ର ନାନା ପ୍ରକାରରେ ଲାଗିଥାନ୍ତି ସେ; ଅସୀମ ତାଙ୍କର ଧୈର୍ଯ୍ୟ, ନିଜେ ସ୍ତ୍ରୀଙ୍କୁ ଖୁଆନ୍ତି, ପାଇଖାନା ନିଅନ୍ତି, ପ୍ରତିଦିନ ହାତଧରି ଘଣ୍ଟାଏ ହତାରେ ବୁଲାନ୍ତି । ଆଧୁନିକ ଯୁଗରୁ ବଡ଼ ଖାପଛଡ଼ା ଲାଗେ ଏ ଦୃଶ୍ୟ, କିନ୍ତୁ ଭାରତୀୟ ସଂସ୍କୃତିର ଏହାହିଁ ଚିରଚରିତ ରୀତି—ସ୍ୱାମୀ ସ୍ତ୍ରୀର ଜୀବନବନ୍ଧନ ଚିରନ୍ତନ—ରାମସୀତା, ସାବିତ୍ରୀସତ୍ୟବାନ ।

ସୁଧାକାନ୍ତ ମୈତ୍ର ଯେତେବେଳେ ବିଶ୍ୱଭାରତୀ ପରିଦର୍ଶକମାନଙ୍କର ପ୍ରଦର୍ଶକ ଥିଲେ, ଶାନ୍ତିନିକେତନର ଇତିହାସ ତାଙ୍କ କଣ୍ଠାଗ୍ରରେ ଥିଲା । ରବୀନ୍ଦ୍ରନାଥଙ୍କର କେତେକ ଚିଠିପତ୍ର, ଆଶୀର୍ବାଦ ବା ଶୁଭେଚ୍ଛାରୂପେ ଲିଖିତ କବିତା ସେ ଗଚ୍ଛିତ ଧନ ପରି ସାଇତି ରଖିଥିଲେ । ସେ ବକ୍ତା, କିନ୍ତୁ ତାଙ୍କ ବକ୍ତୃତା କୌଣସି ସୀମା ମଧ୍ୟରେ ରହେନାହିଁ—ଢିଙ୍କିଶାଳ କଥା କହୁଁ କହୁଁ ସେ ଢେଙ୍କାନାଳରେ ପହଞ୍ଚନ୍ତି, କଥାରେ ନାନା ଅନୁଭୂତି ଓ ହାସ୍ୟରସ ପ୍ରକାଶ ପାଉଥିବାରୁ ବିରକ୍ତିକର ବୋଧହୁଏ ନାହିଁ ।

Digitized by srujanika@gmail.com

ସେ ଗୋପୀନାଥ ମହାନ୍ତିଙ୍କ 'ଅମୃତର ସନ୍ତାନ'କୁ ବଙ୍ଗଳାରେ ଅନୁବାଦ କରିଥିଲେ ମୁଁ ତାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିଥିଲି ।

କଳାକାର ମୁକୁଲ ଦେ ମୋର ଜଣେ ହିତାକାଂକ୍ଷୀ ବନ୍ଧୁ ଥିଲେ । କଲିକତା ଆର୍ଟ କଲେଜର ଅଧ୍ୟକ୍ଷପଦରୁ ଅବ୍ୟାହତି ନେଇ ସେ କଳାସାଧନାରେ ଲାଗିଥିଲେ । ନିଜ ରୁଚି ଅନୁଯାୟୀ ରଙ୍ଗ ଦେଇ ଛବି ଅଙ୍କିଲା ପରି ବାସଗୃହର ଚତୁର୍ଦ୍ଦିଗରେ ସେ ବଗିଚାଟିଏ ରୋପଣ କରିଥିଲେ । ଗୃହର ଅଭ୍ୟନ୍ତରରେ ମଧ୍ୟ ଉଦ୍ୟାନଭ୍ରମଣର ଆନନ୍ଦ ମିଳୁଥିଲା—ତାଙ୍କର ଅଗଣିତ ଛବିରୁ । ଶିବପାର୍ବତୀ, ଉଷାସନ୍ଧ୍ୟା, ପାହାଡ଼ପର୍ବତ ଏମିତି କେତେ ଛବି । ସ୍ତ୍ରୋତା ବସି ବସି ଜଗନ୍ନାଥ ଦର୍ଶନକୁ ଯାଉଥିବା ଦୃଶ୍ୟର ଛବିଟିଏ ମୋତେ ସେ ଉପହାର ଦେଇଥିଲେ, ବେଳେ ବେଳେ ତାଙ୍କ ଗୃହରେ ସାହିତ୍ୟିକ ବନ୍ଧୁମିଳନ ହେଉଥିଲା । ତାଙ୍କ ସ୍ତ୍ରୀ ବୀଣା ଜଣେ ଓଡ଼ିଆଣୀ, ତାଙ୍କଠାରୁ ପୁରୀଜିଲ୍ଲାର କେତେକ ଭୁଚ ଛଡ଼େଇବା ଓ ଦେହ କଟେଇବା ଲୋକଗୀତ ସଂଗ୍ରହ କରିଥିଲି । ସେ ବଙ୍ଗଳାର ଲୋକଗୀତ 'ଭାଦୁ' ସଂଗ୍ରହ କରିଥିଲେ ।

ପ୍ରଭାତକୁମାର ମୁଖୋପାଧ୍ୟାୟ

ମୋର ଅନ୍ୟତମ ପ୍ରିୟବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଥିଲେ, ପ୍ରଭାତକୁମାର —ଶୁଭ୍ରକେଶ, ଧୀରଗମ୍ଭୀର, ଗୋଟିଏ ଚିନ୍ତାକ୍ଲିଷ୍ଟ ମୁଖ, ଯେ ମୁଖ ଠିକ୍ ନାହିଁ, ଏହା ଏକ ଉଜ୍ଜ୍ୱଳ ସୂଚୀପତ୍ର, ତାଙ୍କ ଜୀବନବ୍ୟାପୀ ସାଧନାର ।

ବିଶ୍ୱଭାରତୀର ଗ୍ରନ୍ଥାଗାରିକ ସେ । କିନ୍ତୁ କେବେ 'ଖରସ୍ରୋତନଦୀରବାଷ୍ପ' ହୋଇନାହାନ୍ତି । ନିଜ ଜୀବନରେ ଗ୍ରନ୍ଥାଗାରର ସେ ସମ୍ପୂର୍ଣ୍ଣ ଉପଯୋଗ କରି ଯାଇଛନ୍ତି । ଅନୁକୂଳ ପରିବେଶରେ କିପରି ବ୍ୟକ୍ତିତ୍ୱର ବିକାଶ ହୁଏ, ତାର ଦୃଷ୍ଟାନ୍ତ ସେ ନିଜେ ।

ବହୁ ଅଧ୍ୟୟନ ଓ ଅନୁଶୀଳନ ଫଳରେ ନିଜର ଉଚ୍ଚାସନ ସେ ନିଜେହିଁ ନିର୍ମାଣ କରିଥିଲେ । ଶାନ୍ତିନିକେତନ ବ୍ରହ୍ମଚର୍ଯ୍ୟାଶ୍ରମର ପଚିଶଟଙ୍କା ବେତନଭୋଗୀ ସେ ଦିନର ଜଣେ ସାଧାରଣ ଶିକ୍ଷକ ଦୃଢ଼ସଂକଳ୍ପ ଓ କର୍ମନିଷ୍ଠାବଳରେ ଜଣେ ବିଜ୍ଞ ଭାବରେ ସମଗ୍ର ଭାରତରେ ପ୍ରତିଷ୍ଠାଲାଭ କରିଥିଲେ । 'ରବୀନ୍ଦ୍ରଜୀବନୀ ଓ ରବୀନ୍ଦ୍ରସାହିତ୍ୟ ପ୍ରବେଶିକା' ତାଙ୍କର ପ୍ରଧାନ ରଚନା । ରବୀନ୍ଦ୍ରନାଥଙ୍କ ପାଖେ ରହି ସେ ଏହି ବୃହତ୍ ଜୀବନୀ ସଂକଳନ କରିବାକୁ ସମର୍ଥ ହୋଇଥିଲେ । ଆତ୍ମଜୀବନୀରେ ସେ ଲେଖିଛନ୍ତି 'ଗ୍ରନ୍ଥାଗାର ମୋ ସହିତ ଓ ମୁଁ ଗ୍ରନ୍ଥାଗାର ସହିତ ବଢ଼ି ଉଠିଥିଲି । ନିଜ ଘରେ ଗୋଟିଏ ବିପୁଳ ଗ୍ରନ୍ଥାଗାର ଗଢ଼ିଲି । ଏହାହିଁ ମୋର କର୍ମଭୂମି ।"

Digitized by srujanika@gmail.com

ଅନ୍ନଦାଶଙ୍କର ରାୟ

ଦୁଇଜଣ ଲେଖକଙ୍କ ମଧ୍ୟରେ ସାକ୍ଷାତ ଓ ଆଳାପ ଏକ ନାଟକୀୟ ଘଟଣା । ଉଭୟଙ୍କ ଆଲୋଚନା ବେଳେବେଳେ ବିଦଗ୍ଧସ୍ତରକୁ ଉନ୍ନୀତ ହୁଏ, ବିଶେଷ ରମ୍ୟତା ଓ ରସିକତା ଏଥିରେ ପ୍ରକାଶ ପାଇଥାଏ । ଖୋଲା ମନର ସେଇ ଭାବଧାରାକୁ ରେକର୍ଡ କଲେ ହୁଅନ୍ତା ଏକ ଅପୂର୍ବ ମୌଖିକ ସାହିତ୍ୟ । କିଏ ରେକର୍ଡ କରୁଥିବା କଥା ଜାଣିଲେ ଲେଖକମାନେ ହୁଏତ ସଚେତନ ହୋଇଯାଆନ୍ତି, ଖୋଲା ମନର ସେଇ ପ୍ରସନ୍ନ ମାଧୁରୀ ଅନର୍ଗଳ ଭାବରେ ଆଉ ପ୍ରକାଶ ପାଏନାହିଁ । 'ସବୁଜ' ଯୁଗର କବି ଶ୍ରୀ ଅନ୍ନଦାଶଙ୍କର ରାୟଙ୍କ ସହିତ ଦଶ ବର୍ଷରୁ ଊର୍ଦ୍ଧ୍ୱ କାଳ ଶାନ୍ତିନିକେତନରେ ବାସ କରିବାର ସୁଯୋଗ ମୋତେ ମିଳିଥିଲା । ସାନ୍ଧ୍ୟ ଭ୍ରମଣମାନଙ୍କରେ ତାଙ୍କ ସହିତ ନାନା ବିଷୟ ଆଲୋଚନା କରୁଥିଲି । ସେସବୁ ଡାଇରୀରେ ଲେଖିଥିଲେ ଆଜି ବିଶେଷ ଚମତ୍କାରପ୍ରଦ ହୋଇଥାଆନ୍ତା । ସେତେ ସଞ୍ଚୟବୃଦ୍ଧି ମୋର ନଥିଲା । ତେବେ ଗୋଟିଏ ଦିନର ଆଲୋଚନାର ଲୋଭ ସମ୍ବରଣ କରିପାରି ନଥିଲି । ଏବେ ପାଣ୍ଡୁଲେଖ୍ୟର ଅଳିଆ ସଜାଡ଼ ସଜାଡ଼ୁ ସେଇଟି ପାଇ ଲେଖିଦେଲି ।

ସେଦିନର ଭ୍ରମଣକାଳ ପ୍ରାୟ ଅପରାହ୍ନ । ପଥରେ ଦେଖା ନପାଇ ତାଙ୍କ ବସାକୁ ମାଡ଼ିଗଲି । ଅଭିନବବସ୍ଥା । ଡାକଦେଲେ ମନର ଭାବ ଅଡ଼ୁଆତଡ଼ୁଆ ହୋଇଯିବ ପରା । କାହିଁ ଲେଖୁନାହାନ୍ତି ତ, କଣ କରୁଛନ୍ତି ? ବସି ଭାବୁଛନ୍ତି, ନା ପଢ଼ୁଛନ୍ତି; ସେ ତ ହେବା ବ୍ୟସ୍ତ ଭାବଲୋକର ଫ୍ରେସ୍କୋ ରଚିବାରେ । ଏଇ 'ଲୋକ' ହୁଏତ କ୍ଷଣକେ ଭାଜିପଡ଼ିବ । କିନ୍ତୁ ପୁଣି ଯୋଡ଼ାଯାଡ଼ ହୋଇ ଗଢ଼ି ହୋଇଯିବ । ଏଇ ତାର ବିଶେଷତ୍ୱ । ତଥାପି ଥାଉ, ଆଜି ବୁଲିଯିବାର ମନୋବୃତ୍ତି ତାଙ୍କର ନାହିଁ । ଫେରିଯିବି । ଧୀରପଦରେ ପଛେଇ ଆସୁ ଆସୁ ସେ କିଛି ସୂଚକ୍ ପାଇଗଲେ, ଡାକିଲେ ।

ନମସ୍କାର କଲାପରେ ପଚାରିଲି—କଣ ଟିପୁଛନ୍ତି ?

ଅନ୍ନଦାବାବୁ କହିଲେ—କଲିକତାରେ ଟଲଷ୍ଟୟଙ୍କ ପଞ୍ଚାଶତ୍ତମ ମୃତ୍ୟୁବାର୍ଷିକୀ, କିଛି କହିବା ଲାଗି ନିର୍ଦ୍ଦେଶ ଆସିଛି, ଦିଲ୍ଲୀରୁ ମଧ୍ୟ ସେହିପରି ଏକ ନିମନ୍ତ୍ରଣ ଆସିଛି । ଏ ଏକ ଗଣ୍ଡଗୋଳ । କିଛି ଲେଖୁଥିଲେ ସ୍ୱାଭାବିକ ଧାରା ଭାଙ୍ଗିଯାଏ । ଲେଖକ ସାଧନା କରିବ ନା ବୁଲି ବୁଲି ସଭା କରିବ ?

'ମାନସିକ ଜଳବାୟୁର ପରିବର୍ତ୍ତନ ଦରକାର । ନୋହିଲେ ମନ ସ୍ଥିତିଶୀଳ ଓ ଭାବ ଗତାନୁଗତିକ ହୋଇଯାଏ । ଭ୍ରମଣ ଫଳରେ କିଛି ନୂଆ ଆଲୋକ, ନୂଆ ପବନ ଲେଖା ଭିତରକୁ ପଶି ଆସେ ।'

Digitized by srujanika@gmail.com

'ରବୀନ୍ଦ୍ରନାଥ କୁଆଡ଼େ ଯିବାର ନ ଥିଲେ ମାସକେ ଥରେ କଲିକତା ଯାନ୍ତି । ମନର ଆବହାଓ୍ୱା ବଦଳେଇବା ତାଙ୍କର ଉଦ୍ଦେଶ୍ୟ । ସେଥିଲାଗି ଏ ଘରୁ ସେ ଘରେ କୋଠା ଭିତରୁ ମାଟି ତଳେରେ, ବଗିଚାରୁ ଖୋଲା ପଡ଼ିଆରେ ବସି ସେ ଲେଖିଥାନ୍ତି । ସ୍ଥାନ ପରିବର୍ତ୍ତନରେ କିନ୍ତୁ ମୋର ବିଶ୍ୱାସ ନାହିଁ, ମୁଁ ଏକନିଷ୍ଠ ।'

'ରାମାୟଣର ଏକନିଷ୍ଠ ଆଦର୍ଶ ପୂଜା ପାଏ, କିନ୍ତୁ ଶ୍ରୀକୃଷ୍ଣ ଜୀବନକୁ କରନ୍ତି ରସଚଞ୍ଚଳ, କାବ୍ୟମୁଖର ।'

'ହଁ, ବନ୍ଧୁବାନ୍ଧବଙ୍କ ସଙ୍ଗେ ଦେଖାସାକ୍ଷାତ ହେବ, ଦିଲ୍ଲୀ ଗଲେ କିଛି ମନ୍ଦ ହେବନାହିଁ ।'

'ଆପଣ କେବଳ ଜୀବନର ସାକ୍ଷୀଗୋପାଳ ନୁହନ୍ତି, ନିଜେ ଜଣେ ପାତ୍ର, ସାହିତ୍ୟକୁ କଣ କେହି ନିଜ ଜୀବନରୁ ଅଲଗା ରଖିପାରେ ? ମାନେ ଆପଣ ଯାହା ଭାବୁଛନ୍ତି, ତା ଲେଖୁଛନ୍ତି, ତା କାର୍ଯ୍ୟରେ ବି ପରିଣତ କରୁଛନ୍ତି । ଚିନ୍ତା, ଲେଖା ଓ କର୍ମ ମଧ୍ୟରେ ଏକରୂପତା ଉଜ୍ଜ୍ୱଳ ରୂପରେ ଫୁଟି ଉଠୁଛି । ଲୋକେ ଲେଖକଙ୍କଠାରୁ ସେଇଆ ଆଶା କରନ୍ତି । ଲେଖା ପଢ଼ି ଲେଖକଙ୍କ ଚରିତ୍ରର ଗଳିଅର୍ଗଳି ଖୋଜି ବୁଲନ୍ତି—ବ୍ୟକ୍ତିଗତ ଓ ଭାବଗତ ଚରିତ୍ର ଗୋଟିଏ ସୂତ୍ରରେ ଗ୍ରଥିତ ହୋଇଛି କି ନାହିଁ ? ଲେଖକକୁ ଅନ୍ୟ ରୂପରେ ଦେଖି ନୈରାଶ୍ୟ, ବିରକ୍ତି ଆସେ—'କହନ୍ତି ଯେତେ ନୁହନ୍ତି ସେତେ ।' ଲେଖକ କପଟାଚାରୀ ପାଷାଣ୍ଡ ହୋଇପାରେ । ବ୍ୟକ୍ତିଗତ ଜୀବନରେ ଏଇ ପାଷାଣ୍ଡତ୍ୱ ଦେଖି ତାର ଲେଖାକୁ ଉପେକ୍ଷା କରିବା ବୋକାମି । ଦୁଷ୍ଟ ଗାଈର କ୍ଷୀରରେ ଦୁଷ୍ଟତା ନ ଥାଏ ।'

'ଲେଖକ ଜଣେ ରକ୍ତମାଂସର ମନୁଷ୍ୟ । ଘଟଣାପ୍ରବାହରେ ସେ ନିରପେକ୍ଷ ରହିପାରିବ କିପରି ? ରାଜ୍ୟରେ ଦୁର୍ଭିକ୍ଷ, ସାମ୍ପ୍ରଦାୟିକ ଦଙ୍ଗା, ଯୁଦ୍ଧ, ଅରାଜକତା; ଆପଣ ଏ ସବୁ ପ୍ରତି ଆଖି ବୁଜି କବାଟ କିଳି ଲେଖି ପାରିବେ ? ଲେଖକର ମାନବିକତା ନାହିଁ ? ସେ ଏତେ ହୃଦୟହୀନ ?'

'ଲେଖିବାର ଗୋଟିଏ ବଡ଼ ଯୋଜନା କରିଥିବାବେଳେ ଏଣେତେଣେ ନାନା ବାଧା ଆସେ । ଘଟଣା ତ ଦୂରର କଥା ସମ୍ବାଦପତ୍ରର ଗୋଟିଏ ଦୁଃସମ୍ବାଦ ମନକୁ ଅବାନ୍ତର ପଥରେ ଘେନିଯିବା ଲାଗି ଯଥେଷ୍ଟ । ନ ଭାବିଲେ ଚଳନ୍ତା, କାରଣ ଭାବନାର ମୂଲ୍ୟ ନାହିଁ, ପ୍ରତିକାର ସମ୍ଭବ ନୁହେଁ, କିଛି ନ କରି ପାରିଲେ ମନରେ ଦୁଃଖ । ଅନ୍ତରର ଝଡ଼ ତୀବ୍ରତର । କୌଣସି କାରଣରୁ ସେ ସାଇକ୍ଲୋନ୍ ହେଲେ ଆଉ ରକ୍ଷା ନାହିଁ । କଲମ

Digitized by srujanika@gmail.com

ଥକ୍କା ହୋଇ ରହିଯିବ କିମ୍ବା ସମସ୍ତ ସଂଯମ ଲଙ୍ଘନ କରି ଦୌଡ଼ିବ । ବାଚାଳ ହେବା ଅପେକ୍ଷା ମୂକ ରହିଯିବ ଭଲ । ତଦ୍ଦ୍ୱାରା ହୁଏତ ଅନ୍ୟର କାର୍ଯ୍ୟରେ ବାଧା ଆସେନାହିଁ ।'

'କବିବର ରାଧାନାଥଙ୍କ ମନରେ ଦିନେ ଏହିପରି ଏକ ଝଡ଼ ଉଠିଥିଲା; ଜୀବନ ଅପେକ୍ଷା ମରଣକୁ ସେ ଅଧିକ ଶ୍ରେୟସ୍କର ମନେ କରିଥିଲେ । ଲେଖା ତ ମନକୁ ମନ ବନ୍ଦ ହୋଇ ଯାଇଥିଲା । ଏ ଝଡ଼ର କାରଣ ଅବଶ୍ୟ ସେ ନିଜେ । କାରଣ ମନୁଷ୍ୟ ନିଜ ପ୍ରତି ହିଁ ଅଧିକ ଶତ୍ରୁତା ଆଚରଣ କରିଥାଏ ।

ସେତେବେଳେ ଯେ ଦୁଃଖରେ କହିଥିଲେ ପ୍ରକୃତ ସାହିତ୍ୟ କଣ ବୁଝିଲାବେଳକୁ ମୁଁ ଲେଖନୀ ଛାଡ଼ିଲି । ସୁସ୍ଥ ମାନସିକ ଅବସ୍ଥା ମୋର ନ ଥିଲା ।

ଓଡ଼ିଶାରେ ଅଧିକାଂଶ ଲେଖକଙ୍କ ଅବସ୍ଥା ଏଇଆ । ଗ୍ରନ୍ଥାବଳୀ ବୋଲି ବିପୁଳାକାରରେ ଯାହା ପ୍ରକାଶିତ ହେଉଛି, ତହିଁରୁ ଅଧିକାଂଶ ଅପରିଣତ ବୟସର ରଚନା । ବହିଃ ବା ଅନ୍ତର୍ଗତ ଯେଉଁ କାରଣରୁ ହେଉ, ପରିଣତ ବୟସକୁ ଲେଖାର ସଂଖ୍ୟା ନିତାନ୍ତ ଊଣା ହୋଇଯାଏ କିମ୍ବା ଏକଦମ୍ ବନ୍ଦ ହୋଇଯାଏ । ପାଠକ ଉତ୍କୃଷ୍ଟ ଲେଖା ପଢ଼ିବାକୁ ପାଇବ କାହୁଁ ?'

'ଚାକିରି ଆହୁରି ସାତବର୍ଷ ବାକି ଥିଲା । ମାସିକ ବେତନ ତିନି ହଜାର ଟଙ୍କା । ଭାବିଲି—ଯାହା ପେନ୍‌ସନ୍ ମିଳିବ ଚଳିଯିବ । ଚାକିରି ଛାଡ଼ିଲି, ଲେଖିବାକୁ ଅଖଣ୍ଡ ଅବସର ମିଳିବ ବୋଲି । ପଇସା ଲାଗି ଜୀବନର ଶକ୍ତି ଅପବ୍ୟୟ କରିବା ଇଚ୍ଛା ମୋର ନ ଥିଲା । ମନେ ମନେ ରଚିଥିଲି ବିରାଟ ଯୋଜନା । କିନ୍ତୁ କାର୍ଯ୍ୟରେ ପରିଣତ କରିପାରିଲି କାହିଁ ? ଲେଖିବା ଲାଗି ଅବସର ବଡ଼ କଥା ହୋଇପାରେ; କିନ୍ତୁ କେବଳ ଇଚ୍ଛା କଲେ ଲେଖି ହୋଇଯାଏ ନାହିଁ; ପ୍ରେରଣା ନ ଆସିଲେ ଲେଖକ କଲମ ଧରି ବସିଥାଏ । ମୁଁ ନିଜକୁ କେବେ ବାଧ୍ୟ କରେନାହିଁ ।'

'କଟାକଟି ହିଁ ସାର ହୁଏ । ପ୍ରେରଣା ଆସିଲେ ଲେଖନୀ ଦୌଡ଼େ, ନଇଲେ କିଏ ଯେପରିକି ତାକୁ ଟାଣି ଧରେ । ମନ ଉପରେ ଜବରଦସ୍ତି କରି ଯାହା ଲେଖାଯାଏ ତାହା ହୁଏ ଅପାଠ୍ୟ । ନ ଲେଖିବା ବରଂ ଭଲ; ଦୋହନ ମନ୍ଥନ ନୁହେଁ । ମନ୍ଥନ କଲେ ଶିର ଦୁହିଁ ହୋଇ ଆସେ । ରକ୍ତ ବାହାରେ, ରସ ବାହାରେ ନାହିଁ ।

ସରସ୍ୱତୀ ମଧ୍ୟ ଖିଆଲୀ । ସ୍ତୁତି, ଚାଟୁ ଯାହା କଲେ ବି ସେ ପ୍ରସନ୍ନ ହୁଅନ୍ତି ନାହିଁ । ସେ କାହାରି ନିମନ୍ତ୍ରଣ ରକ୍ଷା କରନ୍ତିନାହିଁ । ପୁଣି ବିନା ନିମନ୍ତ୍ରଣରେ ଆସନ୍ତି, ଲେଖକକୁ ଅପ୍ରସ୍ତୁତ କରି ଦିଅନ୍ତି । ଉଚିତ ସତ୍କାର ନ ପାଇଲେ ସେ ଫେରି ଯାଆନ୍ତି,

Digitized by srujanika@gmail.com

ଆଉ ନେଉଛି ଆସନ୍ତନାହିଁ । ତାଙ୍କ ବେଳା ହିଁ ଅମୃତବେଳା । ଲେଖକ ତାକୁ ଜଗିବା ଦରକାର । ତାଙ୍କର ଇଚ୍ଛା ହିଁ ଇଚ୍ଛା । ତାଙ୍କରି ମହତୀ ଇଚ୍ଛାରେ ଇଚ୍ଛିତ ହୁଏ ଲେଖକ । ପ୍ରେରଣାରେ ଥରେ ଭଲା ହୋଇଗଲେ ଲେଖାକୁ ପରେ ଘଷାମଜା କରାଯାଇପାରେ । କବିତା ବିଶେଷତଃ କ୍ଷୁଦ୍ର କବିତା ପକ୍ଷରେ ଏହା ସତ୍ୟ । କିନ୍ତୁ ଉପନ୍ୟାସ ରଚନା ତ ଦୀର୍ଘକାଳର ବ୍ୟାପାର ।'

'ଏଥିଲାଗି ମଧ୍ୟ ପ୍ରେରଣା ଦରକାର । ତା ସବୁ ଦିନ ସମାନ ନ ଥାଏ । ମନ ବି ସବୁଦିନ ସରସ, ସୃଷ୍ଟିଶୀଳ ନ ଥାଏ । ତେବେ ଚରିତ୍ରମାନେ ଥରେ ଜୀବନ୍ୟାସ ପାଇଲେ ଲେଖକକୁ ଅସ୍ଥିର କରି ଦିଅନ୍ତିନାହିଁ । ସେମାନଙ୍କ ଭାଗ୍ୟ ସତେ ଯେପରି ପରିଣତି ଦିଗକୁ ସେମାନଙ୍କୁ ଟାଣି ନିଏ ।

ଅସଲ କଥା, ଲେଖିବା ବୋଲି ଯେଉଁଥା ତା ଲେଖିଲେ ତ ଚଳିବ ନାହିଁ, ଲେଖା ଖବରକାଗଜ ରିପୋର୍ଟ ନୁହେଁ; ଜୀବନସତ୍ୟ, ଭାବଲୋକର ସତ୍ୟ ସମାନ ଜିନିଷ ନୁହେଁ । ଭାବଲୋକ ସତ୍ୟର ସୌନ୍ଦର୍ଯ୍ୟ-ଆଧାର । ଯାହା ଲେଖିବ, ସୁନ୍ଦର କରି ଲେଖି ନ ପାରିଲେ ବୃଥା ।

ଲେଖା ଲାଗି ପାରିପାର୍ଶ୍ୱିକ ବାତାବରଣ ଅନୁକୂଳ ହେବା ଆବଶ୍ୟକ । ଟଲ୍‌ଷ୍ଟୟଙ୍କ ଦାମ୍ପତ୍ୟଜୀବନ ଅଶାନ୍ତିମୟ ଥିଲା । ତାଙ୍କ ପୁତ୍ରମାନେ ଅଖ୍ୟାତ । 'ଅମୁକ ଏତେ ବଡ଼, ତା ପୁଅଟା କିଛି ହେଲ ନାହିଁ', ଏଇ ନିନ୍ଦା ତାଙ୍କର ଗୋଟିଏ ପୁଅ 'ଲିଓ'କୁ ବଡ଼ ବାଧିଥିଲା । ସେ ହୋଇଥିଲା ବିଦ୍ରୋହୀ । ମୃତ୍ୟୁଶଯ୍ୟାରେ ପିତା ମୁଖରେ କିଛି କହିବାକୁ ଅସମର୍ଥ ହୋଇ ତାକୁ ଲେଖିଦେଲେ । ସେ ସେହି ପତ୍ରକୁ ଚିରି ଚିରି ତାଙ୍କ ସାମ୍ନାରେ ଫିଙ୍ଗି ଦେଇଥିଲା । ଜଣେ ଲେଖକ ହେବାକୁ ଚେଷ୍ଟା କରି ସେ ବ୍ୟର୍ଥ ହୋଇଥିଲା । ବଡ଼ ଲୋକଙ୍କର ପୁଅ ହେବା ଅଭିଶାପ । ବାପାଙ୍କର ଯେତିକ ପ୍ରଶଂସା, ପୁଅ ସମାନ ପ୍ରତିଭାଶାଳୀ ନ ହୋଇଥିଲେ ସେତିକ ନିନ୍ଦା । ବାପାଙ୍କର ପ୍ରତିଷ୍ଠାଭାର ସମ୍ଭାଳିବା ପୁଅଙ୍କ ପକ୍ଷେ କାଠିକର ପାଠ । ତେଣୁ ସେ ବିପଥଗାମୀ ଓ ବଦ୍ ହୋଇଯାଏ ।'

'ଆପଣ ତ ଏ ଦିଗରେ ଭାଗ୍ୟବାନ୍ । ଆପଣଙ୍କ ପୁତ୍ରକନ୍ୟାମାନଙ୍କ ମଧ୍ୟରୁ କେହି କବି ନ ହେଲେ ବି ପ୍ରତିଭାର ସଂକେତ ସେମାନଙ୍କଠାରେ ସ୍ପଷ୍ଟ । ଆପଣ ଯେପରି ସାହିତ୍ୟ ସେବାର ଭାର ଗ୍ରହଣ କରିଛନ୍ତି, ସ୍ତ୍ରୀ ସେହିପରି ଆପଣଙ୍କ ଘର ସମ୍ଭାଳିଛନ୍ତି । ଯେ କୌଣସି ଲେଖା ଲେଖିସାରି ଆପଣ ଯଦିଲେ ତାଙ୍କୁ ପଢ଼ାନ୍ତି । ସେ ଅନୁମୋଦନ କଲେ ଛପାଇବାକୁ ଦିଅନ୍ତି । ତା ଛଡ଼ା ସେ ଆପଣଙ୍କ ଲେଖା

ଅନୁବାଦ କରନ୍ତୁ । ଟାଇପ୍ କରନ୍ତୁ । ଅପଣଙ୍କ ପ୍ରତିଷ୍ଠାରେ ତାଙ୍କର ଅଂଶ ଗୌଣ ନୁହେଁ ।'

'ସବୁ ତ ଠିକ୍ ଅଛି । ଲୋଡ଼ା ଆୟୁ ଦୀର୍ଘାୟୁ । ତା ନ ହେଲେ ମୋର ବିପୁଳ ଯୋଜନା କାର୍ଯ୍ୟକାରୀ ହୋଇପାରିବ ନାହିଁ । ସବା ଶେଷରେ ମୁଁ ଲେଖିବି କବିତା, ଯାହାକୁ ଏତେ ଦିନ ଧରି ଖୋଜୁଛି । ବର୍ତ୍ତମାନ କବିତା ମୋର ପସନ୍ଦ ହେଉନାହିଁ । ଆଧୁନିକ କବି କେତେକ ନୂତନ ଚମତ୍କାର ସୃଷ୍ଟି କରିଛନ୍ତି । ସେତିକି ଖୋଜିଦେଲେ ମୋର ତ ଧାରଣା— ସେ କୈଶୋର ଗଦ୍ୟ, ପଦ୍ୟ ନାମରେ । କବିତାରୁ ଗୀତିକବିତାର ସଙ୍ଗୀତମୂର୍ଚ୍ଛନା ଲୋପ ପାଇଯାଏ । ମୁଁ ଲେଖିଲେ ଲେଖିବି ଉତ୍କୃଷ୍ଟ ଗୀତିକବିତା, ଯାହା ବାହାରେ ସଙ୍ଗୀତ, ନ ହେଲେ ସ୍ୱର । ତାର ଅମୃତତ୍ୱ ହୋଇ ରହେ । ଏହା କବିତାର ଶାଶ୍ୱତ ଜୀବନର ସ୍ୱର । କବିତା ଲେଖି ମୁଁ ନିର୍ବାଣ ପାଇବି ।'

'କିନ୍ତୁ କବିତା ଲେଖିବି ବୋଇଲେ ତ ଲେଖା ହୁଏନାହିଁ । ଯାହାର ଉତ୍କୃଷ୍ଟ ରୁଚି ଅଛି, ରଚନାରେ ଉଚ୍ଚ ମାନ ଅଛି, ସେ ସବୁ ରକ୍ଷା କରିବାକୁ ଚାହେଁ । ସେ ଚାହେଁ—ତା ଲେଖା ସୁନ୍ଦର, ସାର୍ବଜନୀନ ହେଉ । ଚେଷ୍ଟା କାମ୍ୟ । କିନ୍ତୁ ହେବ ନ ହେବ ସେ ଭାଗ୍ୟ ନିର୍ଣ୍ଣୟ କରିବେ ପାଠକ । କବିତାକୁ ଆପଣ ଦୂଆର କରିଛନ୍ତି । ସେ ଆଉ ଆପଣଙ୍କ ପାଖ ମାଡ଼ିବ ନାହିଁ । ଯେଉଁ ସାଥୀମାନେ ଏବେ ଖ୍ୟାତିମନ୍ତ କବିତା ଲେଖୁଛନ୍ତି, ସେମାନଙ୍କୁ ଆପଣ ଟପିଯିବା କଳ୍ପନା କରୁଛନ୍ତି କପରି ?

ଦୀର୍ଘାୟୁ ଆପଣ ଚାହୁଁଛନ୍ତି କାହିଁକି ? ତାହା ହୁଏତ କାମ୍ୟ ନୋହିପାରେ । ଭଗବାନ୍ କରନ୍ତୁ, କୌଣସି ଦୁରାରୋଗ୍ୟ ରୋଗ ଆକ୍ରମଣ ନ କରୁ, କୌଣସି କାରଣରୁ ଘୋର ମାନସିକ ଅଶାନ୍ତି ନ ଆସୁ । ମନୁଷ୍ୟ ଏ ସବୁଥିରୁ ଅବ୍ୟାହତି ଚାହେଁ, ମୃତ୍ୟୁ ହୁଏ ଶ୍ରେୟସ୍କର । ଏ ସମ୍ପର୍କରେ ଗୋଟିଏ ଗ୍ରୀକ୍ ଗଳ୍ପ ମନେ ପଡ଼େ— କେତେକ ଯୁଗ୍ମ ବ୍ୟକ୍ତି ଅମରତ୍ୱ ଚାହିଁଥିଲେ । ବିଧାତା ସେ ବର ସେମାନଙ୍କୁ ଦେଲେ । ଯୌବନ ଗଲା । କେବଳ ହାଡ଼ ଚର୍ମଖଣ୍ଡି ମଧ୍ୟରେ ଦୁକୁ ଦୁକୁ ହୋଇ ଜୀବନ ଚାଲିଲା, କି ଘୋର ଯନ୍ତ୍ରଣା ! ସେମାନେ ବିକଳ କଣ୍ଠରେ ବରଦାତାଙ୍କୁ ପୁଣି ପ୍ରାର୍ଥନା କଲେ—ମୃତ୍ୟୁ ଦିଅ । ସେହିପରି ସ୍ୱାସ୍ଥ୍ୟ ନ ମାଗି ଆପଣ ମାଗୁଛନ୍ତି ଦୀର୍ଘାୟୁ । କେବଳ ଦୀର୍ଘକାଳ ବଞ୍ଚିଲେ କିଣ ଲେଖକ ଲେଖାର ଧାରାକୁ ଅବ୍ୟାହତ ରଖିପାରେ ?'

'ନା ଅନ୍ତରର ସରସତାକୁ ବଞ୍ଚାଇ ରଖିବା ଦରକାର । ସେ ଧାରା ବାର୍ଦ୍ଧକ୍ୟରେ ଶୁଷ୍କ ହୁଏ । ପ୍ରବୀଣ ଓ ପ୍ରାଚୀନର ଅନୁଭୂତି ଯଥେଷ୍ଟ ନୁହେଁ । ତାରୁଣ୍ୟ ଅନୁଭୂତିକୁ ଯେଉଁ ସଞ୍ଜୀବନୀ ମନ୍ତ୍ର ଦିଏ, ବାର୍ଦ୍ଧକ୍ୟ ତା ପାରେନାହିଁ । ସମସ୍ତ ଇନ୍ଦ୍ରିୟ ଶିଥିଳ ହେଉଥିଲାବେଳେ

Digitized by srujanika@gmail.com

ଲେଖା ବୃଥା ନୋହିବ କାହିଁକି ? ଈଶ୍ୱରେଚ୍ଛା ବଳୀୟସୀ । ଯେତେବେଳେ ଯେତିକି ହେଉଛି ହେଉ, ଭଲ ଭାବେ ହେଉ ।'

ପ୍ରଥମ ଉପାଚାର୍ଯ୍ୟ

ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହେଲା ପରେ ରଥୀନ୍ଦ୍ରନାଥ ଠାକୁର ଉପାଚାର୍ଯ୍ୟ ହେଲେ; ପିତୃରାଜ୍ୟର ସ୍ୱାଭାବିକ ଉତ୍ତରାଧିକାରୀ ପରି; ଦୀର୍ଘକାୟ, ଗୁରୁଗମ୍ଭୀର, ବୟସ ଓ ଅଭିଜ୍ଞତାରେ ପରିପକ୍ୱ, ସାକ୍ଷାତ୍ ପୁଣ୍ୟଶ୍ଳୋକ ମହାରାଜ ଯୁଧିଷ୍ଠିର । ଆଶ୍ରମର ସାଂସ୍କୃତିକ ଗୌରବ ଜଙ୍ଗମିତ ଯେପରିକି । ପୃଷ୍ଠପଟରେ ମହର୍ଷି ଦେବେନ୍ଦ୍ରନାଥ, ବିଶ୍ୱକବି ରବୀନ୍ଦ୍ରନାଥ, ତପସ୍ୟା ଓ କାବ୍ୟନାଟକ, ବିଶ୍ୱମୈତ୍ରୀ ଓ ପ୍ରୀତି; ଅଗକୁ ଗଢ଼ିଥାନ୍ତେ ସେ ତାଙ୍କର ସମୁଜ୍ଜ୍ୱଳ କୀର୍ତ୍ତି । କିଛି ନ କରିଥିଲେ ବି ଆପଣା ଇଚ୍ଛାପରେ ଚାଲିଥାନ୍ତା ଶାନ୍ତିନିକେତନ । କିନ୍ତୁ ସୂର୍ଯ୍ୟବଂଶ ବା ଚନ୍ଦ୍ରବଂଶ, କେଉଁ ବଂଶ ପୃଥିବୀରେ ଚିର ଉଜ୍ଜ୍ୱଳ ହୋଇ ରହିଛି ? ପୋଡ଼ାମୁହାଁ ପୁଅ କେଉଁ ବଂଶର ମୁହଁରେ ବା କଳଙ୍କ କାଳି ଲେପି ନାହାନ୍ତି ? ପିତୃପୁରୁଷ ମୋଟେ ଗରୀୟାନ୍ ଋଷି ବଂଶର ହେଲେ ବି ପୁତ୍ର ଉପରେ ପ୍ରଭାବ ବିସ୍ତାର କରିଛନ୍ତି କେତୋଟି କ୍ଷେତ୍ରରେ ?

ବେଦଉପନିଷଦ ସବୁ ପାଣି ଫାଟିଗଲା; ମାଙ୍କଡ ହାତରେ ପଡ଼ିଗଲା ଶାଳଗ୍ରାମ । ଜୀବନର ଶେଷ ଯାମରେ ରଥୀନ୍ଦ୍ରଙ୍କୁ ଏପରି ଦୁର୍ବୁଦ୍ଧି ଘୋଟିଲା କାହିଁକି ? ବାର୍ଦ୍ଧକ୍ୟ ନିବୃତ୍ତ କଲା ନାହିଁ ? ଦୀର୍ଘ ସାଧନା, ଆଶ୍ରମବାସୀ ଛାତ୍ରଙ୍କ ସଂକୋଚ ଆଣିଲା ନାହିଁ ? ଜୀବନ, ସତେ କି ନିର୍ଲଜ୍ଜ ସେ !

ଏତେ ଉଚ୍ଚାସନରେ ଥାଇ ଏପରି ଏକ ଅପକର୍ମ କଲେ ସେ, ଯାହା ଶୁଣି ଲୋକେ କାନରେ ହାତ ଦେଲେ, ଲଜ୍ଜାରେ ମୁଣ୍ଡ ନୁଆଁଇ ଦେଲେ, କେଉଁଠି ହେଲେ ଆଲୋଚନା କଲେ ନାହିଁ, ଶାନ୍ତିନିକେତନର ଅବମାନନା ହେବ ବୋଲି ସେ ବିଷୟ ଉଲ୍ଲେଖ କରିବାକୁ ଆଜି ବି ଲେଖନୀ କୁଣ୍ଠିତ ।

ଅପକୀର୍ତ୍ତି ପରେ ରଥୀନ୍ଦ୍ର ଆଉ ଶାନ୍ତିନିକେତନରେ ମୁହଁ ଦେଖାଇ ନାହାନ୍ତି । କେତେବେଳେ ରାତରେ ଲୁଚି ଆସି ଚାଲିଯାନ୍ତି । ଅଳ୍ପକାଳ ପରେ ଶାନ୍ତିନିକେତନ ବାହାରେ, ବୋଧହୁଏ ଡେରାଡ଼ୁନରେ ତାଙ୍କର ଜୀବନାବସାନ ଘଟିଲା ।

ତାପରେ ଉପାଚାର୍ଯ୍ୟ ହେଲେ ବିଦ୍ୟାଭବନର ଅଧ୍ୟକ୍ଷ ଡକ୍ଟର ପ୍ରବୋଧଚନ୍ଦ୍ର ବାଗଚି । ଫରାସି ପଣ୍ଡିତ ସିଲଭାନ୍ ଲେଭିଙ୍କର ଛାତ୍ର, ଫରାସୀ ଭାଷାରେ ଥେସିସ ଲେଖି ପ୍ୟାରିସ୍ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଡିଗ୍ରୀରେ ଭୂଷିତ ହୋଇଥିଲେ ସେ । ଶାନ୍ତ, ସରଳ,

Digitized by srujanika@gmail.com

ଅମାୟିକ, ନୁହେଁ, ନାନା ବିଦ୍ୟା ସୁନିପୁଣ । ବିଶ୍ୱବିଦ୍ୟାଳୟକୁ ପ୍ରାଣ ଦେଇ ଗଢ଼ୁଥିଲାବେଳେ ତାଙ୍କର ଏକମାତ୍ର ପୁତ୍ରର ମୃତ୍ୟୁ ଘଟିଲା, ଅଳ୍ପଦିନ ପରେ ତାଙ୍କର ମଧ୍ୟ ଅକାଳ ବିୟୋଗ ହେଲା, ଓଡ଼ିଆ ବିଭାଗର ଉନ୍ନତି ଲାଗି ସେ ବହୁତ କିଛି କରିଥିଲେ, କରିଥାନ୍ତେ, କିନ୍ତୁ ହଠାତ୍ ପୂର୍ଣ୍ଣଚ୍ଛେଦ ପଡ଼ିଗଲା ।

ଡକ୍ଟର ବାଗ୍‌ଚିଙ୍କ ପରେ ବିଖ୍ୟାତ ବୈଜ୍ଞାନିକ ସତ୍ୟେନ୍ ବୋଷ (ପରେ ଜାତୀୟ ଅଧ୍ୟାପକ, ମୋ ରହଣିକାଳ ମଧ୍ୟରେ ଦୁଇ ତିନି ବର୍ଷ ଉପାଚାର୍ଯ୍ୟ ହୋଇଥିଲେ । ଡକ୍ଟର ପ୍ରବୋଧ ବାଗଚି ମୃତ୍ୟୁ ପୂର୍ବରୁ ଉତ୍ତରାଧିକାରୀ ରୂପେ ତାଙ୍କର ନାମ ହିଁ ଉଚ୍ଚାରଣ କରିଥିଲେ । ଟିଲିକା କେଶ, ବର୍ଣ୍ଣ କୃଷ୍ଣ, ସୁରୁଗମ୍ଭୀର କିନ୍ତୁ ସରଳ, ଅମାୟିକ । ତାଙ୍କ ବିଦ୍ୟାବତ୍ତା ଓ ବ୍ୟକ୍ତିତ୍ୱର ଏକ ଦିଗ୍‌ବିଜୟୀ ପ୍ରଭାବ ଥିଲା ପ୍ରତିରୋଧକୁ ଏଡ଼ା ଭସାଇ ନେଇ ପାରୁଥିଲା; ତାଙ୍କ କର୍ତ୍ତୃତ୍ୱରେ କାର୍ଯ୍ୟ କରିବାରେ ଏକ ସ୍ୱତନ୍ତ୍ର ଆନନ୍ଦ ମିଳୁଥିଲା । ବଙ୍ଗଳା ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ଅକଳନ୍ତି ଶ୍ରଦ୍ଧା ଥିଲା, ବଙ୍ଗଳାରେ ଭାଷଣ ଦେଲାବେଳେ ସେ ଗୋଟିଏ ହେଲେ ଇଂରାଜୀ ଶବ୍ଦ ପ୍ରୟୋଗ ନ ଥିଲେ । ଗୋଟିଏ କଥା ତାଙ୍କର ସ୍ମରଣୀୟ । ସେ କହୁଥିଲେ—ବଙ୍ଗାଳୀଙ୍କ ସ୍ୱକ୍ଷେତ୍ର ଏ । ସେମାନେ ନିଜ ନିଜର ଯତ୍ନ ନେଇ ପାରିବେ । ବିଦେଶୀ ଓ ପଡ଼ୋଶୀ ପ୍ରଦେଶବାସୀଙ୍କ ସ୍ୱାର୍ଥ ଜଗିବା ମୋର କାର୍ଯ୍ୟ ।

ଶିଳ୍ପୀ ରାମକିଙ୍କର, ଚେହେରାଟି ଠିକ୍ ଖଣ୍ଡିଆ ଭୂତ ପରି । ମୁଣ୍ଡ ବାଳରେ ସତେ ବା ପାନିଆ ବାଜେନାହିଁ—ଅନ୍ୟମନା—ସତେ ବା ଏ ଜଗତ୍ ପ୍ରତି ଅମନୋଯୋଗୀ କିନ୍ତୁ ସେ ସବୁ ଦେଖନ୍ତି ଗଭୀରଭାବରେ, କିଛି ତାଙ୍କର ଦୃଷ୍ଟି ଏଡ଼େଇ ଯାଏନାହିଁ ।

ଘର ବାଙ୍କୁଡ଼ା । ଧାରାବାହିକ ସାଧାରଣ ଶିକ୍ଷା ତାଙ୍କର ନ ଥିଲା । କୌତୁକରେ ଜାତୀୟ କଂଗ୍ରେସର ପୋଷ୍ଟର ସେ ଆଙ୍କୁଥିଲେ 'ମଡର୍ଣ୍ଣ ରିଭ୍ୟୁ'ର ସମ୍ପାଦକ ରାମାନନ୍ଦ ଚଟ୍ଟୋପାଧ୍ୟାୟ ଦେଖି ମୁଗ୍ଧ ହୋଇଗଲେ । କଳାଭବନରେ ତାଙ୍କର ପଢ଼ା ବ୍ୟବସ୍ଥା କରିବା ଲାଗି ଅଧ୍ୟକ୍ଷ ନନ୍ଦଲାଲ ବୋଷଙ୍କ ନିକଟକୁ ଲେଖିଲେ । ରାମକିଙ୍କର ଡାକରା ପାଇ ଆସିଲେ—ଆଶ୍ରମ ଦେଖି କହିଲେ—ମୁଁ କଣ କୌପୁନୀ ମାରି ଶିଖିବି ? ଏଠି ରହିବି କାହିଁକି ?

ନନ୍ଦଲାଲ୍ ତାଙ୍କ ଛବି ଦେଖି କହିଲେ—ଆରେ, ତୁ ତ ସବୁ ଶିଖିସାରିଛୁ, ତେବେ ରହ କିଛିଦିନ । କିଛିଦିନ ରହୁ ରହୁ ରାମକିଂକର ସବୁଦିନ ଲାଗି ରହିଗଲେ, ତାଙ୍କୁ ଶାନ୍ତିନିକେତନ ଛାଡ଼ିବା ଆଦେଶ ଦେବା ଆଗରୁ ଗୁରୁ ନନ୍ଦଲାଲ ସଂସାର ଛାଡ଼ିଗଲେ । ଖୋଲା ବାତାବରଣରେ ବିପୁଳ ଓ ଜୀବନ୍ତ ମୂର୍ତ୍ତି ନିର୍ମାଣରେ ସେ ଧୁରନ୍ଧର

Digitized by srujanika@gmail.com

ତାଙ୍କ 'ସାନ୍ତାଲପରିବାର' ମୂର୍ତ୍ତି ମୋର ମନେ ପଡ଼େ—ସ୍ତ୍ରୀ ଗୋଟିଏ ବୋଝ ମୁଣ୍ଡେଇଛି, ପିଲାକୁ ବେକକୁ କରି ଧରିଛି—ପୁରୁଷ ଭାର କାନ୍ଧେଇଛି—ଆଗାକେ ଗୋଟିଏ ପିଲା—ଆଉ ଆଗାରେ ସଂସାରଚାଲିଛି ଜଙ୍ଗଲପଥ।

ଶିଳ୍ପୀ ଧୀରେନ୍ଦ୍ର କୃଷ୍ଣଦେବ ବର୍ମନ୍ ମୋର ଜଣେ ସାମୟିକ ସାନ୍ଧ୍ୟଭ୍ରମଣ ସଙ୍ଗୀ ଥିଲେ। ତ୍ରିପୁରା ରାଜପରିବାରର ଲୋକ ସେ, ଶାନ୍ତିନିକେତନରେ ଶିକ୍ଷିତ ଓ ତାର ଆଦର୍ଶରେ ଦୀକ୍ଷିତ ହୋଇଥିଲେ। ଭିତ୍ତିଚିତ୍ର ଅଙ୍କନରେ ସେ ପ୍ରବୀଣ ଥିଲେ। ଲଣ୍ଡନର ଇଣ୍ଡିଆ ହାଉସ୍ ଚିତ୍ରିତ କରିବା ଲାଗି ଯେଉଁ ଚାରିଜଣ ଶିଳ୍ପୀ ଭାରତରୁ ପ୍ରେରିତ ହୋଇଥିଲେ, ଧୀରେନ୍ଦ୍ର ସେମାନଙ୍କ ମଧ୍ୟରେ ଅନ୍ୟତମ; କଳାଭବନର ଅଧ୍ୟାପକ ଓ ପରେ ଅଧ୍ୟକ୍ଷ ସେ ହୋଇଥିଲେ। ନିଜ ଭିତରେ ପ୍ରାୟ ନିମଗ୍ନ ରହୁଥିଲେ ସେ। ଉପସ୍ଥିତ ବିଷୟ ପ୍ରତି ସଚେତନ ହେବାକୁ ତାଙ୍କୁ ସମୟ ଲାଗୁଥିଲା। ଦିନକର ଘଟଣା ମନେ ପଡ଼େ। 'ଗୁଙ୍ଗ୍ ଗୁମେଲି' ବୋଲି ସାଇକେଲରେ ଚଢି ଯାଉଥିବା ଗୋଟିଏ କିଶୋରୀ ଭ୍ରମଣ କାଳରେ ନମସ୍କାର କଲା। ଧୀରେନ୍ଦ୍ର ଅବଚେତନ ସ୍ତରରୁ ନିଜକୁ ଟାଣିଆଣି ପ୍ରତିନମସ୍କାର କଲାବେଳକୁ ଗୁମେଲି ମାଇଲିଏ ଦୂରରେ।

ବିଶ୍ୱରୂପ ବୋଷ ନନ୍ଦଲାଲଙ୍କ ପୁତ୍ର, କାଠଖୋଦେଇରେ ସେ ଧୁରନ୍ଧର। ଭିତ୍ତିଚିତ୍ରଅଙ୍କନ ଓ ପେଣ୍ଟୋଲ ସଙ୍କୀକରଣରେ ସେ ବିଶେଷଜ୍ଞ। ଅବନୀନ୍ଦ୍ରନାଥଙ୍କ 'ପଦ୍ମପତ୍ରେ ନୀର', 'କଚଦେବଯାନୀ' ଛବିକୁ ସେ କାଠରେ ଖୋଦେଇ କରିଥିଲେ।

କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଇ. ବି. ହାଭେଲ ଭାରତୀୟ କଳାର ପୁନରୁଦ୍ଧାର ଚେଷ୍ଟାରେ ଅବନୀନ୍ଦ୍ରନାଥଙ୍କୁ ପ୍ରବର୍ତ୍ତିତ କରିଥିଲେ। କଲିକତାରେ 'ଓରିଏଣ୍ଟାଲ ସୋସାଇଟି ଅଫ୍ ଇଣ୍ଡିଆନ ଆର୍ଟ' ସଂଗଠିତ ହୋଇଥିଲା। ପରେ ୯୬' ରେ ଅବନୀନ୍ଦ୍ରଙ୍କ ଶ୍ରେଷ୍ଠଶିଷ୍ୟ ନନ୍ଦଲାଲ୍ ଶାନ୍ତିନିକେତନ ଆସି କଳାଭବନ 'ନନ୍ଦନ' ସଂଗଠନ କରିଥିଲେ। ପ୍ରଦର୍ଶନୀ ହଲ୍‌ଟିର ନାମ 'ହାଭେଲ୍ ହଲ୍' ଦିଆଯାଇଥିଲା।

ସଂସ୍କୃତବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ ମୋର ସହକର୍ମୀ ଓ ହିତାକାଂକ୍ଷୀ ଥିଲେ। ଅଧ୍ୟାପନା ଓ ଅଧ୍ୟୟନରେ ପ୍ରାୟ ସାରାଦିନ ସେ ବ୍ୟସ୍ତ ରହୁଥିଲେ। 'ଭାଗବତ ଦର୍ଶନ' ବିଷୟରେ ଇଂରାଜୀରେ ତାଙ୍କର ଖଣ୍ଡିଏ ପୁସ୍ତକ ପ୍ରକାଶିତ ହୋଇଥିଲା। ଡକ୍ଟର ରାଧାକୃଷ୍ଣନ୍ ତାର ଭୂମିକା ଲେଖିଥିଲେ। ଆଧୁନିକ ପଣ୍ଡିତ। ପିଏଚ.ଡି, ଡି-ଲିଟ୍, ସେଥିରେ ପୁଣି ବିଲାତି ବାରିଷ୍ଟରୀ ପାସ୍। ମନେ ହେଉଥିଲା ବଡ଼ ଚତୁର ସେ। ଅଧ୍ୟାପକରୁ ଯେତେବେଳେ ଅଧ୍ୟକ୍ଷ ହେଲେ ଆରମ୍ଭ ହେଲା ତାଙ୍କର ଅଧୋଗତି। ଶାସନରେ ଏକାନ୍ତ ଅପାରଗ। ନିଜ ଶକ୍ତିର ସୀମା ବିଷୟରେ ସଚେତନ ନ ଥିବାରୁ ତାଙ୍କ ପରି ସମ୍ମାନିତ ବ୍ୟକ୍ତିଙ୍କୁ ଲାଞ୍ଛନା ଭୋଗ କରିବାକୁ ହୋଇଥିଲା। ସେ ବିଶ୍ୱଭାରତୀ ଛାଡ଼ି ବାରାଣସୀ ବିଶ୍ୱବିଦ୍ୟାଳୟକୁ ଚାଲିଯାଇଥିଲେ।

Digitized by srujanika@gmail.com

ସେତେବେଳେ ବିଦ୍ୟାର ଗୋଟିଏ ଚମତ୍କାର ବାତାବରଣ ଥିଲା—ଅଧ୍ୟୟନ, ଅଧ୍ୟାପନ, ସର୍ଜନ । ଆଦର୍ଶ ମଣିଷ ଗଢ଼ିବା ଅଧ୍ୟାପକର ଲକ୍ଷ୍ୟ ଥିଲା । ଇଂରାଜୀ ଓ ବଙ୍ଗଳା 'ବିଶ୍ୱଭାରତୀ' ପତ୍ରିକା ଶାନ୍ତିନିକେତନୀ ବିଦ୍ୟାସାଧନାର ପ୍ରତୀକ ଥିଲା । କଳାଭବନର ଶ୍ରୀ, ସଙ୍ଗୀତଭବନର ସ୍ୱର ଓ ବିଦ୍ୟାଭବନର ଜ୍ଞାନ—ଏଇ ତ୍ରିବେଣୀ ତୀର୍ଥରେ ସ୍ନାତ ସ୍ନାତକମାନେ ବାହାରୁଥିଲେ ।

ହିନ୍ଦୀଭବନର ଶିବନାଥଙ୍କ ବୌଦ୍ଧାର୍ଥତତ୍ତ୍ୱ, ତୋମାର୍‌ଜୀ ଅପଭ୍ରଂଶ ସାହିତ୍ୟ, ଡକ୍ଟର ସୁଧାକର ଚଟ୍ଟର୍ଜି ପ୍ରାଚୀନ ଭାରତୀୟ ଇତିହାସ ଓ ସଂସ୍କୃତି, ଅଶୋକ ବିଜୟ ରାହା କାବ୍ୟ, ଡକ୍ଟର ଶିଶିର ଘୋଷ ଅରବିନ୍ଦସାହିତ୍ୟ, ଡକ୍ଟର ହଜାରୀ ପ୍ରସାଦ ଦ୍ୱିବେଦୀ ମଧ୍ୟଯୁଗୀୟ ସନ୍ଥସାହିତ୍ୟ, ପ୍ରବୋଧଚନ୍ଦ୍ର ସେନ ରବୀନ୍ଦ୍ର ଛନ୍ଦ, ପ୍ରଭାତ ମୁଖାର୍ଜି ରବୀନ୍ଦ୍ରଜୀବନୀ—ଏହିପରି ନାନା ବିଷୟରେ ଗବେଷଣା ଚାଲିଥିଲା; ହରିଚରଣ ବନ୍ଦ୍ୟୋପାଧ୍ୟାୟ ଅଭିଧାନ ସଂକଳନ କରୁଥିଲେ । ପ୍ରଫେସର ଟାନ ଚୀନାଭବନର ଅଧ୍ୟକ୍ଷ ଥିଲେ । ଚୀନାଭବନ ଚୀନ୍ ଓ ଭାରତୀୟ ସଂସ୍କୃତିର ଏକ ବିନିମୟକେନ୍ଦ୍ର ଥିଲା । ରବୀନ୍ଦ୍ରଙ୍କ ଚୀନ୍ ଭ୍ରମଣ କାଳରେ ଏହାର କଳ୍ପନା । ଚୀନ୍ ଭାରତର ଚିରନ୍ତନ ବନ୍ଧୁ—ଧର୍ମ ଓ ସଂସ୍କୃତି ଉଭୟଙ୍କୁ ଭ୍ରାତୃତ୍ୱବନ୍ଧନରେ ବାନ୍ଧି ରଖିଛି । କେହିମିତ ଏଇ ବନ୍ଧନକୁ ଶିଥିଳ କରିପାରିବ ନାହିଁ; ଏଇ ବନ୍ଧନକୁ ଦୃଢ଼ତର କରିବାଲାଗି ଚୁ-ଏନ୍ ଲାଇ ବୋଧହୁଏ ୧୯୫୦ରେ ଭାରତ ପରିଦର୍ଶନରେ ଆସିଥିଲେ । ଶାନ୍ତିନିକେତନର ପରିଚିତ ପଥରେ ତାଙ୍କ ସହିତ ଦୃଢ଼ କରମର୍ଦ୍ଦନ ଏବେବି ଭୁଲିନାହିଁ—ହିନ୍ଦୀ ଚିନୀ ଭାଇ ଭାଇ କହୁଁ କହୁଁ ହଠାତ୍ କିପରି ହାତ ଉଠାଉଠି ହୋଇଗଲେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । କିନ୍ତୁ କୂଟନୀତିର ଯୁଗ ଏ । ଅଜିର ଭାଇ କାଲି ଉଗାର ।

ଇନ୍ଦିରାଦେବୀ ଚୌଧୁରାଣୀ ବଙ୍ଗଳାରେ 'କଲ୍ଲୋଳ' ଯୁଗର ପ୍ରବର୍ତ୍ତକ ପ୍ରମଥ ଚୌଧୁରୀଙ୍କ ସ୍ତ୍ରୀ । ଶ୍ରୀ ଚୌଧୁରୀ ଶାନ୍ତିନିକେତନରୁ 'ସବୁଜ ପତ୍ର' ନାମରେ ପତ୍ରିକା ପ୍ରକାଶ କରୁଥିଲେ, କବିତାରଚନାରେ ରବୀନ୍ଦ୍ର ପ୍ରଭାବରୁ ମୁକ୍ତ ହେବା ପ୍ରୟାସରେ ସେ ଅଗ୍ରଣୀ ଥିଲେ; ଶ୍ରୀମତୀ ଚୌଧୁରାଣୀ ଦୀର୍ଘଜୀବନୀ ହୋଇଥିଲେ ଓ ନିଜର କବିତ୍ୱଶକ୍ତିକୁ ଆଜୀବନ ବଞ୍ଚାଇ ରଖିଥିଲେ । ତାଙ୍କ ଗଦ୍ୟ ପ୍ରାୟ କବିତା ହୋଇ ଯାଉଥିଲା । ସେ ସଙ୍ଗୀତରେ ପାରଦର୍ଶିନୀ ଓ ଶାନ୍ତିନିକେତନର ଅଭିଭାବିକା ସଦୃଶ ଥିଲେ । ସାହିତ୍ୟସଭାମାନଙ୍କରେ ତାଙ୍କ ଲିଖିତ ଭାଷଣ ବଡ଼ ଆଦରଣୀୟ ହେଉଥିଲା ।

ନନ୍ଦଲାଲଙ୍କ ଫ୍ରେସ୍କୋ, ଗୌରୀଦେବୀଙ୍କ ଅଲ୍ପନା (ଚିତ୍ରା), ଶାନ୍ତିଦେବ ଘୋଷଙ୍କ ରବୀନ୍ଦ୍ରସଙ୍ଗୀତ, ବନ୍ଧୁ ବିଦଗ୍ଧ ପରିଦର୍ଶକ ଅଧ୍ୟାପକଙ୍କ ଉପସ୍ଥିତି ଶାନ୍ତିନିକେତନକୁ ଏକ ମନମୋହିକର ଭାବ ଓ ସୌନ୍ଦର୍ଯ୍ୟ ରାଜ୍ୟରେ ପରିଣତ କରିଥିଲା ।

Digitized by srujanika@gmail.com

ବିଦ୍ୟାଭବନ ଥିଲା ଏହାର ମସ୍ତିଷ୍କ, ଉପାଧ୍ୟକ୍ଷ ଡକ୍‌ଟର ପ୍ରବୋଧଚନ୍ଦ୍ର ବାଗ୍‌ଚି ହୋଇଥିଲେ ଏହାର କେନ୍ଦ୍ରବିନ୍ଦୁ ।

ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ମନେ ପଡ଼ନ୍ତି ବିଦ୍ୟାଭବନର ପଞ୍ଚାନନ ମଣ୍ଡଳ, ସେ ବୟସରେ ପ୍ରାୟ ମୋର ସମ ସ୍ତରର ଓ ଏକାନ୍ତ ନିଜର ଥିଲେ । ତାଙ୍କ ସହିତ ମୋର ଦୀର୍ଘ ଗବେଷଣାଆଲୋଚନା ଚଳୁଥିଲା ଓ ଜମୁଥିଲା । ବିଦ୍ୟାଭବନରେ ସେ ମୋର ନିକଟ ପଡ଼ୋଶୀ ଥିଲେ । ଭୂର୍ଜପତ୍ରରେ ଲେଖା ବଙ୍ଗଳା ପାଣ୍ଡୁଲିପି ସମ୍ପାଦନାର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା । ସେ ପ୍ରାଚୀନ ଯୁଗର ବହୁ ବଙ୍ଗଳା ଚିଠିପତ୍ର ସଂଗ୍ରହ କରି 'ଚିଠିପତ୍ରେ ସମାଜ ଚିତ୍ର' ପୁସ୍ତକ ସଙ୍କଳନ କରିଥିଲେ । ତତ୍କାଳୀନ ସମାଜ ଚରିତ୍ର ଓ ଚଳଣି ଦେଖାଇ ଏହି ପୁସ୍ତକରେ ସେ ଦୀର୍ଘ ମୁଖବନ୍ଧ ଲେଖିଥିଲେ । ନନ୍ଦଲାଲ ବୋଷଙ୍କ ଜୀବନକାଳରେ ପଞ୍ଚାନନବାବୁ ତାଙ୍କର ଅନନ୍ୟଜାର ପୃଷ୍ଠାବ୍ୟାପୀ ଜୀବନଚରିତ 'ଭାରତ ଶିଳ୍ପୀ ନନ୍ଦଲାଲ' ନାମରେ ରଚନା କରିଥିଲେ । ବଙ୍ଗଳା ଜୀବନଚରିତସାହିତ୍ୟରେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।

ପଞ୍ଚାନନ ଯେପରି ସାରସ୍ୱତ ସାଧକ, ସେହିପରି ଲକ୍ଷ୍ମୀଙ୍କର ଭକ୍ତ । ବିପୁଳ ଦ୍ୱିତଳ ପ୍ରାସାଦ, ଚମତ୍କାର ପୁଷ୍ପଫଳୋଦ୍ୟାନ, ବିଦଗ୍ଧ ଓ ଅଭିଜାତ ଚଳଣି ଓ ଅତିଥିଚର୍ଚ୍ଚାରୁ ତାଙ୍କଠାରେ ବିଦ୍ୟାସାଧନା ଓ ଭୌତିକତାର କିପରି ମଧୁର ସମନ୍ୱୟ ହୋଇଅଛି, ତାର ପ୍ରମାଣ ମିଳିଥାଏ ।

ବଙ୍ଗଳା ଲେଖକ ତପନମୋହନ ଚାଟାର୍ଜିଙ୍କ ସଙ୍ଗେ ମୋର ଘନିଷ୍ଠତା ଥିଲା । ସେ କଲିକତାର ଜଣେ ବାରିଷ୍ଟର । କିନ୍ତୁ ପ୍ରାକ୍‌ଟିସ୍ ଦିଗକୁ ବିଶେଷ ମନ ନ ଦେଇ ବିଦ୍ୟାସାଧନାରେ ଲାଗିଥିଲେ । ଖୁବ୍ ଧନୀ, କେତେ ଲକ୍ଷ ଟଙ୍କା ଆୟକର ଦେଉଥିଲେ । କିନ୍ତୁ ବିଳାସବ୍ୟସନ ତାଙ୍କ ମନକୁ ଆକର୍ଷଣ କରିପାରି ନ ଥିଲା ।

ତାଙ୍କ ପଲାସୀ ଯୁଦ୍ଧ ଓ ଇଂଲଣ୍ଡ ଭ୍ରମଣକାହାଣୀର ରଚନାଶୈଳୀ ବଡ଼ ରୋଚକ ଥିଲା । ସେ ବଙ୍ଗଳାର ବିଭିନ୍ନ ଅଞ୍ଚଳରୁ ପାଣ୍ଡୁଲିପି ସଂଗ୍ରହ କରୁଥିଲେ ଓ ପଞ୍ଚାନନ ମଣ୍ଡଳଙ୍କ ସହିତ ସଂକଳନର ବୈଜ୍ଞାନିକ ଗାଢ଼ ସଂପର୍କରେ ଆଲୋଚନା କରୁଥିଲେ ।

ଥରେ କୋଣାର୍କ ଭ୍ରମଣରେ ଯାଇ ବାଲିରେ ବିକ୍ଷିପ୍ତ ପ୍ରସ୍ତର ସ୍ତୂପରୁ ମୂର୍ତ୍ତିର ମୁଣ୍ଡଟିଏ ଉଠାଇ ଉଠାଇ କିପରି ଗୋଟିଏ ସାପଟିଏ ବାହାରିଲା ଓ ସେ ପ୍ରାଣ ନେଇ ପଳାଇ ଆସିଲେ ଓ ଦ୍ୱିତୀୟ ଥର ଯାଇ ସେ କିପରି ଟ୍ରଙ୍କ ରେ ପୂରାଇ ମୂର୍ତ୍ତିଟିଏ ଆଣିବାକୁ ସମର୍ଥ ହୋଇଥିଲେ, ମୋ ଆଗରେ ବର୍ଣ୍ଣନା କରିଥିଲେ । ଏ ଘଟଣାର ଉଲ୍ଲେଖ ପରେ ଓଡ଼ିଶାର ପ୍ରତ୍ନସମ୍ପଦ କିପରି ଲୁଣ୍ଠିତ ହୋଇଛି ଓ ତା ର ଅପହାରକ କଥା ଚିନ୍ତା କରି ତାଙ୍କ ପ୍ରତି ମୋର ଶ୍ରଦ୍ଧା ଊଣା ହୋଇଯାଇଥିଲା ।

Digitized by srujanika@gmail.com

ଝିଣ୍ଟ ପରି ତାଙ୍କର ହସ, ମଉବାଳ ପରି ସ୍ବର, ମୋଗଲଦରବାରୀ ରୁଚି, ବିଦ୍ୟା-ବିନୋଦ; ସାରାଦିନ ସେ ବିଦ୍ୟାଭବନରେ କଟାନ୍ତି। ଚରିତ୍ର ଶୁଦ୍ଧ, ନିର୍ମଳ, କଥା ଉଗ୍ର, ଆକ୍ରମଣାତ୍ମକ, ଆଘାତ କରେ ଅନ୍ତରମୂଳରେ, କିନ୍ତୁ ଚର୍ମ ବାଣ ପରି, ଅଗ୍ନି ଝୁଲ ବାଜେ, ପୋଡ଼େନାହିଁ। ତାଙ୍କ ଚୋଫାନୀ ହସରେ ମନର ଗ୍ଲାନି ଦୂର କରିବାର ଶକ୍ତି ଥିଲା। ତାଙ୍କ ସଙ୍ଗେ ଏଗାର ବର୍ଷ କଟିଛି, ସେ ସବୁ ଦାଦା ମଧ୍ୟରେ ବଡ଼ ଦାଦା, ଅନ୍ତରଙ୍ଗ। ରସିକ, ବହୁ ଉଦ୍ଭଟ ପ୍ରେମକବିତାର ପଦ ଉଦ୍ଧାର କରିଥାନ୍ତି।

ଟିକିଏ ଅର୍ଥଗୃଧ୍ନୁ; ଛିଣ୍ଡା କାମିଜ, ମଇଳା ଲୁଗା ପିନ୍ଧି ବେଳେବେଳେ ଅସନ୍ତ—ଅଶ୍ରୀବର ସାଜ ଏ। କିନ୍ତୁ ସେ ପୂର୍ବବଙ୍ଗବାସୀ ଥିଲେ। ପାକିସ୍ଥାନ ହେଲା ପରେ ସମ୍ପତ୍ତି ବିକି ଲକ୍ଷାଧିକ ଟଙ୍କା ବ୍ୟାଙ୍କରେ ଜମା କରିଥିଲେ, କଲିକତାରେ ୬୦ ହଜାର ଟଙ୍କାରେ ଗୋଟିଏ ଘର ମଧ୍ୟ ନିର୍ମାଣ କରିଥିଲେ। କନ୍ୟାହୀନ, ବଡ଼ ପୁଅ ଇଞ୍ଜିନିଅର; ସାନପୁଅ ବ୍ୟବସାୟୀ; ତାଙ୍କର ବାସ୍ତବ ସ୍ଥିତି ଓ ଗତି ଦେଖିଲେ ତାଙ୍କ ପ୍ରତି କରୁଣା ଆସେ। ଗବେଷକ ଓ ବିଦ୍ୱାନ ଥିଲେ ବି ଲୋଭ ଓ କାର୍ପଣ୍ୟ ତାଙ୍କୁ ସଂକୀର୍ଣ୍ଣ ପଥରେ ଚାଳିତ କରୁଥିଲା।

ଶାନ୍ତିନିକେତନର ଶାନ୍ତିପ୍ରିୟ ଅଧ୍ୟାପକମାନଙ୍କ ମଧ୍ୟରେ ଏକମାତ୍ର ସେହି ବନ୍ଧୁକ ଲାଇସେନ୍ସ କରିଥିଲେ: ବନ୍ଧୁକଟି ତକିଆ ତଳେ ରଖି ସେ ଶୋଉଥିଲେ। ପାଖ ପଡ଼ୋଶୀଙ୍କର ତାଙ୍କ ପ୍ରତି କିଞ୍ଚିତ୍ ଭୟ ଥିଲା।

୨୦ ବର୍ଷ ସଂସାର କଲା ପରେ କର୍କଟ ରୋଗରେ ସ୍ତ୍ରୀଙ୍କର ମୃତ୍ୟୁ ହେଲା। ବୈରାଗ୍ୟସଂପନ୍ନ ଓ ଭକ୍ତିପ୍ରବଣ ହୋଇଉଠିଲେ ଦାଦା। ସେ ରାମକୃଷ୍ଣ ପରମହଂସଙ୍କ ଫଟୋ ସହିତ ନିଜ ସ୍ତ୍ରୀର ଫଟୋ ପୂଜା କରୁଥିଲେ।

୫୫ ବର୍ଷ ବୟସରେ ସେ ପୁନର୍ବିବାହ କଲେ, କେତେ ଶିକ୍ଷୟିତ୍ରୀ, ନର୍ସ, ବିବାହ-ବିଲମ୍ବିତା, ପରିତ୍ୟକ୍ତା, ବୋଧହୁଏ ପଚାଶଙ୍କ ସଙ୍ଗେ ପତ୍ର ଓ ଫଟୋ ବିନିମୟ ପରେ ଗୋଟିଏ ଦରିଦ୍ର ପଲ୍ଲୀ ଗୃହସ୍ଥର ବୟସ୍କା କନ୍ୟାକୁ ବିଭା ହେଲେ, ତାଙ୍କ ଦାରିଦ୍ର୍ୟନରକରୁ ତାଙ୍କୁ ଉଦ୍ଧାର କଲେ।

ଦାଦାଙ୍କର ବିଶ୍ୱାସ ଥିଲା ସେ ଅଉ କୋଡ଼ିଏପଚିଶ ବର୍ଷ ବଞ୍ଚିବେ। ବଳିଷ୍ଠ ସ୍ୱାସ୍ଥ୍ୟ ଦେଖିଲେ ଏ ଆଶା ଅମୂଳକ ବୋଲି କେହି ବିଚାରୁ ନ ଥିଲା, କିନ୍ତୁ ମନୁଷ୍ୟ ଭବିଷ୍ୟ ବିଷୟରେ ଅଜ୍ଞାନ, ପରର ଅମଙ୍ଗଳ ବା ମୃତ୍ୟୁ ଆଶଙ୍କା ସେ କରେ, କିନ୍ତୁ ନିଜ ବିଷୟରେ ଅଚେତନ। ଦାଦା ଉପାଚାର୍ଯ୍ୟ ଡକଟର ବାଗଚି ହଠାତ୍ ମରିଯିବାରେ କହୁଥିଲେ—ପାପ ନ ଥିଲେ ଏପରି ହୁଏନାହିଁ, ଗୁରୁଦେବଙ୍କ ଅଭିଶାପର

Digitized by srujanika@gmail.com

ଫଳ ଏ । କିନ୍ତୁ ନିଜେ କି ପାପ କରିଥିଲେ ତାଙ୍କ ମନ ଜାଣେ । ହଠାତ୍ ତାଙ୍କର ବି ମୃତ୍ୟୁ ହେଲା । ଜୀବନ ଆଉ ମୃତ୍ୟୁର ନଦୀ ପଦୋଟି କେତେ ଦୂର । ପରସ୍ପରର କେତେ ନିକଟରେ; କିନ୍ତୁ ମନେହୁଏ ଦୂରବର୍ତ୍ତୀ ।

ତାନ୍ ୟୁନ୍—ସାନ୍

ପ୍ରଫେସର ତାନ୍ ୟୁନ୍-ସାନ୍ଙ୍କ ସହିତ ମୋର ଘନିଷ୍ଠ ସମ୍ପର୍କ ଗଢ଼ି ଉଠିଥିଲା; ସେ ବେଳେ ବେଳେ ମୋ ନିକଟକୁ ତାଙ୍କ ଦେଶର କଲମ୍ବି ଶାଗ ପଠାଉଥିଲେ । ଅଠରଗୋଟି ସନ୍ତାନର ପିତା । ତାଙ୍କର ଗୋଟିଏ କନ୍ୟାର ନାମ— ଯୁଙ୍ଗ୍ ଗୃହେମଲା—ଭାରତୀୟ ଓ ଚୀନୀୟ ନାମର ମିଶ୍ରଣ । ସେ ବଙ୍ଗଳା ସାହିତ୍ୟରେ କୃତିତ୍ୱ ଦର୍ଶାଇଥିଲା ।

ପ୍ରଫେସର୍ ତାନ୍ ଏବେ ଆଶ୍ରମର ଆଚାର୍ଯ୍ୟଭାବେ ସମ୍ମାନିତ । ଏ ସମ୍ମାନ ଯଥାର୍ଥଭାବେ ତାଙ୍କର ପ୍ରାପ୍ୟ । ଆଧୁନିକ ଯୁଗରେ ଚୀନ୍ ଓ ଭାରତର ସାଂସ୍କୃତିକ ଯୋଗର ମୂଳସୂତ୍ର ସେ । ମୁଖ୍ୟତଃ ତାଙ୍କର ପ୍ରଚେଷ୍ଟାରେ ଶାନ୍ତିନିକେତନର 'ସିନୋ ଇଣ୍ଡିଆନ୍ ସୋସାଇଟି' ସ୍ଥାପିତ ଓ ଚୀନାଭବନ ନିର୍ମିତ ହୋଇଥିଲା, ଯଦି ବା ପ୍ରେରଣାର ଉତ୍ସ ଥିଲେ ସ୍ୱୟଂ ରବୀନ୍ଦ୍ରନାଥ । ତାଙ୍କ ଚୀନ୍‌ଯାତ୍ରା ପରେ ଏପରି ଏକ ସମାଜ ନିର୍ମାଣଲାଗି ବାତାବରଣ ଅନୁକୂଳ ହୋଇଥିଲା, ଉଭୟ ବିରାଟ ଦେଶର ବିଦଗ୍‌ଧମାନେ ଏହି ସମାଜ ଜରିଆରେ ପରସ୍ପରର ନିକଟବର୍ତ୍ତୀ ହୋଇଥିଲେ । ପରାଧୀନ ଭାରତରେ ଏ କୃତିତ୍ୱ ଅବଶ୍ୟ ସ୍ମରଣୀୟ ।

୧୯୨୯ ଖ୍ରୀଷ୍ଟାବ୍ଦରେ 'କାନାଡ଼ା' ଯାତ୍ରାପରେ ରବୀନ୍ଦ୍ର ସିଙ୍ଗାପୁରରେ ଅବତରଣ କରିଥିଲେ; ଜଣେ ଚୀନାବ୍ୟବସାୟୀ କବିଙ୍କୁ ଆଡ଼ମ୍ବରରେ ସମ୍ବର୍ଦ୍ଧନା କରିଥିଲେ ଓ ଚୀନାଭବନ ନିର୍ମାଣଲାଗି ୩୦ହଜାର ସିଙ୍ଗାପୁର ଡଲାର ଦାନ କରିଥିଲେ ।

ତାନ ସାହେବ ରବୀନ୍ଦ୍ରଙ୍କ ପ୍ରସ୍ତାବରେ ଚୀନ୍‌ରେ 'ସିନୋ ଇଣ୍ଡିଆନ୍ କଲଚରାଲ୍ ସୋସାଇଟି' ପ୍ରତିଷ୍ଠା କଲେ । ଏହି ସୋସାଇଟି ଏକଲକ୍ଷ ଉପାଦେୟ ଚୀନାପୁସ୍ତକ କ୍ରୟ କରି ଶାନ୍ତିନିକେତନର ଚୀନାଭବନକୁ ଦାନ କଲେ, ବନ୍ଧୁମାନଙ୍କ ଜରିଆରେ ଶ୍ରୀ ତାନ୍ ପ୍ରାୟ ୫୦ହଜାର ଚୀନ ପୁସ୍ତକ ସଂଗ୍ରହ କରିଥିଲେ । ଏହିସବୁ ପୁସ୍ତକକୁ ନେଇ ଚୀନ୍‌ଭବନ ପାଠାଗାର ନିର୍ମିତ ହେଲା, ବୌଦ୍ଧଧର୍ମ, ଦର୍ଶନ ଓ ନୀତି ସମ୍ପର୍କରେ ଗବେଷଣା ଲାଗି ପଥ ପରିଷ୍କୃତ ହେଲା; ଭାରତରେ ଦୁର୍ଲଭ ବୌଦ୍ଧଧର୍ମସମ୍ପର୍କୀୟ ବହୁ ପୁସ୍ତକ ଓ ପାଣ୍ଡୁଲିପି ଭାରତୀୟ ଗବେଷକମାନଙ୍କୁ ଚୀନାଭବନରେ କାର୍ଯ୍ୟ କରିବାଲାଗି ପ୍ରରୋଚିତ କଲା । ଚୀନା ଇତିହାସ, ଚୀନା ଶିଳ୍ପକଳା, ଚୀନାସାହିତ୍ୟ ମଧ୍ୟ ସେମାନେ ଅଧ୍ୟୟନ କଲେ ।

Digitized by srujanika@gmail.com

'Eastern Magazine'ରେ ପ୍ରବନ୍ଧ ଲେଖି ତାନ୍‌ସାହେବ ବିଶ୍ୱଭାରତୀକୁ ଭାରତର ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟରୂପେ ପରିଚିତ କରାଇଥିଲେ । ଫଳରେ ଚୀନ, ଇଣ୍ଡୋଚୀନ୍, ଜାପାନ ଓ ଇଉରୋପରୁ ବହୁ ଛାତ୍ରଛାତ୍ରୀ ଶାନ୍ତିନିକେତନରେ ପଢ଼ିବାଲାଗି ଆସିଥିଲେ ।

୧୯୨୮ରେ ତାନ୍ ଶାନ୍ତିନିକେତନ ଆସିଲେ । ସେ କ୍ଷିତିମୋହନ ସେନ୍ ଓ ପରେ ପଣ୍ଡିତ ବିଧୁଶେଖର ଶାସ୍ତ୍ରୀଙ୍କଠାରୁ ସଂସ୍କୃତ ଶିଖିଲେ ଓ ଚୀନାଭାଷା ପଢ଼ାଇଲେ । ସେ ଫା-ହିୟାନ୍, ହୁଏନ୍ ସାଂ ଓ ଇ-ସିଂଙ୍କ ସଦୃଶ ନିଜକୁ ଜଣେ ସାଂସ୍କୃତିକ ଦୂତ ବୋଲି ମନେ କରିଥିଲେ ଓ ସେମାନଙ୍କ ପନ୍ଥା ଅନୁସରଣ କରି ପୁରାତନ ଓ ନୂତନ ବୌଦ୍ଧଧର୍ମ ଓ ଅହିଁଧର୍ମ ମଧ୍ୟରେ ଆତ୍ମୀୟତା ସୃଷ୍ଟି, ଚୀନ୍ ଓ ଭାରତ ମଧ୍ୟରେ ସାଂସ୍କୃତିକ ଯୋଗସୂତ୍ର ସ୍ଥାପନ ଲାଗି ଚେଷ୍ଟିତ ହୋଇଥିଲେ ।

୧୯୩୪ ଖ୍ରୀଷ୍ଟାବ୍ଦରେ ଚୀନାଭବନ ଉଦ୍‌ଘାଟିତ ହେଲା । ରବୀନ୍ଦ୍ରନାଥ କହିଥିଲେ – 'ଅଠରଶ ବର୍ଷ ତଳେ ଆମ ପୂର୍ବପୁରୁଷ ଅସୀମ ଧୈର୍ଯ୍ୟ ଓ ତ୍ୟାଗ ସ୍ୱୀକାର କରି ଭାରତ ଓ ଚୀନର ମୈତ୍ରୀ ସ୍ଥାପନ କରିଥିଲେ । ତାକୁ ଏବେ ଆମେ ସଂଜୀବିତ କରୁଥାଇଁ ।'

ତାନ୍ ଚନ୍ ଓସେନ୍ ଚୟାଂ-ହୟାଂ (ସଂସ୍କୃତିପୂର୍ଣ୍ଣ ନଦୀର ଦେଶ) ଗ୍ରାମରେ ୧୯୦[illegible]ରେ ଜନ୍ମିତ ହୋଇଥିଲେ । ତାଙ୍କ ପିତା କନ୍‌ଫୁସିଅସପନ୍ଥୀ ଜଣେ ଶିକ୍ଷକ ଓ ତାଓ ମତାବଲମ୍ବୀ ବୌଦ୍ଧ ଥିଲେ । ମାତା ତାଓ ଓ କନ୍‌ଫୁସିଅସ୍ ଉଭୟ ମତରେ ବିଶ୍ୱାସ କରୁଥିଲେ । ବିଶ୍ୱଭାରତୀର ଜନ୍ମବର୍ଷରେ ହିଁ ତାନ୍‌ଙ୍କର ଜନ୍ମ । ବିଶ୍ୱଭାରତୀରେ ସେ ପ୍ରାୟ ଅର୍ଦ୍ଧଶତାବ୍ଦୀ କଟାଇଛନ୍ତି ।

ମୁଁ କାହିଁକି ଶାନ୍ତିନିକେତନ ଛାଡ଼ିଲି ?

ଶାନ୍ତିନିକେତନ ଛାଡ଼ି ଓଡ଼ିଶା ଫେରିଯିବା ଲାଗି ପ୍ରତିବର୍ଷ ସରକାରୀ ତାଗିଦ୍ ଆସୁଥାଏ । କିନ୍ତୁ ଶାନ୍ତିନିକେତନ ପରି ସ୍ଥାନ ଛାଡ଼ିଯିବା ଲାଗି ମୋର ମନ ବଳୁ ନଥାଏ । ବର୍ଷେ ପୂରିଲେ ଆଉ ବର୍ଷେ ଦେବା ଲାଗି ମୁଁ ସରକାରଙ୍କୁ ନିବେଦନ କରୁଥାଏ । ସରକାରୀ ଚାକିରି ଓ ଭବିଷ୍ୟତ ପେନସନ୍‌ର ମୋହ ମୁଁ ଛାଡ଼ି ପାରିଲିନାହିଁ । ସେଇ ହେଲା ମୋର କାଳ । ସରକାରୀ ଚାକିରି ଛାଡ଼ିଥିଲେ ମୁଁ ସ୍ୱାଭାବିକଭାବେ ବିଶ୍ୱଭାରତୀର ଓଡ଼ିଆ ପ୍ରଫେସର ହୋଇପାରିଥାନ୍ତି, ଶାନ୍ତିନିକେତନରୁ ଫେରି 'ରିଡର' ପଦରୁ ଖସି ଲେକଚରର ହୋଇ ନଥାନ୍ତି । ପ୍ରଫେସର ପଦ ଲାଗି ମୋତେ ଏତେ ତୀବ୍ର ପ୍ରତି-ଯୋଗିତାର ସମ୍ମୁଖୀନ ହେବାକୁ ହୋଇ ନ ଥାନ୍ତା । କିନ୍ତୁ ବିଷୟବୁଦ୍ଧି ମୋର କ୍ଷୀଣ ।

Digitized by srujanika@gmail.com

ଅବଶ୍ୟ ସେଥିଲାଗି କେବେ କ୍ଷୁଣ୍ଣ ହୋଇନାହିଁ, ଯାହା ଯେତେବେଳେ ଜୀବନରେ ମିଳିଛି ଆନନ୍ଦରେ ଗ୍ରହଣ କରିଛି । କଣ ନ ମିଳିଛି ବୋଲି ବ୍ୟସ୍ତ ବିକଳ ହୋଇନାହିଁ ।

ଶାନ୍ତିନିକେତନରେ ମୋର ଯାତ୍ରା କରିବାର କଥା ବୋଧେ ଶେଷ ହୋଇଥିଲା । —ଓଡ଼ିଆବିଭାଗ ପ୍ରତିଷ୍ଠିତ; ତେଣୁ ଓଡ଼ିଶାକୁ ଫେରିଯିବା ସ୍ୱାଭାବିକ—ଈଶ୍ୱର ନିର୍ଦ୍ଦେଶ ଏ । କେତେବେଳେ ଅନୁକୂଳ; କେତେବେଳେ ବା ପ୍ରତିକୂଳ ରୂପରେ ଏହା ଆସେ । ମଣିଷ ବୁଝିପାରେନାହିଁ, ବ୍ୟର୍ଥତାବିପନ୍ନ ହୁଏ, ମୁଁ ହୋଇଥିଲି, ମୋ ଦୁଃଖ ଲାଗି ଅନ୍ୟଙ୍କୁ ବୃଥା ଦାୟୀ କରିଥିଲି ।

୧୯୬୧ ମସିହାରେ ମୋ ଚାକିରୀକାଳ ଆଉ ବର୍ଷେ ବଢ଼ାଇବା ଲାଗି ଦରଖାସ୍ତ ଦେବାକୁ ମୋ କଲମ ଚାଲିଲାନାହିଁ । ସୁଧୀରଞ୍ଜନ ଦାସ ସେତେବେଳେ ଉପାଚାର୍ଯ୍ୟ ।

ସେ ଶାନ୍ତିନିକେତନରେ ଯୋଗ ଦେବା ପରେ ଉଦର ଭରି ସମସ୍ତ କର୍ମୀଙ୍କୁ ଖାଇବାକୁ ଦେଇଥିଲେ, ସମସ୍ତଙ୍କ ବିଶ୍ୱାସକୁ ନେଇ ମର୍ମକଥା ବୁଝିବାର ଚେଷ୍ଟା ଏ । ସେ ଦୁର୍ନୀତିଗ୍ରସ୍ତ କେତେକ କର୍ମୀଙ୍କୁ ନାଟକୀୟ ଭାବରେ ବିତାଡ଼ନ କରିଥିଲେ । ପୁନର୍ବିଚାର ନିବେଦନ ଲାଗି ସେମାନେ ଅବସର ପାଇ ନ ଥିଲେ—ଅସତର୍କ ମୁହୂର୍ତ୍ତରେ ହଠାତ୍ ଚିଠି କରି ହାତରେ ବସିଯିବା ତାଙ୍କର ରୀତି । ସେ ସୁପ୍ରିମକୋର୍ଟର ବିଚାରକ ଭାବେ ଜୀବନରେ କେତେ ଫାଶିର ହୁକୁମ ଦେଇଛି, ତା ପକ୍ଷରେ ଚବଣଦଣ୍ଡିଆ 'ଶାନ୍ତିନିକେତନ ଗୁଡ଼' ବା ବ୍ଲକଗୁଡ଼ ଆଦେଶ ଅଭିଯୁକ୍ତଙ୍କର । ମୁଁ ତାଙ୍କର ମୁହାଁମୁହିଁ ହେଲି, ସେ ଗୋଟିଏ ବଙ୍ଗଳା ପତ୍ରିକା ପ୍ରକାଶ ସମ୍ପର୍କରେ ।

ବିଶ୍ୱଭାରତୀ କେନ୍ଦ୍ରବିଶ୍ୱବିଦ୍ୟାଳୟ । ତାର ମୁଖପତ୍ର ବା ପତ୍ରିକା ଏକା ବଙ୍ଗଳାରେ କାହିଁକି ବାହାରିବ ? ସେତେବେଳେ ବିଶ୍ୱଭାରତୀରେ ତିନୋଟି ଭାଷା ମୁଖ୍ୟ ଭାରତୀୟ ଭାଷା ଥିଲା ଓଡ଼ିଆ, ବଙ୍ଗଳା, ହିନ୍ଦୀ । ଏଇ ତିନୋଟି ଭାଷାର ଲେଖା ପତ୍ରିକାରେ ସ୍ଥାନ ଲାଭ କରିବା ଉଚିତ । ସୁଧୀରଞ୍ଜନ ଏ ପ୍ରସ୍ତାବକୁ ଗ୍ରହଣ କଲେ ନାହିଁ । ପ୍ରତିବାଦ କରି ସେତେବେଳର ସ୍ନାତକୋତ୍ତର ଓଡ଼ିଆ ଛାତ୍ର ଭବଗ୍ରାହୀ ମିଶ୍ର ଗୃହାବାସରେ ଅନଶନ କଲେ । ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷା ଲାଗି ଏ ଅନଶନ ମୋ ଅନ୍ତରର ସ୍ୱୀକୃତି ଲାଭ କଲେ ବି ସଙ୍ଘନକ୍ଷଣରେ ମୁଁ ତାଙ୍କୁ ନିବୃତ୍ତାଇଥିଲି । ଉପାଚାର୍ଯ୍ୟ ବିଶ୍ୱାସ କଲେ ଯେ ମୋ ପ୍ରବେଚନାରେ ଭବଗ୍ରାହୀ ପ୍ରରୋଚିତ ହୋଇଛନ୍ତି, ବିଶ୍ୱଭାରତୀର ଶୃଙ୍ଖଳା ଉପରେ ଆଞ୍ଚ ଅସିଛି । ଯେଉଁଠି ବିଚାରର ମାନଦଣ୍ଡ ଠିକ୍ ନାହିଁ, ସେଠି ଶୃଙ୍ଖଳାର ଅର୍ଥ ସ୍ୱେଚ୍ଛାଚାର ଓ ଏକତାନ୍ତ୍ରିକତା ।

Digitized by srujanika@gmail.com

ଥରେ ଉପାଚାର୍ଯ୍ୟଙ୍କୁ ମୁଁ କହିଲି—ଓଡ଼ିଶାର ଯେ କୌଣସି କଲେଜରେ ବଙ୍ଗାଳୀ ଛାତ୍ର ଥିଲେ ଓଡ଼ିଆ ପତ୍ରିକାରେ ବଙ୍ଗଳା ଲେଖା ବାହାରେ । ବିଶ୍ୱଭାରତୀରୁ ପ୍ରକାଶିତ ଛାତ୍ରମାନଙ୍କ ପତ୍ରିକାରେ ଓଡ଼ିଆ ଲେଖା ନ ବାହାରିବ କାହିଁକି ?

ସୁପ୍ରିମ୍ କୋର୍ଟର ଚିଫ୍ ଜଷ୍ଟିସ୍ ! ବିଶ୍ୱଭାରତୀର ଉପାଚାର୍ଯ୍ୟ । ଏତେ ଉଚ୍ଚ ସ୍ତରରେ ବିଚରଣ କରି ଯଦି ଆପଣଙ୍କ ମନରେ ଆଞ୍ଚଳିକତା, ପ୍ରାଦେଶିକତା କିମ୍ବା କୌଣସି ଭାଷା ପ୍ରତି ସ୍ୱତନ୍ତ୍ର ପ୍ରୀତି ରହେ, ତେବେ ଭାରତରେ ଆମେ ଆଉ କାହା ଉପରେ ଭରସା ରଖିବୁ ? ଆପଣଙ୍କୁ ତ ଆମେ ଯାମର ଅଭିଭାବକ ବୋଲି ମନେ କରୁ । ସୁଧୀରଞ୍ଜନ ସବୁ ଶୁଣିଲେ, ନୀରବ ରହିଲେ । କୌଣସି ପ୍ରତିକାର କଲେ ନାହିଁ । ଯେଉଁଦିନ ମୁଁ ଶାନ୍ତିନିକେତନରେ ମୋର ଅଧିକକାଳ ରହିବା ଚିନ୍ତା ଅବାନ୍ତର ହୋଇପଡ଼ିଲା; ସେହିଦିନ ମୁଁ ବିଶ୍ୱକବିଙ୍କ କଥା ନିବିଡ଼ଭାବେ ଚିନ୍ତା କରିଥିଲି । ବ୍ୟକ୍ତି ଆଦର୍ଶକୁ କାର୍ଯ୍ୟକାରୀ କରିବା କଥା । ସେ ଯଦି କ୍ଷୁଦ୍ର ହୁଏ, ସବୁ କ୍ଷୁଦ୍ର, ମଳିନ ହୋଇପଡ଼େ । ରେଭେନ୍ସା କଲେଜରେ ମୋତେ ଅବସ୍ଥାପିତ କରିବାପାଇଁ ମୁଁ ସେହିଦିନ ଡ. ପି. ଥାଇଙ୍କୁ ଚିଠି ଲେଖିଲି ।

ସୁଧୀରଞ୍ଜନ ଅତିଥିବତ୍ସଳ; ଅମାୟିକ, କିନ୍ତୁ କର୍ତ୍ତବ୍ୟକଠୋର ଥିଲେ ସେ । ଏକାନ୍ତ ନିରଳସ । ସତୁରି ବର୍ଷ ବୟସରେ ରାତି ଚାରିଟାରୁ ଉଠି ପ୍ରାତଃସ୍ନାନ ସାରି ସେ ସକାଳ ଛ'ଟାରେ 'ଗୌର ପ୍ରାଙ୍ଗଣ'ରେ 'ବୈତାଳିକ'ରେ ଯୋଗ ଦେଉଥିଲେ; ତାପରେ ରୋଷେଇଶାଳକୁ ଯାଇ ଛାତ୍ରଛାତ୍ରୀଙ୍କ ଖିଆପିଆ ତନଖୁଥିଲେ, ସେମାନଙ୍କ ସ୍ୱାଚ୍ଛଲ୍ୟ ବୁଝୁଥିଲେ, କର୍ମୀମାନଙ୍କ ସହିତ ଆଲାପଆଲୋଚନା କରୁଥିଲେ ।

ସେ ଶାନ୍ତିନିକେତନର ଖାଲଖମାସବୁ ପୋତିଲେ, ଚତୁର୍ଦ୍ଦିଗକୁ ଅଧିକ ପୁଷ୍ପିତ, ସୁରଭିତ କଲେ; କୁଟୀର ସ୍ଥାନରେ ଉଠାଇଲେ ସୌଧ, ନିର୍ମାଣ କରାଇଲେ ବିପୁଳ ନାଟ୍ୟଶାଳା, ପାଠାଗାର, ରବୀନ୍ଦ୍ରଯାଦୁଘର, ଅତିଥିଶାଳା ଓ ଅଫିସ୍ । ଶାନ୍ତିନିକେତନର ବହୁ ଉନ୍ନତି ସେ କରିଗଲେ, କିନ୍ତୁ ଏହା ବାହ୍ୟିକ । ଅନ୍ତରକୁ ନିର୍ମଳ, ଉଜ୍ଜ୍ୱଳ ଓ ଓ ଶ୍ରୀମନ୍ତ କରିବାର ଶକ୍ତି ହୁଏତ ତାଙ୍କର ନ ଥିଲା ।

ବୁଲୁଥିଲା ତାଙ୍କର ସଂଶୟଚକ୍ଷୁ ଚତୁର୍ଦ୍ଦିଗରେ, ଯଦିଓ ବାହାରେ ଶିଶୁ ପରି ସରଳ ଦିଶୁଥିଲେ, ଝିମିପଡ଼ିଲା ତରୁଣତରୁଣୀଙ୍କ ଜବାଧରରୁ ସଙ୍ଗୀତ । ଅବାରିତ ଗତିପଥ ରୁଦ୍ଧ ହେଲା, ସ୍ୱାଚ୍ଛନ୍ଦ୍ୟ ବ୍ୟାହତ ହେଲା; ଆରମ୍ଭ ହେଲା ଆଇନର ଶାସନ— ବେଳେ-ବେଳେ 'ତାସେର ଦେଶ' ।

Digitized by srujanika@gmail.com

ପ୍ରଥମ ଚଢ଼କ ପ୍ରହାର ହେଲା ବିଶ୍ୱଭାରତୀର କର୍ମସଚିବ ଶୈଳେଶ ଚକ୍ରବର୍ତ୍ତୀଙ୍କ ଉପରେ । ବିସ୍ମୟର ଲାଗି ବେଳ ନାହିଁ, ଧୈର୍ଯ୍ୟ ବି ନାହିଁ । ଶ୍ରୀ ଚକ୍ରବର୍ତ୍ତୀ ବିଶେଷ ଅସାମାଜିକ ଥିଲେ । କିନ୍ତୁ ଦୁର୍ନୀତି ଅପରାଧରେ ସେ ବିତାଡ଼ିତ ହେଲେ ।

ତାପରେ ବିତାଡ଼ିତ ହେଲେ କେତେ କର୍ମୀ—ଯେଉଁମାନେ ଶାନ୍ତିନିକେତନୀ ଓ ରବୀନ୍ଦ୍ରିକ ଧର୍ମ ନାମରେ ଆଶିମିଷିକା ମାରୁଥିଲେ, ଅଗସ୍ତ୍ୟ ଙ୍କ ପରି ସାତ ସମୁଦ୍ର ଚଳୁ କରି ଦେଉଥିଲେ । କେତୁଟା କର୍ମୀଙ୍କୁ ନିଃକାଶ କରିବାକୁ ସୁଧୀରଞ୍ଜନଙ୍କୁ ଗୋଟିଏ ମୁହୂର୍ତ୍ତି ବି ଲାଗୁ ନ ଥିଲା । କାନକୁହାଙ୍କ କଥାରେ କେତେକ ନିରୀହ ବି ବଳି ପଡ଼ିଲେ । କୌଣସି ପକ୍ଷର ନ ହେଲେ ବି ମୁଁ ଦଳାଦଳି ଚକଟାଚକଟିରେ ଚିରକାଳ ଏମିତି କେତେ ନିକାଶ ପାଇଥାନ୍ତି । ସେ ହିସାବ ଇତିହାସ ରଖେ ନି ।

ସୁଧୀରଞ୍ଜନ ଶାନ୍ତିନିକେତନକୁ ନୂତନ ସୁରଭି ଆଣିଲେ, କିନ୍ତୁ ଅନେକ ଆଣିପାରିଲେ ନାହିଁ । ଡକ୍ଟର ବାଗ୍‌ଚିଙ୍କ ଅମଳର ବିଦ୍ୟାର ବାତାବରଣ ଆଉ ଫେରିଲା ନାହିଁ । କିନ୍ତୁ ସେ ଦିନର ବିଦ୍ୟାବନ୍ତ ହୋଇଉଠିଲେ ରାଜନୀତିକ, ସୁବିଧାବାଦୀ, ଆପଣାସୁଖୀ ।

ଶେଷବେଳକୁ ତାଙ୍କ ସହିତ ମୋର ଅପଢ଼ ହେଲେ ବି, ମୁଁ ମୁହେଁ ମୁହେଁ ତାଙ୍କୁ କଠୋର କଥାମାନ କହୁଥିଲେ ବି, ସେ ଧୈର୍ଯ୍ୟବଳରେ ମସ୍ତିଷ୍କ ଶୀତଳ ରଖିଥିଲେ, ମୋ ପ୍ରତି କୌଣସି ଅଶ୍ରଦ୍ଧା ଦେଖାଇ ନ ଥିଲେ । 'ମୁଁ ଜଣେ ପୁରୁଣା କର୍ମୀ ପ୍ରତିଷ୍ଠା-ବାନ୍ତ, ଓଡ଼ିଆ ବିଭାଗର ପ୍ରତିଷ୍ଠାତା, ବିକାଶକର୍ତ୍ତା' । ତେଣୁ ମୋତେ ବିଦାୟ ଦେବା ଲାଗି ସମଗ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ଯେ ଗୋଟିଏ ବିଦାୟସଭାର ବ୍ୟବସ୍ଥା କରିଥିଲେ । ଏହା ବିଶ୍ୱଭାରତୀରେ ଅବଶ୍ୟ ଅଭିନବ । ଅତୀତର ବିଦାୟୀ ସ୍ୱ ସ୍ୱ ବିଭାଗରୁ ବିଦାୟ ଲାଭ କରୁଥିବା ବେଳେ ସମସ୍ତ ବିଶ୍ୱବିଦ୍ୟାଳୟର ବିଦାୟ ସମ୍ବର୍ଦ୍ଧନା ମୋ ପକ୍ଷରେ ଏକ ଗୌରବଲାଭ । ସ୍ୱୟଂ ଉପାଚାର୍ଯ୍ୟ ଏଥିରେ ପୁରୋଧା ହୋଇଥିଲେ, ବିଦ୍ୟାଭବନର ଅଧ୍ୟକ୍ଷ (ପରେ ଉପାଚାର୍ଯ୍ୟ) ଡକ୍ଟର କାଳିଦାସ ଭଟ୍ଟାଚାର୍ଯ୍ୟ ବିଶ୍ୱଭାରତୀକୁ ମୋର ସାଂସ୍କୃତିକ ଅବଦାନ, ଓଡ଼ିଆ ବିଭାଗ ସଂଗଠନ ଓ ଗବେଷଣାର ଅଗ୍ରଗତି ଦିଗରେ ପ୍ରଚୁର ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିଥିଲେ । ଶିଶୁଭବନ ଓ ପାଠଭବନ ତରଫରୁ ମଧ୍ୟ ବିଦାୟଉତ୍ସବ ଅନୁଷ୍ଠିତ ହୋଇଥିଲା । ଶିଶୁ ଓ କିଶୋର ମହଲରେ ମୁଁ ସୁପରିଚିତ ଥିଲି, ଶିଶୁକବିତା ରଚନାର ପ୍ରେରଣା ମୁଁ ଏଇ ମହଲରୁ ପାଉଥିଲି । କିଶୋର ସାହିତ୍ୟଚକ୍ରରେ ପ୍ରାପ୍ତ ପ୍ରତି ସପ୍ତାହରେ ଯୋଗ ଦେଉଥିଲି ।

ଚୀନାଭବନରେ ସବୁଜ ସାହିତ୍ୟିକ ଶ୍ରୀ ଅନ୍ନଦାଶଙ୍କର ରାୟଙ୍କ ସଭାପତିତ୍ୱରେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ ତରଫରୁ ବିଦାୟସଭା ଅନୁଷ୍ଠିତ ହୋଇଥିଲା । ଚୀନାଭବନ ହଲ୍‌

Digitized by srujanika@gmail.com

ଫ୍ରେସ୍କୋ ସହିତ ମୋର ଓ ଅନ୍ନଦାବାବୁଙ୍କର ଫଟୋ ନିଆ ଯାଇଥିଲା (କଟକ ବସାରେ ଚୋର ପଶି ସେ ଫଟୋଟି ନଷ୍ଟ କରିଦେଲା) । ଛାତ୍ରମାନଂକ ତରଫରୁ ବିଦାୟଅଭିନନ୍ଦନ-ପତ୍ର ପାଠ କରାଯାଇଥିଲା । ତାର ଜବାବରେ ମୁଁ କହିଥିଲି— "ମୁଁ କାହାଠାରୁ ବିଦାୟ ନେଇ ପାରେନାହିଁ, ପାରିବି ନାହିଁ । ସ୍ନେହଶ୍ରଦ୍ଧାର ହିସାବ ନିକାଶ ହୋଇପାରେନାହିଁ, ଆଜି ହୋଇପାରିବ ନାହିଁ । ଏଠାର ଦୃଶ୍ୟ ଓ ଜୀବନ ସହିତ ମୋ ପ୍ରାଣ ମିଶି ରହିଥିଲା, ସେଥିରୁ ବିଚ୍ଛିନ୍ନ ହୋଇପାରିବିନାହିଁ । ଯୋଉଁଠି ଥିଲେ ବି ପ୍ରାଣ ଏଠି ଘୁରିବୁଲୁଥିବ । କାହାକୁ ବା କିଛିକୁ ଭଲପାଇବାରେ ସେଇ ଅସୁବିଧା—ବିଚ୍ଛେଦ ଅସହ୍ୟ ହୁଏ ।

ମନୁଷ୍ୟଜୀବନ ନାନାଦି ଲତାକୁଞ୍ଜପୁଷ୍ପର ଏକ ନୀଡ଼ ପରି । କିଶୋର ସ୍ମୃତି, ଯୌବନର ମାଦକତା ସବୁ ସେଇ ନୀଡ଼ରେ ଅନୁଭବ କରି ହୁଏ । ମନ ଯାର ଚିର ଯାଯାବର ଭିକ୍ଷୁ, ଅନ୍ତରେ ଅନ୍ତରେ ମଧୁ ଚାଖିବା ଯାର ପ୍ରଧାନ କାର୍ଯ୍ୟ, ସେ କେବଳ ସ୍ତ୍ରୀ, ପୁତ୍ର ଓ ପାର୍ଥିବ ଜଗତ ମଧ୍ୟରେ ଆତ୍ମଗୋପନ କରି ରହିପାରିବ ନାହିଁ । ବିଶ୍ୱଭାରତୀର ଏଇ ନୀଡ଼ଟି ଭିତରେ ମୁଁ ବିଶ୍ୱଜଗତର ସ୍ପର୍ଶ ପାଇଥିଲି । ତାର ଅଭାବ ହିଁ ବଡ଼ ବାଧିବ । କିନ୍ତୁ ବ୍ୟକ୍ତିତ୍ୱ ଜଞ୍ଜାଳ ଭିତରେ ଜୀର୍ଣ୍ଣ ହେବାର ନୁହେଁ, ଜଞ୍ଜାଳକୁ ଜୀର୍ଣ୍ଣ କରିବାର ଶକ୍ତି ତାର ଅଛି ।'

ମାନନୀୟ ଡକ୍ଟର କୁଞ୍ଜବିହାରୀ ଦାଶ, ଏମ୍. ଏ, ପିଏଚ୍.ଡି.
ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ
ସଭାପତି, ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ୍
ପୂଜନୀୟ ମହାଭାଗ,

ଆପଣଙ୍କ ଜୀବନମନ୍ଦାକିନୀ ତିନି ଧାରାରେ ପ୍ରବାହିତ । ଆପଣ କବି, କର୍ମୀ, ଜୀବନର କୁରୁକ୍ଷେତ୍ରରେ ଗାଣ୍ଡିବଧାରୀ ଅର୍ଜୁନ । ଛାତ୍ରଜୀବନରେ କଲିକତା ମହାନଗରୀର ଶ୍ରମିକ ନୈଶ ବିଦ୍ୟାଳୟରେ ଶିକ୍ଷକ ଭାବରେ, କର୍ମୀ ଜୀବନରେ ଓଡ଼ିଶା ସଂସ୍କୃତି-ବିଭାଗର ଅଧ୍ୟକ୍ଷ ଭାବରେ, ବାଲେଶ୍ୱର ଫକୀରମୋହନସାହିତ୍ୟ ପରିଷଦ୍ର ପ୍ରତିଷ୍ଠାତା ଓ ସଭାପତି ରୂପେ ସାଂସ୍କୃତିକ ସଂଗଠନ ଗଢ଼ିବାରେ ଅପୂର୍ବ ଶକ୍ତିର ପରିଚୟ ଦେଇଛନ୍ତି । ଜାତୀୟତାର ଆପଣ ଉପାସକ । "ଆପଣା ଧର୍ମେ ଦୃଢ଼ ଥିବ, କେବେ ସ୍ୱଧର୍ମ ନ ଛାଡ଼ିବ" — ଭାଗବତର ଏହି ବାଣୀ ଆପଣଙ୍କ ଜୀବନରେ ପ୍ରତିଫଳିତ ।

ବିଶ୍ୱଭାରତୀ ଗବେଷଣାବିଭାଗରେ ଓଡ଼ିଆ ଲୋକସାହିତ୍ୟର ଅଧ୍ୟୟନ ଓ ଗବେଷଣା ଆପଣଙ୍କ ଜୀବନର ଶ୍ରେଷ୍ଠ କୃତି । ଆପଣ ସାଧନାନିଷ୍ଠ ଗବେଷକ; ଆଦର୍ଶ ଗୁରୁ ଓ ଉଦାର ମାନବ-ପ୍ରେମୀ କବି । ଆପଣଙ୍କ ଶିଷ୍ୟମଣ୍ଡଳୀ ପ୍ରାଚୀନ ଭାରତର ଗୁରୁକୁଳ ଭଳି ଏକକୁଟୁମ୍ବିତା ସୂତ୍ରରେ ଗ୍ରଥିତ । ଆପଣଙ୍କ କାବ୍ୟଧର୍ମୀ ଗବେଷଣା ଆପଣଙ୍କୁ ନିଖିଳ

Digitized by srujanika@gmail.com

ଭାରତୀୟ ପ୍ରତିଷ୍ଠା ଆଣି ଦେଇଅଛି । ନିଖିଳ ଭାରତୀୟ ଲେଖକସମ୍ମିଳନୀରେ ଆପଣଙ୍କ ସମ୍ମାନ ଉତ୍କଳର ଗୌରବ ବୃଦ୍ଧି କରିଅଛି । ଉତ୍କଳସାହିତ୍ୟର ସୀମିତ ଧାରାକୁ ବିଶ୍ୱସଂସ୍କୃତିର ବିପୁଳ ପ୍ରବାହ ସହିତ ଯୁକ୍ତ କରି ଆପଣ ନବ ବିକାଶପଥ ନିର୍ମାଣ କରି ଅଛନ୍ତି ।

ଆପଣଙ୍କ ଅନୁପମ କାବ୍ୟଲୋକ କେବଳ ଉତ୍କଳ ଭିତରେ ନୁହେଁ, ଇଂରେଜୀ ଓ ହିନ୍ଦୀ ଭାଷାରେ ଅନୂଦିତ ହୋଇ ସର୍ବତ୍ର ସଞ୍ଚାରିତ ହୋଇଅଛି ।

ବିଶ୍ୱଭାରତୀ ଓଡ଼ିଆସାହିତ୍ୟପରିଷଦ୍‌ର ସଭାପତି ଭାବରେ ଆପଣ ଏହି ଅନୁଷ୍ଠାନକୁ ଗୌରବାନ୍ୱିତ କରିଅଛନ୍ତି ।

ଗୁରୁଦେବ ରବୀନ୍ଦ୍ରନାଥଙ୍କ ଅମର ଆଶୀର ବାଣୀ ବହନ କରି ଆପଣଙ୍କ ସାଧନାର ଆଲୋକ ମଧ୍ୟାହ୍ନ'ରବି ରଶ୍ମି ପରି ଉତ୍କଳର ଆକାଶକୁ ଆଲୋକିତ କରୁ ।

ଆପଣଙ୍କ ସ୍ନେହାନୁଗତ

ବିଶ୍ୱଭାରତୀ ଓଡ଼ିଆସାହିତ୍ୟପରିଷଦର ସଦସ୍ୟବୃନ୍ଦ

ବିଦାୟ ହେ ତପୋବନ

ଶାନ୍ତିନିକେତନର ବିସ୍ମୟତମ ବୃକ୍ଷ ସେ ଥିଲ—ଥିଲ ଦିନେ ସେଠି ଏକାନ୍ତଭାବେ ଏକାକୀ; ରୌଦ୍ରକ୍ଲାନ୍ତ ମହର୍ଷି ଦେବେନ୍ଦ୍ରନାଥ ଦିନେ ଏହାରି ଛାୟାରେ ପରମ ଶାନ୍ତି ଲାଭ କରିଥିଲେ—ତାପରେ ଏ ସ୍ଥାନର ଭୂଗୋଳ ବଦଳିଗଲା—ବଦଳିଗଲା ଇତିହାସ । ବଦଳାଇଦେଲେ ଋଷିପିତା, କବିପୁତ୍ର । ଏ ହେଲା ସାଧନା ଓ ସୌନ୍ଦର୍ଯ୍ୟର, କବିତା ଓ ନାଟକର, ଶିକ୍ଷା ଓ ସୌଖିନର ଲୀଳାଭୂମି, ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ପ୍ରୟୋଗ କ୍ଷେତ୍ର ।

ଏଇ ଗଛମୂଳେ ଶାନ୍ତିନିକେତନର କେତେ ଗୋଧୂଳି ମୋର କଟିଛି । ଏହା ମୂଳରେ ବସି ଭାବନାରେ ନିମଗ୍ନ ହେବାକୁ ଭଲ ଲାଗେ । କିନ୍ତୁ ଏହାର ନିର୍ଜନତା ନଷ୍ଟ କରି ଦେଉଥିଲେ ଲୀଳାଚଞ୍ଚଳା ବୁଲବୁଲୀମାନେ, ଫୁଲଗନ୍ଧ ଏକ ମାଳତୀଲତାରେ ଦୋଳି ଖେଳି । ମହାମହିମା ବନସ୍ପତିର ମର୍ଯ୍ୟାଦା ଓ ପବିତ୍ରତା ନଷ୍ଟ ହେଉଥିବାର ଦେଖି କର୍ତ୍ତୃପକ୍ଷ ଲତାଟିକୁ କାଟି ଦେଇଥିଲେ; ସତେ ଅବା ସେହିଦିନୁଁ ବିଚ୍ଛେଦଦଶାରେ ସପ୍ତପର୍ଣ୍ଣୀର ଶରୀର କ୍ଷୀଣ ହୋଇଗଲା । ମୋ ବିଦାୟବେଳେ ସେଇ ମୁମୂର୍ଷୁ ତରୁର ଶେଷଦଶାରେ ମୁଁ ଶେଷଦିନର ଗୋଧୂଳିଶ୍ରୀ ଦେଖି କବିତାଟିଏ ଲେଖିଥିଲି

ଦଗ୍ଧ ଲାଲ୍ ମାଟିର୍ ଆଦିମ

ମହର୍ଷିର ବୋଧି

Digitized by srujanika@gmail.com

ସ୍ମୃତି ବିସ୍ମୃତିର ବୈଚିତ୍ର୍ୟ
ପ୍ରାଚ୍ୟ ପାଶ୍ଚାତ୍ୟର ଏଇ
ଶାନ୍ତିର କୁଟୀର
ସପ୍ତପର୍ଣ୍ଣୀ
ଶେଷପତ୍ର ଶିଶିର ବିନ୍ଦୁରେ
ସନ୍ଧ୍ୟାର ଅଧର

× × ×

ବିଦାୟ ହେ ତପୋବନ
ଆଜି ମୋ ନିର୍ବାଣ ।

ମୋ ବିଦାୟ ଓ ଐତିହାସିକ ସପ୍ତପର୍ଣ୍ଣୀର ମୃତ୍ୟୁ ଏକକାଳୀନ । କିନ୍ତୁ ମୋ ଦୁଃଖରେ ମୁଁ ମ୍ରିୟମାଣ ଓ ମୃତ ହେଲି କହିଲେ ସତ୍ୟର ଅପଲାପ ହିଁ ହେବ । ଏହା କାକତାଳୀୟ—କାଳର ଡକରା କେତେବେଳେ କାହାକୁ, ଏକାବେଳକେ ଅନେକଙ୍କୁ ଆସିବା ବିଚିତ୍ର ନୁହେଁ ।

Digitized by srujanika@gmail.com

କଟକର ଫାଟକ ଡେଇଁଲା ପରେ

ମନରେ କିପରି ଏକ ଶଙ୍କା, କଟକୀ ଚଳାଣିର । ଏଠି ସେଠି ହରିକାଠ ଝୁଲୁଛି ଯେପରି କି । ରୂଢ଼ ଗଦ୍ୟ, ଧୂଳି ଓ ଧୂସର ରୁକ୍ଷ ସଂସାର ।

ବୋଧ ହେଉଥିଲା ଯେପରିକି ବହୁମୂଲ୍ୟ କିଛି ହଜାଇ ଆସିଛି, ଯାହା ପୂରଣ ହେବାର ନୁହେଁ । ଏହାର ରୂପରେଖ ନାହିଁ, ସଂଖ୍ୟା ବା ପରିମାଣ ନାହିଁ । ଏ ଦୁଃଖ ନିବିଡ଼ଭାବେ ଅନୁଭୂତ, କିନ୍ତୁ ଆଶ୍ୱାସନାର ବାହାରେ ।

କେଉଁଠି ବିକ୍ଷତ ହୋଇଛି ବିଶାରଦ ଡାକ୍ତର ଆବିଷ୍କାର କରି ନ ପାରେ, କିନ୍ତୁ ବୋଧ ହେଉଥିଲା, ମୁଁ ସର୍ବାଙ୍ଗ ଆହତ ।

ଅନୁକୂଳ ଜଳବାୟୁର ଫୁଲଗଛଟି ପରି ମୁଁ ଫୁଟୁଥିଲି, ପଦେ ପଦେ ଶୋଷି ନେଉଥିଲି ଚନ୍ଦ୍ର ସୂର୍ଯ୍ୟର ମାଧୁରୀ, ସୁରଭିତ, ସଙ୍ଗୀତ ପୃଥିବୀର ରସ ।

ଜୀବନଟା ପୁଣି ଗତାନୁଗତିକ ହୋଇଯିବ; କଲେଜରୁ କଲେଜ ହେବ ବଦଳି । ଥିଲି ଏକ ବହୁମାନ୍ୟ ମୁଖ୍ୟ । ଏବେ ଅନ୍ୟ ଆଦେଶରେ ଚାଳିତ ହେବାକୁ ହେବ । ସେଇ ସ୍ୱାଧୀନ ମନ, ସ୍ୱାଭାବିକ ସ୍ଫୂର୍ତ୍ତି, ପ୍ରାଣକୁ ନାନା ଭାବେ ଫୁଟାଇବାର ବିଚିତ୍ର ପରିବେଶ ଆଉ ମିଳିବ କାହିଁ ?

ଏ ମହଙ୍ଗା ଯୁଗରେ କୌଣସି ବନ୍ଧୁ ଘରେ ଅତିଥି ହେବାକୁ ସଙ୍କୋଚ ଲାଗୁଛି । ହୋଟେଲରେ ରହିବାକୁ ହେବ ପରା ।

ପ୍ରାଣର ଭାବନାକୁ ଈଶ୍ୱର ହିଁ ପଢ଼ି ପାରନ୍ତି । ଶଙ୍କାବିକ୍ଷୋଭିତ ଚିତ୍ତ ହଠାତ୍ ଗୋଟିଏ ବିନ୍ଦୁରେ ସ୍ଥିର ହୋଇଗଲା, ଯେତେବେଳେ ମାନ୍ୟ ଅଧ୍ୟାପକ ନାରାୟଣ ମିଶ୍ରଙ୍କୁ କଟକ ବସ୍‌ରେ ଭେଟିଲି । ସେ କହିଲେ—ମୋର ବହୁ ବର୍ଷର ସଙ୍କଳ୍ପ—ଯେ ରେଭେନ୍‌ସା କଲେଜରେ ଯୋଗ ଦେବାକୁ ଯାଉଥିବ, ତାର ଯଦି ଅସୁବିଧା ଥାଏ, ପୁଣି ଦୈବାତ୍ ମୋ ହାବୁଡ଼ରେ ପଡ଼େ, ମୁଁ ତାକୁ ମୋ ଘରେ ଆଣି ରଖାଇବି । ତୁମେ ଘର ପାଇବା ପର୍ଯ୍ୟନ୍ତ ମୋ ଘରେ ରହ ।

Digitized by srujanika@gmail.com

ମୋର ଏଇ ଉପକାରୀ ନାରଣବାବୁ ଖଣ୍ଡାଧାରରେ ଚାଲିବା ମଣିଷ; ତାଙ୍କ ହାତର ମୁଣ୍ଡତର୍କ ଚଳେନାହିଁ; ସେ କିଛି ଅସଙ୍ଗତ କହନ୍ତିନାହିଁ, ମିଷ୍ଟାପ୍ କଡ଼ା, କଥା ଖେଳ୍-ଠୋକ୍, ମାନିବାକୁ ହିଁ ହେବ ।

ଗରିବ ଘରେ ସେ ଜନ୍ମ ହୋଇଥିଲେ, ନିଜ ଶିକ୍ଷାରେ ମାଟି ତାଡ଼ି ମଣିଷ ହୋଇଥିଲେ, ସମୃଦ୍ଧି ମଧ୍ୟରେ ସେ ଦିନେହେଲେ ବାଲ୍ୟ ଓ କୈଶୋରର ଦାରିଦ୍ର୍ୟକୁ ଭୁଲି ନ ଥିଲେ, ଆଦ୍ୟ ଜୀବନର ସାରଲ୍ୟ ଅଙ୍ଗୀକାର ବଜାୟ ରଖିଥିଲେ । ବହୁପାୟରେ ସେ ଗ୍ରାମରେ ଓ କଟକରେ କିଛି ଭୂସମ୍ପତ୍ତି କରିଥିଲେ, ମୃତ୍ୟୁ ପୂର୍ବରୁ ଜମି, ଟୋଟା-ବାଡ଼ିରୁ ସେ କିଛି ଦୁଃଖୀଗରିବଙ୍କୁ ଦାନ କରିଥିଲେ । ଗ୍ରାମର ଲୋକମାନଙ୍କୁ ଲକ୍ଷ୍ୟ କରି ସେ କହୁଥିଲେ—ମତେ ଯେ ଯେତେ ଶୋଷିବ, ଶୋଷ; ମୋ ଦେହରେ ବହୁତ ରକ୍ତ ଅଛି । ଦୁଃଖୀ ଗରିବଲୁହାଙ୍କୁ ଶୋଷୁଛ କାହିଁକି ?

ଦାରିଦ୍ର୍ୟ ଓ ସମୃଦ୍ଧି ଏକାବେଳକେ ତାଙ୍କ ପାଖେ ଆସନ ଜମେଇ ଥିଲା । ଅଜି ହାତରେ ହଜାରେ ଟଙ୍କା, କାଲି ଶୂନ୍ୟହସ୍ତ । ସବୁ କଥାରେ କୁହୁମାଛ ପରେ, ହାତୀ ଗଳିଯାଏ, ପୁଣି ପିମ୍ପୁଡ଼ି ଗଳେନାହିଁ । ହଜାରେ ଟଙ୍କା ଫିଙ୍ଗି ଦିଅନ୍ତି, ପୁଣି ଗୋଟିଏ ପଇସା ଏପଟ ସେପଟ ହେଲେ ପ୍ରଳୟ ଘଟାଇ ପାରନ୍ତି ।

ନାରଣବାବୁ ମୋତେ ପାଖରେ ରଖିବାର ଗୋଟିଏ ଉତ୍ତମ ଉଦ୍ଦେଶ୍ୟ ଥିଲା—ନାତିମାନେ ଆଦର୍ଶ ଶିଖିବେ, ନିୟମିତ, ଶୃଙ୍ଖଳିତ ଜୀବନ ଯାପନ କରିବେ । ମୋ ଜୀବନର ଦୃଷ୍ଟାନ୍ତ ଦେଇ ସେ ନାତିମାନଙ୍କୁ ଉପଦେଶ ଦେଉଥାନ୍ତି । କେବଳ ମୋ ଲୁଙ୍ଗି ପିନ୍ଧା ତାଙ୍କ ଆଖିରେ ଯାଉ ନ ଥିଲା । ମୁଁ ଏଇ ବେଶରେ କେବେ ତାଙ୍କ ସାମ୍ନାକୁ ଯାଉ ନ ଥିଲି— କାଳେ ଆଦର୍ଶ ଆଖିରେ ଧୂଳି ପଡ଼ିବ ।

ଆଦର୍ଶଙ୍କୁ ଅକ୍ଷତ, ଜ୍ୱଳନ୍ତ ରଖି ଚାଲିବା କେତେ କଷ୍ଟ ମାସକ ମଧ୍ୟରେ ମୁଁ ବୁଝି ପାରିଲି । ଆଶଙ୍କା- କାଳେ କୌଣସି ତ୍ରୁଟିବିଚ୍ୟୁତି ପଦାରେ ପଡ଼ିଯିବ ।

ନାରଣବାବୁ ଦିନେ ମୋତେ ପ୍ରଶ୍ନ କଲେ—କଟକରେ ଘର କରିବୁ ନାହିଁ ? ମୁଁ ଦଶଗୁଣ୍ଠ ଜାଗା ଦେଉଛି, ନେ ।

ମୋର ମୌନତାକୁ ସମ୍ମତିଲକ୍ଷଣ ମନେ କରି ସେ ଦଶଗୁଣ୍ଠ ଜମି ମୋ ସ୍ତ୍ରୀଙ୍କ ନାମରେ କବଲା କରି ଆସି କହିଲେ—ଦେ ଚାରି ହଜାର ଟଙ୍କା । ପୁଣି କିଛି ଦିନ ପରେ ମୋ ଜମିକି ଲଗାଇ ପୁଣି ଖଣ୍ଡେ ସ୍ୱରବଣ୍ଟା ଜମି କବଲା କରିଦେଇ କହିଲେ - ରୁତ ରୁଚ, ପୂର୍ବେତ୍ । ମୁଁ ଏ ସବୁ ଜାଗାରୁ କିଛି ଗୁଣ୍ଠ ୧୧ ଟଙ୍କା, କିଛି ୧୯ ଟଙ୍କାରେ କିଣିଥିଲି; ତୋଠୁଁ ଏତେଗୁଡ଼ାଏ ଟଙ୍କା ନେବାକୁ ମନ ହେଉନାହିଁ । ମୋ ପାଖରେ ଜାଣ ତୋର ୫୦୦ ଟଙ୍କା ଜମା ରହିଲା, ଯୋଉ ଦିନ ଘର ଆରମ୍ଭ କରିବୁ, ସେଇଦିନ ଫେରାଇଦେବ ।

Digitized by srujanika@gmail.com

ଘରର ନିଅଁ ପକାଉଥିଲାବେଳେ ନାରଣବାବୁଙ୍କ ପ୍ରତିଶ୍ରୁତି କଥା ସ୍ମରଣ କରାଇ ଦେଲି ।

ସାର୍ କହିଲେ—ତୋର ପରି ଜାଗା ନିଅଣ୍ଟ ପଡ଼ିବ କହୁଥିଲୁ । ଟଙ୍କା ନେବୁ କିଣ ?

ସାର୍ ଘରକୁ ଲଗାଇ ମୋତେ କିଛି ଜାଗା ଦେଲେ, କିନ୍ତୁ ସେତିକି କବଲା କରିଦେବା ପୂର୍ବରୁ ବେମାର ପଡ଼ିଲେ । ପୀଡ଼ିତାବସ୍ଥାରେ ଏ ଜାଗା କବଲା କଥା ସ୍ମରଣ କରାଇଦେବାକୁ ଚରମ ଅମନୁଷ୍ୟତା ମନେ କଲି । ନାରଣବାବୁ ସେହି ରୋଗ ଶଯ୍ୟାରେ ହିଁ ଦେହତ୍ୟାଗ କଲେ ।

ଜାନକୁନା ମୋ ଦୁର୍ବଳ ସ୍ଥାନଟି ବିଷପୁରେ ଜଣେ ଉତ୍ତରାଧିକାରୀଙ୍କ କାନରେ ଫୁଙ୍କିଲେ । ଏଦୁଟୋକାକେ ନେପଣିକି ନାଗ ଫଣା ଟେକିଲା । ପିତୃ ପ୍ରତିଶ୍ରୁତି ବିଷୟକ ମୋର ବିବୃତି ତାଙ୍କର ହାସ୍ୟୋଦ୍ରେକ କରିଥିବ । ଅଭିଯୋଗ ହେଲା—ମୁଁ ଜାଗା ମାଡ଼ି ବସିଛି ।

'ବେଶ୍, ସେତିକି ବା ଦଶଗୁଣ ଜାଗା ନିଅ ବା ଟଙ୍କା ନିଅ' ।

'ନା, ମାଂସପାଉଣ୍ଡ ଦରକାର' ।

ଶୀତଳ, ବେଳେ ବେଳେ ଉଷ୍ମ ମୁହଁରେ ବର୍ଷ ବର୍ଷ ବିତିଗଲା; ଉଚ୍ଚ କ୍ଷମତାରେ ଆସୀନ ହୋଇ, ଧମକ ଉପରେ ଧମକ ଦେଲେ, କ୍ଷତି ଘଟାଇବା ଲାଗି ନାନା ଉପାୟ ଖଞ୍ଜିଲେ; ସବୁ ପାଣି ଫାଟିଲା । କିଛି କରି ନ ପାରି ମ୍ୟୁନିସିପାଲିଟିକୁ ଲଗାଇଲେ । ରାଜ୍ୟପାଳଙ୍କ ଶାସନ, ଅଫିସରଙ୍କ ଅଖଣ୍ଡ କ୍ଷମତା: ଠାରେ ଠୁର୍, ଅପୂର୍ବ ମଉକା ମିଳିଗଲା ।

ମୁଁ ରୁଗଣ, ଶଯ୍ୟାଗତ; ଶ୍ୱାସରେ କଷ୍ଟ ରୁଦ୍ଧ, ପଦେ କଥା କହିବାର ଜୋ ନାହିଁ । ଏତିକିବେଳେ ତାଳବେତାଳ ପରି ଦଳେ ମାଡ଼ି ଆସିଲେ, ସାମ୍ନା କାନ୍ଥଟା ହାତୁଡ଼ିରେ ପିଟି ଗୁଣ୍ଡା କରିଦେଲେ । 'ଭାଙ୍ଗନାହିଁ' ବୋଲି କହିବାକୁ ମୋ ଜିଭ ଲେଉଟିଲା ନାହିଁ । ମୋ ଭାଗ୍ୟରେ ଈର୍ଷୀ ପଡ଼ୋଶୀ ମୁରୁକିହସା ଦେଉଥାନ୍ତି । ମୋ ପୌରୁଷ ତୀବ୍ର ଭାବେ ଆହତ ହେଲା । ମର୍ମେ ମର୍ମେ ଜଳିଲେ ବି ଅଚଳ । 'ଅତି ନର୍କିଣିଆ'—ଘରର ବାହାରେ ସର୍ବଦ ପ୍ରମାଣିତ ହୋଇଗଲା । ଭଗ୍ନ ସ୍ୱାସ୍ଥ୍ୟ ଉପରେ କିପରି ପ୍ରତିକ୍ରିୟା ହୋଇପାରେ, କେହି ବିଚାର କଲେନାହିଁ । 'ମୋ ଅର୍ଜିତ ସମ୍ପତ୍ତି, ହେଥିରୁ ଯଦି ମୋ ହୋଜାମୀ ଫଳରେ କିଛି ବୁଡ଼ିଯିବ ତ ଯାଉ' । ମୋତେ ସମସ୍ତେ

Digitized by srujanika@gmail.com

ଏକ ସ୍ୱରରେ କାନ୍ଦବେ କାହିଁକି ? ଏ ସମ୍ପତ୍ତି ଅର୍ଜନବେଳେ କଏ ବା ବାହାବା ଦେଇଥିଲ ? ବୁଝିଲି—କାହିଁକି ସଂସାରରୁ ମନ ଛୁଟେ, ଲୋକ ସନ୍ନ୍ୟାସୀ ହୋଇଯାଏ ।

ସ୍ୱାର୍ଥ ଉପରେ ଆଞ୍ଚ ଆସିଲେ କେତେ ଜଣ ଆପଣାର ଲୋକ ବା ସନ୍ତାନ ? 'ଈଶ୍ୱର' ଈଶ୍ୱର', କିଛି ଅଶ୍ୱାସନା ମିଳୁନ ମତେ । ଭଲ ହେଲା । ମ୍ୟୁନସ୍‌ପାଲିଟି ବିରୁଦ୍ଧରେ ସରକାରରେ ଗୋଟିଏ ମକଦ୍ଦମା କଲି । ମୋ ଗ୍ରହଚକ୍ରରେ ସେତେବେଳେ ଅନୁକୂଳ ଗ୍ରହମାନେ ଥିଲେ । ନଗରଉନ୍ନୟନ ଡ଼ିରେକ୍‌ଟରଙ୍କଠାରୁ ସେକ୍ରେଟାରୀ ଓ ମନ୍ତ୍ରୀ ଯାଏ । ମୋର ବିଜୟତୂଳା ହେଲା, ମ୍ୟୁନସ୍‌ପାଲିଟିର ଅନ୍ୟାୟ ସାବ୍ୟସ୍ତ ହେଲା, କାନ୍ଥଟି ଯଥା ସ୍ଥାନରେ ପୁନର୍ନିର୍ମିତ ହେଲା । ଶତ୍ରୁର ମୁଣ୍ଡ ସଳଖ ହୋଇଗଲା ।

ପାଞ୍ଚ ଛ ବର୍ଷ ଝଗଡ଼ାର ଏକମାତ୍ର ପରିଣତି ହେଉଥିଲା ଅଶାନ୍ତି । ଶେଷକୁ ବିପକ୍ଷ ଘାଲସ୍‌କୁ ଆସିଲେ । ଜମିଦାରଙ୍କୁ ମୋତେ ଏକ ହଜାର ସାତଶ ପଚିଶ ଟଙ୍କା ଦେବାକୁ ହେଲା । ଅଶାନ୍ତି ତୁଳନାରେ ଏ ଦେୟ ନଗଣ୍ୟ । ବୟସ୍କବୃଦ୍ଧି ହୀନତା ଯୋଗୁଁ ଜୀବନରେ ବହୁ ମନସ୍ତାପ ଭୋଗ କରିଛି । ସରଳ ବିଶ୍ୱାସରେ ଟଙ୍କା ଦେଇ କ୍ୱଚିତ୍ ଫେରି ପାଇଛି । ଲୋକେ ଠକିଲେ ଶିଖନ୍ତି । କିନ୍ତୁ ମୋର କେବେ ଶିକ୍ଷା ହୋଇନାହିଁ ବା ହେବନାହିଁ । କାରଣ 'ଏ ଜୀବନ ଗଢ଼ା ଭିନ୍ନ ଉପାଦାନେ'; ଯାହା କହନ୍ତି 'ମଦପଡ଼ା, କାମ ସରିଲେ ଗଡ଼ଗଡ଼ା' । ଉଧାର ନେବାବେଳର ବିକଳ ଭାବ ଶୁଝିଲାବେଳେ ନ ଥାଏ । ବୋଧହୁଏ, ମହାଜନ ବନ୍ଧା ବା କାଇଦା ରଖିଥିଲେ, ଶୁଝିବା ଦାୟିତ୍ୱରେ ଖାତକର ମୁଣ୍ଡ ସବୁବେଳା ଲାଗେ । କିନ୍ତୁ ଶେଷକୁ ରକ୍ତଶୋଷକ ସ୍ତରକୁ ସେମାନେ ଆସିଗଲେ; ପାଞ୍ଚ ଟଙ୍କା ଦେଲେ ପଚିଶ ଟଙ୍କା ଲେଖିନେଲେ, ଖାତକଙ୍କୁ ଖଟାଇଲେ ଗୋଠ । ଓଡ଼ିଶାରେ ଓ ଭାରତରେ ଦୁସ୍ଥ ତଳଣ ଏଇ ଦାଦନ୍ୟ ପାପ୍ୟ ଚାଲିଲା । ଏବେ ଅଭିଶପ୍ତ ଦାସମାନେ ମୁକ୍ତ, ନୂତନ ଆବ୍ରାହାମ ଲିଙ୍କନଙ୍କ ଦୟାର୍ଦ୍ର ଚେଷ୍ଟାରେ ।

ବୋଲପୁର ମୋତେ ବେଶ୍ ଆରେଇ ଯାଇଥିଲା । ସପ୍ତାହରେ ଦୁଇଥର ସାଇକେଲରେ ହାଟକୁ ଯାଇ ପରିବା ଆଣୁଥିଲି । ଚାହିଁଲା ହୋଇଥିଲେ ମାଛବାଲା, ମାଂସଦୋକାନୀ, ଅଣ୍ଡାବିକାଳି, ପରିବାବାଲୀ । ଶ୍ରୀନିକେତନ ଗୋଶାଳାରୁ ଅସୁଥିଲା ଦୁଧ । ଜୀବନ ବେଶ୍ ଗୋଟାଏ ଶଗଡ଼ଗୋଲାରେ ପଡ଼ି ଯାଇଥିଲା । ସାମାନ୍ୟ ଦୁସ୍ଥାଧରେ ସଂସାର ସୁରୁଖୁରୁରେ ଚାଲିଥିଲା ।

କଟକରେ ପ୍ରଶସ୍ତ ସରକାରୀ କ୍ୱାଟର୍; ଅଗଣାରେ ଗୋଟିଏ କଲମୀ ଆମ୍ବ, କେଳି ଓ ଗଙ୍ଗାକଲଥା ଲେମ୍ବୁ ଗଛ । ବହୁତ ସୁବିଧା ଥିଲେ ବି ପରିଚ୍ଛିନ୍ନ ସହର ଜୀବନକୁ ଖାପ ଖୁଆଇବାକୁ ବହୁତ ସମୟ ଲାଗିଥିଲା । ଅଣୁ ଏ ଜାଗୁଅରେ ଛକ୍ ହୋଇ 'ହାଣ୍ଡି ମିଠା କଖାରୁ', 'ହାଉଦାନ୍ତି ମୂଳା', ଭେଣ୍ଡି ବନ୍ଦିଥିବା ଭେଣ୍ଡୀ, ନଥରଜଲ୍ଲୀ,

Digitized by srujanika@gmail.com

ଗଜା କୋଣଲା, ଗଜବନ୍ଧନ ଆଡରେ ବଜାଗ୍ର କବନ୍ଧ ଲକ୍ଷ୍ୟ କରୁ କରୁ ମୋ ପରିବା-ବଂଶଟି ଉଡ଼ି ନେଇଥିଲା ବୃଷଭ। ହାଟଦଣ୍ଡିଆ ଟେଡାରେ ହାତ ପୂରାଇ ଟୋଲା ନେଲାପରି ସେ ମୁହଁପୂରାଇ ପୂଳାଏ ପୂଳାଏ ନିଏ, ବାଡ଼ିମାଡ଼ ତାକୁ କାଟେନାହିଁ, ତେଣୁ ପରିବାବାଲା ପାଣି ରଖିଥାନ୍ତି ପକାନ୍ତି।

ଦୁଧଅଭାବରୁ ଗାଈଟିଏ ପୋଷିଥିଲା। ଡିଏ ଗେଟ୍ ମେଲାଇଲେ ବଜାରକୁ ଖସିଯାଏ। ପାଞ୍ଚଣଟେ ଧରି ତା ପିଛା ଧରି 'ଦ-ଦ, ଡ଼-ଡ଼' କରିବ କିଏ? କାଞ୍ଜିଆ-ଘରେ ପଡ଼ିଲେ ତାକୁ ମୁକୁଲେଇ ଆଣିବା ମୁସ୍କିଲ। ଅତି ଆହାନ୍ତ କରିବାରୁ ତାକୁ ଗାଆଁରେ ଛାଡ଼ିଲି। ଦାନାଖିଆ ଗୋରୁ ଭୁଇଁ ଖୁଣ୍ଟୁଛି କୋଉଠି? କିଛିଦିନ ପରେ ତା ଦେହରେ କଙ୍କାଳ ଫୁଟିଲା।

ଗାଆଁରୁ ଗୋଟିଏ କୁକୁରାଣୀ ଆଣିଥିଲି—ଜାତି—ଅଣ୍ଡପୋଇ। ସଂକ୍ଷିପ୍ତ ରୂପ। ବାଗକଟୋକା ସହିତ ଦୋସ୍ତି କରି ସେ ଯାଇ ଉଠିଲା ଡାଳକୁଦାରେ। ଜଦାବସ୍ତୁ-ନୋକା ବାଗିକ, ତା ଶ୍ରେଷ୍ଠ ଝିଅଟା ଏନ୍ତ୍ରିକ ଘୁରି, ଫୁଟୁଲାଇ, ଡବଡ଼ବା। ଘୋର ବର୍ଷା ଓ କାଦୁଅରେ ଯାଇ ପୁଲିସ୍ ସାହାଯ୍ୟରେ ତାକୁ ଉଦ୍ଧାର କରି ଆଣିଲି। ପୁଣି ଚଣାଚୁର-ବାଲା ସହିତ ତାର ଜମିଲା ଦୋସ୍ତି, ହରଣଚାଲ! ବହୁକଷ୍ଟରେ ଉଦ୍ଧାର କରି ଏଇ ଅଭିଆଡ଼ୀ ଝିଅଟିକି ଗାଆଁରେ ଛାଡ଼ିଦେଇ ଆସିଲି।

ଏମିତି ଖାଲଢ଼ିପ ରାସ୍ତାରେ ସଂସାର ଚାଲିଲା—କେତେବେଳେ ଅନ୍ଧକାର ଖସିଲା, କେତେବେଳେ ହସୁଥିଲା ଝାମ। କୋଉ ସଂସାରଟା ବା କେଉଁରେ ଉଡ଼ି ଉଡ଼ି ଯାଉଛି? ସବୁଠି କିଛି ଢେଲାଢ଼ିମା, ଖାଲଖମା; କୋଉଠି କାଳି ଅଭାବରୁ ବା ଅଖ ଭେଁ ଭେଁ ଡ଼ାକୁଛି।

ଭ୍ରମଣୋପଯୋଗୀ ସ୍ଥାନଟିଏ କାହିଁ? ଜଳେଜମଦ୍ଦଆରେ ଖରାଦିନେ ମଶାଚଢ଼ା ନାଚେ, ଝାନ୍ତିଧେ ଏକାନ୍ତ ଧୂଳିଧୂସର ହୁଏ। ବର୍ଷସାରା ପ୍ରାୟ ସବୁଜ। କିନ୍ତୁ ଆସ୍ତେ ଆସ୍ତେ ଏହା ସଙ୍କୁଚିତ ହେଉଥିଲା ଲମ୍ବାବାଡ ଓ କାନ୍ଥରେ।

ଅଧାରୁଆରୁ କୋଡ଼ପୋଛା ପୁଅ ଭିନ୍ନକୁ କାନ୍ଧରେ ବସାଇ ବୁଲି ଯାଉଥିଲି। ତଳେ ଥୋଇଦେଲେ ମାତେ କାନ୍ଦି ଉଠୁଥିଲା—ସତେ ଯେମିତି ଭୂଇଁଟା ତାତିଲା, ପାଦ ସେ ଟେକା ହୋଇଯାଉଛି! ମଝିଆ 'ଟିକି'ର ବୟସ ଚାରିବର୍ଷ, ଟିକିଏ ଅଭିମାନୀ। ବଡ଼ପୁଅ ଭୁନା ଚତୁର। ତା ଆଡ଼କୁ ମନ ଦେଲେ 'ଟିକି' ରୁଷିବସେ।

ମୁଁ 'ବୁଢ଼ିଆଣୀ' ହୁଏ, ସେମାନଙ୍କ ଦୌଡ଼ ପ୍ରତିଯୋଗିତାରେ। କାକରଭିଜା ଘାସ ପଡ଼ିଅଛି ଝଲମଲ କରେ ଉଇଁଲା ସୂର୍ଯ୍ୟର କିରଣରେ। ପିଲାମାନେ 'ଅଗ୍ନିଶିଖା', 'ଅଶୋକ'

Digitized by srujanika@gmail.com

'କନିଅର' ଫୁଲ ତୋଳି ଆଣନ୍ତି, କେତେବେଳେ ଅଞ୍ଜୁଳା ଅଞ୍ଜୁଳା ଝାକରଭଜା ଗଙ୍ଗଶିଉଳି ଫୁଲ ଗୋଟାଇ ଆଣନ୍ତି ।

ପ୍ରାତଃଭ୍ରମଣ ପରେ ମୁଁ ବ୍ୟାଗ୍‌ଟି ଧରି ବଜାରକୁ ଯାଏ ; ଟେବୁଲ୍ ପାଖେ ବସିଲା-ବେଳକୁ ପ୍ରାୟ ବେଳା ନ'ଟା — ତା ପରେ କ୍ଲାସ୍‌ପଢ଼ା ପ୍ରସ୍ତୁତ, ପରୀକ୍ଷାଖାତା ଦେଖା, ପ୍ରଶ୍ନତିଆରି, ପତ୍ରଲେଖା କିମ୍ବା ଟିଉଟୋରିଆଲ୍ ଖାତା ସଂଶୋଧନ । ମଝେ ମଝେ ବଗିଚାକାମ କରେ କିଛି ଫୁଲଗଛ, ଶାଗପଟାଳି, ଟମାଟୋ, ବାଇଗଣ, ଲଙ୍କା । ଅଗଣାରେ ଗୋଟିଏ ବେଲ, ଲେମ୍ବୁ ଓ କଲ୍‌ମି ଆମ୍ବ ଗଛ । କିଏ ଲଗାଇଥିଲା, ଆମେ ଫଳ ଭୋଗକରୁ । ଯେପରି ଅତୀତର ବହୁ ଉଦ୍‌ଭାବନ ଓ ଆୟୋଜନରେ ବର୍ତ୍ତମାନ ତାର ଗରଜ ମେଣ୍ଟାଏ, ବଡ଼ବଡ଼ିଆଙ୍କୁ କୃତଜ୍ଞତା ସହିତ ସ୍ମରଣ କରେ ।

ଦିନସାରା ବହୁ ଜଞ୍ଜାଳ ମଧ୍ୟରେ ପ୍ରାୟ ଲେଖାଲେଖି ହୋଇପାରେନାହିଁ । ରାତି ଦୁଇଟାରେ ଉଠିବା ମୋର ମାଟ୍ରିକ୍ କାଳର ଅଭ୍ୟାସ । ସେତେବେଳେ ଉଠି ପଢ଼ୁଥିଲି । ଏବେ ପଢ଼େ ବା ଲେଖେ । ମୋର ବିଶ୍ୱାସ ପଢ଼ା, ଲେଖା ଏକାବେଳକେ ହୁଏ । ପଢ଼ୁ ପଢ଼ୁ ଭାବ ଝଲସିଉଠେ, କବିତା ଲେଖାହୁଏ । ଅଧ୍ୟୟନର ଉତ୍ସ ନ ଥିଲେ ଲେଖାର ଧାରା ଶୁଷ୍କ ହୋଇଯାଏ ।

ମୋତେ କେତେକ ପଚାରନ୍ତି — ଏତେ କେମିତି ଲେଖ ? ପ୍ରକୃତରେ ଏକାବେଳକେ ମୁଁ ବହୁତ ଲେଖେନାହିଁ । ମୁଁ କିଛି ପରିମାଣରେ ଧାରାବାହିକ, ନିୟମିତ । ଟିକିଏ ଟିକିଏ ଲେଖୁ ଲେଖୁ କିଛି ହୋଇଯାଏ ।

କିଛିଦିନ ପରେ ସବୁ ଯନ୍ତରେ ପଡ଼ିଯାଏ । ଶାନ୍ତିନିକେତନକୁ ଝୁରି ହେଉଥିବା ମନ ଶାନ୍ତ ହୁଏ । କଲେଜ ପ୍ରାସାଦର ପାରାପିଟ୍‌ରେ ବସି ପାରାମାନେ ବକମ ବକମ କରନ୍ତି; ମହାନଦୀର ବଗପନ୍ତି ଉଲେଇ ଆକାଶ ପାରି ହୋଇ ମାଲ୍‌ଗୋଦାମର ବଟବୃକ୍ଷରେ ଆଶ୍ରୟ ଗ୍ରହଣ କରନ୍ତି । ଦେବଦାରୁ ଧାଡ଼ିରେ ଅନ୍ଧାର ଜମିବା ଆଗରୁ ବିଭିନ୍ନ ଦିଗରୁ ବାଦୁଡ଼ିମାନେ ଆସି ଭିଡ଼ ଜମାନ୍ତି । ଧକ ଲକା ଓ ପକ୍ଷୀଙ୍କ କୋଳାହଳରେ କଲେଜର ସମ୍ମୁଖ ପ୍ରାଙ୍ଗଣ ପରିପୂର୍ଣ୍ଣ ହୁଏ, ତାର ଉପରେ ଧାଡ଼ି ଧାଡ଼ି ହୋଇ ବସନ୍ତି ଉଦଭଦଳିଆ, କଜଳପାତିଆ । ବର୍ଷାଗମରେ ଖେଳ ପଡ଼ିଆରେ ବୁଲନ୍ତି ଦଳ ଦଳ ସାଧବୋହୂ, ଫୁଟିଉଠେ ନେଳୀ, ଧଳା ଘାସଫୁଲ । ଏହି କ୍ଷୀଣ ପ୍ରକୃତିଶ୍ରୀ ମଧ୍ୟରେ ଶାନ୍ତିନିକେତନର କଦମ୍ବ, ପଳାଶ ଓ ଶାଳ୍ମଳୀ ଶୋଭାକୁ ଭୁଲିବାକୁ ଚେଷ୍ଟା କରେ ।

ତରୁଣ ଗୁଞ୍ଜମହଲ; ତାରୁଣ୍ୟର ଉନ୍ମାଦନାରେ ମାତିବାକୁ ଚିତ୍ତ ବ୍ୟଗ୍ର ହୋଇ ଉଠେ । ରେଭେନ୍‌ସା କଲେଜ ଏ, ଶ୍ରେଷ୍ଠ ଶିକ୍ଷାପୀଠ; ଆଧୁନିକ ଯୁଗର କବି ଓ

Digitized by srujanika@gmail.com

ନେତାମାନଙ୍କୁ ଏ ନବ ମନ୍ତ୍ରରେ ଦୀକ୍ଷିତ କରିଥିଲା । ଏଠାରୁ ପ୍ରେରଣା ପାଇଥିଲେ ସତ୍ୟବାଦୀ ଯୁଗର ସ୍ରଷ୍ଟା ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହର, କବି ମଧୁସୂଦନ, ନନ୍ଦକିଶୋର, ନାଟ୍ୟକାର ରାମଶଙ୍କର, ସବୁଜ ଯୁଗ ଓ ଆଧୁନିକ ଯୁଗର କବିମାନେ । ଚିତ୍ତ ମୋର ରୋମାଞ୍ଚିତ ହୋଇଉଠେ । ଏଇ ଶିକ୍ଷା-ମନ୍ଦିରକୁ ପ୍ରଣାମ କରେ । ଏ ଉତ୍କଳୀୟ ଜୀବନକୁ ଦେଇଛି ଏକ ଅପୂର୍ବ ଗତିଧାରା । ଏ କଲେଜରେ ଅଧ୍ୟାପକ ହେବା ଏକ ସୌଭାଗ୍ୟର ଫଳ ।

କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ ଗୁରୁମାନେ ଆମର । ମୁଁ ସେମାନଙ୍କ ଲେଖା ଦେଖିଛିଏ; ପୁସ୍ତକର ମୁଖବନ୍ଧ ଲେଖିଛିଏ । କାହାକୁ ନିରୁତ୍ସାହିତ କରିନାହିଁ । ବିକାଶଶୀଳ, ସର୍ଜନାକାଂକ୍ଷୀ ତରୁଣ ପ୍ରାଣ କାଳେ ଭଗ୍ନୋଦ୍ୟମ ହେବ । ମୁଁ ତ 'ଶୂନ୍'ରୁ ଆରମ୍ଭ କରି ଯାହା କରିଛି ହେଲା । ଆଉ କିଏ କରି ନେଇପାରିବ କାହିଁକି ? ନିଜକୁ କଳନା କରିବା ଶକ୍ତି କାହାର ହୋଇଛି ? ଅସ୍ମାଭିତରେ ସର୍ଜନାତ୍ମାକୁ ଆବିଷ୍କାର କରିବା କଣ ଏତେ ସହଜ କଥା ?

ସେତେବେଳେ ଛାତ୍ର ଗୁରୁ ଅଧ୍ୟକ୍ଷଙ୍କୁ ଛୁରି ମାରୁ ନ ଥିଲେ, ଅଧ୍ୟାପକର ଆଖି ଫୁଟାଇ ଦେଉ ନ ଥିଲେ, କିମ୍ବା ତାଙ୍କ ଦୁଆରେ ବମ୍ବୁଆଜ ବାନ୍ଧି ଦେଉ ନ ଥିଲେ । କପିଆ ଥିଲେ; କିନ୍ତୁ ଗାର୍ଡଙ୍କ ଆଖିରେ ଅଙ୍ଗୁଠି ଗେଞ୍ଜି ବହି ନକଲ କରି ନେଉ ନ ଥିଲେ । ସପ୍ରଶଂସ ଗୁରୁମଣ୍ଡଳରେ ଅଧ୍ୟାପକଜୀବନ ବଡ଼ ଆନନ୍ଦପ୍ରଦ ଥିଲା । ଶାନ୍ତି-ନିକେତନରେ ଅଳ୍ପ ଗୁରୁଗୁରୁଣୀ ଥିଲେ । ଏଠି ତ ପୋଷ୍ଟଗ୍ରାଜୁଏଟରୁ ଆସି ହ୍ରଦକୁ ଭେଟିଲି ପରି ଲାଗିଲା, କିନ୍ତୁ ଚିତ୍ତରେ ଭୀତି ନ ଥିଲା, ଥିଲା ଅସୀମ ପ୍ରୀତି । ତରଙ୍ଗିତ ସେଇ ହ୍ରଦକୁ ଶାନ୍ତ, ସ୍ଥିର ରଖିବା ଲାଗି ଲୋଡ଼ା ବାଗ୍ମିତା, ଜୀବନକୁ ନବୀନ ଗତି ଓ ଦୀକ୍ଷା ଦେବା ଲାଗି ସତ୍ ସାହସ । ଏଇ ଗୁରୁଙ୍କ ଜଗଆଡରେ ମୁଁ ଜାତିକୁ ଗଢ଼ୁଛି ବୋଲି ମନରେ କିପରି ଏକ ପ୍ରେରଣା ଆସୁଥିଲା । ସେତେ ଶ୍ରେଷ୍ଠ କ୍ଲାସ ହେଉ ପଛକେ ସାବଧାନତା ପଢ଼ା ପ୍ରସ୍ତୁତ କରି ଦିବା ଫଳରେ ମନରେ ଆସୁଥିଲା ଗଭୀର ଆତ୍ମପ୍ରତ୍ୟୟ । ଅଧ୍ୟାପନା ଯେପରି ଶୁଷ୍କ, ନୀରସ ନ ହୁଏ, ସେଥିଲାଗି ଏହାକୁ ଏକ ରମ୍ୟ ରଚନାରେ ପରିଣତ କରୁଥିଲି । ତରୁଣତରୁଣୀ ମଣ୍ଡଳୀର ଚିତ୍ତ ଆନନ୍ଦରେ ଉଦ୍‌ବେଳିତ ହୋଇ ଉଠୁଥିଲା । ନୂଆ ନୂଆ ବିଷୟ ଛାଡ଼ି କହିବାକୁ ସୁଖପ୍ରଦ ବୋଧ ହେଉଥିଲା । ବେଳେ ବେଳେ କହୁଥିଲି ଉତ୍କଳର ଗୌରବଗାଥା; ବର୍ତ୍ତମାନ ସାହିତ୍ୟିକ ଅଧୋଗତିର କଥା ।

ସେ ସମୟରେ ଅଧ୍ୟାପକମଣ୍ଡଳରେ ଉଚ୍ଚ ଆଦର୍ଶର ଅଭାବ ମନକୁ ବଡ଼ ବାଧୁଥିଲା । ଉଚ୍ଚସ୍ତରର ଗବେଷଣା ବିରଳ, ବହୁ ପଠନ ବା ଭ୍ରମଣର ଲାଳସା ସ୍ୱଳ୍ପ । କାହାକୁ କାହାକୁ ଅଧ୍ୟାପକ ପଦ ଏକ ବୋଝ ପରି ହୋଇଥିଲା, କେବଳ ଜୀବନ ଦାୟରେ

Digitized by srujanika@gmail.com

ସତେ ଅବା ସେ ତାହା ଗ୍ରହଣ କରିଛନ୍ତି । ଆଇ. ଏ. ଏସ୍.ରେ ଫେଲ୍ ମାରିଛନ୍ତି, ସବ୍‌ଡେପୁଟି ଚାକିରିଟିଏ ମଧ୍ୟ ପାଇ ପାରିନାହାନ୍ତି । ସବୁ ବୈଫଲ୍ୟର ଅସନ୍ତୋଷ ଅଧ୍ୟାପକଙ୍କର ଦୀର୍ଘ ଶ୍ୱାସରେ ହିଁ ଫୁଟୁଛି । ରହିବାଲାଗି କ୍ୱାର୍ଟର ନାହିଁ, ସ୍ୱତନ୍ତ୍ର ଭାବେ ବସି ଗବେଷଣା କରିବା ଲାଗି କୋଠରୀ ନାହିଁ, ସମାଜରେ ପଦମର୍ଯ୍ୟାଦା ଦେବା ଲାଗି ଗାଡ଼ିଟିଏ ନାହିଁ, ଏମିତି କି ଫୋନ୍‌ଟିଏ, ପିଅନ୍‌ଟିଏ ବି ନାହିଁ ।

ଅଧ୍ୟାପକମାନଙ୍କ କମନ୍ ରୁମ ତ ଗୋଟିଏ କୋଳାହଳମୟ ସ୍ଥାନ । କିଏ କେତେ ଟଙ୍କା ପାଉଥିଲା, କିଏ କୋଠାବାଡ଼ି ତୋଳିଲା, କାହାର ବା ଉଚ୍ଚ କର୍ତ୍ତାଙ୍କ ସାହଚର୍ଯ୍ୟ ଅନୁଗ୍ରହରେ ପଦୋନ୍ନତି ହେଲା, କାହାର ବା ଏକାନ୍ତ ନିଷ୍ଠା ଓ ଆନ୍ତରିକତା ସତ୍ତ୍ୱେ କିଛି ହେଲାନାହିଁ, ଏ ସମ୍ପର୍କରେ କଥାଭାଷା ହୁଏ, ବେଳେବେଳେ ବଡ଼ ବିରକ୍ତିକର ବୋଧହୁଏ ।

ଏବେ ପଚାରିଲି — ଅର୍ଥଲାଳସା ଯଦି ଏତେ, ଓକିଲ ବା ଡାକ୍ତର ନ ହୋଇ ଅଧ୍ୟାପକ ହେଲ କାହିଁକି ? କଣ୍ଟ୍ରାକ୍ଟରଟି ହୋଇଥିଲେ ତ ଆହୁରି ଭଲ ହୋଇଥାନ୍ତା । ପାରାଦୀପରେ କଣ୍ଟ୍ରାକ୍ଟରି ହୋଇ କେତେ ତ ରାତିକେ ହାତୀଏ ଆଣୁଛନ୍ତି । ଏ ଚାକିରିର ତ ଉତ୍ତର ନାହିଁ, ଜଣାଶୁଣା କଥା । ଆସିଲ କାହିଁକି ? ଅଧ୍ୟାପକ ହେବ— ଲେଖିବ ନାହିଁ, ପଢ଼ିବ ନାହିଁ, ଏ କେମିତି କଥା ? ରେଭେନ୍‌ସା କଲେଜ ଭଳି ଗୋଟିଏ ବିରାଟ କଲେଜରୁ ବାହାରି କେତେ ଜଣ ଅନ୍ତର୍ଜାତିକ ପ୍ରତିଷ୍ଠା ଅର୍ଜନ କରିଛନ୍ତି, ଗତ ଶହେ ବର୍ଷ ମଧ୍ୟରେ ?

ମୁଁ ଶାନ୍ତିନିକେତନରୁ ସଦ୍ୟ ଆସିଥିଲି । ଗବେଷଣାର ବଡ଼ ବଡ଼ ଯୋଜନା ମୋ ମୁଣ୍ଡରେ ଖେଳୁଥିଲା । ସେତେବେଳେ ଅଧ୍ୟାପକମଣ୍ଡଳୀର ଜୀବନଯନ୍ତ୍ରଣା ମୋ ହୃଦୟକୁ ଭେଦ କରି ନ ଥିଲା । ମୋର ଏ ଉକ୍ତି ଅଧ୍ୟାପକମଣ୍ଡଳୀର ହାସ୍ୟୋଦ୍ରେକ କରିଥିଲା ମାତ୍ର । ମୁଁ ଏତିକି ବୁଝି ପାରି ନ ଥିଲି ଯେ ପ୍ରବୃତ୍ତିକୁ ବଳିଦେଇ କେହି ଅଧ୍ୟାପକ ହେବାକୁ ଆସେନାହିଁ । କଲେଜ ଏକ ତପୋବନ ବା ଅଧ୍ୟାପକ ଜଣେ ତପସ୍ୱୀ ନୁହନ୍ତି । ଅନ୍ୟ ସମସ୍ତ ବୃତ୍ତିର ଚାକିରିଆଙ୍କ ପରି ଅଧ୍ୟାପକର ମଧ୍ୟ ଉଚ୍ଚ ଭୌତିକ ଆଶାଆକାଂକ୍ଷା ରହିଅଛି । ସେ ଅନ୍ୟମାନଙ୍କ ପରି ସୌଧ ନିର୍ମାଣ କରିବ, ସନ୍ତାନମାନଙ୍କୁ ଉଚ୍ଚଶିକ୍ଷା ଦେବ, କନ୍ୟାମାନଙ୍କୁ ଉପଯୁକ୍ତ ପାତ୍ରରେ ବିଭା ଦେବ । ଖଣ୍ଡିଏ ବହି କିଣିବାକୁ ସମ୍ଭବ ନ ଥିବ, ଖର୍ଚ୍ଚା ବଡ଼ ଥୋଡ଼, ଥୋଡ଼ ବଡ଼ ଖର୍ଚ୍ଚା ହୋଇ ଜୀବନ ବିତୁଥିବ, ସମୃଦ୍ଧିସମ୍ପନ୍ନ ବ୍ୟକ୍ତିମାନେ କରୁଣାଦୃଷ୍ଟିରେ ଦେଖୁଥିବେ । ଏ ତ ଅତି ଅସହ୍ୟ ଅବସ୍ଥା । ପ୍ରକୃତରେ କିଛି କହିବା ଆଗରୁ ମୋର ଭାବିବାର ଥିଲା । ଘରଭଡ଼ା ଦେଉଁ ଦେଉଁ ଅଧ୍ୟାପକଙ୍କ ଦରମାର ଏକ ତୃତୀୟାଂଶ ବା ତହିଁରୁ ଅଧିକ ଚାଲିଯାଏ ।

Digitized by srujanika@gmail.com

ଘର ସେଉଁଠି, ସେଠି ଶିକ୍ଷା ବା ସଂସ୍କୃତିର କି ପରିମଣ୍ଡଳ ଥାଏ ? ଯେଉଁମାନେ ଜାତିକୁ ଗଢ଼ିବେ ସେମାନଙ୍କ ଅବସ୍ଥା ଯଦି ଏପରି, ଜାତିର ଭବିଷ୍ୟତ ବା ହେବ କିପରି ?

ଚୀନ୍ ତିବ୍ବତ ଅଧିକାର କରିବାପରେ ପଣ୍ଡିତ ନେହରୁ ଦାଲାଇଲାମା ଓ ତିବ୍ବତର ଶରଣାର୍ଥୀମାନଙ୍କୁ ଆଶ୍ରୟ ପ୍ରଦାନ କରିଥିଲେ । ୧୯୬୨ରେ ଚୀନ୍ ଭାରତ ଆକ୍ରମଣ କରିଥିଲା । ପଣ୍ଡିତଜୀଙ୍କ ବୈଦେଶିକ ନୀତି, ପଞ୍ଚଶୀଳ ଅନୁଶାସନ ଓ 'ହିନ୍ଦୀ ଚୀନି ଭାଇ ଭାଇ' ଘୋଷଣାକୁ ଏହା ବ୍ୟର୍ଥ ପ୍ରମାଣିତ କରିଥିଲା । ସାଂସ୍କୃତିକ ସମ୍ପର୍କ ଉପରେ ଯୁଗଯୁଗବ୍ୟାପୀ ପ୍ରତିଷ୍ଠିତ ବନ୍ଧୁତ୍ୱ ଓ ଭବିଷ୍ୟତର ଗୋଲାପୀ ସ୍ୱପ୍ନ ଭାଙ୍ଗି ଚୂରମାର୍ ହୋଇଗଲା, ଅତି ଅପ୍ରତ୍ୟାଶିତ ଚୀନ୍ ଆକ୍ରମଣ କାଳରୁ ହିଁ ମଣିଷର ଭଲପଣ ଉପରେ ଏକାନ୍ତ ଆଶାବାଦୀ ନେହରୁଙ୍କ ମନ ଭାଙ୍ଗିଲା ଓ ସ୍ୱାସ୍ଥ୍ୟର ଅବନତି କ୍ରମେ ତାଙ୍କୁ ମୃତ୍ୟୁ ଆଡ଼କୁ ଘେନିଗଲା ।

ରେଭେନ୍ସା କଲେଜର ଅଧ୍ୟାପକମାନେ ଗୋଟିଏ ଗୋଟିଏ ଦିନର ଦରମା, ଅଧ୍ୟାପିକା ଓ ଛାତ୍ରୀମାନେ ସୁନାଚୁଡ଼ି, ହାର, ମୁଦି ଓ ଛାତ୍ରମାନେ ମୁଣ୍ଡି ଚାନ୍ଦା ଦେଇଥିଲେ ।

କିନ୍ତୁ ଏସବୁ ଯଥା ସ୍ଥାନରେ ପହଞ୍ଚିବ, ବିଶ୍ୱାସ ନ ଥିଲା । ଜଣେ ଶିକ୍ଷକ ଉତ୍କୃଷ୍ଟ ସୁନାର ସାତଗୋଟି ମୁଦି ଚାନ୍ଦା ଦେଇଥିଲେ । କେତେକ ଉଚ୍ଚ କର୍ତ୍ତା ସେସବୁ ଦେଖିବା ବାହାନାରେ ନେଇ ଆଉ ଫେରାଇଲେନାହିଁ । ଶିକ୍ଷକ ଜିଦ୍ ନ ଛାଡ଼ି ପ୍ରତିବାଦ କରିବାରୁ ତାଙ୍କୁ ସୁଦୂର ସ୍ଥାନକୁ ବଦଳି କରାଗଲା । ଦେଶପ୍ରେମ ମଣ୍ଡା ଭାଙ୍ଗିଗଲା ।

କେତେକ ନେତା ରାଜନୀତିକୁ ଏକ ଲାଭଜନକ ବ୍ୟବସାୟ ସଂସ୍ଥା ସ୍ୱରୂପ ମନେ କରୁଥିଲେ; ଦେଶକୁ ବଡ଼ କରିବା ନୁହେଁ, ଚଉଦ ପୁରୁଷ ଲାଗି ଅର୍ଥ ସାଇତିବା, ବଂଶାନୁକ୍ରମେ ବଡଲୋକ ହୋଇ ରହିବାର ଦୁରାକାଂକ୍ଷା ସେମାନଙ୍କୁ ଘାରୁଥିଲା । ଫଳରେ ଅକାଳ ପତନ ଘଟିଥିଲା ସେମାନଙ୍କର ।

ସେହି ବର୍ଷ ଦଳେ ଛାତ୍ରଙ୍କ ସଙ୍ଗେ ମୁଁ ଦକ୍ଷିଣ ଭାରତ ଭ୍ରମଣରେ ଯାଇଥିଲି । ପଲ୍ଲବ ରାଜାମାନଙ୍କର ରାଜଧାନୀ ସମୁଦ୍ରତୀରବର୍ତ୍ତୀ ମହାବଳୀପୁରମ୍, ବାଙ୍ଗାଲୋର, ମହୀସୁର, ଶ୍ରୀରଙ୍ଗପଟ୍ଟନମ୍, କାବେରୀ ନଦୀବକ୍ଷ ସମୀପବର୍ତ୍ତୀ ବୃନ୍ଦାବନ ଉଦ୍ୟାନ, ଓଟକାମଣ୍ଡ, ନୀଳଗିରି ଓ ପଣ୍ଡିଚେରୀ ପ୍ରଭୃତି ଦେଖିବାର ସୌଭାଗ୍ୟ ଲାଭ କରିଥିଲି ।

ବସ୍‌ର ଗୋଟିଏ କୋଣରେ ବସି କେତେକ ଶ୍ରେଷ୍ଠ ଶ୍ରେଷ୍ଠ କବିତା ଲେଖିଥିଲି । ଫେରିଲାବେଳକୁ ଏହାର ସଂଖ୍ୟା ଶହେରୁ ଅଧିକ ହୋଇଥିଲା । 'ରେଣୁ' ନାମରେ

Digitized by srujanika@gmail.com

ହସ୍ତପତ୍ରରେ ଏହା ପ୍ରକାଶିତ ହୋଇଛି । ପଣ୍ଡିଚେରୀରୁ ଫେରିଲା ପରେ 'ଅରବିନ୍ଦ ଓ ରବୀନ୍ଦ୍ର' କବିତାରେ ଦୁଇ ଅଗ୍ରମର ତୁଳନାତ୍ମକ ଚର୍ଚ୍ଚା ପ୍ରକାଶ କରିଥିଲି ।

ରବୀନ୍ଦ୍ର ଶତବାର୍ଷିକୀ

୧୯୬୧ରେ ରବୀନ୍ଦ୍ର ଶତବାର୍ଷିକୀ ଓ ନିଖିଳ ଭାରତ ସାହିତ୍ୟସମ୍ମିଳନୀରେ ବିଶ୍ୱଭାରତୀ ପକ୍ଷରୁ ନିମନ୍ତ୍ରିତ ହୋଇ ଯୋଗ ଦେଇଥିଲି । 'ଲୋକସାହିତ୍ୟ ଓ ରବୀନ୍ଦ୍ରନାଥ' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲି ।

ଏହି ଶତବାର୍ଷିକୀ ଉତ୍ସବ ବେଳେ ଅନ୍ନଦାଶଙ୍କର ବସୁଙ୍କ ସଙ୍ଗେ ସାକ୍ଷାତ୍ ଓ ଦେଶବିଦେଶ ଭ୍ରମଣ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ମୁଁ କହିଲି-- ନୂଆ ନୂଆ ଜାଗାରେ ନୂଆ ନୂଆ ପ୍ରେରଣା ଆସେ । ଏକା ସ୍ଥାନରେ ଏକା ମାନସିକ ରୁଚିରେ ସୃଷ୍ଟ ସାହିତ୍ୟରେ ବୈଚିତ୍ର୍ୟ ନ ଥାଏ । ଭ୍ରମଣ ସାହିତ୍ୟିକକୁ ବିଶ୍ୱଦୃଷ୍ଟି ଦାନ କରେ ।

ଅନ୍ନଦ ବାବୁ ମୋ ମତ ଖଣ୍ଡନ କରି କହିଲେ—ଭ୍ରମଣ କର୍ମନିଷ୍ଠାର ଏକ ପ୍ରତିବନ୍ଧକ । ବିଶ୍ୱକବି ସେକ୍ସପିଅର ଇଂଲଣ୍ଡ ବାହାରକୁ ଯାଇଛନ୍ତି କି ନାହିଁ ସନ୍ଦେହ । ଗେଟେ ମଧ୍ୟ ଇଟାଲୀ, ଫ୍ରାନ୍ସ ଛଡ଼ା ଅନ୍ୟ ୟୁରୋପୀୟ ଦେଶମାନଙ୍କରେ ଭ୍ରମଣ କରିନାହାନ୍ତି । ଟଲଷ୍ଟୟ ଜଣେ ଭ୍ରମଣକାରୀ ନ ଥିଲେ । ତଥାପି ସେମାନେ ବିଶ୍ୱବିଖ୍ୟାତ ସାହିତ୍ୟିକ ।

'ରବୀନ୍ଦ୍ର' ?

'ରବୀନ୍ଦ୍ରଙ୍କ ପରି ପ୍ରତିଭାଠାରୁ ଯାହା ଆଶା କରାଯାଏ, ତାର କାଣିଚାଏ ସେ କରିପାରିନାହାନ୍ତି ; ବୃହତ୍ ବା ମହତ୍ ସୃଷ୍ଟି ଲାଗି ଯେଉଁ ନିଷ୍ଠାପର ସାଧନା ଆବଶ୍ୟକ, ତାହା ତାଙ୍କର ଉଣା ପଡ଼ିଯାଇଥିଲା । ରବୀନ୍ଦ୍ର ଜଗତ୍ କଲ୍ୟାଣକାମୀ, କିନ୍ତୁ ସେ ନିଜର କ୍ଷତି କରିଛନ୍ତି ବେଶୀ, ନିଜ କବିତାର ଅନୁବାଦ ସେ ନିଜେ କରିଥିଲେ । ଭଲ ଇଂରାଜୀ ଜାଣିଥିବାର ଅହଂଭାବ ତାଙ୍କର ଥିଲା । 'ଗୀତାଞ୍ଜଳି' ଲୋକପ୍ରିୟ ହେବାର ଦେଖି ସେ ସେହି ଧରଣର କବିତାହିଁ ଅଧିକ ଲେଖିଲେ ଭାବର ପୁନରୁକ୍ତି, ପୁଣି ଆସ୍ୱାଦ ଏକା ପରି ।

ରବୀନ୍ଦ୍ରଙ୍କ ରଚନା ଚିରସ୍ଥାୟୀ କି ନୁହେଁ କାଳ ତାହା ବିଚାର କରିବ । ଏବେ ସେ ପରୀକ୍ଷା ବେଳ ଆସିନାହିଁ ।

ନିଖିଳଉତ୍କଳଲେଖକସମ୍ମିଳନୀ

ଓଡ଼ିଶାସାହିତ୍ୟଏକାଡେମୀ ତରଫରୁ ଅନୁଷ୍ଠିତ ଏହି ସମ୍ମିଳନୀରେ ଯୋଗ ଦେବାର ସୌଭାଗ୍ୟ ମୋର ଘଟିଥିଲା । ଓଡ଼ିଶାରେ ଏତେ ଲେଖକ ଅଛନ୍ତି,

Digitized by srujanika@gmail.com

ମୋର ଧାରଣା ନ ଥିଲା । ଅଳ୍ପ କେତେକଙ୍କୁ ମାତ୍ର ପତ୍ରପତ୍ରିକାରେ ଭେଟୁଥିଲି । ଏବେ ଯାହା ହିସାବ କରି ଦେଖିଲି, ଯେତେ ଆସିଛନ୍ତି, ଯେତେ ନ ଆସିଛନ୍ତି, ସେମାନଙ୍କ ସଂଖ୍ୟା ହଜାରକରୁ ଊଣା ହେବ ନାହିଁ । ଅବଶ୍ୟ ସ୍ୱତମତ ଲେଖୁଥିବା ଓ ଆଧୁନିକ ଯୁଗ ସହିତ ସଂପର୍କ ରଖୁଥିବା ଲେଖକ ଅଳ୍ପ ।

ଓଡ଼ିଆସାହିତ୍ୟରେ ସବୁ ଯୁଗ ପ୍ରାୟ ଏକାବେଳକେ ଚାଲିଛି । ମଠରେ, ଆଶ୍ରମରେ ପଞ୍ଚସଖାଯୁଗ, ପାଟୁଆ, ପାଲ, ଦାସକାଠିଆ, ଚଇତିଘୋଡ଼ାରେ ପୁରାଣ ଓ ଭକ୍ତଯୁଗ । କବି କୋଇଲି, ଚଉତିଶା ଓ ଚଉପଦୀ ବି ଏବେ ଲେଖୁଛନ୍ତି । ପ୍ରାଚୀନ ଓ ଅତ୍ୟାଧୁନିକ ଯୁଗ ଲେଖକ ଏ ସଭାରେ ସମ୍ମିଳିତ । ସମସ୍ତଙ୍କ ବେଶଭୂଷା, ଆଧୁନିକ, ଚଳଣିରେ ଯାହା ତାରତମ୍ୟ । ତାରତମ୍ୟର ହେତୁ—ଶିକ୍ଷା ସମସ୍ତ ପ୍ରଦେଶରେ ସମଭାବରେ ବ୍ୟାପ୍ତ ହୋଇନାହିଁ । ପ୍ରାଚୀନ ଧରଣର ଲେଖି କେହି ନିନ୍ଦନୀୟ ନୁହେଁ, ଅତ୍ୟାଧୁନିକ ଲେଖକ କ୍ୱଚିତ୍ କେହି ବନ୍ଦନୀୟ ବା ହେଉଛି ।

କବିତାପାଠୋତ୍ସବ ଏକ ବିଚିତ୍ର ଖେଚଡ଼ି । ଲେଖକମାନଙ୍କ ମଧ୍ୟରୁ କିଏ ଲେଖିଥିଲା ଛାନ୍ଦ, କିଏ ଓଡ଼ିଶୀ, କିଏ ଗାଥାଗୀତିକା, କିଏ ଗୀତିକବିତା, କିଏ ବା ମୁକ୍ତଚ୍ଛନ୍ଦୀ ବା ଗଦ୍ୟକବିତା । କେହି କବିତାରେ ପୁଷ୍ଟିପଥ ଓ ଦୁର୍ନୀତି ବିରୋଧ ପ୍ରକାଶ ପାଇଥିଲା—ଏହା ଶୈଳୀର ଗତାନୁଗତିକତା—ସମ୍ପାଦକ ସାମ୍ପାଦକୁ ଗଦ୍ୟରେ ନ ଲେଖି ପଦ୍ୟରେ ଲେଖିଲେ ଯେଉଁ ପ୍ରତିକ୍ରିୟା, ତାହା ହିଁ ହୋଇଥିଲା ।

କେତେକ ବୟୋବୃଦ୍ଧ ଲେଖକଙ୍କୁ ଶହେ ଟଙ୍କା ମୂଲ୍ୟର ଖଣ୍ଡେ ଲେଖାଏ ଶାଲ ଓ ଅଭିନନ୍ଦନପତ୍ର ମିଳିଥିଲା । ଓଡ଼ିଶାସାହିତ୍ୟଏକାଡେମୀ ସଭାପତି ଡକ୍ଟର ମହତାବ୍ କହିଲେ—ପ୍ରବୀଣ ସାଧକ କବି ଓ ସାହିତ୍ୟିକମାନଙ୍କୁ ସମ୍ମାନ ବିତରଣ କରିବାର ଅହଙ୍କାର ଆମର ନାହିଁ । ମହତ ଓ ମହାନଙ୍କୁ ସମ୍ମାନ ଦେବାରେ ଆମ୍ଭେ ନିଜେ ସମ୍ମାନିତ ହୁଏ—ଏହି ଭରସାରେ ଏ ଦୁଃସାହସ କରୁଅଛୁ । ହିତାସନର ଏହି ବିନୟ ବଡ଼ ହୃଦ୍ୟ ବୋଧ ହୋଇଥିଲା ।

ବରେଣ୍ୟ ଲେଖକ ସ୍ୱସ୍ଥାନରୁ ଉଠିଯାଇ ଅଭିନନ୍ଦନପତ୍ର ବା ପୁରସ୍କାର ଆଣୁ ନ ଥିଲେ । ସଭାପତି ସିଂହାସନରୁ ଓହ୍ଲାଇ ଆସି କବି ବା ଲେଖକଙ୍କୁ ସ୍ୱସ୍ଥାନରେ ଏହା ଦେଇ ଯାଉଥିଲେ ।

ସ୍ରୋତରୁ ସ୍ରୋତସ୍ୱିନୀ—ସମୁଦ୍ର

କେତେବେଳେ ଘଟଣାର କ୍ଷୁଦ୍ର ଢେଉରେ, କେତେବେଳେ ସ୍ରୋତରେ, ନଦୀରେ, ସମୁଦ୍ରରେ ମନୁଷ୍ୟ ଭସେ । ଅଳ୍ପ କେତୋଟି ମହେନ୍ଦ୍ର ମୁହୂର୍ତ୍ତ ଯେଉଁ

Digitized by srujanika@gmail.com

ଜୀବନ ସାର୍ଥକ ହୁଏ । ଜୀବନର ଅଧିକାଂଶ ଦିନ ମୁଁ ଗତାନୁଗତିକ ଭାବରେ ଚଳେ । ମୋ ଜୀବନରେ କେତେକ ସୁବର୍ଣ୍ଣ ସୁଯୋଗ ଆସିଛି—ଦିଗ୍‌ବଳୟରୁ ଦିଗ୍‌ବଳୟ ମୁଁ ଅତିକ୍ରମ କରିଛି । ଆମେରିକାରୁ ଇଉରୋପ, ଅଫ୍ରିକା ଯାତ୍ରାର କେତୋଟି ମାତ୍ର ଜୀବନର ଘଟଣାବହୁଳ ବନ୍ଧ୍ୟ ବର୍ଷେ ଅପେକ୍ଷା ଅବଶ୍ୟ ସାର୍ଥକତର ।

ଯେଉଁ ଗାଆଁରେ ଜନ୍ମିଥିଲି, ସେହି ଗାଆଁର ଜଣେ ସାଧାରଣ କୃଷୀ ଭାବରେ ହୁଏତ ବୁଢ଼ା ହୋଇ ଯାଇଥାନ୍ତି । ମୋ ଗାଆଁର ଓ ପାଖ ପଡ଼ୋଶୀ ଗାଆଁର ଅନେକଙ୍କ ଭାଗ୍ୟରେ ହୁଏତ ପୁରୀ, କଟକ ଦେଖିବା ସମ୍ଭବ ହୋଇନାହିଁ । ମୋ ଜୀବନର ଡୋର ସେମାନଙ୍କ ସହିତ ଗଣ୍ଠି ହୋଇଥିଲା । ତାକୁ କିଏ ଛିଣ୍ଡାଇଲା କାହିଁକି ? ବିଶ୍ୱଆକାଶକୁ ଉଡ଼ିଗଲାବେଳେ ଅଜା ଷଠୀଘରର କନ୍ଥଡ଼ି କଡ଼ାକ ଆଖି ଆଗରେ ନାଚୁଛି । ସେଇ ମୋର ଜୀବନର ଆଦ୍ୟ ବିନ୍ଦୁ । ତା ଉପରେ ଛିଡ଼ା ହୋଇ ସପ୍ତ ସମୁଦ୍ରକୁ ସତେ ବା ଲମ୍ଫ ଦେଇଛି ।

ଓଡ଼ିଆରେ ଏମ୍. ଏ. ପାସ୍ କରିଥିଲି । ମୋ ପାଠକୁ ଚାହିଁ ଜଣେ ଓଡ଼ିଆ ଅଧ୍ୟାପକ ହୋଇ ଓଡ଼ିଶାରେ ଦେଇଗଲା ବୁଲିଥିଲେ ଆଶ୍ଚର୍ଯ୍ୟ ହେବାର କିଛି ନଥିଲା । ସାଂସ୍କୃତିକ ଉଦ୍ଦେଶ୍ୟରେ ମୋତେ ଦିନେ ଓଡ଼ିଶା ବାହାରକୁ, ପୁଣି ଭାରତ ବାହାରକୁ ଯିବାକୁ ହେବ, ଏହା ମୋର କଳ୍ପନାର ଅତୀତ ଥିଲା । ବିଦେଶଯାତ୍ରା ଏବେ ଏକ ସାଧାରଣ ଘଟଣା ହୋଇଗଲାଣି । ଗୌରବ ଅର୍ଜନର ଏକ ପନ୍ଥା ହୋଇଥିଲେ ବି ଏହା ଅନେକ ଅଧିକ ଗୁରୁତ୍ୱ ନାହିଁ । କିନ୍ତୁ ବିଦେଶଯାତ୍ରା ମୋ ଜୀବନରେ ଏକ ଅସମ୍ଭବ ମଧ୍ୟରେ ମହା ଅସମ୍ଭବ । ତେଣୁ ତାର ସମ୍ଭାବନା ଆନନ୍ଦରେ ମୋତେ ସେତିକି ଅଧୀର କରୁଥିଲା, ବାଧାବିଘ୍ନ ଓ ଭୟବିଷାଦରେ ସେତିକି ମ୍ରିୟମାଣ କରୁଥିଲା ।

ଆମେରିକାଯାତ୍ରାର ଅର୍ଦ୍ଧେକ ବ୍ୟୟ ବହନ କରିବା ଲାଗି ମୁଁ ଓଡ଼ିଶାର ସାଂସ୍କୃତିକ ବିଭାଗକୁ ନିବେଦନ କରିଥିଲି । ସାଂସ୍କୃତିକ ବିଭାଗର ଉପମନ୍ତ୍ରୀ ଏ ଦିଗରେ ମୋତେ ଯେତିକି ସାହାଯ୍ୟ କରୁଥିଲେ, ଶିକ୍ଷା ଓ ସଂସ୍କୃତି ବିଭାଗର ସେକ୍ରେଟାରୀ ସେତିକି ନିରୁତ୍ସାହିତ କରୁଥିଲେ । ସେକ୍ରେଟାରୀଙ୍କ ପ୍ରଶ୍ନ—

ଓଡ଼ିଆ ବିଭାଗର ଜଣେ ଅଧ୍ୟାପକ ଆମେରିକାରେ କି ସାଂସ୍କୃତିକ କାର୍ଯ୍ୟ କରିପାରିବ ?

ଭାରତର ସୁନାମ ରକ୍ଷିବ କି ଦୁର୍ନାମ କରିବ ?

ଯେ ବିଜ୍ଞାନ ପଢ଼ିଛି, ଇତିହାସ ବା ଅର୍ଥନୀତି ପଢ଼ିଛି ସେ ବିଦେଶ ଯାଉ ।

Digitized by srujanika@gmail.com

ଓଡ଼ିଆସାହିତ୍ୟ, ଲୋକସାହିତ୍ୟ ବା ଲୋକସଂସ୍କୃତି ଚର୍ଚ୍ଚା ଲାଗି ବିଦେଶ ଯିବା କି ପ୍ରୟୋଜନ ? ଏ ଦିଗରେ ସାଂସ୍କୃତିକ ବିଭାଗର ବ୍ୟୟ ଏକ ଅପବ୍ୟୟ ଛଡ଼ା ଆଉ କଣ ?

ତାଙ୍କର ସମସ୍ତ ଅଭାବ, ବୁଝିବାର ଧୈର୍ଯ୍ୟ ନାହିଁ । ଶିକ୍ଷା ଓ ସଂସ୍କୃତି ବିଷୟରେ କୌଣସି ଧାରଣା ନ ଥାଇ ଗତାନୁଗତିକ ସ୍ରୋତରେ ଏହି ବିଭାଗରେ ଲୋକ ନିଯୁକ୍ତି ପାଇଥାନ୍ତି । ସଂସ୍କୃତି ନରକକୁ ଗଲେ ବି ଗୋଟାଏ ଆଖିଦୃଶିଆ ସ୍ଥୂଳ କ୍ଷତି ହୁଏନାହିଁ ।

ମୁଁ ଜଣେ ଅଧସ୍ତନ, ସେ ଉପରସ୍ଥ, ସେହି ବିଷୟରେ ଏକାନ୍ତ ସଚେତନ । ମୋର କୌଣସି ପୁସ୍ତକ ସେ ପଢ଼ିନାହାନ୍ତି । ଓଡ଼ିଆ ଅଧ୍ୟାପକଙ୍କ ସ୍ୱଳ୍ପଜ୍ଞାନ, ସଂକୀର୍ଣ୍ଣ ଦୃଷ୍ଟି ଓ ସୀମାବଦ୍ଧ ଦିଗ୍‌ବଳୟ ବିଷୟରେ ତାଙ୍କ ଧାରଣା ବଦ୍ଧମୂଳ । ଚିରକାଳ ଊର୍ଦ୍ଧ୍ୱରୁ ନିମ୍ନକୁ ଜଳଧାରାର ଗତି । କିଛି ଉତ୍ତର ନ ଦେଇ ମୁଁ ଚାଲିଆସିଲି । ମୋ ଦରଖାସ୍ତଟି ଚାପାପଡ଼ି ରହିଲା । ମଇମାସ ଖରାରେ ମୁଁ ପ୍ରାୟ ପ୍ରତିଦିନ ସେକ୍ରେଟେରିଏଟ ଦୌଡ଼ୁଥାଏ । ଦରଖାସ୍ତ ଦେଇ ତା ପଛେ ପଛେ ଏ ଦପ୍ତରରୁ ସେ ଦପ୍ତର ନ ଦୌଡ଼ିଲେ କିଛି କାର୍ଯ୍ୟ ହୁଏ ନାହିଁ, ଅଭିଜ୍ଞମାନେ ଜାଣନ୍ତି । କିନ୍ତୁ ମୋ ଦୌଡ଼ର କିଛି ଫଳ ହେଉ ନଥିଲା । ଏହା ମୋର ବ୍ୟକ୍ତିତ୍ୱର ତ୍ରୁଟି କିମ୍ବା ଲାଲ୍‌ଫିତାର କାରସାଦି, କହିବା ଦୁଷ୍କର । ଶେଷ ମୁହୂର୍ତ୍ତରେ କିଛି ଉପାୟ ନ ଦେଖି ମୁଖ୍ୟମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀଙ୍କୁ ସାକ୍ଷାତ କଲି, ମୋ ଦୁଃଖ ଜଣାଇଲି । ତାଙ୍କ କଣ୍ଠରେ ସତେକି ସରସ୍ୱତୀ ବିଜେ କଲେ । ମୋ ଯାତ୍ରା ଯୌକ୍ତିକ କି ଅଯୌକ୍ତିକ ନ ବିଚାରି ସେ ଫୋନ୍ ଉଠାଇ ସେକ୍ରେଟେରୀଙ୍କୁ ପଚାରିଲେ— ସ୍ୱାଙ୍କର ତ ବିଦେଶଯାତ୍ରା ଗୁଣପାଞ୍ଚଦିନ ବାକୀ; ସାଂସ୍କୃତିକ ବିଭାଗ ସ୍ୱାଙ୍କ ଧାଚେସ୍ତ ଦେଇନାହାନ୍ତି କାହିଁକି ?

ସେକ୍ରେଟେରୀ ଏପରି ଏକ ପ୍ରଶ୍ନର ସମ୍ମୁଖୀନ ହୋଇ ତଟସ୍ଥ ହୋଇଗଲେ । ପ୍ରାଣେ ଭୟ; କହିବାକୁ ସାହସ ହେଉନାହିଁ, ମୋ ଦରଖାସ୍ତଟି ଏପର୍ଯ୍ୟନ୍ତ ତାଙ୍କ ପାଖରେ ହିଁ ପଡ଼ିଛି; ଇଞ୍ଚେ ଆଗେଇ ନାହିଁ । ତା ଉପରେ କଦା ହୋଇଛି ପର୍ବତ ପ୍ରମାଣେ ଫାଇଲ୍ । ମୁଖ୍ୟମନ୍ତ୍ରୀ ମୋ ପ୍ରତି ଅନୁକୂଳ ହେବାର ଦେଖି ସେ ମୋ ପ୍ରତି ଅନୁକୂଳତର ହୋଇ ଉଠିଲେ । ଉଚ୍ଚମ ସ୍ୱକିଶଆଙ୍କର ଏ ଗୋଟିଏ ସ୍ୱଭାବ— ଉପରସ୍ଥଙ୍କ ମତ ସହିତ ନିଜ ମତକୁ ଖାପ ଖୁଆଇ ନିଅନ୍ତି, ମନରେ ଯେତେ ବିରୋଧ ବୈଷମ୍ୟ ଉଙ୍କି ମାରୁଥିଲେ ବି । ନିଜ ଦାନାପାଣି ଉପରେ ବା ଊର୍ଦ୍ଧ୍ୱଗତି ଉପରେ ଟିକିଏ କଳାଦାଗ ପଡ଼ିବାର ଶଙ୍କା ଉପୁଜିଲେ ସ୍ୱାର୍ଥପର କାତର ହୋଇପଡ଼େ ।

ମୋ ପ୍ରତି ତାଙ୍କର ମନୋଭାବ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲାପ ପରେ ପୂରା ବଦଳି ଗଲା । ଅଗରୁ ତାଙ୍କର ସ୍ୱର ଝଙ୍କାରର ସ୍ୱର ହିଁ ଥିଲା—ରୁକ୍ଷ, କର୍କଶ । ସେ ମଣିଷ ଚିହ୍ନି

Digitized by srujanika@gmail.com

ନ ଥିଲେ, ବିଦ୍ୟା ବା ସଂସ୍କୃତିକ ଗୁରୁତ୍ୱ ବୁଝୁ ନ ଥିଲେ । ଏବେ ପୃଥିବୀ ଓଲଟି ଗଲା, ସରଳ, ଅମାୟିକ ବନ୍ଧୁର ବିନମ୍ର ସ୍ୱରରେ ସେ କହିଲେ—ଅତି ଶୀଘ୍ର ଅର୍ଥ ମଞ୍ଜୁର ହୋଇଯିବ, ଯାତ୍ରା ଅନୁମତି ମିଳିଯିବ ।

କଥା ପଛେ ପଛେ କାର୍ଯ୍ୟ । ଗୋଟିଏ ଦିନରେ ସବୁ କାମ ହୋଇଗଲା । ମୁଁ ଦ୍ୱିତୀୟବାର କଲିକତା ଯାତ୍ରା କଲି । ପାସ୍‌ପୋର୍ଟ, ଭିସା ମିଳିଗଲା । କିନ୍ତୁ ଶେଷ ମୁହୂର୍ତ୍ତରେ ବିରାଡ଼ି ଛିଙ୍କିଲା । ରିଜର୍ଭ ବ୍ୟାଙ୍କ୍‌ର ଅନୁମତି ମିଳିଲାନାହିଁ । ଅଗତ୍ୟା ଯାତ୍ରା-ବ୍ୟବସାୟୀ 'ଟ୍ରେଡ୍‌ୱିଙ୍ଗ୍‌ସ୍' କମ୍ପାନୀ ଦ୍ୱାରା ନିର୍ଦ୍ଧାରିତ ଏୟାର ଫ୍ରାନ୍‌ସରେ ମୋ ଯାତ୍ରା ସ୍ଥଗିତ ହେଲା । ତା'ପରେ ମୋ ସହଯାତ୍ରୀ ଡଃ ଆଶୁତୋଷ ଭଟ୍ଟାଚାର୍ଯ୍ୟଙ୍କ ସଙ୍ଗେ ଦିଲ୍ଲୀ ଗଲି । ତାଙ୍କ ଲାଗି ତାଙ୍କ ବନ୍ଧୁମାନେ ପୂର୍ଣ୍ଣ ପ୍ରାଣରେ ଚେଷ୍ଟା କଲେ, ଫଳ ଭୋଗ କଲି ମୁଁ । ସେ ନିରାଶ ହୋଇ କଲିକତା ଫେରିଗଲେ । ଭାଗ୍ୟର ଗତି ବେଳେ ବେଳେ ଅଦ୍ଭୁତ ଭାବେ ନାଟକୀୟ ହୁଏ ।

ରାତି ପାହାନ୍ତାରେ 'ପାନାମ୍'ର ଏକ ଜେଟ୍‌ରେ ଦିଲ୍ଲୀ ଆକାଶକୁ ଉଠିଲି । ଆରବସାଗରରେ ପ୍ରଶାନ୍ତଶ୍ରୀ ଉପଭୋଗ କରି ଶୁଷ୍କ, ରୁକ୍ଷ ମରୁ ସହର ଟେହେରାନରେ ପହଞ୍ଚିଲି । ଭୂମଧ୍ୟସାଗରର କୂଳେ କୂଳେ ତୁର୍କିର ଇସ୍ତାନ୍‌ବୁଲ୍, ଅଷ୍ଟ୍ରିଆର ଭିଏନା, ପଶ୍ଚିମ ଜର୍ମାନୀର ଫ୍ରାଙ୍କ୍‌ଫୋର୍ଟ, ତାପରେ ଲଣ୍ଡନ ଓ ଲଣ୍ଡନରୁ ଏକାଦିକ୍ରମେ ସାତଘଣ୍ଟା କାଳ ଆଟଲାଣ୍ଟିକ ସମୁଦ୍ରର ଆକାଶରେ ଯାତ୍ରା କରି ରାତି ଆଠଟା ବେଳେ ନିଉୟର୍କରେ ପହଞ୍ଚିଲି । ରାତିକ ଲାଗି ଟ୧,୦ଙ୍କା ଭଡ଼ା ଦେଇ ହୋଟେଲ୍ ଇଣ୍ଟରନ୍ୟାସ୍‌ନାଲ୍‌ରେ ରହିଲି । ସକାଳୁ 'TWA'ରେ ନିଉୟର୍କରୁ ଏଣ୍ଡିଆନା ପଲିସ୍ ଓ ତା'ପରେ ଗୋଟିଏ ଛୋଟ ବିମାନରେ ଏଣ୍ଡିଆନା ରାଜ୍ୟର ବ୍ଲୁମିଂଟନ୍ ସହରରେ ପହଞ୍ଚିଲି । ଏସୀୟ ଲୋକସଂସ୍କୃତି ସମାଜର ଡିରେକ୍ଟର ଡ଼. ଡର୍ସନ ଓ ଆଉ କେତେକ ପ୍ରତିଷ୍ଠିତ ସୁଧୀ ମୋତେ ପାଛୋଟି ନେବା ଲାଗି ଷ୍ଟେସନକୁ ଆସିଥିଲେ । ଏସୀୟ ଲୋକସଂସ୍କୃତି-ସମ୍ମେଳନରେ 'ଓଡ଼ିଆ ଢଗଢ଼ମାଳରେ ସାମାଜିକ ଚରିତ' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲି । କାର୍ଯ୍ୟକାରୀ ସମିତିରେ ଆଉ କେତେକଙ୍କ ସହିତ ଭାରତ ପକ୍ଷରୁ ମୁଁ ଜଣେ ସଭ୍ୟ ହୋଇ ରହିଲି ।

ସମ୍ମିଳନୀ ପରେ ମୁଁ 'ଏଣ୍ଡିଆନା'ରୁ 'ମିସୌରି' ଯାତ୍ରା କଲି, ସେଣ୍ଟଲୁଇସ୍‌ରୁ ମୋ ସାନଭାଇ ହୃଦୟନାଥ, ଭାଇବୋହୂ ଇରା, ଝିଆରି ଓ ପୁରୁବ ମୋତେ ଘେନିବା ଲାଗି ବସ୍ ଷ୍ଟେସନକୁ ଆସିଥିଲେ । ଆମେରିକାର ଅଷ୍ଟମ ବୃହତ୍ତମ ସହର ସେଣ୍ଟଲୁଇସ୍, ମିସିସିପି ଓ ମିସୌରି ନଦୀର ସଙ୍ଗମସ୍ଥଳରେ ଅବସ୍ଥିତ ।

ସେଣ୍ଟଲୁଇସ୍‌ରୁ 'ସ୍ପ୍ରିଙ୍ଗ୍‌ଫିଲ୍ଡ୍' ଯାଇ ଆବ୍ରାହାମ୍ ଲିଙ୍କନଙ୍କ ଗୃହ ଓ ତାଙ୍କ ସମାଧିମନ୍ଦିର ପରିଦର୍ଶନ କରିଥିଲି । ଆମେରିକାର ଗୃହଯୁଦ୍ଧ ଯେ ବିରାଟ ଆକାର ଧାରଣ

Digitized by srujanika@gmail.com

କରିଥିଲି, ଶେଷରେ ସ୍ୱୟଂ ଲିଙ୍କନ୍ କିପରି ସେହି ହିଂସାର ଶୋଚନୀୟ ଶିକାର ହୋଇଥିଲେ, ସେ କାଳର ସମ୍ବାଦପତ୍ରରୁ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ପଢ଼ି ପ୍ରାଣ ଉଦ୍‌ବେଳିତ ହୋଇଥିଲା ।

କିଛିଦିନ ପରେ ଉଡ଼ାଜାହାଜରେ ହେଣ୍ଡ୍ରିକ୍ସ୍‌ରୁ ପୁଣି ନିଉୟର୍କ ଯାତ୍ରା କଲି । ଆଦିତ୍ୟନାରାୟଣ ବର୍ମନ୍‌ଙ୍କ ଘରେ ତାଙ୍କ ସାହେବାଣୀ ସ୍ତ୍ରୀ ଓ ତିନୋଟି ପିଲାଙ୍କ ସହିତ ଏକ ସପ୍ତାହ କଟାଇଲି । ତାଙ୍କ ସାନଝିଅ ମେରିଲିନ୍‌ର ଆନ୍ତରିକ ହସ ଓ ମିଳାମିଶା ଭାବ ସେ ପରିବାରରେ ମୋ ସ୍ଥିତିକୁ ସହଜ ଓ ସ୍ୱାଭାବିକ କରିଥିଲା । 'ହଡ଼୍‌ସନ୍' ନଦୀରେ ଜଳଯାତ୍ରା କରି ଏହି ନଦୀର ଗୋଟିଏ ଦ୍ୱୀପରେ ମୁକ୍ତିର ଅଗ୍ରଦୂତିକାକୁ ଦେଖି ପ୍ରାଣ ଉନ୍ମୁକ୍ତ ଆନନ୍ଦରେ ଉଚ୍ଛୁଳି ଉଠିଥିଲା । ତା'ପରେ ଏମ୍ପାୟାର୍ ଷ୍ଟେଟ୍‌ବିଲ୍‌ଡିଂ, ମେଟ୍ରୋପଲିଟାନ୍ ମ୍ୟୁଜିଅମ୍, ଇଷ୍ଟନଦୀ ତୀରବର୍ତ୍ତୀ ନିରାପତ୍ତା ପରିଷଦ୍, ରକ୍‌ଫେଲର ସେଣ୍ଟର୍, କଲମ୍ବିଆ ବିଶ୍ୱବିଦ୍ୟାଳୟ ଦେଖିଲି । ସମୃଦ୍ଧତମ ଲକ୍ଷ୍ମୀନଗର ନିଉୟର୍କରେ ଦରିଦ୍ର ଭିକାରୀ ଦେଖି ପ୍ରାଣ ଚମକି ଉଠିଥିଲା — ସମୃଦ୍ଧି ସଙ୍ଗେ ଦାରିଦ୍ର୍ୟ ଚିରକାଳ ହାତ ମିଳାଇ ଚାଲିଛି ପରା । ସମୃଦ୍ଧି ଯେତେ ବିପୁଳ, ଦାରିଦ୍ର୍ୟ ସେତିକି ବିକଟ ହୋଇଅଛି ।

ନିଉୟର୍କରୁ ଉଡ଼ାଜାହାଜରେ ବଫାଲୋ ଓ ସେଠାରୁ ଲିମୋଜିନ୍‌ରେ ନାଏଗ୍ରା ଯାତ୍ରା କଲି । ଆମେରିକା ଓ କାନାଡ଼ା ଉଭୟ ପକ୍ଷରୁ ଐତିହାସିକ, ବିପୁଳ ନାଏଗ୍ରା ପ୍ରପାତ ଦେଖି ପ୍ରାଣ ଅଭିନବ ରାଗରେ ଝଂକୃତ ହୋଇଥିଲା—ଜୀବନ ଅର୍ଥ ସ୍ୱପ୍ନ, ଗୋଧୂଳି ଆଲୋକର ଝଲକରେ ସ୍ୱପ୍ନର ମରୀଚିକା ହିଁ ଦେଖିଥିଲି; କିନ୍ତୁ ଜୀବନ ଅର୍ଥ ଏଠି ସଂଗ୍ରାମ କର୍ମର ଦୀପ୍ତିରେ ହିଁ ତାର ମହନୀୟତା; ନାଏଗ୍ରା ସହିତ ଲମ୍ଫ ଦେଇ ମଣିଷ ଦେଖାଇ ଦେଇଛି — ଅସାଧ୍ୟର ସାଧକ ସେ, ଦୁର୍ଗମର ନିଃଶଙ୍କ ଯାତ୍ରୀ ।

ପରଦିନ ବଫାଲୋରୁ ବସ୍‌ରେ ବାଲ୍‌ଟିମୁର ଆସି ଡାକ୍ତର ଆଲେକଜାଣ୍ଡାର ଓ ଟମୁଙ୍କର ଅତିଥି ହେଲି; କବିଖ୍ୟାପନ୍ନ ଆଲେକ୍‌ଜାଣ୍ଡାର୍ ମୋତେ ପରଦିନ ଓ୍ୱାସିଂଟନ୍ ଘେନିଯାଇ ଆର୍ଲିଂଟନ ସ୍ମୃତିମନ୍ଦିରରେ ଦ୍ୱିତୀୟ ମହାଯୁଦ୍ଧରେ ମୃତ ଅପରିଚିତ ସୈନିକର ସ୍ମୃତି କିପରି ରକ୍ଷା କରାଯାଇଛି, ଜାତୀୟ ଶ୍ମଶାନ କିପରି ଗୌରବମୟ ସ୍ଥାନ ଅଧିକାର କରିଅଛି, ତାହା ଦେଖାଇ ଥିଲେ । ହ୍ୱାଇଟ୍ ହାଉସ୍, ଜାତୀୟ କଳାସଂଗ୍ରହାଳୟ, ସ୍ମିଥ୍‌ସୋନିଆନ ମ୍ୟୁଜିଅମ୍, ପୋଟୋମାକ୍ ନଦୀ, ସିନେଟ୍‌ହାଉସ୍ ପ୍ରଭୃତି ବହୁ ଦୃଶ୍ୟ ସ୍ୱଳ୍ପକାଳ ମଧ୍ୟରେ ଦେଖିବାକୁ ପଡ଼ିଥିଲା ।

ଆଉ ଗୋଟିଏ ଦିନ ମଧ୍ୟରେ ବାଲ୍‌ଟିମୁର ସମୁଦ୍ରତୀର, ବନ୍ଦର, ଯାଦୁଘର ପ୍ରଭୃତି ଦେଖି ଯାତ୍ରା କଲି ରାଲେ; ନର୍ଥକାରୋଲାଇନାର ରାଜଧାନୀ ରାଲେରେ ମୋର ଶ୍ୟାଳକ କୃଷ୍ଣମୋହନ ଶତପଥୀ (ଡାକ ନାମ ରାଜୁ) ସପରିବାର ରହୁଥିଲା ।

Digitized by srujanika@gmail.com

ସଜୁ ମୋତେ ସ୍ମୋକି ପର୍ବତମାଳାର ପ୍ରାକୃତିକ ଦୃଶ୍ୟ, ଲୋହିତ ଭାରତୀୟ ଗ୍ରାମ, ଡାଏରି ଫାର୍ମ, କୃଷିକ୍ଷେତ୍ର ଓ କେତେକ କଳକାରଖାନା ବୁଲାଇ ଦେଖାଇଥିଲା । ଆମେରିକାରେ ଯାହା କିଛି ପ୍ରାକୃତିକ ଓ କୃତ୍ରିମ ସୃଷ୍ଟି ସବୁ ବ୍ୟବସାୟିକ ଭାବେ ସଙ୍ଗଠିତ ହୋଇପାରିଛି; ଭ୍ରମଣକାରୀ ଯାତ୍ରୀ ଅଗଣିତ, ସେମାନେ ସବୁ ଦେଖନ୍ତି ଓ ସେଥିଲାଗି ପଇସା ଦିଅନ୍ତି; ବହୁ ବେକାରଙ୍କ ଅନ୍ନସଂସ୍ଥାନ ଏହି ଉପାୟରେ ହେଉଅଛି ।

ତା'ପରେ ସତରଦିନବ୍ୟାପୀ ମୋର ଏକ ଦୀର୍ଘ ଯାତ୍ରା । ରଘୁନାଥ ଗାଡ଼ି ଚଳାଇଲା, ଇରା ମାନଚିତ୍ର ଦେଖି ପଥ ନିର୍ଦ୍ଦେଶ କରୁଥିଲା; ଗୀତା, ମୀରା ଓ ନିକି ଗାଡ଼ିର ଗୋଟିଏ କାବିନରେ ବସି ପଢ଼ୁଥିଲେ ବା ଖେଳୁଥିଲେ; ମୁଁ ଡାଇରିରେ ଛୋଟ ବଡ଼ ଘଟଣା ଯାହା ଆଖିରେ ପଡ଼ୁଥିଲା, ଟିପି ଯାଉଥିଲି ।

ସେଣ୍ଟଲୁଇସ୍ ସହରରେ ମିସିସିପି ନଦୀ ଅତିକ୍ରମ କରି ଆମେ ଇଲିନଏସ୍ ରାଜ୍ୟରେ 'ହଲିଡେ ଇନ୍'ରେ ରାତି ଯାପନ କରିଥିଲୁ । ଏହି ଇନ୍‌ର ମୋଟ ମୋଟେଲ ସଂଖ୍ୟା ୭୩୦; ସାଧୁତା ହିଁ ଏ ଦେଶରେ ଏହିଭଳି ବହୁ ବ୍ୟବସାୟର ମୂଳଭିତ୍ତି ହୋଇଅଛି । ବହୁ ଅଂଶୀଦାରଙ୍କ ମୂଳଧନରେ ଏହା ଚାଲିଛି । ଗୋଟିଏ ପଇସା ବରବାଦ୍ ହେବାର ଜୋ ନାହିଁ ।

ବାଟରେ ବାରାବୁ ନଦୀ କୂଳରେ ରିଙ୍ଗ୍‌ଲିଙ୍ଗ୍ ସର୍କସ୍ ଦେଖି ତା'ପରେ ଉଇସ୍‌କନ୍‌ସିନ୍ ନଦୀ ତୀରବର୍ତ୍ତୀ 'ଅଣ୍ଡରଦାର୍ଡ଼' ହୋଟେଲରେ ରହିଲୁ, ଏହି ନଦୀରେ ଜଳଯାତ୍ରା କରି ଦୁଇ ପାହାଡ଼ ମଧ୍ୟବର୍ତ୍ତୀ ରଙ୍ଗମଞ୍ଚରେ ଲୋହିତ ଭାରତୀୟଙ୍କ ସର୍ପନୃତ୍ୟ, ଈଗଲ୍ ନୃତ୍ୟ, ହଂସ ନୃତ୍ୟ ପ୍ରଭୃତି ଦେଖିଥିଲୁ । ମଟର ବୋଟ ପ୍ରତିଯୋଗିତାରେ ସ୍କି-ପଟା ଉପରେ ଛିଡା ହୋଇ ଯୁବକଯୁବତୀମାନେ ଅପୂର୍ବ ଜଳକ୍ରୀଡ଼ା ଓ କୌଶଳ ପ୍ରଦର୍ଶନ କରିଥିଲେ; ରଙ୍ଗୀନ୍ ଆଲୋକର ଝଲକରେ ଏହି କ୍ରୀଡ଼ା ବିଶେଷ ପ୍ରୀତିପ୍ରଦ ହୋଇଥିଲା ।

ତା'ପରେ ମିନେସୋଟା ରାଜ୍ୟକୁ ଯାଇ ମିଚେଲ୍ ସହରରେ ମକ୍‌କା, ଗହମ ନଡ଼ା ଓ ଶସ୍ୟରେ ନିର୍ମିତ ଲକ୍ଷ୍ମୀମନ୍ଦିର ବା ଶସ୍ୟସୌଧ ଦେଖିଲୁ; ପରବର୍ତ୍ତୀ ଦୃଶ୍ୟ ରୁକ୍ଷତର ହେବାକୁ ଲାଗିଲା – ବିଗ୍ ବ୍ୟାଡ୍ ଲ୍ୟାଣ୍ଡ୍‌ସ୍ । ଶୁଷ୍କ କର୍କର ପାହାଡ଼, ତୃଣ-ତରୁହୀନ; ସତେ ବା ଅଭିଶପ୍ତ; ଶତ ଶତ ମାଇଲ୍ ବ୍ୟାପୀ ଅପନ୍ତରା ଅତିକ୍ରମ କରି ଆମେ ରାପିଡ୍ ସିଟିରେ ରାତି ଯାପନ କଲୁ । ଏହି ନଗର ନିକଟବର୍ତ୍ତୀ ରସ୍‌ମୋର ଶୃଙ୍ଗରେ ଖୋଦିତ ଆମେରିକାର ଚାରିଜଣ ଯୋଗଜନ୍ମା ସଭାପତି (ଜର୍ଜ ଓ୍ୱାସିଂଟନ୍; ଥୋମାସ୍ ଜେଫାରସନ୍, ଅବ୍ରାହାମ୍ ଲିଙ୍କନ, ଥିଓଡ଼ର୍ ରୁଜଭେଲ୍‌ଟ)ଙ୍କ ବିପୁଳ ମୂର୍ତ୍ତିକୁ ଦର୍ଶନ କଲୁ । ଇଜିପ୍ଟର ସ୍ଫିଙ୍କ୍‌ସ୍‌ଠାରୁ ସେ ସବୁ ଆକୃତିରେ ବୃହତ୍ତର ।

Digitized by srujanika@gmail.com

ବର୍‌ହର୍ଣ୍ଣ ପାର୍ବତ୍ୟ ଉପତ୍ୟକାର ସୋଯୋନ୍ ନଦୀ କୂଳେ କୂଳେ ଯାଇ 'ରୋଡ଼ିଓ' ସହରରେ 'ରୋଡ଼ିଓ' ବା ଅଶ୍ୱାରୋହଣକୌଶଳ ପ୍ରଦର୍ଶନ କଲୁ । ଏଲୋଷ୍ଟୋନ୍ ଜାତୀୟ ପାର୍କ ଆମେରିକାର ବୃହତ୍ତମ ପାର୍କ । ଏହାର ରୋପିତ ଅରଣ୍ୟ ଓ ଉନ୍ମୁକ୍ତ ଜୀବଜନ୍ତୁଙ୍କ ଚଳାଚଳ ଦୃଶ୍ୟ ଯେପରି ପ୍ରୀତିପ୍ରଦ, ଏହାରି ଅଗଣିତ ଗାଇଜର୍ ବା ଆଗ୍ନେୟଗିରି ସେହିପରି ଭୟଙ୍କର । ଏଇ ପାର୍କରେ ଚାଳିଶ ମାଇଲ ସୁନ୍ଦର ପାହାଡ଼ଘେରା ଗୋଟିଏ ହ୍ରଦ । ଶତ ଶତ ଆଗ୍ନେୟଗିରିର ମୁଖ ଉନ୍ମୁକ୍ତ; କେତେକରେ ପାଣି ବା ପଙ୍କ ଫୁଟୁଛି କିମ୍ବା ଜଳସ୍ରୋତ ଊର୍ଦ୍ଧ୍ୱକୁ ଉଠୁଛି । ତରଳ ଧାତୁସ୍ରୋତରେ ମୃତ ବା ମୁମୂର୍ଷୁ ବୃକ୍ଷଲତାର ଖୁଣ୍ଟିମାନ ଛିଡ଼ା ହୋଇଅଛି । 'ଓଲ୍ଡ ଫେଥ୍‌ଫୁଲ୍' ନାମକ ଆଗ୍ନେୟଗିରିର ମୁଖର ଜଳସ୍ତମ୍ଭ ପ୍ରତି ଘଣ୍ଟାରେ ୧୫୦ ଫୁଟ ଉପରକୁ ଉଠେ, ଚାରି ମିନିଟ୍ ପରେ ତଳକୁ ପଡ଼ିଯାଏ ।

ଗ୍ରାଣ୍ଡ୍ କାନିୟନ୍ ପ୍ରପାତ, ସ୍ୱପ୍ନ ରଙ୍ଗରେ ରଙ୍ଗୀନ୍ ପାହାଡ଼ୀ କାନ୍ଥ ଓ ମାମଥ୍‌ସ୍ପ୍ରିଙ୍ଗ୍, ଗ୍ରାଣ୍ଡ୍ ଟେଟନ୍ ନ୍ୟାସନାଲ୍ ପାର୍କ ଦେଖି ଇଉଟା ରାଜ୍ୟ ଅତିକ୍ରମ କରି ଆମେ ଆଇଡ଼ାହୋ ରାଜ୍ୟରେ ପ୍ରବେଶ କଲୁ । ଦୁଇ ପର୍ବତମାଳା ମଧ୍ୟରେ ଇଉଟା ସହର ଅବସ୍ଥିତ । କିଷ୍ଟନ ଠାରୁ ପଶ୍ଚିମ ପ୍ରସାରିତ ଲମ୍ବିତ ରକି ପର୍ବତମାଳାର ମୂଳେ ମୂଳେ ଯାଇ ଆମେ ସଲ୍ଟ ଲେକ ନଗରରେ ପହଞ୍ଚିଲୁ । ବ୍ରିଘାମ୍ ଏଇ ନଗରର ପ୍ରତିଷ୍ଠାତା । ଏହାର ଅଧିକାଂଶ ବାସିନ୍ଦା ମର୍‌ମନ୍ ଧର୍ମାବଲମ୍ବୀ । ଜୋସେଫ୍ ସ୍ମିଥ୍ ମରମାନ୍ ଧର୍ମ ପ୍ରବର୍ତ୍ତନ କରିଥିଲେ । ଖ୍ରୀଷ୍ଟିଆନ୍‌ମାନଙ୍କ ଦ୍ୱାରା ବିତାଡ଼ିତ ହୋଇ ସେ ପଶ୍ଚିମ ନିଉୟର୍କରୁ ଓହାଇଓ, ତାପରେ ମିସୌରି, ଇଲିନଏସ୍ ଓ ସେଠାରୁ ରକି ପର୍ବତମାଳାକୁ ଆସି ଘୋର ମରୁଭୂମିରେ 'ସଲ୍ଟ ଲେକ୍ ସିଟି' ସ୍ଥାପନ କରିଥିଲେ ।

କେନ୍ନେକଟ ବ୍ରିଘାମ୍ ତାମ୍ରଖଣି ଦେଖି ନେଭେଦା ମରୁଭୂମି ଅତିକ୍ରମ କରି ଆମେ 'ଲସ୍ ଭେଗସ୍' ସହରରେ କାସିନୋରେ ଜୁଆଖେଳ ଦେଖିଥିଲୁ; ଏହି ନଗର ଦ୍ୟୁତକ୍ରୀଡ଼ା ଓ ସହଜ ବିବାହବିଚ୍ଛେଦ ଲାଗି ପ୍ରସିଦ୍ଧ । ମରୁଭୂମି ଅତିକ୍ରମ କରି ଆମେ କଲୋରାଡୋ ନଦୀର କୃତ୍ରିମ ହ୍ରଦ ଲେକ୍‌ମିଡ୍ କୂଳରେ ରହିଲୁ । ଏହି ନଦୀରେ ବନ୍ଧ ବନ୍ଧା ଯାଇ ଏହିପରି ବହୁ କୃତ୍ରିମ ହ୍ରଦ ସୃଷ୍ଟି କରାଯାଇଛି । କଲୋରାଡୋ ରକି ପର୍ବତମାଳାରୁ କାହାରି ତାର ଦୀର୍ଘ ମରୁପଥକୁ ଶସ୍ୟଶ୍ୟାମଳ କରି କାଲିଫର୍ଣ୍ଣିଆ ଉପସାଗରରେ ପଡ଼ିଅଛି । ଏହାର ଦୀର୍ଘତା ଏକ ହଜାର ଚଉଦ ମାଇଲ ।

ତାପରେ ଆମେ ପହଞ୍ଚିଲୁ ପର୍ବତସଙ୍କୁଳ ମରୁରାଜ୍ୟ ଆରିଜୋନାରେ । କଲୋରାଡୋ ନଦୀ ଯୋଗୁ ଏହି ଧୂଳିଧୂସର ଅଞ୍ଚଳ କ୍ରମେ ସବୁଜ, ସୁନ୍ଦର ହେଉଛି । କାକ୍‌ଟସ, ବହୁ ଶାଖାୟିତ, ପୁଷ୍ପିତ ସପ୍ତପର୍ଣ୍ଣୀ; ଜଇବାବ ଜାତୀୟ ଉଦ୍ୟାନ ମରୁ ଉଦ୍‌ଭିଦରେ ଭରା;

Digitized by srujanika@gmail.com

ଫିର୍ ଷ୍ଟୁଣ୍, ଜୁନିପର୍, ଆସପେନ୍, ଓକ୍ ଗଛ ଲଗାଯାଇଛି । ଏକ ମାଇଲ୍ ଗଭୀର କଲୋରାଡୋ ନଦୀର ଜଳସ୍ରୋତକୁ ଲାଗି 'ହୋପି' ରେଡ଼ଇଣ୍ଡିଆନ୍ ଗ୍ରାମ; ଭ୍ରମଣକାରୀ-ମାନଙ୍କୁ ନୃତ୍ୟ ଦେଖାଇବା ଲାଗି ପ୍ରତିଦିନ ହେଲିକୋପ୍ଟରରେ ଇଣ୍ଡିଆନ୍‌ମାନଙ୍କୁ ଏକ ମାଇଲ୍ ଗଭୀର କଲୋରାଡୋ ନଦୀ ଶଯ୍ୟାକୁ ତୀରକୁ ଅଣାଯାଏ । ପାହାଡ଼ ମଥାନସବୁ ନାନା ବିଚିତ୍ର ଧାତୁରେ ରଙ୍ଗୀନ, କେଉଁଠି ଦେଉଳ; କେଉଁଠି ଦୁର୍ଗ; କେଉଁଠି ବିମାନ, କେଉଁଠି ଟାୱାର୍ ପରି ଦିଶୁଛି । କୃଷ୍ଣମନ୍ଦିର, ରାମମନ୍ଦିର, ଶିବମନ୍ଦିର, ଆଇସିସ୍‌ମନ୍ଦିର ଆପୋଲୋମନ୍ଦିର, ବୁଦ୍ଧମନ୍ଦିର, ଭେନସମନ୍ଦିର, ଜୋରଥୃମନ୍ଦିର ନାମରେ ଶୃଙ୍ଗସବୁ ନାମିତ । ମରୁଭୂମିରେ ଆମେ ନଭେଜୋ ରେଡ଼ଇଣ୍ଡିଆନ୍‌ମାନଙ୍କର ହୋଗାନ୍ (ଗୃହ) ଦେଖିଲୁ । ଆରିଜୋନାର ଅପରାହ୍ନରୁ ଆମେ ନିଉ ମେକ୍ସିକୋ ରାଜ୍ୟରେ ପହଞ୍ଚିଲୁ ।

୧୯୧୬ ଖ୍ରୀଷ୍ଟାବ୍ଦରେ ଯୁକ୍ତରାଷ୍ଟ୍ରର ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ଏହି ରାଜ୍ୟ ସ୍ୱୀକୃତିଲାଭ କରିଥିଲା । ତେଲ, ଗ୍ୟାସ୍, ୟୁରାନିୟମ୍ ଏହାର ପ୍ରଧାନ ସମ୍ପଦ । ଅଗଣିତ ଚୂର୍ଣ୍ଣ, ଭଗ୍ନ, ବିଦୀର୍ଣ୍ଣ ପର୍ବତ ଅତିକ୍ରମ କଲାପରେ ଆମେ 'ମେସାଭର୍ଡେ' ଜାତୀୟ-ଉଦ୍ୟାନରେ ପହଞ୍ଚିଲୁ । ପର୍ବତ ଉପରକୁ ଉଠି ଉଠି ଆମେ ଗୋଟିଏ କନ୍ଦରଗ୍ରାମରେ ପହଞ୍ଚିଲୁ - ରନ୍ଧାଘର, କୋଠି, ଭଣ୍ଡାର ଘର, ଶୋଇବା ଘର ମୋଟ କୋଠରୀ ସଂଖ୍ୟା ୧୧୪, ଶତାଧିକ ରେଡ଼ଇଣ୍ଡିଆନ୍ ଦିନେ ଏହି କନ୍ଦର ଗ୍ରାମର ବାସିନ୍ଦା ଥିଲେ । ଘୋର ଅନାବୃଷ୍ଟି ଓ ଦୁର୍ଭିକ୍ଷ ଯୋଗୁଁ ସେମାନେ ଏହି ଗ୍ରାମ ଛାଡ଼ି ଜନପଦ ସ୍ଥାନକୁ ଚାଲିଯାଇଥିଲେ; ନିର୍ଜନ ଗ୍ରାମଟି ଏବେ ପଡ଼ିରହିଛି ।

'କଲୋରାଡୋ ସ୍ପ୍ରିଙ୍ଗସ୍'ରେ ଜଳପ୍ରପାତ ଦେଖି ଆମେ ଗୋଟିଏ ସମାଧି ପ୍ରାନ୍ତର ପଥରେ ଫେରିଲୁ । କଲୋରାଡୋ ସ୍ପ୍ରିଙ୍ଗସ୍, ଅତୀତ ସେଠି ଶୋଇଛି ସୁପ୍ତ ହୋଇ । ସେମାନେ ଦିନେ ଏଇ ସହରରେ ଥିଲେ ରକ୍ତମାଂସର ଶରୀର ଧାରଣ କରି । ଫସଲରେ ବିଲ, ଘାସରେ ପ୍ରାନ୍ତର ଓ ଫୁଲରେ ଘର ସଜାଇ ରଖିଥିଲେ କେତେ ମାସ୍ୱାମମତାରେ । କଳ୍ପିତ କେତେଗୁଡ଼ିଏ ମୁଖ ନାଚିଗଲା ମୋର ଆଖି ସାମ୍ନାରେ ।

ଏଇ ସହରର ମହମ ଯାଦୁଘରଟି ବିଶେଷ ଚିତ୍ତାକର୍ଷକ । କାଉବୟ୍‌ଠାରୁ କବି, କଳାକାର, ଡାକୁଙ୍କଠାରୁ ସେନାପତିଙ୍କ ପର୍ଯ୍ୟନ୍ତ ପ୍ରତିପତ୍ତିଶାଳୀ ବ୍ୟକ୍ତିମାନେ ଏଥିରେ ସ୍ଥାନ ପାଇଛନ୍ତି ।

ତାପରେ ଆମେ କାନ୍‌ସାସ୍ ରାଜ୍ୟରେ ପହଞ୍ଚିଲୁ । ଏହା ଦିନେ ବିରାଟ ଲୁଇସିଆନା ରାଜ୍ୟର ଅନ୍ତର୍ଗତ ଥିଲା । ଲୁଇସିଆନାର ନାମ ନେଲେ କଥା ଉଠିଥିଲା—ବନ୍ୟ ମନୁଷ୍ୟ ପ୍ୟାରକୁକୁର, ହିଂସ୍ର ଜନ୍ତୁ, ବାଲୁକା, ଘୂର୍ଣ୍ଣି, କାକ୍‌ଟସ୍‌ଭରା ଏଇ ଅନୁର୍ବର ଅପନ୍ତରା

କିଣି ଲାଭ କଲା ? ଆଶ୍ଚର୍ଯ୍ୟର ବିଷୟ, ଅଳ୍ପ କେତୋଟି ବର୍ଷ ମଧ୍ୟରେ ଏହି ରାଜ୍ୟ ବିଶ୍ୱଲକ୍ଷ୍ମୀଙ୍କ ଅମାର ଘର ହୋଇଅଛି ।

ସ୍ପେନ୍ ପରେ ଫରାସୀ—ମାତ୍ର ୧୮୦୩ରେ ଏହା ଯୁକ୍ତରାଷ୍ଟ୍ରର ଅନ୍ତର୍ଭୁକ୍ତ ହୋଇଥିଲା । ଉଦୟନାଥର ରହଣି ଯୋଗୁଁ ଏ ରାଜ୍ୟଟି ମୋର ଅଧିକ ପ୍ରିୟ । ଓଜାର୍କ୍ ପର୍ବତମାଳା, ଧାତୁମୟ ରଙ୍ଗୀନ୍ ପ୍ରାକୃତିକ ଗିରିକନ୍ଦର ଏ ରାଜ୍ୟର ମୁଖ୍ୟ ଆକର୍ଷଣ । ସେଣ୍ଟ୍ ଲୁଇସରେ ଆମ ଦୀର୍ଘ ଭ୍ରମଣ ଶେଷ ହେଲା । ଏହି ସମୟରେ ମୁଁ ଡକ୍ଟର ବର୍ମ୍ମଙ୍କ କନ୍ୟା ଜାଙ୍କର ବିବାହଉତ୍ସବରେ ଯୋଗ ଦେଇଥିଲି, ସମ୍ପାଦକ ଜନସନଙ୍କ କନ୍ୟା ଲୁସିର ବିବାହଉତ୍ସବ ଟେଲିଭିଜନରେ ଦେଖିଥିଲି । ଇରାକୁ ଆମେରିକାର ସ୍ଥାୟୀ ବାସିନ୍ଦା କରିବା ଲାଗି ଜିଲା ଜଜଙ୍କ ଅଫିସରେ ଏକ ଶପଥଗ୍ରହଣଉତ୍ସବ ଅନୁଷ୍ଠିତ ହୋଇଥିଲା; ମୁଁ ସେଥିରେ ଯୋଗ ଦେଇଥିଲି ।

୧୪-୯-୬୭ରେ ମୁଁ ଇରା, ଉଦୟନାଥ ଓ ପିଲାମାନଙ୍କ ସହ ହାନିବାଲ୍ ଯାତ୍ରା କରିଥିଲି; ହାନିବାଲ୍ ପ୍ରସିଦ୍ଧ ଆମେରିକାନ୍ ଔପନ୍ୟାସିକ ମାର୍କଟ୍ୱେନ୍‌ଙ୍କ ଜନ୍ମସ୍ଥାନ । ମିସିସିପି ନଦୀ କୂଳରେ ଏହି ସହର ଅବସ୍ଥିତ । ମାର୍କଟ୍ୱେନ୍ ଯାଦୁଘରେ ତାଙ୍କ ବ୍ୟବହୃତ ଯାବତୀୟ ଦ୍ରବ୍ୟ, ତାଙ୍କ ହାତଲେଖା ଚିଠିପତ୍ର ପାଣ୍ଡୁଲିପି ବିଭିନ୍ନ ଫଟୋ ଓ ଗ୍ରନ୍ଥସମ୍ଭାର ସଂରକ୍ଷିତ ହୋଇଅଛି । ନଦୀ ତୀରରେ ଲେଖକଙ୍କ ସମାଧିମନ୍ଦିର, ସମଗ୍ର ନଗର ମାର୍କଟ୍ୱେନସ୍ମୃତିରେ ସରସ, ସୁନ୍ଦର । ଆମେ ହାନିବାଲ୍‌ର ଡାକବାଲା ଟିମ୍ବ୍ରୁକଙ୍କର ଅତିଥି ହୋଇଥିଲୁ ।

୧୮-୯-୬୭ ଗୋଟିଏ ସ୍ମରଣୀୟ ଦିନ । ସେଦିନ ଉଦୟ, ଇରା ଓ ପିଲାମାନଙ୍କଠାରୁ ବିଦାୟ ଗ୍ରହଣ କରି ଇଂଲଣ୍ଡ୍ ଆସିଥିଲି । ବିଦାୟ ମୁହୂର୍ତ୍ତରେ ଇରା ଗୋଟିଏ ରେକର୍ଡ ବଜାଇ ଥିଲା—ଆମେରିକାର ଜଗତ୍ପ୍ରସିଦ୍ଧ ସଙ୍ଗୀତଟି—There were birds on the hill; ମୁଁ ନିଉୟର୍କର ଉଡ଼ାଜାହାଜ ଷ୍ଟେସନରେ ବସି ସେ ଗୀତଟି ଓଡ଼ିଆରେ ଅନୁବାଦ କରିଥିଲି—

ପାହାଡ଼ରେ ପକ୍ଷୀ ଥିଲେ
ଶୁଣି ତ ନ ଥିଲି ତାଙ୍କ ଗୀତ
ତୁମେ ଆସିବାର ଆଗେ
ଶୁଣି ତ ନ ଥିଲି ତାଙ୍କ ଗୀତ ଅନୁରାଗେ ।

ଅତଳାନ୍ତିକ ସମୁଦ୍ର ପାରି ହୋଇ ଇଉରୋପ ପଥରେ ଲଣ୍ଡନରେ ଓହ୍ଲାଇଲି । ସୁରେନ୍ ଗୋଣ୍ଡଲ୍ ମୋତେ ନିଜ ଗାଡ଼ିରେ ଘେନି ବ୍ରମଲେର ପଥେ ପଥେ 'କେଣ୍ଟ୍ ସହର

Digitized by srujanika@gmail.com

ଅଭିମୁଖେ ଚାଲିଲେ । ଗୋବିନ୍ଦ ଉତ୍ତର ଭଉଣୀ ଜ୍ୟୋତ୍ସ୍ନାର ସ୍ୱାମୀ; ନୌବାହିନୀ ଅଫିସର । ମୁଁ ତାଙ୍କ ବସାରେ ଆଠୋଟି ଦିନ ଥିଲି, ପ୍ରତିଦିନ ସକାଳୁ ତାଙ୍କ ସଙ୍ଗେ ରେଲଗାଡ଼ିରେ ଭ୍ରମଣରେ ଲଣ୍ଡନ ଯାଏ; ସେଠାରୁ ଅକ୍ସଫୋର୍ଡ, କେମ୍ବ୍ରିଜ ସହର, ସେକ୍ସପିଅରଙ୍କ ଜନ୍ମଭୂମି ଷ୍ଟ୍ରାଟଫୋର୍ଡ ଅପନ ଆଭନ୍, ଚର୍ଚ୍ଚିଲଙ୍କ ଜନ୍ମସ୍ଥାନ ବ୍ଲେଟେଓ୍ୱିଲ୍ ଗ୍ରାମ ପ୍ରଭୃତି ସ୍ଥାନକୁ ଟୁରିଷ୍ଟ ବସରେ ଯାଇ ସନ୍ଧ୍ୟାରେ ଫେରିଆସେ । ସୁରେନ୍ ବସରୁ ମୋତେ ପ୍ରତିଦିନ ସଙ୍ଗରେ ନେଇ କେଣ୍ଟ ଫେରନ୍ତି ।

ମୁଁ ତାଙ୍କ ସହିତ ଟେମ୍ସ୍ ନଦୀରେ ଜଳଯାତ୍ରା କରିଥିଲି, ଓ୍ୱିଣ୍ଡସର୍ ଦୁର୍ଗ ବକିଂହାମ ପାଲେସ, ପାର୍ଲାମେଣ୍ଟ ଗୃହ, ଓ୍ୱେଷ୍ଟମିନଷ୍ଟର ଅବ୍‌ବେ, ଲଣ୍ଡନ ଫୋକ୍‌ଲୋର୍ ସୋସାଇଟି, ଗ୍ରିନ୍‌ଓ୍ୱିଚ୍ ପର୍ଯ୍ୟବେକ୍ଷଣ କେନ୍ଦ୍ର, ନୌ-କଲେଜ, ପ୍ରାଚୀନ ଜାହାଜ କଟିସାର୍କ, ନାସନାଲ୍ ମେରିଟାଇମ୍ ମ୍ୟୁଜିଅମ୍, ଟ୍ରଫାଲ୍‌ଗାର୍ ସ୍କୋୟାର, ଓଲ୍ଡ୍‌କ୍ୟୁରିସିଟି ସପ୍, ମାଡ଼ାମ ଟାସୋ ହିଉସ୍ ମହମ ମ୍ୟୁଜିଅମ୍ (ଯେଉଁଠି ଇଂଲଣ୍ଡର ଇତିହାସ ଓ ବିଶ୍ୱଇତିହାସର ଜୀବନ୍ତ ଅଂଶମାନ ମୂର୍ତ୍ତି), ଏଣ୍ଡିଆ ଅଫିସ ଲାଇବ୍ରେରୀ ଓ ବ୍ରିଟିସ ମ୍ୟୁଜିଅମ ବୁଲି ଦେଖିଥିଲି । ଲଣ୍ଡନରେ ଉକ୍ତ ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ମିଃ ବୋଲ୍‌ଟନଙ୍କ ସଙ୍ଗେ ମୋର ସାକ୍ଷାତ ହୋଇଥିଲା । ସେ ମୋତେ ବୁଲାଇ ବୁଲାଇ ଲଣ୍ଡନ ଦେଖାଇଥିଲେ, ସେ ମୋ ଗୁରୁ ବିଜୟ ମିଶ୍ର ପାଠକଙ୍କ ଗୁରୁ; ଫକୀରମୋହନଙ୍କ ଉପରେ ଥେସିସ୍ ଲେଖି ଲଣ୍ଡନ-ବିଶ୍ୱବିଦ୍ୟାଳୟରୁ ପିଏଚ୍. ଡି. ଡିଗ୍ରୀ ଲାଭ କରିଛନ୍ତି । ଜୀବନରେ ସେଇ ଏକମାତ୍ର ଇଂରେଜ ସାହେବଙ୍କୁ ଭେଟିଛି, ଯେ ଭଲଭାବେ ଓଡ଼ିଆ କହିପାରେ ଓ ଲେଖିପାରେ, ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଯାହାର ଶ୍ରଦ୍ଧା ଏକାନ୍ତ ଅକୃତ୍ରିମ । ସେ ପରେ ଓଡ଼ିଶାକୁ ଆସି ଶ୍ରୀରାମଚନ୍ଦ୍ରଭବନରେ ଜନ୍ ବୋମ୍ସଙ୍କ ପ୍ରତିକୃତି ଉନ୍ମୋଚନ କରିଥିଲେ ଓ ଓଡ଼ିଶା ସାହିତ୍ୟ-ଏକାଡ଼େମୀ ତରଫରୁ ସମ୍ବର୍ଦ୍ଧିତ ହୋଇଥିଲେ ।

୬.୧୦.୬୬ରେ ସୁରେନ୍ ଓ ଜ୍ୟୋତ୍ସ୍ନାଠାରୁ ବିଦାୟ ନେଇ ବସ୍‌ରେ କଲ୍‌ଚେଷ୍ଟର୍ ଯାତ୍ରା କଲି; ସେଠି ରାତ୍ରିଭୋଜନ କରି ୧୯ ମାଇଲ୍ ଦୂରବର୍ତ୍ତୀ ହାର୍‌ଓ୍ୱିଚ୍ ବନ୍ଦରରେ 'ଆରନ୍ ହେମ୍' ଜାହାଜରେ ବସିଲି; ବ୍ରିଟିଶ ଚ୍ୟାନେଲ୍‌ରୁ ଉତ୍ତରସାଗରକୁ ଯାଇ ପରଦିନ ସକାଳୁ ହଲାଣ୍ଡର 'ହୁକ୍' ବନ୍ଦରରେ ଓହ୍ଲାଇଲି । ଆମେରିକାନ୍ ଏକ୍ସ୍‌ପ୍ରେସ ବସ୍‌ରେ ବସିବା ଆଗରୁ ଫିକା ଲାଲ୍ କାରନେସନ୍ ଫୁଲଟିଏ ଉପହାର ଦେଇ ଡଚ୍ ଯୁବତୀଟିଏ କହିଲା—Welcome to Holland; ହଲାଣ୍ଡର ପ୍ରକୃତି ସହିତ ମନୁଷ୍ୟର ଅନବରତ ସଂଗ୍ରାମ ଲାଗି ରହିଛି । ସମୁଦ୍ରଠାରୁ ଭୂମି ଛଡ଼ାଇ ଆଣି ଡଚ୍‌ମାନେ ନିଜର ଦେଶର ସୀମା ବୃଦ୍ଧି କରି ଚାଲିଛନ୍ତି । ଦିନେ ଯେଉଁଠି ସମୁଦ୍ରର ନୀଳ ତରଙ୍ଗ କ୍ରୀଡ଼ା କରୁଥିଲା, ଏବେ ସେଠି ବ୍ୟାଙ୍କ୍, ରେସ୍ତୋରାଂ କଲେଜ୍, ଉଦ୍ୟାନ ଶୋଭା ପାଉଛି ।

Digitized by srujanika@gmail.com

ହଲାଣ୍ଡରୁ ଆମେ ବେଲ୍‌ଜିଅମ୍‌ରେ ପହଞ୍ଚିଲୁ; ଚବିଶ ହଜାର ସ୍କୋୟାର୍ ମାଇଲ୍‌ର ଛୋଟ ଦେଶଟିଏ; ରାଜଧାନୀ ବ୍ରୁସେଲସ୍‌ରୁ କୌଣସି ସ୍ଥାନ ବସ୍‌ରେ ତିନି ଘଣ୍ଟାରୁ ଅଧିକ ଲାଗେନାହିଁ । ଏ ଦେଶରେ ମହତ୍ତ୍ୱମୟ ସ୍ଥଳଘର ବିଶେଷ ଦୃଷ୍ଟି ଆକର୍ଷଣ କରେ । ଏହା ଦାରିଦ୍ର୍ୟର ପ୍ରତୀକ ନୁହେଁ, ଆଭିଜାତ୍ୟର ଅତୀତ ପ୍ରୀତି—ଗ୍ରୀଷ୍ମରେ ଶୀତଳ ଉଷ୍ମ—ଏହା ଏକ ଉପଭୋଗ ।

ବେଷ୍ଟୋନ୍ ସହରରେ ଦ୍ୱିତୀୟ ମହାଯୁଦ୍ଧରେ ନିହତ ୭୬୮୧୦ ସୈନିକଙ୍କ ସ୍ମୃତି ରକ୍ଷା କରାଯାଇଛି । ୧୯୪୪ରେ ଏଠି ଆମେରିକାନ୍ ଓ ଜର୍ମାନମାନଙ୍କ ମଧ୍ୟରେ ଘୋର ଯୁଦ୍ଧ ଚାଲିଥିଲା । 'ବାଟଲ୍ ଅଫ୍ ବଲ୍‌ଜ୍' ନାମରେ ଏହା ପ୍ରସିଦ୍ଧ ।

ବେଲ୍‌ଜିଅମ୍‌ରୁ 'ଲକ୍ସେମ ବର୍ଗ'ରେ ଅମେ ପହଞ୍ଚିଲୁ । ଓଡ଼ିଶାର ଯେ କୌଣସି ଜିଲ୍ଲା ଅପେକ୍ଷା ଏହାର ଭୂମି ପରିମାଣ ଅଳ୍ପ । ଏହାର କ୍ଷେତ୍ରଫଳ ଏକ ହଜାର ବର୍ଗ-ମାଇଲ୍ ମାତ୍ର । ସମସ୍ତ ରାଜ୍ୟ ଦ୍ୱିତୀୟ ମହାଯୁଦ୍ଧ କାଳରେ ଏକ ରଣକ୍ଷେତ୍ରରେ ପରିଣତ ହୋଇଥିଲା । ଏହାକୁ କାରଖାନା ରାଜ୍ୟ ଆଖ୍ୟା ଦେବା ଯଥାର୍ଥ; ଉତ୍କୃଷ୍ଟ ଲୌହ ଉତ୍ପାଦନ ଲାଗି ଏହା ପ୍ରସିଦ୍ଧି ଲାଭ କରିଅଛି ।

ତା'ପରେ ପ୍ରଶସ୍ତ ମୋଜେଲ୍ ନଦୀ ଅତିକ୍ରମ କରି ଆମେ ପଶ୍ଚିମ ଜର୍ମାନୀରେ ପହଞ୍ଚିଲୁ; ଏହି ସମୃଦ୍ଧ ରାଜ୍ୟରେ ମାତ୍ର ଦୁଇଟି ଦିନ କଟାଇଥିଲି । ବେନ୍‌ସିମ୍ ସହରରେ ଡଲାର୍ ବଦଳାଇ ମାର୍କ ମୁଦ୍ରା ଆଣିଥିଲି, ହୋଟେଲରେ ପାଣି ମାଗିବାରୁ ବନ୍ଧୁ କହିଲେ—ଏଠି କେହି ପାଣି ପିଅନ୍ତିନାହିଁ, ଦୁଧ ବା କଫି ପିଅ । କିନ୍ତୁ କଫି କପ୍‌କୁ କିଣିବା ଲାଗି ମୋତେ ୬୦ ପେଣ୍ଟ୍ ବା ପାଞ୍ଚଟଙ୍କା ଦେବାକୁ ପଡ଼ିଥିଲା ।

ଜର୍ମାନୀର ପ୍ରାଚୀନତମ ହାଇଡେଲ୍‌ବର୍ଗ ବିଶ୍ୱବିଦ୍ୟାଳୟ ବିଜ୍ଞାନଶିକ୍ଷା ଲାଗି ଜଗତ୍‌ପ୍ରସିଦ୍ଧ । ସର୍ବଭେଦୀ ଗାମା ରଶ୍ମି ଏହି ବିଶ୍ୱବିଦ୍ୟାଳୟରେ ଉଦ୍ଭାବିତ ହୋଇଥିଲା ।

ତା'ପରେ ସ୍ୱିଜରଲାଣ୍ଡ—ଏହା ଆକାରରେ ଓଡ଼ିଶାର ଏକ ଚତୁର୍ଥାଂଶ ମାତ୍ର । ଲୋକସଂଖ୍ୟା ଚାଳିଶ ଲକ୍ଷ । ଜର୍ମାନ୍, ଫ୍ରେଞ୍ଚ୍, ରୋମାନିକ, ଇଟାଲୀୟ—ଏଇ ଚାରିଗୋଟି ଭାଷା ଏଠି ପ୍ରଚଳିତ । ସମଗ୍ର ଦେଶକୁ ୬୨ଟି କାଣ୍ଟନ୍‌ରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ କାଣ୍ଟନ୍ ବହୁଳାଂଶେ ସ୍ୱାୟତ୍ତ ଶାସନ ଉପଭୋଗ କରେ । ଏଠା ହ୍ରଦମାନଙ୍କରେ ଜଳଯାତ୍ରା ଓ ଟେଲିରେ କୁହୁଡ଼ିଭରା ପର୍ବତଆରୋହଣ ବିଶେଷ ପ୍ରୀତିପ୍ରଦ ହୋଇଥିଲା ।

ତା'ପରେ ସ୍ୱିଜରଲାଣ୍ଡ ଓ ଅଷ୍ଟ୍ରିଆର ମଧ୍ୟବର୍ତ୍ତୀ ଦେଶ ଲିଚେନ୍‌ଷ୍ଟାଇନ୍ ରାଜ୍ୟ; କ୍ଷୁଦ୍ରତମ— ମାତ୍ର ୬୧ ବର୍ଗମାଇଲ୍ ମାତ୍ର । ଏହାର ଦେଶରକ୍ଷାବାହିନୀ ନାହିଁ; ଯାନବାହନ ଚଳାଚଳ ଓ ଶାନ୍ତିରକ୍ଷା ଲାଗି ମାତ୍ର ୨୨ ଜଣ ପୁଲିସ୍ ଅଛନ୍ତି ।

Digitized by srujanika@gmail.com

ଅଷ୍ଟ୍ରିଆର ଅଧିକାଂଶ ପାହାଡ଼ୀ ଭୂଇଁ; ପାହାଡ଼ ଉପରେ ଓ ତଳେ କାଷ୍ଠ ଗୃହର ଗ୍ରାମସବୁ; ଅଷ୍ଟ୍ରିଆରେ ସିଲିଂ ମୁଦ୍ରା ଚଳେ—୧ ଡଲାର୍=୨୫ ସିଲିଂ । ଏହି ରାଜ୍ୟରେ ବସନ୍ତର ଆଲପସ୍ ପର୍ବତ ପାରହେଲା ବେଳେ ମୁଁ 'ଆଲ୍‌ପସେ ବର୍ଷା ଝରେ' କବିତାଟି ଲେଖିଥିଲି ।

ପିଅପି ନଦୀ ପାରହେବା ପରେ ଦୂରରୁ ଜଳାର୍ଣ୍ଣବ ମଧ୍ୟରେ ଇଟାଲୀର ଭେନିସ୍ ସହରର ଆଲୋକମାଳା ଦେଖାଗଲା । ଭେନିସ୍ ନଗରର ପଥ ଜଳପଥ, ଏଥିରେ ବସ-ଟ୍ରାମ୍ ନାହିଁ, 'ଗଣ୍ଡୋଲା' ଚାଲେ । ଭେନିସ୍‌କୁ ଆଡ୍ରିଆଟିକ୍ ସମୁଦ୍ରର ରାଣୀ ଆଖ୍ୟା ଦିଆଯାଇଥିଲା । ନୀଳ ଜଳାବ୍ଧିରୁ ବିପୁଳ ଶଙ୍ଖଧବଳ ସୌଧସବୁ ଉଠି ଗଗନ ଚୁମ୍ବନ କରୁଛନ୍ତି ।

ତା'ପରେ 'ପୋ' ନଦୀ ପାର ହୋଇ ଆମେ 'ଫେରାର', 'ପାଡୁଆ', 'ବଲୋନା' ସହର ଦେଖି ଶେଷରେ ଫ୍ଲରେନ୍‌ସ୍ ନଗରୀରେ ଉପନୀତ ହେଲୁ । ନଗରୀର ମଧ୍ୟ ଭାଗରେ ଆର୍ନୋ ନଦୀ ପ୍ରବାହିତ । ମହାକବି ଦାନ୍ତେଙ୍କ ଜନ୍ମସ୍ଥାନ ଭାବରେ ଫ୍ଲରେନ୍‌ସ ଜଗତ୍‌ବିଖ୍ୟାତ । କିନ୍ତୁ ଏହି ନଗରୀ ସେ ଦିନ ତାଙ୍କ ପ୍ରତିଭାକୁ ଚିହ୍ନିପାରି ନ ଥିଲା । ୧୩୦୧ ରେ କବିଙ୍କୁ ନିର୍ବାସନ ଓ ମୃତ୍ୟୁଦଣ୍ଡ ଦିଆ ହୋଇଥିଲା ।

ଫ୍ଲରେନ୍‌ସ୍ ଉନ୍ନତ କଳା, ଭାସ୍କର୍ଯ୍ୟ ଓ ସାହିତ୍ୟ ଯୋଗୁଁ ପଶ୍ଚିମ ଇଉରୋପର ଏଥେନ୍‌ସ୍ ନାମରେ ପ୍ରସିଦ୍ଧି ଲାଭ କରିଥିଲା । ମାଇକେଲ୍ ଆଞ୍ଜେଲୋ, ଲିଓନାର୍ଡୋ ଭିଞ୍ଚି ଓ ରାଫେଲ୍‌ଙ୍କ କଳା ଯୋଗୁଁ ଏହା ଜଗତ୍‌ବିଖ୍ୟାତ ।

ଆର୍ନୋ ନଦୀର ତୀରେ ତୀରେ ଯାତ୍ରା କରି ଶେଷରେ ଆମେ ଟାଇବର୍ ନଦୀ କୂଳରେ ରୋମ୍ ନଗରୀରେ ପ୍ରବେଶ କଲୁ । ଜୀର୍ଣ୍ଣ ରୋମାନ୍ କାନ୍ଥ, ଥିଏଟର ହଲ; ମୂର୍ତ୍ତିସବୁ ଅଦ୍ୟାପି ଦୃଷ୍ଟି ଆକର୍ଷଣ କରେ । ପୋପ୍‌ଙ୍କ ବାସସ୍ଥାନ ଯୋଗୁଁ ଏହା ଜଗତ୍-ପ୍ରସିଦ୍ଧ । ଇଟାଲୀରେ ପ୍ରଚଳିତ ମୁଦ୍ରାର ନାମ ଲୀରା—୧ ଡଲାର=୬୦୦ ଲୀରା ।

ପୋପ୍‌ଙ୍କ ଭାଟିକାନ୍ ସିଟି, ମାଇକେଲ୍ ଆଞ୍ଜେଲୋଙ୍କ ନିର୍ମିତ ମାର୍ବଲ୍ ମୂର୍ତ୍ତି ଓ ଅଙ୍କିତ ଫ୍ରେସ୍କୋ, ପିସା ନଗରର ହେଲନ୍ତା ଅବନମ୍ର ଟାୱାର୍, କଲମ୍ବସ୍‌ଙ୍କ ଜନ୍ମସ୍ଥାନ ଜେନୋଆ ଦେଖି ଆମେ ଭୂମଧ୍ୟସାଗର ତୀରେ ତୀରେ ଫ୍ରାନ୍‌ସ୍ ଯାତ୍ରା କରିଥିଲୁ, 'ନାଇସ୍' ନଗରୀର ସମୁଦ୍ର ତୀର ବାଲୁକାହୀନ, ଉପଳମୟ । ଛୋଟିଏ ନଗରୀବିଶିଷ୍ଟ ସ୍ୱାଧୀନ ମୋନାକୋ ରାଜ୍ୟ ଏହାର ମୁହାଁମୁହିଁ ହୋଇ ରହିଛି । ଯାତ୍ରୀସମାଗମ ଓ ଦ୍ୟୂତକ୍ରୀଡ଼ା ଆୟ ଉପରେ ନିର୍ଭର କରି ଏହି ରାଜ୍ୟ ଚଳେ ।

Digitized by srujanika@gmail.com

ମନାକୋରୁ ଆମେ ପ୍ୟାରିସ୍ ଯାତ୍ରା କରିଥିଲୁ । ପ୍ୟାରିସ୍‌ର ଆଇଫେଲ୍ ଟାୱାର୍, ବିଭିନ୍ନ ମ୍ୟୁଜିଅମ୍, ମୋନାଲିସାର ହସ ଓ ଲିଡ଼ୋ ନୃତ୍ୟ ଦେଖି ଗୋଟିଏ ମିଶରୀୟ ଉଡ଼ାଜାହାଜରେ ପ୍ରାୟ ରାତି ବାରଟା ବେଳେ କାଏରୋରେ ପହଞ୍ଚିଲି । କାଏରୋରେ ତୁତଖନ ରତ୍ନ ମ୍ୟୁଜିୟମ ଦେଖିଥିଲି; ନୀଳ ନଦୀରେ ଜଳଯାତ୍ରା କରିଥିଲି । ସାହାରା ମରୁଭୂମି, ପିରାମିଡ୍, ସ୍ଫିଙ୍କ୍‌ସ ଓ ସାର୍‌କୋଫାଗସ୍ ସବୁ ଦେଖି କାଏରୋରୁ କଲିକତା ଓ ତା'ପରେ କଟକ ଫେରି ଆସିଥିଲି । ଆମେରିକାରୁ ଇଉରୋପ, ଆଫ୍ରିକାର ପରିକ୍ରମା ଲାଗି ମୋତେ ସାଢ଼େ ଚାରିମାସ ସମୟ ଲାଗିଥିଲା । ପ୍ରାୟ ୭୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ସବୁ ଇଚ୍ଛା, ଉଦୟ ଦେଇଥିଲେ ।

କେତେ ନୂଆ ନୂଆ କବିତା ଲେଖିବି ବୋଲି ଯୋଜନା କରି ଆସିଥିଲି । ସବୁ ପାଣି ଫାଟିଗଲା । ଲେଖିଲି କେବଳ 'ଆମେରିକାରୁ ଇଉରୋପ ଆଫ୍ରିକା' ଭ୍ରମଣ କାହାଣୀ—ବିପୁଳ ଅନୁଭବର ଆନନ୍ଦ ନିଃସରଣ ।

Digitized by srujanika@gmail.com

ମୋ ଗ୍ରାମ—ବ୍ୟକ୍ତିକ ଓ ସାମାଜିକ

ଉଭୟଚର

କେହି ଗ୍ରାମବାସୀ, କେହି ସହରବାସୀ—ମୁଁ କିନ୍ତୁ ଉଭୟଚର; କେତେବେଳେ ସପାଟ ପିଚ୍ ରାସ୍ତାରେ, କେତେବେଳେ ବା ଗହୀର ବିଲ ସରୁ ହିଡ଼ର କୋଇଲଖା କଣ୍ଟା ଭିତରେ। କେତେବେଳେ ସ୍ୟାଣ୍ଡ୍ କୋଟ୍ର ଗ୍ରୁପ ଚକଚକିଆ ମହଲରେ, କେତେବେଳେ ଚଷା କଣଆପିନ୍ଧା ଫିଙ୍ଗା ମେଳରେ ମୋ ଜୀବନ କଟେ। ସାହିତ୍ୟର ସ୍ତରେ ସ୍ତରେ ମୋର ଉଭୟଚରତ୍ୱର ପ୍ରମାଣ। କିନ୍ତୁ ଗ୍ରାମ ପ୍ରତି ଟିକିଏ ଦରଦ ଅଧିକ। ସହରଟା ବାହାରେ, ଗ୍ରାମ ଏକାନ୍ତ ନିଜସ୍ୱ ପରି ଥିଲା ମନରେ। ତାର ଅବହେଳିତ ନିରୁତ୍ତୁଣ ମୋର ପ୍ରିୟ, ତାର ଶ୍ରୀ ସୌନ୍ଦର୍ଯ୍ୟ, ସ୍ଫୂର୍ତ୍ତି ଓ ଆହ୍ଲାଦ, କୋମଳତା ଓ କାରୁଣ୍ୟ ଏକାନ୍ତ ମର୍ମସ୍ପର୍ଶୀ ଥିଲା, ତା'ର ଜୀବନ ମୋ ଜୀବନକୁ ଅର୍ଦ୍ଧାଧିକ ଆବୋରି ବସିଥିଲା। ତାର ଲଳକୁଳୀ ଲତା ଓ ନାଗ୍ନ, ତାର ନୃତ୍ୟ ଓ ଗୀତ, ତାର ଅସକଡ଼ା ବେଶ ଓ ଶାନ୍ତ ସରଳ ବିଶ୍ୱାସ, ଘୋର ଦାରିଦ୍ର୍ୟ ମଧ୍ୟରେ ତାର ଧୃତି, କୃତି, କରାମତି ଓ ସହଣିକ ଶକ୍ତି, ତାର ଅନାବନା ସର୍ଜନ ଓ ଅଟଳ ଈଶ୍ୱରୈକ ଆସ୍ଥା, ତାର ନମ୍ରନତ ସ୍ୱଭାବ ଓ କମନୀୟ ଭାବବିଳାସ, ତାର ପୁଣ୍ୟ ମନ୍ତ୍ର, ଯାତ୍ରାଲୀଳାରସିକତା ଓ ହାସ୍ୟବ୍ୟଙ୍ଗପଟୁତା ମୋତେ ମନ୍ତ୍ରମୁଗ୍ଧ କରି ରଖିଥିଲା; ତାର ଜୀବନସଂଗ୍ରାମ ପଛେ ପଛେ ପରୋକ୍ଷ ଭାବେ ମୁଁ ଥିଲି। କେତେବେଳେ ଆର୍ଥିକ ସାହାଯ୍ୟ, କେତେବେଳେ ନୈତିକ ସମର୍ଥନ ବା ଦେଉଥିଲି। ତେଣୁ ମୋ ପଛେ ପଛେ ଅସହିଷ୍ଣୁ ପଶୁଶକ୍ତିର ଶତ୍ରୁଦୃଷ୍ଟି ବୁଲୁଥିଲା, ମୋ ଚାକିରିଟି ନେବା ଲାଗି କମ୍ୟୁନିଷ୍ଟ୍ ବୋଲି ଗୁପ୍ତ ରିପୋର୍ଟଟିଏ ପଠେଇଥିଲା।

ବାପା ମଲାପରେ ଗାଆଁ ସହିତ ନିବିଡ଼ ଯୋଗାଯୋଗ ରଖିଥିଲି। ବେଳେ ବେଳେ ଘରକୁ ଯାଇ ଗାଆଁ ଖବର ବୁଝୁଥିଲି। ଆମ ଘରର ଲାଗିଥିବା ପୁରୁଣା ଲୋକ ଏକାନ୍ତ ବିଶ୍ୱସ୍ତ ଥିଲେ। ସେମାନଙ୍କ ବଳରେ ଆମେ ପୂର୍ବପରି ହାତଚାଷ ଚଳାଇଥିଲୁ। ଗ୍ରାମର ଭାଗ୍ୟ ସହିତ ଆମର ଭାଗ୍ୟ ଜଡ଼ିତ ଥିଲା। ସ୍ୱଚ୍ଛନ୍ଦ ଓ ପ୍ରତିଷ୍ଠିତ ହେବାପରେ ଏହାର ଯତ୍ସାମାନ୍ୟ ଉନ୍ନତି କରିବା ଲାଗି ଚେଷ୍ଟା କରିଥିଲି। ହା. ସ୍କୁଲ, ପଶୁଡାକ୍ତରଖାନା, ପୋଷ୍ଟଅଫିସ୍ ସେହି ଚେଷ୍ଟାର ଫଳ। ଉଗ୍ର ସଂସ୍କାରକ ମୁଁ ନ ଥିଲି। ବିବାହ, ବ୍ରତ,

Digitized by srujanika@gmail.com

ଭାଗବତ ଓ ମୃତାହ ବିଶ୍ୱାରେ ନିଜ ଅବସ୍ଥା ପ୍ରତି ଅକ୍ଷି ଭୁଞ୍ଜ ଦେଇ ଯଦୃଚ୍ଛା ଖର୍ଚ୍ଚ କରି ଲୋକେ କାଳଯାପନ କରୁଥିଲେ । ତାହାଙ୍କୁ ରୋକିବାର ବାଟ ପାଇ ନ ଥିଲା କମ୍ପା ସରକାରୀ ଭୃକଣ୍ଡ କରି ସମାଜ ବିରୁଦ୍ଧରେ ଛୁଡ଼ା ହେବାକୁ ଅବସର ନ ଥିଲା ବା ସାହସ କୁଳେଇ ନ ଥିଲା । କେବଳ ବ୍ରାହ୍ମଣମାନଙ୍କ ହାତ ଲଙ୍ଗଳକଣ୍ଠରେ ପକାଇବାକୁ ଚେଷ୍ଟା କରିଥିଲା । କାରଣ କର୍ମକୋଟିପଣରୁ ଏହି ସମାଜ ଦିନେ ନିଶ୍ଚିହ୍ନ ହୋଇଯିବ, ମୋର ବିଶ୍ୱାସ ଜନ୍ମିଥିଲା । ଗ୍ରାମରେ ଯାହା କିଛି ସତ୍କର୍ମ କଲେ ପଣ୍ଡିତମାନେ ବାଧା ସୃଷ୍ଟି କରୁଥିଲେ । ସେହି ଶକ୍ତି ଏବେ କାବୁ ହେବା ପରେ ଓ ଆମର ଆର୍ଥିକ ସଂଗଠନ ବଦଳିବା ପରେ ଅବାଧ ଭାବରେ ସତ୍କର୍ମ କରିବା ସମ୍ଭବ ହେଲା ।

ଇତିହାସ ନା ଉପନ୍ୟାସ ?

ଏବେ ଉପନ୍ୟାସ ପରି ଲାଗେ, କିନ୍ତୁ ଦିନେ ଇତିହାସ ଥିଲା । ଐତିହାସିକଙ୍କ ଦୃଷ୍ଟି ଏଡ଼ି ଯାଇଥିଲା, କିନ୍ତୁ ଲେଖକ ମନରେ ଗଭୀର ଗାର ଟାଣିଥିଲା—କାହୁଁଅ ବଳିବଳ, ଲୁହ ଛଳ ଛଳ ପଡ଼ାଗ୍ରାମ, ଏଣ୍ଟାର କାତାଉଳ, ପଛରୁଚ୍ଛିଆ, କାଙ୍ଗାଳିଆ ମଣିଷ, ପରସ୍ପରି ଭୂଧରେ, ଅବସ୍ଥାର ଚକାନ୍ତରେ ଯେଉଁମାନଙ୍କର ହାତ ଭୁଣ୍ଡା ହୋଇଯାଇଥିଲା; ପଛକୁ ଅନାଇ ପକାଇଲେ ଦିଶେ— ସେ ଦିନର ଏକଚିତ୍ର ସ୍ୱଚ୍ଛଳ ମୋ ଆଖି ଆଗରେ ଖପରାରେ ଖାଇଲେ, କହପୁଣି ମାରିଲେ, ରାହୁଆ ମହାଜନଙ୍କ ନାକ ମୂଳ ଲାଗିଲେ; ହଣ୍ଡା ହଣ୍ଡା ପାଞ୍ଚଶେଣିଆ ଭୂଇଁସବୁ ଭୂଇଁରେ ଶୋଇଗଲା, ଛୁଡ଼ାହେଲା ଗଣ୍ଡା ଗଣ୍ଡା ଖଣ୍ଡିଆ କାନ୍ଥ ।

ଭଗବାନ୍ ଦାଶଙ୍କୁ ଆଙ୍ଗୁଠି ଦେଖାନ୍ତି ସେମାନେ—ସେଇ ଅମଳକୁ ମାଗି ଖୁଆଇଲା, ରାଣ୍ଡମାନଙ୍କୁ ବଡ଼ଦାଣ୍ଡରେ ବସାଇଲା; ଜମିବାଡ଼ି, ଗଛବୃଚ୍ଛ, ଗଡ଼ିଆ ପୋଖରୀ ସବୁ ନେଲା, କିନ୍ତୁ ନିଜ ଦୁର୍ବଳତା, ଦୋଷତ୍ରୁଟି ଆଖିରେ ପଡ଼ୁନାହିଁ । ସେ ନେଲା ତାର ପାଗଳାପଣ । ସେ ଜବରଦସ୍ତି କିଛି ନେଇ ନ ଥିଲା । ମାଡ଼ ତ ଦୂରର କଥା, କାହାକୁ ଦିନେ ଭ୍ରୂଣ୍ଡ ବି ବୁଲ୍ଡ଼ି ନ ଥିଲେ । ଖୁବ୍ ସହଣିକପଣ ଥିଲା ତାଙ୍କର । ପାଞ୍ଚ ପଦ ଗାଳିଦେଲେ ବି ସେ ମୁଣ୍ଡ ନୁଆଁଇ ଭୁଲିଯାଉଥିଲେ । ଧୀରେସୁସ୍ଥେ ଗୋଟିକ ପରେ ଗୋଟିଏ ଗଡ଼ ସେ ଜୟ କରି ଚାଲିଗଲେ । ଗୋଟିଏ ହେଲେ ମକଦ୍ଦମାରେ ତାଙ୍କର ହାରକ ନ ଥିଲା । ଭ୍ରଣ ଦଗଲୁ ବନଣି ପକାଇ ମଝିରେ ବସିଥିଲେ ସେ, ଝିଙ୍କୁଥିଲେ ଟପ୍ ଟାପ୍; ବେଳେ ବେଳେ ଗୁପଦକୁ ବି ଯୋଖାର ଆଣୁଥିଲେ ।

ଜମି ବାସୁଥିଲା ତାଙ୍କୁ । ଖଣ୍ଡିକ ପରେ ଖଣ୍ଡିଏ ମିଶାଇ କରିଥିଲେ ଗୋଟା ଗୋଟା ଗଭାର । ତାଙ୍କର ବିଶ୍ୱାସ ଜନ୍ମିଥିଲା—କାମନା ପୂରଣ କରିବାଲାଗି ସ୍ୱୟଂ

Digitized by srujanika@gmail.com

ଦିଅଁବତାମାନେ ମଞ୍ଚମଣ୍ଡଳକୁ ଆସୁଛନ୍ତି । ସେ ଲକ୍ଷ୍ମୀଠାକୁରାଣୀଙ୍କ ଅଳ୍ପାଳ ପୁଅ । ପୂର୍ଣ୍ଣଚନ୍ଦ୍ର-ବାସୁଦେବ ପରି ଚତୁର୍ଧାମୂର୍ତ୍ତି ସାଜି ନ ଥିଲେ ସତ୍ୟ, କିନ୍ତୁ କହୁଥିଲେ—ମତେ ଡ଼ାକ, ମୁଁ ପାଞ୍ଚଗୋଣୀ, ତିନଗୋଣୀ ଦେବି, ଭଗବାନ୍ ଦେବେ କଣ ?

ମୋର ବିଶ୍ୱାସ, ଅଧିକାଂଶ ଧନୀ ଲୋକଙ୍କର ମତିଗତି ପ୍ରାୟ ଏକାପରି । ଦୁର୍ଭିକ୍ଷକୁ ଡାକନ୍ତି ସେମାନେ; ଅକାଳ ନ ପଡ଼ିଲେ ଲୋକେ ଅମାନିଆଁ ହୋଇଯିବେ । ଲୋକଙ୍କ ବିପଦ ଭିତରୁ ହିଁ ବଡ଼ଲୋକର ସମ୍ପଦ ଜନ୍ମହୁଏ । ଯେତେବେଳେ ଧୂଆଁ, କଣ୍ଟା, ଅଗାଡ଼ିର ବି ମୂଲମାନ ହୁଏ, ଫାନ୍ଦରେ ପଡ଼ି ଶିକାର ଛଟପଟ ହେଉଥିଲାବେଳେ ସେମାନଙ୍କୁ ଦେଖିବାକୁ ସୁଖ ଲାଗେ; ମଣିଷର ପଞ୍ଜରା ଚିପିଲାବେଳେ ଯୋଉ କେଁ ଉଠେ, ଶୁଣିବାକୁ ସଙ୍ଗୀତପରି ଲାଗେ । ଭଗବାନି ଦାଶ ସେଇ ଏକା ଲହର ମଞ୍ଜି, ଗୋଟାଏ ଯନ୍ତ୍ରର କାରସାଦ । ଦେଶସାରା ଏଇ କଟାଣ ମହାବଳମାନଙ୍କ ଉପଦ୍ରବରେ ଦେଶଟା ନାରଖାର ହୋଇଯାଇଥିଲା । ରାଜା, ଜମିଦାର, ମହାଜନ ସମସ୍ତେ ତ ଗଲେ, ସେମାନଙ୍କ ସଙ୍ଗେ ଗଲେ ଭଗବାନ୍ ଦାଶ ।

ତାଙ୍କ ପୁଅ ରାମ ଦାଶ ଠିକ୍ ବାପଓଳିରେ ପୁଅ, ଛୁଇଁବାକୁ ଏକା ସେଇ ମଣିଷ । ଦେଖି ଦେଖି ସମସ୍ତେ ହେଲେ ତାଙ୍କ ଖାତକ; ତାଙ୍କ ଦଉଲତ ସଙ୍ଗେ ମାମଲତ ଓ ମାମଲା ବଢ଼ିଚାଲିଲା । ବାପ୍ ସେ ବେଟା ଜ୍ୟାଦା ।

କିନ୍ତୁ ବିରାଡ଼ି ଛିଙ୍କି ଦେଲା । 'ରାମରାଜ୍ୟ'ରେ ଘର ଗୋଟାଏ ଚହଲା । କମ୍ୟୁନିଷ୍ଟ । ସେଠି କି ଗଣ୍ଡଗୋଳ ମାଡ଼ି ଉଠିଲେ !

ହଠାତ୍ ଆଖି ଫିଟିଗଲା, କୋର୍ଟକଚେରି ଦେଖିଆସି ଲୋକେ ନିଧଡ଼କ, ଘୂଲଙ୍କା-ଚଉଚ ହୋଇଗଲେ । ଭାଗୁଆଲୀ ଭାଗ ଦେଲେନାହିଁ, ଭାଗ ମାଗିଲେ ସାବ୍ୟସ୍ତ ହୋଇଯିବ ମକଦ୍ଦମା ଏଇ ଶଙ୍କାରେ ରସିଦ୍ ଦେଉ ନ ଥିଲେ । ରାମ ଦାଶେ ମକଦ୍ଦମା କରି କେତେକ ଜମିରୁ ପ୍ରଜାଙ୍କୁ ବେଦଖଲ କଲେ । କିନ୍ତୁ ଚାଷୀମାନେ ତାଙ୍କର ଅନ୍ୟ ଜମିତକ ବି ଦଖଲ କରିଗଲେ । କଣ ନା ଭାଗଜମି । କେତେ ମକଦ୍ଦମା କରିବେ ? ଫଳ କଣ ? କୋଠି, ଖଳା, ଖଣି ଖାଲି ହେଲା । ପୋତାମାଲ ବି ସରି ସରି ଆସିଲା । ତାଙ୍କର ଧାନ ବିକି ତାଙ୍କ ବିରୁଦ୍ଧରେ ଲୋକେ ମକଦ୍ଦମା ଚଳାଇଲେ, ତାଙ୍କ ବିଲରେ ଗୋରୁ ଚରାଇଲେ, ତାଙ୍କ ଧନ ଯୋଉଠି ପାରିଲେ ସେଠି ଅନ୍ଧାରିଆ କଲେ । ଦାଶେ ସବୁ ଦେଖି ବି ଜଳକା ପରି ରହିଲେ । ପାଟି ଫିଟାଇବାର ଯୁ ନ ଥିଲା ।

ତାଙ୍କର ଏକମାତ୍ର ପୁତ୍ର ପ୍ରଫୁଲ୍ଲ ଦିନେ କହିଲା—ନନା, ମତେ କଣ ଆଉ ଏପାରରେ ରଖିବନାହିଁ ? ମୁଁ କାହା ସଙ୍ଗେ ଚଳିବ ? ସମସ୍ତେ ତ ଶତ୍ରୁ !

Digitized by srujanika@gmail.com

- ଦଶପଚଶଖଣ୍ଡ ଗ୍ରାମର ଭଲଲୋକ ଡକା ହୋଇ ନ୍ୟାୟନିଶାପ ହେଲା । କେତେବେଳେ ନ୍ୟାୟଦଣ୍ଡ ରାଜାଙ୍କ ଆଡ଼କୁ, କେତେବେଳେ ବା ପ୍ରଜାଙ୍କ ଆଡ଼କୁ ଢଳିଲା । କିଛି ଛିଡ଼ିପାରିଲା ନାହିଁ । ନିଆଁ ହୁ ହୁ ଜଳିବାକୁ ଲାଗିଲା; ଅରାଜକତା ଅନ୍ୟ ଗ୍ରାମମାନଙ୍କୁ ବ୍ୟାପିବାର ଶଙ୍କା ବି ହେଲା । ରାଜା ଓ ପ୍ରଜା ଉଭୟଙ୍କର ମୋ ଉପରେ କିଛି ବିଶ୍ୱାସ ଥିଲା । ମୋହନ ଦାଶ ତ କମ୍ୟୁନିଷ୍ଟ୍ ନେତା । ଆମ ଉଭୟଙ୍କ ଭଲଲୋକୀରେ ଭୂମିଆଳୀ ପ୍ରଜାଙ୍କୁ ମାଣକେ ପାଏ ଜମି ଛାଡ଼ିଦିବାର କଥା ହେଲା । ଗଡ଼ିଆ, ପୋଖରୀ, ଦୋଳବେଦୀ, ଶ୍ମଶାନ, ବାଟଘାଟ ସର୍ବସାଧାରଣଙ୍କ ଚଳାଚଳ ଲାଗି ଛାଡ଼ଦେବା, ନାମମାତ୍ର ଦାମ୍‌ରେ ଭିଟାବାଡ଼ି, ଗଛବୃଛ ପ୍ରଜାଙ୍କୁ, ମାଣେ ଜମି ଇଷ୍ଟଦେବ ଗୋପୀନାଥଙ୍କୁ, ତିନିଏକର ଜମି 'ଚନ୍ଦ୍ରାମଣିବିଦ୍ୟାପୀଠ'କୁ କବଲା କରିଦେବାର କଥା ହେଲା ।

ନେଇ ନେଇ ଯାହାର ଜୀବନ ଯାଇଛି, ସେ କେମିତି ଏତେ ଜମି ମୃଛି ପାରିବ ? ପ୍ରାୟ ୫୦ ଏକର ଜମି ତାଙ୍କ ହାତରୁ ଖସି ଯାଉଥିଲା । ଗୁରୁ ଫାଟିଗଲା ପରି ଲାଗୁଥିଲା । ଦାଶେ କିଛି ନା କିଛି ଆଳ ଦେଖାଇ ଟାଳଟୁଳ କଲେ । ପିପିଲି ରେଜେଷ୍ଟ୍ରି ଅଫିସ୍‌କୁ ପ୍ରଜାମାନେ ସକାଳେ ଯାଇ ସନ୍ଧ୍ୟାରେ ଫେରିଲେ—ପେଟରେ ଭୋକ, ଆଖିରେ ନିଆଁ ।

ମାର୍ଗଶୀର ମାସ ଗୁରୁବାର · ଲକ୍ଷ୍ମୀପୂଜା । ଗ୍ରାମବାସୀମାନେ ତାଙ୍କ ଆଖି ଆଗରେ ତାଙ୍କ ଖଳାରୁ ସେଦିନ ଗୋଟାଏ ଧାନଗଦା ବୋହିନେଲେ । 'ନିଅନାହିଁ' ବୋଲି କହିବାକୁ ଜିଭ ଲେଉଟିଲାନାହିଁ ବା ସାହସ କୁଳେଇଲା ନାହିଁ । ଏଇ ଚରମ ଅପମାନ ଓ ଅଲକ୍ଷଣା କଥା ଘଟିଲାପରେ ଯାଇ ଦାଶଙ୍କର ଚେତା ପଶିଲା । ପ୍ରତିଶ୍ରୁତ ଜମିରୁ ଅଧିକାଂଶ କବଲା କରିଦେଲେ ।

ଜମିମାଲିକଙ୍କ ପତନପରେ ବହୁବର୍ଷବ୍ୟାପୀ ସଂଗ୍ରାମର ଅବସାନ ହେଲା । ନାମସଙ୍କୀର୍ତ୍ତନ, ପାଟୁଆଯାତ୍ରା ଓ ଗ୍ରାମ୍ୟ ଯାନଯାତ୍ରାର ପ୍ରାୟ ବିଲୋପ ଘଟିଥିଲା । ଓଷାବ୍ରତ, ଦୋଳଦଶହରାର ଉନ୍ମାଦନା ଭଟ୍ଟା ପଡ଼ିଯାଇଥିଲା । 'ଦେବତା ଏତେକାଳ ଦେଇନାହାନ୍ତି, କେବେ ଦେବେନାହିଁ । ଦାରିଦ୍ର୍ୟ ଦୂର କରିପାରିବେ ନାହିଁ ରୋଗବ୍ୟାଧି ନିବାରଣ କରିପାରିବେ ନାହିଁ । ନିଜ ଗୋଡ଼ରେ ହିଁ ଛିଡ଼ାହେବାକୁ ହେବ । ଏଇ ବିଶ୍ୱାସ ଲୋକଙ୍କ ମନରେ ଜମାଟ ବାନ୍ଧିଲା । ବନ୍ଦ ହୋଇଗଲା ପୁରାଣ ପଢ଼ା, ଭାଗବତ ସପ୍ତା । ନିର୍ମିତ ହେଲା ଯୁବକସଙ୍ଘ, ପାଠାଗାର । ଜାଗ୍ରତ ହେଲା ନୂଆ ଭାବରେ ଜୀବନ ଗଢ଼ିବାର ପ୍ରେରଣା । ଆମ ଗ୍ରାମର ଗତିରୁ ହିଁ ଓଡ଼ିଶାର ଗ୍ରାମୀଣ ପ୍ରଗତିର ସ୍ଥୂଳଧାରଣା କରାଯାଇପାରେ, ଯେପରି ଭାତହାଣ୍ଡିରୁ ଗୋଟିଏ ଚିପିଲେ ଜଣାଯାଏ ।

କିନ୍ତୁ ପୁଣି ବିପତ୍ତି ଛୁଞ୍ଚିଲା, ଗାଆଁରୁ ବହୁ ନେତା ବାହାରିଲେ, ଗାଆଁକୁ ନିଜବାଟରେ ଚଳାଇବାକୁ ଚେଷ୍ଟା କଲେ - ଅଳ୍ପପାଠୁଆ, ଅପାଠୁଆ । 'ଅଳ୍ପବିଦ୍ୟା

Digitized by srujanika@gmail.com

ଭିସ୍ଙ୍କ୍ଞି', ମୂର୍ଖତା ବା ଅଳ୍ପ ଭସ୍ଙ୍କ୍ଞି ନୁହେଁ । ନେତା ନେତା ମଧ୍ୟରେ ସଂଘର୍ଷ ଲଗିଥିଲା, ଲୋକେ ତା ମଧ୍ୟରେ ପଶି ହୋଇ ଯାଇଥିଲେ, ଯାର ହେଉଥିଲା ଯନ୍ତ୍ରଣା ।

ରାମ ଦାଶଙ୍କ ପତନ ପରେ ପ୍ରଫୁଲ୍ଲ ଦାଶେ ମାମଲତକାର ହେଲେ, ସେ ହେଲେ ସରପଞ୍ଚ । ଟ୍ରାକ୍‌ଟର୍‌ଟିଏ କିଣି ସେ ଆଧୁନିକ ଧରଣର ଚାଷ କଲେ । ସମ୍ପତ୍ତି ତନଭାଗରେ ବଣ୍ଟା ଯାଇ ହେଲେ ବି ତାଙ୍କ ଧନ ପରିମାଣ କମିଲା ନାହିଁ । ଏହା ଅଭିଜ୍ଞ ରାମ ଦାଶ ଓ ତାଙ୍କର ନିରଳସ ଆୟୋଜନର ଫଳ ।

ଆନ୍ଦୋଳନବେଳେ ସେ ଇଷ୍ଟଦେବ ଗୋପୀନାଥଙ୍କୁ ମାଣେ ଜମି ଦେବେ ବୋଲି ଜବାବ୍ ଦେଇଥିଲେ । ଟାଳଟୁଳି ମିଠ ଫଳରେ ଏହା ଏକ କୂଟଚକ୍ରାନ୍ତ ଭିତରେ ପଡ଼ିଗଲା । ଏହାକୁ ଅଳ କଣ ଅଧଃପତିତ ନେତାମାନେ ଅସ୍ତ୍ରୋତ୍ଥାନର ଏକ ବାଟ ଖୋଜିଲେ, ଏକ ଆନ୍ଦୋଳନ ସୃଷ୍ଟି ହେଲା; ଲୋକେ ସେମାନଙ୍କ କଥାରେ ଭ୍ରମିଗଲେ । ପାଚିଲାଧାନ କାଟିନେବା ହେଲା ଏକ ପ୍ରଲୋଭନ । ପ୍ରାୟ ଦଶମାଣ ଜମିର ଫସଲ ଏହିଭଳି ନଷ୍ଟ ହେଲା । ବାଉଁଶ ଖିଅର ବନ୍ଦ କଲା । ଏଠୋଣୀ ଅଠରଖଣ୍ଡ ମୌଜାର ମୁଖିଆମାନେ ଏ ସମସ୍ୟାର ସମାଧାନ ଚେଷ୍ଟା କଲେ ।

କିନ୍ତୁ ସେମାନଙ୍କ ସବୁ ଚେଷ୍ଟା ବ୍ୟର୍ଥ ହେଲା, ଅରାଜକତା ବ୍ୟାପିବା ଶଙ୍କାରେ ସେମାନେ ଦୁର୍ବଳତର ପକ୍ଷକୁ ସାହାଯ୍ୟ କଲେ; ଧାନ କାଟିବାଲାଗି ମୂଲିଆ, ଖିଅର କରିବାଲାଗି ବାଉଁଶ ପଠାଇଲେ । କଥା ଅଛି—

ମୂଲିଆ ସୁଅ ମାନ କଲା
ଆପଣା ସେରକ ହାନି କଲା ।

ତନେ କାମକୁ ନଗଲେ ଅଠାଠିକ୍ । ବସାଇ ପୋଷିବ କିଏ ? କାମ କାହିଁ ? ଦଳ ଗୁଡ଼ି ଗୋଟି ଗୋଟି ହୋଇ ପୁଣି କାମକୁ ଆସିଲେ । ନେତାମାନଙ୍କ ମନର ରାଗ ମନରେ ମଲା । ଗ୍ରାମୀଣ କଳହ ଓ ଅନୈକ୍ୟର ସୁଯୋଗ ନେଇ ମକଦ୍ଦମ ପ୍ରଫୁଲ୍ଲ ତ ଏକ ଏକର ଜମି ଗୋପୀନାଥଙ୍କ ନାମରେ ରେଜେଷ୍ଟ୍ରି କରିଦେଲେ ନାହିଁ । ଗୋପୀନାଥଙ୍କ ଏଇ ଜମିର ମାରଫତଦାର୍ ଅଳ୍ପ କେତେଜଣ ହେବେ ନା ଗ୍ରାମବାସୀ ସମସ୍ତେ ହେବେ ? କଳହକୋଳାହଳରେ ଅସଲ ବୃହସ୍ପତି ବୁଡ଼ିଗଲା । ସେଥିଲାଗି କଥା ଅଛି—

ବନସ୍ତରେ ମୃଗ
ମାଂସ ଭାଗ ଭାଗ ।

Digitized by srujanika@gmail.com

ମୋହନ ଦାଶ ଓ ମୁଁ ଏକ ଗ୍ରାମବିବାଦ ଲୁଟାଇଲୁ । କାରଣ 'ଚନ୍ଦ୍ରାମଣି ବିଦ୍ୟାପୀଠ' ଉପରେ ଆଞ୍ଚ ଆସିବାର ସମ୍ଭାବନା ଥିଲା, ପୁଣି ଗ୍ରାମର ଭଲମନ୍ଦ ଗ୍ରାମରେ ଆଉ ସୀମାବଦ୍ଧ ହୋଇ ରହୁ ନଥିଲା । ଏହାର ହାନିଲାଭ ଫଳ ଭୋଗ କରୁଥିଲେ ଗ୍ରାମପୁଞ୍ଜ । ଦାରିଦ୍ର୍ୟ ଯେତେ ନୁହେଁ, ବିଭେଦ ହିଁ ଗ୍ରାମକୁ କରୁଥିଲା ଦୁର୍ବଳତର । ଯାବତୀୟ ଦୁଃଖ, ଅଶାନ୍ତିର କାରଣ ଥିଲା ଏହାହିଁ । କୁଳନେତା ବା ଟାଉଟରମାନେ ଏହାରି ଭିତରୁ ହିଁ ଚଳାଚଳର ଉପାୟ ଆହରଣ କରୁଥିଲେ; ପୁଞ୍ଜିପତିଙ୍କର ସେମାନେ ହିଁ ଥିଲେ ମୁଖ୍ୟ ଆୟୁଧ ।

ତାପରେ ଅନ୍ୟ ଏକ ମହାପ୍ରବାହ ଆସି ଖାଲଖମା, ଟିବିଗଡ଼ିଆ, ହୁଦସବୁ ଏକାକାର କରିଦେଲା । ବଡ଼ ବୃକ୍ଷୀ ଲୋପ ପାଇଗଲେ; ଅନ୍ୟ ଶ୍ରମ ଉପରେ ନିର୍ଭରଶୀଳ ମଧ୍ୟବିତ୍ତଙ୍କ ଅବସ୍ଥା ମଧ୍ୟ ଶୋଚନୀୟ । ପୃଥିବୀ ଓଲଟିଲା । ଉପର ତଳକୁ, ତଳ ଉପରକୁ ଉଠିଲା । ଦୈନ୍ୟରାକାନ୍ଦୁଲା ମୁହଁର ଫୁଟି ଉଠିଲା ହାସ, କଙ୍କାଳର ସ୍ତୂପ ଭିତରେ ବୋହି ଯାଉଥିଲା କାବ୍ୟର ରସ । ଗୋଟାଏ ବିପ୍ଳବ । ବିଳମ୍ବରେ ହେଉପଛେ ଜନତାର ଓ କାବ୍ୟାଦର୍ଶର ଜୟ ହେଲା ।

ଚନ୍ଦ୍ରାମଣି ବିଦ୍ୟାପୀଠ

ଏହି ଅନୁଷ୍ଠାନ ଆମ ପିତା ଚନ୍ଦ୍ରାମଣି ଦାଶଙ୍କ ନାମରେ ନାମିତ । ଉଦୟନାଥ ୧୯୭୬ ମାର୍ଚ୍ଚ ସୁଦ୍ଧା ଏହାର ନିର୍ମାଣ ଲାଗି ଦୁଇଲକ୍ଷ ତେଇଶିହଜାର ଟଙ୍କା ଦାନ କରିଅଛି; ଏହି ବିଦ୍ୟାଳୟ ଏବେ କ୍ରମଅଭିବୃଦ୍ଧି ପଥରେ । ଏହାକୁ ଏକ ଶ୍ରେଷ୍ଠ ଅନୁଷ୍ଠାନ ରୂପେ ଗଢ଼ିବା ତାର ଇଚ୍ଛା ଓ ଏଥିଲାଗି ତାର ଦାନ ଅକୁଣ୍ଠ ଓ ଅକାତର ।

୧୯୬୬ ଖ୍ରୀଷ୍ଟାବ୍ଦରେ ମୁଁ ଆମେରିକା ଗଲି; ଉଦୟ ଓ ଇରା ଡାକ୍ତର ଡାକ୍ତରାଣୀ—ସେତେବେଳେ ଦୁହେଁ ମିଶି ମାସକୁ ପ୍ରାୟ ଦଶହଜାର ଟଙ୍କା ରୋଜଗାର କରୁଥିଲେ; ସେଥିରୁ ଅଧେ ଆୟକରରେ ଯାଉଥିଲା । ବାକି ଟଙ୍କା ସୁଅମୁହଁରେ କୁଆଡ଼େ ବୋହି ଯାଉଥିଲା ।

ଦିନେ ଉଦୟକୁ କହିଲି— ଅଜସ୍ର ଟଙ୍କା ତ କମେଇଲଣି, ସବୁ ଉଡ଼ିଯାଉଛି— କିଛି ସ୍ଥାୟୀ କୀର୍ତ୍ତି କର । ତାହେଲେ ଗାଁ ମାଟି କଥା ମନେ ପଡ଼ିବ, ଯେଉଁ ଶିକ୍ଷା ଗାଆଁର ପ୍ରାଥମିକ ସ୍କୁଲରୁ ପାଇଥିଲ ତାକୁ ଚତୁର୍ଗୁଣରେ ଶୁଝିପାରିବ, ରୋଜଗାର ସାର୍ଥକ ହେବ, ଜୀବନର ଏକ କଲ୍ୟାଣକର ଅର୍ଥ ସୁସ୍ପଷ୍ଟ ହୋଇପାରିବ ।

'କଣ କହୁଚ ?'

'ଗୋଟିଏ ହାଇ ସ୍କୁଲ କର ।'

Digitized by srujanika@gmail.com

ଭାଇନାଙ୍କ ଉପରେ ଅଖଣ୍ଡ ବିଶ୍ୱାସ, ଭାଇନା ଯେତେବେଳେ କହୁଛନ୍ତି ତାର ଭାବିବାର କଣ ଅଛି ? ସେ ସଙ୍ଗେ ସଙ୍ଗେ ରାଜି ହୋଇଗଲା; ଭାଇଙ୍କ ବଳେ ଭାଇବୋହୂ; ଇରା ଉଦୟଙ୍କର ସମ୍ମତିକ ଦୃଢ଼ଭାବେ ସମର୍ଥନ କଲା ।

୧୯୬୮ ଜାନୁୟାରି ମାସରୁ ଉଦୟ ମାସକୁ ୧୦୦ ଡଲାର୍ ବା ୫୭୫୦ଙ୍କା ଲେଖାଏ ଦେବାକୁ ଲାଗିଲା । ଅଞ୍ଚଳର ପ୍ରଧାନଶିକ୍ଷକ, ସରଳ ସଚ୍ଚୋଟ ଶ୍ରୀ ଦାମୋଦର ଦାଶଙ୍କ ନିମୁକ୍ତିପରେ ଏହି ସାହାଯ୍ୟ ମାସିକ ହଜାରେ ଟଙ୍କାକୁ ବୃଦ୍ଧିଲାଭ କରିଥିଲା । ଶିକ୍ଷକମାନଙ୍କ ବେତନ ବ୍ୟତୀତ ସ୍କୁଲଗୃହ ନିର୍ମାଣ ଲାଗି ସେ ସ୍ୱତନ୍ତ୍ର ସାହାଯ୍ୟ ଦେବାକୁ ଲାଗିଲା ।

ମୋତେ ଲଗିଲା – ସ୍ୱାର୍ଥପର ସ୍ନେହ ଅପେକ୍ଷା ଏହା ମହତ୍ତର । ଉଦୟନାଥ ଗ୍ରାମକୁ ଫେରିନାହିଁ ସତ, କିନ୍ତୁ ତା ମନ ଫେରି ଆସିଛି । ଗ୍ରାମବାସୀ ଓ ଆଖପାଖ ଅଞ୍ଚଳବାସୀ ବୃହତ୍ତର ବ୍ୟକ୍ତିତ୍ୱର ଏକ କଲ୍ୟାଣକର ରୂପରେ ତାକୁ ଫେରି ପାଇଛନ୍ତି ।

ଗାଆଁରେ ପ୍ରାୟ ସମସ୍ତେ ସ୍ୱାର୍ଥରେ ବ୍ୟସ୍ତ; କୁଟୁମ୍ବପୋଷଣ ଯେପରିକି ଏକମାତ୍ର ଲକ୍ଷ୍ୟ । ସାଧାରଣ ମଙ୍ଗଳ କାର୍ଯ୍ୟପାଇଁ କେହି ନାହିଁ । ଘରୁ ଖାଇ ଘୋଡ଼ା ଆଗରେ କେଉଁବ କିଏ ? ଆଖି ଖଣ୍ଡମଣ୍ଡଳରେ ବୁଲିଯାଇ ସ୍ଥିର ହେଲା ଦ୍ୱିଜବର ଜେନାଙ୍କ ଉପରେ – ତାଙ୍କ ବ୍ୟକ୍ତିତ୍ୱର ଦ୍ୱିମୁଖୀ ସ୍ରୋତ – ଗୋଟିଏ ସ୍ୱାର୍ଥରେ, ଅନ୍ୟଟି ପରମାର୍ଥରେ ପ୍ରବାହିତ । ଗୋଟିଏ 'ଆପେ ବଞ୍ଚିଲେ ବାପର ନାମ', ଅନ୍ୟଟି 'ପର ପରମେଶ୍ୱର ।'

ପ୍ରଜାଆନ୍ଦୋଳନରେ ଆମ ଗାଁ ଜମିଦାରଙ୍କୁ କାବୁ କରି ଦେଇଥିଲେ ସେ । ତାଙ୍କୁ ସ୍କୁଲର ସେକ୍ରେଟେରି ହେବା ଲଗି କହିବାରୁ ସେ ପହିଲେ ଅମଙ୍ଗ ହେଲେ । ହସି ହସି କହିଲି— ଏ ତ ତୁମ ପକ୍ଷରେ ଏକ ପ୍ରାୟଶ୍ଚିତ୍ତ ।

'କିପରି ?'

'ତୁମ ବଡ଼ବାପାଙ୍କ ମୃତାହସ୍ତୀଢ଼କୁ ଚୁଇଁ ଶଗ୍ଗରେ ଟିବାଫଲରେ ନନା ନିଃଶେଷ ହୋଇଥିଲେ; ଅବଶ୍ୟ ତାଙ୍କ ଦୋଷ କିଛି ଊଣା ନଥିଲା । ତେବେ ତୁମ ବାପାଙ୍କ ମାୟା-ମମତାରେ ପଡ଼ି ସେ ବାଧ୍ୟ ହୋଇ ଯାଇଥିଲେ । କିଶୋର ବୟସରୁ ମୋର କ୍ରୋଧ ହୋଇଥିଲା – ଏ ଅବସ୍ଥାରେ ଲୋକ ନିମନ୍ତ୍ରଣ କରେ କିପରି ? ତୁମ ସ୍ୱାର୍ଥତ୍ୟାଗ ଓ ସେବା ଫଳରେ ମୋର ସେଇ କ୍ରୋଧ ଶାନ୍ତ ହେବ, ତୁମର ସର୍ବାଙ୍ଗୀନ କଲ୍ୟାଣ ହେବ ।'

ଦ୍ୱିଜ ସେକ୍ରେଟେରି ହୋଇ ପଚିଶବର୍ଷରେ ଏହି ଅନୁଷ୍ଠାନର ସେବା କରି ଆସୁଛନ୍ତି ।

Digitized by srujanika@gmail.com

ଉଦୟସ୍ତ ବନ୍ଧୁମାନଙ୍କ ସାହାଯ୍ୟରେ ସ୍କୁଲର ଅଭାବ ଦୂର କରିବାକୁ ଚେଷ୍ଟା କରୁଥିଲା । ତା ଅନୁରୋଧରେ ପ୍ରସିଦ୍ଧ ଭାରତୀୟ ନର୍ତ୍ତକ କୃଷ୍ଣ ରାଓ ଓ ନର୍ତ୍ତକୀ ଚନ୍ଦ୍ରାବତୀ ସେଣ୍ଟ୍ ଲୁଇସ୍ ସହରରେ ନୃତ୍ୟ ପ୍ରଦର୍ଶନ କରିଥିଲେ, ଟିକେଟ ବିକ୍ରିରୁ ୬୦୦ ଡଲାର୍ ସଂଗୃହୀତ ହୋଇଥିଲା । ଇଭା ଓ ଉଦୟସ୍ତର ଧନୀ ଭାରତୀୟ ରୋଗୀମାନଙ୍କଠାରୁ କିଛି କିଛି ଅର୍ଥ ସାହାଯ୍ୟ ମଧ୍ୟ ମିଳିଥିଲା । ସିମେଣ୍ଟ୍ ଅଭାବ ହେବାରୁ ଜଣେ ଭାରତୀୟ ରୋଗୀଙ୍କ ସାହାଯ୍ୟରେ ସେ ଏକ ୱାଗନ୍ ସିମେଣ୍ଟ୍ ସ୍କୁଲରେ ପହଞ୍ଚାଇ ଦେଇଥିଲା । ଏହି ପ୍ରକାର ଶ୍ରଦ୍ଧା ଓ ସହଯୋଗରେ ଭାରତ ଓ ଆମେରିକାର ଅନ୍ତର୍ବର୍ତ୍ତୀ ଦୂରତା ଦୂର ହୋଇଗଲା ।

ସରକାରୀ ଗ୍ରାଣ୍ଟ୍ ମିଳିବା ପର୍ଯ୍ୟନ୍ତ ଉଦୟସ୍ତ ଶିକ୍ଷକମାନଙ୍କର ସମସ୍ତ ବେତନ ଦେଉଥିଲା । ପଛେ ପଛେ ଗ୍ରାମବାସୀଙ୍କରୁ ଆଦାୟ ହୋଇ ଲାଗିଥିଲେ ସ୍କୁଲ ଉପରେ ସମସ୍ତଙ୍କର ଦୃଷ୍ଟି ରହିବ । କିନ୍ତୁ କିଛି ହେଲେ ଆଦାୟ ହୋଇପାରିଲା ନାହିଁ । କେବଳ କୁଳମଣି ଜେନା ପୋଖରୀଖୋଳା ଖେଳାଖେଳି ଓ କ୍ରୀଡ଼ାପ୍ରାଙ୍ଗଣ ନିର୍ମାଣରେ ସାହାଯ୍ୟ କରିଥିଲେ ।

ଗ୍ରାଣ୍ଟ୍ ମିଳିବାପରେ ଉଦୟସ୍ତର ସାହାଯ୍ୟ ସ୍କୁଲର ବିକାଶ କାର୍ଯ୍ୟରେ ଲାଗିଲା । ସ୍କୁଲଗୃହ, ଉଦ୍ୟାନ ନିର୍ମିତ ହେଲା, ପୁଷ୍କରିଣୀର ପଙ୍କୋଦ୍ଧାର କାର୍ଯ୍ୟ ମଧ୍ୟ ଚାଲିଲା । ଉତ୍ତମ ଫଳ, ଶ୍ଳୋକାନ୍ତ, ଗୀତାନ୍ତ, କବିତା ଆବୃତ୍ତି, ବକ୍ତୃତା ପ୍ରତିଯୋଗିତା, କୃଷି ପ୍ରତିଯୋଗିତା ଓ ସନ୍ତରଣପ୍ରତିଯୋଗିତା ଯୋଗୁଁ ଏହି ଅନୁଷ୍ଠାନ ସୁଖ୍ୟାତ ହେବାକୁ ଲାଗିଲା ।

ଆମ ନନା ଥିଲେ କୃଷି ଓ କୃଷ୍ଟିର ଏକ ସମନ୍ୱୟ, କର୍ମ ଓ ଜ୍ଞାନର ଏକ ପ୍ରତୀକ । ସେହିଭାବରେ ହିଁ ଛାତ୍ରଙ୍କ ବିକାଶ କଳ୍ପିତ ହେଲା । ପ୍ରତ୍ୟେକ ଛାତ୍ରଙ୍କୁ ଉଦ୍ୟାନ ଓ କୃଷିକର୍ମ କରିବାକୁ ହେଲା । ବିଦ୍ୟାଳୟର ଆଦର୍ଶକୁ କେନ୍ଦ୍ର କରି ମୁଁ ଗୋଟିଏ କବିତା ଲେଖିଥିଲି —ଏହା ସ୍କୁଲର ଛାତ୍ରମାନେ ଆବୃତ୍ତି କରିଥାନ୍ତି—ତଳେ କେତୋଟି ପଦ ଉଦ୍ଧୃତ ହେଲା--

ଚନ୍ଦ୍ରାମଣି ବିଦ୍ୟାପୀଠ ଛାତ୍ର ଅଟେ ମୁହିଁ
ଚଉଦିଗେ ମୋ ଉଠୁଚି ହସି ସବୁଜ ବିଲ ଭୂଇଁ
ନଡ଼ିଆମାଳ ଆକାଶେ ଉଠେ
ଚଅଁର ସୁନା ବରଣ ଲୁଟେ
ହ୍ରଦରେ ଶ୍ୱେତକୁମୁଦ ଫୁଟେ ଭଅଁର ଯାଏ ଛୁଇଁ ।

ଚନ୍ଦ୍ରାମଣି ବିଦ୍ୟାପୀଠ ଛାତ୍ର ମୁହିଁ ଭାଇ
ଜ୍ଞାନରେ ମୋର ବିନମ୍ରଭାବ ବଡ଼ିମା ଢଳେ ନାହିଁ

Digitized by srujanika@gmail.com

କର୍ମ ଓର ଧର୍ମ ମଣେ
ଅଳସପଣ ପୂଣଇ ମନେ
ବନ୍ଧୁତା ଓ ସେବାର ଭାବେ କବିତା ଉଠେ ଗାଇ ।

ଚନ୍ଦ୍ରାମଣି ବିଦ୍ୟାପୀଠ ଛାତ୍ରଚୂଡ଼ାମଣି
କିଷାନ୍ ଜୟ ଜବାନ୍ ଜୟ ମରମେ ଉଠେ ଧ୍ୱନି
ଗଢ଼ା ମୁଁ ବୀର ଗୌରବରେ
ମହାନ ମନ ସୌରଭରେ
ଗରବ ଯେତେ ହୁଏଁ ମୁଁ ପଛେ ଚରଣରେ ଧନୀ ।

ଚନ୍ଦ୍ରାମଣି ବିଦ୍ୟାପୀଠ ଛାତ୍ର ବୀରବର
ପୁରନ୍ଦର କୋଣାରକ ବା ଭୁବନେଶ୍ୱର
ଦେଉଳ ଛନି କେନ୍ଦ୍ରେ ରହି
ଧଉଳି ଲେଖ ଦୀକ୍ଷା ବହି
ଭାରତଦେଶ କରିବ ମହୀ ମଧ୍ୟେ ମହାବଳ ।

ଏ ଅନୁଷ୍ଠାନର ଶିକ୍ଷକ କେବଳ ଜଣେ ଶିକ୍ଷାବ୍ୟବସାୟୀ ହେବେନାହିଁ, ସେ ହେବେ ମହାନ୍ ଗୁରୁ, ମହାନ୍ କର୍ମୀ । ଆଧୁନିକ ଜଗତର ବାସ୍ତବ ଦୃଷ୍ଟିସମ୍ପନ୍ନ ଉତ୍କୃଷ୍ଟ ମଣିଷ ହେବାଲଗି ସେ ଛାତ୍ରଙ୍କୁ ନେତୃତ୍ୱ ଦେବେ । ଏହି ଭାବରେ ଉଦବୁଦ୍ଧ କରିବା ଚେଷ୍ଟା ହେଉଛି । ମୁଁ ଏହାର ଆଜୀବନ ସଭାପତି ରହିଅଛି ।

୧୮. ୫. ୭୧ରେ ବିଦ୍ୟାପୀଠର ନୂତନ ଦୋତାଲଗୃହ ଉଦ୍‌ଘାଟିତ ହୋଇଥିଲା । ସ୍କୁଲର ହାତଲେଖା ପତ୍ରିକା 'ଉଦୟଶ୍ରୀ' ମଧ୍ୟ ସେହିଦିନ ଉଦ୍‌ଘାଟିତ ହୋଇଥିଲା । ପୁଷ୍କରିଣୀର ଖନନ ଆରମ୍ଭରେ ନେତା ମୋହନ ଦାଶ ଓ ମୁଁ ମୁଣ୍ଡରେ ମାଟିବୋଝ ବୋହି ବନ୍ଧରେ ପକାଇଥିଲୁ; ମ୍ୟାନେଜିଂ କମିଟି ସଭ୍ୟ, ଶିକ୍ଷକ ଓ ଛାତ୍ରମାନେ ଆମ ସହିତ ମାଟି ବୋହିଥିଲେ ।

ଉତ୍ସବଆନନ୍ଦରେ ମୋର ପ୍ରାଣ ଯେପରିକି ପରିପୂର୍ଣ୍ଣ ହୋଇଗଲା । ଚନ୍ଦ୍ରକାନ୍ତିଙ୍କ କବିତାର ଆଦର୍ଶଟି ଯେପରିକି କର୍ମରେ ରୂପାୟିତ ହୋଇଗଲା । ଛାତ୍ରଛାତ୍ରୀମାନଙ୍କ ହୃଦ୍‌ଦୋଳ ଆନନ୍ଦରେ ପ୍ରାଣ ଉଛୁଳି ଉଠୁଥିଲା । ଯୁଗ ଯୁଗର ହଜିଲା ଜିନିଷସବୁ ଯେପରି ଏକାବେଳକେ ମିଳିଗଲା ।

ବହୁ ବର୍ଷ ଶ୍ୱାସରୋଗରେ ପୀଡ଼ିତ ଥିଲି । ମନେ ହେଉଥିଲା—କେଉଁ ମୁହୂର୍ତ୍ତରେ ପ୍ରାଣ ବାହାରିଯିବ । ନିଜ ଉପରେ ଆସ୍ଥା ହରାଇଥିବାବେଳେ ସତ୍‌କାର୍ଯ୍ୟରେ ଲାଗିରହିବା

Digitized by srujanika@gmail.com

ଫଳରେ ଜୀବନର ଏକ ସ୍ୱତନ୍ତ୍ର ମୂଲ୍ୟବୋଧ ଜାଗ୍ରତ ହେଲା, ବନ୍ଧୁକାଳର କମାଟବନ୍ଧା ଦୈନ୍ୟ ଦୂର ହେଲା । ବୋଧ ହେଲା— ମୁଁ ବନ୍ଧୁ ଜଞ୍ଜାଳରୁ, ସାଂସାରିକ ଉତ୍ପୀଡ଼ନରୁ, ମୁକ୍ତ ହୋଇଅଛି ।

କାବ୍ୟରଚନା ଓ ଶିକ୍ଷାନୁଷ୍ଠାନ ଗଠନ—ଦ୍ୱିତୀୟଟି ସ୍ଥୂଳତର ବୋଧ ହେଲେ ବି ଏହାର ଏକ ସ୍ୱତନ୍ତ୍ର ମହତ୍ତ୍ୱ ଓ ପ୍ରାଣର ସ୍ଫୂର୍ତ୍ତି ଅଛି କବିତାର କଳ୍ପନା ବିଳାସରେ ଏହା ମିଳେନାହିଁ । କବିତାରେ ବେଳେ ବେଳେ ଜୀବନକୁ ଫାଙ୍କି ଦେଇହୁଏ, କିନ୍ତୁ ଶିକ୍ଷାନୁଷ୍ଠାନରେ ସହସ୍ର କୁଳଲକ୍ଷ୍ୟର ସମକ୍ଷରେ ନିଜକୁ ବୃହତ୍, ମହତ୍ ପ୍ରତିପନ୍ନ କରିବାକୁ ହୁଏ; ଖସିବାର ବାଟ ନାହିଁ । ନିଜେ ଭଲ ନହେଲେ ଲକ୍ଷେ କହିଲେ କେହି କର୍ଣ୍ଣପାତ କରିବେ ନାହିଁ । କବିତାରେ ଯେପରି ଛନ୍ଦଦୋଷ ବର୍ଜନୀୟ, କର୍ମର ଗତି-ପଥରେ ପଦେ ପଦେ ସେହିପରି ମହତ୍ତ୍ୱର ପରୀକ୍ଷା ଦେବାକୁ ହୁଏ । ଯେ ହୁଅ, ଯେତେ ହୁଅ, ତ୍ରୁଟିବିଚ୍ୟୁତି ବା ଦୁର୍ବଳତାକୁ କେହି କ୍ଷମା କରନ୍ତି ନାହିଁ । ସ୍ୱୟଂ ଭଗିରଥ ବାଟବଣା ହେଲେ, ଗଙ୍ଗା ବି ପଥ ହରାଇବ । ଏଇଭାବ ମନେ ରଖି ଆଗେଇଛି । ସମାଜସେବାର ଆନନ୍ଦ ସାହିତ୍ୟସେବାରେ ମିଳେନାହିଁ, ଜନସାଧାରଣଙ୍କ ମଧ୍ୟରେ ପ୍ରବେଶର ଏ ଏକ ସହଜତର ସିଢ଼ି । ସବୁବେଳେ ଜଳୁଥିବା ମଶାଲଟିଏ ପରି ଛିଡ଼ା ହୋଇ ରହିଲା ଏ ସ୍କୁଲ—ଅନ୍ଧାରରୁ ଆଲୋକକୁ ନେବା, କ୍ଷୁଦ୍ରତ୍ୱରୁ ମହତ୍ତ୍ୱର ସ୍ତରକୁ ଘେନିଯିବା ତାର କାର୍ଯ୍ୟ ।

ଚନ୍ଦ୍ରାମଣିବିଦ୍ୟାପୀଠର ପଣ୍ଡିତ ନୃସିଂହ ପଟ୍ଟନାୟକ ଗ୍ରାମ ରେଞ୍ଜଶାସନ, ନଦୀ, ଘାଇନା, ମୋଟେ ଓ ଜନସ୍ଥଙ୍କୁ ଉପଲକ୍ଷ୍ୟ କରି ଏହି ସଂସ୍କୃତ ଶ୍ଳୋକସବୁ ରଚନା କରିଥିଲେ—

ପୁଣ୍ୟୋତ୍କଳସ୍ଥେ ହରିଦାଶୃମଣ୍ଡଲେ
ସୁଶୋଭତେ ରେଞ୍ଜ ସୁରମ୍ୟ ଶାସନଃ
ଶ୍ରୀ ଶ୍ରୀ ଫଲୌ ସ୍ତାଲତମାଲ ତାମ୍ବୁଲୌ,
ବିରାଜତୋଽସୌ ଦ୍ୱିଜସତ୍ତମୈସ୍ତଥା ।
ଆହୀତ୍ ଚ ଚନ୍ଦ୍ରାମଣି ଶର୍ମ ପଣ୍ଡିତଃ,
କାବ୍ୟୋଭୟସ୍ମିନ୍ ଚ ମନୋଜ୍ଞ ଲେଖକଃ
ନ ଦୃଶ୍ୟତେ ଲାଙ୍ଗଲମାର୍ଗ ସଂସ୍କୃତଂ
ତଥାପି ନୋଲ୍ଲଙ୍ଘ୍ୟ ଚ କର୍ଷଣେ ବୁଧଃ ।
ଇତ୍ଥଂ ତୁ ନା ଗୁଣକର୍ମଭୂଷିତୋ
ମନୋମତାଂସ୍ତ୍ରିଂ ସ୍ତନୟାଂଶ୍ଚ ଲବ୍ଧବାନ୍ ।

Digitized by srujanika@gmail.com

ସର୍ବେ ଚ ବିଦ୍ୟାବିଭବେ ଧୁରଂଧରାଃ
କନିଷ୍ଠ ଏବୈ ତୁ ନବୀନମେଦିନୀଂ
ଜଗ୍ମୁସ୍ତି ନଚୈବ ଗୁଣେଷୁ ଗୃଦରେ,
ନସ୍ତୋକ୍ତଜତ ସ୍ତ୍ରୈରୁପମୁକ୍ତ କର୍ମଣି,
ତଥାପି ମାତୃବସୁଧାଂ ସ୍ମରନ୍ତ୍ୟସ୍ମୀ
ବିଦ୍ୟାଳୟଂ ସ୍ଥାପୟତ ବ୍ୟସ୍ତୈର୍ଭୃଶଂ
ପିଶାଚଫେରବେର୍ଭୂଜଗସ୍ୟ ସନ୍ଧିତ—
ଗୃଦୀଚ ନତ୍ୟଂ ପିଙ୍ଗଡ଼ା ତଟେ ଭୁବି
ନଭେବିଚମ୍ଭି ଷ୍ଟ ଟହର୍ମ୍ୟମାଳୟା,
ବିଗ୍ରଜତେ ଶ୍ରୀ ରୁଦସ୍ୟେନ ସପ୍ରତ
ତସ୍ୟାଗ୍ରଜଃ କୃଷ୍ଣବିହାର ନାମ ଧୃକ୍,
ସୁପଣ୍ଡିତୋଽଧ୍ୟାପକ ଉନ୍ନତଃକବିଃ ।
ସହୋଦରେଽନ୍ୟୋ ଘନଦାଶସଞ୍ଜ୍ଞକୋ,
ଦ୍ଵବ ଗତୋ ଯୌବନେ ଇତ୍ୟହୋବିଧିଃ
ଜ୍ୟେଷ୍ଠୋ ଦଦାତୁ ଶ୍ରିୟମେବ ଗୃଣିଷା
ଶ୍ରେଷ୍ଠୌ ଭବେତାଂ ଚ କନିଷ୍ଠମଧ୍ୟମୌ
ପ୍ରେଷ୍ଠୌ ଚ ତୌ ଦ୍ୱୌ ତୁ ପବିତ୍ରକର୍ମଣାଂ
ତୁଷ୍ଟୌ ଲଭେତାଂ ପିତରୌ ସୁପୂଜନଂ ।

୧୪. ୧୨. ୭୧ରେ ଉଦୟନାଥ, ଇଭା, ଗୀତା, ମୀରା ଓ ନକ, ମି. ଓ ମିସେସ୍ ମେସ୍ନର୍ ପ୍ରାୟ ପନ୍ଦର ଦିନ କଟକରେ ଓ ରେଙ୍ଗଶାସନରେ ରହିଥିଲେ, ଗ୍ରାମରେ ରହିବା ଦିନ ରହିବା ମଧ୍ୟରେ ସେମାନେ ସ୍ୱକୀର୍ତ୍ତି 'ଚନ୍ଦ୍ରାମଣିବିଦ୍ୟାପୀଠ' ପରିଦର୍ଶନ, ବଙ୍କାନ-ମେଳା, 'ଇଭା ଲେଣ୍ଡିଂ ଲାଇବ୍ରେରୀ' ଉଦ୍‌ଘାଟନ, ପଲ୍ଲୀକଲ୍ୟାଣସମିତି ଉନ୍ମୋଚନ କରିଥିଲେ । ସମ୍ବର୍ଦ୍ଧନାଉତ୍ସବରେ ଇଭା ଦେବୀ କହିଥିଲେ—

"ରାଇନା ଅଧ୍ୟୟନ କାଳରେ ତାଙ୍କ ସାନ ଭାଇକୁ ସାହାଯ୍ୟ କରିଥିବାରୁ ଏ ଅନୁଷ୍ଠାନର ଅଭ୍ୟୁଦୟ ସମ୍ଭବ ହୋଇଛି । ରାଇନା ଟିଉସନରୁ ପ୍ରାପ୍ତ ମାସିକ ଦଶ ଟଙ୍କାରୁ ନିଜେ ଛ' ଟଙ୍କାରେ ଚଳି ଉଦୟକୁ ଚାରିଟଙ୍କା ଦେଉଥିଲେ । ସେ କଥା ସେ ଭୁଲି ନାହାନ୍ତି । ସେଥିଲାଗି ରାଇନାଙ୍କୁ ଓ ଗାଆଁକୁ ମନେ ପକେଇ ସେ ଏ ଅନୁଷ୍ଠାନ ଗଢ଼ିଛନ୍ତି ।"

ଇଭା ଲେଣ୍ଡିଂ ଲାଇବ୍ରେରୀ ଲାଗି ହଜାରେ ଟଙ୍କା ଓ ଉଦୟ ପୁଷ୍କରିଣୀର ପଙ୍କୋଦ୍ଧାର ଲାଗି ଏକ ହଜାର ଡଲାର୍ ଦାନ କରିଥିଲା ।

Digitized by srujanika@gmail.com

ନନା ଉପଯୁକ୍ତ ଚିକିତ୍ସା ନ ପାଇ ଅକାଳେ ପ୍ରାଣ ହରାଇଥିଲେ । ବିନା ଚିକିତ୍ସାରେ ବୋଉର ଜୀବନ ମଧ୍ୟ ଯାଇଥିଲା । ସେଥିଲାଗି ରେଞ୍ଚଶାସନ ପଞ୍ଚାୟତରେ ଗୋଟିଏ ଡାକ୍ତରଖାନା ଖୋଲିବା ଉଦୟର ଇଚ୍ଛା ଥିଲା, କିନ୍ତୁ ଜାଗା ଠିକ୍ ହୋଇ ପାରି ନ ଥିଲା । ସେ ଆମେରିକା ଯିବା ପରେ ପରେ ଧନୁଆଁ ନଦୀର ତୀରବର୍ତ୍ତୀ ପ୍ରାୟ ଆଠ ଏକର ଜାଗାରେ ଆଞ୍ଚଳିକ ଡାକ୍ତରଖାନାର ଶିଳାନ୍ୟାସ କରିବା ଲାଗି ପର୍ବଣ ଖଣ୍ଡ ଗ୍ରାମବାସୀ ମୋତେ ନିମନ୍ତ୍ରଣ କରିଥିଲେ । ପଞ୍ଚୁଆରରେ ଯାଇ ନଗ୍ନ ପାଦରେ ମୁଁ ଧନୁଆଁରୁ କୁମ୍ଭ ପୂର୍ଣ୍ଣ କରି ଜଳ ଆଣିଥିଲି । ବନ୍ଧୁ ମଣ୍ଡଳ ସଂକୀର୍ତ୍ତନ, ତେଲିଙ୍ଗି ବାଜା, ହରିବୋଲ ଓ ହୁଳହୁଳି ମଧ୍ୟରେ ହୋମାଗ୍ନି ଜଳି ଉଠିଲା, ମୁଁ ହେଲି ଜନସାଧାରଣଙ୍କ ପ୍ରତୀକ ଯଜମାନ, ବସୁଧାରା, ନବବସ୍ତ୍ର ଓ ତିନି ସୁବର୍ଣ୍ଣ ଦାନ ପରେ ପ୍ରଭୁଙ୍କ କୃପାଭିକ୍ଷା କରି ମୁଁ ଶିଳାନ୍ୟାସ କଲି ।

ଜନସାଧାରଣ ଦୁଇବଖରା କୋଠାଘର ତୋଳି ଜଣେ ଡାକ୍ତର ଓ କମ୍ପାଉଣ୍ଡର ରଖି କାର୍ଯ୍ୟାରମ୍ଭ କରିଦେବେ, ତା ପରେ ଉଦୟ ସାହାଯ୍ୟ କରିବ ବୋଲି କହିଥିଲି । ଏ ମଧ୍ୟରେ ସରକାରୀ କବିରାଜୀ ଔଷଧାଳୟଟିଏ ସେଠି ଖୋଲିଲା । ଡାକ୍ତରଖାନା ଆଡ଼କୁ ଲୋକେ ଆଉ ମନ ଦେଲେନାହିଁ । ସ୍କୁଲ ନିର୍ମାଣ ଜଞ୍ଜାଳରେ ବୁଡ଼ିରହି ସେ ଦିଗରେ ମୁଁ ମଧ୍ୟ କିଛି କରି ପାରିଲିନାହିଁ ।

ବୋଉର ସ୍ମୃତି ରକ୍ଷା

ମାଆର ଋଣ ଜୀବନରେ କିଏ ଶୁଝିପାରେ ? ତାର ସ୍ମୃତିରକ୍ଷା ଲାଗି ଯତ୍‌କିଞ୍ଚିତ୍ କରି ଆମେ ଦୁଇ ଭାଇ ଆତ୍ମପ୍ରସାଦ ଲାଭ କରିଥିଲୁ । 'ତାରାମଣି ସ୍ମୃତି କବିତା ପ୍ରତିଯୋଗିତା' ପୁରସ୍କାର ଲାଗି 'ଉତ୍କଳସାହିତ୍ୟସମାଜ' ହାତରେ ତିନି ହଜାର ଟଙ୍କା ଦିଆ ଯାଇଥିଲା । ଏହାର ବାର୍ଷିକ ସୁଧରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରା ଯାଉଅଛି ।

ଆଇ ଏ ଏସ୍ ପ୍ରାପ୍ତି

୫. ୪. ୭୩ରେ କୁନା (ପ୍ରିୟଦର୍ଶୀ, ଯାହାର ବାଲ୍ୟଲୀଳାକୁ ଅବଲମ୍ବନ କରି 'କୁନା ଦାଶଙ୍କ ଡାଇରି' ରମ୍ୟରଚନା ଲେଖିଥିଲି) ଆଇ. ଏ. ଏସ ପାଇଲା । ମୁଁ ଡାଇରିରେ ଲେଖିଲି—

ଆମ ବଂଶ ଶିକ୍ଷକର ବଂଶ, ବୈଦ୍ୟବଂଶ, ଏବେ ଉଚ୍ଚ ସ୍ତରର ଶାସନ ଲାଗି ଜଣେ ଯୋଗ୍ୟ ବିବେଚିତ ହେଲା, ଜଣେ ଉନ୍ନତ ମଣିଷ, ସାଧକ ଓ ବିଦଗ୍ଧ ରୂପେ ପରିଚିତ

Digitized by srujanika@gmail.com

ହେବା ଲାଗି ଏଇ ପଦରେ ସୁଯୋଗ ଅଧିକ । କିନ୍ତୁ ଉତ୍ଥାନ ପଦେ ପଦେ ପତନ, ସାବଧାନ ନ ହେଲେ । ସ୍ୱର୍ଗ, ନରକକୁ ଗୋଟିଏ ପଥ; ନରକ ପଥ ଅଧିକ ଆକର୍ଷଣୀୟ ନିଶ୍ଚୟ; ଆପଣଙ୍କୁ ମର୍ଯ୍ୟାଦାବନ୍ତ ଓ ମହନୀୟ କରି ନ ପାରିଲେ ଏହା ବୃଥା ।

୩. ୮. ୭୭ରେ ହାଇକୋର୍ଟ ଜଜ୍ କୃତ୍ତିବାସ ପଣ୍ଡାଙ୍କ କନ୍ୟା ଆୟୁଷ୍ମତୀ ସ୍ମିତା ସହିତ କୁମାର ବିବାହ ହେଲା । ସଙ୍ଗରେ କୌଣସି ଉପହାର ନ ଆଣିବା ଲାଗି ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣପତ୍ରରେ ଅନୁରୋଧ କରି ଯାଇଥିଲି ।

ପ୍ରୀତିର ଏ ଗତି

'ମେଘାଳୟ' ରାଜ୍ୟର ଏମ୍. ଏସ୍. ହିତକାରୀ--ଭାରତର ବିଶିଷ୍ଟ କବିମାନଙ୍କ ସ୍ୱହସ୍ତଲିଖିତ ମୌଳିକ କବିତାସଂଗ୍ରହ ତାଙ୍କର ଏକ ଖିଆଲ; ମୁଁ ଗୋଟିଏ କବିତାଟିଏ ପଠାଇଥିଲି

ହେ ବନ୍ଧୁ, ସୁହୃଦ ମୋର
ସବୁ ଦେଶେ ଅଛୁ ତୁମ ଘର
ଅଚହ୍ନା ଅଜଣା ହେଲେ ପରସ୍ପର
ନାହିଁ କିଛି କ୍ଷତି
ମିଳାଏ ସକଳ ମନ ପ୍ରୀତିର ଏ ଗତି ।

ନୀଳ ସରସ୍ୱତୀ

ଥରେ ଗ୍ରାମକୁ ଯାଇଛି, ଜଣେ ବୟସ୍କ ମଫସଲୀ ଆସି ପହଞ୍ଚିଲେ, ପଢ଼ା ପ୍ରାଥମିକ: ଗୁପ ଓ କବିତା କରନ୍ତି । କିନ୍ତୁ ଲଙ୍ଗଳଗୁପ ଭଲ ହେଲେବି କଲମ ଗୁପ ତାଙ୍କ ହାତରେ ଭଲ ଉଠୁନି ନାହିଁ । କେତେ ଦେବାଦେବୀଙ୍କୁ ଧ୍ୟାନ କଲେଣି, କେହି ପ୍ରସନ୍ନ ହୋଇ ନାହାନ୍ତି । ଆସିଛନ୍ତି ମୋଠାରୁ ନୀଳ ସରସ୍ୱତୀ ମନ୍ତ୍ର ଘେନିବା ଲାଗି । ମନେ ମନେ ହସିଲି, କହିଲି—

'ନ ମନ୍ତ୍ରଂ ନୋ ଯନ୍ତ୍ରଂ ତଦପି ଚ ନ ଜାନେ ସ୍ତୁତିମହୋ'—ଗୁରୁ ବୋଇଲେ ମୁଁ ଜଣେ ଶିକ୍ଷକ, କଲେଜରେ ପଢ଼ାଏ; ମୁଁ କେବେ ଦୀକ୍ଷା ନେଇନାହିଁ; କାହାର ଶିଷ୍ୟ ହୋଇନାହିଁ, ଗୁରୁ ହେବି କିପରି ?"

ଆଗନ୍ତୁକ ହାତ ଯୋଡ଼ି କହିଲେ—"ମୋ ପ୍ରତି କପଟ କରନାହିଁ, ବଡ଼ ଦରିଦ୍ର, ହତଭାଗା ମୁଁ ।"

Digitized by srujanika@gmail.com

"ପ୍ରତିଭା ଥିଲେ ଅଭ୍ୟାସ କଲେ କବିତା ହୁଏ, ନୀଳ ବା ଶ୍ୱେତ ସରସ୍ୱତୀଙ୍କୁ ଧ୍ୟାନ କର ବା ନ କର ।"

"ବୀଣା ପୁସ୍ତକ ରଞ୍ଜିତ ହସ୍ତେ
ଭଗବତୀ ଭାରତୀ ଦେବୀ ନମସ୍ତେ ।

—ଏ କାହାର ସ୍ତୁତି ଅଙ୍କା ? ମୂର୍ଖ କାଳିଦାସ ସରସ୍ୱତୀଙ୍କ ଦୟାରୁ ମହାକବି ହୋଇଛନ୍ତି, ଆପଣ ବି ତାଙ୍କ ଦୟାରୁ କବିତା କରୁଛନ୍ତି, ଏ ଗରିବକୁ ସେ ଶକ୍ତିରୁ କାଣିଏ ଦେଲେ କଣ ସରି ଯାଉଛି ?

ବିଶ୍ୱାସ କର ବା ନ କର, ମୁଁ ମନ୍ତ୍ରହୀନ, ଗୁରୁ ହେବାକୁ ଅଯୋଗ୍ୟ । କିମ୍ବଦନ୍ତୀ ଅଛି, କାଳିଦାସ କବିତ୍ୱ ହାସଲ କରି ନ ଥିଲେ, ପାଇଥିଲେ, ଶାରଳା ଦାସ ଶାରଳାଙ୍କଠାରୁ ଶାରଦାଙ୍କ କୃପା ଲାଭ କରିଥିଲେ । ଭକ୍ତେ ବି ସେହିପର । ସରସ୍ୱତୀ ଯାହା ଦିଅନ୍ତି ଦୁର୍ଗା ବି ସେଇଆ ଦିଅନ୍ତି, ସମନ୍ୱୟବାଦୀ ଓଡ଼ିଆ ଦୁଇ ଦେବୀଙ୍କୁ ପୃଥକ କରି ଦେଖିନାହିଁ । ଯେ ଶକ୍ତିର ଦେବୀ, ସେ ସବୁ ଶକ୍ତି ହିଁ ଦାନ କରି ପାରନ୍ତି । ଭକ୍ତ ଦୁର୍ଗାଙ୍କୁ ନୀଳ ସରସ୍ୱତୀ ଆଖ୍ୟା ଦେଇଛି ।

'ମାତ ନୀଳ ସରସ୍ୱତୀ ପ୍ରଣମତାଂ ସୌଭାଗ୍ୟ ସମ୍ପତ୍ ପ୍ରଦେ'
'ବାଗୀଶ୍ୱରୀ ଭକ୍ତ କଳ୍ପଲତିକେ ସର୍ବାର୍ଥ ସିଦ୍ଧି ପ୍ରଦେ'

ନୀଳ ସରସ୍ୱତୀ, ତାରା ବା ଦୁର୍ଗାଙ୍କ ଧ୍ୟାନର ଫଳ ହେଉଛି —

'ଲଭତେ କବିତାଂ ଦିବ୍ୟାଂ ସର୍ବ ଶାସ୍ତ୍ରାର୍ଥବିତ୍ ଭବେତ୍'
'କୀର୍ତ୍ତିଂ କାନ୍ତିଞ୍ଚ ନୈରୁଜ୍ୟଂ ସର୍ବେଷାଂ ପ୍ରିୟତାଂ ବ୍ରଜେତ୍ ।'

ପଙ୍କଜବାସିନୀ ଶ୍ୱେତ ସରସ୍ୱତୀଙ୍କୁ ଧ୍ୟାନ କଲେ ସେଇ ଏକା ଫଳ ମିଳେ —

'ତସ୍ୟ ଗେହେ ପ୍ରସରତି କବିତା ବିଘ୍ନମନ୍ତ୍ରଂ ପ୍ରସ୍ଥାତି ।'

ମୁଁ ଦୁର୍ବଳ, ମୋ ମନ ଚଞ୍ଚଳ, ଦେବତାଙ୍କ ଧ୍ୟାନ ମୋର ଷଷ୍ଠିପ୍ରତମ । ଦେବଦେବୀଙ୍କ ଚରଣକମଳରେ ଚିତ୍ତ ଅର୍ପଣ କଲାମାତ୍ରେ ନାନା ଚିନ୍ତା, ଦୁଶ୍ଚିନ୍ତା ଆସି ଉପସ୍ଥିତ ହୁଏ । କେଉଁ ଗୁଣରୁ ଦେବୀ ମତେ ବର ଦେବେ ? ଯେତିକି ଶକ୍ତି ଦେଇ ଜନ୍ମ ହୋଇଛି, ସେତିକିରେ ଯାହା କରିବାର କରେ । ଶ୍ରମ କରିବା ମୋ ହାତର କଥା, ସେଥିରେ ହେଳା କରେନାହିଁ ।

Digitized by srujanika@gmail.com

ଲୋକଟିର ମୁହଁ ସେତେବେଳକୁ କେଶରି ପଡ଼ି ଯାଇଥିଲା । ସହଜରେ କବିତା ଲେଖି ଖ୍ୟାତି କମେଇବ ବୋଲି ସେ ଆସିଥିଲା, ଗୁରୁକୃପା ମିଳିଲାନାହିଁ, ସୌଭାଗ୍ୟ ନ ହେଲେ ମିଳେନାହିଁ । ନିରାଶ ହୋଇ ସେ ଫେରିଲା, ତାକୁ ବୁଝାଇ ନ ପାରି ମୁଁ ଦୁଃଖିତ ହେଲି ।

ଘଣ୍ଟା ଓ ଘାଟି

ସେକାଳେ ସମୟଚେତନା ଅତି ଅଳ୍ପ ଥିଲା । ଏକବେଳିକିଆ କଲେ ସୂର୍ଯ୍ୟ ପ୍ରାୟ ଅପରାହ୍ଣର ଶେଷ ମୁଣ୍ଡକୁ ଗଡ଼ୁଥିଲେ, ସ୍ୱାସ୍ଥ୍ୟ ନଷ୍ଟ । କେତେକ ମଲ୍ଲିଆଙ୍କୁ ଅକାଳ ମୃତ୍ୟୁ ବରଣ କରିବାକୁ ହେଉଥିଲା । ଏ ଭଳି କେତୋଟି ଦୁର୍ଘଟଣା ଘଟିଲା ପରେ ଗାଆଁର ମାଲିକ ଓ ମଲ୍ଲିଆମାନଙ୍କୁ ଗୋଟିଏ ସଭାକୁ ଡକାଇ ବୁଝାଇଲି — ମୋ କଥା କଲେ ଉଭୟପକ୍ଷର ଲାଭ ହେବ । ମଲ୍ଲିଆମାନେ ଆଠଘଣ୍ଟାରୁ ଅଧିକ ଖଟିବେ ନାହିଁ । ସାଆନ୍ତ-ମାନଙ୍କ ଲାଭ ବି ଭଲ ହେବ ।

ଏଥର ସକାଳ ସାଢ଼େ ଛ'ଟାରେ ଘଣ୍ଟା ବାଜିବ, ସମସ୍ତେ କାମକୁ ଯିବେ । ସାଢ଼େ ଏଗାରଟାରେ ପୁଣି ଘଣ୍ଟା ବାଜିବ । ସମସ୍ତେ କାମରୁ ଫେରିବେ । ସେହିପରି ଅପରବେଳା ତିନିଟାରେ ମଧ୍ୟ ଘଣ୍ଟା ବାଜିବ ।

ମୋ ବ୍ୟବସ୍ଥା ତିନିବର୍ଷର ମାସ ଭଲ କାମ ଦେଖାଇଥିଲା, ଜନସାଧାରଣଙ୍କ ସ୍ୱାସ୍ଥ୍ୟୋନ୍ନତି ବି ଘଟାଇଥିଲା । ବଡ଼ ମଜଦମାନେ ପ୍ରଥମେ ନିୟମ ଲଙ୍ଘନ କଲେ — 'ଏତ ଖଣ୍ଡିଏ ବାଡ଼ି ଧର, ଏତ ଅରଟା କାଟି ଦେଇ ଯାଅ' ଏହି ପ୍ରକାରେ କହି ଲୋକଙ୍କୁ ଅଟକାଇଲେ; ଯଥା ସମୟରେ କାମରୁ ନ ଫେରିବାରୁ ତେଣୁ ଯଥା ସମୟରେ ପୁଣି କାମକୁ ଯାଇ ପାରିଲେନାହିଁ । [illegible] ଅଳସୁଆଙ୍କୁ ଏ ରୀତି ଆଦୌ ଭଲ ଲାଗିଲାନାହିଁ । ସେମାନେ ମୋଟେ ଲାଇନରେ ପଡ଼ିଲେ ନାହିଁ । ଏହି ପ୍ରକାରେ କାଳ ନିନ୍ଦିତ ହେଲା, କାଳମାନ ହିଁ ଘୋଟିଲା ।

ସିନ୍ଧି, ଚୋରୀ, କୁହୁକଖଟ

ଆମ ଘରର ପଶ୍ଚିମ ପଟ କାନ୍ଥ ମୂଳରେ ମଣିଷ ପଶିବା ଭଳି ଗୋଟିଏ ଗାତ । ଚୋର ଘରର ଚଟାଣ ଭାଙ୍ଗିବା ଲାଗି ଶାବଳ ଡ଼ିଆ ମାରୁଥିଲେ । ଖାମା ଇଟା, ସିମିଣ୍ଟିର ଚଟାଣ ଭାଙ୍ଗିଲାନାହିଁ । ଚଟାଣ ଉପରର ଟ୍ରଙ୍କ, ସୁଟକେସ ଶାବଳ ଚିହ୍ନରେ ଉପରକୁ ଡେଇଁବାକୁ ଲାଗିଲେ । ଝଣ ଝାଣ ଶବ୍ଦରେ ଗୃହକର୍ତ୍ତ୍ରୀ ଓ ଗୃହିଣୀଙ୍କ ନିଦ ଭାଙ୍ଗିଲା । ଚୋରମାନେ ପଳାଇଗଲେ ।

ଗୃହକର୍ତ୍ତା ମୋ ଭଣଜା ପ୍ରଭାକର ପଶାଖେଳରେ ଜଣେ ଓସ୍ତାଦ୍ । ପାଲିରେ ବସିଲେ ସେ ଘରଦ୍ୱାର, ସଂସାର ସବୁ ଭୁଲିଯାଉଥିଲା । ରୁଚି ବଢ଼ିଥିଲା ତା ବାଟରେ ।

Digitized by srujanika@gmail.com

ମେଳଣଯାତ୍ରାକୁ ଗଲେ ପିଲାଟିଏ, ଗୋରୁଗାଈଙ୍କ ହାନିଲାଭ କଥା ତା ମନେ ପଡ଼ୁ ନ ଥିଲା; ସଂସାର ହୁଣ୍ଡୁଳାଭାବରେ ଚାଲୁଥିଲା। ଯେଉଁ ଘର କୋଳପ ପଡ଼ିଲା, ତା'ର ଚାବି ସେଇ ଘରର ପାକରପଟାରେ ରହୁଥିଲା। ସେପରି ରଖାଯାଉଥିବା କଥା ଆମ ଘରେ 'ଲୋକ' ଲାଗିଥିବା ପୁଣିଆ ଖେଳି ଦେଖିଥିଲା। ଦି'ଚାରିଜଣ ଟୋକାଙ୍କୁ ଧରି ଚାବି ଖୋଲି ଅଇଁଠା କଂସାବାସନ, ତେଣ୍ଟେଡ଼ା ହାଣ୍ଡିରେ ଘୋଡ଼ା ହୋଇଥିବା ଥାଳି, ଗଡ଼ୁ, ଛାଳ, ପିତ୍ତଳ ତସଲା, କଡ଼ାଏ ଅରୁଆ ଚାଉଳ, ପନ୍ଦର ଗୌଣୀ 'ଡାଳପୋଡ଼ିଲା' ଧାନ ଘେନି ଚାଲିଗଲା। ଜଣେ ବାସନବିକାଳୀ ହାତେ ଜିନିଷସବୁ ବିତାଯାଉ .ବାଲକାଟି ଚାଲାଣ ହୋଇଗଲା ଓ କଂସାରୀଙ୍କ ଭାଟିରେ ପଡ଼ିଗଲା।

ପ୍ରଭାକର କେତେକ ଗ୍ରାମବାସୀଙ୍କ ଶିକ୍ଷାରେ ପଡ଼ି ଗଞ୍ଜାମରୁ 'ଇନ୍ଦ୍ରଜାଲ ଖଟ' ମଗାଇଲା। ଗାଁ ଲୋକଙ୍କୁ ଧାଡ଼ିକରି ଛିଡ଼ା କରାଗଲା। ଚାରିଜଣ ମଣିଷ ଖଟର ଚାରିଗୋଡ଼ ଧରିଲେ। ଖଟ ସେମାନଙ୍କୁ ଟାଣି ନେଇ ଧାଡ଼ି ଭିତରୁ ଚାରିଜଣଙ୍କୁ ଧକ୍କା ଦେଲା। ସେମାନେ ଚୋର ବୋଲି ସାବ୍ୟସ୍ତ ହେଲେ। ଗ୍ରାମଲୋକଙ୍କ ନିଷ୍ପତ୍ତିମତେ ସେମାନଙ୍କ ମଧ୍ୟରୁ ଜଣେ ଶରହେଟଙ୍କୁ ଦାଖଲ କଲା, ବାକୀ ତିନିଜଣ ସମସ୍ତ ନେଲେ। ତାପରେ ଟାଉଟର ଆସିଗଲେ; ନାନା ଶିଖାମଣାରେ ଚୋରମାନେ ଆଉ ଧରାଛୁଆଁ ଦେଲେନାହିଁ।

ଓଲଟି ସେମାନେ ଥାନାରେ ଇତଲା କଲେ — ନିରୀହ ହରିଜନଙ୍କ ଉପରେ ମିଛ ଚୋରି ଅଭିଯୋଗରେ ଘୋର ଜୁଲମ ହେଉଛି, ଜରିମାନା ଆଦାୟ କରାହେଉଛି। ଗରିବମାନେ କଂସାବାସନ ବନ୍ଧା ପକାଇ ଦେଉଛନ୍ତି।

ମୁଁ ସବୁ ଶୁଣିଲି। ମକଦ୍ଦମାରୁ ପ୍ରଭାକରକୁ ନିବୃତ୍ତ କଲି। ନିଜର ମାନ ହିଁ ଯିବ। ଯେଉଁମାନେ ଆମର ଶିଷ୍ୟ, ଯାହାଙ୍କୁ ପୁଅ ପରି ମନେ କରି ଆପଦବିପଦରେ ସାହାଯ୍ୟ କରି ଆସୁଥିଲି, ସେମାନଙ୍କ ବିରୁଦ୍ଧରେ କଚେରୀରେ ଛିଡ଼ା ହେବା, କେଉଁଟା ଟୋକାଟାକଳିଆ କିଛି ଅସୁବିଧା ସୃଷ୍ଟି କଲେ ବୋଲି ? ଗୁରୁଘର ବୋଲି ପୂର୍ବରୁ ଯୋଉ ମାନ୍ୟ ଅଛି, ସେତକ ଯିବ। ଯାହା ଚୋରି ଯାଇଛି ସେ ଆଉ ଫେରିବନାହିଁ। ଯେଉଁମାନେ ସମସ୍ତଙ୍କ ତଳେ, ମକଦ୍ଦମାରେ ହାରିଲେ ସେମାନଙ୍କର କ'ଣ ହେବ ? କଚେରୀକୁ ଦୌଡ଼ି କିଛି ହଇରାଣ ହେବେ ମାତ୍ର। ମଜୁରି ବନ୍ଦ ହେଲେ ପିଲାକବିଲା ଓପାସଭୋକରେ ପଡ଼ିବେ। ପାଠ୍‌ଆଗାରର ବୁଢ଼ା ବୁଢ଼ା ଶିଷ୍ୟ, ଯେଉଁମାନେ ମୋତେ ଦିନେ କାଖେଇଥିଲେ, ସେମାନଙ୍କ ମୁହଁକୁ ଚାହିଁ ଆଖି ବୁଜିଦେଲି।

ପୁଣିଆଁ ଅଜକାଲି ଯୁଗର ଟୋକା। ତାର ରଙ୍ଗୀନ୍ ଗାମୁଛା ଦରକାର, ଲୁଙ୍ଗି ଦରକାର। ଅନ୍ଧାରରେ କ'ଣ ଗୋଟାଏ ମରହଣ୍ଡିଆ ହୁଲା ଧରିକରି ଯିବ ? ଟର୍ଚ୍ଚ ଦରକାର। ଏ ଯୁଗରେ ଚାଲୁଛି କଏ ? ତାର ସାଇକଲ୍ ଦରକାର।

Digitized by srujanika@gmail.com

ପୁଅ (ଏକୋଇର ବଳା ବରିକେଶନ) ଘରୁ ପଳାଇଯିବ ବୋଲି ଧମକାଇବାରୁ ବାଘ ବଳିଆ ବୁଢା ମୋ ଗୋଡ଼ତଳେ ଠୋଓ ଠୋଓ ମୁଣ୍ଡ ବାଡ଼େଇଲା । ତାର ମୋ ଉପରେ କୌଣସି ପ୍ରାପ୍ୟ ନ ଥିଲେ ବି ଦୁଇଶ ଟଙ୍କା ଦେଇ ସାଇକଲ୍ ଖଣ୍ଡେ କିଣାଇ ଦେଲି । ପୁନିଆଁ ମୂଲ ନ ଲାଗି ଲୁଙ୍ଗି ପିନ୍ଧି କାନ୍ଧରେ ତଉଲିଆ ପକାଇ ଅହୋରାତ୍ର ସାଇକେଲ୍‌ରେ ଉଡ଼ାଁ ମାରିଲା—ପୁନ୍ ବାବୁ । ଟିଉବ୍ ଫାଟିଲା, ଟାୟାର୍ ଛିଡ଼ିଲା । ଘରେ ଯାହାର ଖାଇବାକୁ ନାହିଁ ସେ ସାଇକଲ୍ ମରାମତି କରିବ କେମିତି ? ପଡ଼ି ପଡ଼ି କଳାକିଟି ହେଲା । ସାଇକଲ୍‌କୁ ସଚଳ କରିବା ଲାଗି ପୁନିଆଁ ଆମ ଘରୁହିଁ ସୁନା ଉଠେଇଲା ।

ବରି ଅଟକାଳି ଖୋଇଛୁ ଯେ
ହଗେଇ ମୁତେଇ ନବ ସେ ।

ପଶୁ ଡାକ୍ତରଖାନା

ପଶୁ ମୂକ, ଆମ ଦାରିଦ୍ର୍ୟର ଚରମ ଦୁଃଖ ସେ ଭୋଗ କରେ । ସାଧାରଣ ବେମାର ଧରିଲେ ସେ ମରେ, ବିରଡ଼ିଆ ବେମାରି ହେଲେ ତା ଲାଙ୍ଗୁଡ଼ ଛିଣ୍ଡେ, ଫାଟିଆ ହେଲେ ସେ ଛୋଟା ହୁଏ, ଲଢ଼ି ଶିଙ୍ଘ ଭାଙ୍ଗିଲେ ତାର ଘାଆ ପାଚେ, ବେଙ୍ଗା ଧରିଲେ ସେ ନ ଖାଇ ନ ପିଇ ଶୁଖି ଶୁଖି ମରେ । ମଣିଷ ପରି ଗୋରୁକୁ ଜର ହୁଏ, ତାର ଛେରସ ରୋଗ ହୁଏ, ପେଟ ଫୁଲେ । ମଣିଷର ଯେତିକ, ଗୋରୁଗାଈଙ୍କର ସେତିକ ରୋଗ । ରୋଗ ଧରିଲେ ମଣିଷ ଯେଉଁଠି ବିନା ଚିକିତ୍ସାରେ ମରନ୍ତି, ସେଠି ଗୋରୁଙ୍କ ପଚ୍ଚରେ କିଏ ?

ଗାଈ ଜନମ କରି ନ ପାରି ମୋ ଆଗରେ ଛଟପଟ ହୋଇ ମରିଛନ୍ତି । ଏ ଦୃଶ୍ୟ ବଡ଼ ବିକଟ, କରୁଣ । ପଶୁଡାକ୍ତରଖାନାଟିଏ ଖୋଲିବା ଲାଗି ଆମ ଭୋଟାକୁ ଲଗାଇ ଖଣ୍ଡିଏ ଜମି ଦେଲି, ଡାକ୍ତରଖାନାଟିଏ ଖୋଲିଲା । ଏବେ ପଚିଶ ତିରିଶ ଖଣ୍ଡ ଗ୍ରାମର ଲୋକ ଗୋରୁଗାଈ ଘେନି ଆମ ଗାଆଁକୁ ଆସନ୍ତି । ଗୋ ପ୍ରଦର୍ଶନୀ ହୁଏ । କିନ୍ତୁ ଚରିବା ଲାଗି ଗୋଚର, ଦଣ୍ଡା ଆଉ ନାହିଁ—ଗୋରୁ ବୋଇଲେ ହାଡ଼ ଆଉ ଚମ । ଗାଈକ ସୁଦ୍ଧାଁ ଦୁଧ—କଅଁଳା ଅଧପେରେ, ପଡ଼ିଆ ପାଏ । ଏ ଗୋରୁଙ୍କ ଦେହରେ ଆତ୍ମା ଅଛି, ପରମାତ୍ମା ବି ରହନ୍ତି । ଗୋଡ଼ ବାଜିଲେ ମୁଁ 'ବିଷ୍ଣୁ' କରେ; କିନ୍ତୁ ନିର୍ଘାତିଆ ପାଞ୍ଚଣ ମାଡରେ ସେ ପଳାଉଥିବେ ପରା ! କାରଣ ମାଡକୁ ମହାଦେବ ଡରନ୍ତି ।

ଲଙ୍ଗଳୋତ୍ସବ

ଆଗେ ବ୍ରାହ୍ମଣମାନେ ସାରୁ ବା ଆଳୁ କରିବାର ବିଧି ନ ଥିଲା । ଶଗଡ଼ ବୋହୁଥିଲେ, କିନ୍ତୁ ଲଙ୍ଗଳକଣ୍ଟି ଧରୁ ନ ଥିଲେ । କ୍ରମେ ସବୁ ଫସଲ (ଅଦାକୁ ଛାଡ଼, ଅଦା ବଉଁଶ ପଦା କରିଦିଏ, ବିଶ୍ୱାସ ଥିଲା) କଲେ, ବିଲ ବାଛିଲେ, ଧାନ

Digitized by srujanika@gmail.com

କାଟିଲେ, ପାଣି ବୋହିଲେ, ଘର ଛପର୍ କଲେ, କିନ୍ତୁ ହଳ କଲେ ନାହିଁ । ମୋର ଗୋଟାଏ ଖୁବ୍ ସଂସ୍କାରକ ମନୋବୃତ୍ତି ଥିଲା, କହିବା ନାହିଁ । ତରୁଣମାନଙ୍କ ଗୁହାରେ ପଡ଼ି ମୁଁ ଦକ୍ଷିଣଗଡ଼ସ (ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଗ୍ରାମ) ଗଲି । ପଡ଼ୋଶୀ ଭଣ୍ଡପୁର ଗ୍ରାମର ବୃଦ୍ଧ ବ୍ରାହ୍ମଣ ହରି ବାଗର୍ଗ, କୃପା ମିଶ୍ରଙ୍କୁ ସଙ୍ଗେ ନେଲି । ନାମ ସଂକୀର୍ତ୍ତନ ମଧ୍ୟରେ ଆମ୍ଭମାନଙ୍କ ଗଳାରେ ଫୁଲମାଳା ଲମ୍ବିଲା । ବଳଦମାନଙ୍କ ଶିଙ୍ଗରେ ମଧ୍ୟ ଫୁଲହାର ବନ୍ଧା ହେଲା, ମୁଣ୍ଡରେ ଫଗୁ ଲଗା ହେଲା । ହରିବୋଲ ହୁଳହୁଳି ପଡ଼ିଲା ।

ଭାର୍ଗବୀ ନଈ କୂଳ ପୋଲଙ୍କ ଢୋଟାରେ ସୂର୍ଯ୍ୟ ଅସ୍ତ ଯାଉଥାନ୍ତି । ଗୋଧୂଳିର ଶ୍ରୀ ସମସ୍ତ ଦୃଶ୍ୟକୁ ରଙ୍ଗୀନ୍ କରୁଥାଏ । ମୁଁ ଲଙ୍ଗଳ କଣ୍ଢିରେ ହାତ ପକାଇଲି । ଗୋଟିଏ ଭେଣ୍ଡା ବୁଲିଗଲା ପରେ ଜଣେ ଯୁବକ କଣ୍ଢି ଧରି ନେଲା । ଦେଢ଼ସର ବ୍ରାହ୍ମଣ ଯୁବକମାନେ ଖୁଡମତେ ହଳ ବୁଲାଇଲେ, ତାଙ୍କ ଦେଖାଦେଖି ଭଣ୍ଡପୁର ଓ ଅନ୍ୟାନ୍ୟ ଗ୍ରାମମାନଙ୍କରେ ଏହା ଚଳିଲା । ହଳ କରି ଏକଘରକିଆ ହେବାର ଶଙ୍କା ଆଉ ରହିଲାନାହିଁ । କିନ୍ତୁ ଆମ ଗ୍ରାମରେ ମୁଁ ଏହା ଚଳାଇ ପାରିଲି ନାହିଁ । କାରଣ ଅଧିକାଂଶ ଜମି ଜଣଙ୍କ ହାତରେ ଥିଲା । ଦରିଦ୍ର ବ୍ରାହ୍ମଣ ଯୁବକମାନେ କଲିକତାକୁ 'ଠାକୁର' ବା ଅନ୍ୟତ୍ର 'ମାଷ୍ଟ୍ର' ହୋଇ ଚାଲି ଯାଉଥିଲେ ।

ନୀଳ ମାଷ୍ଟ୍ରାଣୀ

ସେ ସମୟର ନାନା ସାମାଜିକ ଘଟଣା ମଧ୍ୟରେ 'ନୀଳ ମାଷ୍ଟ୍ରାଣୀ' ଘଟଣା ଅନ୍ୟତମ । ନୀଳ ବ୍ରାହ୍ମଣ ଘର ଝିଅ, ବାଳିକା ବୟସରେ ବିଭା ହୋଇଥିଲା, ସେ ମଣିଷ ହେଲା ବେଳକୁ ତା'ର ବୟସ୍କ ସ୍ୱାମୀର ମୃତ୍ୟୁ ଘଟିଥିଲା । ସେ ଉଚ୍ଚ ପ୍ରାଥମିକ ପାସ୍ କରିଥିଲା, ଟ୍ରେନିଂ ପାଇ ସେ ମାଷ୍ଟ୍ରାଣୀ ହେଲା । କିନ୍ତୁ ଯୌବନ ଭାର ସମ୍ଭାଳି ପାରିଲାନାହିଁ । ଯୁବକମାନେ କେବଳ ବ୍ୟଭିଚାରର ଇଙ୍ଗିତ ଦେଲେ, କେହି ସ୍ତ୍ରୀ ଭାବରେ ତାର ଦାୟିତ୍ୱ ନେଲେ ନାହିଁ । ଧ୍ରୁବ ସେଠୀ ବିବାହିତ ଯୁବକ, ସେ ଯାତ୍ରାରେ ରଜା ହୋଇ ବାହାରୁଥିଲା, ନୀଳମଣି ସ୍ୱେଚ୍ଛା ପ୍ରଣୋଦିତ ହେଲା ତାର ସ୍ତ୍ରୀ । ଏ ଘଟଣା ସୃଷ୍ଟି କଲା ଏକ ପାରିବାରିକ ଓ ସାମାଜିକ ବିକ୍ଷୋଭ ।

ଏହାକୁ ଉପଜୀବ୍ୟ କରି ମୁଁ ଲେଖିଥିଲି—"ଅହିଅ ସିନ୍ଦୂର ଟୋପା ବଗଳ ଥାଉ". ତାପରେ ଆଉ ତିନୋଟି କବିତା । ରାଧାମୋହନ ଗଡ଼ନାୟକଙ୍କୁ ସେଥର ଥରେ ମୁଁ ତା ଘରକୁ ଯାଇଥିଲି । ସେତେବେଳକୁ ନୀଳର କେତେଗୁଡ଼ିଏ ପିଲାଝିଲା ହୋଇଥିଲେ । ସେ ହୋଇଥିଲା ବୃଦ୍ଧା । ଗଡ଼ନାୟକଙ୍କଠାରୁ ଶୁଣି ଗୋଦାବରୀଶ ମହାପାତ୍ର 'ନୀଳ ମାଷ୍ଟ୍ରାଣୀ' ଗଳ୍ପଟି ଲେଖିଥିଲେ, ସ୍ୱୟଂ ଗଡ଼ନାୟକ ମଧ୍ୟ ଗୋଟିଏ କବିତା ଲେଖିଥିଲେ । ସ୍ୱାମୀ ଚଣ୍ଡୀ ଦାସଙ୍କୁ, ହରି ବୈଷ୍ଣବ ପାଣିଙ୍କୁ କବି କରିଥିଲା, ନୀଳ ସେହିପରି ଓଡ଼ିଆସାହିତ୍ୟରେ ଏକ ଅଧ୍ୟାୟ ସୃଷ୍ଟି କରିଥିଲା ।

Digitized by srujanika@gmail.com

ଅପରାହ୍ଣରୁ ଗୋଧୂଳି

Digitized by srujanika@gmail.com

ଜୀବନର ଲୀଳା-ତିକ୍ତ ଓ ମଧୁର

୧୯୬୮ ମୋର ଗୋଟିଏ ଦୁଃଖ ଓ ସଂଗ୍ରାମର ବର୍ଷ ବୋଲି ଡାଇରୀରେ ଲିପିବଦ୍ଧ କରିଛି—"ଅଗଣିତ କ୍ଷତ ମୋର ମନରେ, ବନ୍ଧୁ ଦୁଶ୍ଚିନ୍ତା । କେତେକ ମୋତେ ଅକାରଣେ ଆହତ କରିଛନ୍ତି । ମୋର କେତେକ ଦୁଃଖର କାରଣ ହୋଇଛି ମୁଁ ନିଜେ" ।

"ଏ ବର୍ଷଟି ପାରି ହୋଇ ଆସି ଦୀର୍ଘଶ୍ୱାସ ପରେ ଦୀର୍ଘଶ୍ୱାସ ଛାଡ଼ିଛି । ସମସ୍ତ ଯୋଗ୍ୟତା ସତ୍ତ୍ୱେ ଓଡ଼ିଆବିଭାଗର ପ୍ରାଧ୍ୟାପକ ହୋଇପାରିଲି ନାହିଁ । ବର୍ଷସାରା ସଂଗ୍ରାମ, ଶତ୍ରୁ ପ୍ରବଳ, ଭଗବାନ୍ ଭରସା" ।

ଶତ୍ରୁର ବିଜୟ ମୁହୂର୍ତ୍ତରେ ହିଁ ଘଟଣାଚକ୍ର ଓଲଟା ବୁଲେ । ଏଥିରୁ ଏତିକି ବୁଝେ—ଶତ୍ରୁ ପକ୍ଷେ ସଂସପ୍ତକ ବାହିନୀ, ମୋ ପକ୍ଷେ ଶ୍ରୀକୃଷ୍ଣ । ସେ ମୋତେ ଶଙ୍ଖରେ ପୂରାଇ ଚକ୍ର ଆଢ଼ୁଆଳ କରିଛନ୍ତି । ସଂସାରର ଈର୍ଷା, ହିଂସା ଓ ଚକ୍ରାନ୍ତର ସମ୍ମୁଖୀନ ହେବାକୁ ଚିର ଅଯୋଗ୍ୟ ।

"ବଡ଼ ଦୁର୍ବଳ ମୁଁ, ବିଶ୍ୱାସ ମୋର ଟଳିଛି । ସେଥିଲାଗି ଛାତି ଜଳି ଉଠିଛି ଅନିଦ୍ର ରାତିରେ । କେତେ ଅଜଣା ଶଙ୍କା ମାଡି ବସିଛି । ଭୂତକୋଠିରୁ ଜୀବନ ମାଗି ଘେନି ଖସି ଆସିଲି ପରି ଲାଗୁଛି ଏବେ ।"

"ମନରୁ କବିତା ହଜିଯାଇଛି । ତାକୁ ଛାଡ଼ି ଦେବତା ଚାଲିଯାଇଛନ୍ତି । ଧୂମଳ, ଧୂସର, ରୁକ୍ଷ, କର୍କଶ ମରୁପ୍ରାନ୍ତରର ପଥହରା ।"

୨।୧।୬୯ରେ ଓଡ଼ିଆ ମୁଖ୍ୟ ଅଧ୍ୟାପକ ଭାବେ ନିଯୁକ୍ତିପତ୍ର ପାଇଲି । ୧୯୬୩ରେ ଓଡ଼ିଶାରେ ଓଡ଼ିଆବିଭାଗର ପ୍ରଥମ ରିଡର୍ ହୋଇଥିଲି ମୁଁ । ଓଡ଼ିଶାରେ ଏମ୍, ଏ ଯୋଗ୍ୟତାପ୍ରାପ୍ତ ପ୍ରଥମ ଓଡ଼ିଆ ପ୍ରଫେସର ହେଲି ମଧ୍ୟ ମୁଁ ।

ଆଜୀବନ ଗବେଷକ, ଉତ୍କୃଷ୍ଟ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଓଡ଼ିଆ ସାହିତ୍ୟ ଲାଗି ଖଟି ଖଟି ଆୟୁ କ୍ଷୟ କଲେ । ତାଙ୍କୁ ଓଡ଼ିଆ ମୁଖ୍ୟ ଅଧ୍ୟାପକ ପଦ ମିଳିଲା ନାହିଁ । ସଂସ୍କୃତରେ ଏମ୍. ଏ ପାସ୍ କରି ଡକ୍ଟର କରୁଣାକର କର, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ଓଡ଼ିଆରେ ପ୍ରଫେସର୍ ହୋଇଥିଲେ । କରୁଣାକରବାବୁ ଓଡ଼ିଆରେ

Digitized by srujanika@gmail.com

ଚର୍ଯ୍ୟାଗୀତ, ଡକ୍ଟର ତ୍ରିପାଠୀ ଓଡ଼ିଆ ଶିଳାଲେଖ ସମ୍ବନ୍ଧରେ ଇଂରାଜୀରେ ସନ୍ଦର୍ଭ ଲେଖିଥିଲେ । ତେଣୁ ସେମାନେ ଓଡ଼ିଆରେ ଏମ୍.ଏ. ପାସ୍ ନ କରିଥିବା ତ୍ରୁଟି ଧରାଗଲା ନାହିଁ ।

ଓଡ଼ିଆ, ସଂସ୍କୃତ ଦୁଇଟି ବିଭାଗର ମୁଖ୍ୟ ଥିଲେ ଡକ୍ଟର ତ୍ରିପାଠୀ । ମୋତେ ଓଡ଼ିଆରେ ଓ ଶ୍ରୀ ଧଳଙ୍କୁ ସଂସ୍କୃତରେ ରିଡ଼ର କରାଯାଇଥିଲା । ତ୍ରିପାଠୀଙ୍କ ବଦଳି ପରେ ଓଡ଼ିଆରେ ମୌଳିକ ଡିଗ୍ରୀ ନ ଥାଇ ବି ପରମ୍ପରା ଦୃଷ୍ଟିରୁ ପ୍ରାଧ୍ୟାପକ ପଦ ଲାଗି ଶ୍ରୀ ଧଳ ଦାବୀଦାର ହେଲେ, ଓ ଉଚ୍ଚଶିକ୍ଷାକର୍ତ୍ତାଙ୍କର ସହାନୁଭୂତି ଯୋଗୁଁ ବହୁଦୂର ଆଗେଇଗଲେ । ଆମ ଉଭୟଙ୍କ ମଧ୍ୟରେ କନ୍ଦଳ (ବ୍ୟକ୍ତିଗତ ନୁହେଁ, ନୀତିଗତ) ଉପୁଜିବା ଫଳରେ ଓଡ଼ିଆ ବିଭାଗ ରେଭେନ୍ସା କଲେଜ ଅଧ୍ୟକ୍ଷଙ୍କ ଦାୟିତ୍ୱରେ ରହିଲା ।

ଆମ ଉଭୟଙ୍କ କାଗଜପତ୍ର ଯଥା ସମୟରେ ଡ଼ି. ପି ଆଇଙ୍କ ଅଫିସ୍‌କୁ ଯାଇଥିଲା । କିନ୍ତୁ ଓଡ଼ିଆରେ ମୌଳିକ ଡିଗ୍ରୀ ନ ଥିବାରୁ ଧଳଙ୍କ କାଗଜପତ୍ର ପବ୍ଲିକ ସର୍ଭିସ୍ କମିସନକୁ ପଠାଗଲା ନାହିଁ । କମିସନ୍‌ରୁ ମୋ ନାମଟି ମାତ୍ର ସୁପାରିସ୍ ହୋଇ ଆସିଲା; ଶିକ୍ଷାମନ୍ତ୍ରୀ ମୋ ଫାଇଲ୍‌ଟି ଚିଫ୍ ସେକ୍ରେଟେରୀଙ୍କ ନିକଟକୁ ପଠାଇ ଦେଲେ ଓ ଅଳ୍ପଦିନ ମଧ୍ୟରେ ମୋତେ ନିଯୁକ୍ତିପତ୍ର ମିଳିଗଲା । ଶ୍ରୀ ଧଳ ହାଇକୋର୍ଟରେ ରିଟ୍ କଲେ ଓ କିଛିଦିନ ପରେ ଏହା ବ୍ୟର୍ଥ ହେବ ଜାଣି ମକଦ୍ଦମାଟି ଉଠାଇ ଆଣିଲେ ।

ତା'ପରେ ଶ୍ରୀ ଧଳ ଚେଷ୍ଟା କଲେ ଓଡ଼ିଆରେ ରିଡ଼ର୍ ହେବା ପାଇଁ । ସଂସ୍କୃତରୁ ଓଡ଼ିଆ ଅଲଗା ହେବା ପରେ ବିଭାଗୀୟ ନିୟମ ଅନୁଯାୟୀ ଡକ୍ଟର କାହ୍ନୁ ଚରଣ ମିଶ୍ର ମୋ ତଳେ ଥିଲେ; ସରକାରୀ ନୋଟିସ୍‌କୁ ଅଳିଆ ଟୋକେଇକୁ ପକେଇ ଦେଇ ଓଡ଼ିଆ ଏମ୍.ଏ. ଡିଗ୍ରୀହୀନ ଶ୍ରୀଧଳଙ୍କୁ କମିସନ୍ ଜ୍ୟେଷ୍ଠ ରିଡର କଲେ, ଡକ୍ଟର ମିଶ୍ରଙ୍କୁ 'ବିକସି ଜଗବନ୍ଧୁ ବିଦ୍ୟାଧର' କଲେଜକୁ ବଦଳି କରାଗଲା, ତାଙ୍କ କନିଷ୍ଠ ଡକ୍ଟର ବଂଶୀଧର ମହାନ୍ତି, ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର ଯଥାକ୍ରମେ ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମୁଖ୍ୟ ହୋଇଥିଲେ । ଡକ୍ଟର ମିଶ୍ରଙ୍କ ପ୍ରତି କର୍ତ୍ତା ବିରୂପ ଥିଲେ, ସେ ଯେପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ନୋହି ପାରିବେ, ସେଥିଲାଗି ଚେଷ୍ଟା କଲେ । ଯେତେବେଳେ ଚକ୍ରାନ୍ତ, ଚେଷ୍ଟା ପାଣି ଫାଟିବାର ଦେଖାଗଲା, କର୍ତ୍ତା ଶେଷ ଅସ୍ତ୍ର ପ୍ରୟୋଗ କଲେ—ପ୍ରାଧ୍ୟାପକର ପ୍ରାଧ୍ୟାପକ ହେବା ଯଥାର୍ଥ; ଦ ଖାସ୍ତକାରଙ୍କ ମଧ୍ୟରେ ଜଣେ ମୁଖ୍ୟ ଅଧ୍ୟାପକ ଅଛନ୍ତି । ତାଙ୍କୁ ହିଁ ନେଇଦିବା । କର୍ତ୍ତା ସେତେବେଳେ ଜାଣି ନ ଥିଲେ ଯେ ତାଙ୍କ ଅସ୍ତ୍ର ତାଙ୍କ ନିଜ ଦେହରେ ବାଜିବ । ବିସ୍କୃତିକ ବୋର୍ଡ଼ ଏ ମୁକ୍ତି ନିଷ୍ପନ୍ଦ ଭାବେ ଶୁଣୁଥିବା ବେଳେ କୁଳପତି ମୁହଁ ଖୋଲିଲେ—

Digitized by srujanika@gmail.com

ଉତ୍କଳବିଶ୍ୱବିଦ୍ୟାଳୟ ଇଂରାଜୀ ପ୍ରାଧ୍ୟାପକ ନିର୍ବାଚନରେ ଏହି ବିଚାରଧାରା ଅବଲମ୍ବିତ ହୋଇଥିଲା କି ?

ଏହାର ଦରଖାସ୍ତକାରୀଙ୍କ ମଧ୍ୟରେ ଜଣେ ପ୍ରାର୍ଥୀ ଥିଲେ, ସେ ଡକ୍ଟରେଟ୍ ଡିଗ୍ରୀଧାରୀ, କେତେବର୍ଷ ରିଡର୍ ଓ ପ୍ରଫେସର୍ ହୋଇଥିଲେ । ଉତ୍କୃଷ୍ଟ ଶିକ୍ଷକ ଭାବେ ତାଙ୍କର ନାମ ଥିଲା । କିଛି ବିଚାରକୁ ନିଆଗଲା ନାହିଁ । ନ୍ୟାୟ ଗୋଟାଏ ଘର ପାଇଁ, ଗୋଟାଏ ବାହାର ପାଇଁ ହୋଇ ନ ପାରେ । ଆଇନକୁ ଯଥେଚ୍ଛ ବ୍ୟବହାର କରୁଥିଲେ ଅନ୍ଧ ମୁଲକର ରାଜା, ତାଙ୍କର ଉତ୍ତରାଧିକାରୀ ହୋଇଥିଲେ କେତେକ ସ୍ୱେଚ୍ଛାଚାରୀ ସରକାରୀ ଅଫିସର୍ । ଅଥଚ ଶିକ୍ଷାକର୍ତ୍ତ୍ରୀ ଏଥିରେ ହସ୍ତକ୍ଷେପ ନ କରୁଥିବାରୁ ଅଫିସରମାନଙ୍କ ମୁଣ୍ଡ ବଢ଼ିଯାଇଥିଲା, ଅକ୍ଲେଶରେ ସେମାନେ ଆଇନକୁ ଆଖିମିଟିକା ମାରି କଳାକୁ ଧଳା, ଧଳାକୁ କଳା କରିପାରୁଥିଲେ । ନିଜର ତୁଚ୍ଛ ସ୍ୱାର୍ଥକୁ ଭାଷାର ଏକ ସୁଦୃଶ୍ୟ ଆବରଣ ଦେଇ ପାରୁଥିଲେ । ବାହାରେ ସେ ବିଦ୍ୱାନ୍, ଆଇନ୍‌ରକ୍ଷକ ପରି ଦିଶେ, ଭିତରେ ସେ କେଡେ ଦୟନୀୟ, ଅନିଷ୍ଟକର, ହାସ୍ୟାସ୍ପଦ ।

କର୍ତ୍ତ୍ରୀ କ୍ରୋଧରେ ଜଳିଲେ; କିନ୍ତୁ ନିରୁପାୟ । ଡକ୍ଟର କାହ୍ନୁଚରଣ ପ୍ରାଧ୍ୟାପକ ଭାବେ ନିଯୁକ୍ତି ପାଇଲେ ।

ଓଡ଼ିଶାରେ ଓଡ଼ିଆ ଭାଷାର ପ୍ରତିଷ୍ଠା ଓ ଗଡ଼ଜାତ ସଂପର୍କରେ ଟିକିଏ ସୂଚନା ଦେବା ଆବଶ୍ୟକ । ୧୮୬୮-୭୦ର ଓଡ଼ିଆଭାଷାବିଲୋପ ଆନ୍ଦୋଳନ କଥା ମନେ ପଡ଼େ; ବଙ୍ଗଳାର ଗ୍ରେଟଲଟଙ୍କ ଆଦେଶନାମା ବଳରେ ନିମ୍ନ ଭର୍ନାକୁଲାର ସ୍କୁଲମାନଙ୍କରେ ଓଡ଼ିଆ ପଢ଼ାଗଲା । ଊନବିଂଶ ଶତାବ୍ଦୀ ଶେଷ ହେବା ପର୍ଯ୍ୟନ୍ତ କଲେଜରେ ଭର୍ନାକୁଲାର କମ୍ପୋଜିସନ୍ ମାତ୍ର ପଢ଼ା ହେଉଥିଲା । ଗଡ଼ଜାତ ରାଜା ଓ ସାମନ୍ତମାନଙ୍କ ପୋଷକତାରେ ଓଡ଼ିଆସାହିତ୍ୟ ବଞ୍ଚି ରହିଥିଲା, ଉତ୍କଳୀୟ ସରସ୍ୱତୀଙ୍କ ଉଚ୍ଚାଙ୍ଗ ଗ୍ରନ୍ଥମାନଙ୍କ ଦ୍ୱାରଦେହଳୀ ସ୍ପର୍ଶ କରିନଥିଲା ।

ଊନବିଂଶ ଶତାବ୍ଦୀର ଶେଷପାଦ ଓ ବିଂଶ ଶତାବ୍ଦୀର ଆଦ୍ୟଭାଗରେ ମୟୂରଭଞ୍ଜ, ବାମଣ୍ଡା, ତାଳଚେର, ସୋନପୁର ପ୍ରଭୃତି ଗଡ଼ଜାତର ରାଜାମାନେ ଓଡ଼ିଆ ପତ୍ରିକା ଓ ପୁସ୍ତକ ପ୍ରକାଶ ଦିଗରେ ଯତ୍ନବାନ୍ ହୋଇଥିଲେ । ଗଡ଼ଜାତ ରାଜାମାନଙ୍କ ମଧ୍ୟରେ ସୋନପୁର ମହାରାଜାଙ୍କ ଦୃଷ୍ଟି ଅଧିକ ସୁଦୂରପ୍ରସାରୀ ଥିଲା । ପ୍ରଥମ ମହାଯୁଦ୍ଧର ପରବର୍ତ୍ତୀ କାଳରେ କଲିକତାବିଶ୍ୱବିଦ୍ୟାଳୟରେ ସେ ଓଡ଼ିଆରେ ଏମ୍. ଏ. ଶ୍ରେଣୀ ଖୋଲାଇଥିଲେ । ଏହାକୁ ଲକ୍ଷ୍ୟ କରି ୧୯୧୯ରେ ବିଶ୍ୱନାଥ କର 'ଉତ୍କଳସାହିତ୍ୟ' ରେ ଲେଖିଥିଲେ —"ଦେଶଭାଷାରେ ଏମ୍ ଏ. ପରୀକ୍ଷା କିଛିକାଳ ପୂର୍ବେ ନିତାନ୍ତ ହାସ୍ୟକର ପ୍ରସ୍ତାବ ବୋଲି ବଙ୍ଗ ପଣ୍ଡିତମାନଙ୍କ ନିକଟରେ ପ୍ରତୀୟମାନ ହେଉଥିଲା । ତେବେହେଁ ଭାଷା

Digitized by srujanika@gmail.com

ଏହି ପରୀକ୍ଷାର ଅନ୍ତର୍ଭୁକ୍ତ ହୋଇଅଛି । ଆନନ୍ଦର କଥା, ଓଡ଼ିଆଭାଷା ତନ୍ମଧ୍ୟରୁ ଗୋଟିଏ ।”

ସର୍ ଆଶୁତୋଷଙ୍କ ଦେଶାତ୍ମବୋଧ, ସଂସ୍କୃତିପ୍ରୀତି ଓ ଉଦାର ନୀତି ଫଳରେ କଲିକତାବିଶ୍ୱବିଦ୍ୟାଳୟରେ ବଙ୍ଗଳା ସହିତ ଅନ୍ୟାନ୍ୟ ଭାରତୀୟ ଭାଷା ଓ ସାହିତ୍ୟର ଅଧ୍ୟାପନା ବ୍ୟବସ୍ଥା ହୋଇଥିଲା । ବହୁ ନିର୍ଯାତିତ ଓଡ଼ିଆଭାଷା ବଙ୍ଗଳାଦରବାରରେ ଏକ ମର୍ଯାଦାବନ୍ତ ଆସନ ଲାଭ କଲା । ଯେଉଁଠି ନିନ୍ଦିତ, ସେଇଠି ସେ ବନ୍ଦିତ ହେବାକୁ ଲାଗିଲା । ବଙ୍ଗଳା, ହିନ୍ଦୀ ଓ ଅନ୍ୟାନ୍ୟ ଭଗିନୀମାନଙ୍କ ସହିତ ଗୌରବାସନରେ ଅଧିଷ୍ଠିତ ହୋଇ ଓଡ଼ିଆ ଯେପରିକି ଭବିଷ୍ୟତ ଉପରେ ଆଶାସ୍ନିଗ୍ଧ ଦୃଷ୍ଟି ନିକ୍ଷେପ କରିବାକୁ ଲାଗିଲା ।

ସେକାଳେ ଓଡ଼ିଆ ଏମ୍. ଏ. ର ଏକ ଐତିହାସିକ ଆବଶ୍ୟକତା ଥିଲା । ଏହା ହୋଇଥିଲା ଜାଗରଣଶୀଳ ଓଡ଼ିଆର ଉଚ୍ଚ ଆଶା ଓ ଦୃଢ଼ ବିଶ୍ୱାସର ପ୍ରତୀକ, ସାଂସ୍କୃତିକ ଅଭ୍ୟୁତ୍ଥାନ ଲାଗି ଏକ ଉଜ୍ଜ୍ୱଳ ଦୀପସ୍ତମ୍ଭ । ଅଗ୍ରଗତି ଲାଗି ଆଧୁନିକ ସାହିତ୍ୟକୁ ଏହା ହିଁ ଦେଇଥିଲା ସବୁଜ ସଙ୍କେତ ।

ମୁଁ କଲିକତାବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ଏମ୍. ଏ. ପାସ୍ କରି ଆସିବାର ଦଶବର୍ଷ ପରେ ୧୯୫୧ରେ ଶାନ୍ତିନିକେତନରେ ବିଶ୍ୱଭାରତୀ କେନ୍ଦ୍ର ବିଶ୍ୱବିଦ୍ୟାଳୟ ରୂପେ ପ୍ରତିଷ୍ଠିତ ହେଲା, ବଙ୍ଗଳା ଓ ହିନ୍ଦୀ ସହିତ ଓଡ଼ିଆରେ ଏମ. ଏ. ଶ୍ରେଣୀ ଖୋଲିଲା । ତାର କିଛିବର୍ଷ ପୂର୍ବରୁ ରେଭେନ୍ସା କଲେଜରେ ଓଡ଼ିଆରେ ଅନର୍ସ ଓ ୧୯୪୬ରେ ଏମ୍. ଏ. ଶ୍ରେଣୀ ଖୋଲିଲା । ସ୍ୱୀକୃତ ଅଧ୍ୟାପକମାନେ ଓଡ଼ିଆ ଅଧ୍ୟାପକ ହେବାକୁ ଲାଗିଲେ, ଓଡ଼ିଆର ସ୍ୱାତନ୍ତ୍ର୍ୟ ଓ ଓଡ଼ିଆ ଏମ୍. ଏ. ଡିଗ୍ରୀପ୍ରାପ୍ତ ବ୍ୟକ୍ତିମାନଙ୍କର ବୈଶିଷ୍ଟ୍ୟ ସ୍ୱୀକୃତ ହେଲାନାହିଁ, ଦୁର୍ଭାଗ୍ୟର ବିଷୟ ।

ଓଡ଼ିଆଭାଷା ଯୋଗୁଁ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠିତ ହେଲା । କେତେ ମନ୍ତ୍ରୀ, ଉପମନ୍ତ୍ରୀ ହେଲେ । କିନ୍ତୁ ବହୁବର୍ଷ ପର୍ଯ୍ୟନ୍ତ ପରୋକ୍ଷଭାବେ ଇଂରାଜୀ ପକ୍ଷପାତୀ ଡି. ପି. ଆଇ. ମାନେ ଓଡ଼ିଆଭାଷାର ଆଶୁବିକାଶ ଲାଗି ଦୃଢ଼ ପଦକ୍ଷେପମାନ ନେଲେ ନାହିଁ; ଫଳରେ ଅନ୍ୟ ପ୍ରାଦେଶିକ ଭାଷାମାନଙ୍କ ସଙ୍ଗେ ସମାସ୍କନ୍ଧ ହେବାଲାଗି ବିଶେଷ ବିଳମ୍ବ ଘଟିଲା । ଜଣେ ଡି. ପି. ଆଇ କଲେଜରେ ଏମ୍. ଆଇ. ଏଲ୍ ପାଠର ଉନ୍ନତି ନକରି ଏହାର ସମୂଳ ଉଚ୍ଛେଦ ଲାଗି ଚେଷ୍ଟିତ ହୋଇଥିଲେ । ତୀବ୍ର ପ୍ରତିରୋଧ ପରେ ସେ ସେଥିରୁ ନିବୃତ୍ତ ହେଲେ ।

ସେ ମହାଶୟ ଉତ୍କଳବିଶ୍ୱବିଦ୍ୟାଳୟର ଉପକୁଳପତି ହେବାପରେ ଓଡ଼ିଆ ଭାଷା, ସାହିତ୍ୟକୁ ଉତ୍କଳବିଶ୍ୱବିଦ୍ୟାଳୟର ହତା ମଧ୍ୟରେ ପୂରାଇଦେବେ ନାହିଁ ବୋଲି

Digitized by srujanika@gmail.com

ସେପରିକି ସଂକଳ୍ପବଦ୍ଧ ହୋଇଥିଲେ । ସେହି ଭାଷାର ସ୍ୱାତନ୍ତ୍ର୍ୟ ସ୍ୱୀକୃତ ହେବାରୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା ଓ ସେ ତାର ଉପକୁଳପତି ହୋଇ ଗୌରବଜନକ ଆସନର ଅଧିକାରୀ ହେଲେ, ତା ପ୍ରତି ସେ ଭ୍ରୂକ୍ଷେପ କଲେନାହିଁ । ଓଡ଼ିଆ ଏମ୍.ଏ., ଅନର୍ସ, ତା ଦେଖି ନୀରବ ରହିଥିଲେ । ଭାରତର ରାଷ୍ଟ୍ରପତି ଡକ୍ଟର ଜାକିରହୋସେନ୍ ଉତ୍କଳବିଶ୍ୱବିଦ୍ୟାଳୟର ସମାବର୍ତ୍ତନଉତ୍ସବରେ ଭାଷଣ ଦେବାକୁ ଆସି ସେକ୍ଠେକ୍ ଭାଷାରେ କେବଳ ଆକ୍ଷେପ କଲେନାହିଁ, କର୍ତ୍ତାଙ୍କୁ ଚାବୁକ୍ ହିଁ ମାରିଲେ କହିଲେ ଚଳେ । ବକ୍ରୋକ୍ତି ହେଲାପରେ ଉପକୂଳପତିଙ୍କ ଦୃଷ୍ଟି ଫିଟିଗଲା । ନିଜ ଚେର ଉପୁଡ଼ିବାର ଶଙ୍କାରେ ଆକ୍ରାନ୍ତ ହେଲାପରେ ସେ ଓଡ଼ିଆରେ ଏମ୍. ଏ. ଶ୍ରେଣୀ ଖୋଲିବାକୁ ବାଧ୍ୟ ହେଲେ ।

ଏବେ ତାଙ୍କ ଦେଶାତ୍ମବୋଧକ ଭାଷଣ ଶୁଣିଲେ ହସ ମାଡ଼େ । ସ୍ମୃତି କ୍ଷୀଣ; ଜନ୍ମ ଅଧର୍ମୀ ଓଡ଼ିଆ ସହିଷ୍ଣୁ । କିନ୍ତୁ ଏଭଳି ସହିଷ୍ଣୁତା ମାରାତ୍ମକ । ଏହିପରି ବହୁ ମେକି ଦେଶପ୍ରେମୀ ଓ ତଥାକଥିତ ବହୁ ସଂସ୍କୃତିପ୍ରେମୀଙ୍କୁ ସମ୍ବର୍ଦ୍ଧନା କରିଦେଲେ ସେମାନଙ୍କ ଅକର୍ମଣ୍ୟତା ବା ଅପକର୍ମର ଇତିହାସ ଜାତି ଭୁଲିଯାଏ, ଦୁଃଖର ବିଷୟ ।

ବହୁ ସଂଗ୍ରାମ ଓ ସଂଘର୍ଷ ପରେ ସଂସ୍କୃତବିଭାଗ, ଓଡ଼ିଆବିଭାଗ ଅଲଗା ଅଲଗା ହେଲା । ଓଡ଼ିଆସାହିତ୍ୟ ଏକ ସ୍ୱତନ୍ତ୍ର ସ୍ୱୀକୃତି ଓ ସମ୍ମାନ ଲାଭ କଲା, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ପ୍ରାୟ ୩୦ ବର୍ଷ ପରେ ।

ଓଡ଼ିଆବିଭାଗର ପ୍ରଫେସର୍ ହେବାରେ ମୋର ବହୁଦିନର ଆଶାଆକାଂକ୍ଷା ପୂର୍ଣ୍ଣ ହେଲା । କିନ୍ତୁ ଦୁର୍ଭାଗ୍ୟକୁ ଏଇ ପାହାଚରେ ମୋର ବର୍ଷଟିଏ ବି ପୂର୍ଣ୍ଣ ହେଲା ନାହିଁ । ଏହି ସମୟରେ ଓଡ଼ିଶାର ସରକାରୀ ଚାକିରିଆଙ୍କ କାର୍ଯ୍ୟକାଳ ୫୮ ବର୍ଷରୁ ୫୫ ବର୍ଷକୁ ଖସେଇ ଦିଆହେଲା । ଏ ଯୋଜନା ଫଳରେ ଅନେକଙ୍କ ପରି ମୋର ବିଶେଷ କ୍ଷତି ହୋଇଥିଲା । ମାତ୍ର ତେଇଶି ବର୍ଷ ଏଗାରମାସ ଚାକିରୀ କରି ପଞ୍ଚାବନ ବର୍ଷରେ ମୋତେ ଅବସର ନେବାକୁ ହେଲା । ମୋର କର୍ମକ୍ଷମତା, ଅଧ୍ୟାପନଦକ୍ଷତା ଓ ଗବେଷଣା ପ୍ରତି କେହି ଦୃକ୍ପାତ କଲାନାହିଁ । ମୁଁ ବିଳମ୍ବରେ ପଢ଼ା ଆରମ୍ଭ କରିଥିଲି, ବିଳମ୍ବରେ ସରକାରୀ ଚାକିରୀରେ ଯୋଗ ଦେଇଥିଲି । ମୋର ଅଭିଭାବକ ସରକାରୀ ଚାକିରୀର ରହସ୍ୟ ଅବଗତ ହୋଇ ନ ଥିବାରୁ ମୋର ବୟସ ବିଶେଷ କମାଇ ଲେଖି ନଥିଲେ । ଫଳରେ ମୋ ଶ୍ରେଣୀପଢ଼ୁଆ ସାଥୀମାନଙ୍କର ତିନି ଚାରିବର୍ଷ ଚାକିରୀକାଳ ଥିଲେ ମଧ୍ୟ ମୋର ଆଗେ ସରିଗଲା ।

ସେତେବେଳେ ଓଡ଼ିଆବିଭାଗରେ ବିଶେଷ ଗୋଳମାଳିଆ ପରିସ୍ଥିତି ଉପୁଜିଥିଲା । ସଂସ୍କୃତରୁ ଓଡ଼ିଆବିଭାଗ ଅଲଗା ହେଲେ ବି ଜଣେ ସଂସ୍କୃତ ରିଡ଼ର୍ଙ୍କୁ ଓଡ଼ିଆବିଭାଗର

Digitized by srujanika@gmail.com

ଦାୟିତ୍ୱ ଦିଆଗଲା ଓ ପରେ ସେଇ ବିଭାଗର ପ୍ରଫେସର୍ କରାଗଲା । ଚକ୍ରାନ୍ତ, ଅସ୍ପଷ୍ଟତା, ଓଡ଼ିଆ ଏମ୍. ଏ.ଙ୍କ ପ୍ରତି ଅବହେଳା ବା କର୍ତ୍ତାଙ୍କ ଅବିଜ୍ଞତା ବା ଖିଆଲ୍ ଯେଉଁ କାରଣରୁ ହେଉ, ଓଡ଼ିଆର ଦୁର୍ଦ୍ଦିନ ଯେ ଶେଷ ହୋଇନାହିଁ, ଏହା ନିଶ୍ଚିତଭାବେ ଜଣାଗଲା । ଓଡ଼ିଆରେ ଡିଗ୍ରୀ ନ ଥାଇ ଜଣେ ପ୍ରଫେସର୍ ହୋଇପାରିଲେ । କ୍ଷମତା କଣ କରି ନପାରେ ?

କିନ୍ତୁ ଈଶ୍ୱରଙ୍କ ବିଧାନ ଭିନ୍ନ । ଗୋଲକବିହାରୀ ଧଳ ଅଧ୍ୟବସାୟ ଓ ଚରିତ୍ର ବଳରେ ଉଚ୍ଚ ଶିଖରକୁ ଉଠିଥିଲେ । ନୂତନ ଗୃହ, ମଟରଗାଡ଼ି କିଣିଥିଲେ । ତାପରେ କ୍ଷୀର ଉପରେ ସର ବୃଷ୍ଟି ହେଉଥିଲା । ତାଙ୍କ ଅବସର ପୂର୍ବରୁ ସରକାର ସରକାରୀ କର୍ମଚାରୀଙ୍କ କାର୍ଯ୍ୟକାଳ ୫୫ରୁ ୫୮ ବର୍ଷ ବୟସକୁ ପୁଣି ବୃଦ୍ଧି କରିଥିଲେ । ଚରମ ଆନନ୍ଦ ମଧ୍ୟରେ କିନ୍ତୁ ନାଟକୀୟଭାବରେ ଯବନିକାପାତ ହେଲା । ସେରିବ୍ରାଲ ଥ୍ରମ୍ବୋସିସ୍ । କଟକ ଡାକ୍ତରଖାନାରେ ଅଚେତନ ଅବସ୍ଥାରେ ଚାରି ପାଞ୍ଚ ଦିନ ରହିଲା ପରେ ୨୪। ୬। ୭୪ରେ ଶ୍ରୀ ଧଳଙ୍କର ମୃତ୍ୟୁ ହେଲା । ଚରିତ୍ରବାନ୍, ବାଗ୍ମୀ । ଜଣେ ଉଚ୍ଚସ୍ତରର ଭାଷାତତ୍ତ୍ୱବିତ୍, ଅଧ୍ୟାପକ, ଶିକ୍ଷାବିତ୍, ଦେଶପ୍ରେମୀ ଓ ସାହିତ୍ୟିକଭାବେ ତାଙ୍କ ନାମ ଅମରାକ୍ଷରରେ ଲିପିବଦ୍ଧ ରହିବ ।

ନୂତନ ଗୃହ ପ୍ରବେଶ

୨୧ । ୭ । ୬୯; ସନ୍ଧ୍ୟା ପାଞ୍ଚଟାରୁ ପାଞ୍ଚଟା ପଞ୍ଚାଳିଶ ମିନିଟ୍‌ରେ ମାହେନ୍ଦ୍ର ବେଳା; ହାତରେ ତୁଳସୀ ଚଉରାଟିଏ, ମୁଁ ନୂତନ ଗୃହରେ ପ୍ରବେଶ କଲି, ମୋ ପଛରେ ପ୍ରବେଶ କଲେ ସ୍ତ୍ରୀ ଓ ପିଲାମାନେ । ଘରଟି କେତେବର୍ଷ ହେଲା ତିଆରି ହୋଇ ଖାଲି ପଡ଼ିଥିଲା, ମୁଁ ସରକାରୀ କ୍ୱାର୍ଟରରେ ରହୁଥିଲି । ଗୃହର ନାମ ଦେଇଥିଲି 'ଉଦୟଶ୍ରୀ', ସାନଭାଇ ଉଦୟନାଥର ସ୍ମୃତିରେ । ଉଦିତ ସୂର୍ଯ୍ୟର କିରଣ ମଧ୍ୟ ନିରର୍ଗଳଭାବରେ ଆସି ପଡୁଥିଲା ମୋ ବୈଠକଗୃହରେ ।

ମୋ ଗୃହପ୍ରବେଶର ଆନନ୍ଦ ଶତଗୁଣିତ ହେଲା, ଯେତେବେଳେ ଶୁଣିଲି—ମହାକାଶଚାରୀମାନଙ୍କର ବିପୁଳ ବିଜୟ । ସକାଳ ଆଠଟା ଛବିଶ ମିନିଟ୍‌ରେ ଆମେରିକାର ଆର୍ମଷ୍ଟ୍ରଙ୍ଗ୍ ପହିଲେ ଚନ୍ଦ୍ର ଉପରେ ପାଦ ପକାଇଲେ ଓ ପାଦ ପକାଉ ପକାଉ ଆନନ୍ଦରେ କହିଲେ—

"ଏହା ମଣିଷ ପାଇଁ ଗୋଟିଏ ଛୋଟିଆ ପାହୁଣ୍ଡ । କିନ୍ତୁ ମଣିଷଜାତିର ଅଗ୍ରଗତିର ଇତିହାସରେ ଏକ ବିରାଟ ପଦକ୍ଷେପ ।'

Digitized by srujanika@gmail.com

ଆପୋଲୋ ୧୧ ମହାକାଶଯାନଟି ପୃଥିବୀରୁ ୨ ଲକ୍ଷ ୪୦ ହଜାର ମାଇଲ୍ ଯାତ୍ରା କରିଥିଲା । ୨୦ ପାଉଣ୍ଡ ଚନ୍ଦ୍ରର ମାଟିଗୋଡ଼ି ନେଇ ଚନ୍ଦ୍ରପୃଷ୍ଠରେ ଦୁଇଘଣ୍ଟା କଟାଇ ଆର୍ମଷ୍ଟ୍ରଙ୍ଗ୍, ଆଲଡ୍ରିନ୍, କଲିନସ୍, ମାନବଜାତିର ଶାନ୍ତିକାମନା କରି ଚନ୍ଦ୍ରରେ ଆମେରିକାର ଜାତୀୟ ପତାକା ପୋତିଥିଲେ ।

ମୋ ମୃତ୍ୟୁକୁ ମୋ ଲାଗି ଦରଜା ଆଜି ଖୋଲିଲା । ଗ୍ରହନକ୍ଷତ୍ର ରାଜ୍ୟକୁ ଚିରକାଳ ଲାଗି ଆଜିଠାରୁ ବାଟ ଖୋଲିଗଲା । ପାର୍ଥିବ ରାଜ୍ୟରୁ ଗ୍ରହାନ୍ତିକ, ତାପରେ ଗ୍ରହନାକ୍ଷତ୍ରିକ ଜୀବନ—ଏଇ ଗତିରେ ସଂଗ୍ରାମର ଅନ୍ତ ନାହିଁ—ମାନବ ହେବ ଅତି ମାନବିକ, ମାନବର ବିଶ୍ୱବିଜୟ ଇତିହାସ ହିଁ ଭବିଷ୍ୟତର ଶ୍ରେଷ୍ଠ ଅଧ୍ୟୟନୀୟ ବିଷୟ ହେବ ।

ଆଜି କେବଳ ପୁରୀର ରଥଯାତ୍ରା ନୁହେଁ, ବିଶ୍ୱର ବଡ଼ଦାଣ୍ଡରେ ଗ୍ରହନକ୍ଷତ୍ରରେ ମାନବିକ ରଥଯାତ୍ରାର ଶୁଭାରମ୍ଭ । 'ଶୁଭମସ୍ତୁ ଭବତୁ ।'

ଏବର୍ଷ ଦୁଇଟି ଘଟଣାରେ ଭୟଙ୍କର—(କ) ଓଡ଼ିଶା ଉପକୂଳରେ ଘୂର୍ଣ୍ଣି—୧୯୭୧, ୨୯।୩୦ ତାରିଖ (ଅକ୍ଟୋବର୍)ରେ ପ୍ରଚଣ୍ଡ ବାତ୍ୟା ସହିତ ଲୁଣା ଜୁଆର ମାଡ଼ି ଆସିଥିଲା । କୋଡ଼ିଏ ହଜାରରୁ ଅଧିକ ଲୋକ ଓ ଲକ୍ଷାଧିକ ଗୋରୁଗାଈ ମୃତ୍ୟୁ-ମୁଖରେ ପଡ଼ିଥିଲେ; ମଣିଷ ଉଡ଼ି ଗଛ ଅଗରେ ଲାଗିଥିଲେ, ପନ୍ଦର ଫୁଟ ଉଚ୍ଚରେ ସମୁଦ୍ରରୁ ଲୁଣା ଜୁଆର ମାଡ଼ିଆସି ବହୁ ଗାଆଁ ଗଣ୍ଡାକୁ ମାଟିରେ ମିଶାଇ ଦେଇଥିଲା । ବିଲରେ ବାଲି ମାଡ଼ି ଯାଇଥିଲା । ବନ୍ୟା ପରେ ଏ ଚଡ଼କ ଉପକୂଳ ଅଞ୍ଚଳର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ଆଶ୍ଚର୍ଯ୍ୟ, ଏ ବିପଦରୁ ସମ୍ପଦ ଲୁଣ୍ଠୁଥିଲେ ଦଳେ ଟାଉଟର୍, ରାଜନୀତିକ ଓ ସେବକର ଭେକ ଧରି ।

ଆମର ଓ ଆମ ଗାଆଁର ଅଧିକାଂଶ ବିଲରେ ଛାଡ଼ି ହୋଇଥିଲା ଅଗାଡ଼ି ଝାଟି । କିନ୍ତୁ ବିପଦ ମନୁଷ୍ୟର ସର୍ବଶ୍ରେଷ୍ଠ ଶିକ୍ଷକ; ସେ ଉଦ୍ଧାରିଥିଲା ଓଡ଼ିଆଙ୍କୁ ସାମ୍ବତ୍ସରିର ଅକ୍ଳାନ୍ତ ଲକ୍ଷ୍ମୀରୂପେ । ବିଲ ହୋଇ ଉଠିଥିଲା ତାର କାମଧେନୁ; ବର୍ଷାରେ ବନ୍ୟାରେ ଫସଲ ହରାଇଲେ ଶୀତଦିନର ଗହମ, ଖରାଦିନର ଡାଲୁଅ, ଡାଇଚଙ୍ଗ, ଜମ୍ମା ବା ପଦ୍ମାକୁ ଆଶା । ନିରାଶ ହେବା ଅଧମତା, ପଛେଇବା କାପୁରୁଷତା; ଜୀବନ ଅର୍ଥ ମୁକ୍ତି, ବନ୍ୟା ବା ବାତ୍ୟା ସଙ୍ଗେ ହେଉ କମ୍ବା ଶତ୍ରୁ ବିରୁଦ୍ଧରେ ହେଉ, ପୁରୁଣା ଲଙ୍ଗଳଲକ୍ଷ୍ମୀ ଅଧୁନିକ ଟ୍ରାକ୍ଟର ଲକ୍ଷ୍ମୀ ରୂପେ ଉଦୀର୍ଣ୍ଣ ହେବା ମୋ ଆଖି ଆଗର ଘଟଣା, ଗ୍ରୀଷ୍ମର ଘୋର ରୌଦ୍ରରେ ଶସ୍ୟର ଶ୍ୟାମଳ ତରଙ୍ଗ ନୂତନ ଯୁଗର ଏକ ସୁସ୍ପଷ୍ଟ ରୂପ ।

(ଖ) ପାକିସ୍ତାନର ଭାରତ ଆକ୍ରମଣ—ନବ ବାଂଲାଦେଶର ଜନ୍ମ—ପୃଥିବୀର ଏକ ଶ୍ରେଷ୍ଠ ଶକ୍ତିରୂପେ ଭାରତର ଅଭ୍ୟୁଦୟ—୩।୧୨।୭୧ ରୁ ୧୬।୧୨।୭୧ ମଧ୍ୟରେ

Digitized by srujanika@gmail.com

ପୂର୍ବବଙ୍ଗରେ କୂଟନୀତିକ କାରସାଦିରେ ନିର୍ମିତ ପାକିସ୍ଥାନର ଭାଗ୍ୟରବି ଅସ୍ତମିତ ହେଲା; ଇତିହାସରେ ୟାହିଆ ଖାଙ୍କ ଅତ୍ୟାଚାରର ନଜିର୍ ବିରଳ— ଚେଙ୍ଗିସ୍ ବା ହିଟ୍ଲର୍ଙ୍କ କଥା ମନରେ ଉଠେ । କ୍ଷମତାରେ ଉନ୍ମତ୍ତ ସେ – ଜ୍ଞାନୀ, ବୈଜ୍ଞାନିକ, ସାହିତ୍ୟିକ, କବି, ସ୍ୱାଧୀନ ଭାବୁକ, ଡାକ୍ତର, ଇଞ୍ଜିନିଅର, ଓକିଲ, ଅଧ୍ୟାପକ ଆଦି ବୁଦ୍ଧିଜୀବୀଙ୍କୁ ଅତି ନିର୍ମମଭାବେ ହତ୍ୟା କରିଥିଲେ; ୩୦ ଲକ୍ଷ ଲୋକଙ୍କ ରକ୍ତରେ ପଦ୍ମାର ଜଳ ଲାଲ୍ ହୋଇଥିଲା । ପ୍ରାୟ ଏକ କୋଟି ଲୋକ ଜୀବନବିକଳରେ ଭାରତକୁ ପଳାଇ ଆସିଥିଲେ । ଚୀନ୍ ଓ ଆମେରିକାର ବଳ ପାଇ ପାକିସ୍ଥାନ ଭାରତ ଆକ୍ରମଣ କଲା । ଭାରତ ପାକ୍‌ର ବ୍ୟୋମବାହିନୀକୁ ନିଃଶେଷ ଓ ନୌଶକ୍ତିକୁ ମଧ୍ୟ ବିପର୍ଯ୍ୟସ୍ତ କରିଦେଲା; ମାତ୍ର ଚଉଦ ଦିନ ମଧ୍ୟରେ ପୂର୍ବ ପାକିସ୍ଥାନ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଲା । ଭାରତର ପୂର୍ଣ୍ଣ ସହାୟତାରେ 'ବାଂଲାଦେଶ' ଏକ ନୂତନ ଦେଶ ରୂପେ ଜନ୍ମଲାଭ କଲା । ୟାହିଆଙ୍କ ପତନ ହେଲା । ମୁଜିବୁର ରହମାନ୍ (ଯାହାଙ୍କୁ ସମାଧି ଦେବାଲାଗି ଗାତ ଖୋଳା ସରିଥିଲା) ପାକିସ୍ଥାନୀ ଜେଲ୍‌ରୁ ମୁକ୍ତ ହୋଇ ଏହି ନୂତନ ଦେଶର ପ୍ରଧାନମନ୍ତ୍ରୀ ହେଲେ, ଶରଣାର୍ଥୀମାନେ ସ୍ୱଦେଶକୁ ବାହୁଡ଼ିଲେ; ପାକିସ୍ଥାନୀ ବନ୍ଦୀମାନଙ୍କୁ ଭାରତ ଉଦାରଭାବେ ମୁକ୍ତ କଲା । ସମଗ୍ର ପୃଥିବୀରେ ଭାରତ ଏକ ମହାଶକ୍ତି ରୂପେ ପ୍ରତିଷ୍ଠାଲାଭ କଲା । ଇନ୍ଦିରା ହେଲେ ଭାରତର ଏକମାତ୍ର ନେତ୍ରୀ, ପୃଥିବୀର ନେତାନେତ୍ରୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟା । ସ୍ୱାଧୀନତା ପରେ ଭାରତର ଭାଗ୍ୟ ଆଉ କେବେ ଏପରି ଫୁଲି ଉଠି ନଥିଲା ।

Digitized by srujanika@gmail.com

ଅବସର ଗ୍ରହଣ

୨୧।୧୨।୬୯ରେ ମୁଁ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କଲି । ହଠାତ୍ ଅଫିସର ଦ୍ୱାର ବନ୍ଦ ହୋଇଗଲା, ଅଥଚ ବ୍ୟସ୍ତ ପୂର୍ବ ଗତିରେ ଚାଲିଥିଲା । ପେନସନ୍ ଲାଗି ଛ'ମାସ କାଳ ପି. ଡବ୍ଲ୍ୟୁ. ଡି, ପି. ଏଚ୍. ଡି, ଟ୍ରେଜେରୀ, ଏ. ଜି ଅଫିସ୍ ଦୌଡ଼ିବାକୁ ପଡ଼ିଥିଲା । ଘୋର ଅଭାବ ମଧ୍ୟରେ ଏ ଦୌଡ଼ ବଡ କ୍ଳାନ୍ତିକର; କ୍ଷମତାହୀନ, ଧନହୀନ; କେବଳ କରୁଣା ଲାଗି ତୁମେ କାକୁତି କରିପାରିବ; ତେଜ ଦେଖାଇଲେ ଅଫିସ୍ ଶୋଇପଡ଼ିବ, ଦୌଡ଼ ଅଧିକ ହେବ । ତେଣୁ ନୀରବରେ ଦୟାଭିକ୍ଷା, ଦୟା ? ଦେଇଥିଲେ ପାଇ; ଅଫିସର୍ ଆଜି ଦୟା ଦେଖାଇଥିଲେ କାଲି ପାଇବେ, ମଣିଷଠାରୁ ହେଉ ବା ଈଶ୍ୱରଙ୍କଠାରୁ ହେଉ ।

ମୋ ବାର୍ଦ୍ଧକ୍ୟର ସ୍ୱୀକୃତି ସରକାର ଆଜି ଦେଲେ, ଅଥଚ ଦେହ ଅବା ମନରେ ବାର୍ଦ୍ଧକ୍ୟର କୌଣସି ଲକ୍ଷଣ ନ ଥିଲା । ମନରେ ନାନା ଦୁଶ୍ଚିନ୍ତା ପଶିଗଲା; ଦୁଶ୍ଚିନ୍ତାରୁ ରୋଗ ମୋତେ ଆକ୍ରମଣ କରିବାକୁ ଲାଗିଲା । ଯେଉଁଠ କ୍ରୂରତମ ଭାବେ ଆହତ, ଲୋକେ ପଚାରିଲେ ସେଇ ଆଘାତର କଥା; କଞ୍ଚା ଘାଆ ଉଖାରିଲେ ପରି ଏ ହେଲା । କେବେ ଅବସର ନେଲେ ? ପେନ୍‌ସନ୍ ପାଇଲେଣି ? କେତେ ? ଅବସର ଜୀବନ କି ଭୟଙ୍କର । ଯେ ଅବସର ନେଲା ସେ ଯେପରିକି ଦଳ ପାଙ୍କ୍ତିରୁ ଗଲା । ବିଧବାଟିଏ ସେ; ସବୁ ଦେଖୁଥିବ, ତାର କାହିଁରେ ଭାଗ ନାହିଁ । ତାର ବ୍ରତ, ଏକାଦଶୀ ବ୍ରତ, ତାର ନୀତି ନିବୃତ୍ତି, ତାର ସଂସାରପ୍ରୀତି ବୃଦ୍ଧର ତରୁଣୀପ୍ରୀତି; ଏପରି ଅକାଳେ ଅକର୍ମଣ୍ୟ ବୋଲି ସ୍ୱୀକୃତ ହେବାକୁ ବଡ଼ ବାଧେ । ଅବସର ଗ୍ରହଣର ଅର୍ଥ ମୃତ୍ୟୁର ସୋପାନକୁ ଅବତରଣ । ଜୀବନ୍ମୃତ୍ୟୁର ଅନୁଭୂତି ବଡ଼ ଭୟଙ୍କର । ବୋଧହୁଏ—ଯେପରି ସମସ୍ତେ ଅଙ୍ଗୁଳି ଦେଖାଇ କହୁଛନ୍ତି—ଏ ଆଉ କାହାରି ପ୍ରୟୋଜନରେ ଲାଗିବେନାହିଁ, ଏହାଙ୍କ ସଙ୍ଗେ କଥୋପକଥନ ଅସମ୍ଭବ ବନିଷ୍ଟି ।

ଏକ ସପ୍ତାହର ମନସ୍ତାପ ପରେ କଲମଟି ଧରିଲି—ଏଇ ମୋ କଳ୍ପବୃକ୍ଷ, ଅକ୍ଷୟବଟ; ମନକୁ ଏହାରି ମୂଳରେ ଥୋଇ ପାରିଲେ ଦୁଶ୍ଚିନ୍ତାରୁ ତ୍ରାହି ମିଳିବ ।

ହେ ମୋର ପ୍ରିୟ କଲମ, ମୋ ତାରୁଣ୍ୟ ମୋତେ ଫେରାଇ ଦେ, ଜୀବନାର୍ଣ୍ଣବର କାତ ତୁ, ତୁ ହାତରେ ଥିଲେ କେଉଁ ସରକାର ମୋତେ ବୃଦ୍ଧ କରିପାରିବ ? ପୀତ ନୁହେଁ, ଧୂସର ନୁହେଁ, ସବୁକାଳେ ସବୁଜର ପୂଜାହାରୀ ମୁଁ ।

Digitized by srujanika@gmail.com

ଜୀବନ ତ ଏକ ପଥଚଲା—ଅପରନ୍ତୀ ସଙ୍ଗୀତ ଭାର । ସେ ସଙ୍ଗୀତ ନୂଆ ସ୍ୱରରେ ଆରମ୍ଭ ହେଉ ଆଜି—ସତେ ଜୀବନ ଅର୍ଥ ସଙ୍ଗୀତ ।

ବନ୍ଦ ଦୋକାନକୁ ଗଲି—ଦୋକାନୀମାନେ ହାତ ବାନ୍ଧି ବସିଛନ୍ତି; ସରକାର ପାଠ୍ୟପୁସ୍ତକ ଜାତୀୟକରଣ କରିନେଲେ । ଓଡ଼ିଆଙ୍କ ହାତରେ ଏଇ ଏକମାତ୍ର ଏକଚାଟିଆ ବ୍ୟବସାୟ ଥିଲା । ଜାତୀୟତା ନାମରେ ସାହିତ୍ୟର ଏଇ ମୁଖ୍ୟ ପୋଷକମାନଙ୍କର ମୁଣ୍ଡକାଟ କରାଗଲା । ପାଠ୍ୟପୁସ୍ତକ ବିକ୍ରୀର ଲଭ୍ୟାଂଶ ସେମାନେ ସାଧାରଣ ସାହିତ୍ୟପ୍ରକାଶରେ ଖଟାଉଥିଲେ । ଏବେ କେତେକ ଦେବାଳିଆ; ଦୋକାନ ଚଳାଚଳ ଖର୍ଚ୍ଚ ଉଠେଇ ପାରୁନାହାନ୍ତି, କେହି କଲମ ଛାଡ଼ି ଅମଳକୁ ନ ଚାହିଁ କୁକୁଡ଼ା ଚାଷରେ ମନ ଦେଇଛି, କେହି ବଙ୍କନ, କ୍ରୀଡ଼ୋପକରଣ ବିକ୍ରୀ କରୁଛି ବା ମନୋହରୀ ଦୋକାନ ଖୋଲିଛି । ଲେଖକ ହାତରେ କଲମ ଅଟକି ଯାଉଛି—ଲେଖି ଦେଇ କି ଲାଭ ? କାଗଜ ଦୁଷ୍ପ୍ରାପ୍ୟ, ଦୁର୍ମୂଲ୍ୟ, ଛପା ଓ ବନ୍ଧେଇ ଖର୍ଚ୍ଚ ଅତ୍ୟଧିକ; ପୁସ୍ତକର ମୂଲ୍ୟ ବେଶୀ, ଏ ମହଙ୍ଗା ଯୁଗରେ କିଣିବା ଲାଗି ଲୋକଙ୍କ ହାତରେ ଧନ କାହିଁ ? ପୁସ୍ତକ ବିକ୍ରୀ ନ ହେଲେ ପ୍ରକାଶକ ନୂଆ ପୁସ୍ତକ ଛପାଇବେ କାହିଁକି ?

ସରକାରଙ୍କ ଅର୍ଥାଭାବ ଘଟିଲେ ପହିଲେ ପୁସ୍ତକର ବେକ କଟା ହୁଏ, ସାହିତ୍ୟ ଉପରେ କୋଡ଼ମାଡ ପଡ଼େ । ଗତ କେତେ ବର୍ଷ ହେଲା ଲାଇବ୍ରେରୀ ଗ୍ରାଣ୍ଟ୍ ଅଟକି ଥିଲା, ସାହିତ୍ୟ ଉପରେ କୁଠାରାଘାତ ହୋଇଥିଲା । ସରକାରଙ୍କ ପୁସ୍ତକ ଖରିଦ୍ ଶୋଚନୀୟତମ ସ୍ତରକୁ ଆସିଯାଇଥିଲା ।

ଏସବୁ ଦେଖି ଦୁଃଖମନରେ ଫେରିଲି, ମୋର ସେଇ କଲମବଟ ମୂଳକୁ; ଯେତେ ଘନଘଟା ଆସୁ ପଛକେ ଦୁଶ୍ଚିନ୍ତା ବା ନୈରାଶ୍ୟକୁ ମନରେ ସ୍ଥାନ ଦେବି ନାହିଁ । ଦୁଶ୍ଚିନ୍ତା ସର୍ଜନଶକ୍ତିକୁ ନାଶ କରେ, ସ୍ୱାସ୍ଥ୍ୟହାନି ଘଟାଏ । ଯେତେ ଦୂର କରିବାକୁ ଚେଷ୍ଟା କଲେ ବି ସେ ମୋ ମନରେ ପଶିଲା, ମୋତେ ଅସ୍ତବ୍ୟସ୍ତ କରିପକାଇଲା । ଦୀର୍ଘ ସଂଗ୍ରାମ ପରେ ହେଲି କଥଞ୍ଚିତ୍ ସ୍ଥିତଧୀ । କର୍ମ ଏହି ବ୍ୟାଧିର ମୁଖ୍ୟ ମହୌଷଧ । କର୍ମନିଷ୍ଠା ଓ ପ୍ରବଣତାରେ ହିଁ ମୋର ଆତ୍ମପ୍ରତ୍ୟୟ ଫେରି ଆସିଲା ।

ଅବସରଗ୍ରହଣର କିଛିଦିନ ପରେ ଓଡ଼ିଆବଜାରର ବିଦାୟୋତ୍ସବ । ବିଦାୟ ନେବାର ଇଚ୍ଛା ମୋର ନ ଥିଲା, ଏଥିରୁ ନୈରାଶ୍ୟକୁ ଘନୀଭୂତ କରିବ ବୋଲି । କିନ୍ତୁ ଶୁଭାର୍ଥୀମାନେ ଶୁଣୁଛନ୍ତି କୋଉଠି ? ମିଳିଲା କିଛି ଉପହାର ଗୋଟିଏ ବୌଦ୍ଧ ମୂର୍ତ୍ତି । ବୁକବାଣୀ ଘର ଓଳଗ ଓଳଗ ସେଟି ସଜାଇଦେଲି । କଲମରୁ କାଳି ଯେପି ପଡ଼ିଲା, ଉପହାର ଆଉ ନାହିଁ । କିନ୍ତୁ ଦାଗ କରି ଲମ୍ବାଇଛି ଶୁଭେଚ୍ଛୁ ଓ ସହକର୍ମୀମାନଙ୍କର ଶ୍ରଦ୍ଧାସ୍ନିଗ୍ଧ ବଚନ ।

Digitized by srujanika@gmail.com

ଉପାଧ୍ୟାୟୀ ସଙ୍ଘର ଦାୟିତ୍ୱରେ ଥିଲି । ସେମାନଙ୍କ ବିଦାୟୋତ୍ସବରେ ସ୍ମରଣିକା—ଯାହା ସେମାନେ ଫଟୋରେ ବାନ୍ଧି ଦେଇଥିଲେ ତାହା ତଳେ ଉଦ୍ଧାରି କଲି—

ପରମ ଭକ୍ତିଭାଜନ, ପରମ ପୂଜ୍ୟ, ଆଚାର୍ଯ୍ୟପ୍ରବର ଡକ୍ଟର କୁଞ୍ଜବିହାରୀ ଦାଶ

ମହୋଦୟ

ପୂଜନୀୟେଷୁ

ଗୁରୁଦେବ !

ଆପଣ ପୁଣ୍ୟ ସାରସ୍ୱତ ତପୋବନରେ ଏକନିଷ୍ଠ ନିରବଚ୍ଛିନ୍ନ ସାଧକ ଓ ସ୍ୱଭାବରେ ଉଦାର, ଅମାୟିକ, ଋଷିକଳ୍ପ, 'ଆଦର୍ଶ ଗୁରୁ' ଭାବରେ ଉତ୍କଳୀୟ ଛାତ୍ର ତଥା ବିଦ୍ୱାନ ସମାଜର ହୃଦୟରେ ଯେ ରେଖାପାତ କରିଛନ୍ତି, ତାହାର ଅମଳିନ ଜ୍ୟୋତି ଚିର ଭାସ୍ୱର ହୋଇ ରହିବ । ଶିକ୍ଷାକ୍ଷେତ୍ରରୁ ଆପଣ ଆଜି ବିଦାୟ ନେଉଛନ୍ତି ସତ । କିନ୍ତୁ ଆପଣଙ୍କର ଗୁଣମୁଗ୍ଧ ସହସ୍ର ଛାତ୍ରଙ୍କ ହୃଦୟରୁ ଆପଣ ବିଦାୟ ନେଇ ପାରିବେ ନାହିଁ । ଆଜି ଆମେ ଆପଣଙ୍କର ସ୍ନେହଭାଜନ ଛାତ୍ରବୃନ୍ଦ ଦୁଃଖୋଦ୍‌ବେଳିତ ହୃଦୟରେ ଆପଣଙ୍କୁ ବିଦାୟ ଅଭିବାଦନ ଓ ସମ୍ବର୍ଦ୍ଧନା ଜଣାଇବାକୁ ଗଲାବେଳେ ଅନ୍ତରର ଭାବ ବ୍ୟକ୍ତ କରିବା ପାଇଁ ଭାଷା ପାଉନାହୁଁ ।

ମହାଭାଗ !

ଆପଣ ଥିଲେ ଆଦର୍ଶ ଗୁରୁ । ସମ୍ମାନୀୟ ଆଚାର୍ଯ୍ୟ ଆସନର ଯଥାର୍ଥ ଅଧିକାରୀ । ସରଳ, ନିରାଡମ୍ବର ବେଶରେ ସରଳ ଜୀବନ, ଉଚ୍ଚ ଚିନ୍ତନ—ଆଦର୍ଶର ମୂର୍ତ୍ତିମନ୍ତ ବିଗ୍ରହ ରୂପେ ଜ୍ଞାନଦୀପ୍ତ, ହାସ୍ୟୋଜ୍ଜ୍ୱଳ ମୁଖମଣ୍ଡଳ ନେଇ ଆପଣ ଆଚାର୍ଯ୍ୟଆସନରେ ବସି ଅଧ୍ୟାପନା କରୁଥିବା ବେଳର ଦୃଶ୍ୟ ବିଦ୍ୟାର୍ଥୀ ମାନସକୁ ସୁଦୂର ଅତୀତର ପରମ ପବିତ୍ର ଗୁରୁକୂଳାଶ୍ରମକୁ ଟାଣିନିଏ । ଆପଣ ଶିକ୍ଷାବ୍ୟବସାୟୀ ନ ଥିଲେ । ଆପଣ ଥିଲେ ଛାତ୍ରବତ୍ସଳ, ଏକାନ୍ତ ଛାତ୍ରକଲ୍ୟାଣକାମୀ ଗୁରୁ । ଛାତ୍ର ହୃଦୟରୁ ଅଜ୍ଞାନଅନ୍ଧକାର ଦୂର କରି ସେଠାରେ ଜ୍ଞାନର ବର୍ତ୍ତିକା ଜାଳିବା ପାଇଁ ଆପଣ ସତତ ତତ୍ପର ଥିଲେ । ତେଣୁ ଆପଣ ଛାତ୍ରସମାଜର ଚିର ନମସ୍ୟ ।

ହେ ସାରସ୍ୱତ ସାଧକ ।

ଜୀବନବ୍ୟାପୀ ଏକନିଷ୍ଠ, ନିରବଚ୍ଛିନ୍ନ ସାହିତ୍ୟସାଧକ ଭାବରେ ଆପଣଙ୍କର କୃତି ଅଭିନନ୍ଦନୀୟ । ଉତ୍କଳ ବାଣୀଭଣ୍ଡାରକୁ ଆପଣଙ୍କର ଦାନ ଅନନ୍ୟ ଓ ଅନସ୍ୱୀକାର୍ଯ୍ୟ । ଉତ୍କଳସାହିତ୍ୟକୁ ସଂଖ୍ୟାଧିକ କାବ୍ୟ, କବିତା, ପ୍ରବନ୍ଧନିବନ୍ଧରେ

Digitized by srujanika@gmail.com

ଆପଣ ସମ୍ମାନିତ କରିଛନ୍ତି । ଲୋକସାହିତ୍ୟର ପୁନରୁଦ୍ଧାର ଓ ଗବେଷଣା ସାହିତ୍ୟ-କ୍ଷେତ୍ରରେ ଆପଣଙ୍କର ବୈଶିଷ୍ଟ୍ୟ; ଏଇ ଅବହେଳିତ ଲୋକସାହିତ୍ୟ ଭିତରେ ଜାତିର ପ୍ରାଣର ସ୍ପନ୍ଦନ ଅନୁଭବ କରି ଆପଣ ଜାତିର ଏ ଅମୂଲ୍ୟ ସମ୍ପଦର ପୁନରୁଦ୍ଧାର ପାଇଁ ଯେଉଁ ନିରବଚ୍ଛିନ୍ନ ପ୍ରଗାଢ଼ ଅଧ୍ୟବସାୟ କରି ଯାଇଛନ୍ତି, ସେଥିପାଇଁ ଏ ଜାତିର ଭବିଷ୍ୟତ ପୁରୁଷ ଆପଣଙ୍କ ନିକଟରେ କୃତଜ୍ଞ ରହିବ ।

କର୍ମବୀର ।

ଆପଣଙ୍କର କର୍ମମୟ ଜୀବନ ସାହିତ୍ୟ ଓ ଶିକ୍ଷାଦାନକ୍ଷେତ୍ର ମଧ୍ୟରେ ଆବଦ୍ଧ । ଏହି କ୍ଷେତ୍ରରେ ସ୍ୱଧର୍ମ ଓ ସ୍ୱକର୍ମ ନିରତ ରହି ଆପଣ ଜୀବନରେ ଯଥେଷ୍ଟ ଖ୍ୟାତି ଓ ଯଶ ଅର୍ଜନ କରିପାରିଛନ୍ତି । କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ, ଭାରତୀୟ ଜ୍ଞାନପୀଠ ପରି ଦେଶର ସର୍ବୋଚ୍ଚ ସାହିତ୍ୟିକ ଅନୁଷ୍ଠାନମାନଙ୍କରେ ଆପଣ ନିଜର ପ୍ରଜ୍ଞା ଓ କୃତବିଦ୍ୟତା ବଳରେ ଆସ୍ଥାନ ପ୍ରତିଷ୍ଠା କରି ପାରିଛନ୍ତି । ଏପରିକି ଦୂର ବିଦେଶରେ ମଧ୍ୟ ବିଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା ନିମନ୍ତ୍ରିତ ହୋଇ ଜ୍ଞାନଗର୍ଭ ଭାଷଣମାନ ଦେଇ ଆପଣ ପ୍ରଶଂସିତ ହୋଇଛନ୍ତି ।

ଆପଣଙ୍କ ପରି ପୁଣ୍ୟଶ୍ଳୋକ ବ୍ୟକ୍ତିପ୍ରବର ଗୁରୁଙ୍କର ପାଦତଳେ ବସି ଆମ୍ଭେମାନେ ଶିକ୍ଷାଲାଭର ସୌଭାଗ୍ୟ ପାଇଥିଲୁ । ସେଥିପାଇଁ ଆମ୍ଭେମାନେ ନିଜକୁ ପରମ ଭାଗ୍ୟବାନ୍ ମନେ କରୁଛୁ । ଆଜି ଏ ବିଦାୟମୁହୂର୍ତ୍ତରେ ହୃଦୟର ଭକ୍ତି ପୁଷ୍ପାଞ୍ଜଳି ଆପଣଙ୍କ ଚରଣ ତଳେ ଅର୍ପଣ କରି ବିନମ୍ର ପ୍ରଣତି ନିବେଦନ କରୁଛୁ । ଆଶୀର୍ବାଦ କରନ୍ତୁ । ଆପଣଙ୍କର ପଦାଙ୍କ ଅନୁସରଣ କରିବାକୁ ଯତ୍ନକ୍ଷମ ସମର୍ଥ ହେଉଁ ।

ସେପ୍‌ଟେମ୍ବର ୧୯୬ , ଛାତ୍ରାଧ୍ୟାୟୀ ଗୋଷ୍ଠୀ,
ରେଭେନ୍‌ସା ମହାବିଦ୍ୟାଳୟ, କଟକ

୧୯୭୦

୧୯୭୦ ମୋ ପକ୍ଷରେ ଏକ ଶୁଭ ବର୍ଷ ହେବ ବୋଲି ଜଉତିଷମାନେ କରକପାଳକୋଷ୍ଠି ଦେଖି ଲେଖି ଦେଇଥିଲେ ।

'କିନ୍ତୁ ଦଇବାମେ ଘୁମ୍ବାବାଜ ବତ
ଆଶାରେ ସେ ଆଶା ହେଲା ପରିଣତ ।'

ବଡ଼ ଦୁର୍ଦ୍ଦିନ ସେ, ଯୋଉ ଡାଳ ଧରୁଥିଲି, ସେ ଡାଳ ଛିଡ଼ୁଥିଲା । ଆଶାର ମୁଖ ଯେତିକି ଉଜ୍ଜ୍ୱଳ ଦେଖୁଥିଲି, ନୈରାଶ୍ୟର ଘନଘଟା ସେତିକି ଘୋଟି ଆସୁଥିଲା । ବେକାରଜୀବନର ବିକଟତାରୁ ଏକ ବିଭତ୍ସ ସାକାର ରୂପ ଦେଇଥିଲା ଶ୍ୱାସରୋଗ ।

Digitized by srujanika@gmail.com

ପ୍ରାଣ ରୁଡ଼ୁ ରୁଣ୍ଡୁ ଅଟକିଯାଏ । କାଶି କାଶି ବେଦମ୍ ହୋଇ ପୁଣି ଦମ୍ ନିଏ । ଗୋଟା ବାୟୁମଣ୍ଡଳ ଶୋଷି ଭିତରକୁ ନେଲାବେଳକୁ ନଅଣ୍ଟ ବୋଧହୁଏ, ଶୀତରେ ଝାଳ ବହେ, ଗରମରେ ହାଡ଼ ଥରେଇ ଗଲାପରି ଲାଗେ । ଏଇ ବ୍ୟାଧିରେ ରାତି ଆସେନାହିଁ ଯେ, କାଳରାତି ଆସେ । କାଶୁଥାଏ । ବସିବାଠାରୁ କାଶିବା ଭଲ ବୋଲି ଯୋଉମାନେ କହନ୍ତି, ସେମାନେ କାଶକଷ୍ଟ ଜାଣନ୍ତିନାହିଁ । ଇଞ୍ଜେକ୍‌ସନ ନେଇ ନେଇ ବାହା କାଠ, ଔଷଧ ଖାଇ ଖାଇ ପାଟି ବିକୃତ ହୋଇଯାଏ । ବିପଦର ବନ୍ଧୁ ଡାକ୍ତର ରବୀନ୍ଦ୍ର ଆଚାର୍ଯ୍ୟ ଘଣ୍ଟା ଘଣ୍ଟା ପାଖରେ ବସନ୍ତି, ଆଶ୍ୱାସନା ଦିଅନ୍ତି; ଲୋଡ଼ା ପଡ଼ିଲେ ରାତିଅଧରେ, ଛନ ପହରେ ଆସନ୍ତି; ଦୁଃଖର ସମୁଦ୍ରରେ ସେ ଭାସୁଥାନ୍ତି, ତେଣୁ ଦୁଃଖକଷ୍ଟ ବୁଝନ୍ତି । ଆସନ୍ତି ଡାକ୍ତର ବଂଶୀଧର ଦାଶ (ମୋର ରୁଣ) । ଅକାଳେ ଅବେଳେ ତାଙ୍କୁ ହଇରାଣ କରେ ମୁଁ । ବୁଢ଼ାଗଲା ଲୋକର କୁଣ୍ଟାଖିଅ ଆଶ୍ରା ସେମାନେ । ବାୟୁକୁ ଟିକିଏ ନମ୍ରମୁଖୀ କରାଇ ଦେଇଯାନ୍ତି । ମୃତ୍ୟୁ ସହିତ ଯୁଝିବାକୁ କିଛି ସାହସ ଜନ୍ମେ ।

ବନ୍ଧୁମାନେ ଆଶ୍ୱାସନା ଦିଅନ୍ତି - ଶ୍ୱାସରୋଗୀ ଦୀର୍ଘଜୀବୀ, ମାଭୈଃ, ବିକଳ ହୋଇ କହେ - ଲୋଡ଼ାନାହିଁ ମୋର ଦୀର୍ଘ ଜୀବନ, ଜୀବନ୍ମୃତ୍ୟୁ । ଈର୍ଷା ପଡ଼ୋଶୀ କିନ୍ତୁ ମୋ ମନକଥା ଠିକ୍ ବୁଝିଥାନ୍ତି—ଓଃ, ଜୀବନଟା କି କଷ୍ଟ ପାଉଛୁ । ସେ ସମବେଦନା ଛୁରିକନେ ଦିହକୁ ମାରେ; ପଛୁ ବିଷ୍ଟର ବ କାନରେ ବାଜେ— ଏ ଆଉ ହବନାହିଁ, କୋଉ ଜନ୍ମରେ କି ପାପ କରିଛୁ, ସବୁ ଥାଇ କିଛି ଭୋଗ କରିପାରୁନାହିଁ ।

ସେବା କରି କରି ଘରେ କ୍ଳାନ୍ତ; କେତେ ପଥ୍ୟ ରାନ୍ଧିବେ, ଔଷଧ ପାଇଁ ଦୌଡ଼ିବେ ? ଭିତରେ—ଆପଦବିପଦ ପାଇଁ ତ ଘର । ଅସମର୍ଥ ପାଇଁ ତ ସ୍ତ୍ରୀ ପୁଅ । ସେମାନେ ମୋର କରିଥିଲେ ସେମାନଙ୍କର ତ କିଏ କରିବ । ଜୀବନ ପାଇଁ ଜୀବନ । ଏକାକିତ୍ୱ ଅସହ୍ୟ; ସଂସାର ଏକ ସହଯୋଗସମିତି । ନିତାନ୍ତ ଅଚଳ ଅବସ୍ଥାରେ ଡାକ୍ତର ବ୍ରହ୍ମାସ୍ତ୍ର ଚଳାଇଥାନ୍ତି—ଡେକାଡ୍ରନ୍ ଇଞ୍ଜେକ୍‌ସନ୍ । ସବୁ ଔଷଧ ଫେଲ୍ ମାରିଲେ ବାହା ଟେକି ଡାକ ପକାଏ—ନାରାୟଣ, ନାରାୟଣ ।

କେତେ ହୁକୁମ ଔଷଧ ଖାଇଲି । କାନ ଫୋଡ଼ାଇଲି, ହୁଇସ୍କିରେ କଞ୍ଚା ଅଣ୍ଡା ଗୋଳି ପିଇଲି, ଲେମ୍ବୁ ରସରେ ସଜ ଅଣ୍ଡା ଖୋଳ ସହିତ ଗୋଳି ହୋଇଗଲା ପରେ ଚାମୁଚେ ଚାମୁଚେ ଖାଇଲି; ବାଦୁଡ଼ି ମାରି ମାଂସ ଖାଇଲି, ଅଫିମ ଖାଇ ପେଟ ଫୁଲିଗଲା, ଡାକ୍ତର ପଚାରିବାରୁ ସତ୍ୟ ସ୍ୱୀକାର କଲି । ଆସନ ଅଭ୍ୟାସ କଲି, ପ୍ରାଣାୟାମ କଲି । ଶିବାମ୍ବୁ ପାନ କଲି । ଲକ୍ଷ୍ମୀନାରାୟଣ ସାହୁଙ୍କଠାରୁ ଲକ୍ଷ୍ମଣ ମିଶ୍ରଙ୍କ ପର୍ଯ୍ୟନ୍ତ ବତାଇଥିବା ବହୁ ଔଷଧ ପରୀକ୍ଷା କଲି । ଆମେରିକାରେ ଅଲର୍ଜି ପରୀକ୍ଷା

Digitized by srujanika@gmail.com

କରି ଘଣ୍ଟି ଘଣ୍ଟି ଇଞ୍ଜେକ୍‌ସନ୍ ନେଲା ଡାକ୍ତର ବାରମ୍ବାର ତାଗିଦ୍ କରିଥିଲେ— ଗୋମାଂସ, ଘୁଷୁରି ମାଂସ ଖାଇବ ନାହିଁ । ଯାହାର ପ୍ରେରଣା ଆସୁଥିଲାବେଳେ ହସିଥିଲି ଜାକ୍ଷୀରୁ ଦୌଲତାବାଦ୍ ସବୁ ପରୀକ୍ଷାନିରୀକ୍ଷା ସରିଲା ପରେ କଟକ ଡାକ୍ତରଖାନାରେ ଆଡମିସନ୍ ନେଲି—ଡାକ୍ତର ରାଜକିଶୋର ଦାଶ ନୂଆଭାବେ ଅପରେସନ୍ କରି ଶୀଘ୍ର ଭଲ କରୁଥାନ୍ତି । ସେ ଡାହାଣ ପାଖ ଛାତିର ଗୋଟିଏ ଶିରା କାଟି ଦେଇ ମୋତେ ଭଲ କରିଦେଲେ, ଆଶ୍ଚର୍ଯ୍ୟ; ଡାକ୍ତରମହଲରେ ହିଟଲର୍ ନାମରେ ପରିଚିତ ସେ । କିନ୍ତୁ ହିଟଲରଙ୍କର କୌଣସି ଦୁର୍ଗୁଣ ତାଙ୍କଠାରେ ଦେଖିନାହିଁ, ଏକାନ୍ତ ମାନବିକ, ଦରିଦ୍ର ପ୍ରତି କୃପାଶୀଳ । ଦେଖିବାକୁ ଅପସନ୍ଦିଆ ମଣିଷ, ନିରାଡମ୍ବର । କିନ୍ତୁ ହାତ ପକ୍‌କା ।

ସେ ବର୍ଷ ଏଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍‌ସଡ ଷ୍ଟଡି ତରଫରୁ ସିମଲା ରାଷ୍ଟ୍ରପତିନିବାସରେ ଗୋଟିଏ ସେମିନାର୍ ଅନୁଷ୍ଠିତ ହୋଇଥିଲା । ଭାରତର ବହୁ ସୁଧୀସଜ୍ଜନ ସାହିତ୍ୟିକ ସମ୍ମେଳନରେ ପ୍ରାୟ ପନ୍ଦରଦିନ କଟିଲା । ମୁଁ ସେହି ସେମିନାରରେ 'ଓଡ଼ିଆ ସାହିତ୍ୟ ଉପରେ ପାଶ୍ଚାତ୍ୟ ପ୍ରଭାବ' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲି, ବିଭିନ୍ନ ବିଦଗ୍ଧ ଆଲୋଚନାରେ ଅଂଶ ଗ୍ରହଣ କରିଥିଲି । ହିମାଳୟର ଭ୍ରମଣକାହାଣୀ 'ହିମାଦ୍ରିର ଶୃଙ୍ଗେ ଶୃଙ୍ଗେ ରଚନା କଲି । ଚିରନୂତନ ରାଜପ୍ରାସାଦ, ଅପୂର୍ବ ପ୍ରାକୃତିକ ଦୃଶ୍ୟ ଦର୍ଶନରେ ମହା ଆନନ୍ଦରେ କଟିଲା । ଭାରତୀୟ ବିଦଗ୍ଧ ହୃଦୟ ସଙ୍ଗେ ହୃଦୟର ବିନିମୟ ସୁଯୋଗ ଜୀବନରେ ଏପରି କ୍ୱଚିତ୍ ଘଟିଥିଲା । ନଭ ମାସରେ ମୁଁ ସିମଲାରୁ ଫେରି ଆସିଥିଲି ।

ତାପରେ ଉତ୍କଳବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଫେସର୍ ପାଇଁ ଲାଗି ବିଜ୍ଞାପନ ବାହାରିବାର ଦେଖିଲି । ଏହି ପୃଷ୍ଠିଟି ନିଶ୍ଚିତଭାବେ ମୋର ପ୍ରାପ୍ୟ ବୋଲି ଧରି ନେଇଥିଲି । କାରଣ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଓ ରେଭେନ୍ସା କଲେଜରେ ମୁଁ ୨୦ ବର୍ଷ ରିଡର୍ ହୋଇଥିଲି । ଏମ୍ ଏ କ୍ଲାସ୍‌ରେ ପଢାଇବାର ଅଭିଜ୍ଞତା ସବୁଠାରୁ ମୋର ବେଶୀ ଥିଲା । ପବ୍ଲିକ୍ ସର୍ଭିସ୍ କମିସନ୍ ଦ୍ୱାରା ବଛା ହୋଇ ମୁଁ ଏକ ବର୍ଷ ପ୍ରଫେସର୍ ହୋଇଥିଲି । ମୁଁ ଓଡ଼ିଆ ଓ ସଂସ୍କୃତ ଉଭୟରେ ଏମ.ଏ, ବିଶ୍ୱଭାରତୀ ପିଏଚ୍. ଡି । ମୋ ତତ୍ତ୍ୱାବଧାନରେ ଦୁଇଜଣ ପିଏଚ୍. ଡିଗ୍ରୀ ଲାଭ କରିଥିଲେ, ୬ ଜଣ ପିଏଚ୍ ଡି ଡିଗ୍ରୀ ଲାଗି ଗବେଷଣା କରୁଥିଲେ । ଭାରତର ଡେଲିଗେଟ୍ ହୋଇ ଆମେରିକାରେ ଅନୁଷ୍ଠିତ ଏସୀୟ ଲୋକକଥା ସମ୍ମିଳନୀରେ ଯୋଗ ଦେଇଥିଲି, ଓ ମୋର ଇଂରାଜୀ ପୁସ୍ତକ 'A study of Orissan Folklore' ଆମେରିକା ଓ ଇଉରୋପରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହା ବ୍ୟତୀତ ସର୍ଜନ, ସମାଲୋଚନା ଓ ଗବେଷଣା ଦିଗରେ ମୋ ଲେଖନୀ ଅବାଧଗତିରେ ଚାଲିଥିଲା । କିନ୍ତୁ କର୍ତ୍ତାମାନଙ୍କ ଚକ୍ରାନ୍ତରେ ମୋ ବିଭାଗର କାର୍ଯ୍ୟ କରିଥିବା (ଉତ୍କଳ ବିଶ୍ୱବିଦ୍ୟାଳୟରେ ମାତ୍ର ବର୍ଷେ ରିଡର ହୋଇଥିବା), ଜଣେ ବ୍ୟକ୍ତି ପ୍ରଫେସର୍ ଭାବରେ ବଛାଗଲେ । ମୋର ସମସ୍ତ କୃତିତ୍ୱ ଓ

Digitized by srujanika@gmail.com

ସାଧନାକୁ ମୂଲ୍ୟହୀନ ଓ ବ୍ୟର୍ଥ ପ୍ରତିପନ୍ନ କରିଗଲା । ଏ ଚାକିରି ଲାଗି ମୁଁ କାହା ପାଖକୁ ଯାଇ ନ ଥିଲି, ମୋ ଯୋଗ୍ୟତାବଳରେ ସହଜରେ ଚାକିରିଟି ମିଳିଯିବ ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା । ସାକ୍ଷାତ୍କାର ପୂର୍ବରୁ କେତେକ ବନ୍ଧୁ ମୋତେ ସତର୍କ କରି ଦେଇଥିଲେ "ଭୀଷଣ ଷଡ଼ଯନ୍ତ୍ର; ସେଥିରେ ତୁମେ ପାରି ଉଠିବନାହିଁ ।" କିନ୍ତୁ ମୋର ବିଶ୍ୱାସ ଟଳି ନ ଥିଲା ।

୨୩. ୯. ୭୦ରେ ସାକ୍ଷାତ୍କାର ବୋର୍ଡ଼ ବସିଥିଲା । ଦୁର୍ଭାଗ୍ୟକୁ ଉଡ଼ାଜାହାଜ ବିଗିଡ଼ିବାରୁ ମୋର ସୁପରିଚିତ ବୋର୍ଡ଼ ସଭ୍ୟ ଡକ୍ଟର ନୀହାରରଞ୍ଜନ ରାୟ ଆସି ପାରିଲେ-ନାହିଁ; ସେତେବେଳେ ମୋ ମନରେ ଶଙ୍କା ପଶିଲା, କିନ୍ତୁ ସାକ୍ଷାତ୍କାରରେ ବାକ୍ୟଂ ରସାତ୍ମକଂ କାବ୍ୟଂ — ଏହି ଉକ୍ତି କେତେଦୂର ଲୋକସାହିତ୍ୟ ପ୍ରତି ପ୍ରଯୁଜ୍ୟ ? ସ୍ଥିତିବାଦ କାହାକୁ କହନ୍ତି ? ଭବଭୂତି ସମସାମୟିକ ସମାଲୋଚକମାନଙ୍କ ବିଷୟରେ କଣ କହିଛନ୍ତି ? ମୋ ଉତ୍ତର ସନ୍ତୋଷଜନକ ହେଲା ବୋଲି ଆତ୍ମତୃପ୍ତି ଆସିବାରେ ଅବଶ୍ୟ କୌଣସି ଅର୍ଥ ନାହିଁ । ସବୁଠାରୁ ବିସ୍ମୟକର ବୋଧ ହେଲା ସେତେବେଳେ ଜାଣିଲି—'ମୋ ଫଷ୍ଟ୍ତ ଏମ୍ ଏ ପାସ୍‌କୁ, ବିଦେଶଯାତ୍ରାକୁ, ଗବେଷଣା ଅଭିଜ୍ଞତାକୁ, ୨୦ ବର୍ଷ ରିଡ଼ର୍ ଓ ଏକ ବର୍ଷ ପ୍ରଫେସର୍ ହେବା ଘଟଣାକୁ ବିଚାରକୁ ନିଆ ହୋଇନାହିଁ । ବ୍ୟକ୍ତିତ୍ୱରେ ମୋ ପ୍ରତିଯୋଗୀଙ୍କୁ ୨୦ରୁ ୧୫, ମୋତେ ଦଶ ଦିଆ ହୋଇଛି । ସେ ବର୍ଷେ ଫେଲ୍ ହୋଇଥିବା ଘଟଣା ପ୍ରତି ଆଖି ବୁଜି ଦିଆହୋଇଛି, ସେତେବେଳେ ବୁଝିଲି— ଏ ସାକ୍ଷାତ୍କାର ଗୋଟାଏ ପ୍ରହସନ ।

ଯାହାକୁ ଦେବାର କଥା, ଆଗରୁ ସତେ ବା ସ୍ଥିରୀକୃତ; ସଭାକୁ କେବଳ ଗୋଟାଏ ନ୍ୟାୟବିଚାରର ମିଥ୍ୟାମୁଖ ଦେଖାଇ ଦିଆହେଲା ।

ଜଣେ ପରମାର୍ଥୀ ସର୍ବଭାରତୀୟ ନେତା ମଧ୍ୟ ନିଜ ଆସନର ଅମର୍ଯ୍ୟାଦା କରି ଧମକି ଓ ଚାତୁରୀର କାରସାଦି ଦେଖାଇ ଦେଲେ । "ମୋ ଲୋକକୁ ରଖିଲେ ତୁମ ଚାକିରିକାଳ ବଢ଼ାଇବାର ବ୍ୟବସ୍ଥା କରିବି" । ପ୍ରତିଶ୍ରୁତି ମତେ ଉପକୁଳପତିଙ୍କ କାର୍ଯ୍ୟକାଳ ତିନି ବର୍ଷ ବଢ଼ାଇ ଦେଲେ ମଧ୍ୟ । ପରସ୍ପର ସାହାଯ୍ୟକୃତ ସନ୍ଧି ଅନୁଯାୟୀ ସେ ତାଙ୍କ ହାତସଫେଇ ଦେଖାଇଦେଲେ । ଗୋଟାଏ ଭେଲକି ସୃଷ୍ଟି ହୋଇଗଲା । ଅଧର୍ମ ଅନ୍ୟାୟର ଜୟ ଜୟକାର ।

ବିଫଳ ହୋଇ ମୁଁ ଉଚ୍ଚତମ କର୍ତ୍ତାଙ୍କ ପାଖେ ମୋ ଗୁହାରି ପେସ୍ କଲି । ସେ ମହୋଦୟ ମୋ ଦରଖାସ୍ତକୁ ଅନ୍ୟାୟକାରୀଙ୍କ ନିକଟକୁ ପଠାଇଦେଲେ । ଏବେ ପରିସ୍ଥିତି ହେଲା—

Digitized by srujanika@gmail.com

ମୁଁ ତ ଯାହାକୁ କରୁଛି ଗୁହାରି
ମୋର ଦେହ ତ ହୋଇଛି ବଇରି !

ରାଧାନାଥଙ୍କର ଗୋଟିଏ ଉକ୍ତି ମନେ ପଡ଼ିଲା—

ପ୍ରବଳର ସନ୍ଧି ଶତ୍ରୁ କଥାରେ ସୁଯୋଗ
ଦୁର୍ବଳର ସନ୍ଧି   ଲଲାଟ ଲିଖନ
ନୀରବ ଲାଞ୍ଛନା ଭୋଗ ।

କିନ୍ତୁ ଚକ୍ରାନ୍ତକାରୀଙ୍କ ଉପରେ ମହାଦର୍ଶୀ ଅଛନ୍ତି । ତାଙ୍କ ଦଣ୍ଡ ମିଳିଲା; କିନ୍ତୁ କିଛିଏ ବିଳମ୍ବରେ । କର୍ତ୍ତାଙ୍କର ତିନି ବର୍ଷ ଅଧିକ ଚାକିରି ବ୍ୟବସ୍ଥା ହୋଇଥିଲା । ତିନି ମାସ ବି ଭୋଗ ହେଲାନାହିଁ । ଚରମ ଲାଞ୍ଛନା ଓ ଅପମାନ ମଧ୍ୟରେ ତାଙ୍କୁ ବିଶ୍ୱବିଦ୍ୟାଳୟରୁ ବିଦାୟ ନେବାକୁ ହେଲା । ଦୁର୍ନୀତିଅଭିଯୋଗରେ ଉଚ୍ଚ ନେତାଙ୍କର ମାନହାନି ବି ଘଟିଲା, ଶିକ୍ଷାର ଉଚ୍ଚକର୍ତ୍ତାଙ୍କ ଦର୍ପିତ ଆସନ ତଳକୁ ଖସିଲା, ଏଥିରୁ ପ୍ରମାଣ ମିଳିଲା — କ୍ଷମତାର ସ୍ୱେଚ୍ଛାକୃତ ଅନ୍ୟାୟର ପ୍ରତିକାର କରନ୍ତି ଭଗବାନ୍, ସେ ସୁବିଚାରକ, ଯଦିବା ସବୁକ୍ଷେତ୍ରରେ ତତ୍କାଳ ଦଣ୍ଡ ମିଳେନାହିଁ, ନାଟକୀୟ ରୀତିରେ ସବୁ ହିଂସାର ଦ୍ରୁତ ପ୍ରତିହିଂସା ନଆସିବାର ଦେଖେନାହିଁ । ଅତ୍ୟାଚାରୀ, ଯେ ନିଜେ ପକାଇଥିବା ଫାଶରେ ଦିନେ ନିଜେ ପଡ଼େ, ଅପକର୍ମର କୁପରିଣାମ ଯେ ଭୋଗ ହୁଏ, ଏହା ନିଶ୍ଚିତ, ଦାମ୍ଭିକ ସ୍ୱୀକାର କରୁ ବା ନ କରୁ ।

ଏଇ ଉଲଗ୍ନ ନିର୍ଲଜତା ଦେଖି ମୋର ଜଣେ ବନ୍ଧୁ କହିଥିଲେ — ଏ ଯୁଗରେ ନିରବଲମ୍ବ ବିଚାର ନାହିଁ; ରାମର ବିଚାର ଅଛି, ଶ୍ୟାମର ବିଚାର ଅଛି, ନିରପେକ୍ଷ ନ୍ୟାୟବିଚାର ନାହିଁ । ତୁମେ ତ ଧରାଧରି କରିବନାହିଁ, କାହା ପାଖକୁ ଯିବ ନାହିଁ; ଚାକିରିଟା ତୁମର କେମିତି ହୁଅନ୍ତା ? କେତେ ଦେବତାଙ୍କୁ ପୂଜିବାକୁ ହୁଏ, କେତେ ଦେବତାଙ୍କୁ ତୁଷ୍ଟ କରିବାକୁ ହୁଏ । ନିର୍ଜନରେ ବସି ତପସ୍ୟା କଲେ ଭଗବାନ୍‌ଙ୍କ ବର ମିଳିପାରେ, ମଣିଷର ନୁହେଁ ।

ମୋର ଚାକିରି କାଳର ଜଣେ ସହକର୍ମୀ ଅଧ୍ୟାପକ କହିଲେ — ସାର୍, ନିଷ୍ଠାର, ଆନ୍ତରିକତାର, କଠୋର କର୍ତ୍ତବ୍ୟ କର୍ମର ଫଳ ତ ଏଇଆ ? ପାଞ୍ଚ ମିନିଟ୍ ଡେରି କରି କ୍ଲାସକୁ ଗଲେ ଆପଣ ରାଗୁଥିଲେ କାହିଁକି ? ଯେ କିଛି ନ କରି ଯା ତା ଦୁଆରକୁ ଦୌଡ଼ିବ, ଅର୍ଘ୍ୟ ଦେଇ ପାରିବ, ବାଗବରଗରେ ବୃଷ୍ଟ୍ କରିପାରିବ, ତାର ଲଭ ପ୍ରତ୍ୟକ୍ଷ । ହାଡ଼ଭଙ୍ଗା ଖଟଣିର କିଛି ହେଲେ ମୂଲ୍ୟ ନାହିଁ ।

Digitized by srujanika@gmail.com

ଖାଲିରେ ତ ପଡ଼ିଛୁ । ଏଥିର ସିଧା ସଳଖ ଜବାବ୍ ଦେବାଲାଗି ଅନ୍ତରରେ ବଳ ପାଉନି ନାହିଁ । କର୍ତ୍ତବ୍ୟନିଷ୍ଠା ଭୁଲ୍ ? ସମସ୍ତାନୁବର୍ତ୍ତିତା ଭୁଲ ? ଜଣେ ଭଲ ଶିକ୍ଷକ ହେବା ଭୁଲ୍ ? ଜଣେ ଅଜାଂନ ସ୍ରଷ୍ଟା ହେବା ଭୁଲ୍ ? ହଁ, ଭୁଲ୍ ଯେତେବେଳେ ପ୍ରମାଣିତ ହୋଇଗଲା, ଠିକ୍ ବୋଲି କହିବ କିପରି ? ରାଜା ନାହାନ୍ତି, କିନ୍ତୁ ତାଙ୍କ ସ୍ୱେଚ୍ଛାଚାରର ରାଜତ୍ୱ ସର୍ବତ୍ର ।

ବ୍ୟତିବ୍ୟସ୍ତ ହୋଇ ଭାବୁଥିଲି—କାହା ଦାନାରେ ଧୂଳି ଦେଇଥିଲି ? ଭଗବାନ୍ ପରି ଯାହା କରନ୍ତି ମଙ୍ଗଳ ନିମନ୍ତେ ? ମୋର ଭବିଷ୍ୟତର ଭୟଙ୍କର ଅମଙ୍ଗଳ ନିବାରଣାର୍ଥେ ବୋଧହୁଏ ଏଇ ଶ୍ରେଷ୍ଠ ଅମଙ୍ଗଳଟି କଲେ । ଅଧିକାଂଶ ଲୋକ ଅବସର ନେଲା ପରେ ବିନା ଧନ୍ଦାରେ ତ ରହୁଛନ୍ତି । ମୋ ଅବସ୍ଥା ଏମିତି କଣ ହୋଇଛି ଯେ ମୁଁ ଭାର ହେଉଛି ? ପୂର୍ବ ମାତ୍ରାରେ ସାଂସ୍କୃତିକ କାର୍ଯ୍ୟରେ ନିୟୋଜିତ କରିବା ଲାଗି ଭଗବାନ୍ ବୋଧହୁଏ ମୋତେ ସୁଯୋଗ ଦେଲେ ।

ମୋ ଉପରେ ଯିଏ ଯେଉଁ ମୋହର ମାରୁ, ମୁଁ ନିଜକୁ ମୂଲ୍ୟହୀନ ପ୍ରତିପନ୍ନ କରିବି ନାହିଁ, ଭଗବାନଙ୍କ ପ୍ରତି ଦୋଷାରୋପ ହେବି ନାହିଁ; ସେ ସୁଖ ବା ଦୁଃଖ ଯେତେବେଳେ ଯାହା ଦେଉଛନ୍ତି ତାକୁ ପରମ ତୃପ୍ତିରେ ଗ୍ରହଣ କରିବି ।

ଏ ଅବସ୍ଥାରେ ମୋର ଲଜ୍ଜିତ ହେବାର କିଛି ନାହିଁ । ଯେଉଁମାନେ ସ୍ୱାର୍ଥ ଲାଗି ଆଖି ବୁଜି ନିଆଁ ଗିଳୁଛନ୍ତି, ଉଦାର ବାଣୀପୀଠରେ ରହି ସଙ୍କୀର୍ଣ୍ଣ ମନୋବୃତ୍ତିର ପରିଚୟ ଦେଉଛନ୍ତି, ସେମାନେ ନିଜ ଅପକର୍ମ ଲାଗି ଦିନେ ନା ଦିନେ ଗ୍ଲାନି ଅନୁଭବ କରିବେ । ଆପାତ ଦୃଶ୍ୟମାନ ଏଇ ବଡ଼ଲୋକଙ୍କ ମଧ୍ୟରେ କି ବିକଟ ସ୍ୱାର୍ଥପରତା, ହୀନ କ୍ଷୁଦ୍ରତା ଲୁଚି ରହିଛି ? ମୁଳଏମ କଥା କହି ନିଜ ଅପକାର୍ଯ୍ୟ ଆବରଣ କରିବା ଲାଗି ସେମାନେ କିପରି ଚେଷ୍ଟା ନ କରନ୍ତି ! ଅନ୍ୟର ସର୍ବନାଶ ଘଟାଇବାକୁ ଟିକିଏ ପଶ୍ଚାତ୍ପଦ ହୁଅନ୍ତିନାହିଁ ସେମାନେ । ତାହା ଏ ଘଟଣା ଓ ଏହିପରି ବହୁ ଘଟଣାରେ ପ୍ରମାଣିତ ହୋଇଅଛି ।

ମୋର ଏ ଚାକିରି ନ ହେବାରେ ମୋ ଅପେକ୍ଷା ଅନ୍ୟମାନେ ଅଧିକ ଦୁଃଖିତ, ଯୋଗ୍ୟତାକୁ ଉପଯୁକ୍ତ ଆସନ ମିଳିଲା ନାହିଁ ବୋଲି, ଉଦାଲୋକରେ ନ୍ୟାୟ ପଞ୍ଚମାନେ ଏତେ ବଡ଼ ଅନ୍ୟାୟ କରିପାରିଲେ ବୋଲି ।

ମୋ ଘରେ ତୁଇଦିନ ଭଗବାନ୍ ନ ଥିଲେ; ମୋ ସ୍ତ୍ରୀ କହିଲେ—ମଣିଷ ସବୁ କରେ, କଳାକୁ ଧଳା, ଧଳାକୁ କଳା । ଭଗବାନ୍ ଫଗବାନ ସବୁ ମିଛ । ଭଗବାନ୍ ଏ ଯୁଗରେ ନିଷ୍କ୍ରିୟ, ଅଥର୍ବ । (ମୋ ବିଶ୍ୱାସ, ମୋ ସ୍ତ୍ରୀର ଏ ସାମୟିକ ଚପଳତାକୁ ଉଦାର

Digitized by srujanika@gmail.com

ଭଗବାନ୍ କ୍ଷମା କରିଥିବେ । କାରଣ ମୁଖରା ସରସ୍ୱତୀ, ସ୍ୱଚ୍ଛନ୍ଦାନୁସରିଣୀ ଲକ୍ଷ୍ମୀ ତାଙ୍କ ପ୍ରତି ବୈକୁଣ୍ଠରେ ଅଳ୍ପ ବାକ୍ୟବାଣ ପ୍ରୟୋଗ କରୁ ନ ଥିବେ ।)

ଦୋଷ କଲେ ଅନ୍ୟମାନେ, କେତେକ ବନ୍ଧୁ ଦୋଷ ବାଛୁଲେ ମୋର— ଅପଦାର୍ଥ ମୁଁ, 'ଅକର୍ମଣ୍ୟ; କାହା ପାଖକୁ ଯାଏନାହିଁ, ଅସାମାଜିକ, କାହା ସହିତ ବନ୍ଧୁତା କରାଏନାହିଁ, ସ୍ୱାର୍ଥପର । ଖାଲି ମୁହିଁ ମାତ୍ର ଲେଖୁଥାଏ ବା ପଢ଼ୁଥାଏ । ମୋତେ ଆଶ୍ୱାସନା ଦେବାକୁ କେହି ନଥିଲେ, ହେ ଭଗବାନ୍ , କେହି ନଥିଲେ । କିନ୍ତୁ ମୋ ମନରେ ଗ୍ଳାନି ବା ଅନୁଶୋଚନା ଆସୁ ନ ଥିଲା, ମୁଁ ନିର୍ଦ୍ଦୋଷ, ମୁଁ ନିରପରାଧ, ମୁଁ କର୍ତ୍ତବ୍ୟନିଷ୍ଠ, ସୁଶୃଙ୍ଖଳ; ସଙ୍କୁଚିତ, ଲଜ୍ଜିତ, ବା ନିଜକୁ କ୍ଷୁଦ୍ର ମନେ କରିବାର କୌଣସି ହେତୁ ନାହିଁ ।

ସ୍ତ୍ରୀ, ପିଲା ଯେଉଁ ସାଂସାରିକ ସୁଖ ଆଶା କରନ୍ତି, ଅଭାବଅନାଟନ ମଧ୍ୟରେ ମୁଁ ତାହା ଦେଇ ପାରିବି ନାହିଁ, ଦିନୁଁ ଦିନ ଦରଦାମ୍ ବଢ଼ୁଥିବାବେଳେ ଜୀବନର ଉଚ୍ଚ ମାନ ରକ୍ଷା କରି ପାରିବି ନାହିଁ; ସେଥିଲାଗି ମନରେ କ୍ଷୋଭ ଆସୁଥିଲା । କିନ୍ତୁ ଉତ୍ତର ତାର ନିଜ ଭିତରୁ ମୁଁ ପାଉଥିଲି

କାହିଁକି ଅନୁଶୋଚନା କରୁଛୁ ? ନିଜ ଦାୟିତ୍ୱ କାହିଁକି ନିଜ ମୁଣ୍ଡ ଉପରକୁ ନେଉଛୁ ? ମୋ ଉପରେ ଛାଡ଼ିଦେ, ତୋ ଇଷ୍ଟ ଅନିଷ୍ଟ ମୁଁ ବୁଝିବି ।

ଅନ୍ତରରେ ବଳ ଆସିଲା –ଧର୍ମୋ ରକ୍ଷତି ଧାର୍ମିକମ୍—ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍, ଧର୍ମହିଁ ମୋ ଭିତରୁ ଆଶ୍ୱାସନା ଦେଉଛି, ଯେଉଁ ଧର୍ମକୁ ମୁଁ ପାଳି ଆସିଥିଲି ବହୁ ଭ୍ରୂକୁଟି ଭ୍ରୂଭଙ୍ଗୀ ମଧ୍ୟରେ, ସେ ଧର୍ମ, ସେ ବିବେକ, ସେ ଭଗବାନ୍ । ସେ ଦୃଢ଼ସ୍ୱରରେ କହୁଛନ୍ତି—

'ଶ୍ରମ ମୁଖ୍ୟ ବ୍ରତ ତପ ଆଚରିବା ।'

ଧର୍ମ ଅର୍ଥ କର୍ତ୍ତବ୍ୟ ଜୀବନସାରା କର୍ତ୍ତବ୍ୟ କରିଛି, ଏବେ କର୍ତ୍ତବ୍ୟ କରିଯା । ଅନ୍ତତଃ ନିଜ ପାଖେ ନିଜେ ଅପରାଧୀ ହେବନାହିଁ; ଶ୍ରମଶାଳାରୁ ଉତ୍ପନ୍ନ ଅନ୍ନ ଭୋଗ କରୁଛି ବୋଲି ଆତ୍ମପ୍ରସାଦ ଅନୁଭବ କରିବ । କର୍ମ ନକରି ଯେଉଁ ଭୋଗ, ତାହା ପାପଧନ ଭୋଗ । ଏହି ଧର୍ମ ବା କର୍ତ୍ତବ୍ୟନିଷ୍ଠା ଧନେ ନା ଧନେ ମନୁଷ୍ୟକୁ ରକ୍ଷା କରେ ।

ନାନା ଦ୍ୱନ୍ଦ୍ୱ ଓ ମାନସିକ ସଂଘର୍ଷ ମଧ୍ୟରେ ଗତି କରୁଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର୍ ବ୍ଲକର୍ସ ବିଜ୍ଞାପନଟି ବାହାରିଲା । ଦରଖାସ୍ତ ଦେଲି । କିନ୍ତୁ

Digitized by srujanika@gmail.com

ବିଚାରକମଣ୍ଡଳୀରେ ରଖାଗଲା ମୋ ବିଭାଗର ସେ ଦିନର ଜଣେ ଅଧ୍ୟାପକ, ଯାହାଙ୍କୁ ସୁପାରିସ୍ କରି ମୁଁ ଭାଷାତତ୍ତ୍ୱ ପଢ଼ିବାକୁ ପଠାଇଥିଲି, ଯେ ଜୀବନରେ ରିଡର୍ ବା ପ୍ରଫେସର୍ ହୋଇ ନ ଥିଲେ। ସେ ଭାଷାବିଭାଗର ଡିରେକ୍ଟର୍ ହୋଇଛନ୍ତି ବୋଲି ମୁଁ ପ୍ରଫେସର୍ ହେବାକୁ ଯୋଗ୍ୟ କି ଅଯୋଗ୍ୟ ସେ ବାଛିବେ। ଏ ଭଳି ଏକ ସାକ୍ଷାତ୍କାରରେ ମୁଁ କିପରି ଯୋଗ ଦେବି ? ଭେକବକଳରେ କିପରି ଛାଟିଆ କାମୁଡ଼ିବି ? ମନେ ମନେ ସ୍ଥିର କଲି—ଜାଣିଶୁଣି ଅପମାନକୁ ବରଣ କରିବି ନାହିଁ। ଜୀବନରେ ମୋର ପାଠ ପଢ଼ିବାର ନ ଥିଲା, ଯେ ପାଠ ପଢ଼ାଇଲେ, ଚଳାଇ ଚଳାଇ ବାଟ କଢ଼ାଇ ଏତେ ଦୂର ଆଣିଲେ, ସେ ବାଳକଙ୍କ ଦିନ ଚଳାଇ ନେବେ। ନା, ନା, ଆତ୍ମାକୁ କଦାପି କଷ୍ଟ କରିବି ନାହିଁ। ଉପାଚାର୍ଯ୍ୟଙ୍କ ନିକଟକୁ ଲେଖି ଦେଲି—ଏ ପରିସ୍ଥିତିରେ ସାକ୍ଷାତ୍ କରିବାକୁ ଯିବା ମୋ ପକ୍ଷେ ଅପମାନଜନକ। ଅନୁପସ୍ଥିତିରେ ମୋ କାଗଜପତ୍ରରୁ ମୋ ବିଷୟ ବିଚାର କର।

ଏ ସମ୍ପର୍କରେ ଉପାଚାର୍ଯ୍ୟଙ୍କ ସହିତ ସାକ୍ଷାତ୍ କଲି; ଅନୁପସ୍ଥିତିରେ ଆଉ କେତେଜଣଙ୍କ ବିଷୟରେ ଆଗରୁ ବିଚାର ହୋଇଛି। ତେଣୁ ମୋ ବିଷୟରେ ପ୍ରତିଷ୍ଠିତ ପରମ୍ପରା ଅନୁସରଣ କରାଯାଇ ପାରିବ।

କିନ୍ତୁ ସେ କଥା ରକ୍ଷା କଲେନାହିଁ, ଅନୁପସ୍ଥିତିରେ କାହା ବିଷୟ ବିଚାରକୁ ନିଆଯିବନାହିଁ ପ୍ରସ୍ତାବ ପାସ୍ କରାଇ ନେଲେ, ବୋର୍ଡ ବସିବା ଆଗରୁ ମୋ ଭାଗ୍ୟର ବିଚାର ହୋଇଗଲା। ଉପାଚାର୍ଯ୍ୟ ନିଜେ ଶିକ୍ଷାବିତ୍ ନୁହନ୍ତି, ଡ. ପି. ଆଇଙ୍କ ଉପରେ ନିର୍ଭରଶୀଳ। ଡ. ପି. ଆଇଙ୍କ ସହିତ ମୋର ପଟୁ ନ ଥିଲା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଜଣେ ରିଡର୍ ନିମନ୍ତେ ସାକ୍ଷାତ୍କାରରୁ। ସେଠି ସେ ନିଜ ସ୍ୱାର୍ଥଦୃଷ୍ଟିରୁ ଲୋକ ରଖିବାକୁ ଚାହିଁଲେ। ମୁଁ ସେଥିରେ ବାଧା ଦେଲି। ମୁଁ ସେତେବେଳେ ସ୍ୱାଧୀନ। ଡ. ପି. ଆଇଙ୍କୁ ଡରିବି କାହିଁକି ? ମୁଁ ଦୃଢ଼ଭାବରେ ମୋ ମତ ପ୍ରକାଶ କଲି। ଅନ୍ୟମାନେ ମୋ ପକ୍ଷରେ ଗଲେ, ମୋର ଜିତାପଟ ହେଲା। ଡ. ପି. ଆଇ କ୍ରୋଧରେ ଜଳିଲେ। ତାର ପ୍ରତିଶୋଧ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସାକ୍ଷାତ୍କାରରେ ନେଲେ; କିନ୍ତୁ ଯାହା ଲାଗି ସମ୍ବଲପୁରରେ ମୋତେ ଦୋଷ କରିଥିଲେ, ତାକୁ ଅନ୍ୟ ସଭ୍ୟମାନେ କାଟିଦେଲେ; କାରଣ ପୋଷ୍ଟ ଗ୍ରାଜୁଏଟ ଶିକ୍ଷାଦାନରେ ତାଙ୍କର ୫ ବର୍ଷ ଅଭିଜ୍ଞତା ନ ଥିଲା। ଡ. ପି ଆଇଙ୍କ ଅନାକାଂକ୍ଷିତ ବ୍ୟକ୍ତି ଜଣେ ପ୍ରଫେସର ଭାବେ ନିଯୁକ୍ତ ହେଲେ। ଏଥିରେ ସେ କ୍ଷୁବ୍ଧ ହୋଇ ଅନ୍ୟ ଜଣଙ୍କ ଆଗେ ପ୍ରକାଶ କରିଥିଲେ—ଡକ୍ଟର ଦାଶ ସାକ୍ଷାତ୍କାରକୁ ଆସିଥିଲେ ବ୍ଲକଟି ତାଙ୍କର ନିଶ୍ଚୟ ହୋଇଥାନ୍ତା।

ଦୁଶ୍ଚିନ୍ତାରୁ ଆତ୍ମରକ୍ଷା ଲାଗି ବହୁ ଚେଷ୍ଟା କଲି, ପାରିଲି ନାହିଁ। ଦୁଶ୍ଚିନ୍ତାରୁ ବ୍ୟାଧିର ଜନ୍ମ। ଦୁଶ୍ଚିନ୍ତା ସହିତ ବ୍ୟାଧି ଲାଗି ରହିଲା।

Digitized by srujanika@gmail.com

ରୁଗ୍ଣ ଥିବା ଅବସ୍ଥାରେ ବାଇଆ ବାବା ଆସିଲେ, ତାଙ୍କ ଦର୍ଶନରେ ମୋ ଆତ୍ମା ଶାନ୍ତି ପାଇଲା । ଗୁରୁର ଅହଙ୍କାର, ଆଭିଜାତ୍ୟ ବା ଆଡମ୍ବର ତାଙ୍କଠାରେ ନ ଥିଲା; ତାଙ୍କ ମତରେ କଳିଯୁଗରେ ନାମ ଶ୍ରେଷ୍ଠ, ନାମ ବ୍ରହ୍ମ; ନାମରୁ ସବୁ ମିଳେ, ନାମରୁ ବାଇଆ ଆଧ୍ୟାତ୍ମିକ ଶକ୍ତି ଲାଭ କରିଥିଲେ ।

କିଏ କେଉଁ ଭାବ ମନରେ ନେଇ ଆସିଛି, ସେ ସହଜରେ ଜାଣିପାରୁଥିଲେ । ବହୁ ମନ ସେମାନଙ୍କ ଗୋଟିଏ ପ୍ରକାରର ଅନେକ ପ୍ରଶ୍ନ— ମକଦ୍ଦମାରେ ଜୟଲାଭ, ରୋଗମୁକ୍ତି, ଧନ ବା ସନ୍ତାନପ୍ରାପ୍ତି, ବ୍ୟବସାୟରେ ସାଫଲ୍ୟ ପ୍ରଭୃତି ଉଦ୍ଦେଶ୍ୟ ସେଥିରେ ସେପରି କ ଉଲ୍ଲିଖିତ । କେବଳ ବାଇଆର ସଙ୍ଗ ଲାଭ ପ୍ରୀତିରେ ଆସୁଥିଲେ କ୍ୱଚିତ୍ କେହି ।

ଆଜି ବିଦାୟ ବେଳେ ସେ ମୋତେ କହିଲେ— -ଯେତେ ଦେଉଛ ଦିଅ, ଯେତେ ନେଉଛ ନିଅ ।

କ'ଣ ?

(କ) ଅନ୍ନଦାନ (ଖ) ହରିନାମ । ଜୀବନରେ ଯେତେ ଲୋକଙ୍କୁ ଖୁଆଇପାର ଖୁଆଅ; କ୍ଷୁଧିତଙ୍କୁ ଅନ୍ନଦାନ ଦାନ ମଧ୍ୟରେ ସର୍ବଶ୍ରେଷ୍ଠ, ହରିନାମ ଯେତେ ନେଉଛ ନିଅ—ସେଥିରୁ ହିଁ ପ୍ରତ୍ୟକ୍ଷ ଆନନ୍ଦଲାଭ ହୋଇଥାଏ ।

ବାଇଆଙ୍କ ସହିତ ସମ୍ପର୍କ ପରେ ମନରେ ମୋର ଏଇ କେତୋଟି ସଙ୍କଳ୍ପ ଦୃଢ଼ ହେଲା—

(କ) ଈଶ୍ୱରଙ୍କୁ ପୂର୍ଣ୍ଣଭାବରେ ବିଶ୍ୱାସ କରିବି ।

(ଖ) ନିଜର ଶକ୍ତି ଉପରେ ଦୃଢ଼ ଆସ୍ଥା ରଖିବି ।

(ଗ) ରକ୍ତମାଂସର ମଣିଷକୁ ଡରିବି ନାହିଁ ।

(ଘ) ସଦା କର୍ମତତ୍ପର ରହିବି ।

ସେହି ଦିନରୁ ପ୍ରାର୍ଥନା ମୋର ଦୈନନ୍ଦିନ ରୁଟିନ୍‌ର ଅଙ୍ଗୀଭୂତ ହେଲା; ସେଥିରେ ଅପୂର୍ବ ଶାନ୍ତି ପାଇଲି ।

କିନ୍ତୁ ମୋ ଲାଗି ହରି ଦ୍ୱାର କଲା ହେଲାପରି ଦିଶୁଥିଲା । ମଣିଷ ନୈରାଶ୍ୟର ଶେଷ କଥା ଶୁଣାଇ ଦେଲେ— ଭାଗ୍ୟ ପ୍ରତିକୂଳ, ଆମ ଚେଷ୍ଟା ଶେଷ ହୋଇ ଯାଇଅଛି ।

Digitized by srujanika@gmail.com

କେବଳ କବିବର ରାଧାମୋହନ ଗଡ଼ନାୟକ କହୁଥିଲେ—ତୁମେ ଧନ୍ୟ; ଭଗବାନ୍ ତୁମକୁ କିଛି ଗୋଟାଏ ବଡ଼ ଜିନିଷ ଦେବେ ବୋଲି ଶ୍ରେଷ୍ଠ ଜିନିଷରୁ ବଞ୍ଚିତ କରିଛନ୍ତି; ତୁମେ ଯୋଉ ଦୁରବସ୍ଥାରେ ପଡ଼ିଛ, ସେଥିରେ ଭଗବାନଙ୍କ ସିଂହାସନ ଟଳିଯିବାର କଥା ।

ଆଶ୍ଚର୍ଯ୍ୟ, କବି ଭବିଷ୍ୟଦ୍‌ବକ୍ତା; ତାଙ୍କ କଥା ସତ ଫଳିଲା । ମଣିଷ ଯେତେବେଳେ ମୋ'ଠାରୁ ଦୂରେଇ ଗଲେ ସେତିକିବେଳେ ମୋ ଉପରେ ପ୍ରଭୁଙ୍କ କୃପା ଦୃଷ୍ଟି ପଡ଼ିଲା । ଇଉ. ଜି. ସି. ଅଧ୍ୟାପକ ନିଯୁକ୍ତିପତ୍ର ଅଚାନକଭାବରେ ମୋ ପାଖରେ ପହଞ୍ଚିଲା—ମାସକୁ ଟ ୫୦୦ ଙ୍କା ଦରମା ଓ ଗବେଷଣାର ଆନୁସଙ୍ଗିକ ଖର୍ଚ୍ଚ ଲାଗି ବର୍ଷକୁ ହଜାରେ ଟଙ୍କା ମିଳିବ । ମୁଁ ଉତ୍କଳବିଶ୍ୱବିଦ୍ୟାଳୟରେ ସପ୍ତାହକୁ ଦୁଇଟି କ୍ଲାସ ନେବି, ପିଏଚ୍. ଡ଼ି. ଛାତ୍ରମାନଙ୍କୁ ଗବେଷଣାରେ ସାହାଯ୍ୟ କରିବି, ନିଜେ ଲୋକୋକ୍ତିସଂଗ୍ରହ, ସଙ୍କଳନ ଓ ସେ ବିଷୟରେ ଗବେଷଣା କରିବି । ଅବସରପ୍ରାପ୍ତ ବୟୋବୃଦ୍ଧମାନଙ୍କୁ କର୍ମକ୍ଷମ, ଫଳପ୍ରସୂ କରି ରଖିବାଲାଗି ଭାରତସରକାରଙ୍କର ଏ ଗୋଟିଏ ଅଭିନବ ବ୍ୟବସ୍ଥା ।

୧୯୮୧-୮୬ରେ ମୁଁ ଏହି କାର୍ଯ୍ୟରେ ଯୋଗ ଦେଲି, ପାଞ୍ଚବର୍ଷ କାର୍ଯ୍ୟ କରିଥିଲି । ପୁରାତନ ଜୀବନ, ସୁଖ ଓ ସମ୍ମାନ ଫେରିଆସିଲା ପରି ଲାଗୁଥିଲା ।

ସାନଭାଇ ପାଖରୁ ବହୁ ଟଙ୍କା ଆସିଲା । 'ଅର୍ଥମନର୍ଥଂ ଭାବୟ ନିତ୍ୟମ୍' ନ ଭାବି ଭାବୁଥିଲି—

'ବରଂ ବନଂ ବ୍ୟାଘ୍ରଗଜାଦିସେବିତମ୍
ଜଳେନ ହୀନଂ ବହୁ କଣ୍ଟକାବୃତମ୍
ତୃଣାଦିଶଯ୍ୟଂ ପରିଧାନବଲ୍‌କଲମ୍
ନ ବନ୍ଧୁମଧ୍ୟେ ଧନହୀନଜୀବିତମ୍'

'କାତରେ କବିତା କୁତଃ ?' ମୁଣ୍ଡରୁ ବୋଝ ଖସି ପଡ଼ିଲା ପରି ଲାଗିଲା । ହୃଦୟ ଲୋତକାପ୍ଳୁତ ଓ ଈଶ୍ୱରଙ୍କ ପ୍ରତି ସ୍ତୁତିପ୍ରବଣ ହୋଇ ଉଠିଲା; ଭକ୍ତକବିଙ୍କର ଗୋଟିଏ ପଦ ମନରେ ଝଙ୍କୃତ ହେଲା—

'ଈଶ୍ୱର ଦୟା ଆହା କିବା ଉଦାର
ଲଘୁ କରଇ ଦୁଃଖୀ ହୃଦୟ ଭାର ।'

ଏ ମହଙ୍ଗା ଯୁଗରେ ଧନାଭାବଦୁଃଖ ସବୁ ଦୁଃଖରୁ ବଳେ । ଧନ ଲୋଡ଼ୁଥିଲି, ଢେର୍ ଆସିଲା । ତଥାପି ମନରେ କିପରି ଗୋଟାଏ ଦାରିଦ୍ର୍ୟବୋଧ--ବର ମାଗ

Digitized by srujanika@gmail.com

ଜାଣିଲି ନାହିଁ କି ? ସ୍ଥୂଳ ମାନ ବଢ଼ାଇବାକୁ ଯାଇ ଜୀବନର ଅଟଳ ମୂଲ୍ୟମାନ ଭୁଲିଗଲି କି ? ସେତିକିବେଳେ ହସି ହସି ଯେପରି କିଏ ମନ ଭିତରୁ ପଚାରୁଥିଲା —

ତା ପରେ ?

ସାହିତ୍ୟିକ ଓ ସାହିତ୍ୟାନୁଷ୍ଠାନ

ସାହିତ୍ୟ ବ୍ୟକ୍ତିଗତ ସାଧନାର ଫଳ; ଅନୁଷ୍ଠାନ ସାହିତ୍ୟସାଧକର ଏକ ଅପରିହାର୍ଯ୍ୟ ପରିପୂରକ ନୋହିପାରେ । କିନ୍ତୁ ଏହା ବହୁଙ୍କୁ ସୃଷ୍ଟିଶୀଳ କରେ, ସାହିତ୍ୟପତ୍ରିକା ପରି ନୂତନ ଲେଖକଗୋଷ୍ଠୀ ଗଢ଼େ, ମୋର ଦୃଢ଼ବିଶ୍ୱାସ । କେଣୁ ଯେଉଁଠିକି ଯାଇଥିଲି, ଗୋଟିଏ ସାହିତ୍ୟାନୁଷ୍ଠାନ ସଙ୍ଗଠନ କରୁଥିଲି । ରାଞ୍ଚୀରେ ଓଡ଼ିଆସାହିତ୍ୟପରିଷଦଗଠନ, ବାରିପଦାସାହିତ୍ୟପରିଷଦ୍‌ର ପୁନର୍ଜୀବନ, ବାଲେଶ୍ୱରରେ ଫକୀରମୋହନ ସାହିତ୍ୟ ପରିଷଦ୍ ନିର୍ମାଣ, ଶାନ୍ତିନିକେତନରେ ବିଶ୍ୱସାହିତ୍ୟପରିଷଦ୍, ସପ୍ତର୍ଷି, ଓଡ଼ିଆ ସାହିତ୍ୟପରିଷଦ୍ ସଙ୍ଗଠନରେ ଜୀବନର ଆନନ୍ଦଲୀଳା ଓ ଆତ୍ମ ଅଭିବ୍ୟକ୍ତିର ମଞ୍ଚ ହିଁ ଉନ୍ମୋଚନ କରିଥିଲି; ରେଭେନ୍ସା କଲେଜକୁ ଆସିବାପରେ ଓଡ଼ିଆସାହିତ୍ୟପରିଷଦ୍‌ର ନବୀକରଣ ପ୍ରସ୍ତାବ କରିଥିଲି । ପୂଜ୍ୟପୂଜା ପରିଷଦ୍ (୧୯୬'ରେ ସ୍ଥାପିତ, ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ ସଂସ୍ଥାପକ)ର ସକ୍ରିୟ ଭାବେ ନିର୍ବାଚିତ ହୋଇଥିଲି । ମହାପୁରୁଷ ଓ ସାହିତ୍ୟିକମାନଙ୍କ ଜନ୍ମସ୍ଥାନରେ ଜୟନ୍ତୀ ଉତ୍ସବ ପାଳନ ଏହାର ଏକ ମୁଖ୍ୟ ଅଭିମୁଖ୍ୟ ଥିଲା । ମୁଁ ବୟସ୍କ ଓ ତରୁଣ ସାହିତ୍ୟିକମାନଙ୍କ ସହିତ କେତେଥର ମଧୁବାବୁଙ୍କ ଗ୍ରାମ ସତ୍ୟଭାମାପୁର ଓ ଗୋପବନ୍ଧୁଙ୍କ ଗ୍ରାମ ସୁଆଣ୍ଡୋ ଯାତ୍ରା କରିଥିଲି ।

ଏବେ ଏହି ଅନୁଷ୍ଠାନର କର୍ମକ୍ଷେତ୍ର ସଙ୍କୁଚିତ । ବର୍ଷକୁ ଗୋଟିଏ ପରିକ୍ରମା ଏହା ପ୍ରକାଶ କରେ ମାତ୍ର । ମଧୁସୂଦନ, ଗୋପବନ୍ଧୁ, ନୀଳକଣ୍ଠ, ଗୋପାଳଚନ୍ଦ୍ର, ଅଶ୍ୱିନୀ ହରିହର ଓ ଜଗନ୍ନାଥ ଦାସଙ୍କ ପରିକ୍ରମା ଓଡ଼ିଆସାହିତ୍ୟକୁ ଏକ ଏକ ଉଲ୍ଲେଖଯୋଗ୍ୟ ଦାନ । ମୁଁ ଗୋପବନ୍ଧୁ ପରିକ୍ରମାରେ ଲେଖିଥିଲି—

ପୂଜ୍ୟପୂଜାରେ ବ୍ୟତିକ୍ରମ ହେଲେ ଦେଶ ବା ଜାତିର ଅକଲ୍ୟାଣ ହୁଏ । ଉତ୍କଳ ପ୍ରତିଭାର ଯଥାଯୋଗ୍ୟ ପୂଜା କରି ପାରିନାହିଁ । କେତେ ବନମଲ୍ଲୀ ବନରେ ଫୁଟି ଝଡ଼ି ଯାଉଛନ୍ତି; ଏ ପ୍ରଦେଶରେ ପ୍ରତିଭାର ଜନ୍ମ ହୋଇଛି, କିନ୍ତୁ ଅନୁକୂଳ ବାତାବରଣ ଅଭାବରୁ ଉଧେଇ ପାରିନାହିଁ । ପ୍ରତିଭାକୁ ଉପଯୁକ୍ତ ସମ୍ମାନ ଦେବାଲାଗି କେତେକ ତରୁଣଙ୍କ ଉଦ୍ୟମରେ 'ପୂଜ୍ୟପୂଜାପରିଷଦ୍' ସଙ୍ଗଠିତ ହୋଇଛି ।"

୧୯୬୬ରୁ ୧୯୭୧ କେନ୍ଦ୍ର ସାହିତ୍ୟ ଏକାଡେମୀ ସାଧାରଣ ସମିତିର ସଭ୍ୟ ଭାବେ ଉତ୍କଳବିଶ୍ୱବିଦ୍ୟାଳୟ ତରଫରୁ ମନୋନୀତ ହୋଇଥିଲି; ଦ୍ୱିତୀୟଥର ଲାଗି ମଧ୍ୟ

Digitized by srujanika@gmail.com

ମନୋନୀତ ହୋଇଥିଲି । ୧୯୭୬ ପର୍ଯ୍ୟନ୍ତ ସଭ୍ୟ ରହିଲି । ଜ୍ଞାନପୀଠ ପ୍ରାଦେଶିକ ପୁରସ୍କାରନିର୍ବାଚନ କମିଟିର ସଭ୍ୟ, ସାହିତ୍ୟଏକାଡେମୀ ଅନୁବାଦଉପଦେଷ୍ଟାର ସଭ୍ୟ, ଓଡ଼ିଶାସାହିତ୍ୟ ଏକାଡ଼େମୀର ସଭ୍ୟ, ଓଡ଼ିଶା ସାଂସ୍କୃତିକବ୍ୟାପାରବିଭାଗ ପାଣ୍ଡୁଲିପି-ନିର୍ବାଚନ ସମିତିର ସଭ୍ୟଭାବେ ମନୋନୀତ ହୋଇ ସାହିତ୍ୟର ଯତ୍କିଞ୍ଚିତ୍ ସାମାନ୍ୟ ସେବା କରିଅଛି ।

ଉତ୍କଳସାହିତ୍ୟସମାଜ

ଉତ୍କଳଗୌରବ ମଧୁସୂଦନ ରାଓ ଉ. ସା. ସ. ର ପ୍ରତିଷ୍ଠାତା । କଟକ ଟ୍ରେନିଂ ସ୍କୁଲରେ ତାଙ୍କ ପ୍ରତିଷ୍ଠିତ 'ଆଲୋଚନାସଭା' ୧୯୦୩ରେ ପରିଣତ ହେଲା ଉତ୍କଳସାହିତ୍ୟ ସମାଜରେ । ଉତ୍କଳସମ୍ମିଳନୀ, ଉତ୍କଳସାହିତ୍ୟସମାଜ ଯାଆଁଳା ଭଉଣୀ; ପରେ ଉତ୍କଳସମ୍ମିଳନୀରୁ ବିଚ୍ଛିନ୍ନ ହୋଇ ଏହା ସ୍ୱତନ୍ତ୍ର ସ୍ଥିତି ହାସଲ କଲା ଓ ଶ୍ରୀରାମଚନ୍ଦ୍ର ଭବନ ଉଦ୍‌ଘାଟିତ ହେଲା ୧୯୨୭ ଖ୍ରୀଷ୍ଟାବ୍ଦରେ ।

ଫକୀରମୋହନ, ରାଧାନାଥ, ଗଙ୍ଗାଧର ମେହେର, ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ଶଶିଭୂଷଣ ରାୟ, ଗୋପାଳଚନ୍ଦ୍ର ପ୍ରହରାଜ, ନନ୍ଦକିଶୋର ବଳ, ଚନ୍ଦ୍ରମୋହନ ମହାରଣା, ବିଦ୍ୟାବିନୋଦ ମଧୁସୂଦନ ଦାଶ, ପଣ୍ଡିତ ମୃତ୍ୟୁଞ୍ଜୟ ରଥ ପ୍ରଭୃତି ଆଧୁନିକ ସାହିତ୍ୟନିର୍ମାତାଙ୍କ ନାମ ଏହି ଅନୁଷ୍ଠାନ ସହିତ ଜଡ଼ିତ । ଏହା ସମଗ୍ର ଓଡ଼ିଶାର ପ୍ରାଚୀନତମ ଓ ସର୍ବଶ୍ରେଷ୍ଠ ସାହିତ୍ୟ ଅନୁଷ୍ଠାନ । ଶ୍ରୀରାମଚନ୍ଦ୍ର ଭବନ ଭବନମାତ୍ର ନୁହେଁ, ଏହା ଏକ ଭୁବନ, କ୍ଷେତ୍ରମାତ୍ର ନୁହେଁ, ଏହା ସାହିତ୍ୟର ଶ୍ରୀକ୍ଷେତ୍ର; ସାହିତ୍ୟସମାଜ ନିର୍ମାତାର ଇତିହାସ ଆଧୁନିକ ଉତ୍କଳ ସାଂସ୍କୃତିକ ଜୀବନନିର୍ମାଣର ଇତିହାସ । ଅତୀତ ଓ ବର୍ତ୍ତମାନ ସାହିତ୍ୟ ଓ ସାହିତ୍ୟିକମାନଙ୍କର ନିର୍ମାତା ଯେ, ଭବିଷ୍ୟତର ଦିଗନିର୍ଦ୍ଦେଶକ ଆଲୋକସ୍ତମ୍ଭ । ଜଗନ୍ନାଥଙ୍କ ଯୋଗୁଁ ବଡ଼ ଦେଉଳର ଯେପରି ପ୍ରତିଷ୍ଠା, ଉତ୍କଳସାହିତ୍ୟ-ସମାଜ ଯୋଗୁଁ ଶ୍ରୀରାମଚନ୍ଦ୍ର ଭବନର ସେହିପରି ପ୍ରତିଷ୍ଠା । ଆଲେଖ୍ୟରେ ହେଉ ପଛେ, କବି, ସାହିତ୍ୟିକମାନଙ୍କର ଏହା ଏକ ଚିରନ୍ତନ ମିଳନଭୂମି, ସାରସ୍ୱତ ତୀର୍ଥକ୍ଷେତ୍ର ।

ନୀରବ ସୃଷ୍ଟିର ଆନନ୍ଦ ସଂଗଠନ କାର୍ଯ୍ୟରୁ ମିଳି ନ ପାରେ । ତଥାପି ସଂଗଠନ ସାହିତ୍ୟିକର ଏକ ପବିତ୍ର କର୍ତ୍ତବ୍ୟ । ସଂଗଠନ ଏକ ଜନନୀ, ସାହିତ୍ୟିକ, କବି ତା କୋଳର ପୁତ୍ର, କନ୍ୟା । ସାହିତ୍ୟ ସୃଷ୍ଟି ସଙ୍ଗେ ସଂଗଠନକୁ ଜୀବନ୍ତ, ଓ କର୍ମଶୀଳ କରି ରଖିବା ଲେଖକର ଲକ୍ଷ୍ୟ ହେବା ଉଚିତ ।

କେବେ ନିର୍ବାଚନରେ ଯୋଗ ଦେଇନାହିଁ । ହଠାତ୍ ଦେଖିଲି—ଉଦ୍ୟୋକ୍ତା-ମାନେ ମୋତେ ସାମ୍ନାକୁ ଠେଲି ଦେଇ ସାକ୍ଷୀଗୋପାଳ ପରି ବସିଛନ୍ତି । ମୋ

ପ୍ରତିଯୋଗୀ ଜଣେ ଧୁରନ୍ଧର ସାହିତ୍ୟିକ । ଅଥଚ କାହିଁକି ଡାକିଆଣି ମୋତେ ଅପମାନ ଦେବାର ବ୍ୟବସ୍ଥା ହୋଇଛି; ଜୀବନରେ ଯେ ମୋଟେ ଖେଳନାହିଁ, ତାର ଖେଳୁଆଡ଼୍ ମନୋବୃତ୍ତି ଆସିବ କୁଆଡ଼ୁ ?

କିନ୍ତୁ ହଠାତ୍ ଜୟଘୋଷଣା ମୋତେ କାବା କରିଦେଲା । ମୋ ପ୍ରତିଯୋଗୀ ମାତ୍ର ଷୁଠେଁଟି ଭୋଟ୍ ପାଇଥିଲେ । ମୂଳସ୍ରଷ୍ଟା ବୋଲି ତାଙ୍କର ଯୋଉ ଅହଂକାର, ତାହା ଅମୂଳକ ନୁହେଁ । ସେ କେବଳ ଜଣେ ସାହିତ୍ୟସ୍ରଷ୍ଟା ନୁହନ୍ତି, ଜଣେ ସାହିତ୍ୟ-ନେତା । ତାଙ୍କ ସାହିତ୍ୟିକ ଦାନ ମୋଠାରୁ ଊଣା ନୁହେଁ, ଅଧିକ ହୋଇପାରେ । ହେଲେ ତାଙ୍କ ମଣିଷ ଚିହ୍ନାନ୍ତି, ଯଦବା ସେ ଓ୍ୱାର୍ଡ୍‌ସ୍ୱାର୍ଥ୍ ଉପରେ ଲେଖିଛନ୍ତି, ମୋ ବହି ଛୁଇଁଲେ ତୁମେ ମଣିଷକୁ ଛୁଇଁ ପାରିବ ।

୧୯୬୨ରୁ ୧୯୬୭—ଏଇ ପାଞ୍ଚ ବର୍ଷ ମୁଁ ଉତ୍କଳସାହିତ୍ୟସମାଜର ସଭାପତି ଥିଲି । ସଭାପତିଙ୍କ କାର୍ଯ୍ୟକାଳ ତିନି ବର୍ଷ ମାତ୍ର । ଏଇ କାଳ ପୂର୍ତ୍ତି ପରେ ମୁଁ ପୁଣି ଥରେ ନିର୍ବାଚିତ ହୋଇଥିଲି । ପ୍ରାୟ ଦୁଇ ବର୍ଷ କାର୍ଯ୍ୟ କଲାପରେ ପରୀକ୍ଷକ ଅଧ୍ୟାପକ ଭାବେ ଆମେରିକା ପାଇଁ କଟକ ଛାଡ଼ି ଚାଲିଗଲି । ବିଶ୍ୱଭାରତୀର ଅଧ୍ୟାପକ; ଏବେ ଉ. ସା. ସ. ର ସଭାପତି ରହିଥିଲେ ଦୁଇ ନାଆରେ ଗୋଡ଼ ଦେବାର ଦୁର୍ଦ୍ଦଶା ମୋର ହୋଇଥାନ୍ତା । ମୋ ସମୟରେ ପ୍ରବନ୍ଧ ପାଠ ବ୍ୟବସ୍ଥା ଏକ ମୁଖ୍ୟ କାର୍ଯ୍ୟ; ସଭ୍ୟ.ର ବାତାବରଣ ସୃଷ୍ଟି ମୋର ଉଦ୍ଦେଶ୍ୟ ଥିଲା । 'ଛଗଡ଼ମାଳି ଏକ ଅଧ୍ୟୟନ' ପ୍ରବନ୍ଧଟି ମୁଁ ପହିଲେ ପାଠ କରିଥିଲି । ଯେ ଭିନ୍ନ ଉଚ୍ଚକୋଟୀର ନ ହେଲେ ପ୍ରବନ୍ଧ ପାଠ ଲାଗି ଅନୁମତି ମିଳୁ ନ ଥିଲା । ବ୍ୟକ୍ତିଗତ ପ୍ରତିଷ୍ଠା ନୁହେଁ, ପ୍ରବନ୍ଧର ଉଚ୍ଚ ମାନ ହିଁ ମାନଦଣ୍ଡ ଥିଲା । 'ସାହିତ୍ୟିକ ଅଭିଜ୍ଞାନ' ନାମରେ ଏ ସବୁ ପଠିତ ପ୍ରବନ୍ଧ ପ୍ରକାଶ ପାଇଥିଲା ।

ଏ ପ୍ରଦେଶରେ ପୂଜ୍ୟପୂଜା ବ୍ୟତିକ୍ରମ ଦେଖି ହୃଦୟ ବିଳପି ଉଠିଥିଲା । ଶ୍ରୀରାମଚନ୍ଦ୍ର ଭବନରେ ବରିଷ୍ଠ ସାହିତ୍ୟିକଙ୍କ ପ୍ରତିକୃତି ସଂରକ୍ଷଣ, ଏ ଦିଗରେ ପୂଜ୍ୟ-ପୂଜାର ଏକ କ୍ଷୀଣ ପ୍ରଚେଷ୍ଟା । ସମ୍ପାଦପତ୍ରରେ ନିବେଦନ କରିଥିଲି । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିକୃତି ନିର୍ମାଣରେ ଦାୟିତ୍ୱ ନେଇଥିଲେ ଶ୍ରୀ ହୃଦୟାନନ୍ଦ ନାୟକ । ସାହିତ୍ୟିକ ଓ ଶିଳ୍ପୀମାନଙ୍କୁ ସାହାଯ୍ୟ କରିବା, ଅର୍ଥାଭାବରେ ବନ୍ଦ ହୋଇଯାଉଥିବା ସାହିତ୍ୟପତ୍ରିକାକୁ ପୁଣି ସଚଳ କରିବା ତାଙ୍କର ଏକ ସଂକଳ୍ପିତ କାର୍ଯ୍ୟ ଥିଲା । ତାହାର ହାତର ଦାନ ବାଁ ହାତ ଜାଣୁ ନ ଥିଲା । କେତେକ ପ୍ରତିକୃତି 'ପୂଜ୍ୟପୂଜା ସଂସଦ' ଓ ସ୍ୱୟଂ ଓଡ଼ିଶା ସରକାର ଦାନ କରିଥିଲେ । ହାତୀଦାନ୍ତରେ ଅଙ୍କିତ ଛବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ପ୍ରତିକୃତି ତତ୍କାଳୀନ ସାଂସ୍କୃତିକ ବ୍ୟାପାର ବିଭାଗ ମନ୍ତ୍ରୀ ସେଖ୍ ମତଲୁବ୍ ଅଲ୍ଲୀ ବାଲିଅରର ଅଭିମନ୍ୟୁଙ୍କ ବଂଶଧରଙ୍କଠାରୁ ବହୁ

Digitized by srujanika@gmail.com

କଷ୍ଟରେ ସଂଗ୍ରହ କରି ସରକାରୀ ଖର୍ଚ୍ଚରେ ନିର୍ମାଣ କରାଇଥିଲେ, ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ପ୍ରତିକୃତି ମଧ୍ୟ ସେହି ସୂତ୍ରରେ ସାହିତ୍ୟସମାଜକୁ ଆସିଥିଲା । 'ପ୍ରଜ୍ୟପ୍ରଜା ସଂବାଦ' ଓଡ଼ିଆ ସାହିତ୍ୟର ଜଣେ ରକ୍ଷାକର୍ତ୍ତା ଜନ୍ ବିମ୍ସଙ୍କ ପ୍ରତିକୃତି ମୋ ସଂଗୃହୀତ ଏକ ଛବିରୁ ନିର୍ମାଣ କରାଇଥିଲେ । ଲଣ୍ଡନ୍ ବିଶ୍ୱବିଦ୍ୟାଳୟର ଓଡ଼ିଆ ଓ ବଙ୍ଗଳା ଅଧ୍ୟାପକ ଡକ୍ଟର ଜନ୍ ବୋଲ୍ଟନ୍ ଏହି ପ୍ରତିକୃତି ଉନ୍ମୋଚନ କରି କହିଥିଲେ – ଓଡ଼ିଆ ଭାଷାରେ ଭଲ ଜ୍ଞାନ ନ ଥିଲି ବୋଲି ଆପଣମାନେ ଜନ୍ବିମସ୍ଙ୍କୁ ଭୁଲିଯାଇପାରିଥିଲେ, କିନ୍ତୁ ମୋତେ ଭୁଲିଯାଇପାରିବେ ନାହିଁ, କାରଣ ଓଡ଼ିଆଭାଷା ଓ ସାହିତ୍ୟ ମୁଁ ଭଲଭାବେ ପଢ଼ିଛି ଓ ଫକୀରମୋହନଙ୍କ ସାହିତ୍ୟ ସଂପର୍କରେ ଗବେଷଣା କରିଛି ।'

ମୋ ସମୟରେ ଚିନ୍ତାମଣିଚରଣ ରଥ, ପ୍ରାଣକୃଷ୍ଣ ସାମଲ, ଜଳନ୍ଧର ଦେବ, ଅଭିମନ୍ୟୁସାମନ୍ତ ସିଂହାର, ବ୍ରଜମୋହନ ପଣ୍ଡା, ରାଧାଚରଣ ପଣ୍ଡା, ଅଧ୍ୟାପକ ବିପିନବିହାରୀ ରାୟ, ଅଧ୍ୟାପକ ରତ୍ନାକର ପତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗଣକବି ବୈଷ୍ଣବ ପାଣି, ଜନ୍ ବିମ୍ସ୍, ପ୍ୟାରୀମୋହନ ଆଚାର୍ଯ୍ୟ, ଡକ୍ଟର ମାୟାଧର ମାନସିଂହ, ବିଚ୍ଛନ୍ଦଚରଣ ପଟ୍ଟନାୟକ, ଚନ୍ଦ୍ରମୋହନ ମହାରଣା, ଗୋବିନ୍ଦଚନ୍ଦ୍ର ଶୂରଦେଓ, ବିଦ୍ୟୁତ୍ପ୍ରଭା, ବିଦ୍ୟା-ବିନୋଦ ମଧୁସୂଦନ ଦାଶ, ଭିକାରୀ ଚରଣ ପଟ୍ଟନାୟକ ପ୍ରଭୃତିଙ୍କ ପ୍ରତିକୃତି ଉନ୍ମୋଚିତ ହୋଇଥିଲା । ସାହିତ୍ୟିକ ଦାନକୁ ପ୍ରତିକୃତି ନିର୍ବାଚନର ମୁଖ୍ୟ ମାନ ରୂପେ ବିବେଚନା କରାଯାଉଥିଲା । ଅଧିକାଂଶ ପ୍ରତିକୃତି ଲେଖକମାନଙ୍କର ଦାୟାଦମାନେ ହିଁ ସାହିତ୍ୟସମାଜକୁ ଦାନ କରିଥିଲେ ଓ ଉନ୍ମୋଚନର ବ୍ୟୟ ବହନ କରିଥିଲେ ।

ଉନ୍ମୋଚନ ପୂର୍ବଦିନ ମୁଁ ଗୋଟିଏ ସଂକ୍ଷିପ୍ତ ପ୍ରବନ୍ଧ ଲେଖି 'ସମାଜ'ରେ ବାହାର କରୁଥିଲି । ଏ ସବୁ ବର୍ଦ୍ଧିତ ଆକାରରେ ପରେ 'ଜୀବନୀ ଓ ଜୀବନ' 'ଜୀବନାୟନ' ପୁସ୍ତକରେ ପ୍ରକାଶ ପାଇଥିଲା । ପ୍ରାୟ ସମସ୍ତ ଉପାଦାନ ମୁଁ ଉ. ସା. ସ. ର ମଧୁସୂଦନ ପାଠାଗାର ଓ ବିଶ୍ୱଭାରତୀ ଓଡ଼ିଆ ପାଠାଗାରରୁ ସଂଗ୍ରହ କରିଥିଲି ।

ପ୍ରତିକୃତି ଉନ୍ମୋଚନ ବ୍ୟତୀତ ସାହିତ୍ୟିକମାନଙ୍କ ମୃତ୍ୟୁରେ ଶୋକସଭା, ଶତବାର୍ଷିକୀ ଉତ୍ସବ ପାଳନ, କୃତିତ୍ୱ ଅର୍ଜନରେ ଅଭିନନ୍ଦନ ଜ୍ଞାପନ, ବିଦେଶ ଓ ସ୍ୱଦେଶାଗତ ବିଶିଷ୍ଟ ସାହିତ୍ୟିକମାନଙ୍କ ଭାଷଣ ବ୍ୟବସ୍ଥା, ସାହିତ୍ୟ ସମ୍ମେଳନ, ସଙ୍ଗୀତ ଆସର, ପୁସ୍ତକ ପ୍ରଦର୍ଶନୀ, ପ୍ରାଚୀନ ପତ୍ରପତ୍ରିକା ସଂରକ୍ଷଣ ଉଦ୍ୟମ କରାଯାଇଥିଲା । ଓଡ଼ିଶା ସଂରକ୍ଷଣାଳୟକୁ ସେ ସବୁ ନେଇଯିବା ଉଦ୍ୟମକୁ ବାଧା ଦିଆଯାଇଥିଲା । କାରଣ ତଦ୍ୱାରା ଉ. ସା. ସ. ର ଗୁରୁତ୍ୱ ରହିବ ନାହିଁ । ଜାତୀୟ ସମ୍ପତ୍ତିକୁ ଏପରି ହସ୍ତାନ୍ତର କରିବାର ଅଧିକାର କାହାର ଅଛି ? କିନ୍ତୁ ଏସବୁ ଏବେ ନଷ୍ଟ ହେଉଥିବା ଅବସ୍ଥାରେ; ତଥାକଥିତ ଜାତୀୟତା ଏସବୁକୁ ରକ୍ଷାକରିପାରିବ ନାହିଁ ।

Digitized by srujanika@gmail.com

୧୯୭୭ରେ ମୁଁ ଉତ୍କଳସାହିତ୍ୟସମାଜର ସପ୍ତପଞ୍ଚତ୍ତ୍ୱବେ ଯୋଗ ଦେଇଥିଲି । ଶ୍ରୀରାମଚନ୍ଦ୍ର ଭବନର ସୁବର୍ଣ୍ଣ ଜୟନ୍ତୀ ମୋ ଅମଳର ଶେଷ ଉତ୍ସବ । ମୁଁ କହିଥିଲି— ଶ୍ରୀରାମଚନ୍ଦ୍ର ଭବନର ପ୍ରତ୍ୟେକ ଧୂଳିକଣା ପବିତ୍ର । ଏହି ମନ୍ଦିରରେ ପ୍ରବେଶ କଲେ କେଉଁ ସାହିତ୍ୟିକର ଧମନୀ ସୃଷ୍ଟି ଆବେଗରେ ଚଞ୍ଚଳତର ନ ହୁଏ ?

ତଥାପି ଏହି ଅନୁଷ୍ଠାନ କି ଦୁଇକୋଟି ଓଡ଼ିଆଙ୍କ ସାଂସ୍କୃତିକ ଆଶାଆକାଂକ୍ଷା ପରିପୂର୍ଣ୍ଣ କରିପାରୁଛି ? କବି ବା ଲେଖକମାନଙ୍କର ପାଣ୍ଡୁଲିପି, ବା ସ୍ମାରକ ଦ୍ରବ୍ୟର ସମ୍ଭାର ଘେନି ଏହା କି ଏକ ଉତ୍କୃଷ୍ଟ ସଂଗ୍ରହାଳୟରେ ପରିଣତ ହୋଇ ପାରିଛି ? ଗଢ଼ା ହୋଇପାରିଛି କି ଏଠି ଏକ ଜାତୀୟ ପୁସ୍ତକାଳୟ, ଯେଉଁଠି ଜାତିର ମନ ଗଢ଼ା ହୋଇପାରିବ, ଶିକ୍ଷିତ ଓ ସୁଧୀ ଓଡ଼ିଆ ଆନ୍ତର୍ଜାତିକ ବଳୟର ସମ୍ମୁଖୀନ ହେବାକୁ ସମର୍ଥ ହେବେ ?

୧୯୮୮ରେ ଉତ୍କଳସାହିତ୍ୟସମାଜରୁ ମୋତେ ବିଦାୟ ଦିଆଯାଇଥିଲା । ବହୁ ଅନୁଷ୍ଠାନରୁ ଫୁଲହାର, ସ୍ତୁତିବାଚନ ମିଳିଥିଲା; ମୁଁ କହିଥିଲି ସ୍ତୁତିଗାନ ଶ୍ରୁତିପୀଡ଼କ । ବହୁ ସ୍ତୁତିଗାନ ଶୁଣିଲେ ଭଗବାନଙ୍କ ଧୈର୍ଯ୍ୟଚ୍ୟୁତି ଘଟିଥିବ । କାରଣ ସେ ବିଶ୍ୱକର୍ମା । ସାଧାରଣ ସାହିତ୍ୟକର୍ମୀ କ୍ଷେତ୍ରରେ ଏହା ଅସହ୍ୟ । ପୃଥିବୀର ବଡ଼ ବଡ଼ ସାଧନା ତୁଳନାରେ ମୋ କାର୍ଯ୍ୟ ଅକିଞ୍ଚିତ୍କର । ଆପଣମାନଙ୍କ ସ୍ନେହ, ସଦିଚ୍ଛା ଘେନି ମୁଁ ଯାଉଛି । ଗତ ଦଶବର୍ଷ ମୋ ଜୀବନର ଅନୁଷ୍ଠାନ ଯୁଗ । କେନ୍ଦ୍ର ସାହିତ୍ୟ ଏକାଡେମୀ, ଉତ୍କଳ ସାହିତ୍ୟସମାଜ ସହ ଜଡ଼ିତ ଥିଲି । ଦିନେ ଉ. ସା. ସ. ହାତକୁ ପାଞ୍ଚ ମିନିଟ ବିଳମ୍ବରେ ଅପିନାହିଁ, ପୂର୍ଣ୍ଣ ପ୍ରାଣରେ ଏହାର ସେବା କରି ଆସିଛି । ଏବେ ନବ ସୃଷ୍ଟିର ଆବେଗ ଅନୁଭବ କରୁଛି, ନୀରବରେ ଲେଖିବି, ପଢ଼ିବି ।

ରସର ଆତ୍ମୀୟ ଯେତେ

କିଶୋରରୁ ବୃଦ୍ଧ—ଯେଉଁମାନେ ଲେଖାଲେଖି କରନ୍ତି—କବିତା ବା ନାଟକ, ଉପନ୍ୟାସ ବା କ୍ଷୁଦ୍ରଗଳ୍ପ—ସେମାନେ ଗୋଟିଏ ପରିବାରର, ଯେଉଁ ଦେଶର, ଯେଉଁ ଭାଷାର ହୋଇଥାନ୍ତୁ ପଛକେ । ସେମାନେ ରକ୍ତର କୁଟୁମ୍ବ ନୋହି ପାରନ୍ତି, ରସର ହିଁ ଆତ୍ମୀୟ । ତେଣୁ ଜଣେ ସାହିତ୍ୟିକଙ୍କ ସଙ୍ଗେ ଭେଟ ହୋଇଗଲେ କୋଟିନିଧି ପରି ଲାଗେ । ସେଭଳି ସୌଭାଗ୍ୟ ଥିଲେ ସୁଧୀସଜ୍ଜନସଙ୍ଗସୁଖ ମିଳେ । ସମସାମୟିକ ବିଦଗ୍ଧ ଓ ସାହିତ୍ୟିକଙ୍କ ସହିତ ସୌଖ୍ୟ ମୋତେ ନବ ନବ ସୃଷ୍ଟିର ଉତ୍ସ ଯୋଗାଇଛି ।

ନବଭାରତ ପ୍ରେସର ଉପର ତାଲାରେ ପଣ୍ଡିତ ନୀଳକଣ୍ଠ—ତାଙ୍କ ଅପରିଚ୍ଛିନ୍ନ ମଳିନ କୋଠରିଟିରେ ବିଦ୍ୟାର ଆସର ଜମୁଥିଲା । ଉତ୍ତମ ଆଳାପୀ, ଅକ୍ଳାନ୍ତ, ଜିତେନ୍ଦ୍ର ।

Digitized by srujanika@gmail.com

ଜିଜ୍ଞାସୁ ତରୁଣଙ୍କ ସହିତ ତାଙ୍କ ଆଲୋଚନା ଶାଖାପ୍ରଶାଖା ମେଲି ଦୂର ଦିଗ୍‌ବଳୟକୁ ଚାଲିଯାଉଥିଲା । ସଂଶୟମୋଚନ ଲାଗି ସେ ଥିଲେ ଏକ ବିଶ୍ୱକୋଷ । ସମସ୍ତ ପ୍ରତି ଅସଚେତନ, ସାଂସାରିକ ମୋହମୁକ୍ତ, ଆତ୍ମବିସ୍ମୃତ, ପୁସ୍ତକ ଗଦା ମଧ୍ୟରେ ଅଣେଇ ହୋଇ ବସି ଶିନାଥରୁ ଜଗନ୍ନାଥ, ଅନୁର୍‌ସଜଦା, କୋଇଲିରୁ ମହାକାବ୍ୟ, ମୁଗ୍ଧବୋଧ-ବ୍ୟାକରଣରୁ ସିଦ୍ଧାନ୍ତକୌମୁଦୀ, ଲୌକିକ ଭାଷ୍ୟରୁ ମହାଭାଷ୍ୟ, ଲୋକଦର୍ଶନରୁ ବିଶ୍ୱ-ଦର୍ଶନ ପର୍ଯ୍ୟନ୍ତ ଆଲୋଚନାରେ ନିମଗ୍ନ ରହୁଥିଲେ, ଆଧୁନିକ ଯୁଗର ଏହି ସକ୍ରେଟିସ୍ ।

ନୀଳକଣ୍ଠ ବାକ୍ୟରେ ଯେତିକି ବନ୍ଧୁର ଗୋଦାବରୀଶ ସେତିକି ମସୃଣ । ନୀଳକଣ୍ଠଙ୍କ ମନ ଗହ୍ୱାପାହାଣ ମେଲ—କଥାରେ ମର୍ମ ଫୁଟିପଡ଼େ । ଗୋଦାବରୀଶଙ୍କ ପକ୍ଷରେ କଥା ଏକ ଶିଳ୍ପ ବା କଳା, ଯେତେ ପ୍ରତ୍ୟକ୍ଷ ହୁଏ, ପରୋକ୍ଷରେ ସେତିକି ରହେ । ହାସ୍ୟ-ବ୍ୟଙ୍ଗରେ ଦୁହେଁ ଓସ୍ତାଦ୍ । ନୀଳକଣ୍ଠ ସେଥିରେ ଶ୍ରୋତାଙ୍କୁ ହସାଇ ନିଅନ୍ତି, ନିଜେ ଶେଷ ପର୍ଯ୍ୟନ୍ତ ହସୁଥାନ୍ତି । କିନ୍ତୁ ଗୋଦାବରୀଶଙ୍କ ସହିତ ହସିବା ବିପଦଜନକ—ତୁମେ ହସୁଥିବ, ତାଙ୍କ ହସ କେତେବେଳେ ବନ୍ଦ ହୋଇ ଯାଇଥିବ, ସେ ଏକ ମାର୍ବଲ୍ ପଥର ପରି ଗମ୍ଭୀର ହୋଇ ଯାଇଥିବେ ।

ହରେକୃଷ୍ଣ ମହତାବ ସାହିତ୍ୟିକମାନଙ୍କ ସହିତ ବହୁତ ମିଶନ୍ତି, କିନ୍ତୁ ଅମିଶା ରହିଯାନ୍ତି । ତାଙ୍କ ବୈଠକ ଘର ଗୋଟାଏ ଦରବାର, ସେ ରଜା, ସାହିତ୍ୟିକ ସତେ କି ତାଙ୍କ ପ୍ରଜା । ପ୍ରଜାଙ୍କୁ ପ୍ରତିନମସ୍କାର ଜଣାଇବା ରାଜାସନର ଗୌରବ ପକ୍ଷେ ହାନି । ପ୍ରତିବାଦ ପ୍ରମାଦମୟ । ବନ୍ଧୁତ୍ୱମିଳନ ଏକ ସାହିତ୍ୟିକ ମେଳଣ । ନବ ଲେଖକଙ୍କ ଲାଗି ଏକାନ୍ତ ଲୀଳାମୟ । ଗାଁ ମଜଲିସ୍‌ର ଲେଖକ ଓ 'ଝଙ୍କାର'ର ସମ୍ପାଦକ ଭାବେ ମହତାବ୍ ନିଷ୍ଠାପର । ସେ ଅଧ୍ୟବସାୟୀ, ଜିଜ୍ଞାସୁ, ଜ୍ଞାନନିଷ୍ଠ ।

ତାଙ୍କ ସହିତ ଆଲୋଚନାରୁ ବହୁ ଦୁର୍ଲଭ ଅନୁଭୂତିର ପରିଚୟ, ନୂତନ ଦିଗ୍‌ଦର୍ଶନ ମିଳେ । ଆଶାବାଦୀ, ଦୃଢ଼ଭାବେ ଆତ୍ମବିଶ୍ୱାସୀ, ଏକାନ୍ତ ଧୈର୍ଯ୍ୟଶୀଳ ଓ କର୍ମତତ୍ପର । ବିଶ୍ୱାସ ନୁହେଁ, ବରଂ ସଂଶୟ ଜନ୍ମାନ୍ତି । ବୋଧହୁଏ ଗୋଟାଏ ଚକ୍ର ଯେପରିକି ବୁଲୁଛି; ଖାଲି ଶିଶୁପାଳ ବା ଭୂପାଳବର୍ଗଙ୍କ ଉପରେ ନୁହେଁ, ଦିକ୍‌ପାଳ ସାହିତ୍ୟିକର ନିରୀହ ଗ୍ରୀବାରେ ବି ପଡ଼ିଯାଇପାରେ ।

କଟକ ଅବସ୍ଥାନ କାଳରେ ଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ସହିତ ସଂପର୍କ ନିବିଡ଼ତର ହୋଇଥିଲା । ସେ ମୋତେ ପୁତ୍ରବତ୍ ସ୍ନେହ କରୁଥିଲେ ଓ ପ୍ରାୟ ପ୍ରତିଦିନ ମୋ ବସାକୁ ଆସୁଥିଲେ । ସାହିତ୍ୟ, କଳା, ଭାସ୍କର୍ଯ୍ୟ, ଇତିହାସ ଆଦି ନାନା ବିଷୟରେ ଆଲୋଚନା ହେଉଥିଲା । ଦିନେ ଫକୀରମୋହନଙ୍କ ସାହିତ୍ୟିକ ଜୀବନ ସଂପର୍କରେ କହୁ କହୁ ସେ କହିଲେ—

Digitized by srujanika@gmail.com

'ମାମୁଁ' ଉପନ୍ୟାସ ଛପା ହେଲାବେଳେ ଫକୀରମୋହନ ଘୋଷଣା କରିଥିଲେ— ଯେ ଦଶଖଣ୍ଡ ବହି କିଣିବ, ତାକୁ ଖଣ୍ଡିଏ ବହି ଉପହାର ଦିଆଯିବ । ଶ୍ରୀ ଆର୍ଯ୍ୟଙ୍କ ୧୫ ଖଣ୍ଡ କିଣିବାରୁ ଫକୀରମୋହନ ତାଙ୍କୁ ଆନନ୍ଦରେ କୁଣ୍ଢାଇ ପକାଇଥିଲେ । ତାଙ୍କ ବଞ୍ଚିଥିବା ଭିତରେ ଏକକାଳୀନ ଏତେ ବହି ଆଉ କେବେ ବିକ୍ରୀ ହୋଇ ନ ଥିଲା ।

ଆଉ ଥରେ ଓଡ଼ିଆର ବ୍ୟବସାୟବୁଦ୍ଧିର ଅଭାବ ଓ ସ୍ୱାଭାବିକ ଧର୍ମପ୍ରାଣତା ସଂପର୍କରେ ଦୁଇଟି ଗଳ୍ପ କହିଥିଲେ ।

ଲର୍ଡ଼ କ୍ଲାଇଭଙ୍କର ଜଣେ ଓଡ଼ିଆ ପିଅନ୍ ଥିଲା, ଅତି ବିଶ୍ୱସ୍ତ, ତା ନାଆଁ ବଂଶୀ । କ୍ଲାଇଭ୍ ଭାରତ ଛାଡ଼ିବା ପୂର୍ବରୁ ତାକୁ ପଚାରିଲେ—କଣ ଚାହୁଁ ? କହିବୁ ଯଦି, ଏ ଗଙ୍ଗା କୂଳଟା ତୋ ନାଆଁରେ ପଟ୍ଟା କରିଦେବି । ବଂଶୀ କହିଲା—ସାହେବ, ଏ ଗଙ୍ଗା କୂଳଟା ମୋର କ'ଣ ହେବ ? ଦେବ ଯଦି ଦିଅ – କୁଣ୍ଡଳ, ଖଡ଼ୁ, ଅନନ୍ତବ୍ରତ, ପାଟଯଥା । କ୍ଲାଇଭ୍ ତାକୁ ଏ ସବୁ ଜିନିଷ ସହିତ ଲକ୍ଷେ ଟଙ୍କା ପୁରସ୍କାର ଦେଇଥିଲେ—ଲକ୍ଷୁଆ କର୍ମଚାରୀଙ୍କ ବାଟେ ଆସି ତା ପାଖେ ପହଞ୍ଚିଲା ବେଳକୁ ଏହା ପାଞ୍ଚହଜାର ଟଙ୍କାକୁ ଖସି ଯାଇଥିଲା ।

ଭରତପୁର ଦୁର୍ଗ ଅଧିକାର କଲାବେଳେ ଲର୍ଡ୍ ଅକ୍‌ଲଣ୍ଡ୍‌ଙ୍କର ଜଣେ ଓଡ଼ିଆ ପିଅନ୍ ଥିଲା । ଦୁର୍ଗ ଲୁଣ୍ଠନବେଳେ ସେ ତାକୁ କହିଲେ—ଯା, ଟଙ୍କା ସୁନା ଯାହା ପାଇବୁ ନେଇ ଆସିବୁ । ସେ ଟଙ୍କା ସୁନା ନ ଛୁଇଁ ରାଧାକୃଷ୍ଣଙ୍କ ସହ ଗଣ୍ଠୁଲିଟିଏ ଧରି ନାଚି ନାଚି ଆସିଲା । ସାହେବ ପଚାରିଲେ—କରେ ଇଏ କଣ ? ଓଡ଼ିଆଟି କହିଲା—ଇଏ ମତେ ସବୁ ଦେଇ ପାରିବେ ।

ତା ପରେ ସେ କଲିକତା ଶଶିଭୂଷଣ ଦେ ଷ୍ଟ୍ରିଟ୍‌ରେ ଦେଉଳ ତୋଳାଇ ରାଧାକୃଷ୍ଣ ସ୍ଥାପନ କଲା । ଦେଉଳତୋଳା ଓ ଟ୍ରଷ୍ଟୀକୁ ବଡ଼ଲାଟ ଅନେକ ଟଙ୍କା ଦେଇଥିଲେ ।

ସୋମନାଥଗ୍ରନ୍ଥାବଳୀର ଲେଖକ ବଲାଙ୍ଗୀରର ସୋମନାଥ ହୋତୃଶର୍ମା, ବୈଷ୍ଣବ-ଗ୍ରନ୍ଥାବଳୀର ଲେଖକ ଢେଙ୍କାନାଳର ବୈଷ୍ଣବଚରଣ, ଈଶ୍ୱରେ ନିଷ୍ଠ, ତ୍ୟାଗୀ, ପ୍ରାୟ ଏକାସନରେ ଆସୀନ, ଗୋଧୂଳିରାଗରଞ୍ଜିତ ବୈକୁଣ୍ଠନାଥ, ସାହିତ୍ୟିକ ଓ ସାହିତ୍ୟନେତା କାଳନ୍ଦୀଚରଣ, ଅତ୍ୟଧିକ ଚିବାବୁରେ ରଙ୍ଗୀନ୍ ଜ୍ଞାନପୀଠବିଜେତା ଗୋପୀନାଥ, ସ୍ୱାଭିମାନ ଔପନ୍ୟାସିକ କାହ୍ନୁଚରଣ, ବହୁପାଠୀ ନୂତନ ଦିଗ୍‌ଦର୍ଶକ ସୁରେନ୍ଦ୍ର, ଶ୍ରେଷ୍ଠ ସାହିତ୍ୟ ପ୍ରଭର ଅଗ୍ରବର୍ତ୍ତୀ ମନୋଜ ଦାସ, ସାହିତ୍ୟିକରୁ ମନ୍ତ୍ରୀ ଓ ପରେ ଯଥାପୂର୍ବଂ ତଥା ପରଂ ହୋଇ ସାହିତ୍ୟର ଶିଥ ଦଣ୍ଡ ଧରିଥିବା ନିତ୍ୟାନନ୍ଦ, ଓଡ଼ିଆ ଅଧ୍ୟାପକ ହୋଇ ପ୍ରାୟ

Digitized by srujanika@gmail.com

ସଂସ୍କୃତରେ ଲେଖୁଥିବା ଓ ସଂସ୍କୃତ ଭାଷାରେ କହୁଥିବା ବାଗ୍ମୀ ରାଜକିଶୋର ରାୟ, ସାହିତ୍ୟିକ ଉନ୍ମାଦନାରେ ଗଳ୍ପଦୈନିକ 'ପାଠଚକ୍ର' ପ୍ରକାଶୁଥିବା ଯଶସ୍ୱୀ ରାଜକିଶୋର ପଟ୍ଟନାୟକ, ଦେହ ଅପେକ୍ଷା ବାର୍ଦ୍ଧକ୍ୟରେ କ୍ଷୀଣତର ସୃଷ୍ଟି ଯେନ 'ଭାଗ୍ୟଚକ୍ର'ରେ ଭୁଲିଥିବା ଅନନ୍ତପ୍ରସାଦ, ଯାଦୁଘରର ପ୍ରାଚୀନତା ଓ କବିତାର ଆଧୁନିକତା—ଏଇ ଦୁଇ ନାବରେ ପାଦ ଦେଇ ସ୍ରୋତରେ ଭାସମାନ ସଚ୍ଚିଦାନନ୍ଦ ରାଉତରାୟ, ବନ୍ଧୁତାର ଅଧିକାରରେ ପାଖରେ ବସିଥିଲେ ବି କବିତାରେ ଦୂରବର୍ତ୍ତୀ ବିନୋଦ ନାୟକ, ଏକାନ୍ତ ସାଧୁତାରେ ଦାରିଦ୍ର୍ୟ ବରଣ କରିଥିବା ଓ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲେଖାର ଧାରାକୁ ଅବ୍ୟାହତ ରଖିଥିବା ବାମାଚରଣ ମିତ୍ର, ଶେଷ ଜୀବନରେ ଲେଖା ଓ ପ୍ରକାଶକୁ ସମାନ୍ତରାଳ ରଖିପାରି ନ ଥିବା ଔପନ୍ୟାସିକ ଓ ନାଟ୍ୟକାର ଲକ୍ଷ୍ମୀଧର ନାୟକ, 'ମଞ୍ଜୁଳା ମଣିମାଳିନୀ' ଓ 'ଅଂଶୁମା'ର କବି, ସଂସ୍କୃତରେ ଆଧୁନିକ ମହାକାବ୍ୟରଚନାକାରୀ ଅଧ୍ୟାପକ ଜୟକୃଷ୍ଣ, ସରୁବାନନ୍ଦ (ଅଙ୍ଗବୈକଲ୍ୟର ପରିପୂରକ ଯାହାଙ୍କର ଅଫୁରନ୍ତ ହାସ୍ୟରସ), ଏକ ଦିଗରେ ଆଧ୍ୟାତ୍ମିକତା ଅନ୍ୟ ଦିଗରେ ସଂସାରରସ, ଉଭୟ ମଧ୍ୟରେ ସେତୁ ପ୍ରତିଷ୍ଠା କରୁଥିବା ମହାପାତ୍ର ନୀଳମଣି, ଉପନ୍ୟାସରେ ନବଧାରାର ପ୍ରବର୍ତ୍ତକ ଶାନ୍ତିକୁମାର, ସାହିତ୍ୟରେ ବିଜ୍ଞାନଧାରାର ପ୍ରବର୍ତ୍ତକ ଗୋକୁଳାନନ୍ଦ, ଏକାନ୍ତ ଆତ୍ମୀୟ-ସମ ଜ୍ଞାନତପସ୍ୱୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଏକନିଷ୍ଠ ଗବେଷକ ନଟବର, ଗେରୁଆବସ୍ତ୍ରଧାରୀ ସନ୍ନ୍ୟାସୀପ୍ରତିମ, ସଂସାରଗ୍ରସ୍ତ, ବହୁସନ୍ତାନବାନ ନୟାଗଡ଼ର ଦଣ୍ଡପାଣି ମିଶ୍ରଙ୍କ ସାହିତ୍ୟାଲାପରେ ପ୍ରାଣ ବେଳେ ବେଳେ ଜୁଆରିଆ ହୋଇଯାଉଥିଲା ।

ଅଶ୍ରୁଧାରାରେ ଉଚ୍ଛଳ କରୁଥିଲେ କାନ୍ତକବି ଲକ୍ଷ୍ମୀକାନ୍ତ, ହାସ୍ୟବେଦନର ଗଙ୍ଗା ଯମୁନା, ପୁରୀ ଡାକ୍ତରଖାନାରେ ଶେଷଶଯ୍ୟାରେ କବି ଓ ଶିଳ୍ପୀ ବିମ୍ବାଧର ବର୍ମା, ଏକମାତ୍ର ପୁତ୍ରର ମୃତ୍ୟୁଚିନ୍ତାରେ ଶଯ୍ୟାଗତ କବି ପଦ୍ମଚରଣ ପଟ୍ଟନାୟକ ।

ଅରସିକ ଦିଶିଲେ ବି ନିବିଡ଼ଭାବେ ରସବେତ୍ତା, କବି ରାଧାମୋହନ ଗଡ଼ନାୟକ, ବୈଠକଖାନାରେ ଯାହାଙ୍କର ବୈଦଗ୍ଧ୍ୟ ଓ ବାଗ୍ମିତାର ସର୍ବଶ୍ରେଷ୍ଠ ପରିଚୟ ମିଳୁଥିଲା, ଉତ୍କଳର ମାୟାଧର ମାନସିଂହ, ଯେ ଦୁଃଖବେଦନା ମଧ୍ୟରେ ପେଟ ଭରି ହସି ପାରୁଥିଲେ, ମନର କ୍ଲେଦ, ଗ୍ଲାନି ହରଣ କରି ପାରୁଥିଲେ – ଏହି ଉଭୟଙ୍କ ସହିତ ମୋର ଅନ୍ତରର ନିବିଡ଼ତା ଥିଲା ଓ ମୁଁ କବିତାରେ ପତ୍ରାଳାପ କରିଥିଲି ।

୭।୧୨।୫୨ରେ ମୁଁ ଗଡ଼ନାୟକଙ୍କୁ ଲେଖିଥିଲି —

ପଉଷ ପାଦପ ପତ୍ର ଝାଡ଼ି
ଶୂନ୍ୟେ ଶୂନ୍ୟେ ଚାହେଁ ତୁମ ଆଡ଼େ ।

Digitized by srujanika@gmail.com

୧୪।୧୨।୫୭, ଗଡ଼ନାୟକ—ଶୈଶବର ମୁଁ ପଞ୍ଚବଢ଼ା ବାଆ
ବନ୍ଧୁ ବୁଝି ପାରୁନ ଅଜ ତାହା ?
ମଳୟ ମୁଁ ତ ନୁହେଁ
ପଲ୍ଲବ କି ପାରିବ ସଜ ମଳୟ ମହାରୁହେ ?

୨୦।୧୨।୫୭ରେ ମୁଁ ଲେଖିଥିଲି —

ମରୁଭୂମି, ତୁମ ନିଃଶ୍ୱାସ
ବନ ପ୍ରାନ୍ତରେ ଜଗାଏ ଜୀବନ ଉଚ୍ଛ୍ୱାସ
ମନର ଗହନେ ତହୁଁ ବଳି
ଋତୁରେ ଋତୁରେ ଫୁଟାଇ ଦିଏ ସେ ନୂଆ କଳି
ଗଛ ଯେ ନୂଆର ସମାହାରେ
କୀର୍ତ୍ତିରେ କି ସେ ସହିପାରେ ?
ଉଦ୍ଧବ ହୋଇ ପକ୍ୱତା ତେଣୁ ଝାଡି ଦିଏ
ଶୁଣାଏ ଫଲ୍ଗୁଣ ବଂଶୀ କରୁଣ ମହାରୁହେ
ମରୁଭୂମି ହୋଇ ମଳୟ ସେ
ଥରେ ଥରେ ଚୁମି
ଫୁଲପଲ୍ଲବେ ତରୁଣିତ କରେ ବନଭୂମି ।

ପ୍ରୌଢ଼ଶିକ୍ଷାକେନ୍ଦ୍ରରୁ ଗଡ଼ନାୟକ ବିଦାୟ ନେଲାପରେ ଲେଖିଥିଲେ - 'କଳଂକିତ ମୁହିଁ କଳାକାର' । ମୁଁ ମଧ୍ୟ 'କଳଙ୍କ' ଶୀର୍ଷକ ଗୋଟିଏ କବିତା ଲେଖିଥିଲି ୨୦।୧୨।୫୭ରେ—

ଶରତ ପରବାରେ
ଚନ୍ଦ୍ରର କଳଙ୍କ ଅଛୁ
ଚନ୍ଦ୍ର ତାହା ନହେ ଅବିକାରେ
ମୁଖେ ତିଳ ଚନ୍ଦ୍ର ଯଥା,
ଏକ ଅପୂର୍ଣ୍ଣତା
ଭୁଲେନା ସେ ଜ୍ୟୋତ୍ସ୍ନାର ପ୍ରବାହେ
କଳଙ୍କେ ତା ଅଙ୍କୁରି ଦେଖାଇ
ହସୁଚ ତାରକା କମ୍ପା ଆହେ ?
ତୁମର ଅଶାନ୍ତି ନାହିଁ, କଳଙ୍କ କି ନାହିଁ ?
କଳ୍ପବୃକ୍ଷ ଜ୍ୟୋତ୍ସ୍ନାର କବିତା ବୁଝିନାହିଁ ?

Digitized by srujanika@gmail.com

ଆତ୍ମାରେ ପାଞ୍ଚନ ଦେଖି କଳଙ୍କ ପ୍ରଚ୍ଛନ୍ନ
ପ୍ରକାଶିବା ଲାଗି ତୁମ ଖଦ୍ୟୋତର ଜ୍ୟୋତି
ଆକାଶୁ କରୁଚ ନିର୍ବାସନ ?

× × ×

ତୁମେ ସ୍ଥିର
ଚୂର୍ଣ୍ଣନା କଳଙ୍କ ଅଛୁ ଜୋସ୍ନା ଅଛୁ ତାର
କଳାକର ସେ ଯେ କଳାକାର
ଆକାଶ ପୃଥିବୀ କରେ ଏକାକାର
ରୋମାଞ୍ଚ କବିତା;
କଳଙ୍କେ ଶଙ୍କେନା ପୃଥ୍ୱୀ
କ୍ଷୁଦ୍ର ଈର୍ଷା ପ୍ରତିଭାରେ କଣ୍ଟକିତ କରେ
ଜାଗେ ଶୁଭ୍ର ଚନ୍ଦ୍ରା ।

ତାପରେ ତାଙ୍କ ପ୍ରତି ଅବିଶ୍ୱାସରେ କ୍ଷୁଣ୍ଣ ହୋଇ 'ବନ୍ଦନା ଲାଗି ଜଳୁଚି ଦୀପାଳି', କବିତା ଲେଖିଥିଲି ଓ ସେ 'ବନ୍ଦନା ଲାଗି ଜଳୁଚି ଦୀପାଳି ଜଳୁଚି କାହିଁ ?'ରେ ଉତ୍ତର ଦେଇଥିଲେ । ଗଠନାତ୍ମକ ଦୁର୍ଦ୍ଧର୍ଷ, ଚିର ସ୍ୱାଧୀନମନା, ବ୍ୟକ୍ତି ତାଙ୍କୁ ସାଜେନାହିଁ । ତେଣୁ ମୁଁ ସେହି କବିତାରେ ଲେଖିଥିଲି —

ଭାଗ୍ୟ ନୁହଇ ନୁହେଁ ଭଗବାନ୍
କେହି ନୁହ ତୁମ ଦୁଃଖେ ଦାୟୀ
ମନସ୍ୱୀ ତୁମେ ପ୍ରଜାପତି ହୋଇ ଧରା ଦେଇଥିଲ
ସେ ଫଳ କି ଏବେ ପାଇଲ ନାହିଁ ?

ଉତ୍କଳର ମାୟାଧର ମାନସିଂହଙ୍କ ସହିତ ପ୍ରାଣର ରସଗତ ସଂପର୍କ ଚିର ଅକ୍ଷୁଣ୍ଣ ଥିଲା । 'ପାଇକଖେଦା' ଗ୍ରନ୍ଥ, ପଲ୍ଲୀଗୀତ ଓ ଓଡ଼ିଆ ଅଧ୍ୟାପନା ଯେଉଁ ସାମାନ୍ୟ ମତଦ୍ୱୈଧ ଘଟିଥିଲା । ତାଙ୍କ ଅଭିଯୋଗର ଉତ୍ତର ମୁଁ 'ନବରବି' ପତ୍ରିକାରେ ଦେଇଥିଲି । ତାକୁ ପଢ଼ି ସେ ଯେଉଁ ପତ୍ର ଲେଖିଥିଲେ, ତାହାହିଁ ମୋ ନିକଟକୁ ତାଙ୍କର ଶେଷ ପତ୍ର (୮।୬।୭୬) — "ତମେ ମତେ ପ୍ରତ୍ୟାଘାତ କରିପାରି ସମୁଚିତ ଆତ୍ମସନ୍ତୋଷ ଲାଭ କରିବା ସ୍ୱାଭାବିକ । ସେହି ହିଁ ମୋର ଆନନ୍ଦ । ବିଶ୍ୱାସ କର, ତମ ଲେଖା ପଢ଼ି ମୋର ସାମାନ୍ୟତମ ଚୈତ୍ତିକ ବିକାର ଘଟିନାହିଁ । ମୁଁ ଏସବୁକୁ ଧରିନିଏ ଖେଳଓ୍ୱାଡ଼୍ ସ୍ପିରିଟରେ । ଖେଳଟା ସ୍ୱଭାବତ ସଂଗ୍ରାମାତ୍ମକ ହେବା ଉଚିତ । ସଂଗ୍ରାମ କି ସାମାଜିକ ଆଦବ୍ କାଇଦା ଦେଇ ହୋଇ ନ ପାରେ ?

Digitized by srujanika@gmail.com

ପିତାପୁତ୍ର ସୋରାବ୍ ଓ ରୁସ୍ତମ୍ ପରସ୍ପର ଯୁଦ୍ଧ କରିଥିଲେ ସ୍ମରଣ କର ଏବଂ ସ୍ମରଣ କର ନିକଟତମ କୁଟୁମ୍ବୀମାନଙ୍କ ମଧ୍ୟରେ କୁରୁକ୍ଷେତ୍ରର ବିପୁଳ ହତ୍ୟାକାଣ୍ଡ । କିନ୍ତୁ ସୂର୍ଯ୍ୟାସ୍ତ ପରେ, ଲଢ଼େଇର ଅବସାନ ପରେ, ସମସ୍ତେ ପୁଣି ଭାଇ, ଭାଇ ଓ ବନ୍ଧୁବାନ୍ଧବ । ସାହିତ୍ୟିକ ସଂଗ୍ରାମ ମଧ୍ୟ ସେହି ସ୍ପିରିଟ୍‌ରେ ହେବା ଉଚିତ । ତମେ ତ ଜାଣ ଯେ, କୌଣସି ଜଣେ ହେଲେ ଓଡ଼ିଆ ଅଧ୍ୟାପକଙ୍କ ପ୍ରତି ମୋର ସାମାନ୍ୟତମ ବ୍ୟକ୍ତିଗତ ବିଦ୍ୱେଷଭାବ ନାହିଁ, କିନ୍ତୁ ଯେପରି ଭାବରେ ଏ କ୍ଲାସ୍ ଗଢ଼ି ଉଠିଛି, ମୁଁ ତାର ହିଁ ପ୍ରତିବାଦ କରି ଆସିଛୁ, ଆଜି ବି କରୁଛୁ । କାରଣ ମୁଁ ଉତ୍ତମ ଅବବୋଧ କରୁଛୁ ଯେ, ଏ ଭାରତରେ ଏମ୍. ଏ., ପି ଏଚ୍. ଡି. ଗଦା କରିବାଦ୍ୱାରା ଆମେ କୌଣସି ବ୍ୟକ୍ତିର ସୌଭାଗ୍ୟ ଗଢ଼ିଲେ ବି ନା, ସମୂହଭାବରେ ଆମେ ଆମ ଜାତିର ଓ ଭାଷାର ଅମଙ୍ଗଳ ଡାକି ଆଣୁଛୁ, ଆଶାକରେ ତୁମେ ମୋର ଦୃଷ୍ଟିକୋଣ ସହାନୁଭୂତିର ସହିତ ଗ୍ରହଣ କରିବ ।"

ଏହି ପତ୍ର ଦେବାର ଅଳ୍ପଦିନ ପରେ ମାନସିଂହ କେବେ ବେମାର ପଡ଼ିଲେ, ଡାକ୍ତରଖାନାରେ ଭର୍ତ୍ତି ହେଲେ, ଜାଣେନାହିଁ । ମୃତ୍ୟୁପୂର୍ବରୁ ସେ ମୋତେ ସ୍ମରଣ କରିଥିବା ପରେ ଜାଣିଲି । ତାଙ୍କ ପତ୍ରର ଉତ୍ତର ତ ଜୀବନକାଳ ମଧ୍ୟରେ ଦିଆଯାଇ ପାରିଲା ନାହିଁ; ମୋ ଅନ୍ତରର ଗଭୀର ବ୍ୟଥା ମୁଁ 'ପ୍ରୀତିର ତଥାପି' ବୋଲି ଗୋଟିଏ କବିତାରେ 'ଝଙ୍କାର'ରେ ପ୍ରକାଶ କରିଥିଲି—ମାନସିଂହ ରକ୍ତର ନୁହନ୍ତି, ମୋର ରସର ଆତ୍ମୀୟ । ତେଣୁ ତାଙ୍କ ବିଚ୍ଛେଦବେଦନା ଶେଷ ନିଃଶ୍ୱାସ ଯିବାଯାଏ ମୋ ପ୍ରାଣରେ ଅନୁଭୂତ ହେଉଥିବ ।

ମୃତ୍ୟୁପୂର୍ବରୁ ସେ ମୋ ନିକଟକୁ କବିତାରେ ପତ୍ର ଲେଖିଥିଲେ ଓ କବିତାରେ ମୁଁ ତାର ଉତ୍ତର ଦେଇଥିଲି । ତଳେ ଅବିକଳ ଉଦ୍ଧୃତ ହେଲା ।

ପ୍ରିୟଦର୍ଶୀର ଆଇ. ଏ. ଏସ୍. ଡିଗ୍ରୀପ୍ରାପ୍ତି ପରେ—

କଟକ-୧
୩୦।୪।୭୩

ପ୍ରିୟ କୁଞ୍ଜ,

ସମୁଚିତ ଅଭ୍ୟୁଦୟ କଲ୍ୟାଣୀୟ ପ୍ରିୟଦର୍ଶୀଙ୍କର

ଦେଖି ଆଜି କାଗଜରେ,
ପ୍ରେରେ ଆଶୀଃ, ମୁକ୍ତ ଅନ୍ତରର
ତୁମର ସୁପୁତ୍ର ଯାହା,
ସୁରକ୍ଷିତ କଲେ ତୁମ ଦାୟ,

Digitized by srujanika@gmail.com

ତାହା ହିଁ ଆଦର୍ଶ ରଖ
ମୋ ଜାତିର ମୂବ ସମୁଦାୟ
ପ୍ରିୟ କର୍ମ କର କର
ଜାତି, ଦେଶ ଓ ମାନବ ପାଇଁ
ପ୍ରିୟଦର୍ଶୀ ନିଭୃ ସୁଖ
ଖ୍ୟାତି, ଚିର କଲ୍ୟାଣଆଶାୟୀ
ଭାଗ୍ୟବାନ୍ ପିତରଙ୍କୁ
ଦୂରୁ କର ସାନନ୍ଦେ ଜୁହାର
ହତଭାଗ୍ୟ ମାନସିଂହ
ବନ୍ଦ କରେ ତା କୁଟୀ ଦୁଆର ।

ଇତି
ଚିରଶୁଭେଚ୍ଛୁ
ମାୟାଧର ମାନସିଂହ

୧୪ । ୫ । ୭୩
କଟକ

ମାନନୀୟେଷୁ,

ପଢ଼ିଲି କବିତାପତ୍ର ପାଇଅଛୁ ଅଜ ମୋ ଜୀବନେ
ଆଇ.ଏ.ଏସ୍ ପ୍ରାପ୍ତି କେତେ ଉତ୍ଫୁଲ୍ଲାଏ ଏତେ ଭାବ
ଭାବୁଅଛୁ ମନେ ।
କେତେ ସ୍ନେହ ମନର ମଧୁର ଭାବ ଫାଟିଗଲା ପାଣି
କବିତା ମନ୍ଥନ ଥିଲ ।
ଆଜ କମା ଜୁଆର ବଢ଼ିଲା ପାରେନାହିଁ ଜାଣି
ଗୋଟିଏ ଫିଟିଚ ବାଟ ଭଲ ଆଉ ମନ୍ଦ ମଢ଼ିଲାକୁ
ପୂଅ ମୋ ମଣିଷ ହେଲେ ରଖିଗଲେ ଭଲ ଭଲ ଶଙ୍କୁ
ସେତେବେଳେ ଫସାରେ ମୁଁ ଥିଲେ
ପାଉଁଶ ବା ହୋଇଥିଲେ
ଉଠିବ ସେ ଫୁଲ
ସେଦିନ ଆଶିଷ ତବ ଫୁଟିବ ଫଳିବ
ରତନପେଡ଼ିରେ ତେଣୁ ଅଜ ସାଇତିଲି ।
ସ୍ନେହାଧୀନ
କୁଞ୍ଜ

Digitized by srujanika@gmail.com

ବୁଦ୍ଧପୂର୍ଣ୍ଣିମା
୧୭ । ୫ । ୭୩

ପ୍ରିୟ କୁଞ୍ଜ,

ମାନସିଂହ ପ୍ରେମ ନ ହିଁ ଜାଣେ

ଫେଣ୍ଟିବା ପଥେ, ଦେଖି ଭସ୍ମ, ଅବା, ଚନ୍ଦ୍ର ପଶଣାମେ;
ତମର କଲ୍ୟାଣ ବାଞ୍ଛା, ବୁକେ ମୋର ସନ୍ତତ ସବୁଜ,
ମୋ କାର୍ଯ୍ୟ—କାରଣ ତୁମେ ବୁଝ ବା ନ ବୁଝ;
ପ୍ରିୟଦର୍ଶୀ ଅଭ୍ୟୁଦୟ ମୋ ଆଖିରେ ଓଡ଼ିଆ ଗୌରବ,
ହଟଶ୍ୱରତାସ୍ତୁ କ୍ଷେତ୍ରେ ଫରଫିବା ଶୌର୍ଯ୍ୟ ଓ ସୌରଭ;
ମୋ - ପିଲଙ୍କ ପାଇଁ ଯାହା ଦେଇଥିଲି ପ୍ରେରଣା ସକାଳେ,
ପ୍ରତ୍ୟେକ ଓଡ଼ିଆ ପାଇଁ ସେ ଆଦର୍ଶ ମୋର କାଳେ କାଳେ;
ସେ ଆଦର୍ଶ ପାଇଁ ଅଜି,
ତମ ବକ୍ୟେ କେତେ ମୁଁ ଏକାକୀ
ଏ ବାର୍ଦ୍ଧକ୍ୟେ ଅଜି, କୁଞ୍ଜ—
କେବେହେଲେ ଭାବିଛ ତାହା କ ?
ତଥାପି ତ ସମ୍ଭାଷଣ, ସ୍ନେହେଁ ସେଉଁଆଡ଼େ,
ଜାତି ଦଏ ଖାଲି ଲଠିମାଡ଼
କ୍ରନ୍ଦର ଆଶ୍ଳେଷ ଅବା କରତର ଚମ୍ବନ ପ୍ରଘାତ ।
କେଉଁମନେ ଅପ୍ରାହ୍ନ ଣ କଟିଗଲେ ଯାଏ କୁଟୀରରେ,
ତାପରେ ଭକ୍ଷିବେ ମାଂସ ଗୃଧ୍ର ଶ୍ୱାନ
ତୃପ୍ତ ଉଲ୍ଲାସରେ ।
ସେବେ କ ଥିବ ହେ ଆଉ ଦେଶ, ଜାତି ସଖ୍ୟ ଓ କବିତା,
ଜୀବନେ ଯା ନ ପାଇଲି
ମରଣରେ କାହିଁ ପାଇବି ତା ?
'ବୁଦ୍ଧଂ ଶରଣଂ ଗଚ୍ଛାମି', ଖାଲି—
ଡାକୁଥିବ ଜରାଗ୍ରସ୍ତ ଆତ୍ମା
ଦେଶ ନାହିଁ, ବନ୍ଧୁ ନାହିଁ, ଜାତି ନାହିଁ, ସାହା ନାହିଁ ମୋର
ହତଭାଗ୍ୟ ଏହି ଏକାକୀର
ଧର୍ମଂ ଶରଣଂ ଖାଲି ଏକମାତ୍ର ସସ୍ଥା
ସଙ୍ଘଂ ଶରଣଂ ଖାଲି ଏକମାତ୍ର ଆଶା ।

ଇତି
ତର ଶୁଭାନୁଧ୍ୟାୟୀ
ମାୟାଧର ମାନସିଂହ

Digitized by srujanika@gmail.com

୧୦।୭।୭୩

କଟକ-୩

ମାନନୀୟେଷୁ,

ପ୍ରେମରେ ଆରମ୍ଭ ଯା'ର କୈଶୋର, ସହକାର ତଳେ
ପ୍ରିୟାର କରକଙ୍କଣ କଣ କଣ ବାଜୁଥିବ ଏବେ ସେ କର୍ଣ୍ଣରେ
ଚନ୍ଦ୍ରକାରେ ।

ମାନସିଂହ ପ୍ରେମ ନାହିଁ ଜାଣେ ?
'ଧୂପ' ଜଳେ, 'ହେମ ପୁଷ୍ପ' ଫୁଟିଛି ତ
ମଧୁର ସୁରଭି ତାର ଏବେ ମୁଁ ଆଘ୍ରାଣେ
ମାନବ ପ୍ରତି ସେ ପ୍ରେମ ଅତ୍ରୁପିତ ଦେବେ
ଏଇ ତ ପ୍ରେମର ଗତି, ମତି ତବ ଗୀତା ଆଉ
ଧମ୍ମପଦ ସେବେ ।

ଏକୁଟିଆ ବାଅଗ୍ର ବା କରିଚ ତୁମକୁ
କିଏ ସେ ? ନ ଜାଣେ
ତୁମରି ପ୍ରେମର ପ୍ରାଣ ଡାକୁଥାଏ ସେବେ ବନ୍ଧୁ ପ୍ରାଣେ
ନିର୍ଜନ କୁଟୀରେ ତୁମେ କାହିଁପାଇଁ ରହିବ ଏକାକୀ ?
ଏ ଚିନ୍ତା ଅସହ୍ୟ ଲାଗେ,
ପ୍ରେମର ବାର୍ଦ୍ଧକ୍ୟ ନାହିଁ, ହେ ରସାଳ ସାକ୍ଷୀ
ବୃଦ୍ଧ ଚନ୍ଦ୍ର ବଢ଼ିଲେ ତ ମଉଳିଗଲେବି ତାର ଦେହ ଅଧ ଅଧି
ତୁମର ସୃଷ୍ଟିରେ ତେଣୁ ରଖିଅଛୁ ଆଶା ନିରବଧି ।

ଏ ଜାତି ନ ଦେଉ ଅର୍ଘ୍ୟ,
ଯା ପାଉଛୁ ସୃଷ୍ଟିର ଆନନ୍ଦେ
ସେ ତୁମର ବଡ଼ ଲାଭ
ସାଗର ତ ଦୋଳାୟିତ ତାର ସୃଷ୍ଟି ଛନ୍ଦେ ।

ମୃତ୍ୟୁ ଅସୁ ଆସିବ ସେ ଦିନ
କି ଅନୁଶୋଚନା ?
ମୃତ୍ୟୁ ପରେ ପଢ଼ିବୁ ବା ନ ପଢ଼ିବୁ କେହି
କି ତବ ଭାବନା ?

Digitized by srujanika@gmail.com

ଦେଖିଲ ତ ଜାତିର ଯେ ପିତା
          ଢଳେ ଢଳେ ହତ୍ୟା କରେ ଜାତି ମୃତ୍ୟୁ ପରେ
ଦେଖୁଚ ଖ୍ରୀଷ୍ଟଙ୍କ ଦଶା
          ପ୍ରତଦନ ଚଢ଼ିବାକୁ ହୁଏ କ୍ରୁଶ ଘରେ
ନ ପଶୁରେ କେହି ଯଦି
          ମୃତ୍ୟୁ ଡରେ କିବା ଚହିଁ ଗ୍ଲାନି ?
ଗାନ୍ଧକ ଥିଲେ ଏ ଦେଶେ
          କବର କବନ୍ଧ ନୁହେ ମ୍ଲାନ ।

ପାଇଅଛ ପୁଷ୍ପରତ୍ନ ବଇଡ଼ୂର୍ଯ୍ୟ, ହୀରା, କୋହିନୁର
ତୁମର ଆଦର୍ଶ ଯଦି ଜଣେ କେହି ନ ବୁଝିଲା
                              ପାଟଣ ଥାଇ ଦୂର ସେ ସୁଦୂର

ଯେତେ ହେଲେ ଲବ୍ଧ ସେ ଆସନ, ତୁମର ସେ ଛତ୍ର ପରିଚୟ
'ପଦ୍ମଶ୍ରୀ' ହେ, ତୁମେ ଏକ ମହାହ୍ରଦ ଟର ପଦ୍ମମସ୍ତ
ସେ ହ୍ରଦେ ପ୍ରଭାତ ବନ୍ଦେ ହୃଦେ ବନ୍ଧ ନଖିଲ ଉଲ୍ଲାସ
ଟର ଆଶାଦାଘ ମୁହିଁ କବ କୁଞ୍ଜ ଦାଣ ।

Digitized by srujanika@gmail.com

ପରିଦର୍ଶୀ ଅଧ୍ୟାପକ (୧୯୭୭-୭୮)

ମଣିଷ ବହୁତ ବଡ଼ ବଡ଼ ଆଶା କରେ; ସେଥିରୁ କିଛି ଚରିତାର୍ଥ ହୁଏ ବା ନ ହୁଏ। କିନ୍ତୁ ସେ ବେଳେ ବେଳେ ପାଇଥାଏ ଅଯାଚିତ ଅନୁଗ୍ରହ ବା ଅଣାଶାତୀତ ଦାନ। ଏହା ଭାଗ୍ୟର ବା ଭଗବାନଙ୍କର କରୁଣା ବୋଲି ଧରାଯାଏ। ଏକ ବର୍ଷ ଲାଗି ପରିଦର୍ଶୀ ଅଧ୍ୟାପକ ଭାବେ ବିଶ୍ୱଭାରତୀରେ ନିଯୁକ୍ତିକୁ ସେହି ଭାବେ ବିବେଚନା କରାଯାଇପାରେ।

ଆଶାକରି ତା ଯତ୍ପରୋନାସ୍ତି ଚେଷ୍ଟା କରି ଜୀବନରେ କୋଉଠି କିଛି ପାଇନାହିଁ। ଭଗବାନ୍ ଯେତେବେଳେ ଯାହା ଦେଲାବେଳେ ଦେଇଛନ୍ତି। ତେଣୁ ଆଶା କରେନାହିଁ, ଆଶାଭଙ୍ଗ ଯନ୍ତ୍ରଣାରେ ଉତ୍ପୀଡ଼ିତ ହେବ ବୋଲି।

ବେତନ ମୋର ହଜାରେ ଉପରକୁ ଉଠି ନ ଥିଲା, ଅବସର ନେଲି। ଏବେ ପ୍ରଫେସର ଦୁଇ ହଜାର ପାଞ୍ଚଶତ ଟଙ୍କାରେ ଅବସର ନେଉଛନ୍ତି। ତେଣୁ ମାସିକ ଦୁଇ-ହଜାର ଟଙ୍କା ଉପାର୍ଜନପ୍ରାପ୍ତି ହଠାତ୍ ଗୋଟାଏ ହୁଣ୍ଡି ହାବୁଡ଼ି ଗଲା ପରି ମୋତେ ଲାଗିଲା, ଯଦି ବା ହୁଣ୍ଡି ବା ଲଟେରି ଟଙ୍କା ଉପରେ ମୋର ବିଶ୍ୱାସ କମ୍। ଶ୍ରମ ସ୍ୱେଦର ଅର୍ଜନ ହିଁ ପ୍ରକୃତ ଅର୍ଜନ। ଏବେ ମୋର ଅଭାବ ନ ଥିଲା; ଦେହଳକୁ ମୁକୁଳିଆଳ ବଳି ପଡ଼ିବା ଅବସ୍ଥା କେବେ ଉପୁଜି ନ ଥିଲା, ଯଦିବା କ୍ରମେ ବଢ଼ି ଉଠୁଥିବା ଦରଦାମ୍ ସହିତ ନିଜକୁ ଖାପ ଖୁଆଇ ଚଳିବା କଷ୍ଟକର ହେଉଥିଲା।

କିନ୍ତୁ ଅର୍ଥପ୍ରାପ୍ତି ଏ ଆନନ୍ଦର ମୁଖ୍ୟ କାରଣ ନ ଥିଲା। କେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଏ ପର୍ଯ୍ୟନ୍ତ ଜଣେ ହେଲେ ଓଡ଼ିଆ ଏଭଳି ନିଯୁକ୍ତି ପାଇ ନ ଥିଲେ। ତେଣୁ ଏହା ସହିତ ସଂପୃକ୍ତ ସମ୍ମାନ ହିଁ ଅଧିକ ପ୍ରୀତିକର ବୋଧ ହୋଇଥିଲା।

ଶିକ୍ଷାକର୍ତ୍ତାମାନେ ମୋତେ ବିଶ୍ୱବିଦ୍ୟାଳୟରେ ଗୋଟିଏ ମୁଖ୍ୟ ଅଧ୍ୟାପକ କରାଇ ଦେଇ ନ ଥିଲେ। ମୋ ଦାନାର ମୂଲ୍ୟ ଦେଇ ବହୁତ ଅପ୍ରସାଦ ଅନୁଭବ କରୁଥିଲେ। —ମରୁ, କଲମ ଘୋରି ଘୋରି ମରୁଥାଉ। ପେଲି ଦେଉଛନ୍ତି ଖାତକୁ, ପେଟ ଦେଉଛନ୍ତି ମାଟି। ସଢ଼ି ସାଢ଼ି ଖତ ହୋଇଯିବ! ଆଉ ଦିନେ ଟେକିବ ନାହିଁ ଗର୍ବିତ ମୁଣ୍ଡ, ଖୋଲିବ ନାହିଁ ସ୍ପର୍ଦ୍ଧିତ ତୁଣ୍ଡ। ଲେଖକମାନଙ୍କର ନାଆଁ ଲିଭିଯିବ ଆପେ ଆପେ। ଜଣେ ଲେଖକଙ୍କୁ

Digitized by srujanika@gmail.com

ହତ୍ୟା କରିବା ଲାଗି କି ଚକ୍ରାନ୍ତ ! କିନ୍ତୁ ଫଳ ହେଉଛି ଓଲଟା । ଅଗ୍ନି ତେଜରୁ, ସୂର୍ଯ୍ୟ ବୀଜରୁ ଯାହାର ଜନ୍ମ, ତାକୁ ମାରିପାରିବ କିଏ ?

ମୋ କଣ୍ଠରୁ ହମ୍ବାଦରେ ହତ୍ୟାକାରୀମାନଙ୍କ ମନରେ ଚମକ ଖେଳିଗଲା । ସବୁ ଗୋଦା ତ ବନ୍ଦ । ଶିକାର ଖସିଗଲା କୋଉ ବାଟେ ? ଆରେ ମୂଢ଼, ଏତକ ଜାଣି ନାହୁଁ ? ଖୋଦା ଚାହିଁଲେ ତ ଯୋଉଠି ଇଚ୍ଛା ସେଠି ଜଳାକବାଟି ଖୋଲିଦିବ, କବାଟ ମେଲା ହୋଇଦିବ । ଗୋଦା କେତେ ମାଟି ?

ଷୋଳବର୍ଷ ପରେ

ଏ ମଧ୍ୟରେ ଅଜସ୍ର ନଦୀରେ ବନ୍ଧ ଗଢ଼ି ହୋଇଯାଇଛି । ସେ କାଳର ସେଇ ପଥୁରିଆ ବାଲୁଆ ମାଟିରେ କେତେ ସୁନା ଫଳି ଯାଉଛି । ଘାସପତ୍ରଟିଏ ଯୋଉଠି କଅଁଳୁ ନଥିଲା, ସେଠି ମହା ମହା ତରୁ ଉପରକୁ ଉଠି ଯାଉଛି, ଆକାଶକୁ ଆଲିଙ୍ଗନ କରିବା ଲାଗି ପାଦପରେ ମେଲାଉଛି ତାର ବାହୁ । ପିଇବାର ଚୋପାଟାକୁ ଯୋଉଠି ପାଣି ଟୋପେ ମିଳୁ ନଥିଲା, ସେଠି ଫିଟିଛି ପ୍ରପାତ । କେନାଲଭରା ପାଣି, କୂଳରେ ଅଭୟ ଅରଣ୍ୟ ।

ଅବଶ୍ୟ ରିପ୍‌ଭାନ୍ ଉଇଙ୍କିଲ୍‌ର ଦଶା ମୋର ହୋଇ ନାହିଁ । ବାରବର୍ଷର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିଲା ପରେ ସେ ଦେଖିଥିଲା ପୃଥିବୀର ବିପୁଳ ପରିବର୍ତ୍ତନ । ସେ କାହାରିକୁ ଚିହ୍ନି ପାରି ନଥିଲା । ତାକୁ ବି କେହି ଚିହ୍ନି ପାରି ନଥିଲେ । ୧୯୬୧ରେ ମୁଁ ଶାନ୍ତି-ନିକେତନରୁ ଚାଲି ଯାଇଥିଲେ ବି ବିଚ୍ଛିନ୍ନ ନଥିଲି । ବର୍ଷେ ଦିବର୍ଷରେ ଥରେ ଆସୁଥିଲି—ପରୀକ୍ଷା ସନ୍ଦର୍ଭରେ । କିନ୍ତୁ ଏଇଠି ଅଛି, ଏଇଠି ନାହିଁ, ଅବସ୍ଥା । ମନ ପୂରାଇ ପୁଣି ଥରେ ଶା. ନି. ଦେଖିବା ସୁଯୋଗ କେବେ ଘଟି ନଥିଲା ।

ଏବେ ମୋତେ ଗଛଲତାରୁ ଅପୂର୍ବ ଦିଶୁଛନ୍ତି । ବାଳତରୁ ତରୁଣ, ତରୁଣ ବୃକ୍ଷ ବିପୁଳ ଓ ଏକାନ୍ତ ଗମ୍ଭୀର; ଶୀତଳ ଘନ; ମେଘଡମ୍ବର ଯୋଗୁଁ ଏଇ ଗାମ୍ଭୀର୍ଯ୍ୟ ବଢ଼ିଗଲା ପରି ଦିଶୁଛି ।

ସେ କାଳର କର୍ମୀ ସମସ୍ତେ ପ୍ରାୟ ଅବସରପ୍ରାପ୍ତ । କେତେକ ସଂସାର ତ୍ୟାଗ କରି ଯାଇଛନ୍ତି । ମୁଁ ଥିଲାବେଳେ ସ୍ୱାତନ୍ତ୍ର୍ୟପନ୍ଥୀ 'ବିଶ୍ୱଭାରତୀ' କେନ୍ଦ୍ର ବିଶ୍ୱବିଦ୍ୟାଳୟ ଭାବେ ସଦ୍ୟ ବିକଶିତ ହୋଇ ଉଠିଥିଲା । କୃଚ୍ଛ୍ରମୁଖିତା ଥିଲା ବିଶ୍ୱଭାରତୀର ମୁଖ୍ୟ ଭିତ୍ତି । ତା'ର ଭିତରେ ହିଁ ଆନ୍ତର୍ଜାତିକତାର ସ୍ପର୍ଶ ମିଳୁଥିଲା । ଏବେ ସବୁ ବିଚ୍ଛିନ୍ନ, ପରସ୍ପରଠାରୁ ଦୂରବର୍ତ୍ତୀ । ପ୍ରକୃତି ଆଉ ମାନବାତ୍ମାର ନୈକଟ୍ୟବୋଧ ଆଉ ନାହିଁ । ଉଦାତ୍ତ ଆଉ ଅନ୍ତରର ପ୍ରଥମ ଆଉ ଶେଷ ଶିଖା ଆଉ ଦିଶୁନାହିଁ । ଦିଗ୍‌ବଳୟ ଉଚ୍ଚ ସୌଧରାଜିରେ ଭରା ।

Digitized by srujanika@gmail.com

୧୮୬୮ ଖ୍ରୀଷ୍ଟାବ୍ଦରେ ମହର୍ଷି ଦେବେନ୍ଦ୍ରନାଥ ଠାକୁର ବିଘା ଜମି କିଣି ବ୍ରହ୍ମ-ଧର୍ମର ଏକ ପୀଠ ଗଢ଼ିଥିଲେ, ମଧ୍ୟେ ମଧ୍ୟେ ଭଜନ ଆରାଧନା ଲାଗି ଆସୁଥିଲେ। ୧୯୦୧ରେ ଏହା ବ୍ରହ୍ମଚର୍ଯ୍ୟାଶ୍ରମ, ୧୯୨୧ରେ ବିଶ୍ୱଭାରତୀ, ୧୯୫୧ରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ପରିଣତ ହେଲା। ଆଠୋଟି ମୌଜାରୁ ଜମି ନିଆଯାଇ ଶାନ୍ତି-ନିକେତନ ଏବେ ସଂପ୍ରସାରିତ। ଏହାର ବିଭିନ୍ନ ଅଞ୍ଚଳ ପୂର୍ବପଲ୍ଲୀ, ପଶ୍ଚିମପଲ୍ଲୀ, ଉତ୍ତରପଲ୍ଲୀ, ଦକ୍ଷିଣପଲ୍ଲୀ, ଗୁରୁପଲ୍ଲୀ ମଧ୍ୟପଲ୍ଲୀ, ରତନପଲ୍ଲୀ, ସେବାପଲ୍ଲୀ, ପିଅରସନ୍ ପଲ୍ଲୀ, ଆଣ୍ଡ୍ରୁଜ୍ ପଲ୍ଲୀ, ଅବନପଲ୍ଲୀ ପ୍ରଭୃତି ନାମରେ ନାମିତ, ଯଦି ବା ପଲ୍ଲୀର ଅଳ୍ପାୟତ୍ତ ଶ୍ରୀ ବା ସାରଲ୍ୟ ନାହିଁ। ସଂସ୍କୃତ, ବିଦେଶୀ ଉଦ୍ୟାନଗୁଡ଼ିକରେ ଚତୁର୍ଦ୍ଦିଗ ଭରପୂର। ମୁଁ ଥିଲାବେଳେ ଗୋଟିଏ ଦୁଇଟି ପଲ୍ଲୀ ଥିଲା; ଲୋକସଂଖ୍ୟା ହଜାରେକ ଭିତରେ। ଏବେ ଲୋକସଂଖ୍ୟା ଦଶ ହଜାର। ଛାତ୍ରଛାତ୍ରୀ ସଂଖ୍ୟା ପ୍ରାୟ ୬ ହଜାର, ୧୯୦୫ରେ ମହର୍ଷିଙ୍କ ମୃତ୍ୟୁ ହେଲା; ତାପରେ ଶାନ୍ତିନିକେତନ ରବୀନ୍ଦ୍ରନାଥଙ୍କ ସ୍ଥାୟୀ ବାସସ୍ଥାନରେ ପରିଣତ ହେଲା।

ଭଗବାନଙ୍କର ଏ କି ଲୀଳା! ପୂର୍ବରୁ କାହିଁକି ଏଠିକି ଆସିଲି? ସାହିତ୍ୟର ଜଣେ ମାମଲତକାର ସାଜିଥିଲି। ଭଗବାନ୍ ସୃଷ୍ଟି ପଥକୁ ଫେରାଇ ଆଣିବା ଲାଗି ବୋଧହୁଏ ଏ ସୁଯୋଗ ଦେଲେ। ପୃଷ୍ଠପଟରେ ମୋର ରବୀନ୍ଦ୍ରନାଥ, ଅବନୀନ୍ଦ୍ରନାଥ, ନନ୍ଦଲାଲ, ପ୍ରବୋଧଚନ୍ଦ୍ର ପ୍ରେରଣାର ଜୁଆରରେ ଆଗକୁ ଠେଲି ହୋଇ ଚାଲିଛି।

୨୦।୧୧।୭୭ରେ ବିଶ୍ୱଭାରତୀରେ ଯୋଗଦେଲି। ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡଃ ନରେନ୍ଦ୍ରନାଥ ମିଶ୍ର ମୋ ହାଲଚାଲ ବୁଝିବା ଦାୟିତ୍ୱରେ ରହିଲେ। ଲୋକସାହିତ୍ୟର ଗବେଷକ, ହାସ୍ୟରସଚତୁର ଡଃ ଶ୍ୟାମସୁନ୍ଦର ମହାପାତ୍ର, 'ନୀଳଚନ୍ଦନ' ଛଦ୍ମନାମରେ ପରିଚିତ କବି ନୀଳାଦ୍ରିଭୂଷଣ ହରିଚନ୍ଦନ, ଗବେଷକ ଡଃ ବନମାଳୀ ରଥ ପ୍ରମୁଖଙ୍କ ପାଖେ ଆପଣାର ହୋଇଗଲି। ଛାତ୍ରଛାତ୍ରୀମାନେ ଚହ୍ଲାଳଣା ପରି ଲାଗିଲେ। ଦୂରତ୍ୱ ଚଳାଇ ହେଲାନାହିଁ, ଯଦି ବା ଦୂରେଇ ରହିବାର କାରଣ ବହୁ, ନିଜ ପରିବାର ଭିତରକୁ ବହୁବର୍ଷ ଦୂରସ୍ଥ ଅଭିଭାବକ ପରି ମୁଁ ପଶିଲି। ଶାନ୍ତି-ନିକେତନର ମାନ୍ୟଗଣ୍ୟଙ୍କ ଲାଗି ନିର୍ଦ୍ଦିଷ୍ଟ ପ୍ରାଚୀନତମ ଅତିଥିଭବନ - ରତନକୁଠୀରେ ମୋର ବାସ ନିର୍ଦ୍ଧାରିତ ହୋଇଥିଲା।

'ମେଘେ ଶୀତ, ନଇଲେ ମାଘେ ଶୀତ'। କାଲି ମାଘ ଆଉ ମେଘ ଅଳି କୁଣ୍ଡି ଆକୁଣ୍ଡି ହୋଇ ଆସିଛନ୍ତି। ପ୍ରଚଣ୍ଡ ଶୀତ, ଗୋଲପବନ ଛନ୍ନଛତର ହୋଇଯାଇଛି। ସୂର୍ଯ୍ୟମୁଖୀ ଫୁଲ ପାଣି ଭାରରେ ଭାଙ୍ଗି ପଡ଼ୁଛି; ଅଁଲାପତ୍ରରେ ଜମା ପାଣି ଦମକା ପବନରେ ହଠାତ୍ ଗୋଟାଏ ଅସରାରେ ଅଜାଡ଼ି ହୋଇ ପଡ଼ୁଛି। 'ମେଘ ବରଷୁ, କାହା ଦୁଆରକୁ

Digitized by srujanika@gmail.com

କେହି ନ ଆସୁ' ଅବସ୍ଥା । କେତେ ପାଟି ବୁଜି ବସିବ ? ଜଣେ ବିଦଗ୍ଧବନ୍ଧୁ ମିଳନ୍ତା କି !

ଆଶ୍ଚର୍ଯ୍ୟ । ଅତି ନାଟକୀୟଭାବରେ ପହଞ୍ଚିଗଲେ ଅନ୍ନଦାଶଙ୍କର ରାୟ । ପନ୍ଦର ବର୍ଷ ପରେ ଦେଖା ।

ସରଳ, ନିର୍ମଳ ଚଳଣି । ସାହେବରୁ ଧାରଣ ହୋଇ ତଳସ୍ତରର ଲୋକଙ୍କ ସଙ୍ଗେ ମିଶିବା ଚେଷ୍ଟାକରି ବି ମିଶିପାରିନାହାନ୍ତି । ହୁଏତ ବୈଦଗ୍ଧ୍ୟର କାରସାଦି ବେଶୀ ତଳକୁ ଖସିବାକୁ ଦିଏ ନାହିଁ । ହେଲେ ତାଙ୍କ ହୃଦୟ ସହିତ ନିବିଡ଼ତା ଅନୁଭବ କରିହୁଏ । ଘରୋଇ ବିଦ୍ୟାର ବାତାବରଣ । ପରିବାରଟିକୁ ସୁନ୍ଦରଭାବେ ଚଢ଼ିବାକୁ ଚେଷ୍ଟାର ଅନ୍ତ ନାହିଁ । କିନ୍ତୁ ଘଟଣାର ସ୍ରୋତ ତା ବାଟରେ ଗତି କରିଚାଲିଛି । ନାନା ଜଟିଳ ସମସ୍ୟା ଦେଖାଦେଇଛି । ତା ମଧ୍ୟରେ ଲେଖନୀ ଚାଲିଛି ଅବ୍ୟାହତ ।

ବୁଧବାର । ସକାଳୁ ପ୍ରାର୍ଥନାରେ ଯୋଗ ଦେବାକୁ ଗଲି । ହିନ୍ଦୁଙ୍କ ଦେଉଳ, ମୁସଲମାନଙ୍କ ମସ୍‌ଜିଦ୍‌ , ଖୀରସ୍ତାନଙ୍କ ଗୀର୍ଜା ଢଙ୍ଗରେ ଏହି କାଚଘରଟି ଗଢ଼ା ହୋଇନାହିଁ । ମହର୍ଷି ଏକେଶ୍ୱରବାଦୀ; ପୌତ୍ତଳିକତା ଉପରେ ତାଙ୍କର ବିଶ୍ୱାସ ନ ଥିଲା ।

ଖୋଲି ଆଲୁଅ, ପବନ, ଧୂପର ବାସନା ମଧ୍ୟରେ ବୋଲି ହେଲା—

ତୁମି ହବେ ମୋରେ ଗାଥା
ତୁମି ହବେ ମୋରେ ସୁର
ତ୍ରିଭୁବନ ତବ ଗାଥା
ଗାବୋ ଆମି ସୁମଧୁର ।

ତା'ପରେ ରବୀନ୍ଦ୍ରନାଥଙ୍କ ମନ୍ଦିର ଭାଷଣରେ କିଛି ଅଂଶ ଆବୃତ୍ତି କରାହେଲା । ଶାନ୍ତିନିକେତନର ଆଚାର୍ଯ୍ୟ କ୍ଷିତିମୋହନଙ୍କ ସ୍ଥାନ ପୂରଣ କରାଯାଇ ପାରିନାହିଁ— ଶୁଷ୍କ, ନୀରସ ଭାଷଣରୁ ବୁଝି ଗଲି ।

ଓଡ଼ିଆସାହିତ୍ୟପରିଷଦ୍‌ ତରଫରୁ ଆଜି ମୋର ସମ୍ବର୍ଦ୍ଧନା । ଦୋତଲା କୋଠାଟିରେ ଓଡ଼ିଆ ବିଭାଗ ଅଛି । ଏଟି ଖୁବ୍‌ ପୁରୁଣା, ଦିନେ ଏହି ଗୃହଟିର ନାମ ଥିଲା 'ଶାନ୍ତିନିକେତନ', ମହର୍ଷିଦେବ ସପରିବାର ଏଠି ରହୁଥିଲେ । ଏହି ଗୃହର ନାମରୁ ପରେ ସମସ୍ତ ସ୍ଥାନର ନାମ ଶାନ୍ତିନିକେତନ ହେଲା । ମହର୍ଷି ଚାଲିଗଲା ପରେ ଏହା ହେଲା ଏକ ଅତିଥିଭବନ; ଏବେ ଏକ ଯାଦୁଘରର କଳ୍ପନା କରାଯାଉଛି ।

Digitized by srujanika@gmail.com

ଅନ୍ନଦାଶଙ୍କର ଗଳ୍ପ ସଲ୍ପପଢ଼ । ମୁଁ କହିଲି - ଏବେ ମାଇକ୍ ଗର୍ଜନରେ ଶାନ୍ତିନିକେତନର ଶାନ୍ତି ବ୍ୟାହତ । ଯେ କେହି ବୃକ୍ଷଲତାକୁ ଧର୍ଷଣ କରୁଛନ୍ତି । ନଗରର ପିଲାସବୁ, ଜୀବନରେ ଗଛଟିଏ ଲଗାଇବାର, ବଢ଼ାଇବାର, ଫୁଲଟିଏ ଫୁଟାଇବାର ଅନୁଭୂତି ନାହିଁ । ସୌନ୍ଦର୍ଯ୍ୟରୁଚି କୃତ୍ରିମତାଭରା, ତଳାଙ୍କ ଶଙ୍କା ବା ସଂକୋଚ ନାହିଁ; ପ୍ରକୃତି ଉପରେ ନିପୀଡ଼ନ ହିଁ ଚାଲିଛି ।

ଆଗେ ଏଠା ଲୋକ ତିଆରି ବାଟରେ ଚାଲୁଥିଲେ । ସବୁଜ ଘାସ କୁଦିଯିବା, ପଥଟିଏ ଛୁଣ୍ଡାଇବା ଅସୌଜନ୍ୟ, ନିର୍ଜନ ଶ୍ରୀକୁ ନଷ୍ଟ କରିବା ଅର୍ଥ ମହର୍ଷି ବା କବିଙ୍କ ଅପମାନ ବୋଲି ବିବେଚନା କରୁଥିଲେ । ଏବେ ପଡ଼ିଆ ଯାକ ଚଲାବାଟ, ବିଶୃଙ୍ଖଳ ମତି ଓ ଗତିର ସୂଚନା ଦିଏ ।

ଶାନ୍ତିନିକେତନ ଏବେ ଯେତିକି ବଡ଼, ସେତିକି ଚଳତ୍‌ଶକ୍ତିହୀନ ହୋଇ ପଡ଼ିଛି । ଦିନକେ ଜଣେ ଯାହା କରିପାରନ୍ତା, ତାକୁ ପାଞ୍ଚ ଦିନରେ କରୁଛି ଠାପୁଆ, ବାବୁଆଦଳ, ନିଜର ଦେୟ ବିଷୟରେ ନୁହେଁ, ପ୍ରାପ୍ୟ ବିଷୟରେ ଅତ୍ୟଧିକ ସଚେତନ । ରବୀନ୍ଦ୍ରଙ୍କ କଠୋର ଅଧ୍ୟବସାୟ ଓ କର୍ମପ୍ରେରଣା ଆଉ ନାହିଁ । ଏକ ଅଥର୍ବତା ଯେପରିକି ଗ୍ରାସ କରିପକାଇଛି । ଏଇ ମହାବ୍ୟାଧିର କବଳରୁ ରକ୍ଷା ପାଇବାର ବାଟ ଦିଶୁନାହିଁ । ଆଧୁନିକ ଯୁଗରେ ଚିର ଅଗ୍ରଯାତ୍ରୀ ବଙ୍ଗାଳୀ ଏ ଦୁଃସ୍ଥିତିରେ କିପରି ପଡ଼ିଲେ ?

ପଞ୍ଚବଟୀ

ପଞ୍ଚବଟୀ; କେହି କେହି କହନ୍ତି ପଞ୍ଚକୁଟୀ । ଗୋଲାକାରରେ ପାଞ୍ଚୋଟି ଶ୍ରେଷ୍ଠ ଶ୍ରେଷ୍ଠ ଘର—ଚାରି ଆଡ଼କୁ ମୁହାଁ କରି । ଚାରିପଟ ବଗିଚାରେ ଇଉକାଲିପ୍‌ଟାସ୍ , ବାଦାମ୍ , କାଠଚମ୍ପା, ଗୋଡ଼ିବାଣ, କୃଷ୍ଣଚୂଡ଼ା, ଦେଶୀବିଦେଶୀ କେତେ ଫୁଲଗଛ । ଏଇ ଘର ମଧ୍ୟରୁ ଗୋଟିକରେ ସପରିବାର ରହିଲି । ଶାନ୍ତିନିକେତନର ସବୁ ପଲ୍ଲୀ ମଧ୍ୟରେ ଏଇ ପୂର୍ବପଲ୍ଲୀଟି ସମୃଦ୍ଧତମ । ଜଲ୍‌ପାଇଗୁଡ଼ିର ଚା ବଗିଚା ମାଲିକ, କଲିକତାର ବହୁ କଳକାରଖାନା ମାଲିକ ବଙ୍ଗାଳୀ ଶାନ୍ତିଲାଭ ଆଶାରେ ଶାନ୍ତିନିକେତନରେ ଘର କରିଛନ୍ତି । ଦୁଇ ବିଘାରୁ କାହାର କମ୍ ଜମି ନାହିଁ । କଲମୀ ଆମ୍ବ, ଲିଚୁ, ପିଜୁଳି ବଗିଚା, କେତେ ପ୍ରକାରର ଫଳ ଆଖିକୁ ଟାଣିନିଏ । ଚତୁର୍ଦ୍ଦିଗର ଗ୍ରାମମାନଙ୍କ ମଧ୍ୟରେ ଏ ଏକ ସୁବର୍ଣ୍ଣ ଦ୍ୱୀପ । ବୀରଭୂମ୍‌ର ଦୁର୍ଭିକ୍ଷ ଓ ବିକଟ ଦାରିଦ୍ର୍ୟ ଭେଦ ଏଠିକି ଆସିଲେ ବାରି ହୋଇଯାଏ ।

Digitized by srujanika@gmail.com

କନକା କୁଟୀରରେ

ହାର୍ଣ୍ଣିଆ ଅପରେସନ୍ ଲାଗି ଶାନ୍ତିନିକେତନରେ ମାତ୍ର ଏକ ସପ୍ତାହ ରହି କଟକ ଫେରିଆସିଥିଲି । ଜୀବନରେ ନିର୍ଦ୍ଦିଷ୍ଟ କାଳ ବ୍ୟତୀତ ଅଳସଭାବରେ କେବେ ଘଣ୍ଟାଟିଏ ପଡ଼ି ରହିନାହିଁ । ଏତେକାଳ ଶୋଇ ରହିବି କିପରି ? ଜୀବନରେ ଡାକ୍ତରଖାନାରେ ରହିବାର ଚତୁର୍ଥ ଥର ଏ । ତଥାପି ଶଙ୍କା ।

କନକା ଜମିଦାରଙ୍କ ଦାନରେ ନିର୍ମିତ ଏହି କୁଟୀରଗୁଡ଼ିକ ଘୋର ବିପଦର ଆଶ୍ରୟସ୍ଥଳ । ଚଳାଚଳ ଲାଗି ବେଶ୍ ପ୍ରଶସ୍ତ । ଜମିଦାରୀ ଲୋପ ପାଇଲାଣି । କିନ୍ତୁ କନକା ଲାଇବ୍ରେରୀ, କନକା କଟେଜ୍ ଏବେ କନକାର ଉଜ୍ଜ୍ୱଳ ସ୍ମୃତି ଜୀବିତ କରି ରଖିଛି । ସତ୍‌କାର୍ଯ୍ୟ ଚିରଞ୍ଜୀବୀ ।

ମୋ ପୀଡ଼ାଶଯ୍ୟାର ଚତୁର୍ଦ୍ଦିଗ ନେତା, ମନ୍ତ୍ରୀ, କୁଳପତି, ବିଚାରକ, ଅଧ୍ୟକ୍ଷ, ଅଧ୍ୟାପକ, ଗ୍ରନ୍ଥକର୍ତ୍ତା, ଶିକ୍ଷକ, କବି, ସାହିତ୍ୟିକ, ଜ୍ଞାନୀ, ଗୁଣୀ, ସମାଜସେବୀ, ବନ୍ଧୁ ଓ ପ୍ରିୟଜନଙ୍କ ସ୍ନେହ ଓ ସମବେଦନାରେ ଆନନ୍ଦମୟ ହୋଇ ଉଠିଥିଲା ଓ ମୋ ଆରୋଗ୍ୟକୁ ତ୍ୱରାନ୍ୱିତ କରିଥିଲା । ସର୍ବୋପରି ରମାକାନ୍ତର ସେବା । ସେ ରାତିସାରା ଜାଗିବସେ । ଭୋକଶୋଷ ଭୁଲିଯାଏ । ଓଡ଼ିଆ ଏମ୍.ଏ. ଶ୍ରେଣୀରେ ସେ ମୋର ଛାତ୍ର ଥିଲା । ମୁଁ ତାର କିଛି ଉପକାର କରିପାରିଲି ନାହିଁ । ଦୁଇଥର ଯୋଗ୍ୟ ପରୀକ୍ଷା ଦେଇ ସେ ତୃତୀୟଶ୍ରେଣୀ ପାଇଲା, କିରାଣି ହୋଇ ପଡ଼ି ରହିଲା । କିନ୍ତୁ କେବେ ମୁହଁ ଶୁଖାଇ ନାହିଁ, କ୍ଷୋଭ ବି ପ୍ରକାଶ କରିନାହିଁ । ତାକୁ ଭଲ ସ୍ତ୍ରୀଟିଏ ମିଳିଛି—ଶିକ୍ଷିତା, ସେବାପରାୟଣା । ରମାକାନ୍ତ ସେବାର କିଛି ବିନିମୟ ଚାହିଁନାହିଁ—କେବଳ ଆଶୀର୍ବାଦ । ସେଥିରେ ସେ ସୁଖୀ ହୋଇଅଛି, ବହୁତ ରୋଜଗାର ନ କଲେ ବି ।

ଭଗବାନଙ୍କର କି ଅସୀମ ଦୟା ! ତାଙ୍କ କରୁଣା ବିନା ଏ ନିଷ୍ଠୁର ସଂସାରରୁ ଏତେ ସ୍ନେହ, ଦୟା ମିଳନ୍ତା କାହୁଁ ? ଛୋଟିଆ ଘରଟି ଅପେକ୍ଷା ବାହାରେ ମୋର କେତେ ନିଜର ଲୋକ ଅଛନ୍ତି । ଏହି ବିପଦରେ ଜାଣିବାର ସୁଯୋଗ ମିଳିଲା । ଘର ଲାଗି ତେବେ କାହିଁକି ନିଜକୁ ନିଃଶେଷ କରିବି ? ମୋ ଉପରେ ଘର ଓ ବାହାରର ସମାନ ଦାବୀ । 'ଘରେ ଓ ବାହାରେ' କବିତାଟି ରୋଗଶଯ୍ୟାରେ ହିଁ କଳ୍ପନା କରିଥିଲି ।

ଚନ୍ଦ୍ରମୋହନଙ୍କ ନଡ଼ିଆ

ଚନ୍ଦ୍ରମୋହନ ମହାରଣାଙ୍କ ଏକମାତ୍ର ପୁତ୍ର, ମହାନ୍ ତ୍ୟାଗୀ, ଆଜୀବନ ଜନସେବୀ ଶରତ୍‌ଚନ୍ଦ୍ର ମହାରଣା ଦିନେ ଦୁଇଟି ନଡ଼ିଆ ନେଇ ମୋ ବସାକୁ ଆସିଥିଲେ ।

Digitized by srujanika@gmail.com

ଶାନ୍ତିନିକେତନ ଫେରିଯିବା ମୁହୂର୍ତ୍ତରେ ମୁଁ ସେଇ ମୂଲ୍ୟବାନ୍ ଉପହାର ଗ୍ରହଣ କଲି । ଗୋଟିଏ ରେମୁଣାରେ ଚନ୍ଦ୍ରମୋହନଙ୍କ ସ୍ୱହସ୍ତପ୍ରେରିତ ବୃକ୍ଷର । ସଙ୍ଗେ ସଙ୍ଗେ ତାକୁ ଭାଙ୍ଗି ଖାଇଲି, ପରିବାରରେ ବିତରଣ କଲି । ଚନ୍ଦ୍ରମୋହନଙ୍କ କବିତା ପରି ଏହା ଶ୍ଲିଷ୍ଟ କିନ୍ତୁ ମଧୁର ଲାଗିଲା । ଅନ୍ୟ ନଡ଼ିଆଟିକୁ ପଠାଇଥିଲେ ଉତ୍କଳୀୟ ନାରୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟା ଶ୍ରୀମତୀ ରମାଦେବୀ । ଏ ଶ୍ରୀଫଳ ତାଙ୍କ ଆଶୀର୍ବାଦର ପ୍ରତୀକ ଏକ ଶୁଭ ସଙ୍କେତ । ଏଟି ନେଇ ଶାନ୍ତିନିକେତନର ଅଧ୍ୟାପକ ଓ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବାଣ୍ଟିଥିଲି । ଶରତବାବୁଙ୍କ ସହଯୋଗରେ ମୁଁ ସଭାପତି ଥିବାବେଳେ ଶ୍ରୀରାମଚନ୍ଦ୍ର ଭବନରେ ଚନ୍ଦ୍ରମୋହନ ମହାରଣାଙ୍କ ପ୍ରତିକୃତି ଉନ୍ମୋଚିତ ହୋଇଥିଲା । କିନ୍ତୁ ମୋ ଉଦ୍ୟମ ସତ୍ତ୍ୱେ ଗ୍ରାମ ଭୂସ୍ୱର୍ଗ ଉପନ୍ୟାସର ଲେଖକ ଗୋପାଳବଲ୍ଲଭ ଦାସଙ୍କ ପ୍ରତିକୃତି ଉନ୍ମୋଚିତ ହୋଇପାରିଲା ନାହିଁ । ଏଭଳି କାର୍ଯ୍ୟ ଆଦେଶର ବିରୋଧୀ ବୋଲି ତାଙ୍କ କନ୍ୟା ରମାଦେବୀ ପ୍ରତିକୃତିଟିଏ ଦେବାଲାଗି ଅନିଚ୍ଛା ପ୍ରକାଶ କଲେ । ଏକ ଆଶ୍ରମର କର୍ମୀ, କର୍ମିଣୀ, ଜଣେ ପିତାଙ୍କର ପ୍ରତିକୃତି ନିର୍ମାଣ କରିଦେବାରେ ଆଦର୍ଶ ଅନ୍ତରାୟ ହେଲନାହିଁ, ଆଉ ଜଣଙ୍କର ହେଲା । ଏପରି ଦ୍ୱିବିଧ ଆଦର୍ଶ ମୋ ପକ୍ଷେ ଦୁର୍ବୋଧ ।

ଉପାଚାର୍ଯ୍ୟ ସିହ୍ନା

ଆରୋଗ୍ୟ ଲାଭପରେ ଶାନ୍ତିନିକେତନ ଫେରିଗଲି । ମୋ ଗୁରୁ, ବାର୍ଟିହାର ନୃତତ୍ତ୍ୱବିଭାଗର ଅଧ୍ୟାପକ ମୁଖ୍ୟ ଲକ୍ଷ୍ମଣ ମହାପାତ୍ରଙ୍କ ବନ୍ଧୁ ସୁରଜିତ୍ ସିହ୍ନା; ଲମ୍ବା ଲମ୍ବା ମୁଣ୍ଡବାଳ, ଯଥା ଓସ୍ତାଦ୍ ପରି ଦିଶନ୍ତି । ଏତେ ଉଚ୍ଚାସନ ଓ ଏତେ ବଡ଼ ପଣ୍ଡିତଙ୍କୁ ଏ ବେଶ ସାଜେନାହିଁ । ଗୁରୁ ମହଲରେ ସହଜ ପ୍ରବେଶ ଲାଗି ହୁଏତ ଏ ବେଶ ଧରିଛନ୍ତି ।

ନିଷ୍କପଟ ହସ, କୋମଳ କଥା, ସନ୍ନାସୁଲଭ ତଥା ମଧୁର ବ୍ୟବହାର ବିଦଗ୍ଧଜନୋଚିତ । କ୍ଷମତା ଜାହିର୍ କରିବା ଚେଷ୍ଟାରୁ ଦୂରରେ । ଧୈର୍ଯ୍ୟ ଅସୀମ; କେତେ କେତେ ଧର୍ମଘଟ, ଛାତ୍ରଘେରାଉରେ ସେ ଦବିନାହାନ୍ତି । ରାଜବଂଶୀୟ ହେଲେ ବି ଅତ୍ୟନ୍ତ କଷ୍ଟସହିଷ୍ଣୁ । କିନ୍ତୁ ଶାସନ ଲାଗି ତାଙ୍କ ହାତ ଦୁର୍ବଳ । ଫଳରେ ଚତୁର୍ଦ୍ଦିଗରେ ଅସହଯୋଗ, ଦଳ ଦଳି; ମୁଣ୍ଡରେ ବିଦ୍ୟାର ଚିନ୍ତା ଅଳ୍ପ ଲୋକଙ୍କର, ଉତ୍କଟ ଅର୍ଥଲାଭର ଲୋଲହାନ ଜିହ୍ୱା ଲମ୍ବି ଆସୁଛି । କେତେକ ମୁଖ୍ୟ ବ୍ୟକ୍ତି ଖାଲି ବୁଲୁଛନ୍ତି ଗୋଟା ଭାରତବର୍ଷ । ଅଧ୍ୟାପନା ଲାଗି ଯେ ସେ ବେତନ ପାନ୍ତି । ଏକଥା ଭୁଲିଯାଇଛନ୍ତି । ଶିକ୍ଷାବିଭାଗ ଆଉ ଅକଳୁଷିତ ନୁହେଁ ।

Digitized by srujanika@gmail.com

ଅମୃତକ୍ଷେତ୍ରରେ ଠିକ୍ ଲୋକଟିକୁ ବାଛିପାରନ୍ତି ନାହିଁ; ବେଳେ ବେଳେ ତଳ ପାହାଚ ଉପର ପାହାଚ ମୁଣ୍ଡରେ ବସେ। ସେ ଯନ୍ତ୍ରଣା ହୁଏତ ବୁଝନ୍ତି। କିନ୍ତୁ ପ୍ରତିକାର କରିବାର କ୍ଷମତା ଥିଲେ ବି କରନ୍ତି ନାହିଁ। ମୌଖିକ ସମବେଦନା ବୃଥା, ମୋଟାମୋଟି ମାରି ନେଷ୍ଟ ସେଲାମ କରେ ଏ। ଏଣ୍ଡି ଅଖୋଦ୍ର କରି ଆଡ଼ା, ଅଥବା କରିବାରେ କି ସୌଜନ୍ୟ ପ୍ରକାଶ ପାଏ ?

ପୁରୁଣା ମୁହଁଟିଏ

ମୁହଁ କଣ ? ଏ ତ ଗୋଟିଏ ଦର୍ପଣ । ବଞ୍ଚିବାର କଥାହିଁ ଦଶେ,କେତେ କେତେ ଅଭିଜ୍ଞତାର ଅଙ୍କ ଜଳାଇଛି ।

ଅନେକ ଗାର ପଡ଼ିଗଲାଣି ମୁହଁସାରା; ଧୋବ ରଙ୍ଗ, ଛେଚା ଛେଚା । ଶୁଣୁଛି ମଣିଷଟି ଏବେ ସରସ୍ୱତୀଙ୍କ ଶୁଣୁଛି ହାତୀ, ଲକ୍ଷ୍ମୀଙ୍କ ଗେଲବସରିଆ ପୁଅ ବି ହୋଇଛନ୍ତି; ଘରତ ରାଜବାଟୀ । ଘରକୁ ଲାଗି ବଗିଚା, ପାଣ୍ଡିତ୍ୟଙ୍କୁ ଲାଗି ସୁସଜ୍ଜିତ ପାଠାଗାର— ପଞ୍ଚାନନ ଓ ମୋର ସେ କାଳର ସହକର୍ମୀମାନେ ସମସ୍ତେ ପ୍ରାୟ ଧନୀ ହୋଇଛନ୍ତି । ବିଶ୍ୱଭାରତୀ କଲ୍ୟାଣରୁ ବିସ୍ତୃତ ଜମିଲାଭ; ସେଥିରୁ କିଛି ବିକ୍ରି କରି ସେ ଟଙ୍କାରେ ଗୃହ ନିର୍ମାଣ କରିଛନ୍ତି । ଘର ଭଡ଼ାଦେବା କେତେ ଅଧ୍ୟାପକଙ୍କର ଏକ ବ୍ୟବସାୟ ହୋଇଛି । ସେ ଦଳର ସରସ୍ୱତୀଭକ୍ତମାନେ ଏବେ ଲକ୍ଷ୍ମୀବନ୍ତ । ସରସ୍ୱତୀ ବି ପଳାଇ ଯାଇନାହାନ୍ତି ଲକ୍ଷ୍ମୀଙ୍କ ଉତ୍ପୀଡ଼ନରେ । ଶିଳ୍ପୀ କିଂକରଦାଙ୍କ ଗତିବିଧି କିନ୍ତୁ ଭିନ୍ନ । ଯାହା କହନ୍ତି 'କାଳୀ ଗାଈର ଭିନେ ଗୋଠ ।' ଅବିବାହିତ । ପଇସାକୁ ମନେ କରନ୍ତି ହାତର ମଳ । ଭଙ୍ଗା ଘର । ଗୋଟେ ପାଖ ଭୁସୁଡ଼ି ପଡ଼ିଛି । ସେଥିରେ ସେ ରହନ୍ତି । ସାନ୍ତାଳୁଣୀ ଜଣେ ରାନ୍ଧି ଦିଏ । ପଇସା ଯାହା ପାନ୍ତି ସବୁ ସେଇମାନଙ୍କୁ ଦେଇଦିଅନ୍ତି । ସେମାନେ ଆଜି ପୁନା କାଚ ପିନ୍ଧିଲେ ଜାଳିକି ହାତ ଲାଗିଲା । ସବୁ ଶୁଣି ଘରେ ପଶେ । ବାର୍ଦ୍ଧକ୍ୟରେ ନଇଁ ଭାଙ୍ଗି ପଡ଼ିଲେଣି । ଦୃଷ୍ଟିଶକ୍ତି କ୍ଷୀଣ । ଦେହ ଦୁର୍ବଳ, ଶକ୍ତିହୀନ, ସେଇ ଅବସ୍ଥାରେ ସେ ମୂର୍ତ୍ତି ଗଢ଼ି ଚାଲିଛନ୍ତି ।

ମଣିଷଙ୍କ ଭିତରେ ଧନ, କ୍ଷମତା ବା ବିଦ୍ୟାର ଉଚ୍ଚନୀଚ ପାହାଚକୁ ସେ ସ୍ୱୀକାର କରନ୍ତି ନାହିଁ, ଏଇ ଶ୍ରେଷ୍ଠ ଶିଳ୍ପୀଙ୍କର ସବୁଠୁ ତଳ ପାହାଚକୁ ଓହ୍ଲାଇ ଚାଲିବା ସ୍ୱଭାବ କେହି ପସନ୍ଦ କରୁ ବା ନ କରୁ । କିଏ କହେ—ସେ ସର୍ବଶ୍ରେଷ୍ଠ ସାମ୍ୟବାଦୀ, କିଏ କହେ ଉନ୍ମତ୍ତ । କିନ୍ତୁ ତାଙ୍କ କଳାର, ସ୍ୱପ୍ନର୍ପିର ଗ୍ରାହକ ସମସ୍ତେ । ସେ ଶାନ୍ତିନିକେତନର ଏକମାତ୍ର ଲୋକ, ଯାହାର ଦାରିଦ୍ର୍ୟବୋଧ ନାହିଁ; ମୌସୁମୀ ଶ୍ରାବଣ ପରି ବେହିସାବୀ ।

Digitized by srujanika@gmail.com

ଠାକୁର ରାଜାଙ୍କ ସନନ୍ଦ

ରବୀନ୍ଦ୍ର ସଂଗ୍ରହାଳୟରେ ପୁରୁଣା ବନ୍ଧୁ ଚିତ୍ତରଞ୍ଜନ ଦେବଙ୍କ ସଙ୍ଗେ ଦେଖା; ରବୀନ୍ଦ୍ର ସାହିତ୍ୟର ସୂଚୀ ନିର୍ମାଣରେ ସେ ତାଙ୍କ ଜୀବନକାଳ ବିତେଇଛନ୍ତି । ସେ ମୋତେ ରବୀନ୍ଦ୍ର ସଂଗ୍ରହାଳୟର ବହୁ ଅଭିନନ୍ଦନ ଲିପି, ଛବି, ମୂର୍ତ୍ତି, ଚିଠିପତ୍ର ବ୍ୟବହାର୍ଯ୍ୟ ଦ୍ରବ୍ୟ ମଧ୍ୟରେ ୨୪. ୪. ୧୯୩୯ ରେ ପୁରୀର ଠାକୁର ରାଜା ଶ୍ରୀ ରାମଚନ୍ଦ୍ର ଦେବଙ୍କ ପ୍ରଦତ୍ତ 'ପରମଗୁରୁ' ଉପାଧି ସନନ୍ଦଟି ଦେଖାଇଲେ । ସେତେବେଳେ ରବୀନ୍ଦ୍ରନାଥ ଓଡ଼ିଶା କଂଗ୍ରେସ୍ ସରକାରଙ୍କ ଅତିଥି ହୋଇ ପୁରୀରେ ଅବସ୍ଥାନ କରୁଥିଲେ । ସନନ୍ଦଟିର ଅବିକଳ ପ୍ରତିଲିପି ଦିଆଗଲା—

ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟିକର୍ଣ୍ଣାଟୋତ୍କଳ ବୀରାଧିବୀରବର ବର୍ଗେଶ୍ୱରାଧିରାଜ ଭୂତଭୈରବ ସାଧୁ ଶାସନୋତ୍କୀର୍ଣ୍ଣ ରାଉତରାୟ ଅତୁଳବଳ ପରାକ୍ରମ ସଂଗ୍ରାମ ସହସ୍ରବାହୁ କ୍ଷତ୍ରିୟକୁଳ ଧୂମକେତୁ ମହାରାଜାଧିରାଜ ଶ୍ରୀ ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବଙ୍କର ଶ୍ରୀ ପୁରୁଷୋତ୍ତମ ବଡ଼ଦେଉଳ ପରୀକ୍ଷାଙ୍କୁ ସମସ୍ତ କାର୍ଯ୍ୟମାନଙ୍କୁ ସାମନ୍ତସନ୍ତମନ୍ତ୍ରୀଙ୍କୁ ଚଉତରା ତହସିଲଦାରଙ୍କୁ ପିଠକରଣଙ୍କୁ ସହରସର୍ଦ୍ଦାରନଗରନାୟକଙ୍କୁ ଘୃଣବାଟ-କରଣଙ୍କୁ ମାହ ମିରଧା ଗ୍ରାମପେଣ୍ଠ ଘାଟ ବଣୋଇଙ୍କୁ ମଧ୍ୟ ଚିଟାଉ—

ଭାରତକବିକୁଳତିଳକ ବିଶ୍ୱବରେଣ୍ୟ ସୁଧୀପ୍ରବର ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କର ଅସାଧାରଣ କବି ପ୍ରତିଭା ସାଗର ପ୍ରାଚ୍ୟ ପାଶ୍ଚାତ୍ୟ ଧରା ପୃଷ୍ଠରେ ପ୍ରାଚୀନ ଆର୍ଯ୍ୟବିଭବମଣ୍ଡିତ ଭାରତବର୍ଷକୁ ଦେଶୀୟ କଳାସାହିତ୍ୟ ଉତ୍କର୍ଷ ସାଧନା ଦ୍ୱାରା ଗୌରବାନ୍ୱିତ କରୁଥିବାରୁ ବିଶ୍ୱକବିଙ୍କୁ ଆମ୍ଭେ ଆନନ୍ଦିତ ହୋଇ ଆଜି ଏହି ସର୍ବଧର୍ମ ସମନ୍ୱିତ ନୀଳାଚଳ ଧାମରେ ପରମଗୁରୁ ଉପାଧିରେ ଭୂଷିତ କରି ଶାଢ଼ୀ ଶିରୋପା ଆଜ୍ଞା ଦେଲୁଁ ଏ ପଦ ଅମଳ କରିବେ କେହି ଅଟକ ନ କରିବ ନ କରିବେ ଇତି ପନ୍ଦର ଅଙ୍କ ବୈଶାଖ ପନ୍ଦର ଦିନ ନବମୀ ଶୁକ୍ରବାର

ସନ ୧୩୪୬ ସାଲ — ଇଂ ତା ୨୮. ୪. ୧୯୩୯

(ସଂକେତ — ଦଧିନଉତି ଉପରେ ନୀଳଚକ୍ର ପତାକା ଚିହ୍ନରେ ଶ୍ରୀ ରାମଚନ୍ଦ୍ର-ଦେବଙ୍କ ଦସ୍ତଖତ)

କମା ପୂର୍ଣ୍ଣଚ୍ଛେଦହୀନ ଓଡ଼ିଆ ଭାଷା ଓ ଲିପିରେ ଲିଖିତ ଏହି ପ୍ରାଚୀନ ରାଜ ଚିଟାଉ ଓ ଉପାଧିଦାନ ପଦ୍ଧତି ଓଡ଼ିଆ ଚିଟାଉ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହେବ, ଏହା ନିଃସନ୍ଦେହ ।

Digitized by srujanika@gmail.com

ଉତ୍ତରାୟଣ ଉଦ୍ୟାନ

ରବୀନ୍ଦ୍ରନାଥଙ୍କ ବାସଗୃହ ଉତ୍ତରାୟଣ ଉଦ୍ୟାନରେ ପଶିବାକୁ କଟକଣା ନାହିଁ । କିନ୍ତୁ ସବୁ ଅଞ୍ଚଳରୁ ଏହା ମଳିନ, ମୁମୂର୍ଷୁ ହୋଇଯାଇଛି । ଫଳ ବଗିଚା ପୋକଶୁଙ୍ଘା, କଣ୍ଟାପୂର୍ଣ୍ଣ, ଲଟାବୁଦା ଅଧା ବଣୁଆ ଗଛବୁଦାରେ ଦୁର୍ଗମ୍ୟ । ଫୁଲ ବଗିଚା, କୃତ୍ରିମ ପାହାଡ଼, ସରୋବର ଯାହାକୁ କବିଚକ୍ଷୁ ଅପୂର୍ବ ଆନନ୍ଦ ଆହରଣ କରୁଥିଲା, ସେ ସବୁ ଉପରେ ଏବେ ଅବହେଳାର ଏକ ମଇଳା ଆସ୍ତରଣ ।

କଳା କେଶ ଉପରେ କାଳର ନିର୍ଦ୍ଦୟ ତୂଳୀ ଲାଗିଛି । ହଠାତ୍ ବାଟରେ ହାବୁଡ଼ି-ଗଲେ— ଏ କିଏ ? ଶିବନାଥଙ୍କ ? ଆଚାର୍ଯ୍ୟ ତତ୍ତ୍ୱାବଧାୟକଙ୍କ । ସେ ବୁଲୁ ନାହାନ୍ତି, ତ୍ରସ୍ତ ଦୌଡ଼ୁଛନ୍ତି । ବାର୍ଦ୍ଧକ୍ୟ ଦେହକୁ ଅଚଳ ଅଥର୍ବ କରେ । ତାର ଶୂନ୍ୟସ୍ଥଳକୁ ଭରଣା କରିବା ଲାଗି ଏ ତାଙ୍କର ଦ୍ରୁତଗତି ।

ଏ କିଏ ? ଅନିଲ୍ ଦା — କ୍ଷିତିନ୍ଦ୍ରଅର୍ ? ଏବେ ଅବସରପ୍ରାପ୍ତ । ମୁଖାଳାପରେ ବିଶ୍ୱଭାରତୀର ଉପାଚାର୍ଯ୍ୟମାନଙ୍କ କଥା ପଡ଼ିଲା । ଦାଦା ମତ ଦେଲେ ଯେ ଡକ୍ଟର ପ୍ରବୋଧଚନ୍ଦ୍ର ବାଗ୍‌ଚି ସର୍ବଶ୍ରେଷ୍ଠ । ଶାନ୍ତିନିକେତନରେ ବିଦ୍ୟାର ବାତାବରଣ ସୃଷ୍ଟି, ରବୀନ୍ଦ୍ରଙ୍କ ଆଦର୍ଶ ରକ୍ଷା ଦୃଷ୍ଟିରୁ ବାଗ୍‌ଚିଙ୍କ କୃତିତ୍ୱ ସର୍ବାଧିକ । ସୁଧୀନ୍ଦ୍ରନ ହେଲେ ବହୁଗୁଣୀ ଥିଲେ, କିନ୍ତୁ ଏଠି ତାଙ୍କ ଅବଦାନର ଦୃଷ୍ଟାନ୍ତ ବହୁ । ରଥୀନ୍ଦ୍ରନାଥ ? ଆତ୍ମପ୍ରତ୍ୟୟର ଘୋର ଅଭାବ ! ଏତେ ବଡ଼ ଲୋକର ପୁଅ ହୋଇ କିଛି ହୋଇ ପାରିଲେ ନାହିଁ ବୋଲି ମନରେ ଗୌଣତ୍ୱଭାବ, ଆତ୍ମଗ୍ଲାନି ଓ ଅପଯଶ ମଧ୍ୟରେ ମ୍ରିୟମାଣ ହୋଇ ହୋଇ ସେ ଅସ୍ତ ହୋଇଗଲେ, ଧୂଳିଝଡ଼ରେ ଧୂସରିତ ସୂର୍ଯ୍ୟପରି ।

ପାଣି ମିସ୍ତ୍ରୀ ନା ଜୀବନ ମିସ୍ତ୍ରୀ ?

ଶାମ ପଡ଼ା ବିଶ୍ୱଭାରତୀର ଜଣେ ପାଣିମିସ୍ତ୍ରୀ । କିନ୍ତୁ ସେ ନିଜକୁ ଗଢ଼ିଛି, ନିଜ ପିଲାଙ୍କୁ ଗଢ଼ିଛି । ନିଜ ଗୋଡ଼ରେ ଠିଆ ହୋଇଛି, ଠିଆ କରିଛି । ତା ଦୃଢ଼ତାକୁ ଦେଖି ମନଟା ଖୁସି ହୋଇଗଲା ।

ଝିଅକୁ ପାଠ ପଢ଼ାଇ ମଣିଷ କଲା, ବାହା କଲା । ତା ମୁଣ୍ଡକୁ ହାତ ପାଇଲାକ୍ଷଣି ସେ ଭିନେ ହେବାକୁ ବସିଲା । କାରଣ ଶାମର ପିଲା ବେଶୀ— ବହୁତ ଖାଇବେ, ପାଠ-ପଢ଼ାରେ ବହୁତ ଖର୍ଚ୍ଚ ହୋଇଯିବ । ଶାମ ସାନଭାଇ ହାତରେ ସବୁ ଜମିବାଡ଼ି ଘରଦ୍ୱାର ସମର୍ପି ଦେଇ ଏକକାନିଆ ହୋଇ ଘରଦ୍ୱାର ଛାଡ଼ି ଗଲା ଯେ ଗଲା । ଭୁକୁଣା ରଥ ଅଟକିଲା । ଜୀବନରେ ଆଉ କେବେ ଘର ବା ଗାଁ ମୁହଁ ଦେଖି ନାହିଁ । ଠିକ୍ 'ମାଟିର

Digitized by srujanika@gmail.com

ମଣିଷ'ର ବିରଳ ପ୍ରଧାନ ଗୁଣ । ଶାନ୍ତିନିକେତନରେ ଗୃହଶିକ୍ଷକ କରି ପିଲାମାନଙ୍କୁ ପାଠ ପଢ଼ାଇ ମଣିଷ କଲା । ପିଲାଙ୍କ ଭିତରୁ ଏବେ ଜଣେ ଗୌହାଟୀ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ । ଅନ୍ୟ ପୁଅମାନେ ବି ଭଲ ଭଲ ଚାକିରି ପାଇଛନ୍ତି, ବଡ଼ଲୋକ ହୋଇଛନ୍ତି । ବାପାକୁ କହୁଛନ୍ତି—ପାଖରେ ଆସି ରହ । ଶ୍ୟାମ କହେ—ସେ କଥା ପଡ଼ିବନାହିଁ । କାହା ହାତତୋଳା ଭାତ ମୁଁ ଖାଇବି ନାହିଁ । ଗୋଡ଼ହାତ ଚଳୁ ଚଳୁ କାମ କରୁ କରୁ ମୁଁ ମରିବି ।

କାବ୍ୟଶାସ୍ତ୍ରବିନୋଦନ

କାବ୍ୟଶାସ୍ତ୍ର ଆଲୋଚନା ଧୀମନ୍ତର ସର୍ବଶ୍ରେଷ୍ଠ ବିନୋଦନ; ବିଦଗ୍ଧ ସଙ୍ଗ ସୁଯୋଗ ବିଶ୍ୱଭାରତୀରେ ମୋତେ ମିଳିଥିଲା । ପ୍ରିୟଦର୍ଶୀ ଅଧ୍ୟାପକ ଓ ପ୍ରବୀଣ ସହକର୍ମୀମାନଙ୍କ ସହିତ ଜ୍ଞାନଗର୍ଭକ ଆଲୋଚନା ଓ ସୁଖସ୍ମୃତିଭରା ସଦାଳାପ ଯୋଗୁଁ ଶାନ୍ତିନିକେତନବାସ ସୁଖପ୍ରଦ ହୋଇଥିଲା । ସେଇ ସଜ୍ଜନମାନଙ୍କ କଥିକା ଆରମ୍ଭ କଲି—

ସୌମ୍ୟେନ୍ ଦା

ବଙ୍ଗଳା ବିଭାଗର ଅଧ୍ୟାପକ, ସୌମ୍ୟେନ୍ ଦା ଷୋଳବର୍ଷ ପରେ ଅପରିଚିତ ଘରକୁ ଆସିଯାଇଥିଲେ । ସେ ମୋତେ ସ୍ମରଣ କରାଇଦେଲେ ଗୋଟିଏ କବିତା—'ଶେଷପତ୍ର' । ଶାନ୍ତିନିକେତନରୁ ବିଦାୟବେଳର ଲେଖା ।

ଶାନ୍ତିନିକେତନର ସେତେବେଳେ ଏକମାତ୍ର ସପ୍ତପର୍ଣ୍ଣୀ ବୃକ୍ଷ— ରୌଦ୍ରକ୍ଳାନ୍ତ ଦ୍ୱିପ୍ରହରେ ଦେବେନ୍ଦ୍ରନାଥଙ୍କୁ ଶାନ୍ତି ଦେଇଥିଲା । ମୁମୂର୍ଷୁ । ତାର ଶେଷପତ୍ରଟି ଗୋଧୂଳି କିରଣରେ ସ୍ୱର୍ଣ୍ଣାଭ । ମୋର ଶାନ୍ତିନିକେତନରୁ ବିଦାୟ, ଏକ ମହାନ୍ ବନସ୍ପତିର ସଂସାରରୁ ବିଦାୟ - ମୋ କବିତାର ବିଷୟ । ରବୀନ୍ଦ୍ରନାଥଙ୍କ କାବ୍ୟନାଟକର ପ୍ରବଳ ଜୁଆର ମଧ୍ୟରେ ଲିଭିଯାଇନାହିଁ, ଅକ୍ଷୁଣ୍ଣ ।

ବନ୍ଧୁ ଦୃଷ୍ଟି ଏଡ଼ାଯାଇଥିଲା । କିନ୍ତୁ କଳାକାରର ଆଖିରେ ଧରାପଡ଼ିଥିଲା ତାର କରୁଣ, ସୁନ୍ଦରଶ୍ରୀ । ବିଶ୍ୱଭାରତୀ ଆଦ୍ୟ ଇତିହାସର ଓଙ୍କାର ସେ, ଋଷି ର ସାଧନା ଓ କବିସୃଷ୍ଟି ର ମୂକସାକ୍ଷୀ ।

ପ୍ରବୋଧଚନ୍ଦ୍ର ସେନ୍

ସେ କାଳର ସହକର୍ମୀ ପ୍ରବୋଧଚନ୍ଦ୍ର, ଏବେ ମୋର ପଡ଼ୋଶୀ । ଇତିହାସରେ ଏମ୍.ଏ । କିନ୍ତୁ ସାହିତ୍ୟରେ ବିଶେଷତଃ ରବୀନ୍ଦ୍ର କବିତାର ଛନ୍ଦ ବିଷୟରେ ଗବେଷଣା

Digitized by srujanika@gmail.com

ଯୋଗୁଁ ବଙ୍ଗଳା ବିଭାଗର ଅଧ୍ୟାପକ, ଶେଷରେ ମୁଖ୍ୟ ଅଧ୍ୟାପକ ହୋଇଥିଲେ । ଦୁଇବିଘା ଜମିରେ ଏକ ସୌଧ ଓ ଉଦ୍ୟାନ । ଏବେ ବୁଢ଼ା-ବୁଢ଼ୀ ଦୁଇଜଣ ମାତ୍ର ରହନ୍ତି । ଚତୁର୍ଦ୍ଦିଗରେ ଗଦା ଗଦା ପୁସ୍ତକ । ପ୍ରାୟ ଅଶୀ ବର୍ଷ ବୟସରେ ବି ପ୍ରବୋଧଚନ୍ଦ୍ର ଗବେଷଣାରେ ନିମଗ୍ନ ।

ଅମିୟ ଚକ୍ରବର୍ତ୍ତୀ

ମୋର ଅନ୍ତର ସହକର୍ମୀ ଡ: ଚକ୍ରବର୍ତ୍ତୀ ସାରାଜୀବନ ଯାଯାବର । ଦିନେ ବିଶ୍ୱ-ପରିକ୍ରମାରେ ରବୀନ୍ଦ୍ରନାଥଙ୍କ ସହଯାତ୍ରୀ ଥିଲେ । ଏବେ ବିଶ୍ୱଭାରତୀର ପରିଦର୍ଶକ ଅଧ୍ୟାପକ । ଇଂରେଜୀ ଓ ବଙ୍ଗଳାରେ ଅନର୍ଗଳ ବକ୍ତା । ଇଂରାଜୀ ସାହିତ୍ୟରେ ଜଣେ ବହୁପାଠୀ, ବିଜ୍ଞ । ସେ ଟମାସ୍ ହାର୍ଡିଙ୍କ କାବ୍ୟ ଉପରେ ଗବେଷଣା କରି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଡି.ଫିଲ୍ ଡିଗ୍ରୀ ଲାଭ କରିଥିଲେ ଓ ସେହି ବିଶ୍ୱବିଦ୍ୟାଳୟରେ ଗୌରବଜନକ କବିତା-ଅଧ୍ୟାପକ ପଦ ଲାଭ କରିଥିଲେ । ତାପରେ ସେ କଲିକତା ବିଶ୍ୱବିଦ୍ୟାଳୟର ଇଂରାଜୀ ଅଧ୍ୟାପକ, ଓ୍ୱାସିଂଟନ୍, ହାର୍ଭାର୍ଡ, ୟେଲ୍, କାନ୍‌ସାସ୍, ନିଉୟର୍କ ଷ୍ଟେଟ ଓ ଅଷ୍ଟ୍ରେଲିଆର ମେଲ୍‌ବୋର୍ଣ୍ଣ ବିଶ୍ୱବିଦ୍ୟାଳୟରେ ସମ୍ମାନଜନକ ଅଧ୍ୟାପକ ପଦ ଗ୍ରହଣ କରିଥିଲେ । ବୟସ ଅଶୀ ଉପର । କ୍ଷୀଣାଙ୍ଗ । କିନ୍ତୁ କଣ୍ଠ ନିର୍ମଳ, ସୁଶ୍ରାବ୍ୟ ରହିଛି । ରବୀନ୍ଦ୍ରନାଥ ତାଙ୍କ କବିତାକୁ ନବମୂର୍ତ୍ତିର କାବ୍ୟ, ବୁଦ୍ଧଦେବ ବୋଷ ତାଙ୍କୁ କବିର କବି ବୋଲି ଚିହ୍ନିତ କରିଛନ୍ତି । ସେ ଚିର ବିଶ୍ୱବିହାରୀ; ତାଙ୍କୁ ଭବରାଜ୍ୟବିହଙ୍ଗ ଆଖ୍ୟା ବି ଦିଆଯାଇପାରେ ।

ସେ ଚୀନା ଭବନରେ ଟି. ଏସ୍. ଏଲିଅଟ୍. ୟେଟ୍‌ସ ଓ ରବୀନ୍ଦ୍ରନାଥଙ୍କ ଉପରେ ଏକ ତୁଳନାତ୍ମକ ଆଲୋଚନା କରିଥିଲେ । ତାଙ୍କର ସମସ୍ତ ବକ୍ତୃତାଟି ଗୋଟିଏ ଗଦ୍ୟ କବିତା ପରି ଲାଗିଥିଲା ।

ଡକ୍ଟର ଜିତେନ୍ଦ୍ରନାଥ ମହାନ୍ତି

ମୋର ପ୍ରିୟ ପଡ଼ୋଶୀ ପରିଦର୍ଶୀ ଅଧ୍ୟାପକ ଅକାଳେ ମୃତ, ପ୍ରତିଭାଶାଳୀ ବେତାର ନାଟ୍ୟକାର ସୁରେନ୍ ମହାନ୍ତିଙ୍କ ଭାଇ । ଓଡ଼ିଶା ବାହାରେ, ଭାରତବର୍ଷରେ ଓ ବିଦେଶରେ ବିଦ୍ୱାନଭାବେ ବିଶେଷ ଖ୍ୟାତି ଅର୍ଜିଥିବା ଓଡ଼ିଆଙ୍କ ମଧ୍ୟରେ ଅନ୍ୟତମ । କଲିକତାରେ ୨୦ ବର୍ଷ କାଳ ସେ ସଂସ୍କୃତ ଅଧ୍ୟୟନ କରିଥିଲେ– ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଦର୍ଶନରେ ସେ ବିଶାରଦ– ଉଭୟର ତୁଳନାତ୍ମକ ଆଲୋଚନା ସେ କରନ୍ତି । ଯେପରି ଜ୍ଞାନୀ ସେହିପରି ସରଳ, ଅମାୟିକ ।

Digitized by srujanika@gmail.com

ଡକ୍ଟର ଦିନେଶଚନ୍ଦ୍ର ସରକାର

ମୋର ଅନ୍ୟ ପଡ଼ୋଶୀ ଡକ୍ଟର ଦିନେଶଚନ୍ଦ୍ର ସରକାର, ଶିଳାଲେଖ ଓ ତମ୍ବାପଟା ଅଧ୍ୟୟନରେ ଧୁରୀଣ ସୁଖ୍ୟାତ ଅଧ୍ୟାପକ । ଦେଶ ଓ ବିଦେଶରେ ବହୁ ବିଶ୍ୱବିଦ୍ୟାଳୟରେ ପରିଦର୍ଶୀ ଅଧ୍ୟାପକ ଭାବେ କାର୍ଯ୍ୟ କରିଛନ୍ତି । ଆଶ୍ଚର୍ଯ୍ୟ ତାଙ୍କର ନିଷ୍ଠା ଓ କର୍ମଶକ୍ତି । ଜୀବନରେ ପ୍ରଚୁର ଅର୍ଥ ଅର୍ଜନ କରିଛନ୍ତି, କିନ୍ତୁ ଅର୍ଥ ମୋହରେ ପଡ଼ି କେବେ ସେ ବିଦ୍ୟାଚର୍ଚ୍ଚାକୁ ଗୌଣ କରିନାହାନ୍ତି । ଗୋଟିଏ ଶ୍ଳୋକ ହୋଇଛି ତାଙ୍କ ଜପାମାଳି—

'ଅନକ୍ଷରେ ଲବ୍ଧ୍ୟ ମହାଧନତ୍ୱମ୍
ତ୍ୟାଜ୍ୟାନବଦ୍ୟାଂ କୃତିଭିଃ ନ ବିଦ୍ୟାମ୍
ସ୍ୱର୍ଣ୍ଣାବିତସାଂ କୁଳଟାଂ ସମୀକ୍ଷ୍ୟ
କୁଳସ୍ତ୍ରିୟଃ କିଂ କୁଳଟା ଭବେୟୁଃ ।'

ଶ୍ଳୋକଟି ଶିକ୍ଷଣୀୟ । ଏହାର ଅର୍ଥ—ଅପାଠୁଆ କେହିତ ପଇସା ରୋଜଗାର କରିପାରେ; ତା ଅର୍ଜନ ଦେଖି ପାଠୁଆ ପାଠଶାଠ ଚର୍ଚ୍ଚା ଛାଡ଼ିଦେବା ଭଲ ନୁହେଁ । ବେଶ୍ୟାକୁ ବହୁ ଅଳଙ୍କାରରେ ସଜହେବା ଦେଖି କୁଳସ୍ତ୍ରୀ ହବୁ କଣ ବେଶ୍ୟା ହୋଇଯାନ୍ତି ?

ଶଙ୍ଖ ଚୌଧୁରୀ

ଦିନେ ଶାନ୍ତିନିକେତନ କଳାଭବନର ସ୍ତମ୍ଭ ଥିଲେ । ମୂର୍ତ୍ତି-ନିର୍ମାତାଭାବେ ସୁଖ୍ୟାତ, ସେ ଦିଲ୍ଲୀରେ 'ମଣିଷ ଯାଦୁଘର' ସଗଠନ କରୁଛନ୍ତି । ଏଥିରେ ନାଗା, ଜୁଆଙ୍ଗ, ଗଦ୍‌ବା, ସାନ୍ତାଳ, ଭୂୟାଁ, ଭୂମିଜ, କୋୟା, ପରଜା, କୋନ୍ଧ, ହୋ ପ୍ରଭୃତି ଆଦିବାସୀ ଓ ଭାରତର ବିଭିନ୍ନ ପ୍ରଦେଶ ଅଧିବାସୀଙ୍କ ଜାତୀୟପୋଷାକ ପିନ୍ଧା ରଙ୍ଗୀନ୍ ମାଟି ମୂର୍ତ୍ତି ରହିବ । ଭାରତୀୟଙ୍କ ସାମାଜିକ ଚଳଣି ଓ ସ୍ୱଭୂଯକୁ ରୂପ ଦେବାଲାଗି ଶ୍ରୀ ଚୌଧୁରୀ ଚେଷ୍ଟିତ ।

ଶଙ୍ଖ ଘୋଷ

ଶଙ୍ଖ ଘୋଷ ବଙ୍ଗଳା କବି, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ । କ୍ଷୀଣାଙ୍ଗ । ଗମ୍ଭୀର ଆହାର ତାଙ୍କର । ରବୀନ୍ଦ୍ର ଯାଦୁଘରେ ରବୀନ୍ଦ୍ରଙ୍କ ଶେଷ ଜୀବନର କବିତା ଉପରେ ତାଙ୍କ ଗବେଷଣା । ଭୂରିଶ୍ରବା ପାଗ ବାନ୍ଧୁ ବାନ୍ଧୁ ମହାଭାରତ ଯୁଦ୍ଧ ଶେଷ ହୋଇଗଲାପରି ବିଷୟ ସଂଗ୍ରହ କରୁ କରୁ ତାଙ୍କ ନିଯୁକ୍ତି ବର୍ଷଟି ଶେଷ ହୋଇଗଲା ।

Digitized by srujanika@gmail.com

ବୈଦ୍ୟନାଥ ସରସ୍ୱତୀ

ବୈଦ୍ୟନାଥ ଉତ୍ତରଖଣ୍ଡର ନୈଷ୍ଠିକ ବ୍ରାହ୍ମଣ । ମୁଣ୍ଡର ଚୂଟିକୁ ଏ ଯୁଗ କାଟିପାରିନାହିଁ । ସ୍ନାନରେ ଖୁବ ଖାନ୍ତ; ଘରଦ୍ୱାର, ଲୁଗାପଟା ହାତରେ ସଫା କରନ୍ତି । ପ୍ରାୟ ଅଧିକାଂଶ ସମସ୍ତ ଟାଇପରାଇଟର ଖଟ୍ ଖଟ ଶବ୍ଦ କରୁଥାଏ—ବୈଦ୍ୟନାଥ ଲେଖାକୁ ଟାଇପ କରନ୍ତି ନାହିଁ, ଟାଇପରେ ଲେଖନ୍ତି । ସେ ନୃତତ୍ତ୍ୱବିତ୍; ବ୍ରାହ୍ମଣଙ୍କ ଚାଲିଚଳଣି ଉପରେ ବହି ଲେଖିଛନ୍ତି । ଏବେ କୁମ୍ଭାରଙ୍କ ଉପରେ ଗବେଷଣା କରୁଛନ୍ତି ।

ଜଣେ ପି.ଏଚ୍. ଡି ଛାତ୍ର ତାଙ୍କୁ ଏବେ ଲେଖାରେ ସାହାଯ୍ୟ କରେ । ସେ ବିଷୟ ପଚାରିବାରୁ କହିଲେ - ଅନ୍ୟର ସାହାଯ୍ୟ ନେବା ମୁଁ ନଷ୍ଟ । ମୁଁ କହିଲି—ସେ ଉପରୁ ବିଚାରିଲେ ମୁଁ ମୁମୂର୍ଷୁର ଅନୁରୂପ । ନିଜ ଗୋଡ଼ରେ ଛିଡ଼ା ହୋଇ ଚଳନ ମଣିଷ ହୋଇଥିଲି । ଏବେ ସ୍ତ୍ରୀ ବିନା ଜୀବନଧାରଣ କଳ୍ପନା କରିପାରୁନାହିଁ – ସମ୍ପୂର୍ଣ୍ଣ ପରାଧୀନ ।

ଉତ୍ତରପ୍ରଦେଶର ଏକ ପ୍ରାନ୍ତରେ ପରିଦର୍ଶୀ ଅଧ୍ୟାପକମାନଙ୍କର ଏକ ମିଳନୀ ବୈଠକ ହୋଇଥିଲା । ଗୋଧୂଳି । ଚତୁର୍ଦ୍ଦିଗରେ ସୁସଜ୍ଜିତ ଫୁଲକୁଣ୍ଡ । ସାହିତ୍ୟ, କଳା, ସଙ୍ଗୀତ, ନୃତ୍ୟ, ତୁଳନାତ୍ମକ ଧର୍ମର ଅଭିଜ୍ଞ ଅଧ୍ୟାପକମାନେ ତା ମଧ୍ୟରେ ସେହି ଆତ୍ମପରିଚୟ ଦେଉଥିଲେ । ଗମ୍ଭୀର ବାତାବରଣଟି ନଷ୍ଟ ହୋଇଗଲା ଜଣେ ପରିଦର୍ଶୀ ଅଧ୍ୟାପକଙ୍କ ଚପଳତା ଯୋଗୁଁ । ସେ ଶାନ୍ତିନିକେତନର ପ୍ରାକ୍ତନ ଛାତ୍ର; ପରିବେଶ ପ୍ରତି ଦୃଷ୍ଟିପାତ ନ କରି ସିଗାରେଟ ପରେ ସିଗାରେଟ୍ ଶୋଷି ଚାଲିଥାନ୍ତି । ଆଖିରେ ଭରି ଗୋଟାଏ ବେଖାତିର ଭାବ । ସମ୍ଭ୍ରମର ଦୃଷ୍ଟ ସୌଜନ୍ୟ ଦେଇ ନ ପାରିଲେ ପାଣ୍ଡିତ୍ୟ ବଳ କଣ ସମ୍ଭବ କରିପାରିବ ?

ହୀରେନ୍ ଦତ୍ତ

ଶୁଖିଲା କଣ୍ଠାରୁ ଫୁଲ ପରି ମୁରୁକୁଟିଆ ମୁହଁଟିଏ—ସେ କାଳର ଇଂରାଜୀ ଅଧ୍ୟାପକ ହୀରେନ୍ ଦତ୍ତ । ତାନ୍ତ ଚପି ଚପି କଥା କହନ୍ତି, କଳ୍ପ ସାରକଥା କହନ୍ତି, କଠିନ ତତ୍ତ୍ୱକୁ ସରଳ ରସାଳ ଭାବରେ କହି ପାରନ୍ତି । ଗୁରୁଗମ୍ଭୀର ଭାବକୁ ହାସ୍ୟରସଭରା ରମ୍ୟ ରୂପ ଦେବାରେ ତାଙ୍କର ଦକ୍ଷତା ଅଦ୍ଭୁତ । ରମ୍ୟରଚନା ଲେଖକଭାବେ ସେ ସୁପ୍ରସିଦ୍ଧ ।

ବିମଳ ଦତ୍ତ

ବିଶ୍ୱଭାରତୀର ଗ୍ରନ୍ଥାଗାରିକ, ପ୍ରଭାତ ମୁଖାର୍ଜୀଙ୍କ ସୁଯୋଗ୍ୟ ଉତ୍ତରାଧିକାରୀ । Ancient Library and Librarians ପୁସ୍ତକ ଛଡ଼ା ସେ ଗ୍ରନ୍ଥାଗାର ବିଜ୍ଞାନ ଉପରେ ୫ ଖଣ୍ଡ, ଭାରତୀୟ କଳା, ଭାସ୍କର୍ଯ୍ୟ ଉପରେ ୫ ଖଣ୍ଡ ପୁସ୍ତକ ରଚନା କରିଛନ୍ତି ।

ଓଡ଼ିଶାର ଗ୍ରନ୍ଥାଗାର ପରିଚାଳନା ପ୍ରତି ଯେପରି ସରକାର, ସେହିପରି ଜନସାଧାରଣ ଉଦାସୀନ । ତେଣୁ ସେ ସବୁ ପ୍ରାୟ ବିଶୃଙ୍ଖଳିତ ଅବସ୍ଥାରେ ଅଛି । ବିଦ୍ୟାର ବିକାଶ ଘଟିବ କିପରି ?

ଜଗତ୍ ତାରିଣୀ ସ୍ୱର୍ଣ୍ଣପଦକ

୨୭. ୭. ୭୮ରେ ଉତ୍ତରାୟଣରେ କଲିକତା ବିଶ୍ୱବିଦ୍ୟାଳୟ ତରଫରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବରେ ଶ୍ରୀ ମୁଖାର୍ଜିଙ୍କୁ ସର୍ବୋଚ୍ଚ ସମ୍ମାନସୂଚକ 'ଜଗତ୍ତାରିଣୀ ସ୍ୱର୍ଣ୍ଣପଦକ' ଦିଆଗଲା । ସାର୍ ଆଶୁତୋଷ ମୁଖାର୍ଜୀ ମାଆ ଜଗତ୍ତାରିଣୀଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ କଲିକତା ବିଶ୍ୱବିଦ୍ୟାଳୟକୁ କିଛି ଅର୍ଥ ଦାନ କରିଥିଲେ । ତାର ସୁଧରେ ଏ ପଦକ ନିର୍ମିତ ହୁଏ ।

ସ୍ୱାଧୀନତାଆନ୍ଦୋଳନରେ ଯୋଗ ଦେବା ଫଳରେ ପ୍ରଭାତ ଥରେ କଲିକତା ବିଶ୍ୱବିଦ୍ୟାଳୟରୁ ବିତାଡ଼ିତ ହୋଇଥିଲେ, ଆନ୍ଦୋଳନରେ ଯୋଗ ଦେଇଥିବାର ଶାସ୍ତି ସ୍ୱରୂପ ଶ୍ରେଣୀର ସମସ୍ତ ଛାତ୍ରଙ୍କୁ ବେଞ୍ଚରେ ଛିଡ଼ା ହେବାକୁ ଆଦେଶ ଦିଆଗଲା । 'ଏହା ମୋର ବ୍ୟକ୍ତିଗତ ବିଷୟ' ବୋଲି କହି ପ୍ରଭାତ ଆଦେଶ ଅମାନ୍ୟ କରିଥିଲେ । ଫଳ ବହିଷ୍କାର । ସମୟ ଓ ସଂସାରର ଗତି ପରିବର୍ତ୍ତନରେ ଆଜି ଯେଉଁ ଅନୁଷ୍ଠାନ ରବୀନ୍ଦ୍ରଜୀବନୀକାର ପ୍ରଭାତଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ ଦେଲା ।

ବିତାଡ଼ନ ପରେ ପ୍ରଭାତଙ୍କ ନିୟମିତ ଶିକ୍ଷାଦ୍ୱାର ଚିରଦିନ ଲାଗି ବନ୍ଦ ହୋଇଯାଇଥିଲା । ୧୯୧୯ରେ ସେ ଶାନ୍ତିନିକେତନ ଆସିଲେ । ରବୀନ୍ଦ୍ରନାଥ ତାଙ୍କୁ ଗ୍ରନ୍ଥାଗାରରେ ନିଯୁକ୍ତି ଦେଲେ । ରାଶି ରାଶି ଗ୍ରନ୍ଥ ଅଧ୍ୟୟନ କରି ସେ ଜଣେ ବିଶିଷ୍ଟ ପଣ୍ଡିତଭାବେ ଖ୍ୟାତି ଅର୍ଜନ କଲେ । ବହୁଖଣ୍ଡରେ ଲିଖିତ ରବୀନ୍ଦ୍ରଜୀବନୀ ଲାଗି ସେ କବିଜୀବନ ସମ୍ପର୍କିତ କୋଡ଼ିଏ ହଜାର କାର୍ଡ ପ୍ରସ୍ତୁତ କରିଥିଲେ ।

ସୁଖମୟ ଭଟ୍ଟାଚାର୍ଯ୍ୟ

ସୁଖମୟ ଶାନ୍ତିନିକେତନରେ 'ଗୋଲ୍ ପଣ୍ଡିତ' ନାମରେ ପରିଚିତ । କାରଣ ତାଙ୍କ ମୁଣ୍ଡଟି 'ଠ' ପରି ଗୋଲ୍ । ସେ ନ୍ୟାୟ ଓ ତନ୍ତ୍ରବିଶାରଦ । ତାଙ୍କ ଚଳଣି

Digitized by srujanika@gmail.com

ପାରମ୍ପରିକ, କିନ୍ତୁ ତାଙ୍କ ବଙ୍ଗଳା ଗଦ୍ୟରଚନା ଶୈଳୀ ଏକାନ୍ତ ଆଧୁନିକ । 'ରବୀନ୍ଦ୍ରଙ୍କ ଉପରେ ସଂସ୍କୃତସାହିତ୍ୟର ପ୍ରଭାବ' ପ୍ରବନ୍ଧରେ ସେ କବିଙ୍କ ତ୍ରୁଟିବିଚ୍ୟୁତି ଦେଖାଇ-ଥିଲେ । ରୂଢ଼ ସତ୍ୟପ୍ରକାଶ ଅସହ୍ୟ ହେଲା । ସେ ଲେଖା ବନ୍ଦ କରିବାକୁ ବାଧ୍ୟ ହେଲେ । ତାଙ୍କ କଲମ ବି ସେ ଦିନୁଁ ବନ୍ଦ ହୋଇଗଲା । 'ଯାହା ସତ୍ୟ ବୋଲି ଅନୁଭବ କରୁଛି, ଯଦି ଲେଖି ନ ପାରିବି, ଆଉ ଲେଖିବି କାହିଁକି ?' ଏହା ତାଙ୍କ କ୍ଷୁବ୍ଧ ହୃଦୟର କଥା ।

ପ୍ରଭାତ ବନ୍ଦ୍ୟୋପାଧ୍ୟାୟ

ଶୁଷ୍କ ସୁନାରେ ଯେପରି ଅଳଙ୍କାର ହୋଇ ପାରେନା, ଶୁଷ୍କ ପାଣ୍ଡିତ୍ୟ, କାବ୍ୟ ବା କଳାସାଧନାରେ ସେହିପରି କିଛି ହୋଇପାରେନା — ସେ ଭାବନ୍ତି ବ୍ୟର୍ଥତାର ଅନୁଶୋଚନାରେ । ତାଙ୍କ ଚର୍ଚ୍ଚାରେ କଣ କିଛି ତ୍ରୁଟି ରହିଗଲା ? ପ୍ରକୃତରେ ଅଭାବ ରହିଗଲା ? ତାଙ୍କ ଶିଳ୍ପବସ୍ତା, ଗଳ୍ପ ପାଣ୍ଡୁଲିପିକୁ ପ୍ରକାଶକ ଛୁଉଁ ନାହାନ୍ତି କାହିଁକି ?

ବହୁ ଶ୍ରମପ୍ରସୂତ ଛବି ଛାତରୁ ଗଳୁଥିବା ପାଣିରେ ଭିଜି ନଷ୍ଟହେବାକୁ ବସିଲାଣି । ଭାରତର ଗୌରବମୟ ଇତିହାସ ପ୍ରଭାତ ଚିତ୍ରକଳାରେ ରୂପାୟିତ କରିଛନ୍ତି । ସମ୍ରାଟ ଖାରବେଳଙ୍କ ମଗଧବିଜୟ, ଜିନାସନ ସହ ଗୌରବମୟ ପ୍ରତ୍ୟାବର୍ତ୍ତନ, ସମ୍ରାଟ ବିକ୍ରମାଦିତ୍ୟଙ୍କ ସମକ୍ଷରେ କାଳିଦାସଙ୍କ ମେଘଦୂତ ଆବୃତ୍ତି ଛବି ଥରେ ଦେଖିଲେ ଆଖିରେ ନାଚୁଥାଏ । ସେ କାଳର ସାହିତ୍ୟ କେତେ ଅଧ୍ୟୟନ କରିଛନ୍ତି, ସେ କାଳରେ ପ୍ରଚଳିତ ବେଶଭୂଷଣ, ଅସ୍ତ୍ରଶସ୍ତ୍ର ବିଷୟରେ କେତେ ଗବେଷଣା କରିଛନ୍ତି, ତାଙ୍କ ଆଲୋଚନାର ଗମ୍ଭୀରତାରୁ ବୁଝିଲି ।

ତାଙ୍କ ମନରେ ଗ୍ଲାନି—ସାଥୀ ଶିଳ୍ପୀ ରାମକିଙ୍କରଙ୍କ ପରି ପ୍ରଖ୍ୟାତ ହେବା ତ ଦୂରର କଥା, ଜୀବନରେ ସାଧାରଣ ସ୍ୱୀକୃତି ମଧ୍ୟ ଲାଭ କରିପାରିଲେ ନାହିଁ । ଏ କଣ ଭାଗ୍ୟଦୋଷ ?

୭୫ ବର୍ଷର ବୃଦ୍ଧ; ଏକମାତ୍ର ପୁତ୍ର ଅନ୍ୟ ପ୍ରଦେଶରେ ଚାକିରି କରନ୍ତି । କନ୍ୟାଟି ବିବାହିତା । ସ୍ତ୍ରୀ ଅସୁସ୍ଥା । ପ୍ରଭାତବାବୁ ବହୁ କଷ୍ଟରେ ଛବିସବୁ ଉଠାଇ ଦେଖାଉଛନ୍ତି— ମୋ ଚେଷ୍ଟାରେ ଓଡ଼ିଶାସରକାର ଯଦି କିଛି ଛବି କିଣନ୍ତି ! ଆମ ରତ୍ନ, ମାଣିକ ତ ଦାଣ୍ଡରେ ପଡ଼ି ହାଟରେ ଗଡ଼ୁଛନ୍ତି । ମୁଁ ପ୍ରଭାତଙ୍କ କଥା କାହିଁକି ମିଛରେ ଉଠାନ୍ତି ? ଖାରବେଳ ଛବିଟି ପ୍ରତି ମୋର ଖୁବ୍ ମମତା ଆସିଥିଲା । କିନ୍ତୁ ନିରୁପାୟ ।

Digitized by srujanika@gmail.com

ସୁନୀତି ପାଠକ

ଚୀନ୍ ଅଧିକାର ପୂର୍ବରୁ ଲାମାଙ୍କ ସହିତ ଅଧ୍ୟାପକ ପାଠକ ତିବ୍ବତ ଯାଇଥିଲେ । ସେ ତିବ୍ବତରୁ ବୃଶ ଶତ ବୃଣତ୍ୟ ଶ୍ଳୋକ ଉଦ୍ଧାର କରିଛନ୍ତି, ଭାରତରେ ଏ ପର୍ଯ୍ୟନ୍ତ ମାତ୍ର ତିନି ଶତ ଶ୍ଳୋକ ମିଳିଥିଲା । ତାଙ୍କ ସ୍ତ୍ରୀ ମେଦିନୀପୁରର ଲୋକ । ସେ କହନ୍ତି—ବିଶ୍ୱଭାରତୀରେ ଗବେଷକ, ପଣ୍ଡିତ ବହୁତ ଦେଖିଛି । ସରସ କଥା କହିପାରନ୍ତି ମାତ୍ର କ୍ୱଚିତ୍ କେହି । ତାଙ୍କ ବିଷୟରେ ମୁଁ ଜଣେ ରସିକ । ମୋତେ ଦେଖିଲେ କହନ୍ତି —କିଛି ସରସ କଥା କହ । ମୁଁ କହେ—କହିବାକୁ ଭାବିଲେ କହି ହୁଏନାହିଁ । ସେ ସୁଅ କବିତା ପରି ଆପେ ଆପେ ଝରେ ।

ବର୍ମାଜୀ

ଶାନ୍ତିନିକେତନରେ ସେ ୬୭ ବର୍ଷ ହେଲେଣି । ଘର ଗୋଦାବରୀ ଜିଲାରେ । ସଂସ୍କୃତ ପଣ୍ଡିତ, କଳାବିତ୍ ପୁଣି ସଂଗୀତତତ୍ତ୍ୱ ବିଶାରଦ । ଜର୍ମାନୀରେ ଆଠବର୍ଷ ଗବେଷଣା କରିଛନ୍ତି, କେନ୍ଦ୍ର ଏସିଆର କଳା ତାଙ୍କ ଗବେଷଣାର ବିଷୟ, ଅବିବାହିତ । ଜୀବନସାରା ଗବେଷଣାରେ ବିତିଗଲା, କେଉଁଠି କିଛି ସ୍ୱୀକୃତି ମିଳିଲା ନାହିଁ—ସେଥିଲାଗି ମନରେ ଗ୍ଲାନି । କଳାରେ ଜୀବନସାରା ଗବେଷଣା କରି କରି ଶେଷକୁ ସଙ୍ଗୀତର ଅଧ୍ୟାପକ ହୋଇଛନ୍ତି, ଉଭୟ ମଧ୍ୟରେ ଏବେ ତ୍ରିଶଙ୍କୁ ପରି ରହିଛନ୍ତି ।

ଭେଙ୍କଟ ରମନ୍

ଦର୍ଶନ ଅଧ୍ୟାପକ, ଜଣେ ପ୍ରକୃତ ଦାର୍ଶନିକ । ବିଦ୍ୟାଭବନର ଅଧ୍ୟକ୍ଷ, କିନ୍ତୁ ପ୍ରକୃତ ପକ୍ଷେ ବିଦ୍ୟାସାଗର । ସେ ଫାଇଲ୍ ଭିତରେ ପଶିପାରନ୍ତି ନାହିଁ କିମ୍ବା ଛାତ୍ର ବା ଅଧ୍ୟାପକଙ୍କ ସମସ୍ୟା ବୁଝି ପାରନ୍ତି ନାହିଁ । କାହା ସହିତ କ୍ୱଚିତ୍ ଆଳାପ କରନ୍ତି । ନିଜ ସହିତ କଥାବାର୍ତ୍ତାରେ ତାଙ୍କର ସମସ୍ତ ବେଳେ, ଭୁଲିଥାନ୍ତି, ଏଣେ ସେତେ କଥାଭାଷା ହେଉଥାନ୍ତି ।

ସୁଜିତ୍‌କୁମାର ମୁଖୋପାଧ୍ୟାୟ

ଗବେଷଣା ତାଙ୍କର ମୁଖ୍ୟ କାର୍ଯ୍ୟ । ଚୀନ୍, ତିବ୍ବତ ଓ ଭାରତରୁ ପ୍ରାପ୍ତ ସଂସ୍କୃତ ପାଣ୍ଡୁଲିପିର ସଂକଳନ ଓ ତୁଳନାତ୍ମକ ଆଲୋଚନା କରିଛନ୍ତି । ଭାରି ସହଜ ମଣିଷ, ହାତର ଅଳଙ୍କାର । ଗୁରୁ ଗମ୍ଭୀର ବିଷୟ ଆଲୋଚନା ହାସ୍ୟରସରେ ସରସ କରିପାରୁଥିଲେ ।

ପୂର୍ବରୁ ସେ ଘୋଷଣା କରିଥିଲେ – 'ପୁଅ ମୁଖାଗ୍ନି ଦେବନାହିଁ । କୌଣସି ମୃତାହ କ୍ରିୟା କରାଯିବ ନାହିଁ । ଅମ୍ଭର ସ୍ୱର୍ଗଯାତ୍ରା ଲାଗି ଏ ସବୁର କିଛି ପ୍ରୟୋଜନ ନାହିଁ । ଭଲମନ୍ଦ କର୍ମର ଫଳ ମଣିଷକୁ ଭୋଗ କରିବାକୁ ହୁଏ ।'

Digitized by srujanika@gmail.com

ସୁଧାକର ଚାଟାର୍ଜୀ

ଭାରତୀୟ ଇତିହାସ ଓ ସଂସ୍କୃତିର ମୁଖ୍ୟ ଅଧ୍ୟାପକ, ବହୁ ପୁସ୍ତକର ପ୍ରଣେତା । ସେ ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ଥିଲେ । ପୁଅ ଆଇ. ଏ. ଏସ୍ । ତାର ବିବାହୋତ୍ସବ ଅତି 'ବୈଭବ' । ହଠାତ୍ ଅସୁସ୍ଥ । ଜନସ୍ରୋତ ତାଙ୍କ ଘରୁ ଡାକ୍ତରଖାନାକୁ ଫେରିଲେ । ତୀବ୍ର ରକ୍ତଚାପ । ପକ୍ଷାଘାତ । କିଛି କାଳ ପରେ ତାଙ୍କ ହୃତ୍ସ୍ପନ୍ଦନ ବନ୍ଦ ହୋଇଗଲା । ବୋଧହୁଏ ମୁହଁମାଡ଼ି ଦେଖିଥିଲେ, ପରେ ଖାଇନାହାନ୍ତି । ଜ୍ୟୋତିର୍ବିଦ୍ୟାରେ ଧୁରନ୍ଧର । ପୁଅର ବିବାହ ତାଙ୍କ ମୃତ୍ୟୁର କାରଣ ହେବ, ସେ ଜାଣିଥିଲେ । କିନ୍ତୁ କେତେ ଦିନ ପୁଅକୁ ଅବିବାହିତ ରଖିବେ ?

ବୋହୂ ଏବୁଣ୍ଡି ଡେଙ୍ଗଲକ୍ଷଣୀ ଶ୍ୱଶୁରର ମୃତ୍ୟୁ । ଲୋକେ ଅଲକ୍ଷଣୀ ଆଖ୍ୟା ଦିଅନ୍ତେ । କିନ୍ତୁ ଏଠା ଭଦ୍ରମହଲରେ କୌଣସି ଗୁଞ୍ଜନ ବି ଶୁଣାଗଲା ନାହିଁ ।

ଅମିୟ କୁମାର ସେନ

ବିଶ୍ୱଭାରତୀର କର୍ମସଚିବ, ପାଠ ଭବନର ଅଧ୍ୟକ୍ଷ । ଶାନ୍ତିନିକେତନର ପ୍ରକୃତି ଓ ପରମ୍ପରା ସହିତ ତାଙ୍କର ଅନ୍ତରଙ୍ଗ ଯୋଗ ଥିଲା । 'ପ୍ରକୃତିର କବି ରବୀନ୍ଦ୍ରନାଥ' ତାଙ୍କ ରଚିତ ପୁସ୍ତକ । ଶେଷ ଜୀବନରେ ସେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ରବୀନ୍ଦ୍ର ଅଧ୍ୟାପକ ଭାବେ ନିଯୁକ୍ତ ହୋଇଥିଲେ । ମାନ୍ଦ୍ରାଜ ଫେରିବା ବାଟରେ କଲିକତାରେ ଟାକ୍ସି ଭିତରେ କେତେବେଳେ ମୃତ୍ୟୁ ହୋଇ ଯାଇଥିଲା, ଡ୍ରାଇଭର୍ ଜାଣେନାହିଁ । ପକେଟ ଡାଇରୀରୁ ଠିକଣା ଦେଖି ସେ ଯଥା ସ୍ଥାନରେ ଗାଡ଼ି ପହଞ୍ଚାଇଲା । ସ୍ୱାମୀଙ୍କୁ ପାଛୋଟି ନେବାକୁ ଆସି ଶବ ମାତ୍ର ଦେଖି ସ୍ତ୍ରୀ ଅଜ୍ଞାନ ହୋଇ ପଡ଼ିଥିଲା । ଏଇ ତ ଜୀବନ ! କୋଉ ମୁହୂର୍ତ୍ତରେ କାହାର କଣ ଘଟିପାରେ, କିଏ କହିବ, ଯଦି ବା ମଣିଷ ନାକରେ ତେଲ ପକାଇ ଭୁଲିଥାଏ ।

ମୁକୁଲ ଦେ

ଅଶୀତିର ବୃଦ୍ଧ କଳାକାର । ସେ ଦିନ ଅତି ପ୍ରସିଦ୍ଧ । ଏବେ ବିଚ୍ଛିନ୍ନ, ପରିତ୍ୟକ୍ତ । ଛବିର ବିରାଟ ଓରିବାଟିଏ ନେଇ ବସିଛନ୍ତି । ବାର୍ଦ୍ଧକ୍ୟ ସହିତ ଦାରିଦ୍ର୍ୟ ଘୋଟି ଆସୁଛି । ଅଙ୍କନର ସୂକ୍ଷ୍ମ ଦକ୍ଷତା ବୃଦ୍ଧମାନଙ୍କର ଜପାମାଳୀ ହୋଇଥାଏ । ଶ୍ରୀ ଦେ ନିପାତନ ନୁହନ୍ତି ।

ସ୍ତ୍ରୀ ବୀଣା ଓଡ଼ିଆଣୀ, ପୁରୀର ଝିଅ । ସେ କବି । ଏବେ ଉଭୟ ଅକର୍ମଣ୍ୟ । ପରସ୍ପରର ମୁହଁକୁ ଚାହିଁ ଜୀବନ କାଟୁଛନ୍ତି ।

Digitized by srujanika@gmail.com

ଶ୍ରୀନିକେତନ ମେଳା

୧୭ ବର୍ଷ ପରେ ଆଜି ଏ ମେଳାରେ ଯୋଗଦେଲି । ଚିହ୍ନା କିଛି ଦେଖା ଯାଉନାହିଁ । ପରିବେଶ ପ୍ରାୟ ସେହିପରି । କେବଳ ଦେଖାଯାଉଛି ନୂଆ ମୁହଁ ।

୧୯୨୨ରେ ଆମେରିକାର ସମାଜବାଦୀ ଏଲ୍‌ମ୍‌ହଷ୍ଟଙ୍କ ସାହାଯ୍ୟରେ ଶ୍ରୀନିକେତନର ଶୁଭାରମ୍ଭ ହୋଇଥିଲା । ସେ କାଳରୁ ବସ୍ତ୍ରବୟନ, ଗୋପାଳନ, କୁଟୀରଶିଳ୍ପାଦି ବିଷୟରେ ଶିକ୍ଷା ଦିଆଯାଉଛି । ସମାବର୍ତ୍ତନଉତ୍ସବରେ ସ୍ନାତକମାନଙ୍କୁ ପାରମ୍ପରିକ ଢଙ୍ଗରେ ସପ୍ତପର୍ଣ୍ଣୀ ପତ୍ର ସହ ଡିଗ୍ରୀ ପ୍ରଦାନ କରାଗଲେ । ଏ ସମ୍ପର୍କରେ ଉପାଚାର୍ଯ୍ୟ ରବୀନ୍ଦ୍ରନାଥଙ୍କ ବାଣୀ ପାଠକଲେ—"ନଗର ଗ୍ରାମର ଶ୍ରମ ଓ ଶ୍ରୀକୁ ଲୁଣ୍ଠନ କରି ସମୃଦ୍ଧ ହୋଇଛି । ଗ୍ରାମ ଓ ନଗର ମଧ୍ୟରେ ରହିଥିବା ତାରତମ୍ୟକୁ ଘୁଞ୍ଚାଅ ।" "ପଲ୍ଲୀକୁ ଉଜ୍ଜୀବିତ କର, ତାର ଶକ୍ତିବିକାଶକୁ ନିର୍ଗଳ କର । ଭାରତ ଗ୍ରାମପ୍ରଧାନ । ଭାରତର ପ୍ରକୃତ ଶକ୍ତି ଗ୍ରାମରେ ଲୁକ୍କାୟିତ । ଗ୍ରାମର ବିକାଶ ନ ହେବା ପର୍ଯ୍ୟନ୍ତ ଗ୍ରାମର ପ୍ରକୃତ ବିକାଶ ସମ୍ଭବପର ନୁହେଁ ।"

ଏବେ ଶ୍ରୀନିକେତନରେ ଗୋଟିଏ କୃଷି କଲେଜ ଖୋଲିଛି, ମୃତ୍‌ଶିଳ୍ପର ବିକାଶ ଚେଷ୍ଟା ହେଉଛି । ଏଠା ପାଠଭବନର ନାମ ଶିକ୍ଷାସତ୍ର । ଏଠା ମେଳା ପ୍ରକୃତପକ୍ଷେ ଏକ କୁଟୀରଶିଳ୍ପର ମେଳା । ମେଳାଟି କଳାତ୍ମକଭାବେ ସଜ୍ଜିତ, ଏକାନ୍ତ ଶୃଙ୍ଖଳିତ ।

କାଳିଦାସୀ

ଫୁର୍ ଫୁର୍ ଉଡ଼ୁଥିବା ବାଳରେ କେବେ ତେଲ୍‌ହାତ ବାଜେନାହିଁ । ଫୁଙ୍କିଦେଲେ ପଡ଼ିଯିବ । ସତୁରିବର୍ଷର ବୁଢ଼ୀ । ସିଏ ଫେର୍ ଅମର ଘର ଓଳାଏ, ପୋଛେ, ବାସନ ମାଜେ, ଲୁଗା କାଚେ । କେବଳ ଆମ ଘରେ ନୁହେଁ, ଆଉ ଦୁଇଘରେ ବି ସେ କାମ କରେ । ପବନରେ ଉଡ଼ିଲା ପରି ଉଡ଼ୁଥାଏ । ଲେଷ୍ଟକୋର୍ଷ ଆଖି ଭିତରେ ଅନେକ ଦୁଃଖର ଇତିହାସ ଲୁଚିଛି । ଭିତରୁ କଥା ବାହାରିବାମାତ୍ରେ ଆଖିରୁ ଲୁହ ଝରେ ।

ଘରେ ତିନି ପୁଅ, ତିନି ବୋହୂ । ବୁଢ଼ୀକି ପରର ଗୋହରି ଗୋଟେଇ ଚଳିବାକୁ ହୁଏ । ପଇସେ ପଇସେ ରଖି ବୁଢ଼ୀ ସୁରଣା ସୁନା କିଣିଥିଲା । 'ମୋ ପାଖେ ଥାଉ, ଚୋର ନେଇଯିବ' କହି ଝିଅ ନେଇ ସେତକ ମାଡ଼ିବସିଛି ।

କାଳିଦାସୀ ଖାଏ ଭାତ ସଙ୍ଗେ ମାଛ କାଣ୍ଟା, ଛେଳି ବା କୁକୁଡ଼ାଚୁଟିର ଝୋଳ ।

Digitized by srujanika@gmail.com

ତା ଗୁରୁଦେବ କହୁଛନ୍ତି—କୁଆଡ଼େ ଏମିତ କାମ କରୁ କରୁ ଦିନେ ତା ପ୍ରାଣ ଛୁଡ଼ିଯିବ !

'ଆଜ କ୍ଲାନ୍ତ' ଏ କଥା କହିବ କାହାକୁ ? ବୁଝିବ କିଏ ?

ଗ୍ରାମୀଣ ସାହିତ୍ୟସମ୍ମେଳନ

ସାଇଁଥିଆ ଶାନ୍ତିନିକେତନରୁ ପ୍ରାୟ ୬୦ ମାଇଲ ଦୂରବର୍ତ୍ତୀ ଏକ ବ୍ୟବସାୟୀ ସହର। ସାଇଁଥିଆ ଚନ୍ଦ୍ରମୁଖ୍ୟ ସହର। ଓଡ଼ିଶାରେ ସାହୁ ବା ସାଧବଙ୍କ ପରି ଚନ୍ଦ୍ର ଏଠା ବ୍ୟବସାୟୀଗୋଷ୍ଠୀ। ଚନ୍ଦ୍ର ସୌଦାଗରର ପ୍ରତିଷ୍ଠା କିମ୍ବଦନ୍ତୀରେ ଜୀବନ୍ତ। ପଲ୍ଲୀଉନ୍ନୟନର ଡିରେକ୍‌ଟର ସୁଧିବର୍ମନ୍‌ଙ୍କ ଚେଷ୍ଟାରେ ଏଇ ସହରରେ ଗ୍ରାମୀଣ ଓ ନାଗରିକ ମନର ମିଳନ ଚେଷ୍ଟା ହୋଇଥିଲା।

ଗୋଟିଏ ଗାଡ଼ିରେ କବି ଅମିୟ ଚକ୍ରବର୍ତ୍ତୀ, ରବୀନ୍ଦ୍ରସଙ୍ଗୀତବିଶେଷଜ୍ଞ, ବାନାର୍ଜି ଆଉ ମୁଁ। ଶ୍ରୀମତୀ ବାନାର୍ଜି ଦେଶବିଦେଶରେ ରବୀନ୍ଦ୍ରସଙ୍ଗୀତ ଗାଇ ବହୁ ଅର୍ଥ ଉପାର୍ଜନ କରିଛନ୍ତି। ରାଜପ୍ରାସାଦ - ଗାଡ଼ି; କିନ୍ତୁ ସବୁ ସୁଖ କାହା ଭାଗ୍ୟରେ ଅଛି ? ସନ୍ତାନର ଅଭାବ ସମସ୍ତ ସମୃଦ୍ଧିକୁ ମଳିନ କରିଦେଇଛି।

ଅତ୍ୟନ୍ତ ସୁକୁମାରୀ। ଏ ସୌକୁମାର୍ଯ୍ୟ ସମୃଦ୍ଧିଜାତ। ପଥଘାଟ ସନ୍ଧ୍ୟା—କାଳେ ଆକ୍‌ସିଡେଣ୍ଟ ହୋଇଯିବ ! ଏତେ ସମ୍ପତ୍ତି ସବୁ ଭୂତ ଖାଇବେ ସିନା। ଘଡ଼ିକି ଘଡ଼ି ଡ୍ରାଇଭର୍‌କୁ ସତର୍କ କରୁଥାନ୍ତି। କିନ୍ତୁ ତାଙ୍କ ଯାତ୍ରାକୁ ଭୟଙ୍କରତର ରୂପ ଦେଉଥାଏ ଅନ୍ଧବିଶ୍ୱାସ। ଗୋଟାକୁଗୋଟା ମାର୍ଜାର ରାସ୍ତାର ଏ ପାଖରୁ ସେ ପାଖକୁ ଚାଲି-ଯାଉଥାନ୍ତି – ମୂଢ଼ମତିମାନେ ତାଙ୍କର ଐଶ୍ୱର୍ଯ୍ୟ, ସୌକୁମାର୍ଯ୍ୟ ପ୍ରତି ଦୃଷ୍ଟି ନ ଦେଇ।

ବସନ୍ତକାଳ। ଆମ୍ରମଞ୍ଜରୀସୁରଭିତ ପଥ। ଗରମ ପଡ଼ିଛି—ପଡ଼ିନାହିଁ, ଆମେ ଶଶିଭୂଷଣ ବାଳିକା ବିଦ୍ୟାଳୟରେ ପହଞ୍ଚିଲୁ। ଆମ ଚର୍ଚ୍ଚାକାରିଣୀ ଛାତ୍ରୀ, ଶିକ୍ଷୟିତ୍ରୀ।

ହଠାତ୍ ଗୁରୁଜନ ଜଣଙ୍କୁ ସଭାମଞ୍ଚକୁ ଟେକି ଆଣିବାର ଦେଖାଗଲା, ମୂର୍ଦ୍ଧାଟିକୁ ମାଲଭାଇ ଦୋହଆଣିଲା ପରି। କିଏ ? ବୃଦ୍ଧ କବି କମଲାକାନ୍ତ ପାଠକ – ବୟସ ୯୦ ବର୍ଷ। କଣ୍ଠ କିନ୍ତୁ ନିର୍ମଳ। ପ୍ରାରମ୍ଭିକସଙ୍ଗୀତ ପରେ ସେ ସ୍ୱରଚିତ କବିତା ଆବୃତ୍ତି କଲେ—

'ସୁସ୍ୱାଗତମ୍—

ଶତଧା ଜୀର୍ଣ୍ଣ ପଲ୍ଲୀ ବକ୍ଷପରେ
ଅଭାଜନ ଦୀନ ଗ୍ରାମ୍ୟ ହୃଦୟ ନତ ନିବେଦନ କରେ। ଇତ୍ୟାଦି

Digitized by srujanika@gmail.com

ତାପରେ ମୁଁ ସଙ୍ଗରେ ନେଇଥିବା ଶିଳ୍ପୀ ମୁକୁଲଦେଙ୍କ ସ୍ତ୍ରୀ ବୀଣାଦେବୀଙ୍କ କବିତାଟି ଆବୃତ୍ତି କରିଗଲେ--

ଜୟ ଜୟ ବୀରଭୂମି
ଶାକ୍ତ ଭକ୍ତ ସାଧକ ଶିଳ୍ପୀ କବିର ତୀର୍ଥ ଭୂମି ।
ହେଥା ଜୟଦେବ, ଚଣ୍ଡୀ, ନିତାଇ, ରବୀନ୍ଦ୍ର ଗାହେ ଗାନ

× × ×

ମହାଋଷି ଆର ମହାକବି ମିଲେ ଶାନ୍ତିର ନିକେତନ

× × ×

ମହା ମିଲନେର ପୁଣ୍ୟକ୍ଷେତ୍ର ବାଣୀପୀଠ ବୀରଭୂମି ।

ତାପରେ ୭୦ ଜଣ କବିଙ୍କ କବିତା ଆବୃତ୍ତି କରିହେଲା—ଏ ଅଧିକାଂଶ ବିଦଗ୍ଧ କବିତା । ମୁଁ ଏହି ସମ୍ମିଳନୀରେ ଲୋକସାହିତ୍ୟ ସମ୍ପର୍କରେ ଗୋଟିଏ ପ୍ରବନ୍ଧ ପାଠ କରିଥିଲି; ଏହା ବଙ୍ଗଳା 'ଲୋକଶ୍ରୁତି' ପତ୍ରିକାରେ ପ୍ରକାଶ ପାଇଥିଲା ।

ଏହି ସମ୍ମିଳନୀରେ ପଲ୍ଲୀର କୃଷକ କେହି ଅଂଶ ଗ୍ରହଣ କରିଥିଲେ । ବୌଦ୍ଧିକ ଆଲୋଚନାହିଁ ସାର ହୋଇଥିଲା ।

ତାପରେ ମୁଁ ଓଡ଼ିଶା ଆସିଲି । କେତୋଟି ଦୁଃସମ୍ବାଦ ସେପଟେ ମୋତେ ଅପେକ୍ଷା କରିଥିଲା । କେନ୍ଦୁଝର ଜିଲ୍ଲାର ପୁରୁଣା ବାନ୍ଧଗୋଡ଼ା ଗ୍ରାମରେ ହଠାତ୍ ଏକ ଘୂର୍ଣ୍ଣି ବାତ୍ୟା ହେଲା । ଘରସବୁ ଗୁଡ଼ି ପରି ଆକାଶରେ ଉଡ଼ିଲା । ଗୋଟିଏ ହେଲେ ଗଛବୃଛ ଠିଆହୋଇ ରହିଲାନାହିଁ । ଭୂଇଁରୁ ଖଣ୍ଡଖଣ୍ଡ ମାଟି, ପୋଖରୀରୁ ପାଣି, ମାଛ ସହିତ ଫାଙ୍କ ଉଠିଲେ, ଅଣ୍ଟିପିନ୍ଧୁଲାକେ ହଜାରେ ଲୋକ, ଅସଂଖ୍ୟ ଗୋରୁଗାଈ, ମେଣ୍ଢାଛେଳି ମରି ଶୋଇଲେ । ପୂରା ଗାଆଁଟା ସଡ଼କେ ଚୂନା ହୋଇଗଲା । ଭଗବାନଙ୍କ ନିଷ୍ଠୁର ଚକାଭଉଁରି ଖେଳ ଏ, ମଣିଷକୁ କାଳ ।

ଗୋଟିଏ ମୃତ୍ୟୁ ଗୋଟିଏ ଚେତାବନୀ, ସ୍ତ୍ରୁଟରେ ଛୁଇଁକି—ମୋର ପାଳି ପଡ଼ିବ କି ? ଯେତେକ ପାଖାପାଖି ଲୋକ ଭୁଲିଯାନ୍ତି, ମୃତ୍ୟୁ ଯେତେକ ପାଖେଇ ଆସିଲା ପରି ଲାଗେ, ଶୋକ କରେ, ପୁଣି ସ୍ତ୍ରୁଢ ଦମ୍ଭ କରିଯିଲେ ।

ପ୍ରାଣକୃଷ୍ଣ ପରିଜା—(ଜନ୍ମ- ୧।୪।୧୮୯୧, ମୃତ୍ୟୁ- ୨।୬।୭୮)

ସେ କେଉଁଠା ଥିଲେ କେବଳ ଆକାରରେ ଲୁହେଁ, ଚରିତ୍ର, ଚଳଣି ସବୁଥିରେ । ତାଙ୍କ ବଡ଼ପଣରେ ଜାତିର ବଡ଼ିମା ପ୍ରକାଶ ପାଉଥିଲା । ପରିଜାଙ୍କ ପରିଚୟରୁ ପୃଥିବୀର

Digitized by srujanika@gmail.com

ବୈଜ୍ଞାନିକ ମହଲରେ ଓଡ଼ିଶା ପରିଚିତ ହେଉଥିଲା । ବ୍ଲାକମ୍ୟାନ୍ ଓ ପରିଜା ଥିଓରି ଲାଗି ସେ ବିଶ୍ୱପ୍ରସିଦ୍ଧ ।

ପନ୍ଦରବର୍ଷକାଳ ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ, କିଛିକାଳ ଉତ୍କଳ ସାହିତ୍ୟସମାଜର ସଭାପତି ମଧ୍ୟ ଥିଲେ । କିନ୍ତୁ ପରିଜାଙ୍କଠାରୁ ଯାହା ଆଶା କରାଯାଉଥିଲା ମିଳିଲା ନାହିଁ । ବ୍ରିକଷ୍ଟି କରି କରି ତାଙ୍କ ଜୀବନ ଗଲା ।

ପାରମ୍ପରିକ ମୃତାତ୍ମ ଶ୍ରାଦ୍ଧକର୍ମରେ ତାଙ୍କର ବିଶ୍ୱାସ ନଥିଲା । ସେ ଦିଗରେ ଉଦ୍ଦିଷ୍ଟ ବ୍ୟୟକୁ ଗରିବ, ମେଧାବୀ ଛାତ୍ରଙ୍କ ଲାଗି ବୃତ୍ତି ଖଞ୍ଜିବାରେ ବ୍ୟୟ କରିବାକୁ ଉତ୍ତରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ଯାଇଥିଲେ ।

ତାଙ୍କ ଏକାଦଶାହରେ ରେଭେନ୍ସା କଲେଜ ହଲ୍‌ରେ ଏକ ସମବେତ ପ୍ରାର୍ଥନା କରାଯାଇଥିଲା । ଏଥିରେ ବେଦ, ଉପନିଷଦ୍, ଗୀତା, ଭାଗବତ, ତୁଳସୀ ରାମାୟଣ ଓ ଭଜନାଦିରୁ ଆବୃତ୍ତି କରାଯାଇଥିଲା । ବିଜ୍ଞାନ ବିଶେଷତଃ ଉଦ୍ଭିଦ ବିଜ୍ଞାନ ହିଁ ତାଙ୍କ ଧର୍ମ ବା ଭଗବାନ୍ ଥିଲା ।

କାଳିଚରଣ ପଟ୍ଟନାୟକ—(ମୃତ୍ୟୁ- ୨୪।୭।୭୮)

ମୃତ୍ୟୁ ସହିତ ବହୁ ଯୁଦ୍ଧ କରି ସେ ଭାଙ୍ଗି ଯାଇ ନ ଥିଲେ, ଦରଭଙ୍ଗା ମହାରାଜା ନାମରେ ନିଜକୁ କୌତୁକରେ ପରିଚିତ କରାଉଥିଲେ ।

୩୮ ଖଣ୍ଡ ଓଡ଼ିଆ ନାଟକର ରଚୟିତା, ବହୁ ଚମତ୍କାର ସଂଗୀତର କବି, ଓଡ଼ିଶା ଥିଏଟର୍ସର ପ୍ରତିଷ୍ଠାତା, ଆଧୁନିକ ଯୁଗର ଅଭିନେତାଅଭିନେତ୍ରୀମାନଙ୍କର ମୁଖ୍ୟ ଶିକ୍ଷାଦାତା, ସଂଗୀତନାଟକ ଏକାଡେମୀର ଫେଲୋ, କବିଚନ୍ଦ୍ର, ନାଟ୍ୟାଗ୍ରଣୀ କାଳିଚରଣ ଗଲେ ଏକ ବିରାଟ ଶୂନ୍ୟତା ସୃଷ୍ଟି କରି ।

ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ—(ମୃତ୍ୟୁ ୨୮।୮।୭୮)

ଅହଙ୍କାରୀ ହୋଇଥିଲେ କେହି ଫମ୍ପା ମଠିଆର ଶବ୍ଦ ବେଶୀ ବୋଲି କହନ୍ତା ନାହିଁ । ଅଳ୍ପ ପଢ଼ିଥିଲେ ଯେ, କିନ୍ତୁ 'ଅଳ୍ପ ବିଦ୍ୟା ଭୟଙ୍କରୀ' ହୋଇ ଉଠି ନ ଥିଲା । ତାଙ୍କ ମନର ମୌଳିକତା ଯୋଗୁଁ ସେ ବିଦ୍ୟା ବହୁଗୁଣ ପରି ଦିଶୁଥିଲା । ଖାଦ୍ୟ କ୍ଷେତ୍ରରେ ପରିଣତ ହେଲେ ପକ୍ୱ ପଠ ତଙ୍କ ମଜ୍ଜାର ରସ ଯେପରି ବାହାରୁଥିଲା, ସେ ପଣ୍ଡିତ ଥିଲେ, ପଣ୍ଡିତିଆ ନଥିଲେ ସାମାନ୍ୟ ଗୋଟାଏ ଗୀତ ବା ଶ୍ଳୋକକୁ ଚମତ୍କାରଭାବେ ବ୍ୟାଖ୍ୟା କରିବା ଶକ୍ତି ସେ ଅର୍ଜନ କରିଥିଲେ । ଜିଜ୍ଞାସୁ କେବେ ନିରାଶ ହୋଇ ଫେରୁ ନ ଥିଲା ।

Digitized by srujanika@gmail.com

ରଘୁନାଥ ପାଣିଗ୍ରାହୀ—[ମୃତ୍ୟୁ- ୨୧।୧୨।୭୮]

ବ୍ରହ୍ମପୁରର ଜଣେ ସୁଲେଖକ ନୀରବ ଜୀବନ ବିତାଉଥିଲେ । ପ୍ରକାଶିତ ଗ୍ରନ୍ଥାବଳୀ ଦେଖି ସେ ସନ୍ତୋଷରେ ଆଖି ବୁଜିଥିଲେ । ଜୀବନସାରା କଲମ ଘୋରି ଘୋରି ସେ କାହାଠାରୁ ଗୋଟିଏ ସାଧୁବାଦ ବି ପାଇଲେ ନାହିଁ । କବି ଉଚ୍ଚାସନର ଅଧିକାରୀ ହୋଇ ନ ଥିଲେ ସ୍ୱୀକୃତି ମିଳିବା କେତେ କଷ୍ଟକର, ଏ ଶୋଚନୀୟ ଅବହେଳାରୁ ପ୍ରମାଣିତ ହୋଇଥାଏ ।

ବୀରେନ୍ ମିତ୍ର (ମୃତ୍ୟୁ- ୨୬।୫।୭୮)

ମୋ ଶ୍ରେଣୀ ପଢ଼ୁଆ ସାଙ୍ଗ; ରାଜନୀତିକ ସଭାରେ ଝଡ଼ ପୂରେଇ ଗର୍ଜିବା ଅପଖ୍ୟାତି ଅର୍ଜିଥିଲେ ସେ । ଅମୁହଁ ବେଳା ପଡ଼ିଲା । ବୀରେନ୍ ହେଲେ ନେତା, ମନ୍ତ୍ରୀ, ଶେଷରେ ମୁଖ୍ୟମନ୍ତ୍ରୀ । ଫେର୍ ଚକ ଓଲଟିଲା । ମନ୍ତ୍ରିତ୍ୱ ଗଲା. ଜନଶକ୍ତି ସେପଟି ଭାଙ୍ଗିଗଲା, ବାପଘର ବିକ୍ରି ହୋଇଗଲା—ଯାହା କହନ୍ତି ଭିଟାମାଟି ଉଠିଗଲା । ଘୋଟିଗଲା ଅଚିହ୍ନା ବ୍ୟାଧି । ଶେଷରେ ବୋଧେ ପରିବାର ଦ୍ୱାରା ପରିତ୍ୟକ୍ତ ବୀରେନ୍ ଡାକ୍ତରଖାନାରେ ପଡ଼ି ପଡ଼ି ଶୂନ୍ୟତା ଭିତରେ ଆଖି ବୁଜିଲେ । ଦୁର୍ଭାଗ୍ୟ ବ୍ୟକ୍ତି ଆଉ କିଏ କୁହାଯାଇପାରେ ? ବହୁ ଦାନ ଦେଇଥିଲେ, ବହୁ ବ୍ୟକ୍ତିର ଉପକାର କରିଥିଲେ । ଶେଷବେଳେ କିଏ କାହିଁ ? ମଲା ପରେ ଭାରି ଆଡ଼ମ୍ବରରେ ପଟୁଆରଟାଏ ହୋଇଥିଲା ।

ଘରୁଆ ବେତାଳ

ଘରଣୀ ବେତାଳ ହୋଇପାରନ୍ତି । କିନ୍ତୁ ବନଯାଉ ଖଟି ଖଟି ବେଦମ୍ । ଶେଷ ଶୃଙ୍ଖଳମାନେ ଜଦ ଯୋଟିଆସେ । ଘରୁଆ ବେତାଳ, ବାରବୁଲା—

ପର ବଳଦ ପର ଶିଙ୍ଘା
ତା ବୋହୁଥାଏ ନରସିଂହା ।

ଘର ଚିନ୍ତା ତାଙ୍କୁ କେବେ ବିବ୍ରତ କରେ ନାହିଁ । ସେ ପର ମାମଲତ ବୁଝି ବୁଲୁଥାନ୍ତି । ଫେରୁ ଫେରୁ ରାତି ଦୁଇପହର । ସାଥୀମାନଙ୍କ ଅନୁକରଣରେ ମଧ୍ୟ କୁକୁରଟି ଘରେ ଖାଏ, ପର ଦୁଆରେ ଶୁଏ । ଅବହେଳାର ସୁଯୋଗ ପାଇ ଆମ ଗାଁ ଘରୁ ଏ ମଧ୍ୟରେ ତିନିଥର ଚୋରି ହୋଇ ଯାଇଛି । ପ୍ରଥମ ଚୋରିଟି ସିନ୍ଧୀ—ଅସଫଳ । ଦ୍ୱିତୀୟ ଚୋରିରେ ବାସନ-କୁସନ, ତୃତୀୟ ଚୋରିରେ ଆଉ ଅଳଙ୍କାରତକ ସବୁ ଗଲା । ବାଉଟି, ସୁରୁସୀ ନାମକ ବଦ, ତଡ଼, ଅନନ୍ତବ୍ରତ, ଅଣ୍ଟସୂତା, ବଟଫଳ, ପାହୁଡ଼, ଝିମ୍ପି, ଚଉଁରିଭୁଣ୍ଡି, ରୂପାମିଶା ସୁନା ନୋଥ, ଗୁଣା, କଣ୍ଢେଇ ମାମୁଁଘର ସିନ୍ଧୁକ କବ୍ଜା ଭାଙ୍ଗି ନେଇ ଯାଇ ଚୋରର ଅତୀତ ସଞ୍ଚିତ ଆମ ହିସାବ ନିକାଶ କରିଦେଲେ ।

Digitized by srujanika@gmail.com

କୀଟୋପ୍ସ୍ପୃଷ୍ଟୀବ ବାନରଃ

ଅବ୍ୟାପାରରେ ହାତ ଦେଇ ମାଙ୍କଡ଼ କଙ୍ଗୁଡ଼ିଟି ହରାଇଥିଲା । ସେହିପରି ଯୋ ଭଣ୍ଡା ପ୍ରଭାକର, ଅବ୍ୟାପାରରେ ପଶି ୧୪ ଦିନ ଜେଲ୍ ଖଟି ଏବେ ମୁକୁଳିଛୁ । ମୁଣ୍ଡରେ ବୁଦ୍ଧି ନଥାଇ ରାଜନୀତି କଲେ ଏଇଭଳି ଦୁର୍ଦ୍ଦଶା ଭୋଗ କରିବାକୁ ହୁଏ । ପ୍ରଭାକର ଏ କଥା ବୁଝିଲା ବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥିଲା । ଗର କୁଟ୍ଟ ନେତାମାନେ ତା ବେକରେ ଫୁଲମାଳା ପକେଇ ଆଗକୁ ଠେଲି ଦେଇ ଖସି ଚାଲିଗଲେ ।

ଭାରତର ସୁଖପାଠ୍ୟ ଇତିହାସ

ବାଦଲ ସରକାରଙ୍କ ଯାତ୍ରାଦଳ ଶାନ୍ତିନିକେତନର ଗୌର ପ୍ରାଙ୍ଗଣରେ ଅଭିନୟ କରିଥିଲେ—ମୋଗଲଯୁଗରୁ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଭାରତର ଇତିହାସ । ଖୋଲା ରଙ୍ଗମଞ୍ଚ; ବେଶଭୂଷା ନାହିଁ, ସେଟିଂ ନାହିଁ, ଆଲୋକ ସଂପାତ ନାହିଁ, ବାଜଣାର ଆଡ଼ମ୍ବର ନାହିଁ । ହାତରେ ସ୍କ୍ରିପ୍ଟ ବି ନାହିଁ । ଅଭିନେତା ଅଭିନେତ୍ରୀଙ୍କର ସଂଖ୍ୟା ଆଠ । ବ୍ୟୟ ବାହୁଲ୍ୟର ପ୍ରଶ୍ନ ନାହିଁ । କେବଳ କର୍ମୀଙ୍କ ନିଷ୍ଠା ଓ ଆତ୍ମୋତ୍ସର୍ଗ ସଂକଳ୍ପ ହିଁ ଏଇଭଳି ଯାତ୍ରାନାଟକର ସାଫଲ୍ୟର କାରଣ ହୋଇଥିଲା । ଶୋଷଣର ସୂକ୍ଷ୍ମରୀତି, ଭାରତର ଅର୍ଥନୈତିକ ଅଧୋଗତି ଓ ବିକଟ ଦାରିଦ୍ର୍ୟ ପ୍ରଭୃତି ବ୍ୟଙ୍ଗାତ୍ମକ ଭଙ୍ଗିରେ ଅଭିନୀତ, ଐତିହାସିକ ଘଟଣା ସାଧାରଣ ଦର୍ଶକ ବୁଝିପାରିବ ନାହିଁ । କିନ୍ତୁ ବିଦଗ୍ଧ ଶ୍ରୋତାଙ୍କ ଲାଗି ଏ ଅଭିନୟ ବିଶେଷ ମନୋରଞ୍ଜକ ଓ ଶିକ୍ଷଣୀୟ ହୋଇପାରିଥିଲା ।

ନଟୀର ପୂଜା

ସଙ୍ଗୀତଭବନ ରଙ୍ଗମଞ୍ଚରେ 'ପାଠଭବନ' ତରଫରୁ ରବୀନ୍ଦ୍ରନାଥଙ୍କ 'ନଟୀର ପୂଜା' ନାଟକ ଅଭିନୀତ ହୋଇଥିଲା । ପିତା ବିମ୍ବିସାରଙ୍କୁ ବନ୍ଦୀ କରି ପୁତ୍ର ଅଜାତଶତ୍ରୁ ରାଜା ହୋଇଛନ୍ତି । ରାଜଧର୍ମ ସଙ୍ଗେ ବୌଦ୍ଧ ଧର୍ମର ବିରୋଧ ଘଟିଛି, ନଟୀର ଆତ୍ମୋତ୍ସର୍ଗ ପରେ ସେହି ଧର୍ମ ରାଜଧର୍ମ ଓ ଶେଷରେ ଗଣଧର୍ମରେ ପରିଣତ ହୋଇଅଛି ।

ଧୃତରାଷ୍ଟ୍ର

ଶାନ୍ତିନିକେତନରେ ପୂର୍ବେ ରବୀନ୍ଦ୍ରନାଟକ ଛଡ଼ା ଅନ୍ୟ ନାଟକ ଅଭିନୀତ ହେବାର ଦେଖି ନାହିଁ । 'ଧୃତରାଷ୍ଟ୍ର' ସାମାଜିକ ନାଟକଟି ଦେଖି ମନେ ହେଲା— ଆଭିମୁଖ୍ୟ ବଦଳିଛି । ପିତାର ଶିଥିଳ ଶାସନ ଫଳରେ ପୁତ୍ର ଦୁର୍ବୃତ୍ତ ହୋଇ ବଢ଼ିଛି,

Digitized by srujanika@gmail.com

ମନ୍ଦ ଉପାୟରେ ବହୁ ଧନସମ୍ପଦର ଅଧିକାରୀ ହୋଇଅଛୁ, କାରସାଦ କରି ଶ୍ରମିକ-ନେତାଙ୍କୁ ହତ୍ୟା କରିଛୁ । ନିଜ ଗ୍ରାମକୁ ମଧ୍ୟ ଉନ୍ନତ କରି ଦେଇଛୁ । ଶେଷରେ ଦୁର୍ନୀତି ଧରା ପଡ଼ିଛୁ; ସେ ବନ୍ଦୀ ହୋଇଛୁ ।

ହଳଦି ଗୁରୁ ଗୁରୁ ରାମ ରାଉତ

କଥା ଅଛି—ହଳଦି ଗୁରୁ ଗୁରୁ ରାମ ରାଉତ
ଘରେ ଭାତ ନାହିଁ କୁଟୁମ୍ବ ବହୁତ ।

ମୁଁ ନିରୁପଦ୍ରବ ପତଙ୍ଗ ନାହିଁ । ସେଇ ବହୁକୁଟୁମ୍ବୀ ପତଙ୍ଗର ଦାରିଦ୍ର୍ୟ ଲାଗି ମୁଁ ଆଦୌ ଦାୟୀ ନୁହେଁ । ସେମାନେ ସଦଳବଳେ ମୋ ଉପରେ ଆକ୍ରମଣ କଲେ କାହିଁକି ? ଜଣେ ଦୋଷ କରିବ, ଶାସ୍ତି ପାଇବ ଆଉ ଜଣେ ?

କମ୍ପାଉଣ୍ଡରବାବୁ ବଳୁଡ଼ିର ଶୁଣ୍ଢ କାଢ଼ି ଔଷଧ ଲଗାଇଲାବେଳେ ମୋତେ ପଚାରୁଥାନ୍ତି 'ବଳ ତା କି କରେ ଉଠିଲା ?'

ହ ହେଗେ ହ ସଉତୁଣୀ ମୋ

ଭିତରୁ କବିତାର ପ୍ରେରଣା, ବାହାରେ ଦାନ୍ତ କଟ କଟ । କରୁଣ ଅବସ୍ଥାରୁ ହାସ୍ୟରସାତ୍ମକ କବିତାଟିଏ ଜନ୍ମ ନେଲା—

କବିତା ଭାବ ଆସଇ ଏଣେ
ଦାନ୍ତ କଟ କଟ
ହ ହେଗେ ହ ସଉତୁଣୀ ମୋ
ଜୀବନ ଛଟପଟ ।

ଡାକ୍ତର ଲାଲ ଓପାଡ଼ି ଦେଲେ । ତହିଁରୁ ପରି କାଳ ଦାନ୍ତଟା ଗୋଟାଏ ଘାଇ ମେଲି ହୋଇଗଲା । ଦାନ୍ତ ଉପରେ ଚିର ସନ୍ଦେହୀ ଲୋକ ମୁଁ ପଚିଶ ବର୍ଷରେ ନିଜେ ପାକୁଆ । ଜୀବନରେ ଦୁଇ ବସ୍ତା ଦାନ୍ତ ସେ ଓପାଡ଼ିଛନ୍ତି । ଗର୍ବ କରନ୍ତି ।

ଓଡ଼ିଆ ପାଠଚକ୍ର

ପରିଦର୍ଶୀ ଅଧ୍ୟାପକ ଭାବେ ପ୍ରତି ମଙ୍ଗଳବାର ଦିନ ମୁଁ ଓଡ଼ିଆ ପାଠଚକ୍ରରେ ଗୋଟିଏ ଗୋଟିଏ ବକ୍ତୃତା ଦେଉଥିଲି । ବିଶ୍ୱନାଥ କର, ପ୍ୟାରୀମୋହନ ଆଚାର୍ଯ୍ୟ, ଚନ୍ଦ୍ରମୋହନ ମହାରଣା ପ୍ରଭୃତିଙ୍କ ବିଷୟରେ ମୁଁ ଲିଖିତ ଭାଷଣ ଦେଉଥିଲି ।

Digitized by srujanika@gmail.com

'ଆଦିବାସୀ ସଂସ୍କୃତିର କେତୋଟି ଦିଗ' ବିଷୟରେ ଡକ୍ଟର୍ ବିକ୍ରମକେଶରୀ ବିଶ୍ୱ ବର୍ମନ ଭାଷଣ ଦେଇଥିଲେ । ସଭାପତି ଭାଷଣରେ ମୁଁ କହିଲି – ଆଦିବାସୀ ସ୍ୱ ପ୍ରଦେଶରେ ପ୍ରଚଳିତ ଲିପି ଗ୍ରହଣ କରିନେବା ଉଚିତ । ଆଦିବାସୀଙ୍କ ମୌଖିକ ସାହିତ୍ୟ ପୁଙ୍ଖାନୁପୁଙ୍ଖ ଭାବେ ସଂଗ୍ରହ କରିବା ଆବଶ୍ୟକ । ତା'ପରେ ମୁଁ ଆଦିବାସୀ ଦେବତା ନୀଳମାଧବ ଓ ଜଗନ୍ନାଥ, ଆର୍ଯ୍ୟ ଓ ଆଦିବାସୀ ସଂସ୍କୃତି ମଧ୍ୟରେ ସମନ୍ୱୟ, ଓଡ଼ିଆରେ ଆଦିବାସୀ ଜୀବନ ସଂପର୍କରେ ରଚିତ ଉପନ୍ୟାସ ସଂପର୍କରେ କହିଥିଲି ।

ବିଶିଷ୍ଟ ପଣ୍ଡିତମାନଙ୍କୁ ଡାକି ଓଡ଼ିଆ ପାଠକ୍ରମରେ ବକ୍ତୃତା କରାଇବା ଓଡ଼ିଆ ବିଭାଗର ଏକ କୃତିତ୍ୱ । ମୋ ଦ୍ୱୈଣିକାଳ ମଧ୍ୟରେ 'ସନ୍ଥ ସାହିତ୍ୟ ଓ ଅଚ୍ୟୁତାନନ୍ଦ ଦାସ' (ବୈଦ୍ୟନାଥ ସରସ୍ୱତୀ), 'ଶିଳାଲେଖ ଓ ସାହିତ୍ୟ' (ଡକ୍ଟର ଦିନେଶଚନ୍ଦ୍ର ସରକାର), ଓଡ଼ିଆ ଭାଷାର ଅର୍ଥବୈଚିତ୍ର୍ୟ (ଡକ୍ଟର ଧନେଶ୍ୱର ମହାପାତ୍ର) ପ୍ରଭୃତି ବିଷୟରେ ବକ୍ତୃତା ହୋଇଥିଲା । ଓଡ଼ିଆ ସାହିତ୍ୟ ପରିଷଦ୍ ତରଫରୁ [illegible] ପାଳନ ମଧ୍ୟ ଏକାନ୍ତ ଅଭିନବ ।

'ସାମ୍ପ୍ରତିକ ଓଡ଼ିଆ କବିତା' ନାମରେ ବେଦୁଇନ୍ ସାହିତ୍ୟପରିଷଦ୍ ତରଫରୁ ଗୋଟିଏ ପତ୍ରିକା ପ୍ରକାଶ ପାଇଥିଲା – ପ୍ରଚ୍ଛଦପଟ ଛପା, ଆଉ ସବୁ ଲିଥୋ । ବଙ୍ଗୀୟ ବନ୍ଧୁମାନଙ୍କ ସାହାଯ୍ୟରେ ଓଡ଼ିଆ ଏମ୍. ଏ ଛାତ୍ରଛାତ୍ରୀମାନେ ବଙ୍ଗାନୁବାଦ କରୁଥିଲେ । ଡକ୍ଟର ନରେନ୍ଦ୍ର ମିତ୍ର ଭୂମିକାରେ ଯଥାର୍ଥ ଲେଖିଥିଲେ – ପାଖାପାଖି ଥିଲେ ବି ଆମେ ଆମ ପଡ଼ୋଶୀଙ୍କୁ ଜାଣୁନାହିଁ । ସେମାନେ କେତେ ପାଖରେ, ଅଥଚ କେତେ ଦୂରରେ ! ମଙ୍ଗଳଗ୍ରହ, ଚନ୍ଦ୍ରଗ୍ରହ ବିଷୟରେ ବରଂ ଆମେ ଅଧିକ ଜାଣୁ । ଉଭୟ ପ୍ରଦେଶ ମଧ୍ୟରେ ସାଂସ୍କୃତିକ ବୁଝାମଣା ଲାଗି ଏହା ଏକ ସାଧୁ ପ୍ରଚେଷ୍ଟା ।'

ବଙ୍ଗଳାବିଭାଗରେ ମୋର ବକ୍ତୃତା

୧୬. ୯. ୭୮ରେ ବିଶ୍ୱଭାରତୀର ବଙ୍ଗଳାବିଭାଗରେ ବଙ୍ଗଳାରେ ମୁଁ ଗୋଟିଏ ବକ୍ତୃତା ଦେଇଥିଲି; ବିଷୟ – ବଙ୍ଗଳା ଓ ଓଡ଼ିଆ ଲୋକସାହିତ୍ୟ । ସଭାପତି ବଙ୍ଗଳା ବିଭାଗର ମୁଖ୍ୟ ଡକ୍ଟର ଭୂଦେବ ଚୌଧୁରୀ ମୋତେ ଯେପରିଭାବେ ପରିଚିତ କରାଇଲେ ସେଥିରେ ମୁଁ ବିହ୍ୱଳ ହୋଇ ପଡ଼ିଲି । ସେ କହିଲେ – 'ଡକ୍ଟର ଦାଶ ଲୋକସାହିତ୍ୟ ଚର୍ଚ୍ଚା ପାଇଁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ହୋଇଛନ୍ତି । ସେ ଶାନ୍ତିନିକେତନରେ ଓଡ଼ିଆବିଭାଗର ସୃଷ୍ଟିକର୍ତ୍ତା ଦ୍ୱେବର୍ଷ ଧରି ମୁଖ୍ୟ କର୍ତ୍ତା ଥିଲେ । ସାହିତ୍ୟର ବିଭିନ୍ନ ବିଭାଗକୁ ତାଙ୍କର ଦାନ ମହତ୍ତ୍ୱ ।'

Digitized by srujanika@gmail.com

ସାଂସ୍କୃତିକ କାର୍ଯ୍ୟ ବା କୃତିତ୍ୱ ଦେଖିଲେ ଯେଉଁ ଜାତି ବା ଗୋଷ୍ଠୀର ହେଉ, ବଙ୍ଗାଳୀ ଅକୁଣ୍ଠ ପ୍ରଶଂସା କରିଥାନ୍ତି । ବଙ୍ଗାଳୀଙ୍କ ଏ ବିଶେଷତ୍ୱ ମୁଁ ଶାନ୍ତିନିକେତନରେ ବରାବର ଲକ୍ଷ୍ୟ କରିଛି ।

ମୁଁ କହିଲି – ଭାରତରେ ଏବେ ପ୍ରାଦେଶିକ ସାହିତ୍ୟଗୁଡ଼ିକ ବିକାଶ ପଥରେ ଗତି କରି ଚାଲିଛି । କିନ୍ତୁ ଭାରତୀୟ ସାହିତ୍ୟ ବୋଲି ଆମେ କିଛି ଦୃଢ଼ଭାବେ ସଂଗଠିତ କରିପାରିନାହୁଁ । ସାହିତ୍ୟଏକାଡେମୀ ଜରିଆରେ ଏ ଦିଗରେ କ୍ଷୀଣ ଚେଷ୍ଟା ମାତ୍ର ଚାଲିଛି । ପରସ୍ପରର ସାହିତ୍ୟ ବିଷୟରେ ଆମେ ଏ ପର୍ଯ୍ୟନ୍ତ ବିଶେଷ କିଛି ଜାଣିନାହୁଁ । ଭାରତୀୟ ଜାତୀୟତାର ବନ୍ଧନକୁ ନିବିଡ଼ତମ କରିବା ଲାଗି ଦୃଢ଼ ସାଂସ୍କୃତିକ ସଂହତି ପ୍ରତିଷ୍ଠିତ ହେବା ଆବଶ୍ୟକ ।

ତା ପରେ ବଙ୍ଗଳା ଓ ଓଡ଼ିଆ ଲୋକସାହିତ୍ୟର ସ୍ୱରୂପ, ସାମ୍ୟ ଓ ବୈଷମ୍ୟ ବିଷୟରେ ଏକ ତୁଳନାତ୍ମକ ଆଲୋଚନା କରିଥିଲି । ମୁଁ ଦୃଷ୍ଟାନ୍ତ ଦେଇ କହିଥିଲି ଯେ ବଙ୍ଗଳା ଅପେକ୍ଷା ଓଡ଼ିଆ ଗାଉଁଲି ଗଳ୍ପସଂକଳକ ଗ୍ରାମର ଭାବ ଓ ଭାଷା ନିବିଡ଼ତର ଭାବେ ଅନୁସରଣ କରିଛନ୍ତି ।

ଚୀନାଭବନରେ ଭାଷଣ

ବିଶ୍ୱଭାରତୀ ବିଦ୍ୱତ୍ ସମାବେଶରେ ଏଇ ମୋର ପ୍ରଥମ ବକ୍ତୃତା । ମୁଁ ପହିଲେ କେତେ ପଦ ଓଡ଼ିଆରେ କହିଥିଲି । ତାର ମର୍ମ —ପରସ୍ପର ପ୍ରତି ସହିଷ୍ଣୁ, ଭାଷା ଓ ସାହିତ୍ୟ ପ୍ରତି ଶ୍ରଦ୍ଧାଳୁ ହୋଇ ଆମେ ଆଗେ ପୂର୍ବଭାରତରେ ସାଂସ୍କୃତିକ ସହତି ପ୍ରତିଷ୍ଠା କରିବା । ଏହା ଭାରତୀୟ ସାଂସ୍କୃତିକ ସଂହତିର ଏକ ଉଜ୍ଜ୍ୱଳ ସୋପାନ ହେବ, ମୋର ବିଶ୍ୱାସ ।

ମୁଁ ଓଡ଼ିଆରେ ଅଳ୍ପ ଅଳ୍ପ କିଛି କହିଲି । ମୋ ଜୀବନକାଳ ମଧ୍ୟରେ ପୁଣି ଏଠିକି ଆସି ହୁଏତ ମୋ ପୂରା ଭାଷଣଟି ଓଡ଼ିଆରେ ଦେବି । ସେତେବେଳର ବଙ୍ଗାଳୀ, ଅସମୀୟା ଓ ମୈଥିଳୀଭାଷୀମାନେ ଏହା ସମଝି ପାରିବେ । ବଙ୍ଗାଳୀମାନେ ଓଡ଼ିଶାକୁ ଯାଇ ବଙ୍ଗଳାରେ ଭାଷଣ ଦିଅନ୍ତୁ । ସହିଷ୍ଣୁତା, ଶ୍ରଦ୍ଧା ଓ ପ୍ରୀତିରେ ଆମେ ଭାଷାଗତ ଅନ୍ତରାୟ ଦୂର କରିବାକୁ ସମର୍ଥ ହେବା ।

ମୋର ବିଷୟ—'ଓଡ଼ିଶାରେ ରବୀନ୍ଦ୍ରନାଥ' । କଟକ ଜିଲ୍ଲାର ପଣ୍ଡୁଆ ଗ୍ରାମରେ ପ୍ରିନ୍ସ ଦ୍ୱାରକାନାଥଙ୍କ ଜମିଦାରୀକ୍ରୟ, ତୁଳସୀପୁରରେ ବାସଭବନ ନିର୍ମାଣ, ୧୮୫'ରେ ମହର୍ଷି ଦେବେନ୍ଦ୍ରନାଥଙ୍କ ଓଡ଼ିଶା ଆଗମନ, କଟକ କଲେଜରେ ଡିଗ୍ରୀଶ୍ରେଣୀ ଉନ୍ମୋଚନାର୍ଥେ ଦୁଇହଜାର ପାଞ୍ଚଶତ ଟଙ୍କା ଦାନ କରିଥିଲେ । ଅକସ୍ମାତ୍ ଚପମାନି

Digitized by srujanika@gmail.com

ଘୁରିବାରୁ ସେ ସାକାର ଜଗନ୍ନାଥଙ୍କୁ ନିରାକାର ରୂପରେ ହିଁ ଦେଖିଥିଲେ ଏବଂ ଲେଖିଥିଲେ—'ଉତ୍କଳ ଧନ୍ୟ; ତାହାର ଏ ବିଗ୍ରହ ସକଳକେ ଜାତମ୍ୟାଛେ, ସକଳ ଜାତକେ ଏକ କରିୟା ଫେଲିୟାଛେ ।'

ରବୀନ୍ଦ୍ରନାଥ ପାଣ୍ଡୁଆ ଜମିଦାରୀ ପରିଦର୍ଶନ କରିବାକୁ ବାରମ୍ବାର ଓଡ଼ିଶା ଆସୁଥିଲେ; କେତେବେଳେ ଡଙ୍ଗାରେ, କେତେବେଳେ ବା ସବାରିରେ ଯାତ୍ରା କରୁଥିଲେ । ସେ ବହୁ ଚିଠିପତ୍ରରେ ଓଡ଼ିଶାର ଦୃଶ୍ୟ ଓ ଅନୁଭୂତି ବ୍ୟକ୍ତ କରିଛନ୍ତି ।

'ଲୋକରତ୍ନ' ଉପାଧିଲାଭ

ସ୍କୁଲ ବହିରେ ପଢ଼ିଥିଲି—

ଯତ୍ନ କଲେ ରତ୍ନ ମିଳେ ଏ ସାର ବଚନ
ମନେ ରଖିଥିବ ସଦା ଅହେ ଶିଶୁଗଣ ।

ଜୀବନରେ କେତେ ବା ଯତ୍ନ କରିଛୁ! ମୋତେ ରତ୍ନ ବା 'ଲୋକରତ୍ନ' ଉପାଧିଟିଏ ମିଳିଗଲା! ମୋ ଉପାଧି ସରକାରିର ବା ରାଜଦରବାରର ନୁହେଁ, ଜନସାଧାରଣଙ୍କ ପ୍ରତିନିଧିମୂଳକ ଅନୁଷ୍ଠାନ କଲିକତାର 'ଏକାଡ଼େମୀ ଅଫ୍ ଫୋକ୍‌ଲୋର୍' ପ୍ରଦତ୍ତ ଏକ ଉପାଧି ।

ଏତେ ବଡ଼ ବଡ଼ ପଣ୍ଡିତ ଥାଉଁ ଥାଉଁ ମୋତେ କାହିଁକି ବାଛିଲେ? ମୋର ଲୋକସାହିତ୍ୟ କାର୍ଯ୍ୟ ତ ପ୍ରାୟ ସବୁ ଓଡ଼ିଆରେ । ମୋତେ ଚିହ୍ନିଲେ କେମିତି? ମଜା ଦେଖିବା ପାଇଁ ମୁଁ ସସ୍ତ୍ରୀକ କଲିକତାରେ ଉପସ୍ଥିତ ହେଲି । ଅନୁଷ୍ଠାନର ଡିରେକ୍ଟର ଡଃ ଦୁଲାଲ ଚୌଧୁରୀ ଆମ୍ଭମାନଙ୍କୁ (ମୋତେ ଓ ମୋ ସ୍ତ୍ରୀଙ୍କୁ) ଶିଆଲଦା ଷ୍ଟେସନରୁ ସମାଦରରେ ବରଣ କରି ନେଇ ଏମ୍ ଏଲ୍. ଏ. ହଷ୍ଟେଲରେ ରଖାଇଲେ ଓ ପରେ ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ କରାଇଲେ ।

ପରେ ରବୀନ୍ଦ୍ରନାଥଙ୍କ 'ବିଶ୍ୱବିଦ୍ୟା ତୀର୍ଥ ପ୍ରାଙ୍ଗଣ କର ମହୋଜ୍ଜ୍ୱଳ ଆଜ ହେ, ବରପୁତ୍ର ସଂଘ ବିରାଜ ହେ, ଶୁଭ ଶଙ୍ଖ ବାଜହ ବାଜ ହେ ।' ବିଶ୍ୱଭାରତୀ ସମାବର୍ତ୍ତନ ଉତ୍ସବରେ ବୋଲା ହେଉଥିବା ଏଇ ଗୀତଟି ବୋଲାହେଲା ।

ଡିରେକ୍ଟର୍ ମୋତେ ଓ ପୂର୍ବଜର୍ମାନୀର ଡକ୍ଟର ହୁଞ୍ଜ୍ ମୋଡେଙ୍କୁ ପଦକପତ୍ର ପ୍ରଦାନ କରିଥିଲେ । ତାପରେ ଅଧ୍ୟକ୍ଷ ଶ୍ରୀ ନନ୍ଦଗୋପାଳ ସେନଗୁପ୍ତ ଉପାଧିପତ୍ରଟି ପାଠ କରିଥିଲେ—

Digitized by srujanika@gmail.com

"ଭାରତର ସୁପ୍ରସିଦ୍ଧ ଲୋକସଂସ୍କୃତି ଗବେଷକ ଡକ୍ଟର କୁଞ୍ଜବିହାରୀ ଦାଶଙ୍କୁ ଓଡ଼ିଆ ଲୋକସଂସ୍କୃତିକୁ ତାଙ୍କ ମହନୀୟ ଦାନର ସ୍ୱୀକୃତି ସ୍ୱରୂପ 'ଲୋକରତ୍ନ' (Honoris causa) ପ୍ରଦାନ କରୁଅଛୁଁ ।"

ମୁଁ ଏହାର ଉତ୍ତରରେ କହିଥିଲି 'ଏକା ନାହି ଦ ଖଣ୍ଡ' ପରି ଓଡ଼ିଆ ବଙ୍ଗାଳୀ ଦୁଇ ଭାଇ, ଓଡ଼ିଆ ସଂସ୍କୃତି ଓ ବଙ୍ଗଳା ସଂସ୍କୃତି ଦୁଇ ଭଉଣୀ । ମୋତେ ଏକାଡେମୀ ଅଫ୍ ଫୋକ୍‌ଲୋର୍ ଯେପରିଭାବେ ସମ୍ମାନିତ କଲେ, ସେଥିରେ ମୁଁ ଅଭିଭୂତ ହୋଇଅଛୁ । ଏହାକୁ କେବଳ ମୋର ନୁହେଁ, ଓଡ଼ିଶାର ସ୍ୱୀକୃତି, ଓଡ଼ିଶାର ସମ୍ମାନ ବୋଲି ମୁଁ ମନେକରେ । ପଡ଼ୋଶୀ ପ୍ରଦେଶର ଏ ଉଦାରତାରେ ମୁଁ ବିହ୍ୱଳିତ ହୋଇଅଛୁ, ନତମସ୍ତକରେ ଶ୍ରଦ୍ଧା ଓ ପ୍ରୀତିର ପ୍ରତୀକ ଏହି ଉପାଧି ଗ୍ରହଣ କରୁଅଛୁ ।' ବଙ୍ଗାଳୀମାନେ ଯେ ସମଝଦାର ଗ୍ରାହକ, ଗୁଣ ଚିହ୍ନୁଥିବା ଗୁଣିଅ ଏହାର ପ୍ରମାଣ ଏହି ଉପାଧି ଓ ଏହି ଜାତୀୟ ବହୁ ଘଟଣା ।

ଭାରତୀୟ ଲୋକସଂସ୍କୃତି ଓ ସାହିତ୍ୟ ଏପର୍ଯ୍ୟନ୍ତ ସଂଗଠିତ ହୋଇ ପାରିନାହିଁ; ଯାହା ହୋଇଛି ବିଭିନ୍ନ ପ୍ରାଦେଶିକ ଲୋକସଂସ୍କୃତି ନାମରେ ସେହିଭଳି ପରିଚିତ । ସମଗ୍ର ଦେଶର ଲୋକଗୀତ, କାହାଣୀ, ପ୍ରବାଦ, ପ୍ରବଚନ, କିମ୍ବଦନ୍ତୀ, ଲୋକଦେବତା, ପର୍ବପର୍ବାଣୀ, ଓଷାବ୍ରତ, ଯାନଯାତ୍ରାର ସମୀକରଣ ବା ସମନ୍ୱୟ ଏପର୍ଯ୍ୟନ୍ତ କରାଯାଇ ପାରିନାହିଁ । ଆଗାମୀ ୨୫ ବର୍ଷ ମଧ୍ୟରେ ଯୁବାଯୁବା ଗବେଷକମାନେ ଏ କାର୍ଯ୍ୟ କରିବାକୁ ସମର୍ଥ ହେବେ, ମୋର ବିଶ୍ୱାସ ।

ଆଞ୍ଚଳିକ ଶବ୍ଦକୋଷ, ଲୋକସଂସ୍କୃତିର ବିଶ୍ୱକୋଷ, ଲୋକସଂସ୍କୃତି ଯାଦୁଘର, କେନ୍ଦ୍ର ଲଳିତକଳା ଏକାଡେମୀ ସାହାଯ୍ୟରେ ପୁରୁଲିଆରେ ଗୋଟିଏ ଛଉନୃତ୍ୟ ଟ୍ରେନିଂ କେନ୍ଦ୍ର ଖୋଲିଥିବା ଏହି ଅନୁଷ୍ଠାନ ପକ୍ଷରେ ଗୌରବର ବିଷୟ ।

ବା ହାତ ଭଙ୍ଗା । ଏ ସମ୍ବାଦ ଶୁଣିବାମାତ୍ରେ କଲିକତାର ପୋଖତ ଓଡ଼ିଆ ନେତା, ସମାଜସେବୀ ଆତୁଳ ମିଶ୍ର ସନ୍ଦେଶ ପାକେଟଟିଏ ଧରି ମୋତେ ଭେଟିଥିଲେ । ଉପାଧିପ୍ରାପ୍ତି ପରେ କବି ବାଞ୍ଛାନିଧି ଦାସ ଲେଖିଥିଲେ—

'ଲୋକରତ୍ନ ! ଯଥାର୍ଥରେ ଲୋକରତ୍ନ
ସୁମାନବ ହେବାଲାଗି ତବ ଯତ୍ନ
ସେ ଲାଗି ସାଧନା ତବ ଆଜୀବନ
ଗୁଣୀ ଗୁଣଗ୍ରାହୀ ସଦା ସୁପ୍ରସନ୍ନ

Digitized by srujanika@gmail.com

କବି, ବାଗ୍ମୀ ସାରସ୍ୱତ ଉପାସକ
ଅଧ୍ୟାପନାବ୍ରତୀ ଯୋଗୀ ଅଧ୍ୟାପକ
ଲୋକକଥା ଗୀତଗାଥାର ରସିକ
ତବ ସ୍ୱତନ୍ତ୍ର ସାଧନା ମୌଳିକ ।
ଯତନେ ସାଉଣ୍ଟି ଗୁନ୍ଥି ଅଛ ମାଳ
ସଜ ଛନ ଛନ ଯାହା ଚିରକାଳ ।
ଅଯତ୍ନେ ପତିତ ସୁରଭି ସୁମନ
ଲୋକଗୀତ ଢଗଢମାଳି ବଚନ
ଉତ୍କଳଭାରତୀ କଣ୍ଠେ ଥିବ ସାଜି
ସଦା ସ୍ମରଣୀୟ ତୁମେ ସେଥିଲାଗି ।

ସବୁ ଥାଇ କିଛି ନାହିଁ

କଲିକତା ବିଶ୍ୱବିଦ୍ୟାଳୟରେ ମୋର ଅଧ୍ୟାପକ ମହେଶ୍ୱର ଦାଶ, ଏବେ ବୟସ ୭୯ ବର୍ଷ । ଉପାଧି-ପତ୍ରଟି ତାଙ୍କ ପାଦତଳେ ଥୋଇ କହିଲି—ଏ ଆପଣଙ୍କ କୃତିତ୍ୱ । ମହେଶ୍ୱରବାବୁ ଆଶୀର୍ବାଦ କରି କହିଲେ—ତୁମେ ମୋର ବଡ଼ ପୁଅ । ତୁମ ଉପରେ ନିର୍ଭର କରି ଆଉ କେତୋଟିଦିନ କଟାଇ ଆଖି ବୁଜିବି । କହିଲି—ଯାହାକୁ ପୁତ୍ର ମନେ କରୁଛନ୍ତି, ସେ ଦଦରା, ପୋପଲା ।

'ତାହା ଉପରେ କେତେବେ ଭରସା କରିବ? ପିଲାଏ ତ ପଇସା ଛଡ଼ା କିଛି ବୁଝିନାହାନ୍ତି । ପାଠ ପଢ଼ାଇ ଯୋଗ୍ୟ କଲି, ଚାକିରି ବ୍ୟବସ୍ଥା ହେଲା । ବିଭା କରିଦେଲି, ୭୫ ହଜାର ଟଙ୍କା ଖର୍ଚ୍ଚ କରି ଘର ବି ତୋଳାଇଦେଲି । ଏବେ ମୋ ନାଆଁରେ ଯୋଉ ଲକ୍ଷେଟଙ୍କା ଜମା ଅଛି ତା'ରି ଉପରେ ସମସ୍ତଙ୍କ ଆଖି । ସେତିକ ଦେଇଦେଲେ ଦାଣ୍ଡଦୁଆରେ ପଡ଼ି ମରିବି । ପୁଅ ବୋହୂ ନାତି ନାତୁଣୀ—ଘରେ ହାଟ ବସିଲା ପରି ଲାଗିଛି । କିନ୍ତୁ ସବୁ ଥାଇ ମୋର କିଛି ନାହିଁ ।'

କଂସାରୀ ଘର ପାରିକୁ କୁଳା ଡାଉଁ ଡାଉଁ

କମାର କୋଚଟକୁ ଲୁହା ବି କୋଚଟ । ଉପାଚାର୍ଯ୍ୟ ସିଦ୍ଧା ଯେମିତି, ଆନ୍ଦୋଳନକାରୀ ଛାତ୍ରମାନେ ବି ସେମିତି । ଧର୍ମଘଟ, ଘେରାଉ ବହୁଦିନ ହେଲା ଚାଲିଛି । ସିଦ୍ଧାଙ୍କ ଧୈର୍ଯ୍ୟ ଅସୀମ । ପନ୍ଦରଦିନ ହେଲା ଘେରାଉ ଭିତରେ ରହିଛନ୍ତି । ଏଠା ଛାତ୍ରଙ୍କ ସଦାଚାର, ସୌଜନ୍ୟ ବି ଉଚ୍ଚକୋଟୀର । ଗୋଟିଏ ହେଲେ ଗ୍ଲାନିକର ଶବ୍ଦ ଉଚ୍ଚାରଣ କରିନାହାନ୍ତି ।

Digitized by srujanika@gmail.com

ଝଡ଼, ଝଞ୍ଜା, ବଢ଼ି

ଧର୍ମଘଟକୁ ପଛରେ ପକାଇ ହଠାତ୍ କାହୁଁ ମାଡ଼ି ଆସିଲା ଝଡ଼, ଝଡ଼ ସଙ୍ଗେ ଘୋର ବର୍ଷା, ତା ପଛକୁ ବନ୍ୟା । ଶାନ୍ତିନିକେତନର ଶାନ୍ତ ଶରତ୍ ପ୍ରକୃତି କୁଆଁଶିଆ ସମୁଦ୍ର ପରି ଦିଶିଲା । ରେଲ୍ ଲାଇନ୍ ଭାସିଗଲା, ବସ୍ ରାସ୍ତା ବି । ବିଜୁଳି ଲାଇନ୍ ଅଚଳ, ଟେଲିଫୋନ୍ ଲାଇନ୍ ମଧ୍ୟ । ପୂଜା ଛୁଟି ଆରମ୍ଭରେ ଏ ପ୍ରଳୟ । ପିଲାମାନେ ବିଶ୍ୱଭାରତୀ ମୁଖ୍ୟକର୍ତ୍ତାଙ୍କୁ ଘେରାଉ କରୁ କରୁ ପାଣିର ଘେରାଉ ଭିତରେ ବନ୍ଦୀ ହୋଇ ରହିଗଲେ ।

ତେରଦିନକାଳ ଅବିଶ୍ରାନ୍ତ ବର୍ଷା ଲାଗି ରହିଲା । କୋଇଲା ଖଣିରେ ପାଣି, କଳକାରଖାନାରେ ପାଣି । ସର୍ବତ୍ର ଜଳାର୍ଣ୍ଣବ । ସେଦିନର ଜଳହୀନ ମରୁ ଶାନ୍ତିନିକେତନ ଆଜି କୂପାଇ, ଅଜୟ ଆଉ ମୟୂରାକ୍ଷୀର ଜଳରେ ଭାସିଯିବାର ଚିନ୍ତାରେ ବ୍ୟାକୁଳ ।

ଦାମୋଦର ଆଉ ମୟୂରାକ୍ଷୀର ପାଣି ହଠାତ୍ ଛାଡ଼ି ଦିଆଗଲା । କ୍ଷୁଦ୍ର ନଦୀ ଅଜୟ ଏ ତୋଡ଼ ସମ୍ଭାଳିବାକୁ ଅସମର୍ଥ; ରାତି ଅଧରେ ବନ୍ଧସବୁ ଭାଙ୍ଗିଲା, ପଲ୍ଲୀ ଗାଁ ସବୁ ଭାସି ନେଇଗଲା, ଲୋକେ ଚିତ୍କାରଟିଏ କରିବାକୁ ବି ବେଳ ପାଇଲେ ନାହିଁ । ଗଛ ଅଗରେ ଲଗିଲା ଶବ, ମଣିଷ ମୁର୍ଦ୍ଦାର, ଗୋରୁଗାଈ ମେଣ୍ଢା ଛେଳି । ଗଛରେ ଜନ୍ମହେଲେ ପିଲା, ସାମ୍ନାରେ ସାପ, ସେ ବି କ୍ଲାନ୍ତ, ମୁମୂର୍ଷୁ ।

ତେରଦିନ ପରେ ଅଜୟ ପାଣିଟା ଖସି ଟିକିଏ ପଡ଼ିଲା । ମୋ ସାମ୍ନାରେ ହ୍ରଦ । ମୁଣ୍ଡ ବୁଡ଼େଇ ତେଣା ଫଡ଼ ଫଡ଼ କରି ଗାଧୋଉଛନ୍ତି ବଣି, ତାପରେ ଗୋଟିଏ ପରେ ଗୋଟିଏ ଡାମରାକୁଆ । ଏକା ସାଥରେ ଗାଧୁଆ । କୋଇଲିର କଣ୍ଠ ଫାଟିଚି । ଭରଦୁଆ ପ୍ରତିଦ୍ୱନ୍ଦ୍ୱରେ ଯୋଗଦେଇଚି ସ୍ୱର । "ଏ ମୋର ଋତୁ ।" ତାଙ୍କୁ ବାଧ ଲଗାଇଚି —"ଏ ଋତୁ ମୋର" । ଘୁଙ୍ଗୁଲିଆର କଣ୍ଠସ୍ୱର ବେତାଳିଆ । ଭଙ୍ଗା ତାଳ, ଛିନ୍ନ ପଦ । ତଆଁରି ଗଙ୍ଗଶିଉଳିରେ ମୁକ୍ତାହସା ଦେଖୁଚି କେତେଗୋଟି କଢ଼ି । ସାନ୍ତାଳ ଟୋକା କେତୋଟି ଡେମିଶି ଛୁଆ ଗୋଟେ ଲେ ନେଇ ଚୁଲିରେ ପୋଡ଼ି ଖାଉଚି । କାମ ବନ୍ଦ । କେତେଦିନ ହେଲା ପେଟରେ ଦାନା ପଡ଼ିନାହିଁ । ବନ୍ଧୁ ଫୁଲର ରଙ୍ଗ ଘେନି ଏ ବେପରୁଆ ପ୍ରଜାପତିଟି କେଉଁଠୁ ବାହାରିଲା ? କୌତୁକଚପଳ କଜଳପାତି ତା ପିଛା ଧରିଲା । ଏ ଦୌଡ଼ାଦୌଡ଼ି ଖେଳ କି ସୁନ୍ଦର ! କି ନିଷ୍ଠୁର ଜୀବନସଂଗ୍ରାମ ଏ ! ଆହା ଟୁଇଁଦେଲା ! ଚନ୍ଦ୍ର ଉଦିଆ ପରି ଜଳି ଉଠୁଥିବା ମନ ମୋର ଦପ୍ କିନି ଲିଭିଗଲା ।

Digitized by srujanika@gmail.com

ଆଜି ପୂର୍ବପଲ୍ଲୀର ପାଠଶାଳା ବନ୍ଦ । ସାଧାରଣ ପାଠଶାଳାରେ ଦରଫଟା ଖୋଲା, ଅଲୁଟୋଳ । ଭୋଜନର ବିଧିରକ୍ଷା କରି ଉଠିଲି ମୁଁ ନଅଙ୍କର ଅନୁଭବ । ଏପରି କିଛିଦିନ ଚଳିଲେ ପ୍ରାଣ ବାହାରିଯିବ ।

ରାତିସାରା ବିକଟାଳ ରଡ଼ି ଗୁଞ୍ଜିତ ଗନ୍ଧ । କୁକୁର ସ୍ୱର ଧରିଛି ସେ ଧରିଛି—ଘୋର ବିପଦର ସ୍ୱର ସଙ୍କେତ ଏ । ଚତୁର୍ଦ୍ଦିଗରୁ ବିଚ୍ଛିନ୍ନ ଶାନ୍ତିନିକେତନ । ବହୁ କଷ୍ଟରେ ବୁଲି ବୁଲି ଯାଇ ଅଜୟ ସେତୁ ପାରି ହେଲି; ଗାଁର ଭିଟାମାଟି ଉଠିଯାଉଛି । ମହା ପ୍ରଳୟ । ଦୁଇପ୍ରହରର ଖରାରେ ପ୍ରାୟ ବାରଟାବେଳେ ଗଳି ପରେ ବସ୍, ତାପରେ ଆସାନସୋଲ୍‌ରେ ପୂର୍ଣ୍ଣ ଏକ୍‌ସପ୍ରେସ ଧରିଲି । ଛାତ୍ରମାନଙ୍କ ମୁକ୍ତ ଫଳରେ ପ୍ରଥମ ଶ୍ରେଣୀରେ ଠିଆ ହେବାକୁ ଜାଗା ଟିକିଏ ମିଳିଲା । କିନ୍ତୁ ବାଧ୍ୟ ହୋଇ ତଳେ ବସିଲି । ଜାଣିଲେ କିଏ ଆମ ଚଢ଼ିବା ଦେଖିବ, ଗାଡ଼ି ଭାଙ୍ଗିବ । ଉପାସ ଭୋକରେ ଦୁଇଦିନରେ ଆସି କଟକରେ ପହଞ୍ଚିଲି ।

ରେଲ୍‌ରାସ୍ତା ମରାମତି ହେଲାପରେ ମୁଁ ଫେରିଆସି ମାତ୍ର ଦୁଇସପ୍ତାହ ଶାନ୍ତି-ନିକେତନରେ ରହିଥିଲି । ଓଡ଼ିଆ ପରିଷଦ ମୋତେ ବିଦାୟ ସମ୍ବର୍ଦ୍ଧନାରେ ନିଜ ଲେଖା ବିଷୟରେ କିଛି କହିବା ଲାଗି ଅନୁରୋଧ କରିଥିଲେ ।

ମୁଁ କହିଲି—ନିଜ ଲେଖା ବିଷୟରେ କିଛି କହିବା କଷ୍ଟକର । ଗୋଟିଏ ସୁନ୍ଦରୀଙ୍କୁ ନିଜ ରୂପଶ୍ରୀ ବିଷୟରେ ବୁଝାଇବାକୁ କହିବା ଯାହା, ଜଣେ କବିକୁ ତା ନିଜ କବିତା ବିଷୟରେ ବୁଝାଇବାକୁ କହିବା ସେଇଆ ।

ମୁଁ ବେଶୀ ଲେଖେନାହିଁ, ଯଥାସମ୍ଭବ ନିୟମିତଭାବେ କିଛି କିଛି ଲେଖେ ।

ସେତିକି ନିୟମିତ ଲେଖିଲେ ବି ପ୍ରେରଣା ନ ଥିଲେ ଲେଖେନାହିଁ । ହୁଏତ ପୁରୁଣା ଲେଖା ସଂଶୋଧନ କରେ ବା ପୁଣି ଲେଖେ ।

ଆତ୍ମଆବିଷ୍କାର ପ୍ରତ୍ୟେକ ଲେଖକର କର୍ତ୍ତବ୍ୟ । ଏହା ବହୁ ଅଧ୍ୟବସାୟ ସାପେକ୍ଷ । କବିତା, ଗଳ୍ପ ନାଟକ ବା ଉପନ୍ୟାସ କିଏ କଣ ଭଲ ଲେଖି ପାରିବ, ନିଜେ ସାଧନା କଲେ ଲେଖକ ବୁଝିପାରିବ । ଫକୀରମୋହନ ବହୁ ବିଳମ୍ବରେ ଆବିଷ୍କାର କରି ଜାଣିଥିଲେ ଯେ ସେ ପ୍ରାକୃତିକ ଭାବରେ ଜଣେ କଥାକାର, ଚେଷ୍ଟା କରି ଜଣେ କବି ।

ତା ପରେ 'ପ୍ରେମ ଗୋଟିଏ କଳା', 'ମାର୍ଗଣୀର' କବିତା ଓ 'ମୋ କାହାଣୀ'ର କିଛି ଅଂଶ ଆବୃତ୍ତି କରାଯାଇଥିଲା ।

Digitized by srujanika@gmail.com

ସ୍ଥାନୀୟ ସମସ୍ତ ଓଡ଼ିଆଙ୍କ ତରଫରୁ ଗୋଟିଏ ବିଦାୟ ସଭା ହୋଇଥିଲା । ଜଗନ୍ନାଥ ପ୍ରାଥମିକ ସ୍କୁଲର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ—ବଙ୍ଗାଳୀ ହୋଇଯାଉଥିବା ଓଡ଼ିଆ ପିଲାଙ୍କୁ ପୁଣି ଓଡ଼ିଆ କରିବା ଚେଷ୍ଟାରେ ମୋ ରହଣିକାଳରେ ଏ ସ୍କୁଲ୍‌ଟି ହୋଇଥିଲା । ୩୦ ଜଣ ପୁଅ ଝିଅ ନାଁ ଲେଖାଇଥିଲେ; ସମସ୍ତ ଓଡ଼ିଆ ଅଧ୍ୟାପକ, ସେମାନଙ୍କ ଗୃହିଣୀ, ଛାତ୍ର ଓ ଛାତ୍ରୀମାନେ ସପ୍ତାହରେ ଗୋଟିଏ ଗୋଟିଏ କ୍ଲାସ୍ ନେଉଥିଲେ । ବେଶ୍ ଅଗ୍ରଗତି ହୋଇଥିଲା । ମୁଁ ଗୋଟିଏ ଗୋଟିଏ ଗଳ୍ପ କହୁଥିଲି ।

ସେ 'ନଷ୍ଟାର ଶଠି' ଅନୁକରଣରେ ଛାତ୍ର ଲକ୍ଷ୍ମୀକାନ୍ତ କବିତାରେ ଗୋଟିଏ ବିଦାୟପତ୍ର ଲେଖିଥିଲେ । ଜଣେ ପୁରାତନ କର୍ମୀ ୧୭ ବର୍ଷ ତଳର ମୋ ବିଦାୟ-ଭାଷଣର ମର୍ମ ଶୁଣାଇଦେଲେ—ସ୍ନେହ ପ୍ରେମର ହିସାବନିକାଶ ହୋଇପାରେନାହିଁ, ସ୍ନେହସିକ୍ତ ଜନମାନଙ୍କଠାରୁ ବିଦାୟ ନେଇ ହୁଏନାହିଁ । ବିଚ୍ଛେଦରେ ନଇପର ଘଟେ ସେ ଶ୍ରଦ୍ଧା ସେ କାଳରୁ ଆଜିଯାଏ ବଢ଼ୁଛି ।

ଶାନ୍ତିନିକେତନରେ ମୋ ଜୀବନ ଏକ ଅବିଚ୍ଛିନ୍ନ ବାକ୍ୟ ଅଥବା ସେ ବାକ୍ୟ ଏକ ରସାତ୍ମକ କାବ୍ୟ । ଉକ୍ତ ପାରିବାରିକତାର ମାଧୁର୍ଯ୍ୟ ଆଉ କେଉଁଠି ଏପରି ଭୋଗ କରିନାହିଁ । ଦୂରକୁ ନିକଟ କରିବାର ବଡ଼ ଆନନ୍ଦମୟ ଅନୁଭବ ଏ । ବହୁ ପ୍ରାଣମୟ ଏକପ୍ରାଣତାର ଏକ ପ୍ରପାତ; ସେଥିରେ ଅଭିଷିକ୍ତ ହେଲାପରି ଲାଗେ ।

ଏଠା ଛାତ୍ର, ଅଧ୍ୟାପକ ସବେ ହେଲେ ଆତ୍ମୀୟ ହୋଇ ରହନାହାନ୍ତି, ପ୍ରାୟ ନିତ୍ୟ ଦେଖା, ସାନ୍ଧ୍ୟଭ୍ରମଣର ସଙ୍ଗୀ ସେମାନେ ଅଭୟ ଅରଣ୍ୟରେ ମୃଗ ଉଦ୍ୟାନରେ, ପ୍ରାନ୍ତ ପାର୍ଶ୍ୱରେ, ହ୍ରଦ ତୀରେ ତୀରେ—ଯେଉଁଠି ପକ୍ଷୀର ମେଳ ଜମାଟ କରେ ଆକାଶକୁ ।

ଉତ୍ତରାୟଣ ଉଦ୍ୟାନରେ, ଶାଳବୀଥିରେ, ତାଳମୟ ପ୍ରାନ୍ତରରେ, ଖୁଆଇ ବା ନେପାଲ୍ ବନରେ, ସର୍ବତ୍ର ସେମାନେ ସଙ୍ଗୀ ସଦାସ୍ତକ । ଜଣେ ଶିକ୍ଷକର ଶ୍ରେଷ୍ଠ ସମ୍ପଦ କଣ ? ତାର ପୂର୍ବପ୍ରତନ ଛାତ୍ର । ପାଠ ସଙ୍ଗେ ସଙ୍ଗେ ତାର ଚିର ସ୍ନେହର ଧାର ସେ ଯେଉଁଠି ହିଁ ଢାଳି ଆସିଛୁ ।

ଶାନ୍ତିନିକେତନର ହିମତଗୋଡ଼ କୋଲ ମାରିଯାଉଥିବା ଶୀତ ଭିତରେ ବହୁ ଛାତ୍ର, ଅଧ୍ୟାପକ ଷ୍ଟେସନ୍ ବାଟେଇ ଦେବାକୁ ଆସିଥିଲେ । ସେଦିନର ଛାତ୍ର, ଆଜି କବି ମନର ଦୋସର ନରେନ୍ଦ୍ର ବାଟ ଲାଗି ସମସ୍ତ ଖାଦ୍ୟ ପ୍ରସ୍ତୁତ କରି ଆଣି ଦେଇଥିଲେ ।

Digitized by srujanika@gmail.com

କଟକରେ ମୋ ଚିହ୍ନଣିର ଉଦଘାଟନରେ ଇଏ ଅମେରିକାରୁ ଅସି ପହଞ୍ଚିଲ। ୨୫-୧୧-୭୮ରେ ଚନ୍ଦ୍ରାମଣି ବିଦ୍ୟାପୀଠରେ ତାର ସମ୍ବର୍ଦ୍ଧନା। ଉତ୍ତରରେ ଇଏ କହିଥିଲ ନିଜ ଚଳିବା ମୁତାବକ ରଖି ଧନୀମାନେ ନିଜ ସମ୍ପତ୍ତି ଲୋକକଲ୍ୟାଣ ଲାଗି ଦାନ କରିଦେବା ଉଚିତ। ତାହେଲେ ପୃଥିବୀରେ ବହୁ ଜଟିଳ ସମସ୍ୟାର ସହଜ ସମାଧାନ ହୋଇଯିବ। ପୃଥିବୀ ଯେତେ ଦରିଦ୍ର ବୋଧହୁଏ, ପ୍ରକୃତରେ ସେତେ ଦରିଦ୍ର ନୁହେଁ। ଅଳ୍ପ କେତେକ ଧନୀଙ୍କ ହାତରେ ପୃଥିବୀର ଅଧେ ସମ୍ପତ୍ତି ରହିଅଛି। ଅଥଚ କୋଟି କୋଟି ଲୋକ ଦାରିଦ୍ର୍ୟର ସୀମାରେଖା ତଳେ। ଏକଥା କହିଲାପରେ 'ଘନଶ୍ୟାମ ଆରୋଗ୍ୟ ନିକେତନ'ର ପ୍ରାଥମିକ ବ୍ୟୟ ଲାଗି ଇଏ ମୋ ହାତରେ କୋଡ଼ିଏ ହଜାର ଟଙ୍କାର ଚେକ୍‌ଟିଏ ଦେଲ।

ଧନ୍ୟବାଦ ଦେଲାପରେ ମୁଁ କହିଲି— ସମ୍ପତ୍ତି ଥିଲେ ଯେ ଲୋକ ଦାନ କରେ, ତା ନୁହେଁ। ଦେବାର ପ୍ରବୃତ୍ତି ହେଲେ ସେ ଦିଏ। ଇଏ, ଉଦୟନାଥ ସେଭଳି ଧନୀ ନୁହନ୍ତି। ସାରାଦିନ ଖଟି ଖଟି ସେମାନେ ଯାହା ଅର୍ଜନ କରନ୍ତି, ସେଥିରୁ ନିଜ ଚଳିବା ମୁତାବକ ରଖି ସେମାନେ ଦାନ କରନ୍ତି; ଫଳରେ 'ଚନ୍ଦ୍ରାମଣି ବିଦ୍ୟାପୀଠ' ପରି ଏକ ଶିକ୍ଷାନୁଷ୍ଠାନ ଠିଆ ହେବା ସମ୍ଭବ ହେଲା, ଏବେ ଡାକ୍ତରଖାନାଟିଏ ହେବ। ଜନ୍ମସ୍ଥାନ ପ୍ରତି ଗଭୀର ପ୍ରୀତି, ପିତାମାତା ଓ ଜ୍ୟେଷ୍ଠଭ୍ରାତାଙ୍କ ପ୍ରତି ଅସାଧାରଣ ଅନୁରକ୍ତି ଏହା ମୂଳରେ ରହିଛି। ଏ ଅଞ୍ଚଳର ଲୋକେ ସୁସ୍ଥ, ଶିକ୍ଷିତ ହୋଇ ରହନ୍ତୁ, ସେମାନଙ୍କର ଅନ୍ତର୍ଗତ କାମନା।

ଆନ୍ତର୍ଜାତିକ ଲୋକସଂସ୍କୃତି ସେମିନାର (୧୯-୧୨-୭୮)

ବିଶ୍ୱସଂସ୍କୃତି ସହିତ ଓଡ଼ିଆ ଲୋକସଂସ୍କୃତିର ଯୋଗସୂତ୍ର ସ୍ଥାପନ ଚେଷ୍ଟା ନିଶ୍ଚିତଭାବେ ଅଭିନବ। 'ଟୁନା' ବିଷୟ ମୁଁ ଆଦୌ ଜାଣି ନ ଥିଲି। ସେ ମୟୂରଭଞ୍ଜ ଓ ଉତ୍ତର ବାଲେଶ୍ୱରର ଏକ ଅପଦେବତା— କୋଠି ମଝିରେ ବାସ। ସେ ଅନୁଗ୍ରହ କଲେ ଗୃହସ୍ଥର ଧନସମ୍ପଦ ବଢ଼େ, କୋପ କଲେ ଭିକ ମଗାଏ। ତା ଉପଲକ୍ଷ୍ୟରେ 'ଠୁସୁ' ଗୀତସବୁ ବୋଲାଯାଏ।

ସେମିନାରରେ ବହୁ ଉପଯୋଗୀ ପ୍ରବନ୍ଧ ପଠିତ ହୋଇଥିଲା, ବହୁ ବିଶିଷ୍ଟ ଲୋକସଂସ୍କୃତିବିତ୍‌ଙ୍କ ସହିତ ସାକ୍ଷାତ୍ ହୋଇଥିଲା। ଓଡ଼ିଶୀ ନୃତ୍ୟ, ଆଦିବାସୀ ନୃତ୍ୟ, ଦଣ୍ଡନାଟ, କର୍ମା ନାଚ (କରମସାନି ଏହାର ଦେବତା; କରମ ପୁରୁଷ, ସାନି ସ୍ତ୍ରୀ— କରମସାନି ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି), ଚଇତିଘୋଡ଼ା ନାଚ, ରଣପା ନୃତ୍ୟ ପ୍ରଭୃତି ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରେ ବୈଷ୍ଣବ ପାଣିଙ୍କ 'ଦ୍ରୋଣବଧ' ଯାତ୍ରା ସବୁଠାରୁ

Digitized by srujanika@gmail.com

ଚକ୍ରବର୍ତ୍ତିଙ୍କ ହୋଇଥିଲା । ବାରବାଟୀ ଗଡ଼ଖାଇ ଆରପାଖ ଭୂଇଁ ହୋଇଥିଲା ରଣକ୍ଷେତ୍ର—ଗୋଟେପଟେ ପାଣ୍ଡବ ଅନ୍ୟପଟେ କୌରବ ସୈନ୍ୟଙ୍କ ରଣମେଣ୍ଢ । ତା ମଧ୍ୟରେ ଦ୍ରୋଣାର୍ଜ୍ଜୁନ ଯୁଦ୍ଧ, ଘଟୋତ୍କଚ ବଧ, ଅଭିମନ୍ୟୁ ବଧ, ଦୁଃଶାସନ ବଧ; ଉଭୟ ରଥୀ ପରସ୍ପରର ଶର କାଟୁଥିଲେ, ଶର ସହିତ ଗୋଟେ ଗୋଟେ ଫେଙ୍ଗା ବାଣ ଛୁଟୁଥିଲା, ବମ୍ବାଜ ଫୁଟୁଥିଲା । ମହାଭାରତ ଯୁଦ୍ଧର ଏଇ ଦୃଶ୍ୟ ଶତ ଦେଶୀ, ବିଦେଶୀ ଦର୍ଶକଙ୍କର ଏକାନ୍ତ ଉପଭୋଗ୍ୟ ହୋଇଥିଲା ।

ଶତବର୍ଷରୁ ଅଧିକ କାଳ ହେଲା ଏ ପ୍ରଦେଶରେ ଲୋକସଂସ୍କୃତିର ସଂଗ୍ରହ, ଗବେଷଣା ଚାଲିଛି । ଦୁଃଖର କଥା, ଏ ସମ୍ମିଳନୀରେ ଓଡ଼ିଆ ଲୋକସଂସ୍କୃତି ବିଷୟରେ ପଦେହେଲେ କେହି କହି ନ ଥିଲେ । ଜୀବିତ ଲୋକସଂସ୍କୃତିବିତ୍‌ଙ୍କୁ କେହି ପରିଚିତ ବି କରେଇ ଦେଇ ନଥିଲେ । ପୂଜ୍ୟ ପୂଜାର ତୀବ୍ର ବ୍ୟତିକ୍ରମ । ଜଣେଅଧେ ଓଡ଼ିଆ ଉଚ୍ଚାସନ ପାଇ କୃତକୃତ୍ୟ, ସୁନାମଧନ୍ୟ ।

ଭାରତ ଅଥବା ଓଡ଼ିଶାର ଲୋକସଂସ୍କୃତିର ପୁନରୁଦ୍ଧାର ଓ ଗବେଷଣା ଲାଗି କୌଣସି ବ୍ୟବସ୍ଥା ହେଲନାହିଁ । ଏଭଳି ସମ୍ମିଳନୀ କରିବାର ଉଦ୍ଦେଶ୍ୟ ତେବେ କଣ ?

ଡ. ହରେକୃଷ୍ଣ ମହତାବ ଏହାର ବ୍ୟର୍ଥତା ଅନୁଭବ କରି ଯୁବଲେଖକ ସମ୍ମିଳନୀ ଓ ଅନ୍ୟତ୍ର ଅନୁଶୋଚନା ପ୍ରକାଶ କରିଥିଲେ । ମୁଁ କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ ପଚାରିଥିଲି—ବିଷୁବମିଳନ ଉତ୍ସବ ଲୋକସଂସ୍କୃତିକୁ କେବେ ସମ୍ମାନିତ କରିଛି କି ?

ଏ ଗୋଟିଏ ରଙ୍ଗୀନ୍ ଢେଉ

ଜୀବନର ବର୍ଷସବୁ ଗୋଟିଏ ଗୋଟିଏ ଢେଉ; ଶେଷବେଳକୁ ଏ ଢେଉର ଗତି ମାନ୍ଦା ହେବା କଥା, କିନ୍ତୁ ମୋ କ୍ଷେତ୍ରରେ ଠେକୁଆଭଳି ଡେଇଁ ଡେଇଁକା କୁଆଡ଼େ ଚାଲିଯାଉଛି । ଗୋଲ୍‌ପୋଷ୍ଟ୍‌କୁ ବଲ୍‌ଟି ପରି କେଡ଼େବେଗି ଗଡ଼ିଯାଉଛି ମୁଁ !

୬୬ଟି ଢେଉ ଭିତରେ ୧୯୬୯ଟି ବେଶ୍ ରଙ୍ଗୀନ୍ । ହେଲେ ଏହାର ପହିଲି ଅଂଶଟି ଘରେ ନ ପଶୁଣୁ ଚୁଲି ବାଜିଲାପରି ଲାଗୁଥିଲା, ଦିଶୁଥିଲା ବେଶ୍ କଳା, ଘମାଘୋଟିଆ, କେତେଜଣ ପ୍ରିୟବିନୋଦିଆଙ୍କ ବିୟୋଗ ଯୋଗୁଁ । ପ୍ରଥମ ଓଡ଼ିଆ ଦୈନିକ 'ନିର୍ଭୀକ'ର ସମ୍ପାଦକ, ପ୍ରସିଦ୍ଧ ନାଟ୍ୟକାର ଲାଲ ନଗେନ୍ଦ୍ରକୁମାର ରାୟଙ୍କ ଚେତନା ଲୋପ ପାଇଲା ଜାନୁଆରୀ ପହିଲାରେ । ଜ୍ୟୋତିଷୀ; ନିଜ ଗଣନାକୁ ଭ୍ରାନ୍ତ

Digitized by srujanika@gmail.com

କଣ ଯେ ବସ୍ତୁଥିଲେ ଅଧିକ ନ'ଥିଲା । ମୃତ୍ୟୁ ସହିତ ତାଙ୍କର ସଂଗ୍ରାମ ଚାଲିଥିଲା ଭିତରେ ଭିତରେ ।

ଏ ବର୍ଷର ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସଟି ମଧ୍ୟ ମଉଳିଗଲା କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ହଠାତ୍ ତିରୋଧାନ ଯୋଗୁଁ । ଏକାବେଳକେ ଜଳି ଉଠିଥିଲା ଦୁଇଗୋଟି ଶିଖା - ଗୋଟିଏ ଅସ୍ତାଚଳରେ ସୂର୍ଯ୍ୟ, ଅନ୍ୟଟି ବଡ଼ମ୍ବାର ଚୂଡ଼ା ପାହାଡ଼ରେ ବୈକୁଣ୍ଠଙ୍କ ଚିତାଗ୍ନି । କାହା ବିରୁଦ୍ଧରେ କିଛି ନାଲିସ୍ ନ ଥିଲା ସେ ମୁଖରେ, ଅମୂଳ ପ୍ରଶାନ୍ତି, ପ୍ରସନ୍ନତା ସଙ୍ଗରେ କିଛି ନ ନେବାର ଓ ସବୁ ଦେଇଦେବାର ଏକ ପବିତ୍ର ଭାବ । କେବଳ ପ୍ରାଣର ରସ ନିଗାଡ଼ି ଦେଇ କବି ହୋଇ ନଥିଲେ ସେ । କବିତ୍ୱ ତାଙ୍କ ପ୍ରତ୍ୟେକ ଆଚାର ଆଚରଣରେ ଫୁଟି ଉଠୁଥିଲା । ଜୀବନର ସର୍ବସ୍ୱ ଦେଇ ବି ସେ ଆମ ଭିତରେ ଐଶ୍ୱର୍ଯ୍ୟବନ୍ତ ଓ ଚିର ଜୀବନ୍ତ ହୋଇ ରହିଲେ ।

ଜନ୍ମ ମୃତ୍ୟୁର ଏମିତି ସଂସାର ତ ଚାଲିଚି — ମାତୃଗର୍ଭରୁ କାଳଗର୍ଭ ଯାଏ । ବୈକୁଣ୍ଠଙ୍କ ପରେ ବିଦାୟ ନେଲେ କବି ଉପେନ୍ଦ୍ରପ୍ରସାଦ ମହାନ୍ତି (ଜନ୍ମ ୧୮୯୯, ମାର୍ଚ୍ଚ ୩ ତାରିଖ, ମୃତ୍ୟୁ ୮-୭-୭୯) । କବିଶେଖର ଚିନ୍ତାମଣି ମହାନ୍ତିଙ୍କ ପୁତ୍ର, ଆଜୀବନ ଶିକ୍ଷକ, ମଧୁଚକ୍ର, ଝଙ୍କାରଶେଫାଳୀ, କାବ୍ୟଦେବୀ, ଦୀପ, ବିଜୟିନୀ ପ୍ରଭୃତି କବିତା ଗ୍ରନ୍ଥ, ରାଜଶ୍ରୀ, ତ୍ୟାଗ, ଭୁବନଶଙ୍କର, ପୁନର୍ମିଳନ ଆଦି ଉପନ୍ୟାସ, କଥାକୁଞ୍ଜ, ପଞ୍ଚଶସ୍ୟ, ଗଳ୍ପବୀଥି ଆଦି ଗଳ୍ପପୁସ୍ତକର ପ୍ରଣେତା । ଅଶୀବର୍ଷ ବୟସରେ ଭଦ୍ରକର ଏକ ସମ୍ବର୍ଦ୍ଧନା ସଭାରେ ସେ କହିଥିଲେ —

ଏ ପ୍ରାନ୍ତରେ ଦୁଃଖ ହୁଏ, କବିର ସ୍ଥାନ ଏ ଦୁନିଆରେ ଏତେ ନିମ୍ନକୁ ଚାଲି ଯାଉଛି ବୋଲି । ଦିନେ କବିଙ୍କ ସ୍ଥାନ ଥିଲା ସମସ୍ତଙ୍କ ଉପରେ । ତାଙ୍କ କବିତା ପାଉଥିଲା ଅଗ୍ରପୂଜା । ସାହିତ୍ୟ ବର୍ତ୍ତମାନ ଦିଗ୍‌ଭ୍ରଷ୍ଟ, ତାକୁ ପୁଣି ଦିଗ୍‌ଦର୍ଶନ ଦେବାକୁ ହେବ । ତାହା ଆମ ସଂସ୍କୃତିରୁ ଏକାବେଳକେ ବିଚ୍ଛିନ୍ନ ହୋଇ ଯାଇଛି । କବିତା ତାର ସାରବତ୍ତା ଓ ସୌନ୍ଦର୍ଯ୍ୟ ହରାଇଛି । କଣ କଣ ଲେଖିବାକୁ ଯାଉଛି ତା ନିଜ ମନରେ ତାର ସ୍ପଷ୍ଟ ଧାରଣା ନାହିଁ ।

ତାପରେ ଏଇ ସଂସାରରେ ଯୋଗ ଦେଲେ ଦେବହୂତି ଦେଈ (ଜନ୍ମ ୧୮୯୮, ମୃତ୍ୟୁ -୧।୮।୭୯) । ତାଙ୍କ ମାତା ସୁଚିତ୍ରା ଦେଈ 'କଥାଲହରୀ' ଲେଖକଗଳ୍ପସମୂହର ସଙ୍କଳୟିତ୍ରୀ । ସମାଜ କଟକଣା ବା 'ସ୍ୱାମୀତାଡ଼ନା' ଭୟରୁ ତାଙ୍କ ନିଜ ନାମ ପୁସ୍ତକ ଉପରେ ଉଲ୍ଲିଖିତ ହୋଇ ନଥିଲା, 'ଜନୈକା କରଣ ମହିଳା' ଶବ୍ଦବ୍ୟୂହରେ ଏହାକୁ

Digitized by srujanika@gmail.com

ଡୁବାଇ ରଖା ହୋଇଥିଲା । ତାଙ୍କ ଜନ୍ମସ୍ଥାନ ପୁରୀ ଜିଲାର କୁମ୍ଭେଶ୍ୱର ।ମ। 'କଥାକୁଞ୍ଜ', କଥାମଞ୍ଜରୀ ଆଦି ଗଳ୍ପସଂଗ୍ରହ ଓ ମାନା, ଉତ୍କଳ ଗୀତିକବିତା ଆଦି କବିତା ସଂଗ୍ରହର ସେ ରଚୟିତା ଥିଲେ ।

ତାପରେ ପାଳି ପଡ଼ିଲା ଲୋକନାୟକ ଜୟପ୍ରକାଶ ନାରାୟଣ (ଜନ୍ମ ୧୧।୧୦।୧୯୦୨ ମୃତ୍ୟୁ ୮।୧୦।୧୯୭୯)ଙ୍କର । ମରୁ ମରୁ ସେ ବଞ୍ଚିଥିଲେ ଅନେକଥର । ଥରେ ଭାରତର ତେବେ ପ୍ରଧାନମନ୍ତ୍ରୀ ମୋରାରଜୀଙ୍କ ମୁହଁରୁ ପୃଥିବୀ ଜାଣିଲା— ସେ ନାହାନ୍ତି ! ଏତେ ଉଚ୍ଚ ପାହ୍ୟା, ଏତେ ବଡ଼ ଗାନ୍ଧିବାଦୀ । ତାଙ୍କ କଥାକୁ ଦକ୍ତାର କରି ଉଠିଲେ ଜୟପ୍ରକାଶ । ହେଲେ ସେତେବେଳକୁ ଉଠିବାର କିଛି ହେଲେ ଅର୍ଥ ନଥିଲା । ତାଙ୍କ ମୃତ୍ୟୁ ଅଧିକ ଆଗରୁ ନେଡ଼ା ପଡ଼ିଥିଲା । ତାଙ୍କ ସମ୍ପୂର୍ଣ୍ଣ ବିପ୍ଳବରେ ଦୀକ୍ଷିତ ନେତାମାନେ ତାଙ୍କ ଆଦର୍ଶର ପ୍ରତିକୂଳ ଚରଣ କରୁଥିଲେ । ଅର୍ଥ ଆଉ କ୍ଷମତା ନିଶାରେ ପାଗଳଙ୍କ ଆଗରେ ଶୋଚନୀୟ ଆଦର୍ଶ ବିଚ୍ୟୁତ; ତାଙ୍କ ଡାକରାରେ ଡାକୁ ବଦଳିଲେ, କିନ୍ତୁ ନେତା ? ଜୀବନରେ ସେ ଦିନେ ହେଲେ ସ୍ୱାଧୀନତାର ସୁଫଳ ଭୋଗ କରିବାକୁ ଚେଷ୍ଟା କରିନାହାନ୍ତି । ତାଙ୍କ 'ମୃତ୍ୟୁ ବ୍ରତ ତପ ଆଚରିବା,' ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବା, ଦୁଇ କ୍ଷେତ୍ରର ସଙ୍କଳ୍ପ, କେତେ ସଂଗ୍ରାମ ଦଳାଦଳି ଫାଟାଫଟି ଭିତରେ ଏକ କଉଡ଼ିକିଆ ବେଲୁନ୍ ପରି ଜନତା ଦଳ ଫାଟି ଯାଇଥିଲା । ହେଲା ଇନ୍ଦିରାଙ୍କ ପୁନରଭ୍ୟୁଦୟ (୧୨।୧।୮୦) ।

ବଡ଼ ଲୋକଙ୍କ ମଧ୍ୟରେ ଏ ବର୍ଷର ଶେଷ ବିଦାୟୀ ଅଧ୍ୟାପକ ଜୟକୃଷ୍ଣ ମିଶ୍ର (ଜନ୍ମ— ୧୯୧୪, ମୃତ୍ୟୁ— ୧୦।୧୨।୭୯) । ନେଠାରୁ ବନ୍ଧୁ ନେଇ ସେ ଘରୋଇଭାବରେ ଓଡ଼ିଆରେ ଏମ୍.ଏ. ପରୀକ୍ଷା ଦେଇଥିଲେ । ହେଲେ ଶିକ୍ଷକରୁ ଅଧ୍ୟାପକ, ମୋର ସହକର୍ମୀ । ସଂସ୍କୃତରେ ଡିଗ୍ରୀ ହାସଲ ନ କରି ବି ସେ ବଡ଼ ପଣ୍ଡିତ ହୋଇଥିଲେ । ପୂର୍ବଜନ୍ମରେ ସାଧିତ ବିଦ୍ୟାବଳ ସ୍ୱଳ୍ପ ଚେଷ୍ଟାରେ ସଂସ୍କୃତ ଶ୍ଳୋକ ରଚନା କରିପାରୁଥିଲେ । ଅଳ୍ପ ଅଳ୍ପ ଲେଖୁ ଲେଖୁ ସେ 'ମାତୃମୁକ୍ତ ମୁକ୍ତାବଳୀ' ପରି ମହାକାବ୍ୟ ସଂସ୍କୃତ ଭାଷାରେ ଲେଖିପାରିଲେ ।

ସଂସ୍କୃତ ପରି ପ୍ରାଚୀନ ଓଡ଼ିଆ ସାହିତ୍ୟ ବି ତାଙ୍କ ଜିଭ ଅଗରେ ନାଚୁଥିଲା, ସେ ସରଳହସ୍ତ ଦେଇ ଶ୍ଳୋକ ଓ ଗ୍ରନ୍ଥ ଆବୃତ୍ତି କରିପାରୁଥିଲେ । ରସାଳ ଭାଷଣ ଭିତରେ ତାଙ୍କର ଏଇସବୁ ଆବୃତ୍ତି ଆଦୃତ ହେଉଥିଲା । କୌତୁକରେ ଏହି ଅଧ୍ୟାପକଙ୍କୁ ଲୋକେ ପାଲାଗାୟକ ଆଖ୍ୟା ଦେଇଥିଲେ । 'ମଞ୍ଜୁଳାମଣିମାଳିନୀ' ନାମରେ ତାଙ୍କ ରଚିତ ଓଡ଼ିଆ କାବ୍ୟ ସବୁ ସଂକଳିତ ହୋଇଥିଲା ।

Digitized by srujanika@gmail.com

ସେ ସରଳଙ୍କ ମଧ୍ୟରେ ଅତି ସରଳ, ଉଦାରଙ୍କ ଭିତରେ ଅତି ଉଦାର ଥିଲେ । 'ସର୍ବମତ୍ୟନ୍ତଗର୍ହିତମ୍' ଉକ୍ତି ତାଙ୍କ ପ୍ରତି ପ୍ରଯୁକ୍ତ ହେଉଥିଲା । ଅତି ନିସ୍ପୃହତାର ଜରିମାନା ତାଙ୍କୁ କେତେ ଥର ଦେବାକୁ ହୋଇଥିଲା ।

ବହୁକଷ୍ଟମ୍ପୀ; ସ୍ୱଳ୍ପ ଆୟୁ, ସେଥିରେ ଅକାତର ବ୍ୟୟ । କାଳର ଯାତନା ଆଜିକୁ ଆକ୍ରାନ୍ତ କରେନାହିଁ ।

ଶେଷ ବୟସରେ ହୃଦରୋଗରେ ପୀଡ଼ିତ, ଅଭାବ ଅନାଟନରେ ଆକ୍ରାନ୍ତ । ତା ମଧ୍ୟରେ ସେ ନିଜକୁ ହସ ହସ ଓ ସୃଷ୍ଟିଶୀଳ ରଖିଥିଲେ । ଅକାଳ ମୃତ୍ୟୁ ପରେ ଜାଣି ଭାସିଯାଉଥିବା ତାଙ୍କ ପରିବାରକୁ ରେଭେନ୍ସା କଲେଜ ଅଧ୍ୟକ୍ଷ ଡକ୍ଟର ମହେନ୍ଦ୍ର କୁମାର ରାଉତ କଲେଜ ପକ୍ଷରୁ ଦଶ ହଜାର ଟଙ୍କା ସାହାଯ୍ୟ ଦେବା ବ୍ୟବସ୍ଥା କରିଥିଲେ । ଏ ପୂଜ୍ୟ ପୂଜାଅନୁପମ । ରେଭେନ୍ସା କଲେଜ ଓଡ଼ିଆବିଭାଗ ପକ୍ଷରୁ ପ୍ରକାଶିତ ଏକ ସ୍ମରଣିକାରେ ମୁଁ ଯେଉଁ କବିତା ଲେଖିଥିଲି ତାର କିଛି ଅଂଶ ଏଇ—

"ଅତି ବେଶୀ କବି ହେଲେ ସଂସାର ନ ଚଳେ
ପାପାପାପ ଜ୍ଞାନ ଆଉ ମାପା ଜ୍ଞାନ ଟଳେ ।
କାଳାକାଳ ବଡ଼ ସାନ ଭେଦ ଯାଏ ଭୁଲି
ଅତି ବେଶୀ କବିତାରେ କେ ପାରେ ସମ୍ଭାଳି ?
ଅତି ବେଶୀ କବି ହୋଇ ହୋଇଗଲ ଶେଷ
ଏ ତୁମର ଗୁଣ ଅବା ଦୋଷରୁ ବିଶେଷ ?"

ଭାରି ଦୁଃଖ ଲାଗେ ଜୁଲ୍ଫିକର୍ ଅଲି ଭୁଟ୍ଟୋଙ୍କ କଥା ଭାବିଲେ । କେତେ କ୍ଷମତା କେତେ ସୌଭାଗ୍ୟ ଭୋଗ, କେତେ ଉଚ୍ଚ କଥା—ପାକିସ୍ଥାନର ସେଦିନର ପ୍ରଧାନ ମନ୍ତ୍ରୀ ! କ୍ଳେତଚଣ୍ଡାଳ ଦଶା ହିଁ ତାଙ୍କୁ ଭୋଗ କରିବାକୁ ହୋଇଥିଲା । ଅର୍ଦ୍ଧଭୁକ୍ତ ଅବସ୍ଥାରେ ତାଙ୍କୁ ଶୋଇବାକୁ ହେଲା ଭୂଶଯ୍ୟାରେ ମୃତ୍ୟୁକୁ ଅପେକ୍ଷା କରି । ବାଘ ଖିଆ ଅପେକ୍ଷା ଘୋଷରା ବେଶୀ ବାଧେ । ମୃତ୍ୟୁ ଅପେକ୍ଷା ଦୀର୍ଘକାଳ ମୃତ୍ୟୁକୁ ଅପେକ୍ଷା କରି ରହିବା ହୋଇଥିଲା ତାଙ୍କ ପକ୍ଷେ ଅଧିକ ସାଂଘାତିକ । ଏକ ନରହତ୍ୟା ଅପରାଧରେ ତାଙ୍କୁ ରାୱଲପିଣ୍ଡି ଜେଲ୍‌ରେ ରାତି ଦୁଇଟା ବେଳେ ଫାଶୀ ଦିଆ ଯାଇଥିଲା (୩।୪।୭୯ରେ) । ଲମ୍ବା ପିଠି ପିଠି ମାଡ଼ଦେଇ ମୃତ ପିଣ୍ଡକୁ ଝୁଲାଇ ଦିଆହୋଇଥିଲା ଫାଶୀକାଠରେ । ଭୁଟ୍ଟୋଙ୍କ ଜୀବନ ରକ୍ଷା ଲାଗି ସାରା ପୃଥିବୀର ଆବେଦନ କାଲା କାନରେ ହିଁ ପଡ଼ିଥିଲା । ଛାଡ଼ିଦେଲେ ଏଇ ବିଷଧର କାଲେ ତାଙ୍କୁ ଚୋଟ ମାରିବ, ଏଇ ଶଙ୍କାରେ ଜିଆ ତାଙ୍କୁ

ପ୍ରକାଶ କଲେ । ପାକିସ୍ତାନର ଇତିହାସରେ ଏ ଜାତୀୟ ଚକ୍ରାନ୍ତ ବା ରାଜନୈତିକ ହତ୍ୟା ଏକ ସ୍ୱତନ୍ତ୍ର ପରମ୍ପରା ।

ଭାରତରୁ ବିଚ୍ଛିନ୍ନ ହୋଇ ପାକିସ୍ତାନୀଙ୍କର କି ସୁଖ ? ସ୍ୱାଧୀନ ସେମାନେ, ପାଟି ଫିଟାଇବାର ଜୋ ନାହିଁ । ମନକଥା ଖୋଲି ଲେଖିଲେ କଲମ ଝୁଣ୍ଟେ । କେତେ ଚକ୍ରାନ୍ତ, ମୂଢ଼ ଓ କ୍ଷୁଦ୍ର ଖିଆଲର ଶିକାର ହୋଇଛନ୍ତି ସେମାନେ । ବିଦେଶୀ କୂଟନୀତି ଭାରତକୁ ଭାଙ୍ଗି ଦୁଇ ଖଣ୍ଡ କରିଦେଲା । ଦୂରଦୃଷ୍ଟିହୀନ ନେତା ତତ୍କାଳୀନ ଲାଭ ଆଶାରେ ସେଇ ଜାଲରେ ପଡ଼ିଗଲେ । ଏ ବିପଦରୁ ସୁଧୁରିବାକୁ କେତେ କାଳ ଲାଗିବ, କିଏ ଜାଣେ ? ସୁଖଦୁଃଖର ସଂସାର କୁହାଯାଏ । ହେଲେ ଏଠି ଦୁଃଖର ମାତ୍ରା ବେଶୀ, ଅଧିକାଂଶ ଦୁଃଖୀ । ଲୁହନଦୀର ଗଭୀରତା, ବ୍ୟାପକତା ଅଧିକ । ଦୁଃଖ ଚଉଆଡ଼େ ଘୋଟିଥିଲାବେଳେ ସୁଖ ଚମକୁଛି ବିଜୁଳି ପରି । କାଁ ଭାଁ ହସଟିଏ ବା ଫୁଲଟିଏ ଫୁଟିଚି । କୋଉଠି ଟିକିଏ ସ୍ୱଚ୍ଛ ସ୍ନେହାଦର ବା ମିଳି ଯାଉଚି ଶୁଖିଲା ଠୋଓ ଠୋଓ ମରୁଭୂମି ଭିତରେ । କେତେ ଇତିହାସ ମାଡ଼ି ବସିଛି । କେତେ ମୁହୂର୍ତ୍ତର ଶ୍ରୀ ଜଳି ଉଠିଚି ଏ ମନରେ । ଏଇ ଗୋଟା କେତେ ପାଉଁଟି ରହିଚି ମାତ୍ର —

ପୃଥିବୀର ପହିଲି ରଙ୍ଗମଞ୍ଚ

ଗ୍ରୀସ୍, ଇଜିପ୍ଟ ବା ବେବିଲୋନ୍ କୋଉଠି ଏମିତି ଅକ୍ଷତ ଅବସ୍ଥାରେ ରଙ୍ଗମଞ୍ଚଟିଏ ନାହିଁ । ଯେମିତି ଅଛି ଆମ ଏଇ ଓଡ଼ିଶାରେ, ଭୁବନେଶ୍ୱରର ଉଦୟଗିରି ରାଣୀଗୁମ୍ଫାରେ । ପାହାଡ଼ରେ ଖୋଳା ଦୁଇମହଲା ଗୁମ୍ଫାଟିଏ, ଭରତଙ୍କ ନାଟ୍ୟଶାସ୍ତ୍ର ଅନୁଯାୟୀ ଏହାର ମାପଚୁପ ଠିକ୍ ଅଛି ।

ଆଉ ପାଖେ ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ, ମହାରାଜା ଏଠି ଶେଷ ସନ୍ନ୍ୟାସଜୀବନ ଯାପନ କରିଥିଲେ, ବୋଲି କଳନା କରାଯାଏ । କିନ୍ତୁ ଏହା ଆଶ୍ରମଗୃହ ନୁହେଁ, ତପସ୍ୟାସ୍ଥଳୀ ନୁହେଁ । ଏହା ଏକ ରଙ୍ଗମଞ୍ଚ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଓ ପରେ ଏଠି ସଂସ୍କୃତ ଓ ପ୍ରାକୃତ ନାଟକସବୁ ଅଭିନୀତ ହେଉଥିଲା । ଏ ଆବିଷ୍କାର ଗବେଷକ ଧୀରେନ୍‌ଦାସଙ୍କର, ପୁରୁଣା ମଞ୍ଚରେ ନୂତନ ନାଟକ ଅଭିନୟ କରେଇବାର ଗୌରବ ସବୁଜକବି, ସଂଗୀତନାଟକ ଏକାଡେମୀ ସଭାପତି ଶ୍ରୀ ହରିହର ମହାପାତ୍ରଙ୍କର । ଅଭିନୀତ ନାଟକ- ଅଦ୍ୱିତୀୟ ଖାରବେଳ- ତା ୧୧ । ୧୧ । ୭୧ । ପ୍ରାଚୀନ ସଂସ୍କୃତି ଓ ସଭ୍ୟତାର ପୁନରୁଜ୍ଜୀବନ ଲାଗି ଏ ପ୍ରଚେଷ୍ଟା ଅପୂର୍ବ ।

ମୁଁ ଉଦୟଗିରିରେ ପହଞ୍ଚିଲାବେଳକୁ ଅସ୍ତାଚଳରେ ଲାଲ୍ ସୂର୍ଯ୍ୟ, ଖଣ୍ଡଗିରିର ଜୈନମନ୍ଦିର ଓ ଅରଣ୍ୟ ରଙ୍ଗୀନ୍ ହୋଇଉଠିଚି ଗୌରବସ୍ମୃତିର ଝଲକରେ । ଜଣେ ଗାଇଡ଼ ପାଖରେ ବସି ଆବୃତ୍ତି କରୁଛି ମୋ 'ଖାରବେଳ ଦିଗ୍‌ବିଜୟ' କବିତା —

"ଅଜି ଡାକେ ହିମାଚଳ ଶୃଙ୍ଗ, ଢେଙ୍କେ ବିନ୍ଧ୍ୟବନ୍ଦ ଭୃଙ୍ଗ .."

Digitized by srujanika@gmail.com

ବୋଇତ ବନ୍ଦାଣ

ଓଡ଼ିଶାରେ ଏ ବନ୍ଦାଣ ଏବେ ଅକାମାବିରେ ରହିଛି, କଦଳୀ ପଟୁକା ଡଙ୍ଗାଛଡ଼ା ଏକ ପିଲା ଖେଳ ପରି କୌତୁକମୟ ହୋଇଛି । ସ୍ୱାଧୀନ ଓଡ଼ିଶାରେ ଆନ୍ତର୍ଜାତିକ ଖ୍ୟାତି ଅର୍ଜିଥିବା ଜଣେ ହେଲେ ନାଉଙ୍କ ନାହିଁ କହିଲେ ଚଳେ ।

ସେଦିନ କୋଣାର୍କରେ ଏଇ ଉତ୍ସବ କମ୍ପୁ ଆମକୁ ଘେନି ଯାଇଥିଲା ପ୍ରାଚୀନ ଯୁଗକୁ । ସାଧବବେଶ ପିନ୍ଧିଥିଲେ କେତେ ନାଉରୀ, ହୁଳହୁଳି ଦେଇ ବନ୍ଦାଇଥିଲେ କେତେ ଅଧୁନିକା ବଧୂ । ଏକ ସମ୍ପୂର୍ଣ୍ଣ ସାମୁଦ୍ରିକ ଓ ବୋଇତଆଳ ହୋଇଉଠିବାର ପ୍ରେରଣା ମିଳିଥିଲା ସେଦିନ । ପ୍ରସ୍ତାବ ଦେଇଥିଲି ଶ୍ରୀଲଙ୍କା, ଜାଭା, ସୁମାତ୍ରା, ବାଲି ପ୍ରଭୃତି ଦ୍ୱୀପକୁ ଗବେଷକ ପଠାଯାଉ, କଳିଙ୍ଗ ସହିତ ସାଂସ୍କୃତିକ ସମ୍ପର୍କ ନିରୂପଣ କରିବା ଲାଗି । ସେଦିନର ଶିକ୍ଷାମନ୍ତ୍ରୀଙ୍କ ଅନୁମୋଦନ କଣ କେବଳ କଥାରେ ରହିଗଲା ?

ସିନେମା ଓ ଲେଖକ

ସିନେମା ଉର୍ବଶୀ; ଋଷ୍ୟଶୃଙ୍ଗଙ୍କ ପରି ଯୋଗନିଷ୍ଠ ଲେଖକ ବି ପଡ଼ିଯାଉଛନ୍ତି ଏବେ ତା ଭୌତିକ ମାୟାରେ । ଧନସମ୍ପତ୍ତି, ଲୋକପ୍ରିୟତା ଖୁବ ହୋଇଛି । ଜୀବନର ମୂଲ୍ୟମାନ ବଦଳିଯାଉଛି । ବୁକକେସ୍ ବଢ଼ିଯାଉଛି ଢେର୍—ଲେଖକ ଟଙ୍କ୍‌କଣିଆ ହେଉଛନ୍ତି, ଷ୍ଟାଣ୍ଡାର୍ଡ୍ ବି ବଦଳି ଯାଉଛି । ଏ ସବୁ ଉପରେ, ଶୁଦ୍ଧ ସୃଷ୍ଟିର ଆନନ୍ଦ ଏଥିରୁ ମିଳେ ନାହିଁ । ଯାହାହେଉ, ଏ ସବୁ ମହାର୍ଘ ଅଭିଜ୍ଞତାର ସୁଯୋଗ ବା ଦୁର୍ଯୋଗ ମୋର ହୋଇନାହିଁ ।

ସେଦିନ ସିନେମା ସୁଟିଙ୍ଗ୍‌କୁ ଡାକିନେଲେ ଔପନ୍ୟାସିକା ପ୍ରତିଭା ରାୟ, କଣ ନା ମହୁରତ୍ ଉତ୍ସବ ।

ବାଲକୁଦା ଗାଁର ଜଗନ୍ନାଥ ମନ୍ଦିର, ପଛରେ କନକ ଦୁର୍ଗା, ସାମ୍ନା ମହାଦେବଙ୍କ ଆଗରେ ଅନୁକୂଳ ହୋମ—ନିର୍ଦ୍ଦେଶକ ସାଧୁମେହେର ମୋତେ ନିର୍ଦ୍ଦେଶ ଦେଲେ—

ସର୍ବମଙ୍ଗଳ ଜଗନ୍ନାଥ
ପର୍ଣ୍ଣବ୍ରମ ପିକ୍‌ଚର୍ସ
ଅପରଚିତା
ମହୁରତ୍

ଶୁକଲେ ରଟିତମ୍ । ତା ପରେ କାମେରା 'କ୍ଲିକ୍' । ଏମିତି ଉଦ୍‌ଘାଟନ ପର୍ବ ଶେଷ ହେଲା, ପର୍ଣ୍ଣବ୍ରମ ଦାସ, ଯାହାଙ୍କ ନାଁରେ ଅନୁଷ୍ଠାନଟି ତୋହୋଇ ପ୍ରଥମ ସିନେମା

Digitized by srujanika@gmail.com

ସୁଟିଂ ହେଲା, ସେ ଦିନେ ଥିଲେ ଏଠା ହାଇସ୍କୁଲର ପ୍ରଧାନ ଶିକ୍ଷକ । ଅବସର ନେଲାପରେ ମୋ ପଡ଼ୋଶୀ ହୋଇ ସେ କଟକରେ ରହୁଥିଲେ । ପାଞ୍ଚୋଟି କନ୍ୟାର ପିତା । ତୃତୀୟ କନ୍ୟାର ବିବାହ ନିଜକୁ ନିଃଶେଷ କରି ସେ କରିଥିଲେ । କନ୍ୟାପଣ ଦେବାକୁ ହୋଇଥିଲା—ଦଶହଜାର ଟଙ୍କା । କନ୍ୟାଟିଏ ଜନ୍ମ ହେଲା ପରେ କୋଉଁ ଝିଅକୁ ଗ୍ରହପଡ଼ ଦେଖୁଥିଲେ । ସେଇ ଦୁଃଖରେ ସ୍ୱର୍ଗିପଡ଼ ପର୍ଶୁରାମ ଅଖି ବୁଜିଥିଲେ । ସଦା ହସ ହସ, କିନ୍ତୁ ସେ ହସ ଶେଷ ବୟସରେ ଚେମେଣିଟାଏ ଲାଗିଲ ଦେଇଥିଲା ।

ଅଧ୍ୟାପିକା ପ୍ରତିଭା ରାୟ ତାଙ୍କରି କନ୍ୟା, ପିତୃସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ତାଙ୍କ ଶିଶୁ କବିତା ବହି ଛପିଛୁ, ଏ ସିନେମା କମ୍ପାନୀଟି ଗଢ଼ିଛୁ ।

କବିର ତୀର୍ଥଭୂମି

ସାରଳା ଦାସଙ୍କ ସମାଧିପୀଠରେ ମୋର ସମ୍ବର୍ଦ୍ଧନା ହେବାରେ ଲଜ୍ଜିତ ହୋଇ କହିଲି – ସାରଳା ସେ ସରସ୍ୱତୀ ସେ । ତନ୍ତୁଳିଆପଦା ଓଡ଼ିଆ କବିର ତୀର୍ଥଭୂମି, ଏହାର ଧୂଳିକଣା ଅତି ପବିତ୍ର । ଏଠାରେ ଗ୍ରାମୀଣ ଓ ନାଗରିକ ସାହିତ୍ୟ ସାଧକମାନଙ୍କର ଏକ ବାର୍ଷିକ ସାହିତ୍ୟମେଳା, ଗବେଷଣା ଲାଗି ଏକ ସ୍ନାତକ ପୀଠ ଗଢ଼ାଯିବା ଉଚିତ, ଯେପରି ସେକ୍‌ସପିଅର୍‌ଙ୍କ ଜନ୍ମସ୍ଥାନ ଷ୍ଟ୍ରାଟ୍‌ଫୋର୍ଡ଼ ଅନ୍ ଆଭନ୍‌ରେ ହୋଇଛି ।

ନବପ୍ରତିଷ୍ଠିତ 'ସାରଳା ପୁରସ୍କାର' କଥା ମଧ୍ୟ ମୁଁ ଏଇ ସଭାରେ ଘୋଷଣା କରିଥିଲି । ଶିଳ୍ପପତି ଡକ୍ଟର ବଂଶୀଧର ପଣ୍ଡା ଓ ତାଙ୍କ ପତ୍ନୀ ଶ୍ରୀମତୀ ଇଲା ପଣ୍ଡାଙ୍କ ପ୍ରତିଷ୍ଠିତ ପୁରସ୍କାର ଏ, ପ୍ରତିବର୍ଷ ଜଣେ ଶ୍ରେଷ୍ଠ ଓଡ଼ିଆ ସାହିତ୍ୟିକଙ୍କୁ ଦିଆଯିବ— ପରିମାଣ ଦଶହଜାର ଟଙ୍କା । ପୁରସ୍କାର ଲାଳସାର ଦୂରବର୍ତ୍ତୀ ଲେଖକମାନେ ଏହାର କର୍ମକର୍ତ୍ତା ରହିପାରିବେ । ବୋଧେ ସେଇଭାବରେ ମୋତେ କାର୍ଯ୍ୟକାରୀ ସଭାପତି କରାଯାଇଛି ।

ଏ ଅନୁଷ୍ଠାନ ପ୍ରଦାନ କଲା ପ୍ରଥମ ପୁରସ୍କାର ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କୁ, ତାଙ୍କ ଚରିତ ଉପନ୍ୟାସ କୁଳବୃଦ୍ଧ' ଲାଗି ।

ଦେବୀଠରେ ଦେବ

'ବୋଉ ଭୋକ'
'ଏଇଲେ ପରା ଖାଇ ଅଇଲୁ ?'
'ସେତେବେଳେ ଖାଉଥିଲି ନା, ଯେ ମତେ ଭାରି ଭୋକ !'
ମା'ଆ ଚଡ଼ିଉଠି କହିଲା –'ଗଲ୍, ଦେବୀଠରେ ଦେବ !'

Digitized by srujanika@gmail.com

ଦେଖା ନଇ ଏକୂଲ ସେକୂଲ ଖାଉଚି । ନୌକା ମଝିରେ ଅଟକିଗଲା, ଯେତେ ଆହୁଲା ମାଇଲେ ବି ଚଳିଲା ନାହିଁ । ନାଉରୀ ପଚାରିଲା—କିଏ କଣ ମନାସିଚ କି ? ବେଗି ଦେଇଦିଅ । ନଇଲେ ନୌକା ବୁଡ଼ିଯିବ । ସମସ୍ତେ ମରିବା ।

କେହି କିଛି କହିଲେ ନାହିଁ । ଜଣେ 'ଦେଖାରେ ଦେବି' ଭଳିଆ କହିଦେଲା । ମାଈ ଭାବିଲା—ମୁଁ ପିଲାଶୁଣୀ ଘରେ ସେମିତି କହିଦେଇଥିଲି । ମୁକ୍ତରେ କିଛି ମନାସି ନାହିଁ ।

ଯାତ୍ରୀମାନେ ଏକଜୁଟ୍ ହୋଇଗଲେ ଘରେ ହେଉ ବା ଯେମିତି ହେଉ, ଯେ ଯାହା ମନାସିଥିବ, ଦେଇପକେଇବାକୁ ହେବ । କାରଣ ଯାଚଦେଇଦେବାକୁ ସେ ହୋଇଗଲା ଦେବୀର ଜିନିଷ; ନ ଦେଲେ ଦେବୀ ଅମ ସମସ୍ତଙ୍କୁ ଖାଇବ । ମାଆ କୋଳରୁ ପୁଅକୁ ଛଡ଼ାଇ ନେଇ ସେମାନେ ନଈରେ ଫିଙ୍ଗିଦେଲେ ।

ରବୀନ୍ଦ୍ରନାଥ ପଣ୍ଡୁଆ ଜମିଦାରୀ ଦେଖିବା ଲାଗି ବାରମ୍ବାର ଆସୁଥିଲେ । ସେ ସେତେବେଳେ ଏଇ କିମ୍ବଦନ୍ତୀଟି ଶୁଣିଥିବେ ଓ ତାକୁ ଅବଲମ୍ବନ କରି ପ୍ରସିଦ୍ଧ 'ଦେବତାର ଗ୍ରାସ' କବିତାଟି ଲେଖିଥିବେ । ପଣ୍ଡୁଆ ଅଞ୍ଚଳକୁ ଆସି ଏ କିମ୍ବଦନ୍ତୀଟି ଶୁଣି ଏବେ ମୋର ଏଇ ଧାରଣା ହୋଇଛି ।

କବିତା ଖାଇବି ନା ପିନ୍ଧିବି ?

ସାରଳା ପୁରର ଗୋଟେ ପଣ୍ଡା ଅଲସୁଆ, ନିଁ । ମେଳକ । ଘରେ ସ୍ତ୍ରୀପୁଅର ଭୋକମାଡ଼ ସହି ନ ପାରି ଜାଲ ଖୋଜି ବାହାରି ପଡ଼ିଲା । ମେଘୁଆ ପାଗ । କୋଉଠି କିଛି ନ ପାଇ ଦେଉଳରେ ପଶି ଦାରୁମୂର୍ତ୍ତି ଜଗନ୍ନାଥଙ୍କ ଉପରକୁ କୁରାଢ଼ି ଉଞ୍ଚେଇଲା, 'ଭକ୍ତର ମହତ ତ ଘଡ଼ିକେ ପଦାରେ ପଡ଼ିଯିବ, ଠାକୁର ବୋଲି ଆଉ କିଏ ମୁଣ୍ଡ ନୁଆଁଇବ କାହିଁକି ?'

ଜଗନ୍ନାଥେ ତାକୁ ବୁଝାଇଶୁଝାଇ ନିବୃତ୍ତ କଲେ, ସାରାଜୀବନ ଲାଗି ତା ଖିଆପିଆ ବ୍ୟବସ୍ଥା କରିଦେଲେ ।

ଏ ଘଟଣାର ସ୍ୱରଣ ବର୍ଷ ପରେ ଆଉଜଣେ ସେମିତି ଦେଖିଲା—ସ୍ତ୍ରୀପୁଅର ହିଙ୍ଗାପରେ ମଣ୍ଡଳ ପଡ଼ିଥିବା ଲୋକ—ବାଣୀବିହାର ହ୍ରଦକୂଳରେ ପାଣିରେ ପଡ଼ୁଥିବା ସରସ୍ୱତୀଙ୍କ ଭୁଲ୍‌ରେ ପିଠି ପିଠି ଢାଟ ସଂଗ୍ରହ କରୁଚି ସେ । ଏଇ ଉପାୟରେ ଗୋଟିଏ ଢାଠ ଯୋଗାଡ଼ କରି ବାହାରିଲାବେଳେ କହିଲା ତୋର ହବନାହିଁ, ତୋ ଯାତନ୍ତ୍ରରେ କାହାରି କବିତା ହବନାହିଁ । ତୁ ମା ସରସ୍ୱତୀଙ୍କ ଅବମାନନା

Digitized by srujanika@gmail.com

କହୁଚ୍ । ଲୋକଟି ମୋ ଆଡ଼କୁ ପଛଆଡ଼ୁଆ ଆଖି ପକାଇ କହିଲା—ନ ହେଲେ ନାଇଁ ବାବୁ । ମୁଁ କବିତା ଖାଇବି ନା ପିନ୍ଧିବି ? ଏ ସବୁ ଆମ ଘରର ଜାଳେଣି ହେଇ ଜଳନ୍ତା, ତା ହେଲେ ନେଉନ୍ତୁ । ଏ ଗୋଛାକ ଜାଳ ଦେଖିଲେ ମୋ ଘରେ ଯୋଉ ସରସ୍ୱତୀ—ନାଁ-ନାଁ ଯୋଉ ଚଣ୍ଡୀ ଠାକୁରାଣୀ ଅଛନ୍ତି, ସେ ମତେ ଅଭୟବର ଦେଇଦେବେ । ଚୁଲି ଜଳିବ, ସଂସାର ଚଳିବ ।

ଭିତରେ ଢେର୍ ଗରିବ

ନୂଆ ଶିଖାଳିର ସାଇକଲ୍ ଧକ୍କାରେ ଅଣ୍ଡାବାଲା ହାସାନ୍ ଖାଁ ତଳେ ପଡ଼ିଗଲା, ଡିମ୍ବଗୁଡ଼ାକ ଫାଟି ରସ ବୋହିଗଲା । ଆଖିରେ ଲୁହ—'ପାଞ୍ଚ ପ୍ରାଣୀ କୁଟୁମ୍ବ -ମୋର ଆଜି କଣ ଖାଇବେ ?'

ଫଟା ଡିମ୍ବର ହିସାବ ନେଇ ଟଙ୍କା ଦେଇଦେଲି । ଖୁସି । ଆକାଶକୁ ଚାହିଁ ଅଲ୍ଲାଙ୍କୁ ଯେପରିକି କହୁଥିଲା— ମୁଁ ଗରିବ, ତୁମେ ତାଙ୍କ କଥା ବୁଝ ।

ମତେ ଦିନେ ଯୋଉ ଡିମ୍ବ ଦେଲା ତା ଭିତରୁ କୁଆ ଡିମ୍ବଟିଏ ବାହାରିଲା । ହାସାନ୍ ଉପକାର ପାଇଛି । ସେ ମୋତେ ଠକି ନ ପାରେ । ତା ହେଲେ ଏ ଡିମ୍ବଟି ?

ଡିମ୍ବଟି ଫେରାଇଦେଲି । ତା ବଦଳେ ହାସାନ୍ କିନ୍ତୁ ଆଉ ଗୋଟିଏ ଡିମ୍ବ ଦେଲାନାହିଁ, ଆଶ୍ଚର୍ଯ୍ୟ । ବୁଝିଲି—ସେ ଯେତେ ଗରିବ ଦିଶେ, ତାଠାରୁ ଢେର୍ ବେଶୀ ଗରିବ ଭିତରେ ।

ହସି ମୁହଁ ଲୁଚିଗଲା ହାତେ

ଦଶ ଏଗାର ବର୍ଷର ଝିଅ ନୁରୁବାଷୀ—ପଇସାଛଟା ଚଣପେଡ଼ି ବିକେ । ମୁଣ୍ଡରେ ବୋଝ, ଆଖିରେ କାହିଁକି ଝର ଝର ଲୁହ ? ରାଜଦାଣ୍ଡରେ ଏତେବଡ ଝିଅର କଇଁ କଇଁ କାନ୍ଦ ମାଇକ୍ ଗୀତ, ବସ୍ ଆଉ ଅଟୋ ଶବ୍ଦସାର ଗର୍ଜନ ଭିତରେ ହଜି ହଜୁ ନ ଥିଲା ।

କଥା କଣ ? ସନ୍ଧ୍ୟାରତମାମ୍ ବୁଲି ବୁଲି ଆଠଟଙ୍କାର ପେଡ଼ି ବିକିଥିଲା । ଢାନରେ ବାନ୍ଧିଥିଲା । କୋଉଠି ପଡ଼ିଗଲା । ବାପ ମାଆ ବୁଢ଼ା ବୁଢ଼ୀ । ସାନଭାଇ ଗ୍ରେଷ୍ଟ । ଆଜି ଚୁଲି କଣା ହେବ କେମିତି ? ଇଁ—ଇଁ—ଇଁ । ଆଠୋଟି ଟଙ୍କା ଦେଇଦେଲି । ନୁରୁବାଷୀ ନ ହସି ହସିଲପରି ଲାଗିଲା । ମୋ ସାଙ୍ଗ କବି ହରେକୃଷ୍ଣ ସେଠି ଥିଲା । ସାଙ୍ଗେ ସାଙ୍ଗେ ଗୋଟିଏ କବିତା ଲେଖି ଶୁଣାଇଲା—

Digitized by srujanika@gmail.com

'ବାର ବରଷର ଝିଅ ଘୁଞ୍ଚୁବାଗି ବଳେ ଘଣ୍ଟି, ଠେକ
ନକ ନକ ଦନ୍ତ, ବୋଝ ଏକ ହାତେ ପାରେନାହିଁ ଟେକ ।

×　　　　×　　　　×

କହିଁ କହିଁ କାନ୍ଦି ଝିଅ ବଖାଣିଲା ଦୁର୍ଦ୍ଦଶା ତାହାର
ସକାଳୁ ବୁଲୁଚି ସେ ତ ପାଟି ପେଟ ନ ଜାଣେ ଆହାର ।
ପ୍ରବୋଧି କହନ୍ତି ଭବ କାନ୍ଦନାହିଁ, ଏଇ କଥା କବା,
ନ ହେଉ ସାହିତ୍ୟସେବା ନ ହେଉ ମୋ ରାଜଧାନୀ ଯିବା
କବିତା ମହୁଳିଯାଏ ପଥଧାରେ ଭେଡ଼େ ଅନାଦରେ
କି କବିତା ଶୁଣିବ ମୁଁ ? କି ଭାଷଣ ଦେବ ସଭାଘରେ ?
ଆଠ ଟଙ୍କା ଦେଲେ ହାତେ ନେଲେ କବା ନ ଗଲା ପରତେ
ଅଛି ଟେକ ଭବ ମୁଖେ ବୁହିଁ ପୁଣି ବୁହେଁ ନିଜ ହସ୍ତେ ।
ଶିରେ କର ସ୍ଥଳ ଭବ କହିଲେ – ମା, ଯାଉଛୁ ମୋ ବାଟେ
ଟିକିଏ ହସିଲ୍‌ ଦେଖି ?
　　　　ହସି ମୁହଁ ଲୁଚିଲା ହାତେ ।

ମଣିଷର ଭାଗ୍ୟ

ମଣିଷ ମରେ, ତା ଚିତା ନିଆଁର ପାଉଁଶ କୁଆଡ଼େ ଉଡ଼ିଯାଏ । ତା ଆତ୍ମା ସ୍ୱର୍ଗକୁ କି ନରକକୁ ଯାଏ, କି ମଝିରେ ଭୂତ ହୋଇ ବୁଲେ, କି ପୁଣି ଦେହ ଧେନ ଘରସଂସାର କରେ, କହିବା କଷ୍ଟକର । କେବଳ ତା ଭାଗ୍ୟ ଲୋପ ପାଏନାହିଁ । ବଞ୍ଚିଥିବାବେଳେ ଯେଉଁମାନେ ଭାଗ୍ୟରେ ଭାଙ୍ଗିହୋଇ ଯାଇଥିଲେ, ସେମାନଙ୍କ ଦୁର୍ଦ୍ଦଶା ଘଟିପାରେ । ହଜାର ହଜାର ବର୍ଷ ତଳର ନରକଙ୍କାଳକୁ ସମାଧିରୁ ତାଡ଼ିଆଣି ଫସିଲାଠରେ ଲଟକାଯାଏ, ନୃତତ୍ତ୍ୱର ବଂଶଧରଙ୍କ ପ୍ରତିହିଂସା ଚରିତାର୍ଥ କରିବାଲାଗି ।

ଅକାଳେ ଘନଶ୍ୟାମବାବୁଙ୍କ ଘଟ ଗଲା, ନାଁ ବି ଲୁଚିଗଲା । ସେଦିନର ଏଡ଼େ ଲୋକପ୍ରିୟ, ଏବେ ତାଙ୍କ ମନେ ପକାଇବାକୁ କେହି ନ ଥିଲେ ବା କିଛି ନ ଥିଲା । ତାଙ୍କ ଲୁଚିଯାଉଥିବା ନାଁକୁ ଉପରକୁ ଟେକିଦେଲା ଆମ ଏ ହୃଦୟନାଥ, ତାଙ୍କରି ନାଁରେ ଗାଁରେ ଗୋଟେ ଡାକ୍ତରଖାନା କରି । ଘନଶ୍ୟାମଆରୋଗ୍ୟନିକେତନର ଶିଳାନ୍ୟାସ ଉତ୍ସବ ଆଜି (୨୮-୧୨-୭୧) । ଆମେରିକାରୁ ଆସିଛି ସେ, ଇବି ଅଛି ଟିକିଙ୍କୁ ଦେଇ । ଝିଅ ଗୀତା ଏବେ ମେଡ଼ିକାଲ ଛାତ୍ରୀ, ଭାରି ନାଆଁ କମେଇଛି । ମୀରା ବେଶ୍ ବଡ ହୋଇଗଲାଣି, ମୋ ବୋଉ ଡେହେରି ସଙ୍ଗେ ତା ଡେହେରି ମିଶେ;

Digitized by srujanika@gmail.com

ଗାଁ ଲୋକେ କହୁଛନ୍ତି । ନିଖିଳ ବି ଘରର ପରମେଶ୍ୱର ରଖି ଧନକୁ ମନ୍ତ୍ରେ ବନ୍ଧ୍ଚି, ଖୁବ୍ ତେଙ୍ଗା, ବଳୁଆ ହୋଇଛି ।

ବୁଢ଼ା ପୁରୋହିତେ ଗଡ଼ିଗଲେଣି । ତାଙ୍କ ପୁଅ ମୋ ପୁଅ ବୟସର ହେବେ । ସେହାତ ଟେକି ବସିଛନ୍ତି, ମୁଁ ନମସ୍କାର ହେଲେ କଲ୍ୟାଣ କରିବେ । କାରଣ ସେ ଆମର ସମ୍ମାନାସ୍ପଦ କୁଳପୁରୋହିତ, ମୁଁ ସାମାନ୍ୟ ଯଜମାନ ମାତ୍ର । 'ଦେ ଦେବତାଙ୍କୁ ଆବାହନ କର. କୁଶାସନ ଦେ, ଅର୍ଘ୍ୟ ଦେ, ଚନ୍ଦନ ଦେ, ଫୁଲ୍ ପକା, ଦେବତାଙ୍କ ନାଁ ଧରି ଡାକିଲେ ସାମ୍ନାରେ ଜଳୁଥିବା ହୋମ ନିଆଁରେ ଆହୁତି ଢାଳ୍ ।' ମୁଁ ଆଦେଶ ପାଳନ କରେ । ସ୍ୱର୍ଗର ଇନ୍ଦ୍ର, ପାତାଳର ବରୁଣ, ମର୍ତ୍ତ୍ୟର ବାୟୁ, ଗାଁର ଓ ଘରର ଦଶ ଦେବତାଙ୍କ ନାଆଁରେ ଅହୁତି ଢଳା ହେଲାପରେ ହୋମ ସରିଲା, ଆମ ମୁଣ୍ଡରେ ହୋମ ଘିଅରେ ଗୋଳା ହୋଇ ହୋମ ବିଭୁତି ଟିକା ଦିଆଗଲା, ପୋଡ଼ା ହୋମନଡ଼ିଆ ସଙ୍ଗି ଖଣ୍ଡେ ଖଣ୍ଡେ ଖାଇବାକୁ ଦିଆଗଲା । ଏମିତି ହୋମ ସରିଲା । ମୁଁ, ଭଦ୍ରମ୍ଭ, ଇସି ଶିଳା ଛୁଇଁଲୁ, ଶିଳାନ୍ୟାସ ଉତ୍ସବ ହୋଇଗଲା ।

ଦିନରେ ପରେ ମାଂସ ନାହିଁ, ହାଣ୍ଡି ଗୁରଖଣ୍ଡ, ଯାତ୍ରା କହନ୍ତି - ଆଁ କଲେ ଅନ୍ତ ଦିଶୁଚି । ବୀର ମହାନ୍ତିଙ୍କ ସଙ୍କୀର୍ତ୍ତନ ଶିଷ୍ୟ ନଟବର ସାହୁ କାନ ମୂଳେ ବାଁ ହାତ ଦେଇ ସଙ୍କୀର୍ତ୍ତନ ଗୀତଟିଏ ଗୁଣ୍ଡିଦେଲା । ଝାଞ୍ଜ ଦପଟ ବଜେଇଲା, ମୃଦଙ୍ଗ ବାଜା ତା ଗୀତ ସଙ୍ଗେ ଗୋଡ଼େଇଲା । ଏତେ ବଡ଼ କଥାଟାଏ ହେବାକୁ ଯାଉଛି, ଗ୍ରାମବାସୀଙ୍କ ମନରେ ଅପୂର୍ବ ଉନ୍ମାଦନା ।

ତାପରେ ଉଠ କହିଲା—ମାଟ୍ରିକ୍ ପାସ୍ ପରେ ସାଇନାକୁ ପଚାରିଲି- କଣ କରିବ ?

ସାଇନା କହିଲେ ପୃଥିବୀରେ ବହୁତ ରୋଗୀ, ବହୁତ ରୋଗ । ନନା ପୂଟୁଳି ବୈଦ୍ୟ ଚିକିତ୍ସାରେ ମରନ୍ତି, ବୋଉ ବି ପାନେ ଔଷଧ ନ ପାଇ ମରିଚି । ସାଇନା ଗ୍ରାମ ଜୀବନରେ ଚରମ ଅଭାବ ଅଉ ଦୁର୍ଦ୍ଦଶା ଭିତରେ ଡାକ୍ତରଙ୍କୁ ଷୋଳଟଙ୍କା (ମାସକର ଆହାର) ଫିସ୍ ଦେଇ ସାର୍ଟିଫିକେଟ ଖଣ୍ଡିଏ ଆଣିଛନ୍ତି । ଡାକ୍ତର ମୁହଁକୁ ଚାହିଁ ନାହାନ୍ତି । ସରକାରୀ ଡାକ୍ତର ଡାକ୍ତରଖାନାର ଶେଯ ବିକୁଚି, ଔଷଧ ବିକୁଚି, ରୋଗୀଙ୍କ ଖାଦ୍ୟ ଉପରେ ଡାହାଣ ଆଖି ପକାଉଚି ।

ଆମ ଲୋକେ ଯେ କେତେ ଗରିବ ସେ ଜାଣେନାହିଁ । କେତେ ଅଧାଖିଆ, କେତେ ଉପାସିଆ, କେତେ ଅଧାଲଙ୍ଗଳା, କେତେ ଲଙ୍ଗଳା, କେତେ ଦା ଖଣ୍ଡିଏ ଲୁଗାକୁ ଧୋଇ ଶୁଖେଇ ପିନ୍ଧନ୍ତି । ଏ ବିକଟ ଦାରିଦ୍ର୍ୟ ସମ୍ବାଦ ଯେ ଜାଣେନାହିଁ ବା ଜାଣି ସିଆଣା ହୁଏ ।

Digitized by srujanika@gmail.com

ଲୋକେ ଆକାଶକୁ ଚାହିଁ କଲବଲ ଛଟପଟ ହୋଇ ମରନ୍ତି । ପଥ୍ୟ ପାଞ୍ଚଣ ତ ଦୂରର କଥା, କେହି ଔଷଧ ପାଣି ଟୋପେ ପାଏନାହିଁ ।

ମୁଁ ଭାବେ ଏଇ ଯୋଡ଼ିକଆ ବରଗଛମୂଳେ ଶୋଷୀଙ୍କୁ ମହାର୍ଦ୍ଧ ଚେଂରୁଣି ବାଣ୍ଟିଥିଲ — ଆଜି ରୋଗୀଙ୍କୁ ଔଷଧ ପାଣି ବାଣ୍ଟିବ ।

ତାପରେ ମୁଁ କହିଲି — 'ଦୁଇଟି ଜିନିଷ ମଣିଷ ଭଲପାଏ ନାହିଁ — ଦେବାକୁ ଆଉ ମରିବାକୁ । ବହୁତ ଅଛି ବୋଲି ଲୋକ ଦେଉନାହିଁ, ଦେବାକୁ ମନ ଅଛି ବୋଲି ଦେଉଛି । ଅସୁସରେ ଉଡ଼ାଇ ଦେବାକୁ କୁବେର ସମ୍ପତ୍ତି ବି କମ୍ ନୁହେଁ । ସେ ଉଡ଼ାଇନାହିଁ, ସତ୍କର୍ମର ଡାକ ତାକୁ ଉଡ଼ାଇ ଆଣିଛି ଆମ ପାଖକୁ, ଏଠା ଲୋକଙ୍କ ଉନ୍ନତି ଲାଗି ସେ କୌଣସି ତ୍ୟାଗ ସ୍ୱୀକାର କରିବାକୁ ପଛେଇବ ନାହିଁ । ଏବେ ଦିନକୁ ୧୪ଘଣ୍ଟା ଖଟୁଚି, ଲୋଡ଼ା ହେଲେ ଆଉ ଚାରିଘଣ୍ଟା ଖଟିବ ।'

ଟାଇଲ୍ ଖସେ, ଚଟାଣ ଭୁସେ

କାନ୍ଥ ପଲଷ୍ଟରଛଡ଼ା, ଜାକୁଆ, ଗାରୁଆ, ଫିମ୍ପିମରା, ହୁଙ୍କାଭରା, ଖରା ପଡ଼ିଲେ ଏଠି-ସେଠି ଦୁଣି ହୋଇଯାଏ ଟଙ୍କା, ଅଧୁଲି, ସୁକିଆ, ଦଶପଇସି । ବର୍ଷା ପାଣି ସୁଅରେ ଉପରକୁ ଉଠି ଆସନ୍ତି ବେଙ୍ଗ, ତାଙ୍କୁ ଗୋଡ଼ାଉ ଗୋଡ଼ାଉ ସାପ; ଟାଇଲ୍ ଖସେ, ଚଟାଣ ଭୁସେ ।

ଏଇ ପ୍ରାଥମିକ ସ୍କୁଲରୁ ମୁଁ ପାସ କରିଥିଲି ୧୯୨୮ରେ, ଝିଅ ୧୯୬୧ରେ । ଅଜି ଆମ ଦୁହିଙ୍କ ସଂସ୍କୃତ ଶିକ୍ଷକ ଓ ଗୁରୁଜନ ନେ ଗର୍ବିତ — ଏକ ଆଖିରେ ଚାହିଁଛନ୍ତି — କେତେ ଟଙ୍କା ଘୋଷଣା କରିବୁ । ଗାଁରେ ଯେ ଟଙ୍କା ନାହିଁ, ନୁହେଁ, ହାତରୁ ଖସେନାହିଁ କେତେକଙ୍କର ଏମିତି କି ଦେବାର ମନ ବି । ଦେବାକୁ ପଡ଼ିଲେ ଦିଏ ହେ, ଯାହା ଦା ହରିଭକ୍ତ ଲାଗି ଦଉଡ଼ାଏ ନାହିଁ । ଓକିଲ ଖାଏ, ପୁଲିସ ଖାଏ, କଚେରୀର ଭୂତପ୍ରେତ ବି ଖାନ୍ତି । କିନ୍ତୁ ଶିକ୍ଷା ଲାଗି ପଇସାଟିଏ ଦେଲେ ଦେହରୁ ଯେମିତି ରକ୍ତ ଖସି ପଡ଼ିଲା ପରି ଲାଗେ । ନିଜ ଧନ୍ଦାରେ ଦହଗଞ୍ଜ ଦହଗଞ୍ଜ ଜୀବନ ବିତେ । ସମୂହ ଲାଗି ମଣିଷଟିଏ ନାହିଁ — କିଏ ଭାହାକୁ ଶୋଷି ପାରିବ ପେଷି ପାରିବ, ଚଟା କାଟି ପାରିବ, ଏଇ ତାଲରେ ଅଛନ୍ତି । କେତେ ଘରରୁ ଫାଟିଫୁଟି ଯାଉଛନ୍ତି । ଆଧ୍ୟାତ୍ମିକତା ଉଠଲୁ କେହି ପାଦେ ଆଗେଇଢେଇ ପାରିନାହିଁ । ଏକମାତ୍ର ସଫଳ ଶିକ୍ଷକ ହୋଇଛି ବିପଦ — ମୃତ୍ୟୁ, ସେ ଯାବାଡ଼ କରି ଦେଇଛି କେଡ଼େ କେଡ଼େ ଅସାଧୁଙ୍କୁ । ଇଏ ଓ ଝିଅ ପ୍ରାଥମିକ ସ୍କୁଲ ଗୃହର ମରାମତି ଲାଗି ପଠାଇଛନ୍ତି ଏକ ହଜାର ଡଲାର୍ । ଗ୍ରାମରୁ ବ୍ୟୟର ଏକ ତୃତୀୟାଂଶ ଚାନ୍ଦା ଆଦାୟ ହେଲେ ସେମାନେ ଅବଶିଷ୍ଟ ଟଙ୍କା ଦେଉଛନ୍ତି ।

Digitized by srujanika@gmail.com

ଗ୍ରାମରୁ ଶ୍ରମ ଆକାରରେ ଯାହା କିଛି ଆଦାୟ ହେବ । ସେଥିରେ ଧନୀ ଦରିଦ୍ରର ବାଛବିଚାର ନାହିଁ; ପୂରା ସାମ୍ୟବାଦ !

ହୁଏତ ଗୋଟାଏ ଖର୍ଚ୍ଚର ହିସାବ ଦେଖାଇ ଦିଆଯିବ । ଯାନ୍ଧସାହାରେ ଏ ସବୁ ଆଦାୟ ଯେତେ ସହଜ, ଶିକ୍ଷାକ୍ଷେତ୍ରରେ ନୁହେଁ । ଏହିପରି ଗ୍ରାମ୍ୟ ଜୀବନ; ହୁଏତ ସର୍ବତ୍ର ସମାନ ନୁହେଁ । କୌଣସି କୌଣସିଠାରେ ଜଣେ ଜଣେ ସାମାନ୍ୟ ଶିକ୍ଷିତ ଲୋକ ହୁଏତ ହାତମୁଠା ଖୋଲି ଦିଅନ୍ତି, ବହୁତ ବଡ଼ ବଡ଼ କାମ କରିଯାନ୍ତି । ଦୃଷ୍ଟାନ୍ତ ବିରଳ ନୁହେଁ ।

ଭକ୍ତ ସୁଧନ୍ୱା

ବିସ୍ମୃତ ଘନ ଭାଇନାଙ୍କ ସ୍ମୃତିକୁ ଉଦ୍‌ଜୀବିତ କରିବା ଲାଗି ଚେଷ୍ଟା ହେଲା । କିନ୍ତୁ ସେ ଦିନର ତାଙ୍କ ଯାତ୍ରାନାଟକସବୁ କାହିଁ ? ବହୁ ଖୋଜାଖୋଜି ପରେ ମିଳିଲା ତାଙ୍କ ପ୍ରଥମ ନାଟକ 'ସୁଧନ୍ୱା' ।

ମାତ୍ର ୨୦ ବର୍ଷ ବୟସରେ ଭାଇନା ଲେଖିଥିଲେ, ୧୯୩୦ ଖ୍ରୀଷ୍ଟାବ୍ଦରେ । ବାଘଘର ସୁନା ମୁଦିକ ମାତ୍ର ପାଠିଏ ଟଙ୍କାରେ ବନ୍ଧା ପକାଇ ଛପାଇ ଥିଲେ; ନାମ କରିବା ନିଶା ଏପରି ଥିଲା ।

ତାଙ୍କର ଏଇ ଅନୁପମ ସାହିତ୍ୟପ୍ରୀତିକୁ ନନା ଏତେ କବି ହେଲେ ବି ପସନ୍ଦ ନ କରି ଓଲଟି ଗାଳି ଦେଇଥିଲେ—କୁଳାଙ୍ଗାର, ତୁ ଯେଉ ବୁଦ୍ଧି ଧରିଲୁଣି କିଛି ରଖିବୁ ନାହିଁ, କଳା କନା ବୁଲାଇ ଦେବୁ ।

ଭାଇନା କେମିତି ଜାଣିଥା ନାହାନ୍ତି, ଯାହା ହଜୁଡ଼ି ଯାଇଛନ୍ତି ନିଜେ ! ବହୁ ସ୍ୱେଦରେ ଗଢ଼ିଥିବା ତାଙ୍କ ସାହିତ୍ୟଫସଲଟି ମରୁଡ଼ିରେ ଯାଉଛି । ଯାହା ଛପା ହୋଇଥିଲା ସୁଧନ୍ୱା । ଆଉ ହରିଚକ ଜହ୍ନି ଫୁଲ ପରି ସଞ୍ଜେ ଫୁଟି ସକାଳେ ଯାଉଛି । ୨୫ଟଙ୍କା ପୁରସ୍କାର ଘୋଷଣା କଲା ପରେ ମିଳିଲା ଖଣ୍ଡେ ପାଣ୍ଡୁଲିପି, ଖଣ୍ଡେ ଛାପା ପୁସ୍ତକ । ପୁରସ୍କାର ଦୁଇଭାଗରେ ବାଣ୍ଟି ଦିଆଗଲା ।

ଭାଇନାଙ୍କ ଯାତ୍ରାମେଳର ପୁରୁଣା ହାରମୋନିୟମ ବାଜି ଉଠିଲା । ଢୋଲକ ବାଜି-ଉଠିଲା—ତା ତା ତେଟେଲେ ତା ତା ତେଟେଟ; ଚର୍ଚ୍ଚି ଉଠିଲା ଦେଉଳ । ଚନ୍ଦ୍ରମଣି ବିଦ୍ୟାପୀଠର ପୁରସ୍କାର ବିତରଣ ଉତ୍ସବ ପରେ ଝିଅମାନେ—ମୁଖ୍ୟାଂଶରେ ଭାଇନାଙ୍କ ନାତୁଣୀମାନେ ଅଭିନୟ କଲେ ।

ମହାଭାରତର ଜଣେ ରାଜା ହଂସଧ୍ୱଜ । ସେ ପାଣ୍ଡବଙ୍କ ଯଜ୍ଞାଶ୍ୱର ଆଜ୍ଞାପତ୍ରିକା ପଢ଼ିଲେ—କ୍ଷତ୍ରିୟ ପ୍ରତି ଏ ଘୋର ଅବଜ୍ଞା - ଅପମାନ । ସେ ପାଣ୍ଡବଙ୍କ ବିରୁଦ୍ଧରେ ଯୁଦ୍ଧ

Digitized by srujanika@gmail.com

ଘୋଷଣା କଲେ, ଅଦ୍ଭୁତ ଘୋଷଣା କଲେ – ସେ କାଲି ସୂର୍ଯ୍ୟୋଦୟ ପୂର୍ବରୁ ରଣ-ପ୍ରାଙ୍ଗଣରେ ଉପସ୍ଥିତ ନ ହେବ, ତୈଳ କୁଣ୍ଡରେ ନିକ୍ଷିପ୍ତ ହେବ । ସ୍ତ୍ରୀ ଏଣେ ପ୍ରଭାବତୀର ବ୍ରତ ପାଳନ ଯୋଗୁଁ ପ୍ରିୟ ପୁତ୍ର ସୁଧନ୍ୱାର ବିଳମ୍ବ ହୋଇଗଲା, ରାଜାଜ୍ଞା ବେଦର ଗାର, ଟଳିବାର ନୁହେଁ, ସୁଧନ୍ୱା ତପ୍ତ ତୈଳ କୁଣ୍ଡରେ ନିକ୍ଷିପ୍ତ ହେଲା; କିନ୍ତୁ ସେ ଶ୍ରୀକୃଷ୍ଣଙ୍କ ପରମ ଭକ୍ତ । ଭଗବାନ୍ ତା ଜୀବନ ରକ୍ଷା କଲେ; ତପ୍ତ ତୈଳ ଶୀତଳ ହୋଇଗଲା । ବୀର ସୁଧନ୍ୱା ଅକ୍ଷତ ଦେହରେ ଆସି ପଞ୍ଚ ପାଣ୍ଡବଙ୍କୁ ଯୁଦ୍ଧରେ ପରାସ୍ତ କଲା । ହେଲେ ଶ୍ରୀକୃଷ୍ଣଙ୍କ କୂଟନୀତି ସଖା ଅର୍ଜୁନଙ୍କୁ ଶେଷରେ ବିଜୟୀ କଲା, ପ୍ରଭାବତୀଙ୍କ ସତୀତ୍ୱବ୍ରତ ଭଗବାନ୍ ହରଣଛଳ କରିନେଲା ପରେ ସୁଧନ୍ୱା ନିହତ ହେଲା ।

ଏବେ ଜୀବିତ ଗ୍ରାମମାନଙ୍କ ଯାତ୍ରାମେଳର ବୁଢ଼ା ବୁଢ଼ା ଅଭିନେତାମାନେ ଗୀତରେ ସ୍ୱର ଦେଉଥିଲେ, ପୁଷ ମାସର ଶୀତକାକରରେ ବସି ହଜାର ହଜାର ଲୋକ ଏ ଅଭିନୟ ଉପଭୋଗ କରୁଥିଲେ, ଉଦ ଅଖିରୁ ଲୁହ ଝରୁଥିଲା ।

ମନରେ ନାହିଁ ତ ମାଳାରେ ନାହିଁ

ଅହୋରାତ୍ର 'ଦେଶ' 'ଦେଶ' ହେଲେ ଦେଶବାତ୍ସଲ୍ୟ ପ୍ରକାଶ ପାଏନାହିଁ ବା ଦେଶସେବା ହୁଏନାହିଁ । ୧୯୭୭ରୁ ୧୯୭୯ ଏଇ ଦୁଇବର୍ଷର ଜନତାଦଳ ଶାସନ ଏକ ଚରମ ବ୍ୟର୍ଥତା । ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ କିଛି ସତ୍‌କାର୍ଯ୍ୟ କରିଥିଲେ ଯାହାଫଳରେ ଅନ୍ତତଃ ଅପନ୍ୟାୟ କରିଥିବା ଇନ୍ଦିରାବାଦୀଙ୍କୁ ଲୋକେ ଭୁଲିଯାଇଥାନ୍ତେ । କିନ୍ତୁ ଇନ୍ଦିରା ନିବାରଣ, ନିଶାନିବାରଣ, ମଦ୍ୟପାନ ପ୍ରଚଳନ କରୁ କରୁ ଏ ଅନେକଦଳୀୟ ସରକାର ଭୁଷୁଡ଼ି ପଡ଼ିଲା, ଚରଣସିଂହ ସରକାର ଆହୁରି ଅନେକଦଳୀୟ । ଏମାନେ ଦେଶକୁ ଆଦୌ ମାତ୍ର ଆଗେଇ ନେଇପାରିଲେ ନାହିଁ । ଘୋର ଅପମିଶ୍ରଣ, ଚୌର୍ଯ୍ୟ ଓ ଅନୈତିକତା ମଧ୍ୟରେ ପ୍ରକାଶ ହେବ; ଫଳତ ଅବାଧତା, କର୍ତ୍ତବ୍ୟ ଚ୍ୟୁତ ହେଲା । ଦୁର୍ନୀତି ଓ ବିଶୃଙ୍ଖଳା ମଧ୍ୟରେ ସରକାର ସାକ୍ଷୀଗୋପାଳ ପାଲଟି ଯାଇଥିଲା, ଫଳରେ ବିସ୍ମୃତିର କୁହୁଡ଼ି ଭିତରେ ହଜିଯାଉଥିବା ଇନ୍ଦିରାଙ୍କ ଛବି ଉଜ୍ଜ୍ୱଳତର ହୋଇଉଠିଲା । ବୋଧ ହେଉଥିଲା ଇନ୍ଦିରାଙ୍କ ପରି ଯୋଗ୍ୟତା ଓ ଦୂରଦୃଷ୍ଟି ସମ୍ପନ୍ନ କୌଣସି ନେତା ଭାରତରେ ନାହାନ୍ତି ।

ମୁଖ୍ୟତଃ କେତୋଟି କାର୍ଯ୍ୟ ଇନ୍ଦିରାଙ୍କୁ ଯଶସ୍ୱିନୀ କରିଥିଲା —

(କ) ପାକିସ୍ଥାନ ଉପରେ ବିଜୟଲାଭ, ପାକିସ୍ଥାନ ଭଙ୍ଗା, ପୂର୍ବପାକିସ୍ଥାନରେ ଆତ୍ମସମର୍ପଣ କରିଥିବା ପ୍ରାୟ ୯୦ହଜାର ମୁସଲମାନ ସୈନ୍ୟଙ୍କୁ ବର୍ଷାଧିକ କାଳ ବନ୍ଦୀ କରି ରଖିବାରେ ବିଶ୍ୱଦରବାରରେ ଭାରତର ମର୍ଯ୍ୟାଦା ବୃଦ୍ଧି ହୋଇଥିଲା ।

Digitized by srujanika@gmail.com

(ଖ) ଆଟମ୍‌ବୋମା ପରୀକ୍ଷା ଫଳରେ ଭାରତ ପୃଥିବୀର କ୍ଷମତାଶାଳୀ ରାଷ୍ଟ୍ର-ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇଥିଲା । ଭାରତ ଦରିଦ୍ର ହୋଇପାରେ, କିନ୍ତୁ ତାର ବୈଜ୍ଞାନିକ ଗବେଷଣା ଯେ କୌଣସି ଶକ୍ତିଶାଳୀ ରାଷ୍ଟ୍ରଠାରୁ ନ୍ୟୂନତର ନୁହେଁ, ଏହା ପ୍ରମାଣିତ ହୋଇଥିଲା ।

(ଗ) ଦ୍ରୁତଗାମୀ ନୋଟ୍ ସାହାଯ୍ୟରେ ଅସାଧୁ ବ୍ୟବସାୟୀମାନଙ୍କୁ ଧରି ବହୁତ ଶାସ୍ତିବିଧାନ ଓ ଦରଦାମ୍ ସ୍ଥିରୀକରଣ ତାଙ୍କର ଅନ୍ୟ ଏକ ମୁଖ୍ୟ କାର୍ଯ୍ୟ ଥିଲା । ବାରକାଠ ତେରଗୋଲରେ ଗଠିତ ଜନତାଦଳର ଅଧୋଗତି ଭାରତରେ ସମ୍ପୂର୍ଣ୍ଣ ବିପ୍ଳବ ଆଣିବାକୁ ଚେଷ୍ଟା କରୁଥିବା ଜରାଜୀର୍ଣ୍ଣ, ରୁଗ୍ଣ ନେତା ଜୟପ୍ରକାଶଙ୍କୁ ନୈରାଶ୍ୟର ଅନ୍ଧକାର ମଧ୍ୟରେ ବୁଡ଼ାଇ ଦେଇଥିଲା । କ୍ଷମତାଲାଭ ଲାଗି ନୀଚ ଶ୍ରେଣୀର ପ୍ରତିଯୋଗିତା, ଉତ୍କଟ ଧନଲିପ୍ସା, ଘନ ଘନ ଦଳବଦଳ ଓ ବିଶ୍ୱାସଘାତକତା ଜଗତ ଆଖିରେ ଜନତାଦଳକୁ ନ୍ୟୂନ ପ୍ରତିପନ୍ନ କରିଥିଲା । ଫଳରେ ଇନ୍ଦିରାଙ୍କ ବିଜୟ ସୁନିଶ୍ଚିତ ହେଲା (୧୯୮୦, ଜାନୁୟାରୀ) ।

କିନ୍ତୁ ଦୁର୍ଗତି ଏକ ନିୟମବଦ୍ଧ ବିଷୟ ତଳ ମୂଳରୁ ଚୂଳ ପର୍ଯ୍ୟନ୍ତ ଖେଳୁଛି, ମନ୍ତ୍ରୀଠାରୁ ମାମୁଲିଙ୍କ ପର୍ଯ୍ୟନ୍ତ ଅଧିକାଂଶଙ୍କର ନୈତିକ ମାନ ତଳକୁ ଖସିଯାଉଛି । ଶାନ୍ତିପୂର୍ଣ୍ଣ ଗ୍ରାମସବୁ ନାନା ଦଳାଦଳିରେ ବିଦୀର୍ଣ୍ଣ । ଏହି ଦୁର୍ଗତିରୁ ପୁନରଭ୍ୟୁଦୟ ହେଲେ ଭାରତର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହେବ ।

ପୁରସ୍କାରକାହାଣୀ

ଏ ବର୍ଷର ସବୁଠାରୁ ବଡ଼ ଘଟଣା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତି । ଭାରତ ଦରବାରରେ ସାହିତ୍ୟିକ ମୂଲ୍ୟମାନ ହୋଇଗଲା । ଏ ପରେ ମୋ ଲେଖାରେ ମାଲମସଲା ଖୋଜିବା ଲୋଡ଼ାନାହିଁ । ମୋ ମୂଲ୍ୟ ବଢ଼ାଇ ଭୁଲିଲେ ପ୍ରାୟ ସମସ୍ତେ । କେତେ ମୂଲ୍ୟ ଥିଲା କିଏ ଜାଣେ ? ଏତିକିଲେ କିନ୍ତୁ କେତେ ନାଁ କେତେ ହୋଇଗଲା, ଯେଉଁମାନେ ପଢ଼ିନାହାନ୍ତି ସେମାନଙ୍କ ଆଖିରେ ବି ।

ମୋ ଅପେକ୍ଷା ଏଥିରେ ବେଶୀ ଖୁସି ମୋର କେତେ ସାଙ୍ଗ, ଯାହାଙ୍କ ଗ୍ରନ୍ଥ କେବେ ଛାପାରେ ପାଉଣିଆ ହୋଇନାହିଁ । ହରି ଦୋହଡ଼ି, ନୌଡ଼ିବା ବିଷୟ ଯଦ ବା ଏ ନୁହେଁ । ଆଜୀବନ ସାହିତ୍ୟର ଜଣେ ମଳିମୁଣ୍ଡିଆ ସ୍ରଷ୍ଟା ସେ । ଶେଷରେ ପୋଡ଼ି ପୋଡ଼ାକାଠ ହୋଇଗଲେ ବି ଯେପରି ଲଙ୍ଗଳାଫୁଙ୍ଗୁଳା ସ୍ରଷ୍ଟାକୁ କେହି ଶୁଝିଲା ଧନ୍ୟବାଦଟିଏ ଦିଏନାହିଁ, ସେହିପରି ଅମ ହରି । ଅଧ୍ୟାପିକା ଗୀତା ବାଟବାହୁଲା ହେଉଯାଇଚ; ତାର ନଖରୁ ଶିଖ ନାଚୁଛି କି ଅଲୁଅା ଆନନ୍ଦରେ—ଲୋକସାହିତ୍ୟ ଗବେଷିକା ସେ, ସତରେ ଆନନ୍ଦର ଏକ ଝରଣା ପାଲଟି ଯାଉଛି ।

Digitized by srujanika@gmail.com

୧୬-୧୨-୭୯ ରାତି ସକାଳର ପହିଲା ଫୋନ୍ ! କିଛି ଖବର ? ନା, ସାହିତ୍ୟିକ ନନ୍ଦକିଶୋର ରଥ କହୁଛନ୍ତି । ଦୁର୍ମୁଖ ହେବାରେ ଝୁଙ୍କି ଥାଏ, ଶୁଭ ସମ୍ବାଦ ଦେବାରେ ଲୋକମୁଖର ହୋଇଛି ।

ସାହିତ୍ୟିକ ଶ୍ରଦ୍ଧା, ସମ୍ବର୍ଦ୍ଧନା ତ ନୁହନ୍ତି । ଦିନ ଦିନ ଫୋନ କଥାବାର୍ତ୍ତା, ବନ୍ଧୁ ଚର୍ଚ୍ଚା, ଟେଲିଗ୍ରାମର ଶୁଭେଚ୍ଛା । ମିଠା ଖୋଇବା ଅପେକ୍ଷା ଖାଇଥିଲି ବହୁ, ଖାଇବା ବୟସ ଗତ ବା ଏ ନୁହେଁ । ପ୍ରାପ୍ତ ସମସ୍ତଙ୍କ ତୁଣ୍ଡରେ ଗୋଟିଏ କଥା— ଫଳିଲା ହି, ବାଳମୂତରେ । ଆଉ କିଏ କହିଲେ— କାହିଁ ମାମୁଁଠାରୁ କଣା ମାମୁଁ ଭଲ । କେତେ ତ ଫେର୍ ନାଁଶରେ ଆଖି ବୁଜିଲେ !

କେହି କହିଲେ— ଏକାଡେମୀ ଆପଣଙ୍କୁ ସମ୍ମାନ ଦେଇ ଆପେ ହିଁ ସମ୍ମାନିତ ହେଲା । ଆଉ କେହି— ଶକୁନ୍ତଳା ଦେହରେ ଲାଗି ଅଳଙ୍କାର ଅଳଙ୍କୃତ ହେଲେ ବୋଲି କାଳିଦାସ କହିଛନ୍ତି । ସେହିପରି ଏକ କଥା ନୁହେଁ ଏ, ଅତିରଞ୍ଜିତ, ଗତ ବା ସୁନ୍ଦର, ସୁନ୍ଦର । କାରଣ ଏକାଡେମୀ ଏକ ଅନୁଷ୍ଠାନ, ମୁଁ ସାମାନ୍ୟ ବ୍ୟକ୍ତି ମାତ୍ର; ଆଜି ଅଛି, କାଲି ନାହିଁ ।

ତା ଆଗରୁ କେହି କେହି ଉପଦେଶ ଦେଇଥିଲେ — ଦେଖ୍, ଯେ ଯୋଗ୍ୟ ତାକୁ କେମିତି ସରକାର ଡାକି ଡାକି ପୁରସ୍କାର ଦେଉଛନ୍ତି । ତୁମେ ? ହଁ, ଲେଖୁଛ, ଏମିତି କେତେ ତ ଲେଖୁଛନ୍ତି ! ଘଣ୍ଟା ବାଜି ଚାଲିଥାଏ, ଦାସ ମୁଣ୍ଡରେ ତୁମକୁ ପଚାରୁଛି କିଏ ?

ତାର ଉତ୍ତର ମୁଁ ଦେଇଛି— କାଉଁ, ମୁଁ କଣ ଇସ୍କୁଲ ପିଲା ହେଲିଣି, ପୁରସ୍କାରରେ ଫଳ ଉଠିବ ? ଘରଦ୍ୱାରରେ ଝୋଟି ପଡ଼ିବ ? ଛତ୍ରଶିଆ ଘୁଙ୍କରିଆଟାଏ ହେଲିଣି ଯେ ବଳ୍ମୀକ ଉଠିବ ? ଏତେ ଏତେ ବୁଢ଼ା ପୁରସ୍କାର ଲାଗି ଠାକୁ ଦେଲେ ଲୋକେ ହସିବେ ନାହିଁ ? ଲଡ଼ୁରେ ସିନା ପିଲାଙ୍କ ଆଦର !

ବୁଝିଲ, ସୃଷ୍ଟି ସର୍ଜନା କରି ଦେଖି ଭଗବାନ୍ ଖୁସି, ନିଜ ଲେଖା ପଢ଼ି ସେମିତି କବି । ସର୍ଜନଆନନ୍ଦରୁ ବଡ଼ ଆନନ୍ଦ କଣ ଅଛି ? ଲେଖାର ଦରଦାମ୍ ହୁଏ କେଉଁଠି, ମୂଲ ଦେଇପାରେ କିଏ ? ଭୌତିକ ଫଳ ପ୍ରତି ନିସ୍ପୃହ ନ ହୋଇ କେଉଁ ଲେଖକ ସାର୍ଥକ ସୃଷ୍ଟି ବା କରିପାରେ ?

କୌତୁକରେ କେହି କେହି ମାଗିଛନ୍ତି ଭୋଜ; କୌତୁକ ମଗାକୁ କୌତୁକ ଦିଆ— ସନ୍ତୋଷ ହିଁ ଚିରନ୍ତନ ଭୋଜ । ମୋ ଆଜିର ଭୋଜ କାଲିକି ବାସି ହୋଇଯିବ, ସନ୍ତୋଷ ସବୁଦିନେ ସଜ । ଯେତେ ଖାଇଲେ ବି ସରିବ ନାହିଁ—ଦେଖିବେ ତୃଷ୍ଣା ହୁଅ ବାବା !

Digitized by srujanika@gmail.com

ମହାରାଜା ହୋଇଥିଲେ କହନ୍ତି--ହାଟବାଟ ଜୁର କର । ରାଜ୍ୟାପରିଆରୁ କହନ୍ତି ଯେ ଯାହା ମାଗିବ ଦେଇ ପକା । ପ୍ରେମିକା ହୋଇଥିଲେ ପ୍ରେମିକର ଶୁଭ ସମ୍ବାଦ ଧାଇଲେ ଗଳାର ଗଜମୋତିମାଳ କାଢ଼ି ଦିଅନ୍ତି । ରଜା ନୁହେଁ କି ପ୍ରେମିକା ନୁହେଁ । ପଦାର୍ଥରେ ଦେଇ ମୋର ସନ୍ତୋଷ ନାହିଁ, ପଦାର୍ଥଟିଏ ନେଇ ବିଦଗ୍ଧ ରସିକ ବି ତୃପ୍ତ ହୁଏନାହିଁ । ଭଲ ଲେଖାଟିଏ ପଢ଼ିଲେ କେତେ କଣ ଦେଇଦେବାକୁ ମନ ହୁଏ । କିନ୍ତୁ ତାହା ହୁଏନାହିଁ, କାରଣ ଯେଉଁ ଲେଖା ହିଁ ଦାନ, ଲେଖକର ଆତ୍ମଦାନ । ଲେଖାରେ ଲେଖକ ହିଁ ଥାଏ । ଲେଖକଙ୍କୁ ପାଇଗଲା ପରେ କିଏ କାହିଁକି ତା ଠୁ ଅନ୍ୟ ଆଶା କରିବ ?

ଅଧିକାଂଶ ମଣିଷ ବଧିରକ୍ଷା । ଦୁଇ ସ୍ୱରଖଣ୍ଡ ସାହିତ୍ୟର ପରି ମାତ୍ର ମିଳନ୍ତୁ । ଜୁଲି ଅଗ୍ନି ଦୁଇବର୍ଷର ଶିଶୁ – ମୋ ସାହିତ୍ୟଙ୍କୁ ସେତେବେଳେ ଖୁବ୍ ଭଲ ପାଉଥିଲା ଯେ, 'ଲୋକଗଳ୍ପସଞ୍ଚୟନ' ପ୍ରୀତିରୁ ତାର ଅକ୍ଷରପରିଚୟ ଓ ଓଡ଼ିଆ ଭାଷା ସହିତ ପ୍ରେମର ପରିଚୟ ହୋଇଥିଲା । ନିତି ଗୋଟାଏ ଗପ ନ ଶୁଣିଲେ ତାକୁ ନିଦ ହେଉ ନ ଥିଲା । ସେ ମୋ ନାଆଁ ଦେଇଥିଲା 'ଲୋକଲ ମଞ୍ଜନ' । ଏବେ ତା ବୟସ ବାର । ସେ କୌତୁକିଆ ଚିଠି ଟିଏ ଲେଖିଛି –

ପରମ ପୂଜନୀୟ ଲୋକଲ ମଞ୍ଜନ,

ଏଇ ଦିନରେ ମୁଁ ଆପଣଙ୍କୁ ପାଞ୍ଚ ଫଟିଲଦନ୍ ଜଣାଉଛି । ଆପଣଙ୍କ ଲୋକଗଳ୍ପସଞ୍ଚୟନ ବହିଖଣ୍ଡି ମୋତେ ଓଡ଼ିଆ ଭାଷା ସହିତ ପ୍ରଥମେ ପରିଚିତ କରାଇଥିଲା । ଆଜି ମଧ୍ୟ ସେଥିରୁ କିଛି ନ ପଢ଼ିଲେ ମତେ ନିଦ ହୁଏନାହିଁ । ମୁଁ ମୋ 'ଲୋକଲ ମଞ୍ଜନ' ଙ୍କ କୃତିତ୍ୱରେ ଗର୍ବ ଅନୁଭବ କରୁଛି ।

ତା ବାପା ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ ଲେଖିଛନ୍ତି (୧୭.୧୧.୭୯) "ପ୍ରଣାମ ଓ ହାର୍ଦ୍ଦିକ ଅଭିନନ୍ଦନ ଗ୍ରହଣ କରିବେ । ବିଶେଷତଃ ଶ୍ରୀମତୀ ଆଚାର୍ଯ୍ୟ ଓ ମୋ କନିଷ୍ଠା କନ୍ୟା ଜୁଲିର ଅଭିବାଦନ । ଆପଣଙ୍କୁ ସେ ଦୁର୍ଦ୍ଦିନେ ଜୁଲିର ଦିଟିପି ବଚନରୁ ଲବ୍ଧ 'ଲୋକଲ-ମଞ୍ଜନ'ର ନାୟକ ବୋଲି ଆଜିକୁ ପ୍ରାୟ ଦଶ ବର୍ଷ ତଳୁ ଜାଣନ୍ତି । ଜୁଲିକୁ ଦୁଇ ବର୍ଷ ହେଲା ବେଳୁ ଆପଣଙ୍କ 'ଲୋକଗଳ୍ପସଞ୍ଚୟନ'ର ସମସ୍ତ ଗଳ୍ପ ତା ମା ଅନ୍ତତଃ ଶହେ ଥରରୁ ବେଶୀ ଶୁଣାଇ ଶୁଣାଇ ତାକୁ ଭାଷା ଶିକ୍ଷା ଦେଉଥିବା ମୁଁ ନିଜେ ଦେଖିଛି ଓ ଜାଣିଛି । ଏହି ସୂତ୍ରରେ ଆପଣ ଆମ ପରିବାରରେ 'ଲୋକଲ-ମଞ୍ଜନ' ପଦବୀ ଲାଭ କରିଥିଲେ ଆଜିଯାକେ ।"

Digitized by srujanika@gmail.com

ଯାହାକୁ ଦରବେଶି କଥାବୁହା ବନ୍ଦୁଁ କଲେଜରେ ପଢ଼ିବାଯାଏ ଦେଖି ଆସୁଛି—ଏ ଆମ ପଡ଼ୋଶୀ ଝିଅଟି ଲେଖିଛି—"ଠିକ୍ ମୋ ସୁନା ଭଉଣୀଟି ଭଳି ତୁମେ ମୋ ସୁନା ମଉସା; ମୋ ଆଗରେ ତୁମକୁ କେହି ମଉସା ଡାକଦେଲେ ମୋର କେଜାଣି କାହିଁକି ଭାରି ଈର୍ଷା ହୁଏ, ମୋ ଘର ଢେଙ୍କିଶାଳରୁ ଢେଙ୍କାନାଳ ପର୍ଯ୍ୟନ୍ତ କଏ ତୁମ ସଙ୍ଗେ ଗପ ମେଳେ ?

ମଉସାଙ୍କ ଇତିହାସ 'ମୋ କାହାଣୀ' ପଢ଼ି ଇତିହାସ କହିପାରିବେ ବହୁତ ଜଣ, ହେଲେ ତାଙ୍କ ଭୂଗୋଳ କହିପାରିବେ କେତେ ଜଣ ? ମୋ ଭଳି ଏତେ ପାଖରୁ ଦାଦଙ୍କୁ ପାଇଛନ୍ତି କେତେ ଜଣ ?

ଗଦା ଗଦା ଚିଠି—ଝିଏ ଯେତେ ପାରେ ପଠାଇଛନ୍ତି, ଡର ଲାଗେ—ମଉସାଙ୍କୁ ମୋର ଏତେ ଝପଟକୁ ଟେକ ଖସାଇ ଦେବେ ନାହିଁ ତ ?

ଏମାନେ ଭଲ ପାନ୍ତି ତୁମକୁ ନୁହେଁ, ତୁମ ମୁଣ୍ଡକୁ, ଲେଖାକୁ, କିଏ ଭଲ ପାଏ ତୁମ ସରଳତାକୁ, ଉଦାରତାକୁ ।

ତୁମେ ମତେ ଭଲ ଲାଗ, ସେଥିଲାଗି ଭଲ ଲାଗେ ତୁମ ଲେଖା । ତୁମକୁ ଭଲ ପାଏ, ଯେଣୁ ସମ୍ମାନ ଦିଏ ପ୍ରତିଭାକୁ, ମା ଯୋଉ ପିଲାକୁ ସ୍ନେହ କରେ, ତା ଦୁଷ୍ଟାମି ତା ଆଖିରେ ପଡ଼େନା । ସେହିପରି ମୁଁ ତୁମର ସବୁ ଲେଖାକୁ ଭଲ ପାଏ, କାରଣ ମୁଁ ତୁମକୁ ଭଲପାଏ, ମଉସା ।"

କବି ବ୍ରଜନାଥ ରଥ ବାଲେଶ୍ୱରରୁ ଲେଖିଛନ୍ତି (୧୮ । ୧୨ । ୭୯)

"ପ୍ରକୃତ ସ୍ରଷ୍ଟା ସ୍ୱୀକୃତିକୁ ଅପେକ୍ଷା କରେନାହିଁ, କରିବା ଉଚିତ ମଧ୍ୟ ନୁହେଁ, କି ସାଧନାର ଫଳଶ୍ରୁତି ସ୍ୱରୂପ ଯଦି ରାଷ୍ଟ୍ର ବା ସମାଜ ସ୍ରଷ୍ଟାକୁ ତାର ପ୍ରକୃତ ମୂଲ୍ୟ ନ ଦିଏ, ବା ତାର ସୃଷ୍ଟିକୁ ପ୍ରକୃତ ସ୍ୱୀକୃତି ନ ଜଣାଏ, ତା ହେଲେ ସାଧନାର ସିଦ୍ଧି ମରୁ ପଥରେ ହିଁ ହଜିଯାଏ । ଅଗଣିତ ରସଜ୍ଞ ପାଠକ ହିଁ ଲେଖକର ପ୍ରକୃତ ଆଶିଷ । ସେମାନଙ୍କ ସ୍ୱୀକୃତି ହିଁ ଏକାଡେମୀ ସ୍ୱୀକୃତିଠାରୁ ବହୁ ଉର୍ଦ୍ଧ୍ୱରେ ଏବଂ ଉତ୍ତରପର କାଳର ସ୍ୱୀକୃତି ହିଁ ସ୍ରଷ୍ଟାର ଚରମ ସ୍ୱୀକୃତି । ଆପଣ ସେହି କାଳଜୟୀ ସ୍ରଷ୍ଟାର ଗୌରବ ପାଇଁ ସମର୍ଥ ହୋଇପାରିଲେ ଏ ଜାତି ଧନ୍ୟ ହେବ ।"

କବି ରମାକାନ୍ତ ରଥ ଦିଲ୍ଲୀରୁ ଲେଖିଛନ୍ତି—ଆପଣ ଏ ବର୍ଷ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ସମ୍ବାଦ ମୋ ପକ୍ଷରେ ଏକାନ୍ତ ପ୍ରୀତିକର । ଆପଣଙ୍କ ସମ୍ପର୍କିତ

Digitized by srujanika@gmail.com

ଡାକ୍ତର ଅଫିସର୍‌ । ମୁଁ କବି ନାହିଁ । ଓଡ଼ିଆ ଜନଜୀବନ ପ୍ରତି ଆପଣଙ୍କ ଅନୁରକ୍ତି ଯୋଗୁଁ ଆପଣ ଆମ ସଂସ୍କୃତିର ଇତିହାସରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି । ଏତେ ଦିନର ଓ ଏତେ ପ୍ରଗାଢ଼ ନିଷ୍ଠା ଓ ଅଧ୍ୟବସାୟ ପାଇଁ କୌଣସି ଆନୁଷ୍ଠାନିକ ସ୍ୱୀକୃତି ଯଥେଷ୍ଟ ନୁହେଁ । ତଥାପି ଏପରି ଏକ ସ୍ୱୀକୃତି ଫଳରେ ଅନେକ ତାଙ୍କର ଅକପଟ ଶ୍ରଦ୍ଧା ପ୍ରକଟ କରିବାର ସୁବିଧା ସୁଯୋଗ ପାଆନ୍ତି । ମୁଁ ସେମାନଙ୍କ ଭିତରେ ଅନ୍ୟତମ । ଈଶ୍ୱର ଆପଣଙ୍କୁ ଦୀର୍ଘାୟୁ କରି ଆପଣଙ୍କ ମାଧ୍ୟମରେ ଓଡ଼ିଆ ସଂସ୍କୃତିକୁ ସମୃଦ୍ଧ କରନ୍ତୁ ।'

ଅଧ୍ୟାପକ କ୍ଷେତ୍ରବାସୀ ଓ ତାଙ୍କ ସ୍ତ୍ରୀ ଅଧ୍ୟାପିକା ଲାବଣ୍ୟ ନାୟକ ଏକ ମିଳିତ ପତ୍ରରେ ଲେଖିଛନ୍ତି "'ମୋ କାହାଣୀ' ଆପଣଙ୍କ ଆତ୍ମଜୀବନୀ ସତ, କିନ୍ତୁ ତାହା ଭବ-କୃତିର ସାକ୍ଷରଠାରୁ ବଳି ମର୍ଯ୍ୟାଦାବନ୍ତ । ଆପଣଙ୍କ ଗଦ୍ୟ ତ ଛନ୍ଦୋମୟ, ପ୍ରତି ଉଚ୍ଚାରଣ କବିତାର ସ୍ତବକ ପରି ଶ୍ରୁତିମଧୁର ଓ ମର୍ମରୋଚକ । ଆମର ଧାରଣା ଯେ ଏ ବର୍ଷର ଜାତୀୟ ସ୍ୱୀକୃତି ହିଁ ବାସ୍ତବିକ କବିତ୍ୱର ସ୍ୱୀକୃତି ।"

ଏ ସଂପର୍କରେ ଦେବଦାସ ଲିଖିତ 'ଧରିତ୍ରୀ' ଦୈନିକ ସମ୍ପାଦକୀୟରୁ ଉଦ୍ଧାର ନ କରି ରହିପାରିଲି ନାହିଁ ।

'ମୋ କାହାଣୀ'ର ଭାଷା, ଶୈଳୀ ଅପୂର୍ବ । ଡକ୍ଟର ଦାସ ଉପକୂଳବର୍ତ୍ତୀ ଓଡ଼ିଶାର ଗ୍ରାମ୍ୟ ଭାଷାକୁ କେବଳ ଅଧ୍ୟୟନ କରି ନାହାନ୍ତି, ଗ୍ରାମ୍ୟ କଥିତ ଭାଷାରୁ କାବ୍ୟରସ ଆବିଷ୍କାର କରି ତାଙ୍କ ରଚନାଶୈଳୀକୁ କାବ୍ୟ ମାଧୁର୍ଯ୍ୟରେ ରସାଣିତ କରିଅଛନ୍ତି । ଓଡ଼ିଆ ଗଦ୍ୟ ଶୈଳୀରେ ତାଙ୍କର ଏକ ସ୍ୱତନ୍ତ୍ର ଅବଦାନ ରହିଛି । ତାଙ୍କ ଶବ୍ଦଯୋଜନା ଓ ବାକ୍ୟ-ବିନ୍ୟାସରେ ଏପରି ଏକ ପ୍ରାଣବନ୍ତ ଆନ୍ତରିକତା ପ୍ରକାଶ ପାଏ ଏବଂ ଏପରି ଏକ ସାବଲୀଳ ଛନ୍ଦୋମୟତା ଧ୍ୱନ୍ୟାତ୍ମିତ ହୁଏ, ଯାହା କି ତାଙ୍କର ଗଦ୍ୟକୁ ପଦ୍ୟମୟ କରିଦିଏ । ତାହେଲେ ବି ତାଙ୍କ ଗଦ୍ୟଶୈଳୀ ଗଦ୍ୟର ମୁକ୍ତମୁକ୍ତତା, ଯଥାଯଥତା, ପରିଚ୍ଛନ୍ନତା ଓ ଶବ୍ଦମଣ୍ଡା ହରାଏ ନାହିଁ । ମୋ କାହାଣୀ ପାଠ କଲାବେଳେ ପାଠକ ଚିତ୍ତ ଏକାବେଳକେ ଉପନ୍ୟାସ ଓ କବିତାର ସ୍ୱାଦ ଆସ୍ୱାଦନ କରିଥାଏ ।

ଯୋଉ ବିଶିଷ୍ଟ ବ୍ୟକ୍ତିଙ୍କର ଜୀବନ ନାନାଦି ବାହ୍ୟ ଓ ଆଭ୍ୟନ୍ତରୀଣ ସଂଘର୍ଷ, ସଂଗ୍ରାମ ଓ ସଂଘାତ, ଜୟପରାଜୟ, ଆଶାନିରାଶା, ସୁଖଦୁଃଖ ପ୍ରାପ୍ତି ଓ କ୍ଷତିର ଅନୁଭୂତିରେ ଘଟଣାବହୁଳ ହୋଇ ବିଚିତ୍ର ହୋଇଥାଏ, ତାହାରି ଜୀବନୀଟି ପାଠ କରି ପାଠକ ଖୁସି ହୁଏ ଏବଂ ତାହାରି ଭିତରୁ ଜୀବନର କିଛି ଅର୍ଥ ମଧ୍ୟ ବୁଝିନିଏ । କହିବା ବାହୁଲ୍ୟ, ମୋ କାହାଣୀ ଆତ୍ମଜୀବନୀ ସେତିକି ଦେଇଦେବାରେ ଅକୁଣ୍ଠିତ, ଅପୂରନ୍ତ ।'

ବେଦ ପାଠ କରି ସ୍ୱୟଂ ସଚ୍ଚିଦାନନ୍ଦ ପାଖରେ ମୋତେ ବସାଇ ଥିଲେ, ସମସ୍ତଙ୍କୁ ଖଣ୍ଡା ରସଗୋଲା (ଦହିବରା) ଓ ମୋତେ ରସଗୋଲାଟିଏ ଖୋଇ ଦେଇଥିଲେ। ଏହାର ପ୍ରକୃତ ଅର୍ଥ ଯେ ଯାହା ବୁଝନ୍ତୁ, 'ଡଗର'ର ହାସ୍ୟରସର ଏକାଂଶ ବୋଲି ମୁଁ ବୁଝିଥିଲି।

ମୋ କାହାଣୀର ଅଧିକାଂଶ ପହିଲେ ଡଗରରେ ଛାପିହେବ, 'ଅଧୁନା'ରେ ବାହାରିଥିଲା। 'ସରସସାହିତ୍ୟସମିତି' ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ଏକାନ୍ତ ସ୍ୱତଃସ୍ଫୂର୍ତ୍ତି ହୋଇଥିଲା। 'ଇସ୍ତାହାର' ପରିବାର ଓଡ଼ିଶାରେ ପୂଜ୍ୟପୂଜା ବ୍ୟତିକ୍ରମ ହୁଏ, ଏ ଧାରଣା ଭୁଲ୍ ବୋଲି ପ୍ରମାଣ କରିଦେଇଥିଲେ।

ଢେଙ୍କାନାଳମହାବିଦ୍ୟାଳୟସ୍ଥିତ ଭାଷା ଓ ସାହିତ୍ୟ ପାଠଚକ୍ରର ସମ୍ବର୍ଦ୍ଧନାରେ ଥିଲା ନାଟକୀୟତା। ସାଧୁଅନ୍ କାଷ୍ଠ ପ୍ରଦତ୍ତ ଫଳକରେ ଏଇ ପତ୍ରର କିୟଦଂଶ ଓ ଅନ୍ୟତ୍ର ଏଇ ଭାବେ ଉଲ୍ଲିଖିତ ହୋଇଥିଲା। "ଆଜି ଫାଲ୍‌ଗୁନର ଏଇ ପ୍ରଥମ ପକ୍ଷରେ ଆପଣଙ୍କୁ ଆମ ଗହଣରେ ଲଭି କରି ଢେଙ୍କାନାଳ ମହାବିଦ୍ୟାଳୟର 'ଭାଷା ଓ ସାହିତ୍ୟ ପାଠଚକ୍ର' ଧନ୍ୟ ହୋଇଛି। ମହାଶୟ, ଆପଣ ତ ଆପଣଙ୍କର ସମସ୍ତ କବିତାରେ ପ୍ରକୃତି ପ୍ରତି ଅକୃତ୍ରିମ ସ୍ନେହ ପ୍ରକାଶ କରି ଆସିଛନ୍ତି। ଆମେ ଏଠାରେ ଆପଣଙ୍କ ପାଇଁ ନୀଳ ନୀଳ ପାହାଡ଼ ଓ ପାହାଡ଼ର ପରିବେଶ ସଜାଡ଼ି ରଖିଛୁଁ। ଶାନ୍ତିନିକେତନର ଆମ୍ରକୁଞ୍ଜରେ ଆପଣ ଜୀବନ-ଚର୍ଯ୍ୟା କରିଥିଲେ ବୋଲି ଆମେ ଆପଣଙ୍କୁ ଡାକି ଆଣିଛୁ ଏଇ ସବୁଜ ସହକାର କୁଞ୍ଜକୁ। ପଲ୍ଲୀସାହିତ୍ୟ ପ୍ରତି ଆପଣଙ୍କର ଅଖଣ୍ଡ ପ୍ରୀତି ଅଛି। ମହାଶୟ! ପଲ୍ଲୀ ଏଠାରୁ ଦୂର ନୁହେଁ। ଏଇ ଅନୁଷ୍ଠାନର ସୀମାନ୍ତରୁ ହିଁ ଲମ୍ବି ଯାଇଛି ପଲ୍ଲୀ ଓ ପଲ୍ଲୀ। ସେଥିପାଇଁ ଆଶା କରୁଛୁ, ହୃଦୟରେ ଏ ଅନୁଷ୍ଠାନ ଆପଣଙ୍କ ମନଲାଖି ହୋଇ ପାରିବ। ଆପଣ କବି, ପ୍ରକୃତିର କବି, ଲୋକ ଜୀବନର କବି, ମଣିଷର ଦାରିଦ୍ର୍ୟ ପ୍ରତି ସହାନୁଭୂତିଶୀଳ କବି। ରାଧାନାଥଙ୍କ ପ୍ରକୃତି ପ୍ରେମ, ଗୋପବନ୍ଧୁଙ୍କ ଗଭୀର ଜନତାପ୍ରେମ ଓ ରବୀନ୍ଦ୍ରନାଥଙ୍କ ଜୀବନଦେବତାର ପ୍ରେମ ସହିତ ଅନ୍ତରଙ୍ଗ ସଦ୍ଭାବ ଆପଣଙ୍କୁ ଦରିଦ୍ର ଜନତା ପ୍ରତି ସହାନୁଭୂତିଶୀଳ, ପ୍ରକୃତି ପ୍ରତି ସ୍ନେହ-ଶୀଳ ଓ ଜୀବନ ପ୍ରତି ମମତାମୟ କରେ ସୌନ୍ଦର୍ଯ୍ୟ-ଅନୁରାଗୀ ତଥା ମାନବପ୍ରେମୀ କବିଭାବେ ରୂପାନ୍ତରିତ କରିଛି। ରାଧାନାଥଙ୍କ ପ୍ରେରଣାରେ ଆପଣ ଓଡ଼ିଶା ତଥା ଭାରତର ବିଚିତ୍ର ପ୍ରକୃତିର ନବ ଆବିଷ୍କାର କରିବାକୁ ସମର୍ଥ କରିଛନ୍ତି। ଗୋପବନ୍ଧୁଙ୍କ ପ୍ରେରଣାରେ ଆପଣ 'ମୁଣ୍ଡେଖାଇ — ଦଣ୍ଡେ ଜୀଇଁ' — ରହୁଥିବା ଓଡ଼ିଆ ପଲ୍ଲୀବାସୀଙ୍କ ହୃଦୟର ବାର୍ତ୍ତା ଶୁଣିବାକୁ ସାରା ଓଡ଼ିଶା ବୁଲିଛନ୍ତି। ରବୀନ୍ଦ୍ରନାଥଙ୍କ ପ୍ରେରଣାରେ ଆପଣ ହୋଇଛନ୍ତି ଭାଷାର କାରିଗର ଓ ସୌନ୍ଦର୍ଯ୍ୟର ସେବକ। ଆପଣଙ୍କ 'ପ୍ରତିଭା', 'ବାଗ୍ରା', 'ଡୁଡୁମା', 'ଅଣୁ', 'ଚଇତାଳି', 'ଲହୁ ଓ ଲଫି', 'ନର୍ମଦା', 'ସେ ଏକ ଲେମନ ନୀଳ ହାତ', 'ମାଟି ଓ ଲଠି', 'ଆଲବମ୍', 'ଫସଲ ଓ ଫସିଲ୍' ପ୍ରଭୃତି ଅନେକ କବିତାଗ୍ରନ୍ଥରେ ରୂପସୀ-ପ୍ରକୃତି ଓ ଦୁଃଖୀ ମଣିଷକୁ କେତେ

ଯତ୍ନରେ, କେତେ ଆବେଗରେ, କେତେ ସୁନ୍ଦର ଭାବେ ଏକାଠି କରି ପାରିଛନ୍ତି ଆପଣ । ଓଡ଼ିଶାର ଅଗଣିତ ଶିଶୁ, କିଶୋର ଓ ବୟସ୍କଙ୍କ ଉଦ୍ଦେଶ୍ୟରେ ରଚିତ ଆପଣଙ୍କର କବିତା ଦ୍ୱାରା ଓଡ଼ିଆ ପଦ୍ୟସାହିତ୍ୟ ହୋଇଛି ବିଶେଷ ଭାବେ ମଞ୍ଜୁଳ । ହେ ସ୍ରଷ୍ଟା, ଆପଣ ସର୍ବଥା ଆମର ବରଣୀୟ ।

ଆଜକୁ ଦୁଇହଜାର ବର୍ଷ ତଳେ ତମସାବୃତ ଇତିହାସର କେଉଁ ଏକ ଆଲୋକିତ ଦିନରେ ଓଡ଼ିଶାର ବୌଦ୍ଧ-ଶ୍ରମଣ, ଋଷି, ରାଜକୁମାର ଓ ସାଧବମାନେ ବୌଦ୍ଧଧର୍ମର ମହାନ୍ ବାର୍ତ୍ତା ନେଇ ଯାଇଥିଲେ ଲଙ୍କା ଦ୍ୱୀପକୁ । ଦୁଇହଜାର ବର୍ଷ ପରେ ଓଡ଼ିଶାର ସାଂସ୍କୃତିକ ବାର୍ତ୍ତା ବହନ କରି ଆପଣ ହୋଇଥିଲେ ଲଙ୍କାଯାତ୍ରୀ । କେବଳ ଶ୍ରୀଲଙ୍କା ନୁହେଁ, କୁମାରିକାରୁ କାଶ୍ମୀର ଓ ଅଜନ୍ତାରୁ ହିରୋସିମା ଯାଏଁ ଜାପାନରୁ ଆମେରିକା ଓ ଆଫ୍ରିକା ଯାଏଁ ଯେଉଁଠାକୁ ଆପଣ ଯାଇଛନ୍ତି ଏଣୁ... 'ଧନରେ ଦରିଦ୍ର ହେଲେହେଁ ମନରେ ପ୍ରେମରେ ଉଦାରତାରେ ମହୀୟାନ୍' ଓଡ଼ିଆ-ଜାତିର ଅଭିମାନ, ସଂସ୍କୃତି ଓ ସାହିତ୍ୟ ନେଇ ଯାଇଛନ୍ତି । 'ଲଙ୍କାଯାତ୍ରୀ', 'ପଥ ଓ ପଥିକ', 'ମୋ ସ୍ୱପ୍ନର କାଶ୍ମୀର', 'ଆମେରିକାରୁ ୟୁରୋପ ଆଫ୍ରିକା' ପ୍ରଭୃତି ଆପଣଙ୍କ ଲିଖିତ ଭ୍ରମଣକାହାଣୀଗୁଡ଼ିକ ଆମ ପାଇଁ ଦେଶ-ବିଦେଶର ଭାବାତ୍ମକ ଓ ସାଂସ୍କୃତିକ ଦର୍ପଣ ସଦୃଶ । ଓଡ଼ିଆ ଗଦ୍ୟସାହିତ୍ୟରେ ସେସବୁ ଅମୂଲ୍ୟ ରତ୍ନ । ହେ ଦ୍ରଷ୍ଟା ! ଆପଣଙ୍କର ରସପୂର୍ଣ୍ଣ ଦୃଷ୍ଟି ଯୁଗଯୁଗକୁ ବନ୍ଦ୍ୟ ରହିବ । ଆପଣଙ୍କ ସାଧନାମୟ, ଜାତି ଓ ଭାଷାସେବାରେ ଉତ୍ସର୍ଗୀକୃତ ଜୀବନର କଥା 'ମୋ କାହାଣୀ' ଏ ଦେଶର ଲକ୍ଷ ଲକ୍ଷ ପାଠକଙ୍କୁ ଆତ୍ମୋତ୍ସର୍ଗର ପ୍ରେରଣା ଦେବ । ସର୍ବୋପରି, ଜନଶ୍ରୁତିମାନ ଓ ଅପଦୃଷ୍ଟମାନ ଓଡ଼ିଆ ପଲ୍ଲୀର ଯନ୍ତ୍ର ମନ୍ତ୍ର ଗୀତ ଓ ଶତାଧିକ କାହାଣୀ ସଂଗ୍ରହ କରି ଆପଣ ଓଡ଼ିଆ ସଂସ୍କୃତିର ସଂରକ୍ଷଣ ଦିଗରେ ଅତୁଳନୀୟ ଯତ୍ନ କରିଛନ୍ତି । ତା'ର ମାଧ୍ୟମରେ ଓଡ଼ିଆ ଜନସମାଜର ରସମୟ ଓ ଭାବମୟ ଜୀବନର ଆବିଷ୍କାର କରି ଆପଣ ଏକ ଉଦାସୀନ, ଆତ୍ମବିମୁଖ ଜାତିର ଯେଉଁ ଉପକାର କରିଛନ୍ତି, ଓଡ଼ିଆ ଭାଷା ଓ ସାହିତ୍ୟର ଇତିହାସରେ ତାର ତୁଳନା ନାହିଁ । 'ଲୋକରତ୍ନ' ଉପାଧି ଆପଣଙ୍କ ବ୍ୟକ୍ତିତ୍ୱ ପାଇଁ ସର୍ବାର୍ଥରେ ଉପଯୁକ୍ତ ।

ଓଡ଼ିଆ ଭାଷା ଓ ସାହିତ୍ୟର ଗବେଷଣା ପାଇଁ ଉପଯୁକ୍ତ କ୍ଷେତ୍ର ଓ ଅନୁପ୍ରେରଣା ପ୍ରସ୍ତୁତିଦିଗରେ ଆପଣଙ୍କ ଉଦ୍ୟମ ସର୍ବଦା ସ୍ମରଣୀୟ । ସୃଷ୍ଟି ଓ ସମୀକ୍ଷା ଉଭୟ କ୍ଷେତ୍ରରେ ଆପଣଙ୍କ ଦାନ ଅନବଦ୍ୟ । ଆପଣଙ୍କ ଉଚ୍ଚାଙ୍ଗ ଜୀବନ-ବୋଧ, ମାର୍ଜିତ ଭାଷା, ପରିପକ୍ୱ ଆଲୋଚନା ଓ ଅଖଣ୍ଡ ସାଧନା ଆପଣଙ୍କ ସମସ୍ତ ସୃଷ୍ଟିରେ, ସଂଗ୍ରହରେ, ସାହିତ୍ୟ ସମାଲୋଚନାରେ ଓ ଗବେଷଣାତ୍ମକ ନିବନ୍ଧମାଳାରେ ପରିଦୃଷ୍ଟ ହୁଏ । କୌଣସି କ୍ଷେତ୍ରରେ ଆପଣ ଲଘୁ ସାଧନା, ଲଘୁ ଆଚରଣ ଓ ବହିରଙ୍ଗାବଲୋକନରେ ବିଶ୍ୱାସ କରନ୍ତି

Digitized by srujanika@gmail.com

ନାହିଁ । ରସଚେତନାର ସୁନିୟନ୍ତ୍ରିତ ପରିପ୍ରକାଶ ଓ ସର୍ବୋପରି ଏକ ଉଦାର ମାନବବାଦୀ ଦୃଷ୍ଟି ଆପଣଙ୍କ ରଚନାର ସ୍ପଷ୍ଟ ଅଭିମୁଖ୍ୟ ଓ ଦର୍ଶନ । ଇଂରାଜୀ ଭାଷାରେ ପୁସ୍ତକ ଓ ପ୍ରବନ୍ଧ ଲେଖି ଆପଣ ଓଡ଼ିଆ ଲୋକ-ସଂସ୍କୃତିକୁ କେବଳ ସର୍ବ-ଭାରତୀୟ ସ୍ତରରେ ନୁହେଁ, ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିଷ୍ଠା ଦେବା ଦିଗରେ ପ୍ରୟାସ କରି ସଫଳତା ଅର୍ଜନ କରିଛନ୍ତି । ଆପଣଙ୍କ ସମସ୍ତ କୃତିତ୍ୱ ଓ ସଫଳତା ପାଇଁ ଅଭିନନ୍ଦନ ଜଣାଇବାବେଳେ, ଏହି କାମନା କରୁଛୁ ଯେ—ଏ ଜାତିର ତମସାବୃତ ପ୍ରାଣରୁ ଅନ୍ଧକାର ସମ୍ପୂର୍ଣ୍ଣ ଦୂର ହେବାଯାଏଁ, ଶିଥିଳ, ଶ୍ରମକାତର ଜଡ଼ପ୍ରାଣ ନବୀନ ଉତ୍ସାହରେ କର୍ମମୁଖର ହେବାଯାଏଁ—ଆପଣଙ୍କ ପ୍ରତିଭାର ଦୀପ୍ତ ପ୍ରଦୀପ ଦେଦୀପ୍ୟମାନ ରହିଥାଉ ।

। ଜୟତୁ ଜଗତ୍ ।"

ଶୈଳବାଳାମହିଳାକଲେଜର ପୁରାତନ ଓ ନୂତନ ଛାତ୍ରୀବୃନ୍ଦ ଉପାୟନ ଦେଇଥିଲେ (୩୧-୧-୮୦) ଗୋଟିଏ ଧାତୁନିର୍ମିତ କୋଣାର୍କଚକ୍ର । ସେମାନଙ୍କ ଶ୍ରଦ୍ଧାଞ୍ଜଳି ପୂର୍ଣ୍ଣ ହୋଇଥିଲା କେତୋଟି କବିତା ପଦ ଆଉ ପୁଷ୍ପଗୁଚ୍ଛରେ । କବିତାଟି ଉଦ୍ଧାର କଲେ ମୋର ପ୍ରକାଶିତ ଓ ଅପ୍ରକାଶିତ କବିତା ପୁସ୍ତକଗୁଡ଼ିକର ନାମ ହିଁ ଉଦ୍ଧୃତ ହୁଅନ୍ତା ।

'ଆପଣଙ୍କ ନବ ନବ ଉନ୍ମେଷଶାଳିନୀ ପ୍ରଜ୍ଞା ଅନନ୍ୟସାଧାରଣ । ଆପଣ ଜଣେ କର୍ମଯୋଗୀ । ନାନାଦି ବାଧାବିଘ୍ନ, ନିନ୍ଦାଅପମାନ, ଦୁଃଖଦୈନ୍ୟ ଭିତରେ କଥା ଓ କାର୍ଯ୍ୟର ସମନ୍ୱୟ ସମ୍ପାଦନ କରି କର୍ମକୁ ହିଁ ଭଗବାନ୍ ବୋଲି ଜୀବନସାରା ବିଚାରି ଆସିଛନ୍ତି । ନୈଷ୍ଠିକ ସାଧନା, ଦୃଢ଼ ଆତ୍ମପ୍ରତ୍ୟୟ ଓ ଅଟଳ ବିଭୁଭକ୍ତି ଆପଣଙ୍କୁ କୋଟିଏ ଭିତରେ ଗୋଟିଏ କରି ତୋଳିଛି । ଆପଣଙ୍କ ସାଧୁ ସୌଜନ୍ୟ ସ୍ନିଗ୍ଧତା ଶତ୍ରୁକୁ ବି ମିତ୍ର କରିଦିଏ । ଆଜି ଆମେ ଏଇ ଶୁଭ ଅବସରରେ ଆପଣଙ୍କୁ 'ଲୋକନିଧି' ଉପାଧିରେ ଭୂଷିତ କରିବା ସଙ୍ଗେ ସଙ୍ଗେ ଆପଣଙ୍କ ଦୀର୍ଘଜୀବନ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ (୧୯-୧୨-୭୯, କଳାବିନୋଦ) ।

କ୍ଷେତ୍ରବାସୀ ଡ଼. ଏ. ଭି କଲେଜର ଛାତ୍ରଛାତ୍ରୀଗଣ (୧୯-୨-୮୦) ବି ମାନପତ୍ର ଦେଇଛନ୍ତି "ଆପଣ କେନ୍ଦ୍ର ସାହିତ୍ୟଏକାଡ଼େମୀରୁ 'ମୋ କାହାଣୀ' ପାଇଁ ପୁରସ୍କୃତ ହୋଇ ସର୍ବଭାରତୀୟ ସ୍ତରରେ ଓଡ଼ିଆ ଅଧ୍ୟାପନା ବିଭାଗର ସମ୍ମାନ ପରିବର୍ଦ୍ଧିତ କରିଛନ୍ତି । କବି, ପ୍ରାବନ୍ଧିକ, ସମୀକ୍ଷକ, ସମାଲୋଚକ, ଆତ୍ମଚରିତ ଲେଖକ ଭାବରେ ଆପଣ ଓଡ଼ିଆ ସାହିତ୍ୟର ନମସ୍ୟ । ଜଣେ ଅଧ୍ୟାପକ ଭାବରେ ଆପଣଙ୍କ ଛାତ୍ରବତ୍ସଳତା ପ୍ରତ୍ୟେକ ଅଧ୍ୟାପକଙ୍କ ସ୍ମରଣୀୟ । ବ୍ୟକ୍ତି ଭାବରେ ଆପଣଙ୍କ ହସ ହସ ମୁହଁଟି ଛାତ୍ରସମାଜକୁ ଚିରଦିନ ପ୍ରୋତ୍ସାହିତ କରିବ ।"

ରେଭେନ୍ସା କଲେଜ ଓଡ଼ିଆବିଭାଗର ସମ୍ବର୍ଦ୍ଧନା (୨୮-୩-୮୦) ଶେଷ ସମ୍ବର୍ଦ୍ଧନା, ତାର ଏ ଦିଗରେ ଶୂନ ହେବା ଚେଷ୍ଟାକୁ ବିଫଳ କରିଥିଲା ମୋ ଅବହେଳା ।

ଅଧ୍ୟାପକମୁଖ୍ୟ ଜାନକୀବାବୁ, ପ୍ରାଧ୍ୟାପକ କୃଷ୍ଣଚରଣ ବେହେରାଙ୍କ ଉକ୍ତି ବିଦଗ୍ଧ-ଜନୋଚିତ, ମର୍ମବେଧକ । ଅଧ୍ୟାପକ କ୍ଷେତ୍ରବାସୀଙ୍କ ପ୍ରବନ୍ଧରୁ ଯତ୍କିଞ୍ଚିତ୍ ଉଦ୍ଧାର କଲି—

'ଅମର ଲୋକସାହିତ୍ୟପୁଞ୍ଜକୁ ଆପଣ ବିଶ୍ୱଦରବାରରେ ପ୍ରତିଷ୍ଠିତ କରିଛନ୍ତି, ଓଡ଼ିଆର ଆତ୍ମକାହାଣୀକୁ 'ମୋ କାହାଣୀ'ରେ ରୂପାୟିତ କରିଛନ୍ତି । ହଜିଯାଇଥିବା ପ୍ରାଣର ସ୍ରୋତକୁ ଆପଣ ପୁଣି ଜୀଆଁଇ ଦେଇଛନ୍ତି, ଆପଣଙ୍କ ସୃଷ୍ଟିର ବିପୁଳ ସମ୍ଭାର ମଧ୍ୟରେ ।'

'ସାହିତ୍ୟ ଆପଣଙ୍କ ପାଇଁ ଜୀବନର ଏକ ଅଙ୍ଗ । ଏହାର ବ୍ୟବଚ୍ଛେଦ ଘଟିଲେ ଆପଣଙ୍କ ଦେହ, ମନରେ ବିକୃତିର ଆଭାସ ଫୁଟିଉଠେ । ସାହିତ୍ୟ ଲାଗି ପ୍ରାଣ ଦେବାର ମର୍ମ ଦୀର୍ଘକାଳର ଜୀବନ ଭିତରେ ଆପଣ ବୁଝିଛନ୍ତି ଓ ଆମକୁ ବୁଝାଇଛନ୍ତି । ସାରସ୍ୱତଲୀଳାମୟ ଆପଣଙ୍କ ଜୀବନ । ବହୁ ଆଘାତ ଓ ଯନ୍ତ୍ରଣାରେ କ୍ଷତାକ୍ତ ହୋଇଥିଲେ ମଧ୍ୟ ତାହାର ରକ୍ତଚିତାକୁ ସଂଗ୍ରାମୀ ପୁରୁଷର ସାହସବଳରେ ଅପଣ ଅତିକ୍ରମ କରି ଯାଇଛନ୍ତି ।'

'ଅବସରର ଶିଥିଳତା ଆପଣଙ୍କୁ ବ୍ରତଭଗ୍ନ କରିନାହିଁ । ଅକର୍ମଣ୍ୟ ବୋଲି ସ୍ୱୀକାର କରିନେବାକୁ ଆପଣ ଆଦୌ ପ୍ରସ୍ତୁତ ନୁହନ୍ତି । କାରଣ ଆପଣଙ୍କ ଦୃଷ୍ଟିକୋଣ ଭିନ୍ନ । ସାଧାରଣରେ ଅବସରଗ୍ରହଣର ଅର୍ଥ ମୃତ୍ୟୁର ସୋପାନକୁ ଅବତରଣ । କିନ୍ତୁ ଜୀବନ୍ମୃତ୍ୟୁର ଅନୁଭୂତି ତ ବଡ଼ ଭୟଙ୍କର । ଆପଣ କେଉଁଠୁ ଅବସର ନେଲେ ? ଜୀବନରୁ ନା ସାହିତ୍ୟରୁ ? ହୋଇପାରେ ଜୀବିକାରୁ । ଜୀବିକା ତ ଏକ ସ୍ଥୂଳ ଜିନିଷ । ଜୀବିକାର ଭେକ ପାଇଁ ସମସ୍ତେ ଲଢେଇ କରନ୍ତି । ବଞ୍ଚିବା ପାଇଁ ଏହା କିଛି ସମ୍ବଳ ଦେଇପାରେ । ମାତ୍ର ଏହାକୁ ଏକମାତ୍ର ଧନ କରି ଜୀବନ ବଞ୍ଚେଇ ହୁଏନାହିଁ ।'

'ମୁଁ ଯେତେବେଳେ ଅଧ୍ୟାପନାଜୀବନ ଆରମ୍ଭ କରେ, ସେତେବେଳେ ଆପଣଙ୍କ ଆଶିଷ ଥିଲା କଲମକୁ ପାଖଛଡ଼ା କରିବ ନାହିଁ । କାମର ବୋଝ ଏତେ ବଢ଼ିଯିବ ଯେ ସମ୍ଭାଳିବାକୁ ସମୟ ଅଣ୍ଟିବ ନାହିଁ । ଏବେ ବୁଝୁଛି, ଆପଣଙ୍କ ଅନୁଭୂତିରୁ ହିଁ ଆପଣ ଏ କଥା କହିଥିଲେ ।'

'ହେ ସାରସ୍ୱତ ତପସ୍ୱୀ, ପଚାଶରୁ ଅଧିକ ଗ୍ରନ୍ଥର ସ୍ରଷ୍ଟା, ଆପଣଙ୍କ ଅକ୍ଷରର ଶକ୍ତି କି ଶିଶୁ, କି କିଶୋର, କି ତରୁଣ, କି ପ୍ରବୀଣ ପ୍ରତ୍ୟେକଙ୍କ ପାଇଁ ଉନ୍ମାଦନାର କବିତା । ଯୁଗର ନିତି ନୂତନ ସ୍ପନ୍ଦନରେ ଆପଣଙ୍କ ସୃଷ୍ଟି ସ୍ପନ୍ଦିତ ହେଉ, ଜୀବନବେଦର ଓଙ୍କାର-

ସ୍ପନ୍ଦରେ ମନପ୍ରାଣ ଦୂରେଇଯାଉ । ଆପଣ ପୂର୍ତ୍ତି, ହେ ଶିଳ୍ପୀ ! ପୂର୍ତ୍ତିର ଆସ୍ୱାଦନରେ ଆପଣ ଆମକୁ ଧନ୍ୟ କରନ୍ତୁ ।’

ସ୍ତୁତିଗ୍ରନ୍ଥମାନଙ୍କ ଭିଡ଼ - ବସ୍ତୁତଃ, ବୃଦ୍ଧ ମୁଁ, ସୃଷ୍ଟିଶକ୍ତି ଶେଷପ୍ରାୟ । ଜବାବ୍‌ରେ ଲେଖୁଥିଲି—‘ବାହାରକୁ ବୁଢ଼ା ଦିଶିଲେ ବି କଲମ ମୋର ବୁଢ଼ା ହୋଇନାହିଁ, ସୃଷ୍ଟିର ଆବେଗ ଲୋପ ପାଇନାହିଁ । ତାରେ ସବୁଜ ଅଗ୍ରକୁ ରସ ଢାଳି ବଞ୍ଚାଇ ରଖିବା ଲାଗି ମୋର ନିରନ୍ତର ଚେଷ୍ଟା । ତାକୁ ପୋକଜାଳି ପାଣ୍ଡୁର କରିଦେବା ଲାଗି ବହୁ ତାଡ଼ନା ସାମ୍ନାକୁ ମାଡ଼ିଆସେ । ତାକୁ ସତେଜ ରଖିବା ଚେଷ୍ଟାରେ ହିଁ ଏବେ ମୋର ମୁକ୍ତି ।

ଦେହରୁ ଯୌବନ ଖସିଯାଇଛି । ଏବେ ଯେତିକି ଅଛି ଯୌବନ ସବୁ ପୁରିରହିଛି ମୋର ମନରେ । ଯେଉଁ ପ୍ରୀତି ଦେହଯୌବନରେ ନିତାନ୍ତ ସୀମିତ ଥିଲା, ପ୍ରାଣର ଯୌବନରେ ଏବେ ତାହା ଅସୀମ ହୋଇ ଉଠିଛି ।’

ସମ୍ବର୍ଦ୍ଧନାପତ୍ରମାନଙ୍କରେ ଅଦ୍ଭୁତ ସ୍ତବ, ଅଦ୍ଭୁତ ଚିନ୍ତା ଓ ରସର ପ୍ରବାହ । ବିଶାଳ ଖଣ୍ଡ-ପ୍ରବନ୍ଧ ସେଥିବୁ, ସେଇ ହିସାବରେ ଉପଭୋଗ୍ୟ । ମୁଗ୍ଧ ମୁଁ, ଆଦୌ ବିଚଳିତ ନୁହେଁ ।

ସମ୍ବର୍ଦ୍ଧନାରେ ଯେ ଯେତେ ନୁହେଁ, ତାକୁ ବଢ଼େଇ କୁହାଯାଏ । ସ୍ତୁତିର ଭିଡ଼ ଢେର ଅତିରଞ୍ଜିତ । ଫଳରେ ସାଧାରଣ ମଣିଷ ଅସାଧାରଣ ଦିଶେ । କ୍ଷୀଣ ସ୍ୱର ମାଇକ୍‌ରେ ବଢ଼ିଗଲା ପରି ପ୍ରଶଂସାଭରା ସ୍ଫୀତ କଣ୍ଠରେ ଅନାବେଇତ ବେଢ଼େ ବଡ଼ ହୋଇଗଲି ମୁଁ, ବୈଶାଖର ଶୁଷ୍କନାଳୀ ବର୍ଷା ବନ୍ୟାରେ ଯେପରି ଅଦ୍ଭୁତ ଦିଶେ ।

ଏ ଏକ ସାମୟିକ ବିସ୍ଫୋରଣ—ତା ପରେ ଖାଲି ଆଖିରେ ଯେ ଯେତିକି ସେ ସେତିକି ଦିଶେ । ମୋର ସେଇଆ ହେଲା । ଯଥାସ୍ଥାନକୁ ଖସିଆସିଲି ମୁଁ । ଦିନେ ପ୍ରଶଂସିତ ଯେ ହୋଇଥିଲା ଭୁଲିଗଲେ ସ୍ୱୟଂ ସମ୍ବର୍ଦ୍ଧନାକାରୀ । ଯେତିକି ଲୋକସ୍ୱୀକୃତ ହୋଇଥିଲି, ତାହା ବଢ଼ିବାରେ, କମିବାରେ ବି କାଳର ବିବେଚନା ଭିତରେ ।

ମୁଁ କେଉଁଠାରେ ସ୍ତବ କରିଥିଲି କେତେଜଣଙ୍କ ସମ୍ପର୍କ, ଜାଣେନାହିଁ । ସ୍ତବ ଦେଇ ସ୍ତବ ନୁହେଁ, ବେଳେ ବେଳେ ମିଳିଥିଲା ବରଂ ପରାଭବ, ଦୁର୍ଗତ ପ୍ରେମିକ ପରି ହୋଇଥିଲା ମୋ ଦଶା ।

ଅନେକ ଅନ୍ତେଯାଇଁ, ମୋ ଲେଖାକୁ ପସନ୍ଦ କରୁନଥିଲେ ‘ଜ୍ଞାନରୁ ବ୍ରହ୍ମଦର୍ଶନ’ ସମୟରେ ! ଉପର ସ୍ତରରୁ ସ୍ୱୀକୃତି ନ ମିଳିବା ହେତୁ ଯେ ପ୍ରକୃତ ବଡ଼ ସେ ଜଣେ ଅଧମ ସ୍ୱୀକୃତି ମଧ୍ୟ ପାଇବେ ନାହିଁ ?’

Digitized by srujanika@gmail.com

ସଂଶୟ ? ଏତେ ବିପୁଳ ସ୍ନେହପ୍ରୀତି ପ୍ରତି ସଂଶୟ ମୋର ନାହିଁ । ଚିର ସ୍ନେହ କାଙ୍ଗାଳ ମୁଁ । ଟୋପାଏ ବା ଧାରେ ସ୍ନେହ କୋଉଠି ପାଇଲେ ଶୋଷିନିଏ, ଶୋଷି ମହୁମାଛି ପରି । ଆଜି ଗୋଟାଏ ସମୁଦ୍ର ଭିତରେ ବାସ କଲାପରି ଲାଗୁଚି ମତେ— କ୍ଷୀର ଅବା ମଧୁର ସମୁଦ୍ର ଭିତରେ । ମୁଁ ଏକର ପ୍ରେମିକ ନୁହେଁ, ସତେ ବା ନିଖିଳର ଦକ୍ଷିଣନାୟକ । ଏଥିରେ ଗୁପ୍ତ ଫନ୍ଦ ନାହିଁ, ନାଚୁଛି ଗୋଟାଏ ବର୍ଷୋଣ୍ଣୀ ଦେଖି ମୟୂର ପରି ।

ହେଲେ। ପ୍ରତିଦାନ ? ପ୍ରୀତି କଣ ପ୍ରତିଦାନ ଲୋଡ଼େ ? ଲୋଡ଼ିଲେ ସେ କଣ ଆଉ ପ୍ରୀତି ହୋଇ ରହେ ? ଯୋଉମାନେ ମୋତେ ଭଲ ପାଉଛନ୍ତି ସେମାନେ ବଦଳ ଚାହୁଁ ନ ଥିବେ, ପ୍ରୀତି ଅର୍ଥ କେବଳ ଦାନ, ନିଦାନ ଥିବା ପର୍ଯ୍ୟନ୍ତ ।

ନିତାନ୍ତ ଏକପାଖିଆ ହେଇଯିବ, ବଦଳରେ କିଛି ନ ଦେଲେ । କିନ୍ତୁ ସାସୁଆ ତଙ୍କାପତି ଜଗତରେ ଟଳମଳ ଏ ମୋର ହୃଦୟ, କାହାକୁ କଣ ବା ଦେଇପାରିବ ?

ଯାହା ଅଜାଣତେ ଦେଉଛି, ସେଇ ତାର ସର୍ବସ୍ୱ । ସେଥିରୁ ପ୍ରୀତିକାଙ୍କ୍ଷୀ କାଙ୍ଗାଳୀମାନେ ଯେ ଯାହାର ପ୍ରାପ୍ୟ ବୁଝିନିଅନ୍ତୁ ।

ଅନାଗତର ମୁହଁ

ଫାଲ୍‌ଗୁନ ଦ୍ୱାଦଶୀ; ଆଜି ମୋ ଜନ୍ମଦିନ । ଦିଲ୍ଲୀ ସହର ବସନ୍ତକୁସୁମରେ ହସ ହସ, ମୋତେ ଲାଗିଲା ଯୋଉ ପରି ମୋ ଲଲାଟରେ ଲଗାଇ ଦେଉଛି ଚନ୍ଦନଟିପା ଖିଲ୍ ଖିଲ୍ ହସି, ଗେଲ ଗେଲ କଥା କହି । ବାତାବରଣଟି ସ୍ନେହର, ଆଦରର । ଫଗୁଣର ସବୁଜ ଅଭ୍ୟର୍ଥନା ଭିତରେ ଫୁଟି ଉଠୁଛି ଅନାଗତ ପୁରସ୍କାରର କଅଁଳ ମୁହଁଟି, ତିରସ୍କାରର ବନ୍ଧୁ ଅବୁଝ, ଅବୁଝା ମୁହଁ ଭିତରେ ।

ଦାନ୍ତ ଝଡ଼ିଲାଣି, ଚମ ଲୋଚ୍ଚକୋଚ୍ଚ ହୋଇଗଲାଣି । ତା ଭିତରେ ପିଲାଟିଏ ଫେର୍ କୋଉଠି ଅଛି ? ପୁରସ୍କାର ଲାଗି କୌତୁକରେ ଚଞ୍ଚଳ ହୋଇ ଉଠିଚି ?

ପ୍ରାପ୍ତିର ଅମୃତ ମୁହୂର୍ତ୍ତଟି ଯେତେବେଳେ ଆସିଗଲା ଅକ୍ଷର ନିସ୍ୱନରେ ମୋ ନାଆଁ ଡକା ହେଲା, ସେତେବେଳେ ଛାତିର ଧୁକୁଧୁକୁଟା ଉପରୁ ତଳକୁ ତଳୁ ଉପରକୁ ଦୁଇଘଣ୍ଟା କଦମ ଦେଇଗଲା ପରି ମୋତେ ଲାଗିଲା । ଗଳାରେ ସ୍ଥିର ସଂଯତ ସ୍ୱର ଫୁଟିବ ତ ? ବାକ୍‌ସ୍ଫୂର୍ତ୍ତି ସ୍ୱାଭାବିକ, ସୁନ୍ଦର ହେବ ତ ? ମନରେ କିଛି ହେଲେ ଉଦ୍‌ବେଗ ନାହିଁ— ବାହାରକୁ ଜଣାଯିବ ତ ? ଆଶ୍ଚର୍ଯ୍ୟ ଏ ଶଙ୍କା ! ମନକୁ ଓଡ୍ରପଞ୍ଚ ପରି ଟିକିଏ ଦୋହଲାଇ ପାଦରେ ଚଳାଇବାକୁ ଲାଗିଲା । ଶଙ୍କା ଭିତରେ ମୃଦୁ ହସଟି ଫୁଟିବାର ନୁହେଁ, ତଥାପି ଫୁଟିଲା । କାରଣ ପୁରସ୍କାରପ୍ରାପ୍ତି ଆନନ୍ଦର କଥା, ସାମ୍ନାରେ ଅନେକ କାମଗ୍ର ।

Digitized by srujanika@gmail.com

ଡବାଟି ସଙ୍ଗ ସମକ୍ଷରେ ଖୋଲି ଦେଖିବାକୁ ଲାଜ ମାଡ଼ିଲା । ତାଲେ ସ୍ୱପନା ବା ଅଭୂମିକା ପ୍ରକାଶ ପାଇବ ! ଆରେ ଏ ତ ସ୍ୱତମତ ଅଭିନୟ । କେବଳ ସ୍ୱମନାମଧାରୀ ଯାହା ସ୍ୱବଶ ଭୂମିକାରେ ବାହାର ନାହିଁ ।

ଲୋକଲୋଚନ ଅଗୋଚରରେ ପରେ ଡବାଟି ଖୋଲିଲି—

ଅରେ ଶାମୁକା ଭିତରେ ଭଅଁର, ଭଅଁର ଭିତରେ ଚଅଁର—ଆରେ ଏତେ ଜଥାକୁ ତମ୍ବା ଧୂପଦାନୀଟିଏ, ଏ ତ ଆମ ଠାକୁର ଘରେ ଥିବ, ଅଧିକା କଣ ?

ଆରେ ନା, ଜିନଷଟାକୁ ଉପରଠାଉରିଆ ଭାବରେ ଦେଖିଲେ ଚଳେ ନାହିଁ । ସ୍ୱାର ଗୋଟେ ଗୂଢ଼ ମାନେ ଅଛି, ଉପରକୁ ପଥର, ଭିତରେ ବହୁତ ମହିମା ଅଛି । ଏ ଜଳୁଚା । ଜଳନ୍ତା ଧୂପଦାନୀର ଅର୍ଥ କଣ ? ଓ, ଏ ତ ନିଜେ ସାହିତ୍ୟକ—ପେଟରେ ଓଦା କନା ଦେଇ ଜଳୁଥାଏ ନିଜର ପ୍ରେରଣାରେ । ନିଜେ ପୋଡ଼ିଜଳି ପାଉଁଶ ହେଉ ପଛେ ସେ ସୁରଭିବିତରଣରୁ ନିବୃତ୍ତ ହୁଏନାହିଁ । ସୃଷ୍ଟିରୁ ପ୍ରଚୁର ଆନନ୍ଦ ସେ ପାଏ, ହେଲେ ଅତ୍ମାନନ୍ଦ ତାର ଅଭିପ୍ରେତ ନୁହେଁ । ଚୌଦିଗରେ ଆନନ୍ଦସମୁଦ୍ର ମେଲାଇଦେବାରେ ହିଁ ତାର ଶ୍ରେଷ୍ଠ ଆନନ୍ଦ । ଜଳନ୍ତା ଅଗ୍ନିଶିଖା ପରି ସେ ଦୂରରୁ ସୁନ୍ଦର ଦିଶେ, ବହୁ ଯଶ ପ୍ରତିଷ୍ଠାରେ । କିନ୍ତୁ ପ୍ରକୃତପକ୍ଷେ ତାର ଜୀବନ ଏକ ଆତ୍ମୋତ୍ସର୍ଗର ଜୀବନ । ଏ ଧୂପଦାନୀ ଗୋଟିଏ ପ୍ରତୀକ; ଧାତୁମୂଲ୍ୟରେ ନୁହେଁ, ମହିମା ମୂଲ୍ୟରେ ହିଁ ସ୍ୱାର କଳନା । ପୃଥିବୀର ସର୍ବଶ୍ରେଷ୍ଠ ଧନୀ ବି ଏଇ ପ୍ରତୀକଟି ଲାଗି ଆକାଂକ୍ଷିତ ହେବ ।

ଏଇ ଧୂପଦାନୀର ଗୋଟେ ପାଖରେ ଦେବନାଗରୀ ଲିପିରେ ଉତ୍କୀର୍ଣ୍ଣ ହୋଇଛି—'ସାହିତ୍ୟ' । ଆର ପାଖରେ—

ଓଡ଼ିଆ

ସାହିତ୍ୟ ଅକାଦେମୀ ଦତ୍ତ

ମୋ କାହାଣୀ

ଶ୍ରୀ କୃଷ୍ଣବହାରୀ ଦାଶ

୧୯୭୯

ଉମାଶଙ୍କର ଯୋଶୀ ।

କାଗଜପଟା ବାକ୍ସରେ ବହଳ ମଖମଲ ଗଦିରେ ଧୂପଦାନୀଟି ମିଶାଇ ରଖା-ଯାଇଚି, ତା ଉପରେ ପାଞ୍ଚ ହଜାର ଟଙ୍କାର ଚେକ୍ ଓ ଆସ୍ୱଙ୍କର ବମୁତ୍ତସୂଚକ ପତ୍ର ।

ପଢ଼ିଲେ ଦକ୍ଷିଣ ଭାରତର ସୁଗାୟିକା ଲଳିତ ସ୍ୱରରେ ଆବୃତ୍ତି କଲେ—

Digitized by srujanika@gmail.com

ଯା କୁନ୍ଦେନ୍ଦୁ ତୁଷାର ହାର ଧବଳା
ଯା ଶ୍ୱେତ ପଦ୍ମାସନା
ଯା ବୀଣା ବରଦଣ୍ଡମଣ୍ଡିତ କରା ।
ଯା ଶୁଭ୍ର ବସ୍ତ୍ରାନ୍ୱିତା
ଯା ବ୍ରହ୍ମାଚ୍ୟୁତ ଶଙ୍କର ପ୍ରଭୃତିଭିଃ
ଦେବୈଃ ସଦା ବନ୍ଦିତା
ସା ମାଂ ପାତୁ ସରସ୍ୱତୀ ଭଗବତୀ
ନିଃଶେଷ ଜାଡ୍ୟାପହା ।

ମୋତେ ଓ ଅନ୍ୟମାନଙ୍କୁ ପୁରସ୍କାର ଦେଇସାରିଲା ପରେ ସାହିତ୍ୟଏକାଡ଼େମୀ ସଭାପତି ଉମାଶଙ୍କର ଯୋଷୀ କହିଲେ—ଅନେକ ଭାଷାରେ ଲିଖିତ ହେଲେ ବି ଭାରତୀୟ ସାହିତ୍ୟ ଗୋଟିଏ; ସାହିତ୍ୟଏକାଡ଼େମୀ ଏହି ସଂହତିକାରୀ ଶକ୍ତି । ବିଭିନ୍ନ ଭାଷାକୁ ପରସ୍ପରର ନିକଟବର୍ତ୍ତୀ କରି ପରସ୍ପର ଶକ୍ତିରେ ପରିପୁଷ୍ଟ କରିବା ତାର ମୁଖ୍ୟ କାର୍ଯ୍ୟ । ଅନୁବାଦ, 'ଭାରତୀୟ ସାହିତ୍ୟନିର୍ମାତା' ଗ୍ରନ୍ଥମାଳା ପ୍ରକାଶ, ତୁଳନାତ୍ମକ ଅଧ୍ୟୟନ ପ୍ରବର୍ତ୍ତନ ଫଳରେ ବିଭିନ୍ନ ପ୍ରାଦେଶିକ ସାହିତ୍ୟ ପରସ୍ପରର ନିକଟବର୍ତ୍ତୀ ହେବା ସମ୍ଭବ । ଭ୍ରମଣ, ପାଠଚକ୍ର ଓ ସାହିତ୍ୟସମ୍ମେଳନ ମଧ୍ୟ ଭାରତୀୟ ସାହିତ୍ୟିକମାନଙ୍କୁ ଏକ ପରିବାରଭୁକ୍ତ କରିବ ।

ଏହି ଉତ୍ସବରେ ଜ୍ଞାନପୀଠବିଜେତା ହିନ୍ଦୀ ଲେଖକ ଜୈନେନ୍ଦ୍ରକୁମାରଙ୍କୁ ସାହିତ୍ୟଏକାଡ଼େମୀ ତରଫରୁ ମହତ୍ତର ସଦସ୍ୟତା (Fellowship) ଅର୍ପଣ କରାଯାଇଥିଲା । ଏହି ଜୈନେନ୍ଦ୍ର ଓ ହିନ୍ଦୀର ଉତ୍କଳଭାରତୀ କୁନ୍ତଳାକୁମାରୀଙ୍କୁ ହିନ୍ଦୀଭାଷୀ ରାଜ୍ୟମାନଙ୍କରେ ପରିଚିତ ଓ ପ୍ରିୟ କରାଇ ଜାତିପ୍ରେମୀ ଓଡ଼ିଆମାନଙ୍କର ପ୍ରିୟ ହୋଇଉଠିଥିଲେ ।

ଏ ବର୍ଷ ଅସମୀୟା, ବଙ୍ଗଳା, ଡୋଗ୍ରୀ, ଗୁଜୁରାଟୀ, ହିନ୍ଦୀ, ଇଣ୍ଡିଆନ୍ ଇଂଲିସ୍, କନ୍ନଡ, କାଶ୍ମୀରୀ, ମୈଥିଲୀ, ମାଲୟାଲମ୍, ମଣିପୁରୀ, ମରହଟ୍ଟୀ, ନେପାଳୀ, ଓଡ଼ିଆ, ପଞ୍ଜାବୀ, ରାଜସ୍ଥାନୀ, ସଂସ୍କୃତ, ସିନ୍ଧୀ, ତାମିଲ୍, ତେଲୁଗୁ, ଉର୍ଦ୍ଦୁ, କୋଙ୍କଣୀ—ଏହି ବାଇଶଟି ଭାରତୀୟ ଭାଷାର ଲେଖକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା; ଏଥିରୁ କେତେକ ଭାଷା ଏକାଡ଼େମୀ ସ୍ୱୀକୃତ, କିନ୍ତୁ ସମ୍ବିଧାନ ଦ୍ୱାରା ଅସମର୍ଥିତ ।

ସମ୍ମାନିତ ସାହିତ୍ୟିକମାନଙ୍କ ମଧ୍ୟରୁ କେତେକ ପରଲୋକଗତ; ପୁରସ୍କାରର ମୁଖ ଦେଖିପାରିବାର ସୌଭାଗ୍ୟ ସେମାନଙ୍କର ହୋଇନାହିଁ ।

Digitized by srujanika@gmail.com

ନାନା କାରଣରୁ କେତେକ ଅନୁପସ୍ଥିତ । ସେମାନଙ୍କ ଜୀବନପଞ୍ଜିକା ଓ ଭାଷଣ ଇଂରାଜୀ ଓ ହିନ୍ଦୀରେ ପ୍ରକାଶିତ । ସ୍ୱ ସ୍ୱ ପ୍ରଦେଶରେ ସ୍ୱତନ୍ତ୍ର ଉତ୍ସବରେ ସେମାନଙ୍କୁ ସମ୍ମାନିତ କରାଯିବ ।

ପୁରସ୍କାରବିତରଣୀ ପରେ ଭାଷଣ ଦେବା ଲାଗି ଆହ୍ୱାନ; ଦୁଇ ତିନି ଜଣ ଇଂରାଜୀରେ ଓ ବାକି ସମସ୍ତେ ସ୍ୱ ସ୍ୱ ମାତୃଭାଷାରେ ଭାଷଣ ଦେଇଥିଲେ । ବକ୍ତବ୍ୟ ଦୁର୍ବୋଧ; ତଥାପି ସମସ୍ତେ ଉତ୍‌କର୍ଣ୍ଣ; ସ୍ୱର ବିଚିତ୍ର, ହୁଏତ ବିକୃତ ଲାଗୁଥିବ; କିନ୍ତୁ ସେଥିପ୍ରତି ଅଦ୍ଭୁତ ସହୃଦୟତା ଓ ସ୍ନେହ ପ୍ରକାଶ ପାଉଥିଲା । ଏହି ଭାଷା ଓ ସଂସ୍କୃତି ଆମ ଭାରତୀୟତ୍ୱର କେଡ଼େ ଦୃଢ଼ ଭିତ୍ତି, ତାହା ଦୃଷ୍ଟ ହୋଇଥିଲା ।

ମୁଁ ଓଡ଼ିଆରେ କହିଥିଲି; ସ୍ୱର ଆତ୍ମବିଶ୍ୱାସଭରା, ଦୃଢ଼ । ରାଜଧାନୀ ଦିଲ୍ଲୀରେ ସମଗ୍ର ଭାରତକୁ ଓଡ଼ିଆରେ କହିବାର ଏମିତି ସୁଯୋଗ ମୋତେ ଆଉ କେବେ ମିଳିଥିଲା କି ? ଛାତି ଫୁଲିଥିଲା, ମୋ ଭାଷା ଭାରତୀୟ ଦରବାରରେ କେଡ଼େ ଗୌରବ ପାଇଲା ଭାବି । କିନ୍ତୁ ଆନନ୍ଦାତିଶଯ୍ୟରେ ଛନ୍ଦଚ୍ୟୁତ ହୋଇନାହିଁ; କବିତାର ଲେଖକ ଗୋଟିଏ ମାତ୍ରା ଲଂଘନ କଲେ କି ହୃଦ୍ଧ ଘଟେ, ବୁଝେ । ଏକାଡ଼େମୀକୁ ଯେତିକି ଆଗରୁ ଟିପି ଦେଇଥିଲି, ସେତିକି ମାତ୍ର କହିଲି ।

"ପ୍ରାୟ ଅର୍ଦ୍ଧ ଶତାବ୍ଦୀର ସାହିତ୍ୟିକ ଜୀବନ ମୋର । ତା ଭିତରେ ବହୁତ ବ୍ୟକ୍ତି-ସ୍ୱୀକୃତି ମିଳିଛି, କିନ୍ତୁ ଅନୁଷ୍ଠାନର ସ୍ୱୀକୃତି ବିରଳ । ସେଥିପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀର ଏ ପୁରସ୍କାର ମୂଲ୍ୟବାନ୍ । କିନ୍ତୁ ମୁଁ ଅଧିକ ମୂଲ୍ୟ ଦେଉଛି ପାଠକର ସ୍ୱୀକୃତିକୁ । ତାର ଉଦାର ସ୍ୱୀକୃତି ମୋ ସାହିତ୍ୟିକ ଜୀବନକୁ ଏତେ କାଳ ଉଦବୁଦ୍ଧ କରି ରଖିଥିଲା । ସେ ମୋତେ ସ୍ୱୀକୃତି ଦେଇଥିଲା ଜଣେ କବି, ପ୍ରାବନ୍ଧିକ, ସମାଲୋଚକ, ଜୀବନଚରିତ ଭ୍ରମଣକାହାଣୀ ଓ ଶିଶୁଗଳ୍ପ ଲେଖକ, ଲୋକସାହିତ୍ୟସଙ୍କଳକ ଓ ଗବେଷକ ଭାବେ । ଏକାଡେମୀ କିନ୍ତୁ ମୋତେ ସ୍ୱୀକୃତି ଦେଲା ଜଣେ ଆତ୍ମଜୀବନଚରିତ ଲେଖକ ଭାବେ ।

ଏଥିଲାଗି ପହିଲେ ମୁଁ ଋଣୀ ମୋ ବୋଉ ପାଖେ ଯେ ଥନର କ୍ଷୀର ଖୋଇବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷା ମୋତେ ଶିଖାଇଥିଲା, ବନ୍ଧୁ ବାନ୍ଧବ, ସ୍ନେହ ଛୁଆଁ ଭାଷାର କଅଁଳ ବୃକ୍ଷମାନଙ୍କୁ ମୋ ମନର ମାଟିରେ ବଢ଼ାଇଥିଲା; ସଦେହରେ ଆଜି ନାହିଁ ସେ । ହେଲେ ମୋ ପ୍ରାଣରେ ତା ପ୍ରାଣ ବଞ୍ଚି ରହିଛି, ମୋ ଗୋଡ଼ରେ ମୋତେ ଛିଡ଼ା କରାଉଛି ।

ଦ୍ୱିତୀୟରେ ମୁଁ କୃତଜ୍ଞ ଜନସାଧାରଣଙ୍କଠାରେ । ସଂଗ୍ରହ, ସଙ୍କଳନ ଓ ଗବେଷଣା କରୁ କରୁ ସେମାନଙ୍କ ସାହିତ୍ୟ ମୋତେ ପ୍ରଭାବିତ କରିଛି । 'ମୋ କାହାଣୀ'ର ଭାଷା

Digitized by srujanika@gmail.com

ମୋ ମାଆର ଭାଷା ବା ଲୋକସାଧାରଣଙ୍କ ଭାଷା । ଏହାର ମୋଟାମୋଟି ଆକାଶ ଏକ ଗାଉଁଲି ଆକାଶ; ଜନେ ଯେଉଁମାନେ ମୋ ସଙ୍ଗେ ନିଃଶ୍ୱାସ ନେଉଥିଲେ, ସ୍ନେହ ସମ୍ପର୍କରେ ଆସି ମୋ ମନର ବାସିନ୍ଦା ହୋଇଯାଇଥିଲେ, ସେମାନେ ହିଁ ମୋ କାହାଣୀର ଚରିତ୍ର । ମୋ ଜୀବନ-ସଂଗ୍ରାମ ଭିତରେ ହିଁ ସେହିମାନଙ୍କର ଭୂମିକା ।

ଶେଷ ବକ୍ତବ୍ୟ—ମୋର ଅଧିକାଂଶ ପୁସ୍ତକର ପ୍ରକାଶକ ମୁଁ ନିଜେ; 'ମୋ କାହାଣୀ' ବ୍ୟତିକ୍ରମ ନୁହେଁ । ପ୍ରକାଶନ ଜୀବନସଂଗ୍ରାମର ଅଂଶବିଶେଷ ମାତ୍ର ।"

୨୮-୨-୮୦ରେ ଦିଲ୍ଲୀର ରବୀନ୍ଦ୍ରଭବନରେ ନିଖିଳ ଭାରତୀୟ ଲେଖକ ସମ୍ମିଳନୀ, କେନ୍ଦ୍ର ସାହିତ୍ୟଏକାଡେମୀର ରଜତଜୟନ୍ତୀ ଉପଲକ୍ଷେ ଏ ଆୟୋଜନ; ସ୍ୱତନ୍ତ୍ରଭାବେ ନିମନ୍ତ୍ରିତ ହୋଇ ମୁଁ ଏଥିରେ ଯୋଗ ଦେଇଥିଲି । ଆଲୋଚନାର ବିଷୟ - 'ଭାରତର ସ୍ୱାଧୀନତାପରବର୍ତ୍ତୀ ରଚନାରେ ଜାତୀୟ ଓ ଆନ୍ତର୍ଜାତିକ ଚେତନା' । ରଜତଜୟନ୍ତୀ ଚିହ୍ନିତ ଚମଡ଼ାବ୍ୟାଗ୍ ଓ ପେନ୍‌ସିଲ୍ ଉପସ୍ଥିତ ପ୍ରତ୍ୟେକ ଲେଖକଙ୍କୁ ଉପହାର ଦିଆ-ହୋଇଥିଲା । କାବ୍ୟଶାସ୍ତ୍ରବିନୋଦନ ଓ ବିଦ୍ୟାଚର୍ଚ୍ଚାରେ ଧୀମନ୍ତମାନଙ୍କ ସହିତ ଯୋଗ ଅତ୍ୟନ୍ତ ପ୍ରୀତିକର ହୋଇଥିଲା ।

ଆଜି ଦୋଳପୂର୍ଣ୍ଣିମା; ନାନା ବୃକ୍ଷଲତା, ସବୁଜପ୍ରାନ୍ତର ଓ ଫୁଆରାରେ ଛବିପରି ସୁସଜ୍ଜିତ ଦିଲ୍ଲୀ, କୋଇଲି କଣ୍ଠରେ ପ୍ରାଣର ଆନନ୍ଦପ୍ରାଚୁର୍ଯ୍ୟ ପ୍ରକାଶ କରୁଥିଲା; ସାମ୍ନାରେ ପୂର୍ଣ୍ଣଚନ୍ଦ୍ର । ପ୍ରଧାନମନ୍ତ୍ରୀ ନେହେରୁଙ୍କ ସରଳ ବାସଭବନ, ଏବେ ସଂରକ୍ଷିତ । ଧ୍ୱନି ଓ ଆଲୋକ ସହାୟତାରେ ସ୍ୱାଧୀନତାସଂଗ୍ରାମର ଚିତ୍ର ନିତ୍ୟ ନୃତ୍ୟାୟିତ କରାଯାଏ । ଏହା ଏକ ବିସ୍ମୃତ ଅଧ୍ୟାୟର ପୁନରୁଜ୍ଜୀବନ ପ୍ରୟାସ ମାତ୍ର । ଯେଉଁମାନେ ସେ ଦୃଶ୍ୟ ଦେଖିନାହାନ୍ତି ସେମାନଙ୍କୁ ହୁଏତ ଏହା ଲାଗିବ ଗୋଟାଏ ସ୍ୱପ୍ନପରି ।

ଲଦାକ୍ ବୌଦ୍ଧବିହାର; ବୁଦ୍ଧ ମଣିଷର ଦୁଃଖ ଦୂର କରିବା ଲାଗି ରାଜପ୍ରାସାଦର ଭୋଗ ଓ ପରିବାରର ସ୍ନେହସୁଖ ବିସର୍ଜନ ଦେଇଥିଲେ; ତା ପରେ କେତେ ଦୁଃଖ-ବେଦନା ବହିଗଲା ସେତିକି ସେତିକି । ମଣିଷ ଏବେ ବି ପୂର୍ବ ପରି ମୂଢ଼, କୃପଣ, ନିର୍ମମ । ଚିରକାଳ ଲାଗି କେହି ପୃଥିବୀର ଦୁଃଖ ଦୂର କରିଦେଇ ନ ପାରେ; ଦୁଃଖର ଏକ ସ୍ଥାୟୀ ପ୍ରତିକାର ନାହିଁ । ସର୍ବ ରୋଗ ମହୌଷଧ ବୋଲି କିଛି ନାହିଁ । ତଥାପି ଚେଷ୍ଟା ଶ୍ରେୟସ୍କର । ସେଥିରେ ସେ ମହାତ୍ମା ।

ଶାନ୍ତିବନ । ସ୍ନେହଲାଳନାରେ ଘାସ ଗଛ ଶ୍ୟାମଳତାରୁ ନୀଳତମ ହୋଇ-ଯାଇଛି; ସେଇ ଆସ୍ତରଣ ତଳେ କବି, ବିପ୍ଳବୀ ଜବାହାରଲାଲ୍ ନେହେରୁ । ଦେଶୀ ବିଦେଶୀ ଫୁଲରେ ସୂଚିତ ନେହେରୁ ପ୍ରାଣର ବିଚିତ୍ର ଛବିବାଣୀ, ନିବିଡ଼ ଦେଶାନୁରାଗ ଯେନ

Digitized by srujanika@gmail.com

ଫୁଟିତ ନୀଲ ଗୋଲାପ । ଶୀତ ଋତୁ ହଂସାବଳୀ ବସନ୍ତ କୌତୁକରେ । ଗୋଧୂଳିର ସୁରଭିତ, ସୁନ୍ଦର କାନ୍ତି, ସବୁ ତାପନାଶୀ ଶାନ୍ତି ।

ଗୁଳିଘାତ; କଳା ଶଙ୍ଖମଲମଲ ତଳେ ବାପୁଜୀ—ଉପରେ ଉଲ୍ଲିଖିତ ଶେଷ ହେବକା ବାଣୀ—'ହେ ରାମ' । ଅହିଂସା, ସଂଯମ, ଶୃଙ୍ଖଳାରେ ସେ ସଜାଡ଼ିବାକୁ ଚାହିଁଥିଲେ ମଣିଷସମାଜକୁ । ସମସ୍ତଙ୍କ ଲାଗି ସବୁ ଦେଇ ବି ସେ ରହିଥିଲେ ପୁରନ୍ତ । ନିଃସ୍ୱତମ ସ୍ତରକୁ ଆସି ସେ ନିଃଶେଷିତ ହୋଇ ନଥିଲେ । ହଠାତ୍ ଗୋଟାଏ କାଳକେତୁ ତାଙ୍କ ନିଃଶ୍ୱାସ ଛଡ଼ାଇନେଲା, କିନ୍ତୁ ସେ ଚିରନ୍ତନ ମଣିଷ ହୋଇ ରହିଗଲେ ସମସ୍ତଙ୍କ ଉପରେ; ତାଙ୍କ ପ୍ରାଣରେ ସେଇ ଶାନ୍ତି ବିଚ୍ଛୁରିତ ହେଉଛି ଚତୁର୍ଦ୍ଦିଗରେ ।

ଏତେ ଏତେ ପ୍ରାଣ ସଙ୍ଗେ ପ୍ରାଣକୁ ମୁକ୍ତ କରି ଯାହା ପାଇଲି ସେଇ ମୋର ସର୍ବଶ୍ରେଷ୍ଠ ପୁରସ୍କାର, ଯେକୌଣସି ପାର୍ଥିବ ଦ୍ରବ୍ୟଠୁ, ଆନୁଷ୍ଠାନିକ ସ୍ୱୀକୃତିଠୁ ମହତ୍ତର । ଝରସାଏ ପର୍ବତ ପରି ଉଦ୍ୟମୀ ଲେଖକ ଜଣେ ମୁଁ, ମହାତ୍ମାମାନଙ୍କ ଭାବରେ ଭାବିତ, ପ୍ରେରଣାରେ ପ୍ରଣୋଦିତ । ମହାକାବ୍ୟର ବସ୍ତୁ ମୋର ସେଇଠି, ମହାନାଟକର ଉତ୍କର୍ଷ ମଧ୍ୟ ସେଇଠି—ମହାତ୍ମା ପ୍ରାଣଠୁ ଜୀବନତର ବୃହତ୍ତର ସମୁଦ୍ର ଆଉ ନାହିଁ ।

ନଈ ପାଣି ନଈରେ ଯାଉ

କଥା ଅଛି ନଈ ପାଣି ନଈରେ ଯାଉ
ପିତୃଲୋକଙ୍କ ସନ୍ତୋଷ ହେଉ ।

'ଉତ୍କଳସାହିତ୍ୟସମାଜ'କୁ କେନ୍ଦ୍ର ସାହିତ୍ୟଏକାଡେମୀ ପୁରସ୍କାର ପାଞ୍ଚହଜାର ଟଙ୍କା ଦେଇଦେଲାବେଳେ ମୋ ମନୋଭାବ ସେହିପ୍ରକାର ଥିଲା । ସରସ୍ୱତୀଙ୍କର ଏ ଦାନ ତେଲଇନ୍ଧନ ବ୍ୟୟରେ ଲାଗିବ କାହିଁକି ? କିଛି ସାରସ୍ୱତ କାର୍ଯ୍ୟରେ ଲାଗୁ । ଚଞ୍ଚଳା ଏକ ସ୍ଥାୟୀ କୀର୍ତ୍ତି ରୂପରେ ରହନ୍ତୁ । ଯେଉଁ ପୂର୍ବସୂରୀମାନେ ସାହିତ୍ୟ ଲାଗି ସର୍ବତ୍ୟାଗୀ ହୋଇଛନ୍ତି ସେମାନଙ୍କ ଆତ୍ମା ସ୍ୱର୍ଗଲୋକରେ ସନ୍ତୋଷଲାଭ କରୁ । ଜଳରେ ଜଳ-ଦେବତାଙ୍କୁ ଅଞ୍ଜଳି ଦେଉଛୁ; ଏଥିରେ ଭାବିବାର କଣ ଅଛି ?

'ମଣାଣିରୁଲଣୀ' ଉପନ୍ୟାସ ଲେଖା ଆରମ୍ଭ ବେଳର ଘଟଣା ଏ । ଓଡ଼ିଆ ଉପନ୍ୟାସ ଦିଗଟି ଦୁର୍ବଳ, ମୋ'ର ମନେ ହେଉଥିଲା । ଉପନ୍ୟାସରଚନାକୁ ଉତ୍ସାହିତ କରିବାରେ ଏ ଯତ୍‌ସାମାନ୍ୟ ଟଙ୍କାର ପୂଞ୍ଜି ବ୍ୟୟିତ ହେଉ, ମୋର ଇଚ୍ଛା । ସାହିତ୍ୟ ସମାଜର ପୂର୍ବତନ ସଭାପତି ଭବନରେ ଏ ପୁରସ୍କାରପ୍ରାପ୍ତି ପରେ ସମ୍ବର୍ଦ୍ଧନା ହୋଇଥିଲା । ସେଇ ସଭାରେ ଏ ଅର୍ଘ୍ୟ ଦାନ ଘୋଷଣା କରିଥିଲି ।

Digitized by srujanika@gmail.com

ସାହିତ୍ୟକର ଜଞ୍ଜାଳ

ମଣିଷ ବିକ୍ଷିପ୍ତ, ଖଣ୍ଡିତ । ଘର ଆଉ ବାହାରେ ନାନା ଜଟିଳ ସମସ୍ୟାର ସମ୍ମୁଖୀନ; ନାନା ଚିନ୍ତା ଆଉ ଦୁଶ୍ଚିନ୍ତାର ଆକ୍ରମଣ ମଧ୍ୟରେ ସାହିତ୍ୟରେ ପୂର୍ଣ୍ଣ ଆତ୍ମନିୟୋଗ ହୋଇପାରୁଛି କୋଉଠି ?

କାହିଁ କେତେ ନିମନ୍ତ୍ରଣ – ସମ୍ବର୍ଦ୍ଧସପ୍ତାହ, ପୁରସ୍କାରବିତରଣ, ଉଦ୍‌ଘାଟନ, ଉଦ୍‌ଯାପନ, ସେମିନାର୍, ସମ୍ମେଳନ । କୋଉଠି ସଭାପତି, ମୁଖ୍ୟଅତିଥି, ସମ୍ମାନିତ ଅତିଥି । କିଏ ଲୋଡ଼ୁଛି ବାଣୀଟିଏ, ମୁଖବନ୍ଧ, ଅଭିମତ ବା ଲିଖିତ ଭାଷଣଟିଏ, ପତ୍ରିକା ପାଇଁ କବିତା, ପ୍ରବନ୍ଧ ବା ଗଳ୍ପଟିଏ, ମାପିଚୁପି ଶବ୍ଦ ଗଣି ଗଣି ସବୁଆଡ଼କୁ ଭାବିଚିନ୍ତି ଲିଖିତ ସନ୍ଦେଶଟିଏ । ଏ ଭିତରେ ଏକନିଷ୍ଠଭାବେ କିଛି କରିବା କଷ୍ଟକର । ପ୍ରତିଷ୍ଠାର ବିପଦ ବହୁତ, ପଦାକୁ ଯେତେ ସୁନ୍ଦର ଦିଶିଲେ ବି ।

ଜୀବନଯୁଦ୍ଧର ଶେଷ ନାହିଁ । ଦିନେ ସ୍ଥୂଳଭାବେ ବଞ୍ଚିବା ଲାଗି, ଆଗକୁ ଚାଲିବା ଲାଗି ଏ ଯୁଦ୍ଧ କରିଥିଲି । ଏବେ ଯୁଦ୍ଧ ଚାଲିଛି ରସପ୍ରାଣଟିକକ ବଞ୍ଚାଇ ରଖିବା ଲାଗି, ନାନା ଜଞ୍ଜାଳ ଭିତରେ କଲମକୁ ଚଳେଇ ରଖିବା ଲାଗି ଯୁଦ୍ଧ, ନାନା ପ୍ରଲୋଭନ, ମାୟାମରୀଚିକାକୁ ଏଡ଼ିବା ଲାଗି ଯୁଦ୍ଧ, ଦୃଷ୍ଟିକୁ ପରିଚ୍ଛନ୍ନ, ହୃଦୟକୁ ଶୁଦ୍ଧ ନିର୍ମଳ ରଖିବା ଲାଗି ଯୁଦ୍ଧ । ବେଳେ ବେଳେ ଲାଗିଯାଉଛି ନିଜ ସହିତ ନିଜର ଯୁଦ୍ଧ । ସେଥିରେ ବିଜୟୀ ହୋଇପାରିଲେ ସାହିତ୍ୟର ବି ବିଜୟ ହେବ ।

ଜୀବନର ମାନେ ସୌନ୍ଦର୍ଯ୍ୟର ମାନେ ଯାହା; ସୌନ୍ଦର୍ଯ୍ୟ ଖସିଗଲେ ଆଲୋକ ଲିଭିଯାଏ, ଜୀବନ ଥାଇ ନ ଥାଏ । ଜନ୍ତୁର ଜୀବନ ଅପନ୍ତରର ଏକାନ୍ତ ଏକୁଟିଆ ଜୀବନ ନ ହେଉ । ପରିବାର ପରି ପ୍ରକୃତି ରହୁ ମୋର ହାତପାଆନ୍ତାରେ, ସବୁ ଋତୁର ଫୁଲର ଅର୍ଘ୍ୟ ଦେଇ ।

Digitized by srujanika@gmail.com

ପରିଶିଷ୍ଟ

(କ) ୧. ଡାଏରୀର ଉଦ୍ଧୃତାଂଶ—୧୯୪୦ —୪୧
୨. ଡାଏରୀର ଉଦ୍ଧୃତାଂଶ ୧୯୭୧—୧୯୭୫

(ଖ) ସାହିତ୍ୟ କୃତି—୧୯୫୦—୧୯୮୦

(ଗ) ଜୀବନ ଓ ମୃତ୍ୟୁର ସେତୁ ଉପରେ

(ଘ) ସାହିତ୍ୟ ସଦାଳାପ

(ଙ) ଜନ୍ମପତ୍ରୀ (ପ୍ରଥମ ପ୍ରକାଶିତ ପୁସ୍ତିକା, ୧୯୪୦)

(ଚ) ଉପେକ୍ଷିତ 'ଧର୍ମଜଳ' ଉପନ୍ୟାସ (୧୯୫୮), ଏକ ସମୀକ୍ଷା

Digitized by srujanika@gmail.com

ଡାଇରୀର କିୟଦଂଶ

(କଲିକତା)

"ବିଶ୍ୱବିଦ୍ୟାଳୟ କଲେଜରେ ଓଡ଼ିଆ ପୁସ୍ତକର ଅଭାବ ଦେଖି ପ୍ରାୟ ୨୦୦ ଟଙ୍କାର ବହି କଟକ ଟ୍ରେଡିଂ କମ୍ପାନୀରୁ ମଗାଇଛୁ ।" (୧୦।୮।୪୦)

"ପ୍ରବାସୀଉତ୍କଳଯୁବକସଙ୍ଘ ତରଫରୁ ବନ୍ୟା ପାଇଁ ଟ ୧୦୪/୯ ସଂଗ୍ରହ କରି ଲିଙ୍ଗରାଜ ମିଶ୍ର, ସମ୍ପାଦକ ଓଡ଼ିଶା ବନ୍ୟାସାହାଯ୍ୟସମିତିକୁ ପଠାଇଲି ।" (୧୮।୮।୪୦)

"ଆଲ୍‌ବର୍ଟ ହଲ୍‌ରେ ଓଡ଼ିଆସମାଜ ପକ୍ଷରୁ କୁନ୍ତଳାଙ୍କ ଶ୍ରାଦ୍ଧଦିବସ ଓ ବାର୍ଷିକୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଥିଲା । (ଭା:ବି) ମାଟ୍ରିକ୍ କ୍ଲାସରେ ଓଡ଼ିଆକୁ Major Vernacular କରିବା ପାଇଁ ମୁଁ ଗୋଟିଏ ପ୍ରସ୍ତାବ ଆଣିଥିଲି, ତାହା ଗୃହୀତ ହୋଇଥିଲା ।" (୨୫।୮।୪୦)

" 'ଗୋପବନ୍ଧୁ ଦିବାରାତ୍ରି ବିଦ୍ୟାଳୟ'ର ସଭାପତି ରୂପେ ବରିତ ହୋଇଥିଲି । ବର୍ତ୍ତମାନ ଶିକ୍ଷା ଆମ୍ଭମାନଙ୍କ ଦେଶ ପ୍ରତି ଉପଯୋଗୀ କି ନା ଆଲୋଚନା କରିଥିଲି ।" (୧୫।୯।୪୦)

"ଦେଶମିଶ୍ରଣ ପାଇଁ ବ୍ୟାପକଭାବରେ ଆନ୍ଦୋଳନ ଚଳାଇବା ନିମିତ୍ତ ଅସ୍ଥାୟୀ ଭାବରେ ଗୋଟିଏ କମିଟି ଗଢ଼ା ଯାଇଥିଲା । ଆସନ୍ତା ରବିବାର ଦିନ ବଡ଼ ସ୍କେଲରେ ଗୋଟିଏ ମିଟିଂ କରିବା ନିମିତ୍ତ ମୋତେ ଓ ଗଙ୍ଗାଧରବାବୁଙ୍କୁ ମନୋନୀତ କରାଯାଇଛି ।" (୨୦।୧୦।୪୦)

"ବିଚ୍ଛିନ୍ନାଞ୍ଚଳମାନଙ୍କରେ ପ୍ରଚାର ନିମିତ୍ତ ଖଣ୍ଡିଏ ବହି ଲେଖୁଛି । ୫ ହଜାର ଛପାହେବାର ପ୍ରସ୍ତାବ ଅଛି । ଏହାଦ୍ୱାରା ପ୍ରଚାରକାର୍ଯ୍ୟ ଦ୍ରୁତଗତିରେ ଅଗ୍ରସର ହୋଇପାରିବ ବୋଲି ମୋର ବିଶ୍ୱାସ ।" (୨୩।୧୧।୪୦)

Digitized by srujanika@gmail.com

"ମେଦିନୀପୁର ମୁଖୋପାଧ୍ୟାୟପଲ୍ଲୀମିଳନପାଠାଗାରରୁ ଆଜି ଖଣ୍ଡିଏ ପତ୍ର ପାଇଛୁ । ମେଦିନୀପୁର ଓଡ଼ିଆ ଆନ୍ଦୋଳନକୁ ଉତ୍ସାହିତ କରି ଖଣ୍ଡିଏ ପତ୍ର ଲେଖିଥିଲି । ସେମାନଙ୍କ ପୁସ୍ତକାଳୟକୁ ଯଥାଶକ୍ତି ସାହାଯ୍ୟ କରିବା ପାଇଁ ଲାଗି ପଡ଼ିଛୁ ।"

(୨୫।୧୦।୪୦)

"ଲକ୍ଷ୍ମୀଧର ନାୟକ (କବି, ଔପନ୍ୟାସିକ)ଙ୍କଠାରୁ ଖଣ୍ଡେ ଉତ୍ସାହପୂର୍ଣ୍ଣ ପତ୍ର ପାଇ ଆନନ୍ଦରେ ଅଭିଭୂତ ହେଲି । ତାଙ୍କୁ 'ଶର' (ପରେ ଏହାର ନାମ ହେଲା 'ପାଷାଣ ଚରଣେ ରକ୍ତ') ନାମକ ଖଣ୍ଡିଏ ବୀରରସାତ୍ମକ କ୍ଷୁଦ୍ର କାବ୍ୟ ଶୁଣାଇଥିଲି । ସେ ମୁଗ୍ଧ ହୋଇ ଛପାର ଅଧା ଖର୍ଚ୍ଚ ବହନ କରିବେ ବୋଲି ସ୍ୱୀକୃତ ହୋଇଥିଲେ ।"

(୨୯।୧୦।୪୦)

"ମୋର ଭ୍ରାତୃପ୍ରତିମ ଶ୍ରୀରାମବାବୁ (ପରେ ଅଧ୍ୟାପକ ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ)ଙ୍କ ସଙ୍ଗେ ଦେଖା ହୋଇଥିଲା । ଉତ୍କଳସାହିତ୍ୟର ଉନ୍ନତି, ଭାଷାକୋଷକାର ପ୍ରହରାଜଙ୍କ ସାଧନା, ପାଟଣାର ଓଡ଼ିଆ ଛାତ୍ରମାନଙ୍କ ମଧ୍ୟରେ ଏକତାର ଅଭାବ, ଓଡ଼ିଶାର ମଙ୍ଗଳ କରିବାକୁ ହେଲେ କି କି ଉପାୟ ଅବଲମ୍ବନ କରିବାକୁ ହେବ, ପ୍ରଭୃତି ବିଷୟ ଆଲୋଚନା କରିଥିଲୁ ।

ପ୍ରହରାଜ ମହାଶୟ ରାତି ୩ଟାରୁ ଉଠି ଦିନ ୧୨ଟା ପର୍ଯ୍ୟନ୍ତ ସାହିତ୍ୟସାଧନା କରନ୍ତି । ଅଧଘଣ୍ଟାଏ ମାତ୍ର ବିଶ୍ରାମ ନେଇ ପୁନର୍ବାର କାର୍ଯ୍ୟ କରନ୍ତି । ସେ ମହାଶୟ ମୋର ଆଦର୍ଶ । ବିନା ସାଧନାରେ କେହି କେବେଳ ପର କାନ୍ଧରେ ହାତ ପକାଇ ବଡ଼ ହୋଇପାରିବ ନାହିଁ ।" (୬।୧୧।୪୦)

"ମୁଁ ଶୁଣୁଛି ଜଗଦଳ ଅଞ୍ଚଳରେ ଅନେକ ମିଲ୍ ବନ୍ଦ ହୋଇଯାଉଛି । ମାସକେ ୧୨।୧୩ ଦିନ କାମ ହେଉଛି । ଏପରି ଅବସ୍ଥାରେ ଦେଶମିଶ୍ରଣ ପାଇଁ କି ଚାନ୍ଦା ଆଦାୟ କରିବାକୁ ଦିଅନ୍ତି ? ସେମାନେ ଦିବାକୁ ଚିଠି ଦ୍ୱାରା ମନା କରି ପଠାଇଛନ୍ତି ।" (୭।୧୨।୪୦)

"ନବବାବୁ (କବି ନବକିଶୋର ଦାଶ) ଓ ଗୋଦାବରୀଶବାବୁଙ୍କୁ ସମ୍ବର୍ଦ୍ଧନା କରିବା ଲାଗି ବ୍ୟବସ୍ଥା ଯାଉଥିଲା । ସେଦିନ ଓଡ଼ିଶା ନୈଶବିଦ୍ୟାଳୟରେ ଦେଶମିଶ୍ରଣ କମିଟି ତରଫରୁ ସେମାନଙ୍କୁ ଗୋଟିଏ ଅଭିନନ୍ଦନ ଦିଆଯାଇଥିଲା । ପୂଜ୍ୟପାଦ ଗୋଦାବରୀଶବାବୁ ୩୦ ବର୍ଷ ତଳର ଅନୁଭୂତି କହି ସଭାସ୍ଥ ବ୍ୟକ୍ତିମାନଙ୍କୁ ଚମତ୍କୃତ କରି ଦେଇଥିଲେ । ମିଟିଂ ଯୋଗାଡ଼ କରିବାକୁ ନାନା କଷ୍ଟ ସହିବାକୁ ପଡ଼ିଛି ।" (୨୨।୧୧।୪୦)

Digitized by srujanika@gmail.com

"ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିବା ନିମିତ୍ତ ଗୋଦାବରୀଶ ପ୍ରମୁଖ ଚେଷ୍ଟା କରୁଛନ୍ତି । ଏହା କଂଗ୍ରେସ ପ୍ରତି ଘୋର ବିଶ୍ୱାସଘାତକତା । ଏଇ ଛଳ ଦେଖାଇ ହୁଏତ ଆମ ସରକାର ସ୍ଫୀତ ବକ୍ଷରେ ଜଗତ୍ ସମକ୍ଷରେ ଦେଖାଇ ଦେଇପାରନ୍ତି, ଭାରତୀୟ ମାନଙ୍କର ଏ ଯୁଦ୍ଧରେ ସହଯୋଗ ଅଛି । ଓଡ଼ିଶା ପକ୍ଷେ ଏହା ନିତାନ୍ତ ନିନ୍ଦାର କଥା ।" (୨୭।୧୨।୪୦)

"ଆଜି ଅନେକଗୁଡ଼ିଏ ଓଡ଼ିଆ ବସା ବୁଲି ଗୋଟିଏ ନୈଶବିଦ୍ୟାଳୟ ପାଇଁ ଚାନ୍ଦା ସଂଗ୍ରହ କରିଛି । ସ୍କୁଲ ଅଚଳ ହୋଇଯାଇଥିଲା । ସେଥିରେ ନବ ଜୀବନର ସ୍ପନ୍ଦନ ଆଣିବା ମୋର ଉଦ୍ଦେଶ୍ୟ ।" (୨୭।୧୨।୪୦)

"ଆଜି ବର୍ଷର ଶେଷ ଦିନ । କେତେ ସୁଖଦୁଃଖ ମଧ୍ୟରେ ବର୍ଷଟି କଟିଛି । କେତେକ କବିତା ଓ ପ୍ରବନ୍ଧ ଲେଖିଛି । ଦିଲ୍ଲୀଭ୍ରମଣ ଗୋଟିଏ ବଡ଼ ଘଟଣା । କଲିକତା ଓ ଆଖପାଖ ମିଲ୍ ଅଞ୍ଚଳରେ ବୁଲିବାକୁ ଭୁଲିନାହିଁ । ବହୁତ ସଭାସମିତି ହୋଇଛି । କଲିକତା ଓଡ଼ିଆ ଭାଇମାନଙ୍କ ସ୍ୱତମୀଠ ଆଗ୍ୱରବ୍ୟବହାର ଅନେକ ପରିମାଣରେ ହୃଦୟଙ୍ଗମ କରିପାରିଛି । ଅନେକ କବିତା ଉତ୍କଳର ପ୍ରାୟ ସବୁ ପତ୍ରିକାରେ ପ୍ରକାଶିତ ହୋଇଛି । ପରୀକ୍ଷା ନିକଟେଇଲାଣି । ବର୍ତ୍ତମାନ ପଢ଼ାପଢ଼ିରେ ସମ୍ପୂର୍ଣ୍ଣ ମନଯୋଗ ଦେବା ଉଚିତ ବୋଲି ବୁଝୁଛି । କିନ୍ତୁ ଓଡ଼ିଆ ଭାଇମାନଙ୍କଠାରୁ ଅଲଗା ରହିପାରୁ ନାହିଁ ।" (୩୧।୧୨।୪୦)

" 'ପ୍ରବାସୀଉତ୍କଳସାହିତ୍ୟପରିଷଦ୍' ବୈଠକ ମୋ ସଭାପତିତ୍ୱରେ ଆଜି ବସିଥିଲା । ସୋମନାଥ ମହାନ୍ତି ସାଧାରଣ ସମ୍ପାଦକ ହେଲେ । ଅନେକ ପ୍ରବନ୍ଧ, ଗଳ୍ପ, ପ୍ରହସନ, କବିତା ପଠିତ ଓ ଆଲୋଚିତ ହୋଇଥିଲା । ମୁଁ ମଧ୍ୟ 'ଗୋଧୂଳି' ଶୀର୍ଷକ କବିତା ପଢ଼ିଥିଲି । ପ୍ରବାସୀ ବଙ୍ଗଳାସାହିତ୍ୟ ସମ୍ମିଳନୀର ସିଂହଭୂମ୍ ଦାବୀକୁ ପ୍ରତ୍ୟାଖ୍ୟାନ କରିବା ନିମିତ୍ତ ତୀବ୍ର ପ୍ରତିବାଦ ହୋଇଥିଲା ।" (୨।୧।୪୧)

" 'ଛିନ୍ନମସ୍ତା' ନାମକ ଖଣ୍ଡିଏ ବହି ଦେଶମିଶ୍ରଣକମିଟି ତରଫରୁ ଛପା ଯାଇଛି । ତା'ର ସମୁଦାୟ ଆୟ ଦେଶମିଶ୍ରଣ ଆନ୍ଦୋଳନରେ ବ୍ୟୟିତ ହେବ ବୋଲି ମୁଁ ଆଗରୁ ସ୍ୱୀକୃତ ଜଣାଇଛି ।"

"ପ୍ରବାସୀଉତ୍କଳସାହିତ୍ୟପରିଷଦ୍ ତରଫରୁ ନାଟ୍ୟଶିଳ୍ପୀ ଶ୍ରୀଯୁକ୍ତ ଅଶ୍ୱିନୀକୁମାର ଘୋଷଙ୍କୁ ବିପୁଳ ସମ୍ବର୍ଦ୍ଧନା କରାଯାଇଥିଲା; ଗୋଟିଏ ଦୁଆତ ଓ ରୂପା କଲମ ଉପହାର ଦିଆଯାଇଥିଲା । ଅଶ୍ୱିନୀବାବୁଙ୍କ ଭାଷଣ ବଡ଼ ରୁଚିକର ଓ କରୁଣ ହୋଇଥିଲା । ପରିଷଦ ତରଫରୁ ତାଙ୍କୁ 'ନାଟ୍ୟଭାରତୀ' ଉପାଧି ଦିଆଯାଇଥିଲା ।'

(୨୦।୧।୪୧)

Digitized by srujanika@gmail.com

" 'ଧରମା' (ପରେ ଏହାର ନାମ ବଦଳାଇ 'ଘୃତଶିବା' ଦିଆଗଲା) କାବ୍ୟ ୨୧।୧।୪୧ରେ ଶେଷ ହେଲା ।"

'ଜଗଦଳ' (ଓଡ଼ିଆମାନଙ୍କ) ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲି । ନବକିଶୋର ଦାସ, ଶ୍ୟାମସୁନ୍ଦର ମିଶ୍ର ପ୍ରଭୃତି ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ । ଷ୍ଟେସନଠାରୁ ଗୋଟିଏ ବାଳକଦଳ ଆସି ଆମ୍ଭମାନଙ୍କୁ ଫୁଲମାଳ ଦେଇ ନାନା ବାନା ଦେଖାଇ ଅଭ୍ୟର୍ଥନା କରି ନେଇଥିଲେ । ମୋତେ ଅନେକ ଗୋଲାପଫୁଲ (ସାହେବମାନଙ୍କ ବଗିଚାରୁ ଓଡ଼ିଆ ମାଳୀଙ୍କ ଜରିଆରେ ସଂଗୃହୀତ) ଉପହାର ଦିଆ-ହୋଇଥିଲା ।

କୁଲିମାନଙ୍କ ଅବସ୍ଥା ଶୋଚନୀୟ । ରାସ୍ତାଗୁଡ଼ିକ ଅତ୍ୟନ୍ତ ଅପରିଷ୍କୃତ । ଘରଗୁଡ଼ିକ ଛୋଟ, ବାସର ଅନୁପଯୋଗୀ । ସର୍ଦ୍ଦାରର ଅତ୍ୟାଚାର ଓ ରକ୍ତଶୋଷଣ ଏ ପର୍ଯ୍ୟନ୍ତ ଚାଲିଛି । ମନ୍ଦା ଯୋଗୁଁ ମିଲଗୁଡ଼ିକ ଦୁଇ ସପ୍ତାହରୁ ଅଧିକ ସମୟ ବନ୍ଦ ରହୁଛି । କୁଲିମାନେ ସାମାନ୍ୟ ଅର୍ଥରେ ବଡ଼ କଷ୍ଟରେ ଚଳୁଛନ୍ତି । ତଥାପି ଦେଶମିଶ୍ରଣ ଆନ୍ଦୋଳନରେ ସେମାନେ ଯଥେଷ୍ଟ ସାହାଯ୍ୟ କଲେ । (୨।୨।୪୧)

"'ପ୍ରବାସୀ' ଓଡ଼ିଆ ସମ୍ମିଳନୀର ସମ୍ପାଦକ ଭାବେ ଅନେକ କାର୍ଯ୍ୟ କରିବାକୁ ପଡ଼ୁଛି । (୯।୨।୪୧ କଲିକତା) ଶ୍ୟାମାପ୍ରସାଦ ମୁଖାର୍ଜି ସମ୍ମିଳନୀ ଉଦ୍‌ଘାଟନ କରିଥିଲେ । ବଙ୍ଗଳାଠାରେ ଓଡ଼ିଶା କିପରି ଋଣୀ ତାହା ସେ ବକ୍ତୃତା ଦେଇଥିଲେ । ଚେୟାରମ୍ୟାନ୍ (ଅଧ୍ୟାପକ ମହେଶ୍ୱର ଦାଶ)ଙ୍କ ଭାଷଣ ସୁନ୍ଦର ହୋଇଥିଲା । ମାୟାଧରବାବୁ (ମାନସିଂହ)ଙ୍କ ଭାଷଣ ଛପା ହୋଇ ନ ପାରିବାରୁ ସେ ବିଶେଷ ଖପ୍‌ପା ହୋଇଥିଲେ ।

ପୂର୍ବ ଦିବସର ସାଫଲ୍ୟରେ ମୁଗ୍ଧ ହୋଇ ବନ୍ଧୁମାନେ ଭୋଜନରେ ମାତିଲେ । ମୁଁ ମାୟାଧରବାବୁଙ୍କ ସଙ୍ଗେ ସେଦିନ କଲିକତା ଓ ତତ୍ପାର୍ଶ୍ୱବର୍ତ୍ତୀ ଅଞ୍ଚଳସ୍ଥ ବିଭିନ୍ନ ଅନୁଷ୍ଠାନକୁ ବୁଲିଗଲି । ୩ଟା ବେଳ ସୁଦ୍ଧା କାହାରି ଭ୍ରୂଭଙ୍ଗ ନାହିଁ । ତେଣେ ମଣ୍ଡପରେ ସାଢ଼େ ଦ'ଟା ବେଳୁ ଲୋକ ଜମିଲେଣି । Opening Song ହୋଇପାରିଲା ନାହିଁ । ଫୁଲମାଳା ଦିଆଗଲା ନାହିଁ । ନାଟ୍ୟଭାରତୀ ଅଶ୍ୱିନୀକୁମାରଙ୍କ Speech ପରେ ନବବାବୁଙ୍କ Speech ବଡ଼ ଚମତ୍କାର ହୋଇଥିଲା । ନୀଳକଣ୍ଠବାବୁ (ପଣ୍ଡିତ ନୀଳକଣ୍ଠ ଦାସ) ସମ୍ମିଳନୀର ବହୁତ ପ୍ରଶଂସା କଲେ । ତତ୍ପରେ ମୁଁ ବିନାୟକବାବୁ (ପଣ୍ଡିତ ବିନାୟକ ମିଶ୍ର)ଙ୍କ ପ୍ରବନ୍ଧ ପଢ଼ିଲି । ମଧ୍ୟେ ମଧ୍ୟେ ସଙ୍ଗୀତ (ଗାୟକ ଭଦ୍ରକର ସୁପ୍ରସିଦ୍ଧ ମନମୋହନ ଷାଦତ ଓ ତାଙ୍କ ଦଳ) ପ୍ରସ୍ତାବ ପାସ୍, ଧନ୍ୟବାଦ । ସମ୍ମିଳନୀ ପୂର୍ଣ୍ଣଭାବରେ ସାଫଲ୍ୟମଣ୍ଡିତ ହେଲା । ହିସାବ ବୁଝି ବୁଝାଇ ମୁଁ ବସାକୁ ଆସିଲି ।" (୧୦।୨।୪୧)

Digitized by srujanika@gmail.com

ନର୍ଥ ବ୍ରିଟିଶ୍ ଇନ୍ସୁରେନ୍ସ କମ୍ପାନୀ ଗୃହ ଟ୍ରଙ୍କୀଟି ଛଅ ଫୁଟ ଓସାର, ଦଶ ଫୁଟ ଲମ୍ବ, ଜଣେ ଶୋଇ ପାରିବ, ଦୁଇଜଣ ବସି ପାରିବେ । ଏଥିରେ ଖଣ୍ଡିଏ ଭଙ୍ଗା କାନଭାସ୍ ଖଟ; ତା'ର ଉପରେ ଓଡ଼ିଶାର କେତେ ବିଶିଷ୍ଟ ଲୋକ ଆସି ବସି ଯାଇଥିଲେ । ତା'ର ଉପରେ ବସି ମୁଁ ବହୁ କବିତା, ପ୍ରବନ୍ଧ ରଚନା କରିଥିଲି । 'ଶବଫୁଲ' (୨୦।୮।୪୦), 'କଣରୁ କି ମଲେ ଅମର' (୨୭।୮।୪୦), 'ଝଣ୍ଡାଭଙ୍ଗ ପିଲ' (୩୦।୮।୪୦), 'ବାଉଳ ଝିଅ' (୩୦।୮।୪୦), 'ଖୀର ପିଲ' (୫।୯।୪୦), 'ଚୋଟି ବରଷା', (୭।୯।୪୦), 'ଅମଙ୍ଗ' (୮।୯।୪୦), 'ରୂପକୁମାରୀ' (୧୧।୯।୪୦), 'କବିତାରେ ବ୍ୟକ୍ତିତ୍ୱର ଅଭିବ୍ୟକ୍ତି' ପ୍ରବନ୍ଧ (୧୨।୯।୪୦), 'ମୁକ୍ତି ବାନ୍ଧ' କବିତା, (୧୨।୯।୪୦) 'ସମରସମ୍ମୁଖେ' (୨୦।୯।୪୦), ନବଭାରତ, ୭ମ ବର୍ଷ, ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ, ମାୟାଧର ମାନସିଂହଙ୍କ 'ସମରବିମୁଖ' କବିତାର ଉତ୍ତର ସ୍ୱରୂପ, 'କବିତାର ମୃତ୍ୟୁ' (୨୭।୯।୪୦), 'କେତେ କି ପାରିବ ଧରଣୀ ?' (୨୮।୯।୪୦) 'ବିଳାସୀ' (୨୯।୯।୪୦), 'ଯେମିତି କାମକୁ ସେମିତି ଫଳ', ଶିଶୁଗଳ୍ପ, (୩୦।୯।୪୦), 'ବୋକା ପୁଷି' (୩୦।୧୦।୪୦), 'କବି' (୩୧।୧୦।୪୦), 'ଜୀବନ ମରଣ' (୩।୧୧।୪୦), 'ମୁକ୍ତିର ସ୍ୱପ୍ନ', 'ବାସ୍ତାଣୀ' (୭।୧୧।୪୦), 'ବାସ୍ନାର କି ଯାଏ' (୭।୧୧।୪୦), 'ହେଡ଼ା ଚଢ଼େଇ ଉଡ଼ି ଯା'ରେ', 'ଦୁଇ ଦିନର ବାଟୋଇ' (୯।୧୧।୪୦), 'ଫଲ୍ଗୁ ନଦୀ ତୀରେ' (୧୪।୧୧।୪୦), 'ଅସୀମ ବାଣୀ' (୨୧।୧୧।୪୦), 'କବିତା ଓ ନୈତିକତା' (ପ୍ରବନ୍ଧ, ୧୫।୧୨।୪୦), ମାମୁଁଘରୁ ମେଲାଣି (ଶିଶୁକବିତା) ୧୫।୧୨।୪୦), ଟନ୍ ଟନ୍ ଟିନ୍ଟନ (ଶିଶୁ ଗଳ୍ପ, ୧୫।୧୨।୪୦), 'ଡଓ ଜନସ୍' (୧୭।୧୨।୪୦), ମାନସୀ (୧୮।୧୨।୪୦), 'ସବୁ ଗଲ ପାଣି' (୨୪।୧୨।୪୦), 'ରୂପ କୁମାରୀ', 'ବୁଜ ବୁଜ ଆଖି' (୨୩।୨।୪୧), 'ପଥଚନ୍ଦ୍ରା' (୭।୩।୪୧), 'ଚିର ଯୌବନ' (୧୨।୩।୪୧), 'ଚଉଦଶସାହିତ୍ୟ' (ପ୍ରବନ୍ଧ, ୧୫।୫।୪୧), 'ସବୁଜସୁନ୍ଦରୀ', 'ପତିତା' (୧୫।୬।୪୧)' 'ଦାନ' (୧୯।୮।୪୧), 'ପରବାସୀ ଓଡ଼ିଆ' (କଲିକତାରୁ ପ୍ରକାଶିତ 'ଓଡ଼ିଶା' ପତ୍ରିକା ଲାଗି ଉଦ୍ଦିଷ୍ଟ) (୨୦।୮।୪୧) । ଏ ସବୁ ରଚନାରୁ କେତେକ ପତ୍ରପତ୍ରିକାରେ ପ୍ରକାଶ ପାଇଛି; କିନ୍ତୁ ଅଧିକାଂଶ ହଜି ଯାଇଛି ।

ଏଥିରୁ ପ୍ରମାଣ ମିଳେ ଯେ ସାହିତ୍ୟ ରଚନା କଲିକତା ପ୍ରବାସଜୀବନକାଳ ମଧ୍ୟରେ ମୋର ଗୋଟିଏ ନିୟମିତ କାର୍ଯ୍ୟକ୍ରମ ଥିଲା; ପ୍ରତିଦିନ ସାଢ଼େ ଚାରିଟାରୁ ଉଠି ଲେଖାଲେଖି କରୁଥିଲି । ଏ ପର୍ଯ୍ୟନ୍ତ ସେ ଅଭ୍ୟାସ ଅଛି ।

କଲିକତାରେ ମୁଁ 'ଛିନ୍ନମସ୍ତା', 'ଶବ' (ପାଷାଣଚରଣରେ ରକ୍ତ), 'ଧରମା' (ସ୍ମରଣିକା) ପ୍ରଭୃତି ପ୍ରାଚୀନ ବଗବଗଣୀର ଗୀତ ଓ କାବ୍ୟ ନାଟିକାମାନ (ପରବର୍ତ୍ତୀ ଦୁଇଖଣ୍ଡ କାବ୍ୟ ନାଟିକା) ରଚନା କରିଥିଲି । ପ୍ରେରଣା ଯେ ସ୍ୱତଃସ୍ଫୂର୍ତ୍ତ ଥିଲା ସନ୍ଦେହ

Digitized by srujanika@gmail.com

ନାହିଁ । କିନ୍ତୁ ରୀତିମତ ଅଭ୍ୟାସ ପ୍ରେରଣାକୁ ଅଦରଅଭ୍ୟର୍ଥନା କରି ନେଇ ଆସୁଥିଲି; ସରସ୍ୱତୀ ପ୍ରସନ୍ନା ଥିଲେ ଯେପରି କି, ଏଇ ଲକ୍ଷ୍ମୀଛଡ଼ା ପ୍ରତି । ତଥାପି ବେଳେ ବେଳେ ପ୍ରୟାସ ବ୍ୟର୍ଥ ହେଉଥିଲା । ମୁଁ ଡାଇରୀରେ ଉଲ୍ଲେଖ କରିଛି ।

"ଗୋଟିଏ କବିତା ରଚନା କରିବାକୁ ବହୁ ଚେଷ୍ଟା କରି ବ୍ୟର୍ଥମନୋରଥ ହେଲି । ମନ ନିର୍ମଳ, ନିଶ୍ଚିନ୍ତ ନ ଥିଲେ, କବିତାର ଭାବ ଭଙ୍ଗ ହୁଏ । ନାନା ଭାବ ହୃଦୟକୁଞ୍ଜରେ ଛାୟାଲୋକ ପରି ଲୁଚକାଳି ଖେଳୁଥିବା, ଗୋଟିକୁ ଧରିଲାବେଳକୁ ସେ ଖସି ପଳାଉଥିବ, ଅନ୍ୟଟି ଧୃତପ୍ରାପ୍ତ ହୋଇ ମଧ୍ୟ ପ୍ରଥମର ଗତି ଅନୁସରଣ କରୁଥିବ । ମନ କାହାକୁ ଦୃଢ଼ଭାବରେ ଧରି ନ ପାରି କ୍ଷୋଭରେ ଥରକୁ ଥର ପରାସ୍ତ ହୋଇ ସ୍ଥିର ହେଉଥିବ । ଏ ଖେଳର ଅଭିନୟ ମୋ ହୃଦୟପଟରେ ପ୍ରତ୍ୟକ୍ଷ ହେଉଛି । ଦିନେ ବୁଢ଼ିଆଣୀ ପଛରେ ଲୁଚି ଖସି ପଳାଯାଉଥିବା ଚପଳା କବିତା ବାଳିକାକୁ ଦୃଢଭାବରେ ଧରି ପକାଇ ଛନ୍ଦ ଫାନ୍ଦରେ ବାନ୍ଧି ପକାଏ । ଆହା, କି ଆନନ୍ଦ ଖେଳ ଏ ।" (୨୪।୫।୪୦)

"ଗତ ଦୁଇଦିନ ହେଲା କବିତାସରସ୍ୱତୀ ମନମନ୍ଦିର ଛାଡ଼ି କେଉଁଆଡ଼େ ଚାଲି ଯାଇଛନ୍ତି । ରାତି ବାରଟାବେଳେ ଡାକ ଡାକ ନ ଶୁଣିବାରୁ କଲମଖାତା ବିରକ୍ତ ହୋଇ ଫିଙ୍ଗି ଦେଇଛି" । (୧୬।୧୧।୪୦)

ତଥାପି ମନରେ ଗଭୀର କ୍ଷୋଭ ଥିଲା—ମୁଁ ବହୁତ ପଢ଼ିନାହିଁ, ସମସାମୟିକ ଆଧୁନିକ ଭାବଧାରା ଧରି ପାରୁନାହିଁ ।

'ଆବାଲ୍ୟ କବିତା ଲେଖି ମଧ୍ୟ ମୁଁ ଆଧୁନିକ କବିଭାବଧାରାର ବହୁ ପଛରେ ।' (୧୯।୮।୪୧)

ଅନେକଗୁଡ଼ିଏ କୁରୁଚିପୂର୍ଣ୍ଣ ପୁସ୍ତକ ଓଡ଼ିଆଙ୍କ ଭିତରେ ପ୍ରଚାରିତ ହୋଇ ସେମାନଙ୍କ ମନ ପଙ୍କିଳ କରି ଦେଇଛି ।

ଲେଖକର ଏ ଧରଣର ପଇସା ରୋଜଗାର ବେଶ୍ୟାବୃତ୍ତିଠାରୁ ହୀନ । କାରଣ ବେଶ୍ୟା କେତୋଟି ଲୋକଙ୍କୁ ମାତ୍ର ନିଜ ପାଲରେ ପକାଇ ଦିଏ । କିନ୍ତୁ ଲେଖକ ସମାଜ ମୁଖରେ ଏପରି କଳଙ୍କ ବୋଳିଦିଏ ଯେ ତାହା ଶତ ଯୁଗର ସଂସ୍କାରରେ ପୁଛା ଲିଭେ ନାହିଁ ।' (୨।୧୧।୪୦)

'ଉପଯୁକ୍ତ ଶିକ୍ଷା ଅଭାବରୁ ଓଡ଼ିଆମାନେ ବିପଥଗାମୀ ହେଉଛନ୍ତି । ବିଡ଼ି ସିଗାରେଟ୍ ଖାଇବା ଏକ ସାଧାରଣ କଥା । ଅନେକ ଏକଦାର ଗୁଲିଖୋର୍ ହୋଇଗଲେଣି । ଚିନାଅମେଲା ପୂଜା ନାମରେ ଗଞ୍ଜେଇ ଟାଣିବା ଅଭ୍ୟାସ କଲିକତାର ପ୍ରାପ୍ତ ପ୍ରତି

Digitized by srujanika@gmail.com

କପାରେ । ତାସ୍, ପଶା ଖେଳିବା, ବାରଟା ଗୋଟାକରେ ଶୋଇ ଦିନ ସାତଟା ଆଠଟା ପାଞ୍ଚଟାରେ ଉଠିବା ମଧ୍ୟ ଆମ୍ଭର କଦର୍ଯ୍ୟ ଅଭ୍ୟାସ । ଅନେକ ସ୍ଥାନରେ ଜୁଆ-ଖେଳ ଚାଲିଛି । ଅନେକ ମଦ୍ୟପ ଓଡ଼ିଆ ବେଶ୍ୟାସକ୍ତ ହୋଇ ବିଭ୍ରାଟ ଘଟାଇବା ଉଦାହରଣ କମ ନାହିଁ । ଅଧିକାଂଶ ଓଡ଼ିଆ କୁଲି ମଜୁରିଆ ଶ୍ରେଣୀର; ସିନେମା ଦେଖି-ବାର ରସିକତା ବଦଭ୍ୟାସରେ ପରିଣତ ହେଲାଣି ।" (୨।୧୨।୪୦)

'ନର୍ଥ ବ୍ରିଟିସ ଇନସ୍ୟୁରେନ୍ସ କମ୍ପାନୀରେ ସାହେବସୁବା ଓ ବଙ୍ଗାଳୀ ବଡ଼ ବଡ଼ ବାବୁମାନେ ସେବା କରନ୍ତି, ନେଇ ଆଣି ଥୋଇ ଜାଣନ୍ତି । କିନ୍ତୁ ଓଡ଼ିଆମାନେ ସେବା କରି ଧରାପଡ଼ିଲେ ମାରନ୍ତି । ଏ ସତ୍ୟପ୍ରକାଶ ଦ୍ୱାରା ଦଣ୍ଡରୁ ଛଡ଼େ ମାତ୍ର ଅବ୍ୟାହତି ମିଳେନାହିଁ; ବରଂ ଅଧିକ ଦଣ୍ଡ ହୁଏ, ନିକଟରେ ଗୋଟିଏ ନବ ତବା ସେବା କରିଥିବାରୁ ଗୋଟିଏ ଓଡ଼ିଆଙ୍କୁ କାର୍ଯ୍ୟରୁ ଚ୍ୟୁତି କରାଯାଇଥିଲା ।' (୬।୧୨।୪୦)

'ହାଡ଼କଟା ଗଳିବାଟେ ଶ୍ରୀମାନ୍ ଦିଗମ୍ବର ମୋତେ ନେଇ ଓଡ଼ିଆ ରମଣୀ-ମାନଙ୍କର ଦୁର୍ଦ୍ଦଶା ଦେଖାଇଥିଲେ । ଏହି ଗଳିରେ ଅନେକ କୁଟ୍ଟଣୀ ବୁଢ଼ୀ ଅଛନ୍ତି । ସେମାନେ ଗରିବ ଘର ଭୂଆସୁଣୀଙ୍କୁ ଓଡ଼ିଶାରୁ ଶିଖାଇ ଆଣି ଏଠାରେ ବିକ୍ରୀ କରନ୍ତି । ସେମାନେ ବେଶ୍ୟାରେ ପରିଣତ ହୁଅନ୍ତି । କୌଣସି କୌଣସି ଓଡ଼ିଆ ଭାଇ ମଧ୍ୟ ବାଟଘାଟରୁ ଲୋକମାନଙ୍କୁ ଭୁଲାଇ ବେଶ୍ୟାଘରକୁ ନେବା ବ୍ୟବସାୟ ଧରିଛନ୍ତି । ଧିକ୍ ସେମାନଙ୍କର ଜୀବନ, ଶତ ଧିକ୍ ସେମାନଙ୍କ ପଇସା ରୋଜଗାରର ପନ୍ଥା ।' (୯।୧୨।୪୦)

ସେତେବେଳର କେତୋଟି ବ୍ୟକ୍ତି ଓ ସମାଜଜୀବନର କେତୋଟି ଘଟଣା ଡାଇରୀରେ ଲିପିବଦ୍ଧ କରିଛନ୍ତି--

''ଜଣେ ଓକିଲ କୁଟୁମ୍ବ ସହିତ ସିନେମା ଦେଖିବାକୁ ଆସିଥିଲେ । ସ୍ତ୍ରୀ ଲୋକ ଗହଳିରେ ବାହୁଡ଼ା ହୋଇଗଲା । ଜଣେ ଲୋକ ତାକୁ ସ୍ୱାମୀ ନିକଟରେ ପହଞ୍ଚାଇ ଦେବ କହି ଗାଡ଼ି ଚଢ଼ାଇ କଲିକତା ନେଇ ଆସୁଥିବା ସମୟରେ ଆର୍ଯ୍ୟସମାଜର ଜଣେ ଲୋକ ଏ କଥା ଜାଣିପାରି ପୁଲିସ୍‌ରେ ଖବର ଦେବାରୁ ମଣିଷକୁ ବନ୍ଦୀ କରାଗଲା । ମକଦ୍ଦମା ଫଳରେ ତାକୁ ତିନି ବରଷ ଜେଲ ଓ ତିନିଶ ଟଙ୍କା ଜରିମାନା ହେଲା । ସ୍ତ୍ରୀଟି ଅତ୍ୟନ୍ତ ଲଜ୍ଜାବତୀ । ସ୍ୱାମୀଗୃହ ତ୍ୟାଗ କରି ଆସିବା ଦିନୁଁ ସେ ପାନାହାର ତ୍ୟାଗ କରିଥାଏ । ଓକିଲଙ୍କ ସ୍ତ୍ରୀକୁ ଫେରାଇବା ଲାଗି ଖବର ଦେବାରୁ ସେ କହିଲେ—'ସେ ପତିତା ହୋଇଗଲାଣି, ଆଉ ଗ୍ରହଣ କରିବ ନାହିଁ ।' ତତ୍ପରେ ସେ ଅନ୍ୟ ସ୍ତ୍ରୀର ପାଣି ଗ୍ରହଣ କଲେ । ସ୍ତ୍ରୀ ବର୍ତ୍ତମାନ ଅରକ୍ଷିତା ।' (୨୧।୭।୪୧)

Digitized by srujanika@gmail.com

"ମୋର ଅଞ୍ଚଳର ଗୋଟିଏ ସମ୍ଭ୍ରାନ୍ତବଂଶୀୟ ବୋହୂକୁ ଶିଖାଇ ଗୁଣ୍ଡାଏ କଲିକତା ନେଇ ଆସିଲା । ସ୍ତ୍ରୀଟିର ସ୍ୱାମୀ କଲିକତାରେ କାମ କରନ୍ତି । ସ୍ୱାମୀଙ୍କ ସହିତ ପଡ଼ୋଶୀ ଗୋଟିଏ ଲୋକର ଆଦୌ ମନ ମିଳୁ ନ ଥିଲା । ଗୁଣ୍ଡାର ସହିତ ମିଳି କରି ସେ କଲିକତାର ଗୋଟିଏ ଅନ୍ଧାରିଆ କୋଠରୀରେ ସ୍ତ୍ରୀଟିକୁ ଓ ଗଙ୍ଗାସ୍ନାନ କରି ଆସିଥିବା ଗୋଟିଏ ବୁଢ଼ୀକୁ ବନ୍ଦ କରି ରଖିଲା, ସେ ସ୍ତ୍ରୀଟିକୁ ବିକିବାକୁ ଚେଷ୍ଟା କରି ବ୍ୟର୍ଥ-ମନୋରଥ ହେଲା ଓ ଅଳଙ୍କାରତକ ନେଇ ଖସିଗଲା । ପ୍ରବାସୀ ଉତ୍କଳ ନୈଶ-ବିଦ୍ୟାଳୟର କର୍ମୀମାନେ ସ୍ତ୍ରୀଟିକୁ ଉଦ୍ଧାର କରି ପୁରସ୍କୃତ ହୋଇଛନ୍ତି ।" (୪।୧୧।୪୦)

"ଷ୍ଟେସନ ନିକଟରେ ଗୋଟିଏ ବାଉଳା ବୃଦ୍ଧ ଭିକ୍ଷୁ ପଥଶ୍ରାନ୍ତ ହୋଇ ପଡ଼ି ମରି ଯାଇଥିଲା । ଦେଖି ପ୍ରାଣ କାନ୍ଦି ଉଠିଲା, ଏବଂ ମନ କେଉଁ ଦେଶରେ ହାଟଲି ପରି ବୁଲିଲା ।" (୨୮।୧୧।୪୦)

"ଜନନୀ କିଏ ? ଶିକ୍ଷିତକର୍ମୀ ପରି ସହସ୍ର ସହସ୍ର ଜୀବନଶିଖା ଝରିପଡ଼ି କାଳନିଃଶ୍ୱାସରେ କୁଆଡ଼େ ଶୁଖିଯାଉଛି ? ଗୋଟିଏ ଗରିବ ବ୍ରାହ୍ମଣ ପିଲାର ବଂଶ ମଲା ପରେ ସେ କଲିକତାରେ 'ଠାକୁର' କାମ କରୁଥିଲା, ନିଆଁ ଝାସରେ ବସି ବସି ଆଖି ଖରାପ ହୋଇଗଲା, ସେ ବର୍ତ୍ତମାନ ଅନ୍ଧପ୍ରାୟ, ସହାୟସମ୍ବଳହୀନ ହୋଇ କଲିକତାରେ ବସିଛି । ତାର ମୂର୍ଖଣୀ ସ୍ତ୍ରୀ କାଲି ପ୍ରସୂତଶଯ୍ୟାରେ ଇହଲୀଳା ସମ୍ବରଣ କରିଛି । ମଣିଷ ଆଉ କେତେ ଦୁଃଖ ସହିପାରେ ? ତଥାପି କି ଆଶା ନେଇ ମଣିଷ ଜୀବନ ପ୍ରତି ମମତା ରଖେ ?"

ଡାଇରିରେ ମୋ ଜୀବନର ସଂକଳ୍ପ, ସୌନ୍ଦର୍ଯ୍ୟବୋଧ ଓ କେତେକ ଉଚ୍ଚ ଚିନ୍ତା ସ୍ଥାନ ପାଇଛି । ବାଛି ବାଛି ଦୁଇ ଚାରିଟି ଦେଲି—

"ଆତ୍ମପ୍ରକାଶ ଦ୍ୱାରା ମାନବ ଜାତିର ପ୍ରକାଶ କରିବାକୁ ହେବ । ଭୁଜଶକ୍ତିକୁ ଉତ୍ତେଜିତ ନ କଲେ ତା କର୍ମକ୍ଷମ ହୁଏନାହିଁ । ନୈରାଶ୍ୟ ଉନ୍ନତିପଥର କଣ୍ଟକ । ଏହିକି ମୁଁ ଶିକ୍ଷା କଲି । କର୍ମନିଷ୍ଠା ଦ୍ୱାରା ଦେଶସେବା ବ୍ରତ ଧାରଣ କରିବି ବୋଲି କୃତପ୍ରତିଜ୍ଞ ହୋଇଛି ।' (୧୫।୮।୪୦)

"ବଲବଦପି ଶିକ୍ଷିତାନାମାତ୍ମନ୍ୟପ୍ରତ୍ୟୟଂ ଚେତଃ"

ଆତ୍ମବିଶ୍ୱାସ ମନୁଷ୍ୟକୁ ଶକ୍ତିଶାଳୀ କରେ; ସୁପ୍ତ ଚିତ୍ତଶକ୍ତିକୁ ନବ ନବ ଭାବରେ ବିକାଶ କରେ ; ମନୁଷ୍ୟର ଜୀବନ ଆକାଶକୁ ଆଶାତଳୀରେ ରଙ୍ଗାଇଦିଏ ।

Digitized by srujanika@gmail.com

ଆତ୍ମବିଶ୍ୱାସର ଅଭାବ ଜୀବନ ଅଧଃପାତର ମୂଳାଧାର । କିନ୍ତୁ ତାର ସ୍ଥିତି ସଫଳ ଉନ୍ନତିଶୌଧର ନିମିକ ସୋପାନଶ୍ରେଣୀ । ଆତ୍ମଶକ୍ତିରେ ସନ୍ଦେହର ଅବକାଶ ହେତୁରୁ ହିଁ ମୁଁ ଜୀବନରଣରେ ବହୁବାର ପରାସ୍ତ ହୋଇଛି । କିନ୍ତୁ ଏ ପରାଜୟରେ ମୋର ଲାଭ ହୋଇଛି । ବହୁ ଅଗ୍ନିପରୀକ୍ଷା ପରେ କାଞ୍ଚନ ବିଶୁଦ୍ଧି ଲାଭ କରିଛି । ମୁଁ ଉପଯୁକ୍ତ ଶିକ୍ଷା ପାଇପାରିଛି ।

ଜଗତର ବହୁ ପ୍ରତିଭାଶାଳୀ ନକ୍ଷତ୍ର ମଧ୍ୟ ଜ୍ୟୋତିହୀନ ହୋଇ ମଳିନ ପଡ଼ିଛନ୍ତି । ସ୍ୱ ଶକ୍ତିରେ ତେଜସ୍ୱୀ ହୋଇ ନିରାଶ ବିଶ୍ୱମାନବର ପ୍ରାଣରେ ଶକ୍ତିର ସ୍ପନ୍ଦନ, ହୃଦୟରେ ନିଃସ୍ୱାର୍ଥ ଉଲ୍ଲାସ ଆଣିବା ମୋ ଜୀବନର ପ୍ରଧାନ ଲକ୍ଷ୍ୟ । ନିଜକୁ କ୍ଷୁଦ୍ର ଦୀପ ବୋଲି ଭାବିଲେ ନିଜର ଭାବନାକୁ କ୍ଷଣେମାତ୍ର ଆଲୋକିତ କରି ଲୋକଲୋଚନ ଅଗୋଚରରେ ନିଭିଗଲେ, ମୋର ଅଗ୍ରଗତି ହୋଇ ପାରିବ ନାହିଁ । ଘୋର ଅନ୍ଧାରରେ ନିର୍ଦ୍ଦେଶଣୀଟି ବିଲୟପ୍ରାପ୍ତ ହେବ ।

ଲକ୍ଷ୍ୟ ଯେତିକି ବିଶାଳ ହୁଏ, ଅଧ୍ୟବସାୟର ଗତି ଯେତିକି ଚଞ୍ଚଳ ହୁଏ, ମନୁଷ୍ୟର ଶକ୍ତିସାମର୍ଥ୍ୟ ସେତିକି ପରିମାଣରେ ବୃଦ୍ଧିପ୍ରାପ୍ତ ହୁଏ । ମସ୍ତକ ଉପରେ ଦିଗଦିଗନ୍ତ ପ୍ରସାରିତ ଅନନ୍ତ ଆକାଶ, ପଦ ତଳେ ବିଶାଳ ଧରଣୀକୁ ପାଇ ମୁଁ ନିରାଶ ହେବ ? (୨୨।୮।୪୦)

“ବ୍ୟକ୍ତିତ୍ୱର ବିକାଶ କରିବା ମାନବଜୀବନର ଶ୍ରେଷ୍ଠ କର୍ତ୍ତବ୍ୟ । କବିର କବିତା ଅପେକ୍ଷା ତାର ବ୍ୟକ୍ତିତ୍ୱର ମୂଲ୍ୟ ଅଧିକ । ବ୍ୟକ୍ତିତ୍ୱ କବି ପଛରେ ଥାଇ ତାକୁ ନବ ପ୍ରେରଣା ଦିଏ । ସେହି ପ୍ରେରଣା ବଳରେ କବି ଉତ୍କୃଷ୍ଟ କବିତା ଲେଖିବାକୁ ସମର୍ଥ ହୁଏ । ଯେଉଁ ଲୋକର ବ୍ୟକ୍ତିତ୍ୱ ଯେତେ କ୍ଷୁଦ୍ର ଓ ସଙ୍କୁଚିତ, ସେ ସେତେ ନିର୍ଜୀବ, ଦୁର୍ବଳ । ଅନାବିଳ ଚରିତ୍ର, ଅକ୍ଲାନ୍ତ ଅଧ୍ୟବସାୟ, ଦୃଢ଼ ମନ, କଠୋର ନିଷ୍ଠା ବ୍ୟକ୍ତିତ୍ୱ ବିକାଶରେ ବିଶେଷ ସାହାଯ୍ୟ କରେ ।” (୨୩।୮।୪୦)

“ପ୍ରକୃତି ମନୁଷ୍ୟକୁ ଆନନ୍ଦସାଗରରେ ବୁଡ଼ାଇଦିଏ । ସକଳ ଦୁଃଖଦୈନ୍ୟ ଗ୍ଲାନି ଅପହରଣ କରି ମନପ୍ରାଣରେ ସ୍ୱର୍ଗୀୟ ଆନନ୍ଦ ଭରିଦିଏ । ଆଜିର ଉଷାଟି କେଡ଼େ ମନୋହର । ଖଣ୍ଡ ଖଣ୍ଡ କଳାମେଘ ଆକାଶଦର୍ପଣରେ କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପ ପରି ଦେଖା ଯାଉଛନ୍ତି । ସୂର୍ଯ୍ୟଙ୍କର ପ୍ରଥମ ରଶ୍ମିରେଖା କେତକୀପାଖୁଡ଼ା ପରି ଫୁଟି ଆସି କେତେକ ମେଘକୁ ଅପୂର୍ବ ରଙ୍ଗରେ ରଙ୍ଗାଇ ଦେଲା । ମେଘର ଅର୍ଦ୍ଧ ରକ୍ତ, ଅର୍ଦ୍ଧ କୃଷ୍ଣ ଛବି ତଳେ ସୂର୍ଯ୍ୟର ଅର୍ଦ୍ଧଲୁପ୍ତ ଛବି କି ସୁନ୍ଦର ।” (୩୧।୧୦।୪୦)

Digitized by srujanika@gmail.com

"ବର୍ତ୍ତମାନ ଓଡ଼ିଶାର ଲୋକେ ନିଜ ନିଜ ସ୍ୱାର୍ଥ ଦୃଷ୍ଟିକୋଣରୁ ଓଡ଼ିଶାକୁ ବିବେଚନା କରିବାର ଦେଖାଯାଏ । କୌଣସି ଗ୍ରନ୍ଥକର୍ତ୍ତାଙ୍କର ପୁସ୍ତକ ବିକ୍ରୀ ନ ହେଲେ ସେଥିପାଇଁ ଦେଶ ଦାୟୀ, କାହାକୁ ସ୍ୱୀକୃତି ନ ମିଳିଲେ ସେ ମଧ୍ୟ ଦେଶକୁ ଦାୟୀ କରୁଛି । କୌଣସି ଲେଖକଙ୍କୁ ସମ୍ବର୍ଦ୍ଧନା ନ ମିଳିଲେ ସେ ନୈରାଶ୍ୟବାଦର ଆଶ୍ରୟ ଗ୍ରହଣ କରି ଲେଖନୀ ଛାଡ଼ୁଛନ୍ତି । ନେତାମାନଙ୍କ ମଧ୍ୟରେ ନାନା ଦଳାଦଳି ହୋଇ ବିଭ୍ରାଟ ଘଟୁଛି । ନିଜ କର୍ମର ଆଶୁଫଳ ପାଇବା ପାଇଁ ସମସ୍ତେ ବ୍ୟାକୁଳ । ନିରବଚ୍ଛିନ୍ନ ସାହିତ୍ୟସାଧନାର ଦୃଷ୍ଟାନ୍ତ ବିରଳ । ଯେଉଁମାନଙ୍କର ସାହିତ୍ୟସାଧନାର ସୁବିଧା ଅଛି, ସେମାନେ ଆମୋଦବିଳାସରେ ବୁଡ଼ିଛନ୍ତି । ଯେଉଁମାନେ ଦାରିଦ୍ର୍ୟ ତାଡ଼ନାରେ ବ୍ୟତିବ୍ୟସ୍ତ, ସେମାନେ (ସେ ଦିଗରେ) ଅଧିକ ଦୂର ଅଗ୍ରସର ହୋଇପାରୁନାହାନ୍ତି । ଏ ସାହିତ୍ୟିକ ଜଡ଼ତା ପ୍ରଭାବରୁ ଦେଶକୁ ରକ୍ଷା କରିବାକୁ କେତେକ ତରୁଣ ସାଧକ ବଦ୍ଧପରିକର ହେବା ଉଚିତ ।" (୮।୧୨।୪୦)

ଡାଇରୀର କିୟଦଂଶ

(୧୯୭୧ରୁ ୧୯୭୫)

"ମଣିଷ ନିଜେ ହିଁ ନିଜର ଶାନ୍ତି, ନିଜେ ନିଜର ଶିଳ୍ପୀ ବା ସ୍ରଷ୍ଟା। ନିଜକୁ ଗଢ଼ିବା ଦାୟିତ୍ୱ ତା ନିଜ ଉପରେ। ସେ ଦାୟିତ୍ୱ କଷ୍ଟକର। ଯେ ବହନ ନ କରନ୍ତି, ସେ ନିଜ ମନରେ ବହୁ ଅସୁନ୍ଦର ଭାବକୁ ଅବାଧ ବଢ଼ିବାକୁ ସୁଯୋଗ ଦିଅନ୍ତି। ଈର୍ଷା ହିଂସାର ସର୍ପ ପୋଷନ୍ତି। କଥା ଅଛି ସର୍ପଂ ଚ ଗୃହେ ବାସଃ ମୃତ୍ୟୁରେବ ନ ସଂଶୟଃ" ।

"ସଭାସମିତିରେ ଅଧିକ ବକ୍ତୃତା ଦେବା ବିରକ୍ତିକର। କିନ୍ତୁ ଅନୁରୋଧ ଏଡ଼ି ହେଉନାହିଁ, ଏଣେ ନ ଏଡ଼ିଲେ ବି ଶାନ୍ତି ନାହିଁ। ଏତେ ଦୌଡ଼ାଦୌଡ଼ି କଲେ ମାନସିକ ସ୍ଥୈର୍ଯ୍ୟ ରହିବ କିପରି ? ଲେଖକ ଲେଖିବ କେତେବେଳେ ? ସାମାଜିକ ନହେବା ଅସୌଜନ୍ୟ; କିନ୍ତୁ କିଛି ପରିମାଣରେ ଅସାମାଜିକ ନ ହେଲେ ରଚନାଅଭ୍ୟାସ ରକ୍ଷି ହେବନାହିଁ। ଅଭ୍ୟାସଯୋଗଭଙ୍ଗ ଲେଖକ ପକ୍ଷେ ସର୍ବନାଶ।"

ଆବୃତ୍ତି ପ୍ରତିଯୋଗିତା

ଆବୃତ୍ତିପ୍ରତିଯୋଗିତାରେ ବିଚାରକଆସନଟିଏ ମିଳିଥିଲା। ନିର୍ଦ୍ଧାରିତ ସମୟର ଘଣ୍ଟାଏପରେ ଜଣ ଜଣ ହୋଇ ଦଶଜଣ ପହଞ୍ଚିଲେ – ପ୍ରତିଯୋଗୀ ୮ଜଣ, ଶ୍ରୋତା ୨ ଜଣ। ଆବୃତ୍ତିର ବିଷୟ ବେଣୀସଂହାରର କେତୋଟି ପଦ। ଜଣେ ତାକୁ ଗଦ୍ୟରେ ବୋଲିଲା, ପ୍ରତି ପଙ୍କ୍ତିରେ ସ୍ୱର ପରିବର୍ତ୍ତନ କରି। ଜଣେ ଆବୃତ୍ତି ନ କରି ଗାଇଲା କରୁଣ ସ୍ୱରରେ। ଜଣେ ପୁରାଣ ପରି ପଢ଼ିଲା। ଶେଷରେ ମୁଁ ମତ ପ୍ରକାଶ କରିଥିଲି –

ଆବୃତ୍ତି ଗୋଟିଏ କଳା; ମୁଖସ୍ଥ ତ ଦୂରର କଥା, କେହି ଜଣେ ବିଷୟକୁ ଭଲ ଭାବେ ପଢ଼ି ଆସିନାହିଁ। ଏହା ଦେଖି ରାଧାନାଥଙ୍କର ଆତ୍ମା ଦୁଃଖରେ ଭାଜି ପଡ଼ୁଥିବ – ଭାବୁକହୀନ ଏ ଦେଶରେ ସେ କବିତା ସୃଷ୍ଟି କରିଗଲେ କାହିଁକି ?

Digitized by srujanika@gmail.com

୧୯୬୭'ରେ 'ବାଣୀବିହାର' ଅନୁକୂଳରେ ଅନୁଷ୍ଠିତ ସାରଳା ଦାସଙ୍କ ଶ୍ରାଦ୍ଧ-ସଭାରେ ଯୋଗ ଦେଇଥିଲି । ସାରଳା ଉତ୍କଳର ସରସ୍ୱତୀ—ସାରଳା ଦାସଙ୍କ ଠାରୁ ରାଧାନାଥଙ୍କ ପର୍ଯ୍ୟନ୍ତ କବିତାର ପ୍ରେରଣଦାତ୍ରୀ ସରସ୍ୱତୀ ଭାବେ ସେ ସଂପୂଜିତା । ସାରଳାଙ୍କ ଛଡ଼ାମାଳ ଯୋଳମାଳ ପିନ୍ଧି ତାଙ୍କୁ ନମସ୍କାର କଲାବେଳେ ଓଡ଼ିଶାର ଅତୀତ ସାଧକମାନଙ୍କ ଚିନ୍ତାରେ ପ୍ରାଣ ରୋମାଞ୍ଚିତ ହୋଇଥିଲା ।

କବିତା ପାଠୋତ୍ସବ

ରେଭେନ୍ସା କଲେଜର ଓଡ଼ିଆ ବିଭାଗର ଅନୁକୂଳରେ ଗୋଟିଏ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ବଂଶୀଧର ସାମନ୍ତରାୟ ୧୯୫୫ରେ ଲିଖିତ ନିଜର ଗୋଟିଏ କବିତା ଅବୃତ୍ତି କଲେ; ବିଜ୍ଞାନୀ ହୋଇ କବିତାକୁ ସେ ବିସର୍ଜନ ଦେଇଥିଲେ ।

କବିତା ସମ୍ପର୍କରେ ସେ କହିଲେ—ଯେଉଁମାନଙ୍କର ଅନ୍ୟ କିଛି କାମ ନାହିଁ, ସେମାନେ କବିତା ଲେଖନ୍ତି । ଯେଉଁମାନେ ଅନ୍ୟମାନଙ୍କ ସହିତ କଠୋର ପ୍ରତି-ଯୋଗିତାରେ ଛିଡ଼ାହେବାକୁ ଅସମର୍ଥ, ସେମାନେ କବିତା ଲେଖନ୍ତି । ଏ ଯୁଗରେ କବିତା ପଢ଼ିବାକୁ କାହାର ଅବସର ନାହିଁ, ପ୍ରୟୋଜନ ମଧ୍ୟ ନାହିଁ । କବିତା ଆଗାମୀ କେତେବର୍ଷ ମଧ୍ୟରେ ନିଶ୍ଚୟ ଲୋପ ପାଇଯିବ; ଏହାର କୌଣସି ଭବିଷ୍ୟତ ନାହିଁ ।

ଧନ୍ୟବାଦ ଅବସରରେ ଏହାର ଉତ୍ତରରେ ମୁଁ କହିଥିଲି—ମଣିଷର ଭାଗ୍ୟ ସୂତାଖିଅକେ ଝୁଲୁଛି, କେତେବେଳେ କଣ ଘଟିବ କେହି କହିପାରିବ ନାହିଁ । ମଣିଷ-ଜାତି ଲୋପ ପାଇଲେ କବିତା ଲୋପ ପାଇବ, ନୋହିଲେ ନୁହେଁ । ମଣିଷକୁ ପ୍ରକୃତ ମଣିଷ କରି ଗଢ଼େ ସାହିତ୍ୟ । ମଣିଷର ଅନୁଭବୀ ହୃଦୟ ଥିବା ଯାଏଁ କବିତା ବଞ୍ଚି ରହିବ ।

ବିବେକଗ୍ରାହକ କବି କୋଟି ଆୟୁ ଦେଇ
ବର୍ତ୍ତିଥିଲେ କବି କବିତ୍ୱ କି ହେବ ମ୍ଳାନ ?

ପ୍ରତିଭା ଓ ଜନତା

ହରେକୃଷ୍ଣ ମହତାବଙ୍କ 'ପ୍ରତିଭା' ଉପନ୍ୟାସର ଅବଲମ୍ବନରେ ରଚିତ ଗୋପାଳ ଛୋଟରାୟଙ୍କ 'ପ୍ରତିଭା' ନାଟକ 'ଜନତା' ରଙ୍ଗମଞ୍ଚରେ ଉଦଘାଟନ କରିଥିଲି । ଏ ମଞ୍ଚଟି ସ୍ୱୟଂ ଶିଳ୍ପୀମାନଙ୍କ ଦ୍ୱାରା ପରିଚାଳିତ । ରଙ୍ଗମଞ୍ଚର ଶିଳ୍ପୀ ଚଳଶିଳ୍ପୀ ପରି ସମୃଦ୍ଧ ନୁହେଁ; ଅନ୍ୟ କିଛି ଉପାୟ ନ ପାଇ ସେ ଅଭିନୟକୁ ଏକ ବୃତ୍ତି ସ୍ୱରୂପ ଗ୍ରହଣ କରିଛି,

Digitized by srujanika@gmail.com

କିନ୍ତୁ ଏ ବୃତ୍ତି ତାଙ୍କୁ ପୋଷିଉ ନାହିଁ, ଜୀବନଯାତ୍ରା ତା ପକ୍ଷରେ ଏକ କଠୋର ସଂଗ୍ରାମ ହୋଇଅଛି ।

ଜାତୀୟ ସଂହତି ଓ ବିଶ୍ୱସଂହତି ଲାଗି ନାଟକ ଅଭିନୟର ଉପଯୋଗିତା ସର୍ବସ୍ୱୀକାର୍ଯ୍ୟ । ଜଗତର ସମସ୍ତ ବିରୋଧ, ବୈଷମ୍ୟ ଦୂର କରିବାରେ ନାଟକର ଏକ ବଳିଷ୍ଠ ଭୂମିକା ରହିଅଛି ।

ଶାନ୍ତିନିକେତନ ଆଶ୍ରମରେ ସଂଘର୍ଷ ବା ଅଶାନ୍ତି ଉପସ୍ଥିତ ହେଲେ ରବୀନ୍ଦ୍ରନାଥ ନାଟକ ଅଭିନୟ ଲାଗି ପରାମର୍ଶ ଦେଉଥିଲେ । ଯଜ୍ଞ ଯେପରି ବାତାବରଣ ଶୁଦ୍ଧ କରେ, ସେହିପରି ମନକୁ ପବିତ୍ର କରେ ନାଟକଅଭିନୟ ।

ଅଶିକ୍ଷିତ ଜନତାର ରୁଚି ଗ୍ରହଣ ନ କରି ନାଟ୍ୟକାର ସତ୍ୟ ଶିବ ସୁନ୍ଦର ଆଦର୍ଶ ଗ୍ରହଣ କରିବା କର୍ତ୍ତବ୍ୟ । କାରଣ ଜନସାଧାରଙ୍କୁ ଶିକ୍ଷିତ ଓ ଉନ୍ନତ କରିବାର ଗୁରୁଦାୟିତ୍ୱ ନାଟ୍ୟକାରର କଲମରେ ନ୍ୟସ୍ତ ଥାଏ ।

୧।୫।୭୨ରେ ଓଡ଼ିଆଜାତିର ବିଶ୍ୱକର୍ମା ମଧୁସୂଦନଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଯାଇଥିଲି; ଯେଉଁ ଘରେ ମଧୁବାବୁ ଜନ୍ମ ହୋଇଥିଲେ ତାହା ଅରମା ହୋଇପଡ଼ିଛି, ଖ୍ରୀଷ୍ଟିଆନ୍ ହେଲାପରେ ଯେଉଁ କୋଠାଘରଟିରେ ରହୁଥିଲେ ତାହା ମଧ୍ୟ ଅବହେଳିତ ଅବସ୍ଥାରେ ଅଛି । ଜାତିର ପିତାଙ୍କର ତ ଏ ଦଶା, ଅନ୍ୟ ପ୍ରତିଭା ଏ ଦେଶରେ ଅବହେଳିତ ନ ହେଉଥିବ କାହିଁକି ? ପ୍ରତିଭାର ଉପଯୁକ୍ତ ଅର୍ଚ୍ଚନା ନ ହେଲେ ନବ ପ୍ରତିଭାର ଜନ୍ମ ହୁଏନାହିଁ । ଓଡ଼ିଆଜାତି ବଡ଼ ଭୋଳିବାର ହେତୁ ପୂଜ୍ୟପୂଜାବ୍ୟତିକ୍ରମରେ ହିଁ ରହିଛି ।

ଗୋପାଳବଲ୍ଲଭ (ଶ୍ରୀମାଭବଣୁଁ ଉପନ୍ୟାସର ରଚୟିତା) ପାଠାଗାର, ମଧୁବାବୁଙ୍କ ଗୃହ ସମୀପବର୍ତ୍ତୀ ପୁଷ୍କରିଣୀ ତୀରର ସୁନାଚମ୍ପା, ଲାଲ କାଠଚମ୍ପା, କୃଷ୍ଣଚୂଡ଼ା, କାଠରଙ୍ଗଣି, ଗ୍ରାଓନିଆଁ ଓ କାଣିଆ, ଫୁଲ ଦେଖି ମନ ପ୍ରୀତିପୂର୍ଣ୍ଣ ହୋଇଥିଲା ।

୨୩ ତାରିଖରୁ ୨୮ ତାରିଖ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ଗୋଟିଏ ନାଟକଉତ୍ସବରେ ଯୋଗଦେଇଥିଲି, ଜଣେ ବିଚାରକଭାବରେ । ଓଡ଼ିଶାର ପ୍ରାୟ ସବାଞ୍ଚଳରୁ ପ୍ରାପ୍ତ ୪୫ଖଣ୍ଡି ନାଟକ ମଧ୍ୟରୁ ପାଞ୍ଚଖଣ୍ଡି ମନୋନୀତ ହୋଇ ଅଭିନୀତ ହୋଇଥିଲା—'ଏକ ଙ୍କା', 'ବଜ୍ରକପାଟ', 'ରକ୍ତର ଡାକ', 'କାଚଘର', 'ଜୁମ୍ମା' ଇତ୍ୟାଦି ଆଦିବାସୀ ଜୀବନସଂପର୍କୀୟ । 'ଜୁମ୍ମା' ନାଟକଟି ରଚନା, ନିର୍ଦ୍ଦେଶନା, ଅଭିନୟକୁଶଳତା ଦୃଷ୍ଟିରୁ ଦ୍ୱିତୀୟସ୍ଥାନ ବିବେଚିତ ହେଲେ ବି ସମୟର ସୀମା ଭିତରେ ନ ରହି ପାରିବାରୁ ପୁରସ୍କୃତ ହେଲାନାହିଁ ।

Digitized by srujanika@gmail.com

ଅଧିକାଂଶ ନାଟକ କବିତ୍ୱହୀନ । ଅଭିନେତା ଓ ଅଭିନେତ୍ରୀ ଶ୍ରୋତା ବା ଦର୍ଶକଙ୍କ ପ୍ରତି ଦୃଷ୍ଟିପାତ କରୁନାହାନ୍ତି । ଷ୍ଟେଜ୍‌ ମାଇକ୍‌ ଥିବା ସତ୍ତ୍ୱେ ଶ୍ରୋତା ଶୁଣି ପାରୁନାହିଁ । ଅଭିନୀତ ସମସ୍ତ ନାଟକ ସାମାଜିକ । ଆଦିବାସୀରୁ ହିନ୍ଦୁ, ଖ୍ରୀଷ୍ଟିୟାନ, ମୁସଲମାନ ସମାଜର ଚିତ୍ର ଏଥିରେ ଚିତ୍ରିତ । ଖଣ୍ଡିଏ ନାଟକର ବିଷୟବସ୍ତୁ ବୈଜ୍ଞାନିକ ଥିଲା– ଗ୍ରହରୁ ଗ୍ରହାନ୍ତର ଯାତ୍ରାପ୍ରୟାସ ଓ ସାଫଲ୍ୟ—କିନ୍ତୁ ଏହା କେବଳ ଭାବବିଳାସ; ରଙ୍ଗମଞ୍ଚରେ ଅଭିନୟରେ ଫୁଟାଇବା ସମ୍ଭବ ହେଉନାହିଁ ।

ନିଜର ଲେଖାଲେଖି ସମ୍ପର୍କରେ ସେ ବର୍ଷ ଡାଇରୀରେ ଲେଖିଥିଲି—'ରୁଟିନ୍‌ ମତେ ଲେଖିବାକୁ ବେଳେବେଳେ ଘୃଣା ଲାଗେ । ଲେଖିବା ମୋର ପ୍ରିୟ ଅଭ୍ୟାସ, ଜୀବନଠାରୁ ପ୍ରିୟତର ନୁହେଁ । ଜୀବନ ବଞ୍ଚିବା ଲାଗି ବେଳେବେଳେ ଲେଖା ଛାଡ଼ିଦେବା ଉଚିତ ।'

"ଅଭ୍ୟାସମତେ ଲେଖିଲେ ଲେଖା ହୁଏ ଗୋଟାଏ ବୋଝ, ବନ୍ଧନ; ବୋଝ ଥୋଇ ବିଶ୍ରାମ ନେଲେ, ବନ୍ଧନରୁ ମୁକୁଳିଲେ, ସୁଖ ଲାଗେ । ମୁକ୍ତି ଲୋଡ଼ା, ଯେଉଁ ଅଭ୍ୟାସରୁ, ଯେଉଁ ବନ୍ଧନରୁ ହେଉ ପଛକେ, ଜୀବନ ଲାଗି ମୁକ୍ତି ଲୋଡ଼ା, ଏଇ ଜୀବନରେ, ଜୀବନର ପାରେ ମରଣ ପରେ ନୁହେଁ ।

ଲେଖକ ଲୋଡ଼େ ଜଞ୍ଜାଳରୁ ମୁକ୍ତି, ସଂସାରଜଞ୍ଜାଳରୁ ଖସି ପୁଣି ପଡ଼ ଜଞ୍ଜାଳରେ ବୁଡ଼େ, ପୁଣି ପଡ଼ ହୁଏ ବିଷୟୀ, ଲେଖାକୁ କରେ ଗୋଟାଏ ବୃତ୍ତି, ତହିଁରେ ବ୍ୟବସାୟୀ, ବୃତ୍ତିପତି ବା ଜମିଦାରର ଗର୍ବ ତା ମନରେ ଆସିପାରେ; ଲେଖାର ଆନନ୍ଦ ସେଥିରୁ ଆଉ ମିଳିବ କାହୁଁ ?"

ଇଚ୍ଛା ହେଲେ ଲେଖ, ମନକୁ ପୀଡ଼ନ କରନାହିଁ । ଅନ୍ୟ କାହାର ଉତ୍ପୀଡ଼ନ ସହିବାକୁ ମନ କୁଣ୍ଠିତ, ନିଜର ବି । ମନକୁ ପେଲିଲେ ବା ପୀଡ଼ିଲେ କେବଳ ପିଠା ବାହାରେ, ରସ ନୁହେଁ ।

କିନ୍ତୁ ମନକୁ ବିଶ୍ରାମ ଦେବାଲାଗି ବାହାର ଜଗତ୍‌ ଶୁଣେ ନାହିଁ । ଗୋଟାକ ପରେ ଗୋଟାଏ ଲେଖାର ବରାଦ ଆସେ । ମନର ଉତ୍ପାଦିକା ଶକ୍ତି ବା ସ୍ୱାଭାବିକ ଗତି ପ୍ରତି କେହି ଦୃଷ୍ଟି ଦେନାହିଁ । ମନର ରୁଚି ବା ବାତାବରଣ ସମ୍ବାଦ କେହି ନିଅନ୍ତିନାହିଁ । କେବଳ ଫସଲ ଲୋଡ଼ା, ଏ ଯୁଗକୁ ଅର୍ଥକରୀ; ଲେଖକ ବି ବ୍ୟବସାୟୀ ପାଲଟିଛି, ଅର୍ଥକରୀ ଫସଲ ଲୋଡ଼ୁଛି ମନକୁ ଉତ୍ପୀଡ଼ନ କରି ।

'ଲେଖା ଆଉ ଲେଖା ମଧ୍ୟରେ ଲୋଡ଼ା ଗୋଟାଏ ଫାଙ୍କ, ଗୋଟାଏ ଶୂନ୍ୟସ୍ଥାନ— ଗୋଟାଏ ଫେର୍‌ ଷ୍ଟେଟ୍‌– ପୂର୍ବରଚନା ପରବର୍ତ୍ତୀ ରଚନାକୁ ଆକ୍ରାନ୍ତ କରିବ ନାହିଁ । ପୁନରୁକ୍ତି ବିରକ୍ତିକର । ଯେଉଁମାନେ ବେଶୀ ଲେଖନ୍ତି, ସେମାନେ ପୁନରୁକ୍ତି କରନ୍ତି । କହିଥିବା କଥାକୁ ଫେଣାନ୍ତି, ଫୁଲାନ୍ତି ।

Digitized by srujanika@gmail.com

ଏଇ ଫାଙ୍କରେ ମନକୁ ନୂତନ ଚିନ୍ତା ଆସେ ।’

ତିରିଶ ବର୍ଷ ଲେଖିଲା ପରେ ବନ୍ଧୁ ଜଣେ ଓଡ଼ିଆ ଭଦ୍ରଲୋକଙ୍କ ସହିତ ପରିଚିତ କରେଇ ଦେଲେ, ଭଦ୍ରଲୋକ କହିଲେ—ମୁଁ ନାଆଁ ଶୁଣିଛି । କଥାବାର୍ତ୍ତାରେ କିଛି ଦୂର ଅଗ୍ରସର ହେଲାପରେ ଜାଣିଲି—ସେ ତା ବି ଶୁଣି ନାହାନ୍ତି । ସାହିତ୍ୟ ଓ ସଂସ୍କୃତି ପ୍ରତି ଏ ପ୍ରଦେଶରେ ଶିକ୍ଷିତଙ୍କ ଉଦାସୀନତା ବେଳେବେଳେ ପୀଡ଼ାଦାୟକ ହୋଇଥାଏ ।

ଏ ମଧ୍ୟରେ ବାଙ୍କୀ କଲେଜରେ ବକ୍ତୃତା ଦେବାକୁ ଯାଇଥିଲି ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ସଙ୍ଗେ । ମହାନଦୀ କୂଳ ଡାକବଙ୍ଗଳାରେ ଗୋଟିଏ ଅପରାହ୍ଣ କଟିଲା । ଅର୍ଦ୍ଧେକ ବାଲି, ଅର୍ଦ୍ଧେକ ଜଳ, ମହାନଦୀର ନୀଳଧବଳରୂପ; ଚର୍ଚ୍ଚିକାଦେବୀଙ୍କ ପାହାଡ଼ରେ ବସି କୁମାରଙ୍କ (କୁଙ୍କୁମ ରଙ୍ଗ) ପର୍ବତ, ରେଣୁକା ନଦୀ, ପଞ୍ଚ ମହାଦେବ ଯଥା—କୁସୁମେଶ୍ୱର, ସ୍ୱପନେଶ୍ୱର, ସିଦ୍ଧେଶ୍ୱର, ନୀଳକଣ୍ଠେଶ୍ୱର ଓ ଗଙ୍ଗେଶ୍ୱର ଦର୍ଶନ କରିଥିଲି; ସର୍ପ, ଖଡ଼୍ଗ, ମାଳ, ଧନୁ, ଛିନ୍ନ ମସ୍ତକ, ଘଣ୍ଟା, ଶର, ଛିନ୍ନ ଅଙ୍ଗୁଷ୍ଠ ଧରିଥିବା ଅଷ୍ଟଭୁଜା ଦୁର୍ଗାଙ୍କ ବିଷୟ ଅବଗତ ହୋଇଥିଲି ।

‘ସରସସାହିତ୍ୟସମିତି’ ତରଫରୁ ନିମନ୍ତ୍ରିତ ହୋଇ (୨୪।୨।୭୩)ଲକ୍ଷ୍ମୀକାନ୍ତ ଶ୍ରାଦ୍ଧସଭାରେ ଯୋଗ ଦେଇ କହିଥିଲି—

“ଭଙ୍ଗା ଦଦରା ଭିତରେ ସେ ବଞ୍ଚିଛନ୍ତି, ଈଶ୍ୱରନିର୍ଭର ଭାବେ ନୁହେଁ, ଆତ୍ମ-ନିର୍ଭରଶୀଳ ହୋଇ । ସଙ୍ଗୀତରେ ଯେଉଁଠି ଜୀବନର ବିଶେଷତଃ ଆତ୍ମଜୀବନର ସନ୍ଦେଶ ସେ ଦେଇଛନ୍ତି, ସେଠି ସେ କବି । ବଞ୍ଚିବାଲାଗି ସେ ରଙ୍ଗରସକୁ କରିଛନ୍ତି ଉତ୍ସ; ଏହାହିଁ ତାଙ୍କୁ ଶେଷ ପର୍ଯ୍ୟନ୍ତ ଉଦ୍‌ଜୀବିତ ରଖିଛି ।

ନିଜକୁ ଚିରି ଚିରି ଲକ୍ଷ୍ମୀକାନ୍ତ ଭାଙ୍ଗିଥିଲେ—ଭଙ୍ଗା ଭିତରୁ ସେ ପାଇଥିଲେ ଗଢ଼ିବାର ପ୍ରେରଣା, ମୃତ୍ୟୁ ଭିତରୁ ଅମୃତର ପ୍ରେରଣା ।”

ଥରେ କବିବର [illegible] ରଜତବସ୍ତୁଙ୍କ ଘରକୁ ଯାଇ ଖୋଜିଲି ଉତ୍କଳସରସ୍ୱତୀ କେଉଁଠି ଅଛନ୍ତି । ତାଙ୍କ ସ୍ତ୍ରୀ ଓଡ଼ିଆ ବୁଝନ୍ତି, କହିପାରନ୍ତି ନାହିଁ । କନ୍‌ଭେଣ୍ଟ୍‌ରେ ପଢ଼ୁଥିବା ଦୁଇ ପୁଅକୁ ଓଡ଼ିଆରେ ପଚାରିବାରୁ ଇଂରାଜୀରେ ଜବାବ୍ ମିଳିଲା । ସର୍ଚ୍ଚ ବାବୁ ହିନ୍ଦୀରେ ନିର୍ଦ୍ଦେଶ ଦେଲେ—ଯାହା ପଚାରୁଛନ୍ତି, କହ । ତାଙ୍କ ଘରେ [illegible] ପଢ଼ିଲାପରି ଲାଗିଲା ।

ପୁଣି ବିଚାରିଲି—ଓଡ଼ିଶାର ବିଶିଷ୍ଟ ସାହିତ୍ୟିକମାନଙ୍କର ପରିବାରର ଅବସ୍ଥା କଣ ? ଫକୀରମୋହନ, ରାଧାନାଥ, ବିଶ୍ୱନାଥ କର ? ମାୟାଧର ମାନସିଂହ ? ନେ

ଜନ ସଂସାର ? ମୁଁ ଅନେକଥରେ ଘରର ପରିବାର ମଧ୍ୟରେ ଏକତ୍ରେ ସବର ପ୍ରଚଳିତ କଥା ହୋଇଥିବା ଶୁଣିଛି । ତାହାକୁ ଦୋଷ ଦେଇ ହେବ ନାହିଁ । ଏ ଯୁଗର ସତ୍ୟ ଏହା । ପରିବାର ଭାଙ୍ଗିବ, ଆଜି ପୃଥିବୀରେ ବିସ୍ଫୋଟ । ଏ ଅବସ୍ଥାରେ ପରିବାର ମଧ୍ୟରେ ସ୍ୱାମୀର ଏକନିଷ୍ଠା ଅସମ୍ଭବ ।

ନୂଆଦିଲ୍ଲୀର ଭାରତୀୟ ତରଫରୁ ଉତ୍କଳସାହିତ୍ୟସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ସମ୍ବର୍ଦ୍ଧନା ଦିଆଯାଇଥିଲା (୪।୫।୬୩) । ସେମାନେ ଭାରତର ବିଭିନ୍ନ ଅଞ୍ଚଳରୁ ଦେଶରକ୍ଷା ପାଣ୍ଠି ଲାଗି ୫୦ ହଜାର ଟଙ୍କା ସଂଗ୍ରହ କରିଥିଲେ । 'ଜନ୍ମ ମାତୃ ଧର୍ମ ଜନ୍ମେ, ଅଳସ ସ୍ୱପ୍ନବିଳାସୀ ନୁହେଁ; ମୁକ୍ତ୍ୟ କର୍ମଭୂମିକାରେ ଅଭିନୟ କରିବାର ଶକ୍ତି ତାର ଅଛି, ରଜତଜୟନ୍ତୀର ସଦସ୍ୟମାନେ ଏହା ପ୍ରମାଣ କରିଦେଇ ଥିଲେ । ଏହି ସମ୍ବନ୍ଧେ 'ଶୀତଳ ଦେହୁ ଝାଳ ବୋହୁଛି ପିନ୍ଧା ଉତ୍ତର' କବିତାଟି ଆବୃତ୍ତି କରିଥିଲି । 'ହଜି ଯାଇ ଦିନ ସ୍ୱପ୍ନ ସ୍ମୃତି' ଟୋକାଙ୍କ ଦୃଷ୍ଟିରେ ଏତ ପ୍ରେରଣା ଦେଇ ପ୍ରମାଣିତ ହୋଇଥାଏ । ଜୀବନ ଓ ସ୍ୱପନ ମଧ୍ୟରେ ସେତେବେଳେ ମୁକ୍ତ ଲାଗିଥାଏ । ଓଡ଼ିଶାରେ କବିମାନଙ୍କର କ୍ରୋଧ ଦେଶାତ୍ମବୋଧକ ଉଦ୍ବେଳ ସଂକଳନ, କବିତା ପାଠୋତ୍ସବ ଓ ଅଗ୍ନିଗର୍ଭ ସ୍ୱରରେ ପ୍ରକାଶ ପାଉଥିଲା ।

୧୦।୬।୬୩ରେ ଶ୍ରୀରାମଚନ୍ଦ୍ରଭବନରେ ଏକ ସଭାରେ କବି ଓ ଗାୟକ ର ମନୋଜ ଦାସଙ୍କ ବିଦାୟ ଦେଉଥିଲୁ । ଅଭିଭାଷଣରେ କହିଥିଲି — ମନୋଜ ସାହିତ୍ୟକୁ ଦୁନିଆରୁ ସମ୍ପୂର୍ଣ୍ଣ (ଶ୍ରେଣି ଦେଖ) । ସେ ଓଡ଼ିଶା ଛାଡ଼ିଗଲେ ବି ଓଡ଼ିଶା ବାଣୀ ରୂପରେ ତାଙ୍କ ଦେହେ ଚିର । ଏହାହିଁ ବୋଧେ ଭଗବାନ୍‌ଙ୍କ ଇଚ୍ଛା ।

ଶ୍ରୀ ଅରବିନ୍ଦ ଜୀବ, ଯୋଗ ତାଙ୍କ ସାହିତ୍ୟସାଧନାର ବାଧକ ହୋଇନାହିଁ । ହେଉପଛେ ବୃଦ୍ଧତର ବୟସରେ ମନୋଜବାବୁଙ୍କ ସାହିତ୍ୟ ଅଧିକ ଉଜ୍ଜ୍ୱଳ ହେବ ।

କେନ୍ଦ୍ର ସାହିତ୍ୟ ଏକାଡେମୀର ସମ୍ପାଦକ ପ୍ରଭାକର, ମରହଟ୍ଟୀ ଓ ହିନ୍ଦୀ ସାହିତ୍ୟିକ ଡକ୍ଟର ପ୍ରଭାକର ମାଚୱେ ୧୫।୫।୬୩ରେ ରାମଚନ୍ଦ୍ରଭବନରେ ଭାଷଣ ଦେଇଥିଲେ; ଶ୍ରୋତା ମାତ୍ର ଦଶ ଜଣ । କଷ୍ଟ ପାଉଥିବେ !

ମାଚୱେ କହୁ କହୁଥିଲେ ଭାରତୀୟ ସାହିତ୍ୟିକ ଅନୁଷ୍ଠାନମାନଙ୍କରେ ଏହିପରି ଲୋକ ହୁଅନ୍ତି; ବୋଧେ ଆମ ମାନରକ୍ଷା ଲାଗି ଏପରି କହିଥିଲେ । ବଙ୍ଗୀୟ ସାହିତ୍ୟ ଅନୁଷ୍ଠାନମାନ ଦେଖିଛି — ତିଳ ପକେଇବାକୁ ଜାଗା ହୁଏନାହିଁ ।

୨୫।୫।୬୩ରେ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ସହିତ ସାକ୍ଷାତ୍ ହୋଇଥିଲା । ସେତେବେଳେ ଗୋଟିଏ ଚୋଡ଼ ଦେଇଛନ୍ତି, ତାହାର ଆଖିକୁ ଭଲ ଦିଶୁ ନ ଥିଲା ।

Digitized by srujanika@gmail.com

ଡାକ୍ତରୀ ଓ ଅଙ୍କବିଦ୍ୟା ଦୁଇ ବେଦାନ୍ତ ଜୀବନର ଦୁଇ ସନ୍ଧାନର ଭାଗର ଥିଲା । ଏ ଦଶନ୍ଧିରେ ସେ ହାତୀର ଦାନ୍ତ ଭଳି ଆଦୃତ ହେଲେ । ଭଗବାନଙ୍କ ପୂଜା ଆରାଧନା କରୁଥିଲେ । ଆଳାପ ବେଳେ ସେ କହିଲେ – 'ମୁଁ ଜୀବନରେ ଅର୍ଥ ବା ଖ୍ୟାତି ଲୋଡ଼ି ପାରିନାହିଁ, କେଉଁଠାରୁ ଆଶା କରୁନାହିଁ । ଜୀବନରେ ସମାଲୋଚନା ଅନୁଭବର ଅନୁପାଳନ ଯଥେଷ୍ଟ ହେଉଛି । ତଥାପି, ଯେମିତି ବୋଧେ ଅସ୍ଥିର ହୋଇଛି ।'

ନିଜ ଗ୍ରନ୍ଥାବଳୀ ଛପାଇବା ସମ୍ପର୍କରେ ସେ ହତାଶ ଥିଲେ ଓ କହୁଥିଲେ – ୫୦ଟି କବିତା ଛପାଇଲେ ଯଥେଷ୍ଟ, ପୁଣି ଛପାଇ ଲାଭ କଣ ?

ଅନ୍ନଦାଶଙ୍କର ରାୟଙ୍କ ଓଡ଼ିଶା ଆଗମନ ଉପଲକ୍ଷେ ଗୋଟିଏ ସମ୍ବର୍ଦ୍ଧନା ସଭାରେ ମୁଁ ଉପସ୍ଥିତ (୩।୬।୭୩) ହୋଇଥିଲି; କାରଣ ସବୁଜଗୋଷ୍ଠୀର କୌଣସି ସଭ୍ୟଙ୍କ ଅପେକ୍ଷା ଅନ୍ନଦାବାବୁଙ୍କ ସହିତ ମୋର ସମ୍ପର୍କ ଘନିଷ୍ଠତର ଥିଲା । ବୈକୁଣ୍ଠବାବୁ ତ ଗ୍ରେଟ୍, ଚୌକିରେ ବସିଥାନ୍ତି, ଅନ୍ୟ ସମସ୍ତେ ତଳେ । ଶରତ ମୁଖାର୍ଜୀ କହିଲେ – ବୈକୁଣ୍ଠ, ସୁନାଅ ନାହିଁ, ତଳେ ପଡ଼ିଯିବ । ବୈକୁଣ୍ଠବାବୁ ଆଖି ଖୋଲି କହିଲେ – ସୁନାଇଲେ ବି ତୁମସବୁ କଣ୍ଠରେ ସବୁ ଶୁଣିପାରୁଛି ।

ନୀଳକଣ୍ଠ ଜୟନ୍ତୀ (୧୫।୮।୭୩) ସଭାରେ ଅଶୀତିବର୍ଷର ଉପସ୍ଥିତ ହୋଇଥିଲେ; ଆଚାର୍ଯ୍ୟ ଦୃଷ୍ଟିଶକ୍ତିହୀନ । ଜଣେ ହାତ ଧରିଆଣି ଚୌକିରେ ବସାଇ ଦେଲା । ନୀଳକଣ୍ଠ ଅନ୍ଧ, କିନ୍ତୁ କଣ୍ଠସ୍ୱର ଅତି ସ୍ପଷ୍ଟ । ଆଚାର୍ଯ୍ୟଙ୍କ କଣ୍ଠସ୍ୱର ଧୀର, ଅସ୍ପଷ୍ଟ । ମାଇକ୍‌ରେ ବକ୍ତୃତା ଦେବାର ଅଭ୍ୟାସ ତାଙ୍କର ନାହିଁ । ସେ ନୀଳକଣ୍ଠଙ୍କୁ ଚାହିଁ କହୁଥାନ୍ତି । ନୀଳକଣ୍ଠଙ୍କ ମୁଖ ବୁଦ୍ଧିଦୀପ୍ତ, ଆଚାର୍ଯ୍ୟଙ୍କ ମୁଖ ସରଳ, ସହଜ । ସବୁ ସେ ଦେଇଛନ୍ତି, ନିଜ ଲାଗି କିଛି ରଖି ନାହାନ୍ତି । କହିବା ଲାଗି ମଧ୍ୟ କିଛି ନାହିଁ ।

ଜୟନ୍ତୀରେ ନିଜେ ନିମନ୍ତ୍ରଣ କରିଥିଲେ, ଅଭିନନ୍ଦନ ଗ୍ରନ୍ଥଟିଏ ଉପହାର ଦିଆଯାଇପାରିଲା ନାହିଁ ।

ଆମେରିକାର ଏଣ୍ଡିଆନା ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶିତ ହେଉଥିବା ଭାରତୀୟ ଲୋକଗଳ୍ପ ସଂକଳନ ଲାଗି ପାଞ୍ଚଗୋଟି ଓଡ଼ିଆ ଲୋକଗଳ୍ପ ଅନୁବାଦ କରି ପଠାଇଲି ।

ଉଦୟନାଥ

ମୋ ଜୀବନରେ ଉଦୟନାଥର ଭାରତ ଆଗମନ ୧୯୭୩ର ଗୋଟିଏ ସ୍ମରଣୀୟ ଘଟଣା । ଆମେରିକାର ସେଣ୍ଟ୍‌ଲୁଇସ୍ ସହରରେ ସେ ଥାଏ – ହାଉସ୍‌ଜବ୍; ଘରେ ପ୍ରାକ୍ଟିସ୍ କରେ; ବାରବର୍ଷ ପରେ ସେ ଫେରୁଛି । ତାକୁ ଆଣିବା ଲାଗି ଭୁବନେଶ୍ୱର

Digitized by srujanika@gmail.com

ଉଡ଼ାଜାହାଜ ଷ୍ଟେସନକୁ ଯାଉଥିଲି—ସଙ୍ଗରେ କୁନା, ଟିକି, ରୁନି । କୁନା (ପ୍ରିୟଦର୍ଶୀ)କୁ ଦୁ'ବର୍ଷ, ତା କକେଇ ଯେତେବେଳେ ଆମେରିକା ଗଲେ, ଟିକି, ରୁନି ସେତେବେଳେ ଜନ୍ମ ହୋଇ ନ ଥିଲେ ।

ଆମେ ଆକାଶର ଗୋଟାଏ ପଟକୁ ଚାହିଁଚୁ, ଉଡ଼ାଜାହାଜ କେତେବେଳେ ଓହ୍ଲାଇ ଆମ ସାମ୍ନାକୁ ଆସିଲାଣି, ଅଶ୍ଚର୍ଯ୍ୟ । ନିଶୁଣୀ ପଡ଼ିଲା, କକେଇ ଓହ୍ଲେଇଲେ । ରୁନି କକେଇର ଗୋଡ଼ତଳେ ପଡ଼ିବ, ଅଭ୍ୟାସ କରିଥିଲା; ତାଙ୍କୁ ଦେଖି ସବୁ ଭୁଲିଗଲା । 'ଟିକି' ନମସ୍କାର କଲା । କୁନା ପାଟିରୁ କଥା ବାହାରିଲାନାହିଁ । ଉଦଆ ପାଟିରୁ ବି କଥା ବାହାରୁନାହିଁ । ହସୁ ହସୁ କାନ୍ଦିବାର ଉପକ୍ରମ ହେଲା—ବୋଉ ଆଉ ନାହିଁ । ମୁଁ ତ ଏଣେ ଥାଇ ଦେଖିପାରିଲିନାହିଁ । ତା ଆସିବାରେ ଯେ ସବୁଠାରୁ ବେଶୀ ଖୁସି ହୋଇଥାନ୍ତା, ଗୋଡ଼ ତଳେ ପଡ଼ୁ ନ ଥାନ୍ତା, ସେ ଚିରଦିନ ଲାଗି ଚାଲିଯାଇଛି । 'ସବୁ ମିଳିବ, ବୋଉକୁ ଆଉ ଦେଖିବନାହିଁ'—ଏହା କହି ଉଦୟନାଥ କାନ୍ଦି ପକାଇଲା ।

ଗାଆଁରୁ ପରିଆ (ଘନଶ୍ୟାମଙ୍କ ପୋଷ୍ୟପୁତ୍ର) ମଧ୍ୟ ଷ୍ଟେସନ୍‌କୁ ଆସିଥିଲା; ପାନ ଖାଇ ତା ଦାନ୍ତ କଳା ପଡ଼ିଯାଇଥିଲା । ତାକୁ ଦେଖି ଉଦୟ କହିଲା What ପରିଆ, ତୋର ଦାନ୍ତ କାହିଁକି ଏମିତି ହୋଇଚିରେ ?

ଗୀତା, ମୀରା ବଢ଼ିଛନ୍ତି ପାଶ୍ଚାତ୍ୟ ଢଙ୍ଗରେ ଇଂରାଜୀ ତ ମାତୃଭାଷା ବା ପିତୃଭାଷା । ଆମ ପିଲା ତ ଟିକିଏ ଧୂଳିଆ; ଭଲ ଇଂରାଜୀ କହିପାରୁ ନ ଥାନ୍ତି । ଭାଷା ବାଧକ ହେଲାନାହିଁ । ଦିନେ ଦୁଇଦିନ ମଧ୍ୟରେ ସେମାନେ ଟିକି, ରୁନିଙ୍କ ସଙ୍ଗରେ ମିଶିଗଲେ ।

ଉଦୟ ପାଶ୍ଚାତ୍ୟ ଖାଦ୍ୟରେ ଅଭ୍ୟସ୍ତ ହେଲେ ବି ତାର ଆଶା—ତେଲ ପିଆଜ ଦିଆ ମୁଢ଼ି, ନଡ଼ିଆ ମୁଢ଼ି; ସେ ଭୁଲିନାହିଁ ଗାଉଁ ହାତର ସରୁଚକୁଳି, ଚଉଡ଼, କୁନ୍ଦୁପତର, ଆରିସା, ପୁରନାକର ପିଠା, ଜହ୍ନି ବଡ଼ି, ପାଣିକଖାରୁ ଅମ୍ବିଳ; ଏ ସବୁର ସ୍ନେହମିଶା ଆସ୍ୱାଦ ପାଶ୍ଚାତ୍ୟ କୌଣସି ଖାଦ୍ୟରେ ନାହିଁ ।

କେତୋଟି ଭାଷଣ

୨୮।୩।୬୮ରେ ଉତ୍କଳସାହିତ୍ୟସମାଜ ପକ୍ଷରୁ ଅନୁଷ୍ଠିତ ମାକ୍‌ସିମ ଗର୍କି ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇ କହିଥିଲି—ଗର୍କି ସଂଗ୍ରାମୀ ଜୀବନର ଚିରଦିନର ପ୍ରତିନିଧି; ଜୀବନର କେବଳ ଦ୍ରଷ୍ଟା ନୁହନ୍ତି, ସ୍ରଷ୍ଟା ସେ । ଦେବତାର ତଥାକଥିତ ସ୍ୱର୍ଗକୁ କାଢ଼ି ମଣିଷ ଅନ୍ତରରେ ସେ ମଣିଷକୁ ଅବତରଣ କରେଇଛନ୍ତି । ମଣିଷ ଆଗରେ ମଣିଷ ହିଁ

Digitized by srujanika@gmail.com

ସର୍ବଶ୍ରେଷ୍ଠ ସତ୍ୟ, ଗର୍କି ଜୀବନସଂଗ୍ରାମରେ ହିଁ ଜୀବନକୁ ଜାଣିଥିଲେ; ତାଙ୍କର ଜୀବନ ସଂପର୍କୀୟ ଜ୍ଞାନ ପ୍ରତ୍ୟକ୍ଷ, ତେଣୁ ଆମ ନିକଟରେ ଏହା ଏତେ ସତ୍ୟ । ବେଳେବେଳେ ଜୀବନରେ ଯାହା ଅନୁଭବ କରିନାହୁଁ, ପ୍ରକାଶ କରିବାକୁ ଆମେ ଚେଷ୍ଟା କରୁ । ତେଣୁ ଆମ ଚେଷ୍ଟା ଏକ ସାହିତ୍ୟିକ ଶାଠ୍ୟରେ ପରିଣତ ହୁଏ ।

ଆମେ ପ୍ରତ୍ୟେକେ ଅନ୍ୟର ଶ୍ରମ ଶୋଷଣ କରି କିଛି କିଛି ଅଭ୍ୟାସ୍ତ ହୋଇଛୁ । ଏହା ପରିଣତ ହୋଇଛି ଏକ ସାମାଜିକ ଅଭ୍ୟାସରେ, ତାକୁ ବଦଳେଇବାକୁ ହେବ । ଉଚ୍ଚାଙ୍ଗ ସାହିତ୍ୟ ଯେ କୌଣସି ଦେଶର ସମ୍ପଦ । ଭାଷା ଓ ଜାତୀୟତାର ସୀମା ଅତିକ୍ରମ କରି ଗର୍କି ଜଣେ ଭାରତୀୟ ବା ଯେ କୌଣସି ଦେଶର ଅଧିବାସୀ ହେବାକୁ ସର୍ବତୋଭାବେ ଯୋଗ୍ୟ ।

୨୭।୧।୬୯ରେ ବ୍ରଜନାଥସାହିତ୍ୟପରିଷଦ୍ ଆନୁକୂଲ୍ୟରେ ଅନୁଷ୍ଠିତ ସାହିତ୍ୟସଭାରେ 'ଆଧୁନିକ ପରିପ୍ରେକ୍ଷୀରେ ଲୋକସାହିତ୍ୟ' ସମ୍ବନ୍ଧରେ ଢେଙ୍କାନାଳ କଲେଜରେ ଗୋଟିଏ ବକ୍ତୃତା ଦେଇଥିଲି ।

ଏଇ ଅବସରରେ ଗୋଟିଏ ପାହାଡ଼ ଉପରେ ନିର୍ମିତ 'ରତ୍ନନଗର' ସୌଧ ଦେଖି ଯାଇଥିଲି । ଏହା ପୂର୍ବରୁ 'ରତ୍ନନଗର' ନ ଦେଖି କବିତାଟିଏ ଲେଖିଥିଲି । 'ମାଟି ଓ ନାଟି' ମଧ୍ୟ ଢେଙ୍କାନାଳୀ ରାଜ ଅତ୍ୟାଚାରରେ ପ୍ରତୀକ ସ୍ୱରୂପ ପ୍ରକାଶ ପାଇଥିଲା । ରତ୍ନନଗର ଦେଖି ଉକ୍ତ ତାରିଖରେ ଡାଏରିରେ ଲେଖିଥିଲି -

"ମନରେ ଉଙ୍କି ମାରୁଥିଲା ନିଷ୍ଠୁର କାହାଣୀସବୁ, କେଉଁଠି ଭେଟି ମାଗଣର, କେତେ ପଥରକାଠି ଭାଙ୍ଗିଥିଲା । ପୁଣି ମନ୍ଦିରକୁ ପଥର ବୋହି ବୋହି କେତେ ମଣିଷ କୁବ୍ଜ ହୋଇଥିଲେ, ରତ୍ନନଗରକୁ ପଥର ବୋହି ହାତୀ କାନ୍ଦିଥିଲେ" ।

"ରତ୍ନନଗରକୁ ଭ୍ରମଣକାରୀ ନିକାଞ୍ଚ କରିପାରିଲେ ସେ କାଳର ଅଶ୍ରୁ ମୋତି ହୋଇ ଫେରି ଆସନ୍ତା । ସେ କାଳର ବନ୍ଧ୍ୟା ସ୍ତୂପ ପୁଷ୍ପଫଳପ୍ରସୂ ହୋଇ ଉଠନ୍ତା" ।

୨୮।୨।୬୯ରେ ରେଭେନସା କଲେଜରେ ପୂର୍ବ ପ୍ରଭବାସର ଏକ ସାହିତ୍ୟ ସଭାରେ ସଭାପତି ହୋଇଥିଲି । ସଚ୍ଚି ରାଉତରାୟ, ରାଜକିଶୋର ପଟ୍ଟନାୟକ ଓ ଚିତ୍ତରଞ୍ଜନ ଦାସଙ୍କ ବକ୍ତୃତା ପରେ କହିଥିଲି—

"ଲୋକସାହିତ୍ୟ ସାରା ଜୀବନର ସାହିତ୍ୟ; ଶୈଶବର କ୍ରୀଡ଼ା, ଯୌବନର ଉଲ୍ଲାସ, ବାର୍ଦ୍ଧକ୍ୟର କ୍ଳେଦ ଏଥିରେ ରୂପାୟିତ । ସାହିତ୍ୟ ଦ୍ୱିପଦ ଜନ୍ତୁକୁ ମଣିଷ କରି ଗଢ଼ିଛି; କିନ୍ତୁ ନିଜେ ସାହିତ୍ୟିକ ଆଦର୍ଶ ମନୁଷ୍ୟ ନୋହିପାରେ । ତଥାପି ମାନବତାର ଆଦର୍ଶକୁ ସେ ପ୍ରତିଷ୍ଠିତ କରେ ନିତ୍ୟ ଜୀବନରେ ।

Digitized by srujanika@gmail.com

ବଶିଷ୍ଠ ଋଷି, ଗୁରୁ, ବାଲ୍ମୀକି କବି । ବାଲ୍ମୀକିଙ୍କ ଆଦ୍ୟ ଜୀବନ ଯେତେ ଅସ୍ପୃହଣୀୟ ବୋଧ ହେଲେ ବି ଏହା ତାଙ୍କ ଜୀବନର ଅନୁଭୂତିରେ ସମୃଦ୍ଧିମନ୍ତ କରିଥିଲା । ତା ବଳରେ ସେ ହୋଇଥିଲେ କବି, ଏକାନ୍ତ ନିର୍ଜନ ଅରଣ୍ୟରେ ରହିଲେ ବି ମାନବବାଦୀ । ନୀତି ଦୃଷ୍ଟିରୁ ବିବେଚନା କଲେ କାଳିଦାସ ଓ ସେକସ ପିଅରଙ୍କ ଜୀବନ ଅବାଞ୍ଛନୀୟ ବୋଧ ହୋଇପାରେ । ଯେଉଁ ଜୀବନ ସେମାନେ କାଟିଛନ୍ତି ତାହା ଆମର ଧ୍ୟେୟ ହୋଇ ନ ପାରେ, ଯେଉଁ ଜୀବନର ଆଦର୍ଶ ସେମାନେ ପରିବେଷଣ କରିଛନ୍ତି, ତାହା ଆମର ଆରାଧ୍ୟ ” ।

୧୬।୧୨।୬୩ରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଶିଶିରୋତ୍ସବରେ ଯୋଗ ଦେଇଥିଲି । ଯେଉଁଠି କଲେଜ ହୋଇଛି ସେଠି ଅନେକ ପ୍ରାଚୀନ କୀର୍ତ୍ତି ଆବିଷ୍କୃତ ହୋଇଛି —ଗୋଟିଏ ଅଳଂକୃତ ହାତ, ଗୋଟିଏ ମୁକୁଟମଣ୍ଡିତ ଶିର, ଗୋଟିଏ ଅଳଙ୍କାର ବାକ୍ସ— ଏ ସବୁ କାହାର ? ପଣ୍ଡଶିଳା ନିରୁତ୍ତର ।

୧୬।୨।୬୩ରେ କଟକ ହିନ୍ଦୀ ଇନଷ୍ଟିଚ୍ୟୁଟ୍‌ର ଆନୁକୂଲ୍ୟରେ ଅନୁଷ୍ଠିତ ଗୋଟିଏ ସାଂସ୍କୃତିକ ସଭାରେ ସଭାପତି ହୋଇଥିଲି । ମୁଖ୍ୟବକ୍ତା ସୁରେନ୍ଦ୍ର ମହାନ୍ତି କହିଲେ—ଅଧା ବୟସରେ ଓଡ଼ିଆ ଲେଖକ ଲେଖନୀ ଛାଡ଼ନ୍ତି କାହିଁକି ? ଆନ୍ତର୍ଜାତିକ ସାଂସ୍କୃତିକ ଉତ୍ସ ସହିତ ସମ୍ପର୍କ ହରାଇବାରୁ ।

ମୁଁ କହିଥିଲି— ଏହା ଏକମାତ୍ର କାରଣ ନୁହେ । ଓଡ଼ିଆ ଲେଖକଙ୍କ ମଧ୍ୟରୁ କେହି ପାଠ୍ୟପୁସ୍ତକ ରଚନାରେ ବ୍ୟସ୍ତ; ତା ତୁଳନାରେ ଶୁଦ୍ଧ ସାହିତ୍ୟ ଲେଖାରୁ କି ଆର୍ଥିକ ଲାଭ ହୁଏ ?

ଓଡ଼ିଶାରେ ରହି ଖାଣ୍ଟି ଓଡ଼ିଆ ଉପାଦାନରେ ଆନ୍ତର୍ଜାତିକ ସାହିତ୍ୟ ରଚନା କରାଯାଇପାରେ । ଆନ୍ତରିକତା, ନିଷ୍ଠାପର ସାଧନା, ଗଭୀର ଆତ୍ମବିଶ୍ୱାସ ଆବଶ୍ୟକ । ଆମ ମଧ୍ୟରେ ସ୍ୱଧୀମତ ଲେଖକ ବିରଳ ।

ଜଣେ ଲେଖକଙ୍କର ରଚନା ଆଉ ଜଣେ ଶ୍ରଦ୍ଧାରେ ପାଠ କରୁନାହିଁ । ତା ପ୍ରତି ନ୍ୟୂନ ମନୋବୃତ୍ତି ପୋଷଣରେ ଏହା ଗୋଟିଏ କାରଣ । ଅନ୍ୟମାନଙ୍କୁ କ୍ଷୁଦ୍ର ପ୍ରତିପନ୍ନ କରିଦେଲେ ଆଉ ଜଣେ ଖୁସି । ତୃଣଭୂମିରେ ଏରଣ୍ଡ ହେବାର ଆଶା ଏ, ଅରଣ୍ୟରେ ବନସ୍ପତି ହେବାର ଇଚ୍ଛାକାଂକ୍ଷା ନୁହେ ।

୧୫।୧।୬୪ରେ ଯାଜପୁର ରେଢ଼ର ସବୁଜସଙ୍ଘ ସାହିତ୍ୟସମ୍ମିଳନୀରେ କହିଥିଲି— ବ୍ରାହ୍ମଣୀ ବୈତରଣୀ ନଦୀ ମଧ୍ୟବର୍ତ୍ତୀ ଏ ସ୍ଥାନ ସୁନ୍ଦର, ସ୍ୱାସ୍ଥ୍ୟକର । କୁବେର-ରାଜ୍ୟର ତୋରଣ ଦ୍ୱାର ଏ । ଏଠି ଲୋକଙ୍କ ଉଚ୍ଚ ମାନବିକତା, ଶୁଷ୍କ ରୁକ୍ଷ ବାତାବରଣ

Digitized by srujanika@gmail.com

ମଧ୍ୟରେ ରମସ୍ରାବ । ଥିଲା ଲୋକ ଧନର ଅପବ୍ୟବହାର କରୁଚ, ପଞ୍ଚାକ୍ଷର ମନ୍ତ୍ର ଜପି ଜପି ନଥିଲାର ପ୍ରାଣ ଯାଉଛି । ଉଭୟ ମଧ୍ୟରେ ଲୋଡ଼ା ଏକ ସମନ୍ୱୟ । ସରସ୍ୱତୀ ତାହା କରିପାରିବେ—ବୀଣା ଝଙ୍କାରରେ ସେ ଧୂସର ପ୍ରାଣକୁ ଚିରସବୁଜ ରଖିପାରିବେ ।

୧୮।୧।୬୪ରେ ରେଭେନ୍‌ସା କଲେଜରେ କବିତାପାଠୋତ୍ସବର ସଭାପତି ଭାଷଣରେ କହିଥିଲି—କବି ଅମୂର୍ତ୍ତିକୁ ମୂର୍ତ୍ତି କରେ ଏବଂ କବି ତାହା କରିବାକୁ ଅସମର୍ଥ ହେବାରୁ କବିତା ଦୁର୍ବୋଧ ହେଉଛି ।

ବାସ୍ତବତା ଶ୍ରେୟସ୍କର, କିନ୍ତୁ ନଗ୍ନ ବାସ୍ତବତା ଭୟଙ୍କର । ବାସ୍ତବକୁ କଳ୍ପନାରେ ସରସ କରି ପ୍ରକାଶ କରିବାକୁ ହେବ ।

ଗଦ୍ୟକବିତା ବା ଛନ୍ଦକବିତା ଯାହାହେଉ, ଆଗେ ଏହା କବିତା ହେବା ଦରକାର । ପାଠ ଯାହାହେଉ, ତହିଁରେ ଥିବା ପାଣିସ୍ତ ଉତ୍କୃଷ୍ଟ ହେବା ଦରକାର । ମନର ସ୍ୱାସ୍ଥ୍ୟଶ୍ରୀ ଏହା ଉପରେ ନିର୍ଭର କରେ ।

୮।୨।୬୪ରୁ ୧୦।୨।୬୪ କଲିକତା ବାଲିଗଞ୍ଜ ନରେନ୍ଦ୍ର ସିଂହିଙ୍କ ପାର୍କରେ ଅନୁଷ୍ଠିତ ଭାରତୀୟ ଲୋକସଂସ୍କୃତିସମ୍ମେଳନରେ 'Plant in Orissan Folklore' ପ୍ରବନ୍ଧଟି ପାଠ କରିଥିଲି । ଶ୍ରୀ ସିଂହ ଜଣେ କୋଟିପତି, ସେ ଗୋଟିଏ ବ୍ୟକ୍ତିଗତ ଯାଦୁଘର କରିଛନ୍ତି । ସେଥିରେ ସାତଶହ ସ୍ୱର୍ଣ୍ଣମୁଦ୍ରା, ଅସଂଖ୍ୟ ରୌପ୍ୟ ଓ ତାମ୍ରମୁଦ୍ରା, ପ୍ରାଚୀନ ଦୁଷ୍ପ୍ରାପ୍ୟ ଗ୍ରନ୍ଥ, ମୋଗଲ ବାଦସାହମାନଙ୍କ ଛବି, ରାଜପୁତ ଓ ମୋଗଲ ପେଣ୍ଟିଂ ଶଙ୍ଖମଲମଲ ସୌଧରେ ସଜ୍ଜିତ ହୋଇ ରଖା ହୋଇଛି । ଜଣେ ପୁଞ୍ଜିପତି ଅର୍ଥର ଏପରି ସଦ୍‌ବ୍ୟବହାର କରିବା ଦେଖି ଆନନ୍ଦ ଲାଗିଲା ।

୧୨।୩।୬୪ରେ ଶାନ୍ତିନିକେତନ ଯାତ୍ରା କରିଥିଲି । ଆଜି ତପୋଚି ମାତ୍ର ପ୍ରାଚୀନ କୁଟୀର ଅବଶିଷ୍ଟ ଅଛି, ସବୁ ସୌଧମୟ । ସରଳତା, ବନସ୍ତ ଓ ସୁନ୍ଦର ସେ ଗୀତମୁଖରତା ଆଉ ନାହିଁ । ସେତେବେଳେ ଦାରିଦ୍ର୍ୟରେ ଐଶ୍ୱର୍ଯ୍ୟ ଥିଲା, ଆଜି ଐଶ୍ୱର୍ଯ୍ୟରେ ହୃଦୟର ଦାରିଦ୍ର୍ୟ ବିକଟତମ ହୋଇଛି ।

୩୧।୨।୬୮ରେ 'ଜନତା' ରଙ୍ଗମଞ୍ଚରେ କାର୍ତ୍ତିକ ଘୋଷଙ୍କର 'ଆପଣ କୁହନ୍ତୁ' ନାଟକର ଉଦ୍‌ଘାଟନ ଉତ୍ସବରେ ସଭାପତିତ୍ୱ କରିଥିଲି । କହିଲି,

୧୯୫୩ରେ ସ୍ଥାପିତ 'ଜନତା' ଓଡ଼ିଆ ରଙ୍ଗମଞ୍ଚ ଇତିହାସରେ ନୂତନ ଯୁଗ ସୃଷ୍ଟି କରିଛି । ଗତ ପନ୍ଦର ବର୍ଷ ମଧ୍ୟରେ ଏ ମଞ୍ଚରେ ୭୫ଟି ନାଟକ ଅଭିନୀତ ହୋଇଛି ।

Digitized by srujanika@gmail.com

ଏବେ ମହାକାବ୍ୟ ଓ ମହାନାଟକର ଯୁଗ ଆଉ ନାହିଁ । ନାଟକରେ ସେଭଳି ଜଟିଳତ୍ୱ ବା ଗଭୀରତା ରହୁନାହିଁ । ଶସ୍ତା ହାସ୍ୟରସ ପରିବେଷଣ କରି ଏହା ଏବେ ଲଘୁ ସାହିତ୍ୟରେ ପରିଣତ ହୋଇଅଛି । କଠୋର ଜୀବନସଂଗ୍ରାମ ମଧ୍ୟରେ ନାଟ୍ୟସାହିତ୍ୟକୁ ଜନତାର ଅବଦାନ ଦିନେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ଦଶ ବର୍ଷର ବାଳକ ସୌର ପଟ୍ଟନାୟକ; 'ଲୋକଚଳନ୍ତସଞ୍ଚସ୍ତନ' ପଢ଼ି ତାର ଲେଖକକୁ ଦିନେ (୧୯।୯।୬୮) ଦେଖିବାକୁ ଆସିଥିଲା, ଦେଖି ଅଭିନନ୍ଦନ ଜଣାଇଲି ନୀରବ ହାସ୍ୟରେ । ତାର ଉଚ୍ଛୃଙ୍ଖଳତା ମୋ ଦୁର୍ଗମ ଅନ୍ଧକାର ପଥରେ ଜଳିଉଠିଲା ଗୋଟିଏ ଗ୍ୟାସ ବତୀ ପରି । ଏଇ ସୁନ୍ଦର ଝିଅଟି ମୋର, କାବ୍ୟ ବାଳକଟି ମୋର, ମନରେ ତା'ର ଈର୍ଷା ନାହିଁ, ତେଣୁ ହାସ୍ୟଟି ଏତେ ଉଜ୍ଜ୍ୱଳ, ତା ଉଚ୍ଛୃଙ୍ଖଳତା ମୋ ଜୀବନର ପାଠେୟ ।

୧୦।୪।୬୮ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସଚ୍ଚି ରାଉତରାୟଙ୍କୁ ସମ୍ବର୍ଦ୍ଧନା ଜଣାଇବା ଲାଗି ଗୋଟିଏ ସଭା ହୋଇଥିଲା । ସେଇ ସଭାରେ ମୁଁ କହିଥିଲି—"କବିତା, '୧୯୬୨'' ଲାଗି ଶ୍ରୀ ରାଉତରାୟ ପୁରସ୍କାର ପାଇଲେ ମଧ୍ୟ ପ୍ରକୃତରେ 'ବାଜି ରାଉତ', 'ପଲ୍ଲୀଶ୍ରୀ', 'ପାଣ୍ଡୁଲିପି'ର କବି ସମ୍ବର୍ଦ୍ଧିତ । କବି ଦିନେ ପୁଞ୍ଜିପତିଙ୍କ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିଥିଲେ । ସେ ପୁଣି ଧରାଦେଲେ ସେଇ ପୁଞ୍ଜିପତିର ଜାଲରେ, ଶେଷକୁ ସେ ନିଜେ ହେଲେ ପୁଞ୍ଜିପତି । ଏତେ ଆତ୍ମ ବିରୋଧ, ଆତ୍ମଦ୍ୱନ୍ଦ୍ୱ ଅଉ କେଉଁ ଓଡ଼ିଆ ସାହିତ୍ୟିକଙ୍କ ଜୀବନରେ ଦେଖା ଦେଇଛି ?

ରାଉତରା ଦିନେ 'ଗଣ' କବି ଥିଲେ, ଆଜି ହୋଇଛନ୍ତି ଜଣ କବି, ଖିଆଲରେ ଦୁର୍ବୋଧ୍ୟ, ଏବେ ଚଷକଲଙ୍କ ମଧ୍ୟରେ ସେ ଆତ୍ମଗୋପନ କରିଛନ୍ତି, ଜୀବନର ପ୍ରାଚୁର୍ଯ୍ୟ ବା ଐଶ୍ୱର୍ଯ୍ୟ ତାଙ୍କ କବିତାରେ ଆଉ ଫୁଟୁ ନାହିଁ ।

୧୬।୨।୬୪ରେ ଅପର୍ଣ୍ଣାର ବୁଲ୍‌ବୁଲ୍ ଗସ୍ତାରବେଳରେ ବାଲେଶ୍ୱର ମହାଦେବଙ୍କୁ ଭେଟିଥିଲି । ବେଲଗଛ ମୂଳେ ଠାକୁର ଆବିର୍ଭୂତ ହେବାରୁ ତାଙ୍କ ନାମ ହେଲା ବେଲେଶ୍ୱର । ଅଦୂରରେ ସେଇ ନାମରେ ଗୋଟିଏ ଗ୍ରାମ ଅଛି, ଠାକୁରଙ୍କ ପଣ୍ଡା ବସତି ସ୍ଥାପନ କରୁ କରୁ ଏହା ଗୋଟିଏ ଗ୍ରାମରେ ପରିଣତ ହେଲା । ଗସ୍ତର ମଝିରେ କାରୁକାର୍ଯ୍ୟହୀନ ଏଇ ଶିବମନ୍ଦିରର ଏକ ଗମ୍ଭୀର ମାଧୁର୍ଯ୍ୟ ଅଛି । ଝିଙ୍କାରିର ଝଙ୍କାର ନିର୍ଜନତାର କାରୁଣ୍ୟକୁ ସାକାର କରିଅଛି ।

୯।୧।୬୯ରେ ଘୋର ବର୍ଷା ମଧ୍ୟରେ ଭୁଇଅନାବକୁଳକୁଞ୍ଜ ମଧ୍ୟରେ ଗୋପବନ୍ଧୁଙ୍କ ସମାଧିମନ୍ଦିରରେ ମାଳାଟିଏ ଦେଲି । 'ଏଠି ଗୋପବନ୍ଧୁ ରହୁଥିଲେ, ଏଠି ଆଚାର୍ଯ୍ୟ

Digitized by srujanika@gmail.com

ହୁଙ୍କାର, ଏଠି ନୀଳକଣ୍ଠ ଏଠି ଗୋଦାବରୀଶ; ସତ୍ୟବାଦୀ ବନବିଦ୍ୟାଳୟର ଜଣେ ପ୍ରବୀଣ ଶିକ୍ଷକ ମୋତେ ସମାଧି ଅଞ୍ଚଳ ବୁଲାଇ ଦେଖାଉଥିଲେ । ସବୁ ଗତାନୁଗତିକ ଭାବେ ଚାଲିଛି, ଗୋପବନ୍ଧୁଙ୍କ କର୍ମସ୍ଥାନ ଶ୍ମଶାନ ପରି ନିର୍ଜୀବ ।

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ସୃଜନୀ' ତରଫରୁ 'ସାଗରମନ୍ଥନ' ନାଟକଟି ଅଭିନୀତ ହୋଇଥିଲା । ନୃତ୍ୟ ନାହିଁ, ଗୀତ ନାହିଁ, ଯବନିକାର ଉତ୍ଥାନ ପତନ ନାହିଁ, କେବଳ ଆଳାପ, ଦେଢ଼ ଘଣ୍ଟାବ୍ୟାପୀ ସଂଳାପ ବିଶେଷ ଚିତ୍ତାକର୍ଷକ ହୋଇଥିଲା । ମାତ୍ର ଏକ ଚମତ୍କାର ଅନୁଷ୍ଠାନ ତରଫରୁ 'ଜନତା' ରଙ୍ଗମଞ୍ଚରେ ଅଭିନୀତ 'କଣ୍ଢେଇ ଘର' (Doll's House) ମଧ୍ୟ ଉଚ୍ଚସ୍ତରର ହୋଇଥିଲା । କଲେଜ ଛାତ୍ରୀ, ଭଦ୍ର ମହିଳା ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହେବା ଉତ୍କଳରେ ଅବଶ୍ୟ ଏକ ବୈପ୍ଳବିକ ରୁଚିପରିବର୍ତ୍ତନ ।

୧୯୬୪ରେ ଭାରତର ମହାନ୍ ନେତାଙ୍କର ମୃତ୍ୟୁ ବା ପତନ ହେଲା । ନେହରୁଙ୍କ ମୃତ୍ୟୁ ସ୍ୱାଭାବିକ; କେନେଡ଼ି ନିହତ ହେଲେ, କ୍ରୁଶ୍ଚେଭ୍‌ଙ୍କୁ ନେତୃତ୍ୱରୁ ଅପସାରଣ କରାଗଲା । ମାନବଜାତିର ଭାଗ୍ୟନିର୍ମାତା ଥିଲେ ଏମାନେ । ହଠାତ୍ ଏକାବେଳକେ ଏମାନଙ୍କୁ ବିଦାୟ ଦେବାକୁ ମନ ପ୍ରସ୍ତୁତ ନ ଥିଲା ।

ସେଇ ବର୍ଷ କେତେକ ବନ୍ଧୁ ମୋର ଆତ୍ମବିଶ୍ୱାସକୁ ଟଳେଇବାକୁ ଚେଷ୍ଟା କରିଥିଲେ—ମୁଁ ଯାହା ଲେଖିଛି ମୂଲ୍ୟହୀନ, ମୋର ସାଂସ୍କୃତିକ କାର୍ଯ୍ୟ ନିଷ୍ଫଳ । ସେମାନଙ୍କୁ ମୁଁ ମୌଖିକ ଉତ୍ତର ଦେଇଥିଲି—ମୋ ପ୍ରତି ଯେତେ ଅବହେଳା ପ୍ରଦର୍ଶନ କଲେ ବି ମୁଁ ନିଜକୁ ଅବହେଳା କରିବିନାହିଁ । ମୋ ମନରେ ଯେଉଁ ଦେବତାକୁ ଥାପି ପୂଜା କରୁଛି, ତାଙ୍କୁ ପୂଜା କରିବି ଆମରଣ । ସେଇ ମୋର ନୀଳମାଧବ, ସେଇ ମୋର ଜଗନ୍ନାଥ । ଆପଣା ଧର୍ମରେ ମୁଁ ଦୃଢ଼ ରହିବି, କେବେ ଧର୍ମଚ୍ୟୁତ ଘଟିବନାହିଁ ମୋର ।

୮।୩।୬୫ରେ ବିରୁପା ନଦୀ କୂଳେ କୂଳେ ରତ୍ନଗିରି ବାଟରେ ବ୍ରାହ୍ମଣୀ କୂଳରେ ପହଞ୍ଚିଲି । ବ୍ରାହ୍ମଣୀ କୂଳରେ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମସ୍ଥାନ ବାଲିଆ ଗ୍ରାମ । ଉଆସ ବୋଇଲେ ଗୁଳ କୁଡ଼ିଆଟିଏ, ଗଡ଼ଖାଇ ବୋଇଲେ ଗୋଟିଏ ପଙ୍କ ନର୍ଦ୍ଦମା । ସୁଲକ୍ଷଣା, ରସବତୀ, ବିଦଗ୍ଧଚିନ୍ତାମଣିର କବି ଯେଉଁଠି ଜନ୍ମ ହୋଇଥିଲେ ସେଠି ମାଡ଼ିଛି ଲଉ ଓ କଲରା ଲଟି ।

ହସ୍ତୀଦନ୍ତ ଉପରେ ଅଙ୍କିତ କବିଙ୍କ ପ୍ରତିକୃତି ଦେଖିଲି, ପୋଥି ଦସ୍ତୁ ଦସ୍ତୁ ଏବେ ମିଳୁଛି । ଏହା ବିଳାସୀ ତରୁଣର ଏକ ଛବି, ତ୍ୟାଗୀ, ମୁମୁକ୍ଷୁ ଭକ୍ତର ନୁହେଁ । ଏହି ପ୍ରତିକୃତି ଦେଖିଲେ କେହି ବିଚାରିବ ନାହିଁ ଯେ ଏ ଜଣେ ଦାର୍ଶନିକ କବି, ବିଦଗ୍ଧଚିନ୍ତାମଣି ପରି ଦୁର୍ଦ୍ଧର୍ଷ ପୁଣି ଅତି କୋମଳ କାବ୍ୟ ଲେଖିଥିବେ ।

Digitized by srujanika@gmail.com

କବିଙ୍କ ଇଷ୍ଟଦେବ ରାଧାମାଧବଙ୍କ ଦର୍ଶନ କଲି, କବିଙ୍କ ଦାସ୍ୱାଦ ପରି ଦେବତା ଦୁରବସ୍ଥାରେ ପଡ଼ିଛନ୍ତି ।

କବିଙ୍କ ଗୃହରୁ ଫେରିଲାବେଳେ ମନରେ କେତେକ ପଦ ଉଙ୍କି ମାରୁଥିଲା—

'ଶୁଣ ଗ୍ରାହକେ ପାଇବେ ଚନ୍ଦ୍ରିକା ସୁପ୍ରେମ
ଗୀତ ହେବ ସ୍ୱବଦଗଧ ଚନ୍ଦ୍ରାମଣି ନାମ ।'

'ଶ୍ରୀ ରାଧା ବାଉଳୀ ପ୍ରେମ ରସଭୂଳ ଘେନ
ଚତୁର ଗ୍ରାହକମାନେ ।'

'ଗଉଣିଇ ଗନ୍ଧର ଗ୍ରାହକ ଗୋ, ମୋର ହୁଁ ଗୋ
ଦେଖୁ ବନୋଦିଆ ଯେଣେ ଯାଉଥାଇ
ତେଣେ ହୁଣ ପଡ଼ୁଥାଇ ଗୋ ।'

୧୯୭୭ରେ ଘୋର ବର୍ଷା ଭିତରେ ନନ୍ଦକିଶୋରଙ୍କ ଶ୍ରାଦ୍ଧୋତ୍ସବରେ ଯୋଗ ଦେବା ଲାଗି ତାଙ୍କ ଜନ୍ମସ୍ଥାନ କୃଷ୍ଣପୁରକୁ ଯାଇଥିଲି । ବିରୂପା ନଈ କୂଳର ଠାକୁରାଣୀ ପୀଠରେ ବସି ନନ୍ଦକିଶୋର କବିତା ଲେଖୁଥିଲେ । ଗୋଧୂଳିର କେତୋଟି ମୁହୂର୍ତ୍ତ ସେଠି କଟାଇଲି—ଡାଆଣିଆ ଖରା ପଡ଼ିଚ ବେଳ ଯାଉଚ ବୁଡ଼ି । ସେଇ ଖରାରେ ଝଟକେ ଉଠିଲା ଗାଆଁ ଗୋଟାକର ଶ୍ରୀ, ଯାହା ଦିନେ କବି ପଲ୍ଲୀଚିତ୍ରରେ ଫୁଟାଇଥିଲେ । ଏବେ ସେ ଗାଆଁ ନାହିଁ । ଖଲଘର ଜାଗାରେ ଉଠିଚ କୋଠା । ନାନାବାପ୍ପାର କୃଷ୍ଣ (ଜ୍ୟେଷ୍ଠପୁତ୍ର କୃଷ୍ଣ ବଳ—ବାପ ଡାକୁ କୃଷ୍ଣ ଏକ ବାଳକ ଆଦର) ଆମ ପ୍ରତି ସ୍ନେହାଦର ଦେଖାଇଲେ ।

ଶିଳ୍ପୀ ବନ୍ଧୁଧରଙ୍କ ଗ୍ରାମ କୃଷ୍ଣପୁର । ଯେ ଯେଉଁ ଘରେ ଛବି ଆଙ୍କୁଥିଲେ, ନାଟ୍ୟାଭିନୟ ଶିଖାଉଥିଲେ, ସେ ଘରେ ଗୋଟିଏ ମାତ୍ର ଛବି ଝୁଲୁଥିଲା—ଗୋଟିଏ ଦନ୍ତଦନ୍ତିଆ ବଣର ଛବି । ସେମାନଙ୍କ ଉଦାରତାର କେତେ କାହାଣୀ ଶୁଣିଲି । ସେ ଯାହା ପାଉଥିଲେ ଦାନଧର୍ମରେ ଖଇରାତ କରି ଦେଉଥିଲେ । ତା ପରଦିନ ହୁଏତ ଦୁଃଖକଷ୍ଟ ଭୋଗ କରୁଥିଲେ । ଶୂନ୍ୟହସ୍ତରେ ଏଇ ଘରଟିରେ ଅନ୍ଧବଧିର ହୋଇ ଶିଳ୍ପୀ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

୧୯୮୬ରେ 'ସରସ ସାହିତ୍ୟ ସମିତି' ତରଫରୁ ରାଖୀବନ୍ଧନ ପାଇଁ ମୁଁ ତାଙ୍କ ପାଖ ଯାଇଥିଲି । ରାଖୀ ବାନ୍ଧିବା ପୂର୍ବରୁ କହୁଥିଲି—ସାହିତ୍ୟରୁ ବଡ଼ ରାଖୀ ଆଉ କଣ ଅଛି ? ଜାତି ଜାତି, ଦେଶ ଦେଶ ଓ ସ୍ୱର୍ଗ ମର୍ତ୍ତ୍ୟକୁ ଗୋଟିଏ ସୂତ୍ରରେ ଏହା ହିଁ ବାନ୍ଧି ଦେଇଚି । ସାହିତ୍ୟିକ ବା କବି ହିଁ ସେଇ ରାଖୀ ବାନ୍ଧୁଚି ଯୁଗ ଯୁଗ ଧରି ।

Digitized by srujanika@gmail.com

ବାଉଶି ଦିନ ହାରାହାରି ଅପରେସନ ଯୋଗୁଁ ଡାକ୍ତରଖାନାରେ ରହିବାକୁ ହୋଇଥିଲା । କାମକଲା ଲୋକ ଶୋଇ ରହିଲେ କେତେ କଷ୍ଟ ଲାଗେ । ଡାକ୍ତର, ନର୍ସ, ସିଷ୍ଟର୍, ବେହେରା, ମେହେନ୍ତର, ଔଷଧ; ଫଳ, ଅନିଦ୍ରା, କ୍ଲାନ୍ତି, ଅଧୈର୍ଯ୍ୟ, ପୀଡ଼ା, ଚୌର୍ଯ୍ୟ, ମୃତ୍ୟୁ, ଚିତ୍କାର, ରୋମାନ୍ସ୍ । ଏ ଜୀବନ ବଡ଼ କ୍ଲାନ୍ତିକର, କଷ୍ଟଦାୟକ, ନର୍ସିଂହୋମ୍‌ରେ ଥିଲେ ବି । ୨୧।୧।୬୬ରେ ମୁକ୍ତି କି ତୃପ୍ତିଦାୟକ ! ବନ୍ଧୁ ଓ ଆତ୍ମୀୟମାନଙ୍କର ସହାନୁଭୂତି, ଗ୍ରହମାନଙ୍କର ନିଃସ୍ୱାର୍ଥପର ସେବା ଦେଖି ଏ ଦ୍ୱିଧା, ସନ୍ଦେହ ଓ ଅବିଶ୍ୱାସର ଯୁଗରେ ମଣିଷ ଉପରେ ଅଟଳ ବିଶ୍ୱାସ ଆସିଲା, ସଂସାରରେ ବହୁଦିନ ବଞ୍ଚି ରହିବାକୁ ଲୋଭ ହେଲା ।

୧୨।୩।୬୫ରେ ଯୁଗୋସ୍ଲୋଭିଆର ପ୍ରଧାନମନ୍ତ୍ରୀ ସ୍ଟାମ୍ବୋଲିକ୍‌ଙ୍କ ଦ୍ୱାରା ପାରାଦ୍ୱୀପ ବନ୍ଦର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା । ଏ ସମ୍ବାଦ ମୋ ମନରେ ଅତୀତ ଉତ୍କଳର ନାନା ଗୌରବ ସ୍ୱପ୍ନ ଖେଳାଇ ଦେଲା । ଏହି ବନ୍ଦର ଯୋଗୁଁ ଓଡ଼ିଶା ପୃଥିବୀର ଅର୍ଥନୈତିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଲାଭ କରିବ, ଓଡ଼ିଶା ବିଶ୍ୱପ୍ରସିଦ୍ଧ ହେବ, ଏଠା ଜନଜୀବନ ଅଧିକ ଗତିଶୀଳ, କ୍ରିୟାଶୀଳ ହେବ, କଳା, ସାହିତ୍ୟ, ବିଜ୍ଞାନର ଦ୍ରୁତ ବିକାଶ ଘଟିବ, ଏ ବିଶ୍ୱାସ ମୋ ମନରେ ଜନ୍ମିଲା । ବିଜୁ ପଟ୍ଟନାୟକଙ୍କ ଦୁଃସାହସିକତା ଯୋଗୁଁ ଏ ବନ୍ଦର ଏତେ ଶୀଘ୍ର ହେବା ସମ୍ଭବ ହୋଇ ପାରିଲା ।

୪।୪।୬୬ରେ ଉତ୍କଳସାହିତ୍ୟସମାଜ ପକ୍ଷରୁ ଏକ ଦୁଇଦିନିଆ ସମ୍ମିଳନୀ ଆୟୋଜନ କରାଯାଇଥିଲା ଓଡ଼ିଆ ଭାଷା ଓ ସାହିତ୍ୟରେ ସଙ୍କଟ । ନାଟ୍ୟକାର କାଳୀଚରଣ ପଟ୍ଟନାୟକ, ଔପନ୍ୟାସିକ କାହ୍ନୁଚରଣ ମହାନ୍ତି (ଯେ ସଭାସମିତିରେ ଭାଷଣ ଦେବାକୁ ମୋଟେ ଭଲ ପାଆନ୍ତିନାହିଁ, ଲେଖିବା ଯାହାର ଦୈନନ୍ଦିନ ଅଭ୍ୟାସ) ରାଜକିଶୋର ପଟ୍ଟନାୟକ (ବ୍ୟଙ୍ଗକାର ଓ ମନସ୍ୱୀ), ହାସ୍ୟରସିକ ମହାପାତ୍ର ନୀଳମଣି ସାହୁ, ନୂତନ ଧରଣର ଔପନ୍ୟାସିକ ଶାନ୍ତନୁକୁମାର ଆଚାର୍ଯ୍ୟ, ସୁରେନ୍ଦ୍ର ମହାନ୍ତି (ଶକ୍ତିମନ୍ତ ଲେଖକ, ଭାଷା ଓ ସାହିତ୍ୟ ଆନ୍ଦୋଳନର ଜଣେ ମୁଖ୍ୟ ନେତା, ଯାହାଙ୍କର ଗୋଟିଏ ପାଦ ସାହିତ୍ୟରେ, ଅନ୍ୟ ପାଦ ରାଜନୀତିରେ), ହରେକୃଷ୍ଣ ମହତାବ (ଯେ ଧସେଇ ପଶି ସବୁଠି ମୁଖ୍ୟ ହେବାକୁ ଚାହାନ୍ତି, ଜଟିଳତମ ବ୍ୟକ୍ତି ହୋଇ ସରଳତାର ଭାନ କରନ୍ତି, ସାଧାରଣ ସଭାରେ କବିତାଟିଏ ପଢ଼ିବାକୁ ଆଣିଛନ୍ତି, ଜାଣନ୍ତି ଏଥିଲାଗି ତାଙ୍କୁ 'ଅନୁମତି ମିଳିବ, ଯଦି ବା କବିତାପାଠୋତ୍ସବ ଛଡ଼ା ଅନ୍ୟବେଳେ କାହାକୁ ଏଭଳି ଅନୁମତି ମିଳି ନ ଥାଏ।), ରାଧାମୋହନ ଗଡ଼ନାୟକ (ଉତ୍କଳସାହିତ୍ୟସମାଜର ସଭାପତି), ସଚ୍ଚିଦାନନ୍ଦ ରାଉତରାୟ ('ଦିଗନ୍ତର ସମ୍ପାଦକ)—ଏମାନଙ୍କୁ ଏକାଠି ଦେଖିବାରେ ମୋର ପରମ ଆନନ୍ଦ । ଅଧ୍ୟାପକ ରତ୍ନାକର ପତି ସଭାପତି ଅଭିଭାଷଣ ଦେଇ ଅସୁସ୍ଥତା ଯୋଗୁଁ

Digitized by srujanika@gmail.com

ସ୍ଥିରକଲେ । ଓଡ଼ିଆକୁ ପ୍ରଶାସନିକ ଭାଷା ଓ ବିଶ୍ୱବିଦ୍ୟାଳୟର ଶିକ୍ଷାର ମାଧ୍ୟମ କରିବା ଲାଗି ପ୍ରସ୍ତାବ ପାସ୍ କରିଲେ ।

୧୯୬୭ରେ କଳାହାଣ୍ଡିରେ ଗୋଟିଏ ଭୟଙ୍କର ଦୁର୍ଭିକ୍ଷ ହୋଇଥିଲା । ଲୋକେ ଓଲୁ ପଞ୍ଚ ଶିଝାଇ ଖାଉଥିଲେ । ଏକ ଏକ ଟଙ୍କା ଦାମ୍‌ରେ କେତେ ମଣିଷ ପିଲା ବିକ୍ରୀ ହୋଇ ଯାଉଥିଲେ । ମୃତକ ଖାପୁହେଲେ ସରକାରଙ୍କ ତରଫରୁ ୧୦ଟଙ୍କା ଲେଖାଏଁ ମିଳୁଥିଲା । ଜୀବନ ବଞ୍ଚେଇବା ଲାଗି କେତେ କୁମାର ଖାପୁ ହୋଇ ଯାଉଥିଲେ ।

୧୮।୧୨।୬୯ରେ କୋଠପଦାରେ ଅନୁଷ୍ଠିତ ବୈଷ୍ଣବ ପାଣି ଜୟନ୍ତୀରେ ଯୋଗ ଦେଇଥିଲି । ପାଣିଙ୍କ 'ମହାଶ୍ମଶାନ ବଧ' ଯାତ୍ରା ହୋଇଥିଲା । ଏଥିରେ ଭେଡ଼ା ଜମିଦାର ପରିବାରର କନ୍ୟାମାନେ ଅଂଶ ଗ୍ରହଣ କରିଥିଲେ । ଓଡ଼ିଶାରେ ଯାତ୍ରା ଉଚ୍ଚ ସମ୍ମାନ ସ୍ତରକୁ ଉନ୍ନୀତ ହୋଇଛି. ମୋର ଧାରଣା ଜନ୍ମିଲା । ସମୟ ଥିଲା, ଥିଏଟର୍‌ରେ ପାର୍ଟ ନେବା ଲାଗି ଝିଅ ମିଳୁ ନଥିଲେ । ଆଜି ସେ ସାମାଜିକ କଟକଣା ନାହିଁ ।

କୋଠପଦା ମାଇନର ସ୍କୁଲ ବୋଡିଂରେ ବୈଷ୍ଣବ ପାଣି ଥରେ ରନ୍ଧୁଣିଆ କାମ କରୁଥିଲେ, ପରାକେତେ ଗାଈ ଚରେଇ ଜୀବନ ବଞ୍ଚେଇବାକୁ ହୋଇଥିଲା । ଏହି ସ୍ତରରୁ ଯାତ୍ରାକବି ସ୍ତରକୁ ଉନ୍ନୀତ ହେଲେ । ରାମଚନ୍ଦ୍ରୀଦାସ ଉପାଖ୍ୟାନ ସଙ୍ଗେ 'ହରିବୈଷ୍ଣବ' ଉପାଖ୍ୟାନ ତୁଳନୀୟ । କିନ୍ତୁ ଏହି ସାମାଜିକ ଉତ୍ଥାନକୁ ରକ୍ଷଣଶୀଳ ସମାଜପତିମାନେ କ୍ଷମା କରି ନ ଥିଲେ । ତାଙ୍କୁ ଥରେ ମାରି ମାରି ଜରଜର କରି ସେମାନେ ବରୁଆ ନଈରେ ଭସାଇ ଦେଇଥିଲେ । ଆୟୁବଳ ଥିବାରୁ କବି ବଞ୍ଚିଲେ ଓ ଲୋକସଙ୍ଗୀତକୁ ବିଶେଷତର ରୂପ ଦେବାକୁ ସମର୍ଥ ହେଲେ ।

ପାଣିଙ୍କ ରଚନାରେ ଦୁଇଟି ଧାରା -- ଗୋଟିଏ ଭକ୍ତିସାହିତ୍ୟ, ଅନ୍ୟଟି ଲୋକ ସାହିତ୍ୟ । ଯମକ, ଅନୁପ୍ରାସ ପ୍ରଭୃତି ଶବ୍ଦାଳଙ୍କାର ସେ ଭକ୍ତିଗୀତରେ ପ୍ରୟୋଗ କରିଛନ୍ତି, ଖାଣ୍ଟି ଲୋକଗୀତ ଓ ପ୍ରାଚୀନ ଛାନ୍ଦ ସ୍ୱରରେ ସେ ଯାତ୍ରାଗୀତ ରଚନା କରିଛନ୍ତି ।

୧୦।୦୭ରେ ଅନୁଗୁଳ ବିଜ୍ଞାନ କଲେଜରେ ଓଡ଼ିଆରେ ଅନର୍ସ ଖୋଲିବା ବିହିତ କି ନୁହେଁ, ଉତ୍କଳ ବିଶ୍ୱବିଦ୍ୟାଳୟର ଇନ୍‌ସପେକ୍ଟର ଭାବେ ଏହି କଲେଜ ପରିଦର୍ଶନ କରିଥିଲି । ସେହି ଅବସରରେ କବି ରାଧାମୋହନ ଗଡ଼ନାୟକଙ୍କ ଗ୍ରାମ କଳିଣ୍ଡାପାଳ ଯାଇଥିଲି । ଏ ଘରେ ପୁସ୍ତକ, ସେ ଘରେ ପୁସ୍ତକ ଗଦାଗଦା, କବି ଅଧ୍ୟୟନରତ, କେତେବେଳେ ବା ରଚନାନିବିଷ୍ଟ । ଲଙ୍ଗଳଗ୍ରସ୍ତ କରୁଛନ୍ତି, ତେଣେ

Digitized by srujanika@gmail.com

ନିଜମତ ସ୍ପଷ୍ଟ କରୁଛନ୍ତି । କବିଗୃହିଣୀଙ୍କ ନାମ ଚକୋରୀ, ସାରଲ୍ୟ ଓ ସହିଷ୍ଣୁତାର ଅବତାର । ତାଙ୍କ ଗୃହିଣୀପଣ କବିଙ୍କ ଲେଖନୀକୁ ଗତି ଦେବାକୁ ଅଳ୍ପ ସାହାଯ୍ୟ କରିନାହିଁ । ସେ କବିଙ୍କଠାରୁ କିଛି ଦାବି କରନ୍ତିନାହିଁ, କେବଳ ତାଙ୍କୁ ହିଁ ଚାହାନ୍ତି ।

୧।୪।୭୪—ମଧୁସୂଦନଜୟନ୍ତୀ ଓ ସ୍ୱତନ୍ତ୍ର ଉତ୍କଳଦିବସପାଳନ, ପ୍ରଗତି ସଙ୍ଘ ପକ୍ଷରୁ ।

ପିଲାବେଳେ ରାଉରକେଲା ଯାଇଥିଲି, ସେତେବେଳେ ବଡ଼ ବଡ଼ ଗଛ କାଟି ଜଙ୍ଗଲ ସଫା କରାହେଉଥିଲା କାରଖାନାର ନାଳ ଧୂମକୁଣ୍ଡଳୀ ଉପରକୁ ଉଠି ନ ଥିଲା, ସେତେବେଳେ ଲେଖିଥିଲି 'ରାଉରକେଲା' କବିତା । ଦ୍ୱିତୀୟ ଥର ଯାତ୍ରାରେ ଏ ଅଞ୍ଚଳ ଏକ ବୃକ୍ଷଶୂନ୍ୟ ମରୁଭୂମି ପରି ଲାଗୁଥିଲା । ଏବେ ଉଦ୍ୟାନ ଶ୍ରୀମଣ୍ଡିତ, ସୁନ୍ଦର ପାଶ୍ଚାତ୍ୟ ସହର ପରି ଲାଗେ ।

ଭାଷଣରେ କହିଲି—ମଧୁବାବୁ ଓଡ଼ିଆ ଜାତିର ଅଭିଭାବକ ହେଲେ, ଯେତେବେଳେ ଓଡ଼ିଶାରେ ଏକ ଅନ୍ଧକାରଯୁଗ ଚାଲିଥିଲା । ଖାରବେଳ, ନରସିଂହ, କପିଳେନ୍ଦ୍ରଙ୍କ ପରେ ଓଡ଼ିଆ ଜାତି ଅଭିଭାବକଶୂନ୍ୟ ହିଁ ହୋଇଥିଲା । ଓଡ଼ିଆଙ୍କ ଦାରିଦ୍ର୍ୟ ଦୂର କରିବା ଚେଷ୍ଟାରେ ସେ ସର୍ବସ୍ୱ ବଳି ଦେଇଥିଲେ ।

“ଶିଳ୍ପାଞ୍ଚଳରେ ସାହିତ୍ୟକର ଜୀବ-ସଂଗ୍ରାମ ଅଳ୍ପ ତୀବ୍ର ନୁହେଁ, ପ୍ରକାଶ କାଗଜଦୁର୍ମୂଲ୍ୟ ଯୁଗରେ ଦୁଃସାଧ୍ୟ ହୋଇପଡ଼ୁଛି ।”

ମାଳଗିରିଦର୍ଶନ ଏଥରର ବଡ଼ ବିଶେଷତ୍ୱ । କିନ୍ତୁ ଉପରକୁ ଉଠିବାର ସୁଯୋଗ ପାଇନାହିଁ ।

ପଥ ଦୀର୍ଘ ଜଙ୍ଗଲଶୂନ୍ୟ । ମାତ୍ର କେତୋଟି ବର୍ଷ ମଧ୍ୟରେ ଆଦିମ ଯୁଗର ଅରଣ୍ୟ ନିଃଶେଷ ହୋଇଗଲା । ଦିଶୁଛି ବିକଟାଳ ଟାଙ୍ଗରମୁଣ୍ଡିଆ ପାହାଡ଼ର ହନୁ, ଭୂମିର କଙ୍କରିଳ କଙ୍କାଳ ।

ରକ୍ଷା ପାଇଛି ମହୁଲ, ମନୁଷ୍ୟର ଖାଦ୍ୟ, ବିଶେଷତଃ ପିଆସୁ ବୋଲି, ମହୁଲ (ଶୁଖିଲେ କିସ୍ ମିସ୍ ପରି ଦିଶେ) ଗାଡ଼ିକି ୨୫ ଟଙ୍କାରେ ବିକ୍ରି ହେଉଛି - କାରଖାନାରେ ଏବେ ମହୁଲରୁ ତିଆରି ହେଉଛି ରମ୍ ।

୧୦।୪।୭୫—ଶ୍ରୀ ଗୋପୀନାଥ ମହାନ୍ତିଙ୍କ ଭାରତୀୟ ଜ୍ଞାନପୀଠପୁରସ୍କାର ପ୍ରାପ୍ତି ଉପଲକ୍ଷେ ଉତ୍କଳସାହିତ୍ୟସମାଜ ପକ୍ଷରୁ ସମ୍ବର୍ଦ୍ଧନାସଭା—ସଭାପତି ଭାଷଣରେ ମୁଁ କହିଥିଲି —

Digitized by srujanika@gmail.com

"କଳା ଟଙ୍କାର ଧଳା କାର୍ଯ୍ୟ – ଏବେ ପୁରସ୍କାର ବ୍ୟବସ୍ଥା, ଅଧର୍ମ ଟଙ୍କାରେ ଧର୍ମଶାଳା ଯେପରି । ଏଭଳି ସମାଲୋଚନା ଅନୁଚିତ । ସତ୍‌କର୍ମ ଚିରବନ୍ଦ୍ୟ ।"

"ଗୋପୀବାବୁଙ୍କୁ କିଏ ହରିଜନ ବୋଲି କହୁଛି । ମୁଁ କହେ – ସେ ଆଦିବାସୀ । ଆଦିବାସୀଙ୍କ ସଙ୍ଗେ କିଏ ଏତେ ମିଶିପାରିଛି ? ଆଦିବାସୀବିଷୟକ ତାଙ୍କ ରଚନା ଭାରତବର୍ଷରେ ସର୍ବୋତ୍କୃଷ୍ଟ ।"

"ରାଧାନାଥ ବା ଫକୀରମୋହନ ଯୁଗ ପରେ ଗୋପୀନାଥ ହିଁ ଓଡ଼ିଶାର ସର୍ବଶ୍ରେଷ୍ଠ ସ୍ରଷ୍ଟା, କବିତା ନ ଲେଖି ବି ଶ୍ରେଷ୍ଠ କବି । ପ୍ରକୃତି ଓ ଜୀବନର ଏପରି ପୁଙ୍ଖାନୁପୁଙ୍ଖ ଓ ପୂର୍ଣ୍ଣାଙ୍ଗ ଚିତ୍ରଣ ଆଉ କିଏ ଦେଇପାରିଛି ?

"ଓଡ଼ିଆସାହିତ୍ୟ ଗତ ଏକ ଶତାବ୍ଦୀ ମଧ୍ୟରେ ବହୁ ସଙ୍କଟ ବା ଘାଟି ପାରହୋଇ ଆସିଛି । ଓଡ଼ିଆରେ ଏମ୍. ଏ., ଅନର୍ସ ଶ୍ରେଣୀ ଉନ୍ମୋଚନ, ପିଏଚ୍. ଡି. ବା ଡି. ଲିଟ୍ ଡିଗ୍ରୀ ଲାଭ ଏକ ଏକ ପଦକ୍ଷେପ । ଜ୍ଞାନପୀଠପୁରସ୍କାରଲାଭ ଏକ ପ୍ରସାରିତ ପଦକ୍ଷେପ । ଏଣିକି ଆକାଂକ୍ଷା – ନୋବେଲ ପୁରସ୍କାର ଲାଭ ।"

ଜ୍ଞାନପୀଠ ପୁରସ୍କାର ଲାଭ ଓଡ଼ିଆ ଜାତି ଓ ସଂସ୍କୃତିର ଏକ ବିଜୟ ।

ସାହିତ୍ୟିକ କୃତି (୧୯୫୦-୧୯୮୦)

ମୋ ଦେଶର ତରୁଣତରୁଣୀମାନଙ୍କ ଅନ୍ତରରେ ଉତ୍ସାହର ଅଗ୍ନି ଜାଳିଦେବା ଲାଗି 'ବୀରଶ୍ରୀ' (୧୯୪୮ରେ ପ୍ରକାଶିତ)ରେ ଚେଷ୍ଟା କରିଥିଲି । ଉଜ୍ଜ୍ୱଳତମ ଅତୀତର ସନ୍ତାନ ସେମାନେ । ସେମାନଙ୍କ ମଧ୍ୟରୁ ବାହାରିନ୍ତି ଦେଶପ୍ରାଣ ନେତା, ଉତ୍କୃଷ୍ଟ କଳାକାର, ଶ୍ରେଷ୍ଠ ଭାସ୍କର, ସତ୍ୟାନୁସନ୍ଧିତ୍ସୁ ଗବେଷକ, ନିଃସ୍ୱାର୍ଥପର ସମାଜସେବୀ, ଧୁରନ୍ଧର ବୈଜ୍ଞାନିକ, ବିଶ୍ୱପ୍ରସିଦ୍ଧ କବି । ଚିରନ୍ତନ ଉତ୍ସାହ, ଅମୃତଶକ୍ତି ଓ ଦୃଢ଼ ବିଶ୍ୱାସରେ ପ୍ରତିଷ୍ଠିତ ହୋଇ ସେମାନେ ଉନ୍ନତପଥରେ ଗତି କରନ୍ତୁ । ବିଶ୍ୱର ଗତିଶୀଳ ଇତିହାସରେ ରଖିଯାନ୍ତୁ ସେମାନଙ୍କ ଦେଶର ସୁବର୍ଣ୍ଣ ସ୍ୱାକ୍ଷର । ଅତୀତରୁ ଉଜ୍ଜ୍ୱଳତର ହେଉ ବର୍ତ୍ତମାନ, ଉଜ୍ଜ୍ୱଳତମ ହେଉ ଭବିଷ୍ୟତ । ଏହି ଆଶା, ବିଶ୍ୱାସ ମୋତେ ଦେଇଥିଲା ପ୍ରେରଣା ।

'ନବମାଳିକା' (୧୯୫୧ରେ ପ୍ରକାଶିତ) 'ବୀରଶ୍ରୀ'ର ଏକ କ୍ରମ । ନାମକରଣରେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ...

'କାହିଁ ଥିବ ତୁମେ କେଉଁ ରୂପେ ଆମେ ଖୋଇନା
ଉଡ଼ି କି ପାରିବ ତହିଁ ମୋ କବିତାମଇନା ?
ପରେ କି ପିବ ସେ ଏତେ ବାଟ କଳକଳନା ?
ତୁକୁ ବଗିଚ୍ଚର ଲୁହଫୁଟା ନବମାଳିକା ?''

ମୁଖବନ୍ଧରେ ଲେଖିଥିଲି ''ମୋ ଜାତିର ଅନ୍ନବସ୍ତ୍ରହୀନ ଦୁର୍ବଳ କଙ୍କାଳକୁ ଯେତେବେଳେ ଦେଖେ, ଆତ୍ମବିସ୍ମୃତ ତରୁଣ, ବିଳାସୀ ଅଳସ ଧନିକ, ଶୋଷକ ସାହୁକାର, ଅର୍ଥଲୋଭୀ ବ୍ୟବସାୟୀ, ସୁବିଧାବାଦୀ ନେତା, ସାମଲଖୋର ମାମଲାତକାରକୁ ଯେତେବେଳେ ଦେଖେ, ସେତେବେଳେ ମୋ ମନରେ ଆସେ ବିପ୍ଳବ । ଏ ସମାଜରେ ବହୁତ କିଛି ଓଲଟପାଲଟ କରିଦେବାକୁ ଇଚ୍ଛା ହୁଏ । ସାହିତ୍ୟ, ମହତ୍ତ୍ୱ, ମନୀଷାରେ ବିଗ୍ରହ ଏ ଜାତିର ଦୁର୍ଦ୍ଦଶା ନୟନରେ ଅଶ୍ରୁ ଆଣେ ନାହିଁ, ଆଣେ ଅଗ୍ନି ।

'ଉତ୍କୃଷ୍ଟ ମନୁଷ୍ୟଚରିତ୍ରଗଠନ ଲାଗି ସାହିତ୍ୟ ପ୍ରେରଣା ଦେଉ' – ଏ ଥିଲା ମୋର ଅନ୍ତର୍ଗତ କାମନା । ଜାତୀୟ ଭାବର ଉନ୍ମାଦନା ସଙ୍ଗେ ସମାଜରେ କିପରି ଦ୍ରୁତ ପରିବର୍ତ୍ତନ ଘଟିବ, ସେଥିଲାଗି ସାମ୍ୟବାଦୀ ଭାବ ହିଁ ମୋର ଅନ୍ତରରେ ସଞ୍ଚାର ହୋଇ-ଉଠିଥିଲା । ତେଣୁ 'ନବମାଳିକା' ପରେ ଜନ୍ମ ନେଇଥିଲା 'ସେ ଏକ ଲୋମଶ ନୀଳ ହାତ' (୧୯୫୪) । ଏହାର ଭୂମିକାରେ ମୁଁ ଲେଖିଥିଲି –

''ଯେଉଁ ଯେଉଁ ମୁହୂର୍ତ୍ତରେ ଅନ୍ତରରେ ଝଡ଼ର ଦୁନ୍ଦୁଭି ବାଜିଉଠେ, 'ସେ ଏକ ଲୋମଶ ନୀଳ ହାତ'ର କବିତା ସେହି ସେହି ମୁହୂର୍ତ୍ତର ସୃଷ୍ଟି । ସେ ସ୍ୱପ୍ନପୁରୀର ରାଜଜେମା ନୁହେ, ମାଟିପୃଥିବୀର ସାଧାରଣୀ, ନର୍ମସହଚରୀ ନୁହେ, କର୍ମଧର୍ମିଣୀ, ବିପ୍ଳବିନୀ ।

ପ୍ରକୃତି, ପରମାତ୍ମା ବା ପରଲୋକଚିନ୍ତା ନୁହେଁ ଇହଲୋକରେ ଦେହ ଧାରଣ ଲାଗି ଯେଉଁ ସ୍ୱାଚ୍ଛନ୍ଦ୍ୟର ଅଭାବ ଚିତ୍ତକୁ ବିବ୍ରତ କରେ, ଯେଉଁ ଅଯାଚିତ ଦୈନ୍ୟ, ଅନାକାଂକ୍ଷିତ, ତୁଚ୍ଛାତିତୁଚ୍ଛ ଘଟଣା ଜନସାଧାରଣଙ୍କର ସାଧାରଣ ଜୀବନକୁ ଆଚ୍ଛନ୍ନ କରି ରଖେ, ତାହାହିଁ ଏହି କବିତାର ଉପଜୀବ୍ୟ । ଅବହେଳିତ ମୂଲିଆ ମଜଦୁର, ଏପରିକି ସମାଜର ଆଖିରେ ନିତାନ୍ତ ଅନ୍ଧାରକାରୀ, ରୋଗୀ, ଅର୍ଦ୍ଧ ଉପବାସୀ ପତିତଶ୍ରେଣୀରୁ ଏହାର ନାୟକନାୟିକା ବଛା ହୋଇଛନ୍ତି ।

'କଳା ପାଇଁ କଳା ସୃଷ୍ଟି' ତାଡ଼ନାରେ ନୁହେ, ପ୍ରୟୋଜନର ତାଗିଦ୍‌ରେ ଏହା ଜନ୍ମ ନେଇଅଛି । ଶ୍ରମିକର ଲୁହରେ ଯେଉଁମାନେ ସୁନାର ଫସଲ ଉଠାନ୍ତି, ବନ୍ଧୁ

Digitized by srujanika@gmail.com

ଜୀବନର ସାର ଶୋଷି ନେଇ ଯେଉଁମାନେ ଊର୍ଦ୍ଧ୍ୱରେ ବସନ୍ତି, ଯେତେ ଚଢ଼ନ୍ତି ନିମ୍ନ ଶ୍ରେଣୀକୁ ତେତେ ଆତଙ୍କଗ୍ରସ୍ତ କରନ୍ତି, ସେହିମାନଙ୍କ ପତି ଏହାର ପ୍ରତ୍ୟେକ ମସୀର ଗାର ଅସିଧାର ପରି ସଦା ଉଦ୍ୟତ ରହିଅଛି । ଅନ୍ୟ ପକ୍ଷରେ ଧୂକ୍‌ଧୂକ୍ ଧୂସର ଜୀବନର ଅଶ୍ରୁ ହିଁ ଏହାର ଅନ୍ତରଙ୍ଗୀ ରସ ।"

ଶୋଷଣ ନୀଳ ହାତ ମହାଜନର ଇସ୍ପାତ ହାତ – ଆତତାୟୀ ସାମ୍ରାଜ୍ୟବାଦୀର, ପୁଞ୍ଜିବାଦୀର ହାତ – ଆଦିମ ବନ୍ୟତା ଏହାକୁ ଭରିଛି ଶୋଷଣ – ଯୁଗଯୁଗର ଅତ୍ୟାଚାରର ପ୍ରତୀକ – ବିଶ୍ୱରେ ନୀଳବର୍ଣ୍ଣ ବୃକାସୁରର ହାତ—ଯାହା ସ୍ପର୍ଶ କରେ ଭସ୍ମ କରେ – ଶତ ଶତ ଦ୍ରୌପଦୀଙ୍କୁ ବିବସନ କରେ ଅଗଣିତ ଜନତାଙ୍କୁ ବୁଭୁକ୍ଷୁ ରଖେ, ସେହି ଶୋଷଣ ହାତର କାରସାଦ ଜଗତର ଆଖିକୁ କରିଛି ଅଶ୍ରୁଳ, ରକ୍ତାକ୍ତ ।

ଏଥିରେ ୧୯୪୮ରୁ ୧୯୫୩ ମଧ୍ୟରେ ରଚିତ ସମଶ୍ରେଣୀୟ କବିତା ସନ୍ନିବେଶିତ ହୋଇଅଛି ।"

ଏହି ପୁସ୍ତକଟି ନିକୃଷ୍ଟ ନିଉଜ୍‌ପ୍ରିଣ୍ଟ୍‌ରେ ଛପା ହୋଇଥିଲା – ଦାମ୍ ରଖା ଯାଇଥିଲା ୮୦ୟ । ପ୍ରକାଶକ ବିକ୍ରୟରୁ ଛପା ଖର୍ଚ୍ଚ ପାଇଥିବେ କି ନା ସନ୍ଦେହ । ଏହା ପ୍ରଥମ ଅତ୍ୟାଧୁନିକ କବିତାବହି – ବିଦଗ୍ଧମହଲରେ ବିଶେଷ ଆଦୃତ ହୋଇଥିଲା ।

୧୯୫୭ରେ ଓଡ଼ିଆମାନଙ୍କ ଏକ ସାଂସ୍କୃତିକ ସଭାରେ ଯୋଗଦେବା ଲାଗି ମୁଁ ଆସାନ୍‌ସୋଲ୍ ନିକଟବର୍ତ୍ତୀ କୁଲ୍‌ଟି ଯାଇଥିଲି । ସେଠି ଯାହା ଦେଖିଲି 'କୁଲ୍‌ଟିରେ ଦୁଇଦିନ'ରେ ବର୍ଣ୍ଣନା କରିଅଛି । ସେହି କାରଖାନାସହର ହିଁ 'ମୋ ମାଟି ଓ ଲଠି' କାବ୍ୟର ଉତ୍ସ ।

କାବ୍ୟ ଓ ଖଣ୍ଡ କବିତା ସମାନ୍ତରଭାବରେ ଦୀର୍ଘକାଳ ଧରି ସୃଷ୍ଟି କରି ଚାଲିଥିଲି । ପଲ୍ଲୀର କୃଷକ ଓ କାରଖାନାର ଶ୍ରମିକ ଉଭୟଙ୍କ ଜୀବନକୁ ଏକ କାବ୍ୟରେ ରୂପାୟିତ କରିବା ମୋର ଲକ୍ଷ୍ୟ ଥିଲା । 'ମାଟି ଓ ଲଠି'ରେ ତାହାହିଁ ପାଇଲା ଶିଳ୍ପରୂପ । ଓଡ଼ିଆ ସମାଜର ସଂସ୍କାରକ, ନେତା ଦ୍ରଷ୍ଟାଙ୍କର ନାୟକ ଏହି କାବ୍ୟର ନାୟକ, ସତ୍ୟବାଦୀ, ଚରିତ୍ରରେ ଚର୍ଚ୍ଚିତ ହୋଇଛନ୍ତି; ଖସା ଗାଉଁଲି, ଆଠଟି କ୍ଷୁଦ୍ର ସର୍ଗରେ ଏହା ରଚିତ । 'ବଚନିକା'ରେ ଲେଖିଥିଲି—

"ମାଟି ଓ ଲଠି" କାବ୍ୟ ଢେଙ୍କାନାଳର ପଲ୍ଲୀ ଓ ଆସାନ୍‌ସୋଲ୍ ନିକଟବର୍ତ୍ତୀ କୁଲ୍‌ଟିର କାରଖାନାବସ୍ତିରେ କଳ୍ପିତ ହୋଇଥିଲା । ରଚନା ପରେ ୧୯୫୩-୫୪ରେ ଏହାର କେତେକାଂଶ 'ଝଙ୍କାର'ରେ ପ୍ରକାଶିତ ହୋଇଥିଲା ।'

Digitized by srujanika@gmail.com

"ପଲ୍ଲୀ ଓ ନଗରର ଅର୍ଥନୈତିକ ବୈଷମ୍ୟ ଏ ଯୁଗର ସଂଗ୍ରାମୀ ଜନତା ଚିତ୍ତରେ ବିକ୍ଷୋଭ ସୃଷ୍ଟି କରି ତାକୁ ସୁଦୂର ପରିଣତିକୁ ନେଇ ଯାଉଅଛି । ସୃଷ୍ଟି ମନ୍ତ୍ରଣାର ଯୁଗ ଯୁଗବ୍ୟାପୀ ଜଟିଳତମ ସମସ୍ୟାର ସମାଧାନ କରିବ କିଏ ? ଶାନ୍ତିର କପୋତ, ନା ଶାଣିତ ଖଡ଼୍‌ଗ ? ଏହାର ଉତ୍ତର ମିଳିବ ଜନତାର ଅନ୍ତରଙ୍ଗୀ ରସ ଓ ତା'ର କଥିତ ଭାଷାରେ ରଚିତ 'ମାଟି ଓ ଲାଠି'ରେ ।

୧୯୫୫ରେ 'ମୋ ସ୍ୱପ୍ନର କାଶ୍ମୀର' ଓ ୧୯୫୮ରେ "ପଥ ଓ ପଥିକ" ଭ୍ରମଣ-କାହାଣୀ ପ୍ରକାଶିତ ହେଲା ।

୧୯ ୫ରେ ବୋଉର ମୃତ୍ୟୁ ହେଲା । ତା ପରେ ପୁସ୍ତକଟି କଲିକତାରେ ପ୍ରକାଶ ପାଇଲା, କାବ୍ୟଟି ତା'ରି ପବିତ୍ର ନାମରେ ଉତ୍ସର୍ଗ କରିଥିଲି—

'ମାଟିରେ ମିଶି ଏବେ ହୋଇଛୁ ତାର
ମାଟିକି ଉର୍ବରଇ ଯାହାର ଝାଳ
ଲାଠିର କାରସାଦ କରିବୁ ଚୂନା
କଣ୍ଢେଇ ସଙ୍ଗେ ଯଥା ତୋ ନାତି 'କୁନା' ।"

ଏହି ସମୟରେ ଶିଶୁ କବିତାପୁସ୍ତକ—ତାକ୍ ଡମାଡମ ଡମ୍ (୧୯୫୧) ପ୍ରକାଶ ପାଇଥିଲା । 'ଉପହାର'ରେ ଲେଖିଥିଲି—

"ସ୍ନେହର ପିତୁଲା ଭାଇ ଓ ଭଉଣୀମାନେ,

ତୁମର ହାତରେ ଦିନେ ରହିବ ଏ ଦେଶର ଭବି, ତୁମେମାନେ ସ୍ୱାଧୀନ ଭାରତର ଆଶାଭରସା । ଏହି ଦେଶର ଟେକ ରଖିବା ଲାଗି ଟିକି ଧମନୀରୁ ତୁମେମାନେ ଢାଳିଦେବ ଲହୁ । ତେଣୁ ସାନ ସାନ ଗୁଡ଼ିକ ବୀରଭାବରେ ଉଷୁମ ରଖିବା ଲାଗି ତୁମମାନଙ୍କ ହାତରେ ଦେଲି 'ତାକ୍ ଡମାଡ଼ମ୍ ଡମ୍' । କିଏ କେଉଁଠି ଅଛ, ଚିହ୍ନେନାହିଁ, ଜାଣେନାହିଁ । ଏହି ତାକ୍ ଡମାଡମରେ ବସି ଉଡ଼ିବ ମୋର ମନ ତୁମ ପାଖକୁ ତୁମ ଫୁଲ ନରମ ମରମରେ ବସି ଗାଇବା ପାଇଁ ଜାତି ଓ ଦେଶର ଜୟଗାନ ।"

ଏହାର ପ୍ରଥମ ପୃଷ୍ଠାରେ ଥିଲା ଗୋଟିଏ ବୀରବାଳକ ନାଗରା ବଜାଇବାର ଛବି ଓ ତା ତଳେ ଦୁଇ ଧାଡ଼ି କବିତା —

'ପତାକା ଧରି ଆଗେଇ ଚାଲ୍ କଦମ୍ କଦମ୍
ଡାକୁଛି ବୀର ବାଜିଦ ଆରେ ତାକ୍ ଡ଼ମା ଡମ୍ ଡମ୍ ।'

Digitized by srujanika@gmail.com

ଏହାର 'ସ୍ୱାଧୀନ ପିଲା' କବିତାଟି ପଢ଼ି ରାଧାନାଥ ରଥ (ସମ୍ପାଦକ, ସମାଜ) କହିଲେ—'ହାତେ ଝଲମଲ ବନ୍ଧୁକ ପିସ୍ତଲ', 'ଧୁମ୍ ଧୁମ ଧୁମ, ପଡ଼ୁଥିବ ବମ୍' ଲେଖିଛ । ତୁମେ କ'ଣ ଅହିଂସାରେ ବିଶ୍ୱାସ କରନାହିଁ ? ତାଙ୍କୁ ମୁଁ ସେତେବେଳେ କହିଥିଲି—ଭାରତ ସ୍ୱାଧୀନ ହେଲା ସତ, କିନ୍ତୁ ତା'ର ସ୍ୱାଧୀନତା ରକ୍ଷା ଲାଗି ଆଧୁନିକ ରୀତିରେ ସଙ୍ଗଠିତ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ବିରାଟ ବାହିନୀ ଦରକାର ।'

କର୍ତ୍ତାମାନଙ୍କ ଅବ୍ୟବସ୍ଥା ଫଳରେ ଚୀନ୍ ହାତରେ ଭାରତକୁ ଲାଞ୍ଛନା ଭୋଗ କରିବାକୁ ପଡ଼ିଲା, ଠିକିଲି ପରେ ଭାରତ ଶିଖିଲା ଓ ପାକିସ୍ଥାନକୁ ଉପଯୁକ୍ତ ଶିକ୍ଷା ଦେଇଥିଲା ।

କୁଞ୍ଜବିହାରୀ ସଞ୍ଚୟନ

୧୯୫୭ରେ 'ଦାସବ୍ରଦର୍ସ୍' 'କୁଞ୍ଜବିହାରୀ ସଞ୍ଚୟନ'ର ପ୍ରଥମ ଭାଗ ପ୍ରକାଶ କରିଥିଲେ । ପ୍ରକାଶକ ନିବେଦନରେ ଲେଖିଥିଲେ, "କବି କୁଞ୍ଜବିହାରୀଙ୍କ କାବ୍ୟଜଗତ ବିପୁଳ ଓ ବିଚିତ୍ର । ପ୍ରକୃତି ଓ ପରମ୍ପରା, ପ୍ରେମ ଓ ଜୀବନ, ଦେଶାତ୍ମବୋଧ ଓ ସମାଜଚେତନା, ଶିଶୁମନୋରଞ୍ଜନ ଓ ପଲ୍ଲୀଚିତ୍ର ଆଦି ସାମ୍ପ୍ରତିକ ଓଡ଼ିଆ କାବ୍ୟଧାରାର ସମସ୍ତ ଦିଗକୁ ତାଙ୍କ ଲେଖନୀ ସ୍ପର୍ଶ କରିଛି । ଏହାର ବିସ୍ତୃତ ପରିଧିରେ ଆଧୁନିକ ଜୀବନର ସମସ୍ତ ବିଭବ ଯେପରି ଏକତ୍ର ପ୍ରକାଶ ଲଭିଛି, ସେହିପରି ଆଧୁନିକ କାବ୍ୟକଳାର ସଂପୂର୍ଣ୍ଣ ରୂପ ଧରାଦେଇଛି । ମାତ୍ରାବୃତ୍ତ, ବିଭିନ୍ନ ଧରଣର କଥାଛନ୍ଦ, ମୁକ୍ତଛନ୍ଦ ଓ ଗଦ୍ୟକବିତା ଆଦି ସମସ୍ତ ଦିଗରେ ସେ ସଫଳ ଚେଷ୍ଟା କରିଅଛନ୍ତି । ତାଙ୍କ କାବ୍ୟଶୈଳୀରେ ପ୍ରାଚୀନ କବିତାର ରୂପରୁଚି ଓ ଆଧୁନିକ କବିତାର ବିଚିତ୍ର ଜୀବନବୋଧର ଯେଉଁ ସ୍ୱାଦ୍ୟ ସମନ୍ୱୟ ଘଟିଛି – ତାର ଦୃଷ୍ଟାନ୍ତ ବିରଳ । ଏହି ସମସ୍ତ ଦିଗରୁ ବିଚାର କଲେ କବି କୁଞ୍ଜବିହାରୀଙ୍କ କାବ୍ୟସୃଷ୍ଟି ହିଁ ଏକ ସଂପୂର୍ଣ୍ଣ କାବ୍ୟଲୋକ ।"

୧୯୬୪ରେ ବର୍ଦ୍ଧିତ ଆକାରରେ ପ୍ରଥମ ଭାଗର ପୁନର୍ମୁଦ୍ରଣ ହୋଇଥିଲା । ଏହାର ଭୂମିକା ମୁଁ ନିଜେ ଲେଖିଥିଲି ।

ସଞ୍ଚୟନର ଦ୍ୱିତୀୟ ଭାଗ ୧୯୬୦ରେ ପ୍ରକାଶିତ ହେଲା । 'ପଦେ'ରେ ପ୍ରକାଶକ ମୋ କବିତା ସଂପର୍କରେ ଲେଖିଛନ୍ତି—

ଅତି ମାତ୍ରାରେ ଆଧୁନିକ ହେବାକୁ ଯାଇ ଅନେକ କବି ଅନୁକରଣସର୍ବସ୍ୱ ଅଥବା ଦୁର୍ବୋଧ୍ୟ ହୋଇ ପଡ଼ୁଛନ୍ତି । ଏହିମାନଙ୍କ ଲେଖନୀରେ ଆଜି କବିତା ପରମ୍ପରାଚ୍ୟୁତ

Digitized by srujanika@gmail.com

ହେଉଅଛି, ପୁଣି ଜନପ୍ରିୟତା ହରାଉଅଛି । ଏହା ଭାବ୍ୟଧାରାର ସୁସ୍ଥ ଓ ସ୍ୱାଭାବିକ ବିକାଶର ସୂଚନା ନୁହେ । ଏହି ଦୁର୍ଦ୍ଦିନରେ ଯେଉଁମାନେ ନୂତନ ପଥ ଖୋଜିବାରେ ଅଗ୍ରଣୀ କବି କୁଞ୍ଜବିହାରୀ ସେମାନଙ୍କ ମଧ୍ୟରେ ଜଣେ । ତାଙ୍କ ବିଦଗ୍ଧ ମନ ସଂସ୍କୃତ ଛନ୍ଦରେ ମାର୍ଜିତ, ସରସ ହୃଦୟ ପଲ୍ଲୀର ଗୀତରସରେ ସମୃଦ୍ଧ । ଏହି ଦୁଇଧାରା ତାଙ୍କ ବାଣୀମୂର୍ତ୍ତିକୁ ରୂପ ଦେଇଅଛି ।"

୧୯୬୮ରେ ପଞ୍ଚସ୍ୱନର ତୃତୀୟ ଭାଗ ପ୍ରକାଶିତ ହୋଇଥିଲା । 'କବିତା ପାଠ ପୂର୍ବରୁ' ଶୀର୍ଷକରେ ନିଜର ମାନସିକ ସ୍ଥିତି, ଗତି ଓ ପ୍ରଗତି ବିଷୟରେ ସୂଚନା ଦେଇଅଛି । ଏହି ତିନି ଭାଗରେ ମୋର ଅଧିକାଂଶ କବିତା ପ୍ରକାଶ ପାଇଅଛି ।

ମୋ କବିତା ସଂପର୍କରେ ପ୍ରଥମ ଭାଗ ଦ୍ୱିତୀୟ ସଂସ୍କରଣର ଭୂମିକାରେ ଲେଖିଥିଲି —

"ସଚେତନଭାବରେ କୌଣସି ନିର୍ଦ୍ଦିଷ୍ଟ ଲେଖକ ବା ରଚନାଶୈଳୀ ଅନୁସରଣ କରିନାହିଁ । ଆଧୁନିକ ହେବା ଚେଷ୍ଟାରେ କୌଣସି ଦୂରର ଆଦର୍ଶ ବା ଅନନୁଭୂତ ସୌନ୍ଦର୍ଯ୍ୟ ପ୍ରତି ଦୃଷ୍ଟିକ୍ଷେପ କରିନାହିଁ । ଯେତେବେଳେ ଯେଉଁ ବିଷୟ ମନରେ ବିଜୁଳି ଚମକ ପରି ଝଲସିଛି, ତା'ର ରୂପାଙ୍କନ କରିଛି । ପଲ୍ଲୀକବିତା, ଶିଶୁ କବିତା ବା ଗଦ୍ୟକବିତା, ଯାହାହେଉ, ନିଜସ୍ୱ ହିଁ ମୋର ଅବଲମ୍ବନ । ଯେତେ ଲୋଭନୀୟ ହେଲେ ବି ଅନ୍ୟର ସମ୍ପଦ ଆଡ଼କୁ ହାତ ବଢ଼ାଇନାହିଁ । ମୁଁ ଯେତିକି, ସେତିକି ନିଜକୁ ପ୍ରତିପନ୍ନ କରିଛି । କେଉଁଠି ଅଧିକ କରି ଦେଖାଇ ନାହିଁ । ଦରିଦ୍ର ଦେଖାଗଲେ ବି ଯେ ବେଶ ମୋ ନିଜର; ଏଥିରେ ଅଗୌରବର କିଛି ନାହିଁ ।

ପୁଣି ମୋତେ ସଦାସର୍ବଦା ପଛକୁ ଟାଣୁଛନ୍ତି ଅନ୍ତରଙ୍ଗ ମୋର ଦୁଇଟି ଦୋସର—ଲୋକସାହିତ୍ୟ, ସଂସ୍କୃତସାହିତ୍ୟ । ଏ ଦୁଇଟିକୁ ବାଦ୍‌ଦେଲେ ମୋ କବିତାର କେବଳ ଅଙ୍ଗହାନି ହେବନାହିଁ, ଭାବାତ୍ମକ ଗ୍ଲାନି ମଧ୍ୟ ଘଟିବ । ତେଣୁ ବୃଶଦହିଡ଼ଙ୍କଟା ହୋଇ ଆଗେଇଯିବା ମୋ ପକ୍ଷେ ସମ୍ଭବ ନୁହେଁ, ଯଦିବା ବନ୍ଧନରୁ ମୁକ୍ତି ଚରମ ଉପଭୋଗ ବୋଲି ମନେ କରେ । ଅଗ୍ରଗତି ମୋର ଇଚ୍ଛାକାଂକ୍ଷା ହେଲେ ବି ପଶ୍ଚାତ୍ ଦୃଷ୍ଟିକୁ ପାପ ବୋଲି ମନେ କରେନାହିଁ । ପ୍ରକୃତି ବା ପରମ୍ପରା କେଉଁଟି ମୋର ଅବହେଳାର ବସ୍ତୁ ହୋଇନାହିଁ । ନୂତନକୁ ଭଲପାଏ, କିନ୍ତୁ ତା ନିକଟରେ କେବେ ଆତ୍ମସମର୍ପଣ କରିନାହିଁ । ସେହିପରି ପ୍ରାଚୀନ କେବେ ଆରାଧ୍ୟ ହୋଇନାହିଁ, ଯଦି ବା ନମସ୍ୟ, ତେଣୁ ନ ଭାବି ନ ଚିନ୍ତି ନୂତନତାର ମୋହରେ ମୁଁ କୌଣସି ଅପାଙ୍‌କ୍ତେୟ ଶବ୍ଦ ବା ଚିତ୍ରକଳ୍ପ ବ୍ୟବହାର କରିନାହିଁ ।

Digitized by srujanika@gmail.com

ବକ୍ତାର ଲେଭରେ ଭାବାବେଗକୁ କେବେ କ୍ଷୁଣ୍ଣ କରିନାହିଁ କିମ୍ବା ନିକଟତମ ଅନୁଭୂତ ଯେତେ କ୍ଷୁଦ୍ର ହେଉ ପଛେ ତାକୁ ଛାଡ଼ି ବିଶ୍ୱଜନୀନ ସ୍ରୋତ ସନ୍ଧାନରେ ଛୁଟି ଯାଇନାହିଁ । ହୃଦୟକୁ ମନ ଅପେକ୍ଷା ବଡ଼ କରି ଦେଖି ଆସିଛି । ସମ୍ବେଦନା ମନନ ଅପେକ୍ଷା ମୋ ଲେଖାରେ ଉଚ୍ଚତର ସ୍ଥାନ ଅଧିକାର କରିଅଛି । ଅନୁଭୂତିର ପ୍ରତିବିମ୍ବନରେ ଯେଉଁ ଦରଦୀ ଭାବାବେଗ ଆସେ, ତାହାହିଁ ମୋର କାବ୍ୟର ଉତ୍ସ ।

ମୋ କାବ୍ୟକବିତାର କୌଣସି ସଂଜ୍ଞା ଦେଇନାହିଁ କି ପାଠକଙ୍କ ପାଖରେ କାବ୍ୟପାଠର କିଛି ନୂତନ ସର୍ତ୍ତ ରଖିନାହିଁ । କାରଣ ଆନନ୍ଦର କିଛି ଗୋଟାଏ ଫର୍ମୁଲା ନାହିଁ । କେଉଁ ପାଠକ କାହିଁରୁ କେମିତି ଆନନ୍ଦ ପାଇବେ କହିହେବ ନାହିଁ । ଦେବା ହିଁ ମୋର କାର୍ଯ୍ୟ । ସେ ଦିଗରେ ମୁଁ କୁଣ୍ଠିତ, କୃପଣ ବା ଶ୍ରମକାତର କେବେ ହୋଇନାହିଁ । ଶ୍ରଦ୍ଧା ବା ଆନ୍ତରିକତାର ଅଭାବ କେହି ଅନୁଭବ କରିବେ ନାହିଁ । ଅନ୍ତସ୍ତଳରେ ଆନନ୍ଦକୁ ଯେତେ ବିଚିତ୍ର ରୂପରେ ସଜାଡ଼ି ବାଢ଼ି ଦିଆଯାଇ ପାରେ, ଦେଇଛି । ତେଣୁ କେହି ନ ପଢ଼ିଲେ ଦୁଃଖ ନାହିଁ, କିନ୍ତୁ ଅଧାପନ୍ତରିଆ ଭାବରେ ଛାଡ଼ି ଅଳସ ଅବହେଳା ପ୍ରଦର୍ଶନ କଲେ ଦୁଃଖ ହେବ । ଜୀବନରେ କ'ଣ ଭଲପାଅ ବୋଲି ଯଦି ପଚରାଯାଏ, କହିବି—କବିତା, ଅନ୍ତରର ଅର୍ଘ୍ୟ ତା'ରି ଚରଣରେ ହିଁ ଢାଳି ଦେଇଛି । ଭ୍ରମଣର ସଙ୍ଗିନୀ ସେ, ସଂସାରଉଦ୍ୟାନର ଶ୍ରେଷ୍ଠ ଚୟନ, ନିଦ୍ରାର ସ୍ୱପ୍ନ । କୌଣସି ପାର୍ଥିବ ବସ୍ତୁ ଏତେ ଆନନ୍ଦ ଦେଇପାରି ନାହିଁ । ଚିତ୍ତର ଯାହା ଶ୍ରେଷ୍ଠ ସମ୍ପଦ, ତାକୁ ଦୋହନ କରି କେହି ଏପରି ପୁଷ୍ଟ ହୋଇନାହିଁ । ତେଣୁ ଏହା ପ୍ରତି ଅନାଦର ବା ଅବହେଳା କଲେ ବ୍ୟଥିତ ହେବ ।"

ସଞ୍ଚୟନର ତୃତୀୟ ଭାଗରେ ଲେଖିଥିଲେ—

"ମୋର ପ୍ରତ୍ୟେକ କବିତା ଏକାଧିକବାର ଲିଖିତ, ଏହା ସ୍ୱୀକାର କରିବାରେ ମୋର ସଂକୋଚ ନାହିଁ । ତଥାପି ଅପୂର୍ଣ୍ଣତା ଅନୁଭବ କରେ—ପ୍ରତିଭାର ଅବା ସାଧନାର, ମୁଁ ବାରମ୍ବାର ସଂଶୋଧନର ପକ୍ଷପାତୀ । କଳାଗତ ବା ଛନ୍ଦୋଗତ ତ୍ରୁଟି ସଂଶୋଧନରେ ଦୂର ହୋଇ ନ ପାରିଲେ ଯେ କୌଣସି କବିତାକୁ ସଂକଳନରୁ ବାଦ୍ ଦିଆଯାଇପାରେ ।"

"ଗୋଟିଏ ମୁହୂର୍ତ୍ତରେ କବି କବିତା ଲେଖେ, କିନ୍ତୁ ତାର ସାଧନା ସର୍ବ ମୁହୂର୍ତ୍ତ-ବ୍ୟାପୀ—ଜାଗରଣରେ ଚିନ୍ତାର, ଶୟନରେ ସ୍ୱପ୍ନର ବସ୍ତୁ । ଏଥିଲାଗି ସଦା ଅଧ୍ୟୟନ, ଅନୁଶୀଳନ ଓ ସଦା ପ୍ରସ୍ତୁତ ଆବଶ୍ୟକ । କେବଳ ଆବେଗର ଅମୃତବେଳାକୁ ଚାହିଁ ବସିଲେ ମନରୁ ରସ ଶୁଖେ, କବିତା ଲେଖା ହୁଏନାହିଁ । କବିତାପୁସ୍ତକ ପଢ଼ୁ ପଢ଼ୁ,

Digitized by srujanika@gmail.com

ପ୍ରକୃତିଦର୍ଶନ ବା ବିଦଗ୍ଧ ବନ୍ଧୁଙ୍କ ସହିତ ଆଳାପ କରୁ କରୁ ହଠାତ୍ ପ୍ରେରଣା ଆସେ, ଅଧ୍ୟୟନ, ମନନ ଓ ପ୍ରୟାସ ମଧ୍ୟରେ ଏହା ରୂପାୟିତ ହୁଏ। ବେଳେବେଳେ ବିନା ନିମନ୍ତ୍ରଣରେ ବିନା ପ୍ରୟାସରେ ଆସିଲେ ଅପ୍ରସ୍ତୁତ ଓ ଅନାଦରରେ ଏହା ସଙ୍ଗେ ସଙ୍ଗେ ବିଲୀନ ହୁଏ। ବୃତ୍ତି ଅନୁକୂଳ ନ ହେଲେ ଯେ କୌଣସି ମୁହୂର୍ତ୍ତରେ ଭାବର ରୂପାୟନ ସମ୍ଭବ ନୁହେଁ।

କାହା କାହା ମତରେ କେତେକ କବି କେବଳ ଭଗବଦ୍ଦତ୍ତ ପ୍ରତିଭା ଯୋଗୁଁ ପ୍ରତିଷ୍ଠିତ ହୁଅନ୍ତି, ଆଉ କେହି କେହି କେବଳ ପ୍ରଚେଷ୍ଟା ବା ନିତ୍ୟ ଅଭ୍ୟାସରେ ରଚନାପାଟବ ହାସଲ କରନ୍ତି। ମନେ ରଖିବାକୁ ହେବ ଯେ, କବିତା ଗୋଟିଏ ସୂକ୍ଷ୍ମ କଳା। ଯେତେ ପ୍ରତିଭାଶାଳୀ ହେଲେ ବି କଳାକୁ ସୂକ୍ଷ୍ମ, ସଂଯତ ଓ ସୁନ୍ଦର କରିବା ଲାଗି କବିଙ୍କୁ ପ୍ରାଣପାତ ପରିଶ୍ରମ କରିବାକୁ ହୁଏ। ଏହି ଅଧ୍ୟବସାୟଶକ୍ତି ହିଁ କବିତା ମଧ୍ୟରେ ସ୍ଫୁରିତ ହେବାର ଅପେକ୍ଷିତ। ଏକାଥରେ ଲେଖିଦେଇ ଯେ ବେଦବ୍ୟାସ ସାଜନ୍ତି, ସେ ପ୍ରକୃତରେ କବି ନୁହନ୍ତି। କବିତାକୁ ଚମତ୍କାର କରିବା ଲାଗି ଯେତେ ଚେଷ୍ଟା କଲେ ବି ତାହା ବ୍ୟର୍ଥ ହୁଏ ନାହିଁ। ଅପୂର୍ଣ୍ଣତାର ଅନୁଭୂତି ବଡ଼ ଗ୍ଲାନିକର, ପୀଡାଦାୟକ।"

ଏହି ସମୟରେ ଲଣ୍ଡନରୁ ପ୍ରକାଶିତ ଡେ଼ନିସ୍ ଥମ୍ସନ୍ଙ୍କ 'The poet speaks' (An anthology of verse from East and West) ନାମକ କବିତାସଙ୍କଳନରେ ମୋର ଗୋଟିଏ କବିତା ସ୍ଥାନ ପାଇଥିଲା। ଏହା 'ଶ୍ରମିକର ଭଗବାନ' କବିତାର ଇଂରାଜୀ ଅନୁବାଦ। ଶ୍ରୀଯୁକ୍ତ ଅନ୍ନଦା ଶଙ୍କର ରାୟଙ୍କ ପତ୍ନୀ ଶ୍ରୀମତୀ ଲୀଳା ରାୟ ଏହାର ଅନୁବାଦିକା। ଭାରତର P.E.N.ରେ ପ୍ରକାଶିତ ହେଲାପରେ ଏହା ଉକ୍ତ ସଙ୍କଳନର ଅନ୍ତର୍ଭୁକ୍ତ ହୋଇଥିଲା। ଟେନିସନ, ରବୀନ୍ଦ୍ରନାଥଙ୍କ ସହିତ ବସିବାର ତିଳାର୍ଦ୍ଧ ସ୍ଥାନ ଲାଭ କରିଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେ କରିଥିଲି।

ସମାଲୋଚନା

ମୋର ଦୁଇଖଣ୍ଡି ସମାଲୋଚନାଗ୍ରନ୍ଥ ପ୍ରକାଶ ପାଇଅଛି ସମାଲୋଚନା, ସାହିତ୍ୟିକ। କୌଣସି ନିର୍ଦ୍ଦିଷ୍ଟ ସମୟରେ କୌଣସି ନିର୍ଦ୍ଦିଷ୍ଟ ଭାବପ୍ରବାହରୁ ଏକାବେଳକେ ସେ ସମସ୍ତ ରଚିତ ହୋଇନାହିଁ। ତେଣୁ ସେମାନଙ୍କ ମଧ୍ୟରେ ଐକ୍ୟସୂତ୍ର ଖୋଜି ପାଇବା ଦୁଷ୍କର। ସେଗୁଡ଼ିକ ସହକାର, ଉତ୍କଳସାହିତ୍ୟ, ନବ ଭାରତ, ଝଙ୍କାର, ଶଙ୍ଖ, ଡଗର ପ୍ରଭୃତି ପତ୍ରିକାରେ ପ୍ରକାଶ ପାଉଥିଲା। ବର୍ଣ୍ଣସ୍ୱରଗୀ ଛାଡ଼ିବା ପରେ ୧୯୬୨ରେ 'ସମାଲୋଚନା', ୧୯୬୭ରେ 'ସାହିତ୍ୟିକ' ପ୍ରକାଶିତ ହେଲା। ଏ ଦୁଇ ପୁସ୍ତକରେ ମୋଟରେ ୬୦ଟି ପ୍ରବନ୍ଧ ସ୍ଥାନ ପାଇଥିଲା।

Digitized by srujanika@gmail.com

ରମ୍ୟ ରଚନା

'ଶ୍ରାମନ୍ତ' ଖଣ୍ଡିଏ ରମ୍ୟରଚନା ପୁସ୍ତକ, ୧୯୬୦ରେ ପ୍ରକାଶିତ । ଏଥିରେ ମୋଟରେ ବାର ଗୋଟି ରଚନା ପ୍ରକାଶ ପାଇଥିଲା । ଆତ୍ମଚରିତ 'ମୋ କାହାଣୀ' ଲିଖିତ ହେବା ଆଗରୁ ସଂକ୍ଷେପରେ ମୋ ଜୀବନର ଗୋଟିଏ ଅଧ୍ୟାୟ ଏଥିରେ ସ୍ଥାନ ପାଇଥିଲା । 'ପଲ୍ଲୀକବି ଓ ଗୋଦାବରୀଶ', "ଗାଉଁଲି କବି ନନ୍ଦକିଶୋର" ଦୁଇଟି ସମାଲୋଚନାର ଅନ୍ତର୍ଭୁକ୍ତ ହୋଇପାରେ ।

A Study of Orissan Folklore

୧୯୫୩ରେ ଏହା ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ । ବିଶ୍ୱଭାରତୀର ଅଧ୍ୟକ୍ଷ ଡକ୍ଟର ପ୍ରବୋଧ ଚନ୍ଦ୍ର ବାଗଚି ଏହି ପୁସ୍ତକର ଅଗ୍ରଲେଖ ଲେଖିଥିଲେ; ବସ୍ତୁତଃ ତାଙ୍କରି ପ୍ରେରଣାରେ ଏହା ଲେଖିବା ମୋ ପକ୍ଷେ ସମ୍ଭବ ହୋଇଥିଲା । ଏହି ପୁସ୍ତକଟି ଯୋଗୁଁ ମୁଁ ଭାରତରେ ଓ ଭାରତ ବାହାରେ ପରିଚିତ ଓ ସମ୍ମାନିତ ହୋଇଥିଲି ।

ପଲ୍ଲୀଗୀତି ସଞ୍ଚୟନ

ବିଶ୍ୱଭାରତୀ ଓଡ଼ିଆ ଗବେଷଣା ବିଭାଗ ତରଫରୁ ୧୯୫୬ରେ ଓଡ଼ିଆ ଲୋକଗୀତ ସଂଗ୍ରହ 'ପଲ୍ଲୀଗୀତି ସଞ୍ଚୟନ' ପ୍ରକାଶିତ ହୋଇଥିଲା । 'ପଲ୍ଲୀଗୀତି ସଞ୍ଚୟନ'ର ଦ୍ୱିତୀୟଭାଗ ପ୍ରକାଶ ପାଇଥିଲା ୧୯୫୯ରେ, ଏହାର ମୁଖବନ୍ଧରେ ମୁଁ ଲେଖିଥିଲି—"ମୋ ବୋଧହୁଏ ଲୋକଗୀତର ମାଦକ ମନ୍ତ୍ରରେ ମୋତେ ଦୀକ୍ଷିତ କରିଥିଲା, ଯେ ଗୀତ ଗାଇଲେ କାନ୍ଦେ, କାନ୍ଦିଲେ ଗୀତ ଗାଏ, ତାର ଶେଷ କଣ୍ଠସ୍ୱର ଏହାର କଳା ହରପରେ ହଜିଯାଉଛି ।"

ସଂଗ୍ରହ ବେଳେ କାହାର ପ୍ରେରଣା ବା ଉତ୍ସାହକୁ ମୁଁ ଅପେକ୍ଷା କରିନାହିଁ । ସଂଗ୍ରହରୁ ହିଁ ମୁଁ ମୋର ମୂଲ୍ୟ ପାଇଯାଇଛି । ସେ ଶ୍ରମ ସ୍ୱେଦର ନୁହେଁ, ସ୍ନେହ ପ୍ରୀତିର । ଲୋକକବି ମୋର ଗୁରୁ, ମୋ ଗଦ୍ୟ ରଚନା ଶୈଳୀରେ ଲୋକକଥନ ବା ରଚନାର ଶୈଳୀ ଅନ୍ତଃସଲିଳା ଫଲ୍‌ଗୁ ପରି ଲୁଚି ରହିଛି । ମୋ ରଚିତ ପଲ୍ଲୀକବିତାରେ ମୋ ନିଜତ୍ୱ ଅପେକ୍ଷା ଲୋକତ୍ୱ ଅଧିକ । କେବଳ ଚଳଣି ଓ ଚରିତ ଠାଣିରେ ନୁହେଁ, କହଣି ଭଙ୍ଗୀରେ ।

ଲୋକସାହିତ୍ୟକୁ ସାହିତ୍ୟ କହିବାକୁ କେତେକ କୁଣ୍ଠିତ । କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ ସାରଳାଠାରୁ ବନମାଳୀ, ଗୋପାଳକୃଷ୍ଣ, ଫକୀରମୋହନଙ୍କ ଠାରୁ ନନ୍ଦକିଶୋର ବଳ, ଗୋପାଳ ଚନ୍ଦ୍ର ପ୍ରହରାଜ, ଗୋପବନ୍ଧୁ, ଗୋଦାବରୀଶଙ୍କ ପର୍ଯ୍ୟନ୍ତ ସାହିତ୍ୟିକମାନେ ଲୋକସାହିତ୍ୟ ଦ୍ୱାରା ସ୍ୱରଚିତ ସାହିତ୍ୟକୁ ପୁଷ୍ଟ କରି ଆସିଛନ୍ତି ।

Digitized by srujanika@gmail.com

ଡକ୍ଟର ମାୟାଧର ମାନସିଂହଙ୍କ ପରି କେହି କେହି ମୋ ସଂଗ୍ରହ ପ୍ରକୃତ ଲୋକସାହିତ୍ୟ ନୁହେଁ ବୋଲି କହିଛନ୍ତି । କିନ୍ତୁ ପ୍ରକୃତ ଲୋକସାହିତ୍ୟର କୌଣସି ନମୁନା ସେ ଦେଇ ନାହାନ୍ତି । 'ଶଙ୍ଖ' ପତ୍ରିକାରେ ଲୋକଗୀତ ବୋଲି ଯେଉଁ ସବୁ ଯାହା ପ୍ରକାଶ କରୁଥିଲେ, ତା ଅପେକ୍ଷା ବର୍ତ୍ତମାନ ସଂଗ୍ରହ ଅଧିକ ସରସ, ସୁନ୍ଦର ଓ ଶ୍ରବଣଯୋଗ୍ୟ । କେତେ କଷ୍ଟରେ ଲୋକମୁଖରୁ ଏ ସବୁ ସଂଗୃହୀତ ହୋଇଅଛି, ସେ ବିବେଚନାକୁ ନେଇ ନାହାନ୍ତି । ଯଦିଓ ଏହା ଥିଲା ମୋର କ୍ଷୁଧାର ଖାଦ୍ୟ, ତୃଷାର ପାନୀୟ, ବାଧାର ବିଶ୍ରାମ । ଥରେ ସଂଗୃହୀତ ଗୀତ କି କଥା ପାଠ କରି ମୋର ପ୍ରାଣର ପାତ୍ର ଅଚ୍ଛିନ୍ନ ଆନନ୍ଦରେ ପରିପୂର୍ଣ୍ଣ ହୋଇ ଯାଉଥିଲା । ହସି ହସି ଗଡ଼ିଛି ମୁଁ, କାନ୍ଦି କାନ୍ଦି ହୋଇ ଯାଇଛି ମୁଁ । ଏଣୁ ଅନୁଭୂତିମୂଳକ ସାହିତ୍ୟର ମୂର୍ଚ୍ଛନା କେବଳ ଅନୁଭବୀ ହିଁ ବୁଝି ପାରିବ ।

କେହି କେହି ଏହା ଭିତରେ ନାମଜାଦା, ଅର୍ଥଲାଳସାର ଗନ୍ଧ ପାଉଛନ୍ତି । ଗନ୍ଧ ହିଁ ସେମାନଙ୍କର ନାସାରେ ବାଜେ, ସୁବାସ ନୁହେଁ ।

କଥାଟିଏ କହୁଁ

ନନ୍ଦଲାଲ ବୋଷ ଏହି ପୁସ୍ତକର ପ୍ରଚ୍ଛଦପଟ ଅଙ୍କନ କରିଥିଲେ, ତାଙ୍କ ପ୍ରତି କୃତଜ୍ଞତା ଜଣାଇ ମୁଁ ଲେଖିଥିଲି—

"ଶାନ୍ତିନିକେତନର ବିଶ୍ୱ ପ୍ରସିଦ୍ଧଶିଳ୍ପୀ ଡକ୍ଟର ନନ୍ଦଲାଲ ବୋଷ ଏହି ପୁସ୍ତକର ପ୍ରଚ୍ଛଦପଟ ଅଙ୍କନ କରିଛନ୍ତି । ଯେଉଁ ଉତ୍କଳୀୟ କିଶୋରକିଶୋରୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ହିତାକାଂକ୍ଷାର ପ୍ରତୀକ ରୂପେ ସେ ଏହା ଦେଇଛନ୍ତି, ମୋର ଭଦ୍ର ଧନ୍ୟବାଦ ଅପେକ୍ଷା ସେହିମାନଙ୍କର ଭକ୍ତିପ୍ରଣତି ତାଙ୍କ ଅନ୍ତରକୁ ଅଧିକ ପୁଲକିତ କରୁ ।"

'କଥାଟିଏ କହୁ', ୨ୟ ଭାଗ 'କଥାର ଲଥା'ରେ ଲେଖିଥିଲି—'କଥାଟିଏ କହୁଁ' (୧୯୫୭)ର ପ୍ରଥମ ଭାଗ ଆଦୃତ ହେବାର ଦେଖି ଦ୍ୱିତୀୟ ଭାଗ ପ୍ରକାଶ କରିବାକୁ ସାହସୀ ହେଲି । ଲୋକଗୀତ ଅବିକଳ ଛପାଯାଏ, କିନ୍ତୁ କଥାକୁ ରୂପ ଦେବାକୁ ହୁଏ । ଲେଖକଙ୍କ କହିବା ଭିତରେ ଗ୍ରାମ୍ୟସମାଜର ଚିତ୍ରଦେଇ ପ୍ରକୃତ ଗାଉଁଲୀ ବାତାବରଣ ଆଣିବାକୁ ପଡ଼େ । ଏହା ଏକ ପ୍ରକାର ସର୍ଜନ, ସଂଗଠନ, ଏଥିଲାଗି ସ୍ରଷ୍ଟାର ମନୋବୃତ୍ତି ଲୋଡ଼ା, ତାହା ସବୁବେଳେ ନ ଥାଏ, ଲୋଡ଼ିଲେ ବି ଅସେନାହିଁ । ତେଣୁ ଯେତେବେଳେ ଇଚ୍ଛା ସେତେବେଳେ ଗାଉଁଲୀ ଗଳ୍ପ ଲେଖି ହୁଏନାହିଁ । ମଣିଷର କଙ୍କାଳଟିଏ ଅଣି ତାକୁ ରକ୍ତମାଂସ, ସ୍ନାୟୁଶିରା ଓ ବଳିଷ୍ଠ ଜୀବନ ଦେବା ସହଜସାଧ୍ୟ ବିଷୟ ନୁହେଁ । କାହାଣୀରେ ନଦୀରେ ଯାହାହୁଏ, ଏଠି ଲେଖନୀରେ ସେଇଆ କରିବାକୁ ପଡ଼େ ।

Digitized by srujanika@gmail.com

ତେଣୁ ସ୍ୱଳ୍ପକାଳ ମଧ୍ୟରେ ଶତ ଶତ ଗଳ୍ପର ଗୋଟିଏ 'କଥା ସରିତ୍ ସାଗର' ବାହାର କରିବା ସମ୍ଭବ ହେଉନାହିଁ । ଲେଖି ଜମାଇ ରଖିବାର ଧୈର୍ଯ୍ୟ ମୋର ନାହିଁ । ଜମାଇ ରଖିଲେ ନୂଆ ଲେଖିବାର ପ୍ରେରଣା ଆସୁନାହିଁ । ସେଥିଲାଗି ଯାହା ଲେଖା ହେଲା, ଖଣ୍ଡ ଖଣ୍ଡ ଛପାଇ ବୈଜ୍ଞାନିକ ଭାବରେ ପରେ ପରେ ଯୋଡ଼ିବାର ପରିକଳ୍ପନା କରିଅଛୁ । ଶନୈଃ ପର୍ବତ ଲଙ୍ଘନ ଏ କ୍ଷେତ୍ରରେ ମୋର ଆଦର୍ଶ ।

ବାଳକବାଳିକାଙ୍କର ମନ ହିଁ କଷଟି ପଥର । ହେଲା କି ନ ହେଲା ସେଥିରେ ପରଖି ତାର ରଙ୍ଗ ବା ଢଙ୍ଗ ବଦଳାଇ ଅଛୁ । ଏବେ ଉତ୍କଳର ବୃହତ୍ କଷଟିରେ ପରଖିବାର ଅବକାଶ ରହିଲା ।”

“ବୃଦ୍ଧ ଓ ବାଳଙ୍କ ମୁଖରୁ କଥାନୁକ୍ରମ ଉଦ୍ଧାର କରି ବଂଶଗତ ବା ମୌଳିକ ସମ୍ପତ୍ତିକୁ ସର୍ବସାଧାରଣ କରିବାରେ ଯେଉଁମାନେ ମୋତେ ସାହାଯ୍ୟ କରିଛନ୍ତି, ସେହି ସ୍ରଷ୍ଟା, ବାହକ, ଧାରକ ଜନସାଧାରଣଙ୍କୁ ମୋର ଅନ୍ତରଭରା ଆନନ୍ଦ ଓ କୃତଜ୍ଞତା ଅର୍ପଣ କରୁଅଛୁ । କାରଣ ସେମାନେ ବା ସେମାନଙ୍କ ବଡ଼ବଡ଼ିଆ ହେଉଛନ୍ତି ମୂଳ ଉତ୍ସ । ତାକୁ ବିପୁଳ ଧାରରେ ବୃହତ୍ତର ଅଞ୍ଚଳରେ ବୁହାଇବାରେ ଯଦି କୃତିତ୍ୱ ଥାଏ, ତାହା ମୋର ପ୍ରାପ୍ୟ ।

ଲୋକଗଳ୍ପ ସଞ୍ଚୟନ

୧୯୬୪ରେ ଓଡ଼ିଶା ସାହିତ୍ୟ ଏକାଡେମୀ 'ଲୋକଗଳ୍ପ ସଞ୍ଚୟନ' ପ୍ରକାଶ କରିଥିଲେ । ମୁଁ ଏହାର ମୁଖବନ୍ଧରେ ଲେଖିଥିଲି—ଆଜି ମୋର ଗୋଟିଏ ଆନନ୍ଦର ଦିନ, ମୋର ଗୋଟିଏ ନୂଆ ବହି ଛପା ହୋଇଗଲା ବୋଲି ନୁହେଁ, ଜାତିର ଯେଉଁ ଅମୂଲ୍ୟନିଧି ଲୁଚି ଯାଉଥିଲା, ରହିଗଲା ବୋଲି । ସାଂସ୍କୃତିକ ଗୌରବ ବା ଆନନ୍ଦବୋଧ ଆଜି ନ ଆସିଥିଲେ ବି, ଦିନ ଆସିବ, ସେତେବେଳେ ଜାତି ଏ ଦିନଟିକୁ ଗର୍ବର ସହିତ ସ୍ମରଣ କରିବ । ଓଡ଼ିଆ ଜାତିର ଅମୃତଚରିତ ଆଜି ବାହାରିଲା । ସତରେ ଆମ ଜାତିସ୍ୱ ଚରିତ୍ର ଆଉ କେଉଁ କାବ୍ୟ, ମହାକାବ୍ୟ ବା ଗଳ୍ପ, ଉପନ୍ୟାସରେ ଏତେ ନିଖୁଣ ଭାବରେ ଫୁଟିଛି ?”

“କଥକଠାରୁ କାହାଣୀର କଙ୍କାଳ ମାତ୍ର ଟିପି ଆଣିବାକୁ ହୁଏ । ରୂପଦାନ କାର୍ଯ୍ୟ ଲେଖକର, ଏହା ପରିଶ୍ରମସାପେକ୍ଷ । ରୂପ ଦେଇ ନ ଜାଣିଲେ ଏହା ଛଡ଼ା-ଫୁଲ ପରି ମଳିନ ଦିଶେ, ବେତାଳିଆ ସଙ୍ଗୀତ ପରି ଶୁଣାଯାଏ ଏହାର ସ୍ୱର । ସତେ ଯେପରି ରସବନ୍ତ ଜୀବନର ଏହା ଏକ ସମାଧିମନ୍ଦିର, ମାଙ୍କଡ଼ାପଥରରେ ଗଢ଼ା ।” “ବହୁ ଲୋକଙ୍କଠାରୁ ଶୁଣି ଶୁଣି କଥା କହିବାର କଳା ଶିକ୍ଷା କରିବାକୁ ହୋଇଛୁ ।

Digitized by srujanika@gmail.com

ଓଡ଼ିଶା ଓ ତା'ର ବହିର୍ଭାଗାଞ୍ଚଳରେ ବୁଲି ଫକୀରର ଝୁଲିମୁଣି ଯେଉଁ ମୋତେ ବୁଲିବାକୁ ହୋଇଥିଲା ।”

“ମୋ ନନା ଜଣେ କଥକ ଥିଲେ । ଗୋଟିଏ ଗଳ୍ପ ଆମ ଗାଆଁରୁ ଆରମ୍ଭିଲେ ପୁରପ୍ରାନ୍ତରେ ଶେଷ ହେଉ ନଥିଲା । ପୁଣି ଆମ ଗାଁଠୁଁ ତାଳଭଙ୍ଗା ଦଶକୋଶ ବାଟ । ସେକାଳେ ସେ ଚାଲି ଚାଲି ଯାଉଥିଲେ । ବାଟ କଟେଇବା ଲାଗି ସହଯାତ୍ରୀମାନଙ୍କୁ ଗଳ୍ପ କହୁଥିଲେ । ମୁଁ ପିଲାଦିନେ ତାଙ୍କଠାରୁ କେତେ ଗଳ୍ପ ଶୁଣିଛି । ଅଳ୍ପ କିଛୁ ମନେ ନାହିଁ । ସଞ୍ଚୟ ରଖିବା ବୟସ ବା ଚେତନା ସେତେବେଳେ ହୋଇ ନ ଥିଲା ।”

‘ମୋ ବୋଉ ଗୀତର ଭଣ୍ଡାର । ଗୀତ ବୋଲିଲାବେଳେ ସେ କାନ୍ଦୁଥିଲା, କିନ୍ତୁ ଗଳ୍ପ କହିଲାବେଳେ ହସି ହସି ଗଡ଼ୁଥିଲା । ଲୋକଗୀତ ଓ ଲୋକଗଳ୍ପର ଗଭୀର ତାରତମ୍ୟ ତାର ଅଶ୍ରୁ କରୁଣ ଓ ହାସ୍ୟପ୍ରସନ୍ନ ମୂର୍ତ୍ତିରେ ବେଶ୍ ଫୁଟି ଉଠୁଥିଲା ।”

ଓଡ଼ିଆ ଲୋକଗୀତ ଓ କାହାଣୀ

‘ଓଡ଼ିଆ ଲୋକଗୀତ ଓ କାହାଣୀ’ ସନ୍ଦର୍ଭ ଲେଖି ମୁଁ ୧୯୫୪ରେ ବିଶ୍ୱଭାରତୀରୁ ପିଏଚ. ଡି. ଡିଗ୍ରୀ ଲାଭ କରିଥିଲି । ମୋ ଆଗରୁ ଓଡ଼ିଶାର କେତେକ ଅଧ୍ୟାପକ ପିଏଚ. ଡି. ବା ଡି. ଲିଟ୍ ଡିଗ୍ରୀ ପାଇଥିଲେ, କିନ୍ତୁ ଇଂରେଜୀ ବା ଓଡ଼ିଆରେ କାହାର ଥେସିସ ପ୍ରକାଶ ପାଇ ନ ଥିଲା । ସେ ଦୃଷ୍ଟିରୁ ଦେଖିଲେ ଏହା ଓଡ଼ିଶାର ପ୍ରଥମ ପ୍ରକାଶିତ ଥେସିସ୍, ପ୍ରଥମ ଓଡ଼ିଆ ଥେସିସ୍ । ସନ୍ଦର୍ଭଟି ଲେଖିବାକୁ ମୋତେ ଦୁଇବର୍ଷ ସମୟ ଲାଗିଥିଲା ।

ପୃଥିବୀର ଶ୍ରେଷ୍ଠ ଗାଉଁଲୀ ଗଳ୍ପ

ଚୀନ୍, ଗ୍ରୀସ, ମିଶର୍, ହାଓ୍ୱାଇ, ନ୍ୟୁଜିଲଣ୍ଡ୍, ସିଂହଳ, ଭାରତବର୍ଷ ପ୍ରଭୃତି ବିଭିନ୍ନ ଦେଶର କେତେକ ଲୋକଗଳ୍ପ ଅନୁବାଦ କରି “ପୃଥିବୀର ଶ୍ରେଷ୍ଠ ଗାଉଁଲୀ ଗଳ୍ପ’ ନାମରେ ୧୯୫୬ରେ ଛପାଇଥିଲି ।

ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା

ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ ତରଫରୁ ଓଡ଼ିଆ ଅଧ୍ୟାପକ ଓ ଗୁଣୀମାନଙ୍କର ବିଭିନ୍ନ ପ୍ରବନ୍ଧ ‘ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା’ ନାମରେ ସଂକଳନ କରିଥିଲି । ୧୯୬୨ରେ ଓଡ଼ିଶାସାହିତ୍ୟଏକାଡେମୀ ଏହି ଗ୍ରନ୍ଥ ପ୍ରକାଶ କରିଥିଲେ ।

ମୋ କାହାଣୀ

୧୯୭୬; ଲେଖକ ସ୍ୱୟଂ ପ୍ରକାଶକ, ପ୍ରକାଶ ବ୍ୟୟ ଆଠହଜାର ଟଙ୍କା ।

Digitized by srujanika@gmail.com

ଜୀବନୀ ଓ ଜୀବନ

୧୯୭୭, ୨୩ଟି ଜୀବନୀମୂଳକ ପ୍ରବନ୍ଧର ସମାହାର । ମୁଖବନ୍ଧରେ ଲେଖିଥିଲି—

"ସାହିତ୍ୟିକ, ଗବେଷକ, ଜନସେବୀ, ନେତା, ଜୀବ ବିଦାୟ ନେବା ପରେ ଏ ପ୍ରଦେଶରେ ପ୍ରାୟ ବିସ୍ମୃତ ହୋଇଯାନ୍ତି । ବର୍ଷେ ପରେ କେହି ସେମାନଙ୍କ ନାମ ମଧ୍ୟ ସ୍ମରଣ କରି ନ ଥାଏ । ସେମାନଙ୍କ ବିଷୟରେ ଆଧୁନିକମାନେ ପ୍ରାୟ କିଛୁ ଜାଣନ୍ତି ନାହିଁ । ବିସ୍ମୃତ ଜୀବନୀ ସାହିତ୍ୟ ଅଭାବରୁ ସମ୍ପୂର୍ଣ୍ଣ ବା ସାହିତ୍ୟର ଇତିହାସ ଲେଖିବା ମଧ୍ୟ କଷ୍ଟକର ହୋଇପଡେ । ମୋର ଏଇ କ୍ଷୀଣ ଚେଷ୍ଟା ଅତୀତ ଓ ଅଧୁନାର ସେତୁବନ୍ଧ ରଚନାରେ ଗୁଣ୍ଡୁଚିମୂଷା ପରି ସାହାଯ୍ୟ କରିବ ।"

ଲୋକବାଣୀ ସଞ୍ଚୟନ, ୩ୟ ଭାଗ

୧୯୭୮, 'ଚ' ଠାରୁ 'ଧ' ଅକ୍ଷର । ମୁଖବନ୍ଧରେ ଲେଖିଥିଲି

"ଢଗର ରଚୟିତା ଜନସାଧାରଣଙ୍କର ଅଧିକାଂଶ । ସେ କବିତ୍ୱ ଆଶୁ କବିତ୍ୱ, ବିଦ୍ୟୁତ୍ସ୍ଫୁଲିଙ୍ଗ ପରି ତତ୍କ୍ଷଣାତ୍ ସ୍ଫୁରେ । ତାତ୍କାଳିକ ପରିସ୍ଥିତିରୁ ଓ ମନୋବୃତ୍ତିରୁ ଢଗର ଜନ୍ମ । କିନ୍ତୁ ପରବର୍ତ୍ତୀ କାଳରେ ତାଦୃଶ ପରିସ୍ଥିତିରେ ଏହା ପ୍ରୟୋଗ କରିଯାଏ । ନୈସର୍ଗିକ ପ୍ରେରଣା ବା ସ୍ୱାଦପ୍ରବଣତା ଅପେକ୍ଷା ଢଗରଚନା ଲାଗି ପ୍ରତ୍ୟୁତ୍ପନ୍ନମତିତା ଓ ବୁଦ୍ଧିର କ୍ଷିପ୍ରତା ଅଧିକ ଆବଶ୍ୟକ ।"

ସାହିତ୍ୟ : ଏକ ଆଲୋକ, ଆଲୋକନ

୧୯୭୮; ସମାଲୋଚନା ଗ୍ରନ୍ଥ । ଏହା 'ସାହିତ୍ୟିକ' ପୁସ୍ତକର ବର୍ଦ୍ଧିତ ସଂସ୍କରଣ ।

ଜୀବନାୟନ

୧୯୭୮; ୨୯ଟି ଜୀବନୀମୂଳକ ପ୍ରବନ୍ଧର ସମାହାର । ମୁଖବନ୍ଧରେ ଲେଖିଥିଲି –

"ଆପଣା ପୁନା ଅନାଦରରେ ହୋଇଛୁ ଭେଣ୍ଡି । ପରସ୍ତ ପରସ୍ତ ହୋଇ କାଳର ଧୂଳି ଜମିଯାଇଛି । ସାହାକୁ ଯେମିତି ଅର୍ଘ୍ୟ ଦେବାର କଥା ନ ଦେଲେ ଏ ପ୍ରଦେଶରେ ମହାନ୍ ପ୍ରତିଭାର ଜନ୍ମ ଲାଗି କ୍ଷେତ୍ର ପ୍ରସ୍ତୁତ ହେବ କିପରି ?"

ହସ କାନ୍ଦର ଗପ

୧୯୭୮; ମୋର ପ୍ରଥମ କ୍ଷୁଦ୍ରଗଳ୍ପ ପୁସ୍ତକ । ମୁଖବନ୍ଧରେ ଲେଖିଛି—

Digitized by srujanika@gmail.com

"ନୂଆ ବୋଲି ମୁଁ କାହିଁକି କ୍ଷମା ଆଶା କରିବି ? ଶିଳ୍ପସଂସାରରେ ନୂଆ ପୁରୁଣା କଣ ? ମାପକାଠି ତ ଗୋଟିଏ ।"

"ଆଗେ ଜୀବନ, ପରେ ଗପ - ଏସବୁ ଜୀବନଗପ । ଏଥିରେ ଭେଦ ନାହିଁ ବା ଜନ୍ମାନ୍ତର ବ୍ଲେଦ ନାହିଁ । କାଚହେଲେ ଆଡ଼ପଟା, ଗୁଡ଼ଫୁଲ ବଡ଼ପଣ ନାହିଁ । ଏ ଖୋଦ୍ ଜୀବନ ବା ସ୍ୱୟଂ ଖୋଦା । ଏ ବା ଯେ ତୁମ ଦୁଆରେ ଡ଼ାକିଲେ ତୁମେ କଣ 'ଓ' ନ କରି ରହିପାରିବ ?"

ଅପରାହ୍ନର କେତୋଟି ସ୍ୱର

୧୯୭୯, ମୁଖବନ୍ଧରେ ଲେଖିଛି--

"ଅପରାହ୍ଣ ଆଉ ରାତି ମଝିରେ ଗୋଟିଏ ପାହାଡ଼—ସେ ପାହାଡ ଶେ ଧୂଳିର । ସେଠି ପହଞ୍ଚିଲାବେଳକୁ ଲିଭିଯିବାର ଚିନ୍ତା ମନକୁ ଆସେ । ତା ଆଗରୁ ସବୁକିଛି ରଙ୍ଗ, ରସ ଢାଳିଦେଇଯାଏ ଦିନ । ଅସ୍ତାଚଳ ଚେଷ୍ଟା ଏତେ ସୁନ୍ଦର, ଅସ୍ତରାଗର ରାଗିଣୀ ଏତେ ମଧୁର । ସେତିକିବେଳ କବି, ଯେ ସୃଷ୍ଟି-ଶକ୍ତି ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ବଞ୍ଚାଇ ରଖିଥାଏ । ଅପରାହ୍ଣର ସ୍ୱର କର୍କଶ ଶୁଭିଲେ ବି ମଧ୍ୟାହ୍ନର ହସ ସେଠି ପୁରାପୁରି ଲିଭିଯାଇ ନ ଥାଏ । ଉଷ୍ମ ଆବେଗ ଭଟ୍ଟା ପଡ଼ିଲେ ବି ପୋଖତ ଅନୁଭୂତିରେ ରଚନାସବୁ ଜୀବନ୍ୟାସ ପାଏ । ସ୍ୱର କ୍ଷୀଣତର । କିନ୍ତୁ ସେ ସ୍ୱର ମୋ ଭିତର, ମନର ଅତଳତମ ତଳ ଛୁଇଁ ବାହାରିଚି । ମଣିଷ ଆଉ ପ୍ରକୃତି ମୋ ପରିବାର—ମୋ ସ୍ୱରରେ ସେଇ ପରିବାରର ହିଁ ସ୍ୱର ।"

Folklore of Orissa—1979; ପ୍ରକାଶକ—N.B.I; ମୁଁ ଆଉ ଡକ୍ଟର ଲକ୍ଷ୍ମଣ ମହାପାତ୍ରଙ୍କ ମିଳିତ ରଚନା ।

ଲୋକବାଣୀ ସଞ୍ଚୟନ

୪ର୍ଥ ଭାଗ—୧୯୮୦ ।

ମୋ କାହାଣୀ

ବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ - ୧୯୮୦

ମଶାଣିତୁଳସୀ

୬୫ ବର୍ଷରେ ରଚିତ ମୋର ପ୍ରଥମ ଉପନ୍ୟାସ—୧୯୮୦ ।

Digitized by srujanika@gmail.com

କୁନ୍ତଳାକୁମାରୀଙ୍କ ଗଦ୍ୟ ଓ ପଦ୍ୟ ରଚନା 'କୁନ୍ତଳାକୁମାରୀ ରଚନାମାଳା' (ପ୍ରକାଶ - ୧ ମଭାଗ, ୧୯୬୮, ୨ୟ ଭାଗ ୧୯୬୯) ସଂକଳନ କରିଥିଲି।

୧୯୫୦ରୁ ୧୯୮୦— ଏଇ ତିରିଶ ବର୍ଷ ରଚନାର ଧାରା ପ୍ରାୟ ଅକ୍ଷୁଣ୍ଣ ଥିଲା; ଦୁଃଖ, ବ୍ୟାଧି ଓ ବିପଦ ମୋ ହାତରୁ ଲେଖନୀ ଛଡ଼ାଇ ନେଇପାରି ନ ଥିଲା। ୧୯୬୦ରେ ସିମ୍‌ଲାଠାରେ ରାଷ୍ଟ୍ରପତିନିବାସର ତିନିଦିନ ରହଣି ମଧ୍ୟରେ ମୋତେ ହିମାଳୟର ନାନା ଦୃଶ୍ୟ ଦେଖିବାର ସୁଯୋଗ ମିଳିଥିଲା। ଫେରି ଆସିବା ପରେ ମୋର 'ଦୂର ଦିଗନ୍ତର ଆକାଶ' ଶୀର୍ଷକ ଭ୍ରମଣକାହାଣୀ ପୁସ୍ତକ (ଫେବୃଆରୀ, ୧୯୬୨) ପ୍ରକାଶ ପାଇଥିଲା। ହିମାଳୟ ଭ୍ରମଣକାହାଣୀର ନାମ 'ହିମାଦ୍ରିର ଶୃଙ୍ଗେ, ଶୃଙ୍ଗେ' ଦକ୍ଷିଣ ଭାରତୀୟ ଭ୍ରମଣକାହାଣୀ (୧୯୬୨)ର ନାମ 'ଯେଉଁ ଦିଗକୁ ମଳୟ ବହେ' ଉଭୟର ଏକ ନାମ 'ଦୂର ଦିଗନ୍ତର ଆକାଶ'।

୧୯୬୩ରେ 'ଲୋକବାଣୀ ସଞ୍ଚୟନ' ଓ ୧୯୬୪ରେ 'ପଲ୍ଲୀଗୀତ', ସଞ୍ଚୟନ ତୃତୀୟ ଭାଗ ପ୍ରକାଶିତ ହୋଇଅଛି। ୧୯୬୫ରେ 'ଲୋକବାଣୀ ସଞ୍ଚୟନ', ଦ୍ୱିତୀୟ ଭାଗ, ଓ 'ଚଉତିଶା ସଞ୍ଚୟନ', ୧ମ ଭାଗ ପ୍ରକାଶିତ ହୋଇଅଛି।

ପୁରସ୍କାର ପ୍ରାପ୍ତି

ସାଧନା କରୁ କରୁ ଯେବେ କେଉଁଠୁ ପୁରସ୍କାର ମିଳେ, ନିଶ୍ଚୟ ସୌଭାଗ୍ୟର କଥା। ପୁରସ୍କାରଆଶା ଏକ ବିଡ଼ମ୍ବନା। ପୃଥିବୀର ଅଧିକାଂଶ ସାହିତ୍ୟିକ ପ୍ରାୟ ପୁରସ୍କାରଲାଭରୁ ବଞ୍ଚିତ। ପୁରସ୍କାର ସାଧନାର ଏକ ସିଦ୍ଧି ନୁହେଁ; ସାଧନାର ପ୍ରକୃତ ମୂଲ୍ୟ କେହି ଦେଇ ନ ପାରେ। ଯାହାହେଉ, ମୋ ଭାଗ୍ୟକୁ ଗୋଟିଏ ମିଳିଲା। ଅର୍ଥର ପରିମାଣ ସ୍ୱଳ୍ପ ବୋଲି ମୁଁ ଏହାକୁ କ୍ଷୁଦ୍ର ମନେ କରି ନ ପାରେ।

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର

୧୯୬୬ଠାରୁ ୧୯୬୮ ମସିହାରେ ପ୍ରକାଶିତ ପୁସ୍ତକମାନଙ୍କ ମଧ୍ୟରୁ 'ପ୍ରବନ୍ଧ, ସାହିତ୍ୟ ସମାଲୋଚନା, ଜୀବନୀ ଓ ଭ୍ରମଣ ବୃତ୍ତାନ୍ତ ବିଭାଗରେ 'ଆମେରିକାରୁ ଇଉରୋପ ଆଫ୍ରିକା' ଶ୍ରେଷ୍ଠ ବିବେଚିତ ହୋଇଥିବାରୁ ଡକ୍ଟର କୁଞ୍ଜବିହାରୀ ଦାଶଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏ ପ୍ରମାଣପତ୍ର ସହ ଏକ ସହସ୍ର ମୁଦ୍ରା ପୁରସ୍କାର ସ୍ୱରୂପ ପ୍ରଦାନ କରାଗଲା।

ବିନୋଦଚନ୍ଦ୍ର ନାୟକ
ସମ୍ପାଦକ, ୨୦।୨।୭୨

ଶରତ କୁମାର କର
ସଭାପତି

Digitized by srujanika@gmail.com

ରବୀନ୍ଦ୍ରମଣ୍ଡପରେ ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଏକ ସଭାରେ କହିଥିଲି – ମୁଁ ନିଜକୁ ସାହିତ୍ୟର ଜଣେ ଶ୍ରମିକ ବୋଲି ମନେ କରେ । ମୋ ଲେଖାରେ କେବେ ପ୍ରତିଭା ଫୁଟିଛି ନା ଫୁଟିନି, ଜାଣେନାହିଁ । କିନ୍ତୁ ଶ୍ରମ କରିବା ମୋର ମୁଖ୍ୟ ବ୍ରତ । ଆଧୁନିକ ଓଡ଼ିଆ ସାହିତ୍ୟ କାଳିଦାସ, ରବୀନ୍ଦ୍ରନାଥଙ୍କ ପରି ଜଣେ ଜାନ୍ତକାଙ୍କ୍ଷ ଅପେକ୍ଷାରେ ରହିଛି । ତା'ହେଲେ ଯୁଗ-ଯୁଗବ୍ୟାପୀ ମାନସିକ ଦାରିଦ୍ର୍ୟ ଘୁଞ୍ଚିବ । ଓଡ଼ିଶାରେ ସେହି ପ୍ରତିଭାର ଆବିର୍ଭାବ ଲାଗି ମୁଁ ଓ ମୋ ଭଳି କର୍ମୀମାନେ ପଥ ପରିଷ୍କାର କରୁଅଛୁ ।

ମୋ ପ୍ରିୟ ଛାତ୍ର ଅଧ୍ୟାପକ ବସନ୍ତଚନ୍ଦ୍ର ସାହୁ ଭୁବନେଶ୍ୱରର ଆଞ୍ଚଳିକ କଲେଜକୁ ବାର୍ଷିକୋତ୍ସବରେ ଡକାଇ ନିମ୍ନ ମାନପତ୍ରଟି ଦେଇଥିଲେ ।

ସମ୍ମାନାସ୍ପଦେଷୁ ସ୍ରଷ୍ଟା,

ଆପଣଙ୍କ ସୃଷ୍ଟି ସ୍ୱପ୍ନସମ୍ଭାର ଲେଖନୀଗ୍ରନ୍ଥିତ ‘ସ୍ୱରଶିଖା’, ଗ୍ରାମଜେମା ନୁହେଁ ଉଦାତ୍ତ ଜୀବନର ‘କଳକଲ୍ଲୋଳ’ ଚଇତିବଣ ବାଣୀର ଉଦ୍‌ଘୋଷକ । ‘ଆମେରିକାରୁ ଇଉରୋପ ଆଫ୍ରିକ’ ପୁଣି ‘ମୋ ସ୍ୱପ୍ନର କାଶ୍ମୀର’ ଠାରୁ ସ୍ୱର୍ଣ୍ଣଲଙ୍କା ଯାତ୍ରା ମଧ୍ୟରେ ଆପଣ ସାଜିଛନ୍ତି ମାନବଜୀବନର ‘ଶ୍ରୀମନ୍ତ’ ରୂପକାର ।

‘କଙ୍କାଳର ଲୁହ’ ଓ ବସ୍ତାର ମଣିଷର ଦୁର୍ଦ୍ଦଶାର ଅନ୍ତରାଳରେ ଦୁଇ ‘ଲେମଣ ନୀଳ ହାତ’ର ଚକ୍ରାନ୍ତ ଦେଖି ରଚିଛନ୍ତି ଆଗ୍ନେୟ ‘ଝଡ଼ର ସହସ୍ର ପଦଧ୍ୱନି’, ପୁଣି ‘ପଲ୍ଲୀ ଝରଣା’ର ସରସ, ଚପଳ ଛନ୍ଦ; ‘ପଲ୍ଲୀପୁଷ୍ପ’ର ଅମିୟ ସୁରଭିରେ ଆତ୍ମହରା ହୋଇ ସାଜିଛନ୍ତି ଲୋକବେଦର ଉଦ୍‌ଗାତା ଓ ଲୋକବାଣୀର ପ୍ରବକ୍ତା । ଭାରତୀୟ ସାହିତ୍ୟ ସାମଗ୍ରିକ ଭାବେ ଆପଣଙ୍କର ଲୋକସଂସ୍କୃତି ଓ ଲୋକସାହିତ୍ୟ ଗବେଷଣାରେ ସମୃଦ୍ଧ ।

ବିଶ୍ୱଚେତାମୁଖୀ ମାନବତାପଥର ଅକ୍ଲାନ୍ତ ପଥଯାତ୍ରୀ, ହେ ସ୍ୱରଶିଳ୍ପୀ, ଜାତୀୟତାର ସମବାହକ, ପ୍ରକୃତିର ରୂପ ରସ ଗନ୍ଧ ସ୍ପର୍ଶର ହେ ବିମୁଗ୍ଧ କଳାକାର, ଆପଣଙ୍କ ଜୀବନଯୁଦ୍ଧର ଅପରାଜେୟ ସଫଳ ସଂଗ୍ରାମ ଚିରଦିନ ପାଇଁ ଅନାକ୍ରାନ୍ତ ରହୁ ।

ମାନବର ସହୃଦୟତା, କବିତ୍ୱର ରସୋତ୍ତୀର୍ଣ୍ଣ ରୂପ ଗବେଷକର ସୂକ୍ଷ୍ମାତିସୂକ୍ଷ୍ମ ଅନୁସନ୍ଧିତ୍ସା ଆପଣଙ୍କଠାରେ ଏକା ଧାରରେ ପ୍ରମୂର୍ତ୍ତ । ଏହା ଆମକୁ ଉଦ୍‌ବୁଦ୍ଧ କରୁ ।

ଆପଣଙ୍କ ପୁଷ୍ପସ୍ମିତ ଜୀବନ ଓ ସାଧନା ଅମୃତାପ୍ଲୁତ ହେଉ ।

ଛାତ୍ର ସଂସଦ୍

ଆଞ୍ଚଳିକ ପ୍ରଶିକ୍ଷଣ ବିଦ୍ୟାଳୟ

ଭୁବନେଶ୍ୱର

୫।୨।୧୯୭୨

Digitized by srujanika@gmail.com

ଡିଗ୍ରୀପ୍ରାପ୍ତି ପରେ

ମାନନୀୟ ଡକ୍ଟର କୁଞ୍ଜବିହାରୀ ଦାଶ ଏମ୍. ଏ, ପି. ଏଚ୍. ଡିଙ୍କୁ

ଶ୍ରଦ୍ଧା ନିବେଦନ—

ପୂଜ୍ୟପାଦ,

ଓଡ଼ିଆ ଲୋକସାହିତ୍ୟର ସଂଗ୍ରହ, ସଂକଳନ ଓ ଗବେଷଣାରେ ନିୟୋଜିତ ନିରବଚ୍ଛିନ୍ନ ସାଧନା ଆଜି ଆପଣଙ୍କୁ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ଉପାଧି ପ୍ରଦାନ କରିଅଛି । ଏହା କେବଳ ଆପଣଙ୍କ ଜୀବନର ନୁହେଁ, ଆମ ସମସ୍ତଙ୍କର ଏକ ପରମ ଆନନ୍ଦର ଦିନ । ସମଗ୍ର ଓଡ଼ିଆ ଲୋକ-ସଂସ୍କୃତିକୁ ଆପଣ ଆଲୋକକୁ ଆଣି ଅଛନ୍ତି । ଏଥି ସହିତ ଭାରତୀୟ ସଂସ୍କୃତିର ଗବେଷଣାକ୍ଷେତ୍ରରେ ଏ ପର୍ଯ୍ୟନ୍ତ ଅବହେଳିତ ଓ ସଭ୍ୟତାର ଅନ୍ତରାଳରେ ଲୁକ୍କାୟିତ ବିରାଟ ଲୋକସଂସ୍କୃତି ପ୍ରତି ସୁଧୀବର୍ଗଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଉଦ୍ୟମ କରିଅଛନ୍ତି । ଏ ଉଦ୍ୟମ ଅଧିକରୁ ଅଧିକ ସଫଳ ହେଉ । ଏହାହିଁ କାମନା ।

ସ୍ୱଦେଶର ପ୍ରକୃତି, ମାନବ ପ୍ରତି ଗଭୀର ସଂପ୍ରୀତି ଅତି ତରୁଣ ବୟସରୁ ଆପଣଙ୍କୁ କାବ୍ୟସାଧନାରେ ଅଭିନିବେଶ ଆଣି ଦେଇଥିଲା । ସଂସ୍କୃତି ଓ ସାହିତ୍ୟ ପ୍ରତି ହୃଦୟଭରା ମମତା ଆଜି ଆପଣଙ୍କୁ ଏହାର ବୈଶିଷ୍ଟ୍ୟ, ସୌନ୍ଦର୍ଯ୍ୟ ଓ ସମୃଦ୍ଧିର ଯଥାର୍ଥ କଳନା କରିବା ଲାଗି ଗବେଷଣାନିରତ କରିଅଛି । ଏଥିରେ ଆପଣ ସଫଳତର ସିଦ୍ଧିଲାଭ କରନ୍ତୁ । ଉପଯୁକ୍ତ ପରିକଳ୍ପନା, ସଙ୍ଗଠନ ଓ ସଂହତ ଉଦ୍ୟମ ଅଭାବରୁ ଓଡ଼ିଆସାହିତ୍ୟ ଗବେଷଣା କ୍ଷେତ୍ରରେ ଆଜି ଯେଉଁ ଦୈନ୍ୟ ଦେଖା ଦେଇଛି, ତାହା ଦୂର କରିବାକୁ ଆପଣଙ୍କ ଶକ୍ତି ଓ ସାମର୍ଥ୍ୟର ବିନିଯୋଗ ଲାଗି ସୁଯୋଗ ଲାଭ କରନ୍ତୁ ।

ଭବିଷ୍ୟତରେ ଅଫୁରନ୍ତ ଆନନ୍ଦମୟ ଜୀବନର ପ୍ରତୀକ ରୂପେ ଆଜିର ଏ ସ୍ମରଣୀୟ ଅବସରରେ ଆମେ ଆପଣା ହୃଦୟର ପରମ ଶ୍ରଦ୍ଧାଞ୍ଜଳି ଆପଣଙ୍କ ଚରଣ ତଳେ ଅର୍ପଣ କରୁଅଛୁଁ ।

। ଇତି ।

ଆପଣଙ୍କର

ପ୍ରିୟ ଛାତ୍ରଛାତ୍ରୀବୃନ୍ଦ

ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ

ଶାନ୍ତିନିକେତନ

୧୩।୧୨।୧୯୫୪

Digitized by srujanika@gmail.com

ମୋର ପ୍ରକାଶକ

କବିତାରେ ହିଁ ମୋର ଲେଖକଜୀବନ ଆରମ୍ଭ କରିଥିଲି, ଯେପରି ପୃଥିବୀର ଅଧିକାଂଶ ଲେଖକ କରିଥାନ୍ତି । ନୂଆ ଲେଖକର ବିଶେଷତଃ କବିର ପ୍ରକାଶକ ସଂଖ୍ୟାନ୍ୟୂନ । ଅନ୍ୟତ୍ର ଯେପରି, ଓଡ଼ିଶାର ସେହିପରି ଏହାର ବ୍ୟତିକ୍ରମ ହୋଇନାହିଁ । ଆଦ୍ୟ ଆଧୁନିକ ଯୁଗରେ କିଛି ଧନୀ ରସିକ, ଗ୍ରାହକ ଥିଲେ । ରାଧାନାଥ, ଗଙ୍ଗାଧର, ଚନ୍ଦ୍ରାମଣି ପୁସ୍ତକ-ପ୍ରକାଶ ଲାଗି ସୁଯୋଗ୍ୟ ରାଜା ଗ୍ରାହକମାନଙ୍କର ଅର୍ଥାନୁକୂଲ୍ୟ ଲାଭ କରିଥିଲେ ।

ପ୍ରାଥମିକ ଲେଖକଜୀବନରେ ମୁଁ ତାଳଚେରର ରାଜା, ଜୟପୁରର ମହାରାଜା, ବଡ଼ଖେମିଡ଼ି ଓ ଧନକୋଟର ଜମିଦାରଦ୍ୱୟଙ୍କ ଅର୍ଥାନୁକୂଲ୍ୟରେ 'ପ୍ରଭାତୀ,' 'ବାଗ୍ମୀ,' 'ପାଷାଣ ଚରଣେ ରକ୍ତ', 'କଳକଲ୍ଲୋଳ' କବିତା ପୁସ୍ତକ ପ୍ରକାଶ କରିଥିଲି ।

ତାପରେ ମୁଁ ନିଜେ ହୋଇଥିଲି ନିଜର କେତେକ ପୁସ୍ତକର ପ୍ରକାଶକ । 'ଲଙ୍କାଯାତ୍ରୀ' ଓ 'ବୀରଶ୍ରୀ' ପାଠ୍ୟପୁସ୍ତକ ରୂପେ ଚଳିବାରୁ ମୁଁ ଲଭବାନ ହୋଇଥିଲି । ତାପରେ 'ନବମାଳିକା', 'ତାଜ ଓମାହ୍ରମ ଓମ୍', 'ପଲ୍ଲୀପୁଷ୍ପ', 'ପଲ୍ଲୀଝରଣା', 'ମୋ ସ୍ୱପ୍ନର କାଶ୍ମୀର', 'ଯେ ଏକ ଲେମନ ନୀଳ ଦାନ୍ତ', 'ସ୍ମରଣିକା', 'କଙ୍କାଳର ଲହୁ,' 'ପୃଥିବୀର ଶ୍ରେଷ୍ଠ ଗାଉଁଲି ଗଳ୍ପ', 'କଥାନିଧି କନ୍ଧୁ,' ୧ମ ଓ ୨ୟ ଭାଗ, ପଲ୍ଲୀଗୀତ ସଞ୍ଚୟନ, ୨ୟ ଭାଗ ହାତରୁ ଖର୍ଚ୍ଚ କରି ଛପାଇ ଥିଲି । ମୋ ସ୍ତ୍ରୀ ପ୍ରେମଲତା 'ଲୋକବାଣୀ ସଞ୍ଚୟନ', 'ପଲ୍ଲୀଗୀତ ସଞ୍ଚୟନ', ୩ୟ ଭାଗ, 'ଆମେରିକାରୁ ଇଉରୋପ ଆଫ୍ରିକା' ଛପାଇ ଥିଲେ । ଏ ସବୁରେ ପ୍ରାୟ ୫୦ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ନିଜ ଗୋଡ଼ରେ ଛିଡ଼ା ହୋଇପାରୁଛି ବୋଲି ଦିନେ ମୋର ଗର୍ବ ଥିଲା । କିନ୍ତୁ ଅନେକାଂଶରେ ମୂଳ ବୁଡ଼ିଥିଲା; କେତେ ବନ୍ଧୁବାନ୍ଧବ ଚର୍ଚ୍ଚାରେ ଗଲା, କେତେ ଉଇ ମୁହଁରେ ଗଲା, ବହି ଜମାଥିବା କେତେ ଦୋକାନ ଭାଙ୍ଗିଗଲା । ବହି ଫେରି ପାଇ ନ ଥିଲି । ତଥାପି ମୁଁ ଭାଙ୍ଗି ପଡ଼ିନାହିଁ; କୌଣସି କୌଣସି ପୁସ୍ତକ ମୋତେ ଦୁର୍ଦ୍ଦିନରେ ଚଳାଇଛି, ଆର୍ଥିକ ଅବସ୍ଥାରେ ଉନ୍ନତି ଘଟାଇଛି, କହିବାକୁ ହେବ ।

ତାପରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ମୋର ପଲ୍ଲୀଗୀତ ସଞ୍ଚୟନ, ୧ମ ଭାଗ, 'A Study of Orissan Folklore', ପିଏଚ୍. ଡ଼ି. ଥେସିସ୍ 'ଓଡ଼ିଆ ଲୋକଗୀତ ଓ କାହାଣୀ', 'ସମାଲୋଚନା' ପୁସ୍ତକ ପ୍ରକାଶ କଲା ।

ମୁଁ ବିଶ୍ୱବିଦ୍ୟାଳୟଠାରୁ ରୟାଲ୍ଟି ବାବଦକୁ ୧୦% ମାତ୍ର ପାଉଅଛି ।

ତା'ପରେ ମୋର ପ୍ରକାଶକ ହୋଇଥିଲେ Das Brothers—ବର୍ତ୍ତମାନ ଅବଲୁପ୍ତ Students Storeର ଜଣେ ଭୂତପୂର୍ବ ଅଂଶୀଦାର—ପୂର୍ଣ୍ଣଚନ୍ଦ୍ର ଦାସ ।

Digitized by srujanika@gmail.com

ପାଠ୍ୟପୁସ୍ତକ ଓ ମାନଚିତ୍ରରୁ ବିଶେଷ ଲାଭବାନ୍ ହୋଇ ସେ ବ୍ୟବସାୟର ଅଭିବୃଦ୍ଧି ସାଧନ କରିଥିଲେ । କିନ୍ତୁ ମଙ୍ଗ ସମ୍ଭାଳି ପାରିଲେନାହିଁ । ଶେଷ ଜୀବନରେ ଲେଖକ-ମାନଙ୍କୁ ପ୍ରାପ୍ୟରୁ ବଞ୍ଚିତ କରିଥିଲେ, ଫଳେ ଦାରିଦ୍ର୍ୟର ଶୋଚନୀୟତମ ସ୍ତରକୁ ଖସି ଯାଇଥିଲେ ।

ସେ 'କୃତ୍ତିବାସୀ ସଞ୍ଚୟନ', ୧ମ, ୨ୟ ଓ ୩ୟ ଭାଗ ପ୍ରକାଶ କରିଥିଲେ । ବଜାରରେ କବିତାର କାଟ୍ତିକୁ ଦେଖିଲେ ତାଙ୍କର ଏଭଳି ପ୍ରକାଶକୁ ସାହସିକତା ବୋଲିବାକୁ ହେବ । ସେ ମୋର ଧନ୍ୟବାଦାର୍ହ ।

'ଗ୍ରନ୍ଥ ମନ୍ଦିର', 'Friends Publishers', 'ଜଗନ୍ନାଥ ରଥ', 'ଟ୍ରେଡିଂ କମ୍ପାନୀ' ମୋର ବିଭିନ୍ନ ପୁସ୍ତକର ପ୍ରକାଶକ । ଓଡ଼ିଶା ସାହିତ୍ୟ ଏକାଡେମୀ ମୋର 'ଓଡ଼ିଆ ଲୋକଗୀତ ସଞ୍ଚୟନ' ଛପାଇ ବଜାରରେ ପୁସ୍ତକରୁ ରୟାଲ୍ଟି ବାବଦକୁ ମୋତେ ୫୫୦ ଖଣ୍ଡ ପୁସ୍ତକ ଦେଇଥିଲେ । ମୁଁ ସେ ସବୁ ପୁସ୍ତକକୁ ଦୋକାନ ଜରିଆରେ ବିକ୍ରୟ କରି ବିଶେଷ ଲାଭବାନ୍ ହୋଇଥିଲି ।

ଦୁ' ପ୍ରକାର ଛପାଇ ପ୍ରକାଶକ ପ୍ରକାରକର ରୟାଲ୍ଟି ଲେଖକକୁ ଦିଏ, ପୁସ୍ତକ ବିକ୍ରୀ ହୁଏନାହିଁ ବୋଲି କହେ, ପଞ୍ଚ ମଲାଟ ଲଗା ବର୍ଦ୍ଧିତ ଦାମର ରୟାଲ୍ଟି ଲେଖକକୁ ଦିଏ ନାହିଁ; କେହି କେହି ପ୍ରକାଶକ ରୟାଲ୍ଟି ବୁଡ଼ାନ୍ତି, ଲେଖକ ଦୌଡ଼ି ଦୌଡ଼ି ମରେ, ଲେଖକର ନାନା ଅଭିଯୋଗ । କିନ୍ତୁ ମୁଁ ପ୍ରାୟ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇନାହିଁ । ମୋର ବିଶ୍ୱାସ, ପ୍ରକାଶକର ଯତ୍‌ସାମାନ୍ୟ ସମୃଦ୍ଧି ହୋଇଥିଲା ପାଠ୍ୟପୁସ୍ତକ ଯୋଗୁଁ । ଜାତୀୟକରଣ ପରେ ପ୍ରକାଶନସଂସ୍ଥାସବୁ ଠେକେ ପିଇ ଦରିଦ୍ର ହୋଇ ବସିଛି । ସାଧାରଣ ସାହିତ୍ୟ ଛପାଇ କେହି ବଡ଼ଲୋକ ହୋଇନାହିଁ ।

ମୋ ମନଲାଖି ଏ ପର୍ଯ୍ୟନ୍ତ ଜଣେ ପ୍ରକାଶକ ପାଇନାହିଁ—ମୋର ସମସ୍ତ ପୁସ୍ତକର ଦାୟିତ୍ୱ ନେବା ପାଇଁ କେହି ଆଗେଇ ଆସିନାହିଁ । ଫଳରେ ମୁଁ ଘାଣ୍ଟି ହେଉଛି, କିନ୍ତୁ ନିରୁପାୟ ।

ପ୍ରକାଶକ ପ୍ରକାଶ ପରେ ଲେଖକକୁ ଚାରିଖଣ୍ଡି ମାତ୍ର ପୁସ୍ତକ ଦିଅନ୍ତି । ନିଜେ ଛପାଇବାର ସୁବିଧା ଏଇ ଯେ ନିଜ ବହିର ଆକୃତି ସୁନ୍ଦର କରିପାରିବ ମନ ଖୁସିରେ ଯେତେ ଇଚ୍ଛା ସେତେ ଉପହାର ଦେଇ ପାରିବ, ବିବାହ ବ୍ରତରେ ଉପାୟନ ସ୍ୱରୂପ ନେଇ ପାରିବ ।

Digitized by srujanika@gmail.com

ନିଜେ ପ୍ରକାଶ କରି ଜମା ଦେଲେ ଦୋକାନୀ ବିକ୍ରୟ ବାବଦକୁ ୩୦% ନିଏ, କିନ୍ତୁ ନିଜେ ଛପେଇଲେ ଲେଖକକୁ ୧୫ ବା ୨୦%ରୁ ଅଧିକ ଦିଏନାହିଁ ।

ପୁସ୍ତକର ଆୟ ଉପରେ ନ ବଞ୍ଚିବା ପର୍ଯ୍ୟନ୍ତ ଓଡ଼ିଆ ଲେଖକ ପୂର୍ଣ୍ଣମାତ୍ରାରେ ଲେଖାର ମାନ ବଢ଼ାଇ ପାରିବ ନାହିଁ, ଜଗତର ଶ୍ରେଷ୍ଠ ଲେଖକଙ୍କ ସହିତ ପାଦ ମିଳାଇ ଚାଲି ପାରିବ ନାହିଁ । ପ୍ରକାଶ ଲାଗି ବାରମ୍ବାର ପ୍ରକାଶକର ଦ୍ୱାରସ୍ଥ ହେବା, ଯତ୍‌ସାମାନ୍ୟ ପଇସା ନେଇ ସ୍ୱତ୍ୱ ଦେଇଦେବା ମର୍ଯ୍ୟାଦାହାନିକର । ଯେ ନିଜ ମର୍ଯ୍ୟାଦା ରଖିପାରେ ନାହିଁ, ସେ ସାହିତ୍ୟର ମାନ ବା ଜାତିର ମର୍ଯ୍ୟାଦା ବଢ଼ାଇ ନ ପାରେ ।

ଜୀବନ ଓ ମୃତ୍ୟୁର ସେତୁ ଉପରେ

ଦୀର୍ଘକାଳ ବଞ୍ଚିଲେ ମଣିଷ ବହୁ ଦୁଃଖମୟ ପରିସ୍ଥିତିର ସମ୍ମୁଖୀନ ହୁଏ; ଯେଉଁମାନଙ୍କୁ ସେ ଶ୍ରଦ୍ଧା ଓ ସମ୍ମାନ କରୁଥିଲା, ସେମାନଙ୍କୁ ସଂସାର ଛାଡ଼ି ଚାଲିଯିବାର ଦେଖେ । ଯେଉଁମାନଙ୍କ ଭରସାରେ ସେ ବଞ୍ଚିଥାଏ, ଯେଉଁମାନଙ୍କ ନିଃସ୍ୱାର୍ଥପରତା ଯୋଗୁଁ ସଂସାର ତା ପକ୍ଷରେ ଏକ କମନୀୟ କ୍ରୀଡ଼ାପ୍ରାଙ୍ଗଣ ହୋଇଥାଏ, ଯେଉଁମାନଙ୍କ ସଙ୍ଗେ ବାଚିକ, ସାଂସ୍କୃତିକ, ହାର୍ଦ୍ଦିକ ଆଦାନପ୍ରଦାନ ହୋଇଥାଏ, ଯେଉଁମାନଙ୍କ ଯୋଗୁଁ ସେ ଦୁର୍ଦ୍ଦିନରୁ ରକ୍ଷା ପାଇଥାଏ, ଆନନ୍ଦୋଲ୍ଲାସରେ ମାତିଥାଏ, ସେମାନଙ୍କ ମଧ୍ୟରୁ ଜଣକ ପରେ ଜଣେ ସଂସାର ତ୍ୟାଗ କରି ଚାଲିଯାନ୍ତି । ସେ ବଞ୍ଚିଥାଏ ମରୁଭୂମି ମଧ୍ୟବର୍ତ୍ତୀ ଗୋଟିଏ ଅଶ୍ୱତ୍ଥଗଛ ପରି । ସଂସାରରେ ଜୀବନଧାରଣ ସେତେବେଳେ ନିରର୍ଥକ ହୋଇପଡ଼େ; ନିଜର ପରିବାରର ଲୋକେ ସେତେବେଳେ କରୁଣା କରନ୍ତି—ବଞ୍ଚି ଅଯଥା ଗୁଡ଼ାଏ କଷ୍ଟ ପାଉଛନ୍ତି ନା ଆଉ କଣ ?

କାହା ପାଖକୁ ସେ ଯିବ ? କିଏ ତାକୁ ଆଦରରେ ଘରକୁ ପାଛୋଟି ନେବ ? କିଏ ଦି'ପଦ ସ୍ନେହ ସମ୍ଭାଷଣ କରିବ ? କିଏ ଭଲମନ୍ଦ ପଚାରିବ ? କିଏ ଆଦରରେ ସାହାଯ୍ୟ କରିବାକୁ ଆଗେଇ ଆସିବ ? ଏକାକୀତ୍ୱବୋଧ ତୀବ୍ର ଯାତନା ଦିଏ; ମୋ ଜୀବନ ଏକ ନିପାତନ ନୁହେଁ; ଅନ୍ୟାନ୍ୟ ବିଦଗ୍ଧ କବି, ଲେଖକଙ୍କ ଜୀବନରେ ଯାହା ଘଟେ, ମୋ ଜୀବନରେ ସେଇଆ ଘଟିଛି । ମୋର ସହାଧ୍ୟାୟୀ, ସହକର୍ମୀ, ସହମର୍ମୀ, ସଖା, ସୁହୃଦ, ସହଚର, ସମସାମୟିକ, ଅଭିଭାବକ, ଭକ୍ତିଭାଜନ ନେତା, କବି, ସାହିତ୍ୟିକ, ମୋର ସମସାମୟିକ, ମୋଠାରୁ ବୟସ୍କ, ମୋର କନିଷ୍ଠମାନେ ଇହଧାମ ତ୍ୟାଗ କରି ଯାଇଛନ୍ତି । ସେମାନଙ୍କ ବିନା ମୋର ଗତାନୁଗତିକ ସଂସାର ଅଚଳ ହୋଇନାହିଁ, କିନ୍ତୁ ମନ ମୋର ନାନା ଭାବେ ବିଚ୍ଛିନ୍ନ, ବିକ୍ଷତ ହୋଇଛି । ମୋ କାହାଣୀରେ ସେମାନଙ୍କ ମଧ୍ୟରୁ ମୁଁ କେତେକଙ୍କୁ ସ୍ମରଣ କରୁଛି ।

Digitized by srujanika@gmail.com

ଏଲ୍ଲାବାଦରେ ଲେଖକସଂସ୍ଥା ସମ୍ମେଳନରେ ଯୋଗ ଦେବାକୁ ଯାଇ ପ୍ରସିଦ୍ଧ ହିନ୍ଦୀ କବି ନିରାଲାଙ୍କୁ ଗୋଟିଏ କ୍ଷୁଦ୍ର କୋଠରୀରେ ଭେଟିଥିଲି । ଦୀର୍ଘ ଦେହ, ମୁହଁରେ ବିରଳ ଦାଢ଼ି, ଜଣେ ଶିଷ୍ୟଙ୍କ ଆଶ୍ରୟରେ ସେ କାଳକୁ ଅପେକ୍ଷା କରି ରହିଥିଲେ । ତାଙ୍କ ଲାଗି ହିନ୍ଦୀଭାଷୀ ଓ ସମଗ୍ର ହିନ୍ଦୁସ୍ଥାନ ଗୌରବାନ୍ୱିତ । କିନ୍ତୁ କବି ଏକାକୀ ଓ ଆର୍ଥିକ ଦୁଃସ୍ଥିତି ମଧ୍ୟରେ ଏକାନ୍ତ ହତାଶ ଅବସ୍ଥାରେ ଥିଲେ । ତାଙ୍କ ମସ୍ତିଷ୍କ ଠିକ ନାହିଁ, କୁହାଯାଉଥିଲା । କିନ୍ତୁ ଏଭଳି ଦୁରବସ୍ଥାରେ ମନର ମଙ୍ଗ କିଏ ବା ସ୍ଥିର ରଖିପାରେ ?

ତାଙ୍କୁ ପ୍ରଶ୍ନ ପଚାରି ଯାହା ଉତ୍ତର ପାଇଲି—ଏକାନ୍ତ ଦୁର୍ବୋଧ୍ୟ; ଅପରିଚିତ ଏକ ଜଟିଳ ଦାର୍ଶନିକ ବ୍ୟାଖ୍ୟା ପରି ଲାଗିଲା । ସେ କଠୋର ମାଡ଼ ମୋତେ ବାଟେଇ ଦେବା ଲାଗି କିଛି ଦୂର ଆସିଲେ—ବପୁ ଓ ବାକ୍‌ରେ ବ୍ୟକ୍ତିତ୍ୱର ମହିମା ସ୍ପଷ୍ଟ । ବହୁ ଦିନରୁ ତାଙ୍କ ସ୍ମୃତିଶକ୍ତି ଲୋପ ପାଇଥିଲା, ଯେପରି ବଙ୍ଗକବି କାଜି ନଜରୁଲ୍ ଇସଲାମଙ୍କର । ଅଳ୍ପ କିଛି ଦିନ ପରେ ତାଙ୍କର ବିୟୋଗ ହେଲା ।

ଜୀବନରେ ଥରେ ବା ଦୁଇଥର ଶ୍ରୀ ଭିକାରୀଚରଣ ପଟ୍ଟନାୟକଙ୍କ ସହିତ ସାକ୍ଷାତ ହୋଇଥିଲା; ବହିର୍ଗତ ବନ୍ଧୁ ଦର୍ଶନର ବନ୍ଦନା ଅପେକ୍ଷା ଏହା ଅଧିକ ପ୍ରାଣସ୍ପର୍ଶୀ । କୁଟୀରଶିଳ୍ପରେ ଓଡ଼ିଶାକୁ ବଡ଼ କରି ଗଢ଼ିବା ତାଙ୍କ ଜୀବନର ବ୍ରତ ଥିଲା । ଶିଳ୍ପ ଲାଗି ସେ ସାହିତ୍ୟ ଛାଡ଼ିଥିଲେ । ନିଜକୁ ଭାଙ୍ଗି ଭାଙ୍ଗି ସେ ଓଡ଼ିଆ ପିଲାଙ୍କ ହାତରେ ଦେଉଥିଲେ ଅଭଙ୍ଗା କନ୍ଦେଇ । ତାଙ୍କର କେତେକ କବିତା, ନାଟକ ପ୍ରଭୃତିରେ କାଳ ହାତର ଅଭଙ୍ଗା କନ୍ଦେଇ । ତାଙ୍କ ଶିଳ୍ପଗତ ବୈଫଲ୍ୟ ତାଙ୍କ କୃତିତ୍ୱ ମଧ୍ୟରେ ଧି ଆସନ ପାତି ବସିଥିଲା, ବାଞ୍ଛିତ ପ୍ରାପ୍ତିର ଆନନ୍ଦ ଓ ଭାଙ୍ଗିବାର କାରୁଣ୍ୟ ମଧ୍ୟରେ ଜୀବନକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରେ । ଅଭଙ୍ଗା କନ୍ଦେଇରୁ ଏହା ମିଳୁ ନ ଥିଲା ।

ଶ୍ରୀମତୀ ଅପର୍ଣ୍ଣା ଦେବୀ (ମୃତ୍ୟୁ ୦୬।୧।୬୩) ପୂର୍ବରୁ ମୋ ଶ୍ୱଶୁର ଶ୍ରୀ କ୍ଷେତ୍ରମୋହନ ଶତପଥୀଙ୍କର ପଡ଼ୋଶିନୀ ଥିଲେ, ଭେଣ୍ଟିହର ରାଣୀଙ୍କଠାରୁ ଦାନ ସୂତ୍ରରେ ପ୍ରାପ୍ତ ଗୋଟିଏ କୋଠାରେ ସେ ରହୁଥିଲେ । ତାଙ୍କ ସ୍ୱାମୀ ଜଣେ ପ୍ରାଥମିକ ଶିକ୍ଷକ ଥିଲେ । ଉଚ୍ଚ ଶିକ୍ଷାଲାଭର ସୁଯୋଗ ଲାଭ କରି ନ ଥିଲେହେଁ କବିତ୍ୱଶକ୍ତି ଯୋଗୁଁ ସମଗ୍ର ଓଡ଼ିଶାରେ ସେ ସୁପରିଚିତା ହୋଇପାରିଥିଲେ । 'ଇନ୍ଦୁମତୀ', 'ଚନ୍ଦ୍ରା' ପ୍ରଭୃତି କାବ୍ୟ ରାଧାନାଥୀ ଶୈଳୀରେ ରଚିତ ହେଲେ ବି ସେ ଯୁଗରେ ଏକ ନୂତନ ଆସ୍ୱାଦ ଥିଲା । ସାଂସାରିକ ନାନା ଦୁଃଖଜଞ୍ଜାଳ ମଧ୍ୟରେ ମଧ୍ୟ ଅପର୍ଣ୍ଣା ନିଜର କାବ୍ୟସାଧନା ଅବ୍ୟାହତ ରଖି ପାରିଥିଲେ । ତାଙ୍କ 'ଇନ୍ଦୁମତୀ' କାବ୍ୟର ବିଷୟକୁ ଆଧାର କରି ଶ୍ରୀ କାଳୀଚରଣ୍ ସିଂହ ଇନ୍ଦୁମତୀ ଯାତ୍ରାନାଟକ ଲେଖିଥିଲେ । ତାଙ୍କ ସଂସାରଚଳଣି ବା ଜୀବିକାପାଇଁ କାବ୍ୟର ଦରଜ ନ ଥିଲା । ତଥାପି ସେ ଅନେକ କାବ୍ୟ ଲେଖି [illegible]

Digitized by srujanika@gmail.com

ସରସ୍ୱତୀ ତାଙ୍କ ମନକୁ ଅନ୍ତରରୁ ଥିଲେ । ଲୋକସଂସ୍କୃତି ସହିତ ତାଙ୍କର ନିବିଡ଼ ସଂପର୍କ ଥିଲା । ତାଙ୍କ ଗଦ୍ୟଶୈଳୀରେ ଏକ ସ୍ୱତନ୍ତ୍ର ରୂପରେ ଏହା ଫୁଟି ଉଠିଥିଲା ।

ବଚ୍ଛନ୍ଦଚରଣ ପଟ୍ଟନାୟକ (ମୃତ୍ୟୁ - ୩୧।୧।୭୨) ଦରିଦ୍ର, ଦୁଃସ୍ଥ । କିନ୍ତୁ ତାଙ୍କ ସଙ୍କଳ୍ପ ଦୃଢ଼ ଥିଲା । ଦାରିଦ୍ର୍ୟ ତାଙ୍କ ପାଖେ ହାରି ମାନିଥିଲା । ଶେଷ ଜୀବନ ପର୍ଯ୍ୟନ୍ତ ସେ ସାରସ୍ୱତ ସାଧନା ଅକ୍ଷୁଣ୍ଣ ରଖିଥିଲେ । ପ୍ରାଚୀନ ରଚନାବଳୀର ପୁନଃ ପ୍ରକାଶନ ଲାଗି ସେ ବ୍ୟର୍ଥ ପ୍ରୟାସ କରୁଥିଲେ । ତାଙ୍କ ସାହିତ୍ୟନିଷ୍ଠାକୁ ନମସ୍କାର କଲେ ବି ତାଙ୍କ ମୂଳବିରୋଧୀ ଅଭିଯାନକୁ ମୁଁ ଆଦୌ ପସନ୍ଦ କରୁ ନ ଥିଲି ।

ତାଙ୍କ ଭଞ୍ଜ କାବ୍ୟ ଅନୁବାଦ ଚେଷ୍ଟା ବିଫଳ ହେଲେ ମଧ୍ୟ ସ୍ୱାଗତଯୋଗ୍ୟ । ଭକ୍ତକବୟିତ୍ରୀ ଓ ସାହିତ୍ୟମେଳା ତାଙ୍କର ସ୍ମରଣୀୟ କୀର୍ତ୍ତି ।

ସେ ଉତ୍କଳସାହିତ୍ୟସମାଜର ସମ୍ପାଦକ ଥିଲାବେଳେ ମୋଠାରୁ 'ସାହିତ୍ୟ ଓ ନଗ୍ନତା' ଶୀର୍ଷକ ପ୍ରବନ୍ଧ ନେଇ ସମାଜରେ ପାଠ କରାଇଥିଲେ—ମୋଠାରୁ ନାନା ଦିଗରୁ ଦୂରବର୍ତ୍ତୀ ଥିଲେ ବି ମୋତେ ବଡ଼ ଭାଇ ପରି ସ୍ନେହ କରୁଥିଲେ ।

ଲକ୍ଷ୍ମୀନାରାୟଣ ସାହୁ (ମୃତ୍ୟୁ—୧୯।୧।୬୩) ଜୀବନସଂଗ୍ରାମରେ ଓ ସାହିତ୍ୟ ସାଧନାରେ ମୋର ଉତ୍ସାହଦାତା । ସେ ବଡ଼ ଥିଲେ, କିନ୍ତୁ ତାଙ୍କର ବଡ଼ିମା ନ ଥିଲା । ବହୁ ସନ୍ଦର୍ଭରେ ଚଳବୋଳ ହୋଇ ତଳ ଲୋକଙ୍କ ସଙ୍ଗେ ସେ ଘନିଷ୍ଠ ସମ୍ପର୍କ ରଖି ପାରିଥିଲେ । କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରରେ ସେ ଆବଦ୍ଧ ରହୁ ନ ଥିଲେ; ସବୁ ସ୍ତରକୁ ସେ ଅତି ଆପଣାର କରି ପାରିଥିଲେ ।

ତାଙ୍କ ମୁଖ କେବେ ନୈରାଶ୍ୟରେ ମଳିନ ହେବାର ଦେଖିନାହିଁ । ଦୁଃଖ ତାଙ୍କୁ ସ୍ପର୍ଶିବା ଦୂରେ ଥାଉ, ତାଙ୍କ ମର୍ମକୁ ଟିକିଏ ଚଡ଼କେଇ ପାରି ନ ଥିଲା । ନିଜ ଗୋଡ଼ରେ ଛିଡ଼ା ହୋଇ ସେ ମଣିଷ ହୋଇଥିଲେ । ତାଙ୍କ ଆତ୍ମା ଦୁର୍ଜ୍ଜୟ । ସେ ଚିରବିପ୍ଳବୀ । ନିଜର ଯାହା କ୍ଷତି ହେଉ ପଛକେ ପାପ ସହିତ କେବେ ଆପୋସ୍ କରି ନ ଥିଲେ ।

ତାଙ୍କର ବାରଅବାର, ବେଳଅବେଳ, ତିଥିଅତିଥି ନ ଥିଲା, ସେ ଯେତେବେଳେ ଇଚ୍ଛା ଆସୁଥିଲେ, ମାଗି ଖାଉଥିଲେ । ମିଶି ପାରୁଥିଲେ ଶିଶୁରୁ ବୁଢ଼ା, ବାପରୁ ପୁଅ ସମସ୍ତଙ୍କ ସଙ୍ଗେ । ସମସ୍ତେ ତାଙ୍କୁ ଭଲ ପାଉଥିଲେ । କାହା ପ୍ରତି ତାଙ୍କର ଈର୍ଷା ବା ଅସୂୟା ନ ଥିଲା । ତାଙ୍କ ଉପଦ୍ରବ ବଡ଼ ମଧୁର ଥିଲା ।

ସାହିତ୍ୟରେ ବିଶେଷତଃ କବିତାରେ ସେ ଖାମଖିଆଲୀ ଥିଲେ । କେତେବେଳେ କେଉଁ ପ୍ରକାରେ ଲେଖୁଥିଲେ, ଅଳଙ୍କାରଶାସ୍ତ୍ରର ନିଗଡ଼ ସେ ମାନୁ ନ ଥିଲେ । ଛନ୍ଦର

Digitized by srujanika@gmail.com

ତାଙ୍କୁ ଛଡ଼ାଇ ସେ କୃତା କୁତା କରି ଦେଉଥିଲେ । ଏହାର ଅନ୍ୟ ଭେଦ ବି ମାନୁ ନ ଥିଲେ । ଖାତା ଉପରେ ସ୍ୱାକ୍ଷର ଲେଖିଦେବା ପରେ କୋଉରେ ପେନ୍‌ସିଲ୍ ଧରି ଅନ୍ଧାରରେ ଏକା ଦମ୍‌କେ ଗୋଟା ଗୋଟା କବିତା ଲେଖି ଦେଉଥିଲେ । ଯାହା ଲେଖୁଥିଲେ ବଦଳାଇବା ଲାଗି ପ୍ରୟୋଜନ ପଡ଼ୁ ନ ଥିଲା ।

ରେଳଗାଡ଼ିରେ ଗଲାବେଳେ ଚହ୍ଲାଅଚହ୍ଲା ନ ବାଛି ତରୁଣତରୁଣୀଙ୍କ ମଧ୍ୟରେ କବିତାରଚନା, ଗୀତାନ୍ତ ବା ଶ୍ଳୋକାନ୍ତ ପ୍ରତିଯୋଗିତା ଲଗାଇ ଦେଉଥିଲେ । ମନରୁ ଭୟ ଭାଙ୍ଗିବା ଲାଗି ସେ ମୋତେ ଘରକୁ ଡାକି ବକ୍ତୃତା କରାଇ ଥିଲେ । ନିଜେ ହେଉଥିଲେ ଶ୍ରୋତା । ଭେଟି ଦେଉଥିଲେ ଚିନାବାଦାମ୍ ।

ବନ୍ଧୁବାନ୍ଧବଙ୍କୁ ସେ ଭ୍ରାନ୍ତ କରୁ ପାରୁ ନ ଥିଲେ । ତାଙ୍କର ଅସଂଖ୍ୟ ବନ୍ଧୁଙ୍କୁ ଟଙ୍କାଏ ଟଙ୍କାଏ ଉପହାର ଦେଇ ଦେଇ ସବୁତକ ଶେଷ ହୋଇ ଯାଉଥିଲା ।

ଅକ୍ଲାନ୍ତ କର୍ମୀ, ଅକାତର ଲୋକସେବକ, କିନ୍ତୁ ମୃତ୍ୟୁ ପରେ ତାଙ୍କ ଶୋକ-ସଭାରେ ଉପସ୍ଥିତ ହୋଇଥିଲେ ମାତ୍ର କେତୋଟି ଲୋକ ।

ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି (ମୃତ୍ୟୁ—୩୦।୩।୬୩)ଙ୍କ ସଙ୍ଗେ ଜଣେ ପ୍ରାଚୀନ ସାହିତ୍ୟପ୍ରେମୀ ଓ ଆଦର୍ଶ ଶିକ୍ଷକଙ୍କର ବିୟୋଗ ଘଟିଲା । ସାହିତ୍ୟସେବା କେତେକଙ୍କର କୃତ୍ରିମ ସେବା, କେତେକଙ୍କର ପେଷା, କେତେକଙ୍କର କର୍ତ୍ତବ୍ୟ, କିନ୍ତୁ ସାର୍‌ଙ୍କର ଅହୋରାତ୍ର ଧ୍ୟାନ ଥିଲା ।

ଅଜୀବନ ପେଟ୍‌ରୋଗୀ; କିନ୍ତୁ ରୋଗ କେତେବେଳେ ତାଙ୍କ କର୍ମର ବାଧକ ହୋଇ ନ ଥିଲା । ପେଟରେ ତକିଆ ଦେଇ ସେ ଲେଖୁଥିଲେ ବା ପଢ଼ୁଥିଲେ । ସରଳାମହାଭାରତ ସଙ୍କଳନ ଶେଷ କରି ମୁଖବନ୍ଧ ଲେଖୁଥିଲାବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

କିନ୍ତୁ ଲୋକସାହିତ୍ୟ ସାହିତ୍ୟପଦବାଚ୍ୟ ହୋଇପାରେ, ସେ ଧାରଣାରେ ଆସ୍ଥାଶୀଳ ନ ଥିଲେ । ବିଦ୍ୟାର ଉନ୍ନତ ଗିରିଶୃଙ୍ଗରୁ ଭୂତଳକୁ ଅବତରଣ କରି ସାଧାରଣ ସ୍ତରର ଶ୍ରୀ ବା ରସର ମାଧୁରୀ ହୃଦୟଙ୍ଗମ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା ।

ନାରାୟଣମୋହନ ଦେ (ମୃତ୍ୟୁ—୨୦।୧୧।୬୩) ରେଭେନ୍‌ସାକଲେଜରେ ମୋର ଇଂରାଜୀ ଅଧ୍ୟାପକ ଥିଲେ । ତାଙ୍କ ଘର ବାଲେଶ୍ୱର ଜିଲାର ବାହାଦୂର ଗ୍ରାମରେ । 'ଜୟନ୍ତୀ' ଓ 'ବୈଜୟନ୍ତୀ' ନାମରେ ତାଙ୍କର ଦୁଇଖଣ୍ଡି କବିତାପୁସ୍ତକ ପ୍ରକାଶିତ

Digitized by srujanika@gmail.com

ହୋଇଥିଲା । ତାଙ୍କ କବିତା କ୍ଲିଷ୍ଟ ଶବ୍ଦଯୋଜନା ଯୋଗୁଁ ମୁଖପାଠ୍ୟ ହେଉ ନ ଥିଲା । ଶେଷ ଜୀବନରେ ସେ କବିତାକୁ ସରଳତର କରିଥିଲେ, ସେସବୁ କଲେଜରେ ପାଠ୍ୟ ପୁସ୍ତକ ରୂପେ ନିର୍ବାଚିତ ହୋଇଥିଲା । ଯୁଗୋପଯୋଗୀ ନ ହେବାରୁ ଶେଷ ଜୀବନରେ ରଚିତ ତାଙ୍କ ସମାଲୋଚନାଗ୍ରନ୍ଥସବୁ ଛାତ୍ରମହଲରେ ଲୋକପ୍ରିୟ ହୋଇପାରି ନ ଥିଲା ।

ସବୁ ବୟସରେ ଯୁଗ ସହିତ ପାଦ ମିଳାଇ ଚାଲିବା ସମ୍ଭବ ହୁଏ ନାହିଁ, ପ୍ରୌଢ଼ ବା ବୃଦ୍ଧ ହେବା ପୂର୍ବରୁ ଶୈଳୀ ଗୋଟିଏ ସ୍ଥିରନିର୍ଦ୍ଦିଷ୍ଟ ରୂପ ନେଇଥାଏ, ତାହା ବଦଳାଇବା ଆଉ ସମ୍ଭବ ହୁଏ ନାହିଁ । ବାରମ୍ବାର ଯୁଗୋପଯୋଗୀ ଚେଷ୍ଟାରେ ଶ୍ରୀ ଦେ ବିଫଳ ଓ ଚକ୍ଷୁ ଆଉ ଥାଉଁ ପ୍ରାପ୍ତ ବିସ୍ମୃତ ହୋଇଥିଲେ । ଆଜୀବନ ସାଧକ ପକ୍ଷରେ ଏହା ବିଶେଷ ପୀଡ଼ାଦାୟକ ହୋଇଥିଲା ।

'ଯା କିଛି ମୋହର ସବୁ ହେଉ ତୁମମୟ' । 'ପ୍ରଶାନ୍ତି' କବିତା ପୁସ୍ତକର ଏ ପାଦଟିକୁ ସେ ସମାଲୋଚନା କରିଥିଲେ । 'ତୁମମୟ' କିପରି ହେଲା ? ମୁଁ ଉତ୍ତର ଦେଇଥିଲି—ଆଗେ ସାହିତ୍ୟ, ପରେ ବ୍ୟାକରଣ । 'ତୁମମୟ' ଅଭିବ୍ୟକ୍ତିଟି ସୁନ୍ଦର କି ନୁହେଁ, କହନ୍ତୁ । ବ୍ୟାକରଣ ତାକୁ ପରେ ନିୟମବଦ୍ଧ କରିପାରେ ।

ମୁଁ ଛାତ୍ର ଥିବା ବେଳେ ରେଭେନ୍‌ସାକଲେଜରେ ଦୁଇ ଶ୍ରେଣୀର ଅଧ୍ୟାପକ ଥିଲେ—କେତେକ ବିଦ୍ୱାନ୍, ଗବେଷକ; ଅଧିକାଂଶ ତପସ୍ୱୀ । କାଶୀନାଥ ଦାଶ (ମୃତ୍ୟୁ—୧୭।୧।୭୪) ଦ୍ୱିତୀୟ ଶ୍ରେଣୀର ଅନ୍ତର୍ଗତ ଥିଲେ । ଉତ୍କୃଷ୍ଟ ଅଧ୍ୟାପନା ପ୍ରତି ତାଙ୍କର ଦୃଷ୍ଟି ନ ଥିଲା ।

ତାଙ୍କ ମୃତ୍ୟୁରେ ଓଡ଼ିଆବିଭାଗର ମୁଖ୍ୟ ଇଂରାଜୀରେ ଗୋଟିଏ ଶୋକପ୍ରସ୍ତାବ ପାଠ୍ କରାଇଥିଲେ । ସଂସ୍କୃତ ବା ଓଡ଼ିଆରେ କାହିଁକି ପ୍ରସ୍ତାବ ନ ଲେଖିଲେ ପଚାରିବାରୁ ଜବାବ୍ ମିଳିଲା ପରମ୍ପରା ।

'ଏ ପରମ୍ପରା ନିରର୍ଥକ, ସ୍ୱର୍ଗତ ସଂସ୍କୃତ ଓ ଓଡ଼ିଆ ଅଧ୍ୟାପକଙ୍କ ପ୍ରତି, ଓଡ଼ିଆଭାଷା ପ୍ରତି ଏହା ଏକ ଅସମ୍ମାନ' ।

ମୁଖ୍ୟ ଅଧ୍ୟାପକ ରାଗି ଲାଲ୍ ହୋଇଗଲେ, ତାଙ୍କ ବିଭାଗର ଜଣେ ଦୁର୍ବିନୀତ ଏପରି କହୁଛି ବୋଲି । କିନ୍ତୁ ଏ ଔଦ୍ଧତ୍ୟ ପ୍ରଦର୍ଶନକୁ ମୁଁ ଏକ ଜାତୀୟ କର୍ତ୍ତବ୍ୟ ମନେ କରିଥିଲି ।

Digitized by srujanika@gmail.com

ଯଦୁମଣି ମଙ୍ଗରାଜ (ମୃତ୍ୟୁ—୩।୧।୬୪) ଜଣେ ଓଡ଼ିଆପ୍ରେମୀ ବ୍ୟକ୍ତି ଥିଲେ, ବିଚ୍ଛିନ୍ନାଞ୍ଚଳ ମିଶ୍ରଣ, ଓଡ଼ିଶାର ସମୃଦ୍ଧି ତାଙ୍କର ଧ୍ୟେୟ ଥିଲା। ବକ୍ତୃତାରେ ହଜାର ହଜାର ବ୍ୟକ୍ତିଙ୍କୁ ମନ୍ତ୍ରମୁଗ୍ଧ କରି ରଖିବା ଶକ୍ତି ତାଙ୍କର ଥିଲା।

୧୯୫୪ର ସମାବର୍ତ୍ତନ ଉତ୍ସବରେ ଶାନ୍ତିନିକେତନର ଆମ୍ରକୁଞ୍ଜରେ ମୁଁ ଆଚାର୍ଯ୍ୟ ପଣ୍ଡିତ ଜବାହରଲାଲ୍ ନେହେରୁ (ମୃତ୍ୟୁ-୨୭।୫।୬୪)ଙ୍କ ହାତରୁ ସପ୍ତପର୍ଣ୍ଣୀ ପତ୍ରପୁଞ୍ଜ ସହିତ ପିଏଚ୍.ଡ଼ି. ଡିଗ୍ରୀ ଗ୍ରହଣ କରିଥିଲି।

ତାଙ୍କ ପ୍ରାକ୍ ମୃତ୍ୟୁ ଇଚ୍ଛା ବଡ଼ କାବ୍ୟିକ ଥିଲା—ତାଙ୍କ ଚିତାଭସ୍ମକୁ ଭାରତର ମାଟି ପାଣି ପବନରେ ମିଶାଇ ଦିଆ ହୋଇଥିଲା। ସେ ଚିରଉତ୍ସାହୀ ସୈନିକ, ଜୀବ-ସ୍ପୃହାପନ୍ନ, ମୁକ୍ତପ୍ରାଣ ଓ ପ୍ରସନ୍ନାତ୍ମା। ମୁଁ ଏବେ ବି ପୂଜା କରେ ତାଙ୍କର ସବୁଜ ଆତ୍ମାକୁ, ଯାହା ବାର୍ଦ୍ଧକ୍ୟରେ ଢଳେଇହେଲେ ପରାଭୂତ ହୋଇ ନ ଥିଲା।

କାଳିପ୍ରସନ୍ନ ଦାସ (ଜନ୍ମ-୧୮୯୭, ମୃତ୍ୟୁ ୨୮।୭।୬୪) ମୃତ୍ୟୁ ପୂର୍ବରୁ ଜନ୍ମସ୍ଥାନ ଷଡ଼େଇକଳା ଗୁଡ଼ି କଟକରେ ମୋ ବସା ପାଖେ ଆସି ରହୁଥିଲେ। ତାଙ୍କ ରଚନାସବୁ ଗ୍ରନ୍ଥାକାରରେ ପ୍ରକାଶିତ ନ ହେବାରୁ ସେ ବ୍ୟଥିତ ହେଲେ। ବହୁ ବର୍ଷ କାଳ 'ସହକାର' ପୃଷ୍ଠାରେ ତାଙ୍କର ସାକ୍ଷାତ ମିଳୁଥିଲା, ହଠାତ୍ କ'ଣ ହେଲା, ସେ ଧାରା ବନ୍ଦ ହୋଇଗଲା।

ସେ ବହୁ କବିତା, ଉପନ୍ୟାସ, ନାଟକ ଓ କ୍ଷୁଦ୍ରଗଳ୍ପ ରଚନା କରିଥିଲେ। ବିଚ୍ଛିନ୍ନାଞ୍ଚଳରେ ରହି ସେ ଯେପରି ଭାବେ ସାହିତ୍ୟସେବା କରି ଯାଇଛନ୍ତି ତାହା ଚିରକାଳ ଏକ ଦୃଷ୍ଟାନ୍ତ ହୋଇ ରହିବ। ତାଙ୍କ ମୃତ୍ୟୁ ପରେ କଟକରେ ଶୋକ ସଭାଟିଏ ହୋଇପାରି ନ ଥିଲା। ବଞ୍ଚି ଥାଉଁ ଥାଉଁ ଲୋକେ ତାଙ୍କୁ ଭୁଲି ଯାଇଥିଲେ।

୧୯୫୩ରେ ଶିଳ୍ପୀଗୁରୁ ବିମ୍ବାଧର ବର୍ମାଙ୍କ ସହିତ ପୁରୀ ଡାକ୍ତରଖାନାରେ ମୋର ପ୍ରଥମ ଓ ଶେଷ ସାକ୍ଷାତ ହୋଇଥିଲା। ଅସ୍ତସୂର୍ଯ୍ୟର ମହିମ୍ନ ମାଧୁରୀରେ ସେତେବେଳେ ସେ ଗୌରବାନ୍ୱିତ। ବିକଟ ଦାରିଦ୍ର୍ୟ, ବ୍ୟାଧିରେ କରୁଣ ବିଦାୟ ନେଉଥାନ୍ତି—'ଧରାସୂର୍ଯ୍ୟ' ଛବିର ସତେ ଯେପରି ସୂର୍ଯ୍ୟ ସେ।

'ପଲ୍ଲୀବଧୂ'ରେ ଲୌକିକର ପରିସୀମାରେ ସେ ଅଲୌକିକତା ଫୁଟାଇ ଥିଲେ। ପଲ୍ଲୀବଧୂର ମୁଖ ଓଡ଼ିଶାର ଗୋଟିଏ ପ୍ରତିନିଧିମୂଳକ ମୁଖ, ଅନ୍ତରଙ୍ଗ ମାଧୁର୍ଯ୍ୟ ଓ ସୌକୁମାର୍ଯ୍ୟରେ ଭରପୂର। ଓଡ଼ିଶାର 'ମୋନାଲିସା' ସେ, ଆଧୁନିକ

Digitized by srujanika@gmail.com

ଭାରତୀୟ ଚିତ୍ରଶିଳ୍ପର ଏକ ଗୌରବ । ଓଡ଼ିଆ ଜୀବନ ଓ ଚରିତ୍ର ଚଳଣି ଆଧୁନିକତାର ଜୁଆରରେ ଲୁଚି ଯାଉଁ ଯାଉଁ ଆଙ୍କି ହୋଇ ଯାଇଥିଲା ଏଇ ଚିତ୍ରରେ ।

ଶ୍ରୀ ବର୍ମାଙ୍କ 'ଗୋଧୂଳିସ୍ୱପ୍ନଗିଣୀ' ଚିତ୍ର ଦେଖି ମୁଁ ଲେଖିଥିଲି—'ଗୋଧୂଳିର ଆତ୍ମା' କବିତା—ଗୋଧୂଳି ଶରୀରରେ ଗୋପାଳ ବାଳକର ଆନନ୍ଦାତ୍ମା ।

ଲୋକନାଥ ପଟ୍ଟନାୟକ ପୁରୀର ଜଣେ ନାମଜାଦା ଓକିଲ ଥିଲେ, କିନ୍ତୁ ସଙ୍ଗୀତଚର୍ଚ୍ଚା ତାଙ୍କର ମୁଖ୍ୟ ବିନୋଦନ ଥିଲା । 'ସମସ୍ତ ସମ୍ପତ୍ତି ଗ୍ରାସିବାକୁ ହେବ''—ଏଇ ସାଧାରଣ ସତ୍ୟଟି ସଂସାରମୂଢ଼ ଅନେକଙ୍କ ପରି ପୁତ୍ର ସନ୍ତାନହୀନ ଲୋକନାଥବାବୁ ବୁଝି ବୁଝି ନ ଥିଲେ । ତାଙ୍କ ବିଦାୟ ପରେ ବିସ୍ତର ସମ୍ପତ୍ତି ତ ବରବାଦ୍ ହେଲା, ତା ସହିତ ମୂଲ୍ୟବାନ ସଙ୍ଗୀତ ବି ଲୋପ ପାଇଗଲା; ସଙ୍ଗୀତର ସଙ୍କଳନଟିଏ ପ୍ରକାଶିତ ହୋଇପାରିଲା ନାହିଁ ।

କର୍କଟରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଲାଗି ଶ୍ରୀ ଗୋଦାବରୀଶ ମହାପାତ୍ର ଭେଲୋର୍ ଯାଇଥିଲେ, ରୋଗଶଯ୍ୟାରେ କେତୋଟି କବିତା ଲେଖି ସେ କଟକ ଫେରିଥିଲେ, ମନରେ ଆରୋଗ୍ୟଲାଭର ଆଶା । ହାଡ଼ ଚର୍ମ ମାତ୍ର ଅବଶିଷ୍ଟ । ପାଦ ଦଉଡି ଆଉଁସି ଦେଉଁ ଦେଉଁ ମୁଁ ତାଙ୍କର ସେଇ କବିତାସବୁ ଶୁଣୁଥିଲି; ମଝିରେ ମଝିରେ ଗୋଟାଏ ଗୋଟାଏ ଦୀର୍ଘଶ୍ୱାସ ପକାଇ । କାରଣ ମୁଁ ଜାଣିଥିଲି—ଏଇ ଶେଷ । ଜୀବନମରଣ ମଧ୍ୟରେ ଝୁଲୁଥିବା ଲୋକର ଏଇସବୁ ଇତିଶ୍ରୀ କବିତା ଶ୍ରୁତିରେ ମୋର ଲୁହ ପରି ବୋଲି ହୋଇ ଯାଉଥିଲା ।

ପେଟର ଚମ ପିଠିରେ ଲାଗିଥିଲା, ଆଖି ଗାଡ଼େ ଗାଡ଼େ ପଶିଥିଲା, ଦନ୍ତହାଡ଼ ଭିତରୁ କ୍ଷୀଣ ସ୍ୱରରେ ବାହାରୁଥିଲା ସେଇ କେତୋଟି ପଦ୍ୟ କବିତା ।

ଜୀବନସାରା ସେ ବିକଟ ଦାରିଦ୍ର୍ୟ ସହିତ ସଂଗ୍ରାମ କରିଥିଲେ । ସୌଖୀନଭାବେ ସ୍ଥିର ମନରେ ବସି ସାହିତ୍ୟରଚନା କରିବାର ସୁଯୋଗ ତାଙ୍କୁ ଅଳ୍ପ ମିଳିଥିଲା । କାବ୍ୟ, ଗଳ୍ପ, ଉପନ୍ୟାସ କାହିଁରେ କଳାର ଉଚ୍ଚତମ ଚୂଡ଼ା ସ୍ପର୍ଶ କରିବାଲାଗି ନିଷ୍ଠାପର ସାଧନାର ସୁଯୋଗ ସେ ପାଇ ନ ଥିଲେ । 'ନିଆଁଖୁଣ୍ଟା' ଯୋଗୁଁ ଏକ ସ୍ୱତନ୍ତ୍ର ବିଭାଗରେ ସାଧନାର ସୁଯୋଗ ପାଇଲେ, ବ୍ୟଙ୍ଗକବି ଭାବରେ ପ୍ରତିଷ୍ଠିତ ହେଲେ । ଅତି ନୀରସକୁ ସରସ କରିବାର ଅଦ୍ଭୁତ ଦକ୍ଷତା ତାଙ୍କର ଥିଲା । ବିଦ୍ୟାର ଅବମାନନା, ନେତାର ଦୁର୍ନୀତି, ପ୍ରତିମାପୂଜା ନାମରେ ଆତ୍ମପୂଜା, ପୁଞ୍ଜିପତିର ଶୋଷଣ ଏହି ଭଳିକି ଦୈନିକ ଓ ତାଙ୍କର ଲେଖନୀକୁ ଗୋଟିଏ ସଙ୍ଗୀନ୍‌ରେ ପରିଣତ କରିଥିଲା ।

Digitized by srujanika@gmail.com

ଓଡ଼ିଆ ଜାତିର ଜଣେ ବିବେକୀ ଅଭିଭାବକ ଥିଲେ ସେ । ଭିତରୁ ଖସିଯାଇ ଅନ୍ୟମାନେ ରଚନା କରୁଥିବା ବେଳେ ସେ ଭିତରେ ପଶି ସାହିତ୍ୟ ସର୍ଜନା କରୁଥିଲେ । 'କଳା ଲାଗି କଳା' ତତ୍ତ୍ୱରେ ସେ ବିଶ୍ୱାସୀ ନ ଥିଲେ । ତାଙ୍କ ସାହିତ୍ୟ ଥିଲା ଜନତାର ସେବକ ।

କିନ୍ତୁ ତାଙ୍କ ପରି ଜଣେ ସାତ୍ତ୍ୱିକ ବିଚିତ୍ରବର୍ମାଙ୍କ ଶୋକସଭାରେ ମାତ୍ର ପନ୍ଦର ଜଣ ଲୋକ ଉପସ୍ଥିତ ଥିଲେ, ସେଥିମଧ୍ୟରୁ ବକ୍ତା ଦଶ ଜଣ । ମୁଁ ସଭାପତି ଭାଷଣ ଦେଲାବେଳକୁ ଶ୍ରୋତା ସଂଖ୍ୟା ବିରଳତର ହୋଇ ଯାଇଥିଲା । ତାଙ୍କ ଜନ୍ମ ୧୮୯୮; ମୃତ୍ୟୁ-୨୫।୧୧।୬୫ ।

ବୈରାଗୀ ମିଶ୍ର (ମୃତ୍ୟୁ-୧୯।୨।୬୬)ଙ୍କ ଚଳଣିରେ କିଛି ହେଲେ ଚମକ ନ ଥିଲେ ବି ସେ ମୋ ସମୟରେ ଓଡ଼ିଶାର ଜଣେ ବଡ଼ ଲୋକ ଥିଲେ । କଲେଜଛାତ୍ର ଥିଲାବେଳେ ତାଙ୍କ ବୈପ୍ଳବିକ ସମାଜସଂସ୍କାରଧାରା ମୋତେ ପ୍ରଭାବିତ କରୁଥିଲା । ତା ଫଳରେ ପରବର୍ତ୍ତୀ କାଳରେ 'ଅହିଅ ସିନ୍ଦୂର ଟୋପା ବିରାଜୁ ଥାଉ' କବିତା ଲେଖିବାକୁ ସମର୍ଥ ହୋଇଥିଲି ।

ଚିନ୍ତାଧାରାରେ ସେ ଏକାନ୍ତ ମୌଳିକ ଥିଲେ ଓ ତାକୁ କାର୍ଯ୍ୟରେ ପରିଣତ କରିବାଲାଗି ଅକାତରରେ ଯାବତୀୟ ଦୁଃଖକ୍ଳେଶ ବରଣ କରୁଥିଲେ । ନିଜକୁ ସୁଖୀ କରିବା ଲାଗି ସେ ଦିନେ କାହାକୁ ଦୁଃଖୀ କରି ନ ଥିଲେ । ଭାସି ଯାଉଥିବା ଶତ ଶତ ଜୀବନତରୀକୁ ସେ କୂଳରେ ଲଗାଇ ଦେଇଥିଲେ । ବିଧବା ଓ ପତିତାଙ୍କୁ କୁଳବଧୂର ମର୍ଯ୍ୟାଦା ଦେବାଲାଗି ସେ ବହୁ ଲାଞ୍ଛନା ବରଣ କରିଥିଲେ । ମାତ୍ର ଦଶ ଟଙ୍କାରେ ବିବାହ, ଏକ ଟଙ୍କାରେ ବ୍ରତ ସମାପନ କରି ସେ ବହୁ ଦରିଦ୍ର ବ୍ୟକ୍ତିଙ୍କୁ ଋଣଦାୟରୁ ମୁକ୍ତ କରିଥିଲେ ।

ନିଜର ବୈଷୟିକ ଉନ୍ନତି ଲାଗି ସେ ଦିନେ ହେଲେ ଚେଷ୍ଟା କରି ନ ଥିଲେ, ସେ କଲେକ୍ଟରି କଚେରୀରେ ମାସିକ ସତୁରି ଟଙ୍କା ଦରମାରେ ଜଣେ କିରାଣୀ ମାତ୍ର ଥିଲେ । ସତୁରି ଟଙ୍କାରୁ ବଢ଼ି ତାଙ୍କ ଦରମା ଯେତେବେଳେ ନବେ ଟଙ୍କା ହେଲା, ସେତେବେଳେ ସେ ସରକାରଙ୍କ ନିକଟକୁ ଲେଖିଲେ—'ଏତିକି ଟଙ୍କାରେ ମୋର ବେଶ୍ ଚଳି ଯାଉଛି, ଏ ଅଧିକ ଦରମା ଟଙ୍କା ଆଉ କାହାକୁ ଦିଅ ।'

ଜୀବନରେ କୌଣସି ପଦ ପଦବୀର ଲାଳସା ସେ କରି ନ ଥିଲେ ।

"ମାଳଭାଇ ତାଙ୍କୁ କାନ୍ଧରେ ବୋହିବେ ନାହିଁ, ତାଙ୍କ ମୃତାହର୍ନିସ୍ଥାରେ ଶୁଦ୍ଧି ଶ୍ରାଦ୍ଧାଦି ପାଳିତ ହେବ ନାହିଁ, ରକ୍ତସମ୍ପର୍କୀୟ କେହି ଉପବାସ କରିବେ ନାହିଁ,

Digitized by srujanika@gmail.com

ମଟରରେ ବୃନ୍ଦାବନେ ଯାଇ ଶବସତ୍କାର କରିଦିଅ"—ଏ ତାଙ୍କର ଅନ୍ତିମ ଇଚ୍ଛା ଥିଲା । ତାହା କାର୍ଯ୍ୟରେ ପରିଣତ କରି ଯାଇଥିଲା ।

ସତ୍ୟନିଷ୍ଠା ଓ କର୍ତ୍ତବ୍ୟର ସେ ମୂର୍ତ୍ତି ପ୍ରତୀକ ଥିଲେ । ତାଙ୍କ ସରଳ ନିରହଙ୍କାର ଜୀବନଯାତ୍ରା, ଅନ୍ଧାନୁସରଣ, ଅନ୍ଧାନୁକରଣ ବିରୁଦ୍ଧରେ ତାଙ୍କର ଅକ୍ଳାନ୍ତ ସଂଗ୍ରାମ ମୋର ଗଭୀର ଭକ୍ତିପ୍ରୀତି ଜାଗ୍ରତ କରିଥିଲା । ମୋ କାଳ୍ପନିକ ଉଚ୍ଚ ମାନବତାର ସେ ସ୍ଥୂଳ ରୂପ ହିଁ ଥିଲେ ।

ଗୋବିନ୍ଦ ମିଶ୍ର (ମୃତ୍ୟୁ-୩।୪।୭୭)—ସେଦିନ ସକାଳେ ବିଶ୍ବମିଳନରେ ଶ୍ରୀ ମିଶ୍ରଙ୍କୁ ଦେଖିଥିଲି । ଉପରବେଳା ସେଇ ଉତ୍ସବକୁ ସେ ବାହାରିଥିଲେ, ପଟେ ଜୋତା ପିନ୍ଧି ଆଉ ପଟେ ପିନ୍ଧିଲା ବେଳକୁ ତାଙ୍କ ପ୍ରାଣବାୟୁ ଉଡ଼ିଗଲା । 'ସମାଜ' ଗାଡ଼ିରେ ଡାକ୍ତରଖାନାକୁ ଓ ସେଠୁ ସେହି ଗାଡ଼ିରେ ସେ ମଶାଣିକୁ ବୁହା ହୋଇଗଲେ, ସେ ଦିନର ବିପ୍ଳବୀ, ଗାନ୍ଧୀଆଶ୍ରମବାସୀ, ଚମ୍ପାପୁର ଆଶ୍ରମର ପ୍ରତିଷ୍ଠାତା, 'ଜାତୀୟ ଜୀବନର ଆତ୍ମପ୍ରକାଶ'ର ଲେଖକ ଅମାୟିକ କର୍ମୀ ଓ ସାହିତ୍ୟିକ ଥିଲେ ଗୋବିନ୍ଦ ମିଶ୍ର; ୭୭ ବର୍ଷରେ ତାଙ୍କର ମୃତ୍ୟୁ ହେଲା ।

୧୭।୪।୭୬-ନନ୍ଦଲାଲ୍ ବୋଷ

ମୁଁ ସେଦିନ ଶାନ୍ତିନିକେତନରେ ପହଞ୍ଚିଲାବେଳକୁ ଚତୁର୍ଦ୍ଦିଗରେ ଶୋକୋଚ୍ଛ୍ୱାସ, ଦାହକାର୍ଯ୍ୟ ଶେଷ ହୋଇ ଯାଇଥିଲା ।

ଶାନ୍ତିନିକେତନ ଗଲେ ପ୍ରତିଥର ତାଙ୍କୁ ଯାଇ ଦେଖି ଆସୁଥିଲି । ବିପୁଳ ପ୍ରତିଷ୍ଠା ସଙ୍ଗେ ଅଭୁତ ବିନମ୍ର ଓ ସାରଲ୍ୟ । ମନ ଭାବରାଜ୍ୟରେ ବିଚରଣ କଲେ ମଧ୍ୟ ଗୋଟି ଗୋଟି ବ୍ୟକ୍ତିଗତ ସୁଖଦୁଃଖ ପଚାରି ବୁଝୁଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ତୂଳି ଚାଲିଥିଲା—ବସି କେତେବେଳେ ଶୋଇ । ଗୁଣମାନଙ୍କୁ ଲିଖିତ ତାଙ୍କର ପ୍ରତ୍ୟେକ ପତ୍ର ଚିତ୍ରିଳ ଥିଲା, ବିଶେଷତଃ ଲିଖିତ ବିଦାୟବାର୍ତ୍ତା ।

ଓଡ଼ିଶାର ଆଧୁନିକ ମୂର୍ତ୍ତିମାନଙ୍କରେ ସାହେବୀ ମୁଖ ଲଗା ହେବାର ଦେଖି ସେ କହୁଥିଲେ –

ଭାରତରେ ଓଡ଼ିଆ ମୁଖଗଠନର ଏକ ବୈଶିଷ୍ଟ୍ୟ ଅଛି । ମୁଁ ତାହା ଅନୁଧ୍ୟାନ କରିଛି । ଓଡ଼ିଆ ମୁହଁ ଗୋଲ (ଠିକ 'O' ବର୍ତ୍ତୁଳ ଚନ୍ଦ୍ରାନନ), ସୁନ୍ଦର । ନିଜର ସୁନ୍ଦର ମୁଖ ଥାଉଁ ଥାଉଁ ତୁମେ ଅନ୍ୟର ମୁଖ ଅନୁକରଣ କରୁଚ କାହିଁକି ?

Digitized by srujanika@gmail.com

ଏଇ ତାଗିଦ୍ ସଙ୍ଗେ ଓଡ଼ିଆ ଗୁଡ଼ଗୁଡ଼ୀ ନଜର ଦେଉଳ, ବିମାନ, ପାଲିଙ୍କି, ସବାରି, ପଟଚିତ୍ର, ଗଞ୍ଜପା, ଚଟା, ରଥ, ବୁନ୍ଦୁଆ, ଛତ୍ର, ଝାସ, ଆଢେଣି, ସିଂହାସନ ସିଂହଦ୍ୱାର ଚୁଡ଼ ଅଜନ୍ତା, ଏଲେସୁର ଝିଡ, ଶାନ୍ତିନିକେତନରେ ପ୍ରଚଳିତ ଚୀନ୍ ଜାପାନୀ ରୀତ ଅନୁକରଣ କରୁଥିଲେ ।

ସେ କଳାଭବନର ଅଧକ୍ଷ ଥିବା ପର୍ଯ୍ୟନ୍ତ ଗଛବୃଛରୁ ପତ୍ରଟିଏ ଛିଣ୍ଡାଇ ଦେଉ ନ ଥିଲେ, ଅଭୁତ ପ୍ରକୃତିପ୍ରିୟତା – ରବୀନ୍ଦ୍ରଙ୍କ ସୃଷ୍ଟି -- ତାଙ୍କର ଲଳନା । ରବୀନ୍ଦ୍ର ଯାହା ଲେଖିଛନ୍ତି ନନ୍ଦଲାଲ୍ ଅଙ୍କିଛନ୍ତି ରେଖା ଓ ରଙ୍ଗରେ । ଭାରତୀୟ ଲୋକକଳା ପ୍ରତି ସେ ପହିଲେ ଭାରତୀୟ ବିଦ୍ୱାନ୍ ଦୃଷ୍ଟି ଆକର୍ଷଣ କରିଥିଲେ । ଇ.ବି. ହାଭେଲ୍ ଓ ଅବନୀନ୍ଦ୍ରନାଥଙ୍କ ସହିତ ସେ ଭାରତୀୟ ପାରମ୍ପରିକ କଳାର ପୁନରୁଦ୍ଧାର କରିଥିଲେ । ଅଜନ୍ତାର ଅନୁକରଣରେ ସେ ଚୀନାଭବନରେ ଓ 'ନନ୍ଦନ'ରେ ଭିତ୍ତିଚିତ୍ର ଅଙ୍କନ କରିଥିଲେ । ଯେପରି ଶିଳ୍ପୀ, ସେପରି ମହାନୁଭବ ।

ପଣ୍ଡିତ ନୀଲକଣ୍ଠ ଦାଶ (ଜନ୍ମ ୧୮୮୪, ଅଗଷ୍ଟ ୫ ତାରିଖ—ମୃତ୍ୟୁ ନଭେମ୍ବର ୬, ୧୯୬୭)

'ନନାଙ୍କ ଦେହ ଭଲ ନାହିଁ, ଦେଖିଯାଅ,' ବିଜୟବାବୁ ଖବର ଦେଇଥିଲେ । କିନ୍ତୁ ମୁଁ ପହଞ୍ଚିଲାବେଳକୁ କଥା ଶେଷ । କିନ୍ତୁ ପଣ୍ଡିତଙ୍କ ମୁଖରେ ମୃତ୍ୟୁର କୌଣସି ଅଭାସ ନ ଥିଲା । ଦେହପର ଅକୁଞ୍ଚିତ, ଜ୍ଞାନଭାସ୍ୱର ଲଲାଟ, ଉଜ୍ଜ୍ୱଳ ମୁଖମଣ୍ଡଳ । ଆଖିଦିଓଟି ବୁଜି ହୋଇଯାଇଛି ମାତ୍ର ।

ପଣ୍ଡିତଙ୍କ ମନ୍ଦାର ଫୁଲକୁ ଭାରି ଭଲ ପାଉଥିଲେ, ଟିଅ ଶାରଦାର ବଗିଚାରେ ସେ ନିଜେ ଗୋଟିଏ ମନ୍ଦାର ଗଛ ଲଗାଇଥିଲେ । ନିର୍ଜନ ମୁହୂର୍ତ୍ତମାନଙ୍କରେ ମନ୍ଦାର ଗଛକୁ ଚାହିଁ ବସୁଥିଲେ । ତାଙ୍କର ସେଇ ପ୍ରିୟ ଗଛରୁ ଫୁଲଗୁଡ଼ିଏ ତୋଳା ହୋଇ ଶବ ଉପର ବହୁ ହାର ମଧ୍ୟରେ ଝିଡ଼ା ହେଲା, ବୋଲହେଲା କାନ୍ଦ ସ୍ୱରରେ

'କି ଭରିଲା ଆଜ ରଜନୀ ବହେ ଝଞ୍ଜା ପବନ
ତାର ନ ବଣଇ ଚଗନେ ଶୁଭେ ଘନ ଗର୍ଜନ
ମୂଷଳ ଧାରରେ ବରଷା ହଏ ଲକ୍ଷ୍ମୀ କେବେ
ଶୋଇ ପଡ଼ିଚ ତ ବାପାହେ ଶୁଣି ନ ଥିବ ଲବେ ।'

ନାତମାନଙ୍କ କଣ୍ଠରେ ଏ ଗୀତ ବଡ଼ ସମୟୋପଯୋଗୀ ଓ ପ୍ରଶସ୍ତାତ୍ମକ ଶୁଣାଯାଉଥିଲା ।

Digitized by srujanika@gmail.com

ପ୍ରାୟ ୩୦ ବର୍ଷ ହେଲା ଏଇ ବୃଦ୍ଧ ମନସ୍ୱୀ ଓ ମହାନ୍ ହୃଦୟ ସହିତ ମୋର ସମ୍ପର୍କ ସ୍ଥାପିତ ହୋଇଥିଲା। ସେ ମୋତେ ଲେଖାଉଥିଲେ, ମୁଁ ତାଙ୍କୁ ଲେଖାଉଥିଲି—ସଂସ୍କୃତ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଥିଲାବେଳେ 'ସଂସ୍କୃତ ଓ ସଂସ୍କୃତି', ବାଲେଶ୍ୱରରେ ଅଧ୍ୟାପକ ଥିଲାବେଳେ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ତାଙ୍କ ଶେଷ ଜୀବନରେ 'ଆତ୍ମ ଜୀବନୀ'; ଆତ୍ମଜୀବନୀ ନୀଳକଣ୍ଠଙ୍କ ସୁସ୍ଥ ଅବସ୍ଥାରେ ଯାହା ଲେଖାଇଥିଲେ ଛପାଗଲା। ତା'ପରେ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଶତପଥୀ ଓ ବୈରାଗୀ ଜେନାଙ୍କୁ ପଢ଼ାଇ ଏହା ଶେଷ କରାଇଥିଲି। କିନ୍ତୁ ସେତେବେଳେ ପଣ୍ଡିତ ମହାଶୟ ସ୍ଥବିର, ତାଙ୍କ ସ୍ମୃତିଶକ୍ତିର ହ୍ରାସ ଘଟିଥିଲା, ତେଣୁ ଆଗ ଲେଖା ଭଳି ଏହା ସୁନ୍ଦର ଓ ସରସ ହୋଇପାରିଲା ନାହିଁ।

ଏ ପ୍ରଦେଶରେ ସେ କେତେ ସରକାର ଗଢ଼ିଥିଲେ, ଭାଙ୍ଗିଥିଲେ; କିନ୍ତୁ କେବେ ସେ ସରକାରରେ ରହି ନ ଥିଲେ। ଓଡ଼ିଶା ସରକାର ଆଜି ତାଙ୍କୁ ସମ୍ମାନ ଦେଇ ପଟିଆରରେ ବୁଲାଇ ସତ୍ୟବାଦୀ କୁ ନେଲେ। କିନ୍ତୁ ତାଙ୍କ ସଙ୍ଗେ କୌଣସି ସାହିତ୍ୟିକଙ୍କୁ ନିଆ ହେଲାନାହିଁ।

ଏବେ ସତ୍ୟବାଦୀ ବକୁଳକୁଞ୍ଜରେ ତାଙ୍କ ସମାଧି ଉପରେ କ'ଣ ଲେଖା ରହିବ, ପଣ୍ଡିତଜୀଙ୍କ ଜାମାତା ଦ୍ୱାରକାନାଥ ଦାଶ ମୋତେ ପଚାରି ଆସିଥିଲେ—ମୁଁ ପଣ୍ଡିତଜୀଙ୍କ ରଚିତ ନିମ୍ନ ଦୁଇଟି ପଦ ବାଛି ଦେଇଥିଲି।

କେଉଁ ରାଇଜରୁ ଆସୁଛୁ ? କହ ବଗାସୀ ମୋରେ
ଓଡ଼ିଆ ବୋଇତ ଖବର କିଛି ଆଣିଛୁ କିରେ ?
ନୀଳ ବୀଚି ଭାଙ୍ଗି ଆସୁଛୁ ତଡ଼ି ବରଷା ଧାର
କାଳ ବୀଚି ଭାଙ୍ଗି ଧୀରଣେ ଦୂରେ ଯାଉଛୁ ସରି।

'ବିଶ୍ୱଥାଅ କବି ଆଉ କେତେ ଦିନ
ଇଚ୍ଛାହୋଇ ଏହି ଶରୀରେ ଧରି
ବିଜନ ପୁଳିନେ ଗାଉଥାଅ ଗୀତ,
ତରଙ୍ଗେ ଶୁଣିବ ତଟିନୀ ବାରି।'

ଅଧ୍ୟାପକ ଡକ୍ଟର୍ କରୁଣାକର କର (ମୃତ୍ୟୁ ୧।୩।୬୮) ମୋର ଏକାନ୍ତ ହିତାକାଂକ୍ଷୀ ଥିଲେ। ତାଙ୍କ ଜୀବନର ଅଧିକାଂଶ ଭାଗ କଟିଥିଲା ପୁରୀ ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ; ସେ ପ୍ରଥମ ଓଡ଼ିଆ ଡି. ଲିଟ୍., ପ୍ରଥମ ଓଡ଼ିଆ ପ୍ରଫେସର୍। ସଂସ୍କୃତରେ ଅନର୍ଗଳ ଭାବେ ବକ୍ତୃତା ଦେଇ ପାରୁଥିଲେ।

Digitized by srujanika@gmail.com

କୃଷ୍ଣ ପ୍ରସାଦ ବସୁ (ଜନ୍ମ ୧୮୧୦, ମୃତ୍ୟୁ—୧୮।୮।୬୧)ଙ୍କ ସହିତ ମୋର ବ୍ୟକ୍ତିଗତ ସଂପର୍କ ଥିଲା, ପିଲାବେଳେ ମୁଁ ତାଙ୍କ ଦଳର ଯାତ୍ରା ଦେଖିଥିଲି, ତାଙ୍କ ରଚିତ ପାଲାଗୀତ ମଧ୍ୟ ଶୁଣିଛି । ଲୋକସାହିତ୍ୟରୁ ଶେଷ ଜୀବନରେ ସେ ବଦଗ୍ଧ ସାହିତ୍ୟ ପ୍ରତିକୁ ଢଳିଥିଲେ ଓ ତାଙ୍କ 'ଅଂଡା ଘରେ ବୈଠକ' ବିଶେଷ ଲୋକପ୍ରିୟ ହୋଇଥିଲା । ତାଙ୍କ ହାସ୍ୟରସ, ବ୍ୟଙ୍ଗ, ସଂସ୍କାରକ ମନୋଭାବ ଓ ରମ୍ୟରଚନା ଶୈଳୀ ଆଦରଣୀୟ ହୋଇଥିଲା । ସେ ସୁଗାୟକ ଥିଲେ ଓ ଓଡ଼ିଶୀ ରାଗରାଗିଣୀ ଭଲଭାବେ ଆୟତ୍ତ କରିଥିଲେ ।

ଅଧ୍ୟାପକ ଗିରିଜାଶଙ୍କର ରାୟ (ମୃତ୍ୟୁ-୧୮।୬।୬୭) ଓଡ଼ିଆ ନାଟ୍ୟକଳା, ଇଂରାଜୀ ଓଡ଼ିଆ ଅଭିଧାନ, ସାହିତ୍ୟସନ୍ଦର୍ଭ ଓ ବହୁ ଚିନ୍ତାଶୀଳ ପ୍ରବନ୍ଧ ଲେଖି ପ୍ରଖ୍ୟାତ ହୋଇଥିଲେ । ସେ ମୋର ପ୍ରିୟ ଅଧ୍ୟାପକ ଥିଲେ ।

ବ୍ରଜମୋହନ ପଣ୍ଡା (ଜନ୍ମ—୧୮୮୧, ମୃତ୍ୟୁ—୧୫।୩।୬୫)ଙ୍କ ସହିତ ଜୀବନରେ ଥରେ ମାତ୍ର ସାକ୍ଷାତ ଓ ସୁଖାଳାପ ହୋଇଥିଲା । କବି ସେ, କିନ୍ତୁ ନିଜେ ଲେଖିବା ଅପେକ୍ଷା ଲେଖାଉଥିଲେ ବେଶୀ । କବିତାରଚନାରେ ଗଙ୍ଗାଧର ମେହେରଙ୍କର ମୁଖ୍ୟ ପ୍ରେରଣାଦାତା ସେ ଥିଲେ ।

କୃଷ୍ଣଚନ୍ଦ୍ର ସେନଗୁପ୍ତ (ଜନ୍ମ : ୧୮୮୬ ମୃତ୍ୟୁ : ୧୯୬୯)

ସେ ଧର୍ମପ୍ରାଣ; ଆଦର୍ଶ ଶିକ୍ଷକ ହିସାବରେ ସୁନାମ ଅର୍ଜନ କରିଥିଲେ । ସେ ଧ୍ରୁବ, ପ୍ରହ୍ଲାଦ, ବିଧବା ଗୃହିଣୀ, ମୋ ବାଇବଲ, ସଦାଚାର, ରାମକୃଷ୍ଣ ଉପଦେଶାମୃତ, ବ୍ରହ୍ମଚର୍ଯ୍ୟ ପ୍ରଭୃତି ପୁସ୍ତକ ରଚନା କରିଯାଇଛନ୍ତି । ପିଲାମାନଙ୍କ ଜୀବନକୁ ସୁନ୍ଦର ଓ ମହତ୍ତ୍ୱ କରି ଗଢ଼ିବାକୁ ସେ ଚେଷ୍ଟା କରୁଥିଲେ ।

ପଣ୍ଡିତ କୁଳମଣି ଦାଶ (ମୃତ୍ୟୁ : ୧୩।୮।୧୯୬୯)

ସେ ମୋ ପଡ଼ୋଶୀ ଗ୍ରାମ 'ସୁମଣ୍ଡଳ'ର ଅଧିବାସୀ ଥିଲେ, ସାରା ଜୀବନ ଶିକ୍ଷକତା କରି ଅବସର ଗ୍ରହଣ କଲା ପରେ ସେ ଶ୍ରୀକ୍ଷେତ୍ରବାସ ଆଦରି ନେଇଥିଲେ । ଜଣେ ପ୍ରାବନ୍ଧିକ ଓ ସମାଲୋଚକ ହିସାବରେ ସେ ପ୍ରତିଷ୍ଠା ଅର୍ଜନ କରିଥିଲେ । 'କବିସୂର୍ଯ୍ୟ ଗ୍ରନ୍ଥାବଳୀ'ର ସଂକଳନ ତାଙ୍କ ସାହିତ୍ୟନିଷ୍ଠାର ସୁପରିଚାୟକ ଏବଂ; ଭ୍ରମଣକାହାଣୀର ଲେଖକ ଭାବରେ ସେ ପ୍ରଖ୍ୟାତ ଥିଲେ; ତାଙ୍କ 'ହିମାଳୟ ପଥେ' ସୁରୁଚି ଓ ସୌନ୍ଦର୍ଯ୍ୟ ସୃଜନର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଥିଲା । ଅନ୍ୟାନ୍ୟ ରଚନା ମଧ୍ୟରେ କାଳିଦାସସନ୍ଦର୍ଭ, ଅଳଙ୍କାର ତରଙ୍ଗିଣୀ ପ୍ରସିଦ୍ଧ । ସାଧୁ ସଜ୍ଜନ ସଙ୍ଗ ମେଳରେ ତାଙ୍କ ଶେଷ ନିଃଶ୍ୱାସ ଯାଇଥିଲା ।

Digitized by srujanika@gmail.com

ପଣ୍ଡିତ ଭୁବନେଶ୍ୱର ମିଶ୍ର (ଜନ୍ମ : ୧୯୦୧ ମୃତ୍ୟୁ : ୧୯୭୯)

ପଣ୍ଡିତ ମହାଶୟ କେତୋଟି ସଦ୍‌ଗୁଣ ଯୋଗୁଁ ଅତି ଦରିଦ୍ର ଅବସ୍ଥାରୁ ଉପରକୁ ଉଠିଥିଲେ । ସେ ଚିର ଆତ୍ମନିର୍ଭରଶୀଳ; ପ୍ରୁଫ୍ ସଂଶୋଧନରେ ପାଟବ ହାସଲ କରିଥିବାରୁ ତାଙ୍କ ପ୍ରେସ୍‌ରେ ଛପାବହି ପ୍ରାୟ ନିର୍ଭୁଲ ରହୁଥିଲା । ପାଠ୍ୟପୁସ୍ତକ ଲେଖି ଓ ପ୍ରେସ୍ କରି ତାଙ୍କ ଆର୍ଥିକ ଅବସ୍ଥା ବଦଳି ଯାଇଥିଲା ଓ ଶେଷ ଜୀବନରେ ସେ କାର୍ ଚଢି ବୁଲୁଥିଲେ । ଅବସର ସମୟରେ ସେ 'ପ୍ରତିଜ୍ଞା', 'ଭବାନୀ' ପ୍ରଭୃତି କାବ୍ୟ ଓ କେତେକ ସମାଲୋଚନା-ପ୍ରବନ୍ଧ ରଚନା କରିଥିଲେ ।

ରତ୍ନାକର ପତି (ଜନ୍ମ : ୧୮୮୯ ମୃତ୍ୟୁ : ୨୨।୨।୭୯)

ରତ୍ନାକର ପତି ଏକ ମହାନ୍ ବ୍ୟକ୍ତିତ୍ୱ । କାହା କଥାରେ ସେ ପରିଚାଳିତ ହେଉ ନ ଥିଲେ । ସେ ଚିନ୍ତା, ବାକ୍ ଓ କର୍ମ ମଧ୍ୟରେ ଗଭୀର ସମନ୍ୱୟ ରକ୍ଷା କରିଥିଲେ । ଚିର ଆତ୍ମନିର୍ଭରଶୀଳ, ସରଳ ଜୀବନ ଓ ଉଚ୍ଚ ଚିନ୍ତାର ଶ୍ରେଷ୍ଠ ଦୃଷ୍ଟାନ୍ତସ୍ଥଳ । ଏଇ ଗୋଟିଏ ବ୍ୟକ୍ତିତ୍ୱ, ଯାହା ଉପରେ ଭରସା କରି ସଂସାରରେ ବଞ୍ଚି ହୁଏ, ଏଇ ଜଣେ ଗୁରୁ, ଆଶୀର୍ବାଦ ଯାହାର ଅନ୍ତରର ଗଭୀରତମ ପ୍ରଦେଶରୁ ବାହାରେ, ଏଇ ଜଣେ ଶିକ୍ଷକ, ଯେ ନିଜକୁ ନିଃଶେଷ କରି ପାଠ ପଢ଼ାନ୍ତି, ଯାହାଙ୍କର ଦ୍ୱାର ଛାତ୍ରମାନଙ୍କ ଲାଗି ସର୍ବଦା ଉନ୍ମୁକ୍ତ ଥାଏ, ଯାହାର ଦକ୍ଷିଣ ହସ୍ତର ଦାନ ବାମ ହସ୍ତ ଜାଣେ ନାହିଁ, ଯେ ସାରାଜୀବନ ଛାତ୍ର, 'ଛାତ୍ରାଣାଂ ଅଧ୍ୟୟନଂ ତପଃ'ରେ ଚିରବିଶ୍ୱାସୀ; ସଂସାରର ମିଥ୍ୟା କପଟତା, ଶଠ୍ୟ ଯାହାଙ୍କୁ ତିଳାର୍ଦ୍ଧେ ସ୍ପର୍ଶ କରି ନ ଥିଲା, ବସୁଧୈବ କୁଟୁମ୍ବକଂ ଯାହାଙ୍କର ଜୀବନଦୀକ୍ଷା, ଗୋଟିଏ ଦିଗରେ ସାହିତ୍ୟ, ଅନ୍ୟ ଦିଗରେ ଦର୍ଶନ ଯାହାଙ୍କର ଜୀବନବିଳାସ ଥିଲା, ଯେ ଉଭୟଙ୍କୁ ନିଜ ଜୀବନରେ ପରସ୍ପରର ପରିପୂରକ କରିଥିଲେ, ଆଦର୍ଶରୁ ତିଳେମାତ୍ର ବିଚ୍ୟୁତ ହେଉ ନ ଥିଲେ ।

ଛାତ୍ରଜୀବନରେ ସେ ଥିଲେ ମୋର ପ୍ରେରଣା, କର୍ମଜୀବନରେ ଆଦର୍ଶ । ଜଣେ ଛାତ୍ରଙ୍କୁ ପଠାଇ ମୁଁ ତାଙ୍କର ଶେଷ ପୁସ୍ତକ 'ସ୍ମୃତି ପଥେ' ଲେଖାଇଥିଲି ।

ଆଚାର୍ଯ୍ୟ ହରିହର (ଜନ୍ମ : ୧୮୭୯ ମୃତ୍ୟୁ : ୨୧।୨।୭୧)

ଏଇ ଜଣେ ବ୍ୟକ୍ତି ଯେ ଗ୍ରାମ ସହର ସର୍ବତ୍ର ସମ୍ମାନିତ ହେଉଥିଲେ, ଯାହାଙ୍କୁ ଦେଖିବାମାତ୍ରେ ପ୍ରାଚୀନ ତପୋବନ ଓ ଋଷି ବଶିଷ୍ଠଙ୍କ କଥା ମନେ ଆସୁଥିଲା, ଯାହାଙ୍କର ଜଗତ୍ ବିରୁଦ୍ଧରେ କିଛି ହେଲେ ଅଭିଯୋଗ ନ ଥିଲା, କେବଳ ଜୀବନ ବଞ୍ଚାଇବା ଲାଗି ସେ ମାତ୍ର ସାମାନ୍ୟ ଖାଉଥିଲେ, ଲଜ୍ଜାନିବାରଣ ଲାଗି ପରିଧାନ କରୁଥିଲେ, ସେବାରେ କିପରି ନିର୍ବିକାର ହେବାକୁ ହୁଏ, କିପରି ନିରହଙ୍କାର ଓ ସର୍ବ ଦୁଃଖସହିଷ୍ଣୁ ହେବାକୁ

Digitized by srujanika@gmail.com

ହୁଏ, କପଟ ସ୍ୱାର୍ଥପର ସୁଖଶାନ୍ତିରେ ଜଳାଞ୍ଜଳି ଦେବାକୁ ହୁଏ ଆତ୍ମପର ଭେଦ ଭୁଲିବାକୁ ହୁଏ, ତାଙ୍କ ଜୀବନ ଅନୁଧ୍ୟାନ କଲେ ବୁଝାପଡୁଥିଲା । ସ୍ୱରାଜ୍ୟ ନେତା, ସେବକମାନଙ୍କ ମଧ୍ୟରେ ନିଜ ଲାଗି ଏତେ ଅଳ୍ପ ଖର୍ଚ୍ଚ ଆଉ କାହାର ନ ଥିଲା; ଅକ୍ରୋଧୀ ଓ ଅଜାତଶତ୍ରୁ ଥିଲେ ସେ । ଆଗେ ନିଜେ ଭଲ ମଣିଷ ହୋଇ ପରେ ଅନ୍ୟକୁ ଭଲ ମଣିଷ ହେବାଲାଗି ସେ ଉପଦେଶ ଦେଉଥିଲେ । ସେପରି ପ୍ରସନ୍ନ ପବିତ୍ରାତ୍ମା ଆଉ ଜଣେ ଦେଖିନାହିଁ । ଜଗତ ତାଙ୍କର ପରିବାର ଥିଲା; ବ୍ୟକ୍ତିଗତ ସମ୍ପତ୍ତି ବୋଲି ତାଙ୍କର କିଛି ନ ଥିଲା ।

ଗୋପାଳ କାନୁନଗୋ (ଜନ୍ମ : ୧୯୦୪, ମୃତ୍ୟୁ : ୧୩।୩।୭୧)

ହଠାତ୍ କେବେ ନ ମାରି ପଡ଼ିଲେ, ବିଦାୟ ନେଲେ । ତାଙ୍କ ମୃତ୍ୟୁକାଳୀନ ବିଦାୟୀ ମୁଖ ଶିଳ୍ପୀ ବା କବି କେହି ଦେଖିପାରି ନ ଥିଲେ । ଅଙ୍କନ ଓ ଲିଖନ ଉଭୟରେ ତାଙ୍କର ଦକ୍ଷତା ପ୍ରକାଶ ପାଇଥିଲା । ବିମ୍ବାଧର ବର୍ମାଙ୍କ ପରେ ଉତ୍କଳରେ ଶିଳ୍ପୀ ଗୋପାଳ କାନୁନଗୋ ମୂଳ ସ୍ତମ୍ଭଥିଲେ । 'ହୋଇତ ବନ୍ଧନ', 'ଜୟଦେବ ଓ ପଦ୍ମା', 'ଲୁଣ୍ଠିତ ମୁକ୍ତା', 'ଦୋଳଯାତ୍ରା', 'ଅଭିସାରିକା', 'ଲାବଣ୍ୟବତୀ' ଛବି ତାଙ୍କର ସୁପ୍ରସିଦ୍ଧ । ମୋ 'କଳ-କଲ୍ଲୋଳ' ମଲାଟ ଛବିଟି ସେ ଅଙ୍କନ କରିଥିଲେ । 'ପ୍ରତିଭା ଓ ପ୍ରଣୟ' ତାଙ୍କର ହୃଦୟସ୍ପର୍ଶୀ ରଚନା ।

ଶ୍ରୀ କାନୁନଗୋଙ୍କ ଘର ପୁରୀ ଜିଲ୍ଲାରେ । ସେ କଲିକତା ସରକାରୀ କଳା ବିଦ୍ୟାଳୟର ଛାତ୍ର ଥିଲେ । ସାରା ଜୀବନ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ସେ ନିଜ କଳାକାରର ପ୍ରତିଭାକୁ ବଞ୍ଚାଇ ରଖିଥିଲେ ।

ନନ୍ଦକିଶୋର ପଟେଲ (ଜନ୍ମ ୧୯୧୪, ମୃତ୍ୟୁ ୧୪।୧୦।୭୯)ଙ୍କ ହଠାତ୍ ବିୟୋଗ ମୋତେ ବିଶେଷ ବାଧିଥିଲା । ତାଙ୍କ ଘର ସମ୍ବଲପୁର ଜିଲ୍ଲା ଲଇଡା ଗ୍ରାମରେ । ସେ ଜଣେ ବଡ଼ ଲୋକସାହିତ୍ୟସଂଗ୍ରାହକ । 'ପଲ୍ଲୀଗୀତସଞ୍ଚୟନ ଓ ଲୋକଗଳ୍ପସଞ୍ଚୟନ ଲାଗି ସେ ବହୁ ସମ୍ବଲପୁରୀ ଗୀତ ଓ ଗଳ୍ପ ସଂଗ୍ରହ କରି ମୋତେ ଦେଇଥିଲେ । ସମ୍ବଲପୁରୀ ଢଗଢମାଳି ସଂଗ୍ରହ କରୁଥିବା ସମୟରେ ତାଙ୍କର ମୃତ୍ୟୁ ହେଲା ।

ଡକ୍ଟର ମାୟାଧର ମାନସିଂହ— ଜନ୍ମ ୧୯୦୫, ନଭେମ୍ବର ୧୩ ତାରିଖ
ମୃତ୍ୟୁ – ୧୧।୧୦।୧୯୭୩

ମାନସିଂହଙ୍କ ହଠାତ୍ ପ୍ରୟାଣ ଏକ ବଜ୍ରାଘାତ । ମୋର ଭାବାତ୍ମକ କ୍ଷତି କେତେ ତୀବ୍ର ତାହା ମର୍ମେ ମର୍ମେ ଅନୁଭବ କରୁଛି । ଗୋଟିଏ ଜିପ୍‌ରେ ଭର୍ତ୍ତି କରି ତାଙ୍କ ଶବକୁ ଖାନ୍‌ନଗରକୁ ନିଆଗଲା । ତାଙ୍କ ପ୍ରତିଭାର ଅଗଣିତ ପୂଜାରୀ ପୂଜାରିଣୀ ତାଙ୍କ ଶବକୁ ଏକ ସାଧାରଣ ପଟୁଆରରେ 'ସତ୍ୟଚଉରା'କୁ ନେବାର ସୌଭାଗ୍ୟ ଲାଭ କରିପାରିଲେ

Digitized by srujanika@gmail.com

ନାହିଁ । ଦାହ ଲାଗି ତାଙ୍କ ଶବ ନେବା ମାତ୍ରେ ତାଙ୍କ ଶକୁନ୍ତଳାବାଲା କାନ୍ଦି କାନ୍ଦି କହିଥିଲା— ଦଶରଥ ମହାରାଜାଙ୍କ ଶବକୁ ଏତେ ଦିନ ତେଲକାପଡ଼ାରେ ରଖାଯାଇଥିଲା । ଆମ୍ଭ ବାବୁଙ୍କୁ ଗୋଟିଏ ରାତି ରଖୁନାହିଁ କାହିଁକି ? କବିଙ୍କୁ ସମ୍ମାନରେ ନିଆ ନ ଯିବାରେ ଶକୁନ୍ତଳାବାଲାର ପ୍ରାଣକୁ ବି ବାଧିଥିଲା ।

ମାନସିଂ କିଶୋର ଯୌବନର କବି । ଆଦ୍ୟ ଯୌବନରେ ହିଁ ତାଙ୍କ କବିତ୍ୱର ଶ୍ରେଷ୍ଠ ବିକାଶ ଘଟିଥିଲା । ତାଙ୍କ କବିତ୍ୱ ବିକଚ ଶେଫାଳୀ ପରି ଅଳ୍ପକ୍ଷଣସ୍ଥାୟୀ ହୋଇଥିଲା । ଆଦ୍ୟ ଯୌବନରେ ତାଙ୍କର ଗୋଟିଏ ଗୋଟିଏ କବିତା ସମଗ୍ର ପ୍ରଦେଶରେ ଚହଳ ପକାଇ ଦେଇଥିଲା, ବିଶେଷତଃ ତରୁଣମହଲରେ । ତାର ଲାଇନ୍ ମଧ୍ୟ ପ୍ରକାଶ ପାଇଥିଲା—

'ପ୍ରିୟା ମୋ ଗଲା ଅନ୍ୟ ସାଥେ
ମୋ' ଦିନ ମୁଁ କେମିତି କାଟେ ?'

ପ୍ରେମ ଓ ପ୍ରଣୟକୁ ଯେଣି ତାଙ୍କ କବିତା । ବାସ୍ତବ ଜୀବନରେ 'ଧୂପ', 'ହେମପୁଷ୍ପ' ଓ 'ହେମ ଶସ୍ୟ'ର ମିଳନ ସମ୍ଭବ ହୋଇ ପାରି ନ ଥିଲା—' ପରିଣତ ଅନ୍ତର୍ଦ୍ୱନ୍ଦ୍ୱ— ଶେଷରେ 'ହିସାବନିକାଶ'—'ହିସାବ ନିକାଶନିଶାପ ।' ଏଇ ଦ୍ୱନ୍ଦ୍ୱରେ ମାନସିଂ କବିତ୍ୱର ମୃତ୍ୟୁ ଘଟିଲା; ସେ ହୋଇଗଲେ ଗଦ୍ୟ—ଅବଶ୍ୟ ଏହା ତାଂକର ଏକ ସ୍ୱତନ୍ତ୍ର ଓ ଚମତ୍କାର ବିଭବ ।

'ନବ ଭାରତ' ପତ୍ରିକାରେ 'ସମରବିମୁଖ' କବିତା ସେ ଲେଖିଥିଲେ । 'ସମରସମ୍ମୁଖ' କବିତା ଲେଖି ମୁଁ ତାର ଉତ୍ତର ଦେଇଥିଲି ।

ତାଙ୍କ କବିତାର କୋମଳ, କାନ୍ତ କରୁଣ ଶ୍ରୀ ମୋତେ ମୁଗ୍ଧ କରେ ।

ଭାରତଚନ୍ଦ୍ର ନାୟକ—ଜନ୍ମ ୧୮୮୭, ମୃତ୍ୟୁ—୧୯୬୦, ଫେବୃୟାରି ୧୧ ତାରିଖ, ଜନ୍ମସ୍ଥାନ—ବଲାଙ୍ଗୀର ଜିଲାର ଅଗଲପୁର ଗ୍ରାମ,—ପୁସ୍ତକ ଯୋଗ ଭାରତଭ୍ରମଣ, କୁମାରସମ୍ଭବ ଅନୁବାଦ, ଆତ୍ମଜୀବନଚରିତ ।

ଉପେନ୍ଦ୍ର କିଶୋର ଦାସ--ଜନ୍ମ ୧୯୦୨, ଫେବୃୟାରି ୦୧ ତାରିଖ, ମୃତ୍ୟୁ—୨୦।୨।୭୨, 'ମଲାଜହ୍ନ' ଉପନ୍ୟାସର ଲେଖକ । ତାଙ୍କ 'ଯଜ୍ଞେଶ୍ୱର' ଉପନ୍ୟାସ ଅପ୍ରକାଶିତ ରହିଛି । 'ବାରୁଣୀ' ସାହିତ୍ୟ ପତ୍ରିକାର ସମ୍ପାଦକ ଥିଲେ, ଶିଳ୍ପୀ ଭାବେ ସୁନାମ ଅର୍ଜିଥିଲେ ।

କାଳିଆ ପାଣିଗ୍ରାହୀ ଜନ୍ମ ୧୯୦୧, ମୃତ୍ୟୁ ୨୩।୨।୭୮; ଆଜୀବନ ଶିକ୍ଷକ, ଘର ମଣ୍ଡପାରେ, ଦାରିଦ୍ର୍ୟ ଓ ଅନାଟନ ମଧ୍ୟରେ ଯେ ଶିକ୍ଷିତ ହୋଇଥିଲେ, ପ୍ରାବନ୍ଧିକ ଓ ସମାଲୋଚକଭାବେ ପ୍ରତିଷ୍ଠା ଅର୍ଜିଥିଲେ ।

Digitized by srujanika@gmail.com

ଜାତୀୟକବି ବୀରକିଶୋର ଦାସ ୨୮।୪।୬୩ରେ ମୃତ୍ୟୁ: ଉତ୍କଳସାହିତ୍ୟସମାଜ ପକ୍ଷରୁ ଆୟୋଜିତ ଶୋକସଭାରେ କହିଥିଲି—କେବଳ କବି ଯଶଲୋଭ ଲାଗି ସେ କବିତା ଲେଖି ନ ଥିଲେ । ଜାତିକୁ ଉଦ୍‌ବୁଦ୍ଧ କରିବା ଓ ମଣିଷଚରିତ୍ର ଗଢ଼ିବା ତାଙ୍କର ଉଦ୍ଦେଶ୍ୟ ଥିଲା ।

ତାଙ୍କ କବିତା କଳ୍ପନାର ଅପ୍‌ସରୀ ନୁହେଁ, ଏକ ରୂପବତୀ ଦାସୀବାଳା, ମହୀୟସୀ ସ୍ୱରଣିକା, ସେବିକା ।

ଦୁଃସ୍ଥ ଅବସ୍ଥାରେ ଥିଲେ ବି ସେ ଅନ୍ୟକୁ ସାହାଯ୍ୟ କରିଛନ୍ତି, ନିଜ ପାଖରେ ନ ଥିଲେ ସେ ବନ୍ଧୁଙ୍କଠାରୁ ଉଧାର କରି ଦାନ କରିଛନ୍ତି । ହୋସ୍ ଥିବା ପର୍ଯ୍ୟନ୍ତ, ହାତ ଅଚଳ ହେବା ପର୍ଯ୍ୟନ୍ତ ଲେଖିଛନ୍ତି, କମ୍ପା ସଙ୍ଗୀତ ଗାଇଛନ୍ତି ।

ହସ ହସ ମୁହଁଟିଏ ଥିଲା ତାଙ୍କର ସବୁରି ଲାଗି—ସୁଖଦୁଃଖରେ ଉଦାସୀନ, ଉତ୍କଳ ମହୀୟାନ୍ ଜୀବନଟିଏ—ଜାତି ଓ ବାଣୀସେବାରେ ଉତ୍ସର୍ଗୀକୃତ ।

ଅଦ୍ୱୈତଚନ୍ଦ୍ର ମହାନ୍ତି—ଜନ୍ମ ୧୯୦୭, ମୃତ୍ୟୁ—୧୯୬୫, ଅଗଷ୍ଟ; ଓଡ଼ିଶା ସାହିତ୍ୟଏକାଡେମୀ ପୁରସ୍କାରପ୍ରାପ୍ତ—ସାଧବବୋହୂ, ନରଦେବତା ପ୍ରଭୃତି ନାଟକର ରଚୟିତା । ପ୍ରଥମ ଓଡ଼ିଆ କଥାଚିତ୍ର 'ସୀତାବିବାହ'ରେ ସେ ଲକ୍ଷ୍ମଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ଏଲ୍. ଏମ୍. ପି. ଡାକ୍ତର, ଡାକ୍ତରୀ ଛାଡ଼ି ଶିକ୍ଷକତା କରୁଥିଲେ ।

ପ୍ରାଣକୃଷ୍ଣ ସାମଲ—ଜନ୍ମ—୧୯୧୨, ୨୫ ତାରିଖ, ଡିସେମ୍ବର ।
ମୃତ୍ୟୁ ୧୯୫୯, ୨୮ ତାରିଖ, ଜାନୁଆରୀ ।

ନନ୍ଦକିଶୋରଙ୍କ ପରି ପ୍ରାଣକୃଷ୍ଣ ପାଞ୍ଚୋଟି ବର୍ଷ ସଫଳ ସାଧନା କରିଛନ୍ତି; ମାତ୍ର ୪୭ ବର୍ଷ ବୟସରେ ତାଙ୍କର ମୃତ୍ୟୁ—ଶେଷ ଜୀବନରେ ପାଗଳାମି । ପରିବାର ପକ୍ଷେ କରୁଣତମ ଅଧ୍ୟାୟ ଏ । ୧୯୩୩ରେ ନୀଳକମଳ ଉପନ୍ୟାସ, ୧୯୪୬ରେ କସ୍ତୁରିକା କାବ୍ୟନାଟିକା, ୧୯୪୨ରେ ରଜପର୍ବ କବିତାପୁସ୍ତକ, ୧୯୪୫ରେ ସହଯାତ୍ରିଣୀ ଉପନ୍ୟାସ, ୧୯୪୬ରେ ସାତ ଦୀପ ଗଳ୍ପପୁସ୍ତକ, ୧୯୪୯ରେ ପଲ୍ଲୀଜୀବନ, ପ୍ରେମ-ଉପନ୍ୟାସ ଭିନ୍ନଦୃଷ୍ଟି କବିତା ।

୨୫।୫।୭୪ରେ ନବୋତ୍କଳର ନିର୍ମାତା ପାରଳାଖେମିଣ୍ଡିର ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ନାରାୟଣ ଦେବ ଗଜପତିଙ୍କର ମୃତ୍ୟୁ ହେଲା । ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶର ସେ ପ୍ରଥମ ପ୍ରଧାନମନ୍ତ୍ରୀ ଥିଲେ । ଉତ୍କଳବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ହାଇକୋର୍ଟ ତାଙ୍କ ପ୍ରେରଣା ଓ ପ୍ରଚେଷ୍ଟାରେ ନିର୍ମିତ ହୋଇଥିଲା ।

Digitized by srujanika@gmail.com

ସ୍ୱତନ୍ତ୍ର ଓଡ଼ିଶାନିର୍ମାଣରେ ମଧୁବାବୁଙ୍କ ପରେ ତାଙ୍କ ନାମ ଦ୍ୱିତୀୟରେ ଆସେ; ସେ ବିଲାତରେ ଗୋଲଟେବୁଲ ବୈଠକରେ ଯୋଗ ଦେଇ ଓଡ଼ିଶାର ଦାବୀ ଉପସ୍ଥାପିତ କରିଥିଲେ; ମୁଖ୍ୟତଃ ତାଙ୍କର ତ୍ୟାଗ ଓ ପ୍ରଚେଷ୍ଟା ଯୋଗୁଁ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ସଙ୍ଗଠିତ ହୋଇ ପାରିଥିଲା । ଓଡ଼ିଶା ଲାଗି ସେ ଅକାତରରେ ଅକଳନ୍ତି ଧନ ବ୍ୟୟ କରିଥିଲେ ।

୨୧।୨।୭୫ରେ ଗଳ୍ପଲେଖକ ବାମାଚରଣ ମିତ୍ରଙ୍କ ମୃତ୍ୟୁ ହେଲା, ମାତ୍ର ୬୨ବର୍ଷ ବୟସରେ । ତାଙ୍କ ଲାଗି ଶୋକୋଚ୍ଛ୍ୱାସ ପ୍ରକାଶ କରିବା ପୂର୍ବରୁ ରାଜେନ୍ଦ୍ରନାରାୟଣ ସିଂହଦେଓଙ୍କ ମୃତ୍ୟୁ ହୋଇଥିଲା; ସମ୍ବାଦପତ୍ରରେ ସୁଲେଖକ ଶ୍ରୀ ମିତ୍ରଙ୍କ ବିଷୟରେ ପଦେ ନ ବାହାରିବାରୁ ବୋଧ ହେଲା—ସାମ୍ବାଦିକ ଦୃଷ୍ଟିରେ ସାହିତ୍ୟିକଙ୍କ ଅପେକ୍ଷା ରାଜନୀତିକର ସ୍ଥାନ ଅଧିକ ଗୁରୁତ୍ୱପୂର୍ଣ୍ଣ । ଘୋର ଦୁଃସ୍ଥତା ଓ ମାରାତ୍ମକ କର୍କଟ ବ୍ୟାଧି ମଧ୍ୟରେ ଶ୍ରୀ ମିତ୍ରଙ୍କ ଲେଖନୀ ଶେଷ ଶ୍ୱାସ ଯିବାଯାଏ ଚାଲିଥିଲା ।

ରାଜରାଜୁଡ଼ା ପ୍ରତି ତୀବ୍ର ଘୃଣା ଥିଲେ ବି ରାଜେନ୍ଦ୍ରନାରାୟଣ ସମଗ୍ର ଓଡ଼ିଶାରେ ଲୋକପ୍ରିୟ ହୋଇ ପାରିଥିଲେ । ପାଟଣା ପରି ଗଡ଼ଜାତଟିର ଗାଦି ହରାଇଥିଲେ ବି ନିଜର ବୁଦ୍ଧି ଓ ବକ୍ତୃତା ବଳରେ ସେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀର ଆସନ ଅଧିକାର କରି ପାରିଥିଲେ ।

'ସୁରେନ୍ଦ୍ର ସାଏ' ପୁସ୍ତକର ରଚୟିତା, ଗବେଷକ ଅନିରୁଦ୍ଧ ଦାଶଙ୍କ ମୃତ୍ୟୁ ହେଲା ନଭେମ୍ବର, ୧୯୭୫ରେ । ୧୯୧୩ରେ ତାଙ୍କର ଜନ୍ମ । ଶେଷ ଜୀବନରେ ମାଦଳାପାଞ୍ଜି ଉପରେ ସେ ଗବେଷଣା କରୁଥିଲେ ।

Digitized by srujanika@gmail.com

ସାହିତ୍ୟିକ ପତ୍ରାଳାପ

ପ୍ରୀତିନିଷ୍ୟନ୍ଦୀ ବନ୍ଧୁ ପତ୍ର ପାଇଥିଲି, ସମସାମୟିକ ସାହିତ୍ୟିକ ଓ ବିଦଗ୍ଧ ସୁଧୀମାନଙ୍କଠାରୁ । ସେ ସବୁ ହଜିଯାଇଛି । ଯେଉଁ କେତେଖଣ୍ଡି ପତ୍ର କାଳ ମୁଖରୁ ବର୍ତ୍ତି ଯାଇଛି, ସେସବୁ କ୍ଷୀଣ ରେଖାରେ ହେଲେ ବି ମୋର ସ୍ରଷ୍ଟା ଓ ଛବି ଅଙ୍କନ କରେ ।

ନିଜ ବିଷୟରେ ଦୁର୍ବଳ ମନୁଷ୍ୟ ବଢ଼େଇ କହିପାରେ । ତେଣୁ ଅନ୍ୟମାନେ କ'ଣ କହନ୍ତି, ତାହା ବିବେଚ୍ୟ । କଥା ଅଛି—

ଜୀବର ଭଲମନ୍ଦ ବାଣୀ
ମରଣକାଳେ ତାହା ଜାଣି ।

ଏ ମରଣ କାହିଁକି, ଜୀବନକାଳରେ ମଧ୍ୟ ବ୍ୟକ୍ତ ହୋଇଥାଏ, ମମତା ଓ ମାଧୁର୍ଯ୍ୟର, ସୌଖ୍ୟ ସୌହାର୍ଦ୍ଦ୍ୟର, ସ୍ନେହ କଲ୍ୟାଣର ବାଣୀ । ସାହିତ୍ୟିକମହଲରେ ହିଁ ମୁଖ୍ୟତଃ ମୋର ପରିକ୍ରମା ଏହାହିଁ ମୋର ପରିସର, ମଣ୍ଡଳ; ବିନ୍ଦୁରୁ ସିନ୍ଧୁକୁ ମୋର ଗତି, କେତେବେଳେ ଗୃହମୁକୁରରେ, କେତେବେଳେ ବା ସପ୍ତସାଗରରେ ପ୍ରତିବିମ୍ବିତ ହୋଇଛି ଏକ କ୍ଷୀଣାୟୁର ସ୍ରଷ୍ଟା । ଚଳି ପଥରେ ହାସ୍ୟମୁଖ ଝରଣାକୁ ଛୁଇଁ କେତେ ବିଦଗ୍ଧ କେତେ କଥା କହିଛନ୍ତି । କ'ଣ କହିଛନ୍ତି—ଫୁଟିଛି ପତ୍ର, ମାନଙ୍କରେ ।

ଏହି ସମସ୍ତଙ୍କୁ ଘେନି ମୁଁ ସାର୍ଥକ । ସେ ଭାବରେ ପତ୍ରର ସ୍ଥାନ ଆତ୍ମକାହାଣୀରେ ସଙ୍ଗତ ।

ସମସ୍ତ ପ୍ରାଚୀନ ପତ୍ରକୁ ଫିଙ୍ଗି ଦେଇ ମୁଁ ଆଜି ମୁକ୍ତ, ନିର୍ମଳ ଯେପରି ପ୍ରାକ୍ ବସନ୍ତ ଏକ ବନସ୍ପତି—ନବ ସୃଷ୍ଟିର ଶିହରଣ ତା'ର ମର୍ମେ ମର୍ମେ ।

ପତ୍ରଝଡ଼ା ହେଲାପରେ ଅଳ୍ପ କେତୋଟି ପାଚିଲା ପତ୍ରକୁ ସାଇତି ରଖିଲି, ସ୍ମୃତି କୋଷର ଅମୂଲ୍ୟ ସମ୍ପଦ ପରି, ଯାହା ବୃକ୍ଷ ପାରେନାହିଁ, ନିଜକୁ ଲୁଚେଇ, ଅନ୍ୟକୁ ଘେନି ବଞ୍ଚନା କରିବା ପାଇଁ ।

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠ ଦାସ

ଜଗନ୍ନାଥେ ଭଲ କରନ୍ତୁ

ଭୁବନେଶ୍ୱର
୧୪।୪।୫୪

ଆୟୁଷ୍ମାନ୍ କୁଞ୍ଜବାବୁ,

ହଁ କରି ବିଶ୍ୱବିଦ୍ୟାଳୟକୁ ଅଜି ଦେଉଦ୍ଧି ପଠାଇ ଦେଲି । କେତେଣିକି ଯାଉଛି । ଜଗନ୍ନାଥ ଧର୍ମ ପ୍ରବନ୍ଧଟି ଯେପରି ବହୁଭାବ, ଜାତିଗୁଡ଼ି ମତେ ପରେ ଦେଖାଇ ଦେବ । ମୋର ସମସ୍ତ ଏବେ ହୁଏତ ହେବନାହିଁ । ଆଉ ପରେ ଗଲେ ଆଉ ପ୍ରବନ୍ଧ ପଢ଼ିବା ଦରକାର ହେବ କି ?

ଜଗନ୍ନାଥେ ଭଲ କରନ୍ତୁ

ଭୁବନେଶ୍ୱର
୧୯।୨।୫୫

ଆୟୁଷ୍ମାନ କୁଞ୍ଜବିହାରୀ,

ତମେ ମୋ ପାଇଁ ଭାରି ଲଗିଛ । ଶୁଝାଇ ପାରିବ ନାହିଁ । ମୋ ପ୍ରବନ୍ଧକୁ ବୈଜ୍ଞାନିକ ପ୍ରଣାଳୀବଦ୍ଧ କରିବା ପାଇଁ ଯେତେ ବଦଳାବଦଳି କଲେ ମୋର ଆପତ୍ତି କାହିଁକି ହେବ ? ତେବେ ଶେଷକୁ ଯାହା ଠିକ୍ ହେବ, ତା'ର ଗୋଟିଏ ନକଲ ମତେ ପଠାଇବ ।

ମୋ ରେଭେନ୍‌ସା କଲେଜ ପ୍ରବନ୍ଧ ଗ୍ରନ୍ଥସଙ୍ଗ ବଳିତା, ପୁଣି ନୈଷଧ କାବ୍ୟର ଅନୁବାଦ ସଂଗ୍ରହ କରିଛ, ଜାଣି ଭାରି ଖୁସି ହେଲି । ଯଦି କେହି କେବେ ଗ୍ରନ୍ଥାବଳୀ ସଂଗ୍ରହ କରେ, ଖୁବ୍ କାମରେ ଲାଗିବ । କିନ୍ତୁ ତା କ'ଣ ହବ ?

ପ୍ରେସ୍‌ର ଅବସ୍ଥା ଅତି ମନ୍ଦ । କେହି ଜଣେ ସ୍ୱାସ୍ଥ୍ୟବାନ୍ ବ୍ୟକ୍ତି ଦକ୍ଷଭାବରେ ମ୍ୟାନେଜ୍ କରିବାକୁ ମିଳିଲେ ଶୀଘ୍ର ସୁଧୁରିଯାନ୍ତା । କିନ୍ତୁ କେହି ମିଳୁନାହାନ୍ତି । ଏଠି ରହି ଅନ୍ୟାନ୍ୟ କର୍ମପ୍ରତୀକ୍ଷାରେ ରହିବା ଲୋକ କିଛି କରିପାରିବ ନାହିଁ । ଶୀଘ୍ର ଅର୍ଡର ପଠାଅ ।

ଆଶା କରେ, ତମମାନଙ୍କ ଦେହପା ଭଲ ଅଛି ।

Digitized by srujanika@gmail.com

ଜଗନ୍ନାଥେ ଭଲ କରନ୍ତୁ

ଭୁବନେଶ୍ୱର
୧୧।୨।୫୭

ଆୟୁଷ୍ମାନ୍ କୃଷ୍ଣବହ୍ନାଣି,

ତମ ଚିଠିଟି ପାଇଲି, ମୋ ପ୍ରବନ୍ଧଟି ବାହାରିଲେ ଛପା ଷ୍ଟେସ୍ୱାର କପି ଯେପରି ମୋ ପାଖକୁ ଆସେ, ତାହାର ବନ୍ଦ୍ କରିବ ।

ଅମୃତଶତଲେଖା ଆରମ୍ଭ ହୋଇଥିଲି । ଏବେ ଡାକ୍ତରଖାନାରେ ନର୍ସିଂହୋମ୍‌ରେ ରହିବା ଓ ସେଠାରୁ ଆସି ବିଧାନସଭା ଚଳାଇବା କାର୍ଯ୍ୟ ସବୁ ଲାଗିଯାଇଛି । ସେଥିରେ ସେ କାର୍ଯ୍ୟ ମଧ୍ୟ ବନ୍ଦ ଅଛି । କିନ୍ତୁ ମୁଁ ଚନ୍ଦ୍ରମଣିଙ୍କ 'ସତ୍ୟବାଦୀ ବିହାର' ଲେଖା କେତେକ ପଢ଼ି ଦେଖିଛି, ମୋର ସେ କାଳ କଥା କିଛିମାତ୍ର ମନେ ନାହିଁ । ମୁଁ କ'ଣ କରିବ ? ତମ ସାଙ୍ଗେ କଥାବାର୍ତ୍ତା କରି ସ୍ଥିର କଲେ ଯାହା ହବ ।

ତମ ପଲ୍ଲୀଗୀତ ଓ ମୁଖବନ୍ଧ ଛପା ସରିଲେ ଦେଖିବି ବୋଲି ଅପେକ୍ଷା କରିଛି । କିନ୍ତୁ ଥେସିସ୍‌ଟି ଦେଖିଥିଲି, ଖୁବ୍ ଭଲ ହୋଇଥିଲା । ସେହିପରି ବୋଧହୁଏ ହୋଇଥିବ ।

ଜଗନ୍ନାଥେ ଭଲ କରନ୍ତୁ

ଭୁବନେଶ୍ୱର
୨।୨।୬୦

ଆୟୁଷ୍ମାନ୍ କୃଷ୍ଣ,

ମୋର ପଦବୀରେ ତମେ ଆନନ୍ଦ ପ୍ରକାଶ କରିଛ । ସାଧୁବାଦ କରୁଛି ।

ମୁଁ ଫେର୍ ପରୀକ୍ଷକ ହୋଇଛି, ସେଥିପାଇଁ ଶାନ୍ତିନିକେତନ ଯିବି ବୋଲି ଲେଖିଛି । କିନ୍ତୁ କ'ଣ ହୋଇଛି କେଜାଣି, ମୁଁ ଏବେ ଚାଲିପାରୁ ନାହିଁ । ଜଣେ ଦୁଇଜଣ ଧରିଲେ ଚାଲୁଛି । ଦେଖାଯାଉ ।

ମୋର ପ୍ରବନ୍ଧ ପଢ଼ିବାରେ ଆପତ୍ତି ନାହିଁ । ମୁଁ ଖୁବ୍ ଲେଖାପଢ଼ା କରୁଛି, ଇଂରାଜୀରେ ପ୍ରବନ୍ଧମାନ ଲେଖୁଛି । ଓଡ଼ିଶା ରିସର୍ଚ୍ଚ ମାଗାଜିନ୍‌ରେ ଏ ବର୍ଷ ଗୋଟି ପ୍ରବନ୍ଧ ବାହାରିଛି । କିନ୍ତୁ ବଙ୍ଗାଳୀ ସମ୍ପାଦକଙ୍କ ମତ ଅନୁସାରେ ପରି ପ୍ରବନ୍ଧ ଲେଖିବାକୁ ହେବ !

Digitized by srujanika@gmail.com

ଜଗନ୍ନାଥେ ଭଲ କରନ୍ତୁ

ଭୁବନେଶ୍ୱର
୧୪।୮।୬୦

ଅଂଶୁମାନ୍ କୁଞ୍ଜ,

ଆଜି ତମ ଚିଠିଖଣ୍ଡି ପଢ଼ିଲି । ତମକୁ ସେଥିପାଇଁ ଗଭୀର ସାଧୁବାଦ ଜଣାଉଚି । ଗୋଟିଏ ବକ୍ତୃତାରେ ପାଞ୍ଚଶହ ପୃଷ୍ଠାର ପୁସ୍ତକ କଥାର ହେବ ବୁଝି ପାରୁନାହିଁ । ତା'ହେଲେ ବକ୍ତୃତାଟିମାନ କେତେ ହେବ ? ପଢ଼ିବାରେ କେତେ ଘଣ୍ଟା ଯିବ ?

ମୁଁ ଗୋଟିଏ ପ୍ରସ୍ତାବ କରୁଚି । କେବଳ ଓଡ଼ିଆସାହିତ୍ୟ ସମ୍ବନ୍ଧରେ ନ କରି କଲିକତାଙ୍କୁ ମୋଜି "Oriya culture, Language and Literature, ବିଷୟରେ ମୁଁ କଲେ ବୋଧହୁଏ ମୋ ପକ୍ଷରେ ବେଶୀ ସହଜ ହୁଅନ୍ତା । କାରଣ ସେସବୁ ବିଷୟରେ ମୁଁ ଗତବର୍ଷ ମଧ୍ୟରେ ବହୁତଗୁଡ଼ିଏ ମୌଳିକ ଅନୁସନ୍ଧାନ କରିଚି ।

ନୀଳକଣ୍ଠ ଦାସ

ରେଭେନ୍‌ସା କଲେଜ 'ଓଡ଼ିଆ ସାହିତ୍ୟସମାଜ'ର ସମ୍ବର୍ଦ୍ଧନା ପରେ—

୨।୬।୬୮
କଟକ

ସ୍ନେହର କୁଞ୍ଜବିହାରୀ,

ଏ ସମ୍ବର୍ଦ୍ଧନା ଜଣେ ଶିକ୍ଷକଙ୍କ ପ୍ରତି ସମ୍ମାନର ନିଦର୍ଶନ । ମୁଁ ସ୍ୱୀକାର କରୁଛି, ଓଡ଼ିଆ ସାହିତ୍ୟକ୍ଷେତ୍ରରେ ବିଶେଷତଃ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟକ୍ଷେତ୍ରରେ ମୋର ଯଥେଷ୍ଟ ଅଭାବ ରହିଅଛି, ଏହାର କାରଣ ପ୍ରାଦେଶିକ ଭାଷା ଶିକ୍ଷା ପାଇବାରେ ବର୍ତ୍ତମାନ ଛାତ୍ରଗଣଙ୍କୁ ଯେଉଁ ସୁଯୋଗ ମିଳୁଛି, ସେପରି ସୁଯୋଗ ମୋର ଛାତ୍ରଜୀବନରେ ନ ଥିଲା । ମଙ୍ଗଳମୟ ଭଗବାନ୍ ମୋତେ ଯାହା କିଛି ଚକ୍ଷୁଶକ୍ତି ଦେଇଛନ୍ତି, ମୁଁ ସେତିକମାତ୍ର ଓଡ଼ିଆ ଭାଷାରେ ପ୍ରକାଶ କରିବାର ଚେଷ୍ଟା କରୁଛି । ଏ କାର୍ଯ୍ୟରେ କେତେ ପରିମାଣରେ ସାମର୍ଥ୍ୟ ହୋଇଛି, ତାହା ଶିକ୍ଷିତସମାଜର ବିଚାରବସ୍ତୁ ।

ସାହିତ୍ୟସେବା ଆମ୍ଭମାନଙ୍କର ଧର୍ମ । ଯେଉଁମାନେ ସାହିତ୍ୟସେବାରେ ନିଯୁକ୍ତ, ସେମାନଙ୍କର ସାହିତ୍ୟର ଦୁଇଟି ଦିଗ ପ୍ରତି ଧ୍ୟାନ ଦେବା ଉଚିତ । ଗୋଟିଏ ଭାବନା, ଅନ୍ୟଟି ଭାଷା । ଉଭୟ ଦିଗରେ ମୂଲ୍ୟବୋଧ ତଥା ମାତାବୋଧର ଶୃଙ୍ଖଳିତ ପ୍ରୟୋଗ-ଜ୍ଞାନ ଆବଶ୍ୟକ । ଅନ୍ତର୍ଦୃଷ୍ଟି ଚିନ୍ତା, ଅଚରିତ୍ରି ଭାଷା ଉତ୍ତମ ସାହିତ୍ୟର ଲକ୍ଷଣ

Digitized by srujanika@gmail.com

ନୁହେଁ । ଶିକ୍ଷାରାଜ୍ୟରେ ସମନ୍ୱୟ ରକ୍ଷି ଅଳ୍ପ ଭାଷାରେ ବ୍ୟାପକ ଶିକ୍ଷାସାମଗ୍ରୀ ପ୍ରକାଶ କରିବାରେ ଉନ୍ନତ ସାହିତ୍ୟ ସୃଷ୍ଟି ହୋଇଥାଏ ।

ସାହିତ୍ୟ ସହିତ ସଂସ୍କୃତି ସମ୍ବନ୍ଧାନ୍ୱିତ । ତେଣୁ ଉତ୍କଳୀୟ ତଥା ଭାରତୀୟ ସଂସ୍କୃତିର ଅନୁଶୀଳନ, ଭାରତୀୟ ସଂସ୍କୃତି ପ୍ରତି ଉତ୍କଳର ଅବଦାନ ପ୍ରାଦେଶିକ ଭାଷାରେ ଉପଯୁକ୍ତ ସ୍ଥାନ ପାଇବା ଉଚିତ ।

ଶିକ୍ଷକଭାବରେ ମୁଁ ଯେଉଁ ନୀତି, ଆଦର୍ଶର ଅନୁଶୀଳନ କରିଛି, ତାହା ପ୍ରକାଶ କରୁଛି । ମୋର ବିବେଚନାରେ ଶିକ୍ଷକର ଜୀବନଧର୍ମ ହେଉଛି—

A teacher does not find happiness in his own greatness. He finds happiness in the greatness of his pupils.

ଶୁଭାକାଂକ୍ଷୀ
ବିପିନବିହାରୀ ରାୟ

ଓଁ ତମସୋ ନୋ ଜ୍ୟୋତିର୍ଗମୟ

କଟକ
୨୯ । ୧୨ । ୪୭

ପରମ ସ୍ନେହାସ୍ପଦ ବାବୁ କୃଷ୍ଣବିହାରୀ,

ତୁମ୍ଭର ପତ୍ରଖଣ୍ଡି ଯଥା ସମୟରେ ପାଇ ଅତୀବ ଆନନ୍ଦିତ ହୋଇଅଛି ।

ତୁମ୍ଭପରି ଗୁଣବନ୍ତ ପାଇଥିବାରୁ ମୁଁ ଆପଣାକୁ ଭାଗ୍ୟବାନ୍, କେବଳ ଭାଗ୍ୟବାନ୍ ନୁହେ, ଗର୍ବିତ ମଧ ମନେ କରୁଅଛି । ବିଚରା ନିବିଡମ ପ୍ରତି ତୁମ୍ଭର ଅକୃତ୍ରିମ ଭ୍ରାତୃସମ ସ୍ନେହ କଦାପି ଜୀବନରେ ଭୁଲିପାରିବ ନାହିଁ । ତୁମ୍ଭର ଆଶୀର୍ବାଦ ଓ ଉଦ୍‌ବୋଧନ ହେତୁରୁ ହିଁ ସେ ଆଜି ସାହା କରିବାର କରିଛି । ତୁମ୍ଭ ପରି କର୍ମପ୍ରାଣ, ଉଚ୍ଚାକାଂକ୍ଷୀ କୃତୀ ବ୍ୟକ୍ତି ହିଁ ତାହାର ଜୀବନର ସମ୍ମୁଖରେ ଆଦର୍ଶ ରୂପେ ବିଦ୍ୟମାନ ଏବଂ ମୋର ଆଶା ଓ ବିଶ୍ୱାସ, ଏହି ଆଦର୍ଶର ପ୍ରଭାବରେ ସେ ଜୀବନର ଉତ୍କର୍ଷ ସାଧନ କରି ଜାତିକୁ ଗୌରବାନ୍ୱିତ କରିବ । ପ୍ରଭୁ ତୁମ୍ଭଙ୍କୁ ସୁଖଶାନ୍ତିରେ ରଖିଥାନ୍ତୁ ଓ ତାଙ୍କର କୃପାରେ ତୁମ୍ଭେ ଉତ୍କଳରେ ଉଦୀୟମାନ ଯୁବକମାନଙ୍କର ଶ୍ରଦ୍ଧାଣୀୟ ଉଦ୍‌ବୋଧକ ରୂପରେ କାର୍ଯ୍ୟ କରୁଥାଅ । ନିବିଡମର ନିଷ୍ଠା ଓ ସାଧନାର ମୂଳରେ ତୁମ୍ଭର ମାଧ୍ୟମରେ

Digitized by srujanika@gmail.com

ଦୟାମୟ ପ୍ରଭୁଙ୍କର ପ୍ରେରଣା ରହିଅଛି ବୋଲି ମୋର ବିଶ୍ୱାସ । ଆଉ ମଧ୍ୟ ତୁମ୍ଭର ମୋ ପ୍ରତି ଅନୁପମ ସ୍ନେହ-ସହାନୁଭୂତି ମୋର ଜୀବନର ସମ୍ବଳ । 'ଗିରିଚୂଳେ ଲକ୍ଷ୍ୟ ରଖି ଚାଲିବ ନିକର', ପୁଣ୍ୟାତ୍ମା ଗୋପବନ୍ଧୁଙ୍କର ଏ ସ୍ୱର୍ଗୀୟ ବାଣୀ ତୁମ୍ଭର ଜୀବନର ନୀତି ବୋଲି ଜାଣିପାରିଛି ଏବଂ ଏହାହିଁ ବିଚରା ଉ୍ରବନମର ଜୀବନର ନୀତି ବୋଲି ଦେଖି ଆସୁଛି । ପ୍ରଭୁ କରନ୍ତୁ, ତୁମ୍ଭେମାନେ ଏହି ନୀତିର ଭିତ୍ତିରେ ଆନ୍ତର୍ଜାତିକ କ୍ଷେତ୍ରରେ ବିପୁଳ ଯଶଖ୍ୟାତି ଅର୍ଜନ କର ।

ଆଶା କରେଁ, ତୁମ୍ଭର ଏହି ଅକୃତ୍ରିମ ସ୍ନେହ ଓ ଦୟାରୁ ବଞ୍ଚିତ ହେବି ନାହିଁ । କେବେ କଟକ ଆସିଲେ ଏହି କୁଟୀରବାସୀକୁ ଟିକିଏ ଦେଖି ଯାଉଥିବ । ଥାଅ । ପ୍ରଭୁ ତୁମ୍ଭର ସହାୟ ହୋଇଥାନ୍ତୁ ଓ ତୁମ୍ଭଙ୍କୁ ସବୁ ବିପଦରୁ ରକ୍ଷା କରନ୍ତୁ ।

ତୁମ୍ଭର ଚିରଶୁଭାକାଂକ୍ଷୀ
ରତ୍ନାକର ପତି

ଓଁ ତମସୋ ମା ଜ୍ୟୋତିର୍ଗମୟ

କଟକ
୧୪।୧୨।୫୪

ଆୟୁଷ୍ମାନ ବାବୁ କୁଞ୍ଜବିହାରୀ,

ତୁମ୍ଭର ପତ୍ରରୁ ତୁମ୍ଭେ, ପି. ଏଚ୍. ଡି. ଉପାଧିରେ ଭୂଷିତ ହୋଇଥିବାର ସୁଖକର ସମ୍ବାଦଟି ପାଇ ପ୍ରାଣରେ ବିମଳ ଆନନ୍ଦ ଅନୁଭବ କଲି । ତୁମ୍ଭର ଜୀବନ ଯେ, ଦିନେ ମହନୀୟ ହେବ, ଏହା ମୁଁ ତୁମ୍ଭର ଛାତ୍ରଜୀବନର ସରଳତା ଓ ତୁମ୍ଭର ସ୍ୱଭାବସିଦ୍ଧ ଉଦ୍ୟମଶୀଳତାରୁ ଗଣନା କରିପାରିଥିଲି । ଜୀବନର କୁଟିଳ ଗତି ଓ ଦାରିଦ୍ର୍ୟର ନିଷ୍ପୀଡ଼ନ ମଧ୍ୟରେ ନିର୍ଭୀକ, ପ୍ରଶାନ୍ତ ଓ ଉତ୍ସାହମୟ ସାଧନା ତୁମ୍ଭ କୃତିତ୍ୱର ମୂଳ ନିଦାନ । ପ୍ରଭୁ ତୁମ୍ଭଙ୍କୁ ଦୀର୍ଘାୟୁ କରି ତୁମ୍ଭ ଜୀବପ୍ରାଣର ଉତ୍ତରୋତ୍ତର ବିକାଶ ସାଧନ କରନ୍ତୁ, ଏହାହିଁ ତାଙ୍କଠାରେ ମୋର ପ୍ରାର୍ଥନା । ଏହି ଶୁଭସମ୍ବାଦଜନିତ ଆନନ୍ଦ ବାକ୍ୟରେ ପ୍ରକାଶ କରିପାରୁ ନାହିଁ । ମୋର ଆଶୀର୍ବାଦ ଗ୍ରହଣ କଲେହିଁ ହେଲା । ଯଥାର୍ଥ ତୁମ୍ଭର କୃତିତ୍ୱ, ମୋର ପ୍ରାଣରେ ବିଶେଷ ନୁହେଁ, ଅଶେଷ ଆନନ୍ଦ ଦେଇଅଛି ।

ଓଁ ଅଦ୍ୟମାରମ୍ଭଃ ଶୁଭସ୍ତୁ ଭବତୁ, ଶୁଭଂ ଭବତୁ,
ଶୁଭଂ ଭବତୁ, ଶୁଭାନି ଭବନ୍ତୁ ।

Digitized by srujanika@gmail.com

ପଣ୍ଡିତଜୀ ପ୍ରୟାଗରେ ତାର ଆତ୍ମବିକାଶ ନିମିତ୍ତ ସମସ୍ତ ଶକ୍ତି ପ୍ରୟୋଗ କରିବାରେ ଲାଗିଛି । ପ୍ରଭୁଙ୍କ କୃପା ଓ ତୁମ୍ଭର ସଦିଚ୍ଛା ତଥା କଲ୍ୟାଣ ତାହାର ଜୀବନକୁ ମଧୁମୟ କରିବ ବୋଲି ମୋର ବିଶ୍ୱାସ ।

ଆଉ କ'ଣ ଲେଖିବି ? ଆନନ୍ଦଗଦ୍‌ଗଦ ଚିତ୍ତରେ ତୁମ୍ଭକୁ ପୁନର୍ବାର ଆଶୀର୍ବାଦ ଜଣାଇ ରହିଲି ।

ତୁମ୍ଭର ଶୁଭାକାଂକ୍ଷୀ
ରତ୍ନାକର ପତି

ପୁରୀ
୧୮ । ୩

ପ୍ରିୟ କବି,

ଆପଣଙ୍କ ଚିଠି ପାଇଛି । ଆପଣଙ୍କୁ ଧନ୍ୟବାଦ ଜଣାଉଛି । ଏଣେତେଣେ ବୁଲୁଥିଲି, ତେଣୁ ଉତ୍ତର ଲେଖି ପାରିନାହିଁ । ଆପଣଙ୍କ ଶରୀରକୁ ନ ଦେଖିଲେ ବି ଆପଣଙ୍କ ମାନସ ପୁତ୍ରମାନଙ୍କୁ ମୁଁ ବହୁ ଦିନୁଁ ଦେଖିଛି ଓ ଆପଣଙ୍କ କୃତିତ୍ୱ ବିଷୟ ମୁଁ ବହୁ ଦିନୁଁ ଶୁଣିଛି । ଏ ମାସ ୪ ତାରିଖରେ ଆପଣଙ୍କ ଗାଁ ଓ ଘର ମଧ୍ୟ ଦେଖିବାକୁ ସୁଯୋଗ ମିଳିଥିଲା । ଆପଣଙ୍କ ଘର ଦୁଆରମୁହଁକୁ ଯାଇ ଆପଣଙ୍କ ମା'ଙ୍କୁ ଦେଖି ଦଣ୍ଡବତ କଲି ଓ ତାଙ୍କୁ ଅନାଇଁ ଅନାଇଁ ଆପଣଙ୍କ ପ୍ରତିଭାର ମୌଳିକ ହେତୁ ବିଷୟରେ କିଛି କିଛି ଧାରଣା କଲି । ସେ ମୋତେ ଚିହ୍ନି ନ ପାରିବାର ହିଁ କଥା । ପଚାରିବାରୁ ମୁଁ କହିଲି, "ଆପଣଙ୍କ ପୁଅ ଲେଖନ୍ତି କାବ୍ୟକବିତା, ମୁଁ ଲେଖେ ଉପନ୍ୟାସ ଓ ଗଳ୍ପ । ଆମେ ପରସ୍ପରକୁ ଚିହ୍ନିଛୁ, କିନ୍ତୁ କେବେ ଦେଖିନାହୁଁ ।" ସେ ମତେ ବହୁତ ଆଶୀର୍ବାଦ କଲେ ।

ଆପଣଙ୍କ ଗାଁର ଶ୍ୟାମଶୀତଳ ସ୍ନିଗ୍ଧ ଛବି ଦେଖି ଫେରିଆସିଲି । ତାପରେ ଆପଣଙ୍କ ଚିଠି ପାଇଲି ।

ଅନ୍ନଦାବାବୁଙ୍କୁ ମୋର ନମସ୍କାର । ବହିଟି ତାଙ୍କୁ ଭଲ ଲାଗିଥିଲା ବୋଲି ମୁଁ ଲୋକମୁଖରୁ ଶୁଣିଥିଲି । ତାଙ୍କର ଶୁଭେଚ୍ଛା ପାଇଁ ତାଙ୍କୁ ଧନ୍ୟବାଦ ।

ଆପଣ ତ ଜାଣନ୍ତି, ଓଡ଼ିଆରେ ବହି ଲେଖିବା ପାଇଁ ଭବିଷ୍ୟତ କେତେ । ବହି ବିଷୟରେ କିଛି ମତାମତ ଶୁଣିବାଲାଗି ଆଠଦଶ ବର୍ଷ ଲାଗେ । ବହି ଛପା ହେବାକୁ ବହୁବର୍ଷ ବିତିଯାଏ । ମୋର ଏକ ଉପନ୍ୟାସ, 'ଦାନାପାଣି', ପ୍ରାୟ ୪ବର୍ଷ ହେଲା ବସ୍ତୁଭାଷା ପ୍ରେସ୍‌ରେ ଛପା ହେଉଛି । ଅନେକ ବହି ତ ଅଛପା ରହିଛି । ଯେଉଁଠି

'ସାହିତ୍ୟର ଆଦର ଏତେ କମ , ସେଠି ଏତକ ପ୍ରୋତ୍ସାହ ଅନେକ ବେଶୀ । ତେବେ ବ ସାହିତ୍ୟ ଅନାସ୍ଥା ଓ ଅନାଦର, ବଢ଼ିବାଡ଼ମଣ୍ଡଳ ସବୁ ସତ୍ତ୍ୱେ କମ୍ପିଉଛି, ଚାଲିଛି ହିଁ । ବୋଧହୁଏ ଚାଲିଥିବ ବ ।

ଆପଣଙ୍କର
ଗୋପୀନାଥ ମହାନ୍ତି

ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

କଟକ
୧୯।୬।୪୮

ପ୍ରିୟ କୃଷ୍ଣବିହାରୀବାବୁ,

ଏଥି ସହିତ 'ଫକୀରମୋହନ ଓ ଓଡ଼ିଆ ଉପନ୍ୟାସ' ଶୀର୍ଷକ ପ୍ରବନ୍ଧଟି ପଠାଇଲି । କଟକ ବେତାରକେନ୍ଦ୍ରରେ ଦିଆ ହୋଇଥିବା ଭାଷଣରେ ଏହା ଅବିକଳ ନକଲ ନୁହେଁ । କିଞ୍ଚିତ୍ ପରିବର୍ତ୍ତିତ କରାଯାଇଛି । ଆପଣ ସଖ ଟିକଏ ଦେଖିଦେଲେ ସୁଖୀ ହେବି, ଆପଣଙ୍କ ସାହିତ୍ୟସାଧନା ଉତ୍ତରୋତ୍ତର ଉନ୍ନତିପଥରେ ଚାଲିଛି ଶୁଣି ଆନନ୍ଦିତ ହେଲି ।

ଓଡ଼ିଶାରେ ତ ପତ୍ରପତ୍ରିକାର ଅଭାବ । କାହିଁରେ ଲେଖିବା ? ତେବେ ବର୍ତ୍ତମାନ ମୁଁ ଅର୍ଥକରୀ ସାହିତ୍ୟ ଚର୍ଚ୍ଚା କରୁଛି । କାରଣ ଅନ୍ନଚିନ୍ତା ଚମତ୍କାରା । ଆଉ କ'ଣ ? ଶଠ ଦେବେ ।

୨୮।୮।୫୦
କଟକ-୨

ପ୍ରିୟ କୃଷ୍ଣବିହାରୀ ବାବୁ,

ଆପଣଙ୍କର ଉର୍ଦ୍ଦୁ ସାହିତ୍ୟ ବିଷୟକ ଲେଖା ଗତ ସଂଖ୍ୟା 'ସତ୍ୟବାଦୀ'ରେ ପ୍ରକାଶିତ ହୋଇଛି । ସେହିପରି ଆଧୁନିକ ମହାରାଷ୍ଟ୍ରୀ, ଗୁଜୁରାଟୀ, ହିନ୍ଦୀ, ତାମିଲ୍ ବା ତେଲୁଗୁ ପ୍ରଭୃତି ବିଭିନ୍ନ ଭାରତୀୟ ସାହିତ୍ୟ ସମ୍ବନ୍ଧରେ ଆଲୋଚନା ଆପଣଙ୍କଠାରୁ ଆଶା କରୁ । ପଠାଇ ପାରିଲେ ସୁଖୀ ହେବି । ଆଜି ଆପଣଙ୍କର 'ବାରମାସୀ' ପ୍ରବନ୍ଧଟି ପାଇ ଧନ୍ୟବାଦ ସହ ପ୍ରାପ୍ତି ସ୍ୱୀକାର କରୁଛି । ଆଶା, କୁଶଳରେ ଥିବେ ।

Digitized by srujanika@gmail.com

କଟକ
୧୨।୯।୫୦

ପ୍ରିୟ କୃଷ୍ଣବାବୁ,

ସୁବିଧାରେ ଶାନ୍ତିନିକେତନରୁ ଫେରିଆସିଲି । ଗାଡ଼ି ଭିତରେ 'ସିଂହଳଯାତ୍ରୀ' ପଢ଼ି ଶେଷ କରିଦେଲି । ୨୭ ତାରିଖରେ ରେଡ଼ିଓରେ ମୋର ପୁସ୍ତକ ସମାଲୋଚନାରେ ତାହାର ଆଲୋଚନା କରିବି, 'ସତ୍ୟବାଦୀ'ରେ ମଧ୍ୟ । ଶାନ୍ତିନିକେତନରେ ଅକସ୍ମାତ୍ ଆପଣଙ୍କ ଦ୍ୱାରରେ ପହଞ୍ଚି କେତେ ଘଣ୍ଟା ପାଇଁ ଆପଣଙ୍କର ସହୃଦୟ ବିଶେଷତଃ କଲ୍ୟାଣୀୟା ପ୍ରେମଲତାଙ୍କର ସେବା ଏବଂ ଆତିଥେୟତା ଭୁଲି ହେଉନାହିଁ । ଓଡ଼ିଆ ଘରେ ପ୍ରେମଲତାଙ୍କ ଭଳି ଝିଅ ଅଛନ୍ତି, ଏହା ଯେପରି ନୂଆ ବୋଧ ହେଲା । ଆଶା କରେ, ସମସ୍ତେ କୁଶଳରେ ଅଛନ୍ତି ।

୧୭ ଅଗଷ୍ଟ, ୧୯୫୧

ପ୍ରିୟ କୃଷ୍ଣବିହାରୀ ବାବୁ,
କଟକ

"ସତ୍ୟବାଦୀ"ତ ବନ୍ଦ ହୋଇଗଲା, ଶେଷ ସଂଖ୍ୟାଟି ମଧ୍ୟ ଅନେକ ଦିନୁଁ ଛପା ହୋଇସାରି ଅଛିପୁଣି ସବୁକୁ ବାହାରି ପାରିନାହିଁ । ଆପଣଙ୍କର ଯାହା ଲେଖା ଥିଲା ସବୁ ଏ ସଂଖ୍ୟାକୁ ମିଶାଇ ଦିଆ ସରିଛି ।

ଓଡ଼ିଶା ପ୍ରାଦେଶିକ ସମବାୟ ୟୁନିୟନ୍‌ରୁ The Orissa Co-operative Journal' ନାମକ ଖଣ୍ଡିଏ ମାସିକ ଓ "କଲ୍ୟାଣୀ" ନାମରେ ଓଡ଼ିଆରେ ଗୋଟିଏ ତ୍ରୈମାସିକ ପତ୍ରିକା ବାହାରୁ ଥିବାର ଜାଣିଥିବେ । ପତ୍ରିକାଦୁଇଟି ନିୟମିତ ପ୍ରକାଶ ପାଏ । ସ୍ୱାଧୀନତାସଂଖ୍ୟା "କଲ୍ୟାଣୀ" ଆଗାମୀ ୧୫ ଅଗଷ୍ଟରେ ଓ Orissa Co-op. Journal ୧୫ ସେପ୍‌ଟେମ୍ବରରେ ପ୍ରକାଶିତ ହେବ । ସମବାୟମୂଳକ ଓ କୃଷି ଶିଳ୍ପବିଷୟକ ରଚନାତ୍ମକ ଲେଖା ପ୍ରକାଶ କରିବା ପତ୍ରିକା ଦୁଇଟିର କାର୍ଯ୍ୟ । ଲେଖକମାନଙ୍କୁ ପ୍ରତି ପ୍ରବନ୍ଧ ପାଇଁ ୫ଟଙ୍କାରୁ ୨୫ଟଙ୍କା ପର୍ଯ୍ୟନ୍ତ ପାରିତୋଷିକ ଦିଆଯାଇଥାଏ । ଆପଣଙ୍କ ଯଶସ୍ୱୀ ଲେଖନୀପ୍ରସୂତ ଲେଖାମାନ ପତ୍ରିକାଦ୍ୱୟଟିର ପାଠକମାନଙ୍କ ଦ୍ୱାରା ବିଶେଷ ଆଦୃତ ହେବ, ସନ୍ଦେହ ନାହିଁ । ଶାନ୍ତିନିକେତନ ଓ ଶ୍ରୀନିକେତନରେ ସମବାୟ ତଥା କୃଷିଶିଳ୍ପବିଷୟକ ବିଭିନ୍ନ ଗଠନମୂଳକ ପ୍ରବନ୍ଧ ଓ ଆମ ଦେଶରେ ସମବାୟର ଗାରିହୁଲରେ କାର୍ଯ୍ୟକାରିତା ସମ୍ବନ୍ଧରେ ଇଂରାଜୀ ତଥା ଓଡ଼ିଆରେ ପ୍ରବନ୍ଧ ଲେଖି ପଠାଇବାକୁ ଅନୁରୋଧ । କଲ୍ୟାଣୀୟା ପ୍ରେମଲତାଙ୍କୁ ମଧ୍ୟ ନାରୀସମବାୟ ଓ ନାରୀସଂଗଠନ ବିଷୟରେ ଲେଖିବାକୁ ମୋ ତରଫରୁ ଅନୁରୋଧ କରିବେ । ଆଶା କରେ, ସପୁତ୍ର ସର୍ବକୁଶଳରେ ଥିବେ ।

Digitized by srujanika@gmail.com

ପୀଠାପୁର
କଟକ-୧
୨୧।୭।୫୪

ସ୍ନେହାସ୍ପଦେଷୁ,

ଅନେକ ଦିନୁଁ 'ପଲ୍ଲୀଗୀତି ସଞ୍ଚୟନ' ଖଣ୍ଡିଏ ପାଇଲିଣି । କିନ୍ତୁ ଅଦ୍ୟ ପର୍ଯ୍ୟନ୍ତ ପ୍ରାପ୍ତି ସ୍ୱୀକାର କରି ନ ଥିବାରୁ ମୁଁ ଲଜ୍ଜିତ । ଆଗାମୀ ୭।୮।୫୪ ତାରିଖ ସନ୍ଧ୍ୟା ୭ଟା ୪୫ ମିନିଟରେ ମୁଁ ତାହାର ଆଲୋଚନା କଟକ ରେଡ଼ିଓ ଷ୍ଟେସନରେ କରିବି । ଆପଣଙ୍କ ସୁବିଧା ହେଲେ ଯେଠି ରେଡ଼ିଓ ଶୁଣି ପାରିବେ । କିନ୍ତୁ ଏତେ ଦୂରକୁ କଟକ ରେଡ଼ିଓ ଶୁଭିବାର ତ କଥା ନୁହେଁ ।

ଶାନ୍ତିନିକେତନରେ ଏବେ ନୀଳକଣ୍ଠବାବୁଙ୍କ ସମ୍ବର୍ଦ୍ଧନା ଦେଖି ଆନନ୍ଦିତ ହେଲି । ଏଥିଲାଗି ଆପଣଙ୍କୁ ଧନ୍ୟବାଦ । ନନ୍ଦିନୀ ଏଥର ଓଡ଼ିଆ ଏମ୍. ଏ. ଦେଇ ଦ୍ୱିତୀୟ ଶ୍ରେଣୀ ପାଇଛି । ନିଜ ପୁଅଟିକି ଇଚ୍ଛାର ଏବଂ ଅନ୍ୟାନ୍ୟ ଜଞ୍ଜାଳ ଭିତରେ ଏତିକି ସେ କରିପାରିଛି । ଶାନ୍ତିନିକେତନରେ କିଛି କାମ ମିଳିଲେ ସେଠାକୁ ସେ ଚାଲିଯାନ୍ତା ବୋଲି ତା'ର ଖୁବ୍ ଇଚ୍ଛା । ଆଗରୁ ତ ପଢ଼ିବ ବୋଲି ଇଚ୍ଛା କରୁଥିଲା, ମାତ୍ର ପାରିଲା ନାହିଁ । ଏବେ ସେପରି କିଛି ସୁବିଧା ଥିଲେ ଲେଖିବେ କି ?

ମୁଁ ବର୍ତ୍ତମାନ ପତ୍ରପତ୍ରିକା ଓ ରେଡ଼ିଓ ଲେଖାରେ ବ୍ୟସ୍ତ ଅଛି । ବଡ଼ ଧରଣର ବହି ଲେଖିବା କେବଳ କଳ୍ପନା ଓ ଯୋଜନା ମଧ୍ୟରେ ଅଛି । ଆପଣ ଆଉ କାହିଁରେ ହାତ ଦେଇଛନ୍ତି ? ପୁଅ ଏବଂ କଲ୍ୟାଣୀୟା ପ୍ରେମଲତାଙ୍କୁ ମୋର ସ୍ନେହ ଜଣାଇବେ ।

ଆପଣଙ୍କର
କାଳିନ୍ଦୀଚରଣ ପାଣିଗ୍ରାହୀ

୧୭।୪।୭୭,
କଟକ

କଟକ ଆକାଶବାଣୀର ପୁସ୍ତକ ଆଲୋଚନା ପର୍ଯ୍ୟାୟରେ ଏଥର 'ବୈକୁଣ୍ଠନାଥ ଗ୍ରନ୍ଥାବଳୀ' ସମ୍ପର୍କରେ ମୋ ପାଳି ପଡ଼ିଛି । ସେଥି ସଙ୍ଗେ 'ଉତ୍କଳ ସାହିତ୍ୟ ସମାଜ' କୁ ପୁସ୍ତକର ସ୍ୱତ୍ୱ ଉତ୍ସର୍ଗ ଓ ଆପଣ କବିଙ୍କ ଜୀବନୀର ଶ୍ରୁତିଲିଖନ କରିବା ସ୍ମରଣୀୟ ଘଟଣାଟି ମଧ୍ୟ ମୁଁ ରେଡିଓରେ କହୁଛି । ଆସନ୍ତା ୨୭ ତାରିଖ ବୁଧବାର ରାତି ୮ଟାରେ ରେଡିଓ ଦ୍ୱାରା ପ୍ରଚାରିତ ହେବ ।'

Digitized by srujanika@gmail.com

କଟକ
୨୯।୭।୧୯୭୮

ଆଜ ଆପଣଙ୍କ ଚିଠି ପାଇ ଖୁସି ହେଲି । ଶେଷ ସାକ୍ଷାତ ଘଟିଥିଲା ଗୋପବନ୍ଧୁ ଭବନ ପ୍ରାଙ୍ଗଣରେ, ଶତବାର୍ଷିକୀ ସମାରୋହରେ । ଗତକାଲି ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ ଉଦ୍ୟାପନ ସଂଘର (ଚନ୍ଦ୍ରମଣି ଷଡଙ୍ଗୀ ଦ୍ୱାରା ଆୟୋଜିତ) ଏକ ଅଧିବେଶନରେ ମଧ୍ୟ ଓଡିଶାର ରାଜ୍ୟପାଳ, ବିଶ୍ୱନାଥବାବୁ ଓ ରାଧାନାଥବାବୁ ପୌରୋହିତ୍ୟ କରୁଥିବା ଦେଖିଲି ।

ଆପଣଙ୍କ କଥା ମନେ ପଡିଲା । ଶାନ୍ତିନିକେତନ ଯିବାର ଦୁଇଦିନ ପରେ ଆପଣଙ୍କ ଘରକୁ ଟେଲିଫୋନ କରିଥିଲି, ବାହାରେ ଗଲେଣି ଶୁଣିଲି । ଗତଥର ଶ୍ରୀରାମଚନ୍ଦ୍ର ଭବନରେ ବୈକୁଣ୍ଠବାବୁଙ୍କ ରଚନାବିଷୟକ ଏକ ସଭା ବସେ । ସେଥିରେ ମୁଁ ଯୋଗ ଦେଇ ପାରି ନ ଥିବା କଥା ଆପଣ ପଚାରିଥିଲେ । ଏହାର ଭିତରେ କବି ରାଧାମୋହନ ଗଡ଼ନାୟକ ଆସି ମୋତେ କହିଲେ, ବୈକୁଣ୍ଠବାବୁ ଏଥର ନିଶ୍ଚିତ ଜ୍ଞାନପୀଠ ପୁରସ୍କାର ପାଉଛନ୍ତି । ଅହ୍ଲାଦିତ ହୋଇ ମୁଁ ବୈକୁଣ୍ଠବାବୁଙ୍କୁ ଖଣ୍ଡେ ଚିଠି ଲେଖେଁ । କାରଣ ଉତ୍କଳସାହିତ୍ୟସମାଜ ଦ୍ୱାରା ତାଙ୍କ ରଚନାର ଅନୁବାଦ ପାଇଁ ଉଦ୍ୟମ ହେଉଥିବା ଶୁଣିଲି । ବୈକୁଣ୍ଠବାବୁ ତାଙ୍କ ସ୍ୱାଭାବିକ ରୀତିରେ "ଜ୍ଞାନପୀଠ କି ଅଜ୍ଞାନପୀଠ ପୁରସ୍କାର" ସେ ପାଉଛନ୍ତି ବୋଲି ଜୀବନର ଦୁଃଖ ଜଂଜାଳ ପୁଣି ଜୀବନସଂଗ୍ରାମ କଥା ଉଲ୍ଲେଖ କଲେ । କାଲି ରେଡ଼ିଓରୁ ଶୁଣିଲି ଦକ୍ଷିଣ ଭାରତକୁ ଏଥର ଜ୍ଞାନପୀଠ ପୁରସ୍କାର ମିଳିଛି ବୋଲି, ଆପଣ କିଛି ଜାଣିଥିଲେ ଲେଖିବେ କି ? ଅନେକ ଦିନୁ ବୈକୁଣ୍ଠବାବୁଙ୍କ ଗାଲୁ ଅପରେସନ ବାବଦ କଟକରୁ ଦିଲ୍ଲୀ ଯାଇଥିଲେ । ଆଜି ଶରତଙ୍କଠାରୁ ଶୁଣିଲି, ଆସନ୍ତା ଶନିବାର ୫ ଅଗଷ୍ଟ ସକାଳେ ଯିବା ସ୍ଥିର ହେଲା । ମାତ୍ର ନ ଯିବା ପର୍ଯ୍ୟନ୍ତ ମୋର ବିଶ୍ୱାସ ନାହିଁ । କାରଣ ପ୍ରସ୍ତାବଟା ମଧ୍ୟ ସମାଜ କି ବର୍ଷକରୁ ବେଶି ପୁରୁଣା ହେଲାଣି ।

ବର୍ତ୍ତମାନ ଶାନ୍ତିନିକେତନରେ "ବର୍ଷାମଙ୍ଗଳ ଉତ୍ସବ" କଥା ମନେ ପଡ଼େ । ମନେପଡ଼େ ପୁଣି କବିଗୁରୁଙ୍କ ବିଖ୍ୟାତ ସଙ୍ଗୀତ

"ଚଲିଲିଛ ଗନ ଭଠ ରେ ସଗାଚ
ଶୁଦ୍ଦେ ପିନା ମୁଁ ଚଡେ ପଚ୍ଛୁରୁଛୁ ,

..... ଚିଠି ଦେବେ । ଅନ୍ନଦାଙ୍କର ଓ ନୀଳା ଶାନ୍ତିନିକେତନ ଆସନ୍ତି କି ?

ଚରଣେଷୁ ନୁଧ ସ୍ୱୀ
କାଳିନ୍ଦୀ ଚରଣ ପାଣିଗ୍ରାହୀ

Digitized by srujanika@gmail.com

ଶ୍ରୀ ଅନ୍ନଦାଶଙ୍କର ରାୟ

ଶାନ୍ତିନିକେତନ
୨୨।୪।୭୩

ପ୍ରୀତିଭାଜନେଷୁ,

× × ×

ମୁଁ ସ୍ଥିର କରିଛି, ଏ ବହିର ନାମ ହେବ 'ସବୁଜ ଅକ୍ଷର' ଓ ଏଥିରେ ରହିବ ମୋ କବିତା ଓ ପ୍ରବନ୍ଧ ଓ ପତ୍ର । ପ୍ରଥମ ଅଂଶରେ କବିତା, ଦ୍ୱିତୀୟ ଅଂଶରେ ପ୍ରବନ୍ଧ ଓ ପତ୍ର । ଗଳ୍ପ ଗୋଟିଏ ଲେଖିଥିଲି । ସେଟି ବାହାରିଥିଲା ୧୯୨୨-୨୩ ସାଲରେ 'ସହକାର' ମାସିକ ପତ୍ରରେ । 'ସ୍ୱପ୍ନ' ତାର ନାମ । ଯଦି ତା'ର ସନ୍ଧାନ ମିଳନ୍ତା ଏହି ବହିର ଶେଷ ଭାଗରେ ସେଟି ମଧ୍ୟ ରହନ୍ତା ।

ସେହି ଫଟୋ ଏ ବହିରେ ଦେବା ପୂର୍ବରୁ ଶରତ୍‌ବାବୁଙ୍କ ସହିତ ପରାମର୍ଶ କରିବେ । ଯଦି ଅନ୍ୟ କୌଣସି ଫଟୋ ଥାଏ, ଯେଉଁଥିରେ କାଳିନ୍ଦୀ ଓ ବୈକୁଣ୍ଠବାବୁ ମଧ୍ୟ ଅଛନ୍ତି, ତାହାହେଲେ ସେହିଟା ଛାପା ହେବ । ଆପଣଙ୍କ ପାଖରେ ଯେଉଁ ଫଟୋ ଅଛି, ସେଟି ମୂଲ୍ୟବାନ୍ । ସେଟି ଯତ୍ନକରି ରଖନ୍ତୁ ।

ନରେନ୍ଦ୍ର ମୋର ଗୋଟିଏ ପୁରୁଣା କବିତା ଆବିଷ୍କାର କରିଛନ୍ତି, ଆପଣ କରିଛନ୍ତି ପୁରୁଣା ଫଟୋ ଆବିଷ୍କାର । ଆପଣମାନଙ୍କ ପାଖରେ ମୁଁ ଋଣୀ । ଇତି ।

ଶାନ୍ତିନିକେତନ
୪।୩।୭୫

ପ୍ରୀତିଭାଜନେଷୁ,

'ସବୁଜ ଅକ୍ଷର' ଆପଣ ସାହାଯ୍ୟ ନ କଲେ ନିର୍ଭୁଲଭାବରେ ବା ସୁନ୍ଦର ଭାବରେ ଛାପା ହେବନାହିଁ ।

ଏଥିରେ ଦେଖୁଛି, 'ଯଉବନ ଥରେ ଗଲେ' ଯେ ଭାବରେ Copy ସଜାଇଥିଲି, ସେ ଭାବରେ ଛାପି ନାହାନ୍ତି । ଦୁଇ ଲାଇନକୁ ଯୋଡି ଏକ ଲାଇନ୍ କରି ଦେଇଛନ୍ତି । ଏଥିରେ କବିତାର ମାଧୁର୍ଯ୍ୟହାନି ହୁଏ । କାଗଜ କିଛି ବଢ଼ିଲେ କ'ଣ ହେବ ? Rearrange କରିବା ଦରକାର ।

Digitized by srujanika@gmail.com

ଶାନ୍ତିନିକେତନ
୧୪।୧୨।୭୫

× × ×

ପ୍ରୀତିଭାଜନେଷୁ,

ଆପଣ ମୋ ସମ୍ବନ୍ଧରେ ଯାହା ଲେଖିଛନ୍ତି, ପଢ଼ି ବିଶେଷ ଆନନ୍ଦିତ ହୋଇଛି । ଅପରିମିତ ଓଡ଼ିଆ ସାହିତ୍ୟ ପ୍ରତି ମୋ କର୍ତ୍ତବ୍ୟ ମୁଁ କରିନାହିଁ । ଓଡ଼ିଶା ଦେଶ ପ୍ରତି କର୍ତ୍ତବ୍ୟ କରିନାହିଁ— ଏ ଜ୍ଞାନ ମୋର ସବୁବେଳେ ରହିଛି । କିନ୍ତୁ ମୋ ଶକ୍ତି ପରିମିତ; ଶକ୍ତିର ଅଧିକାରୀ ହୋଇଥିଲେ ଦୁଇ ଭାଷାରେ ଲେଖିଥାଆନ୍ତି ଓ ସିଦ୍ଧିଲାଭ କରିଥାଆନ୍ତି । କିନ୍ତୁ ଏଭଳି ଦୃଷ୍ଟାନ୍ତ ସାହିତ୍ୟର ଇତିହାସରେ ଗୋଟିଏ ହେଲେ ନାହିଁ । ଓଡ଼ିଆ ଲେଖି ଲେଖି ବଙ୍ଗଳା ଆସିଯାଆନ୍ତା, ବଙ୍ଗଳା ଲେଖି ଲେଖି ଓଡ଼ିଆ— ଏଥିରେ ପରିଣାମ ଅସିଦ୍ଧି । ସୁତରାଂ ଯେଉଁ ସିଦ୍ଧାନ୍ତ ମୁଁ ୧୯୨୭ରେ ନେଇଥିଲି, ସେହି ସିଦ୍ଧାନ୍ତ ଠିକ୍ ।

ସେ ସିଦ୍ଧାନ୍ତ ମତେ ଆଇ. ସି. ଏସ୍. ପରୀକ୍ଷାରେ ସାଫଲ୍ୟ ଦିଅନ୍ତା କି ନାହିଁ, କିଏ ଜାଣେ ? ଆଇ. ସି. ଏସ୍. ପରୀକ୍ଷାରେ ସଫଳ ହେଲେ ମଧ୍ୟ ବଙ୍ଗଳାରେ ନିଯୁକ୍ତିର କୌଣସି ନିଶ୍ଚୟତା ନ ଥିଲା । ବଙ୍ଗଳାରେ ନିଯୁକ୍ତ ହେଲେ ମଧ୍ୟ ବଙ୍ଗଳାସାହିତ୍ୟରେ ରବୀନ୍ଦ୍ରନାଥ ପ୍ରମୁଖ ଶ୍ରେଷ୍ଠ ସାହିତ୍ୟିକମାନଙ୍କଠାରୁ ସ୍ୱୀକୃତି ପାଇବାର ନିଶ୍ଚୟତା ନ ଥିଲା । ଆପଣ 'ବିପୁଳ ଧନ'ର ଉଲ୍ଲେଖ କରିଛନ୍ତି । ଆଜି ପର୍ଯ୍ୟନ୍ତ ମୋର ନିଜର ଘରଖଣ୍ଡିଏ ମଧ୍ୟ ନାହିଁ । ମୁଁ ଭଡ଼ାଘରେ ବାସ କରୁଛି । ଯେ କୌଣସି ଦିନ ଗୃହହୀନ ହୋଇପାରେ । ଏମାନେ କେଉଁଠି ଛିଡ଼ା ହେବେ ? ଘରଭଡ଼ା କେଉଁଠୁ ଦେବେ ?

Pension ଉପରେ ଭରସା । ମରିଗଲେ Pension ବନ୍ଦ ହୋଇଯିବ । ଏମାନେ କେମିତି ଚଳିବେ ? ବହି ଉପାର୍ଜନ ଯାହା ହୁଏ, ତା'ର ପରିମାଣ ଶୁଣିଲେ ହସିବେ । ଦୁଇଟି ଭ୍ରମଣକାହାଣୀ ଲେଖି ନ ଥିଲେ ମୋ ଗଳ୍ପଉପନ୍ୟାସରୁ ଆୟ ଉଲ୍ଲେଖଯୋଗ୍ୟ ନୁହେଁ ।

ଓଡ଼ିଆରେ ଲେଖିଥିଲେ ଅହୁରି କମ ହୋଇଥାଆନ୍ତା । ଓଡ଼ିଶା Public ଏସବୁ ଲେଖା ପାଇଁ ତିଆରି ହୋଇ ନାହାନ୍ତି । ଓଡ଼ିଆ ଛାଡ଼ିବାର ଅନ୍ୟ ଏକ କାରଣ ମାନସିକ ବୈଷମ୍ୟ । ଦେଖୁଛନ୍ତି ତ, 'ସବୁଜ ଅକ୍ଷର' ସାତ ଆଠ ବର୍ଷ ଭିତରେ ପ୍ରକାଶିତ ହୋଇପାରିଲା ନାହିଁ ।

Demand ଥିଲେ ପ୍ରକାଶକ ମୋ ବସାକୁ ଆସି ନେଇଯାଇ ଥାଆନ୍ତେ, ଟଙ୍କା ଆଣି ହାତରେ ଧରେଇ ଯାଇ ଥାଆନ୍ତେ । ଯେଉଁ ବ୍ୟବହାର ମୁଁ ଦୁଇଜଣ ପ୍ରକାଶକଙ୍କ-

Digitized by srujanika@gmail.com

ତାରୁ ପାଇଲି ଓ ପାଉଛି ସେଥିରୁ ମୋର ଦୃଢ଼ ଧାରଣା ଯେ ଓଡ଼ିଶା Public ମୋ ପାଇଁ ତିଆରି ହୋଇନାହାନ୍ତି । ୧୯୨୭ରେ ଓଡ଼ିଆରେ 'ପଥେ ପ୍ରବାସେ' ଲେଖିଥିଲେ ତାର ସମାଦର ଅତି ସାମାନ୍ୟ ହୋଇ ଥାଆନ୍ତା । 'ସତ୍ୟାସତ୍ୟ' କେହି ପ୍ରକାଶ କରି ନ ଥାଆନ୍ତେ । କରିଥିଲେ ସେ ନିଜେ ଦେଉଳିଆ ହୋଇ ଥାଆନ୍ତେ ।

ଅଜଯାଏ ମୁଁ ପାଠ୍ୟପୁସ୍ତକ ଲେଖିନାହିଁ କି ଲେଖିବି ନାହିଁ । ଓଡ଼ିଆରେ ପାଠ୍ୟପୁସ୍ତକ ନ ଲେଖିଲେ ବୈକୁଣ୍ଠ ଭଳି ଅବସ୍ଥା ହୁଅନ୍ତା । ନତୁବା Compromise କରିବାକୁ ପଡ଼ନ୍ତା । ବଙ୍ଗଳାରେ ମୁଁ Compromise କରିନାହିଁ, Popularity ଖୋଜିନାହିଁ । ଖ୍ୟାତି ଆପେ ଆସିଛି, ଟଙ୍କା ମଧ୍ୟ ଆପେ ଯାହା ଆସିବାର ଆସିଛି । ସବୁଠୁଁ ବଡ଼ ଜିନିଷ ହେଉଛି ସ୍ୱାଧୀନତା । ବଙ୍ଗଳାରେ ମୋର ସ୍ୱାଧୀନତା ଅବିସମ୍ବାଦିତ ।

ପ୍ରୀତି ଜାଣିବେ ଓ କବିଗୃହିଣୀଙ୍କୁ ଜଣେଇବେ । ସେ ପୁଣି ମୋତେ 'କବି' କହନ୍ତି । କଅଣ ବା କବିତା ଲେଖିଛି ! ପିଲାଙ୍କୁ ସ୍ନେହ ଜଣାଇବେ । ଇତି ।

କୁଶଳପ୍ରାର୍ଥୀ

ଶାନ୍ତିନିକେତନ
୧୪।୧୧।୬୭

ପ୍ରୀତିଭାଜନେଷୁ,

ଚିଠିରେ ଯେଉଁ ବର୍ଣ୍ଣନା ଲେଖିଛନ୍ତି ତା ପଢ଼ି ଆନନ୍ଦିତ ହୋଇଥିଲି । ଯଦି ଭ୍ରମଣକାହାଣୀ ଲେଖନ୍ତି ତାହେଲେ ସମସ୍ତେ ଉପଭୋଗ କରିବେ ।

ଆପଣ ଜାପାନ ନ ଯାଇ ଇଉରୋପ ଭ୍ରମଣ କରି ଭଲ କରିଛନ୍ତି । ଇଉରୋପ ନ ଦେଖି ଫେରି ଆସିଥିଲେ ଆପଣଙ୍କ ଆମେରିକାଦର୍ଶନ ଅସମ୍ପୂର୍ଣ୍ଣ ହୋଇଥାଆନ୍ତା । ଭାରତ-ଆମେରିକାର ମୂଳ ଇଉରୋପରେ । କେବେ ଶାନ୍ତିନିକେତନ ଆସୁଛନ୍ତି ? ଆସିଲେ ଗଳ୍ପ ଶୁଣିବି ।

ଶାନ୍ତିନିକେତନ
୧୩।୧।୬୭

ଭାଇ କୃଷ୍ଣବାବୁ,

ଆପଣଙ୍କ ଚିଠି ଓ ମୋ 'ସବୁଜ ଅକ୍ଷର'ର File ଏକ ସାଥିରେ ପାଇ ଦ୍ୱିଗୁଣ ଆନନ୍ଦିତ ହେଲି ।

Digitized by srujanika@gmail.com

ଶୁଦ୍ଧିପତ୍ର ପ୍ରସ୍ତୁତ କରିବା ପାଇଁ ନରେନ୍ଦ୍ର ରାଜି ହୋଇଛନ୍ତି । ତା' ପୂର୍ବରେ ମୁଁ File ନେଇ ବସିଛି । ସଂଶୋଧନ କରୁଛି । ଏ ପର୍ଯ୍ୟନ୍ତ ବେଶୀ ଭୁଲ ବାହାରି ନାହିଁ । ଯୁଜୁତର ଭୁଲ ଗୋଟା କେତେ ଅଛି ।

ଲୀଳାଦେବୀ Cover Design ଅଙ୍କୁଛନ୍ତି । ତାଙ୍କ design ମୋର ସବୁ ବହିରେ ଥାଏ । ଏ ବହିରେ ନ ରହିଲେ ମୁଁ ଦୁଃଖିତ ହେବ ।

ନିଜ ବହି ନିଜ ଆଖିରେ ଦେଖିବା ପାଇଁ ମୁଁ ପ୍ରତିକ୍ଷଣ ବ୍ୟଗ୍ର ରହିଛି । ଏଭଳି ଅପେକ୍ଷା ଆଉ କିଏ କେବେ କରିଛନ୍ତି ? ଆପଣ ଉଦ୍ୟୋଗୀ ନ ହେଲେ ଓ ସବୁ ଭାର ନ ବୋହିଲେ ମୋର ସ୍ୱପ୍ନ ସାର୍ଥକ ହୁଅନ୍ତା କି ?

ଆପଣଙ୍କୁ କୃତଜ୍ଞତା ଜଣାଇବାକୁ ଭାଷା ନାହିଁ । କୌଣସି ବହି ଆପଣଙ୍କୁ ଉତ୍ସର୍ଗ କରିବାର ଇଚ୍ଛା ରହିଲା ।

୨୦୩, ଯୋଧପୁର ପାର୍କ
କଲିକତା-୩୧
୨୨।୬।୭୭

ପ୍ରୀତିଭାଜନେଷୁ,

ଲୀଳାଦେବୀ Cover Design ଅଙ୍କିଛନ୍ତି । ସେଥିପାଇଁ ତାଙ୍କୁ କିଛି ଦେବା ଉଚିତ । ପ୍ରକାଶକ cover Design ପାଇଁ ଅନ୍ୟ କାହାରିକୁ ଯା' ଦେଇଥାନ୍ତେ ତାଙ୍କୁ ସେହି ଅର୍ଥ ବା ତା ପରିବର୍ତ୍ତିରେ କିଛି ଉପହାର ଦେଲେ ଭଲ ହୁଅନ୍ତା । ଆମର ଗୋଟିଏ ଓଡ଼ିଆ ଅଭିଧାନ (Oriya to Oriya or Oriya to English) ଦରକାର । ଉପହା'ର ପାଇଲେ ଉପକାର ହୁଅନ୍ତା ।

ଶାନ୍ତିନିକେତନରୁ ଚାଲିଆସି ଆମେ ଓଡ଼ିଆ ବନ୍ଧୁମାନଙ୍କଠାରୁ ବିଚ୍ଛିନ୍ନ ।

କଲିକତା-୩୧
୫।୧୦।୭୭

ପ୍ରୀତିଭାଜନେଷୁ,

'ସବୁଜ ଅକ୍ଷର' ଉପରେ କେହି କିଛି ଲେଖିଛନ୍ତି କି ? କୌଣସି ପତ୍ରିକାରେ ସମାଲୋଚନା ବାହାରିଛି କି ? ଆପଣମାନେ ସାହାଯ୍ୟ ନ କଲେ ଏ ଜୀବନରେ ସେ ପୁସ୍ତକ ମୋର ଦେଖିବାର ସୌଭାଗ୍ୟ ହୁଅନ୍ତା ନାହିଁ ।

Digitized by srujanika@gmail.com

୭୨୧

କଲିକତା-୩୧

୯।୧୧।୭୧

ପ୍ରୀତିଭାଜନେଷୁ,

କୃଷ୍ଣବାବୁ, ଆପଣଙ୍କ ଚିଠି ପାଇବା ପରେ ୭ ମାସ କଟିଗଲାଣି । ଅନେକବାର ଆପଣଙ୍କୁ ଲେଖିବି ଲେଖିବି କରି ଲେଖିନାହିଁ । ଏହି ଦୀର୍ଘସୂତ୍ରିତା ପାଇଁ ମୁଁ ଲଜ୍ଜିତ, 'ରତ୍ନ ଓ ଶ୍ରୀମତୀ' ଶେଷ କରିବାକୁ ଯାଇ ମୁଁ ନିଃଶେଷିତ । ତା' ଉପରେ ପୂଜାସଂଖ୍ୟା ପତ୍ରିକାଗୁଡ଼ିକ ପାଇଁ ଲେଖିବାକୁ ଯାଇ ଆହୁରି ନିଃଶେଷିତ ।

U.G.C. ଅଧ୍ୟାପକ ହୋଇଛନ୍ତି ଜାଣି ଆନନ୍ଦିତ ହେଲି । ମୋର ଆନ୍ତରିକ ଅଭିନନ୍ଦନ ଜାଣିବେ ।

ଆପଣଙ୍କ ଆତ୍ମକାହାଣୀ ଲେଖା ଶେଷ କରିଛନ୍ତି ପୁଣି ଆଗ୍ରହାନ୍ୱିତ ହେଲି । ପ୍ରବାଦ ସଂଗ୍ରହ କରୁଛନ୍ତି ଶୁଣି କୌତୂହଳ ବୋଧ କରୁଛି । ଓଡ଼ିଶା ତ ପ୍ରବାଦ ପ୍ରବଚନରେ ଧନୀ । ବହୁତ ଓଡ଼ିଆ ପ୍ରବାଦ ମୁଁ ଜାଣେ, ଯା ବଙ୍ଗଳାରେ ମିଳେନାହିଁ ।

ଦାସ ବ୍ରଦର୍ସ ମୋତେ ଗତ ବର୍ଷର ହିସାବ ବା Royalty ଦେଇ ନାହାନ୍ତି । ଚିଠି ଲେଖି ଚିଠିର ଉତ୍ତର ମଧ୍ୟ ମିଳୁନାହିଁ । ଏବର୍ଷର ହିସାବ ପାଉଣା ହେଲାଣି । ଟିକିଏ ଅନୁସନ୍ଧାନ କରିବେ କି ?

ମୋ ବନ୍ଧୁ ବୈକୁଣ୍ଠଙ୍କର କିଛିଦିନ ତଳେ ପୁଅଟିଏ ନିହତ ହୋଇଛି । ବୈକୁଣ୍ଠକୁ ମୁଁ ଚିଠି ଲେଖି ସମବେଦନା ଜଣାଇଛି । ଆପଣ ଯଦି ସମୟ ପାଆନ୍ତି ତାଙ୍କ ଘରକୁ ଯାଇ ତାଙ୍କୁ ସମବେଦନା ଜଣାଇବେ । ମନୁଷ୍ୟ ଏଭଳି ଘଟଣାରେ ସମ୍ପୂର୍ଣ୍ଣ ନିଃସହାୟ, ଧର୍ମ ତାକୁ କିଛି ସାନ୍ତ୍ୱନା ଦିଏ କିନ୍ତୁ ସେ ସାନ୍ତ୍ୱନା କାମରେ ଲାଗେନାହିଁ । ତଥାପି ଭଗବାନ୍ ବିନା ଗତି ନାହିଁ, ସେ ଅଗତିର ଗତି ।

୨୩୩ ଯୋଧପୁର ପାର୍କ

କଲିକତା-୬୮

୧୧।୧୨।୭୪

ଆପଣଙ୍କ ପୁଅ ପ୍ରିୟଦର୍ଶୀ I.A.S. ହୋଇ ଆନ୍ଧ୍ର ପ୍ରଦେଶରେ ପଦସ୍ଥ ହୋଇଛି, ନରେନ୍ଦ୍ରଠାରୁ ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲି । ତାକୁ ମୋର ଅଭିନନ୍ଦନ ଜଣାଇବେ । ତାର ପିତାମାତାଙ୍କୁ ମଧ୍ୟ ଅଭିନନ୍ଦନ ।

Digitized by srujanika@gmail.com

ଦୁଇଦିନ ପାଇଁ ଶାନ୍ତିନିକେତନ ଯାଇଥିଲି । ନରେନ୍ଦ୍ର ସାଙ୍ଗରେ ଦେଖା ହେଲା ଆପଣଙ୍କ ପ୍ରସଙ୍ଗ ଶୁଣିଲି । ସୁଖୀ ହେଲି । ଦେଖିଲି ଭାବଗ୍ରାହୀ Verrien Elwin ସମ୍ବନ୍ଧରେ ଖଣ୍ଡିଏ ବହି ଲେଖିଛି । ବହି ଖଣ୍ଡିକର କେତେକ ଅଂଶ ପଢ଼ିଲି । ଗାନ୍ଧୀଙ୍କ ସହିତ ତାଙ୍କର ପତ୍ର ବିନିମୟ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ଏସବୁ ମୋତେ ଜଣା ନଥିଲା । ଭାରତବର୍ଷରେ ଏ ବହିର ପ୍ରଚୁର ପ୍ରୟୋଜନ । Indian Edition ପାଇଁ ଅପେକ୍ଷା କରୁଛି । ଭାବଗ୍ରାହୀଙ୍କୁ ମୋର ଅଭିନନ୍ଦନ ।

ଦୁଃଖର ବିଷୟ, 'ଦାସବ୍ରଦର୍ସ' ଅଙ୍ଗୀକାର ମତେ ମୋ ବହିର ହିସାବ ପଠାଇଲେ ନାହିଁ । ଗତବର୍ଷ ଡିସେମ୍ବର ମାସରେ ପଠାଇବେ, କହିଥିଲେ । ବର୍ଷକ ପରେ ମଧ୍ୟ ସେମାନେ ନୀରବ । ସେମାନଙ୍କୁ ଲେଖି ଫଳ ହେବ ନାହିଁ ବୋଲି ଆପଣଙ୍କୁ ଲେଖୁଛି ।

ବହିରୁ ଯଦି କିଛି ମିଳେ, ମୁଁ "ଉତ୍କଳସାହିତ୍ୟସମାଜ"କୁ ଦାନ କରିବି । ଲାଭପାଇଁ ଏ ବହି ପ୍ରକାଶ କରା ହୋଇ ନାହିଁ । ଲାଭ ନହେଲେ ମୋର କ୍ଷତି ହେବ ନାହିଁ । କିନ୍ତୁ ପ୍ରକାଶକ ଯେ ଏଭଳି ଆଚରଣ କରିବେ, ଏହା ମୁଁ ଭାବି ନଥିଲି । ବର୍ତ୍ତମାନ ଆପଣ ଯା କରିବାର କରିବେ ।

ଉଭୟେ ଉଭୟଙ୍କର ପ୍ରୀତି ନମସ୍କାର ନେବେ । ପିଲାମାନଙ୍କୁ ସ୍ନେହ ଜଣାଇବେ ଆଶାକରେ, ସମସ୍ତଙ୍କର କୁଶଳ ।

233 Jodhapur park
Calcutta-86
21.2.80

ଭାଇ କୁଞ୍ଜବାବୁ,

ଶ୍ରୀମତୀ ହେମଲତା ଷ୍ଟେସନକୁ ଆସି ମୋତେ ରସଗୋଲା ସହିତ ବିଦାୟ ଦେଲେ । ମୋର ଓଡ଼ିଶା ଯାତ୍ରାର ପରିସମାପ୍ତି ମଧୁମୟ ହେଲା । ସେଥିପାଇଁ ମୁଁ ତାଙ୍କ ପାଖରେ କୃତଜ୍ଞ । ସେ ଓ ଆପଣ ଅଭିନ୍ନ । ସୁତରାଂ ଆପଣଙ୍କ ପାଖରେ ମଧ୍ୟ ।

ଆପଣ ମୋ ଚିଠିଗୁଡ଼ିକ ଆପଣଙ୍କ ଅମୃତାୟଣୀରେ ପ୍ରକାଶ କରିଦେଇଛନ୍ତି, ସେସବୁ ଚିଠି ମୁଁ ମୋ ରଚନାବଳୀରେ ପୁନଃ ପ୍ରକାଶ କରିବି । 'ସବୁଜ ଅକ୍ଷର'ର ଦ୍ୱିତୀୟ ସଂସ୍କରଣରେ ଆହୁରି କିଛି ରଚନା ଯୋଗ କରି ତାର ନୂଆ ନାମକରଣ ହେବ 'ଅନ୍ନଦାଶଙ୍କର ରଚନାମାଳୀ' । ହଁ, 'ରଚନାମାଳୀ', ବଙ୍ଗଳାରେ ମୋର ଗୋଟାଏ ରଚନାବଳୀ ବାହାରିବ । ତା ସହିତ ପ୍ରଭେଦ ବୁଝାଇବା ପାଇଁ ଓଡ଼ିଆ ରଚନାବଳୀର

Digitized by srujanika@gmail.com

ନାମକରଣ ହେବ 'ରଚନାମାଳୀ' । ଏ ଭଳି ପ୍ରୟୋଗ ତ ଓଡ଼ିଆରେ ରହିଛି , ଯଥା— 'ପଦ୍ମମାଳା', ମତେ ତ ମିଠା ଲାଗେ । ଏଥିରେ ଟିକିଏ ଓଡ଼ିଆ ସ୍ୱାଦ ମିଳେ ।

'ରଚନାମାଳୀ' ପ୍ରସ୍ତୁତ କରିବାର ଭାର ମୁଁ ମୋ ଜାମାତା ଅମିତାଭଙ୍କୁ ଦେଇଛି । ସେ ଆପଣଙ୍କ ସହିତ ପରାମର୍ଶ କରିବ । ପ୍ରକାଶକ ଖୋଜିବାକୁ ହେବ । ନରେନ୍ଦ୍ର ପାଖରେ ଖଣ୍ଡେ ଅଧିକା ବହି ଅଛି । ସେ ଯଦି ସେ ଖଣ୍ଡ ଦିଏ, ତାହେଲେ ସେଇଟା ହେବ Press Copy । ନରେନ୍ଦ୍ରଙ୍କୁ ମୁଁ ଲେଖିଛି ।

ଆପଣଙ୍କୁ ମୁଁ ଓଡ଼ିଆ ବଙ୍ଗଳା ଅଭିଧାନ କଥା କହୁଛି । West Bengal Insritute of Linguistics ର Brochure ଅଳ ପଠାଉଛି । Institute କର୍ତ୍ତୃପକ୍ଷ ନରେନ୍ଦ୍ରପ୍ରଭୃତିଙ୍କ ସାହାଯ୍ୟ ମାଗିବେ । ସୁନ୍ୟ ଏଇ instituteର ସେକ୍ରେଟାରୀ, କିନ୍ତୁ ଅସଲ ଦାୟିତ୍ୱ ଡକ୍ଟର ଭକ୍ତିପ୍ରସାଦ ମଲ୍ଲିକଙ୍କ ଉପରେ । ସେ Director; ତାଙ୍କୁ ମୁଁ କହିବି ଆପଣଙ୍କୁ ଲେଖିବାକୁ, ସରକାରୀ ଅନୁଦାନ ପ୍ରୟୋଜନ ।

କଟକରେ ମୁଁ ବହୁତ ସମସ୍ତ ଖରଚ କରି ସବୁଜସାହିତ୍ୟସମିତିର ଟଙ୍କା— ପଇସାର ଗୋଟାଏ Amicable Settlement କରି ଆସିଲି । କିନ୍ତୁ ଶରତ ଓ କାଳନ୍ଦୀଙ୍କ ପରସ୍ପର ମତଭେଦ ଯୋଗୁଁ ସେ Settlement ଭାଙ୍ଗି ଗଲଣି । ଶରତ ମୋତେ ଚିଠି ଲେଖିଛନ୍ତି ସେଥିରୁ ଜଣା ପଡ଼ୁଛି ଯେ କାଳନ୍ଦୀ ରାଜି ହେଲେ ମଧ୍ୟ ସେ ରାଜି ହେବେ ନାହିଁ । 'ମେତେ ରୁ ମାଠିରୁ ମାଠ, ସେ ସେଇ ଦରପୋଡ଼ା କାଠ ।' ଯାହା ହେଉ, ଆମେ ଉତ୍କଳସାହିତ୍ୟସମାଜକୁ କିଛି ଟଙ୍କା ଦେବାର ବ୍ୟବସ୍ଥା କରୁଛୁ । ହରି, କାଳନ୍ଦୀ ଓ ମୁଁ ତିନି ଜଣଙ୍କ ଟଙ୍କା ଏକାଠି କଲେ ୫୦୦୦ଙ୍କା ହେବ । ଏଥିରୁ ଗୋଟାଏ ପୁରସ୍କାର ଦିଆଯିବ—ବର୍ଷକୁ ବର୍ଷ । ଶରତବାବୁଙ୍କ ପାଖରେ ରହିଲା ଟ୪୦୦୦ + ସୁଧ ଟ ୧୧୦୦ (ତାଙ୍କ ହିସାବ ଅନୁସାରେ) । ସେ ଦେଲେ ସେଟା ଉତ୍କଳ- ବିଶ୍ୱବିଦ୍ୟାଳୟକୁ ସବୁଜସାହିତ୍ୟସମିତି ସ୍ମୃତି ରକ୍ଷା ପାଇଁ ଦେବାର କଥା ଅଛି । କିନ୍ତୁ ସେ ଟଙ୍କା ଆଦାୟ କରିବା ଆମମାନଙ୍କ ପକ୍ଷରେ ସାଧ୍ୟାତୀତ । ଆମେ ତ ଅଦାଲତକୁ ଯିବୁନାହିଁ । କିନ୍ତୁ ଆମେ public statement କରି ଦେଶବାସୀଙ୍କୁ ଜଣାଇବୁ । Public opinion ଗଢ଼ିବାଭାର ଆପଣମାନଙ୍କ ଉପରେ ।

ବ୍ୟକ୍ତିଗତ ଭାବରେ ଆମେ ସୁରକ୍ଷିତ ରହିଲୁ । କିନ୍ତୁ ପତ୍ରଲେଖା ଭାବରେ ଅମର ଭୂମିକା ସମାପ୍ତ ହେଲା । ଜଣେ ସ୍ୱର୍ଗୀୟ । ଆଉ ଜଣେ ଲକ୍ଷ୍ୟଭ୍ରଷ୍ଟ । ମୋ ମନ ଅବସ୍ଥା କଳ୍ପନା କରି ପାରିବେ କି ? ହରିହରଙ୍କ ମନର ଅବସ୍ଥା ମଧ୍ୟ ସେଇଭଳି । ସେ ଅଳ କଲିକତାରେ । ଟେଲିଫୋନ୍‌ରେ କଥାବାର୍ତ୍ତା ହେଲା ।

Digitized by srujanika@gmail.com

ମନୁଷ୍ୟର ସବୁ ଅଭିଳାଷ ପୂର୍ଣ୍ଣ ହୁଏନାହିଁ । ସେତେବେଳେ ହେଲା ସେତେବେଳେ ଆଠ ବର୍ଷର ଅଧ୍ୟବସାୟର ଫଳ । ବୈକୁଣ୍ଠ ଦେଖିଯାଇ ପାରିଲେ ନାହିଁ ।

ପ୍ରୀତିନମସ୍କାର ଉଭୟଙ୍କୁ ଉଭୟଙ୍କର ।

ଡକ୍ଟର କୃଷ୍ଣଚନ୍ଦ୍ର ଦାଶ   ଇତି
କଟକ

ଆପଣଙ୍କର
ଅନ୍ନଦାଶଙ୍କର ରାୟ

---

* 'ସବୁଜକବିତା', 'ବାସନ୍ତୀ' ଉପନ୍ୟାସ ଆଦି ସବୁଜସାହିତ୍ୟସମିତି ପ୍ରକାଶିତ ଗ୍ରନ୍ଥମାନଙ୍କର ସ୍ୱତ୍ୱ ବିକି ଚାରି ହଜାର ଟଙ୍କା ସଂଗ୍ରହ କରାଯାଇଥିଲା । ଏହି ଅର୍ଥରେ ସବୁଜ ସାହିତ୍ୟସମିତିର ସ୍ମୃତି ଉତ୍କଳସାହିତ୍ୟସମାଜରେ ରଖିବା କଥା ପଞ୍ଚସଖାଙ୍କ ମଧ୍ୟରେ ସ୍ଥିର ହୋଇଥିଲା; ଟଙ୍କାତକ ଶ୍ରୀ ଶରତ ମୁଖାର୍ଜୀଙ୍କ ପାଖେ ଜମା ଥିଲା । ନାନା ଆଳ ଦେଖାଇ ସେ ଟଙ୍କା ଫେରାଇଲେ ନାହିଁ । ଫଳରେ ପଞ୍ଚସଖାଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଲା । ନୀଳକଣ୍ଠ ସ୍ମୃତିସମିତିରେ ବକ୍ତୃତା ଦେବାକୁ କଟକ ଆସି ଅନ୍ନଦାବାବୁ ବିବାଦ ନିଷ୍ପତ୍ତି ଲାଗି ଶେଷ ଚେଷ୍ଟା କରିଥିଲେ, ପୂର୍ବପରି ବିଫଳ ହୋଇଥିଲେ । ଶରତ ଏହି ପ୍ରକାରେ ବିଚ୍ଛିନ୍ନ ହୋଇଗଲେ; ବୈକୁଣ୍ଠ ସ୍ୱର୍ଗଗାମୀ, ଏବେ ତିନି ସଖା ସ୍ୱତନ୍ତ୍ରଭାବେ ଏକ ହଜାର ଟଙ୍କା କରି ଚାନ୍ଦା ଦେଇ ଉତ୍କଳସାହିତ୍ୟସମାଜରେ ନୂତନଭାବେ ସବୁଜ ସ୍ମୃତି ରକ୍ଷା କରିଛନ୍ତି ।

ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ

ଶ୍ରୀକୃଷ୍ଣାୟ ନମଃ

କଟକ-୧
୩୦।୮।୬୪

ଶ୍ରଦ୍ଧାସ୍ପଦେଷୁ ଡ. କୃଷ୍ଣବାବୁ,

ମୋର ବ୍ୟକ୍ତିଗତଭାବରେ ଆପଣଙ୍କ ଘରକୁ ଯିବା ଉଚିତ ଥିଲା । ମାତ୍ର ଭଗବାନ୍ ସେ ବାଟ ସବୁଦିନକୁ ମୁଦି ଦେଇଛନ୍ତି । ମୋର ଆଉ ତା ଏଠି କେତେ ଧନ ? ତତ୍ ପୂର୍ବରୁ ମୁଁ ଆପଣଙ୍କ ଉପରେ ଗୋଟିଏ ଭାର ଲଦି ଦେଇଯିବି ।

×   ×   ×

ଯିଏ ବଡଲୋକ ହୋଇଅଛି ଗୁଡ଼ାଏ ନକଲ କରିଛୁ—ଗୋଟାଏ ପୁସ୍ତକ ବହି ହେବ । 'ସବୁଜତତ୍ତ୍ୱ' ଆଉ ଗୋଟାଏ । ଏସବୁ ସଂଗ୍ରହର ଦାୟିତ୍ୱ, ଛପା ହେଉ ବା ନହେଉ ଆପଣ ନେବେ । ୧୦।୧୧ ଦିନ ଧରି ଏ ଚୌକିରେ ବସି ଲେଖିବାର ଅଶେଷ ଧୈର୍ଯ୍ୟଶୀଳ ବ୍ୟକ୍ତିଙ୍କୁ ମୁଁ ଭୁଲି ପାରୁନାହିଁ ।

Digitized by srujanika@gmail.com

ମୋର ଇଚ୍ଛା, ଲେଖକ କବିମାନଙ୍କର ଅପ୍ରତ୍ୟାଶିତ ଅଭାବ ବା ଦୁର୍ଘଟଣାରେ ଏ ଅର୍ଥର (ବୈକୁଣ୍ଠ ଗ୍ରନ୍ଥାବଳୀରୁ ଲବ୍ଧ) ବିନିଯୋଗ ହେଉ । ଆପଣ ସଭାପତି ଥାଉଁ ଥାଉଁ ସାହିତ୍ୟସମାଜକୁ ଏ ବିଷୟରେ ମଙ୍ଗାଇ ପାରିବେ । ମୋର ସ୍ୱଳ୍ପ ଜୀବ-ଦଶାରେ ଆପଣ ଏତିକି କରନ୍ତୁ । ପ୍ରଭୁ ଆପଣଙ୍କର ଭଲ କରିବେ ।

ମୁଁ ତ ବିଛଣାରେ ପଡ଼ି ପଡ଼ି ରଦ୍ଦି ହେଲିଣି—ମାଦଳ ।

ଶ୍ରୀ କୃଷ୍ଣାୟ ନମଃ

କଟକ

୨୬ । ୬ । ୭୫

ଶ୍ରଦ୍ଧାସ୍ପଦେଷୁ

ଡଃ କୃଷ୍ଣବାବୁ—ଆପଣଙ୍କ ଲେଖାଟି ପଢ଼ି ମୋତେ ଖୁସି ଲାଗିବା କଥା । ଆତ୍ମପ୍ରଶଂସା କାହାକୁ ସୁଖ ନ ଲାଗେ ? ତା ଛଡ଼ା ମୁଁ ଯୋଗୀ ନୁହେଁ କି ଭୋଗୀ (ପାପ) ମଧ୍ୟ ନୁହେଁ । ମାତ୍ର Dr. Jakill & Mr. Hyde ସମସ୍ତଙ୍କ ଭଳି ମୋ ଭିତରେ ପୂର୍ଣ୍ଣ ବିଦ୍ୟମାନ ଅଛନ୍ତି । ସେ ଆଭ୍ୟନ୍ତରୀଣ ସୈତାନ ସବୁ ଉପଭୋଗ କରେ । ଯଷ୍ଟି ଗୋଟାଇବାକୁ ନ କହି ବୋଝ ଆଗକୁ ନେଇ ଥୁଏଁ । ମୁଁ ସେହିପରି କରିଛି ଓ ପାପବୋଝ ବୃଦ୍ଧି କରିଛି । କୃଷ୍ଣଚନ୍ଦ୍ରଙ୍କର ବିଚିତ୍ର ବିଧାନ । ପ୍ରବନ୍ଧଟି ମୁଁ ଓ ପିଲାମାନେ ସମସ୍ତେ ପଢ଼ିଲୁ । ମୋ ମୃତ୍ୟୁ ପରେ ତାର ପ୍ରକୃତ ମର୍ଯ୍ୟାଦା ବଢ଼ି ଯାଇଥାନ୍ତା—ଏବେ ମୁଁ ନବବଧୂ ପରି ସଙ୍କୁଚିତ, କୁଷ୍ଠୀପରି ଉଦ୍‌ବେଜିତ, କାରଣ ପାପର ମାତ୍ରା ଆଗରୁ ଯାହା ଥିଲା ଏବେ ଅଦ୍ଭୁତ ନୂଆ ଏ ବଢ଼ାଇଲା । ଆପଣଙ୍କୁ କଅଣ ନିବର୍ତ୍ତାଇଥାନ୍ତି ଭାବି ପାରିଲି ନାହିଁ । ଏବେ ବି ପାରୁ ନାହିଁ ।

ଦ୍ରୌପଦୀଙ୍କୁ ପ୍ରଭୁ ବସ୍ତ୍ରଦାନ କରିଥିଲେ । ମୋତେ ୧୦୦ ସ୍ତ୍ରୁକ୍ ମାରିଲେ ବୋଧହୁଏ ଶାନ୍ତି ମିଳନ୍ତା । ଯେଉଁ ଅମୃତାନ୍ତରକୁ ଘୃଣା କରି ଆସିଥିଲି ଆଜି ତାକୁ ଆପଣଙ୍କ ମାଧ୍ୟମରେ କରାଇଛି । ରାଜନୀତିକ ନେତାମାନଙ୍କଠାରୁ ମୋର ଧୃଷ୍ଟତା କେଉଁ ଗୁଡ଼େ ଊଣା ହେଲା କି ? ଆପଣଙ୍କୁ କଷ୍ଟ ଦେବା ମୋର ଇଚ୍ଛା ନୁହେଁ । ମାତ୍ର କେଡ଼େ ସହଜରେ ଆପଣ ମୋ ସ୍ୱାର୍ଥବାଲୁରିରେ ବାନ୍ଧି ହୋଇଗଲେ ? ଭୁଙ୍କ ପାଖରେ ଏତିକି ନିବେଦନ—ଆପଣଙ୍କ କଲମ ତାଜା ରହିଥାଉ ଓ ଆପଣଙ୍କ ଶକ୍ତି ସାଧୁସନ୍ଥଙ୍କ ଜୀବନୀ ଲେଖି ଅଧିକ ଶକ୍ତିଶାଳୀ ହୋଇଉଠୁ । ତୁଚ୍ଛ ଜୀବନରେ ଦୃଷ୍ଟି ସୀମିତ ନ ରହୁ ।

ଆପଣଙ୍କ ଉପରେ ଯେ ଅଳିଆ ଗଦା ଲଦି ଦେଇ ଆସିଛି ତାକୁ ଛପାଇବା ଲାଗି ମୁଁ ଆଦୌ ବ୍ୟାକୁଳ ନୁହେଁ । ଉ. ସା. ଗ୍ରନ୍ଥାଗାରରେ ତାକୁ ପକାଇ ଦିଅନ୍ତୁ । କୌଣସି

Digitized by srujanika@gmail.com

ବଦାନ୍ୟ ପୃଷ୍ଠପୋଷକ ପ୍ରକାଶକ ସ୍ୱତଃପ୍ରବୃତ୍ତ ହୋଇ ନ ବାହାର କରିଲେ ତାକୁ ଘର କୋଣରେ ପୋକ ଖାଇଯାନ୍ତୁ । ତାହାହିଁ କୃଷ୍ଣଚନ୍ଦ୍ରଙ୍କ ଇଚ୍ଛା । ତାଙ୍କ ଇଚ୍ଛା ନ ହେଲେ ତାକୁ ମୂଲ୍ୟ ଦେବା କଥା ଉଠି ପାରେ ନାହିଁ ।

ଦାସ ବ୍ରଦର୍ସ କହିବାରୁ ମୁଁ ଆପଣଙ୍କ ଉପରେ ଲଦି ଦେଲି । ଦୁର୍ଗତ ଲେଖକଙ୍କ କଥା ତାପରେ ଉଠିଲା । ମୋର ଧର୍ମବଳ ଥିଲେ ତ ଦୁର୍ଗତ ଲେଖକଙ୍କ କାମରେ ଆସିବି ବା ଲାଗି ପାରିବି ? ସେ ଧର୍ମବଳ ମୋର ନାହିଁ, ତାଙ୍କ କୃପାରୁ ୪ଟି ଶ୍ରେଷ୍ଠ ଶ୍ରେଷ୍ଠ ଗ୍ରନ୍ଥବୃତ୍ତି ହୋଇଚାଲି । ମୃତ୍ୟୁ ପୂର୍ବରୁ ସେ ଆଦେଶ ଦେଲେ ଆଉ କିଛି କହିବାର ଅଭିଳାଷ ନାହିଁ ତ, ତେବେ ଆପଣମାନଙ୍କ ଭଳି ବନ୍ଧୁମାନେ ବଳ ନ ଦେଲେ ଖାତରୁ ଗାଡ଼ି ଉଠିବା ଅସମ୍ଭବ । ଆପଣ ହତାଶ ହୁଅନ୍ତୁ ନାହିଁ— ବିରକ୍ତ ହେବେ ନାହିଁ— ମୋର ବିଶ୍ୱାସ ଅଛି । ମାଇ ଗୀତାର ସେ ଶ୍ଳୋକଟି—'ବହାମ୍ୟହଂ'ର ସତ୍ୟତା କିପରି ଠାକୁରେ ପ୍ରତିପାଦନ କରିଥିଲେ ଓ ବ୍ରାହ୍ମଣୀଙ୍କୁ ମାଡ଼ର ନୋଳା ଦେଖାଇ ପ୍ରସାଦ ଘର ଦେଇ ଆସିଥିଲେ, ସ୍ମରଣ କରନ୍ତୁ ।

ଏ କଥାଗୁଡ଼ାକ ଗୋପନ ରଖିବା କଥା । ମୁଁ ତ ଆପଣଙ୍କୁ କହିଲି । ପ୍ରକାଶ କରି ଆପଣ କି ଦୋଷ କଲେ ? ପାପ ମୋତେ ଖାଉଛି ।

ଲାଲବାବୁଙ୍କୁ (ଲାଲ ନଗେନ୍ଦ୍ର କୁମାର ରାୟ) ଦେଖିବାକୁ ଯାଇଥିଲି । ପ୍ରାୟ ଏକ ଘଣ୍ଟା ରହିଲି । ଭଲ ଅଛନ୍ତି । ମାତ୍ର ଦୁରନ୍ତ ଦାରିଦ୍ର୍ୟ । ମଣିଷ ବା କଅଣ କରିପାରେ ? ସରକାର ତାଙ୍କ ଦେଶସେବାର ପ୍ରତିଦାନ କଣ ବା ଦେଲେ ?

ଶ୍ରୀକୃଷ୍ଣାୟ ନମଃ

ବଡମ୍ବାଗଡ଼
୨୭ । ୪ । ୬୭

ଅଶେଷ ପ୍ରୀତିଭାଜନେଷୁ,

ଡ. କୃଷ୍ଣବାବୁ ବୋଲି ଡାକନ୍ତି ଯେ ଲୁଣ ଚିନିର ମିଶ୍ରଣ ଭଳି ଅସ୍ୱାଦ ବୋଧ ହେବାରୁ ଖାଲି କୃଷ୍ଣବାବୁ ବୋଲି ଡାକନ୍ତି । ମାତ୍ର କୃଷ୍ଣବିହାରୀବାବୁ ବୋଲି ଡାକୁଛି । କାରଣ ତାହା ଇଷ୍ଟଦେବସ୍ମାରକ । ଏଣିକି ଏ ଡାକଟି ଅନୁମୋଦନ କରନ୍ତୁ । ତାଙ୍କ ସ୍ମୃତି ପଛକୁ ଆପଣ ସ୍ୱତଃ ମନେ ପଡ଼ୁଛନ୍ତି । କାରଣ ଆପଣ ମୋର ଅବୈଧ ସନ୍ତାନଟିକୁ ସାମାଜିକ ମର୍ଯ୍ୟାଦା ଦେଇଛନ୍ତି । ଆପଣଙ୍କର ଏହିସବୁ କୃତି ଲାଗି ଆପଣ ଯେଉଁଦିନ ପୁରସ୍କାର ସ୍ୱୀକୃତି ପାଇବେ, ସେ ଦିନ ମୁଁ ଯଥାର୍ଥରେ ପ୍ରୀତିଲାଭ କରିବି ।

ସ୍ନେହାର୍ଥୀ
ବୈକୁଣ୍ଠ

Digitized by srujanika@gmail.com

ଶ୍ରୀକୃଷ୍ଣଃ— At/PO-Baramba Garh
Dt. Cuttack
27-4-77

ମା ଲକ୍ଷ୍ମୀକୁ ମୋର ଅଶେଷ ସ୍ନେହାଶିଷ ।

ଶିବଙ୍କ ଅଦର୍ଶନରେ ଶକ୍ତିଙ୍କୁ ଆରାଧନା କରିବା ବାଧ୍ୟ । ଶକ୍ତି ଶିବଙ୍କୁ ଜାଗ୍ରତ କଲେ ଯାଗ ଯଜ୍ଞ କର୍ମର ପ୍ରବାହ ବାଧାମୁକ୍ତ ଚଳେ । ଆମ ଶିବ ଆମେରିକା ଯିବେ ବୋଲି ଆଗରୁ ନୋଟିସ୍ ଦେଇଥିଲେ । ତେଣୁ ଏକ ମାସ ହେଲା ଏ ପତ୍ରଟି ପଡ଼ି ରହିଥିଲା । ଏବେ ଜାଣିଛି ଯେ ଶିବ କଟକରେ । ତେଣୁ ତୁମେ ଦୟା କରି ଜାଗ୍ରତ କରାଇବାକୁ ଅନୁରୋଧ କରେଁ । ଶିବ ମହାପ୍ରଭୁ ଚିଠିର ଜବାବ୍ ବା ଆଳୁଆ ହୋଇ ଚିଠିପତ୍ରର ଆଦାନପ୍ରଦାନ କଥା ସବୁବେଳେ ଭୁଲି ଯାଆନ୍ତି । ଆଶାକରେଁ, ତୁମେ ତାଙ୍କୁ ମୋ ବିଷୟରେ ଜାଗ୍ରତ କରାଇ ଚିଠି ଟିକିଏ ଦେବ । ସମସ୍ତେ ମୋର ଶ୍ରଦ୍ଧା ନେବ । ନୂଆ ନାତିଟି କିପରି ଓ କେଉଁଠାରେ ଅଛି ? ମୋର ମଝେ ମଝେ ଗୁଡ଼ ଗୋଳମାଳ ଦେଖା-ଦେଉଛି । ଦୁର୍ବଳତା ବଢ଼ି ଯାଉଛି । ଶୁଖିଲା ସଳିତାକୁ ଆଉ କେତେ ଦିନ କୃଷ୍ଣଚନ୍ଦ୍ର ଜାଳୁଛନ୍ତି, ଦେଖାଯାଉ ।

24-7-77

ପ୍ରୀତିଭାଜନେଷୁ -

ଶ୍ରଦ୍ଧେୟ କୁଞ୍ଜବାବୁ—ଆପଣ ଏ ଦେଶରେ ଅଛନ୍ତି—ଏ ଖବର କିଛିଦିନ ତଳେ 'ସମାଜ'ରୁ ପଢ଼ି ଏ ପତ୍ର ଦେଉଛି । ଆପଣ ତ ବାର କାମରେ ବ୍ୟସ୍ତ । ତେଣୁ "ଉତ୍ତର ପାଇବା" କଥାରେ ଦୋଷ ଦେଇ ହେଉନାହିଁ । ଭଗବାନ୍ କୃଷ୍ଣଚନ୍ଦ୍ରଙ୍କ ପଛକୁ ଆପଣଙ୍କୁ ସଦାଶିବଙ୍କ କଳ୍ପନା କରିବାକୁ ହେଉଛି । କର୍ମ କୁଶଳତା ସତ୍ତ୍ୱେ ଆପଣ ଶିବଙ୍କପରି ନିର୍ବିକାର ଓ ନିସ୍ପୃହ । ତେଣୁ ମୁଁ ବେଶି ସମୟ ଆପଣଙ୍କର ନଷ୍ଟ କରୁନାହିଁ ।

1. ଏଥର ସାହିତ୍ୟ ସମାଜ Election ହେବାର ଥିଲା । ଆଉ କେହି ସଭାପତି ପାଇଁ ଆଗ୍ରହୀ ଥିଲେ ବା ହେଉଛନ୍ତି କି ?

2. ବୃଦ୍ଧ ସାଃ ପେଃ ଫଣ୍ଡର ହାଲ୍ କଅଣ ? କିଛି ଅଗ୍ରଗତି କରୁଛି କି ଫଣ୍ଡ ?

3. ଗ୍ରନ୍ଥାବଳୀର ୨ୟ ଖଣ୍ଡ ପ୍ରକାଶନର ଆଶା ଅଛି କି ? ଥିଲେ, ମୋତେ ଲେଖିଲେ ମୁଁ କେତେଗୁଡ଼ିଏ ଭଲ କବିତାର ଆଭାସ ଦେବି । ସେ ଗୁଡ଼ିକ ୨ୟ ଭାଗରେ ହେବେ । ତେବେ, I should not count chicks before they are

Digitized by srujanika@gmail.com

hatched. ସରକାରୀ ସଂସ୍କାର ଅଦଳବଦଳରେ ଆମ କଥା ବି ଓଲଟି ଯାଇପାରେ । ଅବସ୍ଥା ଜଣାଇବେ ।

4. କାଳନ୍ଦୀବାବୁ ଅଜ ୨୭ ଗତ ୮ରେ କଅଣ ସମାଲୋଚନା ପଢ଼ିଥିଲେ A.I.R.ରେ । ଆପଣ ଶୁଣି ପାରିଥିବେ । ମୋର ସୁବିଧା ହେଉଛି କି ନା ଜାଣେ ନା ।

5. ଶ୍ରୀ ସୀତାକାନ୍ତ ମହାପାତ୍ର ଏକ ପଦ୍ୟର English ଅନୁବାଦ କରି ଦିଲ୍ଲୀର ସାହିତ୍ୟ ପତ୍ରିକାରେ ଛପାଇଛନ୍ତି । ଆପଣଙ୍କୁ ଜଣାଇଛନ୍ତି କି ? ମୁଁ କେବଳ ଖବର ପାଇଲି । ମାତ୍ର ମୋତେ କେହି ପଚାରି ନାହିଁ ବା ଦେଖାଇ ନାହିଁ । ପତ୍ରିକା ତୋଳିବା କଥା ଦୂରେ ଥାଉ । ଆପଣ ସେ ଇଂରାଜୀ ପତ୍ରିକା ଦେଖିଛନ୍ତି କି ?

6. ମୋର ଏ ଭିତରେ ୨।୩ ଥର ଆକ୍ରମଣ ହୋଇଗଲାଣି । ମାତ୍ର ନିର୍ବିକାର, ନିଶ୍ଚଳ ହୋଇ ପ୍ରକୃତି କୋଳରେ ଜୀବନକୁ ଉପଭୋଗ କରିବା ଆନନ୍ଦ କମି ନାହିଁ । କଟକର ଦୁର୍ଗନ୍ଧ ଜଳବାୟୁକୁ ମନ ଟେକୁନାହିଁ । ଅନ୍ତିମ କ୍ରିୟା କେଉଁଠି ହେବ କୃଷ୍ଣଚନ୍ଦ୍ରଙ୍କୁ ଜଣା ।

ନିଶ୍ଚୟ ପତ୍ର ଦେବେ । ସରକାରୀ ଘଟ ପରିବର୍ତ୍ତନରେ କେତେ ବନ୍ଧୁଙ୍କର ପରିବର୍ତ୍ତନ ଲକ୍ଷ୍ୟ କରୁଥିବେ । କିପରି ବୋଧ ହେଉଛି ? ମୋର ଦୁର୍ବଳତା ଦିନକୁଦିନ ବେଶ୍ ଜଣା ପଡ଼ୁଛି ।

ସ୍ନେହ ନେବେ ।

Rav. College କାମ ଚାଲିଛି ତ ? କୃଷ୍ଣ ଚଃ ବେହେରା ପଦ୍ୟ ଛାପିବାକୁ ଆପଣଙ୍କ ଅନୁମତି ନେଉଥିଲେ କି ?

ଶ୍ରୀ କୃଷ୍ଣାୟ ନମଃ—

Kalapuri
Cuttrck-1
Date - 7/8. ବୃହ : ବାର

ପରମ ଶ୍ରଦ୍ଧାସ୍ପଦ କୁଞ୍ଜବାବୁ—

ଆପଣଙ୍କ ଋଣ ପରିଶୋଧ କରିବାକୁ ମୋର ଆୟୁଷ ଆଉ ନାହିଁ । ‘ସମାଜ’ରୁ ବିଜ୍ଞାପନ ପଢ଼ିଲି—କାଳନ୍ଦୀବାବୁ ‘ଧରିତ୍ରୀ’ Copy ଦେଉଥିଲେ । ‘ଆଦର୍ଶ ଦାନ’

Digitized by srujanika@gmail.com

ଲେଖି ଆପଣ କୃଷ୍ଣଦ୍ରୋହୀ ହେଲେ ପରି ! ତା ପରେ ଆଉ ଏକ ପରିବର୍ତ୍ତନ ଲାଗି ସାଃ ସମ୍ପାଦକଙ୍କ ହାତରେ ହାତଯୋଡ଼ି ନିବେଦନ କରୁଛି । "ସହାୟତାପାଣ୍ଠି" ଟା ବ୍ୟାକରଣ ଅସିଦ୍ଧ ଓ ଶ୍ରୁତିକଟୁ ହେଉଅଛି । ତା ପରିବର୍ତ୍ତେ "ଦୁଃସ୍ଥ ସାହିତ୍ୟିକ ସେବା ନିଧି' ନାମଟି ରଖିଲେ କିଛି ଆପତ୍ତି ହେବ କି ? 'ନିଧି' = Fund ହିସାବରେ ସେମାନେ ବହୁଳ ବ୍ୟବହାର କରୁଛନ୍ତି । ଆପଣ ଦୟାକରି ଏହାର ବିଚାର କରି ସାଃ ସଃ ମେମ୍ବର-ମାନଙ୍କୁ ମୋ ନିବେଦନ ଜଣାଇବେ । କାରଣ, ନାମଟା ସବୁ ସମୟ ଲାଗି । 'ସହାୟତା' ପାଣ୍ଠିର ଅର୍ଥ ଗୋଳମାଳ ହେଉଛି । 'ସହାୟ' ବିଶେଷ୍ୟ । ତା ଉତ୍ତରେ 'ତା' ପ୍ରତ୍ୟୟଟା ମୋତେ ବିବ୍ରତ କରୁଛି । ଆପଣଙ୍କୁ ଦିନକୁଦିନ ଅତିକ୍ରାନ୍ତ କରି ମୁଁ ଲଜ୍ଜିତ । କାଲି ରାତି ୭ଟାରେ ମୋର ଏକ ଗୁରୁ ଆକ୍ରମଣ ହେଲେ ଆପଣଙ୍କର ମୋ ପ୍ରତି କେତେ ଦୟା ସ୍ମରଣ କରି କୃଷ୍ଣଚନ୍ଦ୍ରଙ୍କୁ ଧନ୍ୟ ଧନ୍ୟ କରୁଥିଲି । ଲକ୍ଷ୍ମୀ ପ୍ରତିମା ପ୍ରେମଙ୍କୁ ମୋର ସ୍ନେହ ଜଣାଇବେ ।

ବିନମ୍ର

ପୁଃ - ଦୁଃସ୍ଥ ସାହିତ୍ୟିକମାନଙ୍କ ସେବାରେ ଏ ସାମାନ୍ୟ ଅର୍ଥ ଲାଗିବା କଥା । ପାଣ୍ଠି କହିଲେ "କଂ-ପାଣ୍ଠି", "କମ୍ୟୁଃ ପାଣ୍ଠି", "ଦୁର୍ଭିକ୍ଷ ପାଣ୍ଠି" ଯେଉଁଠାରେ ଲକ୍ଷ ଲକ୍ଷ ଟଙ୍କା ଜମା ରହେ । ଆମର ସାମାନ୍ୟ ଅର୍ଥକୁ "ପାଣ୍ଠି" ନ କହି "ନିଧି" କହିବା ଠିକ ହେବ । ତା ପୂର୍ବରୁ "ସେବା" କଥାଟି ରହିଲେ ନିବେଦନର ଭାବ ରହିବ । 'ଦାନ'ର ଅଭିମାନ ବା ଅହଂକାର ପ୍ରକାଶିତ ହେବ ନାହିଁ । 'ଦୁଃସ୍ଥ ସାହିତ୍ୟିକ ସେବା ନିଧି" ନାମକରଣରେ କିଛି ଆପତ୍ତି ନ ଥିଲେ ଦୟାକରି ଜଣାଇବେ ।

ଏ ମଧ୍ୟରେ ରବିସିଂଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ତାଙ୍କୁ ମାଡ଼ମାରି ଗୁଣ୍ଡାମାନେ ୨ଦିନ ଧରି ଆକ୍ରମଣ କରିବାରୁ ସେ ପଳାଇଯାଇ ତୁଳସୀପୁର ମଠସାହିରେ ଆଶ୍ରୟ ନେଇଛନ୍ତି । ଏ ମଧ୍ୟରେ ଅର୍ଦ୍ଧଭକ୍ଷ ଓ ଅଭୁକ୍ତ ହୋଇ ରହିବାକୁ ପଡ଼ୁଛି । ତାଙ୍କ କଥା ବିଚାରକୁ ନେବାକୁ ଏକାନ୍ତ ନିବେଦନ କରୁଛି । ଆଉ ଏ ଦୁରବସ୍ଥାରେ କିଏ ଅଛନ୍ତି ସେମାନଙ୍କ କଥା ମୋତେ ଜଣା ନାହିଁ । ଆପଣ ଦୁଇଜଣଙ୍କ ଉଦ୍ୟମରେ (ହରିବାବୁ) ସବୁ ଗୋଳମାଳ ସୁଧୁରିଯିବାର ଆଶା [illegible]
ଆଗରେ ପ୍ରମୋଶନ ଥିଆ ହୋଇଛି । ସମସ୍ତେ ବିଗ୍ରହ ବୋଧ କରି
ଏବଂ ଏ ଧରଣର ପ୍ରସ୍ତାବ ନିହାତି ପିଲାଳିଆ ବୁଦ୍ଧିବୋଲି ଧ
କରିଥିଲେ । କିନ୍ତୁ କିଛି ଶୁଣିନ । ପ୍ରତିବାଦ ମଧ୍ୟ କରିନ । କାମଟି
ଏମିତି କରୁଥାଏ ଯେ ଅନେକ ଭାବିଲେ ଏଟା କିଛି ନୁହେଁ । ହ

Digitized by srujanika@gmail.com

ଶ୍ରୀ କୃଷ୍ଣାୟ ନମଃ –

At/P O.-Baramba Garh
Dt-Cuttack
10.12.77

ପ୍ରୀତିଭାଜନେଷୁ,

ସ୍ନେହର କୃଷ୍ଣବାବୁ –

ଆପଣମାନେ ଗଲେ ଯେ ଏକାବେଳେ ନୀରବ ରହିଲେ। କେଇ ଘଣ୍ଟା ପାଇଁ ବା ଆସିଲେ। ମୁଁ ଆପଣମାନଙ୍କର ବିଶେଷ କିଛି ସୁବିଧା ନ କରିପାରି ଲଜ୍ଜିତ ଓ ଦୁଃଖିତ। ମୋର ତ ଘର ନାହିଁ। ତେଣୁ ପୁତୁରା ଘରେ ଯାହାକି ମୋ ନିଜ ଘର ଏ ଦାବୀ କରିପାରେ– ମୁଁ ଆପଣଙ୍କର ଖାଦ୍ୟପେୟର ବନ୍ଦୋବସ୍ତ କରିଥିଲି। ସେଥିରେ ସେ ତାର କେତେ ଜଣ ବନ୍ଧୁଙ୍କୁ ମିଶାଇଲା। ଆପଣଙ୍କର ଖାଇବା ପିଇବା ଅସୁବିଧା ହୋଇଥିବ। ମୁଁ ତ ଗୃହସ୍ଥୀ ହୋଇ ପୁଣି "ଅଗୃହୀ"। ତା ଉପରେ ଅଚଳ ମେଣ୍ଢା। ଦୋଷତ୍ରୁଟି କ୍ଷମା ଦେଇଥିବେ ବୋଲି ଆଶାକରେ। ଆପଣଙ୍କର ଭଙ୍ଗାରଙ୍କା ଅନୁଭୂତି ମଧ୍ୟ କିଛି ଜାଣିଲିନାହିଁ। ଆପଣ ଶାନ୍ତିନିକେତନ ଗଲେଣି ବା କେବେ ଯିବେ ଜାଣେ ନାହିଁ। ଯିବା ପୂର୍ବରୁ ଲେଖିବେ ନିଶ୍ଚୟ। ଶାନ୍ତିନିକେତନ ନିଶ୍ଚିତ୍ର ଅତ୍ୟନ୍ତ ଆନନ୍ଦର କଥା। ସେଥିରେ ଆପଣଙ୍କର ୪।୫ ବର୍ଷ କଟିଯିବ ବୋଲି ମୁଁ ଆଶା କରେଁ। ପ୍ରଭୁ ଆପଣଙ୍କୁ ସେଠି ଯଶସ୍ୱୀ କରନ୍ତୁ।

ମା ଲକ୍ଷ୍ମୀଙ୍କୁ ଏ ପତ୍ର ଲେଖୁଛି—ତୁମେ ଗଲାବେଳେ ମୋତେ ଅଉ "ବ୍ୟବସ୍ଥା କରିବାକୁ" ପ୍ରତିଶ୍ରୁତି ନେଇଥିଲ—ସେ କଥାଟା ବଡ଼ ବାଧିଲା ମୋତେ। ତୁମେ ଜାଣ ନାହିଁ ମୁଁ ଅର୍ଥକୁ ପ୍ରାଣରେ ଭୟ କରେ। ଆବଶ୍ୟକତା ବାହାରେ ଯେତିକି ବଢ଼ିଲେ ବରାବର ଅଶଙ୍କା କରେଁ "କିଛି ଗୋଟାଏ ବିପତ୍ତି ବା ରୋଗ ଆସୁଛି"। Education Secretary ୩ଥର ୫.୧ ଯାଚି ମୋ ଉପରେ ବିରକ୍ତ ହୋଇଥିଲେ। ମୁଁ ନୋଇ ପାରିବି କି ନାହିଁ ତାକୁ କହୁଛି। ମୋର ଅର୍ଥ ଦରକାର ଚଳିବା ପର୍ଯ୍ୟନ୍ତ। ତଦୁର୍ଦ୍ଧ୍ୱ ପ୍ରାଣରେ ଭୟ। ମୋତେ ତୁମେ ଯେ ପଚାରିଲ "ବ୍ୟବସ୍ଥା" କରିବ ବୋଲି ମୁଁ ବଳକା ଟଙ୍କାଗୁଡ଼ାକ କେଉଁଠି ରଖିବି? ମଲା ଗଲା ବେଳକୁ ମୋର କି କାମରେ ଆସିବ? ପୂର୍ବ ଜନ୍ମରୁ—କାଳି ତ ଏ ପର୍ଯ୍ୟନ୍ତ ଦଫା ହୋଇନାହିଁ। ପୁଣି ଆଉ ଅର୍ଥ ଆଣି କେଉଁ ଗାତ ପୂର୍ଣ୍ଣ କରିବି? ଆଶା କରେଁ, ଆଉ ଏ ଭଳି ଅନୁରୋଧ କରି କଷ୍ଟ ଦେବ ନାହିଁ। ତୁମେ ଲକ୍ଷ୍ମୀ-ଧନଧାନ୍ୟପୂର୍ଣ୍ଣ କରିବାର ଶକ୍ତି ତୁମର ମୁଁ ଦେଖିଛି। ମାତ୍ର ମୁଁ ଶ୍ରୀମତୀ ରାଧାଙ୍କର ସେବକ। ତାଙ୍କ ସନ୍ଧାନ ପାଇଲେ ଯାଏ କେଉଁ ଅର୍ଥ, ଧାନ ବ୍ୟାକୁଳ ଘର

Digitized by srujanika@gmail.com

ମୋତେ ଶାନ୍ତ କରିପାରେ ? ମୋର ମୃତ୍ୟୁହୀନ ଅବସ୍ଥା ମୋର ସାର୍ଟିଫିକେଟ୍ ବୋଲି ଜାଣିବ । କ୍ଷମା ଦେବ ଓ ଆନ୍ତରିକ ଆଶୀର୍ବାଦ, ପ୍ରୀତି ସ୍ନେହ ନେବ ।

ପୁଃଚ—କୃଷ୍ଣବାବୁଙ୍କ ଶ୍ୱାସ ଦୋଷ ସେ ଦିନ ଲକ୍ଷ୍ୟ କଲି । ତୁମେ ଶାନ୍ତିନିକେତନ ଗଲେ ତାଙ୍କୁ ନିସ୍ମିତ ଚ୍ୟବନପ୍ରାସ ଖୁଆଇବ । ମୋତେ ଚିଠି ଲେଖିବାକୁ ବାଧ୍ୟ କରିବ । ତୁମେ ଦୁହେଁ ଯେପରି ଦୁଃସ୍ଥ ସାହିତ୍ୟ ସେବା ପାଣ୍ଠି କଥା ନ ଭୁଲ ।

ସ୍ନେହାଧୀନ

(ଅଚଳ ଅବସ୍ଥା; କବିଙ୍କୁ ଦସ୍ତଖତ କରିବାକୁ ଅନୁରୋଧ କରାଯାଇନାହିଁ । ଭୁଲ୍ ଚୂଡ଼ାମଣି)

At/P.O. Baramba Garh
Dist. Cuttack
2017.

ଶ୍ରୀକୃଷ୍ଣ.

ପ୍ରୀତିଭାଜନେଷୁ,

କୃଷ୍ଣବାବୁ, ପଦ୍ମଶ୍ରୀ ପାଇ ଆଶ୍ୱସ୍ତ ହେଲି । ମନେ ମନେ ଦୀର୍ଘ ଜୀବନ କାମନା କଲି । ଆପଣ କବିଗୁରୁଙ୍କର ପ୍ରକୃତ ଦାୟାଦ । କେବଳ କବି ନୁହନ୍ତି— ନିଷ୍ଠାପର କୁଶଳୀ କର୍ମୀ—ବହୁମୁଖୀ ଅନୁଷ୍ଠାନର ପ୍ରାଣପ୍ରତିଷ୍ଠାତା – ଆପଣଙ୍କର କୀର୍ତ୍ତି ଅମର ହେଉ ।

ଏ. P.O. ରେ ୨ମାସ ହେଲା ଲଫାପା ବା ଇନ୍‌ଲ୍ୟାଣ୍ଡ୍ ଆଦି କିଛି ମିଳୁନାହିଁ । ପୋଷ୍ଟକାର୍ଡ ଖଣ୍ଡିକରେ କଅଣ ଅବା ଲେଖିବି । ମୋର ଆନ୍ତରିକ ସ୍ୱପ୍ନ ସେ ଦୁଃସ୍ଥ ପାଣ୍ଠିରୁ ମୋ ନାମ କାଟି ଆପଣଙ୍କ ନାମ ଅମରାକ୍ଷରରେ ଖୋଦିତ ହେଉ । ଅପଣ ପୁରୋଧା – ମୁଁ ଦୁଇଟା Sentimental କବିତା ଲେଖି ମୋର ପାଉଣା ଯଥେଷ୍ଟ ପାଇଛି । ମୋ ସ୍ୱପ୍ନକୁ ବାସ୍ତବ ରୂପ ଦେଉଛନ୍ତି । ଆଉ କିଏ ଆଗେଇ ଆସିଲେ କି ? ହରିହର ସଭାକୁ ଆସିଲେ ନାହିଁ — ମୁଁ ହତାଶ ହୋଇଗଲି । ସବୁଜବାଲା ଯଦି interest ନ ନିଅନ୍ତି, ଆଉ ୨ ଜଣଙ୍କୁ substitute କରି ପାରିବେ ନାହିଁ ? ଛାତ୍ର ବୃତ୍ତି ଗୁଡ଼ିକ ଏତେଦିନେ ଏଇ ମାସରେ ସମାଧାନ ହୋଇଗଲା । ସମ୍ବଲପୁର ବି.ବି.ଯେ 500-00 ଦେଇଥିଲେ ତାକୁ ଏଠା B.A ଛାତ୍ରଙ୍କର ପରୀକ୍ଷା ବୃତ୍ତି ଲାଗି ଦେଇଛି । ବର୍ଷକୁ 50-00 interest ସେ ଛାତ୍ର ଦୁଇଜଣ ପାଇବେ । ପ୍ରଭୁଇଚ୍ଛା—ପୁଅଦୁହିଁଙ୍କ ପ୍ରେତାତ୍ମା ତେବେ ବି ଶାନ୍ତ ହୋଇନାହିଁ ବୋଲି ବୋଧ ହେଉଛି । ଆପଣ ସେ ଗଳିରେ ୨ଟି ପିଲାଙ୍କୁ ଛାଡ଼ି ଆସିଲେ କିପରି ? ହାକିମ୍ ପ୍ରେତ ସେ ଗଳିରେ ବୁଲୁଛି । ପିଲାମାନେ ନିରାପଦରେ ଅଛନ୍ତି ତ ? ଆପଣଙ୍କ ସନ୍ଦର୍ଭ ଶେଷରେ ଆଉ ବର୍ଷେ ନିଯୁକ୍ତି ପାଇପାରନ୍ତି ।

Digitized by srujanika@gmail.com

କାରଣ, ଆପଣ ଯେଠି ବହୁତ ଜନସ ଗଢ଼ିଛନ୍ତି । ସେମାନେ ଆପଣଙ୍କୁ ଛାଡ଼ିବେ ନାହିଁ । ହେଲେ, ପିଲାଦୁଇଟିଙ୍କୁ ଏଣା ସେ ଜଳରେ ଛାଡ଼ନ୍ତୁ ନାହିଁ । ମୋର ଗତ ଲେଖା ତାରଖ ୧୨।୭—ଦେଢ଼ମାସ ହେଲା ଲେଖିନାହିଁ । ଦେହ ଭଲ ନଥିଲା । ପୁଣି ଜମିବାଡ଼ି ଗୋଳମାଳ ଲାଗିଛି । କିଛୁ ନ କଲେ ବି ବୁଦ୍ଧି ଦେବାକୁ ପଡ଼ୁଛି । ହୃଦୟନାଥ ବାବୁ ଓ କୃଷ୍ଣବାବୁଙ୍କ ଠିକଣା ଲେଖିବେ । ଏ କିଏ ସମାଜ Editor ହେବାକୁ ? ଉଭୟଙ୍କୁ ଲେଖିବେ—Proof ପଠାଇବାକୁ କହ ପଠାଇ ନାହାନ୍ତି । କାଳନ୍ଦୀବାବୁ ମଧ୍ୟାହ୍ନ ଚିଠିରେ ଯାହା ଲେଖିଛନ୍ତି ପରେ ମୁଁ ବିଷୟ ଦେଖି ଜଣାଇବି । ମା ଲକ୍ଷ୍ମୀ ଓ ଆପଣ ଦୁହିଁଙ୍କୁ ଅଶେଷ ପ୍ରୀତି ଜଣାଇ ରହିଲି ।

(ମୁଁ ରହୁଥିବା ଗଡ଼ରେ କବିଙ୍କ ପୁଅ ହୃଦୟନାଥଙ୍କୁ ରାତ ନଟା ବେଳେ ହତ୍ୟା କରାଯାଇଥିଲା । ହତ୍ୟାକାରୀ ଧରା ପଡ଼ିଲେ ନାହିଁ । ସବୁଜ ପଥିକଙ୍କ ମଧ୍ୟରୁ ଜଣଙ୍କର କନ୍ୟା ସେତେବେଳେ ଓଡ଼ିଶାରେ ଶାସନ କର୍ତ୍ତ୍ରୀ ।)

ଶ୍ରୀ କୃଷ୍ଣାୟ ନମଃ

Baramba Carh
Dt. Cuttack
31/1

ଅଶେଷ ପ୍ରୀତିଭାଜନେଷୁ

ସ୍ନେହେଷୁ କୃଷ୍ଣବାବୁ,

ପୋଷ୍ଟକାର୍ଡ ପାଇଲି । ବହୁମୂଲ୍ୟ ତୀର୍ଥଭ୍ରମଣ କଥା ଜାଣି ବିଶେଷ ଆନନ୍ଦିତ ହେଲି । ପ୍ରଭୁ ଆପଣଙ୍କୁ ପରମାୟୁବଳ ଓ ସ୍ୱାସ୍ଥ୍ୟ ଦିଅନ୍ତୁ । ଏତିକି ପ୍ରାର୍ଥନା ମାତ୍ର ବୁ: ଗା: ସେବା ସଙ୍ଘ କଥା ସବୁବେଳେ ମନରେ ଥାଏ । ସେ ସଙ୍ଘର ପୁରୋଧା ଆପଣ । ମୁଁ ସ୍ୱପ୍ନରେ ଦେଖିଛି, ଆପଣ ଖୋଲା ଦେହରେ ଯଜ୍ଞୋପବୀତ ଧାରଣ କରି ବ୍ରାହ୍ମଣ ଭାବରେ ପାଟଳ ଚାମୁଚ ପକାଇ ଯଜ୍ଞରେ ଆହୁତି ଦେଉଛନ୍ତି । ପାଖରେ ମା ଲକ୍ଷ୍ମୀ ରହି ଯଜ୍ଞ ସାମଗ୍ରୀ ଗୋଟିଏ ଗୋଟିଏ ଯୋଗାଇ ଦେଉଛନ୍ତି । ଆପଣ ଗମ୍ଭୀର କଣ୍ଠରେ ମନ୍ତ୍ରୋଚ୍ଚାରଣ କରୁଛନ୍ତି ଓଁ ବାସୁଦେବାୟ ନମଃ—ଶ୍ରୀ କୃଷ୍ଣାୟ ନମଃ । ଦୁକୂଳ ଯଜ୍ଞେ ରତ୍ନାବଳୀ ଭାଗ୍ୟୋଦୟରୁ ପାଣି ଅଂଶର ପର୍ଯ୍ୟନ୍ତ ସବୁକୁ ଆପଣ କଣ ଆସିଲେ—ନା, କୃଷ୍ଣଚନ୍ଦ୍ର ଆପଣଙ୍କ ଦ୍ୱାରା ଯଜ୍ଞରେ କରାଇ ନେଲେ । ଆଉ କର୍ମୀମାନଙ୍କର ଅଭାବ ହେଲେହେଁ ବ୍ରାହ୍ମଣର ଅଭାବ ନାହିଁ । ତେଣୁ ମୁଁ ନିଶ୍ଚିନ୍ତ । ଯେଉଁଆଡ଼େ ଗଲେ, ଯାହାକଲେ ବି ପାଣି ଲୋପ କରିବ କିଏ ? ମଧୁରର ରତ୍ନାବଳୀ ଛପା ଖର୍ଚ୍ଚ ସରକାରଙ୍କ ଠାରୁ ପୁରସ୍କା

ମିଳିବ ନାହିଁ କି ? ହାତରୁ ପଢ଼ିବା କଥା ବୁଝି ପାରନ୍ତି ନାହିଁ । ସେ ଯାହା ହେଉ, ମୂଳଦୁଆ ପକାଇଛନ୍ତି ଆପଣ । ତାହାମଧ୍ୟ ଅଳ୍ପ ବହୁତ ଫଳ ଆସିଲାଣି । ମୁଖ୍ୟ କର୍ତ୍ତା ବା ହୋତା ଭାବେ ଆପଣ କିଛି ଅସୁବିଧାର ସମ୍ମୁଖୀନ ହେଲେ କୃଷ୍ଣଚନ୍ଦ୍ର ଅବଶ୍ୟ ଆପଣଙ୍କର ଭାର ବହିନେବେ । ମୋର ପ: ବନ୍ଧୁଙ୍କ ମଧ୍ୟରୁ ଅଧିକାଂଶ ଶତ୍ରୁ । ବନ୍ଧୁ ହରିହର ଓ କେତେକାଂଶରେ Economist ଶରତ୍‌ବାବୁ ଦୁହିଁଙ୍କର interest ଅଛି । ମାତ୍ର ଆପଣ କାର୍ଯ୍ୟରେ ନିମଗ୍ନ ଥିବା ହେତୁ ସେମାନେ ନିଶ୍ଚିନ୍ତ । କାଳନ୍ଦୀବାବୁ ଗଲ ଚିଠିରେ ଯେ ଭାବ ପ୍ରକାଶକଲେ ସେଥିରୁ ମୁଁ ସ୍ପଷ୍ଟ ଜାଣୁଛି ସେ ହସ୍ତକ୍ଷେପ (ଚକ୍ରା-କ୍ଷେପ ବି ନୁହେଁ) କରିବାକୁ କୁଣ୍ଠିତ । ତାହା ମୋର ତଥା ଦୁ: ସାହିତ୍ୟିକମାନଙ୍କର ଦୁର୍ଭାଗ୍ୟ । ଏ ସବୁ ଦୁଃଖ ଆପଣଙ୍କୁ ଜଣାଇ ପୁନଃ ପୁନଃ ଶରଣାପନ୍ନ ହେଉଛି । "ମୋ ଭାହାଣୀର ଘୋଡ଼ା" ଏ କ୍ଷେତ୍ରରେ ପଶ୍ଚାତ୍‌ପଦ ହେବେ ନାହିଁ ।

ଆପଣ କେବେ ଆମେରିକା ଯିବେ ସଠିକ ତାରିଖ ମୋତେ ନିଶ୍ଚୟ ଜଣାଇବେ । କାରଣ, ସେ ପର୍ଯ୍ୟନ୍ତ ମୁଁ ଚିଠି ଲେଖୁଥିବି । ଫେରିବା ପରେ ମୁଁ ହୁଏତ ଅନ୍ତରଙ୍ଗ ସଙ୍ଗ ଭୋଗ କରିଥିବି ।

ଏ ମଧ୍ୟରେ ମୋର ଗୋଟାଏ 45 minutes Attack ହୋଇଥିଲା— ସେଇ ଗତ ୧୫ ବେଳେ । କୃଷ୍ଣଚନ୍ଦ୍ର ଘାଟି ପାର କରିଦେଲେ । ଆପଣ ଯେ ଏବେ ଆଡ଼େ ଯାଉଛନ୍ତି--R. College engagementରେ ବାଧା ଅସୁନାହିଁ ତ ?

ମୋର ସାନଝିଅ M. A. ଦେଉଛି । ଫଳ କେବେ ବାହାରିବ ? ସେ ଯେଉଁ ବହିପତ୍ର ନେଇଥିଲା ସବୁ ଫେରାଇଲା କି ନାହିଁ ? ମା ଲକ୍ଷ୍ମୀ ଓ ଆପଣ ମୋର ପ୍ରୀତିପୂର୍ଣ୍ଣ ଶୁଭେଚ୍ଛା ଗ୍ରହଣ କରିବେ । ନାତିଟି କେତେ ବଡ଼ ହେଲାଣି ? ପୁଅ ବୋହୂ ଆଉ ଆସିଥିଲେ କି ? ଅନ୍ୟାନ୍ୟ ପିଲାମାନଙ୍କୁ ମୋର କଲ୍ୟାଣ ।

ନିଃସ୍ୱ କବି ରବି ପ୍ରତି ଟିକିଏ ସୁଦୃଷ୍ଟି ରଖିଥିବେ । ତାଙ୍କର ଶତ୍ରୁ ଅନେକ ଥାଇ ପାରନ୍ତି । ଆପଣ ବୁଝନ୍ତୁ ।

ନମୋ ନମଃ ରହିଲି ।

ଆଖି ଅଦୃଶ୍ୟ ଏବଂ ଚିଠି କପରି ଲେଖୁଛି ବୁଝି ପାରୁନାହିଁ । ଏ ସବୁ କୃଷ୍ଣ-ଲୀଳା ନୁହେଁ କି ? ସୁଖର କଥା, ସରକାର ଏବେ School College ବୃତ୍ତି ଟଙ୍କା Rs. 5,000/- ର Cheque ମୋତେ ଦେଲେ । ପିଲାଏ ଶୀଘ୍ର ପାଇଲେ ମୁଁ ଆଶ୍ୱସ୍ତ ହେବି । ହାତ ଖାଲିହେଲେ ମୋର ଆନନ୍ଦ ।

Digitized by srujanika@gmail.com

ଶ୍ରୀକୃଷ୍ଣଃ—

At/P.o-Baramba Garh
Dt.-Cuttack
31. 7, ଶନିବାର

ପରମ ଶ୍ରଦ୍ଧାସ୍ପଦେଷୁ—
କୁଞ୍ଜବାବୁ,

ଆପଣ ଓ ମା ଲକ୍ଷ୍ମୀ (ପ୍ରେମଲତାଙ୍କ ନୂତନ ନାମ) ଉଭୟେ ଭଲ ଅଛନ୍ତି । ବହୁଦିନ ତଳେ ଆପଣଙ୍କ କାର୍ଡ଼ ଖଣ୍ଡି ପାଇ କିଛି ଉତ୍ତର ଦେବାର ନଥିଲିବୋଲି ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହିଗଲି । କୃଷ୍ଣଚନ୍ଦ୍ରଙ୍କ ଖେଳ ଖେଳୁଛି ଓ ହାରିବାକୁ ପଡ଼ୁଛି । ସେ ଗୁଡ଼ାକ ଆପଣଙ୍କୁ ଲେଖିବି ବା କ'ଣ ? ଉଭୟେ ମୋର ଶ୍ରଦ୍ଧା ନେବେ । ପିଲଙ୍କୁ ଆଶୀର୍ବାଦ ।

2. ଆପଣଙ୍କ College engagement ନିଶ୍ଚୟ Continue କରୁଛି । ଜସ୍ମୀ ମିଶ୍ରେ ପୁଣି କଅଣ କରୁଛନ୍ତି ? ଆପଣଙ୍କର ସବୁପ୍ରକାର activity ଖବର 'ସମାଜ'ରୁ ପାଏଁ । ନୂଆଗଡ଼ ସମ୍ବର୍ଦ୍ଧନା ପରେ ପରେ ପଠେଇଦେବ ବୋଲି କହିଥିଲି । ପୁଣି ଅମୃତଶତ ଉଦ୍‌ଘାଟନ ଉତ୍ସବ ବିଷୟରେ ଖୁବ୍ ଆନନ୍ଦିତ ହୋଇ ବହିଖଣ୍ଡି କିପରି ଶୀଘ୍ର ଛପିବ ଯୋଗାଡ଼ରେ ଥିଲି । କଟକ କେବେ ଯିବି ତାହା ମଧ୍ୟ ତାଙ୍କୁ ପଚାରୁଛି । ଆଖି ଶକ୍ତି ପ୍ରାୟ ଗଲଣି । ମାତ୍ର ଗାଡ଼ି ଚାଲିଛି । ଏଠି ମଧ୍ୟ ମୁଁ ଏକାକୀ— ସହଚର ସହଚରୀ ସବୁ ଶୂନ୍ୟ । ୫୦/୬ ଏକର ଜମି ମାଡ଼ି ବସିଥିବା ୨୬ ଜଣ ରୟତ ମୋ ନାମରେ Case କରି-ଦେଇଛନ୍ତି । ଶ୍ରେଟା, ଅନ୍ଧ, ରୁଗ୍‌ଣ— ମୋର ଖାଲି ବସିବା ଛଡ଼ା କ କର୍ତ୍ତବ୍ୟ ଅଛି, ବୁଝୁନାହିଁ ।

3. ଆପଣଙ୍କର ଗୋଟିଏ ପଦବୀ ଲାଗି ମୁଁ ବହୁ ଆକାଂକ୍ଷିତ— ମାତ୍ର ତାହା ଯେ ଏକା ଶୁଣିବେ ଓ କରିବେ । ମଣିଷଦ୍ୱାରରୁ ଫେରିଛି ।

4. ଆପଣଙ୍କର ସମସ୍ତ ବିଷୟରେ details ଲେଖିବେ । ବନ୍ଧୁ ହରିହର ଲେଖିଥିଲେ ସମସ୍ତେ Election ରେ ବ୍ୟସ୍ତ । ସେନେଟ୍‌ର ଗୋଟିଏ Seat ଲାଗି ପ୍ରବଳ ଚେଷ୍ଟା, ଗୁଡ଼ବନ୍ଧୁ ଘରପାଖେ ଜନ୍ମା ପରି ଏ କଥା ହେଲା । ଆଚ୍ଛା, ଆପଣ ତ ଆଗରୁ ମେମ୍ବର୍ ଥିଲେ । କେତେ ଅଳ୍ପ ଉପଭୋଗ କଲେ ? ମୋ ମୁଣ୍ଡରେ ଏ କଥା ପଶୁନାହିଁ । Member ହେଲେ ବା ନ ହେଲେ ଲାଭ କ୍ଷତି କଅଣ ହୁଏ— ସେଥିଲାଗି ବହୁ କର୍ତ୍ତବ୍ୟ କ୍ଷତି ହୁଏ ନାହିଁ ବୋଲି ମୋ ବିଶ୍ୱାସ । ଆପଣ କି ମାନିଛନ୍ତି ? ସାହିତ୍ୟସମାଜ ସୌଧଟିକୁ ଆହୁରି ଟାଣ କରନ୍ତୁ । ଶଶୀବାବୁଙ୍କ ପଛକୁ ଆପଣଙ୍କ ନାମ ଅମର ହୋଇ ରହୁ— ଏ ମୋର ପ୍ରାର୍ଥନା ପ୍ରଭୁଙ୍କଠାରେ ।

Digitized by srujanika@gmail.com

5. ଦୁସ୍ଥ ସାଃ ସେବା କାର୍ଯ୍ୟ କିଛି ହେଉନାହିଁ ବୋଲି ଶୁଣିଲି । ପୁଣି Orissa Sahitya Academy ପାଣ୍ଡୁଲିପି ଲାଗି ବିଜ୍ଞାପନ କଲେଣି । II Volume ଲାଗି କିଛି କାମ ହୋଇ ପାରିବ କି ? ଆପଣଙ୍କ ପାଖେ ଯେତିକି material ଅଛି ସେତିକିରେ ଚଳିଯିବ ବୋଲି ମୋର ବିଶ୍ୱାସ । ସେତକ ଦେଇ କାର୍ଯ୍ୟ ଆରମ୍ଭ କରିବା କଥା ବିଚାରୁଛନ୍ତି କି ? ସରକାରଙ୍କ ଆଡ଼ୁ ଟଙ୍କା ମିଳିବ ତ ? ପବନ ମୋ ଆଡ଼କୁ ବହୁଛି କି ନା ? ଏ ସବୁ କଥା ଆପଣଙ୍କଠାରୁ ଶୁଣିଲେ ମୁଁ ଏ ୭।୮ ଦିନ ମଧ୍ୟରେ ଯିବାକୁ ଚେଷ୍ଟା କରିବି । ଦେହ ଅତି ଦୁର୍ବଳ । ଖିଅପିଅ ଯେପରି । ଦିନେ ଦିନେ ଚଢ଼ା, ବେଟିରେ କାମ ଶେଷ । ରାତିକୁ ମୋର ଚିନ୍ତା ନଥାଏ । ଏପରି ଅବସ୍ଥାରେ ଜଣେ ସଙ୍ଗୀ ମିଳିଲେ କଟକ ୭।୮ ଦିନ ଲାଗି ଯିବି । ମୁଁ ତ ମୋର ସବୁ ସ୍ୱାର୍ଥ ଆପଣଙ୍କଠାରେ କେନ୍ଦ୍ରୀଭୂତ କରିଛି । One king—No Democracy ସାହିତ୍ୟକୁ ବଞ୍ଚାଏ । ହବୁ କଥା ଆପଣଙ୍କୁ ଲାଗେ । ଆପଣଙ୍କ ଜୀବନୀ କେତେ ପୃଷ୍ଠା ? ଗଲେ ଦେଖିବି । ଆନ୍ତରିକ ପ୍ରୀତି ଦୁହିଁଙ୍କି ଜଣାଇ—

Baramba Garh
Dt. Cuttack
11, 10.

ଅଶେଷ ପ୍ରୀତିଭାଜନେଷୁ—

ଜମ୍ମୁରୁ Dr. କୃଷ୍ଣଚନ୍ଦ୍ରାସ୍ତ୍ର—ସରସ୍ୱତୀଙ୍କ ଅସ୍ତ୍ର ଧରି - ଅପବ୍ୟବହାର କେବେଁ ନ କରି—ଯେବେବି କରି - ଲେଖନୀରୁ କାଳି ଆଉ ନ ଝରି ।

ଆଉ ପଟୁ ନାହିଁ । ବ୍ରିଟିଶ୍ କବି Cowper କେତେଗୁଡ଼ିଏ Letter—Poems ଲେଖିଥିଲେ । ତାଙ୍କ ଅନୁକରଣରେ କେତେଗୁଡ଼ିଏ ଇଂରାଜୀ ଚିଠି ଲେଖିଥିଲି । ଏହା ବୋଲି ଆପଣଙ୍କ ସ୍ତରର ଲୋକ ବାଣୀ ଅବମାନନା କରିବା ଦେଖି ମୁଁ ଅତ୍ୟନ୍ତ ଲଜ୍ଜିତ ଓ ନତ-ମସ୍ତକ । ଦୟାକରି ଆଉ କରିବେ ନାହିଁ । ମା ଲକ୍ଷ୍ମୀ ଓ ଆପଣଙ୍କୁ ମୋର ପ୍ରୀତିପୂର୍ଣ୍ଣ ନମସ୍କାର ଜଣାଉଛି । ମୋ ପାଣ୍ଡି କେତେ ଦୂର Swell (ଫୁଲିବା) କଲାଣି, ଗ୍ରନ୍ଥାବଳୀର କାଟ୍ତି, ୨ୟ ଭାଗ ପ୍ରକାଶନ ଆଶା, ଏ ୩ ବିଷୟ ମୋର ମୁଖ୍ୟ ଓ ଏକାନ୍ତ କାମ୍ୟ—ସେ ବିଷୟରେ କିଛି ଲେଖିଲେ ନାହିଁ । ସଲିଳ ନ ପିଇ ଖାଲି ଦଣ୍ଡବତରେ କ'ଣ ରୁକ୍ଷ ପାହାଡ଼ ତରଳିବ ? ହଁ, ମୋ କାହାଣୀ ବିଷୟ – ଆପଣ ୧୯୪୨ରେ ମୋ ସଙ୍ଗେ Lecturer Post ଲାଗି ଦରଖାସ୍ତ କରିଥିଲେ । ମୁଁ ଆଗରୁ offg. କରିଥିଲି ବୋଲି ମୋତେ ସୁବିଧା ଦେଇ ଆପଣଙ୍କୁ ହତାଶ କଲେ ସରକାର । ମାତ୍ର ତାହା କୃଷ୍ଣଚନ୍ଦ୍ରଙ୍କର Blessing ନୁହେଁ କି ? ତା

Digitized by srujanika@gmail.com

ନ ହୋଇଥିଲେ ମୁଁ ତ War କାମରେ ଗଲି । ଆପଣଙ୍କର କି ଭାଗ୍ୟ ବିପର୍ଯ୍ୟୟ ହୋଇନଥାନ୍ତା କହିଲେ ? ମୁଁ ଯେ କି ସ୍ୱାନନ୍ଦ ହେଲି ! ମାତ୍ର ଆପଣ ରାଜକୀ ନ ପାଇ ୧୯୪୬ ରୁ କି କି କାମ କରିଛନ୍ତି ମନେ ପକାନ୍ତୁ । କୃଷ୍ଣଚନ୍ଦ୍ରଙ୍କ ଇଚ୍ଛାରେ ସେସବୁ ନୁହେଁ କି ? ମୁଁ ଆପଣଙ୍କ ଜୀବନୀର ଛୋଟ ଛୋଟ ତଥ୍ୟ ଅନେକ ସନ୍ଧାନ ପାଇ ତାଙ୍କୁ ଧନ୍ୟ ଧନ୍ୟ କରିଛି । ଆପଣ ୧୯୪୬ ରୁ କ'ଣ କରିଛନ୍ତି ଓ କରୁଛନ୍ତି; ପୁଣି ମୁଁ କେତେ ଛଡ଼ ଚେକଛୁ ବସ୍ତୁର ପର ଚିଠିରେ ଲେଖିବି । ସ୍ନେହାଧୀନ—

ଶ୍ରୀକୃଷ୍ଣଃ —

At/P O. Baramba Garh
Dt. Cuttaak
10. 5. 78

ଅଶେଷ ପ୍ରୀତିଭାଜନେଷୁ

ସ୍ନେହର କୃଷ୍ଣବାବୁ,

ଆପଣ ମାର୍ଚ୍ଚ ମାସରେ ଶାନ୍ତିନିକେତନରୁ ଫେରିବେ ଲେଖିଥିବାରୁ ମୁଁ ଆପଣଙ୍କୁ 11 3. 78 ରେ ଗୋଟାଏ inland ଓ ହରିବାବୁଙ୍କୁ ଆଉ ଗୋଟାଏ inland ଏକା ଦିନକେ ଲେଖିଥିଲି, ଲାଲ୍‌ବାବୁଙ୍କୁ 100 ଦେଇଦେବା ଲାଗି । କାରଣ ସେ ପୂର୍ବ ପ୍ରହାରରେ ବ୍ୟଥିତ ଓ ପୀଡ଼ିତ ଥିଲେ । ମୁଁ ପଥ ଚାହିଁ ' ଆଜି ପରିକ ଆପଣଙ୍କ କାର୍ଡ଼ ପାଇଲି । ଆଶ୍ଚର୍ଯ୍ୟ ହେଲି । 11. 3. ଚିଠି ପାଇ ନାହାନ୍ତି ? ଲାଲବାବୁ ପଳାଇଛନ୍ତି ପ୍ରାୟ-ସୁନ୍ଦରଗଡ଼ ଝିଅ ପାଖେ – ତାଙ୍କ ଅନୁପସ୍ଥିତିରେ ତାଙ୍କ ସ୍ତ୍ରୀ ଟଙ୍କା ପାଇଲେ ବୋଲି ଶୁଣିଛି । ଆପଣ ଦୁହିଙ୍କଠାରୁ କିନ୍ତୁ କିଛି ଖବର ପାଇନାହିଁ ।

ଏଠି ଟିକଟ, inland ଆଉ ମିଳୁନାହିଁ । ବହୁତ ବିଷୟ ଅଛି କାର୍ଡ଼ଟାରେ କ'ଣ ଲେଖିବି ? ମାତ୍ର ମୋର ଶେଷ କଥାଟି ଭୁଲିବେ ନାହିଁ । "ବୈ: ଗ୍ରନ୍ଥାବଳୀ" ଯଜ୍ଞର ପୁରୋଧା ଆପଣ— ତାର ଭବିଷ୍ୟତ ଆପଣଙ୍କ ହାତରେ । ମୋର ସେଥିରେ କିଛି ଗୌରବ ନାହିଁ । କୃଷ୍ଣଚନ୍ଦ୍ର ଆପଣଙ୍କ ମାଧ୍ୟମରେ ସବୁ କରୁଛନ୍ତି । ଆପଣଙ୍କୁ ଦୀର୍ଘାୟୁ କରନ୍ତୁ — ଏତିକି ତାଙ୍କଠାରେ ପ୍ରାର୍ଥନା କରୁଛି । ମୋ ଦୁର୍ବଳତା ଓ Palpitation ବଢ଼ିଯାଇଛି । ଆଖି ପ୍ରାୟ ଶକ୍ତିହୀନ । ମାତ୍ର ତଳପେଟର ଗୋଲାକାର ପେଣ୍ଡୁଟି ପ୍ରାଣାୟମ ଦ୍ୱାରା ଲୁଚି ଯାଇଛି । ଆପଣଙ୍କ ଭଲ ନ ହେଲେ ଅପରେସନ୍ କରିବାକୁ ପଡ଼ିଥାନ୍ତା – କୃଷ୍ଣଚନ୍ଦ୍ରଙ୍କର ବିଧାନ । ମାତ୍ର ଛାତିର ଅବସ୍ଥା ଭଲ ନୁହେଁ ।

ଆପଣ ଗଲେ ପୁଣି ଫେରିବେ କେବେ, ନିଶ୍ଚୟ ଜଣାଇବେ । ନିବନ୍ଧଟି କେବେ ଶେଷ ହେବ ? ମୁଁ ଖାଲି ଗୋଟିଏ ୨ ପ୍ରେଟ ପଦ୍ୟ ଲେଖୁଛି ମାତ୍ର । Sambalpur

Digitized by srujanika@gmail.com

University ଏ ମଧ୍ୟରେ ମାନପତ୍ର ଓ 500-00 ଦେଲେ । B.A. Examination Fee ବାବଦକୁ ୫୦। କଲେଜକୁ ଦେଇ ଦେଉଛୁ । ପ୍ରଭୁଙ୍କ ଇଚ୍ଛା । ଆପଣ, ମା ଲକ୍ଷ୍ମୀ, ପିଲାମାନଙ୍କୁ ଶ୍ରଦ୍ଧା ଜଣାଉଛି । ୨ଟି କବିତା ଅନନ୍ଦ:ବାବୁଙ୍କୁ ପଠାଇ ଦେଉଛୁ ।

ସ୍ନେହାଧୀନ

ଶ୍ରୀକୃଷ୍ଣାୟଃ

At P.o.- Baramba Garh
Dt. Cuttack
14. 6. 78

ଅଶେଷ ପ୍ରୀତିଭାଜନେଷୁ

କୃଷ୍ଣବାବୁ,

କାର୍ଡ ପାଇଥିଲି । ଗତ ୧୫ଦିନ ହେଲା କଟି ପୀଡ଼ାରେ ଉଠି ବସି ପାରୁ ନଥିଲି । ଦେହ ବଡ଼ ଦୁର୍ବଳ ବୋଧ ହେବା ହେତୁ ବୁଲାବୁଲି କରିପାରୁ ନାହିଁ । ଆଶା କରେଁ, ଆପଣ ସମସ୍ତେ ଭଲରେ ଅଛନ୍ତି । ୫ଠି ଖଣ୍ଡେ ପୂର୍ଣ୍ଣ କରିବାର ସାହସ ଏବେ ନାହିଁ । ମାତ୍ର ଲେଖିବାକୁ ପଡ଼ୁଛି । କବିତା ମଧ୍ୟ ମଝିରେ ମଝିରେ କୃଷ୍ଣଚନ୍ଦ୍ର ଲେଖାଉଛନ୍ତି । ସ୍ମୃତି-ଶକ୍ତିରେ ମଧ୍ୟ ଗୋଳମାଳ ଦେଖାଦେଲାଣି । ଇତିହାସ ଗ୍ରନ୍ଥରେ ଜୀବନଯାକ ଯେତେ ନାମ ମୁଣ୍ଡରେ ରଖିଥିଲି କିଛି ମନେ ପଡ଼ୁନାହିଁ । ଦରିଆ ପାଣ ହେଲାଦେଲେ କୂଳ କଥା ଭୁଲିଯିବା କେତେ ସ୍ୱାଭାବିକ । କୃଷ୍ଣଚନ୍ଦ୍ରଙ୍କୁ ପଚାରୁଛି ପାଗଳଙ୍କ ପରି ମୋତେ ଏତେ-ଗୁଡ଼ାଏ ଅଳିଆଗଦା ଲେଖାଉଛ କାହିଁକି ? ପୁଣି କୃଷ୍ଣବାବୁଙ୍କୁ ଏତେ ବେକାର୍ଯ୍ୟ ଖଟାଉଛ କାହିଁକି ? ଉତ୍ତର ମିଳୁଛି – କୋଇଲି, ବାଘ, ସିଂହ, ମେଘ, ପବନ ସମସ୍ତେ ଗାଉଛନ୍ତି କାହିଁକି ? ଆମ ଗୀତ ସିନା ଛପାହୋଇ ବନ୍ଦ ହେଉଛି । ଦୁଃସ୍ଥ ସାହିତ୍ୟିକ କେତେ ଧାଉଛନ୍ତି କେଜାଣି – ମାତ୍ର କୃଷ୍ଣବାବୁ ଖଟି ଖଟି ଗଳଦ୍‌ଘର୍ମ !! କି ବିଚିତ୍ର ଲୀଳା – ପୁଣି ପତ୍ର କାଟିବାକୁ ପୋକ ଓ ମୁଦ୍ରାର ଅପହରଣ ଲାଗି ବର୍ମୀମାନେ ଅଛନ୍ତି । କାହାକୁ ଦୋଷ ଦେବା ବେଳକୁ ସେ କହୁଛନ୍ତି—କର୍ମଜବାବ ଥାଏ ମୁହିଁ – ମୋ ବିନୁ ଅନ୍ୟ ଗତି ନାହିଁ । ପ୍ରଧାନ ପୁରୋଧା ଭାବେ ଆପଣ ଯେତିକି ପାରିବେ କରନ୍ତୁ । Leave the rest to Him-to Him-to Him. ଏ ଅଗ୍ନିକାଣ୍ଡରୁ ଆପଣଙ୍କ ଶକ୍ତିମତେ ଯେତିକି ଉଦ୍ଧାର କରିବ ସେଇ ଯଥେଷ୍ଟ । ମୋର ଏକାନ୍ତ ପ୍ରାର୍ଥନା, ସେ ଅନୁଷ୍ଠାନଟି ବଞ୍ଚୁ, କୃଷ୍ଣେଚ୍ଛା !: ଯୁଗେ ଯୁଗେ ଉତ୍କଳ ଜାଗ୍ର – ଆପଣ ସେ ଅନୁଷ୍ଠାନର କର୍ତ୍ତା, ଭର୍ତ୍ତା, ସଖା, ସୁହୃତ୍ 'ମୁଁ କିଛି ନୁହେଁ' । କୃଷ୍ଣଚନ୍ଦ୍ରଙ୍କ ଉପରେ କାହାର ଦାବୀ ବେଶି ? ନନ୍ଦ, ଯଶୋଦାଙ୍କର ? ନା ଦେବକୀ, ବସୁଦେବଙ୍କର ? ଏ କଥା ସେ ନିଜେ ଯଜ୍ଞଭୂମିରେ ପ୍ରମାଣ ରଖି ଯାଇଛନ୍ତି । ମୋର ଗୁରୁ ହେଲେ ଘରଛଡ଼ା ବାଉଲ । ପ୍ରସ୍ତୁତ ।

Digitized by srujanika@gmail.com

ଆପଣ ପୁଣି କେବେ ଗାଁକୁ ଫେରି ଆସିବେ ଜାଣିବାକୁ ଚାହୁଁଛି — ମୋ ମୃତ୍ୟୁ ପୂର୍ବରୁ ପ୍ରଭୁ ଦେଖାଇ ପାରିଲେ ମୁଁ ଶାନ୍ତିରେ ମରନ୍ତି । ହଁ, ଏ ପ୍ରସଙ୍ଗରେ ଆପଣଙ୍କୁ ଆଜନ୍ମ ନିବେଦନ କରି ରଖୁଛି — ମୋ ମୃତ୍ୟୁରେ କୌଣସି ସମ୍ବାଦପତ୍ର ଖବରକାଗଜରେ ସନ୍ଦର୍ଭ କିଛି ଯେପରି ନହୁଏ । ଏ ବାଲିମାଟିରେ ମୋର ଭସ୍ମ ପଞ୍ଚଭୂତରେ ମିଶିଯାଉ । Let not a stone tell where I lie ଆପଣ ଦୀର୍ଘ ଦର୍ଶୀ ହେବେ ୧୦୦ ବର୍ଷ ବଞ୍ଚି ରହନ୍ତୁ — ଏତିକି ଆନ୍ତରିକ କାମନା ଓ ପ୍ରଭୁଙ୍କଠାରେ ପ୍ରାର୍ଥନା । ମା ଲକ୍ଷ୍ମୀ ଓ ପିଲାମାନଙ୍କୁ ଆନ୍ତରିକ ପ୍ରୀତି ଜଣାଇ ରହିଲି ।

Baramba Garh
Date.1 ୪. 78

ଶ୍ରୀକୃଷ୍ଣ —
ଅଶେଷ ପ୍ରୀତିସ୍ନେହେନନ୍ଦୁ

ସ୍ନେହର କୃଷ୍ଣବାବୁ—

ଆପଣଙ୍କ ଚିଠି ପତ୍ର ଦେଇଥିଲି— ପାଇଥିବେ । ବଡ଼ ଦୁର୍ବଳ ବୋଧ ହେଲେ ମଧ୍ୟ ଲେଖିପଢ଼ି ହେଉଛି--ତାଙ୍କ ଦୟା ।

ଆପଣ ଲେଖାଲେଖି କଥା ପଚାରିଥିଲେ । ଏବେ ସମ୍ବଲପୁର ବି. ବି. କେଇଟି କବିତା ଛାପିଛନ୍ତି । ଦେଖି ନଥିବେ ଭାବି ପଠାଉଛି । କାହିଁକି ଯେ ଏ ଗୁଡ଼ିକ ଲେଖାଉଛନ୍ତି ବୁଝି ପାରୁନାହିଁ । ମୂଲ୍ୟାଙ୍କନ କରିବାର ଶକ୍ତି ବା ଅଧିକାର ମୋର ନାହିଁ । ଏ ବୟସରେ କଣ ଆଉ ରସ ଅଛି ଯେ ବସନ୍ତଗୀତ ଗାଇବି ? ତାଙ୍କୁ ପଚାରୁଛି — ଆପଣଙ୍କୁ ମଧ୍ୟ । କିନ୍ତୁ ମୋର ତ ଶେଷ ଗାନ ଗୀତ ହୋଇନାହିଁ, ଏପରି ବୋଧ ହେଉଛି । ସ୍ୱପ୍ନ ଏବେ ବି ଦେଖୁଛି, ଶ୍ୟାମସୁନ୍ଦରୀର ନୂପୁର କଙ୍କଣ ସଙ୍ଗେ ତାଳ ରଖି ସେ କରୁଣ ମଧୁର ସଙ୍ଗୀତ ତ ଗାଇବାର ଶକ୍ତି ଆସିଲା ନାହିଁ । ତେଣୁ ଆପଣ କହନ୍ତୁ ଏ ଗୁଡ଼ିକ Prose, Poetry ବା Nothing ଅନନ୍ତବାବୁଙ୍କୁ ଓ ଅନ୍ୟାନ୍ୟ ବନ୍ଧୁଙ୍କୁ ବି ପଠାଇ ଦେଇଛି ।

ଆପଣଙ୍କ Thesis ଶେଷ ହେଲେ କଣ ନୂଆ କାମ ଧରିବେ ? ଆଉ ସେମାନେ Extend କରିବେ କି ନାହିଁ ଲେଖିବେ । ବର୍ଷକ ଲାଗି ଏ ଲୀଳା କାହିଁକି ? ତେବେ ମା ଲକ୍ଷ୍ମୀଙ୍କୁ କହିବେ ତାଙ୍କ ଚରିତ୍ରକୁ ନମସ୍କାର ହୋଇଯିବ । ଗୃହଲକ୍ଷ୍ମୀ ନଥିଲେ ମୋ ଭଳି ଆପଣ "ଅଘଟ" ହୋଇଯିବେ ।

ତୁମ୍ଭେ ମୋର ଆନ୍ତରିକ ଶ୍ରଦ୍ଧା ଜାଣିବେ । ପ୍ରଭୁ ଭଲରେ ରଖି ଥାଆନ୍ତୁ ।

Digitized by srujanika@gmail.com

ପୁ: ଚ: ବନ୍ଧୁ ହରିହରଙ୍କୁ ତାଙ୍କ ଔଦାସୀନ୍ୟ କଥା ଚେତାଇ ଦେଉଛୁ । ବୃଃଷ୍ଣ ପାଣ୍ଡି ର ୨ସ୍ତମ୍ଭ ଆପଣ ଦୁହେଁ । କା: ବାବୁ ବା ଖଃ ବାବୁ ଦୁହେଁ ନାନା ବିଷୟରେ ବ୍ୟସ୍ତ । ହରିବାବୁ କରଛଡ଼ା କଲେ ଆପଣ ଏକା ଦୁର୍ବଳ ହୋଇ ଯିବେ ସିନା । ତେବେ, ସବୁ ଅନୁଷ୍ଠାନ ମୂଳରେ ଜଣକର ପୌରୁଷ ଓ ଶକ୍ତି କାର୍ଯ୍ୟକାରୀ ହୋଇଥାଏ । ଅନ୍ୟମାନେ Subsidiary ମାତ୍ର । ଭ: ନାଃ ବର୍ମା ସାର୍ଟିଫିକେଟ ମୋତେ ଲେଖିଛନ୍ତି । ଆତ୍ମଦୋଷ କ୍ଷାଳନ କରି । ତାଙ୍କୁ ବୁଝାଇ କରି ପତ୍ର ଦେଉଛୁ ।

ଶ୍ରୀକୃଷ୍ଣାସ୍ତୁ ।

Baramba Garh
Dt. Cuttack 7.10.78

ପ୍ରୀତିଭାଜନେଷୁ,

ସ୍ନେହର କୁନ୍ତବାବୁ,

ଆପଣଙ୍କ ନୂଆ ପଦବୀ କଥା 'ସମାଜ'ରୁ ଜଣେ କୁଟୁମ୍ବୀ ପଢ଼ି ଶୁଣାଇଲେ । ଖୁସି ହେଲି; ମାତ୍ର ଖୁବ୍ ନୁହେଁ । କାରଣ, ଆପଣଙ୍କର ଅବଦାନ ଓ କର୍ମକୁଶଳତାକୁ ବୃଦ୍ଧି ପଦବୀ ହେଲା ନାହିଁ । ପ୍ରଭୁ ଆପଣଙ୍କୁ ଆହୁରି ଉଚ୍ଚ ପଦବୀରେ ଭୂଷିତ କରିବେ ନିଶ୍ଚୟ । ଆପଣ ଦୁହେଁ (ମା ଲକ୍ଷ୍ମୀ) ମୋର ଆନ୍ତରିକ ସ୍ନେହ ଶୁଭେଚ୍ଛା ନେବେ ।

2. ଆପଣଙ୍କ ଶାନ୍ତିନିକେତନ କାମ ସମ୍ପୂର୍ଣ୍ଣ ହେଲା କି କିଛି ବାକି ରହିଲା ? ଛୁଟିପରେ ଆଉ କେବେ ଯିବାକୁ ହେବ ଜଣାଇବେ ।

3. ଏ ମଧ୍ୟରେ ଜ୍ଞାନପୀଠବାଲା ମୋତେ ନାନା ପ୍ରଶ୍ନ ପଚାରି ବ୍ୟସ୍ତ କରିଛନ୍ତି । ମୋର Best work କଣ ନାମ ଲେଖିବାକୁ R R—ମୁଁ ତାଙ୍କୁ ଜଣାଇଲି, "It is not possible for the Mother to make a choice of her' babies—Dr. K. B. Das ଓ ସାହିତ୍ୟସମାଜ Secretary ଙ୍କୁ ପଚାର"— ଆପଣଙ୍କୁ ଲେଖିଥିଲେ କି ? କବି ରାଧା ରଞ୍ଜନାଯ୍ତକ କାଳନ୍ଦୀବାବୁଙ୍କୁ କହିଲେ— ବୈ. ବାବୁଙ୍କ ପଦ୍ୟ English ଅନୁବାଦ ହେଉଛି-ସେ ଜ୍ଞାନପୀଠ ପୁରସ୍କାର ପାଇଯିବେ କାଳନ୍ଦୀବାବୁ ଖୁସି ହୋଇ ମୋତେ ଯେ ପତ୍ର ଲେଖିଲେ ମୁଁ ଜବାବ୍ ଦେଲି—"ଅବ୍ ମେ ନାଚ୍ୟୁ ବହୁତ ଗୋପାଲ— ସେ ସବୁ ଆମ ପୁରୀ ଜଗନ୍ନାଥବଲ୍ଲଭ ମଠର ଖୁଆ ମଣ୍ଡା"—ଖାଇଲେ କେବଳ କୃମି ବଢ଼ିଯିବେ । ମୋର ବହୁତ କୃମି ଦେହରେ—ଆଉ ବଢ଼ାଇବ ନାହିଁ । ଘରଛଡ଼ା ଏଇ ପଥିକ୍ ଟାକେ, ଏମନ୍ କରେ କେ ଗୋ ଡାକେ ? ସେ ଡାକ ଶୁଣିବ କି କଟକର "ଚନାବାଦାମ ବାରମଜା" ଡାକ ଶୁଣିବ ? ଗୋପାଳ ଏଭଳି କେତେ ଖେଳୁଛନ୍ତି ଖେଳନ୍ତୁ । ନହିଁ ହାଡ଼ଟାରେ ପାହାରେ ପକାଇ

Digitized by srujanika@gmail.com

ତାଙ୍କ ମନବୋଧ ହୋଇନାହିଁ ପରା ? ହଉ, ଆଉ କେତେ ବାଡ଼ି ପକାନ୍ତୁ । ମୁଁ ଡରିନାହିଁ । ଏବେ ବି ଟାଣ ଅଛୁ – ତାଙ୍କ ସଙ୍ଗେ କଳି କରିପାରିବି । ସ୍ୱାଗତିକୁ ନ କହି ଖାଲି ବଂଶୀ ଧରାଇଲେ ମୁଁ ଭୁଜ ପଢ଼ିବା ଜନ୍ତୁ ନୁହେଁ ।

4. ୧ମ ଭାଗ ଗ୍ରନ୍ଥାବଳୀରେ କଅଣ ବିଷୟ ଦେଲେ ଜାଣିବା ଲାଗି ୨।୩ ଖଣ୍ଡ ଚିଠି ଦେଲିଣି । କେଉଁ କେଉଁ ପଦ୍ୟ (Important and popular) ରହିବା ଉଚିତ ତାର ଗୋଟାଏ list Secretaryଙ୍କୁ, ଜ୍ଞାନେନ୍ଦ୍ରନାଥ ସାମନ୍ତରାୟ ଓ ଉଦୟନାଥ ଷଡ଼ଙ୍ଗୀଙ୍କୁ ଦେଲି । ସମସ୍ତେ ନୀରବ । ଏ ବିଷୟରେ ସେମାନେ କ କାର୍ଯ୍ୟାନୁଷ୍ଠାନ କଲେ ବା listଟିକୁ file କରିଦେଲେ ଜାଣିପାରିଲି ନାହିଁ । କେଉଁ ଉଦ ଷଡ଼ଙ୍ଗୀ (ସମାଜ Editor ବା କବି ହେବ) President ଅଛନ୍ତି ତାହା ମଧ୍ୟ ଜଣାଇଲେ ନାହିଁ । ବନ୍ଧୁ ହରିହରଙ୍କୁ ମଧ୍ୟ meeting ଡାକିବାକୁ କହିଥିଲି । ସେ ନିମନ୍ତ୍ରଣ ପାଇଲେ ନାହିଁ । ଏବେ ଆପଣ ଆସିଲେଣି । Meeting ଡାକି ଏ ବିଷୟଗୁଡ଼ିକ ପକାଇବାକୁ ଅନୁରୋଧ କରୁଛି ।

(i) ୧ମ ଭାଗ ଗ୍ରନ୍ଥାବଳୀରେ ଜ୍ଞାନଦାୟକ ସଂମତ ମୋର Listର ପଦ୍ୟଗୁଡ଼ିକ ବାହାରିବା ଏକାନ୍ତ ଜରୁରୀ ।

(ii) ହିସାବ ପତ୍ର ଓ କାଥ-ସ୍ୱତନ୍ତ୍ର Pass Book ଓ Account ବହି ।

(iii) ଦୁଃସ୍ଥ ସାହିତ୍ୟିକମାନଙ୍କୁ କେତେ ଅର୍ଥ କାହାକୁ ଦିଆଯିବ ।

ଶ୍ରୀକୃଷ୍ଣାୟ ନମଃ

At/Po- Baramba Garh
Dt. Cuttack
2୬.9. ଗୁରୁବାର

ଅଶେଷ ପ୍ରୀତିଭାଜନେଷୁ

କୁଞ୍ଜବାବୁ,

ଆସିବାର ୧ଦିନ ପୂର୍ବରୁ phone lineଟି ଖରାପ ହୋଇଗଲା । ଆପଣମାନଙ୍କୁ କାହାକୁ ଖବର ଦେଇ ପାରିନାହିଁ । ଚାଲିଆସିଲି । ଦୋଷ କ୍ଷମା କରିବେ ।

ଆପଣଙ୍କର 'ମୋ କାହାଣୀ' କଟକଠାରେ ପ୍ରାୟ ଶେଷ କରିଥିଲି । ଦୁଃଖର କଥା ବିକାଶ ସଙ୍ଗେ ୪ଠି ଅବଶିଷ୍ଟାଂଶ ଶେଷ କଲି । ବୋଧ ହେଲା, ଏ ତ ହିମାଳୟ ପର୍ବତ

Digitized by srujanika@gmail.com

ସବୁ ପ୍ରକାର ରତ୍ନ ଏଠି ଛପି ରହିଛି । ଆମେ ସବୁ ଗିରିଗୋବର୍ଦ୍ଧନ ଗୋଟିଏ ଗୋଟିଏ ଖଣିର ଅଧିକାରୀ । ଯଥା-ଅନ୍ନଦା ଗର୍ଭରେ ସୁନା, କାଳନ୍ଦୀବାବୁଙ୍କ ଗର୍ଭରେ ରୂପା, ହରିହରବାବୁଙ୍କ ଗର୍ଭରେ ଲୌହ ବା କୋଇଲା, ମୋ ଭିତରେ ତମ୍ବା ବା ମାଇକା । ମାତ୍ର ଆପଣଙ୍କ ଗର୍ଭରେ ସକଳ ଖଣିର ସମାବେଶ । ବଡ଼ ଅଦ୍ଭୁତ । ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ । ଏ ସବୁ ଭାବନା ସତ୍ତ୍ୱେ ପରମ ପୁରୁଷଙ୍କ ଲୀଳା ଜ୍ୱଳମାନ ବହ୍ନି ସଦୃଶ ଦୀପ୍ତିମାନ । ସେ ଆପଣଙ୍କ ପଶ୍ଚାତ୍ତରେ ରହି ବଂଶୀ ବାଦନ କରିଛନ୍ତି । ପ୍ରତି ଛତ୍ରରେ ତାଙ୍କର ବଂଶୀ ଧ୍ୱନିର ପ୍ରମାଣ ମୁଁ ଦେବି । ସେଇଟି ଉପନ୍ୟାସ ପରି ରସ ପରିବେଷକ, ଇତିହାସ ଭଳି ସତ୍ୟ ପ୍ରତିପାଦକ । ଆଉ କଅଣ କହିବି ବା ଲେଖିବି ଆଗିଳ ଦିଶୁନାହିଁ କି ହାତ ଚଳୁନାହିଁ । ଆପଣଙ୍କ କୃତିତ୍ୱ ପଛରେ ଆମ ମା ଲକ୍ଷ୍ମୀଙ୍କୁ ମଧ୍ୟ ଦେଖିଛି । ପ୍ରଭୁ ଦୁହିଁଙ୍କୁ ଦୀର୍ଘ ଜୀବନ ଦେଇ ସୃଷ୍ଟି କାମରେ ଅତୁର ଲଗାନ୍ତୁ । ମୁଁ ଏତେ ଖୁସି ହୋଇଛି ଯେ ତାକୁ ଏଠା କଲେଜ ଲାଇବ୍ରେରୀକୁ ଦେବି । ପିଲାଏ ପଢ଼ନ୍ତୁ ଓ ନିଜ ଜୀବନକୁ ଗଢ଼ି କବିଙ୍କ ବାଣୀ "we can make our lives sublime" ର ସାର୍ଥକତା ଉପଲବ୍ଧି କରନ୍ତୁ । 2. ଦୁସ୍ଥ ସା. ସେବା ପାଣ୍ଠି କଥା କାଳନ୍ଦୀବାବୁଙ୍କୁ ଲେଖିଥିଲି ୨ଥର । ସେ ଲେଖିଥିଲେ—କୁଞ୍ଜବାବୁ ବୁଝିଛନ୍ତି" । ମୋ ପ୍ରଶ୍ନ ଆଜି ବୁଝିବା ଲୋକ କିଏ ଅଛି ତା ନାମ କହ । କିଏ କହିବ ? ହରିହର ଟିକିଏ ଦୃଷ୍ଟି ଦେଇଛନ୍ତି ବୋଲି ବିଶ୍ୱାସ କରୁଛି । ସେ ବୋଝ ତ କୃଷ୍ଣଚନ୍ଦ୍ର ଆପଣଙ୍କ ଉପରେ ଲଦି ଦେଉଛନ୍ତି । ଅବଶ୍ୟ ପାପତକ ମୋର ।

୨୬-୯

ଦୁର୍ବଳତା ଯୋଗୁଁ ପଢ଼ିକି ଶେଷ କରି ପାରି ନଥିଲି । ମଝେ ମଝେ ଶ୍ୱାସକଷ୍ଟ ଆସୁଛି– ଯାଉଛି । ଜମିବାଡ଼ି ଉପରେ ରୟତମାନେ ସମୟର ସୁବିଧା ନେଇ ଯେ ଧକ୍କା ଦେଉଛନ୍ତି—ମାଡ଼ଟା ମୋରି ଉପରେ । ଅବଶ୍ୟ ମୁଁ ବସି ଥିବାରୁ ଏମାନେ କିଛି କିଛି ଲାଭବାନ ହେଉଛନ୍ତି । ମାନ – ମର୍ଯ୍ୟାଦା ଏ ଯୁଗରେ ଆଉ କାହିଁ ଯେ ମୁଁ ଆଶା କରିବି ।

ଆପଣଙ୍କ 'କାହାଣୀ'ରେ ଗୋଟାଏ କଥା ଏତେ ସ୍ପଷ୍ଟ ଯେ କହିବାକୁ ବାଧ୍ୟ ହେଉଛି । ତାହା ସକଳ ପ୍ରକାର ଜନତା, ଜନ୍ତୁ, ଜାତିଆରଙ୍କୁ ସମ୍ମାନ ଦେବା— "ଅମାନୀନାଂ ମାନଦେନ" ଏ କଥା ଗୋଟି ମୁଁ ଆଉ କାହା ଜୀବନରେ ଦେଖି ନାହିଁ । ରତ୍ନଗର୍ଭ ହିମାଳୟ ଭଳି ଉପରକୁ ସ୍ୱଗୌରବେ ମୁଣ୍ଡ ଟେକି ଠିଆ ହୋଇଛି । ଓଡ଼ିଆ ଭାଷାର ସମ୍ମାନ ରକ୍ଷା କରିବାକୁ ଯାଇ "ଭୁଙ୍ଗ ପୁରୁଷଙ୍କୁ" ଯେଉଁ ମାଡ଼ ଚଢ଼ାଇଛନ୍ତି ତାହା ଅତ୍ୟନ୍ତ ଉପଭୋଗ୍ୟ ।

Digitized by srujanika@gmail.com

ଡାଃ କୃଷ୍ଣଚରଣ ବେହେରା ରେଭେନ୍‌ସା କଲେଜରୁ ଲେଖିଛନ୍ତି—ତାଙ୍କ କବିତା ସଂକଳନ ଲାଗି 'ମୃଜ ଭଗବାନ' ପଠାଇଛି ନେବେ । ମାତ୍ର ସେ ସମ୍ପତ୍ତି ତ ଆପଣଙ୍କର । ସେ ଦୁଃ. ପା. ପଣ୍ଡିଙ୍କୁ କିଛି ଦେଇ ନେବାକୁ ମୋ ଆଡ଼ୁ ଅନୁରୋଧ କରିବେ କି ? ଟିକିଏ ଆଉ ବଳ ପାଇଲେ ମୁଁ ବି ଲେଖିବି ।

୨ ଭାଗ ଗ୍ରନ୍ଥାବଳୀ ଛପାହେବାର ଆଶା କେତେଦୂର ? ୧ମ ଭାଗକୁ କିଛି ପଇସା ଆସୁଛି କି ? ଏସବୁ ଅବୈଧ ସନ୍ତାନମାନଙ୍କୁ ଯେ ରାଜମାର୍ଗକୁ ଟାଣି ଆଣିଲ ତାଙ୍କ କର୍ମକୁଶଳତାର ପ୍ରଶଂସା କରିବା ମୋର ଧୃଷ୍ଟତା ମାତ୍ର । କୃଷ୍ଣଚନ୍ଦ୍ର ତାଙ୍କୁ ନିଶ୍ଚୟ ତାଙ୍କ ବିଭୂତି ପ୍ରଦାନ କରିବେ । ବଞ୍ଚି ରହିଲେ ଆଉ ଥରେ— । ମା ଲକ୍ଷ୍ମୀ ଓ ଆପଣଙ୍କୁ ପ୍ରଣାମ । ✻

ଶ୍ରୀକୃଷ୍ଣ

Atlpo-Baramba Garh
Dt. Cuttack. 1.1.79

ଶ୍ରଦ୍ଧେୟ କୁଞ୍ଜବାବୁ,

ଆପଣଙ୍କ କଟକ ରହିଣି କଥା Radioରୁ ଜାଣିଲି ପିନା—କେହି ପତ୍ରର ପତ୍ରର ଠିକ୍ ଖବର ଦେଲେ ନାହିଁ । ନୂଆ ବର୍ଷରେ ଆପଣ ଅଧିକ ସମ୍ମାନ ଲାଭ କରନ୍ତୁ ମୋର ଶୁଭେଚ୍ଛା । କୃଷ୍ଣବାବୁଙ୍କୁ ୨ଖଣ୍ଡ ପତ୍ର ଦେଲି । ମାତ୍ର ସେ ନିରୁତ୍ତର । ମୁରାରିବାବୁ କମଳାକାନ୍ତଙ୍କୁ 100-00 ଦେବାର ଫଟୋ ସମାଜରେ ବାହାରିଲା । ମୁଁ ଅତ୍ୟନ୍ତ ବ୍ୟଥିତ ଓ ଲଜ୍ଜିତ । ଉତ୍କଳ ସାହିତ୍ୟ ସମାଜ ଏହିଭଳି ସାହିତ୍ୟିକ ମର୍ଯ୍ୟାଦା ଦେଉଛନ୍ତି ? ମୁଁ କହୁଥିଲି ଦୁଃସ୍ଥ ସାହିତ୍ୟିକ ମାନଙ୍କୁ "ଦାନ" ନୁହେଁ—ସେବା କରିବା କଥା—100ଟି ଟଙ୍କା ଦେଇ ସାହିତ୍ୟିକକୁ ଭିକ୍ଷୁକ କରିଦେଲେ ? ଆପଣଙ୍କର ଶାନ୍ତିନିକେତନର କାମ ସରିଛି କି ନା, ପୁଣି ଯିବେ ? ନ ଗଲେ, ଏଥର ସଭାପତି ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତୁ । ତା ଛଡ଼ା ସେ ପାଣ୍ଠି, ଗ୍ରନ୍ଥାବଳୀ ମୂଳରେ ଆପଣ ମୂଳଦୁଆ—ଅନ୍ୟମାନେ ମର୍ଯ୍ୟାଦାଲଙ୍ଘନ କରିବା ସ୍ୱାଭାବିକ । 2. ଗ୍ରନ୍ଥାବଳୀ II Part କି ରୂପରେଖ ନେବ ମୁଁ କଳ୍ପନା କରୁନାହିଁ । କୃଷ୍ଣବାବୁ ଓ ସାମନ୍ତରାୟ ବାବୁଙ୍କୁ ପତ୍ର ଲେଖି କବିତା list ଦେଇ କିଛି ଜବାବ୍ ପାଇଲି ନାହିଁ । ପାପ ପୁଣ୍ୟ ଆପଣଙ୍କର ବୁଝିବେ କି ? ମୁଁ ଆଉ ଚଳି ପାରୁନାହିଁ । Palpitation ହେଉଛି । ମଝି ମଝିରେ ତାଙ୍କ ଦୟା ହେଲେ ଲେଖୁଛି । ଆପଣଙ୍କର ସବୁ ହାଲ ଲେଖି ପତ୍ର ଦେବେ । ଘରେ ସମସ୍ତଙ୍କୁ ମୋର ସ୍ନେହାଶୀର୍ବାଦ ଜଣାଇବେ ।

✻ (ଗ୍ରନ୍ଥାବଳୀ ୨ୟ ଭାଗ ପ୍ରକାଶର ଅଳ୍ପଦିନ ଆଗରୁ କବି ଇହଧାମ ତ୍ୟାଗ କଲେ ।)

ଶ୍ରୀକୃଷ୍ଣାୟ ନମଃ

At/-P.O Baramba Garh
Dt.Cuttack
ଗୁରୁବାର ।
5.1.79

ଅଶେଷ ପ୍ରୀତିଭାଜନେଷୁ

କୁଞ୍ଜବାବୁ

ନୂଆବର୍ଷ ଦିନ ଗଲେ ମଧ୍ୟ ଆପଣ ଦୁହିଁଙ୍କୁ ନିବେଦନ ଜଣାଉଛୁ—ଆପଣ ଓ ମା ଲକ୍ଷ୍ମୀ ମୋର ଆନ୍ତରିକ ସ୍ନେହାଶିଷ ଗ୍ରହଣ କରିବେ । କୃଷ୍ଣଚନ୍ଦ୍ରଙ୍କୁ ଜଣାଉଛୁ ସେ ନୂଆବର୍ଷଟାକୁ ଆପଣଙ୍କୁ ସୁସ୍ଥ ଓ ପ୍ରଭୂତ କାମନା ଶକ୍ତି ଦାନ କରନ୍ତୁ । ଏବେ ଆଉ ଖବର କାଗଜ ଲେଖା ଦିଶୁନାହିଁ । ରେଡ଼ିଓରୁ ଆପଣଙ୍କ ସଭା ସମିତି କଥା ଯାହା ଖବର ପାଏଁ । ଆପଣ ତ ଚିଠି ଲେଖିବାକୁ ସମୟ ପାଉ ନଥିବେ । ଏ ଜୀବନରେ ମୁଁ ଆପଣଙ୍କର ଓଲଟା – ବସି ବସି ଚିଠି ମାତ୍ର ଲେଖୁଛି । ଉତ୍ତର ମିଳୁ ବା ନ ମିଳୁ ।

କାଳିନ୍ଦୀବାବୁ ଏ ଭିତରେ ମୋତେ ଗୋଟାଏ ଚିଠି ଲେଖିଛନ୍ତି । ସବୁଜ ସମିତି ଟଙ୍କା ମୋ ଯୋଗୁଁ ବୁଡ଼ିଲା । ସେ ଯାହାହେଉ, ମୋର ବନ୍ଧୁରେ ଦାୟୀ—ଟଙ୍କା ସ୍ୱରହକାର ପଛ । ମୁଁ ତାହା ବନ୍ଧୁ ବିବେକ ଉପରେ ଛାଡ଼ିଛି । ଏହା ସଙ୍ଗେ ସଙ୍ଗେ ସେ ଦୁଃସ୍ଥ ସାଃ ସେଃ ପାର୍ଣ୍ଣି ଲାଗି କିଛି କରିପାରିବେ ନାହିଁ ବୋଲି ପ୍ରକାରାନ୍ତରେ ଜଣାଇଛନ୍ତି । ତାହା ମୋର ଦୁର୍ଭାଗ୍ୟ । ସେ ପାର୍ଣ୍ଣି କ'ଣ ସବୁଜ ସାହିତ୍ୟର ନୁହେଁ କି ? ତାଙ୍କ ଉଦାସୀନତା ମୋତେ ବାଧିଲା । ଯାହାହେଉ, ଆପଣଙ୍କ ଉପରେ ମୋର ସମ୍ପୂର୍ଣ୍ଣ ଭରସା । ପାର୍ଣ୍ଣି କେତେଦୂର ଅଗ୍ରସର ହେଲା, ଆଉ କିଛି ଟଙ୍କା ଜମା ହେଲା କି ନାହିଁ, ଆଉ କାହାକୁ ଦିଆ ହେଲାଣି ବା ହେବାର ଆଶା ଅଛି କି ? ଉପହାର ଦେଇ ଯେ ଟଙ୍କା ଆସିଛି ତାହା ଖବର 'କାଗଜ ଜରିଆରେ (ଦାତାମାନଙ୍କର ନାମ) ପ୍ରକାଶ କରିବାକୁ ଶରତ୍‌ବାବୁ କହୁଥିଲେ । ସଭା ମଣ୍ଡପରେ ମଧ୍ୟ ସେମାନଙ୍କ ନାମ ପ୍ରକାଶ କରାଯାଇନାହିଁ ବୋଲି ସେ କହୁଥିଲେ । ଆପଣ ଯାହା ଉପଯୁକ୍ତ ମନେ କରିବେ, କରିବେ । ମାତ୍ର ସେ କ୍ଷୁଦ୍ର ଅନୁଷ୍ଠାନର ହର୍ତ୍ତାକର୍ତ୍ତା ବିଧାତା ଆପଣ । ମୋର ବା କି ବାହାଦୁରୀ ଅଛି—ପଙ୍ଗୁଟାଏ ମୁଁ The great Exploiter—ଆପଣ ସମସ୍ତଙ୍କୁ ମୁଁ ଖଟାଉଛି ମାତ୍ର । ଇଚ୍ଛା ଥିଲେ ଶକ୍ତି ନାହିଁ ? ଆନ୍ତରିକ ବାସନା—ଦ୍ୱାରେ ଦ୍ୱାରେ ବୁଲି ଅନୁଷ୍ଠାନ ଲାଗି ଭିକ୍ଷା କରନ୍ତି । ସେ ସବୁ ଭାର ଆପଣଙ୍କ ଉପରେ ଲଦି ଦେଉଛି । ଆଶା, "ମୋ

Digitized by srujanika@gmail.com

କାହାଣୀ''ର ଦୁର୍ଦ୍ଦମ ଅଭିନେତାଙ୍କ ପକ୍ଷେ ଏ କ୍ଷୁଦ୍ର କାର୍ଯ୍ୟଟି ଅପୂର୍ଣ୍ଣ ରହିବ ନାହିଁ । କୃଷ୍ଣଚନ୍ଦ୍ର ଆପଣଙ୍କୁ ଉତ୍ସାହ, ବଳ ଓ କର୍ମପ୍ରେରଣା ନିଶ୍ଚୟ ଦେବେ । ବନ୍ଧୁ ହରିହରଙ୍କ ଛଡ଼ା ହରୁକଗୋଷ୍ଠୀର ଆଉ କାହାର ବିଶେଷ ଉତ୍ସାହ ଥିଲାପରି ବୋଧ ହେଉନାହିଁ । ଆପଣ ହିଁ ମୁଖ୍ୟ ସହାୟକ ।

ଚନ୍ଦ୍ରାବଳୀର ୨ୟ ଭାଗ କଥା କଅଣ ହେଲା ? ଏ ମଧ୍ୟରେ କୃଷ୍ଣଚନ୍ଦ୍ର ଯେପରି ଚକ ମୋଡ଼ିଦେଲେ ସେଥିରେ ଆଉ ଆଶା ଅଛି କି ? ତେବେ ମହଲ୍ଲବ୍ ଅଲୀ ଜଣେ ସାହିତ୍ୟିକ । ସେ କି ବିଚାର କରୁଛନ୍ତି ଆପଣ ଜାଣିଥିବେ । ମାତ୍ର ଆଶା କେତେ ଦୂର ? ମେମ୍ବର୍ ମାନଙ୍କ ସହାନୁଭୂତି କେତେ ଦୂର ଜାଣୁଛନ୍ତି ? ତାହାର ଗତି କେତେଦୂର ହେଲା ଜଣାଇବେ ।

ଅନ୍ତରେ ପୁଅ ବୋହୂ ନାତିମାନେ କିପରି ଅଛନ୍ତି ? ଆପଣଙ୍କର College କାମ ଚାଲିଛି ତ ? ପୁଣି ତାହା renew ହେବାର କଥା । ଦେହ ଭଲ ରହୁଛି ତ ?

ମୋର ଏ ବଣ ପାହାଡ଼ ଗୁମ୍ଫା କଟକରେ ସେ ଖୁଣୀ ମାଟିକୁ ଫେରିବାକୁ ପ୍ରବୃତ୍ତି ହେଉ ନାହିଁ । ମୁଁ ସେ ମାଟିକୁ ପିଲାଦିନୁ ବିତୃଷ୍ଣ । ଏବେ ଆହୁରି ଘୃଣ୍ୟ ବୋଧ ହେଉଛି । All cities are seats of murderers and Exploiters. କେବଳ ରକ୍ତଶୋଷଣ । ତା ମଧ୍ୟରେ କାଁ ଭାଁ ୨।୩ ଜଣ ସାଧୁଲୋକ ସେ ଖୁଣୀ ମାଟିକୁ ପବିତ୍ର କରିବାର ପ୍ରୟାସ କରୁଛନ୍ତି ମାତ୍ର । ଉଜାଣି ସ୍ରୋତରେ ପହଁରି ଧର୍ମନୀତି ରକ୍ଷା ଲାଗି ଚିତ୍କାର କରୁଛନ୍ତି । ଶୁଣୁଛି କିଏ ? ଅପଣଙ୍କର ଅଦମ୍ୟ ଶକ୍ତି ବୋଲି ସମ୍ଭାଳି ନେଉଛନ୍ତି । ମାତ୍ର ରେଷଶାସନ ଆନନ୍ଦ ସେଠି ଅଛି କି ? ବୃନ୍ଦାବନ ଯାଇପାରିଲି ନାହିଁ, ମୋ ଦୁର୍ଭାଗ୍ୟ । ମାତ୍ର ଏ ପାହାଡ଼ ତଳେ ଭସ୍ମ ହୋଇଯିବାର ଆନନ୍ଦରୁ କୃଷ୍ଣଚନ୍ଦ୍ର ବଞ୍ଚିତ କରିବେ ନାହିଁ, ଆଶା ।

ମା ଲକ୍ଷ୍ମୀଙ୍କୁ ମୋର ଶତଶତ ପ୍ରଣାମ ଓ ଆଶୀର୍ବାଦ । ଆଉ ପିଲାମାନଙ୍କୁ ଓ ଆପଣଙ୍କୁ ପ୍ରୀତି ଜଣାଇ ରହିଲି ।

ଶେଷପତ୍ର

ଶ୍ରୀକୃଷ୍ଣାସ୍ତୁ

At/P.o.- Baramba Garh
Dt-Cuttack. 19-1-79
(୨୬-୯-୭୯ ରେ ମୃତ୍ୟୁ)

Digitized by srujanika@gmail.com

ଅଶେଷ ପ୍ରୀତିଭାଜନେଷୁ,

ସ୍ନେହର କୃଷ୍ଣବାବୁ,

ଚିଠି ପାଇଥିଲି । ଗତ ତା ୭ ରିଖ ରାତି ପାହାନ୍ତା ପହରକୁ ମୋର ଅବସ୍ଥା ଅତି ସାଂଘାତିକ ହୋଇଯାଇଥିଲା । ଏପରି Stroke ବର୍ତ୍ତମାନ ରଜନୀ ମଧ୍ୟରେ ହୋଇ-ନଥିଲା । Pulse 72 ରୁ 143 କୁ ବଢ଼ିଗଲା ଓ 3 ଥର ଶ୍ୱାସ ରୁଦ୍ଧ ହୋଇଯାଇଥିଲା । ସମଦୂତମାନେ କୃଷ୍ଣଚନ୍ଦ୍ରଙ୍କ ଠାରୁ ସଙ୍କେତ ପାଇ ମୋ ଠାରୁ ଫେରି ଲଳବାବୁଙ୍କୁ ସେହିଦିନ (ତା ୮) ସନ୍ଧ୍ୟାରେ ବାନ୍ଧି ନେଇଗଲେ । ମୋ ଯନ୍ତ୍ର ଆଖି କେତେଦିନ ଏ ଭଳି ଶୁଖିବ ତାଙ୍କୁ ଜଣା—ପରେ ୪।୫ ଦିନ ଗଲା । ଠିକ୍ ଏ ବଳ ପାଉଛୁ କ ନାହିଁ, ହଠାତ୍ କମ୍ପ ହୋଇ ଜ୍ୱର ଓ ଦେହସାରା ଯନ୍ତ୍ରଣା । ଔଷଧ ପଥ୍ୟ କିଛୁ ଖାଇଲି ନାହିଁ । ଦିନଟାଏ ଜଳ ସ୍ପର୍ଶ ନକରି ପୁଣି ଏକାଦଶୀ ପାଳିଲି । ଏ ପର୍ଯ୍ୟନ୍ତ ବଳ ପାଇନାହିଁ । ବିଛଣାରୁ ଉଠି ଚୌକିରେ ବସୁଛୁ ଏ ପତ୍ର ଲେଖିବାକୁ । ଆଶା କରେଁ, ଆପଣ ମା ଲକ୍ଷ୍ମୀଙ୍କ ସହ ସବୁ ଶୁଭରେ ଅଛନ୍ତି । ଆପଣ ସୁସ୍ଥ ଅଛନ୍ତି, ଏହି ଆଶା ମୋତେ ଯଥେଷ୍ଟ ବଳ ଦିଏ ।

ମୋର ମୃତ୍ୟୁ ଲାଗି ମୁଁ ଆଦୌ ଚିନ୍ତିତ ନୁହେଁ । ମାତ୍ର ଏ ଅବସ୍ଥାରେ ମଧ୍ୟ ସ୍ୱପ୍ନ ଦେଖୁଛୁ—ଗୋଟିଏ ଆରୋଗ୍ୟ ନିକେତନ ଗଢ଼ିବି ଯେଉଁଠୁ ଏ ଦୁଃସ୍ଥ ଲୋକ ସୁଚିକିତ୍ସା ସୁବିଧାରେ ଉଜ୍ଜୀବିତ ହେବେ । ତତ୍ପରେ "Development of lyrics" ଲାଗି ଗୋଟିଏ ହଜାର ଟଙ୍କିଆ Award କରି କାଳିନ୍ଦୀବାବୁ, କୃଷ୍ଣବାବୁ, ରାଧାମୋହନ ବାବୁ, ଉଦ୍ଭଙ୍କୁ ୪ବର୍ଷରେ ସମ୍ମାନିତ କରି ଯିବେ । ଏଇ ପାହାଡ଼, ପର୍ବତ, ନଈକୁ ବୁଝି । ଆପଣମାନେ ଯେପରି କିଛି ଜାଣିବେ ନାହିଁ । ପିଲାଦିନେ ପଢ଼ିଥିବା ଇଂରେଜୀ ପଦ୍ୟ ଆଜି ମନ୍ଦ ଚେତାଇ ଯାଉଛି— କବି ବୋଧହୁଏ Alexander Pope.

"Thus let me lie unseen, unknown,
And not a stone tell where I lie."

କଟକ ଘରଟା ନାମ 'କଳାକୁଞ୍ଜ' ଦେଇଥିଲି – ଚିନ୍ତା ସେଠି Classical Music College କରିବ ବୋଲେ । ସେ ପିତୃସ୍ୱପ୍ନକୁ ମର୍ଯ୍ୟାଦା ଦେବ କି ନାହିଁ କୃଷ୍ଣଚନ୍ଦ୍ର ତାଙ୍କୁ ସେଉଁ ବୁଦ୍ଧି ଦେବେ । ଏଠିକା ମାଟି ଜନପଦବୁଡ଼ାକ କୁଆଡ଼େ ବହି ନେଇ ଯିବ ? ଲାଗଲା ଫୁଙ୍କ୍ଲା ଲୋକ ? କିନ୍ତୁ ସ୍ୱପ୍ନ ସାର୍ଥକ ହୋବାଲାଗି ଅର୍ଥ କାହିଁ ? ସେ କାହିଁକି ଏ ସବୁ ସ୍ୱପ୍ନ ଦେଖାଉଛନ୍ତି ସେ ଜାଣନ୍ତି । ଲଳବାବୁ ମୋ ଠାରୁ ୪।୫ବର୍ଷ ବଡ଼ ହେଲେ

Digitized by srujanika@gmail.com

ବ ତାଙ୍କର ମୃତ୍ୟୁ ମୋତେ ଚହଲାଇ ଦେଇଛି । ଜଣେ ଦୁଃସ୍ଥ ଆତ୍ମୀୟ ଚାଲିଗଲେ । ଆପଣମାନେ ତାଙ୍କର ଶେଷ ଦର୍ଶନ କରିଥିଲେ ଜାଣି ମୁଁ ବଡ଼ ଖୁସି । ତାଙ୍କ ଶୁଦ୍ଧ ଘରକୁ ହରିବାବୁ ଅନୁଷ୍ଠାନ ପକ୍ଷରୁ 500 00 ଦେଇଛନ୍ତି ବୋଲି ଶୁଣିଲି । ବଡ଼ ଖୁସି ଲାଗିଲା । ମୋର ଯତ୍ସାମାନ୍ୟ ସେବା ତାଙ୍କ କାମରେ ଲାଗିଲା କି ନା ଜଣା ନାହିଁ ।

ଉଜ୍ଜ୍ୱଳାଙ୍କ କାହିଁକି ଏତେ ଉତ୍ସାହ ବୃଦ୍ଧି ନପାରି ତାଙ୍କୁ ଲେଖିଥିଲି "II ଗ୍ରନ୍ଥାବଳୀ" Decemberକୁ ପାଇପାରିବେ । ସେ ସବୁ କଥା ଆପଣଙ୍କୁ ଲାଗେ । ମୁଁ ତ ପୁତ୍ରବଧୂଙ୍କ ଉପରେ ନିର୍ଭର କରି ବସିଛି ଜଣେ ଯଜମାନ ।

ସମସ୍ତଙ୍କୁ ପତ୍ର ଲେଖିବା ବୋଧହୁଏ ଆଉ ସମ୍ଭବ ହେବ ନାହିଁ । ବନ୍ଧୁମାନଙ୍କଠାରେ କ୍ଷମାଭିକ୍ଷା କରୁଛି ।

'ସର୍ବେ ଭବନ୍ତୁ ସୁଖିନଃ"

ସ୍ନେହାଧୀନ
ବୈକୁଣ୍ଠନାଥ ପଟ୍ଟନାୟକ

ପୁ: ଚ କାଲି 'ସମାଜ'ରେ ଆପଣଙ୍କର ଲଳିତାବୃନ୍ଦଙ୍କ ଉପରେ ଲେଖାଟି ବହୁ କଷ୍ଟରେ ପଢ଼ିଲି ଓ ଅତ୍ୟନ୍ତ ପ୍ରୀତ ହେଲି । ଆପଣ ଆପଣଙ୍କ କର୍ତ୍ତବ୍ୟ କରି ଚାଲିଛନ୍ତି । ପ୍ରଭୁ ଆପଣଙ୍କୁ ଏହି ମନ ଓ ବଳ ଦେଇଥାନ୍ତୁ । ବୈକୁଣ୍ଠ ।

କଟକ-୨
୧୯ । ୯ । ୮୨

ଶ୍ରଦ୍ଧେୟ କୁଞ୍ଜବନ୍ଧୁ,

ଶାନ୍ତିନିକେତନରୁ ଆସିଲା ପରଠାରୁ ଭୁଲିବା ତ ଦୂରର କଥା, ମନ ଅନେକ ସମୟରେ ଆପେ ଆପେ ଆପଣମାନଙ୍କ ପାଖକୁ ଓ ସେଠା ବେଷ୍ଟନୀକୁ ଚାଲିଯାଏ ।

'ଚନ୍ଦ୍ରିକା' କାଗଜରେ ଆପଣଙ୍କ ବିଷୟରେ ଯେଉଁ ଆଲୋଚନା ହୋଇଥିଲା, ତାହାକୁ ଅବଲମ୍ବନ କରି ଯେଉଁ ଲେଖା ପ୍ରକାଶ ପାଇଥିଲା, ପଢ଼ିଥିଲି । ବିଶ୍ୱଭାରତୀରୁ ଫେରିଲା ପରେ ସେ ସମ୍ବନ୍ଧରେ କିଛି ଲେଖିବାର କଳ୍ପନା ଥିଲା ।

Digitized by srujanika@gmail.com

ମାତ୍ର କଥା ସେହିଠାରେ ଏବେ ବି ରହିଛି । ଆପଣମାନେ ସାହିତ୍ୟରେ ଧୁରନ୍ଧର ରଥୀ - ଆପଣମାନଙ୍କ ରସଚର୍ଚ୍ଚା ସମସ୍ତଙ୍କର ଉପଭୋଗ୍ୟ । କିଛିଦିନ ତଳେ ଆପଣଙ୍କ ମାନସିକ କାଶ୍ମୀରଯାତ୍ରା ପଢ଼ିଥିଲି । ଚୂଡ଼ାକଦମ୍ବ ପଢ଼ିଲାବେଳେ ପିଲାଦିନର ଅନୁଭୂତି ଅନେକ ମନେ ପଡ଼ିଲା ।

ଆପଣଙ୍କର

ହରିହର ମହାପାତ୍ର

ଭଦ୍ରକ-୧

୪ । ୭ । ୮୮

ସ୍ନେହର କୁଞ୍ଜ,

ଓଡ଼ିଶାରେ ଜୈନଧର୍ମ ସମ୍ବନ୍ଧରେ ଗୋଟିଏ ଲେଖା ଲେଖିଛି, ଆଜକୁ ୨ ବର୍ଷ ହୋଇଗଲା ଡକ୍ଟର ନବୀନକୁମାର ସାହୁଙ୍କ ତତ୍ତ୍ୱାବଧାନରେ, ଲେଖାଟି ଓଡ଼ିଆରେ । Albumରେ ୮୦ଟି ପର୍ଯ୍ୟନ୍ତ ଫଟୋ ଅଛି । utkal university ମୋତେ Honoris causa L L D ଦେଇଛି । ସେଥିପାଇଁ ଆଉ ଏହା ଗ୍ରହଣ କରିବ ନାହିଁ —ଏହାହିଁ ସରକା କହିଲେ, ତୁମର ବିଶ୍ୱଭାରତୀରେ ହୋଇପାରିବ କି ?

ଲକ୍ଷ୍ମୀନାରାୟଣ ସାହୁ

ବୃନ୍ଦାବନ ନାଥ ଶର୍ମା

ଦେଓଗଡ଼

୭।୧।୧୯୮୯

ଜି. ସମ୍ବଲପୁର

ଶ୍ରଦ୍ଧେୟ ଅଧ୍ୟାପକ ମହାଶୟ,

ଆପଣ ବିଶ୍ୱଭାରତୀ ବିଦ୍ୟାପୀଠରୁ ଯଥୋଚିତ ସମ୍ମାନ ପାଇଥିବା ସମ୍ବାଦ ପାଇ ଅତ୍ୟନ୍ତ ଆନନ୍ଦିତ ହୋଇ ଆପଣଙ୍କୁ ଅଭିନନ୍ଦନ ଜଣାଉଅଛି । ଆପଣଙ୍କର ଜଣେ ଛାତ୍ର ଉଚ୍ଚଶିକ୍ଷା ଲାଭ କରି ଯଶସ୍ୱୀ ହୋଇ ଫେରିଥିବା ଶୁଣି ମୋହିତ ହୋଇଅଛି ।

ଆପଣ ଯୋଗ୍ୟତାବଳରେ ସମ୍ମାନ ପାଇଲେ । ସେହି ସମ୍ମାନ ବର୍ଦ୍ଧିତ, ପରିପୁଷ୍ଟ ହେଉ, ଏହାହିଁ କାମନା କରେ, ଅଧିବସାସ୍ତୀ, ମଯନୀର ଆଦର ସର୍ବଦା ହେଉ ! ପଣ୍ଡିତ ବିଧୁଶେଖର ର, ଚିତ୍ରଶିଳ୍ପୀ ନନ୍ଦଲାଲଙ୍କର ପ୍ରାଥମିକ ଜୀବନର ସଂକ୍ଷିପ୍ତ ଇତିହାସ ମୁଁ ଜାଣେ । ଆଜି ଏହି ଦୁଇଜଣ ସର୍ବତ୍ର ପରିଚିତ ଓ ସମ୍ମାନିତ । ସାଧନାପଥରେ ଯାତ୍ରା କରିବା ସହଜ ନୁହେଁ ।

Digitized by srujanika@gmail.com

ସୁପଣ୍ଡିତ ଅନ୍ନଦାଶଙ୍କର ବର୍ତ୍ତମାନ ଶାନ୍ତିନିକେତନରେ ଅଛନ୍ତି କି ? ତାଙ୍କର ଆତ୍ମଜୀବନ ଚରିତ ଶେଷ ହୋଇଛି କି ? ଯଦି ଜୀବନଚରିତ ମୁଦ୍ରିତ ହୋଇଥାଏ, ତେବେ କେଉଁଠାରେ ମିଳିବ ? ତାହାର ମୂଲ୍ୟ କେତେ ଜାଣିଲେ ଖୁସୀ ହେବି । ଜୀବନଚରିତ ପାଇଲେ ତାଙ୍କ ବିଷୟରେ ଗୋଟିଏ ଆଲୋଚନା କରିବାର ଇଚ୍ଛା ଥାଏ ।

ମୋର ଜ୍ୟେଷ୍ଠପୁତ୍ର କଟକ ଟ୍ରେନିଂ କଲେଜରେ ସ୍ଥାନ ନ ପାଇ ଫେରିଆସିଛି ଓ ଶିକ୍ଷକତା କର୍ମ କରୁଅଛି । ଏ ବର୍ଷ ଆମ ଆଡ଼େ ଅନାବୃଷ୍ଟି, ଏଣୁ ମହରଗ ପଡ଼ିଅଛି । ସଂସାର ଖର୍ଚ୍ଚ ଚଳାଇବା ଉପରେ ମାସିକ ଟଙ୍କା ଶିକ୍ଷାବ୍ୟୟ କରିବା ଆମ ପକ୍ଷରେ ଅସମ୍ଭବ ହୋଇପଡ଼ିଲା ଚାଲେ । ଶାନ୍ତିନିକେତନରେ ଓଡ଼ିଆ ଗ୍ରୁପ ରହିଅଛନ୍ତି, ପୁଣି ଅଧ୍ୟାପକ ଅଛନ୍ତି । ନିଜର କୃଷ୍ଟି, ସଭ୍ୟତା, ସଂସ୍କୃତିକୁ ରକ୍ଷା କରି ଗଢ଼ିବା ଉଚିତ । ଓଡ଼ିଆ ବିଶ୍ୱପ୍ରେମିକ, ସ୍ୱାର୍ଥପ୍ରବଣ ଜାତି । ନିଜସ୍ୱ ରକ୍ଷା କରିବା ତା ପକ୍ଷେ ସମ୍ଭବ ନୁହେଁ । ଓଡ଼ିଆ ବର୍ତ୍ତମାନ ଶିକ୍ଷାକ୍ଷେତ୍ରରେ ଅଗ୍ରସର, ମାତ୍ର ବିଭିନ୍ନକ୍ଷେତ୍ରରେ ପ୍ରତିଷ୍ଠା ଦେଖାଇବା ଦୃଶ୍ୟ ବିରଳ । ମୁଁ କଷ୍ଟରେ ଜୀବନଯାପନ କରୁଅଛି ।

(ଉତ୍କଳ ସାହିତ୍ୟ ପତ୍ରିକାର ଜଣେ ସୁପରିଚିତ ଲେଖକ । ତାଙ୍କ ରଚନା ସଙ୍କଳିତ ହୋଇ ପୁସ୍ତକାକାରେ ପ୍ରକାଶିତ ହୋଇନାହିଁ ।)

ଡକ୍‌ଟର୍ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଭଟଭ-୯

୨୦।୨।୭୯

ସାଅନ୍ତ ସାହ,

ଗତ ଜାନୁୟାରୀ ତା ୨୯ରିଖରେ ଶୋଭନାର ବିବାହ ହୋଇଗଲା । ଏହି ବିବାହ ସମ୍ବନ୍ଧରେ ଆପଣଙ୍କ କନ୍ୟାପ୍ରତି ଆଶୀର୍ବାଦଗର୍ଭକ ପତ୍ରଟି ପାଇ ତାକୁ ସାଇତି ରଖିଥିଲି, କିନ୍ତୁ ବର୍ତ୍ତମାନ ଖୋଜି ପାଉନାହିଁ । ଏଣୁ ପ୍ରକୃତ ଠିକଣାଟା ମଧ୍ୟ ଲେଖିପାରୁ ନାହିଁ । ଆଶାକରେଁ ଆପଣ ସପତ୍ନୀକ ଆନନ୍ଦରେ ଥିବେ ।

ଆପଣ ଯିବା ପରେ, ଶୋଭନାର ବିବାହ ପରେ ଏବଂ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ଠାରୁ ପ୍ରାପ୍ତ Honorarium ବନ୍ଦ ହୋଇଯିବାପରେ ମୋ ଜୀବନରେ ନୀରସତା ବଢ଼ିଯାଇଛି । ଯେତେବେଳେ ପାରୁଥିଲି, ଆପଣଙ୍କ ଘରକୁ ବୁଲି ଯାଉଥିଲି, ସେଠାରେ କିଛି ପ୍ରେରଣା ଓ ସାନ୍ତ୍ୱନା ପାଇ ଫେରୁଥିଲି । ଏବେ ତାହା ବନ୍ଦ ହେଲା । ଏଣୁ ଥରେ ଥରେ ମନେହେଉଛି ପୁଣି ଶିଳଙ୍ଗ ଫେରି ଯିବାକୁ, ସେଠାରେ ପୁଣି ସେହି ଭୂମି, ଭୂମିଜ ଓ ବନ୍ଧୁମାନଙ୍କ ମଧ୍ୟରେ ଶେଷ ଜୀବନଯାପନ କରିବାକୁ ଇଚ୍ଛା ହେଉଛି !

ଜଗାବ୍‌ମହଲ ମୋର "ମୋ ସମୟର ଓଡ଼ିଶା" ପୁସ୍ତକଟିକୁ ଛାପି ଦେଇ ସାରିଲେଣି, କିନ୍ତୁ ପ୍ରଚ୍ଛଦପଟ, ମୋର ଓ ମୋ ସ୍ତ୍ରୀଙ୍କ ମୁଖଫଟୋ ଛପାଇବା ପାଇଁ ସମୟ ନେଉଛି । ଦୁଇ ତିନି ଦିନ ତଳେ ସେଠାକୁ ଯାଇ ବୁଝିଲି ଯେ, ଆଜି ୧୦।୧୨ ଦିନ ମଧ୍ୟରେ ପୁସ୍ତକଟି ପ୍ରକାଶିତ ହେବ । ପୁସ୍ତକ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ସେଥିରୁ ଖଣ୍ଡିଏ ଆପଣଙ୍କ ପାଖକୁ ପଠାଇବି । ଖଣ୍ଡାସ୍ୱୀ ମୋତେ ଜଣେ Steno-typist ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି ଏବଂ ଓଡ଼ିଶା ଇତିହାସ ମୂଳରୁ ଶେଷ ପର୍ଯ୍ୟନ୍ତ (୧୯୪୭ ପର୍ଯ୍ୟନ୍ତ) ଲେଖିବାକୁ ପ୍ରବର୍ତ୍ତାଉଛନ୍ତି । ମୁଁ ଏଥିରେ ରାଜି ହୋଇଛି । ମୋତେ ଯଦି ଜଣେ Steno-typist ମିଳନ୍ତି, ତେବେ ସେଇ କାମରେ ମଜ୍ଜିଯିବି । ବର୍ତ୍ତମାନର ନିର୍ଦ୍ଦିଷ୍ଟ-କର୍ମଶୂନ୍ୟତା ଦୂର ହେବ ।

ଶ୍ରଦ୍ଧେୟ ଡକ୍ଟର ଦାଶ,

(୧୯. ୧୨. ୭୯, ସାଆନ୍ତସାହି)

ଆପଣ ୧୭।୧୨।୭୯ରେ ଭାରତ ସରକାରଙ୍କ ସାହିତ୍ୟ ଏକାଡେମୀରୁ ଯେଉଁ ପୁରସ୍କାର ପାଇଲେ, ତାହାର ସମ୍ବାଦ ରେଡ଼ିଓରୁ ପାଇବା ମାତ୍ରେ ମୁଁ ଆପଣଙ୍କୁ ଫୋନରେ ଅଭିନନ୍ଦନ ଜଣାଇଛି । ମୋର ଇଚ୍ଛା ଥିଲା, ମୁଁ ନିଜେ ଆପଣଙ୍କ ନିବାସକୁ ଯାଇ ବ୍ୟକ୍ତିଗତ ଭାବରେ ଆପଣଙ୍କୁ ଅଭିନନ୍ଦନ ଜଣାଇବି । କିନ୍ତୁ ମୋର ଦେହ ଭଲ ନ ଥିବାରୁ ଆପଣଙ୍କ ପାଖକୁ ଯାଇ ନ ପାରି ଏ ପତ୍ର ଲେଖୁଛି ।

ଆପଣ ଏକାଧାରରେ କବି, ଔପନ୍ୟାସିକ, କ୍ଷୁଦ୍ରଗଳ୍ପ, ରମ୍ୟରଚନା, ଭ୍ରମଣ-କାହାଣୀ ଲେଖକ, ପ୍ରାବନ୍ଧିକ, ନିଜ ଜୀବନୀ ସହିତ ବନ୍ଧୁ କବି ଓ ଲେଖକଙ୍କ ଜୀବନୀ ଲେଖକ ଏବଂ ସର୍ବୋପରି ଲୋକଗୀତ ଓ ଲୋକକାହାଣୀ ସଂଗ୍ରାହକ ଓ ଧାରାବାହିକ ଭାବରେ ଓ ବୈଜ୍ଞାନିକ ରୀତିରେ ଏ ସମସ୍ତର ପ୍ରକାଶକ । ଆପଣଙ୍କ ଭଳି ଜଣେ ବହୁଗୁଣ ବିଶିଷ୍ଟ ବ୍ୟକ୍ତି ବିଳମ୍ବରେ ହେଲେ ମଧ୍ୟ ଯେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି, ଏଥିରେ ସମଗ୍ର ଓଡ଼ିଶାବାସୀ ଆନନ୍ଦିତ ହେବାର କଥା । ମୁଁ ସେମାନଙ୍କ ଆନନ୍ଦରେ ଅଂଶ ଗ୍ରହଣ କରୁଛି ।

ମୁଁ ଆପଣଙ୍କଠାରେ କୃତଜ୍ଞ ଅଛି ଓ ବଞ୍ଚିଥିବା ପର୍ଯ୍ୟନ୍ତ କୃତଜ୍ଞ ରହିବି । ମୁଁ "ମୋ ସମୟର ଓଡ଼ିଶା" ନାମକ ଯେଉଁ ପୁସ୍ତକ ଲେଖିଛି, ତାହା ଆପଣଙ୍କ ପ୍ରେରଣା ଯୋଗୁଁ ହିଁ ଲେଖିଛି । ଏ ପୁସ୍ତକରୁ ଖଣ୍ଡିଏ ଆପଣଙ୍କୁ ଉପହାର ଦେଇ ସାରିଛି । ତାହା ପଢ଼ି ଆପଣ ଜାଣିଥିବେ ଯେ ମୁଁ ହୁଏତ ପାଗଳ ହୋଇ ଯାଇଥାନ୍ତି । ଘଟଣାଚକ୍ରରେ ପଡ଼ି ମୁଁ ମୋର ଭାରତ ସରକାରଙ୍କ ଅସ୍ଥାୟୀ ଚାକିରି ଓ ଓଡ଼ିଶା ସରକାରଙ୍କ ସ୍ଥାୟୀ

Digitized by srujanika@gmail.com

ଚାକିରିରୁ ଏକ ସମୟରେ ଇସ୍ତଫା ଦେଇଥିଲି । ଭାରତ ସରକାର ମୋର ଇସ୍ତଫା ଗ୍ରହଣ କରିନେଲେ, କିନ୍ତୁ ଓଡ଼ିଶା ସରକାର ମୋର ଇସ୍ତଫା ଗ୍ରହଣ କଲେନାହିଁ । ଏଣୁ ବାଧ ହୋଇ ଓଡ଼ିଶାକୁ ଆସିଲି । ମୋର ଭାରତ ସରକାରଙ୍କ ଚାକିରିର ଦରମାହାର ଥିଲା ଟ୭୦୦ରୁ ଟ୧୧୫୦, କିନ୍ତୁ ମୁଁ ଓଡ଼ିଶାକୁ ବାଧହୋଇ ଆସିବାପରେ ଓଡ଼ିଶାର ସରକାର ମୋତେ ଯେଉଁ ଦରମା ହାରରେ ରଖିଲେ ତାହାଥିଲା ଟ୩୦୦ରୁ ଟ୮୫୦ । ଏହାଛଡ଼ା ମୋତେ ଅପମାନଜନକ ଭାବରେ ରେଭେନ୍ସା କଲେଜରେ ପୋଷ୍ଟିଂ କଲେ । ମନ୍ତ୍ରୀ, ଡି. ପି. ଆଇ. ଏବଂ ସେକ୍ରେଟାରୀଙ୍କ ପାଖକୁ ଏହି ଅନ୍ୟାୟର ନିରାକରଣ କରିବାପାଇଁ ଯେତେ ଦରଖାସ୍ତ ଦେଲି । ସେ ସମସ୍ତଙ୍କୁ କେହି ସ୍ୱୀକାର କଲେ ନାହିଁ କିମ୍ବା ମୋର ଇସ୍ତଫା ଗ୍ରହଣ କଲେ ନାହିଁ ।

ଏହାପରେ ମୋର ମାନସିକ ଭାରସାମ୍ୟ ଗୋଲମାଲ ହୋଇ ଯାଇଥିଲା । ପ୍ରାୟ ପାଞ୍ଚବର୍ଷ ପର୍ଯ୍ୟନ୍ତ ଓଡ଼ିଆ ବା ଇଂରାଜୀରେ ପ୍ରବନ୍ଧଟିଏ ମଧ୍ୟ ଲେଖିଲି ନାହିଁ । ଏହି ଅର୍ଦ୍ଧପାଗଳ ଅବସ୍ଥାରେ ଥିବାବେଳେ ଆପଣ ମୋ ପାଖକୁ ଯାଇ, ବହୁ ସାନ୍ତ୍ୱନା ଦେଇ ପୁଣି ଲେଖାଲେଖିରେ ମନୋନିବେଶ କରିବାକୁ ବହୁଭାବରେ ମୋତେ ବୁଝାଇ ଥିଲେ । ଏହାପରେ ମୁଁ ଲେଖାଲେଖିରେ ମନୋନିବେଶ କରି ଅବଧି ପ୍ରତିଦିନ ଇଂରାଜୀ ବା ଓଡ଼ିଆରେ ପୁସ୍ତକ ପ୍ରବନ୍ଧାଦି ଲେଖୁଛି ଓ ବଞ୍ଚିଥିବା ପର୍ଯ୍ୟନ୍ତ ଲେଖିବି । ଓଡ଼ିଶାର ଅନ୍ୟକୌଣସି ବ୍ୟକ୍ତି ପୁଣି ଲେଖାଲେଖି କରିବାକୁ ମୋତେ କହିଥିଲେ । ମୁଁ କଲମ ଛାଡ଼ିଥିଲି, କିନ୍ତୁ ଆପଣ ହିଁ ମୋତେ ପୁଣି କଲମ ଧରାଇଲେ । ଲେଖାରେ ମନୋନିବେଶ କଲାପରେ ମୋର ମାନସିକ ଗ୍ଳାନି ଚାଲିଗଲା । ମୁଁ ଆପଣଙ୍କଠାରୁ ବଡ଼ ହେଲେ ହେଁ ଆପଣ ମୋତେ କଲମ ଧରାଇ ଗୁରୁର କାର୍ଯ୍ୟ କରିଛନ୍ତି । ଏଣୁ ମୁଁ ଏ ଅବସରରେ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ଶୁଭାନୁଧ୍ୟାୟୀ
କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଅଧ୍ୟାପକ ଶ୍ରୀଧର ଦାସ

କଟକ
୧ । ୨ । ୭୮

ପ୍ରିୟ କୃଷ୍ଣବାବୁ,

ସମାଜରେ ଆପଣଙ୍କ 'ଚନ୍ଦ୍ରମୋହନ' ପଢ଼ିଲି । କେତେକଥା ମନେପଡ଼ିଲା । ସେ ଆମର ହେଡ଼ମାଷ୍ଟର ଥିଲେ ପୁରୀ ଜିଲ୍ଲା ସ୍କୁଲରେ । ୧୯୧୯ ମସିହାରେ ସେ ହେଡ଼ମାଷ୍ଟର ହୋଇ ଅଳ୍ପ କେତେମାସ ମାତ୍ର ଥିଲେ । କିନ୍ତୁ ସେଇ କେତୋଟି ମାସ ଅବିସ୍ମରଣୀୟ ।

Digitized by srujanika@gmail.com

ସେ ଆସିବା ପୂର୍ବରୁ ତାଙ୍କ ବିଷୟରେ ଆମର ଅଦ୍ଭୁତ ଧାରଣା ଥିଲା । ଉତ୍କଳ ସାହିତ୍ୟରେ ତାଙ୍କର ଯୌବନକାଳର ଏକ ଫଟୋ ବାହାରିଥିଲା । ଶୁଣିଥିଲୁ, ତାଙ୍କ ଭଳି ରାଗୀ କଠୋର ଲୋକ ପୃଥିବୀରେ ନଥିବେ । ଟ୍ରେନିଂସ୍କୁଲର ଛାତ୍ରମାନଙ୍କୁ କେଉଁଠି ଜରିମାନାରେ ବ୍ୟତିବ୍ୟସ୍ତ କରିଦିଅନ୍ତି । ତାଙ୍କ ଜ୍ୱାଳାରେ ସ୍କୁଲରେ ସମସ୍ତେ ଥରହର । ଯାହାହେଉ, ସେ ଆସିଲେ । ଦେଖିଲୁ ସେ ପ୍ରାୟ ପଚାଶବର୍ଷର ଜଣେ ବୃଦ୍ଧ । ଶୃଙ୍ଖଳା ରଖିବାରେ କଠୋରତାର ଜୀବନ୍ତ ପ୍ରତିମୂର୍ତ୍ତି । ବାସ୍ତବରେ ସେ ଗମ୍ଭୀରସ୍ୱରରେ କାହାକୁ ଡାକିଲେ ତା'ର ହୃତ୍କମ୍ପ ହେବାର କଥା । ମୋତେ ବୋର୍ଡ଼ିଂର ମନିଟର-ଭାବରେ ତାଙ୍କର ନିକଟ ସମ୍ପର୍କରେ ଆସିବାକୁ ହୋଇଥିଲା । ସେ ଥିଲେ ବୋର୍ଡ଼ିଂର ସୁପରିଣ୍ଟେଣ୍ଡେଣ୍ଟ ମଧ୍ୟ । ବୋର୍ଡିଂ ସଂଲଗ୍ନ ଘରେ ସପରିବାର ରହୁଥିଲେ । ସ୍କୁଲରୁ ଆସିଲା ପରେ ତାଙ୍କର ଗେରୁଆ ପରିଧାନ, ଦେହ ସାଧାରଣତଃ ମୁକ୍ତ, ବେଳେବେଳେ ସେହି ଗେରୁଆ ଲୁଗାର ଗୋଟିଏ ଅଂଶ ଉପର ଭାଗରେ ପଡ଼ିଥାଏ । ବାଟରେ ଚାଲିଲା ବେଳେ ବରାବର ଗୋଟିଏ ପ୍ରାନ୍ତରେ ଯାଉଥିବେ । ସେ ଚାଲିରେ ଗୋଟାଏ ବିଶେଷତ୍ୱ ଥିଲା ।

ଫକୀରମୋହନଙ୍କ ସମ୍ବନ୍ଧରେ ସେ କହୁଥିଲେ, ତାଙ୍କର ହୃଦୟ ରସଗୋଲା ପରି ଥିଲା । କିନ୍ତୁ ମୋର ମନେହୁଏ, ଚନ୍ଦ୍ରମୋହନବାବୁ ଥିଲେ ନାରିକେଳ । ତାଙ୍କର ବାହାର ଯେତିକି ରୁକ୍ଷ, ଅନ୍ତର ସେତିକି ସରସ ଥିଲା ।

ସେ ଯେଉଁଦିନ ସ୍କୁଲରୁ ବିଦାୟ ନେଲେ ସେଦିନ ସଭାସମିତି କିଛି ହୋଇ-ନ ଥିଲା । ରାତିରେ ଆମେ ବୋର୍ଡିଂରେ ଗୋଟିଏ ବିଦାୟସଭା କଲୁ । ଗ୍ଲୋବ ଟେବୁଲ ପଡ଼ିଲା । ଚନ୍ଦ୍ରମୋହନବାବୁଙ୍କୁ ଡାକିଲୁ । ଗେରୁଆ ଲୁଗା ପିନ୍ଧି ଗୋଟିଏ କାନି ବେକରେ ବୁଲାଇ ସେ ଆସି ପହଞ୍ଚିଲେ । ପଚାରିଲେ—ପିଲାଏ, କାହିଁକି ଡାକିଛ ? ଆମେ କହିଲୁ—ଆପଣ ଯାଉଛନ୍ତି । ଆମକୁ କିଛି ଉପଦେଶ ଦିଅନ୍ତୁ ।

ସେ ଚଉକିରେ ନ ବସି ତଳେ ବାଲିରେ ବସିଲେ । ଆମେ ମଧ୍ୟ ତାଙ୍କୁ ଘେରି ତଳେ ବସିଲୁ । ସେ କହିଲେ—ଅଚ୍ଛା, ମୁଁ ଗୋଟିଏ କଥା କହିଯିବି । ତୁମମାନଙ୍କର ଚରିତ୍ର ଏପରି ହେଉ ଯେପରି କି ଶତ୍ରୁ ମୂହା ଦେଥିରେ ଦୋଷ ଦେଖି ନ ପାରୁ ।

ବେଶ୍, ବିଦାୟ ସଭା ସେତିକିରେ ଶେଷ । ବୋଧହୁଏ, ଏତେ ସାରବାନ୍, ଏତେ କ୍ଷୁଦ୍ର ବକ୍ତୃତା ଅନ୍ୟ କେହି ଦେଇ ନ ଥିବେ ।

ସେ ସବୁ ବିଦ୍ୟାରେ ପଣ୍ଡିତ ଥିଲେ । ରାତି ଅଧରେ ବୋର୍ଡ଼ିଂ ପିଲାମାନଙ୍କୁ ଡାକି ତାରାମାନଙ୍କୁ ଚିହ୍ନାଇଥିଲେ । ଇଂରେଜି, ଭୂଗୋଳ, ଇତିହାସ ସବୁଥିରେ ତାଙ୍କର

Digitized by srujanika@gmail.com

ଶ୍ରେଣୀର ପ୍ରବେଶ ଥିଲା । ତାଙ୍କ ପାଣ୍ଡିତ୍ୟ ପିଲଙ୍କୁ ଗୋଟିଏ ଅସୁବିଧାରେ ପକାଉଥିଲା । ନିର୍ଦ୍ଦିଷ୍ଟ ପାଠ୍ୟପୁସ୍ତକ ସେ ଶେଷ କରିପାରୁ ନ ଥିଲେ । ଗୋଟିଏ ପିରିଅଡ଼ରେ ହୁଏତ ଗୋଟିଏ ଇଂରେଜୀ Lesson ରୁ ଅଧାଏ ଦୁଇଧାଡ଼ି ହୋଇପାରେ ନାହିଁ; କାରଣ ବେଳେ ବେଳେ ଗୋଟିଏ ଗୋଟିଏ ଶବ୍ଦ ଉପରେ ହୁଏତ ପିରିଅଡ଼ ଶେଷ । କିନ୍ତୁ ବର୍ଷ ଭିତରେ ସେ ସବୁ ପୃଷ୍ଠା ଏ ଦୁଇପୃଷ୍ଠା ପଢ଼ାନ୍ତି ତେବେ ମଧ୍ୟ କ୍ଷତି ନ ଥାନ୍ତା, କାରଣ ଯିଏ ତାଙ୍କ ପଢ଼ାକୁ ନିବିଷ୍ଟମନ୍ତ ଶୁଣିଥିବ ସେ ଅକ୍ଳେଶରେ ଅନ୍ୟ ଅଂଶ ସବୁ ନିଜେ ନିଜେ ପଢ଼ି ବୁଝିପାରିବ । ସେ ଶକ୍ତି ଦେଉଥିଲେ; ସାହାଯ୍ୟ ଦେଉ ନ ଥିଲେ । ତାଙ୍କର ବ୍ୟାକରଣ ସୋପାନ ବହିର ମାତ୍ର ବତିଶଟି ସଂସ୍କରଣ ହୋଇଥିଲା । ପ୍ରାଥମିକ ବିଦ୍ୟାଳୟର ପାଠ୍ୟ କଥାବଳୀର ଗଦ୍ୟାଂଶ ବୋଧହୁଏ ଭ. ମାର୍ଚ୍ଚେଡ଼ନ୍ଙ୍କ ଲିଖିତ ଇଂରେଜୀର ଅନୁବାଦ, କିନ୍ତୁ ସେଥିରେ ଥିବା କବିତାଗୁଡ଼ିକ ଚନ୍ଦ୍ରମୋହନବାବୁଙ୍କର । ସେଥିରେ କେତୋଟିରେ ଋତୁ ବର୍ଣ୍ଣନା ଅଛି । ମଧୁବାବୁଙ୍କ ସାହିତ୍ୟ କୁସୁମରେ ମଧ୍ୟ ଋତୁ ବର୍ଣ୍ଣନା ଅଛି । କିନ୍ତୁ ଦୁହିଁଙ୍କ ବର୍ଣ୍ଣନାର ପାର୍ଥକ୍ୟ ପାଠକ ଉପଲବ୍ଧି କରିପାରିବ ।

ଚନ୍ଦ୍ରମୋହନ ଶୀତଋତୁ ବର୍ଣ୍ଣନାରେ ଲେଖିଛନ୍ତି—

ନିଶାରେ, ଅଜସ୍ର ତୁଷାର ବର୍ଷିଲା,
ଧଳାଭସ୍ମ ବୋଳା ତପସ୍ୱୀ ମଣ୍ଡଳୀ ପରି ସେ ଯାମିନୀ ଦିଶିଲା ।

ଶେଫାଳିକୁ ଦେଖି କବି ଚନ୍ଦ୍ରମୋହନ କଳ୍ପନା କରିଛନ୍ତି

ପ୍ରବାଳବୃନ୍ତରେ ଖଚିତ ସ୍ଫଟିକ ଦଳ
ତୁଳନା ଲଭନ୍ତା ହୋଇଲେ ସୁବାସିତ କୋମଳ ।

ସନ୍ତାନହରା ଜନନୀର ଲୋତକଧାର ତାଙ୍କ ଚକ୍ଷୁରେ ଦେଖାଯାଇଛି—

ତା ହୃଦ ସଙ୍ଗରେ ସେ ଶିଶୁକୁମରେ ଯେ, କୋମଳ ସ୍ନେହ ଭଲେ
ବାନ୍ଧିଥିଲା ବନ୍ଧ ଛିଡ଼ଯାନ୍ତେ ତାହା ନିମ୍ନି ଛୁ ଲୋତକ ଛଳେ ।

ବେଶି ଲେଖି ନ ଆନ୍ତୁ ପଛକେ, ସେ ଥିଲେ ଯଥାର୍ଥ କବି ! ଖାଲି ସମୁଦ୍ର ସୁନ୍ଦର ନୁହେଁ, ତୁଷାର ବିନ୍ଦୁ ମଧ୍ୟ ସୁନ୍ଦର ।

ଆପଣ ତ ପୁଣି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଅସିଲେ । ସେଠାରେ ସୁବିଧା ଅଛି । ଚନ୍ଦ୍ରମୋହନଙ୍କ ରଚନା ସଂଗ୍ରହ କରନ୍ତୁ, ଜୀବନୀ ଲେଖନ୍ତୁ ।

Digitized by srujanika@gmail.com

ଥରେ ମୋ ମୁଣ୍ଡରେ ଗୋଟାଏ ବିଚିତ୍ର ଚିନ୍ତା ପଶିଥିଲା । ବର୍ଣ୍ଣାର୍ଡ଼ଶଙ୍କ ଖଣ୍ଡିଏ ଚିଠିର ମୂଲ୍ୟ ହଜାର ହଜାର ଟଙ୍କା ହେଉଛି । ଲେଖକମାନଙ୍କ ଦସ୍ତଖତ ପାଇଁ ମଧ୍ୟ ପ୍ରଚୁର ମୂଲ୍ୟ ଦେବାକୁ ପଡ଼ିଥାଏ । ଉତ୍କଳ ସାହିତ୍ୟ ସମାଜ ଆମ ସାହିତ୍ୟିକମାନଙ୍କର ହାତଲେଖା—ଚିଠି, ପ୍ରବନ୍ଧ, ଦସ୍ତଖତ ଆଦି ସଂଗ୍ରହ କଲେ କିପରି ହୁଅନ୍ତା ! ରବିଠାକୁରଙ୍କ ପତ୍ରାବଳୀ ପ୍ରଭୃତି ପତ୍ର ସାହିତ୍ୟ ପରି ଓଡ଼ିଆରେ ପତ୍ର ସାହିତ୍ୟର ସୃଷ୍ଟି ହୋଇପାରିବା ଅସମ୍ଭବ କି ? ଅବଶ୍ୟ ଆମର କବି ଲିପି ଅଛି । କିନ୍ତୁ ଅଳଙ୍କାର ଭିତରେ ସେହି ନମୁନାଟିଟି ।

ଖଣ୍ଡେ ପୁରୁଣା ବହିରୁ ଚନ୍ଦ୍ରମୋହନବାବୁଙ୍କର ଇଂରେଜୀ ଦସ୍ତଖତ ପାଇଲି । ଏଇଟି ରଖିବା ଯୋଗ୍ୟ ନୁହେଁ କି ?

ସାହିତ୍ୟିକମାନଙ୍କର ସ୍ୱହସ୍ତ ଲେଖାର ସଂଗ୍ରହ ବିଷୟରେ ଚିନ୍ତା କରିବାକୁ ଅନୁରୋଧ ।

ମୁଁ ଏବେ ବିଶେଷ ଦୁର୍ବଳ ଅନୁଭବ କରୁଛି । କୁଆଡ଼େ ଯିବା ଆସିବା କରିବାକୁ କଷ୍ଟବୋଧ କରୁଛି । ଆଶା, ଭଲଥିବେ ।

ଆପଣଙ୍କର
ଶ୍ରୀଧର ଦାସ

ପୁଣ୍ଡରୀକାକ୍ଷ ମିଶ୍ର

ଶ୍ରୀଃ

ଶ୍ୟାମସୁନ୍ଦର ସଂସ୍କୃତ ବିଦ୍ୟାଳୟତଃ
ପୋ : ଖେରସାଇ
ବାଲେଶ୍ୱର
ତା ୨୮।୮।୬୯

ପ୍ରଣତିପୁରଃସରଂ ନିବେଦନମିଦମ୍
ମାନ୍ୟା ଡକ୍ଟର ପାଦାଃ !

ବହୁଦିନାବଧିକଂ ତତ୍ରଭବତାଂ ଦର୍ଶନଂ ଦୌର୍ଭାଗ୍ୟାନ୍ନ ସମ୍ଭବତି । ଗତାବ୍ଦେ ମଦୀୟପୁତ୍ରଃ ଶ୍ରୀମାନ୍ ଜଗଦୀଶଃ ଭବତ୍ସାକ୍ଷାତ୍କାରଂ କୃତ୍ୱାଶୀର୍ବାଦଂ ପ୍ରାପ୍ତବାନ୍ । ପୁନଃ ସାକ୍ଷାତ୍କାରସ୍ତୁ ନ ଘଟତେ । ଅହମପି ଶ୍ୟାମସୁନ୍ଦରସଂସ୍କୃତବିଦ୍ୟାଳୟେ ଭବତାଂ ଶୁଭେଚ୍ଛୟାପୂର୍ବବତ୍ ବର୍ତ୍ତେ । ବାରମେକଂ କଟକସ୍ଥଂ ଭବତାମାବାସଗତ୍ୱା-

Digitized by srujanika@gmail.com

ଦର୍ଶନସୁଖମନୁଭବିତୁଂ ନ ପାରୟାମି । ଗହନକବିତାକୁଞ୍ଜେ ନିରନ୍ତରଂ ବର୍ଦ୍ଧମାନୈରପି କୃପାଳୁଭିର୍ବନ୍ଧୁଃ ପରିଚିତୋଽସ୍ମୀତିଧାରଣାଂ ବଳବତୀଂକୃତ୍ୱାନିବେଦୟେ— — —

୧ । ଶ୍ରୀମତ୍କୁଞ୍ଜବିହାରୀଶତପଥୀରକବେ ! ବଙ୍କାପୁରମ୍ୟେଽତିଥିଃ
ଭୂତ୍ୱା ତେ ଜନତା ମନୋଜ୍ଞକବିତାକୁଞ୍ଜେ ରସାସ୍ୱାଦନାତ୍ ।
ନିତ୍ୟଂକ୍ରୁଂ କ୍ଷମତେ ମହାଗହନବଶା ତଦଶ୍ରବନାପୁଷ୍ଟିତେ
ଶ୍ରୀମତ୍କୁଞ୍ଜବିହାରୀଣିଷ୍ଟିରପଦଂ କୋ ବା ମନୋଲଙ୍ଘୟେତ୍ ।।

୨ । ପ୍ରିୟା ମନୋଜ୍ଞା କବିତା ହୃଦିସ୍ଥିତା
ସ୍ୱୀକାୟସୌନ୍ଦର୍ଯ୍ୟ ଗୁଣେନ ଭୂଷିତା ।
କରୋତି ବଙ୍କାନପି ଭାବନାବଶାନ୍
ଇତଃ ପ୍ରଶଂସା ମହତୀ ତବାସ୍ତି କା ।।

୩ । ସ୍ଥିତ୍ୟା ଶାନ୍ତିନିକେତନେ ତନଜବେଃ ସମ୍ମାନିତାଧ୍ୟାପକ-
ଶ୍ରେଷ୍ଠସ୍ୟୋତ୍କଳମାତୃକା ଗୁଣବତୀ ଧନ୍ୟାପ୍ରଦେଶେଽଭବତ୍ ।
ଏବଂ ସଦଗୁଣମଣ୍ଡିତା ସୁକବିତା ଶାର୍ଦ୍ଦୂଳ ବିକ୍ରୀଡ଼ିତମ୍
କୃତ୍ୱା ସତ୍କୃତମେତ ସର୍ବବୁଧେ ସର୍ବଜ ଲୋକେଽଧୁନା ।।

ଭବତାଂ ଅନୁଗ୍ରହାର୍ଥିନଃ
ଶ୍ରୀ ପୁଣ୍ଡରୀକାକ୍ଷମିଶ୍ରଶର୍ମଣଃ

ଓଁ ଶ୍ରୀ ଜୟଗୁରୁ ଜୟ

New Deihi
2.8.68

ସ୍ନେହର କୁଞ୍ଜବାବୁ,

ଆମେ ଆସିଲବେଳେ ପାଥେୟ ସ୍ୱରୂପ ସଙ୍ଗରେ ନେଇ ଆସିଥିଲୁଁ ଆପଣଙ୍କର ସଶ୍ରଦ୍ଧ ଉପହାର 'ଆମେରିକାରୁ ଇଉରୋପ ଆଫ୍ରିକା'। ସତ କହିବାକୁ ଗଲେ ତାହା ଆପଣଙ୍କର ଏକ ଅପୂର୍ବ ସାହିତ୍ୟସୃଷ୍ଟି, ଅନବଦ୍ୟ ଅନୁଭୂତିର ଅସରନ୍ତି ଗନ୍ତାଘର, ଆପଣଙ୍କ ଅନୁଭୂତିଗୁଡ଼ିକ ଏକ ଅପୂର୍ବ ରୂପ ଧାରଣ କରିଛି, ଆପଣଙ୍କ ମନମୁଗ୍ଧକର ଲେଖନୀମୁନର କାଉଁରୀ କାଠି ସ୍ପର୍ଶରେ । ସତ କହିବାକୁ ଗଲେ ମୁଁ ଭାଷା ଖୋଜି ପାଉନାହିଁ । କିପରି ମୁଁ ମୋର ହୃଦୟର ଉଚ୍ଛ୍ୱାସକୁ ଆପଣଙ୍କ ନିକଟରେ ପହଞ୍ଚାଇ ଦେଇ ପାରିବ ? ଯେତେ ପଢ଼ିଲେ ତୃପ୍ତି ଆସୁନାହିଁ । ଆହୁରି ଥରେ ଆହୁରି ଥରେ ପଢ଼ିବାକୁ ଇଚ୍ଛା ହେଉଛି । ତାହା କେବଳ ଭ୍ରମଣବୃତ୍ତାନ୍ତ ନୁହେଁ, ତାହା ହେଉଛି ମୋ ମତରେ ଏକ ଅତି ରମଣୀୟ ରମ୍ୟ ରଚନା । ମୁଁ ମୋ ସ୍ତ୍ରୀ ଉଭୟେ ଆପଣଙ୍କ ଲେଖାରୁ

Digitized by srujanika@gmail.com

ରସାସ୍ୱାଦନ କରୁଛୁଁ, ଏଇ ସୁଦୂର ଦିଲ୍ଲୀ ନଗରୀରେ ବସି । ବହିଟି ଆମ ମୁଣ୍ଡ ପାଖରେ ଥୁଆ ହୋଇଛି । ଯେତେବେଳେ ଇଚ୍ଛା ହେଉଛି ଆମେ କାଢ଼ି ପଢ଼ି ବସୁଛୁଁ । ଆପଣଙ୍କ ସୁଧାସ୍ରାବୀ ଲେଖନୀରୁ ଏହିପରି ଅନବଦ୍ୟ ଲେଖାର ସୁଧାଧାରା ସବୁବେଳେ ଝରୁଥାଉ । ଏହାହିଁ ମୋର ଅନ୍ତରର ଶୁଭେଚ୍ଛା ।

ବହୁଦିନ ପୂର୍ବରୁ ମୁଁ 'ପାଶ୍ଚାତ୍ୟ ଅନୁଭୂତି'ନାମକ ଗୋଟିଏ ଭ୍ରମଣବୃତ୍ତାନ୍ତ ଲେଖିଥିଲି । ମୋର କାନାଡ଼ା ଓ ୟୁରୋପ ଭ୍ରମଣ ଅନୁଭୂତିକୁ ନେଇ । ତାହା ମୋର ଗ୍ରନ୍ଥାବଳୀର ୨ୟ ଭାଗରେ ପ୍ରକାଶ ପାଇଛି । ମୁଁ କଟକ ଫେରିଲେ ମୋ ଗ୍ରନ୍ଥାବଳୀର ଗୋଟିଏ ସେଟ୍ ଆପଣଙ୍କୁ ଦେବି ।

ଗୁଣମୁଗ୍ଧ
ଅନନ୍ତପ୍ରସାଦ ପଣ୍ଡା

P.O. Talpada.
3.3.53.
Via-Bhadrak

ପ୍ରିୟ ବନ୍ଧୁ,

କାଲି ଏଠାରେ ଆପଣଙ୍କ ପତ୍ର ପାଇଲି । ମୋର ଯେ ଦୁଃଖ ହେଇଚ, ଏ କଥା ମୁଁ କହିପାରିବି ନାହିଁ । କାରଣ ଦୁଃଖ ହୋଇଥିଲେ ମୁଁ ଆଉ ନ ଥାନ୍ତି । ଜୀବନ ଦୁର୍ବହ ମନେ ହେଉ ଥାଆନ୍ତା । ମୁଁ ପଶୁ, ତେଣୁ ଦେବତା ଭଳି ପିତାଙ୍କୁ ହରାଇ ଆତ୍ମସ୍ୱାର୍ଥରେ ବଞ୍ଚିଛି ।

'ଜାତିର କ୍ଷତି' ବା 'ଦୁଃଖ' ଏଭଳି ନିଷ୍ଠୁର କଥା କହିବେ ନାହିଁ । ରବି ଠାକୁରଙ୍କ ପାଇଁ ବଙ୍ଗ ବି ଦୁଃଖ କରିଥିଲା । ବଙ୍କିମଙ୍କ ପାଇଁ ଏବେ ବି ବଙ୍ଗ ଶ୍ରଦ୍ଧା ଦିଏ । ବାପା ରବି ଠାକୁର ବା ବଙ୍କିମ ନ ହୁଅନ୍ତୁ, କିନ୍ତୁ ନିରପେକ୍ଷ ସମାଲୋଚକ ନିଶ୍ଚୟ କହିବ -- 'ଜୀବନ ସଙ୍ଗୀତ'ର ରଚୟିତା ଓଡ଼ିଶାର ରବି ଠାକୁର ଓ 'ବନ୍ଦେ ଉତ୍କଳ ଜନନୀ' ମନ୍ତ୍ରଦାତା ଓଡ଼ିଶାର ବଙ୍କିମ । ତାଙ୍କ ପାଇଁ ଓଡ଼ିଶା ସରକାର କି ସମ୍ମାନ ଦେଖାଇଛନ୍ତି ?

ଗୋପାଳ ସ୍ୱାମୀ ଆୟଙ୍ଗାରଙ୍କ ପାଇଁ ସ୍କୁଲ କଲେଜ ବନ୍ଦ ହୁଏ । ଜାତୀୟ କବିଙ୍କ ପାଇଁ ଶୋକପ୍ରସ୍ତାବ ବି ହୁଏନାହିଁ । ଏଟା ମୋର କାହାକୁ ଆକ୍ଷେପ ନୁହେଁ । ମୋର

Digitized by srujanika@gmail.com

କହିବାର କଥା—Let us not say something and act otherwise. ବଞ୍ଚିଥିବାବେଳେ ବାପାଙ୍କ ଚିକିତ୍ସା ପାଇଁ ମଧ୍ୟ ଯଥେଷ୍ଟ କରିହୋଇ ପାରିନାହିଁ । ଏ ଲଜ୍ଜାର କଥା କାହାକୁ କହିବାର ନୁହେଁ । ମୋର ଏକାନ୍ତ ଦୁଃଖ, ମୁଁ ମଧ୍ୟ ମୋର କର୍ତ୍ତବ୍ୟ କରିନାହିଁ ।

ସେ ଦୁର୍ବଳ ହୋଇ ହୋଇ ମିଳାଇଗଲେ, କୌଣସି ବ୍ୟାଧି ନ ଥିଲା । ଜୀବନ ତାଙ୍କର ସଙ୍ଗୀତମୟ ଥିଲା, ଅନ୍ତିମ ସମୟରେ ସଙ୍ଗୀତ ଶୁଣିଲେ ସେ ଯନ୍ତ୍ରଣା ଲାଘବ ମନେ କରୁଥିଲେ ।

ବୈଷ୍ଣବ ଥିଲେ । ତେଣୁ ଗୋବିନ୍ଦ ଦ୍ୱାଦଶୀ ଦିନ ଦେହରକ୍ଷା କଲେ । ଦୁଃଖ କରିବା ଅନୁଚିତ । ମାତ୍ର ସ୍ୱାର୍ଥ ଦୁଃଖ ଦେଉଛି । ଆଉ କିଛି ଦିନ ଯାଇଥିଲେ ମୁଁ ଟିକିଏ ସବଳ ହୋଇଥାନ୍ତି ।

ନିତ୍ୟାନନ୍ଦ ମହାପାତ୍ର

ଡଗର ଅଫିସ, କଟକ-୧
୨୮।୭।୬୦

ପ୍ରିୟ ଅଧ୍ୟାପକ,

ପତ୍ର ପାଇଲି । ପ୍ରଶଂସା ମଧ୍ୟ । ସେଇଠି ତ ସଂଶୟ । ୨ମାସ ସମସ୍ତ କାମରେ ଅନୁମତି ଦିଅନ୍ତୁ ।

ଭଲ ଲାଗି ନ ଥିବା ଚିଜ 'ଡଗର' ଖାଏନାହିଁ । ତେଣୁ 'ନୂତନ କଥା'ର ପରବର୍ତ୍ତୀ ନୂତନ ସତ୍ୟଭାମା କ ରୁକ୍ମିଣୀ ପଠାନ୍ତୁ ।

'ପରିବାର' ଭଲ ଅଛନ୍ତି । ସିନ୍ଦୂର ଶୋଭା କେତେଦିନ ରହିବ କେଜାଣି ? ସମସ୍ତ ହେଇ ଅସିଲା । କଳଙ୍କଟା ଖାଣ୍ଟିଏ ।

ସାହିତ୍ୟସାଧନାରୁ ବିଶ୍ରାମ ନେଲଣି । ଏଣିକି ହରିନାମ ।

ସସ୍ତ୍ରୀକ ପ୍ରଣାମ ନେବେ ।
ନିତ୍ୟାନନ୍ଦ (ମହାପାତ୍ର)

Digitized by srujanika@gmail.com

ଶିବାଣୀ
କଟକ-୮
୧୦।୧୦।୭୧

ପ୍ରୀତିଭାଜନେଷୁ,

ଓଡ଼ିଶାସାହିତ୍ୟଏକାଡେମୀ ଆପଣଙ୍କ ଅନାସକ୍ତ ସୃଷ୍ଟିପ୍ରତିଭା ଓ ନିରଳସ ସାହିତ୍ୟସାଧନାକୁ ସ୍ୱୀକୃତି ପ୍ରଦାନ କରି ରୁଚିକୌଳୀନ୍ୟର ପରିଚୟ ପ୍ରଦାନ କରିଛନ୍ତି। ଏଥିପାଇଁ ଏକାଡେମୀ ମୋର ଅଭିନନ୍ଦନର ପାତ୍ର। ନିଜ ସୃଷ୍ଟି ଗୌରବରେ ଆପଣ ତ ବିଦଗ୍ଧ ପାଠକମଣ୍ଡଳୀଠାରୁ ବରମାଲ୍ୟ ପାଇସାରିଛନ୍ତି। ଏକାଡେମୀର ସ୍ୱୀକୃତି ସେଥିରେ ପୁନଶ୍ଚ ସିନା।

ବଶମ୍ବଦ
ସୁରେନ୍ଦ୍ର ମହାନ୍ତି

କବିକୁଟୀର
ପୋ: ସରେଇକଲା
ଜି: ସିଂହଭୂମ୍
୧୨।୧।୫୭

ପ୍ରିୟ କୁଞ୍ଜବିହାରୀବାବୁ,

ପ୍ରୀତିସମ୍ଭାଷଣ ଗ୍ରହଣ କରି ବାଧିତ କରିବେ। 'ବଞ୍ଚିବା' ମାନେ ନିଶ୍ଚୟ ଜାଣନ୍ତି—'ଅପରକୁ ବଞ୍ଚିତ କରିବା'।

ସୁତରାଂ ମୁଁ ଯେତେବେଳେ ବଞ୍ଚିଛି ଆପଣଙ୍କୁ କ୍ଷଣିକ ସୁଖରୁ ବଞ୍ଚିତ କରି କିଞ୍ଚିତ ଅସୁବିଧାରେ ପକାଇଲେ ନିଜ ଗୁଣେ ମାର୍ଜନା କରିବେ ନିଶ୍ଚୟ। ଏହି ଭରସାରେ ଏ ଖଣ୍ଡିକ ଲେଖିବାକୁ ସାହସୀ ହେଲି।

ମୁଁ ଅଜାକ ୧୫ ଦିନ ହେବ କଲିକତାକୁ ଲେଖି ଲେଖି ହୟରାଣ ହୋଇଗଲିଣି। ଅଥଚ କବିଗୁରୁଙ୍କ 'ଭାନୁସିଂହ ପଦାବଳୀ' ଖଣ୍ଡିଏ ପାଉନି। ବହିଟି ଅତ୍ୟନ୍ତ ପ୍ରୟୋଜନ ଏବଂ ଶୀଘ୍ର ଦୟା କରି ସେଠାରୁ ଖଣ୍ଡିଏ ବହି V.P. କରାଇ ଦେବେ, ନତୁବା ଯେପରି ଭାବରେ ହେଉ, ଉକ୍ତ ବହି ଖଣ୍ଡିଏ ପଠାଇ ମୋତେ ବାଧିତ କରିବା ହେବେ।

Digitized by srujanika@gmail.com

ମୁଁ 'ସନ୍ଧି' ନାମକ ଗଳ୍ପ ବହିଟି ପ୍ରକାଶ ପାଇଁ ଚଞ୍ଚଳ କଲମ ଚଳାଉଛି । ତା' ପରେ ଦେଶକଥାରେ ତ ମୁଣ୍ଡ ଘୂରୁଛି ଦିନରାତି । ଦେଖାଯାଉ, ଭଗବାନ୍‌ଙ୍କ ଇଚ୍ଛା କଣ ।

ଇତି

Yours
Sincerely
Kaliprasanna Kabi

ଭୁବନେଶ୍ୱର
୧।୪।୬୪

ଶ୍ରଦ୍ଧାସ୍ପଦେଷୁ କୁଞ୍ଜବାବୁ,

ଅନେକ ଦିନରୁ ଶାନ୍ତିନିକେତନ ଯାଇ କିଛି ଶିଖିବି, ପଢ଼ିବି ଭାବିଚି । ସେଠି ରହିବା ତ ବଡ଼ସ୍ୱପ୍ନ । ତେବେ ଅବସରହେଲେ କେବେ ବୁଲି ଦେଖି ଆସିବି । କେବେ ସୁବିଧାଜନକ ହୋଇପାରେ ?

ଆପଣଙ୍କ 'ପଲ୍ଲୀଗୀତସଞ୍ଚୟନ' ଦେଖିଲି । ଓଡ଼ିଆ ସାହିତ୍ୟକ୍ଷେତ୍ରରେ ଆପଣଙ୍କର ଏ ଉଦ୍ୟମ ଅତୁଳନୀୟ । 'ପଲ୍ଲୀଗୀତସଞ୍ଚୟନ' କୋଣାର୍କର ପୁନର୍ନିର୍ମାଣ କହିଲେ ଚଳେ । ଅନ୍ୟ ଖଣ୍ଡମାନ ପ୍ରକାଶ ପାଉଚି ତ ? ଆମ ଅଞ୍ଚଳରେ ଆଉ କେତୋଟି ଲୋକଗୀତ ଅଛି । ପଠାଇ ଦେବି । ଯଦି ତା ନ ପାଇଥାନ୍ତି କାମରେ ଲାଗିପାରେ । ଆହୁରି ମଧ୍ୟ ସତ କହିଲେ କ୍ଷମା କରି ଆପଣଙ୍କ ପରି ଜଣେ ଅଧେ କେହି ପ୍ରଗତିଶୀଳ ଲେଖା ଲେଖୁଛନ୍ତି କି ନାହିଁ ସନ୍ଦେହ । କ୍ଷମା ନ କରି ଲୋକେ ତ ପୁଣି ପ୍ରଚଳିତ ସଂସ୍କାର ପ୍ରାଚକ ।

ଲତାଦେବୀଙ୍କର ଶ୍ରେଷ୍ଠ ଗପଗୁଡ଼ିକ ପ୍ରକାଶ କରୁନାହାନ୍ତି ? ଅନ୍ତତଃ ପତ୍ରପତ୍ରିକାରେ ।

ସାଙ୍ଗସାଥିଙ୍କଠୁଁ ଗାଳିଗୁଲଜ ଖାଇ ଏବେ ଗୋଟାଏ ଗୋଟାଏ କବିତା ଲେଖୁଛି । କବିତା ତ ନୁହେଁ, ପଦ୍ୟ । ଜାଣୁଛି, ଖରାପ ହେଉଚି । ତଥାପି ଲେଖୁଚି ଓ କେଞ୍ଚାକେଞ୍ଚିରେ ଅଥୟ ହୋଇ ଲେଖିଚି । କେଉଁଠି କେମିତି ଝାଁ ଭାଁ ତାହା ଯଦି ଦେଖୁଥାନ୍ତି, ସେଥିରେ କେଉଁଠି କପରି ଦୋଷଦୁର୍ବଳତା ରହୁଛି ଖୋଲଖୋଲି ଜଣାଇ ଦେଲେ ଉପକୃତ ହୁଅନ୍ତି ।

ଆପଣଙ୍କର
ଅନନ୍ତ ପଟ୍ଟନାୟକ

Digitized by srujanika@gmail.com

The Cultural Academy

Rourkela-7

17-9-72

ପ୍ରିୟ କୁଞ୍ଜବାବୁ,

ଚମତ୍କାର ହୋଇଛୁ କବିତାଟି ।

× × ×

ମୋର ଆଗରେ ଲେଖାଲେଖି ଆରମ୍ଭ କରି ଆପଣ ଅଳ୍ପ କେତୋଟି ବର୍ଷ ଭିତରେ ଯେପରି ଭାବରେ ସୁଖ୍ୟାତିର ଶୀର୍ଷସ୍ଥାନକୁ ଉଠିଲେ ତାହା ଓଡ଼ିଶାର ନବୀନ ସାହିତ୍ୟିକଙ୍କ ପକ୍ଷରେ ଏକ ଆଦର୍ଶର କଥା ।

ବହୁଦିନ ପରେ ଦେଖା ହେଲା । ଆନ୍ତରିକତାମୟ ଆତିଥେୟତା ମଧ୍ୟ ମିଳିଲା । ପ୍ରେମଲତା ଦେବୀ ମୋତେ ଚିହ୍ନି ପାରିଲେ ନାହିଁ । କିନ୍ତୁ ଗଳ୍ପର ମାଧ୍ୟମରେ ତାଙ୍କର ସରସ ସରଳ ନାରୀପ୍ରାଣ ମୋର ବହୁଦିନର ପରିଚିତ । ଆପଣ ଲେଖୁଛନ୍ତି, କିନ୍ତୁ ତାଙ୍କୁ ମଧ୍ୟ ଆପଣ ଲେଖିବାକୁ ବାଧ୍ୟ କରନ୍ତୁ । ସୁଯୋଗ ଦିଅନ୍ତୁ । ସେ ଏକ ଉଜ୍ଜ୍ୱଳ ପ୍ରତିଭା । ସେ ପ୍ରତିଭାର ଅପମୃତ୍ୟୁ ନ ହେଉ, ଅପମାନ ନ ହେଉ, ଆପଣଙ୍କ ପାଖରେ ମୋର ଏତିକି ଅନୁରୋଧ ।

ଆପଣଙ୍କ ଲେଖନୀ ଏ ଲାଞ୍ଛିତ ଜାତି ଲାଗି ବହିଆଣୁ ଅମୃତଲୋକର ପ୍ରାଣପ୍ରାଚୁର୍ଯ୍ୟ, ଏଇ କାମନା କରି ରହିଲି ।

ଆପଣଙ୍କର
ଲକ୍ଷ୍ମୀଧର ନାୟକ

(୨୯।୧୦।୭୨ ସାକ୍‌ଚି, ଜାମସେଦପୁର)

ପଢ଼ି ଶେଷ କରିଚି 'ମୋ କାହାଣୀ' ସେଇ ଏକାଦିନକେ । ଏପ୍ରକାର ଲେଖା ତ ଛଳ ଛଳ, କଳ କଳ, ଝରଣା ପରି ଉଚ୍ଛଳ, ସନ୍ଦେହ ନାହିଁ, ତେବେ ମୋ ଜାଣିବାରେ ଆପଣଙ୍କ ଜୀବନରେ ଘଟିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ବାଦ୍ ପଡ଼ି ଯାଇଛି; ସେଗୁଡ଼ିକ ଥିଲେ ଆହୁରି ଭଲ ହୋଇଥାନ୍ତା ।

Digitized by srujanika@gmail.com

ଶାନ୍ତିନିକେତନ ଅଧ୍ୟାୟଟି ଭଲ ଲାଗିଲା । ଏହା ଆହୁରି ଦୀର୍ଘ, ବିସ୍ତୃତ ହୋଇଥିଲେ ଅନେକ କିଛି ଜାଣିବାକୁ ମିଳିଥାନ୍ତା, ଟାଗୋରଙ୍କ ସମ୍ବନ୍ଧରେ । ବହିଟିର ୨ୟ ଭାଗ ଲେଖାର ପରିକଳ୍ପନା ଥିଲେ ସେତେବେଳେ ମୋର ଏ Suggestion ମନେ ପକାଇ କିଛି ବ୍ୟବସ୍ଥା କରିବେ ।

ମାନସିଂହଙ୍କର ଆଉ କିଛି ଚିଠିପତ୍ର ଥିଲେ ପୂରାପୂରି ପ୍ରକାଶ କରିଦେବେ । ବ୍ୟକ୍ତିଗତ ଚିଠି ଭିତରେଇ କାବ୍ୟିକ ପ୍ରାଣର ସଙ୍କେତ ଥାଏ, ନାନା ଛନ୍ଦରେ, ନାନା ଭଙ୍ଗୀରେ ଅକ୍ଷରର ସମାବେଶ ଭିତରେ, ସେଇ ସବୁ ହିଁ ହୁଏ ସାହିତ୍ୟର ଅନବଦ୍ୟ ସମ୍ପଦ ।

ସେଦିନ ଆପଣଙ୍କ ଘରେ ଖିଆପିଆ (ପିଆ ଶବ୍ଦକୁ କଦର୍ଥ କରିବେ ନାହିଁ) ଖୁବ୍ ମୁଖରୋଚକ ହେଲା, ବନ୍ଧୁ ଗଡ଼ନାୟକଙ୍କ ଯୋଗୁଁ ଜାଣି ହୋଇ ଯାଇ ମିସେସ୍ ଦାସଙ୍କ ଅମୃତ ପରଷା ମିଳିଲା ଭାଗ୍ୟରେ । ସେପରି ସୁଯୋଗ ପୁଣି କେବେ ମିଳିବ କେଜାଣି ? ରହିଲି ।

ଆପଣଙ୍କର
ଲକ୍ଷ୍ମୀଧର ନାୟକ

ନରସିଂହପୁର
୨।୭।୫୨

ପ୍ରିୟ କୃଷ୍ଣବିହାରୀବାବୁ,

ଗୁରୁମାନେ ପୂର୍ବେ ଶିଷ୍ୟଙ୍କର ସମସ୍ତ ଦାୟିତ୍ୱ ନେଇ ତ ଶିକ୍ଷାଦାନ କରୁଥିଲେ । ସେହି ଆଶାରେ ଏ ଚିଠିଟି ଲେଖିଲି । କଲିକତା ବିଶ୍ୱବିଦ୍ୟାଳୟରେ ମୋର ପିଲାଟିଏ ପଢ଼ନ୍ତି । ତାଙ୍କର ଓଡ଼ିଆ ପାଠ ଲାଗି କଲେଜରେ ପ୍ରଫେସର ନାହାନ୍ତି । ଆପଣ ଯେବେ ୧୦।୧୫ ଦିନ ବା ଏକ ସପ୍ତାହ ସମୟ ଦାନ କରନ୍ତେ ତେବେ ସେ ଆପଣଙ୍କଠାରୁ ଚିଲିକା, ମାମୁଁ, ପ୍ରବନ୍ଧପ୍ରବାହ, ତପସ୍ୱିନୀ ଏ ଗ୍ରନ୍ଥଖଣ୍ଡ ଟିକିଏ ପଢ଼ି ଆସନ୍ତା ।

ଆପଣଙ୍କର ପ୍ରତିଷ୍ଠା ଏବଂ ସମୁନ୍ନତ ଦିଗନ୍ତବିସ୍ତାରୀ ହେଉ, ଏହାହିଁ ଆଶା କରେ । ଅତି ଦୁଃଖର ବିଷୟ ଯେ ଓଡ଼ିଆ ସାହିତ୍ୟ ବା ଇତିହାସ ଯେନ ଭାରତୀୟ ବା ବିଶ୍ୱମାନବ ଜାଣିବାର ଗ୍ରନ୍ଥ ଅଦ୍ୟାପି ରଚିତ ନ ହେବାରୁ ଓଡ଼ିଆଙ୍କୁ କେହି ଚିହ୍ନୁ ନାହାନ୍ତି । ସେ ଦିଗରେ ଉଦ୍ୟମ ହେଉ ।

ମମତାବଦ୍ଧ
ଚକ୍ରଧର ମହାପାତ୍ର

Digitized by srujanika@gmail.com

ଡକ୍ଟର ମାୟାଧର ମାନସିଂହ

୧୫।୧।୫୪
ସମ୍ବଲପୁର

ପ୍ରିୟ କୃଷ୍ଣ,

ତୁମର 'ମାଟି ଓ ଲୁଠି' ପାଠ କରି ବିଶେଷ ତୃପ୍ତି ବୋଧ କଲି । ଲୌହନଗରର ସମାକୀର୍ଣ୍ଣ ନିର୍ଜନତା ଭିତରେ ଗାଁର ମଣିଷ ସହବାସୀ ତା'ର ଅନ୍ତରେ ଅନ୍ତରେ ଗାଁର ପରିଚିତ ମାଟିକୁ ଯେପରି ଖୋଜୁଛି, ତାର କାରୁଣ୍ୟ ପ୍ରତ୍ୟେକ ରସଗ୍ରାହୀ ହୃଦୟରେ ବାଜିବାର ଆଶା କରାଯାଏ । 'କାହିଁ ସ୍ୱଚ୍ଛଧାର ନଦୀସ୍ରୋତ ·····ମଣିଷ ହୋଇଛୁ ଧୂଆଁ ଗୁଚ୍ଛ' କବିତାଂଶରେ ତୁମେ ଗ୍ରାମ୍ୟ ଜୀବନର ଯେଉଁ ଉପଭୋଗ୍ୟ ଚିତ୍ର ଦେଇଛ, ତାହା ପଲ୍ଲୀବିତାଡ଼ିତ ପ୍ରତ୍ୟେକ ପ୍ରାଣରେ ଗଭୀର ପ୍ରାଚୀନ ସ୍ମୃତି ଜାଗ୍ରତ କରେଇବ ।

ସମ୍ବଲପୁର
୧୬।୧।୫୪

ପ୍ରିୟ କୃଷ୍ଣ,

Indian Academy of Letters ତରଫରୁ ଇଂରାଜୀରେ ଓଡ଼ିଆ ସାହିତ୍ୟ ଉପରେ ଖଣ୍ଡିଏ ବହି ବାହାରିବାର କଥା । ତମଠୁଁ ଏଥିପାଇଁ 'Folk Literature of Orissa' ଏଇ ବିଷୟରେ ଇଂରାଜୀରେ ଏକ ପ୍ରବନ୍ଧ ଲୋଡ଼େ । ଡିସେମ୍ବର ଆଡ଼କୁ ଦେବ । ଆଶାକରେ, ସ୍ୱୀକୃତ ହେବ । ଭଲରେ ଥିବ ।

ସମ୍ବଲପୁର

ପ୍ରିୟ କୃଷ୍ଣ,

ଓଡ଼ିଆ ଭାଷାରେ ଦଶଟି ଶ୍ରେଷ୍ଠ ବହିର ନାମ ମୋ ନିକଟକୁ ଦୟା କରି ପଠାଅ । ଏ ବହିଗୁଡ଼ିକ ଅନ୍ୟ ଭାଷାକୁ (ହିନ୍ଦୀ ବା ଇଂରାଜୀ) ଅନୂଦିତ ହେବାର ଯୋଗ୍ୟ ବୋଲି ତମର ମତ ହେବା ଉଚିତ । ଅନୁବାଦ ହେଲେ ମଧ୍ୟ ତାହା ଅନ୍ୟ ଭାଷାଭାଷୀ ଲୋକେ ଉପଭୋଗ କରିପାରିବେ । ଆଶାକରେ, ଶୀଘ୍ର ଉତ୍ତର ଦେବ, ତମେ ଲେଖକଙ୍କୁ ଭୁଲିଯିବ, କେବଳ ଲେଖାକୁ ଧ୍ୟାନ ରଖିବ ।

ଇତି
ମାନସିଂ

Digitized by srujanika@gmail.com

୨୫।୧।୫୭
ଟୁଆଁ ଟୁଇଁ ଅଫିସ୍
କଟକ

ଶ୍ରଦ୍ଧେୟ କୁଞ୍ଜବାବୁ,

ଆପଣଙ୍କ ଲେଖା ସମ୍ବନ୍ଧରେ ଆପଣ ଯେଉଁ ଚିଠି ଦେଇଥିଲେ ତାହା ଯଥା ସମୟରେ ମିଳିଛି । ସ୍ୱର୍ଗତ ଗୋଦାବରୀଶଙ୍କ ସମ୍ପର୍କରେ ଲେଖା ପଠାଇବା ପାଇଁ ଯେଉଁମାନଙ୍କୁ ଲେଖା ଯାଇଥିଲା ସେଥିରୁ ଅଧିକାଂଶଙ୍କ ନିକଟରୁ ଲେଖା ଆସି ନ ଥିବାରୁ ପୁସ୍ତକପ୍ରକାଶରେ ବିଳମ୍ବ ହୋଇଛି । ଆପଣଙ୍କ ଲେଖା ପଢ଼ି ମୁଁ ବଡ଼ ଖୁସି ହେଲି । ଆପଣ ଗଭୀର ଭାବରେ ଗୋଦାବରୀଶଙ୍କ ସାହିତ୍ୟ ଚର୍ଚ୍ଚା କରିଛନ୍ତି । ଯେଉଁ ବହି ବାହାରିବ ଆଶାକରୁ ବେଶୀ ପୃଷ୍ଠା ହେବ । ତେଣୁ ଟିକିଏ ବିଳମ୍ବ ହେବ । ଆପଣ କିଛି ମନେ କରିବେ ନାହିଁ । ବହିଟି ସର୍ବାଙ୍ଗସୁନ୍ଦର କରିବାକୁ ହେଲେ ତାଙ୍କର ବିଭିନ୍ନ ସମୟର ଫଟୋ ଦରକାର ପଡ଼ୁଛି । ଆପଣଙ୍କ ପାଖରେ ଯଦି ଆଉ କିଛି କେଉଁଠି ଥିବାର ଯଦି ଆପଣ ଜାଣିଥାନ୍ତି ଅନୁଗ୍ରହ କରି ଜଣାଇବେ ।

ଆପଣଙ୍କୁ ଆଉ ଗୋଟିଏ ଅନୁରୋଧ । 'ଟୁଆଁ ଟୁଇଁ' ବୋଲି ଏକ ଶିଶୁସାହିତ୍ୟ ପତ୍ରିକା ମୁଁ ପ୍ରକାଶ କରୁଛି । ତହିଁରୁ ପ୍ରଥମ ସଂଖ୍ୟା ଆପଣଙ୍କ ପାଖକୁ ପଠାଗଲା । ଓଡ଼ିଶାର ଶିଶୁସାହିତ୍ୟଲେଖକଙ୍କ ଭିତରେ ଆପଣ ଯେ ଜଣେ ଏଥିରେ ସନ୍ଦେହ ନାହିଁ । ତେଣୁ ଆପଣଙ୍କର ସାହାଯ୍ୟସହାନୁଭୂତି ଏଥିଲାଗି ଜରୁର୍ ଦରକାର ମନେ କରେ । ଗଦ୍ୟ ହେଉ ବା ପଦ୍ୟ ହେଉ, ପୃଷ୍ଠାଏ ବା ଦେଢ଼ପୃଷ୍ଠା ଭିତରେ ରହିଲା ଭଳି ଲେଖା ଆପଣଙ୍କଠାରୁ ଆଶା କରେ । ଗଦ୍ୟ ଅପେକ୍ଷା ପଦ୍ୟ ଟିକିଏ ଶ୍ରେଷ୍ଠ ହେଲେ ଭଲ ।

ଆପଣ ଓଡ଼ିଶା ବାହାରେ ଏକ ପରିସର ଭିତରେ ରହିଛନ୍ତି । ସେହି ଦୃଷ୍ଟିରୁ ଆପଣଙ୍କୁ ଅନୁରୋଧ କରୁଛି, ଓଡ଼ିଆ ଶିଶୁସାହିତ୍ୟର ପ୍ରକାଶ ପାଇଁ ମୋତେ ସାହାଯ୍ୟ କରିବାକୁ କୁଣ୍ଠାବୋଧ କରିବେ ନାହିଁ । ଯଦି ପାରିବେ, ହରିଜ ଲେଖା ଦେଇପାରିଲେ ଭଲ ।

ଆପଣଙ୍କର
ଗୋଦାବରୀଶ ମହାପାତ୍ର

କଟକ
୨୧।୫।୫୮

ପ୍ରିୟ କୁଞ୍ଜବାବୁ,

ଆପଣ ଗଲାଥରେ ଟୁଆଁ ଟୁଇଁକୁ ଲେଖା ଦେବା ଲାଗି ଅସମର୍ଥତା ଜଣାଇଥିଲେ ମଧ୍ୟ ଲେଖା ପଠାଇବା ପାଇଁ ଅନୁରୋଧ କରୁଛି । କିଛି ମନେ କରିବେ ନାହିଁ ।

Digitized by srujanika@gmail.com

ଶିଶୁମାନଙ୍କ ପାଇଁ ଆପଣ ଲେଖିଥିଲେ, କେତେଦିନ ମାତ୍ର ଛୁଟି ଦେଇଛନ୍ତି । କାହିଁକି ଛୁଟି ଦେଇଛନ୍ତି ? ଶିଶୁମାନେ ବୁଝିପାରିଲାଭଳି ଲେଖାଟିଏ ପଠାଇ ପାରିଲେ ମଧ୍ୟ ଚଳିବ । ଏହାକୁ ତାଗିଦ୍ ଦେଉଛି ବୋଲି ମନେ କରିବେନାହିଁ । ଆପଣ ଯେପରି ଇଚ୍ଛା କରିବେ ସେପରି ଲେଖିବେ । କାରଣ, ସାହିତ୍ୟିକମାନଙ୍କୁ ପାଠ୍ୟପୁସ୍ତକ କେବଳ ବନ୍ଧ ଦେଇ ଲେଖାଯାଇ ପାରେ । ଆଶାକରେ, ଲେଖା ସହିତ ଉତ୍ତର ପାଇବି । ପଞ୍ଚମ ସଂଖ୍ୟା ୧୨।୧ରେ ବାହାରିଲେ ଗାଁ ଠିକଣାରେ ପଠାଇବି ।

ଇତି
ଆପଣଙ୍କର
ଗୋଦାବରୀଶ ମହାପାତ୍ର

(ସାଧାରଣ ସଂସାରଜ୍ଞାନସମ୍ବନ୍ଧୀୟ ଏକମାତ୍ର ମାସିକ ପତ୍ରିକା)

୨୧।୩।୧୯୬୩

ପ୍ରିୟ କୃଷ୍ଣବାବୁ,

ଆପଣ ମୋ 'ସଂସାର' ବିଷୟ କିଛି ଜାଣିନାହାନ୍ତି—କାରଣ ମୁଁ ସେ ବିଷୟରେ ଏ ପର୍ଯ୍ୟନ୍ତ କିଛି ଆପଣଙ୍କୁ ଜଣାଇନାହିଁ--ଆପଣଙ୍କୁ କାହିଁକି କୌଣସି ବିଶିଷ୍ଟ ସାହିତ୍ୟିକଙ୍କୁ ବି ଜଣାଇନାହିଁ—ଦୁଇଟି କାରଣ । ଓଡ଼ିଶାରେ ପତ୍ରିକାର ଯାହା ଅବସ୍ଥା ଇତିହାସ କହୁଛି, ଏ ନୂଆ ପତ୍ରିକାଟି କେତେଦିନ ବଞ୍ଚିବ କି ନାହିଁ ମନରେ ଭରସା ନ ଥିଲା ଦ୍ୱିତୀୟତଃ ଏହା ଖାଣ୍ଟି ସାହିତ୍ୟପତ୍ରିକା ନୁହେଁ—ଏଇସବୁ ଭାବି 'ଚୋରର ମାଆ ଯଦି କାନ୍ଦେ ଦୁଆର ଦେଇ କାନ୍ଦେ'—ଚୁପ୍ ଥିଲି । ବର୍ତ୍ତମାନ ଦେଖୁଛି, ପତ୍ରିକାଟିକୁ ପାଠକମାନେ ଆଦର କରୁଛନ୍ତି—ଦେଢ଼ବର୍ଷ ଭିତରେ ଦେଢ଼ ହଜାର ପର୍ଯ୍ୟନ୍ତ କଟିଲାଣି । ଅବଶ୍ୟ ତା ପାଇଁ ସେ ବୁଝିଛି—ମୋ ଅଳ୍ପ କୌଣସି ପ୍ରଚେଷ୍ଟା ନାହିଁ ।

ଏତେ ଦିନେ ଭରସା ଦମ୍ଭରେ ପରିଣତ ହେବାରୁ ଆପଣଙ୍କୁ ଲେଖିଥିଲି—ପତ୍ରିକା ମଧ୍ୟ ପଠାଉଛି - ଦେଖିବେ । ମୂଲ୍ୟବାନ୍ ସମୟ ଦେଇ କିଛି ଉପଯୋଗୀ ଲେଖା ବା କବିତା ପଠାଇଲେ ସୁଖୀ ହେବି । 'ସଂସାର'ର ସାହିତ୍ୟବିଭାଗ ସ୍ୱତନ୍ତ୍ର କରି ବଢ଼ାଇବାର ଇଚ୍ଛା ଅଛି ।

ଆପଣଙ୍କର
ରାମକୃଷ୍ଣ ନନ୍ଦ

Digitized by srujanika@gmail.com

ସଂସାର ପ୍ରେସ୍,
ତେଲେଙ୍ଗାବଜାର,
୩।୩।୭୮

ସମ୍ମାନାସ୍ପଦ ଡକ୍ଟର ଦାଶ,

କେନାଲ ବର୍ଷରେ ସେଦିନ ଆପଣଙ୍କ ସଙ୍ଗେ ଯାହା ଦେଖା ହୋଇଥିଲା, ସେତିକି । କଟକରେ ଥିଲେ ମଝିରେ ଅବା ଦେଖାସାକ୍ଷାତର ସୁଯୋଗ ମିଳୁଥାନ୍ତା । ଆଜି କେତେ ଜଣ ଭଦ୍ରବ୍ୟକ୍ତିଙ୍କ ସଙ୍ଗେ 'ମୋ ଜୀବନତରଙ୍ଗ' (ଆତ୍ମଜୀବନୀ) ବିଷୟ ଆଲୋଚନାବେଳେ ଆପଣଙ୍କ ପ୍ରେରଣା ଓ ପ୍ରବର୍ତ୍ତନା ଉପର ତାହାକୁ ଜନ୍ମ ଦେଇ ପ୍ରକାଶ କରିବାରୁ ଫକୀରାନନ୍ଦ କହିଲେ, 'କୃଷ୍ଣବାବୁ ତାହାକୁ ଛୁଡ଼ନ୍ତି ନାହିଁ ।' ତାଙ୍କ ଉକ୍ତିର ସତ୍ୟତା ମୁଁ ତ ଉପଲବ୍ଧ କରିଛି ଏବଂ ବହିର ଭୂମିକାରେ ସୂଚାଇଛି ବୋଲି କହିଲି ।

ଉତ୍କଳସାହିତ୍ୟସମାଜ ବର୍ତ୍ତମାନ ପାଇଁ ଅନ୍ତତଃ ଆପଣଙ୍କ ଅଭାବ ଅନୁଭବ କରୁଛି । ମୁଁ ଅବଶ୍ୟ ଏବେ ସାହିତ୍ୟଆଲୋଚନା ସଭାମାନଙ୍କୁ ଯାଇପାରୁ ନାହିଁ । ଶ୍ୱାସ ମୋତେ କ୍ରମେ ଜାବୁଡ଼ି ଧରୁଛି ।

ଗୁଣମୁଗ୍ଧ
ରାମକୃଷ୍ଣ ନନ୍ଦ

ଶ୍ରୀ ବିନୋଦଚନ୍ଦ୍ର ନାୟକ

୨୩।୧।୧୯୭୧
ସୁନ୍ଦରଗଡ଼

ମାନନୀୟ ଡକ୍ଟର ଦାଶ,

ପ୍ରଣାମାନ୍ତର ନିବେଦନ ଏମନ୍ତ ଯେ ଆପଣଙ୍କ ୧୮।୧।୭୧ର ପତ୍ର ସୁନ୍ଦରଗଡ଼ କଲେଜ ଅଧ୍ୟକ୍ଷଙ୍କର ହସ୍ତଗତ ହୋଇଛି । ତାଙ୍କର ନିର୍ଦ୍ଦେଶ କ୍ରମେ ମୁଁ ବର୍ତ୍ତମାନ ଇଉନିଅନର ଆଡ୍‌ଭାଇଜର ଥିବାରୁ ଏ ପତ୍ରଖଣ୍ଡିକ ଲେଖୁଛି ।

ଦ୍ରୋଣଙ୍କର ଦ୍ରୋଣତ୍ୱ ମୋଠାରେ ଅବଶ୍ୟ ନାହିଁ । କିନ୍ତୁ ତାଙ୍କର ଭିକ୍ଷାଝୁଲି ନେଇ ସେ ଯେପରି ଦ୍ରୁପଦଙ୍କର ବନ୍ଧୁତ୍ୱ ଦାବୀ କରିଥିଲେ, ମୁଁ ସେହିପରି ଆପଣଙ୍କର ବନ୍ଧୁ ବୋଲି ଦାବୀ କରୁଛି -ଅର୍ଥାତ୍ ମୁଁ ଆପଣଙ୍କର ସେହି ବନ୍ଧୁ, ଯାହାର ହାତରେ ଆପଣ କଲିକତା ଗଲାବେଳେ ଟିଉସନ୍‌ସବୁ ଛାଡ଼ି ଦେଇ ଯାଇଥିଲେ ଗ୍ରାସାଚ୍ଛାଦନ ପାଇଁ, ସେହି ବନ୍ଧୁ ବିନୋଦ ନାୟକ । ବନ୍ଧୁଦର୍ଶନର ସୌଭାଗ୍ୟ—ସୁଦାମାର

Digitized by srujanika@gmail.com

କୃଷ୍ଣଦର୍ଶନର ସୌଭାଗ୍ୟ ନେଇ ଏ ଜନ୍ମାନ୍ତର ପାଇଁ ମୁଁ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲି—ସେ ଦାୟିତ୍ୱ ମୋର । ଆପଣଙ୍କ ପାଇଁ ପାଥେୟ ଖୁଦ୍ରମୂର୍ତ୍ତିଏ ମାତ୍ର ଦେବି । ଦକ୍ଷିଣା ପାଇଁ ଅର୍ଥ ନାହିଁ । ଦର୍ଶନ ମିଳିବ ?

ଅ-ସ୍ଥିର ବନ୍ଧୁ

୬।୧।୭୧
ସୁନ୍ଦରଗଡ଼ କଲେଜ

ଶ୍ରଦ୍ଧେୟ ଡକ୍ଟର ଦାଶ,

'ଜନ୍ମନାହୁ ପଦଟିଏ କଥା' କବିତାଟି ପଢ଼ିଥିଲି । କିନ୍ତୁ 'ଏଇ ରୂପ ତଳେ ଧାତା ଦେଇଥିବ ସୌନ୍ଦର୍ଯ୍ୟଶୀଳ ମନ'ର ପରିଚୟ ପାଇ ନ ଥିଲି । ଆପଣଙ୍କ ଅତିଥି ହୋଇ ଉକ୍ତ କବିତାର ସୌନ୍ଦର୍ଯ୍ୟଶୀଳ ପ୍ରତିମାର ପରିଚୟ ମୁଁ ପାଇଲି । ମୁଁ ଜାଣିପାରିଲି ଆପଣଙ୍କ ଉକ୍ତି –'ହୃଦ ଯାହା ସଖୀ ପ୍ରିୟା ମୋ ଅନ୍ତରେ ହୋଇଛନ୍ତି କବିତା' କେତେ ନିଘଞ୍ଚ ସତ୍ୟ ।

ପ୍ରିୟଦର୍ଶୀଙ୍କ ପ୍ରିୟ ଦର୍ଶନ ଏକ ସୁଯୋଗ ବୋଲି ମୁଁ ଗଣିନେଲି । ମୋର ହୃଦୟ ମଧ୍ୟ ପିତୃତ୍ୱର ଗୌରବରେ ଫୁଲି ଉଠିଲା । ଆପଣଙ୍କ କାବ୍ୟକବିତା ପରି ମହାନ୍ ଆପଣଙ୍କ ପରିବାର ।

କେବେ ଆପଣମାନଙ୍କୁ ଅତିଥି ରୂପେ ପାଇଲେ ନିଜକୁ ଧନ୍ୟ ମନେ କରିବି । ପ୍ରଣାମାନ୍ତର ।

ଝାରସୁଗୁଡା
୨୬।୮।୧୯୭୫

ସୁହୃଦ୍‌ବରେଷୁ,

ଆପଣଙ୍କୁ ଦେଖିଲେ ହଠାତ୍ ମୋର ଗୋଟିଏ କବିତାର ପଂକ୍ତି ମନେ ପଡ଼େ—

ବଟ ବୃକ୍ଷ ମହୀରୁହ ଅନେକ ତା ଗୁଣ
ତାହାର ସହସ୍ର ଶାଖା ଘନଗୁଳ୍ମ ପୁଣ ।

ସେମିତି ଗୋଟିଏ ପ୍ରଶାନ୍ତମୟ ଭାଗବତଗାଦି ଆପଣ । ମଝି ମଝିରେ ତ ଦେଖାହୁଏ––କେବେ ସବୁ ଯାତାପଥଯାକରେ ଏମିତି ଏମିତି ଥରେ ଟରେ ଗୋଟାଏ ଗୋଟାଏ ପାନ୍ଥଶାଳାରେ ଦେଖା ମିଳୁଥିବ ନିଶ୍ଚୟ ।

Digitized by srujanika@gmail.com

'କ୍ଷୁଦ୍ରକୀଟ ହୋଇ ଅଳ୍ପ ଅଳ୍ପ କରି ରଚାଇ ବଲ୍ମୀକ ଘର' ପରି ଆପଣ ବିଦ୍ୟା, ଯଶ ଓ ଶାନ୍ତିର ନିକେତନ ତ ଗଢ଼ିଗଲେ, ମୁଁ କିନ୍ତୁ ଛନ୍ନବାଧା ଏକ ପଲାତକ ମଧ୍ୟାହ୍ନର ପ୍ରାନ୍ତରରେ ନିଷ୍ଫଳ ବେଣୁ ବଜାଇଛି—ଆଖ୍ୟାୟିକାର ଝିଣ୍ଟିକା ପରି । — ମତେ ଟିକିଏ ସାହାଯ୍ୟ କରିଦେ ବର୍ଷା ଆଗରୁ ।

ଅଥଚ ପୁଅ ତ କଲେକ୍ଟର୍—ଆପଣଙ୍କର ସଫଳତାର ପ୍ରତୀକ, ଶ୍ରୀମତୀ ଦାସ ତ ଆପଣଙ୍କ ଅମର କାବ୍ୟର ପ୍ରେମସ୍ୱରୂପା, ସୁତରାଂ କାହାର ବା ଶୁଭକାମନା ଝରିବ ? ତଥାପି ଶୁଭମସ୍ତୁ ।

ଅଧ୍ୟକ୍ଷ
ଲକ୍ଷ୍ମୀନାରାୟଣ କଲେଜ,
ଝାରସୁଗୁଡ଼ା
୧୦।୧୧।୬୭

ଆପଣଙ୍କ ପତ୍ରର ଉତ୍ତର ଗୋଟାଏ ମାସ ପରେ ଦେଉଛି । କ୍ଷମା କ'ଣ ମାଗିବି ? ଆପଣ ଆଜିକାଲି ଯଦି ଅଧ୍ୟକ୍ଷ ହୋଇ ଆସନ୍ତେ !!

ଆପଣଙ୍କ କାହାଣୀ ବହୁ ଆଗରୁ ତ ସବୁ ପ୍ରାୟ ଜାଣିଛି—ଅର୍ଥାତ୍ ମଣିଷ କେମିତି ମାଟିରୁ ସୁନା ପ୍ରତିମା ପାଲଟି ପୂଜା ପାଏ ! ହେଉ, ଫଟୋଗ୍ରାଫ୍ ଗୋଟେ କରିଛନ୍ତି । ଆଉ ଥରେ ବାସନା ହେଉଛି, ପଛକୁ ଅନଇବାକୁ । ୫ଖଣ୍ଡ କପି ଦକ୍ଷିଣା-ବିଲ୍ ସହ ପଠାଇ ଦିଅନ୍ତୁ ।

ବହୁ ଆଶୀର୍ବାଦ, ସହାନୁଭୂତି, ସାହାଯ୍ୟ (ଟ୍ୟୁସନରେ ବି) ବ୍ୟକ୍ତିଗତ ଜୀବନ ଓ ସାହିତ୍ୟଜୀବନରେ ମଘା ନକ୍ଷତ୍ରର ମେଘ ପରି ବର୍ଷା ତ କରିଛନ୍ତି । ସାହିତ୍ୟିକର ଅଭିମାନ ନେଇ ମୋ ସହିତ ଗୋଟାଏ ଥର ମଧ୍ୟ ଔଚିତ୍ୟ ନ ଦେଖାଇ ଉଦାରଭାବରେ ଅଂଶୁଘଁ ଖଜୁରିଗଛ ନଇଁପଡ଼ିଛନ୍ତି ବରଂ । ଆଉ ଥରେ ସ୍ୱପ୍ନେ ଯେ ସାହିତ୍ୟିକର ସଭାସମିତିରେ ଯାଇ ଜବ୍ଦ ହେବ । ବୃଦ୍ଧଆଡ଼ ସ୍ୱବସ୍ୱରାଜ୍ୟରେ ଦାରିଦ୍ର୍ୟ ଓ ଅହମିକାର ଉତ୍ସବ । ଗାୟକ ହେବାର ଆକାଂକ୍ଷା ତ ନାହିଁ । ପାଳି ଧରିବା ପାଇଁ ଶ୍ରଦ୍ଧା ବି ନାହିଁ । ତେଣୁ ଅଜ୍ଞାତବାସ ପାଇଁ ଶମୀ ଶାଖାରେ ପାଶୁପତ ରଖିଦେବାର ଯୋଗାଡ଼ ହିଁ ଶ୍ରେୟ ।

Digitized by srujanika@gmail.com

ଆପଣ ତ ଓଡ଼ିଆସାହିତ୍ୟର ଦିକ୍‌ପାଳ—ଗୋଡ଼ନାୟକଙ୍କ ପରି ବନ୍ଧୁ, ପ୍ରିୟଦର୍ଶୀ ପରି ପୁଅ, କଟକ ପରି ସ୍ଥାନରେ ହର୍ମ୍ୟବାସ—ଇଚ୍ଛା ହେଉଛି ଘଟ ପରିବର୍ତ୍ତନ ପାଇଁ ! ଆପଣ ବି ଏ ପରେ ଆପଣଙ୍କ ପନ୍ଥା ଅନୁସରଣ ପାଇଁ ଅଭ୍ୟର୍ଥନା ଜଣାଇଥିଲେ,—ଶିବ କହିଲେ ପାଙ୍ଗା—ଏ ଲୋକଟି କର୍ମକୁଣ୍ଠୀ । ହେଉ, ରହିଲା । ଶ୍ରୀମତୀ ଦାସଙ୍କୁ ପ୍ରଣାମ, ଆପଣଙ୍କୁ ବି ।

ବିନମ୍ରାବନତ

ବିନୋଦ

୧୪।୧।୬୧

କୋପେନ୍‌ହେଗେନ୍

ପ୍ରିୟ କୃଷ୍ଣବାବୁ,

ଠିକ୍ ବରଷକ ପୂର୍ବରୁ ଅର୍ଥାତ୍ ସେପଟେମ୍ବର ୧୩ ତାରିଖ ସନ୍ଧ୍ୟାରେ ଆମଣଙ୍କ ଘରେ ଆମର ଭୋଜି ହୋଇଥିଲା, ସେଦିନ ଖାଇବାକୁ ଦେଇ ଆଶ୍ରମର ସବୁ ଓଡ଼ିଆ ଭାଇଭଉଣୀ ମିଶି ମୋତେ ବିଦାୟ ଦେଇଥିଲେ । ବରଷକ ଭିତରେ କେତେ ହିଡ଼ ଡେଇଁଲେଣି ସମୟ । ତଥାପି ସବୁ ମଜା କାଲିକା ମଜା ପରି ଲାଗୁଛି । ଦର୍ଶନରୁ ଯେତେ ମୁକ୍ତ ଛାଡ଼ି ବସିଲେ ମଧ୍ୟ ମୁଁ ଏ ପର୍ଯ୍ୟନ୍ତ ଈଶ୍ୱରୀୟ ଗୁଣର ନୈର୍ବ୍ୟକ୍ତିକ ରୂପକୁ ଚହ୍ନିପାରିଲି ନାହିଁ । ସଂସାରରେ ଯେଉଁଠି ଯେତେ ସ୍ନେହଶ୍ରଦ୍ଧା ପାଇଛୁ, ଆପଣାର ସ୍ୱାର୍ଥ ଭୁଲିଛି, ସବୁଠିଁ କେବଳ ବ୍ୟକ୍ତିଠାରୁ ହିଁ ଶ୍ରଦ୍ଧା ପାଇଛି । ବ୍ୟକ୍ତି ଉଦ୍ଦେଶ୍ୟରେ ଆପଣାର ସବୁ ଭୁଲିଛି । ତେଣୁ ତରଳ abstract ଗୁଣମାନଙ୍କ ଅପେକ୍ଷା ଜୀବନରେ ଭେଟିଥିବା ବନ୍ଧୁ, ଭାଇ ଓ ଶୁଭମନାସ୍କଙ୍କର ଆସନ ମୋ ପାଙ୍କ୍ତିରେ ସବୁଠାରୁ ଉଚ୍ଚରେ । ମଣିଷ ସ୍ୱାର୍ଥମତ ୧୦୦% ଦୋଷଧାରୀ । ମଣିଷ ଛଡ଼ା ମୁଁ କୌଣସି ଗୁଣର ପୂଜା ଏ ପର୍ଯ୍ୟନ୍ତ କରିନାହିଁ । ଆପଣଙ୍କର ମଧ୍ୟ ଠିକ୍ ଆପଣଙ୍କର କେଉଁଡ଼ ଜଳଟ ଭଳି ଆଣିଲା । ବେଳେବେଳେ ଏହିପରି ମନେ ପକାଇ ମୁଁ ଫେରିବାଯାଏ ସମ୍ପର୍କକୁ ସରସ କରି ରଖିଥିବେ ।

ଝଣ୍ଟିପଡ଼ ଶେଷରେ 'ପଞ୍ଚସଖା' ବହି ବାହାରିଲା. ତେଣରେ ଅଧୈର୍ଯ୍ୟ ହୋଇ ମୁଁ ସେ ବହିର ମାୟା ଏକପ୍ରକାର ଛାଡ଼ିଦେଇଥିଲି । 'ମହିମା ଧର୍ମ' ବହି କେବେ କେଉଁ ପ୍ରେସ୍‌କୁ ଯାଇଛି ଥିପଣ ତା'ର ଟିକିଏ ତତ୍ତ୍ୱ ନେବେ । ନ ହେଲେ ଫଳ ଫଳିବାକୁ ୨ବର୍ଷ ଲାଗିବ । ହଁ, ମୋର ସବୁ ଇଂରାଜୀ ପ୍ରବନ୍ଧକୁ ମିଶାଇ ବହି ଆକାରରେ ବାହାର କରିବେ ବୋଲି ବାଗ୍‌ଚୀ ମହାଶୟ ଲେଖିଥିଲେ, ସେ ବିଷୟରେ କିଛି ଜାଣିଥିଲେ ଲେଖିବେ । ଗ୍ରାମପଞ୍ଚାୟତର ଆଲୋଚନା ଆପଣଙ୍କର

Digitized by srujanika@gmail.com

କେତେ ଦୂର ଆଗେଇଛି ? ଏଇଥର ଫିନ୍‌ଲଣ୍ଡରେ ଗ୍ରାମଗୀତର କଣ୍ଡମତ ଦେଖି ଆସିଲି । ସଭ୍ୟ ଜଗତରେ ବୋଧହୁଏ କେବଳ ସେଇ ଦେଶରେ ଜନସଙ୍ଗୀତ ଏ ପର୍ଯ୍ୟନ୍ତ ଜନମୁଖରେ ଜୀବନ୍ତ ହୋଇ ରହିଛି । ନ ହେଲେ ଅନ୍ୟାନ୍ୟ ଦେଶରେ କ୍ରମେ ତାହା ଅଳ୍ପ କେତେକ ମିଉଜିଅମ୍‌ର ସଂଗୃହୀତ ନଥି ହୋଇ ରହିଲାଣି । ମୋ ସ୍ଥାନରେ କିଏ ଆସିଛନ୍ତି ଓ କେଉଁ ବିଷୟରେ ଚର୍ଚ୍ଚା କରୁଛନ୍ତି, ଏ ପର୍ଯ୍ୟନ୍ତ ମୁଁ କିଛି ଜାଣିନାହିଁ ।

ଦେଶକୁ ଯାଇ ଓଡ଼ିଆର ନାଁ ବଢ଼ାଇବ ବୋଲି ଆପଣ ଲେଖିଛନ୍ତି । ସତରେ କହୁଛି, ଆପଣଙ୍କୁ ଓଡ଼ିଆ ବୋଲି କହିବାକୁ ମନେ ଲାଜ ଲାଗେ । ଆମର ଗାଆଁ ଯେଉଁ ସାମାଜିକ ସ୍ତରର ଓଡ଼ିଆଙ୍କୁ ମୁଁ ଦେଖିଛି, ଏ ପର୍ଯ୍ୟନ୍ତ ତାଙ୍କ ସହିତ ମଧ୍ୟ ଏକମନ ହୋଇପାରି ନାହିଁ । କଲିକତା, କାଳିମାଟିରେ ରହୁଥିବା ଓଡ଼ିଆ ଶ୍ରମିକ କଥା ଛାଡ଼ି ଦିଅନ୍ତୁ । ଜାତୀୟ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ଚର୍ଚ୍ଚା କଲାବେଳେ ଯେତେ ଆପଣଙ୍କୁ ଓଡ଼ିଶାର representative ବୋଲି ଗର୍ବ କରି କହୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମୁଁ ପ୍ରାୟ ୧୦ ସିଡ଼ି ଉପରେ ଉଠିଛି ।

ଜଣେ କାୟ, ମନ ଓ କାମରେ ଓଡ଼ିଆ ହୋଇ ପାରିଥିଲେ; ସେ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ । ଆପଣ କହନ୍ତୁ, ଜାତି ବୋଲି ଗର୍ବ କରିବାକୁ ଆମେ କ'ଣ ତିଆରି କରି ପାରିଛେ ? ଶୋଷକଶୋଷର ଅର୍ଥନୀତି କଥା ଛାଡ଼ିଦିଅନ୍ତୁ । ସାହିତ୍ୟ, ସମାଜ ଓ ସଂସ୍କୃତିକୁ ସଚେତ କରି ତିଆରି କରିବାକୁ କେତେ ଜଣ ବାହାରିଛନ୍ତି ଏକମନ, ଏକଦୃଷ୍ଟି ନେଇ ? ଏସବୁ ଲାଗି କଣିକାଏ ଶ୍ରମ ନ କରି ପର୍ଯ୍ୟନ୍ତ ଗୋଟାଏ ପ୍ରକାର Romantic ଆବେଗରେ ନିଜକୁ ଓଡ଼ିଆ ବୋଲି କହିବାରେ କି ଲାଭ ? ଏଇ ବୃଥା ଆବେଗ ହିଁ ସାରାସରିଟାକୁ ଆଜି ବିନଷ୍ଟ କରିବାକୁ ଯାଉଛି । ମନ ଭିତରେ କେତେ କଳ୍ପନା ଖେଳୁଛି, ଏଠି ଟେହ୍ଲା ପୁଅ ପରି ଭଲ ଖାଇ ଭଲ ପିନ୍ଧିଲାବେଳେ କ୍ରୁଦ୍ଧ ପରି ଗୋଟାଏ ପ୍ରତିଜ୍ଞା ନେବାକୁ ଖାଲି ଜିଦ୍ ଆସୁଛି ।

ଓଡ଼ିଆରେ ଗୋଟାଏ ଜାଗାରୁ ଆମେ ସାହିତ୍ୟ, ଶିକ୍ଷା, ଅର୍ଥନୀତି ଓ ରାଜନୀତିର ନେତୃତ୍ୱ ଦେଇପାରିବା, ଏହିପରି ଗୋଟିଏ ଜାଗାର ସ୍ୱପ୍ନ ମୁଁ ନିତି ଦେଖୁଛି । ସେଥିପାଇଁ ସବୁ କ୍ଷେତ୍ରରେ ଟାଣୁଆ ଟୋକା ମନ ନେଇ ବାହାରି ପାରିବା ଲୋକ ଦରକାର, ଯେଉଁମାନେ ବିନା ନାମରେ, ବିନା ଲାଭରେ ୨୦ ବର୍ଷ ଖଟିବାକୁ ଆପଣଙ୍କୁ ଦେଇ ପାରିବେ । କିନ୍ତୁ ଏହିପରି ଗୋଟାଏ ଦମ୍ଭପୂର୍ଣ୍ଣ ଉଦ୍ୟମ ନ ହେଲେ ଆମେ କେବେ ବଞ୍ଚି ରହି ପାରିବା ନାହିଁ । ଲୁଲ୍ ବାଟରେ ଆପଣାର

Digitized by srujanika@gmail.com

ଶବ୍ଦ ପ୍ରୟୋଗରେ ପାଶ୍ଚାତ୍ୟଜଗତ ଆଜି ମରିବାକୁ ଯାଉଚି । ଆମର ଶବ୍ଦକୁ ମୋଟେ ପ୍ରୟୋଗ ନ କରି ଆମେ ମଧ୍ୟ ତା'ର ପଛେ ପଛେ ମରିଯିବା ।

ପୁଅ କିପରି ଅଛୁ, କେତେ କଥା କହି ଶିଖିଲଣି ?

ସ୍ନେହାବନତ
ଚିତ୍ତ (ଚିତ୍ତରଞ୍ଜନ ଦାସ)

ସଚ୍ଚିଦାନନ୍ଦ ରାଉତରାୟ

'ଦିଗନ୍ତ' ଅଫିସ
ମେଣ୍ଢିଆ ବଜାର
କଟକ-୧
ଜୁନ୍ ୨, ୧୯୬୮

ଶ୍ରଦ୍ଧାସ୍ପଦେଷୁ,

ମୁଁ ଓଡ଼ିଶାସାହିତ୍ୟଏକାଡ଼େମୀ ପକ୍ଷରୁ ଉତ୍କଳବିଶ୍ୱବିଦ୍ୟାଳୟ ସିନେଟ ନିର୍ବାଚନକୁ ଜଣେ ପ୍ରାର୍ଥୀ ଅଛି । ଆପଣଙ୍କର ଯଦି ହୃଦ୍‌ବୋଧ ହୁଏ ଯେ, ମୁଁ ସର୍ବସ୍ୱଭାବରେ,—ଖାଲି ସର୍ବସ୍ୱଭାବରେ ନୁହେଁ, ଏକପ୍ରକାର ସର୍ବସ୍ୱାନ୍ତ ହୋଇ ମଧ୍ୟ ଓଡ଼ିଆସାହିତ୍ୟ ଓ ସଂସ୍କୃତି ପାଇଁ କିଛି କାମ କରୁଚି, ତେବେ ଆପଣଙ୍କ ଭୋଟଟି ମୋତେ ଦେବାକୁ ବିନୀତ ଅନୁରୋଧ ।

ମୁଁ ଜଣେ armchair ସାହିତ୍ୟିକ ନୁହେଁ କିମ୍ବା ବହୁ ବର୍ଷ ତଳର ବିଗତ ପୁଞ୍ଜିକୁ ସମ୍ବଳ କରି ମୁଁ ସାହିତ୍ୟକ୍ଷେତ୍ରକୁ ଯାବୁଡ଼ି ଧରି ପଡ଼ି ରହିନାହିଁ, ଜଣେ ସାମାନ୍ୟତମ ଅଥଚ ସଚେତନ ସାହିତ୍ୟକର୍ମୀ ହିସାବରେ ମୁଁ ଆପଣଙ୍କର ସହୃଦୟ ସମର୍ଥନ ଓ ସହଯୋଗ ଭିକ୍ଷା କରୁଛି । ନମସ୍କାରାନ୍ତେ

କଟକ-୧
୨ । ୫ । ୭୧

ପ୍ରିୟ କୃଷ୍ଣବାବୁ,

× × ×

ଯେଉଁମାନେ ପଇସାଟିଏ ଘରୁ ଖରଚ ନ କରି 'ଓଡ଼ିଶା', 'ଓଡ଼ିଶାର ସଂସ୍କୃତି' ବୋଲି ପାଟି କରନ୍ତି, ସେମାନଙ୍କ ପକ୍ଷରେ କି କଷ୍ଟରେ 'ଦିଗନ୍ତ' ଅନୁଷ୍ଠାନ ଗଢ଼ା ଯାଇଚି ବୁଝିବା କଷ୍ଟ । ମୁଁ କିଛି ନିଜ ପାଇଁ ସାହାଯ୍ୟ ମାଗି ନ ଥିଲି ।

Digitized by srujanika@gmail.com

ସେ ଯାହାହେଉ, ସେ ତ ୨ ବର୍ଷ ତଳର କଥା । ସେ କଥା ଆଜି ୧୯୭୯ରେ ଉଠୁଚ କାହିଁକି ? ସରକାରଙ୍କ ସାହାଯ୍ୟ ମିଳିଥିଲେ ମୁଁ ଅବଶ୍ୟ ଉତ୍କଳ ଅନୁଷ୍ଠାନ ତରଫରୁ ସରକାରଙ୍କୁ ନିଶ୍ଚୟ ଧନ୍ୟବାଦ ଦେଇଥାନ୍ତି ଏବଂ ଖବରକାଗଜରେ ମଧ୍ୟ କୃତଜ୍ଞତା ଜଣାଇଥାନ୍ତି । ମାତ୍ର ତାଙ୍କ ଅନ୍ୟାୟ କାର୍ଯ୍ୟକୁ ପ୍ରତିରୋଧ କରିବାର ଅଧିକାର କଦାପି ଗ୍ରହଣ ନ ଥାନ୍ତି, ଏ କଥା ଦେଶବାସୀ ଜାଣନ୍ତି । ସରକାର ଓ ପ୍ରତିଷ୍ଠାନ ଅନୁଷ୍ଠାନ କେନ୍ଦ୍ର ସାହିତ୍ୟଏକାଡେମୀ ପ୍ରଭୃତି ମୋତେ ବହୁତ ସମ୍ମାନ, ଉପାଧି ଓ ପୁରସ୍କାରରେ ଅଯାଚିତ ଭାବେ ଭୂଷିତ କରିଛନ୍ତି, ମାତ୍ର ମୋର ସ୍ୱର ବନ୍ଦ ହୋଇନାହିଁ । କେତେକ ସରକାରଙ୍କ ଖୋସାମୋଦକାରୀ ମଧ୍ୟ ତାହା ବନ୍ଦ କରି ପାରିବେନାହିଁ ।

ବି. ଦ୍ର.

ସରକାର ଘଅ ଭିତରେ ଯେ କେତେ ସୁକାର୍ଯ୍ୟ ଓ କୁକାର୍ଯ୍ୟରେ ଅର୍ଥ ସାହାଯ୍ୟ ନ କରିଛନ୍ତି ତାହା ନୁହେଁ । ଢେଙ୍କାନାଳ ରାଜାଙ୍କ ମୂର୍ତ୍ତି ପ୍ରତିଷ୍ଠା ତହିଁର ଏକ ଜ୍ୱଳନ୍ତ ନିଦର୍ଶନ । ଆପଣ ମଧ୍ୟ କଣ ଷୋଳ ହଜାର ନା ଛଅ ହଜାର ଟଙ୍କା ମାଗିଥିଲେ, ସେଦିନ Seminar ଦେଲେ କହୁଥିଲେ ଏବଂ ନ ଦେବାରୁ ଦୁଃଖ କରୁଥିଲେ । ସ. ସ୍ୱ.

ଫକୀରମୋହନ

୧୯।୮।୭୮
କଟକ

କୃଷ୍ଣବାବୁ ଅଛନ୍ତି ? ଅଛନ୍ତି ?

କୃଷ୍ଣବାବୁ ଅଛନ୍ତି, ଅଛନ୍ତି? ପ୍ରେମଲତା ଦେବୀ ଅଛନ୍ତି, ଅଛନ୍ତି ? ଆରେ ହଁ ଅଛନ୍ତି ତ ! ନମସ୍କାର, ନମସ୍କାର, ନମସ୍କାର, ନମସ୍କାର । ଦୁଇଦୁଇଟା ଦୁଇଜଣ ବାଣ୍ଟି ନେବେ । ପ୍ରେମଲତା ଦେବୀ ମନେ ମନେ ଭାବ ଦେବେ ଯେ ଶ୍ୟାମନାଗ ସନ୍ଦେଶରୁ ଗୋଟିଏ ଭଗ୍ନ ପ୍ଲେଟ୍ ମୋ ହାତକୁ ବଢ଼ାଇ ଦେଇଛନ୍ତି । ଆଉ ମୁଁ ମନେ ମନେ ଏଠି ଟପାଟପ୍ ଗପାଗପ୍ ପାଟିରେ ପକାଇ ଦେବି । ଏଇଟା ତ ଅସମ୍ଭବ କଥା ନୁହେଁ । ଆମେ ଏଠି ପୃଥିବୀର ଶ୍ରାଦ୍ଧ ବେଳେ ପତ୍ରରେ ଭଲ ଖାଦ୍ୟ ବାଢ଼ି ଦେଉ । ଲକ୍ଷ ଲକ୍ଷ କ କୋଟି କୋଟି ମାଇଲ ଦୂର କେଉଁ ଅଜଣା ରାଜ୍ୟରେ ବସି ଆମ ବାପା, ଜେଜେବାପା, ବୋଉ, ମାମାନେ କ'ଣ ପୁଣି ଖାଆନ୍ତି ? ମାତ୍ର ୬୦୦ ମାଇଲ ଦୂରରେ ଥାଇ ଏପରି ଦିଆ ଓ ଖିଆ

ନ ହେବ ଜାହିଁକ ? ଅଲବତ୍ ହବ । ଆପଣମାନେ ତାଙ୍କ ସନ୍ଦେଶ ଶିଙ୍ଗୋଡ଼ ପାଇଁ ପଚ୍ଛେଇବେ ସେଥିଲାଗି ମୁଁ ଆଗରୁ ପରୀକ୍ଷା କରାଇ ଦେଉଛି, ମୋର ଡାଇବେଟିସ୍ ନାହିଁ । ମାନେ ହୋଇ ନ ଥିଲା । କେଣ୍ଟୁ ମିଠା ଦ୍ରବ୍ୟ ବା ସନ୍ଦେଶ ଖୋଇବାରେ କୌଣସି ପ୍ରକାର ବାଧା ନାହିଁ । ଏହା କେବଳ ମୋର ମତ ନୁହେଁ, ପୃଥିବୀରେ ସବୁ ବଡ଼ ବଡ଼ ଡାକ୍ତରଙ୍କ ମତ । ଏହାସବୁ ଜାଣିବୁ ଆପଣମାନେ ସନ୍ଦେଶ ଶ୍ରାଦ୍ଧ ନିଶ୍ଚିତ ଭାବରେ କରିପାରିବେ । ଆପଣଙ୍କ ପଞ୍ଚଶଣ୍ଡି ଏତେ ସ୍ନେହ ସମ୍ମାନଭୂତରେ ଜର୍ଜରିତ ହୋଇଥିଲି ଯେ ତାକୁ ଚପୁଡ଼ି ପିଇଗଲି । ରାଧାମୋହନ ଗଡ଼ନାୟକ ମୋ ପାଖରେ ବସିଥିଲେ । ସେ ମଧ୍ୟ ଆନନ୍ଦରେ ହୁରୀଦାର ଦେଲେ । ବକଗ୍ର ଦୁଇ ଘଣ୍ଟା କାଳ ଆପଣଙ୍କ ମୁକ୍ତୋକ୍ତିରେ ଦୁହେଁ ମାତିଗଲୁ । ସେ ଗାଉଥାନ୍ତି, ମୁଁ ଖୋଳ ବଜାଉଥାଏ । ଅର୍ଥାତ୍ ଠିକ୍ ଠିକ୍ ବ୍ୟବଧାନରେ 'ହୁଁ-ହୁଁ-ହୁଁ' ମାରୁଥାଏ 'ବୋଲେ ହୁଁ' 'ହିଁ' ପରି । ତାଙ୍କର ଏଠାରେ ଗୋପବନ୍ଧୁ ଭବନରେ ଜନ୍ମଜୟନ୍ତୀ ପାଳିତ ହୋଇଥିଲା ।

ରାଧାନାଥ ରଥ ଓ ତାଙ୍କ କନ୍ୟା ମନୋରମା ମହାପାତ୍ର ବଡ଼ିଆ ବ୍ୟବସ୍ଥା କରିଥିଲେ, ବହୁ ଅଧ୍ୟାପକ ଓ ଲେଖକ ସନ୍ଧ୍ୟାବେଳା ନିକଟରେ ମହୁମାଛିପରି ଭିଡ଼ କଲାପରି ଭିଡ଼ ଜମେଇଥିଲେ, ଲୁଚି, ଜଳହାର ଓ କବିତାରେ ଗଡ଼ନାୟକ ଏକ ପ୍ରକାର ପୋଡ଼ ହୋଇପଡ଼ିଲେ । ମୁଁ ଗ୍ରହଣ କଲି ? ମୁଁ ବି ଗୋଟାଏ କବିତା ପଢ଼େଇଦେଲି । ଖୁବ ହସ ଉଠିଲା ।

ଆପଣ କେଉଁଦିନ ପୁଣି କଟକରେ ପହଞ୍ଚୁଛନ୍ତି ?

ଆପଣ ବୃଦ୍ଧିଙ୍କର ସହାନୁଭୂତ୍ୟାଭିଳାଷୀ ଡାଇବେଟିସ୍‌ବିହୀନ ଫକୁରନନ୍ଦ ।

ମୋର ଏକମାତ୍ର ପତ୍ର

ତା ୮।୮।୭୮
ଚନ୍ଦ୍ରାପୂର୍ଣ୍ଣିମା
ଶାନ୍ତିନିକେତନ

ରାମବାବୁ ଅଛନ୍ତି,

ଭଲ ଅଛନ୍ତି ? ବର୍ଷାର ଶୀତଳ ହାଓ୍ୱାରେ କେତେ ଭଲ ଅଛନ୍ତି ? ହସଖୁସି ଗପ ଲେଖାରେ କେତେ ଭଲ ଅଛନ୍ତି ? ଏକୁଟିଆ ସଂସାରକୁ ସମ୍ଭାଳିବାରେ କେତେ ଭାରୀ ଭଲ ଅଛନ୍ତି ? ଉପର ହାତରୁ ଜାଣିଛୁ, ମନରେ ପଶିଛୁ । ଉପଢ଼ଉପ ହୋଇ ଶୁଣିବାରେ ଗହଗହ ପାଠରେ କହୁଛୁ ହେଲେ ଧୋକା ନାହିଁ ।

Digitized by srujanika@gmail.com

ଗଙ୍ଗା ପୂନେଇର ଇଣ୍ଡ୍ରୁ ଶମାନେ ନିରର୍ଗଳଭାବେ ଖସି ଯାଉଥିବେ । ଗଣ୍ଡୀବନ୍ଧନ ଦୃଢ଼ରୁ ଦୃଢ଼ତର ହେଉଥିବ ଦୂର ଓ ନିକଟ ସହିତ, ସୁନ୍ଦର ଓ ବିକଟ ସହିତ, କଟକଟ ସଙ୍କଟ ଓ ପୃଥିବୀର ଝଟଝଟ ଝପଟ ସହିତ, ଖଟା ଓ ଖଟକା ସହିତ, ଅଟା ଓ ଅଟକାଳି ସହିତ ।

ଆପଣଙ୍କ ସାହିତ୍ୟ କାହା ଲାଗି ସ୍ୱରୁ, କାହା ଲାଗି ଚଳ, ମୋ ଲାଗି କିନ୍ତୁ କାଳଅବଳଦ ଗଲା ଗଲା । କାହା ଲାଗି ଧୋରେ ବାଇଆ ଧୋ, ନଇଲେ ମାଣ୍ଡିଆ କ୍ଷେତରେ ଶୋ; କିନ୍ତୁ ମୋ ଭିତରର ଶୋଇଲା ସ୍ୱବସରୁ କରେ 'ଓ', ଆରେ ରାମବାବୁ ଅଛନ୍ତି ? ଅଛନ୍ତି ବେଶୀ ମୋର ଭିତରେ, ନେଫଡ଼ାମୁହାଁ ଦୁଃଖମାନଙ୍କୁ ଖେ ଖେଁ ହସାଇ ଦେଉଛନ୍ତି । ଆଖିରକୁ ମୁଁ ଫକୁରଖୋର ହୋଇଗଲି ।
ଆଉ ସବୁ କୁଶଳ ।

ଇତି
ଶୁଭାନୁଧ୍ୟାୟୀ
କୁଞ୍ଜବିହାରୀ ଦାଶ

ଶ୍ରୀ ରାଧାମୋହନ ଗଡ଼ନାୟକ

ଡ. କୁଞ୍ଜବିହାରୀ ଦାସ
କଟକ-୩

୨।୯।୫୫
ନବଭାରତ ପ୍ରେସ୍

ବନ୍ଧୁ,

ତମେ ଯେଉଁ ମୁଖବନ୍ଧ ପଠାଇଥିଲ ତାହା ପଢ଼ିଥିଲି । ତମ ଲେଖା ପ୍ରଥମ ପରିଚ୍ଛେଦରେ ତମେ ରାମାୟଣ ଓ ମହାଭାରତର ଯେଉଁ ତୁଳନାତ୍ମକ ବିଚାର କରିଚ ତାହା ତନ୍ନିଭଳି ହୋଇନି । ମୁଁ ଯଦି 'ନୂତନ ଦ୍ରୌପଦୀ' ଛାଡ଼ି 'କୃଷ୍ଣା ଦ୍ରୌପଦୀ' ଲେଖେ, ତମେ ଯଦି ସେଥିରେ ଭୂମିକା ଲେଖ, ତେବେ ମହାଭାରତ ପ୍ରତି କାବ୍ୟିକ ନ୍ୟାୟ ଦେଇପାରିବ ତ ? ଅତଏବ ସେଇ ପରିଚ୍ଛେଦଟି ବାଦ ଦେଇ ଲେଖିବାକୁ ମୋର ଅନୁରୋଧ । ଅନଧିକାର ଚର୍ଚ୍ଚା ବୋଲି ନିଶ୍ଚୟ ଭାବିବନାହିଁ । ପାଠକ ତମକୁ ନିଶ୍ଚୟ ଭୁଲ୍ ବୁଝିବେ ।

Digitized by srujanika@gmail.com

ମୋ କଥା, ମୁଁ ବର୍ତ୍ତମାନ ଖଣ୍ଡିଏ 'ମାସିକ' ବାହାର କରୁଚି, ବହୁତ ଦୂର ଅଗ୍ରସର ହେଲାଣି । ବ୍ଲକ ଇତ୍ୟାଦି ଆସିଗଲାଣି । ତମେ ଗୋଟିଏ ଲେଖା ଦେବ ଏଇ ପ୍ରଥମ ସଂଖ୍ୟା ପାଇଁ । ପତ୍ରିକାର ନାମ 'ଏକଚକ୍ର' । ଯଦି 'କବିତା' ଥାଏ, ତେବେ ଚିଠି ପାଇଲାକ୍ଷଣି ନିଶ୍ଚୟ ପଠାଇବ । ଆଗରୁ ଲେଖି ନ ଥିଲି । କାରଣ ବହୁଥର ଏଇପରି ପ୍ରଚେଷ୍ଟା କରି ସଫଳକାମ ହୋଇପାରି ନ ଥିଲି । ଏଇଥର ନିଶ୍ଚୟ କରୁଚି ।

ମନମୋହନ ମିଶ୍ରଙ୍କ ରୁଷିୟାଭ୍ରମଣରୁ କିଛି ଅର୍ଥାତ 'ସମରକନ୍ଦରେ ଗୋଟିଏ ଦିନ' ଦେଉଚି । ତେଣୁ ତମେ ତମ କାଶ୍ମୀରଭ୍ରମଣରୁ କିଛି ପଠାଇ ଦେଇ ନିଶ୍ଚିନ୍ତ ହୁଅନାହିଁ । ଆର ମାସକୁ ଦେବ । ଏଇଥର ଗୋଟିଏ କବିତା ଦରକାର । ଅତଏବ ୨।୪ ଥିଲେ ପଠାଇ ଦିଅ । ଲତା ଯଦି କିଛି ଗପ ଲେଖିଥାଏ ପଠାଇବାକୁ କହିବ ।

କଲଣ୍ଡ୍ରାପୋଲ
ସୋମବାର (୧୯୭୦)

ବନ୍ଧୁ,

ଭାଗ୍ୟବାନ୍ ତୁମେ, ସର୍ବଭାରତୀୟ ସାହିତ୍ୟସଭାର ଆଲୋଚନାରେ ଅଂଶ ଗ୍ରହଣ କରିଚ—ଉଚ୍ଚକୋଟୀର ସାହିତ୍ୟ, ଉଚ୍ଚକୋଟୀର ଆଲୋଚନା·· ···

ସବୁ ଶୁଭରେ ଫେରିଆସ, ମୋର ହାର୍ଦ୍ଦିକତା ଗ୍ରହଣ କରିବ ।

କଟକ
୧।୮।୭୭

ବନ୍ଧୁ,

ତୁମ ଜୀବନର ଚକ୍ରବାଳ ମୁଁ ଆନନ୍ଦର ସହିତ ଲକ୍ଷ୍ୟ କରୁଚି, ସୁଭଗ ତୁମେ, ଦେଖ, ଉପଭୋଗ କର, ଫେରିଆସି ଦେଶକୁ ଜାଣିକ ଦିଅ ତୁମର ଦାନ, ତୁମର ଲେଖନୀ ମାଧ୍ୟମରେ । ମୁଁ ତ ଅସୁସ୍ଥ, ତଥାପି ଲେଖାଲେଖି ଆରମ୍ଭ କରିଚି, ପୂଜା ପୂର୍ବରୁ କିଛି ବହି ବାହାର କରିବାର ଚେଷ୍ଟା ।

ତୁମେ ତ ଜୀବନମୁଗ୍ଧ, ପ୍ରକୃତିଲୁବ୍ଧ, ଜଗିରଖି ଚଳ, "ଶରୀରମାଦ୍ୟଂ ଖଳୁ ଧର୍ମସାଧନମ୍ ।"

Digitized by srujanika@gmail.com

କଲଣ୍ଡାପାଳ,
ଅନୁଗୁଳ
୯ । ୨ । ୬୮

ତୁମର ୩୦ ତାରିଖର ଚିଠି ଆଜି ପାଇଲି । ଭାଗ୍ୟକୁ ମୁଁ ଆଜି ଗାଁରେ ଥିଲି ।

ତମ ଆଖି ଆଗରେ କର୍ମର ଅନେକ ଯୋଜନା, ଅଶେଷ ବିସ୍ତାର, ତମ ଜୀବନର ନିଷ୍ଠା ଓ ସାଧନାର ଫଳ । ମୋତେ ପଚାରିଚ, ମୋର ଶୁଭ ସମ୍ବାଦ କଅଣ ଅଛି ? ଜୀବନର ବସ୍ତୁ ବିଶ୍ବର ସନ୍ଧାନରେ ଜୀବନ ଭଂଗପ୍ରବଣ, ତେଣୁ ଫଳ ନାସ୍ତି । ଗତାନୁଗତିକ ଜୀବନଧାରା ।

ଅପ୍ରକାଶିତ ଦରବଳସ୍ବ ଭିତରେ ଅପ୍ରକାଶିତ ସ୍ୱପ୍ନ । ତେଣୁ ଲେଖାଲେଖିର ପ୍ରଚୁର ସମ୍ଭାବନା । ଲେଖି ଯାଅ । କେବେ ପୁଣି ପଢ଼ିବାର ସୁଯୋଗ ହେବ ।

କଲଣ୍ଡାପାଳ,
୧୫ । ୯ । ୬୮

ପତ୍ର ପାଇ ଆନନ୍ଦିତ ହେଲି । ଜନ୍ମତିଥିର ସମ୍ବର୍ଦ୍ଧନା ମୋର ମନରେ ହିଲ୍ଲୋଳ ଖେଳାଇ ପାରିନାହିଁ । ତୁମକୁ ଯାହା ଲାଗିଲା ସେଇମିତି ଲେଖିଚ । ଆଉ ତ ଲେଖାଲେଖି ନାହିଁ । ତୁମର ଉତ୍ସାହ, ଉଦ୍‌ବୋଧନ ହିଁ ସ୍ୱୀକୃତ ।

ଶୁଭାନୁଧ୍ୟାୟୀ
ଗଡ଼ନାୟକ (ରାଧାମୋହନ)

ଭଦ୍ରକ କଲେଜ
୫।୧୨।୫୭

ପୂଜନୀୟେଷୁ,

ଆପଣଙ୍କ ସ୍ମୃତି ମୋତେ ଚିରଦିନ ଆଚ୍ଛନ୍ନ କରି ରଖିଛି ଓ ଆପଣଙ୍କ ପ୍ରତି ମୋର ଭକ୍ତି କ୍ରମଶଃ ଗାଢ଼ତର ହେଉଛି । ମୁଁ ଆପଣଙ୍କ ହୃଦୟର ସ୍ନେହଚ୍ଛାୟା ଲାଭ କରିଛି ବୋଲି ମୋର ବିଶ୍ୱାସ ।

Digitized by srujanika@gmail.com

ଆପଣଙ୍କର କବିତା ଅପେକ୍ଷା ଆପଣଙ୍କ ଗଦ୍ୟ ହିଁ ମୋର ବେଶୀ ପ୍ରିୟ । ତଦୁପରି ଆପଣଙ୍କ ବ୍ୟକ୍ତିତ୍ୱ ଓ ସମଝଦାର ହୃଦୟଟି ମଧ୍ୟ ମୋର ସବୁଠାରୁ ବେଶୀ ପ୍ରିୟ । ଓଡ଼ିଶାର ଗାଁ ଗଣ୍ଡାର ପ୍ରାଣକୁ ଆପଣ ଯେତିକି ବୁଝିଛନ୍ତି ତାହା ଆଉ କେହି ବୁଝିଛନ୍ତି ବୋଲି ମୋର ବିଶ୍ୱାସ ହୁଏନାହିଁ । ସବୁମତେ ଆପଣ ମୋର ଭକ୍ତିଭାଜନ ଓ ପ୍ରୀତିଭାଜନ । ତେଣୁ ସେଇ ସାହସରେ ଗୋଟିଏ କଥା ଆପଣଙ୍କ ନିକଟକୁ ଲେଖୁଚି, ଧୃଷ୍ଟତା କ୍ଷମା କରିବେ ।

କେତେଦିନ ଧରି ମୁଁ ଗୋଟିଏ ରିସର୍ଚ୍ଚ କରିବି ବୋଲି ଭାବୁଛି । ବିଷୟବସ୍ତୁ ହେଉଛି—'ଓଡ଼ିଶାର ବ୍ରତକଥା ଓ ଲୋକଧର୍ମ' । ଏଇ ବିଷୟଟି ଉପରେ ମୋର ବହୁଦିନରୁଁ ଶ୍ରଦ୍ଧା ରହିଛି, କିନ୍ତୁ କିଛି ଜ୍ଞାନ ନାହିଁ । ଏହି ବିଷୟଟିରେ ଗାଇଡ୍ କରିବା ପାଇଁ ଆପଣ ହିଁ ମୋ ଆଖିରେ ଏକମାତ୍ର ଯୋଗ୍ୟତମ ବ୍ୟକ୍ତି । ରିସାର୍ଚ୍ଚ କିପରି କ'ଣ କରାଯାଏ, ସେ ବିଷୟରେ ମଧ୍ୟ ମୋର କିଛି ଧାରଣା ନାହିଁ । ମୋତେ ଏ ବିଷୟରେ ଶିଷ୍ୟ ରୂପେ ଗ୍ରହଣ କରି ନିର୍ଦ୍ଦେଶ ଦିଅନ୍ତୁ, ମୋର ବିନୀତ ଅନୁରୋଧ ।

ସ୍ନେହାବନତ
ନୀଳମଣି (ମହାପାତ୍ର ନୀଳମଣି ସାହୁ)

ପଣ୍ଡିତ ବିନାୟକ ମିଶ୍ର

୧୮।୧।୬୧
ନୟାଗଡ଼

ଶ୍ରଦ୍ଧେୟ କୁଞ୍ଜବିହାରୀ,

ଗଡ଼ରେ ମାଇନର ପଢ଼ିବାବେଳେ ଶରଣକୁଳ ଉ; ପ୍ରା; ସ୍କୁଲରେ ଗୋଟିଏ ପଦ୍ୟ ଓ ଗଦ୍ୟ ଲେଖିଥିଲି । ଆମ କୃଷ୍ଣମୂର୍ତ୍ତି ଦେବେଙ୍କ ଗ୍ରନ୍ଥାର୍ଥୀ କମାଇ 'ଲାବଣ୍ୟବତୀ' ପ୍ରଭୃତି ଚର୍ଚ୍ଚା କରନ୍ତି । ମାଇନର ଶ୍ରେଣୀରେ 'ଲାବଣ୍ୟବତୀ', 'ଚିତ୍ରକଳା' ପ୍ରଭୃତି ପଢ଼ିଲି । ଶ୍ରେଣୀରେ ବାଣପୁରର ପଣ୍ଡିତ ନୀଳକଣ୍ଠ ରଥ ଥରେ ପ୍ରବନ୍ଧ ଲେଖାଇ ମୋ ପ୍ରବନ୍ଧକୁ ପ୍ରଶଂସା କରିଥିଲେ । ପୁସ୍ତକରେ ରାମଙ୍କ ଶୋକ ଲେଖି ମୋତେ ଶୋକ କରିବାକୁ ପଢ଼ିବାରୁ ଅଦୃଷ୍ଟର ପୂର୍ବ ନିର୍ଦ୍ଦେଶ (Dramatic Irony) ବିଶ୍ୱାସ କଲି । କଟକରେ ପଢ଼ିବାବେଳେ 'କପିଳାସ ଦର୍ଶନ' ଓ ପଣ୍ଡିତ ହରିହର ରଥଙ୍କ ବିଦାୟ ପଦ୍ୟ ଲେଖିଥିଲି । ବ୍ୟାକରଣ ଓ ରଚନାରେ ପ୍ରଥମ ବର୍ଷ ପରୀକ୍ଷାରେ ୫୦ ନମ୍ବରରୁ ମାତ୍ର ୩୭ ନମ୍ବର ଚନ୍ଦ୍ରମୋହନ (ମହାରଣା) ବାବୁ ମୋତେ ଦେବାରୁ ସମସ୍ତେ ବିସ୍ମିତ ହୋଇଥିଲେ ।

ଏବେରୁ ବୁଢ଼ା କେଉଁ ବନ୍ଧରେ କ'ଣ ଅଛି ତାହା ପରେ ଲେଖିବି ।

Digitized by srujanika@gmail.com

ଶରଣକୁଳ
୧୨।୧୧।୬୪

ଶ୍ରଦ୍ଧେୟ କୃଷ୍ଣଚନ୍ଦ୍ରବାବୁ,

ବହିର ନାମ 'ଓଡ଼ିଆଭାଷାର ପୁରାତତ୍ତ୍ୱ', ୧ମ ଖଣ୍ଡ । ଏହାର ପ୍ରଥମ ଅଧ୍ୟାୟ —ଭାଷାବିଜ୍ଞାନ । ପାଣିନି ବ୍ୟାକରଣ ପରି ଜର୍ମାନ ପଣ୍ଡିତ ଆର୍ଯ୍ୟଭାଷାର ଲୀଳାଭୂମି ନିରୂପଣେ ସ୍ପଷ୍ଟ ଅବିଷ୍କାର କରିଥିଲେ । ତାହା ଭ୍ରମପୂର୍ଣ୍ଣ ବୋଲି ବର୍ତ୍ତମାନ ଯେପରି ପ୍ରମାଣବଳରେ କୁହା ଯାଉଅଛି, ସେପରି ପ୍ରମାଣବଳରେ ଆର୍ଯ୍ୟ ଓ ଦ୍ରାବିଡ଼ ଭାଷା ପୃଥକ୍ ପୃଥକ୍ ନୋହିଥିବାର କଥା ବେଦ ଓ ପୁରାଣରୁ ପ୍ରମାଣ ଦେଇ କୁହାଯାଇଅଛି ।

୨ୟ ଅ – ଓଡ଼ିଆଭାଷାର ଉତ୍ପତ୍ତି ପଥ– ବୈଦିକ, ସଂସ୍କୃତ, ପାଲି ଓ ପ୍ରାକୃତ ଭାଷାମାନଙ୍କର ତୁଳନା ।

୩ୟ – ଓଡ଼ିଆଭାଷାର ଉତ୍ପତ୍ତିଧାରା । ଏଥିରେ ଧ୍ୱନିତତ୍ତ୍ୱ ପ୍ରଭୃତି ଦିଆ ଯାଇଅଛି ।

୧୬ ପେଜ ଡବଲ୍ ଫାଉନ୍ ର ପ୍ରତି ପୃଷ୍ଠା ପାଇଁ ୫୪ଙ୍କା ଦେଲେ ଅତି କମ୍ ହେବ । କାରଣ ଗୋଟିଏ ପୃଷ୍ଠା ନକଲ ପାଇଁ ଏ ଯୁଗରେ ୫ଟଙ୍କା ।

ଶରଣକୁଳ
୧।୧।୬୫

ପ୍ରିୟ କୃଷ୍ଣଚନ୍ଦ୍ରବାବୁ,

'ଓଡ଼ିଆ ଭାଷାର ପୁରାତତ୍ତ୍ୱ', ପ୍ରଥମ ଖଣ୍ଡ, ମୋ ପାଣ୍ଡୁଲିପିରେ ଶିରୋନାମା ଅଛି । 'ପ୍ରଥମ ଖଣ୍ଡ' ବଦଳରେ 'ପ୍ରଥମ ଭାଗ' ଲେଖିଦେବ । ମୁଁ ଦ୍ୱିତୀୟଭାଗ ଲେଖିବା ପାଇଁ ଆର୍ତ୍ତବାବୁଙ୍କ ପୁରଦେବସର ସଭାରେ ପୂର୍ଣ୍ଣବାବୁଙ୍କ ଭାଷଣ ଉତ୍ସାହ ଦେଇଛି । ପ୍ରାୟ ଦେଢମାସ ମଧ୍ୟରେ ଲେଖି ସାରିଲେ ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ ସବୁଜ ଯୁଗ ପର୍ଯ୍ୟନ୍ତ ଲେଖିବାକୁ ମନସ୍ଥ କରିଛି ।

ପ୍ରିୟ କୃଷ୍ଣଚନ୍ଦ୍ରବାବୁ,

ଦ୍ରାବିଡ଼ ଭାଷା ସମେତ ଭାରତର ଆଧୁନିକ ସମସ୍ତ ଭାଷା ବୈଦିକ ଭାଷାରୁ ଜାତ ବୋଲି ମୁଁ ପ୍ରମାଣ କରୁଛି ।

Digitized by srujanika@gmail.com

ଶରଣ୍କୁଳ
୨୭।୧।୬୫

ପ୍ରିୟ କୃଷ୍ଣଚନ୍ଦ୍ରବାବୁ,

ଦିଲ୍ଲୀ ସାହିତ୍ୟ ଏକାଡେମୀ ପତ୍ରିକାରେ ମୋ ସାହିତ୍ୟ ଇତିହାସର review ବାହାରିଥିଲା ।

A collosus above the crowd stands the veteran scholar Binayak Mishra. His monumental work on the History of Oriya literature "Odia Sahityara Itihasa" is the only authoritative work of its kind till now. The revised and enlarged edition brought out last year is very welcome.

Indian Literature, VI-No 2. 1963

Nayagarh
7 9.69

ସ୍ନେହାସ୍ପଦ କୃଷ୍ଣଚନ୍ଦ୍ରବାବୁ,

'ଓଡ଼ିଆ ଭାଷାର ଇତିହାସ' ଖଣ୍ଡିଏ ପଠାଇଲି । ବହୁବର୍ଷ ପରେ ଲେଖି ପଠାଇଲେ ମୁଁ ସ୍ୱାକ୍ଷର କରି ପଠାଇବି ।

ବହୁଦିନ ହାତରେ ଧନ ଖଟାଇପାରିଲି ନାହିଁ ।

ନୟାଗଡ଼
୧୭।୪।୭୭

ଆୟୁଷ୍ମାନ୍ କୃଷ୍ଣଚନ୍ଦ୍ରବାବୁ,

ମୋତେ ଏକାଡେମୀ ସେକ୍ରେଟାରୀ ଆସି ୫୧୦୦୦ଙ୍କା ମାଗିଲେ । ମୁଁ ନାହିଁ କଲି । କାରଣ ପରିଶୋଧ କରିବାକୁ ମୋର ବଳ ନାହିଁ, ସେ Indian culture ବହି ନେଲେ, ଛପାଇବେ କହିଲେ ।

Digitized by srujanika@gmail.com

ସୁଦ୍ଧାଲ ଘରେ ଅନେକ ଭଲ ଅଛୁ । ଅଲ୍ପ ଦାନ ସୁଣ୍ଠ, ଚ ମ୍ବାର ସେରୁବନ୍ଧ । ୫୦୦୦ ଘର ୫୩୦୦୦ଙ୍କାକୁ ବନ୍ଦ ବଖରେ ଘର ଭଡ଼ା ନେଇ ସୁଜାସ୍ତ ରଖିବା ପାଇଁ ୬ରଥିଲ । ରୁମ ଟଙ୍କା, ଶ୍ରୀଧର ବାବୁଙ୍କ ଟଙ୍କା ପାଇଛୁ ।

ହ. ମିଶ୍ର

Bhubaneswar
23rd May 1973

ପ୍ରିୟ କୃଷ୍ଣବାବୁ,

× × ×

ଆଜକାଲ ଆପଣ ଅଛ କେମିତ ସମୟ କାଟୁଛନ୍ତି ? ପତିକାରୁ ଦେଖୁଛୁ, ଆପଣ ସାହିତ୍ୟଚର୍ଚ୍ଚାରେ ଲଗିଛନ୍ତି ।

ମୋର ଏବେ Invocatory verses from Inscriptions' Vol-I ପ୍ରକାଶିତ ହୋଇ ଯାଇଛୁ । ଅଛ ମଧ୍ୟ 'ସଂସ୍କୃତ ପ୍ରତଭା' ନାମକ ଗୋଟିଏ ସଂସ୍କୃତ ପତିକାରେ ଡା. ରାଘବନ୍ ଏଥିର Review ଦେଇଛନ୍ତି । ଏ ବର୍ଷ ମୋର History of the Ganges Vol II ଏବେ Text Book Pressରେ ପ୍ରକାଶ ହୋଇ ଯାଇଛୁ । ସେଥିରେ ପାରଳା ମହାରାଜାଙ୍କ ଜୀବନୀ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସଂକ୍ଷିପ୍ତ ଇତହାସ ଦେଇଛୁ । ଓଡ଼ିଶା ମ୍ୟୁଜିଅମ୍ ତରଫରୁ ପୁସ୍ତକଟି ଛପା ହୋଇଛୁ । ମଝିରେ ମଝିରେ ଚିଠି ଲେଖି ଖୁସି କରାଉଥିବେ ।

ଆପଣଙ୍କର
କୁଶଳାକାଂକ୍ଷୀ
ସତ୍ୟନାରାୟଣ ରାଜଗୁରୁ

(ଗଞ୍ଜାମ ଜିଲ୍ଲାରୁ ପ୍ରାପ୍ତ ଏକ ହସ୍ତୀଦନ୍ତ ନିର୍ମିତ ମୁଦ୍ରାରେ ଚୀନସ୍ଥ ଅକ୍ଷର ମୁଦ୍ରିତ ହୋଇଥିଲ । ଚୀନା ଭବନର ଅଧ୍ୟକ୍ଷ ତାନ୍‌ଙ୍କ ସାହାଯ୍ୟରେ ମୁଁ ଏହାର ପାଠୋଦ୍ଧାର କାର୍ଯ୍ୟ କରିଥିଲ । ଏହାର ପ୍ରଥମ ଧାଡ଼ିରେ ଥିଲ—Chen-Pao—Precious, ଦ୍ୱିତୀୟ ଧାଡରେ ଥିଲ - Fa-despatched; ତୃତୀୟ ଧାଡ଼ିରେ ଥିଲ Fan Shu - Fan-returned,-Shu-transported, ବାକ୍ୟଟି Chen Pao Fa, Fan Shu । ରାଜଗୁରୁ ଏହାର ଛପା ମୋ ପାଖକୁ ପଠାଇଥିଲେ ।)

Digitized by srujanika@gmail.com

ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

ବାରିପଦା
୯।୧।୭୦

କଲ୍ୟାଣୀୟେଷୁ,

ଏବେ ଲେଖାପଢ଼ାରେ ମନ ଦେଉଛୁ । ମୋର ଜୀବନୀ ମଧ୍ୟରେ ଗବେଷଣାର ପନ୍ଥା ମୁଁ ତୁମକୁ ଜାକ ଦେଇଛୁ । ଗବେଷଣାର ସବୁ ବିଷୟ ଲେଖିବା ଅର୍ଥ ଆତ୍ମଜୀବନୀ ଲେଖିବା, ଯାହା ମୋ ପକ୍ଷରେ ଏବେ ସଜାଇ ଲେଖିବା ଏକାନ୍ତ ଅସମ୍ଭବ । ଏବେ ମଧ୍ୟ ମୋ ହାତରେ କେତେଗୁଡ଼ିଏ ଐତିହାସିକ ଉପାଦାନ ଅଛି, ଯାହାକୁ ପ୍ରବନ୍ଧ ଆକାରରେ ନ ଲେଖିଲେ ଅନ୍ୟ କେହି ଲେଖିପାରିବେ ନାହିଁ, କାରଣ ତାହା କାହାରିକୁ ଜଣା ନାହିଁ ।

ବାରିପଦା
୧୨।୯।୭୦

ଶ୍ରଦ୍ଧାସ୍ପଦେଷୁ,

ତୁମେ ଯାହା ଲେଖିଛ କିଛି ହୋଇ ପାରୁନାହିଁ । କେଜାଣି ତୁମେ ମୋ ପାଖରେ ଥିଲେ ବା ମୁଁ ତୁମ ପାଖରେ ଥିଲେ କିଛି ହୋଇ ଥାଆନ୍ତା, ପ୍ରଶ୍ନୋତ୍ତର ଛଳରେ ।

ଦେହ ଭଲ ରହୁନାହିଁ । ବେକ ବ୍ୟଥାରେ କଷ୍ଟ ପାଉଛୁ । ବର୍ଷା ନ କମିବା ଯାଏ ବ୍ୟଥା କମିବ ନାହିଁ । ମନର ବଳ ପୂରା ଥିଲେ ମଧ୍ୟ ଦେହର ବଳ ଅଭାବରୁ ବହୁତ କାମ ଥିଲେ ବି କିଛି କରିପାରୁ ନାହିଁ । ଏଠାରେ ତୁମ କଥା ଓ ରାଧାମୋହନ କଥା ତ ସବୁବେଳେ ମନେ ପଡ଼ୁଛି ।

୨୫।୨।୭୦
ବାରିପଦା

କଲ୍ୟାଣୀୟେଷୁ,

ତୁମ୍ଭେମାନେ ଦୂରରେ ରହୁଥିଲେ ମଧ୍ୟ ସବୁବେଳେ ଆଖି ଆଗରେ ଦେଖା ଯାଉଛ । ବିଦ୍ୟାଚର୍ଚ୍ଚା ମୋର ଧର୍ମ । ତା ନ କରି ମୁଁ ବଞ୍ଚି ପାରିବି ନାହିଁ, ଶରୀର

Digitized by srujanika@gmail.com

ଏଡାବେଳକେ ଖଟି ପଡ଼ିଛୁ । ତଥାପି ମନଟା ଟାଣ ଅଛୁ । ତେଣୁ କଲମଟା ଚାଲୁଛି ।

ମୋ ଜୀବନରେ ଆଉ କଟକ ଯିବାର ସୁଯୋଗ ଘଟିବ ନାହିଁ । ମୋତେ ବାରିପଦା ଘରେ ହିଁ ଅବଶିଷ୍ଟ ଦିନଗୁଡ଼ିକ କଟାଇବାକୁ ହେବ । ସେଥିପାଇଁ ଆଜକୁ ନ ମାସ ହେଲା ଘରେ ବନ୍ଦୀ ହୋଇଛୁ ।

ମୋ ବହି 'ଓଡ଼ିଶାର ପ୍ରତ୍ନତତ୍ତ୍ୱ' ଖଣ୍ଡିଏ ବୃନ୍ଦାବନବାବୁଙ୍କଠାରୁ ଆଣିବ, ତୁମ ପାଇଁ । ହାତରେ ଦେବା ସୁଯୋଗ ମିଳିବ ନାହିଁ ।

ସ୍ନେହର
ପରମାନନ୍ଦ ଆଚାର୍ଯ୍ୟ

ବୁର୍ଲା
୯।୩।୭୨

ସ୍ନେହାସ୍ପଦ କୁଞ୍ଜବିହାରୀବାବୁ,

ଶାନ୍ତିନିକେତନରେ ବହୁ ଦିନ ରହିଗଲେ । ସେଠାରେ ଆପଣଙ୍କର ପ୍ରତିଷ୍ଠା, ଲୋକସାହିତ୍ୟର ଗବେଷଣା ଓ ପ୍ରକାଶ, ଓଡ଼ିଆ ସାହିତ୍ୟର ଶ୍ରୀ ସାଧନ ଇତ୍ୟାଦି ଖବର ଲକ୍ଷ୍ୟ କରି ଆସୁଛୁ । ଯାହାହେଉ, ଓଡ଼ିଶା କେନ୍ଦ୍ରର ସଂସ୍ଥାକୁ ଫେରି ଆସିବା ଆନନ୍ଦ କଥା ।

ବୋଧହୁଏ, ଜାଜପୁରର ଦକ୍ଷିଣ ଶକ୍ତିନ୍ଧାଞ୍ଚଳ ଓ ଆମମାନଙ୍କୁ ପାସୋରି ଦେଇ ନ ଥିବେ । ମୋର 'ଜୀବନ ଚର୍ଯ୍ୟା' ମଧ୍ୟ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିଥିବ । ଆପଣଙ୍କ ସାକ୍ଷାତ୍ ପାଇଁ ମୁଁ ଅଭିଳାଷୀ ।

× × ×

କପିଳେଶ୍ୱର ଦାସ

Digitized by srujanika@gmail.com

୬୧

ବାଲେଶ୍ୱର
୭।୯।୫

ପ୍ରିୟ ମହାଶୟ,

ସ୍ୱର୍ଗତ ବାଳକୃଷ୍ଣ କରଙ୍କ ମୃତ୍ୟୁର ଖବର ପାଇ ଆପଣ ଯାହା 'ମାତୃଭୂମି'ରେ ଲେଖିଥିଲେ ତାହା ମୁଁ ଦେଖିଥିଲି । ଏବେ ସ୍ମୃତିସଂଖ୍ୟା 'ମାତୃଭୂମି'ରେ 'ମୁଗନ୍ଧର ବାଳକୃଷ୍ଣ' ନାମକ ଆପଣଙ୍କ ପ୍ରବନ୍ଧ ବାହାରିଅଛି । 'ମୁଗନ୍ଧର' ଶବ୍ଦ କି ଅର୍ଥରେ ଆପଣ ବ୍ୟବହାର କରିଛନ୍ତି ମୁଁ ବୁଝିପାରୁନାହିଁ । କାରଣ ଅଭିଧାନମାନଙ୍କରେ ଏ ଶବ୍ଦର ଯେଉଁ ପ୍ରତିଶବ୍ଦ ଅଛି ତାହାର ଅର୍ଥ ଭିନ୍ନ । ଅନୁଗ୍ରହପୂର୍ବକ ମୋର ସନ୍ଦେହ ମୋଚନ କରି ବାଧିତ କରିବେ ।

ଆପଣଙ୍କର
ଶ୍ରୀ ବଳଭଦ୍ର ବହୁବାର

୨୨।୯।୭୪
ବାଲୁଗାଁ

ପ୍ରିୟ ଡକ୍ଟର କୁଞ୍ଜବିହାରୀ,

ମୋ ଜୀବନରେ ମୁଁ ଓଡ଼ିଶାରେ ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କ 'ଶତବାର୍ଷିକୀ' ଉତ୍ସବରେ ମୁଖ୍ୟବକ୍ତା ହୋଇଥିଲି ।

୧ । ସାହିତ୍ୟସମ୍ରାଟ ବିକ୍ରମଦେବ ବର୍ମା

୨ । ଭାଷାତତ୍ତ୍ୱବିତ୍ ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା

ଆସନ୍ତା ୨।୧୦।୭୯ରେ ତୃତୀୟ ବ୍ୟକ୍ତି ବିଶ୍ୱମାନବ ଗାନ୍ଧିଜୀଙ୍କ 'ଶତବାର୍ଷିକୀ' ପାଳିବି । ଏମାନଙ୍କ ଜୀବନୀ ମୁଁ ଲେଖିଛି, ସଂସର୍ଗରେ ଆସିଥିଲି । ପଣ୍ଡିତ ନନ୍ଦଙ୍କଠୁଁ ପ୍ରଥମ ଦିନ ଓଡ଼ିଆ ଶ୍ରେଣୀରେ ଏକ ଠଣା ଖାଇଥିଲି ।

ଜାଣିଥିବ—ମୋ ଘର କେଉଁଠି ? କି ପାଠ ପଢ଼ିଥିଲି ? ଓଡ଼ିଶାକୁ କେବେ ଆସିଲି ? ଆମ ଓଡ଼ିଆ ଭାଷାରେ କେତେ ଖଣ୍ଡ ଗ୍ରନ୍ଥ ଲେଖିଛି ?

ଏ ସବୁ ଜାଣିବା ଲାଗି ଧନକ ସକାଶେ ଆସ, ଚିଲିକା ଦେଖିବ, ମୋ ଗ୍ରନ୍ଥାବଳୀ ଦେଖିଯିବ ।

ଗୁଣମୁଗ୍ଧ
ରାଧାଚରଣ ପଣ୍ଡା

Digitized by srujanika@gmail.com

୨୮୨

ମୁରାରିପୁର
୭।୧।୫୭

ପ୍ରିୟ କୁଞ୍ଜବାବୁ,

କ୍ଷୁଦ୍ର ପରିସରରେ ମୁଁ ମଧ୍ୟ ଆପଣଙ୍କ ପରି ଜଣେ ଭ୍ରମଣକାରୀ ପାଲଟି ଗଲିଣି । ଗତ ବର୍ଷ ଆପଣଙ୍କୁ ଭେଟିଥିଲି ଶାନ୍ତିକୁଞ୍ଜରେ । ଏ ବର୍ଷ ଜନଗହଳି ଦିଲ୍ଲୀଦର୍ଶନ କେତେକ ପରିମାଣରେ ମେଣ୍ଟିଗଲା । ଦିଲ୍ଲୀ, ଆଗ୍ରା, ମଥୁରା, ବୃନ୍ଦାବନ ପ୍ରଭୃତିରେ ଆଖି ପକାଇ ଆସିଲି । ରଥଦେଖା କଦଳୀବିକା ଉଭୟ କାମ ହୋଇଗଲା । ପ୍ରୟାଗରେ ବାପାଙ୍କ ଅସ୍ଥି ବିସର୍ଜନ ଦେଲି । ଏ ପିତୃକୃତ୍ୟରେ ଗୋଟାଏ ଆତ୍ମତୃପ୍ତି ପାଇଲି । ଅନୁଗ୍ରହ କରି ଆପଣଙ୍କ ପଶ୍ଚିମ ଭାରତ ଭ୍ରମଣ ବୃତ୍ତାନ୍ତ ଟିକିଏ ପତ୍ରରେ ଜଣାଇବେ ।

ତାପରେ ଲେଖାଲେଖି ବିଷୟ ଲେଖିଥିଲେ । ସେ ତ ସାମୟିକ ମାମୁଲି ଚାଲିଛି ଧୀର ମନ୍ଥର ଗତିରେ । ଆପଣଙ୍କ ସ୍ୱତଃନିସୃତ ଲେଖନୀର ଅଧିକାରୀ ହେବାକୁ ମୋର ସେ ଶକ୍ତିସାମର୍ଥ୍ୟ କାହିଁ ?

ଆପଣଙ୍କର
ଉପେନ୍ଦ୍ର ତ୍ରିପାଠୀ

୧୬।୧।୫୭

ପ୍ରିୟ କୁଞ୍ଜବାବୁ,

(ଶାନ୍ତିନିକେତନରୁ ଫେରିବାରେ ବିଳମ୍ବ ହେବାରୁ) ବୋଧହୁଏ ମୋର ମୋ ପାଇଁ ପାଗଲ । ଦୁଇଦିନ ଧରି ସେ ଭାତ ଖାଇନାହିଁ—କାନ୍ଦି କାନ୍ଦି ଅଥୟ । 'ମାଟି ଓ ଲାଠି'ର ତ ଉତ୍ସର୍ଗପତ୍ର ପୂର୍ବରୁ ପଢ଼ିଥିଲି । ସେ ଅନୁଭୂତି ସେତିକିବେଳେ ବିଦ୍ୟୁତ୍ ଭଳି ମୋ ଶିରାପ୍ରଶିରାରେ ଖେଳିଗଲା । ଆହା ମା'ଆର କି ଅନାବିଳ ମାୟା ଡୋରି ପୁଅକୁ ସ୍ନେହ-ମମତାରେ ଗୁଡ଼େଇଗୁଡ଼େଇ ବାନ୍ଧି ଦେଇଛି ।

କବିପ୍ରିୟାଙ୍କର ଅନୁପମ ଆନ୍ତରିକ୍ୟ ପ୍ରାୟ ନୂତନ ଓ ନିଶ୍ଚିତ ଚିର ନୂତନ ! ଜଣେ ଅସମ୍ପୃକ୍ତ ବନ୍ଧୁ ପ୍ରତି ଯେ ଏତେ ସମାଦର କରାଯାଇ ପାରେ ମୁଁ କଳ୍ପନା କରି ପାରୁନାହିଁ । ଭାବିବେ ନାହିଁ ଯେ କଲମ ଧରି ଜାଣେ ବୋଲି ଲେଖି ଯାଉଛି । ଲେଖୁଛି, ତୃପ୍ତିରେ ହୃଦୟ ଖୋଲି ଲେଖୁଛି ।

ଇତି
ଉପେନ୍ଦ୍ର ତ୍ରିପାଠୀ

Digitized by srujanika@gmail.com

୧୬।୭।୫୪
ଦରଘା ବଜାର

ବନ୍ଧୁବରେଷୁ,

ଆଶା, ଆପଣ ଏ ଗୌରବର ସୌରଭରେ ମୁଗ୍ଧ ହୋଇ ଆତ୍ମକେନ୍ଦ୍ରିକ ହୋଇପଡ଼ିବେ ନାହିଁ । ବିଶ୍ୱାସ, କୃତିତ୍ୱଭୂଧରରେ ଦଣ୍ଡାୟମାନ ହୋଇ ମଂଦ୍ଭଣ ଅସହାୟ ଅବସ୍ଥାରେ ଗ୍ରାସମାନ ତୃଣଗୁଳ୍ମଙ୍କ ପ୍ରତି କର ପ୍ରସାରଣ ଦ୍ୱାରା ଉଚ୍ଚତର ଆସନରେ ଅନ୍ୟ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରିବେ ।

ଗୁଣମୁଗ୍ଧ
ଗୌରୀକୁମାର ବ୍ରହ୍ମା

କୁଞ୍ଜବାବୁ ଅଛନ୍ତି ?

'ଓଡ଼ିଆ ଲୋକସାହିତ୍ୟ ଓ ସଂସ୍କୃତି' ଶୀର୍ଷକ ପ୍ରବନ୍ଧଟି ଆପଣଙ୍କର ଲେଖିବାକୁ ଥିଲା । ରଜତଜୟନ୍ତୀ ସଂଖ୍ୟା ପାଇଁ ଏହା ଉଦ୍ଦିଷ୍ଟ ଥିବାରୁ ଅତିଶୀଘ୍ର ଦରକାର ପଡ଼ିଲାଣି ।

ଘରେ ଭୂମିବୃକ୍ଷ ଉପରେ ସବୁ ସମୟ ଲଗେଇଲେ ଏଣେ ସାହିତ୍ୟବୃକ୍ଷ ହେବ କିପରି ?

ଫତୁରାନନ୍ଦ

ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)

ବାଲେଶ୍ୱର
୬।୧୨।୫୪

ମାନନୀୟେଷୁ,

'ଫକୀରମୋହନପରିକ୍ରମା' ସଂପର୍କରେ ଯଦୁବାବୁ ଆପଣଙ୍କୁ ପତ୍ର ଲେଖିଥିଲେ । ଆପଣଙ୍କ ଲେଖା କାହିଁ ? ସାହିତ୍ୟପରିଷଦ୍‌ର ପ୍ରତିଷ୍ଠାତା ଭାବେ ଆପଣଙ୍କ ଫଟୋ ଦେବାକୁ ଆମେ ସ୍ଥିର କରିଛୁ । ଆପଣଙ୍କ ବ୍ଲକ୍ ପଠାଇଲେ ଉପକୃତ ହୁଅନ୍ତୁ ।

୨୮।୩।୫୫

ଫକୀରମୋହନପରିକ୍ରମାରେ ଛପା ହୋଇଥିବା ଆପଣଙ୍କ ଛବିଟି ଏତେ ଚମତ୍କାର ହୋଇଛି ଯେ ତାହା ନ ଦେଖିଲେ ବିଶ୍ୱାସ କରି ହେବନି । ତାରୁଣ୍ୟ ଓ କୋମଳତା ମିଶି ଛବିଟି ଅତି ଜୀବନ୍ତ ହୋଇଛି ।

Digitized by srujanika@gmail.com

ଛନ୍ଦ ପ୍ରବନ୍ଧଟିର ଶେଷାଂଶ ମୁଁ ଯେପରି ଲେଖିଛି ତାକୁ ପରିବର୍ଦ୍ଧିତ କରିବା ମୋର ଇଚ୍ଛା । ମାତ୍ର ଆଧୁନିକ ଛନ୍ଦ ବିଷୟରେ ଯଥେଷ୍ଟ ଉପାଦାନ ଏଠି ପାଉନି । ମତେ କିଛି ବଙ୍ଗଳା ବହି Suggest କରି ପାରିବେ ? ମାନସିଂହଙ୍କ 'ଦେଖାହେଲା 'କମ୍ପା' କବିତାର ଲଳିକା ଲେଖି 'ଡଗର'ରେ ଛପାଇ ଥିବାରୁ ସେ ବୋଧହୁଏ ଅସନ୍ତୁଷ୍ଟ ।

୨୦।୭।୫୫
ବାଲେଶ୍ୱର

ପରମ ମାନନୀୟେଷୁ,

ଆପଣ ଆଧୁନିକ କବିତା ସଂଗ୍ରହ ବହିଟି ପଠାଇବାକୁ କହିଥିଲେ । ବୋଧହୁଏ ଭୁଲି ଯାଇଛନ୍ତି । ପଠାଇଲେ ଛନ୍ଦର ଆଲୋଚନା ଲେଖିବି । ଏହା ଭିତରେ ମୁଁ ରବୀନ୍ଦ୍ରନାଥଙ୍କ 'କାବୁଲିଓ୍ୱାଲା' ଗଳ୍ପଟି ଓଡ଼ିଆରେ ଅନୁବାଦ କରିଛି । ଛପାଇବା ଅନୁମତି ଲାଗି ଆଜି ବିଶ୍ୱଭାରତୀଙ୍କୁ ଚିଠି ଦେଇଛି । ଆପଣ ଟିକିଏ ଦୟା କରି ଏହି ଅନୁମତି ବିଷୟ ବୁଝିଲେ ବାଧିତ ହେବି ।

'କବିତା' ପତ୍ରିକାର ୪ର୍ଥ ସଂଖ୍ୟା ବାହାରିଲାଣି କି ? 'ଧର୍ମିକ'ର କଣ ସମାଲୋଚନା ସେଥିରେ ଥିଲା ବୋଲି ଶୁଣିଥିଲି ଆପଣଙ୍କଠାରୁ । ମୋର ସପ୍ରଣାମ ଶୁଭେଚ୍ଛା ଜାଣିବେ ।

ସ୍ନେହର
ଜାନକୀ ମହାନ୍ତି

କେଦାରନାଥ ମହାପାତ୍ର

ଭୁବନେଶ୍ୱର
୧୩. ୮. ୭୩

ପ୍ରିୟ କୃଷ୍ଣବାବୁ,

ଆପଣଙ୍କ ପତ୍ର ପାଇ ବିଶେଷ ଉଲ୍ଲସିତ ହେଲି, କିନ୍ତୁ ମୋର ଜୟଦେବ ଓ ଗୀତଗୋବିନ୍ଦ' ପୁସ୍ତକ ମୁଦ୍ରଣ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଯଥାସମୟରେ ଉତ୍ତର ଦେଇ-ପାରିଲି ନାହିଁ । ବହିଟି ରୟଲ ସାଇଜରେ ୩୫୦ ପୃଷ୍ଠା ହେଲା ଏବଂ ଏଥିରେ ଦୀର୍ଘ ୩୦ ବର୍ଷ କାଳର ଗବେଷଣାଲବ୍ଧ ସମସ୍ତ ତଥ୍ୟ ସନ୍ନିବିଷ୍ଟ ହୋଇଅଛି । ବହିଟି ଅଗଷ୍ଟ ପନ୍ଦର ତାରିଖରେ ବାହାର କରିବି ବୋଲି ଆଶା କରିଥିଲି । କିନ୍ତୁ ବ୍ଲକ୍‌ଗୁଡ଼ିକ ପ୍ରସ୍ତୁତ ହୋଇ ନ ପାରିବାରୁ ଆଶା ପୂର୍ଣ୍ଣ ହୋଇପାରିଲା ନାହିଁ । ଆପଣ ପଚାରିଥିବା ପ୍ରଶ୍ନ

Digitized by srujanika@gmail.com

ମଧ୍ୟରୁ ପ୍ରଥମ ସମ୍ବନ୍ଧରେ ବର୍ତ୍ତମାନ କିଛି ଲେଖୁନାହିଁ । ଦ୍ୱିତୀୟ ଓ ତୃତୀୟର ଉତ୍ତର ଦେଉଛି ।

୧୯୩୮ରେ ସ୍ୱର୍ଗତ ନିର୍ମଳଚନ୍ଦ୍ର ବାନୁର୍ଜୀ ରେଭେନ୍‌ସା କଲେଜ ମୁସଲମାନ ହଷ୍ଟେଲରେ ଏକ କ୍ଷୁଦ୍ର ମ୍ୟୁଜିୟମ ପ୍ରତିଷ୍ଠା କରିବା ସମୟରୁ ଆଜି ପର୍ଯ୍ୟନ୍ତ ମୁଁ ମ୍ୟୁଜିୟମ ସଂପୃକ୍ତ ରହିଛି । ନିର୍ମଳବାବୁ ସହିତ ଘନଶ୍ୟାମବାବୁଙ୍କ ନିକଟକୁ ମୁଁ ବହୁତ ମୂର୍ତ୍ତି ଭୁବନେଶ୍ୱର ଅଞ୍ଚଳରୁ ସଂଗ୍ରହ କରି ପଠାଉଥିଲି । ୧୯୫୦ ଏପ୍ରିଲ ପହିଲାରୁ ୧୯୬୨ ଫେବ୍ରୁୟାରୀ ସାତ ତାରିଖ ପର୍ଯ୍ୟନ୍ତ ମୁଁ ମ୍ୟୁଜିୟମ୍‌ର Library and Manuscripts ଦାୟିତ୍ୱରେ ରହି ଏହି ଦୁଇଟିର ବିକାଶ ସାଧନ ପାଇଁ ପ୍ରାଣପାତ ଉଦ୍ୟମ କରିଥିଲି । ମ୍ୟୁଜିୟମ୍ ଲାଇବ୍ରେରୀର ସମଗ୍ର କାଟାଲଗ୍ ପ୍ରଥମେ ମୁଁ ନିଜେ ଲେଖି ପୁସ୍ତକ ଓ ପତ୍ରିକାଗୁଡ଼ିକର ବିଷୟକ୍ରମରେ ଶ୍ରେଣୀ ବିଭାଗ କରିଥିଲି । ମ୍ୟୁଜିୟମ୍ ପୋଥି ଭଣ୍ଡାରର ମୁଁ ଜନ୍ମଦାତା, ହଜାର ହଜାର ପୋଥି ପର୍ଯ୍ୟାଲୋଚନା କରି ସେଗୁଡ଼ିକ ବେଦ, ତନ୍ତ୍ର, ପୁରାଣ, ଧର୍ମଶାସ୍ତ୍ର, ଗଣିତ, ଜ୍ୟୋତିଷ, କାବ୍ୟ, ନାଟକ, ଅଳଙ୍କାର, ବ୍ୟାକରଣ ପ୍ରଭୃତିରେ ଶ୍ରେଣୀ ବିଭାଗ କରିଥିଲି । ଓଡ଼ିଆ ପୋଥିଗୁଡ଼ିକ ମଧ୍ୟ ପୁରାଣ, କାବ୍ୟ, ଗଦ୍ୟ, ଐତିହାସିକ ଗ୍ରନ୍ଥ, ଇତ୍ୟାଦିରେ ଶ୍ରେଣୀବିଭାଗ ମୋ ଦ୍ୱାରା ହୋଇଥିଲା । ମୁଁ ଇଂରାଜୀରେ ୪ଗୋଟି Descriptive Catalogue ଲେଖି ପ୍ରକାଶ କରିଥିଲି । ପଞ୍ଚମ ଭାଗ ତନ୍ତ୍ର ସମ୍ବନ୍ଧୀୟ ପୁସ୍ତକ ମୋର ଉତ୍ତରାଧିକାରୀ ମହେଶପ୍ରସାଦ ଦାସ ପ୍ରକାଶ କରିଥିଲେ । ସ୍ୱର୍ଗତ ଆର୍ତ୍ତିବାବୁଙ୍କ ପଦାଙ୍କ ଅନୁସରଣ କରି ମୁଁ ୧୯୬୦ରେ ଷୋଡ଼ଶ ଶତାବ୍ଦୀରେ ରଚିତ ପାଞ୍ଚଖଣ୍ଡ ଓଡ଼ିଆ କାବ୍ୟ ମୁଖବନ୍ଧ ସହ ପ୍ରକାଶ କରିଥିଲି ।

୧) ଅର୍ଜୁନ ଦାସ—କଳ୍ପଲତା

୨) ବନମାଳୀ ଦାସ - ଚୂଟ ଇଚ୍ଛାବତୀ

୩) ନରସିଂହ ସେଣ—ପରିମଳା

୪) ବିଷ୍ଣୁ ଦାସ - ପ୍ରେମଲୋଚନା

୫) ପାର୍ଥ ଶ୍ରୀଚନ୍ଦନ—କଳାବତୀ

୧୯୬୨ରୁ ୧୯୬୫ ପର୍ଯ୍ୟନ୍ତ ଓଡ଼ିଶା ମ୍ୟୁଜିଅମ୍‌ର ସୁପରିଣ୍ଟେଣ୍ଡେଣ୍ଟ ଭାବରେ ଏହାର ପ୍ରତ୍ୟେକ ବିଭାଗ—ପ୍ରତ୍ନତତ୍ତ୍ୱ, ନୃତତ୍ତ୍ୱ, ପ୍ରାଣୀତତ୍ତ୍ୱ, ଚିତ୍ରକଳା, ଲିପିତତ୍ତ୍ୱ ପ୍ରଭୃତି ବିଭାଗର ଅତି କ୍ଷିପ୍ରଭାବରେ ଉନ୍ନତି ସାଧନ କରିଥିଲି । ବର୍ତ୍ତମାନ ମ୍ୟୁଜିଅମ୍‌ର ସଂଗଠନ ପାଇଁ ମୋର ଅବଦାନ ଚିରସ୍ମରଣୀୟ ।

Digitized by srujanika@gmail.com

ମ୍ୟୁଜିଅମର ହସ୍ତଙ୍କ ପ୍ରାସାଦର ଚତୁର୍ଦ୍ଦିଗରେ ଏକ ସୁରମ୍ୟ ଉଦ୍ୟାନ ବର୍ଦ୍ଧନ ପାଇଁ ପ୍ରାୟ ୧୫୦ ଚମ୍ପକ, ନାଗେଶ୍ୱର, ବକୁଳ ଓ ଅଶୋକ ବୃକ୍ଷ ରୋପଣ କରିଥିଲି । ବିଶେଷ ଯତ୍ନ ନେଇ ବଞ୍ଚାଇଥିଲି । ଏବେ ଅବହେଳାରେ କେତେ ମରିଗଲାଣି ।

୧୯୬୫ରୁ ୧୯୭୮ ପର୍ଯ୍ୟନ୍ତ ପ୍ରତ୍ନତତ୍ତ୍ୱ ବିଭାଗର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରି ବହୁ ପ୍ରାଚୀନ କୀର୍ତ୍ତିର ସଂସ୍କାର କରିଥିଲି । ୧୯୬୨ରେ ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲିରେ ୬ ଏକର ପରିମିତ ଉଦ୍ୟାନ ନିର୍ମାଣ କରି ତାହାର କେନ୍ଦ୍ରସ୍ଥଳରେ ଜୟଦେବ ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା କରିଥିଲି । କେନ୍ଦୁ ନିକଟରେ ଥିବା ଭଗ୍ନ ଚଣ୍ଡୀମନ୍ଦିର ୧୯୬୭ରୁ ୧୯୭୧ ମଧ୍ୟରେ ପୁନର୍ଗଠନ କରିଥିଲି । ଏତଦ୍ ବ୍ୟତୀତ ଧଉଳି ପର୍ବତର ପାଦଦେଶରେ ଦୟାନଦୀ କୂଳରେ ବଇଦରେଶ୍ୱର ମନ୍ଦିର, ସାକ୍ଷୀଗୋପାଳ ନିକଟରେ ଥିବା ଅଲନ୍ଦୁମ୍ ଗ୍ରାମର ଗଙ୍ଗେଶ୍ୱର ମନ୍ଦିର, ଭୁବନେଶ୍ୱରସ୍ଥ ଲକ୍ଷ୍ମଣେଶ୍ୱର, ଭରତେଶ୍ୱର, ଶତ୍ରୁଘ୍ନେଶ୍ୱର ନାମକ ତିନୋଟି ମନ୍ଦିର, ଶଙ୍ଖୁଆ କୂଳବର୍ତ୍ତୀ ସୁକ୍ଷେଶ୍ୱର ମନ୍ଦିରର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ମୋ ଦ୍ୱାରା ହୋଇଥିଲା । ୧୯୫୬ରେ ମ୍ୟୁଜିଅମ୍‌ରେ କାର୍ଯ୍ୟ କରୁଥିଲେ ମଧ୍ୟ ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟଙ୍କ ବିନ୍ଦୁସାଗର କୂଳବର୍ତ୍ତୀ 'ମୋହିନୀ ମନ୍ଦିର' ଓ କପିଳେଶ୍ୱର ଗ୍ରାମର 'କକାଅପୁଣୀ' ନାମକ ପ୍ରାଚୀନତମ ନାଗନାଗୁଣୀ ପୀଠୋଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥିଲି । ଦ୍ୱୀପଣେଶ୍ୱର ମନ୍ଦିର, ଗନ୍ଧବତୀ ନଦୀ ତୀରବର୍ତ୍ତୀ 'ବାରୁଣେଶ୍ୱର' ମନ୍ଦିରର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ କରିଥିଲି । ଇତି ମଧ୍ୟରେ ମୋର ରଚିତ ପୁସ୍ତକ ହେଲା ଖୋର୍ଦ୍ଧା ଇତିହାସ (୧୯୬୯), ଶ୍ରୀଜୟଦେବ ଓ ଗୀତଗୋବିନ୍ଦ, ଧଉଳି ଇତିହାସ ପାଣ୍ଡୁଲିପି ଆକାରରେ ଅଛି ।

ଭୁବନେଶ୍ୱର 'ଭକ୍ତକବି ମଧୁସୂଦନ' ବିଦ୍ୟାଳୟ ପ୍ରତିଷ୍ଠାରେ ମୋର ଯଥେଷ୍ଟ ଅବଦାନ ରହିଛି । ଏହାର ଖେଳପଡ଼ିଆ ପାଇଁ ମୁଁ ଅଧ ଏକର ଜମି ଦାନ କରିଥିଲି ।

ଆତ୍ମଶ୍ଳାଘା ଅନୁଚିତ ହେଲେ ମଧ୍ୟ ଆପଣଙ୍କ ଅନୁରୋଧରେ ସମସ୍ତ ବିଷୟ ଲେଖିଲି । ମୋର ଆଶୀର୍ବାଦ, ପତ୍ର ପ୍ରାପ୍ତି ସ୍ୱୀକାର କରିବେ ।

ଭୁବନେଶ୍ୱର,
ଧ ଂହଚାନ୍ଦ୍ର,
୧୫।୧୨।୭୭

ଆପଣଙ୍କ ଉଦ୍ୟମରେ ଭୁବନେଶ୍ୱରରେ ଉତ୍କଳସାହିତ୍ୟସମାଜର ଏ ଶାଖା ଖୋଲିଥିବା ସର୍ବଥା ଅଭିନନ୍ଦନୀୟ । ମୁଁ ନିଃସଙ୍ଗ ଜୀବନ ଯାପନ କରୁଛି । କାହା ସହିତ ଆଳାପ ଆଲୋଚନା କରିବାର ସୁଯୋଗ ନାହିଁ । ଏହି ଶାଖାଟି ମ୍ୟୁଜିଅମ୍ ପାଖାପାଖି

Digitized by srujanika@gmail.com

କୌଣସି ସ୍ଥାନରେ ଖୋଲଲେ ମ୍ୟୁଜିଅମ୍, ସାହିତ୍ୟଏକାଡେମୀ, ବି.ଜେ.ବି କଲେଜ ଟ୍ରଷ୍ଟର କର୍ମକର୍ତ୍ତା ଗୁଣବୃନ୍ଦ ବହୁସଂଖ୍ୟାରେ ଯୋଗ ଦିଅନ୍ତେ ତଥା ସାହିତ୍ୟାଲୋକରେ ଉଦ୍ଭାସିତ ହୁଅନ୍ତେ । ମୋତେ ଏହାର ସଭ୍ୟ ଶ୍ରେଣୀଭୁକ୍ତ କରନ୍ତୁ । କେତେ ଦେଇ ପଠାଇବ, ଲେଖିବେ ।

ସାରାଜୀବନ କେତେ ଦେଉଳ, ମସ୍‌ଜିଦ୍, ଘର ତୋଳାଇଲି, ଶେଷ କାଳକୁ ଦଶଜନ କଲ୍ୟାଣ ପାଇଁ ମୋତେ ଟିକି, ପାଇଖାନା କରିବାକୁ ପଡ଼ିବ, ତାହା ପୁଣି ୩୧।୩।୭୭ ପୂର୍ବରୁ । ଅର୍ଥସଙ୍କଟ ସମୟରେ କିପରି ଏ କାର୍ଯ୍ୟ ପୂର୍ଣ୍ଣ ହେବ ତାହା ହିଁ ଚିନ୍ତା ।

ସ୍ନେହାଧୀନ
କେଦାରନାଥ ମହାପାତ୍ର

ଅଧ୍ୟାପକ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ

ରେଭେନ୍‌ସା କଲେଜ
୮.୨.୮୦

ବୟୋବୃଦ୍ଧ ପ୍ରବରେଷୁ,

ଆପଣଙ୍କ ଅନୁଗ୍ରହ ପ୍ରଦତ୍ତ 'ମୋ କାହାଣୀ' ବହିଟି ସମଗ୍ର ପାଠକର ନିଜର ଅନୁଭୂତି ଭାଷାରେ ପ୍ରକାଶ କରିବାକୁ ଅକ୍ଷମ । ତଥାପି କେତୋଟି କଥା ନ ଲେଖି ରହିପାରୁନାହିଁ ।

ଶ୍ରୀମଦ୍‌ଭାଗବତ ବା ଗୀତାଦି ଶାସ୍ତ୍ରରୁ ଦୈନିକ କିଛି ଅଂଶ ପାଠ କରିବା ମୋର ଅଭ୍ୟାସ ଓ ତୃପ୍ତି । କିନ୍ତୁ ଆପଣଙ୍କ ଗୃହରୁ 'ମୋ କାହାଣୀ' ବହିଟି ଆଣିବା ପରଠାରୁ ଆପଣଙ୍କ ଗେଟ୍ ବାହାରେ ପୋଖରୀ କୂଳରେ ଆସୁ ଆସୁ ବହିଟି ଖୋଲିଲି; ତିନୋଟି ଦିନ ଯେ ପୁସ୍ତକ ଶେଷ ନହେବା ପର୍ଯ୍ୟନ୍ତ ଘରେ ଥିବା କାଳରେ ଅନ୍ୟ କୌଣସି ବହି ପଢ଼ିପାରି ନାହିଁ, ଭାଗବତ ମଧ୍ୟ ଭୁଲି ଯାଇଛି—ଏଥିପାଇଁ କିଞ୍ଚିତ୍ ଅଶାନ୍ତି ଅନୁଭବ କରୁଛି ।

'ମୋ କାହାଣୀ'ର କୌଣସି ପୃଷ୍ଠା ପଢ଼ୁ ପଢ଼ୁ ହସି ହସି ବେଦମ୍ ହୋଇଛି ତ କୌଣସି ପୃଷ୍ଠାର କାରୁଣ୍ୟ ଆଖିରୁ ଲୁହର ଧାର ଛୁଟାଇଛି । ଆତ୍ମଜୀବନୀ ଯେ କେତୋଟି ପଢ଼ିଛି, ସେଥିରେ କିଛି ଶିକ୍ଷାର ବିଷୟ ଅଛି, ଭଲ ଲାଗିଛି ଯଦିଓ ଆତ୍ମ-ଜୀବନୀ ପାଠ ପ୍ରତି ମୋର କିଞ୍ଚିତ୍ ବିତୃଷ୍ଣା ମଧ୍ୟ ଅଛି । କାରଣ ଅଧିକାଂଶ ଆତ୍ମଜୀବନୀରେ ଲେଖକର ଆତ୍ମପ୍ରତିଷ୍ଠା, ଆତ୍ମପ୍ରଶଂସା, ଆତ୍ମପ୍ରବଞ୍ଚନା ଏପରିକି ଆତ୍ମପ୍ରତାରଣା ମଧ୍ୟ ଦୃଷ୍ଟିଗୋଚର ହୁଏ । କିନ୍ତୁ ଆତ୍ମଜୀବନୀ ଯେ ଯେକୌଣସି ପ୍ରସିଦ୍ଧ ଉପନ୍ୟାସଠାରୁ

Digitized by srujanika@gmail.com

ମଧ୍ୟ ଏତେ ରସାଳ, ଏତେ ମଧୁର, ଏତେ ହୃଦୟସ୍ପର୍ଶୀ, ଏତେ ଆକର୍ଷଣୀୟ ହୋଇପାରେ, ଏତେ ମାଦକତା ଆଣିପାରେ, ଏହା ଏଥିପୂର୍ବରୁ ଅନୁଭବ କରି ନ ଥିଲି ।

ନିଜକୁ ନିଜ ମଧ୍ୟରୁ ବାହାରେ ଠିଆ କରି ଅଣୁବୀକ୍ଷଣ ଯନ୍ତ୍ର ଦେଇ ଦେଖି ତା'ର ବିବରଣୀ ଅବିକଳ ଲେଖିଦେବା ଯଦି ସାର୍ଥକ ଆତ୍ମଜୀବନୀ ହୁଏ, ତେବେ ଆପଣଙ୍କ ରଚିତ 'ମୋ କାହାଣୀ' ଯେ ଏକ ମନୋଜ୍ଞ ଯୁଗଜୟୀ ରସୋତ୍ତୀର୍ଣ୍ଣ ଗଦ୍ୟକାବ୍ୟ—ଏହି ସହୃଦୟ ପାଠକ ମାତ୍ରେଇ ସ୍ୱୀକାର କରିବେ । ଆପଣ ତ ମୋ କାହାଣୀ ଲେଖି ନାହାନ୍ତି, ଆପଣ ଯେପରି ବଣିଆର ବାରମ୍ବାର ଛେଚି ପିଟା ପୋଡ଼ ଖାଇଥିବା ସୁନା-ମୁଣ୍ଡା ଶ୍ରୀ କୃଷ୍ଣବିହାରୀ ଦାଶଙ୍କର ଅନ୍ତର ମଧ୍ୟରେ ପ୍ରବେଶ କରି ତାଙ୍କର ଭିତର ଓ ବାହାରର ନିଖୁଣ ଭାଷାଚିତ୍ର ତୂଳି ସାହାଯ୍ୟରେ ଛବି ପରେ ଛବି ଆଙ୍କି ଚାଲିଛନ୍ତି । ଏ ଅଙ୍କନରେ ପକ୍ଷାପେକ୍ଷା ନାହିଁ, ଦ୍ୱିଧା ନାହିଁ; 'ନିଜନ୍ତୁ ମାଢ଼ନପୁଣା ଯଦି ବା ସୁନ୍ଦରୁ'ର ବେପରୁଆ, ଦଳିଦାଣିଆ, ବାଉଫୁଲିଆ ନାହୁରିଆଟି ପରି ଗୋଧୂଳି ବେଳାରେ ପଦ୍ମାନଦୀରେ ପାନ୍‌ସି (ଶ୍ରେଷ୍ଠ ନୌକା) ସଙ୍ଗରେ ବୈଠା (ଶ୍ରେଷ୍ଠ ଅହୁଲା) ଖଣ୍ଡି ଧରି ମନମତାଣିଆ ସ୍ୱରରେ ଗାଇ ଚାଲିଛନ୍ତି ତାରି ଅନ୍ତରର ହସକାନ୍ଦର ବେଦନାବିଧୁର ମନ୍ଦ୍ରମଧୁର ଭାଟିଆଲି ।

ପ୍ରଗଲ୍‌ଭ କଥନର ଧୃଷ୍ଟତା ମାର୍ଜନା କରିବାକୁ ଏକାନ୍ତ ଅନୁରୋଧ । ଇତି ।

ବିନୀତ
ଦୋଳଗୋବିନ୍ଦ ଶାସ୍ତ୍ରୀ

R. College, Bolangir
5.1.55

ମାନନୀୟ ଡକ୍ଟରଙ୍କ,

ଆପଣଙ୍କ ଡକ୍‌ଟରେଟ ଗୌରବରେ ମଣ୍ଡିତ ହେବା ଖବର ଅପାରକାଳ ତଳେ ଜାଣିଛି । ତା ସଙ୍ଗେ ଅନ୍ନଦାଶଙ୍କର ବାବୁଙ୍କର ସତ୍ୟ ମନ୍ତବ୍ୟ ଓ ପ୍ରଶଂସା ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଛି । ଯେଉଁ ଦିନ ଏହା ପଢ଼ିଥିଲି ସେହିଦିନ ଅଭିନନ୍ଦନ ଚିଠିଟିଏ ଲେଖିଥିଲି । ମାତ୍ର ମୋର ଧାରଣାକୁ ଭ୍ରାନ୍ତ କରି ସେ 'ପଞ୍ଚ ମହାଶୟ' ପୋଷ୍ଟ ଅଫିସରେ ନ ପଡ଼ି ମୋ ଦେହ ମହଲରୁ ଅବତରିଛନ୍ତି, ତେଣୁ ପୁଣି ଆଜି ଅଧି ଅଳେ । ଦୂରରେ ଆପଣଙ୍କ ସ୍ନେହ ପୁନରେପି ସୌହାର୍ଦ୍ଦ୍ୟ (ପ୍ରକାଶ ଥାଉ କି ଆପଣଙ୍କ ନିକଟରେ 'ବାରର୍ଥେ' ପରି ଆପଣଙ୍କ ଅନ୍ୟାନ୍ୟ ମଧ୍ୟ ଜଡ଼ିତ)ରେ ବଶୀଭୂତ ହୋଇ ମୁଁ ଲେଖୁଛି ବୋଲି ଭାବିବେ ନାହିଁ ।

ଆପଣଙ୍କର
ବେଣୁଧର ରାଉତ

Digitized by srujanika@gmail.com

ବ୍ରହ୍ମପୁର
୧।୧୧।୭୪

ପ୍ରିୟତମ ଦାସବାବୁ,

ମୁଁ ଆପଣଙ୍କର ରେଭେନ୍‌ସା କଲେଜର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଅଧ୍ୟାପକ ଭାବେ ନିଯୁକ୍ତି ଲାଭ ସମ୍ବାଦ 'ସମାଜ'ରୁ ଜାଣି ଅତ୍ୟନ୍ତ ଆନନ୍ଦିତ । ଓଡ଼ିଆ ଛାନ୍ଦମାଳ ସମ୍ପର୍କରେ ଆପଣଙ୍କର ଗଭୀର ଗବେଷଣା ଆପଣଙ୍କୁ ଅମର କରି ରଖିବ । ଆପଣଙ୍କୁ ଭେଟି ଆଳାପ କରିବାର ଆକାଂକ୍ଷା ଅନ୍ତରରେ ବଳବତୀ ହୋଇ ଉଠିଛି । କାହିଁ ସେ ସୁଯୋଗ ? ମୁଁ ଏବେ କୁଆଡ଼କୁ ଯିବାଆସିବା କରୁନାହିଁ । ଏହା ମଧ୍ୟରେ ସ୍ତ୍ରୀ ଚାଲିଗଲା । ଦେହ ଦୁର୍ବଳ । ଘରେ ବସି କିଛି କିଛି ଲେଖାଲେଖି କରୁଛି । ପୂର୍ବକଥା ସବୁ ମନେ ପଡ଼ୁଛି । ଆପଣଙ୍କୁ ନ ଦେଖି ଗୋଟାଏ ଯୁଗ ବିତିଗଲା ପରି ଲାଗୁଛି । ପତ୍ରାଳାପ ମଧ୍ୟ ବନ୍ଦ ହୋଇଗଲାଣି । ବ୍ରହ୍ମପୁର ଯଦି ଆସନ୍ତି ମୋ କୁଟୀରରେ ପଦାର୍ପଣ କରିବେ ।

(ଶିକ୍ଷକ, କବି, ତାଙ୍କ ଗ୍ରନ୍ଥାବଳୀ ପ୍ରକାଶ ପାଇଛି । ତାଙ୍କ ମୃତ୍ୟୁରେ ଶୋକସଭାଟିଏ କାହିଁ ହୋଇନାହିଁ ।)

ଶୁଭାକାଂକ୍ଷୀ
ପଣ୍ଡିତ ରଘୁନାଥ ପାଣିଗ୍ରାହୀ

ପିଠାପୁର, କଟକ
୨୦।୧୨।୭୮

ପରମ ମାନନୀୟ ସାର୍—

ଆପଣ ତ ମହୋଦଧି ଭଳି ଅତଳ, ଅଟଳ ହୃଦୟରେ ଓ ଚେହେରାରେ । ତେଣୁ ତା ଭିତରେ ମୋ ଭଳି କ୍ଷୁଦ୍ର ଝରଣାଟିଏ ସ୍ଥାନ ପାଇବା ଅସମ୍ଭବ । ଆପଣଙ୍କ 'ଲହରୀ ଆରକର ଦ୍ୱାର' ମୋ ଭଳି ଅଧମ ପାଇଁ କାହିଁ ? ତେଣୁ 'ଜନମେ ଜନମେ ଭକ୍ତ ମୋ ଭାଗ୍ୟେ ହଟହଟ' ଜୀବନେ ମୋହର ଘଟୁଛି । ବାପ ଭଳି ଆପଣ କେତେ ଉପଦେଶ ଦେଲେ ଲେଖାଲେଖିକି ଫେରିଯିବାକୁ । କିନ୍ତୁ ମୁଁ କଣ ଫେରି ପାରୁଛି, ସାର୍ ? ବନ୍ଧୁ ତ ଅନେକ ଦେଖିଛି । କିନ୍ତୁ ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ଭଳି ବାପ କୋଉଠି ପାଇବ ? ଏତେ ଅମାୟିକ, ଏତେ ସ୍ନେହସିକ୍ତ ହୃଦୟ, ଏତେ ପରିବାରର ଉଚ୍ଛଳ କଲ୍ଲୋଳ, ଏତେ ପ୍ରୀତିମୟ ବାଣୀ, ପ୍ରାଣଖୋଲା ହସ, ଏତେ

Digitized by srujanika@gmail.com

ଗମ୍ଭୀର ପ୍ରେମ କୋଉଠି ମିଳିବ ? ଏତେ ପ୍ରାଣ ପ୍ରାଚୁର୍ଯ୍ୟ, ଏତେ ବିଭୂତି, ପ୍ରୀତିର ଅନନ୍ତ ସମ୍ଭାର ମୁଁ କେଉଁଠି ଦେଖିନାହିଁ । ଶ୍ରଦ୍ଧାଳୁ ଜଣେ ଗୁରୁଙ୍କରେ ହାତ ଦେଇ କହି ପାରିବେ, ତାଙ୍କ ପୁଷ୍ପିତ ସେଇ ଘ ଘ ଗର୍ଜନ କରୁଥିବା ସମୁଦ୍ର ଆଉ ଏଇ ଡେଙ୍ଗା ତାଳଗଛର ଚହଡ଼ା ଗୁରୁଙ୍କର ହୃଦସ୍ଥ ଭିତରର ଅନ୍ତରର ଅମୃତମୟ ସ୍ପନ୍ଦନ ଭିତରେ କିଏ ବଡ଼, କିଏ ସାନ ?

ସ୍ନେହାଧୀନ
ନରସିଂହ ଦାସ

(ଅଧ୍ୟାପକ ନରସିଂହ ମହାନ୍ ସେବକ ଲକ୍ଷ୍ମୀନାରାୟଣ ସାହୁଙ୍କ ସ୍ମୃତି ଜୀବନ୍ତ ରଖିବା ଲାଗି ଆତ୍ମୋତ୍ସର୍ଗ କରିଛନ୍ତି, ସାହିତ୍ୟରଚନା ଛାଡ଼ିଛନ୍ତି ।)

ନାରୀକବି ମନମୋହିନୀ ଦେବୀ

ସଖୀଚଉରା ରୋଡ଼,
୨୦।୩।୬୬

ଏ ଗ୍ରନ୍ଥ ବା ଜୀବନକାହାଣୀ ସମ୍ବନ୍ଧରେ କ'ଣ ବା ମତ ପ୍ରକାଶ କରିବି ? ଯେ ସରପୂର୍ଣ୍ଣ ସଙ୍ଗ ରତ୍ନର ଭଣ୍ଡାର ତାଙ୍କୁ ସ୍ମୃତ କି ଚନ ଉପହାର ଦେଇଥିଲେ ହେବ । ପୃଥିବୀର ପ୍ରଧାନ ପ୍ରଧାନ ଅଂଶର ସଙ୍ଗେ ଯାହାର ସମ୍ପର୍କ ସ୍ଥାପିତ ହୋଇଛି, ଭାବର ଆଦାନପ୍ରଦାନ ହୋଇଛି, ସମ୍ମାନସୌଜନ୍ୟ ଯାହାର ଭୂୟିଷ୍ଠ ପ୍ରାପ୍ୟ ରୂପେ ସ୍ୱୀକୃତ ହୋଇଛି; ଜ୍ଞାନୀ ଗୁଣୀ ରସଜ୍ଞ ବିଦଗ୍ଧମାନଙ୍କ ବିବେକ ଗନ୍ଧାଘରୁ, ତାଙ୍କୁ ମୁଁ ଅବା କଣ ନୂତନ କଥା ଶୁଣାଇ ପାରିବି ? ମୁଁ ଯେ ସାମାନ୍ୟ ଲୋକ ।

ରେଣୁକୁ ମେରୁ କହିବାରେ, ଦୂରକୁ ପାରୁ କରିବାରେ, ଓ ବିନ୍ଦୁକୁ ସିନ୍ଧୁ କରିବାରେ ଯେଉଁ ଦ୍ରବ୍ୟ ଅମାନ ଅକ୍ଲାନ୍ତ ଧାରାବାହିକ ସଂଗ୍ରାମ ବା ସାଧନା ଆବଶ୍ୟକ ଏହି ଜୀବନ ତ ତାର ଯାନ୍ତ୍ୱଲ୍ୟମାନ ସ୍ୱାକ୍ଷର । ଯାହା କଳ୍ପନା କରି ହେବ ନାହିଁ ଅନେକଙ୍କ ପକ୍ଷରେ, ସେଇ ଅଦେଖା ହାତର ଅମୃତ ଆଶୀର୍ବାଦ ଲାଭ ହୋଇଛି ଏହି ସାଧକଙ୍କ ଜୀବନରେ, ମୋର ଦୃଢ଼ ବିଶ୍ୱାସ, ଆସ୍ତିକ ନାସ୍ତିକ ସମସ୍ତେ ଏଇ କଥାକୁ ସମର୍ଥନ କରିବେ ।

ବହୁ ଗୁଣୀ ଜ୍ଞାନୀ ସାଧକ ବିଦ୍ୱାନଙ୍କ ଜୀବନ କଥା ମୁଁ ଯଥାସାଧ୍ୟ ପାଠ କରିଛି । କିଏ ଆକାଶର ବିଜୁଳି ପରି ତ, କିଏ ଅଗ୍ନେୟଗିରି ପରି ଅସ୍ପୃଶ୍ୟ, (ଅବଶ୍ୟ ସମସ୍ତେ

Digitized by srujanika@gmail.com

ନୁହନ୍ତି) କଏ କଏ ବିଶାଳ ଉନ୍ନତ କର୍କଶ କଠିନାଙ୍ଗ ରୁକ୍ଷ ଶୈଳ ସଦୃଶ ହେଲେ ହେଁ ତରଳ ନିର୍ମଳ ପ୍ରୀତିସ୍ରୋତା ଝରଣାର ସର୍ଜକ, ତୃଷିତ୍ତ ଏହି ରସାଳ ଜୀବନ ଲାଗି ନୁହନ୍ତି ନିଦର୍ଶନ ।

ପୁସ୍ତକଟି ପଢ଼ି ତନ୍ମୟ ହୋଇ କ'ଣ ଲେଖିଲି, କ୍ଷମା ଦେବେ । କରୁଣାମୟ ପରମେଶ୍ୱର ସର୍ବ ଶୁଭରେ ରଖନ୍ତୁ ।

ଇତି ।
ସର୍ବ ଶୁଭାନୁଧ୍ୟାୟିନୀ

ଡକ୍ଟର ଅନନ୍ତ ତ୍ରିପାଠୀ ଶର୍ମା

ଏମ୍.ଏ, ପି.ଓ-ଏଲ୍, ଡି. ଲିଟ୍ (୩।୮।୬୮, ବ୍ରହ୍ମପୁର)

ପ୍ରିୟ କୁଞ୍ଜବିହାରୀବାବୁ,

ଆପଣଙ୍କ ଅଭିନନ୍ଦନ ପତ୍ର ପାଇ ଅସୀମ ଆନନ୍ଦ ଅନୁଭବ କଲି, ମୁଁ କୌଣସି ଆଶାରେ କାର୍ଯ୍ୟ କରିନାହିଁ କର୍ତ୍ତବ୍ୟ ଦୃଷ୍ଟିରୁ କରିଥାଏ । କିନ୍ତୁ ଭଗବାନ ତ ତାର ଫଳ ଦେଉଛନ୍ତି । ବର୍ତ୍ତମାନ ଉପନିଷଦ ୨୨୨ଟି ଓ ଋଗ୍‌ବେଦ ଅନ୍ୱୟ, ସଂସ୍କୃତ ଟୀକା ଓ ଓଡ଼ିଆ ଅନୁବାଦ କରିବାରେ ଲାଗିଛି । ଏ ମଧ୍ୟରେ ଉପନିଷଦ ସମ୍ଭାରର ତିନୋଟି ଭାଗ ଓ ଅଥର୍ବ ବେଦ ସଂହିତାର ପ୍ରଥମ ଭାଗ ପ୍ରକାଶିତ ହୋଇଅଛି ଏବଂ ଦଶହରା ମଧ୍ୟରେ ଉପନିଷଦ ସମ୍ଭାରର ଚତୁର୍ଥ ଭାଗ, ଅଥର୍ବ ବେଦର ଦ୍ୱିତୀୟ ଭାଗ, କାଣ୍ଡ ସଂହିତାର ପ୍ରଥମ ଭାଗ ପ୍ରକାଶ ପାଇବ ବୋଲି ଆଶା କରୁଅଛି । ଅନ୍ୟ ସବୁ କୁଶଳ ।

ମୋର ଆନ୍ତରିକ ଧନ୍ୟବାଦ ଗ୍ରହଣ କରନ୍ତୁ ।

(ପୁରୀ, ୧୮।୬।୭୮)

ପ୍ରିୟ ମହାଶୟ,

ଓଡ଼ିଆ ଜାତି ବହୁ ପୂର୍ବରୁ ଆପଣଙ୍କ କୃତିରେ ଗୌରବାନ୍ ହୋଇଛି । ଏବେ ଅନୁଷ୍ଠାନିକ ଭାବେ 'ଲେକଭେନ୍ନ' ଉପାଧି ପ୍ରଦାନ କରି ଜାତିକୁ ଅଧିକ ସମ୍ମାନିତ କରିଛି । ଆପଣ ସର୍ବ ଗୁଣାଧାର ଓ ପ୍ରତ୍ୟେକଟି ସାଧନାର ସିଦ୍ଧ ପୁରୁଷ । ଏହି ଅବସରରେ ମୁଁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନ କରୁଛି । ଆପଣ ଦୀର୍ଘ ନିରାମୟ ହୋଇ ଦେଶସେବାରେ ବ୍ରତୀ ହୁଅନ୍ତୁ ଏହାହିଁ କାମନା ।

ଶୁଭାନୁଧ୍ୟାୟୀ
ରାଜକିଶୋର ରାୟ

Digitized by srujanika@gmail.com

ଝଲକୋଟ,
୨୫।୫।୭୭

ମାନନୀୟେଷୁ,

ପ୍ରଣାମ, ମୋର ଗୋଟିଏ ବହି ବ୍ରହ୍ମପୁରଠାରେ ଛପା ହେଉଛି । ତାର ନାମ ଓଡ଼ିଆ, ଓଡ଼ିଶୀ, ଓଡ଼ିଶା, ବର୍ତ୍ତମାନ ସୁଦ୍ଧା ଅଧାଅଧି ଛପା ହୋଇଗଲଣି । ଅନ୍ତତଃ ୧୫୦ ପୃଷ୍ଠା ପର୍ଯ୍ୟନ୍ତ ହେବ ବହିଟି । ଦୟାକରି ଆପଣ ଯଦି ତା ଗ୍ରନ୍ଥପ୍ରବେଶ ସଂକ୍ଷେପରେ ଲେଖି ଦିଅନ୍ତେ, ତେବେ ଖୁବ୍ ଭଲ ହୁଅନ୍ତା । ଆପଣଙ୍କ ମତାମତ ଜାଣିଲା ପରେ ଛପା ଅଂଶଗୁଡ଼ିକ ସାଙ୍ଗରେ ଯୋଡ଼ିଦେବି ଓ ଲେଖାଟି ହାତେ ହାତେ ଫେରନ୍ତ ଆସିବ ।

ପ୍ରଣତ

ବିନୋଦ ରାଉତରାୟ

ଡକ୍ଟର ନରେନ୍ଦ୍ରନାଥ ମିଶ୍ର

(ଶାନ୍ତିନିକେତନ, ୧୧।୧।୭୫)

ସାର୍,

ପ୍ରଣାମ ନେବେ । ଆପଣଙ୍କ ଟେଲିଗ୍ରାମ୍ କାଲି ସନ୍ଧ୍ୟାରେ ପାଇଲି । ସଙ୍ଗେ ସଙ୍ଗେ ରବି ଓ ମୁଁ ବୋଲଟନ୍‌ଙ୍କ ବସାକୁ ଯାଇ ଅନୁରୋଧ ଜଣାଇଲୁଁ । ଶ୍ରୀ ଓ ଶ୍ରୀମତୀ ବୋଲ୍‌ଟନ୍ କଟକ ଯିବାକୁ ଆମନ୍ତ୍ରଣ ପାଇ ଖୁସି । ସେମାନେ ୧୪ ତାରିଖ ଫକୀରମୋହନଙ୍କ ଜନ୍ମସ୍ଥାନ ଦେଖିବାକୁ ବାଲେଶ୍ୱର ଯାଉଛନ୍ତି । ୧୫ ତାରିଖରେ କଟକ ଯିବେ । ମୁଁ ସେମାନଙ୍କୁ ବାଲେଶ୍ୱରରୁ ମିନିବସ୍‌ରେ କଟକ ଯିବାକୁ ପରାମର୍ଶ ଦେଇଛି—ବାଦାମ୍‌ବାଡ଼ିରୁ ଆପଣଙ୍କ ଘରକୁ ଯିବାକୁ ବାଟ ବତେଇ ଦେଇଛି । ବୋଲ୍‌ଟନ୍ ସାରଳାଦାସଙ୍କ ଉପରେ ୨୫।୩୦ ପୃଷ୍ଠାର ଗୋଟିଏ ଅତି ସୁନ୍ଦର ପ୍ରବନ୍ଧ ମୋତେ ଦେଖିବାକୁ ଦେଇଥିଲେ । ସେ ଓଡ଼ିଆ ସାହିତ୍ୟ ଯେନ ଗୋଟିଏ ଗ୍ରେଟ୍ ବହି ଲେଖୁଛନ୍ତି । ଯଦି ସାରଳା ଓ ବଳରାମଙ୍କୁ ଯେନ Epics from the land of Jagannath, ଶୀର୍ଷକ ବହିଟିଏ ଲେଖନ୍ତେ ତ ଭଲ ହୁଅନ୍ତା । ପ୍ରକୃତରେ କେହି ଇଂରେଜ ଓଡ଼ିଆ ସାହିତ୍ୟ ଯେନ ନ ଲେଖିଲେ ଓଡ଼ିଆର ବିଶ୍ୱଜନୀନ ସୌନ୍ଦର୍ଯ୍ୟ ଉଦ୍‌ଭାସିତ ହୋଇପାରିବ ନାହିଁ ।

ସ୍ନେହର ନରେନ୍ଦ୍ର

Digitized by srujanika@gmail.com

(ଶାନ୍ତିନିକେତନ, ୧୨।୫।୭୭)

ବିଶ୍ରାମ ନେବେ ।୦ଦିନ ଗାଡ଼ିରେ ଭଲରେ ଆସିଲି । ମାତ୍ର ଫେରି ୩।୪ ଦିନ ପରେ ସର୍ଦ୍ଦି ଭୋଗିଲି । ମନ ଚାହିଁଲେ ବି ଅନଭ୍ୟାସ ହେତୁ ଭ୍ରମଣ ପାଇଁ ଦେହ ଅସହଯୋଗ କରୁଛି । 'ହିନ୍ଦୀ ଭବନ'କୁ ଯାଇ ଲୋକସାହିତ୍ୟ ପ୍ରସଙ୍ଗରେ ସବୁ ବହି ଦେଖିଲି ।

୧) କଲିକତା ବିଶ୍ୱବିଦ୍ୟାଳୟ ପ୍ରକାଶିତ ହିନ୍ଦୀ ମୁହାବରେଁ - ଡକ୍ଟର ପ୍ରତିଭା ଅଗ୍ରୱାଲ୍—ପ୍ରକାଶ-୧୯୬୯ । ଏହି ବିରାଟକାୟ ଗ୍ରନ୍ଥରେ ହିନ୍ଦୀ ମୁହାବରାର ଗଠନ, ସାହିତ୍ୟିକ ପ୍ରୟୋଗ ଦେଖାଇ ଦିଆହୋଇଛି । ବ୍ୟାକରଣ ଦିଗରୁ ସେ ଆଲୋଚନା କରିଛନ୍ତି 'ଗଠନ'—ସଂଜ୍ଞାମୂଳକ, ବିଶେଷଣମୂଳକ, କ୍ରିୟାମୂଳକ ଇତ୍ୟାଦି । ତାଙ୍କ ସଂକଳନର ପ୍ରଥମ ମୁହାବରାଟି—ଅଂକ୍‌ଦେନା – ଭରନା, ଲଗାନା—ଅର୍ଥ ଆଲିଙ୍ଗନ କରିବା, ଏହାର ସାହିତ୍ୟିକ ପ୍ରୟୋଗ କବୀରଙ୍କଠାରୁ ଆଧୁନିକ ଲେଖକମାନେ କିପରି କରିଛନ୍ତି, ତାହା ଦେଖାଇଛନ୍ତି । ଏଗୁଡ଼ିକ ଲୋକବାଣୀ ବା ଲୋକସାହିତ୍ୟ ପୂର୍ଣ୍ଣତଃ ନୁହେ ।

୨) ମଗହି ଲୋକସାହିତ୍ୟ—ଡକ୍ଟର ସମ୍ପତ୍ତି ଆର୍ଯାଣୀ—ପ୍ରକାଶକ ହିନ୍ଦୀ ସାହିତ୍ୟ ସଂସାର, ଦିଲ୍ଲୀ - ୧୯୬୫ । ଏଥିରେ ଲୋକସାହିତ୍ୟର ଏକ ପ୍ରକୀର୍ଣ୍ଣ ଭାଗ ଭାବରେ କହାବତେ, ମୁହାବରେ, ଓ ପହେଲିୟାଁକୁ ସେ ସ୍ଥାନ ଦେଇଛନ୍ତି । ତାଙ୍କ ମତରେ—ସଂକ୍ଷିପ୍ତତା, ସାରଗର୍ଭିତା, ଏହାର ମହତ୍ତ୍ୱ । ଏଗୁଡ଼ିକ ସର୍ବସାଧାରଣର ସମ୍ପତ୍ତି, କ୍ଷେତ୍ର-ବିଶେଷ ଓ ଶ୍ରେଣୀବିଶେଷର ଆଦିମ ପ୍ରବୃତ୍ତି ଓ ସାମାଜିକ ପରମ୍ପରାକୁ ଜାଣିବା ପାଇଁ ଏଗୁଡ଼ିକରେ ଉପାଦାନ ରହିଛି, ବିଷୟ ଦୃଷ୍ଟିରୁ—ସାମାଜିକ, କୃଷି ଓ ପ୍ରକୃତି ସମ୍ବନ୍ଧୀୟ, ବ୍ୟଙ୍ଗାତ୍ମକ, ଐତିହାସିକ ଓ କଥାତ୍ମକ ଆଦି ଭାଗରେ ଶ୍ରେଣୀ ବିଭାଗ କରିଛନ୍ତି, ତାଙ୍କ ସଂଗ୍ରହର ଗୋଟିଏ ଦୃଷ୍ଟାନ୍ତ ଗାୟ ଅଭର ବନ୍ଧମନ୍ (ବ୍ରାହ୍ମଣ) ଘୁମ୍‌ଲେ ପେଟ ଭରେ ।

୩) ଲୋକସାହିତ୍ୟ : ଏକ ନିରୂପଣ—ଶ୍ରୀରାମଚନ୍ଦ୍ର ବୋଡ଼ା, ନବଯୁଗ ଗ୍ରନ୍ଥ କୁଟୀର--ବିକାନେର ଲୋକଗୀତ ଓ ଲୋକକଥା ସଙ୍ଗେ ସଙ୍ଗେ ଲୋକବାର୍ତ୍ତା, ଲୋକ ବିଶ୍ୱାସ, ଲୋକତତ୍ତ୍ୱଙ୍କେ ଓ ଲୋକ ପରମ୍ପରା ଅଧ୍ୟୟନର ଉପଯୋଗିତା କଥା ଉଲ୍ଲେଖ କରିଛନ୍ତି । ମାତ୍ର କ୍ଷୁଦ୍ର ପୁସ୍ତକରେ ବିଶେଷ କିଛି ତାତ୍ତ୍ୱିକ ଆଲୋଚନା ବା ସଂଗ୍ରହ ସ୍ଥାନ ପାଇନାହିଁ ।

ଭୋଜପୁରୀ ଲୋକସାହିତ୍ୟ--କୃଷ୍ଣଦେବ ଉପାଧ୍ୟାୟ ଆଦୌ ଲୋକବାଣୀ ସଂଗ୍ରହ କରିନାହାନ୍ତି ।

Digitized by srujanika@gmail.com

ଏଇଥିରୁ ଦୃଷ୍ଟିରୁ ଆପଣଙ୍କ ଆଲୋଚନା ମୌଳିକ ଓ ଗଭୀର । ସେଇ ଦୃଷ୍ଟିରୁ ତଥା ଅପଣ (Folk tradition) ଲୋକପରମ୍ପରା ଓ ଲୋକବାଣୀ ଉପର ପରୀକ୍ଷଣକୁ ପ୍ରମାଣିତ କରନ୍ତୁ, ଦେଖାନ୍ତୁ । ଡକ୍ଟର ଟୋମସନ୍ American Folk loreରେ ଅନ୍ତର୍ଜାତୀୟ ଲୋକ ଓ ଅନ୍ୟ କଥିତ୍ୱ ବାକ୍ୟ ଉପର ଲୋକବାଣୀର ବ୍ୟବହାର କରୁଥିଲେ, ଉପର ସୂକ୍ଷ୍ମଭାବର ଚମତ୍କାର ବର୍ଣ୍ଣନା କେବଳ ପରମ୍ପରା ଦୃଷ୍ଟି କରୁଥିଲେ, ଲେଖିଛନ୍ତି । ହେଲ୍ପଟେ ଅପଣ ଆପଣଙ୍କ ଅନୁଭୂତିକୁ କାମରେ ଲଗାଇ ପାରନ୍ତି । ହିନ୍ଦୀ ବହୁଗୁଡ଼ିକ ଆପଣଙ୍କ କାମରେ ଆସିବ ନାହିଁ ବୋଲି ଧାରଣା ହେଉଛି । ସୁବିଧା ଅନୁସାରେ ଚିଠି ଦେବେ ।

(ପ୍ରଥମ ଚିଠି ଡକ୍ଟର ଜନ୍ ବୋଲ୍ଟନ୍ ମୋର ପ୍ରଥମ ପ୍ରଶ୍ନ, ଲଣ୍ଡନ ବିଶ୍ୱ-ବିଦ୍ୟାଳୟର ଓଡ଼ିଆ ଓ ବଙ୍ଗଳା ଅଧ୍ୟାପକ, ଫକୀରମୋହନଙ୍କ ଉପରେ ସନ୍ଦର୍ଭ ଲେଖି ପିଏଚ୍ ଡି ପାଇଛନ୍ତି. ଏକାନ୍ତ ଓଡ଼ିଆସାହିତ୍ୟପ୍ରେମୀ । ବର୍ତ୍ତମାନ ବିଦେଶରେ କେମ୍ବ୍ରିଜରେ ବସି ବହୁ ଅନୁ ଜାଣିବାକୁ ଲେଖିବାରେ ଏ ଉତ୍ତର ମିଳିଛି ।)

ଶାନ୍ତିନିକେତନ

୨୨।୯୭

ସାର୍,

ପ୍ରଣାମ ନେବେ । ନୀଳାଦ୍ରି ଆପଣଙ୍କ ଉପରେ ମୁଁ ଲେଖିଥିବା ପ୍ରବନ୍ଧଟି ପଢ଼ିଲେ ଆପଣଙ୍କର କୌଣସି ଗୋଟିଏ ଗଳ୍ପ ଓ ଗୋଟିଏ କବିତା ଫଟୋ ଫଟୋଷ୍ଟାଟ୍ ପଠାଇବାକୁ କହୁଛନ୍ତି । କେଣ୍ଟ ପାଖରେ ଅଧିକ କମି ଥିଲେ ଆପଣଙ୍କ ଇଂରାଜୀ ବହିରୁ ଗୋଟିଏ (ନ ଥିଲେ ନ ଆଣି ପାରନ୍ତି) ଓ କୁନ୍ତଳ ହାଉ ସଞ୍ଚୟନ ୧ମ ଖଣ୍ଡରୁ ଗୋଟିଏ କରି ଆଣିବେ । ‘ଏ କି ନୂତନ୍ନ ଜୀବନର ପ୍ରାର୍ଥନା ?’ କବିତାଟି ପୂର୍ବରୁ ଅନୁବାଦ ହୋଇ Indian Literatureରେ ପ୍ରକାଶ ପାଇଥିଲା । ତାହାର କପି ମିଳୁନି । ସେ କବିତାଟିର ଇଂରାଜୀ ଅନୁବାଦ, ସେଥି ସହିତ ଅନ୍ୟ କୌଣସି କବିତାର ଇଂରାଜୀ ଅନୁବାଦ ମଧ୍ୟ ହାତରେ ଆଣିବେ । ଯଦି ଆପଣଙ୍କ ଆସିବା ବିଳମ୍ବ ଥାଏ, ତେବେ ଇଂରାଜୀ କବିତାଗୁଡ଼ିକର ନକଲ ପଠାଇଦେଲେ ଚଳିବ ।

ସ୍ନେହର

ନରେନ୍ଦ୍ର

(ନୀଳାଦ୍ରି—ଶ୍ରୀମତୀ ଲୀଳା ରାୟ, ଅନ୍ନଦାଶଙ୍କର ରାୟଙ୍କ ସ୍ତ୍ରୀ, ବହୁ ଓଡ଼ିଆ କବିତା ବଙ୍ଗଳାରେ ଅନୁବାଦ କରିଛନ୍ତି ।)

Digitized by srujanika@gmail.com

୭୧୫

ଘଷଘୋଟ
୧୯. ୨

ପ୍ରିୟ ମହାଶୟ

ସମ୍ବାଦରେ ଆପଣଙ୍କ ଲେଖା 'ତେଲେଙ୍ଗ ଓ ମଣିଷ' ଆଗରେ ପଢ଼ି ମନ ଛୁଇଁଗଲା, ଆଜି ଆଗେ ପଢ଼ିଲି — ବାସ୍ତବ ଢଙ୍ଗରେ ମନ ପୂରିଗଲା।

'କ ଦେଖିବ ଭାବୁଛନ୍ତି ଅଙ୍ଗୁଳି ତ' ପଂକ୍ତିଟି ମ ହୃଦୟରେ ଗଭୀର ଅନୁରଣନ କରୁଛି। ଏ ଭଳି ଲେଖା ଅଧିକ ପ୍ରକାଶ ପାଉ।

'ଦ୍ରୌପଦୀ ...' ବୃଦ୍ଧା ଏ ଅକାଳ...ର ପ୍ରଶଂସା ଦିଅ।

ଶୁଭମୂର୍ତ୍ତି
ଶ୍ରୀ ବାଇଚୋଲି କୋଠପ ବଣାବନ

ରମାଦେବୀ

କଟକ, ୨୮. ୨. ୭୭

ଶ୍ରଦ୍ଧାସ୍ପଦେଷୁ,

ଆପଣଙ୍କର ୨୨. ୨. ୭୭ ତାରିଖର ଚିଠି ପାଇଛି। ମୋ ସ୍ୱର୍ଗତ ପିତାଙ୍କର ପ୍ରତିକୃତି ଉତ୍କଳସାହିତ୍ୟସମାଜକୁ ଦାନ କରିବା ଲାଗି ଆପଣ ମୋତେ ଅନୁରୋଧ କରିଛନ୍ତି। ଆପଣଙ୍କ ଅନୁରୋଧ ରକ୍ଷିବା ଭଳି ଆର୍ଥିକ ସ୍ଥିତି ମୋର ନାହିଁ। ଯେହେତୁ ମୁଁ ଜନସାଧାରଣଙ୍କ ସାହାଯ୍ୟ ଉପରେ ଚଳେ। ଏପରି କର୍ମୀ ଦେଶରେ ରହିବା ଆବଶ୍ୟକ ବୋଲି ଗାନ୍ଧିଜୀ ଏକ ସମୟରେ ଇଚ୍ଛା ପ୍ରକାଶ କରିଥିଲେ। ମହାପୁରୁଷଙ୍କର ସେହି ଇଚ୍ଛାକୁ ସମ୍ମାନ କରି ଆମେ କେତେ କର୍ମୀ ଜନସାଧାରଣଙ୍କ ସାହାଯ୍ୟ ଉପରେ ଚଳୁଛୁ। ତେଣୁ ନିଜ ଇଚ୍ଛା ଅନୁସାରେ ନିଜ ଲୋକଙ୍କ ପାଇଁ ପଇସା ଖର୍ଚ୍ଚ କରିବାର ଅଧିକାର ମୋର ନାହିଁ। ଆପଣଙ୍କ ଅନୁରୋଧ ରକ୍ଷା କରିପାରିଲି ନାହିଁ। କ୍ଷମା ପ୍ରାର୍ଥନା କରୁଛି।

—ରମାଦେବୀର ନମସ୍କାର—

(ଶ୍ରୀରାମଚନ୍ଦ୍ରଭବନରେ 'ଗ୍ରାମବଧୂ' ଉପନ୍ୟାସର ଲେଖକ ଗୋପାଳବଲ୍ଲଭ ଦାସଙ୍କ ପ୍ରତିକୃତି ରଖିବା ଲାଗି ଲେଖି ଏହି ଉତ୍ତର ପାଇଥିଲି।)

Digitized by srujanika@gmail.com

(୬।୮।୭୭, କଟକ-୮)

ପ୍ରଣତ । 'ମୋ କାହାଣୀ' ବିଷୟରେ କଣ ବା ଲେଖିବି; ମୋ ବୋଉ ଆପଣଙ୍କ ପ୍ରାଥମିକ ଜୀବନର ଝଡ଼ଝଞ୍ଜା ପାଠ କରି ଗତକାଲି ଆନନ୍ଦରେ ଓ ଆତ୍ମସନ୍ତୋଷରେ ଲୁହ ଗଡ଼ାଇଲା । ସେ ବିଶେଷ ଶିକ୍ଷିତା ନ ହେଲେ ମଧ୍ୟ ତାର ପ୍ରାଥମିକ ବୋହୂ ଜୀବନର କେତେ କଥା ମନେ ପକାଇ ଅତୀତର ସ୍ମୃତି ସାଗରରେ ପହଁରିବାକୁ ଚେଷ୍ଟା କରୁଥିଲା । 'ମୋ କାହାଣୀ' କେତେକାଂଶରେ ଆପଣଙ୍କ କାହାଣୀ ହେଲେ ହେଁ ତାହା ମୋଟା-ମୋଟି ଭାବରେ ଦୀର୍ଘକାଳର ଓଡ଼ିଶାର ସାରସ୍ୱତ ଜୀବନର କାହାଣୀ, ଜଣେ ସାହିତ୍ୟିକ ବୀରର କାହାଣୀ । କେତେକ ସ୍ଥଳରେ ସାମାନ୍ୟ କିଛି ବ୍ୟକ୍ତିନିଷ୍ଠ ଆଲୋଚନା ଇତିହାସ ସଚେତନ ପାଠକଙ୍କୁ ଆଘାତ ଦେବ ସିନା, ନଚେତ୍ 'ମୋ କାହାଣୀ' ଏକ ସାର୍ଥକ ଆତ୍ମଲିପି ଓଡ଼ିଆ ସାହିତ୍ୟରେ । 'ମୋ କାହାଣୀ'ର ଲେଖକ ମୋର କବିଗୁରୁ । ମୁଁ କାହାଣୀ ଲେଖିବାରେ ଯୋଗ୍ୟ ହୁଏ କି ନ ହୁଏ, ଏଇ କାହାଣୀ ଅକୁଣ୍ଠ ଚିତ୍ତରେ ବନ୍ଧୁମାନଙ୍କୁ କହି ଗର୍ବ ଅନୁଭବ କରିଥାଏ । ୧୯୪୬ରୁ ୭୬ କାଳପରି ଘଟଣା ଲମ୍ବି ଗଲାଣି । ମୋ ପରି ନବ୍ୟ ଲେଖକଙ୍କ ପାଇଁ ଆପଣ ଏବେ ମଧ୍ୟ ପ୍ରେରଣା । ଆଶା, ଆପଣ ମଙ୍ଗଳରେ ଅଛନ୍ତି ।

ପ୍ରଣତ
ପଠାଣି ପଟ୍ଟନାୟକ

(ବାଣୀସାହିତ୍ୟ ମନ୍ଦିର, ଭଦ୍ରକ)

ଗତକାଲି ୨୪।୩।୭୭ ତାରିଖରେ ଆପଣଙ୍କ ନିକଟକୁ ମୋର ନବପ୍ରକାଶିତ କବିତାପୁସ୍ତକ 'ସନ୍ଧ୍ୟାଦୀପ' ଖଣ୍ଡିଏ ଉପହାର ସ୍ୱରୂପ ବୁକ୍‌ପୋଷ୍ଟରେ ପଠାଇଛି, ଆଶାକରେ ତାହା ଆପଣଙ୍କ ହସ୍ତଗତ ହୋଇଥିବ । ପୁସ୍ତକଖଣ୍ଡିକ ପାଠ କରି ଆପଣଙ୍କ ମତାମତ ଜଣାଇଲେ ମୁଁ ଅନୁଗୃହୀତ ଓ ଉପକୃତ ହେବି । ଆଶାକରେ ଆପଣ ସୁସ୍ଥ ଥିବେ । ମୋର ବିନୀତ ପ୍ରଣତି ଗ୍ରହଣ କରିବେ ?

ପ୍ରଣତ
ଉପେନ୍ଦ୍ର ପ୍ରସାଦ ମହାନ୍ତି ।

Digitized by srujanika@gmail.com

ବାଣୀସାହିତ୍ୟ ମନ୍ଦିର, ଭଦ୍ରକ,
୧୨।୪।୭୭

ମୋର ପ୍ରଣାମ ନେବେ, ଆପଣଙ୍କ ୭।୪।୭୭ର ଚିଠିଖଣ୍ଡି ପାଇଛୁ । ଆଜି ଖଣ୍ଡିଏ 'ସନ୍ଧ୍ୟାଦୀପ' ଆପଣଙ୍କ ପାଇଁ ଶ୍ରୀମାନ୍ ଅପୂର୍ବ ରଞ୍ଜନ ରାୟଙ୍କ ହାତରେ ପଠାଇଲି । ଆଶାକରେଁ ଏ ଖଣ୍ଡିକ ଯଥାସମୟରେ ଆପଣ ପାଇବେ । ଭଦ୍ରକ ବାହାରେ ଥିବା ବହୁ ବିଶିଷ୍ଟ ବ୍ୟକ୍ତି ଓ ବନ୍ଧୁଙ୍କ ପାଖକୁ ବହିଗୁଡ଼ିକ ରେଜିଷ୍ଟାର୍ଡ଼ ପୋଷ୍ଟରେ ପଠାଇଲେ ବହୁତ ଖର୍ଚ୍ଚ ପଡ଼ିବ ବୋଲି ବୁକ୍‌ପୋଷ୍ଟ୍‌ରେ ପଠାଇଥିଲି । ପ୍ରାୟ ସବୁଗୁଡ଼ିକ ଗଲି । ଧନ୍ୟ ଆମ ଦେଶର ଡାକଘର ଓ ଡାକବିଭାଗ ।

କିଏ କହିବ,
କପାଳରେ ସିନା କର ତାଡ଼ିବ ?

ଆଶାକରେଁ, ସୁସ୍ଥ ଥିବେ । ଅଭିମତ ପ୍ରାପ୍ତି ଅପେକ୍ଷାରେ ରହିଲି ।

ଅନୁଗ୍ରହପ୍ରାର୍ଥୀ
ଉପେନ୍ଦ୍ର ପ୍ରସାଦ ମହାନ୍ତି

(କବିବର ଚିନ୍ତାମଣି ମହାନ୍ତିଙ୍କ ପୁତ୍ର, 'ମଧୁପର୍କ', 'କବିତାଗୁଚ୍ଛ' ଓ କଥାକୁଞ୍ଜ ପରି ବହୁ ଗଳ୍ପପୁସ୍ତକର ରଚୟିତା)

୨୩।୪।୭୭

ପ୍ରଣାମ ମାତ୍ର ନିବେଦ୍ୟ । ପ୍ରେମକୁ ବହୁତ କହିବେ । ତାର ବ୍ୟବହାର, ଆଗ୍ରହ ଦେଖି ଟିକିଏ ହିନ୍ଦି ସନ୍ତୁଷ୍ଟ ହେବ । ଆପଣଙ୍କ ପ୍ରତିଭା ତାର ଯୋଗୁଁ ।ଭଗବାନ୍ ତାକୁ ଭଲରେ ରଖନ୍ତୁ । ମୁଁ ଏଇପରି ଆଦରଗୌରବ ଆପଣମାନଙ୍କଠାରୁ ପାଇ ବଦାସ୍ତ ହୋଇଯାଏ, ଏତିକି ତାଙ୍କଠାରେ ଜଣାଣ ।

ଗୋଟିଏ ବଶିଷ୍ଟ ଦାନସରେ ବଶିଷ୍ଟ ବ୍ୟକ୍ତିଙ୍କଠାରୁ ଅମୂଲ୍ୟ ଗ୍ରନ୍ଥ ପାଠାଗାର ପାଇଁ ପାଇ ମୁଁ ଓ ଏଠା କର୍ମକର୍ତ୍ତାବୃନ୍ଦ ସନ୍ତୁଷ୍ଟ । ଗୋଟିଏ ନୂଆ ଭଣ୍ଡାର ଗ୍ରନ୍ଥ; ଗ୍ରନ୍ଥ-ସୂଚୀରେ ଗୋଟିଏ ନା ବଢ଼ିଲି ଏହା ବଡ଼ କଥା ନୁହେଁ । ହଉ, ଏଇପରି ଆଶୀର୍ବାଦ

Digitized by srujanika@gmail.com

ଥାନ୍ତି, ଘରକୁ ଗଲେ ଏଇପରି ଖାଇବାକୁ ମିଳୁଥାନ୍ତି । ଭଲ ଖାଇ ବା ଭଲଭାବେ ଗଣ୍ଡିରି ପୂରାଇ ଅମୃତ ଅଣିବ । ପୁଣି ଯାହା ଅଣିବ, ତାକୁ ଯେତେ ଖାଇବ ସେ ସେତେ ଗୁଣ ବୃଦ୍ଧି ପାଇବ । ଏପରି ଲୋକଙ୍କୁ କଏ ବା ସନ୍ତୁଷ୍ଟ ନ ହେବ; ଯେତେ ଖାଉଥିବ ସେତେ ଦାନବାଲଙ୍କର ପୁଣ୍ୟ ବୃଦ୍ଧି ହେଉଥିବ ।

ଇତି

ଆ—

ଦାଶରଥି ପଟ୍ଟନାୟକ

(ଦାଶରଥି ୮୦ ବର୍ଷର ବୃଦ୍ଧ, ଅଧିକ ଭଲ ଦେଖେନାହିଁ । ଏଇ ଅବସ୍ଥାରେ ସେ ଓଡ଼ିଶାତମାମ୍ ବୁଲି ବୁଲି ଉଦୟପୁର ଗ୍ରାମ, ନୟାଗଡ଼ରେ ପ୍ରତିଷ୍ଠିତ ତାଙ୍କ ବିପୁଳ ଅରବିନ୍ଦ ପାଠାଗାର ଲାଗି ବହି ସଂଗ୍ରହ କରୁଥାନ୍ତି । ତାଙ୍କ ପରି ପୁସ୍ତକପ୍ରେମୀ ସଂଗଠକ ଓଡ଼ିଶାରେ ଆଉ ଜଣେ ଦେଖିନାହିଁ)

ରାଉରକେଲା,
୧୮. ୧୧. ୭୬

ମାନନୀୟ ସାର୍,

ମୋର ଆନ୍ତରିକ ନମସ୍କାର ଗ୍ରହଣ କରିବେ । ମୋ ଦ୍ୱାରା ଲିଖିତ, କଟକ 'ଗ୍ରନ୍ଥମନ୍ଦିର' ପ୍ରକାଶିତ "ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ" ଆପଣଙ୍କ ଦୃଷ୍ଟିକୁ ଆସିଥିବ ଏବେ ଏ ବହିର ଦ୍ୱିତୀୟ ସଂସ୍କରଣ ହେବାକୁ ଯାଉଛି । ମୋର ଅସାବଧାନତା ବଶତଃ ଅଥବା ଅନୁଶୀଳନ ଅଭାବରୁ ପ୍ରଥମ ସଂସ୍କରଣର କିଛି ଭୁଲ୍ ଭ୍ରାନ୍ତି ଅବଶ୍ୟ ଆପଣଙ୍କ ଆଖିରେ ପଡ଼ିଥିବ । ଅନୁଗ୍ରହ କରି ମୋତେ ମୋର ଭୁଲ୍‌ଗୁଡ଼ିକ ସଂପର୍କରେ ଲେଖିବେ ବୋଲି ଅନୁରୋଧ କରୁଛି । ଆପଣଙ୍କର ମୂଲ୍ୟବାନ୍ ପରାମର୍ଶ ପାଇବାରୁ ମୋତେ ବଞ୍ଚିତ କରିବେ ନାହିଁ ବୋଲି ଆଶା କରୁଛି । ସେଥି ସହିତ ପ୍ରଥମ ସଂସ୍କରଣ ସଂପର୍କରେ ଆପଣଙ୍କର ମତାମତ ଦୁଇପଦ ଲେଖି ପଠାଇଲେ ଉପକୃତ ହେବ ।

'ଓଡ଼ିଆ ସାହିତ୍ୟର ଇତିହାସ' ପ୍ରଣୟନ କରିବା ଏକ ଜାତୀୟ କାର୍ଯ୍ୟ ବୋଲି ମୁଁ ମନେ କରେ । ଏ ଦିଗରେ ମୋର ଉଦ୍ୟମ ଓ ଅଧ୍ୟବସାୟ ଅତି ନଗଣ୍ୟ । ଜଣେ ବ୍ୟକ୍ତିର ସଚେତନ ପ୍ରୟାସ ଓ ସକଳ ପ୍ରକାରର ସାବଧାନତା ସତ୍ତ୍ୱେ ଏଭଳି ଏକ ଉଦ୍ୟମରେ ଦୋଷ ତ୍ରୁଟି ରହିଯିବା ସ୍ୱାଭାବିକ । ଆପଣ ମୋର ଗୁରୁଜନ; ଅଧିକରେ ଆପଣ ଜଣେ ପ୍ରବୀଣ ଓ ପ୍ରତିଷ୍ଠିତ ସାହିତ୍ୟିକ ରୂପେ ସର୍ବଭାରତୀୟ ସ୍ତରରେ ସୁଖ୍ୟାତ ସୁପରିଚିତ ଓ ନାନା ଭାବରେ ସମ୍ମାନିତ । ଆପଣଙ୍କର ଯଶ, ଖ୍ୟାତି ଓ ଗୌରବ ତଳେ

Digitized by srujanika@gmail.com

ମୁଁ ନିଜକୁ ଏକ ନଗଣ୍ୟ ଶିଶୁ ମନେ କରେ । ଆପଣଙ୍କର ପ୍ରେରଣା ଓ ସଦିଚ୍ଛା ହିଁ ମୋର ଏକମାତ୍ର ସମ୍ବଳ ।

ଉକ୍ତ ବନ୍ଧ ସମ୍ପର୍କରେ ଆପଣଙ୍କର ସୁଚିନ୍ତିତ ମତାମତ ଅବିଳମ୍ବେ ପାଇବି ବୋଲି ଆଶାକରି ରହିଲି । କେନ୍ଦୁ ଗୁଡ଼ି ମୁଁ ବରାବର ପରିଧିରେ ଘୂରି ବୁଲୁଛି—ଆଜି ସମ୍ବଲପୁର ତ କାଲି ପାରଳା, ତା ଆରଦିନ ରାଉରକେଲା । ତେଣୁ ମୁଁ ଏକ ପ୍ରକାର ବାରବୁଲା, ସ୍ଥିତିହୀନ ଜୀବନଯାପନ କରୁଛି । କେବେ ନିକଟ ଗଲେ ଆପଣଙ୍କୁ ଅବଶ୍ୟ ଦେଖାକରିବାର ଅଭିଳାଷ ଅଛି ।

ଆପଣଙ୍କଠାରୁ ଚିଠି ପାଇବି ବୋଲି ଆଶା କରି ରହିଲି ।

ରାଉରକେଲା
୧୮. ୧୧. ୬୯

ମୋର ଆନ୍ତରିକ ନମସ୍କାର ଗ୍ରହଣ କରିବେ ।

ଆପଣଙ୍କ ଲେଖନୀ-ପ୍ରସୂତ "ମୋ କାହାଣୀ" ପାଠ କରିବାର ସୌଭାଗ୍ୟ ଲଭିଲି । ଏଥିପାଇଁ ମୁଁ ଏତଦ୍ୱାରା ଆପଙ୍କୁ ଅଭିନନ୍ଦନ ଜଣାଉଛି ।

ଆପଣଙ୍କ ମହାର୍ଘ ଜୀବନର ସଂଗ୍ରାମମୟ ବିପୁଳ ଅନୁଭୂତି ନିକଟରେ ମୁଁ ନିଜକୁ ଶିଶୁ ଭଳି ମନେକଲି । 'ମୋ କାହାଣୀ'ର ଅନନ୍ତ ସାଗରରେ ମୁଁ ଏକାବେଳକେ ବୁଡ଼ିଗଲି । କବିଙ୍କ ଭାଷାରେ "ଅଯିତା ଜନସ୍ୱେ ହେଲି ନିମଗନ" ଛଡ଼ା ଏହା ଅନ୍ୟକିଛି ନୁହେଁ ବୋଲି ମନେ କଲି । ଏହାର କାରଣ, ଆପଣଙ୍କର ଗଭୀର ଜୀବନାନୁଭୂତିର ମାର୍ମିକ ଅଭିବ୍ୟକ୍ତି ଓ ଲେଖାରେ, ଶୈଳୀର ପରିଚ୍ଛନ୍ନତା ।

ଆପଣ ମୋର ଆଦର୍ଶ । ନିଜ ଅଦର୍ଶର ସ୍ମୃତି-ସ୍ମରଣ ମୋ ପାଇଁ କେତେ ବେଶୀ ଅନ୍ତରଙ୍ଗ ଓ କେତେ ବେଶୀ ମୂଲ୍ୟବାନ୍, ତାହା ମୁଁ କଥାରେ କହିପାରିବି ନାହିଁ । ଦୂରରୁ ମୋର କ୍ଷୁଦ୍ର ନମସ୍କାର ଜଣାଉଛି । ଶ୍ରଦ୍ଧାଂ ଗୃହାଣ ମହତମନ୍ ସ୍ମରଣୀୟଙ୍କୀର୍ତ୍ତେ ! ହେ ସ୍ମରଣୀୟ କୀର୍ତ୍ତି ! ମୋ ଅନ୍ତରର ଶ୍ରଦ୍ଧା ଗ୍ରହଣ କରନ୍ତୁ ।

ଆପଣଙ୍କର ଅନୁଗତ
ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ

Digitized by srujanika@gmail.com

୧୨।୧।୭୯
ଭଦ୍ରକ କଲେଜ,

ମାନନୀୟଷୁ ଡକ୍ଟର ଦାସ, ପ୍ରଣତି,

ଆପଣଙ୍କ ଶୁଭେଚ୍ଛାରୁ ଯାହା କିଛି ଲାଭ କଲି । ସାଧାରଣଙ୍କ ସମକ୍ଷରେ ତାହାର ଫଳଶ୍ରୁତି ଏ ପର୍ଯ୍ୟନ୍ତ ହୋଇନାହିଁ । ଥେସିସ୍ ବର୍ତ୍ତମାନ ମୁଦ୍ରିତ ହେଉଛି । ଅଧାଅଧିରୁ ବେଶୀ କାମ ସରିଗଲାଣି । ଆସନ୍ତା ମାସ ବେଳକୁ ଗ୍ରନ୍ଥଟି ପ୍ରକାଶ ପାଇଯିବ ବୋଲି ମନେ ହେଉଛି । ଗ୍ରନ୍ଥ ମଧ୍ୟରେ ଆପଣଙ୍କର ଏକ ମୂଲ୍ୟବାନ ମନ୍ତବ୍ୟ ସଂଯୋଜିତ କରିବା ଲାଗି ମୁଁ ବିଶେଷ ଆଗ୍ରହୀ । ଆପଣ ତ ଥେସିସ୍ ଟିକି ଟିକି କରି ପଢ଼ିଛନ୍ତି । ଦୟା କରି ତା ଉପରେ ମନ୍ତବ୍ୟଟି ଲେଖିଦେଲେ ଉପକୃତ ହେବି । ଆପଣଙ୍କ ଆମେରିକା ଭ୍ରମଣ କାହାଣୀ ମୁଦ୍ରିତ ହେଉଥିଲା । ତାହା କେବେ ପ୍ରକାଶ ପାଉଛି ? ଇତି ମଧ୍ୟରେ ଆପଣଙ୍କର ଆଉ କିଛି ସମାଲୋଚନା ଗ୍ରନ୍ଥ ପ୍ରକାଶ ପାଇଛି କି ନା ?

ସ୍ନେହାଧୀନ କୃଷ୍ଣ
(ଅଧ୍ୟାପକ ଡକ୍ଟର୍ କୃଷ୍ଣଚରଣ ବେହେରା)

ବାଣୀ ବିହାର
୨୮।୧।୭୮

ମାନନୀୟେଷୁ,

ଆଜି ଆପଣଙ୍କ ଚିଠି ପାଇବା ପୂର୍ବରୁ କାହିଁକି କେଜାଣି ଖୁବ୍ ବେଶୀ ଆପଣଙ୍କ କଥା ଭାବୁଥିଲି । ଚିଠିଟିଏ ଲେଖିବାର ପ୍ରାକ୍ ମୁହୂର୍ତ୍ତରେ ହିଁ ଆପଣଙ୍କ ଚିଠି ପାଇଲି । ଏହା ଏକ ଅଦ୍ଭୁତ ସାଇକୋପାଥେଟିସ୍ । ପୁଣି ମଡର୍ଣ୍ଣ କ୍ଲାସରେ ଏଇ ସପ୍ତାହରେ ଆପଣଙ୍କ କବିତା ପଢାଉଥିଲି । ୨ଟି କ୍ଲାସ୍ ନେଇଥିଲି । ତୃତୀୟ ଓ ଶେଷ କ୍ଲାସ୍‌ରେ ଆପଣଙ୍କ ଚିଠିସବୁ ପିଲାଙ୍କୁ ପଢ଼ାଇ ଶୁଣାଇଛି, ଦୂରରେ ରହିଲେ ହିଁ ଅଭାବ ଅଧିକ ଉପଲବ୍ଧି ହୁଏ । ଏ କଥା ଏବେ ମୁଁ ଅନୁଭବ କରୁଛି । କଟକ ଯିବାକୁ ଆମର ଆଉ କି ଆକର୍ଷଣ ରହିଲା ? ଚିର ସ୍ନେହଶୀଳ ଉତ୍ସାହର ଉତ୍ସଟି ତ ଆମ ପାଇଁ ସାମୟିକ ଶୂନ୍ୟତାରେ ପରିଣତ ହୋଇଛି , ଏମିତି ତ ହୁଏ । ଏହା ହିଁ ତ ଦୁନିଆର ରୀତି । କିନ୍ତୁ ଆପଣଙ୍କ ଚିଠିରେ ପୁଣି କବିତା ଲେଖିବାର ଯେଉଁ ପ୍ରତିଶ୍ରୁତି ମିଳିଛି ତାହା ଆପଣଙ୍କ ଅନ୍ତର ସହିତ ଅଗଣିତ କାବ୍ୟାମୋଦୀଙ୍କୁ ଅଧିକ ପରିଚିତ କରାଇବ । 'ଚିତାଭିସ' 'ଲିମ୍ବଲିପି', 'ଫସିଲ ଓ ଫସଲ', 'ଆଲ୍‌ବମ୍' ଆଦି ଉତ୍ତର ପଚାଶ ଓ ଷାଠିଏର ସୃଷ୍ଟି ପରେ ପୁଣି ଥରେ ଶିଥିଳିତ ସେ ସୃଜନ ପ୍ରୟାସ ଯଦି ଶାନ୍ତିନିକେତନର ବାତାବରଣରେ ମୁକୁଳିତ ହୋଇଯାଏ, ଆମ ସମସ୍ତଙ୍କ ପାଇଁ ଏହା ଆନନ୍ଦର ବିଷୟ ହେବ ।

ସ୍ନେହର ନିତ୍ୟାନନ୍ଦ
(ଅଧ୍ୟାପକ ଡକ୍ଟର୍ ନିତ୍ୟାନନ୍ଦ ଶତପଥୀ)

Digitized by srujanika@gmail.com

ଭୁବନେଶ୍ୱର,
୧୫. ୬. ୭୩

ପୂଜ୍ୟ କୃଷ୍ଣବାବୁ,

'ନବରବି'ରେ ଆପଣଙ୍କ ଜବାବ୍‌ଟି ପଢ଼ିଲି । ପୂର୍ବ ପ୍ରଲେଖଟିକୁ ପଢ଼ି ନ ଥିଲେ ମଧ୍ୟ ମନେ ହେଲା, ଆପଣ ଅଭିଯୋଗର ସମ୍ପୂର୍ଣ୍ଣ ଉତ୍ତର ଦେଇ ସାରିଛନ୍ତି । ଆପଣ ଜବାବ୍ ଶେଷକୁ ଡଃ ପାଣିଗ୍ରାହୀ ଓ କେଦାରନାଥ ମହାପାତ୍ର ଆଦି ଏ ବିଷୟରେ ଯୁକ୍ତି ଦେବେ ବୋଲି ଆଶା ପ୍ରକାଶ କରିଛନ୍ତି । ଓଡ଼ିଆରେ କାଳ୍ ଐତିହାସିକ ଉପାଦାନ ବିରୁଦ୍ଧରେ ଡଃ ପାଣିଗ୍ରାହୀ ଧାରାବାହିକ ଲେଖୁଛନ୍ତି, କିନ୍ତୁ ସବୁବେଳେ ଜଣେ ଲୋକ ତାଙ୍କୁ ସହାୟ ହେବା ଉଚିତ । ଆପଣ ନିଜେ କାଳ୍ ସୃଷ୍ଟି କାଳରେ 'ଶିଳ୍ପ ଚନ୍ଦ୍ରିକା' ବେଳେ ରୁଦ୍ଧ ହୋଇଥିଲେ । ତେଣୁ ଆପଣ ଏହାର ପ୍ରତିବାଦ କଲେ ଯେତେ ପ୍ରଭାବଶାଳୀ ହେବ ଅନ୍ୟ କେହି କଲେ ହେବ ନାହିଁ । ଦୟାକରି ଆପଣ ହିଁ ଏ ଦିଗରେ ମନୋନିବେଶ କରିବେ । ଆପଣ ୧. ଶିଳ୍ପ ଚନ୍ଦ୍ରିକା ୨. ଝାନ୍ସିରାଣୀ ପତ୍ର ୩. ପାଇକ ଖେଦା କଥା ଲେଖିଲେ । ତାଲିକାଟି ଅଧିକ ଦୀର୍ଘ ହୋଇପାରିବ । ଡଃ ନବୀନକୁମାର ସାହୁ ଅଧିକ ବିବରଣୀ ଜାଣନ୍ତି ।

ପାଇକଖେଦାରେ ବର୍ଣ୍ଣିତ ବୈଜ୍ଞାନିକ କୌଶଳର ଉଦ୍‌ଭାବନ କାଳର ଏବଂ ଓଡ଼ିଆ ଭାଷାର ଆଲୋଚନା ମଧ୍ୟ କାମ୍ୟ । ଉତ୍ସାହରେ ଚିଠି ଲେଖିଲି । ଉପଦେଶ ଦେବାର ଧୃଷ୍ଟତା ଲାଗି କ୍ଷମା କରିବେ ।

ଭୁବନେଶ୍ୱର,
୨୭. ୬. ୭୩

ଗଞ୍ଜାମର ପାଇକ ଜାତି ଉପରେ ଗବେଷଣା କରୁଥିବା ଜଣେ ଯୁବକ ସାହିତ୍ୟିକ ସୋମନାଥ ନାୟକ ମୋର 'ପାଇକଖେଦା' ପୁସ୍ତକଟି ନେଇଛନ୍ତି । ସେଇଟିକି ଅଣାଇ ଆପଣଙ୍କୁ ଯୋଗାଇବି ।

ପାଇକଖେଦା ମଧ୍ୟରେ ବିଶ୍ୱନାଥ ଖୁଣ୍ଟିଆଙ୍କ ଭଣିତ ଏକ ଏକ ଯୁକ୍ତସଙ୍ଗୀତ ଥିବା ହେତୁ ତାହା ଅଷ୍ଟାଦଶ ଶତାବ୍ଦୀ ପରବର୍ତ୍ତୀ କାଳର ହେବା କଥା । କିନ୍ତୁ ଏଥିରେ ଥିବା 'ଜାତୀୟ ପତାକା', ବାଷ୍ପୀୟ ପୋତ, କ୍ଷୁଧାନିଦ୍ରାନାଶୀ ଔଷଧ ଆଦି ଅନେକ ଆଧୁନିକ ବିଷୟ ସ୍ଥାନ ପାଇଛି । ତେଣୁ ନିର୍ଦ୍ଦିଷ୍ଟ ଭାବେ ଏହାର ସମୟ ନିରୂପଣ କରିବା କଷ୍ଟକର । ହୁଏତ ଊନବିଂଶ ଶତାବ୍ଦୀର ଏକ ରଚନାରେ କିଛି ଯୋଡ଼ାଯୋଡ଼ି କରି ପାଇକଖେଦା ପ୍ରକାଶିତ ହୋଇଛି, ଡଃ ମାନସିଂହ Illustrated Weekly of

Digitized by srujanika@gmail.com

Indiaର 16th Jan. 1966 ସଂଖ୍ୟାରେ Paik kheda or Book of the soldier ପ୍ରବନ୍ଧ ଲେଖି ଏହାକୁ ଷୋଡ଼ଶ ସପ୍ତଦଶ ଶତାବ୍ଦୀର ବୋଲି ମତ ଦେଇଛନ୍ତି ।

ସ୍ୱମୀତ

ସଚ୍ଚିଦାନନ୍ଦ ମିଶ୍ର

ବ. ବର୍ମା ସ୍ମୃତିବାସର

୨୩. ୧୨. ୫୪

ମାନନୀୟେଷୁ,

ସ୍ୱଦେଶରେ ଦମାଦେଲେତତ ରବୀନ୍ଦ୍ରନାଥ ନୋବେଲ୍ ଅଧିକାରୀ ହେଲେ ପରେ ଆମ ଆଖି ଖୋଲିଲା । ଅନାହାରକ୍ଲିଷ୍ଟ, ଦରିଦ୍ର ବର୍ମାଙ୍କର ସ୍ୱର୍ଗାରୋହଣରେ ବହୁ ପରେ ସରକାରୀ ସାହାଯ୍ୟ ମିଳିଲା । ଆଜି ବର୍ମା ସ୍ମୃତିପାଳନ ପାଇଁ ଉତ୍କଳ ସାହିତ୍ୟ ସମାଜର ନିବେଦନ ଦେଖି 'ତୋମାକେ ହତ୍ୟା କରେ ତୋମାର୍ ମୂର୍ତ୍ତି ପୂଜା କର୍‌ବେ । କଥାଟା ମନେ ପଡ଼ିଲା । ହାଁ ରେ ଦୁର୍ଭାଗା ଦେଶ !

ମା ତ କହୁଛନ୍ତି କୃଷ୍ଣବାବୁ ଇନ୍‌ସ୍‌ପେକ୍ଟର (ଡାକ୍ତର) ହେଲେ । କାଲେ କେବେ ଆମ ହସ୍‌ପିଟାଲ୍ ଭିଜିଟ କରିପାରନ୍ତି ! ମାନସିଂ ଡାକ୍ତରେଟ୍ ହୋଇ ବ୍ରହ୍ମପୁର ସାହିତ୍ୟ ସଭାରେ ଅଭ୍ୟର୍ଥନାରେ ଯାଇଥିଲେ ବୋଲି ମା କହୁଛନ୍ତି ।

ମୁଁ କହିଲି—'ଡାକ୍ତରମାନେ ଖାଲି ରୋଗୀ ନାଡ଼ି ଦେଖୁଛନ୍ତି । ଏ ଡାକ୍ତରମାନେ ସମାଜର ଓ ଦେଶର ନାଡ଼ି ଚିପୁଛନ୍ତି ।'

ସ୍ନେହର

ପ୍ରଫୁଲ୍ଲ

(ପ୍ରଫୁଲ୍ଲଚନ୍ଦ୍ର ଦାସ କନିକା ଶୈଳେନ୍ଦ୍ର ନାରାୟଣ କଲେଜର ଜଣେ ପ୍ରତିଷ୍ଠାତା, ପୁରଲେଖକ)

ପ୍ରବାସୀ ଉତ୍କଳ ସମାଜ, କୁଲ୍‌ଟି, ବର୍ଦ୍ଧମାନ

୨୫. ୧୨. ୫୫

'କବିଠାରୁ କାବ୍ୟ ଉପହାର
ପାଇବାର ଯୋଗ୍ୟ ମୁହିଁ ଜାଣି
ସୌଭାଗ୍ୟର ଅଧିକାରୀ ବୋଲି
ମନେ ମନେ ହେଉଛୁ ବଖାଣି

Digitized by srujanika@gmail.com

ମୋ ଯୋଗରୁ କାବ୍ୟ ଲେଖା ହେଲା ।
ଏ ଆନନ୍ଦ କହିବ କାହାକୁ ?
ଅନ୍ତରର ଭକତି ପ୍ରଣତି
ଜଣାଉଛୁ କୃଷ୍ଣଚନ୍ଦ୍ରଙ୍କୁ ।"

ଆପଣଙ୍କର
ବନସ୍ପାବନତ
ଦ୍ରୁଖକର ନାୟକ

(କୁଲ୍‌ଟିର ଜଣେ ଉତ୍କୃଷ୍ଟ କର୍ମୀ, ନେତା, 'ମୋ କଙ୍କାଳର ଲୁହ' କାବ୍ୟର ନାୟକ)

(କ୍ୟୋଝବହାର, ୩୦। ।୭୭)

ସମ୍ମାନାସ୍ପଦ ସାର୍,

ପ୍ରଣାମ ନେବେ । ମାଙ୍କୁ ମୋର ପ୍ରଣାମ । ମୁଁ ଏବେ ଆପଣଙ୍କର ମୋ କାହାଣୀ ପଢ଼ି ସାରିଲି । 'ଜୀବନୀ ତ ନୁହେଁ, ସ୍ୱତନ୍ତ୍ର ଉପନ୍ୟାସ, ଲୋକବଚନ ଓ ପଲ୍ଲୀ ଅଞ୍ଚଳର ଶବ୍ଦଗୁଡ଼ିକୁ ମୁଁ ଅଣ୍ଡରଲାଇନ୍ କରିଛି । ତେଣୁ ଅଧିକାଂଶ ପୃଷ୍ଠା ପ୍ରାୟ ରେଖାଙ୍କିତ ହୋଇ ଯାଇଛି । ଚିଠିପତ୍ର ଅଂଶଟି ବୋଧେ ନୂତନ ଉଦ୍ୟମ । 'କବିଲିପି' ପରି ପୁସ୍ତକ ପ୍ରକାଶ ପାଇଥିଲେ ମଧ୍ୟ ଆତ୍ମଜୀବନୀରେ କେହି ପ୍ରଦାନ କରିଥିବା କଥା ମୋତେ ଜଣା ନାହିଁ ।

ଆପଣଙ୍କ ଭାଷାରେ ଏଥିରେ ରସ ଖାଲି 'ଟୁଲ୍' ଟୁଲ୍ ହେଉଛି । ଦୁଃଖ, ଯାତନା ବଞ୍ଚାଣ ଆଉ ଆତ୍ମପ୍ରତିଷ୍ଠା ମଧ୍ୟରେ ଏକ Adventureରେ ପରିଣତ ହୋଇ-ଯାଇଛି । ଯେମିତି ଉଦୟବାବୁଙ୍କ ଘରବାଡ଼ିର ସମସ୍ତଙ୍କ ଫଟୋ ରହିଛି, ଆପଣଙ୍କ ପରିବାରର ସମସ୍ତଙ୍କ ଫଟୋର ଅଭାବ ମୁଁ ଅନୁଭବ କଲି ।

ଏହାର ପ୍ରଥମାଂଶଟି ଯେପରି ଓଡ଼ିଶାର ଗଦ୍ୟ କାବ୍ୟ । ମୁଁ ତ ପଢ଼ିଲାବେଳେ ବାରମ୍ବାର ଗାଇ ଯାଉଥାଏ । ସବୁଠାରୁ ଆକର୍ଷଣୀୟ ହେଲା ଏହାର ରଚନାରୀତି, ସମଗ୍ର ବହିଟି ଆପଣଙ୍କ ସ୍ୱଗତୋକ୍ତି । କଥକ ଯେପରି କରୁଛି ଆତ୍ମୀୟତାର ସହିତ, ଆନ୍ତରିକତାର ସହିତ ।

ସ୍ନେହାଧୀନ
ମନୀନ୍ଦ୍ର
(ଡକ୍ଟର୍ ମନୀନ୍ଦ୍ର ମହାନ୍ତି)

Digitized by srujanika@gmail.com

THE P. E. N.

A WORLD ASSOCIATION OF WRITERS

All-India Centre

Rabindranath Tagore, President, 1933-1941

Sarojini Naidu, President, 1941-1949

S. Radhakrishnan, President

Jawaharlal Nehuru
Vallathol N. Menon
Rustom P. Masani } Vice-Presidents

National Headquarters:
"Aryasangha"
22, Narayan Dabholkar
Road, Malabar Hill
Bombay-6

Honorary Members:
Maulana Abul Kalam Azad
Sri C. Rajagopalachari

Sophia Wadia Founder in India &
Editor, The Indian P.E.N.

Shri Kunja Bihari Das.
Visva-Bharati,
Santiniketan.

April, 24, 1956.

Dear Friend,

We have received a letter from D. Thompson (Knapp Grange. Preston Plucknett. Yeovil, Somerset, England), saying that he is preparing an anthology of verse in English for publication by Blackies of Bombay, and that he desires to include in it your poem "A Worker's God" published in the February number of **The Indian P.E.N.** Accordingly, he has asked me for permission to quote your poem in full. I shall be glad, indeed, to give the editorial consent for the reproduction of the poem. But I shall greatly appreciate your also giving the necessary permission so that I can tell D. Thompson that he has the permission, both of the author of the poem as well as of the editor of **The Indian P. E. N.**, to include your poem in the proposed anthology.

An early reply will be greatly appreciated.

Congratulating you on the appreciation your poem has won and with cordial greetings.

Yours sincerely,
Sophia Wadia

Digitized by srujanika@gmail.com

INDIANA UNIVERSITY
Folklore Institute
Bloomington, Indiana 4 401
September 22, 1966

Journal of the
Folklore Institute
Folklore monograph
Series. Folklore Archives

Dr. Kunjabehari Das
Ravensbaw College
Orissa, India.

Dear Mr. Das,

This letter is written in my capacity as Director of the Folklore Institute at Indiana University to urge you in the strongest possible terms to initiate a folklore department at your institution. As a member of the Executive Board of the Society for Asian Folklore and a participant in the World's first Asian Folklore Conference held at Indiana University in the June, 1966, you are one of India's most experienced Folklore scholars. India is of course a country rich and abundant in all kinds of folkloristic traditions, but these ancient traditions are rapidly vanishing before the impact of modern life.

It is imperative that these traditions be collected, archived, and studied by the present generation of students if we are to understand the culture of the past. The study of folklore is coming into increasing recognition, and in this study India has proud role to play. At our University we have seen interest grow to the point where the Folklore Institute has over fifty candidates for higher degrees, a number from Asian countries. The same interest would surely manifest itself if a folklore curriculum were available at Universities in India.

Sincerely yours,
Sd. Richard M. Dorson
Director of the Folklore Institute
and Chairman of the Society
for Asian Folklore.

Digitized by srujanika@gmail.com

Suniti Kumar Chatterji
National Professor of India
in Humanities

Sudharma
16; Hindustan
Calcutta-29

October 15, 1969

Dear Dr. Das,

Every one in this side of India knows the good work that you have been doing both in Santiniketan & at Cuttack & your collection of huge mass of 'folksongs & folktales' certainly deserve proper encouragement.

In any case, you are at liberty to mention my name as a referee, & when the appropriate time comes I shall do my best.

With all good wishes for your success

I remain
Sincerely yours
Suniti Kumar Chatterji

ଜାତୀୟ ଅଧ୍ୟାପକ ଡକ୍ଟର ଚାଟାର୍ଜୀ ମୋର ସାଂସ୍କୃତିକ କୃତି ସମ୍ବନ୍ଧରେ ନିମ୍ନଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ସମିତିକୁ ଲେଖିଥିଲେ —

March 7, 1974.

I know personally Dr. Kunja Bihari Das, a distinguished scholar of Indian literature, history and culture, who has specialised in Oriya literature, and in that capacity taught his subject in different universities. He has published a number of books on Oriya literature and culture, and the work which he has now taken in hand in Oriya is entitled "Loka-Vani-Sanchayan". This is an exhaustive collection of proverbs and proverbial expressions as well as tags of verse and verse quotations which formed a distinctive type of folkliterature among the Oriya people It is in a way a full dictionary of Oriya proverbs and proverbial expressions. The first volume completing the vowels

Digitized by srujanika@gmail.com

has been published and it seems to be a fairly exhaustive one. There are illustrative quotations which enhance the value of the work.

Dr. Das writes to me that he has at least three more volumes in hand, and this will take him three years to complete. I understand that Dr. Das will apply to the University Grants Commission for a subvention towards the printing and publication of this work. As this will be of very great value for the study of New Indo-Aryan, and as this work will be as useful as the great work by the late Dr. Sushil Kumar De on Bengali proverbs. I give my full support to Dr. Das's application, and I hope it will be possible for the U. G. C. to help him in preparing the work and its publication in a suitable manner.

Suniti Kumar Chatterji

ଡକ୍ଟର୍ କୃଷ୍ଣଦେବ ଉପାଧ୍ୟାୟ ଭାରତର ଜଣେ ଶ୍ରେଷ୍ଠ ଲୋକତତ୍ତ୍ୱବିଦ୍, ଭୋଜପୁରୀ ଲୋକସାହିତ୍ୟର ସମ୍ପାଦକ, ଭାରତୀୟ ଲୋକତତ୍ତ୍ୱବିତ୍ ସମ୍ମେଳନର ସଂଗଠକ। ସଂଗଠନ କାର୍ଯ୍ୟରେ ମୁଁ ତାଙ୍କୁ ଯଥାସାମାନ୍ୟ ସାହାଯ୍ୟ କରିଥିଲି। ତାଙ୍କ ସଙ୍ଗେ ମୋର ବିଶେଷ ପତ୍ରାଳାପ ପ୍ରାୟ ୧୫ ବର୍ଷ କାଳ ଚାଲିଥିଲା ମୋ ସମ୍ପର୍କରେ ତାଙ୍କ ଅବଧାରଣାର ଲିଖିତ ଉଦ୍ଧୃତି ଦିଆଗଲା।

Allahabad
15-5-57

My dear Dr. Das,

I wholeheartedly welcome your suggestion that folklorists of India should gather together, a joint effort should be made to draw the attention of the Govt of India to this direction I suggest that a Conference of leading folklorists of India—at least of northern India—should be called, under the auspices of the Indian Folklore Society, either at Calcutta or at Santiniketan during the puja holidays. If you agree to this proposal further steps may be taken.

Digitized by srujanika@gmail.com

The Folk Culture Society of Lucknow is going to publish a Journal in Hindi entitled 'Prachya Manava Vaigyanik'. I have been entrusted to edit the Journal. So I request you to kindly send an article either in Hindi or English dealing with any aspect of Oriya Folklore.

Gyanapur (Varanasi)
10.11 58

My dear Dr. Das,

I requested you to serve on the Executive committee of the Research Institute which you so kindly agreed to do.

I request you to publish your impressions of the conference in some Oriya papers so that the people of your region may know something about the conference.

I have been very much impressed by your grand personality and charming manners.

Gyanapur (Varanasi)
11-12-63

My dear Dr. Das,

May I assure you that Indian Folk culture Research Institute and the All India Folk culture conference are immortal. They cannot die as long as a single folklorist like yourself is alive in India I am sure that the future of the Indian Folk Culture Research Institute of the conference is bright and safe in your hands. When a great and noted folklorist like you is so much interested and taking care of the Institute I need not bother about its future.

May I request you to accept my hearty congratulations on your being nominated as a member of the Executive Board of Asian Folklore society established at Indiana University, U.S.A. I also am a member of the same Board. I hope, we shall be able to serve the cause of Asian Folklore and Indian Folk culture through this society.

Digitized by srujanika@gmail.com

Gyanapur (Varanasi)
16-2-64

Dear Dr. Das,

It is good that we three—Dr. Bhattacharya, yourself and myself—are in the Executive Board of the Asian Folklore society of America. I hope, this trinity will play a leading role in the development of organisation of the Folkloristic studies in India in near future. Please believe when I say that your noble self and Dr. Bhattacharya are the most brilliant and shining stars in the galaxy of Indian Folklorists. A day will come when your name and fame will cross the shores of Indian ocean and will spread to distant countries of Europe and America.

ଭାରତୀୟ ଲୋକସଂସ୍କୃତି ସଂସ୍ଥାର ସଭାପତି ଡକ୍ଟର କୃଷ୍ଣଦେବ ଉପାଧ୍ୟାୟ ମୋ କୃତିତ୍ୱ ସମ୍ବନ୍ଧରେ ନିମ୍ନସ୍ତବରେ ବିଶ୍ୱବିଦ୍ୟାଳୟ ଅନୁଦାନ ସମିତିକୁ ଲେଖିଥିଲେ—

Professor Das is a man of profound scholarship and his genius has found fullest expression in the field of Oriya Folkliterature.

Dr. Das's sound scholarship has been recognised in India and abroad.

Dr. Das was twice elected as Sectional President of the All India Folk culture conference in 1958 and 1959 at its sessions in Allahabad and Ujjain. He is a member of the Executive Board of the Asian Folklore conference, Bloomington, U. S. A. and was invited to attend the conference as a delegate from India.

He has produced many students who have obtained their Ph D. Degrees under his guidance.

ଶାନ୍ତିନିକେତନରେ ଅସିଷ୍ଟ ମୋର ସହକର୍ମୀ ଥିଲେ, ଘାଲିବ୍‌ଙ୍କ କବିତା ଉପରେ ଗବେଷଣା କରୁଥିଲେ; ପଞ୍ଜାବ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବାବେଳେ ଏ ପତ୍ର ଲେଖିଛନ୍ତି—

Digitized by srujanika@gmail.com

C/o Altaf Shaukat
Hailey College, Lahore
1-1-55

Dear Mr. Das,

Last month's V. B. News brought many thrills and shocks. The greatest thrill was effected by the news about your admittance to the Degree of Doc. of philosophy. Although it is not unexpected or misplaced, yet it was supposed you were quite indifferent towards such small distinctions, great poet as you are, please accept my congratulations along with good wishes for new year.

Yours
Sincerely,
F. M. Asiri

ସୁପ୍ରିମ୍ କୋର୍ଟର ଭୂତପୂର୍ବ ମୁଖ୍ୟ ବିଚାରକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟ ଶ୍ରୀ ସୁଧୀରଞ୍ଜନ ଦାସଙ୍କ ସଭାପତିତ୍ୱରେ ମୋର ବିଦାୟସଭା ଅନୁଷ୍ଠିତ ହୋଇଥିଲା, ସେ ଏକ କ୍ଷୁଦ୍ର ଲିଖିତ ଭାଷଣ ପାଠ କରିଥିଲେ—

My colleagues and I are extremely sorry that Dr. K. B. Das has to leave Visva—Bharati and go back to his own state. Dr. K. B. Das was the Head of the Oriya Department. In fact it was he who organised the Department and set it up in a firm basis. I am not competant to express any opinion on his merit as a litterateur, but he is undoubtedly reputed to be one of the foremost oriya poets and writers. His merit as a scholar is amply evidenced by the publications that he has to his credit.

ବିଦ୍ୟାଭବନର ଅଧ୍ୟକ୍ଷ ପ୍ରସିଦ୍ଧ ଦାର୍ଶନିକ ଡକ୍ଟର କାଳିଦାସ ଭଟ୍ଟାଚାର୍ଯ୍ୟ ଏହି ବିଦାୟ-ସଭାରେ କ୍ଷୁଦ୍ର ଲିଖିତ ଭାଷଣଟିଏ କରିଥିଲେ—

Dr. Das has been managing the Department very efficiently. It has grown popular & expanded in different directions, and one of the most notable achievements of Dr. Das here is that Oriya has been firmly established in our university curriculum.

The growth and popularity of the Oriya Department owes everything to him.

Digitized by srujanika@gmail.com

Dı. Das is a widely respected popular teacher and has always been an inspiring figure in all cultural activities of this university.

"A Study of Orissan Folklore' ପୁସ୍ତକ ସଂପର୍କରେ କେତୋଟି ବିଦେଶୀ ପତ୍ରିକାର ଅଭିମତ : ଇଟାଲୀର ମହାମନୀଷୀ ଜିଉସେପି ଟୁଚି ରୋମ୍‌ରୁ ପ୍ରକାଶିତ 'East and west' ପତ୍ରିକାରେ ଲେଖିଛନ୍ତି—A very interesting book on the folklore of Orissa has just been published. It brings us into contact with the living religion of the people and it abounds in highly interesting legends and stories which supply us with comparative materials.

ଚେକୋସ୍ଲୋଭାକିଆର ବିଜ୍ଞାନ ଏକାଡ଼େମୀ ତରଫରୁ ପ୍ରକାଶିତ 'Archiv orientanı' ରେ Zbe vital (1955) ଲେଖିଛନ୍ତି—The material presented here forms a valuable contribution to the study of folklore of contemporary India, which is a field not sufficiently investigated The present work is to be welcomed and all the more heartily in consideration of the importance of folkliterature of India.

ଆମେରିକା କଲମ୍ବିଆ ବିଶ୍ୱବିଦ୍ୟାଳୟର ଜର୍ଜ ଡବ୍ଲ୍ୟୁ ବ୍ରିଗସ୍ (Review of Religion XIX, March, 1915, P. 207) ଲେଖିଛନ୍ତି—The last fifty pages of this book consist of Oriya verses of various sorts : ballads, songs of men at work, love songs and religious verses, written in Devanagari characters and translated into English. Similar materials are also scattered through out the volume, and there is much description of folk ways, of festivals, of worship—and characterisation of devinities, mostly in localised forms, interspersed with songs. All of this belong to mass literature of Orissa and wholly a folk product.

This collection of folklore is well analysed and valuable, its only fault being the scrappy nature of descriptions.

—O—

Digitized by srujanika@gmail.com

Motifs of Folklore ର ରଚୟିତା ବିଶ୍ୱବିଖ୍ୟାତ ଲୋକସଂସ୍କୃତିବିତ୍ ଆମେରିକାର ଷ୍ଟିଥ୍ ଥମ୍ପସନ୍ ମୋତେ Bibliography of Folklore ନାମକ ପୁସ୍ତକ ଓ Pmla ନାମକ ପାମ୍ପ୍‌ଲେଟ ଉପହାର ଓ ଜମ୍ନ ଆଶୀର୍ବାଦ ଦେଇଥିଲେ—

For his work in folklore and
for all his other endeavours
I give for what is worth my
blessings and best wishes,

●

Digitized by srujanika@gmail.com

"କର୍ମଫଳ"

ଉପେକ୍ଷିତ ଉପନ୍ୟାସର ଗୋଟିଏ ଅଧ୍ୟାୟ

ରଚନାକାଳ—୧୯୪୧

କିଞ୍ଚିତ୍ ସୂଚନା

ଅଗନ୍ତୁକ ମଉଜା ବାଣପୁରର ଜଣେ ବଡ଼ ଜମିଦାର—ନାମ ଭଗବାନ ଦାସ—ଖୁବ ମାମଲତକାର, ଖୁବ ମାମଲତଖୋର। ଜମି ଦଶ ବାଟିରୁ ଊଣା ହେବ ନାହିଁ। ସାତଟା କୋଠିରେ ଧାନ ପୂର୍ଣ୍ଣ—ଖଳାବାଡ଼ିରେ ୩୪ଟି ପାଳଗଦା ବସିଛି। ୮୦୦ ଭରଣ ଧାନ ପ୍ରତିବର୍ଷ ଦେଢ଼ି ଦିଅନ୍ତି। ଭିନ୍ନ ଭିନ୍ନ ଅଞ୍ଚଳରେ ୨୩ଟି ଖମାର ଅଛି—ଏଠାରେ ଧାନ ମହଜୁତ ରହେ। ଜମିଦାରଙ୍କ ହୁକୁମ୍ ହେଲେ ଖମାରିଆ ଧାନ କରଜ ଦିଏ ବା ବିକ୍ରୟ କରେ। ଖଜଣା ଦେବା, କରଜ ସୁଝିବା ଓ ଅନ୍ୟାନ୍ୟ ଖରଚ ବାଦରେ ସାଧାରଣ ଗୃହସ୍ଥର ଧାନ ବୈଶାଖ ମାସକୁ ପ୍ରାୟ ଶେଷ ହୋଇଯାଏ। ଚଷାମାନେ ହୋକେଇ, ବେତା ଓ ଅଖାପତ୍ରମାନ ଧରି ଦଳ ଦଳ ହୋଇ ଜମିଦାରଙ୍କ ଦାଣ୍ଡରେ ଆସି ଗୋଡ଼ସ୍ରାଙ୍କ ଠିଆ ହୁଅନ୍ତି। ଜମିଦାର ବଡ଼ ଦୟାଳୁ ଲୋକ। ପ୍ରଜାଙ୍କ ଦୁଃଖ ନ ସହି ପାରି କରଜ ଲଗାନ୍ତି। ତାଙ୍କ କହିବାରେ ଏ ବ୍ୟବସାୟରେ ତାଙ୍କର କିଛିମାତ୍ର ଲାଭ ହୁଏ ନାହିଁ। ଖମାରିଆ ଧାନ ମାପିବାରେ ଧୁରନ୍ଧର। ଏତେ ତରତରରେ ଧାନ ମାପି ଦିଏ ଯେ ଗୌଣୀ ପୂର୍ଣ୍ଣ ହେଉଛି କି ନାହିଁ ଖାତକ ବାପର ଜାଣିବାର ସାଧ ନାହିଁ। କିନ୍ତୁ ଖାତକ ଘରେ ମାପିଲେ ଧାନ ଗଉଣିଏ ଦିପା ଊଣା ପଡ଼ିଯାଏ। ସେଥିରେ ବିଚରା ଖମାରିଆର ଦୋଷ କ'ଣ? ସେ ତରତର ନ ମାପିଲେ ଜମିଦାର ଯେ ଏକବାର ଖପ୍ପା ହୋଇଯିବେ। ଗୃହସ୍ଥ ରହିବଟି କି? ବୁଦ୍ଧିମାନ୍ ଭୃତ୍ୟ ସର୍ବଦା ମୁନିବଙ୍କ ମନ ଯେନ ଚଳେ। ପୁଣି ଅଳ୍ପ ସମୟ ମଧ୍ୟରେ ଅନେକ ଲୋକଙ୍କୁ ଧାନ ଦେବାକୁ ହେବ—ସମସ୍ତେ ଆଗ ନେବାକୁ ତରତର। ଏପରି ଅବସ୍ଥାରେ ଖମାରିଆ କାହିଁକି ଦୋଷୀ ହେବ?

Digitized by srujanika@gmail.com

ପୁଷ ମାସରେ ଧାନ ଖଳାରେ ଉଡ଼ା ହେବା ବେଳେ ଜମିଦାରବାବୁ ଟାଣରେ କୁଲ ବାଡ଼େଇବାକୁ ମନା କରିଥାନ୍ତି । ଧାନ ଉଡ଼ିଯିବ ଯେ ! ପୁଣି ଅଗାଡ଼ି ଧୂଳ ଯେ ସାର ପଦାର୍ଥ ! ଜୋରରେ କୁଲ ବାଡ଼େଇଲେ ଏ ଦୋର୍ଟଗୁଡ଼ିକ ଦୂରକୁ ଉଡ଼ି ବାୟୁ-ମଣ୍ଡଳ ଦୂଷିତ କରିଦେବ—ବାଟୋଇଙ୍କ ଆଖିରେ ଗୁଣ୍ଡ ପଡ଼ିଲେ ସେମାନେ ଜମିଦାରଙ୍କୁ ମନେ ମନେ ବକିବେ । ପୁଣି ମୂଲିଆମାନେ ସେଗୁଡ଼ିକ ଧାନ ସଥିରେ ନ ନେଲେ ଆଂବ, ପଣସ, କାଉଁଶ ପ୍ରଭୃତି ଗଛମୂଳେ ଖତ କରି ଦେବେ କ'ଣ ? ବର୍ଷା ଦିନରେ ଜାଳ ନ ମିଳିଲେ ଜାଳିବେ କ'ଣ ? ଜମିଦାର କିଛି ଧାନବଲମାନଙ୍କୁ ଶିଖାଇବାକୁ ଯାଇ ନଥିଲେ, 'ହେ ଧାନବଲମାନେ, ତୁମ୍ଭେମାନେ ଧାନ କେଣ୍ଡା ସହିତ ପୁଞ୍ଜିଏ ଉପୁଞ୍ଜି ମଲ ଧାନ ଅର୍ଥାତ୍ ଅଗାଡ଼ି ବୁଣି ଦେଇଥିବ, ମୁଁ ପ୍ରଜାଙ୍କୁ ଠକିବ ।' ଯଦି ଧାନ କେଣ୍ଡାରେ କିଛି ଖଇଷ୍ଟ ରହେ, ସେଥିପାଇଁ ପ୍ରଜାଏ ଦାୟୀ । ସେଇମାନେ ତ ସବୁ କୃଷି କରନ୍ତି । ଏବେ ସେମାନଙ୍କ ଫଳ ସେମାନେ ନେବାକୁ ଅରାଜି କାହିଁକି ? ଏହିପରି ନାନା ଯୁକ୍ତି ଦେଖାଇ ଜମିଦାର ଧାନରେ ଅଗାଡ଼ି ମିଶାଇଥାନ୍ତି । ପୁଣି ଦଶଗୌଣି ଧାନରୁ ମୋଟେ ଗୌଣିଏ ଖଣ୍ଡେ ଅଗାଡ଼ି ଧୂଳ ବାହାରିଯାଏ । ବେଶୀ କ'ଣ ?

ଜମିଦାର ଖଜଣାପତ୍ର ଆଦାୟ କରିବା ନିମିତ୍ତ ୨।୩ଜଣ ତହସିଲଦାର ନିଯୁକ୍ତ କରିଥାନ୍ତି । ଖଜଣା ଆଦାୟ କରି ପାଉତି ଦିଅନ୍ତି ନାହିଁ । କାରଣ ଚଷାମୂଲିଆ ଲୋକ, ସେମାନେ ପାଉତି ପାଠ କଥା ଜାଣନ୍ତି କ'ଣ ? ମାଟି ଧୂଳି ହାତରେ ଅକାରଣ ପାଉତି କାଗଜଟାକୁ ନେଇ ମଇଳା କରି ଦେବେ ସିନା ! ହଜାଇ ଦେବା ମଧ୍ୟ ଅସମ୍ଭବ ନୁହେଁ । ଜମିଦାର ହେଲେ ଗାଁର ମା ବାପ—ଦୁନିଆର ବାଦଶା ! ସେ କି କାହାର ସାମାନ୍ୟ ଟଙ୍କା ନେଇ ଖାଇଯିବେ ? ତାଙ୍କୁ ଅବିଶ୍ୱାସ କରିବାର କାରଣ କ'ଣ ? ପାଣିରେ ଘର କରି କୁମ୍ଭୀର ସଙ୍ଗେ ବାଦ ! ହେଁ—ଏଡ଼େ ସାହସ ! ଆଚ୍ଛା !!!

ଏହିପରି ନାନା କାରଣରୁ ଜମିଦାର ପ୍ରଜାଙ୍କୁ ପାଉତି ଦିଅନ୍ତି ନାହିଁ । କରଜ ଟଙ୍କାରେ ମଧ୍ୟ ବେଶୀ ସୁଧ ନିଅନ୍ତି ନାହିଁ । ଟଙ୍କାକୁ ମାସକୁ ଅଣାଏ ମାତ୍ର ! ଲୋକଙ୍କର ଢେର ଢେର ବିପଦ ପଡ଼େ । ବିପଦ ବେଳେ ବନ୍ଧୁ ମଧ୍ୟ ମୁହଁ ମୋଡ଼ି ଅଲଗା ବାଟ କାଟି ଯାଆନ୍ତି । କିନ୍ତୁ ଜମିଦାର ପ୍ରଜାଙ୍କର ବନ୍ଧୁ । କାହାର ବିଭାଘର ପୁଆଣିଘର ହେବ, ଟଙ୍କା ନ ପାଇବାରୁ କରିପାରୁନାହିଁ; ଜମିଦାର ତାର ଆଶାଭରସା ହୁଅନ୍ତି; ଅସମୟରେ ପ୍ରଜା ଠିଆହେଲେ, ନାହିଁ—ବଚନ କେବେହେଁ ଜମିଦାରଙ୍କ ମୁଖରୁ ଶୁଣିବ ନାହିଁ ।

ଏ ବର୍ଷ ଟଂକା ନେଇ ଆରବର୍ଷ କେହି ପ୍ରଜା ଶୁଝିବାକୁ ଆସିଲେ ଦାସେ କହନ୍ତି, “ଆରେ ଓଲୁ ! ଟଂକା ଶୁଝିବା ପାଇଁ ଏଡ଼େ ବ୍ୟାକୁଳ ହେଉଛୁ କାହିଁକି ? କେଇଟା ଟଙ୍କା ନେଇଛୁ ଯେ ଶୁଝି ପାରିବୁ ନାହିଁ ! ଆଜି ଟଙ୍କା ଦେଉଛୁ, ଖବରଦାର, କାଲି ଯେପରି

Digitized by srujanika@gmail.com

ପୁଣି ମୋ ଦୁଆରେ ଠିଆ ନ ହେଉ ! ସେତେବେଳକୁ ମୁଁ କିଛି ଶୁଣିବି ନାହିଁ--ବୁଝିଲୁ ? ଯା— ଖରଚବାଟେ କର—ମୁଁ କ'ଣ ଏଇକ୍ଷଣି ମାଗୁଛି ?"

ଖାତକ ବିଚରା ଖୁସି । ତାର ନାନାଢଙ୍ଗରେ ଗୋଦା ମେଳ । କୁଆଡ଼େ ଏ ଟଙ୍କାଟିକ ହାବୁଡ଼େଇ ଦେଲେ ଫସଲ ରକ୍ଷା ହୋଇଯିବ : ସେ ଖୁସି ହୋଇଯାଏ । ୩ ବର୍ଷ ପରେ ନାଲିସ୍‌ର ପରବାନା ହାଜର । ସୁଧୀ ଟଙ୍କା ଦେବ କୁଆଡ଼ୁ ? ଜମିତକ ହାତରୁ ଛଡ଼ାଇ ଦେଇ ଖାଉନ୍ଦ ହୋଇ ବସେ । ଜମିଗୁଡ଼ା ରଖିବା କେଡ଼େ ଅଡୁଆ ! ନେ ଲଙ୍ଗଳ, ଚଷ ବଳି, ବାଛୁ ବାଳୁଙ୍ଗା, ଜଗ୍ ଗୋରୁଗାଈ—ପୁଣି ଦେଖଣା—ନାନା ଝିନ୍‌ଝଟ୍ । ଫେର ସେଥିରେ ଧୋଇ ମରୁଡ଼ି କାଳ ପଡ଼ିବା ତ ଅଛି । ବେଳେ ବେଳେ ଲଘୁଡ଼, ବନ୍ଧନ ମଧ୍ୟ ମିଳେ ନାହିଁ । କିନ୍ତୁ ମୂଲ ଲାଗିଲେ ? ନେ ମଜା !! ସୁଧଅଣା ପଇସା ଖାଉନ୍ଦଠାରୁ କାନମୋଡ଼ି ଆଣି ବେଶ୍ ଆନନ୍ଦରେ କୁଟୁମ୍ବ ପାଳି ପାରିବ ! ମିଳିଲା ତ ଖାଇବ, ନୋହିଲେ ପେଟରେ ଓଦାକନା ଗୁପି ଶୋଇବ । ସୁଧୀ ପଣ ଆଉ ଧନ୍ଦ ହେବନାହିଁ । ଖାଲି ଟଙ୍କା କରଜ ଦେବାକୁ ଜମିଦାର ସୁଖ ପାନ୍ତି ନାହିଁ । ଟଙ୍କା ବୁଡ଼ିଯିବାରେ ଭୟ ଅଛି । ଅଲଙ୍କାରପତ୍ର ବନ୍ଧା ନେବାରେ ଜମିଦାର ସବୁବେଳେ ଆଗୁଆ । ସେଥିରେ ସେ ମଧ୍ୟ କହନ୍ତି, ମୋର କିଛି ନାହିଁ—ଅଳଙ୍କାର କଣ ମୋର ଦରକାର ଥିଲା ? ଖାଲି ପ୍ରଜା ଗରଜ ମେଣ୍ଟାଇବା ପାଇଁ ଅଲଙ୍କାର ରଖି ଟଙ୍କା ଦେଇଛି ସିନା ! ପୁଣି ଗରିବ ଘରେ ସୁନା ରୂପା ଥିବାର ଚୋର ଜାଣିପାରିଲେ ବେଳ ଉଣ୍ଡି ବାଉଁଶକାଠି ଭାଙ୍ଗି ଅଲଙ୍କାର ଯେନ ଲଛମନ ଛୁ କରିବ । ସେଗୁଡ଼ିକ ମୋ ଘରେ ରହିଲେ ଘରକୁ ସୁନ୍ଦର ଦିଶିବ—ନିରାପଦରେ ମଧ୍ୟ ରହିବ । ମୋ ନାଁ ଶୁଣିଲେ ଯେ ଚୋରର ପିଳେହି ପାଣି ! ସେ କି ମୋ ଘରକୁ ଆସିବ ? ବାଘକୁ କି ତାର ଡ଼ର ନାହିଁ ? ଚୋରର ବୋପା ଅଜା ସାତପୁରୁଷ ମୂଳବାରୁଦ ଯେନ ଆସିଲେ ମଧ୍ୟ ମୋ ଦାଣ୍ଡ ବାଡ଼-ପଟର ଲୁହାକବାଟକୁ ଟିଙ୍କାଇ ପାରିବେ ନାହିଁ ।

ଗାଁର ଜମିଦାର ଉପରେ ପ୍ରଜା ଅବିଶ୍ୱାସ କରିବା ନିହାତି ଗର୍ହିତ କଥା । ସେ ତ କିଛି ଚୋର ଡକାଇତ ନୁହନ୍ତି ! କି କାହାଠାରୁ ଚୋରି ବା ଭିକ୍ଷା ନେଉନାହାନ୍ତି ! ହକ୍ ଟଙ୍କା ଦେବେ । ପୁଣି ଅସମୟରେ । ପାଞ୍ଚଟା ଗୋଟି ଝକ୍ ଝକ୍ ରୂପାଟଙ୍କା ନେଇ ମୋଟେ ପଚିଶିଟଙ୍କାର ଜିନିଷଟାଏ ରଖନ୍ତି । କେହି ମୁକୁଳେଇବାକୁ ଆସିଲେ କହନ୍ତି, 'ତୁଟା ନିହାତି ବୋକା ! ହଇରେ, କି ଜିନିଷଟାଏ ସେ ରୂ ଏତେ ପରିଶ୍ରମ କରି ମୁକୁଳେଇବାକୁ ଆସିଲୁ ? ଏହିକ୍ଷଣି ହିସାବ ଧରିଲେ ତ ତୋ' ଉପରେ ଗଦାଏ ଟଙ୍କା ହେବ—ଏମିତିକି ତୋ ଜିନିଷ ମୂଲ୍ୟର ଦୋହରି ହୋଇଯିବ ।' ପୁଣି ଜିନିଷଟା ସେ ଏତେ ସାଇତି କରି ରଖିବେ କାହିଁକି ? କୋଉ ଖର୍ଚ୍ଚରେ ଫେଲି ଦିଅନ୍ତି ! ଖାତକ ବିଚରା ହତାଶ ହୋଇ ମୁଣ୍ଡ କୋଡ଼େ । ମୁଣ୍ଡ କୋଡ଼ା ଗୁଡ଼ ଗଳାରେ ଛୁଆ ମାଇଲେ

Digitized by srujanika@gmail.com

କ'ଣ ହେବ ? ଜମିଦାର ତ ତା' ମୁଣ୍ଡ ସକାଶେ ଫାଶି ପାଇବେ ନାହିଁ ? ସେ ମଲେ ବା ପିଲାକବିଲା ମଲେ ସେଥିପାଇଁ ସେ ଦାୟୀ ହେବ । କିଏ ଖୋସାମତ୍ କରୁଥିଲା ଟଙ୍କା ନେବାକୁ ?

ମୂଲିଆମାନଙ୍କ ପ୍ରତି ଜମିଦାରଙ୍କ ବ୍ୟବହାର ବଡ଼ ଉତ୍ତମ । ବଡ଼ ସକାଳୁ କୁଆ କା କାକରୁ ଜମିଦାର ଉଠିପଡ଼ି ମୂଲିଆଙ୍କୁ ଡାକ ପକାନ୍ତି, 'ନିଧିଆରେ, ଗୋବିନ୍ଦା, ଦମାରେ, ହେ ବୁଢ଼ିଆ ।' କୁଆ କୋଇଲି ଜାଣନ୍ତି ସେ ରାତି ପାହିଲା । ସକାଳଟା ସାଆନ୍ତଙ୍କ ଡାକ ଶୁଣି ନାଲିପାଟ ପିନ୍ଧି ନେଲା ଆକାଶର ପୂର୍ବ କବାଟ ଫିଟାଇ ଦଉଡ଼ି ଆସେ । ତାରମାନେ ଦେଉଳୁଣରର ଅପିବ । ଇଙ୍ଗିତ ପାଇଲେ ନୂଆ ବୋହୂପରି ନକ୍ଷତ୍ରଙ୍କର ନାଲି ପଥ ପଟପଟ୍ଟ ଜମିଦାର ଦେଖି ଗଗନର ନୀଳ ପରଦା ତଳେ ଲୁଚନ୍ତି । ରାତି ପାହିଲା ବୋଲି ଜାଣିପାରି ଆଖିଥିବା ଲୋକମାନେ ଧଡ଼ଫଡ଼ ଉଠି କାମରେ ଲାଗିପଡ଼ନ୍ତି । ଜୋରରେ ଢାକ ଦେଲେ କି ରକ୍ଷା ଅଛି ? ଶାସ୍ତ୍ରମାନେ ପୁରାଣ ପଢ଼ି ବସିବେ ଯେ ! ଶୀଘ୍ର ଉଠାଇ ଦେବା ପାଇଁ କେହି ଜମିଦାରଙ୍କୁ ବଡ଼ ଭକ୍ତି କରନ୍ତି । କେବଳ ନବ୍ୟବାବୁ ଯୁବକମାନେ ରାଜ୍ୟ ଧ୍ୱଂସ କରୁଅଛନ୍ତି ! ଅହା କେଡ଼େ କଥା ସମସ୍ତଟା ଭାଙ୍ଗିଗଲା !

କେତେକ ଲୋକ କହନ୍ତି, 'ଜମିଦାରଙ୍କ ରାଜରେ ମୋଟେ ନିଦ ହୁଏନାହିଁ । ପର ଜମି ହସ୍ତଗତ କରିବା, ମକଦ୍ଦମା ଚଳାଇବା ଆଦି କଥା ଭାବୁଁ ଭାବୁଁ ରାତି ପାହିଯାଏ ।' ଯେଉଁମାନେ ଜମିଦାରଙ୍କଠାରୁ କରଜ ନ ନିଅନ୍ତି, ଏହା ସେମାନଙ୍କର କଥା ! ସେମାନେ ନିନ୍ଦୁକ । ଜମିଦାରଙ୍କ ପରି ଖାନଦାନ୍ ଘରର ଲୋକଙ୍କ କଥା ଆଲୋଚନା କରିବାର ଅଧିକାର ସେମାନଙ୍କୁ କିଏ ଦେଲା ? ଜଗତରେ ପଞ୍ଝାଏ ଲୋକ କେବଳ ବଡ଼ଲୋକଙ୍କ ଦୋଷ ଖୋଜିବାରେ ବ୍ୟସ୍ତ ।

ଜମିଦାରଙ୍କର କ'ଣ ଭଲ ଗୁଣ ନାହିଁ ? ବଡ଼ ସକାଳୁ ଉଠିବାଟା କ'ଣ ଭଲ ଗୁଣ ନୁହେଁ ? ଛାଡ଼, ନିନ୍ଦୁକମାନଙ୍କ କଥା ପାସଙ୍ଗରେ ଦେଖାଇବା ଉଚିତ ନୁହେଁ ।

ସୂର୍ଯ୍ୟ ମୁଣ୍ଡ ଉପରୁ ପଶ୍ଚିମ ଆଡ଼କୁ ନ ଗଡ଼ିଲେ ଜମିଦାର ମୂଲିଆଙ୍କୁ ବିଲରୁ ଉଠିବାକୁ ଦିଅନ୍ତି ନାହିଁ । ବୁଝିଲେ ନା କି ଆଳସ୍ୟ ହେଲା ଆମ ଦେଶର ପ୍ରଧାନ ଦୋଷ । ଅକାମୁଆ ଲୋକର ମନଟା ସଇତାନର ଘର । ସେଥିରେ ପର ଦୋଷ ଖୋଜିବା ଭାବନାଗୁଡ଼ାକ ଲଙ୍ଗଳା ପୋକ ପରି କିଳିକିଳି ଉଠି ସାଲୁବାଲୁ ହେଉଥାନ୍ତି । ଯେ ଦିନସାରା କାମ କରେ, ତାକୁ ପରକଥା ଚର୍ଚ୍ଚା କରିବାକୁ ଅବସର ମିଳେ କାହୁଁ ? ଜମିଦାର ମୂଲିଆଙ୍କ ଆଳସ୍ୟ ଦୂରକରିବା ରୂପ ମହତ୍ ଉଦ୍ଦେଶ୍ୟ ରଖି ମୂଲିଆମାନଙ୍କୁ ଖୁବ ବେଶିରେ ଛାଡ଼ନ୍ତି ଏବଂ ମୂଲିଆମାନେ ଖାଉଁ ନଖାଉଁ ଦୁଆରେ ଯାଇ ହାଜର । କାରଣ ଟିକିଏ

Digitized by srujanika@gmail.com

ଧୈର୍ଯ୍ୟ ହେଲେ ମୂଲିଆଙ୍କ ମନ--ପୋଖରୀରେ ମନ୍ଦ-ଭାବ କୋଚିଆ ପୋଟା ମାରି ପିଟିବ ଯେ! ସେ ନିଜେ ଭୁଲ ନେଉଛି ବା ଯାଏ ଅଗାଧୁଆ ରହି ମୂଲିଆଙ୍କ କାମର ତନଖି ନେଉଥାନ୍ତି। କେଉଁଠି ଗୋଟେ ବାଳୁଙ୍ଗା ରହିଗଲା, କେଉଁଠି କଣ୍ଟା ସିଧା ହେଲା ନାହିଁ--ଇତ୍ୟାଦି କଥା ଟିପ୍ପୁଲିଆ ଅବଧାନଙ୍କ ପରି ଦେଖୁଥାନ୍ତି। ଅବଶ୍ୟ କୌଣସି ମୂଲିଆ ଏକଗୋଡ଼ିକିଆ ଠିଆ ହେବା, ମଠିଆ ଶିକୁଳି ପଢ଼ିବା ଆମେ ଦେଖିନାହୁଁ। କେବଳ ମୂଲ ଦେଲାବେଳେ ମାଡେ ଦୋଷ ଯାହା ଭିଟାଯାଏ। ଯଦି ମାଣିବ ସ୍ଥାନରେ ମାଣିବ -ଆଉ ଦିନେକୁ ମନେ ରହିବ - ହାତରେ ମାରି କି ଲଭ? ହାତ ମାଡ଼ରେ ପିଠି ଦରକ ବା କେତେ ସମସ୍ତ ରହିବ? ଜମିଦାରଙ୍କର ସେଥିକୁ ଚେଷ୍ଟା ନାହିଁ। ଭୁଲ ହେଲା କେଉଁଠି? ଦେହ ଲଗାଇ କାମ କରୁଥିଲେ ଫେର୍ ଗୋଟେ ବାଳୁଙ୍ଗା ରହିଯିବ? ମୂର୍ଖଙ୍କର ମତିଭ୍ରମ ହୁଏ ସିନା ପାଠରେ। ବାଳୁଙ୍ଗା ଓପାଡ଼ିବାରେ କାହାର ଭୁଲ ହେବାର ମନ୍ତ୍ର ଲେଖିଛନ୍ତି କି?

ଜମିଦାର ପ୍ରଜାଙ୍କଠାରୁ ବେଶୀ କେଉଁଠି ନିଅନ୍ତି ନାହିଁ। ବର୍ଷକେ ମୋଟେ ଚାରିଟା; ଧାନବୁଣା, ବଳଦଗ୍ରୁ, ଧାନକଟା ଓ ଘରଛପର ବେଳେ। ପ୍ରଜାମାନେ ରାଜାଙ୍କର ତ କେତେଟା କାମ ମାଗଣା କରିବା ଉଚିତ। କାରଣ ପ୍ରଜାଙ୍କର ତ ବେଶୀ ଖର୍ଚ୍ଚ ନାହିଁ। ଶରୀରର ମୁଠେ, ଲୁଣ୍ଡି ପତରର ଅଧଲକର--ପାନ ଚହଟେ ହେଲେ ଚଳିଲା। ବର୍ଷସାରା ରୋଜଗାର କରି ପଇସାଗୁଡ଼ାକ କ'ଣ କରିବେ? ବଳିଲେ ନିଶା ଖାଇବେ ସିନା! ଏଇଟା ତ ଦେଖାଶୁଣା କଥା। ଚନ୍ଦନ ପୋଖରୀ କୂଳେ ସାହା ଯୋଡ଼ି ବ ବ ଖେଳା ନାଦରେ ଗଗନ ପବନ କମ୍ପାଇ ନିଶାପାଣିପାନରେ ଅଧିକ ରଙ୍ଗ ଚଢ଼ି ଚଢ଼ି କରି ପୁରୀ ପଣ୍ଡାମାନେ ବିଚରା ଯାତ୍ରୀମାନଙ୍କୁ କପଟ ହଇରାଣ କରନ୍ତି, ତାହା ସମସ୍ତଙ୍କୁ ଜଣା। ସରୁ ଚଡ଼ାଘଷା, ମୁକୁନ୍ଦ ଢେଙ୍କୁଡ଼ା, ପାଟକପୁର କଦଳୀ ଚକଟାରେ ପଇସାଗୁଡ଼ାକ ପାଣି ପରି ଖର୍ଚ୍ଚ କରନ୍ତି। ନିଶାଖେଳରେ ପବିତ୍ର ପୁରୀ ମନ୍ଦିର ଭିତରେ ମାତୃଦତ୍ତ ପରିହିଥ ଦେହ ଉପରେ ଅଖିଟା କଷୋଇ କଟେଇ ପକାନ୍ତି — ପଇସା ବାଣ୍ଟ ବେଳେ ଧରାଧରି, ମରାମରି, କୁଟାକୁଟି ହୁଅନ୍ତି। ଛୁଆଏ ପଣ୍ଡା ଟୋକା ଚିଲମ ଦୋଖଡ଼ା ମାରି ପଇସା ଧୂଆଁରେ ଉଡ଼ାନ୍ତି। ଏସବୁ ବେଶୀ ପଇସା ହେବାର ଫଳ! କହାଉ ନିଅଣ୍ଟିଆ ମୂଲ-ଲଗା ହୋଇ ମଧ ଖଜୁରୀ ରସ ଟୋପେ ନପିଇଲେ ନହୁଏ! ଶିକ୍ଷିତ ବାବୁମାନଙ୍କ ପେଟ ତାତି ହେବାରୁ ସେମାନେ ବିଦେଶୀ ବୋତଲରୁ ବିଟଟ ପଣା ପିଅନ୍ତି। ପଚାରିଲେ କହନ୍ତି — 'ଗୋଟେ ଟନିକ୍।' ପଇସା ବଳିବା ନରହିଲେ କି ଏହା ହୁଅନ୍ତା? ଲୋକେ କହିବେ, 'ଜମିଦାର ତ ଏତେ ପଇସା ରଖୁଛନ୍ତି, ତାଙ୍କର କିଛି ହେବ ନାହିଁ? କହାଉ ନିର୍ବୁଦ୍ଧିଆ, କହାଉ ବୋକା। କିନ୍ତୁ, ଶିବ ବିଷ ପିଇ ଜୀର୍ଣ୍ଣ କଲେ ବୋଲି କି ସମସ୍ତେ ତା କରିପାରିବେ? ଏହି ସବୁ ଲକ୍ଷ୍ୟ ରଖି ଜମିଦାର ପ୍ରଜାଙ୍କଠାରୁ ଦେଉଠି ନିଅନ୍ତି।

Digitized by srujanika@gmail.com

ରାଧାଶ୍ୟାମ ଭଗବାନ୍ ଦାସ ଜମିଦାରଙ୍କ ସଙ୍ଗାତ ଥିଲେ । ଅବଶ୍ୟ ସମାନ ଦେହ କିମ୍ବା ସମାନ ଚେହେରା ଦୁହିଁଙ୍କର ନଥିଲା । ରାଧାଶ୍ୟାମ ନିତାନ୍ତ କ୍ଷୀଣକାୟ, ଜମିଦାର ବେଶ୍ ମୋଟାସୋଟା । ରାଧାଶ୍ୟାମଙ୍କ ସହିତ ବନ୍ଧୁତା କରିବାରେ ଜମିଦାରଙ୍କର ବନ୍ଧୁ-ପ୍ରକାରେ ସ୍ୱାର୍ଥ ସିଦ୍ଧି ହୁଏ ବୋଲି ଲୋକେ କହନ୍ତି । ରାଧାଶ୍ୟାମ ପ୍ରତିଦିନ ଜମିଦାରଙ୍କ ଘରଠାକୁ ଯାଆନ୍ତି । କାହାର ବଳଦ କିପରି ଚାଲୁଥା, କାହାର ଗାଈ ବେଶୀ ଦୁଧ ଦିଏ, କାହା ଧାନ ଏପରି ବଢ଼ିଛି ଯେ ହାତୀ ଲୁଚିଯିବ, କାହା ବାଡ଼ିରେ ଆଂବ ଗୋରୁ ଚରି ଯାଉଛନ୍ତି ପ୍ରଭୃତି କଥା ରାଧାଶ୍ୟାମ ଜମିଦାରଙ୍କୁ କହନ୍ତି ଏବଂ ଜମିଦାର ସୁଯୋଗ ଭଲ ଏକାଥରକେ ମୁଣ୍ଡସ୍ଥ କରିପକାନ୍ତି । ସଜନା ଛୁଇଁ, ବାଇଗଣ ନୂଆ ହୋଇ ଫଳିଲେ, କିମ୍ବା କଦଳୀ କାନ୍ଧି ପଡ଼ିଲେ ରାଧାଶ୍ୟାମ ଠାକୁରଙ୍କୁ ଲାଗି କରି ଆଗେ ଜମିଦାରଙ୍କୁ ଭେଟି ଆସେ ।

ପ୍ରଜା ଭେଟି ନ ଦେଲେ ରାଧାଶ୍ୟାମ ଜମିଦାରଙ୍କ ତରଫରୁ ଓକିଲାତି କରି ବୁଝାଏ । ରାଧାଶ୍ୟାମଙ୍କୁ ସମସ୍ତେ ବିଶ୍ୱାସ କରୁଥିବାରୁ ସମସ୍ତେ ତା' କଥା ଶୁଣନ୍ତି ଏବଂ ତତ୍‌କ୍ଷଣାତ୍ ସାରୁ, କଖାରୁ, ବାଇଗଣ ଇତ୍ୟାଦି ଘର ଘର ହୋଇ ଗଦା ହୋଇଯାଏ । ଜମିଦାର ଘର କେତେ ବା ଖାଇବେ ? ହାଟୁଆମାନଙ୍କ ଉପକାର ନିମିତ୍ତ ଅଧିକାଂଶ ପଦାର୍ଥ ହାଟକୁ ଚାଲିଯାଏ । ଫଳରେ ହାଟରେ ପରିବା ଖୁବ୍ ଶସ୍ତା ହୁଏ । ଏହାଠାରୁ ବଳି ଜନସାଧାରଣଙ୍କର ବଡ଼ ଉପକାର ଆଉ କ'ଣ ଅଛି ? ଗାଁରେ ମଧ୍ୟ ଜମିଦାରବାବୁ କଞ୍ଚପଲୁଡ଼ାକ ବାଣ୍ଟନ୍ତି ନାହିଁ । କାରଣ ଅସମୟରେ ଏପରି ଚଢ଼ିଆ କଞ୍ଚପଲୁଡ଼ାକ ଖାଇଲେ ପ୍ରଜାଙ୍କ ପେଟ ଖରାପ ହୋଇଯିବ ! ପ୍ରଜା ବାଧିକ ପଡ଼ିଲେ ତାଙ୍କ କୁଟୁମ୍ବ ସମ୍ଭାଳିବ କିଏ ? ଏଣେ ଜମିଦାରଙ୍କ କାମ ଯେ ମାରା ହେବ !

ପୁଣ୍ୟପରବରେ ଜମିଦାର ରାଧାଶ୍ୟାମଙ୍କ ମୁହଁ ଧୁଆନ୍ତି । ରାଧାଶ୍ୟାମ ମଧ୍ୟ ପ୍ରତ୍ୟୁ-ପକାର କରେ । ଦରକାର ହେଲେ ସେ ବିନା ପଇସାରେ ମକଦ୍ଦମାରେ ଜମିଦାରଙ୍କ ପକ୍ଷରୁ ସାକ୍ଷୀ ଦେବାକୁ ଯାଏ । ଏଥିରେ ଲୋକେ ବେଳେ ବେଳେ ରାଧାଶ୍ୟାମଙ୍କ ଉପରେ ଚଢ଼ନ୍ତି । ଏହି ସଙ୍ଗାତପଣିଆ ଥିବାରୁ ଜମିଦାର ମଧୁର ସଉଦା ଲେଖା । ସେ ଯେତେ-ବେଳେ ଡାକିଲେ, ମଧୁ ତାଙ୍କ କଥା ପହଙ୍ଗରେ ପକାଇଲା ନାହିଁ । ଜମିଦାରଙ୍କ କ୍ରୋଧ ହେଲେ କ'ଣ ହୁଏ, ଅଜ୍ଞାନ ପିଲା ବୁଝିବ କୁଆଡ଼ୁ ? ଜମିଦାର ମଧୁ ପାଖରୁ ଫେରିଲା ପରେ ଭ୍ରଷ୍ଟଶିକାର ଶିକାରୀ ପରି କ୍ରୋଧରେ ଅନ୍ଧ ହୋଇଗଲେ ।

ଶେଷ ଅଧ୍ୟାୟ

ଜମିଦାର ଭଗବାନ ଦାସ ବାଲୁଗାଁ ପାର ହୋଇ ଦୌଡ଼ିଲେ । ଗୋଡ଼ କିପରି ପଡ଼ୁଥାଏ, ଉଠୁଥାଏ ତାଙ୍କୁ ମୋଟେ ଜଣାପଡ଼ୁନଥାଏ । କମାର ଭାତି ଶବ୍ଦ ପରି ନାସା-ବାଟେ ସାଁ ସାଁ ନିଃଶ୍ୱାସ ବହୁଥାଏ । ଛାତି ଫସ୍ ଫୁସ ଦି'ଟା ଖୁବ ଫୁଲିଯାଇ ପବନ

Digitized by srujanika@gmail.com

ଝୁଲିଗଲାଣି ପୂର୍ବ ଅବସ୍ଥାକୁ ଫେରି ଆସୁଥାଏ । ଜମିଦାରଙ୍କର ଦୌଡ଼ିବାର ଅଭ୍ୟାସ ମୋଟେ ନଥିଲା । ଆଜି ଦୌଡ଼ି ଦୌଡ଼ି ଦମ୍ ଛୁଟିଗଲା । ଦମ୍ ରଖିବା ନିମିତ୍ତ ପାଟି ବାଟେ ନିଃଶ୍ୱାସ ନେଲେ । କିନ୍ତୁ ଠିଆ ହୋଇ ଝାଳ ମାରିବାକୁ ଅବସର ନାହିଁ । ବାଟରେ ଗଲେ ଲୋକେ ଚିହ୍ନିବେ । ଧରା ପଡ଼ିବା ମଧ୍ୟ ଅସମ୍ଭବ ନୁହେଁ । ତେଣୁ ଅବାଟରେ ନାକଦିଶା ଧାଇଁଥାନ୍ତି । ଗଛର ବଳ ହୁଡ଼ରେ କେତେ କୋଇଲେଖା କଣ୍ଟା ଗୋଡ଼ସାରା ଭୁଷିଗଲା; କସ୍ତଡପଡ଼ ଅଣ୍ଟୁ ଗଣ୍ଠି ଛିଡ଼ିଗଲା । ଜମିଦାରବାବୁ ରକ୍ତ ସ୍ନାନ କଲେ । ତଥାପି ଦୌଡ଼ିବାର ବିରାମ ନାହିଁ ।

ଭଦ୍ରାର୍ତ୍ତି ଶଣକ ପରେ ବେଳେ ବେଳେ ଜମିଦାରବାବୁ ପଛକୁ ଫେରି ଅନାଇଁଥାନ୍ତି । ଖୁବ୍ ଦୂରରେ ଦୁଇ ତିନି ଜଣ ତ କ୍ରୀ ଗୋଡ଼ାଇବାର ଦେଖାଗଲା । ଜମିଦାରଙ୍କ ଗୁଡ଼ରେ ଛନକା ପଶିଗଲା । 'ଏଥର ଆଉ ରକ୍ଷା ନାହିଁ । ମୋତେ ନିଶ୍ଚୟ ମାରି ଦେବେ, ହାରେ ଦୈବ !' ଜମିଦାରବାବୁ ଦୀର୍ଘ ଶ୍ୱାସ ତ୍ୟାଗ କଲେ । ଆଉ ଦୌଡ଼ିବାର ତାଙ୍କର ଶକ୍ତି ନାହିଁ । ସରକସ୍ ଘୋଡ଼ା ପରି କଦମ୍ ପକାଇ କୌଣସିମତେ ଧାଇଁଥାନ୍ତି । ମନେ ମନେ ଭାବୁଥାନ୍ତି, 'ପ୍ରାଣ ହେଲା ସବୁଠାରୁ ମୂଲ୍ୟବାନ୍; ଆଗେ ପ୍ରାଣରକ୍ଷା, ପରେ ପରେ ସେଇଁ କଥା; ଏ ପ୍ରାଣ ରହିଲେ କି ମୁଁ କେତେଟା ଲୋକଙ୍କୁ ଠିକ୍ କରିପାରିବି ନାହିଁ ? ବର୍ତ୍ତମାନ ତ ଗୁଣ୍ଡା ରାଜତ୍ୱ ନୁହେଁ । ଯେ ଇଚ୍ଛା କରିବ ପରଧନ ଲୁଟିକରି ନେଇ ପଳାଇବ ; ଏଇଟା ବ୍ରିଟିସ୍ ସରକାରଙ୍କ ଶାସନ, ଡକାଇତର ବାପା, ବଡ଼ ବାପାକୁ ମଧ୍ୟ ପୋଲିସ ଠିକ୍ କରିଦେବେ । କିରେ, ଆମେ ମହୁମାଛି ପରି ଧନ ସଞ୍ଚୁଛୁ କି ତୁମେ ମୁହଁରେ ଧୂଆଁ ଦେଇ ଲୁଟି କରି ନେଇଯିବା ପାଇଁ ? ମୋ ଅର୍ଜିଲା ସମ୍ପତ୍ତି ଲୁଟପାଟ୍ କରି ମୋତେ ମାରିବାକୁ ଆସୁଛନ୍ତି । ମାରିବା କି ଏଡ଼େ ସହଜ ? ରେ ଗୁଣ୍ଡା ଦଳ, ରେ ରାକ୍ଷସ ପଶୁ ମଣିଷମାନେ ଫଳଟା କ'ଣ ହେବ ଟିକିଏ ଭାବୁନାହଁ ? ହଣାହେବା ମେଣ୍ଢାପଲ ପରି ଦଳ ଦଳ ହୋଇ ଜାହାଜ ଭିତରେ ଖୁନ୍ଦା ହୋଇ କଳାପାଣି ଯିବ; କିମ୍ବା ମାଂସ ବଜାରରେ ଟଙ୍ଗା ହୋଇଥିବା ଚମଡ଼ାଉତୁରା ମେଣ୍ଢା ଛେଳି ପରି ଫାଶି-କାଠରେ ଝୁଲା ହେବ । ମୋ ହାତରେ ପାବାର ଥିଲେ ମୁଁ ତାହା ହିଁ କରନ୍ତି । ଚମ ଛୋଟି କାଟି ରକ୍ତଚାଟି ବାଘୁଣୀକି ପିଇବାକୁ ଦଅନ୍ତି; ତା ପରେ ଚମ ଉତାରି ମାଂସ ଖଣ୍ଡ ଖଣ୍ଡ କରି ଫିଙ୍ଗନ୍ତି; ଖଣ୍ଡେ ଆକାଶରୁ ଶାଗୁଣା ଝାମ୍ପି ନିଅନ୍ତା, ଖଣ୍ଡିଏ ବିଲୁଆ ଟାଣି ନିଅନ୍ତା, ଆମ ପୋଷା କୁକୁରଙ୍କ ତମ କଲିଜା ମାଂସ କାଟି ଖାଆନ୍ତା । ଏହା ହିଁ ତୁମର ଉପଯୁକ୍ତ ଦଣ୍ଡ ।

ସେତେବେଳେ ଯଦି ମନୁଷ୍ୟତା ଯେନ ଆପତ୍ତି କରନ୍ତି, ତମ ପିଠି ଖଣ୍ଡରେ ଖୋଲା ରକ୍ତରେ ଚିତା ଦେଇନ୍ତି । କିରେ, କ୍ଷୁଧିତ ଶ୍ୱାପଦଦଳ, ଘର ଲୁଟପାଟ୍ କଲା-ବେଳେ ତୁମ ଭିତରେ କି ମନୁଷ୍ୟତା କାର୍ଯ୍ୟ କରୁଥିଲା ? ମନୁଷ୍ୟ ମାଇଲା ବେଳେ ତୁମ

Digitized by srujanika@gmail.com

ପ୍ରାଣରେ କି ଦୟା, ଉଦାରତା ଲୀଳା କରୁଥିଲ ? ତୁମେ ଯଦି ଦୟାଳୁ, ଉଦାର ହୋଇ-ନାହଁ, ଅନ୍ୟ ଠାରୁ ସେ ଦାବୀ କରିବ କିପରି ? ତୁମେ ତ ପାଗଳା କୁକ୍କୁର ପରି ଜଣକୁ କାମୁଡ଼ି କାମୁଡ଼ି ମାରିପକେଇବାକୁ ଚେଷ୍ଟା କରିବ, ସେ ତା ବେଳ ପଡ଼ିବାବେଳେ ଛାଡ଼ିବ କାହିଁକି ? ମୁଁ ଓଜରଆପତ୍ତି କିଛି ଶୁଣିବିନାହିଁ । ସେତେବେଳେ ଠିକ୍ ଜାଲ ହୋଇଯିବ; ତୁମେ ଯିନା ଗୋଟିକୁ ଅଳପକୁ ତଡ଼ିଛ, ତୁମ କୋଟିକୁ ମୁଁ ତଡ଼ିବ । ଘରଦ୍ୱାର ଭାଙ୍ଗି ତହିଁରେ ବିଲୁଆ ଡ଼ାଆଁଉଛି, ବାଇଗଣ ତଳ ରୋଇବ । ଏହାହିଁ ତୁମର ଶାସ୍ତି—ଉପଯୁକ୍ତ ଶାସ୍ତି । ଏଥିରେ ହିଁ ଭଗବାନ୍ ଦାସର ଶାନ୍ତି ।'

କିଛି ସମୟ ପରେ ଜମିଦାର ଗୋଟିଏ ବୁଦୁବୁଦୁକିଆ ଜଙ୍ଗଲ ମଧ୍ୟରେ ପହଞ୍ଚିଲେ । ଗୋଟିଏ ପଞ୍ଚଗଛିଆ ଗଛରେ ଚଢ଼ି ଦୂରକୁ ଅନାଇଲେ । କେହି ତାଙ୍କୁ ଗୋଡ଼େଇବାର ଦେଖିଲେ ନାହିଁ । ହୁଏତ ଯେ ଲୋକଦୁଇଟି ଜମିଦାରଙ୍କ ମନର ଭୂତ ହୋଇପାରନ୍ତି ! କିଏ କେଉଁ ଉଦ୍ଦେଶ୍ୟରେ ଦୌଡ଼ୁଛି, ଚୋର ଭାବୁଛି, 'ବୋଧେ ମୋତେ ଧରିବାକୁ ଗୋଡ଼ାଉଛି ।' 'ଚୋର ମନ ଚଣ୍ଡି ବେ, ମାଛ କଣ୍ଟା ଚଣ୍ଡି ରେ ।' ଜମିଦାର ଏ ଭ୍ରମ ନିମିତ୍ତ ନିଜକୁ ବିଶେଷ ଧିକ୍କାର କଲେ ଏବଂ ପୁଣି ଭାବି ବସିଲେ, 'ଭଗବାନ୍ ଦାସ ଏଥର କାହାକୁ ଛାଡ଼ିବ ନାହିଁ, ଏଇ କାନରେ ଗଣ୍ଡି ପଡ଼ିଲ; କାଲିଠ ଏ ପ୍ରଚାର କର; ଦେଖିବ, ଜମିଦାର ହାତରେ କ'ଣ ହୋଇପାରେ ।' କରେ, ତୁମ ବୋପାର ତ ମୁଁ କିଛି ଖାଏନାହିଁ, ତୁମକୁ ଧାନ ବାଣ୍ଟିବ କାହିଁକି ? ତୁମେ ମରିଗଲେ ଲୁହ ଗଡ଼ାଇବ କାହିଁକି ? ଦୀପାବଳୀ ଅମାବାସ୍ୟାରେ ଶତ ଶତ କୀଟ ମରନ୍ତି, ସେମାନଙ୍କ ପାଇଁ କାନ୍ଦେ କିଏ ? ସମସ୍ତେ ଆନନ୍ଦିତ ହୁଅନ୍ତି; ତୁମେ ସେପରି କାଳ ଦୁର୍ଭିକ୍ଷ ନିଆଁରେ ଜଳିପୋଡ଼ି ଭସ୍ମ ହେବ । ଜମିଦାର ଭଗବାନ୍ ଦାସ ସେଥିପାଇଁ ଦୁଃଖ କରିବେ କାହିଁକି ? ବରଂ ସୁଖୀ ହେବେ—ଗଣ୍ଡଗଣ୍ଡିଆ ମାଛଗୁଡ଼ାକ ନିକାଶ ପାଇଲେ; ଆହା ! ସବୁ ଧାନ କୋଠି ତ ଭାଙ୍ଗି ପକାଇବେ, ଭରିଭରି ଧାନ ତ ବୋହି ନେବେ । ଓଃ ଦେଖିଲେ ମୁର୍ଚ୍ଛନ! ଫାଟିଯିବ । କେଉଁ ଘଟୁଆ ଏହା ସହିପାରେ ?

ମୋ ସିନ୍ଦୁକ ! ଓଃ କେତେଟଙ୍କା ! କିଛି ତ ସଙ୍ଗରେ ଆଣିଲି ନାହିଁ ? ସବୁ ତ ଡାକୁ ଖୋଲି ନେଇ ପଳାଇବେ । ଏତେ ଧନ କ'ଣ ଏଇ ଭୂତ ଖାଇବା ପାଇଁ ସଞ୍ଚିଥିଲି ? ଓଃ, ନ ଆସିଥିଲେ ଭଲ ହୋଇଥାନ୍ତା ପରା ! ଅବଶ୍ୟ କେତେ ଜଣଙ୍କୁ ମୁଠାଏ ଲୋକ-ନ୍ଦଙ୍କୁ ତଡ଼ି ଦେଇଥାନ୍ତି । କାହିଁକି ଗୋଟେ ବାହାପିଆ କଥାରେ ପଡ଼ି ପଳାଇ ଆସିଲି ? ସିନ୍ଦୁକଟାରେ ଥାଇ ଗଜର ଥିଲେ କି ମୃତ୍ୟପରି ପଶନ୍ତେ ? ସେ ଧନ କି କିଏ ମୁଣ୍ଡି ପାରେ ? ପ୍ରାଣ ଯାଇଥିଲେ କ'ଣ ହେଉଥିଲା ? ନା, ନା, ଯେଉଁଠି ମୁଁ ଭୁଲକରି ବସୁଛି । କହେ, ପ୍ରାଣ ଗଲେ ଧନ ଭୋଗ କରିବ କିଏ ? ଠିକ୍ କଥା, ପଳାଇ ଆସିଛି, ଭଲ କରିଛି । ଗୋଳମାଳ ଘଟଣା ଖବର କିଏ ବୁଝିବ ? ତହସିଲଦାରଙ୍କୁଡ଼ାକ ମୁଁ ପଳାଇବାରୁ

Digitized by srujanika@gmail.com

ଜାଣି ଟଙ୍କାପଇସା ମୁଠି କରି ବସିଲେଣି । କାଲି ନାକରେ ଦଉଡ଼ି ବାନ୍ଧି ଘୋଷାରି ଆଣିବ । ପୁନା ଅଳଙ୍କାରଗୁଡ଼ା ପେଟରେ ରହିଛି । ଯଦି ପେଟରୁ ମୁଦ୍ଦା ଘେନି ପଳାନ୍ତି ? କିନ୍ତୁ ପୋତା ମାଲର ପତ୍ତା ପାଇବେ ନାହିଁ । ରହିରେ ବାପା, ଯଦ୍ଦା ଝାଇ-ପିଜାର ଅଜି ଖାଇଯାଅ, କାଲି ତିନି ଡବଲ ଅଦାୟ ହେବ; ଟଙ୍କାଏ ନେଇଥିଲେ ପାଞ୍ଚଟଙ୍କା ଆଦାୟ କରିବ; କୋଠା କାନ୍ଥ ଟିକିଏ ଖଣ୍ଡିଆ କରିଥିଲେ, ଘର ଭାଙ୍ଗି ଦେବି । ଭଗବାନ୍ ଦାସଙ୍କୁ କି ଏମନ୍ତ ତେମନ୍ତ ବିଚାରିଛ ? ଠେକିଏ ପାଣି ଢେଣ୍ଡାଇ ଗ୍ରହିବ, ତେବେ ଯାଇ ତା'ମନ ସନ୍ତୁଷ୍ଟ । କପରି କାଳି ହେବ ? ସୂର୍ଯ୍ୟ ଶୀଘ୍ର ବୁଡ଼ିଯା— ରାତି ଶୀଘ୍ର ପାହିଯା ।'

ଭଗବାନ ଦାସ ଗଛରୁ ଓହ୍ଲାଇ ଗୋଟିଏ ଗୋଟିଏ ଚାଲିଲେ । ଖଣ୍ଡେ ଦୂରରେ ଗୋଟିଏ ମଶାଣି ପଡ଼ିଲା । ମଶାଣିରେ ମୁର୍ଦ୍ଦାରଗୁଡ଼ିଏ ପଡ଼ି ସଢ଼ିଗଲଣି । ଗଣ୍ଡା ଗଣ୍ଡା ବିଲୁଆ ଆନନ୍ଦରେ କୋବାଳି ଛାଡ଼ୁଛନ୍ତି । ଏ ଦୁର୍ଭିକ୍ଷ କି ସେମାନଙ୍କୁ ବାଧୁଛି ?

'ବାପୁର କି ଯାଏ
ବାଆ କଲେ ବସା ଦୋହଲି ଯାଏ ।'

ଗୋଟେ ସଜ ମୁର୍ଦ୍ଦାରକୁ ବେଢ଼ି ଦୁଇଟା ଉଲଗ୍ନ ସ୍ତ୍ରୀ ଭୂତ ଓଟର କରୁଛନ୍ତି । ଇଚ୍ଛା-ପୂରାଏ ପୂରାଏ ଖାଇ ପେଟ ଭୋକ ଶାନ୍ତ କରିବେ । କ୍ଷୁଧାର ତାଡ଼ନାରେ ମନୁଷ୍ୟ ବୁଦ୍ଧି ବିବେକ ହରାଇ ନୀଚତମ ପଶୁସ୍ତରକୁ ଯାଇପାରେ । ପେଟ ତାତିଲେ ସବୁ ବାଉଳା । ଜମିଦାରବାବୁ ଏ ଦୃଶ୍ୟ ଦେଖି ଭାବିଲେ, 'ମୁଁ କି ନରକପୁରରେ ପହଞ୍ଚିଲି ? ଏ ଦୁଇଟା କି ଡାହାଣୀ, ବନରେ ବାହାରି ଗୋଟେ ମୁର୍ଦ୍ଦାରକୁ ଖାଇଯାଉଛନ୍ତି ?

ସ୍ତ୍ରୀ ଦୁଇଟା ଜମିଦାରଙ୍କୁ ଦେଖି ଗୋଡ଼ାଇଲେ । କାମୁଡ଼ିବା ଉଦ୍ଦେଶ୍ୟରେ କି ହେଁ । ଜମିଦାରଙ୍କ ଦେହରେ କେତେଗୁଡ଼ିଏ ଲୁଗା ଗୁଡ଼ା ହୋଇଛି । ସ୍ତ୍ରୀମାନଙ୍କର ଲାଜ ଢାଙ୍କିବାକୁ ଦେହରେ କନା ନାହିଁ । ସେମାନେ ଖଣ୍ଡେ ଲୁଗା ଘେନି ଆସିବା ନିମିତ୍ତ ଜମିଦାରଙ୍କ ନିକଟକୁ ଦୌଡ଼ିଲେ ବାଳ ମୁକୁଳା, କଙ୍କାଳ ଦେହରେ ଯୌବନର ଆନନ୍ଦମୟ ଚମଡ଼ା ଦଣ୍ଡେ ବୁଢ଼ୀଆଣୀ ବଜାରେ ଶୁଖିଲା ପତର ପରି ଲାଗିଛି । ଆଖି ଦିଟା ଢଗା-ଢଗା — ଗାଡ଼ ଭିତରେ ପଶିଛି; ଯୌବନର କଟାକ୍ଷ ନାହିଁ, ଆଖିରେ ପିଶାଚ ଲୁଚି ରହିଲା ପରି ଜଣାଯାଉଛି । ଏ ଶ୍ମଶାନ ନାରୀମୂର୍ତ୍ତି ନିର୍ଜନ ସ୍ଥାନରେ ଦେଖିଲେ କିଏ ନ ଡରିବ ?

ଜମିଦାରଙ୍କ ଧନ ସ୍ୱପ୍ନ କେଉଁଆଡ଼େ ଉଭେଇଗଲା । ପ୍ରାଣ ରକ୍ଷା ନିମିତ୍ତ ସେ ପୁନର୍ବାର ଦୌଡ଼ିଲେ । ଗୋଟେ ଗଛ ଖୁଣ୍ଟାରେ ନେଡ଼ ବାଜିବାରୁ ହୁଣ୍ଡି ପଡ଼ିଲେ ।

Digitized by srujanika@gmail.com

ସେ ଭୟରେ ଅଚେତ ହୋଇଗଲେ । ସ୍ତ୍ରୀମାନେ ଦେହରୁ ଲୁଗାକାଢ଼ି ନେଇ ପିନ୍ଧି ଚାଲିଗଲେ । ଅଧଘଣ୍ଟାକ ବାଦ୍ ଜମିଦାରଙ୍କ ଚେତା ହେଲା ।

ଦେହରେ ଲୁଗା ନାହିଁ । କେବଳ ଖଣ୍ଡିଏ କାମିଜ । ଏ ବେଶରେ କେଉଁଆଡ଼େ ଯିବେ ଭାବି ପାରିଲେ ନାହିଁ । କାମିଜ ଖଣ୍ଡ ଚିରି ଲେଙ୍ଗୁଟି ମାରିଲେ । ଥାନାକୁ ଯାଇ ଇତଲା ଦେବାକଥା ମନରୁ ଉଭେଇଗଲା । କିଏ ଘରୁ ତାଙ୍କୁ ତଡ଼ିଦେଲା ? କାହିଁକି ? କେଉଁ ସ୍ତ୍ରୀ ଲୁଗାପଟା ଖଣ୍ଡପଣେ କରି ଛଡ଼ାଇ ନେଲେ ? ସ୍ତ୍ରୀ ପୁରୁଷର ପିନ୍ଧା ଲୁଗା ବଳାତ୍କାରରେ ଟାଣିନେବ ଏବଂ ପୁରୁଷ ଏକଥା ଥାନାରେ ଇତଲା କରିବ ? ଅତ୍ୟନ୍ତ ଲଜ୍ଜାର କଥା; ଜମିଦାରଙ୍କ ମୁଣ୍ଡ ତଳକୁ ନଇଁ ଗଲା ।

ତାଙ୍କର ମନେ ପଡ଼ିଲା, ଗୁପ୍ତ ବଶିଷ୍ଠ ଘର; ଦରିଦ୍ର ଚାଷୀର ଷୋଡ଼ଶବର୍ଷୀ ଝିଅମାନଙ୍କୁ ବଳାତ୍କାରରେ ଲଙ୍ଗଳା କରିବା କଥା; କେତେ ଝିଅଙ୍କର ସତୀତ୍ୱ ସେ ନଷ୍ଟ କରିଛନ୍ତି ! ଆଜି ସେହି ସ୍ତ୍ରୀ ଜାତି—ତାଙ୍କୁ ଅପମାନ ଦେଲା—ତାଙ୍କୁ ଲଙ୍ଗଳା କରି; ଓଃ, ଭଗବାନ୍ ଦାସ, ମରିଯା ତୁ, ଏ ଅପମାନ ସହିଲୁ ! କି ଉତ୍କଟ ପ୍ରତିଶୋଧ ! ଭଗବାନଙ୍କର ଏ କି ଲୀଳା ! ଭଗବାନ୍ ଦାସ ଚିନ୍ତା କରିବାକୁ ଲାଗିଲେ ।

ବନ୍ଧୁବାନ୍ଧବଙ୍କ ଘରକୁ ଯିବାର ଚିନ୍ତା ଜମିଦାରଙ୍କ ମନରେ ପଶିଲା । ବନ୍ଧୁ ଚଉଦ ପୁରୁଷକୁ ବନ୍ଧା; ବିପଦବେଳେ ଅବଶ୍ୟ ସାହାଯ୍ୟ କରିବେ । କିନ୍ତୁ କି ବେଶରେ ଯିବେ ? କଥାରେ କହନ୍ତି, 'ବେଶ ଥିଲେ ଭେକ ମିଳେ ।' ଜମିଦାର ଭଗବାନ୍ ଦାସ ଖଣ୍ଡେ ଖଣ୍ଡିଆ କନା ପିନ୍ଧି ଭିକାରୀ ପରି ବନ୍ଧୁର ସାହାଯ୍ୟ ପ୍ରାର୍ଥନା କରିବେ ? ପୁଣି କେଉଁ ବନ୍ଧୁ ଘରକୁ ଯିବେ ? ପ୍ରଥମ ଶ୍ୱଶୁର ଘରକୁ ? କେଉଁ ମୁହଁରେ ? ରମା ତ ଆଜି ନାହାନ୍ତି । ସୁବଳକୁ ତ ଘରୁ ତଡ଼ି ଦେଇଛୁ, ସେଠି ଯାଇ କିପରି ପୋଡ଼ାମୁହଁ ଦେଖାଇବ ? ନୂଆ ଶ୍ୱଶୁର ଘରକୁ ଯିବାକୁ କି ମୋର ସାହସ ଅଛି ? ଅପସରୀ ପରି ସ୍ତ୍ରୀ ପାଣିକି ଡେଇଁ ପଡ଼ି ମଲା ! ଆଉ ବନ୍ଧୁ କି ବନ୍ଧରେ ଲେଖା ? ସମସ୍ତେ ତ ଓଲଟି କିଛି ପାଇବା ନିମିତ୍ତ ତାଙ୍କ ମୁହଁକୁ ଚାହିଁବେ ! ସେଦିନ ମହୁଆ ଘର ଧାନ ନେବାକୁ ଲୋକ ପଠାଇଥିଲେ; ତାକୁ ବାଳରେ ଭିଡ଼ି ଫେରାଇ ଦେଇଛୁ; ସେ ଦ୍ୱାର ତ ମୋ ପାଇଁ ବନ୍ଦ । ଯିବ କେଉଁଠିକି ?'

ଭାବି ଭାବି କୋଶ କୋଶ ବାଟ ଚାଲିଲେ । ଗୋଡ଼ରୁ ବାକୁଲ ବାହାରିଲେ, ପାଦରେ ଗୃଢ ଫୁଟିଲା । ଲକ୍ଷ୍ୟହୀନ ଭାବରେ ଚାଲିଛନ୍ତି । ଭୋକରେ ଆଖିରୁ ଜୁଳୁଜୁଳିଆ ପୋକ ବାହାରିଲେଣି; ଟାଙ୍ଗରା ମୁଣ୍ଡରେ ଟାଣୁଆ ଖରା ପଡ଼ିଯାଉଛି, ତଥାପି ଚାଲିଛନ୍ତି । ଦ୍ୱିପହର ବେଳେ ନିତାନ୍ତ କ୍ଳାନ୍ତ ହୋଇପଡ଼ି ଗୋଟିଏ ଗଛମୂଳରେ ବସିଲେ । ଦଳେ

Digitized by srujanika@gmail.com

କାଙ୍ଗାଳ ମଧ୍ୟ ସେଇବାଟ ଦେଇ ଗଲେ । ଜମିଦାର ବସିଥିବା ଗଛର କିଛି ଦୂରରେ ଗୋଟିଏ ଗହଳିଆ ଆଂବଗଛ ମୂଳରେ ବସିଲେ । ଜମିଦାର ସେମାନଙ୍କ ମଧ୍ୟରୁ କେତେକ ଲୋକଙ୍କୁ ଚିହ୍ନି ପାରିଲେ । କାଙ୍ଗାଳ ବୁଢ଼ାକ ଅଣ୍ଟିଏ ଅଣ୍ଟିଏ ଓଦା ଚାଉଳ ଚୋବାଉଥାନ୍ତି । ସେମାନଙ୍କର କଥାବାର୍ତ୍ତା ଜମିଦାର ଶୁଣୁଥାନ୍ତି ।

ପ୍ରଥମ କାଙ୍ଗାଳ କହିଲା – 'ସବୁ ନେଇଗଲେ ?'
ଦ୍ୱିତୀୟ ,, ,, —'କଣ ? ଟଂକା ପଇସା ?'
'ମୋଟେ ଛୁଇଁ ନାହାନ୍ତି' ।
'ତେବେ ?'
'ସବୁ ଧାନ ଚାଉଳ—ଅଖା ଅଖା କରି ବେଢା ବେଢା କରି, ଟୋକେଇ ଟୋକେଇ କରି ।'

—'ଟଂକାପଇସା କାହିଁକି ନେଲେ ନାହିଁ ?'

'କ'ଣ ହେବ ? ଧାନ ଚାଉଳ ନ ମିଳିଲେ ସୁନାରୁପା, ଟଂକା ପଇସା ଗୋଡ଼ମାଟି ସଙ୍ଗେ ସମାନ ।'

'କେହି ବାଧା ଦେଲେ ନାହିଁ ?

—'କିରେ ଓଲୁ, ବାଧା ଦେବ କିଏ ? ତାଙ୍କର ଲୋକେ ତ ଆମକୁ ବାଟ କଢାଇ ନେଲେ । କୋଉଠି ଧାନ ଗଣି ପଡ଼ିଛି, କୋଉ କୋଠିରେ ଧାନ ଅଛି, ସବୁ ସେମାନେ କହିଲେ । ସେଇ ତହସିଲଦାର କେତେଟା କେବଳ ଟଙ୍କାପଇସା, ଅଳଂକାରପତ୍ର ଗୋଟାଇବାରେ ବ୍ୟସ୍ତ; ଦାସୀବୁଢ଼ୀକ ମୁଣ୍ଡକୋଡ଼ କାନ୍ଦୁଥାନ୍ତି । ଶୁଣୁଛି କିଏ ? ଘରେ ମୂଷା ପାଇଁ ଗୋଟେ ଧାନ ଚାଉଳ ରଖି ନାହାନ୍ତି; ଘରର କଳାକନା ବୁଲିଯାଉଛି ।'

—'କିରେ, ସେ ବୋଦା ଜମିଦାର କିଛି କହିଲା ନାହିଁ ! ତୁମେ ବଡ଼ ବୋଇଁପର ଘରେ ପଶି ଏତେ କାଣ୍ଡ କରିଦେଇ ଆସିଲ; ସେ ସଢ଼ଟା ତ ଦେହରୁ ଟିପେ ମଳି ଛାଡ଼େ ନାହିଁ ! ଆଉ, ତୁମ ମୁହଁକୁ ଦେଖି ଧାନ କୋଠି ଛାଡ଼ିଦେଲା ?'

—'ଆରେ, ଛାଡ଼ ତା କଥା; କପାଳ ତାର ଖର ସଲଖ; ବେଲ ଉଣ୍ଡି ନେଉଳଖାଇ ପରି କୁଆଡ଼େ ଖସିଗଲା, ନୋହିଲେ କି ତାର ଦେହ ରହିଥାନ୍ତା ? ଖଣ୍ଡ ଖଣ୍ଡ କରି ହାଣି ତା ରକ୍ତରେ ସମସ୍ତେ ଚିତା ଲଗାଇଥାନ୍ତେ; ଭଗବାନ୍ ଦାସକୁ ଭଗବାନ୍ ଭରସା ହେଲେ' !

—'ସେ କୋଠାରେ କିଏ ଅଛି ?'

Digitized by srujanika@gmail.com

—'ପଚ୍ଛର ସେ କୋଠା ଅଛି କି ?'

—'ଏଁ —'

—'କୋଠାରେ ନଡ଼ାକୁଟା କ.ଠବାଉଁଶ ଭର୍ତ୍ତିକରି ଶ୍ରୀମା ନିଆଁ ଲଗାଇ ଦେଲା; ପାଖି ଛଅ ଘଣ୍ଟା ପରେ କୋଠାଟା ଅଜାଡ଼ି ହୋଇପଡ଼ିଲା; ହେଢ଼କବେଳେ ଲୋକେ ବେଶୀ କରତାଳି ଦେଲେ । ଯେମିତିକି ଅଟି ପୋଡ଼ା ନିଆଁ ଗଦା ସେମାନଙ୍କ ଜମି ଆଡ଼କୁ ଟଳିଲା ।'

—'ସବୁ ନିକାଶ ?'

—'ଘରଦୁଆର ଗଳିଗଲା; ଧନଦଉଲତ ନଷ୍ଟମାଟ୍ ହେଲା; ଘରର ଖାଉଁଦ ଘର ଗ୍ରାମ ପଳାଇଲେ; ସେ ଭିତ୍ତରେ ପଡ଼ୋଶୀକିଆ ବନ୍ଧୁଆ ଉଡ଼ି ଗୁଞ୍ଜୁଛି; ସୁନାର ପିଣ୍ଡାଭୂଣୀ ହେଠି ଘଡରେ ଅନ୍ନଥ କଲୁଛି ବୋଲି ସେ ବାଟେ କେହି ଭରସି ଯାଉନାହାନ୍ତି । ଖଣ୍ଡେ ଖଣ୍ଡେ ଲଙ୍ଗଳା କାନ୍ଥ ଭୂତପରି ଛିଡ଼ା ହୋଇଛି ।'

—'ଶୁଣୁଛି ଦଲଙ୍ଗାରେ ଛତର ଢଅହୋଇଛି; କଂଗ୍ରେସ ଲୋକେ ଦେଉଛନ୍ତି, ତୁ ସେଠିକି ଯିବୁଟି ?'

—'ପଚ୍ଚୁରୁଛୁ ଭଲ, ପେଟ ଶକଲରେ ବ୍ରାହ୍ମଣ ହାଡ଼ିପଲେ ପଶୁଛି, ଆଉ ଛତର ଖାଇଲେ ଜାତି ବାହାରି ଯାଉଛି ? କିନ୍ତୁ ମୁଁ ସେଠିକି କଦାପି ଯିବି ନାହିଁ ।'

—'କୋଉଠିକି ରେ ?'

—'କରେ ଜାଣିନାହୁଁ କି, ଖାଇବା ପିନ୍ଧିବାକୁ ଦେଇ କେତେଟା ପାଦ୍ରି ସାହେବ ଲୋକଙ୍କୁ କରିସ୍ଥାନ କରି ଦେଉଛନ୍ତି; ଜାଣୁ ଜାଣୁ ସେଠିକି ଯାଇ କାହିଁକି ଜାତି ହରାଇବା ? ନରକରେ ପଡ଼ି କାହିଁକି ଛଟପଟ ହେବା ? ସେ କଥା କେବେହେଁ କରିବୁନି ଭାଇ ।'

—'ମୁଁ ସେ ବିଷୟରେ ଅଟୁ ସାବଧାନ; ତୋ ପିଲାଝିଲା କୋଉଠି ?'

—'ନିଜକଥା ନିଜକୁ ଟଳମଳ; ତାଙ୍କ କଥା କିଏ ପଚାରୁଛି ?'

—'ମୁଁ ପିଲଝିଲଙ୍କୁ ଶଶୁର ଘରେ ଛାଡ଼ିଦେଇ ଆସିଛି; ଶଶୁର ଘର ଟିକିଏ ଭଲବାଲା ।'

ନିଜ ଘରର ଧ୍ୱଂସ ସଂବାଦ ଶୁଣି ଜମିଦାର କଳାକାଠ ହୋଇଗଲେ । ଭାବିଲେ, 'ମୁଁ ସିନା ଦୋଷ କଲି ? କୋଠାଟା କାହାର କି ଦୋଷ କରିଥିଲା ? ତାକୁ କାହିଁକି ଭାଙ୍ଗିଦେଲେ !'

Digitized by srujanika@gmail.com

ଏହି ସମୟରେ ତାଙ୍କ ଆଗରେ ଗୋଟାଏ ଭୀଷଣ ମୂର୍ତ୍ତି ଠିଆ ହୋଇଗଲା । କ୍ରୋଧରେ ଚକ୍ଷୁକୁ ରକ୍ତବର୍ଣ୍ଣ କରି ସେଇ ମୂର୍ତ୍ତି ଗର୍ଜି ଉଠିଲା, 'ପାଷାଣ୍ଡ, ଏତେ ସାମାନ୍ୟ କଥାଟା ବୁଝିପାରୁନାହୁଁ ? କହୁଛୁ, କୋଠାଟା କାହିଁକି ଭାଙ୍ଗି ଦେଲେ ? ତୁ ଯେ ଶତସହସ୍ର ଘର ଜୀବନରେ ଭାଙ୍ଗିଛୁ; ମଧୁକୁ ଦାଣ୍ଡର ଅରକ୍ଷିତ କରିଦେଇଛି କିଏ ? ନିଜ ଦୋଷ ବେଳକୁ ଏତେ ଅନ୍ଧ କାହିଁକି ? ପ୍ରତି ପାପ ନିମିତ୍ତ ତୋତେ ଦଣ୍ଡଭୋଗ କରିବାକୁ ପଡ଼ିବ; ବିନା ପ୍ରାୟଶ୍ଚିତ୍ତରେ ରକ୍ଷା ନାହିଁ ।' ଏହା କହି ଶୂନ୍ୟରେ ସେହି ମୂର୍ତ୍ତି ମିଶିଗଲା ।

ଜମିଦାରଙ୍କ ଦେହ ଓ ମନ ଅବସନ୍ନ ହୋଇଗଲା । ଭୋକରେ ପେଟ ଜଳୁଛି; ଶୋଷରେ ଓଠ ଜଳା ପଡ଼ିଗଲାଣି, କ୍ଷୁଧା ହେଲେ ଲୋକ କି କଷ୍ଟପାଏ, ଆଜି ଜମିଦାର ବୁଝି ପାରୁଛନ୍ତି । ଲୋକେ ନଳାମୁହଁରୁ ଭାତ ଖୁଣ୍ଟି ଖାଉଥିଲେ ବୋଲି ତାଙ୍କୁ କୁକୁର ବୋଲି ଘୃଣା କରୁଥିଲେ । କିନ୍ତୁ ଆଜି ସେ ସୁଯୋଗ ମିଳିଲେ ସେ ଛାଡ଼ନ୍ତେ ନାହିଁ । ଦୁର୍ଭିକ୍ଷ ବେଳେ କାହା ନଳା ମୁହଁରେ କିଏ ବା କାହିଁକି ଭାତ ବିଞ୍ଚିବ ? ଘୋଷେଇ ଘୋଷେଇ ଲକ୍ଷ୍ୟହୀନ ଭାବରେ ବାଟେ ବାଟେ ବୁଲିଲେ ।

ବନ ପ୍ରାନ୍ତ ଦୁଇପଡ଼ା ଅଛି; ଗୋଟିଏ ପଡ଼ିଆରେ ପହଞ୍ଚିଲେ । ପଡ଼ିଆଟି ଘାସପୂର୍ଣ୍ଣ; ଦୁଧକୋଳି, ଭଇଁଷକୋଳି ଗଛରେ ଭର୍ତ୍ତି; ମଝେ ମଝେ ଗୋଟିଏ ଗୋଟିଏ ବରଗଛ ବା ଆମ୍ବଗଛ; ବଣିଆ ବରଫଳ ଖାଇବାକୁ ଆସନ୍ତି; ପଡ଼ିଆର ଗୋଟେ କୋଣରେ ମୁଦାର ପୋଡ଼ା ହୁଅନ୍ତି; ସେଠି ଅନେକ ଖଣ୍ଡିଆ କତରା, ମସିଆ ମାଣ୍ଡି, ଛୁଞ୍ଚିମୁଠା, ତୁଳସୀ କୁଣ୍ଡିଆ, ଦରପୋଡ଼ା କାଠ ପଡ଼ିଛି; ଦରପୋଡ଼ା ଜାଳିକାଠ ଗଡ଼ ପ୍ରତିବର୍ଷ ଘୁସୁରିଆ ପୋଖରୀ ହୁଡ଼ାରେ ଘୁସୁରି ପକାଇବାକୁ ଆସି ନେଇ ଜାଳି ଦେଖାଇ କରନ୍ତି;—ଅଳ୍ପ ଦୂରରେ ଗୋଟିଏ ପୋଖରୀ; ଝାଡ଼ସଂପୂର୍ଣ୍ଣ, ସାପଙ୍କର ଘର; ପଡ଼ିଆର ନାମ ପୋଡ଼ା ପୋଖରୀ; ମଣିଷ ପୋଡ଼ା ହେଉଥିବାରୁ ପୋଡ଼ା ଏବଂ ପୋଖରୀ ଥିବାରୁ ଉଭୟକୁ ମିଶାଇ ପଡ଼ିଆର ନାମ ଭଗବତୀପୁର ଗାଁ ପଣ୍ଡିତ ବିଶୁ ମିଶ୍ର 'ପୋଡ଼ା ପୋଖରୀ' ଦେଇଥିଲେ ।

ସେଇ ବରଗଛ ମୂଳେ ଜମିଦାର ବସିଲେ; କେତେକ କାଙ୍ଗାଳ ବଳଙ୍ଗା କେନ୍ଦୁରୁ ବୁଢ଼ଳ ଆଣି ଡେବାଇ ଡେବାଇ ଆସୁଥାନ୍ତି; ସେମାନେ ଆସି ସେଇ ଗଛ ମୂଳେ ବସିଲେ; ଭୋକରେ ଜମିଦାରଙ୍କୁ ଚାରିଆଡ଼େ ଅନ୍ଧକାର ଦିଶୁଛି; ସେ ହଠାତ୍ ହାତ ବଢ଼ାଇ ମୁଠେ ବୁଢ଼ଳ ମାଗିଲେ । କାଙ୍ଗାଳମାନେ ଲୋକଟାକୁ ନିଠୁର ଆଖିରେ ଚାହିଁଲେ ।

Digitized by srujanika@gmail.com

ପ୍ରଥମ କାଙ୍ଗାଲ କହିଲା—‘ଏଇ ନା ?’

ଦ୍ୱିତୀୟ ” ” —‘ହଁ ।’

—‘ସେଦିନ ଭିକ ମାଗି ନଳକ୍ଷଣି ଆମ ଥାଳ ପିଟି ଦେଇଥିଲା ପରା !’

—‘ହଁ, ହଁ; କରେ ସେଇଟା ଏଠି କାଙ୍ଗାଲଙ୍କ ପରି ବୁଲୁଛି କାହିଁକି ? ତା ଧନ ସମ୍ପତ୍ତି କ’ଣ ଲୁଟ୍‌ପାଟ୍ ହୋଇଗଲା ? ନା, ସେ ମରିଛି, ତା ଭୂତଟା ଏଠି ବୁଲୁଛି ?’

—‘ନାଇଁରେ ଗୋଟାସୁଦ୍ଧା ସେଇ କେନ୍ଦ୍ରମ ସ; ବୋଧେ ତାର ହେଲାଣି ସର୍ବନାଶ, ବେଶ୍ ଭଲ ହୋଇଛି, ଲୋକଙ୍କୁ ଯେଉଁ ଯନ୍ତ୍ରଣା ଦେଇଛି, କାନରେ ଶୁଣିବ ନାହିଁ । ଦେଖୁନୁ ନା, କେମିତି ଗୋରୁ ମାଇଲା ପରି ଦାଢ଼ି ବଢ଼ାଇଛି; ଆଉ ସେ ଅନ୍ତାଳ ପେଟ ନାହିଁ; ଶୁଖି କଙ୍କାଳରେ ଲାଗିଲାଣି ।’

ଜମିଦାର ନଜର ସମାଲୋଚନା ଶୁଣି ପଛକୁ ଫେରି ଚାଲିଆସିଲେ । ଏଇ ସମୟରେ ପିଠିରେ ବଡ଼ଟା ବାଇଶପଲିଆ ଗୋଇଠା ବସିଲା । ସେ ମାଟି କାମୁଡ଼ି ଭୂଇଁରେ କଚଡ଼ି ହୋଇ ପଡ଼ିଲେ। ଓଠ ଛେଚି ହୋଇ ପାଟିରେ ରକ୍ତ ଭର୍ତ୍ତି ହୋଇଗଲା ।

ଘଣ୍ଟାକ ପରେ ଜମିଦାରଙ୍କ ଚେତା ହେଲା । ବେଳ ବୁଡ଼ିଲାଣି; ଧୂଆଁ ସ ଉଠୁ; ଚାରିଆଡ଼୍ ଅନ୍ଧାର ଅଷାଢ଼ିଆ କଳାମେଘ ପରି ଘୋଟି ଆସୁଛି; ରୂପାରେ ଫୁଲକାଟି ପ୍ରକୃତିରାଣୀ ନୀଳ ଆକାଶରେ ପୁଞ୍ଜି ପୁଞ୍ଜି କରି ତାରା ଆକାରରେ ଯେପରିକି ଝଞ୍ଜି ଦେଉଛି ! ଘୋର ଅନ୍ଧକାର ମଧ୍ୟରେ ଜୁଳୁଜୁଳିଆ ପୋକଟାମାନ ଚନ୍ଦ୍ରଉଦିଆ ପରି ଉଜ୍ଜ୍ୱଳ ଦିଶୁଛନ୍ତି; ହେଟାବାଘର ଗନ୍ଧ ବାରି କିଂବା କୌଣସି ଲୋକ ଯମପୁରକୁ ଯିବାର ବେଳ ହେବା ଜାଣି ଗୋଟିଏ ଅଣ୍ଡିରା ବିଲୁଆ କୁହାଟି ଦୌଡ଼ିଛି; ଜମିଦାରଙ୍କର ଆଜି ପ୍ରାଣକୁ ଭୟ ନାହିଁ । ପାଖରେ ଭଗବନ୍ତପୁର ଗାଁ; ଗଲା ସାଲ ଠାକୁରାଣୀ ଆଠପଣ ମଣିଷ ଖାଇଯାଇଛି । ତେଣୁ ମଶାଣିଟା ଜୁଇ ଗାଡ଼ରେ ପୂର୍ଣ୍ଣ; ରାତି ଦୁଇଘଣ୍ଟାକୁ ସମସ୍ତଙ୍କ କବାଟ କିଳା; ଜମିଦାର ସେଇ ଗାଁରେ ଆଜି ରାତିଟା କଟାଇବେ ବୋଲି ବାହାରିଲେ । ଅନ୍ଧାରେ ଅଣ୍ଡାଳି ଅଣ୍ଡାଳି ଯାଇ ଯାଇ ଗୋଟେ ଜୁଇଗାଡ଼କୁ ଝୁଣ୍ଟି ପଡ଼ିଲେ, ତାଙ୍କ ଦେହରୁ ଗୋଟେ ଝାଳ ବହିଗଲା । ଅଳ୍ପ ଦୂରରେ ଗୋଟେ ନିମ୍ବ ଗଛ, ପାଖରେ ବୁଦୁବୁଦିକିଆ ଗଛ ଅନେକ; ବର୍ଷାଦିନ ପାଣି ମାଟି ଖାଇ ଖାଇ ଶାଳ-ପହଣିମାନ କରିଛି; ବଡ଼ ଆବୁଖାବୁଡ଼ିଆ ଜାଗା; ସେ ବାଟରେ ଅନ୍ଧାର ରାତିରେ ଚାଲିବା ବଡ଼ ବିଷମ; ଜମିଦାର କଚଡ଼ା ଖାଇ ପଡ଼ି ଉଠି ଗଛ ମୂଳରେ ଯୋଡ଼ିଏ ଗ୍ରୁଇ ଦେଖିଲେ । ଗ୍ରୁଇ ଦିଓଟି ସ୍ତ୍ରୀ ମୂର୍ତ୍ତି । ପୂର୍ବ ସ୍ତ୍ରୀ ଦୁଇଟିର କାର୍ଯ୍ୟକଳାପ ଭାବି ଜମିଦାର ଆତଙ୍କିତ ହୋଇଗଲେ । ଗ୍ରୁଇ ଦୁଇଟି ଜମିଦାରଙ୍କ ଆଡ଼କୁ ଗତି କରୁଥିବାର ଦେଖାଗଲା ।

Digitized by srujanika@gmail.com

ଗୋଟିଏ ଗ୍ରୁଇ ପ୍ରଶାନ୍ତ, ଉଜ୍ଜ୍ୱଳରଶ୍ମି ମସ୍ତ, ଅନ୍ୟଟି ବିଷାଦଗ୍ରସ୍ତ, ତେଜୋହୀନ, ଜମିଦାର ପଛକୁ ଫେରିଲେ । ହଠାତ୍ ଗୋଟିଏ ଗ୍ରୁଇ ଜମିଦାରଙ୍କ ସମ୍ମୁଖରେ ଠିଆ ହୋଇଗଲା । ଜମିଦାର କାତର ହୋଇ କହିଲେ, 'କିଏ, ସ୍ୱର୍ଣ୍ଣଲତା ? ତୁମେ ଏଠିକି କେମିତି ଆସିଲ ?'

ଗ୍ରୁପ୍ଟା ଗର୍ଜିଉଠିଲା, 'ରେ ନରରାକ୍ଷସ, ମୁଁ ସ୍ୱର୍ଣ୍ଣଲତା ନୁହେଁ, ସ୍ୱର୍ଣ୍ଣଲତାର ପ୍ରେତ ! ସ୍ୱର୍ଣ୍ଣଲତା ତ ମରିଛି, ସେ ଅସିବ କାହୁଁ ? ତୁ ପାପିଷ୍ଠ ମୋର ସର୍ବନାଶ କରିଛୁ; ଆଜି ତାର ପ୍ରତିଶୋଧ ନେବି । ତୋ ଯୋଗୁଁ ମୁଁ ମରିଛି; ତୋତେ ମାରି ତୋ ଛାତିର ଲହୁ ପିଇ ଅଜି ମୋର ସାଧ ମେଣ୍ଟାଇବି, ତୁ ଘରୁ ବାହାରିଲା ଦିନୁ ମୁଁ ତୋ ପିଛା ଧରିଛି , କିନ୍ତୁ ସୁଯୋଗ ମିଳିନଥିଲା, ମୋ ପରି କେତେ ବାଳିକାଙ୍କର ଜୀବନ ତୋ ପରି ନର-କୁକ୍କୁର ସମାଜର ନେତା ହୋଇ ଧ୍ୱଂସ କରିଛନ୍ତି; ଆଜି ପ୍ରତିଶୋଧ, ପ୍ରତିଶୋଧ ।'

ସ୍ୱର୍ଣ୍ଣଲତା ଭୀଷଣ ମୂର୍ତ୍ତି ଧାରଣ କରି ଜମିଦାରଙ୍କ ଆଡ଼କୁ ଝୁଙ୍କି ପଡ଼ିଲେ; ଜମିଦାର ପ୍ରାଣନାଶର ଆଶଙ୍କାରେ ପ୍ରେତ ମୂର୍ତ୍ତି ଆଗରେ କର ଯୋଡ଼ିଛନ୍ତି; ପ୍ରେତ ଆଁ କରି ସେପରି କି ଗ୍ରାସ କରି ଆସୁଛି; ଏଇ ସମୟରେ ଉଭୟଙ୍କ ମଧ୍ୟରେ ସେହି ଉଜ୍ଜ୍ୱଳ ମୂର୍ତ୍ତିଟି ଦଣ୍ଡାୟମାନ ହେଲା । ସ୍ୱର୍ଣ୍ଣଲତା କେଉଁଆଡ଼େ ଲୁଚିଗଲେ । ଜମିଦାର କାନ୍ଦି କାନ୍ଦି କହିଲେ 'ଇନ୍ଦୁମତୀ, ସତୀ ତୁମେ, ଭାଗ୍ୟବତୀ ତୁମେ, ତୁମ ପୁଣ୍ୟ ବଳରୁ ମୁଁ ଆଜି ପ୍ରାଣ ପାଇଲି ।'

ଇନ୍ଦୁମତୀଙ୍କର ଚକ୍ଷୁ ସ୍ୱର୍ଗୀୟ ଜ୍ୟୋତିରେ ଉଜ୍ଜ୍ୱଳ ହୋଇଉଠିଲା । ଇନ୍ଦୁମତୀ କାନ୍ଦି କାନ୍ଦି କହିଲେ, 'ମୋ ସୁବଳକୁ ଫେରାଇ ଆଣିଲ ନାହିଁ, ତୁମର ଅଜି ଏ ଦଶା ।'

ଇନ୍ଦୁମତୀ କାନ୍ଦିବାକୁ ଲାଗିଲେ । ଜମିଦାର ନିରୁତ୍ତର ରହି କେବଳ ଅଶ୍ରୁବର୍ଷଣ କରିବାକୁ ଲାଗିଲେ । ଇନ୍ଦୁମତୀ ଉଭାଇଗଲେ । ଜମିଦାର ଦୂରରୁ କେବଳ ଅବଳାର କ୍ରନ୍ଦନ ଧ୍ୱନି ଶୁଣିପାରିଲେ ।

ଆସ୍ତେ ଆସ୍ତେ ଭଗବାନ୍ ଦାସ ଗାଁ ଆଡ଼େ ଆଗେଇଲେ । ଦାଣପଦାର ପାହୁଣ୍ଡ ଗଲାପରେ କେତେଗୁଡ଼ାଏ କଙ୍କାଳ ଗ୍ରୁପ୍ଟା ତାଙ୍କୁ ଚାରିଆଡ଼ୁ ଘେରିଆସିଲେ । ଜମିଦାର ଅସ୍ପଷ୍ଟ ତାରା ଆଲୋକରେ ସେ ଗ୍ରୁପ୍ଟା ମଧ୍ୟରୁ ଅଧିକାଂଶକୁ ଚିହ୍ନିପାରିଲେ । ଜମିଦାର ଡାକିଲେ,—'ବାଳି କେନା, ତୁମେ ଏଠି ?'

—'ମୋର ଆଉ କ'ଣ ରଖିଲ କି ? ଜମିବାଡ଼ି ତ ମିଛ ମକଦ୍ଦମା କରି ସବୁ ନେଲ, ମୋ ସ୍ତ୍ରୀ ଓ ମୁଁ ଖାଇବା ବିନା ମଲୁ; ମୋ ଝିଅ ତ ବଢ଼ିବାଣ୍ଡରେ ବସିଲା; ତୁମ ଯୋଗୁଁ

Digitized by srujanika@gmail.com

ତାଲୁ କେହି ବଡ଼ ହେଲେ ନାହିଁ; ତୁମ ପାଦ ଶୁଙ୍ଘି ଶୁଙ୍ଘି ଆଜ ପର୍ଯ୍ୟନ୍ତ ମୁଁ ବୁଲୁଛି । ଆଜ ଏଇ ଗଛଡାଳରେ ତୁମ ମୁଣ୍ଡ ପିଟି ଦେହ ବାହାର କରିବ ।'

ଅଗଣି ଦାଶ, ବକା ଭୋଇ, ଦାଧୁ ସ୍ୱାଇଁ, ଅର୍ଜୁନା ପଣ୍ଡା, ବଙ୍କି ମହାପାତ୍ରଙ୍କର ପ୍ରେତ ଏକସ୍ୱରରେ ଗର୍ଜି ଉଠି ଜମିଦାରଙ୍କୁ ଆକ୍ରମଣ କରିବାକୁ ଧାଇଁଲେ । କାହା ହାତରେ ଦରପୋଡ଼ା ମୁର୍ଦ୍ଦାର କାଠ, କାହା ହାତରେ ମଣିଷ ମୁଣ୍ଡ, କାହା ହାତରେ ଗୋରୁ ମେରୁହାଡ଼, କାହା ହାତରେ ମୁର୍ଦ୍ଦାର ବୁହା ଅଚାଞ୍ଚା ବାଉଁଶ । ଜମିଦାର ଏଥର ପ୍ରାଣଆଶା ତ୍ୟାଗ କଲେ । ତାଙ୍କ ଆଖି ବୁଜି ହୋଇଗଲା । ଏଇ ସମୟରେ ଆକାଶ ଉଜ୍ଜ୍ୱଳ ହୋଇଗଲା; ଝଲକା ପରି ଦୁଇଟି ଜ୍ୟୋତି ଆକାଶରୁ ଖସିଲା । ସେ ତେଜ ଆଖିରେ ପଡ଼ିଲାକ୍ଷଣି ପ୍ରେତଗଣ ଭୟରେ କେଉଁଆଡ଼େ ପଳାଇଗଲେ ।

ଦୁଇଟି ଜ୍ୟୋତିଷ୍କ ଜମିଦାରଙ୍କ ପୁଣ୍ୟକର୍ମ । ଜମିଦାର ବାଲ୍ୟକାଳରେ ଦୁଇଟି କ୍ଷୁଧାର୍ତ୍ତ ଦରିଦ୍ରଙ୍କୁ ଅନ୍ନ ବ୍ୟଞ୍ଜନ ଦେଇ ସନ୍ତୁଷ୍ଟ କରିଥିଲେ । ତାହାହିଁ ତାଙ୍କୁ ଆଜି ଏତେ ବଡ଼ କାଳ ବିପଦରୁ ରକ୍ଷାକଲା । ଜ୍ୟୋତିଷ୍କ ଦୁଇଟି ଆକାଶରେ ମିଶିଗଲେ ।

ଜମିଦାର ଅବାକ୍ ହୋଇ ବସିଗଲେ । ଭାବିଲେ, 'ଆହା ! ଭୋକିଲା ଲୋକକୁ ମୁଠାଏ ଖାଇବାକୁ ଦେଇ ମଣିଷ ଏତେ ବଡ଼ ବିପଦରୁ ରକ୍ଷା ପାଇପାରେ ? ମୁଁ ସାରା-ଜୀବନ ଲୋକଙ୍କ ଖାଇବା ପଥରେ ଧୂଳି ଦେଇଛି; ଲୋକଙ୍କୁ ପଶୁଠାରୁ ହୀନ ମନେ କରିଛି, ଦେଶଭକ୍ତ କଂଗ୍ରେସବାଲାଙ୍କୁ ଅପମାନିତ କରିଛି । ସେମାନେ ଦେଶର କେତେ ଉପକାର କରୁଛନ୍ତି । ସେମାନଙ୍କର ବା କେତେ ପୁଣ୍ୟ ହେଉନଥିବ ! ମୁଁ କାହିଁକି ମୋର ଜୀବନଟି ନଷ୍ଟ କଲି ? ସବୁବେଳେ ଗର୍ବ, ହିଂସାରେ ହୃଦୟ ପୂର୍ଣ୍ଣ ଥିଲା । ଧନକୁ ହିଁ ଜଗତର ସର୍ବଶ୍ରେଷ୍ଠ ପଦାର୍ଥ ମନେ କରିଥିଲି । କିନ୍ତୁ ଧନ କି ଆଜି ମତେ ରକ୍ଷା କଲା ? ଧନ ଯୋଗୁଁ ମୁଁ ପାଗଳ ଓ ଜ୍ଞାନଶୂନ୍ୟ ହୋଇଥିଲି । ଏଇ ଧନଯୋଗୁଁ ମୋର ପ୍ରାଣ ସଙ୍କଟାପନ୍ନ ହୋଇଥିଲା । ଯାଉ ଧନ, ପୋଡ଼ିଜଳି ଧ୍ୱଂସ ହେଇଯାଉ । ଯେଉଁ ଧନ ପାପରେ ଅର୍ଜିତ ହୋଇଥିଲା, ତାହା ପ୍ରାୟଶ୍ଚିତ୍ତରେ ଖର୍ଚ୍ଚ ହେଉ । ଯେଉଁମାନଙ୍କ ଧନ ଲୁଟିଆଣିଥିଲି, ସେଇମାନେ ତାହା ଆଜି ବୋହି ନେଲେ । ଧର୍ମ ହିଁ ଜଗତର ଶ୍ରେଷ୍ଠ ଜିନିଷ, ଧର୍ମହିଁ ମୃତ ସଙ୍ଗରେ ଯାଏ ।

"ଧର୍ମ ଏକା ପୋତ ବୋଲିଛନ୍ତି ବୁଧ, ତରିବାକୁ ଏହି ସଂସାର ଜଳଧି
ଧର୍ମ ଏକା ସିନା ମହତପଣିଆ, ଆଉ ବଡ଼ପଣ ଅଢ଼େଇଦିନିଆ ।"

କବି ଠିକ୍ କହିଛନ୍ତି । ମୁଁ ଆଜି ପର୍ଯ୍ୟନ୍ତ ବୁଝିପାରି ନଥିଲି । ଇନ୍ଦୁମତୀ ଭାଗବତ ପଢ଼ିଶୁଣାନ୍ତି—

ଧର୍ମ ଅର୍ଜନେ ଧର୍ମ କର
ଧର୍ମେ ପ୍ରାପ୍ତ ନରହରି ।'

Digitized by srujanika@gmail.com

ଏକଥା ମୁଁ ବାରମ୍ବାର ମନେ ରଖିଥିଲି । ଧର୍ମ ପୁଣ୍ୟ ଅର୍ଜନ ପାଇଁ ଧନ ଉପାୟ ମାତ୍ର; ଧନ ବଳରେ ଅନାଥାଶ୍ରମ, ଧର୍ମଶାଳା, ଗୋଶାଳା ପ୍ରଭୃତି ବସାଯାଇପାରେ, ପୋଖରୀ ଖୋଳାଯାଇପାରେ, ବାଟ ପାଖରେ ଗଛ ଲଗାଯାଇପାରେ । ଧନ ଅର୍ଜନ କାହା ଜୀବନର ଲକ୍ଷ୍ୟ ହୋଇନପାରେ । ଧନରେ ଧର୍ମ ଅର୍ଜନ କରି ଧର୍ମବଳରେ ମନୁଷ୍ୟ ଭଗବାନଙ୍କ ଦର୍ଶନ କରିପାରିବ, ପରମାତ୍ମା ଦର୍ଶନରେ ଆତ୍ମାର ମୁକ୍ତି । ମୁଁ ଜୀବନସାରା ଅନ୍ଧହୋଇ ନିଜକୁ ସର୍ବଶ୍ରେଷ୍ଠ ଚରିତ୍ର ମନେ ନକରି ଥିଲି । ମୋ ଚକ୍ଷୁରେ ସାଧୁ ଭଣ୍ଡ, କଂଗ୍ରେସବାଲା ଚୋର, ପଣ୍ଡିତ ପେଟୁ ରୂପେ ଦେଖା ଯାଉଥିଲେ ।' ଜମିଦାର ବସି ରାତିସାରା ଭାବିଲେ । ପୁଣ୍ୟ ଚନ୍ଦ୍ରାବଳରୁ ସେ କୌଣସି ଭୂତ ପ୍ରେତ ଦେଖିଲେ ନାହିଁ । ତାଙ୍କର ମସ୍ତିଷ୍କ ଉଷ୍ଣାସ ବୋଧହେଲା ।

ସକାଳ ହେଲା; ଜମିଦାରବାବୁ ଅସରନ୍ତି ବାଟରେ ଚାଲିଲେ; ତାଙ୍କ ମୁଖ ଆଜି ନିର୍ମଳ, ଚକ୍ଷୁ ପ୍ରଶାନ୍ତ; ଦେହରୁ ଯୌବନର ଦୁର୍ବଳତା ଖସି ଯାଇଛି, କିନ୍ତୁ ତାଡ଼ନା ଅସହ୍ୟ; ଭୋକରେ ପେଟ ଆଉଟି ହେବାକୁ ଲାଗିଲା । କେତେକ ଲୋକ ତେନ୍ତୁଳି ଗଛରେ ତେନ୍ତୁଳିପତ୍ର ଖାଇବାର ଦେଖି ଜମିଦାରବାବୁ ଆଶ୍ଚର୍ଯ୍ୟାନ୍ୱିତ ହେଲେ । କିନ୍ତୁ ସେମାନଙ୍କ ପ୍ରତି ତାଙ୍କ ମନରେ ଘୃଣା ଜାତ ହେଲାନାହିଁ । ସେ ଭାବିଲେ, ଶାଗ ଖାଉଛୁ, ଭୋକରେ ପତ୍ର ଖାଇବା ଦୋଷ କ'ଣ ?

ସେ ଦରିଦ୍ରମାନଙ୍କର ଭାଗ୍ୟ ସଙ୍ଗେ ନିଜର ଭାଗ୍ୟ ମିଶାଇଲେ । ବର୍ତ୍ତମାନ ତାଙ୍କ ମନରେ ଧନୀର ଧନଗର୍ବ ରହିଲା ନାହିଁ; ସେ ମନେ କଲେ, 'ସାରା ସଂସାରରେ ମନୁଷ୍ୟର ଗୋଟିଏ ସମାଜ; ମନୁଷ୍ୟ ଜାତି ଏକ; ଏକ ପରିବାରର ଲୋକ ଭଳି ଚଳିବା ଉଚିତ; ପରମେଶ୍ୱର ସମସ୍ତଙ୍କର ପିତା—ସମସ୍ତଙ୍କର ଅଭିଭାବକ; ଧନମୋହ ମଣିଷ ମଣିଷ ମଧ୍ୟରେ ପାର୍ଥକ୍ୟ ଆଣେ, ଧନୀ ନିଜକୁ ସବଳ ମନେ କରି ଗର୍ବ କରେ; ଦରିଦ୍ର ଉପରେ ଅତ୍ୟାଚାର କରେ, ଦୁର୍ବଳ ଦରିଦ୍ର ପିଠିକୁ ପଥର କରି ସବୁ ସହ୍ୟ କରେ; ପ୍ରତିବାଦ କରିବାର ତାର ଶକ୍ତି ନଥାଏ । ଧନୀ ଓ ଦରିଦ୍ର ମଧ୍ୟରେ କଳହ ଯୋଗୁଁ ଜଗତର ଅଶାନ୍ତି ।

ଜମିଦାର ନିଜର କାର୍ଯ୍ୟାବଳୀ ସ୍ମରଣ କରି ବିଷଣ୍ଣ ହେଲେ; ଦାଣ୍ଡର ଚଣ୍ଡାଳ ଓ ନିଜ ମଧ୍ୟରେ ସେ କୌଣସି ପ୍ରଭେଦ ଦେଖି ପାରିଲେ ନାହିଁ । ସମସ୍ତେ ଦୁର୍ଭିକ୍ଷର ଆକ୍ରମଣରେ ବ୍ୟତିବ୍ୟସ୍ତ, କ୍ଳାନ୍ତ । ସେ ସମସ୍ତଙ୍କ ମଧ୍ୟରେ ନିଜକୁ ଜଣେ ମନେ କଲେ ଏବଂ ତେନ୍ତୁଳି ଗଛରୁ କିଛି ପତ୍ର ତୋଳି ଚୋବାଇ ପାଖ ପଦ୍ମପୋଖରୀରୁ ଦ'ଢୋକ ପାଣି ପିଇ କ୍ଷୁଧା ତୃଷା ଶାନ୍ତ କଲେ । ଦଳ ଦଳ କାଙ୍ଗାଳଙ୍କ ସଙ୍ଗେ ଦ୍ୱାରେ ଦ୍ୱାରେ ଭିକ୍ଷା ମାଗି ବୁଲିଲେ । ଗ୍ରାମର ତ ଅଧିକାଂଶ ଯୋଗୀ; ଭିକ ଦେବ କିଏ ? ଅନେକ ସ୍ଥାନରେ

Digitized by srujanika@gmail.com

ନିର୍ବାଣ ହେଲେ । କଂଗ୍ରେସର ଅନ୍ନଛତ୍ର ସାହାଯ୍ୟରେ କିଛିଦିନ ପ୍ରାଣ ବଞ୍ଚାଇବା ପାଇଁ ଚେଷ୍ଟାକଲେ ।

ଦ୍ୱିପ୍ରହର ଦିନ; ବାଲି ଖୁବ୍ ତାତିଛି, ପବନରେ ନିଆଁ ହୁହୁକ ବହି ଆସୁଛି; ଜମିଦାର ଆଉ ଚାଲି ନପାରି ଗୋଟିଏ ଆମ୍ବତୋଟାରେ ବସିଲେ । ଗୋଟିଏ ଅଶ୍ୱ-ଗଛକୁ ଆଉଜି ବସି ଢୁଳାଇ ନିଦ ଲାଗି ଆସିଲା; ଜମିଦାର ଗୋଟିଏ ସ୍ୱପ୍ନ ଦେଖିଲେ—ସୁବଳ ତାଙ୍କ ଆଗରେ ଠିଆ ହୋଇଛି, ହାତରେ ଥାଳିଏ ଖେଚୁଡ଼ି ଅନ୍ନ, ଡାଲି, ତରକାରି, ବସାଦହି ଇତ୍ୟାଦି । ଆର ହାତରେ ଖଣ୍ଡେ ମଠାଲୁଗା, ମଠା କାମିଜ ଓ ଚାଦର, ସୁବଳ ଆଉ ପିଲା ନାହିଁ, ଯୁବକ ହୋଇ ଗଲଣି; ଖୁବ୍ ପାଠ ପଢ଼ି ପଣ୍ଡିତ ହୋଇଗଲଣି; ତାଙ୍କୁ ଦେଖି ସୁବଳ କାନ୍ଦୁଛି—'ବାବା, ତୁମର ଏ କଷ୍ଟ ହେଲା ? ଆଉ ମୁଁ ପୁଅ ହୋଇ ଏହା ଦେଖିଲି ? ସେ ଆଉ କିଛି କହିପାରୁ ନାହିଁ । ସୁବଳ ହାତରୁ ମଠା ନେଇ ଜମିଦାର ପିନ୍ଧୁଛନ୍ତି, କିନ୍ତୁ ଅନ୍ନଥାଳି ଦେଖି ମଧ୍ୟ ଛୁଉଁ ନାହାନ୍ତି । ସୁବଳକୁ ଦେଖି ତାଙ୍କ ପେଟ ପୂର୍ଣ୍ଣ ହୋଇଯାଉଛି । ସେ ତାକୁ ଆଲିଙ୍ଗନ କରିବା ନିମିତ୍ତ ହାତ ବଢ଼ାଉଛନ୍ତି । ଏହି ସମୟରେ ତାଙ୍କ ନିଦ ଭାଙ୍ଗିଗଲା । ସେ ସୁବଳ ସୁବଳ ଡାକି ପାଗଳ ପରି ହୋଇଗଲେ । ତାଙ୍କ ଆଖିରୁ ଲୁହଧାର ଝରିବାକୁ ଲାଗିଲା । ସେ ପୁଣି ଚାଲିଲେ ।

ନିମାପଡ଼ାର ବାରବାଟି ପଡ଼ିଆରେ ଛତ୍ର ଖୋଲା ଯାଇଥାଏ । ଦଶ ପନ୍ଦର ଜଣ ରନ୍ଧୁଣିଆ ଭାତ ତରକାରି ରାନ୍ଧି କାଙ୍ଗାଳଙ୍କୁ ଖୁଆଇ ପିଆଇବାରେ ଦିନସାରା ଲାଗିଥାନ୍ତି; ଝାଳ ପୋଛିବାକୁ ତର ନାହିଁ । ନିମାପଡ଼ା ମାଇନର ସ୍କୁଲ ଓ ଗୁରୁଟ୍ରେନିଂ ସ୍କୁଲର ଛାତ୍ରମାନେ ସ୍ୱେଚ୍ଛାସେବକ ହିସାବରେ କାର୍ଯ୍ୟ କରୁଥାନ୍ତି । ମଧୁବାବୁ ଓ ସୁବଳବାବୁ ରାତି ନଅ ବାଜିବା ପର୍ଯ୍ୟନ୍ତ କାର୍ଯ୍ୟବ୍ୟସ୍ତ, ରୋଗ ଶୋକ ଭୁଲି ସେପରିକି ନିଜର କିଛି ବରି ନିମିତ୍ତ କାର୍ଯ୍ୟରେ ଲାଗିଛନ୍ତି । କେଉଁ କାଙ୍ଗାଳୀ ଖାଇଲା ନ ଖାଇଲା, କାହା ପତରରେ ଡାଲି ନାହିଁ, କେଉଁଠି ଆଉ ପୁଣ୍ଡେ ଅନ୍ନ ଲାଗିବ ସବୁ ତନ୍ନ ତନ୍ନ କରି ଦେଖିବାରେ ଲାଗିଛନ୍ତି । ମାଷ୍ଟ୍ରେ ସବୁ ଛତ୍ରକେନ୍ଦ୍ର ପରିଦର୍ଶନ କରି ଗୋପକେନ୍ଦ୍ରରେ କାର୍ଯ୍ୟବ୍ୟସ୍ତ ରହନ୍ତି । ଆଜି ଦୈବାତ୍ ସେ ନିମାପଡ଼ାକେନ୍ଦ୍ରରେ ଉପସ୍ଥିତ । ତେଣୁ ମଧୁବାବୁ ଓ ସୁବଳବାବୁ ଅତ୍ୟନ୍ତ ଆନନ୍ଦିତ । କିନ୍ତୁ ଟିକିଏ ବସି କଥାବାର୍ତ୍ତା ହେବାକୁ ଫୁରୁସତ୍ ନାହିଁ । ଲୁଆ କା' ନ କହୁଣୁ ମୁହଁସଞ୍ଜ ପର୍ଯ୍ୟନ୍ତ କାମରେ ଲାଗିଛନ୍ତି । ଅନ୍ନଛତ୍ରର ଅନ୍ୟ ପଟରେ ଚାଉଳ ଓ ଲୁଗା ବଣ୍ଟା ଯାଉଛି ।

ଆଜି ସହସ୍ର ସହସ୍ର କାଙ୍ଗାଳୀ ବାରବାଟି ପଡ଼ିଆର ଗଛ ମୂଳେ ମୂଳେ ପଡ଼ିଛନ୍ତି । ଯେପରିକି ହାଟ ବସିଛି; ହାଟରେ କିଣାବିକା ଦରଆନିଆ ଚାଲେ । ଏଠି ଖାଲିଦେହ

Digitized by srujanika@gmail.com

'ଦେହ' ଶବ୍ଦ ଉଠୁଛି । ଘଣ୍ଟ ଶିଆମାନେ ସେମାନଙ୍କର ବ୍ୟସ୍ତ; ଧୂଅ ଚାଉଳ, ଅଣ କାଳ, କାଠ ପଶରା, ବାଉଁଶ ମସଲା, ସକାଳୁ ପଡ଼ର ଇତ୍ୟାଦି ଶବ୍ଦ ଘଣ୍ଟଶିଆ ବ୍ରାହ୍ମଣଙ୍କ ତୁଣ୍ଡରେ ଶୁଣା ଯାଉଛି; ଚାକରମାନେ ଘଣ୍ଟଶିଆଙ୍କ ଆଦେଶମତେ ସବୁ ନୀରବରେ କରି ଯାଉଛନ୍ତି ।

ଘଉଡ଼ିକ ଘଡ଼ି କାଙ୍ଗାଳମାନେ ପେଟ ଚପି ଚପି ପାଟି କରୁଛନ୍ତି—'ହେଲଣି କି ନାହିଁ ? ଓଃ, ମରଗଲଚରେ ।' କେତେ ବୁଢ଼ୀ ଛୁଆପିଲାଙ୍କୁ ଧେନ ଦୌଡ଼ୁଛନ୍ତି । ମାତୃତ୍ୱର ଶହ୍ଣ ଚମଡ଼ା ଦୁଇଖଣ୍ଡି ଛାତିରେ ମିଶିଗଲଣି; ମୁଣ୍ଡ ଲଣ୍ଡା; ଦେହରେ କୌଣସି ଅଲଙ୍କାର ନାହିଁ, ସେମାନଙ୍କୁ ପୁରୁଷ କି ସ୍ତ୍ରୀ ବାରିବା ବଡ଼ କଷ୍ଟ । ପିଲାବୁଢ଼ିକ ଗୋଟିଏ ଗୋଟିଏ କଳା କାଠକୁଣ୍ଢେଇ ପରି ଦେଖାଯାଉଛନ୍ତି; ଜୀବନ ଅସମୟରେ ଶିଶୁର ସୁକୁମାର ଦେହ ତ୍ୟାଗ କରିବାକୁ ସଙ୍କୁଚିତ ବୋଲି ସେମାନଙ୍କର ଉଜ୍ଜ୍ୱଳ ଚକ୍ଷୁ ଜଣାଇ ଦେଉଛି । ଆହା ! ଅଜ୍ଞାନ ଶିଶୁ ଜାଣେ କ'ଣ ? ସେ କି କାଳ ଦୁର୍ଭିକ୍ଷର ଦାସ, କିଛି ବୁଝି ପାରୁଥିବ ? କେତେକ ପ୍ରୌଢ଼ ଚାଷୀ ଗୋଟିଏ ଗଛ ମୂଳେ ପଡ଼ିଛନ୍ତି; ଜୀବନସାରା ହଳ ବୁଲାଇ ବୁଲାଇ ହାତ ଲୁହା ପରି ଟାଣ ହୋଇଛି; ଟେଳାବାଲି ପଥୁରିଆ ମାଟିରେ ଚାଲି ଚାଲି ପାଦ ପଥର ହୋଇଯାଇଛି, ପାଣି ସୁଅ ଖିଆ ପାହାଡ଼ ଖୋପ ପରି ପାଦ ଗୁଡ଼ାକ ଫାଟି ଆଁ କରିଛି; ସକାଳୁ ଉଠି ବିଲକୁ ଯିବା ଛୁଇନେଉଁଟା ବେଳକୁ ଫେରି ହିମ କାକର ତୋରାଣିମିଶା ଭାତ କଂସେ ଖାଇ ଟିକିଏ ଗଡ଼ପଡ଼ ହୋଇ ବିଲକୁ ଧାଇଁବା ଓ ବେଳବୁଡ଼ିକୁ ଫେରିବା, ସନ୍ଧ୍ୟାବେଳେ ଭାଗବତଟୁଙ୍ଗିରେ ଟିକିଏ ନାମ କୀର୍ତ୍ତନ କରିବାରେ ପ୍ରାୟ ଅଧିକାଂଶଙ୍କର ଜୀବନ କଟିଛି; ସମସ୍ତଙ୍କର ଜୀବନ ପ୍ରାୟ ଏକାପରି; କଳିକତାଆମାନଙ୍କୁ ଛାଡ଼ିଦେଲେ ଜିଲ୍ଲା ଛେଇଁ ଅନ୍ୟ ଜିଲ୍ଲା ଦେଖିବା କାହାର ଜୀବନରେ ଘଟିନାହିଁ । ସେମାନଙ୍କ ପୃଥିବୀ ଅତି କ୍ଷୁଦ୍ର; ସେମାନଙ୍କ ଦୃଷ୍ଟିବଳୟ ଅତ୍ୟନ୍ତ ସୀମାବଦ୍ଧ; ସୂର୍ଯ୍ୟ ଉଇଁବାଠାରୁ ବୁଡ଼ିବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟରେ ଲାଗିଥାନ୍ତି; ଜୀବନର ବାଲ୍ୟ, ଯୌବନ, ଜରା କେତେବେଳେ ଆସି ଚାଲିଯାଏ; ଚାଷୀର ଚତାଭସ୍ମ ମିଶିଯାଏ ମଶାଣି କୋଣରେ, କିଏ ମଲା, କାହିଁକି ମଲା, ଜୀବନରେ କି କାର୍ଯ୍ୟ କରିଛି, ଏ କଥା କେହି କେଉଁଠାରେ ଉଲ୍ଲେଖ କରେ ନାହିଁ । ଆଜି ଗାଁର ସବୁ ମୂଲିଆର ସମଦଶା; ସମସ୍ତେ ପାଣିପାଇଁ ଆକାଶକୁ ଚାହିଁଛନ୍ତି; ଆକାଶ ଅଥାଡ଼ା କଲେ କି ଉପାୟ କରିବେ ? ଘରଦ୍ୱାର ଛାଡ଼ି ଆସି ବାଉବାଟି ପଡ଼ିଆରେ ପଡ଼ିଛନ୍ତି; କେହି କାହାକୁ ଚିହ୍ନୁନାହିଁ, କାହା ଘର କେଉଁଠି କେହି ଜାଣେ ନାହିଁ । ତଥାପି ପରସ୍ପର ମିଳନରେ ପରସ୍ପର ଆନନ୍ଦିତ । ମୁଖରେ ବଜାଘର ଚାଲ୍‌ବାଜି ହସନାହିଁ, ନୟନରେ କୁଟିଳତାର ଚିହ୍ନବର୍ଣ୍ଣ ନାହିଁ, ପରସ୍ପରର ପ୍ରାଣ ପରସ୍ପରକୁ ଖୋଲି ଦେଇଛନ୍ତି । ଫସଲ ହେଲେ ଦୁନିଆର ସବୁ ଚାଷୀଙ୍କର ଆନନ୍ଦ, ନ ହେଲେ ସମସ୍ତଙ୍କର ଦୁଃଖ; ସେଠି ଜୁଆଁଡ଼ିଆ ଜମିଦାରର କୃପଣ ଓ

Digitized by srujanika@gmail.com

ବଂଗଳା ଓଡ଼ିଶାର କୃଷକ ମଧ୍ୟରେ ପ୍ରଭେଦ ନାହିଁ; ସାରା ବର୍ଣ୍ଣର କୃଷକଶ୍ରେଣୀ ଏକ ଓ ସମସ୍ତଙ୍କର ଏକପ୍ରାଣ, ଏକ ଅଭାବ ଅସୁବିଧା, ଆଜି ପରସ୍ପରର ଦୁଃଖବୁଝାଣ ପରସ୍ପରକୁ କହିବାରେ ବ୍ୟସ୍ତ ।

ଗାଁ ଇସ୍କୁଲ ଗୁଡ଼ିକ ଇସ୍କୁଲପଢ଼ୁଆ ଚାଟ ପଳାଇ ଆସିଛନ୍ତି । ଅନ୍ନମୟ ପିଣ୍ଡ, ଅନ୍ନ ବିନା ଶୁଖି ସର୍ବନାଶ; ଆଜି ସେମାନଙ୍କର ପୂର୍ବ ଫୁର୍ତ୍ତି ନାହିଁ; ଚାଲ ଶଗଡ଼ରେ ହାତ ପୂରାଇବା, ଗଛକୁ ଗଛ ଚଢ଼ି ଡାଳମାଙ୍କୁଡ଼ି ଖେଳିବା ବା ଫଳ ତୋଳି ଖାଇବା, ବାଲିରେ ଘର ତୋଳିବା ଆଦି କିଛି ନାହିଁ । କେବଳ 'ଭୋକ, ଭାତ ଦିଅ' କହି ଡାକ ପାରୁଛନ୍ତି । ସମସ୍ତଙ୍କ ମନରେ ଆଶା ଓ ଆନନ୍ଦ, ଆଜି ମୁଠେ ମିଳିବ, ଏହା ସ୍ୱପ୍ନ ନୁହେଁ, ନିରାଟ ସତ୍ୟ ।

ଗ୍ରାମୁଣ୍ଡିଆ ଚଳେ ଧାଡ଼ି ଧାଡ଼ି ପଙ୍ଗ ପାରି ଦିଆଗଲା । 'ଖାଇବାକୁ ଆସ' ବୋଲି କେହି କାହାରିକୁ ଡାକିଲା ନାହିଁ । ହଜାର ହଜାର ଆଖି 'ହେଲାକି ନାହିଁ' ପ୍ରଶ୍ନବାଚକ ଦୃଷ୍ଟିରେ କେନ୍ଦ୍ର ଆଡ଼କୁ ଚାହିଁ ଥାଏ । ଯେ ଯାହାର ପତ୍ର ଖଣ୍ଡିମାନ ପେଲି ବସିଗଲେ । 'ଆଣ', 'ଆଣ', 'ଜଲ୍‌ଦି ଆଣ' ଡାକ ପଡ଼ିଲା; ରାନ୍ଧୁଣିଆ ପ୍ରଥମେ ଲୁଣ ପରଷି ଦେଇ-ଗଲେ । କେତେ ଜଣ କାଙ୍ଗାଳ ଏ ବ୍ୟବହାରରେ ଅଗ୍ନିଶର୍ମା ହୋଇଗଲେ । 'ଭୋକରେ ପେଟ ଜଳୁଛି; ଏଣେ ପତ୍ରରେ ପାଣି ଛୁଆ ହେଉଛି, ଲୁଣ ଦିଆ ହେଉଛି ! ଜାହୋ ! ଲୁଣ ନ ଦେଲେ କି ଆଜି ପାଟିକୁ ଲୁଣ୍ଡା ପିବ ନାହିଁ ? ଆଉ କେତେ ଜଣ ପାଟିକରି ଉଠିଲେ, 'ଏ ରାନ୍ଧୁଣିଆଗୁଡ଼ାକ ଜହ୍ଲାଦ ଦରମଲା, ମୋଟେ ଚାଲିପାରୁ ନାହାନ୍ତି, ଭାତ ଆଣିବାକୁ ଏତେ ଡେରି ହେଉଛି କାହିଁକି ?"

ସୁବଳବାବୁ, ମଧୁବାବୁ ଓ ମାଷ୍ଟ୍ରେ ଅମୂଳକ ସମାଲୋଚନାରେ ମନେ ମନେ ହସି କାଙ୍ଗାଳମାନଙ୍କୁ ବୋଧ ଦେଉଥାନ୍ତି — 'ହେଇ ଭାତ ଆସିଲା, ଏଇ ତରକାରୀ ଆସୁଛି; ଯେତେ ଖାଇବ ସେତେ ଦିଆହେବ ।' ଏ କଥା ଶୁଣି ଜଣେ ବୁଢ଼ା କହିଲା, 'ବାବୁ, ଏ ଭାତ ତରକାରୀ କ'ଣ ଅଣ୍ଟିବ ? ମୁଁ ତ ଏକା ସେରେ ଚାଉଳର ଭାତ ଠୁଙ୍କି ଦେବ !'

ମଧୁବାବୁ କହିଲେ, 'ଭୋକବେଳେ ଆଖି ବଡ଼ ବଡ଼ ହୋଇଯାଏ; ପେଟ ଯେତିକି ସେତିକି; ମୁଣା ପୂରିଲେ ଅମୃତକୁ ମଣିଷ ଥୁ ଥୁ କରେ; ଆଚ୍ଛା, ତୁ କେତେ ଖାଇବୁ, ମୁଁ ଦେଉଛି ।' ଏହା କହି ମଧୁବାବୁ ବୁଢ଼ାକୁ ନିଜେ ପରଷିବାକୁ ଲାଗିଲେ । ବୁଢ଼ା ଦୁଇଚାରି ଲୁଣ୍ଡା ଖାଇ ପାଟି ବୁଜିଲା; ରଟମଟ କରି ଚାହିଁ'ଲା । ବୁଢ଼ା ମରି ବସିଛି; ଟଳି ପଡ଼ୁନାହିଁ । ଲୋକେ ଜାଣିବାକୁ ବୁଢ଼ା ଆଉ ଖାଇପାରୁ ନାହିଁ ।

ଅନ୍ୟ ସବୁ ପତ୍ରରେ ପୂଜାହାରୀ ଭାତ ପରଷି ଦେଇଗଲେ । ଦେଖୁ ଦେଖୁ ପତ୍ରର ଖାଲି; ଡାଲି ଆଣିବାଯାଏ କାହାରି ତର ସହୁ ନାହିଁ । ଖାଇଲାବେଳେ ଗୋଟିଏ ଅନ୍ନ କାହାରି ଭୁଲରେ ତଳେ ପଡ଼ୁ ନାହିଁ, କିମ୍ବା ପତ୍ରରେ ଲାଗିଯାଇ ନାହିଁ ।

Digitized by srujanika@gmail.com

ଯାହା ହେଉ, ତଳି ପେଟରେ କିଛି ପଡ଼ିବାରୁ ଲୋକେ ଶାନ୍ତିରେ ନିଃଶ୍ୱାସ ମାରିଲେ । ତଥାପି ସ୍ୱର ପାଟି ଉଠୁଥାଏ; ପରନ୍ତୁ ଶିଙ୍କୁ ନାକେଦମ୍ ଝାଳନାଳ ହୋଇ ସ୍ୱତ ଢାଳ୍ ମା ଅନାଡ଼ି ଦେଇ ଯାଉଥାନ୍ତି, ସମସ୍ତଙ୍କ ପେଟ ଥଣ୍ଡା ହେବାରୁ ପାଟି ବନ୍ଦ ହେଲ । ଲୋକେ ଢୋକେ ଢୋକେ ପାଣି ପିଇଗଲେ; ପେଟ କାହାର ପଡ଼ୁଛି; ଗଣ୍ଡି ପଶିଯାଇଛି; ପରସ୍ପର ହାତ ଧରାଧରି ହୋଇ କୌଣସିମତେ ଉଠି ଗଛମୂଳରେ କାନପାତି ଗଡ଼ି ପଡ଼ିଲେ ।

'କ୍ଷୁଧା ମୋତେ ନିଦ୍ରା ହେଉ ନଥିଲ; ଅଜି ପେଟ ପୂର୍ଣ୍ଣ ହେଲାକ୍ଷଣି ନିଦ ଆଖିକୁ ଘିଞ୍ଚି ଦେଲ । ପେଟରେ ଭାତ ପଡ଼ି ନଥିଲ; ମାଣ୍ଡି ଆଜାଉ, କନ୍ଦମୂଳ, କରଡ଼ାମୂଳ ଶିଝା, ମୁଠିଶାଗ ଖରଡ଼ା ଖାଇ ଆସୁଥିଲେ । ପେଟଟିମାନ ଶୁଖି ଯାଇଥିଲ; ଆଜି ପେଟେ ପେଟେ ଖାଇ ପେଟ କାହାର ଲାଉ, ବୋଇତି କଖାରୁ ପରି ଫୁଲି ଠିଆ ହୋଇଗଲ; ଗୋଟେ ଗୋଟେ ଭାତ ପେଟରେ ଘନ ଚକୋଟି ହୋଇ ଜମିଲ । ଅଧିକାଂଶ କେବଳ ବଳକରେ ଗିଳି ପକାଇଥିଲେ । ସିଏ କୁଆଡ଼େ ? ଜୀର୍ଣ୍ଣ କରିବା ଶକ୍ତି ମୋଟେ ନାହିଁ । ବର୍ଷା ପୂର୍ବରୁ ଘଡ଼ଘଡ଼ି ଶବ୍ଦପରି ପେଟ ଘଡ଼ ଘଡ଼ ଡାକ ଦେଲ; ମାନେ—'ଅସମୟରେ ଦାନ୍ତର ବ୍ୟବହାର ନକରି ମୁଁଡ଼ଏ ମୋ ମୁଣ୍ଡରେ ଭର୍ତ୍ତି କରିଦେଲ; ମୁଁ ଏଗୁଡ଼ିକ ଜୀର୍ଣ୍ଣ କରିପାରିବ ନାହିଁ ।'

ହଇଜା, ଡିସେଣ୍ଟ୍ରିରେ ଶହ ଶହ ରୋଗୀ ଶୋଇବାକୁ ଲଗିଲେ; ଏହାହିଁ ସେମାନଙ୍କର ଅନ୍ତିମ ନିଦ୍ରା; ଜଣେ ଦୁଇଜଣ ଡାକ୍ତର ବନ୍ଦୋବସ୍ତ କରାଗଲ; ମୁଖ କୌଣସି ଔଷଧ ମାନିଲ ନାହିଁ । କି ଭୀଷଣ ଦୃଶ୍ୟ ! ଶହ ଶହ ମଡ଼ା ! ପିଲ, ଯୁବକ, ବୁଢା ଆଁ କରି ପଡି ମଲେ । ଗାଡି ଗାଡି ମଡ଼ା ବୁହା ହେଉଥାନ୍ତି; ଏକ ଏକ କୂଇ ଗାଡ଼ିରେ ୪।୫ ମଡ଼ା ଭର୍ତ୍ତିକରି ନିଆଁ ଜାଳି ଦିଆଯାଉଥାଏ । ଶେଷରେ ମଡ଼ାସବୁ ପୋଡ଼ି ନପାରି ଗୋଟିଏ ଖଣିଗାତ ଖୋଳି ପୋତିଲେ । ସବୁ କେନ୍ଦ୍ରରେ ଏଇ ଅବସ୍ଥା ! ଗୋପବନ୍ଧୁ ଓ ସି. ଏଫ୍. ଆଣ୍ଡ୍ରୁଜଙ୍କର ଚକ୍ଷୁରୁ ଅଶ୍ରୁ ଝରିବାକୁ ଲଗିଲ। ମଧୁବାବୁ, ସୁବଳବାବୁ ଓ ମାଷ୍ଟ୍ରେ କାବା ହୋଇ ବସିଲେ । ଶେଷରେ ଡାକ୍ତର ଉପଦେଶାନୁଯାୟୀ କାଙ୍ଗାଳୀଙ୍କୁ ଅଳ୍ପ ଅଳ୍ପ ଖାଇବାକୁ ଦିଆଗଲ ।

ବେଳ ରତ ରତ; ଡାହାଣିଆ ଖରା ବୁଳରେ, ଗଛ ଅଗଡ଼ାଳରେ ଟିକଏ ଟିକଏ ଲଗିଛି, ବାଳାବାଡ଼ି ଚରା ଗୁଡ଼ି ଡୁଆ ପାଇଁ ଅଣ୍ଡରେ ଅଣ୍ଡେ ଅଣ୍ଡେ ଆହାର ଭରି ଚଢ଼େଇମାନେ ବସାକୁ ଫେରୁଛନ୍ତି । କାଙ୍ଗାଳୀ ଭୋଜନ ଶେଷ ହେଲଣି; ସ୍ୱେଚ୍ଛାସେବୀ-ମାନେ ହାତ ଗୋଡ଼ ଧୋଇ ଖାଇବାକୁ ବାହାରିଛନ୍ତି; ସକାଳୁ ଏ ପର୍ଯ୍ୟନ୍ତ ପୁଞ୍ଜେ ପୁଞ୍ଜେ ଜଳଖିଆ କରି କାମରେ ସମସ୍ତେ ଲଗି ପଡ଼ିଥିଲେ । ମଧୁବାବୁ, ସୁବଳବାବୁ ଓ ମାଷ୍ଟ୍ରଙ୍କର ଅଲଗା ବେପେଇ କରାଯାଇଛି । ସେମାନେ ସକାଳ ଓ ରାତି ଭୋଜନ ଏକା

Digitized by srujanika@gmail.com

ଭୋଜନ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି; ଦିନର ହାଡ଼ଭଙ୍ଗା ପରିଶ୍ରମ ପରେ ବିଶ୍ରାମ ପାଇ ମାଷ୍ଟ୍ରେ ଓ ମଧୁବାବୁ ଅତ୍ୟନ୍ତ ଆନନ୍ଦିତ । କିନ୍ତୁ ସୁବଳବାବୁଙ୍କ ମନରେ ଆଦୌ ସୁଖ ନାହିଁ । ସେ ଆଜି ଦିନଯାକ ଅନ୍ୟମନସ୍କ । ତାଙ୍କ ମନ କାହିଁକି ବ୍ୟସ୍ତ ପଚାରିଲେ ସେ ନିଜେ ଉତ୍ତର ଦେଇପାରୁନାହାନ୍ତି; କିନ୍ତୁ ବ୍ୟସ୍ତ ହେଉଛନ୍ତି । ମଧୁବାବୁ ଓ ମାଷ୍ଟ୍ରେ ତାଙ୍କୁ କୁହାଇଶୁହାଇ ଖାଇବା ଜାଗାରେ ନେଇ ବସାଉଛନ୍ତି, ଏହି ସମୟରେ ପୂଜାହାଉସଟା କାହିଁକି ପାଟି କରି ଉଠିଲା । ସୁବଳବାବୁ ହଠାତ୍ ଚମକି ପଡ଼ି ଅନାଇଲେ । ଦେଖିଲେ ଗୋଟିଏ ବୁଢ଼ା; ଆଖି ଗାଡ଼େ ଗାଡ଼େ ପଶିଯାଇଛି; କଙ୍କାଳ କାଠଗୁଡ଼ାକ ଅସ୍ପଷ୍ଟ ଆଲୋକରେ ସୁଦ୍ଧା ଗଣି ହୋଇଯାଉଛି; ଛୋଟ ପରି ପାଚିଲା ମଇଳା ଦାଢ଼ିଗୁଡ଼ାକ ପବନରେ ଫର ଫର ଉଡ଼ି ଅଡ଼ୁଆ ହୋଇଯାଉଛି, ତାକୁ ସାଉଁଳିବା ଦିଗରେ ବୁଢ଼ାର ମୋଟେ ଦୃଷ୍ଟି ନାହିଁ । ମୁଣ୍ଡଟି ଚନ୍ଦା; ଗୁରିଆଡ଼ରେ କେତୋଟି ଦରପାଚିଲା ବାଳ ଜଟା ବାନ୍ଧି ଅଛି, ପିନ୍ଧା ମଧ୍ୟରେ ଖଣ୍ଡିଏ ମଇଳା କନା କଉପୁନି; କାନ୍ଧରେ ଖଣ୍ଡେ ଛିଣ୍ଡା ମସିହା ଗାମୁଛା; ହାତରେ ଖଣ୍ଡେ ବାଡ଼ି—ଅତଚ୍ଛା ଆମୁତାହ ! ବୁଢ଼ା ବାଡ଼ିରେ ଭର ନେଇ ଅସ୍ତେ ଅସ୍ତେ ଝୋଟେଇ ଝୋଟେଇ ଚାଲୁଛି । ବୁଢ଼ାର ଝୋଟେଇବାରୁ ମାଲୁମ୍ ହେଉଛି ଯେ ବୁଢ଼ା ଆଜନ୍ମ ଝୋଟା ନୁହେଁ, କିନ୍ତୁ ବାଟ ଚାଲି କଣ୍ଟା ମାଡ଼ିବାରୁ କମ୍ପା ଝୁଣ୍ଟିବାରୁ ଏପରି ଚାଲୁଛି; ଝୋଟାର ଝୋଟେଇବା ଯେପରି ଘଡ଼ିରେ ପଡ଼ିଯାଏ, ବୁଢ଼ାର ସେପରି ପଡ଼ୁନାହିଁ । ବୁଢ଼ା ଆସି କ୍ୟାମ୍ପ ଦୁଆରେ ଠିଆ ହେଲା ।

ଆଶା—କିଛି ଖାଇବାକୁ ମିଳିବ । ସେଥିପାଇଁ କୋଶ କୋଶ ବାଟ ଯେପରିକି ତାକୁ ବାଧୁନାହିଁ, କଚଡ଼ା କଚଡ଼ା ପଡ଼ିବାକୁ ଯେପରି କି ସେ ଭ୍ରୂକ୍ଷେପ କରିନାହିଁ । ଅନ୍ଧାର ରାତି, କଣ୍ଟାବଣକୁ ଯେପରିକି ସେ ଯାସଙ୍ଗରେ ନ ପକାଇ ଧାଇଁଛି; କିଛି ଖାଇ ଆଜି କେତେ ଦିନର ଭୋକ ମେଣ୍ଟାଇବ, ଦାତାଙ୍କୁ ତାର ଶେଷ ଆଶୀର୍ବାଦ ଢାଳି ଦେଇଯିବ । କ୍ୟାମ୍ପରେ ପହଞ୍ଚି ବୁଢ଼ା ଗୋଟାଏ ଦୀର୍ଘଶ୍ୱାସ ପକାଇଲା; ଦୀର୍ଘଶ୍ୱାସ ଯେପରିକି ଜଣାଇଦେଲା, 'ଓଃ, କ୍ୟାମ୍ପରେ ପହଞ୍ଚିଲି; ଏହାହିଁ ମୋର ଲକ୍ଷ୍ୟ; ଆଉ ଚାଲିବାକୁ ପଡ଼ିବ ନାହିଁ; ମୁଠେ ଖାଇବାକୁ ମିଳିବ; ଆତ୍ମାଟି ସୁଖରେ ଦେହ ଛାଡ଼ି ଚାଲିଯିବ ।'

ଶେଷ ଚନ୍ଦ୍ରାଟି ବୁଢ଼ାର ଚକ୍ଷୁ ଉଜ୍ଜ୍ୱଳ କରିଦେଲା । ବୁଢ଼ା ଆସ୍ତେ ଆସ୍ତେ ଡାହାଣ ହାତଟି ପତାଇଲା । କିନ୍ତୁ ପାଟି ଫିଟାଇ ମାଗିଲା ନାହିଁ । ବୋଧେ କଣ୍ଠ ନିତାନ୍ତ ଶୁଷ୍କ ହୋଇଯାଇଥିଲା । ଏ କ୍ଷୁଧା ସମୟରେ ସ୍ୱାଭାବିକ ମାଗିବା ଲଜ୍ଜା ବର୍ଜନ କରିବା ସହଜ । ବୁଢ଼ାର ସେ ଲଜ୍ଜା ଥିଲା ପରି ବୋଧ ହେଲା ନାହିଁ । ବୁଢ଼ାର ମାଗିବା ଭଙ୍ଗୀ ଦେଖି ରାନ୍ଧୁଣିଆ ରାଗରେ ପାଚିଗଲା,—'ଏ ଗୁଡ଼ାକ ଖୁଆଇ ଶୁଆଇ ଦେବେନାହିଁ; ଯେତେବେଳେ ଇଚ୍ଛା ସେତେବେଳେ ଦୌଡ଼ିବେ; କରେ ଏତେବେଳେ ତୋତେ ଖାଇବାକୁ ଦେବ

Digitized by srujanika@gmail.com

କିଏ ? ଏତେବେଳଯାଏ କୋଉଠି ଶୋଇପଡ଼ିଥିଲୁ କି ? ସକାଳୁ ଖଟି ଖଟି ପୁଚ୍ଛେ ଅନ୍ନ ତୁଣ୍ଡକୁ ନେବାକୁ ଯାଉଛୁ, ସବୁ ସରିଲାଣି; ହାଣ୍ଡି ପୋଛାପୋଛୁ, ପାହାଡ଼ ପରି ଗଦାଏ ଅନ୍ନ ସବୁ ଶେଷ ! ତୋତେ ଦେବୁ କେଉଁଠୁ ? ଆମେ କ'ଣ ଭେକଓପାସରେ ରହି କାମ କରିବୁ ?

ଏତେଗୁଡ଼ାଏ କଥା ଏ ବେଳରେ ଶୁଣି ବୁଝିବାକୁ ବୁଢ଼ାର ଧୈର୍ଯ୍ୟ ନଥିଲା, କଥା-ଗୁଡ଼ାକ କାଲି କାନରେ ମୂଳା ଭେବାଇବା ଶବ୍ଦ ପରି ବୃଥା ହୋଇଗଲା । ବୁଢ଼ା କିଛି ନ କହି ହାତ ପତାଇବାକୁ ଲାଗିଲା । ରନ୍ଧୁଣିଆ ଝଣ୍ଡିଏ ଝଣ୍ଡିଆ ଗୋଜଣା ଧରି ବୁଢ଼ାକୁ ତଡ଼ି ଦେବାକୁ ବାହାରିଲା । ରନ୍ଧୁଣିଆର ଭେକ, ଦେଖିରେ ପୁଣି ଉଗ୍ର; କାଠେ ପିଟିଦେବା କିଛି ଅସମ୍ଭବ ନୁହେଁ ।

ସୁବଳବାବୁ ଏ ଦୃଶ୍ୟ ଦେଖି ଦୌଡ଼ି ଆସିଲେ ଏବଂ ରନ୍ଧୁଣିଆଁକୁ ଗାଳି ଦେଇ ଗୋଜଣା ଛଡ଼ାଇ ନେଲେ । ବୁଢ଼ାକୁ ଦେଖି ସୁବଳବାବୁଙ୍କ ମନ ଅଚିନ୍ତ୍ୟମୟ ଆନନ୍ଦ ଓ ଦୁଃଖରେ ପୂର୍ଣ୍ଣ ହେଲା; ଆନନ୍ଦ କାହିଁକି ସେ କହିପାରିବେ ନାହିଁ, ଦୁଃଖ ବୁଢ଼ାଟି କେତେ କଷ୍ଟ ସହି କେଉଁଠାରୁ ଆସିଛି, ତା' ପିଲାଝିଲା କେଉଁଠି ? ବାଟ ଚାଲି ଚାଲି ଏ ବୟସରେ କେତେ କଷ୍ଟ ସହୁଛି ! ଏ ଆବେଗରେ ସୁବଳବାବୁଙ୍କ ଆଖି ଲୋତକପୂର୍ଣ୍ଣ ହେଲା । ସୁବଳ-ବାବୁ ବୁଢ଼ାର ହାତ ଧରି ନିଜର ବସା ଆଡ଼କୁ ନେଲେ । କି ଅଦ୍ଭୁତ ସ୍ପର୍ଶରେ ତାଙ୍କର ତନୁ ରୋମାଞ୍ଚିତ ହୋଇଗଲା ! ସେ ସ୍ପର୍ଶ ଯେପରିକି ସେ କେବେ ଅନୁଭବ କରିଥିଲେ ! ବାଲ୍ୟକାଳର କେଉଁ ସ୍ୱପ୍ନରେ ତାଙ୍କର ମନ ପୁଲକିତ ହୋଇଗଲା ।

ସୁବଳବାବୁଙ୍କ ମୁଖରେ ବର୍ତ୍ତମାନ ମଳିନତା ନାହିଁ; ବୃଦ୍ଧର ସେବାରେ ଯେପରି କି ସେ ସ୍ୱର୍ଗୀୟ ଆନନ୍ଦ ଅନୁଭବ କରୁଅଛନ୍ତି ! ବୃଦ୍ଧର ମୁଖ ବେଳକୁ ବେଳ ଆନନ୍ଦରେ ଉଜ୍ଜ୍ୱଳ ହୋଇଉଠୁଛି; ଯେପରି କି ସେ କେତେ କାଳର ହଜିଲା ରତ୍ନ ଆଜି ପାଇଛି । ସୁବଳ ବାବୁ ବୃଦ୍ଧ ଚକ୍ଷୁରେ ତାର ଦେହ ଓ ମନର ଯେପରିକି ପିଣ୍ଡୀକୃତ ଆନନ୍ଦମୟ ମୂର୍ତ୍ତି, ତାର ପୋଡ଼ା ଆଖିର ଅଞ୍ଜନ ! ବୃଦ୍ଧ ବୟସର ରତ୍ନ ଯଷ୍ଟି ! ମରୁଭୂମିର ମନ୍ଦାକିନୀ ! ବୃଦ୍ଧ କଙ୍କାଳମାଳ ! ମଳୀମସ କୁତ୍ସିତ କାଙ୍ଗାଳ ! ନରକର କୀଟ ! ତା ପ୍ରତି ସହରର ଦେବତା ଦୟାବନ୍ତାର ବାବୁଙ୍କର ଏତେ ଦୟା ! ଏତେ ଆଦର ! ଏତେ ଅଭ୍ୟର୍ଥନା !!! ବୃଦ୍ଧ କନ୍ଦନ କରିବାକୁ ଲାଗିଲା । କିନ୍ତୁ ରହସ୍ୟ ବୁଝି ପାରିଲା ନାହିଁ ।

ସୁବଳବାବୁ ବୃଦ୍ଧକୁ ପଦଧୌତ କରିବାକୁ ଜଳ ଦେଲେ । ତାର ସର୍ବାଙ୍ଗ ଓଦା ଗାମୁଛାରେ ପୋଛି ଦେଇ ଖଣ୍ଡିଏ ନୂଆଲୁଗା ପିନ୍ଧିବାକୁ ଦେଲେ ଏବଂ ଖଣ୍ଡେ ନୂଆ ଶାନ୍ତିପୁରୀ ଚାଦର ବୃଦ୍ଧର ପୃଷ୍ଠଦେଶରେ ଶୋଭା ପାଇଲା । ମଧୁବାବୁ ଓ ମାଷ୍ଟ୍ରେ ସବୁ ଦେଖୁଥାନ୍ତି; କିନ୍ତୁ ବୁଝି ନପାରି ନୀରବ ରହୁଥାନ୍ତି । ସେମାନେ ସୁବଳର ଦେବସେବା

Digitized by srujanika@gmail.com

ଦେଖିଛନ୍ତି ଓ ସେଥିନିମିତ୍ତ ଯଥେଷ୍ଟ ପ୍ରଶଂସା କରିଛନ୍ତି । କିନ୍ତୁ ଅଙ୍କର ପୂର୍ତ୍ତି, ଅଙ୍କର ଆନନ୍ଦ ସେମାନେ କେବେ ଦେଖିନଥିଲେ ।

ସୁବଳବାବୁ ନିଜ ପାଇଁ ବଢ଼ା ହୋଇଥିବା ଅନ୍ନ ବ୍ୟଞ୍ଜନ ନେଇ ବୃଦ୍ଧକୁ ଦେଲେ । ବୃଦ୍ଧ କେବଳ ସୁବଳବାବୁଙ୍କୁ ବଳବଳ କରି ଚାହୁଁଥାଏ । ଯେତେ ଯେତେ ଚାହୁଁଥାଏ, ତାର ମୁଖ ଓ ଚକ୍ଷୁ ଉଜଳି ଉଠୁଥାଏ, ମନେ ମନେ ଭାବୁଥାଏ, 'ଆହା ! ଏ ସେଇ ନୁହେଁ ତ ? ସେ ଫେର୍ କାହୁଁ ଆସିବ ?'

ସୁବଳବାବୁ, ମଧୁବାବୁ ଓ ମାଷ୍ଟ୍ରେ ବୃଦ୍ଧକୁ ଘେରି ବସିଥାନ୍ତି । ସମସ୍ତଙ୍କର ଇଚ୍ଛା, 'ବୃଦ୍ଧ ଖାଇ ଟିକିଏ ଦମ୍ଭ ହେଲେ ତା ଘରର କେତେକ କୁଶଳ ପ୍ରଶ୍ନ ପଚାରିବେ; ଏ ଅବସ୍ଥାରେ ବୃଦ୍ଧଙ୍କୁ କେହି କିଛି ପଚାରିବାକୁ ସାହସ କରୁନଥିଲେ ।' କିନ୍ତୁ ସମସ୍ତଙ୍କୁ ଜଣା ପଡ଼ୁଥିଲା, ଯେପରିକି ବୃଦ୍ଧ ସେମାନଙ୍କର ଜଣାଶୁଣା ।

ବୃଦ୍ଧ ଦୁଇ ଚାରି ଗୁଣ୍ଡା ଖାଇ ଅଣ୍ଡା ହେଲା । ସମସ୍ତଙ୍କୁ ଡ଼ାକି କହିଲା, 'ମୋତେ ମୋଟେ ଭୋକ ହେଉନାହିଁ, ତୁମ୍ଭମାନଙ୍କୁ ଦେଖି ମୋ ପେଟ ଆନନ୍ଦରେ ପୂରିଉଠିଛି; ବାପଧନ, ତୁମ ପ୍ରାଣରେ ଏତେ ଦୟା ! ମୁଁ ଦାଣ୍ଡର ଚଣ୍ଡାଳ ! ତୁମେ କୁଳୁଚିର ବାବୁ ! କାଙ୍ଗାଳଟାକୁ ଏତେ ଆଦର ! କୃତଜ୍ଞତାରେ ବୃଦ୍ଧର ଚକ୍ଷୁରୁ ଲୋତକ ଝରିବାକୁ ଲାଗିଲା ।

ସୁବଳବାବୁ କାହାର ତୁଣ୍ଡ ବାରି ପାରି କାନ୍ଦ କାନ୍ଦ ହୋଇଗଲେ; ଲୁହ ପୋଛି ବୃଦ୍ଧକୁ ଚାହିଁ କହିଲେ , 'ବାପା ! ବାପା ! ତୁମେ ଏଠି ?'

କ୍ଷୀଣ କଣ୍ଠରେ ବୃଦ୍ଧ କହିଲା, 'ସୁବଳ, ମଧୁ, ମାଷ୍ଟ୍ରେ ।'

ବୃଦ୍ଧର କଣ୍ଠ ବାଷ୍ପରୁଦ୍ଧ ହେଲା । ସେ କିଛି କହି ନପାରି ତିନିଜଣଙ୍କୁ ଦୁଇହାତରେ କୁଣ୍ଢାଇ ପକାଇଲା । ତା' ପରେ କେବଳ ଅଶ୍ରୁ । ଦୀର୍ଘଶ୍ୱାସ । କାକୁତିପୂର୍ଣ୍ଣ କମ୍ପନରେ ନୀରବ କ୍ଷମା ପ୍ରାର୍ଥନା । କୃତଜ୍ଞତା ସ୍ୱୀକାର ।।

ବୃଦ୍ଧର ହୃଦୟରେ ଆନନ୍ଦ ସମ୍ଭୁଟିଲା ନାହିଁ; ଅଶ୍ରୁ ମଧ୍ୟ ଦେଇ ସେଇ ଆନନ୍ଦ ପ୍ରକାଶ କରିବା ନିମିତ୍ତ ବୃଦ୍ଧର ଧୈର୍ଯ୍ୟ ନଥିଲା । ବୃଦ୍ଧର ଦେହ କି ଅଦ୍ଭୁତ ଶୈତ୍ୟରେ କଂପି ଉଠିଲା । ବୃଦ୍ଧ ଟଳି ପଡ଼ିଲା । ତୁଣ୍ଡାବନ୍ଧା ହେଲା । ଔଷଧ ଦେବାର ଚେଷ୍ଟା ହେଲା । ବୃଥା । ବୃଦ୍ଧର ଦେହ କୋଳ ମାରି ଆସିଲା ; ଗୋଡ଼ ଆଙ୍ଗୁଳି ବଙ୍କା ହେଲା ନାହିଁ କି ଫୁଟିଲା ନାହିଁ ; ଚକ୍ଷୁ ଡ଼ୋଳାଦୁଇଟି ଓଲଟି ଗଲା; କପାଳରେ ଶ୍ରମଝାଳ ଭରିଗଲା । ବୃଦ୍ଧ ଜମିଦାର ଭଗବାନ୍ ଦାସଙ୍କର ଅମର ଆତ୍ମା ଅସ୍ଥାୟୀ ଦେହ ଛାଡ଼ି ଅମର ରାଜ୍ୟକୁ ପ୍ରୟାଣ କଲା । ସୁବଳବାବୁ, ମଧୁବାବୁ ଓ ମାଷ୍ଟ୍ରେ ଶବର ଚତୁର୍ଦ୍ଦିଗରେ ମୁଣ୍ଡରେ ହାତ ~~ଦେଇ ବସି ପଡ଼~~ଲେ ।

Digitized by srujanika@gmail.com

ଲେଖକଙ୍କ ରଚିତ ଓ ସଂକଳିତ ସମସ୍ତ ପୁସ୍ତକ

ନାମ	ରଚନାକାଳ
୧ । ଛିନ୍ନମସ୍ତା (କବିତା)	୧୯୪୦
୨ । ପ୍ରଭାତୀ (କବିତା)	୧୯୪୪
୩ । ପାଷାଣ ଚରଣେ ରକ୍ତ (କାବ୍ୟ ନାଟିକା)	୧୯୪୫
୪ । ଡୁଡୁମା (କାବ୍ୟ)	୧୯୪୭
୫ । କଳ କଲ୍ଲୋଳ (କବିତା)	୧୯୪୭
୬ । ଖେଳସାଥୀ (ଶିଶୁକବିତା)	୧୯୪୭
୭ । ବାତ୍ରା (କାବ୍ୟ)	୧୯୪୮
୮ । ପଲ୍ଲୀପୁଷ୍ପ (ଲୋକଗୀତ)	୧୯୪୮
୯ । ସ୍ମରଣିକା (କାବ୍ୟ ନାଟିକା)	୧୯୪୮
୧୦ । ବୀରଶ୍ରୀ (କବିତା)	୧୯୪୯
୧୧ । କଙ୍କାଳର ଲୁହ (କାବ୍ୟ)	୧୯୪୯
୧୨ । ପଲ୍ଲୀ ଝରଣା (ଲୋକଗୀତ)	୧୯୫୦
୧୩ । ଲଙ୍କାଯାତ୍ରୀ (ଭ୍ରମଣକାହାଣୀ)	୧୯୫୦
୧୪ । ନବମାଳିକା (କବିତା)	୧୯୫୧
୧୫ । ଡାକ୍ ଡମା ଡମ୍ ଡମ୍ (ଶିଶୁ କବିତା)	୧୯୫୧
୧୬ । A study of Orissan folklore	୧୯୫୩
୧୭ । ସେ ଏକ ଲୋମଶ ନୀଳ ହାତ (କବିତା)	୧୯୫୬
୧୮ । ପଲ୍ଲୀଗୀତ ସଞ୍ଚୟନ, ୧ମ ଭାଗ	୧୯୫୪
୧୯ । ମାଟି ଓ ଲଠି (କାବ୍ୟ)	୧୯୫୫
୨୦ । ମୋ ସ୍ୱପ୍ନର କାଶ୍ମୀର (ଭ୍ରମଣକାହାଣୀ)	୧୯୫୭
୨୧ । କଥାଟିଏ କହୁଁ, ୧ମ ଭାଗ (ଲୋକଗଳ୍ପ)	୧୯୫୭
୨୨ । କଥାଟିଏ କହୁଁ, ୨ୟ ଭାଗ (ଲୋକଗଳ୍ପ)	୧୯୫୭
୨୩ । କୁଞ୍ଜବିହାରୀ ସଞ୍ଚୟନ, ୧ମ ଭାଗ (କବିତା)	୧୯୫୭
୨୪ । ପଥ ଓ ପଥିକ (ଭ୍ରମଣକାହାଣୀ)	୧୯୫୮
୨୫ । ଓଡ଼ିଆ ଲୋକଗୀତ ଓ କାହାଣୀ (ପିଏଚ୍ ଡ଼ି. ସନ୍ଦର୍ଭ)	୧୯୫୮
୨୬ । କୁନିମୁନି (ଶିଶୁ କବିତା)	୧୯୫୯
୨୭ । ପଲ୍ଲୀଗୀତ ସଞ୍ଚୟନ, ୨ୟ ଭାଗ	୧୯୬୯
୨୮ । ଶ୍ରୀମନ୍ତ (ରମ୍ୟ ରଚନା)	୧୯୭୦
୨୯ । କୁଞ୍ଜବିହାରୀ ସଞ୍ଚୟନ, ୨ୟ ଭାଗ	୧୯୭୦

Digitized by srujanika@gmail.com

୩୦ । ସମାଲୋଚନା ୧୯୬୨

୩୧ । କୃତ୍ତିବାସୀ ସଞ୍ଚୟନ, ୩ୟ ଭାଗ ୧୯୬୩

୩୨ । ଲୋକଗଳ୍ପ ସଞ୍ଚୟନ ୧୯୬୪

୩୩ । ସାହିତ୍ୟିକ (ସମାଲୋଚନା) ୧୯୬୬

୩୪ । ଆମେରିକାରୁ ଇଉରୋପ ଆଫ୍ରିକା (ଭ୍ରମଣକାହାଣୀ) ୧୯୬୮

୩୫ । ଦୁଇ ଦିଗନ୍ତର ଆକାଶ (ଭ୍ରମଣକାହାଣୀ) ୧୯୭୨

୩୬ । ଲୋକବାଣୀ ସଞ୍ଚୟନ (ଢଗଢମାଳି) ପ୍ରଥମ ଭାଗ ୧୯୭୩

୩୭ । ପଲ୍ଲୀଗୀତ ସଞ୍ଚୟନ, ୩ୟ ଭାଗ ୧୯୭୪

୩୮ । ଲୋକବାଣୀ ସଞ୍ଚୟନ, ୨ୟ ଭାଗ (ଢଗଢମାଳି) ୧୯୭୬

୩୯ । ମୋ କାହାଣୀ (ଆତ୍ମଚରିତ) ୧୯୭୬

୪୦ । ଲୋକଗଳ୍ପ ସଞ୍ଚୟନ, ୨ୟ ସଂସ୍କରଣ, (ବର୍ଦ୍ଧିତ) ୧୯୭୭

୪୧ । ଜୀବନୀ ଓ ଜୀବନ (ଜୀବନଚରିତ) ୧୯୭୭

୪୨ । ଲୋକବାଣୀ ସଞ୍ଚୟନ (ଢଗଢମାଳି), ୩ୟ ଭାଗ ୧୯୭୮

୪୩ । ଜୀବନାୟନ (ଜୀବନଚରିତ) ୧୯୭୮

୪୪ । ସାହିତ୍ୟ: ଏକ ଆଲୋକ, ଆଲୋକନ (ସମାଲୋଚନା) ୧୯୭୮

୪୫ । ହସ କାନ୍ଦର ଗପ (କ୍ଷୁଦ୍ରଗଳ୍ପ) ୧୯୭୯

୪୬ । ଅପରାହ୍ନର କେତୋଟି ସ୍ୱର (କବିତା) ... ୧୯୭୯

୪୭ । Folklore of Orissa ... ୧୯୭୯

୪୮ । ମଶାଣିତୁଳସୀ (ଉପନ୍ୟାସ) ... ୧୯୮୦

୪୯ । ମୋ କାହାଣୀ, ଦ୍ୱିତୀୟ ସଂସ୍କରଣ (ବର୍ଦ୍ଧିତ) ... ୧୯୮୦

୫୦ । ଲୋକବାଣୀ ସଞ୍ଚୟନ (ଢଗଢମାଳି) ୪ର୍ଥ ଭାଗ ୧୯୮୦

୫୧ । ତୁମର ଆମର ଲଲ୍ ପଇଞ୍ଚ (ପଲ୍ଲୀ ଶିଶୁ କବିତା) ୧୯୮୦

୫୨ । ସାହିତ୍ୟ ଓ ସମାଲୋଚନା (ସମାଲୋଚନା) ୧୦୮୦

ସଂକଳନ

୫୩ । ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା ୧୯୬୨

୫୪ । କୁନ୍ତଳା କୁମାରୀ ଗ୍ରନ୍ଥମାଳା, ୧ମ, ୨ୟ ... ୧୧୬୭-୧୯୬୯

୫୫ । ବୈକୁଣ୍ଠନାଥ ଗ୍ରନ୍ଥାବଳୀ, ୧ମ ଭାଗ ... ୧୯୬୬

ଅନୁବାଦ

୫୬ । ବୈଦିକଗୀତମାଳା ୧୯୬୨

୫୭ । ଜଙ୍ଗ ଓ ଲକ୍ଷ୍ମୀ ୧୯୫୯

୫୮ । ପୃଥିବୀର ଶ୍ରେଷ୍ଠ ଗାଉଁଲୀ ଗଳ୍ପ ୧୯୫୨

Digitized by srujanika@gmail.com